| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଙ | ଷ,ଶ | ଞ୍ଚ | ଇୟ | ହ୍ୟ | ଭ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ୟ | ଇଅ | ● | କ୍ଷ |

**ଆୟଅଲଙ୍କାର**—ଦେ. ବି. ( ୧ମ ଶବ୍ଦ ନିରର୍ଥକ; ସହଚର )—
**Āyaalaṅkāra** ସକଳ ପ୍ରକାରର ଦେହ ସଜ୍ଜାର ଅଳଙ୍କାର—
আয় অলঙ্কার Fittings and ornaments;
जवाहिरात jewellery.

**ଆୟଅସବାବ୍**—ଦେ. ବି. (୧ମ ଶବ୍ଦ ନିରର୍ଥକ; ସହଚର)—
**Āyaasbāb** ସକଳ ପ୍ରକାର ସାମଗ୍ରୀ—
আয়অসবাব Furniture of sorts.
सामान

**ଆୟକର**—ଦେ. ବି—ଲୋକଙ୍କ ନିର୍ଦ୍ଦିଷ୍ଟ ଆୟ ଉପରେ ସରକାରଙ୍କ ଦ୍ୱାରା
**Āyakara** ନିର୍ଦ୍ଧାରିତ କର—Incomtax.
অয়কর
इनकमटिक्स

**ଆୟତ**—ସ. ବି. (ଆ + ଯମ ଧାତୁ = ବଢ଼ି ହେବା + କର୍ତ୍ତୃ. ତ)—
**Āyata** ସମକୋଣୀ ସମାନ୍ତରାଳ କ୍ଷେତ୍ର—A rectangular parallelogram; an oblong; rectangle.
ସ. ବିଣ—୧ । ବିସ୍ତୃତ; ବିଶାଳ; ଦୀର୍ଘ—
1, Extended; long.
୨ । ପ୍ରବୃତ୍ତ; ଆକୃଷ୍ଟ—2. Attracted.
ଦେ. ବି (ସଂ. ଆୟତ୍ତ)—୧ । ଅଧିକାର; ଆୟତ୍ତ; ବଶ; ବଳ—
1. Control; powre.
୨ । କ୍ଷେତ୍ରଫଳ; ଆୟତନ—2. Area.
ଶତେ ଯୋଜନରେ ହୋଇବ ତା ଆୟତ । କୃଷ୍ଣସିଂ. ମହାଭାରତ, ବନ ।
ଦେ. ବିଣ—ଅଧୀନ; ଆୟତ୍ତ—Subject to; manageable by; under the control of.

**ଆୟତ କରିବା**—ଦେ. କ୍ରି. ( ସଂ. ଆୟତ୍ତ )—
**Āyata karibā** ଜବତ୍ କରିବା; ବଶୀଭୂତ କରିବା—
To bring under control.

**ଆୟତନ**—ସଂ.ବି. (ଆ+ଯତ୍ ଧାତୁ=ଯତ୍ନ କରିବା+ଅଧିକରଣ. ଅନ)—
**Āyatana** ୧ । ଯଜ୍ଞବେଦୀ; ଯଜ୍ଞସ୍ଥାନ—1. Sacrificial altar; sacerdotal altar.
୨ । ସ୍ଥାନ; ବିଶ୍ରାମ ସ୍ଥାନ—2. Place
୩ । ପରିମାଣ; ଦୀର୍ଘ ଓ ପ୍ରସ୍ଥ—3. Dimensions of a thing; length and breadth of a surface; superficial area.
୪ । ଅବସ୍ଥିତି; ବିସ୍ତୃତି—4. Extent.
୫ । ସୀମା—5. Boundary.

**ଆୟତନା**—ପ୍ରା. (ପ୍ରାଚୀନ ପଦ୍ୟ) ବି—ଆୟତନ ( ଦେଖ )
**Āyatanā** Āyatana ( See )
ବାର ଯୋଜନରେ ହୋଇଅଛି ଆୟତନା । ପ୍ରାଚୀ. ବ୍ରହ୍ମାଣ୍ଡରୂପଗୀତା ।

**ଆୟତି**—ସଂ. ବି. (ଆ+ଯା ଧାତୁ=ଯିବା+ଭାବ. ତି)—
**Āyati** ୧ । ଆୟତ୍ତି ( ଦେଖ )
1. Āyatti ( See )
୨ । ସଂଯମ—2. Self control; mastery over passions.
୩ । ଆୟତନ—3. Extention.
୪ । ମିଳନ; ସଙ୍ଗମ—4. Meeting.
୫ । ଯତ୍ନ—5. Care.

**ଆୟତ୍ତ**—ସଂ. ବିଣ. ( ଆ+ଯତ୍ ଧାତୁ=ଯତ୍ନ କରିବା+କର୍ତ୍ତୃ. ତ )—
**Āyatta** ବଶୀଭୂତ; ଅଧୀନ—Subject to; tractable; manageable; docile under one's control.
ଦେ. ବି—ଆୟତ ୧ ( ଦେଖ )
Āyata 1 ( See )
ଚେତାଇବାର ଆୟତ୍ତ ସିନା ମୋ ନାହାନ୍ତି । ଭକ୍ତ. ପ୍ରେମସୁଧାନିଧି ।

**ଆୟତ୍ତାଧୀନ**—ଦେ. ବିଣ—ବଶୀଭୂତ; ଅଧୀନ—
**Āyattādhina** Mastered; under control; controlable.
[ ଦ୍ର—ଆୟତ୍ତ ଓ ଅଧୀନ ଏକାର୍ଥବାଚକ ଶବ୍ଦ; ସୁତରାଂ ସାଧୁ ଭାଷା ଭ୍ରମରେ ଏପରି ପ୍ରୟୋଗ ଭ୍ରମାତ୍ମକ । ]

**ଆୟତ୍ତି**—ସଂ. ବି (ଆ + ଯତ୍ = ଯତ୍ନ କରିବା+ଭାବ. ତି)—
**Āyatti** ୧ । ଅଧୀନତା—1. Subservience.
୨ । ସ୍ନେହ—2. Love; affection.
୩ । ସୀମା—3. Limit.
୪ । ବଳ—4. Strength.
୫ । ଦୈର୍ଘ୍ୟ—5. Length.
୬ । ଆଗ୍ରହ—6. Eagerness.
୭ । ଗୌରବ—7. Honour.
୮ । ପ୍ରଭାବ—8. Influence.
୯ । ଉତ୍ତରକାଳ—9. Future.
୧୦ । ପରିଣାମ ସ୍ଥିରତା—10. Certainty or fixity at the end.

**ଆୟନା**—ବୈଦେ ବି. (ଅ)—ଅଇନା ( ଦେଖ )
**Āyanā** Āinā ( See )

**ଆୟସ୍**—ଦେ. ବି. ( ସଂ. ଆୟାସ )—ଆୟାସ; ପରିଶ୍ରମ—
**Āyas** Exertion.
ବୈଦେ. ବି. ( ଅ )—ଅଏସ୍ ( ଦେଖ )
Aes ( See )

**ଆୟସ**—ସଂ. ବିଣ. (ଅୟସ୍=ଲୌହ+ଇଦମର୍ଥେ. ଅ)—
**Āyasa** ୧ । ଲୌହନିର୍ମିତ; ଲୌହମୟ—
(ଆୟସୀ—ସ୍ତ୍ରୀ) 1 Made of iron.
୨ । (+ସ୍ୱାର୍ଥେ ଅ)—ଲୌହ—2. Iron.

**ଆୟସୀ**—ସଂ. ବି. ସ୍ତ୍ରୀ. ( ଅୟଃ+ଅ+ସ୍ତ୍ରୀ. ଈ )—
**Āyasi** ୧ । ଲୌହମୟ କବାଟ—2. Iron door.
୨ । ବର୍ମ—2. Arm of iron.

ସାଧାରଣ ଲେଖକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା — 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ଦଂଶ' ନ ପାଇଲେ 'ଦଂଶ୍' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

**ଆୟସ୍ତ**— ସଂ. ବିଣ. ( ଆ+ଯସ ଧାତୁ+କର୍ମ. ତ )—
Āyasta ୧ । ଶାଣିତ; ଧାର ଥିବା—1. Whetted.
୨ । କ୍ଷିପ୍ତ—2. Cast; thrown.
୩ । ପୀଡ଼ିତ—3. Distressed; pained.

**ଆୟା**— ଦେ. ବି. ସ୍ତ୍ରୀ.—୧ । ଧାଈ; ଉପମାତା—
Āyā 1. Nurse.
আয়া ୨ । ସ୍ତ୍ରୀଲୋକଙ୍କ ଦାସୀ—
आया 2. Waiting maid; ladies maid.
୩ । ଶିଶୁମାନଙ୍କୁ ପାଳିବା ଦାସୀ—
3. A maid servant to watch children.
[ ଦ୍ର—ଏ ଶବ୍ଦ ଇଂରାଜୀ ଭାଷାରେ ମଧ୍ୟ ଚଳୁଅଛି । ]
ପ୍ରାଦେ. ( ବସ୍ତର ) ବି—ମାଆ; ମାତା—Mother.

**ଆୟାତ**— ସଂ. ବିଣ. (ଆ=ବିପରୀତାର୍ଥ+ଯା ଧାତୁ=ଯିବା+କର୍ତ୍ତୃ. ତ)
Āyāta ୧ । ଆଗତ; ଆସିଥିବା—1. Come; arrived.
୨ । ମିଳିଥିବା; ପ୍ରାପ୍ତ—2. Received.
ସଂ. ବି. (+ଭାବ. ତ)—୧ । ଆଗମନ—1. Arrival.
୨ । ପ୍ରାପ୍ତି—2. Receipt.

**ଆୟାମ୍**— ବୈଦେ. ବି. ( ଅ. )—୧ । ଜୀବନକାଳ—
Āyām 1. Lifetime.
୨ । ସମୟ—2. Time.
୩ । ରାଜତ୍ୱକାଳ—3. Reign.

**ଆୟାମ**— ସଂ. ବି. (ଆ+ଯମ୍ ଧାତୁ=ବଡ଼ ହେବା+ଭାବ. ଅ)—
Āyāma ୧ । ଦୈର୍ଘ୍ୟ; ବିସ୍ତାର—1. Length; extent.
ସ୍ୱର୍ଣ୍ଣ ସୂତରେ ଛତ୍ର କରି,
କରିବ ଆୟାମ ବସ୍ତ୍ର ରେ—ଜଗନ୍ନାଥ. ଭାଗବତ ।
୨ । ସଂଯମ—2. Control of passions.

**ଆୟାସ**— ସଂ. ବି (ଆ+ଯସ୍ ଧାତୁ=କ୍ଳେଶ ପାଇବା+ଭାବ. ଅ)—
Āyāsa ୧ । ଶ୍ରାନ୍ତି; କ୍ଳାନ୍ତି; ପରିଶ୍ରମଜନିତ ଶରୀରର ଦୁର୍ବଳତା; ଶ୍ରମଜନିତ ବାଧା—1. Fatigue; exhaustion.
୨ । ଶ୍ରମ—2. Exertion.
୩ । କଷ୍ଟ; ଦୁଃଖ—3. Trouble; pains.
୪ । ଅତି ଯତ୍ନ; ପ୍ରଯତ୍ନ—4. Endeavour; effort.

**ଆୟାସୀ**— ସଂ. ବିଣ. ପୁଂ (ଆୟାସ+ଇନ୍; ୧ମା. ୧ ବ. )—
Āyāsi ୧ । ପରିଶ୍ରମୀ—1. Industrious; laborious.
( ଆୟାସିନୀ—ସ୍ତ୍ରୀ ) ୨ । କୌଣସି କାର୍ଯ୍ୟ କରିବାରେ ଯେ କଷ୍ଟ ସହିବାକୁ ପ୍ରସ୍ତୁତ—2. Painstaking.

**ଆୟିସ**— ଗ୍ରା. ବି. (ସଂ. ଆୟୁସ୍)—ଆୟୁଃ (ଦେଖ)
Āyisa Āyuḥ (See)

**ଆୟୁ**— ସଂ. ବି (ଇ ଧାତୁ+କର୍ତ୍ତୃ. ଉ)—ଆୟୁଃ (ଦେଖ)
Āyu Āyuḥ (See)

**ଆୟୁଃ**— ସଂ. ବି ( ଇ ଧାତୁ=ଯିବା+ଉସ୍ )—
Āyuḥ ୧ । ପରମାୟୁ; ଜୀବନକାଳ—
1. Age; lifetime; period of life.
୨ । ଜୀବନ—2. Life.
୩ । ଘୃତ—3. Clarified butter; Ghee.
୪ । ପୁରୂରବାଙ୍କ ପୁତ୍ର—4. Son of Purūrabā.

**ଆୟୁଃଶେଷ**— ସଂ. ବି. ( ୬ଷ୍ଠୀ ତତ୍ ) ମୃତ୍ୟୁ—
Āyuḥsesha Death; end of life.

**ଆୟୁକ୍ଷୟ**— ସଂ. ବି.—( ପାପ ଓ ଅନାଚାରଦ୍ୱାରା ) ପରମାୟୁ କ୍ଷୟ;
Āyukshaya ଜୀବନକାଳ କମିଯିବା—The shortening of duration of life ( on account of sins and wrongs.)

**ଆୟୁଧ**— ସଂ. ବି. (ଆ+ଯୁଧ୍ ଧାତୁ+ଯୁଦ୍ଧ କରିବା+କରଣ. ଅ; ଯାହା
Āyudha ଦ୍ୱାରା ଯୁଦ୍ଧ କରାଯାଏ )—ଅସ୍ତ୍ରଶସ୍ତ୍ର; ହାତହତିଆର; ହତିଆର—Weapons; arms; implements of war.
ଦେ. ବି—ବିଷ୍ଣୁକେଶରୀ ନାମକ ଓଡ଼ିଆ ପୁରାଣବର୍ଣ୍ଣିତ ନରକବିଶେଷ—Name of a hell.
ଆୟୁଧ ନାମେ ଅଛି ଯେଉଁ ନର୍କ କୁଣ୍ଡ,
ଅନେକ ରୂପେ ଅଛନ୍ତି ମାନ ଯହିଁ କୁଣ୍ଡ । ବିଷ୍ଣୁକେଶରୀ ପୁରାଣ ।

**ଆୟୁଧାଗାର**— ସଂ. ବି. ( ମଧ୍ୟପଦଲୋପୀ; ଆୟୁଧ+ଆଗାର )—
Āyudhāgāra ଯେଉଁଠାରେ ଅସ୍ତ୍ରଶସ୍ତ୍ର ରଖାଯାଏ—
Arsenal; armoury.

**ଆୟୁଧିକ**— ସଂ. ବିଣ. ( ଆୟୁଧ+ଇକ )—୧ । ଆୟୁଧସମ୍ବନ୍ଧୀୟ—
Āyudhika 1. Relating to weapons.
୨ । ଅସ୍ତ୍ରଧାରୀ—2. Armed.
ସଂ. ବି—୧ । ଅସ୍ତ୍ରଶସ୍ତ୍ରବ୍ୟବସାୟୀ—1 Dealer in arms.
୨ । ଶସ୍ତ୍ରଧାରୀ ବ୍ୟକ୍ତି—2 Armed person.
୩ । ଯୋଦ୍ଧା—3. Warrior.

**ଆୟୁଧୀୟ**— ସଂ. ବି. ଓ ବିଣ—ଆୟୁଧିକ ( ଦେଖ )
Āyudhiya Āyudhika ( See )

**ଆୟୁ ପୂରିବା**— ଦେ. ବି.— ମୃତ୍ୟୁକାଳ ପହଞ୍ଚିବା; ଜୀବନ ସରିଯିବା—
Āyu pūribā End of life; arrival of death.

**ଆୟୁର୍ବୃଦ୍ଧି**— ସଂ. ବି ( ୬ଷ୍ଠୀ ତତ୍; ଆୟୁଃ+ବୃଦ୍ଧି ) ପରମାୟୁ
Āyurbṛuddhi ବଢ଼ିବା—Prolongation of life.

**ଆୟୁର୍ବେଦ**— ସଂ. ବି. (୬ଷ୍ଠୀ ତତ୍; ଆୟୁଃ=ପରମାୟୁ+ବେଦ=ଶାସ୍ତ୍ର )
Āyurbeda ଯେଉଁ ଶାସ୍ତ୍ରରେ ମନୁଷ୍ୟର ପରମାୟୁ ବା ସ୍ୱାସ୍ଥ୍ୟ ସମ୍ବନ୍ଧେ ଆଲୋଚନା କରାଯାଇଅଛି; ଅଷ୍ଟାଦଶ-ବିଦ୍ୟାନ୍ତର୍ଗତ ଧନ୍ୱନ୍ତରିପ୍ରଣୀତ ବିଦ୍ୟାବିଶେଷ; ଭାରତୀୟ ଚିକିତ୍ସାଶାସ୍ତ୍ର; ବୈଦ୍ୟଶାସ୍ତ୍ର—Science of life; science of medicine.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଞ |
| ୨ | ଐ | ଊ | ରୁ | ଲୃ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଷ | ନ୍ନ |

[ ଦ୍ର—ଆୟୁର୍ବେଦ ହିନ୍ଦୁମାନଙ୍କର ଅଥର୍ବ ବେଦର ଅନ୍ତର୍ଗତ । ବ୍ରହ୍ମା ପ୍ରଥମେ ସୂର୍ଯ୍ୟଙ୍କୁ ଆୟୁର୍ବେଦ ଶିଖାଇଥିଲେ । ସୂର୍ଯ୍ୟ ତାଙ୍କ ପୁତ୍ର ଅଶ୍ୱିନୀକୁମାରଦ୍ୱୟଙ୍କୁ ଶିଖାଇଲେ । ଅଶ୍ୱିନୀକୁମାରଦ୍ୱୟ 'ଚିକିତ୍ସା ଦର୍ଶନ' ନାମକ ଗ୍ରନ୍ଥ ପ୍ରଣୟନ କଲେ । ତତ୍ପରେ ବୈଦିକ ଯୁଗରେ ଅତ୍ରିଗୋତ୍ରସମ୍ଭବ ପୁନର୍ବସୁ ଏହି ବିଦ୍ୟା ସାଧନ କଲେ । ପରେ ତାଙ୍କର ଶିଷ୍ୟମାନେ ସୁଶ୍ରୁତ ଓ ଚରକାଦି ଗ୍ରନ୍ଥ ରଚନା କଲେ । ଆୟୁର୍ବେଦରେ ପ୍ରଥମେ ଏକ ଲକ୍ଷ ଗ୍ରନ୍ଥ ଥିଲା । ତତ୍ପରେ ତାହା ୮ଗୋଟି ବିଭାଗରେ ବିଭକ୍ତ ହେଲା । ୧ ଶଲ୍ୟ=ଶସ୍ତ୍ରପ୍ରୟୋଗ । ୨ ଶଲାକ୍ୟ=କାନ୍ଧ ଉପର ଅଂଶ ( ଆଖି, କାନ, ନାକ, ମୁଣ୍ଡ, ଆଦି ) ର ରୋଗ ଚିକିତ୍ସା । ୩ କାୟଚିକିତ୍ସା=ଦେହର ଅନ୍ୟାନ୍ୟ ରୋଗ ଚିକିତ୍ସା । ୪ ଭୂତବିଦ୍ୟା=ଭୂତଘଟିତ ରୋଗ ଚିକିତ୍ସା । ୫ କୁମାରଭୃତ୍ୟା=ଶିଶୁପାଳନ । ୬ ଅଗଦତନ୍ତ୍ର=ବିଷଚିକିତ୍ସା । ୭ ରସାୟନ=ଧାତୁ ଓ ରସାଦିର ମାରଣ ଓ ପ୍ରୟୋଗ । ୮ ବାଜୀକରଣ=ବଳାଧାନର ଉପାୟ । ସୁଶ୍ରୁତ ବିଶ୍ୱାମିତ୍ରଙ୍କର ପୁତ୍ର ଥିଲେ । ବିଶ୍ୱାମିତ୍ର ସୁଶ୍ରୁତ ଓ ତାଙ୍କର ଅନ୍ୟ ସାତ ଭାଇଙ୍କୁ କାଶୀନରେଶ ଦିବୋଦାସଙ୍କଠାରୁ ଆୟୁର୍ବେଦ ଶିକ୍ଷା ପାଇବା ପାଇଁ ପଠାଇଲେ । ଦିବୋଦାସ ସମୁଦ୍ରମନ୍ଥନରୁ ଜାତ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରିଙ୍କ ଅବତାର ଥିଲେ । ସେ ସୁଶ୍ରୁତଙ୍କୁ ଆୟୁର୍ବେଦ ଶିଖାଇବାରୁ ସୁଶ୍ରୁତ ଚିକିତ୍ସାଗ୍ରନ୍ଥ ରଚନା କଲେ । ତତ୍ପରେ ବାଗ୍‌ଭଟ୍ଟ, ଚକ୍ରଦତ୍ତ ଆଦି ନାନାବିଧ ଚିକିତ୍ସା ଓ ନିଦାନ ଗ୍ରନ୍ଥ ପ୍ରଣୟନ କଲେ । ]

**ଆୟୁର୍ବେଦସଂହିତା**—ସଂ. ବି—ଅଥର୍ବ ବେଦରୁ ଗୃହୀତ ଏକ ଲକ୍ଷ
Āyurbedasamhitā ଶ୍ଳୋକ ଥିବା ଗ୍ରନ୍ଥବିଶେଷ—
A medicinal work composed of one lakh of slokas taken from the Atharva Veda.

[ଦ୍ର—କଥିତ ହୁଏ ଯେ—ସତ୍ୟଯୁଗରେ 'ଅତ୍ରେୟସଂହିତା' ଦ୍ୱାପରରେ 'ସୁଶ୍ରୁତ' ଓ କଳିଯୁଗରେ 'ବାଗ୍‌ଭଟ୍ଟ' ରଚିତ ହୋଇଥିଲା ଏବଂ ଏହା ପରେ ଆଉ ୧୮ ଖଣ୍ଡ ସଂହିତା ପ୍ରଣୀତ ହୋଇଥିଲା । ପରବର୍ତ୍ତୀ କାଳରେ ଭାବ ମିଶ୍ର ରୋଗ, ଲକ୍ଷଣ, ଚିକିତ୍ସା, ପଥ୍ୟ, ଦ୍ରବ୍ୟଗୁଣ, ଜାରଣ,ମାରଣ,ଶୋଧନ ପ୍ରଭୃତି ବର୍ଣ୍ଣନା କରି 'ଭାବପ୍ରକାଶ' ନାମରେ ଖଣ୍ଡିଏ ଗ୍ରନ୍ଥ ରଚନା କରିଥିଲେ । ଏହା ପରେ 'ମାଧବକର-ନିଦାନ', ତତ୍ପରେ ଶାର୍ଙ୍ଗଧର, ଯୋଗେନ୍ଦ୍ରଚିନ୍ତାମଣି, ଭୈଷଜ୍ୟ-ରତ୍ନାବଳୀ, ଚିକିତ୍ସାସାରସଂଗ୍ରହ, ବୈଦ୍ୟରହସ୍ୟ ଓ ନିର୍ଘଣ୍ଟରତ୍ନାକର ଗ୍ରନ୍ଥ, ତା ପରେ ରାଜବଲ୍ଲଭ 'ରାଜବଲ୍ଲଭୀୟ ଦ୍ରବ୍ୟଗୁଣ', ରଚନା କରି-ଅଛନ୍ତି—ହରେକୃଷ୍ଣ ଦ୍ରବ୍ୟଗୁଣ । ]

**ଆୟୁର୍ବେଦୀ**—ସଂ. ବିଣ. ( ଆୟୁର୍ବେଦ+ଇନ୍, ଅସ୍ତ୍ୟର୍ଥେ )—ଆୟୁର୍ବେଦ
Āyurbedī ବ୍ୟବସାୟୀ—Practising medicine.
ସଂ. ବି.—ବୈଦ୍ୟ—Physician; doctor.

**ଆୟୁର୍ବେଦୀୟ**—ସଂ. ବିଣ (ଆୟୁର୍ବେଦ+ଈୟ ସମ୍ବନ୍ଧାର୍ଥେ )—
Āyurbedīya ଆୟୁର୍ବେଦସମ୍ବନ୍ଧୀୟ—Pertaining to the Hindu science of healing.

**ଆୟୁଷ**—ଦେ. ବି (ସଂ. ଆୟୁ)—ଆୟୁଃ (ଦେଖ)
Āyusha Āyuḥ (See)
ଅକାଳରେ ଭୂମିର ଆୟୁଷ ରହିଥିଲା—କୃଷ୍ଣସିଂହ. ମହାଭାରତ ।

**ଆୟୁଷବନ୍ତ**—ଦେ. ବିଣ (ସଂ. ଆୟୁଷ୍ମତ୍)—ଆୟୁଷ୍ମାନ୍ (ଦେଖ)
Āyushabanta Āyushmān (See)
( ଆୟୁଷବନ୍ତୀ—ସ୍ତ୍ରୀ ) ତୁମ୍ଭେମାନେ ସମସ୍ତେ ଆୟୁଷବନ୍ତ ଅଛ ।
କୃଷ୍ଣସିଂହ ମହାଭାରତ. ଅଦି ।

**ଆୟୁଷମନ୍ତ**—ଦେ. ବିଣ ( ସଂ. ଆୟୁଷ୍ମତ୍ )—ଆୟୁଷ୍ମାନ୍ (ଦେଖ)
Āyushamanta Āyushmān (See)
( ଆୟୁଷମନ୍ତୀ—ସ୍ତ୍ରୀ )

**ଆୟୁଷମାନ୍**—ଦେ. ବିଣ.—ଆୟୁଷ୍ମାନ୍ (ଦେଖ)
Āyushamān Āyushmān (See)
( ଆୟୁଷ୍ମତୀ—ସ୍ତ୍ରୀ )

**ଆୟୁଷ୍ମତୀ**—ସଂ. ବି. ସ୍ତ୍ରୀ (ଆୟୁଃ+ମତୁପ୍+ସ୍ତ୍ରୀ. ଈ)—
Āyushmatī ବିଶେଷ ପରମାୟୁବିଶିଷ୍ଟା ( ସ୍ତ୍ରୀ )—
Long lived (female)

**ଆୟୁଷ୍ମତୀ ଭବ**—ସଂ. ଆଶୀର୍ବାଦ (ସ୍ତ୍ରୀ ପ୍ରତି)—ଦୀର୍ଘାୟୁ ହୁଅ—
Āyushmatī bhaba May you live long.

**ଆୟୁଷ୍ମତ୍ତା**—ସଂ. ବି (ଆୟୁଷ୍ମତ୍=ଦୀର୍ଘଜୀବୀ+ତା )—ଦୀର୍ଘଜୀବିତା, ଦୀର୍ଘ-
Āyushmatta ଜୀବନ—Longevity.

**ଆୟୁଷ୍ମନ୍ତ**—ଦେ. ବିଣ.—ବିଶେଷ ପରମାୟୁବିଶିଷ୍ଟ; ଦୀର୍ଘଜୀବୀ—
Āyushmanta Long lived.

**ଆୟୁଷ୍ମାନ୍**—ସଂ. ବିଣ. ପୁଂ (ଆୟୁଃ+ମତୁପ୍, ଅସ୍ତି ଅର୍ଥରେ=ଆୟୁଷ୍ମତ୍.
Āyushmān ୧ମା. ୧ବ)—ବିଶେଷ ପରମାୟୁବିଶିଷ୍ଟ; ଦୀର୍ଘାୟୁ;
( ଆୟୁଷ୍ମତୀ—ସ୍ତ୍ରୀ ) ଦୀର୍ଘଜୀବୀ—Long lived (male)

**ଆୟୁଷ୍ମାନ୍ ଭବ**—ସଂ. ଆଶୀର୍ବାଦବଚନ (ପୁରୁଷ ପ୍ରତି)—ଦୀର୍ଘାୟୁ ହୁଅ—
Āyushmān bhaba May you live long.

**ଆୟୁଷ୍ୟ**—ସଂ. ବିଣ (ଆୟୁସ୍=ପରମାୟୁ+ପ୍ରୟୋଜନାର୍ଥେ, ଯ)—
Āyushya ପରମାୟୁବୃଦ୍ଧିକର—Increasing the period of life; bestowing longevity.
ସଂ. ବି. ( +ଯ. ସ୍ୱାର୍ଥେ) ୧ । ପରମାୟୁ—I. Lifetime.
୨ । ଅନ୍ନ; ପଥ୍ୟ—2. Diet.

**ଆୟୁଷ୍କର**—ସଂ. ବିଣ. (ଆୟୁଃ+କୃ ଧାତୁ+କର୍ତ୍ତୃ ଅ)—ଆୟୁଷ୍ୟ (ଦେଖ)
Āyuskara Āyushya (See)

**ଆୟୁଷ୍କାମ**—ସଂ. ବିଣ. ପୁଂ (ଆୟୁସ୍ ଅଟେ କାମନା ଯାହାର; ବହୁବ୍ରୀହି)—
Āyuskāma ଦୀର୍ଘଜୀବନ ଲାଭ କରିବାକୁ ଇଚ୍ଛୁକ—
(ଆୟୁଷ୍କାମୀ—ସ୍ତ୍ରୀ) Desirous of long life.

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭେଦଭାବ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦପାଇଁ କ୍ରମାନ୍ୱୟରେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

**ଆୟୁଷ୍କାମୀ**—ସଂ. ବିଣ. ପୁଂ (ଅୟୁଃ + କାମିନ୍ ୧ମା. ୧ବ)—
Āyuskāmi — ଅୟୁଷ୍କାମ (ଦେଖ)
(ଆୟୁଷ୍କାମିନୀ—ସ୍ତ୍ରୀ) — Āyuskāma (See)

**ଆୟେ**—ଗ୍ରା. ବି—ଅଳଙ୍କାର—
Āye — Ornament.

ଭୂମିରେ ଅଛିଣ ପଡ଼େ ସବୁ ଆୟେମାନ
କି ଜାଣି ମେ ଡାଗ୍ୟମାନେ ଖସିଲେ ବେଗେ । ବନଗ୍ରନ୍ଥ. ରାମାୟଣ ।

**ଆୟେନ୍ଦା**—ଗ୍ରା. ବି—ଆଇନ୍ଦା ( ଦେଖ )
Āyendā — Āindā ( See )

**ଆୟୋ**—ଦେ. ଅ. ସମ୍ବୋଧନ—୧ । ଅଗରେ ଥିବା ବ୍ୟକ୍ତିକୁ ପଛଅରୁ ସାବଧାନ କରଦେବାସୂଚକ ସମ୍ବୋଧନ; ହେୟୋ !
Āyo
ଏୟୋ; ଐଓ — ଏୟୋ—1. Interjection Heigh ! Ho.
ହିହ୍ହା — addressed by a man to a man in front.

[ଦ୍ର—ବିଶେଷରେ ବଗିବାଲମାନେ ଏ ଶବ୍ଦ ବ୍ୟବହାର କରନ୍ତି ।]

୨ । ଅଶ୍ୱାରୋହୀ ବ୍ୟକ୍ତି ଘୋଡ଼ାକୁ ସଂଯତ କରିବା ଅର୍ଥରେ ଘୋଡ଼ା ପ୍ରତି ବ୍ୟବହାର କରିବା ସମ୍ବୋଧନ ହେୟୋ ! ଏଇ !—2. Heigh ! Ho ! addressed to curb a horse by the rider.

**ଆୟୋଗବ**—ସଂ. ବି. (ଅୟୋଗବ + ସ୍ୱାର୍ଥେ ଅ)—ଶୂଦ୍ର ଔରସରେ
Āyogaba — ବୈଶ୍ୟା ଗର୍ଭଜାତ ଶଙ୍କର ଜାତିବିଶେଷ—
Name of a mixed caste.

**ଆୟୋଜକ**—ସଂ. ବିଣ. (ଆ + ଯୁଜ୍ ଧାତୁ + କର୍ତ୍ତୃ. ଅକ)—
Āyojaka — ଆୟୋଜନକାରୀ; ସଂଗ୍ରହକାରୀ—Making
(ଆୟୋଜିକା—ସ୍ତ୍ରୀ) — preparations; procuring.

ଦେ. ବି.—ଆୟୋଜନକାରୀ ବ୍ୟକ୍ତି—One who collects articles together or makes preparations

**ଆୟୋଜନ**—ସଂ. ବି. (ଆ = ବିଶେଷ + ଯୁଜ ଧାତୁ = ଯୋଗ କରିବା + ଭାବ. ଅନ)—୧ । ସଂଗ୍ରହ; ଆହରଣ -Collection.
Āyojana
ଆୟୋଜକ; ଆୟୋଜିତ; ଆୟୁକ୍ତ; ଆୟୋଜ୍ୟ; ଆୟୋଜନୀୟ } ବିଣ
୨ । ଉଦ୍‌ଯୋଗ—2. Preparation
୩ । ଉପକରଣ ସଂଗ୍ରହ—3 Collecting materials
୪ । ଯୋଗାଡ଼ କରିବା—4. Making provision
୫ । ଆନୁପୂର୍ବିକ ବ୍ୟବସ୍ଥା; ଯୋଗାଡ଼—
5. Provision.

ସଂ. ଅ.—ଯୋଜନ ପର୍ଯ୍ୟନ୍ତ—
Up to a jojana (8 miles)

**ଆୟୋଜିତ**—ସଂ. ବିଣ. (ଆ = ସମ୍ୟକ୍ + ଯୁଜ ଧାତୁ = ଯୋଗ କରିବା. ଣିଚ୍ + କର୍ମ. ତ)—ସଂଗୃହୀତ; ଅର୍ଜିତ—
Āyojita
Collected or prepared in advance.

**ଆୟୋଧନ**—( ଆ = ସମ୍ୟକ୍ + ଯୁଧ ଧାତୁ = ଯୁଦ୍ଧ କରିବା + ଭାବ. ଅନ)—୧ । ଯୁଦ୍ଧ—1. War; battle.
Āyodhana
୨ । ବଧ; ହିଂସା—2. Killing.
୩ । (+ଅଧିକରଣ. ଅନ)—ଯୁଦ୍ଧକ୍ଷେତ୍ର—
3. Battle-field.

**ଆର**—ପ୍ରାଦେ. (ସମ୍ବଲପୁର) ବିଣ; (ସଂ. ଅନ୍ୟତ୍)—ଆଉ; ଅନ୍ୟ—
Ār — Other; another.
ପ୍ରାଦେ. (ସମ୍ବଲପୁର) ଅ.—ଏବଂ—And.

**ଆରଗା**—ପ୍ରାଦେ. ( କନ୍ଧମାଳ )ବି—ଡାଙ୍ଗଧାନ—
Ārgā — A kind of grain.

**ଆରମାନ୍** ( ଇତ୍ୟାଦ )—ଦେ. ବି—ଅରମାନ୍ ( ଇତ୍ୟାଦ ) ( ଦେଖ )
Ārамān ( etc ) — Araman ( etc ) ( See )

**ଆର**—ସଂ. ବି. ( ଋ ଧାତୁ = ଗତି କରିବା + କର୍ତ୍ତୃ. ଅ; ବକ୍ରଗତି କରୁଥିବାରୁ)—୧ । ( ବକ୍ରଗତିରୁ ) ମଙ୍ଗଳଗ୍ରହ—
Āra
1. The planet mars.
୨ । ( ମନ୍ଦଗତିରୁ ) ଶନିଗ୍ରହ—
2. The planet-saturn.
୩ । ମୃତ୍ତଲୌହ—3. Oxide of iron.
୪ । ପିତ୍ତଳ—4. Brass.
୫ । ଚକ୍ରାଙ୍ଗ କାଠ ; ଅର—
5. The naves of a wheel.
୬ । (+କରଣ. ଅ)—ଚର୍ମକାର ବା ମୋଚିଙ୍କ ଫୋଡ଼ଣୀ—
6. Awl of a cobbler.
୭ । ( +ଭାବ. ଅ )—ଗମନ—7. Going.

আর — ଗ୍ରା. ବି—ବାହାନା; ଛଳନା—Excuse.
বাহানা
দেও. ବିଣ. ( ସଂ. ଅନ୍ୟତ୍ )—ଅନ୍ୟ; ଅପର—
दूसरा — Other; another.
ଦେ. ବିଣ. ( ସଂ. ଅନ୍ୟତ୍ )—ଅନ୍ୟ; ଅପର—
दूसरा — Other; another.

ଉଡ଼ାଇ ନେଇ ପ୍ରଭୁ ଆର ପାର କର—କୃଷ୍ଣସିଂହ. ମହାଭାରତ. ବନ ।

আর — ଦେ. ଅ—ଆଉ; ଅଧିକ—And; also; further;
और — more; moreover.

ତହୁଁ କଳ୍ପିଲ ଜଳ ଅଙ୍ଗ; ହାଣ୍ଡୋଳ ଘୃତ ଆର ଭୃଙ୍ଗ —
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

**ଆରଓଳି**—ଦେ. ବି—୧ । ଦିବସର ଅନ୍ୟ ଅର୍ଦ୍ଧ—
Āraoli — 1. The other half of the day (forenoon
ওবেলা — or afternoon as the case may be).
आबकत — ୨ । ଅପରାହ୍ଣ—2. Afternoon.

**ଆରକ୍**—ବୈଦେ. ବି. ( ଅ )—ଅର୍କ ୧ (ଦେଖ)
Ārak — Arka 1 ( See )
অরক্
अरक्

**ଆରକ**—ଦେ. ସର୍ବନାମ—୧ । ଅନ୍ୟ ବ୍ୟକ୍ତି; ଆରଜଣକ—
Āraka — 1. Another person.
আর এক — ୨ । ଅନ୍ୟ ବିଷୟ; ଅନ୍ୟ ପଦାର୍ଥ—
और एक — 2. Another thing.

ଯାହା ରହିଅଛ ଆର ଆରକୁ କହ । ବ୍ରହ୍ମନାରୂପଣଗୀତା ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଅ | ଉଅ | ଋ |
| ୨ | ଈ | ଊ | ଋ | ଌ | ଯୃ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗିଁ | ଇଅ | ଓ | ନ୍ |

**ଆରକତ**—ଦେ. ( ପଦ୍ୟ ) ବିଣ. ( ସଂ. ଆରକ୍ତ ) —ଆରକ୍ତ ( ଦେଖ )
Ārakata Ārakta ( See )

ଭୂମିରେ ଯା ହୋଇଛି ଆରକତ ବର୍ଣ୍ଣ । କୃଷ୍ଣସିଂହ. ମହାଭାରତ. ବନ ।

**ଆରକୂଟ**—ସଂ. ବି. ( ୬ଷ୍ଠୀ ତତ୍; ଅର=ପିତ୍ତଳ+କୂଟ=ସ୍ତୂପ )—
Ārakūta ୧ । ପିତ୍ତଳ —1. Brass
୨ । ପିତ୍ତଳ ଅଳଙ୍କାର—2 Brass ornaments.

**ଆରକ୍ତ**—ସଂ. ବିଣ. ( ଆ=ଈଷତ୍+ରନଜ୍ ଧାତୁ+କର୍ମ. ତ )—
Ārakta ୧ । ଈଷତ ନାଲିଆ; ସାମାନ୍ୟ ଲାଲ—
1. Flesh coloured; reddish.
୨ । ( ଆ=ସମ୍ୟକ୍+ରକ୍ତ ) - ବିଶେଷ ନାଲିଆ —
2. Bright red; pink
୩ । ବିଶେଷ ଅନୁରକ୍ତ ବା ସ୍ନେହ କରୁଥିବା—
3. Too much attached.

**ଆରକ୍ତନୟନ**— ସ. ବିଣ. ପୁଂ. ( ବହୁବ୍ରୀହି; ଆରକ୍ତ+ନୟନ )
Āraktanayana କ୍ରୋଧ, କଷ୍ଟ, କାନ୍ଦ ବା ରୋଗ ଯୋଗୁଁ
(ଆରକ୍ତନୟନା — ସ୍ତ୍ରୀ) ଯାହା ଆଖି ନାଲିଆ ପଡ଼ିଥାଏ; ନାଲିଆଖିଆ -
With reddened eyes.
ସ. ବି. (କର୍ମଧା)—କ୍ରୋଧାଦି ଯୋଗୁଁ ରଙ୍ଗ ହୋଇଥିବା ଆଖି—
Reddened eye.

**ଆରକ୍ତିମା**—ସ. ବି. ( ଆ=ଈଷତ୍+ରକ୍ତିମା=ରକ୍ତବର୍ଣ୍ଣ )—
Āraktimā ୧ । ଈଷତ୍ ରକ୍ତବର୍ଣ୍ଣ—1. Reddish tint.
୨ । ବିଶେଷ ଲାଲରଙ୍ଗ—
2. Pink colour; bright red colour.

**ଆରଗା**—ଦେ. ବି — ଠାଙ୍ଗଣ ( ଦେଖ )
Āragā Tāṅgaṇa ( See ) ( Haines )

**ଆରଗ୍ବଧ**—ସ. ବି. ( ଆ+ରୁଜ ଧାତୁ=ରୁଗ୍ଣ ହେବା+କ୍ୱିପ୍ ; ରୁଗ୍
Āragbadha +ବଧ ଧାତୁ=ନାଶ କରିବା+କର୍ତ୍ତୃ. ଅ; ଯେ
ରୋଗନାଶ କରେ )—ସୁନାରି ଗଛ ( ଦେଖ )
Sunāri tree ( See )

**ଆରଙ୍ଗଜେବ୍**— ବୈଦେ. ( ଅ. ଅଉରଙ୍ଗଜେବ୍ ) ବି. ( ନାମ )—
Āraṅgajeb ମୋଗଲସମ୍ରାଟବିଶେଷ—
Moghal Emperor Aurangzeb.

**ଆରଚ**—ବୈଦେ. ( ଇଂ ) ପ୍ରାଦେ. ( ଗଡ଼ଜାତ ) ବି—ଖିଲାଣ—
Ārachi Arch.

**ଆରଜବ**—ଦେ. ପଦ୍ୟ. ବି—ଅର୍ଜବ ( ଦେଖ )
Ārajaba Ārjaba ( See )

ଛପ ଦାନ ଆରଜବ ଯେ ଲକ୍ଷ ଦମ
ଏ ବାହାରେ ଅଛି ଯୋଡ଼ାଏ ଦସ୍ତା ଶମ । କୃଷ୍ଣସିଂହ. ମହାଭାରତ. ଆଦି ।

**ଆରଣ**—ଦେ. ବି—ଅଙ୍କୁଶ ( ଯାହାଦ୍ୱାରା ହସ୍ତୀକୁ ଶାସନ କରାଯାଏ )—
Āraṇa An iron hook for driving an elephant.

କରଗରେ ପ୍ରଚଣ୍ଡ ବାରଣ
କରେ ବାରଣକୁ ଯେସନେ ଆରଣ । ସାଳକୃଷ୍ଣ. ରସକଲ୍ଲୋଳ ।

**ଆରଣି**—ସ. ବି. ( ଆ=ବିପରୀତରେ+ଋ ଧାତୁ=ଗମନ କରିବା+
Āraṇi କର୍ତ୍ତୃ. ଅନି )—୧ । ଜଳାବର୍ତ୍ତ; ଜଳଭଉଁରି—
1. Eddy
୨ । ଯୁଦ୍ଧ—2. Battle.

ଏମାନଙ୍କ ସଙ୍ଗତେ ଶ୍ରୀକୃଷ୍ଣ ଆରଣି
କରଣ ଦେଖାଇଲେ କାଳଦଣ୍ଡ ପାଣି । କୃଷ୍ଣସିଂହ. ମହାଭାରତ. ଆଦି ।

**ଆରଣି କାରଣି**—ଦେ. ବିଣ. ( ସ. ଅଗ୍ରଗଣ୍ୟ )—
Āraṇi kārṇi ଅଗ୍ରଗଣ୍ୟ; ଗଣନୀୟ; ମାନନୀୟ—
Leading; first in rank.
( ଯଥା—ପାଞ୍ଚିରେ ନୁହନ୍ତି ସେମାନେ ଆରଣି କାରଣି । )

**ଆରଣ୍ୟ**—ସଂ. ବିଣ. ( ଅରଣ୍ୟ+ଭାବ. ଅ )—ଆରଣ୍ୟକ ( ଦେଖ )
Āraṇya Āraṇyaka ( See )
ଦେ. ବି—ଅନରଣ୍ୟ ( ଦେଖ )
Anaraṇya ( See )

ଥାଉ ଆରଣ୍ୟ ନୃପୁଁ ତୋ ପଢ ଧନ୍ୟ ହେବ କି ସେ କହେ ।
ଭଞ୍ଜ. ବୈଦେହୀଶବିଳାସ ।

**ଆରଣ୍ୟକ**—ସଂ. ବିଣ. ( ଅରଣ୍ୟ+ସ୍ୱାର୍ଥେ. କ )—୧ । ବନବାସୀ—
Āraṇyaka 1. Living in the forest.
୨ । ବନଜାତ—2. Born in the forest.
୩ । ବନ୍ୟ; ବଣୁଆ; ଅରଣା—3. Wild Syluan.
ସଂ. ବି—୧ । ବନବାସୀ ଲୋକ—1. A forester
୨ । ବନବାସୀ ମୁନି—2. Sage; anchorite.
୩ । ବନବାସୀ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ରଚିତ ସାମବେଦର ଶାଖାବିଶେଷ—3 A section of the Sāma-beda composed for the benefit of those who betake themselves to the forest.
୪ । ଯେ ବାନପ୍ରସ୍ଥ ଅବଲମ୍ବନ କରିଅଛି—
4. A person who has retired to the wilderness.
୫ । ବନପଥ—5. Forest-path.
୬ । ହସ୍ତୀ—6 Elephant.
୭ । ଅଧ୍ୟାୟ—7. Chapter.
୮ । ବିହାର ସ୍ଥାନ—8. A pleasure-ground.
୯ । ଗୋମୟ—9. Cow-dung.
୧୦ । ନ୍ୟାୟଶାସ୍ତ୍ର—10. Logic

**ଆରଣ୍ୟକ ପର୍ବ**—ସଂ. ବି—ସାମବେଦର ଶାଖାବିଶେଷ—
Āraṇyaka parba A section of the Sāma Beda.

**ଆରଣ୍ୟକ ବ୍ରାହ୍ମଣ**— ସଂ. ବି—୧ । ସାମବେଦର ଶାଖାବିଶେଷ—
Āraṇyaka brāhmaṇa 1. A section of the Sāma Beda.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ରୂଥ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲବଡ଼' ଦେଖିବେ ।

୨ । ଯେଉଁ ବ୍ରାହ୍ମଣମାନେ ପୂର୍ବେ ଜଙ୍ଗଲରେ ବାସ କରୁଥିଲେ; ଏକପ୍ରକାର ବ୍ରାହ୍ମଣ—2. A sect of Brāhmaṇas originally living in the forest.

**ଆରତ ( ଇତ୍ୟାଦି )**—( ସଂ. ଆର୍ତ୍ତ )—ଆର୍ତ୍ତ ଇତ୍ୟାଦି ( ଦେଖ )
Ārata etc Ārtta etc ( See )

**ଆରତି**—ସଂ. ବି. ( ଆ+ରମ୍ ଧାତୁ=କ୍ରୀଡ଼ା କରିବା; କ୍ଷାନ୍ତ ହେବା+
Ārati ଭାବ. ତି )—୧ । ନିବୃତ୍ତି; ବିରତି; ଶାନ୍ତି; ବିଶ୍ରାମ—
1. Cessation; repose.
୨ । ନିବୃତ୍ତି ଅବସ୍ଥା; (ପୁଷ୍ପର) ବୁଜି ହୋଇ ଯାଇ ଥିବା ଅବସ୍ଥା—
2. Closed condition ( of a flower ).

କାଳି ଯା ଦୂରରୁ ଦେଖି କଳିକା କଲା ମୋ ଅକ୍ଷି
ବଳା ଇନ୍ଦୀବର ଆରତିରେ । କବିସୂର୍ଯ୍ୟ—ବୈଶୋରାବର୍ଣ୍ଣ ।

୩ । ଆଲତି, ନୀରାଜନା, ଦେବତା, ରାଜା ବା ବରକନ୍ୟାଙ୍କ ସମ୍ମୁଖରେ ମନ୍ତ୍ରୋଚ୍ଚାରଣପୂର୍ବକ ପ୍ରଦୀପ ସଞ୍ଚାଳନ; ବନ୍ଦାପନା—3 Waving of a light before a diety or a newly married couple.
୪ । (ପଦ୍ୟ) ଆର୍ତ୍ତି (ଦେଖ)—4. Ārtti (See)

ଅବଧାନ ହେଲ ସମୁରେ ଆରତି କରୁଛି ଦୁଃଖୀ ଗୋବର ।
ରଘୁନାଥ· ପାର୍ବତୀ ।

**ଆରତି**—ଦେ. ବି—(ସଂ. ଆରାତ୍ରିକ)—ଆରତି (ଦେଖ)
Āratri Ārati See)

**ଆରତିକ**—ଦେ. ବି. (ସଂ. ଆରତି (ଦେଖ)
Āratrika Ārati (See)

**ଆରଦଳି**—ଗ୍ରା. ବି.—ଅର୍ଦ୍ଦୋଳି (ଦେଖ)
Āradaḻi Ārddoḻi (See)

**ଆରଦା**—ପ୍ରାଦେ. (ଗଞ୍ଜାମ) ବି.—ଅର୍ଦ୍ଦା (ଦେଖ)
Āradā Ārdā (See)

**ଆରଦା ଅମାବାସ୍ୟା**—ପ୍ରାଦେ. ( ଗଞ୍ଜାମ ) ବି.—ଆଶ୍ୱିନ ଅମାବାସ୍ୟା;
Āradā amābāsyā ପନ୍ଥା ଅମାବାସ୍ୟା; ମହାଳୟା; ଆଶ୍ୱିନ କୃଷ୍ଣପକ୍ଷ ବା ପିତୃପକ୍ଷର ଶେଷ ଅମାବାସ୍ୟା ତିଥି (ନନ୍ଦ)—The last day of the dark fortnight of the month af Āświna; the new moon of Āświna when oblations are offered to the manes.

[ ଦ୍ର—ଏ ଅମାବାସ୍ୟା ଦିନ ଗୃହସ୍ଥଙ୍କ ଘରେ ଅର୍ଦ୍ଦା ପିଠା ଓ ଘାଣ୍ଟିଅଣ ହୁଏ; ସନ୍ଧ୍ୟାବେଳେ ସ୍ତ୍ରୀମାନେ ଗାଁ ପିଲାଙ୍କୁ ଡାକି ମୁରୁଜର ମୁଣ୍ଡଲା କାଟି କଣାରୁ ପକା ପକାଇ ତା ଉପରେ ପିଠା ଘାଣ୍ଟିଅଣ ଆଦି ବାଢ଼ି ପିଲାଙ୍କୁ ଖାଇବାକୁ ଦିଅନ୍ତି ଓ ନିଜ ନିଜର ଘରର ପିଲାଙ୍କୁ ସୂତାରେ ବନ୍ଧା ହୋଇଥିବା ଖଣ୍ଡେ ଦଉଡ଼ି (ଛନ୍ଦଣି ଦଉଡ଼ିରେ) ବାନ୍ଧି କନ୍ଦମୂଳ ଓ ଅପମାରଙ୍ଗ ଡାଳରେ ପିଲାଙ୍କ ପିଠିରେ ବାଡ଼େଇ ପିଲାଙ୍କୁ ଲକ୍ଷ କରି କହନ୍ତି "ବଡ଼ ହୋ" ।]

**ଆରଦୋଳି**—ଗ୍ରା. ବି.—ଅର୍ଦ୍ଦୋଳି (ଦେଖ)
Āradoḻi Ārdoḻi (See)

**ଆରଦ୍ର**—ଗ୍ରା. (ପଦ୍ୟ) ବିଣ—ଆର୍ଦ୍ର (ଦେଖ)
Āradra Ārdra (See)

ସ୍ୱଳ୍ପ ଆରଦ୍ର ସ୍ୱଭାବ ଲକ୍ଷଣ । ବିଶ୍ୱନାଥ· ବିଚିତ୍ରରାମାୟଣ ।

**ଆରଦ୍ରା**—ଗ୍ରା. ବି.—ଆର୍ଦ୍ରା (ଦେଖ)
Āradrā Ārdrā (See)
ଗ୍ରା. (ପଦ୍ୟ) ବିଣ—ଆରଦ୍ରର ସ୍ତ୍ରୀଲିଙ୍ଗ—
Feminine of Āradra.

ବଧିରେ ଆରଦ୍ରା, ତତ୍ତ୍ୱରେ ଆରଦ୍ରା ସେହୁଣୀ ଏ ବେନି ଭାଗ ।
ଭଞ୍ଜ· ବୈଦେହୀଶବିଳାସ ୧୦।୧୦ ।

**ଆରଧନା**—ଗ୍ରା. ବି.—୧ । ଆରାଧନା (ଦେଖ)
Āradhanā 1. Ārādhanā (See)
୨ । ଅର୍ଦ୍ଧନା (ଦେଖ)
2. Ārddhanā (See)

**ଆରନାଳ**—ସଂ. ବି. (ଅର=ଶୀଘ୍ର+ନଲ ଧାତୁ=ବନ୍ଧନ କରିବା+କର୍ତ୍ତୃ.
Āranāḻa ଅ; ଅର=ଗମନଶୀଳ+ନାଲ=ଗନ୍ଧ+କର୍ତ୍ତୃ. ଅ; ଯାହାର)
୧ । କାଞ୍ଜି; କାଞ୍ଜିପାଣି—1. Sour gruel made by fermenting boiled rice.
୨ । ତୋରାଣି; ତୋରାଣି—2. Rice-water.

**ଆରନାଳିକ**—ସଂ. ବି.—ଆରନାଳ (ଦେଖ)
Āranāḻika Āranāḻa (See)

**ଆରପଟ**—ଦେ. ବି.—୧ । ଅପର ଦିଗ—
Ārapaṭa 1. Other side.
ওপাশ ୨ । ଅନ୍ୟ ପାର୍ଶ୍ୱ; ବିପରୀତ ଦିଗ ବା ଅଂଶ—
यसतरफ 2 Opposite side.

**ଆରପାର**—ଦେ. ବି. ( ସଂ. ଅନ୍ୟଦ୍+ଓ. ପାର )—୧ । ନଦୀର ବା
Ārapāra ଜଳାଶୟର ବିପରୀତ କୂଳ—
আড়পার 1. The other shore or side of a water.
आर् पार् ଦେ. ବିଣ.—ଅସ୍ତବ୍ୟସ୍ତ—Troubled,

କମ୍ପି ମୋର କଳେବର ହୋଇଗଲା ଆରପାର । କବିସୂର୍ଯ୍ୟ· ବୈଶୋରାବର୍ଣ୍ଣ ।

**ଆରପାର କରିବା**—ଦେ କ୍ରି—ନଦୀ ବା ଜଳାଶୟକୁ ନୌକାଦି ଦ୍ୱାରା
Ārapāra karibā କରିବା; ନଦୀର ଏକ କୂଳରୁ ନେଇ ଅନ୍ୟ
এপার সেপার করা କୂଳରେ ପହଞ୍ଚାଇବା; ଏପାର ସେପାର କରିବା—
उतार पार करना To ferry across a water.

**ଆରପାରି (ଇତ୍ୟାଦି)**—ଦେ. ବି—ଆରପାର ଇତ୍ୟାଦି (ଦେଖ)
Ārapāri etc. Ārapāra etc. (See)

**ଆରବ**—ସଂ. ବି. (ଆ=ବିଶେଷ+ରୁ ଧାତୁ=ଶବ୍ଦ କରିବା+ଭାବ.
Āraba ଅ)—ବିଶେଷ ଶବ୍ଦ; ବିକଟ ଧ୍ୱନି; ଆରାବ—
Loud noise; thundering voice; harsh sound.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଘ | ଊ | ର୍‌,ର୍ଯ | ଝ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଢ | ଶ,ଷ | କ୍ଷ | ଇୟ | ଉଅ | ଉ |
| ୨ | ଷ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନୃ |

ଦେ. ବି. (ନାମ)—୧ । ଆରବ; ଏସିଆର ଦକ୍ଷିଣପୂର୍ବ ସୀମାନ୍ତ ଦେଶ—1. The country of Arabia.

୨ । ଆରବଦେଶବାସୀ ବ୍ୟକ୍ତି—2. An Arabian.

ଆରବରଷ ଏ ଦିନେ—ଦେ. ବି.—ଆଗାମୀ କିମ୍ବା ଗତ ବର୍ଷର ଏହି
Ārabarasha e dine ସମୟରେ - By this time last or next year.
আসছে বছর এইদিনে
গেলবছর এইদিনে

ଆରବା—ଗ୍ରା. ବି.—୧ । ଆଡ଼ମ୍ବର—1. Pomp.
Ārabā
আড়ম্বর ୨ । ବିଭବ—2. Riches.
अरेबा, आरेबा

ଆରବି—ବି. ଓ ବିଣ—ଆରବୀୟ (ଦେଖ)
Ārabi Ārabīya (See)
আরবী
अरबी

ଆରବିକ—ଦେ ବିଣ.—ଆରବୀୟ (ଦେଖ)
Ārabika Ārabīya (See)

ଆରବି ଗୋନ୍ଦ୍—ବୈଦେ. (ଅ) ବି—ଆରବଦେଶୀୟ ଅଠାବିଶେଷ—
Ārabi gonḍ Arabic gum.

ଆରବୀୟ—ଦେ. ବି. (ଆରବ୍ + ଭାବ. ଇୟ)—୧ । ଆରବଦେଶୀୟ
Ārabīya ବ୍ୟକ୍ତି—1. An Arab.
আরবী ୨ । ଆରବଦେଶୀୟ ଭାଷା—2. The Arabic language.
अरबी
୩ । ଆରବଦେଶୀୟ ଘୋଡ଼ା—3 An Arab horse.

ଦେ. ବିଣ—୧ । ଆରବଦେଶୀୟ—1 Arabic; Arabian.
୨ । ଆରବଜାତୀୟ—2. Of the tribe of the Arabs
୩ । ଆରବଦେଶୀୟ ଭାଷାସମ୍ବନ୍ଧୀୟ—3. Pertaining to the Arabic language.
[ଦ୍ର ଏ ଭାଷା ଡାହାଣପାଖରୁ ବାଆଁ ଆଡ଼କୁ ଲେଖାଯାଏ । ]

ଆରବ୍ୟ—ଦେ. ବିଣ—ଆରବୀୟ (ଦେଖ)
Ārabya Ārabīya (See)
আরব্য
आरब्य

ଆରବ୍ଧ - ସଂ. ବିଣ. (ଆ + ରଭ ଧାତୁ = ଆରମ୍ଭ କରିବା + କର୍ମ. ତ)—
Ārabdha ଆରମ୍ଭ କରାଯାଇଥିବା; ଅନୁଷ୍ଠିତ—Begun; commenced.

ସଂ. ବି.—ଆରମ୍ଭ—Beginning.

ଆରବ୍ଧବ୍ୟ—ସଂ. ବିଣ. (ଆ+ରଭ ଧାତୁ + କର୍ମ. ତବ୍ୟ)—
Ārabdhabya ଆରବ୍ଧ ହେବା ଯୋଗ୍ୟ—Fit to be begun or commenced.

ଆରବ୍ଧି—ସଂ. ବି. (ଆ + ରଭ ଧାତୁ + ଭାବ. ତି)—ଆରମ୍ଭ;ଉଦ୍‌ଯୋଗ—
Ārabdhi Commencement.

ଆରବ୍ବି—ଦେ. ବିଣ—ଆରବୀୟ (ଦେଖ)
Ārabbi Ārabīya (See)
আরবী
अरब्बी

ଆରଭଟି—ସଂ. ଚି. (ଆ+ରଭ ଧାତୁ=ଆରମ୍ଭ କରିବା+ଅଟି)—
Ārabhaṭi ୧ । ମହିମା;ଗୌରବ—1 Greatness; glory
୨ । ଆଡ଼ମ୍ବର—2. Display.
୩ । ଚିତ୍ର ବା ରଚନାବିଶେଷ—3. A kind of painting.
(ଆର = ଶୀଘ୍ର + ଭଟ = ପୋଷଣ କରିବା + ଭାବ. ଅ)—
୪ । ଧୃଷ୍ଟତା—4. Rudeness.
୫ । ଶୂର; ବୀର—5. Hero

ଆରଭଟୀ—ସଂ. ବି.—ଆରଭଟି (ଦେଖ)
Ārabhaṭī Ārabhaṭi (See)

ଆରଭମାଣ—ସଂ. ବିଣ. ପୁଂ. (ଆ+ରଭ ଧାତୁ+କର୍ତ୍ତୃ. ମାନ)—
Ārabhamāṇa ଯେ ଆରମ୍ଭ କରୁଅଛି—One who is beginning a work.

ଆରମ୍ଭ—ସଂ. ବି. (ଆ+ରଭ ଧାତୁ=ଆରମ୍ଭ କରିବା + ଭାବ. ଅ)—
Ārambha ୧ । ଉପକ୍ରମ; ଉଦ୍ଯୋଗ—1. Beginning; commencement.
(ଆରମ୍ଭା—ସ୍ତ୍ରୀ)
୨ । (+କର୍ମ.ଅ)—ବ୍ୟାପାର;କାର୍ଯ୍ୟ—2. The outset of an undertaking.
୩ । (+କରଣ. ଅ) ଯତ୍ନ; ଉପାୟ—3. First effort.
୪ । ପ୍ରୟୋଗ—4. Application; engagement.
୫ । ଉତ୍ପତ୍ତି—5 The beginning; source.
୬ । ହିଂସା—6. Malice.
୭ । ଗର୍ବ—7. Pride.
୮ । ତ୍ୱରା; ବେଗ—8. Speed; haste.

ଦେ. ବି. ( ସଂ. ଆଡ଼ମ୍ବର )—ଆଡ଼ମ୍ବର; ଧୂମ—Fuss; ado.
ବସନ ଚିହ୍ନି ଆରମ୍ଭେ ଗଲେ, ରାଜା ଭଣନ୍ତି ଦଣ୍ଡ ଦଣ୍ଡି । ମଥୁରାମଙ୍ଗଳ ।

ଦେ. ବିଣ—ଆଡ଼ମ୍ବରଯୁକ୍ତ—Pompous; splendid.
ଦ୍ୱାରେ ଦ୍ୱାରେ ଚମ୍ପା ବୃକ୍ଷ ହେମ ପୁଷ୍ପିତ ।
ସନ୍ମୁଖ ଘର ମଣ୍ଡିଣ ଦଣ୍ଡର ଆରମ୍ଭ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଆରମ୍ଭିବା—ଦେ. (ପଦ୍ୟ) କ୍ରି - ଆରମ୍ଭ କରିବା—To begin.
Ārambhibā ଦୁଃଖ ପାଇ ତ୍ରିରମାନଙ୍କ ଆରମ୍ଭିଲେ ।
କୃଷ୍ଣସିଂହ. ମହାଭାରତ. ବନ ।

ଆରମ୍ଭୀ—ସଂ. ବିଣ. (ଆରମ୍ଭ=ଗର୍ବ+ଅସ୍ତି ଅର୍ଥରେ ଇନ୍)—
Ārambhī ଆଡ଼ମ୍ବରପ୍ରିୟ; ଗର୍ବୀ—
ଆରମ୍ଭୀ ତମ୍ଭୀ ଜଳପ୍ରାଣୀ, ସେ କିଛି ଏ ସଂସାରେ ପୁଣି ।
ଜଗନ୍ନାଥ. ଗୁଣବତୀ. ୧୨୫ ।

ଆରଶା—ଗ୍ରା. ବି. ( ସଂ. ଅର୍ଶ )—୧ । ଅର୍ଶରୋଗ—
Ārasā 1. The piles (a disease); Hae-morrhoids.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂପ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗନା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

୨ । ଏକ ପ୍ରକାର ଅର୍ଶୋହର ଗୁଳ୍ମ; ଆରଷା—
2. A kind of plant.

**ଆରଷ**—ଦେ. ପଦ୍ୟ. ବି. ( ସଂ. ଅର୍ଶ )—୧ । ଅର୍ଶ ( ଦେଖ )
**Ārasha** 1. Ārsha ( See )
ସେହି ବଳାହକୁ ଆରଷ ବୋଲି କହି—କୃଷ୍ଣସିଂହ, ମହାଭାରତ; ଆଦି ।
୨ । ବେଦ; ଶ୍ରୁତି— 2. The Vedas.
ଆରଷେ ଶୁଣିଛୁ ଏହି ସ୍ତୁତି ଚିନ୍ତାମଣି—ବଡ଼ଚିନ୍ତାମଣି ।

**ଆରସି**—ଦେ. ବି. ( ସଂ. ଆଦର୍ଶ )—ଦର୍ପଣ; ଅଇନା—
**Ārasi** Mirror; looking glass
আরসি ବୈଦେ. ( ଅ ) ବି. ମୁସଲମାନଙ୍କ ବିବାହରେ ବର ହାତ-
आरसि ଅଙ୍ଗୁଠିରେ ପିନ୍ଧିବା ମୁଦି—The ring which a Mahomedan bridegroom wears on his fingers.

**ଆରା**—ସଂ. ବି. ( ଆ=ସମ୍ୟକ୍+ଋ ଧାତୁ=ଭେଦ କରିବା+କରଣ.
**Ārā** ଅ+ସ୍ତ୍ରୀ. ଆ)—
୧ । ମୋଚି ବା ଚର୍ମକାରର ବେଧନାସ୍ତ୍ର ବା ଫୋଡ଼ଣୀ—
1. An awl.
୨ । ଚମଡ଼ା କାଟିବାର ଅସ୍ତ୍ରବିଶେଷ—
2. A saw or a knife of the cobbler.
୩ । ଘାଆ ଇତ୍ୟାଦିର ଗଭୀରତା ନିରୂପକ ଡାକ୍ତରର ଯନ୍ତ୍ରବିଶେଷ—
3. Surgeon's probe.
ପ୍ରାଦେ. (ସମ୍ବଲପୁର; ସିଂହଭୂମ ) ବି - ଅର ( ଦେଖ )
Ara ( See )

**ଆରଜି**—ବୈଦେ. (ଅ ) ବି - ୧ । ଜମି; ଭୂମି—1. Land.
**Āraji** ୨ । କ୍ଷେତ୍ର; କ୍ଷେତ— 2. Field.

**ଆରାତ୍**—ସଂ. ଅ. (ଆ+ରା ଧାତୁ=ଦାନ କରିବା+କର୍ତ୍ତୃ. ଅତ୍ )—
**Ārāt** ୧ । ଦୂରରେ—1 Far off; distance.
୨ । ସମୀପରେ; ନିକଟରେ—2. Nearly.

**ଆରାତି**—ସଂ. ବି. ( ଆ=ରା ଧାତୁ=ଦାନ କରିବା+କର୍ତ୍ତୃ. ଅତି )—
**Ārāti** ଶତ୍ରୁ; ବିପକ୍ଷ; ଅରାତି—Enemy.

**ଆରାତ୍ରିକ**—ସଂ. ବି. ( ଆ+ରାତ୍ରି=ରାତି +କ; ଯାହା ରାତ୍ରି ପୂର୍ବରୁ
**Ārātrika** କରାଯାଏ )—ନୀରାଜନ, ଆଳତି, ପ୍ରଦୀପଦ୍ୱାରା ମଙ୍ଗଳାଚରଣପୂର୍ବକ ବନ୍ଦାପନା—Waving light before the diety in the morning and evening.

**ଆରାଧକ**—ସଂ. ବିଣ. ପୁଂ. ( ଆ=ବିଶେଷ+ରାଧ ଧାତୁ=ଆରାଧନା
**Ārādhaka** କରିବା+କର୍ତ୍ତୃ. ଣକ )—ଉପାସକ; ସେବକ; ଯେ
(ଆରାଧିକା—ସ୍ତ୍ରୀ) ଆରାଧନା କରେ—Worshipper.

**ଆରାଧନ**—ସଂ. ବି. ( ଆ=ବିଶେଷ+ରାଧ୍ ଧାତୁ=ପ୍ରାର୍ଥନା କରିବା+
**Ārādhana** ଭାବ ଅନ)—୧ । ଉପାସନା; ପ୍ରାର୍ଥନା; ପୂଜା—
ଆରାଧିତ; } ବିଣ 1 Worship; prayer; adoration.
ଆରାଧ୍ୟ }
୨ । ତୁଷ୍ଟିକରଣ—2. Prohibition
୩ । ସେବା; ପରିଚର୍ଯ୍ୟା—3. Service.
୪ । ଅଭ୍ୟାସ—4. Exercise.
୫ । ପାକ—5. Cooking.
୬ । ପ୍ରାପ୍ତି—6 Attainment.
୭ । ପୂଜାସାଧନ—
7. Articles or materials for worship.
ଦେ. ବି—୧ । ନେହୁରା—1 Solicitation.
୨ । ତୋଷାମଦ—2. Flattery.

**ଆରାଧନା**—ସଂ. ବି. ସ୍ତ୍ରୀ. ( ଆ+ରାଧ+ଅନ+ସ୍ତ୍ରୀ. ଆ )—
**Ārādhanā** ଆରାଧନା ( ଦେଖ )
Ārādhana ( See )

**ଆରାଧନୀୟ**—ସଂ. ବିଣ. ପୁଂ. ( ଆ+ରାଧ+କର୍ମ. ଅନୀୟ )—
**Ārādhaniya** ଆରାଧ୍ୟ ( ଦେଖ )—Ārādhya ( See )
(ଆରାଧନୀୟା—ସ୍ତ୍ରୀ)

**ଆରାଧିତ**—ସଂ. ବିଣ. ପୁଂ. ( ଆ+ରାଧ+କର୍ମ. ତ )—
**Ārādhita** ୧ । ପୂଜିତ; ସେବିତ—
1. Worshipped; adored.
୨ । ଅଭ୍ୟସ୍ତ—2. Habituated.
୩ । ପ୍ରାପ୍ତ—3. Attained.
୪ । ସାଧିତ; ଅନୁଷ୍ଠିତ—4. Controlled.

**ଆରାଧିବା**—ଦେ. ପଦ୍ୟ. କ୍ରି. ( ସଂ. ଆରାଧନ )—ଆରାଧନା କରିବା—
**Ārādhibā** To worshio; to pray.
आराधा କରୁଚେ ଯୁଧିଷ୍ଠିର ସୂର୍ଯ୍ୟେ ଆରାଧିଲେ—
କୃଷ୍ଣସିଂହ, ମହାଭାରତ. ବନ ।

**ଆରାଧ୍ୟ**—ସଂ. ବିଣ. ପୁଂ. ( ଆ+ରାଧ ଧାତୁ+କର୍ମ. ଯ )—ପୂଜନୀୟ;
**Ārādhya** ପୂଜ୍ୟ; ପୂଜା ବା ସେବାର ଯୋଗ୍ୟ—
( ଆରାଧ୍ୟା—ସ୍ତ୍ରୀ ) Worshippable; adorable.

**ଆରାଧ୍ୟମାନ**—ସଂ. ବିଣ. ପୁଂ (ଆ+ରାଧ+କର୍ମ. ଅନ (ମାନ)—
**Ārādhyamāna** ୧ । ପୂଜିତ ହେଉଥିବା; ଯାହାଙ୍କୁ ଆରାଧନା
(ଆରାଧ୍ୟମାନା—ସ୍ତ୍ରୀ) କରାଯାଉଥାଏ; ସେବ୍ୟମାନ—
1. Being worshipped or adored.
୨ । ସାଧ୍ୟମାନ—2. Being performed; or practised.

**ଆରାବ**—ସଂ. ବି (ଆ=ସମ୍ୟକ୍+ରୁ ଧାତୁ=ଶବ୍ଦ କରିବା+ଭାବ.ଅ)—
**Ārāba** ୧ । ଶବ୍ଦ—1. Sound; voice; tumult.
୨ । ଅନୁକାରୀ ଶବ୍ଦ—2. Imitative sound.
୩ । ପ୍ରତିଧ୍ୱନି—3. Echo.

**ଆରାମ**—ସଂ. ବି ( ଆ=ସମ୍ୟକ୍+ରମ୍ ଧାତୁ=କ୍ରୀଡ଼ା କରିବା+
**Ārāma** ଅଧିକରଣ. ଅ)—୧ । ଉଦ୍ୟାନ; ଉପବନ; ବୃକ୍ଷବାଟିକା; କ୍ରୀଡ଼ୋଦ୍ୟାନ; ବାଡ଼ି; ବଗିଚା—
1. Pleasure garden; a bower.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ପ | ଛଅ | ଋ |
| ୨ | ଈ | ଊ | ରୁ | ଲୁ | ପ୍ରେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନୃ |

୨ । (+ଭାବ. ଅ) ବିରାମ; ବିରତି; ନିବୃତ୍ତି—
2. Relief; cessation of activity; relaxation.
୩ । କାର୍ଯ୍ୟରୁ ବିଶ୍ରାମ—
3. Recreation; rest; refreshment.
୪ । ଶାନ୍ତି—4. Calm; peace.
୫ । ସୁଖ. ପ୍ରୀତି; ମଉଜ—
5. Pleasure; joy; amusement.
୬ । ସ୍ୱାସ୍ଥ୍ୟ; ରୋଗମୁକ୍ତି; ଆରୋଗ୍ୟ—
6. Health; recovery; convalescence.
୭ । ସ୍ୱାଚ୍ଛନ୍ଦ୍ୟ—7. Comfort; ease.
ବୈ. ଦେ. ବି ( ଫା. )—୧ । ସୁଖୋପଭୋଗ—
1. Enjoyment.
আরাম ୨ । ଆୟେସ୍—Luxury.
आराम ଦେ. ବିଣ.—୧ । ସୁସ୍ଥ; ନୀରୋଗ; ରୋଗମୁକ୍ତ—
1. Convalescent.
୨ । ସହଜ—2. Easy.
୩ । ସୁଖରେ ପରିବର୍ଦ୍ଧିତ—
3. Brought up with ease or luxury.
୪ । ଶାନ୍ତିସୁଖ ଭୋଗ କରୁଥିବା—4. Refreshing one's self.

**ଆରାମ କରିବା**—ଦେ. କ୍ରି.—୧ । ରୋଗମୁକ୍ତ କରିବା—
Ārāma kariba 1. To cure; to effect a cure.
আরামকরা ୨ । ଆରାମ ନେବା—
आराम करना 2. To take rest.

**ଆରାମ କୁରୁଚି**—ଦେ. ବି.—ଆରାମଚଉକି (ଦେଖ)
Ārāma kuruchi Ārāma chauki (See)

**ଆରାମଚଉକି**—ଦେ. ବି (ଇଂ. ଆର୍ମ୍ ଓ ସଂ. ଚତୁଷ୍କୀ; ଲମ୍ବା ଯେଉଁ
Ārāmachauki ଚଉକିରେ ଆରାମ ବା ସୁଖବିଶ୍ରାମ ହୁଏ )—
আরামচউকি; কেদারা ସୁଖୋପବେଶନ କାଷ୍ଠ ବା ବେତ୍ରାସନ-
आरामकुर्सी ବିଶେଷ—Armchair; easy chair.

**ଆରାମଚେଆର**—ବୈଦେ. ଇଂ. ବି ( ଇଂ. ଆର୍ମ୍ ଚେୟାର୍ )—
Ārāmacheāra ଆରାମ୍‌ଚୌକି (ଦେଖ)
Ārāmchauki (See)

**ଆରାମ ନେବା**—ଦେ. କ୍ରି.—ପରିଶ୍ରମ ପରେ ବିଶ୍ରାମ କରିବା; କ୍ଳାନ୍ତି
Ārāma nebā ଅପନୋଦନ କରିବା—To refresh one's
আরাম করা self after hard toil; to take rest; to
आराम लेना lie at ease after labour.

**ଆରାମପୁର**—ସଂ. ବି (ଷଷ୍ଠୀ ତତ୍; ଆରାମ=ବିଶ୍ରାମ+ପୁର=ଗୃହ)—
Ārāmapura ଉପବନସ୍ଥିତ ଗୃହ—
A room in a pleasure garden.
ଅଛି ଆରାମପୁର ପାଶ୍ୱରେ—ଭକ୍ତ. ପ୍ରେମସୁଧାନିଧି ୧୬।୧୯ ।

( ତୁଳନାକର ଫା. ଆରାମ୍‌ଗାହ୍=ଶଯ୍ୟାଗାର) ।

**ଆରାମ୍ ପୁଲିସ୍**—ବୈଦେ. ବି. ( ଇଂ )—ସଶସ୍ତ୍ର ଶାନ୍ତିରକ୍ଷକ ପୁଲିସ-
Ārām pulis ଫଉଜ—Armed police.
আর্ম পুলিস
आरामपुलिस

**ଆରାମ୍ ବାଗ୍**—ଦେ. ବି. (ସଂ. ଆରାମ+ଆ. ବାଗ୍=ବଗିଚା)—
Ārām bāg ଉଦ୍ୟାନ; ଉପବନ—Pleasure garden.

**ଆରାରୁଟ୍**—ବୈଦେ (ଇଂ) ବି. (ଇଂ. ଆରୋରୁଟ୍)—୧ । ହଳଦିଜାତୀୟ
Ārārut ଶାକ ଗୁଳ୍ମବିଶେଷ—Curcuma augustifolia.
আরারুট ୨ । ଉକ୍ତ ଗୁଳ୍ମର ମୂଳ ଓ କାଣ୍ଡ ଭିତରର ଶସରୁ
तिखुर, आराराट ପ୍ରସ୍ତୁତ ପାଲୁଅ—2. Arrowroot.

[ଦ୍ର—ଏ ଗୁଳ୍ମ ବର୍ଷଜୀବୀ ହଳଦିଜାତୀୟ । ଏହି ଗଛର ମୂଳ ଓ କାଣ୍ଡକୁ କୁଟି ପାଣିରେ ବତୁରାଇଲେ ପାଣି ତଳେ ଧଳା ଗୁଣ୍ଡିଆ ପରି ପଦାର୍ଥ ବସିଯାଏ । ପାଣିକୁ ନିଗାଡ଼ି ଏହାକୁ ଶୁଖାଇ କୁଟିଲେ ସେହି ଚୂନା ବାହାରେ ତାକୁ ପାଲୁଅ ବା ଆରାରୁଟ୍ ବୋଲାଯାଏ । ଦେଶୀ ଆରାରୁଟ୍ ବା ପାଲୁଅ (Indian arrowroot ଆମ ଦେଶରେ ହୁଏ ଏବଂ ବିଦେଶୀ ଆରାରୁଟ୍‌ର ଗଛ ମଧ୍ୟ କେହି କେହି କରନ୍ତି । ]

**ଆରାରୋଟ୍**—ଦେ. ବି.—ଆରାରୁଟ୍ ( ଦେଖ )
Āraroṭ Ārāruṭ (See)

**ଆରାଳିକ**—ସଂ. ବି. ପୁଂ. (ଆରାଳ=ବକ୍ର+ଇକ; ଯେ ସର୍ବଦା ପାକପାତ୍ର
Ārāḷika ଉପରେ ବକ୍ର ବା ଲଇଁ ହୋଇଥାଏ)—ପାଚକ;
(ଆରାଳିକା—ସ୍ତ୍ରୀ) ସୂପକାର; ସୁଆର; ରାନ୍ଧୁଣିଆ—Cook.
ସଂ. ବିଣ.—ବକ୍ରଗାମୀ—Going astray.

**ଆରି**—ଦେ ବି.—ମତ୍ସ୍ୟବିଶେଷ; ଆଡ଼ି—
Āri A kind of fish.

**ଆରିଆ**—ଦେ. ଅ. (ଜାହାଜିଆ ଓ ଡଙ୍ଗା ମାଝିଙ୍କ ଭାଷା)—
Āria ୧ । (ନୌକାବାହୀ କେଉଟମାନଙ୍କର ଡାକବିଶେଷ— )
আরিআ ଡଙ୍ଗାକୁ ପାଖକୁ ନିଅ—1. (a term used by
आरिआ boatmen) Shove to move the boat to one side.
୨ । ଡଙ୍ଗାକୁ ଚଳାଅ—2. Move the boat.

**ଆରିଆ ଆରେଇ**—ଦେ. ବି.—ପରସ୍ପର ମଧ୍ୟରେ ଧକ୍କା ଧକ୍କି—
Āria ārei Jostling one another.

**ଆରିବା**—ଦେ. କ୍ରି—ଆରେଇବା (ଦେଖ)
Āribā Āreibā (See)
[ଯଥା—ଏ ପିଲାଟି ତା' ମା'କୁ ଜମାରୁ ଆରୁ ନାହିଁ । ]

**ଆରିଷା**—ଦେ.ବି.—୧ । ଚାଉଳଚୂନା ଓ ଗୁଡ଼ରେ ଖଳ ପ୍ରସ୍ତୁତ କରି ତାକୁ
Ārisā ବଳ ଘିଅରେ ଛାଣି ତିଆରି କରିବା ପିଷ୍ଟକବିଶେଷ—

ସାଧାରଣ ଲେଖେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଗୁଡ଼ପିଠେ 1. A cake prepared with rice flour fried in ghee
আরিষা

ବଡକାନ୍ଦୁର ୨ । ଏକ ଜାତୀୟ ଅର୍ଶୋଦ୍ଭବ ଗୁଳ୍ମ—2. A kind of bulbuous plant; Broad flag; Crinum Asiaticum (Haines)
हातिकन्द

[ଦ୍ର—ଏହାର ପତ୍ରକୁ କଡ଼ପୂକ ମାଇଲେ ଅର୍ଶରୋଗର ବେଦନା କଥିତ.ଉପଶମ ହୁଏ । ଏ ଗଛ ଘରେ ଲଗାଇଲେ ଅର୍ଶରୋଗ ଭଲ ହୁଏ; ଏକଶିରା ରୋଗୀ ମଧ୍ୟ ଏ ପତ୍ରକୁ କଡ଼ପୂକ ମାନ୍ତି । ]

୩ । (ସଂ. ଅର୍ଶଃ)—ଅର୍ଶରୋଗ—3. The piles.

**ଆରି**—ଦେ. ବି. (ସଂ. ଆରା)—ଚର୍ମକାର ବା ମୋଚିର ଲୁହା ଛୁଞ୍ଚ ବା ଫୋଡ଼ଣି—Awl.
Āri
আরী
आरी

**ଆରୁକ**—ଦେ. ବି —କେଉଟମାନଙ୍କ ବଂଶୋପାଧିବିଶେଷ—
Āruka A family title of fishermen.

[ଦ୍ର—କଟକ ଜିଲ୍ଲା କେନ୍ଦ୍ରାପଡ଼ା ସବ୍‌ଡିଭିଜନରେ ଏ ଉପାଧି-ଧାରୀ କେଉଟ ଅଛନ୍ତି । ]

**ଆରୁରୁକ୍ଷା**—ସଂ. ବି. ସ୍ତ୍ରୀ. (ଆ=ଉପରକୁ+ରୁହ ଧାତୁ=ଉଠିବା+ ଇଚ୍ଛାର୍ଥରେ ସନ୍+ଅ+ଆ)—ଆରୋହଣ କରିବା ଇଚ୍ଛା—Wish to rise higher; aspiration.
·Ārurukshā

**ଆରୁରୁକ୍ଷୁ**—ସଂ. ବିଣ. (ଆ+ରୁହ୍ ଧାତୁ=ଚଢ଼ିବା +ଇଚ୍ଛାର୍ଥେ ସନ୍ +ଉ)—ଆରୋହଣେଚ୍ଛୁ; ଯେ ଆରୋହଣ କରିବାକୁ ଇଚ୍ଛା କରେ; ଆରୋହଣ କରିବାକୁ ଉଦ୍ୟତ ବା ଇଚ୍ଛୁକ—Wishing to ascent; aspiring
Ārurukshu

**ଆରୁଢ଼**—ସଂ. ବିଣ. (ଆ+ରୁହ ଧାତୁ=ଚଢ଼ିବା+କର୍ତ୍ତୃ.ତ; ଯେ ଆରୋହଣ କରିଅଛି)—ଚଢ଼ିଥିବା; ଆରୋହଣ କରିଥିବା; କୌଣସି ବସ୍ତୁ ବା ଜୀବର ଉପରକୁ ଉଠିଥିବା—Mounted on; ascended.
Ārūrdha
(ଆରୂଢ଼ା—ସ୍ତ୍ରୀ)

**ଆରୁଢ଼ଯୌବନା**—ସଂ. ବି. ସ୍ତ୍ରୀ (ବହୁବ୍ରୀହି)—ମଧ୍ୟାନାୟିକାଙ୍କ ଗୋଟିଏ ଭେଦର ଏକ; ଯେଉଁ ଯୁବତୀନାୟିକାକୁ ପତି ସଙ୍ଗମ ସୁଖକର ହୁଏ (ହି. ଶବ୍ଦସାଗର)—A class of youthful and lustful woman.
Ārūrdhajaubanā

**ଆରେ**—ଦେ. ଅ. (ସଂ. ଅରେ)—ନୀଚ ବ୍ୟକ୍ତି ବା ପରିଚିତ ଲୋକଙ୍କୁ ସମ୍ବୋଧନ—ରେ ! —Hallo! Hollo! Oho! Ho! Oh!
Āre
(ଆଲୋ—ସ୍ତ୍ରୀ)
আরে;রে
अरे

ଏ ସମ୍ବୋଧନ ନିମ୍ନଲିଖିତ ସ୍ଥଳରେ ବ୍ୟବହୃତ ହୁଏ:—
୧ । ଡାକିବାରେ—1 In calling.
୨ । ସ୍ମରଣାର୍ଥକ—2. In re-collecting a matter
୩ । ଆଶ୍ଚର୍ଯ୍ୟାର୍ଥକ—3. In wonder.
୪ । ପ୍ରଣୟ ବା ବାତ୍ସଲ୍ୟାର୍ଥକ—4. In attachment and affection.

[ଦ୍ର—ନିଜଠାରୁ ବୟସ ବା ପଦମର୍ଯ୍ୟାଦାରେ ଊଣା ବ୍ୟକ୍ତିଙ୍କୁ ଏପରି ସମ୍ବୋଧନ କରାଯାଏ ।]

**ଆରେଇବା**—ଦେ. କ୍ରି. (ସଂ. ଆଦର)—୧ । ଭଲ ଲାଗିବା—To suit
Āreibā

୨ । ଆଦରିବା; ଆପଣାର ପରି ଭଲ ପାଇବା—
2 To affiliate or treat as one's own.
୩ । ଆଦର କରିବା—3. To fondle

ଗ୍ରା. କ୍ରି.—୧ । ଏକପାଖକୁ ଘୁଞ୍ଚାଇ ଦେବା; ଆଡ଼େଇ ଦେବା—
1. To move or push to one side.
୨ । ଆଡ଼କୁ ବା ଦିଗକୁ ଅଗ୍ରସର ହେବା—
2. To advance towards.
୩ । ଅଭ୍ୟାସ ଯୋଗୁଁ କୌଣସି ସ୍ଥାନ ବା ବସ୍ତୁ ପ୍ରତି କୌଣସି ବ୍ୟକ୍ତି ଅଭ୍ୟସ୍ତ ହେବା—3. To become habituated to a thing; to feel at home.
୪ । (ନାଉରିଆ ଭାଷା) ଓହ୍ଲାଇବା; ଖସାଇବା—
4. (nautical) To bring down or dismantle.
( ଯଥା—ପାଲ ଆରେଇ ଦେ । )
୫ । (ନାଉରିଆଭାଷା) ବୋଟକୁ ପାଖେଇବା—
5. ( nautical ) To move the boat to a side.
୬ । (ନାଉରିଆ ଭାଷା) ବୋଟକୁ ଆଗକୁ ଚଳାଇବା—
6. To advance the boat.

**ଆରେକ**—ଦେ. ସର୍ବ. ବି.—ଆରକ (ଦେଖ)
Āreka Āraka See)

ଏକଇଁ ଫଳ ଏବେ ଦେବ।
ଆରେକ ମନ ନ ପାଇବା—ଭୂପତି. ପ୍ରେମପଞ୍ଚ ମୃତ ।

ଦେ. ସର୍ବନାମ—ଆର (ଦେଖ)
Āra (See)

ଆରେକ ରଥରେ ବେଗେ ଆରୋହଣ କଲେ—ସରଳାମହାଭାରତ. ବିରାଟ ।

**ଆରେଣି**—ଦେ. ବି (ସଂ. ଅରଣି)—୧ । ଅରଣି (ଦେଖ)
Āreṇi Araṇi (See)

୨ । (ସଂ. ରଣ) ଯୁଦ୍ଧ—2 Fight

ବେନି ଅନ୍ତଙ୍କର ଯେବେକ ହୁଅଇ ଆରେଣି—ସାରଳା ମହାଭାରତ, ମଧ୍ୟ ।

ଦେ. ବିଣ. (ସଂ. ଅଗ୍ରଣୀ)—ଶ୍ରେଷ୍ଠ—Chief; excellent.

ସ୍ୱର୍ଗେଣ ଅମର ରାଜନ ଜିଣି
ମହୀମଣ୍ଡଳେ ସେ ନୃପ ଆରେଣି—ଶିଶୁଶଙ୍କର. ଉଷା ଅଭିଳାଷ ।

**ଆରେବତ**—ସଂ. ବି—ସୁନାରି ଗଛ ଓ ତାହାର ଫଳ—
Ārebata A tree and its fruit; Cassia Fistula.

**ଆରେବା**—ଦେ. ବି.—ଆରବା (ଦେଖ)
Ārebā Ārabā (See)

**ଆରେ ରେ**—ଦେ. ଅ.—ଆରେ (ଦେଖ)
Āre re Āre (See
ওরে রে
अरर
(ଆଲୋ ଲୋ—ସ୍ତ୍ରୀ)

ଆରେ ରେ ! ଯେତେବେଳେ ସେ—ପ୍ରବଚନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଈ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ଷ | ଜ୍ଞ | ଇଯ୍ | ଉଅ | ଞ |
| ୨ | ଋ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଔ | ନ୍ |

**ଅରେ ରେକାର**—ଦେ. ବି.—ରେ ରେ ଶବ୍ଦ; ଅରେ ରେ ଶବ୍ଦ—
Ārerekāra A battle sound.
ଅରେ ରେକାର କରଇ ଅସୁରମାନ ଅଦେଶ ।
ବଳରାମ—ଦେବଦାମାୟଣ ।

**ଆରେସି**—ଗ୍ରା. ବି.—ଆରସି (ଦେଖ)
Āresi Ārasi (See)

**ଆରୋ**—ଗ୍ରା. ଅ.—ଅଲୋ; ସ୍ତ୍ରୀମ ନଙ୍କ ପ୍ରତି ଅନୁରୋଧାର୍ଥକ ସମ୍ବୋଧନ—
Āro Vocative particle used to females.
ଗ୍ରମା ବୋଉ ଲେ ଗ୍ରମା ବୋଉ, ଆଜ ହୁକେ ଦେଇଣା ଆରୋ—ରୂପାହିତି କାହାଣୀ ।

**ଆରୋଗ୍ୟ**—ସଂ.ବି. (ଅରୋଗ + ଭାବାର୍ଥ.ଯ)—୧ । ସ୍ୱାସ୍ଥ୍ୟ; ରୋଗାଭାବ—
Ārogya 1. Health; diseaselessness.
୨ । ରୋଗମୁକ୍ତି—
2. Recovery; convalescence.
ସଂ. ବଣ.—୧ । ନୀରୋଗ; ସୁସ୍ଥ ( ହ. ଶବ୍ଦସାଗର )
1. Healthy
୨ । ରୋଗମୁକ୍ତ —2 Recovered; cured.

**ଆରୋଗ୍ୟକର**—ସଂ. ବଣ. ପୁଂ ( ଆରୋଗ୍ୟ+କୃ ଧାତୁ+କର୍ତ୍ତୃ. ଅ)—
Ārogyakara ଯାହା ଆରୋଗ୍ୟ କରେ—One that
(ଆରୋଗ୍ୟକରୀ—ସ୍ତ୍ରୀ) cures; that which cures; curative.

**ଆରୋପ**—ସଂ. ବି. (ଆ+ରୁହ ଧାତୁ ଣିଚ୍ ରୋପି ଧାତୁ+ଭାବ. ଅ)—
Āropa ୧ । ଏକ ବସ୍ତୁରେ ଅନ୍ୟ ବସ୍ତୁର ଧର୍ମକୁ ସ୍ଥାପନ
(ଆରୋପିତ—ବଣ) କରିବା—1. Attributing the attribute of one thing to another thing; ascription; assignment.
୨ । ସମ୍ଭାବନ; କଳ୍ପନା—
2. Feigning; invention
୩ । ମିଥ୍ୟାରୋପଣ; ମିଛ କଥା ଆଣି ଘଟାଇ ଦେବା; କୌଣସି ବ୍ୟକ୍ତି ନାମରେ ମିଥ୍ୟାରଚନା—
3. False imputation.
୪ । ଏକ ସ୍ଥାନରୁ ନେଇ ଅନ୍ୟ ସ୍ଥାନରେ ରଖିଦେବା—
4. Placing in or on; placing upon.
୫ । ଅର୍ପଣ—5. Consignment.
୬ । ଅଭେଦଜ୍ଞାନ—6. Nondifferentiation
୭ । ସ୍ଥାପନ —7. Placing.
୮ । ମିଥ୍ୟାଜ୍ଞାନ; ଭ୍ରମ—8. Erroneous knowledge.
୯ । ଜ୍ୟାରେ ଗୁଣ ଚଢ଼ାଇବା—
9. Setting the arrow to the bowstring.

**ଆରୋପଣ**—ସଂ. ବି. ( ଆ+ରୁହ ଧାତୁ ଣିଚ୍ +ଭାବ ଅନ )—
Āropaṇa ୧ । ଆରୋପ, ଏକବସ୍ତୁରେ ଅନ୍ୟ ବସ୍ତୁର ଗୁଣକୁ ସ୍ଥାପନ କରିବା—1 Attributing one's attribute to another; imposition; assignment.
୨ । ଆରୋହଣ କରାଇବା; ଚଢ଼ାଇବା—
2. Causing to ascend; raising.
୩ । ଧନୁରେ ଗୁଣ ସଂଯୋଗ; ଧନୁରେ ଗୁଣ ଚଢ଼ାଇବା—
3. Putting the arrow the bow.
୪ । ଶସ୍ୟାଦିର ଗଛକୁ ଏକସ୍ଥାନରୁ ଉପାଡ଼ି ଅନ୍ୟ ସ୍ଥାନରେ ରୋପଣ ବା ରୋଇବା—
4. Transplantation.
୫ । ଏକ ସ୍ଥାନରୁ ଆଣି ଅନ୍ୟ ସ୍ଥାନରେ ସ୍ଥାପନ କରିବା—
5. Juxtraposition.
୬ । ସ୍ଥାପନ—6. Setting; placing.

**ଆରୋପଣୀୟ**—ସ. ବଣ. ( ଆ+ରୁହ ଧାତୁ; ଣିଚ୍ ରୋପି ଧାତୁ+
Āropaṇiya କର୍ମ. ଅନୀୟ )—ଆରୋପିତ ହେବା ଯୋଗ୍ୟ—
Attributable; assignable; fit to be placed; fit to be raised.

**ଆରୋପିତ**—ସଂ. ବଣ. ( ଆ+ରୋପି+କର୍ମ. ତ )—
Āropita ୧ । ଏକ ସ୍ଥାନରୁ କାଢ଼ିଯାଇ ଅନ୍ୟ ସ୍ଥାନରେ ସ୍ଥାପିତ—
1 Transferred; transposed.
୨ । କଳ୍ପିତ—
2. Feigned; imputed; falsely ascribed.
୩ । ସ୍ଥାପିତ—3. Placed.
୪ । ରୁଆ ହୋଇଥିବା—
4. Transplanted.

**ଆରୋପିବା**—ଦେ. ( ପଦ୍ୟ ) କି—୧ । ଆରୋପଣ କରିବା—
Āropibā 1. To ascribe.
ଆମକର ବଡ଼ପଣ ନଜଠାରେ; ଆରୋପି ମଃଚଛ ଖିଳା ଅହଙ୍କାରେ—
ବିଶ୍ୱନାଥ—ଦରବାର ।
୨ । ରୋଇବା—2. To transplant.

**ଆରୋପ୍ୟ**—ସ. ବଣ.—ଆରୋପଣୀୟ (ଦେଖ)
Āropya Āropaṇiya (See)

**ଆରୋହ**—ସ. ବି. (ଆ+ରୁହ ଧାତୁ =ଚଢ଼ିବା+ଭାବ. ଅ)—
Āroha ୧ । ଦୈର୍ଘ୍ୟ—1. Length.
(ଅବରୋହ—ବିପରୀତ) ୨ । ଉଚ୍ଚତା—2. Height.
(ଆରୂଢ଼—ବଣ) ୩ । ଉପରକୁ ଉଠିବା ବା ଚଢ଼ିବା—
3. Ascension; mounting; climbing
୪ । (+କର୍ମ. ଅ)—ସ୍ତ୍ରୀ କଟୀ; ସ୍ତ୍ରୀର କ୍ଷୀଣ କଟି—
4 A woman's waist; a woman's slender waist.
୫ । ଭାର; ପରିମାଣ—5 Weight; measure.
୬ । (+କର୍ତ୍ତୃ. ଅ) ଯାନାଦି ଆରୋହଣ କରିବା ବ୍ୟକ୍ତି—
6 Rider on conveyances.
୭ । (+କର୍ମ. ଅ) (ଯାହାକୁ ଆରୋହଣ କରାଯାଏ) ପର୍ବତ—
7. Mountain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ସେହିପରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**ଆରୋହଣ**—ସଂ. ବି. (ଆ+ରୁହ ଧାତୁ=ଚଢ଼ିବା+ଭାବ. ଅନ)—
Ārohaṇa ୧ । ଚଢ଼ିବା; କୌଣସି ବସ୍ତୁ ବା ଯାନ ଉପରକୁ ଉଠିବା -
(ଅବରୋହଣ—ବିପରୀତ) 1. Mounting; ascension.
୨ । ଅଙ୍କୁରିତ ଜନ୍ମାଇବା—2 Rearing; seedlings.
୩ । (+କରଣ. ଅନ)—ହିଡ଼; ପାବଚ୍ଛ; ସୋପାନ—
3. Ladder; steps

ଅଖିଳ ଦାଭବ ଆଟଣ୍ଟେଳ ପଦ ଅରୋହଣ ପରାକ୍ରମରେ । କବିସୂର୍ଯ୍ୟ ।

**ଆରୋହଣୀ**—ସଂ. ବି. ସ୍ତ୍ରୀ.— (ଆ+ରୁହ+କରଣ. ଅନ+ସ୍ତ୍ରୀ ଈ)—
Ārohaṇī ୧ । ସିଡ଼ି—1. Ladder; stair.
୨ । ପାହାଚ—2. Flight of steps; staircase.

**ଆରୋହିବା**— ପଦ୍ୟ. କ୍ରି.—୧ । ଆରୋହଣ କରିବା; ଉଠିବା; ଚଢ଼ିବା—
Ārohibā 1. To get on; to climb

ବ ସୁଗ ଇନ୍ଦ୍ର ଅଙ୍କେ ନନ୍ଦନରେ କାଶଙ୍କେ ଅରୋହିଲେ ଅଭ୍ରମୂପତ ବରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୨ । ଯାନବାହନାଦିରେ ଚଢ଼ିବା—To ride.

ବଡ଼ ଶକଟେ ଯେବେ ଆରୋହିବି । କବିସୂର୍ଯ୍ୟ. କବିତା ।

**ଆରୋହୀ**—ସଂ. ବିଣ. ପୁଂ. ( ଆ+ରୁହ ଧାତୁ=ଚଢ଼ିବା+କର୍ତ୍ତୃ ଇନ୍
Ārohī ୧ମା. ୧ବ.)— ୧ । ଆରୋହଣକାରୀ; ଆରୋହକ;
(ଆରୋହିଣୀ—ସ୍ତ୍ରୀ) ଉପରକୁ ଚଢ଼ିଥିବା—1. Riding; ascending, climbing.
୨ । (ସଙ୍ଗୀତ) କ୍ରମଶଃ ଊର୍ଦ୍ଧ୍ୱକୁ ଆରୋହଣ ବା ଗତି କରୁଥିବା ସ୍ୱର—2. (music Gradually ascending (tune)
[ ଦ୍ର—ସଙ୍ଗୀତଶାସ୍ତ୍ରରେ ସ୍ୱରର କ୍ରମଶଃ ଊର୍ଦ୍ଧ୍ୱଗତିର ନାମ 'ଆରୋହଣ' ଓ କ୍ରମିକ ନିମ୍ନ ଗତିର ନାମ 'ବିଲୋମ ବା ଅବରୋହଣ' ସଙ୍ଗୀତବ୍ୟବସାୟିମାନେ କ୍ରମାନ୍ୱୟରେ ଏହି ଦ୍ୱିବିଧ ଗତିକୁ 'ଆରୋହୀ' ଓ 'ଅବରୋହୀ' କହନ୍ତି । ]
ସଂ. ବି.—ଆରୋହଣକାରୀ ବ୍ୟକ୍ତି—A rider or passanger in a conveyance.

**ଆର୍କ୍ଷ**—ସଂ. ବିଣ (ଋକ୍ଷ+ସମ୍ବନ୍ଧ.ଅ)—ନକ୍ଷତ୍ର ସମ୍ବନ୍ଧୀୟ—
Ārksha Pertaining to stars.
ସଂ. ବି.—୧ । (+ଅପତ୍ୟାର୍ଥେ. ଅ)—ଋକ୍ଷ ତନୟ ସମ୍ବରଣ ନାମକ ରାଜା—1. King Sambaraṇa, the son of Ruksha.
୨ । (+ସମୂହାର୍ଥେ. ଅ)—ନକ୍ଷତ୍ରସମୂହ—
2. Multitued of stars.

**ଆର୍ଚ୍ଚି**—ପ୍ରାଦେ. (ଗଞ୍ଜାମ ବି—ଶିଳ୍ପଣ—
Ārchchi Arch.
(ଯଥା—ସୁନ୍ଦର ଆର୍ଚ୍ଚିମାନ ଦିଶେ କେଡ଼େ ଶୋଭନ)

**ଆର୍ଜ୍ଜବ**—ସଂ. ବି. ( ଋଜୁ=ସରଳ+ଭାବ. ଅ )—
Ārjaba ୧ । ଋଜୁତା, ସରଳତା—1. Straightness.
୨ । ସରଳ ସ୍ୱଭାବ —2. Straight forwardness.
୩ । ନିଷ୍କପଟତା; ନିଷ୍କପଟ ବ୍ୟବହାର ବା ସ୍ୱଭାବ—
3. Sincerity.
୪ । ଅକୌଟିଲ୍ୟ; ଅକୁଟିଳତା—4. Uprightness.
୫ । ସରଳ ବ୍ୟବହାର—
5. Rectitude; sincere conduct.
୬ । ସତ୍‌ସ୍ୱଭାବ—6. Honesty.

**ଆର୍ଜ୍ଜୁନି**—ସଂ. ବି. ( ଅର୍ଜ୍ଜୁନ+ଅପତ୍ୟାର୍ଥେ+ଇ )—
Ārjuni ଅର୍ଜ୍ଜୁନପୁତ୍ର ଅଭିମନ୍ୟୁ—
Abbimanyu, the son of Arjuna.

ଶତ ପ୍ରସରଣେ ଏବେ ବେଢ଼ିଲେ ଅଗାଢ
ଅମର୍ଷିକ; ଆର୍ଜ୍ଜୁନିକି ଯଥା କୁରୁବମୂ । ରାଧାନାଥ— ମହାଯାତ୍ରା ।

**ଆର୍ତ୍ତ**—ସଂ. ବିଣ. ( ଆ=ବିଶେଷ ଭାବରେ+ଋତ ଧାତୁ+ବ୍ୟାକୁଳ ହେବା+କର୍ତ୍ତୃ. ତ )—୧ । ପୀଡ଼ିତ; ଅସୁସ୍ଥ—
Ārtta
(ଆର୍ତ୍ତି—ବି) 1. Diseased; sick.
(ଆର୍ତ୍ତା—ସ୍ତ୍ରୀ) ୨ । କାତର; ବିହ୍ୱଳ, ଜର୍ଜ୍ଜରିତ —
2. Distressed,
୩ । ଉଦ୍‌ବେଜିତ; ବିପନ୍ନ; ବିପଦଗ୍ରସ୍ତ; ଆତୁର—
3. Afflicted with calamity; overcome with misfortune.
୪ । ଅତ୍ୟନ୍ତ ଦୁଃଖିତ—
4. Grieved; pained; vexed.
ଦେ. ବି—୧ । ଆର୍ତ୍ତି; ଦୁଃଖ—1. Grief; pain.

ଧୂମାବତୀ ଦକ୍ଷିଣ ପାଶେ ରଥାବର୍ତ୍ତି
ପାର୍ଥ ଅଛ ଦେଖିଲେ ଗଢ଼େ ଲୋଚ ଆର୍ତ୍ତି । କୃଷ୍ଣସିଂହ.ମହାଭାରତ—ବନ ।

୨ । ପୁଂ.— ଆର୍ତ୍ତତ୍ରାଣର ଡାକନାମ—
2. Name for calling Ārttatrāṇa.

**ଆର୍ତ୍ତଗଳ**—ସଂ. ବି – ନୀଳ ଦାସକେରେଣ୍ଟା ଫୁଲ ଓ ଗଛ—
Ārttagaḷa A blue flower and its shrub

**ଆର୍ତ୍ତତ୍ରାଣ**— ସଂ. ବି. ( ଆର୍ତ୍ତ=ବିପନ୍ନ+ତ୍ରୈ=ତ୍ରାଣ କରିବା+କର୍ତ୍ତୃ. ଅନ )—ଆର୍ତ୍ତ ବା ବିପନ୍ନ ଲୋକଙ୍କୁ ଉଦ୍ଧାର କରୁଥିବାରୁ; ଈଶ୍ୱର—Name of God; the Saviour of the afflicted.
Ārttatrāṇa
ସଂ. ବିଣ— ଆର୍ତ୍ତ ବ୍ୟକ୍ତିର ଉଦ୍ଧାରକାରୀ—
One who saves a person from distress.
ଦେ. ବି ପୁଂ—ଲୋକଙ୍କ ନାମ—Name of males.

**ଆର୍ତ୍ତଧ୍ୱଂସନ**—ସଂ. ବି ଓ ବିଣ—ଆର୍ତ୍ତତ୍ରାଣ ( ଦେଖ )
Ārttadhwaṁsana Ārttatrāṇa ( See )

**ଆର୍ତ୍ତନାଦ**— ସଂ. ବି ( ୬ଷ୍ଠୀ ତତ୍, ଆର୍ତ୍ତ+ନାଦ )—
Ārttanāda ଆର୍ତ୍ତ ବା ବିପନ୍ନ ଲୋକର ଶବ୍ଦ; ତ୍ରାହି ରବ; କାତରଧ୍ୱନି—Cry of distress; plaintive voice; moan; groan.

| ୧ | ଇ | ଉ | ର,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଛ | ଯ୍ୟ | ତ୍ଥ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଘ | ଛ୍ଥ | ● | କୃ |

ଆର୍ତ୍ତନାଶନ—ସଂ. ବି. ଓ ବିଣ—ଆର୍ତ୍ତତ୍ରାଣ (ଦେଖ)
Ārttanāśana Ārttatrāṇa (See)

ଆର୍ତ୍ତବ—ସଂ. ବି. (ଋତୁ=ସ୍ତ୍ରୀମାନଙ୍କର ରଜଃ+ସ୍ୱାର୍ଥେ. ଅ)—
Ārttaba ୧ । ସ୍ତ୍ରୀରଜ; ମାସକୁ ମାସ ସ୍ତ୍ରୀମାନଙ୍କ ଜରାୟୁନିଃସୃତ ରକ୍ତ—Menstrual discharge; the menses.
ସଂ. ବିଣ (+ସମ୍ବନ୍ଧାର୍ଥେ. ଅ)—ସ୍ତ୍ରୀରଜଃସମ୍ବନ୍ଧୀୟ—
1. Menstrual;
୨ । ଷଡ଼୍‌ଋତୁସମ୍ବନ୍ଧୀୟ—2. Belonging to the seasons of the year; seasonable.

ଆର୍ତ୍ତି—ସଂ.ବି. (ଆ+ଋତ୍ ଧାତୁ+ଭାବ. ତି)—୧ । ଭୟ—
Ārtti 1. Fear; terror.
୨ । ପୀଡ଼ା—2. Sickness.
୩ । କାତର ପ୍ରାର୍ଥନା—3. Distressful prayer.
୪ । ମନୋବ୍ୟଥା—4. Pain.
୫ । ଅତ୍ୟନ୍ତ କଷ୍ଟ—5. Acute trouble; distress.
୬ । (+କରଣ+ତି) ଧନୁର ଅଗ୍ର—
6. The end of a bow.
ଦେ. ବି. (ଅବର୍ଥ)—ଆର୍ତ୍ତତ୍ରାଣର ଡାକ ନାମ—
Name for calling Ārttatrāṇa.

ଆର୍ଥିକ—ସଂ. ବିଣ. (ଅର୍ଥ+ସମ୍ବନ୍ଧାର୍ଥେ ଇକ)—୧ । ଧନସମ୍ବନ୍ଧୀୟ—
Ārthika 1. Pecuniary; financial
୨ । ଶବ୍ଦାଦିର ଅର୍ଥସମ୍ବନ୍ଧୀୟ—2. Pertaining to the meaning or import of words.
ସଂ. ବି. ପୁଂ.—ମୂଳଧନାଧିପ; ମହାଜନ—A capitalist.

ଆର୍ଥିକ ସ୍ୱାତନ୍ତ୍ର୍ୟ—ସଂ. ବି. ( ଆଧୁନିକ ବ୍ୟବହାର )—ଅର୍ଥାଗମ ଓ ଅର୍ଥ
Ārthika swātantrya ବ୍ୟୟ ସମ୍ବନ୍ଧରେ ଅନ୍ୟ ପ୍ରଦେଶ ସଙ୍ଗେ କୌଣସି ପ୍ରଦେଶର ସମ୍ପର୍କଶୂନ୍ୟତା; ଅର୍ଥ ସମ୍ବନ୍ଧେ ଅନନ୍ୟାପେକ୍ଷିତ୍ୱ—Financial autonomy; financia independence.

ଆର୍ଥୀବ୍ୟଞ୍ଜନା ବୃତ୍ତି—ସଂ. ବି.—ବକ୍ତା ବାକ୍ୟ ବୋଧବ୍ୟ ସମ୍ବନ୍ଧ ଅନ୍ୟ
Ārthibyañjanā bṛutti ସନ୍ନିଧି ପ୍ରସ୍ତାବ କାଳ ଦେଶ କାକୁ ଓ ଚେଷ୍ଟାଦିର ବୈଶିଷ୍ଟ୍ୟବଶତଃ ଯେଉଁ ବୃତ୍ତି ଅନ୍ୟ ଅର୍ଥ ପ୍ରକାଶ କରେ(ଅଳଙ୍କାରତରଙ୍ଗିଣୀ.ପୃ ୧୨)—
An attribute of words connoting a meaning different from the apparent meaning owing to peculiar position or circumstances.

ଆର୍ଦଳି—ଦେ. ବି.—ଅର୍ଦୋଳି (ଦେଖ)
Ārdali Ārdoli (See)

ଆର୍ଦା—ପ୍ରାଦେ. (ଗଞ୍ଜାମ) ବି—୧ । ଚାଉଳଚୂନା, ନଡ଼ିଆ ଓ ଗୁଡ଼ରେ
Ārdā ପ୍ରସ୍ତୁତ ପିଷ୍ଟକବିଶେଷ—1. A cake prepared with rice flour, molasses and cocoanuts.
[ ଦ୍ର—ଖଳରେ ଘିଅ ଗୁଡ଼ ମିଶାଯାଇ ଏ ପିଠା କରାଯାଏ । ବହୁ ଦିନ ରହିଲେ ଏହା ଟାଣ ହୁଏ । ]
ଦେ. ବି.—(ସଂ. ଆର୍ଦ୍ରକ)—ଅମ୍ବକଷିଆ ଗଦ (ଦେଖ)
Āmbakasiāgada (See)

ଆର୍ଦା ଅମାବାସ୍ୟା—ପ୍ରାଦେ. (ଗଞ୍ଜାମ) ବି—ଅରଦା ଅମାବାସ୍ୟା (ଦେଖ)
Ārdā amābāsyā Āradā amābāsyā (See)

ଆର୍ଦାବଳି—ଗ୍ରା. ବି. (ସଂ. ଆର୍ଦ୍ରା)—ଇନ୍ଦ୍ରଧନୁ—Rainbow.
Ārdābali ପୂର୍ବେ ଆର୍ଦାବଳି ପଶ୍ଚିମେ ଖେଳ ।
କାଥ ବୋଲେ ପୁତା ରେ ନଷ୍ଟେ ଯିବ ଖୋଲ । ଡାକବଚନ ।

ଅର୍ଦୋଳି—ଦେ.ବି.—୧ । ଅନୁଗତାନୁବନ୍ଧ ପ୍ରାର୍ଥନା—1. Importunate.
Ārdoli demand; vexations prayer.
୨ । ଜଞ୍ଜାଳ; ଝଞ୍ଝଟ—2. Botheration; confusion. complication.
ଏକାଏ ସହିଲ ପାଃଙ୍କର ମୁଁ ଅର୍ଦୋଳି । ସାରଳା ମହାଭାରତ. ବନ ।
୩ । ଦାଉ; ଦୁଃଖ—3. Brunt; troubles.
୪ । ଅତ୍ୟାଚାର—4. Oppression.

ଆର୍ଦ୍ର (ଧାତୁ)—ସଂ.—ଓଦା ହେବା—To be wet.
Ārdra (root)

ଆର୍ଦ୍ର—ସଂ. ବିଣ. (ଅର୍ଦ୍ଦ ଧାତୁ=ଗମନ କରିବା+କର୍ତ୍ତୃ. ର)—
Ārdra ୧ । ଓଦା; ତିନ୍ତା; ଭିଜା; ସନ୍ତସନ୍ତିଆ—1. Wet; moist.
ଆର୍ଦ୍ରତା }
ଆର୍ଦ୍ରତ୍ୱ } ବି.
୨ । ଶିଥିଳ—2. Lax; loose.
୩ । ମୃଦୁ; କୋମଳ—3. Soft; tender.
୪ । ଚିଟଚିଟିଆ; ଅଠାଳିଆ—4. Clammy.

ଆର୍ଦ୍ରକ—ସଂ. ବି. ( ଆର୍ଦ୍ର=ଓଦା+କ; ଏହା ଆର୍ଦ୍ର ବା ରସମୟ
Ārdraka ଥିବାରୁ)—ଅଦା; ଶୃଙ୍ଗବେର—Ginger
ସଂ.ପର୍ଯ୍ୟାୟ—ଆର୍ଦ୍ରିକା root; ginger; gingiber officenale.

ଶୃଙ୍ଗବେର; ଅପାକଶାକ
ଚନ୍ଦ୍ରୋତ୍ଥ; ଶୃଙ୍ଗାବେର;
କଟୁଭଦ୍ର; ଶାର୍ଙ୍ଗ; କବର;
ମହୌଷଧ; ସୈକତୋତ୍ଥ;
ଅନୂପଜ; ମୂଳଜ;
କଟୁକୁଟ; ଗୁଲ୍ମମୂଳ; ସ୍ୱାଦୁଚ୍ଛଦ;
ସୁଶାକ ଓ ଆର୍ଦ୍ରଶାକ ।
ଓ. ଅଦା
ଆଦା
आद्रक; आद्रक

[ ଦ୍ର—ଏହା ଜଳଜଜାତୀୟ କୃଷିଜାତ ଶାକମୂଳ । ଏହାର ପତ୍ର ଦଳଦପତ୍ର ପରି । ଏହି ମୂଳକୁ ଶୁଖାଇଲେ ଶୁଣ୍ଠି ହୁଏ । ଅଦା ଭେଦକ, ଗୁରୁ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ଅଗ୍ନିଦୀପକ ଏବଂ ବାତ ଓ କଫନାଶକ । ଭୋଜନ ପୂର୍ବେ ଅଦା ଓ ଲୁଣ ସେବାଇଲେ ଖାଦ୍ୟ ଦ୍ରବ୍ୟର ଶୀଘ୍ର ପରିପାକ ହୁଏ । ଅଦାରସ ଓ ମହୁ ଖାଇଲେ କଫ ଓ ଶରଦ ଛାଡ଼ିଯାଏ । ଅଦାରସ ଓ ମହୁ ମୁଣ୍ଡରେ ମାଲିସ୍ କଲେ ମଥାଭ୍ରମ

ସାଧାରଣ ଲୋକେ ଅପର ବୃଷ୍ଟାରେ ସୂଚକ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୋଷଗ୍ରନ୍ଥରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଖାଠ' ନ ମିଳିଲେ 'ଖାଣ୍ଠ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତେ. ଅଲ୍ଲମ୍
ମ. ଅଲେ
ଫା. ଅଲ୍‌ଚଏସୁଲ୍‌ଛାନ୍
ବାଞ୍ଜବିଲ୍‌ତର
ଆ. ଜିଞ୍ଜବିଲ୍‌ତର୍; ଆଲ୍‌ରୂତବ୍

ଭଲ ହୁଏ । ଅଦାଦ୍ୱାରା ଜିହ୍ୱା ଓ କଣ୍ଠ ପରିଷ୍କାର ହୁଏ । ଗ୍ରୀଷ୍ମ ଓ ଶରତ୍‌କାଳରେ ଏହା ହିତକର ନୁହେ । ଏହା ରୁଚିଜନକ, ସ୍ୱରବର୍ଦ୍ଧକ ଓ ଶୁକ୍ରଜନକ, ଅନାହ ଓ ଶୂଳରୋଗର ଶାନ୍ତିକାରକ । ]

**ଆର୍ଦ୍ରଶାକ**—ସଂ. ବି—ଅର୍ଦ୍ରକ ( ଦେଖ )
Ārdraśāka Ārdraka ( See )

**ଆର୍ଦ୍ରା**—ସଂ. ବି. ସ୍ତ୍ରୀ—ନକ୍ଷତ୍ରବିଶେଷ; ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ର
Ārdrā ମଧ୍ୟରୁ ଷଷ୍ଠ ନକ୍ଷତ୍ରପୁଞ୍ଜ ( ନକ୍ଷତ୍ର ଶବ୍ଦରେ କୋଷ୍ଠ ଦେଖ )—
The 6th of the 27th lunar mansions.

**ଆର୍ଦ୍ରାବଳି**—ଦେ. ବି. ( ଆର୍ଦ୍ରା+ଆବଳି )—୧ । ଇନ୍ଦ୍ରଧନୁ—
Ārdrābaḷi 1. Rainbow.

ପୂର୍ବେ ଆର୍ଦ୍ରାବଳି ପଶ୍ଚିମେ ଦେଇ,
ନାଥ ବୋଲେ ପୁତ୍ରା ରେ ନଷ୍ଟେ ଯିବ ଯୋଇ—ଭ. କୃଷିବଚନ ।

୨ । ପଦ୍ମାକୃତି ଶରବିଶେଷ—
2. An arrow-shaped like lotus.

ଅକ୍ଷୟ ପାଶୁପତ ଯେ ମେଘନାଦପାଣି,
ଆର୍ଦ୍ରାବଳି ନାରାୟଣ ଶିବ ଚକ୍ର ମିଶି—ପୀତାମ୍ବର. ନୃସିଂହପୁରାଣ ।

୩ । ଆକାଶରେ ଉଦୟ ହେବା ଏକ ପ୍ରକାର ଜ୍ୟୋତି ବା ଆଲୋକ ( ତୁଳନାକର ଇଂ. ଅରୋରା )—
3. A weird light at times diffused over the sky.

ପଡ଼ପଡ଼ି କହଣ ଯେ ମାରଇ ବଜ୍ର,
ସନ୍ଧ୍ୟାକାଳେ ଆକାଶରେ ଉଦେ ଆର୍ଦ୍ରାବଳି—
ବଳରାମ. ରାମାୟଣ, ଅରଣ୍ୟକାଣ୍ଡ ।

୪ । ଆର୍ଦ୍ରା, ପୁନର୍ବସୁ, ଇଲ୍ୱଳାସମନ୍ୱିତ ନକ୍ଷତ୍ରପୁଞ୍ଜ; କାଳପୁରୁଷ—4. The constellation of orion.

**ଆର୍ଦ୍ରିକା**—ସଂ. ବି. ( ଅର୍ଦ୍ର+କ+ସ୍ତ୍ରୀ. ଆ )—ଅର୍ଦ୍ରକ ( ଦେଖ )
Ārdrikā Ārdraka ( See )

**ଆର୍ଦ୍ରିତ**—ସଂ. ବିଣ. (ଆର୍ଦ୍ର+କର୍ତ୍ତୃ. ତ)—ଓଦା ହୋଇଥିବା; ଭିଜା—
Ārdrita Wetted; moistened.

**ଆର୍ଧନା**—ଗ୍ରା. ପଦ୍ୟ. ବି. ( ସଂ. ଆରାଧନା )—୧ । ପୂଜା; ସେବା—
Ārdhanā 1. Adoration; worship.
୨ । ନେହୁରା; ସବିନୟ ନିବେଦନ—
2. Solicitation; humble prayer.
୩ । ଖୋସାମତ—3. Flattery.

**ଆର୍ମ୍‌ସ୍ ଆକ୍ଟ**—ବୈଦେ. ( ଇଂ ) ବି—ସାଧାରଣ ଲୋକେ ଅସ୍ତ୍ରଶସ୍ତ୍ର
Ārms ākṭ ରଖିବାରେ କଟକଣା କରିବାପାଇଁ ସରକାରଙ୍କ ପ୍ରବର୍ତ୍ତିତ ନିୟମ ବଳ—The arms Act.

**ଆର୍ମାନୀ**—ଦେ. ବି. ( ନାମ ) ( ଇଂ. ଆର୍ମେନିଆ )—
Ārmānī ୧ । ଆସିଆଟିକ ତୁର୍କିର ଅଞ୍ଚଳବିଶେଷ—
আর্মানী; অর্মেনী 1. The country of Armenia in
अर्मनी Ariatic Turkey.

୨ । ଆର୍ମାନୀ ଭାଷା—
2. The Armenian language.
୩ । ଆର୍ମେନିଆ ଦେଶୀୟବ୍ୟକ୍ତି—3. An Armenian.

ଦେ. ବିଣ—ଅର୍ମେନିଆ; ଆର୍ମେନୀୟାଦେଶୀୟ—
Armenian.

[ ଦ୍ର—ଏ ପ୍ରଦେଶ କୃଷ୍ଣସାଗର ଓ କକେସସ ପର୍ବତର ଦକ୍ଷିଣରେ ଏବଂ ଆସିଆଟିକ ତୁରସ୍କର ଉତ୍ତର ପୂର୍ବ ଏବଂ ରୁଷିଆ ଦକ୍ଷିଣକୁ ଅଧିକାର କରିଅଛି । ଏ ପ୍ରଦେଶର ସ୍ତ୍ରୀମାନେ ପୃଥିବୀରେ ସମସ୍ତଙ୍କଠାରୁ ସୁନ୍ଦରୀ ବୋଲି ବିଖ୍ୟାତ । ]

**ଆର୍ମେନିଆ**—ବୈଦେ. ବି ଓ ବିଣ. (ଇଂ) ଆର୍ମାନୀ ( ଦେଖ )
Ārmeniā Ārmānī ( See )

**ଆର୍ଯ୍ୟ**—ସଂ. ବିଣ. ପୁଂ. ( ଋ ଧାତୁ=ଗମନ କରିବା; ପ୍ରାପ୍ତ ହେବା+
Ārjya କର୍ତ୍ତୃ. ଯ; ଯେ ପ୍ରତିଷ୍ଠାପ୍ରାପ୍ତ ହୁଏ; ଯେ ସମସ୍ତଙ୍କ ଅଗରେ
(ଆର୍ଯ୍ୟା—ସ୍ତ୍ରୀ) ଗମନ କରେ )—
୧ । ପୂଜ୍ୟ—1. Venerable; adorable.
୨ । ଶ୍ରେଷ୍ଠ—2. Excellent.
୩ । କୁଳୀନ; ସତ୍‌କୁଳୋଦ୍ଭବ; ସାଧବ; ସଜ୍ଜନ—
3. Noble; of distinguished birth; respectable.
୪ । ସଭ୍ୟ—3. Civilised.

ସଂ. ବି—୧ । ସ୍ୱାମୀ—1. Master; lord
୨ । ଗୁରୁ—2. Preceptor; teacher.
୩ । ଅନାର୍ଯ୍ୟମାନଙ୍କୁ ତଡ଼ି ଦେଇ ଭାରତକୁ ଉତ୍ତର ପଶ୍ଚିମରୁ ଆସିଥିବା ସଭ୍ୟ ଜାତି—3. Aryan race who settled in India coming from the north-west.
୪ । ସଭ୍ୟ ବ୍ୟକ୍ତି—4. A civilised person.
୫ । ସଜ୍ଜନ; ସାଧୁ ବ୍ୟକ୍ତି—
5. A noble or honest person.

ସଂ. ଅ—ଶ୍ୱଶୁର ଆଦି ଗୁରୁଜନଙ୍କ ପ୍ରତି ବଧୂ ଆଦିଙ୍କର ମର୍ଯ୍ୟାଦାସୂଚକ ସମ୍ବୋଧନ—Word used by a daughter-in-law addressing his father-in-law.

[ ଦ୍ର—ଏଥିରୁ ଓଡ଼ିଆ 'ଅଜା' ଶବ୍ଦର ଉତ୍ପତ୍ତି—ଆର୍ଯ୍ୟ ଶବ୍ଦ ସମ୍ବନ୍ଧେ କେହି କେହି କହନ୍ତି, ମଧ୍ୟ ଏସିଆର ଅନ୍ୟ ନାମ ଇରାନ୍ ଏହା ବର୍ତ୍ତମାନ ପାରସ୍ୟ ନାମରେ ଅଭିହିତ । ଏହି ସ୍ଥାନରେ ପ୍ରଥମେ ବାସ କରିଥିବା ଲୋକେ 'ଆର୍ଯ୍ୟ' ନାମରେ କଥିତ ହେଲେ ଏ ହିସାବରେ ହିନ୍ଦୁ, ପାରସି, ଗ୍ରୀକ୍, ରୋମକ ଓ ଇଂରେଜ ପ୍ରଭୃତି ଜାତି ଆର୍ଯ୍ୟବଂଶୀୟ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଢ | ଷ,ଶ | ଙ୍କ | ଇୟୁ | ଉଅ | ଭ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ |

**ଆର୍ଯ୍ୟକ**—ସଂ. ବିଣ. ପୁଂ. ( ଆର୍ଯ୍ୟ=ପୂଜ୍ୟ+ପ୍ରଶସ୍ତ ଅର୍ଥରେ କ; ଯେ
Ārjyaka ଅତିଶୟ ପୂଜ୍ୟ )—ଅଜା—Grand-father.
ଆର୍ଯ୍ୟକା } ସ୍ତ୍ରୀ.
ଅର୍ଯ୍ୟକା }

ସଂ. ବିଣ. ( +ସ୍ୱାର୍ଥେ. କ )—
୧ । ଶ୍ରେଷ୍ଠ—1. Principal.
୨ । ମାନ୍ୟ; ମାନନୀୟ—2. Respectable

**ଆର୍ଯ୍ୟପୁତ୍ର**—ସଂ. ବି—୧ । ସ୍ୱାମୀ; ଭର୍ତ୍ତା—
Ārjyaputra 1. Husband.
୨ । ଗୁରୁପୁତ୍ର—2. The son of one spiritual preceptor.
୩ । (ନାଟକରେ) ସ୍ୱାମିଙ୍କ ପ୍ରତି ସ୍ତ୍ରୀର ବା ସୂତ୍ରଧାର ପ୍ରତି ନଟୀର ସମ୍ବୋଧନ — 3 A word used in addressing the husband.

**ଆର୍ଯ୍ୟଭଟ୍ଟ**—ସଂ. ବି. (ନାମ)—ଆଧୁନିକ ଭାରତୀୟ ଜ୍ୟୋତିଷ ଓ ବିଜ୍ଞାନର
Ārjyabhaṭṭa ପ୍ରତିଷ୍ଠାତା—Name of a famous Indian Astronomer; the facher of modern Astronomy.
[ ଦ୍ର—ଏ ମହାପୁରୁଷ ୩୯୮ ଶକାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ ଗ୍ରୀକମାନଙ୍କ ନିକଟରେ 'ଅର୍ଦୁବେରିୟସ୍' ଓ ଆରବୀୟମାନଙ୍କ ନିକଟରେ 'ଅର୍ଜଭର୍' ନାମରେ ପରିଚିତ ଥିଲେ । ଏହାଙ୍କ ବାସସ୍ଥାନ କୁସୁମପୁର ବା ଆଧୁନିକ ପାଟନା । ଏ ବୀଜଗଣିତ ରଚନା କରିଥିଲେ । 'ଆର୍ଯ୍ୟଭଟ୍ଟତନ୍ତ୍ର' ଏହାଙ୍କ ରଚିତ ପ୍ରସିଦ୍ଧ ଗ୍ରନ୍ଥ । ଏହା ବ୍ରହ୍ମସିଦ୍ଧାନ୍ତ ଉପରେ ଗଠିତ । ପୃଥିବୀ ସୂର୍ଯ୍ୟଙ୍କ ଚାରିଆଡ଼େ ବୁଲେ ଏ ସର୍ବପ୍ରଥମେ ଏହି ମତ ପ୍ରଚାର କରିଥିଲେ । ୧୫୦୦ ଖ୍ରୀ ଅଃ ରେ ଇଉରୋପରେ କୋପର୍ନିକସ୍ ( Copernicus ) ଏହି ପୃଥିବୀ-ଭ୍ରମଣବାଦ ସର୍ବପ୍ରଥମେ ପ୍ରକାଶ କରିଥିଲେ । ]

**ଆର୍ଯ୍ୟସମାଜ**—ଦେ. ବି— ବୈଦିକ ଧର୍ମର ପ୍ରତିଷ୍ଠା ସକାଶେ ଉତ୍ତର
Ārjyasamāja ଭାରତରେ ପ୍ରବର୍ତ୍ତିତ ଆଧୁନିକ ଧର୍ମସମିତି—
Name of a society started in India for promulgation of Baidic religion
[ ଦ୍ର—ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏହାର ପ୍ରତିଷ୍ଠାତା । ]

**ଆର୍ଯ୍ୟା**— ସଂ. ବିଣ. ସ୍ତ୍ରୀ. ( ଆର୍ଯ୍ୟ+ସ୍ତ୍ରୀ. ଆ ) —ଆର୍ଯ୍ୟର ସ୍ତ୍ରୀଲିଙ୍ଗ —
Ārjyā Feminine of Ārjya.
ସଂ. ବି. ସ୍ତ୍ରୀ.—୧ । ମାନନୀୟା; ଗୁରୁସ୍ଥାନୀୟା ସ୍ତ୍ରୀ—
1. Respected female; honourable woman.
[ ଦ୍ର—ଏଥିରୁ ଓଡ଼ିଆ 'ଆଈ' ହୋଇଅଛି । ]
୨ । ଗୌରୀ; ପାର୍ବତୀ; ଦୁର୍ଗା—
2. Pārbatī; the consort of Śiba.
୩ । ସଂସ୍କୃତ ଛନ୍ଦୋବିଶେଷ—
3. Name of a sanskrit metre.

**ଆର୍ଯ୍ୟାବର୍ତ୍ତ**—ସଂ. ବି. (୬ଷ୍ଠୀ ତତ୍; ଆର୍ଯ୍ୟ=ସଭ୍ୟ ଆର୍ଯ୍ୟ ଜାତି+ଆବର୍ତ୍ତ
Ārjyābartta =ବାସସ୍ଥାନ )—ପୁଣ୍ୟ ଭୂମି; ହିମାଳୟ ଓ ବିନ୍ଧ୍ୟର ମଧ୍ୟବର୍ତ୍ତୀ ଦେଶ; ଭାରତର ଉତ୍ତର ପୂର୍ବରୁ ଆର୍ଯ୍ୟମାନେ ଆସି ଭାରତର ଯେଉଁ ଅଂଶରେ ପ୍ରଥମେ ବସତି କରିଥିଲେ; ହିମାଳୟଠାରୁ ବିନ୍ଧ୍ୟ ପର୍ବତ ପର୍ଯ୍ୟନ୍ତ ଭାରତର ଅଂଶ; ଉତ୍ତରରେ ହିମାଳୟ, ପୂର୍ବରେ ବ୍ରହ୍ମଦେଶ ଓ ସମୁଦ୍ର, ପଶ୍ଚିମରେ ଅଫଗାନସ୍ଥାନ ଓ ସମୁଦ୍ର ଏବଂ ଦକ୍ଷିଣରେ ବିନ୍ଧ୍ୟାଚଳ ଏହି ସୀମାମଧ୍ୟସ୍ଥିତ ଦେଶ—The 1st Indian abode of the Aryans; the sacred land; the country ( northern India ) between the Himalayas and the Bindhya mountains.
[ ଦ୍ର—ବୈଦିକ ଯୁଗରେ ଆର୍ଯ୍ୟମାନେ ଭାରତର ଉତ୍ତର-ପଶ୍ଚିମ କୋଣ ଆଡ଼ୁ ଆସି ଅନାର୍ଯ୍ୟ ଆଦିମନିବାସୀମାନଙ୍କୁ ତଡ଼ି ପ୍ରଥମେ ପଞ୍ଚନଦ ପ୍ରଦେଶରେ ଓ କ୍ରମଶଃ ବିନ୍ଧ୍ୟ ପର୍ବତପର୍ଯ୍ୟନ୍ତ ଭାରତର ଉତ୍ତରାଂଶରେ ବସତି ବିସ୍ତାର କଲେ । ଭାରତର ଏହି ଉତ୍ତରାର୍ଦ୍ଧକୁ 'ଆର୍ଯ୍ୟାବର୍ତ୍ତ' ଏବଂ ବିନ୍ଧ୍ୟାଚଳଠାରୁ ଦକ୍ଷିଣକୁ କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ଦକ୍ଷିଣ ଭାରତକୁ 'ଦାକ୍ଷିଣାତ୍ୟ' ବୋଲାଯାଏ । ]

**ଆର୍ଶଲା**—ପ୍ରାଦେ. (ମେଦିନୀପୁର) ବି. (ହି. ଅସୁପା)—ଅସରପା—
Ārśalā Cockroach.

**ଆର୍ଶା**—ଦେ. ବି.— ଆରିସା (ଦେଖ)
Ārśā Ārisā (See)

**ଆର୍ଶି** - ଦେ. ବି.—ଆରସି (ଦେଖ)
Ārśi Ārasi (See)

**ଆର୍ଶୁଲା** – ପ୍ରାଦେ. (ମେଦିନୀପୁର) ବି.— ଅସରପା (ଦେଖ)
Ārśulā Asarapā (See)

**ଆର୍ଷ**—ସଂ. ବିଣ. (ଋଷି=ମୁନି+କୃତାର୍ଥେ ବା ଉକ୍ତାର୍ଥେ. ଅ)—
Ārsha ୧ । ଋଷିମାନଙ୍କ ପ୍ରଣୀତ (ପୁରାଣାଦି)—
1. Composed by the Rishis or sages.
୨ । ଋଷିସମ୍ବନ୍ଧୀୟ—
2. Pertaining to the Sages.
୩ । ଋଷିମାନଙ୍କଦ୍ୱାରା ପ୍ରବର୍ତ୍ତିତ—
3. Authorised by the usage of the Rishis.
ସଂ. ବି.—ବିବାହବିଶେଷ—A form of marriage.

**ଆର୍ଷପ୍ରୟୋଗ**—ସଂ. ବି. ( ଆର୍ଷ=ଋଷିମାନଙ୍କ ପ୍ରବର୍ତ୍ତିତ+ପ୍ରୟୋଗ=
Ārshaprayoga ବ୍ୟବହାର )—ବ୍ୟାକରଣବିରୁଦ୍ଧ ଅଥଚ ବଶିଷ୍ଠ ପ୍ରାଚୀନ ଋଷିମାନଙ୍କ କର୍ତ୍ତୃକ ଶାସ୍ତ୍ରାଦିରେ ବ୍ୟବହୃତ

ସାଧାରଣ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରିବେ ନାହିଁ । ଅତଏବ ୧ ବା ୨ ଚିହ୍ନିତ ଯୌଗିକ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ବଥ' ନ ମିଳିଲେ 'ବଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଲ୍ପ' ନ ପାଇଲେ 'ଅଳ୍ପ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଳଙ୍କର' ଦେଖିବେ ।

ଶବ୍ଦ—An archaic use; a form of language or grammatical use having the force of authority having been used by the sages or great writers though not strictly correct according to the ordinary rules of grammar.

**ଆର୍ଷବିବାହ**—ସଂ. ବି. (ଅର୍ଷ+ବିବାହ)—ଆର୍ଯ୍ୟଋଷିପ୍ରବର୍ତ୍ତିତ ପ୍ରାଚୀନ
Ārshabibāha ବିବାହପ୍ରଣାଳୀବିଶେଷ; ଉପଯୁକ୍ତ ବରଙ୍କୁ ନିମନ୍ତ୍ରଣ କରି ଏକ ହଳ ବା ଦୁଇ ହଳ ଗାଭୀବିନିମୟରେ କନ୍ୟା-ପ୍ରଦାନପୂର୍ବକ ଯେଉଁ ବିବାହ ସମ୍ପନ୍ନ ହୁଏ—
A form of marriage (which obtained amongst the Rishis) in which the father of the bride received one or two pairs of kine from the bride-groom elect, and gave the daughter in marriage after duly inviting the bridegroom.

**ଆର୍ଷଭ୍ୟ**—ସଂ. ବିଣ ପୁଂ. ( ଋଷଭ=ଷଣ୍ଢ+ଯ )—
·Ārshabhya ଷଣ୍ଢ ହେବାପାଇଁ ଉପଯୁକ୍ତ ହୃଷ୍ଟପୁଷ୍ଟ (ବାଛୁରୀ)—
A well grown steer fit for being left uncastrated for breeding purposes; a would-be bull.

**ଆର୍ହତ**—ସଂ. ବି. ( ଅର୍ହତ୍=ପୂଜ୍ୟ+ଅ )—ବୁଦ୍ଧବିଶେଷ; ଜୈନ—
Ārhata A Jaina; a follower of the doctrines of Jaina.

ସଂ. ବିଣ—ଅର୍ହତସମ୍ବନ୍ଧୀୟ; ଜୈନସମ୍ବନ୍ଧୀୟ—
Jaina; pertaining to Jainaism (a minor system of Judian philosophy).

**ଆଲ୍‌କାତରା**—ଦେ.ବି—ଘରଚାଳର ସର୍ବୋ ଉପର ଗଡ଼—
Ālkātarā The highest ridge of a thatch.
আলকাতরা ବୈଦେ. ବି. ( ଅ )—କୋଇଲାରୁ ବାହାରିବା
আলকাতরা ଗନ୍ଧକ-ନିର୍ଯ୍ୟାସ; କୋଲ୍‌ତାର୍—Pitch; coaltar.

**ଆଲ୍‌କୋରାନ୍**—ବୈଦେ. ବି. ( ଅ )—ମହମ୍ମଦଙ୍କ ପ୍ରଣୀତ ମୁସଲମାନ-
Ālkorān ମାନଙ୍କ ଧର୍ମଗ୍ରନ୍ଥ—The Koran.

**ଆଲ୍‌ଡରମାନ୍**—ବୈଦେ. ବି. ( ଇଂ. ଅଲ୍‌ଡର୍ ମାନ୍ )—
Āldarmān ପ୍ରାଦେଶିକ ରାଜଧାନୀର ସ୍ୱାସ୍ଥ୍ୟରକ୍ଷକ ସମିତିର ସଭ୍ୟ—Alderman.

**ଆଲ୍‌ନା**—ବୈଦେ. ବି. ( ଅ )—ଆଲଣା ( ଦେଖ )
Ālnā Ālanā ( See )

**ଆଲ୍‌ପକା**—ଦେ. ବି—୧ । ଆମେରିକାର ଓଟଜାତୀୟ 'ଆଲପକା' ନାମକ
Ālpakā ପ୍ରାଣିର ଲୋମରେ ପ୍ରସ୍ତୁତ ବସ୍ତ୍ରବିଶେଷ—1. Alpaca
আলপাকা ୨ । ସ୍ୱନାମପ୍ରସିଦ୍ଧ ପଶୁ—
আলপাকা 2. The Alpaca goat.

**ଆଲ୍‌ପସ୍**—ବୈଦେ. ବି—ଇଟାଲିର ଉତ୍ତରରେ ଅବସ୍ଥିତ ପର୍ବତମାଳା—
Ālpas The Alps range of mountains.

**ଆଲ୍‌ପିନ୍**—ବୈଦେ. ବି. ( ଅ )—ପିନ୍‌କଣ୍ଟା—A pin.
Ālpin ବୈଦେ. ବି. (ଇଂ)—କାନ୍ଥରେ ମରାଯିବା ସରୁ କାଠି—
আলপিন্ Wall pin.

**ଆଲ୍‌ବେରୁନି**—ବୈଦେ. ବି. ( ଅ ) ନାମ—ଆରବଦେଶୀୟ ପ୍ରସିଦ୍ଧ
Ālberuni ଜ୍ୟୋତିଷୀ—The famous Astrologer.

[ ଦ୍ର—ଖ୍ରୀ ଦଶମ ଶତାବ୍ଦୀରେ ଆରବ ଦେଶର ଖିବ୍ ପ୍ରଦେଶରେ ଏହାଙ୍କ ଜନ୍ମ । ମହାମୁଦ୍ ଗଜନୀ ଭାରତ ଆକ୍ରମଣ କଲାବେଳେ ଆଲ୍‌ବେରୁନି ତାଙ୍କ ସଙ୍ଗେ ଆସିଥିଲେ । ସେ ଭାରତର ପଣ୍ଡିତ-ମାନଙ୍କଠାରୁ ପୁରାଣ, ଜ୍ୟୋତିଷ, ଦର୍ଶନାଦି ଶାସ୍ତ୍ର ଶିକ୍ଷା କଲେ । ତାହାଙ୍କ ରଚିତ ଭାରତବିଷୟକ ଗ୍ରନ୍ଥରେ ଭାରତର ତତ୍କାଳୀନ ଜ୍ୟୋତିଷର କେତେକ ବିବରଣ ମିଳେ । ( ଏହାଙ୍କ ରଚିତ ଆରବୀ ଜ୍ୟୋତିଷଗ୍ରନ୍ଥର ରଚନାକାଳ—ଶକ ୯୫୩=୧୦୩୧ ଖ୍ରୀ. ଅ ) ଏହାଙ୍କର 'ଭାରତ' ନାମକ ଆରବୀ ଗ୍ରନ୍ଥ ଇଂରାଜୀରେ ଅନୁବାଦିତ ହୋଇଅଛି । ]

**ଆଲ୍‌ମାନ**—ପ୍ରାଦେ. ( ମେଦିନୀପୁର ) ବିଣ—ବିବିଧ; ବହୁତ ପ୍ରକାର—
Ālmāna Of many kinds; various.

**ଆଲ୍‌ମାନାକ୍**—ବୈଦେ. ବି—ତିଥି ବା ତାରିଖପତ୍ର; ଯେଉଁ ପତ୍ରରେ ବାର,
Ālmānāk ତିଥି, ତାରିଖ ଥାଏ—Almanac.
আলমানাক
আলমনক

**ଆଲ୍‌ଡ଼ା**—ପ୍ରାଦେ. (ଗଞ୍ଜାମ) ବିଣ.—ଅଶାନ୍ତିଆ—1. Awkward.
Ālrā ୨ । ବ୍ୟତିବ୍ୟସ୍ତ; ଅତିବିରକ୍ତ—2. Disturbed; annoyed
୩ । ତ୍ୱରାନ୍ୱିତ; ଚଞ୍ଚଳ; ବ୍ୟଗ୍ର—3. In haste; hurried.
୪ । ଅସୁବିଧାଜନକ—4. Inconvenient
ବି.—୧ । ଅତ୍ୟନ୍ତ ବିରକ୍ତି—1. Annoyance.
୨ । ବ୍ୟସ୍ତତା—Trouble.

**ଆଲଡ଼ା ପଡ଼ିବା**—ପ୍ରାଦେ. (ଗଞ୍ଜାମ) କ୍ରି—ତ୍ୱରାନ୍ୱିତ ହେବା; ବ୍ୟଗ୍ରହେବା
Ālrā pardibā To be in a hurry.

**ଆଳ**—ସଂ. ବି.—(ଅଲ୍ ଧାତୁ=ଭୂଷିତ କରିବା+ଅ; ଯାହାଦ୍ୱାରା ବସ୍ତୁକୁ
Āla ଭୂଷିତ ବା ଚିତ୍ରିତ କରାଯାଏ)—୧ । ହରିତାଳ—
1. Yellow orpiment or arsenic used in painting.
୨ । ଆଳ ରାଜ୍ୟ—2. The estate of Aul in the Cuttack district in Orissa.
ସଂ. ବିଣ—୧ । ଅନଳ୍ପ; ବହୁଳ—Great.
୨ । ଶ୍ରେଷ୍ଠ—2. Chief, principal.
ଦେ. ବି—୧ । (ସଂ. ଅର୍ଦ୍ଧ; ଭୂଲ-ପାଲି. ଅଳ)—

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଝ | ଯ୍ଯ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ନ | ଙ,ଙ୍ଗ | ଞ୍ଚ | ଇଯ଼ | ଉଅ | ଘ |
| ୨ | ଈ | ଊ | ୠ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍ଗ | ନ |

আড ୧ । ଅର; ବାହାନା—1. Excuse.

বহানা ୨ । ଅଳ—2 Pressing request.

୩ । (ସଂ. ଆଲୟ) ଗୃହ—3 House.

ଦେବଙ୍କର ଆଳେ ଶଙ୍ଖ ଧ୍ୱନି ସେ ଶୁଭଇ । ସାରଳାମହାଭାରତ । ମଧ୍ୟ ।

**ଆଳ**—ପ୍ରାଦେ. (ବାଲେଶ୍ୱର ଓ ମେଦିନୀପୁର) ବି. (ସଂ. ଆଲୋକ; ଭୁଲ
Āla ବଂ. ଆଲୋ)—ଆଲୁଅ—Light

**ଆଲଟ**—ଦେ. ବି. (ସଂ. ଆଲବର୍ତ୍ତ)—ରାଜୋପକରଣ ବ୍ୟଜନବିଶେଷ;
Ālaṭa ରାଜା ଓ ଦେବତାଙ୍କ ସେବାରେ ବ୍ୟବହୃତ ବଡ଼ ପଙ୍ଖା;
ଆଡ଼ାଣି—A big fan; a kind of royal or Thakur's paraphernalia.

ଶ୍ରୀହସ୍ତେ ଗ୍ରହି କୁସୁମ ଆଲଟ । କବିସୂର୍ଯ୍ୟ ବଳଦେବ ।

**ଆଲଟିବା**—ଦେ. କ୍ରି.—ଆଲଟ ପକାଇବା; ଗୋଳିତ କରିବା—
Ālaṭibā To wave a fan ; to move to and fro.

କେଶ ବାସ ସୁବେଶ କରି ବାଳୀ, ବେଢ଼ି ଗୃହର ଆଲଟନ୍ତି ଚାଳି ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**ଆଲଣା**—ଦେ. ବି. (ଆ. ଅଲ୍‌ନା)—ନିତ୍ୟ ବ୍ୟବହାର୍ଯ୍ୟ ବସ୍ତ୍ରାଦି ରଖିବା
Ālaṇā ନିମନ୍ତେ ଆଡ଼ିଧାରିରେ ଓ ଗୋଡ଼ ଲାଗିଥିବା କାଠର
আলনা ଅଲଗୁଣି—Clothes-rack; clothes-stand.
আলনা

**ଆଳତି**—ଦେ. ବି. (ସଂ ଆରାତ୍ରିକ)—ଆରତି (ଦେଖ)
Āḻati Ārati (See)

ଦେଖାଇ ଦେଇ ତୋ ଫାହାର ମୁଣ୍ଡେ
ପ୍ରଭୁଙ୍କର ସେହି କରିଲ ଆଳତି । ଦୀନନାଥ—ଚିଲିକା ।

**ଆଳତି କାଠି**—ଦେ. ବି.—୧ । ଘୃତ ଓ ତୂଳା ଦିଆଯାଇଥିବା ଯେଉଁ
Āḻati kāṭhi କାଠିଦ୍ୱାରା ଆଳତି କରାଯାଏ—1. Wick used
আরতিকাঠি in waving of a light before a Deity.
୨ । ଯେଉଁ ପାତ୍ରରେ ଆଳତି-କାଠି ଖଞ୍ଜାଯାଇ ଆଳତି କରାଯାଏ—2. A contrivance for holding the wicks during Āḻati.

**ଆଳପିବା**—ଦେ. ପଦ୍ୟ କ୍ରି. (ସଂ. ଆଲାପ)—ବାଦ୍ୟଯନ୍ତ୍ର ବଜାଇବା—
Āḻapibā To play on a musical instrument.

କିଭଙ୍ଗ ଛନ୍ଦେ କଦମ୍ବ ମୂଳେ ରହି
ମଥୁରା ଧ୍ୱନି ଆଳପିଲେ ।
ପ୍ରାଚୀ—ରହସ୍ୟ ମଞ୍ଜରୀ ।

**ଆଲବଲା**—ବୈଦେ. ବି. (ଅ. ଅଲ୍‌ବଲା)—ଲମ୍ବା ନଳୀ ଲାଗିଥିବା
Ālabalā ଗୁଡ଼ାଖୁ ଖାଇବା ହୁକ୍କା—A hubble-bubble;
আলবলা a contrivance with a big flexible
আলবলা tube for smoking tobacco; a tobacco-pipe.

**ଆଲବାଳ**—ସଂ. ବି. (ଆ=ସମ୍ୟକ୍+ଲୂ ଧାତୁ=ଛେଦନ କରିବା,
Āḻabāḻa ଖୋଳିବା+କର୍ମ. ଅଳ; ଯାହା ବୃକ୍ଷମୂଳର ଚାରିପାଖରେ ଖୋଳାଯାଏ)—ଗଛରେ ପାଣି ଦେବା ପାଇଁ ତାହାର ମୂଳ ଚାରିପାଖେ ଖୋଳା ହୋଇଥିବା ମଣ୍ଡା; ଗଛମୂଳରେ କରାଯାଇ ଥିବା ପାଣିମଳା—Watering trench round the root of a tree; a basin of water dug or raised round the stem of a tree for watering it.

**ଆଲବାଲିଆ**—ପ୍ରାଦେ. (ଗଡ଼ଜାତ) ବିଣ—ଅଲବଲିଆ (ଦେଖ)
Ālabaliā Alabaliā (See)
(ଆଲବାଲୀ, ଆଲବାଲେଇ—ସ୍ତ୍ରୀ)

**ଆଲଭ୍ୟ**—ସଂ. ବିଣ. (ଆ=ସମ୍ୟକ୍+ଲଭ୍ୟ=ପ୍ରାପ୍ୟ)—
Ālabhya ପ୍ରାପ୍ୟ; ଲାଭ ହେବା ଯୋଗ୍ୟ—
Attainable; obtainable.

**ଆଲମ୍**—ପ୍ରାଦେ. (ଗଞ୍ଜାମ) ବି—ନିଲାମ—Sale by auction.
Ālam

**ଆଲମାରି**—ଦେ. ବି. (ପର୍ତ୍ତୁଗିଜ୍. ଅଲ୍‌ମାରିୟୋ)—
Ālamāri ପୁସ୍ତକ ଓ ବସ୍ତ୍ରାଦି ସାଇତି ରଖିବା ନିମନ୍ତେ ଏକପ୍ରକାର
আলমারি; আলমিরা; ଠିଆ ସିନ୍ଦୁକ—An almira; book-
আলমাইরা case; a chest of drawers; shelf.
আলমারি; অলমারি [ ଦ୍ର—ସିନ୍ଦୁକର କବାଟ ଉପରେ ଥାଏ, ମାତ୍ର ଆଲମାରିର କବାଟ ପାର୍ଶ୍ୱଦେଶରେ ଥାଏ । ]

**ଆଲମିରା**—ଦେ. ବି—ଆଲମାରି (ଦେଖ)
Ālamirā Ālamāri (See)

**ଆଲମ୍ବ**—ସଂ. ବି. (ଆ+ଲମ୍ବ୍ ଧାତୁ=ଆଶ୍ରୟ କରିବା, ଲମ୍ବିବା+
Ālamba ଭାବ. ଅ)—୧ । ଆଶ୍ରୟ; ଅବଲମ୍ବନ; ଉପାୟ—
1. Support; reliance; dependence.
୨ । (+କର୍ମ. ଅ) ଆଧାର; ଯାହାକୁ ଆଶ୍ରୟ କରି କୌଣସି ବସ୍ତୁ ରଖାଯାଏ—2. Receptacle.
୩ । ତଳକୁ ଲମ୍ବିବା—
3. Hanging or flowing down.
୪ । ଯେଉଁ କାରଣ ବା ବିଷୟକୁ ଆଶ୍ରୟ କରି ବୀର କରୁଣାଦି ରସ ବା ଭାବ ଉଦ୍ଦୀପ୍ତ ହୁଏ—(ରସ ତଳେ ନୋଟ ଦେଖ)
4. The cause that gives rise to a sentiment ( See notes under 'Rasa' ).
ଦେ. ବି. (ସଂ. ଆ+ଲମ୍ବ ଧାତୁ)—ରଥ, ବିମାନ, ପାଲିଙ୍କି, ବେଦି ଇତ୍ୟାଦିର ଚାରିପାଖରେ ଝୁଲୁଥିବା କାରୁକାର୍ଯ୍ୟବିଶିଷ୍ଟ ଝୁମ୍ପି; ଝାଲର; ଫୁଲି—The ornamental fittings or hangings of a car or palky.

ଚନ୍ଦ୍ରାଲମ୍ବ ଜଳଦ ତାମ୍ବର, କୋଟି କୋଟି ସିନ୍ଦୁରିଆ ଗୃହର ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**ଆଲମ୍ବନ**—ସଂ. ବି. (ଆ+ଲମ୍ବ ଧାତୁ+ଭାବ. ଅନ)—ଆଲମ୍ବ (ଦେଖ)
Ālambana Ālamba (See)

**ଆଲମ୍ବିତ**—ସଂ. ବିଣ. (ଆ+ଲମ୍ବ ଧାତୁ+କର୍ମ. ତ)—୧ । ଝୁଲୁଥିବା;
Ālambita ତଳକୁ ଲମ୍ବିଥିବା—1. Suspended; hanging down.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ବର୍ଣ୍ଣର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଉ' ନ ମିଳିଲେ 'ଗାଉ' ଖୋଜନ୍ତୁ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ଧୃତ—2. Held.
୩ । ଆଶ୍ରିତ—3. Supported.

**ଆଲମ୍ଭ**—ସଂ. ବି. (ଆ+ଲଭ୍ ଧାତୁ=ବଧ କରିବା, ପାଇବା+ଭାବ. ଅ)—୧ । ମାରଣ; ହିଂସା; ବଧ—
**Ālambha** 1. Killing; murder; slaughter.
୨ । ଯୁଦ୍ଧ—2. War; fight; battle.
୩ । ସ୍ପର୍ଶ—3. Touch.
୪ । ଆଲିଙ୍ଗନ—4. Embrace.

**ଆଳୟ**—ସଂ. ବି. ( ଆ=ସମ୍ୟକ୍+ଲୀ ଧାତୁ=ଲୀନ ହେବା+ଅଧିକରଣ. ଅ )—
**Āḻaya**
୧ । ଆବାସ; ଗୃହ; ବାସସ୍ଥାନ; ନିବାସ—
1. Habitation; house; abode.
୨ । ଶାଳା; ସ୍ଥାନ—2. Seat; place.
୩ । ଆଧାର—3 Receptacle.
୪ । ଯେଉଁ ସ୍ଥାନରେ କୌଣସି କାର୍ଯ୍ୟ କରାଯାଏ—
4. A place for a certain act.
(ଯଥା— ଭଜନାଳୟ, ଭୋଜନାଳୟ, ଚିକିତ୍ସାଳୟ ଓ ବିଦ୍ୟାଳୟ ।)
ସଂ. ଅ. ( ଆ=ପର୍ଯ୍ୟନ୍ତ+ଲୟ )—ଲୟ ହେବା ପର୍ଯ୍ୟନ୍ତ—
Till annihilated or completely merged.

**ଆଲୟ**—ସଂ. ବି.—ଆଳୟ ( ଦେଖ )
**Āḻaya** Āḻaya ( See )

**ଆଲସ୍**—ପ୍ରାଦେ. ( ସମ୍ବଲପୁର ) ବି—ଅଳସ୍ୟ—Idleness.
**Ālas** ବିଣ—ଅଲସୁଆ—Idle; lazy.

**ଆଲସ**—ସଂ. ବି. ( ଅଲସ+ଭାବ. ଅ )—ଆଲସ୍ୟ; ନିଶ୍ଚେଷ୍ଟତା—
**Āḻasa** Indolence; idleness; laziness; sloth
ନିଧୁବ ନିଦ୍ରା ନାହିଁ ଶେଷେ । ନୟନ ନ ଫିଟେ ଆଳସେ—
ଭୂପତି. ପ୍ରେମପଞ୍ଚାମୃତ ।

**ଆଲସ ଛଡ଼ାଇବା**—ଦେ. କ୍ରି—ଆଲସ ଭାଙ୍ଗିବା ( ଦେଖ )
**Āḻasa chhaṛāibā** Āḻasa bhāṅgibā (See)

**ଆଲସ ଭାଙ୍ଗିବା**—ଦେ କ୍ରି—ହାତ ଗୋଡ଼ ମୋଡ଼ି ଉଠି ହୋଇ ବା ହାଇ
**Āḻasa bhāṅgibā** ମାରି ଶରୀର ନିଶ୍ଚେଷ୍ଟତା ଦୂର କରିବା;
আলস্যমেটান বିଶ୍ରାମ ଦ୍ୱାରା କ୍ଳାନ୍ତି ଦୂର କରିବା—
To refresh one's self by yawning or stretching the limbs.

**ଆଲସ ମେଣ୍ଟାଇବା**—ଦେ. କ୍ରି—ଆଲସ ଭାଙ୍ଗିବା ( ଦେଖ )
**Āḻasa meṇṭāibā** Āḻasa bhāṅgibā ( See )

**ଆଲସିଲ**—ଦେ. ବିଣ—ଆଲସ୍ୟଯୁକ୍ତ; ନିଶ୍ଚେଷ୍ଟ; ନିସ୍ତେଜ; ଅଳସ—
**Āḻasiḻa** Slothful; idle.
ଦେହ ଆଲସିଲ ହେଲେ ନିଦ୍ରାର ଘମର
ପ୍ରତୀ—ବ୍ରହ୍ମନିରୂପଣଗୀତା ।

**ଆଲସୀ**—ଦେ. ବିଣ. ସ୍ତ୍ରୀ—ଆଲସ୍ୟଯୁକ୍ତା (ସ୍ତ୍ରୀ)
**Āḻasī** Idle or lazy (female)

**ଆଲସ୍ୟ**—ସଂ. ବି. (ଅଲସ=ଜଡ଼+ଭାବ. ଯ)—୧ । କାର୍ଯ୍ୟ କରିବା
**Āḻasya** ବିଷୟରେ ଅଯତ୍ନ ବା ହେଲା; ଅଲସତା; ଜଡ଼ତା; ଅଣନ୍ତୁପଣିଆ—1. Laziness; idleness; sloth; indolence.
୨ । ନିଶ୍ଚେଷ୍ଟତା—2. Inactivity; lassitude.
୩ । ସାମର୍ଥ୍ୟ ସତ୍ତ୍ୱେ କାର୍ଯ୍ୟରେ ହେଲା ବା ଅନୁତ୍ସାହ—
3. Want of exertion inspite of ability or power.

**ଆଲସ୍ୟ ମେଣ୍ଟାଇବା**—ଦେ. କ୍ରି—ଆଲସ ଭାଙ୍ଗିବା (ଦେଖ)
**Āḻasyameṇṭaibā** Āḻasa bhāṅgibā (See)

**ଆଲା**—ପ୍ରାଦେ. (ସମ୍ବଲପୁର) ବି.—୧ । କ୍ରୋଧ—1. Anger.
୨ । ଅସନ୍ତୋଷ—2. Dissatisfaction; displeasure.
ବୈଦେ. ବି ଅରବୀ)—ଅଲ୍ଲା (ଦେଖ)
Allā (See)

**ଆଲାଆଲା କରିବା**—ଦେ. କ୍ରି.—୧ । ଗାହି ଗାହିବୋଲି ଡାକ
**Ālā ālā karibā** ପକାଇବା—To utter God save
আলা আলাকরা me' in distress; to utter
आलाआलाकरना cry of distress or despair.
୨ । ପାଟି ଶବ୍ଦ ମାରିଯିବା—Not to be able to utter words clearly owing to fear or lassitude.
୩ । ଅତି କାତର ବା କ୍ଳାନ୍ତ ହେବା—
3. To be jaded or spent up or worn out.

**ଆଲାଆଲା ହେବା**—ଦେ. କ୍ରି.—ଆଲାଆଲା କରିବା (ଦେଖ)
**Ālāālā hebā** Ālāālā karibā (See)
আলাআলাহওয়া
आलाआलाहोना

**ଆଲାଦ୍**—ଗ୍ରା. ବି (ସ. ଆହ୍ଲାଦ)—ଆହ୍ଲାଦ—Joy.
**Ālād**
ଦେ. ବିଣ. (ସଂ. ଆହ୍ଲାଦିତ)—ଆହ୍ଲାଦିତ—Delighted.

**ଆଲାନ**—ସଂ. ବି. (ଆ=ସମ୍ୟକ୍+ଲୀ ଧାତୁ=ବନ୍ଧନ କରିବା+ଅଧିକରଣ. ଅନ)—୧ । ଗଜବନ୍ଧନ ସ୍ତମ୍ଭ—
**Ālāna**
1. Post to which an elephant is tied.
୨ । (+କରଣ ଅନ)—ଗଜବନ୍ଧନ ରଜ୍ଜୁ—
2. Tether of an elephant; rope for tying an elephant.
୩ । (+ଭାବ. ଅନ)—ବନ୍ଧନ—3. Bond; tying.

**ଆଳାପ**—ସଂ. ବି. (ଆ=ସମ୍ୟକ୍, ଉଚ୍ଚସ୍ୱର+ଲପ୍ ଧାତୁ=କହିବା+ଭାବ. ଅ)—୧ । କଥୋପକଥନ; ସମ୍ଭାଷଣ; କଥାବାର୍ତ୍ତା—
**Āḻāpa**
1. Talk; discourse; conversation.
୨ । ଉଚ୍ଚାରଣ—2. Spelling; uttering.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଌ | ୟ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଯ୍ | ତ୍ଥ | ଭ |
| ୨ | ଈ | ଊ | ଋୁ | ଌୁ | ଯ୍ଯ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଙ୍ଖ | ନ୍ତ |

୩ । ପରିଚୟ; କଥାବାର୍ତ୍ତା ହେବାଦ୍ୱାରା ପରିଚୟ—
3. Acquaintance by means of talk.
୪ । ସଙ୍ଗୀତରେ ସ୍ୱର ଉଚ୍ଚାରଣ—
4 Utterance of a musical air.

ଦେ. ବି—୧ । ସଦ୍ଭାବ; କଥାଭାଷା ହେବା ଭଳି ପ୍ରଣୟ—
1. Friendship; speaking terms
୨ । ନାଚୁଆମାନେ ମୁଦ୍ରିରେ ସଙ୍ଗୀତ ବୋଲିବା ସମୟରେ ହାତ ଦ୍ୱାରା କରୁଥିବା ଭଙ୍ଗୀ—2. The manual expression used by dancers to make the meaning of songs explicit to the audience.
୩ । ବାଦ୍ୟ ଯନ୍ତ୍ର ବଜାଇବା—
3. Playing on a musical instrument.
ପଢୁଥିଲେ ଜଣା ନ ଥିଲା ମୋତେ ଜାଣ
ଆଳାପେ ଲଗାଇଲେ ଗେଲେ ଲୟ । କବିସୂର୍ଯ୍ୟ. କବିତା ।

ଆଳାପନ—ସଂ. ବି (ଆ + ଲପି ଧାତୁ = କଥା କହିବା + ଭାବ. ଅନ)—
Ālāpana ୧ । ଆଳାପ ( ଦେଖ )
1. Ālāpa ( See )
୨ । ସ୍ୱସ୍ତିବାଚନ—2. Felicitation.

ଆଳାପନା—ସଂ. ବି. (ଆଳାପନ + ଆ)—ଆଳାପନ (ଦେଖ)
Ālāpanā Ālāpana (See)

ଆଳାପପରିଚୟ—ସଂ. ବି. ( ଦ୍ୱନ୍ଦ୍ୱ; ଆଳାପ + ପରିଚୟ )—
Ālāpaparichaya ୧ । ଜାଣପରିଚୟ; ଜଣାଶୁଣା; ଦେଖାଶୁଣା—1. Acquaintance
୨ । ଘନିଷ୍ଠ ପରିଚୟ—2. Familiarity.

ଆଳାପିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଆଳାପୀ )—
Ālāpiā ୧ । ଆଳାପପ୍ରିୟ—1. Fond of conversation; sociable.
ଅଳାପେ
ଆଲାପୀ ୨ । ଗଳ୍ପପ୍ରିୟ—2. Chatting; communicative
୩ । ପରିଚିତ—3. Acquainted; familiar; being on talking terms with.

ଆଳାପିବା—ଦେ. ପଦ୍ୟ. କ୍ରି. ( ସଂ. ଆଳାପ )—
Ālāpibā ୧ । କହିବା—1. To speak.
ଆଳୀକି ଆଳାପି ଗୃହ ଦେଖୁଥିଲୁ ପ୍ରତି ପଦରେ କେଳିପଟକ ।
କବିସୂର୍ଯ୍ୟ—ସଙ୍ଗୀତ ।
୨ । ଗାଇବା— To sing.
ଆଳାପିଲେ ମଙ୍ଗଳ ଗୀତକୁ ପ୍ରମୋଦରେ—କୃଷ୍ଣସିଂହ. ମହାଭାରତ. ଅଦି ।
୩ । କଥାବାର୍ତ୍ତା ହେବା; କଥୋପକଥନ କରିବା—
3. To talk; to discourse.
ଗୁଞ୍ଜାମାନେ ବମନ୍ତି ତା କଣ୍ଠତ ସୁନ୍ଦର,
ଆବୃତ୍ତି ଦଳେ ଦଳେ ଆଳାପି ମଧୁରେ—ରାଧାନାଥ. ମହାଯାତ୍ରା ।

ଆଳାପୀ—ସଂ. ବିଣ. ପୁଂ ( ଆ + ଲପି ଧାତୁ—କଥା କହିବା + କର୍ତ୍ତୃ. ଇନ୍ )—୧ । ଆଳାପପ୍ରିୟ—1. Sociable.
Ālāpi
୨ । ଗଳ୍ପପ୍ରିୟ; ଗପୁଡ଼ି—2. Talkative.
ଦେ. ବିଣ—ଆଳାପିଆ ( ଦେଖ )—Ālāpiā ( See )

ଅଲାବୁ—ସଂ. ବି. ( ଅଲବୁ + ସ୍ୱାର୍ଥେ. ଅ; କପାଳନ )—ଲାଉ; ତୁମ୍ବୀ—
Ālābu White pumpkin.

ଅଲାବୂ—ସଂ. ବି—ଅଲାବୁ ( ଦେଖ )
Ālābū Ālābu ( See )

ଆଳି—ସଂ. ବି. ପୁଂ. ( ଅଲ୍ ଧାତୁ = ଭୂଷିତ କରିବା + କର୍ତ୍ତୃ. ଇ )—
Āli ୧ । ଭ୍ରମର; ଭଅଁର—1. The black bee.
୨ । ବିଛା; ବୃଶ୍ଚିକ—The scorpion.
୩ । ବୃଶ୍ଚିକରାଶି—3. The eigth solar house in astronomy; Scorpio.
ସଂ. ବି. ସ୍ତ୍ରୀ—୧ । ସଖୀ; ସ୍ତ୍ରୀଙ୍କ ବା ଭଦ୍ରକନ୍ୟାମାନଙ୍କର ସଙ୍ଗିନୀ—1. A lady's female-friend or companion.
୨ । ଯୁବତୀ ସ୍ତ୍ରୀ—2. Young woman.
୩ । ଶ୍ରେଣୀ; ଧାଡ଼ି—3. Line.
୪ । ହିଡ଼; ହୁଡ଼ା—
4. A ridge of earth dividing fields.
୫ । ବଂଶ —5. Race or family.
୬ । ସେତୁ; ବନ୍ଧ—6. Dam.
୭ । ସମୂହ—7. Group; assemblage.
ସଂ. ବିଣ—ଶୁଦ୍ଧାନ୍ତଃକରଣ; ସରଳହୃଦୟ—
Frank; sincere.
ଦେ. ବି. (ନାମ)—୧ । କଟକ ଜିଲ୍ଲାର ସମୁଦ୍ର ଉପକୂଳସ୍ଥ ଜମିଦାରୀ ରାଜ୍ୟବିଶେଷ—1. The estate of Aul in the district of Cuttack.
ଆଲ
ଆଡ଼ି
୨ । ଏକ ଜାତୀୟ ଲମ୍ବମୁହାଁ ଅକାତିଆ ମାଛ; ଆଡ଼ି ମାଛ—
2. A kind of scaleless fish with big snout.

ଆଲି—ପ୍ରାଦେ. (ଗଞ୍ଜାମ) ବି—ବାଟୁ ବା ମାର୍ବଲ୍ ଖେଳରେ ଧାଡ଼ି ହୋଇ
Āli ରଖା ଯାଇଥିବା ବାଟରେ ବିପକ୍ଷ ଖେଳାଳିର ବାଟୁର ପ୍ରଥମ ବାଜିବା ଆଘାତ—The first stroke of the adversary's marble on one of the marbles kept on a line.

ଅଲିଅ—ଦେ. ଅ. (ଜାହାଜିଆ ଶବ୍ଦ)—ପାଲ ଟେକାବେଳେକେ ଉଠାଇ
Āliā ଦେବାର ପ୍ରୟୋଜନ ହେଲେ ନାବିକମାନେ ଏ ଶବ୍ଦ ବ୍ୟବହାର କରନ୍ତି—( Nautical) Lift up the sail fully.

ଅଲିଆ—ଦେ. ବିଣ—୧ । ମଫସଲିଆ; କର୍ତ୍ତବିଆ; ଓଲୁ; ଅବଉଦ୍ଧି; ସ୍ୱେ
Āliā ଗୁଣର ତବୁର ବୁଦ୍ଧି—1 Foolish; stupid.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

[ଦ୍ର—ଆଳ ନବାବକୁଳ ଓ କୁଅରଆ ରାଜ୍ୟ ଥିବାରୁ ଏହା ପୂର୍ବେ ମୋଗଲବନ୍ଦୀର ଲୋକଙ୍କ ପକ୍ଷରେ ସହଜଗମ୍ୟ ନ ଥିଲା । ମୋଗଲବନ୍ଦୀ ଲୋକେ ଆଳ ରାଜ୍ୟରେ କାଉଥିବା ବନ୍ଧୁମାନଙ୍କ ସଙ୍ଗେ କ୍ୱଚିତ୍ ଦେଖା କରନ୍ତି ଓ ଆଳର ଲୋକେ ମଧ୍ୟ ସଦରକୁ କ୍ୱଚିତ୍ ଆସନ୍ତି । ଏପରି ସ୍ଥଳରେ ଦୂରଦେଶୀୟ, ଦୂରସମ୍ପର୍କୀୟ, ମଫସଲ ଓ କାର୍ଯ୍ୟବିଆ ଲୋକଙ୍କୁ ମୋଗଲବନ୍ଦୀର ଲୋକେ 'ଅଳଆ' କହନ୍ତି ।]

୨ । ଦୂରଦେଶୀୟ—2. Belonging to or inhabiting a far off place.

ଆଳଆ ଲେଖାରେ ବାଳଆ ଚନ୍ଦ୍ର—ତଗ ।

୩ । ଆଳ ରାଜ୍ୟର—3. Belonging to the estate of Aul.

୪ । ଅଲେଇ (ଦେଖ)—4. Ālei See)

ପ୍ରାଦେ. (ଗଞ୍ଜାମ) ବି.—ହାଟୁଆ ଶୂଦ୍ରଜାତିବିଶେଷ— A class of Śūdras.

ପ୍ରାଦେ. (ଗଡ଼ଜାତ) ବି.—ପାଣିଅଛୁଆଁ ଶୂଦ୍ରଜାତିବିଶେଷ— A class of untouchable Śūdras.

**ଆଲିଆସ୍ଥା**—ଦେ. ବି.—ସମ୍ପତ୍ତି (ଗୋପୀନାଥ ନନ୍ଦ)—
Āliāsthā Property.

**ଆଲିଙ୍ଗନ**—ସଂ. ବି. (ଆ=ବିଶେଷଭାବରେ+ଲିନ୍ଗ ଧାତୁ=ମିଳନ କରିବା+ଭାବ. ଅନ)—ଆଶ୍ଳେଷ; ଅଙ୍ଗମିଳନ; କୁଣ୍ଢାକୁଣ୍ଢି; କୁଣ୍ଢିଅକୁଣ୍ଢେଇ; କୋଳାକୋଳି—
Āliṅgana (ଆଲିଙ୍ଗିତ—ବିଣ) Act of embracing; embrace; hugging.

**ଆଲିଙ୍ଗିତ**—ସଂ. ବିଣ. (ଆ+ଲିନ୍ଗ ଧାତୁ+କର୍ମ. ତ)—ଆଶ୍ଳିଷ୍ଟ; ଯାହାକୁ ଅନ୍ୟ ବ୍ୟକ୍ତି ଆଲିଙ୍ଗନ କରେ ବା କୁଣ୍ଢାଏ; ପରିବଦ୍ଧ—Embraced; hugged.
Āliṅgita (ଆଲିଙ୍ଗନ—ବି)

**ଆଲିଙ୍ଗିବା**—କ୍ରି. ପଦ୍ୟ. (ସଂ. ଆଲିଙ୍ଗନ)—କୋଳାଗ୍ରତ କରିବା; କୁଣ୍ଢାଇବା; ଆଲିଙ୍ଗନ କରିବା—
Āliṅgibā To embrace; to hug

ଆଲିଙ୍ଗିଲୁ ଆଦରେ ଧରି ସଖୀଙ୍କି କରେ—ମଧୁସୂଦନ. ଛନ୍ଦମାଳା ।

**ଆଲିଙ୍ଗ୍ୟ**—ସଂ. ବିଣ. (ଆ=ସମ୍ୟକ୍+ଲିନ୍ଗ ଧାତୁ=ଆଲିଙ୍ଗନ କରିବା+କର୍ମ. ଯ)—ଆଶ୍ଳେଷଣୀୟ; ଆଲିଙ୍ଗିତ ହେବାର ଯୋଗ୍ୟ—
Āliṅgya Fit to be embraced.

ସଂ. ବି.—ଗୋପୁଚ୍ଛାକାର ମୃଦଙ୍ଗ (ମଝି ମୋଟ ଓ ଦୁଇ ମୁଣ୍ଡ ସରୁ)—A kind of drum (ends small and middle large)

**ଆଲିଜା ହେବା**—ଦେ. କ୍ରି--(ପୋଖରୀର ପାଣି ଗୋଳ ହେଲେ ବର୍ଷା ମାଛ ବାହୁଳଗଲେ ମାଛମାନେ) ହାଲିଆ ହୋଇ ଜଳାଶୟ କୂଳରେ ଆଉଜି ଯିବା—(said of fishes) To come and take shelter in the shore of a tank.
Ālijā debā
আউজেযাওয়া

**ଆଲିପଣା**—ଦେ. ବି. (ସଂ. ଆଲାପନା; ବର ପକ୍ଷଙ୍କ ସଙ୍ଗେ କନ୍ୟାପକ୍ଷୀୟଙ୍କର ପ୍ରଥମ ଆଲାପ ଉଦ୍ଦେଶ୍ୟରେ ଖିଅପିଅ ହେବାରୁ)—୧ । ବିବାହରେ ବରକନ୍ୟାଙ୍କର ହାତଗଣ୍ଠି ପଡ଼ିବା ପୂର୍ବରୁ ବରଯାତ୍ରୀ ଓ କନ୍ୟାପକ୍ଷୀୟ ବ୍ୟକ୍ତିମାନଙ୍କର ଖାଇବା ମିଷ୍ଟାନ୍ନ ସାମଗ୍ରୀ—
Ālipaṇā
1. Materials of luncheon given after the arrival of the bridegroom's party at the bride's house.

୨ । ବରଯାତ୍ରୀମାନେ କନ୍ୟାଗୃହରେ ଉପସ୍ଥିତ ହେଲେ ଉଭୟ ପକ୍ଷ ଏକତ୍ର ବସି ଖାଇବା ପ୍ରଥମ ଜଳଯୋଗ—
2. Refreshment or luncheon given at the house of the bride on arrival of the bridegroom before the marriage-knot is tied.

[ଦ୍ର—ଉପନୟନ ଉତ୍ସବରେ ମଧ୍ୟ ଜଳଯୋଗକୁ ଆଳପଣା କହନ୍ତି ।]

**ଆଲିପନା**—ଦେ. ବି. (ସଂ. ଆଲିମ୍ପନ)—ଲିପାପୋଛା; ଚିତ୍ରଣ; କାନ୍ଥ ଆଦିରେ ଦିଆଯିବା ଚିତା; ଝୋଟି ଦିଆଯିବା—
Ālipanā The painting of floors or walls of a house or altar with pigment of rice powder or lime on festive occasions.
আলিপনা

**ଆଲିପୁଅ ମାଲିପୁଅ**—ଦେ. ସର୍ବନାମ—ଯେ ଇଚ୍ଛା ସେ; ଯାହାତାହା—
Ālipua mālipua Any one and every one.
আলিপো মালিপো

**ଆଲିମାଲିକା**—ଦେ. ବି—ଏଣୁତେଣୁ ବାଜେ ବସ୍ତୁମାନ—
Ālimālikā Miscellaneous articles; miscellanies.
নতাকাতা; আলকুচি মালকুচি
পচমেল

**ଆଲିମ୍ପନ**—ସଂ. ବି. (ଆ+ଲିମ୍ପ୍ ଧାତୁ=ଲେପିବା+ଭାବ. ଅନ)—
Ālimpana ଆଲିପନା (ଦେଖ)
Ālipanā (See)

**ଆଲିମ୍ପନା**—ସଂ. ବି—ଆଲିମ୍ପନ (ଦେଖ)
Ālimpanā Ālimpana (See)

**ଆଲୀ**—ସଂ. ବି. ପୁଂ ଓ ସ୍ତ୍ରୀ—ଆଳି (ଦେଖ)
Ālī Āli (See)

**ଆଲୀଢ଼**—ସଂ. ବିଣ. (ଆ=ସମ୍ୟକ୍+ଲିହ ଧାତୁ=ଚାଟିବା+କର୍ମ. ତ)—
Ālīḍha ୧ । ଭକ୍ଷିତ; ଆସ୍ୱାଦିତ; ଚଟା ହୋଇଥିବା—
1. Lapped or licked by the tongue; eaten.

୨ । ଅସ୍ତ୍ରଦ୍ୱାରା କ୍ଷତ—2 Wounded by a weapon.

ସଂ. ବି. (+ଭାବ. ତ)—ଶର ନିକ୍ଷେପ କରିବା ସମୟରେ ବାମଜଙ୍ଘକୁ ସଙ୍କୋଚନ କରି ଡାହାଣ ଜଙ୍ଘ ଲମ୍ବାଇ ବୀରର ବସିବାର ଆସନ ବିଶେଷ; ବୀର ପୁରୁଷମାନଙ୍କର ଉପବେଶନବିଶେଷ--An attitude of an arch shooting with the right knee extended and the left leg retraced.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଚ | ଣ,ଷ | ଙ୍କ | ଲ୍ୟ | ଜ୍ଞ | ଲ |
| ୨ | ଊ | ଭ | ଲୁ | ଲୂ | ସ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଖ | ଂ |

**ଅଲୀନ**—ସଂ. ବଣ. (ଅ+ଲୀ ଧାତୁ=ଲୀନ ହେବା+କର୍ତ୍ତୃ. କ)—
Ālina ୧ । ବ୍ୟାପ୍ତ—1. Suffused.
୨ । ଲୁପ୍ତପ୍ରାୟ—2. Extinguished.

**ଅଲୀନକ**—ସଂ. ବି. (ଅଲୀନ+ସଂଜ୍ଞାର୍ଥେ. କ; ଯାହା ଅଗ୍ନି ସଂଯୋଗରେ
Ālinaka ଲୀନ ଅର୍ଥାତ୍ ଦ୍ରବୀଭୂତ ହୁଏ )—ରଙ୍ଗ ଧାତୁ; ସୀସା—
Tin.

**ଅଳୁ**—ସଂ. ପ୍ରତ୍ୟୟ—ବଶିଷ୍ଟାର୍ଥକ ଓ ଶୀଳାର୍ଥକ ତଦ୍ଧିତପ୍ରତ୍ୟୟବିଶେଷ
Ālu ବିଶେଷ୍ୟ ଶବ୍ଦପରେ ଉକ୍ତ ଅର୍ଥରେ ଏହି ପ୍ରତ୍ୟୟ ଲାଗେ—
A suffix added to nouns and meaning—under the influence of and habituated to.
( ଯଥା—ଶୀଳାର୍ଥକ; ଭୟାଳୁ; ଲଜ୍ଜାଳୁ; ଓ ନିଦ୍ରାଳୁ ବଶିଷ୍ଟାର୍ଥକ —ଦୟାଳୁ )

ସଂ. ବି—( ଅ+ଲୁ ଧାତୁ=ଛେଦନ କରିବା+କର୍ମ ଉ)—
୧ । ଗେଲୁକା; ଗଡ଼ୁ; କ୍ଷୁଦ୍ର ଜଳାଧାର; କଳସୀ; ଘଣ୍ଟି; ଘଡ଼ି; ଘଡ଼ା—1. A small water jug
୨ । ପେଚକ—2. Owl.
୩ । ଚନ୍ଦ୍ର—3. The moon.
୪ । ଭେଳା—4. Improvised boat; raft.

ଓ. ଅଳୁ ୫ । ଲତାବିଶେଷର ମାଂସଳ ଗୋଲ ବା କଣ୍ଢେଇବତ୍ ଲମ୍ବ
আলু ଖାଦ୍ୟ ମୂଳ; ଦେଶୀଅଳୁ; ଖମ୍ବଅଳୁ—5. Yam.
आलू; अरबी ଦେ. ବି—୧ । ବିଲାତିଅଳୁ; ଗୋଲଅଳୁ—
ତେ. ପେଣ୍ଡାଲମୁଦୁମ୍ପା 1. Potato.
୨ । ( ଅଳୁପରି ଗୋଲାକାର ଯୋଗୁଁ ) ଶୂନ୍ୟସଂଖ୍ୟା—
2. Zero.

**ଅଲୁ**—ପ୍ରାଦେ. ( ବସ୍ତର ) ବି—ଅଳୁ—Potato.
Ālu

**ଅଲୁଅ**—ଦେ. ବି. ( ସଂ. ଅଲୋକ )—୧ । ଆଲୋକ—
Ālua 1 Light.
আলো ୨ । ପ୍ରକାଶ—2 Exhibition; breaking up.
୩ । ଦୀପ୍ତି—3. Lustre; radiance.
আলো;আঞ্জনী ୪ । ଚକ୍ଷୁପତାରେ ଉଠିବା ବ୍ରଣବିଶେଷ—
4. A boil on the eye-lashes; stye; Posthia.
୫ । (ଶ୍ଳେଷୋକ୍ତି ବା ଇତରୋକ୍ତି) ଅନିଷ୍ଟ; ସାମାନ୍ୟହାନି—
5. Slightest injury; slightest concern; ( used in slang ).
( ଯଥା—ମୋର ତୁ ଅଲୁଅ କରିପକେଇବୁ । )

**ଅଲୁଅପଖ**—ଗ୍ରା. ବି. ( ସଂ. ଅଲୋକପକ୍ଷ )—ଶୁକ୍ଲପକ୍ଷ—
Āluapakha The bright lunar fortnight.

**ଅଲୁଆନ**—ଦେ. ବି. ( ଅ. ଅଲ୍‌ୱାନ୍ )—ପଶମଅଦିନିର୍ମିତ ଶୀତବସ୍ତ୍ର—
Āluāna Shawl or wrapper; winter garment
আলোয়ান made of wool.
आलोयान

**ଅଳୁକା**—ଦେ. ବି—୧ । ଧୁଳାଏ ଧାନଗଛକୁ ମୂଳରୁ କାଟି ଉକ୍ତରୂପେ
Ālukā ମୂଳକଟା ଦୁଇବଡ଼ା ଗଛକୁ ପରସ୍ପର ବିପରୀତ ଦିଗରୁ ଗଣ୍ଠିଆଇ ଧାନ କଟାଳିମାନେ ଅଗକଟା ଧାନ ଗୋଛାକୁ ଯାହାଦ୍ୱାରା ବିଡ଼ା ବାନ୍ଧନ୍ତି—1. Two bunches of paddy-plants knotted into a string by which the sheaves of paddy are tied together.
[ ଦ୍ର—ବିଲ ଯାକ ଗୃହସ୍ଥମାନେ ଖଳାକୁ ବହିନେଇ ସେଠାରେ ଧାନକଟାଳିମାନେ 'ମୁଠିଳ' ନେବା ସମୟରେ ଏହି 'ଅଳୁକା'କୁ ଲାଭ ସ୍ୱରୂପ ନିଅନ୍ତି ।]
୨ । କଳେଇ-ଗଦାର ଅଗରେ ଲେଉଟାଇ ବସାଇ ଦିଆଯାଇ ଥିବା କଳେଇ ବିଡ଼ା—2. A sheaf of paddy turned upside down and placed upon a paddy rick.

**ଅଳୁକୁଚିମାଳୁକୁଚି**—ଦେ. ବି—ଅଳିମାଳିକା ( ଦେଖ )
Ālukuchimālukuchi Ālimālikā ( See )

**ଅଳୁପିଣ୍ଡ**—ଦେ. ବି—ଅଳୁର ମୂଳଭାଗ ଯହିଁରୁ ଗଜା ବାହାରେ ଓ
Ālupinda ପୋତିଲେ ଯହିଁରୁ ମାଟି ଭିତରକୁ ଅଳୁଚେର ମାଡ଼େ—
The root-bulb of yam which is kept for growing yams by putting it on earth.

**ଅଳୁପୁଆ**—ଦେ. ବି—ଅଳୁମାତ୍ରା ( ଦେଖ )
Ālupuā Ālumātrā ( See )

**ଅଳୁବାତ୍ରା**—ଗ୍ରା. ବି—ଅଳୁମାତ୍ରା ( ଦେଖ )
Ālubātrā Ālumātrā ( See )

**ଅଲୁବାଲୁ**—ଦେ. ବଣ. ( ସଂ. ଅଲୁଲାୟିତ )—
Ālubālu ୧ । ଅଲୁଲାୟିତ; ଇତସ୍ତତଃ ବିକ୍ଷିପ୍ତ; ଉଦ୍ଭୁକ୍ତ—
আলুথালু; এলোমেলো 1. Disarranged; untied;
अड़बा dishevelled; disordered.
୨ । ଅସୁନ୍ଦର; ଅଡ଼ୁଆ—2. Uncomely; unseemly.

**ଅଳୁବାଳୁଆ**—ଦେ. ବଣ—୧ । ବାଳବାଳୁଆ; ଅଧିକ କେଶଯୁକ୍ତ—
Ālubālua 1. Hairy; overgrown with hairs.
আলুথালু ୨ । କେଶ ମୁକୁଳା ହୋଇଥିବା; ବାଳ ଅଡ଼ୁଆ ହୋଇ
अड़बा ମୁହଁ ଉପରପାଖେ ପଡ଼ିଥିବା—
2. With dishevelled hair.

**ଅଳୁବାଳୁକା**—ଦେ. ବି. ( ସଂ. ଏଲବାଲୁକ )—
Ālubālukā ସୁଗନ୍ଧ ଔଷଧ ଦ୍ରବ୍ୟବିଶେଷ—
A herbarious medicine

ପାଠକ ଯେବେ ଏପରି ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାରେ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଠ' ନ ମିଳିଲେ 'ଖାଟ୍' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଆଲୁବୁଝିବା**— ଦେ. କ୍ରି —୧ । ଅଖାଡ଼ୁଆ ବୁଝିବା —
Ālu bujhibā 1. To understand wrongly.
୨ । ଅବିଚାର କରିବା—2. To judge unjustly.

**ଆଲୁବୋଖାରା**— ଦେ. ବି. ( ସଂ. ଆଲୁ ଓ ବୋଖାରା ଦେଶାଗତ )—
Ālubokhārā କାବୁଲ ଓ ଅଫଗାନିସ୍ତାନର ତରୁ ବିଶେଷ ଏବଂ
আলুবোখারা କାବୁଲି ମେଓ୍ୱାଜାତୀୟ ଅମ୍ଳଫଳବିଶେଷ—
आलुबुखारा A tree and its plum of acid taste (originally brought from Bokhara in Turkey ); Prunus Communis.

**ଆଳୁମାତ୍ରା**— ଦେ. ବି—ଆଳୁଲତାର ଗଣ୍ଠିମାନଙ୍କରେ ଯେଉଁ ଅଣ୍ଡାକାର
Ālumātrā ଦ୍ରବ୍ୟ ଜନ୍ମେ—Small tubers of yam appearing in the creepers of yam.

**ଆଳୁମୁଣ୍ଡା**—ଦେ. ବି—ଆଳୁପିଣ୍ଡ ( ଦେଖ )
Ālumuṇḍā Ālupiṇḍa ( See )

**ଆଲୁର୍‌ବାଲୁର୍**— ଦେ. ବିଣ— ଆଲୁବାଲୁ ( ଦେଖ )
Ālurbālur Ālubālu ( See )

**ଆଲୁର୍‌ବାଲୁରିଆ**— ଦେ. ବିଣ. ପୁଂ— ୧ । ଅପରିଷ୍କାର—1. Unclean.
Ālurbāluriā ୨ । ଅବ୍ୟବସ୍ଥିତ; ବେଠିକଣା— 2. Unmethodical.
ଅଲୁର୍‌ବାଲୁରି
ଆଲୁର୍‌ବାଲୁରେଇ } ସ୍ତ୍ରୀ
এলোমেলো
बेढङ्ग

**ଆଲୁଲାୟିତ**—ସଂ. ବିଣ. ( ଆ = ଲୁଲ ଧାତୁ=ବିମର୍ଦ୍ଦନ କରିବା
Ālulāyita +ଯ. କର୍ମ. କ୍ତ )—ବିକ୍ଷିପ୍ତ; ଅସଂଯତ; ମୁକୁଳା; ଏଣେ ତେଣେ ବିସ୍ତ ହୋଇ ଉଡ଼ୁଥିବା—
Dishevelled; disordered; untied.

**ଆଲୂନ**—ସଂ. ବିଣ. ( ଆ+ଲୂ ଧାତୁ=ଛେଦନ କରିବା+କର୍ମ. କ୍ତ )—
Ālūna ୧ । ଈଷଚ୍ଛିନ୍ନ—Slightly torn.
୨ । ସମ୍ୟକ୍‌ଛିନ୍ନ—2. Fully torn.

**ଆଲେକମ୍**— ବୈଦେ. ଅ. ( ଆ. ଅଲେକୁମ୍ )—ମୁସଲମାନଙ୍କର 'ସଲାମ'
Ālekam ଶବ୍ଦର ପ୍ରତ୍ୟୁତ୍ତର ବାଣୀ ଶବ୍ଦ—A greeting made in return to a Salam of a Mahomedan.

**ଆଲେଖ୍ୟ**—ସଂ. ବି. ( ଆ=ସମ୍ୟକ୍+ଲିଖ ଧାତୁ=ଲେଖିବା+ କର୍ମ.
Ālekhya ଯ )—୧ । ଚିତ୍ର; ଛବି—
1. A drawing; a painting.
୨ । ଚିତ୍ରପଟ୍ଟ—2. A picture.
୩ । ପ୍ରତିକୃତି —
3. Portrait; photograph; oil painting.
୪ । ( +ଭାବ. ଅନ )—ଚିତ୍ରକରଣ—
4. Drawing; painting.
ସ. ବିଣ—୧ । ଲେଖନୀୟ—
1 Worth writing or mentioning.
୨ । ଚିତ୍ରର ଯୋଗ୍ୟ—
2. Fit to be put on the canvas.

**ଆଲେଖ୍ୟଶେଷ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଆଲେଖ୍ୟହିଁ ଶେଷ
Ālekhyaśesha ଯାହାର )—ଚିତ୍ରାବଶିଷ୍ଟ; ମୃତ—
( ଆଲେଖ୍ୟଶେଷା—ସ୍ତ୍ରୀ ) Remaining or living in picture only; dead.

**ଆଲେପ** — ସଂ. ବି. ( ଆ+ଲିପ ଧାତୁ + ଭାବ. ଅ )—
Ālepa ୧ । ଲିପିବା; ବୋଳିବା —1. Smearing.
୨ । ମଲମ—2. Ointment

**ଆଲେପନ** — ସଂ. ବି. ( ଆ+ଲିପ୍ ଧାତୁ —ଲେପିବା+ଭାବ. ଅନ )—
Ālepana ଆଲେପ ( ଦେଖ )— Ālepa ( See )

**ଆଲେପିତ**— ସଂ. ବିଣ. ( ଆ=ଉତ୍ତମରୂପେ+ଲିପ ଧାତୁ ଣିଜନ୍ତ; ଲେପି
Ālepita ଧାତୁ+କର୍ମ. କ୍ତ )—ଲିପାପୋଛା ହୋଇଥିବା ( କାନ୍ଥ ଆଦି )—Smeared or washed with a layer of lime or cow-dung (walls and floors ).

**ଆଲେପିବା**—ଦେ. କ୍ରି. ( ସଂ. ଆଲେପନ )— ଲେପନ କରିବା; ଢାଙ୍କିବା;
Ālepibā ବୋଳିବା; ଉପରେ ବୋଳ ଦେବା—To paint or
আলেপা wash ( walls and floors ); to put a layer upon.

**ଆଲୋ**—ଦେ. ଅ. (ପ୍ରା. ହଲ୍ଲା)—ପରିଚିତ ସ୍ତ୍ରୀଲୋକ ପ୍ରତି ସମ୍ବୋଧନ—
Ālo Oh ! (addressed to females with whom
ওগো one is familiar.)
ଆଲୋ ପାମର ଚାଲୁ ଦେଲୁ ତୁ ସହାଦ—କୃଷ୍ଣସିଂହ, ମହାଭାରତ, ଆଦି ।
ପ୍ରାଦେ. ବି. ( ମେଦିନୀପୁର; ବଂ. ଆଲୋ )—ଆଲୁଅ; ଆଲୋକ—
Light.

**ଆଲୋକ**—ସଂ. ବି. ( ଆ=ସମ୍ୟକ୍+ଲୋକ୍ ଧାତୁ=ଦୀପ୍ତି ପାଇବା+
Āloka ଭାବ. ଅ )—୧ । ଦୀପ୍ତି; ଆଲୁଅ—
1. Light; lustre.
୨ । ଦର୍ଶନ; ଦେଖିବା—2. Sight; vision.
ଯହିଁ ନେତ୍ରାଲୋକେ ପ୍ରପଞ୍ଚ ଅନ୍ତର; ନୈଥିଲା ପ ରବ କେବଳଘର ।
ଉପାନାଥ, ଚଳବା ।
୩ । ଦୃଷ୍ଟିପଥ—
3. Vision; ray of vision; line of sight.
୪ । ପ୍ରକାଶ—
4. Bursting forth of a light.
୫ । ଜୟଧ୍ୱନି—
5. A shout or cry of victory; war-cry.
୬ । ସ୍ତୁତି; ବନ୍ଦିଭାଷଣ—
6. A panegyric; a bard's song.
୭ । ଦୃଷ୍ଟିଶକ୍ତି—7. Eye-sight.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଷ,ଶ | କ୍ଷ | ଇଯ୍ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ୍ୟ | ଇଅ | ଔ | ଳ |

୮ । (ଲକ୍ଷଣାର୍ଥ) ସଭ୍ୟତା; ଜ୍ଞାନ—
8. Civilisation; learning; knowledge.
ସଂ. ବି—ପ୍ରଦୀପ—Lamp.

**ଆଲୋକଚିତ୍ର**—ସଂ. ବି. (ଇଂରାଜୀରୁ ଅନୁବାଦ; ଆଧୁନିକ ପ୍ରୟୋଗ)—
Ālokachitra ୧ । ବାଏସ୍କୋପ୍—1. Bioscope.
୨ । ଫଟୋଗ୍ରାଫ—2. Photograph.

**ଆଲୋକଜନିତସ୍ଥିତିଗତି**—ସଂ. ବି. (ଉଦ୍ଭିଦଶାସ୍ତ୍ରର ଭାଷା; ଆଧୁନିକ
Ālokajanitasthitigati ପ୍ରୟୋଗ)—ଯେଉଁ ଆଡ଼ୁ ଆଲୋକ ଆସୁଥାଏ, ଉଦ୍ଭିଦମାନଙ୍କର ସେହି ଆଡ଼କୁ ବଢ଼ିବାର ଗୁଣ—
Heleotropism.
[ ଦୃ—ଯେଉଁ ଆଡ଼ୁ ଖରା ପଡ଼େ ଗଛ ସେହି ଆଡ଼କୁ ଡାଳ ପତ୍ର ବିସ୍ତାରକରେ । ]

**ଆଲୋକନ**—ସଂ. ବି. ( ଆ=ସମ୍ୟକ୍+ଲୋକ ଧାତୁ=ପ୍ରାପ୍ତି ପାଇବା
Ālokana +ଭାବ. ଅନ )—୧ । ଦୃଷ୍ଟି; ଦର୍ଶନ; ଦେଖିବା—
1. Seeing; sight; looking.
୨ । ( ଆ+ଲୋକ ଧାତୁ=ଦେଖାଇବା+ଭାବ. ଅନ )—
ଦେଖାଇବା—2. Showing.

**ଆଲୋକପକ୍ଷ**—ସଂ. ବି. ( ମଧ୍ୟପଦଲୋପୀ; ଆଲୋକଯୁକ୍ତ ପକ୍ଷ )—ଚାନ୍ଦ୍ରମାନ
Ālokapaksha ମାସର ଚନ୍ଦ୍ରପକ୍ଷ; ଶୁକ୍ଳପକ୍ଷ—The bright fortnight of the lunar month.

**ଆଲୋକପ୍ରାପ୍ତ**—ସଂ. ବିଣ. (୨ୟା ତତ୍. ଆଲୋକ+ପ୍ରାପ୍ତ)—
Ālokaprāpta ୧ । ଆଲୋକ ପାଇଥିବା—
1. Lighted; illuminated.
୨ । (ଲକ୍ଷଣାର୍ଥ)—ସଭ୍ୟ—2. Civilised.

ଭୂପେ ଯେ ଆଲୋକପ୍ରାପ୍ତ ମନୁଷ୍ୟ ଅବାରିଅ
କଳ୍ପ ଦ୍ରବ । ଦୁର୍ଦ୍ଦୈବାତ୍ ଜାତରେ ଓଡ଼ିଆ । ଫକୀରମୋହନ । ଉତ୍କଳଭ୍ରମଣ ।

୩ ଜ୍ଞାନ ପ୍ରାପ୍ତ—3. Learned; educated.

**ଆଲୋକବର୍ତ୍ତିକା**—ସଂ. ବି—ଯେଉଁ ବତି ବା ଶଳିତାରେ ଅଳୁଅ ଲାଗେ;
Ālokabarttikā ବଳିତା—Lamp wick; wick which is lighted.

**ଆଲୋକବିଜ୍ଞାନ**—ଦେ ବି—ଯେଉଁ ବିଜ୍ଞାନରୁ ଆଲୋକ ଓ ଦୃଷ୍ଟି ଆଦି
Āloka bijnāna ସମ୍ବନ୍ଧରେ ଜ୍ଞାନ ଲାଭ ହୁଏ—
Optics; the science of light.

**ଆଲୋକସ୍ତମ୍ଭ**—ସଂ. ବି ( ମଧ୍ୟପଦଲୋପୀ; ଆଲୋକ ଯୁକ୍ତ ସ୍ତମ୍ଭ; ଆଧୁନିକ
Ālokastambha ପ୍ରୟୋଗ )—
୧ । ସମୁଦ୍ରରେ ଜାହାଜମାନଙ୍କୁ ରାତିରେ ବାଟ ଦେଖାଇବା ପାଇଁ ଦ୍ୱୀପ ବା ସମୁଦ୍ର ଉପକୂଳରେ ଉଚ୍ଚସ୍ତମ୍ଭ ଉପରେ ଦିଆ ଯାଇଥିବା ଉଜ୍ଜ୍ୱଳ ଆଲୋକ—
1. Light-house.
୨ । ପଥିକଙ୍କୁ ରାତିରେ ବାଟ ଦେଖାଇବା ନିମନ୍ତେ ରାସ୍ତାରେ ଯେଉଁ ଖମ୍ବ ଉପରେ ଆଲୋକମାନ ଦିଆଯାଇ ଥାଏ—
2. Lamp-post.
୩ । ଉତ୍ତର ମେରୁ ନିକଟବର୍ତ୍ତୀ ଦେଶମାନଙ୍କରେ ଛଅ ମାସ ରାତ୍ର ହେଉଥିବା ସମୟରେ ମଝିରେ ମଝିରେ ହେଉଁ ନୈସର୍ଗିକ ବୈଦ୍ୟୁତିକ ଆଲୋକମାଳା ଆକାଶରେ ଦୃଷ୍ଟିଗୋଚର ହୁଏ; ଉଦଚ୍ୟାଲୋକ—3. Aurora borealis.

**ଆଲୋକିତ**—ସଂ. ବିଣ. (ଆ+ଲୋକ ଧାତୁ+କର୍ମ. ତ)—
Ālokita ୧ । ପ୍ରକାଶିତ; ଆଲୋକଦିଆଯାଇଥିବା—
1. Lighted; illuminated.
୨ । ଦୃଷ୍ଟ—2. Viewed; seen.

**ଆଲୋଚନ**—ସଂ. ବି. ( ଆ=ସମ୍ୟକ୍+ଲୋଚ ଧାତୁ=ବିଚାର କରିବା
Ālochana +ଭାବ. ଅନ )—
ଆଲୋଚ୍ୟ; ଆଲୋଚିତ; ଆଲୋଚନୀୟ } ବିଣ ୧ । ବିଚାର କରଣ—
1. Consideration; deliberation.
୨ । ଅନୁଶୀଳନ; ଚର୍ଚ୍ଚା—2. Reviewing; cultivation of science; study.
୩ । ତଦନ୍ତ—3. Investigation.
୪ । ଆନ୍ଦୋଳନ—4. Agitation; consideration.
୫ । ତର୍କବିତର୍କ କରିବା—5. Dissension.
୬ । ମନ୍ତବ୍ୟ ପ୍ରକାଶ—
6. Remark; comment; criticism.
୭ । ପରୀକ୍ଷା—
7. Examination; looking into.
ସଂ. ଅ—ଲୋଚନ ପର୍ଯ୍ୟନ୍ତ—Upto the eyes.

**ଆଲୋଚନା**—ସଂ. ବି—ଆଲୋଚନ ( ଦେଖ
Ālochanā Ālochana ( See )

**ଆଲୋଚିତ**—ସଂ. ବିଣ. (ଆ+ଲୋଚ ଧାତୁ+କର୍ମ. ତ)—
Ālochita ୧ । ଅନୁଶୀଳିତ—1. Reviewed; cultivated; studied.
୨ । ଆନ୍ଦୋଳିତ—2. Criticised; considered.
୩ । ପରୀକ୍ଷିତ—3 Examined; investigated.

**ଆଲୋଚ୍ୟ**—ସଂ. ବିଣ. ( ଆ+ଲୋଚ ଧାତୁ+କର୍ମ. ଯ )—
Ālochya ୧ । ବିଚାର ଯୋଗ୍ୟ—1. Fit to be considered; deserving consideration.
୨ । ବିଚାରାଧୀନ—2. Under consideration.

**ଆଲୋଡ଼ନ**—ସଂ. ବି. ( ଆ+ଲୁଡ଼ ଧାତୁ=ବୁଲାବୁଲି କରିବା+ଭାବ.
Ālordana ଅନ )—୧ । ଆବର୍ତ୍ତନ; ଘାଣ୍ଟିବା; ଘାଣ୍ଟିବା—
(ଆଲୋଡ଼ିତ—ବିଣ) 1. Stirring or turning a thing round.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଅନୁସାରେ ଉଚ୍ଚାରଣ ଯେପରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ସମ୍ମିଳନ—2. Mixing up.
୩ । ଆଲୋଚନ; ଉଦ୍‌ଘାଟ୍; ବହୁତ ଚର୍ଚ୍ଚା—
3. Agitation; a thorough discussion.
୪ । ମନ୍ଥନ—4. Churning.

**ଆଲୋଡ଼ିତ**—ସଂ. ବିଣ. ( ଆ + ଲୁଡ଼ ଧାତୁ = ହଲାହଲ କରିବା + କର୍ମ. ତ )—
Ālordita
୧ । ମଥିତ; ମର୍ଦ୍ଦିତ—1. Stirred up; pressed.
୨ । ସମ୍ମିଳିତ—2. Mixed up.
୩ । ଆଲୋଚିତ—
3. Discussed; examined; agitated

**ଆଲୋଡ଼ିବା**—ଦେ. ପଦ୍ୟ. କ୍ରି. ( ସଂ. ଆଲୋଡ଼ନ )—
Ālordibā ୧ । ମନ୍ଥନ କରିବା; ଆବର୍ତ୍ତନ କରିବା—
1. To stir or turn a thing round.
କେତେ ରଜା କେତେ ବର୍ତ୍ତି ଜମ୍ବୀ ବାର
ଆଲୋଡ଼ିଲେ ତୋର ସ୍ନିଗ୍ଧ ଜଳ ଭାର । ରାଧାନାଥ. ଚିଲିକା ।
୨ । ଆଲୋଚନା କରିବା—2. To discuss

**ଆଲୋମୟ**—ଦେ. ପଦ୍ୟ ବିଣ. ( ସଂ. ଆଲୋକମୟ )—
Ālomaya ୧ । ଆଲୋକମୟ—1. Full of light.
আলোময় ୨ । ଉଜ୍ଜ୍ୱଳ; ଝକ୍‌ଝକ୍—
চকাচৌঁধ 2. Shining; dazzling; bright.
ସ୍ନାନର ଦର୍ପଣଗୋଟି ନେଇ ଅଗ୍ରେ ଶୋଭେ
ଗୃହ ବାମକେ ଯା ଦେହ ଦିଶେ ଆଲୋମୟେ । ପୀତାମ୍ବର. କୃଷ୍ଣ ହସ୍ତାର୍ପଣ ।

**ଆଲୋର**—ଗ୍ରା. ବି. ( ସଂ. ଆଲୋକ )—ଆଲୋକ—
Ālora Light; radiance.

**ଆଲୋଳ**—ସଂ. ବି. (ଆ = ଈଷତ୍ + ଲୋଳ = ଚଞ୍ଚଳ)—ଈଷତ୍ ଚଞ୍ଚଳ—
Ālola Slightly moving.
ଗ୍ରା. ବି —ଆଲୋକ—Light.
ଗ୍ରା. ବିଣ—ଆଲୋକମୟ—Dazzling; bright.

**ଆଲୋଳିବା**—ଦେ. କ୍ରି.—ଶୋଭା ପ୍ରକଟ କରିବା—
Aloḷibā To display ( one's ) beauty.
ଚରଣେ ନୂପୁର ମୃଦୁରବ କରେ ଜଘନ ଗଜ ଆଲୋଳ ।
ପ୍ରାଚୀ—ରସବାରିଧି ।

**ଆଲ୍ଲା**—ବୈଦେ. ବି. ( ଅ. ଆଲ୍ଲାତାଲ୍ଲା )—ମୁସଲମାନମାନଙ୍କର ଈଶ୍ୱରଙ୍କୁ
Āllā ଡାକିବାର ନାମ; ଈଶ୍ୱର, ଭଗବାନ—Allah ! The
আলা Lord of the Mahomedans; God of
আল্লা the Koran.

**ଆଲ୍ଲାତଲ୍ଲା**—ବୈଦେ. ବି. (ଅ)—ଆଲ୍ଲା (ଦେଖ)
Āllātallā Āllā (See)

**ଆଲ୍ଲାତାଲ୍ଲା**—ବୈଦେ. ବି. (ଆରବୀ)—ଆଲ୍ଲା (ଦେଖ)
Āllātāllā Āllā (See)

**ଆଲ୍ଲା ଭଜିବା**—ଦେ. କ୍ରି.—୧ । ମୁସଲମାନମାନଙ୍କର ଈଶ୍ୱରଙ୍କ ନାମ
Āllā bhajibā ନେବା—To utter the name of God
আল্লাভজা ୨ । (ଲକ୍ଷଣାର୍ଥ) କିଂକର୍ତ୍ତବ୍ୟବିମୂଢ଼ ହେବା—
আল্লামজনা 2. To be bewildered.

**ଆଲ୍ଲାହାବାଦ**—ବୈଦେ. ବି. ( ନାମ )—(ଫା. ଇଲ୍ଲାହାବାଦ—ଈଶ୍ୱରଙ୍କ
Āllāhābād ନଗର)—ପ୍ରୟାଗ (ଦେଖ)
Prayāga (See)

**ଆଲ୍ଲା ହୋ ଅକବର୍**—ବୈଦେ. ଅ. ( ଅ )—
Āllā ho Akbar ଆଲ୍ଲା ହୋ ଆକବର୍ ( ଦେଖ )
Ālla ho-ākabar (See)

**ଆଲ୍ଲା ହୋ ଆକ୍‌ବର୍**—ବୈଦେ. ଅ. ( ଅ )—ମୁସଲମାନମାନଙ୍କର
Āllā ho Ākbar 'ଈଶ୍ୱର ବଡ଼ଲୋକ' 'ଈଶ୍ୱର ରକ୍ଷା କରିବେ'
ଏହି ଅର୍ଥଜ୍ଞାପକ ପ୍ରାର୍ଥନାସୂଚକ ସମ୍ବୋଧନ—
The Mahomedan's cry,'God is great.'

**ଆଶ୍**—ପ୍ରାଦେ. (ସମ୍ବଲପୁର) ବି.—ଆଶା—Hope.
Āś ଆଶ୍ କରୁଛେ ! ବୁଢ଼ା ବଲ୍‌ଦେ ଚାଷ୍ କରୁଛେ—ବ୍ୟଙ୍ଗ ପ୍ରବଚନ !

**ଆଶକଡ଼**—ଗ୍ରା. ବିଣ. (ସଂ. ଅଶକ୍ତ)—୧ । କ୍ଲାନ୍ତ; ଶ୍ରାନ୍ତ—
Āśkata 1. Tired; languorous.
অশক্ত ୨ । ଅଶକ୍ତ; ଅକ୍ଷମ—2. Incompetent; unable.
अशक्ति ୩ । ରୋଗ ପୂର୍ବରୁ ଜଡ଼ତା ବୋଧ କରୁଥିବା—
3. Feeling lazy before an attack of a disease eg. fever)
ଦେ. ବି.—୧ । କ୍ଲାନ୍ତି; ଶ୍ରାନ୍ତି—1; Languor; weariness,
୨ । ରୋଗର ପୂର୍ବାଭାସଜନିତ ଜଡ଼ତା ଓ କ୍ଲାନ୍ତିବୋଧ—
2. Indication of coming sickness; feeling of laziness or langour which overcomes a man before he is attacked with a fit of disease.

**ଆଶ୍‌କତି**—ଗ୍ରା. ବି.—ଆଶ୍‌କଡ଼ (ଦେଖ)
Āśkati Āśkata (See)

**ଆଶ୍‌କଡ଼ିଆ**—ଦେ. ବିଣ.—ଆଶ୍‌କଡ଼ (ଦେଖ)
Āśkatia Āśkata (See)

**ଆଶ୍‌କଡ଼େଇବା**—ଦେ. କ୍ରି.—ଅଶ୍‌କଡ଼େଇବା (ଦେଖ)
Āśkateibā Askateibā See)

**ଆଶ୍‌ପାଶ୍**—ଦେ. ବିଣ.—ନିକଟବର୍ତ୍ତୀ—Adjoining.
Āspaś ଦେ. କ୍ରି. ବିଣ.—୧ । ଆଖପାଖେ; ନିକଟରେ—
আশেপাশে 1. Near by.
लगावटमें ୨ । ଚାରିପାଖରେ; ଚତୁର୍ଦ୍ଦିଗରେ—
2. On all sides; all round

**ଆଶ୍‌ମାନ୍ (ଇତ୍ୟାଦି)**—ବୈଦେ. (ଅ.) ବି.—ଅଶ୍‌ମାନ୍ (ଇତ୍ୟାଦି)(ଦେଖ)
Āśmān etc. Āśmān. etc. (See)

| ୧ | ଲ | ଢ଼ | ର୍,ର | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଙ | ଜ | ଶ,ଷ | ଣ | ଲୃ | ତ୍ୟ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଡ଼ | ଜ | ରୁ | ଲୁ | ସ୍ୱ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ୍ୟ | ଯ | ସ | ଙ୍ଘ | ଲୃଅ | ଷ | ନ୍ତ |

**ଅଶ୍ମାନି**—ବୈଦେ. ବଣ. (ଅ. ଅସ୍ମାନ)—ଅସ୍ମାନ (ଦେଖ)
Āśmāni — Āsmāni (See)

**ଅଶ୍ମାନିଆଁ**—ଦେ. ବଣ.—ଅସ୍ମାନ (ଦେଖ)
Āśmāniāṅ — Asmāni (See)

**ଆଶ**—ସଂ. ବ. (ଅଶ୍ ଧାତୁ=ଭୋଜନ କରିବା+ଭାବ. ଅ)—
Āśa ୧। ଭୋଜନ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ପ୍ରାତରାଶ)—Meal used with other words e.g. morning meal and mid-day meal)
୨। (+କର୍ତ୍ତୃ. ଅ)—ଖାଦକ—One who eats; eater. (ଯଥା - ହୁତାଶ; ଅଗ୍ନ୍ୟାଶ)
ଗ୍ରା. (ପଦ୍ୟ) ବ. (ସଂ. ଆଶା)—୧। ଆଶା—1. Hope.
୨। ଇଚ୍ଛା—2. Wish.

ତା ଜାଣି ଅରଜୁନ ଛାଡ଼ ନଦ୍ରା ଆଶ।
କୃଷ୍ଣସିଂ. ମହାଭାରତ।

**ଆଶଂସନ**—ସଂ. ବ. (ଆ+ଶନସ୍ ଧାତୁ=କହିବା; ଇଚ୍ଛା କରିବା+ଭାବ. ଅନ)—
Āśaṁsana ୧। କଥନ; କହିବା—1. Speaking; report.
୨। ଆଶା; ପ୍ରତ୍ୟାଶା—2. Hope.
୩। ଇଚ୍ଛା; ଅଭିଳାଷ—3. Desire.
୪। ସମ୍ଭାବନା—4. Likelihood.
୫। ବର୍ଣ୍ଣନ—5. Description.

**ଆଶଂସା**—ସଂ. ବ. (ଆ+ଶନସ୍ ଧାତୁ+ଭାବ. ଅ+ଆ)—
Āśaṁsā ଆଶଂସନ (ଦେଖ)
Āśaṁsana (See)

ଭବସୃଷ୍ଟିରକର୍ତ୍ତାର ଅସୀମ ଆଶଂସା, ଶୁଣିଥିଲୁ ତୁମମୁଖୁଁ ପୂର୍ବେ।
ଚିନ୍ତାମଣି, ବଙ୍ଗାମାତଦୀ।

**ଆଶଂସିତ**—ସଂ. ବଣ. (ଆ+ଶନସ୍ ଧାତୁ+କର୍ମ. ତ)—୧। କଥିତ—
Āśaṁsita 1. Spoken.
୨। ପ୍ରାର୍ଥିତ—2. Prayed for.
୩। ଆକାଂକ୍ଷିତ; ଈପ୍ସିତ—3. Wished for; desired.
୪। ଆଶା କରାଯାଇ ଥିବା—4. Hoped for; expected.
ସଂ. ବ. (+ଭାବ. ତ)—୧। କଥନ—1. Speaking.
୨। ଇଚ୍ଛା—2. Desire.
୩। ଆଶା—Hope.

**ଆଶଂସିତା**—ସଂ. ବଣ. ପୁଂ. (ଆ+ଶନସ୍ ଧାତୁ+କର୍ତ୍ତୃ ତୃ; ୧ମା. ୧ବ.)—
Āśaṁsitā ୧। ଅଭିଳାଷୀ; ଇଚ୍ଛୁକ—1. Desirous.
(ଆଶଂସିତ୍ରୀ—ସ୍ତ୍ରୀ) ୨। ପ୍ରାର୍ଥକ—2. Solicitous.
୩। କଥୟିତା—3. Speaking.

**ଆଶଂସୁ**—ସଂ. ବଣ. ପୁଂ. ଓ ସ୍ତ୍ରୀ (ଆ+ଶନସ୍ ଧାତୁ+କର୍ତ୍ତୃ. ଉ)—
Āśaṁsu ଆଶଂସିତା (ଦେଖ)
Āśaṁsitā (See)

**ଅଶକ୍ତ**—ସଂ. ବଣ. (ଆ+ଶକ୍ ଧାତୁ=ପାରିବା+କର୍ତ୍ତୃ. ତ)—
Āśakta ସମର୍ଥ; ସମ୍ୟକ୍ଶକ୍ତିବିଶିଷ୍ଟ—Competent; able

**ଆଶକ୍ତି**—ସଂ. ବ. (ଆ+ଶକ୍ ଧାତୁ+ଭାବ. ତି)—୧। ସାମର୍ଥ୍ୟ;
Āśakti ଯୋଗ୍ୟତା—Ability; competence

**ଆଶଙ୍କନୀୟ**—ସଂ. ବଣ. (ଆ+ଶଙ୍କ୍ ଧାତୁ=ଭୟ କରିବା+କର୍ମ. ଅନୀୟ)—
Āśaṅkanīya ୧। ଯାହାକୁ ଶଙ୍କା ବା ଭୟ କରାଯାଏ; ଆଶଙ୍କା
(ଆଶଙ୍କନୀୟା—ସ୍ତ୍ରୀ) ଯୋଗ୍ୟ; ଆଶଙ୍କାସ୍ଥଳ—1. To be dreaded or feared.
୨। ଯାହା ସମ୍ବନ୍ଧେ ମନରେ ଆଶଙ୍କା ଜାତ ହୁଏ—
2 In respect of whom there may be apprehension.

**ଆଶଙ୍କା**—ସଂ ବ. (ଆ=ସମ୍ୟକ୍+ଶଙ୍କ ଧାତୁ=ଭୀତ ହେବା+ଭାବ. ଅ
Āśaṅkā +ସ୍ତ୍ରୀ. ଆ)—୧। ତ୍ରାସ; ଭୟ; ବିଶେଷ ଭୟ—
1. Dread; apprehension; fear; alarm.
୨। ସନ୍ଦେହ; ବିତର୍କ—2. Doubt; suspicion.
୩। ଅନିଶ୍ଚୟତା—3. Uncertainty.
୪। ସଂକୋଚ—4. Hesitation; diffidence.

**ଆଶଙ୍କିତ**—ସଂ. ବଣ. ( ଆ+ଶଙ୍କ୍ ଧାତୁ+କର୍ତ୍ତୃ. ତ; ବା ଆଶଙ୍କା+
Āśaṅkita ଜାତାର୍ଥେ ଇତ)—୧। ଭୀତ—1. Frightened; apprehensive
୨। (+କର୍ମ. ତ)—ଯେଉଁ ବିଷୟରେ ଆଶଙ୍କା ଜନ୍ମିଅଛି—
2. Apprehended; dreaded; feared.

**ଆଶଙ୍କୟିତା**—ସଂ. ବଣ. ପୁଂ (ଆ+ଶଙ୍କୟିତା)—
Āśaṅkayitā ଯେ ଶଙ୍କା କରେ—Dreading; apprehending.
(ଆଶଙ୍କୟିତ୍ରୀ—ସ୍ତ୍ରୀ)

**ଆଶମ୍**—ସଂ. ଅ—ଆନନ୍ଦ—Delight
Āśam [ ବ୍ର—ଭାଷାରେ ଏଥିର ବ୍ୟବହାର ମିଳେ ନାହିଁ ]

**ଆଶୟ**—ସଂ. ବ. (ଆ+ଶୀ ଧାତୁ=ଶୟନ କରିବା+ଭାବ. ଅ)—
Āśaya ୧। ଅଭିପ୍ରାୟ; ତାତ୍ପର୍ଯ୍ୟ—1. Intention; purport; object.
୨। ଉଦ୍ଦେଶ୍ୟ—2 Aim.
୩। (+ଅଧିକରଣ. ଅନ)—୩। ଆଧାର; ଆଶ୍ରୟ; ଭାଣ୍ଡ—
3 Receptacle.
୪। ଢଙ୍ଗ—4. Feature; mode.
୫। ମନର ଗତି—5. Tendency.
୬। ଅଭ୍ୟନ୍ତର—6. Inside; interior.
୭। ବିଭବ; ଐଶ୍ୱର୍ଯ୍ୟ—7. Riches.
୮। ପଣସ ଗଛ—8. Jack tree.
୯। ମନ; ହୃଦୟ—9. Mind; heart.
୧୦। ଚିନ୍ତା—10. Thought.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାଢ଼' ନ ମିଳିଲେ 'ଷାଣ୍ଢ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ

**ଆଶୟାର୍ଥ**—ସଂ. ବି. (ମଧ୍ୟପଦଲୋପୀ; ଆଶୟ ବା ଅଭିପ୍ରାୟଯୁକ୍ତ ଅର୍ଥ)—
**Āsayārtha** କୌଣସି ଶବ୍ଦ ବା ବାକ୍ୟର ତାତ୍ପର୍ଯ୍ୟାର୍ଥ; ଆକ୍ଷରିକ ବା ଶବ୍ଦ ଶକ୍ତି ଗତ ଅର୍ଥ ଛଡ଼ା ଲେଖକର ଗୂଢ଼ ଅଭିପ୍ରାୟସୂଚକ ଅର୍ଥ—The meaning aimed at (apart from the literal meaning); intended meaning.

**ଆଶୟୋପମା**—ସଂ. ବି. (ମଧ୍ୟପଦଲୋପୀ; ଆଶୟ ଯୁକ୍ତ ଉପମା)—
**Āsayopamā** ଅର୍ଥାଲଙ୍କାରବିଶେଷ ଯେଉଁଠାରେ ଆଶୟାର୍ଥ, ପୂର୍ଣ୍ଣ ଥାଏ—A figure of speech.

ଯଥା—ମଗଜେନ୍ଦ୍ର ଓଷ୍ଠ ରଦ ଗଣ୍ଡସ୍ଥ ଚିବୁକ,
ଶ୍ରୁତି କେଶ ବାସ ସ୍ତନ ପାଦ ପାଣି ନାକ
ଜାଣ କାନ୍ତି ସଙ୍ଗୀ ସୁମାନସରେ ପୂଜିତ
ଯାଉଛି ସଙ୍ଗ ରଙ୍ଗକୁ ବର୍ଣ୍ଣିବା ମୋହିତ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଆଶର**—ସଂ. ବି. (ଆ+ଶୃ ଧାତୁ=ବଧ କରିବା+କର୍ତ୍ତୃ. ଅ)—
**Āsara** ୧ । ଅଗ୍ନି—1. Fire.
୨ । ରାକ୍ଷସ—2. Demon.

**ଆଶା**—ସଂ. ବି. ସ୍ତ୍ରୀ (ଆ=ସମ୍ୟକ୍+ଅଶ. ଧାତୁ=ବ୍ୟାପିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ); ଯାହା ସର୍ବତୋଭାବେ ବ୍ୟାପେ—
**Āsā** ୧ । ବାଞ୍ଛା; ଇଚ୍ଛା; ପାର୍ଥିତୃଷ୍ଣା—
1. Hope; expectation; desire.
୨ । ଦିଗ—2. Quarter.
୩ । ଭରସା—3. Trust; confidence.
୪ । ଦକ୍ଷ ପ୍ରଜାପତିଙ୍କ କନ୍ୟା—4. One of the daughters of Dakshya Prajāpati.
ବୈଦେ. ବି. (ଅ=ଅସା)—ଆଶାବାଡ଼ି (ଦେଖ)
Āsābārdi (See)

**ଆଶାନ୍ୱିତ**—ସଂ. ବିଣ. ପୁଂ. (୩ୟା ତତ୍; ଆଶା+ଅନ୍ୱିତ=ଯୁକ୍ତ)—
**Āsānwita** ଆଶାଯୁକ୍ତ; ଆଶା କରୁଥିବା—
(ଆଶାନ୍ୱିତା—ସ୍ତ୍ରୀ) Hopeful; expectant.

**ଆଶାବଦ୍ଧ**—ସଂ. ବିଣ (୩ୟା ତତ୍; ଆଶା+ବଦ୍ଧ=ଆଶାଦ୍ୱାରା ଆବଦ୍ଧ)—
**Āsābaddha** Detained by hope.

**ଆଶାବନ୍ଧ**—ସଂ. ବିଣ—୧ । (ରୂପକ; ଆଶା+ବନ୍ଧ)—ଆଶାରୂପକ
**Āsābandha** ବନ୍ଧନ; ଭରସା; ଆଶ୍ୱାସ; ପ୍ରତ୍ୟାଶା—
1. Bond of hope; confidence; hope; expectation.
୨ । (ଆଶା=ଦିଗ+ବନ୍ଧ=ବନ୍ଧନ, ଯେ ଦ୍ୱାରା ଦିଗକୁ ଶୂନ୍ୟରେ ବାନ୍ଧେ)—ମାକଡ଼ସା ଜାଲ; ଲୂତାତନ୍ତୁ—
2. Spider's web; cobweb.

**ଆଶାବରଦାର୍**—ବୈଦେ. ବି (ଅ)=ଆଶାବାଡ଼ି ବାହକ ପାଇକ—
**Āsābardār** Mace-bearer.

**ଆଶାବରୀ**—ସଂ. ବି.—ଦିବା ପ୍ରଥମ ପ୍ରହରରେ ଗେୟ ରାଗିଣୀବିଶେଷ
**Āsābari** ('ରାଗ' ତଳେ ନୋଟ ଦେଖ) ଏହା ଭୈରବରାଗର
ଅসাবরী ସ୍ତ୍ରୀ, ଏହାର ଜୋଡ଼ ରାଗ ସଙ୍ଗେ ମେଳ ଅଛି—
असावरी Name of a musical mode.

**ଆଶା ବଳାଇବା**—ଦେ. କ୍ରି—୧ । (କୌଣସି କାର୍ଯ୍ୟ କରିବାକୁ)
**Āsā balāibā** ପ୍ରୟାସୀ ହେବା; ଆଶା କରିବା; ଆଶାନ୍ୱିତ ହେବା—
আশাবাড়ান To be bent on; to be intent on.
आशालगाना

ପଣ୍ଡୁ ଗ୍ରାମ ସେ ଜନ୍ମ କ୍ଷତ୍ରିୟଙ୍କ ହଂସା;
ଛିଡ଼ ଦେଇ ତପରେ ବଳାଇଲେ ଆଶା ।
କୃଷ୍ଣସିଂହ. ମହାଭାରତ ।

୨ । ଲାଳାୟିତ ହେବା—2. To hanker after.

**ଆଶାବହ**—ସଂ. ବି. (ଆଶା+ବହ. ଧାତୁ+କର୍ତ୍ତୃ. ଅ)=ସୂର୍ଯ୍ୟ—
**Āsābaha** The sun.

**ଆଶାବାଡ଼ି**—ଦେ. ବି. (ଅ. ଅସା+ଦେ. ବାଡ଼ି; ଭୁଲ—ସଂ. ଆଶ୍ରୟ)—
**Āsābārdi** ୧ । ଯେଉଁ ଯଷ୍ଟି ଉପରେ ମନୁଷ୍ୟ ଆପଣା ଶରୀରର ଭାର ରଖି ଚାଲେ ବା ବସେ (ସେ ବାଡ଼ି ମୁଣ୍ଡରେ ଖଣ୍ଡେ ଅଡ଼ଧାରଣା ଥାଏ । ତାକୁ ବାଖଡ଼ିଲେ ଦେଇ ଖୋଟାମାନେ ଚାଲନ୍ତି ଓ ବୈରାଗୀମାନେ ତାକୁ କାଖତଳେ ରଖି ବସିବା ଅବସ୍ଥାରେ ବିଶ୍ରାମ କରନ୍ତି)—
1 A kind of walking stick with a cross-beam on the top to lean upon while walking, used by lame men and hermits.

ଧନକୁ କର ଆଶାବାଡ଼ି, ଗମିଲା ସାଧୁ ପଥ ମାଡ଼ି—
ଭୂପତି—ପ୍ରେମପଞ୍ଚାମୃତ ।

୨ । ରାଜଚିହ୍ନସୂଚକ ଦଣ୍ଡବିଶେଷ—2. Mace.

**ଆଶାଭଙ୍ଗ**—ସଂ. ବି. (୬ଷ୍ଠୀ ତତ୍; ଆଶା+ଭଙ୍ଗ=ଭାଙ୍ଗିଯିବା)—
**Āsābhanga** ନୈରାଶ୍ୟ; ଆଶାଲୋପ—
Disappointment; defeat of hope.

**ଆଶାଭରସା**—ଦେ. ବି. (ପ୍ରାୟ ଏକାର୍ଥବାଚକ; ସହଚରଶବ୍ଦ)—କୌଣସି
**Āsābharasā** ପ୍ରକାର ଆଶା—Any kind of hope.

**ଆଶାୟୀ**—ସଂ. ବିଣ (ଆଶା+ଇ. ଧାତୁ=ପାଇବା+କର୍ତ୍ତୃ. ଇନ୍)—
**Āsāyi** ଅଧୁନିକ ପ୍ରୟୋଗ)=ଆଶାବାନ୍; ଆଶାନ୍ୱିତ; ଆଶାଯୁକ୍ତ—
(ଆଶାୟିନୀ—ସ୍ତ୍ରୀ) Expectant; hoping; eagerly expecting; hopeful.

ଆଶାୟୀ ଭିକ୍ଷୁକ-ଆଶା-ଅଶୋକପାଦପ;
ଗୁଣାଗ୍ରାମ କମଳ ଭୃଙ୍ଗ କଞ୍ଜ ରବ । ରାଧାନାଥ. ମହାଯାତ୍ରା ।

**ଆଶାସନା**—ଗ୍ରା. ବି. (ସଂ. ଆଶ୍ୱାସନା)—ଆଶ୍ୱାସନା (ଦେଖ)
**Āsāsanā** Āswāsanā (See)

**ଆଶାସୋଟା**—ବୈଦେ. ବି. (ସହଚର; ଅ. ଅସା+ସୋଟା)—ରାଜାଙ୍କ
**Āsāsothā** ଗହଣରେ ଅନୁଚରଙ୍କ ଦ୍ୱାରା ବାହିତ ଆଶାବାଡ଼ି ଓ ସୋଟାବାଡ଼ି ନାମକ ରାଜଦଣ୍ଡଦ୍ୱୟ; ରାଜଦଣ୍ଡ; ରାଜଚିହ୍ନ-
Two kinds of thick sticks carried as paraphernalia with great men.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଖ | ଚ | ଶ,ଷ | ଙ୍କ | ଇଗ୍ଗୃ | ଦ୍ଧ | ଘ |
| ୨ | ଈ | ଜ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | କୃ |

[ଦ୍ର— ଆଶାର ମୁଣ୍ଡ ବଙ୍କା ଓ ମୋଟା ମାତ୍ର ସୋଠାର ମୁଣ୍ଡ ଦେହ ପର ସମସ୍ଥୂଳ ଓ ସିଧା । ]

**ଆଶାସ୍ୟ**—ସଂ. ବଣ. (ଆ+ଶାସ ଧାତୁ=ଶାସନ କରିବା; ଆଶୀର୍ବାଦ କରିବା+କର୍ମ. ଯ)—୧ । ଆଶାଜନକ—
Āśāsya
1. Hopeful.
୨ । ପ୍ରାର୍ଥନୀୟ—2. Desirable; hoped for.
୩ । ଆଶୀର୍ବାଦସାଧ୍ୟ —3. To be wrought by good wishes or benediction.

**ଆଶିତ**—ସଂ. ବଣ.—୧ । (ଆ+ଅଶ ଧାତୁ=ଖାଇବା+କର୍ମ. ତ)= ଭୁକ୍ତ; ଭକ୍ଷିତ; ଅଶିତ —1. Eaten; partaken
Āśita
୨ । (+କର୍ତ୍ତୃ. ତ)—ଭୋଜନଦ୍ୱାରା ତୃପ୍ତ—
2 Satisfied with the meal.
୩ । ଯେ ଖାଇଥାଏ—3. Having already taken food.
ସଂ. ବି. (+ଭାବ. ତ)—୧ । ଭୋଜନ—1. Eating.
୨ । ତୃପ୍ତି—2. Satisfaction after meal.

**ଆଶିତଂଗବୀନ**—ସଂ. ବଣ. (ଅଶିତ=ଭୁକ୍ତ+ଗୋ=ଗୋରୁ+ଖନ. ପ୍ରାଗ୍‌ଭୂତ ଅର୍ଥରେ—ଯେଉଁଠାରେ ଗୋରୁମାନେ ଘାସ ଆଦି ଖାଇ ତୃପ୍ତ ହୁଅନ୍ତି)—୧ । ତୃଣପୂର୍ଣ୍ଣ ଗୋଚର ଭୂମି—1. A grazing field full of grass.
Āśitaṁgabina
୨ । ନଷ୍ଟାବାଦ ଗୋଚର; ପୂର୍ବେ ଗୋଚାରଣରୂପେ ବ୍ୟବହୃତ ହୋଇଥିବା କ୍ଷେତ୍ର—2. A field formerly used for grazing.

**ଆଶିନ**—ଗ୍ରା. ବି.—ଅଶ୍ୱିନ (ଦେଖ)
Āśina Āświna (See)

**ଆଶିରିଆ**—ବୈଦେ. ବି (ନାମ)— ଅସୀଆ ମହାଦେଶର ଭୂଭାଗର ପ୍ରାଚୀନ ଦେଶବିଶେଷ — Assyria.
Āśiriā
[ଦ୍ର— ଏହା ପାରସ୍ୟ ଉପସାଗର କୂଳରେ; ଅଧୁନାତ କାଳରେ ମେସୋପୋଟେମିଆ ଓ ଆର୍ମେନିଆ ନାମରେ ପରିଚିତ; ଏହା ଖ୍ରୀଷ୍ଟଜନ୍ମର ଦୁଇ ହଜାର ବର୍ଷ ପୂର୍ବେ ପ୍ରତିଷ୍ଠିତ ହୋଇଥିଲା । ]

**ଆଶିରପାଦ(ଇତ୍ୟାଦି)**—ଗ୍ରା. ବି. (ସଂ ଆଶୀର୍ବାଦ)—
Āśiripāda etc. ଆଶୀର୍ବାଦ ଇତ୍ୟାଦି (ଦେଖ)
Āśirbāda etc. (See)

**ଆଶିରୀୟ**—ବୈଦେ. ବଣ (ବାଇବଲ୍)— ଆଶିରିଆ ଦେଶବାସୀ—
Āśiriya Assyrian.

**ଆଶିଲିଷା**—ଗ୍ରା. ବି.—ଅଶ୍ଳେଷା (ଦେଖ)
Āśilishā Āśeleshā (See)

**ଆଶିଷ**—ଦେ. ବି. (ସଂ. ଆଶିସ୍)—ଆଶୀର୍ବାଦ, କଲ୍ୟାଣ—
Āśisha Benediction; blessing.
ଅଶିସ୍ — ଶିଶୁଅ ମୋତେ ସଦା ଏ ପୁଣ୍ୟ ତୁଠ ।
आशिस — ତୋର ଅଶିଷେ ପୂରୁ ମୋ ମନୋରଥ । ମଧୁସୂଦନ— ପଦ୍ମ ।

**ଆଶିଷିବା**—ଦେ. ପଦ୍ୟ. କ୍ରି. (ସଂ. ଆଶୀସ୍)—ଆଶୀର୍ବାଦ କରିବା—
Āśishibā To bless.
ଆଶିଷିଲେ ଅନ୍ତର୍ଯାମୀ ସେ ପୁଣ୍ୟ କରଣେ ।
ମଧୁସୂଦନ—ବାଳରାମାୟଣ ।

**ଆଶୀ**—ସଂ. ବି. ସ୍ତ୍ରୀ (ଆ+ଅଶ୍ ଧାତୁ=ଭୋଜନ କରିବା+କରଣ. କ୍ୱିପ୍)—୧ । ସର୍ପାଦିଙ୍କର ବିଷଦନ୍ତ—1. The fangs of a serpent.
Āśī
୨ । ସର୍ପବିଷ—2. Serpents' venom.

**ଆଶୀଃ**—ସଂ. ବି. ସ୍ତ୍ରୀ (ଆ+ଶାସ ଧାତୁ=ଶୁଭାକାଂକ୍ଷା କରିବା+ଭାବ କ୍ୱିପ୍ ୧ମା. ୧ ବଚନ)—
Āśīḥ
୧ । ଆଶୀର୍ବାଦ; (ପ୍ରଭୁଙ୍କଠାରେ) ଅନ୍ୟର ଶୁଭ ପ୍ରାର୍ଥନା; ମଙ୍ଗଳ ବାଞ୍ଛା—1. Blessing; benediction.
୨ । ପ୍ରାର୍ଥନା—2. Prayer.
୩ । (+କରଣ. କ୍ୱିପ୍)—ସର୍ପର ବିଷଦାନ୍ତ—
3. Fang of a serpent.
୪ । ବୃଦ୍ଧିନାମକ ଔଷଧ—4. A rare herb.
ସଂ. ବଣ (+କର୍ତ୍ତୃ. କ୍ୱିପ୍)—ଆଶ୍ୱାସଦାତା—Consoling.

**ଆଶୀବିଷ**—ସଂ. ବି. ( ବହୁବ୍ରୀହି; ଆଶୀ=ବିଷଦାନ୍ତ+ବିଷ)—
Āśībisha ୧ । ସର୍ପ—1. Serpent.
କେ ବୋଲେ ସୁରଜନେ ସୁଖୀ ସୁଧା ଭୋଜନେ
ଆଶୀବିଷେ ରଖନ୍ତି ଶେଷ । ଅଭିମନ୍ୟୁ, ବଡଗ୍ରନ୍ଥାମଣି ।
୨ । ବିଷଧର ସରୀସୃପ—2. Poisonous reptile.

**ଆଶୀର୍ପାଦ (ଇତ୍ୟାଦି)**—ଗ୍ରା. ବି—ଆଶୀର୍ବାଦ ଇତ୍ୟାଦି ( ଦେଖ )
Āśīrpāda etc Āśīrbāda etc ( See )

**ଆଶୀର୍ବଚନ**—ସଂ. ବି. ( ମଧ୍ୟପଦଲୋପୀ; ଆଶୀର୍ଯୁକ୍ତ ବଚନ )—
Āśīrbachana ଆଶୀର୍ବାଦ ( ଦେଖ )
Āśīrbāda ( See )

**ଆଶୀର୍ବାଦ**—ସଂ. ବି. ( ମଧ୍ୟପଦଲୋପୀ; ଆଶୀଃ+ବାଦ=କଥା )—
Āśīrbāda ୧ । ଆଶିଷ ଯୁକ୍ତ ବାକ୍ୟ; ମଙ୍ଗଳବାଦ; ଅନ୍ୟର ମଙ୍ଗଳବାଞ୍ଛାପ୍ରକାଶ—1. Blessing; benediction.
୨ । ହୋମ ଯଜ୍ଞାଦି କର୍ମାନୁଷ୍ଠାନ ସମାପ୍ତ ହେଲାରୁ ପୁରୋହିତ ଓ ଉପସ୍ଥିତ ବ୍ରାହ୍ମଣମାନେ ବେଦୋକ୍ତମନ୍ତ୍ରଯୁକ୍ତ ଯେଉଁ ମଙ୍ଗଳକାମନା ବାକ୍ୟ ବୋଲି ଯଜମାନର ମୁଣ୍ଡରେ ଅକ୍ଷତ ଚାଉଳ ପକାନ୍ତି—2 Benedictory Vedic formulæ and sentences uttered by the priest and Brāhmaṇas while sprinkling rice on the head of the principal at the conclusion of Vedic rites.

ସାଧାରଣ ଲୋକେ ଅପର ସ୍ଥାନରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଙ୍କ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଆଶୀର୍ବାଦକ**— ସଂ. ବିଣ. ପୁଂ. ( ଆଶିଷ୍+ବଦ୍ ଧାତୁ=କହିବା+କର୍ତ୍ତୃ. ଅକ )— ଯେ ଆଶୀର୍ବାଦ କରେ—
Āśīrbādaka
(ଆଶୀର୍ବାଦିକା—ସ୍ତ୍ରୀ) One who blesses; blessing; well-wisher.

**ଆଶୀର୍ବାଦ କରିବା**—ଦେ. କ୍ରି—ପରର ମଙ୍ଗଳ କାମନା ଉଚ୍ଚାରଣ କରିବା- To bless; to utter a blessing or benediction.
Āśīrbāda kariba
আশীর্বাদ· করা
असीसना

**ଆଶୀର୍ବାଦଘର**—ଦେ. ବି.—ପୁନର୍ବିବାହ; ଦ୍ୱିରାଗମନ; ଦ୍ୱିରାଗମନ-ଉତ୍ସବ—The ceremony of consummation of marriage
Āśīrbādaghara
[ ଦ୍ର— ଯେଉଁ ହିନ୍ଦୁସମ୍ପ୍ରଦାୟରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଅଛି ସେମାନଙ୍କର ବିବାହ ପରେ ସ୍ୱାମୀ ସ୍ତ୍ରୀ ପୃଥକ୍ ପୃଥକ୍ ରହନ୍ତି । ସ୍ତ୍ରୀ ଋତୁମତୀ ହେବା ପରେ ଜ୍ୟୋତିଷ ମତରେ ଶୁଭ ଦିନ ଧରାଯାଇ ହୋମାଦି ମଙ୍ଗଳ ଅନୁଷ୍ଠାନ ପରେ ସ୍ୱାମୀସ୍ତ୍ରୀଙ୍କର ମିଳନ ହୁଏ । ]

**ଆଶୀର୍ବାଦ ଚାଉଳ**—ଦେ. ବି. (ସ. ଆଶୀର୍ବାଦ+ତଣ୍ଡୁଳ)—
Āśīrbāda chāu̱la ହୋମ,ଯଜ୍ଞ, ବିବାହାଦି ମଙ୍ଗଳ ଅନୁଷ୍ଠାନମାନ ସମାପ୍ତ ହେବା ପରେ ପୁରୋହିତ ଓ ଅନ୍ୟାନ୍ୟ ବ୍ରାହ୍ମଣମାନେ ବେଦୋକ୍ତମନ୍ତ୍ରଯୁକ୍ତ ଆଶୀର୍ବଚନ ଉଚ୍ଚାରଣ କରି ଯେଉଁ ଅକ୍ଷତକୁ କର୍ତ୍ତାଙ୍କ ମୁଣ୍ଡରେ ପକାନ୍ତି— Consecrated rice which the priest and other Brāhmaṇas sprinkle on the head of the principal on the completion of a Vedic rite.

**ଆଶୀର୍ବାଦ ଦକ୍ଷିଣା** —ସଂ. ବି.— ଶୁଭାନୁଷ୍ଠାନମାନଙ୍କରେ ଉପସ୍ଥିତ ବ୍ରାହ୍ମଣମାନେ କର୍ମ ଶେଷରେ କର୍ମକର୍ତ୍ତାଙ୍କୁ ଆଶୀର୍ବାଦ କରି ତହିଁ ନିମନ୍ତେ ଯେଉଁ ଦକ୍ଷିଣା ବା ଅର୍ଥ ପାଆନ୍ତି—Cash presents received by Brāhmaṇas at ceremonies for uttering or chanting blessings on the principal.
Āśīrbāda dakshiṇā

**ଆଶୀର୍ବିଷ**—ସଂ. ବି.—ଆଶୀବିଷ (ଦେଖ)
Āśīrbisha Āśībisha (See)

**ଆଶୀସ୍**—ସ. ବି.—ଆଶୀଃ (ଦେଖ)
Āśīs Āśīḥ (See)

**ଆଶୁ**—ସଂ. କ୍ରି. ବିଣ. ( ଅଶ୍ ଧାତୁ=ବ୍ୟାପିବା+କର୍ତ୍ତୃ. ଉ )— ଶୀଘ୍ର; ଚଞ୍ଚଳ; ଅବିଳମ୍ବରେ—Soon; quickly; at once.
Āśu
ଯବନକୁ ଆଶୁ ପ୍ରେରି ନରେନ୍ଦ୍ର—ଉପେନ୍ଦ୍ର. କବିତାବଳୀ ।

ସଂ. ବିଣ.—୧ । କ୍ଷିପ୍ର; ଚଞ୍ଚଳ ( ଯଥା—ଆଶୁ ପ୍ରତିକାର)— 1. Early; immediate.

୨ । ଯାହା ଶୀଘ୍ର ପାଚେ—2. Ripening early.

ସଂ. ବି.—ବିଆଳି ଧାନ; ଶୀଘ୍ର ପାଚିବା ଧାନ— Early rice; the Biā̱li paddy.

**ଆଶୁକଣ୍ଟାମୁଗଡି** — ପ୍ରାଦେ. (ସିଂହଭୂମ) ବି.—ଏକପ୍ରକାର ଧାନ—
Āśukaṇṭāmugadi A species of paddy.

**ଆଶୁକବି** — ସଂ. ବି (ଆଶୁ+କବି)— ଯେ ହଠାତ୍ କବିତା ରଚନା କରିପାରେ—An extempore poet.
Āśukabi

**ଆଶୁଗ**— ସଂ. ବି. ( ଆଶୁ=ଶୀଘ୍ର+ଗମ୍ ଧାତୁ=ଯିବା+କର୍ତ୍ତୃ. ଅ )—
Āśuga ୧ । ବାଣ; ଶର; ବିଶିଖ—1. Arrow.
୨ । ବାୟୁ; ପବନ—2. Wind.
୩ । ସୂର୍ଯ୍ୟ —3. The sun.
ସଂ. ବିଣ.—ଶୀଘ୍ରଗାମୀ—Swift; fleet.

**ଆଶୁଗତି**— ସଂ. ବି. ୧ । (ବହୁବ୍ରୀହି; ଆଶୁ+ଗତି) — ବାୟୁ—
Āśugati 1. Wind.
୨ । (କର୍ମଧାରୟ)—ଶୀଘ୍ର ଗମନ—2. Speedy movement.

**ଆଶୁତୋଷ**—ସଂ. ବିଣ ( ବହୁବ୍ରୀହି; ଆଶୁ=ଶୀଘ୍ର+ତୋଷ=ସନ୍ତୋଷ —ଯେ ଅଳ୍ପକେ ସନ୍ତୁଷ୍ଟ ହୁଏ—
Āśutosha
Easily satisfied, quickly pleased.
ସଂ. ବି.—ମହାଦେବ—God Śiba
ଦେ. ବି. ପୁଂ.—ପୁରୁଷଙ୍କ ନାମବିଶେଷ— Name given to males.

**ଆଶୁଧାନ୍ୟ** – ସଂ. ବି.— ଆଶୁ (ଦେଖ)
Āśudhānya Āśu (See)

**ଆଶୁବିଶ୍ୱାସ**— ସଂ. ବି.—ସହଜରେ କରାଯିବା ବିଶ୍ୱାସ; ହଠାତ୍ ଜନ୍ମିବା ବିଶ୍ୱାସ—Credulity.
Āśubiśwāsa

**ଆଶୁଶୁକ୍ଷଣି**—ସଂ. ବି. (ଆଶୁ+ଶୁଷ୍ ଧାତୁ=ଶୁଷ୍କ କରା+କର୍ତ୍ତୃ. ଇଚ୍ଛାର୍ଥେ; ଅନି; ଯାହା ସବୁ ପଦାର୍ଥକୁ ଉତ୍ତାପ ଦ୍ୱାରା ଶୀଘ୍ର ଶୁଖାଇ ଦିଏ )—
Āśuśukshaṇi
୧ । ଅଗ୍ନି—1. Fire.
୨ । ବାୟୁ—2. Wind.

**ଆଶେଲେଷା**—ଗ୍ରା ବି—ଏକ ପ୍ରକାର ଠାର, ଯହିଁରେ ବାକ୍ୟର ପ୍ରତ୍ୟେକ ଅକ୍ଷର ପରେ 'ଶେଲେଷ' ଯୁକ୍ତ ହୋଇ ତହିଁ ସଙ୍ଗେ ସ୍ୱରବର୍ଣ୍ଣ ମିଶି ବୋଲାଯାଏ—
Āśe̱leshā
( ଯଥା—ଅମେ=ଅ 'ଶେଲେଷା'+ମ'ଶେଲେଷେ' ଯିବା= ଯ 'ଶେଲେଷି'+ବ'ଶେଲେଷା' । )
A cypher language in which the term 'śe̱lesha' follows every letter with the vowel added after it.

**ଆଶ୍ଚର୍ଯ୍ୟ** ସଂ. ବି. ( ଆ+ଚର ଧାତୁ=ଗମନ କରିବା+କର୍ମ. ଯ; ସ୍— ଆଗମ; ଶବ୍ଦ ବିଧାନ )—
Āścharjya
୧ । ବିସ୍ମୟ; ଚମତ୍କାର—
1. Astonishment; wonder; surprise.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଟ | ଯ୍ୟ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | ଜ୍ଞ | ଇଯ୍ୟ | ଉଅ | ଋ |
| ୨ | ଈ | ଊ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

୨ । ବିସ୍ମୟଜନକ ବିଷୟ ବା ଘଟଣା—
2. A marvel; prodigy.

ବେ. ବିଣ—ଅଦ୍ଭୁତ; ଅପୂର୍ବ; ବିସ୍ମୟଜନକ—Surprising: wonderful; strange; marvellous.

ବିଶ୍ୱକର୍ମା ଦେଖାଇ ଅପଣା ନିପୁଣ
ଯେ ଅସ୍ତ୍ର ବନ୍ଧ କଲେ ସେ ହେଲା ଆଶ୍ଚର୍ଯ୍ୟ । କୃଷ୍ଣସିଂହ. ମହାଭାରତ. ବନ ।

**ଆଶ୍ଚର୍ଯ୍ୟଜନକ**—ସଂ. ବିଣ—ଯାହା ମନରେ ବିସ୍ମୟ ଜନ୍ମାଏ; ବିସ୍ମୟକର—
**Āścharjyajanaka** Wonderful; astonishing

**ଆଶ୍ଚର୍ଯ୍ୟ ହେବା**—ଦେ.କ୍ରି—ଚମତ୍କୃତ ହେବା; ବିସ୍ମିତ ହେବା—
**Āścharjya hebā** To wonder; to marvel.

**ଆଶ୍ଚର୍ଯ୍ୟାନ୍ୱିତ**—ସଂ. ବିଣ. ପୁଂ (୩ୟା ତତ୍; ଆଶ୍ଚର୍ଯ୍ୟ+ଅନ୍ୱିତ)—
**Āścharjyānwita** ଚମତ୍କୃତ; ବିସ୍ମିତ—
Surprised; astonished.

**ଆଶ୍ୱ**—ସଂ. ବି. ( ଅଶ୍ୱ=ଘୋଡ଼ା + ସମୂହାର୍ଥ. ଅ )—ଅଶ୍ୱସମୂହ—
**Āśwa** A collection of horses.

ସଂ. ବିଣ—୧ । ଅଶ୍ୱସମ୍ବନ୍ଧୀୟ—
1. Pertaining to horses.

୨ । ଅଶ୍ୱବାହ୍ୟ; ଘୋଡ଼ାଟାଣୁଥିବା—
2. Carried or drawn by horses

**ଆଶ୍ୱତ୍ଥ**—ସଂ. ବି. ( ଅଶ୍ୱତ୍ଥ+ଭବ ଓ ସମ୍ବନ୍ଧାର୍ଥେ ଅ. )—ଅଶ୍ୱତ୍ଥ-
**Āśwattha** ବୃକ୍ଷର ଫଳ; ଓସ୍ତଫଳ—
The plum of the peepal tree.

ସଂ. ବିଣ—ଅଶ୍ୱତ୍ଥବୃକ୍ଷସମ୍ବନ୍ଧୀୟ—Pertaining to the holy fig tree.

**ଆଶ୍ୱମେଧିକ**—ସଂ. ବି. ( ଅଶ୍ୱମେଧ+ହିତାର୍ଥ. ଇକ )—
**Āśwamedhika** ୧ । ଅଶ୍ୱମେଧସମ୍ବନ୍ଧୀୟ—
1. Pertaining to horse sacrifice.

୨ । ମହାଭାରତର ପର୍ବବିଶେଷ—
2. A book or part of the Mahābhārata.

**ଆଶ୍ୱଯୁଜ**—ସଂ. ବି. (ଅଶ୍ୱଯୁଜା=ଅଶ୍ୱିନୀ ନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା + ତଦ୍‌ଯୁକ୍ତ
**Āśwajuja** କାଳାର୍ଥେ ଅ—ଆଶ୍ୱିନ ମାସ)—
The month of Āświna.

ସଂ. ବିଣ—ଆଶ୍ୱିନମାସସମ୍ବନ୍ଧୀୟ—Pertaining to or happening in the month of Āświna.

**ଆଶ୍ୱଯୁଜୀ**—ସଂ. ବି. ( ଅଶ୍ୱଯୁଜ+ଅ+ସ୍ତ୍ରୀ. ଈ )—
**Āśwajujī** ଆଶ୍ୱିନମାସ ପୂର୍ଣ୍ଣିମା; କୁମାର ପୂର୍ଣ୍ଣିମା—
The fullmoon day of the month of Āświna.

**ଆଶ୍ୱସିତ**—ସଂ. ବିଣ. (ଆ+ଶ୍ୱସ୍ ଧାତୁ=ପ୍ରତ୍ୟାଶା କରିବା+କର୍ମ. ତ)—
**Āśwasita** ଆଶ୍ୱସ୍ତ ( ଦେଖ )—
Āśwasta ( See )

**ଆଶ୍ୱସ୍ତ**—ସଂ. ବିଣ. (ଆ+ଶ୍ୱସ ଧାତୁ=ପ୍ରତ୍ୟାଶା କରିବା + କର୍ମ. ତ)—
**Āśwasta** ୧ । ଆଶ୍ୱାସପ୍ରାପ୍ତ—1. Consoled.

୨ । ଉତ୍ସାହିତ—2. Encouraged; cheered up.

୩ । ପ୍ରବୋଧିତ—3. Comforted.

**ଆଶ୍ୱାସ**—ସଂ. ବି. (ଆ+ଶ୍ୱସ ଧାତୁ=ପ୍ରତ୍ୟାଶା କରିବା+ଭାବ. ଅ)—
**Āśwāsa** ୧ । ଆଶା—1. Hope.

୨ । ଅନୁନୟ; ଆସ୍ଥା; ବୋଧହେବାଅବସ୍ଥା—
2. Assurance; confidence.

୩ । ପ୍ରବୋଧନ; ସାନ୍ତ୍ୱନା—
3. Offering hopes; consolation.

୪ । ଉତ୍ସାହଦାନ—4. Encouragement.

୫ । ମନୋବୋଧ; ଦୁଃଖିତ ବ୍ୟକ୍ତିର ଭୟ ନିବାରଣାର୍ଥ ସାନ୍ତ୍ୱନା—
5. Comfort.

୬ । ସ୍ନେହ ପ୍ରଦର୍ଶନ—
6. Commiseration; sympathy.

୭ । ମନର ଆନନ୍ଦ—7. Cheer.

୮ । ବିଶ୍ରାମ—8. Rest; recreation.

୯ । ନିଃଶ୍ୱାସ—9. Breath; inhalation and exhalation.

୧୦ । ଆଖ୍ୟାୟିକାର ପରିଚ୍ଛେଦ—
10. Chapter of a story.

**ଆଶ୍ୱାସନ**—ସଂ. ବି. ( ଆ+ଶ୍ୱସ୍ ଧାତୁ, ଣିଜନ୍ତ ଶ୍ୱାସି ଧାତୁ=ପ୍ରତ୍ୟାଶା
**Āśwāsana** କରାଇବା+ଭାବ. ଅନ )—୧ । ସାନ୍ତ୍ୱନାଦାନ—
1. Consolation.

୨ । ପ୍ରବୋଧଦାନ—2. Assurance.

୩ । ଉତ୍ସାହ—3. Encouragement.

୪ । କୋମଳ ବ୍ୟବହାର—4. Tender behaviour.

୫ । ବ୍ୟବହାରର କୋମଳତା—5. Tenderness.

୬ । ଆହ୍ଲାଦନ—6. Gladdening.

ସଂ. ବିଣ. ( +କର୍ତ୍ତୃ. ଅନ )—ଆଶ୍ୱାସଜନକ—Consoling.

**ଆଶ୍ୱାସନୀୟ**—ସଂ. ବିଣ. ( ଆ+ଶ୍ୱସ୍ ଧାତୁ=ପ୍ରତ୍ୟାଶା କରିବା + କର୍ମ.
**Āśwāsanīya** ଅନୀୟ )—ଯାହାକୁ ଆଶ୍ୱାସ ଦେବା ଉଚିତ ବା ଆବଶ୍ୟକ—Fit to be given consolation

**ଆଶ୍ୱାସନା**—ସଂ. ବି. ସ୍ତ୍ରୀ. (ଆ+ଶ୍ୱାସି ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
**Āśwāsanā** ଆଶ୍ୱାସନ ( ଦେଖ )
Āśwāsana ( See )

**ଆଶ୍ୱାସିତ**—ସଂ. ବିଣ. ( ଆ+ଶ୍ୱସ ଧାତୁ ଣିଚ; ଶ୍ୱାସି ଧାତୁ=ପ୍ରତ୍ୟାଶା
**Āśwāsita** କରାଇବା+କର୍ମ. ତ )—୧ । ଆଶ୍ୱସ୍ତ ( ଦେଖ )
1. Āśwasta ( See )

୨ । ଆଶ୍ୱାସପ୍ରାପ୍ତ—2. Consoled.

୩ । ଅନୁରୋଧିତ—3. Requested; solicited.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲବଢ଼' ଦେଖିବେ ।

୪ । ପ୍ରବୋଧିତ—4. Persuaded.

ଆଶ୍ୱାସିବା—ଦେ. ପଦ୍ୟ. କ୍ରି. ( ସଂ. ଆଶ୍ୱାସ )—୧ । ଆଶାଦେବା—
Āswāsibā 1. To offer hopes.
ବଚନରେ ଆଶ୍ୱାସି ତାହାଙ୍କୁ କହନ୍ତି । କୃଷ୍ଣସିଂହ. ମହାଭାରତ. ଅଦ ।
୨ । ପ୍ରବୋଧ କରିବା; ସାନ୍ତ୍ୱନା ଦେବା—
2. To console
୩ । ଉତ୍ସାହିତ କରିବା—
3. To encourage; to cheer up.

ଆଶ୍ୱିନ—ସଂ. ବି. ( ଅଶ୍ୱିନୀ=ଅଶ୍ୱିନୀ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+ତଦ୍‌ଯୁକ୍ତ
Āswina କାଳାର୍ଥେ. ଅ )—ଯେଉଁ ମାସରେ ଅଶ୍ୱିନୀନକ୍ଷତ୍ରଯୁକ୍ତ-ପୂର୍ଣ୍ଣିମା ପଡ଼େ; ଅଶ୍ୱିଣମାସ; ଭାଦ୍ରପରବର୍ତ୍ତୀ ମାସ—
The month of Āswina.

ଆଶ୍ୱିନୀ—ସଂ. ବି. ( ଅଶ୍ୱିନ+ଅ+ସ୍ତ୍ରୀ. ଈ )—
Āswinī ଅଶ୍ୱିନମାସର ପୂର୍ଣ୍ଣିମା; କୁମାରପୂର୍ଣ୍ଣିମା—
The fullmoon day of the month of Āswina.

ଆଶ୍ୱିନେୟ—ସଂ. ବି. ( ଅଶ୍ୱିନୀ=ସୂର୍ଯ୍ୟପତ୍ନୀ+ଅପତ୍ୟାର୍ଥେ. ଏୟ )—
Āswineya ଅଶ୍ୱିନୀକୁମାରଦ୍ୱୟ; ସ୍ୱର୍ଗବୈଦ୍ୟ—The twin-sons of the Sun-god by his wife ( Saṃjñā ) who was turned to a mare; the physician to the gods.

ଆଶ୍ୱିନ୍ୟ—ଗ୍ରା. ବି.—ଆଶ୍ୱିନ (ଦେଖ)
Āswinya Āswina (See)

ଆଶ୍ୱୀନ—ସଂ. ବି. (ଅଶ୍ୱ+ଈନ)—ଘୋଡ଼ା ଦିନକରେ ଯେତେ ବାଟ
Āswīna ଯାଇପାରେ; ଅଶ୍ୱର ଏକ ଦିନର ଗମ୍ୟ ଦୂରତ୍ୱ—
Distance which can be travelled by a horse in a day

ଆଶ୍ୱୀୟ—ସଂ. ବି. (ଅଶ୍ୱ+ସମୂହାର୍ଥେ. ଈୟ)—୧ । ଅଶ୍ୱସମୂହ—
Aswīya 1. Herd of horses.
୨ । ଅଶ୍ୱସମ୍ବନ୍ଧୀୟ—2. Pertaining to a horse.

ଆଶ୍ରବ—ସଂ. ବି. (ଆ+ଶ୍ରୁ ଧାତୁ=ଶୁଣିବା; ପ୍ରତିଜ୍ଞା କରିବା+ଭାବ.
Āsraba ଅ)—୧ । ପ୍ରତିଜ୍ଞା—1. Vow.
୨ । ଅଙ୍ଗୀକାର—2. Promise.
୩ । ସ୍ୱୀକାର—3. Consent; agreement.
୪ । କ୍ଳେଶ—4. Trouble.
ସଂ. ବିଣ.( +କର୍ତ୍ତୃ. ଅ)—୧ । ବଶ୍ୟ; ଅଧୀନ—
1. Subservient.
୨ । କଥାରେ ବାଧ୍ୟ—2. Obedient.

ଆଶ୍ରମ—ସଂ. ବି. (ଆ+ଶ୍ରମ ଧାତୁ=ତପସ୍ୟା କରିବା+ଅଧିକରଣ. ଅ)—
Āsrama ୧ । ତପସ୍ୟାର ସ୍ଥାନ; ତପୋବନ; ମଠ—
1. Hermitage; monastery; a religious retreat.

୨ । ଦ୍ୱିଜାତିଙ୍କର ଜୀବନର ଚାରିଗୋଟି ବିଭାଗସୂଚକ ଅବସ୍ଥା ( ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଭିକ୍ଷୁ ବା ସନ୍ନ୍ୟାସ)—2. The four stages of a Brāhmaṇa's life enjoined in the Śāstras.

[ ଦ୍ର—ପୂର୍ବେ ଦ୍ୱିଜାତି ସନ୍ତାନ ଜନ୍ମ ହେବାଠାରୁ ଉପନୟନ ପର୍ଯ୍ୟନ୍ତ ପିତା ମାତାଙ୍କ ଲାଳନ ପାଳନରେ ରହୁଥିଲେ ଏବଂ ସେଠାରେ ନିର୍ଦ୍ଦିଷ୍ଟ ସଂସ୍କାରମାନ ହେଉଥିଲା । ତତ୍ପରେ ନିର୍ଦ୍ଦିଷ୍ଟ ବୟସରେ ଉପନୟନସଂସ୍କାରରେ ଦୀକ୍ଷିତ ହୋଇ ଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରି ବ୍ରହ୍ମଚର୍ଯ୍ୟ ଅବଲମ୍ବନପୂର୍ବକ ଗୁରୁଗୃହକୁ ଯାଇ ସେଠାରେ ବେଦାଧ୍ୟୟନ କରୁଥିଲେ । ଏହି ଆଶ୍ରମକୁ 'ବ୍ରହ୍ମଚର୍ଯ୍ୟାଶ୍ରମ' ବୋଲି-ଯାଉଥିଲା । ଗୁରୁଗୃହରେ ବେଦାଧ୍ୟୟନ ଶେଷ କରି ଗୁରୁଙ୍କ ଅନୁମତି ନେଇ ୨୫ ବର୍ଷ ବୟସରେ ଘରକୁ ଫେରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ; ଅର୍ଥାତ୍ ବିବାହ କରି ବଂଶରକ୍ଷା ଓ ସଂସାରଚାଳନ କାର୍ଯ୍ୟରେ ରତ ହେଉଥିଲେ । ଏହାପରେ ଗୃହସ୍ଥାଶ୍ରମରେ କେତେକ ବର୍ଷ ରହିବା ପରେ ସଂସାରର ଭାର ପୁତ୍ରଠାରେ ଅର୍ପଣ କରି ତପସ୍ୟାର୍ଥେ ବନକୁ ଯାଇ ସେଠାରେ ଫଳ ମୂଳ ଖାଇ କେତେକ ବର୍ଷ ଯାପନ କରୁଥିଲେ । ଏହା ବାନପ୍ରସ୍ଥାଶ୍ରମ । ତତ୍ପରେ ଭିକ୍ଷୁବୃତ୍ତି ଅବଲମ୍ବନ କରି ଶେଷଜୀବନ ସ୍ୱୀୟ ଗୃହ ଓ ଗ୍ରାମବ୍ୟତୀତ ଅନ୍ୟତ୍ର ତୀର୍ଥାଦିରୂପେ ଭ୍ରମଣ କରି କଟାଉଥିଲେ । ଏହା ଭିକ୍ଷୁ ବା ସନ୍ନ୍ୟାସାଶ୍ରମ । ]

୩ । ଆଶ୍ରୟ ସ୍ଥାନ—3. A shelter; an asylum.
୪ । ବିଦ୍ୟାଧ୍ୟୟନ ସ୍ଥାନ; ବେଦାଭ୍ୟାସର ସ୍ଥାନ—
4. A place for studying the Vedas.
୫ । ବ୍ୟକ୍ତିବିଶେଷଙ୍କ ବାସସ୍ଥାନ—5. Residence.
୬ । ବନ—6. Forest.

[ ଦ୍ର—ଅସଲ ଅର୍ଥରେ ତପଶ୍ଚରଣର ସ୍ଥାନକୁ ଆଶ୍ରମ ବୋଲାଯାଉଥିଲା; କିନ୍ତୁ ବର୍ତ୍ତମାନ ଅନେକ ପ୍ରକାରର ଆଶ୍ରୟ ସ୍ଥାନକୁ 'ଆଶ୍ରମ' ଉପାଧି ଦିଆଯାଉଅଛି । ଯଥା—ବିଧବାଶ୍ରମ, ଅନ୍ଧାଶ୍ରମ, ଅନାଥାଶ୍ରମ; କୁଷ୍ଠାଶ୍ରମ । ]

ଆଶ୍ରମଧର୍ମ—ସଂ. ବି. (୬ଷ୍ଠୀ ତତ୍; ଆଶ୍ରମ+ଧର୍ମ)—ଆଶ୍ରମାନୁମୋଦିତ
Āsramadharma କାର୍ଯ୍ୟ; ଯେଉଁ ଆଶ୍ରମରେ ଯାହା କରିବା ଉଚିତ—Special duties enjoined for each stage of a Brāhmaṇa's life.

ଆଶ୍ରମପୀଡ଼ା—ସଂ. ବି. ( ୬ଷ୍ଠୀ ତତ୍ )—ତପୋବନ ବା ଆଶ୍ରମଭୂମିର
Āsramapīṛā ଶାନ୍ତିଭଙ୍ଗ—Molestation in one's own retreat; interference with the calmness of a hermitage.
(ଯଥା—ନନ୍ଦନ ଆଶ୍ରମରେ ରାଜା ସଦଳବଳ ଉପସ୍ଥିତ ହେବାରୁ ଆଶ୍ରମପୀଡ଼ା ଘଟିଲା । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଯୃ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଂ | ଡ୍‌ଅ | ଘ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ନ୍ତ |

ଆଶ୍ରମଭ୍ରଷ୍ଟ—ସଂ. ବଣ. ପୁଂ. ( ୫ମୀ ତତ୍ )— ଆଶ୍ରମୋଚିତ କର୍ତ୍ତବ୍ୟ-
Āśramabhrasṭa କାର୍ଯ୍ୟର ତ୍ରୁଟି ଯୋଗୁଁ ଆଶ୍ରମରୁ ଚ୍ୟୁତ—
Fallen from one's proper religious order (by non-observance of rules or by sins of commission and omission.

ଆଶ୍ରମିକ—ସଂ. ବଣ. ପୁଂ. ( ଆଶ୍ରମ+ଜବାସାର୍ଥେ. ଇକ )—
Āśramika ୧ । ବାନପ୍ରସ୍ଥାଦି କୌଣସି ଆଶ୍ରମକୁ ଅବଲମ୍ବନ କରିଥିବା ( ବ୍ୟକ୍ତି ); ଆଶ୍ରମାବଲମ୍ବୀ—Belonging to any of the four religious orders of life.
୨ । କୌଣସି ଆଶ୍ରମରେ ବାସ କରୁଥିବା ( ବ୍ୟକ୍ତି )—
2. Residing in a hermitage.

ଆଶ୍ରମୀ—ସଂ. ବଣ. ପୁଂ. (ଆଶ୍ରମିନ୍ ଶବ୍ଦ ୧ମା. ୧ ବଚନ; ଆଶ୍ରମ+
Āśrami ଅସ୍ତି ଅର୍ଥରେ ଇନ୍)— ଆଶ୍ରମିକ (ଦେଖ)
Āśramika (See)

ଆଶ୍ରୟ—ସଂ. ବି. (ଆ + ଶ୍ରି. ଧାତୁ = ଅବଲମ୍ବନ କରିବା; ସେବା କରିବା
Āśraya +ଭାବ. ଅ )—୧ । ଅବଲମ୍ବନ—1. Shelter;
(ଆଶ୍ରିତ —ବଣ) prop; support
୨ । ଶରଣ—2. Refuge.
୩ । (କର୍ମ. ଅ) ଗୃହ—3. Abode.
୪ । ସ୍ଥିତି—4. Staying.
୫ । ଆଧାର—5. Receptacle.
୬ । ଆଶ୍ରୟସ୍ଥାନ— 6. Asylum.
୭ । ଅନୁସରଣ—7. Following; attendance.
୮ । ରକ୍ଷାସ୍ଥାନ—8. Defence.
୯ । କାରଣ—9. Cause.
୧୦ । ପରମାତ୍ମା—10. The Supreme Soul.

ଆଶ୍ରୟ ନାମ ଯେ ବୋଲଇ, ପରମ ବ୍ରହ୍ମ ଯାକୁ କହି ।
ଜଗନ୍ନାଥ. ଭଗବତ ।

୧୦ । ବ୍ୟପଦେଶ; ଛଳ—10. Pretext; dodge.
୧୧ । ରାଜଗୁଣବିଶେଷ—11. One of the qualities which a king should possess.
ସଂ. ବଣ.—ସହାୟକ—Protector; one who gives shelter.

ଆଶ୍ରୟକ— ସଂ. ବଣ. ପୁଂ.—ଯେ ଆଶ୍ରୟ କରେ; ଆଶ୍ରିତ; ଶରଣାଗତ
Āśrayaka (ବ୍ୟକ୍ତି)—Seeking protection, taking shelter.

ଆଶ୍ରୟଣ— ସଂ. ବି. ଓ ବଣ. (ଆ+ଶ୍ରି ଧାତୁ=ସେବା କରିବା; ଅବ-
Āśrayaṇa ଲମ୍ବନ କରିବା+ଭାବ. ଅନ)—ଆଶ୍ରୟ (ଦେଖ)
(ଆଶ୍ରୟଣୀ—ସ୍ତ୍ରୀ) Āśraya (See)

ଆଶ୍ରୟଣୀୟ—ସଂ. ବଣ. (ଆ+ଶ୍ରି ଧାତୁ+କର୍ମ ଓ ଅଧିକରଣ.ଅନୀୟ)—
Āśrayaṇīya ଅବଲମ୍ବନୀୟ; ଯାହାକୁ ଆଶ୍ରୟ କରାଯାଏ; ଆଶ୍ରୟ-
ଯୋଗ୍ୟ—Worth pursuing; to be approched for protection.

ଆଶ୍ରୟସ୍ଥଳ—ସଂ. ବି.—୧ । ଅବଲମ୍ବନ—Shelter.
Āśrayathaḻa ୨ । ଯାହାକୁ ଆଶ୍ରୟ କରାଯାଏ—2. Refuge.

ଆଶ୍ରୟା— ଦେ. ପଦ୍ୟ ବି.—ଆଶ୍ରୟ; ଆଶ୍ରୟସ୍ଥାନ; ଅବଲମ୍ବନ—
Āśrayā A place for shelter.

ସ୍ତମ୍ଭନ ମୋହନ ବଶ ଆଶ୍ରୟା ।
ଉଷ୍ଣ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଆଶ୍ରୟାଶ —ସଂ. ବି. (ଆଶ୍ରୟ=ଅବଲମ୍ବନ; ଆଧାର + ଅଶ ଧାତୁ=
Āśrayāśa ଖାଇବା+କର୍ତ୍ତୃ. ଅ)—୧ । ଅଗ୍ନି—1. Fire.
୨ । ଧଳାଚିତା ଗଛ—2. A tree.
୩ । ମଲ୍ଲଙ୍ଗ— 3. Orchid; parasite
ସଂ. ବଣ.— ନିଜର ଆଶ୍ରୟ ବା ଅବଲମ୍ବନକୁ ଯେ ନଷ୍ଟ କରେ—
That which destroys its own support.

ଆଶ୍ରୟୀ—ସଂ. ବଣ. (ଆଶ୍ରୟ+ଅସ୍ତି ଅର୍ଥରେ. ଇନ୍. ୧ମା ୧ବ)—
Āśrayī ଆଶ୍ରୟପ୍ରାପ୍ତ; ଯେ ରକ୍ଷାସ୍ଥାନ ପ୍ରାପ୍ତ ହୋଇଅଛି—
One who has got shelter.

ଆଶ୍ରା—ଦେ. ବି. (ସଂ. ଆଶ୍ରୟ)—୧ । ଆଶ୍ରୟ; ସାହା; ସହାୟ; ଭରସା—
Āśrā Support; help; prop;
আশ্রয় ୨ । ଅବଲମ୍ବନ—2. Resort; refuge.
आसरा

ଆଶ୍ରିତ — ସଂ. ବଣ. (ଆ+ଶ୍ରି ଧାତୁ=ଅବଲମ୍ବନ କରିବା+କର୍ତ୍ତୃ. ତ)-
Āśrita ୧ । ଶରଣାଗତ—1. Under protection of,
(ଆଶ୍ରିତା—ସ୍ତ୍ରୀ) sheltered by-
୨ । ଅଧୀନ-ସେବକ—2. Dependent.
୩ । ସ୍ଥିତ; ରକ୍ଷିତ—3 Placed; protected.
୪ । ନିରାପଦରେ ରକ୍ଷିତ—4. Placed in safety; defended; secured.

ଆଶ୍ରିତବତ୍ସଳ— ସଂ. ବଣ. ପୁଂ. (୭ମୀ ତତ୍ ଆଶ୍ରିତ=ଶରଣାଗତ;
Āśritabatsaḻa ସେବକ+ବତ୍ସଳ=ପ୍ରିୟ)—ସେବକ ବା
ଆଶ୍ରିତବତ୍ସଳା—ସ୍ତ୍ରୀ) ଶରଣାଗତକୁ ରକ୍ଷା କରିବା (ବ୍ୟକ୍ତି)—
Fond of one's dependants and followers; patronising; protecting one's proteges.

ଆଶ୍ରିତବାତ୍ସଲ୍ୟ — ସଂ. ବି.—ଶରଣାଗତକୁ ରକ୍ଷା କରିବା ଗୁଣ;
Āśritabātsalya ସେବକକୁ ସାହାପକ୍ଷ ହେବା ଗୁଣ—
Patronage; fondness for one's protege.

ଆଶ୍ରିପାଦ (ଇତ୍ୟାଦି)— ଗ୍ରା. ବି.—ଆଶୀର୍ବାଦ ଇତ୍ୟାଦି (ଦେଖ)
Āśripāda etc. Āśirbāda etc (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଡ' ନ ପାଇଲେ ଅଲବଡ୍ ଦେଖିବେ

**ଆଶ୍ରିବା**—ଦେ. ପଦ୍ୟ କ୍ରି. (ସଂ=ଆଶ୍ରୟ)—୧ । ଆଶ୍ରୟ କରିବା—
**Āsribā** 1. To take shelter or refuge.
ଆଶ୍ରା ଦ୍ୱିସପ୍ତ ଭୁବନ ମଣିଲେ ଯେ ଅଳ୍ପ
ଅଶ୍ରିଲେ ସେ ସପ୍ତ ବୃଷଣ୍ଡର ତଳ୍ପ । ରାଧାନାଥ. ଚନ୍ଦ୍ରଭାଗା ।
୨ । ଅବଲମ୍ବନ କରିବା—2. To depend upon.

**ଆଶ୍ରିବାଦ**—(ଇତ୍ୟାଦି)—ଗ୍ରା. ବି.-ଆଶୀର୍ବାଦ ଇତ୍ୟାଦି (ଦେଖ)
**Āsribāda** etc. Āsirbāda (See)

**ଆଶ୍ରୁତ**—ସଂ. ବିଣ. (ଆ+ଶ୍ରୁ ଧାତୁ=ଶୁଣିବା+କର୍ମ. ତ)—
**Āsruta** ପ୍ରତିଜ୍ଞାତ; ଅଙ୍ଗୀକୃତ—Promised.

**ଆଶ୍ରେ**—ଗ୍ରା. ପଦ୍ୟ.ବି. (ସଂ. ଆଶ୍ରୟ)—ଆଶ୍ରୟ—Shelter.
**Āsre** ଚନ୍ଦ୍ରଚନ୍ଦ୍ର ଆଶ୍ରେକର ଚରଣରେ । ପୀତାମ୍ବର. ନୃସିଂହପୁରାଣ ।
ଦେ. ବିଣ.—ଆଶ୍ରିତ;ଶରଣାଗତ—Under protection of.
ଭକତ ପଥ ଆଶ୍ରେକାର; ଏତେ ପ୍ରଭୁବ ହେ ରାଜନ !
ଜଗନ୍ନାଥ. ଭାଗବତ. ୫ମ ।

**ଆଶ୍ଳିଷ୍ଟ**—ସଂ. ବିଣ. (ଆ+ଶ୍ଳିଷ୍ ଧାତୁ=ଆଲିଙ୍ଗନ କରିବା+କର୍ମ. ତ)-
**Āslishta** ଆଲିଙ୍ଗିତ; ସମ୍ମିଳିତ—Embraced; hugged.

**ଆଶ୍ଳେଷ**—ସଂ. ବି. (ଆ+ଶ୍ଳେଷ ଧାତୁ=ଆଲିଙ୍ଗନ କରିବା+ଭାବ. ଅ)-
**Āslesha** ୧ । ଆଲିଙ୍ଗନ; ମିଳନ—1. Embrace; union.
୨ । ଆଶ୍ରୟ—2. Shelter.
କହୁଛି ଦେଇ ଶ୍ଳେଷ ଆଶ୍ଳେଷ; ଗୃହ ନ ଗୃହ ଶିର ଚମ୍ପୁଂସ
ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୩ । ଶ୍ଳେଷ—ଆଶ୍ଳେଷାର୍ଥ (ଦେଖ)
3. Āsleshārtha ( See )

**ଆଶ୍ଳେଷାର୍ଥ**—ସଂ. ବି. (ଆଶ୍ଳେଷ=ଶ୍ଳେଷ+ଅର୍ଥ—ଶବ୍ଦର ଅର୍ଥବିଶେଷ; ଏକ ଶବ୍ଦଦ୍ୱାରା ଏକାଧିକ ଅର୍ଥବୋଧ ଶ୍ଳେଷାର୍ଥ—
Equivocal meaning of a word.

**ଆଷାଢ଼**—ସଂ. ବି. ( ଆଷାଢ଼ୀ=ଆଷାଢ଼ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା+ତଦ୍‌ଯୁକ୍ତ
**Ashārdha** କାଳାର୍ଥେ. ଅ )—
୧ । ଆଷାଢ଼ ମାସ—
1. The month of Ashārdha.
୨ । ବ୍ରହ୍ମଚାରୀଙ୍କ ଧାର୍ଯ୍ୟ ପଲାଶ ଦଣ୍ଡ—2. A palās wand held by a Brahmachārī.
୩ । ଦଣ୍ଡ—3. A wand.
୪ । ମଳୟ ପର୍ବତ—4. The Malaya mountains; the western ghats.

**ଆଷାଢ଼ଶୁକ୍ଳ**—ଦେ. ବି—ରାଗବିଶେଷ—
**Ashārdhasukla** A sort of metre
[ ଦ୍ର—ରାଗ ତାଲେ କୋଷ୍ଠ ଦେଖ । ]

**ଆଷାଢ଼ା**—ସଂ. ବି. ( ଆ+ସହ ଧାତୁ=ସହ୍ୟ କରିବା+କର୍ତ୍ତୃ. ଅ;
**Ashārdhā** +ସ୍ତ୍ରୀ. ଆ )—
୧ । ପୂର୍ବାଷାଢ଼ା ନକ୍ଷତ୍ର—1. The 20th asterism.
୨ । ଉତ୍ତରାଷାଢ଼ା ନକ୍ଷତ୍ର—2. The 21st asterism.

**ଆଷାଢ଼ୀ**—ସଂ. ବି. (ଆଷାଢ଼=ନକ୍ଷତ୍ର+ଅ+ସ୍ତ୍ରୀ. ଈ)—
**Ashārdhī** ଆଷାଢ଼ମାସ ପୂର୍ଣ୍ଣିମା—The full-moon of the month of Ashārdha.
ସଂ. ବିଣ—ଆଷାଢ଼ମାସସମ୍ବନ୍ଧୀୟ—Pertaining to or happening in the month of Ashārdha.

**ଆଷାଢ଼ୁଆ**—ପ୍ରାଦେ. (ଗଞ୍ଜାମ) ବି—ଅଷାଢ଼ୁଆ ( ଦେଖ )
**Ashārdhuā** Ashārdhuā ( See )

**ଆଷ୍ୟ**—ଗ୍ରା. ପଦ୍ୟ. ବି—ଆୟୁଷ ( ଦେଖ )
**Ashya** Ayusha (See)
ପରମଙ୍କ ଆଜ୍ଞା ଯେଣୁ ଆଷ୍ୟ ଶିଳ୍ପ କରେ । ପ୍ରାଚୀ. ବ୍ରହ୍ମଣ୍ଡପୁରାଣଗୀତା ।

**ଆସ୍** (ଧାତୁ)—ସଂ.—ବସିବା; ଉପବେଶନ କରିବା—
**Ās (root)** To sit.

**ଆସ୍‌ପୁସ୍**—ଦେ. (ଧ୍ୱନ୍ୟନୁକରଣ ) ଅ—ବିରାଡ଼ିକୁ ପାଖକୁ ଡାକିବାର ଧ୍ୱନି
**Āspus** ହେ ପୁସି ବିରାଡ଼ି ! ମୋ ପାଖକୁ ଆ—
A term of endearment for calling the puss.

**ଆସ୍‌ବା**—ପ୍ରାଦେ. (ଉତ୍ତରଭାଷା) କ୍ରି—ଆସିବା—
**Āsbā** To come.

**ଆସ**—ସଂ. ବି. (ଅସ ଧାତୁ=କ୍ଷେପଣ କରିବା+କରଣ. ଅ)—
**Āsa** ୧ । ଧନୁକ; ଧନୁ—1. Bow.
୨ । ଉପବେଶନସ୍ଥାନ; ଆସନ—2. Seat; place; post.
୩ । ସ୍ଥିତି—3. Position; existence.
ଦେ.କ୍ରି—(ଆସିବା କ୍ରିୟାର ୨ୟ ପୁରୁଷ ୧ ବଚନ ଓ ବହୁବଚନର ଅନୁଜ୍ଞା)—ତୁମ୍ଭେ ବା ତୁମ୍ଭେମାନେ ଆଗମନ କର—
( you ) Come.

**ଆସକ୍ତ**—ସଂ ବିଣ.(ଆ+ସନ୍ଜ ଧାତୁ=ଆଲିଙ୍ଗନ କରିବା+କର୍ତ୍ତୃ.ତ)—
**Āsakta** ୧ । ସଂସକ୍ତ; ଲାଗିଥିବା; ସଂଯୁକ୍ତ; ଲଗ୍ନ—
1. Attached.
୨ । ଅନୁରକ୍ତ; ପ୍ରୀତ—
2. Enamoured of; fond of; devoted to.
୩ । ଆବଦ୍ଧ—3. Addicted to.
୪ । କୌଣସି ବିଷୟରେ ତତ୍ପରବଶ ହୋଇଥିବା(ବ୍ୟକ୍ତି)—
4. Bent on; intent on.
ଗ୍ରା. ବିଣ ( ସଂ. ଅଶକ୍ତ )—କ୍ଳାନ୍ତ; ଶ୍ରାନ୍ତ—
Fatigued, wearied.
ସଂ. ଅ—ନିତ୍ୟ: ସତତ; ଅନବରତ—Ever; always.

**ଆସକ୍ତି**—ସଂ. ବି. ( ଆ+ସନ୍ଜ ଧାତୁ+ଭାବ. ତି )—
**Āsakti** ୧ । ଅନୁରାଗ; ସ୍ନେହ—
1. Attachment; fondness
୨ । ଭୋଗାଭିଲାଷ—2. Desire for enjoyment.
୩ । ଅଭିନିବେଶ—3. Assiduity; tenacity.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ନ | ଷ,ଷ | ଙ୍କ | ଇୟ | ଙ୍ଗ | ଢ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନୃ |

୪ । ସାତିଶୟ ମନୋଯୋଗ —4. Close attention.
୫ । ସଙ୍ଗ—5 Companionship.
୬ । ମିଳନ; ସହବାସ—6. Union; copulation.
୭ । ସମ୍ୟକ୍ ସମ୍ବନ୍ଧ—7 Close relationship.
ସଂ. କ୍ରି. ବିଣ—ଅନବରତ; ନିତ୍ୟ; ସତତ—
Always; constantly.
ଗ୍ରା. ବି—ଆଶ୍ୱକତ; ଜଡ଼ତା; କ୍ଲାନ୍ତି; ଶ୍ରାନ୍ତି—
Languor; fatigue.

**ଅସଙ୍ଗଲିପ୍ସା**—ସଂ. ବି. ( ଅସଙ୍ଗ=ସହବାସ+ଲଭ ଧାତୁ ସନନ୍ତ; ଲିପ୍ସ ଧାତୁ=ଲାଭ କରିବା+ଭାବ. ଅ+ଆ )—
**Āsaṅgalipsā**
ସମସ୍ତଙ୍କ ସଙ୍ଗେ ଏକତ୍ର ରହିବାର ଇଚ୍ଛା; ସଙ୍ଗସ୍ପୃହା; ସହବାସବାସନା— Adhesiveness.
କରୁଣାମୟ ପରମେଶ୍ୱର ମନୁଷ୍ୟ ମନରେ ବଳବତ୍ ଅସଙ୍ଗଲିପ୍ସା ରୋପଣ କରିଅଛନ୍ତି ।
ମଧୁସୂଦନ- ପ୍ରବନ୍ଧମାଳା ।

**ଅସଙ୍ଗଲିପ୍ସୁ**—ସଂ.ବିଣ.ପୁଂ. ଓ ସ୍ତ୍ରୀ (ଅସଙ୍ଗ+ଲଭ ଧାତୁ+ସନନ୍ତ.ଉ)—
**Āsañgalipsu** ୧ । ସହବାସ କରିବାକୁ ଇଚ୍ଛୁକ—
1. Desiring for cohabitation.
୨ । ମିଳିତ ହେବାକୁ ଇଚ୍ଛୁକ—
2. Desirous of meeting.
୩ । ଏକତ୍ର ସଙ୍ଗ ହେବାର ଇଚ୍ଛା--
3 Desiring the society of.

**ଅସଞ୍ଜନ**—ସଂ.ବି (ଆ+ସନଜ ଧାତୁ=ଆସକ୍ତ ହେବା+ଭାବ. ଅନ)—
**Āsañjana**
୧ । ଲାଗି ରହିବା—1. Sticking to.
୨ । ବସ୍ତ୍ରାଦି ପରିଧାନ—2. Wearing cloths.
୩ । ଯୋଜନା; ଲଗାଇବା—3. Connecting.
୪ । ଉତ୍ପାଦନ—4. Producing.

**ଆସତ୍ତି**—ସଂ. ବି. ( ଆ+ସଦ୍ ଧାତୁ=ଯିବା; ନିକଟସ୍ଥ ହେବା+ଭାବ. ତି )—୧ । ମିଳନ—
**Āsatti**
1. Near approach; ultimate union.
୨ । ସନ୍ନିଧି; ନୈକଟ୍ୟ—
2. Proximity; nearness; propinquity.
୩ । ପ୍ରାପ୍ତି—3. Acquisition of a thing.
୪ । ବୁଦ୍ଧିର ଅବିଚ୍ଛେଦ—
4. Continuance of perception.
୫ । ଲାଭ—5. Gain; profit.

**ଆସନ**—ସଂ. ବି. ( ଆସ୍ ଧାତୁ=ବସିବା+ଅଧିକରଣ. ଅନ )—
**Āsana** ୧ । ବସିବା ସ୍ଥାନ—1. Seat.
୨ । ବସିବା ପାଇଁ ବ୍ୟବହୃତ ପୀଠ, ପୀଢ଼ା, କମ୍ବଳାଦି —
2. A mat, carpet or log for sitting upon.
୩ । ( +ଭାବ. ଅନ )—ଉପବେଶନ କରିବା; ବସିବା—
3. Sitting; sitting posture.
୪ । ଶତ୍ରୁଦୁର୍ଗର ଅବରୋଧ ବା ଘେରାଉ; ସନ୍ଧିବିଗ୍ରହାଦି ଷଡ଼ଗୁଣ ମଧ୍ୟରୁ ଶତ୍ରୁଦୁର୍ଗକୁ ଅବରୋଧ କରି ବସିରହିବା—
4. Besieging the enemy's castle; blockade.
୫ । ହସ୍ତୀର ସ୍କନ୍ଧଦେଶ—
5. The shoulder of an elphant.
୬ । ଘୋଟକର ପୃଷ୍ଠଦେଶ—
6. The back of a horse.
୭ । ସର୍ଜ୍ଜନବୃକ୍ଷ; ଶାଳଗଛ—7. The Sal tree.
୮ । କୌଣସି ସ୍ଥାନରେ ନିଶ୍ଚଳଭାବରେ ଅବସ୍ଥାନ—
8. Halting; abiding.
୯ । ଯୋଗାଦିସାଧନ ସମୟରେ ଭିନ୍ନ ଭିନ୍ନ ଉପବେଶନ ପ୍ରଣାଳୀ—
9. Different positions of the limbs while sitting or squatting at the time of exercising Joga or worship.
[ ଦ୍ର—ପୂଜା, ଯୋଗ, ତାନ୍ତ୍ରିକସାଧନ ଓ ପ୍ରାଣାୟାମ କରିବା ସମୟରେ ମନକୁ ସ୍ଥିର ରଖିବା ପାଇଁ ଭିନ୍ନ ଭିନ୍ନ ଆସନ ବା ବସିବା ପ୍ରଣାଳୀ ନିର୍ଦ୍ଦିଷ୍ଟ ହୋଇଅଛି । ଯଥା—ପଦ୍ମାସନ, ସ୍ୱସ୍ତିକାସନ ଇତ୍ୟାଦି]
୧୦ । ପୂଜା କରିବାର ପୀଠ—10. Prayer-mat.
ଗ୍ରା. ବି—୧ । ଶୟନ—1. Sleep.
୨ । ଘୋଡ଼ାପିଠିରେ ସବାରର ଦୃଢ଼ଭାବରେ ବସିବାର ଢଙ୍ଗ—2. Steady seat of a rider on the back of a horse.
୩ । ଯୋଗସାଧନ ବା ତପସ୍ୟା କରିବାର ସ୍ଥାନ—
3 A place for the performance of penance or Joga.
୪ । ଶୋଇବା ପାଇଁ ବ୍ୟବହୃତ କମ୍ବଳାଦି—
4. Blanket.
ଶୋଇବାକୁ ତାକୁ ଆସନ ଖଣ୍ଡେ ଦେବ—
କୃଷ୍ଣସିଂହ. ମହାଭାରତ. ବନ ।

**ଆସନ କରିବା**—ଦେ. କ୍ରି—୧ । ବସିବା—1. To sit.
**Āsana karibā** ୨ । ଶୟନ କରିବା—2. To sleep.
আসনকরা ୩ । ଆସନ ବିଛାଇବା—
आसनकरना 3. To lay the bedding or mat.

**ଆସନଗରୁ**—ଦେ. ବିଣ—ସ୍ଥିରାସନ ( ବ୍ୟକ୍ତି ); ଯେଉଁ ବ୍ୟକ୍ତିର ଆସନ ସହଜରେ ଟଳେ ନାହିଁ—One who sits secure on his seat.
**Āsanagaru**
অসনভারী
आसनभारी

**ଆସନଗରୁଆ**—ଦେ. ବିଣ—ଆସନଗରୁ ( ଦେଖ )
**Āsanagaruā** . Āsanagaru ( See )

| ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଅନ୍ୟ ବର୍ଗର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଠି' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜୀ' ନ ପାଇଲେ 'ଅର୍ଜ୍ଜି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ |
|---|

**ଆସନଟଳିବା**—ଦେ. କ୍ରି—ବସିବା ସ୍ଥାନରେ ଥୟ ହୋଇ ବସି ନ
**Āsanaṭaḷibā** ପାରିବା—Not to be able to sit secure on a seat

**ଆସନପାଦାସନ**—ସଂ. ବି. ( ଆସନ ଓ ପାଦାସନ; ସମାହାର)—ଅଭ୍ୟାଗତ
**Āsanapādāsana** ବ୍ୟକ୍ତିଙ୍କୁ ବସିବା ନିମନ୍ତେ ଦିଆଯିବା ବସ୍ତ୍ର ଓ ପାଦ ରଖିବା ପାଇଁ ଦିଆଯିବା ପୀଢ଼ା—Seat or mat and foot-rest offered to a guest.

**ଆସନବନ୍ଧ**—ସଂ. ବି. ( ୬ଷ୍ଠୀ ତତ୍; ଆସନ+ବନ୍ଧ )—
**Āsanabandha** ୧ । ଯୋଗାର୍ଥ ଉପବେଶନବିଶେଷ—
1. A posture of squatting of Joga.
୨ । ସଙ୍ଗମାର୍ଥ ଉପବେଶନବିଶେଷ—
2. A posture of sitting in copulation.

**ଆସନମନ୍ତ୍ର**—ସଂ. ବି—ପୂଜାରେ ବସିବା ପୂର୍ବରୁ ଆସନଶୁଦ୍ଧି ପାଇଁ
**Āsanamantra** ଉଚ୍ଚାରିତ ମନ୍ତ୍ର—Formula uttered on the occasion of consecrating one's seat for religious service.
[ଦ୍ର—ଏ ମନ୍ତ୍ରର ଋଷି ମେରୁପୃଷ୍ଠ ଋଷି; ସୁତଳଛନ୍ଦ; ଶ୍ରୀକୂର୍ମ ଦେବତା ଅଟନ୍ତି । ଏ ମନ୍ତ୍ରର ମର୍ମ "ହେ ପୃଥିବୀ ! ତୁମ୍ଭେ ଲୋକମାନଙ୍କୁ ଧାରଣ କରିଅଛ, ତୁମ୍ଭଙ୍କୁ ବିଷ୍ଣୁ ଧାରଣ କରିଅଛନ୍ତି । ତୁମ୍ଭେ ମତେ ଧାରଣ କର ଓ ମୋ ଆସନକୁ ପବିତ୍ର କର ।]

**ଆସନଶୁଦ୍ଧି**—ସଂ ବି ( ୬ଷ୍ଠୀ ତତ୍; ଆସନ+ଶୁଦ୍ଧି )—ପୂଜା
**Āsanaśuddhi** ବା ଯୋଗସାଧନ କରିବା ପୂର୍ବରୁ ଆସନ ମନ୍ତ୍ରୋଚ୍ଚାରଣ, ଆଚମନ ମୁଦ୍ରାଦି ପ୍ରୟୋଗ ଓ ଜପଦ୍ୱାରା ଆସନକୁ ପବିତ୍ରୀକରଣରୂପ ଅନୁଷ୍ଠାନ— A rite of consecrating one's seat before beginning devotional acts and exercises.

**ଆସନା**—ସଂ.ବି. ସ୍ତ୍ରୀ (ଆସ ଧାତୁ=ଉପବେଶନ କରିବା+ଭାବ. ଅନ+
**Āsanā** ସ୍ତ୍ରୀ. ଆ)—୧ । ଅବସ୍ଥାନ—1. Sitting.
୨ । ସ୍ଥିତି—2. Position.
ଏମନା ଦେ. କ୍ରି. (ନଞର୍ଥ)—ତୁମ୍ଭେ ଆସ ନାହିଁ—
**आओमत** (Imperative) Do not come.

**ଆସନି**—ଦେ. ବି. (ସଂ. ଆସନ)—ବସିବା ନିମନ୍ତେ ଗୁଡ଼କୋଣିଆ ଛୋଟ
**Āsani** କମ୍ବଳାଦି ନିର୍ମିତ କ୍ଷୁଦ୍ର ଆସନ—A small square mat for squatting upon.

**ଆସନ୍ତତ**—ଦେ. ଅ—ସର୍ବଦା—
**Āsantata** Always
ଅଣ ଆସନ୍ତତ ହେବ ଲବେ ନୋହେ ହେଲା ଯିବ ଯୋ ନ ମ ସ୍ମର ॥ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଆସନ୍ତା**—ଦେ. ବିଣ.—୧ । ଆଗାମୀ; ଆସୁଥିବା—
**Āsantā** 1. Coming; next; ensuing.
आगामी
୨ । ନିକଟ ଭବିଷ୍ୟତ୍ (କାଳ)
दुसरा 2 Near future (time)
ଦେ. କ୍ରି. (ଅପେକ୍ଷିକ କାଳ)—(ସେ) ଆଗମନ କରନ୍ତା—
(ଯଥା—ସେ ଯେବେ ଆସନ୍ତା ତେବେ ପାଠ ପଢ଼ନ୍ତା)
आमत (he) Would come.
आता

**ଆସନ୍ଦିକା**—ସଂ. ବି. ସ୍ତ୍ରୀ. (ଆ+ସମ+ଦୋ ଧାତୁ=ଖଣ୍ଡନ କରିବା+
**Āsandikā** ଡିକ+ସ୍ତ୍ରୀ. ଆ)—ଏକ ପ୍ରକାର ଛୋଟା ଖଟ (ଯାହାକୁ ଭାଙ୍ଗି ଦେଲେ ଖଣ୍ଡ ଖଣ୍ଡ ହୁଏ ଏବଂ ପୁଣି ଯୋଡ଼ିଦେଲେ ଖଟ ହୁଏ) —1. A small camp-bed-stead.
୨ । କାଷ୍ଠାସନବିଶେଷ—2. A kind of small wooden stool.

**ଆସନ୍ଦୀ**—ସଂ.ବି.ସ୍ତ୍ରୀ—(ଆ+ସମ+ଦୋ=ଖଣ୍ଡନ କରିବା+ଅ+ସ୍ତ୍ରୀ. ଈ)—
**Āsandī** ଆସନ୍ଦିକା (ଦେଖ)
Asandikā (See)

**ଆସନ୍ନ**—ସ. ବିଣ (ଆ+ସଦ ଧାତୁ=ଆସିବା+କର୍ତ୍ତୃ. ତ)—
**Āsanna** ୧ । ଉପସ୍ଥିତ—1. Imminent; almost present.
୨ । ନିକଟବର୍ତ୍ତୀ; ସମୀପସ୍ଥ—2 Near.
୩ । ଆଗତପ୍ରାୟ; ଯାହା ଅତିଶୀଘ୍ର ଆସିବ ବା ଉପସ୍ଥିତ ହେବ—3. Impending; approaching
୪ । ଅନ୍ତିମ—4. Last.
୫ । ମୁମୂର୍ଷୁ— 5. Dying.

**ଆସନ୍ନକାଳ**—ସଂ. ବି. ( କର୍ମଧା. ଆସନ୍ନ=ନିକଟବର୍ତ୍ତୀ+କାଳ=ସମୟ;
**Āsannakāla** ମୃତ୍ୟୁ)—୧ । ମୃତ୍ୟୁକାଳ—
1. Time of death.
୨ । ବିପତ୍କାଳ— 2. Critical time; time of calamity.
୩ । ନିକଟ ଭବିଷ୍ୟତ୍—3. Near future.
୪ । ମୃତ୍ୟୁର ଅବ୍ୟବହିତ ପୂର୍ବକାଳ—
4. Time just before death.

**ଆସନ୍ନପ୍ରସବା**—ସଂ. ବିଣ. ସ୍ତ୍ରୀ. ( ବହୁବ୍ରୀହି; ଆସନ୍ନ+ପ୍ରସବ )—ଯେଉଁ
**Āsannaprasabā** ସ୍ତ୍ରୀର ପ୍ରସବକାଳ ଆଗତପ୍ରାୟ— Fully pregnant (woman); a woman whose time of delivery is at hand.

**ଆସପତ**—ଗ୍ରା. ବି. (ସଂ. ଆସ୍ପଦ)—୧ । ସ୍ନେହ—
**Āsapata** 1. Affection.
स्नेह ୨ । କୋମଳ ବ୍ୟବହାର—2. Soft or tender behaviour.
प्यार
୩ । ଗେହ୍ଲାକରିବା—3. Fondling.

**ଆସପତେ**—ଗ୍ରା. କ୍ରି. ବିଣ.—୧ । ଧୀରେ ଧୀରେ; ଅସ୍ତେ ଅସ୍ତେ—
**Āsapate** 1. Slowly and steadily.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଙ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗଂ୍ୟ | ଇଅ | ୱ | କ୍ଷ |

୨ । କୋମଳସ୍ୱରରେ—2. Softy; tenderly.

**ଆସପଦ**—ଦେ. ବ.—ଅସପତ (ଦେଖ)
Āsapada Āsapata (See)

କହୁଛରେ କେମନ୍ତେ ସେ କଲା ଆସପଦ—ଭଞ୍ଜ, ବୈଦେହୀଶବିଳାସ ।

୨ । ଆସ୍ପଦ (ଦେଖ)—Āspada (See)

ଭକ୍ତି ପଦ୍ମେଚସ୍ ଏହଠାରୁ ଆସପଦ—ଭଞ୍ଜ କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଆସବ**—ସଂ. ବ. ( ଆ + ସୁ ଧାତୁ = ଜନ୍ମକରିବା + କର୍ତ୍ତୃ. ଅ; ଯାହା
Āsaba ମତ୍ତତା ଜନ୍ମାଏ)—୧ । ମଦ—1. Wine.
୨ । ସଢ଼ା ଫଳ ଓ ଶସ୍ୟାଦିରୁ ଚୂଆଇବା ପ୍ରକ୍ରିୟା ଦ୍ୱାରା ବାହାରିଥିବା ମଦ—2. Distilled spirits; spirituous liquor.
୩ । ଅରକ—3. Essence.

**ଆସବାବ୍**—ବୈଦେ. ବ. (ଆ. ଅସ୍‌ବାବ୍ )—୧ । ଘରକରଣା ଜିନିଷ—
Āsabāb 1. House-hold things.
୨ । ଗୃହସଜ୍ଜା ଉପକରଣ—2 Furniture.

**ଆସମୁଦ୍ର**—ସଂ. ଅ. ( ଅବ୍ୟୟୀଭାବ; ଆ = ପର୍ଯ୍ୟନ୍ତ + ସମୁଦ୍ର )—
Āsamudra ସମୁଦ୍ର ପର୍ଯ୍ୟନ୍ତ—Up to the sea; extending far to the sea-coast.

**ଆସ ଯା**—ଦେ. ବ. ( ଆସିବା ଓ ଯିବା )—୧ । ଯିବା ଆସିବା; ଗତାଗତ;
Āsa jā ଯା ଆସ; ଗମନାଗମନ—1. Coming and going.
আসাযাওয়া; যাওয়াআসা ୨ । ଉପର୍ଯ୍ୟୁପରି ଯିବା ଆସିବା—
**आरयार; आनायाना** 2. Repeated coming and going.
୩ । ସଂଶ୍ରବ—3 Intercourse.

**ଆସର**—ସଂ. ବ. (ଅ + ସୃ ଧାତୁ = ହିଂସା କରିବା + କର୍ତ୍ତୃ. ଅ)—
Āsara ଅସୁର; ରାକ୍ଷସ—Demon.
আসর ବୈଦେ. ବ. (ଫା. ଆସର୍ = ସଭା)—୧। ସଭା—
**आसर** 1. Meeting; a sitting of an association.
୨ । ରଙ୍ଗଭୂମି—2. Stage; sitting of performers.
୩ । ସମାରୋହ; ମଜଲିସ୍—
3. A gaudy display or exhibition.

**ଆସର ଜମାଇବା**—ପ୍ରାଦେ. (ମେଦିନୀପୁର) କ୍ରି.—ସଭାରେ ଲୋକରଞ୍ଜନ
Āsara jamāibā କଥା କହି ସଭାକୁ ଗୁଲଜାର୍ କରିବା—
আসর জমান To warm up an assembly by
**आसर यमाना** eloquence or quits

**ଆସାଦନ**—ସଂ. ବ. (ଆ + ସଦ୍ ଧାତୁ ଣିଜନ୍ତ; ସାଦ ଧାତୁ = ଗମନକରିବା
Āsādana + ଭାବ. ଅନ)—୧ । ନୈକଟ୍ୟ; ସନ୍ନିଧାନ—
(ଆସାଦିତ —ବିଣ) 1. Proximity.
୨ । ପ୍ରାପ୍ତି—2. Receipt, gain,
୩ । ମର୍ଦ୍ଦନ—3. Rubbing.
୪ । ପହଞ୍ଚିବା—4. Reaching.
୫ । ସ୍ଥାପନ—5. Placing.

**ଆସାଦିତ**—ସଂ. ବିଣ. (ଆ + ସାଦ ଧାତୁ = ଗମନ କରିବା + କର୍ମ. ତ)—
Āsādita ୧ । ପ୍ରାପ୍ତ; ଲବ୍ଧ—1. Gained; obtained.
୨ । ସ୍ଥାପିତ—2 Kept; put; placed.
୩ । ସନ୍ନିଧାପିତ; ନିକଟରେ ସ୍ଥାପିତ—
3. Put near; juxtaposed.
୪ । ଅନୁଯୋଜିତ; ସମ୍ପାଦିତ—4. Arranged.

**ଆସାନ୍**—ବୈଦେ. ବ. (ଆ. ମୂଳ-ସଂ. = ଅବସାନ)—
Āsān ୧ । ଆରାମ; ସୁଖ—1. Comfort.
আরাম ୨ । ସ୍ୱାଚ୍ଛନ୍ଦ୍ୟ—2. Ease.
**आसान** ୩ । ବିଶ୍ରାମ—3. Rest.
୪ । ଆରୋଗ୍ୟ; ରୋଗାଦିର ଉପଶମ—
4. Cure; alleviation.
୫ । କ୍ଳେଶରୁ ମୁକ୍ତି—5. Relief from pain.
୬ । ଉପକାର—6. Benefit.
ବିଣ.—୧ । ଉପଶାନ୍ତ—1. Alleviated.
୨ । ଆରାମପ୍ରାପ୍ତ—2 At ease.

**ଆସାମ**—ଦେ. ବ.—ବଙ୍ଗପ୍ରଦେଶର ପୂର୍ବ ଓ ବ୍ରହ୍ମର ପଶ୍ଚିମସ୍ଥ ପ୍ରଦେଶ
Āsāma ବିଶେଷ—The province of Assam.

**ଆସାମୀ**—ବୈଦେ. ବ. (ଆ)—୧ । ଦେୱାନୀ ମକଦ୍ଦମାରେ ପ୍ରତିବାଦୀ—
Āsāmi 1. Defendant in a Civil suit.
আসামী ୨ । ମୁଦାଲା; ଫଉଜଦାରି ଅଦାଲତରେ ଅପରାଧରେ
**आसामी,** ଅଭିଯୁକ୍ତ ବ୍ୟକ୍ତି—2. Accused person in
**मुलजम** a criminal case.
୩ । କୌଣସି କୋର୍ଟରେ ଆବେଦନକାରୀର ବିପକ୍ଷ ବ୍ୟକ୍ତି—
3. Opponent of a petitioner in any court.
୪ । ବ୍ୟକ୍ତି—4. Person.
୫ । ଜମିଦାରଙ୍କ ଜମାବନ୍ଦୀ ବହି ଆଦିରେ ପ୍ରଜାର ନାମ—
5. The name of a tenant in the rent-roll.
୬ । ଦାବୀଦାର ବ୍ୟକ୍ତି—5. A claimant; a person claiming a certain status.
ଦେ. ବିଣ.—ଆସାମ ଦେଶୀୟ (ବ୍ୟକ୍ତି, ଭାଷା ବା ବସ୍ତୁ)—
Assamese (thing, person or language.)

**ଆସାର**—ସଂ. ବ. (ଆ + ସୃ ଧାତୁ = ଯିବା + ଭାବ. ଅ )—
Āsāra ୧ । ଅସର; ମୁଷଳଧାରାରେ ବୃଷ୍ଟିପାତ; ଜଳଧାରା ପତନ—
1 Shower; out-pour; down-pour.
୨ । କୌଣସି ପଦାର୍ଥର ଧାରା—
2. Continuous shower of anything.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱଦେଶୀ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼ୀ' ନ ମିଳିଲେ 'ଶାଢ଼ି' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ଶତ୍ରୁ ସୈନ୍ୟ ବେଷ୍ଟନ—3. Hemming in of an enemy's force; surrounding the enemy.

୪ । ବିସ୍ତାର; ପ୍ରସାରଣ—4. Extension.

୫ । ଜଳକଣା—5. Minute particles of water.

୬ । ବନ୍ଧୁବଳ; ମିତ୍ର ସେନା—6. The force or army of an ally.

୭ । ପ୍ରବେଶ—7. Entrance; admission.

**ଆସି**—ଦେ. କ୍ରି. (ଅସମାପିକା)—ଆଗମନ କରି—
**Āsi** Having come; coming

ଦେ. କ୍ରି. ବିଣ—ଏବକୁ; ବର୍ତ୍ତମାନ—Now.

ବୁଢ଼ାଇ ଆସି ମୁହଁ ହୋଇଲିନ ବପା । କୃଷ୍ଣସିଂ. ମହାଭାରତ. ଦ୍ରୋଣ ।

**ଆସିଆ**—ଦେ. ବି. (ନାମ)—ପୂର୍ବ ଗୋଲାର୍ଦ୍ଧର ପ୍ରଧାନ ମହାଦେଶ—
**Āsiā** Asia.

ଗ୍ରା. ବିଣ—(ସଂ. ଅଂଶ)—ଅଁଶିଆ (ଦେଖ)
Āñsiā (See)

ଗ୍ରା. ଅ—୧ । ସଦୃଶ ; ପରି—1. Like.

୨ । ଅଂଶତଃ; ପ୍ରାୟଶଃ—2. Partly; slightly.

( ଯଥା—ସ୍ୱାମ ଠିକ ଭାତ୍ରା ବାପ ଅସିଆ । )

[ ଦ୍ର—ବିଶେଷଣ ପଦର ପରେ ବ୍ୟବହୃତ ହୁଏ । ଯଥା—ନାଲି ଅସିଆ । ]

**ଆସିଆଟିକ୍ ସୋସାଇଟି**—ବୈଦେ.ବି. (ଇଂ) -ଇଂଲଣ୍ଡ ଓ କଲିକତାରେ
**Āsiāṭik sosāiṭi** ସ୍ଥାପିତ ଆସିଆର ପ୍ରତ୍ନତତ୍ତ୍ୱଗବେଷଣାର୍ଥ ସଭା—
Asiatic society.

**ଆସିଡ୍**—ବୈଦେ. ବି. (ଇଂ)—ରସାୟନିକ ଅମ୍ଳଦ୍ରବ—
**Āsiḍ** Acid.

**ଆସିତ**—ସଂ. ବିଣ. (ଆସ ଧାତୁ=ଉପବେଶନ କରିବା+କର୍ତ୍ତୃ. ତ)—
**Āsita** ୧ । ଉପବିଷ୍ଟ; ବସିଥିବା—1. Seated.

୨ । ( +ଣିଚ୍. କର୍ମ. ତ ) - ସ୍ଥାପିତ—
2. Set; placed; situated.

ସଂ. ବି.—୧ । (+ଭାବ. ତ) ଉପବେଶନ—
1. Sitting down.

୨ । (+ଅଧିକରଣ. ତ)— ଆସନ—2. Seat.

୩ । ପୀଢ଼ା—3. Stool.

୪ । ବାସସ୍ଥାନ—4. Abode; residence.

୫ । ଆସନପ୍ରଣାଳୀ—5. Mode or posture of sitting.

୬ । (ଅସିତ+ଅପତ୍ୟାର୍ଥେ. ଅ)—ଅସିତ ମୁନିଙ୍କ ପୁତ୍ର; ଏ ଶାଣ୍ଡିଲ୍ଲ ଗୋତ୍ରର ପ୍ରବର—6. Name of a sage.

**ଆସିତବ୍ୟ**—ସଂ. ବି. ( ଆସ ଧାତୁ=ବସିବା+ଭାବ. ତବ୍ୟ )—
**Āsitabya** ଅବସ୍ଥିତି—Situation; position.

ସଂ. ବିଣ. ( +କର୍ତ୍ତୃ. ତବ୍ୟ )—ଯେ ବସିବେ—
To be seated.

**ଆସିଦ୍ଧ**—ସଂ. ବିଣ. ( ଆ+ସିଧ=ଧୃତ କରିବା+କର୍ମ. ତ )—
**Āsiddha** ୧ । ବିଚାର ପରେ କାରାରୁଦ୍ଧ—
1. Thrown into a prison after being sentenced by the trying court.

୨ । ଈଷତ୍ ସିଦ୍ଧ—2 Half-boiled.

୩ । ସୁସିଦ୍ଧ—3. Well-boiled.

**ଆସିଧାର**—ସଂ. ବି. ( ଅସିଧାରା+ସମ୍ବନ୍ଧ. ଅ )—ଅସିଧାରାବ୍ରତ - ଯୁବକ
**Āsidhāra** ଯୁବତୀ ଅବିଚଳିତ ଚିତ୍ତରେ ଏକତ୍ର ଅବସ୍ଥାନ କରିବା ରୂପ ବ୍ରତ—The vow of self-restraint or self-denial taken by a couple of youthful persons.

**ଆସିବା**—ଦେ. କ୍ରି—୧ । ଆଗମନ କରିବା; ପହଞ୍ଚିବା; ଉପସ୍ଥିତ ହେବା—
**Āsibā** 1. To come to; to arrive at; to visit; to be present.

ଆସିଛି ଯଦି ମୋ ଧନ ତୋ ପୂଜାରେ ପୂତ—ମଧୁସୂଦନ. ବସନ୍ତଗାଥା ।

୨ ।•ପରିଚିବା; କୌଣସି ବିଦ୍ୟା ବା ପାଠ ଆୟତ୍ତ ହେବା—
2 To be mastered by.

( ଯଥା— ମତେ ପାଠ ଆସୁ ନାହିଁ । )

୩ । କୌଣସି କାର୍ଯ୍ୟ ସମ୍ପାଦନ କରି ଜାଣିବା; ଜ୍ଞାତ ହେବା—
3. To know how to do a certain work.

( ଯଥା—ଏ କାମ ମତେ କରି ଆସିବ ନାହିଁ; ମତେ ଇଂରେଜୀ ଅକ୍ଷର ଲେଖି ଆସିବ ନାହିଁ । )

୪ । ଉଦୟ ହେବା—4. To rise; to appear.

( ଯଥା—ଜହ୍ନ ଆସିଲାଣି । )

୫ । (ବନ୍ଧୁମାନେ ବିଦାୟ ନେବାବେଳେ "ଯିବା" ଶବ୍ଦ ପରିବର୍ତ୍ତରେ ବ୍ୟବହୃତ କୋମଳତା ବ୍ୟଞ୍ଜନାର୍ଥ ଶବ୍ଦ) ଯିବା—
5 Euphemitically used to mean 'To go' when friends part.

୬ । ଅନୁଭୂତ ହେବା—6. To be felt.

ଜୃମ୍ଭା ଆସଇ ଘନ ଘନ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୭ । ( ଛିଙ୍କ ଇତ୍ୟାଦିର ) ଉପକ୍ରମ ହେବା—
7. To be on the point of sneezing (etc).

**ଆସିଷ୍ଟାଣ୍ଟ**—ବୈଦେ. ବିଣ ( ଇଂ )—ସାହାଯ୍ୟକାରୀ—
**Āsishṭāṇṭa** Assistant.

**ଆସୀନ**—ସଂ. ବିଣ. ପୁଂ. ( ଆସ୍ ଧାତୁ=ବସିବା+କର୍ତ୍ତୃ. ଅନ,)—
**Āsina** ୧ । ବସିଥିବା; ଉପବିଷ୍ଟ—
( ଆସୀନା—ସ୍ତ୍ରୀ ) 1. Seated; sitting.

୨ । ଅନୁଦ୍ୟୋଗୀ—
2 Inert; inactive; dull.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଖ | ଚ | ଷ,ଶ | ଙ୍କ | ଇଏ | ଡ଼ଅ | ଭ |
| ୬ | ଦ | ଭ | ଋୂ | ଲୃ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଙ | ଜ୍ଞ |

**ଅସୁଚ୍ଛି** (ବର୍ଷ)—ପ୍ରାଦେ. (ସିଂହଭୂମ) ବଣ—ଅଗାମୀ; ଅସନ୍ତା (ବର୍ଷ)—
Āsuchhi (barsha) Next or coming (year)
আসছে বছর

**ଆସୁର**—ସଂ. ବଣ (ଅସୁର=ସ୍ୱଗଣ+ସମ୍ବନ୍ଧ. ଅ)—
Āsura ୧ । ଅସୁରସମ୍ବନ୍ଧୀୟ—1. Relating to demons; demonaic.
୨ । କଦର୍ଯ୍ୟ; ଘୃଣ୍ୟ—2. Vile.
୩ । ଦୁଷ୍ଟ; ଧୂର୍ତ୍ତ—3. Malignant.
୪ । ଅପବିତ୍ର; ଅଶୁଚି—4. Impure.
୫ । ଅହିତକର—5. Not beneficial.
୬ । ଭୟଙ୍କର—6. Frightful.
ସଂ. ବି.—ବିଟଲବଣ—A kind of salt.

**ଆସୁରବିବାହ**—ସଂ. ବି.—ହିନ୍ଦୁଶାସ୍ତ୍ରକଥିତ ବିବାହବିଶେଷ; ଯେଉଁ
Āsurabibāha ବିବାହରେ ବର କନ୍ୟାକୁ କିଣି କରି ବିବାହ କରେ (ବିବାହ ଶବ୍ଦ ଦେଖ)—
A form of marriage in which the bride is purchased and taken away to be married.

**ଆସୁରିକ**—ସଂ. ବଣ. (ଅସୁର+ସମ୍ବନ୍ଧାର୍ଥେ. ଇକ)—ଆସୁର (ଦେଖ)
Āsurika Āsura (See)

**ଆସୁରିକଚିକିତ୍ସକ**—ସଂ. ବି.—ଅସ୍ତ୍ରଚିକିତ୍ସକ—
Āsurikachikitsaka A surgeon.

**ଆସୁରୀ**—ସଂ.ବି.ସ୍ତ୍ରୀ. (ଅସୁର+ଅ+ସ୍ତ୍ରୀ. ଈ)—୧ । ଅସୁରଙ୍କର ଆଚାର—
Āsurī Demoniac conduct.
୨ । ରାଇସୋରିଷ—2. Rye.
୩ । ବିଟଲବଣ—3. A mineral salt with a very bad odour.
୪ । ବୈଦିକ ଛନ୍ଦୋବିଶେଷ—
4. Name of a Baidika metre.
ସଂ. ବଣ. ସ୍ତ୍ରୀ—ଆସୁରର ସ୍ତ୍ରୀଲିଙ୍ଗ—
Feminine of Āsura.

**ଆସୁରୀଚିକିତ୍ସା**—ସଂ. ବି.—ଚିକିତ୍ସା ପଦ୍ଧତିବିଶେଷ; ଅସ୍ତ୍ରଚିକିତ୍ସା—
Āsurīchikitsā Surgery; cure of diseases by operation.

**ଆସେକ**—ସଂ. ବି. (ଆ+ସିଚ ଧାତୁ=ଛିଞ୍ଚିବା; ଓଦା କରିବା+ଭାବ. ଅ)—ପାଣି ଛିଞ୍ଚିବା—Act of sprinkling
Āseka water.

**ଆସେଚନ**—ସଂ. ବଣ (ଆସେଚନ+ସ୍ୱାର୍ଥେ. ଅ)—ଅତି ତୃପ୍ତିକର;
Āsechana ଯାହାକୁ ଯେତେ ଦେଖିଲେହେଁ ମନ ତୃପ୍ତ ହୁଏ ନାହିଁ—Very charming; so very charming that one is not satisfied by seeing.
ସଂ. ବି.—୧ । ସମ୍ୟକ୍ ସେଚନ; ଛିଞ୍ଚିବା—
1. Sprinkling.
୨ । (ବଗିଚାରେ, ରାସ୍ତାରେ, କ୍ଷେତରେ) ପାଣି ଛିଞ୍ଚିବା ଆଦି ବା ଯନ୍ତ୍ର; ଟେଣା, ଝେଞ୍ଜିଅ, ପିଚକାରୀ ଇତ୍ୟାଦି—
2. A contrivance for sprinkling water (on plants or roads or in fields.)

**ଆସେଚନକ**—ସଂ. ବି. ଓ ବଣ—ଆସେଚନ (ଦେଖ)
Āsechanaka Āsechana (See)

**ଆସେଧ**—ସଂ. ବି. (ଆ+ସିଧ ଧାତୁ=ଅବରୋଧ କରିବା+ଭାବ. ଅ)—
Āsedha ୧ । ଅବରୋଧ; ଅଟକ ରଖିବା—1. Confinement; restraint upon a person's liberty.
୨ । ଗିରଫଦାରୀ—2. Arrest.
୩ । କାରାରୋଧ—3 Imprisonment.
୪ । ପ୍ରତିଷେଧ—4. Prohibition.

**ଆସେସ୍ କରିବା**—ବୈଦେ.କ୍ରି.(ଇଂ.ଅସ୍‌ସେସ୍)—କୌଣସି ବ୍ୟକ୍ତି ଉପରେ
Āses kariba ଶୁଳ୍କାଦି ଧାର୍ଯ୍ୟ କରିବା—
আসেসকরা To assess a tax.
आसेस करना

**ଆସେସ୍‌ମେଣ୍ଟ**—ବୈଦେ. ବି. (ଇଂ. ଅସ୍‌ସେସ୍‌ମେଣ୍ଟ)—କର ଧାର୍ଯ୍ୟ
Āsesment କରିବା କାର୍ଯ୍ୟ—Assessment.
আসেসমেন্ট
आसेसमेंट

**ଆସେସର**—ବୈଦେ. ବି (ଇଂ. ଅସ୍‌ସେସର୍)—୧ । ଯେଉଁ ବ୍ୟକ୍ତି ଦାଉରା
Āsesar ମକଦ୍ଦମାରେ ଜଜ୍ ସାହେବଙ୍କ ପାଖରେ ବସି ଅପରାଧୀ
আসেসর ବ୍ୟକ୍ତିର ଅପରାଧ ସମ୍ବନ୍ଧେ ମତ ଦିଏ—
आसेसर 1. Assessor in a session's case.
[ ଦ୍ର—ଆସେସର୍ ଓ ଜୁରି (ଜୋରି) ମଧ୍ୟରେ ପ୍ରଭେଦ ଏହି ଯେ ଆସେସରଙ୍କ ମତ ଜଜ୍‌ସାହେବ ମାନିବାକୁ ବାଧ ନୁହନ୍ତି; କିନ୍ତୁ ଜୁରିଙ୍କ ମତ ଗ୍ରହଣ କରିବାକୁ ଜଜ୍ ବାଧ । ]
୨ । ସରକାର ତରଫରୁ ପ୍ରଜାଙ୍କ ଉପରେ ଶୁଳ୍କ ବା ଟିକସ ବସାଇବାକୁ ନିଯୁକ୍ତ ବ୍ୟକ୍ତି—
2. An assessor of tax.
(ଯଥା—ମିଉନିସିପାଲ୍ ଅସେସର୍; ଇନ୍‌କମ୍ ଟାକ୍ସ ଅସେସର୍)

**ଆସେସରି**—ବୈ. ବି.—ଅସେସରଙ୍କ କାର୍ଯ୍ୟ ବା ପଦ—
Āsesari Act or post of an assessor.
আসেসরী ବୈ. ବଣ.—ଅସେସର ସମ୍ବନ୍ଧୀୟ—
आसेसरी Relating to assessors.
(ଯଥା—ଅସେସର ପରୁଆନା—ସମନ)

**ଆଶୋରା**—ବୈଦେ. ବି. (ଆ)—ମହରମ୍ ମାସର ୧୦ମ ଦିନରେ ପାଳିତ
Āsorā ହେବା ମୁସଲମାନମାନଙ୍କ ଉତ୍ସବ—Festivity observed on the 10th day of the month of Moharum.

ମାଗଣ ଲେଖେ ଅପର ଦ୍ୱାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦପାଠ ଯଥାକ୍ରମେ ଚିହ୍ନିତ ବ୍ୟବହାର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଛ' ନ ମିଳିଲେ 'ଗାଛ' ଖୋଜିବେ; 'କୃତ' ନ ମିଳିଲେ 'କୃତ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଗ୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଲଙ୍କାର' ଦେଖିବେ

**ଆସୋସିଏସନ୍**—ବିଦେ. ବି. (ଇଂ)—ସଙ୍ଘ; ସମିତି—
Āsosiesan Association.

**ଆସ୍କନ୍ଦନ**—ସଂ. ବି. ( ଆ + ସ୍କନ୍ଦ୍ ଧାତୁ = ଯିବା; ଗାଳିଦେବା + ଭାବ. ଅନ )—୧ । ତିରସ୍କାର; ଗାଳି—
Āskandana
1. Reproach; reprimand.
୨ । ଆସ୍ଫାଳନ—
2. Bragging; boasting; defiance.
୩ । ଯୁଦ୍ଧ—3. War; battle.
୪ । ବିନାଶ; ହନନ —
4. Destroying; killing; annihilation.
୫ । ଧାବନ—5. Running; racing; galloping; chasing.
୬ । ଆକ୍ରମଣ—6. Attack.
୭ । ଘୋଡ଼ାର ଏକ ପ୍ରକାର ଚାଲି; କଦମ ଚାଲି—
7. Slow canter of a horse.

**ଆସ୍କନ୍ଦିତ**—ସଂ. ବିଣ. ( ଆ+ସ୍କନ୍ଦ ଧାତୁ=ଗାଳିଦେବା + କର୍ମ. ତ )—
Āskandita ୧ । ତିରସ୍କୃତ—2. Reproached.
୨ । ପଶ୍ଚାତ୍ ଧାବିତ—2. Run after; chased.
୩ । ଆକ୍ରାନ୍ତ—3. Attacked.
୪ । ବିନଷ୍ଟ—4. Destroyed; annihilated.
ସଂ.ବି. (ଆ+ସ୍କନ୍ଦ ଧାତୁ ବିକଳ୍ପ, ସ୍କନ୍ଦ ଧାତୁ=ଯିବା+ଭାବ. ତ)-
ଘୋଡ଼ାର ଗତିବିଶେଷ; କଦମ—
A kind of walk of horses; slow canter.
ମହୀଜବ ପୃଷ୍ଠପୃଷ୍ଠେ ଆସେ ଆସ୍କନ୍ଦିତେ । ରଘୁନାଥ—ମହାଯାତ୍ରା ।

**ଆସ୍କରା**—ଦେ. ବିଣ. ( ସଂ. ଅପରିଷ୍କାର )—ଆବର୍ଜନାପୂର୍ଣ୍ଣ; ଅପରିଷ୍କୃତ—
Āskarā Unswept; uncleansed; full of refuse matter.
আস্কারা
মৈলা

**ଆସ୍କାରା**—ବିଦେ. ବି ( ଆ )—ପ୍ରଶ୍ରୟ, ମୁହଁଦେବା—
Āshkārā Indulgence; excessive fondling.

**ଆସ୍ତର**—ସଂ. ବି. ( ଆ + ସ୍ତୃ ଧାତୁ = ବିସ୍ତାର କରିବା+କର୍ମ. ଅ )—
Āstara ଆସ୍ତରଣ ( ଦେଖ )
Āstaraṇa ( See )

**ଆସ୍ତରଣ**—ସଂ. ବି. ( ଆ=ସମ୍ୟକ୍; ବୃହଅର୍ଥେ+ସ୍ତୃ ଧାତୁ=ବିସ୍ତାର କରିବା+କର୍ମ. ଅନ )—
Āstaraṇa
୧ । ବିଛଣା; ଶଯ୍ୟା—1. Bedding.
୨ । ବିଛଣାଚାଦର—2. Bed-cloth; bed-sheet.
୩ । ଉପରେ ପକାଇବା ଘୋଡ଼ଣୀ—
3. An outer covering; a sheeting.
୪ । କମ୍ବଳାଦି ଆସନ—
4. Carpet; spreading cloth.
୫ । ପୋଷାକ ବା କୁର୍ତ୍ତାଭିତରେ ଦିଆଯିବା କନା—
5. Lining of a garment.
୬ । କାନ୍ଥରେ ପଲସ୍ତରା କରିବା; କାନ୍ଥରେ ଚୂନ ବା ମାଟି ବୋଳିବା—6. Plastering a wall with lime or mud.
୭ । ବାହାରର ଆଚ୍ଛାଦନ ବା ସ୍ତର—7. Outer layer; layer spread on the surface.
୮ । ହସ୍ତିପୃଷ୍ଠର ଚିତ୍ରିତ କମ୍ବଳ—
8. A painted rug for the elephant.
୯ । ଘୋଡ଼ାକମ୍ବଳ—9. Horse-rug.

**ଆସ୍ତାନ**—ବିଦେ. ବି. ( ଆ=ଅସ୍ତାନ—ଭୁଲ. ସଂ. ଅସ୍ଥାନ )—
Āstāna ୧ । ମୁସଲମାନ ପୀର ବା ମହାପୁରୁଷଙ୍କ ଅଧିଷ୍ଠାନ ସ୍ଥଳ—
1. The seat of Mahomedan pira or saint.
୨ । ହିନ୍ଦୁମାନେ ମୁସଲମାନମାନଙ୍କ 'ପୀର'ଙ୍କୁ ସତ୍ୟପୀର ବୋଲି ପୂଜା କରିବା ବେଳେ ଯେଉଁ ଆସନ ବା ପୀଢ଼ାରେ ସତ୍ୟପୀର ଠାକୁରଙ୍କର ଆବିର୍ଭାବ କଳ୍ପନା କରନ୍ତି— 2. A seat where the Hindus worship the Mahomedan pira in Satyapira-worship.
ଦେ. ବି. ( ସଂ ଅସ୍ଥାନ )—ଅସ୍ଥାନ ( ଦେଖ )
Āsthāna ( See )
ଏତେ ବୋଲି ନୃପତି ଆସ୍ତାନେ ବସିଲେ
ବୋଲଇ କହମ ପାତ୍ର ମନ୍ତ୍ରୀ ଡକାଇଲେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଆସ୍ତାନପଢ଼ିଆରି**—ଦେ. ବି—ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ-
Āstānapar̲dh̲āāri A class of sebakas of Deity Jagannātha at Puri.
[ ଦ୍ର—ବେଢ଼ାରଣ ଜଗିବା ଏବଂ ପରିଚ୍ଛଙ୍କୁ ଭିଆସରେ ଛାଡ଼ିବା ଏହାଙ୍କ କାର୍ଯ୍ୟ । ଜଗବନ୍ଧୁସିଂହ. ପ୍ରା. ଉତ୍କଳ । ]

**ଆସ୍ତାନାସ୍ତ**—ଗ୍ରା. ବିଣ. ( ସଂ. ଅନାଥ )—ଛନ୍ନଛତ୍ର; ଅସ୍ତବ୍ୟସ୍ତ;
Āstānāsta ବ୍ୟସ୍ତସମସ୍ତ; ନାହାନ୍ତ ଛିନ୍ନ —
नास्तानाबूद Helterskelter, distracted; dis-
हड़बड़ि organised; ruined.

**ଆସ୍ତାନାସ୍ତା**—ଗ୍ରା. ବିଣ—ଆସ୍ତାନାସ୍ତ ( ଦେଖ )
Āstānastā Āstānāsta ( See )

**ଆସ୍ତାବଲ**—ଦେ. ବି. ( ଇଂ. ଷ୍ଟେବ୍ଲ )—
Āstābala ଅସ୍ତାବଲ; ଅଶ୍ୱଶାଳା; ଘୋଡ଼ାଗୁହାଳ—Stable.

**ଆସ୍ତି**—ଦେ. ବି. ( ସଂ. ଅସ୍ତି )—୧ । ବିଷୟ; ସମ୍ପତ୍ତି; ବିଭବ—
Āsti 1. Substance; property; riches.
(ନାସ୍ତି—ବିପରୀତ) ୨ । ଅସ୍ତିତ୍ୱ—2. Existence.
ଶୂନ୍ୟର ଅସ୍ତି ନାସ୍ତି କହି, ଏଣୁ ତୋ ଭୁବଣା ଏ କୋହି ।
ଭୂପତି—ପ୍ରେମପଞ୍ଚାମୃତ ।
୩ । ହଁ—3. Yes.

**ଆସ୍ତିକ**—ସଂ. ବିଣ. ପୁଂ. ( ଅସ୍ତି=ଅଛି + କିଥଳାର୍ଥେ. କ ) ଈଶ୍ୱର
Āstika ଅଛନ୍ତି ଓ ପରଲୋକ ଅଛି' ଏହି ଭାବ ଥିବା ବ୍ୟକ୍ତି—
(ନାସ୍ତିକ—ବିପରୀତ) ୧ । ଧାର୍ମିକ—1. Pious.
୨ । ଈଶ୍ୱରବାଦୀ; ଈଶ୍ୱରବିଶ୍ୱାସୀ—2. Believing God.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଚ | ଛ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ଶ | ଛ | ଇସ୍ତ | ଉଅ | ଘ |
| ୨ | ଌ | ଭ | ଋୁ | ଲୃ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷଂ | ଯ | ସ | ଙ | ଇଅ | ● | ନୃ |

ସ. ବି—୧ । ଈଶ୍ୱର ଓ ପରଲୋକ ସ୍ୱୀକାର କରିବା ବ୍ୟକ୍ତି— 1. Theist.

୨ । ଶାସ୍ତ୍ରବିହିତ କର୍ମରେ ଯାହାର ବିଶ୍ୱାସ ଅଛି ଓ ଯେ ତତ୍‌ସମୁଦାୟର ଯଥାବିଧି ଅନୁଷ୍ଠାନ କରେ— 2. Having faith or reliance on scriptural rites.

୩ । ଜରତ୍କାରୁଙ୍କ ପୁତ୍ର—ମୁନିବିଶେଷ— 3. Name of a sage.

[ ଦ୍ର—ଜରତ୍କାରୁ ଆପଣା ସ୍ୱାମୀଙ୍କ ନିକଟରେ ପୁତ୍ର ପ୍ରାର୍ଥନା କରିବାରୁ ସ୍ୱାମୀ ଉତ୍ତର କଲେ 'ଅସ୍ତି' ଅର୍ଥାତ୍ 'ତୁମ୍ଭ ଗର୍ଭରେ ମୋ ଔରସ ସନ୍ତାନ ନିଶ୍ଚେ ଅଛି'—ଏଥିରୁ ପୁତ୍ରଙ୍କ ନାମ ଅସ୍ତିକ ହେଲା । ଏ ପରୀକ୍ଷିତଙ୍କ ସର୍ପଯଜ୍ଞରୁ ସର୍ପମାନଙ୍କୁ ରକ୍ଷା କରିଥିବାରୁ ଏହାଙ୍କ ନାମ ସ୍ମରଣ କଲେ ସର୍ପଭୟ ରହେ ନାହିଁ । ]

**ଆସ୍ତିକତା**—ସ. ବି. ( ଆସ୍ତିକ+ଭାବ. ତା )—
Āstikatā ୧ । ଈଶ୍ୱର ଓ ବୈଦିକଧର୍ମ ବିଷୟରେ ବିଶ୍ୱାସ— 1. Faith in the existence of God and the Bedas.

୨ । ଆସ୍ତିକର ବ୍ୟବହାର— 2. The conduct of a theist.

୩ । ଈଶ୍ୱର ଓ ପରଲୋକରେ ବିଶ୍ୱାସ— 3. Faith in God and in the next world.

**ଆସ୍ତିକ୍ୟ**—ସ. ବି. ( ଆସ୍ତିକ+ଭାବ. ଯ )—ଆସ୍ତିକତା ( ଦେଖ )
Āstikya Āstikatā ( See )

**ଆସ୍ତିନ୍**—ବୈଦେ. ବି ( ଫା )—କୁର୍ତ୍ତାର ହାତ—
Āstin Sleeves of a coat

**ଆସ୍ତିନାସ୍ତି**—ଦେ. ବି. ( ସ. ଅସ୍ତି ଓ ନାସ୍ତି )—
Āstināsti ୧ । ହଁ ବା ନାହିଁ—ଗୋଟିଏ ନିଶ୍ଚିତ କଥା— 1. A definite reply—yes or no.

୨ । ସ୍ଥିର ଜବାବ—2. Definite statement.

୩ । ହଁ ଅବା ନାହିଁ—3. Either yes or no.

**ଆସ୍ତିବାଡ଼ି**—ଦେ. ବି.—ବିଷୟସମ୍ପତ୍ତି; ବିଷୟଆଶୟ; ଚଳନ୍ତିଅଚଳନ୍ତି
Āstibāṟdi ସମ୍ପତ୍ତି—Property movable and immoveable.

**ଆସ୍ତୀକ**—ସଂ. ବି. ( ଅସ୍ତି=ଅଛି+ଇକ )—ଆସ୍ତିକ ( ୩ ) ( ଦେଖ )
Āstika Āstika 3. ( See )

**ଆସ୍ତୀର୍ଣ୍ଣ**—ସଂ. ବିଣ. ( ଆ=ଚାରିଆଡ଼େ=ସ୍ତୃ ଧାତୁ=ବିସ୍ତାର କରିବା
Āstirṇṇa +କର୍ତ୍ତୃ. ତ )—

୧ । ଚାରିଆଡ଼େ ବିସ୍ତୃତ; ବିସ୍ତୀର୍ଣ୍ଣ—1. Spread out

୨ । ଆକୀର୍ଣ୍ଣ; ବ୍ୟାପ୍ତ—2. Scattered.

୩ । ଆଚ୍ଛନ୍ନ; ଆଚ୍ଛାଦିତ—3. Covered.

୪ । ପୀଡ଼ିତ—4. Sick.

**ଆସ୍ତେ**—ଦେ. କି. ବିଣ. ( ଫା. ଆହିସ୍ତା )—
Āste ୧ । ଧୀରେ; ଧୀରଭାବରେ; ହାଲୁକେ ହାଲୁକେ— 1. Slowly.
ଆସ୍ତେ
ହୌଲେ ୨ । କୋମଳଭାବରେ—2. Tenderly; softly

୩ । ନିଃଶବ୍ଦରେ—3. Gently; noiselessly.

**ଆସ୍ତେଆଗେଲ୍**—ଦେ. ବି. ( ନାହାଜୀଙ୍କ ଭାଷା )—ନାହାଜକୁ ଧୀରେ-
Āsteāgel ଧୀରେ ଆଗକୁ ନିଅ—( a nautical term ) Slowly advance.

**ଆସ୍ଥା**—ସଂ. ବି. ସ୍ତ୍ରୀ ( ଆ+ସ୍ଥା ଧାତୁ=ଆଦାୟ କରିବା+ଭାବ. ଅ;
Āsthā +ସ୍ତ୍ରୀ. ଆ )— ୧ । ନିର୍ଭର; ଅବଲମ୍ବନ; ଆଶ୍ରୟ—
ଅନାସ୍ଥା—ବିପରୀତ 1. Dependence; refuge; resort; prop; stay.

୨ । ଶ୍ରଦ୍ଧା; ବିଶ୍ୱାସ—2. Trust; reliance; confidence; faith; regard; respect.

୩ । ଯତ୍ନ—3. Care.

୪ । ( +ଅଧିକରଣ. ଅ )—ସଭା— 4. Gathering; a meeting.

୫ । ସ୍ଥାନ—5. Place.

୬ । ସ୍ଥିତି—6. Position.

୭ । ଅପେକ୍ଷା—7. Waiting; depending on.

୮ । ନିଷ୍ଠା; ମନୋଯୋଗ—8. Attention.

**ଆସ୍ଥାକରିବା**—ଦେ. କ୍ରି—୧ । ଯତ୍ନ ନେବା—
Āsthākaribā 1. To take care of; to care.

୨ । ନିଷ୍ଠା ରଖିବା; ବିଶ୍ୱାସ କରିବା— 2. To have regard for or trust on.

୩ । ନିର୍ଭର କରିବା—3. To depend upon.

୪ । ବିଶ୍ୱାସଦୃଷ୍ଟିରେ ଚାହିଁବା— 4. To look up with confidence.

**ଆସ୍ଥାନ**—ସଂ. ବି. ( ଆ+ସ୍ଥା ଧାତୁ=ଥିବା+ଅଧିକରଣ. ଅନ )—
Āsthāna ୧ । ସଭା—1. Gathering; a meeting; assembly.

୨ । ଆସ୍ଥା; ବିଶ୍ୱାସ; ନିର୍ଭର— 2. Trust; faith; cofidence.

୩ । ( +ଭାବ. ଅନ )—ଯତ୍ନ; ପ୍ରୟାସ— 3. Care; regard.

୪ । ଅବଲମ୍ବନ—4. Prop; stay.

୫ । ବିଶ୍ରାମସ୍ଥାନ— 5. Place of refuge or shelter.

୬ । ଆରୋହଣ—6. Ascending; ascension.

୭ । ପ୍ରତିମାଅଧି ବସିବାର ସ୍ଥାନ— 7. A seat for idols.

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଂକୃତ' ନ ପାଇଲେ 'ଅଳଙ୍କୃତ' ଦେଖିବେ ।

୮ । ଅଧିଷ୍ଠାନସ୍ଥଳ; ପୀଠ; ମଠ—
8. A seat; abode; place; a place where members of a sect or society congregate.

୯ । ବାସ କରିବାର ପ୍ରଧାନ ସ୍ଥାନ; କେନ୍ଦ୍ର—
9. Head-quarters.

୧୦ । ଗୃହାଦିର ସ୍ଥାନ—10. Site of a house.

୧୧ । ରାଜା ଯେଉଁଠାରେ ପ୍ରଜାଙ୍କ ଗୁହାରି ଶୁଣନ୍ତି; କଚେରି ଘର—11. A hall of audience.

**ଆସ୍ଥାନୀ**— ସଂ. ବି. ସ୍ତ୍ରୀ. (ଆ+ସ୍ଥା ଧାତୁ+ଅଧିକରଣ. ଅନ+ସ୍ତ୍ରୀ. ଈ)—
**Āsthānī** ସଭା—Assembly; a congregation.

**ଆସ୍ପଦ**—ସଂ. ବି. (ଆ+ପଦ ଧାତୁ=ଯିବା+ଅଧିକରଣ ଅ;'ସ'ର ଆଗମ)—
**Āspada** ୧ । ସ୍ଥାନ—1. Place; seat; site; position.

୨ । ବାସ ସ୍ଥାନ—2. Abode.

୩ । ଆଧାର—3. An object; receptacle.

୪ । ( +ଭାବ. ଅ )—ଅଧିଷ୍ଠାନ; ପ୍ରତିଷ୍ଠା—
4. Situation.

୫ । କାର୍ଯ୍ୟ—5. Action.

୬ । ପଦ—6. Position.

୭ । ପ୍ରଭୁତା—7. Mastery.

୮ । (ଜ୍ୟୋତିଷ) ଲଗ୍ନର ଦଶମ ସ୍ଥାନ—
8. (astrology) The 10th place from Lagna.

**ଆସ୍ପର୍ଦ୍ଧା**—ସଂ. ବି. ସ୍ତ୍ରୀ (ଆ+ସ୍ପର୍ଦ୍ଧ ଧାତୁ=ପରାଭୂତ କରିବାକୁ ଇଚ୍ଛାକରିବା +ଭାବ. ଅ+ସ୍ତ୍ରୀ. ଆ )—
**Āsparddhā**

୧ । ମାତ୍ସର୍ଯ୍ୟ; ଗରିମା; ଗର୍ବ—
1. Arrogance; presumption.

୨ । ଅନୁଚିତ ଉଚ୍ଚ ଆକାଙ୍କ୍ଷା—2. Ambition.

୩ । ଦାମ୍ଭିକତା—3. Daring of a person; boldness

୪ । ଗୁମର; ବଢ଼େଇକରିବା—
4 Boasting; bragging; vaunt.

୫ । ପ୍ରତିଯୋଗିତା—5. Emulation; rivalry.

୬ । ପରାଭବେଚ୍ଛା—6. Desire to overpower others

**ଆସ୍ପର୍ଦ୍ଧୀ**—ସଂ. ବିଣ. ( ଆ+ସ୍ପର୍ଦ୍ଧ ଧାତୁ=ସ୍ପର୍ଦ୍ଧା କରିବା+କର୍ତ୍ତୃ. ଇନ୍; ୧ମା. ୧ବ. )—
**Āsparddhī**
ଯେ ଆସ୍ପର୍ଦ୍ଧା କରେ—One who defies.

**ଆସ୍ଫାଳ**—ସଂ. ବି. ( ଆ+ସ୍ଫଳ ଧାତୁ=ଗମନ କରିବା+ଭାବ. ଅ )—
**Āsphāḷa** ହସ୍ତୀର କର୍ଣ୍ଣ ଚାଳନା—The movement of the ears of an elephant.

**ଆସ୍ଫାଳନ**—ସଂ. ବି. (ଆ+ସ୍ଫାଳ ଧାତୁ=ଗମନ କରିବା+ଭାବ.ଅନ)—
**Āsphāḷana** ୧ । ଗର୍ବପ୍ରକାଶ; ଆତ୍ମଶ୍ଳାଘା—1. Bragging blustering; self-adulation.

୨ । ଥାପଡ଼େଇବା; ତାଳମାରିବା—2. Clapping.

୩ । ( ଚଢ଼େଇର ଡେଣା, ହାତୀର କାନ, ମାଛର ଲାଞ୍ଜ ) ପିଟି ହେବା; ପକ୍ଷାଦି ସଞ୍ଚାଳନ ବା ଝୁଣ୍ଟାଡ଼ିବା—
3. Flouncing or flapping (of the fins of a fish; elephant's ear or a bird's wing).

୪ । ସଂଘର୍ଷଣ—4. Waving; movement; friction.

୫ । ଆଘାତ କରିବା ପାଇଁ ଆସ୍ପର୍ଦ୍ଧାପୂର୍ବକ ଶସ୍ତ୍ରାଦି ଝଳମଳ କରିବା ବା ଭଞ୍ଜାଇବା—5. Brandishing.

**ଆସ୍ଫାଳିତ**— ସଂ. ବିଣ ( ଆ+ସ୍ଫାଳ ଧାତୁ + କର୍ମ. ତ)—
**Āsphāḷita** ୧ । ଚାଳିତ; ସଞ୍ଚାଳିତ—1. Waved; moved.

୨ । ତାଡ଼ିତ—2. Scared; driven away.

**ଆସ୍ଫାଳିବା**—ଦେ. କ୍ରି. (ସଂ. ଆସ୍ଫାଳନ)—
**Āsphāḷibā** ୧ । ଆସ୍ଫାଳନ କରିବ; ବଢ଼େଇ କରିବା—
1. To brag or vaunt.

୨ । ଶସ୍ତ୍ରାଦି ସଞ୍ଚାଳନ କରିବା; ଲହଲହ କରିବା—
2. To marshal a weapon; to brandish.

ବୀର ମଦେ ବେଳୁ ବୀର କାର୍ମୁକ ଟଙ୍କାରେ
କେ ଅବା ଆସ୍ଫାଳ ଅସି ଭୀଷଣ ହୁଙ୍କାରେ । ରାଧାନାଥ, କବିତାବଳୀ ।

**ଆସ୍ଫୋଟ**—ସଂ. ବି. ( ଆ+ସ୍ଫୁଟ ଧାତୁ=ଫୁଟିବା, ପ୍ରକାଶିତ ହେବା; ବଧ କରିବା+ଭାବ ଅ )—
**Āsphoṭa**

୧ । ବୀରମାନଙ୍କର ବାହୁରେ କିମ୍ବା ଜଙ୍ଘରେ ଫୁଟିକ ମାରିବା—
1. Challenge: causing a sound by clapping the hand on the arm or the thigh as a sign of difiance before an athletic feat.

୨ । ଫୁଟୁକ—2. Clapping or flapping of two flat things with each other.

୩ । ଫୁଟୁକି ଶବ୍ଦ—3. Sound produced by clapping, flapping or flouncing.

୪ । ଅଙ୍ଗୁଠି ଫୁଟାଇବା—4 Sound produced by the twisting of the finger-joints.

୫ । ସଶବ୍ଦଆଘାତ—5. Striking with sound.

୬ । ପୁଷ୍ପାଦିର ବିକାଶ; ଫୁଲ ଫୁଟିବା; ଫୁଲର ପାଖୁଡ଼ା ଖୋଲିଯିବା—6. The blowing or opening of a flower.

୭ । ହଠାତ୍ ମେଲା ହୋଇ ଯିବା—
7. Sudden expansion.

| ୧ | ଇ | ଉ | ଋ,ୠ | ଌ | ଯ୍ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଳ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ୟ | ଇଅ | ୱ | ନ୍ |

୮ । ହଠାତ୍ ମୁଦ୍ରଣ; ପକ୍ଷ ସହିତ ମୁଦ ହୋଇଯିବା—
8. Sudden shutting or clasping up of the flaps with a sound.

୯ । ଫୋଡ଼ିବା—9. Boring through.

**ଆସ୍ଫୋଟନ**—ସଂ ବି. ( ଆ+ସ୍ଫୁଟ ଧାତୁ+ଭାବ. ଅନ )—
**Āsphoṭana** ଆସ୍ଫୋଟ ( ଦେଖ )
Āsphoṭa ( See )

**ଆସ୍ଫୋଟନା**—ସଂ. ବି.ସ୍ତ୍ରୀ (ଆ+ସ୍ଫୁଟ ଧାତୁ=ଫୁଟିବା+କର୍ତ୍ତୃ. ଅନ+ସ୍ତ୍ରୀ. ଆ)—ବନମଲ୍ଲି; ବନମଲ୍ଲିକା—
**Āsphoṭanā** The wild Jasmine.

**ଆସ୍ଫୋଟନୀ**—ସଂ. ବି. ସ୍ତ୍ରୀ. ( ଆ+ସ୍ଫୋଟ ଧାତୁ=ଭେଦ କରିବା+କରଣ =ଅନ+ସ୍ତ୍ରୀ.)
**Āsphoṭanī**
୧ । ଫୁଟାଇବା ଯନ୍ତ୍ର; ଫୋଡ଼ଣୀ—
1. Auger; gimlet
୨ । ବଢ଼େଇଙ୍କ ଭଅଁର—2, A drill (carpenter's instrument for boring through a piece of wood ).

**ଆସ୍ୱାଦ**—ସଂ. ବି. (ଆ+ସ୍ୱଦ୍ ଧାତୁ=ଚାଖିବା+କର୍ମ. ଅ)—
**Āswāda** ୧ । ମଧୁରାଦି ରସ— 1. Sweet and other tastes.
୨ । (+ଭାବ. ଅ)—ସ୍ୱାଦ; ରସପରିଚୟ; ଆସ୍ୱାଦନ—
2. Taste; relish; flavour.
୩ । ପାନ—3. Drinking.
୪ । ଭୋଜନ—4. Eating.

**ଆସ୍ୱାଦକ**—ସଂ.ବିଣ.ପୁଂ (ଆ+ସ୍ୱାଦ ଧାତୁ=ଆସ୍ୱାଦନ କରାଇବା+କର୍ତ୍ତୃ. ଅକ)—ଯେ ଆସ୍ୱାଦ ଗ୍ରହଣ କରେ— One who tastes.
**Āswādaka**
(ଆସ୍ୱାଦିକା— ସ୍ତ୍ରୀ)

**ଆସ୍ୱାଦନ**—ସଂ. ବି. (ଆ+ସ୍ୱାଦ ଧାତୁ=ଚାଖାଇବା+ଭାବ. ଅନ )—
**Āswādana** ୧ । ସ୍ୱାଦଗ୍ରହଣ; କୌଣସି ପଦାର୍ଥର ରସ ଅନୁଭବ; ସ୍ୱାଦ ଉପଭୋଗ; ଚାଖିବା—1. Tasting; relishing; enjoyment of the taste of a thing.
୨ । ଆସ୍ୱାଦ; ରସପରିଚୟ—2. Taste; relish; flavour.
୩ । ପାନ—3. Drinking.
୪ । ଭୋଜନ—4. Eating.

**ଆସ୍ୱାଦନୀୟ**—ସଂ. ବିଣ. ( ଆ+ସ୍ୱଦ୍ ଧାତୁ+କର୍ମ. ଅନୀୟ )—
**Āswādanīya** ୧ । ଯାହା ଚଖାଯିବ—
1. To be tasted or relished
୨ । ଆସ୍ୱାଦଗ୍ରହଣର ଯୋଗ୍ୟ—2. Fit to be tasted.
୩ । ମୁଖରୁଚିକର; ସୁସ୍ୱାଦୁ—
3. Palatable; agreeable to the taste.

**ଆସ୍ୱାଦିତ**—ସଂ. ବିଣ. (ଆ+ସ୍ୱଦ୍ ଧାତୁ ଣିଚ=ସ୍ୱାଦ ଧାତୁ+କର୍ମ. ତ)—
**Āswādita** ଯାହା ଚଖା ହୋଇଅଛି—Tasted; enjoyed.

**ଆସ୍ୱାଦିବା**—ଦେ. ପଦ୍ୟ. କ୍ରି. (ସଂ. ଆସ୍ୱାଦନ)—୧ । ଆସ୍ୱାଦନ କରିବା; ଚାଖିବା—1. To taste; to relish.
**Āswādibā**
୨ । ( ଲକ୍ଷଣାର୍ଥ ) ଉପଭୋଗକରିବା—2. To enjoy.
ଟରେ ମାତ୍ର ନେତ୍ରେ ଆସ୍ୱାଦ ଏ ରୂପ ସୁବର୍ଣ୍ଣ ପର୍ଣ୍ଣ ଦେନା—ପଥ.ନାଥ, ସପାତ ।

**ଆସ୍ୱାଦୀ**—ସଂ. ବିଣ ( ଆସ୍ୱାଦ+ଅସ୍ତି ଅର୍ଥରେ. ଇନ୍ )—ସୁସ୍ୱାଦୁ; ଉତ୍ତମ-ସ୍ୱାଦଯୁକ୍ତ; ସୁଆଦଅ—Delicious; palatable; savoury.
**Āswādī**

**ଆସ୍ୱାଦୁ**—ସଂ. ବିଣ (ଆ+ସ୍ୱାଦୁ)—ଆସ୍ୱାଦୀ (ଦେଖ)
**Āswādu** Āswādī (See)

**ଆସ୍ୱାଦ୍ୟ**—ସଂ. ବିଣ (ଆ+ସ୍ୱାଦ ଧାତୁ+କର୍ମ. ଯ)—ଆସ୍ୱାଦନୀୟ (ଦେଖ)
**Āswādya** Āswādanīya (See)

**ଆସ୍ମାନ୍** (ଇତ୍ୟାଦି)—ଆଶ୍ମାନ୍ ଇତ୍ୟାଦି (ଦେଖ)
**Āsmān etc.** Āśmān etc. (See)

**ଆସ୍ମାନୀ** (ଇତ୍ୟାଦି)—ଆଶ୍ମାନୀ ଇତ୍ୟାଦି (ଦେଖ)
**Āsmānī etc** Āśmānī etc. (See)

**ଆସ୍ୟ**—ସଂ. ବି. (ଅସ୍ ଧାତୁ=କ୍ଷେପଣ କରିବା+ଅଧିକରଣ. ଯ)—
**Āsya** ୧ । ମୁଖ; ବଦନ; ବକ୍ତ୍ର; ମୁଖମଣ୍ଡଳ—
1 Face; countenance.
୨ । ତୁଣ୍ଡ—2. Mouth.
ସଂ. ବିଣ —ମୁଖଭବ; ମୁଖରୁ ଜାତ - Produced from the mouth.
ଗ୍ରା. ପଦ୍ୟ. ବି (ସଂ. ଆଶୟ)—୧ । ଆଶୟ; ଅଭିପ୍ରାୟ—
1. Intention.
ଆସ୍ୟ କଣି ପାଶେ ତାଙ୍କୁ ଇନ୍ଦ୍ର ତେଲେ ପେଟି—ସାରଳାମହାଭାରତ. ବନ୍ଧ ।
୨ । ଉଦ୍ଦେଶ୍ୟ; ଲକ୍ଷ୍ୟ—2. Aim.
ସେହୁ ଆସ୍ୟ ଧରି ଏବେ ଜନମଲୁ ପୁଅ—ସାରଳାମହାଭାରତ. ଆଦି ।

**ଆସ୍ୟା**—ସଂ. ବି. ସ୍ତ୍ରୀ ( ଆସ୍ ଧାତୁ=ବସିବା+ଭାବ. ଯ+ସ୍ତ୍ରୀ. ଆ )—
**Āsyā** ୧ । ସ୍ଥିତି; ଗତିରାହିତ୍ୟ—
1. Status; cessation of motion.
୨ । (ଆସ୍ୟ+ଅ+ଆ)—ମୁଖମଧୁ; ଲେପ—
2. Saliva; spittle.
୩ । ଆନନ—3. Face.
୪ । (ଆସ୍ୟ+ସ୍ୱାର୍ଥେ. ଅ+ସ୍ତ୍ରୀ. ଆ)—(ମୁଖସ୍ଥିତ) ଜିହ୍ୱା—Tongue.

**ଆସ୍ୟାସବ**—ସଂ. ବି. (୬ଷ୍ଠୀ ତତ୍; ଆସ୍ୟ=ମୁଖ+ଆସବ=ମଧୁବତ୍ ତରଳବସ୍ତୁ)—ଲାଳ; ଲେପ—Saliva.
**Āsyāsaba**

**ଆସ୍ରବ**—ସଂ. ବି. (ଆ+ସ୍ରୁ ଧାତୁ=କ୍ଷରିବା; କଷ୍ଟଦେବା+ଭାବ. ଅ)—
**Āsraba** ୧ । କ୍ଷରଣ; ଝରିବା—Oozing; trickling.
୨ । (+କରଣ. ଅ) କ୍ଳେଶ; କଷ୍ଟ; ଦୁଃଖ—
2. Trouble; pain.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ପରସ୍ପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

**ଆହକ**—ସଂ. ବି.—ନାସାରୋଗବିଶେଷ; ନାକରେ ହେବା ବ୍ୟଥା—
Āhaka Inflammation of the schneiderian membrane of the nose.

**ଆହକଜ୍ୱର**—ସଂ. ବି.—ଉହାଜର (ଦେଖ)
Āhakajwara Uhājara (See)

**ଆହତ**—ସଂ. ବିଣ. (ଆ=ସାମାନ୍ୟ+ହନ୍ ଧାତୁ=ବଧ କରିବା; ଆଘାତ କରିବା+କର୍ମ. ତ)—୧ । କ୍ଷତ; ଆଘାତପ୍ରାପ୍ତ—1. Wounded; beaten; hurt.
Āhata
୨ । ମର୍ଦ୍ଦିତ—Pressed; pounded.
୩ । ତାଡ଼ିତ—3. Struck; smitten.
୪ । ଜ୍ଞାତ—4. Known.
୫ । ଗୁଣିତ—5. Multiplied.
୬ । ଦଗ୍ଧ—6. Burnt.
ସଂ. ବି.—୧ । ମିଛ କଥା; ମିଥ୍ୟାବାକ୍ୟ—1. A lie.
୨ । ନୂତନ ବସ୍ତ୍ର—2. New cloth.
୩ । ଢକ୍କା; ଢୋଲ—3. A drum.
୪ । ଜୀର୍ଣ୍ଣ ବସ୍ତ୍ର—4. Worn out cloth.

**ଆହତଲକ୍ଷଣ**—ସଂ. ବିଣ. (ବହୁବ୍ରୀହି; ଆହତ=ଜ୍ଞାତ+ଲକ୍ଷଣ=ଚିହ୍ନ)—
Āhatalakshaṇa ଗୁଣଦ୍ୱାରା ବିଖ୍ୟାତ—(person)
(ଆହତଲକ୍ଷଣା—ସ୍ତ୍ରୀ) Famous or celebrated on account of his accomplishments.

**ଆହତି**—ସଂ ବି. (ଆ+ହନ୍ ଧାତୁ=ଆଘାତ କରିବା+ଭାବ. ତି)—
Āhati ୧ । ମାଡ଼; ତାଡ଼ନ—1. Beating; striking.
୨ । ଆଘାତ—2. A stroke; wound; injury
୩ । ଗୁଣନ—3. Multiplication.

**ଆହନନ**—ସଂ.ବି.(ଆ+ହନ୍+ଭାବ. ଅନ)—୧ । ମାଡ଼ଦେବା; ଆଘାତ କରଣ—1. Act of beating or striking
Āhanana
୨ । ଧାତୁଖଣ୍ଡକୁ ହାତୁଡ଼ିଦ୍ୱାରା ପିଟିବା—
2. Hammering a piece of metal.

**ଆହନନୀୟ**—ସଂ. ବିଣ (ଆ+ହନ୍ ଧାତୁ+କର୍ମ. ଅନୀୟ)—ଯାହାକୁ ମାଡ଼ ଦିଆଯିବ; ପିଟାହେବାଯୋଗ୍ୟ—To be beaten or struck; fit to be hammered; requiring hammering.
Āhananiya

**ଆହନ୍ତବ୍ୟ**—ସଂ. ବିଣ. (ଆ+ହନ୍ ଧାତୁ+କର୍ମ. ତବ୍ୟ)—
Āhantabya ଆହନନୀୟ (ଦେଖ)—
Āhananiya (See)

**ଆହବ**—ସଂ. ବି. (ଆ+ହ୍ୱେ ଧାତୁ=ଡାକିବା+ଅଧିକରଣ. ଅ)—
Āhaba ୧ । ଯୁଦ୍ଧ—1. Battle.
୨ । ଯୁଦ୍ଧକ୍ଷେତ୍ର—2. Battle-field.
୩ । (ଆ+ହୁ ଧାତୁ=ହୋମ କରିବା+ଅଧିକରଣ ଅ)
ଯଜ୍ଞ—3. A Vedic sacrifice.
୪ । ନାକ ମଧ୍ୟରେ ହେବା ବ୍ରଣ—
4. A boil within the nose.
ଦେ. ବି.—୧ । ଅହଙ୍କାର—1. Arrogance.
୨ । ଆସ୍ଥା; ବିଶ୍ୱାସ—2 Confidence.
୩ । ଦାମ୍ଭିକତା; ଦମ୍ଭ—3. Daring.
୪ । ହିମ୍ମତ; ସାହସ—4. Courage.
୫ । ଉତ୍ସାହ; ବଳଦେବା—5. Encouragement.
୬ । ସାମର୍ଥ୍ୟ—6. Power.

**ଆହବ କରିବା**—ଦେ. କ୍ରି—୧ । ଅସାଧ୍ୟ କାର୍ଯ୍ୟ କରିବାକୁ ସାହସ କରିବା—1. To dare to do an act.
Āhaba karibā
୨ । ଅସୀମ ସାହସିକ କାର୍ଯ୍ୟରେ ହସ୍ତକ୍ଷେପ କରିବା—
2. To prep re to do a very difficult act

**ଆହବନୀୟ**—ସଂ. ବିଣ. (ଆ+ହୁ ଧାତୁ=ହୋମ କରିବା+ଅଧିକରଣ. ଅନୀୟ)—ହୋମ କରିବାର ସମ୍ୟକ୍ ଉପଯୁକ୍ତ ବା ଯୋଗ୍ୟ; ହୋମୋପଯୋଗୀ—Fit for being offered as an oblation; to be offered as oblation.
Āhabaniya
ସଂ. ବି.—ଯଜ୍ଞସାଧନ ସକାଶେ ଆବଶ୍ୟକ ପଞ୍ଚଅଗ୍ନି ମଧ୍ୟରୁ ଏକ ଅଗ୍ନି; ଯଜ୍ଞାଗ୍ନି ବିଶେଷ—A consecrated fire for sacrifice; one of the 5 sacrificial fires.

**ଆହବିବା**—ଦେ. କ୍ରି (ସଂ. ଆହବ)—୧ । ଆହବ କରିବା (ଦେଖ)
Āhabibā 1. Āhaba karibā (See)
୨ । କୌଣସି କାର୍ଯ୍ୟରୁ ହଟିଯିବା; କରୁଥିବା କୌଣସି କାର୍ଯ୍ୟରୁ ପଛଘୁଞ୍ଚା ଦେବା—2. To shrink or desist from doing an act (from fear of consequences or due to threats.
୩ । ଅଗ୍ରସର ହେଉଥିବା ଅବସ୍ଥାରେ ହଠାତ୍ ଥମ୍ଭି ଯିବା—
3 To stop suddenly while proceeding.

**ଆହର**—ସଂ. ବି. (ଆ+ହୃ ଧାତୁ=ହରଣ କରିବା+ଭାବ. ଅ)—
Āhara ଆହରଣ (ଦେଖ)
Āharaṇa (See)
ସଂ. ବିଣ. (+କର୍ତ୍ତୃ. ଅ)—ଆହରଣକାରୀ; ସଞ୍ଚୟକାରୀ—
One who collects or gathers.

**ଆହରଣ**—ସଂ. ବି. ( ଆ+ହୃ ଧାତୁ=ଆଣିବା+ଭାବ. ଅନ )—
Āharaṇa ୧ । ସଂଗ୍ରହ—1. Collection.
୨ । ଆୟୋଜନ—2. Preparation.
୩ । ଆନୟନ—3. Bringing; fetching.
୪ । ସଙ୍ଗ୍ରହ; ସଙ୍କଳନ—4. Compiling.
୫ । ଅନୁଷ୍ଠାନ—5. Getting up; performance.
୬ । ଉପାର୍ଜନ—6. Earning.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର,ବ୍ର | ଝ | ଯ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଶ | ଙ୍କ | ଇସ | ଈଅ | ଯ |
| ୨ | ଈ | ଉ | ଋ | ଌ | ଯୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | କ୍ଟ |

୭ । ନିର୍ବାହ—7. Accomplishing.

୮ । କରାଇବା; ଘଟାଇବା—8. Causing.

୯ । ଆହରଣୀୟ ପଦାର୍ଥ—
9. Things to be collected.

୧୦ । ବିବାହାବସରରେ କନ୍ୟାକୁ ଦତ୍ତ ଉପଢୌକନ (ପଦାର୍ଥ)—
10. A dowry or present given to a bride at the time of marriage.

**ଆହରଣୀୟ**—ସଂ. ବିଣ ( ଆ+ହୃ ଧାତୁ=ସଂଗ୍ରହ କରିବା+କର୍ମ. ଅନୀୟ )—ସଂଗ୍ରହର ଉପଯୁକ୍ତ ବା ଯୋଗ୍ୟ—
Āharaṇiya
To be collected or gathered.

**ଆହର୍ତ୍ତବ୍ୟ**—ସଂ. ବିଣ. (ଆ+ହୃ ଧାତୁ=ସଂଗ୍ରହ କରିବା+କର୍ମ. ତବ୍ୟ)—
Āharttabya
ଆହରଣୀୟ ( ଦେଖ )
Āharaṇiya ( See )

**ଆହର୍ତ୍ତା**—ସଂ. ବିଣ. ପୁଂ ( ଆ+ହୃ ଧାତୁ+କର୍ତ୍ତୃ. ତୃ )—
Āharttā ୧ । ଆହରଣ ବା ସଂଗ୍ରହ କରିବା (ବ୍ୟକ୍ତି); ସଂଗ୍ରାହକ—
(ଆହର୍ତ୍ତ୍ରୀ—ସ୍ତ୍ରୀ) 1. One who collects or brings together; compiler.

୨ । ଯଜ୍ଞାଦି କ୍ରିୟାର ଅନୁଷ୍ଠାତା—
2. Performer of sacrifice.

**ଆହା**—ଦେ. ଅ. ( ସଂ. ଅହୋ )—୧ । ଅନୁତାପ; ଆକ୍ଷେପ ବା
Āhā ଖେଦସୂଚକ ହାୟ !—1. Alas ! ( remorse; regret or sorrow).
हाय
**आहा** ୨ । ଆନନ୍ଦସୂଚକ—ଅହୋ—2. Aha ! (joy)

୩ । ଦୟା ବା ଅନୁକମ୍ପାସୂଚକ ହାୟ !—3. Ah ! ( pity )

ନରେଶି ଉଚ୍ଚାରୁ ଅରେ ଆହା—କବିସୂର୍ଯ୍ୟ କଶୋଷ୍ଟିଚମ୍ପୂ, ୫. ଗୀତ ।

**ଆହା କରିବା**—ଦେ. କ୍ରି.—୧ । ଖେଦ କରିବା—1. To lament.
Āhā kariba
हाय करा ୨ । ଅନୁତାପ କରିବା—2. To repent; to regret.

୩ । ସହାନୁଭୂତି ପ୍ରକାଶ କରିବା—
3. To sympathise; to pity; to show sympathy.

ବାହାରେ ଲୋକର ଆହା କରିବାକୁ ଯାହା ନାହିଁ ଯତ୍ନ ଅଛିଲେ ।
ଭଞ୍ଜ. ବୈଦେହୀଶବିଳାସ—୨୯ । ୧୪ ।

**ଆହାନିକ**—ଗ୍ରା. ପଦ୍ୟ. ବି. (ସଂ. ଆହ୍ନିକ)—୧ । ଆହ୍ନିକ (ଦେଖ)
Āhānika I. Āhnika (See)

ଆହାନିକ ସାରି ଏଣେ କରିବା ଭୋଜନ—ସାର । ମହାଭାରତ. ବନ୍ଦ ।

**ଆହାବ**—ସଂ. ବି.—୧ । ( ଆ+ହ୍ୱେ ଧାତୁ=ଡାକିବା+ଅଧିକରଣ. ଅ—ଯେଉଁଠାକୁ ପଶୁମାନେ ପାଣି ପିଇବା ନିମନ୍ତେ ଆହୂତ ହୁଅନ୍ତି; ଗୋରୁ ଆଦି ପଶୁମାନଙ୍କର ପାଣି ପିଇବା ସକାଶେ କୂପ ନିକଟରେ ପ୍ରସ୍ତୁତ ହୋଇଥିବା କ୍ଷୁଦ୍ର ଜଳାଶୟ ବା ଜଳକୁଣ୍ଡ—
Āhāba 1. An artificial basin constructed near a well, filled with water for cattle drinking therefrom.

୨ । (ଯେଉଁଠାକୁ ବୀରଗଣ ଆହୂତ ହୁଅନ୍ତି) ଯୁଦ୍ଧ—
2. Battle.

୩ । ( ଆ+ହୁ ଧାତୁ=ହୋମକରିବା+ଅଧିକରଣ. ଅ; ଯହିଁରେ ହୋମ କରାଯାଏ)—ଅଗ୍ନି—3. Fire

୪ । (+ଭାବ. ଅ)—ଆହ୍ୱାନ 4. Calling.

୫ । ମନ୍ତ୍ରବିଶେଷ ଦ୍ୱାରା ଆହ୍ୱାନ—5. Invoking.

୬ । ଆହ୍ୱାନସାଧନମନ୍ତ୍ରବିଶେଷ— 6. A kind of sacred text by which the invokation is performed.

୭ । ( +କରଣ, ଅ )—ଦ୍ରୋଣକଳସ; ତଗା ଆକୃତିର ଜଳପାତ୍ରବିଶେଷ—7. A trough near a well for watering cattle.

ଦେ. ବି.—ଅହବ (ଦେଖ)
Āhaba (See)

**ଆହାବିବା**—ଦେ. କ୍ରି.—ଆହବିବା ଦେଖ
Āhābibā Āhabibā (See)

**ଆହା ମରଇ**—ଦେ. ଅ.—ପ୍ରିୟଜନଙ୍କ ଦୁରବସ୍ଥାଜନିତ ଖେଦସୂଚକ
Āhāmarai ଅବ୍ୟୟ—ହାୟ ! ମୁଁ ମରି ନ ଯାଇ ଏହା ଯାହା
हाय मरि मरि ଆଖିରେ ଦେଖିଲି ! ଆହା କି ଦୁଃଖର ବିଷୟ !—
Alas: what a sad thing.

ନବ କାହିଁ କି ନୟନେ ନଶ. ଦନ ଆହା ମରଇ ମୋ ଧନ ।
କବିସୂର୍ଯ୍ୟ, କଶୋଷ୍ଟିଚମ୍ପୂ, ୫ ଗୀତ ।

**ଆହାମଦ୍**—ବୈଦେ. ବି. (ଆ) ନାମ—ହଜରତ୍ ମିର୍ଯା ଗୋଲାମ୍ ଅହେମ୍ମଦ୍, ମୁସଲମାନ ଆହାମ୍ମଦୀୟ ସମ୍ପ୍ରଦାୟର ପ୍ରବର୍ତ୍ତକ—
Āhāmad The founder of the Āhāmmadiya sect of the Mahomedans.

**ଆହାମଦୀ**—ଦେ. ବି.— ଆହାମ୍ମଦୀୟ (ଦେଖ)
Āhāmadi Āhāmmadiya (See)

**ଆହାମ୍ମକ୍**—ବୈଦେ. ବିଣ (ଆ)—୧ । ମୂର୍ଖ; ବୋକା—
Āhāmmak 1. Dunce; foolish.

୨ । ନିର୍ବୋଧ—2. Simpleton.

**ଆହାମ୍ମକି**—ଦେ. ବି.—୧ । ମୂର୍ଖପଣ—Folly.
Āhāmmaki ୨ । ନିର୍ବୋଧତା—2. Stupidity.

**ଆହାମ୍ମଦୀୟ**—ଦେ. ବି.—ମୁସଲମାନମାନଙ୍କର ନୂତନ ସମ୍ପ୍ରଦାୟ ବିଶେଷ
Āhāmmadiya ( ମହମ୍ମଦ ତଳେ ଟୀକା ଦେଖ)
Āhāmmadiya sect of the Mahomedans.

**ଆହାର**—ସଂ ବି. (ଆ+ହୃ ଧାତୁ=ହରଣ କରିବା; ଭୋଜନ କରିବା+ଭାବ. ଅ)—୧ । ଖାଇବା; ଭୋଜନ—1. Eating; meal; taking food.
Āhāra

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । (+କର୍ମ. ଅ) ଖାଦ୍ୟ; ଭୋଜ୍ୟବସ୍ତୁ—
2. Food; provision; diet.
୩ । ଆହରଣ—3. Gathering; taking in
୪ । ଦେହପୁଷ୍ଟିର ଉପାଦାନ—4. Sustenance.

**ଆହାରକ**—ସଂ. ବଣ. ପୁଂ. (ଆ + ହୃ ଧାତୁ+କର୍ତ୍ତୃ ଅକ)—
**Āhāraka** ସଂଗ୍ରାହକ—Collector; compiler; one
(ଆହାରିକା—ସ୍ତ୍ରୀ) who brings things to a place.

**ଆହାରଛଟା**—ଦେ.ବି. (ନାମ—ରୋଗବିଶେଷ; ମୂର୍ଚ୍ଛା ବାତ; ମୃଗୀବାତ—
**Āhārachhaṭā** Epilepsy; epileptic fit.
মৃগী ଆହାରଛଟା, କଡ଼ି ନ ରହିଲେ କପାଳ ଫଟା । ଢଗ ।
मिर्गी

**ଆହାରଛାଟ**—ଦେ. ବି.—ଆହାରଛଟା (ଦେଖ)
**Āhārachhāta** Āhārachhaṭā (See)
ଆହାରଛାଟ, କଡ଼ି ନ ରହିଲେ ଯମର ଭେଟ—ଢଗ ।

**ଆହାର ଛାଡ଼ିବା**—ଦେ. କ୍ରି—ରୋଗ ବା ବାର୍ଦ୍ଧକ୍ୟ ହେତୁ; ଅରୁଚିବଶତଃ
**Āhāra chhāṛdibā** ଖାଇବା ତ୍ୟାଗ କରିବା—
আহার ছাড়া To give up taking usual food owing
अनाजछोडना to old age or infirmity.

**ଆହାର ଢୋକିବା**—ଦେ. କ୍ରି.—(ଧାନଗଛ) ଫୁଲ ଉଡ଼ାଇବା ପରେ ଧାନ
**Āhāra ḍhokibā** ମଧ୍ୟରେ ଧଳା କ୍ଷୀର ଜାତ ହେବା—
Generating a milk-white watery substance after flowering (said of paddy plants.)

**ଆହାର ଦେବା**—ଦେ. କ୍ରି.—ପକ୍ଷୀ ମାତା ପକ୍ଷିଶାବକଙ୍କୁ ଥଣ୍ଟରେ ଖାଦ୍ୟ
**Āhāra debā** ବା ଆଧାର ଦେବା—(mother bird)
আহার দেওয়া To give food to the young ones
अघारदेना with the beak.

**ଆହାର ଧରିବା**—ଦେ. କ୍ରି—ସ୍ତନ୍ୟପାୟୀ ଶିଶୁର ପ୍ରଥମେ ଅନ୍ନ ଇତ୍ୟାଦି
**Āhāra dharibā** ଖାଇବା—A child's first taking
আহার ধরা to substantial food (eg. rice) after it gives up taking milk.

**ଆହାରନାଳୀ**—ସଂ. ବି. (ଦେହବିଜ୍ଞାନପର ଭାଷା)—ଯେଉଁ ନାଳ
**Āhāranāḷi** ବାଟେ ମୁଖଗହ୍ୱରରୁ ପେଟକୁ ଖାଦ୍ୟ ଯାଏ—
Alimentary canal)

**ଆହାରପଥ**—ସଂ. ବଣ. (ବିଜ୍ଞାନପରଭାଷା)—ଆହାରନାଳୀ (ଦେଖ
**Āhārapatha** Āhāranāḷi (See)

**ଆହାରବିହାର**—ସଂ. ବି. (ସହଚର)—ଆହାରାଦି ଯାବତୀୟ ଦୈନିକ
**Āhārabihāra** କାର୍ଯ୍ୟ; ପାନାହାରାଦି—Eating and all other acts necessary for a living being

**ଆହାରାନ୍ୱେଷୀ**—ସଂ. ବଣ. ପୁଂ—ଯେ ଖାଦ୍ୟଦ୍ରବ୍ୟ ଖୋଜୁଥାଏ—
**Āhārānweshi** Searching after food
(ଆହାରାନ୍ୱେଷିଣୀ—ସ୍ତ୍ରୀ)

**ଆହାରାଭାବ**—ସଂ. ବି. (୬ଷ୍ଠୀ ତତ୍)—୧ । ଖାଦ୍ୟାଭାବ—
**Āhārābhāba** 1. Want of food.
୨ । ଅନାହାର—2. Starvation.

**ଆହାରାର୍ଥୀ**—ସଂ ବଣ. ପୁଂ. ( ଆହାର = ଭୋଜନ + ଅର୍ଥଧାତୁ =
**Āhārārthi** ପ୍ରାର୍ଥନା କରିବା + କର୍ତ୍ତୃ. ଇନ୍; ୧ମା. ୧ବ. )—
(ଆହାରାର୍ଥିନୀ—ସ୍ତ୍ରୀ) ୧ । ଖାଇବାପାଇଁ ଇଚ୍ଛୁକ—
1. Desirous of eating.
୨ । ଖାଇବା ପାଇଁ ପ୍ରାର୍ଥୀ—2. Begging for food.

**ଆହାରୀ**—ସଂ ବଣ. ( ଆହାର + କର୍ତ୍ତୃ. ଇନ୍ )—
**Āhāri** ପେଟୁ; ଉଦରମ୍ଭରି; ଯେ ବହୁତ ଖାଇପାରେ—
Gluttonous; greedy.

**ଆହାରୀୟ**—ସଂ. ବଣ. ( ଆହାର + ସମ୍ବନ୍ଧାର୍ଥେ. ଈୟ )—
**Āhāriya** ଖାଦ୍ୟସମ୍ବନ୍ଧୀୟ—Relating to food.

**ଆହାର୍ଯ୍ୟ**—ସଂ. ବଣ. (ଆ + ହୃ ଧାତୁ=ଖାଇବା; ସଂଗ୍ରହ କରିବା + କର୍ମ, ଯ)
**Āhārjya** ୧ । ଖାଦ୍ୟ; ଭୋଜ୍ୟ; ଖାଦ୍ୟୋପଯୋଗୀ; ଆହାରୀୟ—
1. Fit to be eaten; edible; eatable.
୨ । ସଂଗୃହୀତ ହେବାର ଯୋଗ୍ୟ; ଆହରଣୀୟ—
2. Fit to be collected or brought together.
୩ । ସଂଗୃହୀତ ହୋଇଥିବା—
3. Collected; gathered.
୪ । ଆହରଣସିଦ୍ଧ; କୃତ୍ରିମ; ଅସ୍ୱାଭାବିକ; ଯତ୍ନସାଧ୍ୟ ବା ବେଶଭୂଷାଦିଦ୍ୱାରା ସମ୍ପନ୍ନ ( ଶୋଭା )—4. Got up; false; artificial ( beauty ).
୫ । ଆରୋପିତ; କଳ୍ପିତ—5. Imputed; feigned; effected.
୬ । ନୈମିତ୍ତିକ—6. Casual; superficial.

**ଆହାର୍ଯ୍ୟଶୋଭା**—ସଂ. ବି. ( କର୍ମଧା; ଆହାର୍ଯ୍ୟ + ଶୋଭା )—
**Āhārjyaśobhā** କୃତ୍ରିମ ସୌନ୍ଦର୍ଯ୍ୟ; ବେଶଭୂଷାଦି ଦ୍ୱାରା ଯେଉଁ ଶୋଭା ସମ୍ପାଦନ କରାଯାଏ—
Done up or artificial beauty; got up beauty.

**ଆହାର୍ଯ୍ୟସାମଗ୍ରୀ**—ସଂ. ବି. ( କର୍ମଧା; ଆହାର୍ଯ୍ୟ + ସାମଗ୍ରୀ )—
**Āhārjyasāmagri** ଖାଦ୍ୟ ବସ୍ତୁ—Articles of food; edibles.

**ଆହ୍ଲାଦ**—ଗ୍ରା. ପଦ୍ୟ. ବି ( ସଂ. ଆହ୍ଲାଦ)—
**Āhlāda** ହର୍ଷ; ଆନନ୍ଦ; ଆମୋଦ—
Joy; mirth; rejoicing; delight.
ମିତ୍ରଜନ ମନ ମୀନକୁ ଜଳ ପରି
ଆହ୍ଲାଦ ଦେଲ ସେ ଜାଣ ଦଣ୍ଡଧାରୀ । କୃଷ୍ଣସିଂହ ମହାଭାରତ. ଶଲ୍ୟ ।
ଗ୍ରା. ପଦ୍ୟ. ବଣ—ଆନନ୍ଦଦାୟକ; ଲାବଣ୍ୟମୟ; ଆହ୍ଲାଦକ—
Charming; lovely.
ଆହ୍ଲାଦ ରୂପ ତନୁ ହେ ନଶାବକ ।
ଶିଶୁବେଦ—ଉଷା ଅଭିଳାଷ ୨ । ୪ ।

| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଣ,ଶ | ଙ୍କ | ଇଯ୍ | ଲଂ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଊ | ରୁ | ଲୁ | ଯ୍ୟୁ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଓ | ନୃ |

**ଆହ୍ଲାଦ କରିବା**—ଦେ. କ୍ରି—ସ୍ନେହ କରିବା; କୋମଳ ବ୍ୟବହାର କରିବା—To fondle; to behave tenderly.
Āhlāda karibā
नाई देओया
लाडकरना

**ଆହ୍ଲାଳିବା**—ଦେ. କ୍ରି—ଅହୁଲାଇବା ( ଦେଖ )
Āhāliba — Āhulāibā ( See )

**ଆହିତ**—ସଂ. ବିଣ. ( ଆ+ଧା ଧାତୁ=ରଖିବା; ଦେବା+କର୍ମ. ତ )—
Āhita
୧ । ନ୍ୟସ୍ତ; ସ୍ଥାପିତ—1. Placed.
୨ । ସଞ୍ଚିତ—2. Deposited.
୩ । ଆସକ୍ତ; ଅନୁରକ୍ତ— 3. Attached; devoted to.
୪ । ଯାହାକୁ ବନ୍ଧକ ଦିଆଯାଇଅଛି—4. Pledged.
୫ । ନିକ୍ଷିପ୍ତ—5. Thrown away; rejected.
୬ । କୃତ—6. Effected.
୭ । କୃତାଧାନସଂସ୍କାର ( ଅଗ୍ନି )— 7. ( fire ) Consecrated.
୮ । ଜନିତ—8. Produced.
୯ । ନିଷିକ୍ତ—9. Impregnated.
୧୦ । ସଂହିତ—10. United; collected.
୧୧ । ଅର୍ପିତ—11 Given.
୧୨ । ସମ୍ପାଦିତ—12. Performed; done.
୧୩ । ଜାତ—13. Born; grown.
୧୪ । ଆରୋପିତ—14. Imputed.
୧୫ । ଅନୁଭୂତ—15. Felt.

**ଆହିତଲକ୍ଷଣ**—ସଂ. ବିଣ. ପୁଂ. (ବହୁବ୍ରୀହି; ଆହିତ+ଲକ୍ଷଣ)—
Āhitalakshaṇa (ଆହିତଲକ୍ଷଣା—ସ୍ତ୍ରୀ)
୧ । ଗୁଣଦ୍ୱାରା ବିଖ୍ୟାତ— 1. Celebrated for accomplishments.
୨ । ନ୍ୟସ୍ତଚିହ୍ନ—2. Marked with a sign.

**ଆହିତାଗ୍ନି**—ସଂ. ବିଣ. ପୁଂ. (ଆହିତ=ସଞ୍ଚିତ+ ଅଗ୍ନି=ଯଜ୍ଞାଗ୍ନି, ଯାହା-ଦ୍ୱାରା)—ଯେଉଁ ବ୍ରାହ୍ମଣ ଯଜ୍ଞାଗ୍ନିକୁ ଗୃହରେ ସଞ୍ଚୟ କରି ସର୍ବଦା ଜାଳ ରଖନ୍ତି; ସାଗ୍ନିକ. ଅଗ୍ନିହୋତ୍ରୀ—(a Brāhmaṇa ) Who keeps the sacred fire burning day and night in the house; ( one ) who keeps the sacrificial fire alive.
Āhitāgni

**ଆହିତୁଣ୍ଡିକ**—ସଂ. ବି. ପୁଂ. ( ଅହିତୁଣ୍ଡ=ସର୍ପମୁଖ+କ୍ରୀଡ଼ାର୍ଥେ; ଇକ. ଯେ ସାପର ମୁଖଦ୍ୱାରା ଖେଳେ)—ସାପୁଆକେଳା— Snake-catcher; snake-charmer.
Āhituṇḍika
ସଂ. ବିଣ.— ଯେ ସର୍ପବିଦ୍ୟାରେ ନିପୁଣ—Skilled in the art of snake-charming.

**ଆହିର**—ଦେ.ବି.(ସଂ. ଆଭୀର)—ବିହାର ଓ ଉତ୍ତରପଶ୍ଚିମ ଅଞ୍ଚଳର ଗଉଡ଼ ଜାତି; ଅଭିରଗଉଡ଼—A cowherd; a caste now taking to rope-dancing by females.
Āhira (ଆହିରୀ—ସ୍ତ୍ରୀ)

**ଆହିରି**—ଦେ. ବି.—ଆହିର (ଦେଖ)
Āhiri — Āhira (See)

**ଆହୁଟ**—ଦେ. ବିଣ. (ସ. ଉଦ୍ବର୍ତ୍ତନ )—୧ । ଅଉଟା; ନିଆଁରେ ଫୁଟା ହେବା—1. Being agitated over fire.
Āhuṭa
୨ । ଗ୍ରୀଷ୍ମକାଳରେ ପବନ ଅଭାବରୁ ଘର୍ମରେ ଆକୁଳ ବା ବ୍ୟାକୁଳ—2. Feeling close and sweaty for want of breeze in the summer season.

**ଆହୁଟଣ**—ଗ୍ରା. ବି. (ସଂ. ଉଦ୍ବର୍ତ୍ତନ)—ଆଉଟଣ (ଦେଖ)
Āhuṭaṇa — Āuṭaṇa (See)

**ଆହୁଡ଼ାବାହୁଡ଼**—ଗ୍ରା. ପଦ୍ୟ. ବି—ଯିବା ଆସିବା—
Āhurḍa bāhurḍa — Coming and going.

ମୋ ତରଣେ ବଅ ପାହୁଡ଼, ବକେ କରୁ ଥିବ ଥାଉଡ଼ ।
ପାଦ ରୁଣ ଝୁଣ ଶବଦ ଶୁଣିଣ କନ୍ତାଇ ଅହୁଡ଼ବାହୁଡ଼ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

**ଆହୁତ**—ସଂ. ବିଣ. (ଆ+ହୁ ଧାତୁ=ହୋମ କରିବା+କର୍ମ. ତ)—ମନ୍ତ୍ରପାଠପୂର୍ବକ ହୋମ ଅଗ୍ନିରେ ନିକ୍ଷିପ୍ତ (ଘୃତ ଓ ଚରୁ-ଆଦି)—Offered as oblations to the sacrificial fire; sacrificed.
Āhuta
ସଂ. ବି. (+ଭାବ. ତ)—ଗୃହସ୍ଥର କର୍ତ୍ତବ୍ୟ ପଞ୍ଚଯଜ୍ଞ— The five great sacraments enjoined on every householder by the Bedas.

**ଆହୁତି**—ସଂ. ବିଣ. (ଆ+ହୁ ଧାତୁ=ହୋମ କରିବା+ଭାବ. ତି)—
Āhuti
୧ । ହୋମ; ମନ୍ତ୍ରପାଠପୂର୍ବକ ଘୃତାଦିର ହୋମାଗ୍ନିରେ ନିକ୍ଷେପ—1. Sacrificial Homa; Vedic sacrifice; sacrifice by fire.
୨ । ଅଗ୍ନିରେ ଦେୟ ବା ହୋମୋପଯୋଗୀ ଦ୍ରବ୍ୟ— 2. Burnt offering; oblation (e.g. ghee, rice, honey etc. )
୩ । ଘୃତ ଆଦି ସ୍ରୁବଦ୍ୱାରା ଅଗ୍ନିରେ ଏକବାର ନିକ୍ଷେପ— 3. That much of burnt offering (e. g. ghee etc.) which is poured into the fire at one time by means of the sruba or ladle.

**ଆହୁତି ଦେବା**—ଦେ.କ୍ରି.—୧ । ଘୃତାଦି ହୋମାଗ୍ନିରେ ନିକ୍ଷେପ କରିବା— 1. To throw or pour ghee into the sacred fire.
Āhuti debā
আহুতিদেওয়া
आहुतिदेना
୨ । (ଲକ୍ଷଣାର୍ଥ) ବିସର୍ଜନ କରିବା; ଜଳାଞ୍ଜଳି ଦେବା— 2. To sacrifice (one's interests).

ଆହୁତ ଦେଇଣ ଅସ୍ତ୍ରମୁଖେ ହେଲେ ସତୀ-ସ୍ୱାମି-ସୁହୃଦାମୀ ।
ନନ୍ଦକିଶୋର. ଶର୍ମିଷ୍ଠା ।

୩ । ଉତ୍ତେଜିତ କରିବା—3. To instigate; to fan (as by adding ghee to fire.)

**ଆହୁରି**— ଦେ. ଅ. (ସଂ. ଅନ୍ୟତ୍ ଓ ହି)—୧ । ଆଉ; ପୁନରପି—
Āhuri 1. Also; moreover.
আবার; আর ୨ । ଅଦ୍ୟାପି
ঔর 2. Till today; till now.
ଦେ. ବିଣ.— ଆଉ; ଅଧିକ—More.

**ଆହୁଲା**— ଦେ. ବି.— ଅହୁଲା; ନୌକା ଚଲାଇବାରେ ବ୍ୟବହୃତ ଦଣ୍ଡ-
Āhulā ବିଶେଷ; କ୍ଷେପଣୀ—Oar.
হাল; দাঁড়
बल्ला; कल्ली

**ଆହୁଲାଇବା**— ଦେ. କ୍ରି.—୧ । ଅହୁଲା ପକାଇବା—
Āhulāibā 1. To row.
হালধরা; দাঁড়ফেলা ୨ । ଅହୁଲାଦ୍ୱାରା ନୌକା ଚଲାଇବା—
डाँड़खेना 2. To row a boat over.
୩ । (ଭୁଲା ପ୍ରଭୃତି ଦ୍ୱାରା) ବାୟୁକୁ ସଞ୍ଚାଳିତ କରିବା—
3. To cause the motion of the air (by means of a fan).

**ଆହୂତ**— ସ. ବିଣ. (ଆ + ହ୍ୱେ ଧାତୁ = ଡାକିବା + କର୍ମ. ତ)—
Āhūta ୧ । ନିମନ୍ତ୍ରିତ; ଆମନ୍ତ୍ରିତ—1. Invited.
(ଅନାହୂତ—ବିପରୀତ) ୨ । ସମ୍ବୋଧିତ—2. Addressed.
୩ । ଡକାହେବା—3. Called; invoked; summoned.

**ଆହୂତି**— ସଂ. ବି. (ଆ + ହ୍ୱେ ଧାତୁ = ଡାକିବା + ଭାବ. ତି)—
Āhuti ଆହ୍ୱାନ; ଡାକରା; ନିମନ୍ତ୍ରଣ—
Call; invitation; summons.

**ଆହୃତ**— ସଂ. ବିଣ. ( ଆ + ହୃ ଧାତୁ = ହରଣ କରିବା; ନେବା + କର୍ମ.
Āhṛuta ତ)—୧ । ଆହ୍ରୋଜିତ—1. Collected.
୨ । ସଞ୍ଚିତ; ସଂଗୃହୀତ—2. Gathered; stored in.
୩ । ଆନୀତ—3. Brought in; seized.
୪ । ସଂକଳିତ—4. Compiled.
୫ । ନୀତ—5. Taken away.

**ଆହେ**— ଦେ. ଅ. (ସଂ. ଅହୋ)—ସମ୍ବୋଧନସୂଚକ ଗୌରବାର୍ଥକ ମାନ୍ୟ
Āhe ବ୍ୟକ୍ତିଙ୍କଠାରେ ପ୍ରଯୁଜ୍ୟ—ହେ—Interjection
ওহো applied to respected persons—Oh Sir!
आह ଅହେ ନନ୍ଦନନ୍ଦନ ସନ୍ଦେହ ଏଥି ନାହିଁ—କୃଷ୍ଣସିଂହ ମହାଭାରତ. ଅଦି ।

**ଆହେମଦ୍**— ବୈଦେ. ବି. ( ଅ ). ( ନାମ )—ଅହାମଦ୍ (ଦେଖ)
Āhemad Āhāmad (See)

**ଆହେୟ**—ସଂ. ବିଣ. (ଅହି = ସର୍ପ + ସମ୍ବନ୍ଧାର୍ଥେ. ଏୟ)—ସର୍ପସମ୍ବନ୍ଧୀୟ—
Aheya Relating to snakes.

**ଆହେହେ**—ଦେ. ଅ.—ଆହେ (ଦେଖ)
Āhehe Āhe (See)

**ଆହୋ**—ସଂ. ଅ. ( ଆ + ହନ ଧାତୁ = ଆଘାତ କରିବା + ଅଧିକରଣ;
Āho ବିକଳ୍ପ, ସନ୍ଦେହ, ପ୍ରଶ୍ନ ଓ ବିସ୍ମୟାର୍ଥକ ସମ୍ବୋଧନ)—
ଆହେ (ଦେଖ)—Āhe (See)
ଅହୋ ଭ୍ରାତୃ ଦ୍ରୋଣ ବୁଝାଇଥିଲ ମୋତେ—ସାରଳାମହାଭାରତ. ଉଦ୍ୟୋଗ ।

**ଆହୋପୁରୁଷିକା**—ସଂ ବି. (ଅହୋପୁରୁଷ + ଇକ + ସ୍ତ୍ରୀ. ଆ; "ଅହଂ ଏବ
Āhopurushikā ପୁରୁଷଃ" ଅର୍ଥାତ୍ ମୁଁ ଏକା ମନୁଷ୍ୟ, ଆଉ କେହି ମୋ ଆଗରେ ମନୁଷ୍ୟ ନୁହେ )—ଆତ୍ମବଡ଼ିମା;
ଆତ୍ମଶ୍ଳାଘା; ଆତ୍ମପ୍ରଶଂସା—Self-adulation.

**ଆହୋରାତ୍ରିକ**—ସଂ. ବିଣ. (ଅହୋରାତ୍ର + ଭାବ. ଇକ)—
Āhorātrika ଦିନ ରାତି ୨୪ ଘଣ୍ଟାଯାକ ଘଟୁଥିବା ଅବିଶ୍ରାନ୍ତ—
Incessant; taking place or remaning throughout 24 hours.

**ଆହୋହୋ**—ଦେ. ଅ.—ଆହେହେ (ଦେଖ)
Āhoho Āhehe (See)

**ଆହ୍ନିକ**—ସଂ. ବିଣ. (ଅହନ୍ = ଦିବସ + ନିର୍ବୃତ୍ତାର୍ଥେ. ଇକ)—
Āhnika ୧ । ଦୈନିକ; ପ୍ରତିଦିନ ଘଟୁଥିବା—
1. Daily; diurnal.
୨ । ଦିବସସମ୍ବନ୍ଧୀୟ—2. Pertaining to a day.
ସଂ. ବି.—୧ । ସନ୍ଧ୍ୟା ବନ୍ଦନାଦି ନିତ୍ୟକର୍ମ—
1. Daily worship and prayers.
୨ । ପ୍ରତିଦିନର କର୍ତ୍ତବ୍ୟ ପାଠ—2. A day's lesson.
୩ । ଦିବସରେ ଗ୍ରନ୍ଥର ପଠନୀୟ ଅଂଶବିଶେଷ—3. Part of a book which is a day's lesson.

**ଆହ୍ନିକ କରିବା**—ଦେ. କ୍ରି.—ସନ୍ଧ୍ୟାବନ୍ଦନାଦି କରିବା—
Āhnika karibā To perform the daily worship and rituals.

**ଆହ୍ନିକ ଗତି**—ସଂ. ବି (ଭୂଗୋଳପରିଭାଷା)—ଏକ ଅହୋରାତ୍ର ବା ୨୪ଘଣ୍ଟା
Āhnikagati ମଧ୍ୟରେ ପୃଥିବୀର ସ୍ୱୀୟ ମେରୁଦଣ୍ଡ ଚତୁର୍ଦ୍ଦିଗରେ ଏକବାର ଆବର୍ତ୍ତନ—The diurnal rotation of the earth.

[ ଦ୍ର — ପୃଥିବୀ ଲଟୁପରି ନିଜର ମେରୁଦଣ୍ଡଉପରେ ପ୍ରତ୍ୟହ ଥରେ ଘୂରି ଘୂରି ବର୍ଷକେ ସୂର୍ଯ୍ୟଙ୍କ ଚାରିପାଖେ ଥରେ ଘୂରି ଆସେ । ପୃଥିବୀର ଏହି ଦୁଇଟି ଗତି ମଧ୍ୟରୁ ପ୍ରଥମକୁ ଆହ୍ନିକ ଗତି ଓ ଦ୍ୱିତୀୟକୁ ବାର୍ଷିକ ଗତି ବୋଲାଯାଏ । ପୃଥିବୀର ଆହ୍ନିକଗତି ଫଳରେ ଦିବାରାତ୍ରି ଓ ବାର୍ଷିକଗତି ଯୋଗୁଁ ଋତୁପରିବର୍ତ୍ତନ ଘଟୁଅଛି । ]

**ଆହ୍ୱୟ**—ସଂ. ବି. ପୁଂ. (ଆ + ହ୍ୱେ ଧାତୁ = ଡାକିବା + କରଣ ଅ; ଯାହା-
Āhwaya ଦ୍ୱାରା ବସ୍ତୁ ବା ଜୀବକୁ ଡକାଯାଏ )—ନାମ; ସଂଜ୍ଞା-
ଆଖ୍ୟା—Name; denomination.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ସ | ଞ | ଇସ୍ | ଉଅ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଁ | ଇଅ | ଓ |

ଆହ୍ୱା—ସଂ. ବି. ସ୍ତ୍ରୀ (ଆ+ହ୍ୱେ ଧାତୁ=ଡାକିବା+କରଣ. ଅ+ସ୍ତ୍ରୀ ଆ)—
Āhwā ଆହ୍ୱୟ (ଦେଖ)— Āhwaya (See)

ଆହ୍ୱାନ—ସଂ. ବି. (ଆ+ହ୍ୱେ ଧାତୁ=ଡାକିବା+ଭାବ. ଅନ)—
Āhwāna ୧ । ନିମନ୍ତ୍ରଣ; ଡାକରା—1. Invitation.
(ଆହୂତ—ବିଣ) ୨ । ଡାକିବା; ଡାକ—2. Call; summons.
୩ । ସମ୍ବୋଧନ—3. Accosting.

ଆହ୍ୱାନିବା—ଦେ. ପଦ୍ୟ କ୍ରି (ସଂ. ଆହ୍ୱାନ)—ଆହ୍ୱାନ କରିବା; ଡାକିବା-
Āhwāniba To call; to invite.

ଅର୍ଜ୍ଜୁନ ଯୁଦ୍ଧ ଲାଗି—
ଯବନଙ୍କୁ ଆହ୍ୱାନିବେ ସେହି ଅର୍ଜ୍ଜୁନ ପୁଣି ।
ସୋଧନାଥ—ମହାଯାତ୍ରା ।

ଆହ୍ୱୟ—ସଂ. ବି (ଆ+ହ୍ୱେ ଧାତୁ=ଡାକିବା+କରଣ. ଅ)—ନାମ—
Āhwāya 1. Name.
୨ । (ଭାବ+ଅ)—ଆହ୍ୱାନ (ଦେଖ)
Āhwāna (See)

ଆହ୍ୱାୟକ—ସଂ. ବିଣ ପୁଂ (ଆ+ହ୍ୱେ ଧାତୁ=ଡାକିବା+କର୍ତ୍ତୃ.ଅକ)—
Āhwāyaka ୧ । ଯେ ଆହ୍ୱାନ କରେ—One who calls or invites.
(ଆହ୍ୱାୟିକା—ସ୍ତ୍ରୀ)
ସଂ. ବି.—ଦୂତ—A messenger.

ଆହ୍ଲାଦ—ସଂ. ବି. (ଆ+ହ୍ଲାଦ ଧାତୁ=ସନ୍ତୁଷ୍ଟ ହେବା+ଭାବ. ଅ)—
Āhlāda ୧ । ଆନନ୍ଦ; ହର୍ଷ—1. Joy; gladness; delight; mirth.
୨ । ଆମୋଦ—2. Festivity.
ଦେ. ବିଣ—ଆହ୍ଲାଦିତ—Delighted.

ନୁହେ ଚନ୍ଦ୍ରକର କରେ ଆହ୍ଲାଦ—
କବିସୂର୍ଯ୍ୟ—କବିତା ।

ଆହ୍ଲାଦକ—ସଂ. ବିଣ. (ଆ+ହ୍ଲାଦ୍ ଧାତୁ ଣିଚ, ହ୍ଲାଦି ଧାତୁ=
Āhlādaka ଆହ୍ଲାଦିତ କରାଇବା+କର୍ତ୍ତୃ. ଅକ)—
(ଆହ୍ଲାଦିକା—ସ୍ତ୍ରୀ) ଆନନ୍ଦପ୍ରଦ; ଆନନ୍ଦଦାୟକ—
Delightful; joyful.

ଆହ୍ଲାଦକର—ସଂ. ବିଣ. (ଆହ୍ଲାଦ=ଆନନ୍ଦ+କୃ ଧାତୁ+କର୍ତ୍ତୃ. ଅ)—
Āhlādakara ଆହ୍ଲାଦକ (ଦେଖ)
(ଆହ୍ଲାଦକରୀ—ସ୍ତ୍ରୀ) Āhlādaka (See)

ଆହ୍ଲାଦନ—ସଂ. ବି. (ଆ+ହ୍ଲାଦ୍ ଧାତୁ=ଆନନ୍ଦ ଜନ୍ମାଇବା+ଭାବ.
Āhlādana ଅନ)—୧ । ଆହ୍ଲାଦଜନକ—
1. Giving delight.
୨ । ପ୍ରୀଣନ; ପ୍ରୀତି—2 Love.

ଆହ୍ଲାଦିତ—ସଂ. ବିଣ. (ଆ+ହ୍ଲାଦ୍ ଧାତୁ+କର୍ତ୍ତୃ ତ)—
Āhlādita ୧ । ଆନନ୍ଦିତ—1. Gratified; pleased; delighted; full of joy
୨ । (ଆହ୍ଲାଦ+ଜାତାର୍ଥେ ଇତ)—ଯାହାର ଆହ୍ଲାଦ ଜନ୍ମିଅଛି; ଜାତାହ୍ଲାଦ—2. Rejoiced.

ଆହ୍ଲାଦିନୀ—ସଂ. ବି. ସ୍ତ୍ରୀ (ଆହ୍ଲାଦ+ଇନ୍+ସ୍ତ୍ରୀ. ଈ)—
Āhlādinī ବିଜୁଳି; ବିଦ୍ୟୁତ୍—Lightning.
ସଂ. ବିଣ ସ୍ତ୍ରୀ—ଆହ୍ଲାଦଯୁକ୍ତା; ହର୍ଷଯୁକ୍ତା (ସ୍ତ୍ରୀ)—
(female) Given to pleasures; gay.

ଆହ୍ଲାଦୀ—ସଂ.ବିଣ. (ଆହ୍ଲାଦ+ଅସ୍ତ୍ୟର୍ଥରେ.ଇନ୍)—ସର୍ବଦା ଆମୋଦ-
Āhlādī ପ୍ରମୋଦ କରିବା ଯାହାର ସ୍ୱଭାବ; ଆମୋଦପ୍ରିୟ—
One who is given to pleasures; cheerful.

# ଇ

ଇ—ସ—୧ । ଭାଷାର ୩ୟ ସ୍ୱରବର୍ଣ୍ଣ; ହ୍ରସ୍ୱ ଇ ( ଏହାର ଉଚ୍ଚାରଣ ସ୍ଥାନ
I ତାଳୁ)—1. The 3rd vowel of the alphabet; the short 'i'
इ
ই ୨ । ଇକାର; ଇ ମାତ୍ରା, ଯଥା '' ( ଏହି ମାତ୍ରା ବ୍ୟଞ୍ଜନ ବର୍ଣ୍ଣର ମୁଣ୍ଡ ଉପରେ ଦିଆଯାଏ । ଏହାକୁ ଦେଶୀୟ ଅବଧାନମାନେ 'ଚିତା' ବୋଲି କହନ୍ତି । )—
2. The sign of the vowel 'i' in Ordiā e.g '' put on the top of a consonant.
ସ. ବି. ( ଅ=ବିଷ୍ଣୁ+ଇ ଧାତୁ=ଗମନ କରିବା+କର୍ତ୍ତୃ. କ୍ୱିପ୍; ଯେ ବିଷ୍ଣୁଙ୍କଠାରୁ ଜାତ )—କାମଦେବ; କନ୍ଦର୍ପ—
Cupid ( the son of Bishṇu ).
ଦେ. ପ୍ରତ୍ୟୟ—୧ । ଭାଷାରେ କେତେକ ବିଶେଷଣ ପଦ ଶେଷରେ ଇକାର ଯୋଗ ହେଲେ ତାହା ଗୁଣବାଚକ ବିଶେଷ୍ୟ ହୁଏ ( ଯଥା - ଚଳାଖରୁ ଚଳାଖି; ବଦମାସରୁ ବଦମାସି ଇତ୍ୟାଦି)—1. A suffix denoting quality or state.
[ ଦ୍ର—ଏହି ଇକାର ପ୍ରତ୍ୟୟ ଆରବୀ, ପାରସୀ, ଇଂରାଜୀରେ ମଧ୍ୟ ଅଛି । ]
୨ । (ସ. ହି )—ନିଶ୍ଚୟ—2. Certainly.
୩ । ମଧ୍ୟ—3. Also; too.
୪ । ମାତ୍ର; କେବଳ—4. Only.
( ଯଥା—ଆମ୍ଭେ ଇ=ଆମ୍ଭେମଧ୍ୟ; ପାରସୀ ଓ ହିନ୍ଦିରେ 'ହି' ଓ ବଙ୍ଗଳାରେ 'ଓ' ଏହି ସ୍ଥଳରେ ଲାଗେ; ଏକଇ ବଳା=ଏକମାତ୍ର ପୁଅ । )
୫ । କେତେକ ସ୍ଥଳରେ କେବଳ ପାଦ ପୂରଣାର୍ଥ ପଦଶେଷରେ 'ଇ' ବ୍ୟବହୃତ ହୁଏ—5. Only; also; certainly ( to complete a sentence ).

ସାଧାରଣ ଲେଖକଙ୍କ ଉପରେ ସୂଚନାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

୬ । ( ସଂ. ତି )—କ୍ରିୟା ସଙ୍ଗେ ସ୍ୱତନ୍ତ୍ର ଯୋଗ ହୋଇ ପଦ୍ୟରେ ବର୍ତ୍ତମାନ କାଳ ଅନ୍ୟ ପୁରୁଷ ଏକ ବଚନ ବୁଝାଏ—( ଯଥା—ସେ 'କରଇ'=ସଂ. ସ କରୋତି )

6. An inflection added to the Or̤diā. verbal roots to denote 3rd. person singular in present tense.

୭ । ( ସଂ. ତ୍ୱା)—ଓଡ଼ିଆ ଧାତୁ ସଙ୍ଗେ ଇକାରରୂପେ ଯୋଗ ହେଲେ କ୍ରିୟାର ଅସମାପିକାରୂପ ବୁଝାଏ— ( ଯଥା—କରି, ଧରି ଇତ୍ୟାଦି )

6. The Or̤diā inflection of participles.

୮ । ନିମିତ୍ତାର୍ଥକ 'କୁ' ପ୍ରତ୍ୟୟ ଲୋପ ହୋଇ ବିକଳ୍ପରେ ମୂଳ ଧାତୁ ଶେଷରେ 'ଇ' ଯୁକ୍ତ ହୁଏ— ( ଯଥା—ଆଣି ଯାଉଛି=ଆଣିବାକୁ ଯାଉଛି; ମାରି ମନ କରୁଛି =ମାରିବାକୁ ମନ କରୁଛି । )

8. An Or̤diā inflection indicating the infinitive mood.

୯ । (ପ୍ରାଚୀନ ପ୍ରୟୋଗ)—ଦ୍ୱିତୀୟା ବିଭକ୍ତିର 'କୁ'—

ଅଜ୍ଞା ପ୍ରମାଣେ ଯାଅ ସାରଥି ଦେଖଇ । ଅଚ୍ୟୁତ.ନନ୍ଦ—ଶ୍ରୀଗୁରୁଭକ୍ତିଗୀତା ।

9. A termination of the objective case.

ଦେ. ସାଙ୍କେତିକ ଚିହ୍ନ ( କଚେରି ଓ ଜମିଦାର ସିରସ୍ତା ) ଇଲାକା, ଇସାଦ ନିମନ୍ତେ ବ୍ୟବହୃତ ହୁଏ—

An abriviation denoting jurisdiction and witness.

[ ଦ୍ର—ସାଙ୍କେତିକ ଚିହ୍ନରୂପେ ବ୍ୟବହୃତ ହେଲାବେଳେ ଏହାର ଦୁଇ ପାଖରେ ଦୁଇଟି ଗାର ଦିଆଯାଏ—ଯଥା—। ଇ । କଟକ ]

ପ୍ରାଦେ. ( ସମ୍ବଲପୁର ) ସର୍ବନାମ (ସଂ. ଇଦମ୍; ଏତଦ୍)— ଏହି; ଏହା— It; this.

( ଯଥା—ଇ ଯୁଟେ କଁଠି ( =ଲଟଲ କଣ୍ଟରେ ) ହାତ୍ ନେଇଁ ଦଲେ ଅଡ଼ ନେଇଁ ଚଲେ )

ଗ୍ରା. ସର୍ବନାମ. ବିଣ—ଏ; ଏହି; ଏହା—This.

[ ଦ୍ର—ଏହା ଅନ୍ୟ ଶବ୍ଦ ପୂର୍ବ ଯୁକ୍ତ ହୁଏ; ଯଥା—ଇଅଡ଼େ; ଇଲାଗେ, ଇମିତି, ଇକ୍ଷଣି । ]

**ଇଅଁଳା**—ଦେ. ବି. ( ସଂ. ଇଡ଼ା )—ଇଡ଼ା ( ଦେଖ )
Iañl̤ā — Ir̤dā ( See )
ইড়া
इड़ा

ଇଅଁଳା ପିଅଁଳା ଶିଷୁମ୍ନା ଜନ
ଗଙ୍ଗା ଯମୁନା ସରସ୍ୱତୀ ସେନ । ଗ୍ରାଚୀ—ପରଚେଗୀତା ।

**ଇଅର୍‌ଟପ୍**—ବୈଦେ. ବି. ( ଇଂ. ଇଅର୍‌ଟପ୍ )—
Iartap — କାନକାନର ଅଳଙ୍କାରବିଶେଷ—Ear-top.
ইঅর্‌টপ্

**ଇଅର୍‌ରିଙ୍ଗ୍**—ବୈଦେ. ବି. ( ଇଂ. ଇଅର୍‌ରିଙ୍ଗ୍ )—
Iarring — ସୁନାରେ ତିଆରି କାନକାନର ଅଳଙ୍କାରବିଶେଷ— Ear-ring.
ইআরিং

**ଇ. ଆଇ. ଆର୍**—ବୈଦେ. ବି. ( ଇଂ. ସାଙ୍କେତିକ )—
I āi. ār — ଇଷ୍ଟ ଇଣ୍ଡିଅନ୍ ରେଲଓ୍ୱେ—E I R; abbreviation for East Indian Railway.
ই. আই. আর্

[ ଦ୍ର—ଏ ରେଲ୍ କଲିକତାରୁ ପଞ୍ଜାବ ପର୍ଯ୍ୟନ୍ତ ଯାଇଅଛି । ଏହା ଭାରତବର୍ଷର ସର୍ବପ୍ରଥମ ରେଲଲାଇନ୍ ]

**ଇଆଡ଼**—ଗ୍ରା. ବି—୧ । ଏହିଅଡ଼—1 This part or side.
Iār̤da — ୨ । ଏହି ଅଞ୍ଚଳ—2. This tract.
এদিক্ — ୩ । ଏହି ସ୍ଥାନ—3. This place.
इओर

**ଇଆଡ଼କା**—ଗ୍ରା. ବିଣ—୧ । ଏହି ସ୍ଥାନର—1. Of this place.
Iār̤dakā — ୨ । ଏ ଅଞ୍ଚଳର—2. Of this locality.
এদিককার
इओरका; इधरका

**ଇଆଡ଼କାର**—ଗ୍ରା. ବିଣ—ଇଆଡ଼କା ( ଦେଖ )
Iār̤dakāra — Iār̤dakā ( See )

**ଇଆଡ଼କୁ**—ଗ୍ରା. ଅ—ଏଆଡ଼କୁ ( ଦେଖ )
Iār̤daku — Eār̤daku ( See )

**ଇଆଡ଼ିକା**—ଗ୍ରା. ବିଣ—ଇଆଡ଼କା ( ଦେଖ )
Iār̤dikā — Iār̤dakā ( See )

**ଇଆଡ଼ିକାର**—ଗ୍ରା. ବିଣ—ଇଆଡ଼କା ( ଦେଖ )
Iār̤dikāra — Iār̤dakā ( See )

**ଇଆଡ଼ିକି**—ଗ୍ରା. ଅ—୧ । ଏଠାକୁ—1. To this place.
Iār̤diki — ୨ । ଏ ଦିଗକୁ—2. To this quarter.
এদিকে — ୩ । ଏଣିକି; ବର୍ତ୍ତମାନକୁ—3. Now.
इओरमे — ୪ । ଭବିଷ୍ୟତକୁ—4. In future.

**ଇଆଡ଼ୁ**—ଦେ. ସର୍ବନାମ—୧ । ଏଠାରୁ—
Iār̤du — 1. From this place.
এদিক্‌থেকে — ୨ । ଏପକ୍ଷରୁ—2. From this party.
इओरसे — ୩ । ଏତରଫରୁ—3. From this side.

**ଇଆଡ଼ୁ ସିଆଡ଼ୁ**—ଦେ. ଅ—୧ । ଏଣୁ ତେଣୁ—
Iār̤du siār̤du — 1. From this side and that.
এদিক্ ওদিক্ — ୨ । ଅସମ୍ବନ୍ଧଭାବରେ—
इधर उधर — 2. Disjointedly.
୩ । ଅଗଡ଼ ବଗଡ଼ ( ଦେଖ )
3. Agar̤da bagar̤da ( See )
୪ । ଗୋଳମାଳଅରୂପେ—4. In a confused manner.

**ଇଅଡ଼େ (ଇତ୍ୟାଦି)**—ଦେ. ସର୍ବନାମ—ଏଅଡ଼େ ଇତ୍ୟାଦି ( ଦେଖ )
Iār̤de etc — Eār̤de etc ( See )

**ଇଆଦ୍**—ବୈଦେ. ବି— ( ଫା. ୟାଦ୍ )—ସ୍ମରଣ; ମନେ ପକାଇବା—
Iād — Remembrance; recollection.
ইয়াদ্
याद

ହଜୁରଙ୍କ ଖାନା ପଣ୍ଡେ ଯେ ହକେ ଖାଇଛି ଜନଦଗି ଭରି ସେ ଇଆଦ୍ କରୁଥିବ—ଫକୀରମୋହନ. ଛମାଣଆଠଗୁଣ୍ଠ ।

| ୧ | ୮ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଡ଼ | ଷ,ଶ | ଙ୍କ | ଇୟ | ଉଆ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଜ | ଲୃ | ଲୄ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ତଦ୍‌ଭବ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ● | ନୃ |

ଇଆର—ବୈଦେ. ବି. ( ଫା. ୟାର୍; ମୂଳ—ସଂ. ଜାର )—
Iār ୧ । ଉପପତି; ବଟପୁରୁଷ; ଜାର—1. A paramour.
ইআর ୨ । ମଜଲିସାଙ୍ଗ—2. A boon companion.
यार

ଇଆରକି—ବୈଦେ. ବି. ( ଫା )—୧ । ବନ୍ଧୁତା; ଦୋସ୍ତି—
Iārki 1. Friendship; comradeship; companionship.
ইআর্কী
यार्की ୨ । ଫାଜିଲାମି—2. Exuberance of spirit
୩ । ପାପଦୋସ୍ତି; ଅବୈଧପ୍ରଣୟ—
3. Illicit love.

ଇଆରକି ଦେବା—ଦେ. କ୍ରି—ଇଆରକି ମାରିବା ( ଦେଖ )
Iārki debā Iārki māribā ( See )

ଇଆରକି ମାରିବା—ଦେ. କ୍ରି—ବନ୍ଧୁମାନଙ୍କ ସଙ୍ଗେ ବୃଥା ଆମୋଦ
Iārki māribā କରିବା—To pass time in idle
ইআরকীমারা amusements and pleasures
यार्कीमारना with friends.

ଇଉକ୍ଲିଡ୍—ବୈଦେ. ବି. ( ଗ୍ରୀକ୍ ନାମ )—ପାଶ୍ଚାତ୍ୟ ଜ୍ୟାମିତିଗ୍ରନ୍ଥ-
Iuklid ପ୍ରଣେତା—Euclid; the great Geometrician.

[ ଏ—ସପ୍ତଦଶ ଶତାବ୍ଦିରେ ଏ ଜୀବିତ ଥିଲେ । ଏହାଙ୍କର ଜନ୍ମସ୍ଥାନ ଗ୍ରୀସ୍ ଦେଶ । ରେଖାଗଣିତ ବିଦ୍ୟାରେ ଏ ଶୀର୍ଷସ୍ଥାନ ଅଧିକାର କରିଥିଲେ । ବାର ଅଧ୍ୟାୟ ଜ୍ୟାମିତି-ଗ୍ରନ୍ଥ ଏହାଙ୍କ ଦ୍ୱାରା ପ୍ରଣୀତ । କଥିତ ଅଛି, ପାଣ୍ଡୁଲିପି ଅବସ୍ଥାରେ ଇଉକ୍ଲିଡ୍ ବାର ଅଧ୍ୟାୟ ଜ୍ୟାମିତି ଲେଖି ରଖିଥିଲେ । ଦୈବଦୁର୍ବିପାକବଶତଃ ସପ୍ତମ, ଅଷ୍ଟମ, ନବମ ଓ ଦଶମ ଅଧ୍ୟାୟମାନ ପୋଡ଼ିଗଲା । ସୁତରାଂ ସେହି ଅସମ୍ପୂର୍ଣ୍ଣ ଅବସ୍ଥାରେ ଅବଶିଷ୍ଟ ଆଠ ଅଧ୍ୟାୟ ଜଗତରେ ପ୍ରକାଶିତ ହେଲା । ]

ଦେ. ବି.—ଜ୍ୟାମିତି ଗ୍ରନ୍ଥ—A book on Geometry.

ଇଉନାଇଟେଡ୍ ଷ୍ଟେଟ୍ସ—ବୈଦେ. ବି. (ନାମ) ( ଇଂ. ୟୁନାଇଟେଡ୍=
Iunaited shtets ସଂଯୁକ୍ତ+ଷ୍ଟେଟସ୍=ରାଜ୍ୟସମୂହ )—
য়ুনাইটেড ষ্টেট্স ୟୁନାଇଟେଡ୍‌ଷ୍ଟେଟ୍ସ; ଆମେରିକାର ଯୁକ୍ତ
यूनाईटेडष्टेटस राज्य—United States of America.

ଇଉନିଅନ୍ ( ଇତ୍ୟାଦି )—ବୈଦେ. ବି. ( ଇଂ. )—
Iunian ( etc ) ୟୁନିଅନ ଇତ୍ୟାଦି ( ଦେଖ )
ইউনিয়ন Yunian etc ( See )
यूनिअन

ଇଉନିଅନ୍ କମିଟି—ବୈଦେ. ବି. ( ଇଂ. ୟୁନିୟନ୍=ସମବାୟ+କମିଟି
Iunian kamiti =ସମିତି )—ୟୁନିଅନ୍ କମିଟି ( ଦେଖ )
ইউনিয়নকমিটী Yunian kamiti ( See )
यूनिअनकमेटि

ଇଉନିଅନ୍ ଜାକ୍—ବୈଦେ. ବି. ( ଇଂ. ) ୟୁନିଅନ୍ ଜାକ ( ଦେଖ )
Iunian jāk Yunian jāk ( See )
ইউনিয়নযাক
यूनिअनजेक

ଇଉନିଅନ୍ ବୋର୍ଡ—ବୈଦେ. ବି ( ଇଂରାଜୀ )—
Iunian bord ସ୍ୱାୟତ୍ତଶାସନ ପଦ୍ଧତିରେ ଗ୍ରାମର ଶିକ୍ଷା, ରାସ୍ତା, ସ୍ୱାସ୍ଥ୍ୟ ଆଦିର ଶାସନକାର୍ଯ୍ୟ ପରିଚାଳନ କରିବା ପାଇଁ ଡିଷ୍ଟ୍ରିକ୍ଟବୋର୍ଡ଼ଙ୍କ ଅଧୀନରେ ପ୍ରତିଷ୍ଠିତ ଗ୍ରାମପୁଞ୍ଜର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ସଭା—
The Union Board ( formed under District Boards in local self Government lines )

ଇଉନିଭର୍ସିଟି—ବୈଦେ. ବି. (ଇଂ)—ୟୁନିଭର୍ସିଟି; ବିଶ୍ୱବିଦ୍ୟାଳୟ—
Iunibharsiti University
ইউনিভার্সিটি
यूनिभासि टि

ଇଉରୋପ୍—ବୈଦେ. ବି. (ଇଂ)—ୟୁରୋପ ( ଦେଖ )
Iurop Yuropa ( See )

ଇଉରୋପୀୟ—ବୈଦେ. ବିଣ. (ଇଉରୋପ+ତ. ପ୍ରତ୍ୟୟ. ଇୟ)—
Iuropiya ୟୁରୋପୀୟ ( ଦେଖ )
Yuropiya ( See )

ଇଏ—ଗ୍ରା. ସର୍ବନାମ ( ସଂ. ଇଦମ୍ )—ୟେ ( ଦେଖ )
Ie Ye ( See )

ଇଂରାଜ—ଦେ. ବି—୧ । ଇଂଲଣ୍ଡୀୟ ଭାଷା—
Imrāja 1. The English language.
ইঙ্গরাজ ୨ । ଇଂଲଣ୍ଡୀୟ ବ୍ୟକ୍ତି—2. An Englishman.
अङ्गरेज ୩ । ଇଂଲଣ୍ଡୀୟ ଜାତି—3. The English nation.
ବୈଦେ. ବିଣ—ଇଂଲଣ୍ଡସମ୍ବନ୍ଧୀୟ—English.

ଇଂରାଜ ଅମଲ—ଦେ. ବି. ( ଇଂରାଜ+ଅମଲ )—
Imrāja amala ଭାରତରେ ଇଂରାଜଙ୍କ ଶାସନ କାଳ—
ইঙ্গরাজ আমল The period of British rule in
इङ्गरेजका अमल India.

ଇଂରାଜ ଟିକା—ଦେ. ବି—ବସନ୍ତ ମାରାତ୍ମକତା ନିବାରଣାର୍ଥ ଦିଆଯିବା
Imrāja ṭikā ଗୋବୀଜ ଟିକା—Vaccination.
ইঙ্গরেজীটিকা
अङ्गरेजीटिका

ଇଂରାଜବାହାଦୁର୍—ଦେ. ବି—ଇଂରାଜ ଗଭର୍ଣ୍ଣମେଣ୍ଟ—
Imrāja bahādur The English Government.
ইঙ্গরাজবাহাদুর
अङ्गरेजबाहादुर

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଲୁପ୍ତାବୋଧରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବ୍ୟତ୍ୟସ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଇଂରାଜି (ଇତ୍ୟାଦି)—ବୈଦେ. ବି ଓ ବିଣ—ଇଂରାଜ ଇତ୍ୟାଦି (ଦେଖ)
Imrāji etc. Imrāja etc. (See)
ईंराजी
अङ्गरेजो

ଇଂରେଜ (ଇତ୍ୟାଦି)—ବୈଦେ. ବି.—ଇଂରାଜ ଇତ୍ୟାଦି (ଦେଖ)
Imreja etc. Imrāja etc. (See)

ଇଂରେଜି—ଦେ. ବି—୧ । ଇଂଲଣ୍ଡୀୟ ଭାଷା—
Imreji 1. The English language.
ইংরাজী
अङ्गरेजो
୨ । ଇଂଲଣ୍ଡୀୟ ସାହିତ୍ୟ—2. The English literature.

ଇଂଲଣ୍ଡ—ଦେ. ବି. (ନାମ)—ଇଂରାଜମାନଙ୍କ ଦେଶ—
Imlanda England.
ইংলণ্ড
इङ्गलीस्तान

ଇଂଲଣ୍ଡୀୟ—ଦେ. ବିଣ—ଇଂଲଣ୍ଡ ଦେଶୀୟ; ଇଂରାଜୀ—
Imlandiya English.
ইংলণ্ডীয়
इङ्गलीस्तानी

ଇଃ—ଦେ. ଅ—ଇସ୍ ( ଦେଖ )
Ih Is ( See )
ইস

ଇଁ—ଦେ. ଅ—ନିମ୍ନଲିଖିତ ଅର୍ଥବୋଧକ ଶବ୍ଦ—
In Interjection indicating.
ইস
୧ । ପୀଡ଼ା—1. Pain.
୨ । ଅସୂୟା - 2. Envy.
୩ । ବିସ୍ମୟ—3. Wonder.
୪ । ବିରକ୍ତି—4. Displeasure.
୫ । ଦୟା—5. Compassion
୬ । ନିନ୍ଦା—6. Blame.

ଇଁଥଲା — ଇଅଁଲା ( ଦେଖ )
Inalā Ianlā ( See )

ଇଁଟଲି—ପ୍ରାଦେ. (ସମ୍ବଲପୁର) ବି—ଖନା; ଅହିଆ; ଅସ୍ଥାୟୀ ଲମ୍ବ ଚୁଲ୍ଲୀ—
Intalā A temporary and long oven dug up on festive occasions to cook rice etc for hundreds of people.

[ ଦ୍ର—ବିବାହାଦି ଉପଲକ୍ଷରେ ବହୁଲୋକଙ୍କ ପାଇଁ ଅନ୍ନାଦି ରନ୍ଧାଯିବା ସକାଶେ ଗର୍ତ୍ତ ପରି ଖୋଳାଯିବା ଲମ୍ବ ଚୁଲ୍ଲୀ; ଯାହା ଉପରେ ଧାଡ଼ ହୋଇ ବହୁତ ହାଣ୍ଡି ବସି ପାରେ । ]

ଇକଡ଼ି ମିକଡ଼ି—ଦେ. ଅ—ଏକ ପ୍ରକାର ଖେଳରେ ପିଲାମାନଙ୍କ ଦ୍ୱାରା
Ikrdi mikrdi ବୋଲାଯିବା ଗୀତର ଆଦ୍ୟ ଅଂଶ । ଏହା ପ୍ରାୟ
ই কড়ি মি কড়ি ନିରର୍ଥକ—The first part of certain doggerel verses used by little children squatting on the ground in a circle with their palms set on the ground.

ଇକନମିକ୍ସ—ବୈଦେ. ବି. (ଇଂ)—ଅର୍ଥଶାସ୍ତ୍ର—
Ikanamiks Economics.
ইকনমিক্স
इकनमिक्स

ଇକାର—ସଂ. ବି. (ଇ+ସ୍ୱାର୍ଥେ. କାର)—୧ । 'ଇ' ବର୍ଣ୍ଣ—
Ikāra 1. The letter 'i'
୨ । 'ଇ' ମାତ୍ରା 'ି'—2. The sign of 'i' (ie 'ି')

ଇକାରାଦି—ସଂ. ବି. (ବହୁବ୍ରୀହି: ଇକାର+ଆଦି)—ଯେଉଁ ଶବ୍ଦ ବା
Ikārādi ବାକ୍ୟମାନଙ୍କ ଆଦ୍ୟରେ 'ଇ' ଥାଏ—ଇ ରୁ ଆରମ୍ଭ
ହିତ—Beginning with the letter 'i'

ଇକାରାନ୍ତ—ସଂ. ବି. (ବହୁବ୍ରୀହି; ଇକାର+ଅନ୍ତ)—ଯେଉଁ ଶବ୍ଦମାନଙ୍କ
Ikārānta ଶେଷରେ ଇ ଥାଏ=Ending with 'i'

ଇକ୍ୱିନକ୍ସ—ବୈଦେ. ବି(ଇଂ) – ସମଦିବାରାତ୍ରି; ଯେଉଁ ଦିନ ରାତ୍ରି ଓ ଦିନ
Ikwinaks ସମାନ—Equinox.
ইক্বিনক্স
[ଦ୍ର— ଏହା ଚୈତ୍ର ୯ ଦିନ ବା ମାର୍ଚ୍ଚ ୨୧ ତାରିଖରେ ଥରେ ଏବଂ ଆଶ୍ୱିନ ୯ ଦିନ ବା ସେପ୍ଟେମ୍ବର ୨୧ ତାରିଖରେ ଆଉ ଥରେ ହୁଏ । ଏହିପରି ବର୍ଷକ ମଧ୍ୟରେ ଦୁଇ ଥର ପଡ଼େ । ପ୍ରଥମଟି ବାସନ୍ତିକ ଓ ଦ୍ୱିତୀୟଟି ଶାରଦୀୟ]

ଇକ୍ୱେଟର୍—ବୈଦେ. ବି (ଇଂ. ଇକ୍ୱେଟର)—ବିଷୁବରେଖା—
Ikwetar Equator.
ইক্বেটর
इक्वेटर

ଇକ୍ଷୁ—ସଂ ବି.—(ଇଷ୍ ଧାତୁ=ଇଚ୍ଛା କରିବା+ସଜ୍ଞାର୍ଥେ. କ୍ସୁ)—
Ikshu ୧ । ଆଖୁଗଛ—1. Sugarcane plant.
୨ । ଆଖୁ—2. Sugarcane.

ଇକ୍ଷୁକ—ସଂ. ବି. ( ଇକ୍ଷୁ+ସ୍ୱାର୍ଥେ. କ )—ଏକଜାତୀୟ ଆଖୁ; ତାଲ୍ଲା-
Ikshuka ଆଖୁ—A kind of sugar-cane.

ଇକ୍ଷୁକାଣ୍ଡ—ସଂ. ବି. ( ବହୁବ୍ରୀହି; ଇକ୍ଷୁ+କାଣ୍ଡ; ଇକ୍ଷୁ ପରି କାଣ୍ଡ
Ikshukānda ଯାହାର )—୧ । ଅଣଖୁଆ ( ଦେଖ )
1. Anakhuā ( See )
୨ । କାଇଁଶ ଘାସ; କାଶତୃଣ—2. A kind of sugar-cane-like reed.
୩ । ଆଖୁଧଣ୍ଡା—3. A cane of sugar.

ଇକ୍ଷୁକୀୟ—ସଂ. ବିଣ. (ଇକ୍ଷୁକ+ଈୟ)—ଯେଉଁ ଦେଶରେ ଆଖୁ ଜନ୍ମେ-
Ikshukiya (country) Growing sugarcane.

ଇକ୍ଷୁକୁଟ୍ଟକ—ସଂ. ବି. (ଇକ୍ଷୁ+କୁଟ୍ଟ ଧାତୁ+କର୍ତ୍ତୃ. ଅକ)—
Ikshukuttaka ଯେ ଆଖୁ କାଟେ; ଯେ ଆଖୁ ପେଡ଼ି ଗୁଡ଼ ତିଆରି କରେ—A cultivator who cultivates sugarcane and presses the canes and prepares sugar.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଢ଼ଅ | ଢ |
| ୨ | ଈ | ଊ | ଋ | ଌ | ସ୍ୱ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଓ | କ୍ଷ |

ଇକ୍ଷୁଗନ୍ଧ—ସଂ. ବି. (ବହୁବ୍ରୀହି)—ଇକ୍ଷୁଗନ୍ଧା (ଦେଖ)
Ikshugandha Ikshugandhā (See)

ଇକ୍ଷୁଗନ୍ଧା—ସଂ. ବି. (ବହୁବ୍ରୀହି; ଇକ୍ଷୁ+ଗନ୍ଧ+ସ୍ତ୍ରୀ. ଆ; ଯାହାର ଗନ୍ଧ
Ikshugandhā ଅଖୁଗନ୍ଧ ପରି)—୧ । ଗୋଖରା (ଦେଖ)
1. Gokharā (See)
୨ । କୋଇଲେଖା (ଦେଖ)
2. Koilekhā (See)
୩ । ଧଳା ଭୁଇଁକଖାରୁ (ଦେଖ)
3. Dhaḷā bhuiṅkakhāru (See)
୪ । କାଶତୃଣ; କାଇଁଶଘାସ (ଦେଖ)
4. Kaśa (See)

ଇକ୍ଷୁଚିନି—ଦେ. ବି.—ଅଖୁରୁ ବାହାରିବା ଚିନି—Cane-sugar,
Ikshuchini

ଇକ୍ଷୁଜ—ସଂ. ବି. (ଇକ୍ଷୁ+ଜନ୍ ଧାତୁ+କର୍ତ୍ତୃ. ଅ—ଯାହା ଅଖୁରୁ
Ikshuja ଉତ୍ପନ୍ନ ହୁଏ)—ଗୁଡ଼; ଚିନି ଇତ୍ୟାଦି—Mollasses,
sugar etc , prepared for sugar-cane.

ଇକ୍ଷୁତୁଲ୍ୟା—ସଂ. ବି. (ଇକ୍ଷୁ+ତୁଲ୍ୟ+ସ୍ତ୍ରୀ. ଆ)—କାଶତୃଣ; କାଇଁଶ
Ikhutulyā ଘାସ—A kind of reed-grass.

ଇକ୍ଷୁନେତ୍ର—ସଂ. ବି.—(ଇକ୍ଷୁ+ନେତ୍ର)—ଅଖୁର ଆଖି; ଅଖୁଗଣ୍ଠିରେ
Ikshunetra ଥିବା ଆଖି ( ଯହିଁରୁ ଅଖୁ ଗଜା ବାହାରେ)—
The eye-like knots of sugar-cane.

ଇକ୍ଷୁପତ୍ର—ସଂ. ବି. (ଇକ୍ଷୁ+ପତ୍ର; ଅଖୁ ପରି ପତ୍ର ଯାହାର)—୧ । ବାଜରା
Ikshupatra ନାମକ ଶସ୍ୟବିଶେଷ—1. Maize.
୨ । ( ୬ଷ୍ଠୀ ତତ୍; ଇକ୍ଷୁ+ପତ୍ର; ) ଅଖୁର ପତ୍ର—
2. Leaves of sugar-cane.

ଇକ୍ଷୁପାକ—ସଂ. ବି. (ଇକ୍ଷୁ=ଅଖୁ+ପାକ=ବିକାର; ଯାହା ଅଖୁରୁ
Ikshupāka ଜାତ ବା ପ୍ରସ୍ତୁତ)—ଗୁଡ଼; କନ୍ଦ; ଚିନି ଆଦି—
Product of sugar-cane; articles
produced from sugarcane.

ଇକ୍ଷୁମତୀ—ସଂ. ବି. ସ୍ତ୍ରୀ (ଇକ୍ଷୁ+ମତ୍+ସ୍ତ୍ରୀ. ଈ)—୧ । ନଦୀବିଶେଷ—
Ikshumatī 1. A river of that name.
୨ । ଅଖୁମୂଳ—2. The root of sugarcane.
୩ । ଅଖୁଗଣ୍ଠି—3. The knots of sugar-cane.

ଇକ୍ଷୁମୂଳ—ସଂ. ବି. ( ବହୁବ୍ରୀହି; ଇକ୍ଷୁ+ମୂଳ; ଯାହାର ମୂଳ ଅଖୁମୂଳ
Ikshumūḷa ପରି ଗଣ୍ଠିବିଶିଷ୍ଟ)—୧ । ବଂଶବୃକ୍ଷ; ବାଉଁଶଗଛ—
1. Bamboo-tree.
୨ । (୬ଷ୍ଠୀ ତତ୍) ଅଖୁଗଛର ମୂଳ—2. The roots
of sugar-cane plant.

ଇକ୍ଷୁମେହ—ସଂ. ବି.—ରୋଗବିଶେଷ; ମଧୁମେହ; ବହୁମୂତ୍ର ରୋଗ—।
Ikshumeha Diabetes; a kind of gonorrhoea
in which matter discharged
has a sweet taste.

ଇକ୍ଷୁଯନ୍ତ୍ର—ସଂ. ବି. ( ୬ଷ୍ଠୀ ତତ୍; ଇକ୍ଷୁ+ଯନ୍ତ୍ର )—ଅଖୁପେଡ଼ିବା କଳ;
Ikshujantra ଅଖୁଶାଳ—Sugarcane mill;
sugarcane pressing machine.

ଇକ୍ଷୁର—ସଂ. ବି. ( ଇକ୍ଷୁ+ର )—କୋଇଲେଖା ( ଦେଖ )
Ikshura Koilekhā ( See )

ଇକ୍ଷୁରକ—ସଂ. ବି. ( ଇକ୍ଷୁର+ସ୍ୱାର୍ଥେ. କ )—କୋଇଲେଖା ( ଦେଖ )
Ikshuraka Koilekhā ( See )
( ହରେକୃଷ୍ଣ. ଦ୍ରବ୍ୟଗୁଣ )

ଇକ୍ଷୁରସ—ସଂ. ବି. ( ୬ଷ୍ଠୀ ତତ୍; ଇକ୍ଷୁ+ରସ; )—ଅଖୁଦୋରୁଅ—
Ikshurasa Juice of sugar-cane.

ଇକ୍ଷୁଶାକଟ—ସଂ. ବି ( ଇକ୍ଷୁ+ତତ୍ କ୍ଷେତ୍ରାର୍ଥେ. ଶାକଟ )—
Ikshuśākaṭa ଅଖୁବାଡ଼ି; ଅଖୁକ୍ଷେତ—
Sugarcane-field.

ଇକ୍ଷୁଶାକିନ—ସଂ. ବି. ( ଇକ୍ଷୁ+ଶାକିନ )—ଇକ୍ଷୁଶାକଟ ( ଦେଖ )
Ikshuśākina Ikshuśakāṭa ( See )

ଇକ୍ଷୁସାର—ସଂ. ବି ( ୬ଷ୍ଠୀ ତତ୍; ଇକ୍ଷୁ+ସାର )—ଅଖୁଗୁଡ଼—
Ikshusāra Molasses.

ଇକ୍ଷ୍ୱାକୁ—ସଂ. ବି. ( ଇକ୍ଷୁ=ଅଖୁ+ଅକ୍ ଧାତୁ=ଯିବା; କର୍ତ୍ତୃ. ଉ;
Ikshwāku ସାଧାରଣତଃ ଏହି ଗଛକୁ ଲୋକେ ଅଖୁ କ୍ଷେତରେ
ଲଗାଇଥାନ୍ତି ଓ ଏହା ଅଖୁ ଗଛକୁ ବେଷ୍ଟନ କରେ)—
୧ । ଲାଉ—1 White pumpkin.
୨ । ତିତାଲାଉ; କଟୁତୁମ୍ବୀ—2. Bottle gourd.
୩ । ସୂର୍ଯ୍ୟବଂଶୀୟ ଆଦିରାଜା—3. The first monarch
of the Solar line of kings of Ajodhyā.
ବହୁ ଈଶ୍ୱରପଦ ଇକ୍ଷ୍ୱାକୁରେ
ବଭୁ ଅଛନ୍ତି ସଦା ଇକ୍ଷ୍ୱାକୁରେ । ଉପେନ୍ଦ୍ର—ବୈଦେହୀଶବିଳାସ ।

ଇଖରାଜାତ୍ ମାହାଲ—ବୈଦେ. ବି—ଏଇଖରାଜାତ୍ ଖର୍ଚ୍ଚମାହାଲ (ଦେଖ)
Ikharājāt māhāla Eikharājāt kharchcha
māhāla ( See )

ଇଗରିଷ୍ଟ—ଦେ. ପଦ୍ୟ. ବି. ( ସଂ. ଅରିଷ୍ଟ )—ଅତ୍ୟଧିକ କ୍ଲେଶ;
Igarishṭha ରିଷ୍ଟ; ଅମଙ୍ଗଳ—Evil; woe.
ଇଗରିଷ୍ଟ ନଷ୍ଟ ହେବ ଯଥା ନତ ପୂତ ମିହିରକୁ—
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି, ୭।୮ ।

ଇଙ୍କ୍—ବୈଦେ. ବି. ( ଇଂ. ଇଙ୍କ୍ )—କାଳି; ସ୍ୟାହି; ମସୀ—
Ink Ink
इंक्
इंक

ଇଙ୍କଡ଼—ଦେ. ବି. ( ସଂ. ଇକ୍କଟ—ଅନ୍ୟ ସଂ. ନାମ ଗୁଣ୍ଡ୍ରକୋଟ;
Inkarda ଗନ୍ଧମାଳୀ; ଶର )—ଅଖୁ ପରି ଏକଜାତୀୟ ଘାସ;
ଏହାଦ୍ୱାରା ପାନବରଜର ତାଟି ତିଆରି ହୁଏ—
A kind of reed like sugarcane.

ମାଗଜ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ବାଟ' ନ ମିଳିଲେ 'ଗାଣ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅକ୍ଷୋ' ନ ପାଇଲେ 'ଅକ୍ଷ' ଦେଖିବେ; 'ଅଲକର' ନ ପାଇଲେ 'ଅଲ୍‌କତ୍ର' ଦେଖିବେ ।

**ଇଙ୍କର**—ଗ୍ରା. ବ—ଇଙ୍କଡ଼ ( ଦେଖ )
Inkara — Inkarda ( See )

**ଇଙ୍କାର୍**—ଦେ. ବ. ( ଅ. ଇନ୍‌କାର୍ )—୧ । ଅସ୍ୱୀକାର—
Inkār — 1. Denial.
ईन्कार् — ୨ । ଅପରାଧ ଅସ୍ୱୀକାର—
इनकार — 2. Denial of offence by an accused

**ଇଙ୍କାର୍ କରିବା**—ଦେ. କ୍ରି—ମୁଦାଲା ଅପରାଧକୁ ଅସ୍ୱୀକାର କରିବା—
Inkār karibā — To deny the offence attributed
ईन्कार् करा — ( to an accused ).
इनकार करना

**ଇଙ୍କାର ଯିବା**—ଦେ. କ୍ରି—ଇଙ୍କାର କରିବା ( ଦେଖ )
Inkāra jibā — Inkāra karibā ( See )

**ଇଙ୍କାରୀ**—ବୈଦେ. ବଣ. (ଅ=ଇନ୍‌କାରୀ)—ଦୋଷ ଅସ୍ୱୀକାର କରୁଥିବା
Inkāri (ଅସାମୀ)—Denying the offence; making
ईन्कारी — a denial.
इनकारी

**ଇଙ୍କିଙ୍ଗ୍**—ବୈଦେ. ବ. ( ଇଂ )—୧ । ପେନ୍‌ସିଲରେ ଟଣାଯାଇଥିବା
Inking — ନକ୍ସାରେ କାଳି ଚଢ଼ାଇବା—
ईङ्किङ्ग — 1. Inking of a map.
इंकिंग — ୨ । ଛାପା ହେବା ଟାଇପ୍‌ରେ କାଳି ଚଢ଼ାଇବା—
2. Inking of a composed type form.

**ଇଙ୍ଗ୍** (ଧାତୁ)—ସଂ.—ଗମନ କରିବା—To go.
Ing ( root ) [ ବୃ—ଏହି ଧାତୁକୁ 'ଇନ୍‌ଗ୍' ଧାତୁ ମଧ୍ୟ କୁହାଯାଏ । ]

**ଇଙ୍ଗ୍‌ରାଜ** ( ଇତ୍ୟାଦି )—ଦେ. ବ.—ଇଂରାଜ ଇତ୍ୟାଦି (ଦେଖ)
Ingrāja etc — Imrāja etc (See)

**ଇଙ୍ଗ**—ସଂ. ବଣ. (ଇଙ୍ଗ୍ ଧାତୁ=ଗମନ କରିବା+ଭାବ. ଅ)—
Inga — ୧ । ଜଙ୍ଗମ; ଚଳନଶୀଳ—
1 Moving, making motion
୨ । ଅଦ୍ଭୁତ—2. Wonderful
ସଂ. ବ.—୧ । ଅଭିପ୍ରାୟାନୁରୂପ ଚେଷ୍ଟା; ଇଙ୍ଗିତ; ଠାରିବା—
1. Beckoning; signal.
୨ । ଜ୍ଞାନ—2. Knowledge.

**ଇଙ୍ଗଡ଼**—ଗ୍ରା. ବ.—ଇଙ୍କଡ଼ (ଦେଖ)
Ingarda — Inkarda (See)

**ଇଙ୍ଗନ**—ସଂ. ବ. (ଇନ୍‌ଗ୍ ଧାତୁ=ଯିବା+ଭାବ. ଅନ)—
Ingana — ୧ । ଗମନ; ଚଳନ—1. Motion; movement.
୨ । ଚେଷ୍ଟା—2. Signal.
୩ । କମ୍ପନ—3. Vibration.

**ଇଙ୍ଗନା**—ସଂ. ବ. ସ୍ତ୍ରୀ. (ଇଙ୍ଗ୍ ଧାତୁ+ଅନ+ସ୍ତ୍ରୀ. ଆ)—ପ୍ରସିଦ୍ଧି—
Inganā — Fame; celebrity.

**ଇଙ୍ଗିତ**—ସଂ. ବ. (ଇନ୍‌ଗ୍ ଧାତୁ=ଗମନ କରିବା+ଭାବ. ତ)—
Ingita — ୧ । ହୃଦ୍‌ଗତଭାବ—1. Intention.
୨ । ହୃଦ୍‌ଗତଭାବପ୍ରକାଶକ ଅଙ୍ଗଚାଳନା—2. Gesture.
୩ । ସଙ୍କେତ; ଇସାରା; ଠାର—
3. Hint; signal; sign.
ଭୂପତି ଇଙ୍ଗିତେ ରହିବେ ବାଳକା ସଙ୍କେତ ଭେଦ—ଉପାଳମ୍ଭ. ଭଞ୍ଜ ।
୪ । ହୃଦ୍‌ଗତଭାବପ୍ରକାଶକ ଆଖିଠାର—
4. Wink; significant look.
୫ । ଚେଷ୍ଟା—5. Endeavour
ଧରନ୍ତେ ଅସୁରମଣି, ବାଳୀ ତା ଇଙ୍ଗିତ ଜାଣି
ବାମ ବାହୁ ଭୂମିରେ, କାଶେ ପାଦକୁ ହେ—ଦୀନକୃଷ୍ଣ. ରସକଲ୍ଲୋଳ ।
୬ । ଅନ୍ୱେଷଣ—6. Search.
୭ । ଚାଲି; ଚାଲିଚଳଣ—
7. Movement; behaviour.
ଦେ. ବ.—୧ । ସୂଚନା—1. Suggestiveness.
୨ । ଥଟ୍ଟା—2. Jest.
ଦିନେ ସେ ଉଦ୍ଧବେ ପରସ୍ତେ ନ ଦେଖ ଉଦ୍ଧବ ମନେ
କେତେକେ ଲେଖି ଇଙ୍ଗିତେ ଗୀତେ—ଭଞ୍ଜ. ପ୍ରେମସୁଧାନିଧି ୧୩।୧୭ ।

**ଇଙ୍ଗିତ କରିବା**—ଦେ. କ୍ରି. (ସଂ. ଇଙ୍ଗିତ)—୧ । ଠାରିବା—
Ingita karibā — 1. To beckon.
ईङ्गितकरा — ୨ । ଇଙ୍ଗିତ କରିବା; ଥଟ୍ଟା କରିବା—
खिल्लीकरना — 2. To cut jokes

**ଇଙ୍ଗିତକଳା**—ଦେ. ବ. ସ୍ତ୍ରୀ. (ଆଧୁନିକ ପ୍ରୟୋଗ)—
Ingitakalā — ୧ । ଉପନ୍ୟାସାଦିର କଳ୍ପିତ କାହାଣୀର ରଚନା—
1 Fiction.
୨ । ସୂଚନାଦ୍ୱାରା ଭାବର ଚିତ୍ରଣ—
2. Suggestiveness in composition.

**ଇଙ୍ଗିତଜ୍ଞ**—ସଂ. ବଣ. ପୁଂ. ( ଇଙ୍ଗିତ=ହୃଦ୍‌ଗତ ଭାବ+ଜ୍ଞା ଧାତୁ=
Ingitajña — ଜାଣିବା+କର୍ତ୍ତୃ. ଅ )—
(ଇଙ୍ଗିତଜ୍ଞା—ସ୍ତ୍ରୀ) ୧ । ଯେଉଁ ଲୋକ ଅନ୍ୟ ବ୍ୟକ୍ତିର ନେତ୍ରଚାଳନାଦି ବା ଠାରଠୁରରୁ ସେହି ବ୍ୟକ୍ତିର ହୃଦ୍‌ଗତ ଭାବ ବୁଝିନିଏ—
1. Skilled in catching one's meaning when expressed by signs or gestures.
୨ । ଯେଉଁ ଲୋକ ଅନ୍ୟ ବ୍ୟକ୍ତିର ହୃଦ୍‌ଗତ ଭାବ ବୁଝିବାକୁ ସକ୍ଷମ—1. Skilled in catching the inward meanings of others.
୩ । ଠାର ଇତ୍ୟାଦି ଜାଣିଥିବା ( ବ୍ୟକ୍ତି )—
2. Acquainted with signs and mute language.

**ଇଙ୍ଗିତି**—ଦେ. ବ. ( ସଂ. ଇଙ୍ଗିତ )—
Ingiti — ୧ । ଥଟ୍ଟା; ପରିହାସ—1. Jest; joke.
ईङ्गित — ୨ । ଶ୍ଳେଷ ବଚନ—2. Mockery.
ठट्ठा

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଯ,ଶ | ଙ୍କ | ଇଯ | ଇଅ | ଉ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ନ |

[ ଦ୍ର—ଆମ୍ଭମାନଙ୍କ ସମାଜରେ ଅଜା ଅଈଙ୍କୁ ନାତି ନାତୁଣୀ, ଦିଅରଙ୍କୁ ଭାଉଜ, ଭଣୋଇଙ୍କୁ ଶଳା ଓ ଶାଳୀ, ନଣନ୍ଦେଇଙ୍କୁ ଶଳା-ଭାଉଜମାନେ ପରସ୍ପର କଥାବାର୍ତ୍ତାରେ ଇଙ୍ଗିତ କରନ୍ତି । ]

**ଇଙ୍ଗିତିଆ**—ଦେ. ବିଣ—ଥଟ୍ଟିଲ; ପରିହାସପ୍ରିୟ; ନକଲିଆ—
Iṅgitiā Fond of jesting or joking; humorous.
নকুলে
**ঠঠোল**
(ଇଙ୍ଗିତେଇ—ସ୍ତ୍ରୀ)

**ଇଙ୍ଗିତିଆଳି**—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଯାହା ସଙ୍ଗେ ଇଙ୍ଗିତ କରିବା
Iṅgitiāḷi ଲୋକାଚାରସମ୍ମତ—Relations with whom
থাট্টারসম্পর্ক one can cut jokes or make jests under the rules of society.

**ଇଙ୍ଗିତ କରିବା**—ଦେ. କ୍ରି—ଥଟ୍ଟା କରିବା; ପରିହାସ କରିବା—
Iṅgiti kariba To jest; to cut jokes.
ঠাট্টাকরিবা
**ठट्ठाकरना**

**ଇଙ୍ଗିରାଜ ( ଇତ୍ୟାଦି )**— ଗ୍ରା ବୈଦେ. ବି—ଇଂରାଜ ଇତ୍ୟାଦି (ଦେଖ)
Iṅgirāja (etc) Imrāja etc ( See )

**ଇଙ୍ଗିରାଜି**—ଗ୍ରା. ବୈଦେ. ବି—ଇଂରାଜି ( ଦେଖ )
Iṅgirāji Imrāji ( See )

**ଇଙ୍ଗୁଦ**—ସଂ. ବି. ( ଇଙ୍ଗ ଧାତୁ=ଗତି କରିବା+ଭାବ. ଉ=ଇଙ୍ଗୁ=ଗମନ+ଦା ଧାତୁ+କର୍ତ୍ତୃ. ଅ)—
Iṅguda
हिङ्गन
**हिङ्गन; हुमा; हिङ्गोल:**
**हिङ्गोटा; जङ्गलिबादाम**
ଗୁ—ଇଗୋରିଆ; ହିଙ୍ଗର୍
ତା—ନାଞ୍ଚୁରୁଡ଼ା,
ତେ—ଗାର; ଗାରିଚେଟ୍ଟୁ; ଉର୍ଗି

୧ । ତାପସ ତରୁ, ଏହି ଫଳରୁ ତୈଳ ବାହାର କରି ଋଷିମାନେ ଦେହରେ ଲଗାଉଥିଲେ; ପୋଇଗୁନ୍ଦିଆ—
1. Terminalia Catapha (Kirtikar)

[ ଦ୍ର—ଏହା କଣ୍ଟା ଗଛ, ୧୫।୧୬ ହାତ ଉଚ୍ଚ । ପତ୍ର ଦୁଇଫାଳିଆ; ଫଳ ଅମ୍ଳ, ପରେ ମାଂସଳ କଳୁ ପତ୍ର; ବୀଜ ତୈଳମୟ, ତେରଲୁ ଦୂରରେ ଗଛ ବାହାରେ । ବିହାର ଓ ଭାରତର ଅନେକ ଶୁଷ୍କ ପ୍ରଦେଶରେ ଏ ଗଛ ନାହିଁ । ]

୨ । ଏହି ବୃକ୍ଷର ଫଳ—
2. The berries of the above mentioned tree.

୩ । ହିଙ୍ଗୁପର୍ଣ୍ଣୀ; ଏକ ପ୍ରକାର ଘାସ—
3. Balanites Ruxburghii.

୪ । ଜ୍ୟୋତିଷ୍ମତୀ ବା ପୁଷ୍ପଫୁଟିକା ଗଛ—
4. A phosphorescent plant.

**ଇଙ୍ଗୁଦୀ**—ସ୍ତ୍ରୀ. ବି. (ଇଙ୍ଗୁଦ+ଈ)—ଇଙ୍ଗୁଦ (ଦେଖ)
Iṅgudi Iṅguda (See)

**ଇଙ୍ଗୁଳ**—ସ୍ତ୍ରୀ. ବି.—ଇଙ୍ଗୁଦ (ଦେଖ)
Iṅgula Iṅguda (See)

**ଇଙ୍ଗ୍ରାଜ (ଇତ୍ୟାଦି)**—ବୈଦେ. ବି.—ଇଂରାଜ ଇତ୍ୟାଦି (ଦେଖ)
Iṅgrāja (etc) Imrāja etc (See)

**ଇଙ୍ଗ୍ରାଜି**—ବୈଦେ. ବି.—ଇଂରାଜି (ଦେଖ)
Iṅgrāji Imrāji (See)

**ଇଙ୍ଗ୍ରେଜ**—ବୈଦେ. ବି.—ଇଂରାଜ (ଦେଖ)
Iṅgreja Imrāja (See)

**ଇଙ୍ଗ୍ରେଜି**—ବୈଦେ. ବି.—ଇଂରାଜ (ଦେଖ)
Iṅgreji Imrāja (See)

**ଇଙ୍ଗ୍ଲଣ୍ଡ**—ବୈଦେ. ବି.—ଇଂଲଣ୍ଡ (ଦେଖ)
Iṅglaṇḍa Imlaṇḍa (See)

**ଇଙ୍ଗ୍ଲିସ୍**—ବୈଦେ. ବି. ଓ ବିଣ.—ଇଂରାଜ (ଦେଖ)
Iṅglis Imrāja (See)

**ଇଙ୍ଗ୍ଲିସ୍ ବଡି**—ବୈଦେ. ବି. (ଇଂ—ଛାପାଖାନା ଶବ୍ଦ)—
Iṅglis baḍi ଛାପାଖାନାରେ ବ୍ୟବହୃତ ଅକ୍ଷରବିଶେଷ—English body (types)

**ଇଙ୍ଗ୍ଲିସ୍ବାର୍**—ବୈଦେ. ବି. (ଇଂ)—ଇଂଲଣ୍ଡରେ ପ୍ରସ୍ତୁତ ଇଟା ସୁନା—
Iṅglisbār English-bar (gold)

**ଇଙ୍ଗ୍ଲିସ୍ ମ୍ୟାନ୍**—ବୈଦେ. ବି. (ଇଂ) ଇଂଲଣ୍ଡର ଅଧିବାସୀ; ଇଂରେଜ—
Iṅglis myān Englishman.

**ଇଙ୍ଗ୍ଲିସୁ**—ବୈଦେ. ପ୍ରାଦେ (ଗଞ୍ଜାମ)—ବି. ଓ ବିଣ. (ଇଂ—ଇଙ୍ଗ୍ଲିସ୍)—
Iṅglisu ଇଂରାଜ (ଦେଖ)
Imrāja (See)

**ଇଚଡ଼**—ଦେ. ବି.—ଇଞ୍ଚଡ଼ (ଦେଖ)
Icharḍa Iñcharḍa (See)

**ଇଚିଲିବିଚିଲି କରିବା**—ଗ୍ରା. କ୍ରି. (ସଂ. ଇତସ୍ତତଃ )—ଇତସ୍ତତଃ କରିବା; ବୁଣିଦେବା; ଫିଙ୍ଗିଦେବା—
Ichilibichili kariba To disperse; to scatter; to throw away.
ইদিক্ উদিক করা
**तत्तरबित्तर करना**

**ଇଚ୍ଛକ**—ସଂ. ବିଣ. ପୁଂ (ଇଷ୍ ଧାତୁ=ଇଚ୍ଛା କରିବା+କର୍ତ୍ତୃ. ଅକ)—
Ichchhaka ୧ । ଯେ ଇଚ୍ଛାକରେ; ଇଚ୍ଛୁକ; ଇଚ୍ଛୁକ—
(ଇଚ୍ଛକା—ସ୍ତ୍ରୀ) 1 One who desires.
୨ । ଠେଙ୍ଗାଲେମ୍ବୁ—2. Orange.

**ଇଚ୍ଛା**—ସଂ. ବି. ସ୍ତ୍ରୀ (ଇଷ୍ ଧାତୁ=ଇଚ୍ଛା କରିବା + ଭାବ. ଅ + ସ୍ତ୍ରୀ. ଆ)—
Ichchhā ୧ । ଆକାଙ୍କ୍ଷା; ବାଞ୍ଛା—1. Will; desire; wish.
୨ । ଉଦ୍ଦେଶ୍ୟ—2. Aim; intention.
୩ । ସ୍ପୃହା; ଉତ୍ସାହ—3. Zeal.
୪ । ପ୍ରବୃତ୍ତି—4. Inclination; volition.
ଦେ ବି.—ଇଚ୍ଛାବତୀର ଡାକ ନାମ—
A name for calling Ichchhābatī.

**ଇଚ୍ଛାଏ**—ଦେ. କ୍ରି. ବିଣ—ସ୍ୱେଚ୍ଛାକ୍ରମେ; ମନରୁ; ସ୍ୱତଃ; ନିଜର
**Ichchhāe** ଇଚ୍ଛାରେ—**Of one's own accord.**

ଯେବେ ଯାହାର ଇଚ୍ଛା ଥିବ; ତାହାର ଇଚ୍ଛାଏ ଆସିବ ।
ଭୂପତି—ପ୍ରେମପଞ୍ଚାମୃତ ।

ସାଧାରଣ ସ୍ଥେଳେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖା,କରଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥ କେଉଁଠାରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଆର୍ଜ୍ଜ' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବେଡ' ନ ପାଇଲେ 'ଅଲବଡ଼' ଦେଖିବେ ।

**ଇଚ୍ଛାଠାକୁରାଣୀ**—ଦେ. ବ ବିନା ଟିକାରେ ମନକୁ ହେବା ବସନ୍ତରୋଗ—
Ichchhāṭhākurāṇī Small-pox appearing without inoculation.
माँ एरइच्छा
शीतला

**ଇଚ୍ଛାତ୍ରୟ**—ସଂ. ବଣ—ତିନପ୍ରକାର ଅଭିଲାଷ—
Ichchhātraya Wish classified into three kinds.
ଦୈନ୍ୟବୋଧିକା, ପ୍ରାର୍ଥନାମୟୀ, ଲାଳସାମୟୀ ଏହି ତିନଗୋଟି ଇଚ୍ଛା—
ଅଭିନବ ଚନ୍ଦ୍ରକାନ୍ତମଣି ।

**ଇଚ୍ଛାନୁରୂପ**—ସଂ. ବଣ. ( ୬ଷ୍ଠୀ ତତ୍ )—୧ । ଇଚ୍ଛା କରିବା ପରି—
Ichchhānurūpa 1. According to one's liking; suiting one's wish.
ଦେ. କ୍ରି. ବଣ—ଇଚ୍ଛାନୁସାରେ—
According to one's wish.

**ଇଚ୍ଛାପତ୍ର**—ଦେ. ବ. ( ଆଧୁନିକ ପ୍ରୟୋଗ )—ଇଚ୍ଛାପ୍ରକାଶକ ଲିପି ବା
Ichchhāpatra ଲେଖା; ଚରମପତ୍ର; ମୃତ୍ୟୁପରେ ନିଜର ସମ୍ପତ୍ତି କାହାକୁ ଦିଆ ଯିବ, ତାହା ମୃତ୍ୟୁ ପୂର୍ବରୁ ଯେଉଁ ଦସ୍ତାବିଜରେ ଲେଖାଯାଏ—A will; last will; testament.

**ଇଚ୍ଛାପୂର୍ବକ**—ସଂ. କ୍ରି. ବଣ. ( ବହୁବ୍ରୀହି; ଇଚ୍ଛା + ପୂର୍ବ )—ନିଜର
Ichchhāpūrbaka ଇଚ୍ଛାଅନୁସାରେ ଅର୍ଥାତ୍ ଅନ୍ୟ କାହାଦ୍ୱାରା ପ୍ରେରିତ ନ ହୋଇ—Voluntarily; of one's free will.

**ଇଚ୍ଛାବତୀ**—ସଂ. ବ. ସ୍ତ୍ରୀ. ( ଇଚ୍ଛା=ପ୍ରବୃତ୍ତି+ଅସ୍ତ୍ୟର୍ଥରେ. ବତ୍+
Ichchhābatī ସ୍ତ୍ରୀ. ଈ )—୧ । କାମୁକୀ ସ୍ତ୍ରୀ—
1. Libidinous ( female )
ବାସନ୍ତୀ ମଲ୍ଲୀ ନଅଳୀ ଭୁରଅଳା ଯହିଁ ହେଲେ ଇଚ୍ଛାବତୀ ସେ ।
ଉକ୍ତ ବୈଦେହୀଶବିଳାସ ।
୨ । ଧନାଦିରେ ସ୍ପୃହାବତୀ—
2. Hankering after wealth.
୩ । ଓଡ଼ିଆ ଭାଷାରେ ଗଣିତ ବିଷୟକ ପଦ୍ୟ ଗ୍ରନ୍ଥର ରଚୟିତ୍ରୀ ଜଣୈକା ସ୍ତ୍ରୀ—
3. Name of a female, author of a mathematical treatise in Orḍiā.

**ଇଚ୍ଛାବର**—ଦେ. ବ—କନ୍ୟା ସ୍ୱୟମ୍ବରରେ ନିଜ ଇଚ୍ଛାରେ ଯେଉଁ
Ichchhābara ବର ବରଣ କରେ—A bride-groom of the bride's choice
ଜଗତ ମୋହନ ଯେ ଉ ସୋଦରସାଙ୍ଗ;
ଇଚ୍ଛାବର ବରୁ କେମାଁ ମନରୁ ଗୃହ । ପରିମ୍ବଳ ସ୍ୱଦକ୍ଷିଣବତୀ ।

**ଇଚ୍ଛାବରୀ**—ଦେ. ବଣ. ସ୍ତ୍ରୀ—ସ୍ୱୟଂବରା; ଆପଣା ଇଚ୍ଛାରେ ସ୍ୱାମୀ ବରଣ
Ichchhabarī କରିଥିବା (ସ୍ତ୍ରୀ)-(a woman) Choosing her own husband.

**ଇଚ୍ଛାବସନ୍ତ**—ଦେ.ବ. (ସଂ.ଇଚ୍ଛା ଓ ବସନ୍ତ)—ଇଚ୍ଛାଠାକୁରାଣୀ (ଦେଖ)
Ichchhabasanta Ichchābasanta ( See )

**ଇଚ୍ଛାବସୁ**—ସଂ. ବ. ( ଇଚ୍ଛା + ବସୁ=ଧନ )—କୁବେର—
Ichchhābasu The Hindu God of riches.

**ଇଚ୍ଛାଭେଦୀରସ**—ସଂ. ବ—ଆୟୁର୍ବେଦ ଶାସ୍ତ୍ରୋକ୍ତ ଔଷଧବିଶେଷ (ଏହା
Ichchhabhedīrasa ଦ୍ୱାରା କୋଷ୍ଠବଦ୍ଧତା ଦୂର ହୋଇ ଝାଡ଼ା ସଫା ହୁଏ)—A medicinal preparation.

**ଇଚ୍ଛାମୟ**—ସଂ. ବଣ. ( ଇଚ୍ଛା + ପରିପୂର୍ଣ୍ଣ ଅର୍ଥରେ. ମୟ )—
Ichchhamaya ୧ । ନିଜ ଇଚ୍ଛାରେ କାର୍ଯ୍ୟ କରିବା—
1. Acting at pleasure; whose will is law.
୨ । ପରମେଶ୍ୱର—2. An epithet of God.

**ଇଚ୍ଛାଳିବା**—ପ୍ରାଦେ. ( ଗଞ୍ଜାମ ) କ୍ରି.—ସମ୍ଭାଳିବା—To bear the
Ichchhāḷibā brunt of.

**ଇଚ୍ଛିକା**—ଗ୍ରା. ଅ—୧ । ଏଖଣି; ଏହିକ୍ଷଣି—
Ichchikā 1. Just at this moment.
एखुनि ୨ । ବର୍ତ୍ତମାନ—2. Now.
अखिम ୩ । ଆଜିକାଲି—3. Now-a-days.

**ଇଚ୍ଛିଣୀ**—ଗ୍ରା. ଅ ( ସଂ. ଏତଦ୍ ଓ କ୍ଷଣ )—
Ichchhiṇi ଇଚ୍ଛିକା ( ଦେଖ )—Ichchhikā ( See )

**ଇଚ୍ଛିଣିକା**—ଗ୍ରା. ଅ ( ସଂ. ଏତଦ୍ ଓ କ୍ଷଣ )—
Ichchhiṇikā ଇଚ୍ଛିକା ( ଦେଖ )—Ichchhikā ( See )

**ଇଚ୍ଛିବା**—ଦେ. ପଦ୍ୟ. କ୍ରି.—ଇଚ୍ଛା କରିବା—
Ichcahibā To wish.
ईच्छा ଇଚ୍ଛିଲ ସତୀ ପୁଚ୍ଛିଲ ବୈଦ୍ୟବାମାକୁ ଏହ—
ଉକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଇଚ୍ଛୁ**—ସଂ. ବଣ. ପୁଂ. ଓ ସ୍ତ୍ରୀ. ( ଇଷ ଧାତୁ=ବାଞ୍ଛା କରିବା + କର୍ତ୍ତୃ.
Ichchhu ଉ )—୧ । ଯେ ଇଚ୍ଛାକରେ—
1. Desirous; willing.
୨ । ଉତ୍ସାହୀ; ଇଚ୍ଛାଯୁକ୍ତ—2. Eager; solicitous.

**ଇଚ୍ଛୁକ**—ସଂ. ବଣ. ପୁଂ. ( ଇଚ୍ଛୁ + ସ୍ୱାର୍ଥେ. କ )—ଇଚ୍ଛୁ ( ଦେଖ )
Ichchhuka Ichchhu ( See )
( ଇଚ୍ଛୁକା—ସ୍ତ୍ରୀ )

**ଇଚ୍ଛୁଣୀ**—ଗ୍ରା. ଅ—ଇଚ୍ଛିକା ( ଦେଖ )
Ichchhuṇi Ichchhikā ( See )

**ଇଚ୍ଛୁଣିକା**—ଗ୍ରା. ଅ—ଇଚ୍ଛିକା ( ଦେଖ )
Ichchhuṇikā Ichchhikā ( See )

**ଇଛରା**—ଗ୍ରା. ବ—ଭୂମିଷ୍ଠ ନବଜାତ ଶିଶୁର ଅଙ୍ଗସଂସ୍କାରଦ କ୍ରିୟା—
Ichharā The cleansing of the body of a newly born infant.

**ଇଛାରିବା**—ଗ୍ରା. କ୍ରି—୧ । (ଅତି ଶିଶୁ ଅବସ୍ଥାରୁ) ପାଳି ବଢ଼ାଇବା—
Ichhāribā 1. To bring up from child-hood.
(ଯଥା—ଶୁଦ୍ଧଭାତ ଇଛାରିବା ।)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଯୃ | ହ୍ରସ୍ୱାନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଞ୍ଜ | ଣ୍ଡ,ଣ୍ଢ | ନ୍ଧ | ଇୟ୍ର | ଢ଼ଅ | ଢ଼ |
| ୨ | ଈ | ଊ | ୠ | ୡ | ଯ୍ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ |

୨ । ଭୂମିଷ୍ଠ ହେଲା ପରେ ନବଜାତ ଶିଶୁର ଅଙ୍ଗ ସଫା କରିବା—2. To cleanse the body of a newly born infant

ଇଚ୍ଛୁଣି—ଗ୍ରା. ଅ.—ଇଚ୍ଛିକା (ଦେଖ)
Ichhuṇi Ichchhikā (See)

ଇଚ୍ଛେନ୍—ପ୍ରାଦେ. (ସମ୍ବଲପୁର) ଅ—ଅଧୁନା; ଏକ୍ଷଣେ; ଏବେଣେ; ଇଚ୍ଛୁଣି-
Ichhen Now; just now.

ଇଜମାଇଲ୍—ବୈଦେ. ବିଣ (ଅ. ଇଜମାଲ୍)—୧ । ବହୁ ବ୍ୟକ୍ତିଙ୍କ
Ijmāil ଅଧିକାରଭୁକ୍ତ (ସମ୍ପତ୍ତି)—1. Joint (property)
ଏଜମାଲି ୨ । ଅବିଭକ୍ତ—2. Undivided.
**इजमाल**

ଇଜମାଏଲ୍—ବୈଦେ. ବିଣ—ଇଜମାଇଲ୍ (ଦେଖ)
Ijmāel Ijmāil (See)

ଇଜମାଏଲି—ବୈଦେ. ବିଣ.—ଇଜମାଇଲ୍ (ଦେଖ)
Ijmāeli Ijmāil (See)

ଇଜମାଲ୍—ବୈଦେ. ବିଣ—ଇଜମାଇଲ୍ (ଦେଖ)
Ijmāl Ijmāil (See)

ଇଜମାଲି—ବୈଦେ. ବିଣ—ଇଜମାଇଲ୍ (ଦେଖ)
Ijmāli Ijmāil (See)

ଇଜମେଣ୍ଟ୍—ବୈଦେ. ବି (ଇଂ)—ପରର ସମ୍ପତ୍ତିରେ ବହୁକାଳ ବ୍ୟବହାର
Ijmeṇṭ ଦ୍ୱାରା ଅନ୍ୟର ପ୍ରବର୍ତ୍ତିବା ସ୍ୱତ୍ୱ (ଯଥା—ପରର ଜମି ବାଟେ ଯିବା, ପର ଜମିରେ ଗୋରୁ ଚରାଇବା ଇତ୍ୟାଦ)— Easement.

ଇଜତ୍—ବୈଦେ. ବି (ଅ. ଇଜ୍ଜତ୍)—୧ । ମର୍ଯ୍ୟାଦା; ମହତ୍ତ୍ୱ; ସମ୍ମାନ—
Ijat 1. Honour; respect.
ଇଜ୍ଜତ ମିଛି କହିଲେ ମୋ କଥା ଯାଉ; ଏବେ ଇଜତ ରହୁ ରହେ ।
**इज्ज़त** ଫକୀରମୋହନ—ଛମାଣଆଠଗୁଣ୍ଠ ।
୨ । ମହତ୍ତ୍ୱଜନକ ଯଶ ବା ସୁନାମ—2. Prestige.
୩ । ସ୍ତ୍ରୀର ସତୀତ୍ୱ—3 Female modesty; chastity.
୪ । ମାନ, ସମ୍ଭ୍ରମ; ଲଜ୍ଜାଯୁକ୍ତ ଶିଷ୍ଟତା— 4. Modesty.
୫ । ସୁନାମ—5. Reputation.

ଇଜତ୍ ତଳେ ପଡ଼ିବା—ଦେ. ବି—ଇଜତ୍ ଯିବା (ଦେଖ)
Ijat taḷe paṛibā Ijat jibā (See)
ইজ্জত নীচে পড়া
**इज्ज़त नीचे गीरना**

ଇଜତ୍‌ଦାବି—ଦେ. ବି.—ଅଦାଲତ ଆଗରେ ମର୍ଯ୍ୟାଦାହାନିର କ୍ଷତିପୂରଣ
Ijatdābi ଦାବି କରିବା—Claim for loss of one's
ইজ্জতদাবী honour or reputation.
**इज्ज़तदावी**

ଇଜତ୍‌ଦାବି ମକଦ୍ଦମା—ଦେ. ବି.—୧ । ଅପମାନ ବା ଅପବାଦଜନିତ
Ijatdābi makaddamā ନିଜର ସମ୍ମାନ ନାଶ ହେବା ହେତୁ
ইজ্জতদাবী মোকদ্দমা ତହିଁର କ୍ଷତି ପୂରଣାର୍ଥ ଇଜ୍ଜତ୍ ଯାଇଥିବା-
**इज्ज़तदावी मुकदमा** ଲୋକ ବିପକ୍ଷରେ ଉପସ୍ଥାପିତ ଦେୱାନୀ ମୋକଦ୍ଦମା—1. Civil suit claiming damage for loss of honour or prestige (owing to defamation or assault.)
୨ । ସ୍ତ୍ରୀଲୋକର ସତୀତ୍ୱ ନାଶ କରିଥିବା ବ୍ୟକ୍ତି ବିପକ୍ଷରେ ଉପସ୍ଥାପିତ ଫୌଜଦାରୀ ମକଦ୍ଦମା—2. A criminal case against a person for outraging female modesty.
[ ଦ୍ର—ଭାରତୀୟ ଦଣ୍ଡବିଧି ଆଇନ୍‌ରେ ସ୍ତ୍ରୀଲୋକର ସତୀତ୍ୱ ଅପହରଣ ଗୋଟିଏ ଗୁରୁତର ଅପରାଧରୂପେ ପରିଗଣିତ । ବଳାତ୍କାର-ସତୀତ୍ୱହରଣର (Rape) ସଂଜ୍ଞା ୩୭୫ ଦଫାରେ ଓ ୩୭୬ ରେ ଦଣ୍ଡ (୧୦ ବର୍ଷ କାରାବାସ); ପରସ୍ତ୍ରୀହରଣର ସଂଜ୍ଞା ୪୯୭ ଦଫାରେ ଓ ଦଣ୍ଡ ( ୫ ବର୍ଷ କାରାବାସ ) ନିର୍ଦ୍ଦିଷ୍ଟ ହୋଇଅଛି । ଦୁର୍ନାମ ଦ୍ୱାରା କୌଣସି ବ୍ୟକ୍ତିର ଇଜତ୍ ବା ସୁନାମ ହାନି ଘଟାଇବା ଅପରାଧ (Defamation) ୪୯୯ ଦଫାରେ ଓ ତହିଁର ଦଣ୍ଡ (୨ ବର୍ଷ କାରାବାସ) ୫୦୦ ଦଫାରେ ଅଛି । କୌଣସି ସ୍ତ୍ରୀର ଇଜତ୍ ନେବାପାଇଁ ବଳ ପ୍ରୟୋଗ କରିବା ମଧ୍ୟ ୩୫୪ ଦଫାରେ ଗୋଟିଏ ଗୁରୁତର ଅପରାଧ (ଦଣ୍ଡ ୨ ବର୍ଷ କାରାବାସ) ବୋଲି ଗଣ୍ୟ ହୋଇଅଛି । ]

ଇଜତ୍‌ଦାର୍—ବୈଦେ. ବିଣ. (ଅ. ଇଜତ୍‌ଦାର)—ମର୍ଯ୍ୟାଦାବାନ୍—
Ijatdār Honourable.
ইজ্জতদার
**इज्ज़तदार**

ଇଜତ୍‌ଦାରି—ଦେ. ବି.—ମର୍ଯ୍ୟାଦା ବଜାୟ ରଖିବା ଆଚରଣ—
Ijatdāri Maintenance of one's honour intact.

ଇଜତ୍‌ଦେବା—ଦେ କ୍ରି—୧ । ମର୍ଯ୍ୟାଦା ହାନିର କ୍ଷତି ପୂରଣ କରିବା—
Ijatdebā 1. To redress one's insult.
୨ । ମର୍ଯ୍ୟାଦା ରକ୍ଷା କରିବା—
2. To save a man from disgrace.

ଇଜତ୍‌ନେବା—ଦେ.କ୍ରି—୧ । ମର୍ଯ୍ୟାଦା ହାନି କରିବା; ବେଇଜ୍ଜତ୍ କରିବା-
Ijatnebā 1. To dishonour a person.
ইজ্জতনেওয়া ୨ । ସ୍ତ୍ରୀର ସତୀତ୍ୱ ନାଶ କରିବା—
**इज्ज़तलेना** 2. To outrage the modesty of a woman; to dishonour a woman.

ଇଜତ୍‌ମହତ—ଦେ. ବି. (ଅ. ଇଜତ ଓ ସଂ. ମହତ୍ତ୍ୱ)—ମାନମର୍ଯ୍ୟାଦା—
Ijatmahata Honour; respect.

ଇଜତ୍‌ଯିବା—ଦେ. ବି—୧ । ମହତ୍ତ୍ୱ ହାନି ଘଟିବା—
Ijatjibā 1. Loss of honour.
ইজ্জতযাওয়া ୨ । ସ୍ତ୍ରୀର ସତୀତ୍ୱ ନାଶ ଘଟିବା—
**इज्ज़तजाना** 2. Loss of a woman's chastity.
୩ । ସୁନାମ ନଷ୍ଟ ହେବା; କଳଙ୍କ ରଟନା ହେବା—
3. Defamation.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ

**ଇଜତ୍‌ସରା**—ଦେ. ବଣ—୧ । ମର୍ଯ୍ୟାଦାହାନିକର—
Ijatsarā 1. Disgraceful.
(ଇଜତ୍‌ସରେଇ—ସ୍ତ୍ରୀ) ୨ । ଯେ ଅନ୍ୟର ସମ୍ମାନ ହାନି କରେ—
2. Disgracing another.

**ଇଜତ୍ ସରିବା**—ଦେ. କ୍ରି—ଇଜତ୍ ଯିବା (ଦେଖ)
Ijat saribā Ijat jibā ( See )

**ଇଜତ୍ ସାରିବା**—ଦେ. କ୍ରି—ଇଜତ୍ ନେବା ( ଦେଖ )
Ijat sāribā Ijat nebā ( See )
ইজ্জতলওয়া
**इज्ज़तलेना**

**ଇଜତ୍ ହାନି**—ଦେ. ବି. ( ଅ. ଇଜ୍ଜତ୍ ଓ ସଂ. ହାନି )—
Ijat hāni ୧ । ଅପମାନ—1. Dishonour; disgrace.
୨ । ସମ୍ମାନନାଶ—2. Loss of honour.

**ଇଜତ୍ ହୁରୁମତ୍**—ବୈଦେ. ବି (ଅ. ସହଚର)—ମାନମର୍ଯ୍ୟାଦା—
Ijat hurumat Honour; regard.

**ଇଜତି**—ଦେ. ବଣ (ଅ. ଇଜ୍ଜତୀ)—ଇଜତଦାର; ମର୍ଯ୍ୟାଦାବନ୍ତ—
Ijati Honourable.
ইজ্জতী
**इज्ज़ती**

**ଇଜତିଆ**—ଦେ. ବଣ. (ଅ. ଇଜ୍ଜତୀ)—ଇଜତି ( ଦେଖ )
Ijatiā Ijati ( See )

**ଇଜରା**—ବୈଦେ. ବି ( ଅ. ଇଜାରା )—ସାମୟିକ ପଟ୍ଟା; ଇଜାରା—
Ijarā Temporary lease.
ইজারা
**इजारा**

**ଇଜରାଏ**—ପ୍ରାଦେ. (ସମ୍ବଲପୁର; କଟକଆ) ବି—ଡିଗ୍ରିଜାରି—
Ijarāe Execution of decree.
( ଯଥା—ଇଜରାଏ ମକଦମା ୧୧ ନମ୍ବର ସନ ୧୯୩୦ । )

**ଇଜରା କବୁଲିୟତ୍**—ବୈଦେ. ବି (ଅ)—ଇଜରାଦାର ଜମିଦାର ବା
Ijarā kabuliyat ମାଲିକଙ୍କଠାରୁ ପଟ୍ଟା ପାଇବା ପରେ ତାଙ୍କୁ
ইজারাকবুলিয়ত্ ଲେଖିଦେବା ସ୍ୱୀକାରପତ୍ର—A farming
**इजाराकबुलियत्** counter lease.

**ଇଜରାଜମା**—ବୈଦେ. ବି (ଅ)—ଇଜରାଦାର ମାଲିକଙ୍କୁ ଦେବା ନିର୍ଦ୍ଧାରିତ
Ijarājamā ଖଜଣା—Annual rent paid by a
ইজারাজমা farmer to the owner
**इजाराजमा**

**ଇଜରାଦାର**—ବୈଦେ. ବି (ଅ)—ସାମୟିକ ପଟ୍ଟା ଗ୍ରହୀତା—
Ijarādāra Temporary leases.
ইজারাদার
**इजारादार**

**ଇଜରା ଦେବା**—ଦେ.କ୍ରି—ସାମୟିକ ପଟ୍ଟା ଦେବା—To grant a
Ijarā deba temporary lease or permit.
ইজারাদেওয়া
**इजारादेना**

**ଇଜରା ନେବା**—ଦେ. କ୍ରି—ସାମୟିକ ପଟ୍ଟା ନେବା—To take a
Ijarā nebā temporary lease or permit.
ইজারালওয়া
**इजारालेना**

**ଇଜରାପଟ୍ଟା**—ଦେ. ବି—ଯେଉଁ ପଟ୍ଟାରେ ଭୂସ୍ୱାମୀ ରଇତକୁ ଇଜରା
Ijarāpaṭṭā ଲେଖି ଦିଏ—Document granted by
ইজারাপট্টা the landlord for the temporary
**इजारापट्टा** use of a certain tract of land.

**ଇଜଲାସ୍**—ବୈଦେ. ବି—ଏଜଲାସ୍ ( ଦେଖ )
Ijalās Ejalās ( See )

**ଇଜହାର**—ବୈଦେ. ବି ( ଫା. ଏଜ୍‌ହାର୍ )—
Ijahāra ୧ । ଏତଲା; ହାକିମଙ୍କ ନିକଟରେ ଅଭିଯୋଗ—
এজহার 1. Complaint.
**एजहार, इज़हार** ୨ । ଥାନାରେ ପୁଲିସ୍ ନିକଟରେ ଦେବା ଅପରାଧର
ଖବର—2 First information lodged
before a police officer at the Thānā.
ଜମାଦାର ଅନେକ ଲୋକଙ୍କ ଇଜହାର କଲମ ବନ୍ଦ କରି ପକାଇଲେଣି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଇଜହାର କରିବା**—ଦେ. କ୍ରି—୧ । କୌଣସି ହାକିମଙ୍କ ନିକଟରେ
Ijahārakaribā ଅଭିଯୋଗ ବ୍ୟକ୍ତ କରିବା—To file a
এজহার করা complaint before an officer.
**इज़्हार करना** ୨ । ଥାନାରେ ଏତଲା ଦେବା—
2. To lodge information before
Police.

**ଇଜହାର ଦେବା**—ଦେ କ୍ରି—ଇଜହାର କରିବା ( ଦେଖ )
Ijahāra debā Ijahāra karibā ( See )
এজহার দেওয়া
**इज़्हार देना**

**ଇଜହାର ନେବା**—ଦେ. କ୍ରି—ପୁଲିସ ଏତଲାକାରୀର କଥାକୁ ନିଜ
Ijahāra nebā ଡାଏରି ଆଦିରେ ଲିପିବଦ୍ଧ କରିବା—
এজহার লওয়া (Police) To record the first informa-
**इज़्हार लेना** tion given by the informant at
the Police Station.

**ଇଜହାରୀ**—ଦେ. ବଣ—ଯେ ଇଜହାର ଦିଏ—
Ijahāri One who lodges the 1st information
এজহারী before the Police
**इज़्हारी**

**ଇଜାଦ୍**—ବୈଦେ. ବି ( ଫା )—ମାପରେ ଜଣାପଡ଼ିବା ଅତିରିକ୍ତ ଭୂମି—
Ijād Excess land.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଣ,ଷ | ଙ୍କ | ଇଯ୍ | ଇଅ | ଖ |
| ୨ | ଈ | ଊ | ଋୁ | ଌୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ୱ | ବ୍ |

ଇଜାନଗର—ଦେ. ବି. (ସଂ. ବିଜୟନଗର)—ବିଜୟନଗର (ଦାକ୍ଷିଣାତ୍ୟ-
Ijānagara ପ୍ରଦେଶ )—Bijayanagaram in Madras presidency.

ଇଜାର୍—ବୈଦେ. ବି ( ଫା )—ଢ଼ିଲା ପାଇଜାମା—
Ijār Loose trousers; breeches; pantaloons.
ইজের্
इजार

ଇଜାରା (ଇତ୍ୟାଦି)—ଇଜରା ଇତ୍ୟାଦି ( ଦେଖ )
Ijārā etc Ijarā etc ( See )

ଇଜିଚେୟାର୍—ବୈଦେ. ବି ( ଇଂ )—ଆରାମ ଚଉକି—
Ijicheyār Easy chair.

ଇଜିପ୍ଟ—ବୈଦେ. ବି. (ନାମ)—ଆଫ୍ରିକା ମହାଦେଶର ପୂର୍ବାଂଶରେ ଥିବା
Ijipt ଦେଶବିଶେଷ; ମିଶର ଦେଶ—Egypt.
ইজিপ্ত
मिस्र

ଇଜେକ୍ଟମେଣ୍ଟ—ବୈଦେ. ବି ( ଇଂ )—ରଇତ ବା ଭଡ଼ାଦାରକୁ
Ijektment ଜମିରୁ ବା ଘରୁ ଉଠାଇ ଦେବା—Ejectment.

ଇଜେକ୍ଟମେଣ୍ଟ ସୁଟ୍—ବୈଦେ. ବି. ( ଇଂ. ଇଜେକ୍ଟମେଣ୍ଟ ସୁଟ୍ )—
Ijektment sut ରଇତକୁ ବା ଭଡ଼ାଦାରକୁ ଜମିରୁ କିମ୍ବା ଘରୁ ଉଠାଇ ଦେବା ପାଇଁ କରାଯିବା ମକଦ୍ଦମା—Ejectment suit.

ଇଜେର୍—ବୈଦେ. ବି. ( ଫା )—ଇଜାର୍ ( ଦେଖ )
Ijer Ijār ( See )

ଇଜ୍ଜତ୍ (ଇତ୍ୟାଦି)—ଇଜତ୍ ଇତ୍ୟାଦି ( ଦେଖ )
Ijjat etc Ijat etc ( See )

ଇଜ୍ଜତି—ଇଜତି ( ଦେଖ )
Ijjati Ijati ( See )

ଇଜ୍ଜତିଆ—ଇଜତିଆ ( ଦେଖ )
Ijjatiā Ijatiā ( See )

ଇଜ୍ଜଳ—ଯ. ବି. ( ଇତ୍ + ଜଳ; ଏହି ଗଛ ପାଖରେ ଜଳ ଥିବେ ଓ
Ijjala ପାଣି କୂଳରେ ଏ ଗଛ ବେଶି ହୁଏ ବୋଲି )—
୧ । ହିଞ୍ଜଳ ( ଦେଖ )
1. Hinjala ( See )
ବହୁତ ଇଜ୍ଜଳ ସହିତ ବେତ ବନ
ଇଜ୍ଜଳ ନକୁଳେ ବଞ୍ଜୁଳ ଭୂରନା । ରାଧାନାଥ. ନନ୍ଦିକେଶ୍ୱରୀ ।
୨ । ନିଚୁଳ ( ଦେଖ )
2. Nichula ( See )

ଇଜ୍ୟ—ଯ. ବିଣ. ପୁଂ. ( ଯଜ୍ ଧାତୁ = ପୂଜା କରିବା + କର୍ମ. ଯ )—
Ijya ୧ । ପୂଜ୍ୟ—1. Worshippable; worthy of respect.
(ଇଜ୍ୟା—ସ୍ତ୍ରୀ)
୨ । ଗୁରୁସ୍ଥାନୀୟ—2. In the position of one's elder.

ବି—୧ । ସୁରାଚାର୍ଯ୍ୟ, ବୃହସ୍ପତି—
1. A name of Bruhaspati.
୨ । ବିଷ୍ଣୁ—2. A name of Bishnu.

ଇଜ୍ୟା—ସଂ. ବିଣ. ସ୍ତ୍ରୀ. ( ଯଜ୍ ଧାତୁ = ପୂଜା କରିବା + କର୍ମ. ଯ + ସ୍ତ୍ରୀ.
Ijyā ଆ )—ଇଜ୍ୟର ସ୍ତ୍ରୀଲିଙ୍ଗ—Feminine of Ijya.
ବି—୧ । ପୂଜା—1. Worship.
୨ । ଦାନ—2. Gift.
୩ । ଯଜ୍ଞ—3. Vedic sacrifice.
୪ । ହୋମ—4. Oblation unto fire.
୫ । ଗୋରୁ—5. Cow.
୬ । କୁଟ୍ଟିନୀ—6. A procuress; bawd.

ଇଜ୍ୟାଶୀଳ—ସଂ. ବିଣ. ପୁଂ. ( ଇଜ୍ୟା = ଯଜ୍ଞ + ବାରମ୍ବାର ପ୍ରବୃତ୍ତ
Ijyāsīla ହେବା ଅର୍ଥରେ. ଶୀଳ )—ଯେ ପୁନଃ ପୁନଃ ଯାଗ କରନ୍ତି; ଯାଜକ—( a person ) Frequently performing sacrifices.

ଇଝାର (ଇତ୍ୟାଦି)—ଇଜହାର ଇତ୍ୟାଦି ( ଦେଖ )
Ijhāra etc Ijahāra etc ( See )

ଇଞ୍ଚ—ବୈଦେ. ବି. ( ଇଂ. ଇଞ୍ଚ )—ଏକ ବୁରୁଳ ପରିମାଣ; ପ୍ରାୟ ତୁଲ
Iñcha ଅଙ୍ଗୁଳ ପରିମାଣ; ଗୋଟିଏ ପଇସାର ବ୍ୟାସର ପରିମାଣ—Inch.
ইঞ্চ
इंच

ଇଞ୍ଚକିଆ—ଦେ. ବିଣ—ଏକଇଞ୍ଚପରିମିତ—
Iñchakiā Measuring one inch.

ଇଞ୍ଚଡ଼—ଦେ. ବି—କଞ୍ଚିପଣସ; ପ୍ରଣସକଠା—
Iñcharda Young jack-fruit.

ଇଞ୍ଚଡ଼ା—ଦେ. ବି—କଞ୍ଚିପଣସ—Young jack-fruit.
Iñcharda

ଇଞ୍ଚରାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉଖାରିବା (ଦେଖ)
Iñcharāibā Ukhāribā (See)
କଥା ମାଷ ଇଞ୍ଚରାଇନ୍ ।

ଇଞ୍ଚିକିଆ—ଦେ. ବିଣ—ଇଞ୍ଚକିଆ (ଦେଖ)
Iñchikiā Iñchakiā (See)

ଇଞ୍ଜଙ୍କସନ୍—ବୈଦେ. ବି—(ଇଂ. ଚଲିତ ଭାଷା)—
Iñjanksan ଅଦାଲତ ପ୍ରଦତ୍ତ ଆଜ୍ଞା; ନିଷେଧ ଆଜ୍ଞା—Injunction.

ଇଞ୍ଜନ—ଦେ. ବି. (ସଂ ଅଞ୍ଜନ)—କଜ୍ଜଳ (ଦେଖ)
Iñjana Kajjala (See)

ଇଞ୍ଜଳ—ଦେ. ବି.—ହିଞ୍ଜଳ (ଦେଖ)
Iñjala Hiñjala (See)

ସାଧାରଣ ଲୋକେ ଅନେକ ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ 'କୃଷ' ନ ମିଳିଲେ 'କୃଶ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଭିଳା' ନ ପାଇଲେ 'ଅଳି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଇଞ୍ଜାମ୍—ଦେ. ବି. ଓ ବିଣ—( ଅ. ଇନ୍ତ୍ ଜାମ=ବ୍ୟବସ୍ଥା)—
Iñjām ଅଞ୍ଜାମ୍ (ଦେଖ)
Añjām (See)

ସାକବଡ଼ ଅନେକ ପୋଷ୍ୟ ଅଫିସରୁ ବଦଳ ହୋଇ କର୍ମ
ଇଞ୍ଜାମ୍ କରୁ ଅଛିଲେଣି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଇଞ୍ଜିନ୍—ବୈଦେ. ବି—(ଇଂ. ଏଞ୍ଜିନ୍)—୧ । କଲ; ଯନ୍ତ୍ର—
Iñjin 1. Engine
ଈଞ୍ଜିନ୍ ୨ । ରେଲଗାଡ଼ିକୁ ଟାଣିବା କଲ—2. Railway engine.
ইঞ্জিন ୩ । ଯେଉଁ ଯନ୍ତ୍ରଦ୍ୱାରା ବାଷ୍ପ ଓ ବିଦ୍ୟୁତ୍ ଆଦିରୁ ଉଦ୍ଭୂତ ବଳ ଯାନାଦିକୁ ଚାଳିତ କରେ—3. Steam or electrical engine.

ଇଞ୍ଜିନ୍‌ରୁମ୍—ବୈଦେ. ବି. (ଇଂ. ଏଞ୍ଜିନ୍ ରୁମ୍)—
Iñjin rum ଜାହାଜ ଓ କାରଖାନାକୁ ଚଳାଇବା ଯନ୍ତ୍ରର କଳ-କାରଖାନା ଯନ୍ତ୍ର ଯେଉଁ ଘରେ ଥାଏ—Engine-room of a ship or workshop.

ଇଞ୍ଜିନିୟର—ବୈଦେ. ବି. (ଇଂ. ଏଞ୍ଜିନିଅର)—
Iñjiniar ଶିଳ୍ପକାର୍ଯ୍ୟ ଓ କଳ କାର୍ଯ୍ୟ ପରିଦର୍ଶକ କର୍ମଚାରୀ—
ইঞ্জিনিঅর Engineer.
एञ्जिनिअर

ଇଞ୍ଜିଲ—ଦେ. ବି—ବାଇବେଲ ପୁସ୍ତକର ନୂତନ ସମାଚାର—
Iñjila The Gospels; the New Testament. (Rev. Wilkins ଙ୍କ ପାଣ୍ଡୁଲିପି)

ଇଞ୍ଜେକ୍‌ସନ୍—ବୈଦେ. ବି. (ଇଂ. ଇଞ୍ଜେକ୍‌ସନ୍)—
Iñjeksan ଅଣୁ ପ୍ରଭୃତିର ଚର୍ମ ଭେଦ କରି ବେଗରେ ଶରୀରରେ ଔଷଧ ପ୍ରୟୋଗ—Injection.
ইঞ্জেক্সন্
इञ्जेक्सन

ଇଟ୍‌ଚର—ସଂ. ବି. (ଇଟ୍=ଇଚ୍ଛା+ଚର ଧାତୁ=ଯିବା+କର୍ତ୍ତୃ. ଅ)—
Itchara ଯେ ଇଚ୍ଛାଅନୁସାରେ ଯିବା ଆସିବା କରେ; ଯାହାକୁ କେହି ବାନ୍ଧି ରଖେ ନାହିଁ)—ଷଣ୍ଢ; ବୃଷଭ—Bull.

ଇଟ—ଦେ. ବି. (ସଂ. ଇଷ୍ଟକ; ଏହା ଇଟାପରି ନାଲିଆ ଥିବାରୁ)—
Iṭa ଚିଙ୍ଗୁଡ଼ିମାଛ ଓ କଙ୍କଡ଼ାଙ୍କ ମୁଣ୍ଡପାଖେ ଥିବା ଲାଲ ଟାଣୁଆ ସୁସ୍ୱାଦୁ ମାଂସଖଣ୍ଡ—Red solid pieces of fat in the head of shrimp or crab.

ଇଟଲା—ଦେ. ବି. (ସଂ. ଇଷ୍ଟକ; ଏହାର ଫୁଲ ଇଟାବର୍ଣ୍ଣର ଥିବାରୁ)—
Iṭalā (ରଙ୍ଗ ଓ ହଳଦିଆ ଅଁଳା ଫୁଲ; ଏଥିରେ ମାଇପେ ମାଳ ଗୁନ୍ଥି ଜୁଡ଼ାରେ ବାନ୍ଧନ୍ତି ।)
ଅଁଳା ୨ (ଦେଖ)
Aañlā 2 (See)

ଇଟଲା ଗଭ ସଦୃଶୀ ମଞ୍ଜୁଳ ।
ବଦସ୍ମୂର୍ତ୍ତି. ସଙ୍ଗୀତ ।

[ଦ୍ର—ଅଁଳେଇ ଫୁଲ ଦୁଇ ଜାତିର—କଳା ଅଁଳେଇ ଓ ଇଟଲା ଅଁଳେଇ; କଳା ଅଁଳେଇ ଫୁଲର ବର୍ଣ୍ଣ ନୀଳ ବା ଶ୍ୟାମଳ ଓ ଇଟଲା ଅଁଳେଇ ଫୁଲ ଇଟାଳିଆ ନାଲି ।]

ଇ,ଟା—ପ୍ରାଦେ. (ସମ୍ବଲପୁର) ସର୍ବ—ଏହିଟା (ଅନାଦରାର୍ଥକ)—
I ṭā This (thing or person)

ଇଟା—ଦେ. ବି. (ସଂ. ଇଷ୍ଟକ)—୧ । ନିର୍ଦ୍ଦିଷ୍ଟ ଆକାରବିଶିଷ୍ଟ ଦଗ୍ଧ ମୃତ୍ତିକା ପିଣ୍ଡ—1 Brick
Iṭā
ইট, ই ট্ [ଦ୍ର—କାଦୁଅରେ ଗଢ଼ା କାଞ୍ଚ ଓ ପକ୍କା ଅପେକ୍ଷା
ईंट ପୋଡ଼ା ହୋଇଥିବା ଚକଟା ମାଟି ବହୁକାଳ ସ୍ଥାୟୀ ଓ ମଜବୁତ ହୁଏ । ଏଥିଯୋଗୁଁ ଯେଉଁଠାରେ ପଥର ମିଳିବାର ସୁବିଧା ନ ଥାଏ ସେଠାରେ ଅତି ପ୍ରାଚୀନ କାଳରୁ ଲୋକେ ଇଟା ତିଆରି କରି ତହିଁରେ କୋଠା, ଦେଉଳ, ପକ୍କା ଆଦି କରି ଆସୁଅଛନ୍ତି ଓ ୩ । ୪ ହଜାର ବର୍ଷ ପୂର୍ବେ ନିର୍ମିତ ଇଟା ଏବେ ମଧ୍ୟ ସୁଦୃଢ଼ ଅକ୍ଷତ ଥିବାର ଦେଖାଯାଏ । ମାଟିକୁ ଚକଟି ତାକୁ ଛାଞ୍ଚରେ ଢାଳି ନିର୍ଦ୍ଦିଷ୍ଟ ଆକାରରେ ଇଟା ଗଢ଼ାଯାଏ ଓ ଅସ୍ଥାୟୀ କାମପାଇଁ ସେ ଇଟାକୁ ଖରାରେ ଶୁଖାଇ କାନ୍ଥରେ ଲଗାନ୍ତି । ଏହାକୁ କଞ୍ଚାଇଟା କହନ୍ତି; କିନ୍ତୁ ସ୍ଥାୟୀ କାମପାଇଁ ତାକୁ ଭାଟିରେ ପୋଡ଼ି ପକ୍କା ଇଟା କରାଯାଏ । ପକ୍କା ଉପରେ ପକାଇବାକୁ ସାଧାରଣ ଇଟା ଅପେକ୍ଷା ପାତଳା ଓ ବଡ଼ ଆକାରର 'ଟାଇଲ୍' ତିଆରି କରାଯାଏ । ଚିକଟା ମାଟିର ଇଟା ପୋଡ଼ିଲେ ଫାଟିଯାଏ; ସେଥିପାଇଁ ମାଟି ସଙ୍ଗେ ବାଲି ମିଶାଇବାକୁ ହୁଏ ।]
୨ । ଇଟଲା (ଦେଖ)
2. Iṭalā (See)

ଇଟାଗୁଣ୍ଡି—ଦେ. ବି.—ରାସ୍ତା ଓ ସଡ଼କ ଆଦିରେ ବିଛାଇବା ପାଇଁ ଟିକି
Iṭāgundi ଟିକି କରାଯାଇଥିବା ଇଟା ଖଣ୍ଡ; ଖୋଆ—Small brick-bits used in metalling or roofing.

ଇଟାଚୂନା—ଦେ. ବି—ସୁରୁକି ଭୁଷା ହୋଇଥିବା ଇଟା ଚୂନା (ଏହା
Iṭāchunā ଚୂନ ସଙ୍ଗେ ମିଶି ଇଟା ଗାନ୍ଥିବାରେ ଲାଗେ)—
সুরকী Soorki; brick-powder.
सुरखी

ଇଟାଛାଞ୍ଚ—ଦେ. ବି.—ଯେଉଁ ଛାଞ୍ଚରେ ଚକଟା ମାଟି ପୂରାଇ ନିର୍ଦ୍ଦିଷ୍ଟ
Iṭāchhāñcha ଆକାରର ଇଟା ଗଢ଼ା ହୁଏ—Brick-mould.

ଇଟାଜାଲିମାରିବା—ଦେ. କ୍ରି—(ଇଟାଗଞ୍ଜି ଆଦି ରାଶା)—ଛାଞ୍ଚରେ କଞ୍ଚା-
Iṭājālimāribā ଇଟା ଗଢ଼ା ସରିଲା ପରେ ପୋଡ଼ାହେବା ପୂର୍ବରୁ
ইটের জালি দেওয়া ଶୁଖାଇବା ଓ ଗଣିବା ପାଇଁ ଫାଙ୍କ ରଖି ତାକୁ କାନ୍ଥ ଆକାରରେ ଗଦାଇବା—To arrange unbaked bricks in heaps.

ଇଟା ପକାଇବା—ଦେ. କ୍ରି—ମାଟିକୁ ଚକଟି ଛାଞ୍ଚ ଦ୍ୱାରା ଇଟା ପ୍ରସ୍ତୁତ
Iṭāpakāibā କରିବା—To lay bricks.
ईंटपाड़ा

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଘ | ଜ | ଶ,ଷ | ଙ୍କ | ଉସ୍ତ | କ୍ଷ | ତ୍ତ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଉଥ | କ୍ଷ | ତ୍ର |

ଇଟାଭାଟି—ଦେ. ବ.— ଯେଉଁ ସ୍ତୂପରେ କଞ୍ଚା ଇଟା ସଜ୍ଜିତ ହୋଇ ପୋଡ଼ା ହୁଏ — Brick kiln.
Itābhāṭi
ইট ভাটি
पजावा; भाटि

ଇଟାମାଟି—ଦେ.ବ. (ସଂ. ଇଷ୍ଟକ ମୃତ୍ତିକା — ଇଟା କଟିବାପାଇଁ ଉପଯୁକ୍ତ ବାଲିଆ ହୋଇଥିବା ମାଟି—Sandy earth fit for layings bricks from.
Iṭāmāṭi

ଇଟା ଲଦିବା—ଦେ. କ୍ରି —କ୍ରମାନୁସାରେ ଶୃଙ୍ଖଳାରେ ଇଟାକୁ ନେଇ ମଝିରେ ଓ ତଳେ ଚୁଲି ପାଇଁ ଫାଙ୍କ ରଖି ଭାଟି ଆକାରରେ ସ୍ତରୀକୃତ କରିବା—To arrange bricks in a kiln.
Iṭa ladibā
ইটলদা
ईंट लदना

ଇଟା ଲହିମାରିବା—ଦେ କ୍ରି— ଛାଞ୍ଚରେ ପକାଯାଇଥିବା ଇଟାର ଉପର ଓ ତଳକୁ ପାଣିଅରେ ଚାଞ୍ଛି ସମତୁଲ କରିବା—To scrape the faces of the bricks laid in the mould.
Iṭā lāhimāribā
লাহিমারা

ଇଟାଳ—ଦେ. ବ. (ସଂ. ଇଷ୍ଟକ; ଏହାର ବର୍ଣ୍ଣ ଇଟାପରି)—
Iṭāḷi ଏକ ପ୍ରକାର ଫିକା ନାଲିଫୁଲ; ଇଟଳା; ଅଁଳା (ଦେଖ)
Aañḷā (See)

ଇଟାଲି—ବୈଦେ. ବ. (ନାମ)— ଇଉରୋପ ମହାଦେଶର ଦେଶବିଶେଷ; ଏହାର ଉତ୍ତରରେ ଅଲ୍‌ପସ୍ ପର୍ବତଶ୍ରେଣୀ ଓ ଅନ୍ୟ ଦିଗରେ ଭୂମଧ୍ୟସାଗର । ଏହାର ରାଜଧାନୀ ରୋମ ନଗର—Italy.
Iṭāli

ଇଟାଳିଆ — ଦେ. ବଣ—୧ । ଇଟା ପରି ଫିକା ରଙ୍ଗଯୁକ୍ତ—
Iṭāḷiā 1. Of the colour of brick.

ନାଚେ ଇଟାଳିଆ ଘୋଡ଼ାକ ଉରଙ୍ଗ
ଲେଲ୍ଲେ ଚଢ଼ା ହୟ କେଶର ସୁରଙ୍ଗ । ଅଜୟଚନ୍ଦ୍ର, ଶ୍ୱେତଦ୍ୱୀପବୀଣା ।

୨ । ଇଟା ପରି ଟାଣୁଆ — 2. As hard as brick.

ଇଟାଲୀୟ—ଦେ. ବଣ—ଇଟାଲି ଦେଶୀୟ —
Iṭāliya Italian.

ଇଟାସୁନା—ଦେ.ବ— ଖଣିରେ ତରଳା ହେବା ପରେ ଇଷ୍ଟକାକାରରେ ପ୍ରସ୍ତୁତ ହୋଇଥିବା ସୁନା ଖଣ୍ଡ—
Iṭāsunā Nuggets of gold
ইটাসোনা

ଇଟିଅଳା— ପ୍ରାଦେ. (କଟକ) ବ— ଇଟଳା ( ଦେଖ )
Iṭiaḷā Iṭaḷā ( See )

ଇଟିକାର— ଦେ. ବ ( ମାଦଳା ପାଞ୍ଜିରେ ବ୍ୟବହୃତ )— ଯୋଦ୍ଧା—
Itikāra Warrior.

ଇଟ୍ୟଳା—ପ୍ରାଦେ. (କଟକ) ବ - ଇଟଳା ( ଦେଖ )
Iṭyaḷā Iṭaḷā ( See )

ଇଠାଇଁ— ପ୍ରାଦେ. (ପୁରୀ ଓ କଟକ). ଅ. (ସଂ. ଏତଦ୍ ଓ ସ୍ଥାନ)—
Iṭhāiñ ଏଠାରେ; ଏହି ସ୍ଥାନରେ—
Here; in this place.

ଇଠାଫଳ—ଦେ. ବ—ଲୁଗା ଆଦି ସଫା କରିବା ନିମନ୍ତେ ବ୍ୟବହୃତ ଏକ ଜାତୀୟ ଫଳ; ରିଠା—
Iṭhāphaḷa The soap-nut.

ଇଠି—ପ୍ରାଦେ. ( ପୁରୀ ଓ କଟକ ). ଅ— ଏଠାରେ; ଏହି ସ୍ଥାନରେ—
Iṭhi Here; in this place.

ଇଠିଁ—ପ୍ରାଦେ (ପୁରୀ. ଓ କଟକ) ଅ—(ସଂ. ଏତଦ୍ ଓ ସ୍ଥାନ)—
Iṭhiñ ଇଠାଇଁ (ଦେଖ)
Iṭhāiñ (See)

ଇଠେଁ - ଗ୍ରା. ସର୍ବନାମ. (ସଂ ଏତଦ୍ ଓ ସ୍ଥାନ)—ଇଠାଇଁ (ଦେଖ)
Iṭheñ Iṭhāiñ (See)

ଇଠେଇଁ — ଗ୍ରା. ସର୍ବନାମ (ସଂ. ଏତଦ୍ ଓ ସ୍ଥାନ)— ଇଠାଇଁ (ଦେଖ)
Iṭheiñ Iṭhāiñ (See)

ଇଠେଇଁ ସିଠେଇଁ—ଗ୍ରା. ଅ.—୧ । ଏଠାରେ; ସେଠାରେ—
Iṭheiñ siṭheiñ 1. Here and there.
এখানে ওখানে
इतउत; इधर उधर
୨ । ସବୁ ସ୍ଥାନରେ— 2. At all places.

ଇଠେଇଁ ସିଠେଇଁ ହେବା—ଦେ. କ୍ରି.—ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆସିବା କରିବା—To move from one place to another; not to remain stationary at one place.
Iṭheiñ siṭheiñ hebā
এখানে ওখানে হওয়া
इधर उधर होना

ଇଡ଼ା—ସଂ. ବ. ସ୍ତ୍ରୀ (ଇଲ ଧାତୁ=ଯିବା + କର୍ତ୍ତୃ. ଅ + ସ୍ତ୍ରୀ. ଆ) —
Irḍā ୧ । ପୃଥିବୀ—1. The earth.

୨ । ଧେନୁ—2. Cow.

୩ । ବାଣୀ—3. Speech.

୪ । ଗତି—4. Speed.

୫ । ଶରୀରର ବାମ ଭାଗସ୍ଥ ରକ୍ତ ଓ ବାୟୁ ବାହକ ନାଡ଼ିବିଶେଷ —5. An artery or nerve said to run on the left side of the spinal chord conveying the vital spirit of the body.

[ ଦ୍ର— ଯୋଗଶାସ୍ତ୍ର ମତରେ ମେରୁଦଣ୍ଡର ବାମ ପାଖରେ ଇଡ଼ା ଓ ଦକ୍ଷିଣ ପାଖରେ ପିଙ୍ଗଳା ଓ ମଝିରେ ସୁଷୁମ୍ନା ନାଡ଼ି ରହିଅଛି ଓ ସେହି ସବୁ ନାଡ଼ି ମଧ୍ୟରେ ବାୟୁ ନାକ ବାଟେ ଯିବା ଆସିବା କରୁଅଛି । ଇଡ଼ା ନାଡ଼ିକୁ ଚନ୍ଦ୍ର ନାଡ଼ି ଓ ପିଙ୍ଗଳାକୁ ସୂର୍ଯ୍ୟନାଡ଼ି ମଧ୍ୟ ବୋଲି ଯାଏ । ବାମ ନାସାବାଟେ ନିଶ୍ୱାସ ଯିବା ଆସିବା କଲାବେଳେ ଇଡ଼ା ନାଡ଼ୀ, ଦକ୍ଷିଣ ନାସା ବାଟେ ନିଶ୍ୱାସ ଯିବା ଆସିବା କଲାବେଳେ ପିଙ୍ଗଳା ନାଡ଼ି ଓ ଦୁଇ ନାକରେ ସମାନ ଭାବରେ ନିଶ୍ୱାସ ଯିବା ଆସିବାବେଳେ ସୁଷୁମ୍ନା ନାଡ଼ିର ପ୍ରାବଲ୍ୟ ଥାଏ । ଇଡ଼ା ନାଡ଼ିରେ ନିଶ୍ୱାସ ଯିବାବେଳେ ଶୋଇବ, ପ୍ରସାବ କରିବ ଓ ପିଙ୍ଗଳାରେ ନିଶ୍ୱାସ ଯିବାବେଳେ ଖାଇବ, ଝାଡ଼ା ଫେରିବ ଓ ସୁଷୁମ୍ନାରେ ନିଶ୍ୱାସ ଯିବାବେଳେ ଯୋଗସାଧନ କରିବ । ]

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଣ' ନ ମିଳିଲେ 'ଗାଣ' ଖୋଜିବେ; 'କୁଶ' ନ ମିଳିଲେ 'କୃଶ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୬ । ଇକ୍ଷ୍ୱାକୁଙ୍କ କନ୍ୟା; ବୁଧଙ୍କ ପତ୍ନୀ—
6. The daughter of Ikshwāku married to Budha.

୭ । ଦକ୍ଷକନ୍ୟା; କଶ୍ୟପଙ୍କ ପତ୍ନୀ—
7. The daughter of Daksha married to Kasyapa.

୮ । ସ୍ୱର୍ଗ—8. Heaven.

୯ । ମନୁଙ୍କ ପତ୍ନୀ ( ଖଣ୍ଡ ପ୍ରଳୟ ପରେ ଏହାଙ୍କ ଗର୍ଭରେ ପୁନର୍ବାର ମନୁଙ୍କ ବଂଶର ଉତ୍ପତ୍ତି ହେବ । )
9. Name of the wife of Manu.

ଦେ. ବି.— ଇଡ଼ିବା; ତରଳପଦାର୍ଥ ଗଳିବା—
Spilling of liquid.

ବିଣ.—ତରଳପଦାର୍ଥ ଗଳି ଯାଇଥିବା; ଇଡ଼ିଯାଇଥିବା—
Spilt (said of liquid)

**ଇଡ଼ାଇବା**—ଦେ. କ୍ରି. (ଇଡ଼ିବା କ୍ରିୟାର ପ୍ରଯୋଜକରୂପ)—
Irdāibā — ଅନ୍ୟଦ୍ୱାରା ଇଡ଼ିବା କ୍ରିୟା କରାଇବା—
To cause to be spilt.

ଅନେକ ତରଳ ଇଡ଼ାଇଲେ—ବସ୍ତୁନାଥ. ବଡ଼କବ୍ରମାନ୍ଦର ।

**ଇଡିଅମ୍**—ବୈଦେ. ବି. (ଇଂ)—ବଶିଷ୍ଟାର୍ଥଯୁକ୍ତ ବାକ୍ୟ—
Idiam — Idiom.

[ ଦ୍ର—ପ୍ରତି ଭାଷାରେ ବଶିଷ୍ଟାର୍ଥଯୁକ୍ତ ବଶିଷ୍ଟ ବାକ୍ୟମାନ ତତ୍ତତ୍ ଭାଷାର ବିଶେଷତ୍ୱ । ଏହି ବାକ୍ୟମାନଙ୍କୁ ଅନ୍ୟ ଭାଷାରେ ଅକ୍ଷରଶଃ ଅନୁବାଦ କଲେ ତହିଁର ମୌଳିକ ଅର୍ଥ ଅକ୍ଷୁଣ୍ଣ ରହେ ନାହିଁ । ]

**ଇଡିଅମେଟିକ୍**—ବୈଦେ. ବିଣ. (ଇଂ)—(ଯେଉଁ ବାକ୍ୟ) ବଶିଷ୍ଟାର୍ଥରେ
Idiametik — ପ୍ରଯୁକ୍ତ—Idiomatic.

**ଇଡ଼ିକା**—ପ୍ରାଦେ. (ଗଞ୍ଜାମ) ବି.—ଏକପ୍ରକାର ଛେଳି—
Irdikā — A kind of goat in the district of Ganjam.

ଇଡ଼ିକା ଛେଳି ଦୁଧ ସମସ୍ତେ ଖାଇବେ—କୃଷ୍ଣସିଂହ. ମହାଭାରତ. ବନ ।

**ଇଡ଼ିବା**—ଦେ. କ୍ରି.—୧ । (ତରଳପଦାର୍ଥ) ଗଳିବା; କୌଣସି ପାତ୍ରରୁ
Irdibā — ଜଳ ଆଦି ଗଳିବା—
ঢালা — 1. To spill.
छलकाना — ୨ । ଅଜାଡ଼ିବା—2. To pour.

ସଙ୍କୁସ୍ତ ଇଡ଼ିଲେ ତହିଁ ସୁବାସିତ କ୍ଷୀର—ସାରଳା ମହାଭାରତ. ଉଦ୍ଯୋଗ ।

**ଇଡ଼ିହେବା**—ଦେ. କ୍ରି.—୧ । ପୂର୍ଣ୍ଣ ପାତ୍ରରୁ ଜଳାଦି ତଳକୁ ଗଳି
Irdihebā — ହୋଇଯିବା—1. To be spilt from a
ঢেলে যাওয়া; বোয়ে যাওয়া — overful pot
छलकना — ୨ । ( ଲକ୍ଷଣାର୍ଥ ) ମନ ମୋଟ ହେବା; ଗର୍ବରେ ଫୀତ ହେବା—2. To be swollen with pride.

[ ଦ୍ର—କୌଣସି ପିଲା ଅତି ଗେଲବସର ହୋଇ ବା ଗର୍ବ ହେବାରୁ ଔଦ୍ଧତ୍ୟ ଦେଖାଇଲେ ଗ୍ରାମ୍ୟଲୋକେ କହନ୍ତି, "ଏ ବସରରୁ ଇଡ଼ି ହୋଇଯାଉଛି ।" ]

**ଇଡେନ୍**—ବୈଦେ. ବି. (ନାମ)—(ଇହୁଦୀ ଭାଷା) ମୁସଲମାନ ଓ ଖ୍ରୀଷ୍ଟାନ
Iden — ମାନଙ୍କର ଧର୍ମଶାସ୍ତ୍ର ଅନୁସାରେ ଈଶ୍ୱର ପ୍ରଥମସୃଷ୍ଟ ଦମ୍ପତି ( ଆଦମ୍ ଓ ଇଭ୍ )ଙ୍କୁ ଯେଉଁ ବଗିଚାରେ ରଖିଥିଲେ—
The garden of Eden.

**ଇଡ୍ୟ**—ସଂ. ବିଣ. ପୁଂ. ( ଇଡ଼ ଧାତୁ=ସ୍ତୁତି କରିବା+କର୍ମ. ଯ —
Idya — ସ୍ତୁତି କରିବା ଯୋଗ୍ୟ; ସ୍ତୁତ୍ୟ; ପୂଜ୍ୟ—
(ଇଡ୍ୟା—ସ୍ତ୍ରୀ) — Worshippable.

**ଇଣ୍ଟର୍ କ୍ଲାସ୍**—ବୈଦେ. ବି. ( ଇଂ. ଇଣ୍ଟର୍‌ମିଡ଼ିଏଟ୍‌ର ସଂକ୍ଷେପ ଇଣ୍ଟର୍+
Intar klās — କ୍ଲାସ୍ )—ରେଳ ଆଦିରେ ଯାତ୍ରୀଙ୍କ ପାଇଁ ନିର୍ଦ୍ଦିଷ୍ଟ
ইণ্টরকাস — ୨ୟ ଓ ୩ୟ ଶ୍ରେଣୀର ମଧ୍ୟବର୍ତ୍ତୀ ଶ୍ରେଣୀବିଶେଷ—
इण्टरक्लास — Inter class.

**ଇଣ୍ଟରମିଡିଏଟ୍**—ବୈଦେ. ବିଣ. ( ଇଂ )—ଦୁଇ ଶ୍ରେଣୀର ମଧ୍ୟବର୍ତ୍ତୀ—
Intarmidiet — Intermediate.
ইণ্টরমিডিএট
इण्टरमिडिएट

**ଇଣ୍ଡା**—ପ୍ରାଦେ. ( ଗଞ୍ଜାମ ) ବି—ଚୁଲିହଣ୍ଡା—
Indā — The knob of an oven.

**ଇଣ୍ଡିଆ**—ବୈଦେ. ବି. ( ଇଂ. )—ଭାରତବର୍ଷ—
India — India.
ইণ্ডিআ
हिन्द

**ଇତ**—ସଂ. ବିଣ—୧ । ( ଇ ଧାତୁ=ଯିବା; ପାଇବା+କର୍ତ୍ତୃ. ତ )—
Ita — ଗତ—1. Gone.
୨ । ପ୍ରସ୍ଥିତ—2. Departed.
୩ । ପ୍ରାପ୍ତ—3. Got; attained
୪ । ( +କର୍ମ. ତ )—ଜ୍ଞାତ—4. Known.
୫ । ଲବ୍ଧ—5. Obtained.

**ଇତଃ**—ସଂ. ଅ. (ଇଦମ୍+୫ମୀ ଓ ୭ମୀ ବିଭକ୍ତିରେ. ତସ୍)—
Itah — ଏଠାରୁ—From this place; hence.

**ଇତଃପର**—ସଂ. ଅ. ( ଇତସ୍+ପର )—ଏହାପରେ—
Itahpara — Henceforth.

**ଇତର**—ସଂ. ବିଣ. ( ଇ=ଇଚ୍ଛା+ତୃ . ଧାତୁ=ପାର ହେବା+କର୍ତ୍ତୃ.
Itara — ଅ )—୧ । ନୀଚ; ଅଧମ; ପାମର—
1. Low; inferior; vulgar.
୨ । ଅନ୍ୟ; ଭିନ୍ନ; ଅପର—
2. Another; other; different.

**ଇତରଜନ**—ସଂ. ବି. ( କର୍ମଧା )—୧ । ସାଧାରଣ ବ୍ୟକ୍ତି—
Itarajana — 1. The mass; common people.
୨ । ଭଦ୍ର ବ୍ୟକ୍ତି ଅପେକ୍ଷା ନୀଚ ବ୍ୟକ୍ତି—
2. Vulgar person.
୩ । ଛୋଟ ଲୋକ—3. Low people.

ଇତର ଜନର ବଶ ଇତର । ଭଞ୍ଜ—ପ୍ରେମସୁଧାନିଧି ।

| ୧ | ଇ | ଋ | ଗ,ଙ୍ | ଃ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଣ | ଢ | ଶ,ଷ | ଛ | ଇସ୍ | ଭ୍ୟ | ଡ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଈ | ଋ | ଌ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଞ | ଯ | ସ | ଙ୍ | ଇଅ | ଂ | ଜ୍ଞ |

**ଇତରଥା**—ସଂ. ଅ. ( ଇତର+ପ୍ରକାରାର୍ଥେ. ଥା —ଅନ୍ୟଥା (ଦେଖ)
**Itarathā** Anyathā ( See )

**ଇତରବିଶେଷ**—ସଂ. ବି ( ଦ୍ୱନ୍ଦ୍ୱ; ଇତର+ବିଶେଷ )—
Itarabiśesha ୧ । ଭେଦାଭେଦ; ଭିନ୍ନତା—
1. Distinctness; disparity
୨ । ଅନ୍ୟଠାରୁ ବିଶେଷତ୍ୱ—2 Individuality.
୩ । ପାର୍ଥକ୍ୟ—3. Difference.

**ଇତରବିଶେଷ କରିବା**—ଦେ. କି -ଭିନ୍ନ ବୋଲି ଧରିବା—
Itarabiśesha karibā To make a distinction

**ଇତରବିଶେଷ ହେବା**—ଦେ. କି—ଅନ୍ୟ ବସ୍ତୁଠାରୁ ଭିନ୍ନ ହେବା—
Itarabiśesha hebā To differ; to be different from any other thing.

**ଇତରବ୍ୟବହାର**—ସଂ. ବି. ( ୬ଷ୍ଠୀ ତତ୍; ଇତର+ବ୍ୟବହାର )—
Itarabyabahāra ୧ । ଶ୍ରେଷ୍ଠ ଲୋକଙ୍କ ବ୍ୟବହାର—
1. Vulgar behaviour.
୨ । ନୀଚ ବ୍ୟବହାର—2. Low or mean conduct.

**ଇତରଭାଷା**—ସଂ. ବି. ( ମଧ୍ୟପଦଲୋପୀ )—
Itarabhāshā ୧ । ଇତରଜନ ବ୍ୟବହୃତ ଭାଷା—
1. Vulgar language.
୨ । ଅଶିଷ୍ଟ ଭାଷା—2. Rude language.

**ଇତର ସାଧାରଣ**—ସଂ. ବି. ( ଇତର+ସାଧାରଣ)—
Itara sādhārana ୧ । ଅଧମ ସାଧାରଣ ବ୍ୟକ୍ତି—
1. The ordinary public.
୨ । ଭଦ୍ରଲୋକଙ୍କ ଛଡ଼ା ଜନସାଧାରଣ—
2. The vulgar many; the mass.

**ଇତରୁଡ଼ି**—ଗ୍ରା. ବି—ଇତୁରୁଡ଼ି ( ଦେଖ )
Itarurdi Iturur̲di ( See )

**ଇତରେତର**—ସଂ. ବିଣ. (ଦ୍ୱନ୍ଦ୍ୱ; ଇତର+ଇତର)—ପରସ୍ପର ସମ୍ପର୍କୀୟ-
Itaretara Mutual.
ସ. ସର୍ବନାମ—ପରସ୍ପର: ଅନ୍ୟୋନ୍ୟ—
One another; each other.
କି. ବିଣ—ଅନ୍ୟୋନ୍ୟରେ—Mutually.

**ଇତରେତରଦ୍ୱନ୍ଦ୍ୱ**—ସ. ବି. ( ବ୍ୟାକରଣ ) ଦ୍ୱନ୍ଦ୍ୱସମାସବିଶେଷ; ଅନେକ-
Itaretaradwandwa ସ୍ୱତନ୍ତ୍ର ବିଶେଷ୍ୟର ପରସ୍ପର ଯୋଗରେ ହେବା ସମାସ—( ଯଥା; ପତ୍ର, ପୁଷ୍ପ ଫଳ; ଇତ୍ୟାଦି)
( grammar ) Juxtrapositional compound ( samāsa ) of several nouns together.

**ଇତରେତରାଶ୍ରୟ**—ସଂ. ବି. ( ଇତରେତର+ଆଶ୍ରୟ )—ପରସ୍ପରାଶ୍ରୟ;
Itaretarāśraya ପରସ୍ପର ପରସ୍ପରକୁ ଅବଲମ୍ବନ—
Mutual dependence.

**ଇତରେଦ୍ୟୁଃ**—ସଂ. ଅ. ( ଇତର=ଅନ୍ୟ+ଦିନ ଅର୍ଥରେ.ଏଦ୍ୟୁସ୍ )—
Itaredyuḥ ଅନ୍ୟଦିନେ; ଅନ୍ୟଦିନେ—
On another day; some other day.

**ଇତଃ**—ସଂ. ଅ. ( ଇଦମ୍=ଏହି+୫ମୀ ଓ ୭ମୀ ବିଭକ୍ତି ଅର୍ଥରେ
Itaḥ ତସ୍ )—୧ । ଏଠାରୁ—
1. From this place; from here.
୨ । ଏଠାରେ —2. In this place

**ଇତସ୍ତତ**—ଦେ. ଅ. ( ସଂ. ଇତସ୍ତତଃ )—ଇତସ୍ତତଃ ( ଦେଖ )
Itastata Itastataḥ ( See )
ବଣାକୁ ବସ୍ତ୍ରାଦି ଠଣାକୁ ପଳାଯିବି ଅସରବତି ଇତସ୍ତତ ସେ—
ଭକ୍ତ- ବୈଦେହୀଶବିଳାସ ।

**ଇତସ୍ତତଃ**—ସଂ. ଅ. (ଇତଃ=ଏଠାରେ+ତତଃ=ସେଠାରେ)—
Itastataḥ ଏଠାରେ ସେଠାରେ; ଏଣେ ତେଣେ; ଘୂରି ଅଡ଼େ—
Here and there; up and down; to and fro; round about; hither and thither; from pillar to post.
ଦେ. ବିଣ—୧ । ଏଣେତେଣେ ବିକ୍ଷିପ୍ତ—
1. Strewn here and there.
୨ । ଦ୍ୱିଧାଯୁକ୍ତ—2. Hesitating.
ଦେ. ବି —ଦ୍ୱିଧାଭାବ—
Hesitancy; shilly-shallying.

**ଇତସ୍ତତ କରିବା**—ଦେ. କି —ଦ୍ୱିଧା କରିବା—
Itastata karibā To hesitate.
ইতস্তত করা
আগাপিছা করনা

**ଇତସ୍ତତ ହେବା**—ଦେ. କି— ଇତସ୍ତତ କରିବା ( ଦେଖ )
Itastata hebā Itastata karibā ( See )

**ଇତା**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ. ( ଅନାଦରାର୍ଥ )—
Itā ୧ । ଏହିଟା—1. This ( in contempt ).
୨ । ଏହି ବ୍ୟକ୍ତିଟା—2. This person.

**ଇତାର**—ପ୍ରାଦେ. ( ସମ୍ବଲପୁର ) ସର୍ବନାମ. (ଅନାଦରାର୍ଥେ)—ଏହିଟାର;
Itār ଏହି ବ୍ୟକ୍ତିଟାର; ଏହାର—Of this person.

**ଇତାଲି**—ବୈଦେ. ବି. ନାମ—ଇଟାଲି ଦେଶ—
Itāli Italy.

**ଇତାଲୀୟ**—ଦେ. ବିଣ—ଇଟାଲିଦେଶବାସୀ—
Itāliya Resident of Itạly.
(ଯଥା—ଇଟଲିର ସ୍ୱାଧୀନତା ଇତାଲୀୟ ଯୁବା ନାମରେ ଗୋଟିଏ ଦଳ ଗଢ଼ିଥିଲେ । )

**ଇତି**—ସଂ. ଅ. ( ଇ. ଧାତୁ=ଗମନ କରିବା+ଭାବ. ତି )—
Iti ୧ । ଏ ହେତୁ; ଅତଏବ—
1. Thus; therefore.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ନେଇ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନୁସନ୍ଧାନ କରିବେ । ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼ୀ' ନ ମିଳିଲେ 'ଶାଢି' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ତଂତ୍ରୀ' ନ ପାଇଲେ 'ତନ୍ତ୍ରୀ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୨ । ଏହିଠାରେ ଅବସାନ ଓ ସମାପ୍ତି ହେଲା—
2. It ends; thus far and no further; here ends the matter; conclusion; finish.

ଇତି ଜୟଦେବ ବର୍ଣ୍ଣିଲେ ରହସ୍ୟ ବପ୍ରଲବ୍ଧା ଅନ୍ତ ଭାଗ—ପ୍ରାଚୀ. ରସବାରିଧି ।

୩ । ଏହିପ୍ରକାର—3. In this manner.
୪ । ଏତେମାତ୍ର—4. This much; so much.
୫ । ଏହା; ଏହି; ଏହିପରି—5. This; thus.

ଯେମନ୍ତ କାଶେ ଶୋକ ମୋହ; ଇତି ସକଳି ଜାତ କହ—ଜଗନ୍ନାଥ. ଭାଗବତ ।

ବିଦେ. ବି—୧ । ସମାପ୍ତି—1 Conclusion.
୨ । ଶେଷ—2. The end; finish.

[ ଦ୍ର—ନିମ୍ନଲିଖିତ ଅର୍ଥରେ 'ଇତି' ବ୍ୟବହୃତ ହୁଏ—ସ୍ୱରୂପ, ସାନ୍ନିଧ, ବିବକ୍ଷାନିୟମ, ପ୍ରତ୍ୟକ୍ଷ, ଅବଧାରଣ, ହେତୁ, ପ୍ରକାର, ପ୍ରକର୍ଷ, ସମାପ୍ତି ଓ ଉପକ୍ରମ । ପତ୍ରାଦି ଶେଷରେ ଇତି ବା ନିବେଦନ ଇତି ଲେଖାଯାଏ । ଏହାର ଅର୍ଥ ମୋର ଯାହା କହିବାର ଥିଲା ତାହା ଏହିଠାରେ ଶେଷ ହେଲା । ]

**ଇତିକଥା**—ସ. ବି. ସ୍ତ୍ରୀ ( ଇତି = ଏହି + କଥା, କଥା ଏତିକି; ବସ୍ତୁତଃ ଏଥିରେ କୌଣସି ସାର ନାହିଁ )—
Iti katha
ଉପକଥା; ବୃଥା କଥା; ନିରର୍ଥକ କଥନ; ଅର୍ଥଶୂନ୍ୟ ବାକ୍ୟ—
Unmeaning or nonsensical discourse; meaningless jargon.

**ଇତି କରିବା**—ଦେ. କ୍ରି—(କୌଣସି ବିଷୟ) ଶେଷ କରିବା—
Itikariba To finish; to end; to stop; to
ইতিকরা conclude (a matter).

**ଇତିକର୍ତ୍ତବ୍ୟ**—ସ. ବିଣ. (ଇତି = ଏହା + କର୍ତ୍ତବ୍ୟ = କରିବା ଉଚିତ)—
Itikarttabya ୧ । କୌଣସି ବିଷୟ ବା କାର୍ଯ୍ୟ କରିବାକୁ ଯାହା
(ଇତିକର୍ତ୍ତବ୍ୟତା—ବି) ଯାହା କର୍ତ୍ତବ୍ୟ ବା କରିବା ଉଚିତ—
1. That which is proper or necessary to be done; necessary (acts
୨ । କୌଣସି ବିଷୟ କରିବାକୁ ହେଲେ ଆନୁସଙ୍ଗିକ ଯାହା କରିବାକୁ ପଡ଼େ—2. That which has to be done as an adjunct to a work
ଦେ. ବିଣ—୧ । ଅବଶ୍ୟ କର୍ତ୍ତବ୍ୟ କାର୍ଯ୍ୟ—
1. Duty; obligation.
୨ । କର୍ତ୍ତବ୍ୟାକର୍ତ୍ତବ୍ୟ ନିର୍ଦ୍ଧାରଣ—
2. Decision as to what to do and what not to do.

**ଇତିକର୍ତ୍ତବ୍ୟତା**—ସ. ବି. ସ୍ତ୍ରୀ ( ଇତିକର୍ତ୍ତବ୍ୟ + ଭାବ. ତା )—
Itikarttabyata ୧ । ଏହାହିଁ କର୍ତ୍ତବ୍ୟ ଏବମ୍ଭୂତ ଜ୍ଞାନ—
1 Fitness or propriety of an act,
୨ । କୌଣସି କାର୍ଯ୍ୟ କରିବା ନିମନ୍ତେ ଅତ୍ୟାବଶ୍ୟକ କର୍ତ୍ତବ୍ୟ କାର୍ଯ୍ୟ; ବାଧ୍ୟତା—2. Necessary duty; obligation.

୩ । କର୍ତ୍ତବ୍ୟ ବା ଉଚିତ କର୍ମ—
3. Any proper or necessary measure.

**ଇତିକର୍ତ୍ତବ୍ୟବିମୂଢ଼**—ସ. ବିଣ. ପୁଂ (୭ମୀ ତତ୍; ଇତି କର୍ତ୍ତବ୍ୟ ବିଷୟରେ ବିମୂଢ଼ )—
Itikarttabyabimurdha
(ଇତିକର୍ତ୍ତବ୍ୟବିମୂଢ଼ା—ସ୍ତ୍ରୀ) ଉପସ୍ଥିତ ଘଟଣାରେ କଅଣ କପର କରିବା ଉଚିତ ଏହା ନିର୍ଣ୍ଣୟ କରିବାରେ ଅସ୍ଥିରଚିତ୍ତ—
At a loss; not knowing what to do; confounded as to the mode of procedure.

**ଇତିବୃତ୍ତ**—ସ. ବି. (ଇତି = ଏହି ପ୍ରକାର + ବୃତ୍ତ = କଥିତ; ବର୍ଣ୍ଣିତ)—
Itibrutta ୧ । ଇତିହାସ; ପୁରାବୃତ୍ତ; ଅତୀତବୃତ୍ତାନ୍ତ—
1. History.
୨ । ବର୍ଣ୍ଣନା—2. Description.
୩ । ଘଟନା—3. Event; occurrence.

**ଇତିମଧ୍ୟେ**—ସ. ଅ. ( ଇତି + ମଧ୍ୟେ )—
Itimadhye ୧ । ଏଥି ମଧ୍ୟରେ; ଏହି ସମୟ ମଧ୍ୟରେ—
ইতিমধ্যে 1. Meanwhile; in the mean
इतनेमे time.
୨ । ଏହି ଅବସର ମଧ୍ୟରେ—
2. In the interval.

**ଇତିହ**—ସ. ଅ. (ଇତି = ଏହିପରି + ହ = ସମାଗ୍ରହ)—
Itiha ୧ । ଗଳ୍ପ—1. Story
୨ । ପୁରାତନ କଥା; କିମ୍ବଦନ୍ତୀ; ପରମ୍ପରାଗତ ବଚନ—
2. Tradition; old stories; legend.
୩ । ଜନଶ୍ରୁତି—3. Rumour; hearsay.
୪ । ପ୍ରବଚନ; ଢଗ—4. Adage; proverb.

**ଇତିହା**—ସ. ଅ—ଇତିହ ( ଦେଖ )
Itiha Itiha ( See )

**ଇତିହାସ**—ସ. ବି. (ଇତିହ = ପୁରାତନ କଥା + ଅସ୍ ଧାତୁ = ହେବା + ଅଧିକରଣେ. ଅ; ଯହିଁରେ ପରମ୍ପରା ଗତ ଉପଦେଶ ଥାଏ—
Itihasa
୧ । ପୁରାବୃତ୍ତ; ଇତିବୃତ୍ତ; ପ୍ରାଚୀନ କାଳର ବିଷୟ ବର୍ଣ୍ଣନାତ୍ମକ ଗ୍ରନ୍ଥ—1. History
୨ । ପୁରାତନ ଉପାଖ୍ୟାନ—2. Legend; story.

**ଇତି ହେବା**—ଦେ. କ୍ରି—ସମାପ୍ତ ହେବା; ସରିବା—
Iti heba To end; to come to a close.

ତାର ପଢ଼ା ଇତି ହେଲା—କୁନ୍ତଳାକୁମାରୀ. ନଅଭୂଣ୍ଡ୍ରୀ ।

**ଇତୁରୁଡ଼ି**—ଦେ. ବିଣ ( ସଂ. ନାମ—ଫଳକଣ୍ଟକ )—
Iturudi ଏକ ଜାତୀୟ ଲତା ଅର୍କାଦି ବର୍ଗର ବନ୍ୟ ଗୋହିଣୀ
ছাগলবাঁটি; ବିଶେଷ; ପ୍ରତ୍ୟେକ ଫୁଲରୁ ଛୋଟର ଦୁଇ ଭଳ ଯୋଡ଼ା
ছাগলাবাঁটা ଯୋଡ଼ା ଫଳ କ ହାରେ । ଏହା ଦୁର୍ଗନ୍ଧ ଓ ଲୋମଶ)—
उत्तरन; युतुक; Cynanchum Callialata; Doemia
शगोबानि extensa (Kirtikar).

ଇତୁରୁଡ଼ିକାଠି—ଦେ. ବି—ଇତୁରୁଡ଼ି ଲତାର କାଠି ( ଏହାକୁ ସନ୍ଧା ବା
Iturur*d*ikāthi ଶଲାକରୂପେ ବଥରେ ଦେଲେ ବଥର ଘଉର
ଫୋଲେଇ ଯାଇ ପୂଜ ବାହାର ଆସେ )—
The stem of the Iturur*d*i creeper used as a probe in boils.

ଇତୁରୁଳି—ଦେ. ବି—ଇତୁରୁଡ଼ି ( ଦେଖ )
Ituru*l*i Iturur*d*i ( See )

ଇତ୍କଟ—ସଂ. ବି—ଇଙ୍କଡ଼ ( ଦେଖ )
Itka*t*a Iṅkar*d*a ( See )

ଇତ୍ଥଂ—ସଂ. ଅ ( ଇଦଂ+ପ୍ରକାରାର୍ଥେ. ଥମ୍ )—
Ittham ଏହିପରି; ଏହି ପ୍ରକାର—
Likewise; thus.

ଇତ୍ଥଂଭୂତ—ସଂ ବିଣ. ( ଇତ୍ଥଂ+ଭୂ ଧାତୁ+କର୍ତ୍ତୃ. ତ)—୧ । ଏବମ୍ଭୂତ;
Itthambhūta ଏହିପ୍ରକାରର—1. Thus situate; similar to this.
୨ । ଏହିପ୍ରକାରେ ଜାତ—2. Produced in this way.

ଇତ୍ୱର—ସଂ ବିଣ. ପୁଂ (ଇ=ଗମନ କରିବା+ଶୀଳାର୍ଥେ. ବର; ତପାଗମ;
Itwara ଯେ ଇଚ୍ଛାରେ ସର୍ବତ୍ର ଗମନ କରେ )—
(ଇତ୍ୱରୀ—ସ୍ତ୍ରୀ) ୧ । ଗମନଶୀଳ—1. Moving.
୨ । ନୀଚ—2. Low; mean.
୩ । ଦୀନ; ଦରିଦ୍ର—3 Poor.
୪ । ନିଷ୍ଠୁର—4. Cruel.
ସଂ ବି.—ଷଣ୍ଢ; ବୃଷଭ—Bull.

ଇତ୍ୱରୀ—ସଂ ବି. ସ୍ତ୍ରୀ. (ଇତ୍ୱର=ସର୍ବତ୍ର ବିଚରଣଶୀଳ+ସ୍ତ୍ରୀ. ଈ)—
Itwari ୧ । କୁଳଟା; ଭ୍ରଷ୍ଟା ସ୍ତ୍ରୀ—1. An unchaste woman.
୨ । ଅସତୀ ସ୍ତ୍ରୀ—An adulteress.
ବିଣ. ସ୍ତ୍ରୀ.—ଇତ୍ୱରର ସ୍ତ୍ରୀଲିଙ୍ଗ—
Feminine of itwara.

ଇତ୍ୟବସରେ—ଦେ. କ୍ରି. ବିଣ.—୧ । ଇତି ମଧ୍ୟରେ—
Ityabasare 1. Meanwhile; in the mean time.
ইত্যবসরে ୨ । ଏହି ସମୟରେ—2. At this time
इतनेमें ୩ । ଏହି ସୁବିଧା ପାଇ—3. Finding this opportunity.
୪ । ଗୋଟିଏ ଘଟଣା ଘଟିବା ପରେ ଓ ଅନ୍ୟ ଘଟଣା ଘଟିବା ପୂର୍ବେ—4. In the interval between two events.

ଇତ୍ୟାକାର—ସଂ. ବିଣ. (ଇତି+ଆକାର)—ଏହିପ୍ରକାରର; ଏବମ୍ଭୂତ—
Ityākāra Of this form or character; similar to this.

ଇତ୍ୟାକାରିତ—ସଂ. ବିଣ. (ଇତ୍ୟାକାର+ଇତ)—ଇତ୍ୟାକାର (ଦେଖ)
**Ityākārita** **Ityākāra (See)**

ଇତ୍ୟାଦି—ସଂ. ଅ. ( ଇତି+ଆଦି )—୧ । ଏବଂ ଏହିପରି; ଏହିପରି
Ityādi ଅନ୍ୟାନ୍ୟ; ଅନ୍ୟ ବିଷୟମାନ—1. Etcetera; and others; so on; so forth.
[ ଦ୍ର—କେତେଗୁଡ଼ିଏ ବସ୍ତୁ, ପ୍ରାଣୀ, ବିଷୟ ବା କ୍ରିୟାର ନାମ ଉଲ୍ଲେଖ ପରେ 'ଇତ୍ୟାଦି' ଶବ୍ଦ ଯୁକ୍ତ ହେଲେ ପୂର୍ବବର୍ଣ୍ଣିତ ବିଷୟମାନଙ୍କ ତୁଲ୍ୟ ଅନ୍ୟାନ୍ୟ ବିଷୟ ବୁଝିବାକୁ ହୁଏ । ].
୨ । ସବୁପ୍ରକାରର—2. Of all sorts.
ତୁମ୍ଭେ ଯେ ଭୋଗାଦି ଈଶ୍ୱର
ଇତ୍ୟାଦି ଭୋଗେ ବାଞ୍ଛା କର—ଜଗନ୍ନାଥ, ଭାଗବତ ।
୩ । ସମସ୍ତ—3. All.
ସେ ସର୍ବେ କାମାର୍ଥ ଲଭନ୍ତି
ଇତ୍ୟାଦି ପାପ ବିନାଶନ୍ତି—ଜଗନ୍ନାଥ, ଭାଗବତ ।

ଇତ୍ରୁଡ଼ି—ଗ୍ରା. ବି.—ଇତୁରୁଡ଼ି (ଦେଖ)
Itrur*d*i Iturur*d*i (See)

ଇତ୍ରୁଳି—ଗ୍ରା. ବି.—ଇତୁରୁଡ଼ି (ଦେଖ)
Itru*l*i Iturur*d*i (See)

ଇଥର୍—ବୈଦେ. ବି (ଇଂ. ଇଥର୍)—୧ । ଆକାଶବ୍ୟାପୀ ବାଷ୍ପମୟ ସୂକ୍ଷ୍ମ-
Ithar ପଦାର୍ଥବିଶେଷ—1. Ether.
[ ଦ୍ର—ପୃଥିବୀର ଚାରିପାଖେ ବେଢ଼ିଥିବା ବାୟୁମଣ୍ଡଳକୁ ଛାଡ଼ି ଶୂନ୍ୟମଣ୍ଡଳଟି ଇଥରରେ ପୂର୍ଣ୍ଣ ଥିବା ବିଷୟ ଆଧୁନିକ ପଣ୍ଡିତମାନେ ସିଦ୍ଧାନ୍ତ କରିଅଛନ୍ତି । ]
୨ । ଏକପ୍ରକାରର ରାସାୟନିକ ବାଷ୍ପ ଓ ଦ୍ରବ ( ଯାହା ଶୀଘ୍ର ଉଡ଼ିଯାଏ )—
2. Rectified spirit.
ପ୍ରାଦେ. ( ସମ୍ବଲପୁର ) ଅ.—ଆଜିକାଲି; ବର୍ତ୍ତମାନ—
Now-a-days.

ଇଥି—ପ୍ରାଦେ ( ସମ୍ବଲପୁର ) ସର୍ବନାମ—୧ । ଏଥି; ଏଥିରେ—
Ithi 1. In this.
୨ । ଏଠି; ଏଠାରେ—2. At this place; here.

ଇଥିବା—ଦେ ( ଓଡ଼ିଆ କୃଦନ୍ତପ୍ରତ୍ୟୟବିଶେଷ )—ଅତୀତ କାଳରେ
Ithibā ଧାତୁରୁ ଉତ୍ତର ଏହି ପ୍ରତ୍ୟୟ ହୋଇଥାଏ । (ଯଥା—କରିଥିବା; ଯାଇଥିବା; ଦେଇଥିବା )—
An affix which is joined to the verbal root expressing continuation of a past act.

ଇଦ୍—ବୈଦେ.ବି. (ଆ. ଇଦ୍)—ମୁସଲମାନମାନଙ୍କର ରମ୍‌ଜାନ୍ ମାସବ୍ୟାପୀ
Id ଦିନରେ ଉପବାସ ( ରୋଜା ) ପରେ ଉକ୍ତ ମାସର ଶେଷ ଦିନ କରାଯିବା ପର୍ବ—A Mahomedan festival.

ଇଦ୍‌ଗା—ବୈଦେ. ବି. (ଆ ଇଦ୍‌ଗାହ୍)—ଇଦପର୍ବ ସମୟରେ ମୁସଲମାନ-
Idgā ମାନେ ଏକତ୍ର ହୋଇ ଯେଉଁଠାରେ ନମାଜ ବା ପ୍ରାର୍ଥନା କରନ୍ତି । ( ଏହା ସାଧାରଣତଃ ବିସ୍ତୀର୍ଣ୍ଣ ପଡ଼ିଆ-

କୃଷ୍ଣନଗରେ ଓ ଅନ୍ୟ ବଡ଼ ବଡ଼ ମୁସଲମାନ ବସ୍ତି ନଗରରେ ବିସ୍ତୃତ ଇଦ୍‌ଗା ପଡ଼ିଆମାନ ଅଛି )—
An extensive field where Mahomedans congregate for prayer during Id.

**ଇଦ୍ଧ**—ସଂ. ବିଣ ( ଇନ୍ଧ ଧାତୁ = ଜଳିବା + କର୍ତ୍ତୃ. କ୍ତ )—
Iddha ୧ । ଦୀପ୍ତ—1. Lighted.
୨ । ଜଳୁଥିବା—Blazing; glowing.

**ଇଦମିତ୍ଥ**—ଦେ. ବି. ( ସଂ. ଇଦଂ = ଏହା + ଇତ୍ଥଂ = ଏପରି )—
Idamittha ନିଶ୍ଚୟତା—Certainty.
ଶ୍ଳୋକଗୁଡ଼ାକ ଲେଖିଦେଇ ଯାଏ, କି କାରଣରୁ ହୁଏ, ଇଦମିତ୍ଥ ନାହିଁ ।
ଫକୀରମୋହନ—ଗଳ୍ପସ୍ୱଳ୍ପ ।

**ଇଦାନି**—ଦେ. ଅ. ( ସଂ. ଇଦାନୀଂ )—ଇଦାନୀଂ ( ଦେଖ )
Idāni Idānim ( See )

**ଇଦାନୀଂ**—ସଂ. ଅ. ( ଇଦମ୍ = ଏହି + କାଳାର୍ଥେ. ଦାନିମ୍ ) ଅଧୁନା;
Idānim ବର୍ତ୍ତମାନ; ଅଳ୍ପଦିନହେଲା--Now a days; of late.

**ଇଦାନୀନ୍ତନ**—ସଂ. ବିଣ. ( ଇଦାନୀଂ + ଭବାର୍ଥେ. ତନ )—
Idānintana ୧ । ଅଧୁନାତନ; ନବ୍ୟ—1. Modern.
(ଇଦାନୀନ୍ତନା—ସ୍ତ୍ରୀ) ୨ । ଏବେ ହୋଇଥିବା—2. Recent; late.

**ଇଦାବତ୍ସର**—ସଂ. ବି.—ବୃହସ୍ପତିଙ୍କ ଗତି ଅନୁସାରେ ପ୍ରତି ୬୦ ବର୍ଷରେ
Idābatsara ୧୨ ଯୁଗ ହୁଏ ଓ ପ୍ରତି ଯୁଗରେ ୫ବର୍ଷ ଥାଏ । ଏହି ୫ବର୍ଷ ମଧ୍ୟରୁ ତୃତୀୟ ବର୍ଷର ନାମ—Name of one of the years according to the revolution of the planet Jupiter.
[ଦ୍ର—ଭାଗବତ ୩ୟ—୧୧।୧୪ ଦେଖ]

**ଇଧ**—ପ୍ରାଦେ (ସମ୍ବଲପୁର) ଅ. (ସଂ.ଏତତ୍ + ଦିକ୍ )—୧ । ଏ ଆଡ଼କୁ,
Idi ଏ ଦିଗକୁ—1. To this side.
୨ । ଏ ସ୍ଥାନକୁ —2. To this place.

**ଇଦିଗା**—ବୈଦେ. ବି. (ଅ)—ଇଦ୍‌ଗା (ଦେଖ)
Idigā Idgā ( See )

**ଇଦୁଜ୍ଜୋହା**—ବୈଦେ. ବି (ଅ)— ଇଦେକୋରବାନ୍ ( ଦେଖ )
Idujjohā Idekorabān (See)

**ଇଦୁଲ୍‌ଫିତର୍**—ବୈଦେ. ବି (ଅ)—ଇଦ୍ ( ଦେଖ )
Idulphitar Id (See)

**ଇଦେକୋର୍‌ବାନ୍**—ବୈଦେ.ବି (ଅ)—ମୁସଲମାନମାନଙ୍କ ବଳିଦାନ୍ ପର୍ବ
Idekorbān ( ଏହା ଜିଲହେଜ ମାସର ଶୁକ୍ଳଦଶମୀ ବା ଏକାଦଶୀ ଦିନ ପଡ଼େ । ଏ ପର୍ବରେ ଛେଳି, ଗୋରୁ ଓ ଓଟ ବଳି ଦେବାର ବିଧି କୋରାନରେ ଅଛି)—A festival of offering victims by Mahomedans.

**ଇଧର୍**—ପ୍ରାଦେ. (ସମ୍ବଲପୁର) ଅ. (ଭୂଲ ହି. ଇଧର୍)—ଏବେ—
Idhar Now-a-days.

**ଇଧୁଇଲ୍**—ପ୍ରାଦେ. (ସମ୍ବଲପୁର) ବି. (ହି. ଧୂଳ)—ଧୂଳି—
Idhuil Dust.

**ଇଧ୍ମ**—ସଂ.ବି. (ଇନ୍ଧ ଧାତୁ = ଜଳିବା + କର୍ତ୍ତୃ.ମ)—କାଠ,ଜାଳେଣିକାଠ—
Idhma Fuel.

**ଇନ୍**—ସଂ. (ପ୍ରତ୍ୟୟ—କୃଦନ୍ତ ପ୍ରତ୍ୟୟ ବିଶେଷ, ଯେ କରେ—
In 1. A suffix added to the roots ( of verbs )
[ ଦ୍ର—ଧାତୁରୁ ଉତ୍ତର କର୍ତ୍ତୃବାଚ୍ୟରେ ଇନ୍ ପ୍ରତ୍ୟୟ ହୁଏ ଯଥା—'କାମୀ', ଦାୟୀ, ଯାଠୀ ଇତ୍ୟାଦି । ]
୨ । ବିଶେଷ୍ୟ ପଦରେ ଯୁକ୍ତ ହେବା ଉଚିତ ପ୍ରତ୍ୟୟବିଶେଷ; ଯାହାର ଅଛି—2. A suffix added to nouns.
[ ଦ୍ର—ଶବ୍ଦର ଉତ୍ତର 'ଅଛି' ଅର୍ଥରେ ଏ ପ୍ରତ୍ୟୟ ଯୋଗ ହୁଏ, ଯଥା—ଅଭିମାନୀ, ଦାନୀ, ଗୁଣୀ, ଧନୀ ଇତ୍ୟାଦି । ]

**ଇନ୍‌କମ୍**—ବୈଦେ. ବି. (ଇଂ) ଆୟ—
Inkam Income

**ଇନ୍‌କମ୍ ଟିକସ**—ବୈଦେ. ବି. (ଇଂ ଇନ୍‌କମ୍ ଟାକ୍ସ)—ଆୟ ଉପରେ
Inkam ṭikasa ସରକାରଙ୍କର ଲବ୍ଧାରିତ ନିର୍ଦ୍ଦିଷ୍ଟ କର—
ইন্‌কম্ ট্যাক্স Income tax.
इनकम टेक्स

**ଇନ୍‌କମଟି**—ପ୍ରାଦେ (ଗଞ୍ଜାମ) ବି—ଇନ୍‌କମ୍ ଟିକସ (ଦେଖ)
Inkamaṭi Inkam ṭikasa (See)

**ଇନ୍‌କାର**—ବୈଦେ. ବି. (ଅ)—୧ । ଅସ୍ୱୀକାର—1 Denial.
Inkāra ୨ । ଇଙ୍କାର୍ (ଦେଖ)
ইন্‌কার 2. Iṅkāra (See)
इनकार

**ଇନ୍‌କୁଆରି**—ବୈଦେ.ବି. (ଇଂ. ଇନ୍‌କ୍ୱାଇରି)—ତଦନ୍ତ; ଅନୁସନ୍ଧାନ—
Inkuāri Enquiry.
ইনকারি
इनकुआरि

**ଇନ୍‌କେ**—ପ୍ରାଦେ. (ସମ୍ବଲପୁର) ଅ—୧ । ଏଣିକି; ଏ ଦିଗକୁ—
Inke 1. To this side.
୨ । ଅଧୁନା—2. At present; now-a-days.

**ଇନ୍‌କ୍ୱାରି**—ବୈଦେ. ବି.—ଇନ୍‌କୁଆରି (ଦେଖ)
Inkwāri Inkuāri (See)

**ଇନ୍‌ଡୋର ପେସେଣ୍ଟ୍**—ବୈଦେ. ବିଣ (ଇଂ. ଇନ୍‌ଡୋର୍ ପେସେଣ୍ଟ୍)—
Indor pesent ଯେଉଁ ମନୁଷ୍ୟ ଡାକ୍ତରଖାନାରେ ରହି ଚିକିତ୍ସିତ ହୁଅନ୍ତି—Indoor patient.
ইনড়োর পেসেন্ট
इनडोरपेसेन्ट
( ଆଉଟ୍‌ଡୋର୍ ପେସେଣ୍ଟ — ବିପରୀତ )

**ଇନ୍ ଫ୍ରାଞ୍ଚାଇଜ୍ଡ୍ ଇନାମ୍**—ପ୍ରାଦେ.ବୈଦେ (ଗଞ୍ଜାମ) ବି — (ଇଂ. ଏନ୍ ଫ୍ରାଞ୍ଚାଇଜ୍ଡ୍ + ଅ. ଇନାମ୍ )—
Inphrānchāijd inām ବାଜ୍ୟାପ୍ତି ଜାଗିର—Resumed jāgir lands.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଜ୍ଞ | ଇଯ୍ | ଢ଼ଅ | ଭ |
| ୨ | ଈ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଢ଼ | ନ୍ତ |

ଇନ୍‌ଫ୍ଲୁଏଞ୍ଜା —ବୈଦେ. ବ. (ଇଂ)—ଥଣ୍ଡାଜ୍ୱର; ଶର୍ଦ୍ଦି ଓ କାଶ
Inphluenja ସହିତ ଘୋଟିଥିବା ପ୍ରବଳ ଜ୍ୱର—
ইনফ্লুএঞ্জা Influenza.
इनफ्लुएंजा

ଇନ୍‌ଭଏସ୍—ବୈଦେ. ବ. (ଇଂ. ଇନ୍‌ଭଏସ୍)—ଡାକରେ, ରେଲରେ
Invaes ବା ଜାହାଜରେ ଆସିଥିବା ପଣ୍ୟ ଦ୍ରବ୍ୟର ତାଲିକା, ଯାହା
ইন্‌ভএস গ୍ରାହକ ନିକଟକୁ ପଠାଯାଏ—
इनभाइस Invoice.

ଇନ୍‌ଭିଟେସନ୍—ବୈଦେ. ବ. (ଇଂ. ଇନ୍‌ଭିଟେସନ୍)—ନିମନ୍ତ୍ରଣ—
Inbhitesan Invitation.
ইন্‌ভিটেসন
इनभिटेसन

ଇନ୍‌ଭିଟେସନ୍ କାର୍ଡ—ବୈଦେ. ବ. (ଇଂ ଇନ୍‌ଭିଟେସନ୍ କାର୍ଡ)—
Inbhitesan kārd ନିମନ୍ତ୍ରଣ ପତ୍ର—
ইন্‌ভিটেসন্‌ কাৰ্ড Invitation card.
इनभिटेसन कारड

ଇନ୍‌ସଲ୍‌ଭେଣ୍ଟ୍—ବୈଦେ. ବଣ (ଇଂ)—ଦେବାଳିଆ; ଯେ ନିଜର ଦେଣା
Insalbhent ଶୁଝିବାପାଇଁ ଅକ୍ଷମ ହୋଇ ପଡ଼େ—
Insolvent.

ଇନ୍‌ସଲ୍‌ଭେନ୍‌ସି—ବୈଦେ.ବ.(ଇଂ)—ନିଜର ଦେଣା ଶୁଝିବାରେ ଅକ୍ଷମତା—
Insalbhensi Insolvency.

ଇନ୍‌ସାପ୍—ବୈଦେ. ବ. (ଆ. ଇନ୍‌ସାଫ)—୧ । ନିଷ୍ପତ୍ତି; ନ୍ୟାୟ—
Insāp 1. A punchayet.
ইনসাফ ୨ । ଧର୍ମବିଚାର—
इनसाफ 2. Justice.

ଇନ୍‌ସାଫ୍—ବୈଦେ. ବ. (ଆ. ଇନ୍‌ସାଫ)—ଇନ୍‌ସାପ୍ (ଦେଖ)
Insāph Insāp (See)

ଇନ୍‌ସିଓର୍—ବୈଦେ. ବ. (ଇଂ)—ଇନ୍‌ସୁଓର୍ (ଦେଖ)
Insior Insuor (See)
ইন্‌সিওর
इनस्यर

ଇନ୍‌ସୁଓର୍—ବୈଦେ. ବ (ଇଂ. ଇନ୍‌ସୁଅର୍)—୧ । ଜୀବନବୀମା—
Insuor 1. Life insurance.
ইনসিওর ୨ । ନିର୍ଦ୍ଦିଷ୍ଟ ପରିମାଣରେ ଡାକଦ୍ୱାରା ଧନାଦି ଅଭିପ୍ରେତ ବ୍ୟକ୍ତି
इनसिउर ନିକଟରେ ପହଞ୍ଚିବାର ବ୍ୟବସ୍ଥା—
2 Postal insurance.
ବୈଦେ. ବଣ—୧ । ଡାକରେ ଇନ୍‌ସିଓର୍ କରି ଯାଇଥିବା—
1. Insured ( postal article )
୨ । ଜୀବନବୀମା କରାଯାଇଥିବା—2. Insured ( life )

ଇନ୍‌ସ୍ପେକ୍ଟର୍—ବୈଦେ. ବ. ( ଇଂ. ଇନ୍‌ସ୍ପେକ୍ଟର୍ )—ପରିଦର୍ଶନକାରୀ—
Inspektar Inspector.
ইন্সিপেক্টর
इन्सिपिक्टर

ଇନ୍‌ସ୍ପେକ୍‌ସନ୍—ବୈଦେ. ବ. ( ଇନ୍‌ସ୍ପେକ୍‌ସନ୍ )—ପରିଦର୍ଶନ—
Inspeksan. Inspection
ইন্সপেক্সন
इंनिसपेक्सन

ଇନ୍‌ସ୍ପେକ୍‌ସନ୍ ବଙ୍ଗଳା—ବୈଦେ. ବ. (ଇଂ. ଇନ୍‌ସ୍ପେକ୍‌ସନ ବଙ୍ଗ୍‌ଲୋ)—
Inspeksan bangalā ମଫସଲର ଅଫିସ ଆଦି ପରିଦର୍ଶନ
ডাকবঙ্গলা କରିବାକୁ ଆସିବା ହାକିମମାନଙ୍କ ରହିବାପାଇଁ ସରକାରୀ
डाकबङ्गला ଘର; ଡାକବଙ୍ଗଳା—Inspection bangalow.

ଇନ—ସଂ. ବ. ( ଇ ଧାତୁ=ଗମନ କରିବା+କର୍ମ. ନ)—
Ina ୧ । ସୂର୍ଯ୍ୟ—1. The sun.
୨ । ପତି; ସ୍ୱାମୀ—2. Master; husband.
୩ । ରାଜା—3. King
୪ । ପ୍ରଭୁ—4. Lord.
ସଦା କମଳାନନ୍ଦହୋଇ ସ୍ତରିବେ ଇନ ଯେ—ଉକ୍ତ. ବୈଦେହୀଶବିଳାସ ।
ପ୍ରାଦେ ( ସମ୍ବଲପୁର ) ଅ.—ଏହିଠାରେ—Here.

ଇନତ୍‌ଜାରି—ବୈଦେ. ବ. ( ଆ—ଇନ୍ତେଜାର୍ )—
Inatjāri ୧ । ପ୍ରତୀକ୍ଷା—1. Waiting.
ইন্তজারি ୨ । ଅନ୍ୟର ମନ ଯୋଗାଇବା—
इन्तिजारि 2. Pleasing another.
୩ । ବେଠି—3. Impressed labour.
୪ । ଅନୁସରଣ—4. Waiting upon a person or being in attendance for fulfilment of one's aim.

ଇନତ୍‌ଦାରି—ବୈଦେ. ବ. ( ଆ. ଇନ୍ତେଜାର୍ )—
Inatdāri ଇନତ୍‌ଜାରି ( ଦେଖ )
Inatjāri ( See )

ଇନର୍—ପ୍ରାଦେ. ( ସମ୍ବଲପୁର ) ବଣ—୧ । ଅତ୍ରତ୍ୟ; ଏ ସ୍ଥାନର—
Inar 1. Of this place.
୨ । ଏ ସମୟର—2. Of this time.

ଇନାମ୍—ବୈଦେ. ବ. ( ଆ ) ( ଏହାର ପ୍ରକୃତ ଅର୍ଥ ଦାନ )—
Inām ୧ । ପୁରସ୍କାର; ଉପହାର—
ইনাম 1. Present; gift; reward.
इनाम ସେଥିର ଇନାମ ଅବଶ୍ୟ ପାଇବ । ଫକୀରମୋହନ. ଲଛମାଣିଆଠଗୁଣ୍ଠ ।
୨ । ପ୍ରାଦେ. ( ଗଞ୍ଜାମ ) ବ—ଜାଗିର ଜମି—
2. Jaghir; service-grant.
୩ । ପ୍ରାଦେ. ( ଗଞ୍ଜାମ ) ବ—ଲାଖରାଜ ଜମି—
3. Lakharāji ( land )

ଇନାମ୍‌ଦାର—ବୈଦେ. ( ଗଞ୍ଜାମ ) ବ—
Ināmdār ୧ । କୌଣସି କାର୍ଯ୍ୟ ନିମନ୍ତେ ରାଜାଙ୍କଠାରୁ ଜାଗିର
ইনামদার ପାଇଥିବା ବ୍ୟକ୍ତି; ଜାଗିର୍‌ଦାର୍—1. Jaghirdar.
इनामदार ୨ । ଯେ ରାଜାଙ୍କଠାରୁ ପୁରସ୍କାର ପାଇଥାଏ—

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

2. Holder of service-grant; one who recieves rewards from Government

ଇନାମ୍ ଦେବା—ଦେ. କ୍ରି—ପୁରସ୍କାରଦେବା—
Inām debā To grant a reward; to bestow a gift for service rendered
ইনামদেওয়া
इनामदेना

ଇନାମ୍‌ଭୂମି—ପ୍ରାଦେ. ( ଗଞ୍ଜାମ ) ବି—ଜାଗିର—Jaghir land.
Ināmbhūmi

ଇନାମତ୍—ଦେ. ବିଣ. ଓ କ୍ରି. ବିଣ—ଅନାମତ୍ ( ଦେଖ )
Ināmat Anāmat ( See )

ଇନୁ—ପ୍ରାଦେ. ( ସମ୍ବଲପୁର ) ଅ—୧ । ଏଣୁ ; ଏଥିଯୋଗୁ—
Inu 1. For this
୨ । ଏ ଦିଗରୁ—2. From this side.
୩ । ଏଠାରୁ—3. Hence; from this place.

ଇନେ—ପ୍ରାଦେ. ( ସମ୍ବଲପୁର ) ଅ.—୧ । ଏଣେ—
Ine 1 In this side or place
୨ । ଏଥି; ଏଠାରେ—2. In this place.

ଇନେକେ—ପ୍ରାଦେ. ( ସମ୍ବଲପୁର ) ଅ—୧ । ଏଠାକୁ—
Ineke 1. To this place.
୨ । ଏଦିଗକୁ ; ଏଣିକି—2. To this side.
୩ । ଅଧୁନା—3. At present.

ଇନ୍ତ୍‌କାଲ୍—ବୈଦେ. ବି. ( ଇଉରଥ ) ( ଅ. ଇନ୍‌ତେକାଲ୍; ଭୁଲ ସଂ. ଅନ୍ତକାଲ )—ମୃତ୍ୟୁ—Death.
Intkāl
এন্তাকাল
इन्तिकाल

ଇନ୍ତ୍‌ଜାମ୍—ବୈଦେ. ବି. କଚିଥିଅ ( ଅ. ଇନ୍ତ୍‌ଜାମ )—
Intjām ବନ୍ଦୋବସ୍ତ; ବ୍ୟବସ୍ଥା—Arrangement.
ব্যবস্থা
इन्तजाम

ଇନ୍ତାନ୍—ବୈଦେ ବି. ( ଅ. ଇମ୍‌ତେହାନ୍ )—ପରୀକ୍ଷା—
Intān Examination.
স্তান
इन्तहान

ଇନ୍ତଖାପ୍—ବୈଦେ. ବି ( କଚିଥିଅ ଲୁପ୍ତ ) ( ଅ. ଇନ୍ତଖାବ୍ )—
Intikhāp ନିର୍ଦ୍ଦିଷ୍ଟ ସମୟ ପରେ ଦେଉଡ଼ିରୁ ବେଦରକାରୀ
ইন্তিখাপ କାଗଜପତ୍ର ପୃଥକ୍ କରି ଦରକାରୀ କାଗଜକୁ ମହାଫେଜ୍
इन्तिखाब ଖାନାରେ ବାଛି ରଖିବା—Selection of the
ভুনাব important papers and rejection of the unnecessary papers from a record.

ଇନ୍ତୁଡ଼ି(ଇତ୍ୟାଦି)—ଦେ. ବି—ଅନ୍ତୁଡ଼ି ଇତ୍ୟାଦି ( ଦେଖ )
Inturdi etc. Anturdi etc ( See )

ଇନ୍ଦ (ଧାତୁ)—ସଂ.—ପ୍ରଭୁତ୍ୱ କରିବା—
Inda root) To rule over; to lord over.

ଇନ୍ଦରା—ଦେ.ବି. (ସଂ. ଅନ୍ଧୁ )—୧ । କ୍ଷୁଦ୍ର ଜଳାଶୟ—1. Small tank
ইন্দারা ୨ । କୂଅ—2. Well.
इन्दारा ୩ । ଗାତ—3. A hole

ଇନ୍ଦାରା—ଦେ. ବି.—ଇନ୍ଦରା ( ଦେଖ )
Indārā Indarā ( See )

ଇନ୍ଦି—ସଂ. ବି. ସ୍ତ୍ରୀ ( ଇନ୍ଦ ଧାତୁ=ଆଧିପତ୍ୟ କରିବା + କର୍ତ୍ତୃ. ଇ )—
Indi ଲକ୍ଷ୍ମୀ—The Goddess of wealth; Lakshmī.

ଇନ୍ଦିନ୍ଦିର—ସଂ. ବି. ( ଇନ୍ଦ ଧାତୁ=ପ୍ରଭୁତ୍ୱ କରିବା + ଇର=ଦ୍ୱିତ୍ୱ
Indindira ନିପାତନ) –ମଧୁକର; ଭ୍ରମର—The black bee.
ହେ ରସିକ ଇନ୍ଦିନ୍ଦିର । ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଇନ୍ଦିବର—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦି=ଲକ୍ଷ୍ମୀ+ବର=ଶ୍ରେଷ୍ଠ;
Indibara ପ୍ରିୟବସ୍ତୁ )—ନୀଳପଦ୍ମ; ନୀଳକଇଁ; ନୀଳୋତ୍ପଳ—
The blue lotus; blue water-lily.

ଇନ୍ଦିବରୀ—ସଂ. ବି. ସ୍ତ୍ରୀ. (ଇନ୍ଦିବର + ସ୍ତ୍ରୀ. ଈ )—ଶତମୂଳୀ; ଶତାବରୀ;
Indibarī ଛତୋରୀ—The creeping Asparagus.

ଇନ୍ଦିବାର—ସଂ. ବି.—ଇନ୍ଦିବର ( ଦେଖ )
Indibāra Indibara ( See )

ଇନ୍ଦିରା—ସଂ. ବି ସ୍ତ୍ରୀ ( ଇନ୍ଦ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ.ଇର+
Indirā ସ୍ତ୍ରୀ. ଆ)—ଲକ୍ଷ୍ମୀ—Lakshmī; the Goddess of fortune.
ସମସ୍ତ ଜୀବମାନଙ୍କ ଜନ୍ମ ଇନ୍ଦୁ ତୋଷି
ଇନ୍ଦିରା ଏ ତୋଷରେ ଅମୃତ ବରଷି । ଗୀତାମୃତ. ନୃସିଂହପୁରାଣ ।
ଦେ. ବି. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—
Name given to females.

ଇନ୍ଦିରାଳୟ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦିରା+ଆଳୟ )—୧ । ପଦ୍ମ—
Indirālaya 1 Lotus.
[ ଦ୍ର—ଶାସ୍ତ୍ରରେ ଅଛି ଯେ ଲକ୍ଷ୍ମୀ ସୃଷ୍ଟିର ଆଦ୍ୟରେ ପଦ୍ମପାଖୁଡ଼ାରୁ ଜନ୍ମିଥିଲେ । ]
୨ । ଇନ୍ଦିବର; ନୀଳକଇଁ—2. The blue lotus.

ଇନ୍ଦୀ—ସଂ. ବି.—ଇନ୍ଦି ( ଦେଖ )
Indī Indi ( See )

ଇନ୍ଦୀବାର—ସଂ. ବି.—ଇନ୍ଦିବର ( ଦେଖ )
Indībāra Indibara ( See )

ଇନ୍ଦୁ—ସଂ. ବି. (ଇନ୍ଦ ଧାତୁ=ପ୍ରଭୁତ୍ୱ କରିବା+କର୍ତ୍ତୃ. ଉ; ଯେ ନକ୍ଷତ୍ରଗଣ
Indu ମଧ୍ୟରେ ପ୍ରଭୁତ୍ୱ କରେ, କିମ୍ବା ଉନ୍ଦ ଧାତୁ=ଆର୍ଦ୍ର କରିବା+ ଉ. ନିପାତନ; ଯେ ସୁଧାରେ ଆର୍ଦ୍ର ହୋଇଥାଏ )—
୧ । ଚନ୍ଦ୍ର; ସୁଧାକର—1. Moon.
୨ । କର୍ପୂର—2. Camphor.
ଦେ. ବି. ପୁଂ. ଓ ସ୍ତ୍ରୀ—ନାମବିଶେଷ—A name.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | କ୍ଷ | ଇଅ | ଈଅ | ଲ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ | ଯ | ସ | ଙ୍ଗ | ଇଅ | ଞ | ଳ |

ଇନ୍ଦୁକମଳ—ସଂ. ବ [ଇନ୍ଦୁ=ଚନ୍ଦ୍ର (ପରି ଶୁକ୍ଳ) + କମଳ=ପଦ୍ମ ]—
Indukamala ଶ୍ୱେତ ପଦ୍ମ—The white lotus.

ଇନ୍ଦୁକଳା—ସଂ. ବ. ( ୬ଷ୍ଠୀ ତତ୍; ଇନ୍ଦୁ=ଚନ୍ଦ୍ର + କଳା )—ଶଶି-
Indukalā କଳା; ଚନ୍ଦ୍ରଙ୍କର କଳା ବା ଅଂଶ—
A digit or phase of the moon.

ଇନ୍ଦୁକଳିକା—ସଂ. ବ. ( ଇନ୍ଦୁ+କଳିକା; ଇନ୍ଦୁପରି ଶୁକ୍ଳକଳିକା
Indukalikā ଯାହାର )—୧ । କେତକୀ—1. Pandanus
Odoratissimus; Screwpine.
୨ । ଚନ୍ଦ୍ରକଳା—2. A digit of the moon.

ଇନ୍ଦୁକାନ୍ତ - ସଂ. ବ ( ଇନ୍ଦୁ=ଚନ୍ଦ୍ର + କାନ୍ତ; ଏହି ମଣି ଚନ୍ଦ୍ରକିରଣରେ
Indukānta ସୁନ୍ଦର ଦିଶେ)- ଚନ୍ଦ୍ରକାନ୍ତମଣି – Moon-stone;
jasper.

ଇନ୍ଦୁକାନ୍ତା - ସଂ.ବ. ( ୬ଷ୍ଠୀ ତତ୍; ଇନ୍ଦୁ=ଚନ୍ଦ୍ର + କାନ୍ତା=ସ୍ତ୍ରୀ )—
Indukāntā ୧ । ନକ୍ଷତ୍ର—1. Star
୨ । ରାତ୍ରି—2. Night.

ଇନ୍ଦୁଜ—ସ. ବ. ପୁଂ ( ଇନ୍ଦୁ=ଚନ୍ଦ୍ର + ଜନ୍ ଧାତୁ=ଜାତହେବା +
Induja କର୍ତ୍ତ୍ରି. ଅ )—ଚନ୍ଦ୍ରପୁତ୍ର, ବୁଧ—The planet
Mercury.

ଇନ୍ଦୁଜନକ— ସଂ. ବ. (୬ଷ୍ଠୀ ତତ୍; ଇନ୍ଦୁ + ଜନକ=ପିତା; ସମୁଦ୍ରମନ୍ଥନ
Indujanaka କାଳରେ ଚନ୍ଦ୍ର ସମୁଦ୍ରରୁ ଜାତ ହୋଇଥିବାରୁ)—
ସମୁଦ୍ର—The ocean; the sea.

ଇନ୍ଦୁଜା—ସଂ. ବ. ସ୍ତ୍ରୀ. (ଇନ୍ଦୁଜ + ସ୍ତ୍ରୀ. ଆ)—ରେବାନଦୀ; ନର୍ମଦା—
Indujā The Narbudda river.

ଇନ୍ଦୁନିଭାନନ—ସଂ. ବଣ. (ବହୁବ୍ରୀହି; ଇନ୍ଦୁ=ଚନ୍ଦ୍ର + ନିଭ=ପରି +
Indunibhānana ଆନନ=ମୁଖ. ) – ଚନ୍ଦ୍ରବଦନ; ଚନ୍ଦ୍ର ପରି
(ଇନ୍ଦୁନିଭାନନା—ସ୍ତ୍ରୀ) ମୁଖ ଯାହାର—Having a fair face
(compared to the moon).

ଇନ୍ଦୁପୁଷ୍ପିକା—ସଂ. ବ. (ଇନ୍ଦୁ ଅର୍ଥାତ୍ ଚନ୍ଦ୍ରଙ୍କ ପରି ପୁଷ୍ପ ଯାହାର)—
Indupushpikā ବିଷଲାଙ୍ଗଳିଆ ଗଛ—A herbal plant.

ଇନ୍ଦୁପୂର୍ଣ୍ଣିମା—ଦେ. ବ. (ସ. ଇନ୍ଦୁ+ପୂର୍ଣ୍ଣିମା; କାରଣ ଇନ୍ଦୁଙ୍କ ରାଜତ୍ୱ ବା
Indupūrnnimā ବର୍ଷାକାଳ ଏହି ସମୟରେ ଏହିଠାରୁ ଶେଷ
ହୁଏ;ବା ଶରତ୍କାଳ ଆରମ୍ଭ ହେବ ବୋଲି ଏ ପୂର୍ଣ୍ଣିମାଠାରୁ
ଆକାଶ ନିର୍ମଳ ହୁଏ ଓ ଇନ୍ଦୁ ବା ଚନ୍ଦ୍ର ନିର୍ମଳ ଦେଖା-
ଯାଆନ୍ତି ବୋଲି ଏହି ନାମ) ଭାଦ୍ର ମାସର ପୂର୍ଣ୍ଣିମା—
The full-moon of the month of
Bhādraba.

ଇନ୍ଦୁବ୍ରତ—ସଂ. ବ. (ଇନ୍ଦୁ=ଚନ୍ଦ୍ର + ବ୍ରତ=ପୁଣ୍ୟଜନକ ଓ ପାପକ୍ଷୟକର
Indubrata କର୍ମ )—ପ୍ରାୟଶ୍ଚିତ୍ତବିଶେଷ; ଚାନ୍ଦ୍ରାୟଣ ବ୍ରତ—
An expiatory penance regulated by
the moon's phases (waxing and
waning ).

ଇନ୍ଦୁଭୃତ୍- ସଂ. ବ. (ଇନ୍ଦୁ+ଭୃ ଧାତୁ=ଧାରଣ କରିବା + କର୍ତ୍ତ୍ରି. କ୍ୱିପ୍;
Indubhrut ଯେ ମସ୍ତକରେ ଚନ୍ଦ୍ରଙ୍କୁ ଧାରଣ କରିଅଛନ୍ତି )—
ଶିବ—God Siba.

ଇନ୍ଦୁମତୀ – ସଂ. ବ. ସ୍ତ୍ରୀ(ଇନ୍ଦୁ=ଚନ୍ଦ୍ର + ଅସ୍ତି ଅର୍ଥରେ. ମତ୍+ସ୍ତ୍ରୀ. ଈ)—
Indumati ୧ । ପୂର୍ଣ୍ଣିମା—1. Fullmoon.
୨ । ରଘୁଙ୍କ ପୁତ୍ର ଅଜଙ୍କର ସ୍ତ୍ରୀ – 2. The wife of Aja
son of Raghu.
୩ । ତୀର୍ଥବିଶେଷ—3. Name of a sacred place
ଦେ. ବ.—ରାବଣର ପତ୍ନୀ; ସୁଲୋଚନାର ମାତା—
A wife of Rābana.
ବଶ୍ୟାଦି ଭଉରି ଇନ୍ଦୁମତୀ ନନ୍ଦନ ଏ ଇନ୍ଦୁମତୀ ଉପରେ ଗନ୍ଧାରି ।
ଉପେ. ବୈଦେହୀଶବିଳାସ ।

ଇନ୍ଦୁର—ସଂ. ବ. (ଇନ୍ଦ ଧାତୁ=ଆଧିପତ୍ୟ କରିବା + ଉର ବା ଉନ୍ଦ
Indura ଧାତୁ=ଅଦ୍ରହେବା + ସଂଜ୍ଞାର୍ଥେ. ଉର)—
ମୂଷା; ମୂଷିକ—Rat; mouse.
ବୃଷଦଂଶ ଭୟେ ଯଥା ଇନ୍ଦୁର—ଉପେ. ବୈଦେହୀଶବିଳାସ ।

ଇନ୍ଦୁରେଖା—ସଂ ବ. (୬ଷ୍ଠୀ ତତ୍; ଇନ୍ଦୁ+ରେଖା=ଗାର; ପଂକ୍ତି;
Indurekhā କଳା)—୧ । ଚନ୍ଦ୍ରକଳା—1. The digit of
the moon.
୨ । ଚନ୍ଦ୍ରଖଣ୍ଡ —2 Crescent.
୩ । ରାଧିକାଙ୍କ ସଖିବିଶେଷ—
3. A companion of Rādhikā.
୪ । ସୋମଲତା —4. The Soma creeper.
୫ । ଗୁଳୁଚ —5. A medicinal creeper.
୬ । ଯୁଆଣୀ—6. Caraway seed.

ଇନ୍ଦୁଲେଖା–ସ. ବ. (୬ଷ୍ଠୀ ତତ୍; ଇନ୍ଦୁ+ଲେଖା)–ଇନ୍ଦୁରେଖା (ଦେଖ)
Indulekhā Indurekhā (See)

ଇନ୍ଦୂର—ସଂ. ବ.—ଇନ୍ଦୁର (ଦେଖ)
Indūra Indura (See)

ଇନ୍ଦୋର—ଦେ.ବ. (ନାମ)—ମଧ୍ୟଭାରତ ଅନ୍ତର୍ଗତ ହୋଲକାର ରାଜ୍ୟର
Indora ରାଜଧାନୀ (ଶିପ୍ରା ନଦୀ କୂଳରେ ଅବସ୍ଥିତ)—Name of
a town, the capital of Holkār in
Central India.

ଇନ୍ଦ୍ର – ସ. ବ. ( ଇନ୍ଦ ଧାତୁ=ଆଧିପତ୍ୟ କରିବା + କର୍ତ୍ତ୍ରି. ର; ସ୍ୱର୍ଗର
Indra ଅଧିପତି )—
୧ । ଦେବରାଜ; ଦେବେନ୍ଦ୍ର; ମହେନ୍ଦ୍ର—
1. Indra, the Deity presiding over the
Hindu-swarga or paradise; the
God of the clouds corresponding to
Jupiter.
୨ । ରାଜା—2. King.
ଇନ୍ଦ୍ରଙ୍କର ଇନ୍ଦ୍ର ନୃପ ରାମଚନ୍ଦ୍ର ଭେଟ ଦିଅ ଭଲେ ଭଣି ।
ବଇଦେହୀଶ. ବିଳାସ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ସେହିପରି ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୁ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳବଳ' ନ ପାଇଲେ 'ଅଲବଲ' ଦେଖିବେ ।

୩ । ( ଶବ୍ଦର ପରବର୍ତ୍ତୀ ହେଲେ ) କୌଣସି ପଦାର୍ଥ, ଜନ୍ତୁ ବା ଜାତି ମଧ୍ୟରେ ସର୍ବଶ୍ରେଷ୍ଠ; ଅଗ୍ରଗଣ୍ୟ—
3. A chief; a prince amongst; the first and best of any kind.

ଦଶରଥ ରାଜାଙ୍କ ପୁତ୍ର ରାମଚନ୍ଦ୍ର
ନାରଙ୍କର ଉପରେ ବୋଲନ୍ତି ସେ ଇନ୍ଦ୍ର । କୃଷ୍ଣସିଂହ. ମହାଭାରତ. ବନ ।

୪ । ଯୋଗବିଶେଷ—4. Name of an astronomical conjunction.

ବଣ୍ଟି ନାମେ କରଣ ଯେ ଇନ୍ଦ୍ର ନାମେ ଯୋଗ ।
ସାରଳା ମହାଭାରତ. ବିରାଟ ।

୫ । ଆତ୍ମା—5. The soul.
୬ । ସ୍ୱୟଂ—6. Self.
୭ । ପୁରାଣୋକ୍ତ ଗିରି ବା ପର୍ବତବିଶେଷ—
7. The name of a mountain.
୮ । କୁଟଜ ( ଦେଖ )
8. Kūṭaja ( See )

ଇନ୍ଦ୍ର ତପସ୍ୱିଙ୍କ ଯେନ ହେଲୁ କେଜ ଶୋଭା ହେଉଥିବ ଏଥିରେ ।
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୯ । ସିନ୍ଧୁବାର ( ବୃକ୍ଷ ) ( ଦେଖ )
( ହରେକୃଷ୍ଣ. ଦ୍ରବ୍ୟଗୁଣ । )
9. Sindhubāra ( tree ) ( See )
୧୦ । ସୂର୍ଯ୍ୟ—10. The sun.
୧୧ । ରାତ୍ରି—11. Night.
୧୨ । ଉପଦ୍ୱୀପବିଶେଷ—
12. Name of a peninsula.
୧୩ । ( ବେଦାନ୍ତରେ ) ପରମେଶ୍ୱର—13. God.
୧୪ । ପ୍ରଭୁ; ଅଧିପତି—
14. Lord; master; owner.
ସଂ. ବିଣ—ଐଶ୍ୱର୍ଯ୍ୟଶାଳୀ—Affluent; flourishing.

ଇନ୍ଦ୍ରକ—ସଂ. ବି. ( ଇନ୍ଦ୍ର+କ=ସୁଖ; ଇନ୍ଦ୍ରଙ୍କ ସୁଖ ପରି ଯେଉଁଠାରେ
Indraka ସୁଖ ହୁଏ )—ସଭାଗୃହ—A meeting-hall; council-chamber.

ଇନ୍ଦ୍ରକୀଳ—ସଂ. ବି—ପର୍ବତବିଶେଷ—
Indrakīla A mountain of that name.
[ ଦ୍ର—କେହି କେହି ଏହାକୁ ହିମାଳୟ ଅନ୍ତର୍ଗତ ମନ୍ଦର ପର୍ବତ କେହି ବା ମହେନ୍ଦ୍ର ପର୍ବତ ବୋଲି ନିର୍ଦ୍ଦେଶ କରନ୍ତି । ]

ଇନ୍ଦ୍ରକୋଷ—ସଂ. ବି. ( ଇନ୍ଦ୍ର=ଶ୍ରେଷ୍ଠ+କୋଷ=ଆସନ; ଯହିଁରେ
Indrakosha ରାଜାଏ ବସନ୍ତି )—
୧ । ଖଟ; ପଲଙ୍କ—1. Sofa.
୨ । ମଞ୍ଚ—2. Platform; scaffold.
୩ । ବରଣ୍ଡା—3 Balcony; veranda.

ଇନ୍ଦ୍ରଗୋପ—ସଂ. ବି. ( ଇନ୍ଦ୍ର=ଶ୍ରେଷ୍ଠ+ଗୋ=କାନ୍ତି+ପା ଧାତୁ=
Indragopa ପାଳନ କରିବା+କର୍ତ୍ତୃ. ଅ )—ଏକଜାତୀୟ ଲୋହିତ ନାଲି ପୋକ; ସାଧବଘର ବୋହୂ—A species of inscets of red colour; cochineal.

ଇନ୍ଦ୍ରଗୋବିନ୍ଦ ଚାନ୍ଦୁଆ—ଦେ. ବି—ଏକପ୍ରକାର ଉତ୍କୃଷ୍ଟ କାରୁକାର୍ଯ୍ୟ
Indragobinda chānduā ଖଚିତ ଚାନ୍ଦୁଆ—A conopy of excellent workmanship.

ଇନ୍ଦ୍ରଗୋବିନ୍ଦ ଚାନ୍ଦୁଆ ଉପରେ ଆଚ୍ଛାଦ—ପୀତାମ୍ବର. ନୃସିଂହପୁରାଣ ।

ଇନ୍ଦ୍ରଚନ୍ଦନ—ସଂ. ବି. (ଇନ୍ଦ୍ର=ଶ୍ରେଷ୍ଠ+ଚନ୍ଦନ)—ହରିଚନ୍ଦନ—
Indrachandana A kind of excellent sandal wood.

ଇନ୍ଦ୍ର ଚନ୍ଦ୍ର ନ ମାନିବା—ଦେ. କ୍ରି.—କୌଣସି ବ୍ୟକ୍ତିଙ୍କୁ ବା ଗୁରୁଜନଙ୍କୁ
Indra chandra na mānibā ଗ୍ରାହ୍ୟ ବା ଖାତିର ନ
ইন্দ্রচন্দ্র হওয়া କରିବା—Not to care any one.

ଇନ୍ଦ୍ରଚାପ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର+ଚାପ=ଧନୁ)—ଇନ୍ଦ୍ରଧନୁ—
Indrachāpa Rainbow.
[ ଦ୍ର—ଆକାଶରେ ସୂର୍ଯ୍ୟଙ୍କ ବିପରୀତ ଦିଗରେ ମେଘ ଉଠାଇଥିଲେ ସୂର୍ଯ୍ୟଙ୍କ କିରଣ ମେଘଦେହରେ ନାନା ବର୍ଣ୍ଣରେ ପ୍ରତିଫଳିତ ହୋଇ ଅର୍ଦ୍ଧ ବୃତ୍ତାକାର ଇନ୍ଦ୍ରଧନୁ ଦିଶେ । ]

ଇନ୍ଦ୍ରଜାଲ—ସଂ. ବି. (ଇନ୍ଦ୍ର=ଇନ୍ଦ୍ରିୟ+ଜାଲ=ଆବରଣ; ଯାହା ଚକ୍ଷୁ
Indrajāla ଆଦି ଇନ୍ଦ୍ରିୟମାନଙ୍କୁ ମୋହଦ୍ୱାରା ଆବୃତ କରେ)—
୧ । କୁହୁକ; ଭେଳିକାଜ—1. Magic; jugglery.

ଯେବେଣେ ଅନାଇଲେ ଇନ୍ଦ୍ରଜାଲ ପ୍ରାୟେ ଦିଶୁ । ଉପେ. ପ୍ରେମସୁଧାନିଧି ।

୨ । ମାୟା—2. Illusion.
୩ । ଛଳ—3. Deception.
୪ । ଅର୍ଜୁନଙ୍କର ଅସ୍ତ୍ରବିଶେଷ—
4. A mythical weapon of Arjuna.

ଇନ୍ଦ୍ରଜାଲିକ—ସଂ. ବିଣ. ପୁଂ. (ଇନ୍ଦ୍ରଜାଲ=କୁହୁକ+ସମ୍ବ.ଇକ)—
Indrajālika ଇନ୍ଦ୍ରଜାଲସମ୍ବନ୍ଧୀୟ—Magical.
ସଂ. ବି. ପୁଂ.—କୁହୁକୀ; ବାଜିଗର—Magician.

ଇନ୍ଦ୍ରଜିତ୍—ସଂ. ବି. (ଇନ୍ଦ୍ର=ଦେବରାଜ+ଜି ଧାତୁ=ଜୟ କରିବା+
Indrajit କ୍ୱିପ୍; ଯେ ଇନ୍ଦ୍ରଙ୍କୁ ପରାଜିତ କରିଥିଲେ )—ରାବଣର ଜ୍ୟେଷ୍ଠ ପୁତ୍ର, ଏହାକୁ ଲକ୍ଷ୍ମଣ ମାରିଥିଲେ—A son of Rābaṇa who had defeated Indra in battle and was at last killed by Lakshmaṇa.

ଇନ୍ଦ୍ରଜିତ—ଦେ. ବି. ( ନାମ ) ( ସଂ. ଇନ୍ଦ୍ରଜିତ )—
Indrajita ଇନ୍ଦ୍ରଜିତ୍ ( ଦେଖ )
Indrajit ( See )

ଇନ୍ଦ୍ରତୀର୍ଥ—ସଂ. ବି. ( ଇନ୍ଦ୍ର+ତୀର୍ଥ )—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Indratīrtha A sacred place of the Hindus.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଡ | ଷ,ଶ | କ୍ଷ | ଇଅ | ଉଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ | ଇଅ | ଓ | ନ୍ |

ଇନ୍ଦ୍ରତ୍ୱ—ସଂ. ବ. ( ଇନ୍ଦ୍ର=ଦେବରାଜ+ଭାବ. ତ୍ୱ )—
Indratwa ଇନ୍ଦ୍ରଙ୍କ ସ୍ଥାନ, କ୍ଷମତା ଓ ସମ୍ମାନ—The office, dignity and power of Indra.

ଇନ୍ଦ୍ରଦୁମନ—ଗ୍ରା. ବ—ଇନ୍ଦ୍ରଦ୍ୟୁମ୍ନ ( ଦେଖ )
Indradumana Indradyumna ( See )

ଇନ୍ଦ୍ରଦ୍ୟୁମ୍ନ—ସଂ. ବ. ( ନାମ )—୧ । ଜଗନ୍ନାଥ ମନ୍ଦିର ନିର୍ମାଣ କରାଇ-
Indradyumna ଥିବା ଉତ୍କଳର ସୂର୍ଯ୍ୟବଂଶୀୟ ରାଜା—
1. A king of Orḍisā who had the temple of Jagannātha built.
୨ । ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କଦ୍ୱାରା ପୁରୀରେ ଖୋଳା ହୋଇଥିବା ପୁଷ୍କରିଣୀ—2. A tank of that name in Puri said to have heen sunk by Indradyumna.
୩ । ସୂର୍ଯ୍ୟବଂଶୀୟ ଜଣେ ପ୍ରସିଦ୍ଧ ରାଜା—
3 One of the kings of the Solar race of India.

ଇନ୍ଦ୍ରଦ୍ରୁ—ସଂ. ବ. ( ଇନ୍ଦ୍ର=ଶ୍ରେଷ୍ଠ+ଦ୍ରୁ=ଗଛ )—
Indradru ଇନ୍ଦ୍ରଦ୍ରୁମ ( ଦେଖ )
Indradruma ( See )

ଇନ୍ଦ୍ରଦ୍ରୁମ—ସଂ. ବ. ( ଇନ୍ଦ୍ର=ଶ୍ରେଷ୍ଠ+ଦ୍ରୁମ=ଗଛ )—
Indradruma ୧ । ଅର୍ଜୁନ ଗଛ—1. The Arjuna tree.
୨ । କୁଟଜ ଗୁଳ୍ମ—2 Echites; Antidysenterica ( plant ).

ଇନ୍ଦ୍ରଧନୁ—ସଂ. ବ. ( ୬ଷ୍ଠୀ ତତ୍; ଇନ୍ଦ୍ର+ଧନୁ )—୧ । ଇନ୍ଦ୍ରଚାପ;
Indradhanu ଶକ୍ରଧନୁ—1. Rainbow.
୨ । ଇନ୍ଦ୍ରଦେବତାଙ୍କ ବ୍ୟବହୃତ ଧନୁ—
2. The bow of God Indra.

ଇନ୍ଦ୍ରଧାନି—ଦେ. ବ.—ଇନ୍ଦ୍ରପୁର; ସ୍ୱର୍ଗ—
Indradhāni The abcde of Indra; heaven.
ମହା ଦ୍ରୁତକରେ ଯେ ମାନ କରେ ଦାନ—
ଦାନ ଉପକାରରେ ଦେଖେ ଇନ୍ଦ୍ରଧାନି । କୃଷ୍ଣସିଂ. ମହାଭାରତ. ଅନୁଶାସନ ।

ଇନ୍ଦ୍ରଧ୍ୱଜ—ସଂ. ବ. ( ୬ଷ୍ଠୀ ତତ୍; ଇନ୍ଦ୍ର+ଧ୍ୱଜ=ପତାକା )—ଭାଦ୍ର
Indradhwaja ଶୁକ୍ଳ ଦ୍ୱାଦଶୀ ବା ସୁନିଆଁ ଦିନ ଇନ୍ଦ୍ରପୂଜାରେ ବ୍ୟବହୃତ ପତାକା—The flag used on the Orḍiā new year's day (the 12th. day of the bright fortnight of Bhādra on the occasion of the worship of Indra.

ଇନ୍ଦ୍ରନାରୀ—ସଂ. ବି. ସ୍ତ୍ରୀ ( ୬ଷ୍ଠୀ ତତ୍; ଇନ୍ଦ୍ର+ନାରୀ )—ଇନ୍ଦ୍ରପତ୍ନୀ;
Indranārī ଶଚୀ—Wife of Indra.
ଦେ. ବ.—ବୈକୁଣ୍ଠ ବା ବିଷ୍ଣୁପୁରୀବିଶେଷ—
Name of an abode of Bishṇu.
ଇନ୍ଦ୍ରନାରୀ ନାମକ ବୈକୁଣ୍ଠେ ବୈଷ୍ଣବେ । ମାଘପୁରାଣ ।

ଇନ୍ଦ୍ରନୀଳ—ସଂ. ବ. (ଇନ୍ଦ୍ର=ଅତ୍ୟୁତ୍କୃଷ୍ଟ+ନୀଳ=ନୀଳବର୍ଣ୍ଣ)—
Indranīla ଇନ୍ଦ୍ରନୀଳମଣି (ଦେଖ)
Indranīlamaṇi (See)

ଇନ୍ଦ୍ରନୀଳମଣି—ସଂ. ବ. (ଇନ୍ଦ୍ର=ଅତ୍ୟୁତ୍କୃଷ୍ଟ+ନୀଳ=ନୀଳବର୍ଣ୍ଣ+ମଣି)—
Indranīlamaṇi ୧ । ମରକତ ମଣି; ପାନ୍ନା—
1 Sapphire.
୨ । ନୀଳା; ନୀଳକାନ୍ତ ମଣି—2. Emerald.

ଇନ୍ଦ୍ରପତି—ଦେ. ବ. (ନାମ)—ପୁରାଣବର୍ଣ୍ଣିତ ରାଜାବିଶେଷ—
Indrapati Name of a king.
[ ଦ୍ର—ଏ ରାଜା ବ୍ରାହ୍ମଣମାନଙ୍କ ଶାପରୁ ଗଜଜନ୍ମ ପାଇଥିଲେ; "ବିଷ୍ଣୁ କେଶରୀ ପୁରାଣ"ର "ଗଜ କୁମ୍ଭୀର ଉପାଖ୍ୟାନ" ଦ୍ରଷ୍ଟବ୍ୟ ।]

ଇନ୍ଦ୍ରପଦ—ସଂ. ବ. (୬ଷ୍ଠୀ ତତ୍; ଇନ୍ଦ୍ର+ପଦ)—ଇନ୍ଦ୍ରତ୍ୱ (ଦେଖ)
Indrapada Indratwa (See)

ଇନ୍ଦ୍ର ପାଳିବା—ଦେ. ବ.—ବୃଷ୍ଟି ହେବା—
Indra pāḷibā Raining.
ଇନ୍ଦ୍ର ନ ପାଳିବ ସେ ସେ ବେଳକାଳ ଜାଣ । ଗୁରୁଭକ୍ତି ଗୀତା ।

ଇନ୍ଦ୍ରପୁରୀ—ସଂ. ବ. (୬ଷ୍ଠୀ ତତ୍; ଇନ୍ଦ୍ର+ପୁରୀ)—ସ୍ୱର୍ଗରେ ଇନ୍ଦ୍ରଙ୍କର
Indrapurī ଅମରାବତୀ ରାଜଧାନୀ—The capital of Indra in heaven.

ଇନ୍ଦ୍ରପୁଷ୍ପ—ସଂ. ବ. (କର୍ମଧା; ଇନ୍ଦ୍ର=ଶ୍ରେଷ୍ଠ+ପୁଷ୍ପ)—
Indrapushpa ୧ । ଲବଙ୍ଗ—1. Cloves.
୨ । ଇନ୍ଦ୍ରଯବ—2. Echites.

ଇନ୍ଦ୍ରପ୍ରସ୍ଥ—ସଂ. ବ. ( ଇନ୍ଦ୍ର+ଅତ୍ୟୁତ୍କୃଷ୍ଟ+ପ୍ରସ୍ଥ=ନଗର; ରାଜ୍ୟ )—
Indraprastha ଯୁଧିଷ୍ଠିରଙ୍କ ସ୍ଥାପିତ ନଗର—ପ୍ରାଚୀନ ଦିଲ୍ଲୀ—
Ancient Delhi.

ଇନ୍ଦ୍ରବଜ୍ରା—ସଂ. ବ—ଏକାଦଶାକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ—
Indrabajrā A Sanskrit metre of 11 letters.

ଇନ୍ଦ୍ରବାରୁଣୀ—ସଂ. ବ.—ମହାକାଳ ଲତା—Colocynth; a
Indrabāruṇi kind of wild bitter gourd.

ଇନ୍ଦ୍ରଭେଷଜ—ସଂ. ବ (କର୍ମଧା; ଇନ୍ଦ୍ର=ଅତି ଉତ୍କୃଷ୍ଟ+ଭେଷଜ=
Indrabheshaja ଔଷଧ)—ଶୁଣ୍ଠି—Dried ginger.

ଇନ୍ଦ୍ରମାରିଷ—ସଂ. ବ. (ଇନ୍ଦ୍ର=ଶ୍ରେଷ୍ଠ+ମାରିଷ=ନଟିଆ ଶାଗ)—ଔଷଧ
Indramārisha ଗୁଳ୍ମବିଶେଷ ନାକଚଣା—
মুক্তাজুরি; সেতবসন্ত, মুরকাটা A medicinal shrub;
কুপ্পি; খোকলি Acalypha Indica.

ଇନ୍ଦ୍ରଯବ—ସଂ. ବ. (ଇନ୍ଦ୍ର=ଅତ୍ୟୁତ୍କୃଷ୍ଟ+ଯବ=ଯବଧାନ)—ଯବାକୃତି
Indrajaba ବୀଜବିଶେଷ; କୁଟଜ; ଭଦ୍ରବୀଜ; ପାଲାକୁରୁଆଁ ଫୁଲର ବୀଜ—
ସଂ. ନାମ—କୁଟଜବୀଜ; କଳିଙ୍ଗ
A medicinal seed; Echites.

ଇନ୍ଦ୍ରଲୁପ୍ତ—ସଂ. ବ.—କେଶନାଶକ ରୋଗ; ମୁଣ୍ଡ ଚନ୍ଦା ହେବା—
Indralupta Morbid baldness of the head; Alopacia.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ 'କୁଷ' ନ ମିଳିଲେ 'କୂଷ' ଦେଖିବେ 'ଦୀର୍ଘ' ନ ପାଇଲେ 'ଦିର୍ଘ' ଦେଖିବେ; 'ଅର୍ଜ୍ଜୁନ' ନ ପାଇଲେ 'ଅର୍ଜୁନ' ଦେଖିବେ; 'ଅଦ୍ଭୁତ' ନ ପାଇଲେ 'ଅଦ୍ଭୂତ' ଦେଖିବେ

ଇନ୍ଦ୍ରଲୋକ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର + ଲୋକ,—ଅମରାବତୀନଗରୀ;
Indraloka ଇନ୍ଦ୍ରଙ୍କ ପୁରୀ—The capital of Indra.

ଇନ୍ଦ୍ରଶତ୍ରୁ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର + ଶତ୍ରୁ)—୧ । ବୃତ୍ରାସୁର—
Indraśatru 1. The demon Brutra killed by Indra.
୨ । ପ୍ରହ୍ଲାଦ—2. Name of Prahlāda.

ଇନ୍ଦ୍ରସାବର୍ଣ୍ଣି—ସଂ. ବି.—ଚତୁର୍ଦ୍ଦଶ ମନୁ—( ମନୁ ଶବ୍ଦ ନୋଟ ଦେଖ )
Indrasābarṇni The 14th Progenitor of mankind.

ଇନ୍ଦ୍ରସୁତ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ର + ସୁତ)—୧ । ଅର୍ଜ୍ଜୁନ—
Indrasuta 1. Arjuna; the 3rd. Pāṇḍaba.
୨ । ବାଳି—2. Bāḷi, the monkey king of Kiskindā.
୩ । ଜୟନ୍ତ—3. Jayanta, son of Indra.

ଇନ୍ଦ୍ରସୁରସ—ସ. ବି—ବେଗୁନିଆ ( ଦେଖ )
Indrasurasa Beguniā ( See )

ଇନ୍ଦ୍ରସେନ—ଦେ. ବି—ନଳ ରାଜାଙ୍କ ପୁତ୍ର—
Indrasena The son of the king Naḷa.

ଏ ରୂପେ ବହୁ କାଳେ କଲ୍ଲି ପୁତ୍ର କନ୍ୟା
ହୋଇଲେ ନାମ ଇନ୍ଦ୍ରସେନ ଇନ୍ଦ୍ରସେନା । କୃଷ୍ଣସିଂ. ମହାଭାରତ. ବନ ।

ଇନ୍ଦ୍ରସେନା—ଦେ. ବି. ସ୍ତ୍ରୀ—ନଳ ରାଜାଙ୍କ ଝିଅ—
Indrasenā Indrasenā, the daughter of the king of Naḷa.

ଏ ରୂପେ ବହୁକାଳେ କଲ୍ଲି ପୁତ୍ର କନ୍ୟା
ହୋଇଲେ ନାମ ଇନ୍ଦ୍ରସେନ ଇନ୍ଦ୍ରସେନା । କୃଷ୍ଣସିଂ. ମହାଭାରତ. ବନ ।

ଇନ୍ଦ୍ରସେଣୀ—ଦେ. ବି. ସ୍ତ୍ରୀ—ଇନ୍ଦ୍ରସେନା ( ଦେଖ )
Indraseni Indrasenā ( See )

ବୃହତା ହୋଇଲା ଇନ୍ଦ୍ରସେଣୀ ତା ନାମ । ପ୍ରାଚୀ—ନଳଚରିତ ।

ଇନ୍ଦ୍ରାଣିକା—ସ.ବି. ସ୍ତ୍ରୀ. (ଇନ୍ଦ୍ର = ଦେବରାଜ + ସ୍ତ୍ରୀ ଅଣୀ + କ + ସ୍ତ୍ରୀ. ଆ)—
Indrāṇikā ୧ । ଇନ୍ଦ୍ରଙ୍କ ସ୍ତ୍ରୀ, ଶଚୀ—
1. Wife of Indra.
୨ । ଅଷ୍ଟମାତୃକା ମଧ୍ୟରୁ ଏକ; ଯୋଗିନୀବିଶେଷ—
2. One of the eight Joginis.
୩ । ଶଚୀଙ୍କ ପ୍ରବର୍ତ୍ତିତ ରତିବନ୍ଧବିଶେଷ—
3. Name of a posture in copulation.
୪ । ବେଗୁନିଆ (ଗୁଳ୍ମ) ( ଦେଖ )
4. Beguniā (shrub) ( See )

ଇନ୍ଦ୍ରାଣୀ—ସଂ. ବି. ସ୍ତ୍ରୀ—ଇନ୍ଦ୍ରାଣିକା ( ଦେଖ )
Indrāṇi Indrāṇikā ( See )

ଇନ୍ଦ୍ରାନୁଜ—ସଂ. ବି. ସ୍ତ୍ରୀ. ( ୬ଷ୍ଠୀ ତତ୍; ଇନ୍ଦ୍ର + ଅନୁଜ = ଅବରଜ;
Indrānuja ଇନ୍ଦ୍ରଙ୍କ ସାନ ଭାଇ )—ବିଷ୍ଣୁ; ବାମନ ଅବତାର—
A name of Bishṇu in the incarnation of Bāmana.

ଇନ୍ଦ୍ରାବରଜ—ସଂ. ବି—ଇନ୍ଦ୍ରାନୁଜ ( ଦେଖ )
Indrābaraja Indrānuja ( See )

ଇନ୍ଦ୍ରାମଇ—ଦେ. ବି—ବନ୍ୟ ବୃକ୍ଷବିଶେଷ; ଜଅଳଗଛ—
Indrāmai Odina Wodir.
ସଂ. ଜଙ୍ଗିକା; ଦୃଢ଼ବାଲ୍କଲି
ଜିଭଲ; বোহর; ঘড়ি
जिङ्गन , काशमला; कड़मूल; मत्तान
ତା ଓଡ୍ରେସ୍ୟା ମାରମ, ଓଡ଼ିଅର
ତେ. ଓଡ୍ଡାଇମାନୁ

ଇନ୍ଦ୍ରାୟଣୀ—ଦେ. ବି. ସ୍ତ୍ରୀ. ( ସଂ. ଇନ୍ଦ୍ରାଣୀ )—
Indrāyaṇi ୧ । ଇନ୍ଦ୍ରାଣୀ; ଶଚୀ—1. The wife of Indra.
୨ । ନୃସିଂହ ପୁରାଣ ବର୍ଣ୍ଣିତ ୧୮ ଠାକୁରାଣୀଙ୍କ ମଧ୍ୟରୁ ଏକ ଠାକୁରାଣୀ; ଦେବୀବିଶେଷ—
2. A Goddess
୩ । ଦୁର୍ଗାଙ୍କ ଅଙ୍ଗରୁ ଜାତ ଦେବୀବିଶେଷ—
3. A Goddess born of the body of Goddess Durgā.

ପ୍ରଜାପତ ପକ୍ଷକୁ ସେ ଗଲେ ଇନ୍ଦ୍ରାୟଣୀ । ମାର୍କଣ୍ଡପୁରାଣ ।

ଇନ୍ଦ୍ରାୟୁଧ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ର = ଦେବରାଜ + ଆୟୁଧ = ଅସ୍ତ୍ର;
Indrāyudha ଧନୁ )—ଇନ୍ଦ୍ରଧନୁ; ଇନ୍ଦ୍ରଚାପ—
Rainbow.

ଇନ୍ଦ୍ରାରି—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ର + ଅରି = ଶତ୍ରୁ )—
Indrāri ଅସୁର; ଦୈତ୍ୟ—Demon.

ଇନ୍ଦ୍ରାଶନ—ସଂ. ବି. ( ଇନ୍ଦ୍ର = ଇନ୍ଦ୍ରିୟ + ଅଶନ = ଭୋଜନ )—
Indrāśana ଗଞ୍ଜେଇ—Hemp.

ଇନ୍ଦ୍ରାସନ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ର + ଆସନ )—
Indrāsana ଇନ୍ଦ୍ରଙ୍କ ସିଂହାସନ—The throne of Indra.

ଇନ୍ଦ୍ରି—ଗ୍ରା. ପଦ୍ୟ. ବି. ( ସଂ. ଇନ୍ଦ୍ରିୟ )—
Indri ୧ । ଇନ୍ଦ୍ରିୟ—1. Organs of sense.

କାମାଦ ଇନ୍ଦ୍ରି ଗଣେ ରହୁ
ଶରୀରେ ଆଉ ଅପସରୁ । ସଂଗୀତଗ୍ର. ପ୍ରେମଭକ୍ତିବ୍ରହ୍ମଗୀତା ।

୨ । ଲିଙ୍ଗ—2. Male organ; penis.

ଚରଣ ଚଳାଉ ଇନ୍ଦ୍ରି ମୈଥୁନ
କର କର୍ମର ଆଉ କର୍ମମ ନ । ପ୍ରାଚୀ. ପରତେଗୀତା ।

ଇନ୍ଦ୍ରିୟ—ସଂ. ବି. (ଇନ୍ଦ୍ର = ସ୍ୱୟଂ; ଆତ୍ମା + ଇୟ; ମନୁଷ୍ୟ ଜଳେ ଯାହା
Indriya ଉପରେ ପ୍ରଭୁତ୍ୱ କରେ )—
୧ । ଯାହା ଦ୍ୱାରା ମନୁଷ୍ୟମନରେ ପଦାର୍ଥ ବା ବାହ୍ୟବିଷୟର ଜ୍ଞାନ ଜନ୍ମେ;ଯାହାଦ୍ୱାରା ମନୁଷ୍ୟ କାର୍ଯ୍ୟ କରେ—
1 Organ of sense or action.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଷ,ସ | କ୍ଷ | ଇୟ | ଇଅ | ଉ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଥ | ଓ | ନ୍ |

[ ଦ୍ର—ହିନ୍ଦୁଶାସ୍ତ୍ର ମତେ ଇନ୍ଦ୍ରିୟ ୧୪ ଗୋଟି । ଯଥା—
ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ—୧ ଚକ୍ଷୁ, ୨ କର୍ଣ୍ଣ, ୩ ନାସିକା; ୪ଜିହ୍ୱା ଓ ୫ ତ୍ୱକ ।
ପାଞ୍ଚଗୋଟି କର୍ମେନ୍ଦ୍ରିୟ—୬ ହାତ, ୭ ଗୋଡ଼, ୮ ବାକ୍ୟ, ୯ ଗୁହ୍ୟଦ୍ୱାର ଓ ୧୦ ଉପସ୍ଥ ।
ଚାରିଗୋଟି ଅନ୍ତରେନ୍ଦ୍ରିୟ—୧୧ ମନ, ୧୨ ବୁଦ୍ଧି, ୧୩ ଅହଙ୍କାର ଓ ୧୪ ଚିତ୍ତ । ]

୨ । ଶୁକ୍ର ବା ବୀର୍ଯ୍ୟ; ବୀଜ—2. Semen.

ସଂ. ବଣ - ଇନ୍ଦ୍ରିୟସମ୍ବନ୍ଧୀୟ—
Pertaining to the organs.

ଇନ୍ଦ୍ରିୟକ୍ଷୋଭ—ସଂ. ବି. ( ମଧ୍ୟପଦଲୋପୀ )—
Indriyakshobha ଇନ୍ଦ୍ରିୟମାନଙ୍କ ଜନିତ ଦୁଃଖ—
Distraction of the senses: misery or suffering due to the senses

ଇନ୍ଦ୍ରିୟଗମ୍ୟ—ସଂ. ବି. ( ୩ୟା ତତ୍; ଇନ୍ଦ୍ରିୟ+ଗମ୍ୟ )—ଇନ୍ଦ୍ରିୟମାନଙ୍କ-
Indriyagamya ଦ୍ୱାରା ଅନୁଭୂତ ବା ଗ୍ରହଣୀୟ—
Perceptible by the senses; within the ken of the senses; capable of being perceived by the senses.

ଇନ୍ଦ୍ରିୟଗୋଚର—ସଂ. ବଣ. ( ୩ୟା ତତ୍; ଇନ୍ଦ୍ରିୟ+ଗୋଚର )—
Indriyagochara ଇନ୍ଦ୍ରିୟଗମ୍ୟ ( ଦେଖ )
Indriyagamya ( See )

ଇନ୍ଦ୍ରିୟଗ୍ରାମ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଗ୍ରାମ )—
Indriyagrāma ଇନ୍ଦ୍ରିୟସମୂହ—
All the organs.

ଇନ୍ଦ୍ରିୟଗ୍ରାହ୍ୟ—ସଂ. ବଣ. ( ୩ୟା ତତ୍; ଇନ୍ଦ୍ରିୟ+ଗ୍ରାହ୍ୟ )—
Indriyagrāhya ଇନ୍ଦ୍ରିୟଗମ୍ୟ ( ଦେଖ )
Indriyagamya ( See )

ଇନ୍ଦ୍ରିୟଜୟ—ସଂ. ବି. (୬ଷ୍ଠୀ ତତ୍; ଇନ୍ଦ୍ରିୟ+ଜୟ )—ଜିତେନ୍ଦ୍ରିୟତା-
Indriyajaya Control over passions; self-control.

ଇନ୍ଦ୍ରିୟଦମନ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଦମନ )—
Indriyadamana ଇନ୍ଦ୍ରିୟନିଗ୍ରହ ( ଦେଖ )
Indriyanigraha ( See )

ଇନ୍ଦ୍ରିୟଦୋଷ—ସଂ ବି. ( ଇନ୍ଦ୍ରିୟ+ଦୋଷ )—
Indriyadosha ୧ । ଇନ୍ଦ୍ରିୟର ଉଚ୍ଛୃଙ୍ଖଳତା—
1. Licentionsness; sensual propensity
୨ । ସ୍ତ୍ରୀ ସହବାସ ସମ୍ବନ୍ଧେ ଯଥେଚ୍ଛାଚାର—
2. Concupiscence; being addicted to sexual pleasures.

ଇନ୍ଦ୍ରିୟନିଗ୍ରହ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ନିଗ୍ରହ )—
Indriyanigraha ଇନ୍ଦ୍ରିୟମାନଙ୍କର ସଂଯମକରଣ; ବାହ୍ୟେନ୍ଦ୍ରିୟ ଓ ଅନ୍ତରେନ୍ଦ୍ରିୟମାନଙ୍କର ଦମନ କରିବା—Control of the senses; self-restraint; domination over oppetites.

ଇନ୍ଦ୍ରିୟନିରୋଧ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ନିରୋଧ )—
Indriyanirodha ଇନ୍ଦ୍ରିୟନିଗ୍ରହ ( ଦେଖ )
Indriyanigraha ( See )

ଇନ୍ଦ୍ରିୟପରାୟଣ—ସଂ. ବଣ. ପୁଂ. ( ବହୁବ୍ରୀହି; ଇନ୍ଦ୍ରିୟ+ପରାୟଣ )—
Indriyaparāyaṇa ଇନ୍ଦ୍ରିୟ ସେବାରେ ଆସକ୍ତ; ଯେ କେବଳ
( ଇନ୍ଦ୍ରିୟପରାୟଣା—ସ୍ତ୍ରୀ ) ଭୋଗବିଳାସକୁ ସଂସାରରେ ସାର ବୋଲି ମନେ କରେ—Voluptuous; given up to free indulgence of senses; sensual carnal.

ଇନ୍ଦ୍ରିୟପରାୟଣତା—ସଂ. ବି. (ଇନ୍ଦ୍ରିୟପରାୟଣ+ଭାବ. ତା )—ଇନ୍ଦ୍ରିୟ-
Indriyaparāyaṇatā ସେବାରେ ରତ ହେବା—
Sensuality.

ଇନ୍ଦ୍ରିୟବିଳାସ—ସଂ, ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ବିଳାସ )—ଇନ୍ଦ୍ରିୟ
Indriyabiḻāsa ବୃତ୍ତିମାନ ଚରିତାର୍ଥକରଣ—Sensual enjoyment; indulgence in sensual pleasures.

ଇନ୍ଦ୍ରିୟବିଷୟ—ସଂ. ବଣ. ( ବହୁବ୍ରୀହି; ଇନ୍ଦ୍ରିୟ+ବିଷୟ )—
Indriyabishaya ଇନ୍ଦ୍ରିୟଗମ୍ୟ ( ଦେଖ )
Indriyagamya ( See )

ଇନ୍ଦ୍ରିୟବୃତ୍ତି—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ବୃତ୍ତି )—ଇନ୍ଦ୍ରିୟମାନଙ୍କ
Indriyabṛutti ପ୍ରବୃତ୍ତି; ଭୋଗ କରିବାର ଅଭିଳାଷ—The tendency of the organs to enjoy.

ଇନ୍ଦ୍ରିୟଭୋଗ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଭୋଗ )—
Indriyabhoga ଇନ୍ଦ୍ରିୟବିଳାସ ( ଦେଖ )
Indriyabiḻāsa ( See )

ଇନ୍ଦ୍ରିୟସଂଯମ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ସଂଯମ )—
Indriya saṁjama ଇନ୍ଦ୍ରିୟନିଗ୍ରହ ( ଦେଖ )
Indriyanigraha ( See )

ଇନ୍ଦ୍ରିୟସେବା—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ସେବା )—
Indriyasebā ଇନ୍ଦ୍ରିୟବିଳାସ ( ଦେଖ )
Indriyabiḻāsa See)

ଇନ୍ଦ୍ରିୟାର୍ଥ—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଅର୍ଥ=ବସ୍ତୁ )—ଇନ୍ଦ୍ରିୟ-
Indriyārtha ମାନଙ୍କର ଭୋଗ୍ୟବସ୍ତୁ—( ଯଥା—ରୂପ, ରସ, ଗନ୍ଧ, ଶବ୍ଦ ଓ ସ୍ପର୍ଶ )—Object of perception (e.g. sight; smell; taste; touch and sound.

ଇନ୍ଦ୍ରିୟାସକ୍ତ—ସଂ. ବଣ. ( ୭ମୀ ତତ୍; ଇନ୍ଦ୍ରିୟ+ଆସକ୍ତ )—ଇନ୍ଦ୍ରିୟ
Indriyāsakta ସେବାରେ ମଗ୍ନ—Voluptuous; given to sensual pleasures.

ସାଧାରଣ ଲେଖକେ ଅନେକ ସ୍ଥଳରେ ସ୍ୱରର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ବ୍ୟବହାର କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଆବଶ୍ୟକ ବର୍ଣ୍ଣର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଞ୍ଜ' ନ ମିଳିଲେ 'ଗଞ୍ଜ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବୃନ୍ତ' ନ ପାଇଲେ 'ବୃନ୍ତ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଇନ୍ଦ୍ରିୟାସକ୍ତି—ସଂ. ବି. ( ୬ଷ୍ଠୀ ତତ୍; ଇନ୍ଦ୍ରିୟ+ଆସକ୍ତି )—ଇନ୍ଦ୍ରିୟ-
Indriyāsakti ପରାୟଣତା—Voluptuousness; sensuality.

ଇନ୍ଧ ( ଧାତୁ )—ସଂ—ଜାଳିବା—
Indha ( root ) To burn.

ଇନ୍ଧନ—ସଂ. ବି. ( ଇନ୍ଧ ଧାତୁ=ଜାଳିବା+ଭାବ. ଅନ )—
Indhana ଜାଳେଣିକାଠ—Fuel.

ଇନ୍ନ—ସଂ. ବି—ଇନ ( ଦେଖ )
Inna Ina ( See )

ଇବ—ଦେ. ବି—ଇଭ ( ଦେଖ )
Iba Ibha ( See )

ଇବା—ଦେ. ପ୍ରତ୍ୟୟ—୧ । ଓଡ଼ିଆ ଧାତୁ ସଙ୍ଗେ 'ଇବା' ଯୁକ୍ତ ହୋଇ ଏହା
Ibā ଧାତ୍ୱର୍ଥକ କ୍ରିୟା ବୁଝାଏ—1. An inflection attached to Ordiā roots corresponding to English, to as in 'to eat'.
( ଯଥା—କର ଧାତୁ=କରିବା; ଖା ଧାତୁ=ଖାଇବା; ଶୋ ଧାତୁ=ଶୋଇବା )
୨ । ଏହି ପ୍ରତ୍ୟୟଯୁକ୍ତ ପଦ ଧାତୁବାଚକ ବିଶେଷ୍ୟ ବା କର୍ମକୁ ବୁଝାଏ—2. An inflection attached to Ordiā root corresponding to English 'ing' as in going.
( ଯଥା—ଯିବା=ଗମନ କର୍ମ )
୩ । ଏହି ପ୍ରତ୍ୟୟଯୁକ୍ତ ପଦ ଧାତୁବାଚକ ବର୍ତ୍ତମାନ କାଳ-ଯୁକ୍ତ ବିଶେଷଣ ବା କର୍ମ କରୁଥିବା ବ୍ୟକ୍ତି ବା ପଦାର୍ଥକୁ ବୁଝାଏ—3. A suffix attached to Ordiā root corresponding to ing as in Dining-room.
କର୍ଣ୍ଣ ମୋହିବା ଭରତରେ । ରାଧାନାଥ, କୌଣସିକେ, ବି. ଗୀତ ।

ଇବାଗିର—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—ଏମନ; ଏପରି—
Ibāgir Like this; in this manner.
ପ୍ରାଦେ. ( ସମ୍ବଲପୁର) ବିଣ—ଏପ୍ରକାରର—
Similar to this; such like.

ଇବାର—ଦେ. ପ୍ରତ୍ୟୟ—ଇବା ( ଦେଖ )
Ibāra Ibā ( See )

ଇ. ବି. ଏସ୍. ଆର—ଦେ. ବି. ( ଇଂ. ସାଙ୍କେତିକ )—
I bi es ār ଇଷ୍ଟ ବଙ୍ଗରେ ସରକାରଙ୍କ ପରିଚାଳିତ ରେଲୱାଇ—
ई. बि. एस्. आर E. B. S. Ry.
ई. बि एस आर

ଇବେ—ଦେ. ଅ. ( ଅନାଦରାର୍ଥକ )—ତୁଚ୍ଛ ବା ହୀନ ବ୍ୟକ୍ତିକୁ
Ibe ସମ୍ବୋଧନରେ ବ୍ୟବହୃତ; ହଇରେ—Interjection used in addressing lowest beings.

ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—ଏଠାରେ—Here.

ଇଭ୍—ବୈଦେ. ବି. ( ହେବ୍ରୁ ନାମ )—
Ibh ବାଇବଲ୍‌ମତରେ ସୃଷ୍ଟିର ପ୍ରଥମନାରୀ; ଆଦାମଙ୍କ ସ୍ତ୍ରୀ—Eve, the first created woman according to the Bible.
[ ବି—ଆଦମ୍ ତଳେ ନୋଟ୍ ଦେଖ ]

ଇଭ—ସଂ. ବି. ( ଇ ଧାତୁ=ଗମନ କରିବା+ଭ )—
Ibha ୧ । ହସ୍ତୀ; ହାତୀ—1. Elephant.
୨ । ମହାନଦୀର ଶାଖାନଦୀ, ବିଶେଷ ( ଏହା ସମ୍ବଲପୁରର ୧୨ କୋଶ ପଶ୍ଚିମରେ ମହାନଦୀରେ ପଡ଼ିଅଛି । ଏହା ଛୋଟନାଗପୁରରୁ ବାହାରି ଅଛି )—
2. A tributary of the Mahānadī.
୩ । ଗଜପିପ୍ପଳୀ ( ଦେଖ )
( ହରେକୃଷ୍ଣ ଦ୍ରବ୍ୟଗୁଣ )
3. Gandhapippali ( See )

ଇଭରାଜ—ସଂ. ବି. ( ଇଭ=ହସ୍ତୀ+ରାଜା=ପ୍ରଧାନ )—
Ibharāja ଐରାବତ ହସ୍ତୀ—The Airābata elephant of Indra.

ଇଭରାଟ୍—ସଂ. ବି—ଇଭରାଜ ( ଦେଖ )
Ibharāt Ibharāja ( See )

ଇଭା—ବୈଦେ. ବି. ( ନାମ )—ଇଭ୍ ( ଦେଖ )
Ibhā Ibh ( See )

ଇଭ୍ୟ—ସଂ. ବିଣ. ପୁଂ.—(ଇଭ ଧାତୁ+ଯ)—
Ibhya ଧନୀ; ଆଢ୍ୟ—Rich.
(ଇଭ୍ୟା—ସ୍ତ୍ରୀ)

ଇଭ୍ୟା—ସଂ.ବି. ସ୍ତ୍ରୀ. (ଇଭ=ହାତୀ+ଯ+ସ୍ତ୍ରୀ. ଆ)—୧ । ହସ୍ତିନୀ—
Ibhyā 1. A female elephant.
୨ । ସଲ୍ଲକୀ ଗଛ—2. A tree.

ଇମ୍ତାନ—ବୈଦେ. ବି. ( ଆ. ଇମ୍‌ତିହାନ )—ପରୀକ୍ଷା; ପରଖ—
Imtān Examination.
ईमतिहान ସେଦିନ ମୋ ଆଗରେ ଇମ୍ତାନ୍ ଦେଇ ।
इम्तिहान ଫକୀରମୋହନ. ଛମାଣଆଠଗୁଣ୍ଠ ।

ଇମ୍ତାର—ପ୍ରାଦେ. ( ସମ୍ବଲପୁର ) ଅ—ଏମନ; ଏହିପରି—
Imtār Thus; of this kind.

ଇମ୍ତି—ଗ୍ରା. ଅ—ଇମିତି; ଏପରି—In this way; thus.
Imti

ଇମ୍ତିହାନ୍—ବୈଦେ. ବି. ( ଆ )—ପରୀକ୍ଷା; ଇମ୍ତାନ୍—
Imtihān Examination; test

ଇମତି—ପ୍ରାଦେ. ( ପୁରୀ; କଟକ ) ଅ. ( ସଂ. ଏତତ୍+ମତମ୍; ତୁଳ. ହିଁମିତି; ଜମିତି )—ଏହିପରି; ଏହିରୂପେ—
Imati Thus; in this way.
एमत; एमनि
एमता ବିଣ—ଏତାଦୃଶ—Similar to this.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଡ଼ | ଷ,ଶ | ଙ୍ଗ | ଐ | ଉଅ | ଢ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ | ଯ | ସ | ଙ୍ଘ | ଇଅ | ୱ | କୃ |

ଇମନ୍—ଦେ. ବି—ସଙ୍ଗୀତର ରାଗବିଶେଷ—
Iman — A wellknown air in music
ইমান
एमन

ଇମନ୍‌କଲ୍ୟାଣ - ଦେ. ବି—ସଙ୍ଗୀତର ରାଗବିଶେଷ—
Imankalyāṇa — A wellknown musical air compounded of Iman and Kalyāṇa airs.
ইমনকল্যাণ
एमनकल्याण

ଇମାନ୍—ବୈଦେ. ବି. ( ଆ )—୧ । ବିଶ୍ୱାସ—
Imān — 1. Faith; belief; confidence.
ইমান ୨ । ବିବେକ—2. Conscience.
ईमान

ଇମାନ୍‌ଦାର୍—ବୈଦେ ବିଣ. ( ଆ. )—
Imāndār — ୧ । ବିଶ୍ୱାସୀ—1. Faithful
ইমানদার ୨ । ବିବେକବାନ୍—2 Conscientious.
ईमानदार ୩ । ଧର୍ମଭୀରୁ; ଧାର୍ମିକ—3. Religious; pious.

ଇମାମ୍—ବୈଦେ. ବି. ( ଆ. )—ମୁସଲମାନମାନଙ୍କ ଧର୍ମଗୁରୁ—
Imām — A spiritual preceptor of the Mahomedans.
ঈমাম
इमाम

ଇମାମ୍‌ବଡ଼ା—ବୈଦେ. ବି. (ଆ. ଇମାମ୍‌ବାଡ଼ା—ଇମାମ୍‌ବାଡ଼ା (ଦେଖ)
Imāmbarḍā — Imāmbārḍā See )

ଇମାମ୍‌ବାଡ଼ା—ବୈଦେ. ବି. ( ଆ. )—ମୁସଲମାନମାନଙ୍କ ଉପାସନା-
Imāmbārḍā — ମନ୍ଦିର—A building in which
ঈমামবাড়া Mahomedans congregate for worship
इमामबाड़ा (esp. during the Mohoram festival).

ଇମାର—ଦେ. ବି.—ଏମାର (ଦେଖ)
Imāra — Emāra (See)

ଇମାରତ୍—ବୈଦେ. ବି. ( ଅ. )—୧ । ପକ୍କାଘର; କୋଠା—
Imārat — 1. Masonry house or building.
এমারত ୨ । ଅଟ୍ଟାଳିକା—2. Edifice.
इमारत

ଇମାର ମଠ—ଦେ. ବି.—ଏମାର ମଠ (ଦେଖ)
Imāra maṭha — Emāra maṭha (See)

ଇମାର ହାଣ୍ଡି—ପ୍ରାଦେ. (ପୁରୀ) ବି. ( ଏ ହାଣ୍ଡିରେ ପୂର୍ବେ ଇମାର ମଠର
Imāra hāṇḍi — ଅନ୍ନ ରନ୍ଧୁଥିବାରୁ)—ଦୁଇ ସେର ଚାଉଳର ଅନ୍ନ-ମହାପ୍ରସାଦ ସମ୍ଭାଳିବାଭଳି ହାଣ୍ଡି—
An earthen pot capable of containing boiled rice of 2 seers

ଇମିତି—ପ୍ରାଦେ. (ପୁରୀ ଓ କଟକ) ବିଣ ଓ ଅବ୍ୟୟ—ଇମତି (ଦେଖ)
Imiti — Imati (See)

ଇମିତିକା—ପ୍ରାଦେ. (ପୁରୀ ଓ କଟକ). ବିଣ ଓ ଅବ୍ୟୟ—ଇମତି (ଦେଖ)
Imitikā — Imati (See)

ଇମିତିକିଆ—ପ୍ରାଦେ. (ପୁରୀ ଓ କଟକ) ବିଣ ଓ ଅବ୍ୟୟ—ଇମତି (ଦେଖ)
Imitikiā — Imati (See)

ଇମିତିସିମିତି—ଦେ. କ୍ରି. ବିଣ—ଯେପରି ଇଚ୍ଛା ସେପରି—
Imitisimiti — In any way.
এমত তেমত; এমনি তেমনি — ଦେ. ବିଣ.—ଯେ ସେ; ହେୟ,
एसातेसा ଯାଚ୍ଛାତାଇ—Ordinary; not worth notice.

ଇୟତ୍—ସଂ. ବିଣ. ( ଇଦମ୍=ଏହି + ପରିମାଣ ଅର୍ଥରେ. ବତ୍;
Iyat — ପ୍ରତ୍ୟୟ )—ଏତାବତ୍; ଏହିପରିମିତ; ଏତେ; ଏତିକ—
(ଇୟତୀ—ସ୍ତ୍ରୀ) — This much; so much.

ଇୟତ୍‌କାଳ—ସଂ. ବି.—ଏହି ସମୟ; ବର୍ତ୍ତମାନ—
Iyatkāḷa — Present time.

ଇୟତ୍ତା—ସଂ. ବି. ( ଇୟତ୍=ଏତିକ+ଭାବ. ତା )—
Iyattā — ୧ । ସୁମାରି; ଗଣନା—1 Calculation.
୨ । ସୀମା—2. Limit
୩ । ସ୍ଥିରତା—3. Definiteness; fixity.
୪ । ନିର୍ଦ୍ଧାରିତ ପରିମାଣ—4. Fixed measure or quantity.
୫ । ପରିମାଣ—5 Quantity.

ଇର୍‌ସାଲ—ବୈଦେ. ବି (ଫା —ରିସାଲ୍; ରାଜକୋଷକୁ ବା ପ୍ରଭୁ ନିକଟକୁ
Irsāl — ଅର୍ଥପ୍ରେରଣ; ସଦରକୁ ଟଙ୍କା ଚାଲାଣ—Remittance
রিসাল of collections to the treasury or to
इरसाल the head quarters.

ଇର୍‌ସାଲ୍‌ନାମା—ବୈଦେ. ବି ( ଫା. )—ଯେଉଁ ପତ୍ର ବା ପୁସ୍ତକରେ
Irsālnāmā — ପ୍ରେରିତ ଅର୍ଥର ବିବରଣ ଲିପିବଦ୍ଧ ହୋଇଥାଏ;
इरसालनामा ଚାଲାଣ—Remittance-slip; a register showing the details of the amounts remitted from time to time.

ଇର—ଦେ. ବି—ପ୍ରସବ ପରେ ଗାଈ ବା ମଇଁଷି ପେଟରୁ ପଡ଼ିବା
Ira — ଫୁଲ—Placenta of a cow or a buffalo.

ଇର ( ଧାତୁ )—ସଂ—ବ୍ୟଥା ଦେବା—
Ira (root) — To give pain.

ଇରଖା - ପ୍ରାଦେ (ବସ୍ତର) ବି—ଈର୍ଷା; ଦ୍ୱେଷ—
Irakhā — Envy; malice.

ଇରଖାହା - ପ୍ରାଦେ. (ବସ୍ତର) ବି—ଇରଖା ( ଦେଖ )
Irakhāhā — Irakhā ( See )

ଇରଣ—ସଂ. ବି ( ଋ ଧାତୁ=ଯିବା+ଅନ )—ମରୁଭୂମି, ଜଳବୃକ୍ଷାଦି-
Iraṇa — ଶୂନ୍ୟ ଭୂଭାଗ—1. Desert, wilderness.
୨ । ଊଷରଭୂମି—2. Rhesoil; barren land.

ଇରଦାଡ଼ିଆ—ପ୍ରାଦେ. ( ଗଡ଼ଜାତ ) ବିଣ—ଯେଉଁ ମଇଁଷିର ପିଲା
Iradārḍhiā — ଜନ୍ମ ହେବା ପରେ ପେଟରୁ ଫୁଲ ପଡ଼ି ନ ଥାଏ—
A buffalo from which the placenta has not yet come down after delivery.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଇରବେଲ୍ଲିକା — ସଂ. ବି—( ଭୁଲ. ଇଂ. ଏରିସିପିଲାସ୍ )—ମୁଖବ୍ରଣ,
Irabellikā ବରୁଣ (ଯେଉଁ ବ୍ରଣଯୋଗୁଁ ସମସ୍ତ ସମୟରେ ମୁହଁ ଫୁଲି ଯାଇ ପ୍ରାଣନାଶ ଘଟଥାଏ)—Pimple; inflammation in the face; cerysipelas.

ଇରମ୍ମଦ—ସଂ. ବି. ( ଇରା=ଜଳ; ମେଘ + ମଦ୍ ଧାତୁ=ଖେଳିବା + କର୍ତ୍ତୃ. ଅ; ଯେ ମେଘରେ ଖେଳେ )—
Irammada
୧ । ବଜ୍ରାଗ୍ନି 1. Flash of lightning.
୨ । ବଡ଼ବାଗ୍ନି—2. Submarine fire.
୩ । ହସ୍ତୀ—3. Elephant.

ଇରା—ସଂ. ବି (ଇ ଧାତୁ=ଯିବା + ର + ସ୍ତ୍ରୀ. ଆ) – ୧ । ବାଣୀ; ସରସ୍ୱତୀ—
Irā 1. Saraswatī, the Goddess of learning.
୨ । ଭାଷା—2. Language; speech.
୩ । ସୁରା; ମଦ୍ୟ — 3. Ardent spirits; wine.
୪ । ଜଳ—4. Water.
୫ । ଅନ୍ନ—5. Food.
୬ । ପୃଥିବୀ—6. The earth.
୭ । ଦକ୍ଷକନ୍ୟା; କଶ୍ୟପଙ୍କ ପତ୍ନୀ—( ଯାହାଙ୍କଠାରୁ ବୃକ୍ଷ ଲତାଦି ଜନ୍ମ ହୋଇଥିଲା)—7. A wife of Kaśyapa.
୮ । ମେଘ—8. Cloud.
ପ୍ରାଦେ. (ବସ୍ତର) ବି.—ଦାଅ—Scythe.

ଇରାକ୍—ବୈଦେ. ବି. ( ନାମ )— ଦେଶବିଶେଷ – Name of a
Irāk country in Asiatic Turkey; Irak.
ইরাক [ଦ୍ର—ଏସିଅଟିକ୍ ତୁରସ୍କର ଦକ୍ଷିଣ ପୂର୍ବରେ ଥିବା ଗୋଟିଏ
इराक प्ରଦେଶ ( ପ୍ରାଚୀନ ବାବିଲନ୍‌ର ରାଜଧାନୀ ) । ଏହାର ମଧ୍ୟ ଦେଇ ଇଉଫ୍ରେଟିସ୍ ନଦୀ ବହି ଯାଉଅଛି । ]

ଇରାଜ— ସଂ. ବି.(ଇରା = ଦକ୍ଷକନ୍ୟା + ଜନ ଧାତୁ=ଜନ୍ମହେବା + ଅ) —
Irāja ବୃକ୍ଷଲତାଦି; ଉଦ୍ଭିଦ—Vegetables; plants and trees.

ଇରାନ୍—ବୈଦେ. ବି (ଫା. ନାମ )=ପାରସ୍ୟଦେଶ—
Irān Persia.
ইরান্ [ଦ୍ର—ପ୍ରତ୍ନତତ୍ତ୍ୱବିତ୍ ପଣ୍ଡିତମାନେ କହନ୍ତି ଯେ ପ୍ରାଚୀନ ଉତ୍ତର
ईरान କୁରୁଦେଶ ଅଧୁନାତ ଇରାନ୍ ଅଟେ । ]

ଇରାନୀ—ଦେ. ବିଣ—ପାରସ୍ୟ ଦେଶବାସୀ ( ବ୍ୟକ୍ତି )—
Irānī Persian.
ইরানী
ईरानी

ଇରାବତୀ—ସଂ.ବି. ସ୍ତ୍ରୀ (ଇରା=ଜଳ + ଅସ୍ତି ଅର୍ଥରେ. ବତ୍ + ସ୍ତ୍ରୀ. ଈ)—
Irābatī ୧ । ପଞ୍ଜାବର ଅନ୍ତର୍ଗତ ନଦୀବିଶେଷ; ରାବୀ ନଦୀ—
1. The Rabi, a river in the Punjab.
୨ । ବ୍ରହ୍ମଦେଶୀୟ ନଦୀବିଶେଷ—
2. The Irawadi river in Burma.
୩ । ଭବନାମକ ରୁଦ୍ରଙ୍କ ପତ୍ନୀ—
3. Wife of a Rudra God.
୪ । ବିଦିଶାର ରାଜା ଅଗ୍ନିମିତ୍ରଙ୍କର ଜଣେ ପତ୍ନୀ—
4. Name of a wife of king Agnimitra.
( 'ମାଳବିକାଗ୍ନିମିତ୍ର' ନାଟକରେ ବର୍ଣ୍ଣିତ )
ଦେ ବି.— ୧ । ରାଧା—1. Rādhā.
୨ । ଲକ୍ଷ୍ମୀ—2. Lakshmī.
ଇରାବତୀ ମତ ପ୍ରସନ୍ନ ନ କରେ ନିଶି ବାସରେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଇରାବାନ—ଦେ. ବି. ( ସଂ. ଇରାବାନ୍ )—ନାଗରାଜ ଐରାବତଙ୍କର
Irābāna ହତସ୍ୱାମିକା କନ୍ୟା ଉଲୂପୀଙ୍କ ଗର୍ଭରୁ ଅର୍ଜ୍ଜୁନଙ୍କ ଔରସରେ ଜାତ ପୁତ୍ରଙ୍କର ନାମ— Name of a son of Arjuna
ଅର୍ଜ୍ଜୁନ ନାଗକନ୍ୟା ଉଲୁପୀ ଅଙ୍ଗତେ,
ଜନ୍ମିଲେ ପୁତ୍ର ଇରାବାନ ସେ ନାମରେ । କୃଷ୍ଣସିଂହ. ମହାଭାରତ. ଆଦି ।

ଇରି—ସଂ. ବି – ହ୍ରଦବିଶେଷ—Name of a lake.
Iri

ଇରିଷା – ଗ୍ରା. ପଦ୍ୟ. ବି ( ସଂ. ଈର୍ଷା ଶବ୍ଦରୁ )—ଈର୍ଷା; ଦ୍ୱେଷ—
Irishā Envy; jealousy.
ଯେଉଁ ଲୋକ ଲୋକଙ୍କୁ ନ କରେ ଇରିଷା । କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

ଇରୁଣ୍ଡି —ଦେ. ବି ( ସଂ. ଉଦୁମ୍ବଲ )— ଇରୁଣ୍ଡିବନ୍ଧ ( ଦେଖ )
Irundi Irundibandha ( See )

ଇରୁଣ୍ଡିବନ୍ଧ—ଦେ. ବି. ( ସଂ. ଉଦୁମ୍ବଲ )—୧ । କବାଟର ତଳକାଠର
Irundibandha ଭୂମିକୁ ଲାଗିଥିବା କାଠଖଣ୍ଡ; ଦେହଲୀ—
দতমর্দ্দা; ডেহলি 1. Door-sill.
दहलीज; डेहरू ୨ । କବାଟ ତଳକାଠର ତଳେ ଥିବା ଉଚ୍ଚ ଭୂମି—
2. High ground below the door-sill.

ଇରେ—ଦେ. ଅ.—ଇରେରେ ( ଦେଖ )
Ire Irere ( See )

ଇରେରେ – ଦେ. ଅ. ସମ୍ବୋଧନ (ଅନାଦରାର୍ଥକ)—ହଇରେ—
Irere (Interjection) An address of disdain.
আরে
आरे

ଇରୋଟ୍‌ତେଲ—ପ୍ରାଦେ. (ଗଞ୍ଜାମ) ବି— ବାଦାମତେଲ; ଚୀନାବାଦାମତେଲ—
Irottela Bādām oil; Chinā Bādām oil.

ଇର୍ବାରୁ—ସଂ. ବି. ସ୍ତ୍ରୀ ( ଇର୍ବୁ=ମକ୍ଷି + ଆରୁ = ଯେ ଗମନ କରେ; ଯେ ମକ୍ଷି ପାଏ )—କାକୁଡ଼ି—Cucumber.
Irbāru

ଇର୍ବାଳୁ—ସଂ. ବି. ସ୍ତ୍ରୀ—ଇର୍ବାରୁ ( ଦେଖ )
Irbāḷu Irbāru ( See )

ଇର୍ମ୍ମ—ସଂ. ବି ( ଇର ଧାତୁ=ବ୍ୟଥା ଦେବା + ମ. ନିପାତନ )—
Irmma ୧ । ବ୍ରଣ—1. Boil; abscess.
୨ । କ୍ଷତ; ଘା—2. Sore; wound; ulcer.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଜ | ଶ,ଷ | ଙ୍କ | ଇଥ୍ | ଉଥ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍‌ | ଯ | ସ | ଙ୍ | ଇଅ | ଓ | ଋ |

ଇଲତ୍ (ତ)—ଦେ. ବ. ( ଅ. )—ଇଲ୍ଲତ୍ (ଦେଖ)
Ilat Illat (See)
ইলত
इलत

ଇଲତ୍‌ଖାନା—ଦେ. ବ. ( ଅ. )—ପାଇଖାନା—
Ilatkhātu Privy; closet.
ইলত্‌খানা
इलतखाना

ଇଲ (ଧାତୁ)—ସ.—୧ । ପ୍ରେରଣ କରିବା—1. To send.
Ila (root) ୨ । ଶୟନ କରିବା—2. To sleep.

ଇଲବିଲା—ସଂ. ବ. ସ୍ତ୍ରୀ—କୁବେରଙ୍କ ମାତା—
Ilabilā The mother of God Kubera.

ଇଲମ୍—ବୈଦେ. ବ. (ଅ.)—୧ । ବିଦ୍ୟା—1. Learning; arts.
Ilam ୨ । ଜ୍ଞାନ—2. Knowledge.
ইলম ୩ । ବିଜ୍ଞାନ—3. Science.
इलम

ଇଲମ୍‌ଗୌତମ୍ କରିବା—ପ୍ରାଦେ. (ସମ୍ବଲପୁର) କ୍ରି.—
Ilamgautam kariba ୧ । ଇତସ୍ତତଃ କରିବା—
1. To hisitate.
୨ । ହସରେ ଉଡ଼ାଇଦେବା—2. To laugh out a person's words.

ଇଲମ୍‌ଦାର୍—ବୈଦେ. ବଣ ( ଅ )—ବିଦ୍ୱାନ୍; ପଣ୍ଡିତ—
Ilamdār Learned.
ইলমদার্ ପୁଅକୁ ଲୋକ ଏବଂ ଇଲମ୍‌ଦାର କରିବା ସକାଶେ ଦାରୋଗା ସାହେବଙ୍କର
इलमदार କହିମାଣ ଗଫଲ୍‌ସ୍ଥିତ ନ ଥିଲା—ଫକୀରମୋହନ, ଛମାଣଆଠଗୁଣ୍ଠ ।

ଇଲମ୍ ହାସଲ କରିବା—ଦେ. କ୍ରି —୧ । କୌଣସି ବିଦ୍ୟାକୁ ଅଭ୍ୟସ୍ତ
Ilam hāsala karibā କରିବା—1. To learn (an art)
ইলম হাসল কয়া ୨ । ବିଦ୍ୟାର୍ଜ୍ଜନ କରିବା—
इलम हासल करना 2. To acquire learning.
ମେରିବଲୁ ତ ଇଲମହାସଲ କରି ନେଇଛ—ଫକୀରମୋହନ, ଛମାଣଆଠଗୁଣ୍ଠ ।

ଇଲା—ସଂ. ବ. ସ୍ତ୍ରୀ (ଇଲ୍ ଧାତୁ = ପ୍ରେରଣ କରିବା + ଅ + ସ୍ତ୍ରୀ. ଆ)—
Ilā ୧ । ବୈବସ୍ୱତମନୁଙ୍କ କନ୍ୟା, ବୁଧଙ୍କ ପତ୍ନୀ ଓ ପୁରୁରବାଙ୍କ ମାତା—1. The daughter of Baibaswata Manu; wife of Budha and mother of Pururaba
୨ । ଇକ୍ଷ୍ୱାକୁ ରାଜାଙ୍କ କନ୍ୟା—
2. The daughter of Ikshwāku the first king of the Solar race.
୩ । ପୃଥିବୀ—3. The earth.
୪ । ବାଣୀ—4. Speech.
୫ । ମଦ୍ୟ—5. Wine.
୬ । ଜଳ—6. Water.
୭ । ଧେନୁ; ଗାଈ—7. Cow.

ଇଲା—ଦେ. ପ୍ରତ୍ୟୟ—୧ । ଓଡ଼ିଆ ଧାତୁ ପରେ ଯୁକ୍ତ ହୋଇ ଅତୀତକାଳ
Ilā ଅନ୍ୟ ପୁରୁଷ ୧ ବଚନ ବୁଝାଏ—
(ଯଥା—ଖାଇଲା ।)
1. An inflection denoting past tense 1st person singular.
୨ । ଓଡ଼ିଆ ଧାତୁରେ ଯୁକ୍ତ ହୋଇ ଅତୀତକାଳବାଚକ ବିଶେଷଣ ବା ଉକ୍ତ କର୍ମ କରିଥିବା ବ୍ୟକ୍ତିକୁ ବୁଝାଏ।)
( ଯଥା—ଶୋଇଲା ପୁଅର ଭାଗ ନାହିଁ)—
An adjective suffix (ଇଂ. ed and en ଯଥା—Inspected, Eaten.)

ଇଲାଏ—ପ୍ରାଦେ. (ପୁରୀ) ଅ.—ଇଲାଗେ (ଦେଖ)—
Ilāe Ilāge (See)

ଇଲାକା—ବୈଦେ. ବ. (ଫା. ଏଲାକା)—୧ । ଅଧିକାର—
Ilākā 1. Right; jurisdiction; authority.
এলাকা ୨ । ଦାବି—2. Claim.
इलाका ୩ । ଅଧିକାରଭୁକ୍ତ ସମ୍ପତ୍ତି—3. Property under one's jurisdiction.
୪ । ସମ୍ପର୍କ; ସମ୍ବନ୍ଧ—4. Connection.
୫ । ରାଜ୍ୟବିଭାଗ; ଜିଲ୍ଲା—5. Division; district.
୬ । ରାଜକାର୍ଯ୍ୟ ବିଭାଗ; ଶାସନ ବିଭାଗ—
6. Department.
୭ । ରାଜକାର୍ଯ୍ୟ ଅଧିକାର—
7. Jurisdiction
୮ । ଭୂସମ୍ପତ୍ତି—8. Landed property.

ଇଲାକା କରିଦେବା – ଦେ. କ୍ରି—ଇଲାକା ତୁଟେଇବା (ଦେଖ)
Ilākā karidebā Ilākā tuteibā (See)

ଇଲାକା ତୁଟେଇବା—ଦେ. କ୍ରି—୧ । ପୃଥକ୍ କରିଦେବା; ସମ୍ପର୍କ ତୁଟାଇ ଦେବା—1. To separate;
Ilākā tuteibā to cut off connection.
এলাকাকরে দেওয়া
इलाका करदेना
୨ । ସ୍ତ୍ରୀକୁ ତଲାକ୍ ଦେବା; ଛାଡ଼ପତ୍ର ଦେବା—.
2. To divorce (a wife)
୩ । ହିସାବ ନିକାସ କରିଦେବା; ଅଡ଼ୁଆ ଛିଣ୍ଡାଇବା; ବିବାଦ ମୀମାଂସା କରିବା—To settle accounts with; to settle a long-standing dispute.

ଇଲାକାଦାର୍—ଦେ. ବଣ—୧ । ସମ୍ପତ୍ତି ପରିଚାଳନାପାଇଁ ଭାରପ୍ରାପ୍ତ—
Ilākādār 1. Authorised or charged or vested with dominion over property.

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ଷାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

এলাকাদার ୨ । ସମ୍ପର୍କଯୁକ୍ତ—2. Connected.
**इलाकादार** ୩ । ଅଧିକାର ପରିଚାଳନ କରୁଥିବା—
3. Having jurisdiction over.
ଦେ. ବି—ଇଲାକାର ଭାରପ୍ରାପ୍ତ ବ୍ୟକ୍ତି—
Person in charge of a certain department.

ଇଲାକାପତ୍ର—ଦେ. ବି—୧ । ଅଧିକାର—
Ilākāpatra 1. Authority.
এলাকাবাড়ি ୨ । ସମ୍ପର୍କ—2. Connection.

ଇଲାକାବାଡ଼ି—ଦେ. ବି—ବିଷୟ ଅଶୟ; ଭୂସମ୍ପତ୍ତି; ଜମିବାଡ଼ି—
Ilākābardi Immovable property; land and
এলাকাবাড়ি tenements

ଇଲାକା ରଖିବା—ଦେ. କ୍ରି—୧ । ସମ୍ପର୍କ ରଖିବା—
Ilaka rakhiba 1. To be connected with.
এলাকারাখা ୨ । ସମ୍ପର୍କ ରହିବା—2. To have connec-
**इलाकारखना** tion or relationship with a matter.

ଇଲାଗି—ଗ୍ରା. କ୍ରି ବିଣ—ଏଥିପାଇଁ—
Ilāgi For this; for this reason.
এইজন্যে
**इसवास्ते**

ଇଲାଗେ—ଗ୍ରା. ଅ—ବର୍ତ୍ତମାନ; ଏହି ଲାଗେ—
Ilāge Presently; at preset; just now.
এখন
**अभि**

ଇଲାଚ—ବୈଦେ. ବି. (ଫା) (ଭୁଲ ସଂ. ଏଲା)—
Ilāchi ଅଳାଇଚ; ମସଲାବିଶେଷ—Cardamom.

ଇଲାଜ୍—ବୈଦେ. ବି. ( ଅ )—୧ । ଔଷଧ—1. Medicine.
Ilāj ୨ । ମନ୍ତ୍ର ଯନ୍ତ୍ର ପ୍ରୟୋଗ—2. Charm.
ইলাজ ଯାହା ଅପଣା କଥା ତାହାଁର ଇଲାଜ କଥା—
**इलाज** ଫକୀରମୋହନ.ଗଳ୍ପ-ସ୍ୱଳ୍ପ ।

ଇଲାବୃତ—ସଂ. ବି. [ ଇଲା=(ପୃଥିବୀ)+ଆବୃତ ( ମନୋନୀତ ) । ]—
Ilābṛuta ହିନ୍ଦୁ ପୌରାଣିକ ଜମ୍ବୁଦ୍ୱୀପସ୍ଥ ନଅ ଗୋଟି ବର୍ଷ ବା ଦେଶ ମଧ୍ୟରୁ ଗୋଟିଏ ଦେଶ ( ଏଥିର ଉତ୍ତରରେ ନୀଳଶୈଳ ଓ ଶୃଙ୍ଗବାନ ପର୍ବତ, ଦକ୍ଷିଣରେ ନିଷଧ, ହେମକୂଟ ଓ ହିମାଳୟ, ପୂର୍ବରେ ଗନ୍ଧମାଦନ ପର୍ବତ; ପଶ୍ଚିମରେ ମାଲ୍ୟବାନ ପର୍ବତ । ଏହାର ମଧ୍ୟସ୍ଥଳରେ ସୁମେରୁ । ଏହି ସ୍ଥଳରେ ଅଭିଶପ୍ତ 'ଇଲ' ନାମକ ରାଜା ସ୍ତ୍ରୀ (ଇଲା) ରୂପରେ ବୁଧଙ୍କ ସହିତ ବାସ କରିଥିଲେ)—
One of the 9 divisions of the Jambudwipa ie. ancient India.

ଇଲାହି—ବୈଦେ. ବିଣ. ( ଅ )—୧ । ପବିତ୍ର; ଧାର୍ମିକ ଉତ୍କୃଷ୍ଟ—
Ilāhi 1. Holy; charitable.
ইলাহি ୨ । ମହାନ୍; ଶ୍ରେଷ୍ଠ—2. Chief; great.
**इलाही** ୩ । ଉତ୍କୃଷ୍ଟ—3. Excellent.

ଇଲାହିଗଜ—ବୈଦେ. ବି. ( ଅ )—ମୋଗଲ ସମ୍ରାଟ ଆକବରଙ୍କ ଦ୍ୱାରା
Ilāhigaj ପ୍ରଚଳିତ ୪୧ ଇଞ୍ଚିଆ ଗଜ ( ମାପ )—A yard
ইলাহিগজ ( lineal measure ) of 41 inches of
**इलाहिगज** the time of Akbar the great.

ଇଲି—ସଂ. ବି—ଇଲୀ ( ଦେଖ )
Ili Ilī ( See )

ଇଲୀ—ସଂ. ବି. ( ଇଲ୍ ଧାତୁ=ଯିବା+ଇ )—ଛୁରି; ଖଣ୍ଡା—
Ilī A dagger; knife; a sabre.
ଦେ. ବି—ଏକଫଳା ଛୁରି—One-bladed knife.

ଇଲିଶ—ଦେ. ବି—ଇଲିଶି ( ଦେଖ )
Ilisa Illisi ( See )

ଇଲିଶି—ଦେ. ବି—ଇଲିଶି ( ଦେଖ )
Ilisi Illisi ( See )

ଇଲେ—ପ୍ରାଦେ. ( ପୁରୀଜିଲ୍ଲା ) ଅ—ଇଲାଗେ; ବର୍ତ୍ତମାନ; ଏହିଲାଗେ—
Ile Just now, at present.

ଇଲେକ୍‌ଟରି—ଗ୍ରାମ୍ୟ. ବିଣ. ( ଇଂ. ଅପଭ୍ରଂଶ )—ଇଲେକ୍‌ଟ୍ରିକ୍ ( ଦେଖ )
Ilekṭari Ilekṭrik ( See )

ଇଲେକ୍‌ଟ୍ରିକ୍—ବୈଦେ. ବିଣ. ( ଇଂ. )—ବୈଦ୍ୟୁତିକ—
Ilekṭrik Electric.
ইলেক্ট্রীক
**इलेकठरी**

ଇଲେକ୍‌ସନ—ବୈଦେ. ବି. ( ଇଂ. )—ଲୋକମତ ଦ୍ୱାରା ନିର୍ବାଚନ—
Ileksan Election.
ইলেক্সন
**इलेकसन**

ଇଲ୍ୱଲ—ସଂ. ବି. (ନାମ) (ଇଲ ଧାତୁ=ଗମନ କରିବା+କର୍ତ୍ତୃ.ବଲ—
Ilwaḻa ରାକ୍ଷସବିଶେଷ—Name of a demon.
[ଦ୍ର—ଏ ବାତାପି ରାକ୍ଷସର ଭାଇ । ଏ ଦୁଇ ଭାଇ ବ୍ରାହ୍ମଣମାନଙ୍କୁ ଖାଇ ଯାଉଥିଲେ । ଶେଷରେ ଅଗସ୍ତ୍ୟଋଷି ଏହାଙ୍କୁ ଜିଣିବାରୁ ଏ ନଷ୍ଟ ହେଲା । ]

ଇଲ୍ୱଲା—ସଂ. ବି—କାଳପୁରୁଷ ନକ୍ଷତ୍ରପୁଞ୍ଜର କଟିଦେଶରେ ଥିବା ତିନୋଟି
Ilwaḻā ତାରା—The Orion's belt
( ନକ୍ଷତ୍ର ତଳେ ନୋଟ ଦେଖ )
ଏ ତିନମୂର୍ତ୍ତି ଏକ ରେଖାରେ ବସଇ ଇଲ୍ୱଲା ଯଥା ଆକାଶେ ।
ଜ୍ୟୋତିଷ—ପଦ୍ଧତି ।

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଐ | ଊ | ଋୁ | ଌୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ |

ଇଲ୍ଲତ୍—ବୈଦେ. ବ ( ଅ )—
Illat ୧ । ବିଷ୍ଠା—1. Ordure
ইল্লত ୨ । ମଇଳା—2. Filth; dirt.
इल्लत ୩ । ମନୁଷ୍ୟର ଦୁର୍ଗୁଣ—3. Any bad quality of a person.
୪ । ମନ୍ଦ ଅଭ୍ୟାସ—4. Bad habit.
ଇଲ୍ଲତ ଯୋଇଲେ ଯାଏ, ଖସ୍ଲତ ମଲେ ଯାଏ—ପ୍ରବଚନ ।

ଇଲ୍ଲତ୍ଖାନା—ବୈଦେ. ବ. ( ଅ )—ପାଇଖାନା—
Illatkhānā Privy; latrine; closet.
ইল্লতখানা
इल्लतखाना

ଇଲ୍ଲଳା—ସଂ. ବ. ସ୍ତ୍ରୀ ( ଇଲ ଧାତୁ=ଶୟନ କରିବା+ସଜ୍ଞାର୍ଥେ ଲ;
Illaḷā ନିପାତନସିଦ୍ଧ; ଯେଉଁମାନେ ମୃଗଶିରା ନକ୍ଷତ୍ରର ଶିରଦେଶରେ ଶୟନ କରନ୍ତି ବା ଥାଆନ୍ତି )—ମୃଗଶିରା ନକ୍ଷତ୍ରର ଶିରସ୍ଥ ପାଞ୍ଚଗୋଟି ଛୋଟ ତାରା—Five small stars lying at the apex of the constellation of Mṛugaśirā, the 4th lunar mansion.

ଇଲ୍ଲା—ବୈଦେ. ବ – ଇଲ୍ଲଲ୍ଲା ( ଦେଖ )
Illā Illāllā (See)

ଇଲ୍ଲାଲ୍ଲା—ବୈଦେ. ଅ. ( ଅ )—ମୁସଲମାନମାନେ ଅଲ୍ଲା ବା ଈଶ୍ୱରଙ୍କୁ
Illāllā ଡାକିବାର ସମ୍ବୋଧନ;ସର୍ବ କର୍ତ୍ତା ଭଗବାନ୍--Invokation to the Allah or all powerful God invoked by the Mahomedans.
[ ଦ୍ର—ଏହି ଶବ୍ଦ ଅଥର୍ବବେଦୀୟ ଅଲ୍ଲାସୂକ୍ତରେ ଅଛି । ]

ଇଲ୍ଲିଶ—ଦେ. ବ.—ଇଲ୍ଲିଶି ( ଦେଖ )
Illiśa Illiśi ( See )

ଇଲ୍ଲିଶି—ଦେ.ବ. ( ସଂ. ଇଲ୍ଲୀଶ; ଇଲୀଶ )—ଏକଜାତୀୟ ସ୍ୱାଦୁ ମାଛ—
Illiśi The Hilsa fish; herring; Clupeailisha.
ইলীশ; হিলসা [ଦ୍ର—ଏହା ସାମୁଦ୍ରିକ ଜଳୁ ଡ଼ିମ୍ବ ଦେବା ନିମନ୍ତେ
हिलसा ନଈବଢ଼ି ସମୟରେ ନଈକୁ ଉଠି ଆସନ୍ତି । ଏହାର ପେଟତଳ କୁରାପର ଦାନ୍ତୁଆ । ]

ଇଲ୍ଲୀଶ—ସଂ. ବ. ( ଇଲ ଧାତୁ=ଗମନ କରିବା+ଈଶ=ପ୍ରଧାନ;
Illīśa ଯେ ପାଣିରେ ଗତି କରିବାରେ ପ୍ରଧାନ କିମ୍ବା ଇଲୀ=କୁରା+ଶୁଭ ଧାତୁ=ଶୋଭାପାଇବା+ଅ; ଯାହା ପେଟ ତଳ କୁରାପର ଦାନ୍ତୁଆ ଦେଖାଯାଏ )—ଇଲିସିମାଛ—The Hilsa or salre fish.

ଇଶ୍ ଇଶ୍ କରିବା—ଦେ. କ୍ରି—୧ । ଘୃଣା କରିବା—1. To hate;
Iśiś karibā to abhor, to express abhorence.
୨ । ରୋଗଯୋଗୁଁ ଶାରୀରିକକଷ୍ଟବୋଧ ପ୍ରକାଶକ ଧ୍ୱନି କରିବା—2. To express by a hissing sound any physical pain due to ailing; to ail.
୩ । ଶିସ୍ ମାରିବା—3. To whistle.
୪ । ସ୍ତ୍ରୀଲୋକମାନଙ୍କର ପତିସଙ୍ଗସମୟରେ ଅନୁରାଗଦ୍ୟୋତକ ଅବ୍ୟକ୍ତ ମଧୁର ଧ୍ୱନି ( ଜିହ୍ୱା ଓ ଓଠଦ୍ୱାରା କରିବା )—4. (for women) To express a hissing inarticulate sweet sound while joined with the lover indicating paroxysm of passion.

ଇଶ୍କିନିହେବା (ଦେହ)—ଦେ. କ୍ରି—ରୋଗଦ୍ୱାରା କିଛିମାତ୍ର ବା ଅଳ୍ପ
Iśkinihebā ସାମାନ୍ୟ ଶାରୀରିକ କଷ୍ଟ ବୋଧ ହେବା—To ail a little; to feel a slight pain due to some approaching illness.

ଇଶ୍ପିସଲ—ବୈଦେ.ବଣ ( ଇଂ. ସ୍ପେସ୍ୟାଲ୍ )—୧ । ବିଶିଷ୍ଟ—
Iśpisal 1. Special.
স্পেসাল ୨ । ଇଶ୍ପିସଲ୍ ନମ୍ବର (ଦେଖ)
इसपिसल Iśpisal nambara (See)

ଇଶ୍ପିସାଲ୍ କନିଷ୍ଟବଲ—ବୈଦେ. ବ (ଇଂ. ସ୍ପେସ୍ୟାଲ କନ୍ଷ୍ଟେବ୍ଲ୍)—
Iśpisāl kanishṭabaḷa କୌଣସି ଅଞ୍ଚଳରେ ଅସାଧାରଣ ଅବସ୍ଥା ବଶତଃ ଶାନ୍ତିଭଙ୍ଗ ଘଟିଲେ ଶାନ୍ତିରକ୍ଷା କରିବାପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ସ୍ଥାନୀୟ ବିଶିଷ୍ଟ ଲୋକଗଣ—Special constables.

ଇଶ୍ପିସାଲ୍ ନମ୍ବର୍—ବୈଦେ. ବ (ଇଂ. ସ୍ପେସ୍ୟାଲ ନମ୍ବର୍)—
Iśpisāl nambar ଲାଖରାଜ ବାଯ୍ୟାପ୍ତି ଜମିର ଚିହ୍ନିତ ନମ୍ବର—
স্পেসল নম্বর A special number affixed to
इस्पिसल लम्बर resumed revenue-free lands.
[ ଦ୍ର—ଇଂରାଜ ଗଭର୍ଣ୍ଣମେଣ୍ଟ ଓଡ଼ିଶାକୁ ଅସି ରାଜସ୍ୱ ବନ୍ଦୋବସ୍ତ କରିବା ଉପଲକ୍ଷରେ ନିଷ୍କର ଜମିମାନଙ୍କ ଦଖଲକାରମାନଙ୍କୁ ସେମାନଙ୍କ ସନନ୍ଦ ତଲବ କରିଥିଲେ । ଯେଉଁମାନେ ସନନ୍ଦ ଦର୍ଶାଇଲେ ସେମାନଙ୍କର ଜମି ଲାଖରାଜବାହେଲ ହେଲା ଓ ଯେଉଁମାନେ ସନନ୍ଦ ଦର୍ଶାଇ ନ ପାରିଲେ ସେମାନଙ୍କ ଜମିମାନ ବାଯେଯ୍ୟାପ୍ତ ହେଲା । ଏହି ଉପଲକ୍ଷରେ ଗଭର୍ଣ୍ଣମେଣ୍ଟ ଯେଉଁ ମକଦ୍ଦମାମାନ କରିଥିଲେ ସେହି ମକଦ୍ଦମାର ନମ୍ବର ଅନୁସାରେ ଜେନେରାଲ (general) ଓ ଇସ୍ପିସଲ ନମ୍ବରମାନ ଦିଆଯାଇ ଉକ୍ତ ଜମିମାନ ଚିହ୍ନିତ କରାଗଲା । ]

ଇଶ୍ମାଇଲ କାଜ୍କୋଟ୍—ବୈଦେ. ବ (ଇଂ. ସ୍ମଲ୍ କାଜ୍କୋଟ୍)—
Iśmāilkājkoṭ କାଜ୍କୋଟ୍ (ଦେଖ)
ইশমাইল কাজকোর্ট Kājkoṭ (See)
इसमाइल काजकोट

ଇଶ—ପ୍ରାଦେ. (ଗଡ଼ଜାତ) ବ.—ପରିହାସ; ଇଳିତ; ଥଟ୍ଟା—
Iśa Joke; jest.
ଦେ. ବ—(ସଂ. ଈଷ)—ଈଷ ୨ (ଦେଖ)—
Isha 2 (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଈ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଈଶନ୍—ପ୍ରାଦେ. (ଲଉଅ) କ୍ରି. ବିଣ—ଏମନ; ଏପରି—
Iśan — Such like; in this manner.

ଈଶନ୍ନବିସ୍—ବୈଦେ. ବି (ପାରସୀ ଭାଷା) (ଅ. ଈଶନ୍ବିସ୍)—
Iśannabis — କୌଣସି ମକଦ୍ଦମାରେ ଉପସ୍ଥିତ ବା ଉପସ୍ଥିତ ହେବା ନିମନ୍ତେ ସମନ କରାଯିବା ସାକ୍ଷୀମାନଙ୍କ ତାଲିକା; ସାକ୍ଷୀ ତାଲିକା—List of witnesses present or to be summoned for a party in a case.
ঈশননবিস
ईसननविस

ଈଶର—ଗ୍ରା. ବି (ସଂ. ଈଶ୍ୱର)—ଈଶ୍ୱର (ଦେଖ)
Iśara — Īśwara (See)

ଈଶରଜଟା—ଦେ. ବି (ସଂ. ଈଶ୍ୱର + ଜଟା; ଏହାର ଫୁଲ ଜଟା ପରି)—
Iśarajaṭā — ଗଛ୍ଛା ପରି ବର୍ଷଜୀବୀ ଗୁଳ୍ମ । [ଏହାର ଫୁଲ ଚେପ୍ଟା; କୁକୁଡ଼ାର ଶିଖା ପରି ଓ ମଖମଲ ପରି କୋମଳ । ଏହା ଧଳା ଓ ନାଲି ଦୁଇପ୍ରକାର ]—
• ସଂ. ନାମ. ମୟୂରଶିଖା; ବର୍ହିଚୂଡ଼ା; ଶିଖିନୀ; ଶିଖାଳୁ; ସୂଚିଖା; ଶିଖାବଳା; କେକିଶିଖ
মোরগাফুল — Cock's comb; Celosia Crestata
ମ—ମୟୂରଶିଖ
• ତେ—ମୟୂରଶିଖାପୁନେ

ଈଶରମୂଳ—ଦେ. ବି.—ଏକଜାତୀୟ ବନ୍ୟ ଲତା । [ପତ୍ର ଏକୋଉତ୍ତର ଓ ବାଣର ଆକାର । ଫୁଲ ବଡ଼ଡ଼, ନିମ୍ନଭାଗ ଘଣ୍ଟାକାର
Iśaramūḷa — ଊର୍ଦ୍ଧ୍ୱଭାଗ ବିସ୍ତୃତ ଶଙ୍ଖାକାର; ପୁଂ. କେଶର ୬ଟା ଫଳର ଉପରେ ଥାଏ । ଫଳ ପ୍ରାୟ ଷଟ୍କୋଣ; ଏହାର ମୂଳ ସାପକାମୁଡ଼ାର ଔଷଧ—(ଯୋଗେଶଚନ୍ଦ୍ର)]
ସଂ. ନାମ.—ଅର୍କମୂଳା; ଇଶୁ
ইশেরমূল
Aristolochia Indica

ଈଶା—ବୈଦେ. ବି (ବାଇବଲ) (ହେବ୍ରୁ—ଈଶା)—ଯୀଶୁଖ୍ରୀଷ୍ଟ—
Iśā — Jesus Christ.
ঈশা
ईशा

ଈଶାଖାପଟଣା—ମାନ୍ଦ୍ରାଜର ଜିଲ୍ଲା ଓ ସଦର ବିଶାଖାପତ୍ତନ—
Iśākhāpaṭaṇā — Vizagapatam.
[ ଦ୍ର—ଏଥିର ପ୍ରଧାନ ନଗରକୁ ୱାଲଟେର୍ (Waltair) ବା ଭାଇଜାଗ (Vizag) ବୋଲି ଡାକନ୍ତି । ]

ଈଶାଣ—ଗ୍ରା. ବି. (ସଂ. ଈଶାନ)—୧ । ଈଶାନ କୋଣ—
Iśāṇa — 1. The North-east quarter.
ঈশাণ — ୨ । ( ଗୃହର ଈଶାନ୍ୟ କୋଣରେ ଥିବା ) ପାକଶାଳା—
ईशान — Cooking room.
ଏତ ଚଉଦ ବର୍ଷର ଝିଅ, ସିମିତ ଯିବ ଈଶାଣରେ ପଶିଯିବ ।
ଫକୀରମୋହନ- ଉତ୍କଳଭ୍ରମଣ ।
୩ । ଗୃହର ଈଶାନ୍ୟ କୋଣରେ ସ୍ଥାପିତ ଦେବତା—
3. A Deity supposed to be in the N. W. quarter of a house.

[ ଦ୍ର—ପୂର୍ବେ ଗୃହସ୍ଥର ପାକଶାଳାରେ ଈଶାଣୀ ଦେବତାଙ୍କ ମୂର୍ତ୍ତି ରଖା ଯାଉଥିଲା । ପାକ ସରିବା ପରେ ପକ୍ୱାନ୍ନରୁ କିଛି ଉକ୍ତ ଦେବତାଙ୍କୁ ନୈବେଦ୍ୟ ଦେବା ପରେ ତାହା ସମସ୍ତେ ଖାଉଥିଲେ । ଘରର ଈଶାଣ କୋଣରେ ମଧ୍ୟ ପାକଶାଳା ନିର୍ମିତ ହେଉଥିଲା । ବର୍ତ୍ତମାନ ଦେଖାଯାଏ ଯେ ବ୍ରାହ୍ମଣ ଓ ଧୋବାଙ୍କ ଛଡ଼ା ଅନ୍ୟ ସମସ୍ତ ହିନ୍ଦୁଙ୍କ ପାକଶାଳାରେ ଈଶାଣ କୋଣରେ ଗୋଟିଏ ପିଣ୍ଡି ଥାଏ ଓ ପିଣ୍ଡିରେ ଗୋଟିଏ ଗୁଆ ଓ କେତେକ ସ୍ଥଳରେ କୌଣସି ପ୍ରସିଦ୍ଧ ଗାଦି (ଯଥା-କେନ୍ଦୁପଡ଼ା)ରୁ ମାଟି ଆସି ଘଡ଼ିରେ ରଖା ଯାଇ ପୋତା ଯାଏ ଓ ଗୃହସ୍ଥ ପାକ ପରେ ତାଙ୍କୁ ଅନ୍ନାଦି ପାଣି ଛଡ଼ାଏ । ]

ଈଶାଣରେ ଚାଉଳ ପକାଇବା (ଅମୁକର)—ଗ୍ରା. କ୍ରି (ପ୍ରଜାପତିଙ୍କ ନିବନ୍ଧ
Iśāṇare chāuḷa pakāibā — ଅନୁସାରେ ପୁରୁଷଙ୍କୁ ବିବାହିତ ହୋଇ ତାର ପାକଶାଳାରେ ଭୋଜନ କରିବା)—କୌଣସି ପୁରୁଷସହିତ (କୌଣସି ବାଳିକା) ବିବାହିତା ହେବା—To marry a male.
হণ্ডিতে চাল দেওয়া
(ଯଥା—ଏ ବାଳିକାଟି ଅମୁକର ଈଶାଣରେ ଚାଉଳ ପକାଇଛି; ଅର୍ଥାତ୍ ସେ କନ୍ୟେ ପ୍ରଜାପତିଙ୍କ ଘଟପୁଣ୍ୟ ଅନୁସାରେ ଉକ୍ତ ପୁରୁଷକୁ ବିବାହ କରିବ ।)

ଈଶାଣୀ—ଗ୍ରା. ବି. ସ୍ତ୍ରୀ—ପାକଶାଳାର ଈଶାନ୍ୟ କୋଣରେ ସ୍ଥାପିତ ବା କଳ୍ପିତ
Iśāṇi — ଅଧିଷ୍ଠାତ୍ରୀ ଦେବୀ—A Deity supposed to live in the N.W. quarter of a Hindu's cook-room.

ଈଶାନ—ଗ୍ରା. ବି.—ଈଶାଣ (ଦେଖ)
Iśāna — Iśāṇa (See)

ଈଶାନ୍ୟ—ଗ୍ରା. ବି.—ଈଶାଣ ୧ (ଦେଖ)
Iśānya — Īśāṇa 1 (See)

ଈଶୀକା—ସଂ. ବି. ସ୍ତ୍ରୀ—ଈଷିକା (ଦେଖ)
Iśīkā — Ishikā (See)

ଈଷ (ଧାତୁ)—ସଂ.—୧ । ଗମନ କରିବା—
Isha (root) — 1. To go.
୨ । ବାଞ୍ଛା କରିବା—2. To desire.
୩ । ଇଚ୍ଛା କରିବା—3. To wish.

ଈଷ—ସଂ ବି. ( ଈଷ=ଗମନ କରିବା + ଅ )—୧ । ଯେଉଁ
Isha — ସମୟରେ ଜଗୀଷୁମାନେ ଶତ୍ରୁବିରୁଦ୍ଧରେ ଯୁଦ୍ଧଯାତ୍ରା କରନ୍ତି; ଆଶ୍ୱିନ ମାସ; ଅଶିଣମାସ—1. The lunar month of Āswina(september; october)
୨ । ଲଙ୍ଗଳକୁ ଯୁଆଳି ସଙ୍ଗେ ଲଗାଇବାର ଲମ୍ବ କାଠ—
2. The diagonal shaft joining the plough with the yoke.
ତାଙ୍କ ଦାନ୍ତମାନେ ତ ଈଷର ସଦୃଶ । କୃଷ୍ଣସିଂ. ମହାଭାରତ, ସଭା ।
୩ । ଈଷଲ୍ଲାଙ୍ଗଳିଆ (ଦେଖ)—Ishalāṅgaḷiā (See)

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଯ,ୟ | କ୍ଷ | ଣ୍ୟ | ହଅ | ଙ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ |

**ଇଷଲାଙ୍ଗଳଅ**—ଦେ. ବି. ( ସଂ. ଲାଙ୍ଗଳ )—ଏକଜାତୀୟ ଗୁଳ୍ମ; ଲହ-
Ishalāngaliā ଲାଙ୍ଗଳଅ ଗୁଳ୍ମ; ଲହଲାଙ୍ଗଳ (ଦେଖ)
ईष लाङ्गलिआ Lahalāngali (See)

**ଇଷଲାଙ୍ଗୁଡ଼ିଆ**—ଦେ. ବି.—ଲହଲାଙ୍ଗଳଅ (ଦେଖ)
Ishalāngurdiā Lahalāngaliā (See)

**ଇଷଲାଙ୍ଗୁଡ଼ି**—ଦେ. ବି.—ଲହଲାଙ୍ଗଳଅ (ଦେଖ)
Ishalāngurdi Lahalāngaliā (See)

**ଇଷଲାଙ୍ଗୁଳିଆ**—ଦେ. ବି.—ଲହଲାଙ୍ଗଳଅ (ଦେଖ)
Ishalānguliā Lahalāngaliā (See

**ଇଷି**—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ସ୍ତ୍ରୀ-ପୁରୁଷସହବାସ ସମୟରେ
Ishi ସ୍ତ୍ରୀ ଅନୁରାଗ, ପୀଡ଼ା, କ୍ଳାନ୍ତି ବା ପରିଶ୍ରମସୂଚକ ଉଚ୍ଚାରଣ କରିବା ଅବ୍ୟକ୍ତ ମଧୁର ଧ୍ୱନି—1 Inarticulate sound uttered by a woman in ecstacy during cohabitation.
୨ । କାମୋଦ୍ଦୀପନା ହେତୁରୁ ସ୍ତ୍ରୀ ଇଷି ଇଷି ଶବ୍ଦ କରିବା—2. A sound uttered by a woman in a paroxysm of lust.
ନରକ ସେକେ ବମକ ସେକେ ଘୃଷିଲେ ଇଷି ମାରେ । ବହ୍ନସୁର୍ପ. ସଙ୍ଗୀତ ।
୩ । କଷ୍ଟବୋଧସୂଚକ ଶବ୍ଦ; ଅଙ୍ଗଜାତୀୟ ଦୁଃଖ ହେତୁ ଉଚ୍ଚାରିତ ଧ୍ୱନି—3. A sound uttered by a man in distress.
କର୍ଣ୍ଣ ସେ ସାରେ ଇଷି ବୋଲି ଖର ଧରି;
ପଳାଇଲେ ଉତ୍ତର ଅଡ଼େ ମୁହଁ କରି । କୃଷ୍ଣସିଂହ. ମହାଭାରତ. ବିରାଟ ।
୪ । ଘୃଣାବ୍ୟଞ୍ଜକ ଧ୍ୱନି—4. Interjection indicating revulsion of feeling.

**ଇଷିକା**—ସଂ. ବି. ସ୍ତ୍ରୀ. (ଇଷ ଧାତୁ=ଗମନ କରିବା+ଇକ+ସ୍ତ୍ରୀ. ଅ)—
Ishikā ୧ । ଚିତ୍ରକରର ତୁଳିକା—1. Painter's brush
୨ । ହସ୍ତିର ଚକ୍ଷୁର ଗୋଲକ—
2. An elephant's eye-ball.
୩ । ଏକଜାତୀୟ ଘାସ—3. A kind of grass.

**ଇଷିତ**—ଦେ. ଅ. (ସଂ. ଈଷତ୍)—୧ । ସାମାନ୍ୟ ମାତ୍ର—1. A little.
Ishita
ମୋ ଆଖି ଇଷିତ କଟାକ୍ଷ, ମଦନ ଶର ଲକ୍ଷ ଲକ୍ଷ । ଭୂପତି. ପ୍ରେମପଞ୍ଚାମୃତ ।
୨ । ଅକ୍ଳେଶରେ—2. Without difficulty.
୩ । ସହଜରେ—3. Easily.
୪ । ସାମାନ୍ୟରେ—4. Slightly.

**ଇଷିତମାତ୍ର**—ଦେ. ଅ. ( ସଂ. ଈଷନ୍ମାତ୍ର )—ଇଷିତ ( ଦେଖ )
Ishitamātra Ishita ( See )
ଭୂପତିଗଣଙ୍କୁ ଇଷିତ ମାତ୍ର କରେ ଭଣି । ବଷ୍ଟ୍ରବେଶସୁବର୍ଣ୍ଣ ।

**ଇଷିତେ**—ଦେ. ଅ. ( ସଂ. ଈଷତ୍ )—ଇଷିତ ( ଦେଖ )
Ishite Ishita ( See )
ବ୍ରାହ୍ମଣୀକୁଳର ଅଙ୍କୁଳ ଚୂଳ ଇଷିତେ ସାଳିବ ହେବା ।
ଭକ୍ତ. ବୈଦେହୀଶବିଳାସ ।

**ଇଷୀକା**—ସଂ. ବି. ସ୍ତ୍ରୀ—ଇଷିକା ( ଦେଖ )
Ishīkā Ishikā ( See )
ଚିତ୍ରରଚନେ ଇଷୀକ ଭାଙ୍ଗିଦେବ ନେଇ । କୃଷ୍ଣସିଂହ. ମହାଭାରତ. ଅଦି ।

**ଇଷୁ**—ସଂ. ବି. ( ଇଷ ଧାତୁ=ଗମନ କରିବା+ଉ )—
Ishu ୧ । ବାଣ—1 Arrow.
୨ । ଇଷଲାଙ୍ଗଳଅ—2. A plant Aristolochia Indica.

**ଇଷୁଧି**—ସଂ. ବି. ( ଇଷୁ=ବାଣ+ଧା ଧାତୁ+ଇ )—
Ishudhi ବାଣାଧାର; ତୂଣ ବା ତୂଣୀର—
A quiver for arrows.
ସୁବଦେଶେ ଅକ୍ଷୟ ଇଷୁଧି ଦେଉଛି । କୃଷ୍ଣସିଂହ ମହାଭାରତ. ଉଦ୍ଯୋଗ ।

**ଇଷ୍ଟ ଇଣ୍ଡିଆ କମ୍ପାନୀ**—ବୈଦେ. ବି. ନାମ. ( ଇଂ. ଇଷ୍ଟ ଇଣ୍ଡିଆ
Isht indiā kampāni କୋମ୍ପାନୀ )—ଭାରତରେ ବାଣିଜ୍ୟ
ईष्टइंडीआ कम्पानी କରିବାପାଇଁ ବିଲାତରେ ଗଠିତ ବଣିକଦଳ—.
ईष्टइण्डीआकम्पनी Company of traders formed for trading in India.

[ ଦ୍ର—ଇଂଲଣ୍ଡର ଏହି ବଣିକଦଳ ୧୫୯୯ ରେ ଗଠିତ ହୋଇ ଇଂଲଣ୍ଡର ରାଣୀ ଏଲିଜାବେଥ୍‌ଙ୍କଠାରୁ ପ୍ରଥମ ଛାମୁଚିଠାଉ ହାସଲ କରି ୧୬୦୩ ରେ ପ୍ରଥମେ ଭାରତକୁ ବାଣିଜ୍ୟ କରିବାକୁ ଅସିଲେ । ପୂର୍ବେ ହଲାଣ୍ଡବାସୀ (ଡଚ୍) ମାନଙ୍କର ଡଚ୍ ଇଷ୍ଟଇଣ୍ଡିଆ କୋମ୍ପାନୀ ନାମରେ ଗୋଟିଏ ଦଳ ଭାରତରେ ବାଣିଜ୍ୟ କରୁଥିଲେ ଏବଂ ଏମାନଙ୍କ ହାତରେ ମସଲା ବେପାର ଏକଚାଟିଆ ହୋଇଥିଲା । ଏମାନେ ମସଲାର ଦର ବେଜାୟ ବଢ଼ାଇବାର ଦେଖି ବିଲାତର ସାଧୁମାନେ ରାଣୀ ଏଲିଜାବେଥ୍‌ଙ୍କୁ ଜଣାଇବାରୁ ସେ ଆକବରଙ୍କ-ଠାକୁ ଦୂତ ପଠାଇ ତାଙ୍କଠାରୁ ଛାଡ଼ଚିଠି ଅଣାଇଲେ ଓ ଏଥିରୁ ଇଂଲିଶ୍ ଇଷ୍ଟଇଣ୍ଡିଆ କୋମ୍ପାନୀର ସୂତ୍ରପାତ ହେଲା । ଏ କମ୍ପାନୀ ପ୍ରଥମେ ଇଷ୍ଟଇଣ୍ଡିଜ୍ ( ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ) ରେ ବେପାର କରୁଥିଲେ । ପରେ ଆଉ ଗୋଟିଏ ନୂଆ କମ୍ପାନୀ ଗଠିତ ହେଲା ଓ ଦୁଇ କମ୍ପାନୀ ୧୭୦୮ ରେ ମିଳିଗଲେ । ଏମାନେ ଯାବାଦ୍ୱୀପରେ ପ୍ରଥମ ଗୋଦାମ ସ୍ଥାପନ କରି ମସଲା କାରବାର କଲେ । ଡଚ୍ ଓ ପର୍ତ୍ତୁଗୀଜମାନଙ୍କ ସଙ୍ଗେ ଏମାନଙ୍କ ପ୍ରତିଯୋଗିତା ହେବାରୁ ଏମାନେ ଅଉ ପୂର୍ବଭାରତୀୟ ଦ୍ୱୀପପୁଞ୍ଜରେ କାରବାର ନ ଚଳାଇ, ଭାରତରେ ବେପାର ଚଳାଇଲେ । ଏମାନଙ୍କର ଭାରତର ପ୍ରଥମ ଗୋଦାମ ଡାପ୍ତି ନଦୀକୂଳରେ ସୁରଟଠାରେ ହେଲା । ମୋଗଲସମ୍ରାଟ ଜାହାଙ୍ଗୀରଙ୍କଠାରୁ ଛାଡ଼ଚିଠି ପାଇ ଏମାନେ ଭାରତର ଭିନ୍ନ ଭିନ୍ନ ସ୍ଥାନରେ ବାଣିଜ୍ୟ କୋଠି ବସାଇଲେ ଓ କଲିକତା, ଓଡ଼ିଶା ବୋମ୍ବେ, ମାନ୍ଦ୍ରାଜରେ ବେପାର କଲେ । ତାହାପରେ ସ୍ଥାନୀୟ ଶାସକମାନଙ୍କଠାରୁ ଭିକ୍ଷା ପାଇବା ନିମନ୍ତେ ଏମାନେ ମାନ୍ଦ୍ରାଜ, ବୋମ୍ବେ, କଲିକତାରେ ଦୁର୍ଗମାନ ନିର୍ମାଣ କଲେ ଓ ପ୍ରଥମେ ଅତ୍ମରକ୍ଷା ପାଇଁ ଇଂରେଜ ଓ ଦେଶୀ ପଲ୍‌ଟଣ୍ ରଖିଲେ । ତାହାପରେ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରା ଯୁକ୍ତ କରି ଦେଖିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

ସ୍ଥାନୀୟ ଶାସନକର୍ତ୍ତାମାନଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ପରାଜିତ କଲେ ଓ ମୋଗଲ ସମ୍ରାଟଙ୍କଠାରୁ ବଙ୍ଗ, ବିହାର ଓ ଓଡ଼ିଶାର ରାଜସ୍ୱ ଅସୁଲ କରିବାର ସନନ୍ଦ ପାଇଲେ । ପରେ ମକଦ୍ଦମା ବୁଝିବାର କ୍ଷମତା ପାଇଲେ । ପରେ ମରହଟ୍ଟା, ଶିଖ ଓ ମୁସଲମାନମାନଙ୍କ ସଙ୍ଗେ ଯୁଦ୍ଧ କରି ରାଜ୍ୟ ବିସ୍ତାର କଲେ । ୧୮୫୮ ରେ ଭାରତର ଶାସନ ଏମାନଙ୍କ ହାତରୁ ଯାଇ ଇଙ୍ଗ୍ଲଣ୍ଡ ରାଣୀଙ୍କ ହାତରେ ରହିଲା । ]

**ଇଷ୍ଟ ଇଣ୍ଡିଜ୍**— ବୈଦେ. ବି. (ନାମ. ( ଇଂ. ଇଷ୍ଟ + ଇଣ୍ଡିଜ୍ )—
Ishtindij ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ—The East Indies.
ईष्टईण्डीज ( ଯଥା— ସୁମାତ୍ରା, ଯାଭା, ବୋର୍ଣ୍ଣିଓ, ସେଲିବସ,
**ईष्टइंडिज** ଫିଲିପାଇନ୍ ଦ୍ୱୀପପୁଞ୍ଜ, ମାଲାବର୍ ପୁଞ୍ଜ )

**ଇଷ୍ଟ**—ସଂ. ବିଣ. ( ଇଷ ଧାତୁ = ଇଚ୍ଛା କରିବା + କର୍ମ. ତ)—
Ishta ୧ । ଅଭିଳଷିତ; ବାଞ୍ଛିତ—
1. Desired; wished for.
୨ । ଯଥେପ୍ସିତ—2. According to one's wish.
୩ । ପ୍ରାର୍ଥିତ—3. Prayed for.
୪ । ପ୍ରଶଂସିତ—4. Praised.
୫ । (ଯଜ ଧାତୁ + କର୍ମ. ତ)- ପୂଜିତ— 5. Worshipped.
( ଯଥା — ଇଷ୍ଟଦେବତା )
ସ. ବି. ( ଯଜ ଧାତୁ + ଭାବ. ତ )—
୧ । ଯଜ୍ଞ - 1. Sacrificial rite.
୨ । ପୂଜା—2. Worship.
୩ । ମଙ୍ଗଳ—3. Weal.
୪ । ଏରଣ୍ଡ ବୃକ୍ଷ—4. The caster-seed plant.
ପ୍ରାଦେ. (ଗଞ୍ଜାମ) ଅ— ଅଧୀନସ୍ଥ ବ୍ୟକ୍ତିମାନଙ୍କର ଉପରସ୍ଥ ବ୍ୟକ୍ତିଙ୍କ କଥାରେ ସମ୍ମତି— Yes; as you wish.
( ଯଥା— ଆପଣଙ୍କ ଇଷ୍ଟ; ଯାହା ଆପଣଙ୍କ ଆଜ୍ଞା; ଯେ ଆଜ୍ଞା )
ପ୍ରାଦେ. ( ଗଞ୍ଜାମ ) ବି. ( ସ. ଇଷ୍ଟ = ଅଭିଳଷିତ ) —
ଅଭିଳାଷ—Desire.
( ଯଥା— ଯାହା ଆପଣଙ୍କ ଇଷ୍ଟ ତାହା କରନ୍ତୁ )

**ଇଷ୍ଟକ**—ସ. ବି. ( ଇଷ ଧାତୁ + ତକ )— ଇଟା; ଦଗ୍ଧମୃତ୍ତିକା ଖଣ୍ଡ—
Ishtaka Brick; moulded and burnt earth used for masonry work in the place of stones.

**ଇଷ୍ଟକର୍ମ**— ସ. ବି. ( କର୍ମଧା; ଇଷ୍ଟ + କର୍ମ )—
Ishtakarma ଅଭୀଷ୍ଟ କାର୍ଯ୍ୟ; ସଙ୍କଳ୍ପିତ କାର୍ଯ୍ୟ—
Wished for work.
ଦେ. ( ଗଣିତ ) କଳ୍ପିତ ରାଶିଦ୍ୱାରା ଗଣନା—
( mathematics ) An operation with assumed numbers.

**ଇଷ୍ଟକା**— ସ. ବି. ( ଇଷ୍ଟକ + ଅ )— ଇଷ୍ଟକ ( ଦେଖ
Ishtakā Ishtaka ( See )

**ଇଷ୍ଟକାପଥ**— ସ. ବି. ( ଇଷ୍ଟକା = ଇଟା + ପଥ = ରାସ୍ତା )—
Ishtakāpatha ୧ । ପକ୍କାରାସ୍ତା ବା ସଡ଼କ; ଇଷ୍ଟକନିର୍ମିତ ରାସ୍ତା—
1. Metalled road.
୨ । (ଇଷୁ + କାପଥ)—ବେଣା; ଉଶୀର—
2. Root af Beṇā grass.

**ଇଷ୍ଟକାମଧୁକ୍** ଦେ. ବି. ସ୍ତ୍ରୀ. ( ଇଷ୍ଟ + କାମ + ଦୁହ ଧାତୁ = ପୂରଣ
Ishtakāmadhuk କରିବା + କର୍ତ୍ତୃ. କ୍ୱିପ୍ )—
ଯେଉଁ ଗାଈ ପ୍ରାର୍ଥୀକୁ ଅଭୀଷ୍ଟ ଫଳ ପ୍ରଦାନ କରେ—
A cow granting on's desires.

**ଇଷ୍ଟକାଯନ୍ତ୍ର**— ସ. ବି— ବୈଦ୍ୟମାନେ ଗନ୍ଧକାଦି ଶୋଧନ ନିମନ୍ତେ ବ୍ୟବହାର କରୁଥିବା ଯନ୍ତ୍ର—
Ishtakājantra A cantrivance for purifying sulpher for medicinal purposes.

**ଇଷ୍ଟକାଳୟ**— ସ. ବି. ( ମଧ୍ୟପଦଲୋପୀ; ଇଷ୍ଟକ + ଆଳୟ )—
Ishtakālaya ଇଟା ଘର; କୋଠା—Brick-house; masonary house; brick-building.
[ ଦ୍ର— ଏହା ଶୀତ ଦିନରେ ଗରମ ଓ ଖରା ଦିନରେ ଥଣ୍ଡା ଲାଗେ ବୋଲି ବୈଦ୍ୟଶାସ୍ତ୍ରରେ ଲେଖା ଅଛନ୍ତି । ]

**ଇଷ୍ଟଗନ୍ଧ**— ସ. ବିଣ. (ବହୁବ୍ରୀହି; ଇଷ୍ଟ = ପ୍ରିୟ; ପ୍ରଶଂସିତ + ଗନ୍ଧ)—
Ishtagandha ସୁଗନ୍ଧବିଶିଷ୍ଟ — Sweet-scented.
ବି (କର୍ମଧା)— ୧ । ସୁବାସ—1. Sweet scent.
୨ । (ବହୁବ୍ରୀହି) ବାଲୁକା—2. Sand.

**ଇଷ୍ଟଦେବ**— ସଂ ବି. (ଇଷ୍ଟ = ପୂଜିତ + ଦେବ)—
Ishtadeba ୧ । ଗୁରୁ; ମନ୍ତ୍ରଦାତା; ଗୁରୁଦେବ—
A spiritual preceptor.
୨ । ନିଜର ଉପାସ୍ୟ ଦେବତା—
2. One's tetulary Deity.
୩ । ନିଜର କୁଳ ଦେବତା—
3. One's family Deity.

**ଇଷ୍ଟଦେବତା**— ସଂ. ବି—ଇଷ୍ଟଦେବ ( ଦେଖ )
Ishtadebatā Ishtadeba ( See )
ସୁମର ଶକୁନ ତୋର ଇଷ୍ଟ ଯେ ଦେବତା । ସାରଳା- ମହାଭାରତ, ବନ୍ଧ ।

**ଇଷ୍ଟପୂର୍ତ୍ତି**— ସଂ. ବି. (୬ଷ୍ଠୀ ତତ୍; ଇଷ୍ଟ + ପୂର୍ତ୍ତି)—
Ishtapūrtti ମନୋବାଞ୍ଛା ପୂରଣ—
Fulfilment of one's desire.
ଦାନ ତପସ୍ୟା ଫଳ ଯେତେ, ସେ ଅବା କାର ଇଷ୍ଟ ପୂର୍ତ୍ତେ ।
ଜଗନ୍ନାଥ- ଭାଗବତ ।

**ଇଷ୍ଟମନ୍ତ୍ର**— ସଂ. ବି—ଯେଉଁ ମନ୍ତ୍ର ଦ୍ୱାରା ଇଷ୍ଟ ଦେବତାଙ୍କୁ ଆରାଧନା କରାଯାଏ—The mystic formulæ by which one's family Deity is worshipped.
ସେ ଇଷ୍ଟ ମନ୍ତ୍ର ତା ସୁମର, ତୁଳସୀ ଜଳ ସେବା କର ।
ଭୂପତି- ପ୍ରେମପଞ୍ଚାମୃତ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଳ | ଶ,ଷ | କ୍ଷ | ଐ | ଔ | ଢ଼ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଞ | ଯ | ସ | ଙ | ଇଅ | ଡ଼ | ଙ୍ |

ଇଷ୍ଟର—ବୈଦେ. ବ. (ଇଂ)—ଗୁଡ୍‌ଫ୍ରାଇଡେ (ଶୁକ୍ରବାର) ପରେ ପଡ଼ିବା
Ishtar ରବିବାର ଓ ସୋମବାର ଦିନ ଖ୍ରୀଷ୍ଟିଆନ୍‌ମାନେ ପାଳିବା
ईष्टर ପର୍ବ [ ଗୁଡ୍‌ଫ୍ରାଇଡେ ଦିନ ଯୀଶୁ ଇହଲୋକ ତ୍ୟାଗ
इष्टर କଲେ ଓ ତାହାଁର ତୃତୀୟ ଦିନ ( ରବିବାର ) କବରରୁ ଉଠି ତାଙ୍କର କେତେକ ଶିଷ୍ୟଙ୍କୁ ଦେଖା ଦେଇଥିଲେ । ଏହି ଇଷ୍ଟରପର୍ବ ଯୀଶୁଙ୍କର ମୃତ୍ୟୁଞ୍ଜୟତ୍ୱସୂଚକ ଉତ୍ସବ ଅଟେ । ଏଥିପାଇଁ ସରକାରୀ ସ୍କୁଲ ଓ କାର୍ଯ୍ୟାଳୟମାନ ବନ୍ଦ ହୁଏ; ଗୁଡ୍‌ଫ୍ରାଇଡେ ଦେଖ । ]

ଇଷ୍ଟର୍‌ଡେ—ବୈଦେ.ବ. (ଇଂ) ଗୁଡ୍‌ଫ୍ରାଇଡେର ପରବର୍ତ୍ତୀ ରବିବାର—
Ishtarde Easterday.
ईष्टरडे
इष्टरडे

ଇଷ୍ଟଲାଭ—ସଂ. ବ. ( ଇଷ୍ଟ=ବାଞ୍ଛିତ+ଲାଭ=ମିଳିବା )—ମନୋବାଞ୍ଛା
Ishtalābha ପୂରଣ—Attainment of one's object.

ଇଷ୍ଟସାଧନ—ସଂ. ( ୬ଷ୍ଠୀ ତତ୍; ଇଷ୍ଟ+ସାଧନ )—
Ishtasādhana ଇଷ୍ଟସିଦ୍ଧି ( ଦେଖ )
Ishtasiddhi ( See )

ଇଷ୍ଟସିଦ୍ଧି—ସଂ. ବ. (ଇଷ୍ଟ=ବାଞ୍ଛିତ+ସିଦ୍ଧି=ସାଧନ)—ମନୋବାଞ୍ଛା-
Ishtasiddhi ପୂରଣ—Attainment of one's object.

ଇଷ୍ଟାକ୍—ବୈଦେ. ବ. ( ଇଂ. ଷ୍ଟାକ୍ ; ଷ୍ଟକ୍ )—୧ । ଗଦା—
Ishtāk 1. Stack; heap.
ईष्टाक ୨ । ଦ୍ରବ୍ୟର ଭଣ୍ଡାର—2 Stock of things.
इष्टाक ୩ । ପୁଞ୍ଜି—3. Store.

ଇଷ୍ଟାକନ୍—ବୈଦେ. ବ.( ଇଂ. ଷ୍ଟକିଙ୍ଗ୍ )—ମୋଜା; ଗୋଡ଼ରେ ପିନ୍ଧିବା
Ishtākin ମୁଜି—Stocking.
ईष्टाकिन
इष्टाकिन

ଇଷ୍ଟାପତ୍ତି—ସଂ. ବ. ( ଇଷ୍ଟ=ବାଞ୍ଛିତ+ଆ+ପଦ ଧାତୁ=ଘଟିବା
Ishtāpatti +ଭାବ. ତି )—ମନୋବାଞ୍ଛା ପୂରଣ; ଇଷ୍ଟସିଦ୍ଧି—
The happening of one's desired result; the fulfilment of one's wishes.

ଇଷ୍ଟାପୂର୍ତ୍ତି—ସଂ. ବ. ( ଇଷ୍ଟ+ଆ=ସମ୍ୟକ୍+ପୂର ଧାତୁ=ପୂରଣ-
Ishtāpurtta କରିବା+ତ )—
୧ । ଯଜ୍ଞ; ଧର୍ମକାର୍ଯ୍ୟ—
1. Sacrifice; any religious duty.
୨ । ସାଧାରଣ ହିତକର ଅନୁଷ୍ଠାନ ( ଦେବାଳୟ ନିର୍ମାଣ; କୂପଖନନ ଇତ୍ୟାଦି )—
2. Any religious work of public utility ( e. g. building a temple; sinking public wells etc ).

ଇଷ୍ଟାମ୍ପ—ଗ୍ରା. ବୈଦେ. ବ. ( ଇଂ. ଷ୍ଟାମ୍ପର ଅଶୁଦ୍ଧ ଉଚ୍ଚାରଣ )—
Ishtāmp ଟିକଟ; ଷ୍ଟାମ୍ପକାଗଜ—
ईष्टाम्प Stamp; stamp-paper.
इष्टाम

ଇଷ୍ଟାମ୍ପ ଫରୋସ୍—ବୈଦେ. ବ. ( ଇଂ. ଷ୍ଟାମ୍ପ+ଫା. ଫରୋସ୍; ବିକ୍ରେତା )—ଷ୍ଟାମ୍ପ ବିକ୍ରେତା—.
Ishtāmppharos Stamp vender.

ଇଷ୍ଟି—ସଂ. ବ—୧ । ( ଯଜ ଧାତୁ=ଯାଗ କରିବା+ତି)—୧ । ଯଜ୍ଞ;
Ishti ଯାଗ; ହୋମ—1. Vedic sacrifice: oblation unto the fire.
୨ । ( ଇଷ ଧାତୁ=ଇଚ୍ଛା କରିବା+ତି ) ଇଚ୍ଛା—
2. Wish; desire.
୩ । ଅନୁରୋଧ—3 Request.

ଇଷ୍ଟିକା—ସଂ. ବ. ( ଇଷ୍ଟି=ଯାଗ+ସ୍ୱାର୍ଥେ. କ+ସ୍ତ୍ରୀ. ଆ )—ଯଜ୍ଞ-
Ishtikā କର୍ମ; ହୋମ—Vedic sacrifice and ritual; oblations to fire.

ଇଷ୍ଟିକାମ—ସଂ. ବ—୧ । ଇଚ୍ଛାନୁରୂପ କାର୍ଯ୍ୟ—
Ishtikāma 1. Work according to one's desire.
୨ । ଯଜ୍ଞକର୍ମ—2. Vedic sacrifice.
ଚକ୍ରାଙ୍କ ଯେ ପ୍ରବେଶ କର୍ମ କରିବାରେ ଶେଷ ଇଷ୍ଟିକାମେ ସେ ମାଙ୍ଗିଲ ଦ୍ୱିଜ ।
ଜଗ. ବୈଦେହୀଶବିଳାସ ।

ଇଷ୍ଟିମର୍—ଗ୍ରା. ବୈଦେ. ବ. ( ଇଂ. ଷ୍ଟିମରର ଅଶୁଦ୍ଧ ଉଚ୍ଚାରଣ )—
Ishtimar ବାଷ୍ପୀୟ ପୋତ; ଷ୍ଟିମର—Steamer.
ईष्टिमार
इष्टिमर

ଇଷ୍ଟିମିଷ୍ଟ୍—ଗ୍ରା. ବୈଦେ. ବ. (ଇଂ. ଏଷ୍ଟିମେଟ୍‌ର ଅଶୁଦ୍ଧ ଉଚ୍ଚାରଣ) —
Ishtimisht କୌଣସି କାର୍ଯ୍ୟ କରିବା ପୂର୍ବରୁ ତହିଁରେ ହେବା
एष्टिमेट ଆନୁମାନିକ ବ୍ୟୟର ନିର୍ଦ୍ଦେଶ; ଇସ୍ତ; ଏଷ୍ଟିମେଟ୍—
इष्टिमिष्ट Estimate.

ଇଷ୍ଟେଟ୍—ଗ୍ରା. ବୈଦେ. ବ ( ଇଂ. ଏଷ୍ଟେଟ୍‌ର ଅଶୁଦ୍ଧ ଉଚ୍ଚାରଣ )—
Ishtet ଜମିଦାରୀ ମାହାଲ—Estate.
ईष्टेट
इष्टेट

ଇଷ୍ଟେସନ୍—ଗ୍ରା. ବୈଦେ. ବ. ( ଇଂ. ଷ୍ଟେସନ୍‌ର ଅଶୁଦ୍ଧ ଉଚ୍ଚାରଣ )—
Ishtesan ରେଲଗାଡ଼ି ଠିଆ ହେବା ଓ ଯାତ୍ରୀମାନଙ୍କର ଚଢ଼ିବା ଓ
ईष्टिसेन ଓହ୍ଲାଇବାର ନିରୂପିତ ସ୍ଥାନ; ଷ୍ଟେସନ୍—
इष्टिसन Railway station.

ଇଷ୍ୱସନ ସଂ. ବ. ( ଇଷୁ=ବାଣ+ଅସ୍ ଧାତୁ=ନିକ୍ଷେପ କରିବ
Ishwasana +କରଣ. ଅନ; ଯାହାଦ୍ୱାରା ବାଣ ନିକ୍ଷେପ କରାଯାଏ )—ଧନୁ; ଧନୁ; କୋଦଣ୍ଡ—Bow.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠକମାନେ ଉକ୍ତ ଦେଖିତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ 'କୂର୍ଦ୍ଦ' ନ ମିଳିଲେ 'କୂଦ' ଦେଖିବେ 'ତଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଇଶ୍ୱାସ—ସଂ. ବି (ଇଷୁ=ବାଣ+ଅସ ଧାତୁ=କ୍ଷେପଣ କରିବା+କର୍ତ୍ତୃ. ଅ)—ଯେ ବାଣ ନିକ୍ଷେପ କରେ; ଶରନିକ୍ଷେପକ; ଧନୁର୍ଦ୍ଧର; କୋଦଣ୍ଡଧାରୀ—Wielding a bow; armed with a bow; holding a bow.
Ishwāsa

ଇସ୍—ଦେ. ଅ—୧ । କଷ୍ଟ; ଘୃଣା ଓ କ୍ଲାନ୍ତିସୂଚକ ଅବ୍ୟୟ—
Is 1. Interjection indicating pain,
ইস্ hattred and contempt.
୨ । ରୋଗ ବା ପରିଶ୍ରମଜନିତ କ୍ଳେଶସୂଚକ ଧ୍ୱନି—
2. Hissing sound uttered in physical pain due to exertion or disease.
୩ । ବିଦ୍ରୂପ ବା ବ୍ୟଙ୍ଗସୂଚକ ଧ୍ୱନି—
3. An exclamation of redicule or irony.

ଇସ୍ତିସ—ଦେ. ଅ. (ସଂ. ଇତସ୍ତତଃ)—୧ । ଏଣୁ ତେଣୁ—
Istis 1. This and that.
ইসতিস ୨ । ଦ୍ୱିଧାଭାବ—2. Hesitation.
एसातेषा ୩ । ଦ୍ୱିଧା କଥା କହିବା—3 Prevarication.
୪ । ଯେ କୌଣସି ପଦାର୍ଥ—
4. Any thing whatever.
୫ । ଏଣୁ ତେଣୁ ଗୁଡ଼ାଏ ବାଜେ ଜିନିଷ—5. Miscellany.

ଇସ୍ତିସ୍ କରିବା—ଦେ. କ୍ରି—୧ । ଏଣୁ ତେଣୁ କଥା କହିବା—
Istis karibā 1. To prevaricate.
ইসতিসকরা ୨ । ଦ୍ୱିଧା କରିବା; ଇତସ୍ତତଃ କରିବା—
हिचकिचाना 2. To hesitate

ଇସ୍ତିସ୍ ବତାଇବା—ଦେ. କ୍ରି - ଏଣୁ ତେଣୁ କହିବା; ନିର୍ଦ୍ଦିଷ୍ଟ କଥା ନ କହିବା—1. Not to tell any-
Istis bataibā
हीलाहवालाकरना thing definitely; to give evasive replies.

ଇସ୍‌ଲାମ୍—ବୈଦେ. ବି. (ଅ)—ମୁସଲମାନମାନଙ୍କ ଧର୍ମ—
Islām Mahomedanism; Islam.
ইসলাম
इसलाम

ଇସବ୍‌ଗୁଲ୍—ବୈଦେ. ବି. (ଫା. ଅସପଘୋଲ୍; ଫା. ଅସପ=ଅଶ୍ୱ; ଘୋଲ=କର୍ଣ୍ଣ: ଅଶ୍ୱକର୍ଣ୍ଣ ପରି ମଞ୍ଜି ଥିବାରୁ)—
Isabgul
ସଂ. ନାମ—ଶୀତବୀଜ; ପାରସ୍ୟ ଦେଶର ଶ୍ରେଷ୍ଠ ଶାକବିଶେଷର ଶୌଣରକ; ଶୈତ୍ୟବୀଜ; ବୀଜ (ବୀଜମାନ ଶ୍ରେଷ୍ଠ ଅଶ୍ୱକର୍ଣ୍ଣ ବା
ইসবগুল্ ନୌକା ପରି)—Plantago ovata;
ଫା. ଅସପଘୋଲ୍ Plantago Ispaghula.
[ ଗୁ—ଏହା ମୂତ୍ରକାରକ, ବସ୍ତିସଂଶୋଧକ, ଉଦରାଧ୍ମାନନାଶକ; ଏହାଦ୍ୱାରା ରକ୍ତବାତ ଓ ଶୁକ୍ରମେହ ଭଲ ହୁଏ । ଏଥିର ମଞ୍ଜିକୁ ପାଣିରେ ବତୁରାଇଲେ ତାହା ଫୁଲିଯାଏ ଓ କୋମଳ ଏବଂ ନାଳୁଆ ହୁଏ । ଏହା ଅମ ଲକୁ ଝାଡ଼ା, ରକ୍ତଯୋଡ଼ାର ଔଷଧ । ]

ଇସବଗୁଲି—ଗ୍ରା. ବୈଦେ. ବି. (ଫା.)—ଇସବ୍‌ଗୁଲ୍ (ଦେଖ)
Isabguli Isabgul (See)

ଇସବଗୋଲ୍—ବୈଦେ. ବି. (ଫା.)—ଇସବ୍‌ଗୁଲ୍ (ଦେଖ)
Isabgol Isabgul (See)

ଇସବି—ଗ୍ରାଦେ. (ସମ୍ବଲପୁର) ବି. (ଭୁଲ ହୁ. ଇଶାୟୀସନ)—
Isabi ଖ୍ରୀଷ୍ଟାବ୍ଦ—Year calculated from the year of the birth of Christ.

ଇସରା—ବୈଦେ. ବି. (ଅ)—ଇସାରା (ଦେଖ)
Isarā Isārā (See)
ଅମ୍ଭେମାନେ ଇସରାରେ ସବୁ କଥା ବୁଝି ପାରୁଁ—
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଇସରାଜ୍—ବୈଦେ. ବି—ଏସ୍‌ରାଜ୍ (ଦେଖ)
Isarāj Esrāj (See)

ଇସରାଜ୍‌ବୀନ୍—ବୈଦେ. ବି.—ଏସ୍‌ରାଜ୍‌ବୀନ୍ (ଦେଖ)
Isarājbin Esrājbin (See)

ଇସାଦ୍—ବୈଦେ. ବି. (ଅ. ଇଶାଦ୍) (କଟକିଆ ଭାଷା)—କୌଣସି ବ୍ୟାବହାରିକ ବ୍ୟବସାୟ ବା ଦଲିଲର ସାକ୍ଷୀ; ଦାଖିଅ ସାକ୍ଷୀ;
Isād
ইসাদ (ଏଥିର ସାଙ୍କେତିକ ଚିହ୍ନ 'ଇ' ଲେଖି ଦସ୍ତାବିଜରେ ସାକ୍ଷୀ
इसाद दସ୍ତଖତ କରନ୍ତି । ଯଥା—। ଇ । ଗୋପାଳଚନ୍ଦ୍ର ପ୍ରହରାଜ ।)
A witness to a business or transaction or document; attesting witness.

ଇସାଦ୍ କରିବା—ଦେ. କ୍ରି—(କଟକିଆ ଭାଷା)—ଇସାଦ୍ ପଡ଼ିବା (ଦେଖ)
Isād karibā Isād pardibā (See)

ଇସାଦ୍ ପଡ଼ିବା—ଦେ. କ୍ରି—(କଟକିଆ ଭାଷା) କୌଣସି ଦଲିଲରେ ଉକ୍ତ ଦଲିଲ ବର୍ଣ୍ଣିତ ବିଷୟର ସାକ୍ଷୀ ଥିବାର ନିଦର୍ଶନ ସ୍ୱରୂପ ଦସ୍ତଖତ କରିବା—To attest a document as witness to the transaction mentioned in it.
Isād pardibā
ইসাদপডা
सहाकरना

ଇସାଦି—ବୈଦେ. ବି. (ଅ)—ଇସାଦ୍ (ଦେଖ)
Isādi Isād (See)

ଇସାମାର୍ଗ—ଦେ. କ୍ରି. ବିଣ (ହି. ଏସା ଓ ସଂ. ମାର୍ଗ)—
Isāmārga ୧ । ଏହିପରି—1. Thus.
୨ । କ୍ରମରେ—2. Gradually.

ଇସାମାର୍ଗେ—ଦେ. କ୍ରି. ବିଣ - ଇସାମାର୍ଗ (ଦେଖ)
Isāmārge Isāmārga (See)

ଇସାରା—ବୈଦେ. ବି. (ଅ)—୧ । ସଙ୍କେତ—
Isārā 1. A nod; a sign; hint; token.
ইসারা ୨ । ଠାର—2. Wink; significant glance.
इसारा ୩ । ହାତ ଦ୍ୱାରା ସଙ୍କେତ—3. Manual sign.

ଇସାରା କରିବା—ଦେ. କ୍ରି—୧ । ସଂକେତ କରିବା—1. To give a hint; to give a meaning nod.
Isārā karibā

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | କ୍ଷ | ଇୟ | ଉଅ | ଉ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ବ୍ |

ইসারাকরা ୨ । କୌଣସି ବିଷୟର ସୂତ୍ର ବାହାର କରିବା; ଜାଣି
इसाराकरना ପାରିବା—2. To find out a clue.

ଇସାର୍ ଦେବା—ଦେ. କ୍ରି—ଇସାର୍ କରିବା ( ଦେଖ )
Isārā debā Isārā karibā ( See )

ଇସାର୍ ପାଇବା—ଦେ. କ୍ରି—କୌଣସି ବିଷୟ ସଙ୍କେତଦ୍ୱାରା ବିଜ୍ଞାପିତ
Isārā pāibā ହେବା–To get a hint; to get a clue.
ইসারাপাওয়া
इसारापाना

ଇସୁ—ବୈଦେ.ବି (ଇଂ. ଇସ୍ୟୁ) (କଚେରିଆଭାଷା)—ମକଦ୍ଦମାର ମୀମାଂସା
Isu ନିମନ୍ତେ ନିର୍ଦ୍ଧାରିତ ବିଷୟ; ମକଦ୍ଦମାରେ ବିଚାର୍ଯ୍ୟ ପ୍ରଶ୍ନ—
ইস্যু Issue settled for a case; points of decision in a case.
इस्यु

ଇସୁକୁଲ—ଗ୍ରା. ବୈଦେ. ବି. ( ଇଂ.ସ୍କୁଲର ଅଶୁଦ୍ଧ ଉଚ୍ଚାରଣ )—
Isukula ବିଦ୍ୟାଳୟ—School.
ইস্কুল
इस्कूल

ଇସୁକୁଲିଆ—ଗ୍ରା. ବିଣ—( ଇଂ. ସ୍କୁଲ + ଓଡ଼ିଆପ୍ରତ୍ୟୟ. ଇଆ )—
Isukuliā ୧ । ସ୍କୁଲସମ୍ବନ୍ଧୀୟ—1. Relating to school;
ইস্কুলের ୨ । ସ୍କୁଲରେ ପାଠ ପଢ଼ିଥିବା—
इस्कुलका 2. Educated in a school.

ଇସ୍କାପାନ୍—ଦେ. ବି—ଖେଳିବା ତାସର କଳାପାନ—
Iskāpān The (black) diamond of playing cards.
ইস্কাপান
इस्कापान

ଇସ୍କୁଲ (ଇତ୍ୟାଦି)—ଗ୍ରା ବୈଦେ.ବି (ଇଂ.ସ୍କୁଲର ଅଶୁଦ୍ଧ ଉଚ୍ଚାରଣ)—
Iskula etc ଇସୁକୁଲ ଇତ୍ୟାଦି (ଦେଖ)
Isukula etc (See)

ଇସ୍ତକ୍—ବୈଦେ. ଅ (ହି. ଇସ୍=ଏହା + ତକ୍=ପର୍ଯ୍ୟନ୍ତ)—
Istak ୧ । ଠାରୁ—1. From
ইস্তক ୨ । ଲଗାଏତ; (କୌଣସି ବିଷୟ) ଠାରୁ ଆରମ୍ଭକରି—
इस्तक 2. Beginning from.
୩ । ପର୍ଯ୍ୟନ୍ତ—3. Upto; till.
ବୈଦେ. ବି—ଗ୍ରାବୁ ତାସ୍ ଖେଳରେ ତାସ୍ ବଣ୍ଟା ହେବା ପରେ ଜଣେ ଖେଳାଳି ହାତରେ ଏକ ରଙ୍ଗର ସାହେବ ଓ ବିବି ପଡ଼ିବାର ଅବସ୍ଥା ( ତାସ୍ ଖେଳ ତଳେ ନୋଟ୍ ଦେଖ )—The state of one player getting the king and the queen cards of one colour in card play.

ଇସ୍ତପା—ବୈଦେ. ବି (ଅ. ଇସ୍ତେଫା)—ଇସ୍ତଫା (ଦେଖ)
Istapā Istaphā (See)

ଇସ୍ତଫା—ବୈଦେ. ବି ( ଅ. ଇସ୍ତେଫା )—୧ । ନିଜେ ସ୍ୱଇଚ୍ଛାରେ
Istaphā ଚାକିରିରୁ ବା କାର୍ଯ୍ୟରୁ ଅନ୍ତର ହେବା—
ইস্তফা 1. Resignation.
इस्तिफा ୨ । ସ୍ୱତ୍ୱରୁ ସ୍ୱୟଂ ସ୍ୱାର୍ଥତ୍ୟାଗ କରିବା—
2. Relinquishment.

ଇସ୍ତଫାଦେବା—ଦେ. କ୍ରି—ସ୍ୱୟଂ ସ୍ୱତ୍ୱ ବା ଚାକିରି ଛାଡ଼ିବା—
Istaphā debā To tender resignation or to relinquish a right.
ইস্তফা দেওয়া
इस्तिफादेना

ଇସ୍ତଫାନାମା—ବୈଦେ. ବି ( ଅ. ଇସ୍ତେଫାନାମାହ୍ )—
Istaphānāmā ୧ । ନିଜେ କାର୍ଯ୍ୟରୁ ଅନ୍ତର ହେବା ପାଇଁ ଦେବା ଆବେଦନପତ୍ର—
ইস্তফানামা
इस्तिफानामा 1. Letter of resignation.
୨ । ସ୍ୱତ୍ୱର ଅଧିକରୁ ସ୍ୱତ୍ୱ ତ୍ୟାଗ କରିବାର ନିଦର୍ଶନପତ୍ର—
2. Deed of relinquishment.

ଇସ୍ତମରାରି—ବୈଦେ. ବି (ଅ. ଇସ୍ତିମରାର୍) (କଚେରିଆ ଭାଷା)—
Istamarāri ଚିରସ୍ଥାୟୀ—Permanent.
ইস্তিমরারী ( ଯଥା—ଇସ୍ତମରାରି ପଟ୍ଟା )
इस्तिमरारी

ଇସ୍ତମୁରାରି—ବୈଦେ. ବି ( ଅ. )—ଇସ୍ତମରାରି (ଦେଖ)
Istamurāri Istamarāri (See)

ଇସ୍ତହାର—ବୈଦେ. ବି ( ଅ. ଇସ୍ତିହାର୍ )—ଇସ୍ତିହାର (ଦେଖ)
Istahāra Istihāra (See)

ମକଦ୍ଦମାର × × × ନକଲି ଇସ୍ତହାର ମୋ ପାଖରେ ଅଛି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଇସ୍ତାଫା—ବୈଦେ. ବି ( ଅ. )—ଇସ୍ତଫା (ଦେଖ)
Istāphā Istāphā (See)

ଇସ୍ତାରନାମା—ବୈଦେ. ବି ( ଅ. ଇସ୍ତିହାର୍‌ନାମା )—
Istāranāmā ଇସ୍ତିହାରନାମା (ଦେଖ)
Istihāranāmā (See)

ଇସ୍ତାହାର—ବୈଦେ. ବି ( ଅ. ଇସ୍ତିହାର )—ଇସ୍ତିହାର (ଦେଖ)
Istāhāra Istihāra (See)

ଇସ୍ତାହାରନାମା—ବୈଦେ. ବି. ( ଅ. )—
Istāhāranāmā ଇସ୍ତିହାରନାମା ( ଦେଖ )
Istihāranāmā ( See )

ଇସ୍ତିଫିସାର୍—ବୈଦେ. ବି. ଅ. (କଚେରିଆ ଭାଷା) (ଇସ୍ତିଫ୍‌ସାର୍—)
Istiphisār ୧ । ଜବାନବନ୍ଦୀ—1 Oral statement.
ইস্তিফিসার ୨ । ମକଦ୍ଦମାରେ ପକ୍ଷଙ୍କୁ କରାଯିବା ପ୍ରଶ୍ନ—
इस्तिफसार 2. Questions put to a party in a case.

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ଥାନ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା :— 'ଗଣ୍ଡ' ନ ମିଳିଲେ 'ଗାଣ୍ଡ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

**ଇସ୍ତିରି**—ଦେ. ବି. (ହି. ଇସ୍ତିରି; ସଂ. ଅସ୍ତ୍ର)—ଧୋବାମାନେ ସଫା ହୋଇଥିବା ଲୁଗାକୁ ମର୍ଦ୍ଦନ କରିବା ନିମନ୍ତେ ଯେଉଁ ଲୌହଯନ୍ତ୍ର ବ୍ୟବହାର କରନ୍ତି—Washerman's smoothing iron.
Istiri
ইস্তিরী
इस्तरी

ବୈଦେ. ବିଣ—ଇସ୍ତ୍ରି କରାଯାଇଥିବା (ଲୁଗା)—Ironed.

**ଇସ୍ତିରି କରିବା**—ଦେ କ୍ରି—(ଧୋବାମାନେ) ସଫା ହୋଇଥିବା ଲୁଗାକୁ ଲୌହଯନ୍ତ୍ର ସାହାଯ୍ୟରେ ମସୃଣ କରିବା—To iron a cloth.
Istiri karibā
ইস্তিরিকরা
इस्तिरी करना

[ ଦ୍ର—ସଫା ହୋଇଥିବା ଲୁଗାକୁ ସମତଳ ପଟା ଉପରେ ରଖି ତହିଁରେ ମଣ୍ଡ ଲଗାଇ ତା ଉପରେ ଦହନ କୋଇଲାରେ ଉତ୍ତପ୍ତ ହୋଇ ଥିବା ଇସ୍ତିରି ଯନ୍ତ୍ରକୁ ଚଳାଇଲେ ଲୁଗା ଇସ୍ତିରି ହୁଏ । ]

**ଇସ୍ତିହାର**—ବୈଦେ. ବି. (ଅ. ଇସ୍ତେହାର୍)—ସାଧାରଣ ପ୍ରଚାରିତ ବିଜ୍ଞାପନ—Proclamation; notification.
Istihāra
ইস্তিহার
इस्तिहार

**ଇସ୍ତିହାରନାମା**—ବୈଦେ. ବି. (ଅ ଇସ୍ତେହାର୍ ନାମହ୍)—ଲିଖିତ ବିଜ୍ଞାପନ—Written proclamation.
Istihāranāmā
ইস্তিহারনামা
इस्तेहारनामा

**ଇସ୍ତ୍ରୀ**—ବୈଦେ. ବି. (ଅ)—ଇସ୍ତିରି (ଦେଖ)
Istri Istiri (See)

**ଇସ୍ପାତ**—ବୈଦେ. ବି. (ଇଂ. ଷ୍ଟିଲ୍ ପ୍ଲେଟ୍; ଏଥିର ସଂ. ନାମ ଖରଲୌହ) ରାସାୟନିକ ପ୍ରକ୍ରିୟାଦ୍ୱାରା ଦୃଢ଼ୀକୃତ ଲୌହ; ଟାଣ ଲୁହା—Steel.
Ispāta
ইস্পাত
कड़ा इस्पात

**ଇସ୍ପିସଲ୍ (ଇତ୍ୟାଦି)**—ବୈଦେ. ବି—(ଇଂ ସ୍ପେସିଆଲ୍)—ଏସ୍ପିସଲ୍ ଇତ୍ୟାଦି (ଦେଖ) Ispisal etc. See)
Ispisal (etc)

**ଇସ୍ପ୍ରିଙ୍ଗ୍**—ବୈଦେ. ବି—(ଇଂ ସ୍ପ୍ରିଙ୍ଗ୍) କମାଣି; ଗାଡ଼ିଆଦିରେ ଲାଗିଥିବା ସ୍ଥିତିସ୍ଥାପକ ଲୌହ ଯନ୍ତ୍ର—Spring.
Ispring

**ଇସ୍ମାଇଲିଆ**—ବୈଦେ. ବି.—ମୁସଲମାନ ସମ୍ପ୍ରଦାୟବିଶେଷ—A sect of Mahomedans.
Ismāiliā

**ଇସ୍ଲାମ**—ବୈଦେ. ବି. (ଅ)—ମୁସଲମାନ ଧର୍ମ—Mahomedanism; Islam.
Islām
ইসলাম
इसलाम

**ଇସ୍ଲାମୀ**—ବୈଦେ. ବିଣ.—ଇସ୍ଲାମୀୟ (ଦେଖ)
Islāmi Islāmiya (See)

**ଇସ୍ଲାମୀୟ**—ଦେ. ବିଣ. ( ଅ. ଇସ୍ଲାମ୍+ସ. ପ୍ରତ୍ୟ. ଈୟ )—
Islāmiya ୧ । ମୁସଲମାନ ଧର୍ମ ସମ୍ବନ୍ଧୀୟ—1. Islamic.
ইসলামীয় ୨ । ମୁସଲମାନଧର୍ମବିଶ୍ୱାସୀ—
इसलामी 2. Faithful ( in the Mahomedan religion )

**ଇହ**—ସଂ.ଅ. (ଇଦମ୍=ଏହା+୭ମୀ ଅର୍ଥରେ. ହ; ନିପାତନ ସିଦ୍ଧ )—
Iha ୧ । ଏଠାରେ—1. Here; in this place.
୨ । ଏ ପୃଥିବୀରେ—2. On earth; in this world.
୩ । ଏହି ସମୟରେ—3. In this time.
ଇହଜନ୍ମ ନେଇ ଶ୍ରିଯେ ପରମକୁ ଦେଇ । ପ୍ରାଚୀ. ରହସ୍ୟମଞ୍ଜରୀ ।

**ଇହକାଳ**—ସଂ. ବି. ( ଇହ+କାଳ )—୧ । ଏହି ଜନ୍ମ—
Ihakāla 1. The present life. (as distinguished from the after life )
(ପରକାଳ—ବିପରୀତ)
୨ । ଏହି ପୃଥିବୀରେ ଜୀବନ କାଳ—
2. Lifetime on this earth.

**ଇହଜଗତ**—ସଂ. ବି. ( ଇହ+ଜଗତ୍ )—ଏହି ପୃଥିବୀ—
Ihajagata This world.

**ଇହଜନ୍ମ**—ସଂ. ବି. ( ଇହ+ଜନ୍ମ )—ଏହି ଜନ୍ମ—
Ihajanma This life ( as opposed to the next birth ).
(ପରଜନ୍ମ—ବିପରୀତ)

**ଇହତ୍ୟ**—ସଂ. ଅ. (ଇହ=ଏଠାରେ+ତ୍ୟ)—ଅତ୍ରତ୍ୟ; ଏହି ସ୍ଥାନର—
Ihatya Of this place; belonging to this place.

**ଇହଲୋକ**—ସଂ. ବି—ଇହଜଗତ; ଏହି ପୃଥିବୀ—
Ihaloka This world ( as opposed to the next world ); the present world.
(ପରଲୋକ—ବିପରୀତ)

**ଇହସ୍ଥ**—ସଂ. ବିଣ. (ଇହ+ସ୍ଥା ଧାତୁ+ଅ)—ଅତ୍ରସ୍ଥ; ଏହି ସ୍ଥାନର—
Ihastha Of this place

**ଇହା**—ସଂ. ବି. ( ଇ=କନ୍ଦର୍ପ+ହନ ଧାତୁ=ନାଶ କରିବା+କ୍ୱିପ୍;
Ihā ଯେ କନ୍ଦର୍ପକୁ ବିନାଶ କରିଥିଲେ )—ଶିବ; ମହାଦେବ—God Siba.
ସଂ. ବିଣ—କାମଧ୍ୱଂସକ—Destroyer of Cupid.
ଦେ. ସର୍ବନାମ ( ସଂ. ଇଦମ୍; ଅଦସ୍ )—ଏହା—This.

**ଇହାଦେ**—ପ୍ରାଦେ. ( ସମ୍ବଲପୁର ) ଅ—ବର୍ତ୍ତମାନ; ଏକ୍ଷଣି—
Ihāde Now; at present.

**ଇହାମୁତ୍ର**—ସଂ. ଅ. ( ଇହ=ଏଠାରେ+ଅମୁତ୍ର=ସେଠାରେ; ଏଠାରେ
Ihāmutra ଓ ସେଠାରେ )—୧ । ଇହକାଳ ଓ ପରକାଳରେ; ଇହଲୋକରେ ଓ ପରଲୋକରେ—
Here and hereafter; in this world and the next.
୨ । ସର୍ବତ୍ର—2. In all places.
୩ । ସର୍ବଦା—3. In all times
୪ । ଅନନ୍ତ କାଳଯାଏ 4. Ad-infinitum.

**ଇହି**—ଦେ. ଅ—ଘୃଣାବାଚକ ଧ୍ୱନି—
Ihi An exclamation of hatred.

**ଇହୁଦି**—ବୈଦେ. ବି. ( ହିବ୍ରୁ )—ଯିହୁଦି ( ଦେଖ )
Ihudi Jihudi ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଡ | ଶ,ଷ | ଙ୍କ | ଇଯ୍ | ଡ଼ଅ | ଘ |
| ୨ | ଇ | ଈ | ଋ | ଌ | ଝ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ● | କୃ |

# ଈ

[ ଦ୍ର—'ଇ'ଯୁକ୍ତ ଦେଶଜ ଶବ୍ଦମାନ 'ଈ' ଯୁକ୍ତ ହୋଇ ମଧ୍ୟ ଭାଷାରେ ବ୍ୟବହୃତ ହୁଏ । ଅତଏବ 'ଇ' କିମ୍ବା ଈକାର ଯୁକ୍ତ ଦେଶଜ ଶବ୍ଦମାନଙ୍କ ପାଇଁ 'ଇ' ତଳେ ଦେଖ । ]

ଈ—ଭାଷାର ୪ର୍ଥ ସ୍ୱରବର୍ଣ୍ଣ—ଦୀର୍ଘସ୍ୱର; ଏଥିର ଉଚ୍ଚାରଣ ସ୍ଥାନ ତାଳୁ ଓ
Ī ଏହାର ଚିହ୍ନ 'ୀ' ବ୍ୟଞ୍ଜନବର୍ଣ୍ଣ ଶେଷରେ ବ୍ୟବହୃତ ହୁଏ—
The 4th vowel corresponding to 'Ī'.

ଈ—ସଂ. ବି.—(ଈ ଧାତୁ=ଗମନ କରିବା+କର୍ମ. କ୍ୱିପ୍)—
Ī ୧ । ପୁଂ—କନ୍ଦର୍ପ; କାମଦେବ—1. Cupid
୨ । ସ୍ତ୍ରୀ. ( ଅ=ବିଷ୍ଣୁ+ସ୍ତ୍ରୀ. ଈ )—ଲକ୍ଷ୍ମୀ—
2. Lakshmi; the Goddess of fortune.
୩ । (+କର୍ତ୍ତୃ. କ୍ୱିପ୍) ରାଗ—3. Anger.
୪ । ଦୁଃଖ—4 Sorrow.

ଈ (ଧାତୁ)—ସଂ.—ଗମନ କରିବା—
Ī (root) To go: to move.

ଈ (ପ୍ରତ୍ୟୟ)—ସ.—୧ । ସାଧାରଣତଃ ଅକାରାନ୍ତ ପୁଂଲିଙ୍ଗରେ ଈକାର
Ī (suffix) ଯୋଗ ହେଲେ ତାହା ସ୍ତ୍ରୀଲିଙ୍ଗବାଚକ ହୁଏ—
( ଯଥା—ନଟ-ନଟୀ; ନର-ନାରୀ; ଛାଗ-ଛାଗୀ; ନଦ-ନଦୀ )
୨ । ସମୟ ସମୟରେ ଏହା କ୍ଷୁଦ୍ରତାବାଚକ ହୁଏ—
( ଯଥା—ଘଟ-ଘଟୀ; ଗୁଲ-ଗୁଲୀ; ଇତ୍ୟାଦି )
୩ । ଅଭୂତ ତଦ୍ଭାବ ଅର୍ଥରେ ଅର୍ଥାତ୍ ପୂର୍ବେ ହୋଇ ନ ଥିଲା ବର୍ତ୍ତମାନ ହେଲା ଏ ଅର୍ଥରେ ଶବ୍ଦଶେଷରେ ଓ ଧାତୁର ପୂର୍ବେ ପ୍ରତ୍ୟୟ ହୁଏ ( ସଂସ୍କୃତ ଚ୍ୱି; ଯଥା—ଶୁକ୍ଳ—ଶୁକ୍ଳୀକୃତ)—A suffix.
୪ । ଅସ୍ତି ଅର୍ଥରେ ମଧ୍ୟ ବିଶେଷ୍ୟ ଓ ଧାତୁ ପରେ ଯୋଗ ହୁଏ ( ସଂସ୍କୃତ ଇନ୍; ଯଥା—ଧନ-ଧନୀ; ରାଗ-ରାଗୀ; ଦା-ଧାତୁ=ଦାୟୀ; ଗମ ଧାତୁ-ଗାମୀ )—A suffix.

ଈକାର—[ ବ୍ୟଞ୍ଜନ ବର୍ଣ୍ଣରେ 'ଈ' ଯୋଗ ହେବାର ମାତ୍ରା 'ୀ'କୁ
Īkāra ଚାଟଶାଳୀରେ ଅବଧାନମାନେ 'ଅଙ୍କୁଶୀ' ବା 'ଅଙ୍କୁଡ଼ୀ' ବୋଲି ବାଳକମାନଙ୍କୁ ବୁଝାନ୍ତି—ଦେଖ ଅଙ୍କୁଶୀ—ଶ । ]
୧ । ଈ ମାତ୍ରା 'ୀ'—
1. The sign of the long vowel 'Ī'.
୨ । ଈ ବର୍ଣ୍ଣ—2. The letter long 'Ī'.
୩ । ଈ ଶବ୍ଦ—3 The deep sound long Ī'

ଈକାରାନ୍ତ—ସଂ. ବିଣ—ଯେଉଁ ଶବ୍ଦ ଶେଷରେ ଈ ଥାଏ—
Īkārānta A word ending in Ī.

ଈକ୍ଷ (ଧାତୁ)—ସଂ.—ଦେଖିବା—To see
Īkha (root)

ଈକ୍ଷଣ—ସଂ. ବି. ( ଈକ୍ଷ ଧାତୁ=ଦେଖିବା+ଭାବ. ଅନ)—
Īkshaṇa ୧ । ଦୃଷ୍ଟି—1. Sight; look.
୨ । ଦର୍ଶନ—2. Act of seeing; inspection.
୩ । (+କରଣ. ଅନ)—ଅକ୍ଷି; ଚକ୍ଷୁ—3. Eye.

ଈକ୍ଷଣିକ—ସଂ. ବି. ପୁଂ—( ଈକ୍ଷଣ=ଦୃଷ୍ଟି+ଇକ; ଯେ ଭବିଷ୍ୟତ୍
Īkshaṇika କଥା ଦେଖିପାରେ)—ଦୈବଜ୍ଞ; ଭବିଷ୍ୟତ୍ କଥା
(ଈକ୍ଷଣିକା—ସ୍ତ୍ରୀ) ଜାଣିବା ବ୍ୟକ୍ତି—
Fortune teller.

ଈକ୍ଷମାଣ—ସଂ. ବିଣ. ପୁଂ—( ଈକ୍ଷ ଧାତୁ=ଦେଖିବା+କର୍ତ୍ତୃ. ଅନ )
Īkshamāṇa ଦେଖିଥିବା—Looking at; observing.
(ଈକ୍ଷମାଣା—ସ୍ତ୍ରୀ)

ଈକ୍ଷା—ସଂ. ବି. ସ୍ତ୍ରୀ. (ଈକ୍ଷ ଧାତୁ=ଦେଖିବା+ଭାବ. ଅ+ସ୍ତ୍ରୀ. ଆ )—
Īkshā ଦୃଷ୍ଟି; ଦର୍ଶନ; ଦେଖିବା—Sight; act of seing.

ଈକ୍ଷିତ—ସଂ. ବିଣ. ( ଈକ୍ଷ ଧାତୁ=ଦେଖିବା+କର୍ମ. ତ )—ଦୃଷ୍ଟ—
Īkshita Seen; looked at; observed.
ସଂ. ବି ( +ଭାବ. ତ )—ଦର୍ଶନ—Seeing.

ଈକ୍ଷିତା—ସଂ. ବିଣ. ପୁଂ. (ଈକ୍ଷ ଧାତୁ=ଦେଖିବା+କର୍ତ୍ତୃ. ତୃ ୧ମା. ୧ବ.)—
Īkshitā ଦ୍ରଷ୍ଟା; ଦେଖିବା ବ୍ୟକ୍ତି; ଦର୍ଶକ—
(ଈକ୍ଷିତ୍ରୀ—ସ୍ତ୍ରୀ) Observer; spectator.

ଈଗଲ୍—ବୈଦେ. ବି. ( ଇଂ. ଈଗ୍ଲ୍ )—ଶିକାରର ପ୍ରସିଦ୍ଧବର୍ଗର ପକ୍ଷୀ
Īgal (ଏମାନେ ଆମେରିକାବାସୀ)—Eagle.
ईगल
ঈগল

ଈ-ଟା—ପ୍ରାଦେ. ( ସମ୍ବଲପୁର ) ସର୍ବନାମ—ଏହିଟା; ଏହି—
Ī ṭā This.

ଈଡ଼ (ଧାତୁ)—ସଂ—୧ । ସ୍ତବ କରିବା—1 To pray.
Īṛda root) ୨ । ପ୍ରଶଂସା କରିବା—2. To praise.

ଈଡ଼ା—ସଂ. ବି. ସ୍ତ୍ରୀ. (ଈଡ଼ ଧାତୁ=ସ୍ତୁତି କରିବା+ଭାବ. ଅ+ସ୍ତ୍ରୀ. ଆ)
Īṛdā —ସ୍ତୁତି; ସ୍ତବ; ପ୍ରଶଂସା—
Thanksgiving; praise

ଈଡ଼ିତ—ସଂ. ବିଣ. ( ଈଡ଼ ଧାତୁ=ପୂଜା କରିବା+କର୍ମ. ତ )—
Īṛdita ସ୍ତୁତ; ପ୍ରଶଂସିତ—Praised; extolled.
ସଂ. ବି(+ଭାବ. ତ)—ସ୍ତୁତି; ପ୍ରଶଂସା—Praise; prayer.

ଈଡ୍ୟ—ସଂ. ବିଣ. ( ଈଡ଼ ଧାତୁ=ସ୍ତବ କରିବା+କର୍ମ. ଯ )—
Īdya ସ୍ତବ୍ୟ; ସ୍ତୁତ୍ୟ; ସ୍ତବର ଯୋଗ୍ୟ; ସ୍ତବନୀୟ; ପୂଜ୍ୟ—
Revered; adorable.

ଈତି—ସଂ. ବି. ସ୍ତ୍ରୀ. ( ଈ ଧାତୁ=ଗମନ କରିବା+କର୍ମ. ତି )—
Īti ୧ । ରାଜ୍ୟର ଷଡ଼ବିଧ ବିଘ୍ନ ବା ବିପତ୍ତି; ଯଥା—ଅତିବୃଷ୍ଟି; ଅନାବୃଷ୍ଟି; ମୂଷିକ; ପତଙ୍ଗ; ପକ୍ଷୀ; ରାଜ୍ୟ ନିକଟସ୍ଥ ଶତ୍ରୁରାଜା—ଏହି ଛଅ ପ୍ରକାର ଶତ୍ରୁଙ୍କଦ୍ୱାରା ରାଜ୍ୟର ଅନିଷ୍ଟ—
1. Calamity to a kingdom; calamity proceeding from 6 causes—excessive rain; drought; rats; insects; birds; and invasion by a neighbouring enemy ( rival king )

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲଙ୍କ' ନ ପାଇଲେ 'ଅଳଙ୍କ' ଦେଖିବେ ।

୨ । ରାଜ୍ୟରେ ମାରୀଭୟ—2. Plague.
୩ । ରାଜ୍ୟରେ ଦୁର୍ଭିକ୍ଷ—3. Famine.
୪ । ଗତି—4. Motion.
୫ । ପ୍ରବାସ—5. Sojourn.

ଈଦୃକ୍—ସଂ. ବିଣ. ( ଇଦମ୍ = ଏହି + ଦୃଶ୍ ଧାତୁ = ଦେଖିବା + କର୍ମ.
Īdṛuk  କ୍ୱିପ୍; ଈଦୃଶ୍ ଶବ୍ଦ. ୧ମା. ୧ବ. )—
୧ । ଏତାଦୃକ୍; ଏହିପରି; ଏରୂପ—
1. Such; similar to this.
୨ । ଏବମ୍ଭୂତ—2. Like this.

ଈଦୃକ୍ଷ—ସଂ. ବିଣ. ( ଇଦଂ + ଦୃଶ୍ ଧାତୁ + କର୍ମ. ସ )—
Īdṛuksha  ଈଦୃକ୍ ( ଦେଖ )
Īdṛuk ( See )

ଈଦୃଶ—ସଂ. ବିଣ. ( ଇଦମ୍ + ଦୃଶ୍ ଧାତୁ + କର୍ମ. ଅ )—
Īdṛuśa  ଈଦୃକ୍ ( ଦେଖ )
(ଈଦୃଶୀ—ସ୍ତ୍ରୀ)  Īdṛuk ( See )

ଈପ୍ସା—ସଂ.ବି. ସ୍ତ୍ରୀ (ଆପ୍ ଧାତୁ = ପାଇବା + ଇଚ୍ଛା ଅର୍ଥରେ. ସ + ସ୍ତ୍ରୀ.ଆ)—
Īpsā  ପାଇବାର ଇଚ୍ଛା; ପ୍ରାପ୍ତୀଚ୍ଛା; ବାଞ୍ଛା—Desire to obtain; wish to have.

ଈପ୍ସିତ—ସଂ. ବିଣ—(ଆପ୍ ଧାତୁ + ଇଚ୍ଛାର୍ଥେ. ସ + କର୍ମ. ତ)—
Īpsita  ଅଭିଳଷିତ; ବାଞ୍ଛିତ—Wished for; desired.
ସଂ. ବି (+ଭାବ. ତ)—ଅଭିଳାଷ; ବାଞ୍ଛା—Wish; that which is desired or longed for.

ଈପ୍ସିତାର୍ଥ—ସଂ. ବି. (କର୍ମଧା; ଈପ୍ସିତ = ବାଞ୍ଛିତ + ଅର୍ଥ = ଉଦ୍ଦେଶ୍ୟ )—
Īpsitārtha  ବାଞ୍ଛିତ ଫଳ; ମନସ୍କାମନା—Desired object; the object aimed at.

ଈପ୍ସୁ—ସଂ. ବିଣ. ପୁଂ. ଓ ସ୍ତ୍ରୀ (ଆପ ଧାତୁ = ପାଇବା + ଇଚ୍ଛାର୍ଥ. ସ +
Īpsu  କର୍ତ୍ତୃ. ଉ)—ପାଇବାକୁ ଇଚ୍ଛୁକ; ପ୍ରାପ୍ତୀଚ୍ଛୁ—
Wishing; desirous to obtain.

ଈର (ଧାତୁ)—ସଂ.—୧ । ପ୍ରେରଣ କରିବା—1. To send.
Īra (root)  ୨ । ବ୍ୟାପିବା—2. To spread.
୩ । ବୋଲିବା—3. To speak.

ଈରଣ—ସଂ. ବି (ଈର୍ ଧାତୁ = ଗମନ କରିବା + ଅଧିକରଣ. ଅନ)—
Īraṇa  ୧ । ଊଷର ଭୂମି; କ୍ଷାର ଭୂମି—1. Calcine soil.
୨ । ମରୁଭୂମି—2. Desert; wilderness.

ଈରିଣ—ସଂ. ବି. (ଈର୍ ଧାତୁ = ଗମନ କରିବା + ଅଧିକରଣ. ଇନ୍)—
Īriṇa  ଈରଣ (ଦେଖ)—Īraṇa (See)

ଈରିତ—ସଂ. ବିଣ. (ଈର୍ ଧାତୁ = ବ୍ୟାପିବା; ପ୍ରେରଣ କରିବା; ବୋଲିବା
Īrita  + କର୍ମ. ତ)—୧ । କଥିତ—1. Spoken; said.
୨ । ବ୍ୟାପ୍ତ; କ୍ଷିପ୍ତ—2. Extended; spread.
୩ । ପ୍ରେରିତ—3. Sent; despatched.
୪ । ଚାଳିତ; କମ୍ପିତ—4. Moved.
୫ । କ୍ରୁଦ୍ଧ—5. Irritated; enraged.
ସଂ. ବି (+ଭାବ. ତ)—କଥନ; ବାକ୍ୟ; କଥା—
Speech; words.

ଈରିଷା—ଗ୍ରା. ପଦ୍ୟ. ବି (ସଂ. ଈର୍ଷା)—ଈର୍ଷା (ଦେଖ
Īrisha  Īrshā (See)
ବ. ସ୍ତ ଦେବେ ଈରିଷା ବହି ନ ମାନବେ ସେ । ଉଦ୍ଧ. ବୈଦେହୀଶବିଳାସ ।

ଈର୍ଷା—ସଂ. ବି. ସ୍ତ୍ରୀ (ଈର୍ଷ୍ୟ ଧାତୁ = ଦ୍ୱେଷ କରିବା + ଭାବ. ଅ + ସ୍ତ୍ରୀ.ଆ)·
Īrshā  ୧ । ଦ୍ୱେଷ—1. Grudge; malice.
୨ । ହିଂସା—2. Spite; envy; ill-feeling.
୩ । ପରଶ୍ରୀକାତରତା; ଅନ୍ୟର ସୌଭାଗ୍ୟରେ ଦୁଃଖ—
3. Impatience at another's prosperity.
୪ । ସ୍ତ୍ରୀ ବା ସ୍ୱାମୀର ପରସ୍ପର ପ୍ରତି ବ୍ୟଭିଚାରଶଙ୍କା—
4. Conjugal jealousy.

ଈର୍ଷା କରିବା—ଦେ. କ୍ରି—୧ । ଦ୍ୱେଷ କରିବା—
Īrshā kariba  1. To envy.
ঈর্ষা করা  ୨ । ପରଶ୍ରୀକାତର ହେବା—
ईर्षा करना  2. To feel impatient at another's prosperity.

ଈର୍ଷାପର—ସଂ. ବିଣ. ପୁଂ (୬ମୀ ତତ୍; ଈର୍ଷା + ପର )—ଈର୍ଷୀ; ଈର୍ଷା
Īrshāpara  ପ୍ରକୃତିକ—Envious; jealous.
(ଈର୍ଷାପରା—ସ୍ତ୍ରୀ)
(ଈର୍ଷାପରତା—ବି)

ଈର୍ଷାପରତନ୍ତ୍ର—ସଂ. ବିଣ. ପୁଂ (ଈର୍ଷା + ପରତନ୍ତ୍ର)—ଈର୍ଷାପର; ଦ୍ୱେଷ
Īrshāparatantra  ବା ଈର୍ଷାର ଅଧୀନ—Under the
(ଈର୍ଷାପରତନ୍ତ୍ରତା ବି)  influence of malice; subject to envy or jealousy.

ଈର୍ଷାଳୁ—ସଂ.ବିଣ (ଈର୍ଷା + ଯୁକ୍ତାର୍ଥରେ.ଆଳୁ)—ଅତ୍ୟନ୍ତ ପରଶ୍ରୀକାତର—
Īrshālu  Very envious or jealous; malicious.

ଈର୍ଷୀ—ସଂ. ବିଣ. ପୁଂ (ଈର୍ଷା + ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ)—
Īrshī  ଈର୍ଷାଯୁକ୍ତ—Spiteful; malicious.
(ଈର୍ଷିଣୀ—ସ୍ତ୍ରୀ)

ଈର୍ଷ୍ୟ (ଧାତୁ)—ଦ୍ୱେଷ କରିବା—To envy.
Īrshya (root)

ଈର୍ଷ୍ୟା—ସଂ. ବି. ସ୍ତ୍ରୀ (ଈର୍ଷ୍ୟ ଧାତୁ + ଭାବ. ଅ + ସ୍ତ୍ରୀ. ଆ)—
Īrshyā  ଈର୍ଷା (ଦେଖ)
Īrshā (See)

ଈର୍ଷ୍ୟୀ—ସଂ. ବିଣ (ଈର୍ଷ୍ୟା + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Īrshyī  ଈର୍ଷୀ (ଦେଖ)
(ଈର୍ଷ୍ୟିଣୀ—ସ୍ତ୍ରୀ)  Īrshī (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଋ |
| ୨ | ଠ | ଭ | ରୁ | ଲୃ | ପ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଏ | ନୃ |

ଈଳା—ସଂ. ବି. ସ୍ତ୍ରୀ—(ଈଡ଼୍ ଧାତୁ=ସ୍ତବ କରିବା+କର୍ମ. ଅ+ସ୍ତ୍ରୀ. ଆ; ଳ ଆଗମ)—୧ । ବାଣୀ; ସରସ୍ୱତୀ—1. Saraswati; Goddess of learning.
Īla
୨ । ପୃଥିବୀ—2. The earth.
୩ । ଧେନୁ—3. Cow.
୪ । (+ଭାବ. ଅ+ସ୍ତ୍ରୀ. ଆ)—ସ୍ତୁତି; ସ୍ତବ; ପ୍ରଶଂସା—4 Praise; thanks-giving.

ଈଳିତ—ସଂ. ବିଣ—(ଈଡ଼ ଧାତୁ+କର୍ମ. ତ)—ପ୍ରଶଂସିତ; ସ୍ତୁତ—Praised; extolled.
Īlita

(ଧାତୁ)—ସଂ—ଆଧିପତ୍ୟ କରିବା—To dominate.
Īś (root)

ଈଶ୍—ସଂ. ବି. (ଈଶ ଧାତୁ+କର୍ତ୍ତୃ. କ୍ୱିପ୍)—ଈଶ; ଈଶ୍ୱର—God.
Īś

ଈଶ—ସଂ. ବି. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ଅ)—
Īśa ୧ । ପତି; ସ୍ୱାମୀ—1. Husband.
୨ । ପ୍ରଭୁ—2 Lord; master.
୩ । ଈଶ୍ୱର—3. God.
୪ । ଶିବ—4. Śiba.
୫ । ରାଜା—5. Ruler.
୬ । ନିୟନ୍ତା—6. Controller.
୭ । ରକ୍ଷକ—7. Protector.
ସଂ. ବିଣ—୧ । ଶ୍ରେଷ୍ଠ—1. Chief.
୨ । ସମର୍ଥ—2. Competent.

ଈଶା—ସଂ. ବି. ସ୍ତ୍ରୀ. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ଲାଙ୍ଗଲଦଣ୍ଡ—1. Beam of a plough.
Īśā
୨ । ଲାଙ୍ଗଲ ଫଳର ଲମ୍ବାଳିଆ ଭୂଭାଗ; ଲଙ୍ଗଳଗାର—2. Furrow.
୩ । ଈଶ୍ୱରୀ; ଦୁର୍ଗା—3. Goddess Durgā.

ଈଶାନ—ସଂ. ବି. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ଆନ)—
Īśāna ୧ । ମହେଶ୍ୱର; ଶିବ—1. Śiba.
୨ । ଏକାଦଶ ରୁଦ୍ର ମଧ୍ୟରୁ ଅଷ୍ଟମ ରୁଦ୍ର—2. One of the 11 Rudra Deities.
୩ । ମହାଦେବଙ୍କ ଅଷ୍ଟମୂର୍ତ୍ତି ମଧ୍ୟରୁ ସୂର୍ଯ୍ୟମୂର୍ତ୍ତି—3. One of the eight manifestations of Śiba—the solar one.
୪ । ଆଲୋକ—5 Light.
୫ । ତେଜଃ; ଜ୍ୟୋତିଃ—5. Splendour.
୬ । ପ୍ରଭୁ—6. Lord; master.

ଈଶାନକୋଣ—ସଂ. ବି. (୬ଷ୍ଠୀ ତତ୍; ଈଶାନ=ଶିବ+କୋଣ; ଶିବ ଏହି କୋଣର ଅଧିଷ୍ଠାତା)—ପୂର୍ବ ଓ ଉତ୍ତର ଦିଗର ମଧ୍ୟବର୍ତ୍ତୀ କୋଣ—The north-east quarter of the compass.
Īśānakoṇa

ଈଶାନୀ—ସଂ. ବି. ସ୍ତ୍ରୀ. (ଈଶାନ+ସ୍ତ୍ରୀ. ଈ)—ମହେଶ୍ୱରୀ; ପାର୍ବତୀ; ଦୁର୍ଗା—Durgā.
Īśāni

ଈଶାନୁକଥା—ସଂ. ବି. (ଈଶ+ଅନୁକଥା)—ଉତ୍ତମ ପୁରୁଷଙ୍କ ଆଗେ ଈଶ୍ୱରକଥା ବର୍ଣ୍ଣନ—Discussion of spiritual matters in a good society.
Īśānukathā

ଈଶ୍ୱର କଥା ଅନୁବାଦେ, ଉତ୍ତମ ପୁରୁଷଙ୍କ ମଧ୍ୟେ ।
"ଈଶାନୁକଥା" ଏହା କହି, ଅପରେ ଶୁଣ ମନ ଦେଇ ।
ଜଗନ୍ନାଥ. ଭାଗବତ ।

ଈଶିତା—ସଂ. ବି. ପୁଂ—୧ । (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ତୃ)—ଈଶ୍ୱର—1. God.
Īśitā
(ଈଶିତ୍ରୀ—ସ୍ତ୍ରୀ) ୨ । ସ୍ୱାମୀ; ପ୍ରଭୁ—2. Lord; master.
୩ । (ଈଶିନ୍+ଭାବ. ତା)—ଈଶିତ୍ୱ (ଦେଖ) 3. Īśitwa (See)
ସଂ. ବିଣ—୧ । ସମର୍ଥ—1. Competent; mighty.
୨ । ପ୍ରଧାନ—2. Chief

ଈଶିତ୍ୱ—ସଂ. ବି. (ଈଶ୍ ଧାତୁ=ଆଧିପତ୍ୟ କରିବା+ଇନ୍=ଈଶିନ୍+ଭାବ. ତ୍ୱ)—
Īśitwa
୧ । ଈଶ୍ୱରତ୍ୱ—1. God-head; Divinity.
୨ । ସର୍ବପ୍ରାଧାନ୍ୟ—2. Superiority.
୩ । ପ୍ରଭୁତ୍ୱ; ଆଧିପତ୍ୟ—. Lordship; mastery.
୪ । ଶାସନ; ରାଜ୍ୟ—4. Sovereignty; rule.
୫ । ସାମର୍ଥ୍ୟ—5. Might.
୬ । ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟ ମଧ୍ୟରୁ କେତେକର ସ୍ୱାମିତ୍ୱରୂପ ଐଶ୍ୱର୍ଯ୍ୟ (ଈଶ୍ୱରଙ୍କ ବଳୁତ)—6. One of the eight divine special attributes.
[ ଦ୍ର ଅଷ୍ଟୈଶ୍ୱର୍ଯ୍ୟ ଦେଖ ]

ଈଶ୍ୱର—ସଂ. ବି. (ଈଶ୍ ଧାତୁ=ଆଧିପତ୍ୟ କରିବା+କର୍ତ୍ତୃ. ବର)—
Īśwara ୧ । ପରମେଶ୍ୱର—1. The Supreme Lord; God.
୨ । ପରବ୍ରହ୍ମ—2. The Essential or Universal Brahma.
୩ । ଶିବ; ମହାଦେବ—3. Śiba.
୪ । କନ୍ଦର୍ପ—4. Cupid.
୫ । ପ୍ରଭବାଦି ମଧ୍ୟରେ ଏକାଦଶ ବତ୍ସର—5. The 11th of the scriptural years.
୬ । ଅଧୀଶ୍ୱର—6. Supreme lord.
୭ । ସ୍ୱାମୀ; ପ୍ରଭୁ—7. Lord; master.
୮ । ରାଜା—8. King; ruler.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଖ' ନ ପାଇଲେ 'ଅଂଖ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୯ । ବିଷ୍ଣୁ—9 Bishṇu.
୧୦ । ବଡ଼ଲୋକ—10. Great man.
ଈଶ୍ୱର ଅବତର ମତ, ଅନେ କନେ କପଟେ—ଜଗନ୍ନାଥ. ଭାଗବତ ।
୧୧ । ଧନୀ ବ୍ୟକ୍ତି—11. Rich man.
ସଂ. ବିଣ. ପୁଂ—୧ । ସମର୍ଥ—1. Competent.
(ଈଶ୍ୱରୀ—ସ୍ତ୍ରୀ) ୨ । ଶ୍ରେଷ୍ଠ; ପ୍ରଧାନ—2. Chief; supreme
୩ । କ୍ଷମତାଶାଳୀ—3. Powerful.
୪ । ଧନୀ—4. Rich.
ଦେ. ବି. ପୁଂ—ଲୋକଙ୍କ ନାମ—Name of males.

ଈଶ୍ୱରଜଟା—ଦେ. ବି—ଈଶରଜଟା ( ଦେଖ )
Īśwarajaṭā Īsarajaṭā ( See )

ଈଶ୍ୱରଜର୍ଡ଼ା—ପ୍ରାଦେ. ( ସିଂହଭୂମ ) ବି—ଶତାବରୀ; ଛତଉରୀ—
Īśwarajarḍa The climbing Asparagus.

ଈଶ୍ୱରଦତ୍ତ—ସଂ. ବି. ( ୩ୟା ତତ୍ ) —୧ । ଭଗବାନ ଦେଇଥିବା—
Īśwaradatta 1. Given by God.
୨ । ପ୍ରାକୃତିକ—2. Natural
୩ । ସହଜ; ଜନ୍ମଗତ—
3. Instinctive; inborn.

ଈଶ୍ୱର ନ କରନ୍ତୁ—ଦେ. ବାକ୍ୟ—( ଭବିଷ୍ୟତରେ ସମ୍ଭବ ହୋଇ
Īśwara na karantu ଆଶଙ୍କିତ କୌଣସି ଅମଙ୍ଗଳ କଥା
ঈশ্বরনাকরুন কହିବା ପୂର୍ବରୁ ବ୍ୟବହୃତ ବାକ୍ୟ)—ଏପରି ଅମଙ୍ଗଳ
ନ ଘଟୁ—God forbid.

ଈଶ୍ୱରନିଷେଧ—ସଂ. ବି—ନାସ୍ତିକତା—
Īśwaranishedha Denial of God; atheism.

ଈଶ୍ୱରନିଷ୍ଠ—ସଂ. ବି. ପୁଂ.—ଈଶ୍ୱରଙ୍କଠାରେ ଏକାନ୍ତ ନିର୍ଭରଶୀଳ—
Īśwaranishṭha Having faith in God.
(ଈଶ୍ୱରନିଷ୍ଠା—ସ୍ତ୍ରୀ)

ଈଶ୍ୱରନିଷ୍ଠା—ସଂ. ବି. (୭ମୀ ତତ୍)—ଈଶ୍ୱରଙ୍କଠାରେ ଏକାନ୍ତ ବିଶ୍ୱାସ—
Īśwaranishṭhā Faith in God.
ସଂ. ବିଣ. ସ୍ତ୍ରୀ ( ଈଶ୍ୱରନିଷ୍ଠ + ଆ )—ଈଶ୍ୱରନିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Īśwaranishṭha.

ଈଶ୍ୱରପରାୟଣ—ସଂ. ବିଣ. ପୁଂ. (ବହୁବ୍ରୀହି)—ଈଶ୍ୱରଙ୍କଠାରେ ଏକାନ୍ତ
Īśwaraparāyaṇa ଭକ୍ତିଯୁକ୍ତ—Devoted to God;
(ଈଶ୍ୱରପରାୟଣା—ସ୍ତ୍ରୀ) God-fearing.
(ଈଶ୍ୱରପରାୟଣତା—ବି)

ଈଶ୍ୱରପାର୍ବତୀ—ସଂ. ବି. (ଦ୍ୱନ୍ଦ୍ୱ)—ହର ଓ ପାର୍ବତୀ—
Īśwarapārbatī Siba and his consort.

ଈଶ୍ୱରବାଦ—ସଂ. ବି. ( ୭ମୀ ତତ୍; ଈଶ୍ୱରଙ୍କ ସମ୍ବନ୍ଧରେ ବାଦ )—
Īśwarabāda ପରମେଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ—Theism;
belief in the existence of God.

ଈଶ୍ୱରବାଦୀ—ସଂ. ବି. ପୁଂ—ପରମେଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସକାରୀ—
Īśwarabādī Theistic; theist: believing in the existence of God.

ଈଶ୍ୱରବିଶ୍ୱାସ—ସଂ. ବି. (୭ମୀ ତତ୍)—ଈଶ୍ୱରଙ୍କଠାରେ ବିଶ୍ୱାସ—
Īśwarabiśwāsa Faith in God.

ଈଶ୍ୱରବିଶ୍ୱାସୀ—ସଂ. ବି.—ଈଶ୍ୱରଙ୍କଠାରେ ବିଶ୍ୱାସବାନ୍—
Īśwarabiśwāsī God-fearing; faithful.

ଈଶ୍ୱର ଭଲ କରନ୍ତୁ—ଦେ. ବାକ୍ୟ—ମୁଦ୍ରାଦୋଷରୁ କେତେକ ଲୋକଙ୍କ
Īśwara bhala karantu କଥା କହିବା ମଧ୍ୟରେ ବ୍ୟବହୃତ
ঈশ্বর ভাল করুন ବାକ୍ୟ—A mannerism meaning "God do bless."

ଈଶ୍ୱରାଧୀନ—ସଂ. ବି. (୬ଷ୍ଠୀ ତତ୍)—ଈଶ୍ୱରଙ୍କ ଇଚ୍ଛାଧୀନର ଅଧୀନ—
Īśwarādhina Subject to the will of God.

ଈଶ୍ୱରାନୁଗୃହୀତ—ସଂ. ବି (୩ୟା ତତ୍ )—ପ୍ରଭୁଙ୍କଦ୍ୱାରା ଅନୁଗ୍ରହପ୍ରାପ୍ତ—
Īśwarānugruhita Favoured by God.

ଈଶ୍ୱରୀ—ସଂ. ବି. ସ୍ତ୍ରୀ ( ଈଶ୍ୱର=ମହାଦେବ+ସ୍ତ୍ରୀ. ଈ)—୧ । ପାର୍ବତୀ;
Īśwarī ଦୁର୍ଗା—Durgā; the consort of Śiba.
୨ । ଲକ୍ଷ୍ମୀ—2. Lakshmī, the Goddess of fortune.
୩ । ସରସ୍ୱତୀ—3. Saraswatī, the Goddess of learning.
୪ । ରାଣୀ; ସାମ୍ରାଜ୍ଞୀ—4. Queen ; empress.

ଈଷ(ଧାତୁ)—ସଂ.—୧ । ଆଘାତ କରିବା—1. To strike.
Īsha (root) ୨ । ଯିବା—2. To go
୩ । ଗତି କରିବା—3. To move.

ଈଷତ୍—ସଂ. ଅ.—ସାମାନ୍ୟ; ଅଳ୍ପପରିମାଣରେ (ଯଥା—ଈଷନ୍ନୀଳ;
Īshat ଈଷଦୁକ୍ତ )—A little; somewhat.
[ଦ୍ର—ସାଧାରଣତଃ ଶବ୍ଦର ପୂର୍ବରେ ବ୍ୟବହୃତ ହେଲେ ଉପରୋକ୍ତ ଅର୍ଥ ବୁଝାଏ । ]

ଈଷତ୍କର—ସଂ. ବିଣ—୧ । ସ୍ୱଳ୍ପାୟାସସାଧ୍ୟ—
Īshatkara 1. Easy of accomplishment.
୨ । ସ୍ୱଳ୍ପଫଳବିଶିଷ୍ଟ—2. Of little importance or effect.

ଈଷତ—ଦେ. ଅ ( ସଂ. ଈଷତ୍ )—ଈଷତ୍ ( ଦେଖ )
Īshata Īshat ( See )
ତୁଷ୍ଟା ବଦନ ହୋଇ ଗର୍ହି, ଈଷତ ହାସ୍ୟେ ବାକ୍ୟ କହି । ଜଗନ୍ନାଥ. ଭାଗବତ ।

ଈଷତେ—ଦେ. କ୍ରି. ବିଣ ( ସଂ. ଈଷତ୍ )—ଅକ୍ଳେଶରେ—
Īshate Easily.
ତାହାଙ୍କୁ ଲଗାଏ ମାଡ଼ଲେ; ଈଷତେ ଦଳ ଭପ ହେଲେ ।
ଜଗନ୍ନାଥ. ଭାଗବତ. ୧୦ମ. ଯୋଗ ।

ଈଷଦୁଷ୍ଣ—ସଂ. ବିଣ ( ଈଷତ୍=ସାମାନ୍ୟ+ଉଷ୍ଣ=ଗରମ )—କବୋଷ୍ଣ;
Īshadushṇa କଦୁଷ୍ଣ; ଅଳ୍ପ ଗରମ—Slightly warm; luke warm.
(ଈଷଦୁଷ୍ଣତା—ବି)

| ୧ | ଇ | ଉ | ର,ୃ | ଌ | ଏ | ହସନ୍ତ ବର୍ଣ୍ଣ | ଅକ୍ଷରାଦିର ଯୁକ୍ତାକ୍ଷର | ଷ | ଜ | ଶ,ସ | ଙ୍କ | ଇପ୍ସ | କ୍ଷଥ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଯୈ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଷ | କ୍ଟ |

ଈଷଦୂନ—ସଂ. ବଣ (ଈଷତ୍+ଊନ=ନ୍ୟୂନ)—କିଛିକମ୍; ସାମାନ୍ୟରେ
Īshadūna ଊଣା—Slightly deficient; not quite full cr complete. a little below.

ଈଷଦ୍ଦର୍ଶନ—ସଂ. ବ (ଈଷତ୍+ଦର୍ଶନ=ଦୃଷ୍ଟି)—କଟାକ୍ଷ—
Īshaddarśana Glance; slight view; side-glance.

ଈଷଦ୍ଧାସ—ସଂ. ବ.—ଈଷଦ୍ଧାସ୍ୟ (ଦେଖ)
Īshaddhāsa Īshaddhāsya (See)

ଈଷଦ୍ଧାସ୍ୟ—ସଂ. ବ. (ଈଷତ୍+ହାସ୍ୟ=ହସ)—ସାମାନ୍ୟ ହସ;
Īshaddhāsya ଅଳ୍ପ ହାସ୍ୟ—Slight laughter; a smile.

ଈଷନ୍ମାତ୍ର—ସଂ. ଅ—(ଈଷତ୍+ମାତ୍ର)—ଅଳ୍ପମାତ୍ର; ସାମାନ୍ୟମାତ୍ର—
Īshanmātra Slightly.

ଈଷା—ସଂ. ବ. ସ୍ତ୍ରୀ—(ଈଷ ଧାତୁ+ଅ+ଆ)—୧। ଲଙ୍ଗଳଦଣ୍ଡ—
Īshā 1. Plough-beam.
୨। ଲଙ୍ଗଳ ଶିଆର—2. Plough-share.
୩। ଶଗଡ଼ଦଣ୍ଡା—3. The beams of a cart.
ଶଲ୍ୟଙ୍କ ଭାଇଙ୍କର ହିର ପାଦ ଭଞ୍ଜ; ଛତ୍ର ଚକ୍ରସାରଥି ଯୁଗ ଈଷା ଧ୍ୱଜ।
କୃଷ୍ଣସିଂହ ମହାଭାରତ. ଦ୍ରୋଣ।
୪। ଗାଡ଼ିର ବମ୍; ରଥାବୟବବିଶେଷ—
4. The beams of a cart.

ଈଷାଳୁ—ଗ୍ରା. ବଣ— ଈର୍ଷାଳୁ; ଈର୍ଷାଯୁକ୍ତ—
Īshālu Envious.
ଈଷାଳୁ ବଚନ ଶୁଣି, ହସିଲେ ସାରଙ୍ଗପାଣି। ପ୍ରାଚୀ—ରହସ୍ୟମଞ୍ଜରୀ।

ଈଷିକା—ସଂ. ବ. ସ୍ତ୍ରୀ (ଈଷ ଧାତୁ=ଆଘାତ କରିବା; ଯିବା+ଇକ+ସ୍ତ୍ରୀ.
Īshikā ଆ)—୧। ଚିତ୍ରତୂଳିକା; ତୂଳି—1. Painter's brush.
୨। ହସ୍ତୀର ନେତ୍ରଗୋଳକ—
2. Elephant's eye-ball.
୩। କାଶ ତୃଣ; କାଇଁଶଘାସ—
3. A kind of wicker grass.
୪। ଅସ୍ତ୍ରବିଶେଷ; ଛୁରିକା—
4. Dagger; a knife.

ଈଷିତ—ଦେ. କ୍ରି. ବଣ (ସଂ. ଈଷତ୍)—ସାମାନ୍ୟରେ; ଅଳ୍ପରେ—
Īshita Slightly; somewhat
ଦେ. ବଣ—ଅଳ୍ପ; ସାମାନ୍ୟ—Little; slight.
ଈଷିତ ଅଙ୍କାରେ ଭୂଷିର
ତ୍ରିଗୁଣ ଛଣ୍ଡିଲ ମୋହର—ଭୂପତି. ପ୍ରେମପଞ୍ଚାମୃତ।

ଈଷିତେ—ଦେ. କ୍ରି. ବଣ (ସଂ. ଈଷତ୍)—ଈଷିତ (ଦେଖ)
Īshite
ଈଷିତେ ବିକଶିତ କଲ
ମନ ମଧ୍ୟରେ ସେ ଗହ୍ଲଁ—ଉପେନ୍ଦ୍ର. ଲାବଣ୍ୟବତୀ. ୩୩।

ଈଷୀକା—ସଂ. ବ. ସ୍ତ୍ରୀ—ଈଷିକା (ଦେଖ)
Īshīkā Īshikā (See)

ନର ଯେ ସମସ୍ତେ ଶିବଙ୍କ ଦାଣ ପାଇଁ
ଈଷୀକାସ୍ତ୍ର (କାଶତୃଣ) ଧରି ମଲ୍ଲିଲେ ଛେଧ ବହୁ—କୃଷ୍ଣସିଂହ. ମହାଭାରତ. ଶାନ୍ତି

ଈହ (ଧାତୁ)—ସଂ.—ଚେଷ୍ଟା କରିବା—
Īha (root) To try; to endeavour.

ଈହମାନ—ସଂ. ବଣ ପୁଂ (ଈହ ଧାତୁ=ଚେଷ୍ଟା କରିବା; ଇଚ୍ଛା କରିବା+
Īhamāna ଆନ)—ଚେଷ୍ଟମାନ; ଚେଷ୍ଟା କରୁଥିବା—
(ଈହମାନା—ସ୍ତ୍ରୀ) Endeavouring; striving; exerting; attempting.

ଈହା—ସଂ. ବ. ସ୍ତ୍ରୀ (ଈହ ଧାତୁ+ଚେଷ୍ଟା କରିବା; ଇଚ୍ଛା କରିବା+ଅ+
Īhā ସ୍ତ୍ରୀ. ଆ)—୧। ଚେଷ୍ଟା; ଯତ୍ନ; ଉଦ୍ୟମ—
Endeavour; exertion.
୨। ଇଚ୍ଛା; ଅଭିଳାଷ—2. Wish

ଈହାବୃକ—ସଂ. ବ (ଈହା=ଚେଷ୍ଟା+ବୃକ=ହେଟା; ମୃଗ ଚେଷ୍ଟାରେ
Īhābṛuka ଥିବା ହେଟା)—୧। ହେଟାବାଘ—1. Wolf.
୨। ଦୃଶ୍ୟକାବ୍ୟାନ୍ତର୍ଗତ ଚାରିଅଙ୍କବିଶିଷ୍ଟ ଏକପ୍ରକାର ରୂପକ—
2. A kind of allegorical drama of four acts.

ଈହାମୃଗ—ସଂ. ବ (ଈହା=ଚେଷ୍ଟା+ମୃଗ; ଯେ ମୃଗ ବଧ କରିବାପାଇଁ
Īhāmṛuga ଚେଷ୍ଟାରେ ଥାଏ)—
ଈହାବୃକ (ଦେଖ
Īhābṛuka (See)

ଈହିତ—ସଂ. ବଣ. (ଈହ ଧାତୁ=ଚେଷ୍ଟା କରିବା; ଇଚ୍ଛା କରିବା+କର୍ତ୍ତୃ.
Īhita ତ)—୧। ଚେଷ୍ଟିତ; ଉଦ୍ୟତ—
1. Striving; attempting.
୨। (+କର୍ମ. ତ) ଯେଉଁ ବିଷୟରେ ଚେଷ୍ଟା କରାଯାଇଅଛି—2. Attempted; strived at.
୩। (+କର୍ମ. ତ)—ଇଷ୍ଟ; ଆକାଙ୍କ୍ଷିତ; ଇପ୍ସିତ—
3. Sought after; wished for.
ସଂ. ବ (+ଭାବ. ତ)—୧। ଚେଷ୍ଟା; ଉଦ୍‌ଯୋଗ; ଉଦ୍ୟମ—
1. Effort; attempt.
୨। ଇଚ୍ଛା—2. Wish.

———

## ଉ

ଉ—ପଞ୍ଚମ ସ୍ୱରବର୍ଣ୍ଣ; ଏହା ହ୍ରସ୍ୱ; ଏଥିର ମାତ୍ରା ବ୍ୟଞ୍ଜନବର୍ଣ୍ଣ ତଳରେ 'ୁ'
U ଏହିପରି ରୂପ ଅଙ୍କ ମାତ୍ରାରୂପେ ଦିଆଯାଏ; ଏହାର ଉଚ୍ଚାରଣ
उ ସ୍ଥାନ—ଓଷ୍ଠ।—The fifth vowel (short) corresponding to English 'u'

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ସଂ ବି—୧ । ଶିବ—1. Siba.

୨ । ବ୍ରହ୍ମା—2. Brahmā; the Creator.

ଦେ. ଅ—୧ । ସମ୍ବୋଧନ; କ୍ରୋଧ, ଦୟା, ନିୟୋଗ, ପଦପୂରଣରେ ବ୍ୟବହୃତ—1. Oh; interjection used in expressing anger, pity and employment.

୨ । ଶିଶୁକୁ କୌଣସି ବସ୍ତୁ ବା ଜୀବ ( ନିଅାଁ, ବାଘ ) ଆଦି ଦେଖାଇ ଭୟ ଜାତ କରାଇବା ଉଦ୍ଦେଶ୍ୟରେ ବ୍ୟବହୃତ ଧ୍ୱନି—
2. Interjection used in frightening infants.

[ ଦ୍ର— ହଠାତ୍ କୌଣସି ଭୟଙ୍କାରକ ପଦାର୍ଥ ବା ଜୀବ (ଅଗ୍ନି, ସର୍ପ, ବାଘ ଆଦି) ଦେଖିଲେ ବା ହଠାତ୍ ଭୟ ପାଇଲେ ଏହି ଅବ୍ୟୟ ଧ୍ୱନି ବ୍ୟବହୃତ ହୁଏ—'ଉ ! ଲୋ !' ]

୩ । ଦେଖାଯାଉ ନ ଥିବା କୌଣସି ବ୍ୟକ୍ତି ଦୂରରୁ ଡାକୁଥିଲେ ତାକୁ ଦୂରରୁ ଏହି ଧ୍ୱନିଦ୍ୱାରା ଜବାବ୍ ଦିଆଯାଏ— ଏହାର ଅର୍ଥ— 'ଓ; ହଁ; ମୁଁ ଯାଉଛି ।'
3. Interjection used in responding to a call from a distance.

୪ । ବିଶେଷ୍ୟ ପରେ 'ସ୍ୱଳ୍ପମାତ୍ରିକ' ସ୍ଥଳେ ଏକବଚନାନ୍ତ ଟି, ଟା, ଟିଏ ଓ ଟାଏ ଇତ୍ୟାଦି ପ୍ରୟୋଗ ହେଲେ ଅକାରାନ୍ତ ବ୍ୟଞ୍ଜନାନ୍ତ ଶବ୍ଦରେ କେବେ କେବେ 'ଉ' ଯୁକ୍ତ ହୁଏ—

ତହୁଁ ତହିଁ ହେବ ମୃଦୁ ଅବଯୁବ ଶ୍ୟାମ ଶ୍ରୀଅଙ୍ଗଟି ଯୋଗୁଁ—
କବିସୂର୍ଯ୍ୟ ବଳୋଗାରବନ୍ଧୁ, ଡ. ଗୀତ ।

ଦେ. ପ୍ରତ୍ୟୟ—୧ । ପଞ୍ଚମୀବିଭକ୍ତିର ଚିହ୍ନସ୍ୱରୂପ ଅକାରାନ୍ତ ବିଶେଷ୍ୟ ସଙ୍ଗେ ଯୁକ୍ତ ହୁଏ—An inflection added to nouns ending with 'ଅ' to denote the ablative case.

ଏହା ନିମ୍ନଲିଖିତ ସ୍ଥଳମାନଙ୍କରେ ଲଗେ:—

(କ) ରୁ, ଠାରୁ—From

"ଥାକନ୍ତି ସୁଧାଂଶୁ କଳାରୁ ଅକାଶୁଁ କରିବାକୁ ପାଣିଗତ
କବିସୂର୍ଯ୍ୟ. ବଳୋଗାରବନ୍ଧୁ. ୬ ଗୀତ ।

(ଖ) ଅମୁକଠାରୁ ଭୟ ପାଇବା ଅର୍ଥରେ—ଭୟର ହେତୁ—
Cause of fear.

ଡର ନାହିଁ କି ହେ ପର ତରୁଣୀ ହରଣୁ ।
କବିସୂର୍ଯ୍ୟ—ବଳୋଗାରବନ୍ଧୁ. ଡ. ଗୀତ ।

(ଗ) ଅପେକ୍ଷା—Than (ଯଥା— ସେହୁଁ ଅଧିକ ଅଟେ ଶୋକ)

(ଘ) ହେତୁରୁ; ଯୋଗୁଁ—On account of; owing to

ତୋର ଲାଗି ତୋର ପଡ଼ିବ ଯେ ହେବ ଶ୍ରେୟପଣ ଅଚରଣ ।
କବିସୂର୍ଯ୍ୟ—ବଳୋଗାରବନ୍ଧୁ, ଡ. ଗୀତ ।

୨ । କର୍ତ୍ତୃ ବର୍ତ୍ତମାନ କାଳ ଓ ଅନୁଜ୍ଞାରେ କ୍ରିୟାର ମୂଳ ସହିତ ଯୁକ୍ତ ପ୍ରତ୍ୟୟ —A verbal inflection.

ଆମ୍ଭେ କରୁ (ଁ)
ଆମ୍ଭେମାନେ କରୁ (ରୁ)
ତୁ କରୁ
ସେ କରୁ (ଇତ୍ୟାଦି) ।

୩ । ଅସମାପିକାକ୍ରିୟା ଅର୍ଥରେ—କ୍ରିୟାର ମୂଳ ସଙ୍ଗେ ଯୁକ୍ତ ହୋଇ ଦୁଇଥର ବ୍ୟବହୃତ ହେଲେ, କ୍ରିୟାର ଅସମାପ୍ତି ବୁଝାଏ (ଯଥା—କରୁ କରୁ, ଖାଉ ଖାଉ)—
A verbal inflection.

ଉଅ କରିବା—ଦେ. କ୍ରି—୧ । ଡାକିଲେ ପ୍ରତ୍ୟୁତ୍ତର ଦେବା—
Ua kariba 1. To respond when called.

୨ । (ଲକ୍ଷଣାର୍ଥ)—ଦରକାର ବେଳେ କାର୍ଯ୍ୟରେ ଆସିବା —
2. (fig) To be of use in time of need.

ପୋଷପୁଅ ଗୁଣ୍ଡାଳୁଅ, ଦଣ୍ଡ ଡାକରେ ନ କରନ୍ତି ଉଅ—ଢଗ ।

ଉଆ—ଦେ. ବିଣ. (ସଂ. = ଅତପାନ୍ନ)—ଅରୁଆ (ଚାଉଳ; ଭାତ)
Uā ଉଆ ଚାଉଳ ପେଜ ନାଇ, ଗନ୍ଧବା ମାନଙ୍କେ ଓଲ୍ଲାଇ ।
আতপ চাল ଗନ୍ଦାସ. ତାର୍ଥଯାତ୍ରା ।
अरवा Rice or bhāta prepared from sun-dried (not parboiled) paddy.

ଉଆଉ—ଗ୍ରା. ବି. (ସଂ. ବନ୍ଧୁବାରୁ, ବିଦ୍ୟ, ଉଦ୍ଦାଳକ)—ଓଉ ( ଦେଖ )
Uāu Ou (See)

ଅମ୍ବ ନାରିକେଳ ଯେ ଉଆଉ ଅମ୍ବଡ଼ା ।
କୃଷ୍ଣସିଂହ ମହାଭାରତ. ବନ ।

ଉଆଉଗାଲୀ—ଗ୍ରା. ବିଣ. ସ୍ତ୍ରୀ (ଓଉପରି ଉନ୍ନତ ଗାଲ ଯାହାର)—
Uāugāli ଫୁଲୁକାଗାଲୀ—( a lady) Having swollen cheeks.

ହେଉ ପଛେ ଉଆଉଗାଲୀ, ପେଶ୍ନାକୀ ସେ କଥା ଧରିବେ ନାହିଁ ।
ଫକୀରମୋହନ—ଛମାଣଅଠଗୁଣ୍ଠ ।

ଉଆଁସ—ଗ୍ରା ବି. (ସଂ. — ଅମାବାସ୍ୟା)—ଅମାବାସ୍ୟା; ଚନ୍ଦ୍ରହୀନ ତିଥି—
Uānsa The first day of the new-moon.
অমাবস্যা କଳା ଶେଷ ହୁଏ ଉଆଁସ ଦିନ ।
अमावस ଶିଶୁଶଙ୍କର—ଉଷା ଅଭିଳାଷ ।

ଉଆଁସପୁନେଇ—ଗ୍ରା. ବି. (ସମାହାର) (ସଂ. ଅମାବାସ୍ୟା + ପୂର୍ଣ୍ଣିମା)—
Uānsa punein (ଲକ୍ଷଣାର୍ଥ) ପର୍ବପର୍ବାଣି—Festival days.

ଉଆଁସ ପୁନେଇରେ ପିଠାଟିଏ, ହେଲା ଟିକିଏ ହେଲେ ଶାଗଅ ନିଶ୍ୱାସ ପକାଏ ।
ଫକୀରମୋହନ, ଛମାଣଅଠଗୁଣ୍ଠ ।

ଉଆଁସୀ—ଦେ. ବିଣ. ସ୍ତ୍ରୀ (ସଂ. ଅମାବାସ୍ୟା )—
Uānsi ଅମାବାସ୍ୟାରେ ଜାତ ହୋଇଥିବା (କନ୍ୟା)—
(a daughter) Born on the first day of the new-moon,

[ ଦ୍ର- ଯେଉଁ କନ୍ୟାମାନେ ଅମାବାସ୍ୟାରେ ଜନ୍ମଗ୍ରହଣ କରନ୍ତି ସେମାନେ ଶୀଘ୍ର ବିଧବା ହୁଅନ୍ତି ଏବଂ ତାଙ୍କ ସ୍ୱାମୀମାନେ ଅଳ୍ପାୟୁଷ ହୁଅନ୍ତି ବୋଲି ହିନ୍ଦୁମାନଙ୍କର ସଂସ୍କାର ଅଛି । ]

ଦେ. ବି. ସ୍ତ୍ରୀ—ଅମାବାସ୍ୟାରେ ଜନ୍ମିଥିବା କନ୍ୟା—
A daughter born on the new-moon day.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ତ | ଉଅ | ଡ |
| ୨ | ଈ | ଊ | ଋୃ | ଌୢ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଙ୍ଗ | ନ |

**ଉଆଁଶୀ କନିଆଁ** - ଗ୍ରା. ବି. ସ୍ତ୍ରୀ—ଯେଉଁ କନ୍ୟା ଅମାବାସ୍ୟାରେ
Uāṅsi kaniāṅ ଜନ୍ମିଥାଏ—A girl born on the 1st day of the new moon.

ଉଆଁଶୀକନିଆଁକୁ ଅଣ୍ଡେଇଦିଅ ବର—ଢଗ ।

**ଉଆକପ୍ (ଇତ୍ୟାଦି)**—ବୈଦେ. ବି.—ୱାକପ୍ ଇତ୍ୟାଦି (ଦେଖ)
Uākap etc Wākap etc (See)

**ଉଅକଫ୍ (ଇତ୍ୟାଦି)**—ବୈଦେ. ବି—ୱାକଫ୍ ଇତ୍ୟାଦି (ଦେଖ)
Uākaph etc Wākaph etc (See)

**ଉଆକବ୍ (ଇତ୍ୟାଦି)**—ବୈଦେ. ବି.—ୱାକବ୍ ଇତ୍ୟାଦି (ଦେଖ)
Uākab etc Wākab etc (See)

**ଉଆକୁଟା**—ଦେ. ବିଣ.—ଯେଉଁ ମନୁଷ୍ୟ ବା ଢିଙ୍କି କେବଳମାତ୍ର ଅରୁଆ
Uākuṭā ଚାଉଳ କୁଟେ । (ଯେଉଁ ଢିଙ୍କିରେ ଉସୁନା ଚାଉଳ କୁଟାଯାଏ ତାହା ଲିପାପୋଛା ନ ହେଲେ ତହିଁରେ ଅରୁଆ ଚାଉଳ କୁଟା ଯାଏ ନାହିଁ)—A person or dheṅki husking sun-dried paddy only.

**ଉଆଖିଆ**—ଦେ. ବିଣ.—ଯେ ଅରୁଆଭାତ ଖାଏ—One who
Uākhiā takes sunned rice.

**ଉଆଚ୍ (ଇତ୍ୟାଦି)**—ବୈଦେ. ବି.—ୱାଚ୍ ଇତ୍ୟାଦି (ଦେଖ)
Uāch etc Wach etc (See)

**ଉଆ ଚାଉଳ**—ଦେ. ବି. (ସଂ=ଆତପତଣ୍ଡୁଳ)—ଉସୁଆ ନ ହୋଇ,
Uā chāuḻa କେବଳ ଖରାରେ ଶୁଖିଥିବା ଧାନର ଚାଉଳ—Rice prepared from sun-dried paddy

**ଉଆ ଚାଉଳ ଚଢ଼େଇ**—ଦେ. ବି.—ଘରଚଟିଆ ଠାରୁ ଛୋଟ ୮ । ୧୦
Uā chāuḻa charḏhei ଅଙ୍ଗୁଳ ଲମ୍ବ) ଏକ ଜାତୀୟ ଚଢ଼େଇ 'ଉଆଚାଉଳ' - ଏହି ଶବ୍ଦର ଅନୁକରଣ କଲାଭଳି ଧ୍ୱନି କରେ—A kind of small bird of the sparrow species.

**ଉଆଚୁଡ଼ା**—ଦେ. ବି.—ଧାନ ସିଝା ନ ହୋଇ, ଅର୍ଥାତ୍ କେବଳ ମାତ୍ର
Uāchurḏā ପାଣିରେ ବତୁରି ହୋଇ,ଯେଉଁ ଚୁଡ଼ା ପ୍ରସ୍ତୁତ ହୁଏ—Parched unboiled paddy.

**ଉଆଜ୍**—ବୈଦେ. ବି. (ଅ. ଆୱାଜ୍)—ଶବ୍ଦ; ଧ୍ୱନି—Sound.
Uāj
আবাজ ଚତୁର୍ଦ୍ଦିଗରେ ମୁହୁର୍ମୁହୁ ବନ୍ଧୁକ ଉଆଜ୍ ହେଲା ।
आवाज ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ପ୍ରଖ୍ୟାତି—2. Celebrity.

୩ । ବନ୍ଧୁକ ଫୁଟିବାର ଶବ୍ଦ—2. Report of gun-fire.

ଦେ. ବିଣ.—ପ୍ରକଟ—Published.

**ଉଆଜ୍ କରିବା**—ଦେ.କ୍ରି—ଧ୍ୱନି ବା ଶବ୍ଦ କରିବା—To make a
Uāj karibā sound as by firing a gun.
আবাজকরা
आवाजकरना

**ଉଆଜ୍‌ଦାର**—ବୈଦେ. ବିଣ (ଅ)—ଉଚ୍ଚ ଶବ୍ଦକାରୀ—
Uājdār (ଯଥା—ଘଣ୍ଟା; ବନ୍ଧୁକ)—
আবাজদার High sounding; (as a gun; bell)
आवाजदार

**ଉଆଜ୍ ଦେବା**—ଦେ. କ୍ରି.—ଡାକର ଜବାବ ଦେବା—
Uāj debā To respond to a call.
আবাজদেওয়া
आवाजदेना

**ଉଆଜିଆ**—ଦେ. ବିଣ—ଶବ୍ଦକାରୀ—
Uājiā Making a sound.

**ଉଆଜି**—ଦେ. ବିଣ—ଉଆଜିଆ (ଦେଖ)
Uāji Uājiā (See)

**ଉଆଜିବ୍ (ଇତ୍ୟାଦି)**—ବୈଦେ. ବିଣ—ୱାଜିବ୍ (ଇତ୍ୟାଦି) (ଦେଖ)
Uājib etc Wājib etc. (See)

**ଉଆପଖିଆ**—ଦେ. ବିଣ—ସମ୍ପୂର୍ଣ୍ଣରୂପେ ସିଝା ହୋଇ ନ ଥିବା ଧାନରୁ
Uāpakhiā ହୋଇଥିବା ( ଚାଉଳ )—( rice ) Prepared from slightly parboiled paddy.

ଉଆପଖିଆ ସରୁ ଉଷୁଆ କୁଟାଇ ତାହାଙ୍କ ହେଠିଅରେ
କଟକ ପଠାଇ ଦେଲେ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଉଆପଶ୍ ( ଇତ୍ୟାଦି )**—ବୈଦେ. ବି—ୱାପଶ୍ ଇତ୍ୟାଦି ( ଦେଖ )
Uāpaṡ etc Wāpaṡ etc ( See )

**ଉଆର୍ ( ଇତ୍ୟାଦି )**—ବୈଦେ. ବି—ୱାର୍ ଇତ୍ୟାଦି ( ଦେଖ )
Uār etc Wār etc ( See )

**ଉଆରଣ୍ଟ**—ବୈଦେ. ବି—ୱାରଣ୍ଟ ଇତ୍ୟାଦି ( ଦେଖ )
Uāranṭ Wāranṭ etc ( See )

**ଉଆରନ୍‌ହେଷ୍ଟିଙ୍ଗ୍**—ବୈଦେ. ବି. (ଇଂ)—ୱାରନ୍ ହେଷ୍ଟିଙ୍ଗ୍ (ଦେଖ)
Uāranheshṭings Wāran Heshṭings ( See )

**ଉଆରସ୍**—ବୈଦେ. ବି—ୱାରସ୍ ( ଦେଖ )
Uāras Wāras ( See )

**ଉଆରସ୍‌ଦାର୍**—ଦେ. ବି—ୱାରସ୍‌ଦାର୍ ( ଦେଖ )
Uārasdār Wārasdār ( See )
ନାଉଆରସ୍ }
ବେଉଆରସ୍ } ବିପରୀତ

**ଉଆରା**—ବୈଦେ. ବିଣ. ( ଅ )—ଶସ୍ତା—
Uārā Cheap.

**ଉଆରି**—ଦେ. ବି—ନଦୀ ଗର୍ଭରେ ପଡ଼ିଥିବା ଗଡ଼ା ବା ପଠା—Silted
Uāri land formed in the bed of a river

ବୈଦେ. ପ୍ରତ୍ୟୟ. ( ଅ )—୧ । ଅନୁସାରେ—
1. According to.
୨ । କ୍ରମଅନୁସାରେ—2. Serially.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲ୍‌ବତ' ନ ପାଇଲେ ଅଲବତ୍ ଦେଖିବେ ।

**ଉଆରଜା**—ବୈଦେ. ବି. ( ଫା. ୱାରଜା )—୧ । ବ୍ୟାବହାରିକ ବିଷୟମାନଙ୍କର ଶ୍ରେଣୀବିଭାଗ ଅନୁସାରେ ଲିଖନ—
Uārijā — 1 Classification; writing daily accounts under different heads.
ঋয়ারিজা; জিন্সবারি

୨ । ଯେଉଁ ପୁସ୍ତକରେ ବ୍ୟାବହାରିକ ବିଷୟ (ଆୟ, ବ୍ୟୟ) ମାନ ଭିନ୍ନ ଭିନ୍ନ ଶ୍ରେଣୀବିଭାଗ ଅନୁସାରେ ଲେଖାଯାଏ— 2. A classified list; a list showing the items of income and expenditure under different heads.

**ଉଆରଜା କରିବା**—ଦେ. କ୍ରି—ବ୍ୟାବହାରିକ ବିଷୟମାନ ଶ୍ରେଣୀବଦ୍ଧ କରି ଭିନ୍ନ ଭିନ୍ନ ବିଭାଗ ତଳେ ଲେଖିବା—
Uārijā karibā — To write daily accounts under different heads.

**ଉଆରସ୍ (ଇତ୍ୟାଦି)**— ବୈଦେ. ବି. (ଅ.)— ୱାରସ୍ ଇତ୍ୟାଦି (ଦେଖ)
Uāris etc — Wāris ete (See)

**ଉଆର୍ଡ୍ (ଇତ୍ୟାଦି)**—ବୈଦେ. ବି.— ୱାର୍ଡ୍ ଇତ୍ୟାଦି (ଦେଖ)
Uārrḍ (etc) — Wārrḍ etc (See)

**ଉଆର୍ଡ୍ସ୍**—ବୈଦେ. ବି.— ୱାର୍ଡ୍ସ୍ (ଦେଖ)
Uārḍs — Warḍs (See)

**ଉଆର୍ଡେନ୍**—ବୈଦେ. ବି. (ଇଂ. ୱାର୍ଡେନ୍ )—କଲେଜ ଛାତ୍ରାବାସରେ ଛାତ୍ରମାନଙ୍କର ମୁରବିରୂପେ ନିଯୁକ୍ତ ବ୍ୟକ୍ତି— Warden.
Uārḍen

**ଉଆର୍ଲ୍ଡ୍**—ବୈଦେ. ବି. (ଇଂ)— ୱାର୍ଲ୍ଡ୍ (ଦେଖ)
Uārlḍ — Wārlḍ See)

**ଉଆଲ୍ (ଇତ୍ୟାଦି)** —ବୈଦେ. ବି.— ୱାଲ୍ (ଇତ୍ୟାଦି) (ଦେଖ)
Uāl etc — Wāl etc (See)

**ଉଆଲ୍ଟାୟର୍**—ଦେ. ବି. (ନାମ)— ୱାଲ୍ଟାୟାର (ଦେଖ)
Uālṭāyar — Wālṭāyār (See)

**ଉଆଲ୍ଟେର୍**—ପ୍ରାଦେ. (ଗଞ୍ଜାମ) ବି.— ୱାଲ୍ଟେର୍ (ଦେଖ)
Uālter — Wālter (See)

**ଉଆଲା**—ବୈଦେ. ପ୍ରତ୍ୟୟ (ପୁଂ)— ବାଲା (ଦେଖ)
Uālā — Bālā (See)

**ଉଆଲି ଇତ୍ୟାଦି)**—ବୈଦେ. ବି.— ୱାଲି ଇତ୍ୟାଦି (ଦେଖ)
Uāli etc. — Wāli etc (See)

**ଉଆଳି**—ଦେ. ବି. ( ସଂ. ଅବର୍ଜନା )—ଗୋରୁଙ୍କ ଆଗରେ ଖାଇବ ପାଇଁ ପକାଯାଇଥିବା କୁଟା ବା ନଡ଼ା ମଧ୍ୟରୁ ସେମାନଙ୍କ ଖାଇ ସାରିବା ପରେ ଯେଉଁ ଅବଶିଷ୍ଟାଂଶ ଅଳିଆ ହୋଇ ପଡ଼ିଥାଏ—Refuse of straw left in the manger or stall after the cattle eat.
Uāḷi

**ଉଆଲୀ**—ବୈଦେ. ପ୍ରତ୍ୟୟ (ସ୍ତ୍ରୀ)—ଉଆଲାର ସ୍ତ୍ରୀଲିଙ୍ଗ—
Uālī — The feminine of Uālā.

**ଉଆଲୁ**—ପ୍ରାଦେ. ( ସମ୍ବଲପୁର ) ବିଣ—ଦରପୋଡ଼ା; ଅର୍ଦ୍ଧଦଗ୍ଧ—
Uālu — Half burnt; not well burnt.
[ଯଥା—ଉଆଲୁ ହାଣ୍ଡି, ଉଆଲୁ ଖପର ଇତ୍ୟାଦି ।]

**ଉଆଶିଙ୍ଗ୍ଟନ୍**— ବୈଦେ. ବି—ୱାଶିଙ୍ଗ୍ଟନ୍ ( ଦେଖ )
Uāsingṭan — Wāsingṭan ( See ).

**ଉଆସ** – ଦେ. ବି. ( ସଂ. ଆବାସ )– ୧ । ନଅର; ରାଜଗୃହ—
Uāsa — 1. Palace; royal residence.

ବୁଲିଆସେ ପାତ୍ର ସାମନ୍ତ ଉଆସ ସୀମା ଆଗେ ତରି ନହିଁ । ଉଛ—ବୈଦେହୀଶବିଳାସ ।

୨ । ରାଜଅନ୍ତଃପୁର; ଅନ୍ଦର ମହଲ— 2. Harem of a Rājā.

୩ । ଅନ୍ତଃପୁରସ୍ଥା ସ୍ତ୍ରୀ; ନିଜର ସ୍ତ୍ରୀ—3. (Euphemism) Refers to one's female relatives or wife.

୪ । ରାଣୀଙ୍କର ରହିବା ଯୋଗ୍ୟ ଅଟ୍ଟାଳିକା— 4. A Rāṇī's residence.

**ଉଆସ ଅଡ଼େ**—ଦେ. ବି ( ରାଜା ଓ ବଡ଼ଲୋକଙ୍କ ବ୍ୟବହୃତ )—
Uāsaāṛde — ଉଆସ ୩ —(ଦେଖ)
(ଯଥା—ଆଜି ଉଆସ ଅଡ଼େ ତୀର୍ଥଦର୍ଶନକୁ ଯାଇଅଛନ୍ତି ।)

**ଉଆସଘରିଆ**—ଦେ. ବିଣ ପୁଂ—ଅନ୍ତଃପୁରଚର ( ଭୃତ୍ୟ )—
Uāsagharīā — ( a servant ) Having access to a Rājā's female-apartments.
(ଉଆସଘରିଆଣୀ—ସ୍ତ୍ରୀ)

ଦେ. ବି—ଅନ୍ତଃପୁରସ୍ଥ ଭୃତ୍ୟ— A servant working in the female appartments of a Rājā.

**ଉଆସିଆ** —ଦେ. ବିଣ ଓ ବି—ଉଆସଘରିଆ ( ଦେଖ )
Uāsiā — Uāsagharīā ( See )

**ଉଆସିଲ୍ (ଇତ୍ୟାଦି)**—ବୈଦେ. ବି—ୱାସିଲ୍ ଇତ୍ୟାଦି ( ଦେଖ )
Uāsil etc — Wāsil etc ( See )

**ଉଇ**—ଦେ. ବି ( ସଂ. ପୁତ୍ତିକା; ପୁତ୍ତୀ )—ଧଳା ପିମ୍ପୁଡ଼ି ବିଶେଷ —
Ui — White ant
उई ( ଦ୍ର—ଏମାନେ ମାଟିରେ ବଡ଼ ବଡ଼ ହୁଙ୍କା କରନ୍ତି ଏବଂ କାଠ, ପୋଥି, ଲୁଗା ଆଦି ଖାଇ ଯାଆନ୍ତି । )
दीमक्
ମ—ବାଲ୍ମୀ

**ଉଇଁଠାଇଁ ହେବା**—ଦେ. କ୍ରି—୧ । ଚୁପ୍ ଚୁପ୍ କଥାବାର୍ତ୍ତା ହେବା—
Uiṅṭāiṅ hebā — 1. To be whispering to one another.
উইটাইকরা
हिचकिचाना

୨ । ହଲ୍‌ଚଲ୍ ହେବା—2. To budge.

୩ । ଇତସ୍ତତଃ କରିବା—3. To hesitate.

**ଉଇଁଠୁଇଁ ହେବା**—ଦେ. କ୍ରି—ଉଇଁଠାଇଁ ହେବା ( ଦେଖ )
Uiṅṭuiṅ hebā — Uiṅṭāiṅ hebā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଗ | ଜ | ଶ,ଷ | କ୍ଷ | ଇଯ୍ | ଇଅ | ଉ |
| ୨ | ଈ | ଉ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଖ | ଇଅ | ୱ | ନ୍ଦ |

ଉଇଁବା—ଦେ. କ୍ରି. (ସଂ. ଉଦିତ; ଉଦ୍ଗମନ)—
Uiṅbā ୧ । ଉଦିତ ହେବା—1. To rise.
ऊँठा ୨ । ଉଦୟ ହେଉଥିବା—2. To be rising.
उगना ଦେ. ବଣ—ଉଦୟ ହେଉଥିବା—Rising.

ଉଇକ୍—ବୈଦେ. ବ (ଇଂ)—ୱିକ୍ ( ଦେଖ )
Uik Wik ( See )

ଉଇକ୍ ଏଣ୍ଡ୍—ବୈଦେ. ବଣ (ଇଂ)—ୱିକ୍ ଏଣ୍ଡ୍ (ଦେଖ )
Uik enḍ Wik enḍ ( See )

ଉଇକେଟ୍—ବୈଦେ. ବ—(ଇଂ) ୱିକେଟ୍ ( ଦେଖ )
Uiket Wiket ( See )

ଉଇକ୍ଲି (ଇତ୍ୟାଦି)—ବୈଦେ. ବଣ(ଇଂ) —ୱିକ୍ଲି ଇତ୍ୟାଦି ( ଦେଖ )
Uikli etc Wikli etc ( See )

ଉଇ ଖାଇବା—ଦେ.ବ—ଉଇପୋକ ନଷ୍ଟ କରିବା;ଉଇପୋକ କୌଣସି
Ui khāibā ବସ୍ତୁକୁ ଆକ୍ରମଣ କରିବା—
उईखाओना White ants attacking or infesting a
दीमककाचाटना thing.

ଉଇଖିଆ—ଦେ. ବଣ— ଉଇ ନଷ୍ଟ କରିଥିବା— Ant-eaten.
Uikhia
उईधरा
दीमकखाया

ଉଇଗାତ—ଦେ. ବ—ଉଇମାନେ ଭୂମିରେ କରିଥିବା ଗର୍ତ୍ତ—
Uigata Ant-hole.
उईबिला
दीमककाबिल

ଉଇଚରା—ଦେ. ବଣ—ଉଇଖିଆ ( ଦେଖ )
Uicharā Uikhiā ( See )

ଉଇ ଚରିବା—ଦେ. ବ-- ଉଇ ଖାଇବା ( ଦେଖ )
Ui charibā Ui khāibā ( See )

ଉଇଟାଙ୍କୁ—ଦେ.ବ—ହୁଙ୍କା ମଧ୍ୟରେ ବା ମାଟି ଉପରେ ଥିବା ଉଇ ବସା;
Uiṭāṅku ଉଇଙ୍କ ବସାରୂପ ମାଟି; ଏଥିରୁ ଛତୁ ଗଜୁରେ—
उईलादना A kind of light soil ejected by
दीमककापपड़ी white ants.

ଉଇଟିକରା—ପ୍ରାଦେ. ( ମେଦନୀପୁର ଓ ବାଲେଶ୍ୱର ) ବ—ଉଇହୁଙ୍କା—
Uiṭikarā Ant-hill.

ଉଇଟିକିରା—ପ୍ରାଦେ. ( ବାଲେଶ୍ୱର ) ବ.— ଉଇଟିକରା ( ଦେଖ )
Uiṭikirā Uiṭikarā ( See )

ଉଇଣ୍ଡ୍ ମିଲ୍—ବୈଦେ.ବ. (ଇଂ)—ପବନର ଆଘାତଦ୍ୱାରା ଚାଳିତ କଳ -
Uinḍ mil Wind-mill.

ଉଇଣ୍ଡ୍ ସ୍କ୍ରିନ୍—ବୈଦେ. ବ. ( ଇଂ )—ବାହାରେ ବସିଥିବା ଲୋକଙ୍କୁ
Uinḍ skrin ପବନଆଘାତରୁ ରକ୍ଷା କରିବା ପାଇଁ ମଟର
ଗାଡ଼ିରେ ବ୍ୟବହୃତ କାଚର ପଟା—Wind-screen.

ଉଇଣ୍ଡୋ ଡେଲିଭରି—ବୈଦେ. ବ. ( ଇଂ )—ଡାକଦ୍ୱାର ଆସିଥିବା
Uindo delibhari ଜିନିଷମାନ ଡାକଘର ଝରକା ବାଟେ
उईण्डो डेलिभरि ଅଧିକାରୀଙ୍କୁ ବା ତାଙ୍କର ଲୋକଙ୍କୁ ଦେବା ପ୍ରଥା–
उइण्डो डीलबरी Window-delivery of postal articles.

ଉଇଧରା—ଦେ. ବଣ—ଉଇଖିଆ ( ଦେଖ )
Uidharā Uikhiā ( See )

ଉଇ ଧରିବା—ଦେ. ବ—ଉଇ ଖାଇବା (ଦେଖ )
Ui dharibā Ui khāibā ( See )

ଉଇପିଣ୍ଡ—ଦେ. ବ—ଉଇହୁଙ୍କା—Ant-hill.
Uipirḍha ଉଇପିଣ୍ଡ ପରି ତ ଗୋବର୍ଦ୍ଧନ ଗିରି । କୃଷ୍ଣସିଂହ. ମହାଭାରତ. ସଭା ।

ଉଇବିଲା—ଦେ. ବ. ( ସଂ. ବିଲ )—ଉଇହୁଙ୍କା—
Uibilā Ant-hill.
ଗଛ ମୂଳରେ ହେଲେ ଉଇବିଲା ଗୋଟା ।
କୃଷ୍ଣସିଂହ. ମହାଭାରତ. ସଭା ।

ଉଇମାଟି—ଦେ. ବ—ହୁଙ୍କାମାଟି —
Uimāṭi The eath of an ant-hill.

ଉଇଲ୍ (ଇତ୍ୟାଦି)—ବୈଦେ. ବ (ଇଂ)—ୱିଲ୍ ଇତ୍ୟାଦି ( ଦେଖ )
Uil etc Wil etc ( See )

ଉଇଲ୍ସନ୍—ବୈଦେ. ବ. ( ଇଂ )—ଇଂଲଣ୍ଡ ଅକ୍ସଫୋର୍ଡସାୟାରର
Uilsan ବୋଡେନରେ ଜନୈକ ସଂସ୍କୃତ ଅଧ୍ୟାପକ; ଏ ମେଘଦୂତର
ସଂକଳୟିତା ଓ ସଂସ୍କୃତ ଅଭିଧାନକାର —
Name of a distinguished Sanscrit scholar and lexicographer of England.

ଉଇଲଗା—ଦେ. ବଣ—ଉଇଖିଆ ( ଦେଖ )
Uilagā Uikhiā ( See )

ଉଇ ଲାଗିବା—ଦେ ବ—ଉଇ ଖାଇବା ( ଦେଖ )
Ui lāgibā Ui khāibā ( See )

ଉଇସାହାଣ—ଦେ. ବ—ଉଇପଲ—A multitude or a nest
Uisāhāṇa of white ants.

ଉଇହୁଙ୍କା—ଦେ. ବ. ( ସଂ. ବଲ୍ମୀକ )—ଭୂମି ଉପରେ ଉଇମାନେ
Uihuṅkā କରିଥିବା ବଡ଼ ସ୍ତୂପ—Ant-hill.
उईटिपि
बेमौट

ଉଏଟିଙ୍ଗ୍—ବୈଦେ. ବ. ( ଇଂ )—ୱେଟିଙ୍ଗ୍ ( ଦେଖ )
Ueṭing Weṭing ( See )

ଉଏଟିଙ୍ଗ୍ ରୁମ୍—ବୈଦେ. ବ ( ଇଂ )—ୱେଟିଙ୍ଗ୍ ରୁମ୍ ( ଦେଖ )
Ueṭingrum Weṭingrum ( See )

ଉଏବଷ୍ଟର୍—ବୈଦେ. ବ. ( ଇଂ. ନାମ )—ୱେବ୍ଷ୍ଟର ( ଦେଖ )
Uebshṭar Webshṭar ( See )

ଉଏବଲ୍—ବୈଦେ. ବ. ( ଇଂ. )—ୱେବଲ୍ ( ଦେଖ )
Uebil Webil ( See )

ସାଧାରଣ ସ୍ଥଳେ ଅପର ପୃଷ୍ଠାରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଶବ୍ଦର ରଖା ହୋଇଛି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ପୃଷ୍ଠାରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅକ୍ଷରକ୍ରମେ ତଳର ଅବସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗ ୨' ନ ମିଳିଲେ 'ଗାଣ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବ୍ର' ନ ପାଇଲେ 'ବଳ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅଣ୍ଡ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଉଏଲର୍—ବୈଦେ. ବ (ଇଂ.)—ଅଷ୍ଟ୍ରେଲିଆଜାତ ଉତ୍କୃଷ୍ଟ ଘୋଡ଼ା—
Uelar Waler (horse of Australia.)

ଉଏଲିଙ୍ଗ୍‌ଟନ୍—ବୈଦେ. ବ (ଇଂ. ନାମ)—ୱେଲିଙ୍ଗ୍‌ଟନ୍ (ଦେଖ)
Uelingtan Welingtan ( See )

ଉଏଲ୍ସ—ବୈଦେ. ବ ( ଇଂ )—ୱେଲ୍ସ୍ ( ଦେଖ )
Uels Wels ( See )

ଉଏଲ୍ସଲି ସାର୍ ଆର୍ଥର୍—ବୈଦେ. ବ ( ନାମ )—ଭାରତର ଜନୈକ
Uelsli Sār Ārthar ବଡ଼ଲାଟ—A Governor-general of India.

[ ୧୭୯୯-୧୮୦୫; ଏ ଭାରତର ଅନେକ ଅଂଶ ଇଂରାଜ ସାମ୍ରାଜ୍ୟଭୁକ୍ତ କରିଥିଲେ ]

ଉଏଶିଶ୍—ବୈଦେ. ବ—ୱେଶିଶ୍ ( ଦେଖ )
Uesis Wesis ( See )

ଉଏଷ୍ଟ ଇଣ୍ଡିଜ୍—ବୈଦେ. ବ (ଇଂ)—ୱେଷ୍ଟ ଇଣ୍ଡିଜ୍ ( ଦେଖ )
Uesht Indij Wesht Indij ( See )

ଉଏଷ୍ଟ କୋଟ୍—ବୈଦେ. ବ ( ଇଂ )—ୱେଷ୍ଟ କୋଟ୍ ( ଦେଖ )
Uesht kot Wesht kot ( See )

ଉଏଷ୍ଟ ପେପର୍ ( ଇତ୍ୟାଦି ) ବୈଦେ. ବ. ( ଇଂ )—ୱେଷ୍ଟ ପେପର୍ ଇତ୍ୟାଦି ( ଦେଖ )
Uesht pepar etc. Wesht pepar etc ( See )

ଉଓ—ଦେ. ଅ—ଉଅ ( ଦେଖ )
Uo Ua ( See )

ଉଓଉ—ଦେ. ବ—ଓଉ ( ଦେଖ )
Uou Ou ( See )

ଉଃ—ଦେ. ଅ—କ୍ରୋଧ ଓ ବିରକ୍ତିସୂଚକ, ବିସ୍ମୟସୂଚକ, କଷ୍ଟ ଓ ଦୁଃଖସୂଚକ,ଶାରୀରିକ ପୀଡ଼ାସୂଚକ ଧ୍ୱନି—Expression of anger, of wonder, of grief and of pain, Oh !
Uh
ঃ
उहँ

ଉଁ—ଦେ. ଅ—( ଦୁଇ ଓଠ ବନ୍ଦ କରି ଅନୁନାସିକ ଶବ୍ଦ ଉଚ୍ଚାରଣ କଲେ ଏହି ଧ୍ୱନି ହୁଏ)—Interjection.
Uṅ
हूँ

୧ । କ୍ରୋଧ, ବିରକ୍ତି ବା ଅସମ୍ମତିସୂଚକ—
1. Indicating anger and displeasure.

୨ । ନିକଟସ୍ଥ ବ୍ୟକ୍ତି ଡାକିଲେ ଉତ୍ତର ଦେବା ଉପଲକ୍ଷ୍ୟରେ ପ୍ରଯୁକ୍ତ ଶବ୍ଦ- 2. In response to a man near by.

୩ । ପ୍ରଶ୍ନସୂଚକ; କଅଣ ?—3. What.

୪ । ଜଣେ ବ୍ୟକ୍ତି କଥା କହୁଥିଲାବେଳେ ତାହା ଅସ୍ପଷ୍ଟ ଶୁଣା ଗଲେ ଆଉ ଥରେ କହିବା ପାଇଁ ଅନୁରୋଧ କରିବା ଅର୍ଥରେ ପ୍ରଯୁକ୍ତ ଶବ୍ଦ—4. Indicating a request to repeat what was said

ସଂ. ଅ—୧ । କୋପ ବା କ୍ରୋଧସୂଚକ ଅବ୍ୟୟ (ପ୍ରକୃତିବାଦ)—
1. An exclamation of anger.

୨ । ପ୍ରତିଜ୍ଞାସୂଚକ—2. An exclamation of promise

୩ । ସ୍ୱୀକାର—3. An exclamation of agreement

ଉଁଉଁ—ଦେ. ଅ—୧ । ଦୁଃଖସୂଚକ—1. Expression of sorrow.
Uṅuṅ ୨ । ଅସମ୍ମତିସୂଚକ—2. Expression of dissent.

ଉଁକରିବା—ଦେ. କି—୧ । ଦୁଃଖସୂଚକ ଓ ବିରକ୍ତି ସୂଚକ ଶବ୍ଦକରିବା—
Uṅkariba 1. To express sorrow or vexation.

୨ । ସମ୍ମତି ସୂଚକ ଶବ୍ଦ କରିବା—
2. To express consent.

ଉଁ କି ଚୁଁ କରିବା—ଦେ. କି—୧ । କୌଣସି ପ୍ରକାରେ ହେଲେ ଆପତ୍ତି କରିବା-1. To raise an objection.
Uṅ ki chuṅ kariba
উঁচু করা ୨ । କୌଣସି ଆଦେଶ ବା ନିୟମରୁ ବିଚଳିତ ହେବା—
अमान्य करना 2. To deviate from an order or rule.

ଉଁକି ମାରିବା—ଦେ. କି (ବଙ୍ଗଳାରୁ ଅନୁକୃତ)—ଉଙ୍କିମାରିବା (ଦେଖ)
Uṅkimāribā Uṅkimāribā ( See )

ଉଁଚଲାଇବା—ପ୍ରାଦେ ( ସମ୍ବଲପୁର) କି—ଉଞ୍ଚ୍ଲାଇବା ( ଦେଖ )
Uṅchalāibā Uṅchlāibā ( See )

ଉଁ ଚୁଁ କରିବା—ଦେ. କି – ଉଁ କି ଚୁଁ କରିବା (ଦେଖ )
Uṅ chuṅ karibā Uṅ ki chuṅ karibā (See

ତୁମ କଥାରେ ଉଁ ଚୁଁ କରିବାକୁ କି ବାଟ ଅଛି । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଉଁ ଚୁଁ ହେବା—ଦେ. କି.— ଉଁ ଚୁଁ କରିବା ( ଦେଖ )
Uṅ chuṅ hebā Uṅ chuṅ kariba ( See )

ଉଁଜଲା—ପ୍ରାଦେ (ସମ୍ବଲପୁର) ବ (ସଂ. ଅଞ୍ଜଳ)—ଅଞ୍ଜୁଳି; ଅଞ୍ଜୁଳା—
Uṅjalā Folded palms

ଉଁ ଟୁଁ କରିବା—ଦେ କି—ଉଁ ଚୁଁ କରିବା ( ଦେଖ )
Uṅ ṭuṅ karibā Uṅ chuṅ karibā (See)

ଉଁ ଟୁଁ ହେବା—ଦେ. କି—ଉଁ ଚୁଁ କରିବା ( ଦେଖ )
Uṅ ṭuṅ hebā Uṅ chuṅ karibā ( See )

ଉଁଡିବା—ପ୍ରାଦେ. (ସମ୍ବଲପୁର) କି.—୧ । (ପକ୍ଷୀ) ଡିମ୍ବ ଉଷୁମାଇବା—
Uṅḍibā 1. To brood over the eggs.

୨ । ( ଶିଶୁ ) ମାତାର କୋଳରେ ଉଷୁମ ଥାଇବା—
2 ( an infant , To feel warm in mother's lap.

ଉଁହୁଁ—ଦେ. ଅ—ଅସମ୍ମତି ବା ନିଷେଧାର୍ଥକ 'ନାହିଁ'—Interjection indicating dissent or negation 'No'.
Uṅhuṅ

ଉକଚାଇବା—ଦେ. କି—ଉକୁଚାଇବା ( ଦେଖ )
Ukchāibā Ukuchāibā ( See )

ଉକଚିବା—ଦେ. କି—ଉକୁଚିବା ( ଦେଖ )
Ukchibā Ukuchibā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଅ | ଜ | ଣ,ଶ | ଙ୍କ | ଇସ୍ | ଉଅ | ଇ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଞ | କୃ |

ଉକ୍‌ଚେଇବା—ଦେ. କ୍ରି—ଉକୁଚେଇବା ( ଦେଖ )
Ukcheibā Ukucheibā ( See )

ଉକ୍‌ପୁକି ଲାଗିବା—ପ୍ରାଦେ. ( ସମ୍ବଲପୁର ) ବ.— ଚତୁର୍ଦ୍ଦିଗ ଅନ୍ଧକାରମୟ
Ukpuki lāgibā ବୋଧ ହେବା—Feeling of blindness or darkness all around.
( ଯଥା—ପାଣିରେ ବୁଡ଼ି ରହିଲେ ଉକ୍‌ପୁକି ଲାଗେ । )

ଉକ୍‌ବୁକେଇ ହେବା—ପ୍ରାଦେ. ( ସମ୍ବଲପୁର ) କ୍ରି.—ପାଣିରେ ଉବୁଟେଇ
Ukbukei hebā ହୋଇ ଶ୍ୱାସରୁଦ୍ଧ ହେବା—To be choked in water.

ଉକ—ଦେ. ବି. ( ସଂ. ଉଲ୍କା )—୧ । ଉଲ୍କା—
Uka 1. Shooting star.
୨ । ଉଲ୍କାସଦୃଶ ଅଗ୍ନିକଣା—
2. Flying flashes of fire.
୩ । ଉଖା—3. A file.
୪ । ମଶାଲ—4. Torch; fire-brand.
ସଂ. ପ୍ରତ୍ୟୟ—( ଶୀଳାଦ୍ୟର୍ଥରେ କର୍ତ୍ତୃବାଚ୍ୟରେ; ଯଥା—ଭାବୁକ; ନନ୍ଦୁକ )—A suffix.

ଉକଟ—ଦେ. ବି— ଉକୁଟ ( ଦେଖ )
Ukaṭa Ukuṭa ( See )

ମାତଙ୍ଗୁଷ୍ଠାଏ ଅଙ୍ଗେଦେଶେ ବାନ୍ଧ କର ।
କୋଳ ନ.ତ ଛନ୍ନ ଉକଟ ଉଚ୍ଚାଳ—କୃଷ୍ଣସିଂହ. ମହାଭାରତ. ବସନ୍ତ ।

ଉକଟିବା—ଦେ. କ୍ରି—ଉକୁଟିବା ( ଦେଖ )
Ukaṭibā Ukuṭibā ( See )

ଉକଟା—ଦେ. ବି—ଉକୁଟା ( ଦେଖ )
Ukaṭā Ukuṭā ( See )

ଉକଟାଇବା—ଦେ. କ୍ରି—ଉକୁଟାଇବା ( ଦେଖ )
Ukaṭāibā Ukuṭāibā ( See )

ଉକଟାଣ—ଦେ. ବି—ଉକୁଟାଣ ( ଦେଖ )
Ukāṭāṇa Ukuṭāṇa ( See )

ଉକଡ଼ିବା—ଦେ. କ୍ରି—୧ । ଢ଼ିଲା ହୋଇଯିବା—
Ukaṛibā 1. To get loose.
୨ । ଉପୁଡ଼ିବା—2. To be uprooted.

ଉକଡ଼ି—ଦେ. ବି.—୧ । ବୃକ୍ଷବିଶେଷ—
Ukaṛi 1. A kind of tree
୨ । ଏକପ୍ରକାର ମଞ୍ଚ—2. A kind of plat from.
( ଗୋପୀନାଥ ନନ୍ଦ । )

ଉକତ—ଦେ. ( ପଦ୍ୟ ) ବିଣ. (ସଂ. ଉକ୍ତ)—ଉକ୍ତ; ପ୍ରକଥିତ; କଥିତ—
Ukata Expressed; said; spoken.

ଛାମୁରୁଁ ଯେ ପଦ ଉକତ—
ପଣ୍ଡେ ବନ୍ଧୁ. ପ୍ରେମଭକ୍ତି ବ୍ରହ୍ମଗୀତା.

ଉକତ କରିବା—ଦେ. ପଦ୍ୟ. କ୍ରି—ଉକ୍ତ କରିବା; କହିବା—
Ukata karibā To speak.

ରହସ୍ୟମଞ୍ଜରୀ ନାମେ ଗୀତ, ଆଜ୍ଞା ହୋଇଲେ ମୁଁ କରିବ ଉକତ ।
ଗ୍ରାଚୀ —ରହସ୍ୟମଞ୍ଜରୀ ।

ଉକତି—ଗ୍ରା. ପଦ୍ୟ. ବି—ଉକ୍ତି ( ଦେଖ )
Ukati Ukti ( See-)
उकति ଲକ୍ଷ୍ମଣଙ୍କ ଉକତି ଶୁଣି କ୍ରୋଧ ହେଲା—କୃଷ୍ଣସିଂହ. ମହାଭାରତ. ବନ ।

ଉକର—ଗ୍ରା. ବି—ଦୋଷ ଦେଖାଇ ଗାଳି ଦେବା; ବଂଶଦୋଷପ୍ରଦର୍ଶନ;
Ukara ବଂଶମର୍ଯ୍ୟାଦାରେ ପୂର୍ବ ଦୋଷ ପ୍ରଦର୍ଶନପୂର୍ବକ ଦିଆଯିବା ଗାଳି—Abuse mixed with a person's family scandals.

ଉକର ଖୋଲିବା—ଗ୍ରା. କ୍ରି—ଗୋଇ ଖୋଲିବା; ବଂଶଦୋଷ ଦେଖାଇ
Ukara kholibā ଗାଳି ଦେବା; ଅନ୍ୟର ଛିଦ୍ରମାନ ବାହାରେ ପ୍ରକାଶ କରିବା—To point out a person's family secrets.

ଉକା—ଦେ. ବି. ( ସଂ. ଉଦ୍ଗାର )—୧ । ବାନ୍ତି; ବମନ—
Ukā 1. Vomiting.
୨ । ହାକୁଟି—2. Belching; retching.
୩ । ( ସଂ. ଉଲ୍କା ) ଅଗ୍ନିଶିଖା; ଅଗ୍ନିସ୍ଫୁଲିଙ୍ଗ—
3. Flying flashes of fire
୪ । ଉଲ୍କା—4. Shooting star.
୫ । ମଶାଲ —5. Torch; fire-brand.
୬ । ଉଖା— 6. File.

ଉକାର— ସଂ. ବି. ( ଉ + ସ୍ୱାର୍ଥେ କାର )—୧ । 'ଉ' ବର୍ଣ୍ଣ—
Ukāra 1. The letter 'U'.
୨ । 'ଉ' ବର୍ଣ୍ଣସୂଚକ ମାତ୍ରା—
2. The sign of the short vowel 'U'.
୩ । ( + ସ୍ୱରୂପାର୍ଥେ. କାର )—ଶିବ; ମହାଦେବ—
3. Śiba
୪ । ଦେ. ବି. ( ସଂ. ଉଦ୍ଗାର )—ବାନ୍ତି; ବମନ—
4. Vomiting.
୫ । ବମନେଚ୍ଛା—5. Tendency to vomit.
୬ । ହାକୁଟି—6. Belching.

ଉକାର ଉଠିବା—ଦେ. ବି—ବାନ୍ତି ଦେଖାଇବା—
Ukāra uṭhibā A tendency to vomit

ଉକାରଛନ୍ଦ—ଦେ. ବି—ଶବ୍ଦାଲଙ୍କାରବିଶେଷ—
Ukāra chhanda A kind of composition

ତୁଳୁ ତୁଳୁ ତୁଲୁ ତୁଣ୍ଡୁ ତୁରୁ ତୁକୁ ତୁଷ୍ଟୁ
ଗୋଲକ—ରଜ ରେଖା ।

[ ଦ୍ର—ଓଡ଼ିଆ ପ୍ରାଚୀନ କବିମାନେ ଏହିପରି ଉକାରଛନ୍ଦ ଅନେକ କବିତା ରଚନା କରିଅଛନ୍ତି । ]

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚକ୍ରର ଅକ୍ଷର ଓ ମାତ୍ରା ବଦଳରେ ୨ ଚକ୍ରର ଅକ୍ଷର ଓ ମାତ୍ରା ବ୍ୟବହାର କରନ୍ତି । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତତ୍ପରିବର୍ତ୍ତେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଣ୍ଠି' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉକାର ଦେଖାଇବା—ଦେ. କ୍ରି—ଉକାର ଉଠିବା ( ଦେଖ )
Ukāra dekhāibā — Ukāra uṭhibā ( See )

ଉକାରିବା—ଦେ. କ୍ରି. ( ସଂ. ଉଦ୍ଗାର )—
Ukāribā ୧ । ବମନ କରିବା—1. To vomit.
বমিকরা ୨ । ଉଙ୍କାରିବା ( ଦେଖ )
उकालाना; 2. Uṅkāribā ( See )
उगलना

ଉକାଳ—ଗ୍ରା. ବି. ( ସଂ. ଉଦ୍ଗାର )—ବମନ—
Ukāḷa — Vomiting.
বমি
उकलाई

ଉକାଲତ୍—ବୈଦେ. ବି. (ଅ)—ଉକାଲତ୍‌ନାମା ( ଦେଖ )
Ukālat — Ukālatnāmā ( See )

ଉକାଲତ୍‌ନାମା—ବୈଦେ. ବି. (ଅ)—ଓକିଲ ନିଯୁକ୍ତି ପତ୍ର—
Ukālatnāmā — A document authorising a pleader to appear for a party in a case.

ଉକାଲତି—ବୈଦେ. ବି. (ଅ)—ଓକିଲତି ( ଦେଖ )
Ukālati — Okilāti ( See )

ଉକାଳିବା—ଗ୍ରା. କ୍ରି—ଉକାରିବା ୧ ( ଦେଖ )
Ukāḷibā — Ukāribā 1 ( See )

ଉକି—ଦେ. ବି. (ବଙ୍ଗଳାରୁ ଅନୁକୃତ)—ଉଙ୍କି ( ଦେଖ )
Uki — Uṅki ( See )

ଉକିଆ—ପ୍ରାଦେ. ( ସମ୍ବଲପୁର ) ବି—
Ukiā ୧ । ଅଂଶୁ; କିରଣ—1. Rays.
୨ । ସୂର୍ଯ୍ୟକିରଣ; ରଶ୍ମି—2. Sun's rays.
୩ । (ଗଡ଼ଜାତ)—ପାଳବିଡ଼ିଆ; ନଡ଼ା ଅଟା; ନଡ଼ା ବିଡ଼ିଆ—
3. Faggot made of straw.

ଉକିବା—ପ୍ରାଦେ. (ସମ୍ବଲପୁର) କ୍ରି—ବାନ୍ତି କରିବା—
Ukibā — To vomit.

ଉକିମାରିବା—ଦେ. କ୍ରି ( ବଙ୍ଗଳାରୁ ଅନୁକୃତ )—
Ukimāribā — ଉଙ୍କି ମାରିବା ( ଦେଖ )
Uṅkimāribā ( See )

ଉକିଲ (ଇତ୍ୟାଦି)—ଦେ. ବି—ଓକିଲ ଇତ୍ୟାଦି ( ଦେଖ )
Ukila (etc) — Okila etc. ( See )

ଉକିଲତ୍‌ନାମା—ଦେ. ବି—ଉକାଲତ୍‌ନାମା ( ଦେଖ )
Ukilātnāmā — Ukālatnāmā ( See )

ଉକିଲତି—ଦେ. ବି—ଓକିଲତି ( ଦେଖ )
Ukilāti — Okilāti ( See )

ଉକୁ—ବୈଦେ. ବି. ( ତେଲୁଗୁ ଶବ୍ଦ; ଅ—ଇବା; ଉକୁ )—
Uku ୧ । କୌଣସି ଘଟଣାର ଆରମ୍ଭ ବା ଉଦ୍ଭବ—
অঙ্কু 1. Beginning of an occurrence.
অঙ্কু ଗୋଟାଏ ଲୁଟ୍‌ତରାଜ୍ ମାମଲା ଉକୁ ହେବାର ସମ୍ଭାବନା ଥିଲା । ଫକୀରମୋହନ, ଛମାଣଆଠଗୁଣ୍ଠ ।
୨ । ଘଟଣା—2. Event; occurrence.
୩ । କୌଣସି ବିଷୟର ଆରମ୍ଭ—
3 The beginning of anything.
୪ । ଅପରାଧର ଘଟଣା—
4. The occurrence of an offence.

ଉକୁଚ—ଦେ. ବି—୧ । ଝୁଲିବା—
Ukuchā — 1. Hanging.
୨ । ଝୁଲା ହେବା ଅବସ୍ଥା—
2. Being suspended; suspension.
୩ । ଉଦ୍‌ବନ୍ଧନ—3. Death caused by hanging.
ବିଣ—ଝୁଲା ହୋଇଥିବା—Hanging; suspended.

ଉକୁଚାଇବା—ଦେ. କ୍ରି—୧ । ଲଟକାଇବା; ଝୁଲିବା—
Ukuchāibā — 1. To suspend.
উচকান ୨ । ଝୁଲାଇବା—2. To cause to be
लटकाना suspended.

ଉକୁଚିବା—ଦେ କ୍ରି—୧ । ଲମ୍ବାଇବା; ଝୁଲିବା; ଲଟକାଇବା—
Ukuchibā — 1. To suspend; to hang(a thing)
উচকা ୨ । ଲମ୍ବିବା; ଝୁଲି ହେବା; ଲଟକିବା; ଝୁଲିବା—
लटकाना 2. To be suspended; to be hanging.
୩ । ଭାସିବା—3. To float.
୪ । ଉପରକୁ ଡେଇଁବା—
4. To spring upwards.

ଉକୁଚି ହେବା—ଦେ. କ୍ରି—୧ । ନିଜ ବେକରେ ଫାଶୀ ଲଗାଇ ଝୁଲି
Ukuchi hebā ମରିବା—1. To swing in a rope.
लटकना ୨ । ଦଉଡ଼ିରେ ଦୋଳି ଖେଳିବା—
2. To play at swinging ( one person swinging and another pushing and so on ).
୩ । ଦଉଡ଼ିରେ ବେକ ଚିପି ହୋଇଯିବା—3. To have one's neck tightened with a rope.

ଉକୁଚେଇବା—ଦେ. କ୍ରି—ଉକୁଚାଇବା ( ଦେଖ )
Ukucheibā — Ukuchāibā ( See )

ଉକୁଚେଇହେବା—ଦେ. କ୍ରି—ଉକୁଚିହେବା ( ଦେଖ )
Ukucheihebā — Ukuchihebā ( See )

ଉକୁଟ—ଦେ. ବି.—ବାଦ୍ୟ ସଙ୍ଗେ ବୋଲାଯିବା ସ୍ୱରବିଶେଷ—
Ukuṭa — Refrains uttered with musical formulae.
[ କୌଣସି ବାଦ୍ୟ ଯଥା ମୃଦଙ୍ଗ ବଜାଇବାର ତାଳକୁ ମୁହଁରେ ଅଭ୍ୟାସ କରିବାର ପଦ ବା ଶବ୍ଦ । ଉକ୍ତ ଉକ୍ତ-

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଞ୍ଜ | ଣ୍ଟ,ଣ୍ଠ | ଣ୍ଡ | ନ୍ତ | ନ୍ଥ | ନ୍ଦ |
|---|---|---|---|---|---|---|---|---|---|---|---|---|---|---|
| ୨ | ଇ | ଉ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଞ୍ଜ | ଣ୍ଟ | ଣ୍ଡ | ନ୍ତ | ନ୍ଥ | ନ୍ଦ |

ବାଦ୍ୟ (ଯଥା—ଘୁମୁରା, ପଖଉଜ, ମୃଦଙ୍ଗ ଆଦି)ର ଭିନ୍ନ ଭିନ୍ନ ଉକୁଟ ଅଛି । ]

**ଉକୁଟା**—ଦେ. ବଣ( ସଂ. ଉତ୍କଟ )—୧ । ପ୍ରସ୍ଫୁଟିତ—
Ukuṭā 1 Full blown.
୨ । ପିତଳ ଆଦି ଧାତୁପାତ୍ରରେ ରହି ବିସ୍ୱାଦ ଓ ବିଗାଡ଼ି ହୋଇଥିବା (ଅମ୍ଳ ଖାଦ୍ୟ)—2. (acid food) The taste of which has been spoiled by being kept in a brass-utensil.
ଦେ.ବି.(ସଂ. ଉତ୍କଥନ; ପ୍ରା. ଉକ୍କଥନ)—ପରର ଗୁପ୍ତଛିଦ୍ର ପ୍ରକାଶ-ପୂର୍ବକ ଗାଳି—Slander; derisive abuse.

**ଉକୁଟାଇବା**—ଦେ. କ୍ରି. (ସଂ—ଉତ୍କଟ)—୧ । ଦେହରେ ବୋଳି
Ukuṭāibā ହେବା—1. To smear on the body.

ଚନ୍ଦନ ଉକୁଟାଇ କୁଅଙ୍ଗ ନାସ ଯହିଁ
ହରଦ୍ରାରେ ଆଦର କରବେ ଆହିଁପାଇଁ । ଉପେ. ଲାବଣ୍ୟବତୀ ।

୨ । ଚିତ୍ରିତ କରିବା; ଖୋଦନ ବା ଚିତ୍ରଦ୍ୱାରା ପ୍ରକାଶିତ କରିବା—2. To delineate.

ହରିତାଳ କାଳୀ ଯେନ ବନଭା
ପଦ ଉପରେ ଉକୁଟାଇ ଚିତା । ଉପେ. ଲାବଣ୍ୟବତୀ ।

୩ । ପ୍ରସ୍ଫୁଟିତ କରାଇବା; ଫୁଟାଇବା—
3. To make manifest.
୪ । ଦେହରେ ବୋଳାଯାଇଥିବା ହଳଦି ଆଦି ଅଙ୍ଗରାଗ ବସ୍ତୁକୁ ହାତରେ ମଳି କରି ଛଡ଼ାଇଦେବା—
4. To rub off the turmeric paste from the body.

ବସ୍ତ୍ର ଡଗୁରି ଉକୁଟାଇ କସ୍ତୁରୀ ଯେବେ କୁଙ୍କୁମ ଗୁରୁଣିବଶେ ।
ଉପେ. ବୈଦେହୀଶବିଳାସ

**ଉକୁଟାଉକୁଟି ହେବା**—ଦେ. କ୍ରି. ( ସଂ. ଉତ୍କ )—ପରସ୍ପରର ଛିଦ୍ର
Ukuṭāukuṭi hebā ଖୋଲା ଖୋଲି ହୋଇ ପରସ୍ପରକୁ ଗାଳି ଦେବା—To engage in mutual recrimination by revealing secrets.

**ଉକୁଟାଣ**—ଦେ. ବି. (ସଂ. ଉତ୍କଟ)—ଉକୁଟା (ଦେଖ)
Ukuṭāṇa Ukuṭā (See)

**ଉକୁଟିବା**—ଦେ. କ୍ରି—୧ । ପିତଳ ବା ତମ୍ବା ପ୍ରଭୃତି ଧାତୁପାତ୍ରରେ
Ukuṭibā ଅମ୍ଳଦ୍ରବ୍ୟ ରହିବା ଯୋଗୁଁ ବିସ୍ୱାଦ ବା ବିକୃତ ହେବା—
1 (acid food) To get in the taste
पतलाना spoiled by being kept in brass utensils.
୨ । ପ୍ରକାଶିତ ହେବା—2. To be manifest.

କେତେବେଳେ ଅବା ଯାଉ ଥାଇ ଜଳ ପାଟଳ ଗଣ୍ଡେ ଉକୁଟି ।
ରାଧାନାଥ. ଯଯାତି ।

୩ । ଚିତ୍ର ବା ଖୋଦନ କରି ଲେଖିବା—
3. To engrave or paint.
୪ । ପ୍ରସ୍ଫୁଟିତ ହେବା—4. To be fully blown; to bloom.

**ଉକୁଣି**—ଦେ. ବି. ( ସଂ. ଉତ୍କୁଣ )—୧ । କେଶ ଓ ଚର୍ମ ଆଦିରେ
Ukuṇi ଜନ୍ମିବା ପୋକ—1. Louse, head-louse.
উকুন Pediculus Capitis.
जूँ

[ଦ୍ର—ଉକୁଣିର ଡିମ୍ବକୁ 'କଣ' ବା 'ଲିଖ'; ଛୋଟ ଉକୁଣିକି 'ଗଞ୍ଜ' ଓ ବଡ଼ ଉକୁଣିକୁ 'ଢଙ୍ଗା' ବୋଲାଯାଏ । ଏମାନେ ଲମ୍ବ କେଶ-ଯୁକ୍ତ ମସ୍ତକରେ ରହି ମୁଣ୍ଡରୁ ରକ୍ତ ଖାଆନ୍ତି । ]

୨ । ଉକୁଣିଙ୍କ ପରି ଏକ ପ୍ରକାର ପୋକ; ଉକୁଣିଆପୋକ—
2. Weevil

**ଉକୁଣିଆପୋକ**—ଦେ. ବି.—ପୁରାତନ ଧାନ୍ୟାଦି ଶସ୍ୟରେ ଓ ପଶୁ-
Ukuṇiāpoka ମାନଙ୍କ ଚର୍ମରେ ଜନ୍ମିବା ଉକୁଣିଙ୍କ ପରି ଏକ
ঘুন ପ୍ରକାର ପୋକ—Weevil; animal louse.
घुन

**ଉକୁଣି ଦେଖିବା**—ଦେ. କ୍ରି—ମୁଣ୍ଡର କେଶରୁ ଉକୁଣି ବାହାର କରି
Ukuṇi dekhibā ମାରିବା—To search and find
উকুন দেখা out and kill the lice from the hair.
जूँ देखना

**ଉକୁଣି ମାରିବା**—ଦେ. କ୍ରି.—୧ । ଉକୁଣି ଦେଖିବା (ଦେଖ)
Ukuṇi māribā 1. Ukuṇi dekhibā (See)

ପଛେ ବସି ଆନ କେହି ମାରଇ ଉକୁଣି—ରାଧାନାଥ. ମହାଯାତ୍ରା ।

୨ । ( ଲକ୍ଷଣାର୍ଥ ) ପରର ଅନିଷ୍ଟକାମନା କରିବା—
2. To think evil of another.

ଯେ ଯାହାକୁ ଦେଖି ନ ପାରେ, ଅନାର ଘରରେ ଉକୁଣି ମାରେ—
ଢଗ ।

**ଉକୁତା**—ଦେ. ବି.—ଉକୁଟା (ଦେଖ)
Ukutā Ukuṭā (See)

**ଉକୁତାଇବା**—ଗ୍ରା. କ୍ରି. ( ସଂ—ଉକ୍ତ; ଉତ୍କଥନ )—
Ukutāibā ୧ । ଛଳପୂର୍ବକ କହିବା—1. To deride by
ছলিয়েবলা alluding to one's failings; to banter.
उकटना, उगटना

୨ । କୃତ ପୂର୍ବକୃତ ଉପକାରକୁ ଲକ୍ଷ୍ୟ କରି ଛଳାଇକରି କହିବା—2. To banter a person by alluding to favours done to him in the past.

**ଉକୁତାଉକୁତି**—ଗ୍ରା. ବି.—୧ । ଉକ୍ତିପ୍ରତ୍ୟୁକ୍ତି—1. Dialogue.
Ukutāukuti ୨ । ସବାଲ ଜବାବ—2. Question and reply.

**ଉକୁତାଉକୁତି ହେବା**—ଗ୍ରା. କ୍ରି—୧ । ( ପରସ୍ପର ) ଛଳବଚନ ଓ
Ukutāukuti hebā ପ୍ରତିବଚନ କୁହାକୁହି ହେବା—
1. To abuse and banter each other.

ସାଧାରଣ ଲେଖେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'କଂଧୁ' ନ ପାଇଲେ 'କନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ପରସ୍ପର କଥାବାର୍ତ୍ତା କରିବା; ପ୍ରଶ୍ନୋତ୍ତର କରିବା—
2. To be engaged in mutual questioning and reply.

୩ । ସବାଲ ଯବାବ କରିବା—
3. To be engaged in argument.

ଉକୁଟାଣ—ଗ୍ରା. ବି—ଉକୁଟା (ଦେଖ)
Ukutāṇa Ukuṭā (See)

ଉକୁଟାରିକ—ଦେ. ବି (କଚେରୀ ଭାଷା)—ଅପରାଧ ଘଟିବା ତାରିଖ—
Ukutārika Date of occurrence.

ଉକୁଟିବା—ଗ୍ରା. କ୍ରି—ଯୁକ୍ତି କରିବା; ଦମ୍ଭକରି କଥା କହିବା—
Ukutibā To argue.

ଉକୁଟେଇବା - ଗ୍ରା. କ୍ରି—୧ । ଛଳବଚନ ପ୍ରୟୋଗ କରିବା—
Ukuteibā To banter.

୨ । ନିଜ କୃତ ଉପକାରକୁ ଲକ୍ଷ୍ୟ କରି ଛଳାଇବା—
2. To banter a person by alluding to past favours shown to him.

ଉକୁଟେଇ ହେବା—ଦେ. କ୍ରି—ଉକୁଟାଇବା (ଦେଖ)
Ukutei hebā Ukutāibā (See)

ଉକୁମ୍—ପ୍ରାଦେ (ଫର୍ସି) ବି—ହୁକୁମ୍—
Ukum Order.

ଉକୁସ୍ଥଳ—ଦେ. ବି (କଚେରୀ ଭାଷା)— ଅପରାଧର ଘଟନାସ୍ଥଳ—
Ukusthaḻa Place of occurrence.
অকুস্থান
अकुस्थान

ଉକୁସ୍ଥାନ — ଦେ. ବି (କଚେରୀ ଭାଷା)—ଉକୁସ୍ଥଳ (ଦେଖ)
Ukusthāna Ukusthaḻa (See)

ଉକେଇବା—ଦେ. କ୍ରି—ପିତଳ ବା ତମ୍ବା ଆଦି ଧାତୁନିର୍ମିତ ପାତ୍ରରେ
Ukeibā ରହିବା ଦ୍ୱାରା କୌଣସି ଖାଦ୍ୟଦ୍ରବ୍ୟ ସ୍ୱାଦ ଓ ବର୍ଣ୍ଣରେ
पित्लाना ହେବା—To get spoiled in taste ( by being put in a brass or copper receptacle)

ଉକ୍ରଣ୍ଠ—ଦେ. ବି (ସ.—ଉତ୍କଣ୍ଠା; ପ୍ରା ଉକ୍କଣ୍ଠା)—
Ukkaṇṭha ୧ । ଉତ୍କଣ୍ଠା— 1. Eagerness

୨ । ଉତ୍ସୁକତା (ଗୋପୀନାଥ ନନ୍ଦ)—2. Anxiety.

ଉକ୍ତ - ସଂ. ବିଣ ( ବଚ ଧାତୁ=କହିବା+କର୍ମ.ତ )— ୧ । କଥିତ;
Ukṭa ଭାଷିତ—1. Spoken; said; uttered.

୨ । ପୂର୍ବୋକ୍ତ; ପୂର୍ବ କଥିତ—2. First mentioned; aforesaid.

୩ । ନିର୍ଦ୍ଦିଷ୍ଟ; ଲିଖିତ—3 Mentioned.

ବି. (+ଭାବ. ତ)—କଥନ—Speaking.

ଉକ୍ତକର୍ମ—ସଂ. ବି.—(ବ୍ୟାକରଣ) କର୍ମ ବାଚ୍ୟରେ ପ୍ରଥମାବିଭକ୍ତିର ରୂପ
Uktakarma ଧାରଣ କରି ବାକ୍ୟରେ ବ୍ୟବହୃତ ହୋଇଥିବା କର୍ମ— (grammar) An object which takes the first case-ending.

ଉକ୍ତି—ସଂ. ବି. ସ୍ତ୍ରୀ ( ବଚ୍ ଧାତୁ=କହିବା+ଭାବ. ତି )—
Ukti ୧ । ବଚନ; ବାକ୍ୟ—
1. Word; expression.

୨ । କଥା—2. Speech.

୩ । ପ୍ରବଚନ—3. Saying.

ଉକ୍ତିପ୍ରତ୍ୟୁକ୍ତି—ସଂ. ବି. ( ଦ୍ୱନ୍ଦ୍ୱ; ଉକ୍ତି+ପ୍ରତ୍ୟୁକ୍ତି. )—
Uktipratyukti ୧ । ଉତ୍ତର ପ୍ରତ୍ୟୁତ୍ତର—
1. Statement and counter-statement.

୨ । ପ୍ରଶ୍ନୋତ୍ତର—2. Question and reply.

ଉକ୍ଥ—ସଂ. ବି. (ବଚ ଧାତୁ=କହିବା+କର୍ମ. ଥ)—୧ । ସାମବେଦ—
Uktha 1. The 'Sama' or the second of the four Bedas.

୨ । ସାମବେଦର ଅଂଶବିଶେଷ—
2. A particular portion of the Sāma vedic hymns.

୩ । ଯଜ୍ଞବିଶେଷ—3. A particular sacrifice.

ଉକ୍ଷ ( ଧାତୁ )— ସଂ—ଓଦା କରିବା—
Uksh ( root ) To moisten.

ଉକ୍ଷ—ସଂ. ବିଣ. ( ଉକ୍ଷ ଧାତୁ=ଓଦା କରିବା+କର୍ମ. ଅ )—
Uksha ୧ । ସିକ୍ତ—1. Moistened.

୨ । ଧୌତ—2 Washed

ଉକ୍ଷଣ—ସଂ. ବି. ( ଉକ୍ଷ ଧାତୁ=ଓଦା କରିବା + ଭାବ. ଅନ )—ଜଳ-
Ukshaṇa ସେଚନ; ପାଣିସିଞ୍ଚା—Sprinkling with water.

ଉକ୍ଷତର—ସଂ. ବି. ପୁଂ ( ଉକ୍ଷନ୍=ବୃଷ+କ୍ଷୁଦ୍ରାର୍ଥେ. ତର )—
Ukshatara ୧ । ସାନଷଣ୍ଢ; ଦୁର୍ବଳ ଷଣ୍ଢ; ବଳଦ—
1. A small bull or ox.

୨ । ବଡ଼ଷଣ୍ଢ; ପ୍ରୌଢ଼ବୃଷ—
2. A well developed bull.

ଉକ୍ଷତରୀ ସଂ. ବି. (ଉକ୍ଷତର+ସ୍ତ୍ରୀ. ଈ)—ଯେଉଁ ଗାଈର ଯୌବନ ନଷ୍ଟ
Ukshatarī ହୋଇ ଅଛି—A cow past her youth.

ଉକ୍ଷା—ସଂ. ବି. ଉକ୍ଷ ଧାତୁ=ଆର୍ଦ୍ର ହେବା+ସଂଜ୍ଞାର୍ଥେ. କର୍ତ୍ତ୍ରି. ଅନ୍ ୧ମା
Ukshā ୧ବ.—ମୂଳ - ଉଂ. ଏକବଚନ ଅନ୍ଃ; ବହୁବଚନ ଅନ୍ସନ୍; ସାନ୍ସକ୍ରିତ. ଅକ୍ଷା; ଫା. ଗାଓଅକ୍ଷ୍ନା= ବଳଦ)—୧ । ବୃଷ—1. Bull.

୨ । ବଳଦ—2. Bullock.

୩ । ଋଷଭ ନାମକ ଔଷଧ—
3. A medicinal ingredient.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଡ | ଣ,ଶ | ଙ୍କ | ଇସ୍ | ଉଅ | ଢ |
| ୨ | ଈ | ଊ | ଋ | ଳ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷଂ | ଯ | ସ | ଙ୍ଗ | ଇଅ | ଙ୍ | ନୃ |

ଉକ୍ଷିତ—ସଂ. ବଣ—(ଉକ୍ଷ୍ ଧାତୁ=ଓଦା କରିବା+କର୍ମ. ତ)—
Ukshita ୧ । ସିକ୍ତ—1. Moistened; washed.
୨ । ଅଭିଷିକ୍ତ—2. Sprinkled.
୩ । ଲିପ୍ତ—3. Anointed.

ଉଖୃଡ଼ିବା—ଦେ. କ୍ରି—ଉଖୁଡ଼ିବା (ଦେଖ)
Ukhrdiba Ukurdiba (See)

ଉଖ୍‌ନାଉଛେ—ପ୍ରାଦେ. (ସମ୍ବଲପୁର) କ୍ରି—(ବ୍ୟଙ୍ଗାର୍ଥ)—ବର୍ତ୍ତମାନ
Ukhnauchhe ଅପ୍ରାପ୍ୟ ଅଟେ; ବର୍ତ୍ତମାନ ମିଳିବ ନାହିଁ—
Is not available now.
(ଯଥା—ଧନ୍ ଉଖ୍‌ନାଉଛେ)

ଉଖ୍‌ଲା—ପ୍ରାଦେ. (ସମ୍ବଲପୁର) ବଣ—ଯେ ଘରର ଗୁପ୍ତ କଥା ବାଣ୍ଡରେ
Ukhla ଘାଟରେ ପ୍ରକାଶ କରି ଦିଏ—(a person)
Revealing family-secrets.

ଉଖ (ଧାତୁ)-ସଂ—ଗମନ କରିବା—
Ukha (root) To go.

ଉଖ—ଦେ ବି. (ବଙ୍ଗଳାରୁ ଅନୁକୃତ)—ଉଖା—
Ukha Rasp; file.
উখা; উখো

ଉଖଡ଼ା—ଦେ. ବି—ଉଖୁଡ଼ା (ଦେଖ)
Ukharda Ukhurda (See)

ଉଖଡ଼ା ମାନଙ୍କରେ ଦଧିନଙ୍କ ବଧିରେ ସ୍ୱରସ୍ଥା ମନୋରମ କଲେ ।
ଅଭିମନ୍ୟୁ—ବିଦଗ୍ଧଚିନ୍ତାମଣି ।

ଉଖନ୍—ପ୍ରାଦେ. (ସମ୍ବଲପୁର) ବି—ଉକୁଣି (ଦେଖ)
Ukhan Ukuni (See)

ଉଖଳ—ଦେ. ବି—ଉଦୁଖଳ (ଦେଖ)
Ukhala Udukhala (See)
উখলী
उखली

ଉଖଲା ହେବା—ପ୍ରାଦେ. (ସମ୍ବଲପୁର) କ୍ରି—ଲଜ୍ଜାଜନକ କଥା ବା
Ukhala heba ଅଯଥା କଥା କହିବା—To publish
unreasonable, painful or shameful things.

ଉଖା— ସଂ. ବି (ଉଖ ଧାତୁ=ଗମନ କରିବା+ଅ+ସ୍ତ୍ରୀ. ଆ)—
Ukha ୧ । ପାକସ୍ଥାଲୀ; ପାକପାତ୍ର; ହାଣ୍ଡି—1 Cooking pot.
୨ । କଡ଼େଇ—2. Sauce-pan.
୩ । ବଟ୍ଲୋଇ—3. A brass cooking pot.
ଦେ. ବି—ଉଖା—Rasp; file.

ଉଖାଡ଼ିବା—ଦେ. କ୍ରି. (ସଂ. ଉତ୍‌ଖାତ)—୧ । ଢିଲା କରିବା—
Ukhardiba 1. To loosen; to slacken.
উখাড়া; উখড়া ୨ । ଓପାଡ଼ିବା—
उखाड़ना To root out; to uproot.

ଉଖାରିବା—ଦେ. କ୍ରି. (ସଂ. ଉତ୍‌ଖାର)—୧ । ଏଣେ ତେଣେ ଘାଣ୍ଟିବା—
Ukhariba 1. To stir up.
উসকান ୨ । ଉତ୍ତେଜିତ କରିବା—2. To irritate.
उसकाना ୩ । ଭଙ୍ଗାଡ଼ିବା—3. To confuse; to throw into confusion.
୪ । ଉଖାଡ଼ିବା (ଦେଖ)
4. Ukhardiba (See)

ଉଖି—ପ୍ରାଦେ. (ବସ୍ତର) ବି—୧ । ଛଳ; ବାହାନା—
Ukhi 1. Plea; excuse
୨ । ସୁଯୋଗ; ସୁବିଧା; ଖଞ୍ଜ—2. Opportunity.

ଉଖୁଡ଼ା—ଦେ. ବି. (ସଂ. ଉତ୍‌କ୍ଷୋଟକ—ଭୁଲ-ସଂ. ଇକ୍ଷୁ)—
Ukhurda ଗୁଡ଼ ବା କନ୍ଦରେ ପାକ ହୋଇଥିବା ଲିଆ—
মুড়কী; উখড়া Fried paddy seasoned with sugar or treacle.
उखूड़ा

ଉଖୁଡ଼ିବା—ଦେ. କ୍ରି. (ସଂ. ଉତ୍‌କ୍ଷିପ୍ତ)—
Ukhurdiba ୧ । (ଠିଆ ହୋଇଥିବା) କୌଣସି ପଦାର୍ଥ ଢିଲା ।
উখড়া ହୋଇଯିବା—1. To become loosened or slackened.
उखड़ना
୨ । ଉପୁଡ଼ିବା; ଉପୁଡ଼ିପଡ଼ିବା—
2. To be uprooted; to be freed from the base.

ଉଖୁଡ଼େଇବା—ଦେ. କ୍ରି—ଉଖୁଡ଼ିବାର ଣିଜନ୍ତ ରୂପ—
Ukhurdeiba The causative form of ukhurdiba.

ଉଖୁଣୀ—ଦେ. ବି—ଧାନ ବେଙ୍ଗଳା ପକାଇ ପାଲଗୁଡ଼ା ଆଦି ବାହାର
Ukhuni କରିବାରେ ବ୍ୟବହୃତ ବଙ୍କାଗ୍ର ଦଣ୍ଡ—
A hooked staff used to draw out the straw after paddy is trodden.

ଉଖୁନ୍—ପ୍ରାଦେ. (ସମ୍ବଲପୁର) ବି—ଉକୁଣି (ଦେଖ)
Ukhun Ukuni (See)

ଉଖୁରା—ପ୍ରାଦେ. (ଗଞ୍ଜାମ) ବି—କେଣି ପରିମାଣରେ ଡାଲି ଓ ଅଳ୍ପ
Ukhura ପରିମାଣରେ ଭୃଞ୍ଜିତ ଏକତ୍ର ସିଦ୍ଧ ପ୍ରସ୍ତୁତ କରିବା ଜାଉ
(ଗୋପୀନାଥ ନନ୍ଦ)—A gruel prepared by fried rice and pulse
ଦେ. ବି—୧ । ଚୁଲିରେ ଥିବା କାଠକୁ ଗୋଞ୍ଜଣା କାଠିରେ ଉଖାରି ଦେବା—1. Stirring up the fuel in the oven.
୨ । ଗୋଞ୍ଜଣା କାଠି—2. The stick by which the burning fuel is stirred up.
ଦେ. ବଣ—ଘଷା ହୋଇଥିବା—Stirred up.

ଉଖୁରଇବା—ଦେ. କ୍ରି—ଉଖାରିବା (ଦେଖ)—
Ukhuraiba Ukhariba (See)

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଲୁଣ' ନ ମିଳିଲେ 'ଲୂଣ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲକ୍ତ' ନ ପାଇଲେ 'ଅଲ୍କତ' ଦେଖିବେ ।

**ଉଖୁରିଆ**—ଦେ. ବଣ—୧ । ଯେ ଅନ୍ୟ ବ୍ୟକ୍ତିକୁ ମତାଏ ବା ଉତ୍ତେଜିତ କରେ—1. Instigating; one who stirs up a man against another.
Ukhuriā
उखाड़ु

୨ । ଚୁଗୁଲିଖୋର—2. Backbiting.

ବ—ଚୁଲିର ନିଆଁକୁ ଘେଞ୍ଚିବା ପାଇଁ ବ୍ୟବହୃତ କାଷ୍ଠ ଦଣ୍ଡ; ଘେଞ୍ଚଣା—A poker of wood.

**ଉଖୁରିବା**—ଦେ. କ୍ରି—ଉଖାରିବା ( ଦେଖ )
Ukhuribā Ukhāribā ( See )

**ଉଖୁରୁଣୀ**—ଦେ. ବ—ଉଖୁଣୀ ( ଦେଖ )
Ukhuruṇi Ukhuṇi ( See )

**ଉଖୁରେଇବା**—ଦେ. କ୍ରି—ଉଖାରିବା ( ଦେଖ )
Ukhureibā Ukhāribā ( See )

**ଉଖେନ୍**—ପ୍ରାଦେ. (ସମ୍ବଲପୁର) ବ—ଉକୁଣି ( ଦେଖ )
Ukhen Ukuṇi ( See )

**ଉଖେର୍**—ପ୍ରାଦେ. ( ସମ୍ବଲପୁର ) ବ.— ୧ । ଉଦୁଖଳ ( ଦେଖ )
Ukher 1. Udukhaḷa ( See )

୨ । ଢିଙ୍କି ଉଗ୍ରଣ୍ଡି—2. The receptacle of the husking jack.

**ଉଖ୍ୟ**—ସ. ବଣ ( ଉଖା = ହାଣ୍ଡି + ସାଧାର୍ଥରେ. ଯ )—
Ukhya ହାଣ୍ଡିରେ ପାକ କରାଯାଇଥିବା; ସ୍ଥାଲୀପକ୍ୱ (ମାଂସାଦି)—(meat) Boiled in a pot.

**ଉଗଡ଼ା**—ଗ୍ରା. ବ. ଓ ବଣ— ଉଗୁଡ଼ା (ଦେଖ)
Ugaṛdā Uguṛdā (See)

**ଉଗଡ଼ାଇବା**—ଗ୍ରା. କ୍ରି—ଉଗୁଡ଼ାଇବା ( ଦେଖ )
Ugaṛdaibā Uguṛdaibā ( See )

**ଉଗରଣ**—ଦେ. ବ. ( ସଂ. ଉଦ୍ଗିରଣ )—ବମନ—
Ugaraṇa Vomiting.

**ଉଗଳା**—ଦେ. ବ.—ଅଟକ—
Ugaḷā Restraint.

ଦେ. ବଣ—ଅଟକାହେବା; ଉରୁବନ୍ଦହେବା—Restrained.

**ଉଗାଡ଼ିବା**—ଦେ. କ୍ରି—ଉଗୁଡ଼ାଇବା ( ଦେଖ )
Ugāṛdibā Uguṛdaibā ( See )

**ଉଗାର**—ଦେ. ବ. ( ସଂ. ଉଦ୍ଗାର )— ୧ । ବାନ୍ତି; ଉଦ୍ଗାର—
Ugāra Vomiting.

୨ । ହାଲୁଟ—Belching.

**ଉଗାରିବା**—ଦେ. କ୍ରି .( ସଂ. ଉଦ୍ଗାର )—
Ugāribā ୧ । ବାନ୍ତି କରିବା—1. To vomit.

୨ । ହାଲୁଟ ମାରିବା—2 To belch.

୩ । ବାହାରକୁ ଫୋପାଡ଼ିବା; ଉଦ୍ଗିରଣ କରିବା—3. To vomit forth; to throw out; to emit.

ଗର୍ବରେ ପୁରନ୍ଦର କେ ଉଗାର ଅନଳ—ସ୍ୱୟାନାଥ ।

**ଉଗାଳ**—ଦେ. ବ. (ସଂ. ଉଦ୍ଗଳନ)—୧ । ଗଉଡ଼ମାନଙ୍କର ପ୍ରଶ୍ନୋତ୍ତର
Ugāḷa ସୂଚକ ପୌରାଣିକ ଗୀତ—1. Dialogue in song dealing with Pauranic stories sung by the cow-herds.

୨ । ଅଟକ—2. Restraint.

୩ । ପ୍ରାଦେ ( ମେଦନୀପୁର ) ବ—ଧାନ କ୍ଷେତର ହିଡ଼—3. Ridge of a paddy-field.

**ଉଗାଳିବା**—ଦେ. କ୍ରି—୧ । (ସଂ— ଉଦ୍ଗଳନ; ଅର୍ଗଳ-ଭୁଲ ଗ୍ରା. ଅଗୁଳ)
Ugāḷibā ଅଗରୁ ଅଟକାଇବା; ଆଗୁଳିବା—1. To block the way; to stop one's progress by standing in his way with outstretched arms.
आटकान; आगलान
आड़ना

କେ ଗୋପୀ ଉଗାଳେ ବାଟ—ଭକ୍ତ. ପ୍ରେମପଞ୍ଚାମୃତ ।

২ । (ସଂ.ଉଦ୍ଗିଳନ ଭୁଲ—ଗ୍ରା.ଉଗ୍ଗିଳନ) ବାନ୍ତି କରିବା—2. To vomit forth.
বমিকরা
उगलना

**ଉଗୁଇବା**—ଗ୍ରା. କ୍ରି. ( ସଂ. ଉଦ୍ଗମନ )—୧ । ଉପରକୁ ଯୋରରେ
Uguibā ଉଠିବା—1. To rise up with force.
উগা

୨ । କ୍ରୋଧ ବା ଗର୍ବରେ ଡେଇଁବା—2. To leap up in anger or pride.
उगना

**ଉଗୁଜା**—ଗ୍ରା. ବ.—ଉଭୁଜା ( ଦେଖ )
Ugujā Ubhujā ( See )

**ଉଗୁଜାଇବା**—ଗ୍ରା. କ୍ରି—ଉଭୁଜାଇବା ( ଦେଖ )
Ugujāibā Ubhujāibā ( See )

**ଉଗୁଜିବା**—ଗ୍ରା. କ୍ରି.—ଉଭୁଜିବା ( ଦେଖ )
Ugujibā Ubhujibā ( See )

**ଉଗୁଜେଇବା**—ଗ୍ରା. କ୍ରି—ଉଭୁଜାଇବା ( ଦେଖ )
Ugujeibā Ubhujāibā ( See )

**ଉଗୁଡ଼ା**—ଦେ. ବଣ—ମୁହଁ ମଡ଼ାହୋଇ ରଖା ଯାଇଥିବା; ଲେଉଟା
Uguṛdā ଯାଇଥିବା—Set with head down; upset; inverted.
উপুড়
औंधा; उलटाहुआ

**ଉଗୁଡ଼ାଇବା**—ଦେ. କ୍ରି—ମୁହଁ ମଡ଼ାଇ ରଖିବା; ଲେଉଟାଇ ଦେବା—
Uguṛdaibā To set with head down; to invert.
উপুড়করা
उलटाना

**ଉଗୁଡ଼େଇବା**—ଦେ. କ୍ରି—ଉଗୁଡ଼ାଇବା (ଦେଖ)
Uguṛdeibā Uguṛdāibā (See)

**ଉଗୁରା**—ଦେ. ବଣ (ସ. ଉଦ୍ଗୃହ)—୧ । ପୂର୍ବୋପଭୁକ୍ତ—
Ugurā 1. Already used.

୨ । ପ୍ରଥମେ ବ୍ୟବହୃତ ହୋଇଥିବା (ମାଲ୍ୟାଦି); ଉଚ୍ଛିଷ୍ଟ—2. Already worn ( e,g. flower; garland etc)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇପ୍ସ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗିଂ | ଇଅ | ଔ | କୃ |

୩ । ପାତ୍ରରୁ ବ୍ୟବହୃତ ହୋଇ ( ବଟା ହଳଦ ବା ଚନ୍ଦନରୁ ) ବଳକା ରହି ଯାଇଥିବା—
3. (turmeric paste) Left in the pot after use.

ଉଗୁରଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିଦ୍ୱାରା ଉଗୁରା କରିବା
Ugurāibā ( ଯଥା—ନୂଆ ଲୁଗାକୁ ପିଲାମାନଙ୍କଦ୍ୱାରା)—
To cause a new thing (e,g. cloths etc) to be used by another.

ଉଗୁରାଇ ହେବା—ଦେ କ୍ରି—୧ । ନିଜର ପୌରୁଷ ବା ପ୍ରଶଂସାକୁ
Ugurāi hebā କହି ହେବା—
डींग मारना 1. To boast of one's excellences; to praise one's self.
୨ । ଗର୍ବପ୍ରକାଶ କରିବା—2 To arrogate.

ଉଗୁରା କରିବା—ଦେ. କ୍ରି—୧ । ବ୍ୟବହାରଦ୍ୱାରା ( ମାଲ୍ୟାଦି ) ଦୂଷିତ
Ugurā kariba କରିବା—1. To contaminate or make unfit for further use by using a thing.
୨ । ପ୍ରଥମେ (ନୂଆ ଲୁଗା ଆଦିକୁ) ବ୍ୟବହାର କରିବା—
2. To use ( new cloth ) for the first time.
[ ଦ୍ର—ଗୁରୁଜନମାନେ ନୂଆ ଲୁଗାକୁ ପ୍ରଥମେ ନ ପିନ୍ଧି ପିଲାଙ୍କ ଦ୍ୱାରା ଉଗୁରା କରି ପରେ ପିନ୍ଧନ୍ତି । ]

ଉଗୁରି—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ (ସଂ. ଉଗ୍ର)—ଉଗ୍ର (ଦେଖ)
Uguri Ugra (See)
ଦେ. ବି—ଗର୍ବ—Pride; arrogance (Grundy)

ଉଗୁରେଇବା—ଦେ. କ୍ରି—ଉଗୁରାଇବା (ଦେଖ)
Ugureibā Ugurāibā (See)

ଉଗୁରେଇ ହେବା—ଦେ. କ୍ରି—ଉଗୁରାଇ ହେବା (ଦେଖ)
Ugurei hebā Ugurāi hebā (See)

ଉଗୁଳା—ଦେ. ବିଣ—ଉଗୁରା (ଦେଖ)
Ugulā Ugurā (See)

ଉଗୁଳି—ଦେ. ବିଣ—୧ । ଉତ୍କୃଷ୍ଟ—1. Excellent.
Uguḻi ୨ । ଅଧିକ—2. More than.
ମୋହର ସତ୍ୟ ମୁହିଁ ନ ଭୁଞ୍ଜିବି ଉଗୁଳି
ଶରୀର ମାଂସ କାଟି ଦିଅ ମୋତେ ତୁଳି—ବଳରାମ. ରାମାୟଣ ।

ଉଗୁଳିବା—ଦେ. କ୍ରି—୧ । ଅଧିକା ହେବା—1. To exceed.
Ugulibā ୨ । ବଳିପଡ଼ିବା—2. To remain over.

ଉଗେଇବା—ଦେ. କ୍ରି—ଉଗୁଇବା (ଦେଖ)
Ugeibā Uguibā (See)

ଉଗ୍ଗିବା—ପ୍ରାଦେ (ଗଞ୍ଜାମ) କ୍ରି—ହଗିବା (ଦେଖ)
Uggibā Hagibā (See)

ଉଗ୍ର—ସଂ. ବିଣ. ପୁଂ ( ଉଚ୍ ଧାତୁ=ମିଳିତ କରିବା+ସଂଜ୍ଞାର୍ଥେ. କର୍ତ୍ତୃ.
Ugra ର)—୧ । କ୍ରୁଦ୍ଧ; କୋପନ; କ୍ରୋଧସ୍ୱଭାବବିଶିଷ୍ଟ—
(ଉଗ୍ରା—ସ୍ତ୍ରୀ) 1. Passionate; wrathful.
୨ । ଉତ୍କଟ; ଭୟାନକ; କର୍କଶ—
2. Terrible; peevish.
୩ । ତୀବ୍ର; ପ୍ରଖର; ପ୍ରଚଣ୍ଡ—
3. Hot; violent; strong; virulent.
୪ । ଚଣ୍ଡଚଣ୍ଡିଆ—4. Surly.
୫ । କ୍ରୂର; ନିଷ୍ଠୁର—5. Cruel.
୬ । କଟୁ; ରାଗ—6. Of hot taste; pungent.
ସଂ. ବି—୧ । ଶିବ—1. God Siba
୨ । ଶିବଙ୍କ ଅଷ୍ଟମୂର୍ତ୍ତି ମଧ୍ୟରୁ ବାୟୁମୂର୍ତ୍ତି—
2. The airy form of Siba.
୩ । (ଶୂଦ୍ରାଣୀ ଗର୍ଭରୁ କ୍ଷତ୍ରିୟ ଔରସ ଜାତ ଜାତିବିଶେଷ) ଆଗିରି (ଦେଖ)—3. Āghiri (See)
୪ । ନକ୍ଷତ୍ରଗଣବିଶେଷ; ପୂର୍ବଫାଲ୍ଗୁନୀ, ପୂର୍ବାଷାଢ଼ା, ପୂର୍ବଭାଦ୍ରପଦ, ମଘା ଓ ଭରଣୀର ସମବାୟ—
4. A group of certain asterisms.
୫ । କେରଳଦେଶ—5. Name of a country in India.
୬ । ଧୃତରାଷ୍ଟ୍ରଙ୍କର ପୁତ୍ର—
6. Name of a son of Dhṛutarāshṭra.
୭ । ଶୋଭାଞ୍ଜନ ବୃକ୍ଷ—
7. The horse-radish or Morunga (tree)
୮ । କ୍ରୋଧ—8. Anger.
୯ । ବତ୍ସନାଭ ବିଷ; ମହୁରା—9. Aconite.

ଉଗ୍ରକର୍ମ—ସଂ. ବି—ଅସ୍ତ୍ରଚାଳନାଦି ବୀରୋଚିତ କର୍ମ—
Ugrakarm Acts of bravery befitting a hero.
କରିବ ଶାସ୍ତ୍ର ପଠନ ଉଗ୍ରକର୍ମ ଯେତେ—ପ୍ରାଚୀ. ଶିବସ୍ୱରୋଦୟ ।

ଉଗ୍ରକର୍ମା—ସଂ. ବିଣ ( ବହୁବ୍ରୀହି; ଉଗ୍ର+କର୍ମନ୍ )—
Ugrakarmā ଯେଉଁ ଲୋକ ଅନାୟାସରେ ଭୟାନକ କର୍ମ କରି ପାରେ; ଯେଉଁ ଲୋକ ସହଜରେ ନିଷ୍ଠୁର କର୍ମ କରି ପାରେ—A person who is capable of doing cruel deeds easily.

ଉଗ୍ରକାଣ୍ଡ—ସଂ. ବି—କଲରା; କାରବେଲ୍ଲ—A bitter fruit;
Ugrakānda Memordica.

ଉଗ୍ରଗନ୍ଧ—ସଂ. ବିଣ ( ବହୁବ୍ରୀହି; ଉଗ୍ର=ତୀବ୍ର+ଗନ୍ଧ )—ତୀବ୍ରଗନ୍ଧ
Ugragandha ବିଶିଷ୍ଟ—Strong-scented.
ସଂ. ବି—୧ । ହେଙ୍ଗୁ—1. Assafœtida.
୨ । ରସୁଣ—2. Garlic.
୩ । କଟଫଳ; କାଫଡ଼—3. Kaṭaphaḻa (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୪ । ଚମ୍ପକ—4. A flower.
୫ । ଅର୍ଜ୍ଜୁନବୃକ୍ଷ—5. Arjuna tree.
୬ । ତୀବ୍ର ବା ଉତ୍କଟ ଗନ୍ଧ—6. Strong smell.

ଉଗ୍ରଗନ୍ଧା—ସଂ. ବି—(ବହୁବ୍ରୀହି; ଉଗ୍ର+ଗନ୍ଧ+ସ୍ତ୍ରୀ. ଆ)—
Ugragandhā ୧ । ବଚ (ଦେଖ)—1. Bacha (See)
୨ । ଯୁଆଣୀ (ଦେଖ)—2. Juāṇi (See)
୩ । ବଣଯୁଆଣି (ଦେଖ)—3 Baṇa juāṇi (See)
୪ । ହେଙ୍ଗୁ ଦେଖ—4 Heṅgu (See)
୫ । ରସୁଣ—5 Garlic
୬ । ଚମ୍ପା (ଫୁଲ) (ଦେଖ)—6. Champā (flower) (See)

ଉଗ୍ରଚଣ୍ଡା—ସଂ. ବିଣ. (କର୍ମଧା; ଉଗ୍ର=ତୀବ୍ର+ଚଣ୍ଡା=ଅତିକୋପନା)—
Ugrachaṇḍā ୧ । ଅଠର ହସ୍ତବିଶିଷ୍ଟ ଦୁର୍ଗାମୂର୍ତ୍ତିବିଶେଷ—1. The Goddess of wrath; a form of Durgā with 18 hands.
୨ । ଅତି କୋପନସ୍ୱଭାବା (ସ୍ତ୍ରୀ)—2. A passionate lady; a vixen; a shrew

ଉଗ୍ରଚଣ୍ଡୀ—ସଂ. ବି. ସ୍ତ୍ରୀ—ଉଗ୍ରଚଣ୍ଡା (ଦେଖ)
Ugrachaṇḍi Ugrachaṇḍā (See)

ଉଗ୍ରତା—ସଂ. ବି. (ଉଗ୍ର+ଭାବ. ତା)—୧ । ପ୍ରଚଣ୍ଡତା—
Ugratā 1. Violence.
୨ । ପ୍ରଖରତା; ତୀବ୍ରତା—2. Virulence.
୩ । ରାଗ—3. Pungency.
୪ । ଉତ୍କଟତା—5. Fierceness; ferocity.

ଉଗ୍ରତାରା—ସଂ. ବି. ସ୍ତ୍ରୀ [ଉଗ୍ର=ଉତ୍କଟ (ଭୟ)+ତାରା=ଯେ
Ugratārā ତ୍ରାଣ କରନ୍ତି; ଯେ ଉତ୍କଟ ଭୟରୁ ତ୍ରାଣ କରନ୍ତି] ଭଗବତୀଙ୍କର ମୂର୍ତ୍ତିଭେଦ—One of the forms assumed by Goddess "Bhagabatī."

ଉଗ୍ରଧନ୍ୱା—ସଂ. ବି (ବହୁବ୍ରୀହି; ଉଗ୍ର=ଭୟାନକ+ଧନ୍ୱନ୍=ଧନୁ)—
Ugradhanwā ୧ । ଇନ୍ଦ୍ର—1. Indra.
୨ । ଶିବ—2. Śiba.
ସଂ. ବିଣ—ଶତ୍ରୁମାନେ ଯାହାର ଧନୁକୁ ସହି ପାରନ୍ତି ନାହିଁ; ମହାଧନୁଷ୍କ; ପ୍ରଖରଧନୁର୍ଦ୍ଧର—A powerful archer.

ଉଗ୍ରନର୍କ—ଦେ. ବି—ଭୀଷଣ ନରକବିଶେଷ—
Ugranarka A very terrible hell.

> ଉଗ୍ରନର୍କ ମଧ୍ୟେ ନେଇ ତାକୁ ପକାଇବୁ,
> କଦାପି ଉଦ୍ଧାର ତାକଠାରେ ନ ରଖିବୁ । ବସ୍ତୁକେଶରପୁରାଣ ।

ଉଗ୍ରପନ୍ଥୀ—ଦେ. ବିଣ—(ଆଧୁନିକ ପ୍ରୟୋଗ)—ରାଜନୀତିରେ ପ୍ରଚଣ୍ଡନୀତି
Ugrapanthī ଅବଲମ୍ବନକାରୀ (ଦଳ)—Extremist.

ଉଗ୍ରପ୍ରକୃତି—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଉଗ୍ର+ପ୍ରକୃତି)—
Ugraprakṛuti ଯାହାର ସ୍ୱଭାବ କର୍କଶ—Wrathful; stern; of violent temper.

ଉଗ୍ରପ୍ରକୃତିକ—ସଂ. ବିଣ. ପୁଂ. (ବହୁବ୍ରୀହି; ଉଗ୍ର+ପ୍ରକୃତି)—
Ugraprakṛutika ଉଗ୍ରପ୍ରକୃତି (ଦେଖ)
(ଉଗ୍ରପ୍ରକୃତିକା—ସ୍ତ୍ରୀ) Ugraprakṛuti (See)

ଉଗ୍ରବୀର୍ଯ୍ୟ—ସଂ. ବିଣ. ପୁଂ (ବହୁବ୍ରୀହି; ଉଗ୍ର=ତୀବ୍ର+ବୀର୍ଯ୍ୟ=ବଳ)—
Ugrabīrjya ୧ । ବିଶେଷ ବଳଶାଳୀ—
(ଉଗ୍ରବୀର୍ଯ୍ୟା—ସ୍ତ୍ରୀ) 1. Of great strength or mettle.
୨ । ତୀବ୍ର; କଟୁ—2. Very hot.

ଉଗ୍ରବୈଶ୍ୟ—ଦେ. ବି—ଅଗ୍ରି (ଦେଖ)
Ugrabaiśya Āgri (See)

ଉଗ୍ରମୂର୍ତ୍ତି—ସଂ. ବିଣ (ବହୁବ୍ରୀହି; ଉଗ୍ର=ବିକଟ+ମୂର୍ତ୍ତି=ରୂପ)—
Ugramūrtti ୧ । ଯାହାର ସ୍ୱଭାବ ଭୟାନକ—1. Of frightful nature.
୨ । ଯାହାର ମୂର୍ତ୍ତି ଦେଖିଲେ ଭୟ ହୁଏ; ଭୀଷଣମୂର୍ତ୍ତି—2. Fierce in visage; of frightful appearance.

ଉଗ୍ରଶେଖରା—ସଂ. ବି. (ଉଗ୍ର=ଶିବ+ଶେଖର=ଶିରୋଭୂଷଣ)—
Ugraśekharā ଗଙ୍ଗା—The Ganges.

ଉଗ୍ରଶ୍ରବାଃ—ସଂ. ବି. (ନାମ) (ବହୁବ୍ରୀହି; ଉଗ୍ର=ଉତ୍କୃଷ୍ଟ+ଶ୍ରବଃ=
Ugraśrabāḥ କର୍ଣ୍ଣ, ଶ୍ରୁତିଧର; ଉଗ୍ରଶ୍ରବସ୍ ଶବ୍ଦର ୧ମା. ୧ବ)—
୧ । ସୂତପୁତ୍ର; ରୋମହର୍ଷଣ ପୁତ୍ର—1. Son of Romaharshaṇa, the great rhapsodist of the age of the Mahābhārata.
୨ । ଧୃତରାଷ୍ଟ୍ରଙ୍କ ପୁତ୍ରବିଶେଷ—2. A son of Dhṛutarāshṭra (who had 100 sons).
ସଂ. ବିଣ—ତୀକ୍ଷ୍ଣ କର୍ଣ୍ଣବିଶିଷ୍ଟ—Having sharp ears.

ଉଗ୍ରସେଣ—ଗ୍ରା. ବି. (ନାମ)—ଉଗ୍ରସେନ (ଦେଖ)
Ugraseṇa Ugrasena (See)

ଉଗ୍ରସେନ—ସଂ. ବି (ନାମ)+(ବହୁବ୍ରୀହି; ଉଗ୍ର=ପ୍ରଚଣ୍ଡ+ସେନା=
Ugrasena ସୈନ୍ୟ)—୧ । ମଥୁରାର ଜନୈକ ରାଜା; କଂସପିତା—1. The father of Kaṁsa king of Mathurā).
୨ । ଧୃତରାଷ୍ଟ୍ରଙ୍କର ପୁତ୍ର—2. Name of a son of Dhṛutarāshṭra.

ଉଗ୍ରସ୍ୱଭାବ—ସଂ. ବି (କର୍ମଧା)—ପ୍ରଚଣ୍ଡ ବା କଡ଼ା ପ୍ରକୃତି—
Ugraswabhāba Fiery nature.
(ଉଗ୍ରସ୍ୱଭାବା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ପ୍ରଚଣ୍ଡ ସ୍ୱଭାବବିଶିଷ୍ଟ—Of a fiery nature.

ଉଗ୍ରା—ସଂ. ବିଣ. ସ୍ତ୍ରୀ (ଉଗ୍ର+ସ୍ତ୍ରୀ. ଆ)—'ଉଗ୍ର'ର ସ୍ତ୍ରୀଲିଙ୍ଗ—
Ugrā Feminine of Ugra.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଗ | ଜ | ଶ,ଷ | ଙ୍କ | ଇସ୍ତ | ଉଥ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ସ | ଗଁ | ଇଥ | ଓ | ନ |

ସଂ. ବି.—୧ । ଯୁଆଣି—1. Juāṇi ( See )
୨ । ବଚ—2. Bacha ( See )
୩ । ଧନିଆଁ—3. Coriander.
୪ । ଦୁଷ୍ଟା ସ୍ତ୍ରୀ—4. Termagant woman.
୫ । ଯୋଗିନୀ ବିଶେଷ—5. One of the Joginis.

ଉଗ୍ରେସନ—ଦେ. ବି. (ନାମ)—ଉଗ୍ରସେନ ( ଦେଖ )
Ugresana Ugrasena ( See )

ଉଗ୍ରେସର—ବୈଦେ.(ଇଂ).ବି (ଇଂ.ଓଭରସିଅରର ଅଶୁଦ୍ଧ ଉଚ୍ଚାରଣ)—
Ugresara ଓଭରସିଅର—Overseer.
উভরসিঅর
दरोगा

ଉଘା—ଦେ. ବି. ( ସଂ. ଉଗ୍ର )—
Ughā ୧ । ଉଦା—1. File; rasp.
୨ । ( ସଂ. ଉଦ୍ଘାଟନ )—ଅନ୍ୟର ଦୋଷ ଦେଖାଇ ଛଳ କଥା କହିବା; ଉଘାଣ—2. Taunting;
ଦେ. ବିଣ. ପୁଂ—ଯେ ଉଘାଏ—Bantering.

ଉଘାଇବା—ଦେ. କ୍ରି. ( ସଂ. ଉଦ୍ଘାଟନ; ପ୍ରକାଶକରଣ )—
Ughāibā ୧ । ଅନ୍ୟର ଛିଦ୍ର ବା ଦୋଷ ଦେଖାଇ ଗାଳିଦେବା-
उलाहना; उखटना 1. To revile; to slander; to taunt.
୨ । କୃତଜ୍ଞତା ଉପକାରକୁ ଲକ୍ଷ୍ୟ କରି ଛିଗୁଳାଇବା—
2. To banter by alluding to favours received from the speaker.

ଉଘାଉଘି ହେବା—ଦେ.କ୍ରି—ପରସ୍ପର ଛିଦ୍ର କହି ଗାଳି ଦଅଦେଇ ହେବା-
Ughāughi hebā To taunt mutually.

ଉଘାଡ଼—ଦେ. ବି. (ସ. ଉଦ୍ଘାଟ)—ଗୃହ ମଧ୍ୟସ୍ଥ ମଞ୍ଚା ବା ଭାଡ଼—
Ughāṛda A plat-form made of bamboos inside a house.

ଉଘାଣ—ଗ୍ରା. ବି. ( ସ. ଉଦ୍ଘାଟନ )—ଉଘାଇବା; ଛଳକଥା କହିବା —
Ughāṇa Taunting.
उकटा

ଉଘାରି—ପ୍ରାଦେ. ( ଗଡ଼ଜାତ ) ବି—କ୍ଷେତ ଜଗିବା ଲୋକ; କ୍ଷେତର
Ughāri ଜଗୁଆଳ—One who keeps watch over a corn-field.

ଉଘାରିବା—ଦେ. କ୍ରି. (ସ. ଉଦ୍ଘାଟନ)—ଉଦ୍ଘାଟିତ ହେବା —
Ughāribā To burst; to open.

ଉଘେଇ—ଦେ. ବିଣ. ସ୍ତ୍ରୀ. (ସ. ଉଦ୍ଘାଟିକା)—
Ughei ଯେଉଁ ସ୍ତ୍ରୀ ପରକୁ ଉଘାଏ—
Reviling; taunting (female).

ଉଘ୍ରାଇବା—ପ୍ରାଦେ. (କଟକ) କ୍ରି. ( ସ. ଉଦ୍ଘାଟନ )—
Ughrāibā ୧ । ଉଦ୍ଘାଟନ କରିବା—1. To open.
୨ । ଦୁଆର ଫିଟାଇବା—2. To throw open a (door).

ଉଙ୍କାର—ଗ୍ରା. ପଦ୍ୟ. ବି (ସ. ଓଙ୍କାର)—ଓଁକାର—
Uṅkāra The mystic syllable 'Oṁ'.
ପିନାକୀ ଅମୃତରବା ଭଙ୍ଗ ଯେ ଦୋଷର
ଉଙ୍କାର ଇକାର ନାଦେ ବ୍ରହ୍ମାଣ୍ଡହିଁ ପୂର । ପ୍ରାଚୀ, ରହସ୍ୟମଞ୍ଜରୀ ।
ସ. ବି—ହରିବଂଶୋକ୍ତ ବିଷ୍ଣୁଙ୍କର ଜନୈକ ସଙ୍ଗୀ—
Name of a companion of Bishṇu.

ଉଙ୍କାରିବା—ଦେ. କ୍ରି (ସ.ଓଁକାର;ଓଁକାରଦ୍ୱାରା ମନ୍ତ୍ରର ଆରମ୍ଭ)—
Uṅkāribā ୧ । (କଥା) ଆରମ୍ଭ କରିବା—1. To start a thing for discussion.
୨ । କୌଣସି କଥାର ପ୍ରାଥମିକ ସୂଚନା କରିବା —
2. To make a hint.
୩ । କଥା କହିବାକୁ ଆରମ୍ଭ କରିବା—
3 To begin to speak.

ଉଙ୍କି—ପ୍ରାଦେ. ବି (ବଙ୍ଗଳା "ଉଁକି"ରୁ ଅନୁକୃତ)—ଗୋପନ ଦୃଷ୍ଟି—
Uṅki Peeping; prying.

ଉଙ୍କିବା—ପ୍ରାଦେ. ( ବାଲେଶ୍ୱର ) କ୍ରି—
Uṅkibā ୧ । ଲୁଚିଲୁଚି ଦେଖିବା—2. To peep; to have a peep into; to pry into.
୨ । ଉକୁଟିବା ( ଦେଖ )
2. Ukuṭibā ( See )

ଉଙ୍କିମାରିବା—ପ୍ରାଦେ. କ୍ରି. (ବଙ୍ଗଳାରୁ ଅନୁକୃତ)—
Uṅkimāribā ଉଙ୍କିବା ୧ ( ଦେଖ )
উঙ্কিমারা Uṅkibā. 1 ( See )
झाँकना

ଉଙ୍କିଯିବା—ପ୍ରାଦେ. (ବାଲେଶ୍ୱର) କ୍ରି—ଉକୁଟିବା ( ଦେଖ )
Uṅkijibā Ukuṭibā ( See )

ଉଙ୍କେଇବା—ପ୍ରାଦେ. (ବାଲେଶ୍ୱର) କ୍ରି—ଉଙ୍କିବା ୨ ( ଦେଖ )
Uṅkeibā Uṅkibā 2 ( See )

ଉଙ୍ଖୁଣୀ—ଦେ. ବି—ଉଖୁଣୀ ( ଦେଖ )
Uṅkhuṇī Ukhuṇī ( See )

ଉଙ୍ଗାଇବା—ପ୍ରାଦେ. (କଟକସଦର) କ୍ରି—ଢୁଲାଇବା; ଘୁମାଇବା—
Uṅgāibā To doze; to nod; to be drowsy.
उँघना

ଉଙ୍ଗେଇବା—ପ୍ରାଦେ. (କଟକସଦର) କ୍ରି—ଉଙ୍ଗାଇବା ( ଦେଖ )
Uṅgeibā Uṅgāibā ( See )

ଉଚ୍‌କାଇବା—ପ୍ରାଦେ. (ମେଦିନୀପୁର ଓ ସମ୍ବଲପୁର) କ୍ରି—
Uchkāibā ଉକୁଚାଇବା ( ଦେଖ )
Ukuchāibā ( See )

ଉଚ୍‌କାଫାନ୍ଦ—ପ୍ରାଦେ. (ସମ୍ବଲପୁର) ବି—ଗଳାରେ ଫାଶି ଲଗାଇବା—
Uchkāphand Hanging by the neck.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଂଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲବଡ଼' ଦେଖିବେ

ଉଚ୍‌କିବା—ପ୍ରାଦେ. ( ମେଦିନୀପୁର ଓ ସମ୍ବଲପୁର ) କ୍ରି—
Uchkibā ୧ । ଉକୁଚିବା ( ଦେଖ )
1. Ukuchibā ( See )
୨ । ଫାଶିରେ ଝୁଲିବା—2. To hang by the neck.

ଉଚ୍‌କିହେବା—ପ୍ରାଦେ. (ସମ୍ବଲପୁର) କ୍ରି—ନିଜ ବେକରେ ନିଜେ ଦଉଡ଼ି
Uchkihebā ଲଗାଇ ମରିବା—To commit suicide by hanging by the neck.

ଉଚ୍‌କେଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉଚ୍‌କାଇବା ( ଦେଖ )
Uchkeibā Uchkāibā ( See )

ଉଚ୍‌ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉଚୁଲାଇବା ( ଦେଖ )
Uchlāibā Uchulāibā ( See )

ଉଚ—ଗ୍ରା. ବିଣ—ଉଚ୍ଚ ( ଦେଖ )
Ucha Uchcha ( See )
ऊँचा
ਉੱਚਾ

ଉଚପାଚ—ଗ୍ରା. ବି—ଉଚ୍ଚବାଚ ( ଦେଖ )
Uchapācha Uchchabācha ( See )

ଉଚବାଚ—ଗ୍ରା. ବି. ( ଉଚ୍ଚ+ବାଚ୍ୟ )—୧ । ଅନ୍ୟୋନ୍ୟରେ ବଡ଼
Uchabācha ପାଟି କରି ଉତ୍ତର-ପ୍ରତ୍ୟୁତ୍ତର ଓ ଗୋଳମାଳ
উচ্চবাচ্য କରିବା—1. A great noise.
୨ । ଅନ୍ୟୋନ୍ୟରେ କଳହ ବା ବୋଲ୍‌ବୋଲି—
2 Quarrel with one another.
୩ । ଅବାଧ କଥାଭାଷା—
3. Impertinent speech.

ଉଚବାଚ କରିବା—ଗ୍ରା. କ୍ରି—୧ । ଅନ୍ୟୋନ୍ୟରେ ଉକ୍ତିପ୍ରତ୍ୟୁକ୍ତିପୂର୍ବକ
Uchabācha karibā ଗୋଳମାଳ କରିବା—
1. To produce a noise.
୨ । ଅନ୍ୟୋନ୍ୟରେ କଳହ କରିବା—
2. To quarrel with one another.
୩ । ଅବାଧଭାବରେ କଥାଭାଷା କରିବା—
3. To speak impertinently.

ଉଚବାଚ ହେବା—ଗ୍ରା. କ୍ରି—ଉଚବାଚ କରିବା ( ଦେଖ )
Uchabācha hebā Uchabācha karibā ( See )

ଉଚଲ—ପ୍ରାଦେ ( ଗଞ୍ଜାମ ) ବି—ଉଚ୍ଚଳ ( ଦେଖ )
Uchala Uchchala ( See )

ଉଚା—ଗ୍ରା. ବିଣ—ଉଚ୍ଚା ( ଦେଖ )
Uchā Uchchā ( See )

ଉଚାଟ ( ଇତ୍ୟାଦି )—ଗ୍ରା. ବି—ଉଚ୍ଚାଟ ଇତ୍ୟାଦି ( ଦେଖ )
Uchāṭa ( etc ) Uchchāṭa etc ( See )

ଉଚାରିବା—ଗ୍ରା. କ୍ରି—ଉଚ୍ଚାରିବା ( ଦେଖ )
Uchāribā Uchchāribā ( See )
উচারা ରାମ ସଙ୍ଗେ ଯେତେ ଅନର୍ଥ କରିଛି ଯନ୍ତ୍ର,
ଥାଉ ମାରିବା, ସେ କଥାର ନ ପାରନ୍ତି—କୃଷ୍ଣସିଂହ, ମହାଭାରତ, ଶଲ୍ୟ ।

ଉଚିତ—ସଂ. ବିଣ. ( ବଚ୍ ଧାତୁ=କହିବା+କର୍ମ. ଇତ; ଅଥବା ଉଚ୍ ଧାତୁ=କହିବା+କର୍ମ. ତ )—
Uchita
୧ । ନ୍ୟାଯ୍ୟ; ଯଥାର୍ଥ; ଯୁକ୍ତିସିଦ୍ଧ—
1. Just; reasonable; right; correct.
୨ । ଯୋଗ୍ୟ; ଉପଯୁକ୍ତ—
2. Befitting; proper; fit; becoming; suitable.
୩ । କର୍ତ୍ତବ୍ୟ—3 Fit to be performed.
୪ । ପରିଚିତ; ଅଭ୍ୟସ୍ତ—4. Usual; habitual.

ଉଚିତବକ୍ତା—ସଂ. ବିଣ. [ ଉଚିତ=ପ୍ରକୃତ ( କଥା )+ବକ୍ତା ]—
Uchitabaktā ସତ କଥା କହିବା ( ବ୍ୟକ୍ତି )—
Out spoken.

ଉଚିତରେ—ଦେ. କ୍ରି. ବିଣ—ପରି; ସଦୃଶ—Like.
Uchitare ବଜ୍ର ସ୍ଥଳେ ସେ ବଲେ, ବଜ୍ରକର କ୍ଷଣ ଭୂତ ଉଚିତରେ—
ଉପେନ୍ଦ୍ରଭଞ୍ଜ. କଳାକୌତୁକ. ୦ ଗୀତ ।

ଉଚିତେ—ଦେ. କ୍ରି. ବିଣ—ପ୍ରକୃତରେ—
Uchite Indeed; really.
ତୁ ଯାହା ପଚାରିଲୁ ମୋତେ, ମିଥ୍ୟା ନୁହଇ ଏ ଉଚିତେ ।
ଜଗନ୍ନାଥ. ଭାଗବତ, ୪ର୍ଥ ।

ଉଚିପୁଚି ଖେଳ—ଦେ. ବି—ଓଡ଼ିଶାରେ ରଜସଂକ୍ରାନ୍ତି ସମୟରେ ଯୁବତୀମାନେ
Uchipuchi khel̲a ଦଳବଦ୍ଧଭାବରେ ଠେଙ୍ଗର ହୋଇ ବସି ମୁହଁରେ ଗୀତ ବୋଲୁ ବୋଲୁ ଏକ ସ୍ଥାନରୁ ଅନ୍ୟସ୍ଥାନକୁ ଘୁଞ୍ଚିବାର ଏକପ୍ରକାର ଖେଳ; ପୁଚି ଖେଳ—
A kind of play by a company of young ladies during Raja saṁkrānti festival ( June and July ) consisting of singing songs and moving from one place to another or towards each other sitting on the legs.

ଉଚିପୁଚି ହେବା—ଦେ. କ୍ରି. ( କଥାରେ )—ଇତସ୍ତତଃ କହିବା—
Uchipuchi hebā To prevaricate.

ଉଚୁପାଟି—ଗ୍ରା. ବି—ଉଚ୍ଚୈଃସ୍ୱର—
Uchupāṭi Loud sound.

ଉଚୁପାଟିଆ—ଗ୍ରା. ବିଣ—ଯେ ଏତେ ବଡ଼ ପାଟି କରି କଥା କହେ—
Uchupāṭiā Talking loudly.
( ଉଚୁପାଟେଈ—ସ୍ତ୍ରୀ )

ଉଚୁଲାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଗଛର ଛେଲି ବା ଡାଳ
Uchulāibā ଅଧିକ ଟାଣି କରି ଛିଣ୍ଡାଇ ଦେବା—
To tear off the bark or branches of a tree.

ଉଚେଇବା—ଗ୍ରା. କ୍ରି—ଉଞ୍ଚେଇବା ( ଦେଖ )
Ucheibā Uñcheibā ( See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଉଦ୍ଧ | ଙ୍ଖ | ଛ |
| ୨ | ଈ | ଊ | ରୁ | ଲୁ | ଏ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ହ୍ନ |

ଉଚ୍ଚ—ସଂ. ବଣ. ( ଉତ୍=ଊର୍ଦ୍ଧ୍ୱ+ଚି ଧାତୁ=ତୋଳିବା +କର୍ମ. ଅ )—୧ । ଉନ୍ନତ; ବଡ଼—
Uchcha
( ମାତ—ବିପରୀତ ) 1. High; lofty; elevated.
( ଉଚ୍ଚତା—ବି ) ୨ । ଡେଙ୍ଗା—2. Tall.
୩ । ଉଦାର—
3. Magnanimous; liberal minded.
୪ । ଉଚ୍ଚୈଃସ୍ୱରଯୁକ୍ତ—
4. Loud; high-sounding ( M. W. )
୫ । ଉତ୍କୃଷ୍ଟ—5. Excellent.
ଦେ. ବି— ଉଚ୍ଚସ୍ଥାନ—High place; lofty place.
ଦେ. ବଣ—ଶ୍ରେଷ୍ଠ; ପ୍ରଧାନ—Excellent.
ଏହା ପାଇଁ ହେଲେ ସେ ବୀରଙ୍କରେ ଉଚ୍ଚ—କୃଷ୍ଣସିଂହ. ମହାଭାରତ. ବନ ।

ଉଚ୍ଚଇଶ୍ରବା—ଗ୍ରା. ପଦ୍ୟ. ବି—ଉଚ୍ଚୈଃଶ୍ରବା ( ଦେଖ )
Uchchaiśrabā Uchchaiḥśrabā ( See )
ଅଶ୍ୱଙ୍କ ମଧ୍ୟରେ ଉତ୍ତମ. ଉଚ୍ଚଇଶ୍ରବା ମୋର ନାମ ।
ଜଗନ୍ନାଥ. ଭାଗବତ. ୧୧ଶ ।

ଉଚ୍ଚକୁଳ—ସଂ. ବି. (ଉଚ୍ଚ+କୁଳ)—ଉଚ୍ଚବଂଶ; ସମ୍ଭ୍ରାନ୍ତବଂଶ—
Uchchakula High family.

ଉଚ୍ଚଜାତି—ସଂ. ବି. (ଉଚ୍ଚ+ଜାତି)—ଉତ୍କୃଷ୍ଟ ଜାତି—
Uchchajāti High caste.

ଉଚ୍ଚଟା—ସଂ. ବି. ( ଉତ୍=ଅତିଶୟ+ଚଟ୍ ଧାତୁ=ବଧ କରିବା; ଭେଦ କରିବା+ଅ+ସ୍ତ୍ରୀ. ଆ)—
Uchchaṭā
୧ । ଗୁଞ୍ଜା (ଦେଖ)
1. Guñjā (See)
୨ । ନାଗରମୁଥା (ଦେଖ)
2. Nāgaramuthā (See)
୩ । କର୍ବିଶୀ ତୃଣ—3. A kind of grass.
୪ । ଭୂମ୍ୟାମଳକୀ—4. Phyllanthus Nirure.
୫ । ରସୁଣ—5. Garlic.
୬ । ଅମ୍ଳିକାପତ୍ର—6. A kind of acid pot-herb.

ଉଚ୍ଚଣ୍ଡ—ସଂ. ବଣ (ଉତ୍=ଅତିଶୟ+ଚଣ୍ଡ୍ ଧାତୁ=ରାଗ କରିବା+କର୍ତ୍ତୃ ଅ )—୧ । ପ୍ରଚଣ୍ଡ; ଭୟାନକ; ଅତି-
Uchchaṇḍa
କୋପନ—1. Furious with rage; raging; ferocious; excited to fury; foaming with rage.
(ଉଚ୍ଚଣ୍ଡତା—ବି) ୨ । ତ୍ୱରାନ୍ୱିତ; ଅବଲମ୍ବିତ; ତୂର୍ଣ୍ଣ—
2. Quick; hasty.
୩ । ଯେ ଅଡ଼େ—3. Restive.

ଉଚ୍ଚତା—ସଂ. ବି. (ଉଚ୍ଚ=ଉନ୍ନତ+ଭାବ. ତା)—୧ । ଡେଙ୍ଗା—
Uchchatā 1. Height; elevation.
(ନୀଚତା—ବିପରୀତ) ୨ । ଉଚ୍ଚପଣିଆ; ଉଚ୍ଚଭାବ—
2 Loftiness; fullness.

୩ । ଉଦାରତା—3. Liberality; magnanimity.

ଉଚ୍ଚନୀଚ—ଦେ. ବଣ. ( ବିପରୀତାର୍ଥକ ସମାସ )—୧ । ବଡ଼ ଓ ସାନ
Uchchanīcha ଉନ୍ନତାବନତ—1. High and low.
ऊँचा नीचा, ऊँचक नीचक ୨ । ଅସମତଳ; ବନ୍ଧୁର—
ऊँचो नीचो 2. Uneven; undulating.

ଉଚ୍ଚନ୍ଦ୍ର—ସଂ. ବି. (ଉତ୍+ଚନ୍ଦ୍ର)—ରାତ୍ରିଶେଷ—
Uchchandra The end of the night.

ଉଚ୍ଚପତନ—ସଂ. ବି. (୫ମୀ ତତ୍; ଉଚ୍ଚ+ପତନ)—ଉଚ୍ଚ ସ୍ଥାନରୁ ପଡ଼ି-
Uchchapatana ଯିବା—Falling down from a height; a fall.

ଉଚ୍ଚପଦ—ସଂ. ବି (ଉଚ୍ଚ=ଉନ୍ନତ+ପଦ=ସ୍ଥାନ)—୧ । ବଡ଼ପାହ୍ୟା
Uchchapada ବା ଅଧିକାର—1. High office or authority.
୨ । ଉନ୍ନତସ୍ଥାନ ବା ପଦବୀ—2. Exalted position.

ଉଚ୍ଚପାଟି—ଦେ. ବି.—ଉଚୁପାଟି (ଦେଖ)
Uchchapāṭi Uchupāṭi (See)

ଉଚ୍ଚପାଟିଆ—ଦେ. ବଣ. ପୁଂ.—ଉଚୁପାଟିଆ (ଦେଖ)
Uchchapāṭiā Uchupāṭiā (See)
(ଉଚ୍ଚପାଟେଇ—ସ୍ତ୍ରୀ)

ଉଚ୍ଚବଂଶ—ସଂ. ବି—୧ । ଭଦ୍ରବଂଶ—1. High family
Uchchabaṁśa ୨ । ମର୍ଯ୍ୟାଦାଯୁକ୍ତ ବଂଶ—
2. Respectable family.

ଉଚ୍ଚବଚ—ଦେ. ବି.—ଉଚ୍ଚସ୍ୱରଯୁକ୍ତ ଭାଷଣ—
Uchchabacha Speaking in a loud tone.

ଉଚ୍ଚବର୍ଣ୍ଣ ସଙ୍କେତ—ଦେ. ବି. ( ଇଂ. ରୁ ଅନୁବାଦ )—ଲୁଇ ବ୍ରେଲଙ୍କ
Uchchabarṇṇa saṅketa ଅବିଷ୍କୃତ ଅନ୍ଧମାନଙ୍କର ଅକ୍ଷର-
ଶିକ୍ଷା ପ୍ରଣାଳୀ—System of teaching blind men to decipher a writing by feeling the raised points.
[ ଦ୍ର—ଉଚ୍ଚ ଅକ୍ଷରଗୁଡ଼ିକ ଉପରେ ଅଙ୍ଗୁଠି ବୁଲାଇ ଶିକ୍ଷାର୍ଥୀ ଅକ୍ଷର ଚିହ୍ନି ପାରେ । ଏହାର ଇଂରାଜୀ ନାମ 'Braille system; ଆଜିକାଲି ପୃଥିବୀରେ ସର୍ବତ୍ର ଏହି ରୀତି ଚଳି ଅଛି । ଲୁଇସ୍‌ ବ୍ରେଲ ନାମକ ଜଣେ ଫରାସିଙ୍କ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଶେଷ-ଭାଗରେ ଏହା ପ୍ରଥମେ ଇଉରୋପରେ ପ୍ରବର୍ତ୍ତିତ ହୋଇଥିଲା ।]

ଉଚ୍ଚବାଚ—ଦେ. ବି.—ଉଚବାଚ (ଦେଖ)
Uchchabācha Uchabācha (See)
ଦେ. ବଣ—ଉଚ୍ଚସ୍ୱରଯୁକ୍ତ—Of high sound.
ନାନା ଉଚ୍ଚବାଚ ମନ୍ତ୍ରକୁ ସେ ପଢ଼ିଲେ । କୃଷ୍ଣସିଂହ. ମହାଭାରତ. ଆଦି ।

ଉଚ୍ଚବାଚ କରିବା—ଦେ. କ୍ରି—ଉଚବାଚ କରିବା (ଦେଖ)
Uchchabācha kariba Uchabācha kariba (See)

ସାଧାରଣ ଲୋକେ ଅକ୍ଷର ସ୍ଥାନରେ ଯୁକ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା ;— 'ଖାଇ' ନ ମିଳିଲେ 'ଖାଇ' ଖୋଜିବେ 'କୃଷ' ନ ମିଳିଲେ 'କୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଉଚ୍ଚବାଚ ହେବା—ଦେ. କ୍ରି—ଉଚବାଚ ହେବା (ଦେଖ)
**Uchchabācha hebā** Uchabācha hebā (See)
ଏମନ୍ତେ ଉଚବାଚ ହୋଇ, ମିଳିଲେ ମୋର ଘରେ ଯାଇ ।
ଜଗନ୍ନାଥ. ଭାଗବତ. ୧୦. ଦ୍ୱାରକା

ଉଚ୍ଚବାଚ୍ୟ (ଇତ୍ୟାଦି)—ଦେ. ବି.—ଉଚବାଚ ଇତ୍ୟାଦି (ଦେଖ)
Uchchabāchya etc. Uchabācha etc See)

ଉଚ୍ଚଭାବ—ସଂ. ବି.— ୧ । ଉନ୍ନତସ୍ୱଭାବ—1. Magnanimity.
Uchhabhāba ୨ । ଉନ୍ନତମନୋବୃତ୍ତି—
2. Lofty idea; high temperament.

ଉଚ୍ଚଭାଷ—ଦେ. ବି.—ଉଚ୍ଚଭାଷଣ (ଦେଖ)
Uchchabhāsha Uchchabhāshaṇa (See)
ବହମବାଣେ ତ୍ରାସ ବଂଶଜନଙ୍କ ନିଃଶ୍ୱାସ ଭେକ ବୋଲନ୍ତି ଉଚ୍ଚଭାଷ—
ଉପେ. ବୈଦେହୀଶବିଳାସ ।

ଉଚ୍ଚଭାଷଣ—ସଂ. ବି. ( ଉଚ୍ଚ=ବଡ଼+ଭାଷଣ=କହିବା )—
Uchchabhāshaṇa ୧ । ବଡ଼ ପାଟି କରି କଥା କହିବା—
1. Loud talk.
୨ । ବଡ଼ ବଡ଼ ହେବା—2. Making a noise.
୩ । ଅମର୍ଯ୍ୟାଦାସୂଚକ କଥାବାର୍ତ୍ତା—
3. Impertinate talk.

ଉଚ୍ଚଭାଷୀ—ସଂ. ବିଣ. ପୁଂ. (ଉଚ୍ଚ+ଭାଷ୍ ଧାତୁ=କହିବା+କର୍ତ୍ତୃ.
Uchchabhāshi ଇନ୍. ୧ମା. ୧ବ. )—
(ଉଚ୍ଚଭାଷିଣୀ—ସ୍ତ୍ରୀ) ୧ । ଯେ ବଡ଼ ପାଟି କରି କଥା କହେ—
1. Speaking in a loud voice.
୨ । ଯେ ବେଜାୟ କଥାଭାଷା କରେ—
2. Speaking impertinently.

ଉଚ୍ଚମନା—ଦେ. ବି—ଉଚ୍ଚମନାଃ ( ଦେଖ )
Uchchamanā Uchchamanāḥ ( See )

ଉଚ୍ଚମନାଃ—ସଂ. ବିଣ. ( ବହୁବ୍ରୀହି; ଉଚ୍ଚ=ଉନ୍ନତ+ମନସ୍ )—
Uchchamanāḥ ୧ । ଉନ୍ନତସ୍ୱଭାବଯୁକ୍ତ—
(ମାଡମନାଃ—ବିପରୀତ) 1. Magnanimous.
୨ । ଉଦାରଭାବାପନ୍ନ—2. Liberal minded.

ଉଚ୍ଚୟ—ସଂ. ବି. ( ଉତ୍=ଅଧିକ+ଚି ଧାତୁ=ଚୟନ କରିବା;
Uchchaya ତୋଳିବା+ଭାବ. ଅ )—୧ । ଚୟନ—
1. Plucking; gathering
୨ । ପରିଧାନ —2. Wearing.
୩ । ( +କର୍ମ. ଅ )—ପୁଞ୍ଜ; ରାଶି; ଗଦା—
3. Heap; collection.
୪ । ପିନ୍ଧା ଲୁଗାର ଗଣ୍ଠି; ନୀବି; ଖୋସଣୀ; କଣ୍ଟମୂଠୀ—
4. The knot of the cloth worn by which it remains attached to the wearer's body.

ଉଚ୍ଚରଣ—ସଂ. ବି. ( ଉତ୍+ଚରଣ )—ଉଚ୍ଚୈଃକୀର୍ତ୍ତନ—
Uchcharaṇa Reciting loudly.

ଉଚ୍ଚରିତ—ସଂ. ବିଣ. ( ଉତ୍+ଚର ଧାତୁ=କହିବା+କର୍ମ. ତ )—
Uchcharita ୧ । ଉଚ୍ଚାରିତ; କଥିତ; କୀର୍ତ୍ତିତ—
1. Uttered; pronounced; spoken; said.
୨ । ଉଲ୍ଲିଖିତ—2. Aforesaid.
୩ । ନିର୍ଦ୍ଦିଷ୍ଟ—3. Ascertained.

ଉଚ୍ଚରିବା—ଦେ. ପଦ୍ୟ. କ୍ରି. ( ସଂ. ଉତ୍+ଚର ଧାତୁ )—
Uchchariba ଉଚ୍ଚାରିତ ହେବା—
To be uttered or spoken.
ଯେଉଁଠାରେ ବଚନ ଉଚ୍ଚରିଲ ପଣ ।
ସେହିକ୍ଷଣି ସେ ସାପ କଲା ତାଙ୍କୁ ଦଂଶ । କୃଷ୍ଣସିଂହ. ମହାଭାରତ, ବନ ।

ଉଚ୍ଚଲ—ପ୍ରାଦେ. ( ଗଞ୍ଜାମ ) ବି—ଗଞ୍ଜପା ଖେଳରେ ବିପକ୍ଷ ଖେଳାଳି
Uchchala ହାତରେ ରଜା ଓ ମନ୍ତ୍ରୀ ରହିଥିବା ସମୟରେ ଦଣ୍ଡ ଓ ଏକାଦ୍ୱାରା ଖେଳ ଚଳାଇବା ବା ଖେଳିବା—
A position of a player in gañjapā game when the adversary has the king and minister cards.

ଉଚ୍ଚଳିତ—ସଂ. ବିଣ. ( ଉତ୍+ଚଲ୍=ଗମନ କରିବା+କର୍ତ୍ତୃ. ତ )—
Uchchalita ୧ । ନିର୍ଗତ—1. Gone out.
୨ । ପ୍ରସ୍ଥିତ—2. Gone away.

ଉଚ୍ଚଲୁଣିଆଁ—ଦେ. ବିଣ—ବେଶି ଲୁଣ ପକାଇଦେବା ଦ୍ୱାରା ଝିକା
Uchchaluṇiān ଅଧିକ ଲୁଣି ହୋଇଥିବା—Oversalted.

ଉଚ୍ଚା—ଦେ. ବିଣ—୧ । ଉଚ୍ଚ—1. High; lofty.
Uchchā ୨ । ଡେଙ୍ଗା—2. Tall.
ऊँचा; ऊँचू ଦେ. ବି—ଉଚ୍ଚତା—Height.
उँचा

ଉଚ୍ଚାଇବା—ଦେ. କ୍ରି—ଉଞ୍ଚାଇବା ( ଦେଖ )
Uchchāiba Uñchāiba ( See )

ଉଚ୍ଚାକ୍ଷର ସଙ୍କେତ—ଦେ. ବି—ଉଚ୍ଚବର୍ଣ୍ଣ ସଙ୍କେତ ( ଦେଖ )
Uchchākshara saṁketa Uchchabarṇṇa saṅketa ( See )

ଉଚାଟ—ସଂ. ବି. ( ଉତ୍=ଉପର+ଚଟ ଧାତୁ=ଭେଦ କରିବା+
Uchchāṭa ଭାବ.ଅ;ଅଥବା ଉଚ୍ଚ+ଅଟ ଧାତୁ=ଯିବା+ଭାବ.ଅ)—
୧ । ମାନସିକ ଚଞ୍ଚଳତା; ମାନସିକ ଅସ୍ଥିରତା—
1. Restlessness of mind.
୨ । ବୈମନସ୍ୟ—2. Disquietude.
୩ । ଉଦ୍‌ବେଗ; ଉତ୍କଣ୍ଠା—3. Anxiety.
ବିଣ—କ୍ଷିପ୍ତପ୍ରାୟ—Distracted; having lost one's mental balance.
କ ମନ୍ଦେ କରଇ ମନ ଉଚାଟ । କବିସୂର୍ଯ୍ୟ. କବିତା ।
୨ । ବାତୁଳପ୍ରାୟ; ବାଇଆ—2. Half mad
ଦୁର୍ବୁଦ୍ଧି ପଣରେ ମୁଁ ହୋଇଛି ଉଚାଟ । କୃଷ୍ଣସିଂହ. ମହାଭାରତ. ବନ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଛ | ଇସ୍ତ | ଉଅ | ଲ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଗ | ଇଅ | ଓ | ଳ |

୩ । ଉତ୍ତେଜନା ପୂର୍ଣ୍ଣ—3. Exciting

ମରମ ଉଚ୍ଚାଟ ବଚନ, ଶୁଣି ହୋଇଲ ଦୁଃଖଜ୍ଞାନ ।

ଜଗନ୍ନାଥ, ଭଗବତ ।

୪ । ଉତ୍ତେଜିତ—5. Instigated

କଂସକୁ କରଇ ଉଚ୍ଚାଟ, ନାରଦ ଗଲେ ଶୂନ୍ୟ ବାଟ ।

ଜଗନ୍ନାଥ, ଭଗବତ ।

୫ । ଉନ୍ମତ୍ତ—5. Maddened.

ଉଚ୍ଚାଟ କରିବା—ଦେ. କ୍ରି—ଉଚ୍ଚାଟନ କରିବା ( ଦେଖ )
Uchchāṭa karibā Uchchāṭana karibā ( See )

ଉଚ୍ଚାଟନ—ସଂ. ବି. (ଉତ୍ + ଅଟନ = ଗମନ ଅଥବା ଉତ୍ = ଉପସର୍ଗ + ଚଟ ଧାତୁ; ଣିଜନ୍ତ ଚଟ ଧାତୁ = ଭେଦ କରିବା + ଭାବ. ଅନ )—
Uchchāṭana

୧ । ବୈମନସ୍ୟ; ମାନସିକ ଦୁଃଖ—1. Disquietude; mental sorrow; sadness.

୨ । ଉଦ୍ବେଗ; ଉତ୍କଣ୍ଠା—2. Anxiety; agitation; perturbance.

୩ । ମନର ବ୍ୟାକୁଳତା—3 Mental disturbance.

୪ । ମନର ବାଉଳା ବା ବାତୁଳତା—
4. Mental abberation; madness.

୫ । ଅନ୍ୟ ବ୍ୟକ୍ତିର ମନରେ ବ୍ୟାକୁଳତା ଜନ୍ମାଇବା ଉଦ୍ଦେଶ୍ୟରେ ତନ୍ତ୍ରୋକ୍ତ ଅନୁଷ୍ଠାନ ବା ପ୍ରୟୋଗବିଶେଷ; ଏକ ପ୍ରକାର ଅଭିଚାର କର୍ମ—
5. A secret rite or charm performed according to the 'Tantras' for producing mental disturbance or madness in another person.

୬ । ଅନ୍ୟ ବ୍ୟକ୍ତିର ମନକୁ ବାଉଳା କରାଇବା—
6. The causing of mental disturbance in another person.

ଉଚ୍ଚାଟନ କରିବା—ଦେ. କ୍ରି (ସଂ. ଉଚ୍ଚାଟନ)—୧ । ବାତୁଳ କରିବା—
Uchchāṭana karibā 1. To madden.

୨ । ମନକୁ ଚଞ୍ଚଳ ବା ବ୍ୟାକୁଳ କରିବା—2. To cause madness or distraction to; goad a person to fury or rage.

ଉଚ୍ଚାଟପାଣି—ଦେ. ବି.—କୌଣସି ବ୍ୟକ୍ତିର ମନରେ ଚଞ୍ଚଳତା ବା ବାତୁଳତା ଆଣିବା ଉଦ୍ଦେଶ୍ୟରେ ଅଭିମନ୍ତ୍ରିତ ହେବା ଜଳ—
Uchchāṭapāṇi

ଅନ୍ୟ ସେ ଗୋପ ତରୁଣୀ; ଏବେ ସବୁ କଲ ତାଙ୍କ ଉଚ୍ଚାଟପାଣି ।

ପ୍ରାଚୀ, ରହସ୍ୟମଞ୍ଜରୀ ।

ଉଚ୍ଚାଟ ପେଷଣ—ଦେ. ବି. ( ଉଚ୍ଚାଟ + ପେଷଣ )—ଉଚ୍ଚାଟନାର୍ଥ ମନ୍ତ୍ର ଯନ୍ତ୍ର ପ୍ରୟୋଗ—The applica-
Uchchāṭa peshaṇa
tion of 'mantras' or charms to excite, irritated, or maden another person.

ଉଚ୍ଚାଟପେଷିବା—ଦେ. କ୍ରି—ଉଚ୍ଚାଟନାର୍ଥ ମନ୍ତ୍ରଯନ୍ତ୍ର ପ୍ରୟୋଗକରିବା—
Uchchāṭa peshibā To apply mantras or charms in order to excite, irritate, or madden another person

ଉଚ୍ଚାଟପ୍ରୟୋଗ କରିବା—ଦେ. କ୍ରି—ଉଚ୍ଚାଟ ପେଷିବା (ଦେଖ)
Uchchāṭa prayogakaribā Uchchāṭā peshibā (See)

ଉଚ୍ଚାଟବାୟା—ଦେ. ବି. ( ସଂ. ଉଚ୍ଚାଟ + ବାୟା = ବାତୁଳ )—
Uchchāṭabāyā ଅନ୍ୟ ବ୍ୟକ୍ତିର ମନ୍ତ୍ରଯନ୍ତ୍ର ବା ଗୁଣିଗାରେଡ଼ି ଦ୍ୱାରା ବାତୁଳ ପ୍ରାପ୍ତ ହୋଇଥିବା—
Reduced to distraction or madness by another person employing charms.

ଉଚ୍ଚାଟ ଲଗାଇବା—ଦେ. କ୍ରି—ଉଚ୍ଚାଟ ପେଷିବା ( ଦେଖ )
Uchchāṭa lagāibā Uchchāṭa peshibā ( See )

ଉଚ୍ଚାନୀଚ—ଦେ. ବିଣ—ଉଚ୍ଚନୀଚ ( ଦେଖ )
Uchchānichā Uchchanicha ( See )
ऊँचानीचा
उत्कनाटक

ଉଚ୍ଚାବଚ—ସଂ. ବିଣ. ( ଉଦକ୍ = ଉନ୍ନତ + ଅବାକ୍ = ଅବନତ; ନିପାତନ ସିଦ୍ଧ )—
Uchchābacha

୧ । ନିମ୍ନୋନ୍ନତ; ଉଚ୍ଚନୀଚ—1. Uneven.

୨ । ଅସମତଳ; ବନ୍ଧୁର—2. Undulating; rough.

ଗୁଡ଼ା ଉଚ୍ଚାବଚ ତାଳ ବୋଲନ୍ତି ଚରିମେ । ଜଗନ୍ନାଥ, ମହାଭାରତ ।

୩ । ଅଶେଷ; ବିବିଧ; ନାନାପ୍ରକାରର—
3. Various ( including every thing high and low).

ଉଚ୍ଚାୟ—ସଂ. ବିଣ—ଉଚ୍ଚୟ ( ଦେଖ )—
Uchchāya Uchchaya ( See )

ଉଚ୍ଚାର—ସଂ. ବି. (ଉତ୍ + ଚର ଧାତୁ = ତ୍ୟାଗ କରିବା + କର୍ମ. ଅ)—
Uchchāra ୧ । ମଳ; ବିଷ୍ଠା; ଗୁହ—1. Excreta; nightsoil; dung; ordure; fœces.

୨ । ଉଚ୍ଚାରଣ—2. Utterance; pronunciation.

ଏମନ୍ତ ବଚନ ମନର, ନଗମ କଲ ସେ ଉଚ୍ଚାର ।

ଭୂପତି—ପ୍ରେମପଞ୍ଚାମୃତ ।

ଦେ. ବିଣ—୧ । କଥିତ—1 Spoken.

ଶ୍ରୀରଙ୍ଗ ନର୍ତ୍ତନ କରନ୍ତ, ହୋଇଛି ଏସରେ ଉଚ୍ଚାର—

ପ୍ରାଚୀ—ପୂର୍ଣ୍ଣଚନ୍ଦ୍ରୋଦୟ ।

୨ । ବର୍ଣ୍ଣିତ—2. Related

୩ । ଉଚ୍ଚାରିତ—3. Uttered; pronounced

ଉଚ୍ଚାରଣ—ସଂ. ବି. ( ଉତ୍—ଚର ଧାତୁ; ଣିଜନ୍ତ ଚର ଧାତୁ = ତ୍ୟାଗ କରିବା + ଭାବ. ଅନ )—
Uchchāraṇa

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଡ଼' ନ ମିଳିଲେ 'ଗଢ଼' ଖୋଜିବେ; 'କୃଷ' ନ ମିଳିଲେ 'କ୍ରୁଷ' ଦେଖିବେ; 'ଦଧି' ନ ପାଇଲେ 'ଦଧି' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୧ । ବର୍ଣ୍ଣନ; କୀର୍ତ୍ତନ; କଥନ—
1. Utterance; elocution.

୨ । ( + କର୍ମ. ଅନ )—ଶବ୍ଦ—
2. Sound; pronounciation.

୩ । ଶବ୍ଦସ୍ଥ ଅକ୍ଷରଗୁଡ଼ିକ ଭିନ୍ନ ଭିନ୍ନ କରି କହିବା—
3 Spelling.

ଉଚ୍ଚାରଣ କରିବା—ଦେ. କ୍ରି—୧ । ବର୍ଣ୍ଣନ କରିବା; କହିବା—
Uchchārana kariba 1. To speak;to pronounce.

୨ । ବନାନ କରିବା—
2. To spell a word or a sound.

୩ । ଶବ୍ଦ କରିବା—
3. To utter a letter or a sound.

ଉଚ୍ଚାରଣ ସ୍ଥାନ—ସଂ. ବି—ମନୁଷ୍ୟଶରୀରର ଯେଉଁ ସ୍ଥାନରୁ କୌଣସି
Uchchāranas thāna ଧ୍ୱନି ବା ଅକ୍ଷର ଉଚ୍ଚାରିତ ହୁଏ—
The part of the human body (palate, lips, teeth etc ) through which a particular sound or letter is pronounced or spelt.

ଉଚ୍ଚାରଣୀୟ—ସଂ. ବିଣ. ( ଉତ୍—ଚର ଧାତୁ= ତ୍ୟାଗ କରିବା+ କର୍ମ ଅନୀୟ )—ଉଚ୍ଚାର୍ଯ୍ୟ ( ଦେଖ )
Uchchāraniya — Uchchārjya ( See )

ଉଚ୍ଚାରିତ—ସଂ.ବିଣ (ଉତ୍+ଚର ଧାତୁ=ତ୍ୟାଗ କରିବା+କର୍ମ. ତ)—
Uchchārita ୧ । କଥିତ—1. Said; spoken.

୨ । ବର୍ଣ୍ଣିତ—2. Pronounced; spelt.

୩ । ଶବ୍ଦିତ—3. Uttered.

ଉଚ୍ଚାରିବା—ଦେ. ପଦ୍ୟ. କ୍ରି ( ସଂ. ଉଚ୍ଚାରଣ )—
Uchchāribā ୧ । ଉଚ୍ଚାରଣ କରିବା—1. To utter.

ଭୂମି ମହିମା ନ ମୁଁ ପାରିବି ଉଚ୍ଚାରି । କୃଷ୍ଣସିଂହ. ମହାଭାରତ. ସଭା ।

୨ । କହିବା—2. To speak.

ନରେଶ ଉଚ୍ଚାରୁ ଅରେ ଅହ—କବିସମ୍ରାଟ. ଉପେନ୍ଦ୍ରଭଞ୍ଜ. ଓ ଗୀତ ।

ଉଚ୍ଚାର୍ଯ୍ୟ—ସଂ. ବିଣ (ଉତ୍+ଚର ଧାତୁ+କର୍ମ. ଯ )—୧ । ଉଚ୍ଚାରଣ
Uchchārjya କରିବାର ଯୋଗ୍ୟ—
1. Fit to be pronounced.

୨ । କଥ୍ୟ; କଥନୀୟ—2. Fit to be uttered or spoken.

ଉଚ୍ଚାର୍ଯ୍ୟମାଣ—ସଂ. ବିଣ (ଉତ୍+ଚର ଧାତୁ+କର୍ମ.ଅନ )—ଉଚ୍ଚାରଣ
Uchchārjyamāna କରି ଯାଉଥିବା; ଉଚ୍ଚାରିତ ହେଉଥିବା—
Being uttered, pronounced or spoken.

ଉଚ୍ଚିଙ୍ଗଟ—ସଂ. ବି ( ଉତ୍+ଚିଙ୍ଗଟ )—୧ । ଏକଜାତୀୟ ଝିଣ୍ଟିକା—
Uchchingata Locust.

୨ । କୋପନସ୍ୱଭାବ ବ୍ୟକ୍ତି—2. Wrathful person.

ଉଚ୍ଚିତ—ସଂ. ବିଣ ( ଉତ୍+ଚି ଧାତୁ=ସଂଗ୍ରହ କରିବା+କର୍ମ. ତ )—
ସଂଗୃହୀତ—Collected.

ଉଚ୍ଚୀକୃତ—ସଂ.ବିଣ (ଉଚ୍ଚ+ଅଭୂତ ତଦ୍ଭାବେ ଚ୍ୱି+କୃ+କର୍ମ. ତ)—
Uchchikruta ନୀଚ ବସ୍ତୁକୁ ଉଚ୍ଚ କରାଯାଇଥିବା—
Elevated; heightened.

ଉଚ୍ଚୂଡ଼—ସଂ. ବି ( ଉତ୍+ଚୂଳ=ଚୂଡ଼ା )—ପତାକା—Flag.
Uchchurda

ଉଚ୍ଚୈଃ—ସଂ. ଅ ( ଉତ୍=ଅଧିକ+ଚି ଧାତୁ=ଚୟନ କରିବା;
Uchchāih ଏକତ୍ର କରିବା+କର୍ମ. ଐସ୍ )—୧ । ଉଚ୍ଚରେ; ବଡ଼ପାଟି କରି—1. Aloud.

୨ । ଉଚ୍ଚ; ଉନ୍ନତ—2. On high.

୩ । ପ୍ରଚୁର; ଯଥେଷ୍ଟ—3. Enough.

ଉଚ୍ଚୈଃଶ୍ରବଣ—ଦେ. ବି ( ସଂ. ଉଚ୍ଚୈଃଶ୍ରବା ) ଇନ୍ଦ୍ରଙ୍କର ଘୋଡ଼ା—
Uchchaihsrabana The steed of Indra the king of the Gods.

କଟାକ୍ଷ ଉଚ୍ଚୈଃଶ୍ରବଣ, ଅଧର ଓଷ୍ଠ ଅରୁଣ, ଦନ୍ତଶ୍ରେଣୀ ତାରଗଣ ପ୍ରାୟେ ।
ଯାନକୃଷ୍ଣ. ରସକଲ୍ଲୋଳ ।

ଉଚ୍ଚୈଃଶ୍ରବା—ସଂ. ବିଣ ( ବହୁବ୍ରୀହି; ଉଚ୍ଚୈଃ+ଶ୍ରବସ୍=କାନ )—
Uchchaihsraba ୧ । ଉଞ୍ଚକାନଅଁ; ବହିରା; ବଧିର—
1. Deaf.

୨ । ଲମ୍ବକାନଅଁ; ଲମ୍ବକର୍ଣ୍ଣ—2. Long-eared.

ସଂ. ବି—୧ । ଲମ୍ବ କାନ—1. Long ear.

୨ । ଇନ୍ଦ୍ରଙ୍କ ଘୋଡ଼ା ( ଦେବତାମାନେ ସମୁଦ୍ର ମନ୍ଥନ କଲା-ବେଳେ ଲକ୍ଷ୍ମୀ, ଐରାବତ ହସ୍ତୀ, ଅମୃତ, ଚନ୍ଦ୍ର ଆଦିଙ୍କ ସଙ୍ଗରେ ଏ ଘୋଡ଼ା ସମୁଦ୍ରରୁ ବାହାରିଥିଲା । ଏହାର କର୍ଣ୍ଣ ଉନ୍ନତ ଓ ବର୍ଣ୍ଣ ଶ୍ୱେତ)—2. The white horse of Indra said to have come out of the ocean when it was churned by the Gods.

ଉଚ୍ଚୈଃସ୍ୱର—ସଂ. ବି (ଉଚ୍ଚୈଃ=ଉଚ୍ଚ+ସ୍ୱର=ଶବ୍ଦ)—ବଡ଼ପାଟି—
Uchchaihswara Loud voice.

ଉଚ୍ଚୈର୍ଘୁଷ୍ଟ—ସଂ ବି (ଉଚ୍ଚୈଃ=ଉଚ୍ଚସ୍ୱରରେ+ଘୁଷ ଧାତୁ=ଘୋଷଣା
Uchchairghushta କରିବା+ଭାବ ତ )—ଘୋଷଣା—
Proclamation; public announcement.

ଉଚ୍ଚୈସ୍ୱରେ—ଦେ. କ୍ରି. ବିଣ—ବଡ଼ପାଟି କରି—
Uchchaisware Loudly; aloud,

ଉଚ୍ଚୈସ୍ୱରେ ଡାକ ସର୍ବେ ଶୁଣିଲେ ହେଁଟେ—ରଘୁନାଥ. ମହାଯାତ୍ରା ।

ଉଚ୍ଛ—ଦେ. ବି (ସଂ—ଉତ୍ସବ)—ଉଛ (ଦେଖ)
Uchchha Uchha (See)

ଉଚ୍ଛନ (ଇତ୍ୟାଦି) ଗ୍ରା. ବିଣ—ଉଚ୍ଛନ୍ନ (ଦେଖ)
Uchchhana etc Uchchhanna (See)

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ନ | ଶ,ଷ | କ୍ଷ | ଇତ୍ୟ | ଉଅଁ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ଳ |

ଉଚ୍ଛନିଅଁ—ଗ୍ରା. ବଣ—୧ । ଅତି ବ୍ୟାକୁଳ—
Uchchhaniañ 1. Much agitated.
୨ । ଅତି ଅସ୍ଥିର—
2. Very restless; very impatient.

ଉଚ୍ଛନ୍ନ—ସଂ. ବଣ (ଉତ୍+ଛାଦ=ଆବରଣ କରିବା+କର୍ତ୍ତୃ. ତ)—
Uchchhanna ନଷ୍ଟ; ଧ୍ୱସ୍ତ; ବନାଶିତ—
Ruined; destroyed; desolated; laid waste
ଦେ. ବଣ—୧ । ଅତି ଚଞ୍ଚଳ; ବ୍ୟାକୁଳ; ବ୍ୟସ୍ତ—
1. Over-anxious; over-impatient.
କୃଷ୍ଣ ଚରଣେ ଯାଉ ମନ ପ୍ରବର୍ତ୍ତିବନେ ସେ ଉଚ୍ଛନ୍ନ—ଭୂପତି. ପ୍ରେମପଞ୍ଚାମୃତ ।
୨ । ଅସ୍ଥିର—2 Unsettled; restless.
୩ । ତ୍ୱରାଯୁକ୍ତ—3 Hasty.
୪ । ଲୁପ୍ତ—4. Exterminated.
୫ । ଭୀତ; ତ୍ରସ୍ତ—5. Frightened; terrified.
ବଳ ସାଜଣ ଭୂଷଣ ହିଣିବ ଖର
ବାହାର ଖାର ଡାକରେ ଉଚ୍ଛନ୍ନ ସ୍ୱର—ଉଚ୍ଛ. ବୈଦେହୀଶବିଳାସ ।
ଦେ. ବ—୧ । ବିନାଶ—1. Destruction; ruin.
୨ । (ବଂଶାଦିର) ଲୋପ—2. Extinction.

ଉଚ୍ଛନ୍ନ କରିବା—ଦେ. କ୍ରି—୧ । ସମୂଳେ ନଷ୍ଟକରିବା—
Uchchhanna karibā 1. To annihilate.
୨ । ବ୍ୟସ୍ତଭାବରେ ଅଳ କରିବା—
2. To importune.
୩ । ଅତି ଚଞ୍ଚଳ କରାଇବା—
3. To press one to make haste; to urge on.

ଉଚ୍ଛନ୍ନ ଡାକ—ଦେ. ବ—ଅତି ଅଧୀର ଓ ଉଚ୍ଚ ପାଟିରେ ଡାକିବା—
Uchchhanna ḍāka A call with a loud tone.

ଉଚ୍ଛନ୍ନଦଶା—ଦେ. ବ—ସର୍ବନାଶ ଘଟିବାର ଅବସ୍ଥା—
Uchchhannadaśā Condition of utter ruin.

ଉଚ୍ଛନ୍ନ ଯିବା—ଦେ. କ୍ରି—୧ । ବିନାଶ ପ୍ରାପ୍ତ ହେବା—
Uchchhanna jibā 1. To go to ruins
উৎসন্নযাওয়া ୨ । ସତ୍ୟାନାଶ ହେବା—2. To be utterly ruined.
୩ । ସମୂଳେ ବିନଷ୍ଟ ହେବା—3. To be eradicated.

ଉଚ୍ଛନ୍ନ ଲଗାଇବା—ଦେ. କ୍ରି—୧ । ଅତି ବ୍ୟସ୍ତ ଭାବରେ ଅଳ କରିବା—
Uchchhanna lagāibā 1. To importune.
୨ । ଅତ୍ୟନ୍ତ ଚଞ୍ଚଳ କରାଇବା—2. To press one to make haste; to urge on.

ଉଚ୍ଛନ୍ନ ହେବା—ଦେ. କ୍ରି—୧ । ସମୂଳେ ବିନଷ୍ଟ ହେବା—
Uchchhanna hebā 1. To be eradicated.
୨ । ଅତି ଅଧୀର ହେବା—
2. To be over-impatient.
୩ । ଅତି ତ୍ୱରାନ୍ୱିତ ହେବା—
3. To be over-hasty.
୪ । ( ବଂଶାଦି ) ଲୁପ୍ତ ହେବା—
4. To become extinct.

ଉଚ୍ଛନ୍ନେ—ଦେ. କ୍ରି. ବଣ—ଅସ୍ଥିର ଭାବରେ—
Uchchhanne Restlessly.
କାହୁଁ କାହୁଁ ଯାଉ ଉଚ୍ଛନ୍ନେ ଭ୍ରମିଲା, ଠାବେ ଲବେ ନ କରଇ ।
ଜଗନ୍ନାଥ, ଯଯାତି ।

ଉଚ୍ଛବ—ଗ୍ରା. ବ. ( ସଂ. ଉତ୍ସବ )—
Uchchhaba ୧ । ଉତ୍ସବ; ଆମୋଦ; ଆହ୍ଲାଦ—
উৎসব, উছো; উছা 1. Rojoicing; festival.
उच्छाह ୨ । ଭୋଜି; ବଣଭୋଜି—
2. Feasting; picnic.
୩ । (ପୁଂ) ଲୋକଙ୍କ ନାମ—3. Name of males

ଉଚ୍ଛବ ଆନନ୍ଦ—ଗ୍ରା. ବ. (ସଦ୍ଵନ୍ଦ)—ଉତ୍ସବଜନିତ ଆନନ୍ଦ—
Uchchhaba ānanda Rejoicing and feasting.

ଉଚ୍ଛରଗ (ଇତ୍ୟାଦି)—ଗ୍ରା. ବ—ଉଚ୍ଛର୍ଗ ଇତ୍ୟାଦି ( ଦେଖ )
Uchchharaga etc. Uchchharga etc ( See )

ଉଚ୍ଛର୍ଗ—ଗ୍ରା. ବ. ( ସଂ. ଉତ୍ସର୍ଗ )—
Uchchharga ୧ । କୌଣସି ବସ୍ତୁକୁ ଦେବତାଙ୍କ ଉଦ୍ଦେଶ୍ୟରେ
উৎসর্গ ଦେବାର ସଙ୍କଳ୍ପ—1. Dedication.
୨ । ଦାନ—2. Gift; present.
୩ । ଉଚ୍ଚତା; ବେଧ; ବହଳ—3. Height.
ଇପରକୁ ଉଚ୍ଛର୍ଗ ସେ ମେରୁ ପରମାଣ । କୃଷ୍ଣଜନ୍ମପଣଗୀତା ।

ଉଚ୍ଛର୍ଗ କରିବା—ଦେ. କ୍ରି. ( ସଂ. ଉତ୍ସର୍ଗ )—
Uchchharga karibā ୧ । ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି
উৎসর্গকরা ବସ୍ତୁକୁ ଦେବା ନିମନ୍ତେ ସଂକଳ୍ପ କରିବା; ଦେବତାଙ୍କ
उत्सर्गकरना ନାମରେ ପାଣି ଛଡ଼ାଇବା—
1. To dedicate a thing to a Deity
୨ । ଦାନ କରିବା—2. To present; to give.

ଉଚ୍ଛଳନ—ସଂ. ବ. ( ଉତ୍+ଶଲ ଧାତୁ+ଭାବ. ଅନ )—ଉଚ୍ଛୁଳିବା—
Uchchhaḷana Over-flowing.

ଉଚ୍ଛଳିତ—ସଂ. ବଣ. ( ଉତ୍=ଉପରକୁ+ଶଲ ଧାତୁ=ଗମନ କରିବା+କର୍ତ୍ତୃ. ତ )—
Uchchhaḷita
୧ । ଉଦ୍ବେଳିତ—1. Billowy.
୨ । ଉତ୍କ୍ଷିପ୍ତ; ଉଦ୍ଧୃତ; ଉତ୍କ୍ଷିପ୍ତ—2. Thrown up.
୩ । ଉଚ୍ଛୁଳୁଥିବା; ଫୁଲୁଥିବା—
3. Over-flowing; swelling.

ଉଚ୍ଛଳିବା—ଦେ. କ୍ରି ( ସଂ. ଉଚ୍ଛଳନ )—ଉଚ୍ଛୁଳିବା ( ଦେଖ )
Uchchhaḷibā Uchhuḷibā ( See )
ଉଚ୍ଛନ୍ନ କାନ୍ତ ପ୍ରେମ ଫେଣ୍ଟେ ଉଚ୍ଛଳେ । ଜଗନ୍ନାଥ ମେଘଦୂତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥାନ୍ତର୍ଗତ ସେ ନ ମିଳେ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଖିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଛୁଅଁ' ନ ମିଳିଲେ 'ଛୁଅଁ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଜିଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

**ଉଚ୍ଛା**—ପ୍ରାଦେ. (ମେଦିନୀପୁର) ବି—କଲରା ଗଛ ଓ ତାହାର ଫଳ—
Uchchhā Memordica (a fruit and creeper)

**ଉଚ୍ଛାଦନ**—ସଂ. ବି. (ଉତ୍=ଉପର+ଛଦ ଧାତୁ ଣିଜନ୍ତ; ଛଦ ଧାତୁ= ଆବରଣ କରିବା+ଭାବ. ଅନ)—
Uchchhādana
୧ । ଘଷି କରି ମଳ ଛଡ଼ାଇବା; ଉଦ୍‌ବର୍ତ୍ତନ—
1. Cleansing the body of dust etc. by rubbing.
୨ । ଦେହରେ ଚନ୍ଦନାଦି ବୋଳିବା—
2. Anointing the body with perfumes

**ଉଚ୍ଛାଳ**—ଦେ. ବି—ଉଛାଳ ( ଦେଖ )—
Uchchhāla Uchhāla ( See )

**ଉଚ୍ଛାଳିବା**—ଦେ. କ୍ରି—ଉଛାଳିବା ( ଦେଖ )
Uchchhāliba Uchhāliba ( See )

**ଉଚ୍ଛାସ୍ତ୍ର**—ସଂ. ବିଣ. (ଉତ୍=ବହିର୍ଭୂତ+ଶାସ୍ତ୍ର)—
Uchchhāstra ୧ । ଶାସ୍ତ୍ରବହିର୍ଭୂତ—1. Unscriptural.
୨ । ଅଶାସ୍ତ୍ରୀୟ—2. Against the śāstras or precepts; violating or transcending śāstric rules.
୩ । ବେଆଇନ୍—3. Illegal.

**ଉଚ୍ଛାହ**—ଗ୍ରା. ବି. ( ସଂ. ଉତ୍ସାହ )—ଉତ୍ସାହ ( ଦେଖ )
Uchchhāha Utsāha ( See )

**ଉଚ୍ଛାହା**—ଗ୍ରା. ପଦ୍ୟ. ବି—୧ । ଉଦ୍ଯୋଗ—
Uchchhāhā 1. Preparation.
ଗୁପତେ କରନ୍ତି ଭୂମ ବରଣ ଉଚ୍ଛାହା । ପ୍ରଭାତ. ଶଶିସେଣା ।
୨ । ଆବେଗ—3. Eagerness.
କରନ୍ତି ହରଷ ସମସ୍ତ ସଙ୍ଗ ଭାବ ମାନଙ୍କୁ ଅତି ଉଚ୍ଛାହାରେ ।
ଗୀତଗୋବିନ୍ଦ ରସକଲ୍ଲୋଳ ।

**ଉଚ୍ଛାହୀ**—ଗ୍ରା. ବିଣ. ( ସଂ. ଉତ୍ସାହୀ )—ଉତ୍ସାହୀ ( ଦେଖ )
Uchchhāhī Utsāhī ( See )

**ଉଚ୍ଛିଖ**—ସଂ. ବିଣ. (ବହୁବ୍ରୀହି; ଉତ୍=ଊର୍ଦ୍ଧ୍ବ+ଶିଖା=ଯୁକ୍ତ)—
Uchchhikha ୧ । ଯାହାର ଶିଖା ଉପରକୁ ଉଠିଅଛି (ଅଗ୍ନି)—
1. Blazing; flaming (fire).
୨ । ଜାଜ୍ଜ୍ୱଲ୍ୟମାନ—2. Radiant.
୩ । ଉଚ୍ଚମୂର୍ଦ୍ଧା; ଉପରମୂର୍ଦ୍ଧା—3. High-crested; with head held high with; crest erect.
ସଂ. ବି—ନାଗବିଶେଷ—A species of cobra.

**ଉଚ୍ଛିଣି**—ଗ୍ରା. ଅ—ଏବେହଣି—
Uchchhiṇi Now; at present.

**ଉଚ୍ଛିଣିକା**—ଗ୍ରା. ଅ—ଉଚ୍ଛିଣି ( ଦେଖ )
Uchchiṇikā Uchchhiṇi ( See )

**ଉଚ୍ଛିତ୍ତି**—ସଂ. ବି. ( ଉତ୍=ସମ୍ୟକ୍+ଛିଦ୍ ଧାତୁ=ଛେଦନ କରିବା+ଭାବ. ତି )—୧ । ଉଚ୍ଛେଦ—
Uchchhitti
1. Extermination.
୨ । ସମୂଳେ ଉତ୍ପାଟନ—2. Annihilation.
୩ । ବିନାଶ—
3. Utter destruction; extinction.

**ଉଚ୍ଛିନ୍ନ**—ସଂ. ବିଣ. ( ଉତ୍+ଛିନ୍ନ=ଛେଦନପ୍ରାପ୍ତ )—
Uchchhinna ୧ । ସମୂଳେ ବିନଷ୍ଟ—
1. Ruined; destroyed.
୨ । ଛିଣ୍ଡା ହୋଇଥିବା—2. Cut off.
୩ । ଉତ୍ପାଟିତ ବା ଓପଡ଼ା ହୋଇଥିବା—3. Uprooted.

**ଉଚ୍ଛିଷ୍ଟ**—ସଂ. ବିଣ. ( ଉତ୍+ଶିଷ ଧାତୁ=ଶେଷ ରହିବା+କର୍ମ. ତ)—
Uchchhishṭa
୧ । ଭୋଜନ ପରେ ପାତ୍ରରେ ବଳିଥିବା—
1. Left or remaining after meals.
୨ । ଉପଭୁକ୍ତ; ଭୁକ୍ତାବଶିଷ୍ଟ; ଅଇଁଠାହୋଇଥିବା—
2. Touched or partaken.
୩ । ଉପଭୋଗ କରିବା ପରେ ଅବଶିଷ୍ଟ ରହିଥିବା—
3 Left after enjoyment or use; once used.
୪ । ତ୍ୟକ୍ତ; ପରିତ୍ୟକ୍ତ—4. Discarded after use.
ଦେ. ବି.—
୧ । ଅଇଁଠା—1. What is left after meals.
୨ । ଖାଇବା ପରେ ପତ୍ରରେ ଯାହା ବଳି ରହିଥାଏ—
2. Orts; remains of a meal; leavings.

**ଉଚ୍ଛିଷ୍ଟତା**—ସଂ. ବି—( ଉଚ୍ଛିଷ୍ଟ+ତା ) ଅଇଁଠା—
Uchchhishṭatā Leavings; remnants.

**ଉଚ୍ଛିଷ୍ଟଭୋଜନ**—ସଂ. ବି. ( ୬ଷ୍ଠୀ ତତ୍; ଉଚ୍ଛିଷ୍ଟ=ଅଇଁଠା+ଭୋଜନ=ଖାଇବା )—
Uchchhishṭabhojana
ପରର ଅଇଁଠା ଖାଇବା—Feeding on the remains of another's meal.

**ଉଚ୍ଛିଷ୍ଟଭୋଜୀ**—ସଂ. ବିଣ. ପୁଂ. (ଉଚ୍ଛିଷ୍ଟ=ଅଇଁଠା+ଭୁଜ୍ ଧାତୁ=ଖାଇବା +କର୍ତ୍ତୃ. ଇନ୍; ୧ମା. ୧ବ.)—
Uchchhishṭabhojī
(ଉଚ୍ଛିଷ୍ଟଭୋଜିନୀ—ସ୍ତ୍ରୀ) ୧ । ଅଇଁଠାଖିଆ; ଅଇଁଠାଚଟା—
1. One who feeds on the leavings of another.
୨ । ନୀଚ; ପରାନ୍ନଭୋଜୀ; ପରୋପଜୀବୀ—
2. Mean; hanger-on; toady.

**ଉଚ୍ଛିଷ୍ଟମୁଖ**—ସଂ. ବିଣ. ପୁଂ. ( ବହୁବ୍ରୀହି )—ଅଇଁଠାମୁହାଁ; ଖାଇସାରି ମୁହଁ ଧୋଇ ନ ଥିବା—
Uchchhishṭamukha
(ଉଚ୍ଛିଷ୍ଟମୁଖା—ସ୍ତ୍ରୀ) One who has not washed his face after a meal.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇସ୍ତ | ଉଥ | ଢ |
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ୱ |

ଉଚ୍ଛିଷ୍ଟହାତ—ଦେ. ବଣ—ଖାଇସାରି ହାତ ଧୋଇ ନ ଥିବା; ଅଇଁଠା-
Uchchhishṭabāta ହାତ—( one ) Who has not washed his hands after a meal.

ପ୍ରମାଣ ମୁଁ ଉଚ୍ଛିଷ୍ଟ ହାତହୋଇଥିଲି
ଠିଆରେ ଅଚମନ କରଣ ଅସିଲି । କୃଷ୍ଣସିଂହ. ମହାଭାରତ ଆଦ ।

ଉଚ୍ଛିଷ୍ଟାନ୍ନ—ସଂ. ବ. (କର୍ମଧା; ଉଚ୍ଛିଷ୍ଟ=ପୂର୍ବଭୁକ୍ତ+ଅନ୍ନ=ଭୋଜନ)—
Uchchhishṭānna ଅଇଁଠାଭାତ—Remains of a meal; leavings; orts.

ଉଚ୍ଛୀର୍ଷକ—ସଂ. ବ. ( ବହୁବ୍ରୀହି; ଉତ୍=ଉପରେ+ଶୀର୍ଷ=ମସ୍ତକ+
Uchchhīrshaka କ )—୧ । ମାଣ୍ଡି; ତକିଆ—1. Pillow.
୨ । ଶିରଃପ୍ରଦେଶ—2. The head.

ବଣ—ଉନ୍ନତମସ୍ତକ—
With head held high, high-crested.

ଉଚ୍ଛୁକ—ଗ୍ରା. ବଣ. ( ସଂ. ଉତ୍ସୁକ )—ଉତ୍ସୁକ ( ଦେଖ )
Uchchhuka Utsuka ( See )

ବଦନ ଚୁମ୍ବିଲ ହେଉ ଉଚ୍ଛୁକ ଚିତ୍ତ । ଶିଶୁଶଙ୍କର—ଉଷା ଅଭିଳାଷ ।

ଗ୍ରା. ବ—ଔତ୍ସୁକ୍ୟ; କୌତୂହଳ—Curiosity.

ଗୁରୁ ଗୌରବ ତେଜନ୍ତ ଉଚ୍ଛୁକ ବଢ଼ାଇ । ଶିଶୁଶଙ୍କର, ଉଷାଅଭିଳାଷ ।

ଉଚ୍ଛୁକିଆ—ଗ୍ରା. ବ ଓ ବଣ—ଉଚ୍ଛୁକ ( ଦେଖ )
Uchchhukiā Uchchhuka ( See )

ଉଚ୍ଛୁଣି—ଗ୍ରା. ଅ—ଉଚ୍ଛିଣି ( ଦେଖ )
Uchchhuṇi Uchchhiṇi ( See )

ଉଚ୍ଛୁଣିକା—ଦେ. ଅ—ଉଚ୍ଛିଣି ( ଦେଖ )
Uchchhuṇikā Uchchhiṇi ( See )

ଉଚ୍ଛୁର—ଦେ. ବ—ଉଛୁର ( ଦେଖ )
Uchchhura Uchhura ( See )

ଉଚ୍ଛୁଳ—ଦେ. ପଦ୍ୟ. ବଣ—ଉଛୁଳୁଥିବା—
Uchchhuḻa Over-flowing.

ବାଦ୍ୟ ନାଦ ଶବଦେ ସିନ୍ଧୁ ଯେ ଉଚ୍ଛୁଳ । ପ୍ରତାପ—ଶଶିସେଣା ।

ଉଚ୍ଛୁଳା—ଦେ. ବ—ଉଛୁଳା ( ଦେଖ )
Uchchhuḻā Uchhuḻā ( See )

ଉଚ୍ଛୁଳିତ—ଦେ. ବଣ. ( ସଂ. ଉଚ୍ଛଳିତ )—ଅତି ଉଚ୍ଚ—
Uchchhuḻita Very loud.

ଶବଦ ଶୁଭେ ଉଚ୍ଛୁଳିତ
ଯେସନେ ଜୀମୂତ ଚକ୍ରିତ । ଜଗନ୍ନାଥ. ଭାଗବତ ୮

ଉଚ୍ଛୁଳିବା—ଦେ. କ୍ରି—ଉଛୁଳିବା (ଦେଖ)
Uchchhuḻibā Uchhuḻibā (See)

ଉଚ୍ଛୁଷ୍କ—ସଂ. ବଣ (ଉତ୍=ଉପରଭାଗରେ+ଶୁଷ୍ ଧାତୁ=ଶୁଷ୍କ ହେବା
Uchchhushka +କର୍ତ୍ତୃ. କ)—୧ । ଉପରଭାଗ ଶୁଖିଥିବା—
1. Dry outside.
୨ । ସନ୍ତପ୍ତ—2 Parched.

ଉଚ୍ଛୂନ—ସଂ. ବଣ (ଉତ୍=ଉପରକୁ+ଶ୍ୱି ଧାତୁ=ବୃଦ୍ଧି ପାଇବା+
Uchchhūna କର୍ତ୍ତୃ. ତ)—୧ । ସ୍ଫୀତ; ଫୁଲିଥିବା—
1. Swollen; turgid.
୨ । ଉନ୍ନତ—2. High.
୩ । ଉଚ୍ଛ୍ୱସିତ—3. Scething; brimming.

ଉଚ୍ଛୃଙ୍ଖଳ—ସଂ. ବଣ. ପୁଂ. (ବହୁବ୍ରୀହି; ଉତ୍=ନାହିଁ+ଶୃଙ୍ଖଳ=ଶିକୁଳି;
Uchchhṛuṅkhaḻa ଯାହାର)—୧ । ଯାହାର ବାନ୍ଧିବତା
(ଉଚ୍ଛୃଙ୍ଖଳା—ସ୍ତ୍ରୀ) ନାହିଁ—1. Unbridled; unfettered.
(ଉଚ୍ଛୃଙ୍ଖଳତା—ବ) ୨ । ବିଶୃଙ୍ଖଳ; ଅନିୟନ୍ତ୍ରିତ; ଅସଂଯତ; ଅବାଧ,
ସ୍ୱେଚ୍ଛାଚାରୀ; ଯେ ନିୟମାଧୀନ ନୁହେ—
2. Irregular; lawless; unrestrained.
୩ । ଇନ୍ଦ୍ରିୟପରାୟଣ—
3. Giving free scope to one's passions.

ଉଚ୍ଛେଦ—ସଂ. ବ (ଉତ୍=ସମ୍ୟକ୍+ଛିଦ ଧାତୁ=ଛେଦନ କରିବା+
Uchchheda ଭାବ. ଅ)—ବିନାଶ; ଧ୍ୱଂସ; ଉତ୍ପାଟନ; ଉନ୍ମୂଳନ-
Ruin; destruction.

ଉଚ୍ଛେଦକ—ସଂ. ବଣ. ପୁଂ. (ଉତ୍=ସମ୍ୟକ୍+ଛିଦ୍ ଧାତୁ=ଛେଦନ
Uchchhedaka କରିବା+କର୍ତ୍ତୃ.ଅକ)—ବିନାଶକାରୀ; ଧ୍ୱଂସକାରୀ-
(ଉଚ୍ଛେଦକା—ସ୍ତ୍ରୀ) Destroyer; eradicator.

ଉଚ୍ଛେଦନୀୟ—ସଂ. ବଣ (ଉତ୍+ଛିଦ୍+କର୍ମ. ଅନୀୟ)—
Uchchhedanīya ୧ । ବିନାଶଯୋଗ୍ୟ—
1. Fit to be destroyed.
୨ । ଉତ୍ପାଟନୀୟ—2. Capable of being cut off.

ଉଚ୍ଛେଦସାଧନ—ସଂ. ବ. ( ଉଚ୍ଛେଦ=ବିନାଶ+ସାଧନ=କରିବା )—
Uchchhedasādhana ବିନାଶ; ସର୍ବନାଶ—Utter ruin; eradication; destruction.

ଉଚ୍ଛେଦ୍ୟ—ସଂ. ବଣ (ଉତ୍+ଛିଦ୍ ଧାତୁ+କର୍ମ. ଯ)—
Uchchhedya ଉଚ୍ଛେଦନୀୟ (ଦେଖ)
Uchchhedanīya (See)

ଉଚ୍ଛୋଷଣ—ସଂ.ବଣ. (ଉତ୍+ଶୁଷ୍ ଧାତୁ=ଶୁଷ୍କ ହେବା; ନୀରସ କରିବା
Uchchhoshaṇa +କର୍ତ୍ତୃ. ଅନ)—୧ । ଊର୍ଦ୍ଧ୍ୱଶୋଷକ—
1. Sucking up.
୨ । ସନ୍ତାପକ—2. Heating.
ସଂ ବ (+ଭାବ. ଅନ)—ଊର୍ଦ୍ଧ୍ୱଶୋଷଣ—
3. Suction.

ଉଚ୍ଛ୍ୱସିତ—ସଂ. ବଣ (ଉତ୍=ଉପରକୁ+ଶ୍ୱସ ଧାତୁ=ନିଶ୍ୱାସ ମାରିବା
Uchchhwasita +କର୍ତ୍ତୃ. ତ)—୧ । ପ୍ରସ୍ଫୁଟିତ; ବିକସିତ—
1. Expanded; in full bloom; blooming.
୨ । ସ୍ଫୀତ—2. Puffed up; elated.
୩ । ବିଶ୍ଳିଷ୍ଟ; ବିଚ୍ଛିନ୍ନ - Torn asunder; severed.
୪ । ନିଶ୍ୱାସ ମାରୁଥିବା; ଜୀବିତ—
4 Living; breathing; inhaling.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଗିଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ ।

୫ । ଆନନ୍ଦିତ—5. Puffed up with delight; delighted; gladdened.
୬ । କମ୍ପିତ—6. Trembling; vibrating.
ସଂ. ବି (+ଭାବ. ତ)—୧ । ବିକାଶ—1. Expansion.
୨ । ସ୍ଫୁରଣ; କମ୍ପନ—2. Vibration.
୩ । ନିଃଶ୍ୱାସ—3. Exhalation.
୪ । ସ୍ଫୀତି—4. Swelling; elation.

**ଉଚ୍ଛ୍ୱାସ**—ସଂ. ବି. (ଉତ୍=ଊର୍ଦ୍ଧ୍ୱ+ଶ୍ୱସ ଧାତୁ=ନିଶ୍ୱାସ ମାରିବା+ଭାବ. ଅ)—୧ । ନାକରୁ ବାହାରକୁ ନିଃଶ୍ୱାସ ମାରିବା—1. Expiration.
Uchchhwāsa
୨ । ନିଶ୍ୱାସ—2. Breath.
୩ । ଊର୍ଦ୍ଧ୍ୱଶ୍ୱାସ;—3. Forced breath; gasping.
୪ । ଦୀର୍ଘଶ୍ୱାସ; ଦୀର୍ଘନିଶ୍ୱାସ—4. Sigh
୫ । ସ୍ଫୁରଣ; ସ୍ପନ୍ଦନ—5. Vibration.
୬ । ପୁସ୍ତକର ପରିଚ୍ଛେଦ—6. Division or chapter. of a book.
୭ । ଫୁଲିବା; ସ୍ଫୀତି—7, Swelling.
୮ । ବିକାଶ—8. Expansion.
୯ । ବିଶ୍ଳେଷ—9. Severance.

**ଉଚ୍ଛ୍ୱାସିତ**—ସଂ. ବିଣ (ଉତ୍+ଶ୍ୱସ ଣିଚ୍; ଶ୍ୱାସି ଧାତୁ+କର୍ମ. ତ)—
Uchchhwāsita ୧ । ସ୍ଫୀତ କରି ଯାଇଥିବା—1. Caused to be expanded; made to swell.
୨ । ବିଶ୍ଳେଷିତ—2. Analysed.
୩ । ଉନ୍ମେଷିତ—3. Opened.

**ଉଚ୍ଛ୍ରୟ**—ସଂ. ବି. (ଉତ୍=ଊର୍ଦ୍ଧ୍ୱ+ଶ୍ରି ଧାତୁ=ସେବା କରିବା+ଭାବ. ଅ)—୧ । ଉନ୍ନତି—1 Rise; progress
Uchchhraya
୨ । ଉଚ୍ଚତା—2. Height; elevation.
୩ । ବଢ଼ିବା; ଫୁଲିବା—3. Elation; growth.

**ଉଚ୍ଛ୍ରାୟ**—ସଂ. ବି.—ଉଚ୍ଛ୍ରୟ (ଦେଖ)
Uchchhrāya Uchchhraya (See)

**ଉଚ୍ଛ୍ରିତ**—ସଂ. ବିଣ (ଉତ୍=ଊର୍ଦ୍ଧ୍ୱ+ଶ୍ରି=ସେବାକରିବା+କର୍ତ୍ତୃ. ତ)—
Uchchhrita ୧ । ଉନ୍ନତ; ଉଚ୍ଚ—1. High; tall; prosperous.
୨ । ଉତ୍ପନ୍ନ; ଜାତ—2. Grown; born
୩ । ଉତ୍ତୋଳିତ—3. Raised, lifted up.
୪ । ପ୍ରବୃଦ୍ଧ; ଫୁଲିଯିବା—4. Puffed up; elated; swollen.
୫ । ଦୃପ୍ତ—5. Arrogant; puffed up with pride.
୬ । ଉଦିତ—6. Risen.

**ଉଛ**—ଦେ. ବି ( ସଂ—ଉତ୍ସ )—୧ । ପ୍ରସ୍ରବଣ; ଝରଣା—
Uchha 1. A spring.
୨ । ( ସଂ ଉତ୍ସବ )—ଉତ୍ସବ; ଆମୋଦ; ଆହ୍ଲାଦ—2. Festivity.
୩ । ବିବାହର ତୃତୀୟ ଦିନ—
3 The third day of a marriage-ceremony.
୪ । ବ୍ରତର ଦ୍ୱିତୀୟ ଦିନ—4 The second day of a 'Brata' ceremony.
[ଦ୍ର—ଉଛ ଦିନ ବ୍ରାହ୍ମଣେ ସଧବା ସ୍ତ୍ରୀମାନେ ବର କନ୍ୟାଙ୍କୁ ବା ବ୍ରତ ହୋଇଥିବା ବାଳକଙ୍କୁ ସାତପାପରେ ବନ୍ଦାନ୍ତି । ଅଙ୍କା କରିବା ଲୋକେ ଓ ଭଣ୍ଡାରୁଣୀ ଗୋଟିଏ ଡାଙ୍ଗଣିଆରେ ଖପରି ଗୁଡ଼ିଏ ପୂରାଇ ତାହା ମାଛ ବୋଲି କଳ୍ପନା କରି ବିବାହଉତ୍ସବରେ ଯୋଗ ଦେବା ପାଇଁ ଆସିଥିବା ବନ୍ଧୁବାନ୍ଧବ ଏବଂ ବର ନିକଟରେ ତାହାକୁ ବିକ୍ରୟ କରିବାର ଛଳ କରି ପଇସା ଆଦାୟ କରନ୍ତି । ]

**ଉଛଣା**—ପ୍ରାଦେ (ଗଞ୍ଜାମ) ବି—ଘରର ଓଳ (ଗୋପୀନାଥ ନନ୍ଦ)—
Uchhaṇā The eaves of a house.

**ଉଛନ** ( ଇତ୍ୟାଦି )—ଗ୍ରା. (ପଦ୍ୟ.) ବିଣ—ଉଚ୍ଛନ୍ନ ଇତ୍ୟାଦି ( ଦେଖ )
Uchhana ( etc Uchchhanna etc ( See )
ପଳାଇଲା ଋଷିକୁମାର ବେଗେ ହୋଇ ଉଛନ—ସୁଧାନାଥ ଚନ୍ଦ୍ରଭାଗା ।

**ଉଛଣା**—ପ୍ରାଦେ. ( ଗଞ୍ଜାମ ) ବି—ଉଛଣା ( ଦେଖ )
Uchhanā Uchhaṇā ( See )

**ଉଛବ** ( ଇତ୍ୟାଦି )—ଗ୍ରା. ବି—ଉତ୍ସବ ଇତ୍ୟାଦି ( ଦେଖ )
Uchhàba etc Uchchhaba etc ( See )

**ଉଛରଗ**—ଗ୍ରା. ପଦ୍ୟ. ବି—ଉତ୍ସର୍ଗ ( ଦେଖ )
Uchharaga Uchchharga ( See )

**ଉଛର୍ଗ** ( ଇତ୍ୟାଦି )—ଗ୍ରା. ବି—ଉତ୍ସର୍ଗ ଇତ୍ୟାଦି ( ଦେଖ )
Uchharga ( etc ) Uchchharga etc ( See )

**ଉଛଳ** ଗ୍ରା. ବି—ଉଚ୍ଛଳିତ; ଉଛୁଳୁଥିବା—
Uchhaḻā Brimming; over-flowing.
ଝାଞ୍ଜ ମୃଦଙ୍ଗ ଶବଦେ ମେଦିନୀ ଉଛଳା—ପ୍ରାଚୀ. ବନ୍ଧନମୁକ୍ତଗୀତା ।

**ଉଛଳିବା**—ଦେ. କ୍ରି—୧ । ( ସଂ. ଉଚ୍ଛଳନ )—ତରଳ ପଦାର୍ଥ ପାତ୍ରରୁ ବା କୂଳରୁ ଉପରକୁ ଉଠିବା—
Uchhaḻibā 1. To overflow.
୨ । (ଲକ୍ଷଣାର୍ଥ ) ଅଧିକ୍ୟ ହେତୁ ସୀମା ଲଙ୍ଘନ କରି ବାହାରେ ପ୍ରକଟିତ ହେବା; ସ୍ଫୀତ ହେବା—
2.To become manifest; to suell.
ଉଭ ଶୋଭ ଦେଖି ଜଳଧି ଉଚ୍ଛଳେ—ସୁଧାନାଥ. ଚନ୍ଦ୍ରଭାଗା ।

**ଉଛାଇବା**—ଦେ. କ୍ରି—୧ । ଶଯ୍ୟା ବିଛାଇବା— ( ଗୋପୀନାଥ ନନ୍ଦ । )
Uchhāibā 1. To spread (a mat or bedding ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଛ | ଐସ୍ | ଔଅ | ଘ |
| ୨ | ଉ | ଊ | ଲୃ | ଲୄ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଚିହ୍ନ | ଇଅ | ● | କୃ |

୨ । ବଢ଼ି ଯାଇଥିବା ଲତାଗୁଳ୍ମାଦିକୁ ସମତଳ କରି କାଟିବା ବା କାଟି ପରିଷ୍କାର କରିବା —
2. To prune plants or over-grown branches; to lop.

**ଉଚ୍ଛାଡ଼ିବା**—ଦେ. କ୍ରି. ( ସଂ. ଉତ୍କ୍ଷିପ୍ତ )—
Uchhār̲ḏibā ୧ । ଝିଞ୍ଜାଡ଼ିବା—1. To shake off.
୨ । ଫୋପାଡ଼ିବା; ପିଙ୍ଗିବା—2. To throw away.
୩ । ବଳପୂର୍ବକ ଟାଣିବା—
3. To pull with force.
୪ । ଖେଳାଇବା; ବିଞ୍ଚି ଦେବା—
4 To scatter; to strew.
୫ । ବଳପୂର୍ବକ ଭାଙ୍ଗିବା—
5. To break down with force.

**ଉଚ୍ଛାରିବା**—ଗ୍ରା. କ୍ରି—ଉଚ୍ଛାଡ଼ିବା ( ଦେଖ )
Uchhāribā Uchhār̲ḏibā ( See )

**ଉଚ୍ଛାଳ**—ଦେ. ବିଣ. ( ସଂ. ଉଚ୍ଛଳନ )— ବମନ; ଉଦ୍ଗିରଣ—
Uchhāla Vomiting; belching; retching; emitting.
औभ्काला

**ଉଚ୍ଛାଳିବା**—ପ୍ରାଦେ. କଟକ କ୍ରି. ( ସଂ. ଉଚ୍ଛଳନ; )—
Uchhālibā ୧ । କୂପାଦିକୁ ଉତ୍ତମରୂପେ ପରିଷ୍କାର କରିବା—
1. To cleanse a well or tank
୨ । ବାନ୍ତି କରିବା—2. To vomit.
୩ । ଗୃହ ଛିଦ୍ରମାନ ସାଧାରଣରେ ପ୍ରକଟ କରିବା—
3- To publish family secrets.

**ଉଚ୍ଛାହ**—ଗ୍ରା. ବି—ଉତ୍ସାହ ( ଦେଖ )
Uchhāha Utsāha ( See )

**ଉଚ୍ଛାହା**—ଗ୍ରା. ପଦ୍ୟ. ବିଣ—୧ । ଉତ୍ସାହ ( ଦେଖ )
Uchhāhā 1. Utsāha ( See )
୨ । ଆନନ୍ଦିତ; ପ୍ରଫୁଲ୍ଲ—
2. Delighted.
ନନ୍ଦ ଦାସ ଜନ ମନ କରି ଉଚ୍ଛାହା—ଶିଶୁଶଙ୍କର. ଉଷାଅଭିଳାଷ ।

**ଉଚ୍ଛାହି**—ଗ୍ରା. ବିଣ. ( ସଂ. ଉତ୍ସାହୀ )—ଉତ୍ସାହୀ ( ଦେଖ )
Uchhāhī Utsāhī ( See )

**ଉଚ୍ଛିଣି**—ଗ୍ରା.ଅ. ( ସଂ. ଏତଦ୍ ଓ. କ୍ଷଣ )—ଏହିକ୍ଷଣି—
Uchhiṇi Now; at present; just uow.

**ଉଚ୍ଛିଣିକା**—ଗ୍ରା. ଅ—ଉଚ୍ଛିଣି ( ଦେଖ )
Uchhiṇikā Uchhiṇi ( See )

**ଉଚ୍ଛିବା**—ଦେ. କ୍ରି. ( ସଂ. ଉଞ୍ଛନ୍ )—୧ । ( ଲୁଗାକୁ ) ଯତ୍ନପୂର୍ବକ
Uchhibā ଝାଡ଼ିବା ବା ସଜ କରିବା; ଉଞ୍ଛିବା—
2. To prepare a cloth or make it fit for wear.
୨ । ସଜାଡ଼ିବା; ବିନ୍ୟାସ କରିବା —
2. To adorn; to arrange.

ଉଚ୍ଛ ସୁମନ ଗନ୍ଧେ ଯାହା କବରୀ ସାଜ ଭ୍ରମର ଗହଳରେ—
ଉଣ୍ଡ. ପ୍ରେମସୁଧାନିଧି ।
୩ । ଯୁକ୍ତ କରିବା—
3. To add to.
୪ । ବୃକ୍ଷାଦିର ଅଦରକାରୀ ଡାଳ ବା ବଢ଼ିଯାଇଥିବା ଲତାଗୁଳ୍ମାଦିକୁ କାଟିକୁଟି ପରିଷ୍କାର କରିବା—
4. To prune or lop off the redundant parts of a tree, plant or creeper.

**ଉଚ୍ଛୁକ**—ଗ୍ରା. ପଦ୍ୟ. ବିଣ—ଉତ୍ସୁକ ଦେଖ )—Utsuka ( See )
Uchhuka ଗ୍ରା. ବି.— ଔତ୍ସୁକ୍ୟ—Eagerness.
ମିଳଣି, କେତେ ଚଉଦଗ ଗୃହେଁ ରହିରହିଯେ ଉଚ୍ଛଳିଲ ସେ
ମନ ଉଚ୍ଛୁକେ ମୋତେ ହସିଲଇ—ପ୍ରାଚୀ. ଉପବାହାଥି ।

**ଉଚ୍ଛୁକିଆ**— ଗ୍ରା. ବିଣ—ଉତ୍ସୁକ ( ଦେଖ )
Uchhukiā Utsuka ( See )

**ଉଚ୍ଛୁଡ଼ି**—ଗ୍ରା. ବିଣ—ଅବାଧ୍ୟ; ଦୁଷ୍ଟ—
Uchhur̲ḏi Unruly; wicked.

**ଉଚ୍ଛୁଡ଼ିଆ**—ଗ୍ରା. ବିଣ—ଉଚ୍ଛୁଡ଼ି ( ଦେଖ )
Uchhur̲ḏiā Uchhur̲ḏi ( See )

**ଉଚ୍ଛୁଡ଼ିବା**—ଦେ. କ୍ରି—୧ । ବଳାତ୍କାରରେ ଝିଙ୍କିନେବା—
Uchhur̲ḏibā 1. To snatch away.
उछलना ଦେବକୀ ନିକଟେ ମିଳଇ; କୋଳୁ ବାଳକ ଉଚ୍ଛୁଡ଼ିଲା ।
ଜଗନ୍ନାଥ—୧୦ମ ଗୋପ ।
୨ । ବଳପୂର୍ବକ ଆକର୍ଷଣ କରିବା—
2. To drag by force.
ତେବେ ଭୀମ କି ଭରି ଅନୁକୁ ଉଚ୍ଛୁଡ଼ି—କୃଷ୍ଣସିଂହ. ମହାଭାରତ. ବନ ।
୩ । ଆକ୍ରମଣ କରିବା—3. To attack.
୪ । ଝିଞ୍ଜାଡ଼ିବା—4. To scatter.
୫ । ଫୋପାଡ଼ିବା —5. To strew with force.
୬ । ବଳପୂର୍ବକ ବିକ୍ଷିପ୍ତ ବା ବିକ୍ଷିପ୍ତ ହେବା—
6. To be strewn with force.
ଉଚ୍ଛୁଡ଼ି ପଡଲେ ଏ ପଦ୍ମ, ସଲିଳ କଲେ ପଦ୍ମ ସିଦ୍ଧ ।
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

**ଉଚ୍ଛୁଣା**—ପ୍ରାଦେ. (ଗଞ୍ଜାମ) ବି—ଘର ଚାଳର ଓଳ (ଗୋପୀନାଥ ନନ୍ଦ)—
Uchhuṇā• The eaves of a thatch.

**ଉଚ୍ଛୁଣି**—ପ୍ରାଦେ. ଅ ( ବାଲେଶ୍ୱର ) ଅ— ଏକ୍ଷଣି; ବର୍ତ୍ତମାନ—
Uchhuṇi At the present moment
এখুনি
अभी ଉଚ୍ଛୁଣି ଜମାଦାର ପହଞ୍ଚିବ । ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଉଚ୍ଛୁଣିକା**— ପ୍ରାଦେ ( କଟକ ଓ ବାଲେଶ୍ୱର ) ଅ —ଉଚ୍ଛୁଣି ( ଦେଖ )
Uchhuṇikā Uchhuṇi ( See )

**ଉଚ୍ଛୁର**—ଦେ. ବି. ( ସଂ. ଉଚ୍ଛ୍ରାୟ )—୧ । ବିଳମ୍ବ ବା ଡେରି—
Uchhura 1. Delay.
ତୁ ଏବେ ବଧି ମାତ୍ର କର, ମୋ ନାଥ ହେଉଛି ଉଚ୍ଛୁର । ଭୂପତି—ପ୍ରେମପଞ୍ଚାମୃତ ।

ସାଧାରଣ ଲୋକେ ଅନେକ ସ୍ଥଳରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍ରୂପ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଠ' ନ ମିଳିଲେ 'ଖାଣ' ଖୋଜିବେ; 'ବୃଥ' ନ ମିଳିଲେ 'ବଥ' ଦେଖିବେ; 'ବଂଶୁ' ନ ପାଇଲେ 'ବଶୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୨ । ନିର୍ଦ୍ଦିଷ୍ଟ ସମୟ ବା ବେଳା ଅତିକ୍ରମ; ବେଳା ଗଡ଼ିବା— 2. The passing away of fixed or proper time; expiry of the appointed time.

ଉଛୁର କରିବା—୧ । ଡେରି କରିବା—1. To delay.
Uchhura kariba ୨ । ବେଳ ଗଡ଼ାଇବା—2. To while away the appointed time.

ଉଛୁର ସହିବା—ଦେ. କ୍ରି—୧ । ବିଳମ୍ବ ବା ଡେରି ସମ୍ଭାଳିବା—
Uchhura sahibā 1. To admit of delay; to brook delay.

ଉଛୁରାଇବା—ଦେ. ପଦ୍ୟ. କ୍ରି—ଉଛୁର କରିବା—
Uchhurāibā To delay.

ଉଛୁରେଇବା—ଦେ. କ୍ରି—ଉଛୁରାଇବା ( ଦେଖ )
Uchhureibā Uchhurāibā ( See )

ଉଛୁଳା—ଦେ. ବିଣ—( ସଂ ଉଚ୍ଛଳିତ )—୧ । ଅବାଧ—
Uchhulā 1. Unruly; disobedient.
छलक, उथलपुथल ୨ । ଉଛୁଳୁଥିବା—2 Over flowing.

ଉଛୁଳାଇବା—ଦେ. କ୍ରି—ଉଛୁଳିବାର ଣିଜନ୍ତ ରୂପ—
Uchhulāibā The causative form of 'Uchhulibā
छलकाना

ଉଛୁଳିବା—ଦେ କ୍ରି. ( ସଂ. ଉଚ୍ଛଳନ ) ୧ । ଜଳ ଆଦି ତରଳ ପଦାର୍ଥ ପାତ୍ରର ବା କୂଳର ଉପରକୁ ଉଠିବା—1 To overflow; to swell (said of liquids).
Uchhulibā
छलकना
୨ । ବ୍ୟାପ୍ତ ହେବା; ଶବ୍ଦଦ୍ୱାରା ମୁଖରିତ ହେବା—
2 To resound; to reverberate.
ବାଦ୍ୟ ଶ୍ରୁତିରେ ଧରଣୀ ଉଛୁଳି—ଉପେ. ବୈଦେହୀଶବିଳାସ ।
୩ । ପୂର୍ଣ୍ଣ ହେବା—3. To be full; to be filled
ଦେବ ପୁଷ୍ପକ ବାସ, ଜନ ଉଛୁଳି ବହେ ଦଶଦିଗ—ପ୍ରାଚୀ. ରଘୁବଂଶଶ୍ଲୋକ ।
୪ । (ଲକ୍ଷଣାର୍ଥ) ଅଧିକରୂପେ ପ୍ରକାଶିତ ହେବା—
4. To appear in profusion.
ହୃଦାରେ ଚୁମ୍ବିଲେ ଦେଖି ଗଣ୍ଡେ ଗଣ୍ଡ ଉଛି ଉଛି
ଶିର ସଙ୍ଗେ କ ରସ ଉଛୁଳିଲାରେ—କବିସୂର୍ଯ୍ୟ. କଳୋଳଚମ୍ପୁ ର ଗୀତ ।

ଉଛୁଳେଇବା—ଦେ. କ୍ରି—ଉଛୁଳାଇବା ( ଦେଖ )
Uchhuleibā Uchhulāibā ( See )

ଉଛେଇବା—ଦେ. କ୍ରି—ଉଛାଇବା ( ଦେଖ )
Uchheibā Uchhāibā ( See )

ଉଜ୍ନା—ପ୍ରାଦେ ( ସମ୍ବଲପୁର ) ସର୍ବନାମ—ଅନ୍ୟ; ଅପର; ଦୋସରା—
Ujnā Other; another.

ଉଜ—ଦେ. ବି ( ସଂ. ଓଜଃ )—୧ । ତେଜ; ପ୍ରଭାବ; ଉଜ୍ଜ୍ୱଳତା—
Uja 1. Brightness; brilliance.
୨ । (ସ୍ତ୍ରୀ) ଉଜ୍ଜ୍ୱଳମଣିର ଡାକନାମ—
2. A name for calling 'Ujjwalamani'.
୩ । ନିର୍ମାଣ—3. Preparation; formation.
ସୁବର୍ଣ୍ଣ ସୀତା ଗୋଟିଏ ଉଜ କରିଲେ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଦେ. ବିଣ—୧ । ଉଜ୍ଜ୍ୱଳ—1. Bright.
ମୁଖ ମାଣିକ୍ୟ ହୋଇଛି ଉଜ—ବିଶ୍ୱନାଥ. ବିଚିତ୍ରରାମାୟଣ ।
୨ । ଶ୍ରେଷ୍ଠ; ଉତ୍କୃଷ୍ଟ—2. Superior; excellent.
୩ । ସିଧା; ସଳଖ—3. Straight; upright.
ବକୁଳା ବୃକ୍ଷ ଉଜ କରନ୍ତି
ଏ ଶୋଭା କରେ ଅଶୋକମାନଙ୍କୁ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୪ । କ୍ଷମ—4. Able.
ବଧି ପୂର୍ବରେ ଦକ୍ଷିଣ ପ୍ରତୀଚୀରେ ଉଜ—ଉପେ. ବୈଦେହୀଶବିଳାସ ।
୫ । ଉନ୍ନତ; ଉଚ୍ଚ—Raised.
କର ବେଣୀ ଉଜ, ଉଜ୍ଜ୍ୱଳ ନଖ ସମାଜ
ମାନର ସେ ଦେଖି ହେଲା ଲାଜଲାଜ—ଉପେ. ପ୍ରେମସୁଧାନିଧି ।

ଉଜଟ—ଦେ. ବିଣ (ସଂ. ଉଜ୍ଝଟ)—ଅବୁଝା; ଅବୁଝ—
Ujaṭa Unreasonably insisting for a thing.

ଉଜଟିଆ—ଦେ. ବିଣ—ଉଜଟ (ଦେଖ)
Ujaṭiā Ujaṭa (See)

ଉଜଡ଼ା—ଦେ. ବିଣ (ସଂ. ଉଜ୍ଝଟ)—୧ । ନଷ୍ଟ ବା ଅପବ୍ୟୟିତ—
Ujarḍā 1. Wasted.
उजाड़ ୨ । ଅପବ୍ୟୟକାରୀ—
2 Squandering; wasteful.

ଉଜଡ଼ାଇବା—ଦେ. କ୍ରି (ଉଜାଡ଼ିବାର ଣିଜନ୍ତ ରୂପ)—ନଷ୍ଟ କରାଇବା—
Ujarḍāibā To cause to devastate.

ଉଜନ୍ତରି—ଗ୍ରା. ବିଣ—ଉଜୁନ୍ତୁରି (ଦେଖ)
Ujantari Ujunturi (See)

ଉଜନ୍ତୁରି—ଗ୍ରା. ବିଣ—ଉଜୁନ୍ତୁରି (ଦେଖ)
Ujauturi Ujunturi (See)

ଉଜର୍—ପ୍ରାଦେ (ବସ୍ତର) ବିଣ—ଉଜ୍ଜ୍ୱଳ—
Ujar Bright.

ଉଜଲ୍—ପ୍ରାଦେ (ସମ୍ବଲପୁର) ବି. (ସଂ. ଉଜ୍ଜ୍ୱଳ)—ଆଲୁଅ—
Ujal Light.
उजाला

ଉଜଳ—ଗ୍ରା. ବିଣ (ସଂ. ଉଜ୍ଜ୍ୱଳ)—୧ । ଉଜ୍ଜ୍ୱଳ—
Ujaḷa 1. Lustrous; bright; glowing.
उजियाला; उजाला ୨ । କାନ୍ତିଯୁକ୍ତ—2. Shining; brilliant.
୩ । ପ୍ରାଦେ (ସମ୍ବଲପୁର) ବି. ଆଲୋକ—3. Light.
ଗ୍ରା. ବି—୧ । ଉଜ୍ଜ୍ୱଳତା—
1. Brilliance; lustre.
୨ । ଧୋବା—2. Washer-man.

ଉଜଳ କରିବା—ଗ୍ରା. କ୍ରି—୧ । କାନ୍ତିଯୁକ୍ତ କରିବା—
Ujaḷa karibā 1. To make lustrous
୨ । ମାଜିବା—
2 To bring out the original lustre by rubbing.

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦପାଇଁ କ୍ରମାନ୍ୱୟରେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' କି ମିଳିଲେ 'ଗାଢ଼' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

୩ । (ଧୋବା) ଲୁଗା ପରିଷ୍କାର କରିବା—
3 To wash cloths.

ଉଜଳଘର—ପ୍ରାଦେ. (ଗଞ୍ଜାମ) ବି.—୧ । ଧୋବା—
Ujalaghara — 1. Washerman; washerman's hands.
୨ । ଧୋବା ଘର—Washerman's house.

ଉଜଳଣୀ—ଗ୍ରା. ବି. ସ୍ତ୍ରୀ—ଧୋବଣୀ—Washer-woman.
Ujalaṇi

ଉଜଳମାଧିଆ—ଦେ. ବି.—ଏକପ୍ରକାର ଧଳା ମୋଟ ଧାନ—
Ujalamādhiā — A species of white coarse paddy.

ଉଜଳମାଧୁଆ—ଦେ. ବି.—ଉଜଳମାଧିଆ (ଦେଖ)
Ujalamādhuā — Ujalamādhiā (See)

ଉଜଳମାଧୋଇ—ଦେ. ବି—ଉଜଳମାଧିଆ (ଦେଖ)
Ujalamādhoi — Ujalamādhiā (See)

ଉଜଳହର—ପ୍ରାଦେ. (ଗଞ୍ଜାମ) ବି—ଉଜଳଘର (ଦେଖ)
Ujalahara — Ujalaghara (See)

ଉଜଳା—ଗ୍ରା. ବି.—ଧୋବା—
Ujalā — Washer-man.

ଉଜଳାଘର—ଦେ. ବି.—ଉଜଳଘର (ଦେଖ)
Ujalāghara — Ujalaghara (See)

ଉଜଳାମାଧିଆ—ଉଜଳମାଧିଆ (ଦେଖ)
Ujalāmādhiā — Ujalamādhiā (See

ଉଜଳି—ଗ୍ରା. ବି. ସ୍ତ୍ରୀ—ଉଜୁଳି (ଦେଖ)
Ujali — Ujuli (See

ଉଜଳିବା—ଦେ. ପଦ୍ୟ. କ୍ରି. (ସଂ. ଉଜ୍ଜ୍ୱଳ)—୧ । ଉଜ୍ଜ୍ୱଳ କରିବା—
Ujaliba — 1. To make lustrous.
ଅଣୀ ଉଜଳେ ଯଥା ଅଗ୍ନିକି ମୁଖ । ରାଧାନାଥ, ଚିଲିକା ।
୨ । ପ୍ରଜ୍ଜ୍ୱଳିତ ହେବା—2 To burn.
୩ । ପ୍ରକାଶିତ ହେବା; ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହେବା—
3. To become visible; to appear.
ଲଳିତ ଶଶୀ ଉଜଳେ ସ୍ୱଗ ରମଣେ । ରାଧାନାଥ, ମେଘଦୂତ ।
୪ । ଲୁଗା ଆଦି କାଚି ପରିଷ୍କାର କରିବା—
4. To cleanse cloths by washing.

ଉଜଳୀ—ଦେ. ବି—ଉଜୁଳି (ଦେଖ)
Ujalī — Ujulī (See)

ଉଜା—ପ୍ରାଦେ. ବି (ଜାହାଜିଆ ଶବ୍ଦ)—ଡାହାଣ ତରଫ—
Ujā — (nautical) The right hand side

ଉଜାଇବା—ଗ୍ରା. କ୍ରି—ଉଜେଇଁବା (ଦେଖ)
Ujāiba — Ujeiñbā (See

ଉଜାଇଁବା—ଦେ. କ୍ରି—ଉଜେଇଁବା (ଦେଖ)
Ujāiñbā — Ujeiñbā (See)

ଉଜାଁ—ଗ୍ରା. ବି—ଉଜୁଆଁ (ଦେଖ)
Ujāñ — Ujuāñ (See)

ଉଜାଗର—ଦେ. ବି. (ସଂ. ଉଦ୍‌ଜାଗର)—୧ । ନିଦ୍ରାରାହିତ୍ୟ—
Ujāgara — 1. Wakefulness.
୨ । ରାତ୍ରି ଜାଗରଣ—2. Watching.
ସେ ଥାଇ ଥାଉ ସାଦରେ ଶିବରାତ୍ରି ଉଜାଗରେ ବସି କୈଳାସ ନଗରେ
ବହୁ ଯୋଗରେ । ଭକ୍ତ- ପ୍ରେମସୁଧାନିଧି ।
उजागर — ଦେ. ବିଣ—୧ । ଜାଗ୍ରତ; ଅନିଦ୍ରିତ—1. Wakeful.
୨ । ହୁସିଆର—2. Cautious.

ଉଜାଗର ହେବା—ଦେ. କ୍ରି—୧ । ହୁସିଆର ରହିବା—
Ujāgara hebā — 1 To be on the alert.
୨ । ରାତ୍ରିରେ ଜାଗ୍ରତ ରହିବା—2 To watch up.

ଉଜାଡ଼—ଦେ. ବି—୧ । ନାଶ ବା ଧ୍ୱଂସ—
Ujārḍa — 1. Destruction; desolation.
উজোড়
उजड़
କପାଟ ଭେଳିଣ ସେ ପାଳେଣି ଭେଳିପଣ
ଉଜାଡ଼ କରି ସୁବର୍ଣ୍ଣମୟ ଲଙ୍କାଦେଶ । ବଳରାମ. ରାମାୟଣ ।
୨ । ଅପବ୍ୟୟ—2. Waste; squandering.

ଉଜାଡ଼ମସ୍ତ—ଗ୍ରା. ବି.—୧ । ଧ୍ୱଂସ; କ୍ଷୟ—1. Destruction.
Ujārḍamasta ୨ । ଅପବ୍ୟୟ—2. Wasting.
ଦେ. ବିଣ—୧ । ଅପବ୍ୟୟୀ—1. Squandering.
୨ । ଅପବ୍ୟୟିତ—2. Wasted
୩ । ଅତି ଦୁର୍ବାର୍ଯ୍ୟ ବା ଦୁଷ୍ଟ; ଦୁର୍ବୃତ୍ତ—
3. Very wicked.

ଉଜାଡ଼ିଆ—ଗ୍ରା. ବିଣ ପୁଂ—ଅପବ୍ୟୟୀ—
Ujārḍiā — Extravagant.
उजाड़ू
(ଉଜାଡ଼େଣୀ—ସ୍ତ୍ରୀ)

ଉଜାଡ଼ିବା—ଦେ. କ୍ରି. ( ସଂ. ଉଜ୍ଜ୍ୱଟ )—
Ujārḍibā ୧ । ନଷ୍ଟ କରିବା—To ruin; to destroy; to lay waste.
उजाड़ना; उजड़करना
ପୁର ଉଜାଡ଼େ ରସ୍ଥ କରି; ସେ ପୁରଜନ ଡଣ୍ଡାଯାଇ ।
ଜଗନ୍ନାଥ. ଭାଗବତ ୪ ।
୨ । ଅପବ୍ୟୟ କରିବା—2. To waste.

ଉଜାଣ—ଦେ. ବିଣ—ଜୁଆରଯୁକ୍ତ—
Ujāṇa — Tidal.
ଯେସନେ ଚୋର ବେଣ ସ୍ୱନ. ନଦୀକି କରଇ ଉଜାଣ ।
ଭୂପତି—ପ୍ରେମପଞ୍ଚାମୃତ ।

ଉଜାଣି—ଦେ. କ୍ରି. ବିଣ [ସଂ ଉତ୍ + (ଯାନ ?)]—
Ujāṇi — ସ୍ରୋତର ବିପରୀତରେ—
Against current; upstream.
• ବିଣ—ଉଜାଣିଆଁ ( ଦେଖ )
Ujāṇiāñ ( See )
ମାନ ଛଳନ କ ଭବେ ନେଇ-ପ୍ରାଣୀ
ଭାସିବାକୁ କାଳ-ସ୍ରୋତେ ଉଜାଣି । ରାଧାନାଥ, ନନ୍ଦିକେଶ୍ୱରୀ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଙ | ଚ | ଣ,ଶ | ଷ | ଇୟ | ଉଅ | ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଳ |

ଉଜାଣିଆଁ—ଦେ. ବଣ—୧ । ବିପରୀତ ଦିଗକୁ ଗତି କରୁଥିବା—
Ujāṇiañ 1. Flowing against current.
୨ । ଜୁଆରଥ—2. Tidal.

ଉଜାଣି ଉଠିବା—ଦେ. କ୍ରି. [ ସଂ. ଉତ୍ + ଯାନ ( ? )]—
Ujāṇi uṭhibā ୧ । ସ୍ରୋତର ବିପରୀତ ଅଡ଼କୁ ଉଠିବା—
1. To rise against the stream.
୨ । ଜୁଆର ଉଠିବା—2. To flow as in flood-tide.

ଉଜାଣି ଟେକିବା—ଦେ. କ୍ରି—ଉଜାଣି ଉଠିବା ( ଦେଖ )
Ujāṇi ṭekibā Ujāṇi uṭhibā ( See )
ଯମୁନା ପାଣି ଟେକେ ଉଜାଣି । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଉଜାଣି ଧରିବା—ଦେ. କ୍ରି. ( ଲକ୍ଷଣାର୍ଥ )—ବିପରୀତ ଦିଗକୁ ବହିବା—
Ujāṇi dharibā ( fig ) To take to the opposite direction.
ପବନ ଉଜାଣି ଧରି ନାଚ ଦେଖିବଲେ—ପ୍ରାଚୀ, ଶିବସ୍ୱରୋଦୟ ।

ଉଜାଣି ବହିବା—ଦେ. କ୍ରି. [ ସଂ. ଉତ୍ + ଯାନ ( ? ) ]—
Ujāṇi bahibā ୧ । ଉଠାଣି ବହିବା; ସ୍ରୋତର ଉପର ଅଡ଼କୁ ବହିବା—1. To rise against the stream.
୨ । ଜୁଆର ଉଠିବା—2. To flow as in flood tide.

ଉଜାଣିବା—ଦେ. ପଦ୍ୟ. କ୍ରି—ଉତ୍ତୋଳନ କରିବା—
Ujāṇibā To raise; to lift up.
ନାଦ ଜୋଗଢରେ ତଳ ରେଖ, ଉଜାଣି ଧରିବ ନଦେଖି ।
ପ୍ରାଚୀ—ନିର୍ଗୁଣମାହାତ୍ମ୍ୟ ।

ଉଜାଲ—ପ୍ରାଦେ. ( ସମ୍ବଲପୁର ) ବ ( ସଂ. ଉଜ୍ଜ୍ୱଳ )—ଆଲୋକ—
Ujālā Light.

ଉଜାଳିବା—ଦେ. କ୍ରି. ( ସଂ. ଉଜ୍ଜ୍ୱଲ୍ )—ପ୍ରଦୀପ ବା ଅଗ୍ନିକୁ ସତେଜ କରିବା; ଦୀପ ବା ନିଆଁକୁ ତେଜିବା—
Ujāḻibā To trim a lamp or fire

ଉଜି—ପ୍ରାଦେ. ( ଗଞ୍ଜାମ ) ବ—୧ । ପଶା ବା ତାସ ପ୍ରଭୃତି ଖେଳରେ ଏକ ପକ୍ଷରେ ଖେଳୁଥିବା ଦୁଇ ଜଣ ସଙ୍ଗୀ ଖେଳାଳିଙ୍କ ମଧ୍ୟରୁ ଜଣେ—1. One of the pair of players of playig in a game of cards.
Uji
୨ । ଉଜ୍ଜ୍ୱଳମଣୀ ନାମ୍ନୀ ସ୍ତ୍ରୀର ଡାକ ନାମ—
2. A name for calling 'Ujjwaḻamaṇi'.

ଉଜିର୍—ବୈଦେ. ବ ( ଆ )—୧ । ପ୍ରଧାନ ମନ୍ତ୍ରୀ—
Ujir 1. Prime minister.
୨ । ମନ୍ତ୍ରୀ—2. Minister.

ଉଜୁ—ବୈଦେ. ବ. ( ଅ )—ନମାଜ ପଢ଼ିବା ପୂର୍ବରୁ ମୁସଲମାନଙ୍କର ଜଳଦ୍ୱାରା ମୁହଁ, ହାତ ଓ ଗୋଡ଼ ଧୋଇ ପବିତ୍ର ହେବା ରୂପ କ୍ରିୟା—Ablutions performed by a Mahomadan before prayer.
Uju
[ ଦ୍ର—ରୋଗାଦି ଥିବାରୁ ପାଣି ଛୁଇଁଲେ ଯାହାର ଅନିଷ୍ଟ ହେବାର ଆଶଙ୍କା ଥାଏ ସେ ଲୋକ (ତଏମୁମ୍ ବା) ମାଟିରେ ଜଡ଼ଥିବା ହାତ ମାରି ସେହି ହାତକୁ ମୁହଁରେ ଓ ହାତରେ ବୋଳି ପବିତ୍ର ହେବ—କୋରାନରେ ଏହିପରି ବ୍ୟବସ୍ଥା ଅଛି । ]

ଉଜୁଆଁ—ଦେ. ବ. ( ସ. ଉଦ୍ୟାପନ )—
Ujuāñ ୧ । ବ୍ରତ ଉଦ୍ୟାପନା; ବ୍ରତ ସମାପ୍ତି—
1. The completion of a religious vow.
୨ । କୌଣସି କର୍ମ ବା ଅନୁଷ୍ଠାନର ପରିସମାପ୍ତି—
2. The finish of a work.

ଉଜୁଆଇଁବା—ଦେ. କ୍ରି—ଉଜେଇଁବା ( ଦେଖ )
Ujuāiñbā Ujeñibā ( See )

ଉଜୁଇଁବା—ଗ୍ରା. କ୍ରି—ଉଜେଇଁବା ( ଦେଖ )
Ujuiñbā Ujeñibā ( See )
ପ୍ରେତେକର ଦ୍ୱେଗବ୍ରତ ଉଜୁଇଲେ ପୁଣ—ପ୍ରତାପ. ଶଶିଷେଣା ।

ଉଜୁଡ଼ା—ଦେ. ବ—୧ । ନାଶ; ଅପଚୟ—
Ujuṟḍā 1. Destruction; ruin; loss.
୨ । ଅପବ୍ୟୟ—2. Waste.
ଦେ. ବଣ—୧ । ଯାହା ଉଜୁଡ଼ି ଯାଏ ବା ନଷ୍ଟ ହୁଏ—
1. Wasted; subeject to waste.
୨ । ନାଶକାରୀ; ଲୋପକାରୀ—
2. One that ruins; destroying.
ବନ୍ଧା ସୁମନାରେ ନୁଡ଼ା ଯେ ଧୈର୍ଯ୍ୟ ଉଜୁଡ଼ା ସେହି—
ଭଞ୍ଜ, ବୈଦେହୀଶବିଳାସ ।

ଉଜୁଡ଼ାଇବା—ଦେ. କ୍ରି—ଉଜୁଡ଼ିବାର 'ଣିଜନ୍ତ' ରୂପ—
Ujuṟḍāibā The causative form of 'Ujuṟḍibā'.

ଉଜୁଡ଼ିବା—ଦେ. କ୍ରି—୧ । ନଷ୍ଟ ହେବା—1. To be damaged or destroyed; to be lost.
Ujuṟḍibā
उजड़
୨ । ଅପବ୍ୟୟିତ ହେବା—2. To be wasted or squandered.
୩ । ( ବଳଦଙ୍କ ସମ୍ବନ୍ଧେ ପ୍ରଯୁଜ୍ୟ )—(ହାମୁଡ଼ି କଲଦର) ରୋଗଆଦି ଯୋଗୁଁ ଶୀର୍ଣ୍ଣ ବା ଅକର୍ମଣ୍ୟ ହେବା—
3. (an ox ) To become unfit for work owing to disease.

ଉଜୁଣା—ପ୍ରାଦେ ( ସିଂହଭୂମ ) ବ—ଅନ୍ୟଲୋକ—
Ujuṇā Another person.

ଉଜୁନ୍ତୁରି—ଦେ. ବଣ—ଶ୍ୱାସ ରୋଧ ହେଉଥିବା ବ୍ୟକ୍ତି; ରୁଦ୍ଧ ଶ୍ୱାସ—
Ujunturi Suffocated.
हांफलागा

ଉଜୁଳୀ—ଗ୍ରା. ବ. ସ୍ତ୍ରୀ—ଧୋବଣୀ—
Ujuḻī Washer-woman.

ଉଜୁହତ୍—ବୈଦେ. ବ—ଉଜୁହାତ୍ ( ଦେଖ )
Ujuhat Ujuhāt ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ଢ଼ |

ଉଜୁହାତ୍—ବୈଦେ. ( ଅ ) ବି. ୧ । ଆପତ୍ତି—Objection.
Ujuhāt ୨ । ଆପତ୍ତି ଲେଖାଥିବା ଦରଖାସ୍ତ—
Petition of objections.
(ଯଥା—ଅପିଲ ଉଜୁହାତ୍=ଅପିଲର କାରଣମାନ—
Grounds of appeal.)

ଉଜେଇବା—ଦେ. କ୍ରି—ଉଜେଇଁବା ( ଦେଖ )
Ujeibā Ujeiñbā ( See )

ଉଜେଇଁବା—ଦେ. କ୍ରି.—୧ । ବ୍ରତ ଉଦ୍ୟାପନ କରିବା—
Ujeiñbā 1. To complete a religious vow
उजरवाना ୨ । ପରିସମାପ୍ତି କରିବା—2. To finish.
୩ । ଉପରକୁ ଉଠିବା—3. To rise up.

ଉଜ୍ଜୟିନୀ—ସଂ. ବି (ନାମ). (ଉତ୍+ଜି+କର୍ତ୍ତୃ. ଇନ୍+ସ୍ତ୍ରୀ ଈ )—
Ujjayinī ବିକ୍ରମାଦିତ୍ୟଙ୍କ ରାଜଧାନୀ; ଅବନ୍ତୀନଗର—
Bikramāditya's capital; city of Ujjayinī (modern Jayapur—U. P.)
[ ଦ୍ର—ପୂର୍ବେ ହିନ୍ଦୁ ଜ୍ୟୋତିଷିମାନେ ଏହି ସ୍ଥାନରୁ ଅକ୍ଷାଂଶ-ଦ୍ରାଘିମା ନିରୂପଣ କରୁଥିଲେ । ଏହା ଶିପ୍ରା ନଦୀକୂଳରେ ଅବସ୍ଥିତ; ଅପର ନାମ ଅବନ୍ତିକା । ଉଜ୍ଜୟିନୀ ହିନ୍ଦୁ, ବୌଦ୍ଧ ଓ ଜୈନମାନଙ୍କର ପ୍ରାଚୀନ ତୀର୍ଥସ୍ଥାନ । ନଗରର ନୈଋତକୋଣରେ ଥିବା ଉଦ୍ୟାନଟି ମୃଚ୍ଛକଟିକ ନାଟକବର୍ଣ୍ଣିତ ଉଦ୍ୟାନ ବୋଲି ପ୍ରବାଦ ଅଛି । ]

ଉଜ୍ଜଳ—ସଂ. ବି (ଉତ୍=ଉର୍ଦ୍ଧ୍ୱକୁ+ଜଳ+ଅ)—ଉଝାଳିବା (ଦେଖ)
Ujjaḻa Ujhāḻibā (See)

ଉଜ୍ଜଳନ—ସଂ. ବି ( ଉତ୍=ଉର୍ଦ୍ଧ୍ୱକୁ+ଜଳ୍+ଅନ )—
Ujjaḻana ଉଝାଳିବା (ଦେଖ)
Ujhāḻibā (See)

ଉଜ୍ଜଳିତ—ସଂ. ବିଣ. (ଉତ୍ + ଜଳ + ଇତ) —ଉଝାଳା ହୋଇଥିବା—
Ujjaḻita Cleansed (wells or tanks)

ଉଜ୍ଜାଇବା—ଦେ. କ୍ରି—ଉଜାଣିବା (ଦେଖ)
Ujjāibā Ujāṇibā (See)

ଉଜ୍ଜାସନ—ସଂ. ବି (ଉତ୍+ଜାସି ଧାତୁ=ବଧ କରିବା+ଭାବ. ଅନ)—
Ujjāsana ମାରଣ; ହନନ; ବଧ—Killing.

ଉଜ୍ଜୀବନ—ସଂ. ବି (ଉତ୍+ଜୀବ ଧାତୁ=ଜୀଇଁବା + ଭାବ. ଅନ)—
Ujjībana ୧ । ମୂର୍ଚ୍ଛା ପରେ ଚୈତନ୍ୟଲାଭ—
( ଉଜ୍ଜୀବିତ—ବିଣ ) 1. Resuscitation after a fit; rejuvenation.
୨ । ଲୁପ୍ତପ୍ରାୟ ହୋଇ ପୁନର୍ବାର ପ୍ରବଳ ହୋଇ ଉଠିବା—
2. To revive after being extinct

ଉଜ୍ଜୀବିତ - ସଂ. ବିଣ ( ଉତ୍+ଜୀବ ଧାତୁ=ଜୀଇଁବା+ତ ) -
Ujjībita ମୂର୍ଚ୍ଛା ପରେ ପୁନଃ ଚେତନାପ୍ରାପ୍ତ—
Resusciated; brought round after a fit of unconsciousness

ଉଜ୍ଜୃମ୍ଭ—ସଂ. ବି (ଉତ୍+ଜୃମ୍ଭ ଧାତୁ=ପାଟି ମେଲା କରିବା; ହାଇ ମାରିବା; ଚେଷ୍ଟା କରିବା+ଭାବ. ଅ)—
Ujjṛumbha
୧ । ବିକାଶ—1. Expansion.
୨ । ଚେଷ୍ଟା—2. Effort; exertion; endeavour.
ସଂ. ବିଣ—୧ । ପ୍ରସ୍ଫୁଟିତ—1. Blown; expanded
୨ । ଚେଷ୍ଟିତ—2. Exerted; tried.

ଉଜ୍ଜୃମ୍ଭଣ—ସଂ. ବି. ଓ ବିଣ. ( ଉତ୍+ଜୃମ୍ଭ ଧାତୁ+ଭାବ ଓ କର୍ତ୍ତୃ. ଅନ)—ଉଜ୍ଜୃମ୍ଭ (ଦେଖ)
Ujjṛumbhaṇa Ujjṛumbha (See)

ଉଜ୍ଜୃମ୍ଭିତ—ସଂ. ବି. ଓ ବିଣ—(ଉତ୍+ଜୃମ୍ଭ ଧାତୁ=ହାଇ ମାରିବା+ଭାବ. ତ)—ଉଜ୍ଜୃମ୍ଭ (ଦେଖ)
Ujjṛumbhita Ujjṛumbha (See)

ଉଜ୍ଜ୍ୱଳ—ସଂ. ବିଣ ( ଉତ୍=ଅତିଶୟ+ଜ୍ୱଲ୍ ଧାତୁ=ଦୀପ୍ତି ପାଇବା+କର୍ତ୍ତୃ. ଅ )—୧ । ଦୀପ୍ତିମାନ୍; ଚାକଚକ୍ୟଶାଳୀ; ଜ୍ୟୋତିର୍ମୟ—1. Luminous; shining; bright.
Ujjwaḻa
୨ । ନିର୍ମଳ—2. Glossy; clear.
୩ । ପରିଷ୍କୃତ—3. Clean; cleansed.
୪ । ଶୋଭମାନ; ଶୋଭନୀୟ—4. Splendid.
ବି.—୧ । ଆଦିରସ; ଶୃଙ୍ଗାରରସ—1. The sentiment of love.
୨ । ସୁବର୍ଣ୍ଣ; ସୁନା—2. Gold

ଉଜ୍ଜ୍ୱଳ କରିବା—ଦେ. କ୍ରି. ( ଉତ୍=ଅତିଶୟ+ଜ୍ୱଲ ଧାତୁ=ଦୀପ୍ତି ପାଇବା )—୧ । ଦୀପ୍ତିଶାଳୀ କରିବା—
Ujjwaḻa karibā 1. To illuminate.
୨ । ଆଲୋକିତ କରିବା—2. To brighten.
୩ । ( ଲକ୍ଷଣାର୍ଥ ) ଖ୍ୟାତି ପ୍ରସାର କରିବା—
3. To spread the fame.
(ଯଥା—କୁଳ ଉଜ୍ଜ୍ୱଳ କରିବା )

ଉଜ୍ଜ୍ୱଳତା—ସଂ. ବି. ( ଉଜ୍ଜ୍ୱଳ+ଭାବ. ତା )—
Ujjwaḻatā ଶୁଭ୍ରତା; ଚାକଚକ୍ୟ; ଦୀପ୍ତି—
Splendour; brightness.

ଉଜ୍ଜ୍ୱଳନ—ସଂ. ବି. ( ଉତ୍+ଜ୍ୱଲ=ଦୀପ୍ତି ପାଇବା=ଭାବ. ଅନ )—
Ujjwaḻana ଆଲୋକିତ କରିବା—
Act of blazing up or shining forth

ଉଜ୍ଜ୍ୱଳ ରସ—ସଂ. ବି—ଶୃଙ୍ଗାର ରସ—Sentiment of love.
Ujjwaḻa rasa ଉଜ୍ଜ୍ୱଳ ଉଜ୍ଜ୍ୱଳରସେ ଚିତ୍ତ ହୋଇବ ।
ଭକ୍ତ—ପ୍ରେମସୁଧାନିଧି ।

ଉଜ୍ଜ୍ୱଳିତ—ସଂ. ବିଣ. ( ଉତ୍+ଜ୍ୱଲ ଧାତୁ+କର୍ମ. ତ )—
Ujjwaḻita ୧ । ଆଲୋକିତ—
1. Illuminated; brightened.
୨ । ଦୀପ୍ତ; ପ୍ରଜ୍ୱଳିତ—2. Lighted up.

ସାଧାରଣ ଲୋକେ ଏପରି ସ୍ଥଳରେ ମୂର୍ଦ୍ଧନ୍ୟ ଳ ଓ ଦନ୍ତ୍ୟ ଲ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ଳ ବା ଲ ଯୁକ୍ତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଅନ୍ୟ ଯୁକ୍ତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :—
'ସାଢ' ନ ମିଳିଲେ 'ସାଢ଼' ଖୋଜିବେ 'କୃଷ' ନ ମିଳିଲେ 'କୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଉଜ୍ଜ୍ୱଳିବା—ଦେ. ପଦ୍ୟ. କ୍ରି—ଉଜ୍ଜଳିବା ( ଦେଖ )
Ujjwa̠libā — Ujja̠libā ( See )

ପ୍ରଭାରେ ଉଜ୍ଜ୍ୱଳି ଗାଳ ବ୍ୟୋମେ ଗଲେ ସ୍ୱର୍ଗ ସରଳେ ।
ପ୍ରଧାନାଥ—ଉଷା ।

ଉଜ୍ଝଟ—ଦେ. ବିଣ. ପୁଂ—୧ । ଅବୁଝା—1. Unreasonable.
Ujjhaṭa ୨ । ଏକଜିଦିଆ; ଜିଦ୍‌ଖୋର—
2. Obstinate; stubborn.
୩ । ମନୁଆ—3. Self-willed.
୪ । ଦୁଷ୍ଟ; ଦୃପ୍ତ—4. Wicked; wanton.
୫ । ଅସ୍ଥିର—5. Restless.

ଉଜ୍ଝିତ—ସଂ. ବିଣ. ( ଉଜ୍ଝ ଧାତୁ = ତ୍ୟାଗ କରିବା + କର୍ମ. ତ )—
Ujjhita ତ୍ୟକ୍ତ; ବର୍ଜିତ; ଉତ୍ସୃଷ୍ଟ—
Forsaken; thrown away; left; abandoned.

ଉଜ୍ରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଜାଡ଼ିବା ( ଦେଖ )
Ujrāibā — Ujāṟḍibā ( See )

ଉଜ୍ରେଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଜ୍ରାଇବା ( ଦେଖ )
Ujreibā — Ujrāibā ( See )

ଉଝଟ—ଦେ. ବିଣ. ପୁଂ.—ଉଜ୍ଝଟ ( ଦେଖ )
Ujhaṭa — Ujjhaṭa ( See )
ଉଝଟପଣ } ବି.
ଉଝଟପଣିଆ }

ଉଝଟିଆ—ଦେ. ବିଣ. ପୁଂ—ଉଜ୍ଝଟ ( ଦେଖ )
Ujhaṭiā — Ujjhaṭa ( See )
(ଉଝଟୀ—ସ୍ତ୍ରୀ)

ଉଝଣିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଷୁଆଁ ଦେଲାବେଳେ ହାଣ୍ଡି
Ujhanibā ଧରି ଧାନକୁ ଓଲଟପାଲଟ ଓ ତଳଉପର କରିବା—
To shake lustily a pot containing par-boiled paddy set on the grate.

ଉଝଳା—ଦେ. ବି—୧ । କୂଅ ପ୍ରଭୃତିରୁ ପଙ୍କାଦି ଉଦ୍ଧାର କରିବା କର୍ମ—
Ujha̠lā 1. Cleansing of silt etc from the bed of tanks and wells.
୨ । (ଲକ୍ଷଣାର୍ଥ) ପରିବାରର ଗୁପ୍ତ ରହସ୍ୟମାନଙ୍କର ଉଦ୍ଘାଟନ—
2. Giving out family secrets
ବିଣ—ପଙ୍କ ଆଦି କଢ଼ାଯାଇ ପରିଷ୍କୃତ ହୋଇଥିବା କୂଅ ପ୍ରଭୃତି—
Cleansed of silts ( wells or tank ).

ଉଝଳାଇବା—ଦେ. କ୍ରି—ଉଝାଳିବାର ଣିଜନ୍ତ ରୂପ—
Ujha̠laibā The causative of Ujhā̠libā.

ଉଝଳା ହେବା—ଦେ କ୍ରି.(କର୍ମବାଚ୍ୟ)—(କୂପ, ତଡ଼ାଗାଦି) ପଙ୍କ ପ୍ରଭୃତି
Ujha̠lā hebā ଉଦ୍ଧାର କରାଯିବାଦ୍ୱାରା ପରିଷ୍କୃତ ହେବା—
(tanks and wells) To be cleansed of silt etc.

ଉଝାଳ—ଦେ. ବି—ଉଚ୍ଛୁଳା; ଉଦ୍ଗମ; ଉଚ୍ଛ୍ୱସନ—
Ujhā̠la Brimming; over-flowing.

ନାବର ଉଝାଳ ଯେମନ୍ତ ନାଠ ହେଉ ବଢ଼ି
ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

ଉଝାଳିବା—ଦେ.କ୍ରି. ସଂ—(ଉଜ୍ଜ୍ୱଳ)—୧ । ସଫା କରିବା; ମାଜିବା—
Ujhā̠liba 1. To cleanse.
୨ । କୂପ ତଡ଼ାଗାଦିରୁ ପଙ୍କୋଦ୍ଧାର କରିବା—
2. To cleanse tanks, wells etc. of silt in the bed
୩ । ଆପଦାଦିରୁ ଉଦ୍ଧାର କରିବ—
3. To save from distress or danger.
୪ । ଗୁପ୍ତ ରହସ୍ୟ ଉଦ୍‌ଘାଟନ କରିବା; ଗୃହଚ୍ଛିଦ୍ରମାନ ପ୍ରକଟ କରିବା—To publish family-secrets.
୫ । ଦୋଷିବା—To call names.

ଉଝୁଳା—ଦେ. ବି. ଓ ବିଣ—ଉଝଳା (ଦେଖ)
Ujhu̠lā — Ujha̠lā (See)

ଉଝୁଳାଇବା—ଦେ. କ୍ରି—ଉଝାଳିବା (ଦେଖ)
Ujhu̠lāibā — Ujhā̠libā (See)

ଉଝୁଳା ହେବା—ଦେ. କ୍ରି—ଉଝଳା ହେବା (ଦେଖ)
Ujhu̠lā hebā — Ujha̠lā hebā (See)

ଉଝେଇ—ଗ୍ରା. କ୍ରି. ବିଣ—ଉଝେଇଁ (ଦେଖ)
Ujhei — Ujheiñ (See)

ଉଝେଇଁ—ଗ୍ରା. କ୍ରି. ବିଣ—୧ । ବୃଥା—Uselessly.
Ujheiñ ୨ । ଅକାରଣରେ—2. In vain.
୩ । ମାଗଣାରେ—3. Gratis.
୪ । ନାମମାତ୍ର; ନାମତଃ (କାର୍ଯ୍ୟତଃ ନୁହେ)—
4. Nominally.
ବିଣ—୧ । ଅନାମନ୍ତ୍ରିତ; ଅନାହୂତ—
1. Uncalled for; unasked.
୨ । ମାଗଣିଆ—2. Gratis
୩ । ବୃଥା—3. Useless; vain.
୪ । ନାମମାତ୍ର—4. Nominal.

ଉଝେଇଁନାଣୀ—ଗ୍ରା. ବି. (ସ୍ତ୍ରୀ—ବ୍ୟଙ୍ଗ୍ୟ)—ଯେଉଁ ସ୍ତ୍ରୀଲୋକ ଅନାହୂତ
Ujheiñnānī ଭାବରେ କଥା କହେ ବା ପରର କାମ କରିବାକୁ ଯାଏ—(a woman) Who speaks or acts uninvited.

ଉଞ୍ଚ୍ଲାଇବା—ପ୍ରାଦେ (ସମ୍ବଲପୁର) କ୍ରି.—କମଳା ଆଦି ଫଳରୁ ଚୋପା
Uñchlāibā ଛଡ଼ାଇବା—To skin the rind of fruits; to peel.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଳ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱୁଚ୍ଛାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ୍ | ଉଅ | ୟ |
| ୨ | ର | ଭ | ରୁ | ଲୁ | ଯ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ଙ୍ |

ଉଞ୍ଚ—ଗ୍ରା. ବି. ଓ ବିଣ—୧ । ଉଚ୍ଚ (ଦେଖ)
Uñcha Uchcha (See)
ଉଁଚୁ
ଅପାବରେ ଅଣଗୃହେ ହୋଇଅଛ ଉଞ୍ଚ ।
ପ୍ରାଚୀ—ବ୍ରହ୍ମନନ୍ଦୀପଣଗୀତା ।

୨ । ଢେଙ୍ଗା—2. Tall

ଉଞ୍ଚକପାଳ—ଗ୍ରା. ବି.—ଅଣିପଛାଠାରୁ ଅସାଧାରଣଭାବରେ ଉନ୍ନତ
Uñchakapāla କପାଳ—High brow.
ଉଁଚୁକପାଳ

ଉଞ୍ଚକପାଳିଆ—ଗ୍ରା. ବିଣ. ପୁଂ—୧ । ଯାହାର କପାଳ ଉଚ୍ଚ—
Uñchakapālia 1. High browed.
ଉଞ୍ଚକପାଳୀ, ଉଞ୍ଚକପାଳେଇ } ସ୍ତ୍ରୀ — ୨ । (ଲକ୍ଷଣାର୍ଥ) ଭାଗ୍ୟବାନ୍—
2 Fortunate; lucky.
[ବି—ଉଞ୍ଚକପାଳଯୁକ୍ତ ପୁରୁଷ ଭାଗ୍ୟବାନ୍ ଓ ଉଞ୍ଚକପାଳୀ ସ୍ତ୍ରୀ ଭାଗ୍ୟହୀନା—ଏହା ଲୋକର ଲୋକବିଶ୍ୱାସ । ]

ଉଞ୍ଚଣା—ଗ୍ରା. ବି—ଷଗଡ଼ବାଟୁଆ ( ଦେଖ )
Uñchaṇā Sagarḍabāṭuā ( See )

ଉଞ୍ଚଲେଞ୍ଚ—ଗ୍ରା. ବିଣ. (ଅବ୍ୟୟ)—ଉଚ୍ଛନୀଚ ( ଦେଖ )
Uñchaleñcha Uchchhanīcha ( See )
ଊଁଚାନୀଚା
ଉଁଚାନୋଚା
ଅପେ ଉଞ୍ଚ ଅପେ ଲେଞ୍ଚ ଅପେ ସବୁ ସମ । ପ୍ରାଚୀ—ବ୍ରହ୍ମନନ୍ଦୀପଣଗୀତା ।

ଉଞ୍ଚା—ଗ୍ରା. ବିଣ. ( ସଂ. ଉଚ୍ଚ )—
Uñchā ୧ । ଉଚ୍ଚ; ଉତ୍ତୁଙ୍ଗ—1. High; steep.
ଊଁଚା, ଉଁଚୁ ୨ । ଢେଙ୍ଗା—2. Tall.
ଉଁଚା ୩ । ଉତ୍ତୋଳିତ ହୋଇଥିବା—
3. Raised up.
ମୁଣ୍ଡି ଉଞ୍ଚାଇ ବନ୍ଦ ପ୍ରାପ୍ତେ; ପିଞ୍ଛଲ ଧଙ୍କରୂପୀ ଦେହେ—ଜଗନ୍ନାଥ. ଭାଗବତ ।

ଉଞ୍ଚାଇବା—ଦେ. କ୍ରି. ( ସଂ. ଉଚ୍ଚ )—
Uñchāibā ୧ । ଅଘାତ କରିବାପାଇଁ ବସ୍ତୁ ବା ଅସ୍ତ୍ର ଅବ
ଊଁଚାନ ଉଠାଇବା—1. To lift an instrument for striking.
ଉଗାନା
ଶୁର୍ଣ ଲଜଡାଙ୍କୁ ଲାଠା ଭାମରସ ଉଞ୍ଚାଇଲେ ଦେଖ ସ୍ନେହେ ।
କବିସୂର୍ଯ୍ୟ—ମଙ୍ଗଳ ।
୨ । କୌଣସି ସ୍ଥାନକୁ ଉଚ୍ଚତର କରିବା—
2. To raise the ground-level.

ଉଞ୍ଚିକୁଞ୍ଚି ପିନ୍ଧିବା—ଦେ. କ୍ରି. ( ସ. ଉଞ୍ଚ ଧାତୁ ଓ କୁଞ୍ଚ ଧାତୁ )—
Uñchikuñchi pindhibā ପିନ୍ଧିବା ଲୁଗାକୁ କୁଞ୍ଚି ସଂଯତ କରି ସୁନ୍ଦରରୂପେ ପିନ୍ଧିବା ( ଯେପରି କି ଲୁଗା ଖୋଲି ହୋଇ ରହି ଚଲେ ଦୃଷ୍ଟିବ ନାହିଁ )—
To wear a cloth in a decent manner.

ଉଞ୍ଚୁଆ—ଗ୍ରା. ବିଣ. ( ସଂ. ଉଚ୍ଚ )—
Uñchuā ୧ । ଉଚ୍ଚ—1. High.
ଊଁଚା; ଉଁଚୁ ୨ । ଢେଙ୍ଗା—2. Tall.

୩ । ଉଚା ହୋଇଥିବା—
3. Lifted for striking.

ଉଞ୍ଚୁକପାଳ—ଗ୍ରା. ବି.—ଉଞ୍ଚକପାଳ ( ଦେଖ )
Uñchukapāla Uñchakapāla (See)

ଉଞ୍ଚୁକପାଳିଆ—ଗ୍ରା. ବିଣ. ପୁଂ. ଉଞ୍ଚକପାଳିଆ ( ଦେଖ )
Uñchukapālia Uñchakapalia (See)
(ଉଞ୍ଚୁକପାଳୀ—ସ୍ତ୍ରୀ)

ଉଞ୍ଚେଇ—ଗ୍ରା. ବିଣ ସ୍ତ୍ରୀ—ଢେଙ୍ଗେଇ (ସ୍ତ୍ରୀ)—
Uñchei Tall (woman).
ଊଁଚାଈ ଦେ. ବି—( ସଂ. ଉଚ୍ଚତା )—ଉଚ୍ଚତା—Height.
ଉଁଚାଇ

ଉଞ୍ଚେଇବା—ଦେ. କ୍ରି—ଉଞ୍ଚାଇବା ( ଦେଖ )
Uñcheibā Uñchāibā ( See )
ଉଞ୍ଚେଇଥିବୁ ମାରିବୁ ନାହିଁ—ତଗ ।

ଉଞ୍ଛ(ଧାତୁ)—ସଂ—୧ । ଖୁଣ୍ଟିବା—1. To pick up; to glean.
Uñchha ( root ) ୨ । ଚାଞ୍ଛିବା—2. To scrape

ଉଞ୍ଛ—ସଂ. ବି ( ଉଞ୍ଛ ଧାତୁ=ଖୁଣ୍ଟିନେବା+ଭାବ. ଅ)—୧ । ଶସ୍ୟାଦି
Uñchha ଖୁଣ୍ଟିବାରୂପ ବୃତ୍ତିବିଶେଷ—1. Gleaning; collection of grain from the field.
୨ । ଧାନ କଟା ହେବା ପରେ ବିଲରେ ପଡ଼ିଥିବା ଧାନକୁ ଗୋଟାଇବା—2. Gathering in handfuls the corn left in the fields by the reapers.

ଉଞ୍ଛନ—ଦେ. ବି. ( ଉଞ୍ଛ ଧାତୁ+ଭାବ. ଅନ )—
Uñchhana ପଡ଼ିଥିବା ଶସ୍ୟସଂଗ୍ରହରୂପ କର୍ମ—
The act of picking up the corn fallen from the shieves in the field.

ଉଞ୍ଛବୃତ୍ତି—ସ. ବି. ( ୬ଷ୍ଠୀ ତତ୍; ଉଞ୍ଛ+ବୃତ୍ତି=ଜୀବିକା )—
Uñchhabṛutti ୧ । ଶସ୍ୟାଦି ଖୁଣ୍ଟି ଜୀବିକାନିର୍ବାହ କରିବା ବା ବିଲରୁ ଧାନ ଗୋଟାଇବାରୂପ ଜୀବିକା—
1. Livelihood by gathering or gleaning grain left in the fields after reaping.
୨ । ନାନାସ୍ଥାନରୁ ଟିକି ଟିକି ଆହରଣ କରି ଅତି କଷ୍ଟରେ କାଳ କାଟିବା—2. To pass one's time by picking up bits of food from different places
୩ । ଜଘନ୍ୟ ବା ନୀଚ ଜୀବିକା—
3. Living upon mean pursuits.

ଉଞ୍ଛଶିଳ—ସ. ବି. (ଉଞ୍ଛ=ଗୋଟାଇବା+ଶିଳ=ଆହରଣ)—
Uñchhasila ଖେଅରେ ସ୍ୱତଃ ପତିତ ଧାନ୍ୟାଦି ସଂଗ୍ରହ କରି ତଦ୍ୱାରା ପ୍ରାଣଧାରଣ କରିବା—

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଢ' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଂ' ନ ପାଇଲେ 'ବଞ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

Habitual gleaning of grain left lying in the field after harvesting; the practice of living upon gleaning.

ସଂ. ବଣ. ପୁଂ—କ୍ଷେତ୍ରରେ ପଡ଼ିଥିବା ଶସ୍ୟାଦିର ଆହରଣକାରୀ; ଉଞ୍ଛଜୀବୀ—Living upon gleanings and (ଉଞ୍ଛଶିଳା—ସ୍ତ୍ରୀ) sweepings from fields; living upon the fruits of others' labours.

ଉଞ୍ଛଶୀଳ—ସଂ.ବି. ଓ ବଣ—ଉଞ୍ଛଶିଳ ( ଦେଖ )
Unchhasila Uchhansila ( See )

ଉଞ୍ଛା—ଦେ. ବି. ( ସଂ. ଉଞ୍ଛନ )—ଉଞ୍ଛିବା କର୍ମ—
Unchhā Scraping; gleaning

ପ୍ରାଦେ (ପୁରୀ) ବଣ—ଶୁଖିଗଲେ ଖୁରୁଡ଼ା ହେବାପାଇଁ ଅଯୋଗ୍ୟ (ନଡ଼ିଆ)—Cocoanut which is not fit to be turned into Khururda after drying up.

ଉଞ୍ଛାଇବା—ଦେ. କ୍ରି—ଉଞ୍ଛିବାର ଣିଜନ୍ତ ରୂପ—
Unchhāibā The causative form of Unchhibā.

ଉଞ୍ଛିକୁଞ୍ଛି ପିନ୍ଧିବା—ଦେ. କ୍ରି—ଉଞ୍ଚିକୁଞ୍ଚି ପିନ୍ଧିବା ( ଦେଖ )
Unchhikunchhi pindhibā Unch·kunchi pindhibā ( See )

ଉଞ୍ଛିବା—ଦେ. କ୍ରି. ( ସଂ. ଉଞ୍ଛ ଧାତୁ )—
Unchhibā ୧ । ଧାନ ଆଦି ଶସ୍ୟ କେଣ୍ଡାରୁ ଶସ୍ୟକୁ ମୁଠା କରି ଦୁହିଁବା—1. To scrape off grain from an ear of corn; to glean.

୨ । ଖୁଣ୍ଟିବା; ଯଷ୍ଟିର ଗଣ୍ଠି ଆଦିକୁ ଛୁରିଦ୍ୱାରା ଚାଞ୍ଛିବା—
2. To scrape off; to clip.

୩ । ଡାଳରୁ ପତ୍ର ପ୍ରଭୃତିକୁ ଛିଣ୍ଡାଇ ପକାଇବା—
3. To scrape off leaves from a bough or branch.

୪ । ଖାଉଁଳିବା—4. To smooth.

୫ । ଲୁଗାର କୁଞ୍ଚ ସଜାଡ଼ିବା—
5 To fit the frills of a cloth

ଉଞ୍ଛ କାନ୍ଥ ଯତନେ ପିନ୍ଧାଇଥିବ କେହି । ଭକ୍ତ—ପ୍ରେମସୁଧାନିଧି ।

୬ । ସଜ୍ଜିତ କରିବା—6. To furnish with.

କାନ୍ଥ ଝୀନବାସ କୁଞ୍ଚ ସବୁରେ
ଉଞ୍ଛି ରଖିଛୁ କେ ଚୁଅ ଅଚରେ । ଉକ୍ତ, ଲାବଣ୍ୟବତୀ ।

ଉଞ୍ଛେଇବା—ଦେ. କ୍ରି—ଉଞ୍ଛାଇବା ( ଦେଖ )
Unchheibā Unchhāibā ( See )

ଉଞ୍ଜ୍‌ଲା—ପ୍ରାଦେ. ( ସମ୍ବଲପୁର ) ବି. ( ସଂ—ଅଞ୍ଜଳି ) ଅଞ୍ଜଳି—
Unjlā Open palms joined together to form a receptacle.

ଉଞ୍ଜର୍—ପ୍ରାଦେ (ଲଇଥି) ବି. ( ସଂ. ଉଜ୍ଜ୍ୱଳ )—ଆଲୋକ—
Unjar Light.

ଉଟ (ଇତ୍ୟାଦି)—ଦେ. ବି. ( ସଂ. ଉଷ୍ଟ୍ର )—ଉଷ୍ଟ୍ର; ଓଟ—
Uta etc. Camel

ସଂ. ବି. ( ଉ=ଶବ୍ଦ କରିବା + ସଂଜ୍ଞାର୍ଥେ. ଟ)—
୧ । ତୃଣ—1. Grass.
୨ । ପର୍ଣ୍ଣ—2. Leaf.

ଉଟଜ—ସଂ. ବି. ( ଉଟ=ତୃଣ; ପର୍ଣ୍ଣାଦି + ଜନ୍=ଜନ୍ମ କରିବା + କର୍ତ୍ତୃ. ଅ )—
Utaja

୧ । ପର୍ଣ୍ଣଶାଳା—1. A hut of leaves
୨ । ତୃଣନିର୍ମିତ ଘର; କୁଟୀର; କୁଡ଼ିଆ—
2. Cottage; thatched house.

ଉଟଜଶିଳ୍ପ—ସଂ. ବି. (ଆଧୁନିକ ପ୍ରୟୋଗ)—
Utajasilpa କୁଟୀରବାସିମାନଙ୍କର ଘରେ କରିବା ଶିଳ୍ପ—
Cottage-industries; artistic work done by the cottagers at home.

ଉଟୁସ୍‌ପୁଟୁସ୍‌ଲାଗିବା—ପ୍ରାଦେ. (ସମ୍ବଲପୁର)—ବହୁତ ଗୁଡ଼ାଏ ଖାଇବା
Utusputuslāgibā ହେତୁରୁ ଉଜ୍ଜ୍ୱର ହୋଇଯିବା—
To feel choked up after a very heavy meal.

ଉଠ୍—ଦେ. ଅ. ( ଅନୁଜ୍ଞାର୍ଥସୂଚକ କ୍ରିୟା; ଅବଜ୍ଞା, ଅସ୍ୱୀକାର ଅର୍ଥରେ ବ୍ୟବହୃତ )—
Uth

୧ । ଦୂର ହୋ—1. Be off; be gone.
୨ । ଦୂର୍; ଦୂରକର୍; ଯା—ସ !—2. Avaunt.

ଉଠ୍‌ଉଠ୍‌ହେବା—ଦେ. କ୍ରି—ଉଠିବାକୁ ପ୍ରସ୍ତୁତ ହେବା; ଗମନୋଦ୍ୟତ
Uthuthhebā ହେବା—To be ready to rise; to bend to rise.

ଉଠ୍‌ବନ୍ଦି—ପ୍ରାଦେ (ମେଦିନୀପୁର) ବି—ଓଟ୍‌ବନ୍ଦି ( ଦେଖ )
Uthbandi Otbandi ( See )

ଉଠ୍‌ବସ୍—ଦେ. ବି—୧ । ଉପର୍ଯ୍ୟୁପରି ଠିଆହେବା ଓ ବସିବା; ଉଠା-
Uthbas ବଇଠା; ଉଠା-ବସା—
ऊँठाबसा 1. Repeated standing up and sitting
उठबैठ; उठाबइठ down.

୨ । ପୁରୁଣାକାଳିଆ ଚାଟଶାଳୀରେ ଦିଆଯାଉଥିବା ଉପର୍ଯ୍ୟୁପରି ଉଠିବା ଓ ବସିବାରୂପ ଦଣ୍ଡ—
2. A punishment of repeated standing up and sitting down inflicted on students in the village schools.

୩ । ହଇରାଣ—3. Harassment.
୪ । ବେଚୈନ; ଅସ୍ଥିରତା—4. Restlessness.
୫ । ଦୌଡ଼ାଧାପଡ଼ା—
5. Being always on the legs.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ | ଢ଼ଅ | ଘ |
| ୨ | ଈ | ଊ | ରୁ | ଳୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଂ୍ୟ | ଇଅ | ଞ୍ଜ | ନ୍ |

**ଉଠ୍‌ବସ୍ କରିବା**—ଦେ. କ୍ରି ( ସଂ. ଉତ୍ + ସ୍ଥା ଧାତୁ; ବସ ଧାତୁ)—
Uthbas karibā ୧ । ପୁନଃ ପୁନଃ ଉଠିବା ଓ ବସିବା—
ওঠাবসা করা 1. To stand and sit down
उठनाबैठना repeatedly.
୨ । ଉଠ୍‌ବସ୍ କରାଇବା ରୂପ ଦଣ୍ଡ ଦେବା—
2. To inflict the punishment of repeated standing and sitting down.
୩ । ଉପର୍ଯ୍ୟୁପରି ଠିଆ କରାଇବା ଓ ବସାଇବା—
3. To cause one to stand up and sit down repeatedly.
୪ । କୌଣସି ସ୍ଥାନକୁ ସର୍ବଦା ଯାତାୟାତ କରିବା—
4. To come and go frequently

**ଉଠ୍‌ବସ୍ ହେବା**—ଦେ. କ୍ରି—୧ । ଥରେ ବସିବା ଓ ଥରେ ଉଠିବା;
Uthbas hebā ଅଥୟ ହେବା -1. To be restless.
ওঠাবসাকরা ୨ । କୌଣସି ସ୍ଥାନରେ ଚଳପ୍ରଚଳ ହେବା—
उठबैठहोना 2. To move frequently in a place.
୩ । ଦଣ୍ଡ ପାଇ ଉଠିବା ବସିବା—3. To stand up and sit down as a punishment

**ଉଠ୍‌ବା**—ପ୍ରାଦେ. (ସମ୍ବଲପୁର) କ୍ରି—ଉଠିବା ( ଦେଖ )
Uthba Uthibā ( See )

**ଉଠ୍‌ମନ୍**—ପ୍ରାଦେ. ( ସମ୍ବଲପୁର ) ବି—ଉପବାସର ପୂର୍ବ ଦିନ ପାଳିବା
Uthman ଅଧିବାସ—Preliminary ritual on the eve of a festival or fast.

**ଉଠନ୍ତା**—ଦେ. ବିଣ. ( ସଂ. ଉତ୍ଥାନ )—
Uthantā ୧ । ଉଠିଥିବା—1. Risen.
ওঠান ୨ । ବାହାରିଥିବା—2. Come out.
୩ । ଉନ୍ନତ—3 Elevated.

**ଉଠା**—ଦେ. ବି. ( ସଂ. ଉତ୍ଥାନ )—
Uthā ୧ । ଉଠିବା—1. Rising.
(ପଡ଼ା—ବିପରୀତ) ୨ । ଉପରକୁ ବା ଉଚ୍ଚକୁ ଗତି କରିବା—
ওঠা 2. Moving upwards
उठना ୩ । ଠିଆହେବା—3. Standing up.
୪ । ( ସୂର୍ଯ୍ୟାଦିଙ୍କ ) ଉଦୟ ହେବା—
4. Rising up ( of the sun, moon etc ).
୫ । ଉପରଶ୍ରେଣୀକୁ ଉନ୍ନତି—5. Promotion.
( ଯଥା—କ୍ଲାସ ଉଠିବା । )
ଦେ. ବିଣ—୧ । ଉଠିଥିବା; ଉତ୍ଥିତ; ଉଦିତ; ପ୍ରକାଶିତ—
1. Risen. ( ଯଥା—ଉଠା ମେଘ । )
୨ । ସ୍ରୋତର ବିପରୀତ ଦିଗକୁ ଉଠୁଥିବା—
2. Going up against the current.
( ଯଥା—ଉଠା ମାଛ । )
୩ । ଯାହା ଏକସ୍ଥାନରୁ ଅନ୍ୟସ୍ଥାନକୁ ନିଆଯାଇ ପାରେ—
3. That which can be taken from one place to another.
( ଯଥା—ଉଠା ଦୋକାନ । )
୪ । କୂପ ଅନ୍ଦରୁ ଉତ୍ତୋଳିତ—
4. Lifted up from a well.
( ଯଥା—ଉଠା ପାଣିରେ ସ୍ନାନ କଲେ ଶରଦ ଧରେ । )—

**ଉଠାଇ ନେବା**—ଦେ. କ୍ରି—୧ । ( ମନୁଷ୍ୟଙ୍କୁ ) ବଳପୂର୍ବକ ଅପହରଣ
Uthāi nebā କରିବା—1. Kidnapping.
উঠিএ নওয়া ୨ । ପ୍ରତ୍ୟାହାର କରିବା—2. To withdraw.
उठालेना

**ଉଠାଇବା**—ଦେ. କ୍ରି (ସଂ. ଉତ୍ଥାପନ)—ଉଠିବାର ଣିଜନ୍ତ ରୂପ—
Uthaiba The causative form of Uthiba—
উঠান ୧ । ଚଢ଼ାଇବା; ଉନ୍ନତି କରିବା—
उठवाना 1. To cause to ascend.
(ଯଥା—ଗଛ ଉପରକୁ ଉଠାଇ ଦେଇ ମୂଳ କାଟିଦେବା)
୨ । ଉତ୍ତୋଳିତ କରିବା; ଟେକିବା—
2. To lift; to raise.
( ଯଥା—ବିଛଣା ଉଠାଇବା । )
୩ । ପ୍ରକାଶ ବା ପ୍ରକଟନ କରିବା; ପ୍ରଘଟ କରିବା—
3. To publish.
( ଯଥା—କଥା ବା ଅପବାଦ ଉଠାଇବା । )
୪ । ନିଦ୍ରା ଭଙ୍ଗାଇବା—4. To awake.
ମୋତେ ତୁ ଉଠାଇଲୁ କହ କାହିଁପାଇଁ—କୃଷ୍ଣସିଂହ; ମହାଭାରତ; ବନ ।
୫ । ସ୍ଥାନତ୍ୟାଗ କରାଇବା; ସ୍ଥାନଭ୍ରଷ୍ଟ କରାଇବା—
5. To eject. ( ଯଥା—ପ୍ରଜାଙ୍କୁ ଜମିରୁ ଉଠାଇବା ।)
୬ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା—
6. To remove; to transfer.
( ଯଥା—ବାବାଜୀ ଏଠାରୁ ଆସନ ଉଠାଇଲେଣି । )
୭ । ଉଦୟ ହେବା; ଉଇଁବା; ଘଟିବାର ପୂର୍ବ ଲକ୍ଷଣ ଦେଖାଇବା—7. To rise.
( ଯଥା—ମେଘ ବା ଝଡ଼ ଉଠାଇଲାଣି । )
୮ । ଲୋପ କରିବା—
8. To abolish; to eradicate.
(ଯଥା - ଯୁବକମାନେ ବାଲ୍ୟବିବାହ ପ୍ରଥା ଉଠାଇଲେଣି ।)
୯ । ତଡ଼ିଦେବା—9. To drive away
( ଯଥା—ସଭାରୁ ଦୁଷ୍ଟ ଲୋକଙ୍କୁ ଉଠାଇଦିଅ । )
୧୦ । ସ୍ରୋତର ବିପରୀତ ଦିଗକୁ ଗତି କରାଇବା ବା ନେବା—
10. To take against the current.
( ଯଥା—ଡଙ୍ଗାକୁ ଉଜାଣି ଉଠାଇବା । )
୧୧ । ଲ୍ୟାମ୍ପର ବତୀକୁ ଟେକିବା—
11. To trim ( a lamp ).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ବର୍ଣ୍ଣର ତପସିଲ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳବତ' ନ ପାଇଲେ ଅଲବତ୍ ଦେଖିବେ ।

୧୨ । କୌଣସି ପ୍ରସ୍ତାବକୁ ସଭାରେ ଉପସ୍ଥାପିତ କରିବା—
12. To raise a point or proposal at a meeting.

୧୩ । କୌଣସି କାର୍ଯ୍ୟକୁ ସମାଧା ବା ସମାପନ କରିବା—
13. To finish.

୧୪ । ଅଦାୟ କରିବା—
14. To raise ( subscripti ons etc.)
(ଯଥା—ଏ ଗ୍ରାମରୁ ପାଞ୍ଚଟଙ୍କା ଚାନ୍ଦା ଉଠାଇବାକୁ ହେବ ।)

୧୫ । ଉଚ୍ଚତର ପଦ ବା ଶ୍ରେଣୀକୁ ଅଗ୍ରସର କରାଇବା—
15. To promote to a higher status or class.

୧୬ । ଦୋକାନରୁ ସଉଦାଅଦି କାଳରେ ନେବା—
16. To take articles on credit or loan from a shop.

ଉଠାଉଠି—ଦେ. ବି (ସଂସ୍କୃତର— ସଂ. ଉତ୍ଥାନ)—୧ । ବିଦ୍ୟାଳୟରେ
Uṭhāuṭhi — ଓଠାଓଠୀ — उठाउठि
ଉପର ସ୍ଥାନରେ ବସିବା ବାଳକ ପାଠ କହି ନ ପାରି ତଳ ସ୍ଥାନକୁ ଖସିଯିବା ଓ ନିମ୍ନସ୍ଥ ବାଳକ ସେ ପାଠ କହିପାରି ଉପରକୁ ଯିବା—1. Change of places as a result of answering or failing to reply questions put by the teacher.

୨ । ଉପର ଶ୍ରେଣୀକୁ ଉଠିବା—2. Class-promotion.

୩ । ପରସ୍ପର ନିଦ୍ରା ଭଙ୍ଗାଇଦେବା—3. Waking up one another from sleep ( one waking before others wake up and so on. )

ଉଠାଉଠି କରିବା—ଦେ. କ୍ରି—୧ । ଛାତ୍ରମାନଙ୍କୁ କ୍ଲାସ ଉଠାଇବା—
Uṭhāuṭhi karibā — ଓଠାଓଠିକରା — उठाउठिकरन
1. To promote to a higher class

୨ । ଲୁପ୍ତ କରିବା—2. To remove; to obliterate; to strike off.

୩ । ସ୍ଥାନାନ୍ତର କରିବା—3. To transfer from one place to another.

୪ । ତଡ଼ିଦେବା—4. To drive away.

୫ । ଠେଲିବା; ଠିଆ କରାଇବା—
5. To cause to stand up.

୬ । ନିଦ୍ରାରୁ ଉଠାଇଦେବା; ନିଦ ଭଙ୍ଗାଇଦେବା—
6. To rouse from sleep.

୭ । ଭୂମିରୁ ଉତ୍ତୋଳିତ କରିବା—
7. To raise up from the ground.

ଉଠାଉଠି ପରୀକ୍ଷା—ଦେ.ବି—୧ । ଯେଉଁ ପରୀକ୍ଷାର ଫଳରେ ବିଦ୍ୟାଳୟରେ କ୍ଲାସ-ପ୍ରମୋସନ୍ ହୁଏ—1. Annual examination for class-promotion.
Uṭhāuṭhi parikshā — ওঠাউঠীপরীক্ষা — उठाउठिपरीक्षा

୨ । ବିଦ୍ୟାଳୟର ବାର୍ଷିକ ଶ୍ରେଣୀ ପରୀକ୍ଷା—
2. Annual class-examination.

ଉଠାଖଟ—ଦେ. ବି.—ଯେଉଁ ଖଟକୁ ଭଙ୍ଗାଭଙ୍ଗି କରି ରଖା ଯାଇପାରେ ଓ ସମୟରେ ଖଟରେ ପରିଣତ କରାଯାଇପାରେ—
Uṭhākhaṭa — কাম্পখাট — सफरीखटिआ
Folding bed-stead; camp bed-stead.

ଉଠାଗଛ—ଦେ. ବି—ଯେଉଁ ଗଛକୁ କେହି ଲଗାଇ ନ ଥାଏ; ଯାହା ସ୍ୱତଃ ଉଠେ; ରମ୍ୟା ଗଛ—Tree growing wild.
Uṭhāgachha

ଉଠାଘର—ଦେ. ବି—ଅସ୍ଥାୟୀ ଘର; ଦୋଘରି—Temporary residence.
Uṭhāghara

ଉଠାଚଉକି—ଦେ. ବି—ଯେଉଁ ଚଉକିକୁ ଭାଙ୍ଗି ରଖି ଦିଆ ଯାଇପାରେ-
Uṭhāchauki — কাম্পচেয়ার — सफरीकुर्सी
Floding chair; camp-chair

ଉଠାଚୁଲି—ଦେ. ବି—ଯେଉଁ ଚୁଲିକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆ-ଅଣା କରି ଯାଇ ପାରେ—
Uṭhāchuli — उठौवाचूल्हा
A movable oven.

ଉଠାଣ—ଦେ ବି ( ସଂ. ଉତ୍ଥାନ; ପ୍ରା. ଉଟ୍ଠାନ )—
Uṭhāṇa — উঠান — उठान
୧ । ଉଚ୍ଚ ଭୂମି—1. Elevated land.
ପଙ୍କମାର୍ଗ ଛାଡ଼ି ଉଠେ ଅବାଂ ଉଠାଣେ ।
କବିସୂର୍ଯ୍ୟ ସଙ୍ଗୀତ ।

୨ । ଅଗଣା—2. Court-yard.

୩ । ଉତ୍ତୋଳନ; ଉପରକୁ ଉଠାଇବା—3. Lifting.

୪ । ଉଠିବା—4. Rising.

उठौनी ୫ । ଦୋକାନୀଠାରୁ କାଳରେ ସଉଦାଆଣିବା ବା ଉଠାଇବା-
5. Taking goods on credit.

୬ । ମେଘର ସମୁଦ୍ର ଅଡ଼ୁ ନଦୀର ଉତ୍ପତ୍ତିସ୍ଥାନ ପର୍ବତଅଡ଼କୁ ଯିବା ଗତି—6. Movement of clouds from the sea towards the mountains

୭ । ଉତ୍ଥାନ (ଦେଖ)—Utthāna (See)

୮ । ଉତ୍ଥାପନ (ଦେଖ)—8. Utthāpana (See)

ଉଠାଣ କରିବା—ଦେ. କ୍ରି—୧ । ଦୋକାନରୁ କାଳରେ ସଉଦା ନେବା—1. To take goods on credit.
Uṭhāṇa karibā

୨ । ମେଘ ସମୁଦ୍ର ଅଡ଼ୁ ନଦୀର ଉତ୍ପତ୍ତିସ୍ଥାନ ଅଡ଼କୁ ଆକାଶରେ ଗତି କରିବା—2. ( the clouds ) To move from the ocean to the mountain.

ଉଠାଣ ନେବା—ଦେ. କ୍ରି—ଉଠାଣ କରିବା—
Uṭhāṇa nebā — উঠানলওয়া — उठौनीलेना
Uṭhāṇa karibā (See)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ | ଉଅ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଌୁ | ଯେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଗ୍ୟ | ଯ | ସ | ଗ୍ୟଁ | ଇଅ | ଵ | ନ |

ଉଠାଣସିଂହ—ଦେ. ବ—୧ । ପ୍ରାଚୀନ ଉତ୍କଳୀୟ ରାଜାମାନଙ୍କ ଦ୍ୱାରା ପ୍ରଦତ୍ତ
Uṭhāṇasiṃha ଉପାଧି—1. A title conferred by the Rājās of ancient Utkaḷa.

୨ । (ପ୍ରାଚୀନ) ଉତ୍ଥିତଦେହ ସିଂହର ଚିତ୍ର (ମନ୍ଦିର ଆଦିରେ ଥାଏ)—Lion rampant.

ଉଠାଣି—ଦେ. ବ. ( ସଂ. ଉତ୍ଥାନ )—୧ । ତଳରୁ ଉଚ୍ଚକୁ ଉଠିଥିବା
Uṭhāṇi କ୍ରମୋଚ୍ଚ ପଥ—1. Road gradually rising up.
उतान्, चढाइ
( ଗଡ଼ାଣି—ବିପରୀତ ) ୨ । ଏକାବେଳକେ ଉଚ୍ଚ ପଥ—
2. Step road.

୩ । ଉଚ୍ଚତା—3. Elevation; assent.

୪ । ତଳରୁ ଉଚ୍ଚ ସ୍ଥାନକୁ ଉଠିବା କ୍ରିୟା—
4. Getting up to a high place from a lower place.

ଦେ. ବଣ—ଏକାବେଳକେ ଉଚ୍ଚ; ଯାହା ଦେଇ ପଥ ଉଚ୍ଚ ଗଲାଣି—Steep

ଉଠାଦୋକାନ—ଦେ. ବ.—ଅସ୍ଥାୟୀ ବା ସାମୟିକ ଦୋକାନ—
Uṭhādokāna A temporary shop; a stall.

ଉଠାପଡ଼ା—ଦେ. ବ. (ଉତ୍‌ଥାନ ପତନ)—ଉତ୍ଥାନପତନ (ଦେଖ)
Uṭhāpaṛā Utthānapatana (See)
ওঠাপড়া
उठनापड़ना

ଉଠାପାଣି—ଦେ. ବ—ପୁଷ୍କରିଣୀରୁ ବା କୂଅରୁ ଉଠାହୋଇ କ୍ଷେତାଦିରେ
Uṭhāpāṇi ମଡ଼ା ଯିବା ବା ସ୍ନାନାର୍ଥେ ବ୍ୟବହୃତ ପାଣି—
Water lifted from tanks or wells for fields or for bathing.

ଉଠାବଇଠା—ଦେ. ବ.—ଉଠ୍‌ବସ୍ (ଦେଖ)
Uṭhā baiṭhā Uṭhbas (See)

ଉଠାବଇଠା କରିବା—ଦେ. କ୍ରି—ଉଠ୍‌ବସ୍ କରିବା—
Uṭhābaiṭhā karibā Uṭhbas karibā (See)

ଉଠାବସା (ଇତ୍ୟାଦି)—ଦେ. ବ.—ଉଠ୍‌ବସ୍ ଇତ୍ୟାଦି (ଦେଖ)
Uṭhābasā etc Uṭhbas etc. (See)

ଉଠାମାଛ—ଦେ. ବ.—ଜଳାଶୟରେ ବର୍ଷାପାଣି ଅତ୍ୟନ୍ତ ବେଗରେ
Uṭhāmāchha ପଶିବା ସମୟରେ ବହି ଆସୁଥିବା ଜଳସ୍ରୋତର ବିପରୀତ ଦିଗକୁ ଉଠୁଥିବା ମାଛ—Fishes rising upstrean for breeding purposes during the rainy season.

ଉଠାମାଛ ମୁଣ୍ଡରେ ପାହାର—ଡଗ ।

ଉଠିଆ—ଦେ. ବ. (ସଂ. ଉତ୍ଥାନ)—୧ । ମାଗଣା ଖାଇବାକୁ ମିଳିବା
Uṭhiā ପଦାର୍ଥ—Meal got free.

୨ । ଆବାଦ ହୋଇଥିବା ଜମି—2. Cultivated land.

୩ । ବିନା ପରିଶ୍ରମରେ ଲବ୍ଧ ବସ୍ତୁ—
3. Things got without labour.

୪ । ନୂଆ ରୁଆ ଧାନ—4. Young paddy plants which had been sown.

[ ବ୍ୟ—ଗୋରୁମାନେ ଏହାର ଅଗ ଖୁଣ୍ଟି ଦେଲେ ଧାନ ଗଛ ଦୁଦାଳିଆ ହୋଇ ବଢ଼େ; ଏଥିପାଇଁ କ୍ଷେତ ସ୍ୱାମୀ ଗୋରୁମାନଙ୍କୁ ନେଇ ରୁଆକିଆରରେ ଚରାନ୍ତି । ]

୫ । ଯେଉଁ ସମୟରେ କ୍ଷିପ୍ର ଗତିରେ ବ୍ୟବସାୟ-ଚଳୁଥାଏ—
5. Busy time; time of brisk business

୬ । ଧନଉପାର୍ଜନର ସମୟ—
6 Time when one is earning money etc.

୭ । କୋଳଥ, ମୁଗ, ବିରି ଆଦି ଫସଲ ବିଲରୁ ଉପାଡ଼ା ହୋଇ ଗଲେ ବିଲରେ ରହିଥିବା ଘାସ ଆଦି (ଯାହାକି ଗୋରୁମାନେ ଅତି ଆଗ୍ରହସହକାରେ ବିଲରେ ପଶି ଖାଆନ୍ତି)—7. Grass etc left in the field after the mung, Kulthi and Biri plants are uprooted during harvest.

ପ୍ରାଦେ. (ଗଡ଼ଜାତ) ବ.—ଯେଉଁ ଦିନ ହଳିଆ ବା ମୂଲିଆ ଖଟନ୍ତି-
(ପଡ଼ିଆ—ବିପରୀତ) The day on which a labourer attends work.

ଦେ. ବଣ.—୧ । ଉଠାକରାଯିବା; ଠିଆ କରାଯିବା; ଉତ୍ତୋଳିତ ଯିବା—Raised up.

୨ । ମାଗଣା ମିଳିବା (ଖାଦ୍ୟ)—Got free;got gratis (food).

୩ । ଆବାଦୀ; ଚାଷ ହୋଇଥିବା (ଜମି)—
3 Cultivated.

ପଡ଼ିଆ ଜମି ଆଉ ଉଠିଆ ଭୂମି ଦେଲେ
ସେ ସୁକୃତ କହି ନ ପାରଇଟି ଭଲେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୪ । ଉତ୍କୃଷ୍ଟ—4. Excellent.

୫ । ଉନ୍ନତ—5. Elevated.

ପ୍ରାଦେ (ସମ୍ବଲପୁର) ବଣ—ଅଗ୍ରଜ—6. Elder (brother)

ଉଠିଆ ଖାଇବା—ଦେ. କ୍ରି.—୧ । ମାଗଣା ଖାଇବା—
Uṭhiā khāibā 1. To take a meal without paying for it.

୨ । ଅନ୍ୟପ୍ରଦତ୍ତ ଭୋଜି ଖାଇବା—
2. To partake of a feast given by another,

୩ । ଗୋରୁମାନଙ୍କର ନୂଆ ରୁଆ ଧାନକୁ ଖାଇବା—
3. (cattle) To nibble the small paddy-plants

[ବ୍ୟ—ବେଉଷଣ ପୂର୍ବରୁ ରୁଆକିଆରରେ ପଶି ଗୋରୁମାନେ ରୁଆଧାନର ଅଗ ଖାଇଲେ ଧାନଗଛ ପରେ ପୁଷ୍ଟ ହୁଏ । ତେଣୁ ସେ ସମୟରେ ଉଠିଆ (ଆବାଦ ବା ଫସଲ ଥିବା) ଜମିକୁ ଲୋକେ ଗୋରୁ ଛାଡ଼ି ଦିଅନ୍ତି । ]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧ ନ ପାଇଲେ 'ବଧ଼' ଦେଖିବେ; 'ଅର୍ଗ୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

୪ । ବିରି, କୋଳଥ, ମୁଗ ଆଦି କୌଣସି ଫସଲ କ୍ଷେତରୁ ଉଠିଗଲା ପରେ, କ୍ଷେତ୍ରରେ ଥିବା ଘାସ ଓ ଫସଲର ଅବଶିଷ୍ଟାଂଶକୁ ଗୋମେଷାଦି ପଶୁମାନଙ୍କର କ୍ଷେତରେ ପଶି ଖାଇବା—
4. (cattle) To graze the grass left in the field from which Mung, Biri and Kulthi plants have been uprooted for harvest

**ଉଠିଅଜୁଆର**—ଦେ. ବି. ( ସଂ. ଉତ୍ଥାନ )—ପ୍ରବଳ ବେଗରେ ମାଡ଼ିବା ଜୁଆର—Flow tide.
Uṭhiājuāra
(ପଡ଼ିଅଜୁଆର--ବିପରୀତ) [ ଦ୍ର—ଏହା ପୂର୍ଣ୍ଣିମା ଓ ଅମାବାସ୍ୟା ସମୟରେ ଘଟେ । ]
জোয়ার
उढ़तोज्वार

**ଉଠିଆଡାକ**—ଦେ. ବି (ଲୋକଙ୍କୁ ଅନାଦରାର୍ଥ ଏକ ସ୍ଥାନରୁ ଉଠି ଯିବାକୁ କହିଲେ ( ଭୁ ) ଉଠିଆ ବୋଲାଯାଏ । ଏହି ମର୍ମରେ ବ୍ୟବହାର )—
Uṭhiā ḍāka
୧ । ଉପର୍ଯ୍ୟୁପରି ଡାକ ପକାଇବା ଡାକ ବା ଡାକିବା—
1. Repeated calling.
୨ । ଭୋଜି ଇତ୍ୟାଦିରେ ନିମନ୍ତ୍ରଣ—
2. Invitation to a feast.
୩ । ଆଦରପୂର୍ବକ ଡାକିବା—3 Fond call
୪ । ନିଜ କ୍ଷେତ୍ରକୁ ଆସି ବୁଅ ଖାଇବେ ବୋଲି କ୍ଷେତସ୍ୱାମୀର ଗୋରୁ ପଶୁଙ୍କୁ ଅତି ସାଦର ଆହ୍ୱାନ—
4. Lusty-halloing of the master of a paddy field to cattle to come and eat the tender tips of small growing paddy-plants.

**ଉଠିଆଣିଜୁଆର**—ଦେ. ବି—ଉଠିଅଜୁଆର ( ଦେଖ )
Uṭhiāṇi juāra — Uṭhiā juāra ( See )
(ପଡ଼ିଅଣି ଜୁଆର—ବିପରୀତ)

**ଉଠିଆପିଠିଆ**—ପ୍ରାଦେ. (ସମ୍ବଲପୁର) ବିଣ. (କୌଣସି ବ୍ୟକ୍ତିର) ଜ୍ୟେଷ୍ଠ ଓ କନିଷ୍ଠ (ଭାଇ)—One's elder and younger ( brothers )
Uṭhiāpiṭhiā

**ଉଠିଆଭାଇ**—ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ବି.—ଜ୍ୟେଷ୍ଠ ଭାଇ—Elder brother.
Uṭhiābhāi
( ପିଠିଆ ଭାଇ—ବିପରୀତ )

**ଉଠିଆରି**—ଦେ. ବି. ( ମୂଳ. ସଂ. ଅଷ୍ଟ; ସଂ. ଅରିଷ୍ଟ )—
Uṭhiāri — ଶିଶୁ ଜନ୍ମ ହେବାର ସପ୍ତମ,ଅଷ୍ଟମ ବା ନବମ ଦିନର କୃତ୍ୟ ବା ଅନୁଷ୍ଠାନ,ସେ ଦିନ ଅନ୍ତୁଡ଼ି ନାରୀ ଉଠାଯାଇ ପ୍ରସୂତି ସ୍ନାନ କରେ ଓ ଅନ୍ତୁଡ଼ିଶାଳ ସଫା ହୁଏ—A ceremony on the 7th, 8th or 9th day after a child's birth.
दस्टुठन

ବୋହୂ ଝିଅ ଦେହକୁ ଲାଗିଲେ ଉଠିଆରି ପର୍ଯ୍ୟନ୍ତ ପୂଅର ପାଖକୁ ଆସି ହୁଏ ନାହିଁ—
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଉଠିଆରିଗାଧୁଆ**—ଦେ. ବି.—ଶିଶୁ ଜନ୍ମ ହେବାର ୭ମ ବା ୮ମ ଦିନ ମାତା ଓ ଶିଶୁଙ୍କର ପ୍ରଥମ ସ୍ନାନ—The first purificatory bath of the newborn baby and the mother on the 7th day after the birth.
Uṭhiārigādhuā

**ଉଠିଆରିଗାଧୋଇବା**—ଦେ. କ୍ରି.—ଉଠିଆରିଗାଧୁଆ (ଦେଖ)
Uṭhiārigādhoibā — Uṭhiārigādhuā (See)

**ଉଠିଆସିବା**—ଦେ. କ୍ରି.—ବସିବା ବା ଶୋଇବାଠାରୁ ଉଠି ଶୀଘ୍ର ସ୍ଥାନାନ୍ତରକୁ ଆସିବା—To come out at once by getting up from sitting or sleeping.
Uṭhiāsibā
উঠেআসা
उठआना

**ଉଠିପଡ଼ି**—ଦେ. କ୍ରି. ବିଣ—୧ । ଅଧ୍ୟବସାୟସହକାରେ—1. Earnestly; assiduously.
Uṭhipaṛi
উঠেপড়ে
୨ । ବାଧାକୁ ଭ୍ରୂକ୍ଷେପ ନ କରି—2. Without heeding obstacles; at all hazards.
उठपड़के

**ଉଠିବସି**—ଦେ. କ୍ରି. ବିଣ—୧ । ଧୀର ସୁସ୍ଥରେ—1. Slowly and steedily.
Uṭhibasi
উঠেবসে
୨ । ମଧ୍ୟେ ମଧ୍ୟେ ବିଶ୍ରାମ ନେଇ—2. Taking rest at intervals.
उठबइठके

**ଉଠିବସିପାରିବା**—ଦେ. କ୍ରି—୧ । ଉଠିବା ବସିବାପାଇଁ ସମର୍ଥ ହେବା—1. To be able to sit down or standing.
Uṭhibasipāribā
୨ । ( ଲକ୍ଷଣାର୍ଥ ) ( ରୋଗାନ୍ତରେ ) ଚଳପ୍ରଚଳ ହୋଇ ପାରିବା—2. To be able to move about (after recovering from disease ).

**ଉଠିବସିବା**—ଦେ. କ୍ରି—୧ । ଶୋଇବାରୁ ଉଠି ହଠାତ୍ ବସି ପଡ଼ିବା—1. To sit down suddenly getting up from bed.
Uṭhibasibā
উঠেবসা
उठबइठना
୨ । (ଲକ୍ଷଣାର୍ଥ ) ଉଦ୍‌ବେଳିତ ହେବା;ଉଚ୍ଛୃଙ୍ଖଳ ହେବା—2. To be agitated.

**ଉଠିବା**—ଦେ.କ୍ରି. ବିଣ—(ଉତ୍ଥାନ ମୂଳ ପ୍ରା-ଉଟ୍ଠାଣ ବା ସଂ-ଉତ୍ତିଷ୍ଠ-ମୂଳ ପ୍ରା-ଉଟ୍ଠେଇ )—୧ । ଉଚ୍ଚତର ହେବା ଉପରକୁ ଗମନ କରିବା—1 To rise higher; to go up.
Uṭhibā
( ପଡ଼ିବା—ବିପରୀତ)
উঠাওঠা
उत्तरना; उगना
उठना, उकसाना — କମଳ ପାଖୁଡ଼ା ବାଟେ ପଡ଼େ ଉଠେ । ରାଧାନାଥ. ଚିଲିକା ।
୨ । ଅଶ୍ୱାରୋହଣକରିବା; ଚଢ଼ିବା—
2. To mount; to ride.

ଶତ ଯୋଜନ ସିନ୍ଧୁ ପାର ହେଲେ, ସୁବର୍ଣ୍ଣଗିରି ଶିଖରେ ଉଠିଲେ ।
ବଳରାମ. ରାମାୟଣ ।

(ଶୋଇବା—ବିପରୀତ) ୩ । ନିଦ୍ରା ତ୍ୟାଗ କରିବା; ଶେଯରୁ ଉଠିବା—3. To get up; to wake up; to rise from sleep.

ଏ ସବୁ ଚାକ ଦେହେ ଥାନ୍ତି, ସେ ହରି ଉଠିଲେ ଅସନ୍ତି ।
ଜଗନ୍ନାଥ. ଭାଗବତ. ୩ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଙ | ଚ | ଷ,ଶ | ଞ | ଐ | ଔ | ଓ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଇଅ | ଔ | କୃ |

(ବୁଡ଼ିବା—ବିପରୀତ) ୪ । ପ୍ରକାଶିତ ହେବା; ଉଇଁବା; ଉଦିତହେବା; ଦେଖାଯିବା—4. To break up; to rise; to appear.

(ଯଥା—ଚନ୍ଦ୍ର, ସୂର୍ଯ୍ୟ ପୂର୍ବଦିଗରୁ ଆଦି ଉଠିବା ।)

( ବସିବା—ବିପରୀତ ) ୫ । ଗାତ୍ରୋତ୍ଥାନ କରିବା; ବସିବା ଆସନ ତ୍ୟାଗ କରିବା—

5. To rise up from one's seat.

ବ୍ରାହ୍ମଣମାନେ ଏହା ଶୁଣିଣ ଉଠିଲେ—କୃଷ୍ଣସିଂହ. ମହାଭାରତ. ବନ ।

( ପଡ଼ିବା—ବିପରୀତ ) ୬ । ଉଚ୍ଚ ହେବା—

6. To be lifted up.

( ଯଥା—ଏ ନୂଆ ଘରର ଚୂଳ ଉଠିଲାଣି । )

( ବସିବା—ବିପରୀତ ) ୭ । ଠିଆ ହେବା—

7. To stand up; to stand erect.

ଠାଅରୁ ନ ଉଠେ ବଳ. ଧରାଧର ବାହା କର—ଦୀନ ।

( ପଡ଼ିବା—ବିପରୀତ ) ୮ । ଉନ୍ନତ କରିବା—

8. To improve.

( ଯଥା—ନିଜର ପରିଶ୍ରମ ଫଳରେ ସେ ଅଳ୍ପ ଦିନରେ ଉଠିଗଲା । )

୯ । ସ୍ଫୀତ ହେବା; ଫୁଲିବା—9. To swell

( ଯଥା—ଖଳ ଭଲ ହୋଇ ଚକଟା ହୋଇ ନ ଥିବାରୁ ଚାକିରିଗୁଡ଼ିକ ଭଲ ଉଠିଲା ନାହିଁ । )

( ପଡ଼ିବା—ବିପରୀତ ) ୧୦ । ( ମୂଲ୍ୟ ) ବୃଦ୍ଧି ହେବା; ଚଢ଼ା ( ଦାମ ) ହେବା—10. To rise ( in price ).

( ଯଥା—ଏ ବର୍ଷ ଧାନ ଭାଉ ଉଠିଛି । )

୧୧ । ରହିତ ହେବା—11 To cease; to be stopped; to be abolished.

( ଯଥା—ଏ ବର୍ଷ ଆମ ଗାଁରୁ ସ୍କୁଲଟି ଉଠିଯିବ )

୧୨ । (ମର୍ଯ୍ୟାଦା, ପ୍ରଥା ଆଦି) ଲୋପ ପାଇବା—

12. To disappear

( ଯଥା—ଆମଗ୍ରାମରୁ ନୂଆ ଲୋକଙ୍କ ହାତରେ ମହତ ମର୍ଯ୍ୟାଦା ଉଠିଗଲାଣି )

(ବସିବା—ବିପରୀତ) ୧୩ । ( ବ୍ରଣ, କାକୁଆଦି ) ଆବିର୍ଭାବ ହେବା; ବାହାରିବା—13. To come out; to appear.

( ଯଥା—ମୋ ଦେହରେ କାକୁ ଗୁଡ଼ାଏ ଉଠିଛି । )

୧୪ । ( ଲିଙ୍ଗ ) ଉଦ୍ରିକ୍ତ ହେବା; ଉତ୍ତେଜିତ ହେବା—

14. To be erect; to be excited; to become hard and stiff ( said of penis ).

୧୫ । ଆଦାୟ ହେବା—15. To be realised.

( ଯଥା—ଏ ଗ୍ରାମରୁ ଏବେ ଟଙ୍କା ଉଠିବ ନାହିଁ । )

୧୬ । ( ଦୂରରୁ ଉଚ୍ଚଶବ୍ଦ ) ଶୁଣାଯିବା—

16. To be heard.

ବଜାପନା ଅନ୍ତେ ବାଦ୍ୟର ଶବଦ
ଉଠିଲା କର୍ଣ୍ଣର ମଣ୍ଡି, ବସ୍ତ୍ର ପଡ । ରାଧାନାଥ—ଚିଲିକା ।

୧୭ । (କୃଷକ ବା ପ୍ରଜା) ଭୂମି ତ୍ୟାଗ କରିବା—

17. ( royats ) To give up possession of a holding.

(ଯଥା—ନୋଟିସ୍ ପାଇ ରଇତ ଜମିରୁ ଉଠିଗଲା । )

୧୮ । ସମ୍ପାଦିତ ହେବା; ସମାହିତ ହେବା—

18. To be performed or accomplished.

( ଯଥା—ଏତିକି ପଇସା ଖରଚ କଲେ ଗୋଟାଏ କୋଠାଘର ଉଠିବ । )

୧୯ । ହଠାତ୍ ଜନ୍ମିବା; ଉପୁଜିବା—19. To be generated to crop up suddenly.

ଫଳଇ ବ୍ରହ୍ମଶାପ ଫଳ; ଅଭ୍ରୁଟେ ଉଠିଲା ବାଦଳ । ଜଗନ୍ନାଥ. ଭାଗବତ. ୧୧ଶ ।

୨୦ । ଉତ୍ପାଦିତ ହେବା—20. To be produced.

( ଯଥା—ତାର ଫଟୋ ବା ଛବି ଉଠୁଛି )

୨୧ । ସମ୍ପତ୍ତି ନିଲାମ ହେବାପାଇଁ ବିଜ୍ଞାପିତ ହେବା—

21. To be advertised for sale.

( ଯଥା—ଜମିଦାରୀ ନିଲାମରେ ଉଠିଛି । )

୨୨ । (ନୌକା ବା ମାଛ) ସ୍ରୋତର ବିପରୀତ ଦିଗକୁ ଗତି କରିବା—

22. To rise against the current.

( ଯଥା—ନଈବଢ଼ିବେଳେ ମାଛ ଉଠନ୍ତି । )

୨୩ । ମାଟିରୁ ଗଛ ବା ଗଜା ବାହାରିବା ବା ଉଦ୍‌ଗତ ହେବା—

23. To sprout forth.

(ଯଥା—ଗଛ ଉଠିବା; ଗଜା ଉଠିବା । )

୨୪ । ସ୍ଥାନାନ୍ତରକୁ ନିଆଯିବା—

24. To be taken away to another place.

( ଯଥା—ଘରୁ ମଡ଼ା ଉଠିଲାଣି । )

୨୫ । ନିର୍ଗତ ହେବା—25 To come out.

(ଯଥା—ଦାନ୍ତ ଉଠିବା ।)

୨୬ । ଉପର ଶ୍ରେଣୀକୁ ଉନ୍ନୀତ ହେବା, ପ୍ରମୋସନ ପାଇବା—

26. To get promoted.

(ଯଥା—ସେ ତୃତୀୟ ଶ୍ରେଣୀକୁ ଉଠିବ । )

୨୭ । (ଜଳ ମଧ୍ୟରୁ) ଉପରକୁ ବାହାରି ପଡ଼ିବା—

27. To come out to the surface.

( ଯଥା—କମ୍ଭୀର ବିପଦରେ ଗଣ୍ଡ ପାଣିରେ ଉଠିବ । )

୨୮ । ନିର୍ଗତ ହେବା; ବାହାରିବା—

28. To come out.

ସେ ଯେତେବେଳେ ବାକ୍ୟ କହି
ବଦନ ସୁଗନ୍ଧ ଉଠଇ । ଜଗନ୍ନାଥ. ଭାଗବତ. ୫ ।

୨୯ । ପ୍ରକାଶିତ ହେବା; ପ୍ରଚାରିତ ହେବା—

29. To be published.

( ଯଥା—ସେ ଚଷା ଲୋକର ନାଁ ଗେଜେଟ୍‌ରେ ଉଠିଛି । )

୩୦ । ଉତ୍ପାଟିତ ହେବା; ଉପୁଡ଼ିବା—

30. To be uprooted; to come out.

| |
|---|
| ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଉ' ନ ମିଳିଲେ 'ଖାଊ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍ଗ' ଦେଖିବେ;'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ । |

(ଯଥା—କାସକାତେଲ ଲଗାଇବାରୁ ମୋ ମୁଣ୍ଡରୁ ବାଳ ଉଠିଗଲା))

୩୧ । ସ୍ପଷ୍ଟ ହେବା; ସ୍ପଷ୍ଟଭାବରେ ମୁଦ୍ରିତ ହେବା—
31. To become clear or distinct; to be clearly imprinted or sealed.

( ଯଥା—ସାହିତ୍ୟ ପ୍ରେସରେ ଚିତ୍ରଗୁଡ଼ିକ ଭଲ ଉଠୁଛି । )

୩୨ । ଉତ୍ତୁରିବା; ପରିଣାମରେ ଭଲ ହେବା—
32. To come out in the end; to result.

( ଯଥା—ଅଜି ଖେଳେଇ ପାଗଟା ଭଲ ଉଠିଛି । )

୩୩ । ସ୍ଥାନାନ୍ତରକୁ ଯିବା; ସ୍ଥାନ ତ୍ୟାଗ କରିବା—
33. To leave a place; to go away; to migrate.

( ଯଥା—ରଜାଙ୍କ ଦାଉ ସହି ନ ପାରି ଘନ ମିଶ୍ରେ ଏ ବର୍ଷ ଗଡ଼ରୁ ଉଠିଯିବେ । )

୩୪ । ଫୁଲ, ହାର, ଚିହ୍ନ ଆଦି ବାହାରେ ପ୍ରକାଶିତ ହେବା—
34. To be manifest.

(ଯଥା—ତାର ଘନ ଘନ ହାଇ ଉଠୁଛି; ତାର ବଜ୍ରାଙ୍ଗ ଫୁଲ ଉଠିଲା । )

୩୫ । ଉତ୍ତୋଳିତ ହେବା—35. To be lifted up.

(ଯଥା—ସୁଶୀ ନରେନ୍ଦ୍ର ପୋଖରୀରୁ ଦମକଳରେ ପାଣି ଉଠିବାରୁ ପୋଖରୀ ଶୁଖିଗଲା ।)

୩୬ । ଚଳିବା; ଗତିବିଶିଷ୍ଟ ହେବା—36. To move.

ବଡ଼ ଦେଉଳରେ ବାଜିଲା ଘଣ୍ଟା, ଶାଣ୍ଟିଶିଆଙ୍କର ଉଠିଲା ଅଣ୍ଟା—ଢଗ ।

୩୭ । ପ୍ର ଦେ. ( ପୁରୀ ସହର ) କ୍ରି.—ଜଗନ୍ନାଥଙ୍କ ବଡ଼ଦେଉଳ ଭିତରକୁ ସକାଳ, ସଞ୍ଜ ଓ ଦିପହରଧୂପ ଆଦିର ନୈବେଦ୍ୟ ସାମଗ୍ରୀ ନିଆଯାଇ ବଢ଼ାଯିବା ପରେ ପୂଜା ଆରମ୍ଭ ହେବା—37. The ritual of offering to begin.

( ଯଥା—ଦିନ ୯ଟା ବେଳେ ସକାଳଧୂପ ଉଠିଲା ଓ ୧୦ଟା ବେଳକୁ ସରିଲା । )

୩୮ । (ପ୍ରସ୍ତାବାଦି) ସ୍ୱରଅଡ଼େ ପ୍ରକଟ ହେବା; ସ୍ପଷ୍ଟ ହେବା—
38. To be published broad cast.

( ଯଥା—ଅମ ସ୍କୁଲର ବଡ଼ ଅବଧାନଙ୍କ କାର୍ତ୍ତି ମ୍ୟୁନିସିପାଲ କମିଟିରେ ଯାଇ ଉଠିଲାଣି । )

୩୯ । ସ୍ଥାନାନ୍ତରରେ ଉପସ୍ଥିତ ହେବା—
39. To reach another place

ଗେଙ୍ଗେରିନାମା ଗାଧୋଇ ଯାଇ ମାମୁଁଘରେ ଉଠିଲା—ଢଗ ।

୪୦ । ଉଦ୍ୟତ ହେବା; ତିଆର ହେବା; କାମ କରିବାକୁ ପ୍ରସ୍ତୁତ ହେବା—40. To be ready; to undertake to do a work.

(ଯଥା—ବର୍ତ୍ତମାନ ତୁମେ ଉଠିଲଣି, ଏ କାମ ଆଉ ଡେରି ହେବ ନାହିଁ ।)

ଉଠିବାଟି—ଦେ. ବି—୧ । ପଡ଼ିଆ ଜମିକୁ ଆବାଦ ବା ଚାଷ କରିବା ପାଇଁ ପ୍ରଜାସଙ୍ଗେ ଜମିଦାରର ଚୁକ୍ତି—1. Agreement between a rayat and a landlord for reclamation of waste land.
Uṭhibāṭi
উঠবন্দি
उठतीपरती

୨ । ନୂଆ ଆବାଦ୍ ହୋଇଥିବା ଜମି ଯାହାର ସମସ୍ତ ବା ନିର୍ଦ୍ଦିଷ୍ଟ ଅଂଶ ପ୍ରତିବର୍ଷ ପ୍ରଜା ଚାଷ କରେ ନାହିଁ—
2. Newly reclaimed land which a royat does not hold every year.

ଉଠିବାଟିପ୍ରଜା—ଦେ. ବି—ଯେଉଁ ପ୍ରଜାର ଚାଷଜମିର ଠିକଣା ନ ଥାଏ; ବର୍ଷେ କଲେ ବର୍ଷେ ପଡ଼ିଆ ରଖେ—A royat who does not cultivate land regularly well.
Uṭhibāṭiprajā

ଉଠିବାଟି ମାହାଲ—ଦେ. ବି—ଯେଉଁ ଜମିଦାରୀରେ ଥିବା ଜମି (ଯଥା-ନଇପଠି, ପାହାଡ଼ତଳି) କୁ ପ୍ରଜା ପ୍ରତିବର୍ଷ ଚାଷ କରେ ନାହିଁ ଓ ଜମିର ଅବସ୍ଥା ଦେଖି ବର୍ଷେ ଚାଷ କରେ ପୁଣି ବର୍ଷେ କରେ ନାହିଁ—That plot of land in an estate which a royat cultivates one year and leaves it uncultivated in another.
Uṭhibāṭimāhāla

ଉଠିବା ପଡ଼ିବା—ଦେ. କ୍ରି—( କୌଣସି ସ୍ଥାନ, କୌଣସି ବିଶେଷ କାରଣରୁ ) ଆନ୍ଦୋଳନ, ତର୍କ ବିତର୍କ, କୋଲାହଳ, କନ୍ଦନ ଆଦିଦ୍ୱାରା ଉଦ୍‌ବେଳିତ ହେବା—(a place) To be greatly agitated, over any matter
Uṭhibā parḍibā
ওঠাপড়া
उठनापड़ना

ଉଠୁ—ଗ୍ରା.—ଉଠ୍ ( ଦେଖ )
Uṭhu Uṭh (See)
ওঠ্

ଉଠୁଉଠୁ ହେବା—ଦେ. କ୍ରି—୧ । ଉଠିବାକୁ ପ୍ରସ୍ତୁତ ହେବା—
Uṭhuuṭhuhebā 1. To be ready to rise up or rise.
উঠিউঠিহওয়া

୨ । ଚାଲିଯିବାକୁ ପ୍ରସ୍ତୁତ—
2. To be ready or about to go away.

ଉଠୁଣୁବସୁଣୁ—ଦେ. ଅ—ନିରନ୍ତର; ସବୁବେଳେ; ପ୍ରତିକ୍ଷଣ; ସର୍ବଦା—
Uṭhuṇubasuṇu Constantly; always.
উঠতেবসতে
उठतेबैठते

(ଯଥା—ସାଆନ୍ତାଣୀ ଯେବେ ଉଠୁଣୁ ବସୁଣୁ ମତେ ଗାଳି ଦେବେ, ମୁଁ ତେବେ କାହାର ହେବ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଡ | ଣ,ଷ | ଞ | ଇସ୍ | ଉଥ | ଭ |
| ୨ | ଈ | ଊ | ଌ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ଗ | ଇଅ | ● | ନୃ |

ଉଠେ—ପ୍ରାଦେ. (ସମ୍ବଲପୁର ) ଅ. (ଭୁଲ. ସଂ. ଅର୍ଥେ )—ପାଇଁ; ଲାଗି; ଯୋଗୁଁ; ହେତୁରୁ—For; owing to.
Uthe

ଉଦର ଉଠେ କେଜା ପାଏନ୍ ପାଏ = କୋଶଲା ଲାଗି କନଣିର ପାଣି ପାଏ—ଠଣ ।

ଉଠେଇବା—ଦେ. କ୍ରି—ଉଠାଇବା ( ଦେଖ )
Utheibā — Uthāibā ( See )

ଉଡ଼ୁଉଡ଼ୁ ହେବା—ଦେ. କ୍ରି—୧ । ଉଡ଼ିବାକୁ ପ୍ରସ୍ତୁତ ହେବା—
Urdurd hebā — 1. To be ready to take flight.
উড্‌উড্ করা
୨ । ମନ ଉଡ଼ିବା;ମନ ଅସ୍ଥିର ବା ଅଥୟ ହେବା—2. To be anxious, impatient or restless.

ଉଡ଼ପବନ—ପ୍ରାଦେ. ( ସମ୍ବଲପୁର ) ବ—ଘୂର୍ଣ୍ଣୀ ବାୟୁ
Urdpabana — Whirl wind.

ଉଡ୍ ପେନ୍‌ସିଲ୍—ବୈଦେ. ବ. ( ଇଂ. ଉଡ୍ ପେନ୍‌ସିଲ )
Ud pencil — ଉଡନ୍ ପେନ୍‌ସିଲ (ଦେଖ) Udan pensil (See)

ଉଡ଼ଶୋ—ପ୍ରାଦେ. (ସମ୍ବଲପୁର) ବ—ଓଡ଼ଶ, ଛାରପୋକ—
Udso — Bed-bug.

ଉଡ଼—ଦେ. ବ. ( ସଂ. ଉଡ୍ ଧାତୁ = ଯୁକ୍ତ କରିବା )—ଜୁଡ଼; ବାଜି; ପଣ—Vow.
Urda

ଉଡ଼ ଅଛ ଭୁବର ପ୍ରିୟ ଭାର୍ଯ୍ୟାକୁ—କୃଷ୍ଣର୍ଷି ହ. ମହାଭାରତ. ବନ ।

ଉଡ଼ଙ୍ଗ—ପ୍ରାଚୀନ ପଦ୍ୟ. ବ ( ସ. ଉରଙ୍ଗ )—୧ । ସର୍ପ—
Urdanga — 1. Snake.

ବୃକ୍ଷର ଉପରେ ଅଛ ଉଡ଼ଙ୍ଗ ଶିଷ—ପ୍ରାଚୀ ଶଶିଶେଣା ।

୨ । ପତାକା; ଧ୍ୱଜା—2. Flag; pennon.

ଉଡ଼ଙ୍ଘ—ଗ୍ରାମ୍ୟ. ପଦ୍ୟ. ବ (ସ. ଉରଙ୍ଗ)—ଉଡ଼ଙ୍ଗ (ଦେଖ)
Urdangha — Urdanga (See)

ଉଡ଼ଞ୍ଛୁ କରିବା—ଦେ. କ୍ରି—ଅଜ୍ଞାତଭାବରେ ପଳାଇଯିବା—
Urdañchhu karibā — To escape unnoticed.
उड़नछू करना

ଉଡ଼ଞ୍ଛୁ ଦେବା—ଦେ. କ୍ରି—ଉଡ଼ଞ୍ଛୁ କରିବା (ଦେଖ)
Urdañchhu debā — Urdañchhu karibā (See)
उड़नछू देना

ଉଡ଼ଞ୍ଛୁ ବତାଇବା—ଦେ. କ୍ରି—ଉଡ଼ଞ୍ଛୁ କରିବା (ଦେଖ)
Urdañchhu batāibā — Urdañchhu karibā (See)
उड़नछू बताना

ଉଡ଼ଣ୍ଛୁ କରିବା—ଦେ. କ୍ରି—୧ । ହଠାତ୍ ଉଠି ପଳାଇ ଯିବା; ଚମ୍ପଟ୍ ମାରିବା—1 To flee.
Urdanchhu karibā
उड़नछू करना
୨ । ଅନ୍ତର୍ହିତ ହେବା—2. To disappear; to vanish.

ଉଡ଼ଣ୍ଛୁ ଦେବା—ଦେ. କ୍ରି—ଉଡ଼ଣ୍ଛୁ କରିବା (ଦେଖ)
Urdanchhu debā — Urdanchhu karibā (See)
উড়নছু দেনা

ଉଡ଼ଣ—ଦେ. ବ ( ସଂ. ଉଡ୍ଡୀନ )—
Urdana — ଉଡ଼ିବା—Flying.
উড়ন
उड़न

ଉଡ଼ଣି—ଦେ. ବ—ଉଡ଼ଣ (ଦେଖ)
Urdani — Urdana (See)

ଉଡ଼ଣୀ—ଦେ. ବ—ଓଢ଼ଣୀ (ଦେଖ)
Urdani — Ordhanī (See)

ଉଡ଼ନଛୁ ( ଇତ୍ୟାଦ )—ଉଡ଼ଣ୍ଛୁ ( ଇତ୍ୟାଦ )
Udana chhu etc — Urdan chhu etc ( See )

ଉଡ଼ନ୍ ପେନ୍‌ସିଲ୍—ବୈଦେ. ବ. ( ଇଂ. ଉଡ଼ନ୍‌ପେନ୍‌ସିଲ )—
Udan pensil — ଉଡ୍‌ପେନ୍‌ସିଲ୍ (ଦେଖ) Udpensil (See)

ଉଡ଼ନ୍ତ—ଦେ. ବଣ (ସଂ. ଉଡ୍ଡୀନ)—୧ । ଉଡ଼ୁଥିବା—
Urdanta — Flying.
উড়া
୨ । ( ଲକ୍ଷଣାର୍ଥ ) ଅନିଶ୍ଚିତ—2. Uncertain.

ଉଡ଼ନ୍ତା—ଦେ. ବଣ (ସଂ. ଉଡ୍ଡୀନ)—ଉଡ଼ନ୍ତ (ଦେଖ)
Urdantā — Urdanta (See)

ଉଡ଼ନ୍ତା ଚଢ଼େଇ କ ବେଶରଦ୍ଧା—ଠଣ ।

(ଯଥା—୧ । ଉଡ଼ନ୍ତାଖାଇ ଗୋବିନ୍ଦାୟ ନମଃ—ଦେ. ନ୍ୟାୟ—
উড়াখাই গোবিন্দায় নমঃ
ହୁଘୁଆଇଲ ଛତୁଆ
पिरनकेजान
ଉଡ଼ିଯିବା ଖାଇକୁ ମହାପ୍ରଭୁଙ୍କ ଉତ୍ସର୍ଗ କରିବା ନ୍ୟାୟ—1. To offer to God food which is going out of one's hands.
୨ । ଉଡ଼ନ୍ତା ଚଢ଼େଇର ବେସର ବଣ୍ଟା—ଦେ. ନ୍ୟାୟ—କୌଣସି ଅନାଗତ ବସ୍ତୁ ନିମନ୍ତେ ଆଗରୁ ପ୍ରସ୍ତୁତ ହୋଇ ରହିବା—2. To provide for an uncertain event beforehand.
୩ । ଉଡ଼ନ୍ତା ଚଢ଼େଇର ପକ୍ଷୀ ଗଣିବା—ଦେ. କ୍ରି—ଅତ୍ୟନ୍ତ ଗୂଢ଼-ରହସ୍ୟ ଭେଦ କରି ପାରିବା ( ଅତି ଚତୁର ବ୍ୟକ୍ତି ସମ୍ବନ୍ଧେ )—3. To very cunningly divine at intricate matters. )

ଉଡ଼ଶ—ଦେ. ବ ( ସଂ. ଉଦଂଶ )—
Urdasa — ଓଡ଼ଶ; ଛାରପୋକ—Bed-bug.
উড্‌স
उडस

ଉଡ଼ଶି—ଦେ. ବ—ଉଡ଼ିଶି ( ଦେଖ )
Urdasi — Urdisi ( See )

ଉଡ଼ା—ଦେ. ବ. ( ସଂ. ଉଡ୍ଡୀନ )—
Urdā — ଆକାଶମାର୍ଗରେ ଗତି କରିବା; ଉଡ଼ିବା—Flying in the air; soaring high up.
উড়া
उड़ाउ

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଓ' ଖୋଜିବେ; 'ଛୁଆ' ନ ମିଳିଲେ 'ଛଅ' ଦେଖିବେ; 'କଂଶୁ' ନ ପାଇଲେ 'କଂଶ' ଦେଖିବେ; 'ଅଶ୍ୱ' ନ ପାଇଲେ 'ଅଶ୍ୱ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସ୍ତ୍ରୀ. ବି—୧ । ଗାଈଠାରୁ ଦୁଧ ହରିନେବାର ଅପଶ୍ରବ—
1. Black art by which a milch cow is made dry
( ଯଥା—କିଏ ଉଡ଼ା ପକାଇ ଦେବାରୁ ମୋ ଗାଈ ଆଉ ଦୁଧ ଦେଉ ନାହିଁ । )
୨ । ଗବାଦି ପଶୁଙ୍କ ଦେହରେ ହୋଇଥିବା ଘାଆ ଆଦିକୁ ଶୁଖାଇବାର ଟୁଣୁକା ଔଷଧ—2 Simple medicines applied to sores of cattle.

ଦେ. ବିଣ—୧ । ଆକାଶରେ ଉଡ଼ୁଥିବା—
1. Flying in the air
( ଯଥା—ଉଡ଼ା ଜାହାଜ । )
୨ । (ପୁଂ) ଅପବ୍ୟୟୀ—2. Extravagant; squandering.
( ଯଥା—ଉଡ଼ା ମଣିଷ )—
୩ । ଅନିଶ୍ଚିତ ( ଉଡ଼ା ଖବର )—
3. Uncertain.
୪ । ଅସ୍ଥାୟୀ—4. Temporary.
୫ । ଶୁଣା ହୋଇଥିବା— 5. Heard ( not seen )
୬ । ସଂକ୍ରାମକ ରୋଗ—
6. Infections; contagious (disease).
( ଯଥା—ଉଡ଼ାରୋଗ । )

ପ୍ରାଦେ. ( ପାନବରଜ ଭାଷା ) ବି—ବରଜର ଉପର ଛାତରେ ଲଙ୍କଡ଼ାର ସରୁ ସରୁ ଗଛାକୁ ପବନରୁ କବଳ୍ କରି ରକ୍ଷା କରିବାପାଇଁ ବନ୍ଧା ଯାଇଥିବା ବତାମାନ—
Split bamboos put on the roof of betel-plantations to protect the reeds from wind

ଉଡ଼ାଇକରି କହିବା—ଦେ. କ୍ରି—କୌଣସି ବ୍ୟକ୍ତି ନାମରେ ମିଥ୍ୟା
Urdāikari kahibā ଅପବାଦ ଦେବା—To defame a person; to slander a person.

ଉଡ଼ାଇ କହିବା—ଦେ. କ୍ରି—ଉଡ଼ାଇକରି କହିବା ( ଦେଖ )
Urdāi kahibā Urdāikari kahibā ( See )

ଉଡ଼ାଇ ଦେବା—ଦେ କ୍ରି—୧ । ପକ୍ଷିମାନଙ୍କୁ ପିଞ୍ଜରା ବା ଶିକୁଳିରୁ ଫିଟାଇ
Urdāi debā ଦେବା; ଛାଡ଼ିଦେବା—
উড়িএ দেওয়া 1. To liberate (birds)
उड़ा देना ୨ । ଅଦୃଶ୍ୟ ବା ଲୋପ କରାଇବା—
2. To cause to disappear.
୩ । ( ମକଦ୍ଦମା ବା ଅପରାଧକୁ ) ଅପ୍ରମାଣିତ କରିବା—
3. To disprove a case or charge.
୪ । ତାଳି ମାରି ବା ହୁରୁଡ଼ାଇବା ଦ୍ୱାରା ପକ୍ଷୀ ଉଡ଼ି ଯିବାର ଉପାୟ କରିବା—4. To cause a bird to fly away ( by means of clapping or scaring away )
୫ । ହୁରୁଡ଼ାଇ ଦେବା; କର୍ଣ୍ଣପାତ ନ କରିବା—
5. To evade hearing.
( ଯଥା—ହସି ହସି କଥାଟାକୁ ଉଡ଼ାଇ ଦେଲା । )
୬ । ମିଥ୍ୟା, ଅକାମର କର ବା ହାସ୍ୟାସ୍ପଦ ବୋଲି ଘୋଷଣା ବା ପ୍ରତିପନ୍ନ କରିବା—6. To make one a laughing stock of others; to declare one not worth belief.
ମନେ ସେହିକାଳେ ଉଡ଼ାଇ ଦେଲେ ହସି । ସାରଳା- ମହାଭାରତ. ।
୭ । ଅପବ୍ୟୟ କରିବା—7. To squander.

ଉଡ଼ାଇ ନେବା—ଦେ.କ୍ରି—ଆପଣାର ସଙ୍ଗେ ସଙ୍ଗେ ଉଡ଼ାଇ ନେବା—
Urdāi nebā 1. To cause a thing to fly with one's self.
୨ । ଅଦୃଶ୍ୟ କରାଇବା— 2. To cause to disappear.
୩ । ଉଡ଼ି ଯିବାରେ ସାହାଯ୍ୟ କରିବା—
3. To help a fledgeling in flying.
( ଯଥା—ସେପରି ପକ୍ଷୀ ମାତା ନିଜ ଶାବକକୁ । )
୪ । ଶୂନ୍ୟରେ ବାହୁତ ବା ଚାଳିତ କରିବା—
4. To cause to fly off.
ଜୟଦ୍ରଥ ରାଜାଙ୍କ ମୁଣ୍ଡକୁ ଉଡ଼ାଇ
ନେଲେ ସେ ଶରେ ହେ ହସ୍ତିନା ନରସାଇଁ । କୃଷ୍ଣସିଂହ. ମହାଭାରତ । ଦ୍ରୋଣ ।

ଉଡ଼ାଇବା—ଦେ. କ୍ରି (ସଂ. ଉଡ୍ଡୀନ) (ଉଡ଼ିବାର ଣିଜନ୍ତ ରୂପ)—
Urdāiba ୧ । ( ପକ୍ଷୀ ବା ଗୁଡ଼ି ଆଦିର ) ଆକାଶରେ ଗତି-
উড়ান କରାଇବା—To cause to fly.
उड़ाना ୨ । ହୁରୁଡ଼ାଇ ଦେବା—2. To scare away.
ପୂରୁବେ ଚନ୍ଦ୍ରକୂଟେ ମାଉଁସ ଶୁଖାଇ
ବସିଥିଲି କାକକୁ ଦେଲି ମୁଁ ଉଡ଼ାଇ—କୃଷ୍ଣସିଂହ. ମହାଭାରତ. ବନ ।
୩ । ଉଡ଼ିବାକୁ ଶିକ୍ଷାଦେବା—3. To teach flying.
(ଯଥା—ମା ପକ୍ଷୀ ଛୁଆଙ୍କୁ ଉଡ଼ାଉଛି)
୪ । ଶୂନ୍ୟରେ ଉଡ଼ିବାର ଉପାୟ କରିବା—
4. To cause to fly off.
ଧୂଳି ଉଡ଼ାଇଣ ଚାଲେ କରି ହମ୍ବା ରଡ଼,
ପଉଛନ୍ତି ଗୋରୁପଲ ଗୋଠକୁ ବାହୁଡ଼ି । ମଧୁସୂଦନ- ଛନ୍ଦମାଳା ।
୫ । ପକ୍ଷିମାନଙ୍କୁ ଉଡ଼ିବାପାଇଁ ଆକାଶକୁ ଛାଡ଼ିବା—
5. To let upto the sky fly.
( ଯଥା— କବୁତର ଉଡ଼ାଇବା । )
୬ । ପବନାଦିଦ୍ୱାରା ସ୍ଥାନାନ୍ତରିତ କରିବା—
6. To blow away.
( ଯଥା— କୁଲାବାଆରେ ଧାନ ଉଡ଼ାଇବା । )
୭ । (ମନକୁ) ଉଦ୍‌ବିଗ୍ନ କରାଇବା; ଅନ୍ୟମନସ୍କ କରାଇବା—
7. To wandr or rove ( in mind ).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଈଂ | ଊ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନୃ |

(ଯଥା—ମନକୁ ଉଡ଼ାଇଲେ ପ୍ରାଣାୟାମ କରି କିଛି ଫଳ ନାହିଁ ।)

୮ । ଗୃହପାଳିତ ପୁଂ ପଶୁମାନଙ୍କୁ ସ୍ତ୍ରୀ ପଶୁଙ୍କ ସଙ୍ଗେ ସଂଯୋଗ କରାଇବା—

8. To cause domestic animals to mate.

୯ । ପତାକା ବା ଲୁଗା ଆଦିର ଏକ ପ୍ରାନ୍ତକୁ ପବନରେ ଉଡ଼ିବା ପରି କରିବା—

9. To cause a cloth or flag to fly in the air; to wave a flag or a cloth.

(ଯଥା—ପତାକା ଉଡ଼ାଇବା ।)

୧୦ । ଆରୋପିତ ଦୋଷାଦିକୁ ଆପଣା ଉପରୁ ଖସାଇ ଦେବା—

10. To disprove or push up a charge against a person.

(ଯଥା—ସେ ବଡ଼ ମକଦ୍ଦମାକୁ ଉଡ଼ାଇ ଦେଲା ।)

୧୧ । ଅପବ୍ୟୟ କରିବା; ବରବାଦ କରିବା—

11. To waste (money).

ବୁଢ଼ା ଅଧେ ପଇସା ଅଫିମରେ ଉଡ଼ାଏ—କୁନ୍ତଳାକୁମାରୀ, ନଅଚୁଣୀ ।

୧୨ । ଅଦୃଶ୍ୟ ବା ଲୁପ୍ତ କରିବା—

12. To cause to disappear.

(ଯଥା—ରବରରେ ଘଷି ଲେଖାଯାକ ଉଡ଼ାଇ ଦେଲା; ଔଷଧ ପାନରେ ବୈଦ୍ୟ ରୋଗକୁ ଉଡ଼ାଇ ଦେଲେ ।)

୧୩ । ଅନ୍ୟର ପ୍ରଯୁକ୍ତ ମନ୍ତ୍ର, ଯନ୍ତ୍ର, ଔଷଧକୁ ନିଷ୍ଫଳ କରିବା—

13. To frustrate or baffle any medical drug or charm.

୧୪ । ବାହୁତ କରିବା; ଭସାଇ ଦେବା; ଗୁଳକ କରିବା—

14. To cause to float away.

ଯେଉଁ ଗଙ୍ଗ ବେଉଁଆଡ଼ରେ ତା ଉଡ଼ାଇ—କୃଷ୍ଣସିଂହ, ମହାଭାରତ, ବନ ।

୧୫ । ଶେଷ କରିବା; ସାରିବା—15. To exhaust.

(ଯଥା—ତାକୁ ମାଡ଼ ମାରି ମାରି ମାଷ୍ଟରେ ତା ପଠିରେ ଗୋଟିଏ ବେତ ଉଡ଼ାଇ ଦେଲେ ।)

**ଉଡ଼ାଉଡ଼ି କରିବା**—ଦେ. କ୍ରି—ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଉଡ଼ିବା—
Urdāurdi karibā — To fly here and there.

**ଉଡ଼ାକଳ**—ଦେ. ବି. (ଇଂ.ରୁ ଅନୁବାଦିତ)—ଯେଉଁ ଯାନ ସାହାଯ୍ୟରେ
Urdākala — ମନୁଷ୍ୟ ଆକାଶରେ ବିଚରଣ କରିପାରେ; ବ୍ୟୋମଯାନ—Air-ship; aeroplane.

**ଉଡ଼ାଖବର**—ଦେ. ବି—ଜନଶ୍ରୁତି; ଅନିଶ୍ଚିତ ସମ୍ବାଦ—
Urdākhabara — Rumour; unconfirmed news.
উড়াখবর

**ଉଡ଼ାଜାହାଜ**—ଉଡ଼ାକଳ (ଦେଖ)
Urdājāhāja — Urdākala (See)

**ଉଡ଼ାଣ୍ଛୁ** (ଇତ୍ୟାଦି)—ଉଡ଼ାଞ୍ଛୁ ଇତ୍ୟାଦି (ଦେଖ)
Urdāṇ chhu etc — Urdāñchhu etc (See)

**ଉଡ଼ାଣ**—ଦେ. ବି. (ସଂ. ଉଡ୍ଡୀନ)—୧ । ଉଡ଼ିବା—
Urdāṇa — 1. Act of flying.

उड़ान् — ୨ । ଉଡ଼ାଇବା କର୍ମ—
2. Act of causing to fly.
୩ । ଯୁଦ୍ଧରେ ଶତ୍ରୁକୁ ଆକାଶକୁ ଉଡ଼ାଇ ଦେବା—
3. Causing the enemy to be thrown off to the skies.

**ଉଡ଼ାଣିଆଁ**—ଗ୍ରା. ବିଣ—୧ । ଅପବ୍ୟୟୀ—
Urdāṇiāñ — 1. Extravagant; prodigal; spendthrift.
উড়ানে
उड़ात — ୨ । ଉଡ଼ିବାରେ ଅଭ୍ୟସ୍ତ—
2. Accustomed to flying in the air.
୩ । ଉଡ଼ୁଥିବା—3. Flying.
୪ । ମିଥ୍ୟା ଅପବାଦଯୁକ୍ତ—
4. False or defamatory; libellous.
୫ । ଯାହା ଉପରେ ଉପରେ ଥାଏ; ବାହ୍ୟ—
5. Superficial.
୬ । ଅନିଶ୍ଚିତ—6. Uncertain.

**ଉଡ଼ାଣ୍ଟେରିଆ**—ଗ୍ରା. ବିଣ—୧ । (ବ୍ୟକ୍ତି) ଅପବ୍ୟୟୀ—
Urdānteriā — 1. Squandering.
୨ । (କଥା) ଅନିଶ୍ଚିତ; ଶୁଣା—
2. Uncertain; only heard.

**ଉଡ଼ାପବନ**—ଦେ. ବି—୧ । ଝଡ଼ତୋଫାନ—1. Tempest.
Urdāpabana — ୨ । ଘୂର୍ଣ୍ଣିବାୟୁ—2. Whirl wind.

**ଉଡ଼ାପରବ**—ପ୍ରାଦେ. (ବାଲେଶ୍ୱର) ବି—ଚଢ଼େଇପୂଜା (ଦେଖ)
Urdāparaba — Chardakapūjā (See)

**ଉଡ଼ାପାନସ୍**—ଦେ. ବି. (ଉଡ୍ଡୀନ+ଫା. ଫାନୁସ୍)—ସଙ୍ଗିରେ ଆକାଶକୁ
Urdāpānas — ଉଠିବା ଆଲୋକପାତ୍ର ବା ଲଣ୍ଠନବିଶେଷ—
উড়াফানুস্
उड़ाफानूस — Contrivance with a lantern for being let out into the air in the night for the purpose of war or strategy or diversion.

**ଉଡ଼ାପାନୁସ୍**—ଦେ. ବି—ଉଡ଼ାପାନସ (ଦେଖ)
Urdāpānus — Urdāpānas (See)

**ଉଡ଼ାଫାନସ୍**—ଦେ. ବି—ଉଡ଼ାପାନସ୍ (ଦେଖ)
Urdāphānas — Urdāpānas (See)

**ଉଡ଼ାଫାନୁସ୍**—ଦେ. ବି—ଉଡ଼ାପାନସ୍ (ଦେଖ)
Urdāphānus — Urdāpānas (See)

**ଉଡ଼ାବାଜ୍**—ଦେ. ବିଣ—ଅପବ୍ୟୟୀ—Extravagant.
Urdābāj — ପୁଅମାନେ ବାପ ପରି ଉଡ଼ାବାଜ୍ ହୁଅନ୍ତି ।
उड़ात — ଫକୀରମୋହନ, ଛମାଣଆଠଗୁଣ୍ଠ ।

**ଉଡ଼ାବୁଡ଼ା**—ଦେ. ବିଣ—୧ । ଦୁଷ୍ଟ; ହିତାହିତବିବେଚନାଶୂନ୍ୟ; ଯେ
Urdāburdā — ଉଡ଼ବୁଡ଼ ପରିର ଅବସ୍ଥା କରେ—
1. Wicked; wanton; unconscientious; bent on injuring others.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷଗ୍ରନ୍ଥରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକତ' ନ ପାଇଲେ 'ଅଳକ୍ତକ' ଦେଖିବେ ।

୨ । ଅପବ୍ୟୟୀ—2. Extravagant.

୩ । ଯେଉଁ ବ୍ୟକ୍ତି ପର ନାମରେ ଉଡ଼ାଇ କରି ଓ ପରକୁ ବୁଡ଼ାଇ କରି ଦୁର୍ନାମ କରେ—3. Libellous; scandal-mongering; defaming.

୪ । ଅନ୍ୟକୁ ହଇରାଣ କରୁଥିବା—
4. Putting others into trouble.

୫ । ଅସ୍ଥିର; ଅଥୟ—5. Restless.

ଦେ. ବି—ଉଡ଼ିବା ଓ ବୁଡ଼ିବା—Flying and diving.

ଉଡ଼ା ମାଛ—ଦେ. ବି—ସାମୁଦ୍ରିକ ମତ୍ସ୍ୟବିଶେଷ, ଯେଉଁମାନେ ଉଡ଼ି ପାରନ୍ତି—Flying fish.
Urdā māchha

ଉଡ଼ାମେଘ—ଦେ. ବି—୧ । ଅକାଶରେ ହଠାତ୍ ଦେଖା ଦେଇ ଅଦୃଶ୍ୟ ହେବା ମେଘ ଖଣ୍ଡ—1. A sudden cloud appearing and disappearing suddenly.
Urdāmegha

୨ । ଆକାଶରେ ଉଡ଼ି ଉଡ଼ି ଯାଉଥିବା ମେଘ—
2. Constantly flying or moving cloud.

ଉଡ଼ା ଯାତ୍ରା—ପ୍ରା. ( ବାଲେଶ୍ୱର ) ବି—ଚଡ଼କପୂଜା ( ଦେଖ )
Urdā jātrā — Chardakapūjā ( See )

ଉଡ଼ାଳି—ଦେ. ବିଣ—୧ । ଯେଉଁ ବ୍ୟକ୍ତି ବ୍ୟୋମଯାନାଦି ଦ୍ୱାରା ଅକାଶରେ ବିହାର କରନ୍ତି—
Urdāli
उड़ान — 1. ( persons ) Flying in the air.

୨ । ଯେଉଁ ପକ୍ଷୀ ଆକାଶରେ ଉଡ଼ନ୍ତି—
2. ( bird ) Flying in the air.

୩ । ଉଡ଼ିବାରେ ଦକ୍ଷ ( ଯଥା—ପାରାଅଦି )—
3. Skilful in flying

ଉଡ଼ିଆ—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବି ଓ ବିଣ—ଓଡ଼ିଆ ( ଦେଖ )
Urdiā — Ordiā ( See )
(ଉଡ଼ିଆଣୀ—ସ୍ତ୍ରୀ)

ଉଡ଼ିଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଅସ୍ତ୍ରାଦି ପଜାଇବା—
Urdidebā — To sharpen an instrument.

ଉଡ଼ିବା—ପ୍ରାଦେ (ସମ୍ବଲପୁର) କ୍ରି—ଉଡ଼ିଦେବା ( ଦେଖ )
Urdibā — Urdidebā ( See )

ଉଡ଼ା ଦେ. କ୍ରି. ( ସଂ. ଉଡ୍ଡୟନ )—୧ । ଆକାଶମାର୍ଗରେ ଗତି କରିବା ବା ସ୍ଖଳିତ ହେବା; ଉଡ୍ଡୀନ ହେବା—
उड़ना — 1. To fly in the sky.

୨ । ଅଦୃଶ୍ୟ ହେବା—2. To disappear.
କପି ମନ୍ଦିର ବୁଝି ହୃଦ୍ରଂ ସେ ତ ନ ଯାଉଥିବ ଉଡ଼ି ।
ଭୂପତି—ପ୍ରେମପଞ୍ଚାମୃତ ।

୩ । ଶୂନ୍ୟରେ ସ୍ଖଳିତ ହେବା—
3. To float in the sky.
ପକ୍ଷି ହେଲେ ଉଡ଼ିଯିବା ପରି ସାଧୁ ଅଙ୍ଗୁଷ୍ଠ ଉଡ଼ୁଥିବ ।
ବଦନ୍ଦୁର୍ଦ୍ଦ. ଯଶୋମତମ୍, ପ. ଗୀତ ।

୪ । ଅସ୍ଥିର ହେବା; ଅଥୟ ହେବା ( ମନ, ହୃଦୟ )—
4. ( mind ) To be restless.
ଏହି କାଳେ ବୃଷ୍ଟି ଉଦକ ବାତା-ବର-ବଦନେ
ପଡ଼ିଲା, ଉଡ଼ିଲା ହୃଦୟ, ଧୈର୍ଯ୍ୟ ବୁଡ଼ିଲା କ୍ଷଣେ । ରାଧାନାଥ. ଚନ୍ଦ୍ରଭାଗା ।

୫ । ଲୋପ ପାଇବା; ନାଶ ହେବା; ଅଦୃଶ୍ୟ ହେବା—
5 To disappear.
ଭୃଙ୍ଗ ମୁଣ୍ଡ ମାଡ଼ିଥିଲ, ତା ଦଶ କେଣେ ଉଡ଼ିଗଲା ।
ଭୂପତି—ପ୍ରେମପଞ୍ଚାମୃତ ।

୬ । ( ଅଶ୍ୱାଦି ପଶୁ (ଘୋଡ଼ା) ସ୍ତ୍ରୀ ପଶୁମାନଙ୍କ ସଙ୍ଗେ ) ସଙ୍ଗମ କରିବା—
6. To mate ( said of a horse ).

୭ । ଅନ୍ୟମନସ୍କ ହେବା; ଅନ୍ୟ ବ୍ୟକ୍ତି ବା ବସ୍ତୁରେ ଆସକ୍ତ ହେବା ( ମନୁଷ୍ୟ )—
7. To be after any other matter.

୮ । ( ରୋଗ ) ସଂକ୍ରମିତ ହେବା—
8 To infect ( said of diseases ).

୯ । ଜୁଆ ଖେଳିବା; ବାଜି ରଖିବା—9. To lay a wager.
ଦମୟନ୍ତୀ ଭୂଲରେ ଅର୍ଜିବା ଧନକୁ
ଉଡ଼ୁଛୁ ଦ୍ୟୁତେ ଜଡ଼ ଭୂପର ସଙ୍ଗ କୁ । କୃଷ୍ଣସିଂହ. ମହାଭାରତ. ବନ ।

୧୦ । ଡରିବା—10. To fear.
ମିଥ୍ୟା ଅପବାଦ ପାଇଁ ମୁହିଁ ଉଡ଼ଇ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୧୧ । ( କଥା ) ସର୍ବତ୍ର ଲୋକ ମୁଖରେ ପ୍ରଚାରିତ ହେବା—
11. To be published broadcast.

୧୨ । ଖୁବ୍ ବେଗରେ ଗତି କରିବା; ଦଉଡ଼ିବା—
12. To run swiftly.

ଉଡ଼ିଯିବା—ଦେ. କ୍ରି—୧ । ଉଡ଼ିବା; ଉଡ୍ଡୀନ ହେବା—
Urdijibā — 1. To fly in the air.
উড়েযাওয়া
उड़ जाना

୨ । ଉଡ଼ି କରି ଅଦୃଶ୍ୟ ହେବା—
2. To fly away.
ଆକାଶେ ପୁଷ୍ପରେଣ ଯାଉଛନ୍ତି ଉଡ଼ି । କୃଷ୍ଣସିଂହ. ମହାଭାରତ. ଆଦି ।

୩ । ବହିର୍ଗତ ହେବା; ସ୍ଥାନତ୍ୟାଗ କରିବା—
3. To leave a place.

୪ । ଲୋପ ହେବା; ଅଦୃଶ୍ୟ ହେବା—
4. To disappear.

୫ । ଅତି ବେଗରେ ଦୌଡ଼ିବା—
5. To run very quickly.
ଏ ସଙ୍କାଶେ ଯୁଦ୍ଧ ଭୂମିରେ ଗଲେ ଉଡ଼ି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉଡ଼ିଶତନ୍ତ୍ର—ଦେ. ବି. (ସଂ. ଉଡ୍ଡୀଶ ତନ୍ତ୍ର)—ଉଡ୍ଡୀଶ ତନ୍ତ୍ର (ଦେଖ)
Urdiśatantra — Uddiśatantra (See)

ଉଡ଼ିଶା—ପ୍ରାଦେ. (ମେଦନୀପୁର) ବି—ଓଡ଼ିଶା (ଦେଖ)
Urdiśā — Ordiśā (See)

ଉଡ଼ିଶି—ପ୍ରାଦେ. (ମେଦନୀପୁର) ବିଣ—ଓଡ଼ିଶାଦେଶୀୟ; ଉତ୍କଳୀୟ—
Urdiśi — Relating to Ordiśā.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଝ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଷ,ଶ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ଋୂ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଞ | ଜ |

( ଯଥା—ଉଡ଼ିଶ ମତ; ଉଡ଼ିଶି ସଙ୍ଗୀତ )

ଦେ. ବି—ଭଣ୍ଡାରି ଜାତିର ଶାଖାବିଶେଷ—
A branch of barbers.

ଉଡ଼ିଶି ହଳଦ—ଗ୍ରା. ବି—ଓଡ଼ିଶି ହଳଦ ( ଦେଖ )
Urdisi haladi Ordisi haladi ( See ).

ଉଡ଼ିଶ୍ୟା—ଦେ. ବି—ଓଡ଼ିଶା ( ଦେଖ )
Urdisyā Ordisā ( See ).
উড়িষ্যা
उड़ीसा

ଉଡ଼ୁ—ସଂ. ବି. ( ଉଡ୍ ଧାତୁ=ଯୁକ୍ତ କରିବା+ସ୍ୱାର୍ଥେ. ଉ ବା ଉତ୍+
Urdu ଡ୍ଡୀ ଧାତୁ=ଉଡ଼ିବା+କର୍ତ୍ତୃ. ଉ )—
୧ । ତାରା—1. Star.
୨ । ତାରାପୁଞ୍ଜ—2. Constellation.
୩ । ଜଳ—3. Water.
୪ । ପକ୍ଷୀ—4. Bird.
୫ । କେଉଟ; ମଙ୍ଗୁଆ—5. Boat-man.
( ହି. ଶବ୍ଦସାଗର )

ପ୍ରାଦେ (ଗଡ଼ଜାତ) ବି—ଉଡ଼ୁଆ ( ଦେଖ )
Urduā ( See )

ଉଡ଼ୁଆ—ଦେ. ବି—ବନ୍ୟ ବୃକ୍ଷବିଶେଷ ( ଏହାର ଫୁଲ ସାନ ଓ ନାଲିଆ
Urduā ଓ ଏହାର ଫଳକୁ ଲୋକେ ଖାଆନ୍ତି)—A wild tree
Aegialitis Annulata.

ଉଡ଼ୁଉଡ଼ୁ ହେବା—ଦେ. କ୍ରି—ଉଡ଼ୁଡ଼ୁ ହେବା ( ଦେଖ )
Urduurdu hebā Urdurd hebā ( See )

ଉଡ଼ୁକାନ୍ତ—ସଂ. ବି. (୬ଷ୍ଠୀ ତତ୍; ଉଡ଼ୁ+କାନ୍ତ)—ଉଡ଼ୁପତି; ଚନ୍ଦ୍ର—
Urdukānta The moon.

ଉଡ଼ୁକୁ—ପ୍ରାଦେ. (ଗଞ୍ଜାମ).ବିଣ—ଉଡ୍ଡୀୟମାନ; ଉଡ଼ୁଥିବା; ଉଡ଼ିପାରୁଥିବା
Urduku Flying; able to fly.
( ଗୋପୀନାଥ ନନ୍ଦ )

ଉଡ଼ୁକ୍କୁ—ପ୍ରାଦେ. (ଗଞ୍ଜାମ) ବିଣ—ଉଡ଼ୁକୁ ( ଦେଖ )
Urdukku Urduku ( See )

ଉଡ଼ୁଣା (ଇତ୍ୟାଦି)—ଗ୍ରା. ବି—ଓଢ଼ଣା ଇତ୍ୟାଦି ( ଦେଖ )
Urdunā etc. Ordhanā etc. ( See )

ଉଡ଼ୁଣୀ—ଗ୍ରା. ବି—ଓଢ଼ଣୀ ( ଦେଖ )
Urduni Ordhani ( See )

ଉଡ଼ୁପ—ସଂ. ବି. ( ଉଡ଼ୁ=ଜଳ+ପା ଧାତୁ=ରକ୍ଷା କରିବା+
Urdupa କର୍ତ୍ତୃ. ଅ )—
୧ । ନୌକା; ଡଙ୍ଗା—1. Boat.
୨ । ଭେଳା—2. Raft.
ଗଙ୍ଗାଙ୍କ ପ୍ରବାହରେ ଉଡ଼ୁପ ସହିତରେ
ଭାସିଲେ ଅନନ୍ତ ସମସ୍ତ ଦେଶରେ । କୃଷ୍ଣସିଂହ, ମହାଭାରତ, ଅଦି ।

୩ । ( ଯହିଁରେ ଜଳକୁ ରକ୍ଷା କରାଯାଏ )—
ଚର୍ମନିର୍ମିତ ପାତ୍ରବିଶେଷ; ଭସ୍ତି—
3. Visti; a vessel of hide for carrying water.

୪ । (ଉଡ଼ୁ=ନକ୍ଷତ୍ର+ପା ଧାତୁ=ପାଳନ କରିବା+କର୍ତ୍ତୃ.ଅ)—
ନକ୍ଷତ୍ରମାନଙ୍କ ପାଳକ ବା ରାଜା; ତାରାପତି; ଚନ୍ଦ୍ର—
4. The moon.
ବିବିଧ ଉଡ଼ୁପ ପ୍ରଷ୍ଠରେ ଉଡ଼ୁପ ପ୍ରଷ୍ଠରେ ଆଉ ସେ ନ ବସେ ।
ଉକ୍ତ. ବୈଦେହୀଶବିଳାସ ।

[ ଦ୍ର—ବୈଦିକ ସଂସ୍କୃତରେ ପ୍ରଚଳିତ ଉଡ୍ଡୁପ ଶବ୍ଦ ରୂପାନ୍ତରିତ ହୋଇ ପରବର୍ତ୍ତୀ ଯୁଗର ସଂସ୍କୃତ ସାହିତ୍ୟରେ 'ଉଡ଼ୁପ' ଆକାରରେ ବ୍ୟବହୃତ ହୋଇଥିବା ବିଷୟ ଭାଷାତତ୍ତ୍ୱବିଦମାନେ ପ୍ରମାଣ କରି ଅଛନ୍ତି । ବିନାୟକ ମିଶ୍ର—ଓଡ଼ିଆ ଭାଷାର ଇତିହାସ । ]

ଉଡ଼ୁପତି—ସଂ. ବି. ( ୬ଷ୍ଠୀ ତତ୍; ଉଡ଼ୁ+ପତି )—
Urdupati ତାରାପତି; ଚନ୍ଦ୍ର—The moon

ଉଡ଼ୁପଥ—ସଂ. ବି. ( ୬ଷ୍ଠୀ ତତ୍; ଉଡ଼ୁ=ନକ୍ଷତ୍ର+ପଥ )—ଆକାଶ—
Urdupatha Sky; firmament

ଉଡ଼ୁମର—ଦେ. ବି—ଉଡ଼ୁମ୍ବର ( ଦେଖ )
Urdumara Urdumbara ( See )

ଉଡ଼ୁମ୍ବର—ସଂ. ବି. ( ଉଡ଼ୁ=ନକ୍ଷତ୍ର+ବୃ ଧାତୁ=ଆଚ୍ଛାଦନ କରିବା+
Urdumbara କରଣ. ଅ; ଯେଉଁ ଫଳ ଗଛକୁ ନକ୍ଷତ୍ର ପରି ଘେରି ରହିଥାଏ; ଯେଉଁ ଗଛର ଫଳ ପେଣ୍ଡା ପେଣ୍ଡା ହୋଇ ନକ୍ଷତ୍ର ଭଳି ଗଛର ଦେହସାରା ଆବରିଥାଏ)—
୧ । ଯଜ୍ଞଡ଼ିମ୍ବିରି ଗଛ ଓ ତାହାର ଫଳ—
1. The wild figtree and its fruit.
ଚନ୍ଦ୍ରେ ପ୍ରେ ତୋହର ଶରୀରେ, ମଶା ଯେସନ ଉଡ଼ୁମ୍ବରେ ।
ଜଗନ୍ନାଥ, ଭାଗବତ, ୧୦, ଗୋପ ।
୨ । ତାମ୍ର; ତମ୍ବା—2 Copper.
୩ । କର୍ଷ କରଷି;ଦୁଇ ତୋଳା ପରିମାଣ; ଏକ ପଳର ¼ଭାଗ ଓଜନ—3 A unit of weight; a weight ¼th of a Pala; 2 tolā's weight.
୪ । ଦେହଳୀ; ଦୁଆରମୁହଁ; ଦୁଆର ବାହାର ତଳ ଚଉକାଠ - 4. Thres-hold.
୫ । କୁଷ୍ଠରୋଗବିଶେଷ; ଶରୀରରେ ଗୋଲାକାର ବ୍ରଣଯୁକ୍ତ ଚର୍ମରୋଗବିଶେଷ—5 A kind of leprosy or skin disease with circular rimmed sores on the body.

ଉଡ଼ୁଶ୍—ପ୍ରାଦେ. ( ସମ୍ବଲପୁର ) ବି—ଓଡ଼ଶ; ଛାରପୋକ—
Urdus Bed-bug.

ଉଡ଼ୂପ—ସଂ. ବି—ଉଡ଼ୁପ ( ଦେଖ )
Urdūpa Urdupa ( See )

ସାଧାରଣ ଲୋକେ ଅପର ସ୍ୱରାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରୟୋଗ କରନ୍ତି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବର୍ଣ୍ଣ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ 'ଭୂଷ' ନ ମିଳିଲେ 'ଭୁଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ .

ଉଡ୍ଡୁପତି— ସଂ. ବ—ଉଡ୍ଡୁପତି ( ଦେଖ )
Urdūpati — Urdupati ( See )

ଉଡ଼େ—ପ୍ରାଦେ ( ମେଦନୀପୁର ) ବଣ — ୧ । ଓଡ଼ିଆ—
Urde — 1. Ordiā (language)
୨ । ଓଡ଼ିଶାଦେଶୀୟ; ଉତ୍କଳୀୟ— 2. Pertaining to Ordisā or Utkal

ଉଡ଼େଇଦେବା— ଦେ. କ୍ରି —ଉଡ଼ାଇଦେବା ( ଦେଖ )
Urdeidebā — Urdāidebā ( See )

ଉଡ଼େଇବା—ଦେ. କ୍ରି — ଉଡ଼ାଇବା ( ଦେଖ )
Urdeibā — Urdāibā ( See )

ଉଡ୍ଡୟନ—ସଂ. ବ ( ଉତ୍ = ଉର୍ଦ୍ଧ୍ୱରେ + ଡୀ ଧାତୁ = ଶୂନ୍ୟରେ ଯିବା + ଭାବ. ଅନ )—ଆକାଶବିହାର; ଶୂନ୍ୟବିହାର; ଉଡ଼ିବା—
Uddayana — Act of flying up; act of flying in the air; flight.

ଉଡ୍ଡୟମାନ—ସଂ. ବଣ ପୁଂ. ( ଉତ୍ + ଡୀ ଧାତୁ = ଶୂନ୍ୟରେ ଉଡ଼ିବା + କର୍ତ୍ତୃ. ଅନ )— ଉଡ୍ଡୀୟମାନ ( ଦେଖ )
Uddayamāna — Uddiyamāna (See)
(ଉଡ୍ଡୟମାନା— ସ୍ତ୍ରୀ)

ଉଡ୍ଡାମର—ସଂ. ବଣ ( ଉତ୍ = ଉତ୍କୃଷ୍ଟ + ଡାମର = ପ୍ରଚଣ୍ଡ )—
Uddāmara — ୧ । ଶ୍ରେଷ୍ଠ; ସର୍ବୋତ୍କୃଷ୍ଟ; ଅସାଧାରଣ— 1. Prominent; excellent; extraordinary.
୨ । ଅତିପ୍ରଚଣ୍ଡ; ଅତ୍ୟୁଗ୍ର; ଅଦ୍ଭୁତ— 2. Fierce; furious; abnormal.

ଉଡ୍ଡୀନ—ସଂ. ବଣ ପୁଂ. ( ଉତ୍ + ଡୀ ଧାତୁ + କର୍ତ୍ତୃ ତ )—
Uddīna — ଯେ ଉଡ଼ିଅଛି; ଉତ୍‌ପତିତ; ଉର୍ଦ୍ଧ୍ୱଗତ; ଶୂନ୍ୟଗାମୀ— Flown up; flowing up.
(ଉଡ୍ଡୀନା— ସ୍ତ୍ରୀ)
ସଂ. ବ (+ଭାବ. ତ)— ଉଡ଼ିବା; ଶୂନ୍ୟରେ ଗମନ—Flying; flowing.

ଉଡ୍ଡୀୟମାନ—ସଂ. ବଣ ପୁଂ—(ଉତ୍ + ଡୀ + କର୍ତ୍ତୃ. ଅନ)—ଆକାଶରେ ଉଡ଼ୁଥିବା; ଉଡ଼ନ୍ତା—
Uddiyamāna — Flying up; on the wings; soaring in the air.
(ଉଡ୍ଡୀୟମାନା— ସ୍ତ୍ରୀ)
ବିବିଧ ରଙ୍ଗର ପକ୍ଷ କାମାନ, ଅଂଜଳିକା ଶିରେ ଉଡ୍ଡୀୟମାନ—ମଧୁସୂଦନ, ଛନ୍ଦବୋଧ ।

ଉଡ୍ଡୀଶ— ସଂ. ବ—ଶିବ; ମହାଦେବ—
Uddīśa — The God Śiba.

ଉଡ୍ଡୀଶତନ୍ତ୍ର—ସଂ. ବ. ( ନାମ ) ତନ୍ତ୍ରୋକ୍ତ ଷଟ୍ କର୍ମର ଅଧିକୃତ ଲକ୍ଷିତ ହୋଇଥିବା ତନ୍ତ୍ରବିଶେଷ—
Uddīśatantra — Name of a book on Tantras.

ଉଢ଼ଣା—ପ୍ରାଦେ. (ସମ୍ବଲପୁର) ବ—ଘୋଡ଼େଇହେବା ଖଦଡ଼—
Urdhanā — A thin wrapper.
ଗ୍ରା. ବ.—ଓଢ଼ଣା (ଦେଖ) — Ordhanā ( See )

ଉଢ଼ୁରେନ୍—ପ୍ରାଦେ (ସମ୍ବଲପୁର) ବ— ୧ । ଉଠାଣିଆ—
Urdhren — 1. Steep; rising.
(ଉଢ଼ୁରେନ୍— ବିପକ୍ଷତ) ୨ । କ୍ରମଶଃ ଉପରକୁ ଉଠିଥିବା — 2. Gradually rising; ascending.

ଉଢ଼ଣା—ଗ୍ରା ବ—ଓଢ଼ଣା ( ଦେଖ )
Urdhanā — Ordhanā ( See )

ଉଢ଼ଣୀ — ଗ୍ରା. ବ—ଓଢ଼ଣୀ ( ଦେଖ )
Urdhani — Ordhani ( See )

ଉଢ଼ାଇବା—ଦେ. କ୍ରି —ଉଢ଼ିବା କ୍ରିୟାର ଣିଜନ୍ତ ରୂପ—
Urdhāibā — The causative form of 'Urdhibā.'
ऊढ़ान
उढाना

ଉଢ଼ାଳ—ଦେ. ବ. ଓ ବଣ (ସଂ. ଅନ୍ତରାଳ,-ଆଢୁଆଳ; ଅନ୍ତରାଳ (ଦେଖ)
Urdhāla — Antarāla (See)
ଭୁଢ଼ଲେ ମିହର ଉଢ଼ଲେ ଉଢ଼ାଳେ—ଜଗନ୍ନାଥ. ଦଳେଇ ।

ଉଢ଼ିବା—ପ୍ରାଦେ (ପୁରୀ) କ୍ରି (ସଂ. ପରିଧାନ)— ୧ । ବସ୍ତ୍ର ପିନ୍ଧିବା—
Urdhibā — 1. To wear or put on cloth.
ऊढ़ । ୨ । ବସ୍ତ୍ର ଦେହରେ ବେଢ଼ାଇବା—2 To put on cloth round the body.
ओढ़ना

ଉଢ଼ୁଆଳ—ଗ୍ରା. ବ. ଓ ବଣ—ଅନ୍ତରାଳ (ଦେଖ)
Urdhuāla — Antarāla (See)

ଉଢ଼ୁଣା—ଗ୍ରା. ବ—ଓଢ଼ଣା (ଦେଖ)
Urdhunā — Ordhanā (See)

ଉଢ଼ୁଣୀ—ଗ୍ରା. ବ—ଓଢ଼ଣୀ (ଦେଖ)
Urdhuni — Ordhani (See)

ଉଢ଼େଇବା—ଦେ. କ୍ରି —ଉଢ଼ାଇବା (ଦେଖ)
Urdheibā — Urdhāibā (See)

ଉଣ —ପ୍ରାଦେ (ମେଦନୀପୁର) ବଣ (ସଂ. ଊନ)—ଊଣା—
Una — Less.

ଉଣଚାଳିଶ—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବ. ଓ ବଣ ( ସଂ. ଊନଚତ୍ୱାରିଂଶତ୍ )—ଅଣଚାଳିଶ —
Unachālisa — The number 39.

ଉଣଚାଳିଶି—ପ୍ରାଦେ. ବ. ଓ ବଣ — ଉଣଚାଳିଶ (ଦେଖ)
Unachālisi — Unachālisa (See)

ଉଣପଚାଶ — ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବ. ଓ ବଣ (ସଂ— ଊନପଞ୍ଚାଶତ୍ ଭୁଲ ବ. ଊନପଞ୍ଚାଶତ୍)—
Unachāsa — ଅଣଚାଶ—The number 49.

ଉଣପଞ୍ଚାଶ — ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବ. ଓ ବଣ—
Unanchāsa — ଉଣପଚାଶ (ଦେଖ)—Unachāsa (See)

ଉଣତିରିଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବ. ଓ ବଣ—
Unatiriśa — (ସଂ. ଊନତ୍ରିଂଶତ୍ ; ଭୁଲ: ବ. ଊନତ୍ରିଶ)— ଅଣତିରିଶି (ଦେଖ)— Anatiriśi (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଙ | ଊ | ଋ,ବ୍ର | ଝ | ଏ | ହସନ୍ତ ବର୍ଣ୍ଣ | ଅକାରାନ୍ତ ଯୁକ୍ତାକ୍ଷର | ଖ | ଜ | ଧ,ଷ | ଛ | ଇଯ୍ | ଉଅ | ଘ |
| ୨ | ଐ | ଭ | ଋ | ଌ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଉଅ | ● | ଡ଼ |

ଊଣତିରିଶି—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—
Uṇatiriśi ଅଣତିରିଶି (ଦେଖ)—Aṇatiriśi (See)

ଊଣତିଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—
Uṇatriśa ଅଣତିରିଶି (ଦେଖ)—Aṇatiriśi (See)

ଊଣନଉ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—ଅଣନଉ;
Uṇanau ନବେରୁ ଏକ କମ୍—The number 89.

ଊଣନବେ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—
Uṇanabe ଊଣନଉ (ଦେଖ)—Uṇanau (See)

ଊଣପଚାଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—
Uṇapachāśa ଊଣଚାଶ (ଦେଖ)—Uṇachāśa (See)

ଊଣପଞ୍ଚାଶ—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—
Uṇapañchāśa ଊଣଚାଶ (ଦେଖ)—Uṇachāśa (See)

ଊଣଷଟି—ପ୍ରାଦେ (ମେଦନୀପୁର ଓ ବାଲେଶ୍ୱର) ବି. ଓ ବିଣ—ଅଣଷଠି—
Uṇashaṭi The number 59.

ଊଣଷଠି—ପ୍ରାଦେ. (ବାଲେଶ୍ୱର) ବି—ଊଣଷଟି (ଦେଖ)
Uṇashaṭhi Uṇashaṭi (See)

ଊଣସତୁରି—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର ) ବି ଓ ବିଣ ( ସଂ. ଊନସପ୍ତତି ) ଅଣସତୁରି; ଅଣସ୍ତରି—
Uṇasaturi The number 69

ଊଣା—ଦେ. ବିଣ (ସଂ. ଊନ)—ଊଣା (ଦେଖ)
Uṇā Uṇā (See)

ଊଣାଅଧିକ—ଦେ. ବି. (ସଂ. ନ୍ୟୂନାଧିକ; ଊନ+ଅଧିକ)—କମ୍ ବେଶି;
Uṇaadhika ନ୍ୟୂନତା ଅଧିକ୍ୟ; ଅଳ୍ପ ବହୁତ; ତ୍ରୁଟି ବା
কমবেশি ଅତିରିକ୍ତତା—Every defect and excess; every fault and shortcoming.

ଦେ. ବିଣ.—ଅଳ୍ପାଧିକ; ନ୍ୟୂନାଧିକ—
Defective and excessive.

ଦେ. କ୍ରି. ବିଣ—୧ । ପ୍ରାୟ—1 Nearly; about; approximately.
୨ । ଅଳ୍ପାଧିକ ପରିମାଣରେ—2 More or less.
୩ । ମୋଟା ମୋଟି ଭାବରେ—
3. Roughly; roughly speaking.

ଊଣାଅଶି—ପ୍ରାଦେ. (ମେଦନୀପୁର ଓ ବାଲେଶ୍ୱର) ବି ଓ ବିଣ. (ସଂ.
Uṇāasi ଊନାଶୀତି)—ଅଣାଅଶି—The number 79.

ଊଣାଇଶ (ଇତ୍ୟାଦି)—ଦେ. ବି. ଓ ବିଣ—ଊଣିଶି ଇତ୍ୟାଦି (ଦେଖ)
Uṇāiśa etc. Uṇiśi etc (See)

ଊଣାଇଶାଦୁଇଶ—ଗ୍ରା. ବି. ଓ ବିଣ—ଊଣିଶାଦୁଇଶ ( ଦେଖ )
Uṇāiśāduiśa Uṇiśāduiśa ( See )

ଊଣାଇଶାଶହେ—ଗ୍ରା. ବି. ଓ ବିଣ—ଊଣିଶାଶହେ ( ଦେଖ )
Uṇāiśāśahe Uṇiśāśahe ( See )

ଊଣାଇଶି (ଇତ୍ୟାଦି)—ଦେ. ବି. ଓ ବିଣ—ଊଣିଶି ଇତ୍ୟାଦି (ଦେଖ)
Uṇāiśi etc. Uṇiśi (See)

ଊଣାକରିବା—ଦେ. କ୍ରି—୧ । କମ୍ କରିବା—1. To lessen.
Uṇākaribā ୨ । ( ରୋଗକୁ ) ପ୍ରଶମନ କରିବା—
কম্ করা 2. To cure; to assuage.
घटाना ୩ । ( ମନରେ ) ଅପମାନ ବା ଦୁଃଖ କରିବା; ପୂର୍ବ ସ୍ନେହ ଦୂର କରିବା—3. To be displeased; not to like a person as before
୪ । ସଂଖ୍ୟା ବା ପରିମାଣ କମାଇବା—4. To bring down the number or quantity.

ଊଣାଧିକ—ଦେ. ବି. ବିଣ ଓ କ୍ରି. ବିଣ—ଊଣା ଅଧିକ ( ଦେଖ )
Uṇādhika Uṇā adhika ( See )

ଘଟୋତ୍କଚ କର୍ଣ୍ଣଙ୍କ ଊଣାଧିକ ଜଣା,
ହୋଇଲ ହେଲାଟ ସବୁର ବୁଦ୍ଧି ବଂ।—କୃଷ୍ଣସିଂହ. ମହାଭାରତ, ଦ୍ରୋଣ।

ଊଣାଭାଗିଆ—ଦେ. ବିଣ—ଯେଉଁ ବ୍ୟକ୍ତିର ( ଜାତକର ) ଭାଗ୍ୟ ( ଉଚ୍ଚ
Uṇābhāgia ନୁହେ ) ସୌଭାଗ୍ୟହୀନ—Unfortunate; unlucky

ଊଣାଭାଗିଆ ନନ୍ଦସୁତ, ଅପଦୁଁ ବହିଛ ବହୁତ। ଭୂପତି—ପ୍ରେମପଞ୍ଚାମୃତ।

ଊଣାଶି—ପ୍ରାଦେ ( ମେଦନୀପୁର ଓ ବାଲେଶ୍ୱର )—ଊଣାଅଶି ( ଦେଖ )
Uṇāsi Uṇāasi ( See )

ଊଣିଶାଦୁଇଶ—ଦେ. ବି. ଓ ବିଣ—ଦୁଇଶହ ଊଣାଇଶ—
Uṇiśāduiśa The number 219.

ଊଣିଶାଶହେ—ଦେ. ବି. ଓ ବିଣ—ଏକଶହ ଊଣାଇଶ—
Uṇiśāśahe The number 119; one hundred and nineteen.

ଊଣିଶ (ଇତ୍ୟାଦି)—ଊଣିଶି ଇତ୍ୟାଦି ( ଦେଖ )
Uṇiśa etc Uṇiśi etc ( See )

ଊଣିଶି—ଦେ. ବି. ଓ ବିଣ ( ସଂ. ଊନବିଂଶ )—ଊନବିଂଶ; କୋଡ଼ିଏରୁ
Uṇiśi ଏକ କମ୍; ୧୯—Nineteen.
উনিস্
उन्नीस्

ଊଣିଶିବିଶ—ଦେ. କ୍ରି. ବିଣ ( ସଂ. ଊନବିଂଶ ଓ ବିଂଶ ) ନ୍ୟୂନାଧିକ;
Uṇiśibiś ପ୍ରାୟ; ସାମାନ୍ୟ ପ୍ରଭେଦ ଥିବା ଅବସ୍ଥାରେ—
উনিসবিশ Approximately; without any palp-
उन्नीसबिस able difference or distinctions.
ଦେ. ବିଣ—ପ୍ରାୟସମାନ—Approximately equal; virtually similar.

ଊଣେଇଶ—ଊଣିଶି ( ଦେଖ )
Uṇeiśa Uṇiśi ( See )

ଊଣେଇଶି (ଇତ୍ୟାଦି)—ଦେ. ବି. ଓ ବିଣ—ଊଣିଶି ଇତ୍ୟାଦି (ଦେଖ)
Uṇeiśi etc Uṇiśi etc (See)

ଊଣେଶ୍ୱପତ୍—ପ୍ରାଦେ. ( ସମ୍ବଲପୁର ) ବି. ଓ ବିଣ. ( ସଂ. ଊନଶତ )
Uṇeśpat ଅନେଶତ; ୯୯;—Ninety-nine; 99.

ଊଣୋଇଶି—ଦେ. ବି ଓ ବିଣ—ଊଣିଶି ( ଦେଖ )
Uṇoiśi Uṇiśi ( See )

ସାଧାରଣ ଲୋକେ ଏପରି ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଉ' ନ ମିଳିଲେ 'ଖାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଉଣ୍ଡପାଣ୍ଡ—ଗ୍ରା. ବି.—ଉଣ୍ଡାଉଣ୍ଡି ( ଦେଖ )
Uṇḍpāṇḍ Uṇḍāuṇḍi ( See )

ଉଣ୍ଡ଼ଲିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଭୂମିରେ ଲୁଣ୍ଠିତ ହେବା; ଗଡ଼ିବା—To wallow; to roll on the ground.
Uṇḍliba
( ଯଥା—ମାଟିଅଟା ଉଣ୍ଡ଼ଲି ଗଲା; ପିଲାଟା ଉଣ୍ଡ଼ଲ ଉଣ୍ଡ଼ଲ କାନ୍ଦୁଛି । )

ଉଣ୍ଡାଇବା—ଦେ. କ୍ରି—'ଉଣ୍ଡିବା'ର ଣିଜନ୍ତ ରୂପ—
Uṇḍāibā The causative form of 'Uṇḍibā'
ପ୍ରାଦେ(ସମ୍ବଲପୁର)କ୍ରି—୧ । ଗୋଟାଇବା—1. To pick up.
୨ । ଏକତ୍ର କରିବା—2. To gather.

ଉଣ୍ଡାଉଣ୍ଡି—ଗ୍ରା. ବି—ଉଣ୍ଡିବା କ୍ରିୟା; ଯତ୍ନପୂର୍ବକ ଅନ୍ବେଷଣ କରିବା—
Uṇḍāuṇḍi Vigilant look-out.

ଉଣ୍ଡାଉଣ୍ଡି କରିବା—ଗ୍ରା. କ୍ରି—୧ । ଅଭୀପ୍ସିତ ପଦାର୍ଥକୁ ଗୋପନରେ ଠାବର କରିବା; ଆଖି ବୁଲାଇବା; ଠିକଣା କରିବା—1. To look into every crack and corner for a thing.
Uṇḍāuṇḍi karibā
୨ । ଉତ୍ତମରୂପେ ଖୋଜିବା; ଅନୁସନ୍ଧାନ କରିବା—
2. To institute a diligent search for a thing

ଉଣ୍ଡାଳିଆ—ଗ୍ରା. ବିଣ—ଉଣ୍ଡାଳିବାରେ ପଟୁ ବା ଅଭ୍ୟସ୍ତ—
Uṇḍāḷiā Skilful in searching or groping.
(ଉଣ୍ଡାଳେଇ—ସ୍ତ୍ରୀ)

ଉଣ୍ଡାଳିବା—ଦେ କ୍ରି (ସଂ. ଅନୁସନ୍ଧାନ)—
Uṇḍāḷibā ୧ । ଅଣ୍ଡାଳିବା; ଦସ୍ତିଣ୍ଡିବା—1. To grope for.
ঢুঁড়ানো ୨ । ଗୁପ୍ତ ସ୍ଥାନ ଓ ଚକ୍ଷୁର ଅନ୍ତରାଳରେ ଥିବା ସ୍ଥାନମାନ
হাতড়ান ଖୋଜିବା—2. To search for a thing in out of the way or invisible places.

ଉଣ୍ଡିପାଣ୍ଡି—ଗ୍ରା. ବି—ଉଣ୍ଡାଉଣ୍ଡି (ଦେଖ)
Uṇḍipāṇḍi Uṇḍāuṇḍi (See)

ଉଣ୍ଡିବା—ଦେ. କ୍ରି. ( ସଂ. ଅନୁସନ୍ଧାନ—ତୁଲ—ଦା. ଉଣ୍ଡୁ= ଲୁଚିବା)—୧ । ଅଣ୍ଡାଳିବା; ଦସ୍ତିଣ୍ଡିବା—
Uṇḍibā
খোঁজা 1. To grope for.
ঢুঁড়না খুঁজনা ୨ । ଅନୁସନ୍ଧାନ କରିବା—2. To search diligently for some thing.
୩ । ଠାବର କରିବା; ଆଖିବୁଲାଇବା; ଅଭୀପ୍ସିତ ବସ୍ତୁକୁ ପୂର୍ବରୁ ଠିକଣା କରିବା କ୍ରମରେ ଅନୁସନ୍ଧାନ କରିବା; ଗୁପ୍ତଅଡ଼କୁ ଗୋପନରେ ଲୁଚି ଲୋଡ଼ା ପଦାର୍ଥକୁ ଖୋଜିବା—
3. To be secretly on the look-out for a wished for thing
୪ । ଜାଗ୍ରତରେ ଖୋଜିବା—4. To be on the look-out with vigilance.
୫ । ସୁବିଧା ସୁଯୋଗ ଖୋଜୁଥିବା—To be carefully waiting for an opportunity.
( ଯଥା—ଖାଇବ ବୋଲି ଘର ବେଳ ଉଣ୍ଡୁଥିଲା । )
୬ । ଦୋଷ ଗବେଷଣା କରିବା ବା ସନ୍ଧାନ କରିବା—
6. To search for blemishes or shortcomings of other persons.
୭ । ନୂଆ ବସ୍ତ୍ରକୁ ପ୍ରଥମେ ଅଳଙ୍କୃତ କରି ପିନ୍ଧିବା—
7. To wear a new cloth for the first time.
୮ । ଦେଶକାଳପାତ୍ର ପ୍ରତି ଦୃଷ୍ଟି ରଖିବା—
8 To have an eye on surrounding things or circumstances.

ଉଣ୍ଡେଇବା—ଦେ. କ୍ରି—'ଉଣ୍ଡିବା'ର ଣିଜନ୍ତ ରୂପ—
Uṇḍeibā The causative form of 'Uṇḍibā'

ଉତ୍—ସଂ.—ଉପସର୍ଗ—A prefix.
Ut ୧ । ଊର୍ଦ୍ଧ୍ୱ; ଊର୍ଦ୍ଧ୍ୱରେ; ଊର୍ଦ୍ଧ୍ୱକୁ; ଉପରେ; ଉପରକୁ—
1. High; high up; over; above.
୨ । ସମ୍ୟକ୍‌ରୂପେ—2. Excessively; largely.
୩ । ଇତସ୍ତତଃ—3. To and fro
୪ । ଉଚ୍ଚୈଃସ୍ୱରରେ—4. Loudly.
୫ । ଉଗ୍ର—5. Fierce.
୬ । ଓଲଟା—6. Inverse.

ଉତ୍ରା—ଦେ. ବି—ଓହ୍ଲାଇବା; ଅବତରଣ—
Utrā Alighting.

ଉତ୍ରାଇବା—ଦେ. କ୍ରି—ଉତାରିବା ( ଦେଖ )
Utrāibā Utāribā ( See )

ଉତ୍ରିଆ—ପ୍ରାଦେ. ( ସମ୍ବଲପୁର ) ବିଣ—ଉପରିଆ; ଉଠାଣିଆ—
Utriā Rising upwards.

ଉତୁରିବା—ପ୍ରାଦେ (ସମ୍ବଲପୁର) କ୍ରି—ଓହ୍ଲାଇବା; ଅବରୋହଣ କରିବା-
Uturibā To alight; to get down.

ଉତ୍ରେନ୍—ପ୍ରାଦେ ( ସମ୍ବଲପୁର ) ବିଣ—୧ । ଉଠାଣିଆ—
Utren 1. Gradually ascending.
୨ । ଗଡ଼ାଣିଆ; ଢାଲୁ—2. Sloping; slanting.
୩ । ନୁଆଁଣିଆଁ—3. Low.
ପ୍ରାଦେ. ବି – ଗଡ଼ାଣିଆ ସ୍ଥାନ—Slope; slant.

ଉତ୍ଶୋଷଣ—ସଂ. ବି. (ଉତ୍=ଊର୍ଦ୍ଧ୍ୱକୁ+ଶୋଷଣ=ଶୋଷିନେବା)—
Utśoshaṇa ବାଷ୍ପଦ୍ୱାରା ଜଳୀୟ ଅଂଶର ଶୋଷଣ—
Evaporation.

ଉତ—ସଂ. ଅ. ( ଉପସର୍ଗ )—୧ । ସନ୍ଦେହ; ବିକଳ୍ପ; ସମୁଚ୍ଚୟାର୍ଥକ—
Uta 1. Certainly; nearly; fully.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଚ | ଣ,ଶ | ଙ୍କ | ଇଯ୍ | ଉଅ | ଛ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ଢ଼ |

୨ । ଉଦ୍ ( ଦେଖ )
2. Ud ( See )
ସଂ. ବଣ. ( ତେ ଧାତୁ = ବୁଣିବା + କର୍ମ. ତ )—
ତନ୍ତ୍ରେ ବୁଣା ହୋଇଥିବା—Woven

**ଉତକଟ**—ଗ୍ରା. ପଦ୍ୟ. ବଣ. ( ସଂ. ଉତ୍କଟ )—୧ । ଉତ୍କଟ—
Utakaṭa 1. Fierce.
୨ । ଅତ୍ୟନ୍ତ—2. Excessive.
୩ । ଭୟାନକ—3. Terrible

**ଉତକଣ୍ଠା**—ଗ୍ରା. ପଦ୍ୟ. ବଣ. ( ସଂ. ଉତ୍କଣ୍ଠା )—ଉତ୍କଣ୍ଠା ( ଦେଖ )
Utakaṇṭhā Utkaṇṭhā ( See )
ତଟଳର ସ୍ୱଭାବେ ପ୍ରଣୟ କରସେ
ଧନ ଉତକଣ୍ଠା ଭାବ ନୟନେ କଶେ । ପ୍ରାଚୀ—ରସବାରିଧି ।

**ଉତକଣ୍ଠୀ**—ଉତ୍କଣ୍ଠୀ ( ଦେଖ )
Utakaṇṭhī Utkaṇṭhī ( See )
କ୍ରୀଡ଼ା ସମୁଦେ ଉତକଣ୍ଠୀ ସୁକଣ୍ଠୀ ପ୍ରେମ ଗଳାରେ ଲମ୍ବାଇଲେ ।
ଉପେ—ବୈଦେହୀଶବିଳାସ ।

**ଉତକରଷ**—ଗ୍ରା. ପଦ୍ୟ. ବି. ( ସଂ. ଉତ୍କର୍ଷ )—ଉତ୍କର୍ଷ ( ଦେଖ )
Utakarasha Utkarsha ( See )
ସୁଖ ଉତକରଷ ହେବାକୁ ଦୁଃଖଭାଜ
ମାନ ବଢ଼େବେ ଜାଣିବା ବୋଲି ଗଲ ତଜ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉତକ୍ରାନ୍ତ**—ଗ୍ରା. ବଣ—ଆକ୍ରାନ୍ତ; ବ୍ୟତିବ୍ୟସ୍ତ—
Utakrānta Teased; overpowered.
ଘଟନ୍ତରେ ହୋଇ ଶୋକରେ ଉତକ୍ରାନ୍ତ । କୃଷ୍ଣସିଂହ. ମହାଭାରତ ଆଦି ।

**ଉତଥ୍ୟ**—ସଂ. ବି. ( ନାମ )—ଅଙ୍ଗିରାଙ୍କର ବଡ଼ ପୁଅ; ବୃହସ୍ପତିଙ୍କ ବଡ଼
Utathya ଭାଇ—The elder brother of Bṛuhaspati.

**ଉତଥ୍ୟ ତନୟ**—ସଂ. ବି. ( ୬ଷ୍ଠୀ ତତ୍; ଉତଥ୍ୟ + ତନୟ )—
Utathy tanaya ଗୌତମ ମୁନି—The sage Gautama.

**ଉତଥ୍ୟାନୁଜ**—ସଂ. ବି. ( ୬ଷ୍ଠୀ ତତ୍; ଉତଥ୍ୟ + ଅନୁଜ )—
Utathyānuja ବୃହସ୍ପତି; ଦେବଗୁରୁ—
Bṛuhaspati; the preceptor of the Gods.

**ଉତଥ୍ୟାନୁଜନ୍ମା**—(୬ଷ୍ଠୀ ତତ୍; ଉତଥ୍ୟ + ଅନୁଜନ୍ମା = ଭାଇ )—
Utathyānujanmā ଉତଥ୍ୟାନୁଜ ( ଦେଖ )
Utathyānuja ( See )

**ଉତଥ୍ୟାବରଜ**—( ୬ଷ୍ଠୀ ତତ୍; ଉତଥ୍ୟ + ଅବରଜ = ସାନଭାଇ )—
Utathyābaraja ଉତଥ୍ୟାନୁଜ ( ଦେଖ )
Utathyānuja ( See )

**ଉତନ**—ଗ୍ରା. ବି—ସମ୍ପତ୍ତି; ଧନ—Riches.
Utana ( ଯଥା—ଏଠି କଣ ତୋ ବାପାଙ୍କ ଉତନ ଥୁଆ ହୋଇଛି କି ? )

**ଉତପତ**—ଗ୍ରା. ପଦ୍ୟ. ବି. ( ସଂ. ଉତ୍ପତ୍ତି )—ଉତ୍ପତ୍ତି ( ଦେଖ )
Utapati Utpatti ( See )

ଗୋବିନ୍ଦ ସବେଳି ବିଗର୍ଭ କମ୍ପିକି ଅଣ୍ଡ ଉତପତ ସୁପ୍ରସୁତ ।
ଅଚ୍ୟୁତାନନ୍ଦ. ଭାଗବତଭ୍ରାମଣୀ ।

**ଉତପତ୍ତି**—ଦେ. ପଦ୍ୟ. ବି. ( ସଂ. ଉତ୍ପତ୍ତି )—ଉତ୍ପତ୍ତି ( ଦେଖ )
Utapatti Utpatti ( See )
ଯହୁଁ ସକଳ ଉତପତ୍ତି । ଯଶୋବନ୍ତ—ପ୍ରେମଭକ୍ତିବ୍ରହ୍ମଗୀତା ।

**ଉତପନ**—ଗ୍ରା. ବଣ ଓ ବି—ଉତ୍ପନ୍ନ ( ଦେଖ )
Utapana Utpanna ( See )

**ଉତପନ୍ନ**—ଦେ. ପଦ୍ୟ. ବଣ.—ଉତ୍ପନ୍ନ ( ଦେଖ )
Utapanna Utpanna ( See )
उपज; उपजात ଏ ଉଦ୍ୟାନରେ ଭ୍ରମର ହେଲ ଉତପନ୍ନ । କୃଷ୍ଣସିଂହ. ମହାଭାରତ ବନ ।

**ଉତପନ୍ନି**—ଗ୍ରା. ବି ଓ ବଣ—ଉତ୍ପନ୍ନି ( ଦେଖ )
Utapanni Utpanni ( See )

**ଉତପନ୍ୟ**—ଗ୍ରା. ବି ଓ ବଣ—ଉତ୍ପନ୍ନ ( ଦେଖ )
Utapanya Utpanna ( See )

**ଉତପଳ**—ଦେ. ପଦ୍ୟ. ବି. ( ସଂ. ଉତ୍ପଳ )—ଉତ୍ପଳ ( ଦେଖ )
Utapaḷa Utpaḷa ( See )
ଫୁଟିଛନ୍ତି କମଳ ନୀଳ ଉତପଳ । କୃଷ୍ଣସିଂହ. ମହାଭାରତ. ଆଦି ।

**ଉତପାତ**—ଗ୍ରା. ବି. ( ସଂ. ଉତ୍ପାତ )—
Utapāta ୧ । ଅତ୍ୟାଚାର; ଦୌରାତ୍ମ୍ୟ; ଉପଦ୍ରବ—
1. Trouble; oppression; depredation.
୨ । ଦୈବଦୁର୍ଘଟନା—2. Mishap.
ଉତପାତ ହେଲାଟି ବୋଲି ମନେ କଲେ—
କୃଷ୍ଣସିଂହ. ମହାଭାରତ, ସଭା ।
ଗ୍ରା. ବଣ—୧ । ଉପଦ୍ରବକାରୀ; ଅତ୍ୟାଚାରୀ; ଦୁରନ୍ତ—
1. Depredatory; oppressive.
୨ । ଗର୍ବୀ—2. Proud

**ଉତପାତିଆ**—ଗ୍ରା. ବଣ—ଉତ୍ପାତକାରୀ; ଉତ୍ପୀଡ଼କ—
Utapātiā Devastating; depredatory.
ମା ମୁହିଁ ପାଇଁ ବଡ଼ ଉତପାତିଆ ହୋଇଗଲଣି—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଉତପିଞ୍ଛ**—ଗ୍ରା. ପଦ୍ୟ. ବଣ—ଉତ୍ପିଞ୍ଛ ( ଦେଖ )
Utapiñchha Utpichchha ( See )
ବଳୋଭ ନାଶା ଭୁଲ୍ଲେ ଭ୍ରୂ ଧନାଇ ପଛେ ଅନ୍ତସାକ୍ଷରେ ଉତପିଞ୍ଛେ—
ଉପେ. ବୈଦେହୀଶବିଳାସ ।

**ଉତମ**—ଗ୍ରା. ବଣ. ( ସ. ଉତ୍ତମ )—ଉତ୍ତମ ( ଦେଖ )
Utama Uttama ( See )

**ଉତର**—ଗ୍ରା. ବି. ( ସଂ. ଉତ୍ତର )—ଉତ୍ତର ( ଦେଖ )
Utara Uttara ( See )

**ଉତରଣ**—ଗ୍ରା. ବି. ( ସଂ. ଉତ୍ତରଣ )—ଉତ୍ତରଣ ( ଦେଖ )
Utaraṇa Uttaraṇa ( See )

**ଉତରା**—ଦେ. ବି—୧ । ଉତୁରିବା କ୍ରିୟା—
Utarā 1. Bubbling up.
उतार् ୨ । ଅନୁବାଦ କର୍ମ—2. Translation.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କର ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନ ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା :— 'ଯାଉ' ନ ମିଳିଲେ 'ଯାଉ' ଖୋଜିବେ; 'ଦୃଷ' ନ ମିଳିଲେ 'ଦୂଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବିଣ ୧ । ଉବୁଳୁଥିବା—1. Bubbling up.
୨ । ଅନୁବାଦିତ—2. Translated.
୩ । ଉଦ୍ଧୃତ—3. Quoted.
ଗ୍ରା. ବିଣ—ଉତ୍ତରଦିଗ ସମ୍ବନ୍ଧୀୟ – Northern.
( ଯଥା—ଉତରାପବନ । )

**ଉତରାଇବା**—ଦେ. କ୍ରି—୧ । ଉତରିବାର ଣିଜନ୍ତ ରୂପ—
Utarāibā 1. The causative of utaribā.
୨ । 'ଉତାରିବା'ର ଣିଜନ୍ତରୂପ—
2. The causative of Utāribā.

**ଉତରି**—ଦେ. ବି. ( ସଂ. ଉତ୍ତରୀୟ )—ଉତୁରି ( ଦେଖ )
Utari Uturi ( See )

**ଉତରିବା**—ଦେ. କ୍ରି. ( ସଂ. ଉତ୍ତରଣ )—
Utaribā ୧ । ଓହ୍ଲାଇବା; ଅବତରଣ କରିବା—
উতরা 1. To alight; to get down.
उतरना ୨ । ଉପସ୍ଥିତ ହେବା; କୌଣସି ସ୍ଥାନରେ ପ୍ରଥମେ ଉପସ୍ଥିତ ହେବା—2. To arrive at a place
উতরা ୩ । ଦୂର ଦେଶରୁ ଆସି କୌଣସି ସ୍ଥାନରେ ପ୍ରଥମେ ବସା କରିବା ବା ଆଶ୍ରୟ କରିବା—3. To halt at a
उतरना place an coming from a distance.
बलका ୪ । ( ସଂ. ଉତ୍ତରଳ; ଉତ୍କଳନ)—ଅଡ଼ୁଆ ହେବା; ତରଳୀୟ
-उतरा ପଦାର୍ଥ ତାପ ଯୋଗୁଁ ସ୍ଫୀତ ହେବା—
4. To be swollen to overflowing ( said of liquids ).
୫ । ଅଗ୍ନି ଉତ୍ତାପରେ ସ୍ଫୀତ ହୋଇ ପାତ୍ର ମୁହଁରୁ ବୋହିଯିବା—
5. To run over the edge of a boiling pot ( said of boiling milk etc ).
ଦୁଧ ଉତୁରିଲେ ଚୁଲିରେ ପଡେ; ମଣିଷ ଉତୁରିଲେ ଗାତରେ ପଡେ—ଢଗ ।
୬ । (ସଂ. ଉତ୍ତୀର୍ଣ୍ଣ )—ଉଦ୍ଧାର ପାଇବା; ଉଦ୍ଧାର ହେବା—
6. To be saved or relieved from.
୭ । ( ସଂ. ଉତ୍ତରଣ )—ଉତ୍ତୀର୍ଣ୍ଣହେବା; ସାଗରାଦି ଲଙ୍ଘନ କରିବା—7. To get over.
୮ । ( କାର୍ଯ୍ୟାଦି ) ସମ୍ପାଦିତ ହେବା; ନିଷ୍ପନ୍ନ ହେବା—
8. To be accomplished.
( ଯଥା—ଏ ଶିରପାଞ୍ଚିଟ ବେଶ୍ ଉତରିଛି । )
୯ । ଉଦ୍ଧାର୍ଯ୍ୟ ହେବା; ଗର୍ବାନ୍ଧ ହେବା; ଗର୍ବଦୃପ୍ତ ହେବା—
9. To be blinded with pride; to be puffed up with pride.
ଦୁଧ ଉତୁରିଲେ ଚୁଲିରେ ପଡେ; ମଣିଷ ଉତୁରିଲେ ଗାତରେ ପଡେ—ଢଗ ।
୧୦ । ଫଳରେ ଦେଖାଯିବ; ପରିଣତ ହେବା—
10. To turn out; to be proved to be.
୧୧ । ଗର୍ବସ୍ଫୀତ ବା ବଳଦୃପ୍ତ ହୋଇ କାର୍ଯ୍ୟ କରିବା—
11. To act in an unbecoming or arrogant manner.
୧୨ । ଦେ. ପଦ୍ୟ କ୍ରି. ( ସଂ. ଉତ୍ତର )—ଉତ୍ତର କରିବା—
12. To reply.

**ଉତଲା**—ଦେ. ବିଣ. ( ସଂ. ଉତ୍ତାଳ ଓ ଉତ୍ତରଳ )—
Utaḻā ୧ । ବ୍ୟଗ୍ର; ଉତ୍କଣ୍ଠିତ—
উতালা; উতলা 1. Anxious; eager.
उतावला ୨ । ଅଧୀର—2. Impatient.
୩ । ଅସ୍ଥିର—3. Restless.
୪ । ଯେ ଚଞ୍ଚଳ ହୁଏ—4. Hasty.

**ଉତଳ**—ଦେ. ବିଣ—ଉତଳା ( ଦେଖ )
Utalā Utaḻā ( See )

**ଉତସଲ**—ଦେ. ବିଣ. ( ସଂ. ଉତ୍ସଲ )—ଉନ୍ମତ୍ତ—
Utasala Maddened.

**ଉତା**—ପ୍ରାଦେ. (ବାଲେଶ୍ୱର) ବି—ଦିନର ଓଳ—( ଯଥା ଉପର ଉତା= ଉପରଓଳ )—The after-noon.
Utā

**ଉତାର**—ଦେ. ବି. ( ସଂ. ଉତ୍ତର )—
Utāra ୧ । ଉତ୍ତର—1. Reply.
উতার ୨ । ପ୍ରତିକ୍ରିୟା, ପ୍ରତିକାର—2. Remedy.
उतार ୩ । କୃତ ଅନିଷ୍ଟର ପ୍ରତିଶୋଧ—
3. Remedy for wrong done.
(ଚଢ଼ା—ବିପରୀତ) ୪ । ଓହ୍ଲାଇବା; ତଳକୁ ଆଣିବା; ଅବତରଣ—
4. Bringing down.
୫ । ଉତ୍ତରଦିଗ—5. North quarter.
୬ । କ୍ରମନିମ୍ନ ସ୍ଥାନ; ଗଡ଼ାଣି—
6. Sloping; slope; gradual descent.

**ଉତାରଖାନା**—ଦେ. ବି. ( ସଂ. ଉତ୍ତରଣ ଉ )—ପାନ୍ଥଶାଳା; ଚଟିଘର—
Utārakhānā Rest house for way farers.
उतारखाना

**ଉତାରିବା**—ଦେ. କ୍ରି. ( ସଂ. ଉତ୍ + ତୃ ଧାତୁ = ଉତ୍ତରଣ )—
Utāribā ୧ । ଅବିକଳ ନକଲ କରିବ; କୌଣସି ପୁସ୍ତକରେ
উতারা ଲେଖା ହୋଇଥିବା ବିଷୟକୁ ଅନ୍ୟ ପୁସ୍ତକରେ
उतारना; ଉଦ୍ଧାର କରିବା ବା ଲେଖିବା—1. To copy
उतरवाना down or writing from a book.
୨ । (ହାଣ୍ଡି) ଓହ୍ଲାଇବା; ତଳକୁ ଆଣିବା—
2. To set down; to lower a cooking-pot)
୩ । (ଚମଡ଼ା ଆଦିକୁ ଦେହରୁ) କାଢ଼ିବା; ବାହାର କରିବା—
3. To flog; to bring out; to take off.
୪ । ଅବତୀର୍ଣ୍ଣ କରାଇବା—
4. To cause to get down.
( ଯଥା—ତତୁଅନ୍ ବାବୁଙ୍କୁ ଗାଡ଼ିରୁ ଉତାରି ଦେଲା । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ | ଋ,ଢ଼ | ଟ | ଶ | ହସନ୍ତ ବର୍ଣ୍ଣ | ଅର୍ଦ୍ଧନାସିକ ସ୍ୱରାକ୍ଷର | ଣ | ଙ | ଷ,ସ | ଜ୍ଞ | ଋଧ୍ | ଙ୍ଘ | ଭ |
| ୨ | ଈ | ଉ | ଊ | ଳ | ସ୍ନେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଋଅ | ଙ୍କ | ଜ୍ଞ |

୫। (ଚୋବ, ଚାମଡ଼ା, ଅଳଙ୍କାର ଅଦ) ଦେହରୁ କାଢ଼ିବା—
5. To take off.

ଏହା କହି ପାଦୁଁ କଙ୍କଣା ଖୋଲା
ଜଗଦଳ ଗେଲା ଗ୍ରଣ୍ଠାଣ୍ଠ ଜୁଗା। ପ୍ରୟାକାସ, ନନ୍ଦକେଶ୍ୱରୀ।

ଉତାଲ—ଦେ. ବଣ. ( ସଂ. ଉତ୍ତାଳ )—
Utala ୧। ଅଧୀର; ବ୍ୟସ୍ତ; ଅତିଉଦ୍ବିଗ୍ନ—
উতলা 1. Over-anxious; agitated; distressed;
उतावला impatient.
୨। ଅସ୍ଥିର—2. Restless.
୩। (ନଦୀ) ତରଙ୍ଗାପ୍ଳୁତ; ପ୍ରବଳ ରୂପେ ବଢ଼ିଥିବା—
3. Over-flowing; flooded (said of a river)
୪। ଉନ୍ମତ୍ତ—4. Maddened.

ଉତାଳିଆ—ଦେ. ବଣ— ଉତାଲ ( ଦେଖ )
Utalia Utala ( See )

ଉତିଅଣୀ—ଗ୍ରା. ବଣ. ( ସଂ. ଉତ୍ତାନଶାୟୀ )—ଦୁଗ୍ଧପୋଷ୍ୟ ( ଶିଶୁ )—
Utiani Very young; sucking (infant)
কোলের ( ଯଥା—ଉତିଅଣୀ ପିଲା। )
गोदका

ଉତିରିବା—ପ୍ରାଦେ, (କୋରାପୁଟ) କ୍ରି—ଉତୁରିବା ( ଦେଖ )
Utiriba Uturiba ( See )

ଉତୁକଟ—ଗ୍ରା, ପଦ୍ୟ. ବଣ. ( ସଂ. ଉତ୍କଟ )—ପ୍ରବଳ; ଉଗ୍ର; ପ୍ରଚଣ୍ଡ—
Utukata Violent; furious.
ଘୋର ଗର୍ଜନ୍ତି ଉତୁକଟ। ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ।

ଉତୁକାଳିବା— ଗ୍ରା. କ୍ରି— ଉତ୍କାଳିବା ( ଦେଖ )
Utukaliba Utkaliba ( See )

ଉତୁକ୍ରାନ୍ତ—ଗ୍ରା. ବଣ— ଉତ୍କ୍ରାନ୍ତ ( ଦେଖ )
Utukranta Utkranta ( See )

ଉତୁପାତ—ଗ୍ରା. ବି. ( ସଂ. ଉତ୍ପାତ )—ଉତ୍ପାତ ( ଦେଖ )
Utupata Utpata ( See )

ଉତୁପାତିଆ—ଗ୍ରା. ବଣ ( ସଂ. ଉତ୍ପାତ )— ଉତ୍ପାତିଆ ( ଦେଖ )
Utupatia Utpatia ( See )

ଉତୁପିଚ୍ଛ—ଗ୍ରା. ବଣ ( ସଂ. ଉତ୍ପିଚ୍ଛ )—ଉତ୍ପିଚ୍ଛ ( ଦେଖ )
Utupichchha Utpichchha ( See )

ଉତୁର୍‌ପୁତୁର୍ କରିବା—ଦେ. କ୍ରି— ଉତୁରୁପୁତୁରୁ କରିବା ( ଦେଖ )
Uturputur kariba Uturuputuru kariba (See)

ଉତୁର୍‌ମୁତୁର୍ କରିବା—ଦେ. କ୍ରି—ଉତୁରୁପୁତୁରୁ କରିବା ( ଦେଖ )
Uturmutur kariba Uturuputuru kariba (See)

ଉତୁରା— ଦେ. ବଣ. ( ସଂ. ଉତ୍ତରଣ )—
Utura ୧। ତରଳ ଦ୍ରବ୍ୟାଦିର ଅଗ୍ନି ଉତ୍ତାପରେ ସ୍ଫୀତ—
1. Swelling of liquids over fire.
୨। (ଦୁଧ ଅଦ) ଅଗ୍ନି ତାପରେ ସ୍ଫୀତ ହୋଇ ମୁହଁରୁ ଟପି ହୋଇ ପଡ଼ିବା—2. Boiling over of milk etc.

ଦେ. ବଣ—୧। ଅଗ୍ନି ଉତ୍ତାପରେ ସ୍ଫୀତ—
1. Swollen by heat.
୨। ଅଗ୍ନି ଉତ୍ତାପରେ ହାଣ୍ଡି ଧାର ଟପି ଉତୁରି ପଡ଼ିଥିବା—
2. Over-flowing the edge of a pot.
୩। ନକଲ କରାଯାଇଥିବା—3. Copied.
୪। ଅବତରଣ କରିଥିବା; ଓହ୍ଲାଇଥିବା—
4. Alighted; descended
୫। ଶରୀରରୁ କଢ଼ା ଯାଇଥିବା –
5 Having been put off.
ଗ୍ରା. ବଣ ୧। ଉତ୍ତର ଦିଗ ସମ୍ବନ୍ଧୀୟ—1 Northern.
୨। ଉତ୍ତର ଦିଗରୁ ବହୁଥିବା—
2. Blowin; from the north.
୩। ଗର୍ବସ୍ଫୀତ ( ଗାଳିରେ ବ୍ୟବହୃତ )—
3. Puffed up with pride.
୪। ଅତ୍ୟାଚାରୀ—4. Oppressive.

ଉତୁରାଇବା—ଦେ. କ୍ରି—୧। ଉତୁରିବାର ଣିଜନ୍ତ ରୂପ—
Uturaiba 1 The causative form of
उतारना 'Uturiba'
୨। ଉତାରିବାର ଣିଜନ୍ତ ରୂପ—
2. The causative form of 'Utariba'

ଉତୁରଣା—ଦେ. ବି. ( ସଂ. ଉତ୍ତରୀୟ )—ଉତୁରି ( ଦେଖ )
Uturana Uturi ( See )
ପିନ୍ଧିଲା ବସନ ଅଙ୍ଗେ ଉତୁରଣ ପଟ୍ଟ। ପ୍ରାଚୀ—ବ୍ରହ୍ମକଲ୍ପଗୀତା।

ଉତୁରାଳି—ଗ୍ରା. ବଣ. ( ଭୂଲ—ଚଳିତଆଳି )– ଉତ୍ତର ଦିଗ ସମ୍ବନ୍ଧୀୟ—
Uturali Northern.
उत्तराली ଗ୍ରା. ବି—ଉତ୍ତର ପବନ—North wind.

ଉତୁରି—ଦେ. ବି. ( ସଂ. ଉତ୍ତରୀୟ )—
Uturi ୧। ଉତ୍ତରୀୟ; ଚଦର; ପାଛୁଡ଼ା; ଦେହର ଉପର ଅଂଶରେ ( ଅଣ୍ଟା ଉପରକୁ) ପିନ୍ଧା ଯିବା ଚଦର—
1. Sheet for the upper part of the
উত্তরী body; scarf.
उतरन ୨। ମାଳାକାରରେ ପକାଇବା ପାଇଁ ହରିନାମାବଳି ଲେଖାଥିବା ବସ୍ତ୍ର ଖଣ୍ଡ— 2. A piece of cloth with names of Diety written on it, worn on the shoulder.
୩। ମୃତପିତୃକ ବ୍ରାହ୍ମଣମାନଙ୍କର କାନ୍ଧରେ ପଡ଼ିଥିବା ନଅ-ଖିଅ ପଇତାରୁ ଛଅ ଖିଅ ଉପବୀତ ଓ ତିନି ଖିଅ ଉତୁରି; (ଯଜ୍ଞାଦି କାର୍ଯ୍ୟରେ ଉପବୀତରୂପେ ପରିକଳ୍ପିତ ହେବା ନିମନ୍ତେ ଏହା ବନା ମନ୍ତ୍ରରେ ଧାରଣ ହୋଇଥାଏ,—
3. Three strings in addition to 6 strings worn by a Brahamana whose father is dead.

ସାଧାରଣ ଲୋକେ ଶବ୍ଦର ପ୍ରଥମରେ ଥିବା ୧ ଚିହ୍ନିତ ଅକ୍ଷର ଓ ସ୍ଥାନ ଏବଂ ୨ ଚିହ୍ନିତ ଅକ୍ଷର ଓ ସ୍ଥାନ ସ୍ଥଳରେ ବ୍ୟବହାର କରନ୍ତି । ଅତଏବ ୧ ବା ୨ ଚିହ୍ନିତ ବର୍ଣ୍ଣରେ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ତା'ପରେ ଯଥାକ୍ରମେ ବର୍ଣ୍ଣିତ ହେଉଥିବା ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜନ୍ତେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ... 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍ଗେ' ନ ପାଇଲେ 'ଅଲଙ୍କ' ଦେଖିବେ ।

**ଉତୁରଅସିବା**—ଦେ. କ୍ରି.—ଉଦ୍ଧାର ପାଇବା; ଖସି ଆସିବା—
**Uturiāsibā** 1. To escape; to be saved (from).

ଦୈତ୍ୟଗୁରୁ ହିତ ପାଳିଲା ହେଲେ ସବୁ ମୋହ ନ ଆସିଲେ ଉତୁରି ସେ ।
ଉପେ. ବୈଦେହୀଶବିଳାସ ।

୨ । ଅଗ୍ନି ଉତ୍ତାପରେ ତରଳ ପଦାର୍ଥ ଫୀତ ହୋଇ ଆସିବା—
2. To bubble up and swell.

**ଉତୁରିବା**—ଦେ. କ୍ରି (ସଂ. ଉତ୍ତରଣ)—୧ । ଉପସ୍ଥିତ ହେବା—
**Uturibā** 1. To arrive.
উতরা; বলকেপড়া
উতরানো; উথলানো

୨ । ଅବତରଣ କରିବା; ଓହ୍ଲାଇବା—
2. To alight; to come down.

ଏତେ କେ ହେଲେ ରଙ୍କି ଅଶ୍ୱ ଉପର
ଉତୁରି କେତେ ପାଖରେ ଦାଣ୍ଡ । ପ୍ରତାପ—ଶଶିସେଣା ।

୩ । ଦୁଗ୍ଧାଦି ଅଗ୍ନିର ଉତ୍ତାପରେ ଫୀତ ହେବା—
3. To swell on application of heat (said of liquids); to boil to overflowing.

ଉତୁରର ଛଡ଼ାଣ୍ଡି କୁ ଗୋବକ୍ଷୀର; ଉତୁରି ପଡ଼ି ଅଛି ଦେଖ ଦାମୋଦର ।
କୃଷ୍ଣସିଂହ. ମହାଭାରତ. ସଭା ।

୪ । (ବିପଦରୁ) ଉଦ୍ଧାର ପାଇବା; ଉଦ୍ଧାର ହେବା—
4. To pass (something dangerous or critical) without mishap.

ବନ୍ଧେଇଲେ ଶଙ୍କର ସେ ଜଳ ନ ଉତୁରି ସୁଗ୍ରୀବ ଗ୍ରୀବ ମୋଡ଼ି ଯାଉ ।
ଉପେ. ବୈଦେହୀଶବିଳାସ ।

୫ । (ନଦୀ) ଉତ୍ତୀର୍ଣ୍ଣ ହେବା; ଲଙ୍ଘିବା; ପାରି ହୋଇ ଅନ୍ୟ ପାର୍ଶ୍ୱକୁ ଯିବା—5. To cross (a river)

୬ । ବଳଦୃପ୍ତ ହେବା; ଗର୍ବୀତ ହେବା; ଉଦ୍ଧାର୍ଯ୍ୟ ହେବା—
6 To become too oppressive.

୭ । (କାର୍ଯ୍ୟାଦି) ପୂର୍ଣ୍ଣତା ଲାଭ କରିବା; ସମ୍ପୂର୍ଣ୍ଣ ହେବା; ନିଷ୍ପନ୍ନ ହେବା; ଫଳରେ ଦେଖାଯିବା—7. To turn out, to prove to be accomplished.

୮ । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା—
8. To pass an examination.

ଗୁରୁ ଶିଷ୍ୟଙ୍କୁ କହନ୍ତି ମନରେ
କଷ୍ଟି ଉତୁରିଲେ ବ୍ୟକ୍ତ ସେଠାରେ । ଗ୍ରାମ୍ୟ—ଗୁରୁଚେଲା ।

୯ । ଉତ୍ତର ଦେବା—9 To answer; to reply.

ନୃପସୁତା ତତୁଷ୍ଟ ଉତୁରିଲେ ପୁଣରେ
ମନଭିତ୍ତି ଯେବେ ନବ ବସୁଧା ଜଗତେ । ଉପେ. ସୁବର୍ଣ୍ଣରେଖା ।

**ଉତୁରୁଡ଼ି**—ଦେ. ବି.—ଅର୍କାଦି ବର୍ଗର ବନ୍ୟ ଲତା—
**Uturuṛi** (ସ. ମେଷଶୃଙ୍ଗୀ; ସର୍ପଦଂଷ୍ଟ୍ରିକା; ଉଟୁଟୀ; ଉତ୍ତୁତ୍ୟା; ଅଜଶୃଙ୍ଗୀ; ଛାଗলবাটী মেড়াশিংগে
(ପ୍ରତ୍ୟେକ ଫୁଲରେ ଛେଳି ତଣ୍ଟ ବଳ ଏକ ଯୋଡ଼ା ଫଳ ହୁଏ । ଫଳ ଦୁର୍ଗନ୍ଧ ଓ ଲୋମଶ ଏବଂ ଫୁଲ ଅପାଣ୍ଡି । ଏଥିର ସନ୍ଧା ଗ୍ରୀଷ୍ମକାଳ
ଦେ. ଦୁଧୁଆ
ଗଞ୍ଜାମ. ଉତୁରୁଳି
ଦୁଧ ଶୁକିଲେ ଫଳ ଫାଟିଲେ ବଥ ଉଡ଼ର ଉତ୍ତାକୁଳୁ ଯାଉ, ଯୋଜ ଯାଏ; ସନ୍ଧା ଖାଡ଼ି ଦେବ ମାଡ଼ିଲେ ଫୁଲ ଅଡ଼ ସେହି କ୍ଷତ ଶାତେ ଦାହାର ଅଣି ବଥ ଶୁଖି ଯାଏ)—
A wild creeper (having fruit like a doubled nipple of the goat;) Daemin Extensa.

**ଉତୁରୁପୁତୁରୁ କରିବା**—ଗ୍ରା. କ୍ରି.—ନାନା ପ୍ରକାରେ ଦଉଡ଼ି କରିବା;
**Uturuputuru karibā** ଅଥୟ କରିବା—To create troubles by many sorts of nuisances.
(ଯଥା—ପାଞ୍ଚଟାଏ ଛୁଆଙ୍କ ହେଲ ଉତୁରୁପୁତୁରୁ କରୁଛ )

**ଉତୁରୁଳି**—ଦେ. ବି.—ଉତୁରୁଡ଼ି (ଦେଖ)
**Uturuḷi** Uturuṛi (See)

**ଉତୁରେଇବା**—ଦେ. କ୍ରି.—ଉତୁରାଇବା (ଦେଖ)
**Utureibā** Uturiāibā (See)

**ଉତୁସଳ**—ଗ୍ରା. ବିଣ. (ସଂ. ଉତ୍ଫୁଲ୍ଲ)—ଉତ୍ଫୁଲ୍ଲ; ହର୍ଷାନ୍ଵିତ; ଆମୋଦିତ; ଅହ୍ଲାଦିତ—Delighted; joyous;
**Utusala** dancing with joy.

**ଉତୁସି**—ଗ୍ରାଦେ. (ଗଞ୍ଜାମ) ବି.—(ସଂ. ଅତିବିଷା )—
**Utusi** ଅତିବିଷା (ଦେଖ)
Atibishā (See)

**ଉତ୍କ**—ସଂ. ବିଣ. ପୁଂ (ଉତ୍ + କ)—୧ । ଉତ୍କଣ୍ଠିତ; ଉତ୍ସୁକ; ଉଦ୍ବିଗ୍ନ—
**Utka** 1. Anxious; uneasy.
(ଉତ୍କା—ସ୍ତ୍ରୀ) ୨ । ଅଧୀର—2 Impatient.
୩ । ଅସ୍ଥିର—3. Restless.

**ଉତ୍କଟ**—ସଂ. ବିଣ. (ଉତ୍=ଅଧିକ+କଟ)—୧ । ଅତିରିକ୍ତ; ଅତ୍ୟଧିକ
**Utkaṭa** 1. Excessive; abnormal.
(ଉତ୍କଟା—ସ୍ତ୍ରୀ) ୨ । ତୀବ୍ର; ଅତି ପ୍ରବଳ—
2. Too strong; bitter.
୩ । (ରୋଗ) ବିଷମ; ଅସାଧ୍ୟ—
3. Difficult; incurable
୪ । ଭୟାନକ—4. Fierce; furious; violent.
୫ । ଉନ୍ମତ୍ତ—5. Mad.
୬ । ମତ୍ତ; ଗର୍ବିତ—6. Proud; maddened with pride.

ସଂ. ବି. ପୁଂ.—୧ । ମତ୍ତହସ୍ତୀ—1. Mad elephant.
୨ । ଡାଳଚିନି—2. Cinnamon.
୩ । ଗର୍ବ—3. Pride.

ଉତ୍କଳ ସକାଶେ ଉତ୍କଟ ହୃତେ ସେ । ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୪ । ଶର—4. Arrow.
୫ । ରକ୍ତେକ୍ଷୁ—5. Red sugar-cane.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ | ଷ,ଶ | କ୍ଷ | ଦ୍ୟ | ତ୍ଥ | ଭ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍ଗ | ଦ୍ଥ | ତ୍ତ | ନ୍ତ |

**ଉତ୍କଟକୋଟିକ**—ସଂ. ବିଣ. (ବହୁବ୍ରୀହି; ଉତ୍କଟ+କୋଟି+କ)—
Utkatakotika ୧ । ଉଭୟ ସଙ୍କଟର ଉତ୍କଟ ମୀମାଂସା ମଧ୍ୟରେ
(ଉତ୍କଟକୋଟିକା—ସ୍ତ୍ରୀ) ପଡ଼ିଥିବା—1. Landing between the two horns of a dilemma.
୨ । ଯେଉଁ ସ୍ଥାନରୁ ସହଜରେ ସ୍ଥାନଚ୍ୟୁତ କରି ଯାଇ ନ ପାରେ ସେପରି ସ୍ଥଳରେ ଛିଡ଼ା ହୋଇଥିବା—
2 Sticking to a point from which one can not be easily dislodged

**ଉତ୍କଣ୍ଠ**—ସଂ. ବିଣ. ପୁଂ (ବହୁବ୍ରୀହି; ଉତ୍—ଉନ୍ନତ+କଣ୍ଠ—ବେକ)—
Utkaṇtha ଉଦ୍‌ଗ୍ରୀବ; ବେକ ଟେକିଥିବା—With upturned neck or face; with neck held up; having the neck stretched out.
(ଉତ୍କଣ୍ଠା—ସ୍ତ୍ରୀ)
ସଂ.ବି.— ଶୃଙ୍ଗାର—ବନ୍ଧବିଶେଷ—A posture in copulation.

ନାରୀ ପାଦୌ ତ ହସ୍ତେନ ଧାରୟେତ୍ ଗଳକେ ପୁନଃ
ସ୍ତନାର୍ପିତକରଃ କାମୀ ବନ୍ଧଶ୍ଚୋତ୍କଣ୍ଠ ସଂଜ୍ଞକଃ —କାମଶାସ୍ତ୍ର ।

**ଉତ୍କଣ୍ଠା**—ସଂ. ବିଣ. ସ୍ତ୍ରୀ—ଉତ୍କଣ୍ଠର ସ୍ତ୍ରୀଲିଙ୍ଗ—
Utkaṇtha Feminine of 'Utkaṇtha.'
ସଂ. ବି. ( ଉତ୍+କଣ୍ଠ ଧାତୁ—ଚିନ୍ତା କରିବା+ଭାବ. ଅ+ସ୍ତ୍ରୀ. ଆ )—
୧ । ଉଦ୍‌ବେଗ—1. Uneasiness; anxiety.
୨ । ଭାବନା—2. Care.
୩ । ମନୋବେଦନା—3. Vexation; grief
୪ । ଔତ୍ସୁକ୍ୟ—4. Eagerness; longing; yearning; zeal.
୫ । ଇଷ୍ଟପ୍ରାପ୍ତି ନିମନ୍ତେ କାଳ ବିଳମ୍ବ ହେବାରୁ ଅସହିଷ୍ଣୁତା-
5. Impatience to get the wished for object.
୬ । ପ୍ରେମିକ ବା ପ୍ରେମିକା ପାଇଁ ଉଦ୍‌ବେଗ—
6. Love-sick; yearning

**ଉତ୍କଣ୍ଠିତ**—ସଂ. ବିଣ. ପୁଂ. (ଉତ୍କଣ୍ଠା+ଜାତାର୍ଥେ. ଇତ)—
Utkaṇthita ୧ । ଉତ୍କଣ୍ଠାଯୁକ୍ତ; ଉତ୍ସୁକ; ଉଦ୍‌ବିଗ୍ନ—
(ଉତ୍କଣ୍ଠିତା—ସ୍ତ୍ରୀ) 1. Anxious; eager
୨ । ବ୍ୟଥିତ; ଦୁଃଖିତ—2. Sorry; grieved

**ଉତ୍କଣ୍ଠିତା**—ସଂ. ବିଣ. ସ୍ତ୍ରୀ—୧ । ଉତ୍କଣ୍ଠିତର ସ୍ତ୍ରୀ ଲିଙ୍ଗ—
Utkaṇthitā 1. Feminine of Utkaṇthita
୨ । କାମଶାସ୍ତ୍ରୋକ୍ତ ନାୟିକାବିଶେଷ; ବିରହ ବ୍ୟଥିତା ( ପ୍ରେମିକାକୁ ନ ପାଇ ପ୍ରେମିକାର ଉଦ୍‌ବେଗ )—
2. (a woman) Love-silk and yearning after the absent-lover.
[ଦ୍ର—ବାସକସଜ୍ଜିକା ( ଦେଖ ) ]

**ଉତ୍କଣ୍ଠୀ**—ଗ୍ରା. ବିଣ—ଉତ୍କଣ୍ଠିତା ( ଦେଖ )
Utkaṇthī Utkaṇthitā ( See )

**ଉତ୍କନ୍ଧର**—ସଂ. ବିଣ. ପୁଂ. (ବହୁବ୍ରୀହି ଉତ୍—ଊର୍ଦ୍ଧ୍ୱରୁ+କନ୍ଧର=ଗ୍ରୀବା)—ଉଦ୍‌ଗ୍ରୀବ—With the neck
Utkandhara
(ଉତ୍କନ୍ଧରା—ସ୍ତ୍ରୀ) held up or stretched out in anxiety.

**ଉତ୍କର**—ସଂ. ବି. ( ଉତ୍—ଊର୍ଦ୍ଧ୍ୱରୁ+କୃ—କରିବା+କର୍ମ. ଅ )—
Utkara ୧ । ରାଶି; ସମୂହ; ପୁଞ୍ଜ; ଗଦା; ଥୁପ—
1. Heap; pile; stock.
୨ । ( ଉତ୍+କୃ ଧାତୁ—ବିକ୍ଷେପ କରିବା+ଭାବ, ଅ )—
ଶସ୍ୟାଦିରୁ କୁଲାଦ୍ୱାରା ଅସାର ପାଛୁଡ଼ିବା କ୍ରିୟା; ପ୍ରକ୍ଷେପ; ବିକ୍ଷେପ—2. Separation of chaff from grain by winnowing.
୩ । ପ୍ରସାରଣ—3. Spreading.

**ଉତ୍କରଷ**—ଗ୍ରା. ପଦ୍ୟ. ବି. ( ସଂ. ଉତ୍କର୍ଷ )—ଉତ୍କର୍ଷ ( ଦେଖ )
Utkarasha Utkarsha ( See )

ଉତ୍କରଷ ତର ନ ତ ହେଲେ ହେଲେ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

**ଉତ୍କର୍ତ୍ତନ**—ସଂ. ବି. ( ଉତ୍—ଊର୍ଦ୍ଧ୍ୱରୁ+କୃତ୍ ଧାତୁ—ଛେଦନ କରିବା+ଭାବ ଅନ )—ଖଣ୍ଡ ଖଣ୍ଡ କରି କାଟିବା—
Utkarttana Cutting into pieces.

**ଉତ୍କର୍ଷ**—ସଂ. ବି. (ଉତ୍—ଅଧିକ+କୃଷ ଧାତୁ—ଟାଣି କରିବା+ଭାବ. ଅ)—
Utkarsha ୧ । ଶ୍ରେଷ୍ଠତା—1. Excellence; eminence
୨ । ବୃଦ୍ଧି; ଉନ୍ନତି—
2. Improvement; increase.
୩ । ଆଧିକ୍ୟ—3. Abundance.
୪ । ଉଚ୍ଚତା—4. Elevation.
ସଂ. ବିଣ. ( +କର୍ତ୍ତୃ. ଅ )—୧ । ଶ୍ରେଷ୍ଠ; ଉତ୍କୃଷ୍ଟ—
1. Excellent.
୨ । ଉନ୍ନତ—2. Improved; elevated.
୩ । ଅଧିକ—3. Abundant.

**ଉତ୍କର୍ଷଣ**—ସଂ. ବି. ( ଉତ୍+କୃଷ ଧାତୁ+ଭାବ. ଅନ )—
Utkarshaṇa ୧ । ଟାଣିନେବା—1. Drawing away.
୨ । ଅପସାରଣ—2. Driving away.

**ଉତ୍କଳ**—ସଂ. ବି. ( ଉତ୍—ଉତ୍କୃଷ୍ଟ+କଳ—କଳନା କରିବା; ଗତ ହେବା; ପ୍ରେରଣ କରିବା; ଗଣନ କରିବା; ଗମନ କରିବା+ଅ ବା ଉତ୍+କଳା+ଅ )—
Utkaḷa
୧ । ଓଡ଼ିଶା—Orḍisā.

ସାଧାରଣ ଲୋକେ ଏହିର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଜାଣି ନ ପାରନ୍ତି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ରୂଢ଼' ନ ମିଳିଲେ 'ରୂଢ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

[ ଦ୍ର— ବର୍ତ୍ତମାନ ସ୍ୱତନ୍ତ୍ରୀକୃତ ଉତ୍କଳ ସହିତ ବଙ୍ଗ, ବିହାର, ମାନ୍ଦ୍ରାଜ,ମଧ୍ୟପ୍ରଦେଶାଦିର ଅନ୍ତର୍ଭୁକ୍ତ ସମସ୍ତ ଉତ୍କଳଭାଷୀ ଅଞ୍ଚଳ— ମନୁଙ୍କ ନାତି ଅର୍ଥାତ୍ ସୁଦ୍ୟୁମ୍ନଙ୍କ ପୁତ୍ର 'ଉତ୍କଳ' ନାମରେ ଜଣେକ ରାଜା ଥିଲେ । ସେ ଯେଉଁ ଭୂଖଣ୍ଡ ଉପରେ ରାଜତ୍ୱ କରୁଥିଲେ, ସେହି ଭୂଖଣ୍ଡର ନାମ ଉତ୍କଳ ।

(ଜଗବନ୍ଧୁ— ପ୍ରାଃ ଉତ୍କଳ) ।

ଖ୍ରୀ. ପୂ. ୬ଷ୍ଠ ଶତାବ୍ଦୀର ବହୁକାଳ ପୂର୍ବେ ଉତ୍କଳ ବା ଓଡ୍ରଦେଶ ବିଦ୍ୟମାନ ଥିଲା । ମନୁସଂହିତାରେ ଉତ୍କଳୀୟ କରଣ ଜାତିର ନାମୋଲ୍ଲେଖ ଅଛି । (ଜଗବନ୍ଧୁ: ପ୍ରାଚୀନ ଉତ୍କଳ ପୃ ୧୦ ।)

କେହି କେହି ପୁରାତତ୍ତ୍ୱବିତ୍ କହନ୍ତି ଉତ୍କଳ ଓ ଓଡ୍ର ଏକ ଜାତି । କେହି କେହି କହନ୍ତି, ଏ ଦୁଇଟି ପୃଥକ ଜାତି । ଚନ୍ତୁ ତାମିଲ୍ ଭାଷାରେ ତମାନ୍ତୁ 'ଓକ୍କଲ' କହନ୍ତି ଏବଂ କାନେର ଭାଷାରେ ତମାନ୍ତୁ 'ଓଡ଼ରୁ' କହନ୍ତି । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାପ୍ତ ତାମ୍ରଲିପି ମାନଙ୍କରୁ ଦେଖାଯାଏ ଯେ ପ୍ରାଚୀନ କାଳରେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଓଡ଼ରୁ ନାମକ ଗୋଟିଏ ଜାତି ବାସ କରୁଥିଲେ । ହରିବଂଶର ଦଶମ ଅଧ୍ୟାୟରେ ଇଳା ଅଂଶରୁ ଗୟ ଓ ଉତ୍କଳ ବୋଲି ଦୁଇଟି ପୁତ୍ର ଜନ୍ମି ଦୁଇଟି ବିଭିନ୍ନ ଅଞ୍ଚଳରେ ରାଜା ହୋଇଥିବା ବର୍ଣ୍ଣିତ ଅଛି । ଅନୁମିତ ହୁଏ, ଗୟା ଓ ଉତ୍କଳ ପ୍ରଦେଶ ଲାଗିକରି ରହିଥିଲା । 'ଉତ୍କଳ ଓ 'ଓଡ୍ର' ଦୁଇଟି ପୃଥକ୍ ଜାତି ନୁହନ୍ତି ବୋଲି ବିଶ୍ୱାସ କରିବାର ଯଥେଷ୍ଟ ପ୍ରମାଣ ଅଛି । କାଳିଦାସଙ୍କ ରଘୁବଂଶରୁ ଜଣାଯାଏ ଯେ ଉତ୍କଳପ୍ରଦେଶ ମେଦିନୀପୁରର କଂସାଇ ନଦୀ ପର୍ଯ୍ୟନ୍ତ ବ୍ୟାପି ଥିଲା । ଓଡ଼ରୁ ବା ଓଡ୍ରେଶ ଜାତିର ନାମାନୁସାରେ ଏହି ଉତ୍କଳପ୍ରଦେଶ ବହୁ ପ୍ରାଚୀନକାଳରୁ ଓଡ଼ିଶା ବା ଓଡ଼ିଷା ନାମରେ ଅଭିହିତ ହୋଇଥିବା ତିବ୍ବତର ଇତିହାସରୁ ପ୍ରମାଣ ମିଳୁଅଛି । ଆଧୁନିକ ଓଡ଼ିଆ ଜାତି ପ୍ରାଚୀନ ଓଡ୍ରେଶ ଜାତିରୂପେ ନିଃସନ୍ଦେହରେ ଚିହ୍ନିତ କରାଯାଇପାରନ୍ତି । ବର୍ତ୍ତମାନ ବଙ୍ଗ, ବିହାର ପ୍ରଦେଶସ୍ଥ ଓଡ଼ିଶା ଓ ମାନ୍ଦ୍ରାଜ, ମଧ୍ୟପ୍ରଦେଶ ଓ ବଙ୍ଗପ୍ରଦେଶ ମାନଙ୍କ ଅନ୍ତର୍ଭୁକ୍ତ ଉତ୍କଳଭାଷୀ ଅଞ୍ଚଳମାନଙ୍କୁ 'ଉତ୍କଳ' ବୋଲା ଯାଇପାରେ ।— ( ବିନାୟକ ମିଶ୍ର 'ଓଡ଼ିଆ ଭାଷାର ଇତିହାସ । )

ବୌଦ୍ଧଧର୍ମର ଅଭ୍ୟୁଦୟକାଳରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳପ୍ରଦେଶ ବୌଦ୍ଧଧର୍ମ ଦ୍ୱାରା ପ୍ରଭାବିତ ହୋଇ ରହିଥିଲା । ତିବ୍ବତୀୟମାନେ ବୌଦ୍ଧଧର୍ମର ଅଭ୍ୟୁଦୟକାଳରେ ଉତ୍କଳୀୟମାନଙ୍କ ସମ୍ପର୍କରେ ଆସିଥିବାର ପ୍ରମାଣ ମିଳେ । ତିବ୍ବତର ଇତିହାସରେ ବହୁତ ପ୍ରାଚୀନ ଉତ୍କଳର ବିବରଣ ଲିପିବଦ୍ଧ ଅଛି । ଧର୍ମତତ୍ତ୍ୱ ଜାଣିବାପାଇଁ ଉତ୍କଳର ଅନେକ ଗ୍ରନ୍ଥ ତିବ୍ବତୀୟ ଭାଷାରେ ଅନୁବାଦିତ ହୋଇଅଛି ।( ବିନାୟକ ମିଶ୍ର—ଦୈ: ଆଶା ୨୮-୪-୨୧ । ) ].

୨ । ଓଡ଼ିଆଭାଷୀ ଦେଶ—
2. Ordia speaking tracts.

୩ । ଓଡ଼ିଆ ଭାଷା—3. The Ordia language.

୪ । ଧ୍ରୁବଙ୍କ ( ଧ୍ରୁବଙ୍କ ଔରସରେ; ଧ୍ରୁବଙ୍କର ଦ୍ୱିତୀୟା ସ୍ତ୍ରୀ ଇଳା ଗର୍ଭଜାତ ସନ୍ତାନ )—4. Name of son of Ilā; the 2nd wife of Dhruba.

ଉତ୍କଳ:ନାମ ଚସ ଶ୍ଳୋକ
ଜନ୍ୟାଏ ଶତ ମନୋହର । ଭାଗବତ, ସ୍କନ୍ଦେ. ୪ ।

୫ । (ଉତ୍କ + କଳ ଧାତୁ = ଗ୍ରହଣ କରିବା + କର୍ତ୍ତୃ. ଅ)— ଭାରବାହକ ବା ବେହେରା ( ବଂ. ଶବ୍ଦକୋଷ )—
5. A carrier.

୬ । ବ୍ୟାଧ—6. A hunter.

ସଂ. ବିଣ— ୧ । ଉତ୍କଣ୍ଠିତ—1. Anxious.
ଉତ୍କଳି ଉତ୍କଳ ରମା କରନ୍ତେ ହେଲେ । ଭକ୍ତ. ଦେବସ୍ଥାନଶ୍ୟ ।

୨ । ବଡ଼ପାଟିଆ; ପାଟି କରୁଥିବା—
2. Noisy; vociferous.

ଉତ୍କଳଭାଷୀ— ଦେ. ବିଣ — ୧ । ଯେଉଁମାନେ ଓଡ଼ିଆ ଭାଷାରେ କଥା Utkalabhāshi କହନ୍ତି—1. (people) Spkaking the Ordiā-language.

୨ । ଯେଉଁମାନଙ୍କର ମାତୃଭାଷା ଓଡ଼ିଆ—
2 Whose mother tongue is Ordia.

ଉତ୍କଳଭାଷୀ ଅଞ୍ଚଳ—ଦେ. ବି—ଯେଉଁ ଅଞ୍ଚଳରେ ବିଶୁଦ୍ଧ ଓଡ଼ିଆ ବା Utkalabhāshi añchala ଉତ୍କଳଭାଷୀ ଲୋକେ ବାସ କରନ୍ତି—Those provinces inhabited by genuine Ordiās.

[ ଦ୍ର—ଏଥିର ସୀମା ପୂର୍ବରେ ବଙ୍ଗୋପସାଗର;ସେଠାରୁ ଉତ୍ତର ପୂର୍ବ ମେଦନୀପୁରର ତମଲୁକ ନିକଟସ୍ଥ ହଲଦୀ ନଦୀ ( ଅର୍ଥାତ୍ ମେଦନୀପୁର କାନ୍ଥି ସବ୍‌ଡିଭିଜନର ଉତ୍ତର ସୀମା) ଓ କାଂସାଇ ନଦୀଦେଇ ଉତ୍କଳଭାଷୀ ଅଞ୍ଚଳର ସୀମାରେଖା ବାଙ୍କୁଡ଼ା ପର୍ଯ୍ୟନ୍ତ ଯାଇଅଛି । ତାହା ପରେ ସିଂହଭୂମ ଜିଲ୍ଲାର ପୂର୍ବସୀମା ଦେଇ ସରେଇକଲା-ଖରସୁଆଁ ରାଞ୍ଚି ଅଧିତ୍ୟକା ପର୍ଯ୍ୟନ୍ତ, ଯାଶପୁର ଷ୍ଟେଟ ମଧ୍ୟଦେଇ ରାୟଗଡ଼ ଓ ସାରଙ୍ଗଗଡ଼ ଷ୍ଟେଟ୍, ସମ୍ବଲପୁର, ରାଏପୁର ଜିଲ୍ଲା କାଟି ଦକ୍ଷିଣରୁ ବିଶାଖାପାଟଣାର ଜୟପୁର, ଗଡ଼ଜାତ ଓ ବସ୍ତର ରାଜ୍ୟର ସୀମା କାଟି ବିଶାଖପାଟଣା-ଗଞ୍ଜାମ ମଧ୍ୟଦେଇ ଗଞ୍ଜାମର ଚିକାକୋଳ ନିକଟରେ ମିଶିଅଛି । ]

ଉତ୍କଳମଣି— ଦେ. ବି— ବଙ୍ଗଳାର ଶ୍ରୀଯୁକ୍ତ ପ୍ରଫୁଲ୍ଲଚନ୍ଦ୍ର ରାୟଙ୍କ ପ୍ରଦତ୍ତ Utkalamani ସ୍ୱର୍ଗୀୟ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଉପାଧି (ସ୍ୱଦେଶହିତୈଷୀ ପଣ୍ଡିତ ଗୋପବନ୍ଧୁ ଏହି ନାମରେ ପରିଚିତ ହୋଇଥିଲେ)—The title given to the late Pandit Gopabandhu Das by Sir P. C. Rai.

ଉତ୍କଳିକା— ସଂ. ବି (ଉତ୍ = ଊର୍ଦ୍ଧ୍ୱ + କଳ ଧାତୁ = ଗମନ କରିବା + କର୍ତ୍ତୃ. Utkalikā ଅକ + ସ୍ତ୍ରୀ. ଲିଙ୍ଗରେ ଆ)—
୧ । ଢେଉ; ଲହରୀ—1. Wave.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତୁ |

୨ । ଫୁଲର କଢ଼—2. Bud.
୩ । ( + ଭାବ. ଅକ + ସ୍ତ୍ରୀ ଆ. ) ଉଦ୍‌ବେଗ—3. Anxiety.

ଉତ୍କଳିକାଅକୁଳ ନଦୀ ଭ୍ରମସ୍ତ
ଦେଖିଲ ମାର୍ଗ କାମ ବଧୂ ନିର୍ଦ୍ଦୟ—ଉପେନ୍ଦ୍ରନାଥ, ମେଘଦୂତ ।

ସଂ. ବଣ. ସ୍ତ୍ରୀ – ସଂଜାତକୋରକ; ଯେଉଁ ଗଛରେ କଢ଼ ଧରିଥାଏ—(tree) Growing buds.

ଉତ୍କଳିକାକୁଳ – ସଂ. ବଣ (ତୃତୀୟା ତତ୍; ଉତ୍କଳିକା—ଉତ୍କଣ୍ଠା + ଆକୁଳ)-
Utkaḻikākuḻa ଉତ୍କଣ୍ଠିତ—Anxious; very uneasy.

ଉତ୍କଳିକାକୁଳିତ—( ତୃତୀୟା ତତ୍; ଉତ୍କଳିକା + ଆକୁଳିତ)—
Utkaḻikākuḻita ଉତ୍କଳିକାକୁଳ (ଦେଖ) Utkaḻikākuḻa (See)

ଉତ୍କଳିକାପ୍ରାୟ—ସଂ. ବଣ—ଦୀର୍ଘ ସମାସଯୁକ୍ତ ( ଗଦ୍ୟ ରଚନା )—
Utkaḻikāprāya ( କୁଳମଣି. ଅଳଙ୍କାରତରଙ୍ଗିଣୀ)—(Prose composition) With long compound words.

ଉତ୍କଳିଙ୍ଗ—ସଂ. ବ (ନା.ମ)—ଉତ୍ତର କଳିଙ୍ଗ (ଦେଖ)
Utkaḻinga Uttarakaḻinga (See)

ଉତ୍କଳିତ – ସଂ. ବଣ (ଉତ୍ + କଳ ଧାତୁ = ଚଳନ କରିବା + କର୍ତ୍ତୃ. ତ)—
Utkaḻita ୧ । ଉତ୍କଣ୍ଠିତ—1 Anxious.
୨ । ଇତସ୍ତତଃ ଚଳନ; ବିକମ୍ପିତ—2. Wavering.
୩ । ତରଙ୍ଗିତ—3. Billowy
୪ । ବୁଦ୍ଧିମାନ୍—4. Intelligent

ଉତ୍କଳୀ—ସଂ. ବଣ (ଉତ୍କଳ + ଇନ୍)—
Utkaḻī ୧ । ଉତ୍କଳ ଦେଶବାସୀ; ଓଡ଼ିଆ—1. Orḍiā.
୨ । ଉତ୍କଳଭାଷୀ—2. Orḍiā speaking.
୩ । ଉତ୍କଳଦେଶୀୟ—3. Belonging to Orḍisā; pertaining to Orḍisā.

ଚପଳା ଚମକେ ଚମକ ଉତ୍କଳୀ ନାରୀ ନେପାଳ କହାଇ—ଉପେନ୍ଦ୍ରନାଥ. ମହାଯାତ୍ରା ।

ଉତ୍କଳୀୟ— ଉତ୍କଳୀ (ଦେଖ)
Utkaḻīya Utkaḻī (See)

[ ଦ୍ର—ଉତ୍କଳସମ୍ମିଳନୀର ସଙ୍ଗା ଅନୁସାରେ ଜାତି ଧର୍ମ ନିର୍ବିଶେଷରେ ଉତ୍କଳ ପ୍ରଦେଶର ସ୍ଥାୟୀ ଅଧିବାସୀ ( ଯଥା—ବଙ୍ଗାଳୀ, ମରହଟ୍ଟା, ମୁସଲମାନ, ଖ୍ରୀଷ୍ଟାନ୍, ତେଲଙ୍ଗା ଅର୍ଥାତ୍ ଯେଉଁମାନେ ଓଡ଼ିଶାରେ ସ୍ଥାୟୀଭାବରେ ଉପନିବେଶ ସ୍ଥାପନ କରିଅଛନ୍ତି, ଓ ଯେଉଁମାନଙ୍କର ଅନ୍ୟତ୍ର ମୌଳିକ ଦେଶରେ ଘର ବା ସ୍ଥାୟୀ ସମ୍ପର୍କ ନାହିଁ ) ସେମାନଙ୍କୁ 'ଉତ୍କଳୀୟ' ଆଖ୍ୟା ଦିଆ ଯାଇଅଛି । ]

ଉତ୍କାର—ସଂ. ବ. ( ଉତ୍ = ଉପରକୁ + କୃ, ଧାତୁ = ଫୋପାଡ଼ିବା + ଭାବ. ଅ )—ଉତ୍କର ( ଦେଖ )
Utkāra Utkara ( See )

ଉତ୍କାଳିବା—ଗ୍ରା. କ୍ରି—( ସଂ. ଉଦ୍‌ଗାର )—୧ । ବାନ୍ତି କରିବା—
Utkāḻibā 1. To vomit.
୨ । ବାନ୍ତି କରି କାଢ଼ିବା—2. To vomit forth.
୩ । ( କୌଣସି କଥା ଗୋପନ ନ ରଖି ) ପ୍ରକାଶ କରିବା—3. To reveal a secret.

ଉତ୍କାଶ—ସ. ବ—ଦମାକାଶ—Whooping cough; a
Utkāsa troublesome cough.

ଉତ୍କିର—ସଂ. ବଣ (ଉତ୍ + କୃ = ବିକ୍ଷେପ କରିବା + କର୍ତ୍ତୃ. ଅ)—
Utkira ଉତ୍କ୍ଷେପକ—(person) Throwing up.

ଉତ୍କୀର୍ଣ୍ଣ—ସଂ. ବଣ. ( ଉତ୍ = ଉପରକୁ + କୃ ଧାତୁ = ଫୋପାଡ଼ିବା + କର୍ମ. ତ )—୧ । ଉତ୍କ୍ଷିପ୍ତ—
Utkīrṇṇa 1. Winnowed and heaped.
୨ । କ୍ଷତ—2. Wounded.
୩ । ଖୋଦିତ; ଉଲ୍ଲିଖିତ—3. Engraved.
୪ । ବିଦ୍ଧ—4. Perforated; pierced.
୫ । ପାଷାଣରେ ଘଷା ହୋଇ ପରିଷ୍କୃତ ହୋଇଥିବା—5. Cleansed.
୬ । ଚିତ୍ରିତ; ଲିଖିତ—6. Painted.
୭ । ଇତସ୍ତତଃ ବିକ୍ଷିପ୍ତ—7. Scattered.

ଉତ୍କୀର୍ତ୍ତନ—ସଂ. ବ. ( ଉତ୍ + କୃତ୍ ଧାତୁ = କୀର୍ତ୍ତନ କରିବା + ଭାବ. ଅନ )—୧ । ବର୍ଣ୍ଣନ—
Utkīrttana 1. Act of describing.
୨ । ପ୍ରଚାର; ଘୋଷଣା—2. Publication.
୩ । ପ୍ରଶଂସା—3. Act of praising.

ଉତ୍କୁଟ—ସ. ବ. ( ଉତ୍ = ନା + କୁଟ୍ ଧାତୁ = କୁଟିଳ ହେବା + କର୍ତ୍ତୃ. ଅ )—ଚିତ ହୋଇ ଶୋଇବା; ଉତ୍ତାନଶୟନ—
Utkuṭa Sleeping with face upwards.

ଉତ୍କୁଟାଇବା— ଦେ. କ୍ରି. ( ସ. ଉଦ୍ଘାଟନ )—ଦେହରେ ବୋଳା ହୋଇଥିବା ହଳଦ, ଚନ୍ଦନଆଦିକୁ ଛଡ଼ାଇବା—
Utkuṭāibā To cause the turmeric and sandal-paste to peel off from the body.

ଅଙ୍ଗେ ସୁସ୍ଥରଙ୍କ ବାଜି ଜନଦେହୁଁ କୁଙ୍କୁମ ଶ୍ରୀ ଉତ୍କୁଟାଇ—
ଭକ୍ତ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉତ୍କୁଟାଣ—ଗ୍ରା. ବ—ଉକଟ ( ଦେଖ )
Utkuṭāṇa Ukaṭa ( See )

ଉତ୍କୁଟିବା—ଦେ. କ୍ରି—୧ । ପ୍ରକାଶ ପାଇବା—
Utkuṭibā 1. To be manifest.
୨ । ଜାତ ହେବା—2. To grow.

ବିନ୍ଧ୍ୟର ତରଣି କରୁ ହଳେ ପଛେ ଉତ୍କୁଟି ଯାଉଛି ପଂ ।
ଭକ୍ତ. ବୈଦେହୀଶ ବିଳାସ ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱରରେ 'ୟ' ଫଳା ଓ ଅକ୍ଷର ଓ ମାତ୍ରା ଏବଂ 'ୱ' ଫଳାଟି ଅଭିଧାନ ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ 'ୟ' ବା 'ୱ' ଫଳାଟି ଯୋଗଦେଇ ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଅନୁସାରେ ଉଚ୍ଚାରଣ କରିବେ । ଯଥା :— ଗଦ୍ୟ ନ ମିଳିଲେ 'ଗଦ' ଖୋଜିବେ; 'ଦ୍ୱୟ' ନ ମିଳିଲେ 'ଦ୍ୱୟ' ଦେଖିବେ; 'ତଥ୍ୟ' ନ ପାଇଲେ 'ତଥ' ଦେଖିବେ; 'ଅର୍ଥ' ନ ପାଇଲେ 'ଅର୍ଥ' ଦେଖିବେ; 'ଅଭୟ' ନ ପାଇଲେ 'ଅଭୟ' ଦେଖିବେ ।

ଉତ୍କୁଣ—ସଂ. ବି. ( ଉତ୍=ଊର୍ଦ୍ଧ୍ୱରେ; ଉପରେ+କୁଣ ଧାତୁ—ହିଂସା କରିବା+କର୍ତ୍ତୃ. ଅ )—୧ । କେଶକୀଟ, ଉକୁଣି—
Utkuna 1. Louse.

୨ । ଚର୍ମଉକୁଣି—2. Skin-lice.

ଉତ୍କୂଟ—ସଂ. ବି. ( ଉତ୍+କୂଟ୍ ଧାତୁ—ବସ୍ତ୍ର କରିବା+କର୍ତ୍ତୃ. ଅ )—
Utkūta ଛତା—Umbrella.

ଉତ୍କୂଳ—ସଂ. ବଣ. ( ଉତ୍=ଉପରେ+କୂଳ=ତୀର )—
Utkūla କୂଳକୁ ଲଙ୍ଘିଥିବା; ଉଚ୍ଛୁଳ ଥିବା—Overflowing.

ତଥାପି ଉତ୍କୂଳ ହୋଇ ତାର ଅବସ୍ଥାରେ । ପ୍ରାବଳ୍ୟ ଦେଖିଲେ ଶ୍ରେଷ୍ଠଲୟ ଅବାରେ । ଦ୍ୱାରକାଥ—ମହାଯାତ୍ରା ।

ଉତ୍କୂଳିତ—ସଂ. ବଣ ( ଉତ୍=ଉପରକୁ+କୂଳ ଧାତୁ; ଣିଜନ୍ତ କୂଳ
Utkūlita ଧାତୁ=ଲାଗିବା+କର୍ମ. ତ )—
୧ । କୂଳକୁ ଲଙ୍ଘିଥିବା; ଉଦ୍‌ବେଳ—
1. Flooding over the shores; overflowing.

୨ । କୂଳକୁ ଅଣା ଯାଇଥିବା; କୂଳରେ ଲାଗିବା—
2. Landed on the bank; drifted to or brought upto the fore-shore.

ଉତ୍କୃତି—ସଂ. ବି. ( ଉତ୍+କୃତି=ଛନ୍ଦୋବିଶେଷ )—
Utkruti ୨୬ ଅକ୍ଷରଅ ସଂସ୍କୃତ ଛନ୍ଦବିଶେଷ—
A sanskrit metre of 26 syllables.

ଉତ୍କୃତ୍ତ—ସଂ. ବଣ. ( ଉତ୍+କୃତ୍ ଧାତୁ=ଛିଣ୍ଡାଇବା; କାଟିବା+କର୍ମ.
Utkrutta ତ )—୧ । ଛିନ୍ନ, ଉତ୍ପାଟିତ—
1. Torn to pieces.

୨ । ଉତ୍ଖାତ—2. Dug up.

୩ । ଯାହାକୁ ଖଣ୍ଡ ଖଣ୍ଡ କରି ଯାଇଅଛି—
3. Cut into pieces

ଉତ୍କୃତ୍ୟମାନ—ସଂ. ବଣ ( ଉତ୍+କୃତ୍ ଧାତୁ=ଛେଦନ କରିବା+
Utkrutyamāna କର୍ମ. ମାନ )—
ଛେଦ୍ୟମାନ; ଯାହା ଖଣ୍ଡଖଣ୍ଡ ହୋଇ କଟା ହୋଇଅଛି—
Being cut to pieces or divideed into parts.

ଉତ୍କୃଷ୍ଟ—ସଂ. ବଣ ( ଉତ୍=ଉପରେ+କୃଷ=ଅକର୍ଷଣ କରିବା+କର୍ମ.
Utkrushta ତ )—୧ । ପ୍ରଧାନ; ଉତ୍ତମ—
(ଉତ୍କୃଷ୍ଟା—ସ୍ତ୍ରୀ) 1. Excellent, good.
(ଉତ୍କର୍ଷ—ବି) ୨ । ଉଚ୍ଚ; ଉନ୍ନତ—2. Elevated

୩ । ଉର୍ଦ୍ଧ୍ୱକୁ ଆକୃଷ୍ଟ—4. Drawn upwards.

୪ । ଶ୍ରେଷ୍ଠ—4. Superior.

୫ । ସମ୍ୟକ୍ ଆକୃଷ୍ଟ—5. Specially attracted.

୬ । ପ୍ରଶସ୍ତ—6. Wide.

୭ । ସର୍ବୋତ୍ତମ—7. Best.

ଉତ୍କୃଷ୍ଟତା—ସଂ. ବି ( ଉତ୍କୃଷ୍ଟ=ଶ୍ରେଷ୍ଠ+ଭାବ. ତା )—
Utkrushtatā ଉତ୍କର୍ଷ; ଶ୍ରେଷ୍ଠତା; ପ୍ରାଧାନ୍ୟ—
Excellence; superiority.

ଉତ୍କୃଷ୍ଟାର୍ହ—ସଂ. ବଣ (ଉତ୍କୃଷ୍ଟ=ଶ୍ରେଷ୍ଠ+ଅର୍ହ=ଯୋଗ୍ୟ)—
Utkrushtārha ଉନ୍ନତି କରିବାର ଯୋଗ୍ୟ—
Capable of improvement; improvable.

ଉତ୍କେନ୍ଦ୍ରଶକ୍ତି—ସଂ. ବି. ( ଆଧୁନିକ ବୈଜ୍ଞାନିକପରିଭାଷା )—ଘୂର୍ଣ୍ଣିତ ଗାଡ଼-
Utkendrasakti ଥିବା ବସ୍ତୁକୁ ଯେଉଁ ଶକ୍ତି କେନ୍ଦ୍ରଠାରୁ ଦୂରକୁ ଫିଙ୍ଗି ଦିଏ—Centrifugal force.

ଉତ୍କୋଚ—ସଂ. ବି. (ଉତ୍+କୁଚ ଧାତୁ=ସଂକୁଚିତ ହେବା+କରଣ. ଅ)-
Utkocha ଲାଞ୍ଚ; ଉତ୍କୋଚ; ଘୁଷ; ଅନ୍ୟାୟଲାଭ—
Bribe; illegal gratification

ଉତ୍କୋଚକ—ସଂ. ବଣ. ପୁଂ (ଉତ୍+କୁଚ ଧାତୁ=ସଂକୁଚିତ ହେବା+
Utkochaka କର୍ତ୍ତୃ. ଅକ )—ଯେ ଉତ୍କୋଚ ଦିଏ—
Giving bribe.

ଉତ୍କୋଚଗ୍ରାହୀ—ସଂ. ବଣ. ପୁଂ ( ଉତ୍କୋଚ=ଲାଞ୍ଚ+ଗ୍ରହ ଧାତୁ+କର୍ତ୍ତୃ.
Utkochagrāhi ଇନ୍ )—ଯେ ଲାଞ୍ଚ ନିଏ; ଲାଞ୍ଚଖିଆ—
A person who takes bribe.

ଉତ୍କୋଚଜୀବୀ—ସଂ. ବଣ. ପୁଂ. ( ଉତ୍କୋଚ=ଲାଞ୍ଚ+ଜୀବ୍=ବଞ୍ଚିବା
Utkochajibi କର୍ତ୍ତୃ. ଇନ୍ )—
(ଉତ୍କୋଚଜୀବିନୀ—ସ୍ତ୍ରୀ) ଯେ ଲାଞ୍ଚ ଦ୍ୱାରା ଜୀବିକା ନିର୍ବାହ କରେ—
Living on bribes.

ଉତ୍କ୍ରମ—ସଂ. ବି. (ଉତ୍=ଉଲଂଘି+କ୍ରମ୍ ଧାତୁ=ଚାଲିବା+ଭାବ. ଅ)-
Utkrama ୧ । ବ୍ୟତିକ୍ରମ; ବ୍ୟତିକ୍ରମ; ସୀମାଲଂଘନ; ସୀମା ଅତିକ୍ରମ—
1. Going beyond the bounds; departure from the ordinary method or order.

୨ । ପରର ସୀମାରେ ଅନଧିକାର ପ୍ରବେଶ—
2. Trespass.

୩ । ଉପରକୁ ଡେଇଁବା; ଉଲ୍ଲଙ୍ଘନ; ଲମ୍ଫିବା—
3. Leap; bound; jump.

୪ । ମୃତ୍ୟୁ; ମରଣ—
4. Death; a leap into the infinite.

୫ । ନିଃସରଣ; ନିର୍ଗମନ—5. Going out.

ଉତ୍କ୍ରମଣ—ସଂ. ବି. ( ଉତ୍+କ୍ରମ ଧାତୁ+ଭାବ. ଅନ )—
Utkramana ଉତ୍କ୍ରମ (ଦେଖ).
Utkrama (See)

ସଂ. ବଣ—ଯାହା ଉପରକୁ ଉଠେ—Rising up.

ଉତ୍କ୍ରମଣବାୟୁ—ସଂ. ବି—ଉଦାନବାୟୁ ( ଦେଖ )
Utkramanabāyu Udānabāyu (See)

ଉତ୍କ୍ରାନ୍ତ—ସଂ. ବିଣ. ( ଉତ୍+କ୍ରମ ଧାତୁ=ଚାଲିବା+କର୍ତ୍ତୃ. ତ )—
Utkraanta ୧ । ଅତିକ୍ରାନ୍ତ; ଉଲ୍ଲଙ୍ଘିତ—1. Trespassed; passed over.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷରି | ଷ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଢ଼ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ୯ |

୨ । ମୃତ—2. Dead; expired.

୩ । ( ସମୟ ) ଅତିକ୍ରାନ୍ତ—
3. Expired; past (said of time).

୪ । ଉଦ୍ଗତ—4. Burst forth.

୫ । ସୀମା ଟପି ଯାଇ ଥିବା—
5. Gone beyond the bounds.

ଦେ. ବଣ—ଉତକ୍ରାନ୍ତ (ଦେଖ ) Utakrānta (See)

ଉତ୍କ୍ରୋଶ—ସଂ. ବ ( ଉତ୍=ଊର୍ଦ୍ଧ୍ୱକୁ + କ୍ରୁଶ୍ ଧାତୁ=ଡାକିବା; କ୍ରନ୍ଦନ
Utkrośa କରିବା+କର୍ତ୍ତୃ. ଅ )—୧ । କୁରରପକ୍ଷୀ—
Eagle; osprey.

୨ । ବାଜ; ଶ୍ୟେନ –2 Hawk.

୩ । (+ଭାବ.ଅ) ଚିତ୍କାର—3 Call; vociferation

ଉତ୍କ୍ଷିପ୍ତ—ସଂ ବଣ ( ଉତ୍=ଊର୍ଦ୍ଧ୍ୱକୁ + କ୍ଷିପ୍ତ=ଫୋପଡ଼ାହେବା )—
Utkshipta ୧ । ଊର୍ଦ୍ଧ୍ୱକୁ କ୍ଷିପ୍ତ—1. Tossed up;
(ଉତ୍କ୍ଷେପ—ବ) thrown up; ejected.

୨ । କ୍ରୋଧାନ୍ୱିତ—2. Infuriated.

ଉତ୍କ୍ଷିପ୍ତକମ୍ପନ—ସଂ. ବ. ( ବୈଜ୍ଞାନିକପରିଭାଷା ) ଏକପ୍ରକାର ଭୂମିକମ୍ପ
Utkshipta kampana (ଏହିପରି ଭୂମିକମ୍ପ ହେଲେ ବୋଧହୁଏ
ସତେ ଯେପରି ଭୂମି ଉପରକୁ ଉଠୁଅଛି)–Perpendicular shocks of earth-quake.

ଉତ୍କ୍ଷେପ—ସଂ. ବ ( ଉତ୍=ଊର୍ଦ୍ଧ୍ୱକୁ + କ୍ଷିପ୍ ଧାତୁ=କ୍ଷେପଣ କରିବା +
Utkshepa ଭାବ. ଅ )—ଊର୍ଦ୍ଧ୍ୱକୁ ଫୋପାଡ଼ିବା—Act of
(ଉତ୍କ୍ଷିପ୍ତ—ବଣ) throwing something up; tossing up.

ଉତ୍କ୍ଷେପକ—ସଂ. ବଣ. ( ଉତ୍+କ୍ଷିପ୍ ଧାତୁ + କର୍ତ୍ତୃ. ଅକ )—ଯେ
Utkshepaka ଉପରକୁ କ୍ଷେପଣ କରେ—Throwing up.

ଉତ୍କ୍ଷେପଣ—ସଂ. ବ (ଉତ୍ + କ୍ଷିପ୍ ଧାତୁ+ଭାବ.ଅନ) ଉତ୍କ୍ଷେପ (ଦେଖ )
Utkshepaṇa Utkshepa ( See )

ଉତ୍ଖାତ—ସଂ. ବଣ ( ଉତ୍=ଊର୍ଦ୍ଧ୍ୱକୁ+ଖନ୍ ଧାତୁ=ଖୋଳିବ +
Utkhāta କର୍ମ. ତ )—୧ । ଉତ୍ପାଟିତ; ଉନ୍ମୂଳିତ—
1. Uprooted; eradicated.

୨ । ମୂଳରୁ ଖୋଳା ଯାଇଥିବା—2. Undermined.

୩ । ସମୂଳେ ବିନଷ୍ଟ—3. Destroyed; ruined; extirpated.

ସଂ. ବ ( + ଭାବ. ତ )—ସମୂଳେ ବିନାଶ; ମୂଳୋତ୍ପାଟନ—
Extirpation; eradication.

ଉତ୍ଖାତକେଳି—ସଂ.ବ – ବପ୍ରକ୍ରୀଡ଼ା; ଶୃଙ୍ଗାଦିଦ୍ୱାରା ବୃଷଗଜାଦିର ମୃତ୍ତିକା-
Utkhātakeḻi ଖନନ; ପର୍ବତ ପାର୍ଶ୍ୱ ଖନନ; ଖୁରି ମାରିବା—
The playful butting of an elephant or of a bull against a bank or mound of any kind or tossing up earth and stones in sport.

ଉତ୍ଖେଳା—ସଂ. ବ ( ଉତ୍=ଊର୍ଦ୍ଧ୍ୱକୁ+ଖେଳା=କ୍ରୀଡ଼ା )—
Utkheḻa ଉତ୍ଖାତକେଳି ( ଦେଖ )
Utkhātakeḻi (See)

ଉତ୍ତ - ସଂ. ବଣ ( ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ତ )—ଆର୍ଦ୍ର;
Utta ଓଦା—Wetted; wet.

ଉତ୍ତଂସ—ସଂ. ବ. ( ଉତ୍=ଊର୍ଦ୍ଧ୍ୱ ଭାଗ+ତଂସ୍ ଧାତୁ=ଭୂଷିତ କରିବା
Uttaṁsa +କରଣ ଅ )—୧ । କର୍ଣ୍ଣ; ଭୂଷଣ; କର୍ଣ୍ଣପୂର—
1. Ear-ring; ear-ornament.

୨ । କାନଫୁଲ—2. A flower-like ornament for the ear.

୩ । ଶିରୋଭୂଷଣ--3. An ornament for the head.

[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ଲାଗିଲେ (ବିଶେଷତଃ ବିଶେଷ୍ୟ ପଦରେ
ଯଥା—ବୀରୋତ୍ତଂସ ) 'ଶ୍ରେଷ୍ଠ' ବୁଝାଏ । ]

ଉତ୍ତଙ୍କ—ସଂ. ବ ( ନାମ )—ଜନୈକଋଷି—
Uttaṅka A sage ( of this name. )

ଉତଙ୍କ ମହାଋଷି ମରୁଧନ୍ୱାଦେଶେ,
ଅଶନ କରି ରହୁଥିଲେ ଅତି ତୋଷେ । କୃଷ୍ଣସି୍ଂହ, ମହାଭାରତ. ବନ.

ଉତ୍ତପ୍ତ—ସଂ. ବଣ ( ଉତ୍=ସମ୍ୟକ୍ + ତପ୍ ଧାତୁ=ଗରମ କରିବା +
Uttapta କର୍ମ. ତ)—୧ । ଉତ୍ତାପବିଶିଷ୍ଟ; ଗରମ କରାଯାଇଥିବା;
ସନ୍ତପ୍ତ—1. Warmed; heated; burnt up.

(ଉତ୍ତାପ—ବ) ୨ । ଦଗ୍ଧ—2 Scorched.

୩ । ତାତିଲା—3. Hot.

୪ । ଉତ୍ତେଜିତ—4. Excited; irritated.

୫ । ସ୍ନାତ ( ପ୍ରକୃତିବାଦ )—5. Bathed

ସଂ. ବ. (+ଭାବ. ତ)—ଶୁଷ୍କ ମାଂସ—Dried flesh.

ଉତ୍ତବ୍ଧ—ସଂ. ବଣ (ଉତ୍ + ସ୍ତବ୍ଧ)—୧ । ସ୍ତମ୍ଭିତ—
Uttabdha 1. Stopped.

(ଉତ୍ତମ୍ଭ—ବ) ୨ । ବନ୍ଦ ହୋଇଥିବା—2. Ceased.

ଉତ୍ତମ—ସଂ. ବଣ. ପୁଂ (ଉତ୍=ସମ୍ୟକ୍ + ତମ୍ ଧାତୁ=ଇଚ୍ଛା କରିବା
Uttama କର୍ତ୍ତୃ. ଅ )—୧ । ଭଲ ଉତ୍କୃଷ୍ଟ—
(ଉତ୍ତମା—ସ୍ତ୍ରୀ) 1. Good; excellent.

(ଅଧମ—ବିପରୀତ) ୨ । ପ୍ରଧାନ—2. Chief; principal.

୩ । ଶ୍ରେଷ୍ଠ—3. Best; superior.

୪ । ରୂପାଦେୟ—4. Fine.

୫ । ଚରମ—5. Final.

ବ.—୧ । ବିଷ୍ଣୁ—1. A name of Bishnu

୨ । ଉତ୍ତାନପାଦ ରାଜାଙ୍କର ପୁତ୍ର; ଧ୍ରୁବଙ୍କର ବିମାତା ସୁରୁଚିଙ୍କର ପୁତ୍ର—Name of the son of king Uttānapāda.

ଧ୍ରୁବର କନିଷ୍ଠ ଉତ୍ତମ, ରୂପେ ଭୁବନେ ନାହିଁ ସମ । ଜଗନ୍ନାଥ, ଭାଗବତ ।

ସାଧାରଣ ଲୋକେ ଅପର ସ୍ଥାନରେ ମୂର୍ଦ୍ଧନ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ପୂର୍ବୋକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ଚାଉଳ ମିଳିଲେ 'ଚାଉଳ' ଖୋଜିବେ 'ଭୂଷ' ନ ମିଳିଲେ 'ଭୂଷ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୩ । ତୃତୀୟ ମନୁ— 3 The third Manu.

ତୃତୀୟ ମନୁ ଯେ ଉତ୍ତମ, ଯେ ପ୍ରିୟବ୍ରତର ନନ୍ଦନ । ଜଗନ୍ନାଥ. ଭାଗବତ ।

ଦେ. ଅ.—୧ । ବେଶ୍; ଭଲ; ଅଚ୍ଛା—1. Well; very well.

୨ । ଭଲରୂପେ—2. Excellently.

**ଉତ୍ତମକାବ୍ୟ**—ସଂ. ବି.—ଯେଉଁ କାବ୍ୟରେ ବାଚ୍ୟାର୍ଥ ଅପେକ୍ଷା
Uttamakābya ବ୍ୟଙ୍ଗ୍ୟାର୍ଥର ଚମତ୍କାରିତା ବେଶି; ତାହା ଉତ୍ତମ କାବ୍ୟ ନାମରେ ଅଭିହିତ ହୁଏ—
(ଚୂଳମଣି. ଅଳଙ୍କାରତରଙ୍ଗିଣୀ ।)
A literary work which abounds in suggestive meanings

**ଉତ୍ତମତା**—ସଂ. ବି. ( ଉତ୍ତମ=ଉତ୍କୃଷ୍ଟ+ଭାବ. ତା )—ଉତ୍କୃଷ୍ଟତା;
Uttamatā ଶ୍ରେଷ୍ଠତା; ଉପାଦେୟତା—Superiority. excellence.

**ଉତ୍ତମପୁରୁଷ**—ସଂ. ବି. (ବ୍ୟାକରଣରେ ପ୍ରଥମ ପୁରୁଷ)—
Uttama purusha ୧ । ମୁଁ; ଅମ୍ଭେ; ଅମ୍ଭେମାନେ—
1. (Sanskrit grammar the Ist. person) I; we.
[ ଦ୍ର—ସଂସ୍କୃତ ବ୍ୟାକରଣରେ; 'ଅସ୍ମଦ୍' ଶବ୍ଦ ଉତ୍ତମପୁରୁଷ, କିନ୍ତୁ ଓଡ଼ିଆରେ ଅମ୍ଭେ— ପ୍ରଥମ ପୁରୁଷ]

୨ । ଭଲଲୋକ—2. Good man

**ଉତ୍ତମମଧ୍ୟମ**—ଦେ. ବି. (ଲକ୍ଷଣାର୍ଥ)—୧ । ମାଡ଼; ପ୍ରହାର—
Uttamamadhyama 1. Beating
উতমমধ্যম ୨ । ଭର୍ତ୍ସନା; ଗାଳି—
**থাডা বহুত কুছ** 2. Rebuke
(ଯଥା—ସେ ମୋଠାରୁ ଗୁଡ଼ାଏ ଉତ୍ତମମଧ୍ୟମ ପାଇ ଗାଁକୁ ଗଲା)

**ଉତ୍ତମମଧ୍ୟମ ଦେବା**—ଦେ କ୍ରି—୧ । ଅଚ୍ଛା ଦି' ପଦ ଶୁଣାଇ ଦେବା;
Uttamamadhyama debā ମନ ବୋଧ କରି ଗାଳି ମନ୍ଦ
উত্তম মধ্যম দেওয়া ଦେବା; ରାଗରେ ଯେ ଧବା—
**থোড়াবহুত কুছদেনা** 1. To speak out or give a bit of one's mind.

୨ । ମନବୋଧ କରି ଠାକେ ଛେଚିବା—2. To give one a sound beating or a good drubbing

**ଉତ୍ତମର୍ଣ୍ଣ**—ସଂ. ବି ( ବହୁବ୍ରୀହି; ଉତ୍ତମ=ପ୍ରଧାନ+ଋଣ )—
Uttamarṇṇa ୧ । ସାହୁକାର; ମହାଜନ; ଋଣଦାତା—
(ଅଧମର୍ଣ୍ଣ—ବିପରୀତ) 1. Creditor; money-lender.

୨ । ଶେଠ; ମୂଳଧନ-ସ୍ୱାମୀ—2. Capitalist.

**ଉତ୍ତମସାହସ**—ସଂ. ବି (ତତ୍ପୁରୁଷ)—୧ । ଏକ ହଜାର ପଣ କଉଡ଼ି-
Uttamasāhasa ଜୋରିମାନା—1. A fine of 1000 paṇas of shell-money.

୨ । ଦୃଢ଼ ବଡ଼ ଦଣ୍ଡ—2. Very hard or extreme punishment.

(ଯଥା—ଶୂଳୀ; ଫାଶି; ନିର୍ବାସନ; ସର୍ବସ୍ୱ ଜୋରିମାନା; ଅଙ୍ଗଭଙ୍ଗ)

**ଉତ୍ତମା**—ସଂ. ବିଣ. ସ୍ତ୍ରୀ (ଉତ୍ତମ=ଶ୍ରେଷ୍ଠ+ସ୍ତ୍ରୀ. ଆ)—
Uttamā ୧ । ବରବର୍ଣ୍ଣିନୀ; ସୁଶୋଭିତା ( ସ୍ତ୍ରୀ )—
(ଅଧମା—ବିପରୀତ) 1. Excellent ( woman ); a fair looking, beautiful or charming woman; a woman having charming look or qualities.

୨ । ଶାସ୍ତ୍ରବର୍ଣ୍ଣିତ ଗୁଣବତୀ ନାୟିକାବିଶେଷ—
2. Heroine of the first class; having good qualities described in the books.

ଗ୍ରା. ପଦ୍ୟ. ବିଣ.—ଗୁଣବାନ୍ ପୁରୁଷ; ସୁପୁରୁଷ—
Good person.

ମୂର୍ଖଙ୍କ ପଣ୍ଡିତ ଉତ୍ତମା—ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ସଂ.ବି. ସ୍ତ୍ରୀ –୧ । ସୁ-ନାରୀ, ସୁନ୍ଦରୀ ସ୍ନେହଶୀଳା ଓ ସୁସ୍ଥାକାରୀ–
1 An excellent woman ( M. W ).

୨ । ଦୁଧଅମୃତିଲତା —( ହରେକୃଷ୍ଣ. ଦ୍ରବ୍ୟଗୁଣ । )
2. A creeper; Asclepias Rosea Roxb.

**ଉତ୍ତମାଙ୍ଗ**—ସଂ. ବି. ( ଉତ୍ତମ=ଶ୍ରେଷ୍ଠ+ଅଙ୍ଗ=ଅବୟବ )—ମସ୍ତକ;
Uttamānga ଶିର—The head; the chief
(ଅଧମାଙ୍ଗ—ବିପରୀତ) member of the body

**ଉତ୍ତମାଦୂତୀ**—ସଂ. ବି. ସ୍ତ୍ରୀ—ଯେଉଁ ଦୂତୀ ନାୟକ ନାୟିକାଙ୍କୁ ମିଠା
Uttamādūtī କଥାଦ୍ୱାରା ପଟାଇ ପାରେ—
An expert go-between.

**ଉତ୍ତମାନାୟିକା**—ସଂ. ବି—ଯେଉଁ ସ୍ୱାଧୀନନାୟିକା ପତି ପ୍ରତିକୂଳ ହେଲେ
Uttamānāyikā ମଧ୍ୟ ପତିଙ୍କ ପ୍ରତି ଅନୁକୂଳା ଥାଆନ୍ତି—
A wife who is always sweet-temperd to her husband even when he is sullen

**ଉତ୍ତମାଶାଅନ୍ତରୀପ**—ଦେ. ବି. ( ଇଂ. ନାମର ଅନୁବାଦ )—
Uttamāśāantarīpa ଆଫ୍ରିକାମହାଦେଶର ଅନ୍ତରୀପ—
উত্তমাশা অন্তরীপ The cape of good hope.
**उतमाशा अन्तरीप**

**ଉତ୍ତମ୍ଭ**—ସଂ. ବି. ( ଉତ୍+ସ୍ତମ୍ଭ )—ସ୍ତମ୍ଭୀଭବ; ବନ୍ଦହେବା—
Uttambha Cessation; stoppage.

**ଉତ୍ତମ୍ଭନ**—ସଂ. ବି. (ଉତ୍+ସ୍ତମ୍ଭ=ଅବଲମ୍ବନ କରିବା+ଭାବ. ଅନ)—
Uttambhana ୧ । ଅବଲମ୍ବନ—1. Stay; support.
(ଉତ୍ସ୍ଥାପନ—ବିଣ) ୨ । ବର୍ଦ୍ଧନ—2 Increase.

୩ । ସ୍ତମ୍ଭ; ଖୁଣ୍ଟ—3. Pillar.

୪ । ବନ୍ଦହେବା; ସ୍ତମ୍ଭୀଭବ—4. Cessation; stoppage.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଠ | ଢ଼ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଚ | ଶ,ସ | ଙ୍କ | ଉପ୍ | ଉଅ | ଉ |
| ୨ | ଊ | ଭ | ରୁ | ଲୁ | ଘେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗଂ୍ୟ | ଇଅ | ଐ | କୃ |

ଉତ୍ତର— ସଂ. ବି. (ଉତ୍—ଉପର + ତୃ=ପାର ହେବା+କରଣ. ଅ)—
Uttara ୧ । ପ୍ରଶ୍ନର ପ୍ରତିବଚନ; ଜବାବ—
(ପ୍ରଶ୍ନ— ବିପରୀତ) 1. Reply; answer.
୨ । ସିଦ୍ଧାନ୍ତ—2. Decision.
୩ । ପ୍ରତିକାର—3. Remedy.
୪ । ବିରାଟ ରାଜାଙ୍କ ପୁତ୍ର—
4. The son of the king Birāṭa.
( ଦକ୍ଷିଣ— ବିପରୀତ ) ୫ । ବାୟୁ ଓ ଈଶାନକୋଣର ମଧ୍ୟବର୍ତ୍ତୀ ଦିଗ; ଦକ୍ଷିଣର ବିପରୀତ ଦିଗ; ସୂର୍ଯ୍ୟ ଯେଉଁ ଦିଗରେ ଉଦୟ ହୁଅନ୍ତି ସେହି ଦିଗକୁ ମୁହିଁ ଠିଆ ହେଲେ ବାଁ ହାତ ଯେଉଁ ଦିଗକୁ ରହେ—
5. The North-quarter.
୬ । ପତ୍ରର ଲିଖିତ ଉତ୍ତର—
6. Written reply to a letter.
୭ । ଜିଜ୍ଞାସିତ ବିଷୟରେ ନିଜ ମତ ବା ବକ୍ତବ୍ୟନିର୍ଦ୍ଦେଶ—
7. Expression of one's opinion on a query.
୮ । କେହି ଡାକିଲେ ତତ୍‌ଶ୍ରବଣସୂଚକ ବାକ୍ୟ—
8. Response to a call.
୯ । କେହି ଆପତ୍ତି ବା ଦୋଷାରୋପ କଲେ ତାହାର ଖଣ୍ଡନ—
9. Refutation.
୧୦ । ଅର୍ଥାଲଙ୍କାରବିଶେଷ—
10. A figure of speech.
୧୧ । ଅବ୍ୟବହିତ ପରବର୍ତ୍ତୀ ଦେଶ—
11 Adjoining place.
୧୨ । ଅବ୍ୟବହିତ ପରବର୍ତ୍ତୀ କାଳ—
12. Immediate future.
୧୩ । ଉପରଭାଗ; ଉପରପୃଷ୍ଠ—
13. The upper surface ( M. W. )
୧୪ । ଘୋଡ଼ଣୀ; ଘଣ୍ଟାଟପ—14. Cover ( M. W. )
୧୫ । ( ଆଇନ୍ ) ପ୍ରତିବାଦୀର ବା ମୁଦାଲାର ଜବାବ—
15. ( law ) Defence or statement of the defendant or the accused.
୧୬ । ପ୍ରତିବାଦ—16. Contradiction ( M. W. )
୧୭ । ଶ୍ରେଷ୍ଠତା; ଉତ୍କର୍ଷ—
17. Superiority; excellence ( M. W. )
୧୮ । ଫଳ—18 Result; conclusion.
୧୯ । ଯାହା ବଳିପଡ଼େ—
19. Remainder; excess.
ସଂ ବିଣ—୧ । ଶ୍ରେଷ୍ଠ; ଉତ୍ତମ—1. Excellent.
୨ । ଯୋଗ୍ୟ—2. Fit.
୩ । ଦୁର୍ଲଭ; ଅସାଧାରଣ—3. Extraordinary.
( ପୂର୍ବ—ବିପରୀତ ) ୪ । ଭାବୀ; ଭବିଷ୍ୟତ୍—4. Future.
( ଦକ୍ଷିଣ—ବିପରୀତ ) ୫ । ଉତ୍ତରଦିଗସ୍ଥ—5. Northern.
( ପୂର୍ବ—ବିପରୀତ ) ୬ । ପରବର୍ତ୍ତୀ—6. Subsequent.
୭ । ଉପରସ୍ଥ—7. Upper.
୮ । ଅଗ୍ରଅନ୍ତର—8. Posterior; frontal.
୯ । ( + କର୍ମ. ଯ )—ଉତ୍ତାର୍ଯ୍ୟ—
9. That which can be crossed.
କ୍ରି. ବିଣ. ( ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ; ଯଥା—ତଦୁତ୍ତର )—
ଉପରାନ୍ତ; ପରେ; ଅନନ୍ତର; ପଶ୍ଚାତ୍—After.
ଦେ. ବି—୧ । ଅଧିକ ( ସାଧାରଣତଃ ଏହା ଶତ ସଂଖ୍ୟାରେ ଯୋଗ କରାଯାଇଥାଏ; ଯଥା—ଏକଉତ୍ତର ଶହେ; ଦଶଉତ୍ତର ଦୁଇଶ; ଅଠଉତ୍ତର ଶହେ । )—
1. Any digit added to the figure hundred
୨ । ବାକ୍ୟ; କଥା—Speech.
ଏହା ଦେଖିକରିଣ ଅରଜୁନ ବୀର
ଉତ୍ତରକୁ ବୋଇଲେ ଉତ୍ତରଉତ୍ତର—କୃଷ୍ଣସିଂହ ମହାଭାରତ. ବିରାଟ ।
୩ । ଆଦେଶପାଳନ—3. Carrying out of an order.
ତୁମ୍ଭେ ହେ ଦାସୀ ଯେବେ ମୋର
ତେବେ କରିବ ମୋ ଉତ୍ତର—ଜଗନ୍ନାଥ. ଭାଗବତ ୧୦ମ ଗୋପ ।
ଉତ୍ତରଅୟନାନ୍ତ—ସଂ. ବି (ଜ୍ୟୋତିଷପରିଭାଷା)—ସୂର୍ଯ୍ୟ ବିଷୁବରେଖା-
Uttaraayanānta ଠାରୁ ଉତ୍ତରକୁ ଚଳିବାର ଶେଷସୀମା-
ସୂଚକ କଳ୍ପିତ ରେଖା—The Tropic of Cancer.
ଉତ୍ତରକଟିବନ୍ଧ—ସଂ. ବି ( ଭୂଗୋଳପରିଭାଷା )—ଉତ୍ତରମେରୁ ଠାରୁ
Uttarakaṭibandha ଉତ୍ତରସମଶୀତୋଷ୍ଣବନ୍ଧର ଶେଷସୀମା ପର୍ଯ୍ୟନ୍ତ
ଭୂଗୋଳକର ଅଂଶ—North Frigid Zone.
ଉତ୍ତରକବାଟ—ଦେ. ବି—ବୀରମାନଙ୍କୁ ପ୍ରାଚୀନ ଉତ୍କଳର ରାଜାଙ୍କ
Uttarakabāṭa ଉପାଧିବିଶେଷ—A title conferred by the kings of ancient Utkalā on brave men.
ଉତ୍ତର କରିବା—ଦେ. କ୍ରି—୧ । ପ୍ରତିବଚନ କହିବା—
Uttara karibā 1. To make an answer.
୨ । ପ୍ରଶ୍ନର ଉତ୍ତର ଦେବା—2. To give a reply.
ଉତ୍ତରକଳିଙ୍ଗ—ସଂ. ବି—ପ୍ରାଚୀନ ତ୍ରିକଳିଙ୍ଗର ଉତ୍ତରାଂଶ; ଆଧୁନିକ
Uttarakaliṅga ଓଡ଼ିଶାର ପ୍ରାଚୀନ ନାମ—
The ancient name of present Ordisā.
[ ଦ୍ର—କଳିଙ୍ଗ ତଳେ ନୋଟ ଦେଖ ]
ଉତ୍ତରକାଗଜ—ଦେ. ବି—ପରୀକ୍ଷାର୍ଥୀ ଯେଉଁ କାଗଜରେ ପ୍ରଶ୍ନର ଉତ୍ତର
Uttarakāgaja ଗୁଡ଼ିକ ଲେଖନ୍ତି—Answer-paper ( in examination)

ସାଧାରଣ ହେତୁ ଅଧିକ ସ୍ଥାନରେ ବ୍ୟବହୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିହୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ପୁସ୍ତକରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ପାଠକମାନେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ

ଉତ୍ତରକାଣ୍ଡ—ସଂ. ବି—୧ । ବାଲ୍ମୀକି ରାମାୟଣର ସପ୍ତମ କାଣ୍ଡ—
Uttarakāṇḍa 1. The name of the 7th or last Canto of the Rāmāyaṇa.
୨ । ପୁସ୍ତକର ପରବର୍ତ୍ତୀ ଭାଗ—
2. The following volume.
୩ । ଶେଷଭାଗ—3. The concluding volume.

ଉତ୍ତରକାଳ—ସଂ. ବି (ଉତ୍ତର=ପରବର୍ତ୍ତୀ; ଭବିଷ୍ୟତ+କାଳ)—
Uttarakāḷa ୧ । ପରବର୍ତ୍ତୀ ସମୟ—
1. Subsequent period.
୨ । ପରକାଳ; ଭବିଷ୍ୟତକାଳ—
2. Future time; future

ଉତ୍ତରକୁରୁ—ସଂ. ବି (ଉତ୍ତର=ଉତ୍ତରଦିଗସ୍ଥ+କୁରୁ=କୁରୁରାଜ୍ୟ)—
Uttarakuru ହିନ୍ଦୁକୁଶ ପର୍ବତର ଉତ୍ତର ପ୍ରଦେଶ; ଜମ୍ବୁଦ୍ୱୀପର ନବବର୍ଷାନ୍ତର୍ଗତ ବର୍ଷବିଶେଷ—The country north of the Hindukuśa-mountains supposed to be the original abode of the Aryans before they came and settled in Northern India.
[ ଦ୍ର—ପୁରାତନ ଭାରତବର୍ଷ ଜମ୍ବୁଦ୍ୱୀପର ନଅଗୋଟି ବର୍ଷ ବା ରାଜ୍ୟ ମଧ୍ୟରୁ ଏକ ରାଜ୍ୟ; ଏହିଠାରୁ ଆର୍ଯ୍ୟମାନେ ଆସି ଭାରତର ଆର୍ଯ୍ୟାବର୍ତ୍ତରେ ବସତି କରିଥିଲେ । କେହି କେହି ଇରାନ୍ ବା ପାରସ୍ୟ ଦେଶକୁ ଉତ୍ତରକୁରୁ କହନ୍ତି । ]
ଦେ. ବି—ସ୍ୱର୍ଗ—Heaven
ଉତ୍ତର କୁରୁ ପ୍ରାପତଜନ ଭୋଗ କେଲେ କରୁଥାନ୍ତି ଯଦା—ଉକ୍ତ. ପ୍ରେମସୁଧାନିଧି ।

ଉତ୍ତରକେନ୍ଦ୍ର—ଦେ. ବି ( ଭୂଗୋଳପରିଭାଷା )—ପୃଥିବୀର ସର୍ବୋତ୍ତର
Uttarakendra ବିନ୍ଦୁ—The North pole.
[ ଦ୍ର—ପୃଥିବୀର ଉତ୍ତର କେନ୍ଦ୍ର ସୁମେରୁସନ୍ନିହିତ ପ୍ରଦେଶରେ ପୃଥିବୀ ଓ ସୂର୍ଯ୍ୟର ପରସ୍ପର ଗତିପର୍ଯ୍ୟାୟରେ ପର୍ଯ୍ୟାୟକ୍ରମେ ଛଅ ମାସ ଦିନ ଓ ଛଅ ମାସ ରାତି ହୁଏ । ଯେତେବେଳେ ଛଅ ମାସ କ୍ରମାନ୍ୱୟରେ ରାତି ହୁଏ ସେତେବେଳେ ଦିଗ୍‌ବଳୟ ରେଖାଠାରୁ ମଧ୍ୟାକାଶ ପର୍ଯ୍ୟନ୍ତ ବିଦ୍ୟୁତ୍ ବା ଉଲ୍କା ପରି କେତେଗୁଡ଼ିଏ ମହାପ୍ରଦୀପ୍ତିମନ୍ତ ଆଲୋକ ରେଖା ଦେଖାଯାଏ । ଏହା ବିଦ୍ୟୁତ୍ ବା ଉଲ୍କା ପରି ସବୁବେଳେ ଚଞ୍ଚଳ ନୁହେଁ । ନିୟତ ସ୍ଥିରମୂର୍ତ୍ତିରେ ବିରାଜିତ ଥାଏ ଓ କେବେ କେବେ ଝଟକୁଥାଏ । ଏହାକୁ ଊଷାଦୀପ୍ତ୍ୟା, ଊଷା ବା ଔତ୍ତରୀ ପ୍ରଭା କହନ୍ତି । ଇଂରାଜୀରେ ଏହାର ନାମ Aurora-Borealis ବା Northern lights; ଏହିପରି ଦକ୍ଷିଣ କେନ୍ଦ୍ର ବା କୁମେରୁ ପ୍ରଦେଶରେ ଯେଉଁ ଆଲୋକ ଦେଖାଯାଏ ତାହାକୁ ଦୈବସ୍ପର୍ଶ ପ୍ରଭା ବା ଦାକ୍ଷିଣାତ୍ୟ ଊଷା ବୋଲାଯାଏ; ଇଂରେଜୀରେ ଏହାର ନାମ Aurora Austrelis ବା Southern lights. ]

ଉତ୍ତରକୋଶଳ—ସଂ. ବି ( ଉତ୍ତର=ଉତ୍ତରଦିଗସ୍ଥ+କୋଶଳ=
Uttarakośaḷa ରାଜ୍ୟବିଶେଷ )—ଅଯୋଧ୍ୟାପ୍ରଦେଶ; ସରଯୂନଦୀର ଉତ୍ତରପାର୍ଶ୍ୱସ୍ଥ ପ୍ରଦେଶ—Ajodhyā; Oudh; the province north of Sarajū.
[ ଦ୍ର—ଏହାର ପ୍ରାଚୀନ ରାଜଧାନୀ ଶ୍ରାବସ୍ତୀ ଇରାବତୀ ନଦୀତଟରେ ଅବସ୍ଥିତ । ଶ୍ରାବସ୍ତୀର ଦକ୍ଷିଣରେ ବର୍ତ୍ତମାନ ବଲରାମପୁର । ]

ଉତ୍ତରକୋଶଳା—ସଂ. ବି—ମହାନଦୀର ଉତ୍ତରାଂଶର ପ୍ରାଚୀନ ନାମ—
Uttarakośaḷā 1. The ancient name of the province north of the Mahānadī river.
ବିନ୍ଧ୍ୟ ହାର ଶୋଭା ପୂର୍ବ ଚନ୍ଦ୍ରହାର
ଉତ୍ତରକୋଶଳା ମୌଳି ଅଳଙ୍କାର—ରାଧାନାଥ. ନନ୍ଦକେଶରୀ ।
୨ । ଅଯୋଧ୍ୟାନଗରୀ—2. A name of the old town of Ajodhyā
୩ । କୋଶଳଦେଶ—3. Kośala country.

ଉତ୍ତରକ୍ରିୟା—ସଂ. ବି ( ଉତ୍ତର=ମୃତ୍ୟୁର ପରବର୍ତ୍ତୀ+କ୍ରିୟା=କାର୍ଯ୍ୟ;
Uttarakriyā ଅନୁଷ୍ଠାନ)—୧ । ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଅନୁଷ୍ଠିତ ସାମ୍ବତ୍ସରିକ ଶ୍ରାଦ୍ଧାଦି କାର୍ଯ୍ୟ—
1. Funeral obsequies; funeral rites.
୨ । ପ୍ରତ୍ୟୁତ୍ତରଦାନ—2. The act of giving reply.

ଉତ୍ତରଖଣ୍ଡ—ସଂ.ବି—୧ । କୌଣସି ପୁସ୍ତକର ଦ୍ୱିତୀୟ ବା ଶେଷ ଖଣ୍ଡ—
Uttarakhaṇḍa 1. The second or last volume of a book.
୨ । ପୁସ୍ତକର ପରବର୍ତ୍ତୀ ଖଣ୍ଡ—2. A later volume of a work.

ଉତ୍ତରଖଣ୍ଡନ—ସଂ.ବି (୭ମୀ ତତ୍) (ଉତ୍ତର=ପ୍ରତିବଚନ+ଖଣ୍ଡନ)—
Uttarākhaṇḍana ୧ । ପ୍ରତ୍ୟୁତ୍ତର; ଉତ୍ତରର ଉତ୍ତର—
1 Refutation; rejoinder; counter-reply.
୨ । ରଦ୍ଦବାବ୍; ଜବାବ୍‌ଜବାବ୍—
2. Reply given to meet another reply.

ଉତ୍ତରଙ୍ଗ—ସଂ ବି. (ଉତ୍ତର=ଉପର+ଗମ୍=ଗମନ କରିବା+କର୍ତ୍ତୃ. ଅ
Uttaraṅga ବା. ଉତ୍ତର+ଅଙ୍ଗ)—୧ । ଦ୍ୱାରୋପରିସ୍ଥ କାଷ୍ଠ; ଖାଟରପଟା—1. A plank put over the door-frame.
ସଂ. ବିଣ ( ଉତ୍+ତରଙ୍ଗ=ଢେଉ ) ୨ । ଯାହାର ତରଙ୍ଗ ଉତ୍ଥିତ ହୋଇଅଛି; ତରଙ୍ଗିତ—2. Billowy

ଉତ୍ତରଚ୍ଛଦ—ସଂ.ବି (କର୍ମଧାରୟ;ଉତ୍ତର=ଉପରସ୍ଥିତ+ଛଦ=ବସ୍ତ୍ର)—
Uttarachchhada ୧ । ଚାଦର; ଉତ୍ତରୀୟ—1. A sheet; scarf.
୨ । ଆସ୍ତରଣ ବସ୍ତ୍ର—2 Covering sheet.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଳ | ଷ,ଶ | ଜ୍ଞ | ଇଷ୍ଟ | ଦ୍ଧ | ଓ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ତଦ୍‌ବର୍ଗୀୟ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ଷ | ଙ୍ଗ | ଇଅ | ଔ | ନୃ |

୩ । ବିଛଣା ଚଦର—3. Bed-sheet

୪ । ଘୋଡ଼ିହେବା ଲୁଗା—4. A wrapper.

ଉତ୍ତରଜୀବୀ—ସଂ. ବିଣ. ପୁଂ. ( ଅଧୁନାକବ୍ୟବହାର; କଦାଚିତ୍ ) Uttarajībi ଯେ ଅନ୍ୟମାନଙ୍କ ମୃତ୍ୟୁ ପରେ ବଞ୍ଚି ରହେ— (ଉତ୍ତରଜୀବିନୀ—ସ୍ତ୍ରୀ) Surviving (others)

ଉତ୍ତରଣ—ସଂ. ବି ( ଉତ୍+ତୃ ଧାତୁ=ପାର ହେବା+ଭାବ. ଅନ)— Uttaraṇa ୧ । ପାରହେବା—1. Crossing; passing over.

୨ । ଯାନାଦିରୁ ଓହ୍ଲାଇବା-2. Landing;alighting.

୩ । ଅବରୋହଣ—3. Descent.

୪ । ବିଶ୍ରାମସ୍ଥାନରେ ପହଞ୍ଚିବା— 4. Arriving at a stage for night's rest.

୫ । ମନଇଚ୍ଛିତ ବା ଅଭିପ୍ରେତ ସ୍ଥାନରେ ପହଞ୍ଚିବା— 5. Arrival at one's destination.

ଉତ୍ତରଦନ୍ତ—ସଂ. ବି—( ଏହା ସବୁ ଦାନ୍ତର ପରେ ଉଠିବାରୁ )— Uttaradanta ତଳ ଦାନ୍ତ—The furthest teeth in the mouth.

ଉତ୍ତରଦାୟକ—ସଂ. ବିଣ. ପୁଂ.—ଯେଉଁ ଭୃତ୍ୟ ସ୍ୱାମୀର ଆଦେଶ ବା Uttaradāyaka ଭର୍ତ୍ସନାରେ ଜବାବ୍ ଦିଏ; ଅବାଧ୍ୟ— (ଉତ୍ତରଦାୟିକା—ସ୍ତ୍ରୀ) Refractory ( servant, a servant who bandies words with his master.

ଉତ୍ତରଦିକ୍—ସଂ. ବି—ଉତ୍ତରଦିଗ— Uttaradik The north quarter.

ଉତ୍ତରଦିଗ—ଦେ. ବି.—୧ । ଉତ୍ତର; ଦକ୍ଷିଣର ବିପରୀତ ଦିଗ— Uttaradiga 1. The North-quarter.

୨ । ଉତ୍ତରାଞ୍ଚଳ—2. The northern country

ଉତ୍ତର ଦେବା – ଉତ୍ତର କରିବା ( ଦେଖ ) Uttara debā Uttara karibā ( See )

ଉତ୍ତରଧ୍ରୁବ—ସଂ. ବି—ଉତ୍ତରଦିଗସ୍ଥ ଧ୍ରୁବ ନକ୍ଷତ୍ର; ପୃଥିବୀର ଉତ୍ତର- Uttaradhruba କେନ୍ଦ୍ରର ମୁଣ୍ଡ ଉପରେ ଥିବା ନକ୍ଷତ୍ର—The (north pole-star; the polaris.

[ ଦ୍ର—ଦକ୍ଷିଣକେନ୍ଦ୍ର ଉପରେ ମଧ୍ୟ ଏହିପରି ଗୋଟିଏ ତାରା ଅଛି; ଏହା ଦକ୍ଷିଣ ବିଷୁବରେଖାର ଅନେକ ତଳେ ଥିବାରୁ ଭାରତକୁ ଦେଖାଯାଏ ନାହିଁ । ଏହାର ନାମ ଦକ୍ଷିଣଧ୍ରୁବ; ଏହା ଦକ୍ଷିଣ ଆମେରିକା ପ୍ରଭୃତି ସ୍ଥାନରେ ଦେଖାଯାଏ । ନକ୍ଷତ୍ର ତଳେ ନୋଟ ଦେଖ । ]

ଉତ୍ତରପକ୍ଷ—ସଂ. ବି. ( ଉତ୍ତର=ପୂର୍ବବର୍ତ୍ତୀ+ପକ୍ଷ=ପ୍ରଶ୍ନ ବଚନ )— Uttarapaksha ୧ । ପ୍ରଶ୍ନକର୍ତ୍ତାର ପ୍ରଶ୍ନର ଉତ୍ତର ପ୍ରଦାନ; କୌଣସି ପ୍ରଶ୍ନର ମୀମାଂସା—1. Answer to an opponent's objection; conslusive reply to an argument.

୨ । ପରବର୍ତ୍ତୀ ପକ୍ଷର ଦିନ—2. Last lunar fortnight of the month; next fortnight.

୩ । ଗୋଟିଏ ପ୍ରଶ୍ନର ବିପରୀତ ପକ୍ଷ— 3. The other side of a question.

୪ । ଉତ୍ତରରେ ଥିବା ପାଖ—4. The northern side.

୫ । ବାମ ପାଖ—5. The left side ( M. W )

୬ । (ନ୍ୟାୟ) ସିଦ୍ଧାନ୍ତ ବା ପ୍ରତିଜ୍ଞାର ଦ୍ୱିତୀୟ ଅଂଶ ବା ତତ୍ତ୍ୱ ବାକ୍ୟତତ୍ତ୍ୱ—6. ( Logic ) The second or following part of an argument; the minor proposition of a syllogism

୭ । ( ନ୍ୟାୟ ) ପୂର୍ବପକ୍ଷର ନିରସକ ପକ୍ଷ— (ପୂର୍ବପକ୍ଷ—ବିପରୀତ) 7. (Logic) Refutation of a proposition. The answer to the first or objectionable argument.

୮ । ( ନ୍ୟାୟ ) ସିଦ୍ଧାନ୍ତପକ୍ଷ—8. ( Logic ) The conclusion or demonostrated truth of an argument.

୯ । (ହିନ୍ଦୁ ସ୍ମୃତି) ମକଦ୍ଦମାରେ ପ୍ରତିବାଦୀ— 9 ( Hindu law) Defendant in a case.

୧୦ । (ହିନ୍ଦୁ ସ୍ମୃତି) ମକଦ୍ଦମାରେ ପ୍ରତିବାଦୀର ଜବାବ— 10. ( Law ) Defendant's written statement.

ଉତ୍ତରପଦ—ସଂ.ବି. (ବ୍ୟାକରଣ)—ସମାସନିଷ୍ପନ୍ନ ସମସ୍ତ ପଦର ଅନ୍ତିମପଦ- Uttarapada The last or final member of a compound word.

ଉତ୍ତରପଶ୍ଚିମକୋଣ—ସଂ. ବି—ବାୟୁ କୋଣ—The North- Uttarapaśchimakoṇa eastern corner.
উত্তরপশ্চিম
उत्तरपश्चिम

ଉତ୍ତରପଶ୍ଚିମପ୍ରଦେଶ—ଦେ. ବି—ଭାରତର ଉତ୍ତର ପଶ୍ଚିମ ସୀମାକୁ ଲାଗି- Uttarapaśchimapradeśa ଥିବା ପ୍ରଦେଶ— The North-western frontier provinces of India.

ଉତ୍ତରପୂର୍ବ—ଦେ. ବି—ଈଶାନ କୋଣ— Uttarapūrba The North-eastern corner.

ଉତ୍ତରପ୍ରତ୍ୟୁତ୍ତର—ସଂ. ବି—୧ । ସୱାଲ୍ ଜବାବ— Uttarapratyuttara 1. Argument

୨ । ଉକ୍ତିପ୍ରତ୍ୟୁକ୍ତି—Discussion; exchange of words.

ଉତ୍ତରଫଲ୍‌ଗୁନୀ—ସଂ. ବି—ଉତ୍ତରଫାଲ୍‌ଗୁନୀ ( ଦେଖ ) Uttaraphalguni Uttaraphālguni ( See )

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳେ ବ୍ୟବହୃତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ; 'ବ୍ରଧ' ନ ମିଳିଲେ 'ବୃଧ' ଦେଖିବେ; 'କଂଧୁ' ନ ଥାଇଲେ 'କନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଳଙ୍କ' ଦେଖିବେ ।

ଉତ୍ତରଫାଲ୍ଗୁନୀ—ସଂ. ବି—ଜ୍ୟୋତିଷୋକ୍ତ ଦ୍ୱାଦଶ ନକ୍ଷତ୍ର (ନକ୍ଷତ୍ର ଦେଖ)—
Uttaraphālguni (Hindu astronomy) The 12th lunar mansion or constellation

ଉତ୍ତରବାଦୀ—ସଂ. ବି. (ହିନ୍ଦୁ ସ୍ମୃତି)—ମକଦ୍ଦମାରେ ପ୍ରତିବାଦୀ; ଅସାମୀ—
Uttarabādi Defendant in a law suit.

ଉତ୍ତରବାୟୁ—ସଂ. ବି. (ମଧ୍ୟପଦଲୋପୀ)—ଉତ୍ତରଦିଗରୁ ବହୁଥିବା ଶୀତଳ
Uttarabāyu ବାୟୁ; ଉତ୍ତରପବନ—The north wind.

ଉତ୍ତରବାହିନୀ—ସଂ. ବଣ. ସ୍ତ୍ରୀ. (ଉତ୍ତର+ବହ ଧାତୁ+କର୍ତ୍ତୃ. ଇନ୍+
Uttarabāhini ସ୍ତ୍ରୀ. ଈ)—ଯେଉଁ ନଦୀ ଉତ୍ତର ଦିଗକୁ ବହି (ଉତ୍ତରବାହୀ—ପୁଂ.) ଯାଉଅଛି—(a river) Flowing towards the north.

ଉତ୍ତରଭାଦ୍ରପଦ—ସଂ. ବି.—ଷଡ୍‌ବିଂଶ ନକ୍ଷତ୍ର—Name of the
Uttarabhādrapada 26th asterism.

[ଦ୍ର—ଏହା ଖଟର ପଛ ଖୁର ପରି ଦୁଇଟି ନକ୍ଷତ୍ର । ନକ୍ଷତ୍ର ଶବ୍ଦରେ କୋଠି ଦେଖ]

ଉତ୍ତରଭାଦ୍ରବ—ଦେ. ବି. (ସଂ. ଉତ୍ତରଭାଦ୍ରପଦ)—
Uttarabhādraba ଉତ୍ତରଭାଦ୍ରପଦ (ଦେଖ) Uttarabhādrapada (See)

ଉତ୍ତରମୀମାଂସା—ସଂ. ବି—ବେଦର ପରବର୍ତ୍ତୀ ମୀମାଂସା; ବେଦାନ୍ତ
Uttaramimāmsā (ଏହାର ରଚୟିତା—ବ୍ୟାସଦେବ)—One of the principal systems of Hindu philosophy, the Bedānta.

ଉତ୍ତରମେଘ—ସଂ. ବି.—କାଳିଦାସଙ୍କ ରଚିତ ମେଘଦୂତ କାବ୍ୟର
Uttaramegha ଶେଷାର୍ଦ୍ଧ—The second part of Kālidāsas' Meghadūta.

[ଦ୍ର—ଏ ଗ୍ରନ୍ଥର ପ୍ରଥମ ଭାଗର ନାମ ପୂର୍ବମେଘ ।]

ଉତ୍ତରମେରୁ—ସଂ ବି (ଭୂଗୋଳପରିଭାଷା)—ସୁମେରୁ; ପୃଥିବୀର
Uttarameru ଉତ୍ତରତମ ବିନ୍ଦୁ—The North pole.

ଉତ୍ତରମେରୁବୃତ୍ତ—ସଂ. ବି. (ଭୂଗୋଳପରିଭାଷା)—ଉତ୍ତରମେରୁ ଠାରୁ
Uttaramerubrutta ୨୩ ଅଂଶ ଦକ୍ଷିଣରେ ଯେଉଁ ବୃତ୍ତ କଳ୍ପିତ ହୁଏ । ପୃଥିବୀର ଉତ୍ତରତମ କଟିବନ୍ଧ; ସୁମେରୁ ବୃତ୍ତ—The artic circle.

ଉତ୍ତରରା—ଦେ. ବି.—ପ୍ରାଚୀନ ଉତ୍କଳର ରାଜାମାନଙ୍କଦ୍ୱାରା ବୀରମାନଙ୍କୁ
Uttararā ପ୍ରଦତ୍ତ ଉପାଧିବିଶେଷ—A title conferred by the Rājās of ancient 'Utkala' on brave men.

ଉତ୍ତରଳ—ସଂ. ବଣ (ଉତ୍—ଉପରକୁ+ତରଳ=ଚଞ୍ଚଳ)—
Uttarala ୧ । ଅତି ଚଞ୍ଚଳ—1. Restless.

୨ । ଉତୁରୁଥିବା—2. Swollen by heat; bubbling up; boiling (said of liquids)

କମ୍ପେ ମନସ୍ୱୀ ଉତ୍ତରଳ କ୍ରୋଧ ଯୋଧଣ ଧୈର୍ଯ୍ୟ ରକ୍ଷକରେ ।
ରାଧାନାଥ. ପାର୍ବତୀ ।

୩ । କମ୍ପୁଥିବା; ଥରୁଥିବା—
3. Trembling; quivering.

ଉତ୍ତରଳେ—ଦେ. କ୍ରି. ବଣ—ଉତୁରୁଥିବା ଅବସ୍ଥାରେ; ତରଙ୍ଗିତ-
Uttarale ଅବସ୍ଥାରେ—In a bellowy or trembling condition.

ଉତ୍ତରଳେ ଯାଇ ଓଗାଳନ୍ତି ବାଟ, ଅବାଧ ପାଦାନ ଛାଡ଼ିଲେ କୂହାଟ ।
ରାଧାନାଥ. ଚିଲିକା ।

ଉତ୍ତରଷୋଡ଼ଶ—ସଂ. ବି.—ଅନ୍ତ୍ୟେଷ୍ଟିକ୍ରିୟାରେ ଶେଷ ଦୁଇ ଦିନର
Uttarashordasa (ଦଶମ ଓ ଏକାଦଶ) ଆଚରିତ କର୍ମ—The funeral rites performed in the last two days.

ଉତ୍ତର ଷୋଡ଼ଶେ ବାପଙ୍କୁ ଦେଲ ପିଣ୍ଡ ।
କର ସବୁ ଭକ୍ତିକୁ ମୋ ପଣରେ ଦଣ୍ଡ । କୃଷ୍ଣସିଂହ. ମହାଭାରତ ଅନୁଶାସନ ।

ଉତ୍ତରସାକ୍ଷୀ—ସଂ. ବି.—(ହିନ୍ଦୁସ୍ମୃତି) ଯେ ପରମୁଖରୁ ଘଟଣା କଥା ଶୁଣି
Uttarasākshi ସାକ୍ଷୀ ଦିଏ—A hear-say witness.

ଉତ୍ତରସାଧକ—ସଂ. ବି. ପୁଂ (ଉତ୍ତର+ସାଧକ=ସହାୟକ)—ସାହାଯ୍ୟ-
Uttarasādhaka କାରୀ ବ୍ୟକ୍ତି; ମୁଖ୍ୟ ବ୍ୟକ୍ତି ବା ସାଧକବ୍ୟକ୍ତିର ସାହାଯ୍ୟକାରୀ ବ୍ୟକ୍ତି—An assistant or promotor; supervisor; one who directs the performances of religious rite by another.

[ଦ୍ର—ତନ୍ତ୍ରୋକ୍ତ ମନ୍ତ୍ରାଦି ସାଧନ କରିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବାପାଇଁ ଓ ସାଧକ ମନ୍ତ୍ର ଜପ କରିବା ସମୟରେ ଭୟଙ୍କର ଦୃଶ୍ୟମାନ ଦେଖି ବିହ୍ୱଳ ବା ଭ୍ରାନ୍ତ ହେଲେ ତାଙ୍କୁ ('ସବୁ ମିଥ୍ୟା ଜପ କରୁ'—ଏହା କହି) ଚେତାଇ ଦେବା ପାଇଁ ଯେଉଁ ବ୍ୟକ୍ତି ସାଧକଙ୍କ ନିକଟରେ ଉପସ୍ଥିତ ଥାଆନ୍ତି ।]

ଉତ୍ତରା—ସଂ. ବି. ସ୍ତ୍ରୀ—୧ । ବିରାଟ ନୃପକନ୍ୟା—
Uttarā 1. The daughter of the king of Birāta, music student and daughter-in-law of Arjuna.

[ଦ୍ର—ଏ ଅର୍ଜୁନଙ୍କଠାରୁ ସଙ୍ଗୀତ ଶିକ୍ଷା କରିଥିଲେ ଓ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କୁ ବିବାହ କରିଥିଲେ ।]

ପତି-ପିତୃ-ଭ୍ରାତୃଶୋକେ ଆତୁର ଉତ୍ତରା । ରାଧାନାଥ. ମେଘନାଦ ।

୨ । ଉତ୍ତର ଦିଗ—2. The Northeren quarter.

୩ । ଉତ୍ତର ଶବ୍ଦଯୁକ୍ତ ନକ୍ଷତ୍ରଗଣ—
3. The three asterisims beginning with the word "Uttara" (M.W.).

(ଯଥା—ଉତ୍ତରଭାଦ୍ରପଦ; ଉତ୍ତରଫାଲ୍ଗୁନୀ ଓ ଉତ୍ତରାଷାଢ଼ା)

ଦେ. ବି—୧ । ଉତ୍ତରମେଘ (ଦେଖ)
Uttarāmegha (See)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍‌,ର୍ଡ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଜ | କ୍ଷ,ଷ | ଜ୍ଞ | ଉଦ୍ଧ | ଞ୍ଚ | ଡ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଗ୍ୟ | ଉଥ | ଙ୍ଗ | ନ୍ତ |

୨ । ଉତ୍ତରା ପବନ ( ଦେଖ )
2. Uttarā pabana ( See )
ବହୁଲା କମଳ ବନ ବହୁଳ ଉତ୍ତରା । ପ୍ରାଚୀ, ଉତ୍ତରସମ୍ପୂର୍ଣ୍ଣ ।

**ଉତ୍ତରାକାଣ୍ଡ**—ସଂ. ବି—ରାମାୟଣର ସାତକାଣ୍ଡର ଶେଷ କାଣ୍ଡ; ଶ୍ରୀରାମ ଲଙ୍କାରୁ ଫେରିବା ପରେ ଘଟିଥିବା ଘଟଣାମାନ ଯେଉଁ କାଣ୍ଡରେ ବର୍ଣ୍ଣିତ ହୋଇଅଛି – The last book of the 'Rāmāyaṇa'.
Uttarākāṇḍa

**ଉତ୍ତରାଧର**—ସଂ. ବି. ( ଉତ୍ତର + ଅଧର )—ଉପରସ୍ଥ ଓଷ୍ଠ — The upper lip.
Uttarādhara
(ଅଧରାଧର—ବିପରୀତ)

**ଉତ୍ତରାଧିକାର**—ସଂ. ବି. ( ଉତ୍ତର = ପରବର୍ତ୍ତୀ + ଅଧିକାର = ସ୍ୱତ୍ୱ )— ଧନସ୍ୱାମୀର ମୃତ୍ୟୁ ପରେ ତାଙ୍କ ସମ୍ପତ୍ତିରେ ତାହାଙ୍କ ସଙ୍ଗେ ସମ୍ପର୍କ-ବନ୍ଧନ ସ୍ୱତ୍ୱ— Inheritance, succession to property left by the owner.
Uttarādhikāra

**ଉତ୍ତରାଧିକାରୀ**—ସଂ. ବି. ପୁଂ (ଉତ୍ତରାଧିକାର + ଅସ୍ତ୍ୟର୍ଥରେ. ଇନ୍)— ଉତ୍ତରାଧିକାରୀ ଉଆରସ; ଦାୟାଦ; ଧନସ୍ୱାମୀଙ୍କ ମୃତ୍ୟୁପରେ ଯେଉଁ ବ୍ୟକ୍ତି ସମ୍ପତ୍ତି ଯାହା ଅଧିକାରରେ ଆସେ— Heir; successor; inheritor.
Uttarādhikāri
(ପୂର୍ବାଧିକାରୀ – ବିପରୀତ)
(ଉତ୍ତରାଧିକାରିଣୀ—ସ୍ତ୍ରୀ)
ଉତ୍ତରାଧିକାରତା } ବି.
ଉତ୍ତରାଧିକାରିତ୍ୱ }

**ଉତ୍ତରାପଖିଆ**—ଦେ. ବି — ଧାନ୍ୟବିଶେଷ – A kind of white-roundish; flat fine paddy.
Uttarāpakhiā
[ ଦ୍ର—ଏହି ଧାନ ଚେପ୍ଟା, ଡକା, ସରୁ ଓ ଧୋବ ଏବଂ ଏହାର ଦୁଇ ପାଖରେ ପକ୍ଷୀ ପର ଲାଞ୍ଜ ଲାଗିଥାଏ । ]

**ଉତ୍ତରାପଥ**—ସଂ. ବି. ( ଉତ୍ତରା = ଉତ୍ତର ଦିଗ + ପଥିନ୍ + ଅ )— ଉତ୍ତର ଦେଶ— The Northern country.
Uttarāpatha

**ଉତ୍ତରାପବନ**—ଦେ. ବି—ଶୀତଦିନେ ଉତ୍ତର ଦିଗରୁ ବହୁଥିବା ଥଣ୍ଡା ପବନ—North wind of the winter.
Uttarāpabana

**ଉତ୍ତରାଫାଲ୍‌ଗୁନୀ**—ସଂ. ବି—ଉତ୍ତରଫାଲ୍‌ଗୁନୀ ( ଦେଖ ) Uttaraphālguni ( See )
Uttaraphālguni

**ଉତ୍ତରାଭାସ**—ସଂ. ବିଣ. ( ୬ଷ୍ଠୀ ତତ୍; ଉତ୍ତର—ଦୋଷଖଣ୍ଡନ + ଆଭାସ = ସଦୃଶ ହେବା)—
Uttarābhāsa
୧ । ( ଆଇନ୍ ) ଅସଦୁତ୍ତର—
1. ( law ) Improper reply.
୨ । ( ଆଇନ୍ ) ପ୍ରତିବାଦୀର ମିଛ ଜବାବ—
2. ( law ) False written statement of a defendant.
[ ଦ୍ର—ଆଇନ୍ ଶାସ୍ତ୍ର ଅନୁସାରେ ଉତ୍ତରାଭାସ ବା ପ୍ରତିବାଦୀର ମିଥ୍ୟା ଜବାବ ଏଗାର ପ୍ରକାର ଅଛି । ଯଥା—୧. ସନ୍ଦିଗ୍ଧ; ୨. ଅପ୍ରକୃତ; ୩. ଅତ୍ୟଳ୍ପ; ୪. ଅତ୍ୟଧିକ; ୫. ପକ୍ଷୈକଦେଶବ୍ୟାପୀ; ୬. ବ୍ୟସ୍ତପଦ; ୭. ଅବ୍ୟାପୀ; ୮. ନିଗୂଢ଼ାର୍ଥ; ୯. ଆକୁଳ; ୧୦. ବ୍ୟାଖ୍ୟାଗମ୍ୟ ଓ ୧୧. ଅସାର—ହିନ୍ଦ. ଶବ୍ଦସାଗର । ]

**ଉତ୍ତରାମେଘ**—ଦେ. ବି—ଉତ୍ତରରୁ ଉଠାଇ ଦକ୍ଷିଣକୁ ଗତି କରିବା ମେଘ—Cloud rising from the north and moving southwards.
Uttarāmegha
[ ଦ୍ର—ମେଘ ଉତ୍ତରରୁ ଉଠାଇ ଦକ୍ଷିଣକୁ ଗତି କଲେ ଶୀଘ୍ର ବର୍ଷା ହୁଏ । ]

**ଉତ୍ତରାୟଣ**—ସଂ.ବି. (କର୍ମଧା; ଉତ୍ତର = ଶେଷ + ଅୟନ = ପଥ; ଗତି)—
Uttarāyaṇa
୧ । ସୂର୍ଯ୍ୟଙ୍କର ବିଷୁବରେଖାର ଉତ୍ତରରେ ଥିବା ମାର୍ଗ ( ୨୩।୨୪ ଡିସେମ୍ବରଠାରୁ ୨୭ ଜୁନ୍ ଯାଏ; ମକର ସଂକ୍ରାନ୍ତିଠାରୁ ଶ୍ରାବଣସଂକ୍ରାନ୍ତି ଯାଏଁ )—
1. The period during which the sun moves north of the equator (December to June )
୨ । ସୂର୍ଯ୍ୟଙ୍କର ବିଷୁବରେଖାର ଉତ୍ତରକୁ ଗତି—
2. The northward course of the sun. the annual motion of the sun towords the north of the equator.
[ ଦ୍ର—ଉତ୍ତରାୟଣରେ ମନୁଷ୍ୟ ମୃତ ହେଲେ ଦେବଲୋକ ପ୍ରାପ୍ତ ହୁଏ ଓ ପୁନର୍ଜନ୍ମ ଲାଭ କରେ ନାହିଁ । ଏଥି ପାଇଁ କୁରୁକ୍ଷେତ୍ର-ଯୁଦ୍ଧରେ ଭୀଷ୍ମ ଆହତ ହୋଇଥିଲେହେଁ ଉତ୍ତରାୟଣ ହେବା ପର୍ଯ୍ୟନ୍ତ ସେ ଶରଶଯ୍ୟାରେ ଥାଇ ମରଣକୁ ଅପେକ୍ଷା କରିଥିଲେ । ଏହା ଦେବତାମାନଙ୍କର ଦିନ ଓ ଅସୁରମାନଙ୍କର ରାତ୍ରି । ]

**ଉତ୍ତରାୟଣ ବନ୍ଦାପନା**—ସଂ.ବି—ଉତ୍ତରାୟଣ ସଂକ୍ରାନ୍ତିରେ କୃତ୍ୟ, ସୂର୍ଯ୍ୟ-ବନ୍ଦାପନା—Worship of the Sun-god on the 'Uttarāyaṇa saṁkrānti'.
Uttarāyaṇa bandāpanā

**ଉତ୍ତରାୟଣ ସଂକ୍ରାନ୍ତି**—ସଂ. ବି—ଯେଉଁ ସଂକ୍ରାନ୍ତି ଦିନ ସୂର୍ଯ୍ୟ ବିଷୁବ-ରେଖାର ଉତ୍ତର ଦିଗକୁ ଗତି କରିବାକୁ ଆରମ୍ଭ କରନ୍ତି; ମକର ସଂକ୍ରାନ୍ତି— The Saṁkrānti of the month of 'Māgha'.
Uttarāyaṇa saṁkrānti

**ଉତ୍ତରାୟଣାନ୍ତବୃତ୍ତ**—ସଂ. ବି ( ଭୂଗୋଳପରିଭାଷା ) କର୍କଟକ୍ରାନ୍ତିବୃତ୍ତ; ସୂର୍ଯ୍ୟଙ୍କ ଉତ୍ତରଗତିର ସୀମା-ନିରୂପକ ରେଖା; ବିଷୁବରେଖାର ୨୩॥ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା କଳ୍ପିତ ହୋଇଅଛି— The Tropic of Cancer.
Uttarāyaṇāntabrutta

**ଉତ୍ତରାର୍ଦ୍ଧ**—ସଂ. ବି—୧ । ଦୁଇ ଭାଗରେ ବିଭକ୍ତ କୌଣସି ବସ୍ତୁ ବା ଗ୍ରନ୍ଥର ଶେଷାର୍ଦ୍ଧ—1. The last half of a thing or a book.
Uttarārddha
( ପୂର୍ବାର୍ଦ୍ଧ—ବିପରୀତ ), ୨ । ଗୋଲାକାର ବସ୍ତୁର ଉତ୍ତର ପାଖର ଅଂଶ—2. The northern hemisphere of a circle.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; ବଧୂ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

**ଉତ୍ତରାଳି**—ଦେ. ବଣ—୧ । ଉତ୍ତରଦେଶୀୟ—1. Northern.
Uttarāḷi
୨ । ଉତ୍ତରଦେଶବାସୀ—2. Inhabiting the north.

**ଉତ୍ତରାଷାଢ଼ା**—ସଂ. ବି—ହିନ୍ଦୁ ଜ୍ୟୋତିଷୋକ୍ତ ୨୧ଶ ନକ୍ଷତ୍ର ( ନକ୍ଷତ୍ର ତଳେ କୋଷ୍ଟ ଦେଖ )—The 21st lunar mansion in Hindu astronomy
Uttarāshāḍhā

**ଉତ୍ତରାସଙ୍ଗ**—ସଂ. ବି—( ବହୁବ୍ରୀହି; ଉତ୍ତର=ଉପରସ୍ଥ ଅଙ୍ଗରେ+ ଆସଙ୍ଗ=ସଙ୍ଗତ ଯାହାର)—ଉତ୍ତରୀୟ (ଦେଖ)
Uttarāsaṅga
Uttarīya (See)

**ଉତ୍ତରିବା**—ଦେ. ପଦ୍ୟ. କ୍ରି—( ସଂ. ଉତ୍ତର ) ୧ । ଉତ୍ତର କରିବା—
Uttaribā
1. To reply.

ଉତ୍ତରିଲେ ଅର୍କି, ଏହା କାଳାନ୍ତଧାମ—ରାଧାନାଥ. ମହାଯାତ୍ରା ।

୨ । ( ସଂ. ଉତ୍ତରଣ ) ଓହ୍ଲାଇବା; ଓହ୍ଲାଇବା—
2. To alight; to get down.

ସ୍ୱର୍ଗେ କ୍ରମ ଲଭି ତହିଁ ଉତ୍ତରି—ରାଧାନାଥ. ମହାଯାତ୍ରା ।

**ଉତ୍ତରୀ**—ଦେ. ବି—( ସଂ. ଉତ୍ତରୀୟ )—ଉତୁରୀ ( ଦେଖ )
Uttarī
Uturī ( See )

**ଉତ୍ତରୀୟ**—ସଂ. ବି ( ଉତ୍ତର=ଉପରସ୍ଥ ଅଙ୍ଗ+ଭବାର୍ଥେ. ଈୟ )—
Uttarīya
ନାଭିଦେଶର ଊର୍ଦ୍ଧ୍ୱସ୍ଥିତ ଅଙ୍ଗର ଆଚ୍ଛାଦନବସ୍ତ୍ର; ଉତୁରୀ; ପାଛୁଡ଼ା; ଚାଦର; ଦୋପଟ୍ଟା; ଏକପଟା—A sheet or scarf worn on the upper part of the body (above the waist); light upper garment worn as a shawl.

**ଉତ୍ତରେଦ୍ୟୁ**—ଦେ. ଅ ଉତ୍ତରେଦ୍ୟୁଃ ( ଦେଖ )
Uttaredyu
Uttaredyuḥ ( See)

**ଉତ୍ତରେଦ୍ୟୁଃ**—ସଂ. ଅ ( ଉତ୍ତର=ପରବର୍ତ୍ତୀ + ଦିବାର୍ଥ ଏଦ୍ୟୁସ୍ )—
Uttaredyuḥ
୧ । ଆଗାମୀ କାଲି—1. Tomorrow.
୨ । ପରବର୍ତ୍ତୀ ଦିବସରେ—2. Next day.
୩ । ପରେ ଅନ୍ୟ କୌଣସି ଦିନ - 3 In a future day.

**ଉତ୍ତରେଦ୍ୟୁଷ୍କ**—ସଂ. ବଣ (ଉତ୍ତରେଦ୍ୟୁସ୍=ପରଦିନ+ଘଟିବା ଅର୍ଥରେ କ )—୧ । ପରବର୍ତ୍ତୀ ଦିବସରେ ଘଟିବା—
Uttaredyushka
1. Happening on a future day.
୨ ଆଗାମୀ କାଲି ଘଟିବା - 2. Happening tomorrow.

**ଉତ୍ତରୋତ୍ତର**—ସ. କ୍ରି. ବଣ ( ଉତ୍ତର=ପରେ+ଉତ୍ତର=ପରେ)—
Uttarottara
କ୍ରମେ କ୍ରମେ—Successively; further and further,
ସଂ ବଣ—ପରେ ପରେ ଘଟିବା—Following in succession; succssive.
ସଂ. ବି (୬ଷ୍ଠୀ ତତ୍)—୧ । ପ୍ରତ୍ୟୁତ୍ତର—1. A rejoinder.
୨ । ଉତ୍ତରର ଉତ୍ତର—2. Rejoinder to a reply.

**ଉତ୍ତଳା**—ଦେ. ବଣ ( ସଂ. ଉତ୍ତାଳ )—ଉତଳା ( ଦେଖ )
Uttaḷā
Utaḷā ( See )

ନାଚଇ ଘନ ଘନ କେକୀ ଉତ୍ତଳା—ରାଧାନାଥ. ମେଘଦୂତ ।

**ଉତ୍ତାନ**—ସଂ. ବଣ (ଉତ୍=ଉପରକୁ+ତନ ଧାତୁ=ବିସ୍ତୃତ ହେବା+ କର୍ତ୍ତୃ. ଅ)- ୧ । ଊର୍ଦ୍ଧ୍ୱମୁଖରେ ସ୍ଥିତ; ଚିତ ହୋଇଥିବା—
Uttāna
1. Lying on the back; with the face turned upwards.
୨ । ବିସ୍ତାରରହିତ—2. Having no expanse or breadth.
୩ । ଉପରଭାଗ ଖାଲୁଆ ହୋଇଥିବା ( ନାତଗଣ୍ଡ )—3. Concave.

**ଉତ୍ତାନପାଦ**—ସଂ. ବି (ନାମ)—ସ୍ୱାୟମ୍ଭୁବମନୁଙ୍କ ପୁତ୍ର ଓ ଧ୍ରୁବଙ୍କ ପିତା, ରାଜାବିଶେଷ—A king of ancient India, father of Dhruba.
Uttānapāda

[ ଦ୍ର—ହିରଣ୍ୟାସୁର ଏହାଙ୍କ ରାଜ୍ୟରେ ଉତ୍ପାତ କରିବାରୁ ଏ ହିରଣ୍ୟାସୁର ସହିତ ନିଜ କନ୍ୟା ସୁଲକ୍ଷଣାଙ୍କୁ ବିବାହ ଦେଇଥିଲେ । ଏହାଙ୍କର ଦୁଇ ରାଣୀ ସୁନୀତି ଓ ସୁରୁଚିଙ୍କ ମଧ୍ୟରୁ ରାଜା ସୁରୁଚିଙ୍କୁ ବେଶି ଦେଖି ପାରୁଥିବାରୁ ତାଙ୍କର ପ୍ରରୋଚନାରେ ସୁନୀତିଙ୍କୁ ବନବାସ ଦେଇଥିବା କାଳରେ ରାଜାଙ୍କ ଔରସରେ ସୁନୀତିଙ୍କର ସେହି ବନରେ ଧ୍ରୁବ ଜନ୍ମଲାଭ କଲେ । ପିତାଙ୍କୁ ଦେଖିବାକୁ ଧ୍ରୁବ ରାଜଧାନୀକୁ ଆସିବାବେଳେ ପିତାଙ୍କ କୋଳରେ ସୁରୁଚିଙ୍କ ପୁତ୍ର ଉତ୍ତମ ବସିଥିଲେ । ସୁରୁଚି ଧ୍ରୁବଙ୍କୁ ପିତୃ ସାକ୍ଷାତରେ ଅପମାନ ଦେଇ ରାଜପୁରରୁ ବାହାର କରିଦେବାରୁ ଧ୍ରୁବ ସେଠାରୁ ଯାଇ କଠୋର ତପସ୍ୟା କରି ମାତାଙ୍କୁ ଅପମାନରୁ ମୁକ୍ତ କରାଇ ପିତୃଗୃହ ଓ ପିତୃ ସିଂହାସନ ଓ ପରଲୋକରେ ଧ୍ରୁବପଦ ଲାଭ କରିଥିଲେ । ]

ସଂ. ବଣ. ପୁଂ—ଯାହାର ପାଦ ଉପରକୁ ଲେଉଟିଥାଏ, ଉଲଟ ପାଦବିଶିଷ୍ଟ—Having upturned feet.

**ଉତ୍ତାନଶୟ**—ସଂ. ବି (ଉତ୍ତାନ=ଚିତ+ଶୀ ଧାତୁ=ଶୋଇବା+କର୍ତ୍ତୃ. ଅ )—୧ । ଯେ ଚିତ ହୋଇ ଶୁଏ—
Uttānaśaya
(ଉତ୍ତାନଶୟା—ସ୍ତ୍ରୀ) One who sleeps on the back.
୨ । ଛୁଆଣି ପିଲା; ଅତି ଶିଶୁ—2. Infant;
ବଣ—ଚିତ ହୋଇ ଶୋଇଥିବା—Lying with face upwards; lying on the back.

**ଉତ୍ତାନଶୟନ**—ସଂ. ବି—ଚିତ ହୋଇ ଶୋଇବା—Lying with face upwards.
Uttānaśayana

**ଉତ୍ତାନଶାୟୀ**—ସଂ. ବି. ଓ ବଣ ( ଉତ୍ତାନ+ଶୀ+ଇନ୍ )—
Uttānaśāyī
ଉତ୍ତାନଶୟ (ଦେଖ)
(ଉତ୍ତାନଶାୟିନୀ—ସ୍ତ୍ରୀ)
Uttānaśaya (See)

**ଉତ୍ତାପ**—ସଂ. ବି (ଉତ୍=ଊର୍ଦ୍ଧ୍ୱ+ତପ ଧାତୁ=ତାତିବା+ଭାବ. ଅ)—
Uttāpa
ଗ୍ରୀଷ୍ମ; ଉଷ୍ଣତା; ଗରମ—Heat
(ଉତ୍ତପ୍ତ—ବଣ) ୨ । ଉଷ୍ମ; ଉଷ୍ମ—2. Warmth

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ନ୍ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଳ | ଶ,ଷ | କ୍ଷ | ଇଯ୍ | ହ୍ଅ | ଓ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | | ନ୍ତ |

୩ । ତେଜ—3. Ardour; zeal.
୪ । ରାଗ; କ୍ରୋଧ—4. Passion.

ଉତ୍ତାପନ—ସଂ. ବି (ଉତ୍+ତପ ଧାତୁ ଣିଚ; ତାପି ଧାତୁ=ତତାଇବା+ ଭାବ. ଅନ )—ତତାଇବା; ଗରମ କରିବା; ଉତ୍ତପ୍ତ କରିବା—Heating; applying heat; warming.
Uttāpana
(ଉତ୍ତାପିତ—ବିଣ)
ଦେ. ବିଣ. ଲକ୍ଷଣାର୍ଥ—ପ୍ରପୀଡ଼ିତ—Oppressed.
ଜଗତ କଲେ ଉତ୍ତାପନ । ସାଧୁମାନେ ପାନ୍ତି କଷଣ—ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

ଉତ୍ତାପିତ—ସଂ. ବିଣ (ଉତ୍+ତାପି ଧାତୁ=ତତାଇବା+କର୍ମ. ତ )—
Uttāpita ୧ । ଉତ୍ତାପଯୁକ୍ତ; ଗରମ କରା ଯାଇଥିବା—1. Made hot; heated.
୨ । ଉଷ୍ଣ; ଉଷ୍ଣତାଯୁକ୍ତ—2. Hot; warm

ଉତ୍ତାର—ଦେ. ବି (ସଂ. ଉତ୍ତର)—୧ । ଉତ୍ତର—
Uttāra 1. Reply to a question.
(ତଦ୍ଭବ—ଅପଭ୍ରଂଶ) ୨ । ପ୍ରତିକ୍ରିୟା—2. Remedy.
୩ । ନକଲ; କପି—3. Copy; duplication.
ସଂ. ବି ( ଉତ୍+ତୃ ଧାତୁ=ପାର ହେବା+ଭାବ. ଅ )—
୧ । ବମନ—1. Vomiting.
୨ । ଉତ୍ତରଣ; ପାରହେବା—2. Crossing.
ସଂ. ବିଣ—୧ । ଉଚ୍ଚଶବ୍ଦଯୁକ୍ତ—1. Having a high sound; loud.
୨ । ଉତ୍କୃଷ୍ଟ—2. Excellent
୩ । (ଉତ୍+ତାରା)—ଊର୍ଦ୍ଧ୍ୱଗତ ତାରକବିଶିଷ୍ଟ (ଚକ୍ଷୁ)—3. Up-turned eyes)

ଉତ୍ତାରିବା—ଦେ. କ୍ରି ( ସଂ. ଉତ୍ତରଣ )—
Uttāriba ୧ । ନକଲ କରିବା—1. To copy; to transcribe,
ଗୋଟିଏ ସରସ ନାଟକ ରଚନା କରି ତାକୁ ନିଜ ହସ୍ତରେ ଉତ୍ତାରି ।
ମଧୁସୂଦନ. ଉତ୍ତରରାମଚରିତ ।
୨ । (ଛାଲ) କାଢ଼ିବା—2. To draw out ( the skin), extract.
୩ । ଓହ୍ଲାଇ ଦେବା—3. To put down; to cause to alight or get down
ବାହମି ନଗରେ ପାବନ, ପ୍ରବେଶ ଯୁଦ୍ଧ ଅବସ୍ଥା; ବେନି ମନ୍ତ୍ରୀ ଶିର ଉତ୍ତାରିଲେ ସେ ।
ଉପେ. ବୈଦେହୀଶବିଳାସ ।
୪ । ଗଛକୁ ଖସାଇ ପକାଇବା—4. To fell; to bring down.
ଶିର ଉତ୍ତାରି ଯା ଅଙ୍ଗକି ନ ଦେଲ ତୃଣ ଜ୍ଞାନ ଅବସରି ।
ରଘୁନାଥ—ଗୀତଗୋ ।
୫ । ଚୁଲିରୁ ଓହ୍ଲାଇବା—5. To bring down from the fire-place
କ୍ଷୀର ଉତ୍ତାରି ଗୋପବାଳୀ
ପୁଣି ମନ୍ଥନ ସ୍ଥାନେ ମିଳି—ଜଗନ୍ନାଥ ଭାଗବତ. ୧୦ମ ।
୬ । ବାହାର କରି ଦେବା; କାଢ଼ିବା—6. To take away; to draw away.
କାହାର ବସନ ଉତ୍ତାରି
କଣ୍ଠରେ ବେଶ ତାକୁ କରି । ଜଗନ୍ନାଥ. ଭାଗବତ. ୧ମ ।
୭ । ( ଲୁଗା ) ପାଲଟିବା—7. To put off ( one's cloth )

ଉତ୍ତାରୁ—ଦେ. ଅ ( ସଂ. ଉତ୍ତର )—ପରେ—
Uttāru After; afterwards; subsequent to; subsequently.
উত্তারে
बाद; पीछे

ଉତ୍ତାରେ—ଦେ. ଅ—ଉତ୍ତାରୁ ( ଦେଖ )
Uttāre Uttāru ( See )

ଉତ୍ତାଳ—ସଂ. ବିଣ. ( ଉତ୍=ଉପରକୁ+ତଲ ଧାତୁ=ଉଠିବା+ କର୍ତ୍ତୃ. ଅ )—
Uttāla
୧ । ଉନ୍ନତ; ଉଚ୍ଚ; ଉଚ୍ଚତରଙ୍ଗାୟିତ—1. High; billowy; boisterous; with waves mountain-high
୨ । ଉତ୍କଟ; ଭୟାନକ—2. Terrible; tremendous; violent.
୩ । ଉତ୍କୃଷ୍ଟ—3. Excellent.
୪ । ମହତ୍; ଶ୍ରେଷ୍ଠ—4. Great.
୫ । ତ୍ୱରିତ; ଅସ୍ଥିର—5. Restless.
୬ । ପ୍ଲବଙ୍ଗମ; ଯେ ଡେଇଁ କରି ଚାଲେ—6. Walking by leaps.
୭ । ଭୟାନକ ଶବ୍ଦକାରୀ—7. Bellowing; roaring.
ସଂ. ବି—ପ୍ଲବଙ୍ଗମ (ପ୍ରକୃତିବାଦ)—ଭେକ; ବାନର; ହରିଣ—Frog, monkey and deer.
ଦେ. ବି—ଅସ୍ଥିରତା; ଉତ୍କଣ୍ଠା—Anxiety.
କେତେ ଅବା ପାର ନାହିଁ ମନ ଉତ୍ତାଳକୁ । ଶାକୁନ୍ତ. ରସକଲ୍ଲୋଳ ।

ଉତ୍ତାଳତରଙ୍ଗାୟିତ—ସଂ. ବିଣ—ଉତ୍ତାଳ ତରଙ୍ଗ ଉଠୁଥିବା (ସମୁଦ୍ର)—
Uttālatarangāyita (Sea) With mountainous waves; roaring (sea); billowy.

ଉତ୍ତିଷ୍ଠମାନ—ସଂ. ବିଣ. ( ଉତ୍=ଉପରକୁ+ସ୍ଥା ଧାତୁ+କର୍ତ୍ତୃ. ଅନ )—
Uttishṭhamāna
(ଉତ୍ତିଷ୍ଠମାନା—ସ୍ତ୍ରୀ) ୧ । ଉତ୍ଥାନଶୀଳ; ଉଠୁଥିବା; ଯେ ଉଠିଅଛି—1. Getting up; getting ready.
୨ । ବର୍ଦ୍ଧମାନ; ବୃଦ୍ଧିଶୀଳ—2. Rising; prospering; developing.
୩ । ଯେ ଉଦ୍ୟୋଗ କରୁଅଛି; ଉଦ୍ୟୁକ୍ତ—3. Endeavouring; striving.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଖିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍ଘ' ନ ପାଇଲେ ଅଲଙ୍ଘ୍ୟ ଦେଖିବେ ।

**ଉତ୍ତୀର୍ଣ୍ଣ**—ସଂ. ବଣ. ( ଉତ୍=ଉପରକୁ+ତୃ ଧାତୁ=ପାର ହେବା+କର୍ମ. ତ )—
Uttirnna
(ଉତ୍ତୀର୍ଣ୍ଣା—ସ୍ତ୍ରୀ) ୧ । ( ନଦୀ ଆଦି ) ପାର ହୋଇଥିବା; ପାରଗତ; ଡେଇଁଥିବା; ଟପିଥିବା—1. Having crossed; having come across; come over; got over.
୨ । ଉତ୍ଥିତ—2. Risen.
୩ । ନିର୍ଗତ—3. Issued; passed successfully.
୪ । ଅତିକ୍ରାନ୍ତ—4. Expired.
୫ । ମୁକ୍ତ—5 Delivered; rescued.
୬ । ଉତୁରିଥିବା; ଅବତୀର୍ଣ୍ଣ; ଉପସ୍ଥିତ—
6. Arrived; got down.
୭ । ନିଷ୍କୃତିପ୍ରାପ୍ତ—7. Realeased.
୮ । କୃତକାର୍ଯ୍ୟ; ଶେଷ ପରୀକ୍ଷାରେ ପାସ୍ କରିବା—
8. Passed an examination successfully; successful.

**ଉତ୍ତୁଙ୍ଗ**—ସଂ. ବଣ. ( ଉତ୍=ଉପରକୁ+ତୁଙ୍ଗ=ଉଚ୍ଚ )—
Uttunga ୧ । ଅତି ଉଚ୍ଚ—1. Very high; elevated; lofty; prominent.
୨ । ଢେଙ୍ଗା—2. Tall.
୩ । ଅଡ଼ଡ଼ିଆ—3. Steep; precepitous.

**ଉତ୍ତୁଷ**—ସଂ. ବ ( ବହୁବ୍ରୀହି; ଉତ୍=ଉଦ୍ଗତ+ତୁଷ=ଚଷୁ )—
Uttusha ଭୃଷ୍ଟଧାନ୍ୟ; ଲିଆ—Fried paddy.

**ଉତ୍ତେଜକ**—ସଂ. ବଣ. ( ଉତ୍=ସମ୍ୟକ୍+ତିଜ୍=ତେଜ କରିବା+କର୍ତ୍ତୃ. ଅକ )— ୧ । ପ୍ରବର୍ତ୍ତକ; ଉଦ୍ଦୀପକ—
Uttejaka
(ଉତ୍ତେଜିକା—ସ୍ତ୍ରୀ) 1. Exciting; animating; stimulating; irritating,
୨ । ଯେ ମତାଏ—2. Instigating
ସଂ. ବ—୧ । ଉଦ୍ଦୀପନକାରୀ ବ୍ୟକ୍ତି—
1. Instigator.
୨ । ଉଦ୍ଦୀପକ ବସ୍ତୁ—
2. Stimulant; irritant

**ଉତ୍ତେଜନ**—ସଂ. ବ. ( ଉତ୍=ଉପରକୁ; ସମ୍ୟକ୍+ତିଜ ଧାତୁ=ତେଜିବା; ତୀକ୍ଷ୍ଣ କରିବା+ଭାବ. ଅନ )—
Uttejana
ଉତ୍ତେଜନା ( ଦେଖ )—Uttejanā ( See )

**ଉତ୍ତେଜନା**—ସଂ. ବ. ( ଉତ୍=ଉପରକୁ; ସମ୍ୟକ୍+ତିଜ=ତେଜିବା, ତୀକ୍ଷ୍ଣ କରିବା+ଭାବ. ଅନ+ସ୍ତ୍ରୀ. ଆ )—
Uttejanā
ଉତ୍ତେଜକ }
ଉତ୍ତେଜିତ } ବଣ ୧ । ଶାଣାଦ୍ୱାରା ତୀକ୍ଷ୍ଣ କରିବା; ଧାରେଇବା—1. Sharpening; whetting.
୨ । ଉତ୍ସାହ—2. Enthusiasm.
୩ । ମତାଇବା; ପ୍ରବର୍ତ୍ତନ—3. Instigation.
୪ । ମନର ଚାଞ୍ଚଲ୍ୟ—4. Excitement.
୫ । ଧମକାଇବା; ଧମକାଣ—5. Threatening.
୬ । ଉଦ୍ଦୀପନ—
6. Exciting; stimulating.
୭ । ( ବିଜ୍ଞାନପରିଭାଷା ) ଉଦ୍ଦୀପନକାରିଣୀ ଶକ୍ତି—
7. Stimulus.
୮ । ପ୍ରୋତ୍ସାହିତ କରିବା; ଉତ୍ସାହଦାନ—
8 Goading into action; encouraging.
୯ । ଉତ୍ପୀଡ଼ନ; ଉପଦ୍ରବ କରିବା —
9. Oppression.
୧୦ । ରାଗାଇବା; ଚଡ଼ାଇବା—10. Irritating.

**ଉତ୍ତେଜିତ**—ସଂ. ବଣ. ( ଉତ୍=ସମ୍ୟକ୍+ତିଜ ଧାତୁ=ତେଜିବା+କର୍ମ. ତ )—
Uttejita
୧ । ଶାଣିତ—1. Sharpened; whetted.
୨ । ଉଦ୍ଦୀପିତ—
2. Excited; stimulated; irritated.
୩ । ପ୍ରୋତ୍ସାହିତ—3. Encouraged
୪ । ଉତ୍ପୀଡ଼ିତ—4. Oppressed.
୫ । ପ୍ରବର୍ତ୍ତିତ—9. Instigated.
୬ । ଘଣ୍ଟାହୋଇଥିବା—6. Stirred.
ସଂ. ବ. ( +ଭାବ. ତ )—ଅଶ୍ୱର ଗ୍ରତିବିଶେଷ; ଦୁଲକି—
Trotting of a horse.

**ଉତ୍ତୋରଣ**—ସଂ. ବଣ. ( ଉତ୍=ଉନ୍ନତ+ତୋରଣ=ବହିର୍ଦ୍ୱାର; ବହୁବ୍ରୀହି)—ଯେଉଁ ନଗରର ତୋରଣ ଅତି ଉଚ୍ଚ—
Uttorana (a town ) Having a high gate.

**ଉତ୍ତୋଳକ**—ସଂ. ବଣ. ପୁଂ. ( ଉତ୍=ଊର୍ଦ୍ଧ୍ୱକୁ+ତୁଲ ଧାତୁ+କର୍ତ୍ତୃ. ଅକ )—ଯେ କୌଣସି ବସ୍ତୁକୁ ଉପରକୁ ଟେକେ—
Uttolaka
(ଉତ୍ତୋଳିକା—ସ୍ତ୍ରୀ) Lifting up; raising up; elevating.

**ଉତ୍ତୋଳକଯନ୍ତ୍ର**—ସଂ. ବ (ଭାରି ପଦାର୍ଥକୁ ତଳରୁ ଉପରକୁ ଉଠାଇବା)—
Uttolakajantra କଳ; କପିକଳ—
A crane; an elevator.

[ ଦ୍ର— ଆଧୁନିକ ବିଜ୍ଞାନର କପିକଳ ଲୋକେ ଜାଣିବା ପୂର୍ବରୁ ଆମ ଦେଶରେ ଶତ ଶତ ହାତ ଉଚ୍ଚଦେଉଳ ଉପରକୁ ବିଶାଳ ପ୍ରସ୍ତରମାନ ଉଠାଇବା ପାଇଁ ଉତ୍ତୋଳକଯନ୍ତ୍ରମାନ ଥିବାର ଅନୁମିତ ହୁଏ । ]

**ଉତ୍ତୋଳନ**—ସଂ. ବ. ( ଉତ୍=ଉପରକୁ+ତୁଲ ଧାତୁ; ଣିଚ୍; ତୋଳି ଧାତୁ=ଓଜନ କରିବା+ଭାବେ. ଅନ )—
Uttolana
୧ । ଉପରକୁ ଉଠାଇବା; ଟେକିବା—
1. Elevating; raising up; lifting up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଣ,ଶ | ଙ୍କ | ଇୟୁ | ଉଅ | ଊ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ତ |

୨ । ଊର୍ଦ୍ଧ୍ୱକୁ ନେବା; ଉପରକୁ ଟାଣିବା—
2. Drawing up.
ସଂ. ବି —ଅଶ୍ୱର ବେଗଯୁକ୍ତ ଗତିବିଶେଷ—
Galloping of a horse; full gallop

ଉତ୍ତୋଳନଦଣ୍ଡ—ସଂ. ବି. ( ବିଜ୍ଞାନପରିଭାଷା; ଉତ୍ତୋଳନ=ଉପରକୁ
Uttolanadanda ଉଠାଇବା + ଦଣ୍ଡ=ଯଷ୍ଟି ) — କୌଣସି
ପଦାର୍ଥକୁ ଡିଗ୍ ବା ଠେକ ଦେଇ ଉପରକୁ ଉଠାଇବା-
ଯଷ୍ଟି—A lever.
[ ଦ୍ର—ଏଥିର ଏକ ପ୍ରାନ୍ତକୁ ତଳକୁ ଚାପିଲେ ଅପରପ୍ରାନ୍ତ
ଉପରକୁ ଉଠିଯାଏ । ]

ଉତ୍ତୋଳନଯନ୍ତ୍ର—ଉତ୍ତୋଳକଯନ୍ତ୍ର ( ଦେଖ )
Uttolanajantra Uttolakajantra ( See )

ଉତ୍ତୋଳିତ—ସଂ. ବିଣ. ( ଉତ୍=ଉପରକୁ + ତୁଲ ଧାତୁ. ଣିଚ=
Uttolita ତୋଳ ଧାତୁ=ତୋଳନ କରିବା + କର୍ମ. ତ )—
୧ । ଉପରକୁ ଟେକା ହୋଇଥିବା; ଉତ୍ଥାପିତ—
1. Raised up; drawn up.
୨ । ଉନ୍ନମିତ—2 Lifted up
୩ । ଉଚ୍ଚ କରାଯାଇଥିବା—3. Elevated.

ଉତ୍ତୋଳିବା—ଦେ. ପଦ୍ୟ. କ୍ରି. ( ସଂ. ଉତ୍ତୋଳନ )—
Uttoliba ଊର୍ଦ୍ଧ୍ୱକୁ ଟେକିବା—To raise up
ଉତ୍ତୋଳି ଶଲ କା ଯେତେ କୁପିତ ଶଙ୍କର—ରମାନାଥ, ମହାଯଶା ।

ଉତ୍ତ୍ୟକ୍ତ—ସଂ. ବିଣ. ( ଉତ୍=ସମ୍ୟକ୍+ତ୍ୟଜ ଧାତୁ=ଛାଡ଼ିବା +
Uttyakta କର୍ମ. ତ )—୧ । ଅଗ୍ରାହ୍ୟ କରି ଯାଇଥିବା; ଗୃହୀତ
ହୋଇ ନ ଥିବା—1. Rejected.
୨ । ପରିତ୍ୟକ୍ତ—
2. Forsaken; given up; abandoned.
୩ । ଅତି ବିରକ୍ତ—3. Vexed; disgusted.

ଉତ୍ତ୍ରସ୍ତ—ସଂ. ବିଣ. ପୁଂ ( ଉତ୍=ସମ୍ୟକ୍+ତ୍ରସ୍ତ=ଭୀତ )—
Uttrasta ଡରିଛି; ସନ୍ତ୍ରସ୍ତ; ଅତି ଭୀତ; ଆତଙ୍କ—
(ଉତ୍ତ୍ରସ୍ତା—ସ୍ତ୍ରୀ) Frightened; affrighted; overwhelmed with fear; alarmed.

ଉତ୍ତ୍ରାସ—ସଂ. ବି. ( ଉତ୍=ସମ୍ୟକ୍+ତ୍ରାସ=ଭୟ )—
Uttrāsa ଡରିଛି; ଅତି ଭୟ—Fright; overpowering fear.

ଉତ୍ଥ—ସଂ. ବିଣ. (ଉତ୍=ଉପରେ+ସ୍ଥା ଧାତୁ=ରହିବା+କର୍ତ୍ତୃ. ଅ)—
Uttha ୧ । ଉପରକୁ ଉଠୁଥିବା; ଉତ୍ଥିତ—
(ଉତ୍ଥା—ସ୍ତ୍ରୀ) 1. Arising; rising up.
( ଉତ୍ଥାନ—ବି ) ୨ । ଉଦ୍ଭୂତ—2. Obtained from; extracted from.
( ଯଥା—ହଙ୍ଗୁଳୋତ୍ଥପାରଦ )
୩ । ଜାତ—3. Born; produced.
୪ । ଉଦିତ—4. Risen.

ଉତ୍ଥଳନ—ସଂ. ବି. (ଉତ୍=ଉପରକୁ ସ୍ଥଳ ଧାତୁ+ଭାବ. ଅନ)—
Utthalana ୧ । ଉପରକୁ ଉଚ୍ଛୁଳିବା—1. Over-flowing.
୨ । ଉତୁରିବା—2. Boiling over; brimming.

ଉତ୍ଥଳିତ—ସଂ. ବିଣ. ( ଉତ୍+ସ୍ଥଳ ଧାତୁ+କର୍ମ. ତ )—
Utthalita ଉଚ୍ଛୁଳ ପଡ଼ୁଥିବା—
Overflowing; running over.

ଉତ୍ଥଳିବା—ଦେ. କ୍ରି. ( ସଂ. ଉତ୍ଥଳନ )—୧ । ଉଚ୍ଛୁଳିବା—
Utthaliba 1. To overflow; to brim over.
উথলা ୨ । ଉତୁରିବା—2. To boil over.
बढ़याना ୩ । ଉପରକୁ ଉଠିବା; ଉତ୍ଥିତ ହେବା—
3. To rise up.
୪ । ପ୍ରକଟିତ ହେବା—4. To be manifest.
୫ । ପ୍ରତିଧ୍ୱନିତ ହେବା—5. To reverberate.

ଉତ୍ଥାନ—ସଂ. ବି. ( ଉତ୍=ଉପରକୁ+ସ୍ଥା ଧାତୁ=ରହିବା+ଭାବ.
Utthāna ଅନ )—୧ । ଉଦୟ; ଉଠିବା—
(ପତନ—ବିପରୀତ) 1. Rising up; rise.
(ଉତ୍ଥିତ—ବିଣ) ୨ । ( +କରଣ ଅନ )—ଉଦ୍ୟମ;
(ଉତ୍ଥାପିତ—ଣିଜନ୍ତ ବିଣ) ଉଦ୍‌ଯୋଗ—
2 Striving; endeavour; effort.
୩ । ଉତ୍ସାହ—3. Energy; encouragement.
୪ । ଉନ୍ନତି; ସମୃଦ୍ଧି; ଅଭ୍ୟୁଦୟ—
4. Elevation; prosperity.
୫ । ଉତ୍ପତ୍ତି—5. Beginning; arising.
୬ । ହର୍ଷ—6. Delight.
୭ । ପୌରୁଷ—7. Virility; manliness.
୮ । ( +ଅଧିକରଣେ. ଅନ )—ରାଜ୍ୟ ଚିନ୍ତା—
8 Thoughts of administration.
୯ । ପ୍ରକାଶ ପାଇବା—
9. Appearance; manifestation.
୧୦ । ଯୁଦ୍ଧ—10. War; fight.
୧୧ । ପୁସ୍ତକ—11. Book.
୧୨ । ଉପରକୁ ଉଠିବା—12. Going up; ascending
୧୩ । ପ୍ରାଙ୍ଗଣ—13. Court-yard.
୧୪ । ଶଯ୍ୟାରୁ ଉଠିବା—
14 Getting up from bed.
୧୫ । ନିଦରୁ ଉଠିବା—15. Waking up; awaking.
୧୬ । ପ୍ରଜାମେଳ; ବିଦ୍ରୋହ—
16. Revolt; resurrection; rising.
୧୭ । ଉଦ୍ରେକ; ଠିଆ ହେବା—
17. Standing erect; erection.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଦ୍ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂପ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୧୮ । ମଳରୋଧ—18. Constipation.
୧୯ । ସୈନ୍ୟ—19. Army.

ଦେ. ବି—ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ ଗୋପାଳ—
Name of one of the 12 cowherds named by Ordiā poets ( See )

**ଉତ୍ଥାନ ଏକାଦଶୀ**—ସଂ. ବି—କାର୍ତ୍ତିକ ଶୁକ୍ଳ ଏକାଦଶୀ (ଏ ଦିନ
**Utthāna ekādaśī** ବିଷ୍ଣୁ ନିଦ୍ରାତ୍ୟାଗ କରନ୍ତି )—
The eleventh day of the bright fortnight of the month of Kārttika when Bishṇu is said to awake from sleep.

ଉତ୍ଥାନ ଏକାଦଶୀ ବ୍ରତ, ସେ ଦିନ ହୋଇଛି ପ୍ରଗତ ।
ଭୂପତି. ପ୍ରେମପଞ୍ଚାମୃତ ।

[ ଦ୍ର—ଏହା ଜଗନ୍ନାଥ ଦେବଙ୍କର ଯାତ୍ରାବିଶେଷ; ଏହି ଦିନଠାରୁ କାର୍ତ୍ତିକର ଭୀଷ୍ମ ପଞ୍ଚକ ବା ବକପଞ୍ଚକର ଆରମ୍ଭ ହୁଏ ଓ ଚାତୁର୍ମାସ୍ୟ ବ୍ରତ ସମାପ୍ତ ହୁଏ । ]

**ଉତ୍ଥାନ କରିବା**—ଦେ. କ୍ରି—୧ । ଉଠିବା—
**Utthānakaribā** 1. To rise;to get up;to rise up.
୨ । ଠିଆ ହେବା—2 To stand up.
୩ । ପ୍ରକାଶିତ ହେବା—3. To appear.

**ଉତ୍ଥାନପତନ**—ସଂ. ବି. ( ବିପରୀତାର୍ଥକ ଦ୍ୱନ୍ଦ୍ୱ; ଉତ୍ଥାନ+ପତନ)—
**Utthānapatana** ୧ । ଉଠିବା ପଡ଼ିବା—
1. Rise and fall; elevation and fall
୨ । ଅଭ୍ୟୁଦୟ ଓ ବିନାଶ—
2. Prosperity and adversity.

**ଉତ୍ଥାନଶକ୍ତି**—ସଂ. ବି. ( ୬ଷ୍ଠୀ ତତ୍; ଉତ୍ଥାନ=ଉଠିବା+ଶକ୍ତି
**Utthānaśakti** =ବଳ )—ଶଯ୍ୟା ବା ଆସନରୁ ଉଠିବାର କ୍ଷମତା—Power of getting up or rising from bed or a seat; power of standing up.

**ଉତ୍ଥାପକ**—ସଂ. ବିଣ. ପୁଂ ( ଉତ୍=ଉପରେ=ସ୍ଥା ଧାତୁ ଣିଚ=
**Utthāpaka** ସ୍ଥାପି ଧାତୁ=ସ୍ଥାପିବା+କର୍ତ୍ତୃ. ଅକ )—
(ଉତ୍ଥାପିକା—ସ୍ତ୍ରୀ ) ୧ । ଯେ ଉଠାଏ ବା ଉତ୍ତୋଳନ କରେ—
1. Lifting up; one who raises another; one who draws up or lifts.
୨ । ପ୍ରସ୍ତାବକ—2. Proposer; one who introduces ( a subject )
୩ । ପ୍ରବୋଧକ; ଯେ ନିଦରୁ ଉଠାଏ—
3. Rousing a person from sleep.

**ଉତ୍ଥାପନ**—ସଂ. ବି. (ଉତ୍=ଉପରେ+ସ୍ଥା ଧାତୁ ଣିଚ; ସ୍ଥାପି ଧାତୁ=
**Utthāpana** ସ୍ଥାପନ କରିବା+ଭାବ. ଅନ )—'ଉତ୍ଥାନ'ର
(ପାଠନ—ବିପରୀତ) ଣିଜନ୍ତ ରୂପ—The causative form
(ଉତ୍ଥାପିତ—ବିଣ ) of Utthāna.
୧ । ଉତ୍ତୋଳନ; ଉପରକୁ ଉଠାଇବା—
1. Lifting up; raising up.
୨ । ନିଦରୁ ଉଠାଇବା; ପ୍ରବୋଧନ; ନିଦ ଭଙ୍ଗାଇବା—
2. Awakening a person from sleep.
୩ । ପ୍ରସ୍ତାବନା—3. Proposing; proposal.
୪ । ଉପସ୍ଥାପିତ କରିବା—4. Introducing.
୫ । ଉପରେ ରଖିବା—5 Placing over.
୬ । (ଗଣିତ) ଏକ ସଂଖ୍ୟା ପରିବର୍ତ୍ତେ ଅନ୍ୟ ରାଶିର ସ୍ଥାପନ—
6. (mathematics) Substitution.
୭ । ଘୋଳନ; ହଲ୍‌ଚଲ କରିବା—7 Stirring

**ଉତ୍ଥାପନ ଏକାଦଶୀ**—ବି.—ଉତ୍ଥାନ ଏକାଦଶୀ (ଦେଖ)
**Utthāpana ekādaśī** Utthāna ekādaśī (See)
देव उत्थापन

**ଉତ୍ଥାପନ ଚତୁର୍ଦ୍ଦଶୀ**—ସଂ. ବି.—କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ (ଯେଉଁ ଦିନ
**Utthāpana chaturddaśī** ମହାଦେବଙ୍କ ନିଦ ଭଙ୍ଗାଯାଏ ।)
ଭୁବନେଶ୍ୱର ଲିଙ୍ଗରାଜଙ୍କର ଯାତ୍ରାବିଶେଷ—
The fourteenth day of the bright fortnight of the lunar month of kārttika when Śiba is said to be aroused from sleep.

**ଉତ୍ଥାପନଯନ୍ତ୍ର**—ଦେ. ବି.—ଉତ୍ତୋଳକଯନ୍ତ୍ର (ଦେଖ)
**Utthāpanajantra** Uttoḷakajantra (See)

**ଉତ୍ଥାପନଯାତ୍ରା**—ଦେ. ବି—୧ । ଉତ୍ଥାନ ଏକାଦଶୀ (ଦେଖ)
**Utthāpanajātrā** 1. Utthāna ekādaśī (See)
୨ । ଉତ୍ଥାପନଚତୁର୍ଦ୍ଦଶୀ (ଦେଖ)
2. Utthāpanachaturddaśī (See)

**ଉତ୍ଥାପିତ**—ସଂ. ବିଣ ( ଉତ୍=ଉପରେ+ସ୍ଥାପିତ=ରଖାଯିବା; ସନ୍ଧି
**Utthāpitā** ଯୋଗୁଁ ତ+ସ୍ଥା=ତ୍ଥା)—୧ । ଆଗତ କରାଯାଇଥିବା; ଉପସ୍ଥାପିତ—1 (proposal) Raised; introduced; proposed; substituted.
୨ । ଉତ୍ତୋଳିତ; ଉପରକୁ ଉଠା ଯାଇଥିବା—
2 Drawn up; lifted.
୩ । ନିଦରୁ ଉଠାଯାଇ ଥିବା—
3. Awakened from sleep.

**ଉତ୍ଥିତ**—ସଂ ବିଣ. (ଉତ୍=ଉପରେ+ସ୍ଥା ଧାତୁ+କର୍ତ୍ତୃ. ତ; ସନ୍ଧିଯୋଗୁଁ
**Utthita** ତ୍+ସ୍ଥି=ତ୍ଥି)—୧ । ଉପରକୁ ଉଠିଥିବା—
(ଉତ୍ଥିତା—ସ୍ତ୍ରୀ) 1. Arisen; risen up.
(ପତିତ; ସୁପ୍ତ—ବିପରୀତ) ୨ । ଉପସ୍ଥିତ; ପ୍ରକାଶିତ; ଉଦିତ—
(ଉତ୍ଥାନ - ବି) 2. Appeared; appearing.
୩ । ଘଟିଥିବା—3 Occurred.
୪ । ଉଦ୍ଭବ—4. Produced; cropped up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସକ ଯୁକ୍ତାକ୍ଷର | ଣ | ଳ | ଶ,ଷ | କ୍ଷ | ଜ୍ଞ | ତ୍ଥ | ଡ |
| ୨ | ଋ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ୱ | ଙ୍ଗ | ଉଅ | ଓ | ନୃ |

୫ । ଆକାଶ ଅଡ଼କୁ ଗତ ହୁଇବା—
5 Risen to the sky.
୬ । ଉଦ୍‌ଗତ—6. Come out.
୭ । ନିଦରୁ ଉଠିଥିବା—
7. Awakened from sleep.
୮ । କାମ କରିବାକୁ ଉଦ୍ୟତ—
8. Ready for action.
୯ । ଉଚ୍ଚ—9. High; elevated.
୧୦ । ବର୍ଦ୍ଧିତ—10. Developed; increased.
୧୧ । ବସିବା ଯାଗାରୁ ଉଠିଥିବା—
11. Risen from one's seat.
୧୨ । ଉନ୍ନତ; ଉଚ୍ଚରେ ଅବସ୍ଥିତ—
12 Situated on high.
୧୩ । ନିର୍ଗତ; ବାହାରିଥିବା—
13. Issuing from; issued from
୧୪ । ଦଣ୍ଡାୟମାନ; ଠିଆ ହୋଇଥିବା—
14. Standing up; erect.
୧୫ । ଅନୁଭୂତ; ପ୍ରକାଶିତ—
15. Becoming apparent; perceived by the senses.

ଉତ୍ଥିତ ହେବା—ଦେ. କି. (ସଂ. ଉତ୍ଥିତ)—୧ । ଉଠିବା—
Utthita hebā 1. To rise up; to get up.
୨ । ଘଟିବା—2. To crop up; to occur.
୩ । ନିର୍ଗତ ହେବା—3. To issue from.
୪ । ଉପରକୁ ଉଠିବା—4. To rise up.
୫ । ନିଦରୁ ଉଠିବା—5. To get up from sleep.
୬ । ବସିବା ଯାଗାରୁ ଉଠିବା—
6. To rise up from one's seat.

ଉତ୍ଥିତି—ସଂ. ବି. (ଉତ୍=ଉପରେ+ସ୍ଥା ଧାତୁ+ଭାବ. ତି)—
Utthiti ୧ । ଉଚ୍ଚତା—1. Elevation
୨ । ଉଠିବା—2 Rising up.
୩ । ଠିଆହେବା—3. Standing up; erection
୪ । ପ୍ରବୋଧନ—4. Waking up.

ଉତ୍ଥିତାଙ୍ଗୁଳି—ସଂ. ବି. (ବହୁବ୍ରୀହି; ଉତ୍ଥିତ+ଅଙ୍ଗୁଳି)—
Utthitāṅguli ଚାପୁଡ଼ା; (ପ୍ରଚଳିତବାଦ)—Slap.

ଉତ୍ପକ୍ଷ୍ମ—ସଂ. ବିଣ ପୁଂ. (ବହୁବ୍ରୀହି; ଉତ୍=ଊର୍ଦ୍ଧ୍ୱକୁ+ପକ୍ଷ୍ମ=ଆଖିପତା)-
Utpakshma ଅତ୍ୟୁତ୍ସାହବଶତଃରେ ଯେ ଆଖି ପତାକୁ ଉପରକୁ
(ଉତ୍ପକ୍ଷ୍ମା—ସ୍ତ୍ରୀ) ଉଠାଇ ଥାଏ— Having raised one's eye-lashes; with raised eye-lashes (in zeal).

ଉତ୍ପଞ୍ଚିବା—ଦେ. କି. (ସଂ. ଉତ୍+ପତ୍ ଧାତୁ)—
Utpañchibā ୧ । ଉପରକୁ ଡେଇଁବା—
1. To jump high.

୨ । ଆକାଶରେ ଉଡ଼ି ଚାଲିଯିବା—2. To fly away.

ଉତ୍ପତ—ସଂ. ବିଣ. ପୁଂ. (ଉତ୍=ଉପରକୁ+ପତ=ଗମନ କରିବା
Utpata +କର୍ତ୍ତୃ. ଅ)- ଉପରକୁ ଉଠୁଥିବା; ଊର୍ଦ୍ଧ୍ୱଗାମୀ—
Ascending; soaring; shooting up; rising up.
ସଂ. ବି—ପକ୍ଷୀ—Bird.

ଉତ୍ପତନ—ସଂ. ବି. (ଉତ୍=ଉପରକୁ+ପତ୍ ଧାତୁ+ଭାବ. ଅନ)—
Utpatana ୧ । ଉତ୍ପତ୍ତି; ଜନ୍ମ—1. Birth; production.
(ଉତ୍ପାତନ—ଶିକନ୍ତ) ୨ । ଉଦୟ—
2. Rising up; appearance.
ଉତ୍ପତ୍ତ ନ - ବିଣ) ୩ । ଉତ୍ଥାନ—3. Getting up; rising.
୪ । ଉପରକୁ ଡେଇଁବା; ଲମ୍ଫନ—
4. Leaping up; jumping up.

ଉତ୍ପତିତ—ସଂ. ବିଣ. ପୁଂ. (ଉତ୍=ଉପରକୁ+ପତିତ=ଗତ)—
Utpatita ୧ । ଉଦିତ; ଉପରକୁ ଉଠିଥିବା—
(ଉତ୍ପତିତା—ସ୍ତ୍ରୀ) 1. Risen; ascended.
୨ । ଉତ୍ପାଟିତ—2. Uprooted.
୩ । ଉଦ୍‌ଗତ—3. Come out.
୪ । ଉଡ୍ଡୀନ—4. Flying

ଉତ୍ପତିତା—ସଂ. ବିଣ. ପୁଂ. ( ଉତ୍=ଉପରକୁ+ପତ୍ ଧାତୁ=ଗତ
Utpatitā କରିବା+କର୍ତ୍ତୃ. ତୃ. ୧ମା. ୧ବ.)—
(ଉତ୍ପତିତ୍ରୀ—ସ୍ତ୍ରୀ) ୧ । ଡେଉଁଥିବା—
1. Jumping; leaping up.
୨ । ଊର୍ଦ୍ଧ୍ୱଗାମୀ—2. Ascending; going up
ସଂ. ବିଣ. ସ୍ତ୍ରୀ—ଉତ୍ପତିତର ସ୍ତ୍ରୀଲିଙ୍ଗ—
Feminine of Utpatita.

ଉତ୍ପତିଷ୍ଣୁ—ସଂ. ବିଣ. (ଉତ୍+ପତ ଧାତୁ+ଶୀଳାର୍ଥେ. କର୍ତ୍ତୃ. ଇଷ୍ଣୁ)—
Utpatishṇu ୧ । ଉଡ୍ଡୟନଶୀଳ; ଉଡ଼ିବାରେ ଅଭ୍ୟସ୍ତ—
1. Accustomed to flying up.
୨ । ଉଡୁଥିବା; ଉଡ୍ଡୀନ—2. Flying.
୩ । ଉଡ଼ିବାକୁ ପ୍ରସ୍ତୁତ—3. Ready to fly.
୪ । ଉପରକୁ ଡେଇଁବାକୁ ପ୍ରସ୍ତୁତ—
4. Ready to leap up

ଉତ୍ପତ୍ତି—ସଂ. ସ୍ତ୍ରୀ. ( ଉତ୍=ଉପରକୁ+ପଦ୍ ଧାତୁ=ଘଟିବା; ଯିବା
Utpatti +ଭାବ. ତି)—
(ଉତ୍ପନ୍ନ—ବିଣ) ୧ । ଉଦ୍ଭବ; ଜନ୍ମ; ଆବିର୍ଭାବ—
1. Birth; production, generation.
୨ । ଆରମ୍ଭ—2. Origin; beginning.
୩ । ଘଟନା—3. Happening.
୪ । ଉତ୍ଥାନ; ଉପରକୁ ଉଠିବା—
4. Rising up; ascending.

ଉତ୍ପତ୍ତିସ୍ଥାନ—ସଂ. ବି (୬ଷ୍ଠୀ ତତ୍)—୧ । ଜନ୍ମସ୍ଥାନ—
Utpattisthāna 1. Place of origin.

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ବ୍ୟବହାର କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ [illegible] ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଚ' ନ ମିଳିଲେ 'ଗାଛ' ଖୋଜିବେ 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୨ । ନଦୀ ଆଦି ଯେଉଁଠାରୁ ବାହାରିଥାଏ — 2. Source (of a river)

୩ । ଆରମ୍ଭ—3. Beginning.

**ଉତ୍ପଥ**—ସଂ. ବି (ଉତ୍ = ଠାରୁ + ପଥିନ୍ + ଅ)—
Utpatha ୧ । କୁପଥ; ଅବାଟ—1. Wrong way.

୨ । ଅସତ୍ପଥ; କୁପଥ—2. Evil ways

୩ । ମନ୍ଦକାର୍ଯ୍ୟ—3. Evil conduct

୪ । ଭ୍ରମ—4. Error.

**ଉତ୍ପଥଗାମୀ**—ସଂ. ବିଣ ପୁଂ. ( ଉତ୍ପଥ + ଗମ୍ ଧାତୁ = ଯିବା + କର୍ତ୍ତୃ.
Utpathagāmi ଣିନ୍)— ଯେ ଅବାଟରେ ଯାଏ; କୁପଥଗାମୀ—
(ଉତ୍ପଥଗାମିନୀ—ସ୍ତ୍ରୀ) - Erratic; going astray; taking to evil ways.

**ଉତ୍ପଥଚାରୀ**—ସଂ. ବିଣ. ପୁଂ. ( ଉତ୍ପଥ + ଚର ଧାତୁ = ଯିବା + କର୍ତ୍ତୃ.
Utpathachāri ଣିନ୍ )— ଉତ୍ପଥଗାମୀ ( ଦେଖ )
(ଉତ୍ପଥଚାରିଣୀ—ସ୍ତ୍ରୀ) Utpathagāmi (See)

**ଉତ୍ପଦ୍ୟମାନ**—ସଂ. ବିଣ. ପୁଂ. ( ଉତ୍ + ପଦ ଧାତୁ = ଘଟିବା + କର୍ତ୍ତୃ.
Utpadyamāna ଅନ)—୧ । ଜାୟମାନ; ଯାହା ଜନ୍ମ ହେଉଛି—
(ଉତ୍ପଦ୍ୟମାନା—ସ୍ତ୍ରୀ) 1. Being produced; being born.

୨ । ଉଦିତ ହେଉଥିବା—2. Rising.

୩ । ଘଟୁଥିବା—3 Happening.

**ଉତ୍ପନ**—ଗ୍ରା. ବି ଓ ବିଣ—ଉତ୍ପନ୍ନ ( ଦେଖ )
Utpana Utpanna ( See )

**ଉତ୍ପନି**—ଗ୍ରା. ବି—ଉତ୍ପନ୍ନି ( ଦେଖ )
Utpani Utpanni ( See )

**ଉତ୍ପନିଆଁ**—ଗ୍ରା. ବି— ଉତ୍ପନ୍ନ ( ଦେଖ )
Utpaniañ Utpanna ( See )

**ଉତ୍ପନ୍ନ**—ସଂ. ବିଣ. ( ଉତ୍ + ପଦ ଧାତୁ = ଘଟିବା + କର୍ତ୍ତୃ. ତ )—
Utpanna ୧ । ଜାତ—1. Born; produced; resulted from; brought forth

୨ । ଉଦିତ—2. Risen; sprung from.

୩ । ଘଟିଥିବା—3. Occurred.

୪ । ( କର୍ମ + ତ )—ଲବ୍ଧ—4 Got; attained.

ଦେ. ବି (ସଂ. ଉତ୍ପନ୍ନ)—ବୃକ୍ଷ ବା କ୍ଷେତ୍ରରୁ ଉତ୍ପନ୍ନ ଫଳ ବା ଶସ୍ୟାଦି—
Produce or fruits of a tree or land.

୧ । ଆୟ—1. Income.

୨ । ଲାଭ—2. Profit

୩ । ଜନ୍ମ; ଉତ୍ପତ୍ତି—3. Birth, origin.

ଯେ ମନ୍ଦ ହୋଇବା ପ୍ରବନ୍ଧ, କହିବା କେତେର ଉତ୍ପନ୍ନ—ଜଗନ୍ନାଥ, ଭାଗବତ, ୧୨ ।

**ଉତ୍ପନ୍ନି**—ଗ୍ରା. ବି. ଓ ବିଣ ( ସଂ. ଉତ୍ପନ୍ନ )—୧ । କ୍ଷେତ୍ର ବା
Utpanni ବୃକ୍ଷରୁ ଉତ୍ପନ୍ନ ଫଳାଦି—1. Produce of a land or tree.
উতপন্যি
उतपनी ୨ । ଆୟ—2. Income

୩ । ବାର୍ଷିକ ଆୟ—3. Annual income.

**ଉତ୍ପନ୍ୟ**—ଗ୍ରା. ବି—ଉତ୍ପନ୍ନି ( ଦେଖ )
Utpanya Utpanni ( See )

**ଉତ୍ପବନ**—ସଂ. ବି. ( ଉତ୍ = ଊର୍ଦ୍ଧ୍ୱକୁ + ପୂ ଧାତୁ = ପବିତ୍ର କରିବା +
Utpabana ଭାବ. ଅନ )—କୁଶଦ୍ୱାରା ଜଳସେଚନ; ମାର୍ଜ୍ଜନ; ପ୍ରୋକ୍ଷଣ—Sprinkling water with kusa grass.

**ଉତ୍ପଳ**—ସଂ. ବି. (ଉତ୍ = ଉପରକୁ + ପଲ ଧାତୁ = ଯିବା + କର୍ତ୍ତୃ. ଅ)—
Utpala ୧ । ଜଳଜ; ପଦ୍ମ—1. Lotus.

୨ । କଇଁ—2. Water-lily.

୩ । ନୀଳୋତ୍ପଳ; ନୀଳପଦ୍ମ; ନୀଳକଇଁ—
3. Bluelotus

୪ । କୁଷ୍ଠଦ୍ରବ୍ୟ; କୁଡ଼—4. A medicinal plant.

ସଂ. ବିଣ ( ବହୁବ୍ରୀହି; ଉତ୍ = ଅପଗତ + ପଲ = ମାଂସ)—
ନିର୍ମାଂସ; ମାଂସଶୂନ୍ୟ—Fleshless.

**ଉତ୍ପଳଶାରିବା**—ସଂ. ବି. ସ୍ତ୍ରୀ (ଉତ୍ପଳ + ଶାରିବା)—ସୁଆଁଲିଇ (ଦେଖ)
Utpalaśāribā Suañlai ( See )

**ଉତ୍ପଳାକ୍ଷ**—ସଂ. ବିଣ. ପୁଂ. (ବହୁବ୍ରୀହି; ଉତ୍ପଳ + ଅକ୍ଷ) - ଯାହାର ଚକ୍ଷୁ ପଦ୍ମପରି
Utpalāksha ସୁନ୍ଦର—Lotus-eyed, having fair eyes.
ଉତ୍ପଳାକ୍ଷୀ }
ଉତ୍ପଳାକ୍ଷୀ } ସ୍ତ୍ରୀଲିଙ୍ଗ

**ଉତ୍ପଳିନୀ**—ସଂ. ବି. ସ୍ତ୍ରୀ. (ଉତ୍ପଳ = ପଦ୍ମ + ସମୂହାର୍ଥେ. ଇନ୍ + ସ୍ତ୍ରୀ. ଈ)—
Utpalini ୧ । ପଦ୍ମସମୂହ; ପଦ୍ମିନୀ; ପଦ୍ମବନ—
1. A collection of lotuses.

୨ । କୁମୁଦିନୀ; କଇଁସମୂହ; କୁମୁଦବନ—
2. A collection of water-lilies.

**ଉତ୍ପଶ୍ୟ**—ସଂ. ବିଣ. ପୁଂ. (ଉତ୍ + ଦୃଶ୍ + କର୍ତ୍ତୃ. ଅ)—୧ । ଊର୍ଦ୍ଧ୍ୱଦୃଷ୍ଟି—
Utpaśya 1. Looking upwards
(ଉତ୍ପଶ୍ୟା—ସ୍ତ୍ରୀ) ୨ । ଊର୍ଦ୍ଧ୍ୱମୁଖୀ—2 With upturned face.

**ଉତ୍ପାଟ**—ଦେ. ବି—ଉତ୍ପାଟନ (ଦେଖ)
Utpāṭa Utpāṭana (See)

ବାତୁଳେସ୍ୱ ନ ଶର କେଉ କେ.ଃ
ବାତୁଳେଶ ଉତ୍ପାଟ ଶର ଲଭ—ଉକ୍ତ. ବୈଦେହୀଶବିଳାସ

**ଉତ୍ପାଟକ**—ସଂ. ବିଣ. ପୁଂ. (ଉତ୍ + ପଟ ଧାତୁ + କର୍ତ୍ତୃ. ଣକ)—
Utpāṭaka ୧ । ଯେ ଉପାଡ଼େ—1. Uprooting.
(ଉତ୍ପାଟିକା—ସ୍ତ୍ରୀ) ୨ । ସମୂଳେ ବିନାଶକାରୀ—
2. Eradicating.

୩ । ବିନାଶକ—3. Destroying.

୪ । ଯେ ବସ୍ତୁକୁ ବାହାରକୁ ଟାଣି ଆଣେ—
4. Extracting; pulling out.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ର,ଋ | ଝ | ଏ | ବିସର୍ଗ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଶ | ଚ | ଷ,ସ | ଞ | ଉଷ୍ମ | ଡ଼ଅ | ତ |
| ୨ | ଢ | ଜ | ଋ | ଲୃ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଉଅ | ୠ | ଢ଼ |

ଉତ୍ପାଟନ—ସଂ. ବି. (ଉତ୍—ଉପସର୍ଗ+ପଟ ଧାତୁ ଣିଚ; ପାଟି ଧାତୁ=
Utpāṭana ଫଟାଇବା+ଭାବ. ଅନ )—୧। ସମୂଳେ ବିନାଶ-
(ଉତ୍ପାଟିତ. ବିଣ) କରଣ; ନିର୍ମୂଳକରିବା—1. Eradication.
୨। ଉନ୍ମୂଳନ; ଉପାଡ଼ିବା—2. Pulling up by the root; uprooting.
୩। ଗାତରୁ କାଢ଼ିଆଣିବା; ଓଟାରିଆଣିବା—3. Extraction.
୪। ବିନାଶନ—4. Destruction.
୫। ଫୁଲ ଆଦି ତୋଳିବା—5. Plucking
୬। ବହିଷ୍କରଣ; ତଡ଼ିଦେବା, ଘଉଡ଼ିଦେବା—6. Expulsion.

ଉତ୍ପାଟୟିତା—ସଂ. ବିଣ. ପୁଂ. (ଉତ୍+ପଟ ଧାତୁ ଣିଚ; ପାଟି ଧାତୁ+କର୍ତ୍ତୃ. ତୃ
Utpāṭayitā ୧ମା. ୧ବ)—ଉତ୍ପାଟକ (ଦେଖ)
(ଉତ୍ପାଟୟିତ୍ରୀ—ସ୍ତ୍ରୀ) Utpāṭaka (See)

ଉତ୍ପାଟିତ—ସଂ. ବିଣ ( ଉତ୍=ଉପସର୍ଗ+ପଟ ଧାତୁ ଣିଚ୍; ପାଟି
Utpāṭita ଧାତୁ=ଫଟାଇବା+କର୍ମ. ତ )—୧। ଉନ୍ମୂଳିତ; ଉପଡ଼ା ହୋଇଥିବା—1. Uprooted.
୨। ସମୂଳେ ବିନାଶିତ—2. Eradicated; completely destroyed.
୩। ବହିଷ୍କୃତ—3. Expelled.

ଉତ୍ପାଟିବା—ଦେ. କ୍ରି. ( ସଂ. ଉତ୍ପାଟନ )—ଉପାଡ଼ିବା—
Utpāṭibā To uproot.
ତରୁଙ୍କୁ ଏଣୀ ପୁଚ୍ଛକୁ ଅଣି ଉତ୍ପାଟି ଛେଦ କଲେ—ଉପେ. ବୈଦେହୀଶବିଳାସ।

ଉତ୍ପାତ—ସଂ. ବି—(ଉତ୍=ଅକସ୍ମାତ୍; ଉପରୁ+ପତ ଧାତୁ ପଡ଼ିବା+
Utpāta କର୍ତ୍ତୃ. ଅ)—୧। ବିପଦ—1. Danger.
୨। ଦୈବୀ ଦୁର୍ଘଟନା—2. Mishap.
୩। ସମସ୍ତ ରାଜ୍ୟରେ ଘଟିବା ଦୈବୀ ବିପଦ—3. Public calamity
୪। ଅତ୍ୟାଚାର; ଉତ୍ପୀଡ଼ନ—4. Violence; outrage; tyranny.
୫। ବିନାଶ—5. Ruin
୬। ଦ୍ରବ୍ୟାଦି ନଷ୍ଟ କରିବା—6. Depredation.
୭। ଆକସ୍ମିକ ଅମଙ୍ଗଳ ଘଟନା—7. Accident; inauspicious occurrence
୮। ଆପଦର ପୂର୍ବସୂଚକ ଚିହ୍ନ ବା ଲକ୍ଷଣ—8. Portent; evil omens.
[ ଦ୍ର—ବଜ୍ରପାତ, ଧୂମକେତୁ, ଉଲ୍କାପାତ, ଭୂମିକମ୍ପ, ଶୂନ୍ୟଶବ୍ଦ, ଅଗ୍ନିବର୍ଷଣଆଦି ହୋବାକ, ଜଳ ଅଦିର ଭୟଙ୍କର ବୃଦ୍ଧି ପ୍ରଭୃତି ଉତ୍ପାତ ଅଟେ। ]
ସ୍ତ୍ରୀ. ବିଣ—ଉପଦ୍ରବକାରୀ—Oppressive.

ଉତ୍ପାତକେତୁ—ସଂ. ବି ( ଉତ୍ପାତ+କେତୁ=ଚିହ୍ନ )—
Utpātaketu ଉତ୍ପାତଲକ୍ଷଣ ( ଦେଖ )
Utpātalakshaṇa ( See)

ଉତ୍ପାତପାକଜନିତ—ସଂ. ବି( ୬ଷ୍ଠୀ ତତ୍, ୩ୟା ତତ୍ ବା ୫ମୀ ତତ୍ )—
Utpātapākajanita ଉତ୍ପାତର ଫଳସ୍ୱରୂପ—Due to disastrous calamity.
( ଭଣ୍ଡିପୁରାଣ—୧୧ ୩୮ )

ଉତ୍ପାତମେଘ—ସଂ. ବି—( ମଧ୍ୟପଦଲୋପୀ କର୍ମଧାରୟ )—ଉତ୍ପାତର
Utpātamegha ଲକ୍ଷଣସ୍ୱରୂପ ଅକାଳରେ ବଜ୍ର ବୃଷ୍ଟି କରିବା ମେଘ ବା ଉଲ୍କାଯୁକ୍ତ ମେଘ—Clouds foreboding calamity, ( e. g. raining untimely and ejecting sho.ting stars. )
( ଭଣ୍ଡିପୁରାଣ—୧୦-୨୯ )

ଉତ୍ପାତଲକ୍ଷଣ—ସଂ. ବି ( ୬ଷ୍ଠୀ ତତ୍; ଉତ୍ପାତ=ଦୈବୀ ଦୁର୍ଘଟଣା+
Utpātalakshaṇa ଲକ୍ଷଣ=ଚିହ୍ନ) ଅମଙ୍ଗଳ ଚିହ୍ନ; ଅଶୁଭସୂଚକ ଘଟନା—An evil sign; a bad omen; event foreboding calamity or disaster; portent.

ଉତ୍ପାତସାଗର—ସଂ. ବି—( ବଶିଷ୍ଠବର୍ଣ୍ଣିତ ଦୃତ ) ଦୈବୀ ଅମଙ୍ଗଳ-
Utpātasāgara ମାନଙ୍କ ପୂର୍ବଚିହ୍ନମାନ ବର୍ଣ୍ଣିତ ହୋଇଥିବା ଜ୍ୟୋତିଷଗ୍ରନ୍ଥ ବିଶେଷ--Name of an astrological treatise on portents.

ଉତ୍ପାତିଆ—ଦେ. ବିଣ ( ସଂ. ଉତ୍ପାତ )—୧। ଅତ୍ୟାଚାରୀ—
Utpātiā 1. Oppressive,
উতপাতে ୨। ଅନିଷ୍ଟକାରୀ—2. Depredatory.
उतपाती

ଉତ୍ପାଦକ—ସଂ. ବିଣ. ପୁଂ ( ଉତ୍=ଉପସର୍ଗ+ପଦ ଧାତୁ ଣିଚ୍;
Utpādaka ପାଦି ଧାତୁ=ଜାତ କରାଇବା+କର୍ତ୍ତୃ. ଅକ )—
(ଉତ୍ପାଦିକା—ସ୍ତ୍ରୀ) ୧। ଉତ୍ପତ୍ତିକାରକ; ଜନ୍ମଦାତା; ଯେ ଜାତ କରେ—1. Productive; generating; producing; creating.
୨। ( କୌଣସି ବିଷୟ ) ଘଟାଇବା—2. Causing.
ଯଥା—( ଭୟୋତ୍ପାଦକ )
ବି—୧। ଜନ୍ମଦାତା ବ୍ୟକ୍ତି ବା ପୁରୁଷ—1. Creator; generator; one who begets.
୨। ଜନକ; ପିତା—2. Father.
୩। ( ଗଣିତ ) ମୌଳିକ ଗୁଣନାଙ୍କ—3. ( mathematics Factor.

ଉତ୍ପାଦନ—ସଂ. ବି ( ଉତ୍=ଉପସର୍ଗ+ପାଦ ଧାତୁ+ଭାବ. ଅନ )—
Utpādana ୧। ଜନ୍ମାଇବା; ଉତ୍ପନ୍ନକରିବା—1. Production.

ସାଧାରଣ ରେଫର ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ରୂପ କୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା.— ‘ଗାଣ’ ନ ମିଳିଲେ ‘ଗାଣ’ ଖୋଜିବେ; ‘କୂଅ’ ନ ମିଳିଲେ ‘କୂଅ’ ଦେଖିବେ; ‘ବଧୂ’ ନ ପାଇଲେ ‘ବଧୁ’ ଦେଖିବେ; ‘ଅଙ୍ଗା’ ନ ପାଇଲେ ‘ଅଙ୍ଗ’ ଦେଖିବେ; ‘ଅଲକତ’ ନ ପାଇଲେ ‘ଅଲ୍‌କ୍ତ’ ଦେଖିବେ

୨ । ପ୍ରସବକରଣ; ଜନନ; ଜାତକରିବା; ବେଇବା — 2 Act of begetting or generating; bringing forth.

୩ । ( ଗଛ ଅର୍ଥ ) ଫଳିବା; ଫଳ ଧରିବା— 3. Bearing fruits.

୪ । କୌଣସି ବସ୍ତୁର ଉତ୍ପତ୍ତିକରଣ — 4. The causing of a thing to come into existence.

୫ । ଫଳରେ ଘଟାଇବା—5. Effecting; causing to happen; causing.

**ଉତ୍ପାଦୟିତା**— ସଂ. ବିଣ. ପୁଂ ( ଉତ+ପଦ୍ ଧାତୁ ଣିଚ୍; ପାଦ ଧାତୁ +ତୃ ୧ମା. ୧ବ)—ଉତ୍ପାଦକ (ଦେଖ)—
Utpādayitā (ଉତ୍ପାଦୟିତ୍ରୀ—ସ୍ତ୍ରୀ) Utpādaka (See)

**ଉତ୍ପାଦଶୟନ**— ସଂ. ବି ( ବହୁବ୍ରୀହି: ଉତ୍=ଉପରକୁ+ପାଦ=ଗୋଡ଼ +ଶୟନ=ଶୋଇବା)— ଉପରକୁ ଗୋଡ଼ ଟେକି ଯେ ଶୟନ କରେ; ଟିଟ୍ଟିଭ ପକ୍ଷୀ—
Utpādaśayana Lap-wing.

**ଉତ୍ପାଦିତ**— ସଂ. ବିଣ (ଉତ୍=ପଦାକୁ; ଉପରକୁ+ପଦ୍ ଧାତୁ ଣିଚ୍= ଗତ କରାଇବା+କର୍ମ. ତ )—
Utpādita
୧ । ଜନ୍ମ କରାଯାଇଥିବା; ଜନିତ— 1. Begotten; brought into existence
୨ । ଜନ୍ମପ୍ରାପ୍ତ; କୃତ—2. Produced; effected.

**ଉତ୍ପାଦୀ**— ସଂ. ବିଣ ପୁଂ. (ଉତ୍+ପଦ୍ ଧାତୁ+କର୍ତ୍ତୃ. ଇନ୍)—ଉତ୍ପନ୍ନକାରୀ—Producing.
Utpādi

**ଉତ୍ପାଦ୍ୟ**— ସଂ. ବିଣ.(ଉତ୍=ଉପରକୁ; ବାହାରକୁ+ପଦ୍ ଧାତୁ ଣିଚ୍= ଗତ କରାଇବା+କର୍ମ. ଯ ) — ଉତ୍ପାଦନଯୋଗ୍ୟ; ଜନ୍ମହେବାର ଯୋଗ୍ୟ—Fit to be produced or generated.
Utpādya

**ଉତ୍ପାଦ୍ୟମାନ**—ସଂ. ବିଣ. ପୁଂ ( ଉତ୍=ଉପରକୁ; ପଦାକୁ+ପଦ୍ ଧାତୁ ଣିଚ୍=ଗତ କରାଇବା+କର୍ତ୍ତୃ. ଶାନ )—
Utpādyamana (ଉତ୍ପାଦ୍ୟମାନା—ସ୍ତ୍ରୀ) ଜନ୍ୟମାନ; ଯାହାର ଜନ୍ମ ହେଉଅଛି— Being produced

**ଉତ୍ପିଚ୍ଛ**—ସଂ. ବିଣ ( ବହୁବ୍ରୀହି; ଉତ୍=ଊର୍ଦ୍ଧ୍ୱକୁ + ପିଚ୍ଛ=ଲାଙ୍ଗୁଡ଼ ଯାହାର; ଉପରକୁ ଲାଞ୍ଜ ଟେକିବା ମୟୂର ପରି) —୧ । ଆଶାୟୀ—1. Expectant.
Utpichchha
୨ । ଉଦ୍‌ଗ୍ରୀବ; ଉଦ୍‌ବିଗ୍ନ—2. Eager; anxious.
୩ । ଆନନ୍ଦୋତ୍ଫୁଲ୍ଲ—3. Delighted; merry
୪ । ଅସମ୍ଭାଳ; ଅସ୍ଥିର—4, Restless; impatient.

**ଉତ୍ପିଛ**—ଦେ. ବିଣ—ଉତ୍ପିଚ୍ଛ (ଦେଖ)
Utpichha Utpichchha (See)

**ଉତ୍ପିଞ୍ଜର**—ସଂ. ବିଣ.ପୁଂ (ବହୁବ୍ରୀହି; ଉତ୍=ବାହାରକୁ+ପିଞ୍ଜର)—
Utpiñjara ୧ । ପିଞ୍ଜରମୁକ୍ତ; ବନ୍ଧନମୁକ୍ତ; କାରମୁକ୍ତ— 2. Set free; liberated from cage.

**ଉତ୍ପିଞ୍ଜଳ** — ସଂ. ବିଣ —୧ । ଉତ୍ପିଞ୍ଜର ଦେଖ (ର=ଳ)—
Utpiñjala 1. Utpiñjara (See)
୨ । ପିଙ୍ଗଳବର୍ଣ୍ଣ—2 Tawny.
୩ । (ଉତ୍+ପିଞ୍ଜି+ଅଳ) – ଅତ୍ୟନ୍ତ ବ୍ୟାକୁଳ — 3. Much agitated.

**ଉତ୍ପୀଡ଼**— ସଂ. ବି (ଉତ୍=ସମ୍ୟକ୍+ପୀଡ଼ ଧାତୁ=ପୀଡ଼ା ଦେବା+କର୍ତ୍ତୃ. ଅ —୧ । ଫେନ—1 Foam.
Utpīrḍa
୨ । ଉତ୍ପୀଡ଼ନ (ଦେଖ)—2 Utpīrḍana (See).

**ଉତ୍ପୀଡ଼କ**— ସଂ.ବିଣ.ପୁଂ (ଉତ୍=ବିଶେଷ+ପୀଡ଼ ଧାତୁ=ପୀଡ଼ା ଦେବା) +କର୍ତ୍ତୃ.ଅକ)—୧ । ଉତ୍ପୀଡ଼ନକାରୀ; ଉପଦ୍ରବକାରୀ; ଅତ୍ୟାଚାରୀ—1. Oppressive.
Utpīrḍaka (ଉତ୍ପୀଡ଼କା—ସ୍ତ୍ରୀ)
୨ । ବିଶେଷ କ୍ଳେଶ ଦେଉଥିବା— 2. Giving much trouble,

**ଉତ୍ପୀଡ଼ନ**— ସଂ. ବି ( ଉତ୍=ସମ୍ୟକ୍+ପୀଡ଼୍ ଧାତୁ=ପୀଡ଼ା ଦେବା + ଭାବ ଅନ )—୧ । ବିଶେଷ ବାଧା ବା ପୀଡ଼ା—
Utpīrḍana (ଉତ୍ପୀଡ଼ିତ—ବିଣ) 1. Persecution; harassment,
୨ । ପ୍ରବର୍ତ୍ତନ; ଉତ୍ତେଜନ—2. Instigation.
୩ । ଠେଲାଠେଲି; ଚେଁପାଚେଁପି—3. Pushing.
୪ । ଉପରୁ ଚପା ଦେବା; ଚପିବା—4. Pressing.
୫ । ଜବରଦସ୍ତି—5. Extortion; use of force.
୬ । ଆଧିକ୍ୟ—6. Excess
୭ । ଉପଦ୍ରବ—7. Violence.
୮ । ଅତ୍ୟାଚାର—8. Oppression.
୯ । ବାଧା—9. Obstruction.

**ଉତ୍ପୁଚ୍ଛ**— ସଂ. ବିଣ. ପୁଂ. ( ବହୁବ୍ରୀହି; ଉତ୍=ଊର୍ଦ୍ଧ୍ୱକୁ ଟେକା ହୋଇଅଛି ପୁଚ୍ଛ ଯାହାର)— ଉତ୍ପିଚ୍ଛ ( ଦେଖ )
Utpuchchha ( ଉତ୍ପୁଚ୍ଛା—ସ୍ତ୍ରୀ ) Utpichchha ( See )

**ଉତ୍ପୁଚ୍ଛେ**—ଦେ. କ୍ରି. ବିଣ. (ସଂ.ଉତ୍ପୁଚ୍ଛ)—ଉପରକୁ ପୁଚ୍ଛ ଉଠାଇ—
Utpuchchhe With the tail raised up.

ଉତ୍ପୁଚ୍ଛେ ବରଗ୍ଧ ନାଚ୍ ଥାନ୍ତି ଯହିଁ ନର ବରବର୍ଣ୍ଣ ଧାଲେ—
ରାଧାନାଥ ।

**ଉତ୍ପ୍ରାସ**—ସଂ. ବି. (ଉତ୍+ପ୍ର+ଅସ୍ ଧାତୁ=ଫୋପାଡ଼ିବା+ଭାବ.ଅ)— ଉତ୍ପ୍ରାସନ ( ଦେଖ )
Utprāsa ( ଉତ୍ପ୍ରାସିତ—ବିଣ ) Utprāsana ( See )

**ଉତ୍ପ୍ରାସନ**—ସଂ. ବି. ( ଉତ୍+ପ୍ର+ଅସ୍ ଧାତୁ=ଫୋପାଡ଼ିବା+ଭାବ. ଅନ )—୧ । ଉପହାସ; ଥଟ୍ଟା—
Utprāsana (ଉତ୍ପ୍ରାସିତ—ବିଣ ) 1. Joke; derision.
୨ । ଈଷତ୍‌ହାସ; ଅଳ୍ପହାସ୍ୟ—2. Smile.
୩ । ଉପହାସସୂଚକ ଅଲଙ୍କାରବିଶେଷ— 3 A figure of speech indicating ridicule or joke.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଡ | ଯ,ଷ | ଙ୍କ | ଙ୍ଗ | ଞ୍ଚ | ଞ୍ଜ |
| ୨ | ଐ | ଞ | ଋ | ଌ | ସ୍ପ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୱ | ସ୍ର | ସ | ଙ୍ଘ | ଞ୍ଛ | ● | ଦୃ |

୪ । ଉତ୍କ୍ଷେପ; ଉପରକୁ ଫୋପାଡ଼ିବା—
4 Throwing up; ejecting

ଉତ୍ପ୍ରେକ୍ଷଣ—ସଂ. ବି. (ଉତ୍ + ପ୍ର + ଈକ୍ଷ୍ = ଦେଖିବା + ଭାବ. ଅନ)—
Utprekshaṇa ଉତ୍ପ୍ରେକ୍ଷା ( ଦେଖ )
( ଉତ୍ପ୍ରେକ୍ଷିତ—ବିଣ ) Utprekshā ( See )

ଉତ୍ପ୍ରେକ୍ଷା—ସଂ.ବି. ( ଉତ୍ + ପ୍ର + ଈକ୍ଷ୍ = ଦେଖିବା + ଭାବ. ଅ )—
Utprekshā ୧ । ବିତର୍କ; ଅନୁମାନ—
( ଉତ୍ପ୍ରେକ୍ଷ୍ୟ—ବିଣ ) 1 Guess.
୨ । ଉପେକ୍ଷା—2. Indifference; oversight.
୩ । ଦର୍ଶନ; ଦେଖିବା; ପରିଦର୍ଶନ—
3. Observation
୪ । ଉତ୍ପ୍ରେକ୍ଷାଲଙ୍କାର ( ଦେଖ )
4. Utprekshālaṅkāra ( See )

ଉତ୍ପ୍ରେକ୍ଷାଲଙ୍କାର—ସଂ. ବି — ଅର୍ଥାଲଙ୍କାରବିଶେଷ; ଅନୁମାନ ବା
Utprekshālaṅkāra ତୁଳନାତ୍ମକ ଅଳଙ୍କାର—A figure of speech in rhetoric; simile
[ ଦ୍ର—"ଯେବେ ପ୍ରକୃତ ପଦାର୍ଥରେ ଅପ୍ରାକୃତ ପଦାର୍ଥର କେବଳ ତର୍କଣା କରାଯାଏ, ତେବେ ଉତ୍ପ୍ରେକ୍ଷାଲଙ୍କାର ହୁଏ । ଜ, ସତେକି, ସିନା, ବା, ଅବା, ଯେହ୍ନେ ପ୍ରଭୃତି ଏହାର ବାଚକ ଶବ୍ଦ । ଏହା ଦୁଇ ପ୍ରକାର; ଯଥା—ବାଚ୍ୟୋତ୍ପ୍ରେକ୍ଷା ଓ ପ୍ରତୀୟମାନୋତ୍ପ୍ରେକ୍ଷା । ଯେଉଁଠାରେ ବାଚକ ଶବ୍ଦର ପ୍ରୟୋଗ ଥାଏ, ସେଠାରେ ବାଚ୍ୟୋତ୍ପ୍ରେକ୍ଷା ହୁଏ; ଯେଉଁଠାରେ ତାହା ନ ଥାଏ, ସେଠାରେ ପ୍ରତୀୟମାନୋତ୍ପ୍ରେକ୍ଷା ହୁଏ ।

ଯଥା—(୧) ବାଚ୍ୟୋତ୍ପ୍ରେକ୍ଷା—

ଚୂମ୍ବି ଚରଣକୁ ତନ୍ଦ୍ରର ଗଜ ବୋଲେ ଚରମେ,
ମଦନ କେତନ ଉଡ଼ଇ କିବା ଶୋଭା ଅଗ୍ରମେ—ରାଧାନାଥ. ଚନ୍ଦ୍ରଭାଗା ।

( ୨ ) ପ୍ରତୀୟମାନୋତ୍ପ୍ରେକ୍ଷା—

ବାସବ ଦିଗେ ଅରୁଣ କିରଣୀ; ବଜନ ବସ ରକ୍ତ ପିଣ୍ଡ ଅଣି ।
ଚନ୍ଦ୍ର ଧବଳାର ବଶି ଅସିଲା, ବକ୍ଷେ କର୍ପୂର ଶାତବାତ ସେ ହେଲା ।

ଉପେ. ବୈଦେହୀଶବିଳାସ ।
ତୁଳନଣି. ଅଲଙ୍କାରତରଙ୍ଗିଣୀ ।]

ଉତ୍ପ୍ଳବ—ସଂ. ବି. ( ଉତ୍ = ଉପରକୁ + ପ୍ଳୁ ଧାତୁ = ଡେଇଁବା + ଭାବ. ଅ )—ଉତ୍ପ୍ଳବନ ( ଦେଖ )
Utplaba Utplabana ( See )

ଉତ୍ପ୍ଳବନ—ସଂ. ବି. ( ଉତ୍ = ଉପରକୁ + ପ୍ଳୁ ଧାତୁ = ଡେଇଁବା + ଭାବ. ଅନ )—
Utplabana
( ଉତ୍ପ୍ଳୁତ—ବିଣ ) ୧ । ଉଲ୍ଲମ୍ଫନ; ଡିଆଁ—
1. Jump; leap; bound.
୨ । ଜଳ ଉପରେ ଭାସିବା; ସନ୍ତରଣ—
2. Floating; swimming.
୩ । ଉଚ୍ଛୁଳି ପଡ଼ିବା—3. Over-flowing.
୪ । ଜଳ ଅତି ବଢ଼ିବା—
4 Flood: inundation.

ଉତ୍ପ୍ଳବା—ସଂ. ବି. ( ଉତ୍ = ଉପରେ + ପ୍ଳୁ ଧାତୁ = ଡେଇଁବା + କର୍ତ୍ତୃ. ଅ + ସ୍ତ୍ରୀ. ଆ )—ନୌକା—Boat.
Utplabā

ଉତ୍ପ୍ଳୁତ—ସଂ. ବିଣ. ( ଉତ୍ = ଉପରକୁ + ପ୍ଳୁ ଧାତୁ = ଗତି କରିବା + କର୍ତ୍ତୃ. ତ )—
Utpluta
୧ । ଡିଆଁଥିବା—1. Leaped up.
୨ । ଉପରକୁ ଡେଇଁଥିବା—
2. Springing up.
୩ । ଉଚ୍ଛୁଳିବା—3. Over-flowing.
୪ । ଭାସୁଥିବା—4 Floating.
୫ । ( ଜଳ ଅତି ) ବଢ଼ିଥିବା—
5. Flooded; inundated.

ଉତ୍ଫୁଲ୍ଲ—ସଂ. ବିଣ. ( ଉତ୍ = ଉପରକୁ + ଫୁଲ୍ଲ ଧାତୁ = ବିକଶିତ ହେବା + କର୍ତ୍ତୃ. ଅ )—
Utphulla
୧ । ବିକଶିତ—
1. Blown; expanded; blooming.
୨ । ପ୍ରଫୁଲ୍ଲ; ଆନନ୍ଦିତ—2. Gladdened.

ଉତ୍ଫୁଲ୍ଲିତ—ଦେ. ବିଣ—ଉତ୍ଫୁଲ୍ଲ ( ଦେଖ )
Utphullita Utphulla ( See )

ସର୍ବ ତନୁ ଉତ୍ଫୁଲ୍ଲିତ ହୋଇଲା—ଉପେ. ପ୍ରେମସୁଧାନିଧି ।

ଉତ୍ଫୁଲ୍ଲିବା—ଦେ. ପଦ୍ୟ. କ୍ରି. ( ସଂ. ଉତ୍ଫୁଲ୍ଲ )—
Utphullibā ୧ । ବିକଶିତ ହେବା—1 To be blown; to expand; to bloom.
୨ । ଆନନ୍ଦିତ ହେବା—2. To be gladdened

ଉତ୍ସ—ସଂ. ବି. ( ଉନ୍ଦ୍ ଧାତୁ = ଆର୍ଦ୍ର ହେବା + କର୍ତ୍ତୃ. ସ )—ପ୍ରସ୍ରବଣ; ଝରଣା—Spring; fountain; cascade.
Utsa

ଉତ୍ସଙ୍ଗ—ସ.ବି. (ଉତ୍ + ସନ୍ଜ୍ ଧାତୁ = ଆଲିଙ୍ଗନ କରିବା + ଅଧିକରଣ. ଅ)-
Utsaṅga ୧ । କୋଳ; କୋଳ—1. Lap; the haunch.

ବୈଧବ୍ୟ ବୟସ ତୋ ଲଭି ଅଲିଙ୍ଗନ,
ପ୍ରାଣପତି ଉତ୍ସଙ୍ଗରେ କୁତୂହଳେ କରଇ ଶୟନ । ମଧୁସୂଦନ. କବିତାବଳୀ. ନନ୍ଦା

୨ । (+ କର୍ମ. ଅ)—ଊରୁ—2. Thigh
୩ । ପର୍ବତର ଢାଲୁ—
3. Acclivity; slope of a hill.
୪ । ହୃଦୟ; ବକ୍ଷସ୍ଥଳ—4. Bosom; breast.
୫ । ଆଲିଙ୍ଗନ—5. Embrace.
୬ । ଅନ୍ତର; ମଧ୍ୟଭାଗ—6. Interior.
୭ । ପର୍ବତର ଅଗ୍ରଭାଗ—
7. Summit of a mountain.

ପାଠକଗଣ ଯେତେବେଳେ ଅପର ପୃଷ୍ଠାରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଜଣା ପଡ଼ୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଏଠି ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଶବ୍ଦର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ସାର୍' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଭ୍ୟନ୍ତର' ନ ପାଇଲେ 'ଅଭ୍ୟନ୍ତର' ଦେଖିବେ ।

୮ । ଊର୍ଦ୍ଧ୍ୱଭାଗ; ଊର୍ଦ୍ଧ୍ୱ ଅଂଶ—
8. Upper portion.

୯ । କୋଠାର ଛାତ—9. Roof of a building.

୧୦ । ଏକତ୍ର ମିଶ୍ରଣ—10. Admixture; association.

ସଂ. ବିଣ (+ଭାବ. ଅ)—୧ । ନିଃସଙ୍ଗ; ସଙ୍ଗରହିତ—
1. Devoid of company.

୨ । ଉତ୍ପନ୍ନ—2. Produced.

୩ । ନଷ୍ଟ—3 Spoiled.

**ଉତ୍ସଙ୍ଗିତ**—ସଂ. ବିଣ. ପୁଂ (ଉତ୍ସଙ୍ଗ + ଇତ)—୧ । ଆଲିଙ୍ଗିତ—
Utsangita 1. Embraced.
(ଉତ୍ସଙ୍ଗିତା—ସ୍ତ୍ରୀ) ୨ । ଏକତ୍ରୀଭୂତ—
2. Admixed; associated.

୩ । ଉତ୍ସଙ୍ଗରେ ସ୍ଥାପିତ; ଉତ୍ସଙ୍ଗ ପ୍ରାପ୍ତ—
3. Put on the lap; taken to the lap.

**ଉତ୍ସଞ୍ଜନ**—ସଂ. ବି.(ଉତ୍+ସନ୍ଜ୍ ଧାତୁ = ଆସକ୍ତ ହେବା + ଭାବ. ଅନ)—
Utsanjana ଊର୍ଦ୍ଧ୍ୱ କ୍ଷେପଣ—Throwing up.

**ଉତ୍ସନ୍ନ**—ସଂ. ବିଣ. (ଉତ୍ + ସଦ ଧାତୁ = ନଷ୍ଟ ହେବା + କର୍ତ୍ତୃ. ତ)—
Utsanna ୧ । ଉଚ୍ଛନ୍ନ; ଧ୍ୱସ୍ତ; ବିନାଶିତ—
1. Ruined; overthrown; destroyed.

୨ । ଉତ୍ଥିତ—2. Risen.

୩ । ଲୁପ୍ତ—3. Extinct.

ଦେ. ବିଣ—୧ । ବ୍ୟାକୁଳ; ବ୍ୟସ୍ତ—1. Annoyed; perturbed.

ବାଳେ ବାଟେ ଅନେକ ଉତ୍ସନ୍ନ ନାଗ ନାଗ—
ଲୋକରେ ସ୍ଥିତ ଯେତେ ଲୋକ । ଉଦ୍ଧ. ବୈଦେହୀଶବିଳାସ ।

୨ । ଅସ୍ଥିର—2. Restless.

ଦେ. ବି.- ଉତ୍ତେଜନ—Excitement.

ଜଗତଜନ୍ମ ଅସ୍ଥିର ଏ ଫଳ । ଦେଖ ଉତ୍ସନ୍ନ ଜନମର ସ୍ଥଳ ।
ଉଦ୍ଧ. ପ୍ରେମସୁଧାନିଧି ।

**ଉତ୍ସବ**—ସଂ. ବି (ଉତ୍ + ସୁ ଧାତୁ = ଜନ୍ମ କରିବା + କର୍ତ୍ତୃ. ଅ)—
Utsaba ୧ । ଆନନ୍ଦଜନକ ବ୍ୟାପାର—
1. Pleasant ceremony; festival.

ବସନ୍ତ ଗଗନ ସର ପୁଷ୍ପି ପୁଷ୍ପିଲାର ପର
ଏ ସଙ୍ଗେ କନ୍ଦର୍ପ କରିବାକ ଉତ୍ସବ । ଉଦ୍ଧ. ବୈଦେହୀଶବିଳାସ ।

୨ । ମଙ୍ଗଳ; ଆନନ୍ଦ—2. Pleasure; rejoicing.

କହେ ଏ କାଳ ଉତ୍ସବ କି ହୁଏବେ ସାର । ଉଦ୍ଧ. ପ୍ରେମସୁଧାନିଧି ।

୩ । ଉତ୍ସେକ—3. Sprinkling

୪ । ଅମର୍ଷ ବା କୋପ—4 Anger; wrath

୫ । କାର୍ଯ୍ୟରୁ ଅବସର ଦିବସ; ଛୁଟି ଦିନ—5. Holiday

୬ । ଇଚ୍ଛାର ପ୍ରସର—6 Flight of thought.

୭ । ଆନନ୍ଦାବସର—7 Pleasant time.

୮ । ଭୋଜି—8. Feast.

୯ । ଉତ୍ଥାନ; ଊର୍ଦ୍ଧ୍ୱଗମନ—9. Resing up.

୧୦ । ବହୁଲୋକଙ୍କର ଆନନ୍ଦଜନକ ମିଳନ—
10. A joyous meeting of many persons.

**ଉତ୍ସବସଙ୍କେତ**—ସଂ. ବି.—(ବହୁବ୍ରୀହି; ଉତ୍ସବ + ସଙ୍କେତ = ଅଭ୍ୟାସ;
Utsabasanketa ଏମାନଙ୍କର ବିବାହ ପ୍ରଥା ନାହିଁ; ସ୍ତ୍ରୀ ପୁରୁଷଙ୍କର ପରସ୍ପର ଅନୁରାଗ ହେଲେ ଏମାନେ ସ୍ୱେଚ୍ଛାବିହାର କରନ୍ତି)—ପାର୍ବତ୍ୟ ଜାତିବିଶେଷ—
A hilly tribe having no marriage.

**ଉତ୍ସର୍ଗ**—ସଂ. ବି. (ଉତ୍ = ଉପରେ + ସୃଜ ଧାତୁ = ତ୍ୟାଗ କରିବା +
Utsarga ଭାବ. ଅ)—୧ । ପରିତ୍ୟାଗ—
ଉତ୍ସର୍ଗିତ; ଉତ୍ସୃଷ୍ଟ } ବିଣ 1. Abandonment.

୨ । ଦାନ—2. Gift; present; donation.

୩ । ଦେବତା ଉଦ୍ଦେଶ୍ୟରେ ଦାନ ବା ନିବେଦନ—
3. Offering to a Deity; oblation.

୪ । (ବ୍ୟାକରଣ) ସାମାନ୍ୟବିଧି—
4. (grammar) An ordinary rule.

୫ । ଯାଗବିଶେଷ—5. A sacrifice; a sacrificial offering.

୬ । ପୁରୀଷ ତ୍ୟାଗ (ପ୍ରକୃତିବାଦ)—
6. Passing of stools.

୭ । କୌଣସି ବ୍ୟକ୍ତି ବା ଦେବତାଙ୍କ ଉଦ୍ଦେଶ୍ୟରେ କୌଣସି ବସ୍ତୁକୁ ଉପହାର ଦେବାର ସଂକଳ୍ପ; ପାଣି ଛଡ଼ାଇବା—
7. Dedication.

୮ । ମେଘବର୍ଷିବାର ପରିମାଣ—
8. The quantity of rain or shower.

୯ । ମେଘର ଗମ୍ଭୀରତା ବା ବେଧ—
9. Depth of a cloud.
(ଯଥା— ମେଘର ଉତ୍ସର୍ଗ ଏତେ ଯୋଜନ)

ଦେ. ବି—୧ । ଉଚ୍ଚତା—1. Elevation; height.

ଉତ୍ସର୍ଗରେ ସେ ଅଠକୋଶ ସେ ଅଛଇ
ସ୍ୱପ୍ନକୋଶ ଲମ୍ବ ବିସ୍ତାର କରଇ । ଭୃଗୁସିଂହ. ମହାଭାରତ. ଦ୍ରୋଣ ।

୨ । ବେଧ—2. Depth.

ଦେ. ବିଣ—୧ । ଉଚ୍ଚ—1. High.

ଅତି ଉତ୍ସର୍ଗ ଦେଖି ଭୃଗୁ; ଉତ୍ତୁଙ୍ଗ ପଡ଼ିଲେ ପ୍ରଚଣ୍ଡ । ଜଗନ୍ନାଥ. ଭାଗବତ ।

୨ । ଦତ୍ତ; ଉତ୍ସର୍ଗୀକୃତ—2. Which has already been offered.

ଉତ୍ସର୍ଗ ଧନ ଯେବେ ହରେ, ଅନ୍ତେ ନରକ ଭୋଗକରେ ।
ଜଗନ୍ନାଥ. ଭାଗବତ ।

୩ । ଉତ୍ସୃଷ୍ଟ; ଦତ୍ତ ହେବା ପାଇଁ ସଂକଳ୍ପିତ—
3 Dedicated to be given

**ଉତ୍ସର୍ଗ କରିବା**—ଦେ. କ୍ରି—୧ । କୌଣସି ବସ୍ତୁକୁ ଦେବତାଙ୍କ
Utsarga kariba ଉଦ୍ଦେଶ୍ୟରେ ଦାନ କରିବା ବା ପାଣିଛଡ଼ାଇ
উৎসর্গ করা ଦେବା ବା ନିବେଦନ କରିବା—
उत्सर्ग करना 1. To dedicate a thing to a Deity; to offer as an oblation.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଣ | ଶ,ଷ | ଜ୍ଞ | ଇପ୍ | ଉଅ | ଢ |
| ୨ | ଇ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନ୍ |

୨ । ଦାନ କରିବା—2. To make a gift or present; to give a thing.

୩ । କୌଣସି ବସ୍ତୁକୁ ଦେବତାଙ୍କୁ ଦେବା ନିମନ୍ତେ ସଂକଳ୍ପ କରିବା—3. To dedicate or to consecrate a thing to a Deity

୪ । କୌଣସି ବଡ଼ଲୋକଙ୍କ ନାମରେ କୌଣସି ଗ୍ରନ୍ଥକୁ ଉପହାର ଦେବା—4. To dedicate a book.

୫ । ବୃଷୋତ୍ସର୍ଗ କରିବା; ପ୍ରେତାତ୍ମାର ମୁକ୍ତି ନିମନ୍ତେ ମୃତବ୍ୟକ୍ତିର ଏକାଦଶାହ ଶ୍ରାଦ୍ଧ ଦିବସରେ ଗୋଟିଏ ବୃଷ ମହାଦେବଙ୍କୁ ଦାନ କରି ଛାଡ଼ି ଦେବା—

5. To let out a bull to roam at large after dedicating it to Siba and branding it at the first funeral Śrāddha ceremony of a deceased Hindu of means.

ଉତ୍ସର୍ଗପତ୍ର—ସଂ. ବି. ( ଅଧୁନାତନପ୍ରୟୋଗ )—ଯେଉଁ ପତ୍ରଦ୍ୱାରା
Utsargapatra କୌଣସି ଗ୍ରନ୍ଥ କୌଣସି ବ୍ୟକ୍ତିଙ୍କୁ ଉତ୍ସୃଷ୍ଟ
উৎসর্গপত্র ହୋଇଥିବା ବିଷୟ ପୁସ୍ତକର ଆଦ୍ୟରେ ବର୍ଣ୍ଣିତ ଥାଏ—
उत्सर्गपत्र A writing or page mentioning the fact of a book having been dedicated to a certain person, a letter of dedication.

ଉତ୍ସର୍ଗାଇବା—ଦେ. ପଦ୍ୟ. କ୍ରି.—ଉତ୍ସର୍ଗିବାର ଣିଜନ୍ତ ରୂପ—
Utsargāibā The causative form of Utsargibā.

ଅବିବେକ ଧନ ବିବେକ ବିନା ଭଲ
କରିଥିଲ ସେଷଣି ଉତ୍ସର୍ଗାଇ ଦେଲ । କୃଷ୍ଣସିଂହ. ମହାଭାରତ. ବନ ।

ଉତ୍ସର୍ଗିତ—ସଂ. ବିଣ. ( ଉତ୍ସର୍ଗ=ଦାନ+ଇତ )—
Utsargita ୧ । ଦତ୍ତ, ନିବେଦିତ—1 Presented; given

୨ । ଦାନାର୍ଥରେ ବା ଦେବଙ୍କ ଉଦ୍ଦେଶ୍ୟରେ ସଂକଳ୍ପିତ—
2. Dedicated to an Deity.

୩ । ଦେବତାଙ୍କୁ ଭୋଗ ଦିଆଯାଇଥିବା—
3. Offered to a Deity.

୪ । ଗ୍ରନ୍ଥକାରଙ୍କ ଦ୍ୱାରା କୌଣସି ମହାଜନଙ୍କ ନାମରେ ଉପହୃତ ( ଗ୍ରନ୍ଥାଦି )—
4. Dedicated ( said of a book ).

୫ । ପରିତ୍ୟକ୍ତ—5. Relinquished; abandoned.

ଉତ୍ସର୍ଗିବା—ଦେ. ପଦ୍ୟ. କ୍ରି.—ଉତ୍ସର୍ଗ କରିବା ( ଦେଖ )
Utsargibā Utsarga kariba ( See )

ଘୋଡ଼ା ହାତୀ ପୁରୁଷ ମୁକ୍ତ ଉତ୍ସର୍ଗିଲେ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉତ୍ସର୍ଜନ—ସଂ. ବି. (ଉତ୍+ସୃଜ ଧାତୁ+ଭାବ. ଅନ)—ଉତ୍ସର୍ଗ (ଦେଖ)
Utsarjana Utsarga ( See )

ଉତ୍ସର୍ପଣ—ସଂ. ବି. ( ଉତ୍=ଉପରକୁ+ସୃପ୍ ଧାତୁ=ଧୀରେ ଧୀରେ
Utsarpana ଯିବା+ଭାବ. ଅନ )—୧ । ଉଲ୍ଲଙ୍ଘନ—
1. Passing over; leaping over.

୨ । ଊର୍ଦ୍ଧ୍ୱଗମନ—2. Ascending; rising up.

୩ । ତ୍ୟାଗ—3. Abandonment.

ଉତ୍ସର୍ଯ୍ୟା—ସଂ. ବି. (ଉତ୍+ସୃ ଧାତୁ=ଗମନ କରିବା+କର୍ମ. ଯ+ସ୍ତ୍ରୀ.
Utsarjyā ଆ )—ଋତୁମତୀ ବା ବଳଦପଡ଼ିବା ଗାଈ—
A cow in heat.

ଉତ୍ସଳିବା—ଦେ. କ୍ରି—ଉଚ୍ଛୁଳିବା; ଜଳ ବା ତୈଳ ଆଦି ପାତ୍ରରେ ସମ୍ଭାଳ
Utsalibā ନ ହେବା—To overflow; to brim over.

ବଇରି ସମ ପ୍ରେମୀର ବକ୍ଷର ଉତ୍ସଳିବାର ଅଇଛି ।
ଉପେ. ବୈଦେହୀଶବିଳାସ ।

ଉତ୍ସାଦନ—ସଂ. ବି. ( ଉତ୍+ସଦ ଧାତୁ ଣିଚ; ସାଦ ଧାତୁ=ବିନାଶ
Utsādana କରିବା+ଭାବ. ଅନ )—

୧ । ଜଳ ଆଦି ନିଆଁ ଉପରେ ଫୁଟିବା—
1. Seething or boiling of a liquid.

୨ । ଉଦ୍ବର୍ତ୍ତନ; ଅଉଟା ହେବା—
2. Being stirred over fire.

୩ । ତୈଳ, ଚନ୍ଦନାଦିଦ୍ୱାରା ( ଶରୀରର ) ସଂସ୍କାର—
3. Toilet.

୪ । ଦ୍ରବ୍ୟରୁ ମଳଶୋଧନ—4. Refining.

୫ । ଧୂଳିଝାଡ଼ିବା—5. Dusting

୬ । ପରିଷ୍କରଣ; ସଫା କରିବା—
6 Cleansing a thing of impurities.

୭ । ଉତ୍ସନ୍ନ କରିବା—7. Ruining.

୮ । ବିନାଶନ—8. Annihilation; destruction.

୯ । ଉନ୍ମୂଳନ—9. Eradication

ଉତ୍ସାଦିତ—ସଂ. ବିଣ. ( ଉତ୍+ସଦ ଧାତୁ. ଣିଚ+କର୍ମ. ତ )—
Utsādita ୧ । ଉନ୍ମୂଳିତ; ବିନଷ୍ଟ—
1. Ruined; eradicated.

୨ । ପରିଷ୍କୃତ; ନିର୍ମଳୀକୃତ—2. Cleansed.

ଉତ୍ସାରଣ—ସଂ. ବି. (ଉତ୍+ସୃ ଧାତୁ; ଣିଚ ସାର ଧାତୁ+ଭାବ. ଅନ)—
Utsārana ୧ । ଦୂରୀକରଣ; ତଡ଼ିବା—
(ଉତ୍ସାରିତ—ବିଣ) 1 Removal; driving away.

୨ । ଯିବାକୁ ବାହାର କରିବା—
2. Bringing out.

୩ । ବାଟରୁ ଅନ୍ତେଇ ଦେବା—
3. Clearing out of the way.

ଉତ୍ସାରିତ—ସଂ. ବିଣ. ( ଉତ୍+ସାର ଧାତୁ+କର୍ମ. ତ )—
Utsārita ୧ । ଅବାଧ; ବାଧାରହିତ—
1. Unobstructed.

୨ । ଦୂରୀକୃତ—2. Removed.

୩ । ପ୍ରବାହିତ—3. Flowing.

ଅତି ଭିଖାରୀର ଉତ୍ସ ଉତ୍ସାରିତ କର ଉତ୍ସାହଦାୟିନ ।
ମଧୁସୂଦନ—ଉତ୍କଳଗାଥା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳନ୍ତି, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; ଚନ୍ଦ ନ ପାଇଲେ 'ଚନ୍ଦ୍ର' ଦେଖିବେ; 'ଅର୍ଚ୍ଚିଷ' ନ ପାଇଲେ 'ଅର୍ଚ୍ଚି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

**ଉତ୍ସାହ**—ସଂ. ବି. ( ଉତ୍—ଅତିଶୟ+ସହ=ସହିବା+ଭାବ. ଅ )—
Utsāha ୧ । କୌଣସି କାର୍ଯ୍ୟରେ ଅନୁରାଗ; ଉଦ୍‌ଯୋଗିତା—
1. Energy; strong interest in a work.
୨ । ସଂକଳ୍ପ—2. Resolution; resolve.
୩ । ତତ୍ପରତା—3 Promptness.
୪ । ବ୍ୟଗ୍ରତା; ଆଗ୍ରହ—4. Eagerness; zeal.
୫ । ଅଧ୍ୟବସାୟ—5. Perseverance.
୬ । ଉଦ୍ୟମ; ଉଦ୍‌ଯୋଗ—6. Steady effort.
୭ । ସ୍ଫୂର୍ତ୍ତି; ତେଜ—7. Vigour.
୮ । ଦୁଷ୍କର ଯତ୍ନ—8. Enterprise; venture.
୯ । କୌଣସି କାର୍ଯ୍ୟ କରିବା ପାଇଁ ମନରେ ଜାତ ଅନୁରାଗ; ହିମତ୍—9. Encouragement.
୧୦ । ବୀରରସର ସ୍ଥାୟୀ ଭାବ—10. The permanent mental attitude in the heroic sentiment.
୧୧ । କଲ୍ୟାଣ—11. Benediction
୧୨ । ହର୍ଷ—12. Joy.
୧୩ । (+କରଣ. ଅ) ସଂରମ୍ଭ; ସୂତ୍ର—13. Beginning
ଦେ. ବିଣ—ଉତ୍ସାହିତ—Encouraged; eager; zealous.

ଯୋଗେ କଟି ଭୀମ ପଦନ ନିମନ୍ତେ ଉତ୍ସାହ ହୋଇ ଶତ୍ରୁ ଜିଣେ କରେ ।
ଜଗନ୍ନାଥ ଦେବ ରାମାୟଣ ।

**ଉତ୍ସାହକ**—ସଂ. ବିଣ. ପୁଂ. (ଉତ୍+ସହ ଧାତୁ+କର୍ତ୍ତୃ. ଅକ)—
Utsāhaka ଯେ ଉତ୍ସାହ ଦିଏ—Encouraging.
(ଉତ୍ସାହିକା—ସ୍ତ୍ରୀ)

**ଉତ୍ସାହଦାତା**—ସଂ. ବିଣ. ପୁଂ.—ଉତ୍ସାହ ଦେବା (ବ୍ୟକ୍ତି)
Utsāhadātā Patronising; encouraging.
(ଉତ୍ସାହଦାତ୍ରୀ—ସ୍ତ୍ରୀ) ସଂ.ବି.—କାର୍ଯ୍ୟକ୍ଷେତ୍ରରେ ଯେ କୌଣସି ବ୍ୟକ୍ତିର ହିତକାମୀରୂପେ ତାକୁ ଉତ୍ସାହ ଦିଅନ୍ତି; ପୃଷ୍ଠପୋଷକ—Patron.

**ଉତ୍ସାହନ**—ସଂ ବି. (ଉତ୍+ସହ ଧାତୁ+ଭାବ. ଅନ)—ଉତ୍ସାହଦାନ—
Utsāhana Giving encouragement.
ସଂ. ବିଣ. ( +କର୍ତ୍ତୃ. ଅନ)—ଯାହା ବା ଯେ ଉତ୍ସାହ ଦିଏ; ଉତ୍ସାହଜନକ—Encouraging.

**ଉତ୍ସାହନୀୟ**—ସଂ. ବିଣ. (ଉତ୍+ସହ ଧାତୁ+କର୍ମ. ଅନୀୟ)—
Utsāhaniya ଯେଉଁ ବିଷୟରେ ବା ଯାହାକୁ ଉତ୍ସାହ ଦେବା ଆବଶ୍ୟକ—Deserving encouragement.

**ଉତ୍ସାହବର୍ଦ୍ଧନ**—ସଂ. ବି. ( ଉତ୍ସାହ+ବୃଧ୍ ଧାତୁ+ଭାବ. ଅନ )—
Utsāhabarddhana ୧ । ଉତ୍ସାହବୃଦ୍ଧି—Encouragement; zeal.
୨ । ଅଧ୍ୟବସାୟ—2. Perseverance.
୩ । (+କର୍ତ୍ତୃ. ଅନ)—ବୀରରସ—The heroic sentiment in art.
ସଂ. ବିଣ.—ଯାହା ଉତ୍ସାହକୁ ବର୍ଦ୍ଧିତ କରେ; ଯେ ଉତ୍ସାହ ବଢ଼ାଏ; ଉତ୍ସାହଦାତା—One who or that which gives encouragement or infuses vigour or zeal.

**ଉତ୍ସାହା**—ଗ୍ରା. ପଦ୍ୟ. ବି. (ସଂ. ଉତ୍ସାହ)—ଉତ୍ସାହ (ଦେଖ)
Utsāhā Utsāha (See)

କର୍ମକୁ ପରାକ୍ରମ ନୋହେ ଯେବେ ମନ୍ତ୍ରୀ
ତେବେ ତାହାର ଯାଇ ଯାଏ ନ ଉତ୍ସାହା ।
ସରଳା. ମହାଭାରତ

ଗ୍ରା. ପଦ୍ୟ. ବିଣ.—୧ । ନିରୁତ୍ସାହ—
1. Hopeless; disappointed.

ବାଟକୁ ଉଠି ମହାପାତ୍ର ଦେଖି ତାହା
କରାଇଁ ହେଉଛି ଉତ୍ସାହା ।
ଭଞ୍ଜ. ବୈଦେହୀଶବିଳାସ ।

୨ । ଉତ୍ସାହୀ—2. Zealous.

**ଉତ୍ସାହିତ**—ସଂ. ବିଣ. (ଉତ୍ସାହ+ଅସ୍ତି ଅର୍ଥରେ. ଇତ)—
Utsāhita ୧ । ଉତ୍ସାହପ୍ରାପ୍ତ; ହିମତ୍ ପାଇଥିବା—
1 Stimulated; encouraged.
୨ । ଉତ୍ତେଜିତ—2. Prompted (to do a thing)
୩ । ଅନ୍ୟଠାରୁ ଉତ୍ସାହ ପାଇବାରୁ ଯାହାର ସାହସ ବଢ଼ିଥାଏ—3. Emboldened.

**ଉତ୍ସାହୀ**—ସଂ. ବିଣ. ପୁଂ. (ଉତ୍ସାହ+ଅସ୍ତି ଅର୍ଥରେ. ଇନ୍.୧ମା. ୧ବ)—
Utsāhī ୧ । ସାହସିକ; ଅଗ୍ରଗାମୀ—1. Energetic; courageous.
(ଉତ୍ସାହିନୀ—ସ୍ତ୍ରୀ)
୨ । ଉଦ୍ୟମଶୀଳ—2. Enterprising
(ଉତ୍ସାହିତା—ବି) ୩ । ଦୃଢ଼ପ୍ରତିଜ୍ଞ—3. Resolute
୪ । ଅଧ୍ୟବସାୟୀ—4. Persevering.

**ଉତ୍ସିକ୍ତ**—ସଂ. ବିଣ. (ଉତ୍=ଉପରେ+ସିଚ୍ ଧାତୁ+କର୍ମ. ତ)—
Utsikta ୧ । ଉପରଭାଗରେ ଓଦା—1. Wet outside; wet on the surface
(ଉତ୍ସେକ—ବି)
୨ । ଉପରେ ଛିଞ୍ଚା ହୋଇଥିବା—
2 Sprinkled over; be sprinkled.
୩ । (+କର୍ତ୍ତୃ. ତ)—ଗର୍ବିତ; ଉଦ୍ଧତ; ଧୃଷ୍ଟ—
3. Proud; presumptuous; haughty.

**ଉତ୍ସୁକ**—ସଂ. ବିଣ. ପୁଂ. ( ଉତ୍+ସୁ ଧାତୁ=ଅନୁରକ୍ତ ହେବା; ପ୍ରସବ କରିବା+କର୍ତ୍ତୃ. କ)—୧ । ବିଶେଷ ଉଦ୍‌ଯୋଗୀ;
Utsuka
(ଉତ୍ସୁକା—ସ୍ତ୍ରୀ) ଅତ୍ୟନ୍ତ ତତ୍ପର; ବ୍ୟଗ୍ର—1. Zealously active.
(ଔତ୍ସୁକ୍ୟ—ବି)
୨ । ଉତ୍କଣ୍ଠିତ—2. Anxious; uneasy.
୩ । ଇଚ୍ଛୁକ—3. Desirous.
୪ । ଲାଳାୟିତ—4. Hankering after, longing for.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇୟ | ଉଅ | ଳ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଗଁ | ଇଅ | ଓ | ନ୍ତ |

୫ । ଅନୁରକ୍ତ—5. Zealously attached ( to an object )

୬ । ପ୍ରିୟ (ପ୍ରକୃତବାଦ)—6. Dear.

ଉତ୍ସୁକତା—ସଂ. ବି. ( ଉତ୍ସୁକ+ଭାବ. ତା )—୧ । ଉତ୍ସୁକ ଭାବ; ଔତ୍ସୁକ୍ୟ—1. Zeal.
Utsukata

୨ । ଆଗ୍ରହ; ବ୍ୟଗ୍ରତା—2. Eagerness.

୩ । ଅଧ୍ୟବସାୟ—3 Perseverance.

୪ । ଉତ୍କଣ୍ଠା—Anxiety; uneasiness.

ଉତ୍ସୁକିତ—ଦେ. ପଦ୍ୟ. ବିଣ.—ଉତ୍ସୁକ (ଦେଖ)
Utsukita Utsuka (See)

ଭକେ ମୁଁ ହୋଇ ଉତ୍ସୁକିତ—ଉକ୍ତ. ପ୍ରେମସୁଧାନିଧି ।

ଉତ୍ସୂତ୍ର—ସଂ. ବିଣ—( ଉତ୍+ସୂତ୍ର=ନିୟମ )—ନିୟମବହିର୍ଭୂତ—
Utsūtra Centrary to rules.

ଉତ୍ସୃଜନ—ସଂ.ବି ( ଉତ୍+ସୃଜ୍ ଧାତୁ=ତ୍ୟାଗ କରିବା+ଭାବ.ଅନ)-
Utsṛujana ୧ । ତ୍ୟାଗ – 1. Abandonment

୨ । ସମର୍ପଣ—2. Offering

ଉତ୍ସୃଷ୍ଟ—ସଂ. ବିଣ (ଉତ୍+ସୃଜ୍ ଧାତୁ=ତ୍ୟାଗକରିବା+କର୍ମ. ତ )–
Utsṛushṭa

ଉତ୍ସର୍ଗ; } ବି.
ଉତ୍ସର୍ଜନ }

୧ । ଉତ୍ସର୍ଗିତ (ଦେଖ)—Utsargita (See)

୨ । ପ୍ରତିଷ୍ଠିତ (ପ୍ରକୃତବାଦ)—2. Established.

୩ । ପ୍ରଯୁକ୍ତ ( ପ୍ରକୃତବାଦ )—3. Joined; applied.

ଉତ୍ସେକ—ସଂ. ବି ( ଉତ୍ +ସିଚ୍ ଧାତୁ+ଭାବ. ଅ )—
Utseka ୧ । ଉପରେ ଛିଞ୍ଚିବା; ସେଚନ—
1. Sprinkling over

୨ । କ୍ଷେତ୍ର ଆଦିରେ ପାଣି ମଡ଼ାଇବା—2. Irrigation.

୩ । ଗର୍ବ; ଅହଂକାର; ଦର୍ପ—
3. Pride; presumption; arrogance.

୪ । ଉଦ୍ରେକ; ଆଧିକ୍ୟ—4. Increase; swelling; redundance.

ଉତ୍ସେଚନ—ସଂ. ବି. ( ଉତ୍+ସିଚ ଧାତୁ+ଭାବ. ଅନ )—
Utsechana ୧ । ପାଣି ଆଦି ଛିଞ୍ଚିବା—1. Sprinkling.

୨ । କ୍ଷେତ୍ରରେ ପାଣି ମଡ଼ାଇବା—
2. Irrigation of fields

୩ । ଜଳ ବରଷିବା—3. Showering.

୪ । ଜଳାଦିର ବହିଃନିଃସରଣ—
4. Spouting out of water.

୫ । ଜଳବୃଦ୍ଧି; ପାଣିବଢ଼ି—5. Flood; inundation.

ଉତ୍ସେଧ—ସଂ. ବି ( ଉତ୍=ଉପରେ+ସିଧ୍ ଧାତୁ=ଯିବା+ଭାବ. ଅ )
Utsedha ୧ । ଉଚ୍ଚତା—1. Height.

୨ । ଉନ୍ନତି—2. Improvement; elevation.

୩ । ଔଦ୍ଧତ୍ୟ; ଧୃଷ୍ଟତା—3. Arrogance; haughtiness.

୪ । ( +କର୍ତ୍ତୃ. ଅ)—ଶରୀର; ଦେହ—4. Body.

୫ । ସ୍ଥୂଳତା—5. Fatness; thickness

୬ । ବଧ—6. Slaughter; killing.

୭ । ଉପରିଭାଗ—7. Surface; upper part.

ଉଥରା—ଉଥୁରା ( ଦେଖ )
Utharā Uthurā ( See )

ଉଥଳିବା—ଦେ. କ୍ରି ( ସ. ଉଚ୍ଛଳନ )—ଉଚ୍ଛୁଳିବା ( ଦେଖ )
Uthaḻibā Uchhuḻibā ( See )

ଯହିଁ ଦେଖେ ତହିଁ ସଙ୍ଗୀତ ଉଥଳେ—ରାଧାନାଥ- ନନ୍ଦକେଶରୀ ।

ଉଥୁରା—ଦେ. ବି ( ସଂ. ଉତ୍ଥାନ )—ଚିତ୍ ହୋଇ ଶୋଇଥିବା ଅବସ୍ଥାରେ
Uthurā ସ୍ୱପ୍ନରେ ବେଳେ ବେଳେ ମନୁଷ୍ୟଙ୍କୁ ମାଡ଼ିବସିଲା ପରି
ଦ୍ୱାବ ଜଣାଯିବା ମୂର୍ତ୍ତିବିଶେଷ—Nightmare.

(ଯଥା—ମୋତେ ଉଥୁରା ମାଡ଼ିବସିଥିଲା ।)

ଉଥୁଳିବା - ଗ୍ରା. କ୍ରି (ସଂ. ଉଚ୍ଛଳନ)—ଉଚ୍ଛୁଳିବା (ଦେଖ)
Uthuḻibā Uchhuḻibā (See)

ଉଦ୍ (ଉତ୍)—ସଂ. ଅବ୍ୟୟ ଓ ଉପସର୍ଗ—ଏ ଉପସର୍ଗ ଧାତୁ ପୂର୍ବରେ ଯୁକ୍ତ
Ud ହେଲେ ନିମ୍ନଲିଖିତ ଅର୍ଥ ବୁଝାଏ—A prefix indicating —

୧ । ଊର୍ଦ୍ଧ୍ୱ; ଊର୍ଦ୍ଧ୍ୱକୁ ( ଯଥା—ଉଦ୍ଗ୍ରୀବ )—
1. High; high up.

୨ । ଉପରେ; ଉପରକୁ ( ଯଥା—ଉଦ୍ଧାର )—
2. Over; above.

୩ । ବିପରୀତ ( ଯଥା—ଉଦ୍ଗିରଣ; ଉନ୍ମୋଚନ )—
3 Opposite.

୪ । ତ୍ୟକ୍ତ—4 Abandoned; relinquished.

୫ । ବିଶେଷରୂପେ; ସମ୍ୟକ୍ ( ଯଥା—ଉଦ୍ଗାଢ଼ )—
5. Excessively.

୬ । ଇତସ୍ତତଃ—6. To and fro.

୭ । ପ୍ରକାଶ—7. Manifestation.

୮ । ଲାଭ—8. Profit.

୯ । ବିଭାଗ—9. Division.

୧୦ । ପ୍ରାବଲ୍ୟ ( ଯଥା—ଉଦ୍ବେଳ )—
10. Preponderance.

୧୧ । ଔଦ୍ଧତ୍ୟ—11. Insubordination; arrogance.

୧୨ । ସାମର୍ଥ୍ୟ—12. Power, ability.

୧୩ । ବନ୍ଧନ—13 Binding.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୧୪ । ମୋଚନ ( ଯଥା—ଉଦ୍ଗତ )— 14. Liberation; emitting.

୧୫ । ନୈକଟ୍ୟ—15. Nearness.

୧୬ । ଭେଦନ— 16. Penetrating.

୧୭ । ଉତ୍କଟ ( ଯଥା—ଉଦଣ୍ଡ )—17. Fierce.

୧୮ । ଚଞ୍ଚଳ ( ଯଥା—ଉଦ୍ଭ୍ରାନ୍ତ )—18. Restless.

୧୯ । ଉଚ୍ଚୈଃସ୍ୱରରେ ( ଯଥା—ଉଦ୍ଘୋଷ )— 19. Loudly.

୨୦ । ଅତିଶୟ (ଯଥା—ଉଦ୍ଦାମ )—20. Too much.

୨୧ । ବିରୁଦ୍ଧ ( ଯଥା—ଉଦ୍ଦାନ )—21. Against.

୨୨ । ବଡ଼ (ଯଥା—ଉଦୁମ୍ବର)—22. Great; large

**ଉଦ୍ଉଡିଆ**—ଗ୍ରା. ବିଣ—ଉଦୁଉଡିଆ (ଦେଖ)
Uduudiā Uduudiā (See)

**ଉଦ୍ଦାନ୍**—ଦେ. ବି. (ଉଦ୍‌ବତୀ + ଅ. ଦାନ୍=ପାତ୍ର ) - ଲୋବାନକାଠି
Uddān ରଖି ଜାଳିବାରେ ବ୍ୟବହୃତ ଧାତୁ ପାତ୍ର— A frame-work for lighting scented incense sticks

**ଉଦ୍‌ବତୀ**—ଦେ. ବି ( ସ ଉଦ୍‌ବର୍ତ୍ତିକା; ଉଦ୍ + ବର୍ତ୍ତିକା; ଯେଉଁ ବର୍ତ୍ତିରୁ
Udbati ଉତ୍ତମ ସୁଗନ୍ଧ ଉପରକୁ ଉଠେ )—ଲୋବାନ, ଚନ୍ଦନ
উদ্ বাতী ଆଦି ସୁଗନ୍ଧ ମସଲାବୋଳା ଧୂପକାଠି—A stick
उनबत्ती smeared over with incense.

**ଉଦ୍ଭୁତ**—ଗ୍ରା. ବି. ଓ କ୍ରି. ବିଣ (ସଂ. ଅଦ୍ଭୁତ)—ଅଦ୍ଭୁତ (ଦେଖ)
Udbhuta Adbhuta (See)

**ଉଦ୍‌ଲଙ୍ଗଳା**—ଗ୍ରା. ବିଣ—ଉଦୁଲଙ୍ଗଳା (ଦେଖ)
Udlangalā Udulangalā (See)

**ଉଦ୍‌ଲିଆ**—ପ୍ରାଦେ. (ସମ୍ବଲପୁର ) ବି.—ପରସ୍ତ୍ରୀ ବା ଅବିବାହିତା କନ୍ୟା
Udliā ପରପୁରୁଷଠାରେ ପ୍ରେମଲୁବ୍ଧା ହୋଇ ସ୍ୱସ୍ଥାନ ତ୍ୟାଗ କରି ପରପୁରୁଷ ସଙ୍ଗେ ଅନ୍ୟତ୍ର ରକ୍ଷିତା ରୂପରେ ରହିବା— Elopement; living with one's illicit paramour at a place away from one's abode.

**ଉଦ**—ସଂ. ବି. (ଉନ୍ଦ୍ ଧାତୁ=ଓଦା କରିବା + ଅ)—ଜଳ; ପାଣି—
Uda Water.
(ଯଥା—କ୍ଷୀରୋଦ)

**ଉଦଏ**—ଗ୍ରା. ପଦ୍ୟ. ବି.—ଉଦୟ—
Udae Rising; appearing.

ପ୍ରଥମେ ଅଣ ଅକ୍ଷର ଉଦଏ । ଗାଡ଼ି—ପରଦେଶୀଗୀତ ।

**ଉଦକ୍**—ସଂ. ଅ. (ଉଦଚ୍ ଶବ୍ଦର ଅନ୍ୟ ରୂପ)—୧ । ଉତ୍ତରଦିଗସ୍ଥ—
Udak 1. Northern.

୨ । ଭବିଷ୍ୟତ୍; ଉତ୍ତରକାଳର— 2. Of subsequent time; future.

୩ । ଉତ୍ତରାଭିମୁଖ—3. Facing the north; with face towards the north; turning northwards.

ସଂ. ବି.—୧ । ଉତ୍ତର ଦିଗ—1. The north.

୨ । ଉତ୍ତର ଦେଶ—2. Northern country.

୩ । ଉତ୍ତର କାଳ—3. Future.

କ୍ରି. ବିଣ—ଉତ୍ତରାଭିମୁଖରେ—Towards north; in a northerly direction.

**ଉଦକ**—ସଂ. ବି. (ଉନ୍ଦ୍ ଧାତୁ=ଓଦା କରିବା + କର୍ତ୍ତୃ. ଅକ)—
Udaka ଜଳ; ପାଣି—Water.

**ଉଦକକର୍ମ**—ସଂ. ବି. (୬ଷ୍ଠୀ ତତ୍—ଉଦକ + କର୍ମ ) ପ୍ରେତ ବା ପିତୃ-
Udakakarma ଲୋକଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ; ଜଳଦାନ— Libation of water to dead ancestors oblations.

**ଉଦକକ୍ରିୟା**—ସଂ. ବି. (୬ଷ୍ଠୀ ତତ୍; ଉଦକ + କ୍ରିୟା)—
Udakakriyā ଉଦକକର୍ମ (ଦେଖ) Udakakarma (See)

ତାତ. ଦେଖି ତତ୍ତ୍ୱ ବୁଝିଲି ମହୀଦେବେ,
ଯୋଗ ଦେଇ ଉଦକକ୍ରିୟାକୁ ଲୋକେ ସେ—କୃଷ୍ଣସିଂହ; ମହାଭାରତ ଅଦି ।

**ଉଦକପରୀକ୍ଷା**—ସଂ. ବି ( ୭ମୀ; ତତ୍; )—ଜଳମାଣ୍ଡ; ଜଳରେ ପଶି ବା
Udakapariksha ଜଳଦ୍ୱାରା କୌଣସି ଅଜ୍ଞାତ ବିଷୟର ସତ୍ୟାସତ୍ୟ ବା ଅଭିଯୁକ୍ତ ବ୍ୟକ୍ତିର ନିର୍ଦ୍ଦୋଷତା ନିରୂପଣ କରିବାରୂପ ପ୍ରାଚୀନ ପ୍ରଥା—An ordeal by water; an obsolete custom to test the veracity or honesty of an accused.

**ଉଦକମଣ୍ଡଳ**—ଦେ. ବି. ( ନାମ )—ଦକ୍ଷିଣ ଅଞ୍ଚଳରେ ମାନ୍ଦ୍ରାଜସ୍ଥ
Udakamandala ନୀଳଗିରି ପର୍ବତର ଅଧିତ୍ୟକାରେ ଅବସ୍ଥିତ ଗ୍ରୀଷ୍ମନିବାସ; ଉଟକାମଣ୍ଡ—Another name for Ooty, the summer residence of the Madras Government in the Nilghiri hills.

[ ବି—ସେଠାରେ ସର୍ବଦା ମେଘମାଳା କ୍ରୀଡ଼ା କରୁଥିବାରୁ ସମ୍ଭବତଃ ଏହି ନାମ; ଏହା ମାନ୍ଦ୍ରାଜପ୍ରଦେଶର ଲାଟ୍ ଓ ଅନ୍ୟାନ୍ୟ ବଡ଼ ଲୋକଙ୍କର ଗ୍ରୀଷ୍ମନିବାସ । ଏହାର ଦେଶୀୟ ଅପଭ୍ରଷ୍ଟ ନାମ ଉଟକାମଣ୍ଡ ଓ ଇଂରାଜମାନେ ଏହାକୁ ସଂକ୍ଷେପରେ 'Ooty' ( ଉଟୀ ) ନାମରେ ଡାକନ୍ତି । ]

**ଉଦକାଶୟ**—ସଂ. ବି. (୬ଷ୍ଠୀତତ୍; ଉଦକ=ଜଳ + ଆଶୟ=ଆଧାର)
Udakāśaya —୧ । ଜଳାଶୟ; ପୁଷ୍କରିଣୀ; ପୋଖରୀ— 1. Tank.

୨ । ଜଳାଧାର—2. Reservoir (of water).

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଊ | ର,ଋ | ଝ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଶ | ଞ୍ଚ | ଇଯ୍ | ଙ୍ଖ | ଢ |
| ୨ | ଋ | ଉ | ରୁ | ଳୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷଂ | ଯ | ସ | ଗଂ | ଇଅ | ଙ୍ଗ | ନ୍ |

ଉଦକୁମ୍ଭ—ସଂ. ବି. (ମଧ୍ୟପଦଲୋପୀ; ଉଦ=ଜଳ+କୁମ୍ଭ=କଳଶ)—
Udakumbha ୧ । ଜଳକୁମ୍ଭ; କଳଶ; ମାଠିଆ; ଘଡ଼ା—
1. Jar.
୨ । ଗଗ୍ରା—2. Pitcher of water
୩ । କମଣ୍ଡଳୁ—3. A water-ewer with a handle at the top.

ଉଦକ୍ୟା—ସଂ. ବି. ସ୍ତ୍ରୀ. (ଉଦକ=ପାଣି+ପ୍ରୟୋଜନାର୍ଥେ ଯ+ସ୍ତ୍ରୀ.
Udakyā ଆ—ପରିଶୁଦ୍ଧ ହେବା ନିମନ୍ତେ ଯାହାର ଜଳ ଲୋଡ଼ା)
ରଜସ୍ୱଳା ବା ଋତୁମତୀ ସ୍ତ୍ରୀ—A woman in her menses; a female in her courses

ଉଦଗଦ୍ରି—ସଂ. ବି ( ଉଦକ୍=ଉତ୍ତର+ଅଦ୍ରି=ପର୍ବତ; ଉତ୍ତରସ୍ଥ
Udagadri ଗିରି )—ହିମାଳୟ ପର୍ବତ—
The Himalayas.

ଉଦଗମକ—ଗ୍ରା. ପଦ୍ୟ. ବିଣ (ସଂ. ଉଦ୍ଗମକ)—ଉତ୍ପୁଲ୍ଲକାରକ—
Udagamaka Causing to come out.
ମାରସାନଳଚମକ ନିମିଷକର ଯମକ ଅଟଇ ଚଳନ୍ତୋମର ଉଦଗମକ ।
ଭଞ୍ଜ. ପ୍ରେମସୁଧାନିଧି ।

ଉଦଗୟନ—ସଂ. ବି. ( ଉଦକ୍=ଉତ୍ତର+ଅୟନ=ପଥ )—
Udagayana ଉତ୍ତରାୟଣ ( ଦେଖ )
Uttarāyaṇa ( See )

ଉଦଗାରିବା—ଗ୍ରା. ପଦ୍ୟ. କ୍ରି—ଉଗାରିବା ( ଦେଖ )
Udagāribā Ugāribā (See)
ମୁଖ ଦେଇ ରକ୍ତ ପକାଇ ଉଦଗାରି
ଶୋଇଛନ୍ତି ସବୁହେ ବହୁ ମରି ମରି—କୃଷ୍ଣସିଂହ, ମହାଭାରତ. ଦ୍ରୋଣ ।

ଉଦଗ୍ର—ସଂ. ବିଣ. ( ବହୁବ୍ରୀହି ଉତ୍=ଊର୍ଦ୍ଧ୍ୱ+ଅଗ୍ର=ଶେଷଭାଗ )—
Udagra ୧ । ଉନ୍ନତ; ବଡ଼—
1. High; lofty; exalted.
୨ । ଉଦ୍ଧତ—2. Arrogant
୩ । ଉତ୍କଟ; ତୀବ୍ର—3 Virulent
୪ । ବେମରାମତ—4. Unrepaired.
୫ । ବୃହତ୍—5 Big.
୬ । ଉଚ୍ଚ; ମହତ୍—6. Great.
୭ । ଦୀର୍ଘ—7. Long.

ଉଦଙ୍କ—ସଂ. ବି. (ଉତ୍+ଅଙ୍କ୍ ଧାତୁ=ଯିବା+ଅଧିକରଣ. ଅ )—
Udaṅka ୧ । ଚର୍ମପାତ୍ର; କୁମ୍ପା—
1 Leathern cask; bottle.
୨ । ( +କରଣ. ଅ )—ସନ୍ଦଂଶ; ସଣ୍ଡାଶି—
2 Pincers; tongs

ଉଦଙ୍ମୁଖ—ସଂ. ବିଣ. ( ବହୁବ୍ରୀହି ଉଦକ୍=ଉତ୍ତରଦିଗ ଅଭିମୁଖ+ମୁଖ
Udaṅmukha =ମୁହଁ )-ଉତ୍ତରମୁହାଁ; ଉତ୍ତରଦିଗକୁ ମୁହଁ
(ଅବାଙ୍ମୁଖ—ବିପରୀତ) କରିଥିବା—Facing north; with face turned to the north.

ଉଦଚ୍—ସଂ. ବିଣ. ( ଉତ୍=ଊର୍ଦ୍ଧ୍ୱକୁ+ଅଞ୍ଚ୍ ଧାତୁ=ଯିବା+କର୍ତ୍ତୃ.
Udach କ୍ୱିପ୍)—୧ । ଉତ୍ତରାଭିମୁଖ; ଉତ୍ତରମୁହାଁ—
1. Facing north.
୨ । ଉତ୍ତରଦିଗସ୍ଥ—
2. Northern; northerly; northward
୩ । ଊର୍ଦ୍ଧ୍ୱଗତ—3. Gone up; ascended.
୪ । ଉତ୍ତରକାଳର; ଭବିଷ୍ୟତର; ଭାବୀ—
4. Future; subsequent.
ସଂ. ଅ—୧ । ଉତ୍ତରଦିଗକୁ—1. Towards north.
୨ । ଉତ୍ତରାଭିମୁଖେ—2. Northwards.
୩ । ଉତ୍ତରକାଳରେ; ପରେ—
3 Subsequently.

ଉଦଜ—ସଂ. ବି (ଉତ୍+ଅଜ ଧାତୁ=କ୍ଷେପଣ କରିବା+ଭାବ ଅ—
Udaja ୧ । ପଶୁ ପ୍ରେରଣ ( ପ୍ରକୃତିବାଦ )—
1. Sending of beasts.
୨ । (+କର୍ତ୍ତୃ. ଅ) ପଦ୍ମ—2. Lotus.
ବିଣ.—( ଉଦ୍+ଜନ୍+କର୍ତ୍ତୃ. ଅ)—ଉଦକଜାତ; ଜଳୀୟ—
Water-born; aquatic.

ଉଦଞ୍ଚ—ସଂ. ବିଣ. ଓ ଅ—ଉଦଚ୍ ( ଦେଖ )
Udañcha Udach ( See )

ଉଦଞ୍ଚନ—ସଂ. ବି ( ଉତ୍=ଉପରକୁ, ଉପରେ+ଅଞ୍ଚ୍ ଧାତୁ=ଗମନ
Udañchana କରିବା; ପୂଜା କରିବା+ଭାବ ଅନ)—୧ । ଊର୍ଦ୍ଧ୍ୱ-କ୍ଷେପଣ; ଉପରକୁ ଫୋପାଡ଼ିବା—1. Throwing up.
୨ । ଉଦ୍ଗମନ; ଉପରକୁ ଉଠିବା—
2. Ascending; rising high.
୩ । ପୂଜନ—3 Worshipping
୪ । (+କର୍ମ. ଅନ)—ଆଚ୍ଛାଦନପାତ୍ର; ଢାଙ୍କୁଣୀ—
4. Lid; cover.
୫ । ଜଳ-ଉତ୍ତୋଳନ ପାତ୍ର; ବାଲ୍ଟି—
5 Bucket; a pot for lifting water.

ଉଦଞ୍ଚିତ—ସଂ. ବିଣ. (ଉତ୍=ଉପରେ+ଅଞ୍ଚ ଧାତୁ=ଗମନ କରିବା;
Udañchita ପୂଜା କରିବା+କର୍ମ. ତ )-୧ । ଉତ୍କ୍ଷିପ୍ତ—
1 Thrown up.
୨ । ପୂଜିତ—2. Worshipped.
୩ । ଅଲୁଣ୍ଠିତ—3 Crimped; frilled
୪ । ( +କର୍ତ୍ତୃ. ତ ) ଉଦ୍ଗତ—4. Come out

ଉଦଣ୍ଡ—ଦେ. ବି ( ସଂ. ଉଦଣ୍ଡ )—ରାଜୋପକରଣବିଶେଷ; ରାଜାଙ୍କ
Udaṇḍa ଗହଣରେ ବାହୁଡ଼ ସୋଟା—Mace carried as a sign of royalty.
ଦେ. ବିଣ. ପୁଂ ( ସଂ. ଉଦଣ୍ଡ )—

ସାଧାରଣ ଲୋକେ ଅପର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଧାକ୍ରମେ ଚିହ୍ନିତ ଦେଖିବ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଠ' ନ ମିଳିଲେ 'ଶାଢ' ଖୋଜିବେ 'କୃଷ' ନ ମିଳିଲେ 'କୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧ । ଦୁଷ୍ଟ; ଅବାଧ୍ୟ; ଅଶାସ୍ୟ—
1. Wicked; disobedient; unruly.
୨ । ପ୍ରବଳପ୍ରତାପଶାଳୀ—2. Very powerful.

**ଉଦଣ୍ଡି**—ଦେ. ବଣ. ପୁଂ. ଓ ସ୍ତ୍ରୀ ( ସଂ. ଉଦଣ୍ଡ )—୧ । ଦୁଷ୍ଟ ( ବାଳକ ବାଳିକା )—1. Wicked (boy or girl).
Udandi
୨ । ଅବାଧ୍ୟ ଅଶାସ୍ୟ —2. Unruly.

**ଉଦଣ୍ଡିଆ**—ଦେ. ବଣ. ପୁଂ—ଉଦଣ୍ଡି ( ଦେଖ )
Udandiā — Udandi ( See )

**ଉଦଣ୍ଡିଲ**—ଦେ. ବଣ. ପୁଂ. ଓ ସ୍ତ୍ରୀ—ଉଦଣ୍ଡି ( ଦେଖ )
Udandila — Udandi ( See )

**ଉଦଧି**—ସଂ. ବି. ( ଉଦ=ଜଳ+ଧା ଧାତୁ=ଧାରଣ କରିବା+ଇ)·
Udadhi — ଅମ୍ବୁଧି; ସମୁଦ୍ର; ସାଗର— The ocean; the sea.

**ଉଦଧିମେଖଳ**—ସଂ. ବଣ. ପୁଂ. ( ବହୁବ୍ରୀହି; ଉଦଧି+ମେଖଳା )—
Udadhimekhala — ସମୁଦ୍ରପରିବେଷ୍ଟିତ—Sea-girt.
(ଉଦଧିମେଖଳା—ସ୍ତ୍ରୀ)

**ଉଦଧିମେଖଳା**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଉଦଧି=ସମୁଦ୍ର+ମେଖଳା
Udadhimekhalā =କଟିଭୂଷଣ ) ପୃଥିବୀ—The earth.

**ଉଦନ୍ତ**—ସଂ. ବି. ( ଉତ୍=ଭେଦ କରିବା+ଅନ୍ତ=ଶେଷ )—
Udanta ୧ । ସମ୍ବାଦ; ବାର୍ତ୍ତା —1. Report; news.
୨ । ବୃତ୍ତାନ୍ତ; ସବିଶେଷ ବିବରଣ—2. Description.
୩ । ଖବର—3. Tidings.

ଦୂତଙ୍କରେ ମୁହିଁ ଯିବି ଜନ୍ମମୁହିଁ ଠାରୁ ଅଛି ଉଦନ୍ତ—
ଭକ୍ତ. ବୈଦେହୀଶବିଳାସ ।

**ଉଦନ୍ୱାନ୍**—ସଂ. ବି. ( ଉଦକ+ବତ୍=ଉଦନ୍ୱତ୍; ୧ମା. ୧ବ. )—
Udanwān ସମୁଦ୍ର—The sea.

**ଉଦନ୍ୟା**—ସଂ. ବି. (ଉଦକ୍=ଜଳ+ଇଚ୍ଛା ଅର୍ଥରେ. ଯ+ସ୍ତ୍ରୀ ଆ)—
Udanyā ପିପାସା; ପାଣି ପିଇବାର ଇଚ୍ଛା; ଶୋଷ—Thirst.

**ଉଦପାନ**—ସଂ. ବି. ( ଉଦ=ଜଳ+ପା ଧାତୁ=ପିଇବା+ଅଧିକରଣ
Udapāna ଅନ; ଘ୍ୟନର ସ୍ଥାନ )—
୧ । କୂପ ନିକଟସ୍ଥ ଜଳାଧାର; ଜଳକୁଣ୍ଡ—
1. A reservoir near a well intended for watering animals.
୨ । ଜଳାଶୟ—2. Tank.
୩ । କୂପ—3. Well.

**ଉଦବସିତ**—ସଂ. ବି. ( ଉଦ=ଜଳ+ବସ ଧାତୁ=ଆଚ୍ଛାଦନ କରିବା
Udabasita +କର୍ମ. ତ; ଜଳ ନିବାରଣ କରିବା ପାଇଁ ଯାହା ଆଚ୍ଛାଦିତ ହୁଏ )—
୧ । ବାସଗୃହ—1. Residence.
୨ । ପରିଖାବେଷ୍ଟିତ ବାସସ୍ଥାନ—
2. A residence surrounded by a moat.

**ଉଦବାସ**—ସଂ. ବି. ( ୭ମୀ ତତ୍; ଉଦ+ବାସ )—ଜଳ ମଧ୍ୟରେ
Udabāsa ବାସ କରିବା—Living in the midst of water.

**ଉଦବେଗ**—ଗ୍ରା. ପଦ୍ୟ. ବି. ( ସଂ. ଉଦ୍‌ବେଗ )—ଉଦ୍‌ବେଗ ( ଦେଖ )
Udabega — Udbega ( See )

ଅମ୍ବର ଉଦବେଗ ଜାଣ ଯିବା ଯାଏ,
ଯାଅ ତୁମ୍ଭେ ସୁହୃଦରେ ପ୍ରାଣ ଧରି କ ସ୍ୱେ—କୃଷ୍ଣସିଂହ. ମହାଭାରତ. ବନ ।

**ଉଦବେଗୀ**—ଗ୍ରା. ପଦ୍ୟ. ବଣ—୧ । ଉଦ୍‌ବିଗ୍ନ —1. Anxious.
Udabegi ୨ । ଉଦ୍‌ଯୋଗଯୁକ୍ତ—2. Eager.

ବେଗୀ ଉଦବେଗୀ ହୋଇ ପରବେଶ କରିବାକ ଅଗ୍ରମତର ।
ଭକ୍ତ—ବୈଦେହୀଶବିଳାସ ।

**ଉଦବେଳ**—ଗ୍ରା. ବଣ —ଉଦ୍‌ବେଳ ( ଦେଖ )
Udabela Udbela ( See )

ଦଶାରୂଢ ପ୍ରୀତ ଉଚ୍ଛୁଳେ ନୟନେ
ଛୁଦ ହେଲେ ଉଦବେଳ । ନନ୍ଦକିଶୋର—ଶର୍ମିଷ୍ଠା ।

**ଉଦବୋଧ**—ଗ୍ରା. ପଦ୍ୟ. ବି. (ସଂ. ଉଦ୍‌ବୋଧନ)—ବୋଧ; ସାନ୍ତ୍ୱନା—
Udabodha — Consolation.

କ୍ଷଣେ କ୍ଷଣେ ଉଦବୋଧ; କ୍ଷଣେ କ୍ଷଣେ ଉଠେ କ୍ରୋଧ ।
ଗ୍ରାତୀ—ଉଦ୍‌ଧବମନ୍ଥଣ ।

**ଉଦଭବ**—ଗ୍ରା. ପଦ୍ୟ ବି. ( ସଂ. ଉଦ୍‌ଭବ )—ଉଦ୍‌ଭବ ( ଦେଖ )
Udabhaba — Udbhaba ( See )

ମୂଳରେ ଅଃହାସ ହେଲ ଉଦଭବ । କୃଷ୍ଣସିଂହ. ମହାଭାରତ. ସଭା ।

**ଉଦଭୂତ** ଗ୍ରା. ବଣ. (ସଂ. ଅଦ୍ଭୁତ)—୧ । ଆଶ୍ଚର୍ଯ୍ୟଜନକ; ଅଦ୍ଭୁତ—
Udabhūta 1. Astonishing; wonderful.
୨ । ସମ୍ପୂର୍ଣ୍ଣରୂପେ ଲଙ୍ଗଳା; ଦିଗମ୍ବର—
2. Stark—naked.
ଗ୍ରା. କ୍ରି. ବଣ—୧ । ସମ୍ପୂର୍ଣ୍ଣରୂପେ ( ନଗ୍ନ )—
1. Stark ( naked ).
୨ । ଆଶ୍ଚର୍ଯ୍ୟଜନକରୂପେ—2. Wonderfully.
୩ । ଅପ୍ରତ୍ୟାଶିତରୂପେ—3. Unexpectedly.
୪ । ହଠାତ୍—4. Suddenly.

**ଉଦମ**—ଦ୍ର. ବଣ. (ଉତ୍+ଅମ ଧାତୁ=ଗତି କରିବା+ଅ)—
Udama ୧ । ଅନାବୃତ—1 Uncovered.
୨ । ଅବଶ—2. Uncontrolled; important.

**ଉଦୟ**—ସଂ. ବି. (ଉତ୍=ଊର୍ଦ୍ଧ୍ୱ+ଇ ଧାତୁ=ଯିବା+ଭାବ. ଅ)—
Udaya ୧ । ଆବିର୍ଭାବ; ପ୍ରଥମ ପ୍ରକାଶ; ଉଠିବା—
1. Rising into view; appearing; first appearance or dawning.
୨ । ଆରମ୍ଭ; ଉତ୍ପତ୍ତି—2. Beginning.

ନାଶ ହେଉଣ ଶ୍ରେୟ ହୋଇବ ଉଦୟ । କୃଷ୍ଣସିଂହ. ମହାଭାରତ. ବନ

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇୟ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ନ୍ତ |

୩ । ସୁଖ; ସୌଭାଗ୍ୟ; ଉତ୍ଥାନ; ସମୃଦ୍ଧି—
3. Prosperity; good fortune.

୪ । ଉତ୍କର୍ଷ—4. Excellence; proficiency.

୫ । ବୃଦ୍ଧି—5. Increase.

୬ । ଲାଭ—6. Attainment

୭ । ଫଳ—7. Result; end.

୮ । (+ଅପାଦାନ. ଅ )—ଉଦୟାଚଳ (ପୂର୍ବଦିଗସ୍ଥ ପର୍ବତ ଯହିଁରୁ ସୂର୍ଯ୍ୟଙ୍କର ଉଦୟ ହୁଏ) —
8. The eastern mountain on the horizon (from which the sun was supposed to rise every morning.)

୯ । ସୂର୍ଯ୍ୟୋଦୟ—9. The sun-rise.

୧୦ । ସୂର୍ଯ୍ୟୋଦୟ-ସମୟ—10. Time of sunrise.

୧୧ । ଗ୍ରହ, ଜ୍ୟୋତିଷ, ସୂର୍ଯ୍ୟ, ଚନ୍ଦ୍ରାଦିର ପୂର୍ବଦିଗ୍‌ବଳୟରେ ଆବିର୍ଭାବ—11 Rising of the sun, the moon and the stars in the east.

୧୨ । ଉନ୍ନତି—12 Advancement.

ଯେଉଁ କାର୍ଯ୍ୟେ ବଳେ ନୋହିବ ଉଦୟ । କୃଷ୍ଣସିଂହ. ମହାଭାରତ. ବନ ।

୧୩ । ଘଟନା—13. Happening.

ସେ ବୃନ୍ଦଙ୍କ ସକାଶୁଁ ଅନର୍ଥର ବେଗ୍ରୟ
ନକରେ ମହରଷି ହୋଇବ ଉଦୟ । କୃଷ୍ଣସିଂହ. ମହାଭାରତ. ବନ ।

୧୪ । ଫଳସିଦ୍ଧି—14 Success.

୧୫ । ପରାକ୍ରମ; ସାମର୍ଥ୍ୟ – 15. Strength.

୧୬ । ପ୍ରାଦୁର୍ଭାବ—16. Prevalence.

୧୭ । ( +ଅଧିକରଣ. ଅ ) (ଜ୍ୟୋତିଷ) ଲଗ୍ନ—
17. ( astrology ) Lagna.

ଦେ. ବଣ—ଉଦିତ; ପ୍ରକାଶିତ—Risen.

ବସ୍ତ୍ର ଜେନେ ଥାଯ୍ ଋଷି
ଉଦୟ ରବି ପ୍ରାୟେ ଦିଶି । ଜଗନ୍ନାଥ. ଭାଗବତ ।

**ଉଦୟ କରିବା**—ଦେ. କ୍ରି—୧ । ପ୍ରକାଶକରିବା—
Udaya kariba 1. To express.

୨ । ବୁଝାଇ କହିବା—2. To explain.

ଦୂତର ଯେଉଁ କଥା କହିବ ମୁଁ ଶ୍ରେୟ ।
ତ ତାକୁ କହ ମୋର ଆଗରେ ଉଦୟ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

**ଉଦୟ କାଳ**—ସଂ. ବି. ( ୬ଷ୍ଠୀ ତତ୍; ଉଦୟ+କାଳ )—
Udaya kāla ୧ । ଉଦୟ ହେବାର ସମୟ—
1. Time of first appearance or rising.

୨ । ସୂର୍ଯ୍ୟୋଦୟ ସମୟ—2. Time of sun-rise.

୩ । ସମୃଦ୍ଧି ସମୟ—3. Time of prosperity.

**ଉଦୟଗିରି**—ସଂ. ବି—ସୂର୍ଯ୍ୟ ପୂର୍ବଦିଗ୍‌ବଳୟସ୍ଥିତ ଯେଉଁ ପର୍ବତରୁ
Udayagiri ଉଦୟ ହୁଅନ୍ତି; ଉଦୟାଚଳ; ଉଦୟାଦ୍ରି—
(ଅସ୍ତଗିରି—ବିପରୀତ) The eastern mountain from which the sun is said to rise.

ଦେ. ବି. (ନାମ)—୧ । ପୁରୀଜିଲ୍ଲାର ଖଣ୍ଡଗିରି ନିକଟସ୍ଥ ପର୍ବତବିଶେଷ—
1. A hill of this name near Khaṇḍagiri in Puri district.

[ ଦ୍ର—ଏଥିରେ କେତେକ ପୁରାତନ ଗୁମ୍ଫା ଓ ଜୈନକୀର୍ତ୍ତି ଅଛି ଓ ହାତୀଗୁମ୍ଫା ନାମକ ଗହ୍ୱରମଧ୍ୟରେ ଅଶୋକାନୁଶାସନମାନ ରହିଅଛି । ]

୨ । ବିଦର୍ ନଗରର କୋଡ଼ିଏ କୋଶ ଦୂରରେ ଅବସ୍ଥିତ ପ୍ରସିଦ୍ଧ ସ୍ଥାନ—2. Name of a famous place 40 miles from Bidar.

**ଉଦୟନ**—ସଂ. ବି. ( ଉଦ୍+ଇ ଧାତୁ=ଯିବା+କର୍ତ୍ତୃ. ଅନ )—
Udayana ୧ । ଅଗସ୍ତ୍ୟଋଷି—1. Sage Agastya.

୨ । ବୁଦ୍ଧଦେବଙ୍କ ଶିଷ୍ୟ; ଉଦୟନାଚାର୍ଯ୍ୟ—
2. Name of a Buddhist logician.

[ ଦ୍ର—ଏ ଶତାନୀକଙ୍କ ପୌତ୍ର; ବୁଦ୍ଧଦେବ ଯେଉଁ ଦିନ ଜନ୍ମ ଗ୍ରହଣ କରିଥିଲେ ଏ ମଧ୍ୟ ସେହିଦିନ ଜନ୍ମିଥିଲେ । ହୁଏନ୍‌ସାଂ କହନ୍ତି ବୁଦ୍ଧଦେବ ଏହାଙ୍କର ଧର୍ମାଚାର୍ଯ୍ୟ ଥିଲେ । କୌଶାମ୍ବୀରେ ଏହାଙ୍କର ରାଜଧାନୀ ଥିଲା । ବାସବଦତ୍ତା ଓ ରତ୍ନାବଳୀ—ଏହାଙ୍କର ଦୁଇ ପତ୍ନୀ; ଯୌଗନ୍ଧରାୟଣ ଏହାଙ୍କ ମନ୍ତ୍ରୀ ଓ ନରବାହନଦତ୍ତ ଏହାଙ୍କ ପୁତ୍ର ଥିଲେ । ଏ କୁସୁମାଞ୍ଜଳି ନାମକ ଗ୍ରନ୍ଥର ପ୍ରଣେତା ।]

୩ । ଉଦୟ (ଦେଖ)—3 Udaya (See)

୪ । ଜନୈକ ରାଜା; ବତ୍ସରାଜ; ବୃଷଭରାଜ—
4. A famous king 'Batsarāja'

**ଉଦୟନାଚାର୍ଯ୍ୟ**—ସଂ. ବି. (ନାମ)—ପ୍ରସିଦ୍ଧ ନୈୟାୟିକ ପଣ୍ଡିତ—
Udayanāchārya ଉଦୟନ ୨ (ଦେଖ)
Udayana 2 (See).

**ଉଦୟପୁର**—ଦେ. ବି. (ନାମ)—ରାଜପୁତାନାର ଦେଶୀୟ ରାଜ୍ୟବିଶେଷ—
Udayapura A native state in Rājputānā.

**ଉଦୟବେଳ**—ଉଦୟକାଳ (ଦେଖ)
Udayabela Udayakāla (See)

ଅସ୍ତବେଳେ ଉଦୟ ନାହିଁ; କି ଉଦୟବେଳେ ଅସ୍ତ ନାହିଁ—ଢଗ ।

**ଉଦୟମାନ**—ସଂ. ବଣ ( ଉଦ=ଊର୍ଦ୍ଧ୍ୱ+ଇ=ଯିବା+କର୍ତ୍ତୃ. ଅନ)—
Udayamāna ୧ । ଉଦିତ ହେଉଥିବା; ଯେ ଉଠୁଛି—
1. Rising; rising up.

୨ । ଉପରକୁ ଉଠୁଥିବା—
2. Progressing onwards.

୩ । ପ୍ରକାଶମାନ—3. Being manifest.

[ ଦ୍ର—କେତେକ ଶିକ୍ଷିତ ଲେଖକ 'ଉଦୟମାନ'କୁ ଅଶୁଦ୍ଧ ଭାବରେ 'ଉଦୀୟମାନ' ରୂପେ ବ୍ୟବହାର କରନ୍ତି; 'ଉଦୀୟମାନ'ର ଅର୍ଥ—ଯାହାକୁ ଅନ୍ୟଲୋକ ଉପରକୁ ଉଠାଉଅଛି । ]

**ଉଦୟସ୍ତମ୍ଭ**—ସଂ. ବି.—ଜୟସ୍ତମ୍ଭ—A column or monument
Udayastambha erected in memory of a victory.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଅର୍ଥକ୍ରମେ ତାହାର ଠିକ୍ ସ୍ଥଳର ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବ୍ୟ' ନ ପାଇଲେ 'ବଜ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଉଦୟସ୍ପର୍ଶ**—ସଂ. ବ. (ଜ୍ୟୋତିଷ)—୧ । ଗୋଟିଏ ଦିନର ସୂର୍ଯ୍ୟ ଉଦୟ
Udayasparśa ବେଳଙ୍କୁ ପରଦିନରେ ପଡ଼ିଥିବା ତିଥିର ସାମାନ୍ୟ କେତେ ଦଣ୍ଡ ବାକି ଥିବା ଅବସ୍ଥା—The state of a 'Tithi' or lunar day of the previous day still continuing after sun-rise of the next day.

୨ । ସୂର୍ଯ୍ୟୋଦୟ ସମୟରେ ଲାଗିବା ସୂର୍ଯ୍ୟ ପରାଗ କିମ୍ବା ଚନ୍ଦ୍ରୋଦୟ ସମୟରେ ଘଟିବା ଚନ୍ଦ୍ରଗ୍ରହଣ—
2. Solar or lunar eclipse at the time of the rising of the sun or of the moon respectively.

**ଉଦୟାଚଳ**—ସଂ. ବ. ( ଉଦୟ = ସୂର୍ଯ୍ୟୋଦୟ + ଅଚଳ = ପର୍ବତ ) —
Udayāchaḷa ଉଦୟଗିରି (ପୂର୍ବ ଦିଗ୍‌ବଳୟସ୍ଥ ଯେଉଁ ପର୍ବତର ପଛ ଆଡ଼ୁ ସୂର୍ଯ୍ୟ ଉଦୟ ହୁଅନ୍ତି—The eastern mountain from behind which the sun is supposed to rise.

**ଉଦୟାସ୍ତ**—ସଂ. ବ. ( ଉଦୟ + ଅସ୍ତ ) ସୂର୍ଯ୍ୟୋଦୟଠାରୁ ସନ୍ଧ୍ୟା
Udayāsta ପର୍ଯ୍ୟନ୍ତ ସମୟ—The whole day time; the time between sun-rise and sun set.

ସଂ. କ୍ରି. ବଣ.—ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ—
From sun-rise to sun-set.

**ଉଦୟେ**—ଗ୍ରା. ପଦ୍ୟ. ବ.—ଉଦୟ (ଦେଖ)
Udaye Udaya (See)

ଯାବତ ବସ୍ତୁ ଲକ୍ଷ ଦେହେ । ନ ଦେଖି ଚକ୍ଷୁର ଉଦୟେ । ଜଗନ୍ନାଥ, ଭାଗବତ ।

**ଉଦଯୋଗ**—ଗ୍ରା. ପଦ୍ୟ. ବ. (ସଂ. ଉଦ୍‌ଯୋଗ)—ଉଦ୍ୟୋଗ (ଦେଖ)
Udajoga Udyoga (See

ବହୁତ ଉଦଯୋଗ କରୁର କଲେ ଯାଇ । କୃଷ୍ଣସିଂହ. ମହାଭାରତ. ଆଦ ।

**ଉଦଯୋଗୀ**—ଗ୍ରା. ପଦ୍ୟ. ବଣ. (ସଂ. ଉଦ୍‌ଯୋଗୀ; ଉଦ୍ୟୋଗୀ)—
Udajogī ଉତ୍ସାହୀ; ଉଦ୍ୟମୀ; ଉଦ୍ୟମଶୀଳ—
Active; persevering.

ଶ୍ରଦ୍ଧାବନ୍ତ ହୋଇ ଉଦଯୋଗୀ ହେବ
ସତ୍ୟରେ ଧରମରେ ବୁଦ୍ଧି ହୋଇଥିବ—କୃଷ୍ଣସିଂହ. ମହାଭାରତ. ଆଦ ।

**ଉଦୟୋନ୍ମୁଖ**—ସଂ. ବଣ. (୭ମୀ ତତ୍; ଉଦୟ + ଉନ୍ମୁଖ = ଉଦ୍ୟତ)—
Udayonmukha ୧ । ଉପରକୁ ଉଠିବାକୁ ଆରମ୍ଭ କରୁଥିବା-
1. About to rise up.

୨ । ଉଦିତ ହେବା ପାଇଁ ଆରମ୍ଭ କରୁଥିବା—
2 Beginning to rise; just rising.

**ଉଦର**—ସଂ.ବ. (ଉଦ୍ = ଉପରକୁ + ର୍ ଧାତୁ = ଯିବା + କର୍ତ୍ତୃ. ଅ)—
Udara ୧ । ଜଠର; ପେଟ—1. Belly

୨ । ଗର୍ଭ; ଜରାୟୁ—2. Womb

୩ । (+ ଅଧିକରଣ. ଅ)—ଅଭ୍ୟନ୍ତର—
3. Inside; interior; inner part.

ପୁର ଉଦରରେ ସୁଖ ପ୍ରଦରେ କାମ ମଦନେ ମାତ । ଉଣ୍ଡ. ପ୍ରେମସୁଧାନିଧି ।

**ଉଦରଗହ୍ୱର**—ସଂ. ବ. (ରୂପକ କର୍ମଧା)—ପେଟରୂପକ ଗର୍ତ୍ତ—
Udaragahwara The belly compared to a cavity to be filled up.

**ଉଦରଗ୍ରନ୍ଥି**—ସଂ. ବ. ( ମଧ୍ୟପଦଲୋପୀ )—୧ । ପେଟମଧ୍ୟସ୍ଥ ଗଣ୍ଠି;
Udaragranthi ପ୍ଳୀହା; ପିଳେହି—1. Spleen.

୨ । ଗୁଳ୍ମରୋଗ—2. Spleen-disease.

**ଉଦରନାଡ଼ି**—ସଂ. ବ.—ପେଟ ମଧ୍ୟସ୍ଥ ନାଡ଼ି ବା ଅନ୍ତ୍ର—
Udaranāṛḍi Entrails; gut.

**ଉଦରାପଦୀ**—ଦେ. ବ. ( ଉଦର = ପେଟ + ଆ + ପଦ୍ = ଗୁଳିବା + କର୍ତ୍ତୃ. ଇନ୍ ଯେ ପେଟରେ ଗୁଳେ )—
Udarāpadī ଗେଣ୍ଡା; ଶାମୁକା—Gastropeda; snail; sea-shell.

**ଉଦରପରାୟଣ**—ସଂ.ବଣ.ପୁଂ (୭ମୀ ତତ; ଉଦର + ପରାୟଣ = ଆସକ୍ତ)—
Udaraparāyaṇa
(ଉଦରପରାୟଣା—ସ୍ତ୍ରୀ) ଉଦରମ୍ଭରି ( ଦେଖ )
Udarambhari ( See )

**ଉଦରପରୀକ୍ଷା**—ସଂ. ବ. (ବିଜ୍ଞାନପରିଭାଷା)—
Udaraparikshā ଗର୍ଭର ରୋଗ ବା ଭ୍ରୂଣାଦିର ବିଷୟ ନିରୂପଣାର୍ଥେ ପରୀକ୍ଷା—Gastroscopy.

**ଉଦରପିଶାଚ**—ସଂ. ବଣ. ପୁଂ ( ମୀ ତତ୍; ଉଦର ବିଷୟରେ ପିଶାଚ) -
Udarapiśācha ଖାଦ୍ୟ ବିଷୟରେ ଯଥେଚ୍ଛାଚାରୀ; ଯଥେଚ୍ଛ-
(ଉଦରପିଶାଚୀ—ସ୍ତ୍ରୀ) ଭୋଜୀ—Voracious.

**ଉଦରପୀଡ଼ା**—ସଂ. ବ. ( ୬ଷ୍ଠୀ ତତ୍; ଉଦର + ପୀଡ଼ା )—
Udarapiṛḍā ୧ ପେଟ ଠେଣା; ପେଟ ମରା ରୋଗ—
1. Colic pain in the abdomen.

୨ । ପେଟ ବିଗିଡ଼ିବା—2 Disorder in the stomach.

**ଉଦରପୂରଣ**—ସଂ. ବ. ( ୬ଷ୍ଠୀ ତତ୍; ଉଦର + ପୂରଣ )—
Udarapūraṇa ୧ । ଭୋଜନ—1. Eating.

୨ । ପେଟ ପୂରିବା—2 Filling up of the stomach; eating to the fill.

**ଉଦରପୂର୍ତ୍ତି**—ସଂ. ବ. ( ଉଦର + ପୂର୍ତ୍ତି = ପୂରଣ )—
Udarapūrtti ଉଦର ପୂରଣ ( ଦେଖ )
Udarapūraṇa ( See )

**ଉଦରପୋଷିବା**—ଦେ କ୍ରି—ପେଟ ପୋଷିବା; ଭୋଜନ କରାଇବା କରିବା—
Udaraposhibā To fill the belly

ସେ ମାର୍ଗ ପ୍ରାଣ ଉଦର ପୋଷିଲେ । କୃଷ୍ଣସିଂହ. ମହାଭାରତ. ଆଦ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଣ,ଣ | ଞ୍ଚ | ଇୟ | ତ୍ଥ | ଲ୍ଲ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଞ୍ଚ | ଇଅ | ଓ | ନ୍ତ |

ଉଦରବିଜ୍ଞାନ—ସଂ. ବି. ( ଆଧୁନିକପ୍ରୟୋଗ )—
Udarabijñāna ଉଦରସମ୍ବନ୍ଧୀୟ ଶାରୀରିକତତ୍ତ୍ୱନିର୍ଣ୍ଣାୟକ ବିଦ୍ୟା- Science dealing with the abdomen.

ଉଦରଭଙ୍ଗ—ସଂ. ବି. ( ଉଦର + ଭଙ୍ଗ )—
Udarabhanga ରୋଗବିଶେଷ; ଝାଡ଼ା; ପେଟ ଲେଉଟିବା— Diarrhoea.

ଉଦରମ୍ଭରି— ସଂ. ବିଣ. ( ଉଦରଂ=ପେଟକୁ + ଭୃ ଧାତୁ=ପୂରଣ
Udarambhari କରିବା + କର୍ତ୍ତୃ. ଇ )—
ଆପଣାର ଉଦର ପୂରାଇବାକୁ ବ୍ୟଗ୍ର; ଔଦରିକ; ପେଟୁ— Greedy; gluttonous

ଉଦରରସ—ସଂ. ବି. ( ମଧ୍ୟପଦଲୋପୀ—ଉଦରମଧ୍ୟସ୍ଥ ରସ )—
Udararasa ଶରୀରସ୍ଥ ଯେଉଁ ରସ ଉଦରରୁ ଜାତ ବା ନିର୍ଗତ ହୋଇ ଉଦରସ୍ଥ ଭୁକ୍ତ ଦ୍ରବ୍ୟକୁ ପାକ କରେ — Gastric juice.

ଉଦରସର୍ବସ୍ୱ—ସଂ.ବିଣ.ପୁଂ (ବହୁବ୍ରୀହି; ଉଦର ଅଟେ ସର୍ବସ୍ୱ ଯାହାର)-
Udarasarbaswa ଉଦରମ୍ଭରି ( ଦେଖ )
Udarambhari ( See )

ଉଦରସାତ୍— ସଂ. ବିଣ ( ଉଦର + ଦେୟ ଅର୍ଥରେ. ସାତ୍ )—
Udarasāt ୧ । ଉଦରମଧ୍ୟକୁ ନିକ୍ଷିପ୍ତ ହୋଇଥିବା; ଗର୍ଭସାତ୍— 1. Consigned to the belly, eaten
୨ । (ଲକ୍ଷଣାର୍ଥ) ଆତ୍ମସାତ୍—2. Misappropriated.

ଉଦରାଧ୍ମାନ—ସଂ. ବି. (୭ମୀ ତତ୍; ଉଦର=ପେଟ + ଆଧ୍ମାନ )—
Udarādhmāna ପେଟଫମ୍ପା; ପେଟ ଗଡ଼ଗଡ଼ ହେବା— Tympanites; sound in the belly

ଉଦରାବର୍ତ୍ତ—ସଂ. ବି. (୬ଷ୍ଠୀ ତତ୍; ଉଦର=ପେଟ+ଆବର୍ତ୍ତ=ଭଉଁରି)—
Udarābartta ନାଭି—Navel.

ଉଦରାମୟ—ସଂ. ବି. ( ୭ମୀ ତତ୍; ଉଦର + ଆମୟ=ବ୍ୟାଧି )—
Udarāmaya ୧ । ଅଜୀର୍ଣ୍ଣ ଝାଡ଼ା—1. Diarrhoea.
୨ । ନାଲିସଂଯୁକ୍ତ ଝାଡ଼ା—2. Dysentery.

ଉଦରି—ଦେ. ବି. ( ସଂ. ଉଦରୀ )—ଜଳୋଦରୀ ରୋଗ —
Udari Dropsy.

ଉଦରିଣୀ—ସଂ. ବିଣ. ସ୍ତ୍ରୀ (ଉଦର+ଇନ୍+ସ୍ତ୍ରୀ. ଈ)—
Udariṇi ୧ । ସ୍ଥୂଳୋଦରଯୁକ୍ତା ( ସ୍ତ୍ରୀ )— 1. Potbellied (woman)
୨ । ଗର୍ଭିଣୀ; ଗର୍ଭବତୀ—2. Pregnant (woman)

ଉଦରିଲ—ସଂ. ବିଣ ପୁଂ. ( ଉଦର=ପେଟ+ଅଛି ଅର୍ଥରେ. ଇଲ )—
Udarila ଉଦରୀ ( ଦେଖ )
(ଉଦରିଲା—ସ୍ତ୍ରୀ) Udari ( See )

ଉଦରୀ—ସଂ. ବିଣ. ପୁଂ. ( ଉଦର=ପେଟ + ଅଛି ଅର୍ଥରେ. ଇନ୍ )—
Udari ଭୁଡିଲ, ସ୍ଥୂଳୋଦରଯୁକ୍ତ; ପେଟୁଆ, ଭୋଣ୍ଡା—
(ଉଦରିଣୀ—ସ୍ତ୍ରୀ) Pot-bellied.
ଦେ. ବିଣ. ପୁଂ. ଓ ସ୍ତ୍ରୀ. ଉଦରଯୁକ୍ତ—Bellied.

ସଂ. ବି. ( ଉତ୍+ ଦୃ ଧାତୁ=ବିଦୀର୍ଣ୍ଣ ହେବା; ସ୍ଫୀତ ହେବା+ କର୍ତ୍ତୃ. ଅ + ସ୍ତ୍ରୀ. ଈ )—
ଜଳସଞ୍ଚୟଜନିତ ଉଦରସ୍ଫୀତି। ରୋଗ; ଜଳୋଦରୀ; ପେଟର ବାହାର ଆବରଣ ଓ ଭିତର ଆବରଣ ମଧ୍ୟରେ ଜଳ ଜମି ଯାଇ ପେଟ ଉଚ୍ଚ ହେବା ରୋଗ—Dropsy.

ଉଦର୍କ—ସଂ. ବି. ( ଉତ୍=ଅତିଶୟ + ଋଚ୍ ଧାତୁ=ପୂଜା କରିବା+
Udarka ସଂଜ୍ଞାର୍ଥେ; କର୍ମ. ଅ)—
୧ । ଫଳ ପ୍ରତ୍ୟାଶାରେ ଯେଉଁ କର୍ମ କରାଯାଏ— 1. The ulterior motive for an act.
୨ । ଭବିଷ୍ୟତ ଫଳ— 2. Future result; subsequent effect
୩ । ଶେଷ ଫଳ—3. Ultimate result
୪ । ଭାବୀ କାଳ—4. The future.
୫ । ମଦନକଣ୍ଟକ ବୃକ୍ଷ; ମଏଣ (ଦେଖ)— 5. A tree

ଉଦର୍ଚ୍ଚିଃ—ସଂ. ବିଣ. (ବହୁବ୍ରୀହି; ଉତ୍=ଉଜ୍ଜ୍ୱଳ + ଅର୍ଚ୍ଚିସ୍=ପ୍ରଭା) —
Udarchchih ୧ । ପ୍ରଜ୍ୱଳିତ; ଉଜ୍ଜ୍ୱଳଶିଖ ( ଅଗ୍ନି )— 1. Burning with a flame; flaming(fire).
୨ । ଉଜ୍ଜ୍ୱଳ ପ୍ରଭାବିଶିଷ୍ଟ; ଜକଜକ କରୁଥିବା— 2. Dazzling.
ବି—୧ । ଅଗ୍ନି—1. Fire.
୨ । ଶିବ—2. Siba
୩ । ( ଉତ୍କୃଷ୍ଟ କାନ୍ତି ଥିବାରୁ ) କନ୍ଦର୍ପ —3. Cupid.

ଉଦର୍ଦ—ସଂ ବି. ( ଉତ୍ + ଅର୍ଦ ଧାତୁ =ପୀଡ଼ା ଦେବା+କର୍ତ୍ତୃ. ଅ )—
Udarda କଷରପି ଯାଇଥିବା ବଥ—Erysipelas (M. W.)

ଉଦର୍ଦ୍ଧ— ସଂ. ବି—ମସ୍ତିଷ୍କ ଜ୍ୱରବିଶେଷ—
Udarddha Scarlet fever ( M. W. )

ଉଦଶ୍ୱିତ—ସଂ. ବି. ( ଉଦ=ଜଳ+ ଶ୍ୱି ଧାତୁ=ବୃଦ୍ଧି ପାଇବା +
Udaswita କର୍ତ୍ତୃ. କ୍ୱିପ୍ )—ଅର୍ଦ୍ଧେକ ଜଳ ମିଶିଥିବା ଦହି; ତକ୍ର; ଘୋଳଦହି; ଘୋଳ—Whey; curdled milk with half its quantity of water.

ଉଦସ୍ତ—ସଂ. ବିଣ ( ଉତ୍=ଉପରକୁ, ଇତସ୍ତତଃ + ଅସ ଧାତୁ=
Udasta ଫୋପାଡ଼ିବା+କର୍ମ ତ )—୧ । କ୍ଷିପ୍ତ; ଇତସ୍ତତଃ ନିକ୍ଷିପ୍ତ— 1 Scattered.
୨ । ବହିଷ୍କୃତ—Driven away.
୩ । ଅପସାରିତ—3. Removed.

ଉଦା—ଦେ. ବିଣ—୧ । ମାଗଣା—1. Gratis
Udā ୨ । ଉଠିଆ ( ଦେଖ )
ଫୋକଟ 2. Uthia ( See )
ଫୋକଟ ଦେ. ବି—କଅଁଳ ଧାନ ଗଛ—Tender paddy-plant 3 to 4 inches high.

କେଉଁ ଗାଁଏ କ ବଳର ଉଦା ବଳା ।
କେହୁ ବୋଲେ ମତେ ହେଲୁ ତରୁ ଉଦା ।

ସାଧାରଣ ଲୋକେ ଅପର ସ୍ଥାନରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଧରି ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଧରି ଖୋଜିବାକୁ ହେବ । ଯଥା :— 'ଖାଉ' ନ ମିଳିଲେ 'ଖାଉ' ଖୋଜିବେ; 'ଜୁଅ' ନ ମିଳିଲେ 'ଜୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

**ଉଡ଼ା ଖାଇବା** — ଦେ. କ୍ରି — ୧ । ବିନା ବ୍ୟୟରେ ଭୋଜନ କରିବା—
Udā khāibā 1. To eat gratis

ଫୋକଟମାରନା ୨ । ପର ଘରେ ଭୋଜି ଖାଇବା—
2. To partake of a feast at another's house.

୩ । ( ଗୋରୁ ) ଉଠିଆ ଖାଇବା; ବୁଅ ଧାନଗଛ ଖାଇବା—
3. To nibble the tender paddy-plants (said of cattle)

**ଉଡ଼ା ଚରିବା** — ଦେ. କ୍ରି — ଉଡ଼ା ଖାଇବା ( ଦେଖ )
Udā charibā Udā khāibā ( See )

**ଉଡ଼ା ଛାଡ଼ିଦେବା** — ଦେ. କ୍ରି — ବୁଅ ଧାନଗଛ ଖାଇବାକୁ ଗୋରୁଙ୍କୁ
Udā chhārdidebā ଛାଡ଼ି ଦେବା—To let cattle nibble the tender paddy-plants.

**ଉଦାତ୍ତ** — ସଂ. ବି. ( ଉଦ୍ = ଉଚ୍ଚ + ଆ = ସମ୍ୟକ୍ + ଦା ଧାତୁ = ଦେବା;
Udātta ଉଚ୍ଚାରଣ କରିବା + କର୍ମ. ତ )—
୧ । ଦାନ—1. Giving away.
୨ । ଦାନଶୀଳତା—2. Liberality.
୩ । ବେଦପାଠର ଉଚ୍ଚ ସ୍ୱରବିଶେଷ—
3. The acute accent in reciting the Vedas
[ ଦ୍ର— ବେଦର ସ୍ୱରମାନଙ୍କର ଉଚ୍ଚାରଣ ତିନି ପ୍ରକାର ଯଥା —ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ । ]
୪ । ବାଦ୍ୟବିଶେଷ—
4. A kind of musical instrument
୫ । ଅର୍ଥାଲଙ୍କାରବିଶେଷ—
5. A figure in rhetoric
[ ଦ୍ର— ଲୋକାତିଶୟ ସମ୍ପତ୍ତି କିମ୍ବା ମହାପୁରୁଷଙ୍କ ଚରିତ ବର୍ଣ୍ଣନାର ଅଙ୍ଗ ହେଲେ ଉଦାତ୍ତ ଅଳଙ୍କାର ହୁଏ । ]
( କ ) ଲୋକାତିଶୟ ସମ୍ପତ୍ତି; ଯଥା—

ମରକତ ମାଣିକ୍ୟ ସ୍ଫଟିକ ବାସୁମୟ
ଶୋଭେ ପ୍ରତି ଗୃହାଙ୍ଗଣେ ବେଳ ଜଳାଶୟ ।
ଯେଉଁ ସବୁ ଭିତ୍ତି ମରକତ ପବିତ୍ରକୁ,
ସେବନ୍ତି ପ୍ରତି ବାଟୀ ପୁଷ୍ପୋପବନକୁ ।
ନ ଥିବାରେ କେଉଁଠାରେ ମଣ୍ଡପ ଜଗତ,
ନାହିଁ ତହିଁ ମହାଜନମାନଙ୍କ ବସତ ।
ଭୁବନ ଉଦ୍ଭାବ, ବଇଡୂର୍ଯ୍ୟମୟ
ଥିବାରୁ ସେ ପୁରରେ ଟିକିଟିକି ନିଳୟ ।
ଖଣ୍ଡ ଖଣ୍ଡ ହେଲାଣି ଯା ତହିଁ ନାନା ଭାନୁ,
ଘରେ ବୋଲାଇଲେ କାମରୂପୀ ସେହି ବାନୁ ।
ହୀରାର ସ୍ଥଳରେ ପଦ୍ମ ବକାଉ ବସ୍ତୁ,
ବଜାର ଲଟୋଳି ତହିଁ ଉଦରେ ମିଳନ୍ତି—ବନ୍ଦସୂର୍ଯ୍ୟ. ଚନ୍ଦ୍ରକଳା ।"

( ଖ ) ମହାପୁରୁଷ ଚରିତ; ଯଥା—

କଲ୍ପ ଅନ୍ତେ ସବୁ ଲୋକ ସଂହାର ବେଳେ,
କରନ୍ତି ଏଥିରେ ଯୋଗନିଦ୍ରା ଅନୁଭବ ।
ନାରଦପ୍ରମୁଖେ ପଢ଼ାମନ୍ତ୍ର ସେ କାଳରେ,
ବନ୍ଦୁଛନ୍ତି ବିରଞ୍ଚି ସ୍ତବ ସୁଲଳିତ ସ୍ୱରେ ।
ମଧୁସୂଦନ — ଅଯୋଧ୍ୟା ପ୍ରତ୍ୟାଗମନ ।
ଦ୍ରଷ୍ଟବ୍ୟ — ଅଳଙ୍କାରତରଙ୍ଗିଣୀ ।]

ସଂ. ବିଣ — ୧ । ଦାତା; ଦାନଶୀଳ—
1. Liberal; generous
୨ । ମହାନ୍—2. Great
୩ । ହୃଦୟଙ୍ଗମ—3. Understood.
୪ । ବିଖ୍ୟାତ—4. Celebrated.
୫ । ଦୟାଳୁ—5. Kind; merciful
୬ । ଉଚ୍ଚୈଃସ୍ୱରବିଶିଷ୍ଟ—
6. Loud; acute ( tone ).

**ଉଦାନ** — ସଂ. ବି. ( ଉଦ୍ = ଉପରକୁ + ଆ + ଅନ୍ ଧାତୁ = ବଞ୍ଚିବା +
Udāna କରଣ. ଅ )— ୧ । କଣ୍ଠସ୍ଥବାୟୁ; ଶରୀରସ୍ଥ ପଞ୍ଚବାୟୁ ମଧ୍ୟରୁ ଏକତମ (ଏହା ଊର୍ଦ୍ଧ୍ୱଗମନଶୀଳ ଅଟେ ; ଉତ୍କ୍ରମଣ ବାୟୁ—1. One of the five vital airs which rises up or occupies the throat.
୨ । ନାଭି—2. Navel
୩ । ( + କର୍ତ୍ତୃ. ଅ )—ସର୍ପବିଶେଷ—
3. A kind of serpent.
୪ । ପକ୍ଷ୍ମ; ଚକ୍ଷୁର ପତା—4. Eye-lashes.

**ଉଦାବର୍ଡ଼** — ଦେ. ବିଣ ( ସଂ. ଉଦାବର୍ତ୍ତ )— ୧ । ବିଷୟଜ୍ଞାନରହିତ—
Udābarda ( ଗୋପୀନାଥ ନନ୍ଦ )—
1. Not experienced in worldly wisdom.
୨ । ଅକର୍ମଣ୍ୟ; ଅକାମିକା ( ଗୋପୀନାଥ ନନ୍ଦ )—
2. Worthless; good-for-nothing

**ଉଦାବର୍ତ୍ତ** — ସଂ. ବି. ( ଉଦ୍ + ଆ + ବୃତ୍ ଧାତୁ = ରୋଧ କରିବା +
Udābartta ଭାବ. ଅ ) — ରୋଗବିଶେଷ; ମଳମୂତ୍ର ରୋଧ ବାୟୁରୋଗ ( ଏ ରୋଗରେ ଅନ୍ତ୍ରର ଏକ ଅଂଶ ଅନ୍ୟ ଅଂଶ ଭିତରେ ପଶିଯାଏ )—Intussusception; a disease attended with stoppage of urine and motion due to wind.

**ଉଡ଼ା ବୁଲିବା** — ଦେ. କ୍ରି — ୧ । ବିନାରକ୍ଷକରେ ଗୋରୁମାନେ ବୁଅ-
Udā bulibā ଧାନ ଖାଇବା ପାଇଁ ବୁଲିବା—
1. To roam freely ( said of cattle left free to graze at the time of Buā.)
୨ । (ଲକ୍ଷଣାର୍ଥ) ବିନାରକ୍ଷକରେ ବା ସ୍ୱାଧୀନଭାବରେ ବିଚରଣ କରିବା—2. To roam freely without any one to look after.

**ଉଦାୟୁଧ** — ସଂ. ବିଣ. (ବହୁବ୍ରୀହି; ଉଦ୍ = ଊର୍ଦ୍ଧ୍ୱ + ଆୟୁଧ = ଅସ୍ତ୍ର)—
Udāyudha ବଧକରିବା ପାଇଁ ଅସ୍ତ୍ର ଉତ୍ତୋଳନ କରିଅଛି; ଉଦ୍ଧୃତାସ୍ତ୍ର—One who has raised a weapon to kill some one.

| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଷ | ଞ୍ଚ | ଇୟ | ଉଅ | ଊ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଔ | ଦୃ |

**ଉଦାର**—ସଂ. ବିଣ. (ଉତ୍=ଊର୍ଦ୍ଧ+ଆ=ସମ୍ୟକ୍+ର୍ ଧାତୁ=ଗମନ କରିବା; ଦାନ କରିବା+କର୍ତ୍ତୃ. ଅ)—
Udāra
୧ । ମହତ୍—1 Magnanimous; liberal minded; noble.
୨ । ଦାତା; ବଦାନ୍ୟ—
2 Generous; liberal; munificent.
୩ । ସରଳ; ଅକପଟ; ସ୍ୱଚ୍ଛ—
3. Frank; sincere; transparent.
କାଚ ଆଉ ପ୍ରାୟେ ସ୍ୱଚ୍ଛ ଜଳ ଧାର
ଦେବ ମନ ପ୍ରାୟେ ଦିଶଇ ଉଦାର । ରାଧାନାଥ. ଚନ୍ଦ୍ରଭାଗା ।
୪ । ଗମ୍ଭୀର—4. Grave.
୫ । ଉତ୍ତମ—5 Good.
ହା ହା ଦଇବରେ ତୁହି ଏହା ମୋତେ କଲୁ
ଉଦାର ଘରକୁ ମୋର ଏଡ଼େ କଷ୍ଟ ଦେଲୁ ।
ବଳରାମ. ରାମାୟଣ. ଲଙ୍କା ।
୬ । ଉଦାସୀନ—6. Indifferent.
ବାହାରେ କେବେ ତାଙ୍କ ଗୁଣ ଉଦାର କେ ହୁ । ଉପେ. ବୈଦେହୀଶବିଳାସ
୭ । ଉତ୍କୃଷ୍ଟ—7. Excellent

**ଉଦାରଚେତା**—ସଂ. ବିଣ. ପୁଂ. ଓ ସ୍ତ୍ରୀ. (ବହୁବ୍ରୀହି; ଉଦାର+ଚେତସ୍
Udāracheta (୧ମା. ୧ବ.)—ଉଦାରମନା ( ଦେଖ )
Udāramanā ( See )

**ଉଦାରତା**—ସଂ. ବି. ( ଉଦାର+ଭାବ. ତା )—
Udāratā ୧ । ମହତ୍ତ୍ୱ; ଔଦାର୍ଯ୍ୟ—1. Nobility.
୨ । ସାଧୁତା—2. Honesty.
୩ । ଦାକ୍ଷିଣ୍ୟ; ସରଳତା—3. Sincerity.
୪ । ଦାତୃତ୍ୱ; ବଦାନ୍ୟତା—4. Magnanimity; generosity; liberality.
୫ । ଗାମ୍ଭୀର୍ଯ୍ୟ—5. Gravity.
୬ । ସଚ୍ଚୋଟପଣ; ସାଧୁତା—6 Uprightness.
୭ । ସୌଜନ୍ୟ 7 Politeness
୮ । ଦୟା—8. Kindness; humanity.
୯ । ଅଳଙ୍କାରବିଶେଷ—9 A figure in rhetoric, attributing nobleness to inanimate objects
[ ଦ୍ର—ଏଥିରେ ଜଡ଼ ବସ୍ତୁ ପ୍ରତି ଉଦାରତା ବା ମହତ୍ତ୍ୱ ଆରୋପିତ ହୁଏ ।
ହେମ ଫଳେ ନମ୍ର ଯହିଁ ଲବଙ୍ଗ ଆମ୍ର ପାଦପପନ୍ତି,
ତୃଷ ଓ୍ ପଥିକେ ଶାଖା ସଞ୍ଚାଳନ ଛଳେ ଡାକନ୍ତି । ରାଧାନାଥ. ଚିଲିକା ।]
୧୦ । ଘୋଟିଥିବା କୁହୁଡ଼ି—10. Rising mist; fog (M. W.)

**ଉଦାରପ୍ରକୃତିକ**—ସଂ. ବିଣ. ( ବହୁବ୍ରୀହି; ଉଦାର+ପ୍ରକୃତି+କ )—
Udāraprakrutika ଉଦାରମନା (ଦେଖ)
(ଉଦାରପ୍ରକୃତିକା—ସ୍ତ୍ରୀ) Udāramanā ( See)

**ଉଦାରମନା**—ସଂ. ବିଣ. ପୁଂ. ଓ ସ୍ତ୍ରୀ ( ବହୁବ୍ରୀହି; ଉଦାର+ମନଃ )
Udāramanā ୧ । ସରଳହୃଦୟ (ବ୍ୟକ୍ତି)—
1 Of a sincere nature or heart.
୨ । ଅକପଟ—2. Frank.
୩ । ମହାନ୍—3. High-minded; noble.
୪ । ବଦାନ୍ୟ—4. Generous.

**ଉଦାରସଞ୍ଜ୍ଞକ**—ସଂ. ବି ( ଉଦାର+ସମପୂର୍ବକ ଜ୍ଞା ଧାତୁ+ଅକ)—
Udārasamjñaka ୧ । ଦ୍ୱ୍ୟର୍ଥବୋଧକ—1. Ambiguous; of double meaning.
୨ । ଯାହାର ଅର୍ଥ ସନ୍ଦେହଜନକ—2. Of doubtful meaning (Ganguly. students; Dictionary.)

**ଉଦାରା**—ଦେ. ବି ( ସଂ. ଉଦର)—ସଙ୍ଗୀତର ସ୍ୱରବିଶେଷ; ଗମ୍ଭୀରତମ ସ୍ୱର ( ଏହା ଉଦରରୁ ଉଚ୍ଚାରିତ ହୁଏ)—The deepest note in music
Udārā
[ ଦ୍ର—ସଙ୍ଗୀତର ସ୍ୱର ତିନିଗୋଟି ଯଥା—ଉଦାରା; ମୁଦାରା ଓ ତାରା; ରାଗ ତଳେ ନୋଟ ଦେଖ )

**ଉଦାରି**—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ ( ସଂ. ଉଦାର )—୧ । ଉଦାସୀନ—
Udāri 1. Unconcerned with or indifferent to wordly affairs.
୨ । ଉଦାର (ଦେଖ)—
2. Udāra ( See )

**ଉଦାରିଆ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଉଦାରି ( ଦେଖ )
Udāriā Udāri ( See )

**ଉଦାସ**—ସଂ.ବିଣ. (ଉତ୍=ଉପରେ+ଅସ୍ ଧାତୁ=ବସିବା+କର୍ତ୍ତୃ ଅ)-
Udāsa ୧ । ବିଷୟତୃଷ୍ଣାରହିତ; ବିଷୟବିରାଗୀ—
উদাসী 1. Unconcerned in or indifferent to
उदास worldly affairs.
ଉଦାସ ହୋଇଣ ଜ୍ଞାନ ପାଇଣ ରହୁଥାଉ ରାଜ୍ୟ ସାଙ୍ଗ—ସାଳବେଗ. ଭଜନ ।
୨ । ଉଦାସୀନ—2. Apathetic.
୩ । ନିରପେକ୍ଷ—3. Neutral
ଦେ. ବିଣ—ବିମର୍ଷ—Melancholy.
ସଂ. ବି.—୧ । ନିରପେକ୍ଷତା—1. Neutrality.
୨ । ବିଷୟବାସନା ପ୍ରତି ବିତୃଷ୍ଣା; ବିଷୟବିରାଗ; ବୈରାଗ୍ୟ—
2. Indifference to worldly concerns
ଅଧର କମ୍ପ ଉନ୍ମାଦ । ଉଦାସ ହରଷ ବିଷାଦ—ଲୋଚନ. ପ୍ରେମପଞ୍ଚାମୃତ ।
୩ । ନିରୁତ୍ସାହତା—3. Want of vigour or zeal.
୪ । ଉତ୍କ୍ଷେପ—4. Throwing up.
୫ । ଉଚ୍ଚତା—5. Height.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଉଦାସିଆ**—ଦେ. ବିଣ (ସଂ. ଉଦାସିନ୍) —ଉଦାସି (ଦେଖ)
Udāsiā Udāsi (See)

**ଉଦାସିତା**—ସ. ବିଣ. ପୁଂ (ଉତ୍=ଉପରେ+ଅସ୍ ଧାତୁ=ଉପବେଶନ କରିବା+କର୍ତ୍ତୃ. ଣିନ୍; ୧ମା. ୧ବ)—ଉଦାସୀନ (ଦେଖ)
Udāsitā Udāsina (See)

ସଂ. ବି (ଉଦାସିନ୍+ଭାବ. ତା)—ବୈରାଗ୍ୟ—
Unconcern to worldly matters

**ଉଦାସୀ**—ସଂ. ବିଣ. ପୁଂ. ( ଉତ୍+ଅସ୍ ଧାତୁ+କର୍ତ୍ତୃ. ଣିନ୍; ୧ମା. ୧ବ )—ଉଦାସୀନ ( ଦେଖ )
Udāsi Udāsina (See)
(ଉଦାସିନୀ—ସ୍ତ୍ରୀ)
(ଉଦାସିତା—ବି) ଦେ. ବି—ସଂସାରବିରାଗୀ ବୈଷ୍ଣବସମ୍ପ୍ରଦାୟବିଶେଷ—A sect of Baishnabas who have relinquished the world

ଦେ. ବିଣ—୧ । ବିଷଣ୍ଣ—1. Melancholy.

୨ । ବ୍ରହ୍ମଚାରୀ—2. Observing the vow of celebacy.

**ଉଦାସୀଆଖଡ଼ା**—ଦେ. ବି—ଉଦାସୀମଠ (ଦେଖ)
Udāsiākhardā Udāsimatha ( See )

**ଉଦାସୀନ**—ସଂ. ବିଣ (ଉତ୍+ଆସ୍ ଧାତୁ=ବସିବା+କର୍ତ୍ତୃ. ଅନ)—
Udāsina ୧ । ବିଷୟଭୋଗରୁ ବିରତ ହୋଇ ଧର୍ମଚିନ୍ତାରେ
(ଉଦାସୀନା—ସ୍ତ୍ରୀ) ଏକନିଷ୍ଠ; ବୈରାଗୀ—1. Stoical; free
(ଉଦାସୀନତା—ବି) from worldly affairs or entalglements; one who has relinquished worldly connections.

୨ । ମମତାଶୂନ୍ୟ; ଅନୁରାଗରହିତ; ପରାଙ୍ମୁଖ; ନିରପେକ୍ଷ—
2. Cynical; apathetic; indifferent.

୩ । ଯାହା ସଙ୍ଗେ ଆଳାପ ପରିଚୟ ନାହିଁ—
3. Unacquainted.

୪ । ନିଃସମ୍ବନ୍ଧ; ନିଃସମ୍ପର୍କ—4. Unconnected.

୫ । ମଧ୍ୟସ୍ଥ; ଯେଉଁ ଲୋକ ସପକ୍ଷ ବା ବିପକ୍ଷ କାହାର ପ୍ରତି ଅନୁରକ୍ତ ନୁହେଁ; ଯେ ଶତ୍ରୁ ନୁହେ କିମ୍ବା ମିତ୍ର ନୁହେ—
5. Neutral; neither friend nor foe.

୬ । ଯେ ଉପସ୍ଥିତ ବିଷୟରେ ଲିପ୍ତ ନ ହୋଇ ପୃଥକ୍ ରହେ—
6. A person who keeps himself aloof from any current topic.

**ଉଦାସୀମଠ**—ଦେ. ବି— ଉଦାସୀ ବା ବ୍ରହ୍ମଚାରୀ ବୈରାଗୀମାନଙ୍କର ମଠ--
Udāsimatha A Matha where mendicants or anchorites congregate.

**ଉଦାସ୍ଥିତ**—ସଂ. ବି (ଉତ୍=ଉପରେ+ଆ+ସ୍ଥା ଧାତୁ+କର୍ମ. ତ)—
Udāsthita ୧ । ଚର—1 Messenger; spy.

୨ । ଦ୍ୱାରପାଳ—2. Door-keeper.

୩ । ଅଧ୍ୟକ୍ଷ—3. Master.

୪ । ନଷ୍ଟସନ୍ନ୍ୟାସଧର୍ମ ପରିବ୍ରାଜକ—
4. A mendicant who has infringed his vow.

ସଂ. ବିଣ—ଉଦ୍‌ବର୍ତ୍ତିପ୍ରାପ୍ତ ବା ଓଲଟା—Inversed.

**ଉଦାହରଣ**—ସଂ. ବି. (ଉତ୍=ଉତ୍କୃଷ୍ଟ+ଆ+ହୃ+ଭାବ. ଅନ)—
Udāharana ୧ । ଦୃଷ୍ଟାନ୍ତ; ନିଦର୍ଶନ—1. Example.
(ଉଦାହୃତ—ବିଣ) ୨ । ଅନ୍ୟୋକ୍ତ ବା କଥିତ ବିଷୟର ସମର୍ଥନାର୍ଥ ଅନ୍ୟ ପ୍ରୟୋଗର ଉଲ୍ଲେଖ—2. Illustration.

୩ । (ନ୍ୟାୟ) କୌଣସି ପ୍ରତିଜ୍ଞାର ସମର୍ଥକ ପ୍ରୟୋଗ—
3. ( Logic ) One of the five modes of a syllogistic reasoning

୪ । କଥନ—4. Saying.

୫ । ବର୍ଣ୍ଣନ—5. Description

୬ । ସନ୍ଦର୍ଭ; ପ୍ରବନ୍ଧ—6. Essay; discourse.

**ଉଦାହରଣଛଳରେ**—ଦେ. କ୍ରି. ବିଣ—ଉଦାହରଣରୂପେ; ଦୃଷ୍ଟାନ୍ତ—
Udāharanachhalare ଦେବାଦ୍ୱାରା—As an
উদাহরনছলে example; by way of illustration.

**ଉଦାହରଣଦେବା**—ଦେ. କ୍ରି.—୧ । କୌଣସି ବିଷୟ ବା ପ୍ରତିଜ୍ଞାକୁ
Udāharanadebā ସମର୍ଥନ କରିବା ନିମନ୍ତେ ଉପଯୋଗୀ
উদাহরণ দেওয়া ବିଷୟର ଅବତାରଣା କରିବା—1. To cite
**उदाहरन देना** as an example; to exemplify; to illustrate by an example.

**ଉଦାହରଣସ୍ଥଳ**— ସଂ.ବି.(୬ଷ୍ଠୀ ତତ୍; ଉଦାହରଣ+ସ୍ଥଳ)-ଉଦାହରଣର
Udāharanasthala ବିଷୟୀଭୂତ ବିଷୟ—A thing which is fit to be cited as an example; an exemplary case.

ସଂ. ବିଣ— ଅନୁକରଣୀୟ—Fit to be imitated.

**ଉଦାହରଣୀୟ**—ସଂ. ବିଣ (ଉତ୍+ଆ+ହୃ+କର୍ମ. ଅନୀୟ)—
Udāharaniya ଉଦାହରଣ ଦେବାର ଯୋଗ୍ୟ—
Fit to be cited as an example; exemplary.

**ଉଦାହାର**—ସଂ. ବି. (ଉତ୍=ଉତ୍କୃଷ୍ଟ+ଆ+ହୃ ଧାତୁ+ଭାବ. ଅ)—
Udāhāra ଉଦାହରଣ (ଦେଖ)
Udāharana (See)

**ଉଦାହୃତ**—ସଂ. ବିଣ. (ଉତ୍+ଆ+ହୃ+କର୍ମ. ତ)—
Udāhruta ୧ । ଦୃଷ୍ଟାନ୍ତଦ୍ୱାରା ବର୍ଣ୍ଣିତ—
1. Illustrated by example; exemplified.

୨ । ଦୃଷ୍ଟାନ୍ତରୂପେ କଥିତ ବା ଉଲ୍ଲିଖିତ—
2. Cited as an example.

୩ । କଥିତ; ଉଲ୍ଲିଖିତ—
3. Described; named.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଣ | ଶ,ଷ | କ୍ଷ | ଇୟ | ଉଅ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଜ୍ୟ | ଯ | ସ | ଗ୍ୟ | ଇଅ | ୱ | ନ |

୪ । ଉଚ୍ଚାରିତ—4. Pronounced; mentioned.

ଉଦଅ—ପ୍ରାଦେ. ( ସମ୍ବଲପୁର ) ବ—ଉତ୍ପାତ ( ଦେଖ )
Udiā Utpāta ( See )

ଉଦଅଖାଇ—ଗ୍ରା. ବଣ. ସ୍ତ୍ରୀ.—( ଗାଳିରେ ବ୍ୟବହୃତ ) ବୟସ-
Udiākhai ମଦମତ୍ତେଣ; ଯେଉଁ ସ୍ତ୍ରୀ ନିଜର ଯୌବନ ଓ ଯୌବନଜନିତ ସୌନ୍ଦର୍ଯ୍ୟରେ ଗର୍ବ ପ୍ରକାଶ କରେ— (a term of abuse) (a woman) Who is unduly proud of her youthful charms

ଉଦିତ—ସଂ. ବଣ. ( ଉତ୍ + ଇ ଧାତୁ=ଯିବା + କର୍ତ୍ତୃ. ତ )—
Udita ୧ । ପୂର୍ବଦିଗ୍‌ବଳୟ ଉପରକୁ ଉଠିଥିବା—
1. Risen above the eastern horizon.
୨ । ଉଦ୍ଗତ; ଉତ୍ଥିତ—
2. Risen up; ascended.
୩ । ଆବିର୍ଭୂତ—3. Appeared; become manifest.
୪ । ଉତ୍ପନ୍ନ—4. Produced
୫ । ବର୍ଦ୍ଧିତ—5. Increased.
୬ । ଉନ୍ନତ—6. Grown high; elevated.
୭ । ଦୃଷ୍ଟିଗତ—7. Come into view.

ଦେ. ବଣ. (ବଦ୍ ଧାତୁ=କହିବା)—ଉକ୍ତ; କଥିତ—
Told; mentioned.

ତାହାଙ୍କର ନାମ ମୁଁ କହିବି ଉଦିତ । କୃଷ୍ଣସିଂହ. ମହାଭାରତ. ବନ ।

ଗ୍ରା. ବଣ—୧ । ( କଟକିଆ ଭାଷା ) ଉଦ୍ୟତ—1. Ready.
( ଯଥା—ଆମ୍ଭେ ମକଦ୍ଦମା ଦାଏର କରିବାକୁ ଉଦିତ ଅଛୁଁ । )
୨ । ଉପସ୍ଥିତ—2. Present

ଜନକ ନୃପତି ଦୂତ ଅଯୋଧ୍ୟାପୁରେ ଉଦିତ
ହୋଇଲେ ତତ୍କାଳ ଦେଲେ ରାଜାଙ୍କ ପାଶେ । ବଳରାମ ଦାସ ରାମାୟଣ ।

ସଂ. ବ. ( ଉତ୍ + ଇ + ଭାବ. ତ )—ଉଦୟ; ଶ୍ରୀବୃଦ୍ଧି—
Prosperity.

ଏବେ ଜାଣିଥା ଦ୍ରୌପଦୀ ପତିବ୍ରତ
ସକାଶୁଁ ହେବ ତୁମ୍ଭମାନଙ୍କ ଉଦିତ । କୃଷ୍ଣସିଂହ. ମହାଭାରତ. ବନ ।

ଉଦିତ କରିବା—ଦେ. କ୍ରି—କହିବା; ଭଣିବା—
Udita karibā To speak; to say.

ଜୟଦେବ କବି ଉଦିତ କଲେ । ପ୍ରାଚୀ—ରସବାରିଧି ।

ଉଦିବା—ପ୍ରାଦେ. (ସମ୍ବଲପୁର) କ୍ରି. ( ସଂ. ଉଦୟ )—
Udibā ଉଇଁବା; ଉଦିତ ହେବା—To rise.
( ଯଥା—ବେଲ୍ ଉଦିବା=ସୂର୍ଯ୍ୟୋଦୟ ହେବା)

ଦେ. ପଦ୍ୟ. କ୍ରି.—ପ୍ରକାଶିତ ହେବା—
To become manifest.

ମୂର୍ତ୍ତି ପରସ୍ତେ ଉଦେ କି ସାହସ । ରଥାଜାଥ. ଚଳିକା ।

ଉଦିଷ୍ଟାନି—ଗ୍ରା. ବଣ—ଦୁଷ୍ଟ; କଳି ବା ଫଉଜଦାରି କରିବାକୁ ଉଦ୍ୟତ—
Udishṭāni Wicked; quarrelsome.
ଗ୍ରା. ବ—୧ । କଳି; କଜିଆ—1. Quarrel.
୨ । ଦୁଷ୍ଟାମି—2. Wickedness.
( ଯଥା—ସେ ମୋ ସଙ୍ଗେ ଉଦିଷ୍ଟାନି କରିବାକୁ ବସିଛି )

ଉଦୀକ୍ଷଣ—ସଂ. ବ. (ଉଦ୍=ଉପରକୁ + ଈକ୍ଷଣ=ଦେଖିବା; ଚାହିଁବା)—
Udīkshaṇa ୧ । ଉଦବୀକ୍ଷଣ; ଉପରକୁ ଚାହିଁବା—
(ଉଦୀକ୍ଷିତ—ବଣ) 1. Looking upwards
୨ । ପ୍ରତୀକ୍ଷା; ଅପେକ୍ଷା—2. Awaiting.

ଉଦୀକ୍ଷିତ—ସଂ. ବଣ. ( ଉଦ୍ + ଈକ୍ଷ ଧାତୁ + କର୍ତ୍ତୃ. ତ )—
Udīkshita ୧ । ଉପରକୁ ଚାହିଁଥିବା—1. Looking up.
୨ । ଅପେକ୍ଷା କରୁଥିବା—2. Awaiting.

ଉଦୀଚୀ—ସଂ. ବ. ସ୍ତ୍ରୀ (ଉଦଚ୍=ଉତ୍ତରଦିଗ + ସ୍ତ୍ରୀ. ଈ)—
Udīchī ୧ । ଉତ୍ତରଦିଗ—1 The north.
୨ । ଉତ୍ତରାଞ୍ଚଳ—2. The northern regions.

ଉଦୀଚୀନ—ସଂ. ବଣ. ପୁଂ. (ଉଦୀଚୀ + ଇଦମର୍ଥେ. ଈନ )—
Udīchīna ଉଦୀଚ୍ୟ ( ଦେଖ )
(ଉଦୀଚୀନା—ସ୍ତ୍ରୀ) Udīchya ( See )

ଉଦୀଚ୍ୟ—ସଂ. ବଣ. ପୁଂ. ( ଉଦୀଚୀ + ଭବାର୍ଥେ. ଯ )—
Udīchya ୧ । ଉତ୍ତରଦେଶସମ୍ବନ୍ଧୀୟ; ଉତ୍ତରରେ ଅବସ୍ଥିତ—
(ଉଦୀଚ୍ୟା—ସ୍ତ୍ରୀ) 1. Northern.
୨ । ଉତ୍ତରଦେଶୀୟ—
2. Pertaining to the north.
ବ—ସରସ୍ୱତୀନଦୀର ଉତ୍ତର ଓ ପଶ୍ଚିମରେ ଥିବା ଦେଶ—
The country north and west of the river Saraswati

ଉଦୀଚ୍ୟବୃତ୍ତ—ସଂ. ବ. ( ଭୂଗୋଳପରିଭାଷା )—
Udīchyabṛutta ଉତ୍ତର ଶୀତକଟିବନ୍ଧର ଦକ୍ଷିଣସୀମାନ୍ତ ବୃତ୍ତ—
The Arctic circle.

ଉଦୀଚ୍ୟାଲୋକ—ସଂ. ବ. ( ଆଧୁନିକ ପ୍ରୟୋଗ )—
Udīchyāloka ଉତ୍ତରମେରୁ ନିକଟସ୍ଥ ଅଞ୍ଚଳରେ କ୍ରମାନ୍ୱୟରେ ଯେଉଁ ଛଅ ମାସ ରାତି ହୁଏ ସେହି ସମୟରେ ବେଳେ-ବେଳେ ଉତ୍ତରାକାଶରେ ଦେଖାଯିବା ଅଦ୍ଭୁତ ଆଲୋକ-ମାଳା—Aurora Borealis

ଉଦୀଚ୍ୟେତର ବୃତ୍ତ—ସଂ. ବ. ( ଭୂଗୋଳପରିଭାଷା )—
Udīchyetara bṛutta ଦକ୍ଷିଣଶୀତକଟିବନ୍ଧର ଉତ୍ତର-ସୀମାନ୍ତ ବୃତ୍ତ—The Antarctic circle.

ଉଦୀୟମାନ—ଦେ. ବଣ. ( ସଂ. ଉଦୟମାନର ଅଶୁଦ୍ଧ ପ୍ରୟୋଗ )—
Udīyamāna ଉଦୟମାନ ( ଦେଖ )
Udayamāna ( See )
ସ. ବଣ. (ଉତ୍ + ଇ ଧାତୁ + କର୍ମ. ଅନ )—
ଯାହାକୁ ଉପରକୁ ଉଠାଇ ଦିଆଯାଇ ଅଛି—
Lifted up; raised up.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କୁ ଖୋଜିବାକୁ ହେବ । ଯଥା— ଗାଢ଼ ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଂ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଦ' ନ ପାଇଲେ 'ଅଲ୍‌ବଦ୍' ଦେଖିବେ ।

**ଉଦୀରଣ**— ସଂ. ବି. (ଉତ୍=ଉପରେ+ଈର ଧାତୁ=କହିବା; ପ୍ରେରଣ କରିବା+ଭାବ. ଅନ)—୧ । ଉଚ୍ଚାରଣ—
Udirana
(ଉଦୀରିତ—ବିଣ) 1. Speaking; uttering.
୨ । କଥନ—2. Saying.
୩ । ପ୍ରେରଣ—3. Sending.
୪ । ଉତ୍ପତ୍ତି—4. Birth; production.
୫ । ଉଦ୍ଦୀପନ—5. Excitement.
୬ । ବର୍ଣ୍ଣନା—6. Description
୭ । ଉତ୍କ୍ଷେପଣ—7. Throwing up.
୮ । ନିର୍ଦ୍ଦେଶ—8. Indication.

**ଉଦୀରିତ**— ସଂ. ବିଣ. ( ଉତ୍+ଈର ଧାତୁ+କର୍ମ. ତ)—
Udirita ୧ । ଉଚ୍ଚାରିତ—1. Uttered; pronounced.
(ଉଦୀରଣ—ବି) ୨ । କଥିତ—2. Said; spoken.
୩ । ପ୍ରେରିତ—3. Sent.
୪ । ଉଦ୍ଦୀପିତ—4. Excited.
୫ । ବିଜୃମ୍ଭିତ; ପ୍ରକାଶିତ—5. Displayed; manifested.
୬ । ଉତ୍କ୍ଷିପ୍ତ—6. Thrown up.

**ଉଦୀର୍ଣ୍ଣ**— ସଂ. ବିଣ (ଉତ୍=ଉପରକୁ+ଋ ଧାତୁ=ଯିବା+କର୍ତ୍ତୃ. ତ)—
Udirnna ୧ । ଉତ୍‌ଥିତ; ଉନ୍ନତ—
1. Risen up; erect; come out.
୨ । ଉଦାର—2. Generous; liberal-minded.
୩ । ଉଦ୍ଧତ—3. Haughty.
୪ । ଉତ୍କଟ; ପ୍ରବଳ—4. Profound; strong.
୫ । ଉଦ୍ଦୀପ୍ତ—5 Excited.
ସଂ. ବି—ବିଷ୍ଣୁ ସହସ୍ରନାମୋକ୍ତ ନାମବିଶେଷ—
A name of Bishnu.

**ଉଦୀର୍ଯ୍ୟମାଣ**— ସଂ.ବିଣ.( ଉତ୍+ଈର ଧାତୁ=ପ୍ରେରଣ କରିବା+କର୍ମ. ଅନ )—୧ । କଥ୍ୟମାନ; ଯାହା କଥିତ ହେଉଅଛି—1. Being spoken.
Udirjyamāna
୨ । ଉଚ୍ଚାର୍ଯ୍ୟମାଣ— 2. Being uttered.
୩ । ବର୍ଣ୍ଣ୍ୟମାନ—3 Being described.
୪ । ନିର୍ଦ୍ଦିଶ୍ୟମାନ—4. Being pointed out.

**ଉଦୁଆଁ**— ପ୍ରାଦେ ( ବାଲେଶ୍ୱର ) ବିଣ—୧ । ଖୋଲା; ମୁକୁଳା—
Uduān 1. Bare.
ବାକସ ଏବାବେଳେ ଉଦୁଆଁ—ଫକୀରମୋହନ, ଉତ୍କଳ ।
୨ । ମେଲା—2. Open
( ଯଥା—ଦୁଆର ଉଦୁଆଁ ହୋଇଛି । )
୩ । ଅନାଚ୍ଛାଦିତ—3. Uncovered.

**ଉଦୁଉଦିଆ**—ଗ୍ରା. ବିଣ (ସଂ. ଉଦଗ୍ର)—୧ । ପ୍ରଚଣ୍ଡ; ତୀବ୍ର (ଖରା)—
Uduudiā 2. Sharp (sun's rays)
୨ । ପ୍ରଚଣ୍ଡରୌଦ୍ରଯୁକ୍ତ ( ଦ୍ୱିପହର )—
2. When the sun's rays are very fierce ( noon-time )
( ଯଥା—ଉଦୁଉଦିଆ ଦିପହର )

**ଉଦୁଗାର**—ଗ୍ରା. ବି (ସଂ. ଉଦ୍ଗାର)—ଉଗାର (ଦେଖ)
Udugāra Ugāra (See)

**ଉଦୁଗାର ଆସିବା**—ଗ୍ରା. କ୍ରି— ବାନ୍ତିମାଡ଼ିବା—
Udugāra āsibā A tendency to vomit.
ଯେବଣ ସ୍ୱସ୍ୱାଦୁ ପନ୍ଥ ଫଳେ ମନ ଲୋଭି
ସେ ଫଳ ଦେଖିଲେ ଏବେ ଉଦୁଗାର ଆସି—ପ୍ରାଚୀ, ରହସ୍ୟମଞ୍ଜରୀ ।

**ଉଦୁଗାରିବା**—ଗ୍ରା. କ୍ରି—ଉଗାରିବା (ଦେଖ)
Udugāribā Ugāribā (See)
ଦୁର୍ଗନ୍ଧେ ଉଦର ଉଠିବା ଉଦୁଗାରି—କୃଷ୍ଣସିଂ, ମହାଭାରତ, ବନ ।

**ଉଦୁଣ୍ଡର**—ପ୍ରାଦେ. (ଗଞ୍ଜାମ) ବି.—ଖବରିଆ; ରାଜାଙ୍କ ଗୁପ୍ତଚର—
Udundara A person whose duty was to report confidentially matters of importance to a Rājā; an informer.
[ ଦ୍ର—ପୂର୍ବେ ରାଜାମାନେ ନିଜ ନିଜ ରାଜ୍ୟରେ ଏମାନଙ୍କୁ ନିଯୁକ୍ତ କରୁଥିଲେ ଓ ଏମାନେ ଗ୍ରାମେ ଗ୍ରାମେ ବୁଲି ଲୋକଙ୍କ ନାମରେ ରାଜାଙ୍କ ଆଗରେ ମିଛ ଖତ କହୁଥିଲେ । ]

**ଉଦୁବଳିବା**—ଗ୍ରା. ପଦ୍ୟ. କ୍ରି. ( ସଂ. ଉଦ୍‌ବେଲ)—୧ । ବଳାଇବା—
Udubalibā 1. To surpass
୨ । ଅତିକ୍ରମ କରିବା—2. To exceed.
ଅର୍ଦ୍ଧ ଅର୍ଦ୍ଧ ଭେଳ ପ୍ରବଳ ଉଦୁବଳେ—କୃଷ୍ଣସିଂ, ମହାଭାରତ, ସଭା ।

**ଉଦୁବାର୍ଯ୍ୟ**—ଗ୍ରା ବିଣ—ଅଦମ୍ୟ—Indomitable
Udubārjya ଉଗ୍ରବେ ଉଦୁବାର୍ଯ୍ୟ କଥାକୁ ନ ସାଧ—
କୃଷ୍ଣସିଂ, ମହାଭାରତ, ବନ ।

**ଉଦୁବେଗ**—ଗ୍ରା. ପଦ୍ୟ. ବି—୧ । ଉଦ୍ବେଗ ( ଦେଖ )—
Udubega 1. Udbega ( See )
୨ । ଗର୍ଭାବସ୍ଥା—2. Pregnancy.

**ଉଦୁବେଳ**—ଗ୍ରା. ପଦ୍ୟ. ବି. (ସଂ. ଉଦ୍‌ବେଲ)—୧ । ନିର୍ଦ୍ଦିଷ୍ଟ ବା ଧାର୍ଯ୍ୟ କାଳକୁ ବଳି ଯାଇଥିବା କାଳ—1. Time beyond a fixed time.
Udubela
ବେଳକୁ ବେଳ ଅସି ହେଲା ଉଦୁବେଳେ—କୃଷ୍ଣସିଂ, ମହାଭାରତ, ସଭା ।
୨ । ( ଲକ୍ଷଣାର୍ଥ ) ମନ୍ଦକାଳ; ଦୁଃକାଳ—
2. Bad or improper time.

**ଉଦୁମ୍**—ପ୍ରାଦେ. ( ସମ୍ବଲପୁର ) ବିଣ—( ସଂ. ଉଷ୍ମ )—
Udum ଉଷୁମ; ଉଷ୍ଣ—Warm; hot.
ବି.—ଉତ୍ତାପ; ଉଷ୍ଣତା—Warmth; heat.

**ଉଦୁମ୍‌ଦୁମ୍**—ଗ୍ରା. ବି. ଓ ବିଣ—ଉଦୁମୁଦୁମା (ଦେଖ )
Udumdum Udumudumā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍ଗ | ଇଅ | ଉଅ | ଋ |
| ୨ | ଇ | ଉ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନୁ |

ଉଦୁମଦୁମା—ଗ୍ରା. ବ ଓ ବଣ—ଉଦୁମୁଦୁମା ( ଦେଖ )
Udumadumā Udumudumā ( See )

ଉଦୁମୁଦୁମା—ଗ୍ରା. ବଣ. ପୁଂ.—୧ । ବଗୁଲିଆ; ଖେଚେଡ଼ା—
Udumudumā 1. Wanton.
(ଉଦୁମୁଦୁମୀ—ସ୍ତ୍ରୀ) ୨ । ଅସ୍ଥିର; ଅଶାନ୍ତ—2. Restless.
୩ । ଗୋଳମାଳ କରୁଥିବା—3. Boisterous.
୪ । ମୋଟା ଓ ଅଲସୁଆ; ଭୋଲ ଓ ଅକାମିକା—
4. Fat and idle; falstaff like; lazy and stout.
୫ । ଦୁର୍ଦ୍ଦାନ୍ତ; ଦୁଷ୍ଟ—5. Wicked.
୬ । ଏଣେ ତେଣେ ପଦଶବ୍ଦ କରି ଦଉଡ଼ାଦଉଡ଼ି କରୁଥିବା—6 Running to and fro with loud foot-steps
୭ । ଯେଉଁ ବ୍ୟକ୍ତି ଧୀର ଓ ନିଃଶବ୍ଦଭାବରେ ନ ଚାଲି ସର୍ବଦା ଦୁମ୍ ଦୁମ୍ ହୋଇ ଚାଲିବାରେ ଅଭ୍ୟସ୍ତ—
7. Habituated to walking with a thumping sound.
ଦେ. ବ. ( ଦୁମ୍ ଦୁମ୍ ଧ୍ୱନ୍ୟନୁକରଣ ଅବ୍ୟୟ )—ବହୁତ ବିଧା ଗୋସ୍ଫୁଡ଼ା ଆଦି ମାଡ଼—A number of punches.
( ଯଥା—ତୋ ଉପରେ ଗୋଟେ କେତେ ଉଦୁମୁଦୁମା ବହିଯିବ ଯେ ! )

ଉଦୁମ୍ ଦୁମା, ଭାଲ ଗୋଟମା, କୂଅ ପାକୁଣୀ ପିଠିଲସମା,
ହରଚଣ୍ଡୀଙ୍କର ଭଇ ମଲା, ଉଙ୍କିଭି ପିଣ୍ଡାରେ ଉସିଗଲା ।
ଆମ୍ଭଟିଏ ଖାଇଁ ଖାଇଁ କୋଇଲିଟିଏ ଖସା,
କ ମାଡ଼ ମାଇଲୁ ଭାଇ—ଗୁରୁବୁଣିଆ ବସ—ଶିଶୁକ୍ରୀଡ଼ାଗୀତ ।

ଉଦୁମ୍ବର—ସଂ. ବ.—୧ । ଯଜ୍ଞ ଡିମ୍ବିରିଗଛ—
Udumbara 1. The wild fig tree; Ficus Carica; Ficus Glomerata (Haines.)
୨ । କୁଷ୍ଠରୋଗବିଶେଷ—2. A kind of leprosy with fig like sores.
୩ । ତମ୍ବା—3. Copper.
୪ । ଦେହଲୀ—4. The door sill; threshold.
୫ । କ୍ଳୀବ ବ୍ୟକ୍ତି—5. Eunoch

ଉଦୁମ୍ବରପର୍ଣ୍ଣୀ—ସଂ. ବ—ଦନ୍ତୀକାବୃକ୍ଷ; ଦନ୍ତୀଗଛ—
Udumbaraparṇṇī A medicinal plant.

ଉଦୁଯୋଗ—ଗ୍ରା. ବିଣ ( ସଂ. ଉଦ୍ଯୋଗ )—ଉଦ୍ଯୋଗ ( ଦେଖ )
Udujoga Udjoga ( See )

ଉଦୁଯୋଗୀ—ଗ୍ରା ବଣ ( ସଂ. ଉଦ୍ଯୋଗୀ )—ଉଦଯୋଗୀ (ଦେଖ)
Udujogī Udjogī ( See )

ଉଦୁରି—ଗ୍ରା. ବ ( ସଂ. ଉଦରୀ )—ଉଦରୀ ( ଦେଖ )
Uduri Udarī ( See )

ଉଦୁଲଙ୍ଗଳା—ଗ୍ରା. ବଣ. ପୁଂ—ସମ୍ପୂର୍ଣ୍ଣରୂପେ ଉଲଗ୍ନ—
Udulaṅgaḷā Fully naked; stark-naked.
( ଉଦୁଲଙ୍ଗୁଳୀ—ସ୍ତ୍ରୀ )

ଉଦୂଖଳ—ସ. ବ ( ଉତ୍—ଉପରେ+ଖଲ୍ ଧାତୁ=ଗମନ କରିବା+ କର୍ତ୍ତୃ. ଅ; ଯାହାର ମୁହଁ ଉପରକୁ )—
Udūkhaḷa
୧ । ଧାନ୍ୟ ପ୍ରଭୃତି କାଣ୍ଡିବାପାଇଁ କାଠରେ ଗଢ଼ାଯାଇଥିବା ପାତ୍ରବିଶେଷ—
1. A wooden mortar for husking grains and paddy.
୨ । ହେମଦସ୍ତା; ବଡ଼ ଖଲ—
2. A big mortar for pounding hard articles.
୩ । ଢିଙ୍କିଭରଣ୍ଡି—
3. Receptacle of a Ḍhiṅki.
୪ । ଗୁଗ୍ଗୁଲ—4. Bdellium.

ଉଦୂଖଳମୂଷଳ—ସ. ବ. ( ସହଚର; ଦ୍ୱନ୍ଦ୍ୱ )—
Udūkhaḷamūshaḷa ୧ । ଖଲ ଓ ପୁଆ—
1. Mortar and pestle.
୨ । ଧାନକୁଟିବାରେ ବ୍ୟବହୃତ କାଠର ହେମାମଦସ୍ତା ଓ ତହିଁରେ ପୁଆରୂପେ ବ୍ୟବହୃତ କାଠର ଠେଙ୍ଗା—
2. The wooden mortar and pestle for husking paddy.
[ ଦ୍ର—ଋଷିମାନେ ଆଶ୍ରମରେ ଢିଙ୍କି ପରିବର୍ତ୍ତେ ଉଦୂଖଳ ମୂଷଳଦ୍ୱାରା ବାଳୁଙ୍ଗାଧାନ ଆଦି କୁଟି ଚାଉଳ କରୁଥିଲେ । ଢିଙ୍କି ସ୍ଥାନାନ୍ତରକୁ ନିଆଯାଇ ପାରେ ନାହିଁ । କିନ୍ତୁ ଉଦୂଖଳମୂଷଳକୁ ଯେଣେ ଇଚ୍ଛା ତେଣେ ନିଆଯାଇ ପାରେ । ଓଡ଼ିଶାକୁ ବୁଲି ଆସୁଥିବା ସବାଖିଆ କେଳା ଓ ଦକ୍ଷିଣିଆ କେଳାମାନେ ଓ କନ୍ଧ, କୋହ୍ଲ ଏବଂ ସାନ୍ତାଳମାନେ ଏହାର ବ୍ୟବହାର କରନ୍ତି । ]

ଉଦୂଢ଼—ସ. ବଣ. ( ଉଦ୍=ଉପରେ+ବହ ଧାତୁ=ବହନ କରିବା +କର୍ମ. ତ )—
Udūṛḍha
୧ । ବାହିତ; ବୁହାଯିବା—1. Carried.
୨ । ଧରାଯାଇଥିବା; ଧୃତ—2. Caught hold of
୩ । ପରିଣୀତ; ବିବାହିତ—3. Married.
୪ । ସ୍ଥୂଳ—4. Fat; thick.
୫ । ଉନ୍ନତ—5. High; elevated.

ଉଦେ—ଗ୍ରା. ପଦ୍ୟ. ବ—୧ । ଉଦୟ ( ଦେଖ )
Ude 1. Udaya ( See ).
୨ । ଆରମ୍ଭ; ଉତ୍ପତ୍ତି—2. Beginning; origin.

ଜଗତ ଉଦେ ସ୍ଥିତି ଲୟେ; ହୋଇ ଯେ ଅଛ ଗୁଣମୟେ ।
ଜଗନ୍ନାଥ ଭାଗବତ ।

ଗ୍ରା. ପଦ୍ୟ. ବିଣ—ଉଦିତ ( ଦେଖ )—Udita ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; ବ଼ ନ ପାଇଲେ 'ବଳ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲତା' ନ ପାଇଲେ 'ଅଳତା' ଦେଖିବେ ।

ବୁଧଜନଙ୍କ କ ବଚନ ସ୍ଥାନେ ପୂର୍ଣ୍ଣ ସମ୍ଭବେ;
ବୁଧଜନ କରେ ପରତେ ନରେ ହବସେ ଉଦେ—ଉପେ. ବୈଦେହୀଶବିଳାସ ।
ତନୁ ଉଦେ ହେଲେ ଅକର୍ମିଣି ଲୀ ସେ ଲେଖେହେଁ ତ୍ରସାରୂଢ ନୋହେ—
ଧାନକୃଷ୍ଣ—ଜଗମୋହନ ।

ଉଦେଜୟ—ସଂ. ବଣ. ( ଉଦ୍=ଉପରେ+ଏଜ୍ ଧାତୁ; ଣିଚ=ଏଜ
Udejaya ଧାତୁ=କମ୍ପିତ କରାଇବା+କର୍ତ୍ତୃ. ଅ)—କମ୍ପଜନକ;
ଭୟପ୍ରଦ—Causing trepidation or trembling; frightful.

ଉଦେନାଥ—ଗ୍ରା. ବ. ( ସଂ. ଉଦୟ+ନାଥ )—
Udenātha ୧ । ସୂର୍ଯ୍ୟଦେବତା; ଧର୍ମଦେବତା—
1. The Sun-god.
୨ । ଲୋକଙ୍କ ନାମ—2. Name of males.

ଉଦ୍ଗତ—ସଂ. ବଣ. (ଉଦ୍=ଉପରକୁ+ଗମ ଧାତୁ=ଯିବା+କର୍ତ୍ତୃ. ତ)—
Udgata ୧ । ଉପରକୁ ବାହାର ପଡ଼ିଥିବା—
( ଉଦ୍ଗମ—ବ ) 1. Come forth.
୨ । ଉତ୍ଥିତ—2. Standing out.
୩ । ଉଠିଥିବା; ଉଦିତ—3. Risen.
୪ । ପ୍ରକାଶିତ; ଦୃଷ୍ଟ—
4. Appeared; become manifest.
୫ । ଉତ୍ପନ୍ନ—5. Produced
୬ । ନିର୍ଗତ—6. Issuing.

ଉଦ୍ଗତକାର୍ଯ୍ୟ—ସଂ. ବ—(ଅଧୁନାତ) କାନ୍ଥରୁ ପଦାକୁ ବାହାର ପଡ଼ିଥିବା
Udgatakārjya ଚୂନର କାରିଗର କାମ—Masonry work raised from the surrounding level or standing in bold relief.

ଉଦ୍ଗତି—ସଂ. ବ.(ଉଦ୍=ଉପରକୁ+ଗମ ଧାତୁ=ଯିବା+ଭାବ. ତି)—
Udgati ଉଦ୍ଗମ ( ଦେଖ )—Udgama ( See )
( ଉଦ୍ଗତ—ବଣ )

ଉଦ୍ଗମ—ସଂ. ବ. (ଉଦ୍=ଉପରକୁ+ଗମ ଧାତୁ=ଯିବା+ଭାବ.ଅ)—
Udgama ୧ । ଉତ୍ଥାପନ; ଊର୍ଦ୍ଧ୍ୱଗମନ; ଉଠିବା—
(ଉଦ୍ଗତ—ବଣ) 1. Ascending; ascent.
୨ । ଦର୍ଶନ; ଦେଖାଯିବା (ଯଥା—ପୁଷ୍ପୋଦ୍ଗମ)—
2. Appearance; manifestation.
୩ । ଉତ୍ପତ୍ତି—3. Birth. (ଯଥା—ଦନ୍ତୋଦ୍ଗମ=teething).
୪ । ଚଢ଼ିବା—4. Mounting upon a thing
୫ । ଅବିର୍ଭାବ; ଉଦୟ—5. Rising; appearing.
୬ । ଉଦ୍ଧ୍ୱ ହେବା; ଠିଆହେବା ( ଯଥା—ରୋମୋଦ୍ଗମ)—
6 Standing erect; standing up.
୭ । ବାହାରକୁ ବାହାରିବା—7. Coming out.
୮ । ଜ୍ଞାନ—8. Knowledge
୯ । ମନରେ ଉଦିତ ଭାବ—9. Idea.

ଉଦ୍ଗମନ—ସଂ. ବ. ( ଉଦ୍=ଉପରକୁ+ଗମ ଧାତୁ=ଯିବା+ଭାବ.
Udgamana ଅନ)—ଉଦ୍ଗମ (ଦେଖ)—Udgama ( See ).

ଉଦ୍ଗମନୀୟ—ସଂ. ବଣ. (ଉତ୍+ଗମ୍ ଧାତୁ+କର୍ମ. ଅନୀୟ)—
Udgamaniya ୧ । ଆରୋହଣୀୟ—
1. To be mounted up.
୨ । ପରିଷ୍କୃତ—2. Cleansed (M.W.)
ସଂ. ବ—ଧୌତ ଓ ପରିଷ୍କୃତ ବସ୍ତ୍ରଯୁଗଳ—
A pair of bleached cloths.

ଉଦ୍ଗାଢ଼—ସଂ. ବଣ. (ଉତ୍=ଅତିଶୟ+ଗାଢ଼)—
Udgārdha ଅତିମାତ୍ର; ଅତ୍ୟଧିକ—Too; excessive.

ଉଦ୍ଗାତା—ସଂ. ବଣ ପୁଂ. ( ଉଦ୍=ଉଚ୍ଚୈଃ+ଗୈ ଧାତୁ=ଗାଇବା+
Udgātā କର୍ତ୍ତୃ. ତୃ. ୧ମା.୧ବ)—ଉଚ୍ଚସ୍ୱରରେ ଗାନକର୍ତ୍ତା—
(ଉଦ୍ଗାତ୍ରୀ—ସ୍ତ୍ରୀ) Singing or reciting loudly.
ସଂ. ବ.—୧ । ସାମବେଦଗାୟକ — 1. A reciter of the hymns of the Sāma Beda.
୨ । ଏକ ଶ୍ରେଣୀ ବ୍ରାହ୍ମଣଙ୍କର ବଂଶୋପାଧିବିଶେଷ—
2. The title of a class of Brāhmaṇas.

ଉଦ୍ଗାର—ସଂ.ବ. ( ଉଦ୍=ବହିର୍ଭାଗ+ଗୃ ଧାତୁ=ଭୋଜନ କରିବା+
Udgāra ଭାବ. ଅ )—
(ଉଦ୍ଗୀର୍ଣ୍ଣ—ବଣ) ୧ । ଢେକୁର—1. Belching; eructation.
୨ । ବାନ୍ତି କରିବା; ଉଦ୍ବମନ—2. Vomiting.
୩ । ଉଚ୍ଚାରଣ—3. Pronunciation.
୪ । ନିଃସରଣ—4. Coming out; emission.
୫ । ଛେପ ଆଦି ପକାଇବା—5 Spitting out.

ଉଦ୍ଗାରିବା—ଦେ. କ୍ରି ( ସଂ. ଉଦ୍ଗାର )—ବାନ୍ତି କରିବା—
Udgāribā To vomit forth;
ତସ୍ମାର ତହିଁ ସଂଜନ ଗ୍ରାସ ଗର୍ଭୁ ଉଦ୍ଗାର ଯୋଉଲ ।
ଉପେ. ବୈଦେହୀଶବିଳାସ ।

ଉଦ୍ଗିରଣ—ସଂ. ବ. ( ଉଦ୍=ବହିର୍ଭାଗ+ଗୃ ଧାତୁ=ଭୋଜନ କରିବା
Udgiraṇa +ଭାବ. ଅନ )—
୧ । ଉଚ୍ଚାରଣ—1. Pronunciation.
୨ । ବମନ—2. Vomiting.
୩ । ଥୁକିବା—3. Slavering; spitting out.
୪ । ଢେକୁର ମାରିବା—4. Belching
୫ । (+କର୍ମ. ଅ)—ବଡ଼ିଶ—5. Fishing hook.

ଉଦ୍ଗୀତ—ସଂ. ବଣ. (ଉଦ୍=ଉଚ୍ଚୈଃ ସ୍ୱରରେ+ଗୀତ=ବୋଲାଯିବା)—
Udgita ଉଚ୍ଚ ସ୍ୱରରେ ଗାନ କରାଯିବା—Sung loudly.

ଉଦ୍ଗୀତି—ସଂ. ବ. (ଉଦ୍=ଉଚ୍ଚୈଃ ସ୍ୱରରେ+ଗୀତି=ଗାନ)—
Udgiti ୧ । ଉଚ୍ଚୈଃସ୍ୱରରେ ଗାନ—
(ଉଦ୍ଗୀତ—ବଣ) 1. Loud singing
୨ । ଆର୍ଯ୍ୟା; ସଂସ୍କୃତ ଛନ୍ଦୋବିଶେଷ—
2. A kind of metre in Sanskrit.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | · ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଯ୍ | ଉଅ | ଡ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ୱ | ଡ଼ |

ଉଦ୍ଗୀଥ—ସଂ. ବି. ( ଉଦ୍=ଉଚ୍ଚୈଃସ୍ୱରରେ+ଗୈ ଧାତୁ = ଗୀତ
Udgītha ଗାଇବା + କର୍ମ. ଥ )—
୧ । ସାମବେଦର ଅଂଶବିଶେଷ—
1. A part of the Sāma Beda.
୨ । ପ୍ରଣବ; ଓଁକାର—2. The mystic sound 'Oṅ'.
୩ । ସାମବେଦ ଧ୍ୱନି—3. The singing or recital of the Sāma Beda.

ଉଦ୍ଗୀର୍ଣ୍ଣ—ସଂ. ବି. (ଉଦ୍=ବିପରୀତ + ଗୃ ଧାତୁ=ଗିଳିବା+କର୍ମ.ତ)—
Udgīrṇṇa ୧ । ବମିତ; ବାନ୍ତ କରାଯାଇଥିବା—
ଉଦ୍ଗାର } ବି.
ଉଦ୍ଗିରଣ }
1. Vomited; emitted; cast off.
୨ । ଉଚ୍ଚାରିତ—2 Uttered.
୩ । ରାନ୍ତ ( ଯେଉଁ ବାକ୍ୟ ବା ଉଚ୍ଚାରଣର ଶେଷରେ 'ର' ଥାଏ )—3. A sound or word ending with 'Ra'
୪ । ଉତ୍ଥିତ; ନିର୍ଗତ—4. Risen.
୫ । ପ୍ରତିବିମ୍ବିତ—5. Reflected.
୬ । ବୋଳା ଯାଇଥିବା; ଅନୁରଞ୍ଜିତ —
6 Overlaid as with a layer; besmeared.
୭ । ଅନୁବିଦ୍ଧ—7. Pierced through.

ଉଦ୍ଗୂର୍ଣ୍ଣ—ସଂ. ବଣ. ( ଉଦ୍+ଗୁର ଧାତୁ=ଉତ୍ତୋଳନ କରିବା+
Udgūrṇṇa କର୍ମ. ତ)—
୧ । ଉଦ୍ଗତ—1. Risen up; standing.
୨ । ଉତ୍ତେଜିତ—2. Excited; irritated.
୩ । ଉଦ୍ରିକ୍ତ; ଠାଣୁଆ ହୋଇଥିବା—
3. Stiffened; become erect.
୪ । ଉତ୍ତୋଳିତ; ଉଦ୍ୟତ; (ଶାସ୍ତ୍ରାଦି)—
4. Raised for action (said of weapons); lifted up; held up.

ଉଦ୍ଗ୍ରଥିତ—ସଂ. ବି. ( ଉଦ୍=ଉପରେ+ଗ୍ରନ୍ଥ ଧାତୁ=ଗଣ୍ଠି ପକାଇବା
Udgrathita +କର୍ମ. ତ)—
୧ । ଅଗରେ ଗୋଟା ହୋଇ ବନ୍ଧାଯାଇଥିବା; ଊର୍ଦ୍ଧ୍ୱରେ ସଂଯତ (କେଶ)—1. Collected or tied together at the top.
୨ । ଅଗ୍ରଦେଶରେ ଗଣ୍ଠି ପଡ଼ିଥିବା—
2. Tied into a knot at the top

ଉଦ୍ଗ୍ରନ୍ଥନ—ସଂ. ବି—୧ । କାନ୍ଥ ଉଠାଇବା; ଗାନ୍ଥିବା—
Udgranthana 1. The building up or raising of a masonry wall.
୨ । ଅଗରେ ଗଣ୍ଠି ପକାଇବା—
2 Tying into a knot at the top

ଉଦ୍ଗ୍ରହ—ସଂ. ବି. (ଉଦ୍=ଉପରଆଡ଼ୁ+ଗ୍ରହ ଧାତୁ=ଗ୍ରହଣ କରିବା
Udgraha +ଭାବ. ଅ)—ଉଦ୍ଗ୍ରହଣ (ଦେଖ)
Udgrahaṇa (See)

ଉଦ୍ଗ୍ରହଣ—ସଂ.ବି. (ଉଦ୍=ଉପରଆଡ଼ୁ+ଗ୍ରହ ଧାତୁ=ଗ୍ରହଣ କରିବା
Udgrahaṇa +ଭାବ. ଅନ)—୧ । ଗ୍ରହଣ—
1. Taking up; holding.
୨ । ଗିଳନ ବା ଗିଳିବା—2. Devouring.

ଉଦ୍ଗ୍ରାହ—ସଂ. ବି. (ଉଦ୍=ସମ୍ୟକ୍+ଗ୍ରହ ଧାତୁ=ଗ୍ରହଣ କରିବା+
Udgrāha ଭାବ. ଅ)—୧ । ଗ୍ରହଣ—1. Taking.
୨ । ବିଦ୍ୟାବିଚାର—2. Discussion on a scientific matter.

ଉଦ୍ଗ୍ରାହିତ—ସଂ. ବଣ ( ଉଦ୍=ଉପରକୁ+ଗ୍ରହ ଧାତୁ. ଣିଚ=ଗ୍ରାହି
Udgrāhita ଧାତୁ + କର୍ମ. ତ )—୧ । ଉପରଅଡ଼ୁ ଧରା ଯାଇଥିବା—1. Held at the top.
୨ । ଗ୍ରହଣ କରା ଯାଇଥିବା; ଗୃହୀତ ହୋଇଥିବା—
2. Taken hold of; caught hold of
୩ । ଗିଳା ଯାଇ ଥିବା—3. Devoured.
୪ । ଉପନ୍ୟସ୍ତ—4. Overlaid; kept at the top.
୫ । ବଦ୍ଧ—5. Bound; fixed.
୬ । ଅନ୍ତଃକରଣରେ ଅର୍ପିତ—6 Offered or dedicated mentally.
୭ । ଆକ୍ରାନ୍ତ—7. Attacked unawares.
୮ । ଉନ୍ନମିତ—8. Bent down

ଉଦ୍ଗ୍ରୀବ—ସଂ. ବଣ. ପୁଂ. ( ବହୁବ୍ରୀହି; ଉଦ୍=ଉପରକୁ ଟେକା ହୋଇ
Udgrība ଅଛି+ଗ୍ରୀବା ଯାହାର)—
(ଉଦ୍ଗ୍ରୀବା—ସ୍ତ୍ରୀ) ୧ । ଉତ୍କନ୍ଧର; ଯେ ବେକକୁ ଟେକ ଥାଏ—
(ଉଦ୍ଗ୍ରୀବତା—ବି) 1. With overstretched neck.
୨ । କୌଣସି କଥା ଶୁଣିବାକୁ ଆଗ୍ରହାନ୍ୱିତ—
2. Burning with zeal to hear something.
୩ । ଆଶାନ୍ୱିତ—3. Expectant.

ଉଦ୍ଘ—ସଂ. ବି. ( ଉଦ୍=ଉପରେ+ଘଣ ଧାତୁ=ଦୀପ୍ତି ପାଇବା+
Udgha ଭାବ. ଅ)—୧ । ପ୍ରଶଂସା—1. Praise.
୨ । କରପୁଟ—2. Palm of the hand; the fold of the palms.
୩ । (+କର୍ତ୍ତୃ. ଅ)—ଅଗ୍ନି—3. Fire.
ସଂ. ବଣ.—୧ । ପ୍ରଶସ୍ତ—1. Extensive; wide; broad.
୨ । ପ୍ରକାଣ୍ଡ—2. Vast.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚନ ୧ ଅଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଅଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଅଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଉକ୍ତ ଉପରସ୍ଥ ୨ ବା ୧ ଅଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ଶାଠ' ଖୋଜିବେ 'କୃଷ' ନ ମିଳିଲେ 'କୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକତ' ନ ପାଇଲେ 'ଅଲକ୍ତକ' ଦେଖିବେ

ଉଦ୍‌ଘଟ୍ଟନ— ସଂ. ବି. (ଉଦ୍ = ସମ୍ୟକ + ଘଟ୍ଟ ଧାତୁ = ଘାଣ୍ଟିବା + ଭାବ. Udghattana ଅନ)— ୧ । ଘାଣ୍ଟିବା — 1. Stirring.
୨ । ଆଘାତ — 2. Striking
୩ । ଉନ୍ମୋଚନ — 3. Opening.
୪ । (ଲୁଗା) ପାଲଟିବା — 4. Putting off (of dress)

ଉଦ୍‌ଘଟ୍ଟିତ— ସଂ. ବିଣ. (ଉଦ୍ + ଘଟ୍ଟ ଧାତୁ + କର୍ମ.ତ)— Udghattita ୧ । ଆହତ — 1. Struck.
୨ । ଉନ୍ମୋଚିତ — 2. Opened.
୩ । ପାଲଟା ଯାଇଥିବା (ଲୁଗା) — 3. Put off (cloth)

ଉଦ୍‌ଘନ— ସଂ. ବି. (ଉଦ୍ = ଉପରେ + ହନ୍ ଧାତୁ = କାଟିବା; ହାଣିବା; Udghana + ଅଧିକରଣ. ଅ)— ୧ । କାଷ୍ଠଛେଦନାଧାର — 1. Chopping block.
୨ । ଧୋବା ଯାହା ଉପରେ କାଠକୁ ରଖି ହାଣନ୍ତି; (ଧୋବାଙ୍କ ଭାଷାରେ) ଗଣ୍ଡ୍ରି ବା ଗଣ୍ଡି — 2. A block of wood on which the wood-man puts the wood to be cut with his axe.
୩ । ବଢ଼େଇ ଯାହା ଉପରେ କାଠକୁ ରଖି କଟାକଟି କରନ୍ତି — 3. A carpenter's work-bench.

ଉଦ୍‌ଘର୍ଷଣ— ସଂ. ବି. (ଉଦ୍ = ଉପରେ + ଘୃଷ ଧାତୁ = ଘଷିବା + ଭାବ. Udgharshana ଅନ)— ୧ । ଉପରେ ଘଷିବା — 1. Rubbing.
୨ । ଦୁଇ ପଦାର୍ଥ ପରସ୍ପର ଘଷି ହେବା — 2. Abrasion; friction.

ଉଦ୍‌ଘାଟ— ସଂ. ବି. (ଉଦ୍ = ଅଧିକ + ଘଟ୍ = ପ୍ରକାଶ ପାଇବା + ଭାବ. Udghāta ଅ)— ୧ । ଉଦ୍‌ଘାଟନ; ମେଲାଇବା — 1. Opening.
୨ । ପଣ୍ୟାଦି ଦ୍ରବ୍ୟ ଦେଖାଇବା ନିମନ୍ତେ ଉଦ୍ଘାଟିତ ସ୍ଥାନ — 2. A booth for exhibiting commodities
୩ । ଶୁଳ୍କ ବା ରାଜସ୍ୱ ଗ୍ରହଣ କରିବା ନିମନ୍ତେ ନିରୂପିତ ସ୍ଥାନ ବା ଘାଟ — 3. A place or gate where tax on commodities is realised; toll-gate.
୪ । ଉଘାଡ଼; ଘର ମଧ୍ୟରେ ଥିବା ମଞ୍ଚା — 4. A scaffolding inside a room.
୫ । ଉଘାଣ; (ଦୋଷାଦି) ପ୍ରକାଶ କରିବା — 5. Publishing another's failings.

ଉଦ୍‌ଘାଟକ— ସଂ. ବିଣ. ପୁଂ. (ଉଦ୍ = ଉପରକୁ + ଘଟ ଧାତୁ; ଣିଚ = ଘାଟି Udghātaka ଧାତୁ = ପ୍ରକାଶ ପାଇବା + କର୍ତ୍ତୃ.ଅକ)— (ଉଦ୍ଘାଟିକା—ସ୍ତ୍ରୀ) ୧ । ଯେ ମେଲ୍ଲାକରେ; ଉନ୍ମୋଚନକାରୀ — (ଉଦ୍ଘାଟନ—କ୍ଲୀ) 1. Opener.
୨ । ଯେ ମୁକୁଳାଏ — 2. Releasing.
୩ । ପ୍ରକାଶକ — 3. Publishing; exposing; disclosing.
୪ । ଉଲ୍ଲେଖକ — 4. Alluding.
୫ । ଯେ ପଣ୍ୟଦ୍ରବ୍ୟକୁ ପସରାରେ ଦେଖାଏ — 5. Displaying merchandise.
ସଂ. ବି.— ୧ । ବାଲ୍ଟି — 1. Bucket.
୨ । କୂଅରୁ ପାଣି କାଢ଼ିବା ଯନ୍ତ୍ର — 2. A contrivance for drawing water from a well.
୩ । ଚାବି; କୁଞ୍ଚି — 3. Key.

ଉଦ୍‌ଘାଟନ— ସଂ. ବି. (ଉଦ୍ = ଉପରକୁ + ଘଟ ଧାତୁ ଣିଚ, ଘାଟି ଧାତୁ Udghātana = ଟେକିବା + ଭାବ. ଅନ)— ୧ । କୂଅରୁ ପାଣି (ଉଦ୍ଘାଟିତ—ବିଣ) କାଢ଼ିବାର ପାତ୍ର ବା ଯନ୍ତ୍ର — 1. Bucket; rope and bucket for drawing water (from a well).
୨ । ଉନ୍ମୋଚନ; ମେଲାଇବା — 2. Opening; act of uncovering.
୩ । ମୁକୁଳାଇବା; ମୁକ୍ତ କରିବା — 3. Setting free; releasing.
୪ । ଟେଣ୍ଡା — 4. A contrivance for drawing water from a deep place.
୫ । ପ୍ରକାଶନ — 5. Publication.
୬ । ପରର ଦୋଷକୁ ସାଧାରଣରେ ପ୍ରକାଶ କରିବା — 6. Publishing of another's faults or secrets.

ଉଦ୍‌ଘାଟିତ— ସଂ. ବିଣ. (ଉଦ୍ = ଉପରକୁ + ଘଟ ଧାତୁ ଣିଚ = Udghātita ଘାଟି ଧାତୁ + କର୍ମ. ତ)—
୧ । ମେଲା କରାଯାଇଥିବା; ଉନ୍ମୋଚିତ — 1. Opened; burst open; blown open.
୨ । ପ୍ରକାଶିତ — 2. Published; disclosed.
୩ । ମୁକ୍ତ — 3. Released; set free.

ଉଦ୍‌ଘାତ— ସଂ. ବି. (ଉଦ୍ + ହନ ଧାତୁ = ବଧ କରିବା + ଭାବ. ଅ)— Udghāta ୧ । ସୂଚନା — 1. Indication; hint
୨ । ଉପକ୍ରମ; ଆରମ୍ଭ — 2. Beginning.
୩ । ପ୍ରସ୍ତାବନା; ଉଲ୍ଲେଖ — 3. Proposal; starting of a subject.
୪ । ମୁଦ୍ଗର — 4. A mallet; a club.
୫ । ଆଘାତ — 5. A blow.
୬ । ବାଧା — 6. Obstacle.
୭ । ପାଦସ୍ଖଳନ; ଝୁଣ୍ଟିବା — 7. Hitting a thing with the foot while walking; tripping; stumbling.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଶ,ଷ | ଙ୍କ | ଇଯ୍ | ଉଅ | ଢ |
| ୨ | ଈ | ଊ | ରୁ | ଲୃ | ଏ୍ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଇଅ | ଓ | ନ୍ଧ |

୮ । ପ୍ରତିଘାତ—8. A blow in return

୯ । ( +କରଣ. ଅ )—ଗ୍ରନ୍ଥର ପରିଚ୍ଛେଦ ବା ଅଧ୍ୟାୟ—9. Chapter or section of a book.

୧୦ । ନିଦର୍ଶନ—10. Proof; sign.

**ଉଦ୍ଘାଟକ**—ସଂ. ବି. ( ଉତ୍ + ହନ୍ ଧାତୁ. ଣିଜନ୍ତ=ଘାତ ଧାତୁ+ଅକ )—ନାଟକୀୟ ପ୍ରସ୍ତାବନାବିଶେଷ—
Udghātaka
A kind of prologue in a drama.

**ଉଦ୍ଘୁର**—ସଂ. ବିଣ. ( ଉଦ୍ + ଘୁର=ଘୂରିବା+ଅ )—
Udghura ୧ । ହାଲୁକା; ଗୁରୁତ୍ୱଶୂନ୍ୟ—1. Light; without weight.

୨ । ଦୃଢ଼—2 Strong; fast set.

**ଉଦ୍ଘୋଷ**—ସଂ. ବି. ( ଉଦ୍=ଉଚ୍ଚୈଃସ୍ୱରରେ+ଘୁଷ ଧାତୁ=ଶବ୍ଦ କରିବା+ଭାବ. ଅ )—
Udghosha
(ଉଦ୍ଘୋଷିତ—ବିଣ) ୧ । ଉଚ୍ଚୈଃସ୍ୱରଦ୍ୱାରା ଇଙ୍ଗିତ; ପାଟି କରିବା—1. Speaking out; talking loudly

୨ । ପୁନଃ ପୁନଃ କଥନ—2. Repeated saying.

୩ । ଉଚ୍ଚୈଃସ୍ୱରରେ ପ୍ରକାଶ—3. Proclamation; announcing.

୪ । (+କର୍ତ୍ତୃ. ଅ)—ଯେ ଉଚ୍ଚଶବ୍ଦାଦି କରିବା ଦ୍ୱାରା ଇଙ୍ଗିତ କରେ—4. A person who gives hints by loud sounds

**ଉଦ୍ଦଣ୍ଡ**—ସଂ. ବିଣ. ପୁଂ. ( ଉତ୍=ଉତ୍କଟ+ଦଣ୍ଡ )—
Uddaṇda ୧ । ଉତ୍କଟଦଣ୍ଡଧାରୀ; ଲଗୁଡ଼ଧାରୀ; ଠେଙ୍ଗା ଧରିବା ବ୍ୟକ୍ତି; ଲାଠିଆଳ—1. Bearing a lethal weapon.

୨ । ଅବାଧ୍ୟ; ଅମାନିଆ—2. Disobedient; insubordinate.

୩ । ଅଶାସ୍ୟ—3 Unruly; uncontrollable.

୪ । ପ୍ରତାପାନ୍ୱିତ; ପ୍ରବଳପରାକ୍ରାନ୍ତ—4. Very powerful.

୫ । ସିଧା; ସରଳ—5. Straight.

ହସ୍ତୀର ଶୁଣ୍ଡ ପ୍ରାୟେ ହୋଇ । ଲମ୍ୱେ ଉଦଣ୍ଡ ଭୁଜ ଦୁଇ । ଜଗନ୍ନାଥ. ଭାଗବତ

ଦେ. ବିଣ—ଉଦଣ୍ଡ ( ଦେଖ ) Udaṇda ( See )

**ଉଦ୍ଦଣ୍ଡିଆ**—ଦେ. ବିଣ—ଉଦଣ୍ଡିଆ ( ଦେଖ )
Uddaṇḍiā Udaṇḍiā ( See )

**ଉଦ୍ଦଣ୍ଡେ**—ଦେ. କ୍ରି. ବିଣ—ଉଚ୍ଚୈଃସ୍ୱରରେ—Loudly,
Uddaṇḍe ଲୁବେର କାନକେ ମିଳଇ, ଉଦଣ୍ଡେ ଶଙ୍ଖନାଦ କଲା ।
ଜଗନ୍ନାଥ. ଭାଗବତ ।

**ଉଦ୍ଦନ୍ତୁର**—ସଂ. ବିଣ. ପୁଂ. (ଉତ୍=ବଡ଼+ଦନ୍ତୁର=ଦନ୍ତଯୁକ୍ତ)—
Uddantura ୧ । ଦାନ୍ତୁରା—1. Having large or protruding teeth.

୨ । ଦନ୍ତା; ବଡ଼ ଦାନ୍ତବାଲା—2. Having tusks.

୩ । କରାଳ; ଭୟାନକ—3. Formidable.

୪ । ଅତି ଡେଙ୍ଗା; ଉଚ୍ଚ, ଙ୍ଗ—4. Very tall.

**ଉଦ୍ଦାନ**—ସଂ. ବି. ( ଉଦ୍=ଉତ୍କୃଷ୍ଟ+ଦା ଧାତୁ=ପାଳନ କରିବା+କର୍ତ୍ତୃ. ଅନ )—
Uddāna

୧ । ବନ୍ଧନ—1. Binding; confinement.

୨ । (+ଭାବ. ଅନ) ପୋଷଣ—2. Maintenance.

୩ । (ଦୋ ଧାତୁ=ଛେଦନ କରିବା)—ଚୁଲ୍ଲୀ—3. Oven.

୪ । ବାଡ଼ବାନଳ—4. Submarine fire.

୫ । (+କର୍ମ.•ଅନ)—କଟିଦେଶ—5. Waist.

୬ । (ଜ୍ୟୋତିଷ) ଜନ୍ମ ଲଗ୍ନ—6. (Astrology) The time of birth; horoscopic moment.

୭ । ମଧ୍ୟ; ମଧ୍ୟଭାଗ—7. Middle; middle part.

**ଉଦ୍ଦାନ୍ତ**—(ଉତ୍=ଅତିଶୟ+ଦମ୍ ଧାତୁ=ଶାସନ କରିବା+କର୍ମ.ତ)—
Uddānta ୧ । ଅତିଦମିତ—1. Much subdued.

୨ । ଶାନ୍ତ—2. Tranquil; placid

୩ । ସ୍ଥିରସ୍ୱଭାବାପନ୍ନ—3. Quiet.

**ଉଦ୍ଦାମ**—ସଂ. ବିଣ ( ଉଦ୍+ଦମ୍ ଧାତୁ=ଶାନ୍ତହେବା+କର୍ତ୍ତୃ. ଅ )—
Uddāma ୧ । ଉଚ୍ଛୃଙ୍ଖଳ; ବନ୍ଧନରହିତ—1. Unfettered; unbridled.
(ଉଦ୍ଦାମା—ସ୍ତ୍ରୀ)

୨ । ଉତ୍କଟ—2. Unrestrained.

୩ । ଅଶାସ୍ୟ—3. Unruly; uncontrollable.

୪ । ସ୍ୱେଚ୍ଛାଚାରୀ—4. Free; self-willed; despotic.

୫ । ଯାହାକୁ କେହି ଅଟକାଇ ରଖିନାହିଁ—5. Unconfined.

ଦେ. ବିଣ—ଉଦଣ୍ଡ; ଦୁଷ୍ଟ—Wicked.

ସଂ. ବି—ବରୁଣ—The Sea-god.

**ଉଦ୍ଦାଳ**—ସଂ. ବି ( ଉତ୍+ଦଳ ଧାତୁ+ଭାବ. ଅ )—୧ । ଧାନ୍ୟ
Uddāla ବିଶେଷ; ବଣକୋଦୁଅ—1. A kind of wild corn.

୨ । ବହୁବାର ଗଛ; ଔଉ—2. Dillenia Speciosa. (tree and fruit)

୩ । ଲୁଡ଼—3. A medicinal root.

**ଉଦ୍ଦାଳକ**—ସଂ. ବି (ନାମ)—୧ । ଋଷିବିଶେଷ; ( ଭଗବାନ ଏହାଙ୍କୁ
Uddālaka ଲକ୍ଷ୍ମୀଙ୍କ ବଡ଼ ଭଉଣୀ ଅଲକ୍ଷ୍ମୀଙ୍କ ସଙ୍ଗେ ବିବାହ କରାଇ ଦେଇଥିଲେ)—1. A sage (who) married Alakshmī the elder sister of Goddess Lakshmi. )

୨ । ଔଉ—2. Dillenia Speciosa ( tree and fruit )

**ଉଦ୍ଦିତ**—ସଂ.ବିଣ ( ଉତ୍+ଦୋ ଧାତୁ=ଛେଦନ କରିବା କର୍ମ.+ତ)—
Uddita ବନ୍ଧନପ୍ରାପ୍ତ; ବଦ୍ଧ—Bound; tied together.

ସାଧାରଣ ନେତ୍ରରେ ଶପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅନୁକ୍ରମେ ତାହାର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗଜ' ନ ମିଳିଲେ 'ଗଜ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ଖୋଜିଲେ 'ବଧୂ' ଦେଖିବେ; 'ଅର୍ଘ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ

ଉଦ୍ଦିଷ୍ଟ—ସଂ. ବିଣ ( ଉଦ୍—ଉପରେ+ଦିଶ୍—ଆଦେଶ କରିବା; ଦାନ
Uddishṭa କରିବା+କର୍ମ. ତ )—୧ । ଲକ୍ଷ୍ୟୀକୃତ—
1. Aimed at.
୨ । ଉପଦିଷ୍ଟ—2. Advised.
୩ । ଅଭିପ୍ରେତ—3. Intended; designed.
୪ । ଯାହାର ଅନୁସନ୍ଧାନ କରାଯାଇଅଛି—
4. Inquired after; investigated.
୫ । ଯାହା ବିଷୟ ବୋଲା ଯାଇଅଛି; ଉଲ୍ଲିଖିତ—
5. Mentioned; referred to.

ଉଦ୍ଦୀପକ—ସଂ. ବିଣ ( ଉଦ୍=ଅଧିକ+ଦୀପ ଧାତୁ ଣିଚ, ଦୀପି ଧାତୁ=
Uddīpaka ଦୀପ୍ତ କରାଇବା+କର୍ତ୍ତୃ. ଅକ ) ୧ । ଯେ ମତାଏ—
(ଉଦ୍ଦୀପିକା—ସ୍ତ୍ରୀ) 1. Inciting.
୨ । ଉତ୍ତେଜକ—2. Exciting; inflaming
(ଯଥା—କାମୋଦ୍ଦୀପକ ।)
୩ । ଯେ ଅଗ୍ନି ଉଦ୍ଦୀପନ କରେ ବା ନିଆଁ ଜଳାଏ—
3. One who stirs up a fire; stirring up or setting fire to.
୪ । ତେଜସ୍ୱାନ୍—4. Energetic; vigorous.
୫ । ଉଜ୍ଜ୍ୱଳ; ଜକଜକ; ଜୁଳୁଜୁଳୁ—
5. Luminous; bright.
୬ । ଯେ ଉତ୍ସାହଦାନ କରେ—6. Encouraging.
୭ । ଯେ ବଢ଼ାଏ—7. Aggravating.

ଉଦ୍ଦୀପନ—ସଂ. ବି ( ଉଦ୍=ଅଧିକ+ଦୀପ ଧାତୁ=ଦୀପ୍ତିକରିବା+ଭାବ.
Uddīpana ଅନ )—ଉଦ୍ଦୀପନା (ଦେଖ)
Uddīpanā (See)

ଉଦ୍ଦୀପନା—ସଂ. ବି (ଉଦ+ଦୀପ୍ ଧାତୁ+ଭାବ. ଅନ+ଆ )—
Uddīpanā ୧ । ମତାଇବା—1. Inciting.
୨ । ଉତ୍ତେଜନା—2. Inflaming; exciting
୩ । ବଢ଼ାଇବା—3. Aggravation.
୪ । ପ୍ରଜ୍ୱଳନ; ଜଳାଇବା—
4. Blazing up; illumination; illuminating.
୫ । ଉତ୍ସାହଦେବା—5. Encouraging; eneouragement.
୬ । (ଉଦ୍+ଦୀପ ଧାତୁ; ଣିଚ୍ ଦୀପି ଧାତୁ+କର୍ତ୍ତୃ ଅନ)—
ଅଳଙ୍କାରରେ ରସର ଉଦ୍ଦୀପକବିଶେଷ—
6. Circumstance which excites a peculiar sentiment (e.g. fear; anger; pity etc)
( ରସଶବ୍ଦରେ ନୋଟ ଦେଖ )

ଉଦ୍ଦୀପନୀୟ—ସଂ. ବିଣ ( ଉଦ୍+ଦୀପ୍ ଧାତୁ+କର୍ମ. ଅନୀୟ )—
Uddīpanīya ଯାହାର ଉଦ୍ଦୀପନା କରିବା ଉଚିତ ବା ଆବଶ୍ୟକ
That which ought to be illuminated; excitable.

ଉଦ୍ଦୀପିତ—ସଂ. ବିଣ—(ଉଦ୍+ଦୀପ ଧାତୁ. ଣିଚ୍+କର୍ମ. ତ )—
Uddīpita ୧ । ଉତ୍ତେଜିତ—
1. Excited; inflamed; animated.
୨ । ପ୍ରଜ୍ୱଳିତ—
2. Inflamed; illuminated; lighted.
୩ । ପରିବର୍ଦ୍ଧିତ—3. Aggravated.
୪ । ପ୍ରକାଶିତ—4. Manifested.
୫ । ଉଜ୍ଜ୍ୱଳିତ—5. Brightened

ଉଦ୍ଦୀପ୍ତ—ସଂ. ବିଣ (ଉଦ୍=ବିଶେଷ+ଦୀପ୍ ଧାତୁ+କର୍ମ. ତ )—
Uddīpta ୧ । ଉତ୍ତେଜିତ—1. Inflamed; excited.
୨ । ପ୍ରଜ୍ୱଳିତ—2. Lighted.
୩ । ଅତିଶୟ ତେଜସ୍ୱାନ୍—3. Blazing.
୪ । ଉଗ୍ର—4. Vigorous; sharp.
୫ । ଉଜ୍ଜ୍ୱଳୀକୃତ—
5. Illuminated; brightened
୬ । ବ୍ୟକ୍ତୀକୃତ—6. Manifest

ଉଦ୍ଦେଶ—ସଂ. ବି (ଉଦ୍+ଦିଶ୍ ଧାତୁ=ବୋଲିବା; ଲକ୍ଷ୍ୟକରିବା;
Uddeśa ଦେବା+ଭାବ. ଅ )—
୧ । ଲକ୍ଷ୍ୟ—1. Aim.
୨ । ଅନୁସନ୍ଧାନ; ଅନ୍ୱେଷଣ—
2. Quest; enquiry.

ଉଦ୍ଦେଶ ଭାଇମାନଙ୍କର
କପାଇଁ ତୁମ୍ଭେ ହେ ନ କର—ଜଗନ୍ନାଥ. ଭାଗବତ ।

୩ । ଅଭିସନ୍ଧି—3. Secret intention.
୪ । ଅଭିପ୍ରାୟ—4. Motive.
୫ । ବାର୍ତ୍ତା—5. News.
୬ । ସମ୍ବାଦ; ତଥ୍ୟ; ଖବର—
6. Certain information.
୭ । (+ଅଧିକରଣ. ଅ) ପ୍ରଦେଶ—
7; A tract of country; a place.
୮ । ଉଲ୍ଲେଖ—8. Reference; mention.
୯ । ଠିକଣା; ପତ୍ତା; ଚିହ୍ନମାତ୍ର—9. Trace; vestige.
ଯାହାର ନ ପାଇ ଉଦ୍ଦେଶ, ସମ ତଳିଲେ ନିଜ ଦେଶ—ଜଗନ୍ନାଥ. ଭାଗବତ ।
୧୦ । ଉଲ୍ଲାସ; ସଙ୍କେତ—10. Allusion.

| ୧ | ଇ | ଉ | ର,ବ | ଝ | ଏ | ଦନ୍ତ୍ୟ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଚ | ଶ,ଗ | ଛ | ଇସ୍ତ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ଝ | ଙ୍ | ଇଅ | ଓ | ନୃ |

ଉଦ୍ଦେଶ କରିବା—ଦେ.କ୍ରି—୧ । ଲକ୍ଷ୍ୟ ରଖିବା—1. To aim at
Uddesa karibā ୨ । ଅପେକ୍ଷା କରିବା—2. To wait for.
উদ্দেশকরা ୩ । ଖୋଜିବା; ଅନୁସନ୍ଧାନ କରିବା—
उद्देश करना 3. To search for; to be in quest of.
୪ । ତତ୍ତ୍ୱନେବା; ଖବରନେବା—4. To enquire of.
୫ । ସଙ୍କେତଦ୍ୱାରା ସୂଚନା କରିବା—
5 To allude to.

ଉଦ୍ଦେଶ ରଖିବା—ଦେ. କ୍ରି.—ଉଦ୍ଦେଶ କରିବା (ଦେଖ)
Uddesa rakhibā Uddesa karibā (See)

ଉଦ୍ଦେଶରେ—ଦେ. କ୍ରି. ବଣ—୧ । (ଅମୁକ ବିଷୟ ପ୍ରତି) ଲକ୍ଷ୍ୟ ରଖି —
Uddesare 1. With a view to.
উদ্দেশে ୨ । ( ଅମୁକଙ୍କୁ ) ଲକ୍ଷ୍ୟ କରି—
उद्देशसे 2. Aiming at.
୩ । ( ଅମୁକ ) ବିଷୟରେ—
3. With reference to.

ଉଦ୍ଦେଶିବା—ଦେ. ପଦ୍ୟ. କ୍ରି (ସଂ. ଉଦ୍ଦେଶ)—୧ । ଲକ୍ଷ୍ୟ କରିବା—
Uddesibā 1. To aim at.
উদ্দেশা ଆମେ ଉଦ୍ଦେଶିଣ ବାଣ ବିନ୍ଧିଲେ ସବଳେ—ମଧୁସୂଦନ. ଗଜମାଳା ।
୨ । ଖୋଜିବା; ଅନୁସନ୍ଧାନ କରିବା—
2. To search after; to seek.

ଘୋଡ଼ାକୁ ଉଦ୍ଦେଶିଣ ମଣ୍ଡଳରେ ବୁଲିଲେ—କୃଷ୍ଣସିଂହ. ମହାଭାରତ. ବନ ।

ଉଦ୍ଦେଶ୍ୟ—ସଂ. ବି. ( ଉତ୍+ଦିଶ୍ ଧାତୁ+କର୍ମ. ଯ )—
Uddesya ୧ । ଯେଉଁ ଶେଷଫଳ ପ୍ରତି ଦୃଷ୍ଟି ରଖି କୌଣସି କାର୍ଯ୍ୟ କରାଯାଏ; ଲକ୍ଷ୍ୟ; ଯାହା ଲକ୍ଷ୍ୟ କରା ଯାଇଥାଏ—
1. Aim; purpose; object; end in view.
୨ । ତାତ୍ପର୍ଯ୍ୟ—2. Purport.
୩ । ଅଭିପ୍ରାୟ—3. Intention.
୪ । ଅଭିସନ୍ଧି—4. Hidden aim; secret motive.
ସଂ. ବଣ—ଅଭିପ୍ରେତ—Intended; aimed at.

ଉଦ୍ଦେଶ୍ୟ-ବିଧେୟ ସମ୍ବନ୍ଧ—ସଂ. ବଣ ( ନ୍ୟାୟ ) ଲକ୍ଷ ଓ ଲକ୍ଷିତ କ୍ରିୟାର
Uddesyabidheya sambandha ସମ୍ପର୍କ—
(Logic) Apposition; the relation subsisting between the object and predicate

ଉଦ୍ଦେଶ୍ୟମୂଳକ—ସଂ. ବଣ (ବହୁବ୍ରୀହି; ଉଦ୍ଦେଶ୍ୟ+ମୂଳ+କ )—
Uddesyamūlaka ଉଦ୍ଦେଶ୍ୟଯୁକ୍ତ; ଯାହାର ମୂଳରେ କୌଣସି ଉଦ୍ଦେଶ୍ୟ ଥାଏ—Having a certain end in view.

ଉଦ୍ଦେଶ୍ୟରେ—ଦେ. କ୍ରି. ବଣ—ଉଦ୍ଦେଶରେ (ଦେଖ)
Uddesyare Uddesare (See)

ଉଦ୍ଦ୍ୟୋତ—ସଂ. ବି (ଉତ୍+ଦ୍ୟୁତ୍ ଧାତୁ=ଦୀପ୍ତି ପାଇବା+ଭାବ.ଅ)—
Uddyota
୧ । ପ୍ରକାଶ—1. Exhibition; manifestation.
୨ । ଆତପ; ଖରା—2. The sun's rays.

ଉଦ୍ଦ୍ରାବ—ସଂ. ବି (ଉତ୍+ଦ୍ରୁ ଧାତୁ=ଗମନ କରିବା+ଭାବ. ଅ )—
Uddrāba
୧ । ଦ୍ରୁତ ବେଗରେ ଗମନ—1. Quick motion.
୨ । ପଳାୟନ—2. Fleeing.
୩ । ଅସ୍ଥିରତା—3. Restlessness.

ଉଦ୍ଦ୍ରୁତ—ସଂ. ବଣ ( ଉତ୍=ଉପରେ+ଦ୍ରୁ ଧାତୁ=ଗମନ କରିବା+
Uddruta କର୍ତ୍ତୃ. ତ )—୧ । ପଳାୟିତ—1. Fled.
(ଉଦ୍ଦ୍ରାବ—ବି) ୨ । ଚଳିତ—2. Moved.

ଉଦ୍ଧତ—ସଂ. ବଣ. ପୁଂ (ଉତ୍=ଅତ୍ୟନ୍ତ+ହନ୍ ଧାତୁ+କର୍ତ୍ତୃ. ତ)—
Uddhata ୧ । ଅବିନୀତ; ଧୃଷ୍ଟ; ଦୁରନ୍ତ—
(ଉଦ୍ଧତା—ସ୍ତ୍ରୀ) 1. Rude; wicked; impertinent.
୨ । ଉଗ୍ରଟ—2. Violent.
୩ । ଗର୍ବିତ; ଅହଂକୃତ—
3 Haughty; proud; arrogant.
୪ । ଉତ୍କ୍ଷିପ୍ତ; ଉପରକୁ ଫୋପଡ଼ା ଯାଇଥିବା—
4. Thrown up.

ଉଦ୍ଧତଚାରୀ—ସଂ.ବଣ. ପୁଂ (ଉଦ୍ଧତ+ଚର୍ ଧାତୁ=ଆଚରଣ କରିବା+
Uddhatachārī କର୍ତ୍ତୃ ଇନ୍)—ଯେ ଉଦ୍ଧତ ଭାବରେ ଚଳେ—
(ଉଦ୍ଧତଚାରିଣୀ ସ୍ତ୍ରୀ) Acting audaciously.
(ଉଦ୍ଧତଚାରିତା—ବି)

ଉଦ୍ଧତି—ସଂ. ବି. (ଉତ୍+ହନ୍ ଧାତୁ+ଭାବ. ତି)—
Uddhati ୧ । ଗର୍ବ; ଧୃଷ୍ଟତା—1. Pride; arrogance; haughtiness.
୨ । ଉଗ୍ରଟତା—2. Violence.
୩ । ଉନ୍ନତି—3. Ascendency; rise.
୪ । ଉତ୍ତୋଳନ—1. Rising up; ascending.

ଉଦ୍ଧବ—ସଂ. ବି. (ଉତ୍+ଧୂ ଧାତୁ=ଆନନ୍ଦ କରିବା+ଭାବ. ଅ)—
Uddhaba ୧ । ଉତ୍ସବ; ଆନନ୍ଦଜନକ କାର୍ଯ୍ୟ—
1. Festivity; joyful meeting; rejoicing.
ମହା ଉଦ୍ଧବରେ ବାଳା ଥିବ ପଦ ଗାଢ଼ି
ପିତାମହଙ୍କୁ ଗାଇବାକୁ ପଦ ଲେଡ଼ି । ଉଷା, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । (ନାମ) (ଉତ୍+ହୁ ଧାତୁ=ହୋମ କରିବା+କର୍ତ୍ତୃ. ଅ; ଯେ ହୋମ କରନ୍ତି )—
ସତ୍ୟକଙ୍କ ପୁତ୍ର; ଶ୍ରୀକୃଷ୍ଣଙ୍କର ସଖା—
2. A friend of Śrīkṛushṇa.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧ୍ୱନିତ । ... ୫ ମାତ୍ରା ଏବଂ ୬ ଅକ୍ଷର ଓ ମାତ୍ରା ମଧ୍ୟରେ ... । ଅତଏବ ୧ ବା ୨ ... କୌଣସି ବର୍ଣ୍ଣ ବା ମାତ୍ରାର ... ଲୋକେ ... ଯଥାକ୍ରମେ ... ୨ ବା ୧ ... ବର୍ଣ୍ଣ ବା ମାତ୍ରାଯୁକ୍ତ ... । ଯଥା :— 'ଶାଢ଼' ନ ମିଳଲେ 'ଶାଢ଼' ଖୋଜିବେ; 'ବୃଷ' ନ ମିଳଲେ 'ବୃଷ' ଦେଖିବେ; 'ବଂଶୁ' ନ ପାଇଲେ 'ବଶ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୩ । (ଉଦ୍ + ହୃ ଧାତୁ = ହୋମ କରିବା + କର୍ମ. ଅ)—
ଯଜ୍ଞାଗ୍ନି—3. Sacrificial fire.

ଦେ. ବି. ପୁଂ—ଲୋକଙ୍କର ନାମ—
Name given to males.

ଉଦ୍ଧରଣ—ସଂ. ବି. ( ଉଦ୍ = ଉପରେ + ହୃ ଧାତୁ = ହରଣ କରିବା + ଭାବ. ଅନ )—
Uddharana
(ଉଦ୍ଧୃତ— ବଣ) ୧ । ଉଦ୍ଧାର—1. Delivering a person from a calamity.
୨ । ଉତ୍ତୋଳନ—2. Lifting.
୩ । ଋଣଶୋଧ—3 Liquidation of debt.
୪ । ଉନ୍ମୂଳନ—4 Eradication.
୫ । ମୁକ୍ତି—5. Release.
୬ । ବନ୍ଧକ ଦିଆ ଯାଇଥିବା ସମ୍ପତ୍ତିକୁ ମୁକୁଲାଇବା—
6. Redemption of a pledge.

ଉଦ୍ଧରିବା—ଦେ. କ୍ରି. ( ସଂ. ଉଦ୍ଧରଣ )—
Uddharibā ୧ । ଉଦ୍ଧାର କରିବା—1. To rescue.
୨ । ମୁକ୍ତ କରିବା—2. To deliver.
୩ । ଉତ୍ତୋଳନ କରିବା; ଟେକିବା—
3. To lift up.

ଏହା କହି କରିହ ରୂପ ଧରି ହରି
ଧରଣୀକୁ ଦନ୍ତରେ ଟେକିଲେ ଉଦ୍ଧରି । କୃଷ୍ଣସିଂହ. ମହାଭାରତ. ବନ ।

୪ । କୌଣସି ଗ୍ରନ୍ଥରୁ ସାର ସଂଗ୍ରହ କରି ଲେଖିବା—
4. To quote.

ସାର ଉଦ୍ଧରି ଦାଣ୍ଡନେ, କହିବି ଚିତ୍ତ ଲଗେଇ ।
ଜଗନ୍ନାଥ. ଭାଗବତ ।

୫ । ( ଲକ୍ଷଣାର୍ଥ ) ଅନୁନ୍ନତ ଅବସ୍ଥାରୁ ଉନ୍ନତ ଅବସ୍ଥାକୁ ନେବା; ଉଦ୍ଧାର କରିବା—
5. To take a person to a higher condition.

ଉଦ୍ଧରି ଉଦ୍ଧର ଦେବ ଏହି ପତିତ ଉତ୍କଳେ ।
ମଧୁସୂଦନ—ଉତ୍କଳଗାଥା ।

ଉଦ୍ଧର୍ତ୍ତା—ସଂ. ବଣ. ପୁଂ. (ଉଦ୍ + ହୃ ଧାତୁ = କର୍ତ୍ତୃ. ତୃ. ୧ମା. ୧ବ.)—
Uddharttā ଉଦ୍ଧାରକାରୀ—Delivering; releasing.
(ଉଦ୍ଧର୍ତ୍ତ୍ରୀ—ସ୍ତ୍ରୀ).

ଉଦ୍ଧର୍ଷ—ସଂ. ବି. ( ଉଦ୍ = ଅଧିକ + ହର୍ଷ )—
Uddharsha ଉତ୍ସବ—Festivity.

ଉଦ୍ଧର୍ଷଣ—ସଂ. ବି. ( ଉଦ୍ = ଅଧିକ + ହୃଷ ଧାତୁ ଣିଚ = ହର୍ଷି ଧାତୁ = ଆନନ୍ଦିତ ହେବା + ଭାବ. ଅନ )—
Uddharshana
ରୋମାଞ୍ଚ; ରୋମାଞ୍ଚ ହେବା—
The standing of the hair on end.

ଉଦ୍ଧଲନ—ପ୍ରାଦେ. ( ସମ୍ବଲପୁର ) ବି—
Uddhalana ତରକାରୀକୁ ବାସଯୁକ୍ତ କରିବା ନିମନ୍ତେ ତହିଁରେ ଦିଆ ଯିବା ଅଳେଇଚ, ଡାଲଚିନିଆଦିର ଗୁଣ୍ଡ—
A curry-powder intended to impart flavour to the curry.

ଉଦ୍ଧାନ—ସଂ. ବି. (ଉଦ୍ + ଧା ଧାତୁ = ଧାରଣ କରିବା + ଭାବ. ଅନ)—
Uddhāna ଚୂଲୀ—Oven.
ସଂ. ବଣ—ଉଦ୍ଗୀର୍ଣ୍ଣ; ବମିତ—Vomited.

ଉଦ୍ଧାର—ସଂ. ବି. (ଉଦ୍ + ଧୃ ଧାତୁ = ଧରିବା + ଭାବ. ଅ)—
Uddhāra ୧ । ଉତ୍ତୋଳନ—1. Lifting up; pulling out.
୨ । (ହୃ ଧାତୁ = ନେବା; ହରଣ କରିବା + ଭାବ ଅ)—
ମୋଚନ; ପରିତ୍ରାଣ—2. Rescue; deliverance
୩ । ମୁକ୍ତି—3. Release
୪ । ନଷ୍ଟ ବସ୍ତୁର ପ୍ରାପ୍ତି—
4. Recovery ( of something lost. )
୫ । ସମାଜଚ୍ୟୁତ ବ୍ୟକ୍ତିର ସମାଜରେ ପ୍ରବେଶ—
5. Admission of an excommunicated person into society.
୬ । ଲିଖିତ ବା କଥିତ ବିଷୟର କେତେକ ଅଂଶର ପୁନଃ ପ୍ରକାଶ—6. Extract from a writing or a book.
୭ । ( + ହୃ ଧାତୁ + କର୍ମ. ଅ )—
ଅର୍ଥପ୍ରୟୋଗ; ଋଣବ୍ୟବହାର—
7. Loan business; usury.
୮ । ବନ୍ଧକ ବସ୍ତୁକୁ ମୁକୁଲାଇବା—
8. Redemption of a pledge.
୯ । ଭାଗ—9 Portion

ଦେ. ବଣ—ଉଦ୍ଧାରକାରୀ—Delivering.

ତୁ ନାଥ ସଂସାର ଉଦ୍ଧାର । ଜଗନ୍ନାଥ ଭାଗବତ ।

ଉଦ୍ଧାରକ—ସଂ. ବଣ. ପୁଂ (ଉଦ୍ + ଧୃ ଧାତୁ + କର୍ତ୍ତୃ. ଅକ)—
Uddhāraka ଉଦ୍ଧର୍ତ୍ତା; ଉଦ୍ଧାରକାରୀ—Delivering.
(ଉଦ୍ଧାରିକା—ସ୍ତ୍ରୀ)

ଉଦ୍ଧାର କରିବା—ଦେ. କ୍ରି—୧ । କୌଣସି କଷ୍ଟ ବା ବିପଦରୁ ମୁକ୍ତ କରିବା—1. To deliver a man from some calamity.
Uddhāra karibā
উদ্ধারকরা.
ধারকরা ୨ । କୌଣସି ବ୍ୟକ୍ତିଠାରୁ ବିନାସୁଧରେ ଟଙ୍କାପଇସା ଋଣ କରିବା; ଉଧାର ନେବା—2 To borrow without interest.

ଉଦ୍ଧାରଚିହ୍ନ—ଦେ. ବି—କୌଣସି କଥିତ ବା ଲିଖିତ ବିଷୟରୁ ଉଦ୍ଧୃତ
Uddhārachinha ଅଂଶର ଆଦ୍ୟରେ ଏବଂ ଶେଷରେ ବ୍ୟବହୃତ ଚିହ୍ନ—Quotation marks.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଢ | ଷ,ସ | ଙ୍କ | ଇଂ | ଜଅ | ଘ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଙ୍ଗ | ହୃ |

ଉଦ୍ଧାରଣ—ଦେ. ବି ( ସଂ. ଉଦ୍ଧରଣ )—ଉଦ୍ଧରଣ ( ଦେଖ )
Uddhārana Uddharana ( See )
ଦେ. ବିଣ—ଉଦ୍ଧାରକ—Delivering.

ତୁ ସେ ନାରାୟଣ ପ୍ରଭୁ ଜଗତର ପତି,
ଜଗତର ଉଦ୍ଧାରଣ ତୁ ସେ ଦାଶରଥି । ବଳରାମ. ରାମାୟଣ. ଅଦ ।

ଉଦ୍ଧାର ପାଇବା—ଦେ. କ୍ରି—ବିପଦରୁ ମୁକ୍ତ ହେବା—
Uddhāra pāibā To be delivered of a
উদ্ধার পাওয়া calamity.

ଉଦ୍ଧାର ହେବା—ଦେ. କ୍ରି—ଉଦ୍ଧାର ପାଇବା ( ଦେଖ )
Uddhāra hebā Uddhāra pāibā ( See)

ଉଦ୍ଧାରିବା—ଦେ. କ୍ରି—୧ । ଉଦ୍ଧାର କରିବା—1. To deliver a
Uddhāribā man from a calamity.
উধরা ୨ । ମୁକ୍ତ କରିବା—2. To release.
୩ । ଟେକି ଧରିବା—3. To hold up.

ନବବରଷ ଗୁଣାକାନ୍ତି ଅଛ ଜଣା
ନଖାଗ୍ରେ ଉଦ୍ଧାରିଲ ଗୋବର୍ଦ୍ଧନ—କବିସୂର୍ଯ୍ୟ, କଳୋବାଚମ୍ପୂ ନ. ଗୀତ ।

ଉଦ୍ଧୁର—ସଂ. ବିଣ ( ଉତ୍+ଧୁର )—୧ । ଦୃଢ଼—1. Firm.
Uddhura ୨ । ନିର୍ଭର—2. Independent.
୩ । ଦୁଃସହ—3. Unbearable.

ଉଦ୍ଧୂତ—ସଂ. ବିଣ ( ଉତ୍+ଧୂ ଧାତୁ=କମ୍ପିବା+କର୍ମ. ତ )—
Uddhūta ୧ । ଉତ୍କ୍ଷିପ୍ତ—1. Tossed up.
୨ । ଉତ୍କମ୍ପିତ; ନିରସ୍ତ—2. Taken aback; dumbfounded; struck with consternation.

ଉଦ୍ଧୂନନ—ସଂ. ବିଣ ( ଉତ୍+ଧୂ ଧାତୁ=କମ୍ପିବା+ଭାବ. ଅନ )—
Uddhūnana ୧ । ଉତ୍କ୍ଷେପଣ—1. Tossing up
୨ । କମ୍ପନ—2. Shaking.

ଉଦ୍ଧୂପନ—ସଂ. ବି ( ଉତ୍+ଧୂ ଧାତୁ ଣିଚ=ଧୂପି ଧାତୁ=କମ୍ପାଇବା+
Uddhūpana ଭାବ. ଅନ )—୧ । ଊର୍ଦ୍ଧ୍ୱେ ସଂଚାଳନ—
1 Brandishing
୨ । ଉତ୍କ୍ଷେପଣ—2. Throwing upwards.
ସଂ. ବିଣ—୧ । କମ୍ପନପ୍ରବର୍ତ୍ତକ—
1. Causing vibration.
୨ । ସଞ୍ଚାଳକ—2. Moving.

ଉଦ୍ଧୂଳନ—ସଂ. ବି ( ଉତ୍=ଉପରେ+ଧୂଳ ଧାତୁ=ମର୍ଦ୍ଦନ କରିବା+
Uddhūlana ଭାବ. ଅନ )—୧ । ଧୂଳିଦ୍ୱାରା ମର୍ଦ୍ଦନ—
1. Rubbing with dust
୨ । ଚୂର୍ଣ୍ଣ କରିବା—2. Pulverising.

ଉଦ୍ଧୂଷଣ—ସଂ. ବି (ଉତ୍+ଧୂଷ୍ ଧାତୁ=ରୋମାଞ୍ଚହେବା+ଭାବ. ଅନ)—
Uddhūshana ରୋମାଞ୍ଚ; ପୁଲକୋଦ୍ଗମ—Standing of the hair on end on account of extreme delight.

ସଂ. ବିଣ—୧ । ( +କର୍ତ୍ତୃ. ଅନ )—ରୋମାଞ୍ଚିତ—
1. Having the hair standing on end.
୨ । ପୁଲକିତ—2. Delighted.

ଉଦ୍ଧୃତ—ସଂ. ବିଣ. (ଉତ୍+ଧୃ ଧାତୁ=ଧରିବା+କର୍ମ. ତ)—
Uddhṛuta ୧ । ପୁନର୍ବାର ଅଧିକୃତ—
1. Recovered; regained.
୨ । ଉତ୍ଥାପିତ—2. Placed on.
୩ । ସମାଜରେ ଗୃହୀତ—3. Admitted to society.
୪ । ଉତ୍ତୋଳିତ—4. Lifted up; taken up; picked up
୫ । (ଉତ୍+ହୃ ଧାତୁ+କର୍ମ. ତ)—ଉଦ୍ଧାରିତ—
5. Released; delivered; redeemed.
୬ । କୌଣସି କଥିତ ବା ଲିଖିତ ବିଷୟରୁ ସଂଗୃହୀତ—
6. Quoted; extracted from some writing or saying.

ଉଦ୍ଧୃତଚିହ୍ନ—ଦେ. ବି.—ଉଦ୍ଧାର ଚିହ୍ନ (ଦେଖ)
Uddhṛuta chihna Uddhāra chihna (See)

ଉଦ୍ଧୃତାଂଶ—ସଂ. ବି. (ଉଦ୍ଧୃତ+ଅଂଶ)—କୌଣସି କଥିତ ବା ଲିଖିତ
Uddhṛutāmśa ବିଷୟର ସଂଗୃହୀତାଂଶ—An extract; a portion or passage quoted from some other writing or saying.

ଉଦ୍ଧୃଷ୍ଟ—ସଂ. ବିଣ (ଉତ୍=ଅତ୍ୟନ୍ତ+ହୃଷ୍ଟ)—୧ । ଅତି ହୃଷ୍ଟ—
Uddhṛushta 1. Overjoyed.
୨ । ରୋମାଞ୍ଚିତ—2 With hair standing on end.

ଉଦ୍ଧ୍ମାନ—ସଂ. ବି. ( ଉତ୍+ଧ୍ମା=ନିଆଁ ଲଗାଇବା+ଅଧିକରଣ. ଅନ )—
Uddhmāna ଚୁଲ୍ଲି—Oven; grate.

ଉଦ୍ବଗ—ଦେ. ବି.—ଗୁଆ (ଯଦୁମଣି. ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର)—
Udbaga Betel-nut.

ଉଦ୍ବଦ୍ଧ—ସଂ. ବିଣ. ( ଉତ୍=ଉପରେ; ବୈପରୀତ୍ୟ+ବନ୍ଧ ଧାତୁ=
Udbaddha ବାନ୍ଧିବା+କର୍ମ. ତ)—୧ । ଊର୍ଦ୍ଧ୍ୱରେ ବଦ୍ଧ; ଟଙ୍ଗା ହୋଇଥିବା—1. Tied up or upward.
୨ । ବନ୍ଧନଭ୍ରଷ୍ଟ—2. Freed from a bond.

ଉଦ୍ବନ୍ଧକ—ସଂ. ବି. (ଉତ୍=ଅଧିକ+ବନ୍ଧ ଧାତୁ=ବାନ୍ଧିବା+କର୍ତ୍ତୃ. ଅକ)—
Udbandhaka ବର୍ଣ୍ଣସଙ୍କର ଜାତିବିଶେଷ—
1. A hy-bird caste.
୨ । ଧୋବା—2, Washerman.

ଉଦ୍ବନ୍ଧନ—ସଂ. ବି. (ଉତ୍+ବନ୍ଧ ଧାତୁ=ବାନ୍ଧିବା+ଭାବ. ଅନ)—
Udbandhana ୧ । ଦଉଡ଼ିଦ୍ୱାରା ଉପରୁ ଝୁଲାଇବା; ଟାଙ୍ଗିବା—
1. Act of suspending or hanging.

୨ । ବେକରେ ଦଉଡ଼ି ଲଗାଇ ଝୁଲିବା—
2. Hanging by the neck.
୩ । ଅପରାଧୀର ଗଳାରେ ଫାଶି ଲଗାଇବା—
3. The hanging of a criminal
(ଯଥା—ଉଦ୍ବନ୍ଧନ ମୃତ୍ୟୁ=ଦଉଡ଼ି ଲଗାଇ ମରିବା; ରାଜାଜ୍ଞାରେ ଅପରାଧରେ ଫାଶି ପାଇବାଦ୍ୱାରା ମୃତ୍ୟୁ)

**ଉଦ୍ବମ**—ସଂ. ବି. (ଉତ୍ + ବମ ଧାତୁ + ଭାବ. ଅ)—
**Udbama** ୧ । ଉଦ୍ଗିରଣ; ବାନ୍ତି—1. Vomiting.
୨ । ବାନ୍ତୁଡ଼ି—2. Retching; belching.

**ଉଦ୍ବମନ**—ସଂ. ବି.—ଉଦ୍ବମ (ଦେଖ)
**Udbamana** Udbama (See)

**ଉଦ୍ବମିତ**—ସଂ. ବିଣ. ( ଉତ୍ + ବମିତ )—୧ । ଉଦ୍ଗୀର୍ଣ୍ଣ; ବାନ୍ତି କରାଯିବା—1. Vomited
**Udbamita**
୨ । ବାନ୍ତୁଡ଼ି ମାରୁଥିବା—2. Belching.

**ଉଦ୍ବର୍ତ୍ତ**—ସଂ. ବି. (ଉତ୍+ବୃତ ଧାତୁ=ହେବା+ଭାବ. ଅ)—
**Udbartta** ୧ । ଅତିରେକ; ଅବଶିଷ୍ଟ—1. What is left over; remainder.
(ଉଦ୍ବୃତ୍ତି—ବିଣ)
୨ । ବଳି ପଡ଼ିଥିବା ଅଂଶ—2. Surplus; excess.
ସଂ. ବିଣ. (+କର୍ମ. ଅ)—ଅତ୍ୟଧିକ; ପ୍ରୟୋଜନାତିରିକ୍ତ—
Plentiful; more than sufficient.

**ଉଦ୍ବର୍ତ୍ତନ**—ସଂ. ବି. (ଉତ୍=ଉପରେ+ବୃତ୍ ଧାତୁ=ଲେପନ କରିବା +ଭାବ. ଅନ)—୧ । ଗନ୍ଧାଦିଦ୍ୱାରା ଗାତ୍ରମାର୍ଜନ; ବିଲେପନ—1. Anointing; rubbing the body with perfumes or unguent.
**Udbarttana**
୨ । ଓଲଟପାଲଟ କରିବା—2. Turning over.
୩ । ଅଉଟିବା—3. Stirring.
୪ । ଉତ୍ଥାପନ; ଉପରକୁ ଉଠିବା—
4 Going up; rising.
୫ । ବଳି ପଡ଼ିବା—5 Standing in excess.
୬ । (ଉତ୍+ବୃତ ଧାତୁ; ଣିଚ୍=ବଳପଡ଼ିବା+କରଣ.ଅନ)—
ବିଲେପନ ଦ୍ରବ୍ୟ—6. Ointment; unguent.

**ଉଦ୍ବର୍ତ୍ତିତ**—ସଂ.ବିଣ.(ଉତ୍=ଉପରକୁ+ବୃତ ଧାତୁ ଣିଚ+କର୍ମ. ତ)—
**Udbarttita** ୧ । ଗନ୍ଧ ଦ୍ରବ୍ୟ ଦ୍ୱାରା ସୁବାସିତ ( ଲେପନଦ୍ରବ୍ୟ )—
1 Perfumed; scented ( unguent ).
୨ । ଉତ୍ଥିତ; ଉତ୍ତୋଳିତ—2. Elevated
୩ । ଅଉଟା ହେବା—3. Stirred up.

**ଉଦ୍ବହ**—ସଂ. ବି. (ଉତ୍=ଉପରେ+ବହ୍ ଧାତୁ=ବହନ କରିବା+କର୍ତ୍ତୃ. ଅ)—୧ । ସନ୍ତାନ; ବଂଶଧର—
**Udbaha**
(ଉଦ୍ବହା—ସ୍ତ୍ରୀ) 1. Progeny; offspring.
୨ । ନାୟକ—2 Hero of a play or subject.
୩ । ବାୟୁବିଶେଷ—3. A kind of wind.
୪ । ବିବାହ—4 Marriage.
ବିଣ—ଉତ୍ପାଦକ—Producing

**ଉଦ୍ବହନ**—ସଂ. ବି. ( ଉତ୍=ଉପରେ+ବହନ=ବୋହିବା)—
**Udbahana** ୧ । ବିବାହ—1. Marriage.
୨ । ଉପରେ ବହିବା—2. Carrying over.

**ଉଦ୍ବାନ୍ତ**—ସଂ. ବିଣ. ପୁଂ ( ଉତ୍=ଉପରକୁ+ବମ୍ ଧାତୁ=ବାନ୍ତି କରିବା+କର୍ମ. ତ )—
**Udbānta**
୧ । ବମିତ; କୃତବମନ; ଉଦ୍ଗୀର୍ଣ୍ଣ—1 Vomited.
୨ । ଉଦ୍ଗତ—2. Come out.
ବି—ମଦଗଳିତ ହସ୍ତୀ; ଦୁର୍ମଦ ହସ୍ତୀ—An elephant who has passed the season of rut.

**ଉଦ୍ବାପ**—ସଂ. ବି. ( ଉତ୍+ବପ ଧାତୁ+ଅ )—
**Udbāpa** ଓଲଟପାଲଟ, ଲେଉଟପାଲଟ—
A toss; throwing upwards.

**ଉଦ୍ବାସନ**—ସଂ. ବି. (ଉତ୍=ଉପରକୁ+ବସ ଧାତୁ; ଣିଚ ବାଦି ଧାତୁ +ଭାବ. ଅନ)—୧ । ବିସର୍ଜନ—
**Udbāsana**
1. Relinquishment
୨ । ଅଗ୍ନ୍ୟାଧାନର ଅଙ୍ଗସ୍ୱରୂପ ସଂସ୍କାରବିଶେଷ—
2. A ceremony for consecrating the sacrificial fire-pot.
୩ । ମାରଣ; ବଧ—3 Killing.

**ଉଦ୍ବାସ୍ତୁ**—ସଂ. ବି. ( ଉତ୍+ବାସ୍ତୁ=ଗୃହସୀମା )—
**Udbāstu** ଘରବାଡ଼ିର ଖୁରପାଖ ଜମି—
Land adjoining the homestead.
ଦେ. ବିଣ—ନିଜ ଘରବାଡ଼ିରୁ ବେଦଖଲ କରାଯାଇଥିବା—
Ejected or ousted from one's own homestead.

**ଉଦ୍ବାହ**—ସଂ. ବି. ( ଉତ୍=ଉପରେ+ବହ୍ ଧାତୁ=ବହନ କରିବା+ଭାବ. ଅ )—ବିବାହ; ପରିଣୟ—
**Udbāha**
Marriage; matrimony.

**ଉଦ୍ବାହନ**—ସଂ. ବି. ( ଉତ୍=ଉପରେ+ବହ୍ ଧାତୁ=ବହନ କରିବା +ଭାବ ଅନ ) ୧ । ଦ୍ୱିବାର କର୍ଷଣ—
**Udbāhana**
1. Tilling twice.
୨ । ବିବାହଦାନ—2. Giving in marriage.
୩ । ଉଦ୍ଧାରସାଧନ—3. Rescuing.

**ଉଦ୍ବାହିତ**—ସଂ. ବିଣ. ପୁଂ. ( ଉତ୍+ବହ ଧାତୁ ଣିଚ+କର୍ମ. ତ )—
**Udbāhita** ବିବାହିତ—Married.
(ଉଦ୍ବାହିତା—ସ୍ତ୍ରୀ)

**ଉଦ୍ବାହୁ**—ସଂ. ବିଣ. ( ବହୁବ୍ରୀହି; ଉତ୍+ବାହୁ )—
**Udbāhu** ୧ । ଉର୍ଦ୍ଧ୍ୱବାହୁ; ଯାହାର ବାହୁ ଉପରକୁ ଟେକା ହୋଇଅଛି—1. With uplifted arms; with hands raised up.

| ୧ | ଇ | ଊ | ଗ, ଙ୍ଗ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ନ | ଶ, ଷ | ଜ୍ଞ | ଋ | ଊଅ | ଊ‌ଁ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଉ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗ୍ୟ | ଋଅ | ଓ | ନ୍ |

୨ । ଉତ୍କଣ୍ଠିତ—2. Eager.

୩ । ପ୍ରେମରେ ଉନ୍ମତ୍ତ—3. Maddened with love.

୪ । ଆନନ୍ଦରେ ଅଧୀର—4. Dancing with joy.

**ଉଦ୍ବାହ୍ୟା**—ସଂ. ବଣ. ( ଉଦ୍ବାହ + ଯୋଗ୍ୟାର୍ଥେ. ଯ ସ୍ତ୍ରୀ. ଆ )—
Udbāhyā ବିବାହଯୋଗ୍ୟା (କନ୍ୟା)—
Marriageable ( girl ).

**ଉଦ୍ବିଗ୍ନ**—ସଂ. ବଣ. (ଉତ୍ + ବିଜ ଧାତୁ = ଭୟ କରିବା + କର୍ତ୍ତୃ. ତ) -
Udbigna ୧ । ଉତ୍କଣ୍ଠିତ—1. Anxious; uneasy.
(ଉଦ୍ବେଗ—ବି) ୨ । କ୍ଷୁଭିତ—
Troubled; dejected; perplexed.

**ଉଦ୍ବିଗ୍ନମନା**—ସଂ. ବଣ. ( ବହୁବ୍ରୀହି; ଉଦ୍ବିଗ୍ନ + ମନଃ )—
Udbignamanā ଉତ୍କଣ୍ଠିତ—Troubled in mind.

**ଉଦ୍ବିଡାଲ**—ସଂ. ବି. ( ଉଦ୍ = ଜଳ + ବିଡାଲ = ବିଲୁଆ )—
Udbidāla ଓଧ—Otter.
(ଉଦ୍ବିଡାଲୀ—ସ୍ତ୍ରୀ)

**ଉଦ୍ବୀକ୍ଷଣ**—ସଂ. ବି. ( ଉଦ୍ = ଉପରକୁ + ଈକ୍ଷଣ = ଚାହିଁବା )—
Udbīkshaṇa ୧ । ଉପରକୁ ଚାହିଁବା—1. Looking up.
୨ । ଚାହିଁବା 2. Looking at.

**ଉଦ୍ବୀତ**—ସଂ. ବଣ. ( ଉତ୍ + ବି + ଇ ଧାତୁ = ଗତି କରିବା + କର୍ମ.
Udbīta ତ )—୧ । ଉଦ୍ଗତ—1. Risen up
୨ । ପ୍ଲାବିତ—2. Flooded.
୩ । ଉଚ୍ଛଳିତ—3. Overflowing.

**ଉଦ୍ବୁଦ୍ଧ**—ସଂ. ବଣ. ( ଉତ୍ + ବୁଧ ଧାତୁ = ଚେଇଁବା; ନିଦରୁ ଉଠିବା;
Udbuddha ଜାଣିବା + କର୍ମ. ତ )—
୧ । ବିକଶିତ; ପ୍ରସ୍ଫୁଟିତ—1. Opened.
୨ । ଜାଗରିତ—2. Awakened.
୩ । ଉଦିତ—3 Risen.
୪ । ଅନୁସୃତ—4. Followed.
୫ । ମନେ ପଡ଼ିଥିବା—
5. Remembered; recollected.

**ଉଦ୍ବୃତ୍ତ**—ସଂ. ବଣ. ( ଉତ୍ = ଅଧିକ + ବୃତ ଧାତୁ = ରହିବା + କର୍ମ.
Udbrutta ତ )—୧ । ଅତିରିକ୍ତ; ଅବଶିଷ୍ଟ ରହିଯାଇଥିବା;
(ଉଦ୍ବର୍ତ୍ତନ—ବି) ବଳି ପଡ଼ିଥିବା—
1. Left as surplus or remainder.
୨ । ଜାତ—2. Begotten.
୩ । କ୍ଷୁଭିତ—3. Agitated.
୪ । ଉତ୍କ୍ଷିପ୍ତ 4. Yossed up.
୫ । ଉଦ୍ଘୂର୍ଣ୍ଣିତ—5. Churned
୬ । ବମିତ 6 Vomited.
୭ । (+କର୍ତ୍ତୃ. ତ)—ଉତ୍ଥିତ—7 Risen up.

୮ । ( ବହୁବ୍ରୀହି; ଉତ୍ = ଉଦ୍ଧତ + ବୃତ୍ତ = ଚରିତ୍ର .)—
ଦୁର୍ବୃତ୍ତ 8. Vile; unruly.

**ଉଦ୍ବେଗ**—ସଂ. ବି. ( ଉତ୍ + ବିଜ୍ ଧାତୁ = ଭୟ କରିବା + ଭାବ. ଅ )—
Udbega ୧ । ତ୍ୱରା—1. Haste.
(ଉଦ୍ବିଗ୍ନ—ବଣ) ୨ । ଚିନ୍ତା; ଉତ୍କଣ୍ଠା—
2. Anxiety; perplexity; uneasiness,
୩ । ମନର ଆବେଗ—3 Emotion.
୪ । ଶୋକ; ମନୋଦୁଃଖ—4. Grief; sorrow.
୫ । ଆକୁଳତା—5. Excitement; agitation.
୬ । ଉଦ୍ଗମନ—6. Ascension; going forth.
୭ । ବିରହଜନିତ ଦୁଃଖ—
7. Grief of parted lovers.
୮ । ଗୁଆଫଳ 8. Betel-nut.
୯ । କମ୍ପନ—9 Trembling ( M. W. )
୧୦ । ଊର୍ଦ୍ଧ୍ୱବାହୁ ସନ୍ନ୍ୟାସୀ—
10. An ascetic with lifted arms (M.W)
ଦେ. ବି.—ଆସନ୍ନ ପ୍ରସବ କରିବାର ଅବସ୍ଥା—
The state of impending confinement; the state of being advanced in pregnancy.
ସଂ ବଣ—୧ । ବେଗବାନ୍—1. Having speed; active
୨ । ଶାନ୍ତ; କଷ୍ଟିତ—
2 Composed; tranquil ( M. W. )
୩ । ସ୍ଥିର—3. Steady ( M W )
୪ । ଉଦ୍ବିଗ୍ନ—4. Restless; anxious.
ବୈଷ୍ଣବ ସର୍ବ ଲୋକ ହୁଅନ୍ତି; ଉଦ୍ବେଗ ନୋହି କଦାଚିତେ ।
ଜଗନ୍ନାଥ. ଭାଗବତ ।
୫ । ଉପରକୁ ଉଠୁଥିବା—
5 Ascending; mounting ( M. W. )
୬ । ଥରୁଥିବା—6. Trembling ( M. W. )

**ଉଦ୍ବେଗୀ**—ଦେ. ବଣ—ଉଦ୍ବେଗଯୁକ୍ତ; ତତ୍ପର—Ready.
Udbegī ବଧାନ୍ୟ ଏ ରଜା ଧର୍ମେ ଉଦ୍ବେଗୀ—ଭଞ୍ଜ. ବୈଦେହୀଶବିଳାସ ।

**ଉଦ୍ବେଜକ**—ସଂ. ବଣ. ପୁଂ. ( ଉତ୍ + ବିଜ ଧାତୁ = ଭୟ କରିବା + କର୍ତ୍ତୃ ଅକ )—
Udbejaka
୧ । ଉଦ୍ବେଗକାରକ; ବିରକ୍ତିଜନକ—
1. Causing anxiety or uneasiness.
୨ । ଭୟପ୍ରଦର୍ଶକ—2. Frightening.

**ଉଦ୍ବେଜନ**—ସଂ. ବି. ଉତ୍ + ବିଜ ଧାତୁ = ଭୟ କରିବା + ଭାବ. ଅନ)—
Udbejana ୧ । ଭୟପ୍ରଦର୍ଶନ—1. Frightening.
୨ । ଉଦ୍ବେଗ—2. Anxiety; perplexity
୩ । ଉଦ୍ବେଗଜାତକରଣ—
3. Causing anxiety.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଖାଇ' ନ ମିଳିଲେ 'ଖାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଟୁ ନ ପାଇଲେ 'ବଟୁ' ଦେଖିବେ; 'ଅର୍ଗଳା' ନ ପାଇଲେ 'ଅଗ୍ଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୪ । ଭୟ—4. Fright.
୫ । କମ୍ପନ—5. Trembling.
୬ । କଷ୍ଟ—6. Uneasiness.
ସଂ. ବିଣ. ( + କର୍ତ୍ତୃ. ଅକ )—ଭୟପ୍ରଦର୍ଶକ; ଉତ୍ତେଜନକାରୀ—Frightening; exciting; afflicting.

**ଉଦ୍ବେଜୟିତା**—ସଂ. ବିଣ. ( ଉତ୍ + ବିଜ ଧାତୁ. ଣିଚ=ବେଜ ଧାତୁ =ଭୟ କରାଇବା + କର୍ତ୍ତୃ. ତୃ; ୧ମା. ୧ବ )—
Udbejayitā
(ଉଦ୍ବେଜୟିତ୍ରୀ—ସ୍ତ୍ରୀ) ଉଦ୍ବେଜକ (ଦେଖ)—Udbejaka (See)

**ଉଦ୍ବେଜିତ**—ସଂ. ବିଣ ( ଉତ୍ + ବିଜ ଧାତୁ ଣିଚ=ଭୟ କରାଇବା + କର୍ମ. ତ )—୧ । ଉଦ୍ବିଗ୍ନ—
Udbejita
1. Afflicted; perplexed.
୨ । ଉତ୍ପୀଡ଼ିତ—2. Oppressed.
୩ । ଭୟପ୍ରାପିତ; ଯାହାଙ୍କ ପ୍ରତି ଭୟ ପ୍ରଦର୍ଶିତ ହୋଇଥାଏ—
3. Affrighted; frightened.
୪ । ଉତ୍ତେଜିତ—4. Excited

**ଉଦ୍ବେୟ**—ସଂ. ବିଣ. (ଉତ୍ + ବେ ଧାତୁ = ବସ୍ତ୍ରାଦି ବୁଣିବା + କର୍ମ. ଯ)—
Udbeya ୧ । ବାୟୁ ସହିତ ମିଶ୍ରଣୀୟ—
1. Which can mix with air.
୨ । ଯାହା ଖରା ବା ପବନରେ ଉଡ଼ିଯାଏ—
2. Volatile.

**ଉଦ୍ବେଳ**—ସଂ. ବିଣ ( ଉତ୍ = ଅତିକ୍ରାନ୍ତ + ବେଳା = ସୀମା ବା ଘାଟ
Udbe*l*a + ଅ )—୧ । ସୀମାତିକ୍ରାନ୍ତ; ଉଚ୍ଛଳିତ—
1. Overflowed
୨ । କୂଳକୁ ଉଚ୍ଛୁଳୁଥିବା—
2. Overflowing; overtopping the banks.

**ଉଦ୍ବେଳିତ**—ସଂ. ବିଣ. (ଉତ୍ = ଅତିକ୍ରାନ୍ତ + ବେଳା = ସୀମା ବା ଘାଟ +
Udbe*l*ita ଇତ )—ଉଦ୍ବେଳ (ଦେଖ)—Udbe*l*a (See)

**ଉଦ୍ବୋଧ**—ସଂ. ବି. ( ଉତ୍ + ବୁଧ ଧାତୁ + ଭାବ. ଅ )—
Udbodha ୧ । କିଞ୍ଚିତ୍ ଜ୍ଞାନ—
(ଉଦ୍ବୁଦ୍ଧ—ବିଣ) 1. A little knowledge
୨ । ସଂସ୍କାରୋଦ୍ଦୀପନ—
2. Excitement for reform.
୩ । ଅନୁସ୍ମରଣ—3. Recollection.

**ଉଦ୍ବୋଧକ**—ସଂ. ବିଣ. ପୁଂ. ( ଉତ୍ + ବୁଧ ଧାତୁ ଣିଚ=ଜଣାଇବା
Udbodhaka + କର୍ତ୍ତୃ. ଅକ )—୧ । ସ୍ମାରକ—
( ଉଦ୍ବୋଧିକା—ସ୍ତ୍ରୀ ) 1. Reminding; calling to remembrance
୨ । ଜ୍ଞାନୋତ୍ପାଦକ—2. Causing perception.
୩ । ଯେ ଜାଗରଣ କରାଏ—
3. Rousing; awakening a person.

୪ । ତିରସ୍କାରକ—4. Admonishing.
୫ । ଉତ୍ତେଜକ—5. Exciting.

**ଉଦ୍ବୋଧନ**—ସଂ. ବି. ( ଉତ୍ + ବୁଧ୍ ଧାତୁ ଣିଚ=ଜଣାଇବା + ଭାବ.
Udbodhana ଅନ )—୧ । ଜ୍ଞାପନ; ଜ୍ଞାନୋତ୍ପାଦନ—
1. Bringing to mind; reminding.
୨ । କୌଣସି ବିଷୟକୁ ସ୍ମରଣରେ ଆଣିବା—
2. Act of recollecting a thing.
୩ । ବୋଧ ଜନ୍ମାଇବା—
3. Conceiving a thing in the mind.
୪ । ନିଦ୍ରାରୁ ଉଠାଇବା—
4 Awakening or rousing from sleep.
ବିଣ—୧ । (+ କର୍ତ୍ତୃ. ଅନ)—ଜ୍ଞାପକ—1. Reminding.
୨ । ଜ୍ଞାନୋତ୍ପାଦକ—2. Recalling.
୩ । ନିଦ୍ରା ଭଙ୍ଗାଇବା ( ଲୋକ )—
3. person) Rousing from sleep.

**ଉଦ୍ଭଟ**—ସଂ. ବିଣ. ( ଉତ୍ = ଉଚ୍ଚ + ଭଟ ଧାତୁ = ଇଚ୍ଛା କରିବା + କର୍ତ୍ତୃ.
Udbhata ଅ )—୧ । ଉତ୍କଟ—1. Violent.
( ଉଦ୍ଭଟା—ସ୍ତ୍ରୀ ) ୨ । ପ୍ରସିଦ୍ଧ—
2. Current; popular; well known.
୩ । ଉଦାର; ଉଚ୍ଚମନା—
3. High minded; magnanimous
୪ । ଉଚ୍ଚ—4. Exalted.
୫ । ଶ୍ରେଷ୍ଠ; ଉତ୍କୃଷ୍ଟ—5. Excellent; magnificent.
୬ । ଗ୍ରନ୍ଥ ବହିର୍ଭୂତ କିନ୍ତୁ ପ୍ରଚଳିତ—6. Unwritten but current (couplets or passages ); not to be found in any book but well known and trite (sayings or slokas)
( ଯଥା—ଉଦ୍ଭଟ ଶ୍ଳୋକ; ଉଦ୍ଭଟ କବିତା ।)
ବି—୧ । କଚ୍ଛପ—1. Tortoise.
୨ । ସୂର୍ଯ୍ୟ—2. The sun.

**ଉଦ୍ଭବ**—ସଂ. ବି ( ଉତ୍ = ଉପର + ଭୂ ଧାତୁ = ହେବା + ଭାବ. ଅ )—
Udbhaba ଉତ୍ପତ୍ତି; ଜନ୍ମ—Generation; origin.
(ଉଦ୍ଭୂତ—ବିଣ) ବିଣ. (+ କର୍ତ୍ତୃ. ଅ)—ଉତ୍ପନ୍ନ—Produced

**ଉଦ୍ଭାବ**—ସଂ. ବି ( ଉତ୍ = ଉପର + ଭୂ ଧାତୁ ଣିଚ = ପଠାଇବା +
Udbhāba ଅ )—୧ । ଉପରକୁ ଉଠିବା ପଦାର୍ଥ—
1. A thing which tends upwards.
୨ । ଗରମି—2. Heat.
୩ । ବାଷ୍ପ; ବାମ୍ଫ—3 Vapour; steam.

**ଉଦ୍ଭାବକ**—ସଂ. ବିଣ. ପୁଂ. ( ଉତ୍ + ଭୂ ଧାତୁ ଣିଚ୍ + କର୍ତ୍ତୃ. ଅକ )—
Udbhābaka ଆବିଷ୍କର୍ତ୍ତା—Inventor; designer.
(ଉଦ୍ଭାବିକା—ସ୍ତ୍ରୀ)

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇ୍ୟ | ଉଅ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | କ୍ଷ୍ୟ | ଯ | ସ | ଗଁ୍ୟ | ଇଥ | ଓ୍ବ | ନ୍ତ |

**ଉଦ୍ଭାବନ**—ସଂ. ବ ( ଉତ୍=ଉପର+ଭୂ ଧାତୁ ଣିଚ=ସଞ୍ଚାଇବା+ ଭାବ. ଅନ )—୧ । କଳ୍ପନା—1. Imagination; excogitation.
Udbhābana
(ଉଦ୍ଭାବିତ—ବଣ)
୨ । ଉଦ୍ଭାବନ; ଅଜ୍ଞାତ ବିଷୟର ପ୍ରକାଶ—2. Invention [ ଦ୍ର—ଯାହା ପୂର୍ବେ ଥିଲା, ମାତ୍ର ଲୋକେ ଜାଣି ନ ଥିଲେ ତାହା ପ୍ରକାଶ କରିବାକୁ ଆବିଷ୍କାର କହନ୍ତି । ମାତ୍ର ଯାହା ଆଗେ ନ ଥିଲା ବର୍ତ୍ତମାନ ପ୍ରକାଶିତ ହେଲା ତାହାକୁ ଉଦ୍ଭାବନ କହନ୍ତି । ଯେପରି କଲମ୍ବସ୍ ଆମେରିକା ଆବିଷ୍କାର କରିଥିଲେ; ନିଉଟନ୍ କଳଘଣ୍ଟିକାଯନ୍ତ୍ର ଉଦ୍ଭାବନ କରିଥିଲେ । ]
୩ । ଚିନ୍ତନ—3. Devising; thinking out.
ବଣ ( +କର୍ତ୍ତୃ. ଅନ )—ଉଦ୍ଭାବନକାରୀ; ଚିନ୍ତାକାରୀ; ଉଦ୍ଭାବକ—Inventing.

**ଉଦ୍ଭାବନୀୟ**—ସଂ. ବଣ (ଉତ୍=ଉପରକୁ+ଭୂ ଧାତୁ ଣିଚ=ଭାବିବା ଧାତୁ +କର୍ମ. ଅନୀୟ )—ପ୍ରକାଶ ବା ଉଦ୍ଭାବନର ଯୋଗ୍ୟ—Fit to be devised or invented.
Udbhābaniya

**ଉଦ୍ଭାବିତ**—ସଂ. ବଣ ( ଉତ୍+ଭୂ ଧାତୁ ଣିଚ+କର୍ମ. ତ )—ଯାହାର ଉଦ୍ଭାବନ ହୋଇଅଛି; ପ୍ରକାଶିତ—Devised; invented.
Udbhābita
(ଉଦ୍ଭାବନ—ବ)

**ଉଦ୍ଭାସ**—ସଂ ବ. ( ଉତ୍=ଅଧିକ+ଭାସ୍ ଧାତୁ=ଦୀପ୍ତି ପାଇବା+ଭାବ. ଅ )—୧ । ଦୀପ୍ତି—1. Lustre.
Udbhāsa
୨ । ପ୍ରକାଶ—2. Manifestation.
୩ । ଶୋଭାପାଇବା—3 Shining.

**ଉଦ୍ଭାସକ**—ସଂ. ବଣ ( ଉତ୍+ଭାସ୍=ଦୀପ୍ତିପାଇବା+କର୍ତ୍ତୃ. ଅକ)—୧ । ଉଦ୍ଦୀପକ—1. Exciting.
Udbhāsaka
୨ । ଉଜ୍ଜ୍ୱଳକର; ଯେ ଉଦ୍ଭାସନ କରେ—2. Illuminating.

**ଉଦ୍ଭାସନ**—ସଂ. ବ (ଉତ୍+ଭାସ୍ ଧାତୁ=ଦୀପ୍ତିପାଇବା+ଭାବ. ଅନ)—୧ । ଦୀପ୍ତି—1. Illumination.
Udbhāsana
(ଉଦ୍ଭାସିତ—ବଣ) ୨ । ଉଦ୍ଦୀପନ; ଉଜ୍ଜ୍ୱଳୀକରଣ; ପ୍ରକାଶନ; ଦୃଷ୍ଟାନ୍ତଦ୍ୱାରା ପ୍ରକାଶକରଣ—2. Illustration.
ବଣ. (+କର୍ତ୍ତୃ. ଅନ)—୧ । ଦୀପ୍ତିକାରକ—1. Illuminating.
୨ । ପ୍ରକାଶକ—2. Exhibiting.

**ଉଦ୍ଭାସିତ**—ସଂ. ବଣ (ଉତ୍+ଭାସ୍ ଧାତୁ=ଦୀପ୍ତିପାଇବା+କର୍ତ୍ତୃ. ତ)—୧ । ଦୀପ୍ତ; ଉଦ୍ଦୀପିତ—1. Illuminated
Udbhāsita
୨ । ଶୋଭିତ; ଦୃଷ୍ଟାନ୍ତଦ୍ୱାରା ପ୍ରକଟିତ—2 Illustrated.
୩ । ଉଜ୍ଜ୍ୱଳ; ଝକଝକ କରୁଥିବା—3. Resplendent.

**ଉଦ୍ଭାସିବା**—ଦେ. କ୍ରି (ସ. ଉଦ୍ଭାସନ)—୧ । ଉଜ୍ଜ୍ୱଳ କରିବା—1. To illuminate.
Udbhāsiba
୨ । ଆଲୋକିତ କରିବା—2. To brighten.

ବିବିଧ ବସ୍ତୁପୁଷ୍ପ ଦ୍ୱାରା ମାଳା ବିଭୂଷିତ
ଭୁବନ ସୁରଙ୍ଗ ଏକ ସାଗର ଉଦ୍ଭାସି—ରାଧାନାଥ. ମହାଯାତ୍ରା ।

**ଉଦ୍ଭିଜ୍ଜ**—ସଂ. ବଣ—(ଉଦ୍ଭିଦ୍=ଉଦ୍‌ଭେଦନ+ଜନ୍ ଧାତୁ+କର୍ତ୍ତୃ. ଅ)—ଯାହା ଭୂମିରୁ ଜନ୍ମେ (ତରୁ ଲତା ଗୁଳ୍ମାଦି)—Produced from the soil (plants).
Udbhijja

**ଉଦ୍ଭିଜ୍ଜାଣୁ**—ସଂ. ବ (ଉଦ୍ଭିଜ୍ଜ+ଅଣୁ)—ଉଦ୍ଭିଦାଣୁ (ଦେଖ)
Udbhijjāṇu Udbhidāṇu ( See )

**ଉଦ୍ଭିଦ୍**—ସଂ. ବ (ଉତ୍+ଭିଦ୍ ଧାତୁ=ଭେଦ କରିବା+କର୍ତ୍ତୃ. କ୍ୱିପ୍)—୧ । ଉଦ୍ଭିଦ (ଦେଖ) 1. Udbhida (See)
Udbhid
୨ । ଉଦ୍‌ଭେଦନ—2 Piercing up.

**ଉଦ୍ଭିଦ**—ସଂ. ବ ( ଉତ୍=ଉପରକୁ+ଭିଦ ଧାତୁ=ଭେଦ କରିବା+କର୍ତ୍ତୃ. ଅ)—୧ ।(ଯେ ଭୂମିକୁ ଭେଦ କରି ଉପରକୁ ବାହାରେ) ତରୁଲତାଦି; ବୃକ୍ଷାଦି—1. Plant; vegetation.
Udbhida
୨ । ଗଜା—2. Sprout.

**ଉଦ୍ଭିଦଘିଅ**—ଦେ. ବ—ଘାସଘିଅ (ଦେଖ)
Udbhidaghia Ghāsaghia (See)

**ଉଦ୍ଭିଦଣୁ**—ଦେ. ବ—ଉଦ୍ଭିଦାଣୁ (ଦେଖ)
Udbhidaṇu Udbhidaṇu (See)

**ଉଦ୍ଭିଦବିଜ୍ଞାନ**—ଦେ. ବ—ଯେଉଁ ବିଜ୍ଞାନ ଦ୍ୱାରା ତରୁଲତାଦିସମ୍ବନ୍ଧରେ ଜ୍ଞାନଲାଭ ହୁଏ—Botany.
Udbhidabijñāna

**ଉଦ୍ଭିଦବିଦ୍ୟା**—ଦେ. ବ—ଉଦ୍ଭିଦବିଜ୍ଞାନ—Botany
Udbhidabidyā

**ଉଦ୍ଭିଦାଣୁ**—ସଂ.ବ (ବିଜ୍ଞାନପରିଭାଷା;ଉଦ୍ଭିଦ୍+ଅଣୁ)—ଚକ୍ଷୁର ଅଗୋଚର କ୍ଷୁଦ୍ର ଉଦ୍ଭିଦ; ଉଦ୍ଭିଦର କ୍ଷୁଦ୍ର ଅଂଶ—Vegetable germs.
Udbhidāṇu

**ଉଦ୍ଭିନ୍ନ**—ସଂ. ବଣ ( ଉତ୍=ଉପରକୁ+ଭିଦ ଧାତୁ=ଭେଦକରିବା+କର୍ତ୍ତୃ. ତ )—୧ । ଫାଟିଯାଇଥିବା—1. Split; opened.
Udbhinna
(ଉଦ୍‌ଭେଦ—ବ)
୨ । ଗଜା ଉଠିଥିବା, ଅଙ୍କୁରିତ—2. Sprouted.
୩ । ଉଦିତ; ପ୍ରକଟିତ—3. Developed; risen.
୪ । ଫୁଟିଥିବା—4 Fullblown.

**ଉଦ୍ଭୁତ**—ଗ୍ରା. ବିଣ (ସଂ. ଅଦ୍ଭୁତ)—ଅଦ୍ଭୁତ—Wonderful.
Udbhut
ଦେ କ୍ରି. ବଣ—୧ । ଅଦ୍ଭୁତରୂପେ—1. Wonderfully.
୨ । ଅପ୍ରତ୍ୟାଶିତଭାବରେ—2. Unexpectedly.

**ଉଦ୍ଭୂତ**—ସଂ. ବଣ (ଉତ୍=ଉପରକୁ+ଭୂ ଧାତୁ=ହେବା+କର୍ତ୍ତୃ. ତ)—୧ । ଜାତ—1. Produced; born.
Udbhūta
୨ । ଉତ୍ପନ୍ନ—2. Sprung; arisen.
୩ । ପ୍ରତ୍ୟକ୍ଷ ଯୋଗ୍ୟ; ପ୍ରକାଶିତ—3. Visible; manifest.
ସଂ. କ୍ରି. ବଣ—ସ୍ପଷ୍ଟ—Distinctly; clearly.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେଖିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଇଁ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚ୍ଚା' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

ଉଦ୍ଭୂତରୂପ—ସଂ. ବି (ଉଦ୍ଭୂତ+ରୂପ)—ସଂଜାତରୂପ; ପ୍ରକାଶିତ ରୂପ;
Udbhūtarūpa ଇନ୍ଦ୍ରିୟଗୋଚର ରୂପ—Manifested form.

ସଂ. ବିଣ—(ବହୁବ୍ରୀହି; ଉଦ୍ଭୂତ ହୋଇଅଛି ରୂପ ଯାହାର)—
ଯାହାର ରୂପ ପ୍ରକାଶ ପାଇଅଛି—One whose form has been manifested.

ଉଦ୍ଭେଦ—ସଂ. ବି. ( ଉତ୍=ଉପରକୁ+ଭିଦ୍ ଧାତୁ=ଭେଦ କରିବା+
Udbheda ଭାବ. ଅ.)—
୧ । ଫୁଟିବା—1. Budding; blossoming forth.
୨ । ଉଦ୍ଗମ—2. Breaking forth.
୩ । ପ୍ରକାଶ; ସ୍ଫୁରଣ—3. Bursting forth.
୪ । ବୃଦ୍ଧି—4. Growth
୫ । ରୋମାଞ୍ଚ—5. Horripilation.
୬ । ଆବିଷ୍କାର—6. Discovery.

ଉଦ୍ଭ୍ରମ—ସଂ.ବି. (ଉତ୍=ଉପରକୁ+ଭ୍ରମ ଧାତୁ=ବୁଲିବା+ଭାବ.ଅ)—
Udbhrama ୧ । ଉଦ୍ବେଗ—1. Anxiety.
(ଉଦ୍ଭ୍ରାନ୍ତ—ବିଣ) ୨ । ଭୁଆଁ ବୁଲିବା—2 Losing one's way; taking a wrong road,
୩ । ଊର୍ଦ୍ଧ୍ୱଗମନ; ଶୂନ୍ୟରେ ଭ୍ରମଣ—
3 Moving about in the air.
୪ । ବୁଦ୍ଧିଭ୍ରମ—4. Bewilderment; mental distress; perplexity.
୫ । ଉଦ୍ବେଗ;ବ୍ୟାକୁଳତା—5. Agitation; anxiety.

ଉଦ୍ଭ୍ରାନ୍ତ—ସଂ. ବିଣ. ପୁଂ ( ଉତ୍+ଭ୍ରାନ୍ତ )—
Udbhrānta ୧ । ଆକୁଳିତ—
1. Agitated; bewildered; distressed,
୨ । ପଥଭ୍ରଷ୍ଟ—2. Having lost one's way.
୩ । ଭୁଆଁ ବୁଲୁଥିବା—
3. Walking on the wrong road.
୪ । ହତବୁଦ୍ଧି - 4. Bewildered.
୫ । ଆଘୂର୍ଣ୍ଣିତ ( ଖଡ୍ଗାଦି )—5. Whirled; waved (as a sword) (M. W.)
୬ । ବ୍ୟସ୍ତ—6. Distressed (M. W)
୭ । ଉଚ୍ଛୃଙ୍ଖଳ—7. Excited (M. W)

ଉଦ୍ୟତ—ସଂ. ବିଣ. (ଉତ୍=ବିପରୀତ+ଯମ ଧାତୁ=ବିରତ ହେବା+
Udyata କର୍ତ୍ତୃ.•ତ)—୧ । ଉଦ୍ୟୁକ୍ତ—1. Prompt
(ଉଦ୍ୟତା—ସ୍ତ୍ରୀ) ୨ । ତତ୍ପର—2. Ready.
(ଉଦ୍ୟମ—ବି) ୩ । ପ୍ରବୃତ୍ତ—3. Prepared to do; making an effort; exerting oneself.
୪ । ଉତ୍ଥିତ—4. Arisen.
୫ । ଉତ୍ତୋଳିତ—5. Raised for action; lifted.
୬ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ—
6. Prepared or ready to do an act.
୭ । ମୁମୂର୍ଷୁ—7. About to do a thing.
୮ । ଖଡ୍ଗ ଦ୍ୱାରା ଖଡ୍ଗାଦି ବୁଲାଇବା—
8. The act of waving a sword (M.W)

ଉଦ୍ୟମ—ସଂ. ବି. (ଉତ୍=ବିପରୀତ+ଯମ ଧାତୁ=ବିରତ ହେବା+
Udyāma ଭାବ. ଅ)—୧ । ଚେଷ୍ଟା; ଉଦ୍ଯୋଗ—
(ଉଦ୍ୟତ—ବିଣ) 1. Strenuous effort; exertion. preparation; attempt.
୨ । ଅଧ୍ୟବସାୟ—2. Perserverance.
୩ । ସ୍ଫୂର୍ତ୍ତି—3 Promptitude.
୪ । ତତ୍ପରତା—4. Readiness.
୫ । ଉତ୍ଥାନ—5 Rise
୬ । ଉତ୍ତୋଳନ—6. Lifting.
୭ । ଯୋଗାଡ଼; ଆନୁପୂର୍ବିକ ଚେଷ୍ଟା—
7. Preparatory action.

ଉଦ୍ୟମ କରିବା—ଦେ. କ୍ରି—ଉଦ୍ୟୋଗ କରିବା; ଯୋଗାଡ଼ କରିବା;
Udyama karibā କୌଣସି ଉଦ୍ଦେଶ୍ୟ ସାଧନ କରିବା ଲାଗି ବିଶେଷ ଚେଷ୍ଟା ବା ଯତ୍ନ କରିବା—To make a strenuous effort to achieve an object.

ଉଦ୍ୟମଶୀଳ—ସଂ. ବିଣ. ପୁଂ—୧ । ଉଦ୍ଯୋଗୀ; ସଚେଷ୍ଟ—
Udyamaśīla 1. Active.
( ଉଦ୍ୟମଶୀଳା—ସ୍ତ୍ରୀ ) ୨ । ଅଧ୍ୟବସାୟୀ—2. Persevering.
୩ । ଯୋଗାଡ଼ିଆ—3. Striving.
୪ । ଉଦ୍ୟମୀ—4. Prompt

ଉଦ୍ୟମୀ—ସଂ. ବିଣ. ( ଉତ୍=ବିପରୀତ+ଯମ୍ ଧାତୁ=ବିରତ ହେବା
Udyamī +କର୍ତ୍ତୃ. ଇନ୍. ୧ମା. ୧ବ. )—
୧ । ଉଦ୍ଯୋଗୀ—1. Diligent,
୨ । ସଚେଷ୍ଟ—2. Active.
୩ । ଅଧ୍ୟବସାୟୀ—3. Persevering
୪ । ଯୋଗାଡ଼ିଆ—4. Striving

ଉଦ୍ୟାନ—ସଂ. ବି. ( ଉତ୍=ଊର୍ଦ୍ଧ୍ୱ+ଯା ଧାତୁ=ଯିବା+ଅଧିକରଣ-
Udyāna ଅନ )—୧ । ବଗିଚା; ଉପବନ—
1. Garden; grove; park.
୨ । କ୍ରୀଡ଼ାବନ—2. Pleasure-garden
୩ । ( +ଭାବ. ଅନ )—ନିଃସରଣ
3. Bursting forth.
୪ । (+କର୍ମ. ଅନ)—ପ୍ରୟୋଜନ—4. Necessity,
ଦେ. ପଦ୍ୟ. ବି—ଉଦ୍ଯାପନ—Ending; finishing.
ଉଦ୍ୟାନ ଏକାଦଶୀ ଦିନ ପାପ ତର୍ପଣ କରୁ ଅଛି ।
—ଭୂପତି ପ୍ରେମପଞ୍ଚାମୃତ ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇଏ | ଃ | ଛ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ |

ଉଦ୍ୟାନମ୍—ପ୍ରାଦେ ( ଗଞ୍ଜାମ ) ବି—ଉଦ୍ୟାନଖଣ୍ଡ ( ଦେଖ )
Udyānam Udyānakhaṇḍa ( See )

ଉଦ୍ୟାନଖଣ୍ଡ—ପ୍ରାଦେ. ( ଗଞ୍ଜାମ ) ବି—ଗଞ୍ଜାମ ଅଞ୍ଚଳରେ ସମୁଦ୍ରକୂଳରେ ଥିବା ଦୂର୍ବ ଭୂଖଣ୍ଡ (ଏ ଭୂଖଣ୍ଡରେ ନାନାବିଧ ସୁମିଷ୍ଟ ଫଳ ଜନ୍ମେ । ଏଥିଲାଗି ଏହାକୁ ଗଞ୍ଜାମରେ 'ଉଦ୍ୟାନ' କୁହାଯାଏ । )—
Udyānakhaṇḍa A fertile strip of land running parallel to the sea-coast in Ganjam producing various sweet fruits (orange, plantain, guava etc) which is called. 'The garden'.

ଉଦ୍ୟାନବାଟିକା—ସଂ. ବି—ବଗିଚାରେ ଥିବା ଘର—
Udyānabāṭikā Garden-house.

ଉଦ୍ୟାନପାଳ—ସଂ. ବି (୬ଷ୍ଠୀ ତତ୍; ଉଦ୍ୟାନ+ପାଳ)— ଉଦ୍ୟାନରକ୍ଷକ; ମାଳୀ—Keeper of a garden; gardener; forester.
Udyānapāḷa

ଉଦ୍ୟାନପାଳକ—ସଂ. ବି ( ୬ଷ୍ଠୀ ତତ୍; ଉଦ୍ୟାନ+ପାଳକ )—
Udyānapāḷaka ଉଦ୍ୟାନପାଳ (ଦେଖ)
(ଉଦ୍ୟାନପାଳିକା—ସ୍ତ୍ରୀ) Udyānapāḷa (See)

ଉଦ୍ୟାନରକ୍ଷକ—ସଂ. ବି—ଉଦ୍ୟାନପାଳ (ଦେଖ)
Udyānarakshaka Udyānapāḷa (See)

ଉଦ୍ଯାପନ—ସଂ. ବି—ଉଦ୍ୟାପନ (ଦେଖ)
Udjāpana Udyāpana (See)

ଉଦ୍ୟାପନ—ସଂ. ବି ( ଉଦ୍+ଯା ଧାତୁ. ଣିଚ୍=ଯାପି ଧାତୁ+ଭାବ. ଅନ)- ୧ । ଆରବ୍ଧ ବ୍ରତାଦିର ସମାପନ;ଓପାଉଜୁଆଁ-
Udyāpana The bringing of a vow or ceremony to a close; the completion of a solemn vow.
୨ । ଆରବ୍ଧକାର୍ଯ୍ୟର ସମାପନ—2 The completion of a thing or act.

ଉଦ୍ୟାପନା—ସଂ.ବି—( ଉଦ୍+ଯାପି ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
Udyāpanā ଉଦ୍ୟାପନ (ଦେଖ)
Udyāpana (See)

ଉଦ୍ଯାପିତ—ସଂ. ବିଣ—ଉଦ୍ୟାପିତ (ଦେଖ)
Udjāpita Udyāpita (See)

ଉଦ୍ୟାପିତ—ସଂ. ବିଣ ( ଉଦ୍+ଯା ଧାତୁ ଣିଚ୍=ଯାପି ଧାତୁ+କର୍ମ. ତ ) - ୧ । ପରିସମାପ୍ତ—1. Brought to a close; accomplished.
Udyāpita
(ଉଦ୍ୟାପନ—ବି)
୨ । ଉଜୁଆଁ ହୋଇଥିବା—2. Brought to completion said of a vow).

ଉଦ୍ଯୁକ୍ତ—ସଂ. ବିଣ—ଉଦ୍ୟୁକ୍ତ (ଦେଖ)
Udjukta Udyukta (See)

ଉଦ୍ୟୁକ୍ତ—ସଂ.ବିଣ (ଉଦ୍+ଯୁଜ୍ ଧାତୁ=ଯୋଗ କରିବା+କର୍ତ୍ତୃ. ତ)—
Udyukta ୧ । ଉଦ୍ଯୋଗବିଶିଷ୍ଟ—1. Prepared.
୨ । ଉତ୍ସାହାନ୍ୱିତ; ଉଦ୍ୟୋଗଶୀଳ—
2. Zealously: active.
୩ । ଯତ୍ନବାନ୍—3. Striving; sedulous.
୪ । ଉତ୍ସୁକ—4. Eager.
୫ । ଚେଷ୍ଟିତ—5. Endeavouring.

ଉଦ୍ଯୋଗ—ସଂ. ବି—ଉଦ୍ୟୋଗ (ଦେଖ)
Udjoga Udyoga (See)

ଉଦ୍ୟୋଗ—ସଂ.ବି.(ଉଦ୍+ଯୁଜ ଧାତୁ=ଯୋଗ କରିବା+ଭାବ. ଅ)—
Udyoga ୧ । ଚେଷ୍ଟା; ଉଦ୍ୟମ—
(ଉଦ୍ୟୁକ୍ତ—ବିଣ) 1. Exertion; endeavour; effort.
୨ । ଆୟୋଜନ—2. Preparation.
୩ । ଯତ୍ନ—3. Readiness; care.
୪ । ଉତ୍ସାହ—4. Zeal; diligence
୫ । (ସୈନ୍ୟଙ୍କୁ ଯୁଦ୍ଧ କରିବାପାଇଁ) ପ୍ରସ୍ତୁତ କରିବା; ସୈନ୍ୟସଜ୍ଜା; ସଜ୍ଜିତକରଣ—5. Equipment; making ready (e.g. of an army for a battle.)
କୋପରେ ପରାଧୀନଚେତା ହୋଇ ଶୁମ୍ଭ ସବୁ ସୈନ୍ୟମାନଙ୍କର ଉଦ୍ୟୋଗ ଆଦେଶ କଲା ।
ସଂ. ଚଣ୍ଡୀପୁରାଣ ୮-୩

ଉଦ୍ଯୋଗପର୍ବ—ଉଦ୍ୟୋଗପର୍ବ (ଦେଖ)
Udjogaparba Udyogaparba (See)

ଉଦ୍ୟୋଗପର୍ବ—ସଂ. ବି—ମହାଭାରତର ଷଷ୍ଠ ପର୍ବ; ଯେଉଁ ପର୍ବରେ କୁରୁ ଓ ପାଣ୍ଡବମାନଙ୍କର ଯୁଦ୍ଧର ଉଦ୍ଯୋଗ କରିବା ବିଷୟ ବର୍ଣ୍ଣିତ ହୋଇଅଛି—
Udyogaparba The sixth canto of the Mahābhārata.

ଉଦ୍ଯୋଗୀ—ସଂ. ବିଣ—ଉଦ୍ୟୋଗୀ (ଦେଖ)
Udjogī Udyogī (See)

ଉଦ୍ୟୋଗୀ—ସଂ.ବିଣ.ପୁଂ (ଉଦ୍ୟୋଗ+ଅସ୍ତ୍ୟର୍ଥେ. ଇନ୍. ୧ମା. ୧ବ) -
Udyogī ୧ । ଉଦ୍ୟମୀ—1. Active; zealous.
(ଉଦ୍ଯୋଗିନୀ—ସ୍ତ୍ରୀ) ୨ । ଚେଷ୍ଟିତ—2. Persevering; energetic.
୩ । ଉଦ୍ଯୋଗଶୀଳ; ଉଦ୍ୟମଶୀଳ—3. Zealous; active.
୪ । ଉତ୍ସାହୀ—4. Vigorous.

ଉଦ୍ର—ସଂ. ବି ( ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ର )—ଓଧ; ଜଳବିଡ଼ାଳ—Otter.
Udra
ଦେ. ବି—ଶଗଡ଼ରେ ଶସ୍ୟାଦି କ୍ଷୁଦ୍ର ପଦାର୍ଥମାନ ବୋହିବାରେ ବ୍ୟବହୃତ; ବାଉଁଶନିର୍ମିତ ଟୋକାଇ; ରୁଦ୍ର; ଓଦର—
A large long basketlike contrivance for carrying small articles and grain in a cart.

ସାଧାରଣ ଲେଖକେ ଅପର ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଦ୍ୱାରା ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଯାତ' ନ ମିଳିଲେ 'ଜାତ' ଖୋଜିବେ 'ରଥ' ନ ମିଳିଲେ 'ବଥ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଉଦ୍ରଥ**—ସଂ. ବ ( ଉତ୍+ରଥ )—୧ । ଗାଡ଼ିର ଚକକୁ ଅଟକାଇ
**Udratha** ରଖିବା ପାଇଁ ଅକ୍ଷଅଗ୍ରରେ ଲାଗିଥିବା କୀଳ; ଅଣକଣ୍ଟ—
1. The pin of the axle of a carriage.
୨ । ( ରଥ ପରି ଏହାର ପକ୍ଷ ହୋଇଥିବାରୁ ) କୁକ୍କୁଟ—
2. A cock.

**ଉଦ୍ରାବ**—ସଂ. ବ (ଉତ୍=ଉଚ୍ଚ+ରୁ ଧାତୁ=ଶବ୍ଦ କରିବା + ଭାବ.ଅ)—
**Udrāba** ଉଚ୍ଚଶବ୍ଦ; ଉଚ୍ଚଧ୍ୱନି—Loud voice; loud noise.

**ଉଦ୍ରିକ୍ତ**—ସଂ. ବଣ ( ଉତ୍=ଉପରକୁ+ରିଚ୍ ଧାତୁ=ବଦ୍ଧିତ ହେବା;
**Udrikta** ଉଠିବା+କର୍ମ. ତ )—୧ । ଉତ୍ଥିତ—
(ଉଦ୍ରେକ—ବ) 1. Erect; rising.
୨ । ଉତ୍ତେଜିତ—2 Excited; irritated.
୩ । ଅତ୍ୟଧିକ—3. Excessive; increased.
୪ । ସ୍ପଷ୍ଟ—4. Evident; manifest.
୫ । ପ୍ରକାଶିତ—5. Appeared.
୬ । ପ୍ରବଳହୋଇଥିବା; ଘୋଟିଥିବା—
6 Predominating; preponderating.

**ଉଦ୍ରେକ**—ସଂ. ବ ( ଉତ୍=ଉପରକୁ+ରିଚ୍ ଧାତୁ=ଉଠିବା+ଭାବ.
**Udreka** ଅ)—୧ । ଉତ୍ଥାନ; ଉଦୟ—1. Rise; erection.
(ଉଦ୍ରିକ୍ତ—ବଣ) ୨ । ଉତ୍ତେଜନ—2. Excitement.
୩ । ପ୍ରାବଲ୍ୟ; ବୃଦ୍ଧି; ଆଧିକ୍ୟ—3. Preponderance, increase; excess; predominance.
୪ । ଆବିର୍ଭାବ—4. Appearance.
୫ । ଉପକ୍ରମ; ଆରମ୍ଭ—5. Commencement

**ଉଧ୍ମାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ବାଛୁରି ବଗୁଡ଼ ହୋଇ
**Udhmāibā** ପାଣି ଘଡ଼ରେ ଉତ୍ପାତ ଲଗାଇବା—To stir up water by frisking.

**ଉଧ୍ଲିଆପଳାଇବା**—ପ୍ରାଦେ. ( ସମ୍ବଲପୁର ) କ୍ରି—ପରସ୍ତ୍ରୀକୁ ନେଇ
**Udhliāpaḷāibā** ଲୁଚିକରି ସ୍ଥାନାନ୍ତରକୁ ପଳାଇବା—To elope with another's wife.

**ଉଧ**—ଦେ. ବ ( ସଂ. ଉଦ୍ର )—ଓଧ; ଜଳଭଡ଼ାଳ—
**Udha** Otter.
উদবিরাল
उद्बिलाव

**ଉଧଃ**—ସଂ. ବ—' ଉନ୍ଦ୍ ଧାତୁ ବହନ କରିବା+କର୍ତ୍ତୃ. ଅସ୍=ଉଧସ୍;
**Udhah** ୧ମା. ୧ବ; ଯେ ଦୁଗ୍ଧ ବହନ କରେ )=ଗାଈଙ୍କ
ସ୍ତନ; ପହା—Udder of a beast.

**ଉଧଟ**—ଗ୍ରା ବଣ—୧ । ଆନନ୍ଦରେ ବା ଦୁଃଖରେ ପାଗଳ—(ସଂ.ଉଦ୍ଧତ)
**Udhaṭa** 1. Maddened with joy or sorrow.
୨ । ଉଦ୍ଧତ—2. Haughty.
୩ । ଉତଲ ( ଦେଖ )—3 Utalā ( See )
ନୃପାଙ୍କୁ ଧର ଭୃତ୍ୟ ଭୃତ୍ୟଙ୍କୁ ଉଗ୍ରେ,
ଉଧଟ ପ୍ରିୟର ବାଣୀ ନଯୋଗୀ ବରଙ୍ଗେ ! ପ୍ରାଚୀ—ଉଷାଭିଳାଷ ।

**ଉଧରିବା**—ଦେ. କ୍ରି. ( ସ. ଉଦ୍ଧାର )—ଉଦ୍ଧାର ପାଇବା—
**Udharibā** To be delivered from a difficulty or danger.
উধরা

**ଉଧଳ**—ପ୍ରାଦେ. ( ସିଂହଭୂମ ) ବ—ଶଗଡ଼ର ଯୋଡ଼ି ଦଣ୍ଡା—
**Udhaḷa** The shafts or poles of a bullock-cart.

**ଉଧାଇବା**—ଦେ. କ୍ରି. ( ସଂ. ଅଭ୍ୟୁଦୟ )—
**Udhāibā** ୧ । ଶରୀର ଟାଣ ହେବା—
1. To feel rigid in the body.
୨ । ଉନ୍ନତ କରିବା—
2. To prosper.
୩ । ଫୁଲି ହେବା—3. To be swollen
୪ । ବଢ଼ିବା—4. To grow.

**ଉଧାଣି**—ଦେ. ବ. ( ସଂ. ବଧ ଧାତୁ )—
**Udhāṇi** ଭାତ ରାନ୍ଧିବା ପାଇଁ ଚୁଲିରେ ବସାଇବା ପାଣିହାଣ୍ଡି—
अधन A pot of water put over fire to cook rice.

**ଉଧାର**—ଗ୍ରା. ଚ. ( ସଂ. ଉଦ୍ଧାର )—୧ । ଉଦ୍ଧାର; ମୁକ୍ତି—
**Udhāra** 1. Release, deliverance
ধার
उधार ୨ । ସୁଧାସୁଧିରେ ଅଣିଥିବା ଋଣ—
2 Loan without interest
ଯେତେ ଗଉଡ଼ ମୋ ସାହିର; ଘୋରସ ଅଣିଛି ଉଧାର । ଗୁପତ. ପ୍ରେମପଞ୍ଚାମୃତ ।
ଉଧାର ମାସକ ପାଞ୍ଚପାଏ । ପ୍ରବଚନ ।
୩ । ବିନା ଭଡ଼ାରେ ଅଣିବା ବସ୍ତୁ—Loan of things without any charge for use.

**ଉଧାରଣ**—ଗ୍ରା ବଣ. ( ସଂ. ଉଦ୍ଧାରକ )—ଉଦ୍ଧାରକ ( ଦେଖ )
**Udhāraṇa** Uddhāraka ( See )
ଆପଦେ ମୁକ୍ତ ପଦ ଅଟେ ଉଧାରଣ । ଦ୍ରୌ. ଚୁମ୍ବନଭୁଷଣଗୀତା ।

**ଉଧାରଧାର**—ଦେ. ବ. ( ସହଚରଶବ୍ଦ )—୧ । ଧାରକାରି—
**Udhāradhāra** 1. Borrowing and lending without interest.
୨ । ଧାରକାରି ବେଭାର—2. Transaction on credit.

**ଉଧାରିବା**—ଦେ. ପଦ୍ୟ. କ୍ରି.—୧ । ଉଦ୍ଧାର କରିବା; ମୁକ୍ତ କରିବା—
**Udhāribā** 1. To deliver; to release.
উধরা ୨ । ବସ୍ତୁ ବା ଧନ ଉଧାର ନେବା—
उधारना 2. To take a loan; to borrow.

**ଉଧାରେଣୀ**—ଗ୍ରା. ବଣ. ସ୍ତ୍ରୀ. ( ସଂ. ଉଦ୍ଧାର )—ଉଦ୍ଧାରକାରିଣୀ—
**Udhāreṇi** female ) Redeeming; delivering.

**ଉଧି**—ଦେ. ବ. ( ସଂ. ଊର୍ଦ୍ଧ୍ୱ )—୧ । ଊର୍ଦ୍ଧ୍ୱସ୍ଥ ମୂଳ—
**Udhi** 1. The upper part of the root of a tree
୨ । କଦଳୀ ଗଛର ପୁଅ—2. Plantain-seedling.
୩ । ଶଗଡ଼ଦଣ୍ଡା—3. The two shafts of a cart.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଌ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଉଅ | ଞ୍ଚ |
| ୨ | ଈ | ଊ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ଳ୍ପ |

ଉଧୁଅ—ଦେ. ବ—ଉଧ—Otter.
Udhua

ଉଧୁରା—ଗ୍ରା. ବ. ( ସଂ. ଉଦ୍ଧାର )—୧ । ଉଦ୍ଧାର ପାଇବା—
Udhurā 1 Deliverance.
୨ । ମୁକ୍ତି—2. Release.

ଉଧୁରାଇବା—ଗ୍ରା. କ୍ରି. ( ସଂ. ଉଦ୍ଧାର )—ଅନ୍ୟକୁ ବିପଦରୁ ରକ୍ଷା
Udhuraibā କରିବା; ଉଦ୍ଧାର କରିବା; ଉଦ୍ଧାରିବା—
উধরান To deliver another from trouble.
उधराना

ଉଧୁରିବା—ଦେ. କ୍ରି. ( ସଂ. ଉଦ୍ଧାର )—୧ । ଉଦ୍ଧାର ପାଇବା—
Udhuribā 1. To be released.
উধরা ୨ । ବନ୍ଧନରୁ ବା ବିପଦରୁ ମୁକ୍ତ ହେବା—
उधराना 2. To be delivered from a calamity.
୩ । କବିଗ୍ରରେ କୌଣସି ବିପଦରୁ ପାରି ହେବା—
3. To overcome a trouble without injury.

ଯେବେ ଆମ୍ଭେ ଅଜ୍ଞାତବାସ ଉଧୁରିବା
ତେବେ ଆଉ ଡାକିଲେ ହେଳେ କି କି ଯିବା । କୃଷ୍ଣସିଂହ. ମହାଭାରତ ବନ ।

ଉଧୁଲଙ୍ଗଳା—ଗ୍ରା. ବିଣ—ଉଦୁଲଙ୍ଗଳା ( ଦେଖ )
Udhulangalā Udulangalā ( See )

ଉଧେଇବା—ଦେ. କ୍ରି. ( ସଂ. ଊର୍ଦ୍ଧ୍ୱ ବା ଉଦସ୍ଥ )—
Udheibā ୧ । ଦେହ ହାତ ମୋଡ଼ ଉଡ଼ ହେବା—
1. ( the limbs ) To become languid or rigid; to languish.
୨ । ସ୍ଫୀତ ହେବା; ଫୁଲିବା—2. To be swollen.
୩ । ବଢ଼ିବା—3. To grow.
୪ । ସତେଜରେ ବଢ଼ିବା—
4 To have a healthy growth.

ଉଧେଇହେବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଆଉଜିବା—
Udheihebā To lean to; to lean on or upon.
ପ୍ରାଦେ. ( ଗଡ଼ଜାତ ) କ୍ରି—(ଗାଈ) ଋତୁମତୀ ହେବା—
To be on heat ( said of a cow )
ଦେ. କ୍ରି. ( ଦେହ ହାତ )—ମୋଡ଼ଉଡ଼ ହେବା—
( limbs ) To become lanquid or rigid.

ଉନ୍ମୁନି—ପ୍ରାଦେ. ( ସମ୍ବଲପୁର ) ବିଣ—ଏକୁଟିଆ; ନିଛାଟିଆ—
Unmuni Lonely
( ଯଥା—ଏଠାରେ କେହି ନ ଥିବାରୁ ମୋତେ ଉନ୍ମୁନି ଲାଗୁଛି । )

ଉନ—ଗ୍ରା. ବିଣ ( ସଂ. ଊନ )—ଊଣା; ନ୍ୟୂନ—Defective.
Una

ଉନମତ—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unamata Unmatta ( See )

ଆନନ୍ଦେ ଉନମତ ହୋଇ । ପଦ ପଦକେ ପ୍ରଣମଇ ॥
ଭୂପତି. ପ୍ରେମପଞ୍ଚାମୃତ ।

ଉନମତ୍ତ—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unamatta Unmatta ( See )

କାଗରେ ଶସ୍ତ୍ରକେ ସେ ଦେବେ ଢେଙ୍ଗି ଜନ
ଉନମତ୍ତ ହୁଅନ୍ତି ସେ ଦେବ ଗ୍ରହ ଜାଣ । କୃଷ୍ଣସିଂହ. ମହାଭାରତ. ବନ ।

ଉନମତ୍ତା—ଗ୍ରା. ବିଣ—ଉନ୍ମତ୍ତ ( ଦେଖ )
Unamattā Unmatta ( See )

ଉନମାଦ—ଗ୍ରା. ପଦ୍ୟ. ବ—ଉନ୍ମାଦ ( ଦେଖ )
Unamāda Unmāda ( See )

ଅଧର-କମ୍ପ ଉନମାଦ. ଉଦାସ ହରଷ ବିଷାଦ ।
ଭୂପତି—ପ୍ରେମପଞ୍ଚାମୃତ ।

ଉନମାଦକ—ଗ୍ରା. ପଦ୍ୟ. ବିଣ—ଉନ୍ମାଦକ ( ଦେଖ )
Unamādaka Unmādaka ( See )

କେ ଉନମାଦକ କେ ମୋଦଦାୟକ । ଦୀନକୃଷ୍ଣ. ରସକଲ୍ଲୋଳ ।

ଉନିଦ୍ରା—ପ୍ରାଦେ. ( ସମ୍ବଲପୁର ) ବିଣ (ସଂ. ଉନ୍ନିଦ୍ର)—୧ । ଅନିଦ୍ରା—
Unidrā 1 Sleepless.
୨ । ଉନ୍ନିଦ୍ର—2. Wakeful
ପ୍ରାଦେ. ( ସମ୍ବଲପୁର ) ବ—ଅନିଦ୍ରା; ନିଦ୍ରାଭାବ—
Sleeplessness; wakefulness.

ଉନୁମତ—ଗ୍ରା. ପଦ୍ୟ. ବିଣ. ( ସଂ. ଉନ୍ମତ୍ତ )—ଉନ୍ମତ୍ତ ( ଦେଖ )
Unumata Unmatta ( See )

ଅନଙ୍ଗରଙ୍ଗ ଉନୁମତ ଭୂଷା ଭବ ଗୁଣି । ଶିଶୁଶଙ୍କର. ଉଷାଅଭିଳାଷ ।

ଉନୁମତ୍ତ—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unumatta Unmatta ( See )

ଉନୁମତ୍ତା—ଗ୍ରା. ପଦ୍ୟ. ବିଣ—ଉନ୍ମତ୍ତ ( ଦେଖ )
Unumattā Unmatta ( See )

ପୁଣି ଯୁଦ୍ଧ କଲେ ହୋଇବା ଉନୁମତ୍ତା । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଉନୁମାଦ—ଗ୍ରା. ବ. ( ସଂ. ଉନ୍ମାଦ )—ଉନ୍ମାଦ; ମତ୍ତତା—
Unumāda Madness.

ଉନେ—ପ୍ରାଦେ. ( ପୁରୀ ) ଅ (ସଂ ପୁନଃ)—୧ । ଆଉଥରେ—
Une 1. Once again
୨ । ପୁନର୍ବାର—2. Again.

ଉନ୍ଦରୁ—ସଂ. ବ. ( ଉନ୍ଦ ଧାତୁ=ଓଦା ହେବା + ସଂଜ୍ଞାର୍ଥ. ଅରୁ )—
Undaru ଇନ୍ଦୁର; ମୂଷା; ମୂଷିକ—Rat; mouse.

ଉନ୍ଦା—ବୈଦେ. ବିଣ. ( ଆ. ଉମ୍ଦା )—
Undā ୧ । ଅତିଉତ୍ତମ—1. Of superior quality.
उमदा ୨ । ଉତ୍କୃଷ୍ଟ—2 Excellent
୩ । ଧନୀ—3 Rich; opulent.

ଉନ୍ଦୁର—ସଂ. ବ. (ଉନ୍ଦ ଧାତୁ=ଓଦା ହେବା+ସଂଜ୍ଞାର୍ଥ. ଉର)—
Undura ମୂଷା—Mouse.

ଉନ୍ଦୂର—ସଂ. ବ. ( ଉନ୍ଦ ଧାତୁ=ଓଦା ହେବା+ସଂଜ୍ଞାର୍ଥ. ଊର )—
Undūra ମୂଷା—Mouse.

ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହିଁବ ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ନା' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଉନ୍ଦୁରୁ—ସଂ. ବି. ( ଉନ୍ଦ ଧାତୁ=ଓଦା ହେବା + ସଂଜ୍ଞାର୍ଥେ. ଉରୁ )—
Undūru ମୂଷା—Mouse.

ଉନ୍ନ—ସଂ ବିଣ. ( ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ତ )—
Unna ୧ । ଦିକ୍ତ—1. Moistened; moist.
୨ । ଆର୍ଦ୍ର—2. Wet.

ଉନ୍ନତ—ସଂ. ବିଣ ( ଉତ୍+ନମ୍ ଧାତୁ+କର୍ମ. ତ )—
Unnata ୧ । ଉଚ୍ଚ—1. Elevated; high.
ଆନତ } ବିପରୀତ ୨ । ବୃଦ୍ଧିପ୍ରାପ୍ତ; ସ୍ଫୀତ—2. Swollen.
ଅବନତ } ୩ । ଉନ୍ନତ ବା ଗୌରବପ୍ରାପ୍ତ—
(ଉନ୍ନତା—ସ୍ତ୍ରୀ) 3. Improved; advanced.
୪ । ଉପଚିତ—4 Increased.
୫ । ଡେଙ୍ଗା—5. Tall.
ଦେ. ବି— ଉଚ୍ଚତା—Height.

ବଢ଼ିଲେ ଉନ୍ନତରେ ଦେଉ ହାତ ସବୁ । କୃଷ୍ଣସିଂହ. ମହାଭାରତ. ବନ ।

ଉନ୍ନତଚିତ୍ତ—ସଂ. ବିଣ. ପୁଂ. ( ବହୁବ୍ରୀହି )— ଉଦାରସ୍ୱଭାବ—
Unnatachitta High-minded; liberal-minded.
(ଉନ୍ନତଚିତ୍ତା—ସ୍ତ୍ରୀ)

ଉନ୍ନତାନତ—ସଂ. ବିଣ (ଉନ୍ନତ + ଆନତ=ବିପରୀତାର୍ଥକ ଦ୍ୱନ୍ଦ୍ୱ)—
Unnatānata ଉଚ୍ଚନୀଚ; ବନ୍ଧୁର—Uneven; undulating.

ଉନ୍ନତି—ସଂ. ବି. ( ଉତ୍ = ଉପରକୁ+ନମ ଧାତୁ = ନଇଁବା + ଭାବ. ତି )—
Unnati
(ଉନ୍ନତ—ବିଣ) ୧ । ଗରୁଡ଼ଙ୍କ ପତ୍ନୀ—
1. The wife of Garurda.
୨ । ସମୃଦ୍ଧି; ସୌଭାଗ୍ୟ; ଶ୍ରୀବୃଦ୍ଧି — 2. Prosperity; advancement.
୩ । ଗୌରବ—3. Improvement.
୪ । ବୃଦ୍ଧି—4. Increase; progress.
୫ । ଉଦୟ—5. Rise.
୬ । ଉଚ୍ଚତା—6. Elevation; height.
୭ । ପଦବୃଦ୍ଧି; ଉପରକୁ ଉଠିବା—7. Promotion.
ଦେ. ବି—ଅହଙ୍କାର; ଗର୍ବ— Arrogance; pride.

ବନରେ ହେଲେ ଉନ୍ନତି ଗର୍ଜ୍ଜି ବୃତ ବୃଷ ବୋଲେ ହୋଇ କ୍ଷୁବ୍ଧ ।
ଭକ୍ତ. ବୈଦେହୀଶବିଳାସ ।

ଉନ୍ନତି କରିବା—ଦେ. କ୍ରି—୧ । ବୃଦ୍ଧି ପାଇବା—
Unnati karibā 1. To improve.
উন্নতি করা ୨ । ଶ୍ରୀବୃଦ୍ଧି ଲାଭ କରିବା—2. To progress.
উন্নতি করনা

ଉନ୍ନଦ୍ଧ—ସଂ. ବିଣ. ( ଉତ୍=ଉପରେ+ନହ୍ ଧାତୁ=ବାନ୍ଧିବା=କର୍ମ. ତ )—
Unnaddha ୧ । ଅଗରେ ବନ୍ଧା ହୋଇଥିବା ବା ଗଣ୍ଠି ପଡ଼ିଥିବା; ଉଦ୍ବଦ୍ଧ—
1 Tied together into a knot at the top.
୨ । ସ୍ଫୀତ—2. Swollen.
୩ । ଗର୍ବିତ; ଦୃପ୍ତ—3. Proud

ଉନ୍ନମନ—ସଂ. ବି. ( ଉତ୍=ଉପରକୁ+ନମ୍ ଧାତୁ ଣିଜନ୍ତ+ନମି ଧାତୁ=ନୁଆଁଇବା+ଭାବ. ଅନ )—
Unnamana
୧ । ଉତ୍ତୋଳନ—1. Raising.
୨ । ଉପରକୁ ଉଠାଇବା—
2 Lifting up; pulling up.

ଉନ୍ନମିତ—ସଂ. ବିଣ. ( ଉତ୍=ଉପରକୁ+ନମି ଧାତୁ=ନୁଆଁଇବା + କର୍ମ. ତ )—
Unnamita
୧ । ଉତ୍ତୋଳିତ; ଉପରକୁ ଉଠା ହୋଇଥିବା—
1. Lifted up; raised; elevated
୨ । ଉପରକୁ ଟଣା ହୋଇଥିବା—2. Pulled up

ଉନ୍ନୟ—ସଂ.ବି. (ଉତ୍=ଉପରକୁ + ନୀ ଧାତୁ=ନେବା+ଭାବ. ଅ)—
Unnaya ୧ । ଉନ୍ନତି—1 Progress
୨ । ଉପରକୁ ଉଠାଇବା; ଉତ୍ତୋଳନ—
2. Lifting up; elevating.
୩ । ଉତ୍ଥାନ—3. Rise.
୪ । ସାଦୃଶ୍ୟ—4. Similarity.

ଉନ୍ନୟନ—ସଂ. ବି. ( ଉତ୍=ଉପରକୁ + ନୀ ଧାତୁ=ନେବା + ଭାବ. ଅନ )—୧ । ଉନ୍ନତି—
Unnayana
(ଉନ୍ନୀତ—ବିଣ) 1. Progress; improvement.
୨ । ଅନୁମାନ; ତର୍କ—2. Guess; inference.
୩ । ଉପରକୁ ଉଠାଇବା; ଉତ୍ତୋଳନ—
3. The act of elevating; lifting; raising up.
୪ । ଉତ୍ଥାନ—4. Promotion; rising.
୫ । ଉପରକୁ ଫିଙ୍ଗିବା—
5 The act of throwing up a thing
୬ । ନ୍ୟାୟଶାସ୍ତ୍ର—6. Logic.
୭ । ଉଦ୍ଭାବନ—7. Invention.
୮ । ଆଲୋଚନା; ତର୍କବିତର୍କ—8. Discussion.

ଉନ୍ନସ—ସଂ. ବିଣ. (ବହୁବ୍ରୀହି; ଉତ୍=ଉନ୍ନତ+ନାସା=ନାସିକା )—
Unnasa ଉନ୍ନତ ନାସିକାବିଶିଷ୍ଟ; ଯାହାର ନାକ ଉଚ୍ଚ—
( ଉନ୍ନସା—ସ୍ତ୍ରୀ ) Having a high nose.

ଉନ୍ନା—ଦେ. ବି. ( ସଂ. ଊର୍ଣ୍ଣା )—ଊର୍ଣ୍ଣା; ପଶମ—Wool.
Unnā ବିଣ—ଊର୍ଣ୍ଣ ନିର୍ମିତ; ପଶମି—Woolen.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଈ | ଋ,ର | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଡ | ଶ,ଶ | ଙ୍କ | ଉମ୍ | ଉଂ | ଉ |
| ୨ | ଢ | ଭ | ଋ | ଲୃ | ଏ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ | ଉଅ | ଙ | ମ୍ |

**ଉନ୍ନାଗ**—ଦେ. ବି—ଏକଜାତୀୟ ଗଛ—
Unnāga A species of tree.

ଉନ୍ନାଗ ପୁନ୍ନାଗ ଚମ୍ପକଶିରୀ—ପ୍ରତାପ, ଶଶିସେଣା ।

**ଉନ୍ନାଦ**—ସଂ. ବି. ( ଉତ୍=ଉଚ୍ଚ+ନଦ୍ ଧାତୁ=ଶବ୍ଦ କରିବା +କର୍ତ୍ତୃ. ଅ )—
Unnāda
୧ । ଉତ୍କଟ ରବ; ଉଚ୍ଚଶବ୍ଦ—
1. High sound
୨ । ଗର୍ଜ୍ଜନ—2. Roaring.

**ଉନ୍ନାଭ**—ସଂ. ବିଣ. ( ବହୁବ୍ରୀହି; ଉତ୍=ଉନ୍ନତ+ନାଭି )—
Unnābha ୧ । ଯାହାର ନାଭି ଉନ୍ନତ—
1. Having a swollen navel.
୨ । ସୂର୍ଯ୍ୟବଂଶୀୟ ରାଜାବିଶେଷ—
2 A king of the Solar dynasty.

**ଉନ୍ନାମିତ**—ସଂ. ବିଣ. ( ଉତ୍=ଊର୍ଦ୍ଧ୍ୱ+ନମି ଧାତୁ+କର୍ମ. ତ )—
Unnāmita ଊର୍ଦ୍ଧ୍ୱକୁ ଉତ୍ଥାପିତ—Lifted up

**ଉନ୍ନାୟ**—ସଂ. ବି. ( ଉତ୍+ନୀ ଧାତୁ ଣିଚ+ଭାବ. ଅ )—
Unnāya ଉନ୍ନୟ ( ଦେଖ )—Unnaya ( See )

**ଉନ୍ନାହ**—ସଂ. ବି. ( ଉତ୍=ଉପରକୁ+ନହ୍ ଧାତୁ=ବାନ୍ଧିବା+ଭାବ. ଅ )—
Unnāha
୧ । ଉତ୍ତୋଳନପୂର୍ବକ ବନ୍ଧନ; ଉଠେଇ କରି ବାନ୍ଧିବା—
1. Tying or binding by lifting a thing.
୨ । ( +କରଣ. ଅ )—କାଞ୍ଜି—
2. Fermented rice-water.

**ଉନ୍ନିଦ୍ର**—ସଂ. ବିଣ. ପୁଂ. ( ବହୁବ୍ରୀହି; ଉତ୍=ଅପଗତ+ନିଦ୍ରା )—
Unnidra ୧ । ଜାଗ୍ରତ; ନିଦ୍ରାବର୍ଜ୍ଜିତ; ନିଦ୍ରାରହିତ—
1. Sleepless; waking
୨ । ନିଦ୍ରାରୁ ଉଠିଥିବା—
2. Awakened from sleep,
୩ । ପ୍ରସ୍ଫୁଟିତ; ବିକଶିତ—3. Full-blown.
୪ । ସାବଧାନ; ସତର୍କ; ସର୍ବଦା ସଚେଷ୍ଟ—
4. Vigilant; cautious

**ଉନ୍ନୀତ**—ସଂ. ବିଣ. ( ଉତ୍=ଉପରକୁ+ନୀ ଧାତୁ=ନେବା+କର୍ମ. ତ )—୧ । ଉତ୍ତୋଳିତ—
Unnita
1. Raised; uplifted
୨ । ଊର୍ଦ୍ଧ୍ୱକୁ ନୀତ—2. Promoted; advanced.
୩ । ଉନ୍ନତି ଲାଭ କରିଥିବା—3. Improved.
୪ । ଅନୁମିତ—4. Inferred; guessed.

**ଉନ୍ମଗ୍ନ**—ସଂ. ବିଣ. ( ଉତ୍=ଉପରେ+ମସଜ୍ ଧାତୁ=ବୁଡ଼ିବା+କର୍ତ୍ତୃ. ତ )—ଜଳାଦିରୁ ଉତ୍ଥିତ—Risen from water; emerging from water.
Unmagna

**ଉନ୍ମଜ୍ଜକ**—ସଂ. ବିଣ. ( ଉତ୍=ଉପରେ+ମସଜ୍ ଧାତୁ=ବୁଡ଼ିବା+କର୍ତ୍ତୃ. ଅକ )—ଉନ୍ମଜ୍ଜନକାରୀ; ଯେ ଭସାଏ—
Unmajjaka Floating.
ସଂ. ବି—ତାପସବିଶେଷ—A class of ascetics.

**ଉନ୍ମଜ୍ଜନ**—ସଂ. ବି. ( ଉତ୍=ଉପର+ମସଜ୍ ଧାତୁ=ବୁଡ଼ିବା+ଭାବ. ଅନ )—୧ । ଜଳାଦିରୁ ଉତ୍ଥାନ—
Unmajjana
(ଉନ୍ମଗ୍ନ—ବିଣ) 1. Rising up (as from water) emerging from water.
୨ । ଭାସିବା—2 Floating up.

**ଉନ୍ମତ୍ତ**—ସଂ. ବିଣ. ପୁଂ. ( ଉତ୍=ଅଧିକ+ମଦ୍ ଧାତୁ+କର୍ତ୍ତୃ. ତ=ପାଗଳ)—୧ । ନିଶାରେ ବିହ୍ୱଳ; ମଦୁଆଳ—
Unmatta
(ଉନ୍ମତ୍ତା—ସ୍ତ୍ରୀ) 1. Infatuated intoxicated
ଉନ୍ମାଦ } ବି
ଉନ୍ମତ୍ତତା }
୨ । ଉନ୍ମାଦଗ୍ରସ୍ତ; ପାଗଳ; ବାହ୍ୟଜ୍ଞାନଶୂନ୍ୟ—
2. Mad; crazy; frantic
ସଂ.ବି. (+କରଣ.ତ)—୧ । ଧାତୁରାଗଛ—1. The thorn-apple; a plant whose fruit is prickly and intoxicating.
୨ । ମୁଚୁକୁନ୍ଦ ଗଛ—2. A tree with sweet-smelling flowers.

**ଉନ୍ମତ୍ତପ୍ରଳାପ**—ସଂ. ବି. (ଷଷ୍ଠୀ ତତ୍)—୧ । ବାତୁଳର ଜଳ୍ପନା—
Unmattapralāpa 1. The ravings of a mad man.
୨ । ଅର୍ଥହୀନ ପ୍ରଳାପ—2. Meaningless ravings.

**ଉନ୍ମଥ**—ସଂ. ବି. (ଉତ୍+ମଥ ଧାତୁ=ବଧ କରିବା+ଭାବ. ଅ)—
Unmatha ୧ । ବଧ; ହନନ; ମାରଣ—1. Killing.
୨ । ମନ୍ଥନ—2. Churning.
୩ । ମର୍ଦ୍ଦନ—3. Rubbing

**ଉନ୍ମଥନ**—ସଂ ବି. (ଉତ୍+ମଥ୍ ଧାତୁ=ବଧ କରିବା; ମନ୍ଥନ କରିବା+ଭାବ. ଅନ)—ଉନ୍ମଥ ଦେଖ)
Unmathana Unmatha (See)

**ଉନ୍ମଦ**—ସଂ. ବିଣ. ( ଉତ୍=ଅତିଶୟ+ମଦ୍ ଧାତୁ=ମତ୍ତ ହେବା+କର୍ତ୍ତୃ. ଅ)—ଉନ୍ମାଦଗ୍ରସ୍ତ; ପାଗଳ—Mad.
Unmada

**ଉନ୍ମଦିଷ୍ଣୁ**—ସଂ. ବିଣ. (ଉତ୍=ଅତିଶୟ+ମଦ ଧାତୁ=ମତ୍ତହେବା+କର୍ତ୍ତୃ. ଇଷ୍ଣୁ)—୧ । ଉନ୍ମାଦଯୁକ୍ତ; ପାଗଳ—
Unmadishnu
1. Delirious; mad.
୨ । ଉଦ୍ଧତ—2. Excited; intoxicated.
୩ । ବାହ୍ୟଜ୍ଞାନଶୂନ୍ୟ—3. Insensible.

**ଉନ୍ମନା**—ଦେ. ବିଣ.—ଉନ୍ମନାଃ (ଦେଖ)
Unmanā Unmanāh (See)

ତୋଳିଥିବେ ଶ୍ରୀମଚନ୍ଦ୍ର ମୋ ତାଙ୍କରେ ଉନ୍ମନା । ନବକାଶର, ସୀତାବନବାସ ।

ସାଧାରଣ ହେବେ ଅପର ସ୍ଥାନରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଯୁକ୍ତ ଉଚ୍ଚାରଣ କରନ୍ତୁ ନାହିଁ । ଅର୍ଥାତ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଡିଲେ ଯେବେ ଏ ଶବ୍ଦକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ପର୍ଯ୍ୟାୟକ୍ରମେ ଚିହ୍ନିତ ଅକ୍ଷର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଡିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍' ଦେଖିବେ; 'ବଂଶୁ' ନ ପାଇଲେ 'ବଂଶ' ଦେଖିବେ; 'ଅଙ୍କେ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

ଉନ୍ମନାଃ—ସଂ. ବଣ. (ବହୁବ୍ରୀହି; ଉତ୍=ଉଦ୍ଗତ+ମନସ୍=ମନ)—
Unmanāḥ ୧ । ଉତ୍କଣ୍ଠିତ ଚିତ୍ତ—1. Anxious
୨ । ବ୍ୟାକୁଳିତ—2. Distressed; grieved.
୩ । ଉଦ୍‌ବିଗ୍ନ—3. Distracted; agitated.
୪ । ଉତ୍ସୁକ—4. Eager.
୫ । ଅନ୍ୟମନସ୍କ—5. Absent minded.
୬ । କିଂକର୍ତ୍ତବ୍ୟବିମୂଢ଼—6. Confused.

ଉନ୍ମାଥ—ସଂ. ବି. (ଉତ୍+ମଥ ଧାତୁ=ବଧ କରିବା+କରଣ. ଅ)—
Unmātha ୧ । ମୃଗ ବନ୍ଧୋପଯୁକ୍ତ ପାଶ; ଫାନ୍ଦ; ଜାଲପାଶ—
1. A snare; a trap.
୨ । (+ଭାବ. ଅ)—ବିଲୋଡ଼ନ—
2. Agitating; churning.
୩ । ଖେଦ—3. Grief; sorrow.
୪ । ହନନ—4. Killing.
ସଂ. ବଣ.—ଘାତକ—Destroying; murdering.

ଉନ୍ମାଦ—ସଂ. ବି. ଉତ୍+ମଦ ଧାତୁ=ମତ୍ତ ହେବା+ଭାବ. ଅ)—
Unmāda ୧ । ଚିତ୍ତବିଭ୍ରମ; ବାଉଳତା—
1. Insanity; madness.
୨ । ବାତ ରୋଗବିଶେଷ—2. A kind of wind-disease.
୩ । କାର୍ଯ୍ୟାକାର୍ଯ୍ୟଜ୍ଞାନଶୂନ୍ୟତା; ଉନ୍ମତ୍ତତା—
3. Infatuation.
୪ । ଉନ୍ମାଦ—4. Madness; infatuation.
ସଂ. ବଣ.—ଉନ୍ମତ୍ତତା କାରକ—Causing madness

ଉନ୍ମାଦକ—ସଂ. ବଣ. ପୁଂ. (ଉତ୍—ଉପରେ+ମଦ ଧାତୁ ଣିଚ=ମାଦ
Unmādaka ଧାତୁ=ମତ୍ତ କରାଇବା+କର୍ତ୍ତୃ. ଅକ)—
(ଉନ୍ମାଦକା—ସ୍ତ୍ରୀ) ୧ । ଚିତ୍ତବିଭ୍ରମକାରୀ—
(ଉନ୍ମାଦିକା—ବ) 1. Causing mania.
୨ । ବୁଦ୍ଧିଭ୍ରଂଶ ଘଟାଇବା; ବାଉଳ କରାଇବା—
2. Intoxicating; maddening.
ଦେ. ବଣ—ଉନ୍ମତ୍ତ—Mad; intoxicated.

ଯେଉଁ ବଧିର ଜଡ଼ ମୂକ ।
ଅନ୍ଧ ପିଶାଚ ଉନ୍ମାଦକ । ଜଗନ୍ନାଥ· ଭାଗବତ ।

ଉନ୍ମାଦଗ୍ରସ୍ତ—ସଂ. ବଣ. ପୁଂ. (ତତ୍ପୁରୁଷ; ଉନ୍ମାଦ=ବ୍ୟାକୁଳତା+ଗ୍ରସ୍ତ
Unmādagrasta =ଆକ୍ରାନ୍ତ)—ବାଉଳ ରୋଗାକ୍ରାନ୍ତ—
(ଉନ୍ମାଦଗ୍ରସ୍ତା—ସ୍ତ୍ରୀ) Mad; insane; delirious.

ଉନ୍ମାଦନ—ସଂ. ବି. (ଉତ୍+ମଦ ଧାତୁ ଣିଚ=ମାଦ ଧାତୁ=ମତାଇବା
Unmādana +ଭାବ. ଅନ)—୧ । ତାନ୍ତ୍ରିକ ଅଭିଚାରବିଶେଷ
(ଯଦ୍ଦ୍ୱାରା ଲୋକଙ୍କୁ ପାଗଳ କରାଯାଏ)—1. A kind of charm used to cause madness.
୨ । ଉନ୍ମତ୍ତକରଣ—2. Maddening.
୩ । (+କର୍ତ୍ତୃ. ଅନ,—ମଦନର ବାଣବିଶେଷ—
3. An arrow of Cupid causing insanity.

ଉନ୍ମାଦନା—ସଂ. ସ୍ତ୍ରୀ ( ଉନ୍ମାଦନ+ସ୍ତ୍ରୀ. ଆ )—ଉନ୍ମାଦନ ( ଦେଖ )
Unmādanā Unmādana ( See )

ଉନ୍ମାଦିତ—ସଂ. ବଣ ( ଉତ୍+ମଦ୍ ଧାତୁ ଣିଚ=ମାଦ ଧାତୁ=ମତ୍ତ
Unmādita କରାଇବା+କର୍ମ. ତ )—ଯେ ଉନ୍ମତ୍ତ ହୋଇଅଛି
ବା ଯଦ୍ଦ୍ୱାରା ଉନ୍ମାଦ ଜନ୍ମାଇ ଦିଆ ଯାଇଅଛି—
Maddened.

ଉନ୍ମାଦିବା—ଦେ. କ୍ରି—( ସଂ. ଉନ୍ମାଦନ )—ଉନ୍ମତ୍ତ କରିବା—
Unmādibā ଉନ୍ମାଦର ଭିତ୍ତି ଶଙ୍କାରେ ମୂର୍ଚ୍ଛନ୍ତି ଯୁବକେ ।
ମଧୁସୂଦନ. କୁସୁମାଞ୍ଜଳି ।

ଉନ୍ମାଦୀ—ସଂ. ବଣ. ପୁଂ ( ଉନ୍ମାଦ+ଅସ୍ତି ଅର୍ଥରେ. ଇନ୍, ଉନ୍ମାଦନ୍
Unmādī ୧ମା. ୧ବ )—
(ଉନ୍ମାଦିନୀ—ସ୍ତ୍ରୀ) ୧ । ଉନ୍ମାଦଯୁକ୍ତ; ଉନ୍ମତ୍ତ—1 Mad.
୨ । ଉନ୍ମାଦକ—2 Maddening.

ଉନ୍ମାର୍ଗ—ସଂବି (ଉତ୍+ମାର୍ଗ)—୧ । ଅସତ୍ ପଥ—1. Bad ways.
Unmārga ୨ । ଗର୍ହିତ ଆଚରଣ—2. Blameworthy conduct.
ସଂ. ବଣ—କୁପଥଗାମୀ—Pursuing bad ways.

ଉନ୍ମାର୍ଗଗାମୀ—ସଂ. ବଣ. ପୁଂ ( ଉନ୍ମାର୍ଗ+ଗମ୍ ଧାତୁ=ଯିବା+କର୍ତ୍ତୃ.
Unmārgagāmī ଇନ୍ )—୧ । ଅସଦାଚାରୀ; ଗର୍ହିତାଚାରୀ—
(ଉନ୍ମାର୍ଗଗାମିନୀ—ସ୍ତ୍ରୀ) 1. Following bad ways of conduct
୨ । କୁପଥଗାମୀ—2. Going astray or erring.

ଉନ୍ମିଷିତ—ସଂ. ବଣ ( ଉତ୍+ମିଷ୍ ଧାତୁ—ଫୁଟିବା+କର୍ତ୍ତୃ. ତ )—
Unmishita ୧ । ଫିଟିଥିବା (ଆଖି)—1. Opened (eye)
୨ । ଉନ୍ମୀଳିତ; ବିକଶିତ; ମେଲହୋଇଥିବା; ଫୁଟିଥିବା—
2. Opened; blown; expanded.
ବି (+ଭାବ. ତ)—୧ । ଉନ୍ମେଷ; ଉନ୍ମୀଳନ—
1. Opening ( of the eye ).
୨ । ( ଫୁଲ ) ଫୁଟିବା—2 Blowing; expanding ( of flowers )

ଉନ୍ମୀଳ—ଦେ. ବଣ ( ସଂ. ଉନ୍ମୀଳିତ )—୧ । ଫିଟିଥିବା (ଆଖି)—
Unmīḻa 1. Opened ( eye )

ଟେକି ଅଙ୍ଗିରସ ତନାସକେ, ଗର୍ହିସ ଉନ୍ମୀଳ ଲୋଚନେ—ଜଗନ୍ନାଥ. ଭାଗ: ତ ।

୨ । ବିକଶିତ; ପ୍ରସ୍ଫୁଟିତ—2. Blown; opened.

ଉନ୍ମୀଳ ମଧୁର କଳି ଲୁବ୍ଧେ;
ଚଢ଼ ମଧୁପ ଚୁମ୍ବିଲ ମୁଗ୍ଧେ । ପ୍ରାଚୀ· ରସବାରିଧି ।

ଉନ୍ମୀଳନ—ସଂ. ବି ( ଉତ୍+ମୀଲ୍ ଧାତୁ=ଫିଟାଇବା, ଖୋଲିବା+
Unmīḻana ଭାବ. ଅନ)—୧ । ଫୁଲ ଫୁଟିବା—1. Expanding or blowing of a flower.

| ୧ | ଳ | ଢ | ଋ,ନ୍ | ৯ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଶ | କ୍ଷ | ଜ୍ଞ | ତ୍ର | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଲ | ଭ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଜ୍ଞ | ୀ | ଚ୍ଛ |

୨ । ବିକାଶ; ଉନ୍ମେଷ; ପ୍ରକାଶ —
2. Expansion; expanding.
୩ । (ଚକ୍ଷୁ ପ୍ରଭୃତି) ଉଦ୍ଘାଟନ; ଖୋଲିବା; ମେଲା କରିବା—
3. Opening of eyes.

ଉନ୍ମୀଳିତ—ସଂ. ବଣ ( ଉତ୍=ଉପରକୁ+ମୀଲ ଧାତୁ=ମେଲିବା+କର୍ତ୍ତୃ. ତ )—୧ । ଫିଟିଥିବା ଆଖି —
Unmīlita
1. Opened (eye)
୨ । ବିକଶିତ; ପ୍ରକାଶିତ – 2. Expanded.
୩ । ପ୍ରସ୍ଫୁଟିତ – 3. Full blown

ଉନ୍ମୁକ୍ତ—ସଂ. ବଣ (ଉତ୍ + ମୁଚ୍ ଧାତୁ = ମୋଚନ କରିବା+କର୍ମ. ତ)—
Unmukta ୧ । ସ୍ୱାଧୀନ—1. Free.
୨ । ବାଧାଶୂନ୍ୟ – 2 Unobstructed.
୩ । ଫିଟା ହୋଇଥିବା; ଖୋଲା —3. Opened
୪ । ମୁକୁଳା (କେଶ)—4. Loosened; let loose; unfastened; untied ( hair. )
୫ । ଟେଳ ମେଲା (ଦୁଆର)—5. Opened (door)
୬ । ବନ୍ଧନରୁ ମୁକ୍ତ—6 Set free.
୭ । ଫିଟା ହୋଇଥିବା; ପାଲଟା ହୋଇଥିବା ଲୁଗା —
7. Put off cloth )

ଉନ୍ମୁଖ—ସଂ. ବଣ ( ବହୁବ୍ରୀହି; ଉତ୍=ଉପରକୁ+ମୁଖ=ମୁହଁ ଯାହାର)—୧ । ଊର୍ଦ୍ଧ୍ୱମୁଖ; ଉପରମୁହାଁ—
Unmukha
1. Looking upwards; with upturned face
୨ । ଉଦ୍ୟତ; ତତ୍ପର—2. Ready for
୩ । ଉତ୍ସୁକ; ବ୍ୟଗ୍ର – 3. Eager; expectant; anxious
୪ । ଉଦ୍‌ଯୁକ୍ତ (ଦେଖ)
4. Udjukta (See)

ଉନ୍ମୁଦ୍ର— ସଂ. ବଣ. (ବହୁବ୍ରୀହି; ଉତ୍= ଉନ୍ମୁକ୍ତ + ମୁଦ୍ରା = ମୁଦା)—
Unmudra ୧ । ବିକଶିତ—1. Expanded
୨ । ମୁଦ ଫିଟାଯାଇ ଥିବା—2. Unsealed

ଉନ୍ମୂଳକ—ସଂ. ବଣ. ପୁଂ ( ଉତ୍ =ଉପରକୁ + ମୂଳ ନାମ ଧାତୁ= ମୂଳେଇ ଉପାଡ଼ିବା+କର୍ତ୍ତୃ. ଅକ)—୧ । ମୂଳରୁ ଉପାଡ଼ୁଥିବା; ମୂଳୋଚ୍ଛେଦକାରୀ—
Unmūlaka
(ଉନ୍ମୂଳିକା—ସ୍ତ୍ରୀ)
1 Uprooting
୨ । ସମୂଳେ ବିନାଶକାରୀ—2. Eradicating. exterminating: ruining.

ଉନ୍ମୂଳନ—ସଂ. ବି. ( ଉତ୍ = ଉପରକୁ + ମୂଳ ନାମ ଧାତୁ + ଭାବ. ଅନ)—୧ । ଉତ୍ପାଟନ; ମୂଳ ସୁଦ୍ଧା ଉପାଡ଼ିବା—
Unmūlana
1. Eradication; uprooting.
୨ । ସମୂଳେ ଉଚ୍ଛେଦ ବା ବିନାଶକରଣ—
2. Exterminating; extirpation.
୩ । ବିନାଶ—3. Ruin.

ଉନ୍ମୂଳୟିତା ସଂ. ବି. (ଉତ୍ + ମୂଳ ଧାତୁ + କର୍ତ୍ତୃ. ତୃ)—ଯେ ଉନ୍ମୂଳନ କରେ; ଉତ୍ପାଟୟିତା; ଉତ୍ପାଟକ—
Unmūlayitā
(ଉନ୍ମୂଳୟିତ୍ରୀ —ସ୍ତ୍ରୀ)
Eradicating; ruining.

ଉନ୍ମୂଳିତ — ସଂ. ବଣ (ଉତ୍ + ମୂଳ ନାମ ଧାତୁ+କର୍ମ. ତ)—
Unmūlita ୧ । ସମୂଳେ ଉତ୍ପାଟିତ;—1. Rooted out; eradicated; exterminated.
୨ । ଉପୁଡ଼ା ହୋଇଥିବା—
2. Pulled up by the root.
୩ । ସମୂଳେ ବିନଷ୍ଟ—3. Ruined.

ଉନ୍ମୃଷ୍ଟ —ସଂ. ବଣ. ( ଉତ୍ + ମୃଜ୍ ଧାତୁ = ପରିଷ୍କାର କରିବା + କର୍ମ. ତ ) — ୧ । ପରିଷ୍କୃତ; ମାର୍ଜିତ—
Unmrushta
1. Brushed; polished.
୨ । ଝଲମଲିକୃତ – 2. Burnished; cleansed.

ଉନ୍ମେଷ —ସଂ. ବି ( ଉତ୍ = ଉପରକୁ + ମିଷ ଧାତୁ = ବିକଶିତ ହେବା + ଭାବ. ଅ )—
Unmesha
୧ । ଉନ୍ମୀଳନ; ପ୍ରକାଶ—1. Opening.
୨ । ଉଦୟ—2. Rising.
୩ । ଚକ୍ଷୁ ଖୋଲିବା—3. Opening of the eye.

ଉନ୍ମୋଚକ – ସଂ. ବଣ. ପୁଂ. ( ଉତ୍ + ମୁଚ ଧାତୁ + କର୍ତ୍ତୃ. ଅକ )—
Unmochaka ଯେ ବନ୍ଧନରୁ ମୁକ୍ତ କରେ —Setting at
( ଉନ୍ମୋଚିକା – ସ୍ତ୍ରୀ ) liberty; freeing from bond

ଉନ୍ମୋଚନ—ସଂ. ବି. ( ଉତ୍ + ମୁଚ ଧାତୁ + ଭାବ. ଅନ )—
Unmochana ୧ । ଖୋଲିବା; ଫିଟାଇବା—
(ଉନ୍ମୋଚିତ—ବଣ) 1. Untying; unloosing.
୨ । ବନ୍ଧନରୁ ମୁକ୍ତ କରିବା —
2. Setting at liberty.
୩ । କାରାଗାରରୁ ମୁକ୍ତ କରି ଦେବା—
3 Setting free from captivity.
୪ । ଛଡ଼ାଇ ନେବା—4. Snatching away.

ଉନ୍ମୋଚିତ —ସଂ. ବଣ —(ଉତ୍ + ମୁଚ ଧାତୁ ଣିଚ+କର୍ମ. ତ )—
Unmochita ଯାହାକୁ ବନ୍ଧନରୁ ଫିଟାଇ ଦିଆ ଯାଇଅଛି—
Set free; set at liberty.

ଉପ —ସଂ. ଅ ( ଉପସର୍ଗ ) ( ବପ ଧାତୁ + କର୍ତ୍ତୃ. ଅ ) ନିମ୍ନଲିଖିତ ଅର୍ଥରେ ଶବ୍ଦ ବା କ୍ରିୟା ପୂର୍ବରେ ଯୁକ୍ତ ହୁଏ—
Upa
Prefix indicating the following senses when prefixed to nouns and verbs.
୧ । ନିକଟ; ସାମୀପ୍ୟ ( ଯଥା – ଉପକଣ୍ଠ; ଉପଦ୍ୱାର )—
1. About; near; proximity; nearness
୨ । ସହିତ—2. With; by the side of.

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ସେ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତଙ୍କର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଢ଼' ନ ମିଳିଲେ 'ସାଣ୍ଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

୩ । ଅତ୍ୟନ୍ତ ଆଧିକ୍ୟ (ଯଥା— ଉପଭୋଗ; ଉପତାପ; ଉପଦଂଶ)
3. Excess; redundance: extra.

୪ । ନିମ୍ନରେ; ତଳେ - 4. Under.

୫ । ଗୁପ୍ତ ( ଯଥା—ଉପଜାପ; ଉପାଂଶୁ )—5. Secret.

୬ । ନ୍ୟୂନତା; ନିକୃଷ୍ଟ; ହୀନତା—( ଯଥା— ଉପକଥା, ଉପବେଶ; ଉପଗ୍ରହ । )—6. Inferiority.

୭ । ଅଧସ୍ତନ ( ଯଥା—ଉପାଚାର୍ଯ୍ୟ; ଉପଶିଷ୍ୟ )—
7. Junior.

୮ । ସାଦୃଶ୍ୟ ( ଯଥା— ଉପକନ୍ୟା; ଉପଦ୍ୱୀପ; ଉପାସ୍ତି )—
8. Similarity.

୯ । ଅପେକ୍ଷା ଅଧିକ— 9. More than.

୧୦ । ଆରମ୍ଭ ( ଯଥା—ଉପକ୍ରମ )—10. Beginning.

୧୧ । ପ୍ରତିନିଧି; ଅଧସ୍ତନ ( ଯଥା—ଉପଗୁରୁ )—
11. Subordinate.

୧୨ । ଭୂଷଣ—12. Ornament.

୧୩ । ଉପସ୍ଥିତ—(ଯଥା— ଉପସର୍ଗ)—13. Present.

୧୪ । ସାହାଯ୍ୟ ( ଯଥା—ଉପକରଣ )—
14. Help.

୧୫ । ନିନ୍ଦା; ଦୋଷାଖ୍ୟାନ; ତିରସ୍କାର ( ଯଥା— ଉପାଲମ୍ଭ; ଉପବାଦ ) ।—15. Reprimand

୧୬ । ପାର୍ଶ୍ୱ ( ଯଥା— ଉପଦେବତା )—16. Side

୧୭ । ଦାନ—17. Giving.

୧୮ । ଦୃଢ଼ରୂପେ (ଯଥା—ଉପଗୂଢ଼)—
18. Tightly; closely.

୧୯ । ଅଧିକ ( ଯଥା—ଉପଚୟ )—19. Additional.

୨୦ । ମାରଣ—20. Killing.

୨୧ । ସମ୍ମୁଖରେ; ଆଗରେ—( ଯଥା—ଉପଢୌକନ )—
21. In front; before.

୨୨ । ଇଚ୍ଛା—22. Wish.

୨୩ । ଘୃଣା ( ଯଥା—ଉପେକ୍ଷା; ଉପହାସ)—
23. Contempt.

୨୪ । ବ୍ୟାପ୍ତି —24 Spreading.

୨୫ । ଉଚ୍ଚୈଃସ୍ୱରରେ ( ଯଥା— ଉପଗୀତମାନ )—
25. Loudly.

୨୬ । ପ୍ରାୟ (ଯଥା— ଉପଦ୍ୱୀପ;ଉପସାଗର) -26. Nearly.

୨୭ । ଆଶ୍ଚର୍ଯ୍ୟକରଣ —27. Surprising.

୨୮ । ପୂଜା— ( ଯଥା—ଉପସ୍ଥାନ, ଉପାସନା )—
28. Worship.

୨୯ । ଆନୁକୂଲ୍ୟ—( ଯଥା—ଉପକାର )—
29. The quality of being favourable.

୩୦ । ଉଦ୍ୟୋଗ—30. Endeavour.

୩୧ । କୃତ୍ରିମ—31. Artificial.

୩୨ । ପଶ୍ଚାତ୍; ଅନୁଜ ( ଯଥା— ଉପେନ୍ଦ୍ର )—
32. After; younger.

୩୩ । କଳ୍ପନା ( ଯଥା—ଉପାଖ୍ୟାନ )—
33. Imagination.

୩୪ । ନିଦର୍ଶନ —34. Proof.

୩୫ । ପର୍ଯ୍ୟାୟକ୍ରମେ (ଯଥା—ଉପଶାନ୍ତ) —
35. Alternately

୩୬ । ଅର୍ଜିତ;ଅର୍ଜିତ (ଯଥା—ଉପାର୍ଜ୍ୟ)- 36. Acquired.

୩୭ । ଅଭିମୁଖେ—37. Towards.

**ଉପଇନ୍ଦ୍ର** —ଗ୍ରା. ପଦ୍ୟ. ବି—ଉପେନ୍ଦ୍ର ( ଦେଖ )
**Upaindra** Upendra ( See )

**ଉପଇନ୍ଦ୍ରଭଞ୍ଜ**—ଗ୍ରା. ପଦ୍ୟ. ବି. (ନାମ — ଉପେନ୍ଦ୍ରଭଞ୍ଜ ( ଦେଖ )
**Upaindrabhañja** Upendrabhañja (See)

**ଉପକଣ୍ଠ**— ସଂ. ବି ( ଉପ=ସମୀପ + କଣ୍ଠ=ଗଳା )—
**Upakaṇṭha** ୧ । କଣ୍ଠର ନିକଟବର୍ତ୍ତୀ ଅଂଶ; ଗଳାର ଚତୁଃପାର୍ଶ୍ୱ—1, Part of the neck surrounding the throat.

ମଧ୍ୟର୍ଯ୍ୟ ସ୍ନେହରେ ଖାଇଲେ ପିଠା, କଣ୍ଠ ଉପକଣ୍ଠ ଲାଗିଲେ ପିଠା
କ ହାକୁ କହିବା, ଜଗାଙ୍କରେ ସିନା କର ଭାବିବା ।
କବିସୂର୍ଯ୍ୟ. କବିତା ।

୨ । ନିକଟବର୍ତ୍ତୀ ବା ଲାଗିଥିବା ସ୍ଥାନ—
2 Precincts or adjoining places.
ଗୋପକୁଞ୍ଜ ଉପକଣ୍ଠେ—କବିସୂର୍ଯ୍ୟ. କଳାବତୀ ଚମ୍ପୂ ଗୀତ ।

୩ । ସାମୀପ୍ୟ; ନୈକଟ୍ୟ —
3. Neighbourhood; vicinity.

୪ । ଗ୍ରାମାନ୍ତ ବା ନଗରାନ୍ତ; ସହରତଳି—4 Suburb or outskirts of atown or village.

୫ । ଘୋଡ଼ାର ଗତିବିଶେଷ—
5. A kind of movement of a horse

**ଉପକଥା**—ସଂ. ବି ( ଉପ=ହୀନ+କଥା )—
**Upakathā** ୧ । କଳ୍ପିତକଥା; ଗପ; ଆଖ୍ୟାୟିକା --
1. Fable; tale; story

୨ । କାହାଣୀ—2. Folk-tale

୩ । ଉପନ୍ୟାସ—3 Novel.

**ଉପକନ୍ୟା**— ସଂ. ବି. ସ୍ତ୍ରୀ ( ଉପ=ସମାନ+କନ୍ୟା )—
**Upakanyā** କନ୍ୟାର ସଖୀ—A daughter's female friend.

**ଉପକରଣ**— ସଂ. ବି (ଉପ=ସାହାଯ୍ୟ+କୃ ଧାତୁ=କରିବା+କରଣ. ଅନ )—
**Upakaraṇa** ୧ । ସାମଗ୍ରୀ; କୌଣସି ଅନୁଷ୍ଠାନର ଆନୁଷଙ୍ଗିକ ଦ୍ରବ୍ୟ; ଯେଉଁ ଯେଉଁ ଦ୍ରବ୍ୟମାନଙ୍କ ଦ୍ୱାରା କୌଣସି କାର୍ଯ୍ୟ ସମାଧା ହୁଏ—
1. Accessory; ingredients; materials; supplementary articles; articles required for a work.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁକାରିକ ଯୁକ୍ତାକ୍ଷର | ଯ | ନ | ଶ,ଷ | ଜ୍ଞ | ଇଯ୍ | ଇଅ | ଢ଼ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ |

୨ । ରାଜାମାନଙ୍କର ଛତ୍ରଚାମରାଦି ଚିହ୍ନ —
2, Insignia of royalty.

୩ । ଅନ୍ନାଦି ଖାଦ୍ୟ ସଙ୍ଗେ ପ୍ରୟୋଜନୀୟ ବସ୍ତୁ—
3. Supplementary articles to the principal food (e g. curry, salt, sauce etc.

୪ । ଖାଦ୍ୟ ପ୍ରସ୍ତୁତ କରିବାର ଦ୍ରବ୍ୟସମ୍ଭାର —
4. Provisions; victuals.

୫ । ଶାସ୍ତ୍ର ବା ଗ୍ରନ୍ଥର ଆନୁଷଙ୍ଗିକ ଗ୍ରନ୍ଥ—
5. Supplementary treatise

୬ । କୌଣସି କାର୍ଯ୍ୟର ପ୍ରୟୋଜନୀୟ ଯନ୍ତ୍ରାଦି —
6 Implements;apparatus;instruments.

୭ । ଉପାୟ —7 Means.

୮ । ( +ଭାବ. ଅନ )—ଉପକାର —
8. Beneficence

ଉପକର୍ତ୍ତା—ସଂ. ବି. ପୁଂ. ( ଉପ=ସାହାଯ୍ୟ; ଅପ୍ରଧାନ + କୃ ଧାତୁ= କରିବା + କର୍ତ୍ତୃ. ତୃ ୧ମ. ୧ବ) —୧ । ଉପକାର-
Upakarttā
(ଉପକର୍ତ୍ତ୍ରୀ—ସ୍ତ୍ରୀ) କର୍ତ୍ତା; ସହାୟକ—1 Helper; assistant; benefactor.

୨ । ଯେ ପ୍ରଧାନ କର୍ତ୍ତା ନୁହେ—2 Inferior to the chief or headman; a person of secondary authority.

ବିଣ—ଉପକାରୀ—Benefitting; rendering service or help

ଉପକାନ୍ତ—ଦେ. ବି—ଉପପତି Paramour.
Upakānta
ବହୁଲବଧୂ ପ୍ରକାରେ କ କରେ ଉପକାନ୍ତେ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଉପକାର—ସଂ. ବି ( ଉପ=ଅନୁକୂଳ + କୃ ଧାତୁ=କରିବା + ଭାବ. ଅ)—୧ । ସାହାଯ୍ୟ —1. Help; assistance; aid.
Upakāra
(ଅପକାର — ବିପରୀତ)
(ଉପକୃତ—ବିଣ) ୨ । ଅନୁଗ୍ରହ; ଆନୁକୂଲ୍ୟ—
2. Good office, benefit;advantage; good; favour; beneficence.

୩ । ଭଲ ଫଳ—3 Good effect or result

୪ । ପ୍ରୟୋଜନ—4. Use.

୫ । ଉପକରଣ—5. Ingredients; materials.

ଉପକାରକ—ସଂ. ବିଣ ( ଉପ + କୃ ଧାତୁ + କର୍ତ୍ତୃ. ଅକ )—
Upakāraka ୧ । ଯେ ଉପକାର କରେ—
(ଉପକାରକତା—ବି.) 1. Benefactor; benefiting.
(ଉପକାରିକା—ସ୍ତ୍ରୀ) ୨ । ସାହାଯ୍ୟକାରୀ—2. Helping; assisting.

୩ । ଅନୁଗ୍ରହକାରୀ—3. Bestowing a favour.

୪ । ଫଳପ୍ରଦ—4. Useful.

୫ । ଶୁଭଫଳପ୍ରଦ; ଫଳୋତ୍ପାଦକ—5. Efficacious.

ଉପକାର କରିବା—ଦେ. କ୍ରି—୧ । ସାହାଯ୍ୟ କରିବା —
Upakāra karibā 1. To help; to assist; to be of aid.

୨ । ମଙ୍ଗଳ ସମ୍ପାଦନ କରିବା; ଭଲ କରିବା—
2 To benefit.

୩ । ଅନୁଗ୍ରହ ଦେଖାଇବା—
3. To bestow a favour; to confer a boon.

ଉପକାରଜ୍ଞ—ସଂ. ବିଣ. ପୁଂ ( ଉପକାର + ଜ୍ଞା ଧାତୁ=ଜାଣିବା + କର୍ତ୍ତୃ. ଅ )—୧ । କୃତଜ୍ଞ; ପରକୃତ ଉପକାରକୁ ଯେ ପାସୋରେ ନାହିଁ—
Upakārajña
(ଉପକାରଜ୍ଞା – ସ୍ତ୍ରୀ)
1. Grateful; cognisant of benefits received from another.

ଉପକାରରେ ଆସିବା ଦେ. କ୍ରି—ଉପକାରରେ ଲାଗିବା (ଦେଖ)
Upakārare āsibā Upakārare lāgibā (See)
উপকারে আসা
कामने आना

ଉପକାରରେ ଲାଗିବା—ଦେ. କ୍ରି—ପରେ ପ୍ରୟୋଜନରେ ଲାଗିବା—
Upakārare lāgibā To be of use or good service in the future.
উপকারে লাগা

ଉପକାରିକା—ସଂ. ବିଣ. ସ୍ତ୍ରୀ ( ଉପକାରକ + ସ୍ତ୍ରୀ. ଆ )—
Upakārikā ଉପକାରକର ସ୍ତ୍ରୀଲିଙ୍ଗ—The feminine of Upakāraka.

ବି. ସ୍ତ୍ରୀ—୧ । ରାଜଗୃହ; ପ୍ରାସାଦ—1. Palace.

୨ । ପଟ୍ଟଭବନ; ତମ୍ବୁ—2. Tent.

୩ । ସୌଧ; ରାଜଯୋଗ୍ୟ ଆବାସ—3. Palatial building.

୪ । ଶସ୍ୟାଦି ସଞ୍ଚୟ କରିବା ସ୍ଥାନ; କୋଠି; ମରେଇ —
4. Place or receptacle for storing grains; a granary.

୫ । ଏକପ୍ରକାର ଲଘୁ ପିଷ୍ଟକ—
5 A kind of light cake.

ଉପକାରିଣୀ—ସଂ. ବିଣ. ସ୍ତ୍ରୀ—( ଉପକାରିନ୍ + ସ୍ତ୍ରୀ. ଈ )—ଉପକାରୀର ସ୍ତ୍ରୀଲିଙ୍ଗ—Feminine of Upakari.
Upakāriṇī

ସଂ. ବି—୧ । ରାଜାଙ୍କ ବାସଯୋଗ୍ୟ ଗୃହ—1. Palatial house.

୨ । ପଟ୍ଟଭବନ; ତମ୍ବୁ—2. Tent.

ଉପକାରିତା—ସଂ. ବି (ଉପକାରିନ୍ + ଭାବ. ତା)—୧ । ଉପକାର—
Upakāritā 1. Beneficence

୨ । ସାହାଯ୍ୟ—2. Aid; help; succour.

୩ । ଆବଶ୍ୟକତା—3. Usefulness.

୪ । ଉପଯୋଗିତା—4. Fitness.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ତାଙ୍କ ପରୀକ୍ଷାରେ ଅଙ୍କ ର ଉପରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର୍' ଖୋଜିବେ; 'କୁଆଁ' ନ ମିଳିଲେ 'କୁଅ' ଦେଖିବେ; ବା '...' ନ ପାଇଲେ '...' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ ।

ଉପକାରୀ—ସଂ. ବିଣ. ପୁଂ ( ଉପ + କୃ ଧାତୁ + କର୍ତ୍ତୃ. ଇନ୍; ଉପକାରିନ୍
Upakāri ଶବ୍ଦର ୧ମା ୧ବ. )—୧ । ଉପକାର କରିବା—
(ଉପକାରିଣୀ—ସ୍ତ୍ରୀ) (ବ୍ୟକ୍ତି); ଉପକାରକ—1. Beneficent; obliging
(ଅପକାରୀ—ବିପରୀତ) ୨ । ସହାୟକ—2. Helpful; useful; advantageous.
୩ । ମଙ୍ଗଳଦାୟକ—
3. Beneficent; beneficial.
୪ । ସୁଫଳପ୍ରଦ—4. Efficacious.
୫ । ଉପଯୋଗୀ—5. Fit.

ଉପକାର୍ଯ୍ୟ—ସଂ. ବିଣ ପୁଂ. ( ଉପ=ସାହାଯ୍ୟ+କୃ ଧାତୁ=କରିବା
Upakārjya +କର୍ମ. ଯ)—୧ । ଉପକାର କରିବାର ଯୋଗ୍ୟ—
(ଉପକାର୍ଯ୍ୟା—ସ୍ତ୍ରୀ) 1. Fit to be benefited.
୨ । ଅନୁଗ୍ରହ ଦେଖାଇବାର ଉପଯୁକ୍ତ—
2. Deserving assistance or favour.

ଉପକାର୍ଯ୍ୟା—ସଂ. ବି. ସ୍ତ୍ରୀ—୧ । ଉପକାରିକା ( ଦେଖ )
Upakārjyā 1. Upakārikā ( See )
୨ । ଉପକାର୍ଯ୍ୟର ସ୍ତ୍ରୀଲିଙ୍ଗ—
2. Feminine of upakārjya.

ଉପକୁଞ୍ଚିକା—ସଂ. ବି. ସ୍ତ୍ରୀ. ( ଉପ+କୁଞ୍ଚିକା )—କଳାଜିରା; କୃଷ୍ଣ-
Upakuñchikā ଜୀରକ—A variety of cuminseed; black cumin.

ଉପକୁଲ୍ୟା—ସଂ. ବି. ସ୍ତ୍ରୀ. ( ଉପ=ସମୀପ+କୁଲ ଧାତୁ=ଗ୍ରଥି କରିବା
Upakulyā +ଯ+ସ୍ତ୍ରୀ. ଆ )—
୧ । ପାଣିନାଳା; ପଗଡ଼ୀ; ଖାଲ; ନାଳ; ଖାଇ—
1. A trench; canal; ditch.
୨ । ପିପ୍ପଳୀ—2. Long pepper.

ଉପକୁଶ—ସଂ. ବି—ମୁଖରୋଗବିଶେଷ—
Upakuśa A kind of mouth-disease

ଉପକୂପ—ସଂ. ବି. ( ଅବ୍ୟୟୀ ଭାବ; ଉପ=ନିକଟ+କୂପ=କୂଅ)—
Upakūpa ଜଳକୁଣ୍ଡ; କୂଅ ନିକଟରେ ଥିବା ଜଳାଧାର—
A trench near a well for watering cattle.
ସଂ. ଅ—କୂଅ ନିକଟରେ—Near a well.

ଉପକୂଳ—ସଂ. ବି. ( ଅବ୍ୟୟୀଭାବ; ଉପ=ସମୀପ+କୂଳ=ତୀର )—
Upakūla ୧ । ବେଳାଭୂମି; ସମୁଦ୍ରତୀରବର୍ତ୍ତୀ ଭୂମି—
1. Sea-coast; sea-shore; sea-beach.
୨ । ନଦୀର ତୀରବର୍ତ୍ତୀ ଭୂମି—
2 Bank of a river.

ଉପକୃତ—ସଂ. ବିଣ. ପୁଂ. ( ଉପ+କୃ ଧାତୁ+କର୍ମ. ତ )—
Upakṛuta ୧ । ଉପକାର ପ୍ରାପ୍ତ; ଉପକୃତ ପାଇଥିବା—
( ଉପକୃତା—ସ୍ତ୍ରୀ ) 1. Benefited.
୨ । ବାଧିତ, ଅନୁଗୃହୀତ—
2. Under an obligation; favoured.
୩ । ସାହାଯ୍ୟ ପ୍ରାପ୍ତ—3. Helped; assisted.
ସଂ. ବି ( +ଭାବ. ତ )—ଉପକାର—Benefit.

ଉପକୃତି—ସଂ. ବି. ( ଉପ+କୃ ଧାତୁ+ଭାବ. ତି )—
Upakṛuti ୧ । ସାହାଯ୍ୟ—
1. Act of assisting; help; aid.
୨ । ଉପକାର—2. Benefit.
୩ । ଅନୁଗ୍ରହ—3. Favour.

ଉପକେଶ—ସଂ. ବି. (ଅବ୍ୟୟୀଭାବ; ଉପ=ସଦୃଶ+କେଶ=ବାଳ)—
Upakeśa ୧ । ପରଚୂଳା; କଳ୍ପିତ କେଶ—
1. False hair; periwig.
୨ । ଗୁପ୍ତାଙ୍ଗର କେଶ—2. Hair of the private parts of the body.

ଉପକୋଷ—ସଂ. ବି. ( ଦେହବିଜ୍ଞାନପରିଭାଷା )—ଶରୀର ମଧ୍ୟସ୍ଥ
Upakosha ଚର୍ମକୋଷବିଶେଷ—( anatomy ) The capsular membrane.

ଉପକ୍ରମ—ସଂ. ବି. (ଉପ=ନିକଟ+କ୍ରମ ଧାତୁ=ଆରମ୍ଭ କରିବା; ଗମନ
Upakrama କରିବା+ଭାବ ଅ )—ଉପକ୍ରମଣ ( ଦେଖ )
Upakramaṇa ( See )

ଉପକ୍ରମଣ—ସଂ. ବି. ( ଉପ=ନିକଟ+କ୍ରମ ଧାତୁ=ଆରମ୍ଭ କରିବା;
Upakramaṇa ଗମନ କରିବା+ଭାବ. ଅନ )—
( ଉପକ୍ରାନ୍ତ—ବିଣ ) ୧ । ଆରମ୍ଭ—1. Commencement; undertaking a work; scheme.
୨ । ଚେଷ୍ଟା—2. Attempt.
୩ । ବଶୀକରଣ—
3. Bringing under control.
୪ । ଧର୍ମଦ୍ୱାରା ଭୃତ୍ୟପରୀକ୍ଷା—
4. Testing the honesty and reliability of a servant.
୫ । ଚିକିତ୍ସା—5. Medical treatment.
୬ । ପାଦକ୍ଷେପ; ବିକ୍ରମ; ଯାତ୍ରୁଣ୍ଡ—6. Stride.
୭ । ଗମନ; ପଳାୟନ—
7 Flying away; passing; going fast.
୮ । ଉପାୟ—8 Means; design.
୯ । କୌଣସି ବିଷୟର ସଂକ୍ଷିପ୍ତ ସୂଚନା—
9. Introduction of a subject.

ଉପକ୍ରମଣିକା—ସଂ. ବି ସ୍ତ୍ରୀ. ( ଉପ+କ୍ରମ ଧାତୁ+ଭାବ. ଅନ+
Upakramaṇikā କ+ସ୍ତ୍ରୀ. ଆ )—
୧ । କୌଣସି ଆଲୋଚ୍ୟ ବିଷୟର ସଂକ୍ଷିପ୍ତ ସୂଚନା; ଅବତରଣିକା—1 Introduction of a subject to be dealt with; elementary discourse; foreword.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | ଜ୍ଞ | ଇଯ୍ | ଉଅ | ଢ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ଓ | ହ୍ମ |

୨ । ବକ୍ଷ୍ୟମାଣ ବିଷୟର ପୂର୍ବାଭାସ—2 Prologue.
୩ । ପ୍ରଥମ ସୂତ୍ରପାତ—3. First steps; beginning.
ସଂ ବି—ସୂଚକ—Introductory

**ଉପକାନ୍ତ**—ସଂ. ବିଣ. (ଉପ=ଆରମ୍ଭ+କ୍ରମ ଧାତୁ=ଯିବା+କର୍ମ. ତ)—
Upakrānta ୧ । ଆରବ୍ଧ—1. Begun; undertaken.
(ଉପକ୍ରମ—ଦେ) ୨ । ଚେଷ୍ଟିତ—2. Attempted.
୩ । ବିସ୍ତୃତ—3. Extended; laid; stretched.
୪ । ପ୍ରକାନ୍ତ—4. Gone; past.

**ଉପକ୍ରିୟା**—ସଂ. ବି. (ଉପ=ସାହାଯ୍ୟ+କ୍ରିୟା=କାର୍ଯ୍ୟ)—
Upakriyā ୧ । ସାହାଯ୍ୟ—1. Help.
୨ । ଉପକାର—2. Beneficence.

**ଉପକ୍ରୋଶ**—ସଂ. ବି. (ଉପ=ଗ୍ଲାନ+କ୍ରୁଶ୍ ଧାତୁ=ନିନ୍ଦା କରିବା+
Upakrośa ଭାବ. ଅ)—୧ । ନିନ୍ଦା; ଅପବାଦ—1. Blame.
୨ । ଭର୍ତ୍ସନା; ଶୋଧନ—
2 Censure; reproach; abuse.
ବିଣ—( ଉପ=ନିକଟ+କ୍ରୋଶ=କୋଶ; ଦୂରତ୍ୱ )
ଅସନ୍ନକୋଶ; ପ୍ରାୟ ଏକ କୋଶ—
About two miles in distance.
ସଂ. ଅ—ପ୍ରାୟ ଏକ କୋଶ—
Approximately two miles

**ଉପକ୍ଷେପ**—ସଂ. ବି. ( ଉପ+କ୍ଷିପ ଧାତୁ=ଫୋପାଡ଼ିବା+ଭାବ. ଅ )—
Upakshepa ୧ । ଉଲ୍ଲେଖ—
1. Mention; narration.
୨ । ପ୍ରସ୍ତାବ—2. Proposal.
୩ । ଆକ୍ଷେପ—3. Regret.
୪ । ନାଟ୍ୟାଦିରେ ଇତିହାସର ଉଲ୍ଲେଖ—
4. Narrating history in a play

**ଉପଗତ**—ସଂ. ବିଣ. ( ଉପ=ନିକଟ+ଗମ ଧାତୁ+କର୍ମ. ତ )—
Upagata ୧ । ସ୍ୱୀକୃତ—1. Promised; agreed;
(ଉପଗତା—ସ୍ତ୍ରୀ) admitted
(ଉପଗମ—ଦେ) ୨ । ଜ୍ଞାତ—2. Known; conceived.
୩ । ପ୍ରାପ୍ତ—3. Attained.
୪ । (+କର୍ତ୍ତୃ. ତ) ମିଳିତ—4. Met.
୫ । ନିକଟରେ ଉପସ୍ଥିତ—5. Arrived at.
୬ । ଆସକ୍ତ—6. Addicted to.
୭ । ସନ୍ନିହିତ—7. Near at hand.
୮ । ରମଣ କରିଥିବା—8. Having copulated.
ସଂ. ବି—ପ୍ରାପ୍ତିସୂଚକ ପତ୍ର ବା ରସିଦ—
Receipt; acknowledgement.
ଦେ. ବି—ଲାଭପ୍ରାପ୍ତି—Attainment.
ପାଇବାପାଇଁ ତୋର ସଙ୍ଗ ଉପଗତେ । ପ୍ର ଚୀ—ରସକଲ୍ଲୋଳ ।
ଦେ. ବିଣ. ( ଲକ୍ଷଣାର୍ଥ )—ଜାତ—Born.
ସେ ମୀନ କାହିଁକେ ମୁଁ ହୋଇଲି ଉପଗତ । ବିଶ୍ୱନାଥ. ବିଚିତ୍ରରାମାୟଣ ।

**ଉପଗତ ହେବା (ଅମୁକଠାରେ)**—ଗ୍ରା. କ୍ରି—ସଙ୍ଗମ କରିବା—
Upagata hebā To cohabit; to copulate.

**ଉପଗନ୍ଧକ**—ସଂ. ବି. ଆଧୁନିକ ପ୍ରୟୋଗ) (ଉପ=ସଦୃଶ+ଗନ୍ଧକ )—
Upagandhaka ରାସାୟନିକ ମୂଳପଦାର୍ଥବିଶେଷ; ଧାତୁବିଶେଷ—
Selenium; a chemical element.

**ଉପଗମ**—ସଂ. ବି. (ଉପ=ନିକଟ+ଗମ ଧାତୁ=ଯିବା+ଭାବ. ଅ)—
Upagama ୧ । ସ୍ୱୀକାର—1. Promise; admission;
(ଉପଗତ—ବିଣ) consent; acknowledgement;
agreement.
୨ । ନିକଟକୁ ଗମନ;ଉପସ୍ଥିତି—2. Arrival; presence.
୩ । ଅନୁମୋଦନ—3. Approval.
୪ । ଆସକ୍ତି—4. Attachment.
୫ । ଜ୍ଞାନ—5. Knowledge; conception.
୬ । ପ୍ରାପ୍ତି—6. Attainment; consummation.
୭ । ସନ୍ନିଧି—7. Nearness.
୮ । ସ୍ନେହ—8. Hankering after.
୯ । ଘଟନା—9. Happening
୧୦ । ସଙ୍ଗମ—
10. Intercourse; cohabitation.
୧୧ । ଆରମ୍ଭ—11. Commencement.

**ଉପଗାର**—ଗ୍ରା. ବି. ( ସଂ ଉପକାର )—୧ । ଉପକାର—
Upagāra 1. Benefit.
୨ । ଅନୁଗ୍ରହ—2. Favour.
୩ । ମଙ୍ଗଳକାମନା—3. Good wishes.

**ଉପଗାରିଆ**—ଗ୍ରା. ବିଣ. ( ସଂ. ଉପକାରୀ )—୧ । ଉପକାରୀ; ମଙ୍ଗଳ-
Upagāriā ବିଧାୟକ; ବିପଦ ସମୟରେ ସାହାଯ୍ୟକାରୀ—
1. Benefiting; beneficent; rendering service.
୨ । ମଙ୍ଗଳକାମୀ—2. Well-wisher.

**ଉପଗାରୀ**—ଗ୍ରା. ବିଣ. ( ସଂ. ଉପକାରୀ )—ଉପଗାରିଆ ( ଦେଖ )
Upagāri Upagāriā ( See )

**ଉପଗୀୟମାନ**—ସଂ. ବିଣ. ( ଉପ=ଉଚ୍ଚୈଃସ୍ୱରରେ+ଗୈ ଧାତୁ=
Upagiyamāna ଗାଇବା+କର୍ମ. ଅନ )—
ଉଚ୍ଚୈଃସ୍ୱରରେ ବୋଲାଯାଉଥିବା ( ଗୀତ )
Being sung in loud tones.

**ଉପଗୁପ୍ତ**—ସଂ. ବି. ( ନାମ )—ଜଣେ ପ୍ରସିଦ୍ଧ ବୌଦ୍ଧସନ୍ନ୍ୟାସୀ; ଇନିଙ୍କ
Upagupta ଯୁକ୍ତିବଳରେ ଅଶୋକ ଏହାଙ୍କଠାରୁ ବୌଦ୍ଧଧର୍ମର
ଉପଦେଶ ମନ୍ତ୍ର ଗ୍ରହଣ କରିଥିଲେ—
The celebrated Buddhist monk who is said to have converted Asoka to Buddhism.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାଡ଼ା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ସେ ଶବ୍ଦ ଦେଖିବା ଉଚିତ। ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚ୍ଚନା' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଳଙ୍କାର ଦେଖିବେ।

**ଉପଗୁରୁ**—ସଂ. ବି. ( ଉପ=ନମ୍ର+ଗୁରୁ=ଶିକ୍ଷକ )—
Upaguru ୧। ଗାଙ୍ଗ ଗୁରୁଙ୍କର ପ୍ରତିନିଧି—
1. Deputy of a spiritual guide.
୨। ଗୁରୁଙ୍କ ଅଧସ୍ତନ ଗୁରୁ ବା ଶିକ୍ଷକ—
2. A subordinate teacher.
୩। ଶିକ୍ଷକଙ୍କ ଅନୁପସ୍ଥିତିରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିବା ଶିକ୍ଷକ; ଆକ୍ଟିଂ ଶିକ୍ଷକ—
3. Acting teacher.

**ଉପଗୂଢ଼**—ସଂ. ବିଣ. (ଉପ=ଦୃଢ଼ରୂପେ+ଗୁହ ଧାତୁ=ଅଲିଙ୍ଗନ ବା
Upagūḍha ଗୋପନ କରିବା+କର୍ମ. ତ)—୧। ଆଲିଙ୍ଗିତ—
(ଉପଗୂହନ—ବି) 1. Embraced.
୨। ଗୁପ୍ତ; ଲୁକ୍କାୟିତ—
2. Hidden, concealed.
ବି—୧। (+ଭାବ. ତ)—ଅଲିଙ୍ଗନ—1. Embrace.
୨। ଗ୍ରହଣ—2. Attainment.

**ଉପଗୂହନ**—ସଂ. ବି. ( ଉପ=ଦୃଢ଼ ରୂପେ+ଗୁହ ଧାତୁ=ଗୋପନ ବା
Upagūhana ଅଲିଙ୍ଗନ କରିବା+ଭାବ. ଅନ )—
(ଉପଗୂଢ଼—ବିଣ) ୧। ଅଲିଙ୍ଗନ—1. Embracing
୨। ଗୋପନ—2. Suppression; concealment.

**ଉପଗ୍ରନ୍ଥି**—ସଂ. ବି. ( ଉପ=ସ୍ଥାନ+ଗ୍ରନ୍ଥି=ଗଣ୍ଠି )—
Upagranthi ଅମନାଡ଼ୀ; ଅଣ୍ଡକୋଷକୁ ତଳ ପେଟ ସଙ୍ଗେ ସଂଯୋଗ କରିବା ନାଡ଼ୀ—(anatomy) The name of the continuation of the veins which constitute the testicles.

**ଉପଗ୍ରହ**—ସଂ. ବି. ( ଉପ=ସ୍ଥାନ; ନ୍ୟୂନ+ଗ୍ରହ )—
Upagraha ୧। ପ୍ରଧାନ ଗ୍ରହର ଗ୍ରହଅଗ୍ରେ ଭ୍ରମଣ କରୁଥିବା କ୍ଷୁଦ୍ର ଗ୍ରହ (ଯଥା—ଚନ୍ଦ୍ର ପୃଥିବୀର ଉପଗ୍ରହ)—
1. A minor planet revolving along with a planet; satellite; moon.
୨। ( ଉପ+ଗ୍ରହ ଧାତୁ=ଗ୍ରହଣ କରିବା+ଭାବ. ଅ )—
ରୋଧ; କାରାବନ୍ଧନ; ବନ୍ଦୀ—2. Confinement; restraint; impresonment.
୩। ଗିରଫ୍ କରିବା—3. Arrest; seizure.
୪। ଅନୁରୋଧ; ପ୍ରାର୍ଥନା—4. Request
୫। ଅନୁକୂଳ୍ୟ—5. Favour.
୬। ସାହାଯ୍ୟ—6. Help.
୭। ଉପଯୋଗ—7 Suitability.
ସଂ. ବିଣ—କାରାରୁଦ୍ଧ; ବନ୍ଦୀ—Confined; imprisoned.

**ଉପଗ୍ରାହ**—ସଂ. ବି. ( ଉପ=ନିକଟ+ଗ୍ରହ ଧାତୁ=ଗ୍ରହଣ କରିବା
Upagrāha +ଭାବ. ଅ )—
ଉପଢୌକନ; ଭେଟି; ଉପହାର—
Present; nuzzerana.

**ଉପଗ୍ରାହ୍ୟ**—ସଂ. ବି. ( ଉପ+ଗ୍ରହ+କର୍ମ. ଯ )—
Upagrāhya ଉପଗ୍ରାହ ( ଦେଖ )
Upagrāha ( See )
ସଂ. ବିଣ—୧। ଭେଟି ଦିଆଯିବା—1. Presented; offered.
୨। ଭେଟି ଦେବାର ଉପଯୁକ୍ତ—
2. Fit to be presented

**ଉପଘାତ**—ସଂ. ବି ( ଉପ=ଅଧିକ+ହନ ଧାତୁ=ଆଘାତ କରିବା
Upaghāta +ଭାବ. ଅ )—
୧। ଆଘାତ—1. Blow; assault.
୨। କ୍ଷତି—2. Injury
୩। ବିନାଶ—3. Destruction
୪। ବିକଳତା; ଅଙ୍ଗଚ୍ଛେଦନ—4. Mutilation.
୫। ବିକୃତି—5. Transformation; deformity.
୬। ରୋଗ—6 Sickness.

**ଉପଘାତକ**—ସଂ. ବିଣ. ( ଉପ+ହନ୍ ଧାତୁ=ବଧ କରିବା+
Upaghātaka କର୍ତ୍ତୃ. ଅକ )—
୧। ବିନାଶକ—1 Destroying.
୨। କ୍ଷତିକାରକ 2. Injuring.
୩। ଉତ୍ପୀଡ଼କ—3. Oppressive.

**ଉପଘ୍ନ**—ସଂ. ବି. ( ଉପ=ସମୀପ + ହନ ଧାତୁ=ଗମନ କରିବା+
Upaghna କର୍ତ୍ତୃ. ଅ )—
୧। ନିକଟସ୍ଥ ଆଶ୍ରୟ—1. Shelter; refuge.
୨। ସମୀପ—2. Nearness,

**ଉପଚକ୍ଷୁ**—ସଂ. ବି. ( ଅବ୍ୟୟୀଭାବ; ଉପ=ସମୀପ+ଚକ୍ଷୁ = ଆଖି)—
Upachakshu
୧। ଅନ୍ତର୍ଦୃଷ୍ଟି—1. Spiritual sight.
୨। ଚଷମା; ପ୍ରଚକ୍ଷୁ—2. Spectacles.
ସଂ. ଅ—ଚକ୍ଷୁ ନିକଟରେ—About the eyes.

**ଉପଚୟ**—ସଂ. ବି. (ଉପ+ଚି ଧାତୁ=ଚୟନ କରିବା+ଭାବ. ଅ)—
Upachaya ୧। ସମୃଦ୍ଧି—1. Prosperity,
(ଅପଚୟ—ବିପରୀତ) ୨। ବୃଦ୍ଧି—2. Increase; growth.
(ଉପଚିତ—ବିଣ) ୩। ଉନ୍ନତି—3 Improvement.
୪। ଆଧିକ୍ୟ—4 Plenty; abundance.
୫। ସଂଗ୍ରହ; ସଞ୍ଚୟ—5. Accumulation; collection.
୬। ପୁଷ୍ଟି—6. Nourishment

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଣ,ଷ | ଙ୍କ | ଇତ୍ୟ | ଙ୍ଗ | ଉ |
| ୨ | ଈ | ଊ | ରୁ | ଲୁ | ପ୍ସେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ |

୭ । (ଜ୍ୟୋତିଷ) ଲଗ୍ନର ତୃତୀୟ, ଷଷ୍ଠ, ଦଶମ ଓ ଏକାଦଶ ସ୍ଥାନ—7. ( Hindu astrology ) The 3rd, 6th, 10th and 11th place from the Lagna or the sign of birth.

**ଉପଚୟ**—ସଂ. ବି. (ଉପ=ସମୀପ+ଚି ଧାତୁ=ଭ୍ରମଣ କରିବା ଇତ୍ୟାଦି +ଭାବ. ଅ )—
Upachaya

୧ । ଉନ୍ନତି—1. Improvement.

୨ । ବୃଦ୍ଧି—2. Increase.

୩ । ପୁଷ୍ଟି—3. Nourishment.

୪ । ସଂଗ୍ରହ—4 Collection.

୫ । ସମୂହ—5. Multitude.

୬ । (ଜ୍ୟୋତିଷ) ଲଗ୍ନର ତୃତୀୟ, ଷଷ୍ଠ, ଦଶମ ଓ ଏକାଦଶ ସ୍ଥାନ—6. ( Hindu astrology ) the 3rd, 6th, 10th and 11th place frmo the Lagna or the sign of birth.

ସଂ. ବି. ( ଅବ୍ୟୟୀଭାବ. ଉପ+ଚର )—ଦୂତ ନିକଟରେ—
Near the messenger.

**ଉପଚରିତ**—ସଂ. ବିଣ. ( ଉପ+ଚର ଧାତୁ=ଯିବା+କର୍ମ. ତ )—
Upacharita ୧ । ସେବିତ—1. Served; attended,

୨ । ଆରାଧିତ; ଉପାସିତ—
2. Worshipped; adored.

୩ । ଲକ୍ଷଣା ଦ୍ୱାରା ବୋଧିତ—3. Explained by means of analogy; illuminated by illustrations.

**ଉପଚର୍ଯ୍ୟା**—ସଂ. ବିଶ ( ଉପ+ଚର+ଭାବ. ଯ. +ସ୍ତ୍ରୀ. ଆ )—
Upacharjyā ୧ । ସେବା; ଶୁଶ୍ରୂଷା—1 Attendance; service.

୨ । ଚିକିତ୍ସା—2. Medical treatment

୩ । ଉପାସନା; ଆରାଧନା—3. Worship.

**ଉପଚାଇବା**—ଦେ. କ୍ରି—ଉପଚିବା ( ଦେଖ )
Upachāiba Upachibā ( See )

**ଉପଚାଯ୍ୟ**—ସଂ. ବି ( ଉପ+ଚି ଧାତୁ+କର୍ମ. ଯ; ନିପାତନ)—
Upachājya ୧ । ସଂସ୍କୃତ ଅଗ୍ନି—1. Consecrated fire.

୨ । ଯଜ୍ଞାଗ୍ନି—2. Sacrificial fire.

୩ । ଯଜ୍ଞାଗ୍ନି ଧାରଣାର୍ଥ କୁଣ୍ଡବିଶେଷ—
3. Sacrificial fire-place.

**ଉପଚାର**—ସଂ. ବି (ଉପ+ଚର ଧାତୁ=ଯିବା + ଭାବ. ଅ)—
Upachāra ୧ । ଉପଚର୍ଯ୍ୟା; ସେବା; ଶୁଶ୍ରୂଷା;—1. Service; attendance.
(ଅପଚାର—ବିପରୀତ)
(ଉପଚରିତ—ବିଣ) ୨ । ଚିକିତ୍ସା; ଔଷଧ ପ୍ରୟୋଗ—2. Medical treatment; administering medicine.

ଚନ୍ଦନାଦି ଉପଚାର, ହେଉଛି ତଥିତ ଲୋହ ଜ୍ୱାଳ ପ୍ରକାର ।
ଉଦ୍ଧ. ପ୍ରେମସୁଧାନିଧି ।

୩ । ସମ୍ମାନ—3. Respect.

୪ । ବ୍ୟବସାୟ—4. Profession; trade.

୫ । ଆରୋପ—5. Imputation.

୬ । ଉପକରଣ—6. Material; ingredient.

୭ । ଉତ୍କୋଚ—7. Bribe.

୮ । ସଜ୍ଜା—8. Equipment.

୯ । ବ୍ୟବହାର—9 Custom;usage.

୧୦ । ଛଳପୂର୍ଣ୍ଣ ଯୁକ୍ତି; କୁଯୁକ୍ତି—10. Unfair argument by taking advantage of some unguarded or equivocal expression of the opposite party.

୧୧ । ମିଥ୍ୟାବାକ୍ୟ; ମିଥ୍ୟାପ୍ରଶଂସା—
11 Flattering compliment; false praise.

୧୨ । ଧର୍ମାନୁଷ୍ଠାନ— 12. Observance of religious rites.

୧୩ । ଲକ୍ଷଣାଦ୍ୱାରା ଅର୍ଥବୋଧ—
13 Explanation by means of analogy.

**ଉପଚାରଣ**—ଦେ. ପଦ୍ୟ. ବିଣ—ଅନ୍ୟଠାରେ ପ୍ରଯୁକ୍ତ—
Upachārana Applied to another.

ରୁକ୍ମିଣୀ ଶ୍ରୀଚରଣେ ସମସ୍ତେ ସେବା କଲେ,
କେହି ଉପଚାରଣ ହୋଇଲେ ଶ୍ରୀହରିର । ପାଠୀ—ରହସ୍ୟମଞ୍ଜରୀ ।

**ଉପଚାରିବା**—ଦେ. ପଦ୍ୟ କ୍ରି—ଅନୁଷ୍ଠାନ କରିବା—
Upachāriba To perform; to accomplish.

ବେନି ଅବଲୋକି ଧରି ସୁଖ ପାନ କରି
ନାନାବିଧ କର୍ମ ପରିହାସ ଉପଚାରି । ପାଠୀ. ରସବାରିଧି ।

**ଉପଚାର୍ଯ୍ୟ**—ସଂ. ବିଣ. (ଉପ+ଚର ଧାତୁ=ଯିବା+କର୍ମ. ଯ)—
Upachārjya ସେବାଯୋଗ୍ୟ; ଚିକିତ୍ସାଯୋଗ୍ୟ—
Fit to be tended or medically treated.

**ଉପଚିକୀର୍ଷା**—ସଂ. ବି. ସ୍ତ୍ରୀ (ଉପ+କୃ ଧାତୁ+ଇଚ୍ଛାର୍ଥେ ସନ+ଭାବ.
Upachikirshā ଅ+ସ୍ତ୍ରୀ. ଆ)—ଉପକାର କରିବାର ଇଚ୍ଛା;
(ଅପଚିକୀର୍ଷା—ବିପରୀତ) ପରୋପକାର ପ୍ରବୃତ୍ତି—
Desire to do good.

**ଉପଚିକୀର୍ଷୁ**—ସଂ.ବିଣ (ଉପ+କୃ ଧାତୁ+ଇଚ୍ଛାର୍ଥେ ସନ+କର୍ତ୍ତୃ.ଉ)–
Upachikirshu ପରୋପକାର କରିବାକୁ ଇଚ୍ଛୁକ; ଉପକାର
(ଅପଚିକୀର୍ଷୁ—ବିପରୀତ) କରିବାକୁ ଉଦ୍ୟତ--Beneficent; benevolent; desirous of benefiting others.

**ଉପଚିତ**—ସଂ. ବିଣ.(ଉପ+ଚି ଧାତୁ=ସଂଗ୍ରହ କରିବା+କର୍ତ୍ତୃ. କର୍ମ.
Upachita ତ)—୧ । ସମୃଦ୍ଧ; ବୃଦ୍ଧିପ୍ରାପ୍ତ—
(ଅପଚିତ—ବିପରୀତ) 1. Increased; augmented;
(ଉପଚୟ- ବି) ୨ । ଉନ୍ନତ—2. Improved.

ସାଧାରଣ ଲେଖାରେ ଅନେକ ସ୍ଥଳରେ ସ୍ୱରରେ ୧ ଚିହ୍ନ ଓ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭୁଲରେ ରଖା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ସେହିଠାରେ ନ ପାଇଲେ, ସେହି ଶବ୍ଦ ପାଇଁ ଯଥାକ୍ରମେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— ... ନ ମିଳିଲେ 'ଗାଣ୍ଡ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବଧ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କୃତ' ଦେଖିବେ

୩ । ପରିପୁଷ୍ଟ—3. Developed.

୪ । ସଂଗୃହୀତ; ସଞ୍ଚିତ—4. Collected; gathered; culled together.

୫ । ରଚିତ—5. Prepared

୬ । ସମାପ୍ତ—6. Finished; completed.

୭ । ଦଗ୍ଧ—7. Burnt

**ଉପଚିବା**—ଦେ. କ୍ରି. (ସଂ. ଉପଚୟ)—୧ । ଉପରକୁ ଉଠିବା;
Upachiba ଉପୁଚିବା—1. To overflow; to rise up, to run over; to come up.

୨ । ଅତ୍ୟଧିକ ଭାବରେ ଦେଖାଯିବା; ଯାଲୁଯାଲୁ ହେବା—2. To abound.

**ଉପଚୀୟମାନ**—ସଂ. ବିଣ. (ଉପ + ଚି ଧାତୁ = ସଂଗ୍ରହ କରିବା + କର୍ତ୍ତୃ. ଆନ)—ବୃଦ୍ଧି ପାଉଥିବା; ବର୍ଦ୍ଧମାନ—
Upachiyamana On the increase; in the state of being augmented.

**ଉପଚ୍ଛନ୍ଦ**—ସଂ. ବି. (ଉପ + ଛନ୍ଦ = ଛନ୍ଦିବା + ଭାବ. ଅ)—
Upachchhanda ୧ । ପ୍ରାର୍ଥନା; ଅନୁରୋଧ—1. Request.

୨ । ମନ୍ତ୍ରଣା—2. Inducement.

୩ । ଉପମନ୍ତ୍ରଣା; ଫୁସୁଲାଇବା—3. Persuation.

**ଉପଜଲୋର୍**—ପ୍ରାଦେ. (ବସ୍ତର) ବିଣ—ଅକୃତ୍ରିମ; ପ୍ରାକୃତିକ—
Upajalor Natural.

**ଉପଜାଇବା**—ଦେ. କ୍ରି. ( ସଂ. ଉପଜାତ )—
Upajaiba ୧ । ଜନ୍ମାଇବା—1. To bring forth; to produce,
উপজানা
उपुजाना ୨ । ଘଟାଇବା—2. To bring into existence; to cause to happen.

**ଉପଜାତ**—ସଂ. ବିଣ. (ଉପ + ଜାତ)—୧ । ଜାତ; ଜନ୍ମିତ—
Upajāta 1. Born; produced; evolved.

୨ । ଉଦ୍ଭୂତ—2. Aroused; risen.

୩ । ଘଟିତ—3 Happened

**ଉପଜାତି**—ସଂ. ବି. (ଉପ = ହୀନ + ଜାତି)—୧ । ବର୍ଣ୍ଣସଙ୍କର ଜାତି—
Upajāti 1. Mixed caste.

୨ । ସଂସ୍କୃତ ମିଶ୍ର ଛନ୍ଦୋବିଶେଷ—2 A mixed Sanskrit metre made of Indrabajrā and Upendrabajrā coming alternately.

**ଉପଜାପ**—ସଂ. ବି. (ଉପ = ଗୁପ୍ତଭାବରେ + ଜପ୍ ଧାତୁ = ଜପିବା + ଭାବ. ଅ)—୧ । ଦ୍ୱୈଧୀଭାବ; ଭେଦ; ବିଚ୍ଛେଦ—
Upajāpa 1 Disunion; discord.

୨ । (+ କରଣ. ଅ)—ଷଡ଼ଯନ୍ତ୍ର—2. Treason.

୩ । ଧୃଷ୍ଟତା; ଧାଷ୍ଟ୍ୟ—3. Effrontery.

୪ । ଗୁପ୍ତମନ୍ତ୍ରଣା—4. Secret consultation; conspiracy.

**ଉପଜାପକ**—ସଂ. ବିଣ. ପୁଂ. (ଉପ + ଜପ୍ ଧାତୁ + କର୍ତ୍ତୃ. ଅକ)—
Upajāpaka ୧ । ଅନିଷ୍ଟକାରକ—1 Mischief-making.
(ଉପଜାପିକା—ସ୍ତ୍ରୀ) ୨ । କୁଚକ୍ରୀ—2. Conspiring.

**ଉପଜିବା**—ଦେ. କ୍ରି. (ସଂ. ଉପଜାତ)—ଉପୁଜିବା (ଦେଖ)
Upajibā Upujibā (See)

**ଉପଜିହ୍ୱା**—ସଂ. ବି. (ଉପ = ହୀନ + ଜିହ୍ୱା = ଜିଭ)—ଘଣ୍ଟିକା—
Upajihwā Uvula; soft palate; epiglottis.

**ଉପଜୀବକ**—ସଂ. ବିଣ. ପୁଂ. (ଉପ + ଜୀବ୍ ଧାତୁ + କର୍ତ୍ତୃ ଅକ)—
Upajībaka ଯେ ଜୀବିକା ନିମନ୍ତେ ଅନ୍ୟକୁ ଆଶ୍ରୟ କରେ—
(ଉପଜୀବିକା—ସ୍ତ୍ରୀ) Depending on another for maintenance.

**ଉପଜୀବନ**—ସଂ. ବି.—ଜୀବନର ଆଶ୍ରୟସ୍ଥଳ; ଜୀବିକା—
Upajībana The means of support.

କସ ଉପଜୀବନ ତାହାର ଅଟେ.
କହ କେ ଆଏ ତାର ପରସୁଣ ହୋଇ । କୃଷ୍ଣସିଂହ. ମହାଭାରତ. ବନ ।

**ଉପଜୀବିକ**—ସଂ. ବିଣ. ପୁଂ (ଉପଜୀବ + ଇକ)—ଉପଜୀବକ (ଦେଖ)
Upajībika Upajībaka (See)
(ଉପଜୀବିକା—ସ୍ତ୍ରୀ)

**ଉପଜୀବିକା**—ସଂ. ବିଣ. ସ୍ତ୍ରୀ.—ଉପଜୀବକର ସ୍ତ୍ରୀଲିଙ୍ଗ—
Upajībikā Feminine of Upajībika.

ସଂ. ବି.—୧ । ଆଜୀବ—1. Livelihood.

୨ । ଭରଣପୋଷଣ—2. Subsistence.

୩ । ବୃତ୍ତି—3. Means of support; profession.

**ଉପଜୀବୀ**—ସଂ. ବିଣ. ପୁଂ. ( ଉପ + ଜୀବ ଧାତୁ = ବଞ୍ଚିବା + କର୍ତ୍ତୃ. ଇନ
Upajībi ୧ମା. ୧ବ )—
(ଉପଜୀବିନୀ—ସ୍ତ୍ରୀ) ୧ । ଜୀବିକାବଲମ୍ବୀ—1 Living upon.

୨ । ଆଶ୍ରିତ—2. Dependent on.

୩ । ଯେ ପୋଷି ହେବା ପାଇଁ ଅନ୍ୟକୁ ଆଶ୍ରା କରେ—3. Living on another.

**ଉପଜୀବ୍ୟ**—ସଂ. ବିଣ. ( ଉପ + ଜୀବ୍ ଧାତୁ = ବଞ୍ଚିବା + କର୍ମ. ଯ )—
Upajībya ୧ । ଜୀବନ ଧାରଣ ନିମନ୍ତେ ଅବଲମ୍ବନୀୟ;
( ଉପଜୀବ୍ୟା - ସ୍ତ୍ରୀ ) ଆଶ୍ରୟଣୀୟ—
1. Affording subsistence; to be depended upon as a livelihood.

୨ । ଆଶ୍ରୟଦାତା; ପୋଷିବାକାରୀ—2. Maintaining.

**ଉପଜୋଷମ୍**—ସଂ. ଅ. (ଉପ + ଜୁଷ୍ ଧାତୁ = ପ୍ରୀତ ହେବା + ଭାବ. ଅ)—
Upajosham ୧ । ଆନନ୍ଦ—1. Delight; joy.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଝ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଋ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଜ୍ଞ୍ୟ | ଇଅ | ଔ | ୠ |

୨। ତୁଷ୍ଣୀଂଭାବ; ଚୁପ୍‌ମାରି ରହିବା—
2. Complete silence.

ଉପଜ୍ଞା—ସଂ. ବି. ସ୍ତ୍ରୀ. ( ଉପ=ଆରମ୍ଭ+ଜ୍ଞା ଧାତୁ=ଜାଣିବା+ଭାବ
Upajña ଅ )—୧। ପ୍ରଥମ ଜ୍ଞାନ; ଆଦ୍ୟ ଜ୍ଞାନ—
1. The first idea of a thing
୨। ଉପଦେଶ ବା ଶିକ୍ଷା ବ୍ୟତିରେକେ ଜନ୍ମିବା ପ୍ରଥମଜ୍ଞାନ—
2. Untaught or intuitive knowledge

ଉପଟାଙ୍ଗର ହେବା—ଦେ. କ୍ରି—୧। ଥଟ୍ଟା କରିବା—
Upaṭāṅgara hebā 1. To cut jokes.
୨। ଠଗ ମେଲିବା—
2 To utter innuendos ( to a person )

ଉପଡଙ୍ଗର—ଦେ. ବଣ. ପୁଂ.—ଯେ ଆପଣାର ଭାଗ୍ୟ ବା ବିଭବ ଦେଖାଇ
Upaḍaṅgara ହୁଏ—Showy; showing one's own
(ଉପଡଙ୍ଗରୀ—ସ୍ତ୍ରୀ) prosperity.
ଦେ. ବି—୧। ବାହ୍ୟାଡ଼ମ୍ବର 1. Vanity,
୨। ଆପଣାର ସୌଭାଗ୍ୟ ପ୍ରକଟନ—
2, Boasting ( indirectly ) of one's own prosperity

ଉପଡ଼ା—ଦେ. ବି. ( ସଂ. ଉତ୍ପାଟନ )—
Uparḍā ୧। ଉତ୍ପାଟନ—1. Uprooting.
উপড়া ୨। ଅଙ୍ଗରୁ ଅଙ୍ଗରାଗ ଆଦି ଛଡ଼ାଇବା—
उखड़ा 2. Rubbing off ointment already applied to the body.
ବଣ—୧। ଉତ୍ପାଟିତ—1. Uprooted
୨। ଦେହରୁ ବିଲେପ ଆଦି ଛଡ଼ାଇ ଥିବା—
2. Rubbed off (of ointments applied to the body )

ଉପଡ଼ାଇବା—ଦେ. କ୍ରି—ଉପୁଡ଼ାଇବା ( ଦେଖ )
Uparḍaibā Upurḍaibā ( See )
উপড়ান
उखड़ाना

ଉପଡ଼ିବା—ଦେ. କ୍ରି. ( ସଂ. ଉତ୍ପାଟନ )—
Uparḍibā ଉତ୍ପାଟିତ ହେବା; ଉପୁଡ଼ିବା—
উপড়া To be up-rooted.
उखड़ना

ଉପଡ଼େଇବା—ଦେ. କ୍ରି ଉପୁଡ଼ାଇବା ( ଦେଖ )
Uparḍeibā Upurḍaibā ( See )

ଉପଢୌକନ—ସଂ. ବି ( ଉପ=ସମ୍ମୁଖରୁ+ଢୌକ ଧାତୁ=ଯିବା
Upaḍhaukana +କରଣ ଅନ )—
୧। ଉପହାର; ଭେଟି—
1. Present; gift; offering.
୨। ଲାଞ୍ଚ—2 Illegal gratification; bribe.

ଉପତନ୍ତୁ—ସଂ. ବି. ( ଉପ=ହୀନ+ତନ୍ତୁ )—ପତଳସୂତା; ସରୁସୂତା—
Upatantu Thin thread; thin fibre.

ଉପତନ୍ତ୍ର—ସଂ. ବି—ଉପତନ୍ତୁ ( ଦେଖ )
Upatantra Upatantu ( See )

ଉପତପ୍ତ—ସଂ. ବଣ ( ଉପ=ଅତିଶୟ+ତପ୍ ଧାତୁ=ତାତିବା+
Upatapta କର୍ମ. ତ )—୧। ତପ୍ତ; ଅତିଶୟ ତପ୍ତ ବା
(ଉପତାପ—ବି) ଗରମ—1. Heated.
୨। ସନ୍ତାପିତ; ସନ୍ତପ୍ତ—2. Afflicted; distressed.
୩। କାତର—3 Overwhelmed.
୪। ପୀଡ଼ିତ—4. Sick.
୫। ଉତ୍ପୀଡ଼ିତ—5. Oppressed.

ଉପତପ୍ତା—ସଂ. ବଣ. ପୁଂ. (ଉପ=ଅତିଶୟ+ତପ୍ ଧାତୁ=ତତାଇବା
Upataptā +କର୍ତ୍ତୃ ତୃ; ୧ମା. ୧ବ. )—୧। ଯେ ବା ତପ୍ତ
(ଉପତପ୍ତ୍ରୀ—ସ୍ତ୍ରୀ) କରେ—1. Heating:
୨। ଦୁଃଖପ୍ରଦ; ସନ୍ତାପଦାୟକ—
2 Afflicting; distressing.
ସଂ. ବି—ରୋଗ—Sickness; disease.

ଉପତାପ—ସଂ. ବି ( ଉପ=ଅତିଶୟ+ତପ୍ ଧାତୁ=ତାପଦେବା+
Upatāpa ଭାବ. ଅ )—୧। ଉତ୍ତାପ—1. Heat.
ଉପତପ୍ତ
ଉପତାପିତ } ବଣ ୨। ସନ୍ତାପ—2. Affliction.
୩। ରୋଗ; ପୀଡ଼ା—3 Sickness; disease
୪। କ୍ଲେଶ; ଦୁଃଖ—4 Pain; distress.
୫। ଅଶୁଭ—5. Calamity; misfortune; woe.
୬। ତ୍ୱରା—6. Hurry.

ଉପତାପିତ—ସଂ. ବଣ ( ଉପ=ଅତିଶୟ+ତପ୍ ଧାତୁ ଣିଚ=ତାପି ଧାତୁ
Upatāpita ତତାଇବା+କର୍ମ. ତ )—ଉପତପ୍ତ ( ଦେଖ )
Upatapta (See)

ଉପତାରା—ସଂ. ବି ( ଉପ=ନିକଟ+ତାରା )—ଆଖିର ପୁଅର ଚାରି
Upatārā ପାଖେ ଥିବା କଳା ଅଂଶ; କଳା ଡୋଳା—
The iris of the eye.

ଉପତ୍ୟକା—ସଂ. ବି. ସ୍ତ୍ରୀ ( ଉପ=ନିକଟ+ସ୍ୱାର୍ଥେ ତ୍ୟକନ୍ )—
Upatyakā ପର୍ବତର ନିକଟସ୍ଥ ଭୂମି; ପର୍ବତର ତଳଦେଶସ୍ଥ
(ଅଧିତ୍ୟକା—ବିପରୀତ) ସମତଳ ଭୂମି—Level land at the foot of a mountain; valley.

ଉପଦଂଶ—ସଂ. ବି ( ଉପ=ଅତିଶୟ+ଦଂଶ୍ ଧାତୁ=ଦଂଶନ କରିବା
Upadaṁśa +କର୍ତ୍ତୃ. ଅ )—୧। ଗରମି ରୋଗ; ଫିରଙ୍ଗ
ରୋଗ—1. Venereal disease; chancre; syphilis.
୨। (+କର୍ମ ଅ) ମଦର ଚାଟ୍; ମଦ୍ୟପାନ କାଳୀନ ମୁଖରୋଚକ ବସ୍ତୁ—2 Something eaten at the time of drinking wine to make the drink enjoyable or palatable.

ସାଧାରଣ ସ୍ଥଳେ ଶବ୍ଦ ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ତାହାରେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଡ଼' ନ ମିଳିଲେ 'ସାଢ଼' ଖୋଜିବେ 'କୃଷ' ନ ମିଳିଲେ 'କୃଶ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍କୋ' ନ ପାଇଲେ 'ଅର୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଉପଦରପ**—ଗ୍ରା. ବି ( ସଂ. ଉପଦ୍ରବ )—ଉପଦ୍ରବ ( ଦେଖ )
Upadarapa Upadraba ( See )
উপদ্রব
उपद्रप

**ଉପଦରପୀ**—ଗ୍ରା. ବିଣ ( ସଂ ଉପଦ୍ରବୀ)—ଉପଦ୍ରବୀ ( ଦେଖ )
Upadarapi Upadrabi ( See )

**ଉପଦର୍ପ**—ଗ୍ରା. ବି—୧ । ଉପଦ୍ରବ ( ଦେଖ )—
Upadarpa 1. Upadraba See )
୨ । ଭୟ; ଡରିବା—2 Fear
୩ । ସଂକ୍ରାମକ ରୋଗ—3. Contagious disease.

**ଉପଦର୍ପୀ**—ଗ୍ରା. ବିଣ—ଉପଦ୍ରବୀ ( ଦେଖ )
Upadarpi Upadrabi ( See )

**ଉପଦର୍ବ**—ଗ୍ରା. ବି—ଉପଦ୍ରବ ( ଦେଖ )
Updarba Upadraba ( See )

**ଉପଦର୍ବୀ**—ଗ୍ରା. ବିଣ—ଉପଦ୍ରବୀ ( ଦେଖ )
Upadarbi Upadrabi ( See )

**ଉପଦର୍ଶକ**—ସଂ. ବି ( ଉପ+ଦୃଶ୍ ଧାତୁ; ଣିଜନ୍ତ=ଦର୍ଶି ଧାତୁ+କର୍ତ୍ତୃ. Upadarśaka ଅକ )—ଦ୍ୱାରପାଳ; ଦ୍ୱାରୀ—
1. Gate-keeper.
ସଂ. ବିଣ—ଯେ ଦେଖାଉଥାଏ - One who shows.

**ଉପଦଳ**—ସ. ବି. ସ୍ତ୍ରୀ (ଉପ=ନିକଟ+ଦଳ=ପାଖୁଡ଼ା)—
Upadala ଫୁଲ ପାଖୁଡ଼ା ତଳେ ଡେମ୍ଫ ଉପରେ ଥିବା ପାଖୁଡ଼ା ପରି ଅଂଶ (ଯାହା କଢ଼ିରୁ ଫୁଟିଲେ ଛାଡ଼ି ରହିଥାଏ) —
The calyx of a flower

**ଉପଦା**—ସଂ. ବି. ସ୍ତ୍ରୀ (ଉପ=ସମ୍ମୁଖରେ+ଦା ଧାତୁ=ଦେବା+କର୍ମ. Upadā ଅ)—୧ । ଉପଢୌକନ; ଭେଟି—1. Present.
୨ । ଉତ୍କୋଚ; ଲାଞ୍ଚ—2. Bribe

**ଉପଦାନ**—ସଂ. ବି (ଉପ+ଦା ଧାତୁ+କର୍ମ. ଅନ; ଅନୁଗ୍ରହ ବା ଆଶ୍ରୟ
Upadāna ପାଇବାପାଇଁ ଯାହା ଦିଆଯାଏ )—ଉତ୍କୋଚ; ଲାଞ୍ଚ—
Bribe given to secure favour; black mail.

**ଉପଦାନକ**—ସଂ. ବି—(ଉପ+ଦା ଧାତୁ+ଅନ+ସ୍ୱାର୍ଥେ. ଅକ)—
Upādanaka ଉପଦାନ (ଦେଖ)
Upadāna (See)

**ଉପଦିଷ୍ଟ**—ସଂ.ବିଣ (ଉପ+ଦିଶ୍ ଧାତୁ=ଆଦେଶ କରିବା+କର୍ମ. ତ)—
Upadishta ୧ । ଆଦିଷ୍ଟ—1. Commanded.
(ଉପଦେଶ - ବି) ୨ । ଯାହାକୁ ଉପଦେଶ ଦିଆ ଯାଇଅଛି—
2 Directed; instructed; advised.
୩ । ଶିକ୍ଷିତ—3 Taught
୪ । ପ୍ରଦର୍ଶିତ—4. Pointed.
୫ । କଥିତ—5. Said; spoken,
୬ । ଯାହାକୁ ଧର୍ମୋପଦେଶ ଦିଆଯାଇଅଛି—6. Initiated into a tenet of religion.
ସଂ. ବି (+ଭାବ. ତ)—ଉପଦେଶ—Advice.

**ଉପଦେବ**—ସଂ. ବି. ପୁଂ—ଉପଦେବତା (ଦେଖ)
Upadeba Upadebatā (See)
ଅଉ ଯେତେକ ଦେବ ଉପଦେବ ମାନେ
ଭୃତ୍ୟ ସମ ରହିଛି ସଙ୍ଗତେ ସୁମନେ — କୃଷ୍ଣସିଂ, ମହାଭାରତ, ସଭା ।

**ଉପଦେବତା** — ସଂ. ବି (ଉପ=ସାଦୃଶ୍ୟ+ଦେବତା)—
Upadebatā ୧ । ଦେବତାଙ୍କ ପାର୍ଶ୍ୱଦେବତା—
1 A minor Deity occupying a secondary place near a Deity.
୨ । ଭୂତପ୍ରେତାଦି ଦେବଯୋନି—
2. Demigod, ghost; spirit.

**ଉପଦେବୀ**—ସଂ. ବି (ଉପ+ଦେବୀ)—କ୍ଷୁଦ୍ର ଦେବତା; ଯେଉଁ ଦେବୀଙ୍କର
Upadebi ପ୍ରାଧାନ୍ୟ ନାହିଁ—A minor Goddess who has no influence.

**ଉପଦେଶ**—ସଂ. ବି (ଉପ+ଦିଶ୍ ଧାତୁ=କହିବା+ଭାବ. ଅ)—
Upadesa ୧ । ପରାମର୍ଶ—1. Advice; counsel.
(ଉପଦିଷ୍ଟ—ବିଣ) ୨ । ଶିକ୍ଷାଦାନ—
2. Instruction; teaching.
୩ । ଉଦ୍ଦେଶ୍ୟ, ଅଭିପ୍ରାୟ—3. Intention; express wish.
୪ । ( +କର୍ମ. ଅ )—ପ୍ରବର୍ତ୍ତକ ବାକ୍ୟ—
4. Direction.
୫ । ଶିକ୍ଷାବାକ୍ୟ—5. Precept
୬ । ମନ୍ତ୍ରଦାନ—6 Religious initiation.
୭ । ( +କରଣ. ଅ )—ନାମ; ଗୁରୁପ୍ରଦତ୍ତ ମନ୍ତ୍ର—
7. Mantra breathed by the preceptor into the ears of the disciple.
୮ । ଅନୁଶାସନ;ନିୟମ—8. Rule; command.
୯ । ବକ୍ତୃତା ଛଳରେ ଦିଆଯିବା ଧର୍ମୋପଦେଶ—
9. Sermon.

**ଉପଦେଶକ** – ସଂ. ବିଣ. ପୁଂ. ( ଉପ+ଦିଶ୍ ଧାତୁ=କହିବା+କର୍ତ୍ତୃ.
Upadeśaka ଅକ )—। ଉପଦେଶଦାତା—
(ଉପଦେଶିକା—ସ୍ତ୍ରୀ) Instructing
ସଂ. ବି.—୧ । ଦୀକ୍ଷାଗୁରୁ; ମନ୍ତ୍ରଦାତା—
1. Spiritual preceptor; evangelist.
୨ । ଗୁରୁ; ଶିକ୍ଷକ—2 Teacher.

**ଉପଦେଷ୍ଟା**—ସଂ. ବିଣ. ପୁଂ. ( ଉପ+ଦିଶ୍+ତୃ. (ମା. ୧ବ. )—
Upadeshtā ଉପଦେଶକ ( ଦେଖ )
(ଉପଦେଷ୍ଟ୍ରୀ—ସ୍ତ୍ରୀ) Upadeśaka ( See )

**ଉପଦେହ**—ସଂ.ବି. (ଉପ+ଦିହ୍ ଧାତୁ=ବୃଦ୍ଧି ପାଇବା+କରଣ.ଅ)—
Upadeha ଅଙ୍ଗରାଗ—Toilet

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଲ | ଋ,ୠ | ୫ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଳ | ଶ,ଷ | ଛ | ଇସ୍ତ | ଉଅ | ଭ |
| ୨ | ଏ | ଖ | ବୃ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଇଅ | ଓ | ଦ୍ଧ |

**ଉପଦ୍ୱୀପ**—ସଂ. ବ (ଭୂଗୋଳପରିଭାଷା) (ଉପ=ପ୍ରାୟ+ଦ୍ୱୀପ)—
Upadwipa ଯେଉଁ ଭୂଭାଗର ତିନି ପାଖରେ ଜଳ ଓ ଏକ ପାଖରେ ସ୍ଥଳ ଥାଏ—Peninsula.

**ଉପଦ୍ରବ**—ସଂ. ବି. (ଉପ=ବିଶେଷ+ଦ୍ରୁ ଧାତୁ=ଅନିଷ୍ଟ କରିବା+
Upadraba ଭାବ. ଅ)—୧। ଉତ୍ପାତ—1. Calamity.
(ଉପଦ୍ରୁତ—ବିଣ) ୨। ଅନିଷ୍ଟ—2. Injury.
୩। ଅମଙ୍ଗଳ ଘଟଣା—3. Adversity.
୪। ଅତ୍ୟାଚାର; ଦୌରାତ୍ମ୍ୟ—4. Violence; outrage; oppression; disturbance; ravage; nuisance.
୫। ବ୍ୟାଧିର ବିକାରବିଶେଷ; ଉପସର୍ଗ—
5. Violent or critical symptoms of a disease; complications accompanying a disease.

**ଉପଦ୍ରବୀ**—ସଂ. ବିଣ. ପୁ (ଉପ=ବିଶେଷ+ଦ୍ରୁ ଧାତୁ=ଅନିଷ୍ଟ କରିବା
Upadrabi +କର୍ତ୍ତୃ. ଇନ୍)—ଅତ୍ୟାଚାରୀ—Oppressive.
(ଉପଦ୍ରବିଣୀ—ସ୍ତ୍ରୀ)

**ଉପଦ୍ରାକ୍ଷା**—ସଂ. ବି. (ଉପ=ପ୍ରାୟ+ଦ୍ରାକ୍ଷା=କିସ୍‌ମିସ୍; ଏହା ଆକାରରେ
Upadraksha ପ୍ରାୟ ଅଙ୍ଗୁରଫଳ ପରି ଥିବାରୁ)—ଘଣ୍ଟିକା—Uvula.

**ଉପଦ୍ରୁତ**—ସଂ. ବିଣ (ଉପ+ଦ୍ରୁ ଧାତୁ = ଅନିଷ୍ଟ କରିବା+କର୍ମ.
Upadruta ତ)—୧। ଅତ୍ୟାଚାରିତ—
1. Oppressed; hurt; outraged.
୨। ଉପଦ୍ରବଯୁକ୍ତ—2. Ravaged.
୩। ବ୍ୟାକୁଳ—3. Perturbed.

**ଉପଧର୍ମ**—ସଂ. ବି (ଉପ=ଅଧସ୍ତନ; ନିକୃଷ୍ଟ+ଧର୍ମ)—୧। ଅପ୍ରଧାନ
Upadharma ଧର୍ମ; ସାନ ଧର୍ମ—1. Minor work.
୨। ଗୌଣକର୍ତ୍ତବ୍ୟ—2. A subordinate duty.
୩। ଗୌଣ ଗୁଣ—3. A secondary; minor quality.
୪। କୁସଂସ୍କାର—4. Superstition or false belief.
୫। ଅଶାସ୍ତ୍ରୀୟ ଧର୍ମ—5. Heresy.

**ଉପଧା**—ସଂ. ବି (ଉପ+ଧା ଧାତୁ=ଧାରଣ କରିବା+ଭାବ. ଅ)—
Upadha ୧। ଧର୍ମାଦିର ଉପନ୍ୟାସାଦି ଦ୍ୱାରା ମନ୍ତ୍ରୀ ପ୍ରଭୃତିଙ୍କର ପରୀକ୍ଷା—1. A test or trial of ministerial honesty.
୨। ଧର୍ମାଦି ଦ୍ୱାରା ଭୃତ୍ୟ ପରୀକ୍ଷା—
2. A test of honesty of servants.
୩। ଜାଲ—3. Forgery.
୪। ଛଳ—4. Fraud; intrigue.
୫। (+କରଣ ଅ)—ଉପାୟ—5. Means.
୬। (+କର୍ମ. ଅ)—ଶବ୍ଦର ଅନ୍ତ୍ୟବର୍ଣ୍ଣର ପୂର୍ବବର୍ତ୍ତୀ ବର୍ଣ୍ଣ—
6. The penultimate letter of a word.

**ଉପଧାତୁ**—ସଂ. ବି (ଉପ=ନିକୃଷ୍ଟ+ଧାତୁ)—୧। ନିକୃଷ୍ଟ ଧାତୁ—
Upadhātu 1. Inferior mineral or metal.
[ଦ୍ର—ମାକ୍ଷିକ, ତୁତିଆ, ଅଭ୍ର, କଂସା, ହିଙ୍ଗୁଳ, ଶିଳାଜତୁ ଓ ହରିତାଳ ଏହି ସାତଟି ଉପଧାତୁ।]
୨। ଜନ୍ତୁ ଶରୀରରୁ ନିଃସୃତ ଘର୍ମ, ସ୍ତନ୍ୟ ଆଦି (ଏହା ଶରୀରସ୍ଥ ସପ୍ତ ଧାତୁର ଅନ୍ତର୍ଗତ ନୁହେ—
2 A secondary secretion of the body (e.g. milk, sweat etc.)

**ଉପଧାନ**—ସଂ. ବି (ଉପ=ଉପରେ+ଧା ଧାତୁ=ଧାରଣ କରିବା+
Upadhana +ଅଧିକରଣେ. ଅନ)—୧। ଗଦି—
1 Cushion.
୨। ମାଣ୍ଡି; ତକିଆ—2. Pillow; bolster.
୩। (+ଭାବ. ଅନ)—ଧାରଣ—3. Holding.
୪। (+କର୍ମ. ଅନ)—ପ୍ରଣୟ—4 Attachment; affection.
୫। (+କରଣ. ଅନ)—ବିଷ—5. Poison.
୬। ବ୍ରତବିଶେଷ—6 A religious vow.

**ଉପଧାନୀୟ**—ସଂ. ବି (ଉପ+ଧା ଧାତୁ=ଧାରଣ କରିବା+ଅଧିକରଣ.
Upadhaniya ଅନୀୟ)—ତକିଆ—Pillow; bolster.

**ଉପଧା ମିଳାଇବା**—ଦେ. କ୍ରି—ପଦ୍ୟର ପ୍ରଥମ ଧାଡ଼ିର ଉପଧା ସ୍ୱର ସଙ୍ଗେ
Upadha milaiba ପରବର୍ତ୍ତୀ ଧାଡ଼ିର ଉପଧା ସ୍ୱର ମିଳାଇବା—
উপধামেলান To compose a poem so that the
उपधामिलाना penultimate vowel and the last letter of the first line will tally with those of the second line
[ଦ୍ର—ଓଡ଼ିଆ ଭାଷାରେ ପ୍ରାଚୀନ କବିମାନେ ପଦ୍ୟରେ ପ୍ରଥମ ପାଦର ଶେଷ ବର୍ଣ୍ଣକୁ ପରବର୍ତ୍ତୀ ପାଦର ଶେଷ ବର୍ଣ୍ଣ ସଙ୍ଗେ କେବଳ ମିଳାଉଥିଲେ; ଯଥା—କଳ, ବେଳ; ରାମ, ଯମ। ଉପଧାସ୍ୱର ପ୍ରତି ସେମାନଙ୍କର ଦୃଷ୍ଟି ନ ଥିଲା। କିନ୍ତୁ ଇଂରାଜୀରେ ଶବ୍ଦର ଶେଷବର୍ଣ୍ଣ ହଲନ୍ତ ଥିବାରୁ ପଦ୍ୟରେ ଉପଧାସ୍ୱର ମିଳାଇବା ଆବଶ୍ୟକ ହୁଏ। ଯଥା—can, man, hit, bit ପ୍ରଭୃତି। ବଙ୍ଗଳାରେ ମଧ୍ୟ ଶବ୍ଦର ଶେଷ ବର୍ଣ୍ଣ ପ୍ରାୟ ହଲନ୍ତ ଉଚ୍ଚାରିତ ହେବାରୁ ଉପଧାସ୍ୱର ମିଳାଇବା ଆବଶ୍ୟକ ପଡ଼େ, ଯଥା—ପାନ୍, ଦାନ୍; ରାମ୍, କାମ୍। ଏହି ଅନୁକରଣରେ ମଧ୍ୟ ରାଧାନାଥ, ମଧୁସୂଦନ ଆଦି ଆଧୁନିକ ଯୁଗର କବିମାନେ ଓଡ଼ିଆ ପଦ୍ୟରେ ଧାଡ଼ିର ଶେଷବର୍ଣ୍ଣ ଓ ଉପଧାସ୍ୱରକୁ ମିଳାଇ କବିତା ରଚନା କରୁଅଛନ୍ତି, ଯଥା—ବଣ, ଜଣ; ପାନ, ସ୍ଥାନ; ମଟେ,ସଟେ; କଳ, ଫଳ; ରାମ, କାମ ଇତ୍ୟାଦି।]
ଯେଉଁ କବିତାରେ ଉପଧାସ୍ୱରର ମିଳନ ଥାଏ ତାହା ଅପେକ୍ଷାକୃତ ସ୍ରାବ୍ୟ ଓ ସୁଖକର ବୋଧହୁଏ।

ସାଧାରଣ ଦେଖିବ ଏପରି ସ୍ଥାନରେ ମୂଳର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିବୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଦ୍ବ ଶବ୍ଦ ଖୋଜିଲେ, ଯେବେ ଏ ଉଭୟ କୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଚିହ୍ନିତ ବ୍ୟତୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା,— 'ସାଠ' ନ ମିଳିଲେ 'ସାଠି' ଖୋଜିବେ; 'ବୁଅ' ନ ମିଳିଲେ 'ବୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗା' ନ ପାଇଲେ 'ଅର୍ଗ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ' ଦେଖିବେ

**ଉପଧାୟକ**—ସଂ. ବଣ. ( ଉପ + ଧା ଧାତୁ = + କର୍ତ୍ତୃ. ଅକ )—
Upadhāyaka ୧ । ଉତ୍ପାଦକ; ଜନକ—
1. Generating; producing.
୨ । ଉପଯୋଗୀ—2. Suitable.

**ଉପଧାଲଘୁସ୍ୱର**—ସଂ. ବି— ଶବ୍ଦର ଶେଷ ଅକ୍ଷରର ଅବ୍ୟବହିତ ପୂର୍ବେ ଥିବା ଲଘୁସ୍ୱର—
Upadhalaghuswara
The short vowel before the last letter of a word.

**ଉପଧି**—ସଂ. ବି. (ଉପ + ଧା ଧାତୁ = ଧାରଣ କରିବା + ଭାବ. ଇ)—
Upadhi ୧ । ଛଳ; ପ୍ରତାରଣା; କପଟ—1. Fraud; deceit
୨ । ଭୟ—2. Fear; dread.
୩ । ( + ଅଧିକରଣ. ଇ )—ରଥର ଚକ; ପହି—
3. Wheel of a chariot
ଦେ. ବି. ( ସଂ. ଉପାଧାନ )—ତକିଆ; ମାଣ୍ଡି—Pillow.
ଉପଧି କରି ପକ୍ଷୀ କରି, ସୁଖେ ଶୋଇଲେ ନୃପବର ।
ଜଗନ୍ନାଥ, ଭାଗବତ ।

**ଉପଧୂପିତ**—ସଂ. ବଣ ( ଉପ = ସମୀପ ବା ଅଧିକ + ଧୂପ ଧାତୁ = କର୍ମ. ତ )—
Upadhūpita
୧ । ସନ୍ତାପିତ—1. Afflicted.
୨ । ଆସନ୍ନମୃତ୍ୟୁ; ମୁମୂର୍ଷୁ—2. Dying.

**ଉପନ**—ଦେ. ବି. ( ସଂ. ଉପାୟନ )—
Upana ୧ । ଉପହାର—1. Present.
উপণভোগ ୨ । ବ୍ରାହ୍ମଣ ଶାସନରେ ଶାରଦୀୟ ଦେବୀ ପୂଜାର ୯ ଦିନ ବା ୧୬ ଦିନରେ ପାଳି କରି ଜଣେ ଜଣେ ଗୃହସ୍ଥ ଗ୍ରାମ ଦେବୀଙ୍କ ନିକଟରେ ପ୍ରତିଦିନ ଯେଉଁ ଭୋଗ କରନ୍ତି—
2. Offering made to the village Goddess by the villagers by turn during the nine or sixteen days of Durgā pujā in the month of 'Āświna' in Brāhmaṇa villages
୩ । ଯଜମାନ ଦତ୍ତ ଭୋଗ—3. Offering made by the public
ଦେବମାନଙ୍କ ଉପନ ଦେବ
ଖାଇ ଥିବା ଥାଳି ଦେବ ଥିବ । ଭକ୍ତ. ପ୍ରାଣବେଦୀ ।

**ଉପନଗର**—ସଂ. ବି. (ଉପ = ନିକଟ; ଛୋଟ + ନଗର)—
Upanagara ୧ । ନଗରର ଉପକଣ୍ଠ; ସହର ତଳି—
1. Suburbs.
୨ । କ୍ଷୁଦ୍ର ନଗର—2. Small town.

**ଉପନତ**—ସଂ. ବଣ ( ଉପ = ସମୀପ + ନମ୍ ଧାତୁ = ନଇଁବା + କର୍ତ୍ତୃ. ତ )—
Upanata
(ଉପନତି — ବି) ୧ । ସମୀପ ଗତ; ନିକଟସ୍ଥ—1. Adjoining.
୨ । ପ୍ରାପ୍ତ—2. Attained.
୩ । ଶରଣାଗତ—3 Seeking shelter.
୪ । ଉପସ୍ଥିତ—4. Arrived

**ଉପନନ୍ଦ**—ସଂ. ବଣ (ବହୁବ୍ରୀହି; ଉପ + ନନ୍ଦ = ଆନନ୍ଦ)—
Upananda ଆନନ୍ଦପ୍ରାପ୍ତ; ଜାତାହ୍ଲାଦ; ଯାହା ହୃଦୟରେ ଆନନ୍ଦ ଜନ୍ମିଅଛି—Delighted; delightful.
ସଂ. ବି. (ନାମ)—ଗୋପରାଜ ନନ୍ଦଙ୍କର ଭାଇ—
The name of the brother of Nanda, the king of Gopa.

**ଉପନନ୍ଦକ**—ସଂ. ବଣ ( ଉପ = ଅଧିକ + ନନ୍ଦ ଧାତୁ = ଆନନ୍ଦିତ ହେବା + କର୍ତ୍ତୃ. ଅକ )—
Upanandaka
ଆନନ୍ଦଜନକ—Giving delight.
ସଂ. ବି (ନାମ) ୧ । ଧୃତରାଷ୍ଟ୍ରଙ୍କର ଜଣେକ ପୁତ୍ର—
1. Name of a son of Dhṛutarāshṭra.
୨ । ଊର୍ଣ୍ଣନାଭ; ବୁଢ଼ିଆଣୀ—2. Spider.
୩ । ନନ୍ଦଙ୍କ ଭାଇ— 3. Name of the brother of Nanda.

**ଉପନପାଳି**—ଦେ. ବି—ଗ୍ରାମ ଦେବତାଙ୍କୁ ପୂଜାସାମଗ୍ରୀ ଦେବା କ୍ରମରେ ଶାରଦୀୟ ଓ ବାସନ୍ତୀ ପୂଜାରେ ନିର୍ଦ୍ଦିଷ୍ଟ ଦିନରେ ନିର୍ଦ୍ଦିଷ୍ଟ ଗୃହସ୍ଥର ପଡ଼ିବା ପାଳି—
Upanapāḷi
The turn of a villager offering Bhoga to the village Goddess on a particular day during the nine or sixteen days of the Durgā pūjā.

**ଉପନୟ**—ସଂ. ବି—୧ । (ନ୍ୟାୟଶାସ୍ତ୍ର) କୌଣସି ପ୍ରତିଜ୍ଞାର ଚତୁର୍ଥ ବା ଶେଷ ଅଂଶ—1. The 4th member or proposition of a syllogism in logic.
Upanaya
(ଉପନୀତ—ବଣ)
୨ । ( ଉପ = ସମୀପ + ନୀ ଧାତୁ + ଭାବ. ଅ )—
ଯଜ୍ଞୋପବୀତ-ସଂସ୍କାର; ଦ୍ୱିଜାତିର ବ୍ରତବନ୍ଧ—
2. The ceremony of investiture of the sacred thread amongst the twice born caste.
ବାମନ ଉପନୟ ହେଲେ, ସବିତା ଗାୟତ୍ରୀ ଉପଦେଶି । ଜଗନ୍ନାଥ. ଭାଗବତ ।
୩ । ଶିଷ୍ୟକୁ ମନ୍ତ୍ର ଦାନ—3. Initiation of a pupil with a mystic formula
୪ । ନିକଟକୁ ଆନୟନ—4. Conveying; bringing near.
୫ । ମନ୍ତ୍ରାଦି ଦ୍ୱାରା ପବିତ୍ରୀକରଣ; ପ୍ରତିଷ୍ଠାକରଣ—
5. Consecration.

**ଉପନୟନ**—ସଂ. ବି ( ଉପ + ନୀ ଧାତୁ + ଭାବ. ଅନ )—
Upanayana ୧ । ଉପନୟ ୨-୫ ( ଦେଖ )
(ଉପନୀତ—ବଣ) 1. Upanaya 2-5 ( See )
୨ । ଉପାୟନ; ଭେଟି—2 Present.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ନ | ଶ,ଷ | କ୍ଷ | ଇଂ | ଉଅ | ଘ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଯ୍ୟ | ଣ | ସ | ଙ୍ଗ | ଓ | ● | କ୍ର |

ଉପନାମ—ସଂ. ବି. ( ଉପ=କୃତ୍ରିମ+ନାମ )—
Upanāma ୧ । ଡାକ ନାମ—2. Nick name; surname
୨ । କୃତ୍ରିମ ନାମ; ଓରଫ—
2 An alias; pseudonym.
୩ । ଅଧିକ ନାମ—3. Additional name.
୪ । ଉପାଧି—4. Title.

ଉପନାୟ—ସଂ. ବି. ( ଉପ+ନୀ ଧାତୁ ଣିଚ୍=ନାୟି ଧାତୁ=ନେଇଯିବା
Upanāya +କରଣ. ଅ )—ଉପନୟ ୨-୫ ( ଦେଖ )
Upanaya 2-5. ( See )

ଉପନାୟନ—ସଂ. ବି. ( ଉପ+ନୀ ଧାତୁ ଣିଚ୍+ଭାବ. ଅନ )—
Upanāyana ୧ । ଉପନୟ ୨-୫ ( ଦେଖ )
1. Upanaya 2-5 ( See )
୨ । ଆଗମନ—2. Coming.

ଉପନାହ—ସଂ. ବି. ( ଉପ+ନହ ଧାତୁ=ବାନ୍ଧିବା+ଭାବ. ଅ )—
Upanāha ୧ । ବନ୍ଧନ—1 Tie; bond.
୨ । ବୀଣା ଆଦିର ନିମ୍ନଭାଗ, ଯେଉଁଠାରେ ତାରସବୁ ବନ୍ଧା ହୋଇଥାଏ; ବୀଣାଦିର ତନ୍ତ୍ରୀବନ୍ଧନ ସ୍ଥାନ—
2. The tie-piece of a lute or other stringed instrument where the wires are fixed.
୩ । ( +କରଣ. ଅ ) ପ୍ରଲେପ; ପୁଲ୍‌ଟିସ୍—
3. Ointment; poultice; plaster.
୪ । ( ବୈଦ୍ୟକ ) ସ୍ୱେଦ ( ଦେଖ )
4. Sweda ( See )

ଉପନିକ୍ଷିପ୍ତ—ସଂ. ବିଣ. ( ଉପ+ନିକ୍ଷିପ୍ତ )—ଉପନିହିତ ( ଦେଖ )
Upanikshipta Upanihita ( See )

ଉପନିକ୍ଷେପ—ସଂ. ବି ( ଉପ+ନିକ୍ଷେପ )—ନ୍ୟାସ; ଗଚ୍ଛିତରଖିବା—
Upanikshepa Deposit of valuables with another person.
(ଉପନିକ୍ଷିପ୍ତ—ବିଣ)

ଉପନିଧାନ—ସଂ. ବି ( ଉପ+ନିଧାନ )—ଉପନିଧି (ଦେଖ )
Upanidhāna Upanidhi ( See )
(ଉପନିହିତ—ବିଣ)

ଉପନିଧି—ସଂ. ବି. ( ଉପ+ନି+ଧା=ଧରିବା+ଭାବ. ଇ )—
Upanidhi ନ୍ୟାସ; ଗଚ୍ଛିତରଖିବା ବିଷୟ; ଅପରଙ୍କଠାରେ ରଖିବା—
Deposit of valuables with another person for safe custody.

ଉପନିପାତ—ସଂ. ବି. ( ଉପ=ସମୀପକୁ+ନି+ପତ୍+ଭାବ. ଅ )—
Upanipāta ୧ । ସମୀପକୁ ଆଗମନ—
1. Arrival; approach.
୨ । ହଠାତ୍ ଉପସ୍ଥିତି—2 Sudden presence.

ଉପନିବେଶ—ସଂ. ବି. ( ଉପ=ନିକଟରେ+ନିବେଶ=ବାସ )—
Upanibeśa ୧ । ଦେଶାନ୍ତରରେ ନିବାସ—1. A colony.
୨ । ଏକଦେଶରୁ ଯାଇ ଅନ୍ୟ ଦେଶରେ ସ୍ଥାୟୀରୂପେ ବାସ କରିବା—2. New settlement fixed at a different place

ଉପନିବେଶିତ—ସଂ. ବିଣ. ( ଉପନିବେଶ+ଇତ )—
Upanibeśita ଦେଶାନ୍ତରରେ ନୂତନ ବସତି କରିଥିବା; ଉପନିବେଶରେ କୃତାଧିବାସ—Newly settled; colonised.

ଉପନିବେଶୀ—ସଂ. ବି. (ଉପ+ନି+ବିଶ୍+କର୍ତ୍ତୃ. ଇନ୍; ୧ମା. ୧ବ.)—
Upanibeśī ଉପନିବେଶ କରିଥିବା ( ବ୍ୟକ୍ତି )—
(ଉପନିବେଶିନୀ—ସ୍ତ୍ରୀ) Newly settled.
ସଂ. ବି—ଏକଦେଶରେ ନୂଆ ହୋଇ ଘର କରି ରହିବା ବ୍ୟକ୍ତି—
New settler; colonist

ଉପନିର୍ବାଚନ—ସଂ. ବି. ( ଆଧୁନିକ ପ୍ରୟୋଗ )—ରାଜନୀତିକ କୌଣସି
Upanirbāchana ବ୍ୟବସ୍ଥାପକସଭାରୁ କୌଣସି କାରଣବଶତଃ ଜଣେ ସଭ୍ୟ ତାଙ୍କ କାର୍ଯ୍ୟକାଳ ନ ପୂରୁଣୁ ଇସ୍ତଫା ଦେଲେ ବା ମୃତ ହେଲେ ଅବଶିଷ୍ଟ ସମୟ ପାଇଁ ସେ ସ୍ଥଳରେ ଅନ୍ୟ ବ୍ୟକ୍ତିଙ୍କର ନିର୍ବାଚନ—
By-election.

ଉପନିଷତ୍—ସଂ. ବି. ସ୍ତ୍ରୀ. ( ଉପ=ସମୀପ+ନି+ସଦ୍ ଧାତୁ=ଯିବା+
Upanishat କରଣ. କ୍ୱିପ୍ )—୧ । ଗୁପ୍ତବିଦ୍ୟା—
1. Secret or esotoric science.
୨ । ବେଦର ଶିରୋଭାଗ—2. The heading portion of the four Bedas.
୩ । ଆଧ୍ୟାତ୍ମିକବିଦ୍ୟା; ବ୍ରହ୍ମବିଦ୍ୟା; ଜ୍ଞାନକାଣ୍ଡ—
3. The Bedānta system of philosophy, metaphysics.
୪ । ସତ୍ୟ—4. Truth
୫ । ଧର୍ମ—5. Religion.
୬ । ବିଦ୍ୟା—6 Learning.
୭ । (+ଅଧିକରଣ. କ୍ୱିପ୍)—ରହସ୍ୟ ବା ନିର୍ଜନ ସ୍ଥାନ—
7. Solitary place; retirement; seclusion.
୮ । ସମୀପ ସ୍ଥାନ—8. Adjoining place.
୯ । ତତ୍ତ୍ୱ—9. Essence the truth

ଉପନିଷଦ୍—ସଂ. ବି—ଉପନିଷତ୍ ( ଦେଖ )
Upanishad Upanishat ( See )

ଉପନିଷଦ—ଦେ. ବି. ( ସଂ. ଉପନିଷଦ୍ )—ଉପନିଷତ୍ ( ଦେଖ )
Upanishada Upanishat ( See )

ଉପନିଷ୍କର—ସଂ. ବି. ( ଉପ+ନିର+କୃ ଧାତୁ+କରଣ. ଅ )—
Upanishkara ୧ । ନଗରର ମାର୍ଗ—
1. Town-road; street
୨ । ରାଜପଥ—2. Public road; highway.

ସାଧାରଣ ଲେଖେ ଅପର ସ୍ଥଳରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଏହି ଅଭିଧାନରେ ନ ପାଇଲେ ପାଠକ ଯଥାକ୍ରମେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଖୋଜିବାକୁ ହେବ । ଯଥା :— 'ସାର' ନ ମିଳିଲେ 'ସାର' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

**ଉପନିଷ୍କ୍ରମଣ**— ସଂ. ବି. (ଉପ+ନିର+କ୍ରମ ଧାତୁ+ଭାବ. ଅନ)—
Upanishkramaṇa ୧ । ସଂସ୍କାରବିଶେଷ— 1. Name of a religious rite.
୨ । (+କରଣ. ଅନ) ରାଜପଥ - 2. High way.

**ଉପନିହିତ**—ସଂ. ବିଣ—(ଉପ+ନି+ଧା ଧାତୁ+କର୍ମ. ତ)—
Upanihita ୧ । ନ୍ୟସ୍ତ ରଖାଯିବା—1 Laid down; set down; put down.
(ଉପନିଧି; ଉପନିଧାନ — ବି)
୨ । ଅନ୍ୟଠାରେ ଗଚ୍ଛିତ— 2. Deposited with another.

**ଉପନୀତ**—ସଂ. ବିଣ (ଉପ=ସମୀପ+ନୀ ଧାତୁ=ନେବା+କର୍ମ. ତ)—
Upanīta ୧ । ଉପନୟନ ହୋଇଥିବା; ବ୍ରତ ବା ବଟୁ ହୋଇ ଥିବା; ସଂସ୍କାରପ୍ରାପ୍ତ; ସଂସ୍କୃତ—
(ଉପନୟନ— ବି) 1 Invested with the sacred thread.
୨ । ନିକଟକୁ ଆନୀତ—2. Brought near,
୩ । ଆଗତ; ଉପସ୍ଥିତ—3. Arrived at; come to.
୪ । ଉପାୟନୀକୃତ—4. Presented; changed into a present.
୫ । ପ୍ରାପିତ—5. Procured.
ବି—(+ଭାବ. ତ) — ଉପନୟନ—Sacred thread ceremony.

**ଉପନେତା**— ସଂ. ବିଣ. ପୁଂ —(ଉପ=ସମୀପ + ନୀ ଧାତୁ=ନେବା + କର୍ତ୍ତୃ ତୃ; ୧ମା. ୧ବ.)— ୧ । ଉପନୟନକର୍ତ୍ତା—
Upanetā (ଉପନେତ୍ରୀ ସ୍ତ୍ରୀ) 1. One who invests a boy with the sacred thread.
୨ । ଆଚାର୍ଯ୍ୟ—2. Preceptor.
୩ । ନିକଟକୁ ଆନୟନକାରୀ—3. One who brings a thing near.
୪ । ଉପାୟନଦାତା — 4. Giving a present
୫ । ପ୍ରାପକ — 5. Pracuring.
୬ । ଉପନାୟକ—6. A secondary hero.

**ଉପନେତ୍ର**— ସଂ. ବି. (ଅବ୍ୟୟୀଭାବ; ଉପ=ସଦୃଶ + ନେତ୍ର=ଆଖି)—
Upanetra ଚଷମା; ଚଶମା — Spectacles; eye glasses.

**ଉପନ୍ୟସ୍ତ**— ସଂ. ବିଣ. (ଉପ+ନି + ଅସ୍=କ୍ଷେପଣ + କର୍ମ. ତ)—
Upanyasta ୧ । ସଜ୍ଜିତ; ବିନ୍ୟସ୍ତ — 1. Brought forward; adduced; arranged.
୨ । ଆରବ୍ଧ (ବାକ୍ୟ)— 2. Commenced ( word )
୩ । ବନ୍ଧା ଦିଆଯାଇ ଥିବା— 3. Pledged.
୪ । ଗଚ୍ଛିତ ରଖାଯାଇଥିବା — 4. Deposited
୫ । ନାମୋଲ୍ଲେଖ କରାଯାଇ ଥିବା; ଉଲ୍ଲିଖିତ— 5. Mentioned; referred to.
୬ । ଉଦ୍ଧୃତ—6. Quoted
୭ । ଦତ୍ତ—7. Given.

**ଉପନ୍ୟାସ**— ସଂ. ବି. (ଉପ + ନି + ଅସ ଧାତୁ = କ୍ଷେପଣ କରିବା + ଭାବ. ଅ)— ୧ । ବାକ୍ୟାରମ୍ଭ; କଥନାରମ୍ଭ —
Upanyāsa 1 Beginning of conversation.
୨ । ଉଲ୍ଲେଖ — 2. Adducing; proposing.
୩ । ଦାନ—3 Gift.
୪ । (+କର୍ମ. ଅ)— ଉପକଥା; କଳ୍ପିତବୃତ୍ତାନ୍ତ— 4. Story; novel; romance.
୫ । ପ୍ରସ୍ତାବ—5. Proposal
୬ । ବନ୍ଧକ—6. Pledge.

**ଉପପତି**— ସଂ. ବି. ପୁଂ. (ଉପ + ପତି=ସ୍ୱାମୀ)—
Upapati ୧ । ଜାର-ପୁରୁଷ; ଅଧର୍ମପତି; ଗୁପ୍ତପତି —
(ଉପପତ୍ନୀ— ସ୍ତ୍ରୀ) 1. Paramour; a gallant.
୨ । ପରପୁରୁଷ; ଅବୈଧ ପ୍ରଣୟାସକ୍ତ ବ୍ୟକ୍ତି— 2. Adulterer.

**ଉପପତ୍ତି**— ସଂ. ବି ସ୍ତ୍ରୀ (ଉପ + ପଦ ଧାତୁ = ଘଟିବା + ଭାବ. ତି)—
Upapatti ୧ । ଯୋଗ୍ୟତା; ଔଚିତ୍ୟ—1. Propriety; fitness; suitableness.
(ଉପପନ୍ନ— ବିଣ)
୨ । ଯୁକ୍ତି; ସିଦ୍ଧାନ୍ତ—2. Argument; inference.
୩ । ସଙ୍ଗତି; ସଂସ୍ଥାନ— 3. Competence
୪ । କାରଣ; ହେତୁ — 4. Cause.
୫ । ସିଦ୍ଧି—5. Accomplishment.
୬ । ଉଦ୍ଭବ - 6 Birth,
୭ । ପରସ୍ପର ବିରୋଧ ପରିହାର; ମୀମାଂସା— 7 Reconciling of mutual discrepancy.
୮ । ଉପାୟ — 8 Means.
୯ । ପ୍ରମାଣ—9. Demonostration; proof.

**ଉପପତ୍ନୀ**— ସଂ. ବି ସ୍ତ୍ରୀ. (ଉପ=ପ୍ରତିନିଧି + ପତ୍ନୀ = ସ୍ତ୍ରୀ) — ୧ । ରକ୍ଷିତା ସ୍ତ୍ରୀ; ରକ୍ଷେଇ ମାଇପ—
Upapatnī 1. Concubine.
୨ । ଅବିବାହିତା ଭାର୍ଯ୍ୟା— 2. One's unmarried wife
୩ । ସ୍ତ୍ରୀରୂପେ ରକ୍ଷିତା ପରସ୍ତ୍ରୀ - 3. The married wife of a person kept as a mistress by an other.

**ଉପପଥ**—ସଂ. ବି. (ଉପ = ନିକୃଷ୍ଟ; ହୀନ; ସଂକୀର୍ଣ୍ଣ + ପଥ = ବାଟ)—
Upapatha ୧ । ଗଳି ବାଟ— 1. By-way; by-lane.
୨ । ସଂକୀର୍ଣ୍ଣ ପଥ—2. Narrow road.

**ଉପପଦ**— ସଂ. ବି (ଅବ୍ୟୟୀଭାବ; ଉପ = ନିକଟ; ପୂର୍ବ + ପଦ)—
Upapada ୧ । ପଦର ନିକଟସ୍ଥ ପଦ; ପୂର୍ବପଦ— 1. The first member of a compound wrdin a verbal, noun or adjective.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଠ | ଶ,ଷ | ଙ୍କ | ଋ | ଷ୍ଠ | ଢ |
| ୨ | ଈ | ଉ | ରୁ | ଲୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଲଥ | ଡ଼ | କ୍ |

୨ । ( ବ୍ୟାକରଣ ) ସମସ୍ତ ବାକ୍ୟରେ ଥିବା ଅପ୍ରଧାନ ପଦ; ସମସ୍ତବ୍ୟାପକ ସ୍ୱାର୍ଥପୋଷକ ପଦ—
2 (grammar) Secondary word in a compound.
(ଯଥା—ହତକାରୀରେ ହତ; ଅପ୍ରିୟବାଦୀରେ ଅପ୍ରିୟ)
୩ । ଉପାଧି—3. A title of honour.

**ଉପପଦତତ୍ପୁରୁଷ**—ସଂ. ବି. ( ବ୍ୟାକରଣ )—ସମାସବିଶେଷ—
Upapadatatpurusha A Class of compounds.
[ କୃ ଧାତୁ ପୂର୍ବରେ ଉପପଦ ଥାଇ ଶେଷରେ ଇନ୍, ଅ (କୃ) ପ୍ରଭୃତି କେତେକ ପ୍ରତ୍ୟୟ ହେଲେ ଏହି ସମାସ ହୁଏ । ବହୁବ୍ରୀହିସମାସରେ 'ଅନ୍ୟ ପଦାର୍ଥ' ପ୍ରକାଶକ 'ପଦ' ଶବ୍ଦରେ ପ୍ରଥମା ଭିନ୍ନ ଅନ୍ୟ ବିଭକ୍ତିମାନଙ୍କରେ ପ୍ରୟୋଗ ପ୍ରାୟଶଃ ଦେଖାଯାଏ ମାତ୍ର ଉପପଦତତ୍ପୁରୁଷ ସମାସରେ କେବଳ ପ୍ରଥମା ବିଭକ୍ତିର ପ୍ରୟୋଗ ହୁଏ । ଉଦାହରଣ; ଯଥା—ପଙ୍କଜ; କୁମ୍ଭକାର; ଅର୍ଥକାମୀ ଇତ୍ୟାଦି । ]

**ଉପପନ୍ନ**—ସଂ. ବିଣ. ( ଉପ+ପଦ୍ ଧାତୁ+କର୍ତ୍ତୃ. ତ )—
Upapanna ୧ । ଯୋଗ୍ୟ; ଯଥୋଚିତ—
(ଉପପତ୍ତି—ବି) 1. Fit; proper, suitable.
୨ । ଯୁକ୍ତିଯୁକ୍ତ; ସଙ୍ଗତ—2. Reasonable
୩ । ସମ୍ଭାବିତ—3 Conjectured.
୪ । ଉତ୍ପନ୍ନ—4. Deduced; produced.
୫ । ମିଳିତ—5. Joined; congruous.
୬ । ଆଗତ—6. Arrived.
୭ । ଉତ୍ଥିତ—7. Risen
୮ । ପ୍ରମାଣିତ; ସିଦ୍ଧ—
8 Proved; demonostrated.
୯ । ପ୍ରାପ୍ତ—9 Possessed of; attained.
୧୦ । ଅନୁରୂପ—10 Congenial.
୧୧ । ସମ୍ପନ୍ନ—11. Accomplished.

**ଉପପାତକ**—ସଂ. ବି. ( ଉପ=ଅଳ୍ପ+ପାତକ=ପାପ )—
Upapātaka ୧ । କ୍ଷୁଦ୍ର ପାପବିଶେଷ—
1. A class of crimes of inferior magnitude; a crime of second degree.
୨ । ଅଗମ୍ୟାଗମନ ପାପ—2. Venial offence; incest (as cohabitation with a prohibited female ).

**ଉପପାଦକ**—ସଂ. ବିଣ. ପୁଂ ( ଉପ+ପଦ୍ ଧାତୁ ଣିଚ୍=ପାଦ ଧାତୁ
Upapādaka =ଗମନ କରିବା+କର୍ତ୍ତୃ. ଅକ )—
( ଉପପାଦିକା—ସ୍ତ୍ରୀ ) ୧ । ନିଷ୍ପାଦକ—1. Performing.
୨ । ମୀମାଂସକ—2 Deciding.
୩ । କାର୍ଯ୍ୟସମ୍ପାଦକ—3. Accomplishing.

**ଉପପାଦନ**—ସଂ. ବି. ( ଉପ+ପଦ ଧାତୁ ଣିଚ=ପାଦ ଧାତୁ=ଘଟିବା+
Upapādana ଇବା+ଭାବ ଅନ )—
( ଉପପାଦିତ—ବିଣ ) ୧ । ସମ୍ପାଦନ; ସାଧନ—
1 Accomplishment.
୨ । କୌଣସି ପ୍ରତିଜ୍ଞାର ପ୍ରମାଣ କରଣ—
2 Demonostration of a proposition.
୩ । ଯୁକ୍ତିଦ୍ୱାରା ସମର୍ଥନ—
3. Establishment of a proposition by argument.
୪ । ମୀମାଂସାକରଣ—4. Deduction; deciding.
୫ । ପୂର୍ବାପରବିରୋଧ ପରିହାର କରିବା—
5 Reconciliation of incongruity.

**ଉପପାଦିତ**—ସଂ. ବିଣ. ( ଉପ+ପଦ ଧାତୁ ଣିଚ=ପାଦ ଧାତୁ+କର୍ମ.
Upapādita ତ )—୧ । ଯୁକ୍ତିଦ୍ୱାରା ସମର୍ଥିତ—
( ଉପପାଦନ—ବି ) 1. Supported by argument.
୨ । ମୀମାଂସିତ—2 Established by argument.
୩ । ପ୍ରମାଣିତ—3 Proved; demonostrated.
୪ । ପ୍ରାପ୍ତ—4 Attained.
୫ । ସମ୍ପନ୍ନ; ସମ୍ପାଦିତ—5. Accomplished.
୬ । କୃତ—6. Done; performed.
୭ । ଉତ୍ପାଦିତ—7. Produced.

**ଉପପାଦ୍ୟ**—ସଂ. ବିଣ. ( ଉପ+ପଦ ଧାତୁ ଣିଚ=ପାଦ ଧାତୁ+କର୍ମ.
Upapādya ଯ)—୧ । ପ୍ରମାଣିତ ହେବାର ଯୋଗ୍ୟ; ସମର୍ଥନୀୟ—
1. Demonostrable.
୨ । ମୀମାଂସା ଯୋଗ୍ୟ—2 To be decided.
୩ । ନିଷ୍ପାଦନୀୟ—3, Fit to be performed.
୪ । (ଜ୍ୟାମିତି) ଯାଥାର୍ଥ୍ୟ ନିରୂପଣ ଯେଉଁ ପ୍ରତିଜ୍ଞାର ଉଦ୍ଦେଶ୍ୟ—
4 ( geometry ) Which is capable of being demonostrated.
( ସମ୍ପାଦ୍ୟ—ବିପରୀତ ) ସଂ. ବି—( ଜ୍ୟାମିତିପରିଭାଷା ) ଯେଉଁ ପ୍ରତିଜ୍ଞାର ସତ୍ୟତା ପ୍ରମାଣଦ୍ୱାରା ସମର୍ଥିତ ବା ସିଦ୍ଧ କରାଯାଇ ପାରେ—( geometry ) Theorem ( as opposed to a problem ).

**ଉପପାପ**—ସଂ. ବି—ଉପପାତକ ( ଦେଖ )
Upapāpa Upapātaka ( See )

**ଉପପୀଡ଼ନ**—ସଂ. ବି. ( ଉପ+ପୀଡ଼ନ )—
Upapirdana ଉପଦ୍ରବ; ଅତ୍ୟାଚାର—
( ଉପପୀଡ଼ିତ—ବିଣ ) Oppression; outrage.

**ଉପପୀଡ଼ିତ**—ସଂ. ବିଣ. (ଉପ+ପୀଡ଼ିତ)—ଅତ୍ୟାଚାରିତ—
Upapirdita Oppressed; outraged.
( ଉପପୀଡ଼ନ—ବି )

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ତେଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

**ଉପପୁରାଣ**— ସଂ. ବି. ( ଉପ = ସାମାନ୍ୟ + ପୁରାଣ ) – କ୍ଷୁଦ୍ର ପୁରାଣ—
Upapurāṇa Minor or secondary treatise on Hindu cosmogeny ( 18 in number ).
[ ଦ୍ର—ପୁରାଣ ତଳେ ନୋଟ ଦେଖ । ]

**ଉପପୁଷ୍ପିକା**— ସଂ. ବି. (ଉପ + ପୁଷ୍ପ ଧାତୁ = ଫୁଟିବା + ଅକ + ସ୍ତ୍ରୀ. ଆ–
Upapushpikā ଏହା ମୁହଁରେ ପୁଷ୍ପ ପରି ଫୁଟେ ବୋଲି) ଜୃମ୍ଭା; ହାଇ—Yawning

**ଉପପ୍ଳବ**— ସଂ. ବି ( ଉପ + ପ୍ଳୁ ଧାତୁ = ଭେଟିବା + ଭାବ. ଅ )—
Upaplaba ୧ । ଉତ୍ପାତ; ବିପଦ; ଉପଦ୍ରବ; ଦୈବୀ ବିପଦ୍—
(ଉପପ୍ଳୁତ—ବିଣ) 1. Calamity; accident; disaster.
୨ । ଆକସ୍ମିକ ଭୟ—2. Sudden fear.
୩ । ରାହୁ—3. The Ascending Node.
୪ । ଚନ୍ଦ୍ରାଦିଗ୍ରହଣ ବା ଉଲ୍କାପାତ ଆଦି ଅଶୁଭସୂଚକ ଘଟଣା—4. A portentous phenomenon in the heavens (e.g. eclipse, shooting stars).
୫ । ରାଜଶକ୍ତି ବିରୁଦ୍ଧରେ ପ୍ରଜା ଶକ୍ତିର ଅଭ୍ୟୁତ୍ଥାନ; ପ୍ରଜାମେଳି—5. Mutiny; insurrection; tumult.
୬ । ଅରାଜକତା—6. Anarchy.
୭ । ଅଶୁଭ; ଅମଙ୍ଗଳ—7. An evil; woe; portent.

**ଉପପ୍ଳବ୍ୟ**— ସଂ. ବି (ନାମ) (ଉପ + ପ୍ଳୁ ଧାତୁ + ଭାବ. ଯ)—
Upaplabya ବିରାଟନଗରର ନିକଟସ୍ଥ ପୁରବିଶେଷ—
A town near the ancient capital of Birāṭa.

**ଉପପ୍ଳୁତ**— ସଂ. ବିଣ (ଉପ + ପ୍ଳୁ ଧାତୁ + କର୍ମ. ତ) —
Upapluta ୧ । ରାହୁଗ୍ରସ୍ତ—1. Eclipsed.
( ଉପପ୍ଳବ— ବି ) ୨ । ଉପଦ୍ରୁତ; ଉପଦ୍ରବଗ୍ରସ୍ତ—
2. Oppressed.
୩ । ବିପଦଗ୍ରସ୍ତ—3. Assailed or overtaken by calamity.
୪ । ପୀଡ଼ିତ—4. Sick.
୫ । ଭୀତ—5. Frightened.

**ଉପବକ୍ତା**— ସଂ. ବିଣ (ଉପ = ସମୀପ + ବଚ୍ ଧାତୁ = କହିବା + କର୍ତ୍ତୃ. ତୃ) -
Upabaktā ଉପଦେଶ ଦେବାବାଲା—Instructing
ସଂ. ବି—୧ । ଉପଦେଷ୍ଟା—1. Instructor.
୨ । ଉପଦର୍ଶକ; ଯଜ୍ଞର ଋତ୍ୱିକବିଶେଷ; ଯେ ଯଜ୍ଞରେ ଋତ୍ୱିକବ୍ୟାପାର ଦର୍ଶନ କରନ୍ତି—
2. Supervising priest in a fire-sacrifice
୩ । ଯଜ୍ଞାଦିରେ ନିଯୁକ୍ତ ବ୍ରହ୍ମା ବା ସଦସ୍ୟ—
3. A priest selected or invited for officiating in a fire-sacrifice.

**ଉପବନ**— ସଂ. ବି ( ଉପ = ସଦୃଶ + ବନ )—
Upabana ୧ । ବଗିଚା; ଉଦ୍ୟାନ; ବାଡ଼—1. Garden.
୨ । ତୋଟା—2. Tope; orchard.
୩ । କୁଞ୍ଜବନ—3. Grove.
ସଂ. ଅ – ବନସମୀପରେ—
Adjoining the forest.

**ଉପବର୍ଣ୍ଣନ**— ସଂ. ବି (ଉପ = ସମ୍ୟକ୍ + ବର୍ଣ୍ଣ ଧାତୁ = ବର୍ଣ୍ଣନା କରିବା +
Upabarṇṇana ଭାବ. ଅନ)—୧ । ସମ୍ୟକ୍ କୀର୍ତ୍ତନ; ସମ୍ୟକ୍ ବର୍ଣ୍ଣନ; ବିବରଣ —1. Excellent description; delineation.
୨ । କୌଣସି ବସ୍ତୁର ସ୍ୱରୂପ, ଲକ୍ଷଣ ଓ ଗୁଣମାନ—
2 Detailed or minute description
୩ । ଠିକ୍ ବର୍ଣ୍ଣନା—3 Exact account.

**ଉପବର୍ତ୍ତନ**— ସଂ. ବି ( ଉପ + ବୃତ୍ ଧାତୁ + ଅଧିକରଣ. ଅନ )—
Upabarttana ୧ । ଜନପଦ—1 Village.
୨ । ଦେଶ—2 Country.

**ଉପବର୍ହ**— ସଂ. ବି (ଉପ + ବର୍ହ୍ ଧାତୁ = ଆରୋପଣ କରିବା + ଅଧିକରଣ.
Upabarha ଅ)—ଶିରୋଧାନ; ତକିଆ—Pillow.

**ଉପବସଥ**— ସଂ. ବି ( ଉପ + ବସ ଧାତୁ = ବାସକରିବା + ଅଧିକରଣ.
Upabasatha ଅଥ)—ଗ୍ରାମ—Village.

**ଉପବସ୍ତ**— ସଂ. ବିଣ (ଉପ + ବସ ଧାତୁ = ବାସକରିବା + କର୍ତ୍ତୃ. ତ )—
Upabasta ଉପୋଷିତ; ଉପବାସୀ—
(ଉପବସ୍ତା — ସ୍ତ୍ରୀ) Starving; fasting.
ସଂ. ବି—୧ । (+ ଭାବ. ତ)—ଉପବାସ—1 Fast.
୨ । ଅନାହାର—2 Starvation.

**ଉପବାଦ**— ସଂ. ବି ( ଉପ = ନିନ୍ଦା; ଦୋଷ + ବଦ୍ ଧାତୁ = କହିବା +
Upabāda ଭାବ. ଅ )—୧ । ଅପବାଦ—1. Defamation.
୨ । ନିନ୍ଦା—2 Blame.

**ଉପବାସ**— ସଂ. ବି ( ଉପ + ବସ ଧାତୁ = ବାସ କରିବା + ଭାବ. ଅ)—
Upabāsa ୧ । ଲଙ୍ଘନ; ଅନଶନ—1. Fasting.
୨ । ଅନାହାର—2. Abstinence from food.
୩ । ବ୍ରତାର୍ଥ ଉପବାସ; ଉପାସ—3. Religious fast.
୪ । ବାସ—4. Inhabiting.
୫ । ଅଗ୍ନ୍ୟାଧାନ—5. Lighting of fire.

**ଉପବାସିଆ**— ଦେ. ବିଣ ( ସଂ. ଉପବାସୀ )— ଉପବାସୀ ( ଦେଖ )
Upabāsiā Upabāsi ( See )

**ଉପବାସୀ**— ସଂ. ବିଣ. ପୁଂ. ( ଉପ + ବସ ଧାତୁ = ବାସକରିବା + କର୍ତ୍ତୃ.
Upabāsi ଇନ୍; ୧ମା. ୧ବ)—୧ । ଉପୋଷିତ; ଭୋଜନ କରି
(ଉପବାସିନୀ — ସ୍ତ୍ରୀ) ନ ଥିବା—1. Fasting; not having taken food; abstaining from food.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହ୍ରସ୍ୱ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ୟ | ଜ | ଶ,ଷ | କ୍ଷ | ଇଏ | ଉଅ | ଊ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ତ | |

୨ । ବ୍ରତାର୍ଥ ଉପବାସ କରିଥିବା—
2. Observing a religious fast.

ଉପବାହ୍ୟ—ସଂ. ବି ( ଉପ+ବହ୍ ଧାତୁ=ବହନ କରିବା+କରଣ. Upabāhya ଯ )—୧ । ରାଜବାହକ ହସ୍ତୀ; ପାଟହାତୀ—
1 An elephant bearing a king.
୨ । (+ଅଧିକରଣ. ଯ)—ରାଜପଥ—2. High road.
୩ । ରାଜାଙ୍କ ବାହନ—3. A royal conveyance.

ଉପବିଦ୍ୟ—ସଂ ବିଣ. ପୁଂ ( ଉପ+ବିଦ୍ ଧାତୁ=ଜାଣିବା+କରଣ: ଯ ) Upabidya ବ୍ୟାବହାରିକ ବିଦ୍ୟାରେ ପାରଙ୍ଗମ—
(ଉପବିଦ୍ୟା—ସ୍ତ୍ରୀ) Acquainted with practical arts.

ଉପବିଦ୍ୟା—ସଂ. ବିଣ. ସ୍ତ୍ରୀ—'ଉପବିଦ୍ୟ'ର ସ୍ତ୍ରୀଲିଙ୍ଗ—
Upabidyā Feminine of 'Upabidya'.
ସଂ. ବି—୧ । ବ୍ୟାବହାରିକ ବିଦ୍ୟା—1. Profane science; practical science or art
୨ । କଳା ବିଦ୍ୟା—2. Fine arts.

ଉପବିଧି—ସଂ. ବି ( ଆଧୁନିକ ପ୍ରୟୋଗ )—କୌଣସି ନିୟମର ଆନୁଷଙ୍ଗିକ Upabidhi ବିଧାନ—By-law.

ଉପବିଷ—ସଂ. ବି ( ଉପ=ତୁଲ୍ୟ+ବିଷ )—୧ । କୃତ୍ରିମ ବିଷ—
Upabisha 1 Artificial poison.
୨ । ସାମାନ୍ୟ ବିଷ ( ଯଥା—ଅର୍କକ୍ଷୀର; ଧାତୁରା; କନିଅର-ମଞ୍ଜି )—2. Secondary poison.

ଉପବିଷା—ସଂ. ବି. ସ୍ତ୍ରୀ—ଅତୁଷୀ ( ଦେଖ )
Upabishā Atushī ( See )

ଉପବିଷ୍ଟ—ସଂ. ବିଣ. (ଉପ=ନିକଟରେ+ବିଶ୍ ଧାତୁ=ପ୍ରବେଶକରିବା Upabishta +କର୍ତ୍ତୃ. ତ)—୧ । ଆସୀନ; ବସିଥିବା—
(ଉପବେଶନ—ବି) 1. Seated; sitting.
( ଉପବିଷ୍ଟା—ସ୍ତ୍ରୀ ) ୨ । ସିଂହାସନରେ ବସିଥିବା—
2. Enthroned; installed on the throne.

ଉପବୀତ—ସଂ. ବି. (ଉପ+ବ୍ୟେ ଧାତୁ=ଆଚ୍ଛାଦନ ହେବା+କର୍ତ୍ତୃ. ତ)—
Upabīta ୧ । ଯଜ୍ଞସୂତ୍ର, ପଇତା—
1. Holy thread of the Hindus; sacred thread worn by the twice-born castes

ଉପବୀତୀ—ସଂ. ବିଣ. ପୁଂ. (ଉପବୀତ=ପଇତା+ଅସ୍ତି ଅର୍ଥରେ. ଇନ୍ ୧ମା. Upabiti ୧ବ )—ପଇତାଧାରୀ; ଯଜ୍ଞସୂତ୍ରଧାରୀ—
Wearing the sacred thread.

ଉପବୃଂହିତ—ସଂ. ବିଣ. ( ଉପ+ବୃଂହ ଧାତୁ = ବୃଦ୍ଧିପାଇବା + Upabrumhita କର୍ତ୍ତୃ. ତ)—୧ । ବର୍ଦ୍ଧିତ—
(ଉପବୃଂହଣ—ବି 1. Increased.
୨ । ଉଚ୍ଛ୍ୱସିତ; ଫୁଲିଥିବା—2. Swollen; flooded.
୩ । ଯୁକ୍ତ—3. Added to.

୪ । ଅତିବର୍ଦ୍ଧିତ—4. Amplified; augmented.
୫ । ସମାପ୍ତ—5 Completed, accomplished.

ଉପବେଦ—ସଂ. ବି. ( ଉପ=ନିକୃଷ୍ଟ+ବିଦ୍ ଧାତୁ=ଧର୍ମାଧର୍ମ ଜାଣିବା Upabeda +କରଣ. ଅ)—ବେଦ ଠାରୁ ନିକୃଷ୍ଟ ବିଦ୍ୟା—
A branch of learning which is inferior to the Bedas.
(ଯଥା—ଧନୁର୍ବେଦ; ଆୟୁର୍ବେଦ; ସ୍ଥାପତ୍ୟବେଦ; ଗାନ୍ଧର୍ବବେଦ)

ଉପବେଶନ—ସଂ.ବି. (ଉପ+ବିଶ୍ ଧାତୁ=ପ୍ରବେଶ କରାଇବା+ଭାବ. Upabeśana ଅନ)—୧ । ସ୍ଥିତି—1. Position.
୨ । ଆସନଗ୍ରହଣ; ବସିବା—2. Act of sitting or squatting; taking a seat.
୩ । ( +ବେଶି ଧାତୁ=ପ୍ରବେଶକରିବା+ଭାବ. ଅନ )—ରଖିବା—3. Placing; putting.
୪ । ବସାଇବା—4 Fixing; setting down.
୫ । (+ଅଧିକରଣ. ଅନ) ଆସନ—5. Seat.

ଉପବେଶନ କରିବା—ଦେ. କ୍ରି—ବସିବା—To sit; to squat;
Upabeśana kariba to take a seat.
উপবেশনকরা
उपबेशनकरना

ଉପଭୁକ୍ତ—ସଂ. ବିଣ ( ଉପ=ସମ୍ୟକ୍+ଭୁଜ୍ ଧାତୁ=ଭୋଗ କରିବା Upabhukta ଖାଇବା.+କର୍ମ. ତ)—୧ । ଭୋଗ କରା-
(ଉପଭୋଗ—ବି) ଯାଇଥିବା—1. Enjoyed.
୨ । ଭକ୍ଷିତ—2. Eaten.
୩ । ବ୍ୟବହୃତ—3. Used.

ଉପଭୃତ—ସଂ. ବି ( ଉପ+ଭୃ ଧାତୁ=କର୍ମ. ତ )—
Upabhruta ଏକପ୍ରକାର ସ୍ରୁକ; ହୋମପାତ୍ରବିଶେଷ—
A kind of wooden spoon for offering oblations to fire.

ଉପଭୋକ୍ତା—ସଂ. ବିଣ. ପୁଂ. ( ଉପ+ଭୁଜ ଧାତୁ=ଭୋଗ କରିବା+ Upabhoktā କର୍ତ୍ତୃ.ତୃ; ୧ମା. ୧ବ)—ଯେ ଉପଭୋଗ କରେ—
(ଉପଭୋକ୍ତ୍ରୀ—ସ୍ତ୍ରୀ) One who enjoys; enjoying.

ଉପଭୋଗ—ସଂ. ବି (ଉପ+ଭୁଜ୍ ଧାତୁ=ଭୋଗକରିବା+ଭାବ. ଅ)—
Upabhoga ୧ । ବିଳାସ; ସୁଖାଦିଭୋଗ—
(ଉପଭୁକ୍ତ—ବିଣ) Enjoyment; gratification.
୨ । ଭକ୍ଷଣ—2. Eating.
୩ । ବ୍ୟବହାର—3. Temporary possession of a thing; use.
୪ । ଇନ୍ଦ୍ରିୟତୃପ୍ତି—4. Sensual gratification.

ଉପଭୋଗ୍ୟ—ସଂ. ବିଣ. ପୁଂ (ଉପ+ଭୁଜ୍ ଧାତୁ=ଭୋଗକରିବା+କର୍ମ. Upabhogya ଯ)—୧ । ସୁଖଭୋଗ ନିମନ୍ତେ ଉପଯୋଗୀ—
( ଉପଭୋଗ୍ୟା—ସ୍ତ୍ରୀ ) 1. Fit to be enjoyed or possessed.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବ୍ୟବହାରର ଯୋଗ୍ୟ; ବ୍ୟବହାର୍ଯ୍ୟ –
2. Enjoyable; useful.
୩ । ଯାହା ଉପଭୋଗ କରାଯିବ—
3. About to be enjoyed.

**ଉପମ**—ସଂ. ବି (ଉପ+ମା ଧାତୁ=ପରିମାଣ କରିବା+କର୍ତ୍ତୃ. ଅ)—
**Upama** ତୁଲ୍ୟତା; ସାଦୃଶ୍ୟ—Similarity.

ବହୁ ଏହୁ ଉପମ କପି ସୈନ୍ୟ ଶ୍ରୀରାମ ବାହିନୀ ଗା ମାରୁତି ଯେ ।
ଉତ୍କ. ବୈଦେହୀଶବିଳାସ ।

ସଂ. (ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ )
ବିଣ. ପୁଂ—ସଦୃଶ; ତୁଲ୍ୟ—Similar to
( ଯଥା—ଦେବୋପମ )

**ଉପମନ**—ଦେ. ବି (ସଂ. ଉପମା)—ଉପମା—
**Upamana** Comparision analogy.

ଉପମନ ଚନ୍ଦ୍ର, ନୟନର ସମ ନଯୁନ କହୁ—ଉତ୍କ. ଅବନ ରସତରଙ୍ଗ ।

**ଉପମର୍ଦ୍ଦ**—ସଂ. ବି (ଉପ=ସମ୍ୟକ୍+ମୃଦ=ଦଳିବା+ଭାବ. ଅ)—
**Upamardda** ୧ । ଚକଟାମକଟା; ଆଲୋଡ଼ନ—
1 Stirring.
୨ । ଚିପିବା—2. Violent pressure; squeezing.
୩ । ହିଂସା—3 Injury.
୪ । ପୀଡ଼ନ— 4. Oppression.
୫ । ବିନାଶ—5. Destruction

**ଉପମା**—ସଂ. ବି. ସ୍ତ୍ରୀ ( ଉପ=ତୁଲ୍ୟ+ମା ଧାତୁ=ପରିମାଣ କରିବା+
**Upamā** ଭାବ. ଅ+ସ୍ତ୍ରୀ. ଆ)—୧ । ସାଦୃଶ୍ୟ; ତୁଲ୍ୟତା—
1. Likeness; similarity
୨ । ତୁଳନା—2 Comparison.
୩ । ସାଦୃଶ୍ୟାର୍ଥକ ଅର୍ଥାଲଙ୍କାରବିଶେଷ—
3. A figure of similarity; simile.
[ ଦ୍ର—ସମାନ ଧର୍ମାକ୍ରାନ୍ତ ଭିନ୍ନଜାତୀୟ ବସ୍ତୁଦ୍ୱୟର ସାଦୃଶ୍ୟ-କଥନକୁ ଉପମା କହନ୍ତି । ଓଡ଼ିଆ ସାହିତ୍ୟରେ ସାଧାରଣତଃ ପୂର୍ଣ୍ଣୋପମା, ଲୁପ୍ତୋପମା ଓ ମାଳୋପମା—ଏହି ତ୍ରିବିଧ ଉପମା ଦେଖାଯାଏ । ]

**ଉପମାତା**—ସଂ. ବି. ସ୍ତ୍ରୀ. ( ଉପ=ସଦୃଶ+ମାତା )—
**Upamātā** ୧ । ଧାତ୍ରୀ; ଧାଈ—1. Wet nurse.
୨ । ପାଳିଲା ମା—2. Foster-mother.
୩ । ( ମାତୃ ତୁଲ୍ୟା ) ମାଉସୀ, ପିଉସୀ ପ୍ରଭୃତି; ମାତୃସ୍ଥାନୀୟା ଗୁରୁଜନ—3. A woman whom one should respect as a mother;motherly female.

ସଂ. ବିଣ. ପୁଂ (ଉପ+ମା ଧାତୁ=ପରିମାଣ କରିବା+ତୃ; ୧ମା.
(ଉପମାତ୍ରୀ—ସ୍ତ୍ରୀ) ୧ବ. )—ଉପମାନକର୍ତ୍ତା; ଯେ ଉପମା ଦିଏ—
One who compares; citing similes.

**ଉପମାନ**—ସଂ. ବିଣ (ଉପ+ମା ଧାତୁ=ମାପିବା+ଭାବ.ଅନ)—
**Upamāna** ୧ । ସାଦୃଶ୍ୟ—1 Similarity.
(ଉପମିତ—ବିଣ) ୨ । ଉପମା; ତୁଳନା—
(ଉପମେୟ—ବିପରୀତ) 2 Comparison; analogy.
୩ । ଯାହା ସହିତ ଅନ୍ୟ ବସ୍ତୁକୁ ତୁଳନା କରାଯାଏ—
3. The object with which anything is compared; standard of comparision.
( ଯଥା—'ଚନ୍ଦ୍ରବଦନ'ରେ ଚନ୍ଦ୍ର ଉପମାନ, ବଦନ ଉପମେୟ । )
୪ । ପ୍ରତିକୃତି; ପ୍ରତିମା—4. Resemblance; photograph; a representation.
୫ । (ନ୍ୟାୟ) ସାଦୃଶ୍ୟବୋଧକ ଯୁକ୍ତି—
5. (Logic) Analogical reasoning.
୬ । ( ଅଲଙ୍କାର ) ସାଦୃଶ୍ୟାର୍ଥକ ଅଲଙ୍କାର—
6 A figure of speech; simile; analogy.

**ଉପମାମାତଙ୍ଗ**—ଦେ. ବି—ଉପମାମାନଙ୍କ ମଧ୍ୟରେ ଚଣ୍ଡାଳ ବା ନିକୃଷ୍ଟ—
**Upamāmātanga** A weak simile.

ଉପମା ମାତଙ୍ଗ ଯେହ୍ନେ ଯେ—ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉପମାବାଚକ ( ଶବ୍ଦ )**—ସଂ. ବିଣ—ପରି, ତୁଲ୍ୟ, ସଦୃଶ, ପ୍ରାୟ, ପ୍ରଭୃତି
**Upamābāchaka ( śabda )** ଯେଉଁ ସବୁ ଶବ୍ଦ ଉପମାନ ଓ ଉପମେୟର ସାଦୃଶ୍ୟକୁ ପରିସ୍ଫୁଟ କରନ୍ତି—
( Words ) which signify the use of a comparison or analogy
( e. g. like, as ).

**ଉପମିତ**—ସଂ. ବିଣ. (ଉପ+ମା ଧାତୁ=ପରିମାଣ କରିବା+କର୍ମ.ତ)—
**Upamita** ୧ । ତୁଳିତ—1. Compared.
୨ । ଉପମାଦ୍ୱାରା ଅର୍ଥ ପ୍ରକାଶିତ - 2. Illustrated by a simile or comparison.

**ଉପମିତି**—ସଂ. ବି. ( ଉପ+ମା ଧାତୁ=ମାପିବା+ଭାବ. ତି )—
**Upamiti** ୧ । ସାଦୃଶ୍ୟ—1. Similarity.
୨ । ସାଦୃଶ୍ୟଜ୍ଞାନ—2. Knowledge acquired by analogy.
୩ । ଉପମାର୍ଥକ ଅନୁମାନ—
3 Analogical inference; induction.
୪ । ଉପମା —4. Comparison.
୫ । ଉପମିତ ସମାସ—
5. A compound in which a simile is expressed.

**ଉପମିତସମାସ**—ସଂ. ବି ( ମଧ୍ୟପଦଲୋପୀ; ଉପମିତଜ୍ଞାପକ ସମାସ )—
**Upamitisamāsa** ଯେଉଁ ସମାସରେ ଏକ ବସ୍ତୁ ସଙ୍ଗେ ଅନ୍ୟ ବସ୍ତୁର ତୁଳନା କରାଯାଇଥାଏ—A compound in which a simile is expressed or used.
( ଯଥା—ଚନ୍ଦ୍ରବଦନ, ପଦ୍ମାକ୍ଷି । )—

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ ଂ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଜ | ଶ,ଷ | ଜ୍ଞ | ଇୟ | ଉଃ | ଛ |
| ୨ | ଈ | ଊ | ଋ | ଳୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁୟ | ଇଅ | ଓ | ନ୍ |

**ଉପମେୟ**—ସଂ. ବିଣ. ( ଉପ + ମା ଧାତୁ = ମାପିବା + କର୍ମ. ଯ )—
Upameya ୧ । ଉପମାର ବିଷୟୀଭୂତ—
1. Subject of comparison.
୨ । ଅନ୍ୟ ସଙ୍ଗେ ତୁଳନୀୟ—
2. Comparable with another.
ସଂ. ବି—ଯାହାକୁ ଅନ୍ୟ ବସ୍ତୁ ସଙ୍ଗେ ତୁଳନା କରାଯାଏ—
That which is compared with a standard of comparison.
( ଯଥା – 'ଚନ୍ଦ୍ରବଦନ'ରେ ବଦନ ଉପମେୟ ଓ ଚନ୍ଦ୍ର ଉପମାନ )

**ଉପମେୟୋପମା**- ସଂ. ବି. ( ଉପମେୟ + ଉପମା )—
Upameyopamā ଅର୍ଥାଲଙ୍କାରବିଶେଷ; ଯେଉଁଠାରେ ଉପମାନ ଓ ଉପମେୟ ପର୍ଯ୍ୟାୟକ୍ରମେ ଉପମେୟ ଓ ଉପମାନରୂପେ କଥିତ ବା କଳ୍ପିତ ହୁଏ—
A figure of speech; reciprocal comparison.
( ଯଥା— ତାଙ୍କୁ ଲକ୍ଷ୍ମୀ ସ୍ତ୍ରୀ ପରି ଶୋଭୁଥିବେ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପରି ଥିଲେ )—

**ଉପଯନ୍ତା**—ସଂ. ବି. ପୁଂ. ( ଉପ + ଯମ ଧାତୁ = ବିବାହ କରିବା + କର୍ତ୍ତୃ, ୧ମା. ୧ବ. )— ୧ । ବର; ବିବାହକର୍ତ୍ତା—
Upajantā
(ଉପଯନ୍ତ୍ରୀ—ସ୍ତ୍ରୀ) 1. Bride-groom; husband.
୨ । ସଂଯମନକର୍ତ୍ତା—2 Controller.

**ଉପଯମ**—ସଂ. ବି. ( ଉପ + ଯମ ଧାତୁ = ବିବାହ କରିବା + ଭାବ. ଅ)- ଉପଯମନ ( ଦେଖ )
Upajama Upajamana ( See )
ଦେ. ବି— ଦ୍ୱିତୀୟ ଯମ—A second Jama.
ବାଜେ କାଳଦଣ୍ଡ ଯମଦଣ୍ଡ ଘଣ୍ଟୀ କାଳ ଯମ ଉପଯମ ଛଡ଼ ।
ଉପେ. ବୈଦେହୀଶବିଳାସ ।

**ଉପଯମନ**—ସଂ.ବି (ଉପ + ଯମ ଧାତୁ = ବିବାହ କରିବା + ଭାବ. ଅନ) -
Upajamana ୧ । ବିବାହ; ପାଣିଗ୍ରହଣ—1. Marriage.
୨ । ( + କରଣ. ଅନ )—ବୈବାହିକ ମନ୍ତ୍ର—2. Bedic formulas chanted in marriage-ceremony.

**ଉପଯାଚକ**— ସଂ. ବିଣ. ପୁଂ (ଉପ = ନିକଟରେ + ଯାଚ୍ ଧାତୁ = ପ୍ରାର୍ଥନା କରିବା + କର୍ତ୍ତୃ. ଅକ ) – ସ୍ୱୟଂ ପ୍ରାର୍ଥନାକାରୀ;
Upajāchaka
(ଉପଯାଚିକା— ସ୍ତ୍ରୀ) ଯେ ସ୍ୱୟଂ ଉପସ୍ଥିତ ହୋଇ କୌଣସି ଯାଚ୍ଞା କରେ; ମାଗନ୍ତା—Requesting; soliciting; asking; begging; petitioning; approaching with a request.
ସଂ. ବି. ପୁଂ— ଉମେଦ୍‌ବାର; ଅନୁସରଣିଆ ବ୍ୟକ୍ତି—
A suitor; candidate.

**ଉପଯାଚିତ**—ସଂ. ବିଣ ( ଉପ = ନିକଟରେ + ଯାଚ ଧାତୁ = ମାଗିବା + କର୍ମ. ତ )— ୧ । ଅନୁରୁଦ୍ଧ—
Upajāchita
1. Requested.
୨ । ପ୍ରାର୍ଥିତ —2. Solicited; approached.
୩ । ସମର୍ପିତ— 3. Given; offered.

**ଉପଯାଚିତକ**—ସଂ. ବି ( ଉପଯାଚିତ + ସ୍ୱାର୍ଥେ. କ )— ୧ । ପ୍ରାର୍ଥିତ ବସ୍ତୁ —1. A thing solicited or asked for a boon.
Upajāchitaka
୨ । ଇଷ୍ଟ ସିଦ୍ଧି ହେଲେ ଦେବତାଙ୍କୁ ଯାହା ଦେବା ପାଇଁ ଲୋକ ମନାସି ଥାଏ—2. Anything promised to be offered to a Deity for the fulfilment of one's desire.
ସଂ. ବିଣ—ଇଷ୍ଟସିଦ୍ଧି ପାଇଁ ଦେବଙ୍କ ଉଦ୍ଦେଶ୍ୟରେ କେହି ମନାସିଥିବା (ବସ୍ତୁ); ଦେବତାଙ୍କୁ ଯଜ୍ଞ ହୋଇଥିବା (ବସ୍ତୁ)—
( a thing ) Promised to a Deity in the event of the fulfilment of one's desire.

**ଉପଯାତ**— ସଂ. ବିଣ ( ଉପ = ନିକଟକୁ + ଯା ଧାତୁ = ଯିବା + କର୍ତ୍ତୃ. ତ )— ୧ । ଉପଗତ; ସମୀପାଗତ – 1. Arrived near.
Upajāta
୨ । ପ୍ରାପ୍ତ —2. Received; attained.

**ଉପଯାନ**—ସଂ. ବି (ଉପ = ନିକଟକୁ + ଯା ଧାତୁ ଯିବା + ଭାବ ଅନ)—
Upajāna ୧ । ପ୍ରାପ୍ତି—1. Attainment.
୨ । ନିକଟ ଗମନ —2. Coming near; arrival.

**ଉପଯାମ**—ସଂ. ବି. (ଉପ = ସହିତ + ଯମ ଧାତୁ + ଭାବ. ଅ)—ବିବାହ;
Upajāma ପାଣିଗ୍ରହଣ—Marriage.

**ଉପଯୁକ୍ତ**—ସଂ. ବିଣ (ଉପ = ସମ୍ୟକ୍ + ଯୁଜ୍ ଧାତୁ = ଯୋଗ କରିବା + କର୍ତ୍ତୃ. ତ )— ୧ । ଯୋଗ୍ୟ; ଅନୁରୂପ—
Upajukta
ଉପଯୋଗ } ବି. 1. Suited to; similar to.
ଉପଯୁକ୍ତତା }
୨ । ସମର୍ଥ—2. Capable.
୩ । ଉଚିତ— 3. Proper; right.
୪ । କାର୍ଯ୍ୟଦକ୍ଷ—4. Competent; skilful.
୫ । ଭୁକ୍ତ—5. Enjoyed; partaken.
୬ । ଯଥେଷ୍ଟ—6 Adequate.

**ଉପଯୁକ୍ତତା**—ସଂ. ବି ( ଉପଯୁକ୍ତ + ଭାବ. ତା )— ୧ । ସମର୍ଥତା—
Upajuktatā 1. Capability.
୨ । ଯୋଗ୍ୟତା—2. Fitness.
୩ । କାର୍ଯ୍ୟଦକ୍ଷତା—3. Skill.
୪ । ଔଚିତ୍ୟ—4. Propriety.

**ଉପଯୋଗ**—ସଂ. ବି (ଉପ + ଯୁଜ୍ ଧାତୁ = ଯୋଗ କରିବା + ଭାବ. ଅ)—
Upajoga ୧ । ଉପକାର—1. Service; use.
(ଉପଯୁକ୍ତ—ବିଣ) ୨ । ଆବଶ୍ୟକତା—2. Usefulness; utility.
୩ । ଅନୁକୂଲ୍ୟ; ଇଷ୍ଟସାଧନବ୍ୟାପାର—
3. The state of being favourable.

ସାଧାରଣ ଲେଖେ ଅପର ହ୍ୱସ୍ୱରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତିଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :—
ଗାଠ' ନ ମିଳିଲେ 'ଗାଢ' ଖୋଜିବେ 'ଭୂଷ' ନ ମିଳିଲେ 'ଭୂଷ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଗ୍ନି' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୪ । ଅର୍ଜନ—4. Acquirement; acquisition.

୫ । ଭୋଜନ; ଭୋଗ—5. Enjoyment; eating.

୬ । ବ୍ୟବହାରରେ ଲଗାଇବା; ପ୍ରୟୋଗ—
6 Application.

୭ । ବ୍ୟୟ—7. Expenditure.

୮ । ବ୍ୟବହାର—8. Use.

୯ । (⊥ କରଣ. ଅ)—କାରଣ—9. Cause.

୧୦ । ଔଚିତ୍ୟ—10. Propriety.

୧୧ । ନୈକଟ୍ୟ—11. Proximity.

୧୨ । ଯୋଗ୍ୟତା—12. Fitness.

ଦେ. ବିଣ—୧ । ଉପଯୋଗୀ (ଦେଖ)—
1. Upajogi ( See )

୨ । ରୁଚିକର; ହୃଦ୍ୟ—2. Tasteful.

ମ୍ଳେଚ୍ଛେ ହୋଅନ୍ତି ଭକ୍ତଶ୍ରେଷ୍ଠ
ସନ୍ନିକି କରେ ଉପଯୋଗ—ଭୂପତି. ପ୍ରେମପଞ୍ଚାମୃତ ।

୩ । ଏକତ୍ର—3. Added to.

ଉପମା ସଙ୍ଗତେ କ୍ଷୀର । ଉପଯୋଗ କଲ ଧୀର—ଉତ୍କ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉପଯୋଗିତା**—ସଂ. ବି (ଉପଯୋଗିନ୍ + ଭାବ. ତା)—
Upajogita ୧ । ଉପଯୁକ୍ତତା—1. Suitableness; fitness.

୨ । ଆନୁକୂଲ୍ୟ—2. The state of being favourable.

୩ । ପ୍ରୟୋଜନୀୟତା=3. Serviceability; utility.

୪ । ଔଚିତ୍ୟ—4. Propriety.

୫ । କାର୍ଯ୍ୟରେ ଲଗାଯାଇପାରିବା ଅବସ୍ଥା—
5. Adaptability.

**ଉପଯୋଗୀ**—ସଂ. ବିଣ (ଉପଯୋଗ + ଅସ୍ତ୍ୟର୍ଥେ ଇନ୍; ୧ମା. ୧ବ)—
Upajogi ୧ । ଅନୁକୂଳ—1. Favourable.
(ଉପଯୋଗିତା—ବି) ୨ । ଉପକାରୀ—2. Beneficial.

୩ । ଉପଯୁକ୍ତ—3. Fit; suitable.

୪ । ଯୋଗ୍ୟ; ଅନୁରୂପ—4. Similar.

୫ । କାର୍ଯ୍ୟକାରକ; ଯାହା କୌଣସି କାର୍ଯ୍ୟରେ ଲାଗେ; ଯାହାଦ୍ୱାରା କାର୍ଯ୍ୟ-ଉଦ୍ଧାର ହୁଏ—
Useful; serviceable.

**ଉପର୍**— ପ୍ରାଦେ (ସମ୍ବଲପୁର) ବି—ଉଦ୍ଗାର; ବମନ; ବାନ୍ତି—
Upar Vomiting.

**ଉପର**—ଦେ. ବି (ସଂ. ଉପରି-ଭୂଳ-ଇଂ. ଅପ୍ପର୍)—୧ । ଅଗ୍ରଭାଗ—
Upara 1. The top of a thing.

ଓଳ } ଉପର୍ } ବିପରୀତ ୨ । ଊର୍ଦ୍ଧ୍ୱତା—2. Height; elevation.
୩ । ଊର୍ଦ୍ଧ୍ୱଭାଗ—3. Upper part.

୪ । ଉପରିଭାଗ; ପୃଷ୍ଠ; ବାହାର—
4. Outer portion; outer surface.

୫ । ଭବିଷ୍ୟତ—5. The future.

୬ । ଅତୀତକାଳ—6 The past.

୭ । ଶୂନ୍ୟ; ଆକାଶ—7. The sky; heavens.
(ଯଥା—ଉପରୁ ପାଣି ବରଷେ ।)

୮ । କୋଠାର ଛାତ ବା ଘରର ଛାଳ—
8. Roof or thatch.

ଦେ. ବିଣ—୧ । ଉପରେ ଥିବା—1. Situated on high.

୨ । ବାହାରେ ଥିବା—
2. Outer; situated outside.

୩ । ଊର୍ଦ୍ଧ୍ୱତନ; ଊର୍ଦ୍ଧ୍ୱରେ ଥିବା—3. Upper.

୪ । ଉଚ୍ଚତର—4 Higher.

୫ । ଅନ୍ୟ—5. Other; another

୬ । ସ୍ୱର୍ଗୀୟ—6. Heavenly.

୭ । ଅତୀତ—7. Past

୮ । ଭବିଷ୍ୟତ୍—8. Future.

୯ । ଈଶ୍ୱରୀୟ—9 Divine.

୧୦ । ଈଶ୍ୱରପ୍ରେରିତ—10 Sent by God.

୧୧ । ଅଗ୍ରଜ; ପୂର୍ବରୁ ଜାତ ( ସନ୍ତାନ ବା ଭାଇ )—
11. Elder ( child or brother )

୧୨ । ଆଗଆଡ଼ରେ ଥିବା; ସାମନା ପାଖରେ ଥିବା; ସଦର—
12. Situated or standing in front.

୧୩ । ପୂର୍ବତନ—13. Lineally previous.

ତୁମ୍ଭ ଉପରବଂଶେ ଭଗୀରଥ ନରେଶେ ଗଙ୍ଗାଙ୍କୁ ସ୍ୱର୍ଗରୁ ଆଣିଲେ ।
ଦୀନନାଥ. ବଡ଼ଜଗମୋହନ ।

ଦେ. କ୍ରି. ବିଣ. ( ସ. ଉପରେ )—୧ । ଉପରେ—
1. On; over.

୨ । ଉଚ୍ଚରେ—2 On high

୩ । ଅଗ୍ରଭାଗରେ; ମୁଣ୍ଡ ଉପରେ—3. Upon; over.

୪ । ପୃଷ୍ଠରେ—4. On the back or surface of.

୫ । ଠାରେ (ଦାୟିତ୍ୱ)—5. ( responsibility ) On.

ଅବେ ତତ୍ତ୍ୱ ଭଲ ମତ ନ କର
ଯେତେବେଳେ ହେଲେ ତୋହୋ ଉପର—ତଗ ।

**ଉପର ଅଗଣା**—ଦେ. ବି—୧ । କୌଣସି ଠାରେ ତିନି ସାହାଣ ଘର ଥିଲେ
Upara agaṇā ଦାଣ୍ଡ ପାଖ ସାହାଣ ଓ ମଝିସାହାଣ ଉଭୟର
(ତଳ ଅଗଣା—ବିପରୀତ) ମଧ୍ୟରେ ଥିବା ଅଗଣା—
ବାହାରେରବାକୁଳି 1. The court-yard lying between
बाहारका आगन the first and the second row of a holding containing three rows of houses.

୨ । ଘରର ବାହାର ପାଖେ ଥିବା ଅଗଣା; ଦାଣ୍ଡ ଅଗଣା;
ବହିରଙ୍ଗଣ – 2. Outside court yard;
outer court-yard.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଛ | ଣ,ଷ | ଙ୍କ | ଇଦ୍ର | ଉଥ | ଖ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଥ | ଖ | ନ୍ତ |

**ଉପର ଅଦାଲତ** — ଦେ. ବି — ୧ । ଉଚ୍ଚତର ବିଚାରାଳୟ—
Upara adālata 1. Higher court.
(ତଳ ଅଦାଲତ—ବିପରୀତ) ୨ । ଅପିଲ କୋର୍ଟ—
2. Appellate court.

**ଉପର ଆଖି** — ଦେ. ବି — ଉପରଦୃଷ୍ଟି ( ଦେଖ )
Upara ākhi Uparadrushti ( See )

**ଉପର ଆଖିଆ** — ଦେ. ବିଣ — ଉପରଦୃଷ୍ଟିଆ ( ଦେଖ )
Upara ākhiā Uparadrushtiā ( See )

**ଉପର ଆଡ଼** — ଦେ. ବି — ୧ । ଊର୍ଦ୍ଧ୍ୱ ପାର୍ଶ୍ୱ — 1. Upper side.
Upara ārda ୨ । ଊର୍ଦ୍ଧ୍ୱ ଭାଗ — 2. Upper part; top
উপরদিগ ୩ । ବହିଃସ୍ଥ ଅଂଶ — 3 Outer portion.
उपरकीओर ୪ । ଉଚ୍ଚତର ପୃଷ୍ଠ — 4. Higher plane.
୫ । ବହିର୍ଭାଗ — 5. Out side.
୬ । ଉପରମାଳ ( ଦେଖ )
6. Uparamāla ( See )

**ଉପର ଆଡ଼େ** - ଦେ. ଅ — ୧ । ଉପର ଦିଗରେ —
Upara ārde 1. In the upper portion.
উপরদিগে ୨ । ନଦୀସ୍ରୋତର ଉଚ୍ଚତର ଅଞ୍ଚଳରେ; ନଦୀର ଉତ୍ପତ୍ତି
उपरकी तरफ स୍ଥାନରେ — 2. Near the source of a river; higher up a river.

**ଉପର ଉପର** — ଦେ. ଅ — ୧ । ଭିତରକୁ ନ ଯାଇ; ବାହାରେ ବାହାରେ—
Upara upara 1. Superficially.
উপরে উপরে ୨ । ଥରକୁଥର; ଭୂୟାକୁ ଭୂୟା; ଉପର୍ଯ୍ୟୁପରି—
उपर उपर 2. Repeatedly; one after the other.
୩ । ବହିର୍ଭାଗରେ — 3. Out side.
୪ । ବୃଥାରେ — 5. In vain.

**ଉପର ଓଳା** — ପ୍ରା ।ଦେ. ( ମେଦିନୀପୁର ଓ ବାଲେଶ୍ୱର ) ବି —
Upara otā ଉପର ଓଳା ( ଦେଖ )
Upara olā ( See )

**ଉପର ଓଳା** — ଦେ. ବି — ଅପରାହ୍ଣ; ଦିନ ଦ୍ୱିପ୍ରହରର ପରବର୍ତ୍ତୀ ଭାଗ—
Uparaolā Time past midday; afternoon.
ওবেলা
बिकाल;
(ସକାଳଓଳା—ବିପରୀତ)

**ଉପର ଓଳି** — ଦେ. ବି — ଉପର ଓଳା ( ଦେଖ )
Upara oli Upara olā ( See )

**ଉପରକା** — ଦେ. ବିଣ — ୧ । ଉପର ଅଡ଼ର —
Uparakā 1. Of the upper or higher side.
୨ । ଉପର୍ଯ୍ୟୁକ୍ତ — 2. Above said.

**ଉପରକାର** — ଦେ. ବିଣ — ଉପରକା ( ଦେଖ )
Uparakāra Uparakā ( See )

**ଉପରକା ଉପର** — ଦେ. ଅ. ( ସଂ. ଉପର୍ଯ୍ୟୁପରି )—
Uparakā upara ୧ । ପୁନଃ ପୁନଃ — 1 Repeatedly.
উপর উপরি ୨ । କ୍ରମଶଃ; ଶନୈଃ ଶନୈଃ—
उपरकाउपर 2. Gradually; by and by.
୩ । କ୍ରମଶଃ ଉଚ୍ଚକୁ — 3. Higher and higher.
୪ । ଏକାଦିକ୍ରମେ; ଗୋଟିକ ପରେ ଗୋଟିଏ—.
4. In succession; one after another.
୫ । ସ୍ତରକୁ ସ୍ତର; ଏକ ସ୍ତର ପରେ ଅନ୍ୟ ସ୍ତର—
5. In successive layers.

**ଉପରକୁ ଉପର** — ଗ୍ରା. କ୍ରି. ବିଣ — ଉପରକା ଉପର ( ଦେଖ )
Uparaku upara Uparakā upara ( See )

**ଉପରକୁହା** — ଦେ. ବିଣ — ଉପର ବୋଲା ( ଦେଖ )
Uparakuhā Upara bolā ( See )
(ଉପରକୁହୀ—ସ୍ତ୍ରୀ)

**ଉପରକ୍ତ** — ସଂ. ବିଣ. ( ଉପ = ସମ୍ପୂର୍ଣ୍ଣରୂପେ + ରଞ୍ଜ ଧାତୁ = ଗ୍ରାସ କରିବା + କର୍ତ୍ତୃ. ତ )—
Uparakta
୧ । ଅନୁରକ୍ତ — 1. Attached.
୨ । ପୀଡ଼ିତ — 2. Attacked with disease.
୩ । ରାହୁଗ୍ରସ୍ତ — 3. Eclipsed.
୪ । ରକ୍ତବର୍ଣ୍ଣବିଶିଷ୍ଟ; ରକ୍ତାଭ—
4. Red; reddish; tinged with red.
ସଂ. ବି — ୧ । ରାହୁ — 1. The shadow of the earth falling on the sun or the moon at eclipse.
୨ । ( + ଭାବ. ତ )—ଚନ୍ଦ୍ର ବା ସୂର୍ଯ୍ୟଙ୍କର ଗ୍ରହଣ—
2. Solar or lunar eclipse
୩ । (+କର୍ମ. ତ )—ରାହୁଗ୍ରସ୍ତ ଚନ୍ଦ୍ର ଓ ସୂର୍ଯ୍ୟ—
3. The sun or moon in eclipse.

**ଉପରକ୍ଲାସ୍** — ଦେ. ବି — ୧ । ବିଦ୍ୟାଳୟର ଊର୍ଦ୍ଧ୍ୱ ଶ୍ରେଣୀ—
Uparaklās 1. High class or upper class of a school.
উপরেরক্লাস
उपरकिलास्

**ଉପରକ୍ଷ** — ସଂ. ବି. ( ଉପ = ସମୀପ + ରକ୍ଷ ଧାତୁ = ରକ୍ଷା କରିବା + କର୍ତ୍ତୃ. ଅ; ଯେ ସୈନ୍ୟଗଣର ସମୀପସ୍ଥ ହୋଇ
Uparaksha ସେନା ରକ୍ଷା କରେ )—ପହରାଦାର; ସୈନ୍ୟ ସମୀପବର୍ତ୍ତୀ ରକ୍ଷକ—Sentinal; guard; bodyguard.

**ଉପରକ୍ଷକ** — ସଂ. ବିଣ. ପୁଂ ( ଉପ + ରକ୍ଷ ଧାତୁ = ରଖିବା + କର୍ତ୍ତୃ. ଅକ)—
Uparakshaka ୧ । ଜଗୁଆଳ — 1. Guarding.
(ଉପରକ୍ଷିକା - ସ୍ତ୍ରୀ) ୨ । ରକ୍ଷକ — 2. Protecting.
୩ । ଚଉକିଦାର — 3. Keeping watch.

ସାଧାରଣ ଲେଖେ ଅପର ସ୍ଥାନରେ ପ୍ରଥମ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ଭୁଲେକ ରକ୍ଷା କରନ୍ତୁ ନାହିଁ । ଯିଏବେ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ସେଥେ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଧିକ ଚନ୍ଦ୍ରବିନ୍ଦୁ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୪ । ଜିମାଦାର—4. Custodian

୫ । ରକ୍ଷାକର୍ତ୍ତା—5. One who saves.

**ଉପରକ୍ଷଣ**—ସଂ. ବି. ( ଉପ+ରକ୍ଷଣ )—
Uparakshana ୧ । ବିପଦାଦିରୁ ରକ୍ଷାକରଣ—
1. Protecting; shielding from danger.
୨ । ଜଗିବା; ପହରା ଦେବା—
2. Watching; mounting; guard.
୩ । ରକ୍ଷଣାର୍ଥ ସୈନିକ୍ୟାଦି ସ୍ଥାପନ—
3. Posting of sentries or guards.
୪ । ଦେହାବନ୍ଦ; କାହା ଜିମାରେ ପଦାର୍ଥ ରଖିବା—
4. Custody.

ଦେ. ବିଣ—ଉପରକ୍ଷକ ( ଦେଖ ) Uparakshaka ( See )

**ଉପରଖଞ୍ଜା**—ଦେ. ବି—ଉପର ଅଗଣା ( ଦେଖ )
Uparakhañjā Upara aganā ( See )

**ଉପର ଖରଚ**—ଦେ. ବି—ଉପରି ଖରଚ ( ଦେଖ )
Upara kharacha Upari kharacha ( See )

**ଉପରଘର**—ଦେ. ବି—୧ । ଦାଣ୍ଡ ବା ଅଗପାଖରେ ଥିବା ଘର—
Uparaghara 1. Front rooms of a house.
উপরের বাড়ি ୧ । ଅତିରିକ୍ତ ଘର; ବାହେ ଘର; ବାହାରଘର—
बाजेघर; बाहारका मकान 1. Out house; extra house.

**ଉପରଞ୍ଜନ**—ସଂ. ବି. ( ଉପ+ରଞ୍ଜ ଧାତୁ+ଭାବ. ଅନ )—
Uparañjana ୧ । ରଙ୍ଗାଇବା—1. Painting.
( ଉପରଞ୍ଜିତ—ବିଣ ) ୨ । ପ୍ରଭାବ ବିସ୍ତାର କରିବା—
2. To influence.

**ଉପରଠାଉରିଆ**—ଦେ. ବିଣ. ( ସଂ. ଉପର+ସ୍ଥା ଧାତୁ )—
Uparathāuriā ୧ । ବାହ୍ୟିକ—1. External
উপর উপর; উপরী ୨ । ଯାହା ଘନିଷ୍ଠ ନୁହେ—
उपरी 2 Not close or intimate.
୩ । ଯାହା ଭିତରକୁ ନ ଯାଇ କେବଳ ପୃଷ୍ଠଭାଗରେ ଥାଏ—
3. Superficial.
୪ । ଅନ୍ତରଙ୍ଗତାଶୂନ୍ୟ—
4. Devoid of cordiality or sincerity.
୫ । ( ଲକ୍ଷଣାର୍ଥ ) ଯେଉଁ ବ୍ୟକ୍ତି କୌଣସି ବିଷୟର ମର୍ମକୁ ପ୍ରବେଶ ନ କରି ବାହାରେ ରହିଥାଏ—
5. ( figurative ) Superficial ( person )
୬ । ଅଗଭୀର—6. Not deep; smattering.
୭ । ଯେଉଁ କଥାର ପ୍ରସଙ୍ଗସଙ୍ଗେ ଦୃଢ଼ ସମ୍ବନ୍ଧ ନ ଥାଇ ବାହ୍ୟିକ ସମ୍ବନ୍ଧ ଥାଏ—
7. ( a matter ) Which has no close connection but superficial connection with the matter in hand.

ଦେ. କ୍ରି. ବିଣ—ବାହ୍ୟିକ ଭାବରେ—
Externally; superficially.

**ଉପରତ**—ସଂ. ବି. ( ଉପ+ରମ ଧାତୁ=ରତ ହେବା+କର୍ତ୍ତୃ. ତ )—
Uparata ୧ । ବିରତ; ନିବୃତ୍ତ—
ଉପରତି } ବି 1. Ceased; stopped.
ଉପରମ } ୨ । ମୃତ—2. Deceased; dead.

**ଉପରତି**—ସଂ. ବି. ସ୍ତ୍ରୀ. ( ଉପ+ରମ୍ ଧାତୁ+ଭାବ. ତି )—
Uparati ୧ । ବିରାମ; ନିବୃତ୍ତି—1. Cessation;
( ଉପରତ—ବିଣ ) stoppage; quiescence.
୨ । ବୈରାଗ୍ୟ; ବାସନାତ୍ୟାଗ—2. Cessation of care for worldly concerns.
୩ । ମୃତ୍ୟୁ—3. Death.
୪ । ବିପରୀତ ରତି; ପୁରୁଷାୟିତ—4. Copulation of a female by lying on the body of a male.

**ଉପରତ୍ନ**—ସଂ. ବି. (ଉପ+ନିକୃଷ୍ଟ+ରତ୍ନ )—
Uparatna ୧ । ନିକୃଷ୍ଟ ରତ୍ନ—1. An inferior gem.
୨ । ଅଳ୍ପ ଦାମର ମଣି—2. A gem of small value.
[ ଦ୍ର—ବୈଦ୍ୟକ ଅନୁସାରେ ବୈକ୍ରାନ୍ତମଣି, ମୁକ୍ତାର ଶିପ, ମରକତ, ଶାନ୍ତ୍ରମଣି, ଶଙ୍ଖ, ସ୍ଫଟିକ ଆଦି ଉପରତ୍ନ । ]

**ଉପରଦୃଷ୍ଟି**—ଦେ. ବି. ( ସଂ. ଉପର+ଦୃଷ୍ଟି )—
Uparadrushti ୧ । ବଢ଼ ଅଣି; ଅତିରିକ୍ତ ଅନ୍ଦାଜ୍—
উপরদৃষ্টি 1. Excessive estimate.
उपर नजर ୨ । ଊର୍ଦ୍ଧ୍ୱଦୃଷ୍ଟି—2. Looking upwards
୩ । ବହିର୍ଦୃଷ୍ଟି; ବାହ୍ୟଦୃଷ୍ଟି—
3. Superficial look.
୪ । ଅମନୋଯୋଗ—4. Inattention.

**ଉପରଦୃଷ୍ଟିଆ**—ଦେ. ବିଣ—୧ । ସବୁ କଥାରେ ଯାହାର ଅଣ୍ଟି ବଢ଼ ହୋଇ ଅଛି; ଯେଉଁ କାର୍ଯ୍ୟ ଅଳ୍ପ ବ୍ୟୟରେ
Uparadrushtiā ହେବ ସେଥି ପାଇଁ ବେଶି ବ୍ୟୟ ଦରକାର
উপরনজরিয়া ହେବ ବୋଲି ଯେ ବ୍ୟକ୍ତି ଅନ୍ଦାଜ କରେ—
1. A person who estimates higher than what would be necessary.
୨ । ଯେ ପଦାର୍ଥର ବାହାର ଦେଖେ ଓ ଭିତରର କଥା ଦେଖେ ନାହିଁ—1. Observing superficially
୩ । ଅମନୋଯୋଗୀ; ଯେ ଅବେଶ ପାଳନ କରେ ନାହିଁ—
3. Inattentive.

**ଉପରନ୍ତୁ**—ଦେ. ଅ ( ସଂ. ପରନ୍ତୁ )—
Uparantu ୧ । ଏହା ଛଡ଼ା—1. Over and above;
উপরান্ত in addition; besides.
उपरान्त ୨ । ପରନ୍ତୁ—2. On the other hand.
୩ । ପୁଣି; ଏହିତ—3. Again; more over.
୪ । ଏଥିପରେ—4. After this

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଢ | ଷ,ଶ | ଙ୍କ | ଇପ୍ସ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ରୁ | ଲୁ | ଯ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଘ | ଥ | ଚଂ | ଇଥ | ଵ | ନୃ |

ଉପରପଡ଼ା—ଦେ. ବିଶ. ପୁଂ. ( ଗାଳ )—
Uparapardā ୧ । ଉପରବୋଲା ( ଦେଖ )
(ଉପରପଡ଼ୀ—ସ୍ତ୍ରୀ) 1. Uparabolā ( See )
উপরপড়া ୨ । ଯେ ଅନାହୂତ ହୋଇ ପରର କାର୍ଯ୍ୟରେ ହସ୍ତକ୍ଷେପ
ঢীট କରେ—2. Meddlesome; obtrusive.
୩ । ବଳେପଣା—3. Tress-passing; officious

ଉପରପାଟି—ଦେ. ବି—ପାଟିର ଊର୍ଦ୍ଧ୍ୱତନ ଫାଳ—
Uparapāti The upper jaw.

ଉପରପାଟିଆଖେଳ—ପ୍ରାଦେ. ( ଜୟପୁର ) ବି—
Uparapātiākhela ଏକ ପ୍ରକାର ଖେଳ; ଭୂମିରେ ଚଉ କାଟି ଦୁଇ ଜଣ ଏହି ଖେଳ ଖେଳନ୍ତି । ଏଥିରେ ତଳ ଛକରେ ଦାନ ରଖିଥିବା ଖେଳାଳି ଉପରକୁ ଦାନ ବୋହି ନେବାକୁ ଚେଷ୍ଟା କରେ—A kind of indoor game.

ଉପରପାହିଆ—ଦେ. ବି—୧ । ଉଚ୍ଚତର ସ୍ଥାନ—
Uparapāhiā 1. Higher position.
୨ । ଉଚ୍ଚତର ମର୍ଯ୍ୟାଦାଯୁକ୍ତ ପଦ—
2. Superior status

ଉପରପୁରୁଷ—ଦେ. ବି—ପୂର୍ବପୁରୁଷ—
Uparapurusha Ancestor

ଉପର ବଂଶ—ଦେ. ବି ଉପରପୁରୁଷ ( ଦେଖ )
Upara bamsa Uparapurusha ( See )
ଉପରେ ବଂଶ ପୂର୍ବବଳେ, କେହଲ ଭୂଷ ପାଦତଳେ ।
ଉପେନ୍ଦ୍ର—ପ୍ରେମପଞ୍ଚାମୃତ ।

ଉପରବାଲା—ଦେ. ବି—ଉପର ହାକିମ (ଦେଖ )
Uparabālā Upara hākima ( See )

ଉପରବୁଆଳା—ଗ୍ରା. ବି—ଉପର ହାକିମ (ଦେଖ )
Uparabuālā Upara hākima ( See)

ଉପରବେଲା—ଦେ. ବିଣ—ଉପରଓଳି ( ଦେଖ )
Uparabelā Uparaoli ( See )

ଉପରବୋଲା—ଦେ. ବିଶ. ପୁଂ—୧ । ଯେ ଅନାହୂତ ହୋଇ କଥା
Uparabolā କହେ—1. Speaking unasked
୨ । ଯେ ମୋଫତ୍ କଥା କହେ—
2. Speaking gratuitously.

ଉପର ଭଉଣୀ—ଦେ. ବି. ସ୍ତ୍ରୀ—ଆପଣାର ବଡ଼ ବା ଅଗ୍ରଜା ଭଉଣୀ—
Upara bhauni Elder sister.
উপর বোন
उपर कीबहीन

ଉପର ଭାଇ—ଦେ. ବି. ପୁଂ—ଅଗ୍ରଜ ବା ବଡ଼ ଭାଇ—
Upara bhāi Elder brother.
উপর ভাই
उपरकामाइ

ଉପରଭାଗ—ଦେ. ବି. ( ସଂ. ଉପରିଭାଗ )—
Uparabhāga ୧ । କୌଣସି ପଦାର୍ଥର ବାହ୍ୟ ଅଂଶ—
1. The outer part of a thing.
୨ । ପୃଷ୍ଠଦେଶ—2. Back; surface.
୩ । ପଦାର୍ଥର ଊର୍ଦ୍ଧ୍ୱତନ ଅଂଶ—
3. The upper portion of a thing

ଉପରଭୋଜନ—ଦେ. ବି—ଉପରିଭୋଜନ ( ଦେଖ )
Uparabhojana Uparibhojana ( See )

ଉପରମ—ସଂ. ବି. (ଉପ + ରମ୍ ଧାତୁ = କ୍ରୀଡ଼ା କରିବା + ଭାବ. ଅ)—
Uparama ଉପରତି ( ଦେଖ )
(ଉପରତ—ବିଣ) Uparati ( See )

ଉପରମହଲା—ଦେ. ବି. ( ସଂ. ଉପର + ଆ. ମହଲ୍ )—
Uparamahalā ଦୋମହଲା କୋଠାର ଦ୍ୱିତୀୟ ତଳ—
উপরমাহালা; The upper floor of a building.
উপরেরতলা
दुसरीअटारी

ଉପରମାଳ—ଦେ. ବି.—୧ । ନଦୀ ଯେଉଁ ଉଚ୍ଚ ପ୍ରଦେଶରୁ ତଳଆଡ଼କୁ
Uparamāla ବହି ଆସୁଥାଏ—1. Country of a
(ତଳମାଳ—ବିପରୀତ) higher plane level which a river flows down.
୨ । ନଦୀର ଉତ୍ପତ୍ତିସ୍ଥାନ—2. Source of a river.
୩ । ଓଡ଼ିଶାର ଗଡ଼ଜାତ(ନଦୀମାନ ସେ ଆଡ଼ୁ ବହିଆସୁଥିବାରୁ)—
3. The hilly states of Ordisā ( from which direction the rivers come down to the plains)

ଉପରମାଳିଆ—ଦେ. ବିଣ.—ଉପରମାଳ ସମ୍ବନ୍ଧୀୟ—
Uparamālia Relating to a higher country.

ଉପର ମୁଣ୍ଡ—ଦେ. ବି.—୧ । କୌଣସି ବସ୍ତୁର ଊର୍ଦ୍ଧ୍ୱସ୍ଥ ଶେଷ ଅଂଶ—
Upara munda 1. The upper end of a thing.
୨ । କୌଣସି ବସ୍ତୁର ମୂଳଅଂଶ—2. The first part of anything.

ଉପରମୁହଁ—ଦେ. ବିଣ—୧ । ଅନ୍ତରର କଥାକୁ ଗୋପନ କରି ବାହ୍ୟ
Uparamuhañ କଥା କହିବା—1. Speaking in a way to conceal one's feelings.
୨ । ଅବାଧ୍ୟତା; ଅମାନିଆଁ ପଣ—2. Insubordination.

ଉପରମୁହାଁ—ଦେ. ବି.—୧ । ଅମାନିଆଁ—1. Immodest.
Uparamuhāñ ୨ । ଥେଣ୍ଟା; ଅବମାନ; ଉତ୍ତରଦାୟକ ଉତ୍ତର—
2. Recalcitrant.
ঠেঁ ঠাং ୩ । ଆଦେଶ ଅମାନ୍ୟକାରୀ—
3. Disregarding orders.
बेलगाम
୪ । ଅବାଧ୍ୟ—4. Insubordinate.

ସାଧାରଣ ଜ୍ଞାତବ୍ୟ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଚଳିତ ରୂପ ବ୍ୟବହୃତ ହୋଇଅଛି । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାପ' ନ ମିଳିଲେ 'ସାପ୍' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଜ୍ଜା' ନ ପାଇଲେ 'ଅର୍ଜା' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର୍' ଦେଖିବେ ।

ଉପରଲା—ପ୍ରାଦେ. (ଗଞ୍ଜାମ) ବିଣ—ଉପରି; ଅଧିକା—
Uparalā Extra; additional.
(ଯଥା—ଉପରଲା ଆୟ—Extra income)

ଉପରଶ୍ରେଣୀ—ଦେ. ବି.—ଉପର କ୍ଲାସ୍ (ଦେଖ)
Uparaśreṇi Upara klsā (See)

ଉପରସାହାଲି—ଦେ. ବି.—ଘରର ସଦର ବା ଆଗପଟରେ ଥିବା
Uparasāhālā ଧାଡ଼ି—All the front rooms of a house.

ଉପରସ୍ଥ—ଗ୍ରା. ବିଣ. (ସଂ. ଉପରିସ୍ଥ)—ଉପରିସ୍ଥ (ଦେଖ)
Uparastha Uparistha (See)

ଉପରହସ୍ତ—ଦେ. ବି.—ଉପରହାତ—(ଦେଖ)
Uparahasta Uparahāta (See)

ଉପର ହାକିମ—ଦେ.ବି.(ସଂ. ଉପର + ଅ. ହାକମ୍)—ଉଚ୍ଚତର କ୍ଷମତା-
Upara hākima ଯୁକ୍ତ କର୍ମଚାରୀ; ଉପରସ୍ଥ ହାକମ; କର୍ତ୍ତୃପକ୍ଷ—
উপরহাকিম The higher authorities.
उपरका हाकिम
अफसर

ଉପରହାତ—ଦେ. ବି.—ଦାନ ଦେବା ହାତ; ଦାତାର ହସ୍ତ—
Uparahāta The hand which gives away; the hand of a giver.
উপরহাত
उपरहात (ଯଥା—ତୁମେ ଉପରହାତରେ ଦେବ, ମୁଁ ତଳ-
(ତଳହାତ—ବିପରୀତ) ହାତରେ ନେବ) ।

ଉପରିହାତରେ ଦେବା—ଦେ. କ୍ରି.—ଦାନ କରିବା—
Uparahātare debā To give away a thing as a gift.
উপরহাতে দেওয়া
उपरहातमे देना

ଉପରାଗ—ସଂ. ବି. (ଉପ=ଊର୍ଦ୍ଧ୍ୱ; ସମ୍ପୂର୍ଣ୍ଣରୂପେ+ରଞ୍ଜ ଧାତୁ+
Uparāga ଭାବ. ଅ)—୧ । ଚନ୍ଦ୍ର ବା ସୂର୍ଯ୍ୟ ଗ୍ରହଣ—
(ଉପରକ୍ତ—ବିଣ) 1. Eclipse of the sun or moon.
୨ । ରାହୁ—2. The Ascending Node or earth's shadow eclipsing the sun or the moon.
୩ । ଅନ୍ଧକାର—3. Darkness.
୪ । ଯନ୍ତ୍ରଣା—4. Pang; suffering.
୫ । ଉପଦ୍ରବ—5. Calamity.
୬ । ବିରାଗ—6 Displeasure; aversion; indifference.
୭ । ବିପଦ—7. Misfortune.
୮ । ଅପବାଦ—8. Slander.
୯ । ପ୍ରବୃତ୍ତି—9. Desire; tendency.
୧୦ । ସମ୍ବନ୍ଧ—10. Connection.
୧୧ । ନିନ୍ଦା—11. Blame.

ଉପରାଜ—ସଂ. ବି. (ଉପ + ରାଜନ୍)—ରାଜପ୍ରତିନିଧି (ଭ. ଗଭର୍ଣ୍ଣର)—
Uparāja Viceroy

ଉପରାଣ—ଦେ. ବି. (ସଂ. ଉପର + ଆବରଣ=ଓଢ଼ଣୀ)—
Uparāṇa ୧ । ଓଢ଼ଣବସ୍ତ୍ର; ସ୍ତ୍ରୀଲୋକମାନେ ପିନ୍ଧିବା ଲୁଗା
চাদর ଉପରେ ଘୋଡ଼ି ହେବା ଚାଦର—
उपरना 1. A scarf; the outer covering thrown over the upper limbs of females over the cloth worn, when going out

ଧାଇଁଲ୍ଲ ପିନ୍ଧି ଶାଢ଼ୀ ଉପରାଣ ଦେଇ ।
କୃଷ୍ଣସିଂହ, ମହାଭାରତ ସଭା ।

୨ । ବିଛଣା ଉପରେ ପଡ଼ିବା ଚାଦର—
2. Bed-sheet; outer covering for the bed.
୩ । ଭୁର୍ଦ୍ଧଅଙ୍ଗ ଉପରେ ଘୋଡ଼ି ହେବା ଚାଦର; ଯାହା କଣ୍ଠ-
ଠାରୁ ଉପରେ ପଡ଼େ—3. A sheet used as an upper garment.
୪ । ସାଧାରଣ ଶପଥ—4. An ordinary oath.

ଉପରାନ୍ତ—ଦେ. ଅ. (ସଂ. ଅପରନ୍ତୁ)—୧ । ଉପରନ୍ତୁ (ଦେଖ)
Uparānt 1. Uparantu (See)
୨ । ପରେ; ଭବିଷ୍ୟତରେ—2. Afterwards; in future.
ଦେ. ବିଣ—ଉପରି (ଦେଖ) Upari (See)

ଉପରାମ—ସଂ. ବି. (ଉପ+ରମ ଧାତୁ=କ୍ରୀଡ଼ା କରିବା+ଭାବ. ଅ)—
Uparāma ଉପରତି (ଦେଖ)
Uparati (See)

ଉପରି—ସଂ. ଅ.—(ଉପ=ଊର୍ଦ୍ଧ୍ୱ+ରି; ନିପାତନ)—୧ । ଉପରେ—
Upari 1. Over; above; on.
୨ । ପରେ; ଉତ୍ତାରୁ—2. Afterwards; after; subsequently.
୩ । ଛଡ଼ା—3. In addition to; besides.
୪ । ପୃଷ୍ଠଦେଶରେ—4. On the back or surface of.
୫ । ଊର୍ଦ୍ଧ୍ୱରେ—5. On high
୬ । ଊର୍ଦ୍ଧ୍ୱଦିଗକୁ—6 Upwards
୭ । ଉଚ୍ଚରେ—7. On high
উপরি ଦେ. ବିଣ.—୧ । ଅଧିକା; ଅତିରିକ୍ତ—
उपरि 1. Extra; additional.
୨ । ମାଗଣା—2. Got gratis; gratuitous.
୩ । ଊର୍ଦ୍ଧ୍ୱତନ—3. Higher.
୪ । ଅବୈତନିକ—4. Honorary.
୫ । ଇତର—5. Vulgar.
୬ । ଅସାଧାରଣ—6. Extraordinary.
୭ । ଅସ୍ଥାୟୀ; ଠିକା; ସାମୟିକ—7. Temporary.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ | ଋ,ର | ଠଂ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଶ,ଷ | ଛ | ଇନ୍ଦ | ତେଅ | ଉ |
| ୵ | ଲ | ଭ | ରୁ | ଲୁ | ଦ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ଷ | ଙ୍ଗ୍ୟ | ତେଅ | ✱ | ଙ୍ |

୮ । ଉପରଠାଉରଥ; ବାହ୍ୟ — 8. Superficial; external.
୯ । ଦୈବାତ—9. Accidental.
୧୦ । ଅପ୍ରତ୍ୟାଶିତ —10. Unexpected

[ ଦ— 'ଉପର' ଶବ୍ଦ ସହିତ ଯେପରି ଉକ୍ତ ଉକ୍ତ ଶବ୍ଦ ଯୁକ୍ତ ହୁଏ 'ଉପରି' ଶବ୍ଦ ସଙ୍ଗେ ମଧ୍ୟ ସେହିପରି ସବୁ ଶବ୍ଦ ବ୍ୟବହୃତ ହୋଇଥାଏ; ଯଥା— 'ଉପର-ଘାଇ; ଉପରିଘାଇ'; 'ଉପର-ଲାଭ; ଉପରିଲାଭ' ଇତ୍ୟାଦି । ]

**ଉପରିଆ** – ଦେ. ବଣ. ( ସଂ. ଉପରି )— ୧ । ବାହାରର — 1. External.
Upariā
উপরি ୨ । ବାହାରରୁ ଆସିଥିବା; ବାହ୍ୟ — 2. Coming from outside.
उपरि
୩ । ଅତିରିକ୍ତ—3. Extra; additional.

**ଉପରି ଆୟ**—ଦେ. ବ—୧ । ନିର୍ଦ୍ଧାରିତ ଆୟରୁ ଅତିରିକ୍ତ ଆୟ; ଅନିର୍ଦ୍ଦିଷ୍ଟ
Upari āya ଆୟ—1. Extra income; income over
উপরিআয় and above the recognised income.
उपरकि आमदानि ୨ । ଉତ୍କୋଚ—2. Bribe; illegal gratification.

**ଉପରି ଉପରି**—ଦେ. ଅ— ଉପର ଉପର ( ଦେଖ )
Upari upari Upara upara ( See )

**ଉପରି କାମ**—ଦେ. ବ—୧ । ଅଧିକା କାର୍ଯ୍ୟ—1. Extra work.
Upari kāma ୨ । ନିର୍ଦ୍ଧାରିତ କାର୍ଯ୍ୟ ଛଡ଼ା ଅନ୍ୟ କାର୍ଯ୍ୟ—
উপরিকাজ 2 Work other than one's alloted task.
उपरका काम ୩ । ଅବୈତନିକ ବା ମାଗଣା କାମ— 3. Honorary duty

**ଉପରି କାରବାର**—ଦେ. ବ—ନିଜର ନିର୍ଦ୍ଧାରିତ ବା ପ୍ରଧାନ ବ୍ୟବସାୟ
Upari kārabāra ଛଡ଼ା ଅନ୍ୟ କାରବାର—
উপরিকারবার Extra business over one's primary
उपरका कारबार or principal business.

**ଉପରି ଖବର**—ଦେ. ବ—ଉଡ଼ା ଖବର—
Uparikhabara Rumour.

**ଉପରି ଖରଚ**—ଦେ. ବ—୧ । ନିର୍ଦ୍ଧାରିତ ଖରଚ ଛଡ଼ା ଅତିରିକ୍ତ ଖରଚ
Upari kharacha 1. Extra expenses.
উপরিখরচ ୨ । ବାଜେ ଖରଚ—2. Miscellaneous.
बाजेखरच expenses; unforeseen expenses.
୩ । ଅଧିକା ଖରଚ—3. Additional expenses; expenses over and above the bugdgeted or fixed expenses.

**ଉପରି ଖିଆ**—ଦେ. ବ—ଉପରି ଭୋଜନ ( ଦେଖ )
Upari khiā Upari bhojana ( See )

ଦେ. ବଣ — ମାଗଣାଖିଆ; ପରାନ୍ନଭୋଜୀ—
Living on another; a parasite; toady.

**ଉପରିଚର** —ସଂ. ବ ( ଉପରି + ଚର )— ଜନୈକ ରାଜା—
Uparichara Name of a king.
ସଂ. ବଣ—ଯେ ଉର୍ଦ୍ଧ୍ୱରେ ବିଚରଣ କରେ — 2. Moving on high.

**ଉପରିତନ** - ସଂ. ବଣ (ଉପରି + ଘଟିବା ଅର୍ଥରେ; ତନ.—ଭୂଳ—
Uparitana ଉର୍ଦ୍ଧ୍ୱତନ )— ଉପରିସ୍ଥ ( ଦେଖ )
Uparistha ( See )

**ଉପରିତଳ**—ସଂ. ବ ( ଉପରି+ତଳ )—୧ । ଗୃହର ଛାତ—
Uparitala 1. Roof of a house or building;
୨ । ଉପର ମହଲ; କୋଠାଘରର ଦ୍ୱିତୀୟ ତଳ —
2. The upper story of a building.

**ଉପରିଦୃଷ୍ଟି**—ଦେ. ବ—୧ । କୁଦୃଷ୍ଟି; ଡାହାଣିଆ ଦୃଷ୍ଟି—
Uparidrushti 1. Malignant glance of a witch.
୨ । ଉପର ଦୃଷ୍ଟି ( ଦେଖ )—
2. Upara drushti ( See )

**ଉପରି ଦେବତା**—ଦେ. ବ ( ସଂ. ଉପଦେବତା )—ଭୂତପ୍ରେତାଦି—
Upari debatā An aerial spirit; evil spirit

**ଉପରିପଡ଼ିବା**—ଦେ. କ୍ରି—୧ । ଅନାହୂତ ହୋଇ କୌଣସି କଥା କହିବା—
Uparipaṛdibā
উপরেপড়া 1. To obtrude; to intrude.
उपरट्टपड़ना ୨ । ଉପରେ ପଡ଼ିବା;ଅନାହୂତ ହୋଇ କଥା କହିବା- 2. To speak uncalled.
୩ । ଆକ୍ରମଣ କରିବା—3. To attack

**ଉପରି ପରିଶ୍ରମ**—ଦେ. ବ ଉପରିମିହନ୍ତ ( ଦେଖ )
Upari pariśrama Uparimihanta ( See )

**ଉପରି ପାଉଣା**—ଦେ. ବ—୧ । ନିର୍ଦ୍ଧାରିତ ପ୍ରାପ୍ୟ ଛଡ଼ା ଅତିରିକ୍ତ
Upari pāuṇā ପ୍ରାପ୍ୟ;ଦ୍ୱେଷମ୍; ଦ୍ୱେଷମାତ୍-1. Perquisites
উপরিপাওনা ୨ । ଉତ୍କୋଚ; ଲାଞ୍ଚ—2. Bribe; illegal
उपरकापाना gratification.

**ଉପରି ପିଆଦା**—ଦେ. ବ—ଠିକା ପିଆଦା; ନିର୍ଦ୍ଦିଷ୍ଟସଂଖ୍ୟକ ପିଆଦାଙ୍କ
Upari piādā ଛଡ଼ା ଅଧିକ କାମ କରିବା ପାଇଁ ଅସ୍ଥାୟୀ
উপরপেয়াদা ଭାବରେ ନିଯୁକ୍ତ ପିଆଦା—Temporary peon;
फालतु पियादा extra peon.

**ଉପରିଭାଗ**—ସଂ. ବ—୧ । ଉର୍ଦ୍ଧ୍ୱଭାଗ—1. The upper part.
Uparibhāga ୨ । ବହିର୍ଭାଗ—2. Exterior of a thing.
୩ । ଉର୍ଦ୍ଧ୍ୱତନ ପୃଷ୍ଠ—3. Upper or higher surface.

ସାଧାରଣ ଲେଖେକ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କୁ ଭୁଲରେ ଲେଖା କରନ୍ତି ନାହିଁ । ଅଧିକନ୍ତୁ ୧ କା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଯୋଡ଼ିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ କରିବାର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଏକ ଯୋଡ଼ିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ତଂସ୍ଥ' ନ ପାଇଲେ 'ତଷ୍ଠ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଙ୍ଗ' ନ ପାଇଲେ 'ଅଲ୍ବଙ୍ଗ' ଦେଖିବେ

**ଉପରି ଭୋଜନ**—ଦେ. ବି.—ବିନା ବ୍ୟୟରେ ଭୋଜନ; ମାଗଣା ଭୋଜନ—Feast for which one has not to pay.
Upari bhojana
উপরিভোজন
फालतुभोजन

**ଉପରିମଣିଷ**—ଦେ. ବି—୧ । ନିର୍ଦ୍ଧାରିତ ବା ଆବଶ୍ୟକ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ବ୍ୟକ୍ତି—1. Extra or additional person.
Uparimanisha
উপরিমানুষ
फालतुआदमी
୨ । ବାହାର ଲୋକ; ବହିରଙ୍ଗ ଲୋକ—2. Outsider.
୩ । ଅନାହୂତ ବ୍ୟକ୍ତି—3. Uninvited person.
୪ । ଠିକା ଭୃତ୍ୟ—4. Temporary hand.
୫ । ଇତର ଲୋକ—5. A stranger

**ଉପରି ମିହନ୍ତ**—ଦେ. ବି—ନିଜର ନିର୍ଦ୍ଧାରିତ କର୍ତ୍ତବ୍ୟ କାର୍ଯ୍ୟ ବା ସମୟ ଛଡ଼ା କରାଯିବା ପରିଶ୍ରମ—Extra labour; labour done outside one's usual working hours.
Upari mihanta
উপরি মেহেনত
मुफ्तमेहनत

**ଉପରି ମିହନ୍ତନା**—ଦେ. ବି—ନିର୍ଦ୍ଦିଷ୍ଟ ପାରିଶ୍ରମିକ ଛଡ଼ା ଅଧିକା ପାରିଶ୍ରମିକ—Extra remuneration.
Upari mihantanā

**ଉପରିମୂଲ**—ଦେ. ବି—୧ । ନିର୍ଦ୍ଦିଷ୍ଟ ମଜୁରି ଛଡ଼ା ଅଧିକା ମଜୁରି—1. Extra wages.
Uparimūla
উপরিমজুরী
उपरिमजदुरी
୨ । ନିର୍ଦ୍ଦିଷ୍ଟସଂଖ୍ୟକ ମୂଲିଆଙ୍କ ଛଡ଼ା ଅଧିକା ନିଯୁକ୍ତ ମୂଲିଆଙ୍କୁ ଦିଆଯିବା ମଜୁରି—
2. Wages paid to additional hands

**ଉପରିମୂଲିଆ**—ଦେ. ବିଶ—ନିଯୁକ୍ତ ମଜୁରିଆଙ୍କ ଛଡ଼ା ଲଗାଯିବା ଅଧିକା ମୂଲିଆ—Additional labourers.
Uparimūliā
উপরিমজুরদার
उपरिमजदुर

**ଉପରି ରୋଜଗାର**—ଦେ. ବି—ଉପରି ଆୟ (ଦେଖ)
Upari rojagāra Upari āya (See)

**ଉପରି ଲାଭ**—ଦେ. ବି—୧ । ନିର୍ଦ୍ଧାରିତ ଲାଭ ଛଡ଼ା ଅଧିକନ୍ତୁ ଲାଭ—1. Extra profit; additional profit.
Upari lābha
উপরিলাভ
अधिकलाभ
୨ । ଅବୈଧ ଲାଭ—2. Illegal gain.
୩ । ଅପ୍ରତ୍ୟାଶିତ ଲାଭ—3. Unexpected gain; a wind fall.
୪ । ବକ୍ସିସ୍—4. Perquisite; tip.

**ଉପରି ଲୋକ**—ଦେ. ବି—ଉପରିମଣିଷ (ଦେଖ)
Upari loka Uparimanisha (See)

**ଉପରିଷ୍ଟାତ୍**—ସ. ଅ. ( ଊର୍ଦ୍ଧ୍ୱ+ରିଷ୍ଟାତ୍; ନିପାତନ )—
Uparishṭāt ୧ । ଉପର ଅଡ଼େ—1. High up.
୨ । ଅନନ୍ତର; ପରେ—
2. Further on; afterwards.
୩ । ଖଣ୍ଡିଦୂରେ—3. At some distance.
୪ । ଉପରେ—4. Above; over

**ଉପରିସ୍ଥ**—ସଂ. ବିଣ ( ଉପରି+ସ୍ଥା ଧାତୁ+କର୍ତ୍ତୃ. ଅ)—
Uparistha ୧ । ଉର୍ଦ୍ଧ୍ୱତନ—1. Of higher authority or grade or position.
୨ । ଉପରେସ୍ଥିତ—2. Lying or situated above or over; superimposed.
୩ । ଉତ୍କୃଷ୍ଟତର—3. Superior; higher.

**ଉପରିସ୍ଥିତ**—ସ. ବି. ( ଉପରି+ସ୍ଥା ଧାତୁ+କର୍ତ୍ତୃ. ତ )—
Uparisthita ଉପରିସ୍ଥ ( ଦେଖ ) Uparistha (See).

**ଉପରିହାକିମ**—ଦେ. ବି—ଉପରହାକିମ ( ଦେଖ )
Uparihākima Uparahākima (See)

**ଉପରୁ**—ଦେ. ଅ—୧ । ଉପର ଅଡ଼ୁ; ଉପର ଦିଗରୁ—
Uparu 1. From above.
উপরথেকে
उपरसे
୨ । (ଲକ୍ଷଣାର୍ଥ) ଅକସ୍ମାତ୍; ଦୈବାତ୍—2. By chance
( ଯଥା—ଉପରୁ ଏଡ଼େ ଦଣ୍ଡ ପଡ଼ିବ ବୋଲି କିଏ ଜାଣିଥିଲା ? )—

**ଉପରୁଦ୍ଧ**—ସଂ. ବିଣ ( ଉପ+ରୁଧ ଧାତୁ=ବାଧା ଦେବା; ଅଟକାଇବା +କର୍ମ. ତ )—
Uparuddha
୧ । ପ୍ରତିବନ୍ଧ—1. Obstructed.
୨ । ଉତ୍ପୀଡ଼ିତ—2. Hardpressed; oppressed.
୩ । ଅନୁରୁଦ୍ଧ—3. Requested.
୪ । ଅଟକ ହୋଇଥିବା—4. Checked; restrained

**ଉପରେ**—ଦେ. ଅ. ( ସଂ. ଉପରି )—
Upare ୧ । ଊର୍ଦ୍ଧ୍ୱଦେଶରେ—1. On high.
উপরে
उपर
୨ । ପୃଷ୍ଠଦେଶରେ—
2. On the surface of; over; on.

> ଏଡ଼ା ଉପରେ ଯେତେ ଜଳ, ଗ୍ରାମ ଔଷଧି ଗିରି ବନ ।
> ସମୁଦ୍ର ଅବ ନଦ ନଦୀ, ଅଗ୍ନିତ କେ ହୁଦ ତରଣ—
> ଜଗନ୍ନାଥ—ଭାଗବତ ।

୩ । ପିଠିରେ—3. On the back of.
୪ । ଅଗ୍ର ଭାଗରେ—4. On the top of.
୫ । ସ୍ୱର୍ଗରେ—5. In Heaven.

> ଉପରେ ଧରମ ଦେବତା, ତଳେ ବସୁମାତା—ଚଗ ।

୬ । ଆକାଶରେ—6. In the sky.
୭ । ଉଚ୍ଚତର ସ୍ଥାନରେ—7. Higher up.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ରୁ,ରୂ | ଙ୍ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଢ଼ | ଶ,ଷ | ଙ୍କ | ଇସ୍ତ | ଉଅ | ଭ |
| ୨ | ଈ | ଊ | ରୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତ |

୮ । (ଅପେକ୍ଷା) ଅଧିକତର (ଶକ୍ତି, ସାମର୍ଥ୍ୟ ବା କ୍ଷମତାଯୁକ୍ତ)—
8. Having higher strength, power or authority.

୯ । ଛଡ଼ା—9. Besides

୧୦ । ଅଧିକା ହୋଇ—10. In addition to.

ବୋଝ ଉପରେ ନଳିତା ବିଡ଼ା—ଢଗ ।

୧୧ । ଅପିଲ୍ ଅଦାଲତରୂପେ—
11. As an appellate authority.

୧୨ । ଆଗରୁ ଜନ୍ମିଥିବା—12. Born before; previously.

( ଯଥା— ତା ଉପରେ ତିନି ଭାଇ ଅଛନ୍ତି । )

୧୩ । ନିକଟ ଭବିଷ୍ୟତରେ—13. In the near future.

୧୪ । ଠାରେ—14. At; with.

(ଯଥା— ତୁମ୍ଭ ଉପରେ ଏ କାମର ଭାର ଦେଲି ।)

୧୫ । ନଦୀର ଉତ୍ପତ୍ତି ସ୍ଥାନରେ ବା ନଦୀଶଯ୍ୟାର ଉଚ୍ଚତର ଅଂଶରେ— 15. Higher up in the course of a river.

୧୬ । କର୍ତ୍ତୃପକ୍ଷ ବା ହାକିମ ରୂପେ—16. As authority

(ଯଥା— ମୋ ଉପରେ ଘରେ ମୋ ବଡ଼େଇ ଅଛନ୍ତି; ତାଙ୍କ କଥାର ମୁଁ କିଛି ଜବାବ ଦେଇପାରୁ ନାହିଁ ।)

୧୭ । ( ଅନ୍ୟ କ୍ରିୟା ପରେ ବ୍ୟବହୃତ — ପ୍ରାୟ; ଆସନ୍ନ; ଅବସ୍ଥାଯୁକ୍ତ—17. About to; on the eve of.

(ଯଥା—ପାଣି ବୋହୁଯିବା ଉପରେ ହେଲାଣି; ସେ ମରିବା ଉପରେ ବସିଲାଣି । )

୧୮ । ଅତିକ୍ରମ କରି—18. Past

(ଯଥା— ୧୨ ଉପରେ ୩ ବାଜିଲାଣି ।)

୧୯ । ପ୍ରତି —19. Towards; for.

ଥିଲା ସେହି ସ୍ନେହ କେମା ଉପରେ—ଚିନ୍ତାମଣି, ଚନ୍ଦ୍ରମାଦତ୍ତ ।

ଉପରେଇ ଧରିବା—ଦେ. କ୍ରି—୧ । ଉପୁରେଇ ଧରିବା; ଉଚ୍ଚକରି ଟେକି
Uparei dhariba ଧରିବା—1. To hold a thing high.

୨ । ଉପରୁ ବା ଊର୍ଦ୍ଧ୍ୱ ଅଡ଼ୁ ଧରିବା —
2. To hold anything by the top.

ଉପରେଉପରେ—ଦେ. କ୍ରି. ବିଣ. ୧ । ଉପର୍ଯ୍ୟୁପରି—
Upareupare 1. Repeatedly.
উপরউপর ୨ । ମାଗଣାରେ—2. Gratis.
उपरकाउपर ୩ । ବିନା ବ୍ୟୟରେ—3. Without expenses.
୪ । ଉପରଠାଉରିଆ ଭାବରେ—4. Superficially.

ଉପରେଉପରେ ଭାସିବା—ଦେ. କ୍ରି—ଉପରେ ଉପରେ ଯିବା (ଦେଖ)
Upareupare bhasiba Upareupare jiba (See)

ଉପରେଉପରେ ଯିବା—ଦେ. କ୍ରି—୧ । ନଈ ବା ପାଣି ଭିତରକୁ ନ
Upareuparejiba ଯାଇ କୂଳେକୂଳେ ଶୁଖିଲା ବାଟରେ ଯିବା—1. To pass along the bank of a river without entering into the water

୨ । (ଲକ୍ଷଣାର୍ଥ) କୌଣସି ବିଷୟକୁ ବହିର୍ଦୃଷ୍ଟିରେ ବିଚାର କରିବା—2. ( figurative ) To view a thing superficially.

ଉପରେ କିଂ ଭବିଷ୍ୟତି— ଗ୍ରା. ପ୍ରବଚନ—ଅପରେ କିଂ ଭବିଷ୍ୟତି (ଦେଖ)
Upare kim bhabishyati
Apare kim bhabishyati (See)

ଉପରେଣ—ଗ୍ରା. ପଦ୍ୟ. ଅ—ଉପରେ—Above; over; on.
Uparena ଶୋଣ ସରୋଜ ଉପରେ ଭ୍ରମର ଯେସନେ—ପ୍ରାଚୀ. ରସବାରିଧି ।

ଉପରେ ପଡ଼ିବା—ଦେ. କ୍ରି—୧ । କୌଣସି କାର୍ଯ୍ୟର ଭାର କାହା
Upare pardiba ଉପରେ ନ୍ୟସ୍ତ ହେବା—1 To be devolved upon.
উপরেপড়া
उपरटुटपडना ଉପରେ ପଡ଼ିଲେ ବଡ଼େଇ ଚିହ୍ନନ୍ତି—ଢଗ ।

୨ । ଉପରୁ କୌଣସି ବସ୍ତୁ କାହା ଦେହରେ ପଡ଼ିବା—
2. To fall from above.

୩ । ଅନାହୂତଭାବରେ ସଂଶ୍ଳିଷ୍ଟ ହେବା—
3. To meddle with anything uncalled for.

(ଯଥା—ସେ ଉପରେ ପଡ଼ି କଥା କହୁଛି । )

ଉପରୋକ୍ତ—ଦେ. ବି ( ସଂ. ଉପର୍ଯ୍ୟୁକ୍ତ)— ଉପର୍ଯ୍ୟୁକ୍ତ; ପୂର୍ବୋକ୍ତ—
Uparokta Above said; said before.
উপরোক্ত
उपरोक्त

ଉପରୋଧ—ସଂ.ବି (ଉପ+ରୁଧ୍ ଧାତୁ=ଆବରଣ କରିବା+ଭାବ. ଅ)—
Uparodha ୧ । ବାଧା; ପ୍ରତିବନ୍ଧ; ବ୍ୟାଘାତ—
1. Obstruction; impediment.
୨ । ଅଟକ— 2. Check.
୩ । ଉତ୍ପୀଡ଼ନ—3 Oppression.
୪ । ଜିଗର; ଅଳି—4. Pressing request; importunity.
୫ । ଅନୁଗ୍ରହ—5. Favour.
୬ । ଅଯଥା ଆନୁକୂଲ୍ୟ—6. Partiality.
୭ । ଆବରଣ; ଢାଙ୍କୁଣି—7. Covering; lid.
୮ । ଅନୁରୋଧ; ସୁପାରିସ୍—8. Request; recommendation.

ଦେ. ବି—ଓରୋଧ; ଚକ୍ଷୁଲଜ୍ଜା; ଖାତିର—
Scruple; delicacy; personal consideration for the feelings of others.

ଉପରୋଧ ଅନୁରୋଧ—ଦେ. ବି ( ଏକାର୍ଥକ ସହଚର )—ଚକ୍ଷୁଲଜ୍ଜା; ଖାତିର—Delicacy; personal consideration
Uparodha anurodha
উপরোধ অনুরোধ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; ବଂକ ନ ପାଇଲେ 'ବଙ୍କ' ଦେଖିବେ; 'ଅର୍ଜ୍ଜି' ନ ପାଇଲେ 'ଅର୍ଜି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଉପରୋଧ ଏଡ଼ିବା**—ଦେ. କ୍ରି. ଉପରୋଧ ଛାଡ଼ିବା (ଦେଖ)
Uparodha erdibā — Uparodha chhārdibā (See)

**ଉପରୋଧକ**—ସଂ. ବିଣ ପୁ (ଉପ+ରୁଧ୍ ଧାତୁ=ଆବରଣ କରିବା+କର୍ତ୍ତୃ. ଅକ)—ଯେ ବାଧା ଦିଏ—
Uparodhaka (ଉପରୋଧିକା—ସ୍ତ୍ରୀ) — Obstructing
ସଂ. ବି—ଗୃହ; ବାସଗୃହ—Dwelling house; abode.
ଦେ. ବିଣ—ଅନୁରୋଧକର୍ତ୍ତା—One who requests or makes a recommendation.

**ଉପରୋଧ କରିବା**—ଦେ. କ୍ରି. ୧ । ଅନୁରୋଧ କରିବା—
Uparodha karibā — 1. To request
୨ । ଉପରୋଧ ରଖିବା (ଦେଖ)
2. Uparodha rakhibā (See)

**ଉପରୋଧ ଛାଡ଼ିବା**—ଦେ. କ୍ରି—୧ । ଚକ୍ଷୁଲଜ୍ଜା ତ୍ୟାଗକରିବା; ମୁହଁକୁ ନ ଚାହିଁବା—
Uparodha chhārdibā — 1. To have no personal regard or consideration for the feelings of others.
୨ । କାହାର ଅନୁରୋଧ ରକ୍ଷା ନ କରିବା—
2 Not to accede to any one's request

**ଉପରୋଧ ମିଛୁଆ**—ଦେ. ବିଣ. ପୁ°—୧ । ଯେ ଅନ୍ୟ ବ୍ୟକ୍ତିକୁ ପ୍ରସନ୍ନ କରିବାପାଇଁ ବା ଅନ୍ୟ ବ୍ୟକ୍ତିର ଉପରୋଧରେ ମିଛ କଥା କହେ—
Uparodha michhuā
ଉପରୋଧମିଛେଇ } ସ୍ତ୍ରୀ
ଉପରୋଧମିଛେଇ }
1. Speaking falsehood to please another.
୨ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର ମନ ରଖିବା ପାଇଁ ମନର ପ୍ରକୃତ ଭାବ ଗୋପନ କରେ—
2. Concealing one's inner feelings to please another.

**ଉପରୋଧ ରଖିବା**—ଦେ. କ୍ରି- ୧ । ଅନ୍ୟର ଅନୁରୋଧକୁ ରକ୍ଷା କରିବା—
Uparodha rakhibā — 1. To accede to another's request
উপরোধরাখা।
୨ । ଚକ୍ଷୁଲଜ୍ଜା ରଖିବା; ପରର ମନ ରଖିବାପାଇଁ କାମ କରିବା—2. To have regard or personal consideration for the feelings of another.

**ଉପରୋଧିଆ**—ସ୍ତ୍ରୀ. ବିଣ—ଉପରୋଧୀ (ଦେଖ)
Uparodhiā — Uparodhī (See)

**ଉପରୋଧିତ**—ସଂ. ବିଣ (ଉପ+ରୁଧ୍ ଧାତୁ ଣିଜନ୍ତ=ରୋଧ ଧାତୁ+କର୍ମ. ତ)—ଅନ୍ୟ ବ୍ୟକ୍ତି ଦ୍ୱାରା ଅନୁରୁଦ୍ଧ—
Uparodhita — Requested by a person

**ଉପରୋଧୀ**—ସଂ.ବିଣ.ପୁ° (ଉପରୋଧ+ଅସ୍ତ୍ୟର୍ଥେ ଇନ୍; ୧ମା.୧ବ)—ଉପରୋଧକ (ଦେଖ)
Uparodhī (ଉପରୋଧିନୀ—ସ୍ତ୍ରୀ) — Uparodhaka (See)
ଦେ. ବିଣ—୧ । ଯେଉଁ ବ୍ୟକ୍ତି ଅନ୍ୟର ଅନୁରୋଧରେ ପଡ଼ି କାର୍ଯ୍ୟ କରେ—1. Acceding to personal requests.
୨ । ଅଯଥା ଅନୁଗ୍ରହକାରୀ—2. Unduly partial.
୩ । ଉପରୋଧମିଛୁଆ (ଦେଖ)—
3. Uparodhamichhuā (See)

**ଉପର୍ଯ୍ୟୁକ୍ତ**—ସଂ. ବିଣ (ଉପରି+ଉକ୍ତ)—ପୂର୍ବୋକ୍ତ; ଉପରେ କୁହା ଯାଇଥିବା—Abovesaid; said before.
Uparjyukta

**ଉପର୍ଯ୍ୟୁପରି**—ସଂ. ଅ—(ଉପରି+ଉପରି)—ଉପର ଉପର (ଦେଖ)—
Uparjyupari — Upara upara (See)

**ଉପଳ**—ସଂ. ବି. (ଉପ+ଲା ଧାତୁ=ଦେବା+କର୍ତ୍ତୃ. ଅ)—
Upaḷa — ୧ । ପ୍ରସ୍ତର; ପଥର—1. Stone.
(ଯଥା—କରକୋପଳ=କୁଆପଥର—Hailstone.
୨ । ବହୁମୂଲ୍ୟ ପଥର; ରତ୍ନ—2. Gem; valuable stone.
ଦେ. ବି.—୧ । ଶର୍କରା—1. Sugar; sweets.
୨ । ଏକ ପ୍ରକାର ମିଠା ପଣା—2. A kind of sweet drink.

ମଣ୍ଡିତ ସହସ୍ରର ଉପଳ କ୍ଷୀର ସର ଦନା ଭ ପିଡମର୍ଦ୍ଦ ଯୋଗ୍ଭରେ ।
କବିସୂର୍ଯ୍ୟ. ସଙ୍ଗୀତ ।

**ଉପଲକ୍ଷ**—ସଂ. ବି. (ଉପ+ଲକ୍ଷ)—୧ । ଅବଲମ୍ବନ—
Upalaksha — 1. Prop; support.
୨ । ପ୍ରୟୋଜନ—2. Occasion; necessity; use.
୩ । ଉଦ୍ଦେଶ୍ୟ—3. Object; intention; purpose; something kept in view.
୪ । ଚିହ୍ନ; ଲକ୍ଷଣ—4. Mark; sign.
୫ । ସଂଜ୍ଞା; ଗୁଣସୂଚକ ନାମ—5. Designation.
୬ । ଉହ୍ୟ ତୁଳନାତ୍ମକ ନାମ—
6. Elliptical designation.
୭ । ଅନୁମାନ—7. Inference; deduction.
୮ । ତୁଳନାତ୍ମକ ସୂଚନା—8. Indication based on comparison.
୯ । ତୁଳନା—9. Comparison.
୧୦ । ସାଦୃଶ୍ୟ—10. Similarity.
୧୧ । ସଙ୍କେତ—11. Signal
ବିଣ.—୧ । ତୁଳନୀୟ—1 Comparable.
୨ । ଉଲ୍ଲେଖଯୋଗ୍ୟ—2. Worth mention.
୩ । ଅନୁମେୟ—3. Inferable.

**ଉପଲକ୍ଷ କରିବା**—ଦେ. କ୍ରି—ଉପଲକ୍ଷ ଦେବା (ଦେଖ)
Upalaksha karibā — Upalaksha debā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ର୍,ଋ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଜ୍ଞ | ଇଏ | ଉଅ | ଊ |
| ୨ | ଈ | ଉ | ରୁ | ଲୁ | ଏ୍ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଗ୍ୟଁ | ଇଥ | ଓ | ନ୍ତୁ | |

**ଉପଲକ୍ଷଣ**—ସଂ. ବି. ପୁଂ. (ଉପ=ଅଧିକ+ଲକ୍ଷଣ=ଚିହ୍ନ)—
Upalakshaṇa ୧ । ଚିହ୍ନ; ବିଶିଷ୍ଟ ଲକ୍ଷଣ —
1. Sign; distinctive mark.
୨ । ତୁଳନାତ୍ମକ ବାକ୍ୟାଲଙ୍କାରବିଶେଷ; ଅନ୍ୟ ପଦାର୍ଥର ସମ୍ବନ୍ଧସ୍ଥାପକ ବସ୍ତ୍ୱନ୍ତରର ଉଦ୍‌ବୋଧନ—
2. A figure of speech; analogy; the figure synecdoche.
୩ । ଲକ୍ଷଣାଦ୍ୱାରା ଅନ୍ୟ ବସ୍ତୁର ବୋଧ କରାଇବା—
3. Figurative indication of one thing by the mention of another
୪ । ବସ୍ତୁର ଅଂଶଦ୍ୱାରା ପୂର୍ଣ୍ଣ ବସ୍ତୁର ସୂଚନା କରାଇବା—
4. Implication of one thing by the mention of a part; indication of the whole by the part.
୫ । ଏକ ବିଷୟର ଉଲ୍ଲେଖଦ୍ୱାରା ବହୁ ବିଷୟାନ୍ତରର ସୂଚନା କରାଇବା ପ୍ରଣାଳୀ—5. A subject which gives occasion for the introduction of various other topics.
୬ । (ନ୍ୟାୟ) ସୂଚନା—6. (logic) Connotation.
୭ । ବିଶେଷଣ—7. Adjective; adjunct

**ଉପଲକ୍ଷଣା**—ସଂ. ବି. ସ୍ତ୍ରୀ—(ଉପ+ଲକ୍ଷଣ+ସ୍ତ୍ରୀ. ଆ)—
Upalakshaṇā ଉପଲକ୍ଷଣ (ଦେଖ)
Upalakshaṇa (See)

**ଉପଲକ୍ଷ ଦେବା**—ଦେ. କ୍ରି—୧ । ସୂଚନା କରିବା; ସୂଚାଇବା—
Upalaksha debā 1. To imply; to hint
উপলক্ষদেওয়া ୨ । ଦୃଷ୍ଟାନ୍ତ ଦେବା—2. To cite as a
उपलक्ष देना standard or analogy.
୩ । ଅନ୍ୟ ବସ୍ତୁର ସମ୍ବନ୍ଧ ଦେଖାଇ କହିବା—
3 To indicate.
୪ । ତୁଳନା କରିବା—4 To compare.

**ଉପଲକ୍ଷରେ**—ଦେ. କ୍ରି. ବିଣ—୧ । କୌଣସି ଘଟଣାକ୍ରମେ—
Upalakshare 1. On the occasion of any event.
উপলক্ষে ୨ । କୌଣସି ଘଟଣା ସମ୍ବନ୍ଧରେ; ଘଟଣା ପ୍ରସଙ୍ଗରେ—
উপলক্ষেতে 2. In connection with any matter
উপলক্ষতে ୩ । ଫଳରେ—3. In pursuance of
मावामे; ୪ । କୌଣସି ବିଶେଷ ଘଟଣା ଘଟିଥିବାର ଅବସର ବା
उपलक्षमे ସୁଯୋଗ ପାଇ—4. Taking advantage of a particular event

**ଉପଲକ୍ଷିତ**—ସଂ. ବିଣ. (ଉପ+ଲକ୍ଷ୍ ଧାତୁ=ଚିହ୍ନ କରିବା+କର୍ମ. ତ)—
Upalakshita ୧ । ସୂଚନାଦ୍ୱାରା ବୋଧଗମ୍ୟ ହୋଇଥିବା—
1. Indicated by hint.
୨ । ସୂଚିତ—2. Implied; indicated; hinted at.
୩ । ଯୁକ୍ତ; ବିଶିଷ୍ଟ—3. Possessed of.
୪ । ଯୁକ୍ତିଦ୍ୱାରା ଅନୁମିତ—4. Deduced; inferred.
୫ । ତୁଳିତ—5. Compared.
୬ । କଳ୍ପିତ—6. Guessed; hypothesized.

**ଉପଲକ୍ଷିବା**—ଦେ. କ୍ରି—୧ । ( କୌଣସି ବିଷୟକୁ ) ଲକ୍ଷ୍ୟ ରଖିବା;
Upalakshibā ଉଦ୍ଦେଶ୍ୟ କରିବା—1. To have an eye upon; to aim at.
୨ । ଉପଲେଛିବା ( ଦେଖ )
2. Upalechhibā ( See )

ବନର ଆଗମନ ଦେଖି, ମନର ସ୍ଥାନ ଉପଲକ୍ଷି
କୌତୁକ ଅତି ମନଗଣେ, ମିଳଲେ କୈମିଷ ଅରଣ୍ୟେ । ଜଗନ୍ନାଥ-ଭାଗବତ ।

**ଉପଲକ୍ଷେ**—ଦେ. କ୍ରି. ବିଣ—ଉପଲକ୍ଷରେ ( ଦେଖ )
Upalakshe Upalakshare ( See )

**ଉପଲକ୍ଷ୍ୟ**—ସଂ. ବି—ଉପଲକ୍ଷ ( ଦେଖ )
Upalakshya Upalaksha ( See )

**ଉପଲଖଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍ )—୧ । ପ୍ରସ୍ତର ଖଣ୍ଡ—
Upalakhaṇḍa 1. A piece of stone.
୨ । ବାଲିଗରଡ଼ା; କଙ୍କର—2. Pebble.

**ଉପଲଛ**—ଗ୍ରା. ବି. ( ସଂ. ଉପଲକ୍ଷ; 'କ୍ଷ' ସ୍ଥାନରେ ଗ୍ରାମ୍ୟରେ 'ଛ'
Upalachha ଉଚ୍ଚାରଣ-ଭୁଲ-ମକ୍ଷିରୁ ମାଛି; ଚକ୍ଷୁ ରୁ ଚଖୁ ଇତ୍ୟାଦି-
ଉପଲକ୍ଷ ( ଦେଖ )
Upalaksha ( See )
ଗ୍ରା. ବିଣ—ସଦୃଶ—Similar; analogical.

**ଉପଲଛିବା**—ଦେ. କ୍ରି. ( ସଂ. ଉପଲକ୍ଷ )—୧ । ଉଲ୍ଲେଖ ଦେବା—
Upalachhibā 1. To imply; to indicate.
୨ । ଉପମା ଦେବା—2 To cite an analogy.

**ଉପଲବ୍ଧ**—ସଂ. ବିଣ. ( ଉପ+ଲଭ୍ ଧାତୁ=ପାଇବା+କର୍ମ. ତ )—
Upalabdha ୧ । ଜ୍ଞାତ—1. Known; experienced.
(ଉପଲବ୍ଧି—ବି) ୨ । ଅନୁଭୂତ—2. Perceived; realised.
୩ । ମର୍ମ ବୁଝାଯାଇ ଥିବା—3 Apprehended; comprehended; understood.
୪ । ପ୍ରାପ୍ତ—4. Attained; got; received.
୫ । ଅର୍ଜିତ—5. Acquired; earned.
୬ । ଅନୁମିତ—6. Inferred.
୭ । ସୂଚିତ—7. Implied; hinted.

**ଉପଲବ୍ଧାର୍ଥ**—ସଂ. ବି. ( କର୍ମଧା )—
Upalabdhārtha ୧ । ଅନୁମିତ ଅର୍ଥ—
1. Implied meaning.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— ସାର' ନ ମିଳିଲେ 'ଶାର' ଖୋଜିବେ; 'ଜଅ' ନ ମିଳିଲେ 'ଯଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଢେ' ନ ପାଇଲେ ଅଲ୍ଢେ଼ ଦେଖିବେ ।

୨ । ବୁଝାଯିବା ଅର୍ଥ—2. Comprehended meaning; a purport which has been understood.

୩ । ଫଳରେ ପ୍ରାପ୍ତ ଉଦ୍ଦେଶ୍ୟ—
3. Object which has been attained.

ସଂ. ବଣ.ପୁଂ (ବହୁବ୍ରୀହି; ଉପଲବ୍ଧ ହୋଇଅଛି ଅର୍ଥ ଯାହାଦ୍ୱାରା)—
(ଉପଲବ୍ଧାର୍ଥା—ସ୍ତ୍ରୀ) ୧ । ଯେ ଉଦ୍ଦେଶ୍ୟ ଅନୁରୂପ ଫଳ ପାଇଅଛି—
1 Having attained one's aim.

୨ । ଯେ ଅର୍ଥ ବୁଝି ପାରିଅଛି—
2. Having understood the meaning.

୩ । ଯେ ଉଦ୍ଦେଶ୍ୟ ହୃଦୟଙ୍ଗମ କରିଅଛି—
3. One who has realised the intention.

୪ । (ବହୁବ୍ରୀହି; ଉପଲବ୍ଧ ହୋଇଅଛି ଅର୍ଥ ଯାହାର)—
ଯାହାର ଅର୍ଥ ବୁଝା ଯାଇଅଛି—
4. ( a matter ) Of which the meaning has been comprehended.

**ଉପଲବ୍ଧାର୍ଥା**—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଉପଲବ୍ଧ+ଅର୍ଥ+ସ୍ତ୍ରୀ. ଆ)—
Upalabdhārthā ୧ । ଆଖ୍ୟାୟିକା—
1. Story; narrative.

୨ । ଅନୁଭୂତାର୍ଥ ପ୍ରତିପାଦକ କଥା; ଅନୁଭବ କରିଥିବା କଥା—
2. Relation of one's down experience.

**ଉପଲବ୍ଧି**—ସଂ. ବଣ. (ଉପ+ଲଭ ଧାତୁ=ପାଇବା+ଭାବ. ତି)—
Upalabdhi ୧ । ଅନୁଭବ; ବୋଧ; ଅନୁଭୂତି—
1. Perception; experience.

୨ । ବୁଝିବା; ହୃଦୟଙ୍ଗମ କରିବା—
2. Comprehension; understanding; realisation.

୩ । ଜ୍ଞାନ—3. Knowledge; cognition; perception

୪ । ପ୍ରାପ୍ତି; ଲାଭ—4. Acquisition; attainment

୫ । ବୁଦ୍ଧି—5. Conception

**ଉପଲଭ୍ୟ**—ସଂ. ବଣ. ( ଉପ+ଲଭ ଧାତୁ+କର୍ମ. ଯ )—
Upalabhya ୧ । ପ୍ରାପ୍ୟ—1. Due; obtainable.

୨ । ଜ୍ଞେୟ—2. Knowable; perceptible.

୩ । ଅନୁମେୟ—3. Inferable.

୪ । ସାଧ୍ୟ—4. Attainable.

ଦେ. ବି— ୧ । ଲାଭ—1. Profit.

୨ । ଆୟ—2. Gain; income.

**ଉପଲମ୍ଭ**—ସଂ. ବି. ପୁଂ ( ଉପ+ଲଭ ଧାତୁ=ପାଇବା+ଭାବ. ଅ; ମ ଆଗମ )—
Upalambha
୧ । ଉପଲବ୍ଧି—1. Perception; realisation.

୨ । ଅନୁଭବ—2. Experience.

୩ । ତିରସ୍କାର—3. Rebuke,

**ଉପଲା**—ସଂ. ବି. ସ୍ତ୍ରୀ ( ଉପଲ+ଅଛି ଅର୍ଥରେ. ଆ )—
Upalā ୧ । ପ୍ରସ୍ତରମୟ ଭୂମି—1. Stony ground.

୨ । ଶର୍କରା—2 Treacle; molasses.

**ଉପଲିଙ୍ଗ**— ସଂ. ବି ( ଉପ=ଉପରେ+ଲିଙ୍ଗ ଧାତୁ=ଗମନ କରିବା +କର୍ତ୍ତୃ. ଅ )—
Upalinga
ଭୂମିକମ୍ପ ପ୍ରଭୃତି ଦୈବୀ ଉପଦ୍ରବ—
Mishap; divine visitation ( as, earthquake )

**ଉପଲିପ୍ତ**—ସଂ. ବଣ ( ଉପ=ଉପରେ+ଲିପ ଧାତୁ=ଲେପନ କରିବା +କର୍ମ. ତ )—
Upalipta
ଉପଲେପ }
ଉପଲେପନ } ଦ. ୧ । ଦେହରେ ବୋଳା ହୋଇଥିବା; ଉପରେ ବୋଳା ହୋଇଥିବା—
1. Besmeared.

୨ । ଲିପା ହୋଇଥିବା—2. Plastered; anointed.

**ଉପଲିବା**—ପ୍ରାଦେ. (ସମ୍ବଲପୁର) କ୍ରି—ଭାସିବା—
Upalibā To float.

**ଉପଲେଖିବା**—ଦେ. କ୍ରି. ( ସଂ. ଉପେକ୍ଷା )—୧ । ତ୍ୟାଗ କରିବା—
Upalekhibā 1 To give up; to detest to leave.

୨ । ( ସଂ. ଉପଲକ୍ଷ )—ଲକ୍ଷ୍ୟ କରିବା; ଉପଲକ୍ଷ ଦେବା—
2 To cite.

ସୁଗ୍ରୀବ ଅଙ୍ଗଦାଦି ଦେଖି, ସେ କେଉଁଠ ବୃକ୍ଷ ଉପଲେଖି ।
ଉପର କଲେ ଉପଘାତ, କଲେ ତାହାକୁ ସେଠବନ୍ତ ।
ପ୍ରାଚୀ. ନର୍ଗୁଣମାହାତ୍ମ୍ୟ ।

**ଉପଲେଛିବା**—ଗ୍ରା. କ୍ରି ( ସଂ. ଉପଲକ୍ଷ )—
Upalechhibā ୧ । ଅନୁମାନଦ୍ୱାରା ଦେଖିନେବା; ଦରାଣ୍ଡିବା—
1. To grope; to search at random.

୨ ।(ସଂ.ଉପେକ୍ଷା)—ତ୍ୟାଗ କରିବା—2. To abandon.

**ଉପଲେପ**—ସଂ. ବି. ( ଉପ=ଉପରେ+ଲିପ ଧାତୁ=ଲେପିବା+ଭାବ. ଅ )—ଉପଲେପନ ( ଦେଖ )
Upalepa
( ଉପଲିପ୍ତ—ବଣ ) Upalepana ( See )

ସୁହମାର୍ଜିତ ଉପଲେପ, ମଣ୍ଡନ ସାମ୍ପ୍ରତାଲେ ଦୀପ—ଜଗନ୍ନାଥ. ଭାଗବତ ।

**ଉପଲେପନ**—ସଂ. ବି. (ଉପ=ଉପରେ+ଲିପ ଧାତୁ+ଭାବ. ଅନ)—
Upalepana ୧ । ରଙ୍ଗ ଆଦିର ପୋଛ—
( ଉପଲିପ୍ତ—ବଣ ) 1. One coating of paint.

୨ । ବୋଳିବା—2. Plastering.

୩ । ଲିପିବା—3. Besmearing.

୪ । ମଲମ; ଅଞ୍ଜନ—4. Ointment.

୫ । କାନ୍ଥ ଆଦି ଲିପିବା—
5. Washing the walls with a coat of cowdung or lime.

| ୧ | ଇ | ଉ | ଋ,ୠ | ଌ ୍ ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଯ୍ | ଉଃ | ଭ |
|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଓ | ନ୍ଦ |

ଉପଲେଶିବା—ଗ୍ରା. କ୍ରି — ଉପଲେଛୁବା ( ଦେଖ )
Upaleśibā Upalechhibā ( See )

ଉପଶମ— ସଂ. ବି. ( ଉପ + ଶମ୍ ଧାତୁ + ଭାବ. ଅ )—୧ । ଶାନ୍ତି—
Upaśama 1. Alleviation; mitigation.
( ଉପଶାନ୍ତ—ବିଣ ) ୨ । ନିବୃତ୍ତି—2 Cessation.
୩ । ଇନ୍ଦ୍ରିୟ-ନିଗ୍ରହ—3. Restraint of passions
୪ । ରୋଗର ଉପଦ୍ରବ ନିବୃତ୍ତି—
4 Abatement of the symptoms of a disease; relief.

ଉପଶମକ—ସଂ. ବିଣ. ( ଉପ + ଶମ୍ ଧାତୁ=ଶାନ୍ତ ହେବା + କର୍ତ୍ତୃ. ଅକ )—ଯେ ଉପଶମ କରେ; ଯାହାଦ୍ୱାରା ଉପଶମ ହୁଏ—
Upaśamaka
One who alleviates; alleviating.

ଉପଶମିତ— ସଂ. ବିଣ. ( ଉପ + ଶମ୍ ଧାତୁ ଣିଚ୍=ଶମି ଧାତୁ=ଶାନ୍ତ କରାଇବା + କର୍ମ. ତ )—
Upaśamita
୧ । ଉପଶମ ପ୍ରାପ୍ତ—1. Abated
୨ । ଶାନ୍ତ— 2. Relieved; tranquil.
୩ । ରୋଗନିବୃତ୍ତ—3. Cured.
୪ । ନିଗୃହୀତ —4. Restrained

ଉପଶୟ—ସଂ. ବି. ( ଉପ = ସମୀପେ + ଶୀ ଧାତୁ=ଶୋଇବା + ଅଧିକରଣ. ଅ )—
Upaśaya
୧ । ଶିକାରୀର ମଞ୍ଚା—1. A machan of a hunter
୨ । ମୃଗମାରଣାର୍ଥ ବ୍ୟାଧର ଅସ୍ତ୍ରଗୁପ୍ତିସ୍ଥାନ—
2. A hiding place of a hunter while hunting.
୩ । ବ୍ୟାଧର ଗର୍ତ୍ତବିଶେଷ—3 A huntsman's pit.
୪ । କୋଡ଼—4 Lap.
୫ । ( + ଭାବ. ଅ )—ନିକଟରେ ଶୟନ—
5. Sleeping near
୬ । ( + କର୍ମ. ଅ )—କୌଣସି ବସ୍ତୁ (ଯଥା—ଖାଦ୍ୟ )ର ବ୍ୟବହାର ଯୋଗୁଁ କ୍ଲେଶର ବୃଦ୍ଧି ବା କମି ହେବାର ଦେଖି ରୋଗର ସ୍ୱରୂପ ଅନୁମାନ ( ଏହା ରୋଗଜ୍ଞାନର ପାଞ୍ଚ ଗୋଟି ଉପାୟ ମଧ୍ୟରୁ ଏକତମ; ହି. ଶବ୍ଦସାଗର)—
6. Diagnosis of a disease by watching the effect of certain diet on the patient.
୭ । ରୋଗୀକୁ ସୁଖ ବା ଆରାମ ଦେବା ବସ୍ତୁ ବା ଉପାୟ; ଅନୁକୂଳ ଔଷଧ ବା ପଥ୍ୟ ( ହି. ଶବ୍ଦସାଗର )—
7. Diet or medicine which gives relief to a patient.
କ୍ରି. ବିଣ. ( ଅବ୍ୟୟୀଭାବ ) ବସ୍ତୁ ସମୀପରେ—
Near by; at hand.

ଉପଶଲ୍ୟ— ସଂ. ବି. ( ଉପ=ସମୀପ + ଶଲ୍ ଧାତୁ=ଯିବା+ଯ)—
Upaśalya ଗ୍ରାମାନ୍ତ; ଗାଁମୁଣ୍ଡ—
The outskirts of a village.

ଉପଶାନ୍ତ— ସଂ. ବିଣ. ( ଉପ + ଶମ୍ ଧାତୁ = ଶାନ୍ତ ହେବା+କର୍ମ. ତ)–
Upaśānta ନିବୃତ୍ତ; କମିଯାଇଥିବା; ଶାନ୍ତ ହୋଇଥିବା—
( ଉପଶମ—ବି ) Alleviated; assuaged; appeased; mitigated.

ଉପଶାନ୍ତି - ସଂ. ବି. ( ଉପ+ଶମ୍ ଧାତୁ=ଶାନ୍ତ ହେବା + ଭାବ. ତି)—
Upaśānti ୧ । ଉପଶମ—
(ଉପଶାନ୍ତ—ବିଣ) 1. Alleviation; assuaging; appeasing.
୨ । ଆରୋଗ୍ୟ—2. Cure; relief.
୩ । ନିବୃତ୍ତି—3. Cessation.

ଉପଶାୟ—ସଂ. ବି. ( ଉପ = ପର୍ଯ୍ୟାୟକ୍ରମେ=ଶୀ ଧାତୁ = ଶୋଇବା+ ଭାବ ଅ)—ପ୍ରହରୀମାନଙ୍କର ପର୍ଯ୍ୟାୟକ୍ରମରେ ଶୟନ; ଚଉକିଦାରମାନଙ୍କର ପାଳି କରି ଶୋଇବା—
Upaśāya
The sleeping of the watchmen by turns.

ଉପଶିଷ୍ୟ— ସଂ. ବି. ପୁଂ. ( ଉପ=ନିକୃଷ୍ଟ + ଶିଷ୍ୟ )—ଶିଷ୍ୟର ଶିଷ୍ୟ—
Upaśishya A disciple of a disciple

ଉପଶୋଭିତ— ସଂ. ବିଣ. (ଉପ=ସମ୍ୟକ୍ + ଶୋଭିତ=ଶୋଭାଯୁକ୍ତ)—
Upaśobhita ୧ । ଅଳଂକୃତ—1. Adorned.
୨ । ସଜ୍ଜୀକୃତ—2. Beautified; decked.
୩ । ଶୋଭାପ୍ରାପ୍ତ —3. Looking smart.

ଉପଶ୍ରୁତ—ସଂ. ବିଣ. ( ଉପ + ଶ୍ରୁ ଧାତୁ=ଶୁଣିବା + କର୍ମ. ତ )—
Upaśruta ଅଙ୍ଗୀକୃତ; ପ୍ରତିଶ୍ରୁତ—
(ଉପଶ୍ରୁତି—ବି) Promised; agreed to.

ଉପଶ୍ରୁତି—ସଂ. ବି. (ଉପ+ଶ୍ରୁ ଧାତୁ=ଅଙ୍ଗୀକାର କରିବା+ଭାବ.ତି)—
Upaśruti ୧ । ଅଙ୍ଗୀକାର—1 Promise
୨ । ସ୍ୱୀକାର—2. Agreement.
୩ । ଦୈବ ଶୁଭାଶୁଭ ପ୍ରଶ୍ନ—3 Questions put with a view to know one's future
୪ । ନିଜର ପ୍ରଶ୍ନ ଅନୁସାରେ ଅନ୍ୟ ବ୍ୟକ୍ତି ମୁଖରୁ ଅଚର୍ଚ୍ଚିତ ଭାବରେ ଶୁଣିବା ଅନୁକୂଳ ବା ପ୍ରତିକୂଳ ବଚନ—
4. Words unconsciously uttered by another which are interpreted to indicate the hearer's future.

ଉପଶ୍ଲିଷ୍ଟ— ସଂ. ବିଣ. ( ଉପ + ଶ୍ଲିଷ ଧାତୁ+କର୍ମ. ତ )—
Upaślishṭa ୧ । ଆଲିଙ୍ଗିତ—1 Embraced.
(ଉପଶ୍ଳେଷ—ବି) ୨ । ଅଂଶତଃ ସମ୍ବଦ୍ଧ—2. Partially connected.
୩ । ବଞ୍ଚିତ—3. Cheated; deprived.

ସାଧାରଣ ଯେବେ ଶବ୍ଦର ସ୍ଥାନରେ ପୂର୍ବେ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମାନଙ୍କରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଭାବରେ ଉକ୍ତ ଚହ୍ନିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳବତ' ନ ପାଇଲେ 'ଅଲବତ୍' ଦେଖିବେ

**ଉପଶ୍ଳେଷ**—ସଂ. ବି. ( ଉପ + ଶ୍ଳିଷ୍ ଧାତୁ = ଆଲିଙ୍ଗନ କରିବା + ଭାବ. ଅ )—
Upaślesha
( ଉପଶ୍ଳିଷ୍ଟ—ବିଣ ) ୧ । ଏକଦେଶସମ୍ବନ୍ଧ—
1. Conjunction at one point; partial connection.
୨ । ଆଲିଙ୍ଗନ—2. Embrace.
୩ । ବଞ୍ଚନା—3. Cheating; deceit.

**ଉପଷ୍ଟମ୍ଭ**—ସଂ. ବି. (ଉପ + ସ୍ତମ୍ଭ୍ ଧାତୁ = ଥମ୍ଭି ଯିବା + ଭାବ. ଅ)—
Upashtambha ୧ । ଉପକ୍ରମ; ଆରମ୍ଭ—
1. Beginning; tending; commencement.
୨ । ଉଦ୍ରେକ—2 Standing; excitement
୩ । ସ୍ତମ୍ଭନ—3. Restraint.
୪ । ଉପଲକ୍ଷ—4. Occasion
୫ । ପ୍ରୟୋଜନ—5. Necessity
୬ । (+କରଣ. ଅ)—ସ୍ତମ୍ଭ—6 Pillar.

**ଉପସଂଖ୍ୟାତ**—ସଂ. ବିଣ ( ଉପ + ସମ୍ + ଖ୍ୟା ଧାତୁ = ଗଣନା କରିବା + କର୍ମ. ତ )—
Upasaṁkhyāta
(ଉପସଂଖ୍ୟାନ—ବି) ୧ । ସଂଗୃହୀତ—1. Collected
୨ । ଗଣିତ—2. Calculated.

**ଉପସଂଖ୍ୟାନ**—ସଂ. ବି (ଉପ + ସମ୍ ଖ୍ୟା ଧାତୁ = ଗଣିବା + ଭାବ. ଅନ)—
Upasaṁkhyāna ୧ । ସଂଗ୍ରହ—1. Collection; collation.
୨ । ଗଣନା—2. Calculation.
୩ । ବିଶେଷଣ—3. Adjective.
୪ । ( ବ୍ୟାକରଣ ) ସମାନାର୍ଥକ ଶବ୍ଦ—
4. (grammar Synonym.

**ଉପସଂଗ୍ରହ**—ସଂ. ବି. ( ଉପ = ନିକଟ; ସମ୍ୟକ୍ + ଗ୍ରହ ଧାତୁ = ଗ୍ରହଣ କରିବା + ଭାବ. ଅ )—
Upasaṁgraha
ମାନ୍ୟ ବ୍ୟକ୍ତିଙ୍କ ପାଦସ୍ପର୍ଶପୂର୍ବକ ପ୍ରଣାମ; ଗୋଡ଼ତଳେ ପଡ଼ିବା—
Salutation by touching the feet of a person; making obeisance by touching the feet of a superior person.

**ଉପସଂବ୍ୟାନ**—ସଂ. ବି. (ଉପ = ଉପରେ + ସଂ = ସମ୍ୟକ୍ + ବ୍ୟେ ଧାତୁ = ଆଚ୍ଛାଦନ କରିବା + କରଣ. ଅନ )—
Upasaṁbyāna
୧ । ପରିଧାନ ବସ୍ତ୍ର—
1. Cloth worn on the body
୨ । ପିନ୍ଧା ଲୁଗା; ପୋଷାକ—
2. Wearing apparel; dress.
୩ । ଉତ୍ତରୀୟ ବସ୍ତ୍ର—3 A scarf; sheet worn on the upper part of the body.

**ଉପସଂହରଣ**—ସଂ. ବି. ( ଉପ + ସମ + ହୃ ଧାତୁ + ଭାବ. ଅନ )—
Upasaṁharaṇa ଉପସଂହାର (ଦେଖ)
Upasaṁhāra (See)

**ଉପସଂହାର**—ସଂ. ବି. (ଉପ + ସମ + ହୃ ଧାତୁ + ଭାବ. ଅ)—
Upasaṁhāra ୧ । ନାଶ; ମୃତ୍ୟୁ—1. Death; destruction
୨ । ପରିଶେଷ; ଶେଷ; ସମାପ୍ତି—
2. Completion; end; finish.
୩ । ସଂଗ୍ରହ—3. Collection
୪ । ଉପସଂହାର—4. Conclusion; summing up.
୫ । ନିବୃତ୍ତି—5. Cessation.
୬ । ଆକ୍ରମଣ—6. Attack.
୭ । ସଂକୋଚ—7. Hesitation.

**ଉପସଂହୃତ**—ସଂ. ବିଣ. (ଉପ + ସମ + ହୃ ଧାତୁ = ହରଣ କରିବା + Upasaṁhṛuta କର୍ମ. ତ)—୧ । ସମାପିତ—
1. Finished; concluded; completed.
୨ । ସଂଗୃହୀତ—2. Compiled; summed up.

**ଉପସତ୍ତି**—ସଂ. ବି. (ଉପ = ନିକଟ + ସଦ୍ ଧାତୁ = ଗମନ କରିବା + Upasatti ଭାବ. ତି)—୧ । ସମ୍ପର୍କ—
(ଉପସନ୍ନ—ବିଣ) 1. Slight connection; touch; contiguity.
୨ । ସେବା—2. Tending.
୩ । ପ୍ରତିପାଦନ—3 Proving; demonostration.
୪ । ଦାନ—4. Gift.
୫ । ନିକଟରେ ଗମନ; ପାଖଦେଇ ଯିବା—
5. Passing by; going past; touch and go

**ଉପସତ୍ୱ**—ଦେ. ବି. (ଦେଶଜ) ( ସଂ. ଉପସ୍ୱତ୍ୱ )—ଉପସ୍ୱତ୍ୱ ( ଦେଖ )
Upasatwa Upaswatwa ( See )
(ଯଥା—ସତ୍ୱ ଉପସତ୍ୱ—୧ । ସ୍ୱତ୍ୱ ଓ ଆୟ—
1. Title and income.
୨ । ସ୍ୱାମିତ୍ୱ ଓ ଅଧିକାର—2. Right and title.
ଗ୍ରନ୍ଥର ଉପସତ୍ୱ—ପୁସ୍ତକ ଛାପିବା ପାଇଁ ଗ୍ରନ୍ଥକର୍ତ୍ତାଙ୍କ ପ୍ରବର୍ତ୍ତିବା ଏକମାତ୍ର ଅଧିକାର—Copy-right.)

**ଉପସତ୍ୱଭୋଗୀ**—ଦେ. ବିଣ. ପୁଂ. (ଦେଶଜ)—ଉପସ୍ୱତ୍ୱଭୋଗୀ (ଦେଖ)
Upasatwabhogī Upaswatwabhogī ( See )

**ଉପସନ୍ନ**—ସଂ. ବିଣ ( ଉପ = ନିକଟ + ସଦ୍ ଧାତୁ = ଗମନ କରିବା + Upasanna କର୍ତ୍ତୃ. ତ )—୧ । ଉପସ୍ଥିତ—1. Present.
(ଉପସତ୍ତି—ବି) ୨ । ସମୀପସ୍ଥ; ଆସନ୍ନ; ନିକଟବର୍ତ୍ତୀ—
2. Impending; adjoining; contiguous.

**ଉପସମ୍ପନ୍ନ**—ସଂ. ବିଣ ( ଉପ + ସମ + ପଦ ଧାତୁ = ପରିଣତ ହେବା + Upasampanna କର୍ତ୍ତୃ. ତ )—୧ । ପକ୍ୱ—
1. Ripened; developed.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ଋ | ଂ ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଉଅ | ଉ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ତୁ |

୨ । ମୃତ—2. Dead.

୩ । ଯାଗାର୍ଥ ହତ ( ପଶୁ )—
3. ( animal ) Killed for sacrifice.

୪ । ପର୍ଯ୍ୟାପ୍ତ—4. Sufficient.

୫ । (+କର୍ମ. ଅ)—ଲବ୍ଧ; ପ୍ରାପ୍ତ—5. Received;got.

୬ । ପ୍ରସ୍ତୁତ ( ବ୍ୟଞ୍ଜନାଦି )—6. Prepared;cooked.

୭ । ସଂସ୍କୃତ—7. Refined.

୮ । ଯୁକ୍ତ—8. Joined.

୯ । ବିଶିଷ୍ଟ—9 Particular; peculiar; special,

ଉପସର—ସଂ. ବି. (ଉପ+ସୃ ଧାତୁ=ଗମନ କରିବା+ଭାବ. ଅ)—
Upasara ୧ । ନିର୍ଗମନ—1. Issuing.
(ଉପସୃତ—ବିଣ) ୨ । ଗାଈ ପ୍ରଭୃତିର ଗର୍ଭାଧାନାର୍ଥ ବୃଷଭ ନିକଟକୁ ଗମନ—2. Going of the cow to the bull for crossing.

୩ । ଗର୍ଭଗ୍ରହଣ; ପେଟରେ ହେବା—
3. Becoming pregnant; conception.

ଗ୍ରା. ବି.—ପ୍ରୟୋଜନ—Use; necessity.

ଉପସର୍ଗ—ସଂ. ବି. (ଉପ=ଉପସ୍ଥିତ+ସର୍ଗ=ସୃଷ୍ଟି; ସର୍ଜନା)—
Upasarga ୧ । ଉତ୍ପାତ; ଭୂମିକମ୍ପାଦି ଦୈବୀ ଉପଦ୍ରବ—
(ଉପସୃଷ୍ଟ—ବିଣ) 1. Natural calamity ( e.g. earthquake, eclipse); natural pheuomenon foreboding evil.

୨ । ବିଘ୍ନ—2. Obstacle.

୩ । ବ୍ୟାଘାତ—3. Obstruction.

୪ । ପୀଡ଼ା—4 Disease.

୫ । ରୋଗରୁ ଜାତ ବିକାର—5. Complications or bad symptoms caused by a disease.

୬ । ଅଶକୁନ—6. Evil omens.

୭ । (ବ୍ୟାକରଣ) (ଧାତୁ ସମୀପକୁ ଯାଇ ଯେଉଁମାନେ ଭିନ୍ନ ଭିନ୍ନ ଅର୍ଥ ସୃଷ୍ଟି କରନ୍ତି)—ଧାତୁ ପୂର୍ବରେ ଲାଗି ବାକ୍ୟ ନିଷ୍ପନ୍ନ କରିବା ପଦାଂଶ—
7. grammar) A prefix; an inseparable preposition.

[ଦ୍ର—ଉପସର୍ଗମାନ ସଂଖ୍ୟାରେ ୨୦ଟି ଯଥା—ପ୍ର, ପରା, ଅପ, ସମ୍, ନି, ଅବ୍, ଅନୁ, ନିର୍, ଦୁର୍, ବି, ଅଧି, ସୁ, ଉତ୍, ପରି, ପ୍ରତି, ଅଭି, ଅତି, ଅପି, ଉପ, ଆ ]

ଉପସର୍ଜ୍ଜନ—ସଂ. ବି. (ଉପ=ହୀନ+ସୃଜ ଧାତୁ=ସୃଷ୍ଟି କରିବା+ଭାବ. ଅନ)—
Upasarjjana
(ଉପସୃଷ୍ଟ—ବିଣ) ୧ । ଦୈବୀ ଉପଦ୍ରବ—
1. Natural calamity.

୨ । ଅଧିକା ଯୋଗ କରିବା—2 Adding.

୩ । ତ୍ୟାଗ—3 Abandonment

୪ । ଅଧୀନ ବ୍ୟକ୍ତି—4 Subordinate person.

୫ । ଚନ୍ଦ୍ର ବା ସୂର୍ଯ୍ୟ ଗ୍ରହଣ—5. Eclipse.

୬ । ଅପ୍ରଧାନ ବ୍ୟକ୍ତି—
6. A person of secondary importance.

୭ । ଉପରେ ଢାଳିବା—7. Pouring upon.

୮ । ଅପ୍ରାଧାନ୍ୟ—8. Subordination.

୯ । ପ୍ରତିନିଧି, ବଦଳରେ ରଖାଯିବା ବସ୍ତୁ ବା ବ୍ୟକ୍ତି—
9. Representative; substitute

୧୦ । (ବ୍ୟାକରଣ)—ସମାସରେ ପ୍ରଥମାନ୍ତ ନିର୍ଦ୍ଦିଷ୍ଟ ବା ଏକ ବିଭକ୍ତିଯୁକ୍ତ ପଦ (ପ୍ରକୃତିବାଦ)—10. (grammar) A word which by composition or derivation loses its original independence while also it determines the sense of another word ( M. W. )

[ଦ୍ର—ବହୁବ୍ରୀହି ସମାସରେ ଦୁଇଟଯାକ ପଦ ଉପସର୍ଜ୍ଜନ ଅଟେ; ଅନ୍ୟ ସମାସମାନଙ୍କରେ କେବଳ ପ୍ରଥମ ପଦ ଉପସର୍ଜ୍ଜନ ଅଟେ (M.W.) ଯଥା—'ମୀତ ପ୍ରକୃତି' ଶବ୍ଦରେ ବ୍ୟବହୃତ 'ମୀତ' ଓ 'ପ୍ରକୃତି' ଏହି ଦୁଇ ଶବ୍ଦର ମୌଳିକ ଅର୍ଥ ଲୋପ ପାଇ ମୀତପ୍ରକୃତିବିଶିଷ୍ଟ ବ୍ୟକ୍ତିକୁ ବୁଝାଇଲା । ଅତଏବ ଏ ଦୁଇ ଶବ୍ଦ ଉପସର୍ଜ୍ଜନ ଅଟେ । ]

ସଂ ବିଣ—ଗୌଣ; ଅପ୍ରଧାନ—Subordinate; secondary.

ଉପସର୍ପଣ—ସଂ. ବି. ( ଉପ=ସମୀପ+ସୃପ୍ ଧାତୁ=ଗମନ କରିବା+
Upasarpaṇa ଭାବ. ଅନ )—୧ । ସମୀପକୁ ଗମନ; ସମୀପରେ
(ଅପସର୍ପଣ—ବିପରୀତ) ଉପସ୍ଥିତ—1 Coming near; approach.

୨ । ଅନୁବୃତ୍ତି; ଅନୁସରଣ—2. Attendance on or cringing before a person to gain some end

୩ । ଉପାସନା—3 Worship; prayer.

୪ । ନର୍ତ୍ତନ—4 Dancing.

ଉପସର୍ପଣା—ସଂ. ବି. ( ଉପ+ସୃପ୍ ଧାତୁ+ଭାବ. ଅନ+ସ୍ତ୍ରୀ. ଆ )—
Upasarpaṇā ଉପସର୍ପଣ ( ଦେଖ )
Upasarpaṇa (See )

ଉପସର୍ଯ୍ୟା—ସଂ. ବି. ସ୍ତ୍ରୀ. ( ଉପ=ସୃ ଧାତୁ=ଗମନ କରିବା+କର୍ମ.
Upasarjyā ଯ+ସ୍ତ୍ରୀ; ଆ; ନିପାତନ)—୧ । ବଳଦ ପଡ଼ିଥିବା ଗାଈ; ଋତୁମତୀ ଗାଈ—1. A cow fit for the bull; a cow on heat.

୨ । ଯାବାସ୍ଥ୍ୟା ସ୍ତ୍ରୀ—2. A woman in her course.

୩ । ଯେଉଁ କନ୍ୟାର ପ୍ରଥମରଜୋଦର୍ଶନ ହୋଇଅଛି—
3. A girl who has attained puberty.

ସାଧାରଣ ଲେଖକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଜନରେ ଯେବେ ଏ କୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟେ ଉକ୍ତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ 'କୃଷ' ନ ମିଳିଲେ 'କୃଷ୍' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଉପସାଗର—ସଂ. ବି. ( ଭୂଗୋଳପରିଭାଷା )—(ଉପ=ପ୍ରାୟ+ସାଗର)-- Upasāgara ଯେଉଁ ଜଳଭାଗର ତିନି ପାଖରେ ସ୍ଥଳ ଓ ଏକ ପାଖରେ ଜଳ ଥାଏ—Gulf; bay.

ଉପସୁନ୍ଦ—ସଂ.ବି. (ନାମ)—୧ । ଜଣେ ଦୈତ୍ୟ; ସୁନ୍ଦ ଦୈତ୍ୟର ସାନ ଭାଇ; Upasunda (ଏ ଦୁଇ ଭାଇ ତିଲୋତ୍ତମାପାଇଁ ପରସ୍ପର ବିବାଦ କରି ନିହତ ହୋଇଥିଲେ)—1. Name of a demon.

୨ । ନରକାସୁରର ସେନାପତି ( ଏ କୃଷ୍ଣଙ୍କ ହାତରେ ନିହତ ହୋଇଥିଲେ)—2 Name of a general of demon Naraka.

ଉପସୂର୍ଯ୍ୟକ—ସଂ. ବି. (ଉପ=ସମୀପ+ସୂର୍ଯ୍ୟ+ସ୍ୱାର୍ଥେ. କ)— Upasūrjyaka ୧ । ସୂର୍ଯ୍ୟମଣ୍ଡଳ; ସୂର୍ଯ୍ୟଙ୍କ ଚାରିପାଖରେ ଥିବା ମଣ୍ଡଳାକାର ପରିଧି—1. Halo of the sun.

୨ । (ଉପସୂର୍ଯ୍ୟ+ତୁଲ୍ୟାର୍ଥେ. ଅ)—ଚନ୍ଦ୍ରମଣ୍ଡଳ— 2. Disc of fhe moon.

୩ । ଏକ ପ୍ରକାର ଜୁଳୁଜୁଳିଆ ପୋକ— 3. A kind of beetle or glowworm. (M. W)

ଉପସୃଷ୍ଟ—ସଂ. ବିଣ. (ଉପ+ସୃଜ ଧାତୁ=ଯୋଗ କରିବା+କର୍ମ. ତ)— Upasrushta ୧ । ଉପଦ୍ରୁତ—1. Oppressed (ଉପସର୍ଜନ - ବି) ୨ । ଆକ୍ରାନ୍ତ—2 Attacked; afflicted.

୩ । ବ୍ୟାପ୍ତ—3. Pervaded.

୪ । ଦୈବାଦି ଉପଦ୍ରବଯୁକ୍ତ—4. Overwhelmed with calamity.

୫ । ( ବ୍ୟାକରଣ )—ଉପସର୍ଗଯୁକ୍ତ—5. (grammar) Having a prefix.

୬ । (ରୋଗ) ବିକାରଯୁକ୍ତ—6. (disease) Attended with complications.

୭ । ରାହୁ ବା କେତୁଗ୍ରସ୍ତ ( ଚନ୍ଦ୍ର, ସୂର୍ଯ୍ୟ )— 7. Eclipsed.

୮ । ପରିତ୍ୟକ୍ତ—8. Abandoned.

୯ । ଆଚ୍ଛାଦିତ—9 Obscured

୧୦ । ( ଭୂତ ବା ଅସୁରଙ୍କଦ୍ୱାରା ) ଗ୍ରସ୍ତ—10. Possessed by a spirit or demon.

୧୧ । ବର୍ଦ୍ଧିତ—11. Increased.

୧୨ । କାମୁକ (ପ୍ରକୃତିବାଦ)—12. Lustful.

୧୩ । ଗାଈ ସଙ୍ଗେ ଲଗାଯିବା ( ବାଛୁରି )— 13. ( a calf ) Admitted to the mother-cow. (M.W.)

୧୪ । ପ୍ରେରିତ—14. Sent; let loose towards (M. W.)

(+ଭାବ. ତ) ସଂ. ବି—ମୈଥୁନ—Coition.

ଉପସେବକ—ସଂ. ବିଣ. ପୁଂ ( ଉପ+ସେବ ଧାତୁ=ସେବା କରିବା+ Upasebaka କର୍ତ୍ତୃ. ଅକ )—୧ । ଉପଭୋଗକର୍ତ୍ତା— (ଉପସେବିକା —ସ୍ତ୍ରୀ) 1. Enjoying.

୨ । ପରସ୍ତ୍ରୀ ପ୍ରତି ଆସକ୍ତ; ପରସ୍ତ୍ରୀପ୍ରଣୟୀ— 2. Attached to the wife of another person; courting the wife of another.

ଉପସେବା—ସଂ. ବି ( ଉପ=ନିକଟରେ+ସେବା )—୧ । ସମ୍ମାନ— Upasebā 1. Homage; respect; veneration. (ଉପସେବିନ—ଅନ୍ୟରୂପ) ୨ । ଅନୁସରଣ—2 Waiting upon, a person with some prayer; attendance on a person for the fulfilment of some prayer.

୩ । ଉମେଦ୍ୱାରୀ—3. Candidature.

୪ । ପ୍ରଣୟାର୍ଥ ଅନୁସରଣ— 4 Courting; court-ship.

ଉପସେବିତ—ସଂ. ବିଣ ( ଉପ=ନିକଟରେ+ସେବିତ )— Upasebita ୧ । ସମ୍ମାନିତ—1. Revered; honoured; respected.

୨ । ଅନୁସୃତ—2 Waited upon; attended on.

ଉପସେବୀ—ସଂ. ବିଣ. ପୁଂ ( ଉପ+ସେବ ଧାତୁ=ସେବା କରିବା+ Upasebī +କର୍ତ୍ତୃ. ଇନ୍: ୧ମା. ୧ବ. )—୧ । ଯେ ସେବା (ଉପସେବିନୀ—ସ୍ତ୍ରୀ) କରେ—1 Serving.

୨ । ପରିଚର୍ଯ୍ୟାକାରୀ—2. Tending.

୩ । ପ୍ରଣୟାର୍ଥ ଅନୁସରଣକାରୀ—3. Courting.

ସଂ. ବି—୧ । ସେବକ; ପରିଚାରକ—1. Servant; attendant

୨ । ଅନୁସରଣେଚ୍ଛୁ—2. Suitor.

୩ । ଉମେଦ୍ୱାର—3. A candidate.

ଉପସେବ୍ୟ—ସଂ. ବିଣ. ପୁଂ. ( ଉପ+ସେବ୍ ଧାତୁ=ସେବା କରିବା+ Upasebya କର୍ମ. ଯ )—ସମ୍ମାନାର୍ହ; ମାନ୍ୟାସ୍ପଦ— (ଉପସେବ୍ୟା—ସ୍ତ୍ରୀ) Honourable; respectable.

ଉପସ୍କର—ସଂ. ବି (ଉପ=ସମ୍ପୂର୍ଣ୍ଣ+କୃ ଧାତୁ=କରିବା+କରଣ. ଅ)— Upaskara ୧ । ଅସମ୍ପୂର୍ଣ୍ଣ ବାକ୍ୟର ବୋଧ ନିମନ୍ତେ ଶବ୍ଦର ଅଧ୍ୟାହାର—1. A gap or ellipsis made for the proper understanding of an incomplete sentence.

୨ । ତରକାରୀର ମସଲା; ବାଟଣା— 2. Condiment; seasoning for curry.

(ଉପସ୍କୃତ—ବିଣ) ୩ । ବଟା ମସଲା (ହଳଦୀ, ସୋରିଷ, ଗୋଲମରିଚ, ଗରମମସଲା )—3. Ground spices; sauce e.g. mustard, pepper,termeric.)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ ଂ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଲ | ଶ,ଷ | ଙ୍କ | ଇଂ | ହ୍ୟ | ଋ |
| ୨ | ଉ | ଖ | ରୁ | ଲୁ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ୱ | ହୃ |

୪ । ହାତ ହତିଆର—4. Implement; instrument.

୫ । ଉପକରଣ—5. Material, ingredient.

୬ । ବାସନବର୍ତ୍ତନ—6. Utensils.

୭ । ଘରକରଣା ଜିନିଷ; ଗୃହସ୍ଥର ପ୍ରୟୋଜନୀୟ ନିତ୍ୟ-ବ୍ୟବହାର୍ଯ୍ୟ ଉପକରଣ—7. Articles of daily household; use domestic implements. (ଯଥା—ଡଙ୍କା, ଶିଳ, ପନିକ, ବଟିଣା, ଟୋକେଇ, ଶିକ୍କି, କୋରଣା, ବାସନ, କୁଲ )

୮ । ( +ଭାବ. ଅ )—ଯତ୍ନକରଣ—8. Bestowing care.

୯ । ନିନ୍ଦା—9. Blame; censure.

୧୦ । ଅଧ୍ୟାହାର—10. Ellipsis.

୧୧ । ଅଲଙ୍କାର; ସାଜସଜ୍ଜା—11. Ornament; decoration

**ଉପସ୍କାର**—ସଂ. ବି—୧ । ଉପସ୍କର ( ଦେଖ )—
Upaskāra 1. Upaskara ( See)

୨ । ଅତିରିକ୍ତ ବସ୍ତୁ ବା ବିଷୟ—2. Supplement.

**ଉପସ୍ତ**—ଗ୍ରା. ବି (ସଂ. ଉପସ୍ଥ)—ଉପସ୍ଥ (ଦେଖ)
Upasta Upastha (See)

**ଉପସ୍ତ୍ରୀ**—ସଂ. ବି. ସ୍ତ୍ରୀ (ଉପ=ନିକୃଷ୍ଟ+ସ୍ତ୍ରୀ)—ଉପପତ୍ନୀ; ରକ୍ଷିତା—
Upastrī oncubinc; kept woman.

**ଉପସ୍ଥ**—ସଂ. ବିଣ (ଉପ=ସମୀପ ବା ତଳେ+ସ୍ଥା ଧାତୁ=ରହିବା+
Upastha କର୍ତ୍ତୃ. ଅ )—୧ । ସମୀପସ୍ଥ; ନିକଟବର୍ତ୍ତୀ—1. Contiguous; proximate.

୨ । ନିମ୍ନସ୍ଥ; ତଳେ ଥିବା—2. Lying under.

ସଂ. ବି. (ଯାହା କୋଡ଼ର ତଳେ ଥାଏ)—୧ । ପୁଂ ଚିହ୍ନ; ଲିଙ୍ଗ; ଜନନେନ୍ଦ୍ରିୟ—1 Male organ; penis.

୨ । ଯୋନି—2. Female organ; vagina.

୩ । କୋଡ଼—3. Lap.

୪ । ଗୁହ୍ୟଦ୍ୱାର—4 Anus (M. W.)

୫ । ଜଙ୍ଘ—5. Haunch; hip.

**ଉପସ୍ଥକ**—ସଂ. ବି ( ଉପସ୍ଥ+ସ୍ୱାର୍ଥେ. କ )—ପୁଂଲିଙ୍ଗ; ଶିଶ୍ନ—
Upasthaka Membrum virile; penis.

**ଉପସ୍ଥକୃତ**—ସଂ. ବିଣ. ପୁଂ ( ଉପସ୍ଥ+କୃତ; ଏପରି ବସିବା ଯହିଁରେ
Upastha kṛuta କୋଡ଼ ହୁଏ)—ଦେକାପକାଇ ବସିବା—Seated with the legs bent down; forming a lap by sitting down ( M. W. )

**ଉପସ୍ଥନିଗ୍ରହ**—ସଂ.ବି ( ୬ଷ୍ଠୀ ତତ୍ ଉପସ୍ଥ=ଜନନେନ୍ଦ୍ରିୟ+
Upasthanigraha ନିଗ୍ରହ=ନିରୋଧ)—୧ । ଇନ୍ଦ୍ରିୟରୋଧ; ଇନ୍ଦ୍ରିୟସଂଯମ—1. Continence; restraint of sexual desire.

୨ । ଆତ୍ମଶାସନ—2 Self-control.

**ଉପସ୍ଥାତା**—ସ. ବିଣ. ପୁଂ. ( ଉପ=ନିକଟ+ସ୍ଥା ଧାତୁ=ରହିବା+
Upasthātā କର୍ତ୍ତୃ ତୃ. ୧ମା. ୧ବ )—
(ଉପସ୍ଥାତ୍ରୀ—ସ୍ତ୍ରୀ) ୧ । ଉପାସକ—1. Paying homage; adoring.

୨ । ଉପସ୍ଥିତ—2 Present; attending.

ସଂ. ବି—୧ । ସେବକ; ଭୃତ୍ୟ—1. Attendant; servant.

୨ । ପୂଜକ—2, Worshipper.

୩ । ଭକ୍ତ—3. Devotee.

**ଉପସ୍ଥାନ**—ସଂ. ବି. (ଉପ=ନିକଟ+ସ୍ଥା ଧାତୁ=ରହିବା+ଭାବ.ଅନ)—
Upasthāna ୧ । କୌଣସି ସ୍ଥାନରେ ଥିବା; ହାଜରି; ଉପସ୍ଥିତି—
(ଉପସ୍ଥିତ—ବିଣ) 1 Presence; attendance.

୨ । ପୂଜା; ଉପାସନା—2. Devotion; homage; obeisance; worship.

୩ । ଆଗମନ—3. Coming; approach.

୪ । ଉତ୍ତରଣ; ଉତୁରିବା; ପହଞ୍ଚିବା—4. Arrival.

୫ । ନୈକଟ୍ୟ—5. Nearness; propinquity.

୬ । ନିକଟକୁ ଯିବା—6. Going near.

୭ । ଅନୁସରଣ—7. Waiting on; attendance (M. W.).

୮ । ବାସସ୍ଥାନ—8 Abode ( M. W. )

**ଉପସ୍ଥାନଗୃହ**—ସଂ. ବି. ( ୬ଷ୍ଠୀ ତତ୍; ଉପସ୍ଥାନ+ଗୃହ )—
Upasthānagṛuha ସଭାଗୃହ; ଯେଉଁଠାରେ ସଭା ପାଇଁ ଲୋକେ ଜମନ୍ତି—Assembly-room ( M. W. )

**ଉପସ୍ଥାନପୁସ୍ତକ**—ସଂ. ବି. ( ଆଧୁନିକ ପ୍ରୟୋଗ )—
Upasthānapustaka ଯେଉଁ ପୁସ୍ତକରେ ବିଦ୍ୟାଳୟର ବା କାର୍ଯ୍ୟାଳୟର ଦୈନିକ ଉପସ୍ଥିତ ଛାତ୍ର ବା କର୍ମଚାରୀମାନଙ୍କର ଉପସ୍ଥିତିସମ୍ବନ୍ଧେ ସମ୍ବାଦ ଲେଖା ହୁଏ—ହାଜରି; ହାଜରିବହି—Attendance-register of a school or an office.

**ଉପସ୍ଥାନସଙ୍ଖ୍ୟା**—ସଂ. ବି ( ୬ଷ୍ଠୀ ତତ୍; ଉପସ୍ଥାନ+ସଂଖ୍ୟା )—
Upasthānasaṁkhyā ଉପସ୍ଥିତବ୍ୟକ୍ତିଙ୍କ ସଂଖ୍ୟା—The number of persons attending.

**ଉପସ୍ଥାପକ**—ସଂ. ବିଣ. ପୁଂ. ( ଉପ+ସ୍ଥା ଧାତୁ; ଣିଚ୍=ସ୍ଥାପି ଧାତୁ=
Upasthāpaka ସ୍ଥିତ କରାଇବା+କର୍ତ୍ତୃ. ଅକ )—
(ଉପସ୍ଥାପିକା—ସ୍ତ୍ରୀ) ୧ । ଯେ ଉପସ୍ଥିତ କରାଏ; ଯେ ହାଜର କରାଏ-1. Producing; causing to appear.

> ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରୟୋଗ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଉଭୟ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଶୀ' ନ ପାଇଲେ 'ବଁଶ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବ

୨ । ପ୍ରସ୍ତାବକ—2. Proposing.
୩ । ସ୍ମାରକ—3. Causing to remember (M·W)

**ଉପସ୍ଥାପନ**—ସଂ. ବି. (ଉପ=ନିକଟ+ସ୍ଥା ଧାତୁ ଣିଚ=ସ୍ଥାପି ଧାତୁ +ଭାବ. ଅନ)—
Upasthāpana
(ଉପସ୍ଥାପିତ—ବିଣ)
୧ । ନିକଟରେ ରଖିବା—1. Placing near.
୨ । ନିକଟକୁ ଆନୟନ—
2. Act of bringing near; producing.
୩ । ସଭାରେ ବା ହାକିମମାନଙ୍କ ଆଗରେ ପେଶ୍ କରିବା—
3. Bringing up of a proposal or matter; putting up a matter before an authority.

**ଉପସ୍ଥାପିତ**—ସଂ. ବିଣ. ( ଉପ=ନିକଟ+ସ୍ଥା ଧାତୁ ଣିଚ୍=ସ୍ଥାପି ଧାତୁ+କର୍ମ. ତ )—
Upasthāpita
(ଉପସ୍ଥାପନ—ବି) ୧ । ସଭାରେ ପେଶ୍ କରି ଯାଇଥିବା—1. Put or brought before a meeting.
୨ । ନିକଟକୁ ଆଣିତ—
2. Brought near; produced.
୩ । ନିବେଦିତ—3. Submitted; offered
୪ । ନିକଟରେ ସ୍ଥାପିତ—4. Placed near.

**ଉପସ୍ଥିତ**—ସଂ. ବିଣ. ( ଉପ=ନିକଟ+ସ୍ଥା ଧାତୁ=ହେବା; ରହିବା +କର୍ତ୍ତୃ. ତ )—
Upasthita
ଉପସ୍ଥାନ } ବି.
ଉପସ୍ଥିତି }
୧ । ପହଞ୍ଚିଥିବା; ଆଗତ—
1. Arrived at; come up.
୨ । ବିଦ୍ୟମାନ—2. Present; attending.
୩ । ନିକଟସ୍ଥିତ—3. Contiguous; placed near; standing near.
୪ । (+କର୍ମ. ତ)—ଉପାସିତ—4. Worshipped.
୫ । ଜ୍ଞାତ—5. Known.
୬ । ପ୍ରାପ୍ତ—6. Attained; got.
୭ । ବର୍ତ୍ତମାନ ଘଟୁଥିବା—
8 Present; happening now.
୮ । ଘଟିଥିବା—8. Occurred; taken place
ସଂ. ବି—ଦ୍ୱାରୀ; ଦଉଆରି—
A door-keeper; porter ( M. W. )

**ଉପସ୍ଥିତ କରିବା**—ଦେ. କ୍ରି—୧ । ନିକଟରେ ପହଞ୍ଚାଇବା—
Upasthita karibā 1 To bring near.
উপস্থিতকরা ୨ । ହାଜର କରାଇବା—2. To produce.
उपस्थित करना ୩ । ଉପସ୍ଥାପିତ କରିବା—3 To lay before.

**ଉପସ୍ଥିତବକ୍ତା**—ସଂ. ବି—ଯେ ଆଗରୁ ପ୍ରସ୍ତୁତ ନ ହୋଇ ବକ୍ତୃତା କରି
Upasthitabaktā ପାରେ—An impromptu speaker; a ready speaker; one who speaks extempore.

**ଉପସ୍ଥିତବୁଦ୍ଧି**—ସଂ. ବି. ( କର୍ମଧାରୟ; ଉପସ୍ଥିତ+ବୁଦ୍ଧି )—
Upasthitabuddhi ନବନବୋନ୍ମେଷଶାଳିନୀ ବୁଦ୍ଧି; ପ୍ରତିଭା; ଫିକର; ପ୍ରତ୍ୟୁତ୍ପନ୍ନମତି—Ready wit; presence of mind.
ସଂ. ବିଣ. (ବହୁବ୍ରୀହି)—ଯାହାର ପ୍ରତ୍ୟୁତ୍ପନ୍ନମତି ଅଛି; ଫନ୍ଦିବାଜ୍; ଫିକରିଆ—Ready witted; having presence of mind.

**ଉପସ୍ଥିତ ହେବା**—ଦେ. କ୍ରି—୧ । ହାଜର ହେବା—
Upasthita hebā 1. To attend; to be present.
উপস্থিত হওয়া ୨ । ଆସି ପହଞ୍ଚିବା—2 To arrive at.
उपस्थित होना ୩ । ଘଟିବା—3. To happen; to take place.

**ଉପସ୍ଥିତି**—ସଂ. ବି. (ଉପ=ନିକଟ+ସ୍ଥା ଧାତୁ=ରହିବା+ଭାବ. ତି)—
Upasthiti ୧ । ପହଞ୍ଚିବା; ଆଗମନ—1. Arrival.
୨ । ନିକଟକୁ ଆସିବା—2. Coming near.
୩ । ସତ୍ତା; ବିଦ୍ୟମାନତା—3. Presence; being.
୪ । ହାଜରି; ହାଜର—4. Attendance.
୫ । ଉପାସନା—5. Worship.

**ଉପସ୍ନାତ**—ସଂ. ବିଣ. ( ଉପ=ସାମାନ୍ୟ+ସ୍ନାତ )—
Upasnāta ୧ । ଅର୍ଦ୍ଧସ୍ନାତ—1. Half bathed; washed
(ଉପସ୍ନାନ-ବି) ୨ । ଦେହରେ ପାଣି ଛିଞ୍ଚି ହୋଇଥିବା—2. Having the body sprinkled with water.

**ଉପସ୍ନାନ**—ସଂ. ବି. (ଉପ=ନିକୃଷ୍ଟ; ସାମାନ୍ୟ+ସ୍ନାନ )—
Upasnāna ୧ । ଅଙ୍ଗବିଶେଷ ଧୋଇବା—1. French
(ଉପସ୍ନାତ—ବିଣ) bath; washing of some limbs.
୨ । ଅର୍ଦ୍ଧସ୍ନାନ—2. Partial bath
୩ । ଦେହରେ ପାଣି ଛିଞ୍ଚା—
3. Sprinkling of water on the body.

**ଉପସ୍ପର୍ଶ**—ସଂ. ବି. (ଉପ=ସଦୃଶ+ସ୍ପୃଶ ଧାତୁ=ଛୁଇଁବା+ଭାବ. ଅ)—
Upasparśa ଉପସ୍ପର୍ଶନ ( ଦେଖ )
(ଉପସ୍ପୃଷ୍ଟ—ବିଣ) Upasparśana ( See )

**ଉପସ୍ପର୍ଶନ**—ସଂ. ବି. ( ଉପ=ସଦୃଶ+ସ୍ପୃଶ ଧାତୁ=ଛୁଇଁବା+ଭାବ. ଅନ )—୧ । ସ୍ପର୍ଶ; ଛୁଇଁବା—
Upasparśana
1. The act of touching; contact.
୨ । ଅଁର୍—2. Mere touch; touch and go.
୩ । ଆଁଚେଇବା; ଆଚମନ—3. Sipping of water rinsing of the mouth.
୪ । ସ୍ନାନ—4. Bathing; ablution
୫ । ପାନ—5. Drinking.

**ଉପସ୍ପୃଷ୍ଟ**—ସଂ. ବିଣ. ( ଉପ=ସଦୃଶ+ସ୍ପୃଶ ଧାତୁ=ଛୁଇଁବା+କର୍ତ୍ତୃ ତ )—୧ । ଆଚମନ କରିଥିବା; ଆଚାନ୍ତ—
Upasprushṭa
ଉପସ୍ପର୍ଶ } ବି
ଉପସ୍ପର୍ଶନ }
1. Having rinsed the mouth or sipped water.

| ୧ | ଇ | ଉ | ଋ,ୠ | ଝଂ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଡ଼ | ଶ,ଷ | ଙ୍କ | ଇସ୍ପ | ଉଥ | ଣ୍ଡ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଌ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଥ | ଙ୍କ | ନ୍ତ |

୨ । ସ୍ନାତ—2. Bathed.

୩ । ( +କର୍ମ. ତ )—ସଂଯୁକ୍ତ—3. Connected.

୪ । ଈଷତ୍ ସ୍ପୃଷ୍ଟ—4. Slightly touched.

**ଉପସ୍ୱତ୍ୱ**—ସଂ. ବ. (ଉପ+ସ୍ୱତ୍ୱ=ସ୍ୱାମିତ୍ୱ)—ସମ୍ପତ୍ତିର ଅଂଶ; ଲାଭ—
Upaswatwa Profit; income; the produce or usufruct of a property.

ଦେ. ବ. ( କଚେରୀ ବ୍ୟବହାର )—୧ । କୌଣସି ଜମି ବା ସମ୍ପତ୍ତିରେ ମାଲିକ ସ୍ୱତ୍ୱର ନିମ୍ନ ସ୍ୱତ୍ୱ—
1. A secondary right over property; any right inferior to proprietory right.

୨ । ଜମିରେ ବହୁକାଳ ଦଖଲ କରିବା ଲୋକର ଜନ୍ମିଥିବା ସ୍ୱତ୍ୱ—2 Occupancy right over land.

୩ । ଅନ୍ୟ ବ୍ୟକ୍ତିର ସମ୍ପତ୍ତିରେ ବହୁକାଳ ବ୍ୟବହାରଜନିତ ସ୍ୱତ୍ୱ—3. Right of easement over another's land.

୪ । ଜମିଦାରଙ୍କୁ ପ୍ରଜା ଜମିପାଇଁ ଦେବା ଖଜଣା—
4. Rent paid by a tenant to the landlord.

**ଉପସ୍ୱତ୍ୱଭୋଗୀ**—ସଂ. ବଣ. ପୁଂ. (ଉପସ୍ୱତ୍ୱ+ଭୋଗିନ୍; ୧ମା. ୧ବ.)—
Upaswatwabhogi ଯେ ସମ୍ପତ୍ତିର ଅଂଶମାତ୍ର ଭୋଗ କରେ—
(ଉପସ୍ୱତ୍ୱଭୋଗିନୀ—ସ୍ତ୍ରୀ) Enjoying or living upon the income or usufruct of a property; enjoying the usufruct only.

ଦେ. ବଣ. (କଚେରୀ ବ୍ୟବହାର)—ଦଖଲସ୍ୱତ୍ୱଭୋଗକାରୀ—
Enjoying a right of easement or occupancy.

**ଉପହତ**—ସଂ. ବଣ. ( ଉପ+ହନ୍ ଧାତୁ=ମାରିବା+କର୍ମ. ତ )—
Upahata ୧ । ନଷ୍ଟ—1 Destroyed; damaged.

୨ । କ୍ଷୀଣୀଭୂତ—2. Impaired.

୩ । ଆଘାତପ୍ରାପ୍ତ; ଆହତ—
3. Smitten; struck; hurt; injured.

୪ । ଦୂଷିତ—4. Corrupted; contaminated

୫ । ଭର୍ତ୍ସିତ—5. Reprimanded; rebuked.

୬ । ପ୍ରତିବନ୍ଧ; ନିବାରିତ—
6. Prevented; restrained

୭ । ଆକ୍ରାନ୍ତ; ଅଭିଭୂତ—
7. Attacked; overwhelmed.

୮ । ଭେଲ; ମିଶା—8. Adulterated

୯ । ହତ—9. Killed ( M W. )

୧୦ । ଅତ୍ୟାଚରିତ—10. Oppressed.

**ଉପହତକ**—ସଂ. ବଣ ପୁଂ. ( ଉପହତ+କ )—
Upahataka ହତଭାଗ୍ୟ; ମନ୍ଦଭାଗ୍ୟ—
Ill-fated; unlucky.

**ଉପହସନୀୟ**—ସଂ. ବଣ. (ଉପ+ହସ ଧାତୁ=ହସିବା+କର୍ମ. ଅନୀୟ)—
Upahasaniya ୧ । ଥଟ୍ଟା କରାଯିବାର ଯୋଗ୍ୟ—
1. Laughable.

୨ । ଉପହାସ ଯୋଗ୍ୟ—2. Ridiculous.

**ଉପହସିତ**—ସଂ. ବଣ. ( ଉପ+ହସ୍ ଧାତୁ=ହସିବା+କର୍ମ. ତ )—
Upahasita ୧ । ଥଟ୍ଟା କରା ଯାଇଥିବା; ଘୃଣିତ—
1. Sneered at; laughed at; derided.

୨ । ( +କର୍ତ୍ତୃ. ତ )—ଥଟ୍ଟା କରୁଥିବା—
2. Sneering; laughing.

ସଂ. ବ. ( +ଭାବ. ତ)—୧ । ଉପହାସ—
1. Derision; joke.

୨ । ହାସ୍ୟ—2. Laughter.

୩ । ଶିରଃ କମ୍ପନ ସହିତ ହସ—
3. Laughter accompanied by shaking the head ( M. W. )

**ଉପହସ୍ତିକା**—ସଂ. ବ ସ୍ତ୍ରୀ. ( ଉପ=ନିକଟ+ହସ୍ତ=ହାତ+ଇକ+
Upahastikā ସ୍ତ୍ରୀ. ଆ; ଯାହା ହାତ ପାଖରେ ଥାଏ )—
୧ । ପାନବଟା; ପାନଡବା—1 Betel-pot.

୨ । ତାମ୍ବୁଲାଧାର—2. Betel-case.

**ଉପହାର**—ସଂ. ବ. ( ଉପ=ନିକଟକୁ+ହୃ ଧାତୁ=ନେବା+
Upahāra ଭାବ. ଅ )—
( ଉପହୃତ—ବଣ ) ୧ । ଉପଢୌକନ; ଭେଟି—
1. Presenting of a gift.

୨ । ସମର୍ପଣ—2. Act of offering.

୩ । (+କର୍ମ.ଅ)—ଉପାୟନୀଭୂତ ବସ୍ତୁ; ଉପଢୌକନ ଦ୍ରବ୍ୟ—
3. An offering; presented article.

୪ । ( ବହୁବ୍ରୀହି )—ହାରର ସମୀପସ୍ଥ ଲମ୍ବିତ ଶୋଭନ ଦ୍ରବ୍ୟ—4 A pendant hanging from a necklace.

୫ । ହାର ନିକଟରେ ପିନ୍ଧା ଯିବା ଗଳାର ଅଳଙ୍କାର; ତକ—
5 Necklet; an ornamental collar.

ସଂ. ଅ. ( ଅବ୍ୟୟୀଭାବ )—ହାର ସମୀପରେ—
Near a necklace.

ଦେ. ବ—ଭୋଜ୍ୟ ସାମଗ୍ରୀ—Victuals; eatables.

ଯୋଜନେ ତା ପୁରଦ୍ୱାର ସାର୍ଦ୍ଧ ପ୍ରତ ଏ ଅକାର ତହିଁ ବହୁ ଉପହାରମାନ ବାଢ଼ିଲେ—ବସ୍ତ୍ରନାଥ, ଚତୁଷ୍କମାସ୍ୱଣ ।

**ଉପହାସ**—ସଂ. ବ. ( ଉପ=ଘୃଣା; ଗ୍ଳାନତା+ହସ ଧାତୁ=ଘୃଣା
Upahāsa କରିବା+ଭାବ. ଅ )—
( ଉପହସିତ—ବଣ ) ୧ । ପରିହାସ; ଥଟ୍ଟା—
1 Joke; mockery; jest.

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଅଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଅଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଅଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦପାଇଁ ଯଥାକ୍ରମେ ଉକ୍ତ ଅପର ୨ ବା ୧ ଅଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଘାଉ' ନ ମିଳିଲେ 'ଘାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

୨ । ଈଷଦ୍ଧାସ; ଅଳ୍ପହାସ — 2. Smile.
୩ । ଘୃଣାଯୁକ୍ତ ହାସ୍ୟ—3 Derisive laughter.
୪ । ବିଦ୍ରୂପ—4. Ridicule.
[ ଦ୍ର—ଉପହାସ ଓ ପରିହାସ ମଧ୍ୟରେ ପ୍ରଭେଦ ଏହି ଯେ, ଯେଉଁ ହାସ କାଧେ ତାହା ଉପହାସ, ମାତ୍ର ପରିହାସ ଥଟ୍ଟା ଲାଗେ; ବାଧେ ନାହିଁ । ]

**ଉପହାସାସ୍ପଦ**—ସଂ. ବି. ( ୬ଷ୍ଠୀ ତତ୍; ଉପହାସ + ଆସ୍ପଦ = ସ୍ଥାନ )—
Upahāsāspada ଯାହାକୁ ଉପହାସ କରାଯାଏ—The butt of ridicule; laughing stock.
ସଂ. ବିଣ—ଉପହାସର ଯୋଗ୍ୟ;ଉପହସନୀୟ — Ridiculous.

**ଉପହାସ୍ୟ**—ସଂ. ବିଣ. ( ଉପ + ହସ ଧାତୁ = ହସିବା + କର୍ମ. ଯ )—
Upahāsya ଉପହାସର ଯୋଗ୍ୟ; ଉପହାସାସ୍ପଦ— Ridiculous; laughable.
ଦେ. ବି. ( ସଂ. ଉପହାସ )— ଉପହାସ— Ridicule.
ଉପହାସ୍ୟ ପାଇ ଲୋକରେ ଜାଣିବାର,
ପ୍ରଭବ ଭଲ କଥା ପୁଚ୍ଛେ ମରିବାର—କୃଷ୍ଣସିଂହ, ମହାଭାରତ. ଦ୍ରୋଣ ।

**ଉପହାସ୍ୟତା**—ସଂ. ବି. ( ଉପହାସ୍ୟ+ଭାବ. ତା )—
.Upahāsyatā ଉପହସିତ ହେବାର ଅବସ୍ଥା— Ridiculousness.

**ଉପହିତ**—ସଂ. ବିଣ. ( ଉପ=ନିକଟରେ+ଧା ଧାତୁ=ଧାରଣ କରିବା + କର୍ମ. ତ )—
Upahita
୧ । ଅର୍ପିତ—1. Deposited; offered.
୨ । ବିନ୍ୟସ୍ତ — 2. Laid on; arranged.
୩ । ଦତ୍ତ—3. Given; presented.
୪ । ଗୃହୀତ —4. Taken.
୫ । ଆରୋପିତ—5. Transferred to;placed on; set.

**ଉପହୃତ**— ସଂ. ବିଣ. ( ଉପ=ନିକଟକୁ + ହୃ ଧାତୁ = ନେବା + କର୍ମ. ତ )—୧ । ଉପହାରରୂପେ ପ୍ରଦତ୍ତ; ଭେଟି ଦିଆ ଯାଇଥିବା—
Upahṛuta
1. Offered as present; presented.
୨ । ଆନୀତ—2. Brought.
୩ । ଆହୃତ; ସଂଗୃହୀତ—
3 Collected; compiled.

**ଉପହ୍ୱର**— ସଂ. ବି. ( ଉପ=ନିକଟ+ହ୍ୱୃ ଧାତୁ=କୁଟିଳ ହେବା+ ଅଧିକରଣ. ଅ )—
Upahwara
୧ । ନିର୍ଜନ ସ୍ଥାନ; ବିଜନ—
1. Solitude; wilderness.
୨ । ସମୀପ; ନିକଟ—2. Nearness; proximity.
୩ । ରଥ—2. Car.
୪ । ଯୁଦ୍ଧ—4. War.

**ଉପାଏ**—ଗ୍ରା. ବି. ( ସଂ. ଉପାୟ )—ଉପାୟ ( ଦେଖ )
Upāe Upāya ( See )
ମଣି ମନ୍ତ୍ର ମହୌଷଧି ଉପାଏ କଲେ —ଗ୍ରାଚୀ. ରହସ୍ୟମଞ୍ଜରୀ ।

**ଉପାଂଶୁ**—ସଂ. ବି. ( ଉପ + ଅଂଶୁ = କିରଣ )—ଅନ୍ୟ ଲୋକ ଶୁଣି ନ ପାରିବା ଭଳି ଜପବିଶେଷ; ଚୁପ ହୋଇ ମାଳ ଜପିବା ବା ଧ୍ୟାନ କରିବା; ଗୁଣାଗୁଣି—Prayer repeated in a low voice; muttered prayer.
Upāṁśu
କ୍ରି. ବିଣ — ନିର୍ଜନରେ; ଗୋପନୀୟଭାବରେ — In secret,

**ଉପାଂଶୁବଧ**— ସଂ. ବି — ଉପାଂଶୁହତ୍ୟା (ଦେଖ)
Upāṁśubadha Upāṁśuhatyā (See).

**ଉପାଂଶୁହତ୍ୟା**—ସଂ. ବି. ( ଉପାଂଶୁ = ଗୋପନୀୟରୂପେ + ବଧ = ହତ୍ୟା)—ଗୁପ୍ତହତ୍ୟା; ବାହାରର ଲୋକେ ଜାଣି ନ ପାରିବେ, ଏପରିଭାବରେ ହତ୍ୟା— Assassination; secret murder.
Upāṁśuhatyā

**ଉପାକରଣ**—ସଂ. ବି (ଉପ = ନିକଟ + ଆ = ସମ୍ୟକ୍ + କୃ ଧାତୁ = କରିବା, ପାଠକରିବା, ବଧକରିବା + ଭାବ. ଅନ)—୧ । ସଂସ୍କାରପୂର୍ବକ ବେଦଗ୍ରହଣ—
Upākaraṇa
(ଉପାକୃତ — ବିଣ)
1. The act of being initiated into the Bedas after due rites.
୨ । ମନ୍ତ୍ରସଂସ୍କାରପୂର୍ବକ ପଶୁହନନ; ଦେବତାଙ୍କ ଆଗେ ବୋଦା ପକାଇବା —2. Killing of a beast as sacrifice after due consecration.
୩ । ଆରମ୍ଭ—3. Beginning.

**ଉପାକୃତ**—ସଂ. ବିଣ. (ଉପ + ଆ + କୃ ଧାତୁ = ପାଠ କରିବା; ବଧ କରିବା + କର୍ମ. ତ)—୧ । ଦେବତାଙ୍କ ଉଦ୍ଦେଶ୍ୟର ହତ; ବୋଦା ବଧ ଯାଇ ଥିବା—
Upākṛuta
(ଉପାକରଣ— ବି)
1. Sacrificed to a Deity.
୨ । ବୋଦା ମରା ଯାଇଥିବା; ବଳିରୂପେ ଉତ୍ସୃଷ୍ଟ—
2. Offered or set apart for being killed in sacrifice.
୩ । ଉପଦ୍ରୁତ —3. Oppressed.
୪ । ଆରବ୍ଧ - 4. Begun.
ସଂ. ବି.—୧ । ବୋଦା—1. Victim
୨ । ଦେବତା ଉଦ୍ଦେଶ୍ୟରେ ଉତ୍ସୃଷ୍ଟ ପଶୁ—
2. An animal dedicated as a victim.
୩ । ଅମଙ୍ଗଳ; ଉପଦ୍ରବ —3. Calamity.

**ଉପାକ୍ଷ** - ସଂ.ବି.(ଅବ୍ୟୟୀଭାବ ଉପ=ସଦୃଶ + ଅକ୍ଷି)—ପ୍ରତକ୍ଷୁ; ଚଷମା - Spactacles; eye-glasses.
Upāksha

**ଉପାଖ୍ୟାନ**—ସଂ. ବି. (ଉପ=କଳ୍ପିତ+ଆ+ଖ୍ୟା ଧାତୁ=କହିବା+ କର୍ମ. ଅନ)—୧ । ଗପ; କଳ୍ପିତ ବୃତ୍ତାନ୍ତ ସମ୍ବଳିତ ଗଦ୍ୟ ରଚନା — 1. Story; tale; allegory.
Upākhyāna
(ଉପଖ୍ୟାତ—ବିଣ)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଇ | ର୍,ର୍ | ଃ | ଏ | ହସନ୍ତ ବର୍ଣ୍ଣ | ଅନୂନାଧିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଲ୍ପ | ଚ୍ଛ | ଢ଼ |
| ୨ | ଋ | ଈ | ର୍ନ | ଲ୍ଲ | ଯ୍ଯ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଲ୍ଥ | ଞ୍ଚ | ନ୍ତ୍ର |

୨ । ଉପନ୍ୟାସ—2. Novel; fable; anecdote.

୩ । ଇତିବୃତ୍ତ—3. Narrative; history; episode.

୪ । (+ଭାବ. ଅନ)—ବିଶେଷ କଥନ—4. Narration; description.

ଉପାଗତ—ସଂ. ବିଣ. (ଉପ=ନିକଟରେ+ଆ+ଗମ ଧାତୁ=ଯିବା+ କର୍ତ୍ତୃ. ତ)—୧ । ଉପସ୍ଥିତ—
Upāgata
1. Present; attending.

୨ । ଘଟିଥିବା—2. Occurred.

୩ । (+କର୍ମ.ତ)—ପ୍ରାପ୍ତ—3. Received; attained.

୪ । ଅନୁମୋଦିତ—4. Approved.

୫ । ସ୍ୱୀକୃତ—5. Agreed to.

୬ । ପ୍ରତିଶ୍ରୁତ; ଅଙ୍ଗୀକୃତ—6. Promised.

ଉପାଗମ—ସଂ. ବି. (ଉପ=ନିକଟରେ+ଆ+ଗମ ଧାତୁ+ଭାବ. ଅ)—
Upāgama ୧ । ଉପସ୍ଥିତି—1. Presence; arrival.
(ଉପାଗତ—ବିଣ) ୨ । ପ୍ରାପ୍ତି—2 Attainment.

୩ । ଅନୁମୋଦନ—3. Approval

୪ । ସ୍ୱୀକାର—4. Agreement; consent.

୫ । ପ୍ରତିଶ୍ରୁତି; ଅଙ୍ଗୀକାର—4. Promise.

ଉପାଙ୍ଗ—ସଂ. ବି. (ଉପ+ଅଙ୍ଗ)—୧ । ଅପ୍ରଧାନ ବା ନିକୃଷ୍ଟ ଅଂଶ—
Upānga
1, Secondary part

୨ । ପ୍ରଧାନ ବିଷୟର ଉପଯୋଗୀ ଅଂଶ—
2. A subordinate part; supplementary part.

୩ । ଛୋଟ ବିଭାଗ ବା ଅଂଶ —
3. Small subdivision or part.

୪ । ଧର୍ମସମ୍ପ୍ରଦାୟର ଚିହ୍ନସ୍ୱରୂପ ଭିନ୍ନ ଭିନ୍ନ ଅଙ୍ଗରେ ଦିଆଯିବା ତିଳକବିଶେଷ—4. Sectarian mark made with sandal-wood paste or white earth on different parts of the body (e.g. forehead, arm; neck.)

୫ । ବେଦର ଅଂଶବିଶେଷ—
5. A part of the Bedas.

ଅଙ୍ଗ ଉପାଙ୍ଗ ବେଦ ପଢ଼ି ।
ଗୁରୁ ସମୀପେ କର ଯୋଡ଼ି । ଜଗନ୍ନାଥ. ଭାଗବତ ।

୬ । ବାଦ୍ୟବିଶେଷ—6. A kind of musical instrument.

ଭେରୀ, ଶଙ୍ଖ, ଉପାଙ୍ଗ, କାହାଳ । ପ୍ରାଚୀ—ରହସ୍ୟମଞ୍ଜରୀ ।

ଉପାଚାର୍ଯ୍ୟ—ସଂ. ବି. (ଉପ=ଅଧସ୍ତନ; ସହାୟକ+ଆଚାର୍ଯ୍ୟ=ଗୁରୁ)—
Upāchārjya ୧ । ସହକାରୀ ମନ୍ତ୍ରୀ—1. Assistant minister.

୨ । ସହକାରୀ ଶିକ୍ଷକ—2. Assistant teacher.

୩ । ଦୀକ୍ଷାଗୁରୁଙ୍କ ସହକାରୀ—3. Assistant to a spiritual guide.

ଉପାଜେ—ସଂ. ଅ. (ଉପ+ଅଜ୍ ଧାତୁ=ଗମନ କରିବା+ଭାବ. ଏ)—
Upāje ଦୁର୍ବଳର ବଳାଧାନ—Conservation of strength

ଉପାଡ଼—ଦେ. ବି. (ସଂ: ଉତ୍ପାଟନ)—ଉତ୍ପାଟନ; ଉନ୍ମୂଳନ—
Upārda
Uprooting; eradication,
ডান
उखड़ना

ଉପାଡ଼ା—ଦେ. ବି.—ଏକ ପ୍ରକାର ଦକ୍ଷିଣୀ ଲୁଗା ଯୋଡ଼ର ବା ଯୋଡ଼—
Upārdā A pair of certain kind of cloth (woven in the Deccan)

ଉପାଡ଼ିବା—ଦେ. କ୍ରି. (ସଂ. ଉତ୍ପାଟନ)—୧ । ଉତ୍ପାଟନ କରିବା—
Upārdibā
1. To uproot.
উপড়ান
उकाटना
उगाटना
उखाड़ना

ସକ୍ରୋଧେ ଶୁକ୍ଳ କୃଷ୍ଣ କେଶ । କଲେ ଉପାଡ଼ି ହୃଷୀକେଶ ।
ଜଗନ୍ନାଥ. ଭାଗବତ ।

୨ । ସମୂଳେ ବିନାଶ କରିବା; ମୂଳରୁ ମାରିବା—
2. To eradicate

ଯାହା ଅନୁକୂଳ ମୂଳ ଦେ ଉପାଡ଼ି । ବିଦଗ୍ଧ—ବିଶୋଭଗ୍ୟଷ୍ଟ. ସ ଗୀତ ।

୩ । ଘଷାଘଷି କରି ଅଙ୍ଗରୁ ହଳଦୀ ଆଦି ଅଙ୍ଗରାଗ ଛଡ଼ାଇବା—
3, To rub off a paste (e, g.) turmeric paste, sandal anointed on the body.)

ଉପାଡ଼ି ହେବା—ଦେ. କ୍ରି—(ସଂ. ଉତ୍ପାଟନ)—୧ । ନିଜ ଦେହରୁ ହଳଦିଆଦି ଘଷି କରି ଛଡ଼ାଇବା—1. To rub off the paste (e g sandal, turmeric) from one's own body.
Upārdi hebā

୨ । ଉତ୍ପାଟିତ ହେବା, ଉପୁଡ଼ିବା—2. To be uprooted, (ଯଥା—ବହୁତ ବଳ ପ୍ରୟୋଗ କଲି, ତଥାପି ଏ ଗଛଟି ଉପାଡ଼ି ହେଲାନାହିଁ ।)

ଉପାତ୍ତ—ସଂ. ବିଣ (ଉପ=ନିକଟ+ଆ=ସମନ୍ତାତ୍+ଦା ଧାତୁ=ଦେବା+କର୍ମ. ତ)—୧ । ଗୃହୀତ—
Upātta
1. Obtained; got.

୨ । ସ୍ୱୀକୃତ—2. Acknowledged.

୩ । ପ୍ରାପ୍ତ—3. Attained.

୪ । ଅର୍ଜିତ—4. Acquired; earned.

ସଂ. ବି—ମଦଶୂନ୍ୟ ହସ୍ତୀ—A male elephant who is not in rut.

ଉପାତ୍ତବିଦ୍ୟ—ସଂ. ବିଣ. ପୁଂ (ବହୁବ୍ରୀହି; ଉପାତ୍ତ ବା ଅର୍ଜିତ ହୋଇଅଛି ବିଦ୍ୟା ଯାହାଦ୍ୱାରା)—୧ । ଯେ ବିଦ୍ୟା ଅର୍ଜନ କରିଅଛି—1. Having acquired learning
Upāttabidya
(ଉପାତ୍ତବିଦ୍ୟା—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଅପର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲବତ୍ ଦେଖିବେ ।

୨ । କୃତବିଦ୍ୟ—2. Learned.

**ଉପାତ୍ୟୟ**—ସଂ. ବି ( ଉପ+ଅତି+ଇ ଧାତୁ=ଯିବା+ଭାବ. ଅ )—
Upātyaya ୧ । ବିନାଶ; ନାଶ—1. Destruction.
୨ । ଅତ୍ୟାଚରଣ; ଉଲ୍ଲଂଘନ—2. Overstepping the limits or customs; acting against usage; infringement of customary rules.

**ଉପାଡ**—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ. ( ଗାଳି ) ( ସଂ. ଉତ୍ପାତ )—
Upāda ୧ । ଖେଳୁଆ; ଲେଣ୍ଡା—1. Spoiled; excessively fondled ( child ).
୨ । ଉତ୍ପାତକାରୀ; ଦୁଷ୍ଟ—2. Wicked.

**ଉପାଦାନ**—ସଂ. ବି ( ଉପ=ନିକଟ+ଆ=ସମ୍ୟକ୍+ଦା ଧାତୁ+ଭାବ. ଅନ )
Upādāna ୧ । କୌଣସି ଦ୍ରବ୍ୟର ମୂଳ ସାମଗ୍ରୀ ବା
(ଉପାଦେୟ—ବିଣ) ସରଞ୍ଜାମ—1. Ingredient; component part
୨ । ଉପକରଣ; ଯେଉଁ ଯେଉଁ ପଦାର୍ଥ ମିଳିତ ହେଲେ ଅନ୍ୟ ବସ୍ତୁ ଉତ୍ପନ୍ନ ହୁଏ—2. The elements of a substance; material; basic material.
୩ । ପ୍ରଧାନ କାରଣ—3. Material cause.
୪ । ସମବାୟୀକରଣ; ଏକତ୍ରୀକରଣ—
4. Collection; compilation,
୫ । ଆଦାନ, ଗ୍ରହଣ—
5. Receiving; taking; acceptance,
୬ । ସ୍ୱ ସ୍ୱ ବିଷୟରୁ ଇନ୍ଦ୍ରିୟମାନଙ୍କର ଆକର୍ଷଣ ବା ପ୍ରତ୍ୟାହାର—
6. Abstraction or withdrawal of the senses from their respective objects.

**ଉପାଡିଆ**—ଗ୍ରା. ବିଣ - ଉପାଡ ( ଦେଖ )
Upādiā Upāda ( See )

**ଉପାଡିବା**—ଗ୍ରା. କ୍ରି ( ସଂ. ଉପାଦାନ )—ସଂଗ୍ରହ କରିବା; ସଞ୍ଚୟ କରିବା;
Upādibā ସମ୍ପାଦିବା—To gather; to store up.

**ଉପାଦେୟ**—ସଂ. ବିଣ ( ଉପ+ଆ+ଦା ଧାତୁ=ଦେବା+କର୍ମ. ଯ)—
Upādeya ୧ । ଗ୍ରାହ୍ୟ—1. Acceptable; admissible.
(ଉପାଦାନ—ବି) ୨ । ମନୋହର; ରମଣୀୟ; ତୃପ୍ତିକର—
2. Enjoyable; pleasant; sweet; delicious.
୩ । ଉତ୍କୃଷ୍ଟ; ଉତ୍ତମ—3. Excellent; dainty.
୪ । କର୍ତ୍ତବ୍ୟ (କର୍ମ)—4. Fit to be done.
୫ । ଯୁକ୍ତିଯୁକ୍ତ; ଯୌକ୍ତିକ—5. Reasonable.

**ଉପାଦେୟତା**—ସଂ. ବି ( ଉପାଦେୟ=ରମଣୀୟ+ଭାବ. ତା )—
Upādeyatā ୧ । ମିଷ୍ଟତା; ରମଣୀୟତା; ମନୋହାରିତ୍ୱ—
1. Sweetness; daintiness.
୨ । ଗ୍ରାହ୍ୟତା; ଯୌକ୍ତିକତା—
2. Admissibility.
୩ । ଉତ୍କୃଷ୍ଟତା—3. Excellence.

**ଉପାଧାନ**—ସଂ. ବି (ଉପ=ଉପରେ+ଆ+ଧା ଧାତୁ=ସ୍ଥାପନ କରିବା
Upādhāna +ଅଧିକରଣ. ଅନ; ଯାହା ଉପରେ ମସ୍ତକ ରଖାଯାଏ)—୧ । ତକିଆ; ମାଣ୍ଡି; ଅପସର—
1. Bolster; pillow.
୨ । ଗଦି—2. Cushion.
୩ । (+ଭାବ. ଅନ)—ବିଧାନ—3. Rule.

**ଉପାଧି**—ସଂ. ବି (ଉପ+ଆ+ଧା ଧାତୁ=ଚିନ୍ତା କରିବା+ଭାବ. ଇ)—
Upādhi ୧ । ଧର୍ମଚିନ୍ତା—1 Religious thoughts; meditation.
୨ । (+କର୍ମ. ଇ)—ସମୃଦ୍ଧି—2. Affluence.
୩ । (+ଅଧିକରଣ. ଇ)—ଆଧାର—
3. Receptacle.
୪ । (+କରଣ. ଇ)—କାରଣ—4. Cause.
୫ । ଛଳ—5. Pretence.
୬ । ଭେଦକର୍ମ—6. Distinguishing act.
୭ । ଉପନାମ; ନାମ ପରେ ଯୋଗ ହେବା ଜାତି, ବିଦ୍ୟା, ଓ ବଂଶାଦି ପରିଚାୟକ ଶବ୍ଦ; ସଂଜ୍ଞା—
7. Surname; epithet; title of distinction.
( ଯଥା—ଶର୍ମା, କାବ୍ୟତୀର୍ଥ ଏମ୍. ଏ, ମିଶ୍ର ପ୍ରଭୃତି )
୮ । ଭେଦାର୍ଥକ ଗୁଣ—8. Attribute distinguishing property or quality.
୯ । ( ନ୍ୟାୟ ) ସାଧ୍ୟବ୍ୟାପକ ଓ ସାଧନାବ୍ୟାପକ ଧର୍ମ—
9. (Logic) The attribute of a thing; the peculiar quality of a thing; denotation of a thing.
ଦେ. ବି—ଆଶ୍ୱିନମାସ ଦେବୀ ପୂଜାରେ 'ଉପନ' ବଧିରେ ଦେବୀ ମନ୍ଦିରକୁ ପଠାଯିବା ସିଝା ଭୋଗ—
Cooked offering sent from the houses of the villagers to the temple of the village Goddess during Durgā Pūjā.

**ଉପାଧିଆ**—ଗ୍ରା. ବି ( ସଂ. ଉପାଧ୍ୟାୟ )—୧ । ଶିକ୍ଷକ—1. Teacher.
Upādhiā ୨ । ଅଥର୍ବବେଦୀ ବ୍ରାହ୍ମଣଙ୍କ ଉପାଧିବିଶେଷ—
উপাধ্যা 2. A title of Atharbabedī
पाधा; ओझा Brāhmanas.

**ଉପାଧିକ**—ସଂ. ବିଣ. ପୁଂ ( ଉପାଧି+ଅସ୍ତି ଅର୍ଥରେ. କ )—
Upādhika ୧ । ଉପାଧିଧାରୀ—1. Titled.
(ଉପାଧିକା—ସ୍ତ୍ରୀ) ୨ । ସର୍ବକାର ରୂପାଦଠାରୁ ଦତ୍ତ; ଅର୍ପିତ—
2. Assigned.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇଯ୍ | ଉଅ | ଌ |
| ୨ | ଈ | ଊ | ଋୂ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ, | ଣ୍ୟ | ଯ | ସ | ଙ୍ଗ୍ୟ | ଇଅ | ୱ | ଣ୍ଟ |

୩ । ଉପାଦେୟ ( ଦେଖ )
3 Upādeya ( See )

ଉପାଧିଧାରୀ—ସଂ. ବଣ. ପୁଂ—ଯେ ଉପାଧି ଲାଭ କରିଥାଏ—
Upādhidhārī Titled; holding a title or degree.
(ଉପାଧିଧାରିଣୀ—ସ୍ତ୍ରୀ)

ଉପାଧିପତ୍ର—ସଂ. ବି. (ମଧ୍ୟପଦଲୋପୀ; ଉପାଧିର ନିଦର୍ଶନରୂପକ ପତ୍ର)—
Upādhipatra ୧ । ସାର୍ଟିଫିକେଟ—1. Certificate conferring a title or degree.
୨ । ସନନ୍ଦ; ଉପାଧି ପାଇବାର ନିଦର୍ଶନ; ଯୋଗ୍ୟତା ନିଦର୍ଶକ ପ୍ରଶଂସା ପତ୍ର—2. Diploma; sanad.

ଉପାଧିଭୋଗ—ଦେ. ବି—ଦେବାଳୟରେ ଦୈନିକ ନିର୍ଦ୍ଧାରିତ ଭୋଗ
Upādhibhoga ଅପେକ୍ଷା ଅତିରିକ୍ତ ଭୋଗ—
Additional offering to a Deity; extra or special offering to a Deity.

ଉପାଧ୍ଯା—ଗ୍ରା. ବି (ସଂ. ଉପାଧ୍ୟାୟ)—ଉପାଧ୍ୟାୟ ( ଦେଖ )
Upādhyā Upādhyāya ( See )

ଉପାଧ୍ୟାୟ—ସଂ. ବି. ପୁଂ (ଉପ=ସମୀପ+ଅଧି+ଇ ଧାତୁ=ପଢ଼ିବା+
Upādhyāya ଅପାଦାନ. ଅ )—
୧ । ମନ୍ତ୍ରଗୁରୁ; ବେଦାଧ୍ୟାପକ—
1. Spiritual preceptor.
୨ । ଅଧ୍ୟାପକ; ଆଚାର୍ଯ୍ୟ; ଶିକ୍ଷକ—
2. Teacher; professor.
[ ଦ୍ର—ଯେ ବେଦର ଏକାଂଶକୁ ଶିକ୍ଷା ଦିଅନ୍ତି ତାଙ୍କୁ 'ଉପାଧ୍ୟାୟ' ବୋଲାଯାଏ । ]
୩ । ଗୁରୁ; ଅବଧାନ—3. Instructor; pedagogue.
୪ । ସଙ୍ଗୀତାଚାର୍ଯ୍ୟ; ଯେ ସଙ୍ଗୀତବିଦ୍ୟାରେ ସୁନିପୁଣତା ଲାଭକରି ଶିକ୍ଷା ଦେଇପାରନ୍ତି—4. Music master.
ଦେ. ବି—ବ୍ରାହ୍ମଣମାନଙ୍କର ବଂଶୋପାଧି—
A family title of Brāhmaṇas.
[ଦ୍ର—ବଙ୍ଗଦେଶରେ ବ୍ରାହ୍ମଣମାନଙ୍କର ସାଧାରଣ ବଂଶୋପାଧି ପୂର୍ବରେ ବନ୍ଦ, ମୁଖ, ଚଟ୍ଟ ଇତ୍ୟାଦି ଲାଗେ । ଯଥା—
ବନ୍ଦ୍ୟୋପାଧ୍ୟାୟ ( ବାନାର୍ଜ୍ଜୀ )
ମୁଖୋପାଧ୍ୟାୟ ( ମୁଖାର୍ଜ୍ଜୀ )
ଚଟ୍ଟୋପାଧ୍ୟାୟ ( ଚାଟାର୍ଜ୍ଜୀ )
କିନ୍ତୁ ଉତ୍କଳର ଅଥର୍ବବେଦୀ ବ୍ରାହ୍ମଣମାନେ ଉପାଧ୍ୟାୟ ଉପାଧି ଧାରଣ କରନ୍ତି । ]

ଉପାଧ୍ୟାୟା—ସ.ବି. ସ୍ତ୍ରୀ (ଉପାଧ୍ୟାୟ+ସ୍ତ୍ରୀ.ଆ)—ଶିକ୍ଷୟିତ୍ରୀ; ଯେଉଁ ସ୍ତ୍ରୀ ସ୍ୱୟଂ
Upādhyāyā ଶିକ୍ଷା ଦିଅନ୍ତି—A lady teacher; a female teacher.

ଉପାଧ୍ୟାୟାନୀ—ସ. ବି. ସ୍ତ୍ରୀ ( ଉପାଧ୍ୟାୟ+ସ୍ତ୍ରୀ. ଆନୀ )—ଗୁରୁପତ୍ନୀ;
Upādhyāyānī ଅଧ୍ୟାପକଙ୍କ ଭାର୍ଯ୍ୟା—Spiritual preceptor's wife, wife of a professor.
[ଦ୍ର—ଉପାଧ୍ୟାୟଙ୍କ ସ୍ତ୍ରୀ ଉପାଧ୍ୟାୟାନୀ ଓ ସ୍ତ୍ରୀ-ଶିକ୍ଷୟିତ୍ରୀ ଉପାଧ୍ୟାୟା ଅଟନ୍ତି । ]

ଉପାଧ୍ୟାୟୀ—ସଂ. ବି. ସ୍ତ୍ରୀ. (ଉପାଧ୍ୟାୟ+ସ୍ତ୍ରୀ ଈ )—
Upādhyāyī ୧ । ଉପାଧ୍ୟାୟା ( ଦେଖ )—
1. Upādhyāyā (See)
୨ । ଉପାଧ୍ୟାୟାନୀ—2. Upādhyāyānī (See)

ଉପାନତ୍—ସଂ. ବି ( ଉପ+ଆ+ନହ୍ ଧାତୁ=ବାନ୍ଧିବା+କରଣ
Upānat କ୍ୱିପ୍; ଉପାନହ୍ ଶବ୍ଦ ୧ମା. ୧ବ. )—
୧ । କଠଉ—1. Wooden sandals.
୨ । ଚର୍ମପାଦୁକା; ଜୋତା—2. Shoes.
୩ । ବୁଟ୍ ଜୋତା—3. Boots
୪ । ଚଟି ଜୋତା—4. Slippers.
[ ଦ୍ର—ଓଡ଼ିଆମାନେ ପୂର୍ବେ ଚଢ଼ଉ ଜୋତା ଓ ବୁଟ୍ ଜୋତା ବ୍ୟବହାର କରୁଥିବାର ଚିହ୍ନ ଭୁବନେଶ୍ୱର ଓ କୋଣାର୍କର ମନ୍ଦିର ଓ ଗିରିଗାତ୍ରସ୍ଥ ପ୍ରସ୍ତରମାନଙ୍କରେ ଖୋଦିତ ହୋଇଅଛି । ]

ଉପାନତ୍କାର—ସଂ. ବି ( ଉପାନତ୍+କୃ ଧାତୁ+କର୍ତ୍ତୃ. ଅ )—ମୋଚି;
Upānatkāra ଜୋତା ତିଆରିକଲାବାଲା—Shoe-maker.

ଉପାନହ—ସଂ. ବି—ଉପାନତ୍ ( ଦେଖ )
Upānaha Upānat ( See )

ଉପାନ୍ତ—ସଂ. ବି. (ଉପ+ଅନ୍ତ)—
Upānta
୧ । ନୈକଟ୍ୟ—1. Vicinity.
୨ । ସୀମା—2. Border; boundary.
୩ । ଧାର—3. Edge.
୪ । ଶେଷ—4. End.
୫ । ଉପକଣ୍ଠ—5. Outskirts.
୬ । ଚକ୍ଷୁକୋଣ—6. Angle of the eye.
୭ । ଶେଷସୀମାର ପୂର୍ବବର୍ତ୍ତୀ ସ୍ଥାନ—7. Penultimate place.

ଉପାନ୍ତବର୍ଣ୍ଣ—ସଂ. ବି.—ଶବ୍ଦର ଶେଷ ଅକ୍ଷରର ପୂର୍ବବର୍ତ୍ତୀ ବର୍ଣ୍ଣ—
Upāntabarṇṇa The Penultimate letter of a word last but one letter.

ଉପାନ୍ତ୍ୟ—ସ. ବଣ (ଉପାନ୍ତ=ଶେଷର ପୂର୍ବ ସ୍ଥାନ+ଯ)—
Upāntya ୧ । ଉପାନ୍ତରେ ସ୍ଥିତ—1. Penultimate.
୨ । ଉପକଣ୍ଠସ୍ଥ—2. Situated on the outskirts.
୩ । ନିକଟସ୍ଥ—3. Adjoining; bordering on.

ଉପାନ୍ତ୍ୟବର୍ଣ୍ଣ—ସଂ. ବି—ଉପାନ୍ତବର୍ଣ୍ଣ (ଦେଖ)
Upāntyabarṇṇa Upāntabarṇṇa (See)

ଉପାପରାଧ—ସଂ. ବି (ଉପ+ଅପରାଧ)—ମିଥ୍ୟାସାକ୍ଷ୍ୟ, ପ୍ରତାରଣା, ହିଂସା
Upāparādha ପ୍ରଭୃତି କ୍ଷୁଦ୍ର କ୍ଷୁଦ୍ର ଅପରାଧ—Minor offences (e. g. perjury, cheating, malice).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଆଖି' ନ ପାଇଲେ 'ଆକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଉପାବର୍ତ୍ତନ**—ସଂ. ବି. ( ଉପ + ଆ + ବୃତ୍ ଧାତୁ = ଆସିବା + ଭାବ. ଅନ )—୧ । ପ୍ରତ୍ୟାବର୍ତ୍ତନ—
**Upābarttana** ( ଉପାବୃତ୍ତ—ବିଣ ) 1. Return.
୨ । କଡ଼ଲେଉଟା; ପାର୍ଶ୍ୱ ପରିବର୍ତ୍ତନ—
2. Turning of the sides; changing sides.
୩ । ଘୂର୍ଣ୍ଣନ—3. Whirling.
୪ । ଆଲୋଡ଼ନ—4. Stirring.
୫ । ( ପଶୁମାନଙ୍କର ) ଶ୍ରମୋପଶମନାର୍ଥ ଭୂମିରେ ପୁନଃ ପୁନଃ ଗଡ଼ିବା—5. Rolling on the ground (said of beasts ) to remove fatigue.

**ଉପାବୃତ୍ତ**—ସଂ. ବିଣ. (ଉପ + ଆ + ବୃତ୍ ଧାତୁ = ଆସିବା + କର୍ତ୍ତୃ. ତ)—
**Upābrutta** ( ଉପାବର୍ତ୍ତନ — ବି ) ୧ । ଘୂର୍ଣ୍ଣିତ— 1. Turned round; whirled.
୨ । ଘୂର୍ଣ୍ଣାୟମାନ—
2. Whirling; revolving; reeling.
୩ । ଆଉଟା ହୋଇଥିବା—
3. Stirred over the fire ( liquid ).
୪ । ପ୍ରତ୍ୟାଗତ—4. Returned; rebounding.
୫ । ପ୍ରତିନିବୃତ୍ତ—
5. Redounding; withdrawing; desisting.
୬ । ସମ୍ପାଦିତ – 6 Accomplished.
୭ । ପାର୍ଶ୍ୱପରିବର୍ତ୍ତନ କରିଥିବା—
7. Turning on the sides.
୮ । ( ପଶୁଅର୍ଥ ) — ଶ୍ରମ ଶାନ୍ତି ନିମିତ୍ତ ପୁନଃ ପୁନଃ ଭୂମିରେ ଲୁଣ୍ଠିତ; ଅଳସ ଭାଙ୍ଗିବା ନିମନ୍ତେ ଭୂମିରେ ଗଡ଼େଇ-ଚଡ଼େଇ ହେଉଥିବା—
8. Rolling on the grouud to remove fatigue ( said of beasts ).

**ଉପାମ**—ଗ୍ରା. ପଦ୍ୟ. ବି. (ସଂ. ଉପମା)—ଉପମା—
**Upāma** Comparison.

ଏରୂପେ ଆଠ ଆଠ ନାମ, ପୁଂଲିଙ୍ଗ ସ୍ତ୍ରୀଲିଙ୍ଗ ଉପାମ ।
ଯଶୋବନ୍ତ—ପ୍ରେମଭକ୍ତି ବ୍ରହ୍ମଗୀତା ।

**ଉପାମା**—ଗ୍ରା. ବି. (ସଂ. ଉପମା)—ଉପାମ (ଦେଖ)
**Upāmā** Upāma (See)

**ଉପାମିବା**—ଗ୍ରା. ପ୍ରାଚୀନପଦ୍ୟ. କ୍ରି. (ସଂ. ଉପମା)—ଉପମା ଦେବା—
**Upāmibā** To compare.

କୋଟିଏ ଅନଙ୍ଗ ରୂପ ଉପାମି ନ ପାର—ଶିଶୁଶଙ୍କର ଉଷାଅଭିଳାଷ ।

**ଉପାୟ**—ସଂ. ବି. (ଉପ + ଇ ଧାତୁ = ସମ୍ପାଦନ କରିବା + କରଣ. ଅ)—
**Upāya** ୧ । ଶତ୍ରୁ ରାଜାଙ୍କ ସଙ୍ଗେ ବ୍ୟବହାର ନିମିତ୍ତରେ ଉପଯୁକ୍ତ (ଅପାୟ—ବିପରୀତ) ବା ପ୍ରଯୁଜ୍ୟ ରାଜାମାନଙ୍କ କର୍ତ୍ତବ୍ୟବିଶେଷ (ଯଥା— ସାମ, ଦାନ, ଦଣ୍ଡ ଓ ଭେଦ) ।
1. Policy to be adopted by a king with respect to another state (e. g, conciliation, sending presents, chastisement or war and sowing dessension in the enemy's camp.)
୨ । ଅବଲମ୍ବନ — 2. Resource.
୩ । ଗତ୍ୟନ୍ତର – 3. Alternative.
୪ । ଜୀବନଧାରଣାର୍ଥ ଅର୍ଜନ; ଜୀବିକା—4. Livelihood; means of living; subsistence.
୫ । କାର୍ଯ୍ୟ ସାଧନର ଆନୁପୂର୍ବିକ ପ୍ରୟୋଗ; ସାଧନ—
5. Means; things that come ready.
୬ । ପ୍ରତିକାରର ପଥ — 6 Contrivance.
୭ । ଧନ ଉପାର୍ଜନ— 7. Acquisition of wealth; earning.
୮ । ଉପାଗମ ( ଦେଖ )
8. Upāgama ( See )
୯ । କୌଶଳ—9. Expedient; stratagem
୧୦ । ଆୟ — 10. Income.
୧୧ । ପ୍ରତିକାର; ଔଷଧ — 11. Remedy.
୧୨ । ଔଷଧପ୍ରୟୋଗ—
12. Administration of a remedy.
୧୩ । ତାନ୍ତ୍ରିକମନ୍ତ୍ରସମ୍ବାଦ ପ୍ରୟୋଗ—
13. Application of charms
ଦେ. ବି—ଉଦ୍ୟମ—Striving; exertion.

**ଉପାୟ କରିବା**—ଦେ. କ୍ରି —୧ । ପ୍ରତିକାର କରିବା—1. To use a remedy; to counteract.
**Upāya kāribā**
୨ । ଅର୍ଜନ କରିବା—2. To earn.
୩ । ଉଦ୍ଦେଶ୍ୟସିଦ୍ଧି ଉଦ୍ଦେଶ୍ୟରେ କାର୍ଯ୍ୟସାଧନ କରିବା—
3. To use means to an end.
୪ । ଔଷଧ ବା ମନ୍ତ୍ରସମ୍ବାଦ ପ୍ରୟୋଗ କରିବା—
4. To employ charms or medicine.
୫ । ଉଦ୍ୟମ କରିବା—
5. To exert oneself; to strive.

**ଉପାୟକ୍ଷମ**—ସଂ. ବିଣ. ପୁଂ. ( ୭ମୀ ତତ୍; ଉପାୟ + କ୍ଷମ )—
**Upāyakshama** ୧ । ଅର୍ଜନକ୍ଷମ—
(ଉପାୟକ୍ଷମା — ସ୍ତ୍ରୀ) 1. Able to earn one's livelihood.
୨ । ପ୍ରତିକାର କରିବାରେ ତତ୍ପର—
2. Prompt in applying a remedy.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଣ,ଙ | ଜ୍ଞ | ଇଯ୍ | ଉ୍ | ଲ୍ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ୟ | ଇଅ | ଓ | ଟ୍ଟ |

**ଉପାୟଜ୍ଞ**—ସ. ବଣ. ପୁଂ. (ଉପାୟ + ଜ୍ଞା ଧାତୁ = ଜାଣିବା + କର୍ତ୍ତୃ. ଅ) — Upāyajña ଯେ କାର୍ଯ୍ୟ ସାଧନାର୍ଥ ପ୍ରୟୋଜନୀୟ କୌଶଳ ଜାଣେ— (ଉପାୟଜ୍ଞା—ସ୍ତ୍ରୀ) Fertile in expedients.

**ଉପାୟନ**—ସ. ବି. (ଉପ + ଅୟ୍ ଧାତୁ = ଯିବା + କର୍ମ. ଅନ)— Upāyana ୧ । ଭେଟି; ଉପହାର—1. Present made to a superior; offering.

୨ । ( + ଭାବ. ଅନ )—ସମୀପ ଗମନ — 2. Arrival, coming near; approaching.

୩ । ବ୍ରତାଦିର ପ୍ରତିଷ୍ଠାନ ବା ଆରମ୍ଭ— 3. Starting of a ceremonial or rite.

**ଉପାୟାନ୍ତର**—ସ. ବି. ( ଉପାୟ+ଅନ୍ତର )—ଅନ୍ୟ ଉପାୟ— Upāyāntara Another resource or alternative

**ଉପାୟୀ**—ସଂ. ବଣ. (ଉପାୟ + ଅସ୍ତି ଅର୍ଥରେ; ଇନ୍; ୧ମା. ୧ବ. )— Upāyi ୧ । କୌଶଳୀ—1. Skilful in expedients or (ଉପାୟିନୀ—ସ୍ତ୍ରୀ) stratagems, resorting to stratagems

୨ । ଅର୍ଜନକାରୀ—2. Earning.

୩ । ମନ୍ତ୍ରତନ୍ତ୍ର ପ୍ରୟୋଗକାରୀ—3. Using charms.

୪ । ଉଦ୍ୟମୀ— 4. Exerting oneself; resourceful.

**ଉପାରଜନ**—ଗ୍ରା. ବି. ( ସଂ. ଉପାର୍ଜନ )—ଉପାର୍ଜନ ( ଦେଖ ) Upārajana Upārjana ( See )

**ଉପାରତ**—ସଂ. ବଣ. ( ଉପ+ଆ+ରମ୍ ଧାତୁ=ଆରାମ କରିବା+ କର୍ତ୍ତୃ. ତ )—୧ । ନିବୃତ୍ତ; ବିରତ— Uparata 1. Stopped; ceased; desisted.

୨ । ପ୍ରତ୍ୟାବୃତ୍ତ—2. Returned.

**ଉପାରମ୍ଭ**—ସଂ. ବି. ( ଉପ + ଆରମ୍ଭ )—ପ୍ରାରମ୍ଭ— Uparambha Beginning; commencement.

**ଉପାରୂଢ଼**—ସଂ. ବଣ. ( ଉପ + ଆରୂଢ଼ )— Upārūḍha ୧ । ଆରୂଢ଼; ଉପରେ ଚଢ଼ିଥିବା— 1. Riding; ascending.

୨ । ପ୍ରାପ୍ତ—2. Acquired; got; obtained.

**ଉପାର୍ଜକ**—ସଂ. ବଣ. ପୁଂ. ( ଉପ+ଅର୍ଜ ଧାତୁ + କର୍ତ୍ତୃ. ଅକ )— Upārjaka ୧ । ଅର୍ଜିବା ( ବ୍ୟକ୍ତି )— (ଉପାର୍ଜିକା—ସ୍ତ୍ରୀ) 1. Acquiring; earning.

୨ । ଯେ ଆଣି ପହଞ୍ଚାଏ—2. Procuring.

୩ । ସଞ୍ଚୟକାରୀ—3. Accumulating; hoarding.

**ଉପାର୍ଜନ**—ସଂ. ବି. ( ଉପ + ଅର୍ଜ ଧାତୁ = ଅର୍ଜନ କରିବା + ଭାବ. ଅନ )—୧ । ଅର୍ଜନ—1. Earning. Upārjana (ଉପାର୍ଜିତ—ବଣ) ୨ । କୃଷି ବ୍ୟବସାୟାଦି ଦ୍ୱାରା ଅର୍ଥଲାଭ— 2. Acquisition of wealth.

୩ । ଲାଭ—3. Gain.

୪ । ସଞ୍ଚୟ—4. Accumulation; storing up.

**ଉପାର୍ଜନକ୍ଷମ**—ସଂ. ବଣ. ପୁଂ. ( ୭ମୀ ତତ୍; ଉପାର୍ଜନ+କ୍ଷମ )— Upārjanakshama ଯେ ଉପାର୍ଜନ କରିପାରେ— (ଉପାର୍ଜନକ୍ଷମା —ସ୍ତ୍ରୀ) Able to earn.

**ଉପାର୍ଜିତ**—ସଂ. ବଣ. ( ଉପ+ଅର୍ଜିତ )—୧ । ପ୍ରାପ୍ତ; ଲବ୍ଧ— Upārjita 1. Earned; acquired; obtained. (ଉପାର୍ଜନ—ବି) ୨ । ସଞ୍ଚିତ— 2. Accumulated; laid up; stored.

**ଉପାଲବ୍ଧ**—ସଂ. ବଣ. (ଉପ + ଆ + ଲଭ ଧାତୁ = ପାଇବା + ତ)— Upālabdha ୧ । ତିରସ୍କୃତ; ଭର୍ତ୍ସିତ— (ଉପାଲମ୍ଭ—ବି) 1. Rebuked; censured; reproached.

୨ । ପ୍ରାପ୍ତ—2. Got; received; obtained.

**ଉପାଲମ୍ଭ**—ସଂ. ବି. ( ଉପ + ଆ + ଲଭ ଧାତୁ = ନିନ୍ଦା କରିବା + ଭାବ. ଅ ) —୧ । ତିରସ୍କାର; ଭର୍ତ୍ସନା; Upālambha (ଉପାଲବ୍ଧ—ବଣ) ସଶ୍ଳେଷବାକ୍ୟ—1. Reviling; admonition; reproach; rebuke.

୨ । ପ୍ରାପ୍ତି—2. Receipt.

ଦେ. ବି—ପରିହାସ—Jest; sneer.

ଅନେକ କଲ ଉପାଲମ୍ଭ
ଛୋଡ଼ର ବାର ବଡ଼ ଦମ୍ଭ । ଜଗନ୍ନାଥ. ଭାଗବତ ।

**ଉପାଶ୍ରୟ**—ସଂ. ବି. ( ଉପ + ଆ + ଶ୍ରି ଧାତୁ = ସେବା କରିବା + କର୍ମ. ଅ )—୧ । ଆଶ୍ରୟ ନେବାର ସ୍ଥାନ; ଆଶ୍ରୟସ୍ଥଳ; Upāśraya (ଉପାଶ୍ରିତ—ବଣ) ଆଶ୍ରମ; ଯେଉଁ ସ୍ଥାନକୁ ଆଶ୍ରୟ କରାଯାଏ— 1. A resort; a shelter; an asylum; a place of refuge.

୨ । ଅବଲମ୍ବନ—2. A support or prop.

୩ । ଆଶ୍ରୟକର୍ତ୍ତା—3. One who takes shelter; protege.

**ଉପାସ**—ଦେ. ବି. ( ସଂ. ଉପବାସ )— Upāsa ୧ । ବ୍ରତାନୁଷ୍ଠାନ ନିମନ୍ତେ ଉପବାସ— উপোষ 1. Religious fasting. उपवास

ଅବର ବ୍ରତର ଉପାସେ । ପ୍ରାଚୀ—ନର୍ମଦାମାହାତ୍ମ୍ୟ ।

୨ । ଅନାହାର; ଅନଶନ— 2. Fasting; starvation.

ଭୁତ୍ୟୁଙ୍କୁ ଉପାସେ ରଖି ବ୍ରାହ୍ମଣଙ୍କୁ
ଅନ୍ନ ଅଗ୍ର ଦେବନ୍ତ ଜାଣ ଖାଇବାକୁ । ଲୁହ୍ୟିଂହ. ମହାଭାରତ. ଅନୁଶାସନ ।

୩ । ଓଷା; ବ୍ରତାନୁଷ୍ଠାନ — 3. Religious observance.

ଦେ. ବଣ—ଉପୋଷିତ; ଉପବାସୀ— Fasting; starving.

ସାଧାରଣ ଲୋକେ ଏପରି ସ୍ଥଳରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଖାଦ' ନ ମିଳିଲେ 'ଖାଦ୍' ଖୋଜିବେ 'ଭୂଅ' ନ ମିଳିଲେ 'ଭୂଆ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଉପାସକ**—ସଂ. ବଣ. ପୁଂ ( ଉପ=ନିକଟରେ+ଅସ ଧାତୁ=ବସିବା+କର୍ତ୍ତୃ. ଅକ )—
Upāsaka
(ଉପାସିକା—ସ୍ତ୍ରୀ) ୧ । ଆରାଧକ; ଉପାସନାକାରକ—1. Worshipping.
୨ । ସେବକ—2. Attending.
୩ । ଅନୁସରଣିଆ—3. Supplicating.

**ଉପାସକରିବା**—ଦେ. କ୍ରି. ( ସଂ. ଉପବାସ )—
Upāsakariba ୧ । ବ୍ରତାନୁଷ୍ଠାନ କରିବା—1. To observe a religious fast.
୨ । ଅନାହାରରେ ରହିବା—2. To go without food.

**ଉପାସଙ୍ଗ**—ସଂ. ବି. ( ଉପ+ଆ+ସଞ୍ଜ ଧାତୁ = ଲାଗିବା + ଅଧିକରଣ. ଅ )—
Upāsanga
୧ । ବାଣଧାର; ତୂଣ; ତୂଣୀର—1. Quiver; a case for keeping arrows.
୨ । ( +ଭାବ. ଅ )—ନୈକଟ୍ୟ—2. Proximity; nearness.
୩ । ଆସକ୍ତି—3 Attachment.

**ଉପାସନ**—ସଂ. ବି. ( ଉପ=ନିକଟରେ+ଅସ ଧାତୁ=ବସିବା+ଭାବ. ଅନ )—
Upāsana
(ଉପାସିତ—ବଣ) ୧ । ସ୍ତବ—1. Prayer.
୨ । ସେବା; ଶୁଶ୍ରୂଷା—2. Service; attendance on a superior; tending.
୩ । ଆରାଧନା; ପୂଜା—3. Adoration; worship; religious service.
୪ । ଅନୁବୃତ୍ତି; ଉପକାର ପ୍ରତ୍ୟାଶାରେ ଅନ୍ୟର ଅନୁସରଣ—4. Supplication in expectation of a favour; dancing attendance on a person for favour.
୫ । ( ଉପ=ଅଧିକ+ଅସ ଧାତୁ=କ୍ଷେପଣ କରିବା+ଭାବ. ଅନ )—ଶରକ୍ଷେପଣଶିକ୍ଷାର୍ଥ ଶରାଭ୍ୟାସ—5. Practice at archery.
ଦେ. ବଣ—ଉପବାସ କରିଥିବା; ଅନାହାରରେ ରହିଥିବା—Starving; going without food.
ଅପେ ଏ ଅପେ ତିବ ଅପେ ଉପାସନ । ପ୍ରାଚୀ, ଚୁନ୍ନିକର୍ପଣ ଗୀତା ।

**ଉପାସନା**—ସଂ. ବି. ( ଉପ+ଅସ ଧାତୁ+ଭାବ. ଅନ+ସ୍ତ୍ରୀ. ଆ)—
Upāsanā ଉପାସନ ( ଦେଖ )
Upāsana ( See ).

**ଉପାସନୀୟ**—ସଂ. ବଣ. ପୁଂ ( ଉପ=ନିକଟ+ଅସ ଧାତୁ=ବସିବା+କର୍ମ. ଅନୀୟ )—ଉପାସ୍ୟ ( ଦେଖ )
Upāsaniya
(ଉପାସନୀୟା—ସ୍ତ୍ରୀ) Upāsya ( See )

**ଉପାସନେୟ**—ସଂ. ବଣ. ( ଉପାସନା+କର୍ମ. ଏୟ )—
Upāsaneya ଉପାସନା ଦ୍ୱାରା ଲଭ୍ୟ—Attainable by special service or worship.

**ଉପାସ ରହିବା**—ଦେ. କ୍ରି—ଅନଶନ ଅଚରଣ କରି ରହିବା—
Upāsa rahibā To starve; to go without food
উপোসথাকা; উপোসেথাকা
कड़का रहना

**ଉପାସିଆ**—ଗ୍ରା. ବଣ. ପୁଂ ( ସଂ. ଉପବାସୀ )—
Upāsiā ୧ । ଉପବାସୀ—1. Starving; fasting.
(ଉପାସୀ—ସ୍ତ୍ରୀ) ୨ । ନିରାହାରୀ—2 Not yet fed; unfed.
উপোসে ୩ । ଅନାହାରୀ—3 Going without food
उपासा

**ଉପାସିତ**—ସଂ. ବଣ ( ଉପ+ଅସ ଧାତୁ=ବସିବା+କର୍ମ. ତ )—
Upāsita ୧ । ସେବିତ—1. Attended upon; served.
୨ । ଉପକାରପ୍ରତ୍ୟାଶାରେ ଯଦ୍ୱାରା ଅନୁବୃତ୍ତି କରାଯାଇଅଛି—2. Attended upon to grant some benefit.
ସଂ. ବି. (+ଭାବ. ତ)—ଉପାସନା ( ଦେଖ )
Upāsanā ( See )

**ଉପାସ୍ତି**—ସଂ. ବି. ( ଉପ+ଅସ ଧାତୁ+ଭାବ. ତି )—
Upāsti ଉପାସନ ( ଦେଖ )
Upāsana ( See )

**ଉପାସ୍ଥି**—ସଂ. ବି. ( ଉପ=ସମାନ+ଅସ୍ଥି )—ହାଡ଼ ଭଳି ଟାଣୁଆ ମାଂସ ଖଣ୍ଡ; ଅସ୍ଥିଭଳି ପଦାର୍ଥ—
Upāsthi Cartilage; gristle.

**ଉପାସ୍ୟ**—ସଂ. ବଣ. ପୁଂ ( ଉପ=ନିକଟ+ଅସ ଧାତୁ=ବସିବା+କର୍ମ. ଯ )—
Upāsya
(ଉପାସ୍ୟା—ସ୍ତ୍ରୀ) ଆରାଧ୍ୟ; ପୂଜ୍ୟ; ଉପାସିତ ହେବାର ଯୋଗ୍ୟ—Adorable; deserving of service; fit for worship.

**ଉପାସ୍ୟଦେବତା**—ସଂ. ବି. ( କର୍ମଧା; ଉପାସ୍ୟା+ଦେବତା )—
Upāsyadebatā ୧ । କୌଣସି ବିଶେଷ ଅନୁଷ୍ଠାନରେ ଯେଉଁ ଦେବତାଙ୍କୁ ଉପାସନା କରିବା ଉଚିତ—1. A Deity to be specially adored or invoked on certain occasions.
୨ । ଇଷ୍ଟଦେବତା—2. One's family Deity; presiding Deity.

**ଉପାସ୍ୟମାନ**—ସଂ. ବଣ ( ଉପ+ଅସ ଧାତୁ=ବସିବା+କର୍ମ. ଆନ )—
Upāsymāna
(ଉପାସ୍ୟମାନା—ସ୍ତ୍ରୀ) ୧ । ଯାହାର ଉପାସନା କରାଯାଉଅଛି; ପୂଜ୍ୟମାନ; ସେବ୍ୟମାନ—1. Who is being worshipped

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୯ | ଇ | ଉ | ର୍,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଘ | ଜ | ଶ,ଷ | ଖ | ଇସ୍ର | ଉଥ | ଓ |
| ୨ | ଈ | ଊ | ଋ | ଲୃ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ତତ୍ପରବର୍ତ୍ତୀ ଯୁକ୍ତ ବର୍ଣ୍ଣ | ଘ୍ୟ | ଯ | ସ | ଗ୍ୟଁ | ଇଅ | ଔ | କୃ |

୨ । ଉପକାର ପ୍ରତ୍ୟାଶାରେ ଯାହାର ଅନୁବୃତ୍ତି କରାଯାଇ ଅଛି—2. Attended upon to grant some benefit.

ଉପାହିତ—ସଂ. ବଣ. ( ଉପ+ଆ+ଧା ଧାତୁ=ଆସିବା+ଭାବ. ତ )—
Upāhita ୧ । ମିଳିତ—1. United.
୨ । ସଂଯୋଜିତ—2. Annexed; joined
୩ । ଆରୋପିତ—3. Set on; attributed
୪ । ନ୍ୟସ୍ତ—4. Deposited; laid.
ବ—ଉତ୍ପାତ, ଧୂମକେତୁଆଦି ଉପଦ୍ରବ—Natural calamity ( e,g comet, shooting star ) a fiery portent.

ଉପି—ଦେ. ବ—ରୁପି; ରୋଗ ହେତୁରୁ ମସ୍ତକରେ କେଶ ମୂଳରେ
Upi ଜାତ ହୋଇଥିବା ଶୁକ୍ଳବର୍ଣ୍ଣ ମଳ୍ଲ ଚମ—Scale;scaly
ଖୁଷ୍କି dead skin at the roots of the hair
खुरण्ड due to disease; scurf; dandruff

ଉପିବା—ଦେ· କ୍ରି. ( ସଂ. ଲିପ ଧାତୁ )—
Upibā ୧ । ମାଠିବା; ଚିକ୍କଣ କରିବା—1. To polish
ଉପି ଲେପି କୁଙ୍କୁମ ଚନ୍ଦନ ନେଇ କରେ,
ହେବ କି ଜୋହ୍ନିକି ସମ ଏମନ୍ତ ଶଙ୍କ ରେ—ଉପେ. ଲାବଣ୍ୟବତୀ ।
୨ । ବୋଳିବା—2. To besmear; to apply.
ବଦ୍ରୁମ ଉପି ରଙ୍ଗାଇଲେ ପୁଣ, ଅରୁଣ କଲ କି ସିନ୍ଦୂର ସ୍ନାନ—
ଉପେ. ଲାବଣ୍ୟବତୀ ।

ଉପୁକାରିଆ—ଗ୍ରା. ବଣ—ଉପକାରୀ ( ଦେଖ )
Upukāriā Upakārī ( See )

ଉପୁକାରୀ—ଗ୍ରା. ବଣ— ଉପକାରୀ ( ଦେଖ )
Upukārī Upakārī ( See )

ଉପୁଚାଇବା—ଗ୍ରା. କ୍ରି—ଉପୁଚିବା ( ଦେଖ )
Upuchāibā Upuchibā ( See )

ଉପୁଚିଆଇବା—ଗ୍ରା· କ୍ରି—ଉପୁଚିବା ( ଦେଖ )
Upuchiāibā Upuchibā ( See )

ଉପୁଚିବା—ଗ୍ରା· କ୍ରି. ( ସଂ. ଉତ୍ପତନ )—୧ । ଉପରକୁ ଉଠିବା—
Upuchibā 1. To rise up to the surface.
୨ । ପ୍ରକାଶ ପାଇବା—2. To be manifest.
୩ । ( କୀଟାଦି ) ଜଳର ଉପରକୁ ଭାସି ଉଠିବା—
3. To float up ( said of maggots in liquids ).

ଉପୁଜାଇବା—ଦେ. କ୍ରି—ଉପୁଜିବାର ଣିଜନ୍ତରୂପ—
Upujāibā The causative form of Upujibā.

ଉପୁଜିବା—ଦେ. କ୍ରି. ( ସଂ. ଉପଜାତ )—୧ । ଜାତ ହେବା—
Upujibā 1. To accrue; to grow.
উপুজা ଶ୍ରବଣେ ଅକଥ ଉପୁଜେ ତତ୍ତ୍ୱେ—ମଧୁସୂଦନ. ଛନ୍ଦମାଳା ।
उपजना ୨ । ଘଟିବା—2. To happen.
୩ । ଆବିର୍ଭୂତ ହେବା—3. To appear.
ଶୁଶ୍ରୂଷାସେ ଉପୁଜେ ହାସ୍ୟ ଯଦି କଦାଚିତେ—ଜଗନ୍ନାଥ· ମହାଯାତ୍ରା ।
୪ । ଉଭୁଜିବା ( ଦେଖ )
4. Ubhujibā ( See )
୫ । ଜନ୍ମିବା; ଭୂମିଷ୍ଠ ହେବା—5. To be born.
ଅବଶ୍ୟ ନରଦେବ ପୁତ୍ର ଉପୁଜିବ—ସାରଳା. ମହାଭାରତ ।

ଉପୁଟାଙ୍ଗର ହେବା—ଗ୍ରା. କ୍ରି—ଉପଟାଙ୍ଗର ହେବା ( ଦେଖ )
Upuṭāṅgara hebā Upaṭāṅgara hebā ( See )

ଉପୁଡଙ୍ଗର—ଗ୍ରା. ବଣ. ପୁଂ—ଉପଡଙ୍ଗର ( ଦେଖ )
Upuḍaṅgara Upaḍaṅgara ( See )
ଉପୁଡଙ୍ଗରୀ } ସ୍ତ୍ରୀ.
ଉପୁଡୁଙ୍ଗୁରୀ }

ଉପୁଡ଼ା—ଦେ. ବଣ—ଉପଡ଼ା ( ଦେଖ )
Upuṟḍā Upaṟḍā ( See )

ଉପୁଡ଼ାଇବା—ଦେ. କ୍ରି. (ଉପାଡ଼ିବା ଓ ଉପୁଡ଼ିବା କ୍ରିୟାର ଣିଜନ୍ତରୂପ)—
Upuṟḍāibā ୧ । ଅନ୍ୟଦ୍ୱାରା ଉତ୍ପାଟିତ କରାଇବା—
উপড়ান 1. To cause the uprooting by another.
उखड़ाना ୨ । ଉତ୍ପାଟନ କରିବା—
2. To uproot; to eradicate
ବେଳ ହେବାବେଳେ ମୋ ଭାଗ୍ୟଲକ୍ଷ୍ମୀ, ତଳ ଉପୁଡ଼ାଇ ଦେଲା କି ବୋଇ—
କବିସୂର୍ଯ୍ୟ. କବିତା ।

ଉପୁଡ଼ିବା—ଦେ. କ୍ରି. ( ସଂ. ଉତ୍ପାଟନ )—
Upuṟḍibā ୧ । ଉତ୍ପାଟିତ ହେବା—1. To be uprooted
উপড়া ଉପୁଡ଼ି ପଡ଼େ ଗିରି ବୃକ୍ଷପୀ ଗାରେ—ଜଗନ୍ନାଥ. ତୁଳସୀସ୍ତବକ
उपरना; उखड़ना ୨ । ମୂଳରୁ ଉପୁଡ଼ିବା; ମୂଳଭ୍ରଷ୍ଟ ହେବା—
2. To be displaced; to fall down.
ଅତି ଉତ୍ସର୍ଗ ବେନି ବୃକ୍ଷେ, ଉପୁଡ଼ି ପଡ଼ିଲେ ପ୍ରତ୍ୟକ୍ଷେ ।
ଜଗନ୍ନାଥ· ଭାଗବତ ।

ଉପୁଡ଼େଇବା—ଦେ. କ୍ରି—ଉପୁଡ଼ାଇବା ( ଦେଖ )—
Upuṟḍeibā Upuṟḍāibā ( See )

ଉପୁରି ( ଇତ୍ୟାଦି )—ଗ୍ରା. ବଣ—ଉପରି ଇତ୍ୟାଦି ( ଦେଖ )
Upuri ( ete ) Upari etc. ( See )

ଉପୁରୁ—ଗ୍ରା. ଅ—ଉପରୁ—
Upuru From above.

ଉପେକ୍ଷକ—ସଂ. ବଣ. ପୁଂ. ( ଉପ+ଈକ୍ଷ୍ ଧାତୁ+କର୍ତ୍ତୃ. ଅକ )—
Upekshaka ଅନାଦରକାରୀ—Disregarding.
( ଉପେକ୍ଷିକା—ସ୍ତ୍ରୀ )

ଉପେକ୍ଷଣ—ସଂ. ବ. (ଉପ+ଈକ୍ଷ୍ ଧାତୁ=ତୁଚ୍ଛ କରିବା+ଭାବ. ଅନ)—
Upekshaṇa ୧ । ଔଦାସୀନ୍ୟ—1. Apathy.
୨ । ତ୍ୟାଗ—2. Abandonment.
୩ । ରାଜନୀତି ସମ୍ମତ ଉପାୟବିଶେଷ—
3. A political expedient.

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତଳ୍ପର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଥ' ନ ମିଳିଲେ 'ଭୃଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳକତ' କୁ ପାଇଲେ 'ଅଳକ୍ତ' ଦେଖିବେ

**ଉପେକ୍ଷଣୀୟ**—ସଂ. ବଣ. ( ଉପ+ଈକ୍ଷ୍ ଧାତୁ=ତ୍ୟାଗ କରିବା+କର୍ମ. ଅନୀୟ )—ତ୍ୟାଜ୍ୟ—
Upekshaniya
Fit to be abandoned.

**ଉପେକ୍ଷା**—ସଂ. ବ. (ଉପ+ଈକ୍ଷ୍ ଧାତୁ=ଦେଖିବା+ଭାବ. ଅ+ସ୍ତ୍ରୀ. ଆ)—୧ । ଅବହେଳା—1. Negligence.
Upekshā
(ଅପେକ୍ଷା—ଉପଯୋଗ) ୨ । ଅନାଦର; ଅବଜ୍ଞା—
(ଉପେକ୍ଷିତ—ବଣ) 2. Disrespect; disregard.
୩ । ଘୃଣା—3. Contempt.
୪ । ଔଦାସୀନ୍ୟ—4. Indifference; apathy.
୫ । ତ୍ୟାଗ—5. Abandonment.
୬ । ଅସ୍ୱୀକାର—6 Disagreement
୭ । ଧୈର୍ଯ୍ୟ—7. Patience.
ଗ୍ରା. ବ. (ସଂ. ଅପେକ୍ଷା)—୧ । ଅପେକ୍ଷା—1. Waiting.
୨ । ଆଶା—2. Expectation.
ଗ୍ରା. ଅ (ସଂ. ଅପେକ୍ଷା)—ଠାରୁ; ଅପେକ୍ଷା—Than.
(ଯଥା—ତୋ ଉପେକ୍ଷା ସେ ବେଶି ବୁଦ୍ଧିଆ)

**ଉପେକ୍ଷା କରିବା**—ଦେ. କ୍ରି.—୧ । ଅନାଦର କରିବା—
Upekshā karibā 1. To neglect
উপেক্ষাকরা ୨ । ନମାନିବା; ଗ୍ରାହ୍ୟ ନ କରିବା—
उपेक्षाकरना 2. To disregard.
୩ । ଅବଜ୍ଞା କରିବା—3. To show disrespect; to look down with contempt.
୪ । ତ୍ୟାଗ କରିବା—4. To abandon
୫ । ଅସ୍ୱୀକାର କରିବା—5. To disown.
ଗ୍ରା. କ୍ରି.—ଅପେକ୍ଷା କରିବା—To wait.

**ଉପେକ୍ଷିତ**—ସଂ. ବଣ. (ଉପ=ଦୂରେ ସହିତ+ଈକ୍ଷ ଧାତୁ=ଦେଖିବା+କର୍ମ. ତ)—୧ । ଅନାଦୃତ—
Upekshita
(ଉପେକ୍ଷା—ବ) 1. Disregarded; neglected.
୨ । ତ୍ୟକ୍ତ—2. Abandoned.
୩ । ଅବଜ୍ଞାତ; ଅସମ୍ମାନିତ—
3. Treated with contempt; slighted.
୪ । ଅସ୍ୱୀକୃତ—4. Disowned.

**ଉପେକ୍ଷିବା**—ଗ୍ରା. କ୍ରି.—ଉପେଖିବା (ଦେଖ)
Upekshiba Upekhibā (See)

**ଉପେଖିବା**—ଗ୍ରା. କ୍ରି. ( ସଂ. ଉପେକ୍ଷା)—୧ । ହେଳାକରି କରିବା; ଅନାଦର କରିବା—1. To disregard; to neglect.
Upekhibā
୨ । ତ୍ୟାଗ କରିବା—2. To abandon.
ଅସୁର ବୋଲି ଉପେଖିଲେ । ଜଗନ୍ନାଥ, ଭାଗବତ ।
୩ । ଅବଜ୍ଞା ବା ଅସମ୍ମାନ କରିବା—
3. To show disrespect; to slight.
୪ । ଅସ୍ୱୀକାର କରିବା—4. To disown; to disavow.
୫ । ମନରୁ ଛାଡ଼ିବା; ଦୂର କରିବା—5. To give up.
ସବୁ ଦୁଃଖଯାକ ଦେଖିକୁ ଉପେଖି । କୃଷ୍ଣସିଂହ, ମହାଭାରତ, ବନ ।

**ଉପେତ**—ସଂ. ବଣ. (ଉପ=ନିକଟ+ଇ ଧାତୁ=ଅଟିବା+କର୍ତ୍ତୃ ଓ କର୍ମ. ତ)—୧ । ନିକଟ; ସମୀପାଗତ—1 Approached.
Upeta
୨ । ପ୍ରାପ୍ତ—2. Possessed of; attained.
୩ । ଗତ—3. Passed
୪ । ଯୁକ୍ତ—4. Connected with.

**ଉପେନ୍ଦ୍ର**—ସଂ. ବ. (ଉପ=ପଶ୍ଚାତ+ଇନ୍ଦ୍ର)—ବିଷ୍ଣୁ; ଇନ୍ଦ୍ରଙ୍କ କନିଷ୍ଠ ଭାଇ—A name of Bishnu.
Upendra
ଦେ. ବ. ପୁଂ—ଲୋକମାନଙ୍କ ନାମ—A name given to males.

**ଉପେନ୍ଦ୍ରବଜ୍ରା**—ସଂ. ବ.—ସଂସ୍କୃତ ଛନ୍ଦୋବିଶେଷ—
Upendrabajrā A Sanskrit metre.

**ଉପେନ୍ଦ୍ରଭଞ୍ଜ**—ଦେ. ବ. (ନାମ)—ଓଡ଼ିଆ ସାହିତ୍ୟରାଜ୍ୟରେ ସର୍ବଶ୍ରେଷ୍ଠ ପ୍ରାଚୀନ କବି—The Shakespeare of Orḍisā; the leading poet of the Orḍiā classics.
Upendra Bhanja

[ ଦ୍ର—ଏ ଉତ୍କଳର ପ୍ରାଚୀନ ସାହିତ୍ୟର କବି ସମ୍ରାଟ । ଏ ଘୁମସର ରାଜବଂଶରେ ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଜନ୍ମଗ୍ରହଣ କରିଥିଲେ । ଏହାଙ୍କ ପିତା ନୀଳକଣ୍ଠ ଭଞ୍ଜ ଦୁଇ ବର୍ଷ ମାତ୍ର ଘୁମୁସରର ରାଜସିଂହାସନ ଅଧିକାର କରି ଭାଇମାନଙ୍କଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇ ଶେଷ ଜୀବନ ନୂଆଗଡ଼ ରାଜ୍ୟରେ ଅତିବାହିତ କରିଥିଲେ । ଉପେନ୍ଦ୍ରଭଞ୍ଜଙ୍କ ବାଲ୍ୟକାଳ ନୂଆଗଡ଼ରେ କଟିଥିଲା । ସେ ନିଜେ ଲେଖିଅଛନ୍ତି ଯେ, ସେ ରାମତାରକମନ୍ତ୍ର ଜପ କରିବାରୁ କବିତ୍ୱ ଲାଭ କରି ପାରିଥିଲେ । ନୂଆଗଡ଼ ରାଜା ତାଙ୍କୁ 'ବୀରବର' ଉପାଧି ଦେଇଥିଲେ । କବି ବାଣପୁର ରାଜକନ୍ୟାଙ୍କୁ ବିବାହ କରିଥିଲେ । ସେ ଚାଳିଶିବର୍ଷ ବୟସରେ ନିଃସନ୍ତାନ ଅବସ୍ଥାରେ ପ୍ରାଣତ୍ୟାଗ କଲେ । ସେ ପ୍ରାୟ ଚାଳିଶିଟି ପଦ୍ୟଗ୍ରନ୍ଥ ରଚନାକରିଯାଇଅଛନ୍ତି। ସେଥି ମଧ୍ୟରୁ କୋଡ଼ିଏଖଣ୍ଡି ମାତ୍ର ପ୍ରକାଶିତ ହୋଇଅଛି । ତାଙ୍କ ଲିଖିତ କାବ୍ୟମାନଙ୍କ ମଧ୍ୟରୁ ଲାବଣ୍ୟବତୀ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ଓ ବୈଦେହୀଶବିଳାସ ଉତ୍କଳରେ ସର୍ବତ୍ର ପ୍ରସିଦ୍ଧ । ଏହାଙ୍କର ସଂସ୍କୃତସାହିତ୍ୟରେ ବିଶେଷ ବ୍ୟୁତ୍ପତ୍ତି ଓ ଅଧିକାର ଥିଲା । ଏ ସଂସ୍କୃତ ସାହିତ୍ୟରେ ଅଳଙ୍କାର, ଛନ୍ଦ, ପଦବିନ୍ୟାସ ଓ ଛଟା ଏହାଙ୍କ କାବ୍ୟମାନଙ୍କ ମଧ୍ୟରେ ସର୍ବତ୍ର ଫୁଟାଇ ଅଛନ୍ତି । ତାଙ୍କର ଗ୍ରନ୍ଥମାନ ଆଦିରସାଶ୍ରିତ ଓ ଶବ୍ଦାଲଙ୍କାରପୂର୍ଣ୍ଣ ଥିବା ହେତୁରୁ କ୍ଳିଷ୍ଟ ।

| ୧ | ଇ | ଉ | ର୍,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇପ୍ | ଉଅ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ | ଇଅ | ଞ | ନ୍ |

ଏହାଙ୍କର ସର୍ବବୃହତ୍ ଗ୍ରନ୍ଥ ବୈଦେହୀଶବିଳାସର ପ୍ରତ୍ୟେକ ଧାଡ଼ି 'ବ' ଅକ୍ଷରରେ ଆରମ୍ଭ ହୋଇଅଛି । ଏ ବହୁ ଶବ୍ଦ ସଙ୍ଗୀତ ମଧ୍ୟ ରଚନା କରିଥିଲେ । ତାଙ୍କ ଲିଖିତ କେତେକ ପୁସ୍ତକ ମାନ୍ଦ୍ରାଜ ଓ ଅନ୍ଧ୍ର-ବିଶ୍ୱବିଦ୍ୟାଳୟରେ ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଅଛି । ତାହାଙ୍କର ପ୍ରକାଶିତ ପୁସ୍ତକମାନ ଯଥା—ବୈଦେହୀଶବିଳାସ, କୋଟି-ବ୍ରହ୍ମାଣ୍ଡସୁନ୍ଦରୀ, ଲାବଣ୍ୟବତୀ, ପ୍ରେମସୁଧାନିଧି, ଅବନାରସତରଙ୍ଗ, ସୁବର୍ଣ୍ଣରେଖା, କଳାକଉତୁକ, ଗୀତାଭିଧାନ, ଛାନ୍ଦମଞ୍ଜରୀ, ବଜାର-ବୋଲି, ଚଉପଦୀଭୂଷଣ, ରସିକହାରାବଳୀ, ଛାନ୍ଦଭୂଷଣ, ରସଲେଖା, ରସପଞ୍ଚକ, ରାମଲୀଳାମୃତ, ଚୌପଦୀଚନ୍ଦ୍ର, ସୁଭଦ୍ରାପରିଣୟ, ଚିତ୍ରକାବ୍ୟ-ବନ୍ଧୋଦୟ, ଦଶପୋଇ ଓ ଯମକରାଜଚଉତିଶା । ]

**ଉପେୟ**—ସଂ. ବିଣ ( ଉପ=ନିକଟ+ଇ ଧାତୁ=ଯିବା+କର୍ମ. ଯ )—
Upeya ୧ । ପ୍ରାପ୍ୟ—1. Attainable; obtainable.
୨ । ଉପାୟସାଧ୍ୟ—2. Performable by employment of proper means.

**ଉପୋଢ଼**—ସଂ. ବିଣ. ପୁଂ ( ଉପ+ବହ ଧାତୁ+କର୍ମ ତ )—
Upordha ୧ । ବିବାହିତ; ପରିଣୀତ—1. Married.
(ଉପୋଢ଼ା—ସ୍ତ୍ରୀ) ୨ । ଶ୍ରେଣୀବଦ୍ଧ—2. Classified.
୩ । ( +କର୍ତ୍ତୃ. ତ ) ନିକଟସ୍ଥ—3. Adjacent
ସଂ. ବି ( +ଭାବ. ତ )—୧ । ସୈନ୍ୟବ୍ୟୂହ—
1. A phalanx.

**ଉପୋଦକୀ**—ସଂ. ବି. ସ୍ତ୍ରୀ ( ଉପ+ଉଦକ+ସ୍ତ୍ରୀ. ଈ )—
Upodakī ଉପୋଦିକା ( ଦେଖ )
Upodikā ( See )

**ଉପୋଦିକା**—ସଂ. ବି ସ୍ତ୍ରୀ ( ଉପ+ଉଦ+ଇକ+ସ୍ତ୍ରୀ. ଆ )—
Upodikā ପୋଇଶାଗ; ପୋଇଗଛ—A kind of Creeper used as a pot-herb; Basella

**ଉପୋଦ୍ଘାତ**—ସଂ. ବି ( ଉପ+ଉଦ୍+ହନ୍ ଧାତୁ=ଆରମ୍ଭ କରିବା, କଥ କହିବା+ଭାବ. ଅ )—୧ । ଉପକ୍ରମ—
Upodghāta 1. Commencement; introduction.
୨ । ଉଦାହରଣ—2 Example.
୩ । ଗ୍ରନ୍ଥ ସଙ୍କଳବିଶେଷ; ଉପକ୍ରମଣିକା; ଗ୍ରନ୍ଥର ଅବତରଣିକା—3 Preface to a book.
୪ । ଆରମ୍ଭ—4. Beginning.
୫ । ସୂଚନା; ପ୍ରସ୍ତାବନା—5. Introduction to a literary work or speech; prologue.

**ଉପୋଷ**—ସଂ. ବି (ଉପ+ବସ୍ ଧାତୁ=ଉପବାସ କରିବା+ଭାବ. ଅ)—
Uposha ୧ । ଉପବାସ; ଉପାସ—
1. A religious fast.
୨ । ଅନାହାର—2. Fasting.

**ଉପୋଷଣ**—ସଂ. ବି ( ଉପ+ବସ ଧାତୁ=ଉପବାସ କରିବା+ଭାବ. ଅନ )—ଉପୋଷ (ଦେଖ)
Uposhaṇa Uposha (See)

**ଉପୋଷିତ**—ସଂ. ବିଣ ( ଉପ+ବସ୍ ଧାତୁ=ଉପବାସ କରିବା+କର୍ତ୍ତୃ. ତ)—୧ । ଅଭୁକ୍ତ; ଅନାହାରୀ—
Uposhita 1. Starving; unfed
୨ । ବ୍ରତରୂପେ ପାଳିତ—
2. Observed as a fast.
ସଂ. ବି. (+ଭାବ. ତ) ଉପବାସ—Fast.

**ଉପ୍ତ**—ସଂ. ବିଣ (ବପ ଧାତୁ=ବୁଣିବା+କର୍ମ. ତ)—
Upta ୧ । ବୁଣା ଯାଇଥିବା; ଭୂତବପନ—1. Sown.
୨ । ବୁଣିଯାଇଥିବା; ବିକ୍ଷିପ୍ତ—2. Scattered.
୩ । ବିହନ ବୁଣା ହୋଇଥିବା (ବିଲ)—
3. (field) Sown with seeds

**ଉପ୍ତି**—ସଂ. ବି ( ବପ୍ ଧାତୁ=ବୁଣାଯିବା+ଭାବ. ତି )—
Upti ବୀଜବପନ; ବୁଣା—Sowing of seeds.

**ଉପ୍ତିବିତ୍**—ସଂ. ବିଣ ( ଉପ୍ତି=ବପନ+ବିଦ୍ ଧାତୁ=ଜାଣିବା+କର୍ତ୍ତୃ. କ୍ୱିପ୍ )—ଯେଉଁ ଚଷା ବୁଣିବା କୌଶଳ ଜାଣେ; କୃଷି କର୍ମରେ ଅଭିଜ୍ଞ—Expert in agriculture or husbandry.
Uptibit

**ଉପ୍ରୋଧ**—ଗ୍ରା. ପଦ୍ୟ. ବି (ସଂ—ଉପରୋଧ=ବାଧା)—
Uprodha ୧ । ଉପରୋଧ (ଦେଖ)
1 Uparodha (See).
ଆସିବ ମରଣ ବୋଲି ଉପ୍ରୋଧ ନ କରିବ—ବିଶ୍ୱନାଥ. ବିଚିତ୍ରରାମାୟଣ ।
୨ । ଅନୁରୋଧ—2 Request.
୩ । ମମତା; ସ୍ନେହ—3. Affection.
ଭରସୁହା କାଣ୍ଡମାନଙ୍କୁ ବାଛି ବାଛି,
କାଢିଲେ ତାକୁ ଯୁଦ୍ଧେ ଉପ୍ରୋଧ ମୁକୁଛି—କୃଷ୍ଣସିଂହ. ମହାଭାରତ, ବନ ।

**ଉପ୍ରୋଧ ଇତ୍ୟାଦି**—ଉପରୋଧ ଇତ୍ୟାଦି (ଦେଖ)
Uprodha etc Uparodha etc (See)

**ଉପ୍ରୋଧି**—ଗ୍ରା. ବିଣ—ଉପରୋଧୀ (ଦେଖ)
Uprodhi Uparodhī (See)

**ଉପ୍ରୋଧିଆ**—ଗ୍ରା. ବିଣ—ଉପରୋଧିଆ (ଦେଖ)
Uprodhiā Uparodhiā (See)

**ଉଫ୍ଲା**—ପ୍ରାଦେ (ସମ୍ବଲପୁର) ବିଣ—ଆତ୍ମପ୍ରଶଂସାକାରୀ (ବ୍ୟକ୍ତି)—
Uphlā Boasting; self-praising.

**ଉଫାଉଠା**—ଗ୍ରା. ବି—୧ । ମିଥ୍ୟା ଅପବାଦ—
Uphāuṭhā 1. False report; defamation. (Rev. Howell's manuscript)
୨ । ଜନରବ—2. Rumour (Rev. Howell's mss)

**ଉଫୁର୍ଣ୍ଣା**—ଦେ. ବି.—ତନ୍ତୀର ଯନ୍ତ୍ରବିଶେଷ—
Uphurṇṇā An apparatus of weavers.

ସାଧାରଣ ଲୋକେ ଅନେକ ସ୍ଥଳରେ ଦନ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଉଫେର — ପ୍ରାଦେ. (ସମ୍ବଲପୁର) ବି.— ବଡ଼ ବନଶି କଣ୍ଟା—
Upher — A big angling hook.

ଉବରିବା—ଦେ. କ୍ରି. (ସଂ. ଅବରଣ; ସଂ. ଉପଚ୍ଛ)— ୧ । ଜଣକ ଉପରେ
Ubariba — ଜଣେ ପଡ଼ିବା—1 To crowd together one over the other.
୨ । ଉପରକୁ ଚଢ଼ିବା—2. To ascend; to get up.
୩ । ଆଶ୍ରୟ ଦେବା—3. To give shelter.
୪ । ଆଦର ଦିବା—4. To acknowledge; to affiliate
୫ । ଆବରଣ କରିବା—5. To cover.
୬ । ବଳି ପଡ଼ିବା—6. To remain as surplus; to be in excess.

ଉବଳିବା—ଦେ. କ୍ରି. (ସଂ. ବଳ)—୧ । ବଳାତ୍କାରରେ ପଶିବା—
Ubaliba — 1. To enter forcibly.
उबलना ୨ । (ସଂ. ଉଦ୍ବାଳନ—Beams; ସଂ. ଉଦ୍‌ବେଳ)—ଉଛୁଳିବା – 2. To overflow; to brim over.

ଉବାଏ ବସ୍ତ—ଦେ. ବି—ଉବାବସ୍ତ (ଦେଖ)
Ubāe basta — Ubābasta See)

ଉବାଚ - ସଂ. ପଦୀ. କ୍ରି. (ସଂ. ବଚ ଧାତୁ=କହିବା; ଏହାର ଅତୀତ-
Ubācha — କାଳ ପ୍ରଥମ ପୁରୁଷ ଏକବଚନର ରୂପ)—କହିଲେ— Spoke,
[ଦ୍ର—ଓଡ଼ିଆ ପୁସ୍ତକଅଦରେ ନାରଦ କହିଲେ ବୋଲି ଲେଖା ନ ହୋଇ 'ନାରଦ ଉବାଚ' ଲେଖା ହୁଏ । ]

ଉବାବସ୍ତ—ଦେ. ବି—୧ । ଅବାବସ୍ତ; ଚଳନ୍ତିସମ୍ପତ୍ତି—
Ubābasta — 1. Movables.
୨ । ଚଳନ୍ତି ଅଚଳନ୍ତି ସବୁ ପ୍ରକାରର ସମ୍ପତ୍ତି—
2. Property both movable and immovable.

ଉବାବି—ଦେ. ବଣ—୧ । ବୃଥା—
Ubābi — 1 Vain; fruitless.
୨ । ଅକାରଣ—2. Causeless.
୩ । ଅକସ୍ମାତ୍ ଘଟିବା—3. Sudden
୪ । ଅପ୍ରତ୍ୟାଶିତ—4. Unexpected.
ଦେ. କ୍ରି ବଣ—୧ । ବୃଥାରେ—1. In vain.
୨ । ଅକାରଣରେ—2. Without any cause.
୩ । ଅକସ୍ମାତ—3 Suddenly.
୪ । ଅପ୍ରତ୍ୟାଶିତ ରୂପେ—4. Unexpectedly.

ଉବାବିଆ—ଦେ. ବଣ ଓ କ୍ରି. ବଣ—ଉବାବି ( ଦେଖ )
Ubābia — Ubābi ( See )

ଉବାର—ଦେ. ବି ( ସଂ. ଅବବାର. ପ୍ରା. ଓବାର )—.
Ubāra — ୧ । ନିଷେଧ; ମନା; ବାରଣ —
1. Prohibition.
୨ । ( ସଂ. ଅବରଣ )—ଗୋପନ—
2. Concealment
ଦେ ବଣ—୧ । ଅଜଣା; ଅଜ୍ଞାତ—1. Unknown
ଆଠିଏ ବର୍ଷ ଯେ ଅର୍ଦ୍ଧ ପ୍ରହର ସଙ୍ଗୀତ
ଉଷ୍ଣକୁ ଉବାର ନାହିଁ ବାଜାର ବଳେ ତ । ପ୍ରାଚୀ—ଲାଗୁରୁବଳ୍ଲିଗୀତା ।
୨ । ନିଷିଦ୍ଧ—2. Prohibited.
୩ । ଗୁପ୍ତ; ଲୁକ୍କାୟିତ—3. Concealed

ଉବାର ହେବା—ଦେ. କ୍ରି—୧ । ଅଜଣା ରହିବା—
Ubāra heba — 1. To be unknown.
୨ । (ସ୍ତ୍ରୀ ପଶୁ ) ବରର ପଡ଼ିବା—
2. ( a cow ) To be in heat.
( ଯଥା —ଅଜ ଧାଳୀ ଗାଈଟି ଉବାର ହେବାରୁ ତାକୁ ଷଣ୍ଢ ନିକଟକୁ ନେଇ ନେଇ ଯାଉଛି । )

ଉବୁ—ଗ୍ରା ବଣ—ଉଚ; ଉଚ୍ଚ, ଠିଆ—
Ubu — High; erect.
ऊँबु
सीधा

ଉବୁକିବା—ଦେ. କ୍ରି—କୌଣସି ପଦାର୍ଥ ତଳୁ ଉପରକୁ ଜୋରରେ ଉଠି
Ubukiba — ଆସିବା—To rise up from the bottom with force.
ଥାଉ ତାଉ କରେ ମାତ୍ର ଦେଲେ ଉବୁକବ । ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

ଉବୁଜା—ଦେ. ବି ଓ ବଣ—ଉଭୁଜା ( ଦେଖ )
Ubuja — Ubhuja ( See )

ଉବୁଜାଇବା—ଦେ. କ୍ରି—ଉଭୁଜାଇବା ( ଦେଖ )
Ubujaiba — Ubhujaiba ( See )

ଉବୁଜିବା – ଦେ କ୍ରି— ଉଭୁଜିବା ( ଦେଖ )
Ubujiba — Ubhujiba ( See )

ଉବୁଜେଇବା—ଦେ. କ୍ରି —ଉଭୁଜାଇବା ( ଦେଖ )
Ubujeiba — Ubhujaiba ( See )

ଉବୁଝାଇବା—ଗ୍ରା. କ୍ରି —ଉଭୁଜାଇବା ( ଦେଖ )
Ubujhaiba — Ubhujaiba ( See )

ଉବୁର୍ଡ଼—ଦେ. ବଣ—ଉବୁଡ଼ା ( ଦେଖ )
Uburda — Uburda ( See )

ଉବୁଡ଼ା – ଦେ. ବଣ—୧ । ଉଗଡ଼ା ( ଦେଖ )
Uburda — 1. Ugarda ( See )
୨ । ମୁହଁ ମାଡ଼ି ଶୋଇଥିବା—
2. Prostrate; with face downwards.
୩ । ଅନ୍ୟମାନଙ୍କ ଆଗ ବଢ଼ି ଠିଆ ହୋଇଥିବା—
3. Standing ahead of others.
୪ । ଏକର ଉପରେ ଅନ୍ୟ ଜଣେ ପଡ଼ିବା—
4. To overcrowd.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ସ | ଙ୍କ | ଉସ୍ତ | ଙ୍ଖ | ଞ୍ଚ |
| ୨ | ଈ | ଊ | ଋୂ | ଌୂ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ଷ | ଗଁ୍ୟ | ଉଥ | ଙ୍ଗ | ନ୍ଥ |

ଦେ. ବି.— ହାଣ୍ଡିର ମୁହଁ ତଳକୁ କରି ରଖିବା—
Placing a pot in an inverted position.

ଉବୁଡ଼ାଇବା—ଦେ. କ୍ରି.—(ସଂ. ଉଦ୍‌ବୃତ୍ତିନ-ଭୁଲ. ପାଲି ଉବ୍‌ଟନ)—
Uburḍāibā ୧ । ଉଗୁଡ଼ାଇବା (ଦେଖ)
1. Ugurḍāibā (See)
୨ । କୌଣସି ବ୍ୟକ୍ତିକୁ ମୁହଁ ମଡ଼ାଇ ପକାଇ ଦେବା—
2, To make a person fall down with the face downwards
୩ । ଅଣ୍ଠୁଅଇବା—3. To make a person crawl or kneel down.

ଉବୁଡ଼ାଉବୁଡ଼ି— ଦେ. ବି.— ୧ । ଜଣକ ଉପରେ ଜଣେ ପଡ଼ିବା—
Uburḍāuburḍi 1. Overcrowding.
୨ । ଅନ୍ୟକୁ ଅତିକ୍ରମ କରି ଅଗ୍ରସର ହେବା—
2 Going ahead; surpassing

ଉବୁଡ଼ାପଡ଼ିବା—ଦେ. କ୍ରି.—ଉବୁଡ଼ି ପଡ଼ିବା (ଦେଖ)
Uburḍāparḍibā Uburḍi parḍibā (See)

ଉବୁଡ଼ି ପଡ଼ିବା—ଦେ. କ୍ରି.—୧ । ଅନଧିକାର ଚର୍ଚ୍ଚା କରିବା; ଜବର-
Uburḍi parḍibā ଦସ୍ତି ବା ଅନାହୂତ ହୋଇ କଥା କହିବା—
1. To speak unasked; to treat a subject with which one has no connection
୨ । ଉପର୍ଯ୍ୟୁପରି ବହୁତ ଲୋକ କୌଣସି ସ୍ଥାନରେ ଜମା ହୋଇ ପଡ଼ିବା—2,To overcrowd a place.
୩ । ଆଗ ବଳିବା—3. To go ahead

ଉବୁଡ଼ି ବସିବା—ଦେ. କ୍ରି.—୧ । ଅଣ୍ଠେଇବା; ଅଣ୍ଠୁମାଡ଼ି ବସିବା—
Uburḍi basibā 1. To kneel down.
୨ । ଅନାହୂତ ହୋଇ କୌଣସି କାର୍ଯ୍ୟ କରିବା—
2. To undertake a thing unasked.

ଉବୁଡ଼ିବା—ଦେ. କ୍ରି.—୧ । ମୁହଁ ମାଡ଼ି ପଡ଼ିବା; ପିଠି ଉପରକୁ କରି
Uburḍibā ପଡ଼ିବା—1. To fall down with face downwards; to fall prostrate.
୨ । ଅଣ୍ଠୁ ମାଡ଼ି ବସିବା—2. To kneel down.
୩ । ଖୋଡ଼ୋଖୋଡ଼େଇବା; ଅଣ୍ଠୁରେ ଚାଲିବା—
3. To Crawl.

ଉବୁଡ଼େଇବା—ଦେ. କ୍ରି.—ଉବୁଡ଼ାଇବା (ଦେଖ)
Uburḍeibā Uburḍāibā (See)

ଉବୁରା – ଦେ. ବିଣ.— ଉଗୁରା (ଦେଖ)
Uburā Ugurā (See)
ଦେ. ବି – ଉବୁଡ଼ା (ଦେଖ)
Uburḍā (See)

ଉବୁରାଉବୁରି – ଗ୍ରା. ବି.— ଉବୁଡ଼ାଉବୁଡ଼ି (ଦେଖ)
Uburāuburi Uburḍāuburḍi (See)

ଉବୁରା ପଡ଼ିବା— ଗ୍ରା. କ୍ରି.—ଉବୁଡ଼ି ପଡ଼ିବା (ଦେଖ)
Uburā parḍibā Uburḍi parḍibā (See)

ଉବୁରିବା—ଦେ. କ୍ରି.— ୧ । ଉବୁଡ଼ିବା (ଦେଖ)
Uburibā 1. Uburḍibā (See)
୨ । ବଳି ପଡ଼ିବା—2. To remain over.
୩ । (ସଂ. ଉଦ୍‌ବୃତ୍ତିନ)—ବିପଦାଦି ଅତିକ୍ରମ କରିବା; ବିପଦରୁ ଉଦ୍ଧାର ପାଇବା—3. To overcome a difficulty.
୪ । ବାହାର ଆସିବା—4. To come out.

ସେକା ଉକ୍ତ ମୁଖୁଁ ଉବୁରି କୃଷ୍ଣାର୍ଜୁନ ।
ସୂର୍ଯ୍ୟ ପରି ତେଜେ ଦିଶିଲେ ଅପଘନ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

୫ । ଉପରକୁ ଉଠିବା; ଚଢ଼ିବା—
5. To ascend; to rise up.
୬ । ସମ୍ଭାଳି ହୋଇ ରହିବା—
6. To restrain oneself.

ଏ ବନ୍ଧୁ କୋହରେ ଉବୁରି
ଇତ୍ୟାଦି ନାନା କର୍ମ କରି । ପ୍ର.ଚ—ନିର୍ଗୁଣମାହାତ୍ମ୍ୟ ।

୭ । ବର୍ତ୍ତିବା; ଉଦ୍‌ବୃତ୍ତ ହେବା; ବଢ଼ିବା; ବଳିବା —
7. To remain in excess.
୮ । ଉପରେ ପଡ଼ିବା—8. To fall upon.
୯ । ଅନାହୂତ ହୋଇ କଥା କହିବା ବା କାର୍ଯ୍ୟ କରିବା—
9. To speak or act unbidden.
୧୦ । ଅଦେଉଥିବା; ନିଜର ବୋଲି ଗ୍ରହଣ ବା ସ୍ୱୀକାର କରିବା—
10 To acknowledge; to affiliate.
୧୧ । କୌଣସି କାର୍ଯ୍ୟକୁ ଆଦରିବା—
11, To undertake to do any work.
୧୨ । ସମ୍ଭାଳିବା—12. To bear the brunt or burden of ( something ).
୧୩ । କୌଣସି କାର୍ଯ୍ୟ କରିବାକୁ ସ୍ୱତଃ ପ୍ରବୃତ୍ତ ହେବା—
13. To volunteer to do a work,
୧୪ । ନ ମରି ବଞ୍ଚିଯିବା; ବର୍ତ୍ତିବା—14. To survive.

ତେବେ ଉବୁରି ଗଲେ ରଣେ
ଉଦ୍ୟେ ଲୁଚିଲେ ଘୋର ବନେ । ଜଗନ୍ନାଥ. ଭାଗବତ ।

ଉବେଇଟୁବେଇ—ଦେ. ବିଣ. ( ସଂ. ଉର୍ଦ୍ଧ୍ୱ—ଭୁଲ—ପ୍ରା. ଉଭ ଓ ସଂ.
Ubei ṭubei ବୁଡ଼ ଧାତୁ ବିପର୍ଯ୍ୟୟ )—ଜଳମଗ୍ନ ହୋଇ ଉଠୁଥିବା
हाबुडुबु; ঊবুডুবু ଓ ବୁଡ଼ିଯାଉଥିବା ( ବ୍ୟକ୍ତି )—
उबडुब ( a man ) Sinking and rising in water.

ଉବୋରିବା —ଦେ. କ୍ରି —ଉବୁରିବା ( ଦେଖ )
Uboribā Uburibā ( See ) .

ଉଭ (ଧାତୁ) —ସଂ.—ପରିପୂର୍ଣ୍ଣ କରିବା—To fill up
Ubha (root)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଞ୍ଜ' ନ ମିଳିଲେ 'କଞ୍ଜ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଉଭ**—ସଂ. ସର୍ବ. (ଉଭ୍ ଧାତୁ=ପରିପୂର୍ଣ୍ଣ କରିବା+କର୍ତ୍ତୃ. ଅ)—
**Ubha** ଉଭୟ ( ଦେଖ )
Ubhaya ( See )

**ଉଭଏ**—ଗ୍ରା. ସର୍ବ. ( ସଂ. ଉଭୟ )—ଉଭୟେ (ଦେଖ )
**Ubhae** Ubhaye ( See )

**ଉଭଚର**—ସଂ. ବିଣ. (ଉଭ+ଚର ଧାତୁ=ଗମନ କରିବା+କର୍ତ୍ତୃ. ଅ)—
**Ubhachara** ଉଭୟଚର ( ଦେଖ )
Ubhayachara ( See )

**ଉଭଡ଼ା ପଡ଼ିବା**—ଦେ. କ୍ରି—ଉବୁଡ଼ି ପଡ଼ିବା ( ଦେଖ )
**Ubhar<u>d</u>ā par<u>d</u>ibā** Ubur<u>d</u>i par<u>d</u>ibā ( See )

**ଉଭୟ**—ସଂ. ସର୍ବ. ( ଉଭ୍ ଧାତୁ=ପରିପୂର୍ଣ୍ଣ କରିବା+ଅୟ )—
**Ubhaya** ୧ । ଏକତ୍ର ଦୁଇ—1. Two together.
୨ । ଦୁଇଜଣ; ଦୁହେଁ—2 Both; either.
୩ । ଦୁଇ ସଂଖ୍ୟା—3 Two in number.
୪ । ଦୁଇ ସଂଖ୍ୟକ—4. Numbering two.

**ଉଭୟ କାଳ**—ସଂ.ବି—ଇହକାଳ ଓ ପରକାଳ; ଅତ୍ର ତତ୍ର; ଅଧୁନା ପରନ୍ତୁ—
**Ubhaya kā<u>l</u>a** Existence in this world and the next; now and hereafter.

**ଉଭୟଚର**—ସଂ. ବିଣ ( ଉଭୟ+ଚର ଧାତୁ=ଗମନକରିବା+କର୍ତ୍ତୃ.
**Ubhayachara** ଅ )—ଯେଉଁ ପ୍ରାଣୀ ଜଳ ଓ ସ୍ଥଳ ଉଭୟତ୍ର ବିଚରଣ କରେ (ଯଥା—ବେଙ୍ଗ, କୁମ୍ଭୀର, କଇଁଛ)—
Amphibious.

**ଉଭୟତଃ**—ସଂ. ଅ ( ଉଭୟ+ସପ୍ତମୀ ବିଭକ୍ତି ସ୍ଥାନରେ. ତସ୍; )—
**Ubhayataḥ** ୧ । ଉଭୟ ଦିଗରେ—1. On both sides; on either side.
୨ । ଉଭୟ ପକ୍ଷରେ—2. In both cases.

**ଉଭୟତୋମୁଖ**—ସଂ.ବିଣ.ପୁଂ (ଉଭୟତଃ+ମୁଖ)—୧ । ଦୁଇ ମୁହାଁ—
**Ubhayatomukha** 1. Double-faced.
(ଉଭୟତୋମୁଖୀ—ସ୍ତ୍ରୀ) ୨ । ଦୁଇଆଡ଼କୁ ମୁହଁ କରିଥିବା—
2. Looking both ways; facing both ways.

**ଉଭୟତ୍ର**—ସଂ. ଅ. ( ଉଭୟ+ସ୍ଥାନାଧିକରଣ. ତ୍ର )—
**Ubhayatra** ୧ । ଦୁଇଅଡ଼େ—1. At both places.
୨ । ଦୁଇପକ୍ଷରେ—On both sides.

**ଉଭୟଥା**—ସଂ. ଅ (ଉଭୟ+ପ୍ରକାରାର୍ଥେ. ଥା)—ଦୁଇପ୍ରକାରେ—
**Ubhayathā** In both ways.

**ଉଭୟଦିଗ**—ସଂ. ବି ( ସଂ. ଉଭୟ+ଦିକ୍ )—୧ । ଦୁଇଦିଗ; ଅଗ ଓ ମୂଳ ଦୁଇଭାଗ—1. Both sides; both parts; both ends
**Ubhayadiga**
୨ । ଦୁଇ ବିପକ୍ଷ ଦଳ—2 Both the opposite parties,

**ଉଭୟଦିଗ ରକ୍ଷାକରିବା**—ଦେ. କ୍ରି—୧ । ବିପରୀତ ଦୁଇ ପକ୍ଷ ମଧ୍ୟରେ ସାମ୍ୟ ରଖିବା—
**Ubhayadiga rakshākaribā**
1. To bring about equilibrium on both sides.
୨ । ଆୟ ବ୍ୟୟ ସମାନ ରଖି ଚଳିବା—
2. To make both ends meet.

**ଉଭୟଦ୍ୟୁଃ**—ସଂ. ଅ ( ଉଭୟ=ଦୁଇ+ଦ୍ୟୁସ୍=ଦିବସ )—
**Ubhayadyuḥ** ଉଭୟେଦ୍ୟୁ ( ଦେଖ )
Ubhayedyu (See)

**ଉଭୟମୁଖୀ ଗାଈ**—ଦେ.ବି—ଯେଉଁ ଗାଈ ପ୍ରସବ କରୁଥିବା ସମୟରେ
**Ubhaymukhī gāī** ( ବାଛୁରିର ମୁହଁ ପଦାକୁ ବାହାରିଥିବା ବେଳେ ) ତାକୁ ବ୍ରାହ୍ମଣଙ୍କୁ ଦାନ କରାଯାଏ—A cow in the state of being delivered of a calf ( the gift of such cows to Brāhmaṇas is considered as very auspicious ).

**ଉଭୟସଙ୍କଟ**—ସଂ. ବି—୧ । ଦୋଟାଣି; ଦୁବିଧା; ବିଷମସମସ୍ୟା—
**Ubhayasaṅkaṭa** 1. Dilemma.
୨ । ଏପରି ଅବସ୍ଥା ଯେ ଯେଉଁଆଡ଼େ ଗଲେ ମଧ୍ୟ ବିପଦର ଆଶଙ୍କା ଅଛି—2 A very critical position; a position between Scylla and Charybdis.

**ଉଭୟସମ୍ଭବ**—ସଂ. ବି—୧ । ଉଭୟ ସଙ୍କଟ—
**Ubhayasambhaba** 1. Critical position; being between the two horns of a dilemma.
୨ । ଦୁଇ ଅର୍ଥବୋଧକ ବିଷୟ ବା ସମସ୍ୟା; ପ୍ରହେଳିକା—
2. Ambiguity; riddle

**ଉଭୟାନୁମତ**—ସଂ. ବିଣ. ( ୬ଷ୍ଠୀ ତତ୍; ଉଭୟ+ଅନୁମତ )—ପରସ୍ପର ବା ଉଭୟେ ସ୍ୱୀକାର ହୋଇଥିବା (ବିଷୟ )—
**Ubhayānumata** ( matter ) Agreed to or accepted mutually.

**ଉଭୟାର୍ଥକ**—ସଂ.ବିଣ. (ବହୁବ୍ରୀହି; ଉଭୟ+ଅର୍ଥ+କ)—ଦୁଇ ଅର୍ଥ-ବୋଧକ—Ambiguous.
**Ubhayārthaka**

**ଉଭୟେ**—ଦେ ସର୍ବ—ଦୁଇ ଜଣଯାକ; ଦହେଁଯାକ—
**Ubhaye** Both; either.
উভয়ে ଦେ କ୍ରି. ବିଣ—ଦୁହେଁଯାକ—
उभय Both; in bothways.

**ଉଭୟେଦ୍ୟୁ**—ସଂ. ଅ. ( ଉଭୟ=ଦୁଇ+ଏଦ୍ୟୁସ୍=ଦିବସ )—
**Ubhayedyu** ଉଭୟ ଦିନରେ; ଦୁଇଦିନେ; ଦୁଇଦିନଯାକ—
On both days.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଡ | ଶ,ଷ | ଜ୍ଞ | ଳ୍ପ | ଢ଼ | ଋ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଂ୍ୟ | ଛଃ | ଓ | ଡ଼ |

ଉଭା—ଦେ. ବଣ. ( ସଂ. ଆବର୍ଭାବ; ଉଦ୍ଭବ—ଭୂଲ—ପ୍ରା. ଉବ୍ଭଅ )—
Ubhā ୧ । ଠିଆ; ଦଣ୍ଡାୟମାନ —
উভা 1 Standing erect; standing on the legs.
उभ

ସେରୂପେ ସଭମାନ କର, ଲମ୍ଭରେ ଉଭା ହୋଇଥାସ—
ଭୂପତି. ପ୍ରେମପଞ୍ଚାମୃତ ।

୨ । ଠାକୁରାଣୀ ଲାଗିଥିବା—
2. Possessed by a Deity.
୩ । ଆବର୍ଭୂତ—3. Appearing

ଯା ଉର୍ଣ୍ଣ ଭେ ଉଭା ଏହୁ ଶ୍ୱେତ ହୁମାଚଳ—ମଧୁସୂଦନ. କୁସୁମାଞ୍ଜଳି ।

୪ । ଗୃହର ଶେଣୀ, ରୁଅ, ଉଭା, କଣ୍ଡ, ବରଗା ଆଦ ରୂପରେ ବ୍ୟବହୃତ—4. Used in the roof of a house as rafter, beams etc.
(ପୋତା—ବପରୀତ)

ପୋତା ଶାଳ, ଉଭା ଚାଳ—ଭଗ ।

ଦେ. ବ—୧ । ଠିଆ ହେବ; ଦଣ୍ଡାୟମାନ ହେବା —
1. Standing erect
୨ । ଭୂମି ତଳରୁ ପଦାକୁ ବାହାରିବା —
2. Coming out of the ground; projecting above the ground.
( ଯଥା—ତାର ଉଭା ସେତେ ପୋତା ସେତେ । )
୩ । ଭୂମିପୃଷ୍ଠଠାରୁ ଉଚ୍ଚତା; ଡେର —
3. Height from the ground level; vertical height.
୪ । ( ଘରର ଶେଣୀଆଦ ) ଭୂମି ଉପରେ ଭୂମିକୁ ନ ଲାଗିକରି ରହିବା—4. Being used above the ground in connection with the building of a house.

ଦେ. କ୍ରି. ବଣ—୧ । ଠିଆବାଗରେ—
1. In a standing position.
୨ । ଲମ୍ବବାଗରେ – 2. Length-wise.
୩ । ଉଚ୍ଚରେ—3. In height.
୪ । ଡେରବାଗରେ—4. Perpendicularly.
୫ । ଠିଆଠିଆ; ଠିଆହୋଇକରି —
5. Standing; while standing

ଉଭାଇବା—ଦେ. କ୍ରି—୧ । ଉଭାରିବା (ଦେଖ)
Ubhāibā 1. Ubhāribā (See)
୨ । ଉଭିବା (ଦେଖ)—
2. Ubhibā (See)

ଗଲ କଥା ସବୁ ଉଭଣି ଉଭଉ
ଜଗତର ଏ ବେଭାର—ନନ୍ଦକିଶୋର. ଶର୍ମିଷ୍ଠା ।

ଉଭାଏ—ଦେ. କ୍ରି. ବଣ—୧ । ଠିଆହୋଇ—
Ubhāe 1. Standing; in a standing position.
୨ । ଠିଆବାଗରେ; ଡେରବାଗରେ—
2. Erect; perpendicularly.

ଉଭା କରାଇବା—ଦେ. କ୍ରି—୧ । ଉଭା କରିବାର ଣିଜନ୍ତ ରୂପ—
Ubhā karāibā 1. Causative form of Ubhā karibā.
୨ । ଦେବତାଙ୍କୁ ପୂଜା କରିବାଦ୍ୱାରା ଉକ୍ତ ଦେବତା ମନୁଷ୍ୟଠାରେ ଆବର୍ଭୂତ ହେବାର ଆୟୋଜନ କରିବା—
2. To take the preliminary steps for making the spirit of a Deity descend upon or possess a man.
୩ । ଚଳେ କରାଇବା; ଚୋଲିବା—
3. To cause to move or walk.

ଉଭା କରିବା—ଦେ. କ୍ରି—୧ । ଠିଆ କରିବା—1. To cause to
Ubhā karibā stand up; to erect.
୨ । ଡେର କରି ରଖିବା—2 To set up..

ଉଭାଡ଼ି—ପ୍ରାଦେ. ( ଅଳ ). ବ—ଶସ୍ୟକୁ ରାତିରେ ଜଗିବା ପାଇଁ
Ubhārdi କ୍ଷେତ୍ର ମଧ୍ୟରେ କରାଯାଇ ଥିବା ଚାଳଯୁକ୍ତ ଭାଡ଼—
A raised thatched platform erected in the midst of a field used by persons watching the crop in the night.

ଉଭାନ—ଦେ. ବଣ—ଅନ୍ତର୍ହିତ; ତରୋହିତ—Vanished.
Ubhāna

ନ ରହେ ଦୈନ୍ୟ ଦେ. ତ ହୁଏ ଉଭାନ—ଷଷ୍ଠ ନାଥ. ଭୂଳସୀ ସ୍ତବକ ।

ଉଭାବ୍ୟଞ୍ଜନ—ଦେ. ବ. (ଶ୍ଲେଷାର୍ଥକ ପ୍ରୟୋଗ; ଉଭା=ଠିଆ=ଖଡ଼ା) —
Ubhābyañjana ଖଡ଼ାଶାଗ ତିଅଣ—
Curry Prepared with Khrdāśāga.

ଥିବା ନ ଥିବାକୁ ଧରମ ସାଥି, ଗରିମ ଭାତ ଦେଖି କାହିଁ ଅଛି ।
ମନ ସବୁଥିବ ।
ଉଭାବ୍ୟଞ୍ଜନ ନ ମିଳେ ପଥିକ— ହରେକୃଷ୍ଣ ପଟ୍ଟନାୟକ

ଉଭାର—ଦେ. ବଣ—୧ । ଠିଆ—1. Standing up.
Ubhāra ୨ । ଦଣ୍ଡାୟମାନ—2. Erect.

ଉଭା ରତି—ଦେ. ବ—ଦୁଇ ଜଣଙ୍କର ଠିଆ ହେବା ଅବସ୍ଥାରେ ରମଣ ବା
Ubhā rati ସଙ୍ଗମ ବା ମିଳନ—Union or embrace or cohabitation of two persons while standing.

ମଣ୍ଡି ପିଠ କ ଉଭରତରେ । କନ୍ଦର୍ପ କୋଶାଳଚକ୍ର କ ଗୀତ ।

ଉଭାରିବା—ଦେ. କ୍ରି ( ସଂ. ଆବର୍ଭବ; ସଂ. ଉତ୍+ଭୂ )—
Ubhāribā ୧ । ଠିଆ କରିବା—
उभारना; उभना 1. To cause to stand up.

ଲଣ୍ଡ ଉଭର ବେଗେ ଧାଇଁ । ଖୋଜଇ ସିଂହ ଉଚ୍ଚ ଭୂଇଁ ।
ଜଗନ୍ନାଥ. ଭାଗବତ ।

୨ । ଟେକିବା—2. To raise up; to lift up.

ମେଘ ସିନ୍ଧୁ ଉପରେ କ ଅଭିଜନ କଲ
ଖେଚରି ଉଠି ବେଳ କୃଷ୍ଣ ଅଙ୍କ କ ଉଭଉ ।
ଶିଶୁଶଙ୍କର. ଉଷାଅଭିଳାଷ ।

୩ । ଠିଆ ହେବା—3 To stand up.

ସାଧାରଣ ଲୋକେ ଅପର ସ୍ଥଳରେ ଦୃଢ଼ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ଅଙ୍କିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ରଙ୍ଗ ମେଘ ତଟେ ନିର୍ଭର ମାରବ
ଉଭରନ୍ତି ଜମ୍ବୀ ବସ୍ତ୍ର ଗରବ । ଅଭିମନ୍ୟୁ. ସ୍ୱେଚ୍ଛାବିହାରୀ ।

୪ । ଆକ୍ରମଣ କରିବା—4. To attack.

ଦଶ ଅଯୁତ ରାଜାଗଣେ
ଉଭେ ସହାୟେଲେ ରଣେ । ଜଗନ୍ନାଥ. ଭାଗବତ ।

୫ । ଉଠିବା; ଉଦିତ ହେବା—5. To rise.

ଗଗନେ ତେଜେ ମେଘପୁଞ୍ଜ
ଉଭଇ ପୁଣ ଖନ ହୋଇ । ଜଗନ୍ନାଥ. ଭାଗବତ ।

୬ । ଭୂମିରୁ ଉଠାଇବା; ଉତ୍ତୋଳନ କରିବା—
6. To raise from the ground.

ମୁଁ ତାହା ଦେଖି କରି ନୟନେ ନ ଭର
ନାଶିଲି ଖାଣ୍ଡମାନ ଗାଣ୍ଡିବ ଉଭଇ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

ଉଭାଳ—ଦେ. ବଣ—ବହୁଦୂରସ୍ଥ—
Ubhāḷa Very distant.

ଶବର ବେ ଉଭ ଦେବ ଯିବା ମୋର ପୁର
ଉଭାଳ ନୁହଇ ଖାଇ ଢଳପ ଯେ ଦୂର । ବଳରାମ. ରାମାୟଣ ।

ଉଭାହେବା—ଦେ. କ୍ରି—ଠିଆ ହେବା—
Ubhā hebā To stand up; to stand erect.
দাঁড়ান ଉଭା ହୋଇ ସମୀପେ । କବିସୂର୍ଯ୍ୟ ସଙ୍ଗୀତ ।
उभना

ଉଭାଇବା—ଦେ. କ୍ର—ଠାକୁରାଣୀ ଲାଗିବା; ମନୁଷ୍ୟଠାରେ ଦେବତାଙ୍କର ଆବିର୍ଭାବ ହେବା—(a Deity) Possessing a man.

ଉଭାହୋଇ ବସିବା—ଦେ. କ୍ରି—୧ । ପାଦକୁ ଭୂମିରେ ଲଗାଇ ବସିବା; ଡେଙ୍ଗହୋଇ ବସିବା—
Ubhāhoi basibā 1. To squat; to sit with the knees held up and the heels resting on the ground
উবুহইয়া বসা
पल्थीमारकर बइठना

ଉଭିବା—ଦେ. କ୍ରି (ସଂ. ଉଦ୍ଭବ; ଅନ୍ତର୍ଦ୍ଧାନ)—
Ubhibā ୧ । ଅଦୃଶ୍ୟ ହେବା—1. To disappear.
উপেযাওয়া
आङमेआजाना; विलाजाना

ଉଭେଇ ଗଲେ ନନ୍ଦ ନୋଦନଶରଣ
ଜଗନ୍ନାଥ. ଭୂଲସିଦ୍ଧବଳ ।

୨ । ଲୁପ୍ତ ହେବା; ଲୋପ ହେବା—2. To cease.
୩ । ଅନ୍ତର୍ହିତ ହେବା; ତିରୋହିତ ହେବା—
3. To vanish.

ଉଭିଯିବା—ଦେ. କ୍ରି—ଉଭିବା (ଦେଖ)
Ubhijibā Ubhibā (See)

ନମିତେ ଉଭିର କାଳେ ଗଲେ ସବେ ଦେବତା ଉଭ
ଜଗନ୍ନାଥ, ଭକ୍ତା ।

ଉଭୁଜା—ଦେ. ବ. (ସଂ. ଭର୍ଜନ)—ମୁଢ଼ି କରିବା ପାଇଁ ଓଦା ଚାଉଳ ଆଦିକୁ ଭାଜିବା—The frying of wet rice.
Ubhujā
ଦେ. ବଣ—ଭର୍ଜିତ (ଓଦା ଚାଉଳ ବା ଧାନ)—
Fried moist rice or paddy.

ଉଭୁଜାଇବା—ଦେ. କ୍ରି (ସଂ. ଭୃସଜ ଧାତୁ=ଭାଜିବା)—
Ubhujāibā ଓଦା ଧାନ ବା ଚାଉଳକୁ ନିଆଁରେ ଭାଜି ଫୁଟାଇବା ବା ଖଇକରିବା—To fry wet rice or paddy.

[ ଦ୍ର—ଓଦା ଧାନକୁ ଭାଜି ଚୁଡ଼ାକରା ଓ ଫୁଟିଲୁ ଓ ଓଦା ଚାଉଳକୁ ଭାଜି ମୁଢ଼ି କରାଯାଏ । ]

ଉଭୁଜିବା—ଦେ. କ୍ରି—ଉଭୁଜାଇବା (ଦେଖ)
Ubhujibā Ubhujāibā (See)

ଉଭୁଡ଼ାପଡ଼ିବା—ଦେ. କ୍ରି—ଉବୁଡ଼ି ପଡ଼ିବା (ଦେଖ)
Ubhurḍāparḍibā Uburḍiparḍibā (See)

ଉଭୁରାପଡ଼ିବା—ଗ୍ରା. କ୍ରି—ଉବୁଡ଼ି ପଡ଼ିବା (ଦେଖ)
Ubhurāparḍibā Uburḍiparḍibā (See)

ଉଭେ—ଦେ. ପଦ୍ୟ. ସର୍ବ. (ସ. ଉଭୟ)—ଉଭୟେ; ଦୁହେଁ—
Ubhe Both.

ହେ ଉଭେ କହ ତୁମ୍ଭେ କେଉଁ ଦେଶର କହନ୍ତୁ ଶୁଣୁଛ ଆଦରେ
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଉଭେଇବା—ଦେ. କ୍ରି—ଉଭିବା (ଦେଖ)
Ubheibā Ubhibā (See)

ସବେ ସିନ ଉଭ ଉଭେଇ ଅତରେ । ଜଗନ୍ନାଥ, ଦରବାର ।

ଉମ୍—ଦେ. ଅବ୍ୟୟ—ଉଁ (ଦେଖ)
Um Uṅ (See)

ଉମ୍ଦା—ବୈ. ବଣ. (ଅ)—୧ । ଉତ୍ତମ; ଅତି ଉତ୍କୃଷ୍ଟ; ଅତି ଉତ୍ତମ—
Umdā 1. Very good; excellent.
উম্দা ୨ । ଧନୀ—2. Rich; opulent.
उमदा

ଉମତ୍—ବୈଦେ. ବ (ଅ)—ଶିଷ୍ୟ—Disciple.
Umat

ଉମର—ବୈଦେ. ବ (ଅ. ଉମ୍ର)—୧ । ବୟସ—1. Age.
Umara ୨ । ଜୀବନକାଳ—2. Life time.
উমর
उम्र

ଉମର ବିତାଇବା—ଦେ. କ୍ରି—୧ । ବୁଢ଼ା ହେବା ପର୍ଯ୍ୟନ୍ତ ବୟସ ଅତିକ୍ରମ କରିବା—1. To pass one's life-time.
Umara bitaiba
উমর বিতান
उम्र बिताना ୨ । ବୃଦ୍ଧ ହେବା—2. To become old.

ଉମର ବିତିବା—ଦେ. ବ—ବୟସ ଅତିକ୍ରାନ୍ତ ହେବା; ବୁଢ଼ା ହେବା; ବୃଦ୍ଧାବସ୍ଥା ଉପସ୍ଥିତ ହେବା—
Umara bitibā Becoming old; a person being advanced in his years.
উমরবিতা
उम्रबितना

ଉମରା—ଦେ ବ. (ଅ. ଉମ୍ରା)—ଧନୀ; ବଡ଼ଲୋକ—
Umarā Rich man.
উমরা (ଯଥା—ଅମୀର ଉମରା—ଧନୀ ଓ ବଡ଼ଲୋକମାନେ)
उमरा

ଉମରାଓ—ବୈଦେ. ବ (ଅ. ଉମ୍ରାଓ)—ଉମରା (ଦେଖ)
Umarāo Umarā (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଢ | ଷ,ଶ | ଛ | ଇଯ୍ | ଉଅ | ଭ |
| ୨ | ଐ | ଊ | ଋୁ | ଌୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଉଚ୍ଚାରଣଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ୍ | ଇଅ | ଓ | ନ୍ଦ |

ଉମା—ସଂ. ବି. ସ୍ତ୍ରୀ. ( ଉ=ହେ ! + ମା=ନାହିଁ, ନିଷେଧ; ପାର୍ବତୀ
Umā ମହେଶ୍ୱରଙ୍କୁ ବରରୂପେ ପାଇବେ ବୋଲି କଠୋର ତପସ୍ୟା କରିବାକୁ ଯିବା ସମୟରେ ତାଙ୍କ ମା ତାଙ୍କୁ କହିଥିଲେ—"ଉ ! ମା !" ଅର୍ଥାତ୍ ହେ ପାର୍ବତି ! ତୁ ଏଡ଼େ କଷ୍ଟସାଧ୍ୟ ତପସ୍ୟା କର ନାହିଁ । ଏଥିଯୋଗୁଁ ପାର୍ବତୀଙ୍କ ନାମ ଉମା ହୋଇଅଛି )—

୧ । ପାର୍ବତୀ; ଦୁର୍ଗା—1. Goddess Pārbatī, wife of Śiba

୨ । (ଉ + ମା ଧାତୁ=ମାପିବା; ପ୍ରାପ୍ତି ପାଇବା + କର୍ତ୍ତୃ. କ୍ୱିପ)—ମସିନା; ଅତି—2. Linseed.

୩ । ହଳଦୀ; ହଳଦୀ—3 Turmeric

୪ । କାନ୍ତି; ଦୀପ୍ତି—4. Glamour.

୫ । କୀର୍ତ୍ତି; ଯଶଃ—5. Fame; renown

୬ । ଶାନ୍ତି—6. Calm; cessation of worldly cares; quiet.

୭ । ଏକପ୍ରକାର ଧାନ୍ୟ—7. A kind of paddy.

ଉମାଇ—ଗ୍ରା ବି—ଉମ୍ଭାଇ ( ଦେଖ )
Umāi Umbhāi ( See )

ଉମାଉମେଶ—ସଂ. ବି. ( ଦ୍ୱନ୍ଦ୍ୱ; ଉମା + ଉମେଶ )—
Umāumeśa ୧ । ହରପାର୍ବତୀ; ପାର୍ବତୀ ପରମେଶ୍ୱର ଦୁହେଁ—
1. The couple Śiba and Pārbatī.
୨ । ହର ପାର୍ବତୀଙ୍କ ଯୁଗଳ ରୂପ—2. The conjoined figure of Śiba and Pārbatī.

ଉମାକଟ—ସଂ. ବି (ଉମା + କଟ)—ହଳଦୀଗୁଣ୍ଡା; ଦେହରେ ଲଗାଇବା
Umākaṭa ନିମନ୍ତେ ସୁଗନ୍ଧ ମସଲାଚୂନା—Scented powder for toilet; turmeric-powder.

ଉମାକାନ୍ତ—ସଂ. ବି. (୬ଷ୍ଠୀ ତତ୍; ଉମା=ପାର୍ବତୀ + କାନ୍ତ=ସ୍ୱାମୀ)—
Umākānta ଶିବ; ଉମାଙ୍କର ପତି—
Śiba, the consort of Pārbatī.
ଦେ. ବି. ପୁଂ—ପୁରୁଷଙ୍କୁ ଦିଆଯିବା ନାମ—
Name given to males.

ଉମାକାଳୀ—ସଂ. ବି—ତନ୍ତ୍ରୋକ୍ତ ଦେବୀ ବିଶେଷ; ପାର୍ବତୀଙ୍କର ଏକ ରୂପ;
Umākāḻī (ଏ ରୂପରୁ ଅଧେ ଉମାରୂପ ଓ ଅଧେ କାଳୀରୂପ)—
A conjoined Deity consisting of Umā and Kāḻi; different forms of the same Goddess Durgā

ଉମାକିଙ୍କର—ସଂ. ବି. ( ୬ଷ୍ଠୀ ତତ୍; ଉମା + କିଙ୍କର )—
Umā kiṅkara ୧ । ପାର୍ବତୀଙ୍କ ଭକ୍ତ—
1. A devotee of the Goddess Pārbatī.
୨ । ପାର୍ବତୀଙ୍କ ବାହନ; ସିଂହ—
2. The lion ridden by Goddess Pārbatī.

ଉମାଗୁରୁ—ସଂ. ବି. (୬ଷ୍ଠୀ ତତ୍; ଉମା + ଗୁରୁ=ପାର୍ବତୀଙ୍କ ପିତା )—
Umāguru ହିମାଳୟ—The Himalayas.

ବାସୁକୀ ଅଶକତ ଅଷ୍ଟ ପୃଥ୍ୱୀ ଲସିତ ଉମାଗୁରୁ ଗୁରୁ କରିଛି ।
ଉଜ୍ଜ୍ୱ. ବୈଦେହୀଶବିଳାସ ।

ଉମାଧବ—ସଂ ବି. ( ୬ଷ୍ଠୀ ତତ୍; ଉମା + ଧବ )—
Umādhaba ମହାଦେବ; ଶିବ—
The God Mahādeba; Śiba.

ଉମାପ୍ରିୟ—ସଂ. ବି. ( ୬ଷ୍ଠୀ ତତ୍; ଉମା + ପ୍ରିୟ )—
Umāpriya ଉମାଧବ ( ଦେଖ )
Umādhaba ( See )

ଉମାସାଇଁ—ଦେ. ବି. (ସଂ. ଉମା + ସ୍ୱାମୀ)—ଉମାପତି; ମହାଦେବ—
Umāsāiṅ The consort of Umā; Mahādeba.
উমাসাঈ
उमासाइँ

ଉମେଦ୍—ବୈଦେ ବି (ଅ.)—୧ । ଇଚ୍ଛା; ଅଭିଳାଷ—
Umed 1. Wish; intention.
উমেদ ୨ । ଉଦ୍ଦେଶ୍ୟ—2. Aim.
उमेद् ୩ । ଆଶା—3. Hope; expectation
୪ । ଅପେକ୍ଷା—4. Waiting.
୫ । କାର୍ଯ୍ୟପ୍ରାର୍ଥିତ୍ୱ—5. Candidature for a post.

ଉମେଦ୍‌ୱାର—ବୈଦେ. ବିଣ. (ଅ. ଉମେଦ୍‌ୱାର୍)—ଉମେଦାର (ଦେଖ)
Umedwār Umeddār (See)

ଉମେଦ୍‌ୱାରି—ବୈଦେ. ବି (ଅ. ଉମେଦ୍‌ୱାରୀ)—ଉମେଦାରି (ଦେଖ)
Umedwāri Umeddāri (See)

ଉମେଦୁଆର—ବୈଦେ. ବିଣ. (ଅ. ଉମେଦ୍‌ୱାର୍)—ଉମେଦାର (ଦେଖ)
Umeduār Umeddār (See)

ଉମେଦୁଆରି—ବୈଦେ. ବି. (ଅ ଉମେଦ୍‌ୱାରୀ)—ଉମେଦାରି (ଦେଖ)
Umeduāri Umeddāri (See)

ଉମେଦାର—ବୈ. ବିଣ. (ଅ. ଉମେଦ୍‌ୱାର୍)—୧ । ଚାକିରିପ୍ରାର୍ଥୀ—
Umeddār 1. Applicant; seeking employment
উমেদ্দার ୨ । ଆଶାନ୍ୱିତ—2. Hopeful; hoping.
उमेद्‌वार ୩ । ଅନୁଗ୍ରହପ୍ରାର୍ଥୀ—3. Seeking a favour or boon
୪ । ଅନୁସରଣାର୍ଥୀ—4. Supplicant for favour.
୫ । ଉପକାର ପ୍ରତ୍ୟାଶାରେ ଅନ୍ୟର ଉପାସକ—
5. Attending on a person in expectation of a favour.
ଦେ. ବି.—୧ । ଚାକିରି ପାଇଁ ଅନୁସରଣ କରୁଥିବା ବ୍ୟକ୍ତି—
1. A candidate for a post.
୨ । ଅନୁସରଣାର୍ଥୀ ଲୋକ—2. A Suitor.
୩ । କାରଖାନା ବା ଅଫିସ୍ ଆଦିରେ କାମ ଶିଖୁଥିବା ଲୋକ; ତାଲିମଦାର୍—3. An apprentice.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଉ' ନ ମିଳିଲେ 'ଖାଉ' ଖୋଜିବେ; 'ବୃଅ' ନ ମିଳିଲେ 'ବୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଲ' ନ ପାଇଲେ 'ଅଳବଳ' ଦେଖିବେ ।

ଉମେଦାର—ବୈଦେ. ବ. ( ଅ. ଉମେଦ୍‌ୱାର୍)—କୌଣସି ଅନୁଗ୍ରହ
ଉମେଦାରୀ ନିମନ୍ତେ ଅନୁସରଣ ବା ଉପାସନା—
**उमेदवारी** Apprenticeship; supplication.
୨ । ଚାକିରି ପାଇଁ ପ୍ରାର୍ଥନା—2. Candidature.

ଉମେଦ୍ୱାର—ବୈଦେ. ବଣ. ( ଅ. ଉମେଦ୍‌ୱାର୍)—ଉମେଦାର (ଦେଖ)
Umedwār Umeddār (See)

ଉମେଦ୍ୱାରୀ—ଦେ. ବ. (ଅ. ଉମେଦ୍‌ୱାରୀ)—ଉମେଦାରୀ (ଦେଖ)
Umedwāri Umeddāri (See)

ଉମେଶ—ସଂ. ବ. (ଉମା=ପାର୍ବତୀ+ଈଶ=ପତି) —
Umesa ୧ । (୬ଷ୍ଠୀ ତତ୍) ଉମାପତି; ମହାଦେବ—
1. The consort of Umā; Śiba.
୨ । (ଦ୍ୱନ୍ଦ୍ୱ) ହର-ପାର୍ବତୀ—2. Siba and Pārbatī.
ଦେ. ବ. ପୁଂ.—ପୁରୁଷଙ୍କ ନାମ—
Name given to males.

ଉମେଶଚନ୍ଦ୍ର ସରକାର—ଦେ ବ. (ନାମ)— ଉତ୍କଳର ପ୍ରଥମ ଉପନ୍ୟାସ-
Umeśachandra sarakāra ଲେଖକ; 'ପଦ୍ମମାଳୀ' ନାମକ
ଐତିହାସିକ ଉପନ୍ୟାସର ରଚୟିତା—The first
novel-writer in Utkala, the writer of
'Padmamāli' a historical novel.

ଉମେଶ୍ୱର—ସଂ. ବ.—(ଉମା+ଈଶ୍ୱର) ଉମେଶ (ଦେଖ)
Umeśwara Umeśa (See)

ଉମ୍ବର—ସଂ. ବ. (ଉତ୍=ଉପରେ+ବୃ ଧାତୁ=ଆଚ୍ଛାଦନ କରିବା+
Umbara ଅ; ନିପାତନ ସିଦ୍ଧ)—୧ । ଦେହଳି
1. Threshold.
୨ । ଦୁଆରବନ୍ଧର ଉପର କାଠ; ଚଉକାଠର ଉପର କାଠ—
2. The uppermost piece of a door-post.

ଉମ୍ଭାଇ—ଦେ. ବ. (ସଂ. ଅଗ୍ନି ସ୍ଥ=ବହେଇ; ପ୍ରା. ଉନ୍ନଇ)—
Umbhāi ୧ । ଅଗ୍ନି ରଖିବାର ମାଟି ପାତ୍ର—1. Fire-pot
**उनन** ସର୍ପଯଜ୍ଞ ଯେ ନଥି ଉମ୍ଭାଇ ସକଳ । କୃଷ୍ଣସିଂ. ମହାଭାରତ. ବନ ।
**अङ्गीठा; अङ्गीठी** ୨ । ଅଙ୍ଗାରଧାନିକା—2 Brazier.
୩ । ଉଠାଚୁଲି—3. A temporary, or removeable oven.

ଉମ୍ଭାଇବା—ଗ୍ରା. କ୍ରି.—ଉଭାଇବା (ଦେଖ)
Umbhāiba Ubhāiba (See)

ଉମ୍ଭେଇ—ଗ୍ରା. ବ.—ଉମ୍ଭାଇ (ଦେଖ)
Umbhei Umbhāi (See)

ଉମ୍ଭେଇବା—ଗ୍ରା. କ୍ରି.—ଉଭାଇବା (ଦେଖ)
Umbheibā Ubhāibā (See)

ଉର—ପ୍ରାଦେ. (ସମ୍ବଲପୁର) ବ.—(ସଂ. ଅବରୋହ)—ବର-ଓହଳ—
Ur The aerial roots of a Banyan tree.

ଉର—ଦେ. ବ.—ଉରସ୍ (ଦେଖ)
Ura Uras (See)

ଉରଃ—ସଂ. ବ. (ଋ ଧାତୁ+କର୍ତ୍ତୃ. ଅସ୍)—ଉରସ୍ (ଦେଖ)
Urah Uras (See)

ଉରଃକ୍ଷତ—ସଂ. ବ. ( ୬ଷ୍ଠୀ ତତ୍; ଉରଃ=ହୃଦୟ+କ୍ଷତ=ଘା )—
Urahkshata ୧ । ରୋଗବିଶେଷ; ରାଜଯକ୍ଷ୍ମା—
1. Consumption ( disease ).
୨ । ଯେଉଁ ରୋଗରେ ଛାତି ଭିତରେ ଘା ହୋଇ ମୁହଁବାଟେ
ରକ୍ତ ପଡ଼େ—2. Tuberculosis; a disease
causing bleeding wounds below the
chest; an injury to the lungs.

ଉରଃସ୍ଥଳ—ସଂ. ବ. ( ଉରଃ+ସ୍ଥଳ )—ବକ୍ଷୋଦେଶ; ଛାତି—
Urahsthala The breast; the chest.

ଉରକ୍ଷତସ—ସଂ. ବ—ଉରଃକ୍ଷତ ( ଦେଖ )
Urakshātasa Urahkshata ( See )

ଉରଗ—ସଂ. ବ. ( ଉରସ୍=ଛାତି+ଗମ ଧାତୁ=ଯିବା+କର୍ତ୍ତୃ. ଅ;
Uraga ଯେ ଛାତିଦ୍ୱାରା ଯିବା ଆସିବା କରେ )—
୧ । ସାପ; ସର୍ପ; ଭୁଜଙ୍ଗ—1. Snake; serpent.
୨ । ସୀସକ; ସୀସାଧାତୁ—2. Lead ( metal )

ଉରଙ୍ଗ } ଅନ୍ୟରୂପ
ଉରଙ୍ଗମ }

ଉରଗସ୍ଥାନ—ସଂ. ବ. ( ୬ଷ୍ଠୀ ତତ୍; ଉରଗ+ସ୍ଥାନ )—ନାଗଲୋକ;
Uragasthāna ପାତାଳ—The nether world.

ଉରଗାରି—ସଂ. ବ. ( ୬ଷ୍ଠୀ ତତ୍; ଉରଗ=ସାପ+ଅରି=ଶତ୍ରୁ )—
Uragāri ୧ । ଗରୁଡ଼—1. Garurda, the winged
attendant of God Bishnu.
୨ । ମୟୂର—2. Peacock.
୩ । ନେଉଳ—3. Mongoose; ichneumon

ଉରଗାଶନ—ସଂ. ବ. (ବହୁବ୍ରୀହି; ଉରଗ=ସାପ+ଅଶନ=ଭୋଜନ)—
Uragāśana ଉରଗାରି ( ଦେଖ )—Uragāri ( See )

ଉରଗାସନ—ସଂ. ବ. ( ବହୁବ୍ରୀହି; ଉରଗ=ସର୍ପ; ଅନନ୍ତ+ଆସନ
Uragāsana =ଶଯ୍ୟା )— ଅନନ୍ତଶାୟୀ; ବିଷ୍ଣୁ—
A name of Bishnu.

ଉରଗେନ୍ଦ୍ର—ସଂ. ବ. ( ୬ଷ୍ଠୀ ତତ୍; ଉରଗ+ଇନ୍ଦ୍ର )—
Uragendra ସର୍ପମାନଙ୍କ ରାଜା; ବାସୁକୀ—
Bāsuki; the king of serpents.

ଉରଙ୍ଗ—ସଂ. ବ—ଉରଗ ( ଦେଖ )
Uranga Uraga ( See )
ଦେ. ବ. ପାଟଣାଗଡ଼ଜାତର ଏକପ୍ରକାର ଅନାର୍ଯ୍ୟ ଭାଷାବିଶେଷ—
A Non-Aryan spoken language of the
Patana feudatory state of Orissā.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଜ | ଣ,ଶ | ଙ୍କ | ଇଂ | ଉଂ | ୱ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଈଂ | ଊ | ବ୍ବ |

ଉରଙ୍ଗମ—ସଂ. ବି—ଉରଗ ( ଦେଖ )
Uraṅgama — Uraga ( See )

ଉରଜ—ଦେ. ବି. ( ସଂ. ଉରୋଜ )—କୁଚ; ସ୍ତନ—Female
Uraja breast; fleshy glandular protuberance on the breast of developed female animals.

ଉରଣ—ସଂ. ବି. ( ଋ ଧାତୁ=ଗମନ କରିବା+କର୍ତ୍ତୃ. ଅନ )—
Uraṇa ୧ । ମେଷ; ମେଣ୍ଢା—1. Sheep; ram.
୨ । ମେଘ—2. Cloud.

ଉରଣାକ୍ଷ—ସଂ. ବି. ( ବହୁବ୍ରୀହି; ଉରଣ = ମେଣ୍ଢା+ଅକ୍ଷି = ଆଖି;
Uraṇāksha ଫୁଲ ମେଣ୍ଢା ଚକ୍ଷୁ ପରି ହୋଇଥିବାରୁ )—
ବୃକ୍ଷବିଶେଷ—ଚକୁଣ୍ଡା ( ଦେଖ )
Chākuṇḍā ( See )

ଉରପୁଟି—ଦେ. ବି. ( ସଂ. ଉରଃ+ପୁଟ )—ବାଦ୍ୟବିଶେଷ—
Urapuṭi A kind of drum tied to the breast while beaten

ଉରବାସ—ଦେ. ବି. ( ସଂ. ଉରସ୍+ବାସ )—ଛାତି ଉପରର ଲୁଗା;
Urabāsa ସ୍ତ୍ରୀଲୋକଙ୍କ ପିନ୍ଧା ଲୁଗାର ଯେଉଁ ଅଂଶ ଛାତି ଉପରେ ଥାଏ—Part of the cloth worn by a woman which is over her breast

ସିବାବେଳେ ମନ ମଦନେ ଉରବାସ,
ଉଠିଣ ବସୁଥିଲା କୁଚ ମୂଳଦେଶ—କୃଷ୍ଣସିଂହ. ମହାଭାରତ. ବନ।

ଉରଭ୍ର—ସଂ. ବି. (ଉରୁ—ଅଧିକ+ଭ୍ରମ ଧାତୁ=ବୁଲିବା+କର୍ତ୍ତୃ. ଅ)—
Urabhra ଉରଣ ( ଦେଖ )—Uraṇa ( See )

ଉରରୀ—ସଂ. ଅ. ( ବେ ଧାତୁ=ବୁଣିବା+କର୍ମ. ସିଦ୍; ନିପାତନ )—
Urarī ୧ । ପ୍ରତିଶ୍ରୁତି; ଅଙ୍ଗୀକାର—
1. Acknowledgement; promise
୨ । ବିସ୍ତାର—2. Spreading; expanding.
୩ । ପରିତ୍ୟାଗ—3. Abandonment.

ଉରରୀକୃତ—ସଂ. ବିଣ. ( ଉରରୀ+କୃତ )—
Urarīkṛuta ୧ । ପ୍ରତିଶ୍ରୁତ; ଅଙ୍ଗୀକୃତ—
1. Acknowledged; promised
୨ । ପ୍ରସାରିତ; ବିସ୍ତାରିତ—
2. Spread out; expanded.
୩ । ପରିତ୍ୟକ୍ତ—3. Abandoned; relinquished

ଉରଶଲ—ଦେ. ବି. ( ସଂ. ଉରଃ+ଶଲ୍ୟ )—
Uraśala ୧ । ସାହସିକତାବାଚକ ଉପାଧିବିଶେଷ—
1. A title denoting bravery.
୨ । ଅଧିପତି—2. A chief; chieftain
୩ । ଶ୍ରେଷ୍ଠ ବ୍ୟକ୍ତି—3. Principal person.
ଦେ. ବିଣ—ଶ୍ରେଷ୍ଠ—Chief; principal.

ଉରଶ୍ଛଦ—ସଂ. ବି. ( ଉରସ୍+ଛଦ ଧାତୁ=ଆଚ୍ଛାଦନ କରିବା+କରଣ
Uraśchhada ଅ )—ଉରସ୍ତ୍ର ( ଦେଖ )
Urastra ( See )

ଉରସ୍—ସଂ. ବି. ( ଋ ଧାତୁ=ଗମନ କରିବା+କର୍ତ୍ତୃ. ଅସ୍ )—
Uras ୧ । ବକ୍ଷସ୍ଥଳ; ହୃଦୟ—1. Heart; breast.
୨ । ଛାତି—2. Chest bosom.
୩ । ( ଲକ୍ଷଣାର୍ଥ ) ଉପରିଭାଗ—3 Surface
ସଂ. ବିଣ—୧ । ପ୍ରଧାନ—1. Chief
୨ । ଉତ୍ତମ—2. Good.

ଉରସ—ଦେ. ବି ( ସଂ. ଉରସ୍ )—ଉରସ୍ ( ଦେଖ )
Urasa Uras ( See )

ସୁବେଣ ଟିକା ସେ ଦେଲ ଉରସେ—ଗୋପୀନାଥ. ନେଷଧୀୟ।

ଉରସିଜ—ସଂ. ବି ( ଉରସି=ଛାତିରେ+ଜନ ଧାତୁ=ଜାତ ହେବା+
Urasija କର୍ତ୍ତୃ ଅ )—ସ୍ତ୍ରୀମାନଙ୍କ ସ୍ତନ; କୁଚ; ବକ୍ଷୋଜ—
(ଉରୋଜ—ଅନ୍ୟ ରୂପ) Female breast.

ଉରସିଲ—ସଂ. ବିଣ. ପୁଂ ( ଉରସ୍=ଛାତି+ପ୍ରଶସ୍ତାର୍ଥେ. ଇଲ )—
Urasila ପ୍ରଶସ୍ତ ବକ୍ଷସ୍ଥଳବିଶିଷ୍ଟ; ଯାହାର ଛାତି ଚଉଡ଼ା—
(ଉରସିଲା—ସ୍ତ୍ରୀ) Full-breasted; broad-chested.

ଅସୁରଙ୍କ ଉରସିଳ ଯୋଗିଦେଲେ ଗାରେ—ଗୋପୀନାଥ. ମହାଭାର।

ଉରସ୍ତ୍ର—ସଂ. ବି. (ଉରସ୍+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅ)—
Urastra ୧ । କବଚ—1. Armour
୨ । ସାଞ୍ଜୁ—2. Coat of mail.
୩ । ବର୍ମ—3. Breast-plate.
୪ । ଛାତି ଘୋଡ଼ାଇବାର କୁର୍ତ୍ତାବିଶେଷ—
4. A jacket.

ଉରସ୍ତ୍ରାଣ—ସଂ. ବି ( ଉରସ୍+ତ୍ରୈ ଧାତୁ+କର୍ତ୍ତୃ. ଅନ )—
Urastrāṇa ଉରସ୍ତ୍ର ( ଦେଖ )
Urastra (See)

ଉରସ୍ୟ—ସଂ. ବି. ପୁଂ ( ଉରସ୍=ଛାତି; ହୃଦୟ+ଉତ୍ପନ୍ନାର୍ଥେ. ଯ )—
Urasya ୧ । ଔରସ ସନ୍ତାନ—1. A legitimate child.
(ଉରସ୍ୟା—ସ୍ତ୍ରୀ) ୨ । ସ୍ୱଜାତ ସନ୍ତାନ—2. Child begotten by the father.
ସଂ. ବିଣ—ଔରସ—Begotten by the father.

ଉରସ୍ୱାନ୍—ସଂ. ବିଣ. ପୁଂ ( ଉରସ୍=ବକ୍ଷସ୍ଥଳ+ଅସ୍ତି ଅର୍ଥରେ. ବତ୍;
Uraswān ୧ମା. ୧ବ. )—୧ । ପ୍ରଶସ୍ତ ବକ୍ଷସ୍ଥଳବିଶିଷ୍ଟ—
(ଉରସ୍ୱତୀ—ସ୍ତ୍ରୀ) 1. Full-breasted
୨ । ବିଶାଳବକ୍ଷା—2 Broad-chested.
୩ । ବଳବାନ୍—3. Stout and strong.

ସାଧାରଣ ଲୋକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା:— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂପ' ନ ମିଳିଲେ 'କୁପ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅଦ୍ଧ' ଦେଖିବେ; 'ଅଳତେ' ନ ପାଇଲେ 'ଅଳତୁ' ଦେଖିବେ

**ଉରା**—ଦେ. ବି. ( ସଂ. ଅବେଷ୍ଟନ )—୧ । ଗୃହର ଛପରସ୍ଥ ଦାଣ୍ଡୋ-
**Urā** ପକରଣବିଶେଷ; ଯେଉଁ କାଠ ଉପରେ ଫେଣୀ ଯାଏ, ଓରା—1. Cross-beam of a thatched house.

ଖଣ୍ଡ ଶ୍ରେଣୀ ଉରା କେବେ ଲାଗିଅଛି ତହିଁ । ପ୍ରାଚୀ—ଦୁର୍ଲ୍ଲଭପ୍ରଣୀତା ।

୨ । ମଦ୍ୟଭାଣ୍ଡ; ଯେଉଁ ଭାଣ୍ଡ ଖଜୁରି ଗଛର ବେକରେ ବନ୍ଧା ଯାଏ ଓ ଯହିଁରେ ଗଛରୁ ଝରିବା ତାଡ଼ି ସଞ୍ଚିତ ହୁଏ—
2. The earthen pot tied to the neck of palm trees for the toddy juice being deposited therein.

**ଉରାଂଉଟାଂ**—ଦେ. ବି—ଓରାଂଉଟାଂ ( ଦେଖ )
**Urāmuṭām** Orāmuṭām ( See )

**ଉରାଙ୍ଗୁଟାଙ୍ଗ୍**—ଦେ. ବି—ଉରାଂଉଟାଂ ( ଦେଖ )
**Urāṅguṭāṅg** Urāmuṭām ( See )

**ଉରାଡ଼ି**—ପ୍ରାଦେ. ( ଗଡ଼ଜାତ ) ବି—ରଡ଼ି—Loud cry.
**Urāṛi** ( ଯଥା— ଉରାଡ଼ି ପକେଇ ପକେଇ ମୋ ତୋଣ୍ଟ ଶୁଖି ଗଲାଣି । )

**ଉରାଁନ୍ପଡ଼ି**—ପ୍ରାଦେ (ସମ୍ବଲପୁର) ବି—ଘରର କଇଁଚି; ମୁଣ୍ଡରେ ଯୋଡ଼ା ହୋଇ ସଂଯୁକ୍ତ ହୋଇଥିବା ଦୁଇଟି ଲମ୍ବା କାଠ ବା ବାଉଁଶ ( ଏହା ଉପରେ ଫେଣୀ ରଖାଯାଏ )—
**Urānpaṛi** Truss (in a thatched house).

**ଉରାପାଣି**—ଗ୍ରା. ବି—(ଯେଉଁ ପାଣି ଉରାରେ ଥାଏ) ତାଡ଼ି; ଖଜୁରିରସ—
**Urāpāṇi** Toddy-juice; juice of the toddy palm

**ଉରାଲିଆ**—ଦେ. ବଣ. ପୁଂ ଓ ସ୍ତ୍ରୀ—ଅଲବଲିଆ ( ଦେଖ )
**Urāḷiā** Alabaliā ( See )

**ଉରି**—ପ୍ରାଦେ. ( ସମ୍ବଲପୁର ) ବି—୧ । ବନ୍ଧୁବାନ୍ଧବମାନଙ୍କ ଘରକୁ ବିବାହ, ବ୍ରତ ଆଦି ଶୁଭାନୁଷ୍ଠାନମାନଙ୍କରେ ପଠାଯିବା
**Uri** (ବାଉରି—ବିପରୀତ) ଭେଟି—1. Presents sent to a friend's house on ceremonial occasions

୨ । ତିହାରି ( ଦେଖ )
2. Tibāri ( See )

**ଉରିଆ**—ଦେ ବି—୧ । ଘୃତଲିପ୍ତ ପକ୍ୱାନ୍ନ—
**Uriā** 1. Boiled rice soaked with ghee.

୨ । ରାଜାମାନଙ୍କ ଖାଇବା ଯୋଗ୍ୟ ଚାଉଳ; ସରୁ ଓ ଉତ୍କୃଷ୍ଟ ଚାଉଳ—2. Fine rice meant for the consumption of a Rājā

୩ । ରାଜାଙ୍କ ନିମନ୍ତେ ପ୍ରସ୍ତୁତ ବା ଅଭିପ୍ରେତ ଅନ୍ନ—
3. Boiled rice intended for the royal meal.

ସରୁ ଉରିଆ କୁଟାଇ ବାନ୍ଧାଇ ବେଠିଆରେ କଟକ ପଠାଇ ଦେଲେ ।
ପଦ୍ମାବତୀମୋହନ—ପଦ୍ମହସ୍ତ ।

**ଉରୀ**—ସଂ. ଅ—ଉରରୀ ( ଦେଖ )
**Urī** Urarī ( See )

**ଉରୀକୃତ**—ସଂ. ବଣ—ଉରରୀକୃତ ( ଦେଖ )
**Urīkṛuta** Urarīkṛuta ( See )

**ଉରୁ**—ସ. ବଣ ( ଉର୍ଣ୍ଣୁ=ଆଚ୍ଛାଦନ କରିବା + କର୍ତ୍ତୃ. ଉ )—
**Uru** ୧ । ପ୍ରଚୁର—1. Ample.
୨ । ବିଶାଳ; ବଡ଼—2 Large; great
୩ । ମହତ୍; ଅତିଶୟ—3. Excessive
୪ । ବ୍ୟାପ୍ତ—4 Spreading; diffused.
ସ. ବି—ବୀଜ; ମଞ୍ଜି—Seed

**ଉରୁକ୍ରମ**—ସଂ. ବି. (ବହୁବ୍ରୀହି; ଉରୁ=ବ୍ୟାପ୍ତ + କ୍ରମ=ପାଦକ୍ଷେପ)—
**Urukrama** ବିଷ୍ଣୁଙ୍କ; ବାମନ ଅବତାର; ( ଯେଉଁ ଅବତାରରେ ବିଷ୍ଣୁ ଏକ ପଦ ଆକାଶରେ ଓ ଏକ ପଦ ପୃଥିବୀରେ ରଖିଥିଲେ )—Bishṇu in the incarnation of Bāmana when He took a big step;—one step in the earth and the other beyond it.

**ଉରୁଚାରୁ**—ଦେ. ବି. (ସଂ. ଉରୁ+ଚାରୁ)—ଜଙ୍ଘର ଶୋଭା; ସୁନ୍ଦର ଜଙ୍ଘ—
**Uruchāru** Graceful thigh.

ଯେତ ଉରୁଚାରୁ ପାଇବ ଚକ୍ଷୁ ଦେଖାଇ ଦେଇ ସୁଜନ ।
ଉତ୍କ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

**ଉରୁଧ**—ଗ୍ରା. ବି. ଓ ବଣ. (ସଂ. ଊର୍ଦ୍ଧ୍ୱ)—ଊର୍ଦ୍ଧ୍ୱ ( ଦେଖ )
**Urudha** Urddhwa (See)

**ଉରୁବଶୀ**—ଗ୍ରା. ବି. ସ୍ତ୍ରୀ. (ସଂ. ଉର୍ବଶୀ)—ଉର୍ବଶୀ (ଦେଖ)
**Urubasī** Urbasī (See)

ରମ୍ଭା ଉରୁବଶୀରେ ସମା ରମ୍ଭା-ଉରୁ ବର୍ଷେ ।
ଅଙ୍କେ ଥିଲେ ନ ଶୋଭ ରମ୍ଭା ଉରୁବଶୀ । ସଙ୍ଗୀତ ।

**ଉରୁବିକ୍ରମ**—ସଂ. ବଣ. ପୁଂ. (ବହୁବ୍ରୀହି; ଉରୁ=ବିଶାଳ + ବିକ୍ରମ)—
**Urubikrama** ମହା ପରାକ୍ରମଶାଳୀ; ଅତି ପରାକ୍ରମୀ—
(ଉରୁବିକ୍ରମା - ସ୍ତ୍ରୀ) Very powerful

"ହେ ତଳାପାଙ୍ଗି; ଯେହେତୁ ତୁମ୍ଭେ ରତ୍ନସ୍ୱରୂପା, ଅତଏବ ମତେ ବା ମୋର ଉରୁବିକ୍ରମ ଅନୁଜ ନିଶୁମ୍ଭଙ୍କୁ ତୁମ୍ଭେ ବରଣ କର ।"
ଦୁର୍ଗାଙ୍କ ନିକଟକୁ ଶୁମ୍ଭାସୁର ପ୍ରେରିତ ଦୂତବାକ୍ୟ ।
ଚଣ୍ଡୀପୁରାଣ, ୫ମ ଅଧ୍ୟାୟ, ୧୧୩ ।

**ଉରୁବୁକ**—ସଂ. ବି. (ଉରୁ=ମହତ୍ + ବେ ଧାତୁ=ଶୁଷ୍କ କରିବା + କର୍ତ୍ତୃ. ଉକ=ଯେ ମହତ୍ ପୀଡ଼ା ନାଶ କରେ ।)—ଏରଣ୍ଡ-
**Urubuka** ଗଛ; ଗବଗଛ—The castor-seed plant

**ଉରୁବୂକ**—ସଂ. ବି. (ଉରୁ + ବେ ଧାତୁ + ଊକ)—ଉରୁବୁକ (ଦେଖ)—
**Urubūka** Urubuka (See)

**ଉରୁମ୍**—ପ୍ରାଦେ. (ସମ୍ବଲପୁର) ବଣ. (ସଂ. ଉଷ୍ଣ)—କବୋଷ୍ଣ; ଈଷଦୁଷ୍ଣ—
**Urum** Slightly hot; tepid; lukwarm.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଞ | ଜ | ଶ,ଷ | କ୍ଷ | ଲ୍ୟ | ଉଅ | ଋ |
| ୨ | ଋ | ଊ | ରୁ | ଲୃ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଙ୍କ | ଲ୍ଲ | ଉଅ | ଋ |

ଉରୁମାଳ—ବୈଦେ. ଗ୍ରା. ବି. (ଫା. ରୁମାଲ)—ରୁମାଲ—
Urumāla Handkerchief.
रूमाल
उरुमाल

ଉରୁମ୍ଭି—ଦେ. ବିଣ. (ସଂ. ରୁଦ୍ଧ)—୧ । ହାମ୍ପୁଥିବା; ଊର୍ଦ୍ଧ୍ୱଶ୍ୱାସ—
Urumbhi 1. Gasping.
୨ । ଅମୂର୍ଚ୍ଛ।—2. Feeling suffocated.
୩ । ରୁଦ୍ଧଶ୍ୱାସ—3. Out of breath; breathless
ବି.—୧ । ହାମ୍ପିବା—1. Gaspings.
୨ । ରୁଦ୍ଧଶ୍ୱାସ ଅବସ୍ଥା—2. Feeling of suffocation.

ଉରୁମ୍ଭିବା—ଦେ. କ୍ରି. ସଂ. (ରୁଦ୍ଧ)—୧ । ରୁନ୍ଧିବା—
Urumbhibā 1. To obstruct
रोध करना ୨ । (ଶ୍ୱାସ) ରୋଧ ହେବା—
रोकना 2. To become suspended; to be pent up.

ଉରୁମ୍ଭି ଲାଗିବା—ଦେ. ବି.—ଶ୍ୱାସରୋଧ ହେଲା ପରି ଜଣାଯିବା—
Urumbhi lāgibā Feeling of suffocation.
(ଯଥା—ଏ ଘର ଭିତରେ ମତେ ଉରୁମ୍ଭି ଲାଗୁଛି ।)

ଉରୁମ୍ଭି ହେବା—ଦେ. କ୍ରି—ଶ୍ୱାସରୋଧ ଯୋଗୁଁ ନିଃଶ୍ୱାସ ମାରିବାକୁ କଷ୍ଟ
Urumbhi hebā ପାଇବା—To feel pent up or suffocated.

ଉରୁରୀ—ସଂ. ଅ.—ଉରରୀ (ଦେଖ)—
Ururi Urari (See)

ଉରୁରୀକୃତ—ସଂ. ବିଣ.—ଉରରୀକୃତ (ଦେଖ)
Ururikruta Urarikruta (See)

ଉରୁସତ୍ତ୍ୱ—ସଂ. ବିଣ. ପୁଂ. ( ବହୁବ୍ରୀହି; ଉରୁ=ବିଶାଳ+ସତ୍ତ୍ୱ=ବଳ.)
Urusatwa ୧ । ମହାବଳ; ବଳବାନ୍—1. Of great strength.
(ଉରୁସତ୍ତ୍ୱା—ସ୍ତ୍ରୀ)
୨ । ମହାମନା—2. Of lofty nature, high-minded.

ଉରୁସା—ପ୍ରାଦେ. ( ଉତ୍ତରଗଡ଼ଜାତ ) ବି.—ବୃହତ୍ ଅରଣ୍ୟ ଗୁଳ୍ମ-
Urusā ବିଶେଷ । (ଏହା ଉଚ୍ଚରେ ୬ ଫୁଟ ଠାରୁ ୨୦ ଫୁଟ ପର୍ଯ୍ୟନ୍ତ ବଢ଼େ । ଏହାର ଫୁଲ ଧଳା ଓ ଫଳ ହଳଦିଆ ରଙ୍ଗ )—
Solanum

ଉରୁପା—ଦେ. ବି.—ଇଉରୋପ—Europe,
Urūpā
ଉରୁପାଦଳନ ଦର୍ପୀ ନେପୋଲିଅନ । ରାଧାନାଥ—କବିତାବଳୀ ।

ଉରୋଗାମୀ—ସଂ. ବିଣ. ପୁଂ (ଉରସ୍=ଛାତି+ଗମ ଧାତୁ=ଯିବା+କର୍ତ୍ତୃ.
Urogāmi ଇନ୍; ୧ମା ୧ବ.)—ଯେ ଛାତିରେ ଭରା ଦେଇ ଚାଲେ
(ଯଥା—ସାପ, ଘୋଟ, ଜୋକ)—Creeping;
going on the belly or breast (e.g. serpent; worms.)

ଉରୋଜ—ସଂ. ବିଣ. (ଉରସ୍=ଛାତି+ଜନ୍ ଧାତୁ=ଜନ୍ମ ହେବା+
Uroja କର୍ତ୍ତୃ. ଅ)—ଉରଜ (ଦେଖ)
Uraja (See)

ଊର୍ଜ—ଦେ. ବି.—୧ । ଢଙ୍ଗ; ଛଟକ—
Urja 1. Mode.
ଦେବତାଙ୍କ ଭୁଜେ; ଉଦର ହେବେ କିବ ଦୃଷ୍ଟି ଊର୍ଜେ । ଭକ୍ତ ପ୍ରେମସୁଧାନିଧି ।
୨ । (ସଂ. ଊର୍ଜ୍ଜ) କାର୍ତ୍ତିକ ମାସ—
2. The month of Kārttika.
ଶୁକ୍ଳ ନବମୀ ଊର୍ଜ ମାସେ । ଜଗନ୍ନାଥ. ଭାଗବତ ।

ଊର୍ଣ୍ଣୁ ( ଧାତୁ )—ସଂ.—ଆଚ୍ଛାଦନ କରିବା—To cover; to
Urnna root) envelop.

ଊର୍ଣ୍ଣନାଭ—ସଂ. ବି, ( ବହୁବ୍ରୀହି; ଊର୍ଣ୍ଣା=ସୂତା+ନାଭ=ନାହି; ଯାହା
Urṇṇanābha ନାହିରୁ ସୂତା ବାହାରେ)—ବୁଢ଼ିଆଣୀ;
ମାକଡ଼ସା—Spider.

ଊର୍ଣ୍ଣନାଭି—ସଂ. ବି. (ବହୁବ୍ରୀହି; ଊର୍ଣ୍ଣ+ନାଭି)—ଊର୍ଣ୍ଣନାଭ (ଦେଖ)
Urṇnanābhi Urṇṇanābha (See)

ଊର୍ଣ୍ଣା—ସଂ. ବି. ସ୍ତ୍ରୀ. ( ଊର୍ଣ୍ଣୁ ଧାତୁ=ଆଚ୍ଛାଦନ କରିବା+କରଣ; ଅ.
Urṇṇā ସ୍ତ୍ରୀ. ଆ )—୧ । ବୁଢ଼ିଆଣୀ ସୂତା—
1. Spider's thread; cobweb.
୨ । ପଶମ; ମେଷାଦି ପଶୁଙ୍କର ଲୋମ—
2. Wool; fur of animals.
୩ । ମହାପୁରୁଷମାନଙ୍କର ଲଲାଟରେ ଦେଖାଯିବା ଲୋମ ବିଶିଷ୍ଟ ଚିହ୍ନବିଶେଷ—3. A furred sign. found on the brows of great men.

ଊର୍ଣ୍ଣାବସ୍ତ୍ର—ସଂ. ବି. ( ମଧ୍ୟପଦଲୋପୀ; ଊର୍ଣ୍ଣା ନିର୍ମିତ ବସ୍ତ୍ର )—
Urṇṇābastra ପଶୁଲୋମ ନିର୍ମିତ ଲୁଗା; ପଶମ-କପଡ଼ା—
Woollen cloth.

ଊର୍ଣ୍ଣାମୟ—ସଂ. ବିଣ. ( ଊର୍ଣ୍ଣା+ପ୍ରାଚୁର୍ଯ୍ୟାର୍ଥେ. ମୟ )—
Urṇṇāmaya ଊର୍ଣ୍ଣା ନିର୍ମିତ—Woollen.

ଊର୍ଦ୍ଦ ( ଧାତୁ )—ସଂ.—ଓଦା ହେବା; ଆର୍ଦ୍ର ହେବା—
Urdda ( root ) To become wet
(ଊର୍ଦ୍ଦ—ଅନାତ୍ମପଦ)

ଉର୍ଦ୍ଦୁ—ବୈଦେ. ବି. (ତୁର୍କୀଭାଷା; ଏଥିର ଅର୍ଥ ସେନା ବା ସେନାଶିବିର;
Urdu ଅତଏବ ସେନାଶିବିରରେ ବ୍ୟବହୃତ ଭାଷା )—
ଉର୍ଦ୍ଦୁ ହିନ୍ଦୁସ୍ଥାନୀ ଭାଷା; ଫାରସୀ ଓ ହିନ୍ଦୀ ଏହି ଦୁଇଭାଷାର ସମ୍ମିଶ୍ରଣରେ
उर्दू ରଚିତ ଭାଷା—The Urdu or Hindusthāni language; The linguafranka of North India.
[ ଦ୍ର—ମୁସଲମାନମାନଙ୍କ ଆଧିପତ୍ୟ ସମୟରେ ଆରବୀ ବା ଫାରସୀ ଏବଂ ସଂସ୍କୃତ ଶବ୍ଦମାନଙ୍କର ସମବାୟରେ ସୃଷ୍ଟ ଉତ୍ତର ଭାରତର ହିନ୍ଦୁ ଓ ମୁସଲମାନଙ୍କଦ୍ୱାରା ବ୍ୟବହୃତ ଭାଷା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଢ଼' ନ ମିଳିଲେ 'ଶାଢ଼ି' ଖୋଜିବେ 'ବୃଷ' ନ ମିଳିଲେ 'ବୃଷ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଏହା ଆରବୀ ଓ ନାଗରୀ ଅକ୍ଷରରେ ଲେଖା ହୁଏ । ଏଥିରେ ଅନେକ ହିନ୍ଦି ବା ସଂସ୍କୃତମୂଳକ ଶବ୍ଦର ବ୍ୟବହାର ଅଛି । ଇଂରାଜ ଅଧିକାର ପୂର୍ବରୁ ମୋଗଲ ଭାରତରେ ଏହାହିଁ ରାଜକୀୟ ଭାଷାରୂପେ ବ୍ୟବହୃତ ହେଉଥିଲା । ବିଶେଷତଃ ମୋଗଲସେନାରେ ପାରସୀ, ତୁର୍କୀ, ଆରବୀ ଓ ହିନ୍ଦୁସ୍ଥାନୀ ଅନେକ ଲୋକ ଭର୍ତ୍ତି ହେଉଥିଲେ । ]

ଊର୍ଦ୍ଧ୍ୱା— ଦେ. ବି—ପ୍ରାଚୀନ କାଳରେ ବ୍ୟବହୃତ ଅର୍ଣ୍ଣବପୋତବିଶେଷ—
Urddhwā ( ଜଗବନ୍ଧୁ—ପ୍ରାଚୀନଉତ୍କଳ )—
A kind of ancient sea-going vessel.

ଉର୍ଦ୍ର—ସଂ. ବି. ( ଉର୍ଦ୍ଦ ଧାତୁ = ଓଦା ହେବା + ସଂଜ୍ଞାର୍ଥେ. ର )—
Urdra ଓଧ; ଉଧ; ଉଦ୍‌ବିଡ଼ାଳ—Otter.
(ଉଦ୍ର—ଅନ୍ୟରୂପ)

ଉର୍ଧ ( ଇତ୍ୟାଦି )—ଗ୍ରା. ବି—ଊର୍ଦ୍ଧ୍ୱ ଇତ୍ୟାଦି ( ଦେଖ )
Urdha (etc) Urddhwa etc ( See )
(ଉର୍ଦ୍ଧ—ଅନ୍ୟରୂପ )

ଉର୍ଧକଶରଦ—ଗ୍ରା. ବି—ଊର୍ଦ୍ଧ୍ୱଶ୍ଳେଷ୍ମ ( ଦେଖ )
Urdhakaśarada Urddhwaśleshma ( See )

ଉର୍ଧବ—ଗ୍ରା. ବି. (ନାମ) ( ସଂ. ଉଦ୍ଧବର ଅଶୁଦ୍ଧ ଉଚ୍ଚାରଣ )—
Urdhaba ଉଦ୍ଧବ ( ଦେଖ )
উদ্ধো Uddhaba ( See )
(ଉର୍ଦ୍ଧବ—ଅନ୍ୟରୂପ)

ଉର୍ଧଶ୍ଳେଷମ—ଦେ. ବି. ( ସଂ. ଊର୍ଦ୍ଧ୍ୱଶ୍ଳେଷ୍ମ )—
Urdhaślaeshama ଊର୍ଦ୍ଧ୍ୱଶ୍ଳେଷ୍ମ ( ଦେଖ )
Urddhwaśleshma ( See )

ଉର୍ବ—ସଂ. ବି. ( ନାମ )—ମୁନିବିଶେଷ—
Urba A sage of that name.
(ଉର୍ବ—ଅନ୍ୟରୂପ)

ଉର୍ବର—ସଂ. ବିଣ. ( ଉ+ର ଧାତୁ = ଦିବା + କର୍ତ୍ତୃ. ଅ )—
Urbara ୧ । ପ୍ରଚୁର ଶସ୍ୟୋତ୍ପାଦିକା ଶକ୍ତି ଥିବା ଭୂମି (ବହୁପ୍ରକାର
(କପିଳାସ—ଅନୁର୍ବର) ଶସ୍ୟ ବା ଫଳମୂଳ ଯେଉଁ ଭୂମିରେ ଜନ୍ମି
(ଉର୍ବର—ଅନ୍ୟରୂପ) ପାରେ )—1. Fertile ( land );
capable of producing plenty of corn.
୨ । ନବନବୋନ୍ମେଷଶାଳିନୀ ( ବୁଦ୍ଧି )—
2. Ingenuous (intellect); productive (mind.)
୩ । ନବନବୋଦ୍ଭାବନଶୀଳ ( ମନ )—
3 Inventive ( mind ).

ଉର୍ବରତା—ସଂ. ବି. ( ଉର୍ବର + ଭାବ. ତା )—
Urbaratā ଉର୍ବରାଶକ୍ତି ( ଦେଖ )
(ଉର୍ବରତା—ଅନ୍ୟରୂପ) Urbarāśakti ( See )

ଉର୍ବରମସ୍ତିଷ୍କ—ସଂ. ବି. ( ଆଧୁନିକ ବ୍ୟବହାର )—
Urbaramastiska ନବନବୋଦ୍ଭାବନଶୀଳ ଚିନ୍ତାଶକ୍ତି—
(ଉର୍ବରମସ୍ତିଷ୍କ—ସ୍ତ୍ରୀ) Fertile brain; inventive genius.
ଦେ. ବିଣ. ପୁଂ—ନବନବୋଦ୍ଭାବନଶୀଳ—
Having a fertile brain.

ଉର୍ବରା—ସଂ. ବିଣ. ସ୍ତ୍ରୀ. ( ଉର୍ବର + ସ୍ତ୍ରୀ. ଆ )—ଉର୍ବର ( ଦେଖ )
Urbarā Urbara ( See )
(ଉର୍ବରା—ଅନ୍ୟରୂପ)

ଉର୍ବରାଶକ୍ତି—ସଂ. ବି—୧ । ଭୂମିର ଶସ୍ୟୋତ୍ପାଦିକା ଶକ୍ତି—
Urbarāśakti 1. Fertility; productivity.
(ଉର୍ବରାଶକ୍ତି—ଅନ୍ୟରୂପ) ୨ । ନବନବୋନ୍ମେଷଶାଳିନୀ ବୁଦ୍ଧି ବା କ୍ଷମତା—2 Ingenuity.

ଉର୍ବଶୀ—ସଂ. ବି. ସ୍ତ୍ରୀ. ( ଉରୁ = ମହତ୍ + ବଶ୍ ଧାତୁ = ବଶୀଭୂତ
Urbaśi କରିବା + କର୍ତ୍ତୃ ଅ + ସ୍ତ୍ରୀ. ଈ )—
(ଉର୍ବଶୀ ଅନ୍ୟରୂପ) ୧ । ଅପ୍ସରା ବା ସ୍ୱର୍ଗବେଶ୍ୟାବିଶେଷ—
1. A courtesan of the Indra's court; one of the heavenly dancing girls or nymphs of the Hindu mythology.
୨ । ଆସାମର କାମରୂପାନ୍ତର୍ଗତ ନଦୀବିଶେଷ—
2. Name of a river in Assam

ଉର୍ବଶୀବଲ୍ଲଭ—ସଂ. ବି. ( ୬ଷ୍ଠୀ ତତ୍; ଉର୍ବଶୀ + ବଲ୍ଲଭ )—
Urbaśiballabha ଉର୍ବଶୀରମଣ ( ଦେଖ )
Urbaśiramaṇa ( See )

ଉର୍ବଶୀରମଣ—ସଂ. ବି ( ୬ଷ୍ଠୀ ତତ୍; ଉର୍ବଶୀ + ରମଣ )—
Urbaśiramaṇa ରାଜା ପୁରୁରବା—The King Pururabā of ancient India

ଉର୍ବାରୁ—ସଂ. ବି. ସ୍ତ୍ରୀ ( ଉରୁ = ବୀଜ + ଅରୁ = ଯେ ପାଏ; ଯାହା
Urbāru ବୀଜପୂର୍ଣ୍ଣ )—
(ଉର୍ବାରୁ—ଅନ୍ୟରୂପ) କାକୁଡ଼ି; କର୍କଟିକା—Cucumber

ଉର୍ବୀ—ସଂ. ବି. ସ୍ତ୍ରୀ ( ଉରୁ = ବୃହତ୍ + ସ୍ତ୍ରୀ. ଈ; ଯାହାର ଉପର ଅତି
Urbi ବିସ୍ତୀର୍ଣ୍ଣ )—ଭୂମି; ପୃଥିବୀ; ବସୁଧା—
( ଉର୍ବୀ—ଅନ୍ୟରୂପ) The earth

ଉର୍ବୀଧର—ସଂ ବି ( ଉର୍ବୀ = ପୃଥିବୀ + ଧୃ ଧାତୁ = ଧରିବା +
Urbidhara କର୍ତ୍ତୃ. ଅ )—
(ଉର୍ବୀଧର—ଅନ୍ୟରୂପ) ପର୍ବତ—Mountain
[ ଦ୍ର—ଯେତେବେଳେ ବ୍ରହ୍ମା ପ୍ରଥମେ ପୃଥିବୀକୁ ସୃଷ୍ଟି କଲେ ସେତେବେଳେ ପୃଥିବୀ ସମୁଦ୍ର ଉପରେ ଭାସମାନ ଅବସ୍ଥାରେ ଟଳମଳ ହେଲା; ତେଣୁ ପୃଥିବୀକୁ ସ୍ଥିର ରଖିବା ପାଇଁ ବ୍ରହ୍ମା ଖୁଣ୍ଟରୂପେ ପର୍ବତ ସୃଷ୍ଟି କରିଥିଲେ । କାଠ ପଟାଙ୍କୁ ଖୁଣ୍ଟ ପୋତି ଯେପରି ପାଣି ଉପରେ ସ୍ଥିର ରଖାଯାଏ ଏହା ସେହିପରି ହୋଇଥିଲା, ତେଣୁ ପର୍ବତମାନଙ୍କୁ ଉର୍ବୀଧର, ଭୂଧର ଇତ୍ୟାଦି କହାଯାଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଚ୍ଛ | ଷ,ଶ | କ୍ଷ | ଇଥ୍ | ଉଥ | ଭ |
| ୨ | ଈ | ଊ | ଋୁ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଞ୍ଚ | ସ | ଗଂ୍ୟ | ଈଥ | ଊ | ଦ୍ଭ |

ଊର୍ବୀରୁହ—ସଂ. ବି. ( ଊର୍ବୀ=ପୃଥିବୀ+ରୁହ ଧାତୁ=ଜନ୍ମ ହେବା +କର୍ତ୍ତୃ. ଅ )—
Urbiruha
(ଊର୍ବୀରୁହ—ଅନ୍ୟରୂପ) ବୃକ୍ଷ; ଗଛ—Tree.

ଉର୍ମ୍ମି—ଦେ. ବି—୧ । ଯୋଗୋକ୍ତ ବାୟୁସାଧନାବିଶେଷ—
Urma 1. A step in joga exercise.
(ଉର୍ମ୍ମି—ଅନ୍ୟରୂପ) ୨ । ଦୂର୍ମ୍ମି ଶବ୍ଦେ ନୋଟ ( ଦେଖ )
2. Notes under Dhūrma ( See )
ଉର୍ମ୍ମି, ଥୂର୍ମ୍ମି, କେଂଥଡ, କୂବା, ଚଉବଟପତ୍ରର
ବନ୍ଧର ଆକଟ ଥଙ୍କ ପଡ଼ୁଛ ଚୋହର । ଗାଡୀ—ବ୍ରଜନାଥ ପଦ୍ମଗାଥା ।

ଉର୍ଷଣ—ସଂ. ବି ( ଅଧୂନକ ବଙ୍ଗଳା ପରଭାଷା )—
Urshaṇa କୌଣସି ଛିଦ୍ର ମଧ୍ୟ ଦେଇ ଜରିବା; ପାଣି ଝରିବା—
Percolation; filtration.

ଉର୍ଷଣଯନ୍ତ୍ର—ସଂ. ବି ( ଅଧୂନକ ବଙ୍ଗଳା ପରଭାଷା )—
Urshaṇajantra ପାଣିକୁ ଛାଣି ଓ ଜଗାଡ଼ ସଫା କରିବା ଯନ୍ତ୍ର; ପାଣି ଛାଣିବା ଯନ୍ତ୍ର—A filter.

ଉର୍ଷଣି—ସ. ବିଣ—୧ । ଛାତ ଉପରସ୍ଥ ଛିଦ୍ର ବାଟେ ଝରୁଥିବା (ପାଣି)—
Urshaṇi 1. Leeking; percolated through the roof.
୨ । ଛଣା ହୋଇ ପରିଷ୍କାର ହୋଇଥିବା ( ଜଳ )—
2. Filtered; cleared of impurities by filtration.

ଉଲ୍—ବୈଦେ. ବି. (ଇଂ. ଉଲ୍; ଉଲ; ସଂ. ଉର୍ଣ୍ଣା )—
Ul ୧ । ମେଷାଦିଙ୍କର ଲୋମ; ଉର୍ଣ୍ଣା—1. Wool.
উল্ ୨ । ଉର୍ଣ୍ଣାସୂତ୍ର; ମେଷାଦିଙ୍କ ଲୋମରୁ କଟା ହୋଇଥିବା ସୂତା—
উল 2. Woollen thread.
୩ । ଉଲ୍‌କୋବି—3. Kohl-rabi.

ଉଲ୍‌କୋବି—ବୈଦେ. ବି—ମୂଳରେ ଗଣ୍ଠି ଥାଇ ଓଲୁଅ ପରି ଖାଦ୍ୟ-
Ulkobi ମୂଳଯୁକ୍ତ ଏକପ୍ରକାର କୋବି—Kohlrabi.
উলকপি
উলগোমী

ଉଲ୍‌ଗି—ପ୍ରାଦେ. ( ସମ୍ବଲପୁର ) ବି—ଉଲଗି ( ଦେଖ )
Ulgi Ulagi ( See )

ଉଲ୍‌ଗିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଲଗିବା ( ଦେଖ )
Ulgibā Ulagibā ( See )

ଉଲ୍‌ଚିବା—ପ୍ରାଦେ. ( ସମ୍ବଲପୁର ) କ୍ରି—( ପାଣି ଆଦି ) ଢାଳିବା—
Ulchibā To pour out ( liquid ).

ଉଲ୍‌ଛା—ପ୍ରାଦେ. ( ସମ୍ବଲପୁର ) ବି—ଉଲଛା ( ଦେଖ )
Ulchhā Ulachhā ( See )

ଉଲ୍‌ଜିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଲ୍‌ଚିବା ( ଦେଖ )
Uljibā Ulchibā ( See )

ଉଲ୍‌ଟା ( ଇତ୍ୟାଦି )—ଗ୍ରା. ବିଣ—ଓଲଟା ଇତ୍ୟାଦି ( ଦେଖ )
Ultā ( etc ) Olaṭā etc ( See )

ଉଲ୍‌ଦିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଢାଳିବା—
Uldibā To pour forth.

ଉଲ୍‌ବୁଣା—ଦେ. ବି—ଉର୍ଣ୍ଣାସୂତ୍ରଦ୍ୱାରା ମୋଜା; କମ୍ପର୍ଟର ଆଦି ବୟନ
Ulbuṇā କରିବା—Knitting.
উলবোনা
উলবিননা

ଉଲ ( ଧାତୁ )—ସଂ—ପୋଡ଼ିବା—
Ula ( root ) To burn.

ଉଲ—ଗ୍ରା. ବି. ( ସଂ. ଉଲ୍ଵ )—୧ । ଓଲୁଅ ( ଦେଖ )
Ula 1. Olua ( See )
୨ । ଉଲ୍‌କୋବି ( ଦେଖ )—2. Ulkobi ( See )

ଉଲଖ—ଦେ. ବି—ରାଜୋପକରଣବିଶେଷ—
Ulakha One of the insignia of royalty.
ଅଲମ୍ବ ଉଲଖ ଯେ ଉଦଣ୍ଡ ଲକ୍ଷ ଗଣ୍ଡ;
ଚେନ ଲକ୍ଷ ଶ୍ୱେତ ଅଶ୍ୱ ହସ୍ତୀ ଲକ୍ଷ ଗଣ୍ଡ—ସାରଳା ମହାଭାରତ ବନପର୍ବ ।

ଉଲଗି—ପ୍ରାଦେ. ( ସମ୍ବଲପୁର ) ବି—ଓଳଗ, ଓଳଗି; ନମସ୍କାର,
Ulagi ଦଣ୍ଡବତ—Obeisance; bowing to a superior.
ପ୍ରାଦେ. ( ସମ୍ବଲପୁର ) ଅ—ଉଚ୍ଚତର ବ୍ୟକ୍ତିଙ୍କୁ ନମସ୍କାର କରିବା ଉପଲକ୍ଷରେ ବ୍ୟବହୃତ ବଚନ—
A word utterd while bowing down to a superior.

ଉଲଗିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଓଳଗିବା; ଦଣ୍ଡବତ କରିବା—
Ulagibā To make obeisance.

ଉଲଗୁଣା ( ଇତ୍ୟାଦି )—ଗ୍ରା. ବି—ଉଲୁଗୁଣା ଇତ୍ୟାଦି ( ଦେଖ )
Ulaguṇā ( etc ) Uluguṇā etc ( See )

ଉଲଗୁଣୀ—ଦେ ବିଣ. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅନ୍ୟଙ୍କୁ ଉଲୁଗୁଣା ଦେବାରେ
Ulaguṇi ଅଭ୍ୟସ୍ତ—( a female ) Habituated to exposing the fault of others.
ପ୍ରାଦେ. ( ବାଲେଶ୍ୱର ) ବି—ଅଲଗୁଣୀ ( ଦେଖ )
Alaguṇi ( See )

ଉଲଗ୍ନ—ଦେ. ବିଣ. ( ସଂ. ଉଲଙ୍ଗ; ନଗ୍ନ )—
Ulagna ଲଙ୍ଗଳା—Naked.
লেঙ্গটা
নঙ্গা; উলঙ্গ

ଉଲଙ୍ଗ—ସଂ. ବିଣ. ପୁଂ. ( ଉ=ଉତ୍କଟ+ଲଗ୍ ଧାତୁ=କର୍ତ୍ତୃ. ଅ; 'ଙ୍'
Ulanga ଆଗମ )—୧ । ନଗ୍ନ; ବିବସ୍ତ୍ର; ବସ୍ତ୍ରହୀନ; ଲଙ୍ଗଳା—
1. Naked.
୨ । ଅନାବୃତ; ଖୋଲା—2. Uncovered
୩ । ଲଙ୍ଗା ( ଖଣ୍ଡା )—3. Unsheathed (sword).
କେବେ ମଦ୍ୟକରେ ଫଳା; ସବୈତରେ ଅସି ଉଲଙ୍ଗ—ଗ୍ରନ୍ଥାବଳୀ, ଭୂପ ।
ଦେ. ବି—ଉଲଙ୍ଗ ଅବସ୍ଥା; ବିବସ୍ତ୍ରତା—Nakedness.
ଭୈରମା ! ଉଲଙ୍ଗେ ଚନ୍ଦ୍ରକାଣ୍ଡେ—ଭଞ୍ଜ ଗ୍ରନ୍ଥାବଳୀ ।

ସାଧାରଣ ଭେଦରେ ଅତର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଈ ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ଦଧି' ନ ମିଳିଲେ 'ଦଧି' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲଙ୍କର' ନ ପାଇଲେ ଅଲଙ୍କର ଦେଖିବେ ।

**ଉଲଗ୍ମ**—ପ୍ରାଦେ. ( ସମ୍ବଲପୁର ) ବି—ଖୁଲର ଓଳ—
Ulachhā — Eaves of a thatch.

**ଉଲଗ୍ମପାଏନ୍**—ପ୍ରା. ( ସମ୍ବଲପୁର ). ବି—ଓଳପାଣି—Eaves-
Ulchhāpāen — droppings; water dropping from eaves.

**ଉଲଟ** ( ଇତ୍ୟାଦି )—ଓଲଟ ଇତ୍ୟାଦି ( ଦେଖ )
Ulaṭa ( etc ) — Olaṭa ete ( See )

ଲଙ୍କା ହେବାକୁ ସ୍ଥାନ ହେଲେ ହେଲେ ଅନୁକୂଳ ସ୍ଥଳ ନ ହେବାକୁ ଉଲଟ,
ଲକ୍ଷ ପରିମିତ ଅଙ୍ଗ ପକାଇ ସେହି ବଧାନ ନ ହେବାଯାଏ ପୁଣି କଲେ ହତ ।
ଦେବଦୁର୍ଲ୍ଲ. ରତ୍ନାକରଚନ୍ଦ୍ର. ଲଂଗାଠ ।

**ଉଲଟରତି**—ଦେ. ବି—ବିପରୀତ ରତି; ରତିବନ୍ଧବିଶେଷ—
Ulaṭarati — A pose in copulation in which the
ঊলটাৰতি — ordinary order is reversed.
उलटारीत

ଉଲଟ ଉଜଲାକୁ ଉଲଂଘତ ମାଡେ—ପ୍ରାଚୀନ ସଙ୍ଗୀତ ।

**ଉଲଟରମ୍ଭା**—ଦେ. ବି—ମୂଳପାଖ ଉପରକୁ ଓ ଅଗଅଡ଼ ତଳକୁ
Ulaṭarambhā — ରଖାଯିବା କଦଳ ଗୋଡ଼ା—
Inverted trunk of a plantain tree.

ଉରୁ ଯୁଗଳ ଶୋଭ ଠାଣି, ଉଲଟ ରମ୍ଭାକୁ ସେ ଜିଣି ।
ଜଗନ୍ନାଥ, ଗୁଣ୍ଡିଚା ।

**ଉଲଟଶୁଆ**—ଦେ. ବି—ପିଠି ଅଡ଼କୁ ମୁହଁ ଫେରାଇ ବସିଥିବା ଶୁଆ—
Ulaṭasuā — A parrot perched with its head up-turned

ଉଲଂଶୁଆ ପରୁ ପରୁ ଗୋଡ଼ା ଦେଇ । କୃଷ୍ଣସିଂହ. ମହାଭାରତ ।

**ଉଲଟା** (ଇତ୍ୟାଦି)—ଓଲଟା ଇତ୍ୟାଦି ( ଦେଖ )
Ulaṭā (etc. ) — Olaṭā etc ( See )

**ଉଲଟାଇବା**—ଦେ. କ୍ରି—ଉଲଟିବାର ଣିଜନ୍ତ ରୂପ—
Ulaṭāiba — Causative form of Ulaṭibā.

ବୁଝିବାକୁ ଶୋଭ କେଶ ବ ସଙ୍କେତୀବର ପଥ
ଉଲଟାଇ ଯୋଉନ୍ତୁ ଦର୍ପଣେ ବୁଝୁବେ । ଉନ୍ତ. ସ୍ୱବର୍ଣ୍ଣଲେଖା ।

**ଉଲଟାଗଧଚଢ଼ା**—ଦେ. ବି—୧ । ଗଧ ମୁହଁଅଡ଼କୁ ଚଢ଼ାଳର ମୁହଁ କରି
Ulaṭāgadhachaṛhā — ଗଧ ଉପରେ ନ ଚଢ଼ି ଚଢ଼ାଳର ପିଠି
উলটাগাধাচঢ়া — ଗଧର ମୁହଁ ଅଡ଼କୁ ବୁଲାଇ ଗଧ
उलटागाधाचढ़ना — ଉପରେ ଚଢ଼ିବା—
1. Riding on an ass facing its tail.

୨ । ମରହଟ୍ଟାଅମଳରର ପ୍ରଚଳିତ ଦଣ୍ଡବିଶେଷ—
(ଏଥିରେ ଅପରାଧୀର ମୁହଁକୁ ଗଧର ଲାଞ୍ଜ ଅଡ଼କୁ କରି ଗଧ ପିଠିରେ ବସାଇ ଦିଆଯାଏ ଓ ଗଧ ପଛରେ ଘଣ୍ଟ ମାଦଳ ବଜାଇ ନଗରର ସାହି ସାହି ବୁଲାଇ ଅଣାଯାଏ)—
2. A punishment formerly inflicted by the Marahaṭṭās on a criminal by making him ride an ass facing its tail.

ଦେ ବିଣ—ଯେଉଁ ବ୍ୟକ୍ତି ଓଲଟାଗଧଚଢ଼ା ରୂପ ଦଣ୍ଡରେ ଦଣ୍ଡିତ ହୋଇଥାଏ—( a person ) Who has undergone the punishment of being made to ride an ass facing its tail.

**ଉଲଟାରଥ**—ପ୍ରାଦେ. (ସମ୍ବଲପୁର; ମେଦନୀପୁର ) ବି—ବାହୁଡ଼ାଯାତ୍ରା
Ulaṭāratha — ( ଦେଖ ) Bāhurdājatrā ( See )

**ଉଲଟି**—ପ୍ରାଦେ. (ସମ୍ବଲପୁର) ବି.—ବାନ୍ତି—Vomiting.
Ulaṭi

ଦେ. ଅ.—୧ । ଓଲଟି; ପକ୍ଷାନ୍ତରରେ—
1. On the other hand.

ଉଲଟି ଦାନ୍ତେ ଘୋଡ଼ା ଚଢ଼ିବା ନ୍ୟାୟ—ଢଗ

୨ । ବିପରୀତଭାବରେ—2. Inversely.

**ଉଲଟିଆ**—ଦେ. ବିଣ—୧ । ଓଲଟ; ବିପର୍ଯ୍ୟସ୍ତ—
Ulaṭiā — 1. Inverted.
উল্টা — ୨ । ବିପରୀତ—2. Opposite.
उल्टा — ୩ । ପ୍ରତିକୂଳ—3. Unfavourable.

**ଉଲଟିପଡ଼ିବା**—ଦେ. କ୍ରି—ଓଲଟି ପଡ଼ିବା ( ଦେଖ )
Ulaṭi pardibā — Olaṭipardibā ( See )

**ଉଲଟିବା**—ଦେ. କ୍ରି ( ସଂ ଉଦ୍ବର୍ତ୍ତନ )—
Ulaṭibā — ୧ । ଓଲଟିବା; ଉତ୍ତାନ ହେବା—
উল্টা — 1. To be with face upwards.
उलटना; उलटना — ୨ । ଚିତ ହେବା; ଚିତେଇବା—
2. To turn turtle.

୩ । ଲେଉଟିବା; ଫେରିବା—
3. To come back; to return.

୪ । ବିପର୍ଯ୍ୟସ୍ତ ହେବା—
4. To be turned upside down.

ମନ୍ତ୍ର ଉଲଟି ଗଲ ପରି ହସିବ । ରଘୁନାଥ ଓଡ଼ିଶା ।

୫ । ଅସ୍ତବ୍ୟସ୍ତ ହେବା—5. To be confused.

୬ । ଏକ ପାଖରୁ ଅନ୍ୟ ପାଖକୁ ବୁଲିବା—
6. To turn round.

ଖଣେ ପଡ଼େ ଖଣେ ଉଠେ ଖଣେ ଉଲଟଇ । ଜଗନ୍ନାଥ. ବେଣୀହରଣ ।

୭ । ପାର୍ଶ୍ୱ ପରିବର୍ତ୍ତନ କରିବା; କଡ଼ ଲେଉଟାଇବା—
7. To change sides.

୮ । ମତ ପରିବର୍ତ୍ତନ କରିବା; ବିପରୀତ ମତ ପ୍ରକାଶ କରିବା-
8. To turn round; to change one's opinion.

୯ । ଆଶା କରାଯାଉଥିବା ଫଳର ବିପରୀତ ଫଳ ପ୍ରଦାନ କରିବା—9. To end in an opposite result.

୧୦ । ଅନ୍ୟଥା ହେବା; ବ୍ୟର୍ଥ ହେବା—
10. To be otherwise.

୧୧ । ରଦ୍ ହେବା—11. To be set aside.
( ଯଥା—ଅପିଲରେ ଏ ହୁକୁମ ଉଲଟି ଯିବ । )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଲ |
| ୨ | ଈ | ଊ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଗ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନୃ |

ଉଲଟେଇବା—ଦେ. କ୍ରି—ଉଲଟାଇବା ( ଦେଖ )
Ulaṭeibā Ulaṭāibā ( See

ଉଲମ୍—ପ୍ରାଦେ· ( ସମ୍ବଲପୁର ) ବି—
Ulam ଓହୋଳ; ବରଅବ ଗଛର ଓହଳ ଥିବା ଚେର —
Aerial roots (e g. of Banian trees)

ଉଲମ୍‌ବିଲମ୍—ଗ୍ରା. ବି. ( ସଂ. ଅନୁଲୋମ ବିଲୋମ )—
Ulambilam ୧ । ପରିବର୍ତ୍ତନ—1. Change.
উলমবিলম ୨ । ଗୋଲମାଲ—2. Confusion,
अंडबंड ୩ । ପୂର୍ବାପରସମ୍ବନ୍ଧରହିତ ଅବସ୍ଥା—
3. Want of sequence.
ଗ୍ରା. ବିଣ—୧ । ଆଗ କଥା ପଛରେ ଓ ପଛ କଥା ଆଗରେ କୁହାଯିବା (ବିଷୟ)—1. ( a matter ) Which is spoken unsystematically or without sequence.
୨ । ଓଲଟପାଲଟ—2. Tupsy turvy.
୩ । ଅନିୟମିତ; ଅଶୃଙ୍ଖଳ—
3 Unsystematic; random.

ଉଲମା—ଗ୍ରା. ବିଣ. ପୁଂ—ବୁଦ୍ଧିହୀନ; ବୋକା; ଓଳୁ—
Ulamā Foolish; not clever; stupid.
(ଉଲମୀ—ସ୍ତ୍ରୀ)
উল্লু
उल्लु

ଉଲର—ଦେ. ବି—କାଶ୍ମୀରର ହ୍ରଦବିଶେଷ—
Ulara Name of lake in Kāśmīra.

ଉଲରା—ଗ୍ରା. ବି. ଓ ବିଣ—ଓଲରା ( ଦେଖ )
Ularā Olarā ( See )

ଉଲରିବା—ଦେ. କ୍ରି—ଉଲୁରିବା ( ଦେଖ )
Ularibā Uluribā ( See )

ଉଲସାଇବା—ଦେ. କ୍ରି—ଉଲସିବାର ଣିଜନ୍ତ ରୂପ—
Ulasāibā Causative form of Ulasibā.

ଉଲସିବା—ଦେ. କ୍ରି. ( ସଂ. ଉଲ୍ଲସିତ )—
Ulasibā ୧ । ଉଲ୍ଲସିତ ହେବା—1. To be overjoyed; to be delighted; to rejoice.
୨ । ଆନନ୍ଦରେ ଫୁଲିବା; ହର୍ଷୋତ୍‌ଫୁଲ୍ଲ ହେବା—
2. To swell with delight; to be elated with joy.
୩ । (ରୋମ) ଉତ୍କ୍ଷିପ୍ତ ହେବା—
3. (one's furs) To stand on end
ଚନ୍ଦ୍ର ପଡୁଲା ଦେଖି ଦେଖି ବସି
ଗଣ୍ଡେ ଅଧର ଯେ ରୋମ ଉଲସି । ଉପେ. ଲାବଣ୍ୟବତୀ ।
୪ । ରୋମୋଦ୍‌ଗମ ହେବା; ରୋମ ଟାଙ୍କୁରିବା—
4. To have the hairs stand on end on account of sudden fear or delight; to have horripilation.

ଉଲା—ଦେ. ବିଣ. ପୁଂ—ଓଲା ( ଦେଖ )
Ulā Olā ( See )
(ଉଲୀ—ସ୍ତ୍ରୀ) ବୈଦେ·ବି. (ଅ) - ମୁସଲମାନମାନଙ୍କର ଉପାଧିବିଶେଷ—
A family title among the Mahomedans.
ଦେ. ବି—୧ । ଓଲୁପଣ—1. Stupidity.
୨ । ଓଲା; ଭୋଜନଲାଳସା—
2 Hankering after food
( ଯଥା— ତାଠାରୁ ଉଲା ଛାଡ଼ି ଗଲାଣି । )

ଉଲାଇ—ଗ୍ରା. ବିଣ. ସ୍ତ୍ରୀ—୧ । ଉଲାର ସ୍ତ୍ରୀ ଲିଙ୍ଗ—
Ulāi (ପୁଂ—ଉଲା) 1. Feminine of Ulā.
उलाइ ୨ । ଖାଦ୍ୟ ଦ୍ରବ୍ୟ ପ୍ରତି ବିଶେଷ ଲାଳାୟିତ—
ପୁଂ—ଓଲିଆ 2. Greedy of food; unduly hankering after dainties.

ଉଲାଇବା—ପ୍ରାଦେ. (ମେଦିନୀପୁର) କ୍ରି—୧ । ଉଲିବା ( ଦେଖ )
Ulāibā 1. Ulibā ( See )
୨ । ତଳକୁ ଆଣିବା—
2. To bring down; to set down.
୩ । ବସ୍ତ୍ରାଲଙ୍କାରାଦି ଦେହରୁ କାଢ଼ିବା; ଓହ୍ଲାଇବା—
3. To take down; to put off ( dressor ornaments).
୪ । ତ୍ୟାଗ କରିବା—4. To abandon.
୫ । କମିବା—5. To lessen.

ଉଲାଉଡିଆ—ପ୍ରାଦେ ( ଗଡ଼ଜାତ ) ବିଣ—ଉଲାଳିଆ ( ଦେଖ )
Ulāudiā Ulāḷiā ( See )

ଉଲାଖ—ଦେ. ବି. ( ସଂ. ଉଲ୍ଲେଖ; ଉପଲକ୍ଷ )—
Ulākha ୧ । ବସ୍ତୁର ଉପରେ ନାମ ଲେଖିବା—
উলাখ 1. Writing of the name of the owner
उलाख on a thing; superscription.
୨ । ଗାତ୍ରୋପରିସ୍ଥ ଚିତ୍ରଣ—2. Painting pictures on the body of a thing.
ମାଣିକ୍ୟର ଉଲାଖ ଯେ ଖଳାରେ ଗଢ଼ଣି
ହୋଇ ୫୬ କୋଟି ଧନୁ ଦାବାନଳ ଜାଣି । ସାରଳାମହାଭାରତ, ବନ୍ଦ୍ୟ ।
୩ । ତୁଳନା—3. Comparision.
୪ । ଉଲ୍ଲେଖ—4. Description.
୫ । ସମତୁଲ୍ୟତା—5. Similitude; symmetry.
୬ । ଉପଲକ୍ଷ—6. Reference.
୭ । ପତ୍ରାଦିରେ ଲେଖାଯିବା ଠିକଣା—
7. Address written on the cover of a letter.
ଦେ. ବିଣ (ସଂ. ଉପଲକ୍ଷ)—୧ । ସମତୁଲ୍ୟ—1. Similar to-

ସାଧାରଣ ଯେଉଁ ଅପର ପୃଷ୍ଠାରେ ମଧ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଠ' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'କଣ୍ଠ' ନ ପାଇଲେ 'କଣ୍ଠ' ଦେଖିବେ; 'ଅର୍ଜ୍ୟା' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଳଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

୨ । ସୁଡୌଲ—2. Symmetrical.
୩ । ତୁଳନୀୟ—3 Comparable

**ଉଲଖ ଦେବା**—ଦେ. କ୍ରି. (ସଂ. ଉଲ୍ଲେଖ ବା ଉପଲକ୍ଷ)—୧ । ପ୍ରମାଣ-
Ulākha debā ସ୍ୱରୂପ ଦର୍ଶାଇବା—1. To cite as proof or authority.
উলাখ দেওয়া

**उलाखदेना** କଥା କଥାକେ ତାଙ୍କର ଗୋଷ୍ଠୀ ଠଗ ଠମାଳ, ଗୀତ, ଶଳାବଚନ, ଶ୍ଳୋକ ଉଲଖ ଦେବାର ଅଭ୍ୟାସ ଥିବ । ଉତ୍କଳ-ସାହିତ୍ୟ ।

୨ । କୌଣସି ବ୍ୟକ୍ତିଙ୍କୁ ଉପଲକ୍ଷ ଦେବା—
2. To refer to a person.
୩ । ଦୁଇ ବସ୍ତୁର ଯୋଗ୍ୟତା ତୁଳନା କରିବା ବା ଜାଞ୍ଚିବା—
3. To compare two things
୪ । ଉଦାହରଣ ବା ନିଦର୍ଶନ ଦେଖାଇବା—
4. To cite an example

**ଉଲଖି**—ଗ୍ରା. ବିଣ. (ସଂ. ଉପଲକ୍ଷ)—୧ । ତୁଳନୀୟ—
Ulākhi 1. Comparable.
୨ । ଉପଯୁକ୍ତ; ଲାଖି—2. Suitable; becoming; befitting.
୩ । ଯୋଗ୍ୟ—3. Fit to be compared (with another thing.)
୪ । ସମକକ୍ଷ—4. Similar.
୫ । ସମୁଚିତ—5 Proper.

**ଉଲଖିବା**—ଦେ. କ୍ରି.—ଉଲଖ ଦେବା (ଦେଖ)
Ulākhibā Ulākha debā (See)

**ଉଲଗି**—ଦେ. ବି. (ସଂ. ଉଲଙ୍ଗ)—୧ । ଦେହରୁ ବସନ, ବେଶ ବା
Ulāgi ମାଳ ଅଦ କାଢ଼ିବା—1. Putting off; taking off of ornaments or dress
(ଲଗି—ବିପରୀତ)
**नग्ना**

୨ । ଦେବତା ଦେହରୁ ବସ୍ତ୍ରାଭରଣାଦ କାଢ଼ିବା—
2. Dismantling the apparel from a Deity.

ଦେ. ବିଣ.—ଟିକା ହେଲା ପରେ କଢ଼ାଯାଇଥିବା—
Put off; discarded (cloth)

**ଉଲଗି କରିବା**—ଦେ. କ୍ରି.—୧ । ଦେହରୁ ବସ୍ତ୍ର, ମାଳ, ବେଶ ଅଦ
Ulāgi karibā କାଢ଼ିବା ବା ଉତାରିବା—
ছাড়া 1. To put off or take off dress or ornaments.
**नग्नाकरना**

ତାହା କଣାଲୁ ପଦାର୍ଥ ନିମନ୍ତେ କଣ ଦେହରୁ ଉଲଗି କରନ୍ତୁ ଭଉଣି । ଜଗନ୍ନାଥ. ବନବନ୍ଦନ.ପୁଣ ।

୨ । ବନ୍ଧନମୁକ୍ତ କରିବା—2. To free from a bond.

ସର୍ବାଃ ଉଲଗି କଲେ କାଳାନ୍ତସୁରେ । ଗାଳକୃଷ୍ଣ- ଉତ୍ତରଗୋଠ ।

୩ । ମୋଚନ ବା ମୁକ୍ତ କରିବା—
3 To liberate or set free.
୪ । ତ୍ୟାଗ କରିବା; ଛାଡ଼ିବା—
4 To give up; to abandon.

ରବ ଉଦେ ନୋହୁଁ ତୁହୁ ଉଲଗିଲୁ ଶଯ୍ୟା । ପୀତାମ୍ବର ନୁଆଁ ବଳୁଗୁଣ ।

**ଉଲଗିବା**—ଦେ. ପଦ୍ୟ. କ୍ରି.—ଉଲଗି କରିବା (ଦେଖ)
Ulāgibā Ulāgi karibā (See)

**ଉଲଗିମାଳ**—ଦେ. ବି.—ଦେବତାଙ୍କଠାରୁ କଢ଼ା ହୋଇଥିବା ମାଳା;
Ulāgi māla ଛଡ଼ା ମାଳ—Garlands taken off from a Deity; discarded garlands

**ଉଲଗି ହେବା**—ଦେ ବି.—ବେଶ ଉତୁରି ହେବା; ଦେହରୁ ବେଶ ମାଳା
Ulāgi hebā ଅଦ କଢ଼ା ହେବା—Putting off of dress or ornaments; dismantling.

**ଉଲ ଛାଡ଼ିବା**—ଗ୍ରା. ବି.—୧ । ଓଲପଣିଆ ଛାଡ଼ିଯିବା—
Ulāchhārdibā 1. Being cured of one's stupidity
(ଯଥା— ବଡ଼ିକି ଦୁଇ ଚାର ଥର ଗଲେ ଉଲ ଉଲଠାରୁ ଉଲ ଛାଡ଼ିଯିବ ।)

୨ । ଓଲ ଛାଡ଼ିବା; ଭୋଜନଲାଳସା ସମ୍ୟକ୍ ପରିତୃପ୍ତ ହେବା—
2. Satiation of hankering after dainty food.

**ଉଲନି**—ଗ୍ରାଦେ. (ସମ୍ବଲପୁର) ବି—କାନ୍ଥରେ; ଲୁଗା ଅଦ ଟାଙ୍ଗିବା ପାଇଁ
Ulāni କାନ୍ଥରେ ମରା ଯାଇଥିବା କାଠି—Wall-peg; a peg driven into a wall for hanging clothes

**ଉଲପଣିଆ**—ଦେ. ବି—ନିର୍ବୋଧତା—
Ulāpaniā Foolishness; stupidity.

**ଉଲର**—ଦେ· ବି.—ଦୁଇ ଚକିଆ ଶଗଡ଼ର ପଛ ପାଖର ଭାର ଆଗ ପଟର
Ulāra ଭାର ଅପେକ୍ଷା ଅଧିକ ହେବାରୁ ଗାଡ଼ିର ଯୁଆଳ ବଳଦଙ୍କ
उलार କାନ୍ଧରୁ ଉଠିଯିବା; ଓଲାରିଆ ହେବା; ପଛଗରୁଆ ହେବା—
(ଦବରୁ—ବିପରୀତ) The overbalancing of a two wheeled cart due to the load on the backside becoming more, heavy than that on the frontside and thus loosening the hold of the yoke from the shoulders of the bullocks.

**ଉଲରିଆ**—ଦେ. ବିଣ—ଶଗଡ଼ର ପଛ ପାଖର ଭାର ଆଗ ପାଖର
Ulāriā ଭାର ଅପେକ୍ଷା ବେଶି ହେବା ଯୋଗୁଁ ବଳଦଙ୍କ କାନ୍ଧରେ ଯୁଆଳ ଲାଗି ନ ରହିବା ( ଶଗଡ଼ ); ଓଲାରିଆ—
Over balanced ( cart )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଉ | ର,ଡ | ଝ° | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଳ | ଶ,ଷ | ଛ | ଙ୍ଗ | ଞ୍ଚ | ଞ୍ଜ |
| ୨ | ଏ | ଭ | ରୁ | ଲୁ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ଞ୍ଛ | ଞ୍ଝ | ଢ଼ |

ଉଲାରିବା—ଦେ. କ୍ରି. ( ସକର୍ମକ )—( ସଂ. ଅଲ୍ଲାସ୍ପିତ—ଭୁଲ—ପ୍ରା. ଉଲ୍ଲାର )—୧ । ଘରଚାଳରୁ ଛଣ କାଢ଼ିବା ବା ଓଟାରିବା—1. To dismantle a thatch; to take down straw or roof from the thatch.
Ulāribā
ଉଦଡ଼ା
**उधेड़ना**
(ଉଲୁରାଇବା—ଣିଜନ୍ତରୂପ)

୨ । ବାହାର କରିବା; କୋଷୋଦ୍ଧିତ କରିବା—
( ଯଥା—ଖୋଳରୁ ଖଣ୍ଡା ଉଲାରିବା )
2. To unsheathe; to pull out.

ଉଲାଲିଆ—ପ୍ରାଦେ. ( ଗଡ଼ଜାତ ) ବିଣ—ଅଲବଲିଆ ( ଦେଖ )
Ulālia — Alabalia ( See )
ଦେ. ବିଣ—ଓଲୁ; ନିର୍ବୁଦ୍ଧିଆ—Foolish.

ଉଲାସି—ଗ୍ରା. ବିଣ. ( ସ. ଉଲ୍ଲସିତ )—୧ । ଉଲ୍ଲସିତ—
Ulāsi — 1. Exulting; elated.
୨ । ଫୋପାଫାଙ୍କିଆ; ସାଂସାରିକଚନ୍ତାବିରହିତ; ନିଶ୍ଚିନ୍ତ—
2. Free from anxiety or worldly cares.

ଉଲାସିଆ—ଗ୍ରା. ବିଣ—ଉଲାସି ( ଦେଖ )
Ulāsiā — Ulāsi ( See )

ଉଲି—ବୈଦେ. ଗ୍ରା. ବି. ( ଇଂ. ୱିଲ୍ )—ଉଇଲ୍; ଚରମ ପତ୍ର—
Uli — Will; testament.
ଉଇଲ — ଦେ. ବି—ଉଲିଆ ( ଦେଖ )
**उइल** — Uliā ( See )
ପ୍ରାଦେ. ( ସମ୍ବଲପୁର ) ବି—ପିଆଜ—Onion.
[ ଦ୍ର—ଏହା ସାଧାରଣ ଦେଶୀ ପିଆଜ ଠାରୁ ବଡ଼ ।]
ଦେ. ବିଣ—ଉଲା ର ସ୍ତ୍ରୀଲିଙ୍ଗ; ଓଲମୀ—
Feminine of Ulā; foolish (woman).

ଉଲିଆ—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଦେଖିବା ଭୋଜନବସ୍ତୁକୁ ଖାଇବାକୁ ଅତ୍ୟନ୍ତ ଲାଳାୟିତ; ଜାହାଣା; ଓଲିଆ—
Uliā — Inordinately hankering after dainty food
ଲାଲଚେ
**ललचि**
ଦେ. ବି—ଦୃଷ୍ଟ ଖାଦ୍ୟ ଦ୍ରବ୍ୟ ପ୍ରତି ଅତ୍ୟନ୍ତ ଲାଳସା—
Inordinate hankering after dainty dishes intended for others.

ଉଲିଆ ଛାଡ଼ିବା—ଗ୍ରା.ବି—ଲାଳସାନିବୃତ୍ତି; ପ୍ରଚୁର ଭୋଜନଦ୍ୱାରା ଲାଳସାର ପରିତୃପ୍ତି—Satiation of an inordinate hankering after dainty dishes.
Uliā chhārdibā

ଉଲିଆପଣିଆଁ—ଗ୍ରା. ବି—ଖାଦ୍ୟଦ୍ରବ୍ୟ ଦେଖିଲେ ତାହା ଖାଇବାପାଇଁ ଅତ୍ୟନ୍ତ ଲାଳସା—The habit of inordinately hankering after dainty dishes.
Uliāpaniān

ଉଲି ଛାଡ଼ିବା—ଗ୍ରା. ବି—ଉଲିଆ ଛାଡ଼ିବା ( ଦେଖ )
Uli chhārdibā — Uliā chhārdibā ( See )

ଉଲିନାମା—ବୈଦେ. ବି. ( ଇଂ. ୱିଲ୍; ଫା. ନାମେହ୍ )—
Ulināmā — ଉଇଲ୍; ଚରମପତ୍ର—Will.

ଉଲିବା—ପ୍ରାଦେ. ( ଗଞ୍ଜାମ ) କ୍ରି—ଓହ୍ଲାଇବା—
Ulibā — To descend; to get down.
ପ୍ରାଦେ. ( ସମ୍ବଲପୁର ) କ୍ରି—ଖରାରେ ଶୁଖା ଯାଇଥିବା ଲୁଗାକୁ ଶୁଖିଗଲା ପରେ ତୋଳି ଆଣିବା—To bring down a cloth which has been hung up for being dried.

ଉଲୁ—ବୈଦେ. ବିଣ. ( ଅ. ଉଲ୍ଲୁ )—ଓଲୁ; ନିର୍ବୋଧ; ନିର୍ବୁଦ୍ଧିଆ—
Ulu — Foolish; stupid.
ଉଲ୍ଲୁ
ଦେ. ଅ. ( ଧ୍ୱନ୍ୟନୁକରଣ )—ଉଲୁଧ୍ୱନି ( ଦେଖ )
**उल्लु** — Uludhwani ( See )

ଉଲୁଅ—ଦେ. ବି. ( ସଂ. ଉଲ୍ଲ )—ଓଲୁଅ ( ଦେଖ )
Ulua — Olua ( See )

ଉଲୁଆ—ଗ୍ରା. ବି—ଓଲୁଅ ( ଦେଖ )
Uluā — Olua ( See )

ଉଲୁକପାତ—ଦେ. ବି. (ସଂ. ଉଲ୍କାପାତ)—୧ । ଅତ୍ୟାଚାର—
Ulukpāt — 1. Depredation; oppression.
**उल्कापात** ୨ । ଅତି ଅଥୟ ହେବା; ଅସ୍ଥିରତା—
2. Restlessness.
୩ । ଉଲ୍କାପାତ ପରି ଉପଦ୍ରବ—3. Devastation ( compared to that caused by a shooting star )
୪ । ଅତି ଗୋଳମାଳ—4. Utter disorder.
ଦେ. ବିଣ—ଉଲୁକପାତିଆ ( ଦେଖ )
Ulukpātiā ( See )

ଉଲୁକପାତିଆ—ଦେ. ବିଣ. ପୁଂ. ( ସଂ. ଉଲ୍କାପାତ )—
Ulukpātiā — ୧ । ଅତ୍ୟାଚାରୀ—
(ଉଲୁକପାତୀ—ସ୍ତ୍ରୀ) — 1. Depredatory; oppressive.
**उल्कापाती** ୨ । ଅଥୟ—2. Restless.
୩ । ଧ୍ୱଂସ ଓ ନାଶ କରିବା ( ବ୍ୟକ୍ତି )—
3. Causing devastation.
୪ । ଉଚ୍ଛୃଙ୍ଖଳ; ଉଦ୍ଦାମ—
4. Unrestrained; licentious.

ଉଲୁକା—ଗ୍ରା. ବି. (ସଂ. ଉଲ୍କା)—୧ । ଉଲ୍କାଗ୍ନି; ଆକାଶରୁ ପଡ଼ନ୍ତ ଅଗ୍ନିପିଣ୍ଡ; ଅଗ୍ନିବୃଷ୍ଟି; ଉଲ୍କା—
Ulukā — 1. Meteor; shooting star.
ଉଲ୍କା
**उल्क**
ନର୍ମଦା କୂଳେ ଖସି ପଡ଼ିଲେ ଉଲୁକା । କୃଷ୍ଣସିଂହ, ମହାଭାରତ, ବନ ।

ସାଧାରଣ ଟିପ୍ପଣୀ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ନେଇ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଂଶୀ' ନ ପାଇଲେ 'ବଶୀ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କ' ନ ପାଇଲେ 'ଅଲ୍ଙ୍କ' ଦେଖିବେ

୨ । କଅଁଳୁଳା—2. Torch; fire-brand.

କଣ୍ଟୀକଣ ଅଛି ହୋଇ ଯେ ଥିଲେ
ଉଲୁକା ଯେହ୍ନେ ସୈନ୍ୟରେ ପଶିଲେ । ବଳ୍ଗନାଥ. ବଡ଼ିକ୍ସିରାମାୟଣ ।

୩ । ଏକ ପ୍ରକାର ଅଗ୍ନିବର୍ଷକ ଯୁଦ୍ଧାସ୍ତ୍ର—
3. A kind of machine emitting fire used in battle.

୪ । ବନୋଟ; ଦୁଇ ମୁଣ୍ଡରେ କଅଁଳୁଳା ଲଗିଥିବା ବାଡ଼ି ଯାହାକୁ ମଲ୍ଲ ବା ଯୋଦ୍ଧାମାନେ ହାତରେ ଧରି ବୃତ୍ତାକାରରେ ବୁଲାନ୍ତି—4. A stick with bulbs of imflammable articles on both ends, used by athletes which causes a circle of fire round the person using it

ଉଳୁକା—ଗ୍ରା. ବି—ଉଲୁକା ( ଦେଖ )
Uḻukā Ulukā ( See )

ଉଲୁକି—ପ୍ରାଦେ. (ମେଦନୀପୁର) ବି—ସ୍ତ୍ରୀମାନଙ୍କ ଦେହରେ ଛୁଞ୍ଚ ବା କଣ୍ଟା ସାହାଯ୍ୟରେ ସ୍ଥାୟୀଚିତ୍ରସ୍ୱରୂପ କୁଟାଯିବା ଚିତା; ଚିତାକୁଟା—
Uluki Tattooing; tattooed mark.

ଉଲୁକୋବି—ଦେ. ବି—ଉଲ୍କୋବି ( ଦେଖ )
Ulukobi Ulkobi ( See )

ଉଲୁକ୍ଷା—ଗ୍ରା. ବି—୧ । ଉଲୁଗୁଣା ( ଦେଖ )
Ulukshā 1. Uluguṇā ( See )
୨ । ଉଲାଖ ( ଦେଖ )—2 Ulākha ( See )

ଉଲୁଖଳ—ଦେ. ବି—୧ । ମେଖଳା—1. Belt; waistcloth.
Ulukhaḻa ୨ । ଉଦୁଖଳ (ଦେଖ)—Udukhaḻa (See)

ହଟାକଟରେ ଉଲୁଖଳ ବାନ୍ଧଣ ଘଟେ ଲଦିଲେ—ବଳ୍ଗନାଥ. ବଡ଼ିକ୍ସିରାମାୟଣ ।

ଉଲୁଖା—ଗ୍ରା. ବି. ( ସ. ଉତ୍କ୍ଷେଶ )—ଉଲୁଗୁଣା ( ଦେଖ )
Ulukhā̃ Uluguṇā ( See )

ସ୍ୱାମୀ ଅଂଶର ଗାଡପଣି ଆ ସଙ୍ଗେ ଜଳ ବା ଘର ଦେଖେଣିଅଛି
ଉଲୁଖା ଦେଇ କହୁଛି—କୁନ୍ତଳାକୁମାରୀ ଜଗନ୍ନାଥ ।

ଉଲୁଖି—ପ୍ରାଦେ. ( ମେଦନୀପୁର ) ବି—ଉଲୁକି ( ଦେଖ )
Ulukhi Uluki ( See )

ଉଲୁଗୁଣା—ଦେ. ବି. ( ସ. ଉତ୍କ୍ଷେଶ; ଉପାଲମ୍ଭନ; ଅବଲମ୍ବନ; ଗ୍ରା. ଓଲଂବନ )—
Uluguṇā
उलाहना; ୧ । ଅନ୍ୟର ଛିଦ୍ରକଥା କହି ତାକୁ ତିରସ୍କାର କରିବା
उरहना ବା ଗାଳି ଦେବା—
1. Decrying a person by publishing or pointing out his secrets; denouncement

୨ । କୌଣସି ଲୋକର ଅପ୍ରକାଶ୍ୟ ଦୁର୍ଗୁଣ ବା ଦୁଷ୍କୃତ୍ୟ ପ୍ରକାଶ କରି ତାହାକୁ ଗଞ୍ଜିବା—
2. Exposure of fault; vituperation.

୩ । ଗଞ୍ଜନା; ଗଞ୍ଜଣା—
3. Vilification; sneer; banter.

୪ । ଖୁଣ୍ଟୁଣା; ଦୋଷ ବାଛିବା—
4. Finding fault of others.

୫ । ଉଘାଣ ( ଦେଖ )—5. Ughāṇa ( See ).

ଉଲୁଗୁଣା ଦେବା—ଦେ. କ୍ରି. ସକର୍ମକ—
Uluguṇā debā ୧ । ଗଞ୍ଜିବା; ଗଞ୍ଜଣା କରିବା; ଗଞ୍ଜଣା ଦେବା—
उलाहना देना; उरहना 1. To vilify; to decry a person by denouncing his secrets.
୨ । ଉଘାଇବା ( ଦେଖ )—2 Ughāibā ( See )

ଉଲୁଗୁଣି—ଦେ. ବିଣ. ସ୍ତ୍ରୀ—୧ । ଅନ୍ୟ ବ୍ୟକ୍ତିକୁ ଗଞ୍ଜଣା ବା ଖୁଣ୍ଟୁଣା ଦେବା ଯାହାର ଅଭ୍ୟାସ—
Uluguṇi
1. Termagant or shrewish ( woman ).
୨ । ଯେଉଁ ସ୍ତ୍ରୀ ସବୁବେଳେ ପରକୁ ଖୁଣ୍ଟୁଣା ଦିଏ ବା ତିରସ୍କାର କରେ—
2. Vituperative ( woman ).

ଉଲୁଗୁଣିଆଁ—ଦେ. ବିଣ. ପୁଂ—ଅବଗୁଣିଆ; ସାମାନ୍ୟ କଥାରେ ଅପମାନ
Uluguṇiā̃ କରିବା (ବ୍ୟକ୍ତି)—Prone to take offence at slight things.

ଉଲୁଗୁଣେଇ—ଦେ. ବିଣ. ସ୍ତ୍ରୀ—ଉଲୁଗୁଣୀ ( ଦେଖ )
Uluguṇei Uluguṇī ( See )

ଉଲୁଘୁଣା ( ଇତ୍ୟାଦି )—ଉଲୁଗୁଣା ଇତ୍ୟାଦି ( ଦେଖ
Ulughuṇā ( etc ) Uluguṇā ete ( See )

ଉଲୁଣ୍ଠିବା—ପ୍ରାଦେ. ( ସମ୍ବଲପୁର ) କ୍ରି. ( ସଂ. ଉତ୍ଲୁଣ୍ଠନ )—ଉଲ୍ଲୁଣ୍ଠିତ
Uluṇṭhibā ହେବା; ଭୂମିରେ ଲୁଣ୍ଠିତ ହେବା; ଭୂମିରେ ଗଡ଼ିବା—
To roll on the ground; to wallow.

ଉଲୁଣ୍ଡିବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଉଲୁଣ୍ଠିବା ( ଦେଖ )
Uluṇḍibā Uluṇṭhibā ( See )

ଉଲୁଧ୍ୱନି—ସଂ. ବି. ( ଧ୍ୱନ୍ୟନୁକରଣ )—ମଙ୍ଗଳ କାର୍ଯ୍ୟ ସମୟରେ
Uludhwani ସ୍ତ୍ରୀମାନଙ୍କର ହୁଳହୁଳି—A sound of ulu ulu uttered by women on festive occasions.

ଉଲୁପୀ—ଦେ. ବି. ସ୍ତ୍ରୀ. ( ସଂ. ଉଲୂପୀ )—ନାଗକନ୍ୟା; ଅର୍ଜୁନପତ୍ନୀ—
Ulupi Name of a daughter of the Nāga king, a wife of Arjuna

ଉଲୁପୀ ନାଗେନ୍ଦ୍ର କେମା ଲ୍ଲିକ୍ ସୁତ ସ୍ରୋତେ
ଝାଳିଣ ପଶିଲେ ତହିଁ ଅର୍ଜୁନ ପାଇଲେ—ଜଗନ୍ନାଥ. ମହାଭାରତ ।

ଉଲୁପୀସୁଲୁପୀ – ଦେ. ବି. ସ୍ତ୍ରୀ. ( ବ୍ୟଙ୍ଗ୍ୟ )—ସବୁବେଳେ ସାଙ୍ଗ ହେବା
Ulupisulupi ଦୁଇ ବାଳିକା—( ironical ) Two girls who are boon-companions.

ଉଲୁଫା—ପ୍ରାଦେ ( ଗଞ୍ଜାମ ) ବି—ମାଗଣାରେ ମିଳିବା ପଦାର୍ଥ; ବିନା ବ୍ୟୟରେ ପ୍ରାପ୍ତ ବସ୍ତୁ—
Uluphā
Article obtained gratis.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଌ ୍ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଯ | ଡ଼ | ଶ,ଷ | ଙ୍କ | ଉସ୍ତ | ଉଥ | ଙ୍ଗ |
| ୨ | ଈ | ଭ | ରୁ | ଲୁ | ସ୍ୱେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଉଥ | ୱ | ନୃ |

ଉଲୁମା—ପ୍ରାଦେ. ( ବାଲେଶ୍ୱର ) ବି—ବସଣୀ—
Ulumā A kind of nose-ring.

ଉଲୁରା—ଦେ. ବିଣ. ( ସଂ. ଅଲୁଲାୟିତ )—
Ulurā ୧ । ଯେଉଁ ଘର ବା ଗଦା ଉପରୁ କୁଅଣେ ହୋଇଥିବା ନଡ଼ା ଆଦି ଓଟର ହୋଇଥାଏ—
1. Dismantled (thatch or rick of straw)
ଉଲୁରା ଘର ମୁକୁଳା ବାଳ ଏହା କ ରଖିବ ବହୁତ କାଳ—ଢଗ ।
୨ । ଘର ବା ଗଦାରୁ ଉଲୁରି ପଡ଼ିଥିବା; ସ୍ୱସ୍ଥାନଭ୍ରଷ୍ଟ ( ନଡ଼ା ଆଦି )—2. Displaced; dismantled or pulled out from the thatch or straw-rick.
୩ । ଅଲୁଲାୟିତ; ଅଲରା ( କେଶବନ୍ଧନାଦି ); ଅଳଅ ଉଳଅ ହୋଇଥିବା; ଅବନ୍ୟସ୍ତ; ମୁକୁଳା; ଲଙ୍ଗଳାମୁକୁଳା, ମୁକୁଳା ହୋଇଥିବା—
3. Disordered; dishevelled.
ଫୁଲୁରା ଫୁଲ ଠ ବେଗ, ଉଲୁରା ଅଙ୍ଗ ଅକଷ—ପ୍ରାଚୀନ. ସଙ୍ଗୀତ ।
୪ । ଇତସ୍ତତଃ ବିକ୍ଷିପ୍ତ—
4. Scattered here and there.
ଦେ.ବି—ଘର ଉପରୁ କୁଅଣି ହୋଇଥିବା ନଡ଼ାକୁ ଓଟାରି ଆଣିବା—
Dismantling of the thatch.

ଉଲୁରାଇବା—ଦେ. କ୍ରି—ଉଲୁରିବାର ଣିଜନ୍ତ ରୂପ—
Ulurāibā The causative form of Uluribā.

ଉଲୁରି—ଦେ. ବି—୧ । ଆଜ୍ଞାପତ୍ର—
Uluri 1. Letter of command.

କଂସ ଉଲୁରି ନେଇ ନନ୍ଦଙ୍କ କରେ ଦେଇ ସକଳ ସନ୍ଦେଶ କହିଲେ—
ଗୋକୃଷ୍ଣ, ଉତ୍ସବଶ୍ଳୋକ ।

୨ । ଆଦେଶପତ୍ର; ହୁକୁମନାମା—
2. A commandment; a written order.

ଉଲୁରିବା—ଦେ. କ୍ରି. ଅକର୍ମକ—୧ । ଇତସ୍ତତଃ ବିକ୍ଷିପ୍ତହେବା—
Uluribā 1. To be scattered here and there.
এলোমেলো হওয়া ୨ । ମୁକୁଳା ହେବା—
খসোটনা 2. To get loose or dishevelled.
୩ । ଅବନ୍ୟସ୍ତ ହେବା—
3. To get disordered or dismantled.
୪ । ସ୍ଥାନରୁ ଅନ୍ୟତ୍ରମିଶ୍ରଭାବରେ ଚ୍ୟୁତ ହେବା—
4. To be misplaced.
୫ । ସ୍ଥାନଭ୍ରଷ୍ଟ ହେବା; ସ୍ୱସ୍ଥାନରୁ ଖସି ପଡ଼ିବା—
5. To be displaced; to fall off from the proper place.
୬ । ଉତ୍ପାଟିତ ହେବା—6, To be uprooted; to come out with the root.

ଉଲୁସା—ଦେ. ବି. (ସଂ. ଉଲ୍ଲାସ)—୧ । ରୋମାଞ୍ଚ; ରୋମକଣ୍ଟକୁରଣ—
Ulusā 1. Bristling or standing on end of
উলসা the hairs through delight; horri-
हुलास pilation.
୨ । ଉଲ୍ଲାସ; ଅତ୍ୟନ୍ତ ହର୍ଷ—
2. Delight; exultation.
ଦେ. ବିଣ.—୧ । ଯେ ଉଲ୍ଲାସ ଦିଏ; ଉଲ୍ଲାସଜନକ—
1. Delightful.
୨ । ରୋମହର୍ଷଣକାରୀ—2. Causing horripilation through delight.

ଉଲୁସାଇବା—ଦେ. କ୍ରି. (ସଂ. ଉଲ୍ଲସନ )—ଉଲୁସିବାର ଣିଜନ୍ତରୂପ—
Ulusāibā Causative form of Ulusibā.
উলসান ୧ । ଆହ୍ଲାଦିତ କରିବା—1. To gladden.
୨ । ଫୁଲାଇବା; ସ୍ଫୀତ କରାଇବା—
2. To cause elation or excitement.
୩ । ରୋମାଞ୍ଚିତ କରାଇବା—3. To cause the hairs of the body to stand erect on account of delight.

ଉଲୁସି ଉଠିବା—ଦେ. କ୍ରି.—(ସଂ. ଉଲ୍ଲସିତ)—୧ । ହଠାତ୍ ଉଲ୍ଲସିତ
Ulusi uthibā ହେବା—1. To be suddenly over-
উলসে উঠা joyed.
रोआँ खड़ाहोना ୨ । ହଠାତ୍ ରୋମାଞ୍ଚିତ ହେବା—
2. To be suddenly horripilated.
୩ । ହଠାତ୍ ଅତ୍ୟନ୍ତ ଉତ୍ତେଜିତ ହେବା—
3. To be suddenly excited.
ମାୟାକାନ୍ତ ଚୁମ୍ବ ଯୋଗୁଁ ତା କପାଳ
ଉଲୁସି ଉଠିଲା ଷଣେ—ସ୍ୱପ୍ନନାଥ ସପାତ

ଉଲୁସିବା—ଦେ କ୍ରି. (ସଂ. ଉଲ୍ଲସନ)—ଆନନ୍ଦୋତ୍ଫୁଲ୍ଲ ହେବା; ଆନନ୍ଦରେ
Ulusibā ଫୁଲି ଉଠିବା; ସ୍ଫୀତ ହେବା—
উলসা 1. To swell with joy; to be elated
फुलना उकसना with joy; to be transported with joy; to be beside oneself in joy.
୨ । ଦେହର କୌଣସି ଅଙ୍ଗ ଆନନ୍ଦରେ ସ୍ଫୀତ ହେବା—
2. (any limb) To be elated on account of sudden delight.
ବକ୍ଷ ଉଲୁସି ଶସିଲା ଦୁହେଁ । ପ୍ରଭାତ. ଷଷିରେଖା ।
୩ । (ଦେହ) ରୋମାଞ୍ଚିତ ହେବା; (ଦେହର) ରୋମ ଠାକୁରିବା—
3. To be horripilated through joy; to have the hairs of the body stand on ends.

ଉଲୂକ—ସଂ. ବି. (ବଲ ଧାତୁ=ବଳବାନ ହେବା+କର୍ତ୍ତୃ. ଊକ)—
Ulūka ୧ । ପେଚକ; ପେଚା—1 Owl.

ସାଧାରଣେ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଇନ୍ଦ୍ର—2. God Indra.
୩ । ଶକୁନିଙ୍କ ପୁତ୍ର—3. Son of śakuni.
୪ । ଦେଶବିଶେଷ—4. Name of a country.

**ଉଲୂକବିଦ୍ୟା**—ଦେ. ବି. (ଉଲୂକ ବା ପେଚାକୁ ଅନ୍ଧାର ରାତ୍ରିରେ ଦେଖାଯାଉ ଥିବାରୁ )—
**Ulūkabidyā**
ଭୁତୁକ ବିଦ୍ୟାବିଶେଷ; ଯେଉଁ ବିଦ୍ୟା ସାଧନ କରିଥିବା ବ୍ୟକ୍ତିକୁ ରାତ୍ରିରେ ବାଟ ଦିଶେ—
A magical art which enables a person to see in the dark

ଯେବଣ ଉଲୂକବିଦ୍ୟା ବ୍ୟାସ ଦେଇଛନ୍ତି
ସେ ବିଦ୍ୟାର ବଳେ ଦେଖି ଚଳେ ନିଶାରତି ।
ସାରଳାମହାଭାରତ. ବିରାଟ ।

**ଉଲୂଖଳ**—ସଂ.ବି. (ଉତ୍=ଉପର + ଖଲ ଧାତୁ=ଯିବା; ଅ. ନିପାତନ)-
**Ulūkhaḻa** ୧ । ଉଦୁଖଳ ( ଦେଖ )
(ମୂଷଳ—ବିପର୍ଯ୍ୟତ) 1. Udukhaḻa ( See )

ଭୂମି ଦେଖେ ରାକ୍ଷସୀ ଉଲୂଖଳ ମାଳେ
ଅଣ୍ଟାରେ ବାନ୍ଧି ବୁଲୁଥାଏ ସବୁ ବେଳେ । କୃଷ୍ଣସିଂହ. ମହାଭାରତ ବର୍ଣ୍ଣ ।

୨ । ଗୁଗ୍ଗୁଲ—ସୁବାସିତ ଧୂପ ଦେବା ନିମନ୍ତେ ଏକ ପ୍ରକାର ବୃକ୍ଷ ନିର୍ଯ୍ୟାସ—2. Frankincense.

**ଉଲୂପୀ**—ସଂ. ବି. ( ଉ=ଶିବ; ମହାଦେବ + ଲୁପ=ଆକାର + ଇନ୍ ଉତ୍ + ଲୁପ ଧାତୁ + ଇନ୍; ୧ମା. ୧ବ )—
**Ulūpi**
ପୁଂ—ଶୁଶୁକ; ଶିଶୁମାର ନାମକ ଜଳଜନ୍ତୁ—Porpoise.
ସ୍ତ୍ରୀ—ନାଗକନ୍ୟା; ଅର୍ଜୁନଙ୍କ ପତ୍ନୀ—
Wife or Arjuna & daughter of a Nāga ( serpent ) King. )

**ଉଲୂଳୁ**—ସଂ. ବି ( ଧ୍ୱନ୍ୟାତ୍ମକ ବା ଉଲୁ + ଉଲୁ ନିପାତନ )—
**Ulūḻu** ହୁଳହୁଳି; ମାଙ୍ଗଳିକ ଧ୍ୱନି; ହୁଳୁହୁଳି—
Shout uttered by women by shaking the tongue with a shril sound on festive occasions amongst the Hindus.

**ଉଲେଇବା**—ପ୍ରାଦେ. (ମେଦିନୀପୁର) କ୍ରି—ଉଲାଇବା ( ଦେଖ )
**Uleibā** Ulāibā ( See )

**ଉଲେଇ**—ଗ୍ରା. ବିଣ. ସ୍ତ୍ରୀ ( ସଂ. ଲୋଲୁପ )—
**Ulei** ୧ । ଓଲେଇ; ଖାଦ୍ୟ ଦ୍ରବ୍ୟ ନିମନ୍ତେ ଲାଳାୟିତା ( ସ୍ତ୍ରୀ ); ଲକ୍ଷୁଣୀ; ନାଲଚୀ—1. ( a woman ) Having the habit of inordinately hankering after dainty food.
୨ । ( ଉଲୁର ସ୍ତ୍ରୀଲିଙ୍ଗ ) ଓଲମୀ—
2. Stupid ( woman )

**ଉଲୋମ୍‌ବିଲୋମ୍**—ଗ୍ରା. ବି. ଓ ବିଣ—ଉଲମ୍‌ବିଲମ୍ ( ଦେଖ )
**Ulombilom** Ulambilam ( See )

**ଉଲ୍କ୍‌ପାତ୍**—ଦେ. ବି ଓ ବିଣ—ଉଲୁକ୍‌ପାତ୍ ( ଦେଖ )
**Ulukpāt** Ulukpāt ( See )

**ଉଲ୍କା**—ସଂ. ବି. ସ୍ତ୍ରୀ. ( ଉଷ୍ ବା ଉଲ୍ ଧାତୁ=ପୋଡ଼ିବା + କର୍ତ୍ତୃ. ଅ; + ସ୍ତ୍ରୀ-ଆ)-
**Ulkā**
୧ । ଆକାଶରୁ ପଡ଼ିବା ଅଗ୍ନିରାଶି—
1. Meteor; shooting star.
୨ । ଅଗ୍ନିକଣା; ସ୍ଫୁଲିଙ୍ଗ—2. Sparks of fire.
୩ । ତେଜଃପୁଞ୍ଜ—
3. Shoots of light; mass of light.
୪ । ମଶାଲ; ଜଳନ୍ତ କୁଲା—4. Fire-brand; torch.

**ଉଲ୍କାଧାରୀ**—ସଂ. ବିଣ. ପୁଂ ( ଉଲ୍କା + ଧାରିନ୍; ୧ମା. ୧ବ. )—
**Ulkādhārī** ମଶାଲ ଧରିଥିବା ( ବ୍ୟକ୍ତି )—
Torch-bearer; bearing a torch.

**ଉଲ୍କାପତନ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା + ପତନ )—
**Uḻkāpatana** ଆକାଶରୁ ଅଗ୍ନିପତନ—The falling of a meteor from the sky; a meteor-falling.

**ଉଲ୍କାପାତ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା + ପାତ )—
**Uḻkāpāta** ଉଲ୍କାପତନ ( ଦେଖ )
Ulkāpatana ( See )

**ଉଲ୍କାପିଣ୍ଡ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା + ପିଣ୍ଡ )—
**Ulkāpiṇḍa** ଆକାଶରୁ ପଡ଼ିବା ଅଗ୍ନିରାଶି ବା ଜ୍ୟୋତିର୍ମୟ ଧାତବ ଖଣ୍ଡ—Meteor; shooting star; mass of molten metal falling from the sky.

**ଉଲ୍କାପୁଞ୍ଜ**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା + ପୁଞ୍ଜ )—
**Ulkāpuñja** ଆକାଶରୁ ଏକ ସମୟରେ ପଡ଼ିବା ଅନେକ ତାରା ବା ଜ୍ୟୋତିର୍ମୟପଦାର୍ଥ—A shower of meteors; meteors simultaneously shooting down from the sky.

**ଉଲ୍କାବୃଷ୍ଟି**—ସଂ. ବି. ( ୬ଷ୍ଠୀ ତତ୍; ଉଲ୍କା + ବୃଷ୍ଟି )—
**Ulkābṛushṭi** ଆକସ୍ମିକ ଅଗ୍ନିବୃଷ୍ଟି; ତାରାଖସିବା—
Meteoric shower.

**ଉଲ୍କାମୁଖୀ**—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଉଲ୍କା + ମୁଖ + ଈ )—
**Ulkāmukhī** ୧ । ମୁହଁ ଆଁ କରିଦେଲେ ଆଲୁଅ ଦେଖାଯିବା ଏକ ଜାତୀୟ ଶୃଗାଳ ବା କୋକିଶିଆଳ—
1. A fox with mouth emitting light.
୨ । ଯେଉଁ ମାଈ ବିଲୁଆ ମୁହଁରୁ ଚଇଗୁଣୀ ଆଲୁଅ ବାହାରେ ବୋଲି ଶୁଣା ଅଛି—2. A she-fox said to be the ignis fatuus.
୩ । ଚଇଗୁଣୀ—3. Ignis fatuus, will-o'-the-wisp.

| ୧ | ଉ | ଇ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | କ୍ଷ | ଜ | ଶ,ଷ | ଜ୍ଞ | ଯ୍ୟ | ଙ୍ | ଢ |
|---|---|---|---|---|---|---|---|---|---|---|---|---|---|---|
| ୨ | ଊ | ଈ | ରୁ | ଲୁ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଗଁ୍ୟ | ଇଅ | ଙ | ଡ଼ |

୪ । ( ଲକ୍ଷଣାର୍ଥ ) କ୍ରୋଧନସ୍ୱଭାବା ସ୍ତ୍ରୀ—
4. A shrew; a termagant woman.

ବିଣ. ସ୍ତ୍ରୀ. ( ଲକ୍ଷଣାର୍ଥ )—୧ । ଯେଉଁ ସ୍ତ୍ରୀର ମୁଖମଣ୍ଡଳ ସର୍ବଦା କ୍ରୋଧରେ ରକ୍ତ ବର୍ଣ୍ଣହୋଇଥାଏ—
1. ( allegorical ) ( a woman ) Whose face is always reddened with anger.
୨ । କ୍ରୋଧନସ୍ୱଭାବା—
2. Shrewish; termagant.

ଉଲ୍କୁପାତ୍—ଗ୍ରା. ବି—ଉଲୁକ୍ପାତ୍ ( ଦେଖ )
Ulkupat  Ulukpat ( See )

ଉଲ୍କେଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଉକିବା ( ଦେଖ )
Ulkeibā  Ukibā ( See )

ଉଲ୍ବ— ସଂ. ବି. ( ଉଚ ଧାତୁ=ସମବେତ କରିବା+ଅଧିକରଣ. ବ. ନିପାତନ; ବା ବଲ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ବ. ନିପାତନ )—୧ । ଜରାୟୁ; ଗର୍ଭାଶୟ—
Ulwa
1. Uterus; womb.
୨ । ଭ୍ରୂଣ ଉପରେ ଥିବା ସୂକ୍ଷ୍ମ ପରଦା—
2. A thin layer or membrane covering the embreyo in the womb

ଉଲ୍ବଣ—ସଂ. ବିଣ. ( ଉତ୍=ଉପରେ+ଲ୍ୱୀ ଧାତୁ=ଯୋଗ କରିବା+ଅନ )—୧ । ସ୍ପଷ୍ଟ ପ୍ରତୀୟମାନ; ପରିସ୍ଫୁଟ; ବିଶଦ; ବ୍ୟକ୍ତ—1. Clear; apparent.
Ulwaṇa
୨ । ପ୍ରବଳ; ଉତ୍କଟ—2. Excessive; acute
୩ । ଉଦ୍ଭଟ—3. Wellknown; authoritative.
୪ । ବ୍ୟାପ୍ତ—4. Pervaded; filled.
୫ । ତୀକ୍ଷ୍ଣ—5. Sharp.
ସଂ. ବି—୧ । ଉଲ୍ବ ( ଦେଖ )
1. Ulwa ( See )
୨ । ବାତପିତ୍ତାଦି ପ୍ରାବଲ୍ୟଜନିତ ବେଗ; ବାତପିତ୍ତାଦି ଉଦ୍ରେକ—2. An excess of bile, wind or phlegm.
୩ । ବାହାରେ ପ୍ରକାଶିତ ଲକ୍ଷଣ—
3. External indication; symptoms.

ଉଲ୍ମୁକ—ସଂ. ବି. ( ଉଷ ଧାତୁ=ପୋଡ଼ିବା+କର୍ତ୍ତୃ. ମୁକ. ନିପାତନ)—
Ulmuka  ୧ । ଜ୍ୱଳନ୍ତ ଅଙ୍ଗାର—
1. Burning charcoal; lighted charcoal
୨ । ମଶାଲ; କଅଁଳିଆ—
2. A lighted torch; fire-brand
୩ । ବଳରାମଙ୍କର ଏକତମ ପୁତ୍ର—3 One of the sons of Balarāma ( brother of Srikrushna)

ଉଲ୍ଲ— ସଂ. ବି—ଓଲୁଅ ( ଦେଖ )
Ulla  Olua ( See )
( ହରେକୃଷ୍ଣ—ଦ୍ରବ୍ୟଗୁଣ )

ଉଲ୍ଲଂଘନ—ସଂ. ବି. ( ଉତ୍+ଲଂଘନ )—
Ullaṁghana  ୧ । ନିୟମଭଙ୍ଗ; ନିୟମ ନ ମାନିବା—
1. Transgression of a rule.
୨ । ସୀମାଲଂଘନ; ସୀମାତିକ୍ରମଣ; ସୀମା ଡେଇଁବା—
2. Overstepping.
୩ । ଆଦେଶଭଙ୍ଗ—3. Violation; infringement of an order.
୪ । ଅମାନ୍ୟ କରିବା—
4. Disobedience; disregard of order.

ଉଲ୍ଲଂଘନୀୟ—ସଂ. ବିଣ. ( ଉତ୍+ଲଙ୍ଘ ଧାତୁ+କର୍ମ. ଅନୀୟ )—
Ullaṁghaniya  ୧ । ଡେଇଁବାର ଯୋଗ୍ୟ—
1. Fit to be overstepped.
୨ । ଲଂଘିତ ହେବାରଯୋଗ୍ୟ—2 Capable of being transgressed or infringed.
୩ । ଯାହା ମାନିବା ଉଚିତ ନୁହେ—
3. Fit to be disobeyed.

ଉଲ୍ଲଂଘିତ—ସଂ. ବିଣ. ( ଉତ୍+ଲଂଘିତ )—୧ । ଡିଅଁ ହୋଇଥିବା—
Ullaṁghita  1 Scaled over.
୨ । ଯାହାକୁ କେହି ଡେଇଁଥାଏ—2 Overstepped.
୩ । ଅମାନ୍ୟ କରାଯାଇଥିବା—
3 Transgressed; disobeyed.

ଉଲ୍ଲଂଘ୍ୟ—ସଂ. ବିଣ. ( ଉତ୍+ଲଙ୍ଘ ଧାତୁ+କର୍ମ. ଯ )—
Ullaṁghya  ଉଲ୍ଲଂଘନୀୟ ( ଦେଖ )
Ullaṁghaniya ( See )

ଉଲ୍ଲମ୍ଫ—ସଂ. ବି. ( ଉତ୍=ଉପରକୁ+ଲମ୍ଫ )—
Ullampha  ୧ । ଉପରକୁ ଡେଇଁବା; ଲମ୍ଫିବା—
1 High-jump; leap; bound, springing up.
୨ । କୌଣସି ବସ୍ତୁର ଉପର ଦେଇ ଡେଇଁଯିବା; ଟପିଯିବା—
2. Overstepping, jumping over.

ଉଲ୍ଲମ୍ଫନ—ସଂ. ବି. ( ଉତ୍=ଉପରକୁ+ଲମ୍ଫନ )—
Ullamphana  ଉଲ୍ଲମ୍ଫ ( ଦେଖ )
Ullampha ( See )

ଉଲ୍ଲଲ— ସଂ. ବିଣ. ( ଉତ୍=ଉପରକୁ+ଲଲ ଧାତୁ—କମ୍ପିବା+କର୍ତ୍ତୃ. ଅ )—୧ । ବହୁଲୋମ—1. Hairy; shaggy.
Ullaḷa
୨ । ରୋମଶ—2. Furred.

ଉଲ୍ଲଳିତ—ସଂ. ବିଣ. ( ଉତ୍=ଉପରକୁ+ଲଲ ଧାତୁ=କମ୍ପିବା+କର୍ତ୍ତୃ. ତ )—୧ । କମ୍ପିତ; ଆନ୍ଦୋଳିତ—
Ullaḷita
1. Stirred; agitated.

ସାଧାରଣ ଲୋକେ ଅନେକ ସ୍ଥଳରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଏହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଶାଠ' ନ ମିଳିଲେ 'ଶାଢ଼' ଖୋଜିବେ 'କୃଷ' ନ ମିଳିଲେ 'କୃଶ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଶ' ନ ପାଇଲେ 'ଅଂଶ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୨ । କମ୍ପମାନ—2. Shaking; trembling.
୩ । ଚାଳିତ—3. Moved
୪ । ତରଳିତ—4. Molten.
୫ । ବ୍ୟାକୁଳିତ—5. Perturbed

**ଉଲ୍ଲସା**—ଦେ. ବି. ( ସଂ. ଉଲ୍ଲାସ )—ଆନନ୍ଦ; ଆହ୍ଲାଦ. ଉଲ୍ଲସା—
**Ullasā** Joy; delight.
ଶୋକରେ ରହସା ହସାଇଲ ଉଲ୍ଲସା ଲଭା ଗର୍ଜ୍ଜିବ କର ଶଣା ।
ଉକ୍ତ—ପ୍ରେମସୁଧାନିଧି ।

**ଉଲ୍ଲସାଇବା**—ଦେ. କ୍ରି. ( ସଂ. ଉତ୍+ଲସ ଧାତୁ ଣିଜନ୍ତ )—
**Ullasāibā** ଉଲ୍ଲସିବାର ଣିଜନ୍ତ ରୂପ—
The causative form of Ullasibā (See)

**ଉଲ୍ଲସିତ**—ସଂ. ବିଣ. ( ଉତ୍=ଉର୍ଦ୍ଧ୍ୱକୁ+ଲସ ଧାତୁ=ଫୁଲିବା+
**Ullasita** ଇତ )—୧ । ଆନନ୍ଦିତ; ଆହ୍ଲାଦିତ—
1. Rejoiced; gladdened; delighted
୨ । ହର୍ଷୋତ୍ଫୁଲ୍ଲ—
2. Overjoyed; elated with joy.
୩ । ରୋମାଞ୍ଚିତ;—
3. With hairs standing erect on account of sudden joy; horripilated with joy.
୪ । ଆନନ୍ଦରେ ଫୁଲିଥିବା—4. Swollen with joy.
୫ । ପ୍ରକାଶିତ—5. Manifested; expressed.

**ଉଲ୍ଲସିବା**—ଦେ କ୍ରି. ( ଉତ୍+ଲସ ଧାତୁ )—ଉଲସିବା ( ଦେଖ )
**Ullasibā** Ulasibā ( See )
ଗୋବିନ୍ଦ ପାଶରେ ଥିଲି ଏ ଭାବରେ ଉଲ୍ଲସି ଉଠଇ ଗୃହମୁଖୀ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

**ଉଲ୍ଲାଇବା**—ଗ୍ରା. କ୍ରି (ସଂ. ଅବଲେହ; ପାଲି; ଓଲ୍ହ )—
**Ullāibā** ଓହ୍ଲାଇବା ( ଦେଖ )
ওলান; উলান Olhāibā ( See )
उलरना; उललना

**ଉଲ୍ଲାଖ (ଇତ୍ୟାଦି)**—ଦେ. ବି—ଉଲାଖ ଇତ୍ୟାଦି ( ଦେଖ )
**Ullākha** (etc) Ulākha etc ( See )

**ଉଲ୍ଲାଖି**—ଦେ. ବିଣ—ଉଲାଖି ( ଦେଖ )
**Ullākhi** Ulākhi ( See )

**ଉଲ୍ଲାଖିବା**—ଦେ. କ୍ରି—ଉଲାଖ ଦେବା ( ଦେଖ )
**Ullākhibā** Ulākha debā ( See )

**ଉଲ୍ଲାଘ**—ସଂ. ବିଣ. ପୁଂ. (ଉତ୍+ଲାଘ ଧାତୁ=ପାରିବା ହେବା+କର୍ତ୍ତୃ.
**Ullāgha** ଅ)—୧ । ପାରକ୍ଷମ; କାର୍ଯ୍ୟଦକ୍ଷ—
(ଉଲ୍ଲାଘା—ସ୍ତ୍ରୀ) 1. Able; fit; competent.
୨ । ପବିତ୍ର—2. Sacred; holy.
୩ । ରୋଗମୁକ୍ତ ହୋଇ କ୍ରମେ କ୍ରମେ ସୁସ୍ଥ ଓ ସବଳ—
3. Convalescent; recovering from scikness.

**ଉଲ୍ଲାଘନ**—ସଂ. ବି. (ଉତ୍+ଲାଘ ଧାତୁ+ଅନ)—୧ । ରୋଗମୁକ୍ତି—
**Ullāghana** 1. Convalescence.
୨ । ଭାରମୁକ୍ତି—2. Release from a burden.

**ଉଲ୍ଲାପ**—ସଂ. ବି. (ଉତ୍=ଉଚ୍ଚରେ+ଲପ ଧାତୁ=କହିବା+ଭାବ.
**Ullāpa** ଅ)—ଉଚ୍ଚୈଃସ୍ୱରରେ କ୍ରନ୍ଦନ—Lamenting;
(ଉଲ୍ଲପିତ—ବିଣ) weeping aloud.

**ଉଲ୍ଲାପନ**—ସଂ. ବି. (ଉତ୍=ଉଚ୍ଚରେ+ଲପ ଧାତୁ=କହିବା+ଣିଚ୍
**Ullāpana** ଭାବ. ଅନ)—ଉଚ୍ଚୈଃ ସ୍ୱରରେ କ୍ରନ୍ଦନ—
(ଉଲ୍ଲାପିତ—ବିଣ) Lamenting; weeping aloud.

**ଉଲ୍ଲାସ**—ସଂ. ବି. (ଉତ୍=ଉପରକୁ+ଲସ ଧାତୁ=କ୍ରୀଡ଼ା କରିବା, ଦୀପ୍ତି
**Ullāsa** ପାଇବା+ଭାବ. ଅ)—୧ । ଆନନ୍ଦ; ଆହ୍ଲାଦ—
1. Delight; pleasure; joy; exultation.
୨ । ପ୍ରକାଶ—2. Exhibition.
୩ । ଶୋଭା—3. Glamour.
୪ । ଉଜ୍ଜ୍ୱଳତା—4. Brightness; splendour.
୫ । ବୃଦ୍ଧି—5. Increase.
୬ । ଗ୍ରନ୍ଥର ପରିଚ୍ଛେଦ—6. A chapter of a book.
ଦେ. ବିଣ.—ଉଲ୍ଲସିତ—Delighted.
କୌତୁକ ରସ କଳାକାଳର ହେଲେ ଉଲ୍ଲାସ । ଦୀନକୃଷ୍ଣ- ରସକଲ୍ଲୋଳ ।

**ଉଲ୍ଲାସକର**—ସଂ. ବିଣ. (ଉଲ୍ଲାସ+କୃ ଧାତୁ+କର୍ତ୍ତୃ. ଅ)—
**Ullāsakara** ୧ । ଆନନ୍ଦଜନକ—1. Joyful.
(ଉଲ୍ଲାସକରୀ—ସ୍ତ୍ରୀ) ଆନନ୍ଦପ୍ରଦ—2. Giving delight
୩ । ସୁଖପ୍ରଦ—3. Giving pleasure or happiness.

**ଉଲ୍ଲାସନ**—ସଂ. ବି. (ଉତ୍+ଲସ ଧାତୁ+ଣିଚ୍ ଭାବ. ଅନ)—
**Ullāsana** ୧ । ଆନନ୍ଦିତ କରଣ—1. Gladdening.
୨ । ରୋମାଞ୍ଚ—2. Horripilation.

**ଉଲ୍ଲାସମୟ**—ସଂ. ବିଣ. ( ଉଲ୍ଲାସ+ମୟ )—ଆନନ୍ଦପୂର୍ଣ୍ଣ; ଆନନ୍ଦମୟ;
**Ullāsamaya** ସୁଖମୟ—Full of joy or rejoicing.

**ଉଲ୍ଲାସ ହେବା**—ଗ୍ରା. କ୍ରି.—୧ । ଆନନ୍ଦୋତ୍ଫୁଲ୍ଲ ହେବା—
**Ullāsa hebā** 1. To be elated with joy.
୨ । (ଫୁଲ ଅର୍ଥ) ଫୁଟିବା—
2. (flowers) To bloom.
କମଳର ଉଲ୍ଲାସ ହେଲେ । ପ୍ରଭାତ- ଗଣ୍ଡଣା ।

**ଉଲ୍ଲାସି**—ଦେ. ବିଣ. (ସଂ. ଉଲ୍ଲସିତ)—
**Ullāsi** ଅଥ ଅଧରରେ ମୃଦୁ ଉଲ୍ଲାସି ହେଲେ ଲକ୍ଷ୍ମିତ ।
କବିସୂର୍ଯ୍ୟ- ଯଶୋମତୀ- ଣ ଗୀତ ।

**ଉଲ୍ଲାସିତ**—ସଂ. ବିଣ. (ଉତ୍+ଲସ ଧାତୁ ଣିଚ=ଲାସି ଧାତୁ+କର୍ତ୍ତୃ. ତ)—
**Ullāsita** ହର୍ଷୋତ୍ଫୁଲ୍ଲ—Overjoyed.

**ଉଲ୍ଲାସିବା**—ଦେ. କ୍ରି. ( ସଂ. ଉଲ୍ଲାସ )—୧ । ଆନନ୍ଦ ଲାଭ କରିବା;
**Ullāsibā** ଆନନ୍ଦିତ କରିବା—1. To gladden.
ଏ କର ଗୋ ଭଣିବାର ଉଲ୍ଲାସିବାର । ଉକ୍ତ- ପ୍ରେମସୁଧାନିଧି

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଉ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଣ,ଷ | ଙ୍କ | ଇଯ୍ | ଉଅ | ଭ |
| ୨ | ଇ | ଈ | ରୁ | ଲୁ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ବ୍ଳ |

୨ । ଆନନ୍ଦିତ ହେବା; ହର୍ଷୋତ୍ଫୁଲ୍ଲ ହେବା—
2. To be overjoyed; to be elated.

ଉଲ୍ଲାସୀ—ସଂ. ବଣ. ପୁଂ. (ଉଲ୍ଲାସ+ଅସ୍ତି ଅର୍ଥରେ. ଇନ୍. ୧ମା. ୧ବ.)—
Ullāsi ହର୍ଷୋତ୍ଫୁଲ୍ଲ; ଆନନ୍ଦିତ—
(ଉଲ୍ଲାସିନୀ—ସ୍ତ୍ରୀ) Overjoyed; rejoicing; exultant.

ଉଲ୍ଲାସ୍କର—ଦେ. ବଣ. (ସଂ. ଉଲ୍ଲାସକର)—ଉଲ୍ଲାସକର (ଦେଖ)
Ullāskara Ullāsakara (See)

ଉଲ୍ଲି—ବୈଦେ. ଗ୍ରା. ବି. ( ଇଂ. ଉଇଲ୍‌ର ଅଶୁଦ୍ଧ ଉଚ୍ଚାରଣ )—
Ulli ଉଇଲ୍ (ଦେଖ)—Uil (See)

ଉଲ୍ଲିଖିତ—ସଂ. ବଣ. (ଉତ୍=ଉପରେ+ଲିଖିତ)—୧ । ପୂର୍ବେ କଥିତ;
Ullikhita ଉପରୋକ୍ତ—1. Afore said.
(ଉଲ୍ଲେଖନ—ବି) ୨ । ବର୍ଣ୍ଣିତ—2. Described.
୩ । ସୁସ୍ପଷ୍ଟ ଭାବରେ ପ୍ରକାଶିତ—
3. Clearly described; depicted.
୪ । ଉପରିଲିଖିତ; ପୂର୍ବେ ବର୍ଣ୍ଣିତ—
4. Written or described above.
୫ । ଉତ୍କ୍ଷିପ୍ତ—5. Scattered; thrown up.
୬ । ଖୋଦାଇ ହୋଇଥିବା; ଉତ୍କୀର୍ଣ୍ଣ—
6. Engraven.
୭ । ଚଞ୍ଚା ହୋଇଥିବା; ଛେଲା ହୋଇଥିବା; କୁନ୍ଦା ହୋଇଥିବା—7. Pared; scraped.
୮ । ଉଦ୍ଧୃତ—8. Quoted.
୯ । ପୃଷ୍ଠଦେଶରେ ଅଙ୍କିତ—9. Written on the surface, superscribed.
୧୦ । ଚିତ୍ରିତ—10. Painted; pictured.

ଉଲ୍ଲୁ—ବୈଦେ. ବଣ. ( ଅ )—ଓଲୁ; ନିର୍ବୋଧ; ନିର୍ବୁଦ୍ଧିଆ—
Ullu Stupid; foolish
ଉଲ୍ଲୁ ତାଙ୍କୁ କେଡ଼ା ହୋଇ ନବାବଜାଦାମାନଙ୍କୁ ଉଲ୍ଲୁ, ଗଧା ଇତ୍ୟାଦି
ଇତ୍ୟାଦି ସମ୍ବୋଧନ କରିବାରୁ ଗାଁଯାକ ଖୁବ୍ ହାଲର ପଡ଼ିଗଲା—
ଫକୀରମୋହନ—ଛମାଣ ଆଠଗୁଣ୍ଠ ।

ଉଲ୍ଲୁକ—ସ. ବି—ଯାତିମାଙ୍କଡ଼—
Ulluka A gibbon; ape.

ଉଲ୍ଲୁଣ୍ଠ—ସଂ. ବି. ( ଉତ୍+ଲୁଣ୍ଠ ଧାତୁ=ଗଡ଼ିବା+ଭାବ. ଅ )—
Ulluṇṭha ୧ । ଭୂଇଁ ଉପରେ ଗଡ଼ିବା; ଭୂଇଁରେ ଲୋଟିବା—
(ଉଲ୍ଲୁଣ୍ଠିତ—ବଣ) 1. Wallowing; rolling on the ground
୨ । ଥଟ୍ଟା—2. Joking.

ଉଲ୍ଲୁଣ୍ଠନ—ସଂ. ବି. ( ଉତ୍+ଲୁଣ୍ଠ ଧାତୁ=ଗଡ଼ିବା+ଭାବ.ଅନ )—
Ulluṇṭhana ଉଲ୍ଲୁଣ୍ଠ ( ଦେଖ )—Ulluṇṭha ( See )

ଉଲ୍ଲେଖ—ସଂ. ବି. ( ଉତ୍+ଲିଖ ଧାତୁ=ଲେଖିବା+ଅ )—
Ullekha ଉଲ୍ଲେଖନ ( ଦେଖ )—Ullekhana ( See )

ଉଲ୍ଲେଖନ—ସଂ. ବି (ଉତ୍+ଲିଖ ଧାତୁ=ଲେଖିବା+ଭାବ. ଅନ)—
Ullekhana ୧ । ଲେଖିବା—1. Writing.
୨ । ଖୋଦାଇ କରିବା; ଖୋଦନ—2. Engraving.
୩ । ବର୍ଣ୍ଣନ—3. Description.
୪ । ଖନନ; ଖୋଳିବା—4. Digging.
୫ । ବମନ—5. Vomiting.
୬ । ନିର୍ଦ୍ଦେଶ—6. Ascertaining; referring.
୭ । କୀର୍ତ୍ତନ—7. Uttering.
୮ । କଥନ—8. Mention; statement.
୯ । ଚାଞ୍ଛିବା; ଛେଲିବା—9. Paring, scraping.
୧୦ । ବିଶେଷଭାବରେ ପ୍ରକାଶ ବା ବର୍ଣ୍ଣନ—
10. Expounding; delineating.
୧୧ । ଚିତ୍ରଣ—11. Painting.
୧୨ । ଖୁମ୍ପିବା—12. Scratching.
୧୩ । ପୃଷ୍ଠଦେଶରେ ଲେଖିବା; ଉପରେ ଲେଖିବା—
13. Superscription; writing on the surface.
୧୪ । ଶାସ୍ତ୍ରାଦିରୁ ବାକ୍ୟାଦିର ଉଦ୍ଧାର—
14. Quotation from authoritative works.
୧୫ । ସୂଚନା—15. Reference; hinting.
୧୬ । କୁନ୍ଦିବା—16. Turning in a lathe.

ଉଲ୍ଲେଖନୀୟ—ସଂ. ବଣ. ( ଉତ୍+ଲିଖ ଧାତୁ=ଲେଖିବା; ବର୍ଣ୍ଣନା
Ullekhaniya କରିବା+ଅନୀୟ )—ଉଲ୍ଲେଖଯୋଗ୍ୟ ( ଦେଖ )
Ullekhajogya ( See )

ଉଲ୍ଲେଖଯୋଗ୍ୟ—ସଂ. ବଣ. ( ଉଲ୍ଲେଖ+ଯୋଗ୍ୟ )—
Ullekhajogya ୧ । ବର୍ଣ୍ଣନୀୟ—1. Describable.
୨ । ପ୍ରକାଶଯୋଗ୍ୟ—
2. Fit to be published or made public.
୩ । ସୁସ୍ପଷ୍ଟଭାବରେ ଚିତ୍ରିତ ହେବାର ଉପଯୁକ୍ତ—
3. Fit to be delineated.
୪ । ବିଶେଷଭାବରେ କଥିତ ହେବାର ଯୋଗ୍ୟ—
4. Fit to be specially mentioned.

ଉଲ୍ଲେଖାଲଙ୍କାର—ସଂ. ବି—ଅଲଙ୍କାରବିଶେଷ—A kind of
Ullekhālamkāra rhetorical figure.

[ ବି—ଏକ ପଦାର୍ଥକୁ ବିବିଧ ପ୍ରକାରେ ଉଲ୍ଲେଖ କଲେ ଉଲ୍ଲେଖାଲଙ୍କାର ହୁଏ । ଏହା ବିଷୟଭେଦରେ ଓ ଗ୍ରାହକଭେଦରେ ଦୁଇ ପ୍ରକାର । ଯେଉଁଠାରେ ଗ୍ରାହ୍ୟ ବସ୍ତୁ ଭିନ୍ନ ଭିନ୍ନ ଉପାଧିଦ୍ୱାରା ସଂଗୃହୀତ ହୁଏ, ସେଠାରେ ପ୍ରଥମ ବିଷୟଭେଦ ଉଲ୍ଲେଖାଲଙ୍କାର ହୁଏ ।

ଯଥା—ନିରପେକ୍ଷ ଯେଉଁ ସମାନ ସମାଜ
ହେବେ ବୈଶ୍ୱାନର ପ୍ରାୟ ସର୍ବଗ୍ରାସୀ,
ନିର୍ଦ୍ଦୟେ—ବିଚାରିତ, ପାଳନେ ପ୍ରାଣପତ,
ଦୟାର ଆଧାର ସେବକାଭିଳାଷୀ
ଏକୁ ସର୍ବେ ଭିନ୍ନ ଭିନ୍ନ ପରକାଶି । ମଧୁସୂଦନ—

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଭେଦ' ନ ପାଇଲେ 'ଅଭେଦ୍ୟ' ଦେଖିବେ

ଯେଉଁଠାରେ ଗ୍ରାହକମାନେ ଏକତ୍ର ଗ୍ରାହ୍ୟ ବସ୍ତୁକୁ ବହୁବରୂପେ ଗ୍ରହଣ କରନ୍ତି ସେଠାରେ ଦ୍ୱିତୀୟ ଗ୍ରାହକଭେଦ-ଉଲ୍ଲେଖାଲଙ୍କାର ହୁଏ ଯଥା—

ଗୋପଯୁବତୀଙ୍କ ଜୀବଧନ, ବୃଦ୍ଧଗୋପାଳଙ୍କ ଶିଶୁମୋହନ ।
ନନ୍ଦ ଯଶୋଦାଙ୍କ ପ୍ରାଣନନ୍ଦନ, ଭକ୍ତପ୍ରେମିକବନ୍ଧୁ ଜୀବପୂର୍ଣ ।
ସ୍ୱର୍ଗେ ଦେବଗଣଙ୍କ ଅର୍ଥୀଶ୍ୱର, ଯୋଗୀଜନଙ୍କ ବ୍ରହ୍ମସ୍ୱରୂପ ।
କୃପା କର ମୋତେ ଗୁରୁରୂପରେ. ଏହୁ ଭିକ୍ଷା ମାଗଇ ଶ୍ରୀପଦରେ ।

ଚୂଡ଼ାମଣି, ଅଳଙ୍କାରତରଙ୍ଗିଣୀ ।

ଉଲ୍ଲେଖିତ—ସଂ. ବଣ. ( ଉତ୍ + ଲେଖିତ )—ଉଲ୍ଲିଖିତ ( ଦେଖ )
Ullekhita — Ullikhita ( See )

ଉଲ୍ଲୋଃ—ସଂ. ବି. ( ଉତ୍ = ଉପରେ + ଲୋଚ ଧାତୁ = ଦେଖିବା + କର୍ମ. ତ; ଉପରକୁ ଚାହିଁଲେ ଯାହା ଦେଖା ପଡ଼େ )—
Ulloh
ଚନ୍ଦ୍ରାତପ; ଚାନ୍ଦୁଆ; ବିତାନ—Awning; canopy.

ଉଲ୍ଲୋଳ—ସଂ. ବି. ( ଉତ୍ = ଉପରକୁ + ଲୋଡ଼ ଧାତୁ = ଧାଇଁବା; ହଲିବା + କର୍ତ୍ତୃ. ଅ )—ବୃହତ୍ ତରଙ୍ଗ; ବଡ଼ ଢେଉ;
Ullola
କଲ୍ଲୋଳ—Big or high wave; a surge; billow.

ସଂ. ବଣ—୧ । ଦୋଦୁଲ୍ୟମାନ; ଦୋହଲୁଥିବା; ଝୁଲୁଥିବା—
1. Dancing; waing.

ବର୍ଷିଲୁ ଗଳନ୍ତ ଘର୍ମ ଉଲ୍ଲୋଳ କଲ୍ଲୋଳ ଯେ—
ଉପେନ୍ଦ୍ର. ବୈଦେହୀଶବିଳାସ ।

୨ । ଚଞ୍ଚଳ—2. Restless.

କହି କଳାସଙ୍ଗ ଘୃହେଁ ଉଲ୍ଲୋଳ ନୟନେ—ଗ୍ରାଡ଼ୀ. ତପସ୍ୱୀରଥ ।

୩ । ଚଳନଶୀଳ; ଗତିଶୀଳ—3 Moving.

ଉଲ୍ଲୋଳ ମନ୍ଦମଳୟ ସମୀରେ ଲୁଳେ—ଶିଶୁଶଙ୍କର. ଉଷାଭିଳାଷ ।

ଉଶତି—ସଂ. ବି. ସ୍ତ୍ରୀ. ( ବଶ ଧାତୁ = ଇଚ୍ଛା କରିବା ବା ଉଷ୍ ଧାତୁ = ପୋଡ଼ିବା + ଅତ୍; ସ୍ତ୍ରୀ. ଈ )—
Usati
ଅମଙ୍ଗଳ ବାକ୍ୟ; ଅକଲ୍ୟାଣ ବାକ୍ୟ; ଅଭିଶାପ—
Imprecation; curse.

ଉଶନସ୍—ସଂ. ବି. (ନାମ)—ଉଶନାକବି ( ଦେଖ )
Usanas — Usanākabi ( See )

ଉଶନା—ସଂ. ବି. (ନାମ)—ଉଶନାକବି ( ଦେଖ )
Usanā — Usanākabi ( See )

ବିଲକ୍ଷ ତାହାର ଉପରେ ; ଉଶନା ବାସ ଯେଉଁଠାରେ । ଜଗନ୍ନାଥ. ଭାଗବତ ।

ଉଶନାଃ—ସଂ. ବି—ଉଶନା କବି ( ଦେଖ )
Usanāh — Usanākabi ( See )

ଉଶନାକବି—ସଂ. ବି. ( ନାମ ) ( ବଶ ଧାତୁ = ଇଚ୍ଛା କରିବା + କର୍ତ୍ତୃ. ଅନସ୍; ୧ମା. ଏ—ଉଶନା + କବି )—
Usanākabi
୧ । ଅସୁରଗୁରୁ; ଶୁକ୍ରାଚାର୍ଯ୍ୟ—1. A name of Sukra the preceptor of the demons.
୨ । ଶୁକ୍ରଗ୍ରହ—2. The planet Venus.

ଉଶାସ୍—ଗ୍ରା. ବଣ—ଉଶ୍ୱାସ ( ଦେଖ )
Usās — Uswāsa ( See )

ଉଶୀର—ସଂ. ବି. ( ବଶ ଧାତୁ = ଇଚ୍ଛା କରିବା + କର୍ମ. ଈର; ଗ୍ରୀଷ୍ମ କାଳରେ ଯାହାକୁ ଇଚ୍ଛା କରାଯାଏ )—
Usira
ବେଣା ଚେର; ବେଣା ମୂଳ; ଗନ୍ଧତୃଣବିଶେଷର ମୂଳ—
Fragrant root of Benā grass.

ଉଶୀରବେଣା—ଦେ. ବି. ( ସଂ. ଉଶୀର )—ଉଶୀର ( ଦେଖ )
Usirabenā — Usira ( See )

ସଂ. ଉଶୀର; ବୀରଣମୂଳକ; ଜଳାମୋଦ
गन्धवेणामूल; खसवीरण
खसखस
ତେ. ଅବରୁଗାଡି

ଉଶୁଆସ—ଗ୍ରା. ବଣ—ଉଶ୍ୱାସ ( ଦେଖ )
Usuāsa — Uswāsa ( See )

ଉଶୁଆସିଆ—ଗ୍ରା. ବଣ—ଉଶ୍ୱାସିଆ ( ଦେଖ )
Uswāsiā — Uswāsiā ( See )

ଉଶ୍ୱାସ—ଦେ. ବଣ.—୧ । ହାଲୁକା; ଲଘୁଭାର—
Uswāsa — 1. Light; not heavy.
हालका
हलका

ବଣ୍ଟ ଯେ କର୍ମ ପୁଣ୍ୟ ଯାଉ । ତକ୍ଷଣେ ଉଶ୍ୱାସ ହୋଇଲା
ଜଗନ୍ନାଥ. ଭାଗବତ ।

୨ । ସହଜ—2. Easy.
୩ । ଊଣା; ଅଳ୍ପ—3. Lessened; less.
୪ । ସାମାନ୍ୟ; ତୁଚ୍ଛ; ନୀଚ; କ୍ଷୁଦ୍ର—
4. Negligible; slight; low.

ଉଶ୍ୱାସ ସ୍ନେହ । ରାଧାନାଥ. ଚନ୍ଦ୍ରାବଳିକା ।

୫ । ରୋଗୋପଶାନ୍ତ; ରୋଗମୁକ୍ତ—
5. Recovered from sickness.
୬ । ଯନ୍ତ୍ରଣାମୁକ୍ତ—6. Free from pain.
୭ । ମୁକ୍ତ—7. Freed.

ଜୀବର ଭବ-ମୋକ୍ଷ ପାଶ, ଯେମନ୍ତେ ହୋଇବ ଉଶ୍ୱାସ ।
ଜଗନ୍ନାଥ. ଭାଗବତ ।

୮ । ଅପେକ୍ଷାକୃତ କଷ୍ଟମୁକ୍ତ—
8. Comparatively relieved.
୯ । ଧୀର—9. Slow.

ପବନ ବହୁଛି ଉଶ୍ୱାସ । ଜଗନ୍ନାଥ. ଭାଗବତ ।

ଦେ. ବି—୧ । ହାଲୁକାପଣ—1. Lightedness.

ତେଜ ଉଶ୍ୱାସ ମନ୍ତ୍ର ତ ନ ଜାଣେ । ଜଗନ୍ନାଥ. ଦାରୁବ୍ରହ୍ମ

୨ । କଷ୍ଟଲାଘବ—2. Relief from pain.
(ଯଥା—ତେଲ ଲଗିଲାରୁ ମତେ ବଡ଼ ଉଶ୍ୱାସ ଲାଗିଲା ।
୩ । ସହଜତ୍ୱ—3. Easiness.
(ଯଥା—ମତେ ଏ ଅଙ୍କଟି ଭାରି ଉଶ୍ୱାସ ଲାଗିବ ।)
୪ । ଅଳ୍ପତା—4. Littleness.
୫ । ରୋଗୋପଶମନ—5. Relief from diseases.
୬ । ମୁକ୍ତି—6. Relief.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଦ୍ | ଉଥ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଙ୍ୟ | ଇଥ | ୱ | ନ୍ନ |

ଉଶ୍ୱାସ କରିବା—ଦେ. କ୍ରି.—୧ । କମାଇବା—
Uśwāsa karibā 1. To lessen.
হাল্কা করা କରିଚା ଉଶ୍ୱାସ ମହାଭାର ଅନେକ ।
হল্কা করো ଗୀତକୃଷ୍ଣ. ରସକଲ୍ଲୋଳ ।
୨ । ଦୁଃଖ ଦୂର କରିବା—2. To lighten a misery.
୩ । ଭାର କମାଇବା—3. To lighten a load.
ରାବଣକୁ ମାରି ରାମ ଉଶ୍ୱାସିଲେ ଲଙ୍କା । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଉଶ୍ୱାସିଆ—ଦେ. ବିଣ.—୧ । ଲଘୁମାନ; ହାଲୁକା—
Uśwāsiā 1. Light.
୨ । ଅପେକ୍ଷାକୃତ ହାଲୁକା—2. Lighter.

ଉଶ୍ୱାସିବା—ଦେ. କ୍ରି.—ଉଶ୍ୱାସ କରିବା (ଦେଖ)
Uśwāsibā Uśwāsa karibā (See)
ଅସୁର ବଳ ମାରଣ ନରା ଉଶ୍ୱାସିବୁ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଉଷ୍ଦ—ଗ୍ରା. ବି. (ସଂ. ଔଷଧ)—ଔଷଧ—
Ushda Medicine.

ଉଷ୍ନିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଉଷ୍ଣ)—
Ushnibā ଉଷୁଁାଇବା (ଦେଖ)
Usāñibā (See)

ଉଷ୍ମା—ପ୍ରାଦେ. (ସମ୍ବଲପୁର) ବିଣ—ଆତ୍ମଶ୍ଳାଘୀ—
Ushmā Self-applauding.

ଉଷ୍ମିହାଁ—ପ୍ରାଦେ. (ସମ୍ବଲପୁର) ବିଣ.—ଆତ୍ମଶ୍ଳାଘୀ—
Ushmihāñ Self-praising.

ଉଷ (ଧାତୁ)—ସଂ.—ପୋଡ଼ିବା—
Usha (root) To burn.

ଉଷ—ସଂ. ବି. ( ଉଷ ଧାତୁ=ଦାହ କରିବା+ଅ )—
Usha ୧ । ପ୍ରଭୂତ; ପ୍ରଭାତ—
1. Early morning; dawn.
୨ । କାମୁକ; କାମୀ ବ୍ୟକ୍ତି—
2. A voluptuary; lecher.
୩ । କ୍ଷାର ମୃତ୍ତିକା, କ୍ଷାର ମାଟି; ସାଜ ମାଟି—
3. Calcined soil; natron.
୪ । ଗୁଗ୍ଗୁଳ—4. Bdellium.
ଗ୍ରା. ବି. ( ସଂ. ଔଷଧ )—ଔଷଧ; ଓଷୁଧ—Medicine.

ଉଷଣ—ସ. ବି. ( ଉଷ=ପୋଡ଼ିବା+ଅନ=ଯେ କଣ୍ଠଦାହ କରେ )—
Ushaṇa ୧ । ମରିଚ—1. Black pepper.
୨ । ପିପ୍ପଳୀମୂଳ; ବଣପିପ୍ପଳୀ ମୂଳ—
2. A medicinal plant and its root.

ଉଷତ୍—ପ୍ରାଦେ. ( ସମ୍ବଲପୁର ) ବି ଓ ବିଣ—ଉଷତ ( ଦେଖ )
Ushat Ushata ( See )

ଉଷତ—ସଂ. ବିଣ. ( ବଶ ଧାତୁ=ଅଭିଳାଷ କରିବା+କର୍ତ୍ତୃ. ତ )—
Ushata ୧ । ଉତ୍ସୁକ—1. Eager; desirous.
୨ । ଆନନ୍ଦିତ—2. Delighted.
ଦେ. ବି—ଆନନ୍ଦ; ଆହ୍ଲାଦ—Joy; delight.
କନେ ଯେ ଉଠିଲେ ଚକ୍ରେ କ ଯେନ ଉଷତେ ସବେ
କେତେକେ ଲେଖି ଚଙ୍ଗ ଲେ ଖୀରେ । ଭଞ୍ଜ—ପ୍ରେମସୁଧାନିଧି ।

ଉଷତୀ—ସଂ. ବି. ସ୍ତ୍ରୀ—ଉଶତୀ ( ଦେଖ )
Ushatī Uśatī ( See )

ଉଷମ୍—ଗ୍ରା. ବିଣ. ( ସଂ. ଉଷ୍ଣ )—ଉଷୁମ ( ଦେଖ )
Usham Ushuma ( See )

ଉଷର୍ଗାଏ—ପ୍ରାଦେ. ( ସମ୍ବଲପୁର ) ବି—ପୋଢ଼ୁଅଁ ଗାଈ; ଯେଉଁ
Ushargāe ଗାଈ ପ୍ରଥମେ ପ୍ରସବ କରିଅଛି—A cow who has given birth to one calf only.

ଉଷର୍ବୁଧ—ସଂ. ବି. (ଉଷସ୍=ପ୍ରଭାତ+ବୁଧ ଧାତୁ=ଜାଣିବା+ଅ)—
Usharbudha ନିଆଁ; ଅଗ୍ନି—Fire.

ଉଷସ୍—ସଂ. ବି. ( ଉଷ ଧାତୁ=ଦାହ କରିବା+ଅସ୍ )—
Ushas ପ୍ରଭାତ; ପ୍ରତ୍ୟୂଷ—Early morning; day-break; dawn.

ଉଷସୀ—ସଂ. ବି. ସ୍ତ୍ରୀ ( ସୋ ଧାତୁ=ଶେଷ କରିବା+ଅ.+ସ୍ତ୍ରୀ. ଈ;
Ushasī ନିପାତନ )—ସନ୍ଧ୍ୟାକାଳ; ଗୋଧୂଳିସମୟ—
Dusk; night-fall.

ଉଷସ୍ୟ—ସଂ. ବିଣ. ( ଉଷସ୍=ପ୍ରଭାତ+ଯ )—
Ushasya ପ୍ରାଭାତିକ; ପ୍ରାତ୍ୟୂଷିକ; ଉଷାକାଳୀନ—Relating to dawn; happening at day-break.

ଉଷା—ସଂ. ବି. ସ୍ତ୍ରୀ. ( ଉଷ ଧାତୁ=ଦାହ କରିବା+ଅ+ସ୍ତ୍ରୀ. ଆ )—
Ushā ୧ । ବାଣାସୁରର କନ୍ୟା; କୃଷ୍ଣଙ୍କ ନାତି; ଅନିରୁଦ୍ଧଙ୍କ ପତ୍ନୀ—
1. Wife of Aniruddha and daughter of Bāṇāsura.
[ ଦ୍ର—ଉଷାଙ୍କ ସହିତ ଶ୍ରୀକୃଷ୍ଣଙ୍କ ନାତି ଅନିରୁଦ୍ଧଙ୍କର ବାଣାସୁରର ଅନ୍ତଃପୁରସ୍ଥ 'ଉଷାମେଢ଼'ରେ ଗୁପ୍ତ ପ୍ରଣୟ ହୋଇଥିଲା । ଏହା ଜାଣି ପାରି ବାଣାସୁର ତାହାଙ୍କୁ ନାଗପାଶରେ ବାନ୍ଧିଥିଲା । ପରେ ଶ୍ରୀକୃଷ୍ଣ ଉଷା-ଅନିରୁଦ୍ଧ ଦୁହିଙ୍କୁ ଉଦ୍ଧାର କରି ଆଣିଲେ ଓ ଉଷା ସଙ୍ଗେ ଅନିରୁଦ୍ଧଙ୍କର ବିବାହ ହେଲା । ]
୨ । ଗାଭୀ; ଗାଈ—2. Cow.
୩ । ରାତ୍ରିର ଅବସାନ ସମୟ; ପ୍ରତ୍ୟୂଷ; ପ୍ରଭାତ; ଅରୁଣୋଦୟର ପ୍ରାକ୍‌କାଳ; ବ୍ରାହ୍ମମୁହୂର୍ତ୍ତ—3. Dawn; early morning; day-break.
ଦେ. ବି—୧ । ପଲସ୍ତରାକୁ ସମତୁଲ କରିବା ପାଇଁ ରାଜମିସ୍ତ୍ରିମାନଙ୍କର ଯନ୍ତ୍ର ବା ପଟା—
1. A mason's planer.
୨ । ସ୍ତ୍ରୀ ଲୋକଙ୍କ ନାମବିଶେଷ—
2. A Name given to females.
୩ । ( ସଂ. ଉପବାସ )—ଓଷା; ଉପାସ—
3. Religious fast.

ସାଧାରଣ ଲୋକେ ଅପର ପୃଷ୍ଠାରେ ପଢନ୍ତି ୧ ଚଳନ୍ତି ଅକ୍ଷର ଓ ମାତ୍ରା ଏବଂ ୨ ଚଳନ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ଥଳେ ରକ୍ଷା କରନ୍ତୁ ନାହିଁ । ଅତିଏବ ୧ ବା ୨ ଚଳନ୍ତି କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଉଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ପଡ଼ାଇଲେ ଉକ୍ତ ଉପସ୍ଥିତ ୨ ବା ୧ ଚଳନ୍ତି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍ବତ୍' ଦେଖିବେ ।

ଉଷାକଳ—ସଂ. ( ଉଷସ୍ = ପ୍ରଭୁଷ + କଲ ଧାତୁ = ଶବ୍ଦ କରିବା + କର୍ତ୍ତୃ. ଅ )—କୁକ୍କୁଟ—Cock.
Ushākala

ଉଷାଜଳ—ସଂ. ବି ( ମଧ୍ୟପଦଲୋପୀ; ଉଷାରେ ପେୟ ଜଳ) (ବୈଦ୍ୟଶାସ୍ତ୍ର ମତରେ ଏହା ଅତି ସ୍ୱାସ୍ଥ୍ୟକର )—Cold water taken early in the morning.
Ushājala

ଉଷାନାଥ—ସଂ. ବି. (୬ଷ୍ଠୀ ତତ୍; ଉଷା+ନାଥ)—ଉଷାରମଣ (ଦେଖ )
Ushānātha Ushāramaṇa ( See )

ଉଷାପତି—ସଂ. ବି. ( ୬ଷ୍ଠୀ ତତ୍; ଉଷା+ପତି)—ଉଷାରମଣ (ଦେଖ )
Ushāpati Ushāramaṇa ( See )

ଉଷାମ୍—ପ୍ରାଦେ. ( ସିଂହଭୂମ ) ବି—ଟସର ଆବାଦ କରିବା ବ୍ୟକ୍ତି ଆବାଦ ସ୍ଥାନରେ ଜଙ୍ଗଲରେ ତୋଳିବା ଅସ୍ଥାୟୀ କୁଡ଼ିଆ ଘର—A temporary hut raised by silkworm-rearers in the woods for watching the cocoons.
Ushām

ଉଷାରମଣ—ସଂ. ବି. ( ୬ଷ୍ଠୀ ତତ୍; ଉଷା+ରମଣ; ଉଷାର ସ୍ୱାମୀ )—ଶ୍ରୀକୃଷ୍ଣଙ୍କ ନାତି; କାମଦେବଙ୍କ ପୁତ୍ର; ଅନିରୁଦ୍ଧ—The son of God Cupid.
Ushāramaṇa

ଉଷିତ—ସଂ. ବଣ. ( ଉଷ ଧାତୁ = ଦାହ କରିବା + କର୍ମ. ତ )—
Ushita ୧ । ପର୍ଯ୍ୟୁଷିତ; ବସ୍ତା; ବାସି—1. Stale.
୨ । ଦଗ୍ଧ—2. Burnt.
୩ । ( ବସ ଧାତୁ = ବାସ କରିବା + ତ )—ସ୍ଥିତ—3. Dwelt
୪ । ପ୍ରବିଷ୍ଟ—4. Entered into; thrust into
୫ । ତ୍ୱରିତ—5. Quick; rapid.

ଉଷିଲା—ପ୍ରାଦେ. ( ସିଂହଭୂମ ) ବଣ—ଉଷୁନା ( ଚାଉଳ )—
Ushilā (rice) Prepared from parboiled paddy.

ଉଷୀର—ସଂ. ବି—ଉଶୀର ( ଦେଖ )
Ushīra Usīra ( See )

ଉଷୁଅ—ଗ୍ରା. ବି. ( ଔଷଧ )—ଔଷଧ—
Ushua Medicine

ଉଷୁମ—ଦେ. ବଣ. ( ସଂ. ଉଷ୍ମ )—୧ । ଉଷ୍ମ; ତପ୍ତ—
Ushuma 1. Warm; hot.
ଗରମ ୨ । ଈଷଦୁଷ୍ଣ—2. Lukewarm.
ଗ ବି—୧ । ଉଷ୍ମତା; ତାତି—1. Warmth; heat.
୨ । ଗୋରୁ ଓ ବଳଦଙ୍କ ଖାଇବା ନିମନ୍ତେ ପ୍ରସ୍ତୁତ ଉଷ୍ମ ପାନୀୟ—2. Warm drink prepared for cattle.

ଉଷୁମ ଟାଣିବା—ଦେ.କ୍ରି—ଶୀତ ସମୟରେ ଘୋଡ଼ି ହୋଇ ଏକସ୍ଥାନରେ ବସି ରହିବା—To sit still at a place warming the body with warm covering
Ushuma ṭāṇibā

ଉଷୁମା—ଦେ. ବଣ—ଉଷ୍ମ ବା ତପ୍ତ ହୋଇଥିବା—
Ushumā Warmed; heated.
ବି—୧ । ଉଷ୍ମ ବା ତାପିତ କରିବାର କ୍ରିୟା—
1. Warming; heating.
୨ । (ଲକ୍ଷଣାର୍ଥ ) ଉତ୍ସାହ; ଉଦ୍‌ବେଗ; ଉତ୍ତେଜନା—
2 Eagerness; excitement.
ମନରୁ ସେହି ଯୁଦ୍ଧ ଉଷୁମା ଗଲା—କୃଷ୍ଣସିଂହ. ମହାଭାରତ. ବନ ।

ଉଷୁମାଇବା—ଦେ. କ୍ରି. ସକର୍ମକ. ( ସଂ. ଉଷ୍ମାଣ )—
Ushumāibā ୧ । ଅଗ୍ନିରେ ତାପିତ କରିବା; ଉତ୍ତପ୍ତ କରିବା—
ଗରମକରୀ 1. To heat; to warm.
उसना ୨ । ଅଣ୍ଡାକୁ ଫୁଟିବାର ଉପଯୋଗୀ କରିବା ନିମନ୍ତେ ପକ୍ଷିମାତା ଡିମ୍ବ ଉପରେ ବସି ଡିମ୍ବକୁ ତାପ ଦେବା ବା ତାଅଦେବା—
2. To sit on the egg to make it warm ( said of mother birds before it is hatched ).
୩ । ଶରୀର ଉଷ୍ମ ହେବାର ଉପଚାର କରିବା—
3. To apply warmth to the body.

ଉଷୁମାଉଷୁମି—ଦେ. ବି—ଗରମ କରିବା କ୍ରିୟା—
Ushumāushumi Act of heating or warming.

ଉଷୁମୁ (ଇତ୍ୟାଦି)—ଗ୍ରା. ବି. (ସଂ. ଉଷ୍ମ )—
Ushumu (etc) ୧ । ଉଷ୍ମତା; ତତଲ; ତାତି—
1. Warmth.
୨ । ବାଷ୍ପ; ବାମ୍ଫ—2 Vapour; steam.
୩ । ଉଷୁମ ଇତ୍ୟାଦି ( ଦେଖ )
3. Ushuma etc. ( See )
ବଣ—ଉଷ୍ମ; ଗରମ; ତପ୍ତ; ତାତିଲା—
Warm; hot.
ଉଷୁମ ପାଣିରେ ସର ଗୋଡ଼ ଧୋଇ ଦିଅ । ଲୋକୋକ୍ତି—ଚଳ ।

ଉଷୁମେଇବା—ଦେ. କ୍ରି—ଉଷୁମାଇବା ( ଦେଖ )
Ushumeibā Ushumāibā ( See )

ଉଷୋ—ପ୍ରାଦେ. (ସମ୍ବଲପୁର) ବି. ( ସଂ. ଔଷଧ )—ଔଷଧ—
Usho Medicine.

ଉଷ୍ଟ—ଗ୍ରା. ବି. ( ସଂ. ଉଷ୍ଟ୍ର )—ଓଟ—Camel.
Ushṭa

ଉଷ୍ଟାଁ—ଗ୍ରା. ବଣ. ( ସଂ. ଉଷ୍ଣର ଅଶୁଦ୍ଧ ଉଚ୍ଚାରଣ )—ଉଷ୍ଣ ( ଦେଖ )
Ushṭañ Ushṇa ( See )

ଉଷ୍ଟ୍ର—ସ. ବି. ପୁଂ ( ଉଷ ଧାତୁ—ଦାହ କରିବା + ଷ୍ଟ୍ରନ୍ = ଯେ ମରୁଭୂମିରେ ଦଗ୍ଧ ପ୍ରାୟ ହୁଏ )—ଉଟ; ଓଟ—
Ushṭra Dromedary; camel; he-camel.

ଉଷ୍ଟ୍ରିକା—ସ. ବି. ସ୍ତ୍ରୀ ( ଉଷ୍ଟ୍ର + କ + ସ୍ତ୍ରୀ. ଆ )—
Ushṭrikā ୧ । ମାଈଓଟ—1. She camel

| ୧ | ଇ | ଊ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ତ | ଊଅ | ଈ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଞ | ଋ |

୨ । ମୃଣ୍ମୟ ସୁରାଭାଣ୍ଡ—
2. An earthen pitcher or wine-vessel.

ଉଷ୍ଟ୍ରୀ—ସ. ବି. ସ୍ତ୍ରୀ ( ଉଷ୍ଟ୍ର + ସ୍ତ୍ରୀ. ଈ )—ଉଷ୍ଟ୍ରିକା ( ଦେଖ )
Ushṭri Ushṭrikā ( See )

ଉଷ୍ଣ—ସଂ. ବି. ( ଉଷ ଧାତୁ = ଦାହ କରିବା + ଣ )—
Ushṇa ୧ । ଗ୍ରୀଷ୍ମକାଳ—
1 Summer; hot weather.
ଅନୁଷ୍ଣ } ଶୀତଳ } ବିପରୀତ ୨ । ରୌଦ୍ର; ଖରା; ଆତପ—
2. The rays of the sun.
୩ । ପଲାଣ୍ଡୁ; ପିଆଜ—3. Onion.
୪ । ବାଷ୍ପ; ବାମ୍ଫ—4. Steam; vapour.
୫ । ତେଜ; କ୍ରୋଧ—5. Anger.
କପାଳରେ କହାଇଲେ ଉଷ୍ଣ । ଗାନକୃଷ୍ଣ ରସକଲ୍ଲୋଳ ।
ବିଣ— ୧ । ତପ୍ତ; ଗରମ; ଉଷୁମ; ତତଲ—
1. Hot, warm; sultry.
୨ । ତୀବ୍ର; ପ୍ରଖର; ପ୍ରଚଣ୍ଡ—
2. Passionate; fierce; ardent.
୩ । ଅନଳସ; ଖର—3. Active.
୪ । ଚତୁର; ସ୍ଫୂର୍ତ୍ତିବାନ୍—4. Brisk.
୫ । ଦକ୍ଷ—5. Expert; competent.

ଉଷ୍ଣଋତୁ—ସଂ. ବି—ଗ୍ରୀଷ୍ମଋତୁ—
Ushṇaṛutu The summer.

ଉଷ୍ଣକ—ସଂ. ବିଣ ( ଉଷ୍ଣ + ସ୍ୱାର୍ଥେ. କ )—
Ushṇaka ୧ । କ୍ଷିପ୍ରକାରୀ; ଅନଳସ—
1. Active; brisk; sprightly.
୨ । ପ୍ରଣତ—2. Obedient; warmly attached.
ସଂ. ବି—୧ । ଜ୍ୱର—1. Fever.
୨ । ଉଷ୍ଣୀଷ—2 Head-dress.

ଉଷ୍ଣକଟିବନ୍ଧ—ସଂ. ବି. ( ଭୂଗୋଳପରିଭାଷା )—
Ushṇakaṭibandha କର୍କଟକ୍ରାନ୍ତି ଓ ମକରକ୍ରାନ୍ତିର ମଧ୍ୟସ୍ଥ ସ୍ଥାନ; ବିଷୁବରେଖାର ଉଭୟ ପାର୍ଶ୍ୱସ୍ଥ ଗ୍ରୀଷ୍ମପ୍ରଧାନ ସ୍ଥାନ ଯାହା ପୃଥିବୀକୁ ଘେରି ପାଶେ ଘେରିଅଛି—
The torried zone lying on both sides of the equator.
[ ଦ୍ର—ଏହା ବିଷୁବରେଖାର ଉତ୍ତର ଓ ଦକ୍ଷିଣକୁ ୨୨୪ ଡିଗ୍ରି ଲେଖାଏଁ ବିସ୍ତୃତ । ପୂର୍ବରେ କଲିକତା ଓ ପଶ୍ଚିମରେ ଗୁଜରାଟକୁ ଲଗାଇ ଗୋଟିଏ ରେଖା ଟାଣିଲେ ଉକ୍ତ ରେଖାର ଦକ୍ଷିଣକୁ ଥିବା ଭାରତର ଅଂଶ ଉଷ୍ଣକଟିବନ୍ଧ ମଧ୍ୟରେ ଅବସ୍ଥିତ । ପୃଥିବୀର ବଡ଼ ବଡ଼ ମରୁଭୂମିମାନ ଏହି କଟିବନ୍ଧ ମଧ୍ୟରେ ସ୍ଥିତ । ]

ଉଷ୍ଣଗୁ—ସଂ. ବି. ( ଉଷ୍ଣ = ଗରମ + ଗୋ; ଗୁ = କିରଣ )—
Ushṇagu ସୂର୍ଯ୍ୟ—The sun.

ଉଷ୍ଣତା—ସଂ. ବି. ( ଉଷ୍ଣ = ତପ୍ତ + ତା )—
Ushṇatā ୧ । ଗରମି—1. Sultriness
୨ । ଉଷୁମ; ତତଲ—2. Warmth.
୩ । ତାପ—3 Heat.
୪ । ତୀବ୍ରତା—4. Ardouer; ferocity.
୫ । ଚତୁରତା; ସ୍ଫୂର୍ତ୍ତି—5. Activity; briskness.

ଉଷ୍ଣତାମାନଯନ୍ତ୍ର—ସଂ. ବି ( ଆଧୁନିକ ପ୍ରୟୋଗ ଓ ବ୍ୟବହାର )—
Ushṇatāmānajantra ୧ । ଯେଉଁ ଯନ୍ତ୍ରଦ୍ୱାରା ପଦାର୍ଥ-ଶରୀରର ଉଷ୍ଣତା ପରିମିତ ହୁଏ; ତାପମାନଯନ୍ତ୍ର—
1. Thermometer.
୨ । ବାୟୁର ଉଷ୍ଣତା ମାପିବା ଯନ୍ତ୍ର
2 Barometer.

ଉଷ୍ଣପ୍ରଧାନ—ସଂ. ବିଣ ( ବହୁବ୍ରୀହି; ଉଷ୍ଣ + ପ୍ରଧାନ )—
Ushṇapradhāna ଅଧିକାଂଶ ସମୟ ଉଷ୍ଣ ଥିବା ( ସ୍ଥାନ )—
Torrid; hot for most part of the year

ଉଷ୍ଣପ୍ରସ୍ରବଣ—ସଂ. ବି—ଯେଉଁ ପ୍ରସ୍ରବଣ ବା ଝରଣାରୁ ଭୂଗର୍ଭର ଗରମ
Ushṇaprasrabaṇa ଜଳ ବାହାରୁଥାଏ—
Hot spring; the geysers.

ଉଷ୍ଣବାରଣ—ସଂ. ବି. (୬ଷ୍ଠୀ ତତ୍; ଉଷ୍ଣ + ବାରଣ)—ଛତା—
Ushṇabāraṇa Umbrella; sun-shade.

ଉଷ୍ଣବୀର୍ଯ୍ୟ—ସ. ବିଣ ( ବହୁବ୍ରୀହି; ଉଷ୍ଣ + ବୀର୍ଯ୍ୟ )—୧ । ରୁକ୍ଷ; ତୀବ୍ର
Ushṇabīrjya ସ୍ୱାଦଯୁକ୍ତ—1. Hot; pungent.
୨ । କଷା—2. Astringent.
୩ । ଯେଉଁ ପଦାର୍ଥର ସତ୍ତ୍ୱ ଅତି ଗରମ—
3. Of fiery nature.

ଉଷ୍ଣରଶ୍ମି—ସଂ. ବି. (ବହୁବ୍ରୀହି; ଉଷ୍ଣ = ତପ୍ତ + ରଶ୍ମି = କିରଣ)—
Ushṇaraśmi ୧ । ସୂର୍ଯ୍ୟ—1. The sun
୨ । ଅର୍କ ଗଛ—2. A plant.

ଉଷ୍ଣରଶ୍ମୀ—ସଂ. ବି.—ଉଷ୍ଣରଶ୍ମି (ଦେଖ)
Ushṇaraśmi Ushṇaraśmi (See)

ଉଷ୍ଣାଂଶୁ—ସଂ. ବି. (ବହୁବ୍ରୀହି; ଉଷ୍ଣ + ଅଂଶୁ)—୧ । ସୂର୍ଯ୍ୟ—
Ushṇāṁśu 1. The sun.
୨ । ଅର୍କଗଛ—2. A plant.

ଉଷ୍ଣିକ-ସଂ. ବି. (ଉଷ୍ଣ + ଇକ)—ଉଷ୍ଣୀଷ (ଦେଖ)
Ushṇika Ushṇīsa (See)

ଉଷ୍ଣିକା—ସଂ. ବି. ସ୍ତ୍ରୀ. (ଉଷ୍ଣ = ତପ୍ତ (ଅନ୍ନ) + ଇକ + ସ୍ତ୍ରୀ. ଆ)—
Ushṇikā ଯବମଣ୍ଡ; ଯବାଗୁ; ଯାଉ; ଝୋଳ; ଖିରସା; ଅଟକାଳି—
Gruel; gruel made from barley.

ଉଷ୍ଣିତ—ସଂ. ବିଣ (ଉଷ୍ଣ + ଇତ)—୧ । ରାଗୀ—
Ushṇita 1. Angry; passionate.
୨ । ଚିଡ଼ି ଯାଇଥିବା—2. Provoked.

ସାଧାରଣ ଦୃଷ୍ଟିରେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ଉପରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— ଗାଉ' ନ ମିଳିଲେ 'ଗାଏ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଜ୍ଜୁନ' ନ ପାଇଲେ 'ଅର୍ଜୁନ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ଉଷ୍ଣୀଶ— ସଂ. ବି. (ଉଷ୍ଣ = ତାପ + ଈଶ ଧାତୁ = ନାଶ କରିବା + ଅ)—
Ushṇiśa ୧ । ଟୋପି—1. Cap
୨ । ଠେକା; ପଗଡ଼ି; ପାଗ; ଶିରୋବେଷ୍ଟନ—
2. Pugree; turban; head-dress.
୩ । ମସ୍ତକାବରଣ—3. Helmet; covering for the head
୪ । କିରୀଟ; ମୁକୁଟ—4. Crown; diadem.

ଉଷ୍ଣୀଶଧାରୀ— ସଂ. ବିଣ (ଉଷ୍ଣୀଷ + ଧାରିନ୍; ୧ମା. ୧ବ.)—
Ushṇiśadhāri ପଗଡ଼ି ପିନ୍ଧିଥିବା; ମୁକୁଟଧାରୀ—
Wearing a helmet or pugree.

ଉଷ୍ମ—ସଂ. ବି. (ଉଷ ଧାତୁ = ଦାହ କରିବା + ମ)—୧ । ଗ୍ରୀଷ୍ମକାଳ—
Ushma 1 Summer.
୨ । ତାପ; ଉତ୍ତାପ; ଉଷ୍ମ— 2. Heat; warmth.
୩ । ଶିଦ୍ଧତା; ପ୍ରଖରତା—3. Ardour.
୪ । କ୍ରୋଧ — 4. Rage; anger.
୫ । ଉଷ୍ମବର୍ଣ୍ଣ (ଶ, ଷ, ସ, ହ)—5. The betters Śa, Ś, Sh, S and H which are uttered by the breath only; the aspirates.
୬ । ବାଷ୍ପ; ଭାପ—6. Steam; vapour.
୭ । ନିଃଶ୍ୱାସ—7. Breath; respiration.
ଦେ. ବିଣ—କ୍ରୁଦ୍ଧ—Angry; passionate.

ସେ କାଳରେ ଭୀଷ୍ମ ଯୁଦ୍ଧରେ ଉଷ୍ମ ହେଲେ;
ପାଣ୍ଡବଙ୍କ ସୈନ୍ୟ ନାଶରେ ମନ ଦେଲେ । କୃଷ୍ଣସିଂହ- ମହାଭାରତ- ଭୀଷ୍ମ ।

ଉଷ୍ମକ—ସଂ. ବି. (ଉଷ୍ମ = ତାପ + କ)—ଗ୍ରୀଷ୍ମକାଳ; ନିଦାଘ—
Ushmaka Summer.

ଉଷ୍ମନ୍—ସଂ. ବି. (ଉଷ = ତାପ + ମନ୍)—ଉଷ୍ମ (ଦେଖ)
Ushman Ushma (See)

ଉଷ୍ମବର୍ଣ୍ଣ—ସ. ବି, ( ବ୍ୟାକରଣ ) ( ମଧ୍ୟପଦଲୋପୀ ) —ଯେଉଁ ବର୍ଣ୍ଣମାନ
Ushmabarṇṇa ଉଚ୍ଚାରଣ କରିବା ବେଳେ ନିଶ୍ୱାସ ଲାଗେ—
( ଯଥା—ଶ, ଷ, ସ, ହ )
Hard aspirates.

ଉଷ୍ମା—ସଂ. ବି— ଉଷ୍ମ ( ଦେଖ )
Ushmā Ushma ( See )

ଉସ୍—ଦେ. ଅ—ଉଃ ( ଦେଖ )
Us Uh ( See )

ଉସ୍‌ନିଦ୍ରା—ପ୍ରାଦେ. ( ସମ୍ବଲପୁର ) ବି— ଅନିଦ୍ରା —Wakefulness.
Usnidrā ପ୍ରାଦେ. ( ସମ୍ବଲପୁର ) ବିଣ— ଉନ୍ନିଦ୍ର; ଶୋଇ ନ ଥିବା—Wakeful; watching up

ଉସତ—ଦେ. ବିଣ —ଆନନ୍ଦିତ; ହୃଷ୍ଟଚିତ୍ତ—Delighted
Usata

ଉସନା—ପ୍ରାଦେ. ( ଗଡ଼ଜାତ ) ବି. (ହି. ଅସନ)—ବିଛଣା; ଶେଜ—
Usanā Bedding.

ଉସସ୍ତ—ଗ୍ରା. ବି. ( ସଂ. ଅଶ୍ୱତ୍ଥ )—ଓସ୍ତ; ଅଶ୍ୱତ୍ଥ ଗଛ—
Usasta The religious fig tree

ଉସାଇଁବା— ଦେ. କ୍ରି. ( ସଂ. ଉଷ୍ମ )—ଉସୁନା ଚାଉଳ କରିବା ପାଇଁ
Usāiṅbā ଧାନକୁ ପାଣିରେ ଈଷତ୍ ସିଝା କରିବା—
उबालना To slightly warm paddy over fire in order to prepare parboiled rice.

ଉସାର୍— ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) ବି – ଓସାର; ପ୍ରସ୍ଥ—
Usār Freadth; width.
ପ୍ରାଦେ. ବିଣ—ଓସାରିଆ; ପ୍ରଶସ୍ତ— Wide; broad.

ଉସୁଆଁ —ଦେ. ବି—ଉସୁନା ଚାଉଳ କରିବା ପାଇଁ ଧାନକୁ ପାଣିରେ
Usuāṅ ଅର୍ଦ୍ଧସିଦ୍ଧ କରିବା— To half boil paddy for preparing rice with it
ଦେ. ବିଣ— ୧ । ଉସୁନା ଚାଉଳ କୁଟାଯିବା ନିମନ୍ତେ ଜଳରେ ଅର୍ଦ୍ଧସିଦ୍ଧ ହୋଇଥିବା ( ଧାନ )—
1. Par-boiled ( paddy )
୨ । ଜଳରେ ନାମ ମାତ୍ର ସିଦ୍ଧ ହୋଇଥିବା ( ଶସ୍ୟାଦି )—
2. Half boiled grains )

ଉସୁଆଁ ହାଣ୍ଡି —ଦେ. ବି—ଉସୁନା ହାଣ୍ଡି ( ଦେଖ )
Usuāṅ hāṇḍi Usunā hāṇḍi ( See )

ଉସୁକାଇବା— ଗ୍ରା. କ୍ରି—ଉସ୍କାଇବା ( ଦେଖ )
Usukāibā Uskāibā See )

ଉସୁକା ଉସୁକି – ଗ୍ରା. ବି—ଉସ୍କାଉସ୍କି ( ଦେଖ )
Usukā usuki Uskāuski ( See )

ଉସୁକେଇବା— ଗ୍ରା. କ୍ରି—ଉସ୍କାଇବା ( ଦେଖ )
Usukeibā Uskāibā ( See )

ଉସୁନା—ଦେ. ବିଣ— ୧ । ଉସୁଆଁ ହୋଇଥିବା ( ଧାନ )
Usunā 1. Half-boiled ( paddy )
उसना ୨ । ଉସୁଆଁ ଧାନରୁ ପ୍ରସ୍ତୁତ ହୋଇଥିବା
(ଅରୁଆ—ବିପରୀତ) ( ଚାଉଳ; ଚୂଡ଼ା ଆଦି )
2. Prepared from half-boiled paddy ( e g rice; churḏā etc )
ଦେ. ବି— ଉସୁଆଁ ଧାନରୁ ପ୍ରସ୍ତୁତ ଚାଉଳ ଚୂଡ଼ା—
Rice or churḏā prepared from parboiled paddy

ମନ୍ଦିରରେ ଉସୁନା କୁଅନ୍ତି ନାହିଁ । ଫକୀରମୋହନ- ଛମାଣଆଠଗୁଣ୍ଠ ।

ଉସୁନାଓଳି—ଦେ. ବି—ଚାଳଘରର ମଥାନ ଠାରୁ ଓଳିଲ ପର୍ଯ୍ୟନ୍ତ ଢାଲୁ ଭାଗ— The sloping side of a thatched roof.
Usunāoḷi

| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଜ | ଷ,ଖ | ଛ | ଚ୍ଛ | ଢ଼ | ଘ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଘ | ଞ୍ଚ | ଓ | କ୍ଷ |

ଉସୁନା ଧାନରୁ ଗଜା ବାହାରିବା ( ନାସ୍ତ )—ଦେ —ଧାନ ଉସୁଆଁ ହୋଇଗଲା ପରେ ତାକୁ ବୁଣିଲେ ତହିଁରୁ ଗଜା ବାହାରିବା ଅସମ୍ଭବ; ତେଣୁ କୌଣସି ଅସମ୍ଭବ ବିଷୟ ସମ୍ଭବ ହେଲେ ଏହା କୋଲା ଯାଏ
Usunā dhānaru gaja bāhāriba —A saying applied to a physically impossible thing.

ଉସୁନାହାଣ୍ଡି—ଦେ. ବି—ଯେଉଁ ହାଣ୍ଡିରେ ଧାନ ଉସୁଆଁ ଯାଏ—
Usunāhandi The earthen pot in which paddy is half boiled

ଉସୁମୁଲିଆ—ଦେ. ବିଣ. ( ସଂ. ଉଷ୍ମ )—୧ । ପଚା ( ଗନ୍ଧ )—
Usumulia 1. Rotten ( smell )
सड़ा ୨ । ପଚି ଯାଇ ଥିବା—2. Rotten.
सड़ा ୩ । ସଢ଼ା ବା ବାସି ପଦାର୍ଥର ଗନ୍ଧବିଶିଷ୍ଟ—3. With an offensive smell as of rotten things.

ଉସୁରୁ—ପ୍ରାଦେ. ( ଗଞ୍ଜାମ ) ବି—୧ । ଅଭିଶାପ—1 Curse.
Usuru ୨ । ପରର ଅମଙ୍ଗଳବାଦନ—2. Imprecation.

ଉସୁଲ୍ (ଇତ୍ୟାଦି) – ବୈଦେ. ବି ( ଆ. ଓସୁଲ୍ ) —
Usul (etc) ଅସୁଲ ଇତ୍ୟାଦି ( ଦେଖ )
Asula etc ( See )

ଉସେଇଁବା—ଦେ. କି—ଉସାଇଁବା ( ଦେଖ )
Useiñbā Usāiñbā ( See )

ଉସ୍କାଇବା—ଦେ. କି. ( ସଂ. ଉତ୍ସୁକ; ସଂ. ଉଷ୍କାସନ=ପ୍ରେମାଗ୍ନି )—
Uskāibā ୧ । ଉତ୍ତେଜିତ କରିବା; ମତାଇବା—
उसकाना 1. To excite; to instigate.
उस्काना; उस्तान ୨ । ଉତ୍ସାହିତ କରିବା—
2. To encourage.
୩ । ପ୍ରବର୍ତ୍ତାଇବା—3. To induce
୪ । କୌଣସି କଥାକୁ ଇସାରା ଦ୍ୱାରା ପ୍ରଥମେ ଉତ୍ଥାପନ କରିବା —4. To raise a question by giving a hint; to hint.
୫ । ଭୁକ କର କାନରେ କହିଦେବା—
5. To whisper; to say something whisperingly.
୬ । ( ଶସ୍ୟ ) ଉପାଡ଼ିବା—6. To uproot ( corn ).

ଉସ୍କାଉସ୍କି—ଦେ. ବି—ନାନାପ୍ରକାରରେ ଉତ୍ତେଜନା—
Uskāuski Inducements in various ways
उस्काउस्कि
उस्काउस्कि

ଉସ୍କେଇବା – ଦେ. କି —ଉସ୍କାଇବା ( ଦେଖ )
Uskeibā Uskāibā ( See )

ଉସ୍ତ—ପ୍ରା. ବି. ( ସଂ. ଅଶ୍ୱତ୍ଥ )—୧ । ଓସ୍ତ; ଅଶ୍ୱତ୍ଥବୃକ୍ଷ—
Usta 1. The peepal tree.
୨ । ହେଲା; ଅବହେଲା—
2. Neglect; negligence.

ଉସ୍ତବକା—ଦେ. ବିଣ—କଡ଼ାନ୍ତ ଓଲୁ ; ଅତି ନିର୍ବୁଦ୍ଧି—
Ustabakā Foolish; idiotic.
আস্তবোকা
अनाड़ी

ଉସ୍ତାତ୍—ବୈଦେ. ବି. ( ଆ. ଓସ୍ତାଦ୍ )—ଓସ୍ତାତ୍ ( ଦେଖ )
Ustāt Ostāt ( See )

ଉସ୍ତାତି ( ଇତ୍ୟାଦି )—ବୈଦେ. ବି. ଓ ବିଣ – ( ଆ. ଓସ୍ତାଦୀ )—
Ustāti ( etc ) ଓସ୍ତାତି ଇତ୍ୟାଦି ( ଦେଖ )
Ostāti etc ( See )

ଉସ୍ତାଦ୍ (ଇତ୍ୟାଦି )—ବୈଦେ – ଓସ୍ତାତ୍ ଇତ୍ୟାଦି (ଦେଖ )
Ustād (etc) Ostāt etc. ( See)

ଉସ୍ତାର୍ – ପ୍ରାଦେ. (ସମ୍ବଲପୁର) ବି—ଭିଡ଼; ଫୁରୁସତ୍; ସମୟ; ବେଳ—
Ustār Leisure; time.

ଉସ୍ମାନ୍ – ବୈଦେ. ବି. ( ଆ. ଅସ୍ମାନ୍ )—ଅସ୍ମାନ୍ ( ଦେଖ )
Usmān Asmān ( See )

ଉସ୍ମାନି – ଦେ. ବିଣ—ଅସ୍ମାନି ( ଦେଖ )
Usmāni Asmāni ( See )

ଉସ୍ମାନିଆଁ —ଦେ. ବିଣ—ଅସ୍ମାନି (ଦେଖ)
Usmāniañ Asmāni ( See )
ଦେ. କି. ବିଣ—ଅକାରଣରେ; ବୃଥାରେ—In vain.

ଉସ୍ର ସଂ. ବି. ପୁଂ. ( ବସ ଧାତୁ=ବାସ କରିବା+ର: ନିପାତନ )—
Usra ୧ । କିରଣ—1. Rays.
୨ । ଆଲୋକ—2. Light.
୩ । ବୃଷ; ଷଣ୍ଢ—3. Bull.

ଉସ୍ରା —ସଂ. ବି. ସ୍ତ୍ରୀ. ( ଉସ୍ର+ସ୍ତ୍ରୀ. ଆ )—ଗାଈ; ଧେନୁ; ଗାଭୀ—
Usrā Cow.

ଉହୁଲିବା—ପ୍ରାଦେ. ( ସମ୍ବଲପୁର ) କି. ( ସଂ. ବହ୍ ଧାତୁ )—
Uhlibā ୧ । ( ତରଳ ପଦାର୍ଥ ) ତଳକୁ ବହିଯିବା—
1. To flow down ( said of liquids ).
ଲେଉଟୁଣୁ ବହୁଣୀକୁ ଉହୁଲି ଗଲା—ଉଗ ।
୨ । ନଦୀରେ ଭାସିଯିବା—2 To float away in the river; to drift away.

ଊହା—ଦେ. ବି. ( ସଂ. ଊହା )—୧ । ଅନୁମାନ; ବିଚାର; ତର୍କଣା—
Uha 1. Guess; contemplation.
୨ । ମୃତ୍ପାତ୍ରବିଶେଷ—
पयान; পোয়ান 2. An earthen pot.
ঝাঁকা ୩ । କମାରର ଚୁଲି—3. Blacksmith's furnace.
উখো ୪ । କୁମ୍ଭାରର ଚୁଲ୍ଲୀ—4. Potter's oven.
रेती ୫ । ଲୁହା ଘଷିବାର ଯନ୍ତ୍ରବିଶେଷ—5 A file; rasp.

ସାଧାରଣ ରେଟେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନ ବୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିଲେ ଯେବେ ଏ କୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ପଛରେ ଉକ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— ଗାଣ୍ଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଶ' ନ ପାଇଲେ 'ବଂଶ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୬ । (ସଂ. ଅବକ)—ଜ୍ୱରଜନ୍ୟ ନାସାମଧ୍ୟସ୍ଥ ବ୍ରଣବିଶେଷ—
6. Polypus or tumour inside the nostrils; a glandular swelling in the nostrils due to fever; inflammation of the schneiderian membrane of the nose.

୭ । ଧାତୁ ଆଦି ଅଉଟିବା ପାତ୍ର; ମୋଉ—
7. Crucible.

ପ୍ରାଦେ. ( ଗଡ଼ଜାତ ) ବି.—ମଦଭାଟି—Distillary

**ଉହାଏତ୍** - ପ୍ରାଦେ. ( ସମ୍ବଲପୁର ) ବିଣ—ବୃଥା; ପଣ୍ଡ—
**Uhāet** Fruitless; vain.
( ଯଥା—ଉହାଏତ୍ ଆଶା=ଦୁରାଶା—Vain hope
ଉହାଏତ୍ ମେହେନତ୍=ପଣ୍ଡଶ୍ରମ—Fruitless labours)
କ୍ରି. ବିଣ—ବୃଥାରେ—Fruitlessly; in vain

**ଉହାଜର** – ଦେ. ବି (ସଂ ଅବକ ଜ୍ୱର)—ଏକାହିକ କମ୍ପଜ୍ୱରବିଶେଷ;
**Uhājara** ଏଥିରେ ନାକପୁଡ଼ା ମଧ୍ୟରେ ଗୋଟିଏ ଫୁଲା ହୁଏ ଓ ସେ ଫୁଲାକୁ କଣ୍ଟାରେ ଫୁଟାଇ ରକ୍ତସ୍ରାବ କରାଇଲେ ଏ ଜର ଛାଡ଼ିଯାଏ—A kind of ague; fever.

**ଉହାଡ଼**—ଦେ. ବି. ( ସଂ. ଅନ୍ତରାଳ; ଆଚ୍ଛାଦନ; ଆବରଣ )—
**Uhārḍa** ୧ । ସନ୍ଧି; ବ୍ୟବଧାନ—
আড়াল 1. Intervening space.
আড় ୨ । ଅନ୍ତରାଳ; ପଶ୍ଚାଦ୍ଭାଗ—
2. Back position; hind part; back ground.

ଏଥି ଉତ୍ତାରେ ଚନ୍ଦ୍ର ସୂର୍ଯ୍ୟ ମେରୁ ଉହାଡ଼େ ଲୁଚ ଦେଲେ ।
ଯଶୋବନ୍ତ, ପ୍ରେମଭକ୍ତିବ୍ରହ୍ମଗୀତା ।

୩ । କଡ଼ଭାଗ—
3. Sideward position; lateral position.
୪ । ଖୋଳ; ଖାପ—4. Sheath; case.
୫ । ଆଚ୍ଛାଦନ; ଆବରଣ—5. Covering; a cover.
୬ । ବାଘ ଆଦି ଶିକାର କରିବା ବ୍ୟକ୍ତି ଲୁଚି ରହି ଜଗିବା ପାଇଁ ପ୍ରସ୍ତୁତ କରି ଯାଇଥିବା ମଞ୍ଚା ବା ଛାୟା—
6. A machan; a shade in which a hunter lies in ambush.
୭ । ଆଶ୍ରୟ—7. Shelter; protection.
୮ । ଘରମଧ୍ୟସ୍ଥ ଏକପ୍ରକାର କାନ୍ଥମୁଣ୍ଡି ବା ଅଧାକାନ୍ଥ ଯାହା ଥିବାରୁ ବାହାରରେ ଠିଆ ହୋଇ ଥିବା ଲୋକକୁ ଘର ଭିତରର ସବୁ ପଦାର୍ଥ ଦିଶେ ନାହିଁ; ଅଡ଼ମୁହାଁ—
8. A kind of contrivance or wall inside the house which prevents an outsider from prying into the room
୯ । ଛାୟା—9. Shade
୧୦ । ପର୍ଦ୍ଦା; ଅଡ଼୍ଆଳ—10. Partition; screne.
୧୧ । ପାଲିଙ୍କି ଉପରେ ପଡ଼ିଥିବା ଆବରଣ ବସ୍ତ୍ର; ଘଟାଟୋପ—
11. A covering for a palky.

ତମ୍ବୁରୁ ନ ଯାକ ପାଲିଙ୍କିରେ ନେଇ
ବସାଇଲେ ସେ କନ୍ୟା ଉହାଡ଼ ପକାଇ । କୃଷ୍ଣସିଂହ. ମହାଭାରତ. ବନ ।

୧୨ । ତକିଆ ବା ଶେଯର ଖୋଳ—
12. A case for a pillow or quilt.
୧୩ । ଅଚ୍ଛନ୍ନ କରିବା; ଘୋଡ଼ାଇବା—
13. Over shadowing.
୧୪ । (ଲକ୍ଷଣାର୍ଥ) ବିପଦରୁ ଆଶ୍ରୟ ଦେବା—
14. Sheltering from a calamity.
୧୫ । ଶସ୍ତ୍ର ଆଦିର ଆଘାତରୁ ରକ୍ଷା କରିବା ପାଇଁ ଢାଲ ଆଦି ପକାଇବା—15. Holding a shield over a person to ward off a blow.
(ଯଥା—ତା ଉପରେ ବସ୍ତ୍ରକର ଚକ ଉହାଡ଼ ହେଲା ।)
ଦେ. ବିଣ—୧ । ଆଚ୍ଛାଦିତ; ଆବୃତ; ଘୋଡ଼ିଆ ହୋଇଥିବା—
1. Covered; screned; over-shaddowed.

ମାତେ କିଣ୍ଡ ଦେବକୁ କର ସେ ଉହାଡ଼ । କୃଷ୍ଣସିଂହ. ମହାଭାରତ. ବନ ।

୨ । କଡ଼ଭାଗରେ ସ୍ଥିତ—
2. Placed sidewise; lateral.
୩ । ଆଶ୍ରୟପ୍ରାପ୍ତ—3. Sheltered

**ଉହାଡ଼ିବା**—ଦେ. କ୍ରି. ( ସଂ. ଆବରଣ )—
**Uhārḍibā** ୧ । ଅଡ଼ କରିବା ( ଦେଖ )
আড়করা 1. Ārḍakaribā ( See )
আড়করনা ୨ । ଅଡ଼ କରିବା—2. To bring to one side, to bend to one side.
୩ । କଡ଼ଭାଗରେ ଥୋଇବା—3. To hold sideways.
୪ । ଘୋଡ଼ାଇବା; ଢାଙ୍କିବା; ଅଚ୍ଛନ୍ନ କରିବା—
4. To cover; to overshaddow.

ପୃଷ୍ଠ ପରେ କୃଷ୍ଣବର୍ଣ୍ଣ ଗ୍ରନ୍ଥିଗୁଡ଼ିକ ପକ୍ଷୀ ଉହାଡ଼ନ୍ତି ଦୃଶ୍ୟ ।
ପ୍ରାଚୀ, ଋତୁସଂହାର ।

୫ । ଆଶ୍ରୟ ଦେବା—
5. To give shelter; to protect.
୬ । କାଢ଼ିନେବା; ଦୂର କରିବା—6. To remove.

ବ୍ରହ୍ମଙ୍କୁ କୃଷ୍ଣ ଦୂର କଲେ
ମାୟାପଟଳ ଉହାଡ଼ିଲେ । ଭାଗବତ. ୧୦ମ. ଗୋପ ।

୭ । ଶସ୍ତ୍ରାଦିର ଆଘାତରୁ କୌଣସି ବ୍ୟକ୍ତିକୁ ରକ୍ଷା କରିବା-ପାଇଁ ଢାଲ ବା ଚକଆଦି ଦେଖାଇବା; ଅଡ଼ିବା—
To hold a shield over a person to ward off a blow.

**ଉହାତ୍**—ପ୍ରାଦେ. (ସମ୍ବଲପୁର) ବିଣ ଓ କ୍ରି. ବିଣ—ଉହାଏତ୍ ( ଦେଖ )
**Uhāt** Uhāet ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଷ,ଶ | ଙ୍କ | ଇଙ୍ଗ | ଞ୍ଚ | ଛ |
| ୨ | ଈ | ଜ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ଷ | ଙ୍ଗ୍ୟ | ଇଅ | ଞ | ନୃ |

ଉହାତି—ପ୍ରାଦେ. ( ସମ୍ବଲପୁର ) ବିଣ. ସ୍ତ୍ରୀ—ଅହୁଅ; ଯେଉଁ ସ୍ତ୍ରୀର
Uhāti ସ୍ୱାମୀ ବଞ୍ଚିଥାଏ. ଜୀବତ୍‌ଭର୍ତ୍ତୃକା—
(woman) Having her husband alive.

ଉହାରିବା—ଦେ. କ୍ରି—ଅସ୍ତ୍ର ଉଠାଇବା—
Uhāribā To lift a weapon for striking.

ଉହାଶାଳ—ଦେ. ବି—୧ । କୁମ୍ଭାରର ହାଣ୍ଡି ପୋଡ଼ିବା ଘର—
Uhāśāla 1. The house containing the potter's oven.
୨ । କମାରଶାଳ—2. Smithy; a blacksmith's workshop.

ଉହିବା—ଦେ. କ୍ରି. ( ସଂ. ଊହ ଧାତୁ )—
Uhibā ତର୍କିବା; ଅନୁମାନ କରିବା; ଅଟକଳ କରିବା—
उहा To guess
अटकल करना

ଉହୁ—ଦେ. ଅ—କ୍ଳେଶ ଓ ଦୁଃଖସୂଚକ—ଆଃ; ଉଃ—
Uhu (interjection indicating pain; sorrow)
उः Alas! Oh!
आह

ଉହୁଁ—ଦେ. ଅ—ନାଁ; ନିଷେଧାର୍ଥକ—(interjection indicating prohibition or refusal)—No.
Uhuñ
नाँ ହରିଲ ବସନ ଯହୁଁ, ହରି ବାଳେ ଉହୁଁ ଉହୁଁ
नहिं କବିସୂର୍ଯ୍ୟ. ରତ୍ନାକର ଚମ୍ପୂ, ହ. ଗୀତ ।

ଉହୁଙ୍କା—ଦେ. ବି. ( ସଂ. ହୁଙ୍କାର )—( ମାଙ୍କଡ଼ମାନେ ଏକ ଗଛରୁ
Uhuṅkā ଅନ୍ୟ ଗଛକୁ ଡେଇଁଲା ବେଳେ ହୁଁ ଶବ୍ଦ ଉଚ୍ଚାରଣ କରନ୍ତି;
लम्फझम्प ସେହି ହେତୁରୁ )—ଉପରକୁ ଲମ୍ଫ ଦେବା; ବଳପୂର୍ବକ
फलांग କୁଦିବା—To spring up; to bound forward.

ଉହୁଙ୍କାର—ଦେ. ବି—୧ । ମନାକରିବା—
Uhuṅkāra 1. Refusal; disapproval
୨ । ଉହୁଁ କରିବା; ନିଷେଧ—2 Prohibiting.

ଉହୁଙ୍କିବା—ଦେ. କ୍ରି. (ସଂ. ହୁଙ୍କାର)—୧ । ଉପରକୁ ଲମ୍ଫ ଦେବା—
Uhuṅkibā 1. To spring upwards.
डगा ୨ । ଆକ୍ରମଣ କରିବାକୁ ମୁସ୍ତେଇ ହେବା; ମାରିବାକୁ
उचकना; उगना ଉଠେଇବା—2. To spring up or bound up for attacking.

ଉହୁଙ୍କି ଚିଙ୍କୁଳି ଦେଇ ଚିଳଣ । ସଧାନାଥ. ଚନ୍ଦ୍ରଭାଗା ।

ଉହୁଟି—ପ୍ରାଦେ. ( ସମ୍ବଲପୁର ) ବି—ବିଅର—
Uhuṭi Field; plot of land.
( ଯଥା—ବଡ଼ ଉହୁଟି; ସାନ ଉହୁଟି )

ଉହୁଲେନ୍ ଭୁଇଁ - ପ୍ରାଦେ. ( ସମ୍ବଲପୁର ) ବି—୧ । ଅବବାହିକା—
Uhulon bhuiñ 1. Watershed.
୨ । ଯେଉଁ ସ୍ଥାନକୁ ପାଣି ଗଡ଼ିଯାଏ—2 Slope.

ଉ୍ୱ—ଦେ. ବି—ଅବର୍ଗ୍ୟ 'ୱ' କୁ ଲେଖିବାର ଅଶୁଦ୍ଧ ପ୍ରକାରବିଶେଷ—
Uwa A wrong mode of writing 'Wa'.
[ ୱ—ସ୍ୱରବର୍ଣ୍ଣରେ ମାତ୍ରା ଯୋଗ କରିବା ବ୍ୟାକରଣନିୟମ ବିରୁଦ୍ଧ ଥିବାରୁ 'ୱ' କୁ କେହି କେହି ଉଅରୂପେ ମଧ୍ୟ ଲେଖନ୍ତି । ]

ଉହ୍ମାଇ—ଦେ. ବି—୧ । ଉମ୍ଭାଇ ( ଦେଖ )
Uhmāi 1. Umbhāi ( See )
୨ । ( ବଣିଆ ଶବ୍ଦ ) ଭଙ୍ଗା ମାଠିଆ ବା ହାଣ୍ଡିର ଯେଉଁ ଖପରରେ ବଣିଆମାନେ କାଠକୋଇଲା ଜଳାଇ କାମ କରନ୍ତି—2. Goldsmith's oven.

ଉହ୍ମେଇ—ଦେ. ବି—ଉହ୍ମାଇ ( ଦେଖ )
Uhmei Uhmāi ( See ).

ଉହ୍ୟମାନ—ସଂ. ବିଣ. ( ବହ ଧାତୁ+ମାନ. ଶାନଚ୍ )—
Uhyamāna ୧ । ଆକୃଷ୍ୟମାନ—
1. Being attracted or held up.
୨ । ବାହ୍ୟମାନ—2. Being borne or carried.

ଉହ୍ଲାଇବା—ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) କ୍ରି—ଓହ୍ଲାଇବା;
Uhlāibā ଅବତରଣ କରିବା—To descend; to alight.

ଉହ୍ଲିବା—ପ୍ରାଦେ. ( ଗଞ୍ଜାମ ) କ୍ରି—ଉହ୍ଲାଇବା ( ଦେଖ )
Uhlibā Uhlāibā ( See ).

ଉହ୍ଲେଇବା—ପ୍ରାଦେ. ( ସମ୍ବଲପୁର; ବାଲେଶ୍ୱର ) କ୍ରି—
Uhleibā ଉହ୍ଲାଇବା ( ଦେଖ )
Uhlāibā ( See )

---

## ଊ

ଊ—ସଂସ୍କୃତ ଓ ଓଡ଼ିଆ ଭାଷାର ୬ଷ୍ଠ ସ୍ୱର ବର୍ଣ୍ଣ—ଦୀର୍ଘ ଉ; ଏହାର
Ū ଉଚ୍ଚାରଣ ସ୍ଥାନ ଓଷ୍ଠ—The 6th vowel of Sanskrit and Orḍiā alphabet representing the long 'Ū' or 'Oo' sound. It is latral.
ସଂ. ବି. ( ଅବ ଧାତୁ=ଗମନ କରିବା+ଊ )—
୧ । ଚନ୍ଦ୍ର—1. The moon.
୨ । ମହାଦେବ—2. God Śiba.
୩ । ଦୟା—3. Kindness.
୪ । ରକ୍ଷାକର୍ତ୍ତା—4 Saviour; protector.
୫ । ରକ୍ଷା—5. Protection.

> ସାଧାରଣ ଯେବେ ଏପର ସୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ପାଠକମାନେ ଚହ୍ନିତ ଏହାର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—
> 'ଘାଉ' ନ ମିଳଲେ 'ଘାଈ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଦେ. ଅ—ସମ୍ବୋଧନ; ନିମ୍ନଲିଖିତ ଅର୍ଥମାନଙ୍କରେ ବ୍ୟବହୃତ:—
Interjection uttered in—
୧ । ଦୂରସ୍ଥ ବ୍ୟକ୍ତି ଡାକଲେ ଉତ୍ତର ଦେବା 'ଓ'—
1. Reply to a man calling at a distance.
୨ । ହଠାତ୍ ଭୟ—2. Sudden fear
୩ । ଆଶ୍ଚର୍ଯ୍ୟ—3 Wonder.
୪ । ବିରକ୍ତି—4. Displeasure.
୫ । ହଠାତ୍ କ୍ଳେଶ—5. Sudden pain.
୬ । ଶିଶୁଙ୍କୁ ନିଆଁ, ବିଛା ଆଦି ଦେଖାଇ ଭୟ ଦେଖାଇବାରେ ବ୍ୟବହୃତ—6. Frightening children by showing some frightful objects (e. g. fire, centiped etc )

ଊକ—ସଂ. ପ୍ରତ୍ୟୟ—କ୍ରିୟାରେ ଯୁକ୍ତ ହେଲେ ବିଶେଷଣ ହୁଏ ଏବ କରିବା ଅର୍ଥ ବୁଝାଏ ( ଯଥା—ଭାବୁକ )—
Ūka
A suffix forming adjectives from verbs and indicating doing.

ଊକାର—ବି—୧ । ଊ ବର୍ଣ୍ଣ—
Ūkāra 1. The letter Ū.
୨ । ବ୍ୟଞ୍ଜନବର୍ଣ୍ଣର ତଳରେ ଦିଆ ଯିବା ଊ ମାତ୍ରା ' ୂ '—
2. The sign 'Ū' written below a consonant to which this vowel is added.
[ ଦ୍ର—ଗ୍ରାମ୍ୟଲୋକେ ଏ ମାତ୍ରାକୁ ଅବଧାନମାନେ 'ବ ପୁଞ୍ଛିଆ' କହନ୍ତି । ]

ଊଚୁଃ—ସଂ. କ୍ରି [ ସଂ. 'ବ୍ରୂ' ଧାତୁର ଅତୀତକାଳ ( ଲିଟ୍‌ଲକାର ) ପ୍ରଥମ ପୁରୁଷ ( ଓଡ଼ିଆରେ ତୃତୀୟ ପୁରୁଷ ) ବହୁବଚନ ରୂପ; ଓଡ଼ିଆ ପୁରାଣମାନଙ୍କରେ ବ୍ୟବହୃତ ]—
Ūchuḥ
( ସେମାନେ ) କହିଲେ ବା କହିଥିଲେ—
The Sanskrit form of (they) said

[ ଦ୍ର—ଏଥିର ଏକ ବଚନ 'ଉବାଚ' ଦ୍ବିବଚନ ଊଚତୁ; ପୁରାଣମାନଙ୍କ ଓଡ଼ିଆ ଅନୁବାଦରେ ମୂଳ ସଂସ୍କୃତରେ ଥିବା 'ଦେବା ଊଚୁଃ' ( =ଦେବତାମାନେ କହିଲେ ) ର ଓଡ଼ିଆ ଭାଷାରେ ଅନୁବାଦ କରି ନ ଯାଇ ସଂସ୍କୃତ ଆକାର ଅବିକଳ ରଖାଯାଏ । ]

ଊଢ଼—ସଂ. ବିଣ. ପୁଂ ( ବହ ଧାତୁ=ବହନ କରିବା+ତ )—
Ūrḍha ୧ । ବାହ୍ୟମାନ; ବହମାନ—1. Borne
(ଊଢ଼ା—ସ୍ତ୍ରୀ) ୨ । ବିବାହିତ—2. Married
୩ । ନବୋଢ଼—3. Newly married.
୪ । ଧୃତ—4. Held; carried.
୫ । ଅଙ୍ଗୀକୃତ—5. Agreed; acknowledged.
୬ । ପିନ୍ଧାଯିବା; ପରିହିତ—6 Worn; put on.

ଊଢ଼ି—ସଂ. ବି ( ବହ ଧାତୁ+ଭାବ+ତି )—
Ūrḍhi ୧ । ବହନ—1 Carrying.
୨ । ବିବାହ—2. Marriage.

ଊଣା—ଦେ. ବିଣ. ( ସଂ. ଊନ )—
Ūṇa ୧ । ଅଳ୍ପ; କମ୍—1 Less; deficient.
कम
ମୋହଠାରୁ ବୁଦ୍ଧି ନ କରୁ କହ ଊଣା । କୃଷ୍ଣସିଂହ, ମହାଭାରତ, ବନ ।
उन, उना ୨ । କ୍ଷୁଦ୍ରତର—2. Smaller.
୩ । ଆରୋଗ୍ୟପ୍ରାପ୍ତ; ରୋଗ କମିଥିବା (ଶରୀର)—
3. Cured; recovered
୪ । କମିଥିବା—4. Lessened
୫ । ନୀଚ; ତୁଚ୍ଛ; ସାମାନ୍ୟ—5. Low; insignificant. slight, mean; negligible.
କରୁ ତ ଅଳ ଊଣା ସେବକୁ ଦେଖି ପୂଜା । କୃଷ୍ଣସିଂହ, ମହାଭାରତ, ବନ ।
୬ । ନିକୃଷ୍ଟ; ନ୍ୟୂନ—6. Less; inferior.
କଥର ପରୀକ୍ଷିତ ସ୍ବାମୀ
ପଥକୁଁ ଯେବେ ଊଣା ହେବ ପୁଣି । କବିସୂର୍ଯ୍ୟ, କବିତା ।
୭ । ଲଜ୍ଜା ଜନକ—7. Shameful.
୮ । ଦୁର୍ବଳ—8. Weak
୯ । ଅପମାନଯୁକ୍ତ; ବିରକ୍ତ—9. Displeased.
ଦେ. ବି—୧ । ଲଜ୍ଜା—1. Shame.
୨ । କ୍ଷୋଭସ୍ଥାନ—2. Loss,
୩ । ନାଅଣ୍ଟ ହେବା—3 Deficiency.
୪ । ତୁଳନାରେ ନିକୃଷ୍ଟତା—
4. Inferiority in comparison.
ବଡ଼ ଲୋକ ଭଜ ଅଳ୍ପ ଭକ୍ତର ପୁରେ
କାର୍ଯ୍ୟ କରୁ ଦେବା ଏହା ଊଣା ତା' ଶିରେ । ଉପେ, ବୈଦେହୀଶବିଳାସ ।

ଊଣାକୁଳ—ଦେ. ବି. ( ସଂ. ଊନ+କୁଳ )—ନୀଚଜାତି ବା କୁଳ—
Ūṇākuḷa Low family.
ଜିଅବୁ ଊଣାକୁଳେ ନ ଦେବ ଯେ ମୁହିଁ—କୃଷ୍ଣସିଂହ, ମହାଭାରତ, ଆଦି ।

ଊତ—ସଂ. ବିଣ. ( ବେ ଧାତୁ=ବୁଣିବା+କର୍ମ ତ )—
Ūta ୧ । ବୁଣା ହୋଇଥିବା—1 Woven
୨ । ଗ୍ରଥିତ; ଗୁନ୍ଥା ହୋଇଥିବା—
2 Strung; threaded
୩ । ସ୍ୟୂତ; ସିଆଁ ହୋଇଥିବା—3. Sewn.

ଊତପ୍ରୋତ—ସଂ. ବି. ( ଊତ+ପ୍ରୋତ )—
Ūtaprota ୧ । ନୀବିଡ଼ରୂପେ ବୁଣା ହୋଇଥିବା—
1. Densely or well woven
୨ । ଛନ୍ଦାଛନ୍ଦି—2 Entangled.

ଊତି—ସଂ. ବି. ( ବେ ଧାତୁ=ବୁଣିବା+ଭାବ. ତି )—
Ūti ୧ । ବୁଣା ହେବା—1 Weaving.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ଚ | କ୍ଷ | ଐ | ଔ | ଙ |
| ୨ | ଈ | ଊ | ଋୂ | ଲୃ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ୟ | ଇଅ | ୱ | ନୃ |

୨ । ଗୁନ୍ଥା ହେବା—2. Stringing.
୩ । ସିଲାଇ ହେବା—3. Sewing.
୪ । କର୍ମବାସନା—4. Desire; a will for action.

ମନନ୍ତର ଯେ ମନୁ ଧର୍ମ, କର୍ମବାସନା 'ଉତ' ନାମ ।
ଜଗନ୍ନାଥ. ଭାଗବତ ।

ଊଧଃ—ସଂ ବ. (ବହ ଧାତୁ=ବହନ କରିବା+କର୍ତ୍ତୃ. ଅସ୍; ନିପାତନ)—
Ūdhah ପଶୁସ୍ତନ; ପହ୍ନା—Udder.

ଊଧସ—ସଂ. ବ—ଊଧଃ ( ଦେଖ )
Ūdhas Ūdhah ( See )

ଊନ ( ଧାତୁ )—ସଂ—କମାଇବା; କମ୍ କରିବା—
Ūn (root ) To lessen.

ଊନ—ସଂ. ବଣ. ( ଊନ ଧାତୁ=କମାଇବା+କର୍ମ. ଅ )—
Ūna ୧ । ନିକୃଷ୍ଟ; ନ୍ୟୂନ; ହୀନ; ଊଣା—
1. Less; deficient; inferior.
୨ । କ୍ଷୁଦ୍ରତର—2. Smaller.
୩ । ଅସମ୍ପୂର୍ଣ୍ଣ—3. Incomplete.
୪ । ଦୁର୍ବଳ—4. Weak

ଊନଚତ୍ୱାରିଂଶତ୍—ସଂ. ବ. ଓ ବଣ. ( ସଂଖ୍ୟାବାଚକ )—ଚାଳିଶରୁ
Ūnachatwārimśat ଏକ କମ୍; ଅଣଚାଳିଶ—
Thirty-nine.

ଊନଚାଳିଶ—ଦେ. ବ ଓ ବଣ—ଅଣଚାଳିଶ—
Ūnachālisa The number thirty-nine.

ଊନଚାଳିଶେ ଗୁଣ ହୁଏ । ଭକ୍ତର ଅଟନ୍ତି ସୁହୃଦ—
ପ୍ରାଚୀ. ପୂର୍ଣ୍ଣଚନ୍ଦ୍ରୋଦୟ ।

ଊଫଳା—ଦେ. ବ—ଊକାର ( ଦେଖ )
Ūphalā Ūkāra ( See )

ଊମ୍—ସଂ. ଅ. ( ଅବ ଧାତୁ=ରକ୍ଷା କରିବା+ମନ୍ )—
Ūm ନିମ୍ନଲିଖିତ ଅର୍ଥରେ ବ୍ୟବହୃତ ଧ୍ୱନି; ହୁଁ—
Interjection signifying.
୧ । ଗର୍ବ—1. Pride.
୨ । କ୍ରୋଧ—2. Anger.
୩ । ନିନ୍ଦା—3. Blame
୪ । ଭର୍ତ୍ସନା—4. Rebuke.
୫ । ପ୍ରଶ୍ନ—5. Questioning.
୭ । ଡାକବାର ଉତ୍ତର—
7. Responding to a call.

ଊରବ୍ୟ—ସଂ. ବ. ( ଊରୁ=ଜଙ୍ଘ+ଯ )—ଊରୁଜ ( ଦେଖ )
Ūrabya Ūruja ( See )

ଊରରୀ—ସଂ. ଅ—ଉରରୀ ( ଦେଖ )
Ūrarī Urarī ( See )

ଊରରୀକୃତ—ସଂ. ବଣ—ଉରରୀକୃତ ( ଦେଖ )
Ūrarīkṛuta Urarīkṛuta ( See )

ଊରୀ ( ଇତ୍ୟାଦି )—ସଂ. ଅ—ଉରରୀ ଇତ୍ୟାଦି ( ଦେଖ )
Ūrī ( etc ) Ūrarī etc ( See )

ଊରୁ—ସଂ. ବ. ( ଊର୍ଣ୍ଣୁ=ଆଚ୍ଛାଦନକରିବା+କର୍ମ. ଉ )—ଜଂଘ;
Ūru ଆଣ୍ଠୁର ଉପରସ୍ଥ ଅଂଶ—Thigh.

ଊରୁଜ—ସଂ. ବ. ( ଊରୁ=ଜଂଘ+ଜନ୍+ଅ )—ବୈଶ୍ୟ; ଯେଉଁ
Ūruja ଜାତି ବ୍ରହ୍ମାଙ୍କ ଜଂଘରୁ ଜାତ—The Baisya or
trading caste amongst the Hindus.

ଊରୁପର୍ବନ୍—ସଂ. ବ. ( ଊରୁ=ଜଂଘ+ପର୍ବନ=ଗଣ୍ଠି )—ଜାନୁ;
Ūruparban ଆଣ୍ଠୁ—Knee; knee-joint.

ଊରୁପର୍ବା—ସଂ. ବ—ଊରୁପର୍ବନ୍ ( ଦେଖ )
Ūruparbā Ūruparban ( See )

ଊରୁବୁକ—ସଂ. ବ—ଉରୁବୁକ ( ଦେଖ )
Ūrubuka Urubuka ( See )

ଊରୁବୂକ—ସଂ. ବ—ଉରୁବୁକ ( ଦେଖ )
Ūrubūka Urubuka ( See )

ଊରୁସ୍ତମ୍ଭ—ସଂ. ବ. ( ଊରୁ=ଜଂଘ+ସ୍ତମ୍ଭ=ଖୁଣ୍ଟ )—ଜଂଘା; ଜଂଘ
Ūrustambha ଉପରେ ହେବା ବ୍ରଣ—A painful and
dangerous tumour in the thigh; a
carbuncle in the thigh; paraplegia.

ଊରୁସ୍ତମ୍ଭା—ସଂ. ବ. ସ୍ତ୍ରୀ. ( ଊରୁ=ଜଂଘ+ସ୍ତମ୍ଭ=ଖୁଣ୍ଟ+ସ୍ତ୍ରୀ. ଆ;
Ūrustambhā ଯାହାର ଗଣ୍ଡି ଜଂଘ ପରି ମୋଟ )—
କଦଳୀ ଗଛ—Plantain tree.

ଊର୍ଜ ( ଧାତୁ )—ସଂ—୧ । ବଳଷ୍ଠ ହେବା—1. To be strong.
Ūrja ( root ) ୨ । ମୋଟ ହେବା—2. To be stout.
( ଊର୍ଜ୍ଜ—ଅନ୍ୟରୂପ )

ଊର୍ଜ—ସଂ. ବ. (ଊର୍ଜ ଧାତୁ=ଜୀବିତ ହେବା; ବଳଷ୍ଠ ହେବା+ଅ)—
Ūrja ୧ । କାର୍ତ୍ତିକ ମାସ—1. The month of Kārttika.
(ଊର୍ଜ୍ଜ—ଅନ୍ୟରୂପ) ୨ । ଯତ୍ନ—2. Care.
୩ । ଚେଷ୍ଟା—3. Endeavour; striving.
୪ । ଉତ୍ସାହ—4. Encouragement.
୫ । ବଳ; ସାମର୍ଥ୍ୟ; ଶକ୍ତି—5. Strength.
୬ । ନିଃଶ୍ୱାସ—6. Breath

ଊର୍ଜଃ—ସଂ. ବ. (ଊର୍ଜ ଧାତୁ=ବଳଷ୍ଠ ହେବା+ଅସ୍=ଊର୍ଜ୍ଜସ୍ ନାମ.
Ūrjah ୧ବ.)—୧ । ବଳ—1. Strength.
(ଊର୍ଜ୍ଜଃ—ଅନ୍ୟରୂପ) ୨ । ଉତ୍ସାହ—2. Energy.
୩ । ତେଜ—3. Vigour.
୪ । ଯତ୍ନ; ଚେଷ୍ଟା—4. Endeavour.
୫ । ପ୍ରାଣନ; ବଞ୍ଚିବା—5. Living.

ଊର୍ଜସ୍ୱଳ—ସଂ. ବଣ. ପୁଂ. (ଊର୍ଜସ୍=ବଳ, ତେଜ+ଅଳ ଅର୍ଥରେ. ବଳ)—
Ūrjaswala ୧ । ବଳବାନ୍; ମହାବଳ—
(ଊର୍ଜ୍ଜସ୍ୱଳା—ସ୍ତ୍ରୀ) 1. Powerful; strong.

ଆବଶ୍ୟକ ହେଲେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ସ୍ୱଚ୍ଛନ୍ଦେ ପରିବର୍ତ୍ତନ କରନ୍ତୁ । ଯେବେ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ତତ୍ସ୍ଥାନ ବର୍ଣ୍ଣର ଅପର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ବାଣ' ନ ମିଳିଲେ 'ବାଣ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

(ଊର୍ଜସ୍ୱଳ—ଅନ୍ୟରୂପ) ୨ । ତେଜସ୍ୱୀ—2 Vigorous; energetic.

ଊର୍ଜସ୍ୱୀ—ସଂ. ବିଣ. ପୁଂ. (ଊର୍ଜସ୍=ବଳ; ତେଜ+ବିନ୍ ୧ମା. ୧ବ.)—
Ūrjáswī ୧ । ବଳବାନ୍—1. Powerful; strong.
(ଊର୍ଜସ୍ୱିନୀ—ସ୍ତ୍ରୀ) ୨ । ତେଜସ୍ୱୀ—2. Vigorous; energetic.
(ଊର୍ଜ୍ଜସ୍ୱୀ—ଅନ୍ୟରୂପ) ୩ । କାବ୍ୟାଲଙ୍କାରବିଶେଷ—
3. A figure in rhetoric.

ଊର୍ଜିତ—ସଂ. ବିଣ (ଊର୍ଜ ଧାତୁ=ବଳଷ୍ଠ ହେବା; ଖାଇବା+ତ)—
Ūrjita ୧ । ବିଖ୍ୟାତ—1. Renowned.
(ଊର୍ଜ୍ଜିତ—ଅନ୍ୟରୂପ) ୨ । ଉଦାର—2. Liberal.
୩ । ତେଜସ୍ୱୀ—3. Energetic
୪ । ବର୍ଦ୍ଧିତ—4. Increased.
ସଂ. ବି.—୧ । ବଳ—1. Strength.
୨ । ସାମର୍ଥ୍ୟ—2. Power.
୩ । ଉତ୍ସାହ—3. Energy.
୪ । ତେଜ—4. Vigour.

ଊର୍ଣ୍ଣନାଭ—ସଂ. ବି.—ଊର୍ଣ୍ଣନାଭ (ଦେଖ)
Ūrnnanābha Urnnanābha (See)

ଊର୍ଣ୍ଣନାଭି—ସଂ. ବି.—ଊର୍ଣ୍ଣନାଭି (ଦେଖ)
Ūrnnanābhi Urnnanābhi (See)

ଊର୍ଣ୍ଣା (ଇତ୍ୟାଦି)—ସଂ. ବି.—ଊର୍ଣ୍ଣା ଇତ୍ୟାଦି (ଦେଖ)
Ūrnnā etc Urnnā etc. (See)

ଊର୍ଦ୍ଧକଶରଦ—ଦେ. ବି. (ସଂ. ଊର୍ଦ୍ଧ୍ୱଗ+ଅ. ଶରଦ)—
Ūrddhaka sarada ଊର୍ଦ୍ଧ୍ୱଶ୍ଳେଷ୍ମା (ଦେଖ)
Ūrddhwasleshmā (See)

ଊର୍ଦ୍ଧଶ୍ଳେଷମ—ଦେ. ବି. (ସଂ. ଊର୍ଦ୍ଧ୍ୱଶ୍ଳେଷ୍ମା)—ଊର୍ଦ୍ଧ୍ୱଶ୍ଳେଷ୍ମା (ଦେଖ)—
Ūrddhasleshama Ūrddhwasleshmā (See)

ଊର୍ଦ୍ଧ୍ୱ—ସଂ. ବିଣ. (ଉତ୍=ଉପରକୁ+ହା ଧାତୁ=ତ୍ୟାଗ କରିବା+ଡ
Ūrddhwa ନିପାତନ)—୧ । ଉଚ୍ଚ—1 High; elevated.
(ଅଧଃ—ବିପରୀତ) ୨ । ଉପରସ୍ଥ—2. Upper; utmost; upward.
(ଊର୍ଦ୍ଧ୍ୱ—ଅନ୍ୟରୂପ)
୩ । ଉତ୍କୃଷ୍ଟ—3. Superior.
୪ । ଅଧିକତର; ଅଧିକ—4 More than
ସଂ. ବି.—ଉଚ୍ଚତା—Height; elevation.

ଊର୍ଦ୍ଧ୍ୱକ—ସଂ. ବି. (ଊର୍ଦ୍ଧ୍ୱ=ଉଚ୍ଚ+କୈ ଧାତୁ=ଶବ୍ଦ କରିବା+ଅ)—
Ūrddhwaka ମୃଦଙ୍ଗବିଶେଷ; ବଡ଼ଢୋଲ—
A kind of big drum

ଊର୍ଦ୍ଧ୍ୱକର୍ଣ୍ଣ—ସଂ. ବିଣ. ପୁଂ. (ବହୁବ୍ରୀହି; ଊର୍ଦ୍ଧ୍ୱକୁ ଉଠିଥିବା କର୍ଣ୍ଣ ଯାହାର)—
Ūrddhwakarnna ଉତ୍କର୍ଣ୍ଣ—With ears pricked up.

ଊର୍ଦ୍ଧ୍ୱକାୟ—ସଂ. ବି. (ଊର୍ଦ୍ଧ୍ୱ=ଉପରସ୍ଥ+କାୟ=ଅଂଶ; ଷଷ୍ଠୀତତ୍+
Ūrddhwakāya ଅ)—ଉର୍ଦ୍ଧ୍ୱକାୟ; ଶରୀରର ଊର୍ଦ୍ଧ୍ୱଭାଗ—
The upper half of the body.

ଊର୍ଦ୍ଧ୍ୱଗ—ସଂ. ବିଣ. (ଊର୍ଦ୍ଧ୍ୱ=ଉପରକୁ+ଗମ ଧାତୁ=ଯିବା+ଅ)—
Ūrddhwaga ଉପରକୁ ଉଠୁଥିବା; ଚଢ଼ୁଥିବା—
Ascending; rising upwards.
ବି.—ଊର୍ଦ୍ଧ୍ୱଗଶ୍ଳେଷ୍ମ (ଦେଖ)
Ūrddhwagasleshma (See).

ଊର୍ଦ୍ଧ୍ୱଗପୁର—ସଂ. ବି. ନାମ—ମୁରାସୁରର ସ୍ୱରାଜଧାନୀର ନାମ—
Ūrddhwagapura The name of the capital city of the demon 'Mura

ଊର୍ଦ୍ଧ୍ୱଗ ଲଘୁକରଣ—ସଂ. ବି—(ଗଣିତ) ଅଳ୍ପମୂଲ୍ୟର ସଂଖ୍ୟାକୁ ବହୁ
Ūrddhwaga laghukarana ମୂଲ୍ୟର ସଂଖ୍ୟାରେ ପରିବର୍ତ୍ତନ
(Arithmetic) Reduction to a higher denomination
(ଯଥା—ସେରକୁ ମହଣରେ, ପାହୁଲାକୁ ଟଙ୍କାରେ ପରିଣତ କରିବା)

ଊର୍ଦ୍ଧ୍ୱଗଶ୍ଳେଷ୍ମ—ସଂ. ବି (କର୍ମଧା; ଊର୍ଦ୍ଧ୍ୱଗ+ଶ୍ଳେଷ୍ମନ୍; ୧ମା. ୧ବ.)—
Ūrddhwaga sleshma ମଥାଧରିବା; ମୁଣ୍ଡରେ ଜମିବା କଫ—
Catarrh; cold in head.

ଊର୍ଦ୍ଧ୍ୱଗାମୀ—ସଂ. ବିଣ. ପୁଂ. (ଊର୍ଦ୍ଧ୍ୱ+ଗମ ଧାତୁ+ଇନ୍. ୧ମା ୧ବ.)—
Ūrddhwagāmi ୧ । ଉପରକୁ ଉଠୁଥିବା; ଉପରକୁ ଗତି
(ଊର୍ଦ୍ଧ୍ୱଗାମିନୀ—ସ୍ତ୍ରୀ) କରୁଥିବା—1. Ascending; going
(ଅଧୋଗାମୀ—ବିପରୀତ) upwards; shooting upwards.
୨ । (ହିନ୍ଦୁଆଇନ)—ମୃତବ୍ୟକ୍ତିର ଉପର ପୁରୁଷର ଉତ୍ତରାଧିକାରୀମାନଙ୍କୁ ପ୍ରାପ୍ତ ହେବା (ସମ୍ପତ୍ତି)—
2. (Hindu Law) Reverting to an heir of a deceased in the ascending line (said of property).

ଊର୍ଦ୍ଧ୍ୱଚରଣ—ସଂ. ବିଣ. (ବହୁବ୍ରୀହି, ଊର୍ଦ୍ଧ୍ୱ+ଚରଣ)—
Ūrddhwacharana ଯାହାର ଚରଣ ଊର୍ଦ୍ଧ୍ୱଗତ; ଊର୍ଦ୍ଧ୍ୱପାଦ—
Having the legs pointing upwards.
ସଂ. ବି—୧ । ଶରଭ (ଅଷ୍ଟ ପଦବିଶିଷ୍ଟ ପୌରାଣିକ ଜନ୍ତୁ; ଏହାର ଚାରିଟି ପାଦ ଉପରକୁ ଥାଏ)—
1. The mythological eight-legged deer.
୨ । ଝିଞ୍ଝିକା—2. Locust.
୩ । ତପସ୍ୟାର୍ଥ ଗୋଡ଼ ଟେକି ରହୁଥିବା ତପସ୍ୱୀବିଶେଷ—
3. A class of anchorites holding up the legs.

ଊର୍ଦ୍ଧ୍ୱଜାନୁ—ସଂ. ବିଣ. (ବହୁବ୍ରୀହି; ଊର୍ଦ୍ଧ୍ୱ+ଜାନୁ)—
Ūrddhwajānu ୧ । ଉଚ୍ଚଜାନୁବିଶିଷ୍ଟ—
1. High-thighed; high-kneed.
୨ । ଆଣ୍ଠୁ ଟେକି ହୋଇ ବସିଥିବା; ଭେର ହୋଇ ବସିଥିବା—
2 Sitting with uplifted knees; squatting.

| ୧ | ଋ | ଊ | ଋ,ର୍ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇସ୍ | ଇଃ | ଛ |
|---|---|---|---|---|---|---|---|---|---|---|---|---|---|---|
| ୨ | ଉ | ଭ | ରୁ | ଲୁ | ଏେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଙ୍, ଞ୍, ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍‌ଁୟ | ଇଥ | ଓ | କ୍ସ |

ଊର୍ଦ୍ଧ୍ୱଜ୍ଞ—ସଂ. ବଣ. ( ଊର୍ଦ୍ଧ୍ୱ+ଜାନୁ; ନିପାତନ )—
Ūrddhwajña ଊର୍ଦ୍ଧ୍ୱଜାନୁ ( ଦେଖ )
Ūrddhwajānu ( See )

ଊର୍ଦ୍ଧ୍ୱଜ୍ଞୁ—ସଂ. ବଣ. ( ଊର୍ଦ୍ଧ୍ୱ+ଜାନୁ; ନିପାତନ )—
Ūrddhwajñu ଊର୍ଦ୍ଧ୍ୱଜାନୁ ( ଦେଖ )
Ūrddhwajānu ( See )

ଊର୍ଦ୍ଧ୍ୱତନ—ସଂ. ବଣ. ପୁଂ (ଊର୍ଦ୍ଧ୍ୱ=ଉପରେ+ସ୍ଥିତ ଅର୍ଥରେ. ତନ)—
Ūrddhwatana ୧ । ଉତ୍କୃଷ୍ଟତର—1. Superior
(ଊର୍ଦ୍ଧ୍ୱତନୀ—ସ୍ତ୍ରୀ) ୨ । ଉଚ୍ଚତର—2. Higher.
(ଅଧସ୍ତନ—ବିପରୀତ) ୩ । ଉପରସ୍ଥ—3. Upper.
୪ । ଉଚ୍ଚସ୍ଥିତ—4. Lying above.
୫ । କ୍ରମୋଚ୍ଚ—5. In the ascending order.

ଊର୍ଦ୍ଧ୍ୱତଳ—ସଂ. ବି. ( ମଧ୍ୟପଦଲୋପୀ; ଊର୍ଦ୍ଧ୍ୱରେ ଅବସ୍ଥିତ ତଳ )—
Ūrddhwatala ୧ । କୋଠାର ଉପରମହଲା—
1. Upper storey.
୨ । ଉଚ୍ଚତର ସ୍ତର—2. Higher plane; higher level

ଊର୍ଦ୍ଧ୍ୱଦୃଷ୍ଟି—ସଂ. ବଣ. (ବହୁବ୍ରୀହି; ଊର୍ଦ୍ଧ୍ୱ=ଉପରକୁ+ଦୃଷ୍ଟି )—
Ūrddhwadrushṭi ୧ । ଉପରକୁ ଚାହିଁଥିବା;ଉଚ୍ଚ ଅଭିଳାଷୀ—
1. Turning the eyes upwards; aspiring.
୨ । ଶିବନେତ୍ରଯୁକ୍ତ—2. Staring upwards.
ସଂ. ବି. (ମଧ୍ୟପଦଲୋପୀ; ଊର୍ଦ୍ଧ୍ୱକୁ ପରିଚାଳିତ ଦୃଷ୍ଟି)—
ଉପରକୁ ଚାଳିତ ଦୃଷ୍ଟି—Upward glance.

ଊର୍ଦ୍ଧ୍ୱଦେହ—ସଂ. ବି. (ଊର୍ଦ୍ଧ୍ୱ+ଦେହ=ଶରୀର)—
Ūrddhwadeha ୧ । ଲିଙ୍ଗ ଶରୀର; ମରଣାନ୍ତେ ଉତ୍ପନ୍ନ ଦେହ—
(ଊର୍ଦ୍ଧ୍ୱଦୈହିକ—ବଣ) 1. The subtle body; the astral body; the body of a being after death.

ଊର୍ଦ୍ଧ୍ୱପାଦ—ସଂ. ବଣ. ( ବହୁବ୍ରୀହି; ଊର୍ଦ୍ଧ୍ୱ=ଉପରକୁ+ପାଦ=
Ūrddhwapāda ଚଳପା )—
୧ । ଊର୍ଦ୍ଧ୍ୱଚରଣ; ଚଳପା ବା ଗୋଡ଼ ଉପରକୁ କରିଥିବା—
1. With the heels turned upwards.
୨ । ଗୋଡ଼ ଉପରକୁ ଓ ମୁଣ୍ଡ ତଳକୁ ହୋଇଥିବା—
2. Headlong; with head over heels.

ଊର୍ଦ୍ଧ୍ୱପୁଣ୍ଡ୍ର—ସଂ. ବି. ( ମଧ୍ୟପଦଲୋପୀ; ଊର୍ଦ୍ଧ୍ୱ=ଉପରକୁ ଅଙ୍କିତ+
Ūrddhwapuṇḍra ପୁଣ୍ଡ୍ର=ତିଳକ )—
ଊର୍ଦ୍ଧ୍ୱମୁଖ ତିଳକ; ଠିଆଟିକା—An erect mark on the forehead with sandal paste

ଊର୍ଦ୍ଧ୍ୱବାହୁ—ସଂ. ବଣ. (ବହୁବ୍ରୀହି; ଊର୍ଦ୍ଧ୍ୱ=ଉପରକୁ+ବାହୁ=ବାହା)—
Ūrddhwabāhu ବାହା ଉପରକୁ ଉଠାଇଥିବା (ବ୍ୟକ୍ତି)—
With arms constantly raised upwards; with uplifted arms.
ସଂ. ବି—ସର୍ବଦା ଉପରକୁ ବାହା ଟେକି ତପସ୍ୟା କରୁଥିବା ସନ୍ନ୍ୟାସୀ—An ascetic with an arm or arms constantly held upwards

ଊର୍ଦ୍ଧ୍ୱବାହୁକ—ସଂ. ବଣ. ପୁଂ ( ବହୁବ୍ରୀହି; ଊର୍ଦ୍ଧ୍ୱ+ବାହୁ+କ )—
Ūrddhwabāhuka ଊର୍ଦ୍ଧ୍ୱବାହୁ ( ଦେଖ )
Ūrddhwabāhu ( See )

ଊର୍ଦ୍ଧ୍ୱମୁଖ—ସଂ. ବଣ. ( ବହୁବ୍ରୀହି; ଊର୍ଦ୍ଧ୍ୱକୁ ମୁଖ ଯାହାର )—
Ūrddhwamukha ଯେ ଉପରକୁ ମୁହଁ ଟେକି ଥାଏ; ଉପରମୁହାଁ—Having the face turned upwards; with upturned face.
ବି—ନରକବିଶେଷ ( ମିଥ୍ୟା ସାକ୍ଷ୍ୟଦେବା ବ୍ୟକ୍ତିଙ୍କୁ ମୃତ୍ୟୁ ପରେ ଏହି ନରକରେ ପକାଯାଏ । )
A kind of hell.

ସାକ୍ଷୀ ହୋଇ କହ ମିଛ କହନ୍ତି ଯେ ଅବା,
ଊର୍ଦ୍ଧ୍ୱମୁଖ ନରକରେ ତାଙ୍କୁ ବାସ ଦେବା । ପ୍ରାୟଶ୍ଚିତ୍ତ, ନୃସିଂହପୁରାଣ ।

ଊର୍ଦ୍ଧ୍ୱରେତସ୍—ସଂ. ବଣ. ପୁଂ ( ବହୁବ୍ରୀହି; ଊର୍ଦ୍ଧ୍ୱ+ରେତସ୍ )—
Ūrddhwaretas ୧ । ଯାହାର ରେତଃ ବା ଶୁକ୍ର ସ୍ଖଳିତ ହୋଇ ନାହିଁ—1. Of perpetual chastity; one who has restrained the discharge of semen.
୨ । ଇନ୍ଦ୍ରିୟ ସଂଯମକାରୀ; ଯୋଗାଭ୍ୟାସ କରୁଥିବା (ବ୍ୟକ୍ତି)—
2. Practising the austerity of subduing passions and lust.
୩ । ବ୍ରହ୍ମଚର୍ଯ୍ୟ ବ୍ରତଧାରୀ—3 Observing the vow of total continence.
ସଂ. ବି—୧ । ଶିବ—1. God Śiba
୨ । ( ଚିରକୁମାର ବ୍ରତ ଧାରଣ କରିଥିବାରୁ ) ଭୀଷ୍ମ—
2. Bhishma
୩ । ଇନ୍ଦ୍ରିୟସଂଯମୀ ଋଷି—3 A sage practising perpetual chastity.
୪ । ବ୍ରହ୍ମଚାରୀ—4. A Brahmachāri; a lifelong celebate.

ଊର୍ଦ୍ଧ୍ୱରେତ—ଦେ. ବଣ. ( ସ. ଊର୍ଦ୍ଧ୍ୱରେତସ୍ )—
Ūrddhwareta ଊର୍ଦ୍ଧ୍ୱରେତସ୍ ( ଦେଖ )
Ūrddhwaretas ( See )

ଋଷୟୋ ଊର୍ଦ୍ଧ୍ୱରେତ. ନିଷ୍କର୍ମୀର ଶାନ୍ତଦାନ୍ତ ।
ଜଗନ୍ନାଥ. ଭାଗବତ ।

ଊର୍ଦ୍ଧ୍ୱରେତା—ସଂ. ବଣ. ପୁଂ. ( ଊର୍ଦ୍ଧ୍ୱରେତସ୍. ୧ମା. ୧ବ. )—
Ūrddhwareta ଊର୍ଦ୍ଧ୍ୱରେତସ୍ ( ଦେଖ )
Ūrddhwaretas ( See )

ସାଧାରଣ ଲେଖିବେ ଅଗର ସ୍ୱାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ସ୍ତୁଚିତ ଭାଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାର ଉଚ୍ଚାରଣ ଜଣ ଯୋଗରେ ଲେଖିବେ ଏ ଭାଷାବୋଧରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସମୟରେ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଯୋଗେଯୋଗ୍ ଦେବେ । ଯଥା ;— 'ସାଠ' ନ ମିଳିଲେ 'ସାଈ' ଯୋଗରେ 'କୃଷ' ନ ମିଳିଲେ 'କୃଷ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪. ବ—ସନକ, ସନନ୍ଦ, କପିଳ ଓ ସନାତନ ଏହି ଋଷି ଋଷି— Name of sages Sanaka, Sanada, Kapila and Sanātana.

ଏ ଗୁରୁ ମୂଳ ସୃଷ୍ଟି ହେଲେ
ଊର୍ଦ୍ଧ୍ୱରେତା ସେ ବୋଲାଇଲେ ।

**ଊର୍ଦ୍ଧ୍ୱଲିଙ୍ଗ**—ସଂ. ବି. ( ବହୁବ୍ରୀହି; ଊର୍ଦ୍ଧ୍ୱ + ଲିଙ୍ଗ ) —ଶିବ— Ūrddhwalinga God Śiba

**ଊର୍ଦ୍ଧ୍ୱଲୋକ**—ସଂ. ବି. (ମଧ୍ୟପଦଲୋପୀ; ଊର୍ଦ୍ଧ୍ୱରେ ଅବସ୍ଥିତ ଲୋକ)— Ūrddhwaloka ୧ । ସ୍ୱର୍ଗଲୋକ—1. The upper world; the Heaven. (ଅଧୋଲୋକ—ବିପରୀତ)
୨ । ଆକାଶ —2. The sky.

**ଊର୍ଦ୍ଧ୍ୱଶ୍ୱାସ**—ସଂ. ବି. ( ମଧ୍ୟପଦଲୋପୀ; ଊର୍ଦ୍ଧ୍ୱ=ଉପରକୁ ଉଠୁଥିବା + ଶ୍ୱାସ=ପ୍ରଶ୍ୱାସ)— Ūrddhwaśwāsa ୧ । ଅଶକ୍ତ ବହିବା— 1. Gasping; panting before death.
୨ । ଧଇଁସଇଁ ହେବା; ଶରଶ୍ୱାସ—2 Long breath; breath emitted upwards.
୩ । ଧକାଇବା—3. Hard breathing.
(ଊର୍ଦ୍ଧ୍ୱଶ୍ୱାସା—ସ୍ତ୍ରୀ) ସଂ. ବିଣ. ପୁଂ. ( ବହୁବ୍ରୀହି )— ଧକାଉଥିବା; ଯାହାର ଧଇଁ ଉଠୁଥାଏ— Panting; gasping; breathing hard.

**ଊର୍ଦ୍ଧ୍ୱଶ୍ଳେଷ୍ମା**—ସଂ. ବି. ( ଊର୍ଦ୍ଧ୍ୱ + ଶ୍ଳେଷ୍ମନ୍; ୧ମା. ୧ବ. )— Ūrddhwaśleshmā ମଥାରେ ସର୍ଦ୍ଦି ଓ ସେଠି ଶ୍ଳେଷ୍ମ ଥିବା ଅବସ୍ଥା—Cold in the head; catarrh.

**ଊର୍ଦ୍ଧ୍ୱାମ୍ନାୟ**—ସଂ. ବି. ( ଊର୍ଦ୍ଧ୍ୱ=ଉପରସ୍ଥ + ଆମ୍ନାୟ=ପାଠକ୍ରମ )— Ūrddhwāmnāya ସଂହିତାବିଶେଷ; ଏଥିରେ ଗୁରୁଭକ୍ତି, କୃଷ୍ଣପୂଜା ଇତ୍ୟାଦି ବର୍ଣ୍ଣିତ ହୋଇଅଛି— Name of a Saṁhitā book.

**ଊର୍ବର (ଇତ୍ୟାଦି)**—ସଂ. ବିଣ—ଉର୍ବର ଇତ୍ୟାଦି ( ଦେଖ ) Ūrbara (etc) Urbara etc ( See ) (ଊର୍ବର—ଅନ୍ୟରୂପ)

**ଊର୍ବରା (ଇତ୍ୟାଦି)**—ଉର୍ବରା ଇତ୍ୟାଦି ( ଦେଖ ) Ūrbarā (etc) Urbarā etc ( See ) (ଊର୍ବରା— ଅନ୍ୟରୂପ)

**ଊର୍ବସ୍ଥି**—ସଂ. ବି. ( ୬ଷ୍ଠୀ ତତ୍; ଊରୁ=ଜଙ୍ଘ + ଅସ୍ଥି=ହାଡ଼ )— Ūrbasthi ଜଙ୍ଘର ହାଡ଼— Thigh-bone. (ଊର୍ବସ୍ଥି—ଅନ୍ୟରୂପ)

**ଊର୍ମ**—ଦେ. ବି. ( ପଞ୍ଚଭୂତ ) – ପ୍ରକୃତିର ଓ ଦେହର ପାଞ୍ଚଟି ମଧ୍ୟରୁ ଏକଟିମ— Ūrma One of the five elements of nature and body.

ଊର୍ମି ଧର୍ମି ସେ କେଉଁ ସ୍ଥାନ
ବନ୍ଧୁ ସହିତେ ପଞ୍ଚଭୂତ । ପଯୋଗକ୍ଷ ।

**ଊର୍ମି**—ସଂ. ବି. ସ୍ତ୍ରୀ (ଋ=ଗତି କରିବା; ଗମନ କରିବା+ସଂଜ୍ଞାର୍ଥ. ମି)— Ūrmi ୧ । ତରଙ୍ଗ; ଢେଉ—1. Wave; billows.
(ଊର୍ମ୍ମି—ଅନ୍ୟରୂପ) ୨ । ସ୍ରୋତ—2. Current of water.
୩ । ବସ୍ତ୍ର ଉପରେ ଚୁନଟ କାର୍ଯ୍ୟ ବା ଭାଙ୍ଗ— 3. Artistic curl or fold worked upon a cloth.
୪ । ଅଙ୍ଗୁରୀୟ; ମୁଦି—4. Ring
୫ । ତ୍ୱରା; ବେଗ—5. Speed; haste
୬ । ଉତ୍କଣ୍ଠା; ଉଦ୍‌ବେଗ —6. Anxiety.
୭ । ଭ୍ରାନ୍ତି—7. Mistake
୮ । ସଙ୍ଗ—8. Contact
୯ । ପ୍ରକାଶ—9. Manifestation.
୧୦ । ପୀଡ଼ା—10. Pain.
୧୧ । ଦୁଃଖ; କଷ୍ଟ—11. Affliction.
୧୨ । ଘୋଡ଼ାଚାଲି; ଅଶ୍ୱର ଗତିବିଶେଷ— 12. A kind of horse's gallop; prance
୧୩ । ଶୋକ, ମୋହ, ଶୋଷ, ମୋହ, ଜରା ଓ ମୃତ୍ୟୁ ଏହି ଷଡ଼ବିଧ ଦେହର ପ୍ରକ୍ରିୟା—13. The six bodily sufferings or conditions that flesh is heir to ( e. g. 1. hunger; 2. thirst; 3. grief; 4. illusion; 5. decay or old age and 6. death or dissolution—six in number )
୧୪ । ସମୂହ—14 Number; multitude.

**ଊର୍ମିକା**—ସଂ. ବି. ସ୍ତ୍ରୀ. ( ଊର୍ମି+ସ୍ୱାର୍ଥେ. କ+ଆ )— Ūrmikā ୧ । ତରଙ୍ଗ; ସାନ ଢେଉ— (ଊର୍ମ୍ମିକା—ଅନ୍ୟରୂପ) 1. Wave; wavelet.
୨ । ବସ୍ତ୍ରର ଭାଙ୍ଗ—2. Plait or artistic fold of a garment.
୩ । ଉତ୍କଣ୍ଠା—3. Anxiety.
୪ । ଭ୍ରମର ଧ୍ୱନି —4. The buzzing of the black bee.
୫ । ଅଙ୍ଗୁରୀୟ—5. Finger-ring; ringlet.

**ଊର୍ମିମାନ୍**—ସଂ. ବିଣ. ( ଊର୍ମି=ତରଙ୍ଗ+ଅସ୍ତି ଅର୍ଥରେ. ମତ୍; ୧ମା. ୧ବ. )—୧ । ତରଙ୍ଗିତ— Ūrmimān (ଊର୍ମ୍ମିମାନ୍—ଅନ୍ୟରୂପ) 1. Wavy; billowy.
(ଊର୍ମିମତୀ—ସ୍ତ୍ରୀ) ୨ । ବକ୍ର—2. Undulating.
୩ । କୁଞ୍ଚିତ; କୁଞ୍ଚକୁଞ୍ଚିଆ—3. Plaited; curled.
୪ । ନତ—4. Bent.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ଋ | ଌ | ଏ | ହ୍ରସ୍ୱ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇୟ | ଈଅ | ଈ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନୃ |

ଊର୍ମିମାଳୀ—ସଂ. ବି. ( ଊର୍ମି+ମାଳା+ଇନ୍. ୧ମା. ୧ବ. )—
Ūrmimālī ସମୁଦ୍ର—The sea ( having billows )
( ଊର୍ମିମାଳୀ—ଅନ୍ୟରୂପ )

ଊର୍ମିଳା—ସଂ. ବି. ( ନାମ )—ଲକ୍ଷ୍ମଣଙ୍କ ସ୍ତ୍ରୀ—
Ūrmilā The wife of Lakshmaṇa.
( ଉର୍ମିଳା—ଅନ୍ୟରୂପ ) ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Name of females.

ଊଲୂକ—ସଂ. ବି—ପେଚକ—Owl.
Ūluka
(ଉଲୂକ—ଅନ୍ୟରୂପ )

ଊଲୁପୀ—ସଂ. ବି—୧ । ଶିଶୁମାର—1. Porpoise.
Ūlupī ୨ । ନାଗକନ୍ୟା; ଅର୍ଜୁନ ପତ୍ନୀ—
(ଉଲୁପୀ—ଅନ୍ୟରୂପ) 2. Name of a wife of Arjuna; daughter of a serpent king.

ଊଷ ( ଧାତୁ )—ସଂ—ରୋଗଯୁକ୍ତ ହେବା—
Ūsha ( root ) To ail; to be sick.

ଊଷ—ସଂ. ବି. ( ଊଷ ଧାତୁ=ରୋଗଯୁକ୍ତ ହେବା+କର୍ତ୍ତୃ. ଅ )—
Ūsha ୧ । କ୍ଷାର ମୃତ୍ତିକା; ଲୁଣି ମାଟି—1. Saline earth.
୨ । ପ୍ରତ୍ୟୁଷ; ବଡ଼ଭୋର—2. Dawn.
୩ । ଗର୍ତ୍ତ; ଗାତ—3. Den; a hole.
୪ । ଚନ୍ଦନାଦି ସୁଗନ୍ଧ ଲେପ—
4. Scented paste for the body.

ଊଷବାନ୍—ସଂ. ବି. ( ଊଷ=କ୍ଷାରମାଟି+ବତ୍; ୧ମା. ୧ବ. )—
Ūshabān ୧ । କ୍ଷାରଭୂଇଁ; ଲୁଣିଆଁ ଭୂଇଁ; କ୍ଷାରମୟ ସ୍ଥାନ—
1. Saline soil, land impregnated with salt.
୨ । ମରୁଭୂମି – 2. Barren land; desert
୩ । ସାଜିମାଟି – 3 Natron.
ସଂ. ବିଣ—କ୍ଷାରଥି; ଲୁଣିଆଁ—
Saline, impregnated with salt.

ଊଷର—ସଂ. ବି. ଓ ବିଣ—ଊଷବାନ୍ ( ଦେଖ )
Ūshara Ūshabān ( See ).

ଊଷରା—ସଂ. ବି. ଓ ବିଣ—ଊଷବାନ୍ ( ଦେଖ )
Ūsharā Ūshabān ( See ).

ଊଷା—ସଂ. ବି. ସ୍ତ୍ରୀ—ଉଷା ( ଦେଖ )
Ūshā Ushā ( See )

ଊଷାମହୁର୍ତ୍ତ—ଦେ. ବି. ( ଷଷ୍ଠୀ ତତ୍; ଊଷା ବା ପ୍ରଭାତର ମହୁର୍ତ୍ତ ବା
Ūshāmahurda ମୁହୂର୍ତ୍ତପର )—ସୂର୍ଯ୍ୟ—The sun
ମହୋଦଧି ଊର୍ମି ଭେଦ ଅବଳମ୍ବେ, ଦଶିବ ଊଷାମହୁର୍ତ୍ତ—
ରାଧାନାଥ. ଚାନ୍ଦଗା ।

ଊହ ( ଧାତୁ )—ସଂ—ତର୍କଣା କରିବା; ଅନୁମାନ କରିବା—
Ūha ( root ) To guess.

ଊହ—ସଂ. ବି. ( ଊହ=ତର୍କଣା କରିବା+ଭାବ. ଅ )—
Ūha ୧ । ବିତର୍କ; ଅନୁମାନ—1. Inference; guess.
୨ । ଯୁକ୍ତିଦ୍ୱାରା ଦୁରୂହ ବିଷୟର କର୍ତ୍ତବ୍ୟ ଚେଷ୍ଟା—
2. Reasoning; arguing; deliberation.
୩ । ଅନୁସନ୍ଧାନ—3. Investigation.
୪ । ଅଧ୍ୟାହାର; ଲୁପ୍ତବାକ୍ୟ ବା ପଦ—4. Ellipsis

ଊହନୀ—ସଂ. ବି. ସ୍ତ୍ରୀ. ( ଊହ ଧାତୁ+ଅନ+ସ୍ତ୍ରୀ. ଈ )—
Ūhani ୧ । ସମ୍ମାର୍ଜ୍ଜନୀ; ସମ୍ମାର୍ଜ୍ଜନୀ – 1 Broom.
୨ । ବଢ଼ଣୀ; ଝାଡ଼ୁ—2. Broom-stick.

ଊହାପୋହ—ସଂ. ବିଣ. ପୁଂ. ( ବହୁବ୍ରୀହି; ଊହ=ତର୍କାଦି+ଅପୋହ
Ūhāpoha =ଅପଗତ )—
୧ । ତର୍କଦ୍ୱାରା ଯାହାର ସନ୍ଦେହ ମୁକ୍ତ ହୋଇଅଛି—
1. One whose doubts have been cleared by reasoning or arguments.
୨ । ଅଧ୍ୟୟନାଦି ଯୋଗୁଁ ସଂଶୟଶୂନ୍ୟ—
2. Freed from all doubts by study.
୩ । ସୁହୃଦ୍‌ପ୍ରାପ୍ତି ବିଷୟରେ କୃତନିଶ୍ଚୟ—
3. Bent upon acquiring friends.
୪ । ଦାନ ଦେବାରେ ଦ୍ୱିଧାମତଶୂନ୍ୟ—
4. Free from doubt regardig the bestowal of a gift.
୫ । ସନ୍ଦେହମୁକ୍ତ— 5. Free from doubt.

ଊହିତ—ସଂ. ବିଣ. ( ଊହ ଧାତୁ+କର୍ମ. ତ )—
Ūhita ୧ । ବିତର୍କିତ—1. Guessed; inferred.
୨ । ତର୍କଦ୍ୱାରା ନିର୍ଣ୍ଣୀତ—
2. Established by argument.
୩ । ଯୁକ୍ତି କରି ଯାଇଥିବା—3. Argued; reasoned.

ଊହିନୀ—ସଂ. ବି ସ୍ତ୍ରୀ. ( ଊହ ଧାତୁ+ଇନ୍+ଈ )—ସମୂହ—
Ūhini Collection; multitude.

ଊହିବା—ଦେ. କ୍ରି. ( ସଂ. ଊହ ଧାତୁ )—ତର୍କଣା କରିବା; ବିଚାର
Ūhibā କରିବା—To reason; to think.
ଊହିବ ବହୁତ ବୋଲି କୃପାବନ୍ତ ନାହିଁ—
କବିସୂର୍ଯ୍ୟ. କଳୋପାବତୀ. ୫-ଗୀତ ।

ଊହ୍ୟ—ସଂ. ବି ( ଊହ=ତର୍କାଦି+ଯ )—
Ūhya ୧ । ଅଧ୍ୟାହାର୍ଯ୍ୟ—1. Requiring to be filled up.
୨ । ଅନୁସନ୍ଧେୟ—
2. Worthy of being investigated.
୩ । ତର୍କଣୀୟ—3. Arguable.
୪ । ଅନୁମେୟ – 4. Inferable.
୫ । ବାକ୍ୟ ମଧ୍ୟରେ ( ପ୍ରକାଶିତ ନ ହୋଇ ) ଲୁପ୍ତ—
5. Understood; elliptical.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୯ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ପୃଷ୍ଠାବୋଧରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ଉପସ୍ଥିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲତେ' ନ ପାଇଲେ ଅଲ୍‌ତର୍‌ ଦେଖିବେ।

# ଋ

**ଋ**—ହ୍ରସ୍ୱ-ଋ; ୭ମ ସ୍ୱରବର୍ଣ୍ଣ—The 7th vowel with the
**Ṛu** sound of short 'ṛu'.

ଆ
ଅ

[ ୠ—ଓଡ଼ିଆରେ 'ର୍' ର ଉଚ୍ଚାରଣ 'ରୁ' ପରି; ମାତ୍ର ବଙ୍ଗଳାରେ ରି ପରି। ପୂର୍ବେ ଓଡ଼ିଆରେ ଓ ପ୍ରାକୃତରେ ଏହା କଦାଚିତରୂପରେ ଉଚ୍ଚାରିତ ହେଉଥିବାର ଅପଭ୍ରଂଶ ଶବ୍ଦମାନଙ୍କରୁ ଅନୁମିତ ହୁଏ। ଯଥା—ସଂ. ଘୃତ=ଓ ଘିଅ, ମୃଗ=ମିରଗ, ଗୃହସ୍ଥ=ଗେରସ୍ତ, ଗିରସ୍ତ, ଗୁରସ୍ତ, ଶୃଗାଲ=ଶିଆଳ, ଭୃମୀ=ଭୁରୁମି, ମୃତକ—ମୁରୁଦିଆ, କୃତ=କଅ, ଇତ୍ୟାଦି ସାଧାରଣ ଲୋକେ ଲେଖାରେ ରୁ ସ୍ଥାନରେ ର୍ ଓ ର୍ ସ୍ଥାନରେ ରୁ ବ୍ୟବହାର କରନ୍ତି; ସାଧାରଣ ଲୋକେ ଋଣକୁ ରଣ ଓ ଋଷଭକୁ ଋଷଭ ବୋଲି ମଧ୍ୟ ଉଚ୍ଚାରଣ କରିବାର ଦେଖାଯାଏ। ]

ସଂ. ବି.—୧। ସ୍ୱର୍ଗ—1. Heaven
୨। ବଚନ—2. Word.
ସଂ. ବି. ସ୍ତ୍ରୀ—ଦେବମାତା; ଅଦିତି—
The mother of the Gods; Aditi.
ସଂ. ଅ—୧। ହାସ୍ୟ—1. Laughter.
୨। ପରିହାସ—2. Jest.
୩। ନିନ୍ଦା—3. Blame.
୪। ପ୍ରାପ୍ତି—4. Attainment

**ଋ (ଧାତୁ)**—ସଂ.—୧। ଯିବା; ଗମନ କରିବା—
**Ṛu (root)** 1. To go.
୨। ପ୍ରାପ୍ତ ହେବା—2. To get.
୩। ଲାଭ କରିବା—3. To acquire; to attain.

**ଋକ୍**—ସଂ. ବି. (ଋଚ ଧାତୁ=ସ୍ତବ କରିବା+କରଣ କ୍ୱିପ୍=ଋଚ୍ ଶବ୍ଦ
**Ṛuk** ୧ମା.୧ବ.)—୧। ଋଗ୍‌ବେଦ—1. The first Beda.
୨। ବୈଦିକ ମନ୍ତ୍ର—2. Vedic mantra or incantation.
୩। ବୈଦିକ ସ୍ତୁତ—3. Vedic Hymn.
୪। ଗାୟତ୍ରୀ ମନ୍ତ୍ର—4. The Gāyatrī formula.

**ଋକ**—ଦେ. ବି. (ସଂ. ଋକ୍)—ଋକ୍ (ଦେଖ)
**Ṛuka** Ṛuk (See)

**ଋକାର**—ଦେ. ବି.—ବ୍ୟଞ୍ଜନ ବର୍ଣ୍ଣର ତଳେ ଯୋଗ ହେବା 'ୃ' ଚିହ୍ନ
**Ṛukāra** (ଅବଧାନେ ଏହାକୁ 'ଅଙ୍କୁଶୀ' ଚିହ୍ନ ଶ୍ରୁହାଳିରେ ଶିଖନ୍ତି ଏ ମାତ୍ରା ଲେଖି ଶିଖାନ୍ତି)—The sign '' placed below consonants.

**ଋକ୍ଥ**—ସଂ. ବି. (ଋଚ ଧାତୁ=ସ୍ତବ କରିବା+ଥକ୍ ଯାହା ପାଇଁ ସ୍ତବ
**Ṛuktha** କରି ଯାଏ; ମୂଳ ଇଂ. ରିଚେସ୍=ଧନ)—୧। ଧନ—
(ଋକ୍ଥ—ଅନ୍ୟରୂପ) ସମ୍ପତ୍ତି—1. Wealth; property; riches; possessions.
୨। ମୃତ ବ୍ୟକ୍ତିର ତ୍ୟକ୍ତ ସମ୍ପତ୍ତି—
2. Property left by a deceased.
୩। ସୁନା; ସ୍ୱର୍ଣ୍ଣ—3. Gold.

**ଋକ୍ଥଗ୍ରାହ**—ସଂ. ବିଣ. ପୁଂ. (ଋକ୍ଥ+ଗ୍ରହ ଧାତୁ+କର୍ତ୍ତୃ. ଅ)—
**Ṛukthagrāha** ଋକ୍ଥଗ୍ରାହୀ (ଦେଖ)
Ṛukthagrāhī (See)

**ଋକ୍ଥଗ୍ରାହୀ**—ସଂ. ବିଣ. ପୁଂ. (ଋକ୍ଥ=ଧନ+ଗ୍ରହ ଧାତୁ=ଗ୍ରହଣ
**Ṛukthagrāhī** କରିବା+କର୍ତ୍ତୃ. ଇନ୍ ୧ମା. ୧ବ.)—
(ଋକ୍ଥଗ୍ରାହିଣୀ—ସ୍ତ୍ରୀ) ଉତ୍ତରାଧିକାରୀ; ମୃତବ୍ୟକ୍ତିର ସମ୍ପତ୍ତିକୁ ଗ୍ରହଣକାରୀ—Succeeding to the property of a deceased.

**ଋକ୍ଥଭାଗ**—ସଂ. ବି. (୬ଷ୍ଠୀ ତତ୍; ଋକ୍ଥ+ଭାଗ)—ସମ୍ପତ୍ତିର ବିଭାଗ;
**Ṛukthabhāga** ବଣ୍ଟନ—Division of property.

**ଋକ୍ଥହର**—ସଂ. ବିଣ. ପୁଂ. (ଋକ୍ଥ=ଧନ+ହୃ ଧାତୁ=ନେବା+
**Ṛukthahara** କର୍ତ୍ତୃ. ଅ)—ଋକ୍ଥଗ୍ରାହୀ ( ଦେଖ )
(ଋକ୍ଥହରା—ସ୍ତ୍ରୀ) Ṛukthagrāhī (See)
ସଂ. ବି.—୧। ଉତ୍ତରାଧିକାରୀ ବ୍ୟକ୍ତି; ଓାରିସ—
2. Heir; coheir.
୨। ମୃତବ୍ୟକ୍ତିର ସମ୍ପତ୍ତିରେ ଦାବିଦାର ବ୍ୟକ୍ତି—
2. Claimant to the property left by a deceased person.

**ଋକ୍ଷ (ଧାତୁ)**—ସଂ.—ବଧ କରିବା—
**Ṛuksha (root)** To kill.

**ଋକ୍ଷ**—ସଂ. ବି. (ଋକ୍ଷ ଧାତୁ=ବଧ କରିବା+କର୍ତ୍ତୃ. ଅ ବା ଋଷ ଧାତୁ=
**Ṛuksha** ଗମନ କରିବା+କର୍ତ୍ତୃ. ସ )—
୧। ଭଲ୍ଲୁକ; ଭାଲୁ—1. Bear.
ବେଢ଼ିଛନ୍ତି ଜମ ଜମରେ ଋକ୍ଷପତି ପୁଣି। ଉପେ. ବୈଦେହୀଶବିଳାସ।
୨। ଋକ୍ଷବାନ ପର୍ବତ—2. The name of a mountain.
୩। ଯଦୁବଂଶୀୟ ରାଜା ରୈବତକଙ୍କ ପୁତ୍ର—
3. A son of king Raibataka.
୪। ସପ୍ତର୍ଷିମଣ୍ଡଳ ନିକଟରେ ଥିବା ୭ଟି ତାରା ବିଶିଷ୍ଟ ନକ୍ଷତ୍ରପୁଞ୍ଜ; ଧ୍ରୁବପୁଞ୍ଜ (ନକ୍ଷତ୍ର ତଳେ ନୋଟ ଦେଖ)—
4. The constellation Ursa Minoris the Little Bear.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ | ଋଥ | ଙ୍ଗ |
| ୨ | ଈ | ଊ | ଋ | ଲୃ | ଯ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଞ | ନ୍ତ |

୫ । ନକ୍ଷତ୍ର—5. Star.

୬ । ଫଣଫଣା; ଶୋଣାକବୃକ୍ଷ—
6 A name of a medicinal tree.

୭ । (ଜ୍ୟୋତିଷ) ମେଷାଦି ରାଶି—7. The solar mansions; the astronomical signs.

ସଂ. ବିଣ—୧ । ବିଦ୍ଧ—Pierced.

୨ । ବେଗବାନ୍—2. Having speed; speedy.

ଦୁର୍ଗା ହେଲେ ପକ୍ଷ, ପକ୍ଷ ଲଭି ମୁଁ ପଡ଼ିଥିବ
ଚକ୍ଷଣରେ ଯାନ୍ତି ହେଉଲ ଋକ୍ଷ ଋକ୍ଷ । ଭକ୍ତ. ପ୍ରେମସୁଧାନିଧି ।

ଋକ୍ଷଚକ୍ର—ଦେ. ବି. (ଜ୍ୟୋତିଷ) (୬ଷ୍ଠୀ ତତ୍; ଋକ୍ଷ + ଚକ୍ର) ଭଚକ୍ର;
Rukshachakra ରାଶିଚକ୍ର —The Zodiac.

ଋକ୍ଷବାନ୍—ସ. ବି. ( ଋକ୍ଷ=ଭଲ୍ଲୁକ + ଅସ୍ତି ଅର୍ଥରେ. ବତ୍; ୧ମା.
Rukshabān ୧ବ.)—ଦକ୍ଷିଣ ଭାରତର ପର୍ବତବିଶେଷ (ରାମଚନ୍ଦ୍ର ବନବାସ ସମୟରେ ବନାନ୍ତରେ ଏଠାରେ ଅବସ୍ଥାନ କରିଥିଲେ । ଏ ପର୍ବତରୁ ନର୍ମଦା ଓ ତାପ୍ତି ନଦୀ ଉଦ୍ଭୂତ—
Name of a mountain in the Deccan, Gondoana from which rise the Narmadā and the Tāpti.

ଋକ୍ଷରାଜ—ସଂ. ବି.—୧ । (୬ଷ୍ଠୀ ତତ୍; ଋକ୍ଷମାନଙ୍କର ରାଜା) – ରାମଙ୍କର
Rukshārāja ଲଙ୍କା ଅଭିଯାନରେ ଜଣେ ସେନାପତି; ଜାମ୍ବୁବାନ; ଜାମ୍ବବ—1. Jambubān the king of the bears; one of the generals of Rāma in his war with Rābaṇa.

୨ । ଶ୍ରୀକୃଷ୍ଣଙ୍କ ପତ୍ନୀ ଜାମ୍ବବତୀଙ୍କ ପିତା—2. Name of a father-in-law of Śrikṛushṇa.

୩ । ଚନ୍ଦ୍ର; ନକ୍ଷତ୍ରରାଜ—3. The moon

ଋକ୍ଷେଶ—ସଂ. ବି. (୬ଷ୍ଠୀ ତତ୍; ଋକ୍ଷ + ଈଶ)—ଋକ୍ଷରାଜ (ଦେଖ)
Rukshesa Rukshārāja (See)

ଋଗ୍‌ବେଦ—ସଂ. ବି. (ମଧ୍ୟପଦଲୋପୀ; ଋକ୍ ନାମକ ବେଦ)—
Ṛugbeda ପ୍ରଥମ ବେଦ—The first of the four Bedas; the Ṛugbeda

[ ଦ୍ର—ଏହା ହିନ୍ଦୁମାନଙ୍କର ପ୍ରାଚୀନତମ ଆଦି ପୁସ୍ତକ । ଋଗ୍ବେଦଠାରୁ ବଳି ପ୍ରାଚୀନତମ ଗ୍ରନ୍ଥ ଜଗତରେ ନାହିଁ ବୋଲି ପ୍ରତ୍ନତତ୍ତ୍ୱବିତ୍‌ମାନେ କହନ୍ତି । ଜଣେ ପାଶ୍ଚାତ୍ୟ ପଣ୍ଡିତ କହିଅଛନ୍ତି— "ଋଗ୍ବେଦ ଖଣ୍ଡିଏ ଗ୍ରନ୍ଥ ନୁହେ; ଏହା ଗୋଟିଏ ପୁସ୍ତକାଗାର ଓ ସାହିତ୍ୟଭଣ୍ଡାର ଅଟେ" । ଋଗ୍ବେଦରେ ବାଲ୍ୟବିବାହର ଉଲ୍ଲେଖ ନାହିଁ । ସେ କାଳରେ ଯୁବତୀବିବାହ ପ୍ରଚଳିତ ଥିଲା । ଋଗ୍ବେଦରେ ଋକ୍ (ବୈଦିକ ମନ୍ତ୍ର) ର ସଂଖ୍ୟା ୧୦୫୮୦ କିନ୍ତୁ ଏଥିରୁ ୧୬୩ ଟି ମିଳୁନାହିଁ । ଋଗ୍ବେଦର ଶାଖା ପାଞ୍ଚଟି ଯଥା—ଶାକଲବାସ୍କଲ, ଅଶ୍ୱଲାୟନ, ଶଙ୍ଖାୟନ ଓ ମଣ୍ଡୁକ । ଏହି ପାଞ୍ଚଟି ଶାଖା ଛଡ଼ା ଐତରେୟୀ, କୌଷୀତକୀ, ଶୈଶିରୀ, ପୈଙ୍ଗୀ ଆଦି ଉପଶାଖାମାନ ଅଛି । ଋଗ୍ବେଦର ଦୁଇ ପ୍ରଧାନ ବିଭାଗ ଯଥା—୧ । ଐତରେୟ ବ୍ରାହ୍ମଣ ଓ ୨ । କୌଷିତକୀ ବା ସାଂଖ୍ୟାୟନ ।]

ଋଗ୍ବେଦସଂହିତା — ସଂ. ବି—ଋଗ୍ବେଦାନ୍ତର୍ଗତ ସ୍ତବମାନ ସଂଗୃହୀତ
Ṛugbedasaṁhitā ହୋଇଥିବା ପୁସ୍ତକ—
A collection of the hymns of the Ṛugbeda
[ ଦ୍ର—ପ୍ରଥମେ ଶାକଲଋଷି ଓ ପରେ ଯଥାକ୍ରମେ ବାସ୍କଲ, ଅଶ୍ୱଲାୟନ, ଶଙ୍ଖାୟନ ଓ ମଣ୍ଡୁକ ଋଷିମାନେ ଋଗ୍ବେଦ ସଂହିତାକୁ ଅଧ୍ୟୟନ କରି ସଂହିତାଗ୍ରନ୍ଥମାନ ଆରମ୍ଭ କରିଥିଲେ । ]

ଋଗ୍ବେଦୀ—ସଂ. ବିଣ. ପୁଂ. ( ଋଗ୍ବେଦ + ଇନ୍; ୧ମା. ୧ବ. )—
Ṛugbedī ୧ । ଋଗ୍ବେଦ ଅଧ୍ୟୟନକାରୀ—
1. Studying the Ṛugbeda.

୨ । ଯେଉଁ ବ୍ରାହ୍ମଣର ବୈଦିକ କ୍ରିୟା ଓ ମନ୍ତ୍ରାଦି ଋଗ୍ବେଦାନୁସାରେ ଅନୁଷ୍ଠିତ ହୁଏ—
2. ( a Brāhmaṇa ) Whose rituals are performed according to the rules and formulae laid down in the Ṛugbeda.

ଋଗ୍ବେଦୀୟ—ସଂ. ବିଣ. ( ଋଗ୍ବେଦ + ସମ୍ବନ୍ଧାର୍ଥେ. ଈୟ )—
Ṛugbedīya ଋଗ୍ବେଦ ସମ୍ବନ୍ଧୀୟ—
Relating to the Ṛugbeda.

ଋଚ୍ (ଧାତୁ)—ସଂ—୧ । ସ୍ତବ କରିବା—1. To pray.
Ṛuch (root) ୨ । ଗମନ କରିବା—2 To move.

ଋଚୀକ—ସଂ. ବି. (ଋଚ୍ ଧାତୁ=ସ୍ତବ କରିବା; ଗମନ କରିବା + ଈକ)–
Ṛuchīka ୧ । ସୂର୍ଯ୍ୟ—1. The Sun

୨ । (ନାମ) ଭୃଗୁବଂଶୀୟ ମୁନିବିଶେଷ; ଜମଦଗ୍ନିଙ୍କର ପିତା—
2. A sage of the clan of Bhṛugu and father of Jamadagni.

ଋଚୀଷ—ସଂ. ବି. ( ଋଜ ଧାତୁ=ଭାଜିବା + ଅଧିକରଣ. ଈଷ )—
Ṛuchīsha ଋଜୀଷ ( ଦେଖ )
Ṛujīsha ( See )

ଋଜ (ଧାତୁ)—ସଂ—୧ । ଭାଜିବା—1. To fry.
Ṛuja (root) ୨ । ଯିବା; ଗତି କରିବା—2. To move.

ଋଜୀକ—ସଂ. ବି. ପୁଂ. (ଋଜ ଧାତୁ=ଗମନ କରିବା + କର୍ତ୍ତୃ ଈକ)—
Ṛujīka ୧ । ଇନ୍ଦ୍ର—1. God Indra.

୨ । ଧୂମ—2. Smoke.

ଋଜୀଷ—ସଂ. ବି. ( ଋଜ ଧାତୁ=ଭାଜିବା + ଅଧିକରଣ. ଈଷ; ଯହିଁରେ
Ṛujīsha ପିଠା ଭଜାଯାଏ )—୧ । ପିଠା ଭାଜିବା ପାତ୍ର; ତେଲଭଜଣୀ; କରେଇ—1. Frying pan.

୨ । ଧନ—2. Riches.

୩ । ନରକବିଶେଷ—3. The name of a hell of the Hindus.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଗଁା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

**ଋଜୁ**—ସଂ. ବିଣ. ( ଋଜ ଧାତୁ=ଯିବା+ଉ )—
Ṛuju ୧ । ସରଳ; ସିଧା—1. Straight.
ଋଜୁତା } ବି ( ଋଜୁରେଖା=ସରଳରେଖା; ଋଜୁକୃତ=
ଆର୍ଜବ } ସରଳୀକୃତ )—
୨ । ଅକୁଟିଳ; ଅମାୟିକ; ଅକପଟ; ଶୁଦ୍ଧହୃଦୟ; ସରଳ;
( ଋଜୁସ୍ୱଭାବ=ସରଳପ୍ରକୃତିକ )—
2. Frank; sincere.
୩ । ସତ୍—3. Honest; straightforward.
୪ । ସହଜ; ଅକଠିନ—4. Not hard; soft.
୫ । ନ୍ୟାୟବାନ୍—5. Just; upright; righteous.
୬ । ଦୟାଳୁ—6. Kind-hearted
ଦେ. ବି. ( ସଂ. ଋଜୁତା )—ଆର୍ଜବ; ଋଜୁତା; ସରଳତା—
Sincerity; frankness.

ତପ ଶଉଚ ଶମ ଦମ, ସନ୍ତୋଷ ଋଜୁ କ୍ଷମୀ ଜ୍ଞାନ—
ଜଗନ୍ନାଥ. ଭାଗବତ. ।

**ଋଜୁକାୟ**—ସଂ. ବିଣ. ପୁଂ. ( ବହୁବ୍ରୀହି; ଋଜୁ+କାୟ )—
Ṛujukāya ୧ । ଯାହାର ଦେହ ଠିଆବାଗରେ ସିଧା—
( ଋଜୁକାୟା—ସ୍ତ୍ରୀ ) 1. Of erect form; of upright shape
୨ । ଯାହାର ଦେହ ଲମ୍ବରେ ସରଳରେଖା ପରି—
2. Having a long and straight body.
ସଂ. ବି. (ନାମ)—କଶ୍ୟପଋଷି—The sage Kaśyapa.

**ଋଜୁରୋହିତ**—ସଂ. ବି. ( ଋଜୁ+ରୋହିତ )—ମେଘ ପ୍ରତିଫଳିତ
Ṛujurohita ରେଖାକାର ରବିରଶ୍ମି; ଏକ ପ୍ରକାର ଇନ୍ଦ୍ରଧନୁ;
ରୁଇ; ରୋଇ ( ଏହା ଇନ୍ଦ୍ରଧନୁ ପରି ସମ୍ପୂର୍ଣ୍ଣ ଗୋଲ
ଦେଖା ନ ଯାଇ ସରଳରେଖା ପରି ଦେଖାଯାଏ । )—
A kind of rainbow which appears straight.

**ଋଣ**—ସଂ. ବି. ( ଋ ଧାତୁ=ଗମନ କରିବା; ପାଇବା+ନ )—
Ṛuṇa ୧ । କରଜ; ଧାର; ଦେଣା—1. Loan; debt.
[ ଦ୍ର—ହିନ୍ଦୁମାନଙ୍କର ଋଣ ତିନି ପ୍ରକାର—୧. ଦେବଋଣ,
୨. ପିତୃଋଣ ଓ ୩. ଋଷିଋଣ । ଦେବଋଣ ଯାଗଦ୍ୱାରା, ପିତୃଋଣ
ପୁତ୍ରୋତ୍ପାଦନଦ୍ୱାରା ଓ ଋଷିଋଣ ବେଦପାଠଦ୍ୱାରା ସୁଝାଯାଏ । ]
୨ । ( ବୀଜଗଣିତ ) ଯେଉଁ ରାଶିରେ ବିଯୁକ୍ତ ଚିହ୍ନ ଥାଏ
( ଯଥା—୨ )—
2. A negative quantity or minus in Algebera.

**ଋଣ କରିବା**—ଦେ. କ୍ରି—କରଜ କରିବା—
Ṛuṇakaribā To borrow; to incur a loan.
ঋণকরা
ঋণকরো

**ଋଣକର୍ତ୍ତା**—ସଂ. ବି. ପୁଂ—ଯେ ଋଣ କରେ—Debtor; borrower.
Ṛuṇakarttā ସଂ. ବିଣ. ପୁଂ—କରଜଖିଆ; ଋଣୀ—Indebted.
( ଋଣକର୍ତ୍ତ୍ରୀ—ସ୍ତ୍ରୀ )

**ଋଣଶୋଧ**—ସଂ. ବି. (୬ଷ୍ଠୀ ତତ୍; ଋଣ+ଶୋଧ)—ଦେଣା ପରିଶୋଧ—
Ṛuṇaśodha Liquidation of a debt; clearance of a debt.

**ଋଣସଙ୍କଟ**—ସଂ. ବି. ( ରୂପକ; ଋଣ+ସଙ୍କଟ )—
Ṛuṇasaṅkaṭa ୧ । ଋଣରେ ବୁଡ଼ିବା ଅବସ୍ଥା—
1. Indebtedness.
୨ । ଯୋଗ୍ୟତାହୀନତା; ଋଣ ସୁଝି ନ ପାରିବା ଅବସ୍ଥା; ଦେବାଳିଆ-
ଅବସ୍ଥା—2. Insolvency.

**ଋଣିଆଁ**—ଦେ. ବିଣ. ( ସଂ. ଋଣୀ )—ଋଣୀ; ଋଣଗ୍ରସ୍ତ—
Ṛuṇiāṅ Indebted ( person ).

ଋଣିଆଁକୁ ଋଣ ଯେତେ, କହୁଣିଆଁକୁ କହୁଣୀ ସେତେ—ପ୍ରଚ ।

**ଋଣୀ**—ସଂ. ବିଣ. ପୁଂ. ( ଋଣ+ଇନ୍ )—ଦେଣଦାର; ଋଣଗ୍ରସ୍ତ—
Ṛuṇī Involved in debts; indebted.
(ଅନୃଣୀ—ବିପରୀତ) ସଂ. ବି, ପୁଂ—ଅଧମର୍ଣ୍ଣ; ଖାତକ—Debtor.

**ଋତ୍** (ଧାତୁ)—ସଂ—୧ । ତ୍ୟାଗ କରିବା—
Ṛut (root) 1. To give up; to abandon.
୨ । ନିନ୍ଦା କରିବା—2. To blame.

**ଋତ**—ସଂ. ବି. ( ଋ ଧାତୁ=ଗମନ କରିବା+କର୍ତ୍ତୃ. ତ )—
Ṛuta ୧ । ପରଂବ୍ରହ୍ମ—1. The Universal Soul; the Godhead.
୨ । ସତ୍ୟ—2. Truth; right.
୩ । ଧର୍ମବିଧି—3. Sacred ordinance.
୪ । ଜଳ—4 Water.
୫ । ଚଳୁଥିବା ବିଧି—5. Established rule.
୬ । ଉଞ୍ଛବୃତ୍ତି; ହୀନବୃତ୍ତି—6. Living upon mean pursuits.
୭ । ଦକ୍ଷ କନ୍ୟା ଗର୍ଭଜାତ ଧର୍ମ ପୁତ୍ର—
7. The son of Dharma born of the daughter of Daksha.
୮ । ଦେବବିଶେଷ—8. A Deity.
୯ । ଯଜ୍ଞ—9. Vedic sacrifice.
୧୦ । ଶବ୍ଦ—10. Sound.

କଳ୍ପପାଶ୍ୱ ବାରତ ଚରିତ କରି ଋତ ଯୁଦ୍ଧରେ ଅନ୍ବେଷ କରନ୍ତେ ସେ ।
ଉପେ. ବୈଦେହୀଶବିଳାସ ।

ଦେ. ବି—ଋତୁ—Season.

ଦେଖ ସଜନି ଏ ବସନ୍ତ ଋତ । ବିରହୀ କେମନ୍ତେ ଧରିବ ଚିତ୍ତ ।
ଦ୍ୱାରୀ—ରସବାରିଧି ।

ସଂ. ବିଣ—୧ । ପୂଜିତ—1. Worshipped.
୨ । ପୀଡ଼ିତ—2. Sick.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଝ | ଋ,ଝ | ୪ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଉଯୃ | ତ୍ୱଅ | ଭ |
| ୨ | ଈ | ଞ | ଋ | ଌ | ୈ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଯ୍ୟ | ଯ | ସ | ଙ୍ଘ | ଉଥ | ୱ | ନୃ |

୩ । ସତ୍ୟ; ଯଥାର୍ଥ—3 True; right
୪ । ଗତ—4. Gone.
୫ । ଦୀପ୍ତ—5. Shining; bright; luminous.

ଋତଧାମା—ସଂ. ବି. ( ବହୁବ୍ରୀହି; ଋତ=ଦୀପ୍ତ+ଧାମନ୍=ବାସସ୍ଥାନ; ୧ମା. ୧ବ. )—
Ṛutadhāmā
୧ । ବିଷ୍ଣୁ; ପରମେଶ୍ୱର—1. God.
୨ । ତ୍ରୟୋଦଶମନ୍ୱନ୍ତର ମନୁ—
2. The Manu of the thirteenth age.

ଋତପର୍ଣ୍ଣ—ସଂ. ବି. (ନାମ) ( ଋତ+ପର୍ଣ୍ଣ )—
Ṛutaparṇṇa ଅଯୋଧ୍ୟାର ରାଜା (ନଳ ରାଜା ଏହାଙ୍କ ନିକଟରେ ଅଶ୍ୱଚାଳକରୂପେ ଛଦ୍ମ ବେଶରେ ରହିଥିଲେ; ନଳଙ୍କୁ ଏ ପଶାଖେଳର କୌଶଳ ଶିଖାଇ ଥିଲେ ।)—
A king of Ajodhayā whom king Naḷa served as a coach man for some time in disguise.

ଋତବ୍ୟ—ସଂ. ବିଣ. ( ଋତୁ+ଯ. ନିପାତନ )—
Ṛutabya ୧ । ଋତୁଉପଯୋଗୀ; ସମୟୋପଯୋଗୀ—
1. Seasonable; fit for the season.
୨ । ଋତୁରେ ଘଟୁଥିବା—
2. Occurring in proper season.

ଋତମ୍ଭରା—ସଂ. ବି. ସ୍ତ୍ରୀ. ( ଋତଂ=ସତ୍ୟଭୁ+ଭୃ ଧାତୁ=ଭରଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ )—
Ṛutambharā
ସତ୍ୟଜ୍ଞାନରୂପ ଚିତ୍ତବୃତ୍ତି; ସତ୍ୟକୁ ମନରେ ଧାରିବାର ବୃତ୍ତି—The mental faculty of maintaining or realising the truth.

ଋତସଦ୍—ସଂ. ବି. (ଋତ=ଯଜ୍ଞ+ସଦ ଧାତୁ=ରହିବା+ଅଧିକରଣ. କ୍ୱିପ୍)—ଅଗ୍ନି—Fire.
Ṛutasad
ବିଣ—ଯେ ଯଜ୍ଞରେ ଅଧିଷ୍ଠିତ; ଯଜ୍ଞାଧିଷ୍ଠାତା (ବେଦ)
Presiding at a Vedic sacrifice.

ଋତସଦନ—ସଂ. ବି. ( ୬ଷ୍ଠୀ ତତ୍; ଋତ=ଯଜ୍ଞ+ସଦନ=ସ୍ଥାନ; ଗୃହ)—୧ । ଯଜ୍ଞାର୍ଥ ଉପବେଶନ ସ୍ଥାନ—
Ṛutasadana
1. Sacrificial seat.
୨ । ଯଜ୍ଞଗୃହ—2. A room where Vedic sacrifice is offered.

ଋତସ୍ପତି—ସଂ. ବି. (ଋତ=ଯଜ୍ଞ+ପତି=କର୍ତ୍ତା; ନିପାତନ)—ଯଜ୍ଞପତି; ଯଜ୍ଞକର୍ତ୍ତା—The performer of sacrifice.
Ṛutaspati

ଋତି—ସଂ. ବି. (ଋ ଧାତୁ=ଗମନ କରିବା+ଭାବ. ତି)—
Ṛuti ୧ । ସୌଭାଗ୍ୟ—1. Prosperity.
୨ । ପଥ—2. Road; way.
୩ । ଶୁଭ; ମଙ୍ଗଳ—3. Good luck; good fortune.
୪ । ଗତି; ଗମନ—4. Motion.
୫ । ନିନ୍ଦା—5. Censure.
୬ । ଗର୍ବ—6. Arrogance.
୭ । ବର୍ଦ୍ଧନ—7. Increase.
୮ । ଘୃଣା—8. Contempt.

ଋତିସ୍କର—ସଂ. ବିଣ. (ଋତି=ଶୁଭ+କୃ ଧାତୁ=କରିବା+ଅ)—
Ṛutiskara ୧ । ଶୁଭଜନକ; ମଙ୍ଗଳଜନକ—
1. Auspicious;
୨ । ସୌଭାଗ୍ୟକର—2. Lucky.

ଋତୀୟା—ସଂ. ବି. ସ୍ତ୍ରୀ (ଋତ ଧାତୁ=ନିନ୍ଦା କରିବା+ଭାବ. ଯ+ସ୍ତ୍ରୀ. ଆ.)—
Ṛutiyā ୧ । ନିନ୍ଦା—1. Censure.
୨ । ଚୁଗୁଲି—2. Slander; back-biting.
୩ । ଘୃଣା—3. Contempt.
୪ । ଲଜ୍ଜା—4. Shame.
୫ । ଗର୍ବ—5. Arrogance; difiance.

ଋତୁ—ସଂ. ବି. ( ଋ ଧାତୁ=ଯିବା+କର୍ତ୍ତୃ. ତୁ; ଯେ କ୍ରମାନୁସାରେ ଆସେ ଯାଏ)—୧ । ବର୍ଷର ନିର୍ଦ୍ଦିଷ୍ଟ କାଳ—
Ṛutu
1. Season.
[ ଯଥା—ଗ୍ରୀଷ୍ମ, ବର୍ଷା, ଶରତ୍, ହେମ, ଶିଶିର ଓ ବସନ୍ତ ଏହି ଛଅଟି ଋତୁ ।]
୨ । ସ୍ତ୍ରୀମାନଙ୍କର ରଜୋନିର୍ଗମନର ସମୟ—
2. The menses or menstrual period of women.
୩ । ସ୍ତ୍ରୀମାନଙ୍କର ଜରାୟୁରୁ ନିର୍ଗତ ରକ୍ତସ୍ରାବ—
3. Menstrual flux.
୪ । ଦୀପ୍ତି—4. Brightness.
୫ । ନିର୍ଦ୍ଧାରିତକାଳ—5. Fixed period.
୬ । ଏକ କଉଡ଼ା କଉଡ଼ିର ଛଅ ଭାଗରୁ ଏକ ଭାଗ—
6. One sixth of one Kaurdi or shell-money.

ଋତୁକାଳ—ସଂ. ବି. (୬ଷ୍ଠୀ ତତ୍; ଋତୁ+କାଳ)—
Ṛutukāḷa ୧ । ବସନ୍ତାଦି ଋତୁର ଭୋଗ ସମୟ—
1. The duration of a season.
୨ । ସ୍ତ୍ରୀମାନଙ୍କ ରଜସ୍ରାବର ସମୟ—
2. Menstrual period.

ଋତୁକ୍ରମ—ସଂ. ବି. (୬ଷ୍ଠୀ ତତ୍; ଋତୁ+କ୍ରମ)—ଋତୁ ପର୍ଯ୍ୟାୟ (ଦେଖ)
Ṛutukrama Ṛutuparjyāya (See)

ଋତୁପତି—ସଂ. ବି. (୬ଷ୍ଠୀ ତତ୍; ଋତୁ+ପତି)—ଋତୁରାଜ (ଦେଖ)
Ṛutupati Ṛuturāja (See)

ଋତୁପର୍ଣ୍ଣ—ସଂ. ବି.—ଋତପର୍ଣ୍ଣ (ଦେଖ)
Ṛutuparṇṇa Ṛutaparṇṇa (See)

ସାଧାରଣ ଯେବେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳ ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଋତୁପର୍ଯ୍ୟାୟ—ସଂ. ବି. ( ୬ଷ୍ଠୀ ତତ୍; ଋତୁ + ପର୍ଯ୍ୟାୟ=କ୍ରମିକ
Rutuparjyāya ଘଟଣା)—୧ । ଷଡ଼ଋତୁଙ୍କର ଏକର ପରେ ଅନ୍ୟ ଋତୁ ଘଟିବାରୂପ କ୍ରମିକ ଘଟଣା—
1. The regular succession or cycle of the seasons.
୨ । ସ୍ତ୍ରୀମାନଙ୍କର ଋତୁକାଳର କ୍ରମିକ ଆବର୍ତ୍ତନ—
2. The menstrual cycle in the females.
[ ଦ୍ର—ଏହା ପ୍ରତି ମାସରେ ଥରେ ଘଟେ । ]

ଋତୁବତୀ—ଦେ. ବିଣ.—(ସଂ. ଋତୁମତୀ)—ଋତୁମତୀ (ଦେଖ)
Rutubati Rutumatī (See)
ଜାଣି ନୋହେ ପ୍ରଭ ପ୍ରତୀକ ସେ ଋତୁବତୀ ।
ବଚଶାଦ୍ଧ ବୟସୀ ପୀଉଷ ଭଳ । ଭକ୍ତ. ପ୍ରେମସୁଧାନିଧି ।

ଋତୁମତୀ—ସଂ. ବିଣ. ସ୍ତ୍ରୀ. ( ଋତୁ + ମତ୍ + ସ୍ତ୍ରୀ. ଈ )—ରଜସ୍ୱଳା;
Rutumatī ପୁଷ୍ପବତୀ ( ସ୍ତ୍ରୀ )—Menstruous; menstruated; in her menses; in the state of menstruation.

ଋତୁଯାଜୀ—ସଂ. ବି. ପୁଂ. ( ଋତୁ + ଯଜ ଧାତୁ + କର୍ତ୍ତୃ. ଇନ୍; ୧ମା.
Rutujājī ୧ବ; ଯେ ଋତୁ ଅନୁସାରେ ଯାଗ କରେ )—
୧ । ଯେଉଁ ବ୍ରାହ୍ମଣ ଶାସ୍ତ୍ରନିର୍ଦ୍ଧାରିତ ଋତୁରେ ଯଜ୍ଞାଦି ସାଧନ କରନ୍ତି—
1. Performer of sacrificial rites in due seasons.
୨ । ପୁରୋହିତ—2. Priest.

ଋତୁରକ୍ଷା—ସଂ. ବି. ( ୬ଷ୍ଠୀ ତତ୍; ଋତୁ + ରକ୍ଷା )—ସନ୍ତାନ ଲାଭ
Rutura kshā କାମନାରେ ଋତୁର ଚତୁର୍ଥ ଦିନ ସ୍ତ୍ରୀ ପୁରୁଷ ସଙ୍ଗମ—Sexual intercourse of the married couple on the fourth day of the wife's menses with a view to conception

ଋତୁରାଜ—ସଂ. ବି. ( ୬ଷ୍ଠୀ ତତ୍; ଋତୁ + ରାଜନ୍; ୧ମା. ୧ବ. )—
Ruturāja ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ଋତୁ; ବସନ୍ତକାଳ—The spring; the king of the seasons

ଋତୁରାଜନ—ଦେ. ବି. ( ସଂ. ଋତୁରାଜନ୍ )—ଋତୁରାଜ (ଦେଖ )
Ruturājana Ruturāja ( See)
ପ୍ରଶଂସିବେ ଋତୁରାଜନେ, ସୁଶୀତଳ କୋଇଲ କର୍ଯ୍ୟା ପ୍ରଭଞ୍ଜନେ ।
ଭକ୍ତ. ପ୍ରେମସୁଧାନିଧି ।

ଋତୁରୂପୀ—ସଂ. ବି. ( ଋତୁ + ରୂପ + ଇନ୍; ୧ମା. ୧ବ. ଋତୁସ୍ୱରୂପ
Ruturūpī ଯାହାଙ୍କର )—ସୂର୍ଯ୍ୟ—The sun.

ଋତୁସଂହାର—ସଂ. ବି. ( ନାମ )—କାଳିଦାସଙ୍କର ଷଡ଼ଋତୁ ବର୍ଣ୍ଣନାତ୍ମକ
Rutusamhāra ସଂସ୍କୃତ କାବ୍ୟ—A Sanscrit poem of six cantos of Kālidāsa describing the six seasons
[ ଦ୍ର—ଏହି ସଂସ୍କୃତ କାବ୍ୟକୁ ଅଧୁନା ସୋନପୁରର ମହାରାଜା ବୀରମିତ୍ରୋଦୟ ସିଂହ ଦେଓ ଓଡ଼ିଆରେ ଅନୁବାଦ କରିଅଛନ୍ତି ଏବଂ ପ୍ରତ୍ୟେକ ଋତୁର କାଳୋଚିତ ଚିତ୍ର ସହ ପ୍ରକାଶ କରିଅଛନ୍ତି । ]

ଋତୁସ୍ନାତା—ସଂ. ବିଣ. ସ୍ତ୍ରୀ. ( ଋତୁ + ସ୍ନାତ + ସ୍ତ୍ରୀ. ଆ )—ଋତୁମତୀ
Rutusnātā ହେବାର ଚତୁର୍ଥ ଦିନରେ ଗାଧୋଇ ଶୁଦ୍ଧା ହୋଇଥିବା ( ସ୍ତ୍ରୀ )—( a woman ) Who had her bath on the fourth day of the appearance of her menses.

ଋତୁସ୍ନାନ—ସଂ. ବି. ( ମଧ୍ୟପଦଲୋପୀ; ଋତୁ+ସ୍ନାନ; ଋତୁ ଦର୍ଶନ ପରେ
Rutusnāna ଅବଗାହ ସ୍ନାନ )—ରଜସ୍ୱଳା ସ୍ତ୍ରୀମାନଙ୍କର ଚତୁର୍ଥ ଦିବସରେ ସ୍ନାନ; ଶୁଦ୍ଧିନିମନ୍ତେ ଗାଧୁଆ; ଶୁଦ୍ଧିସ୍ନାନ—A woman's bath on the fourth day after the menstrual discharge.

ଋତେ—ସଂ. ଅ. (ଋତ୍=ତ୍ୟାଗ କରିବା+ଏ )—ବିନା; ବ୍ୟତୀରେକେ;
Rute ବ୍ୟତୀତ—(preposition) Without; in the absense of; besides; except.
[ ଦ୍ର—ଏ ଶବ୍ଦର ବ୍ୟବହାର ଭାଷାରେ ବିରଳ । ]

ଋତ୍ୱିକ୍—ସଂ. ବି. ପୁଂ. ( ଋତୁ+ଯଜ ଧାତୁ=ଯଜ୍ଞ କରିବା+କର୍ତ୍ତୃ.
Rutwik କ୍ୱିପ୍; ଋତ୍ୱିଜ ଶବ୍ଦ ୧ମା. ୧ବ; ଯେ ଉପଯୁକ୍ତ ଋତୁରେ ଯାଗ କରେ )—
୧ । ପୁରୋହିତ; ଯାଜକ—1. A priest.
୨ । ଯେ ନିର୍ଦ୍ଦିଷ୍ଟ ଋତୁରେ ଶାସ୍ତ୍ରନିର୍ଦ୍ଦିଷ୍ଟ ଯାଗ କରନ୍ତି—
2. A regular performer of sacrificial rites.

ଋତ୍ୱିକ—ଦେ. ବି. ( ସଂ. ଋତ୍ୱିକ୍ )—ଋତ୍ୱିକ୍ ( ଦେଖ )
Rutwika Rutwik ( See )

ଋତ୍ୱିଜ୍—ସଂ. ବି. ( ସଂ. ଋତ୍+ଯଜ ଧାତୁ+କ୍ୱିପ୍; ଋତ୍ୱିଜର ୧ମା.
Rutwij ୧ବ. ଋତ୍ୱିକ୍ )—ଋତ୍ୱିକ୍ ( ଦେଖ )
Rutwik ( See )

ଋତ୍ୱିଜ—ଦେ. ବି.—ଋତ୍ୱିକ୍ ( ଦେଖ )
Rutwija Rutwik ( See )

ଋଦ୍ଧ—ସଂ. ବିଣ ( ଋଧ ଧାତୁ=ବଢ଼ିବା+କର୍ତ୍ତୃ. ତ )—
Ruddha ୧ । ବୃଦ୍ଧିପ୍ରାପ୍ତ—1. Thriving; increased; grown.
(ଋଦ୍ଧି—ଦ୍ର)
୨ । ସମୃଦ୍ଧିଯୁକ୍ତ; ସମୃଦ୍ଧିଶାଳୀ—
2. Prosperous; thriving.
୩ । ଧନଶାଳୀ—3. Rich.
୪ । ପ୍ରଚୁର—4. Sufficient.
୫ । ସଞ୍ଚିତ—5. Stored.
୬ । ସମ୍ପନ୍ନ—6. Completed.

| ୧ | ଇ | ଉ | ଋ,ଋ | ଛଂ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ସ | କ୍ଷ | ଇଯ୍ଯ | ଡ଼ଅ | ଢ଼ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ଈ | ଲୁ | ଲୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଢ | ଲୃ |

ସ. ବ—୧ । ପକ୍ୱ ଓ ମର୍ଦ୍ଦିତ ଧାନ; କୁଟା ଓ ଧୂଳି ସଫା ହୋଇ ଗଦା ହୋଇଥିବା ଧାନ ବା ଶସ୍ୟ—
1. Grain or paddy stored after being cleansed; threshed paddy.
୨ । ସିଦ୍ଧାନ୍ତ—2. Conclusion.
୩ । ବିଷ୍ଣୁ—3. God Bishṇu.

ଋଦ୍ଧି—ସଂ. ବ. ( ଋଧ ଧାତୁ—ବୃଦ୍ଧି ପାଇବା + ଭାବ. ତି )—
Ṛuddhi ୧ । ବୃଦ୍ଧି—5. Increase; growth.
୨ । ମଙ୍ଗଳ—2. Welfare.
୩ । ସୌଭାଗ୍ୟ; ସମୃଦ୍ଧି—3. Prosperity; fortune;
୪ । ସମ୍ପତ୍ତି—4. Riches; wealth.
୫ । ମାଙ୍ଗଳିକ କାର୍ଯ୍ୟ ( ଯଥା—ବିବାହ; ବ୍ରତ )—
5. Auspicious act or ceremony.
୬ । ସିଦ୍ଧି—6. Success.
୭ । ଲକ୍ଷ୍ମୀ—7. The Goddess of fortune.
୮ । ପାର୍ବତୀ—8 The Goddess Pārbatī
୯ । ( ସଂ. ଜୀବଦାତ୍ରୀ; ପ୍ରାଣଦା; ଯଶସ୍ୟା)—ଦୁଷ୍ପ୍ରାପ୍ୟ ଔଷଧ-ବିଶେଷ—9. A very rare medicinal ingredient.
୧୦ । ମାତୃକାବିଶେଷ—
10. A Goddess of protection.

ଋଦ୍ଧିମନ୍ତ—ଦେ. ଣ. ( ସଂ. ଋଦ୍ଧିମତ୍ )—ଋଦ୍ଧିମାନ୍ ( ଦେଖ )
Ṛuddhimanta Ṛuddhimān ( See )

ଋଦ୍ଧିମାନ୍—ସଂ. ଣ. ପୁଂ. (ଋଦ୍ଧି—ସୌଭାଗ୍ୟ + ମତ୍ ୧ମା. ୧ବ.)—
Ṛuddhimān ୧ । ସମୃଦ୍ଧିଶାଳୀ—1. Prosperous.
(ଋଦ୍ଧିମତୀ—ସ୍ତ୍ରୀ) ୨ । ସମ୍ପତ୍ତିଶାଳୀ—2 Rich.
୩ । ଭାଗ୍ୟବାନ୍—3. Fortunate.

ଋଧ ( ଧାତୁ )—ସଂ—ବଢ଼ିବା; ବୃଦ୍ଧି ପାଇବା—
Ṛudha ( root ) To increase; to grow.

ଋଫଲା—ଦେ. ବ—ଋକାର ( ଦେଖ )
Ṛuphalā Ṛukāra ( See )

ଋଭୁ—ସଂ. ବ. ( ଋ—ଦେବମାତା + ଭୂ ଧାତୁ—ଜନ୍ମିବା + ଉ; ଦେବମାତାଙ୍କଠାରୁ ଜାତ )—୧ । ଦେବତା—
Ṛubhu
1. God; Deity.
୨ । ଦକ୍ଷଯଜ୍ଞରେ ଭୃଗୁମୁନି ମନ୍ତ୍ରଦ୍ୱାରା ଜାତ କରିଥିବା ଦେବଯୋନିବିଶେଷ—2. A host of etherial beings raised by Bhṛugu from the fire kindled at the sacrifice of Daksha Prajāpati.
୩ । ବ୍ରହ୍ମାଙ୍କର ମାନସ ପୁତ୍ର—3. A son of Brahmā sprung from his brain.
ସଂ. ଣ—ମେଧାବୀ; ବୁଦ୍ଧିମାନ୍—Intelligent.

ଋଭୁକ୍ଷ—ସଂ. ବ. ( ଋଭୁ—ଦେବତା + କ୍ଷି ଧାତୁ—ଯିବା; ବାସ କରିବା + ଅଧିକରଣ.ଅ )—୧ । ସ୍ୱର୍ଗ—1. Heaven.
Ṛubhukhsa
୨ । ଇନ୍ଦ୍ର—2. God Indra.
୩ । ବଜ୍ର—3. Thunder-bolt.

ଋଭୁକ୍ଷା—ସ. ବ. ସ୍ତ୍ରୀ ( ଋଭୁକ୍ଷା—ଇନ୍ଦ୍ର + ସ୍ତ୍ରୀ. ଅ )—.
Ṛubhukshyā ୧ । ଇନ୍ଦ୍ରାଣୀ; ଇନ୍ଦ୍ରପତ୍ନୀ; ଶଚୀ—
1. The wife of Indra; the official concort of God Indra ( whoever he be ).

ଋଭୁକ୍ଷୀ—ସଂ. ବ. ପୁଂ. (ଋଭୁକ୍ଷା—ଇନ୍ଦ୍ରାଣୀ + ଇନ୍; ୧ମା. ୧ବ)—
Ṛubhukshī ଦେବରାଜ; ଇନ୍ଦ୍ର—The Deity Indra.

ଋଷ୍ ( ଧାତୁ )—ସଂ—ଗମନ କରିବା—
Ṛush (root) To move.

ଋଷଭ—ସଂ. ବ. ( ଋଷ ଧାତୁ—ଗମନ କରିବା + ସଂଜ୍ଞାର୍ଥ. ଅଭ )—.
Ṛushabha ୧ । ବୃଷ; ଷଣ୍ଢ—1. Bull.
୨ । ହିନ୍ଦୁ ସ୍ୱରଶାସ୍ତ୍ରର ସପ୍ତସ୍ୱର ମଧ୍ୟରୁ ଦ୍ୱିତୀୟ ସ୍ୱର; ଋଷଭ—
2. The 2nd of the seven notes of the gamut in the Hindu music.
[ ଦ୍ର—ସ୍ୱରସ୍ୱରିଣୀ ଶବ୍ଦେ ନୋଟ ଦେଖ । ]
୩ । ଭରତଙ୍କ ପିତା; ମୁନିବିଶେଷ—
3. A sage; father of Bharata.
୪ । ବୃଷ ରାଶି—4. The second solar mansion; taurus; a sign of the zodiac.
[ ଦ୍ର—ରାଶି ଶବ୍ଦେ ନୋଟ ଦେଖ । ]
୫ ପର୍ବତବିଶେଷ—
5. A mountain near the Kailāsa.
୬ । ଔଷଧିବିଶେଷ—
6. A medicinal ingredient.
୭ । କର୍ଣ୍ଣଗହ୍ୱର—
7. The cavity of the ear.
୮ । କୁମ୍ଭୀରପୁଚ୍ଛ; ଲାଙ୍ଗୁଡ଼—
8. The tail of a crocodile.
୯ । ଭଗବାନଙ୍କର ଅବତାରବିଶେଷ—
9. An incarnation of Bishṇu.
ସଂ. ଣ—ଶ୍ରେଷ୍ଠ—Excellent or chief amongst many ( this word when added to another noun indicates the idea excellent; chief ).
[ ଦ୍ର—ଏ ଶବ୍ଦ କୌଣସି ବିଶେଷ୍ୟ ପଦ ପରେ ଯୁକ୍ତ ହେଲେ, ଉକ୍ତ ପଦ ବର୍ଣ୍ଣିତ ବସ୍ତୁର ଶ୍ରେଷ୍ଠତା ବୁଝାଏ । ଯଥା—ପୁରୁଷର୍ଷଭ; ଭରତର୍ଷଭ । )

ସାଧାରଣ ଯେବେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ସାଧାରଣ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବ

**ଋଷଭକୂଟ**—ସଂ. ବି. ( ୬ଷ୍ଠୀ ତତ୍; ଋଷଭ + କୂଟ )—
**Rushabhakūta** ହେମକୂଟ ପର୍ବତ—A mountain.

**ଋଷଭଧ୍ୱଜ**—ସଂ. ବି. ( ବହୁବ୍ରୀହି; ଋଷଭ = ଷଣ୍ଢ + ଧ୍ୱଜ = ପତାକା; ଚିହ୍ନ + ଅ )—
**Rushabhadhwaja** ମହାଦେବ—The God Śiba.

**ଋଷଭା**—ସଂ. ବି. ସ୍ତ୍ରୀ ( ଋଷଭ + ସ୍ତ୍ରୀ. ଆ )—
**Rushabhā** ୧ । ଶ୍ମଶ୍ରୁଯୁକ୍ତା ସ୍ତ୍ରୀ—1. A bearded woman.
୨ । ବିଧବା—2. Widow.

**ଋଷଭୀ**—ସଂ. ବି. ସ୍ତ୍ରୀ. ( ଋଷଭ + ସ୍ତ୍ରୀ. ଈ )—ଋଷଭା ( ଦେଖ )
**Rushabhī** Rushabhā ( See )

**ଋଷି**—ସଂ. ବି. ( ଋଷ ଧାତୁ = ଗମନ କରିବା + କର୍ତ୍ତୃ. ଇ )—
**Rushi** ୧ । ମୁନି; ତପସ୍ୱୀ—
1. Sage; anchorite; saint.
[ ଦ୍ର—ଏମାନେ ସପ୍ତବିଧ—ବ୍ରହ୍ମର୍ଷି, ରାଜର୍ଷି, ଦେବର୍ଷି, ପରମର୍ଷି, ଶ୍ରୁତର୍ଷି, କାଣ୍ଡର୍ଷି ଓ ମହର୍ଷି । ]
୨ । ସତ୍ୟବାଦୀ ବ୍ୟକ୍ତି—2. A truthful person.
୩ । ଜିତେନ୍ଦ୍ରିୟ ବ୍ୟକ୍ତି—3. A subduer of passions.
୪ । ଋଷିତୁଲ୍ୟ ଶାନ୍ତ ଓ ଧୀର ବ୍ୟକ୍ତି—
4. A saintly person.
୫ । ଶାସ୍ତ୍ର ପ୍ରଣେତା—
5. The author of Śāstras.
୬ । ରଶ୍ମି—6. Ray
୭ । ମନ୍ତ୍ରଦ୍ରଷ୍ଟା ଋଷି—7. The author or the first reciter of a Vedic formula.
୮ । ବେଦାଂଶବିଶେଷ—8. A part of the Bedas.
୯ । ସଂସାରତ୍ୟାଗୀ ବା ବୈରାଗୀ ବ୍ୟକ୍ତି—
9. A retired person.

ଦେ. ବି. ପୁଂ—ଲୋକଙ୍କ ନାମ—
Name given to males.

ଦେ. ବିଣ. ( ସଂ. ରୁଷ ଧାତୁ; ରୁଷ୍ଟ )—କ୍ରୁଦ୍ଧ—Angry.

ଏହା ଯେଉଁ କ୍ଷଣି ଶୁଣିଲେ ଶୃଙ୍ଗୀ ଋଷି
ଶାପ ଦେଲେ ତୁଚ୍ଛ ବାପକୁ ହୋଇ ରୁଷି । କୃଷ୍ଣସିଂହ. ମହାଭାରତ. ଆଦି ।

**ଋଷିଆଣୀ**—ଦେ. ବି. ସ୍ତ୍ରୀ. ( ସଂ. ଋଷିପତ୍ନୀ )—ଋଷିପତ୍ନୀ—
**Rushiānī** The wife of a sage.

ଋଷିଗୋତ୍ର କନ୍ୟା କହିଲେ କରି ଋଷିଆଣୀ । ପ୍ରାଚୀ—ଦଶ୍ନୁ ଦେବସ୍ୱ. ପୁରାଣ ।

ଗ୍ରା. ବି—୧ । ( ଅ. ରୋଶ୍‌ନାଇ )—ରୋଷଣି ( ଦେଖ )
1. Roshanī ( See )
୨ । ରୁଷାଣି ୪ ( ଦେଖ )
2. Rushānī 4 ( See )

**ଋଷିଋଣ**—ସଂ. ବି. ( ମଧ୍ୟପଦଲୋପୀ; ଋଷିମାନଙ୍କଠାରୁ ଆଗତ ଋଣ )—
**Rushiruna** ମନୁଷ୍ୟ ସଂସାରରେ ଜନ୍ମଗ୍ରହଣ କରିବା ଦ୍ୱାରା ଋଷିମାନଙ୍କଠାରୁ ଯେଉଁ ଋଣ କରିଥିବାର ଶାସ୍ତ୍ରରେ କଳ୍ପିତ ହୋଇଅଛି ( ସେ ଋଣକୁ ବେଦପାଠଦ୍ୱାରା ପରିଶୋଧ କରିଯାଏ ବୋଲି ଶାସ୍ତ୍ରରେ କଥିତ ଅଛି । )—
The debt which a man is supposed to owe to the sages by reason of his birth in this world; (which is discharged by man studying the scriptures.)

**ଋଷିକନ୍ଦ**—ଦେ. ବି. ( ସଂ. ଋଷି + କନ୍ଦ, ଋଷିମାନଙ୍କଦ୍ୱାରା ବ୍ୟବହୃତ ମୂଳ )—ଏକ ପ୍ରକାର ବଣ ଆଳୁ; କରବା ଆଳୁ—
**Rushikanda** Cassava.

**ଋଷିକଳ୍ପ**—ସଂ. ବିଣ. ପୁଂ ( ଋଷି = ମୁନି; ତୁଲ୍ୟାର୍ଥେ. କଳ୍ପ )—
**Rushikalpa** ମୁନିଙ୍କ ପରି—Sagelike; saintlike; saintly.
( ଯଥା—ପିତୃକଳ୍ପ; ଗୁରୁକଳ୍ପ )

**ଋଷିକୁଲ୍ୟା**—ଦେ. ବି. ସ୍ତ୍ରୀ. ( ମଧ୍ୟପଦଲୋପୀ; ଋଷିମାନଙ୍କ କୃତ କୁଲ୍ୟା; ଋଷି = ମୁନି + କୁଲ୍ୟା = ଖାଲ; ନାଳ )—
**Rushikulyā** ୧ । ଋଷିମାନଙ୍କ କୃତ କୃତ୍ରିମ ନଦୀ ବା ନାଳ—
1. A canal excavated by sages.
୨ । ଗଞ୍ଜାମ ଅଞ୍ଚଳର ନଦୀବିଶେଷ—
2. A river in Ganjam ( Madras )
[ ଦ୍ର—ଏହା ଋଷ୍ୟମାଳ ପର୍ବତରୁ ବାହାରି ପୂର୍ବମୁଖ ହୋଇ ବଙ୍ଗୋପସାଗରରେ ପଡ଼ିଅଛି । ସରକାର ଏଥିରେ ଆଣିକଟ କରି କେନାଲ୍ କରିଅଛନ୍ତି ଓ କେନାଲଦ୍ୱାରା କ୍ଷେତକୁ ଜଳ ମଡ଼ାଇବାର ବ୍ୟବସ୍ଥା କରିଅଛନ୍ତି । ପାଣ୍ଡବମାନେ ବନବାସ କାଳରେ ଏହି ନଦୀର ତୀରବର୍ତ୍ତୀ ତ୍ରିବେଣୀକା ବନରେ ବାସ କରିଥିଲେ । ]

ପାଣ୍ଡବନ ପରେ କରିବାକୁ ଶୁଦ୍ଧସ୍ନାନ
ଋଷିକୁଲ୍ୟା ନଦୀକୁ କଲେକ ଗମନ । ସାରଳା ମହାଭାରତ. ଦ୍ରୋଣ ।

**ଋଷି ଜଟା ଛିଣ୍ଡାଇ ମରିବା**—ଦେ. ପ୍ରବଚନ—ଋଷି ବାଳ ଛିଣ୍ଡାଇ ମରିବା ( ଦେଖ )
**Rushi jatā chhindāi maribā** Rushibāla chhindāi maribā ( See )

ଏ ପଥରୁ କେ ନ କହିବ କଥା
ଋଷି ତ ହେଲେ ଛିଣ୍ଡାଇବେ ଜଟା । ବଳଦେବ ରଥ. କବିତ.କଲ୍ଲୋଳ ।

**ଋଷିପଞ୍ଚମୀ**—ସଂ. ବି—ଭାଦ୍ର ଶୁକ୍ଳ ପଞ୍ଚମୀ—The fifth day of
**Rushipañchamī** the bright fortnight of the month of Bhādra.
[ ଦ୍ର—ଭାଦ୍ରବମାସ ଶୁକ୍ଳପକ୍ଷ ୪ ର୍ଥୀ ବା ୫ ମୀ ତିଥିରେ ଅପରାହ୍ଣରୁ ପଞ୍ଚମୀ ତିଥି ଥିଲେ ସେ ଦିନ ସ୍ତ୍ରୀମାନେ ସନ୍ତାନ ବୃଦ୍ଧ୍ୟର୍ଥ ବଶିଷ୍ଠାଦି ଋଷିଙ୍କୁ ପୂଜା କରି ବ୍ରତ ପାଳନ୍ତି । ଏଥିର ବାକ୍ୟ—
ଭଦ୍ରେ ସିତେ ପରାହ୍ଣେ ତୁ ପଞ୍ଚମୀ ଯତ୍ର ଦୃଶ୍ୟତେ ।
ବଶିଷ୍ଠାଦି ଋଷିଃ ସ୍ତ୍ରୀଭିଃ ପୂଜ୍ୟଃ ସନ୍ତାନବୃଦ୍ଧୟେ । ଜ୍ୟୋତିଷ. ପଞ୍ଜିକା । ]

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଈ | ଊ | ଋ,ୠ | ଌ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଜ୍ଞ | ଇଅ | ଉଅ | ଣ |
| ୨ | ଇ | ଉ | ରୁ | ଲୁ | ଏ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟଁ | ଇଥ | ଓ | ନ |

ଋଷି ବାଳ ଛିଣ୍ଡାଇ ମରିବା ( କଥା )—ଦେ. ବିଣ—ଅତ୍ୟନ୍ତ ଅସମ୍ଭବ,
Ṛushi bāḷa chhiṇḍāi maribā ବିରକ୍ତିଜନକ ବା କ୍ରୋଧଜନକ ( କଥା ) ( ଏହିପରି କଥା ଯେ, ତାହା ଶୁଣିଲେ ଋଷିଙ୍କ ପରି ପ୍ରଶାନ୍ତ ଅକ୍ରୋଧୀ ବା ଧୀର ବ୍ୟକ୍ତି ମଧ୍ୟ ବିରକ୍ତ ବା କ୍ରୁଦ୍ଧ ହୋଇ ଆପଣା ମସ୍ତକର କେଶକୁ ଛିଣ୍ଡାଇ ପକାଇବେ ।)—( a matter ) Which will make even a sage foam with rage.

ଋଷିମାଳ ପର୍ବତ—ଦେ. ବି—ଋଷିକୁଲ୍ୟା ନଦୀ ଗଞ୍ଜାମର ଯେଉଁ ପର୍ବତରୁ
Ṛushimāḷa parbata ବାହାରି ଅଛି—A mountain in the district of Ganjam from which the Ṛushikulyā river has risen.
[ ଦ୍ର—ଏଥିରେ ଅନେକ ଗୁମ୍ଫା ଅଛି ଓ ସେହି ଗୁମ୍ଫାମାନଙ୍କରୁ ବେଳେ ବେଳେ ସଂକୀର୍ତ୍ତନର ସ୍ୱରଲହରୀ ଶୁଣାଯାଏ । ]

ଋଷିମୁଖ—ଦେ. ବି. ( ସଂ. ଋଷ୍ୟମୂକ )—ଋଷ୍ୟମୂକ ( ଦେଖ )—
Ṛushimukha Ṛushyamūka ( See )

ଋଷିମୁଖେ ସୁଗ୍ରୀବର ସ୍ଥିତି; ତାର ସଙ୍ଗେ ମିତ୍ର ହୋଇବ—
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଋଷିଯଜ୍ଞ—ସଂ. ବି. ( ମଧ୍ୟପଦଲୋପୀ; ଋଷିମାନଙ୍କ ଋଣ ପରିଶୋଧ
Ṛushijajña କରିବା ପାଇଁ ଯଜ୍ଞସ୍ୱରୂପ )—ବେଦାଧ୍ୟୟନ—The study of the Hindu scriptures.

ଋଷିରେଖା—ସଂ. ବି. ( ଜ୍ୟୋତିଷପରିଭାଷା )—ବିଷୁବରେଖାଠାରୁ
Ṛushirekhā ମେରୁବିନ୍ଦୁ ଓ ଅୟନାନ୍ତ ରେଖାର ମଧ୍ୟ ଦେଇ ଯାଇଥିବା କଳ୍ପିତ ରେଖା—( astronomy ) An imaginary line passing from the equator to the poles and cutting the elleptic.

ଋଷିଲୋକ—ସଂ. ବି. ( ୬ଷ୍ଠୀ ତତ୍ )—ଋଷିମାନେ ଦେହ ତ୍ୟାଗ ପରେ
Ṛushiloka ଯେଉଁ ଲୋକରେ ଯାଇଁ ବାସ କରନ୍ତି—The abode of the deceased sages.

ଋଷୀ—ସଂ. ବି. ସ୍ତ୍ରୀ- ଋଷିର ସ୍ତ୍ରୀଲିଙ୍ଗ—
Ṛushī The feminine of Ṛushi

ଋଷ୍ଟ—ସଂ. ବି. ( ଋଷ ଧାତୁ=ଯିବା+ତ )—ଶ୍ୱେତବିନ୍ଦୁରେ ଚିତ୍ରିତ
Ṛushṭa ହରିଣ—White spotted deer or antilope.
ବିଣ—ଅଶୁଭଦାୟକ—Ominous; portentious.

ଋଷ୍ଟି—ସଂ. ବି. ( ଋଷ ଧାତୁ=ଗମନ କରିବା+ଭାବ. ତି )—
Ṛushṭi ୧ । ଗ୍ରହଦୋଷ—
1. Bad influence of planets.
୨ । ଅଶୁଭ—2. An evil.
୩ । ଦ୍ୱିଧାର- ବିଶିଷ୍ଟ ଖଡ୍ଗ—
3. Double edged sword.

ଋଷ୍ୟ—ସଂ. ବି. ପୁଂ. ( ଋଷ ଧାତୁ=ଗମନ କରିବା+କ୍ୟପ୍ )—
Ṛushya ୧ । ଶ୍ୱେତବିନ୍ଦୁ ଚିହ୍ନିତ ବା ଶ୍ୱେତପଦଯୁକ୍ତ ହରିଣ—
( ଋଷ୍ୟା—ସ୍ତ୍ରୀ ) 1. Dappled or white-footed antilope.
୨ । ଶୀଘ୍ରଗାମୀ ମୃଗବିଶେଷ—
2. A flat-footed antilope.

ଋଷ୍ୟମୂକ—ସଂ. ବି. ( ବହୁବ୍ରୀହି; ଋଷ୍ୟ=ମୃଗ+ମୂକ=ନୀରବ;
Ṛushyamūka ଜନଶୂନ୍ୟତା ଯୋଗୁଁ ଯେଉଁଠାରେ ମୃଗମାନେ ଭୟଶୂନ୍ୟ ହୋଇ ଓ ନୀରବ ହୋଇ ଚରୁଥାନ୍ତି )—ଦକ୍ଷିଣ ଦେଶସ୍ଥ ପର୍ବତବିଶେଷ ( ଏଠାରେ ସୁଗ୍ରୀବଙ୍କ ସହିତ ଶ୍ରୀରାମଚନ୍ଦ୍ର କିଛିକାଳ ଅବସ୍ଥାନ କରିଥିଲେ ଓ ସୁଗ୍ରୀବ ବାଳିର ଭୟରେ ଏହିଠାରେ ଯାଇ ଲୁଚିଥିଲେ । କାରଣ ସେ ପର୍ବତକୁ ଅଭିଶାପ ଫଳରେ ବାଳୀ ଯାଇ ପାରୁ ନ ଥିଲା )—A mountain in southern India where Rama lived for some time with Sugrība.

ଋଷ୍ୟଶୃଙ୍ଗ—ସଂ. ବି. ( ବହୁବ୍ରୀହି; ଋଷ୍ୟ=ମୃଗ+ଶୃଙ୍ଗ=ଶିଙ୍ଗ=ମୃଗର
Ṛushyaśruṅga ଶିଙ୍ଗ ଭଳି ଯାହାଙ୍କର ଶିଙ୍ଗ ଥିଲା )—ବିଭାଣ୍ଡକ ମୁନି ପୁତ୍ର ମୁନିବିଶେଷ—A sage who could bring about rain by his austerities.
[ ଦ୍ର— ଋଷ୍ୟଶୃଙ୍ଗ କଶ୍ୟପପୁତ୍ର ବିଭାଣ୍ଡକ ମୁନିଙ୍କ ଔରସରେ ଦ୍ୱାଦଶାବଦ୍ୟ ମଧ୍ୟରୁ ଏକତମ ଭଗଙ୍କ କନ୍ୟା ମୃଗ ରୂପିଣୀ ସ୍ୱର୍ଣ୍ଣମୃଗୀଙ୍କ ଗର୍ଭରୁ ଜନ୍ମିଥିଲେ । ଏ ପିଲା ଦିନୁ ପିତାଙ୍କ କୌଶିକୀ ନଦୀତୀରସ୍ଥ ଆଶ୍ରମରେ ବଢ଼ି ପିତାଙ୍କ ଛଡ଼ା ଆଉ କୌଣସି ମନୁଷ୍ୟଙ୍କୁ ଦେଖି ନ ଥିଲେ । ଅଙ୍ଗ ଦେଶରେ ୧୨ ବର୍ଷ ବର୍ଷା ନ ହେବାରୁ ବ୍ରାହ୍ମଣମାନଙ୍କ ପରାମର୍ଶରେ ରାଜା ଲୋମପାଦ ଏହାଙ୍କୁ ଅଣାଇବାରୁ ସେ ରାଜ୍ୟରେ ଇନ୍ଦ୍ର ବୃଷ୍ଟି କଲେ । ରାଜା ଦଶରଥ ତାଙ୍କ କନ୍ୟା ଶାନ୍ତାଙ୍କୁ ରାଜା ଲୋମପାଦଙ୍କୁ ପାଳିବାକୁ ଦେଇ ଥିଲେ । ଲୋମପାଦ ଉକ୍ତ କନ୍ୟାଙ୍କୁ ଋଷ୍ୟଶୃଙ୍ଗଙ୍କୁ ଦାନ କଲେ । ଅପୁତ୍ରକ ଦଶରଥଙ୍କ ପୁତ୍ରେଷ୍ଟି ଯଜ୍ଞରେ ଦଶରଥଙ୍କ ଆମନ୍ତ୍ରଣ କ୍ରମେ ଋଷ୍ୟଶୃଙ୍ଗ ଉପସ୍ଥିତ ହେଲେ ଓ ଏହାଙ୍କ ଆଶୀର୍ବାଦ ଫଳରେ ଯଜ୍ଞରୁ ଚରୁ ଭକ୍ଷଣ କରି ଦଶରଥଙ୍କର ତିନି ରାଣୀ ଚାରି ପୁତ୍ର ଜନ୍ମ କଲେ । ]
ସଂ. ବିଣ. ପୁଂ—ହରିଣ ପରି ଶୃଙ୍ଗବିଶିଷ୍ଟ—
Having horns like an antilope.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିନା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

## ୠ

ୠ—ସଂ. ବି— ଦୀର୍ଘ ଋ; ଅଷ୍ଟମ ସ୍ୱର ବର୍ଣ୍ଣ ( ଏହାର ଓଡ଼ିଆରେ
Ṛū ଉଚ୍ଚାରଣ ରୁ; ବଙ୍ଗଳାରେ ରୀ
ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା)—The eighth vowel with a sound of long Ṛū or Roo.

[ ଦ୍ର—ଏ ଅକ୍ଷରବିଶିଷ୍ଟ ଶବ୍ଦ ଭାଷାରେ ନାହିଁ । ]

ସଂ. ବି— ୧ । ଶିବ—1. Śiba.
୨ । ଦୈତ୍ୟ—2. Demon.
୩ । ସ୍ୱର୍ଗ—3. Heaven.
୪ । ବାକ୍ୟାରମ୍ଭ—
4. Beginning of a sentence.

ସଂ. ବି. ସ୍ତ୍ରୀ— ୧ । ଦନୁ—
1. The mother of the demons.
୨ । ଅଦିତି—2. The mother of the Gods.
୩ । ଦନୁ—3. The mother of Dānabas.
୪ । ଗତି—4. Motion.
୫ । ରକ୍ଷା—5. Protection.
୬ । ସ୍ମୃତି—6. Memory.
୭ । ମାତା—7. Mother.
୮ । ଅଷ୍ଟମୀ—8. The eighth day of the lunar fortnight.
୯ । ବାମ ନାସିକା—9. The left nostril.

ଦେ. ଅ—୧ । ଭୟ—1 Interjection denoting fear.
୨ । ନିନ୍ଦା—2. Censure

ୠକାର—ଦେ. ବି—ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ଏ ସ୍ୱର ଯୋଗ ହେବାର
Ṛūkāra ଚିହ୍ନ ' ୄ ' ଏହା ବ୍ୟଞ୍ଜନ ବର୍ଣ୍ଣର ତଳରେ ବସଯାଏ— The sign ' ୄ ' attached below consonants when this vowel is added to it.

[ ଦ୍ର—ଓଡ଼ିଆ ଭାଷାରେ ୠ ଅକ୍ଷରର ବା ୄ ମାତ୍ରାଯୁକ୍ତ ଶବ୍ଦ ନାହିଁ । ]

ୠଫଳା—ଦେ. ବି—ୠକାର ( ଦେଖ )
Ṛūphalā Ṛūkāra ( See )

ୠମାତ୍ରା—ଦେ. ବି— ୠକାର ( ଦେଖ )—
Ṛūmātrā Ṛūkāra ( See )

## ଌ

ଌ—ଦେ. ହ୍ରସ୍ୱ ଌ—ନବମ ସ୍ୱରବର୍ଣ୍ଣ । (ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ଏହାର
Lu ଉଚ୍ଚାରଣ ଓଡ଼ିଆରେ ଲୁ ବା ଲ୍ରୁ ଓ ବଙ୍ଗଳାରେ ଲି ବା ଲ୍ରି)— —The 9th. vowel with the short sound of Lu or Lru in Ordiā.

[ ଦ୍ର—ଏ ଅକ୍ଷରଯୁକ୍ତ ଶବ୍ଦ ଓଡ଼ିଆରେ ନାହିଁ ।]

ସଂ. ବି. ପୁଂ.—୧ । ପର୍ବତ—1. Mountain.
୨ । ଶ୍ରୀଧର—2. Bishṇu.
୩ । ରୁଦ୍ର; ମହେଶ୍ୱର—3. Mahādeba in his incarnation of 'Rudra'
୪ । ମହେନ୍ଦ୍ର—4. Indra, the king of the Gods.

ସଂ. ବି. ସ୍ତ୍ରୀ.—୧ । ପୃଥିବୀ—1. The earth
୨ । ଅଦିତି—2. The mother of the Gods.
୩ । ନବମୀ ଦେବତା—3. The Deity presiding over the ninth day of the lunar fortnight.
୪ । ପରମା ଦେବତା—4. The Goddess of the Universe.

ଌକାର—ଦେ. ବି.—ବ୍ୟଞ୍ଜନ ବର୍ଣ୍ଣର ନିମ୍ନରେ ଏହି ସ୍ୱରବର୍ଣ୍ଣ ଯୁକ୍ତ
Lukāra ହେବାର ଚିହ୍ନ 'ୢ'—The sign 'ୢ' joined below a consonant to indicate the addition of this sound.

[ ଦ୍ର—ଏହି ଅକ୍ଷରବିଦ୍ୟ ଶବ୍ଦ ଓଡ଼ିଆରେ ବ୍ୟବହୃତ ନାହିଁ । ]

## ୡ

ୡ—ଦୀର୍ଘ ଌ—ସଂସ୍କୃତ ବର୍ଣ୍ଣମାଳାର ଦଶମ ସ୍ୱର ଏବଂ ହ୍ରସ୍ୱ ଌ ର ଦୀର୍ଘ
Lū ଅକାର (ଓଡ଼ିଆରେ ଏ ଅକ୍ଷର ଚଳେ ନାହିଁ)—. The long Lū.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ | ଋ,ଝ | ଛ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଙ୍କ |
| ୨ | ଈ | ଉ | ରୁ | ଲୁ | ଯ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗ୍ୟ | ଇଅ | ଙ୍ଖ | ନ୍ତ |

# ଏ

ଏ E ସଂସ୍କୃତ ଭାଷାରେ ଏକାଦଶ ସ୍ୱର; ଓଡ଼ିଆ ଭାଷାରେ ଦଶମ ସ୍ୱର । (ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ)—The eleventh vowel of the Sanskrit and the tenth of the Ordia language. It is pronounced as the first english alphabet 'A' uttred alone; the first english alphabet.

ସଂ. ବି. ପୁଂ. (ଇ ଧାତୁ = ଯିବା + କର୍ତ୍ତୃ. ଡ଼ୃ ) — ବିଷ୍ଣୁ — Bishnu

ସଂ. ବି. ସ୍ତ୍ରୀ — ପୃଥିବୀ — The earth

୧ । ଦେ. ସର୍ବ — ପୁଂ ସ୍ତ୍ରୀ ଓ କ୍ଲୀ (ସଂ. ଏତତ୍) —

(କ) ଏହା; ଏହି; ନିର୍ଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି —

ইনি; এ; ए; ईस; यह 1. (a) This; it (specific person or object). ( ଯଥା — କଥାଗୁଡ଼ାକ ମୋର ଏ କାନରେ ପଶି ସେ କାନରେ ବାହାରି ଯାଉଅଛି । )

(ଖ) କଥକର ସମ୍ମୁଖସ୍ଥ ବସ୍ତୁ ବା ବ୍ୟକ୍ତି —

(b) The person or thing in front of the speaker.

ଦେ. ବିଣ — ଉପସ୍ଥିତ; ବର୍ତ୍ତମାନ (ଯଥା — ଏ କାଳ — Present.

ওহে; ও; आ; आजी ଦେ. ଅବ୍ୟୟ — ୧ । ସମ୍ବୋଧନ; ଆହ୍ୱାନ; ଅନୁରୋଧ; ଆମନ୍ତ୍ରଣ; ହେ; ଅହେ; ରେ —

1. Interjection used in calling, inviting, requesting and addressing; oh !; eh !; o !.

( ଯଥା — ଏ ପୁଅ ! ମତେ ଟିକିଏ ବାଟ ଦେଖାଇଦେ ) —

୨ । ଅସୂୟା; ଅଃ — Anger; disapproval — eh !

୩ । ( ଅନ୍ୟ ବିଶେଷ୍ୟ ଶବ୍ଦର ପରେ ଲାଗେ; ୪ର୍ଥୀ ବିଭକ୍ତିର ଚିହ୍ନ ଅର୍ଥ ) ପାଇଁ — 3. For.

ସେବକ ଶିରାଏ ଚପଳଲେ; ବିଷୟ କର୍ମ ବନାଗିଲେ ।
ଜଗନ୍ନାଥ, ଭାଗବତ ।

ଦେ· ସାଙ୍କେତିକ — ଏ ଦେଶୀୟ ଚିଠି ପତ୍ରରେ ଗୋଟିଏ ବିଷୟର ଉଲ୍ଲେଖ ଶେଷ କରି ଅନ୍ୟ ଗୋଟିଏ ବିଷୟ ଲେଖିବା ପୂର୍ବରୁ 'ଏ' ଲେଖାଯାଏ । ଏହି 'ଏ'ର ଅର୍ଥ "ଏ ବିଷୟ ଏହି" ଅର୍ଥାତ୍ ଗୋଟିଏ ଲେଖନୀୟ ବିଷୟ ଏଠାରେ ଶେଷ ହେଲା । ଏହି 'ଏ'କୁ ଲେଖି ଅନ୍ୟ ପରିଚ୍ଛେଦ ବା ପ୍ରକରଣ ନୂତନ ଧାଡ଼ିରେ ଆରମ୍ଭ ନ କରି ସେହି ଧାଡ଼ିରେ ପରବର୍ତ୍ତୀ ବିଷୟ ଲେଖାଯାଏ । ଏହି ପ୍ରୟୋଗ ବେଳେ 'ଏ'ର ଦୁଇ ପାଖରେ ଦୁଇଟି ଗାର ଦିଆଯାଏ —

( An abbreneation used in letters ) — 'so much for this matter'.

ଦେ. ପ୍ରତ୍ୟୟ — ବିଶେଷ୍ୟ ଓ ବିଶେଷଣ ପ୍ରୟୋଗ (ନିମ୍ନଲିଖିତ ଅର୍ଥରେ ଅନ୍ୟ ଶବ୍ଦମାନଙ୍କ ସଙ୍ଗରେ ଲାଗେ) — Letter affixed to another word to denote.

୧ । ବହୁବଚନ; ମାନେ (ଯଥା — ପିଲାଏ ଖେଳୁଛନ୍ତି —
1. Plural.

କଲିରେ ଚନ୍ଦ୍ର ବାଣ ମାରିଲେ; ଚନ୍ଦ୍ର ବାଣେ ତା ଘ୍ରମ କାଟିଲେ ।
ଦୀନ୍ନାଥ, ଚନ୍ଦ୍ରଭାଗାପୁରାଣ ।

୨ । ଏକବଚନାର୍ଥକ; ମାନ୍ୟାର୍ଥକ — ଅମୁକ ବ୍ୟକ୍ତି —
2. Respectful singular.
(ଯଥା — ମିଶ୍ରେ; ପଟ୍ଟନାୟକେ; ଷଡ଼ଙ୍ଗୀଏ; ସେନାପତିଏ ।)

କୋଳରେ ଚନ୍ଦ୍ର ଗଣନାଥେ — ଭୂପତି. ପ୍ରେମପଞ୍ଚାମୃତ ।

୩ । ୭ମୀ ବିଭକ୍ତିର ଚିହ୍ନ; ସ୍ଥାନ ଓ କାଳାର୍ଥକ ଅଧିକରଣରେ; ରେ, ଠାରେ — 3. In.
( ଯଥା — ଘରେ ଭାତ ନାହିଁ; ଠାଏ ଠାଏ ଦୋକାନ ବସିଛି । )

ତଦନନ୍ତର ବାହୁ ନିଃସରଦ ଗୃହ ପଥରେ ନିଯୁକ୍ତ ପୁଣି —
କବିସୂର୍ଯ୍ୟ. ବଳଦେବରଥ, ଭ-ଗୀତ ।

୪ । ନିରୂପଣାର୍ଥକ ବା ନିଶ୍ଚୟାର୍ଥକ — ମାତ୍ର; ହିଁ —
4. Certainty; affirmative.
( ଯଥା — ସଂସାରେ ଜନ୍ମିଥାଇ ଦିନେ ତ ମରିବା; ତେବେ ଏବେ ମାୟା ଲାଗିଛି କିଆଁ ? )

୫ । ଏକସଂଖ୍ୟାର୍ଥକ ବା ପୂର୍ଣ୍ଣାର୍ଥକ — ଟା; ଟାଏ; ଟିଏ —
5. One; only.
( ଯଥା — ଗଡ଼ୁଏ ଦୁଧ; ଢାଳେ ପାଣି; ଗୋଟାଏ ବାଛୁରୀ । )

ରଜନୀ ଯାଏ ଯାଏ, ରୂପଶ୍ରୀଙ୍କି ଯୁଗଯୁଗ — ଭଗ ।

୬ । ୩ୟା ବିଭକ୍ତିରେ ବ୍ୟବହୃତ ଦ୍ୱାରା; ସାହାଯ୍ୟରେ —
6. By; with; with the help of.

ଜାଳ ତ ଜାଣ ମୋହନବଂଶୀ ଉଦେ —
କବିସୂର୍ଯ୍ୟ. ବଳଦେବରଥ, ଭ-ଗୀତ ।

୭ । ଅନ୍ୟ ଅକାରାନ୍ତ ବା ଆକାରାନ୍ତ ବିଶେଷ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ — ଏକ; ଗୋଟିଏ — 7. One.

ଏତେ ମଣ୍ଡପେ ଥୋଇଲେ; ମୁକ୍ତିଙ୍କି ବକେ ବସାଇଲେ —
ଭୂପତି — ପ୍ରେମପଞ୍ଚାମୃତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମଧ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ୍ୟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର— ଯେବେ ବିଶେଷ୍ୟ ପଦର ଶେଷ ବର୍ଣ୍ଣ ଅକାରାନ୍ତ ହୁଏ ତେବେ 'ଏ' ଅ ବା ଆ ସଙ୍ଗେ ଯୁକ୍ତ ହୋଇ 'ଏ' ହୁଏ । ଯଥା— ପୁଅ; ପୁଏ; ବ୍ୟଞ୍ଜନାନ୍ତ ଶବ୍ଦ ମାଆ; ମାଏ ସଙ୍ଗେ ଯୁକ୍ତ ହୋଇ ଏକାର ହୁଏ; ଯଥା—ମଣ୍ଡପ; ମଣ୍ଡପେ; ଅନ୍ୟ ସ୍ୱରବର୍ଣ୍ଣ ବା ସ୍ୱରବର୍ଣ୍ଣାନ୍ତ ଶବ୍ଦ ସଙ୍ଗେ 'ଏ' ସ୍ୱତନ୍ତ୍ର ରହେ; ଯଥା—ଗାଈଏ; ନାରୀଏ; ଭାଲୁଏ ଇତ୍ୟାଦି; ଯେଉଁ ଶବ୍ଦ ଶେଷରେ 'ଆ' ଥାଏ ସେଠାରେ 'ଏ' ଯୁକ୍ତ ହେଲେ 'ଆ' ସ୍ଥାନରେ ବିକଳ୍ପରେ 'ଏ' ଓ ଏକାର ହୁଏ; ଯଥା—ପିଲା—ପିଲାଏ; ପିଲେ । ]

୮ । କ୍ରିୟାର ରୂପରେ ପ୍ରୟୋଗ—

ପ୍ରଥମ ପୁରୁଷ, ଏକବଚନ, ନିତ୍ୟବର୍ତ୍ତମାନକାଳ—ଯଥା—ମୁଁ ଖାଏଁ ।
ତୃତୀୟ ପୁରୁଷ, ଏକବଚନ, ନିତ୍ୟବର୍ତ୍ତମାନକାଳ—ଯଥା—ସେ ଯାଏ ।
ଶ୍ରୀହରିଚନ୍ଦନ ବୋଲେ—କବିସୂର୍ଯ୍ୟ, କିଶୋରଚନ୍ଦ୍ର. ଚ-ଗୀତ ।

8. An inflection added to verbs to denote present tense

୯ । କ୍ରିୟା ବିଶେଷଣ ପ୍ରୟୋଗ ( ଯଥା—ଧୀରେ ଧୀରେ ବାଟ ଚାଲିବ; ମୁଁ ତାଙ୍କୁ ଗୋଡ଼େ ଗୋଡ଼େ ଜଗିଛି )—

9. An adverbial affix.

୧୦ । ଅନ୍ୟ ବିଶେଷ୍ୟ ଶବ୍ଦ ପରେ ଲାଗେ—(କ) ସହିତ ରେ—

10, ( a ) With

ଯଥା—ଚହଟେ ସୁଖେ ଏ ବନେ—କବିସୂର୍ଯ୍ୟ, କିଶୋରଚନ୍ଦ୍ର, ଚ-ଗୀତ ।

( ଖ ) ଅବସ୍ଥାରେ—

( b ) In the condition or state of.

ଡକା ଦେବା ବହେ ଅରଣ୍ୟେ ଉତ୍ତରେ—
କବିସୂର୍ଯ୍ୟ, କିଶୋରଚନ୍ଦ୍ର, ଚ-ଗୀତ ।

**ଏ ଅବଧି**—ଦେ. ଅ. ( ସଂ. ଏତଦ୍ + ଅବଧି )—
E abadhi — ୧ । ଆଜି ପର୍ଯ୍ୟନ୍ତ—1 Up to date.
এ অবধি — ୨ । ଆଜିଠାରୁ—2. Henceforth.
अबतक; अबसे

**ଏଆଡ଼** ( ଇତ୍ୟାଦି )— ଇଆଡ଼ ଇତ୍ୟାଦି ( ଦେଖ )
Eārd ( etc ) — Iārda etc ( See )
( ସେଆଡ଼—ବିପରୀତ )

**ଏଆଡ଼କୁ**—ଦେ. ଅ—୧ । ଇଆଡ଼କୁ ( ଦେଖ )
Eārdaku — 1. Iārdaku ( See )
এখন — ୨ । ବର୍ତ୍ତମାନକୁ; ସମ୍ପ୍ରତି—
ईधरको; अब — 2. At present.
(ସେଆଡ଼କୁ—ବିପରୀତ) ୩ । ଭବିଷ୍ୟତକୁ—3. In future

**ଏଆଡ଼ ସେଆଡ଼ ହେବା**—ଦେ. କି—୧ । ଇତସ୍ତତଃ ହେବା—
Eārda 'seārda hebā — 1. To move here and there
ইদিক উদিক হওয়া
ईधर उधर हाना — ୨ । ( ଲକ୍ଷଣାର୍ଥ ) ଉଭୟ ପକ୍ଷର ତତ୍ତ୍ୱ ନେବା—
2. To look after both sides.

**ଏଆଡ଼ିକା**—ଗ୍ରା. ବିଣ—ଇଆଡ଼ିକା ( ଦେଖ )
Eārdikā — Iārdakā ( See )

**ଏଆଡ଼ିକି**—ଗ୍ରା. ଅ—ଇଆଡ଼ିକୁ ( ଦେଖ )
Eārdiki — Iārdaku ( See )

**ଏଆଡ଼ୁ** ( ଇତ୍ୟାଦି )—ଦେ. ଅ—ଇଆଡ଼ୁ ( ଦେଖ )
Eārdu ( etc ) — Iārdu ( See )
( ସେଆଡ଼ୁ—ବିପରୀତ )

**ଏଆଡ଼େ**—ଦେ. ଅ—୧ । ଏହି ଦିଗରେ—
Eārde — 1 In this direction.
এদিকে; ইদিগ — ୨ । ଏହି ଦେଶରେ—
ईसआर — 2. In this country.
( ସେଆଡ଼େ—ବିପରୀତ ) ୩ । ଏହି ସ୍ଥାନରେ—
3 In this place.
୪ । ଏହି ଦିଗକୁ; ଏହି ସ୍ଥାନକୁ; ଏଠାକୁ—
4. To this place or direction.
( ଯଥା—ତୁମେ ଏଆଡ଼େ ଆସ । )
୫ । ଏହି ପାଖରେ—5. On this side.
୬ । ଏହି ବାଟେ— 6. This way.

**ଏଆଡ଼େ ସେଆଡ଼େ**—ଦେ. ଅ. ( ସହଚର ଶବ୍ଦ )—ଏଣେତେଣେ—
Eārde seārde — Here and there.
ইদিক উদিক — ଏ ସକାଶୁଁ ରଥ ହୋଇଣ ଅସ୍ତବ୍ୟସ୍ତ;
ईसआर उसआर — ଏଆଡ଼େ ସେଆଡ଼େ ଗଲ ସେ ହେଲେ ତ୍ରସ୍ତ—
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

**ଏଆଡ଼େ ସେଆଡ଼େ ଥିବା**—ଦେ. କି—ଦୁଇ ବିପରୀତ ପକ୍ଷଙ୍କ ସଙ୍ଗେ
Eārde seārde thibā — ମିଶିବା—To mix with both the opposite sides.
ইদিকে উদিকে থাকা
ईसआर उसआर रहना; इधर उधर रहना

**ଏଆଡ଼େ ସେଆଡ଼େ ହାତମାରିବା**—ଦେ. କି. (ମୃଦଙ୍ଗର ଦୁଇ ପିଠିରେ
Eārde seārde hāta māribā — ହାତ ମାରିବାର ଉପମାରୁ)—
ইদিকে উদিকে হাত মারা — ୧ । ଦୁଇ ବିପକ୍ଷ ପକ୍ଷଙ୍କ ସଙ୍ଗେ ମିଶିବା—
ईधर उधर हात मारना — 1. To mix with both the sides.
୨ । ଖଣ୍ଡଖାଣ୍ଡି ଭଣ୍ଡି ସାମାନ୍ୟ ଜିନିଷ ଚୋରି କରିବା—
2. To commit theft to pilfer

**ଏଇ**—ଗ୍ରା. ସର୍ବନାମ—( ସଂ. ଏତଦ୍ )—ଏହି; ଏହା—
Ei — This; it.
এই — କି. ବିଣ—ବର୍ତ୍ତମାନ; ଏଠାରେ—Now; here.
ईस; यह — ବିଣ—୧ । ସମ୍ମୁଖସ୍ଥ; ଉପସ୍ଥିତ—
1. Present; in front.
୨ । ପ୍ରସଙ୍ଗୋକ୍ତ – 2. Under consideration; which is being talked about.

ଏଇ କଥାକୁ, ନାଅ ପେଲଦେଲ କହିବାକୁ—ଘଗ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଢ଼ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଣ,ଶ | ଞ୍ଚ | ଇସ୍ | ଋଅ | ଔ |
| ୨ | ଊ | ଜ | ଋୁ | ଌୁ | ଯ୍ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍କ | କୃ |

ଅ. ଦେ—୧ । ଦେଖନ୍ତୁ—1. Look here

ଏଇ ତ ମେଘଣି ଯେନ କାଳ ପରପାରେ—ମଧୁସୂଦନ· କବିତ୍ରଗାଥା ।

୨ । (ବଙ୍ଗଳାରୁ ଅନୁକୃତ)—ବର୍ତ୍ତମାନ—2. Just now.

( ଯଥା—ମୁଁ ଏଇ ଅଇଲି ବୋଲି ଜାଣ—

ଏଇଅ—ଗ୍ରା. ସର୍ବ—୧ । ଏତିକ; ଏତିକିମାତ୍ର—
Eiā 1. This much only.
এই ୨ । ଏତିକି; ଏତିକିହିଁ—2. This only.
यह ୩ । ଏହାମଧ୍ୟ—3. This also; this too.

ଏଇଅଡ଼ ( ଇତ୍ୟାଦି )—ଦେ. ଅ—ଇଅଡ଼ ଇତ୍ୟାଦି ( ଦେଖ )
Eiārda ( etc ) Iārda.ėtc ( See )

ଏଇଓ—ଦେ. ଅ—ମନୋଯୋଗ ଆକର୍ଷଣପୂର୍ବକ ସମ୍ବୋଧନ—
Eio ( interjection ) Heigh ho.

ଏଇ କଥାକୁ, ନାଆ ପେଲି ଦେଲି କଲିକତାକୁ—ଦେ. ନ୍ୟାୟ—ସାମାନ୍ୟ
Ei kathāku nāā peli deli kalikatāku କଥାରେ ବଡ଼ ଆୟୋଜନ କରିବାର ଦେଖାଗଲେ ଏହା ପ୍ରଯୁଜ୍ୟ; ଏହି ସାମାନ୍ୟ କଥା ପାଇଁ ଏଡ଼େ ବଡ଼ ଆୟୋଜନ କଲ—
A saying used when unduly big arrangements are done for petty things; literally it means—for this simple matter one had to send a boat to Calcutta !.

ଏଇକ୍ଷଣି—ଦେ. ଅ. ( ସଂ. ଏତଦ୍+କ୍ଷଣ )—
Eikshaṇi ୧ । ବର୍ତ୍ତମାନ—1. Now.
এখুনি ୨ । ଆଜିକାଲି—2. Now a days.
अभी ୩ । ଏହି ମୁହୂର୍ତ୍ତରେ— 3. Just now.

ଏଇକ୍ଷଣିକା—ଦେ. ଅ—ଏଇକ୍ଷଣି ( ଦେଖ )
Eikshaṇikā Eikshaṇi ( See )

ଏଇକ୍ଷିଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eikshiṇi Eikshaṇi ( See )

ଏଇକ୍ଷିଣିକା—ଗ୍ରା. ଅ.—ଏଇକ୍ଷଣି ( ଦେଖ )
Eikshiṇikā Eikshaṇi ( See )

ଏଇଖଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eikhaṇi Eikshaṇi ( See )

ଏଇଖଣିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eikhaṇikā Eikshaṇi ( See )

ଏଇଖରଜାତ ଖର୍ଚ୍ଚ ମାହାଲ—ବୈଦେ. ବି. ( ଅ. ଇଖ୍ରାଜାତ୍=ଖରଚ;
Eikharājāta kharchcha māhāla ଖରଚ ଚଳାଇବା ପାଇଁ ନିର୍ଦ୍ଦିଷ୍ଟ ମାହାଲ ବା ଜମିଦାରୀ )—୧୮୧୮ ଏବଂ ୧୮୬୩ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାର ଯେଉଁ ମୌଜାମାନଙ୍କୁ ପୁରୀରାଜାଙ୍କ ଦଖଲରେ ଛାଡ଼ି ଦେଲେ—
Name of a Zamindary in the district of Puri which the British Government handed over to the Rājā of Puri for meeting expenses of the worship of Lord Jagannātha.

[ ଦ୍ର—ଗଭର୍ଣ୍ଣମେଣ୍ଟ ୧୮୦୪ ସାଲରେ ଖୋରଧା ଅଧିକାର କରିବା ପରେ, ଜଗନ୍ନାଥଙ୍କ ମନ୍ଦିରର ସେବାଖରଚ ଚଳାଇବା ପାଇଁ ନଗଦ ଟଙ୍କା ଦେଉଥିଲେ; କିନ୍ତୁ ଖ୍ରୀଷ୍ଟିାନ୍ ଗଭର୍ଣ୍ଣମେଣ୍ଟ ହିନ୍ଦୁଦେବତାଙ୍କ ପୂଜାଖରଚ ପାଇଁ ଟଙ୍କା ଦେବା ବିଷୟରେ ବିଲାତରେ ଓ ପାର୍ଲିଆମେଣ୍ଟରେ ବିଶେଷ ଆପତ୍ତି ଉଠିବାରୁ ଗଭର୍ଣ୍ଣମେଣ୍ଟ ନଗଦ ଟଙ୍କା ଦେବା ପରିବର୍ତ୍ତେ ମନ୍ଦିରର ଖରଚ ଚଳାଇବା ପାଇଁ ପୁରୀ ରଜାଙ୍କୁ କେତେଗୁଡ଼ିଏ ଭୂସମ୍ପତ୍ତି ଛାଡ଼ି ଦେଲେ । ଏହାକୁ ଏଇଖରଜାତ୍ ମାହାଲ କହନ୍ତି; ଏହି ମାହାଲରେ ପ୍ରଥମେ ୧୨୪ ଟି ମହଜା ଥିଲା । ବର୍ତ୍ତମାନ ଏହି ଜମିଦାରୀର ଆୟରୁ ପୁରୀରାଜା ନେଇ ଜଗନ୍ନାଥଙ୍କ ସେବା ଚଳାନ୍ତି । ]

ଏଇଖିଣି—ଗ୍ରା. କ୍ରି. ବିଣ—ଏଇକ୍ଷଣି ( ଦେଖ )
Eikhiṇi Eikshaṇi ( See )

ଏଇଖିଣିକା—ଗ୍ରା. କ୍ରି. ବିଣ—ଏଇକ୍ଷଣି ( ଦେଖ )
Eikhiṇikā Eikshaṇi ( See )

ଏଇଛଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhaṇi Eikshaṇi ( See )

ଏଇଛିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhikā Eikshaṇi ( See )

ଏଇଛିଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhiṇi Eikshaṇi ( See )

ଏଇଛିଣିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhiṇikā Eikshaṇi ( See )

ଏଇଛୁଣି—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhuṇi Eikshaṇi ( See )

ଏଇଛୁଣିକା—ଗ୍ରା. ଅ—ଏଇକ୍ଷଣି ( ଦେଖ )
Eichhuṇikā Eikshaṇi ( See )

ଏଇଟା—ଗ୍ରା. ସର୍ବନାମ. ( ଅନାଦରାର୍ଥକ; ସଂ. ଏତଦ୍ )—ଏହା—
Eiṭā ( used in derision ) This.
এটা
एठा

ଏଇଟି—ଗ୍ରା. ସର୍ବନାମ. ( ସଂ. ଏତଦ୍ ) ( ଆଦର; ସ୍ନେହ ଓ ଦୟା ଅର୍ଥରେ )—ଏହା; ଏହି—
Eiṭi (used in fondness) This.
এটি
यह

ଏଇଠଉଁ—ଗ୍ରା ଅ. (ସଂ. ଏତଦ୍ ଓ ସ୍ଥାନ) —୧ । ଏହି ସମୟରୁ—
Eiṭhauṅ 1. Henceforth.
এইথেকে ୨ । ଏହି ସ୍ଥାନରୁ; ଏହି ଠାରୁ—
अबसे 2. Hence; from here.

ସାଧାରଣ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ସାଢ' ନ ମିଳିଲେ 'ସାଢ଼' ଖୋଜିବେ; 'ଋଥ' ନ ମିଳିଲେ 'ଋଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏଇଠା—ଗ୍ରା. ବି. ( ସଂ. ଏତଦ୍ ଓ ସ୍ଥାନ )—ଏହିସ୍ଥାନ; ଏଠା—
Eithā This place.
এইখান [ ଭୂ—ଏ ଶବ୍ଦ ମଧ୍ୟ ଏଇଠାକୁ, ଏଇଠାରୁ, ଏଇଠାର,
इसजगह ଏଇଠାରେ ଇତ୍ୟାଦି ରୂପେ ଯଥାକ୍ରମେ ଦ୍ୱିତୀୟା, ପଞ୍ଚମୀ ଷଷ୍ଠୀ ଓ ସପ୍ତମୀ ବିଭକ୍ତିର ରୂପ ଧାରଣ କରି ବ୍ୟବହୃତ ହୁଏ । ]
ଗ୍ରା. ବିଣ—ଏ ସ୍ଥାନର—Of this place.

ଏଇଠାଇଁ—ଗ୍ରା. ଅ. ( ସଂ. ଏତଦ୍+ସ୍ଥାନେ )—ଏହିଠାରେ—
Eiṭhāiñ Here; at this place.
এইখানে
यहाँ

ଏଇଠି—ଗ୍ରା. ଅ—ଏହିଠାଇଁ—Here; at this place.
Eiṭhi

ଏଇଠିଁ—ଗ୍ରା. ଅ—ଏହିଠାଇଁ—Here; at this place.
Eiṭhiñ

ଏଇଠିକା—ଦେ. ବିଣ—ଏହି ସ୍ଥାନର—
Eiṭhikā Of this place.
এখানকার
इधरका

ଏଇଠିକାର—ଗ୍ରା. ବିଣ—ଏଇଠିକା ( ଦେଖ )
Eiṭhikāra Eiṭhikā ( See )

ଏଇଠିକି—ଗ୍ରା. ଅ—ଏଇ ସ୍ଥାନକୁ ; ଏଠାକୁ—
Eiṭhiki - To this place.
এখানে
यहाँ

ଏଇଠୁ—ଗ୍ରା. ଅ—ଏହି ସ୍ଥାନରୁ ; ଏଠାରୁ—
Eiṭhu From this place; hence.
এখানথেকে
यहाँसे

ଏଇଠୁଁ—ଗ୍ରା. ଅ—ଏଇଠୁ ( ଦେଖ )
Eiṭhuñ Eiṭhu ( See )

ଏଇଠେଇଁ—ଗ୍ରା. ଅ—୧ । ଏଠାରେ; ଏ ସ୍ଥାନରେ—
Eiṭheiñ 1. Here; at this place.
হেথায়, ওখানে ୨ । ଏହି ଅଞ୍ଚଳରେ—2. In this locality.
यहाँ ୩ । ପ୍ରସଙ୍ଗର ଏହି ଅଂଶରେ—
3 In this part of the narrative.

ଏଇତା—ଗ୍ରା. ସର୍ବ. ( ସଂ. ଏତତ୍; ଏତକି )—
Eitā ୧ । ଏହା—1 This.
এহাই ୨ । ଏତିକି; ଏତକ – 2. This much.
यह ୩ । ଏହାମାତ୍ର—3 This only.
୪ । ଏହା ମଧ୍ୟ—4. This also.

ଏଇଥି—ଗ୍ରା. ସର୍ବ. (ସଂ. ଏତତ୍)—ଏହା—
Eithi This.
এই [ ଦ୍ର—ଏହି ଶବ୍ଦଟି ସ୍ୱତନ୍ତ୍ର ବ୍ୟବହୃତ ନ ହୋଇ ଦ୍ୱିତୀୟା ବିଭକ୍ତି
इस (ଏଇଥିକ; ଏଇଥିକୁ), ତୃତୀୟା ( ଏଇଥିରେ; ଏଇଥିଦ୍ୱାରା ), ୫ମୀ ( ଏଇଥିରୁ ), ୬ଷ୍ଠୀ ( ଏଇଥିର ), ୭ମୀ ( ଏଇଥିରେ ) ଏବଂ ଏଇଥିନିମନ୍ତେ; ଏଇଥିପାଇଁ; ଏଇଥିଲାଗି; ଏଇଥି ସକାଶେ ଆଦି ରୂପେ ବ୍ୟବହୃତ ହୁଏ । ]

ଏଇ ନଗଦ—ଗ୍ରା. ଅ (ଏତଦ୍+ଅ. ନକ୍ଦ୍=ବର୍ତ୍ତମାନ ଉପସ୍ଥିତ )—
Ei nagada ୧ । ବର୍ତ୍ତମାନ—1. Now.
এখুনি; এইনাগাদ ୨ । ଏହିକ୍ଷଣରେ; ଏହି ମୁହୂର୍ତ୍ତରେ—
अभी; इसीघड़ी 2. Presently; just now.
୩ । ଯୋଉଡ଼େଯୋଉଡ଼େ – 3. Immediately.

ଏଇ ନଗଦି—ଗ୍ରା. ଅ—ଏଇ ନଗଦ ( ଦେଖ )
Ei nagadi Ei nagada ( See )

ଏଇନାଁ—ଗ୍ରା. ଅ—ଏଇ ନଗଦ ( ଦେଖ )
Eināñ Ei nagada ( See )

ଏଇନାଗେ—ଗ୍ରା. ଅ—ଏଇନଗଦ ( ଦେଖ )
Einãge Ei nagada ( See )

ଏଇନେ—ଗ୍ରା. କ୍ରି. ବିଣ—ଏଇ ନଗଦ (ଦେଖ )
Eine Ei nagada ( See )

ଏଇ ବାଗେ—ଦେ. କ୍ରି. ବିଣ—୧ । ଠିକ୍ ଏହାପରି; ଏହିପରି—
Ei bãge 1. Likewise; similarly.
এইমতন ୨ । ଏହି ପ୍ରକାରେ—2 In this manner; in this way.
୩ । ଏହି ଉପାୟରେ—3. By this means.

ଏଇ ମାତ୍ର—ଗ୍ରା. କ୍ରି. ବିଣ– ବର୍ତ୍ତମାନ; ଏହିକ୍ଷଣି—
Ei mātra Just now.

ଏଇଲାଗେ—ଦେ. ଅ. (ସଂ. ଏତଦ୍+ଲଗ୍ନ)—ଏଇନଗଦ (ଦେଖ)
Eilãge Ei nagada (See)

ଏଇଲେ – ଗ୍ରା. ଅ.—ଏଇଲାଗେ (ଦେଖ)
Eile Eilãge (See)

ଏଉଟା—ଦେ. ସର୍ବ. (ଅନାଦରାର୍ଥକ)—ଏହା—
Euṭā (used in derision) This.

ଏଉଟି—ଦେ. ସର୍ବ. (ଆଦର, ସ୍ନେହ ଓ ଦୟା ଅର୍ଥକ) — ଏହା; ଏହି—
Euṭi (used in pity and affection) This.
ଏଉଟି କଏ ସେ ହେ ଅଦ୍ଭୁତ ପୁରୁଷ । କୃଷ୍ଣସିଂ ହ. ମହାଭାରତ, ବନ ।

ଏଉଡ଼ି—ଦେ. ବି (ଧ୍ୱନ୍ୟନୁକରଣ)—ହାଉଟି—
Eurḍi Belching.
ঢেকুর
डकार

ଏଉଡ଼ି ମାରିବା—ଦେ. କ୍ରି—ହାଉଟି ମାରିବା—
Eurḍi māribā To belch.
ঢেকুর মারা
डकारना

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଙ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଡ | ଷ,ସ | ଙ୍କ | ତ୍ସ | ତ୍ଥ | ଘ |
| ୨ | ଈ | ଊ | ଌ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଘ | ତ୍ଥ | ଓ | ନ୍ତ |

ଏଉତ୍ତାରୁ—ଦେ. ଅ. (ସଂ. ଏତଦ୍ + ଉତ୍ତର)—୧। ଏହା ପରେ—
Euttāru 1. After this; hereafter.
এরপর ୨। ଆଜିଠାରୁ; ବର୍ତ୍ତମାନଠାରୁ—
इसकेबाद 2. Henceforward

ଏଓଟା—ଦେ. ଅ. (ସଂ. ଏତଦ୍ ବେଳା)—ଦିନର ଏହି ଓଳି; ଦିନର
Eotā ଏହି ଅଂଶରେ; ଦିନର ଏହି ବେଳାରେ (ସକାଳବେଳା ବା
এ বেলা ଉପରବେଳା)—This time or part of the
इसवकत day; this forenoon or this afternoon.

ଏଓଲା—ଦେ. ଅ.—ଏଓଟା (ଦେଖ)
Eoḻā Eotā (See

ଏଓଳି—ଦେ. ଅ—ଏଓଟା (ଦେଖ)
Eoḻi Eotā (See

ଏଁ—ଦେ. ଅ.—ଆଃ; ଓହୋ—(ନିମ୍ନ ଅର୍ଥରେ ବ୍ୟବହୃତ)
Eñ Interjection used in —
উঃ ୧। ଆଶ୍ଚର୍ଯ୍ୟ—1 Wonder.
अहो ୨। ପ୍ରଶଂସା—2. Praise; approval
୩। ଘୃଣା—3. Contempt
୪। ଆକ୍ଷେପ—4. Regret.
୫। ବିଦ୍ରୂପ ବା ବ୍ୟଙ୍ଗୋକ୍ତି—5 Jest; satire.

ଏଁ—ଦେ. ଅ. (କ) ହଁ; ହାଁ—
Eñ O yes; (Interjection used in.)
୧। ପ୍ରଶ୍ନର ଉତ୍ତର—
1. Giving reply, responding to a call.
୨। ଅବଜ୍ଞା—2. Disregard.
୩। ନିଷେଧ—3. Prohibition
(ଖ) କ୍ରିୟାର ରୂପରେ ପ୍ରୟୋଗ; ନିତ୍ୟପ୍ରବୃତ୍ତ ବର୍ତ୍ତମାନ ପ୍ରଥମ ପୁରୁଷ ଏକବଚନରେ ଯଥା—ମୁଁ ନିତି କଟକକୁ ଯାଏଁ—An inflection added to a verb in present tense 1st person singular.

ଏଁକ୍ଲା—ପ୍ରାଦେ. (ସମ୍ବଲପୁର) ବିଣ ଓ କ୍ରି. ବିଣ—ଏକଲା; ଏକାକୀ—
Eñklā Alone

ଏଁଟ୍ରାଇବା—ପ୍ରାଦେ. (ସମ୍ବଲପୁର) କ୍ରି. (ଘୃଣାର୍ଥକ)—ଏକଦୃଷ୍ଟିରେ
Eñṭrāibā ଅନାଇ ରହିବା—To stare at.

ଏଁଟ୍ରେଇବା—ପ୍ରାଦେ (ସମ୍ବଲପୁର) କ୍ରି—ଏଁଟ୍ରାଇବା (ଦେଖ)
Eñṭreibā Eñṭrāibā (See)

ଏଁସ—ପ୍ରାଦେ. (ଗଡ଼ଜାତ. ଶୂଦ୍ର ବ୍ୟବହୃତ). ଅ—ଏ ବର୍ଷ; ଏ ସନ—
Eñsa This year

ଏଁହେଁ—ଦେ. ଅ—ନାଁ—No; interjection used in—
Eñheñ ୧। ନିଷେଧ—1. Prohibition
୨। ନାହିଁ—3. Negation

ଏକ୍—ଦେ. ବି ଓ ବିଣ. (ସଂ. ଏକ)—ଏକ—
Ek One.
এক
एक

ଏକ୍‌ଖଣ୍ଡିଆ—ପ୍ରାଦେ. (ସମ୍ବଲପୁର) ବିଣ—ଏକକାନିକିଆ (ଦେଖ)
Ekkhaṇḍiā Ekakānikiā (See)

ଏକ୍‌ଜାମିନ୍—ବୈଦେ. ବି. (ଇଂ. ଏକ୍‌ଜାମିନେସନ୍ ବି ଓ ଏକ୍‌ଜାମିନ୍
Ekjāmin କ୍ରି)—ପରୀକ୍ଷା; ବିଦ୍ୟାପରୀକ୍ଷା—
এগজামিন Examination.
इमतिहान

ଏକ୍‌ଜାମିନ୍ ଦେବା—ଦେ. କ୍ରି. (ଇଂ. ଏକ୍‌ଜାମିନେସନ୍)—
Ekjāmin debā ପରୀକ୍ଷାରେ ଉପସ୍ଥିତ ହେବା—
এগজামিন দেওয়া To appear at an examination.
इमतिहान देना

ଏକ୍‌ଜାମିନର—ବୈଦେ. ବି. (ଇଂ. ଏକ୍‌ଜାମିନର୍)—
Ekjāminar ପରୀକ୍ଷକ—Examiner.
এগজামিনর
परीक्षक

ଏକ୍‌ଜାମିନେସନ୍—ବୈଦେ. ବି. (ଇଂ. ଏକ୍‌ଜାମିନେସନ୍)—
Ekjāminesan ପରୀକ୍ଷା—Examination.
এগজামিনেসন্ [ଦ୍ର—ଏହି ଇଂରାଜୀ ଶବ୍ଦପୂର୍ବେ ଅନ୍ୟ ଇଂରାଜୀ
इमतिहान ଶବ୍ଦମାନ ଲାଗି ଭିନ୍ନ ଭିନ୍ନ ପରୀକ୍ଷା ବୁଝାଏ ଯଥା—
ହାଫ୍ ଇଅର୍ଲି ଏକ୍‌ଜାମିନେସନ୍=ଷାଣ୍ମାସିକ ପରୀକ୍ଷା=Half-Yearly Examination; କ୍ୱାର୍ଟର୍ଲି ଏକ୍‌ଜାମିନେସନ୍=ତ୍ରୈମାସିକ ପରୀକ୍ଷା=Quarterly Examination.]

ଏକ୍‌ଜାମିନେସନ୍ ପେପର୍—ବୈଦେ. ବି. (ଇଂ. ଏକ୍‌ଜାମିନେସନ୍-
Ekjāminesan pepar ପେପର୍)—ପରୀକ୍ଷାରେ ଦିଆଯାଇ-
এগজামিনেসন পেপর ଥିବା ପ୍ରଶ୍ନମାନଙ୍କର ଉତ୍ତରକୁ ପରୀକ୍ଷାର୍ଥୀ
इमतिहान कागज ଯେଉଁ କାଗଜ ବା ଖାତାରେ ଲେଖିଥାଏ—
Examination paper.

ଏକ୍‌ଜାମିନେସନ୍ ସେଣ୍ଟର—ବୈଦେ. ବି. (ଇଂ. ଏକ୍‌ଜାମିନେସନ
Ekjāminesan senṭar ସେଣ୍ଟର୍)—ପରୀକ୍ଷା କେନ୍ଦ୍ର; ଯେଉଁ
এগজামিনেসন সেণ্টর ସ୍ଥାନରେ ଅନେକ ଅଞ୍ଚଳରୁ ଆଗତ ପରୀକ୍ଷାର୍ଥୀ
परीक्षाका केन्द्र ଏକତ୍ର ହୋଇ ପରୀକ୍ଷା ଦିଅନ୍ତି—
Examination centre.

ଏକ୍‌ଜାମିନେସନ୍ ହଲ—ବୈଦେ. ବି. (ଇଂ. ଏକ୍‌ଜାମିନେସନ୍ ହଲ୍)—
Ekjāminesan hal ସକଳ ପରୀକ୍ଷାର୍ଥୀ ଏକତ୍ର ତତ୍ତ୍ୱାବଧାନରେ
এগজামিনেসনল হল ରହି ଯେଉଁ ଲମ୍ବ ଗୃହରେ ପରୀକ୍ଷା ଦିଅନ୍ତି—
परिक्षाका कमरा Examination hall.

ସାଧାରଣ ଲୋକେ ଏହି ପୃଷ୍ଠାରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

**ଏକ୍‌ଜିକିଉଟର୍**—ବୈଦେ. ବି. (ଇଂ)—ମୃତ ବ୍ୟକ୍ତିର ୱିଲ୍‌ର ନିର୍ଦ୍ଦେଶ
Ekjikiutar ଅନୁସାରେ ତାଙ୍କ ସମ୍ପତ୍ତିର ସଂରକ୍ଷଣ କରିବା ପାଇଁ
একজিক্যুটর ଜଣଙ୍କ ଦ୍ୱାରା ନିଯୁକ୍ତ ବ୍ୟକ୍ତି—
एकजिकिउटर Executor to the estate of a deceased testator

**ଏକ୍‌ଜିକିଉଟିଭ୍ ଇଞ୍ଜିନିୟର**—ବୈଦେ. ବି. (ଇଂ. ଏକ୍‌ଜିକ୍ୟୁଟିଭ୍
Ekjikiuṭibh iñjiniyar ଇଞ୍ଜିନିଅର୍)—ପାବ୍ଲିକ୍‌ୱାର୍କସ୍ ବା ପୂର୍ତ୍ତ
এক্‌জিকিউটিভইঞ্জিনিয়র ବିଭାଗର ଉଚ୍ଚପଦସ୍ଥ କର୍ମଚାରୀ—
एकजिकिउटिभ इञ्जिनियर Executive engineer.

**ଏକ୍‌ଜିକିଉଟିଭ କାଉନସିଲ**—ବୈଦେ. ବି. (ଇଂ)—ପ୍ରାଦେଶିକ ଶାସନ
Ekjikiuṭibh kāunsil ସମିତି, ଯେଉଁ ସମିତି ପ୍ରାଦେଶିକ
এক্‌জিকিউটিভ কাউন্‌সিল ଲାଟଙ୍କୁ ଶାସନ ବିଷୟରେ ପରାମର୍ଶ
एकजिकिउटिभ काउन्‌सिल ଦିଅନ୍ତି —Executive Council.

**ଏକ୍‌ଜିକିଉଟିଭ କାଉନ୍‌ସିଲର**—ବୈଦେ. ବି. (ଇଂ)—ଏକ୍‌ଜିକିଉଟିଭ୍
Ekjikiuṭibh kāunsilar କାଉନ୍‌ସିଲ୍‌ର ସଭ୍ୟ ବା ମେମ୍ବର—
এক্‌জিকিউটিভ কাউনসিলার Member of the
एकजिकिउटिभ काउन्‌सिलर Executive council.

**ଏକ୍‌ଜିକିଉଟିଭ ସର୍ଭିସ୍**—ବୈଦେ. ବି. ( ଇଂ )—ରାଜ୍ୟର ଶାସନକାର୍ଯ୍ୟ
Ekjikiuṭibh sarbhis ଚଳାଇବାପାଇଁ ନିଯୁକ୍ତ କର୍ମଚାରୀମାନଙ୍କ
একজিক্যুটিভ সর্ভিস ଶ୍ରେଣୀ—Executive service.
एकजिक्युटिभ सार्भिस

**ଏକ୍‌ଜିବିଟ୍**—ବୈଦେ. ବି.(ଇଂ)—୧ । ମକଦ୍ଦମାରେ ପକ୍ଷମାନଙ୍କ ତରଫରୁ
Ekjibiṭ ପ୍ରମାଣରୂପେ ଗୃହୀତ ହୋଇ ଅଦାଲତଙ୍କ ଦ୍ୱାରା ଚିହ୍ନ
একজিবিট ଦିଆଯାଇଥିବା ଦଲିଲ —1. Exhibit in a case.
एकजिबिट ୨ । ପ୍ରଦର୍ଶନୀରେ ପ୍ରଦର୍ଶିତ ବସ୍ତୁ—
2. Exhibit in an exhibition

**ଏକ୍‌ଜିବିସନ୍**—ବୈଦେ. ବି. (ଇଂ)—ଦର୍ଶନୀୟ ବସ୍ତୁମାନଙ୍କ ପ୍ରଦର୍ଶନୀ—
Ekjibisan Exhibition

**ଏକ୍‌ଟିଙ୍ଗ (ଇତ୍ୟାଦି)**—ବୈଦେ. ବିଣ. ( ଇଂ. ଆକ୍‌ଟିଙ୍ଗ )—
Ekṭiṅg etc. ଆକ୍‌ଟିଙ୍ଗ (ଇତ୍ୟାଦି) (ଦେଖ)
Ākṭiṅg etc. ( See )

**ଏକ୍‌ଠାନିଆଁ**—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଏକ ଓ ସ୍ଥାନ)—
Ekṭhaniāṅ ଏକତ୍ରାବସ୍ଥିତ—Situated together.

**ଏକ୍‌ଠାନ୍**—ପ୍ରାଦେ. (ସମ୍ବଲପୁର) ବି. (ସଂ. ଏକ+ସ୍ଥାନ)—ଏକସ୍ଥାନ—
Ekṭhān One place.
ପ୍ରାଦେ. ଅ—ଏକାଠି—Together.

**ଏକ୍‌ତାର୍ (ଇତ୍ୟାଦି)**—ବୈଦେ. ବି.(ଆ)—ଅକ୍ତିଆର୍ ଇତ୍ୟାଦି (ଦେଖ)
Ektār (etc ) Aktiār etc ( See )

**ଏକ୍‌ତାରି**—ବୈଦେ. ବି (ଆ)—ଅକ୍ତିଆରି ( ଦେଖ )
Ektāri Aktiāri ( See )

**ଏକ୍‌ପର୍‌ଛି**—ପ୍ରାଦେ. (ସମ୍ବଲପୁର) ବି ଓ ବିଣ —ଏକଚାଳା ( ଦେଖ )
Ekparchhi Ekachāḻā ( See )

**ଏକ୍‌ପରଛିଆ**—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—ଏକଚାଳିଆ (ଦେଖ)
Ekparachhiā Ekachāḻiā ( See )

**ଏକ**—ସଂ. ବି. ( ଇ=ଗମନ କରିବା+କ; ସଂଖ୍ୟାବାଚକ )—
Eka ଏକସଂଖ୍ୟା; ଗୋଟିଏ—One; the number 1.
( ଏକା—ସ୍ତ୍ରୀ ) ଦେ. ଅ—ଚାଟଶାଳୀରେ ଛାତ୍ର ଗୁରୁଙ୍କଠାରୁ
(ଅନେକ; ବହୁଳ—ବିପରୀତ) ଅନୁମତି ନେଇ ପରିସ୍ରା କରିବାକୁ
ଯିବା ସମୟରେ ଉଚ୍ଚାରିତ ସଂଖ୍ୟା; ପରିସ୍ରା କରିବା—
Making water, pissing.
[ ଦ୍ର— ଛାତ୍ରମାନେ ଝାଡ଼ାଫେରି ଯିବାକୁ 'ଦୁଇ' କହନ୍ତି । ]
ସଂ. ବିଣ—୧ । ଏକମାତ୍ର; ଏକସଂଖ୍ୟକ—1. One; single.
୨ । କୌଣସି ଗୋଟିଏ; କୌଣସି—
2. Any; some.
( ଯଥା—ଏକ ରାଜନରେ ଚାଲୁଣିଆ ପଣ୍ଡିତଟିଏ ଥାଏ । )
୩ । ସମାନ; ସମ—3. Similar.
( ଯଥା—ତୁମ କହିବା କଥା, ମୋ ଶୁଣିବା କଥା ଏକ । )
୪ । ଅଭିନ୍ନ—4. Identical; the same.
୫ । ଏକା; ଏକାକୀ; ଅଦ୍ୱିତୀୟ; ସହଚରରହିତ—
5 Single; solitary; alone; not accompanied by anyone.

> ଏକ ନନ୍ଦପ୍ରେ ସାରଦଣ୍ଡ ଗୋଡ଼ାଇ ମିଶନ୍ତି ସଇନ ।
> ଭୂପତି- ପ୍ରେମପଞ୍ଚାମୃତ ।

୬ । ପ୍ରଥମ; ଏକକ—6. First; primary.
୭ । ସର୍ବପ୍ରଧାନ; ଶ୍ରେଷ୍ଠ—
7. Chief; principal; foremost.

**ଏକଅଙ୍ଗିଆ ବାତ**—ଦେ. ବି—ଏକଅଙ୍ଗୀ ବାତ ( ଦେଖ )
Ekaaṅgiā bāta Ekaaṅgī bāta ( See )

**ଏକଅଙ୍ଗୀ**—ଦେ. ବି. ଓ ବିଣ—୧ । ଏକାଙ୍ଗୀ; ଶରୀରର ଏକ ଅଙ୍ଗକୁ
Ekaaṅgī ଆକ୍ରମଣ କରିଥିବା ( ରୋଗ )—
একঅঙ্গী 1. (disease) Affecting one limb only.
एकअङ्गी ୨ । ଶରୀରର ଏକପାର୍ଶ୍ୱ ବା ଅଙ୍ଗକୁ ଆକ୍ରମଣ କରିଥିବା
(ରୋଗ)—2. ( disease ) Affecting one ( right or left ) side of the body.

**ଏକଅଙ୍ଗୀ ବାତ**—ଦେ. ବି. ( ସଂ. ଏକ ଓ ଅଙ୍ଗ ଓ ବାତ )—ଶରୀରର
Ekaaṅgī bāta ଏକ ପାଖର ଅଙ୍ଗକୁ ଅବଶ କରିବା
একঅঙ্গীবাত ବାତରୋଗବିଶେଷ; ପକ୍ଷାଘାତରୋଗ—Partial
एकअङ्गी बात paralysis; paralysis affecting one side of the body.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ଋ,ର | ୪ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଷ,ଶ | କ୍ଷ | ଇସ୍ | ଌ | ଋ |
| ୨ | ଋ | ଭ | ରୁ | ଲୁ | ପ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଂ୍ୟ | ଇଅ | ଓ | ନ୍ |

ଏକଆଖିଆ—ଦେ. ବଣ. (ସ. ଏକ + ଅକ୍ଷି)—କଣା—
Ekaākhiā Blind of one eye; one-eyed.
একচোখে ଏକଆଖିଆ କଣା; ଘାଉ କାହିଁ ବୃକ୍ଷାମଣ୍ଡା । ଢଗ ।
एकआखवाला

ଏକ ଆଡ଼ା—ଦେ. ବ.—ଏକ ଆକୃତି—
Eka ārdā Identical size; same size.
এক আড়া ଦେ. ବଣ—ଏକଆକୃତିବଶିଷ୍ଟ; ସମ—
एकआड़ा Similar; identical; same

ଏକଆଡ଼ିଆ – ଦେ. ବଣ.—୧ । ଏକଦିଗର; ଏକତରଫା—
Eka ārdiā 1. Pertaining to one party; exparte.
একদিকের ୨ । ଏକ ପାଖିଆ—
एकतरफा 2. Pertaining to one side.

ଏକଆଡ଼ୁଆ – ଦେ. ବ.—ଏକଆଡ଼ିଆ (ଦେଖ)
Ekaārduā Ekaārdiā (See)

ଏକଆରକ – ଦେ. ଅ. (ସ. ଏକ ଓ ଅପର)—ପ୍ରତ୍ୟେକ; ଏକକୁ
Ekaāraka ଅନ୍ତରକ; ଅନ୍ୟୋନ୍ୟରେ; ପରସ୍ପର—
পরস্পর One another; mutually.
आपस

ଏକଆରକେ ଦେ. ଅ.—ଏକଆରକ (ଦେଖ)
Ekaārake Ekaāraka (See)
ଏକ ଅରକେ ମୁଖ ଗୃହି, ଦନ୍ତୁକେ ଅଙ୍ଗୁଳ ଲଗାଇ । ଭୂପତି. ପ୍ରେମପଞ୍ଚାମୃତ ।

ଏକଆରେ —ଦେ. ଅ.—ପରସ୍ପରକୁ—To each other.
Ekaāre ବୋଲନ୍ତି ଏକ ଆରେ ଗୃହି ।—ଜଗନ୍ନାଥ. ଭାଗବତ ।

ଏକଆରେକ—ଦେ. ଅ.—ଏକଆରକ (ଦେଖ)
Ekaāreka Ekaāraka (See)
କୃଷ୍ଣ ପୁତ୍ରଙ୍କୁ ଅବଧ କରି. ଏକ ଅରେକ ନାମ ଧରି । ଜଗନ୍ନାଥ, ଭାଗବତ ।

ଏକଇ—ଦେ. ବଣ. (ସଂ. ଏକ + ହି)—୧ । ଏକମାତ୍ର; ଏକହିଁ—
Ekai 1. One only.
একই ଏକଇ ଜନ ଅପରାଧେ, ଅନେକ ମାରୁ କପାଁ ସୃଷ୍ଟି ।
एकह ଜଗନ୍ନାଥ. ଭାଗବତ ।
୨ । ଏକରୂପ; ସମାନ; ଅଭିନ୍ନ—
2. Identical; the same.
ଈଶ୍ୱର ଜୀବ ଯେ ସମସ୍ତ, ଏ ସର୍ବ ଏକଇ ପ୍ରକାର । ଜଗନ୍ନାଥ. ଭାଗବତ ।
୩ । ଏକାକୀ—3. Single.
ତୋ ମାଆର ତୁ ଏକଇ ବଳା; ଯେଣୁ ତୁ ଅସିବୁ ତେଣିକି ପଳା ।
ଶିଶୁଗୀତ ।
୪ । ଗୋଟିଏ; ଏକ—4. One.
ଏକୁପେ ବେଦ ସବୁ କହି; ଏକଇ ତତ୍ତ୍ୱ ଜାଣ ଥାଇ ।
ଜଗନ୍ନାଥ ଭାଗବତ. ୧ସ୍କ ।

ଏକଇଁ—ଦେ. ବଣ—ଏକଇ (ଦେଖ)
Ekaiñ Ekai (See)
ଏକଇଁ ପଥ ଏଟକ ଦେବା; ଅରେକ ମନ ନ ପାଇବା ।
ଭୂପତି. ପ୍ରେମପଞ୍ଚାମୃତ ୮୪ ।

ଏକଇବଳା—ଦେ. ବ.—ଏକଇର ବଳା (ଦେଖ)
Ekaibaḻā Ekaira baḻā (See)
ତୋ ମାଆର ତୁ ଏକଇ ବଳା;
ଯେଣୁ ତୁ ଅସିବୁ ତେଣିକି ପଳା । ଶିଶୁବଚନ ।

ଏକଇରବଳା—ଗ୍ରା. ବ.— ଏକମାତ୍ର ବାଳକ; ଏକମାତ୍ର ପୁତ୍ର—
Ekaira baḻā A single son of parents.
একই ছেলে
ଜୟ ଚଣ୍ଡିକା ଗୋ ମଙ୍ଗଳା; ରଖ ମୋ ଏକଇରବଳା ।
ଜଗନ୍ନାଥ. ଭାଗବତ.

ଏକଇରିବଳା—ଗ୍ରା. ବ.—ଏକଇର ବଳା (ଦେଖ)
Ekairibaḻā Ekaira baḻā (See)

ଏକଉଁ—ଦେ. ଅ. (ସଂ. ଏକତଃ)—୧ । ଏକଇ; ଏକପକ୍ଷରେ—
Ekauñ 1. On the one hand.
একেই ୨ । ଏକତଃ; ପ୍ରଥମତଃ; ପହିଲେ—
पहिले 2. Firstly.
ଏକଉଁ କାଳୀ, ପିନ୍ଧିଛି କାଚ କୋଡ଼ିଏ ମାଳ,
ପିନ୍ଧିଅଛି ପୁଣି ନେଳିଆ ଶାଢ଼ୀ; ଢଙ୍ଗିରେ ହୋଇଛି ଘଇଣା ପାଳ—ଢଗ ।
୩ । ଏକନ୍ତୁଁ; ଏକ ବ୍ୟକ୍ତି ବା ବସ୍ତୁ ଠାରୁ—
3. From one person or thing.

ଏକଉଁ ଏକ—ଦେ. ଅ.—ଏକୁ ଏକ (ଦେଖ)
Ekauñ eka Eku eka (See)

ଏକଉତ୍ତର ଶହେ—ଦେ. ବ. (ସଂ ଏକୋତ୍ତରଶତ)—ଏକଶହ ଏକ
Ekauttara śahe (ସଂଖ୍ୟା)—One hundred and one
একউত্তর শত
एकोत्तरशत

ଏକ ଓଡ଼—ଦେ. ବ—୧ । ଥରେ ହଳ ବୁଲାଇବା; ପଡ଼ିଆ ବା ବିଲରେ
Eka orḍa ପ୍ରଥମ ଥର କରାଯିବା ଚାଷ—
1. The ploughing of a field for the first time.
୨ । ଥରେ ମାତ୍ର ହଳଦୀ ବାଟିବା—
2. The bruising of turmeric for the first time.
୩ । ଏକଥର ମାତ୍ର —3. One turn or time

ଏକଓଡ଼ିଆ—ଦେ. ବଣ—୧ । ଯେଉଁ କ୍ଷେତ୍ରରେ ଲଙ୍ଗଳଦ୍ୱାରା ଥରେ
Ekaorḍiā ମାତ୍ର ହଳ କରା ଯାଇ ଥାଏ—
1. ( a field ) Which has been ploughed once only.
୨ । ଯେଉଁ ଫସଲରେ ଏକ ଓଡ଼ ମାତ୍ର ଚାଷ ଲୋଡ଼ାହୁଏ—
2. ( crop ) Requiring single ploughing.

ଏକଓଡ଼ିକିଆ – ଦେ. ବଣ— ଏକଓଡ଼ିଆ ( ଦେଖ )
Ekaorḍikiā Ekaorḍiā ( See )

ଯାହାର ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଶୁଦ୍ଧିତ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଦେଖି ନ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଥ ବିକଳ୍ପ ଚିହ୍ନିତ ଦେଖନ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ମିଳେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଏକଓଳିଆ—ଦେ. ବିଣ—୧ । ଏକଓଳି ଭିତରେ କରାଯିବା (କାମ)—
Ekaolia 1. ( work ) Done in half a day,
একবেলা ୨ । ଦିନରେ ଥରେ ନିର୍ଦ୍ଦିଷ୍ଟ ସମୟରେ (ଅର୍ଥାତ୍ ସକାଳଓଳ ବା ଓପରଓଳ ) କରାଯିବା କାମ—
एकबकत
2. ( work ) Which is performed at a certain fixed period of the day (either in the forenoon or in the afternoon ).

୩ । ଦିନରେ ଥରେ ଖାଇବା ( ବ୍ୟକ୍ତି )—
3. ( a person ) Taking one meal a day.

ଏକଓଳିକିଆ—ଦେ ବିଣ—ଏକଓଳିଆ ( ଦେଖ )
Ekaolikia Ekaolia ( See )

ଏକକ—ସଂ. ବିଣ. ( ଏକ+କ )—୧ । ଏକାକୀ; ଏକଲା—
Ekaka 1. Alone; single; solitary.
୨ । ଅସହାୟ—2. Unassisted.
୩ । ଏକ ସଂଖ୍ୟାବିଶିଷ୍ଟ; ୧ଠାରୁ ୯ ପର୍ଯ୍ୟନ୍ତ ସଂଖ୍ୟାବିଶିଷ୍ଟ -
3. Consisting of one digit or unit ( i e. 1, 2, 3......9. etc ).
୪ । ଯହିଁରେ ଏକ ସଂଖ୍ୟାର ବିଷୟ ଥାଏ ( ଗଣିକିଆ )—
4. Dealing with number 1. ( e.g. multiplication table ).
( ଯଥା—ଏକକ ଗଣିକିଆ । )
ବି—ଏକ ଠାରୁ ନଅ ସଂଖ୍ୟା—A unit.

ଏକକଉଡ଼ିଆ—ଦେ. ବିଣ—୧ । ଟୋକାଇଏ ମାଟିକୁ କଉଡ଼ିଏ କଉଡ଼ି
Ekakardia ମୂଲ୍ୟ ଦିଆଯିବା ନିୟମରେ ହୋଇଥିବା ( ମାଟି ଖୋଳା ବା ମାଟି ବୁହା କାମ )—
1. ( earth-work ) Done by paying one Kaurdi (shell-money) for one basket of earth thrown or carried.
୨ । ଏକକଉଡ଼ା କଉଡ଼ି ମୂଲର—
2. Of the value of one Kaurdi
୩ । ଦେହର ଏକକଡ଼େ ବା ପାଖ ମାଡ଼ି ଶୋଇଥିବା (ଅବସ୍ଥା) -
3. Sleeping on one side.
୪ । ଏକପଟିଆ; ଏକପାର୍ଶ୍ୱକୁ ଢଳିଥିବା—
4. Leaning to one side.
୫ । ଏକପକ୍ଷକୁ ମାଡ଼ି ଚାଲୁଥିବା ( କଥା )
5. One-sided.
୬ । ଯହିଁର ପ୍ରତ୍ୟେକର ମୂଲ୍ୟ ଏକ କଉଡ଼ା—
6. ( things ) Of the value of one Kaurdi each.

ଏକକଉଡ଼ିକିଆ—ଦେ. ବିଣ— ଏକକଉଡ଼ିଆ ( ଦେଖ )
Ekakardikia Ekakardia ( See )

ଏକକଣିଆଁ—ଦେ. ବିଣ. ( ସଂ. ଏକ+କୋଣ )—ଏକ କୋଣରେ
Ekakaniañ ଅବସ୍ଥିତ—Situated in one corner.
এককোনে

ଏକକଣିକିଆ—ଦେ. ବିଣ—ଏକକଣିଆଁ ( ଦେଖ )
Ekakanikia Ekakaniañ ( See )

ଏକକନ୍ଦ—ସଂ. ବି—ପାଣିସାରୁ ( ଦେଖ ) ( ଦ୍ରବ୍ୟଗୁଣ. ଦ୍ରବ୍ୟଗୁଣ )
Ekakanda Pānisāru See )

ଏକକରିବା—ଦେ. କ୍ରି—ଚାଟଶାଳୀର ଛାତ୍ରମାନେ ଅବଧାନଙ୍କ ଠାରୁ ପ୍ରସ୍ରାବ କରିବାକୁ ଯିବା—To go to make water
Ekakariba with the permission of the teacher
एककरना ( said of young students of a
पेशाब करना village—Pāthasālā ).

ଏକକରେ—ଗ୍ରା. ଅ—ଗୋଟିଏ ପାଖରେ; ଏକକଡ଼ରେ; ଏକଅଡ଼େ—
Ekakare On one side; in one quarter.
ଭରତ କୃଷ୍ଣ ଭେଟିବାରେ, ଏଣୁ ଲୁଚନ୍ତି ଏକକରେ ।
ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

ଏକକାନିଆଁ—ଦେ. ବିଣ—ଏକକାନିକିଆ ( ଦେଖ )
Ekakāniañ Ekakānikia See )

ଏକକାନିକିଆ—ଦେ. ବିଣ—୧ । ଏକବସ୍ତ୍ର ପରିହିତ; ଉତ୍ତରୀୟଶୂନ୍ୟ—
Ekakānikia 1. Wearing one loin cloth only,
একছোটে having no sheet or scarf for the upper part of the body.
୨ । ପିନ୍ଧା ଲୁଗାର କାନି ପାଖକୁ ଟାଣି ଶରୀରର ଊର୍ଦ୍ଧ୍ୱଭାଗ ଘୋଡ଼ାଇ ହୋଇଥିବା—
2. Having covered the body with a part of the underwear tucked upwards.
୩ । ଏକମାତ୍ର କାନବିଶିଷ୍ଟ—3. One-eared.
୪ । ଏକ କୋଣ ବା ଅଂଶରେ ଅବସ୍ଥିତ—
4. Situated in one corner.

ଏକକାର—ଦେ. ବିଣ—୧ । ଏକାକାର ( ଦେଖ )
Ekakāra 1. Ekākāra ( See )
এককার ପୃଥିବୀ କରି ଏକକାର, ବୃନ୍ଦ ଅନନ୍ତେ ରହି ହର ।
एककार ପ୍ରାଚୀ—ନବୁଂମାହାତ୍ମ୍ୟ ।
୨ । ଏକ କର୍ମକାରୀ; ଏକାନୁସାରୀ—2. Doing similar acts; pursuing the same line of conduct.
୩ । ଏକମାତ୍ର ବ୍ୟବସାୟ ଅବଲମ୍ବନକାରୀ—
3. Following the same profession.
ଦେ. ବି—ଏକ ବା ସମାନ କର୍ମ—
Same or similar act.

ଏକକାଳିନ୍—ଦେ. ବିଣ. ( ସଂ. ଏକକାଳୀନ )—ଏକକାଳୀନ (ଦେଖ )
Ekakālin Ekakalina ( See )

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଢ | ଶ,ଷ | ଜ୍ଞ | ଇଯ୍ | ଇଅ | ଡ |
|---|---|---|---|---|---|---|---|---|---|---|---|---|---|---|
| ୨. | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ | ଇଅ | ଡ଼ | ଡ଼ |

ଦେ. କ୍ରି. ବଣ—ଯୁଗପତ୍—Simultaneously.

ଏକକାଳୀନ—ସ. ବଣ. ( ଏକକାଳ + ଈନ )—୧ । ସମସାମୟିକ—
Ekakālina 1. Contemporary.
୨ । ଏକ ସମୟରେ ଘଟୁଥିବା; ସମକାଳୀନ—
2. Contemporaneous; coeval
୩ । ଯୁଗପତ୍ ଘଟୁଥିବା—3. Simultaneous.
୪ । ଥରେ ଦେୟ—4. Payable once only
ଦେ. କ୍ରି. ବଣ—୧ । ଯୁଗପତ୍—1. Simultaneously.
୨ । ଥରେ ମାତ୍ର—2. Once only.

ଏକକୁ ଆରକ—ଦେ ଅ.—ଏକକୁ ଆରେକ ( ଦେଖ )
Ekaku āraka Ekaku āreka ( See )

ଏକକୁ ଆରକେ—ଦେ. ଅ—ଏକକୁ ଆରେକ (ଦେଖ )
Ekaku ārake Ekaku āreka ( See )
ଯାର ମହିମା ଜନ ଲୋକେ
ଘୋଷନ୍ତି ଏକକୁ ଆରକେ । ଜଗନ୍ନାଥ. ଭାଗବତ ।

ଏକକୁ ଆରେକ—ଦେ ଅ—୧ । ଅନ୍ୟୋନ୍ୟରେ—
Ekaku āreka 1. Mutually.
परस्पर; एककेआर ଏକକୁ ଆରେକ ଯେ ଲେପିଲେ ଅଙ୍ଗିତ ।
आपसमे ସାରଳାମହାଭାରତ. ବନ ।
୨ । ଏକ ଜଣଠାରୁ ଆର ଜଣକ; ଜଣକ ଅପେକ୍ଷା ଆଉ ଜଣେ (ଏଠାରେ ପଞ୍ଚମୀ ବିଭକ୍ତି ଅର୍ଥରେ କୁ ପ୍ରୟୋଗ)—
2. One more than the other.
କୃଷ୍ଣ ମହିମା ପରଶଂସି, ଏକକୁ ଆରେକ ବଳେଷି ।
ଭୂପତି. ପ୍ରେମପଞ୍ଚାମୃତ ।
୩ । ଜଣକ ପରେ ଆଉ ଜଣେ—
3. One after the other.
୪ । ଏକ ପରିବର୍ତ୍ତରେ ଅନ୍ୟ—
4. One in the place of another
ଗରଳ ଅମୃତ ଅମୃତ ଗରଳ ହୁଅଇ ଏକକୁ ଆରେକ ପରେ ।
ରାମଶଙ୍କର—ପ୍ରେମତରଙ୍ଗ ।

ଏକକୁ ଏକ—ଦେ. ଅ ଓ ବଣ—ଏକୁଏକ ( ଦେଖ )
Ekaku eka Ekueka ( See )
ବହୁତ ଏ ସୁନ୍ଦର, ନେତ୍ରେ ନାହିଁ ସମ, ସମରେ ଏକକୁ ଏକ ସେ ।
ଉପେନ୍ଦ୍ର. ବୈଦେହୀଶବିଳାସ ।

ଏକକୁଣ୍ଡଳ—ସଂ. ବଣ. ପୁଂ. ( ବହୁବ୍ରୀହି; ଏକ + କୁଣ୍ଡଳ )—
Ekakuṇḍaḷa ଗୋଟିଏ କାନରେ ମାତ୍ର କୁଣ୍ଡଳ ପିନ୍ଧିଥିବା—
(ଏକକୁଣ୍ଡଳା—ସ୍ତ୍ରୀ) Wearing a pendant in one ear only.
ସଂ. ବି—ବଳରାମ—Baḷarāma, brother of Śrikṛushṇa.

ଏକକୂଳ—ଦେ. ବଣ—ଏକଠୁଳ; ଏକତ୍ରିତ—
Ekakūḷa Gathered together; assembled.
ଗୃହ ଯୋଗ ତହିଁ ହୋଇଅଛି ଏକକୂଳ । ପ୍ରାଚୀ—ବ୍ରହ୍ମନବୃଗଣ ଗୀତା ।

ଏକକୋଣିଆଁ—ଦେ. ବଣ. ( ସଂ. ଏକ + କୋଣ )—
Ekakoṇiān̄ ଏକକଣିଆଁ ( ଦେଖ )
Ekakaṇiān̄ ( See )

ଏକକୋଣିକିଆ—ଦେ. ବଣ—ଏକକଣିଆଁ ( ଦେଖ )
Ekakoṇikiā Ekakaṇiān̄ ( See )

ଏକକୋଷ—ସଂ. ବଣ. ( ବିଜ୍ଞାନପରିଭାଷା; ଅଧୁନିକ ପ୍ରୟୋଗ )—
Ekakosha ଯେଉଁ ଜୀବର ଶରୀର ଗୋଟିଏ ମାତ୍ର ମାଂସ କୋଷରେ ଗଢ଼ା—One-celled (creature.)

ଏକକୋଷ୍ଠୀ—ସଂ. ବଣ ( ଜନ୍ତୁବିଜ୍ଞାନପରିଭାଷା; ଏକ + କୋଷ୍ଠ + Ekakoshṭhi ଇନ୍ ୧ମା. ବ.)—ଏକକୋଷ୍ଠମୟ ଦେହବିଶିଷ୍ଟ;
ଶିରଃପଦା (ସାମୁଦ୍ର ଜୀବ)—Cephalopod
(ଯଥା—ସମୁଦ୍ର ଫେଣ ଜୀବ; ପୁରୁଭୁଜ—e.g Cuttle fish; Octopus ).
( ଜ୍ଞାନେନ୍ଦ୍ର ଓ ପ୍ରକୃତିବାଦ )

ଏକକ୍ରିୟ—ସଂ. ବଣ. ପୁଂ. ( ବହୁବ୍ରୀହି; ଏକ + କ୍ରିୟା )—
Ekakriya ୧ । ଏକ କାର୍ଯ୍ୟ କରୁଥିବା ( ଦୁଇ ଦୁଇ ବ୍ୟକ୍ତି )—
1. ( persons ) Having to do one and the same work.
(ଏକକ୍ରିୟା—ସ୍ତ୍ରୀ)
୨ । ଏକଆଚରଣକାରୀ—
2. Pursuing the same line of conduct.

ଏକଗମ୍ୟ—ସଂ. ବଣ. ପୁଂ ( କର୍ମ୍ମ ତତ୍; ଏକ + ଗମ୍ୟ )—
Ekagamya ୧ । ଏକ ବ୍ୟକ୍ତିଦ୍ୱାରା ଭୋଗ୍ୟ—
(ଏକଗମ୍ୟା - ସ୍ତ୍ରୀ) 1. Enjoyable by a single person.
୨ । ଏକଲଭ୍ୟ—2. Obtainable by one person only.

ଏକଗୁଇଁଆଁ—ଦେ ବଣ—ଯେ ଗୋଟିଏ କଥାରେ ଜିଗର କରେ, ଏକ-
Ekaguiñān̄ ଜାଗିଆ; ଏକଜିଦିଆ; ଜିଦଖୋର; ହଟିଆ—
एकगुयेँ Self-willed; stubborn; obstinate;
अड़ियल; हठीला persistent; headstrong.

ଏକଗୁୟାଁ—ଦେ. ବଣ—ଏକଗୁଇଁଆଁ ( ଦେଖ )
Ekaguyān̄ Ekaguiñān̄ ( See )

ଏକଗୁରୁ—ସଂ. ବି. ପୁଂ. (ବହୁବ୍ରୀହି)—୧ । ସହାଧ୍ୟାୟୀ—
Ekaguru 1. Class-mate.
୨ । ସତୀର୍ଥ; ସହପାଠୀ—
2. Disciple of the same preceptor.

ଏକଗୋଡ଼ିଆ—ଦେ. ବଣ—୧ । ଏକମାତ୍ର ଗୋଡ଼ରେ ଠିଆ ହେବା
Ekagorḍiā (ଅବସ୍ଥା)—1. (state) Of standing on one leg.
୨ । ଯାହାର ଗୋଟିଏ ମାତ୍ର ପାଦ ଥାଏ—
2. One-legged.

ସାଧାରଣ ଲେଖକେ ଅକ୍ଷର ପୃଷ୍ଠାରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ 'କୂଅ' ନ ମିଳିଲେ 'କୁଅ' ଦେଖିବେ 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବ— ପୂର୍ବେ ଚଟ୍ଟଶାଳୀରେ ଗୋଟିଏ ଗୋଡ଼କୁ ଭୂଇଁରୁ ଟେକି ରଖି ଅନ୍ୟ ଗୋଟିଏ ଗୋଡ଼ରେ କେତେ ସମୟ ପର୍ଯ୍ୟନ୍ତ ଠିଆ ହେବା ରୂପ ପିଲାଙ୍କୁ ଦଆ ଯିବା ଦଣ୍ଡ—
A punishment formerly given to students consisting of standing on one leg only for some time

ଏକଗ୍ରାମୀଣ— ସଂ. ବିଣ. ପୁଂ (ଏକଗ୍ରାମ+ଈନ)— ଏକଗ୍ରାମବାସୀ—
Ekagrāmiṇa Inhabiting the same village
(ଏକଗ୍ରାମୀଣା— ସ୍ତ୍ରୀ)

ଏକଗ୍ରୀବ— ଦେ. ବିଣ. ପୁଂ (ବହୁବ୍ରୀହି; ଅଦ୍ଭୁତାକାଙ୍କ୍ଷ୍ୟବହାର)—
Ekagriba ୧ । ଏକ ଅଡ଼କୁ ମୁହଁ ବୁଲାଇଥିବା (ଜନ୍ତୁ)—
1. Turning the faces to one direction.
୨ । (ଲକ୍ଷଣାର୍ଥ) ଏକମୁଖ; ଏକପ୍ରାଣ; ଏକମତ —
2. (figurative United; unanimous.
ଏକଗ୍ରୀବ ହୋଇ ଭାରତର ସବୁ ନେତା ଔପନିବେଶିକ ଶାସନ ଦାବୀ କରୁଅଛନ୍ତି ।
ଡେଲିନ ଅଣା ୨୪।୮।୨୮ ।

ଏକଘଞ୍ଚ— ଦେ. ବିଣ (ସଂ. ଏକ+ଘନ)—
Ekaghañcha ୧ । ଘନୀଭୂତ—1 Dense
୨ । ଏକଜିତ—2. Joined together; compact.
ସେ କାଳେ ଅଶ୍ୱତ୍ଥାମା ଦଶୋଷା ନାବଳ
ବନ୍ଧିଲେ ଗୁଳିଲେ ସେ ହୋଇ ଏକଘଞ୍ଚ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

ଏକଘଣି— ଗ୍ରା. ପଦ୍ୟ. ବି. ( ସଂ. ଏକଘ୍ନୀ )— ଏକଘ୍ନୀ ( ଦେଖ )
Ekaghani Ekaghnī ( See )
ଭୁସର ଏହି ସମସ୍ତ ଏକଘଣି ଘେନ କାଷ୍ଠ ବଢ଼ାଇ ବନ୍ଧେ ଶିଖରୁଶିଖେ ।
ଭଞ୍ଜ. ବୈଦେହୀଶବିଳାସ ।

ଏକଘରିଆ— ଦେ. ବିଣ— ଏକଘରକିଆ ( ଦେଖ )
Ekaghariā Ekagharikiā ( See )
ସବୁରୁ ସଭ୍ୟମାନେ ଅବରୁ ଏକଘରିଆ ହୋଇ ଥିଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଏକଘରକିଆ— ଦେ. ବିଣ— ୧ । ଏକୁଟିଆ; ଅନ୍ୟ ସମସ୍ତଙ୍କଠାରୁ ପୃଥକ୍ ବାସ କରୁଥିବା—1. Secluded.
Ekagharikiā
एकघरे
जातबाहर
୨ । ସମାଜଚ୍ୟୁତ— 2. Boycotted; excommunicated; outcasted.

ଏକଘାଆକେ— ଦେ କ୍ରି. ବିଣ— ଏକଘାଏ ( ଦେଖ )
Ekaghāake Ekaghāe ( See )

ଏକଘାଏ— ଦେ. କ୍ରି. ବିଣ. ( ସଂ. ଏକ+ଘାତ )—
Ekaghāe ୧ । ଏକାଥରକେ— 1. In one instalment
एकघाए
एकचोटसे
୨ । ଏକା କ୍ଷଣକେ— 2. At one moment.
୩ । ଏକ ପ୍ରହାରରେ; ଏକା ଚୋଟକେ—
3. At one stroke.
୪ । ଏକବାରକେ— 4. Once for all.

ଏକଘାନ୍ତି— ଦେ. କ୍ରି. ବିଣ— ଏକଘାଏ ( ଦେଖ )
Ekaghānti Ekaghāe ( See )

ଏକଘ୍ନୀ— ସଂ. ବି. ସ୍ତ୍ରୀ. ( ଏକ+ହନ ଧାତୁ+କ୍ୱିପ୍+ଈ; ଥରକେ
Ekaghnī ଯାହା ଜଣକୁ ମାରି ପକାଏ ଭୁଲ. ଶତଘ୍ନୀ ।)—
ଏକପ୍ରକାର ଯୁଦ୍ଧାସ୍ତ୍ର; ନାଳକାସ୍ତ୍ର; ବନ୍ଧୁକବିଶେଷ—
A kind of weapon af offence; a gun.

ଏକଙ୍ଗୀ— ଦେ. ବି. ( ସଂ. ଏକାଙ୍ଗୀ )—
Ekangi ୧ । ଏକ ପ୍ରକାର ସୁଗନ୍ଧ ମୂଳ —
একাঙ্গী
एकअङ्गी
1. A sweet-smelling root used in scenting toilette paste.
୨ । ଏକଅଙ୍ଗୀ ବାତ; ଶରୀରର ଗୋଟିଏ ପାଖର ଅଙ୍ଗକୁ ଆବର ଧରିବା ବାତବିଶେଷ —
2. Partial paralysis; paralysis of one side.
ବିଣ— ଏକ ଅଙ୍ଗ ବା ଏକ ପାଖର ଅଙ୍ଗକୁ ଆକ୍ରମଣ କରିଥିବା—
Attacking one limb or one side.

ଏକଚକ— ଦେ. ବି. ( ସଂ. ଏକ ଓ ଚକ )—
Ekachaka ଏକାଠି ଲାଗିଥିବା ବିସ୍ତୃତ ଭୂଖଣ୍ଡ—
A continuous and extensive tract of land; a large expanse of land.
ବିଣ— ଏକାଠି ଲାଗିଥିବା ଓ ବିସ୍ତୃତ ( ଭୂମି ଖଣ୍ଡ )—
Continuous and extensive land).

ଏକଚକର୍ଡ଼ା— ଦେ. ବି ଓ ବିଣ— ଏକଚକ ( ଦେଖ )
Ekachakarḍā Ekachaka ( See )

ଏକଚକିଆ— ଦେ. ବି ଓ ବିଣ— ଏକଚକ ( ଦେଖ )
Ekachakiā Ekachaka ( See )
ବିଣ— ଏକଚକ୍ର (ଦେଖ)—Ekachaka (See)

ଏକଚକ୍ର— ସଂ. ବି. (ବହୁବ୍ରୀହି; ଏକ+ଚକ୍ର)— ୧ । ଏକଚକ୍ରବିଶିଷ୍ଟ ରଥ—
Ekachakra 1. One wheeled vehicle.
୨ । ସୂର୍ଯ୍ୟଙ୍କର ରଥ— 2. The imaginary one-wheeled car of the Sun-God.
୩ । ଗଣ୍ଡାର— 3. Rhinoceres.
ସଂ. ବିଣ.— ଏକ ଚକ୍ରବିଶିଷ୍ଟ— One-wheeled.

ଏକଚକ୍ରା— ସ. ବି ସ୍ତ୍ରୀ (ଏକ+ଚକ୍ର+ସ୍ତ୍ରୀ. ଆ)— ୧ । ଗଣ୍ଡା ନାମକ
Ekachakrā ଜନ୍ତୁ—1 Phinoceres
୨ । ନଗରୀବିଶେଷ (ଏଠାରେ ଭୀମ ବକାସୁରକୁ ବଧ କରିଥିଲେ । ଏହା ଆଧୁନିକ ପାଟନା ଜିଲ୍ଲାର ଅନ୍ତର୍ଗତ)—
2. A town of ancent India, situated in the (modern) district of Patna.
ଏକଚକ୍ରା ନଗରରେ ବକ ରାକ୍ଷସ ମାରି । ସାରଳାମହାଭାରତ. ଆଦି ।
[ଦ୍ର— ଜତୁ ଗୃହ ଦାହରୁ ପଳାଇ ଯାଇ ପଞ୍ଚପାଣ୍ଡବ ମାତାଙ୍କ ସହିତ ଏଠାରେ ବହୁ ଦିନ ବାସ କରି ଥିଲେ ଓ ଏହିଠାରେ ଭୀମ ବକାସୁରକୁ ବଧ କରିଥିଲେ । ଏହା ଆଧୁନିକ ପାଟଣା ନଗରର ଉପସ୍ଥ ଜିଲ୍ଲାର ଅନ୍ତର୍ଗତ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଝ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ସ | କ୍ଷ | [illegible] | ଞ୍ଚ | ଯ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଣ୍ୟ | ଯ | ସ | ଙ୍ୟ | ଉଅ | [illegible] | ନୃ |

ଏକଚଟିଆ—ଦେ. ବଣ.—୧ । (ସଂ. ଏକ + ଚ୍ଚଟ୍ଟ=ସର୍ବତୋଭାବେ)—
Ekachaṭiā ଯେଉଁ ବାଣିଜ୍ୟ ବିଷୟରେ ରାଜାଦେଶ ଦ୍ୱାରା ଏକମାତ୍ର
একচেটে; ବ୍ୟକ୍ତି କୌଣସି ପଣ୍ୟ ଦ୍ରବ୍ୟରେ କାରବାର କରିବାକୁ
একচেটিয়া ଅଧିକାର ପାଇଥାଏ—1. Monopolized
एकाधिकार (trade)
୨ । ଜଣକର ଅଧିକାରରେ ରକ୍ଷିତ—
2. In the exclusive possession of one person
ଦେ. ବି.—ରାଜାଦେଶରେ କୌଣସି ଏକମାତ୍ର ପଣ୍ୟଦ୍ରବ୍ୟରେ
ରାଜ୍ୟତମାମ୍ ବାଣିଜ୍ୟ କରିବାକୁ ଏକ ମାତ୍ର ବ୍ୟକ୍ତି ପାଇଥିବା
ଅଧିକାର—Monopoly.

ଏକଚତ୍ୱାରିଂଶ—ସଂ. ବି. ଓ ବଣ (ଏକ ଅଧିକ ଚତ୍ୱାରିଂଶ)—
Ekachatwārimsa ଏକଚାଳିଶ—Fortyone.

ଏକଚତ୍ୱାରିଂଶତ୍—ସଂ. ବି. ଓ ବଣ—ଏକଚାଳିଶ—
Ekachatwārimsat Fortyone.

ଏକଚତ୍ୱାରିଂଶତ୍ତମ—ସଂ. ବଣ.—ଏକଚାଳିଶ ସଂଖ୍ୟାର ପୂରଣ—
Ekachatwārimsattama Fortyfirst.

ଏକଚର—ସଂ. ବଣ. ପୁଂ. (ଏକ + ଚର ଧାତୁ + କର୍ତ୍ତୃ. ଅ)—
Ekachara ଏକାକୀ; ଯେ ଏକାକୀ ବିଜନ ସ୍ଥାନରେ ରହେ—
(ଏକଚରୀ—ସ୍ତ୍ରୀ) Single; living alone in a solitary place.

ଏକଚରା—ସଂ. ବଣ.—୧ । ଅସ୍ପୃହୀ—
Ekacharā 1. Selfish.
୨ । ଯେ ବିଜନସ୍ଥାନରେ ବିଚରଣ କରିବାକୁ ଭଲ ପାଏ—
2. Liking to move in a solitary place

ଏକଚର୍ଯ୍ୟା—ସଂ. ବି. (ଏକ + ଚର ଧାତୁ + ଭାବ. ଯ + ସ୍ତ୍ରୀ. ଆ)—
Ekacharjyā ୧ । ଅସହାୟ ଗମନ—
1. Solitary walk.
୨ । ଏକାକୀ ହୋଇ ଗମନ କରିବା—
2. Walking alone.

ଏକଚାଟିଆ—ଦେ. ବି. ଓ ବଣ.—ଏକଚଟିଆ (ଦେଖ)
Ekachāṭiā Ekachaṭiā (See)

ଏକଚାରୀ—ସଂ. ବଣ. ପୁଂ. (ଏକ + ଚର ଧାତୁ + ଇନ୍ ୧ମା. ୧ବ.)—
Ekachāri ୧ । ଏକାକୀ ବିଚରଣକାରୀ—
(ଏକଚାରିଣୀ—ସ୍ତ୍ରୀ) 1. Moving alone.
୨ । ଏକାକୀ ବାସକାରୀ—2. Living alone.

ଏକଚାଲ୍—ଦେ. ବି—୧ । ଏକ ପ୍ରକାର ଚାଲିଚଳଣ ବା ଆଚରଣ—
Ekachāl 1. One kind of conduct.
একচাল ୨ । ଏକପ୍ରକାର ରୀତି—
एकचाल 2. One kind of usage
ଦେ. ବଣ—୧ । ଏକ ପ୍ରକାର ଚାଲିଚଳଣି ବା ଆଚରଣବିଶିଷ୍ଟ
( ବହୁଲୋକ )—1. ( many persons )
Following the same line of conduct.
୨ । ଏକପ୍ରକାର ରୀତିବିଶିଷ୍ଟ—
2. Followig the same method or usage.

ଏକଚାଲା—ଦେ. ବଣ—୧ । ଏକଗୁଆଁ ( ଦେଖ )
Ekachālā 1. Ekaguiñāñ ( See )
খামখেয়ালী ୨ । ଖାମଖିଆଲ—2. Whimisical;
मनमौजी; तरङ्गी capricious.

ଏକଚାଳା—ଦେ. ବି—ଯେଉଁ ଘର ଉପରେ ଏକପାଖିଆ ଚାଳ ଥାଏ; ଚାଳ-
Ekachāḻā Onesided thatch; a thatch with
একচালা one side-root; a lean-to.
ओसारा; सायबान ବଣ—ଏକମାତ୍ର ଚାଳବିଶିଷ୍ଟ ( ଘର )—
A pent-roofed (house), pent ( house )

ଏକଚାଳି—ଦେ. ବି ଓ ବଣ—ଏକଚାଳା ( ଦେଖ )
Ekachāḻi Ekachāḻā ( See )

ଏକଚାଳିଆ—ଦେ. ବି ଓ ବଣ—ଏକଚାଳା ( ଦେଖ )
Ekachāḻia Ekachāḻā ( See )

ଏକଚାଳିଶ—ଦେ. ବି. ( ସଂ. ଏକଚତ୍ୱାରିଂଶତ୍; ପ୍ରା. ଏକଚତ୍ତାଳିସ )—
Ekachāḻisa ଏକଚାଳିଶ; ୪୧ ସଂଖ୍ୟା—
একচল্লিশ The number 41; fortyone.
इकतालिस ବଣ—ଏକଚାଳିଶସଂଖ୍ୟକ—
(ଏକଚାଳିଶି—ଅନ୍ୟରୂପ) Numbering fortyone.

ଏକଚାଳିଶାମନ୍ତ୍ର—ଦେ. ବି—ବୈଦିକ କର୍ମକାଣ୍ଡର ମନ୍ତ୍ରବିଶେଷ—
Ekachāḻisāmantra A collection of Vedic mantras for daily ceremonies.

ଏକଚାଳିଶାଶହେ—ଦେ. ବି—୧୪୧ ସଂଖ୍ୟା—
Ekachāḻisāsahe The number 141.
ଦେ. ବଣ—୧୪୧ ସଂଖ୍ୟକ—Numbering 141

ଏକଚିତ୍ତ—ସଂ. ବଣ. ପୁଂ—୧ । ଏକମତବିଶିଷ୍ଟ (ବହୁବ୍ୟକ୍ତି)—
Ekachitta 1. Unanimous.
୨ । ଅନନ୍ୟମନା; ଦତ୍ତଚିତ୍ତ—2. With concentrated attention; wholly absorbed.

ଏକଚେଟିଆ—ଦେ. ବି ଓ ବଣ—ଏକଚଟିଆ ( ଦେଖ )
Ekacheṭiā Ekachaṭiā ( See )

ଏକଚୋଟେ—ଦେ. ଅ—ଏକଘାଏ ( ଦେଖ )
Ekachoṭe Ekaghāe ( See )

ଏକଚୋଟେକେ—ଦେ. ଅ—ଏକଘାଏ ( ଦେଖ )
Ekachoṭeke Ekaghāe ( See )

ଏକଚ୍ଛତ୍ର—ସଂ. ବଣ. ( ବହୁବ୍ରୀହି; ଏକ + ଛତ୍ର; ସନ୍ଧିଯୋଗୁ ଛ ସ୍ଥାନରେ
Ekachchhatra ଚ୍ଛ )—ଏକମାତ୍ର ରାଜାଙ୍କ ଦ୍ୱାରା ଶାସିତ; ଏକ
(ଏକଚ୍ଛତ୍ରା—ସ୍ତ୍ରୀ) ରାଜାଧୀନରେ ଅବସ୍ଥିତ ବା ଆଗତ—
Ruled by a single king; brought under one man's sovereignty; under the sway of one paramount ruler.

ସାଧାରଣ ଭେବେ ଅପର ପୃଷ୍ଠାରେ ସତତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚକ୍ରର ଉପରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; ବନ୍ଧୁ ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଚର' ନ ପାଇଲେ 'ଅଲ୍‌ଚର' ଦେଖିବେ ।

ଏକଛତ୍ର—ଦେ. ବଣ. ( ସଂ. ଏକଚ୍ଛତ୍ର )—ଏକଚ୍ଛତ୍ର ( ଦେଖ )
Ekachhatra Ekachchhatra ( See )
ଏବେ ଜମ୍ବୁଦ୍ୱୀପ ମୋର ଏକଛତ୍ର ହେଲା । ସ ରଜାମହାଭାରତ, ବନ୍ଦ ।

ଏକଜ—ସ. ବଣ. ପୁଂ. ( ଏକ+ଜନ ଧାତୁ+କର୍ତ୍ତୃ. ଅ )—
Ekaja ଏକଜାତ ( ଦେଖ )
( ଏକଜା—ସ୍ତ୍ରୀ ) Ekajāta ( See )

ଏକଜନ୍ମା—ସଂ. ବି. ( ବହୁବ୍ରୀହି; ଏକ+ଜନ୍ମନ୍ ୧ମା. ୧ବ )—
Ekajanmā ୧ । ରାଜା—1. King.
୨ । ଶୂଦ୍ରଜାତି ( ସଂସ୍କାର ନ ଥିବାରୁ )—
2. The Śūdras.

ଏକଜବାବ—ଦେ. ବି— ଏକବାତ; ଅଟଳ ବାକ୍ୟ; ଦୃଢ଼ ବଚନ—
Ekajabāba Unchangeable promise; promise which is not broken.
একজবাব
एकजबाब

ଏକଜବାବୀ—ଦେ. ବଣ — ଏକବାତ୍; ଦୃଢ଼ବଚନ; ଯାହାର ବାକ୍ୟ
Ekajabābi ଅଟଳ—One who is constant to his promise.
একজবাবী
एकजबाबी

ଏକଜାଇ—ଦେ. ବି ( ଜମିଦାରୀସିରସ୍ତା )—ଶ୍ରେଣୀଭୁକ୍ତ ତାଲିକା;
Ekajāi ଉଥରଜା—A classified list.
একজাই ବଣ—୧ । ଉଥରଜା କରି ଯାଇଥିବା, ଶ୍ରେଣୀବଦ୍ଧ—
अन्नारिजा; जिन्सवारि 1. Classified under diffrent headings.
୨ । ଏକପ୍ରକାରର—2. Uniform; similar.
୩ । ମିଶାଯାଇଥିବା—3. Totalled up

ଏକଜାଇ କରିବା—ଦେ. କ୍ରି—୧ । ଏକତ୍ର ଉଥରଜା ବା ଶ୍ରେଣୀବଦ୍ଧ କରିବା—
Ekajāi karibā
একজাইকরা 1. To collect and classify several
अबारिजा करना things under different headings
୨ । ବହୁବସ୍ତୁକୁ ଯୋଗ କରିବା—
2. To total up various items

ଏକଜାଏ ( ଇତ୍ୟାଦି )—ଏକଜାଇ ଇତ୍ୟାଦି ( ଦେଖ )
Ekajāe ( etc ) Ekajāi etc ( See )

ଏକଜାତ—ସଂ. ବଣ. ପୁଂ. ( ଏକ+ଜନ ଧାତୁ+କର୍ତ୍ତୃ. ତ )—
Ekajāta ୧ । ଏକ ପିତାମାତାଙ୍କଠାରୁ ଜାତ—
(ଏକଜାତା—ସ୍ତ୍ରୀ) 1. Born of the same pair of parents.
୨ । ଏକସ୍ଥାନରୁ ଜାତ—2. Born at one place.
ସଂ. ବି—(ଏକ ଥରକେ ଜାତ; ଯେ ଦ୍ୱିଜ ନୁହେ ) ଶୂଦ୍ର—
A Śūdra.

ଏକଜାତି—ସଂ. ବି. ( ବହୁବ୍ରୀହି; ଏକ—ଥରେ+ଜାତି — ଜନ୍ମ;
Ekajāti ଯାହାର ଥରେ ମାତ୍ର ଜନ୍ମ )—ଶୂଦ୍ରଜାତି—
The Śūdra caste.

ଦେ. ବି—୧ । ଗୋଟିଏ ମାତ୍ର ଜାତି ବା ବର୍ଣ୍ଣ—
1. One caste.
୨ । ଏକ ପ୍ରକାର—2. One kind.
୩ । ଏକ ଶ୍ରେଣୀ—3. One class.

ଏକଜାତିଆ—ଦେ. ବଣ—୧ । ଏକପ୍ରକାରର—
Ekajātiā 1. Of one kind.
একজেতে ୨ । ଏକଶ୍ରେଣୀର—2. Of one class.
एकजातका ୩ । ସମଶ୍ରେଣୀର—3. Similar.
୪ । ଏକବର୍ଣ୍ଣର—4. Belonging to the same caste.

ଏକଜାତିକା—ଦେ. ବଣ—ଏକଜାତିଆ ( ଦେଖ )
Ekajātikā Ekajātiā ( See )

ଏକଜାତିକିଆ—ଦେ. ବଣ—ଏକଜାତିଆ ( ଦେଖ )
Ekajātikiā Ekajātiā ( See )

ଏକଜିଗର—ଦେ ବି—ଏକଗୁଆଁପଣ; ଏକଜିଦଆପଣ—
Ekajigara Obstinacy; stubbornness.
একজিগর
सरकशी

ଏକଜିଗରିଆ—ଦେ. ବଣ—ଏକଗୁଆଁ; ଏକଜିଦିଆ; ଜିଦଖୋର;
Ekajigariā ଏକଲାଗିଆ—Stubborn; obstinate.
একগুঁয়ে।
हट्ठी; जिद्दी

ଏକଜିଦ—ଦେ. ବି—ଏକଜିଗର ( ଦେଖ )
Ekajidi Ekajigar ( See )

ଏକଜିଦିଆ—ଦେ. ବଣ.— ଏକଜିଗିରିଆ (ଦେଖ)
Ekajidiā Ekajigiriā (See)

ଏକଜୁଟ୍—ଦେ. ବି. (ସଂ.ଏକ ଓ ଜୁଡ଼ ଧାତୁ)—୧ । ଏକତ୍ର ସମ୍ମିଳନ—
Ekajut 1. Association.
একজোট ୨ । ମେଳ; ବିଦ୍ରୋହ—2. Conspiracy; plot; mutiny.
बलवा
ଦେ. ବଣ.—୧ । ଏକତ୍ରିତ—1. Gathered together.
একজোট ୨ । ଏକମେଳ, ମେଳ ବାନ୍ଧିଥିବା—
एकजुट 2. Plotting together; mutinous
୩ । ସହକର୍ମୀରୂପେ ପରସ୍ପର ଅବଦ୍ଧ—
3. Associated with each other.
୪ । ଏକତ୍ର ସଂଯୁକ୍ତ ବା ମିଳିତ—
4. United together; met together.
୫ । ସମସ୍ତେ ମିଶି ଏକ ଦଳ ଗଠିତ ହୋଇଥିବା—
5. Formed together into one party

ଏକଜୋଟ୍—ଦେ. ବି. ଓ ବଣ—ଏକଜୁଟ୍ (ଦେଖ)
Ekajot Ekajut (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଷ,ଶ | ଙ୍କ | ଇଏ | ଉଅ | ଋ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍ଖ | ଜ୍ଞ |

ଏକଜୋଡ଼ା—ଦେ. ବି. ଓ ବିଣ—୧ । ଏକଜୁଟ୍ (ଦେଖ)
Ekajorda 1. Ekajut (See)
୨ । ଦୁଇଟ—2. Two; a pair; a couple.

ଏକଜୋଡ଼ା—ଦେ. ବି. ଓ ବିଣ—୧ । ଦୁଇଗୋଟି; ଦୁଇ ସଂଖ୍ୟକ—
Ekajordā 1. Two
୨ । ପରସ୍ପର ସମକକ୍ଷ ଦୁଇଟି ବସ୍ତୁ ବା ଜୀବ—
2 Couple; pair.

ଏକଜ୍ୱର—ସଂ. ବି (ଏକ+ଜ୍ୱର)—ଯେଉଁ ଜ୍ୱରରେ ଦିନ ରାତି ଦେହରୁ
Ekajwara ତାତି ଛାଡ଼େ ନାହିଁ—Unremitted fever; continued fever

ଏକଜ୍ୱରି—ସଂ. ବି (ଏକ+ଜ୍ୱର+ସ୍ୱାର୍ଥେ. ଇ)—ଏକଜ୍ୱର (ଦେଖ)
Ekajwari Ekajwara (See)

ଏକଟିଂ—ବୈଦେ. ବି (ଇଂ. ଆକ୍ଟିଂର ଅଶୁଦ୍ଧ ଉଚ୍ଚାରଣ)—
Ekaṭim ଆକ୍ଟିଙ୍ଗ୍ (ଦେଖ)
Ākṭing (See)

ଏକଟିଣ୍—ଦେ ବି—ଆକ୍ଟିଙ୍ଗ (ଦେଖ)
Ekaṭiṇ Ākṭing (See)

ଏକଠା—ଦେ. ବିଣ (ସଂ. ଏକ ଓ ସ୍ଥାନ)—ଏକତ୍ରିତ; ସମବେତ—
Ekaṭhā Collected or gathered up at one place.
ପାଣ୍ଡୁ ସୁତେ ସମସ୍ତେ ଏକଠା ହୋଇଲେ—କୃଷ୍ଣସିଂହ. ମହାଭାରତ. ବନ ।

ଏକଠାଇଁ—ଦେ. ଅ—୧ । ଏକ ସ୍ଥାନରେ—
Ekaṭhāiñ 1. At one place.
୨ । ଏକାଠି—2. Together.

ଏକଠାଏ—ଦେ. ଅ—ଏକଠାଇଁ (ଦେଖ)
Ekaṭhāe Ekaṭhāiñ (See)

ଏକଠାଏଁ—ଦେ. ଅ - ଏକଠାଇଁ (ଦେଖ)
Ekaṭhāeñ Ekaṭhāiñ (See)

ଏକଠୁଳ—ଦେ. ବିଣ (ସଂ. ଏକ+ସ୍ଥୂଳ)—୧ । ଏକତ୍ର; ଏକ ସ୍ଥାନରେ
Ekaṭhuḷa ଜମା ହୋଇଥିବା—
1. Collected at one place.
୨ । ଏକତ୍ର ଗଦା ହୋଇଥିବା—2. Heaped up

ଏକଡ଼—ଦେ. ବି—ଏପଟ; ଏପାର୍ଶ୍ୱ; ଏପାଖ—
Ekarda This side.

ଏକଡ଼ସେକଡ଼—ଦେ. ଅ ( ଦ୍ୱିପଦାତ୍ମକ ସମାହାର )—୧ । ଏପାଖ-
Ekardasekarda ସେପାଖ—1. This side and that.
ଏପାଶଓପାଶ
ইসতরফ উসতরফ ଅନେକ ରାତ ପର୍ଯ୍ୟନ୍ତ ନ ଶୋଇ ଏକଡ଼ ସେକଡ଼ ହେଉଥିଲ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ମନୁଷ୍ୟର ଦୁଇ ପାର୍ଶ୍ୱ—
2. Both flanks of a person.

ଏକଡ଼ସେକଡ଼ ହେବା—ଦେ କ୍ରି—୧ । ଶୋଇଲାବେଳେ ଏକାଧିକଥର
Ekardasekarda hebā ପାର୍ଶ୍ୱ ପରିବର୍ତ୍ତନ କରିବା—
এপাশওপাশকরা 1. Repeatedly to turn one's
ইসতরফউসতরফহোনা sides during sleep.
୨ । ଏକପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ବହୁବାର ଯିବା ଆସିବା କରିବା;
ଇତସ୍ତତଃ ହେବା—2. Repeatedly to go this side and that.
୩ । (ଲକ୍ଷଣାର୍ଥ) ଇତସ୍ତତ କରିବା; ଦ୍ୱିଧା କରିବା—
3. To hesitate.

ଏକଡିଆଁଇବା—ଦେ. କ୍ରି—ଏକା ଡେଇଁରେ ଲୁଦିବା—
Ekaḍiāñibā To jump up at one stride.
ବାଉଟିକୁ ଇନ୍ଦ୍ର ଅବ୍ୟକ୍ତ ଧନୁ ଭଗନେ ଏକଡିଆଇଁ—ଉପେ. ବୈଦେହୀଶବିଳାସ ।

ଏକଣସେକଣ ହେବା—ଦେ. କ୍ରି—ଏକ କୋଣରୁ ଅନ୍ୟ କୋଣକୁ
Ekaṇasekaṇa hebā ଏକାଧିକଥର ଯିବା—To move constantly from one corner to another.

ଏକଣା—ଦେ. ବି ( ସଂ. ଏକ ଓ କୋଣ ଉମ୍ଭା ଏକାନ୍ତ )—
Ekaṇā ୧ । ଏକପାଖ—1. One side.
୨ । ଏକପ୍ରାନ୍ତ—2. One end.
୩ । ଏକକୋଣ—3 One corner.
ଦେ. ବିଣ—୧ । ଏକ କୋଣରେ ଅବସ୍ଥିତ—
1. Situated at a corner.
୨ । ପୃଥକ୍ ଅବସ୍ଥିତ—2. Solitary.
୩ । ନିର୍ଜନ—3. Secluded.
୪ । ଗ୍ରାମର ଏକ ପ୍ରାନ୍ତରେ ଅବସ୍ଥିତ—
4. Situated at one end of a village.

ଏକତ—ଗ୍ରା. ପ୍ରାଚୀନ ପଦ୍ୟ. ବିଣ ( ସଂ. ଏକତ୍ର )—୧ । ଏକାପରି—
Ekata 1. Similar.
एकत ତନ୍ତୁ ହୋଇଲେ ପୁନ ଜାତ, ସେ ପୁଣି ଜୋଡ଼ିଲେ ଏକତ ।
ଯଶୋବନ୍ତ. ପ୍ରେମଭକ୍ତିବ୍ରହ୍ମଗୀତା ।
୨ । ( ସଂ. ଏକତ୍ର ) ଏକତ୍ରିତ—2. Assembled.

ଏକତଃ—ସଂ. ଅ. ( ଏକ+ତସ୍ )—୧ । ଏକଅଡ଼େ;
Ekataḥ ଏକପକ୍ଷରେ—1. On one side.
୨ । ଏକଦିଗରେ—2. In one direction
୩ । ଏକସ୍ଥାନରେ—3. At one place.
୪ । ଏକଦିଗରୁ; ଏକଅଡ଼ରୁ—
4. From one side or point of view.
୫ । ପ୍ରଥମତଃ—5. Firstly; in the first place

ଏକତନ୍ତ୍ରୀ—ସଂ. ବି. ପୁଂ ( ଏକ+ତନ୍ତ୍ର+ଇନ୍ ୧ମା. ୧ବ.)—
Ekatattwi ୧ । ପ୍ରତିଯୋଗୀ; ପ୍ରତିଦ୍ୱନ୍ଦ୍ୱୀ—1. Rival.
(ଏକତନ୍ତ୍ରିଣୀ—ସ୍ତ୍ରୀ) ୨ । ଏକ ଉଦ୍ଦେଶ୍ୟଥିବା (ବ୍ୟକ୍ତିଗଣ)—
2. (persons) Having the same object in view.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ଯୌଗିକ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ... ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଷ' ନ ମିଳିଲେ 'ଭୂଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚ୍ଚନା' ଦେଖିବେ; 'ଅଲଙ୍କାର' ନ ପାଇଲେ ଅଲଙ୍କାର ଦେଖିବେ ।

**ଏକତନ୍ତ୍ର**—ସଂ. ବି- (ଏକ + ତନ୍ତ୍ର = ଶାସନ)- ୧ । ଏକ ପ୍ରଭୁ ବା ଅଧ୍ୟକ୍ଷ ଦ୍ୱାରା ରାଜ୍ୟଶାସନ ପ୍ରଣାଳୀ—1 Absolute monarchy; system of government in which one person is invested with supreme power
Ekatantra
୨ । ଏକତାର ବାଦ୍ୟଯନ୍ତ୍ର— 2. A one-stringed musical instrument.
ସଂ ବିଣ—୧ । ଏକ ପ୍ରଭୁର ଶାସନାଧୀନ— 1. Monarchical (from of government); having one overlord
୨ । ଏକମାତ୍ର ତନ୍ତ୍ରୀ ବା ସୂତ୍ରବିଶିଷ୍ଟ; ଏକସୂତ୍ରଥିବା— 2. Having one string only: (e.g. a bow.

**ଏକତନ୍ତ୍ରୀ**—ସଂ. ବି. ଓ ବିଣ ( ଏକ + ତନ୍ତ୍ର + ସ୍ତ୍ରୀ. ଈ )— ଏକତନ୍ତ୍ର (ଦେଖ) 1. Ekatantra (See)
Ekatantri
୨ । ଏକମତାବଲମ୍ବୀ—2 Unanimous.

**ଏକତମ**—ସଂ.ବି.ପୁଂ. (ଏକ + ତମ; ବହୁ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥ)— ଅନେକଙ୍କ ମଧ୍ୟରେ ଏକ—One amongst many; one out of many.
Ekatama
(ଏକତମା—ସ୍ତ୍ରୀ)

**ଏକତର**—ସ. ବି. (ଏକ+ତର; ଦୁଇ ମଧ୍ୟରେ ଏକର ନିର୍ଦ୍ଧାରଣାର୍ଥ)— ୧ । ଦୁଇ ମଧ୍ୟରୁ ଏକ—1. One of the two; either.
Ekatara
(ଏକତରା—ସ୍ତ୍ରୀ)
୨ । ଭିନ୍ନାର୍ଥକ—2. Of different significance.

**ଏକତରଫ୍**—ଦେ. ବି. ( ଏକ ଓ ଅ. ତର୍ଫ )—୧ । ଏକଦିଗ— 1. One side.
Ekataraph
একতরফ
୨ । ଏକ ପକ୍ଷ ବା ଦଳ— 2 One party.
एकतरफ

**ଏକତରଫା**—ଦେ. ବିଣ.—୧ । ଗୋଟିଏ ପକ୍ଷ ଅବଲମ୍ବନକାରୀ— 1. One-sided.
Ekataraphā
একতরফা
୨ । ଏକମାତ୍ର ଦିଗ ବା ଅଞ୍ଚଳରେ ଘଟୁଥିବା— 2. Happening in one quarter or locality only.
एकतरफा
(ଦୋତରଫା—ବିପରୀତ)
୩ । (ଡଚରଥ) ଏକ ପକ୍ଷର ଯୁକ୍ତି ଶୁଣି ନିଷ୍ପତ୍ତି କରାଯିବା (ବିଷୟ, ମକଦମା ବା ଡିକ୍ରୀ)—3. Exparte; decided exparte.

**ଏକତରଫା ବିଚାର**—ଦେ ବି.—ଏକ ପକ୍ଷର ଉପସ୍ଥିତିରେ ଅନ୍ୟ ପକ୍ଷର ଅନୁପସ୍ଥିତିରେ କରାଯିବା ବିଚାର; ଏକ ପକ୍ଷର ମାତ୍ର ପ୍ରମାଣ ଶୁଣି କରାଯିବା ବିଚାର— Exparte trial.
Ekataraphā bichāra
একতরফা বিচার
एकतरफा बिचार

**ଏକତରଫା ରାଏ**—ଦେ. ବି. (ଡଚରଥ)—ଏକ ପକ୍ଷର ଯୁକ୍ତି ବା ପ୍ରମାଣ ଶୁଣି ଦିଆଯିବା ଆଦେଶ— Exparte judgment.
Ekataraphā rāe
একতরফা রাএ
एकतरफा राय

**ଏକତରଫା ରାଏ ରଦ୍**—ଦେ. ବି. (ଡଚରଥ)—ସାଲ ବିଚାର ଦ୍ୱାରା ଏକତରଫା ରାଏକୁ ରଦ୍ଦ କରିବା— Setting aside of an exparte judgment.
Ekataraphā rāe rad
একতরফা রাএ রদ
एकतरफा रायका रद्

**ଏକତରଫିଆ**—ଦେ. ବିଣ.—ଏକତରଫା (ଦେଖ) Ekataraphā (See)
Ekataraphiā

**ଏକତା**—ସ. ବି. ସ୍ତ୍ରୀ—(ଏକ+ଭାବ. ତା)—
Ekatā ୧ । ମେଳ; ଏକତ୍ୱ; ଐକ୍ୟ—1. Unity.
୨ । ବହୁଙ୍କର ମିଳନ—2. Union amongst many.
୩ । ଅଭେଦ—3 Identity.
୪ । ସାମ୍ୟ—4 Equality; similarity.
୫ । ପୂର୍ଣ୍ଣତା—5. Entity.
୬ । ଏକପ୍ରକାର ମୁକ୍ତି—6. A kind of salvation.

**ଏକତାନ୍**—ଦେ. ଅ. (ସଂ. ଏକତାନ)—୧ । ଏକବାରକେ; ଏକାଥରକେ ଏକା ଲହରକେ; ଏକଦମ୍—1. All at once; once for all.
Ekatān
একবার
एकबारगि
୨ । ଏକା ନିଶ୍ୱାସକେ; ଏକା ଦମ୍ଭାକେ; ଏକାଦମ୍‌କେ— 2. At one breath.
୩ । ଏକା ଚୋଟକେ; ଏକ ଅଘାତରେ— 3. At one stroke.
୪ । ସମ୍ପୂର୍ଣ୍ଣରୂପେ—4 Completely.

**ଏକତାନ**—ସ. ବିଣ.—(ବହୁବ୍ରୀହି; ଏକ + ତାନ = ବିଷୟ; ସ୍ୱର)—
Ekatāna ୧ । ଏକ ବିଷୟରେ ନିବିଷ୍ଟଚିତ୍ତ; ଏକାଗ୍ର ଅନନ୍ୟବୃତ୍ତି; ଏକବିଷୟାସକ୍ତ—1. Closely attentive; concentrating attention to one matter; with mind fixed in one object.
(ଏକତାନତା—ବି)
୨ । ଏକା ନିଶ୍ୱାସରେ ବୋଲାଯିବା (ସ୍ୱର)— 2 (a tone) Uttered in one breath.
ସଂ. ବି.—୧ । ଏକସ୍ୱର ଯୋଗ—1. Musical union
୨ । ଏକସ୍ୱରବିଶିଷ୍ଟ ବାଦ୍ୟତୟ—2 Concert.
୩ । ଲୟ—3. Harmony

**ଏକତାନିକି**—ଗ୍ରା. ଅ.—୧ । ଏକାବେଳେକେ—1. At once.
Ekatāniki ୨ । ଏକାଥରକେ—2. At a time.

**ଏକତାନିକେ**—ଗ୍ରା. ଅ.—ଏକତାନିକି (ଦେଖ) Ekatāniki (See)
Ekatānike

**ଏକତାନେ**—ଦେ. ଅ.—ଏକତାନିକି (ଦେଖ) Ekatāniki (See)
Ekatāne

**ଏକତାନେକେ**—ଦେ. ଅ.—ଏକତାନିକି (ଦେଖ) Ekatāniki (See)
Ekatāneke

| ୧ | ଋ | ଌ | ଋ,ଋ | ଃ | ଏ | ବର୍ଣ୍ଣନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଡ | ଷ,ଶ | ଞ | ଋଗ୍ | ଲୃଷ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଋ | ୡ | ଋ | ଲୃ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଷ | ଷ | ଙ୍ୟ | ଋଷ | ଢ | ଡ଼ |

ଏକତାମୀରସିଦ—ଦେ. ବି. ( ଋଣୁଅ ଭିଷା )—
Ekatāmirasid ଡିକ୍ରିଦାର ଦେଣଦାରଠାରୁ ଡିକ୍ରି ବାବଦ ସମସ୍ତ
একতামী রসীদ ପାଉଣା ବୁଝି ପାଇବାର ନିଦର୍ଶନସ୍ୱରୂପ
एकतामि रसिद କଚେରୀରେ ଯେଉଁ ସମାପ୍ତିରସିଦ ଦାଖଲ
କରେ—Full satisfaction receipt filed by a decree-holder in Court.

ଏକତାର (ଇତ୍ୟାଦ)—ବୈଦେ. ବ— ଅକ୍ତିଆର ଇତ୍ୟାଦ ( ଦେଖ )
Ekatāra etc. Aktiār etc. ( See )

ଏକତାରବନ୍ଦ—ଦେ. ବଣ—ଏକତାରି ( ଦେଖ )
Ekatāraband Ekatāri ( See )

ଏକତାରା—ଦେ. ବି. ( ସଂ. ଏକତନ୍ତ୍ରୀ )—
Ekatārā ୧ । ଏକତନ୍ତ୍ରବିଶିଷ୍ଟ ବୀଣା ଜାତୀୟ ବାଦ୍ୟ; ଯୋଗୀ
একতারা ଯନ୍ତ୍ର—1. One-stringed harp.
एकतारा ୨ । ବେଦେନେଇ—2. The beggar's harp

ଏକତାରି—ଦେ. ବଣ—୧ । ଗୁଡ ବା ଚିନିରେ ପାଣି ଦେଇ ତାହାକୁ
Ekatāri ନିଆଁରେ ଫୁଟାଇ କିଛି କ୍ଷଣ ପରେ ଚଟୁରେ ଉଠାଇଲେ
একতারী ଚଟୁରୁ ସରଳ ଭାବରେ ଏକ ଧାରରେ ଖସି ପଡ଼ିବା
एकतारि (ଗିରି); ଏକଧାରିଆ (ଗୁଡ ବା ଚିନିର ପାଗ)—
1. Boiled upto a point where the syruplike fluid of the boiled sugar-water falls down by one string.
୨ । ଯେଉଁ ଲୁଗାର ଟାଣି ଓ ଭରଣି ସୂତା ଏକ ଖେଳ ଏ
ଥାଏ—2. (cloth) Having single warp and woof.

ଏକତାରି (ଇତ୍ୟାଦ)—ବୈଦେ. ବଣ—ଅକ୍ତିଆରି ( ଦେଖ )
Ekatāri etc. Aktiāri etc. (See)
একতারী
एकतारी

ଏକତାଲ—ସଂ. ବି. ( ଏକ+ତାଲ=ଗାନ ବାଦ୍ୟ ସମୟରେ କାଳ-
Ekatāla ପରିମାଣ )—
୧ । ସମସ୍ତ ଲୟ; ସରଳ ତାଳ—
1. Simple-tune.
୨ । ଅବିଚ୍ଛିନ୍ନ ସ୍ୱର—2 Continued tone.
୩ । ଅବିଚ୍ଛିନ୍ନ ନୃତ୍ୟ ଗୀତାଦ—
3. Single-toned song or dance.

ଏକତାଳା—ଦେ. ବି. ସ୍ତ୍ରୀ—୧ । ଝାଞ୍ଜ—
Ekatāḷā 1. Cymbals.
୨ । ଏକସ୍ୱରବିଶିଷ୍ଟ ଯନ୍ତ୍ରବିଶେଷ—2. A musical instrument with one note.
୩ । ଏକଲୟବିଶିଷ୍ଟ ତାଳବିଶେଷ—3. A cadence or musical measure of one tune
୪ । ଏକତାଳବିଶିଷ୍ଟ ଗାନବିଶେଷ—4. A song with one musical measure.
[ ଦ୍ର—ଏଥିରେ ୧୨ ଟି ମାତ୍ରା ଏବଂ ୩ଟି ଅଘାତ ଥାଏ । ]

ଏକତାଲା—ଦେ. ବଣ. ( ସଂ. ଏକତଲ )—
Ekatālā ଏକମହଲାବିଶିଷ୍ଟ; ଏକତଲବିଶିଷ୍ଟ (କୋଠା)—
একতালা One storied; having one story only
एकमहला
ଦେ. ବ—ଏକ ମହଲା କୋଠା—
One storied building.

ଏକତାଳୀ—ସଂ. ବି. ସ୍ତ୍ରୀ—ଏକତାଳା ( ଦେଖ )
Ekatāḷi Ekatāḷā ( See )

ଏକତିରିଶ—ଦେ. ବ ଓ ବଣ. ( ସଂ. ଏକତ୍ରିଂଶତ୍ )—
Ekatirisa ତିରିଶରୁ ଏକ ଅଧିକ; ୩୧ ସଂଖ୍ୟା—
একত্রিশ The number. 31.
इकतिस, एकतीस ଦେ. ବଣ—୩୧ ସଂଖ୍ୟକ—
Numbering 31.

ଏକତିରିଶାଶହେ—ଦେ. ବ. ( ସଂ. ଏକତ୍ରିଂଶୋତ୍ତର ଶତ )—
Ekatirisāsahe ୧୩୧ ସଂଖ୍ୟା—The number 131.

ଏକତିରିଶି—ଦେ. ବ ଓ ବଣ—ଏକତିରିଶ ( ଦେଖ )
Ekatirisi Ekatirisa ( See )

ଏକତିଶ—ଦେ. ବ ଓ ବଣ—ଏକତିରିଶ ( ଦେଖ )
Ekatisa Ekatirisa ( See )

ଏକତିଶାଶହେ—ଦେ. ବ—ଏକତିରିଶାଶହେ ( ଦେଖ )
Ekatisāsahe Ekatirisāsahe ( See )

ଏକତିଶି—ଦେ. ବ ଓ ବଣ—ଏକତିରିଶ ( ଦେଖ )
Ekatisi Ekatirisa ( See )

ଏକତୀର୍ଥୀ—ସଂ. ବଣ. ପୁଂ. ( ଏକ+ତୀର୍ଥ+ଇନ୍. ୧ମା. ୧ବ. )—
Ekatirthi ୧ । ଗୁରୁଭାଇ; ସତୀର୍ଥ;ଏକ ଗୁରୁଙ୍କ ଶିଷ୍ୟ—
1 Disciple of the same preceptor; co-disciple.
୨ । ସହାଧ୍ୟାୟୀ—2. Reading under one preceptor; being of the same class.

ଏକତୁଲ—ଦେ. ବଣ. ( ସଂ. ଏକ+ତୁଲ )—
Ekatula ଏକ ସମତଳବିଶିଷ୍ଟ—
Of one level; of the same level.
( ଯଥା—ନଈ ବଢ଼ିରେ ଗଡ଼ିଆ ପୋଖରୀ ସବୁ ଏକତୁଲ ହୋଇଗଲା । )

ଏକତୁଲେ—ଦେ. ପ୍ରାଚୀନ ପଦ୍ୟ. ଅ—
Ekatule ଯୁଗପତ୍; ଏକ ସଙ୍ଗେ; ଏକ ସମୟରେ—
ঐকসঙ্গে Happening at the same time;
एकहिसमयमें simultaneously; together.
ପୃଥ୍ୱୀକୁ କର ଏକ ତୁଲେ
ନୃପ ସୁପକ୍ଷ ଅରକ୍ଷିଲେ । କବୋଧ. ଋଷଭ ।

ମୁଦ୍ରଣ ସମୟରେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସର୍ବତ୍ର ଭଲରେ ଉଠି ପାରିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଖୋଜି ନ ପାଇଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସ୍ଥାନରେ ତତ୍ପର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଧରି ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଗଂଧ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଏକତ୍ୱ**—ସଂ. ବି—ଏକତା; ଐକ୍ୟ—
Ekatwa — Oneness; identity.
ଗ୍ରା. ପଦ୍ୟ. ବିଣ. ( ସଂ. ଏକତ୍ର )—ଏକୀଭୂତ—
Gathered together.
ସବୁ ଦେବ ଏକତ୍ୱ ହେଲେ ପିତାମହ ପାଖରେ ଗୁହାରି କଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ

**ଏକତ୍ର**—ସଂ. ଅ. ( ଏକ+୭ମୀ ବିଭକ୍ତିରେ. ତ୍ର )—
Ekatra ୧ । ସମସ୍ତେ ଏକସ୍ଥାନରେ ସମବେତ ହୋଇ; ସମଷ୍ଟି ଭାବରେ—1. Collectively.
୨ । ଏକସ୍ଥାନରେ—2. In one place.
୩ । ସମସ୍ତେ ସଙ୍ଗ ହୋଇ—3. All together.
ଦେ. ବିଣ—୧ । ଏକସ୍ଥାନରେ ଜମା କରି ଯାଇଥିବା; ଏକସ୍ଥାନରେ ସଂଗୃହୀତ—
1. Gathered together; collected.
୨ । ଏକାନ୍ନଭୁକ୍ତରେ ବାସକରୁଥିବା—
2. Living jointly; joint in mess and property.

**ଏକତ୍ରିଂଶ**—ସଂ. ବି. ଓ ବିଣ. ( ସଂ. ଏକତ୍ରିଂଶତ୍ ଶବ୍ଦର ପୂରଣ )—
Ekatrimsa ଏକତ୍ରିଂଶତ୍ତମ ( ଦେଖ )
Ekatrimśattama ( See )

**ଏକତ୍ରିଂଶତ୍**—ସଂ. ବି—ତିରିଶି ଉପରେ ଅଧିକା ଏକ; ୩୧ ସଂଖ୍ୟା—
Ekatrimśat — The number 31.
ସଂ. ବିଣ—୩୧ ସଂଖ୍ୟକ—Numbering 31.

**ଏକତ୍ରିଂଶତ୍ତମ**—ସଂ. ବିଣ—୩୧ର ପୂରଣ—
Ekatrimśattama — Thirty first.

**ଏକତ୍ରିତ**—ଦେ. ବିଣ. ( ସଂ. ଏକତ୍ର ବା ଏକତ୍ରୀଭୂତର ଅଶୁଦ୍ଧ
Ekatrita ବ୍ୟବହାର )—୧ । ସମବେତ—
1. Gathered together.
୨ । ଯୁକ୍ତ—2. Added; joined together.

**ଏକତ୍ରିଶ**—ଦେ. ବି ଓ ବିଣ. ( ସଂ. ଏକତ୍ରିଂଶତ୍ )—
Ekatriśa ଏକତିରିଶ ( ଦେଖ )—Ekatiriśa ( See )

**ଏକତ୍ରିଶାଶହେ**—ଦେ. ବି—ଏକତିରିଶାଶହେ ( ଦେଖ )
Ekatriśaśahe — Ekatiriśaśahe ( See )

**ଏକତ୍ରିଶି**—ଦେ. ବି. ଓ ବିଣ—ଏକତିରିଶ ( ଦେଖ )
Ekatriśi — Ekatiriśa ( See )

**ଏକତ୍ରୀକରଣ**—ସଂ. ବି. ( ଏକତ୍ର+ଅଭୂତ ତଦ୍ଭାବେ. ଈ+କରଣ )—
Ekatrīkaraṇa ଭିନ୍ନ ଭିନ୍ନ ହୋଇଥିବା ବସ୍ତୁ ବା ବ୍ୟକ୍ତିମାନଙ୍କୁ ଏକାଠେଇ କରିବା; ଜୁଟାଇବା; ଠୁଳ କରିବା—
Gathering together; collecting.

**ଏକତ୍ରୀକୃତ**—ସଂ. ବିଣ. ( ଏକତ୍ର+ଅଭୂତ ତଦ୍ଭାବେ. ଈ+କୃତ )—
Ekatrīkṛuta ଜୁଟୀଭୂତ—Gathered together; collected.

**ଏକଦଂଷ୍ଟ୍ର**—ସଂ. ବି. ଓ ବିଣ. ( ଏକ+ଦଂଷ୍ଟ୍ରା=ଦନ୍ତ )—
Ekadamshtra ଏକଦନ୍ତ ( ଦେଖ )
Ekadanta ( See )

**ଏକଦନ୍ତ**—ସଂ. ବିଣ. ପୁଂ. ( ବହୁବ୍ରୀହି )—ଏକଦନ୍ତବିଶିଷ୍ଟ—
Ekadanta — Having one tusk only.
( ଏକଦନ୍ତା—ସ୍ତ୍ରୀ ) ସଂ. ବି.—ଗଣେଶ; ଗଣପତି—
The God Gaṇeśa.

**ଏକଦନ୍ତା**—ଦେ. ବିଣ. ( ସଂ. ଏକଦନ୍ତ )—ଏକଦନ୍ତବିଶିଷ୍ଟ—
Ekadantā — Having one tusk only.
একদন্তা ଦେ. ବି—ଏକଦନ୍ତବିଶିଷ୍ଟ ହାତୀ—
एकदंता — Elephant having one tusk only.

**ଏକଦମ୍**—ଦେ. ଅ. ( ସଂ. ଏକ+ଅ. ଦମ୍ )—
Ekadam ୧ । ଏକା ନିଶ୍ୱାସକେ—1 At one breath.
একদমে ୨ । ଏକା ହଷ୍ଟାକେ—2. At one stretch.
एकदम ୩ । ଏକାଥରକେ—
3. At once; by one continuous effort.
୪ । ଶେଷରେ ଥରକ ପାଇଁ—4. Once for all.
ଦେ. ବି—ଗୋଟିଏ ମାତ୍ର ନିଶ୍ୱାସ—One breath only.

**ଏକଦଶା**—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଏକାଦଶାହ )—
Ekadaśā ଏକାଦଶାହକୃତ୍ୟ ପ୍ରେତ କାର୍ଯ୍ୟ—
Funeral rites performed on the eleventh day of a person's death.

**ଏକଦଶାହ**—ଗ୍ରା. ବି. ( ସଂ. ଏକାଦଶାହ )—
Ekadaśāha ୧ । ମୃତ ବ୍ୟକ୍ତିର ମୃତ୍ୟୁର ଏକାଦଶ ଦିବସ—
1. The eleventh day of a person's death.
୨ । ହିନ୍ଦୁ ମୃତ ବ୍ୟକ୍ତିର ଏକାଦଶାହ ଦିନ କୃତ ଅନ୍ତ୍ୟେଷ୍ଟିକ୍ରିୟା; ଶ୍ରାଦ୍ଧ ଓ ନୃଆ ହାଣ୍ଡି ଆଦି—
2. The funeral rites performed on the eleventh day of a Hindu's death,

**ଏକଦା**—ସଂ. ଅ. ( ଏକ+କାଳାର୍ଥେ. ଦା )—
Ekadā ୧ । ଏକକାଳରେ; ଏକ ସମୟରେ; ଥରେ—
1. Once; at one time.
୨ । ପୂର୍ବେ କୌଣସି ଏକ ସମୟରେ—
2. Once upon a time.

**ଏକଦାନା**—ଦେ. ବି. ( ବିଦେଶୀ ଶବ୍ଦ )—ନାକପୁଡ଼ାରେ ପିନ୍ଧିବା
Ekadānā ଗୋଲମରିଚ ଆକାରର ନାଲ୍ ଲାଗିଥିବା ସୁନାର ଅଲଙ୍କାରବିଶେଷ—A nose-ring with a circular knob on the top.

**ଏକଦାନ୍ତିଆ**—ଦେ. ବିଣ—ଏକଦନ୍ତା ( ଦେଖ )
Ekadāntiā — Ekadantā ( See )

| ୧ | ଇ | ଉ | ଋ,ଋ | ୠ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ନ | ଶ,ଷ | ଞ୍ଚ | ଙ୍ଗ | ଞ୍ଜ | ଲ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଌ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ଣ | ଯ | ସ | ଙ୍କ | ଛଞ୍ଚ | ଡ଼ | ଢ଼ |

ଏକଦିଲ୍—ବୈଦେ. ବିଣ. (ଅ. ଏକ୍‌ଦିଲ୍)—ଏକମନୋବିଶିଷ୍ଟ—
Ekadil Of one mind; concordant.
একদিল କ୍ରି. ବିଣ.—ଏକମତ ହୋଇ—
एकदिल Together; in unision; in concordance.

ଏକଦୃକ୍—ସଂ. ବିଣ. (ଏକ + ଦୃଶ ଧାତୁ + କର୍ତ୍ତୃ କ୍ୱିପ୍)—
Ekadṛuk ୧ । ଗୋଟିଏ ଅଡ଼କୁ ଦୃଷ୍ଟି ଦେଇଥିବା—
1 Staring; looking at or minding one thing only.
୨ । କଣା; ଏକଅକ୍ଷିଆ—2. Blind of one eye
୩ । ସମଦର୍ଶୀ—3. Impartial.
ସଂ. ବି.—୧ । ଶିବ—1. God Siba
୨ । କାକ; କୁଆ—2. Crow
୩ । ଏକଅଡ଼କୁ ଦୃଷ୍ଟି—3. Looking at one thing only staring.

ଏକଦୃଷ୍ଟି—ସଂ. ବି ଓ ବିଣ—ଏକଦୃକ୍ ( ଦେଖ )
Ekadṛushṭi Ekadṛuk ( See )

ଏକଦେଶ—ସଂ. ବି. ( ଏକ + ଦେଶ=ସ୍ଥାନ )—
Ekadeśa ୧ । ଏକାଂଶ; ଖଣ୍ଡାଂଶ; ଅବୟବ—
একদেশ 1. A portion; one region; one part;
एकजगाह a division
(ଏକଦେଶୀୟ—ବିଣ) ୨ । ଏକସ୍ଥାନ—2 One place; same place; identical place.

ଏକଦେଶବାସୀ—ସଂ. ବିଣ. ପୁଂ—ଏକସ୍ଥାନରେ ବା ଦେଶରେ ନିବାସ
Ekadeśabāsi କରୁଥିବା—Living in one and the
(ଏକଦେଶବାସିନୀ—ସ୍ତ୍ରୀ) same country

ଏକଦେଶାବଚ୍ଛିନ୍ନ—ସଂ. ବିଣ (ଏକଦେଶ + ଅବଚ୍ଛିନ୍ନ)—ଏକ ଅଂଶରେ
Ekadeśābachchhinna ବ୍ୟାପ୍ତ; ଏକ ଅଂଶକୁ ଆବରଣ କରିଥିବା—Confined to one part only; covering one portion only

ଏକଧର୍ମା—ସଂ. ବିଣ ( ବହୁବ୍ରୀହି; ଏକ + ଧର୍ମ ୧ମା. ୧ବ )—
Ekadharmā ୧ । ଏକଧର୍ମାବଲମ୍ବୀ ବହୁବ୍ୟକ୍ତି—
(ଏକଧର୍ମ୍ମା—ଅନ୍ୟରୂପ) 1. Professing the same faith.
୨ । ଏକଗୁଣବିଶିଷ୍ଟ—2. Having similar qualities or attributes

ଏକଧର୍ମୀ—ସଂ. ବିଣ. ପୁଂ ( ଏକ + ଧର୍ମ=ଇନ୍. ୧ମା. ୧ବ. )—
Ekadharmi ଏକଧର୍ମା ( ଦେଖ )
(ଏକଧର୍ମିଣୀ—ସ୍ତ୍ରୀ) Ekadharmā (See)
(ଏକଧର୍ମ୍ମୀ—ଅନ୍ୟରୂପ)

ଏକଧା—ସଂ. ଅ ( ଏକ + ପ୍ରକାରାର୍ଥେ. ଧା )—୧ । ଗୋଟିଏ ହେଲେ;
Ekadhā ଏକାକୀ—1. Singly.
୨ । ଏକପ୍ରକାରେ—2. In one way; uniformly.
୩ । ଅବିଶ୍ରାନ୍ତ ଭାବରେ; ଧାରା ବାହିକ ରୂପେ—
3. Continuously.

ଏକଧୁର୍—ସଂ. ବିଣ(ବହୁବ୍ରୀହି; ଏକ + ଧୁର୍=ଭାର)—ଏକପ୍ରକାର ଭାର
Ekadhur ବୋହିବାର ଉପଯୁକ୍ତ (ଗବାଦି); ଏକବିଧ ଭାରବାହୀ; ଏକପିଠିଆ ( ପଶୁ )—( beast ) Capable of carrying one kind of burden; habituated to carrying one sort of burden.
[ ଦ୍ର:—ଯେଉଁ ବଳଦ କେବଳ ସଗଡ଼ ବୋହିପାରେ, ଯେଉଁ ବଳଦ କେବଳ ହଳ ବୁଲେ ଯେଉଁ ବଳଦ କେବଳ ଥୋଡ଼ ବୁହେ କିମ୍ବା ଯେଉଁ ବଳଦ କେବଳ ଘଣାରେ ବୁଲେ । ]

ଏକଧୁର—ସଂ. ବିଣ. ( ଏକ + ଧୁର + ଅ )—ଏକଧୁର୍ ( ଦେଖ )
Ekadhura Ekadhur ( See )

ଏକଧୁରା—ସଂ. ବିଣ. ସ୍ତ୍ରୀ ( ଏକ + ଧୁର୍ + ଅ; ସ୍ତ୍ରୀ. ଆ )—
Ekadhurā ଏକଧୁର୍ ( ଦେଖ )
Ekadhur ( See )

ଏକଧୁରୀଣ—ସଂ. ବିଣ. ପୁଂ ( ଏକ + ଧୁର୍ + ଈନ )—ଏକଧୁର୍ (ଦେଖ)
Ekadhuriṇa Ekadhur (See)
(ଏକଧୁରୀଣା—ସ୍ତ୍ରୀ)

ଏକଧୁରାବହ—ସଂ. ବିଣ ( ଏକଧୁରା + ବହ ଧାତୁ + ଅ)—
Ekadhurābaha ଏକଧୁର୍ (ଦେଖ)
Ekadhur (See)

ଏକନ୍‌ଗୁଡ଼ି—ପ୍ରାଦେ. ( ସମ୍ବଲପୁର ) ବି—ଏକଗୋଡ଼ିଆ ହୋଇ ଠିଆ
Ekangurḍi ହେବା ଦଣ୍ଡ—A sort of punishment according to which the punished person is ordered to stand on one leg only for some time; standing up on one leg only.

ଏକନ୍ତ—ଦେ. ଅ ( ସଂ. ଏକାନ୍ତ )—୧ । ଏକପଟରେ—
Ekanta 1 On one side.
একন্ত ୨ । ଏକକୁ ଆରେକ ଲାଗିଥିବା—
2. Touching one another.
୩ । ପ୍ରାନ୍ତ ଭାଗରେ ପରସ୍ପର ସଂଲଗ୍ନ—
3. Joined together by the end.

ଏକନର୍—ଦେ. ବିଣ ( ସଂ. ଏକ ଓ ଲମ୍ବିକା )—ଏକମ ଲଥିବା;
Ekanar ମାଳିକଥ ( ହାର ); ଏକସରିଆ—Having one
একনর; একনরী string only; (said of necklace)
एकलर; एकलरी; एकसुतरी

ଏକନରା—ଦେ. ବିଣ—ଏକନର୍ ( ଦେଖ )
Ekanarā Ekanar ( See )

ସାଧାରଣ ଲେଖକେ ଶବ୍ଦର ସ୍ଥାନରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ସ୍ଥାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଆଗରେ ବର୍ଣ୍ଣିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଶାଠ' ନ ମିଳିଲେ 'ସାଠ' ଖୋଜିବେ; 'ବୃଷ' ନ ମିଳିଲେ 'ବଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ ।

ଏକନରି—ଦେ. ବିଣ—ଏକନର୍ ( ଦେଖ )
Ekanari Ekanar ( See )

ଏକନରିଆ—ଦେ. ବିଣ—ଏକନର୍ ( ଦେଖ )
Ekanariā Ekanar ( See )

ଏକନଳ—ଦେ. ବିଣ--ଗୋଟିଏ ମାତ୍ର ନଳ ବା ଚୁଙ୍ଗାବିଶିଷ୍ଟ (ବନ୍ଧୁକ)—
Ekanaḻa (gun) Having one barrel only;
একনল single-barrelled (gun).
एकनलि •

ଏକନଳା—ଦେ. ବିଣ—ଏକନଳ (ଦେଖ)
Ekanaḻā Ekanaḻa (See)

ଏକନଳି—ଦେ. ବିଣ—ଏକନଳ (ଦେଖ)
Ekanaḻi Ekanaḻa (See)

ଏକନଳିଆ—ଦେ. ବିଣ—ଏକନଳ (ଦେଖ)
Ekanaḻiā Ekanaḻa (See)

ଏକନହରି—ଦେ. ବିଣ.—ଏକନର୍ (ଦେଖ)
Ekanahari Ekanar (See)

ଏକନହରିଆ—ଦେ. ବିଣ.—ଏକନର୍ (ଦେଖ)
Ekanahariā Ekanar (See)

ଏକନିଶ୍ଚୟ—ସଂ. ବିଣ. ପୁଂ (ବହୁବ୍ରୀହି; ଏକ+ନିଶ୍ଚୟ)—
Ekanischaya ୧ । ଏକାଗ୍ରଚିତ୍ତ - 1. Closely
(ଏକନିଶ୍ଚୟା—ସ୍ତ୍ରୀ) attentive.
୨ । ଏକ ବିଷୟରେ ନିବଦ୍ଧଚିତ୍ତ—
2 Concentrating attention on one subject only.
୩ । କୌଣସି ବିଷୟ କରିବାପାଇଁ ଦୃଢ଼ନିଶ୍ଚୟ—
3 Determined or resolved to do a particular thing.

ଏକନିଷ୍ଠ—ସଂ. ବିଣ. ପୁଂ ( ବହୁବ୍ରୀହି; ଏକ+ନିଷ୍ଠା )—
Ekanishṭha ୧ । ଏକ କାର୍ଯ୍ୟ ପ୍ରତି ନିଷ୍ଠାବାନ୍—
(ଏକନିଷ୍ଠା—ସ୍ତ୍ରୀ) 1. Exclucively bent upon a thing; assiduously pursuing an aim
୨ । ତନ୍ମୟ—2. Pursuing an aim with concentrated attention.

ଏକନିଷ୍ଠା—ସଂ ବି. (ଏକ+ନିଷ୍ଠା)—୧ । କୌଣସି କାର୍ଯ୍ୟ ପ୍ରତି ଐକା-
Ekanishṭhā ନ୍ତିକ ନିଷ୍ଠା—1. Assiduous following of an aim
୨ । ତନ୍ମୟତା—2. Concentrated attention
ସଂ. ବିଣ. ସ୍ତ୍ରୀ. (ଏକନିଷ୍ଠ+ସ୍ତ୍ରୀ. ଆ)—ଏକନିଷ୍ଠର ସ୍ତ୍ରୀଲିଙ୍ଗ—
Feminine of Ekanishṭha.

ଏକପ—ସଂ. ବି. (ଏକ+ଚତୁର୍ଥାଂଶ ଅର୍ଥରେ. ପ; ମୂଳ ଓ.ଏକପାଅ)—
Ekapa ୧ । ଏକଚତୁର୍ଥାଂଶ—1. A fourth part.
୨ । ଚଉଠ; ଏକ ପାଅ—2. A quarter.

ଏକପକ୍ଷ—ସଂ. ବିଣ ପୁଂ.—(ବହୁବ୍ରୀହି; ଏକ+ପକ୍ଷ)—
Ekapaksha ୧ । ଏକପକ୍ଷୀୟ ବ୍ୟକ୍ତି; ସଙ୍ଗୀ—1 Associate.
(ଏକପକ୍ଷା—ସ୍ତ୍ରୀ) ୨ । ଏକପକ୍ଷାବଲମ୍ବୀ ବ୍ୟକ୍ତି—2. Partisan
ସଂ. ବି (ଦ୍ୱିଗୁ)—୧ । ଏକଦଳ – 1. One party; the same party;
୨ । ପନ୍ଦର ଦିନ—2. A fortnight.

ଏକପଖ—ଦେ. ବି ଓ ବିଣ (ସଂ. ଏକପକ୍ଷ)—ଏକପକ୍ଷ (ଦେଖ)
Ekapakha Ekapaksha (See)

ଏକପଖିଆ—ଦେ. ବିଣ (ସଂ. ଏକ ଓ ପକ୍ଷ)—୧ । ଏକପକ୍ଷ ବା ପନ୍ଦର-
Ekapakhiā ଦିନ ସ୍ଥାୟୀ—1. Happening for a fort. night; extending over two weeks.
୨ । ଏକପକ୍ଷାବଲମ୍ବୀ (ବ୍ୟକ୍ତି)—2. Taking one side only.
୩ । ଏକମାତ୍ର ପଖା ବା ମୁହଁଥିବା (ଚୁଲି)—
3 Single-faced (oven)

ଏକପଞ୍ଚାଶତ୍—ସଂ. ବି (ଏକ ଅଧିକ ପଞ୍ଚାଶତ୍)—୧ । ଏକାବନ; ୫୧
Ekapañchāśat ସଂଖ୍ୟା—1. The number 51.
୨ । ୫୧ର ପୂରକ—2. Fifty first.

ଏକପଞ୍ଚାଶତ୍ତମ—ସଂ. ବିଣ—ଏକାବନର ପୂରକ—
Ekapañchāśattama Fifty first

ଏକପଟା—ଦେ· ବି (ସଂ. ଏକ ଓ ପଟ୍ଟ)– ଏକଖଣ୍ଡ ଲମ୍ବ ପଟ୍ଟବିଶିଷ୍ଟ
Ekapaṭā ଚଦର—An outer sheet for the body
একপাটা made up of one long strip only.
एकपटा
(ଦୋପଟା—ବିପରୀତ)

ଏକପଟିଆ—ଦେ. ବିଣ (ସଂ. ଏକ ଓ ପଟ୍ଟ ବା ପକ୍ଷ)—
Ekapaṭiā ୧ । ଏକପକ୍ଷାବଲମ୍ବୀ—
1 Attached to one side oniy.
୨ । ଏକୁଟିଆ—2. Single; without a second.
୩ । ଏକପାଖକୁ ଢଳି ପଡ଼ିଥିବା; ଏକପାଖିଆ—
3. Inclined; unbalanced.
୪ । ଯୋଡ଼ାକ ମଧ୍ୟରୁ ଗୋଟିଏ ରହିଯାଇଥିବା—
4. One remaining or surviving out of a pair.
୫ । ଏକତରଫା—5. One sided; exparte.

ଏକପତରିଆ—ଦେ. ବିଣ. (ସଂ.ଏକପତ୍ରୀ)—୧ । ଏକମାତ୍ର ପତ୍ରବିଶିଷ୍ଟ—
Ekapatariā 1. Having one leaf only.
୨ । ଏକମାତ୍ର ପତ୍ର ବା ଫଳା ବିଶିଷ୍ଟ (ଛୁରୀ)—
2. One bladed (knife)
୩ । ଏକ ପତ୍ରୋଦ୍ଭୂତ—
3. Born of one leaf only.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଢ଼ | ଶ,ସ | କ୍ଷ | ଇଯ୍ | ଇଅ | ଡ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଥ | ଢ଼ | ଡ଼ |

୪ । ଯେଉଁ ବ୍ୟକ୍ତି ଜାତିଅଣ ପଙ୍‌ଗତରେ ନ ବସି ଏକାକୀ ପତ୍ର ପକାଇ ଖାଏ; ଅପାଙ୍‌କ୍ତେୟ—
4. One who is not allowed to eat amongst others in a caste-dinner

୫ । ଏକଘରିଆ (ଦେଖ)
5. Ekagharia (See)

**ଏକପଟୁରିଆ**—ଦେ. ବଣ—ଏକପଟରିଆ (ଦେଖ)
Ekapaturia Ekapataria (See)

**ଏକପତ୍ନୀକ**—ସଂ. ବଣ. ପୁଂ (ବହୁବ୍ରୀହି; ଏକ+ପତ୍ନୀ)—
Ekapatnika ୧ । ଯାହାର ଗୋଟିଏ ମାତ୍ର ପତ୍ନୀ ଥାଏ—
1. Having one wife only
୨ । ଯେ ଏକ ପତ୍ନୀ ଛଡ଼ା ଅନ୍ୟ ସ୍ତ୍ରୀସଙ୍ଗ କରେ ନାହିଁ—
2. Chaste; devoted to one wife only (husband).
୩ । ଯେ ସତୀ ସ୍ତ୍ରୀର ସ୍ୱାମୀ—
3 (one) Having a chaste and devoted wife.

**ଏକପତ୍ନୀ**—ସଂ. ବ. ସ୍ତ୍ରୀ (ଏକ+ପତ୍ନୀ)—୧ । ଅସପତ୍ନୀ ସ୍ତ୍ରୀ; ଯେଉଁ
Ekapatni ସ୍ତ୍ରୀର ସଉତୁଣୀ ନାହିଁ—1. A wife having no rival.
୨ । ଅଦ୍ୱିତୀୟା ଭାର୍ଯ୍ୟା; ସ୍ୱାମୀର ପ୍ରଥମ ବା ଏକମାତ୍ର ସ୍ତ୍ରୀ—
2. Single wife.
୩ । ସତୀ; ପତିବ୍ରତା ସ୍ତ୍ରୀ—
3 A chaste and dutiful wife.
ସଂ. ବଣ. ପୁଂ—(ବହୁବ୍ରୀହି; ଏକ+ପତ୍ନୀ)—ଏକପତ୍ନୀକ (ଦେଖ)
Ekapatnika (See)

**ଏକପତ୍ନୀବ୍ରତ**—ସଂ. ବ—୧ । ଗୋଟିଏ ମାତ୍ର ପତ୍ନୀ ବିବାହ ବା ସହବାସ-
Ekapatnibrata କରିବା ବ୍ରତ—1. The vow of life-long chastity or fidelity to one wife.
୨ । ପ୍ରଥମ ବିବାହିତା ପତ୍ନୀ ମୃତା ହେଲେ ଅନ୍ୟ ପତ୍ନୀ ବିବାହ ନ କରିବା ସଂକଳ୍ପଯୁକ୍ତ ବ୍ରତ—2. The vow never to marry a second wife.

**ଏକପଟ୍ରିଆ**—ଦେ. ବଣ—ଏକପଟରିଆ (ଦେଖ)
Ekapatria Ekapataria (See)

**ଏକପତ୍ରୀ**—ସଂ. ବଣ—ଅଞ୍ଚଳ ତମାମ୍ କୌଣସି ଶାସ୍ତ୍ରୀୟ ଅନୁଷ୍ଠାନ ବା
Ekapatri ଉତ୍ସବ ହେଲେ ଯେଉଁ ପ୍ରସିଦ୍ଧ ପଣ୍ଡିତଙ୍କ ନିକଟକୁ ନିଶ୍ଚୟ ଖଣ୍ଡେ ଆମନ୍ତ୍ରଣ ପତ୍ର ଆସିବ—
1. (a well-known Pandit) Who, whenever letters of invitation are issued from any quarter to attend any Sāstric ceremony, is sure to get one.

୨ । ଏକମାତ୍ର ପତ୍ରବିଶିଷ୍ଟ—
2 Having one leaf only.
୩ । ଏକପତ୍ର ବା ଫଳାବିଶିଷ୍ଟ (ଛୁରୀ)—
3. One-bladed (knife)

**ଏକପତ୍ରୋତ୍ପତ୍ତିକ**—ଦେ. ବଣ (ଉଦ୍ଭିଦବିଜ୍ଞାନ ପରିଭାଷା)—
Ekapatrotpattika ଏକପତ୍ରରୁ ଉତ୍ପନ୍ନ ହୋଇଥିବା(ଗୁଳ୍ମାଦି); ଏକପଟୁରିଆ (ଲତାଆଦି)—
(Botany) Monocotyledonous; monopetalous; having single leaf to the stalk.

**ଏକପଦ**—ସଂ. ବଣ (ବହୁବ୍ରୀହି; ଏକ+ପଦ)—୧ । ଏକପଦବିଶିଷ୍ଟ;
Ekapada ଯେଉଁ ବାକ୍ୟରେ ପଦେ ମାତ୍ର କଥା ଥାଏ—
1 Having or consisting of one sentence only.
୨ । ଏକଗୋଡ଼ିଆ; ଯାହାର ଗୋଟିଏ ଗୋଡ଼ ଥାଏ—
2. Having a single leg; one-legged.
୩ । ଏକ ଗୋଡ଼ରେ ଠିଆ ହୋଇଥିବା—
3. Standing on one leg.
୪ । (ବ୍ୟାକରଣ) ସମସ୍ତ (ପଦ); ସମାସନିଷ୍ପନ୍ନ (ପଦ)—
4. Compound (word)
ସଂ. ବ—୧ । ଗୋଟିଏ ମାତ୍ର ପାଦକ୍ଷେପ—1. One step.
୨ । ରତିବନ୍ଧବିଶେଷ—
2. A posture in copulation.
୩ । ଏକ କଥା; ଅପରିଳତ କଥା—
3. Unchanged promise or word.
୪ । ଏକମାତ୍ର ବାକ୍ୟ—
4. Only one sentence.
୫ । ସମସ୍ତ ବା ସମାସ ହୋଇଥିବା ପଦ—
5. Compound word.
କ୍ରି. ବଣ—୧ । ଏକପଦରେ; ଏକ ଉଦ୍ୟମରେ—
1. At once; at one step.
୨ । ତତ୍‌କାଳେ; ଏକାପଦେକେ—2. Immediately.

**ଏକପଦିଆ**—ଦେ. ବ (ଜମିଦାରି ଓ ମହାଜନି ହିସାବ) (ସଂ.ଏକପଦ)—
Ekapadia ୧ । ନାନାପ୍ରକାର ଆୟ ବା ଖରଚକୁ ଶ୍ରେଣୀବଦ୍ଧ କରିବା; ତାରିଜା କରିବା—1. Classification of several expenses or incomes under certain groups or items.
୨ । (ମହାଜନି ହିସାବ)—ଯେଉଁ କାଗଜରେ ଆୟବ୍ୟୟାଦି ଏକ ଏକ ଶ୍ରେଣୀ ବା ହେଡ୍‌ଙ୍କ ତଳେ ଏକତ୍ର ସଂଗୃହୀତ ହୋଇ ଲେଖା ଥାଏ; ତାରିଜାବହି—
2. A classified list of different items of income and expenses under scheduled heads; a schedule.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ବ୍ୟତୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ' ନ ମିଳିଲେ 'ସାଢ଼' ଖୋଜିବେ 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । (ଜମିଦାରି ହିସାବ)— ଯେଉଁ କାଗଜରେ ପ୍ରତ୍ୟେକ ପ୍ରଜାର ଜମି ଓ ଜମା ଲେଖା ଥାଏ— 3. An official record containing every tenant's area of holding and amount of assessment.

ଦେ. ବିଣ— ୧ । ଏକଗୋଡ଼ିଆ —1. One-legged.

୨ । ଏକମାତ୍ର ବାକ୍ୟ ବା ଶବ୍ଦବିଶିଷ୍ଟ— 2. Consisting of one word or sentence only

୩ । ତାଲିକା ହୋଇଥିବା; ଶ୍ରେଣୀବଦ୍ଧ ହୋଇଥିବା— 3. Classified; collected under different groups.

୪ । ଯେଉଁ ଗୀତରେ ଗୋଟିଏ ମାତ୍ର ପଦ ବା ଧାଡ଼ି ଥାଏ— 4. One-lined song.

**ଏକପଦିକା**—ଦେ. ବି— ୧ । ଚାରି ପଣ (କଉଡ଼ି)—
Ekapadikā
1. 320 bits of shell-money.

୨ । ଚାରି ଅଣା—2. Four annas,

୩ । ଏକ ନଳ ଦୈର୍ଘ୍ୟ (ଜମି ମାପ)— 3 The length of one rod (of land).

୪ । ସଂକୀର୍ଣ୍ଣ ପଥ ବା ମାର୍ଗ; ଯେଉଁ ବାଟରେ ଥରକେ ଜଣେ ଲୋକ ଯାଇ ପାରେ— 4 Foot-path.

ଚାଲୁଥିଲ ଏକପଦିକା ସେ ନାନା ଉଦ୍ଭିଦ ଶୋଭିତା ନର୍ମଳ ଭୂତେ ହେଇ ପ୍ରମୋଦା—
ଉତ୍କ. ବୈଦେହୀଶବିଳାସ

**ଏକପଦୀ**— ସଂ. ବି (ବହୁବ୍ରୀହି; ଏକ+ପଦ+ଇନ୍; ୧ମା ୧ବ)—
Ekapadī
ମନୁଷ୍ୟଚଳ ବାଟ; ସଂକୀର୍ଣ୍ଣ ପଥ— A narrow path; a footpath.

ସଂ. ବିଣ— ୧ । ଏକଗୋଡ଼ିଆ—1. One-legged.

୨ । ଗୋଟିଏ ପଦ ବା ବାକ୍ୟବିଶିଷ୍ଟ— 2. Consisting of one sentence only

୩ । ଏକଶବ୍ଦବିଶିଷ୍ଟ—3. Consisting of or couched in a single word only.

**ଏକପରି**—ଦେ. ବିଣ— ୧ । ଏକପ୍ରକାରର—
Ekapari
1. Of one kind
একপ্রকার

୨ । ସମ; ସମାନ—2. Similar; equal.

एकसा

କ୍ରି. ବିଣ— ୧ । ଏକପ୍ରକାରରେ— 1. In one manner.

୨ । ସମାନରୂପେ—2. Similarly.

**ଏକପା**—ଦେ. ବି (ସଂ. ଏକପାଦ)— ୧ । ଗୋଟିଏମାତ୍ର ପାଦକ୍ଷେପ—
Ekapā
1. One step only.

୨ । ଏକ କୋଶର ଏକଚତୁର୍ଥାଂଶ (ଦୂରତ୍ୱ)— 2. One fourth of a Krosa; half a mile.

একপুআ
୩ । ଚାରିପଣ; ପୂର୍ଣ୍ଣ ବସ୍ତୁର ଏକଚତୁର୍ଥାଂଶ—
एकपाओ
3. One fourth of anything

୪ । ସେରର ଏକଚତୁର୍ଥାଂଶ— 4. One fourth of a seer.

୫ । ଖଣ୍ଡେ ପାନର ¼; ୨୫ ଗୋଟି ପାନ; ବିଡ଼ାଏ ପାନର ଅଧ— 5. Twentyfive betel-leaves.

**ଏକପାଖ**—ଦେ. ବି (ସଂ. ଏକ+ପକ୍ଷ)— ୧ । ଏକପାର୍ଶ୍ୱ—
Ekapākha
1. One side.
একতরফ

୨ । ଏକ ପକ୍ଷ—2. One party.

एकबगल; एकतरफ

**ଏକପାଖିଆ**—ଦେ. ବିଣ (ସଂ. ଏକପକ୍ଷୀୟ)—
Ekapākhiā
୧ । ଏକପାର୍ଶ୍ୱକୁ ଅଉଜିଥିବା; ଏକପାର୍ଶ୍ୱକୁ ଢଳି ପଡ଼ୁଥିବା—1 Leaning to one side.
একবেড়ে; একপাশিআ

୨ । ଏକ ପକ୍ଷକୁ ଅବଲମ୍ବନ କରୁଥିବା; ଏକମାତ୍ର ପକ୍ଷ ଅବଲମ୍ବନକାରୀ—
झुका
2. Partial to one party.

୩ । ଏକପାର୍ଶ୍ୱ ବା କୋଣରେ ଅବସ୍ଥିତ— 3. Situated on one side only.

୪ । ଏକତରଫା—4. One-sided; exparte.

**ଏକପାଣିଆ**—ଦେ. ବିଣ— ୧ । ଧୀରେ ଧୀରେ ଅଳ୍ପ ଅଳ୍ପ ବର୍ଷା
Ekapāniā
ନ ହୋଇ, ଅନାବୃଷ୍ଟି ପରେ ଏକା ଥରକେ ଲାଗେ-
একপানিয়া
ଲାଗେ ପ୍ରଚୁର ବର୍ଷା ହେବା ଯାଗ— (a season) Simultaneously raining; showering at one time instead of the rain being distributed over a long season (said of heavy rain after a season of draught).

(ଯଥା—ଏ ବରଷ ମେଘ ଏକପାଣିଆ କଲାରୁ ବହୁତ ଚଳ ଅବୃଣା ରହିଗଲା ।)

**ଏକପାନିଆ**—ଦେ. ବିଣ. (ବରଜ ଭାଷା)—ଗୋଟିଏ ପାନ ଧରିବା
Ekapāniā
ପରେ ଯେଉଁ ପାନ ଗଛରେ ଅନ୍ୟ ପାନ ଧରେ ନାହିଁ- (a betel plant) Which does not bring forth more than one betel leaf.

**ଏକପିଙ୍ଗ**— ସଂ. ବି. ପୁଂ. (ବହୁବ୍ରୀହି; ଏକ+ପିଙ୍ଗ; ଯାହାର ଏକମାତ୍ର
Ekapiṅga
ଚକ୍ଷୁ ମଧ୍ୟରେ ଗୋଟିଏ ମାତ୍ର ପିଙ୍ଗଳ ବର୍ଣ୍ଣ ଚକ୍ଷୁ ଅଛି)-

୧ । ଏକ ଚକ୍ଷୁବିଶିଷ୍ଟ କୁବେର— 1. The one-eyed God Kubera.

୨ । ଯକ୍ଷ— 2. Jaksha—an etherial being.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଷ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଜ୍ଞ | ଇସ୍ତ | ଈ | ଲ |
| ୨ | ଐ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଇଅ | ଙ୍ଗ | ଳୃ |

**ଏକପିଙ୍ଗଳ** — ସଂ. ବି. ପୁଂ. ( ବହୁବ୍ରୀହି; ଏକ+ପିଙ୍ଗଳ )—
Ekapingala ଏକପିଙ୍ଗ ( ଦେଖ )
Ekapinga ( See )

**ଏକ ପିଠି** — ଦେ.ବି - କୌଣସି ସ୍ଥଳକୁ ଯିବା ଓ ଆସିବା—ଦୁଇ ଭ୍ରମଣ-
Eka piṭhi କ୍ରିୟା ମଧ୍ୟରୁ ଗୋଟିଏ—One trip of a double journey to and from a place.
( ଯଥା—ପୁରୀ ଯିବା ଆସିବା ପାଇଁ ଏକପିଠିର ଖରଚ ମୋ ପାଖେ ଅଛି; ଆଉ ଏକପିଠିର ଖରଚ ମିଳିଲେ ମୁଁ ଯାଆନ୍ତି । )

**ଏକପିଠିଆ** — ଦେ. ବିଣ. ( ସଂ. ଏକ + ପୃଷ୍ଠ )—
Ekapiṭhiā ଏକଧୁର ( ଦେଖ )
Ekadhur ( See )

**ଏକପିତୃକ** — ସଂ. ବିଣ. ପୁଂ. ( ଏକ + ପିତୃନ୍ + କ )—
Ekapitṛuka ଏକ ପିତାଙ୍କଠାରୁ ଜାତ ( ସନ୍ତାନଗଣ )—
(ଏକପିତୃକା—ସ୍ତ୍ରୀ) (sons) Having one and the same father.

**ଏକପୁଡ଼ା** — ଦେ. ବି. ( ସଂ. ଏକପୃଷ୍ଠ )—
Ekapuṛḍā ବାଦ୍ୟବିଶେଷ; ଏକସ୍ୱର ବିଶିଷ୍ଟ ବାଦ୍ୟ; ପେଁକାଳି-
একপুড়া A kind of wind-instrument having a single tune; a single-tuned instrument.

**ଏକପୁଡ଼ିଆ** — ସଂ. ବିଣ. ( ସଂ. ଏକ ଓ ପୃଷ୍ଠ ) —
Ekapuṛḍiā ୧ । ଏକ ପୃଷ୍ଠାବିଶିଷ୍ଟ ପୁସ୍ତକ—
একপুড়িয়া 1.(book ) Having one leaf or page.
୨ । ନାକର ଏକ ପୁଡ଼ାରେ ବହୁଥିବା (ନିଶ୍ୱାସ)—
2. ( breath ) Breathed through one nostril only.
୩ । ନାକର ଏକ ପୁଡ଼ାରେ ନିଶ୍ୱାସ ମାରୁଥିବା (ବ୍ୟକ୍ତି)—
3. ( person ) Breathing through one nostril only.

**ଏକପୁରିଆ** — ଦେ. ବିଣ—୧ । ଯେ ହୃଷ୍ଟପୁଷ୍ଟ ନୁହେ; ଯାହାର
Ekapuriā ଦେହର ହାଡ଼ ମୋଟ ନୁହେ; ଯାହାର ଶରୀର
একপুরিয়া ପତଳା; ଦୁର୍ବଳ—1. Of weak body; lean
दुबला and thin.
୨ । ଧାନ କୁଟା ହୋଇ ଥରେ ମାତ୍ର ପାଛୁଡ଼ା ହୋଇଥିବା ( ଚାଉଳ ); ଅକାଣ୍ଡିଆ ( ଚାଉଳ )—
2. Not well husked ( rice ).
୩ । ଏକ ଥର ଘାସ ବଛା ହୋଇଥିବା ( ବିଲ )—
3 ( a paddy-field ) Weeded out once only.

**ଏକପୁରୁଷ** — ସଂ. ବି— ପରମପୁରୁଷ; ପରମେଶ୍ୱର—
Ekapurusha The Supreme Being; God.
ଦେ. ବି—୧ । ଏକ ପୁରୁଷର ଉଚ୍ଚତା ବା ଗମ୍ଭୀରତା—
1. Height or depth of one man's stature.
୨ । ବଂଶର ଏକମାତ୍ର ପୁରୁଷର ଜୀବତକାଳ—
2. One generation.

**ଏକପୁରୁଷିଆ** — ଦେ. ବିଣ—୧ । ସମ୍ପର୍କରେ ପରସ୍ପର ସହିତ ଏକପୁରୁଷ
Ekapurushiā ଛଡ଼ା—1. Separated by one
একপুরুষী generation of relationship; one degree distant.
୨ । ଏକପୁରୁଷ ତଳେ ଥିବା—
2. Belonging to one generation lower.
୩ । ଏକପୁରୁଷ ଉଚ୍ଚ ବା ଗଭୀର—
3. High or deep by one man's height; of one man's height or depth.
ପ୍ରାଦେ, ( ଗଡ଼ଜାତ ) ବିଣ—ବେଉଶଣ ପରେ ଯେଉଁ ଧାନ ଗଛର ମୂଳରୁ ଏକାଧିକ ଲୁଆଁ ବାହାରି ନ ଥାଏ—
(paddy plant) Not having sprouted into shoots.

**ଏକପୁରୁଷିକିଆ** — ପ୍ରାଦେ. ( ଗଡ଼ଜାତ ) ବିଣ—
Ekapurushikiā ଏକପୁରୁଷିଆ ( ଦେଖ )
Ekapurushiā ( See )

**ଏକପେଟ** — ସଂ. ବିଣ—ଉଦରପୂର୍ଣ୍ଣ— Belly full
Ekapeṭa କ୍ରି. ବିଣ—ପେଟଭରି; ଉଦର ପୂର୍ଣ୍ଣ କରି—
একপেট To one's fill; as much as will fill
पेटभर one's belly.

**ଏକପୋଛ** — ଦେ. ବି—ରଙ୍ଗ ବା କାଦୁଅ ଆଦି ପ୍ରଲେପ ବା ସର୍ବାଙ୍ଗ
Ekapochha ଆଦି ଉପରେ ଥରେ ମାତ୍ର ବୋଳିବା ବା ଲିପା—
একপোছ Smearing once; laying one layer
एकपोछ only; one layer of paint or mud on an image.
( ଯଥା—ଏଗାଡ଼ିରେ ଏକପୋଛ ବାର୍ନିସ୍ ଦିଆଯାଇଛି । )

**ଏକପୋଛା** — ଦେ. ବିଣ—ଥରେ ମାତ୍ର ପୋଛ ବା ଲିପା ହୋଇଥିବା
Ekapochhā ( ରଙ୍ଗ )—( paint or smearing )
একপোছা Applied with the first layer only;
एकपोछ consisting of one layer of paint.

**ଏକ ପ୍ରକାର** — ଦେ. ବି—ଏକଶ୍ରେଣୀ; ଏକ ରୂପ; ଏକରକମ—
Eka prakāra One kind; one class.
একপ্রকার ଦେ. ବିଣ—୧ । ଏକପ୍ରକାରର; ଗୋଟିଏ ପ୍ରକାରର;
एकरकम ଏକରକମ; ଏକ ପ୍ରକୃତିର; ଏକ ଶ୍ରେଣୀର—
1. A kind of; one kind of; one form of.
୨ । ଏକ ଆକୃତିବିଶିଷ୍ଟ—
2. Of one size.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାବୋଧରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମ ଚିହ୍ନିତ ଏଥିରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୩ । ନୁହେ ଉତ୍କୃଷ୍ଟ ନୁହେ ନିକୃଷ୍ଟ; କାର୍ଯ୍ୟର ଉପଯୋଗୀ; ଚଳନସହ—3. Tolerable; ordinary.

କ୍ରି. ବିଣ—୧ । ଏକବାଟରେ—
1. In a way; in one way.
୨ । ଯେନ କେନ ପ୍ରକାରେ—2. Anyhow.
୩ । ଅପରୋକ୍ଷଭାବରେ—3. Indirectly.
୪ । ଚଳନସହଭାବରେ; ନୁହେ ଭଲ ନୁହେ ମନ୍ଦ ଏପରି- ଭାବରେ; କାମ ଚଳିଯିବା ପ୍ରକାରରେ—
4. Tolerably; so-so.

ଏକପ୍ରକାରେ—ଦେ. କ୍ରି. ବିଣ—ଏକ ପ୍ରକାର ( ଦେଖ )
Ekaprakāre — Eka prakāra (See)

ଏକପ୍ରଭୁ—ସଂ. ବିଣ.—( ବହୁବ୍ରୀହି; ଏକ + ପ୍ରଭୁ; ଯାହାର ପ୍ରଭୁ ଏକ)—
Ekaprabhu ୧ । ଏକମାତ୍ର ଅଧିପତି ବା ରାଜାଦ୍ୱାରା ଶାସିତ—
1. Monarchical; ruled by one master; under one absolute monarch; presided over by a paramount control or authority.
୨ । ଏକସ୍ୱାମିକ; ଯେଉଁ ସମ୍ପତ୍ତିର ମାଲିକ ଜଣେ —
2. (property) Owned by one person only.

ଏକପ୍ରଭୁତ୍ୱ—ସଂ. ବି.—ଏକମାତ୍ର ରାଜାଙ୍କଦ୍ୱାରା ରାଜ୍ୟଶାସନ ପ୍ରଣାଳୀ—
Ekaprabhutwa — Monarchy.

ଏକଫଳି—ଦେ. ବିଣ.— ଗୋଟିଏ ଫଳ ବା ପତ୍ର ଥିବା (ଛୁରି)—
Ekaphalā — One-bladed (knife)
একফলা
एकफला

ଏକଫସଲି—ଦେ. ବିଣ.—(ସଂ. ଏକ+ଅ. ଫସ୍ଲ୍)—ଯେଉଁ ଜମିରେ
Ekaphasalī ବର୍ଷକେ ଗୋଟିଏ ମାତ୍ର ଫସଲ ହୁଏ—
একফসলী (land Producing one crop only
एकफरदा; एकफसला during the year.

ଏକଫିଙ୍ଗ—ଗ୍ରା. ବିଣ.—ଏକଫିଙ୍ଗା (ଦେଖ)
Ekaphiṅga — Ekaphiṅgā See)

ଏକଫିଙ୍ଗା—ଗ୍ରା ବିଣ. ( ସବାରିବେହେରାଙ୍କ ଭାଷା )—ସବାରିର ପଛ ବାଉଁଶ କାନ୍ଧେଇ ଥିବା ବେହେରାଙ୍କ କାନ୍ଧମାନ ଅଗବେହେରାଙ୍କ କାନ୍ଧ ଉପର ବାଉଁଶରେ ଲାଗିଥିବା (ଅବସ୍ଥା)—
Ekaphiṅgā — Name of an inconvenient position of the shoulders of the palki bearers engaged in carrying a palki.

ଏକବଅସି—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ.—ଏକବୟସୀ (ଦେଖ)
Ekabaasi — Ekabayasī (See)

ଏକବଅସିଆ—ଗ୍ରା. ବିଣ. ପୁଂ. ଓ ସ୍ତ୍ରୀ.—ଏକବୟସୀ (ଦେଖ)
Ekabaasiā — Ekabayasī (See)

ଏକବଚନ—ସଂ. ବି. (ବ୍ୟାକରଣ)—ଏକସଂଖ୍ୟାବୋଧକ ବଚନ—
Ekabachana — (grammar) The singular number.
(ବହୁବଚନ—ବିପରୀତ)

ଏକବଣି—ଦେ. ବିଣ ( ସଂ. ଏକବର୍ଣ୍ଣୀ )—୧ । ଯେଉଁ ଗାଈର ଦେହ ଯାକ ଗୋଟିଏ ମାତ୍ର ବର୍ଣ୍ଣ ଥାଏ ଏବଂ ଦେହରେ ଛିଟିକା ଚିହ୍ନ ନ ଥାଏ—1. (a cow) Of one colour only.
Ekabanī
একবনি
एकवर्णी
୨ । ଯେଉଁ ଗାଈର ଦେହର ବର୍ଣ୍ଣ ସଙ୍ଗେ ବାଛୁରିର ବର୍ଣ୍ଣ ସମାନ—2. ( a cow ) Whose calf is also of the same colour as the mother.

ଏକବୟସିଆ - ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଏକ + ବୟସ୍ )—
Ekabayasiā — ଏକବୟସୀ ( ଦେଖ ) Ekabayasī ( See )

ଏକବୟସୀ—ଦେ. ବିଣ. ପୁଂ ଓ ସ୍ତ୍ରୀ ( ସଂ. ଏକ + ବୟସ୍ )—
Ekabayasī ୧ । ସମବୟସ୍କ (ପୁରୁଷ)—1 (male) Of one age; of equal age.
୨ । ସମବୟସ୍କା (ସ୍ତ୍ରୀ)— 2. Of the same age (female)

ଏକବରଗ – ଗ୍ରା. ବିଣ—ଏକବର୍ଗ ( ଦେଖ )
Ekabaraga — Ekabarga ( See )

ଏକବରଗିଆ – ଗ୍ରା. ବିଣ—ଏକବର୍ଗ ( ଦେଖ )
Ekabaragiā — Ekabarga ( See )

ଏକବରଷିଆ—ଦେ. ବିଣ ପୁଂ ଓ ସ୍ତ୍ରୀ (ଏକ + ବର୍ଷ )—୧ । ବରଷିକିଆ;
Ekabarashiā ଏକବରଷ ବୟସ୍କ 1. Aged one year only.
একবছরের
एकबरषका ୨ । ଏକବୟସୀ; ସମବୟସ୍କ -2. Of the same age.
୩ । ଏକବର୍ଷକାଳ ସ୍ଥାୟୀ ( ଗୁଳ୍ମାଦି )—
3 Annual (plants).
୪ । ଯାହା ସମାପ୍ତ ହେବାକୁ ଏକ ବରଷ ଲାଗେ—
4. Taking one year to complete.
୫ । ସମସାମୟିକ; ଏକାବରଷରେ ଘଟିଥିବା ବା ଜନ୍ମିଥିବା—
5 Born or happening in the same year, contemporary; coeval.

ଏକବରାବର— ପ୍ରାଦେ. (ବାଲେଶ୍ୱର) କ୍ରି. ବିଣ—୧ । ଏକାବେଳେକେ
Ekabarābara ଏକ କାଳରେ—1. At a time.
୨ । ସମ୍ପୂର୍ଣ୍ଣରୂପେ —2. Fully

ଏକବର୍ଗ—ଦେ. ବିଣ (ସଂ. ଏକ ଓ ବର୍ଗ)—୧ । ଏକଆକୃତିବିଶିଷ୍ଟ;
Ekabarga ଏକ ଛାଞ୍ଚରେ ଗଢ଼ା—1. Of one form or mould.
୨ । ବ୍ୟଞ୍ଜନ ବର୍ଣ୍ଣର ଏକ ବର୍ଗର ଅନ୍ତର୍ଗତ—
2 Belonging to one group of consonants.

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ସ | ଞ୍ଜ | ଇଅ | ଉଅ | ଉ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଷ୍ୟ | ଯ | ଷ | ୈ | ଇଥ | ଓ | ଡ଼ |

ଏକବର୍ଗିଆ—ଦେ. ବଣ.—ଏକବର୍ଗ (ଦେଖ)
Ekabargiā Ekabarga (See)

ଏକବର୍ଣ୍ଣ—ସଂ. ବଣ. ପୁଂ. (ବହୁବ୍ରୀହି; ଏକ+ବର୍ଣ୍ଣ)—
Ekabarnna ୧ । ଏକମାତ୍ର ରଙ୍ଗବିଶିଷ୍ଟ—
(ଏକବର୍ଣ୍ଣା—ସ୍ତ୍ରୀ) 1. Reduced to one colour.
୨ । ଏକଜାତିରେ ପରିଣତ—
2. Of one caste.
ସଂ. ବି—୧ । ଗୋଟିଏ ମାତ୍ର ଅକ୍ଷର—1. One letter only.
୨ । ଗୋଟିଏ ମାତ୍ର ପଦ—2. One syllable only.
୩ । (ବୀଜଗଣିତ) ଅନିର୍ଦ୍ଦିଷ୍ଟ ସଂଖ୍ୟା; ଅଜ୍ଞାତ ରାଶି—
3 (algebra) An unknown quantity

ଏକବର୍ଣ୍ଣସମୀକରଣ—ସଂ. ବି. (ବୀଜଗଣିତ)—ଯେଉଁ ସମୀକରଣରେ
Ekabarnnasamikarana ଗୋଟିଏ ମାତ୍ର ଅଜ୍ଞାତ ରାଶି
ଜଣାଇ ଥାଏ—(algebra) An equation involving one unknown quantity only.

ଏକବର୍ଣ୍ଣୀ—ସଂ.ବଣ.ପୁଂ. (ଏକବର୍ଣ୍ଣ+ଇନ୍ ୧ମା.୧ବ) ଏକବର୍ଣ୍ଣବିଶିଷ୍ଟ—
Ekabarnni Consisting of one colour only;
(ଏକବର୍ଣ୍ଣିନୀ—ସ୍ତ୍ରୀ) composed of or painted in one colour only; of one colour; of the same colour.
ଦେ. ବଣ—ଏକବନ (ଦେଖ)
Ekabani (See

ଏକବର୍ଷିଆ—ଦେ. ବଣ (ସଂ. ଏକ ଓ ବର୍ଷ)—ଏକବରଷିଆ (ଦେଖ)
Ekabarshiā Ekabarashiā See

ଏକବର୍ଷିକା—ସଂ. ବି. ସ୍ତ୍ରୀ. (ଏକ+ବର୍ଷ+ଇକ+ସ୍ତ୍ରୀ. ଆ)—
Ekabarshikā ଏକହାୟନୀ (ଦେଖ)
Ekahāyani (See)

ଏକବର୍ଷିକିଆ—ଦେ. ବଣ—ଏକବରଷିଆ (ଦେଖ)
Ekabarshikiā Ekabarashiā (See)

ଏକବସ୍ତ୍ର—ସଂ. ବଣ (ବହୁବ୍ରୀହି; ଏକ+ବସ୍ତ୍ର)—୧ । ଯାହାର ଖଣ୍ଡିଏ
Ekabastra ମାତ୍ର ପରିଧାନବସ୍ତ୍ର ସମ୍ବଳ ଅଛି; ଯାହାର ଖଣ୍ଡିଏ
ଲୁଗା ଛଡ଼ା ଅଉ ଲୁଗା ନ ଥାଏ—1. Having a single piece of cloth only for use; having no change of clothes.
୨ । ଏକକାନିକିଆ; ଯେ ଖଣ୍ଡିଏ ମାତ୍ର ଅଧୋବାସ ପିନ୍ଧିଥାଏ;
ଯାହାର ଉତ୍ତରୀୟ ବା ଚାଦର ନ ଥାଏ—2. Wearing one piece of cloth only.

ଏକବାକ୍ୟ—ସଂ. ବି (ଏକ+ବାକ୍ୟ)—୧ । ଗୋଟିଏ କଥା—
Ekabākya 1. One word
୨ । ଏକ ମାତ୍ର ଜବାବ୍—2. One promise.
ସଂ. ବଣ (ବହୁବ୍ରୀହି)—୧ । ଏକମୁଖ; ଯେଉଁ ସମସ୍ତଙ୍କର
ଏକ ଉଦ୍ଦେଶ୍ୟ ଥାଏ—1. (many persons) Having the same object in view.
୨ । ଏକମତ (ବହୁବ୍ୟକ୍ତି)—
2. Unanimous; of the same opinion.
୩ । ଏକ ପରାମର୍ଶରେ ଚାଳିତ—
3. Guided by one advice.
୪ । ଯେଉଁମାନେ ସମସ୍ତେ ଗୋଟିଏ ମାତ୍ର ମତ ପ୍ରକାଶ
କରନ୍ତି—4. Of one voice.

ଏକବାଗିଆ—ଦେ. ବଣ.ପୁଂ. ଓ ସ୍ତ୍ରୀ—ଏକବାଗୀ (ଦେଖ)
Ekabāgia Ekabāgi (See)

ଏକବାଗୀ—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ଏକ ଓ ବର୍ଗ)—ମନୁଆଁ;
Ekabāgi ଏକଗୁଆଁ; ଏକଛନ୍ଦିଆ—Headstrong;
एकगुयेँ; একরোখা dogmatical; obstinate;
अड़ियल; हट्टी stubborn.

ଏକବାଗେ - ଦେ. କ୍ରି. ବଣ—୧ । ଏକପ୍ରକାରରେ—
Ekabāge 1. In one way.
একচোটে ୨ । ଏକା ଚୋଟକେ—2. At one stretch.
एकचोटमे ୩ । ଏକା ଝେଟକେ—3. At one stroke.
୪ । ଏକ ଥରକେ—4. At once.

ଏକବାତ୍—ଦେ. ବି—୧ । ଗୋଟିଏ ମାତ୍ର ପ୍ରତିଜ୍ଞା—
Ekabāt 1. One promise only.
একবাত ୨ । ଅଟଳ ପ୍ରତିଜ୍ଞା—2. Inviolable promise.
एकबात
ଦେ. ବଣ—ଯେଉଁ ବ୍ୟକ୍ତିର କଥା ବା ପ୍ରତିଜ୍ଞା ଅଟଳ; ଦୃଢ଼-
ପ୍ରତିଜ୍ଞ—Sticking to one opinion, promise or vow.

ଏକବାପ୍—ଦେ. ବଣ—ଯାହାର ଏକ ପିତା; ନିର୍ଦ୍ଦିଷ୍ଟପିତୃକ; ଯେ
Ekabāp ଜାରଜ ନୁହେ—Born from one father; of
একবাপ established and undoubted
एकबाप parentage

ଏକ ବାପ୍ ଏକ ବାତ୍—ଠଗ

ଏକବାପୁଆ—ଦେ. ବଣ—ଏକବାପ୍ (ଦେଖ)
Ekabāpuā Ekabāp (See)

ଏକବାବୁଆ—ଦେ. ବଣ—ଏକବାପ୍ (ଦେଖ)
Ekabābuā Ekabāp (See)

ଏକବାର୍—ଦେ. ଅ—ଏକବାର (ଦେଖ)
Ekabār Ekabāra (See)

ଏକବାର—ଦେ. ବି (ଫା. ଏକବାରଗୀ)—୧ । ଏକଥର; ଥରମାତ୍ର—
Ekabāra 1. One time.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲେଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'ଜୁଅ' ନ ମିଳିଲେ 'ଜୂଅ' ଦେଖିବେ; ବଟୁ ନ ପାଇଲେ 'ବଟୂ' ଦେଖିବେ; 'ଅଳିଂଆ' ନ ପାଇଲେ 'ଅଳିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

একবার ୨ । କୌଣସି ଉପବାସ ଓ ବ୍ରତର ପୂର୍ବ ଦିନ କୃତ୍ୟ-
एकबार ବ୍ରତପଥ୍ୟ—2. Regulation of diet observed on the eve of a religious fast.

ସପ୍ତମୀ ଦିନ ଏକବାର ସ୍ନାନ ବେଳକୁଡ଼େ ଠା'କୁ ଯାଉଥିଲେ ।
ଫକୀରମୋହନ- ଛମାଣଆଠଗୁଣ୍ଠ ।

ଦେ. ଅ.—୧ । ଏକାଥରକେ—1. Once; at once, for once.

একেবারে ୨ । ହଠାତ୍—2. Instantly; suddenly;
एकबारगि all at once.
୩ । ଏକସମୟରେ—3. At one time.
୪ । ଏକନିଶ୍ୱାସରେ—4. At one breath.
୫ । ସମ୍ପୂର୍ଣ୍ଣରୂପେ—5. Completely.

ଏକବାରିକ୍—ଦେ. ଅ.—ଏକବାର (ଦେଖ)
Ekabārik Ekabāra (See)

ଏକବାରିକି—ଦେ. ଅ.—ଏକବାର (ଦେଖ)
Ekabāriki Ekabāra See)

ଏକବାରିଗ—ଦେ. ଅ.—ଏକବାର (ଦେଖ)
Ekabārig Ekabāra (See)

ଏକବାରିଗି—ଦେ. ଅ.—ଏକବାର (ଦେଖ)
Ekabārigi Ekabāra (See)

ଏକବାରେ—ଦେ. ଅ.—ଏକବାର (ଦେଖ)
Ekabāre Ekabāra (See)

ଏକବିଆଣିଆଁ—ଦେ. ବିଣ. ସ୍ତ୍ରୀ—୧ । ଯେ (ପଶୁ ବା ସ୍ତ୍ରୀ) ଥରେ ସନ୍ତାନ ଜନ୍ମ କରିଛି—
Ekabiāṇiān̐
কাকাবাঁঝি 1. (a beast or woman) Who has once brought forth a child.

इकौज; एकबाँज ୨ । ଯେ (ପଶୁ ବା ସ୍ତ୍ରୀ) ଜୀବନରେ ଥରେମାତ୍ର ପ୍ରସବ କରେ; କାକବନ୍ଧ୍ୟା—
2. (a beast or a woman) Who is delivered only once in life.

ଏକବିଂଶ—ସଂ. ବି. ଓ ବିଣ (ସଂଖ୍ୟାବାଚକ; ଏକ ଅଧିକ ବିଂଶ)—
Ekabiṁsa ଏକୋଇଶ; କୋଡ଼ିଏରୁ ଏକ ଅଧିକ—
Twenty one.

ଏକବିଂଶତି—ସଂ. ବି. ଓ ବିଣ—ଏକବିଂଶ (ଦେଖ)—
Ekabiṁsati Ekabiṁsa (See)

ଏକବିଂଶତିତମ—ସଂ. ବିଣ—ଏକୋଇଶର ପୂରଣ—
Ekabiṁsatitama Twenty first

ଏକବିଚାର—ଦେ ବି—୧ । ବହୁ ଲୋକଙ୍କର ମତର ଏକତା—
Ekabichāra 1. Unanimity.
୨ । ବହୁ ଲୋକଙ୍କର ଏକମାତ୍ର ପରାମର୍ଶ—
2. Unanimous opinion or decision.

ଦେ. ବିଣ—ଏକମତବିଶିଷ୍ଟ—Unanimous; holding an opinion unanimously or nem con.

ଏକବୁଝା—ଦେ. ବିଣ. ( ସଂ. ଏକ ଓ ବୋଧ )—୧ । ଏକବାଗିଆ;
Ekabujhā ଅବୁଝା—1 Pertinacious; obstinate.
(ଏକବୁଝୀ—ସ୍ତ୍ରୀ) ୨ । ଯେ ଥରେ ଯାହା ବୁଝି ଥାଏ ଅନ୍ୟ ହଜାରେ
বেবুঝ କହିଲେ ଅନ୍ୟ କଥା ଶୁଣେ ନାହିଁ—
अड़ियल 2. One who firmly adheres to an opinion once formed.

ଏକବେଣୀ—ସଂ. ବି. ସ୍ତ୍ରୀ. (ବହୁବ୍ରୀହି; ଏକ+ବେଣୀ)—ମୁଣ୍ଡରେ ସମସ୍ତ
Ekabeṇī କେଶକୁ ଏକତ୍ର ଗୋଟିଏ ବେଣୀ କରି କେଶ ବାନ୍ଧିବାର ରୀତି—A mode of tying the hair of the head into a pigtail.
ସଂ. ବିଣ. ସ୍ତ୍ରୀ—(ଏମାନେ ଗୋଟିଏ ମାତ୍ର ବେଣୀ ବାନ୍ଧିଥିବାରୁ)—୧ । ବିୟୋଗିନୀ; ଯେଉଁ ସ୍ତ୍ରୀର ପତି ପ୍ରବାସୀ—
1. (a woman) Whose husband is abroad.
୨ । ବିଧବା—2. Widowed (woman).

ଏକବେଳେ—ଦେ. କ୍ରି. ବିଣ.—୧ । ଥରେ—1. Once only.
Ekabeḷe ୨ । ଦିନକେ ଥରେ; ଓଳିଏ—2 Once a day.
একবেলা
एकबख्त

ଏକଭକ୍ତ—ସଂ. ବିଣ. ( ୬ଷ୍ଠୀ ତତ୍; ଏକ+ଭକ୍ତ )—୧ । ଏକମାତ୍ର
Ekabhakta ପ୍ରଭୁଙ୍କର ଅଧୀନସ୍ଥ (ଭୃତ୍ୟାଦି)—
1. (many person) Attached to a common master; having one master.
୨ । ଏକ ଠାକୁରଙ୍କୁ ଭକ୍ତି କରୁଥିବା—
2. Worshipping one and the same Deity.
୩ । ଦିନକ ଯାକରେ ଏକ ଥର ମାତ୍ର ଭୋଜନ କରୁଥିବା—
3. Taking but one meal a day.
୪ । ସର୍ବପ୍ରଧାନ ଭକ୍ତ—4. The principal or chief disciple or devotee.
୫ । ଏକାନ୍ତ ମନରେ ଭକ୍ତି କରୁଥିବା—
5. Exclusively devoted to.
ସଂ.ବି.—ବ୍ରତବିଶେଷ;ଯେଉଁ ବ୍ରତରେ ଦିନ ଯାକରେ ଥରେ ମାତ୍ର ଭୋଜନ କରିବାକୁ ହୁଏ—A religious observance which prescribes one meal throughout the day.

ଏକଭକ୍ତି—ସଂ. ବି. (ଏକ+ଭକ୍ତି)—ଅଟଳ ଭକ୍ତି; ଅଚଳା ଭକ୍ତି—
Ekabhakti Unswerving devotion.
ସଂ. ବିଣ.—୧ । ଈଶ୍ୱରଙ୍କଠାରେ ଅଟଳ ବିଶ୍ୱାସୀ—
1. Firmly devoted to God; a sincere devotee.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଯ | ଡ | ଶ,ଷ | ଙ୍କ | ଜ୍ଞ | ଷ୍ଠ | ଈ |
| ୨ | ଉ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଜ୍ଞ | ଶ୍ଚ | ନ୍ନ |

୨ । ସ୍ୱଧର୍ମରେ ଏକାନ୍ତ ବିଶ୍ୱାସଯୁକ୍ତ—
Firmly attached to one's own faith

ଏକଭାକି—ଦେ. ବିଣ.—ଏକଭାଷୀ (ଦେଖ)
Ekabhāki Ekabhāshī (See)

ଏକଭାବ—ସଂ. ବି.—୧ । ଉଦ୍ଦେଶ୍ୟର ଏକତା—
Ekabhāba 1. Unity of purpose
୨ । ଏକ ପ୍ରକାର ବା ଅବସ୍ଥା—2. One state.
୩ । ମନର ଏକ ଭାବ—3 One feeling.
୪ । ଐକ୍ୟ; ଅଟଳତା—
4. Uniformity; steadiness.
୫ । ସମାନ ପ୍ରକାରର ମନୋଭାବ—
5 Similar thought
ସଂ. ବିଣ.—୧ । ଏକ ଅବସ୍ଥାପନ୍ନ; ଏକ ଭାବାପନ୍ନ—
1. Of one state or mood
୨ । ଘନିଷ୍ଠ—2 Intimate
୩ । ଏକ ଉଦ୍ଦେଶ୍ୟରେ ନିଯୁକ୍ତ—3. Engaged in the same design; working at one purpose.

ଏକଭାବେ—ଦେ. ଅ.—୧ । ଏକପ୍ରକାରରେ—1. In one way.
Ekabhābe ୨ । ସମାନଭାବରେ—2. In the same
একভাবে manner; in an uniform manner.
୩ । ନିୟମିତ ପର୍ଯ୍ୟାୟକ୍ରମେ; ନିୟମିତରୂପେ—
3. In unbroken succession; regularly.

ଏକଭାର୍ଯ୍ୟା—ସଂ. ବିଣ. ପୁଂ. ( ବହୁବ୍ରୀହି; ଏକ + ଭାର୍ଯ୍ୟା )—ଏକ ମାତ୍ର
Ekabhārjya ପତ୍ନୀବିଶିଷ୍ଟ (ପୁରୁଷ); ଏକପତ୍ନୀକ—
Having one wife only; devoted to one wife only.

ଏକଭାଷୀ—ସଂ. ବିଣ. ପୁଂ. (ଏକଭାଷା + ଇନ୍ ୧ମା. ୧ବ. —
Ekabhāshī ଏକ ଭାଷାରେ କଥା କହୁଥିବା (ବହୁବ୍ୟକ୍ତି)—
(ଏକଭାଷିଣୀ—ସ୍ତ୍ରୀ) (many people) Speaking one tongue.

ଏକଭୁକ୍ତ—ସଂ. ବିଣ. (ଏକ+ଭୁକ୍ତ)—୧ । ଯେ ଥରେମାତ୍ର ଖାଇଅଛି—
Ekabhukta 1. One who has taken one meal only.
୨ । ଏକତ୍ରିତ—2. Collected; gathered
୩ । ଶ୍ରେଣୀଭୂତ—3. Classified.
୪ । ସଂଯୁକ୍ତ—4. United.

ଏକମତ—ସଂ. ବି. ( ଏକ + ମତ )—
Ekamata ୧ । ଏକମାତ୍ର ଇଚ୍ଛା ପ୍ରକାଶ—1. Unanimity.
୨ । ବହୁ ଲୋକଙ୍କର ଗୋଟିଏ ମତ —
2. One wish of several persons.

ସଂ. ବିଣ ( ବହୁବ୍ରୀହି )—ଏକ ବା ସମାନମତବିଶିଷ୍ଟ—
Of one and the same opinion; unanimous.
ଦେ. ବିଣ—ସମାନ; ଏକାପରି—Equal; similar.
একমতন ବଳ ଭ୍ରାତା ହତ ହେଲ ଏକମତ ପାଣ୍ଡବ ମାରଣ ।
एकसाँ ଇଞ୍ଜ. ବୈଦେହୀଶବିଳାସ ।

ଏକମତି—ସଂ. ବି. ( ଏକ + ମତି )—
Ekamati ୧ । ଏକମାତ୍ର ଇଚ୍ଛା ବା ମତି —
1. One opinion; unanimity.
୨ । ପ୍ରକୃଷ୍ଟ ବୁଦ୍ଧିବୃତ୍ତି; ଭୂଷାଗ୍ରୀଷ୍ମା ବୁଦ୍ଧି—
2 An intellect of the best order.
ସଂ. ବିଣ—୧ । ସମାନ ବୁଦ୍ଧି ଦ୍ୱାରା ଚାଳିତ, ଏକମତବିଶିଷ୍ଟ —
1. Unanimous.
୨ । ଯାହାର ବୁଦ୍ଧି ଏକ ବିଷୟ ବା ଲକ୍ଷ୍ୟ ପ୍ରତି ଧାବିତ—
2 Single minded.

ଏକମତେ -ଦେ. ଅ—ଏକ ମନ ହୋଇ—
Ekamate Being of one mind.
ବସୁର ବଳେ ଏକ ମତେ
କହୁବା ବ୍ରହ୍ମାଙ୍କ ଅଗ୍ରତେ । ଜଗନ୍ନାଥ. ଭାଗବତ ।

ଏକମନ—ଦେ. ବି. ( ଏକ + ମନସ୍ )—
Ekamana ୧ । ସମ୍ପୂର୍ଣ୍ଣ ମନୋଯୋଗ—
1 Concentrated attention.
୨ । ଏକମତ—2. Unanimity

ଏକମନା—ସଂ. ବିଣ ( ବହୁବ୍ରୀହି; ଏକ + ମନସ୍ )—
Ekamanā ୧ । ଏକମତ; ସମ ମତବିଶିଷ୍ଟ —
1. Of one mind; unanimous
୨ । ଏକାନ୍ତ ମନୋଯୋଗ ଦେଇଥିବା—
2. Absorbed.
୩ । ଯାହାଙ୍କ ମନ ଏକ ମାତ୍ର ଉଦ୍ଦେଶ୍ୟ ପ୍ରତି ଧାବିତ—
3. Of mind turned to one object or aim; of one accord.
୪ । ନିବିଷ୍ଟ ମନ—4. Closely attentive; with mind concentrated to a subject.
ସନ୍ତୁଷ୍ଟ ହୋଇଲେ ହେ କୃଷ୍ଣର ଉତଳା
କରିବା ଶୁଣ ସର୍ବେ ହୁଅ ଏକମନା । କୃଷ୍ଣସିଂ. ମହାଭାରତ. ବର୍ଣ୍ଣ ।

ଏକମନାଃ—ସଂ. ବିଣ—ଏକମନା ( ଦେଖ ) .
Ekamanāḥ Ekamanā ( See )

ଏକମନେ—ଦେ.ଅ—ନିବିଷ୍ଟ ଚିତ୍ତରେ;ଏକାନ୍ତ ମନୋଯୋଗ ସହକାରେ·
Ekamane With close attention; very attentively.
ଏକମନେ ଏବେ ଶୁଣିବା ହେ ଦେବଗଣେ ।
କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚ୍ଚନା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଏକମାଟିଆ**—ଦେ. ବିଣ. ( ସଂ. ଏକ + ମୃତ୍ତିକା )—
Ekamāṭiā ଦେବ ମୂର୍ତ୍ତିର ପ୍ରଥମ ନଡ଼ା ବା କନା ବନ୍ଧା ହୋଇଥିବା ରୂପ ଉପରେ ପ୍ରଥମ ଥର ମାଟି ଲିପା ହୋଇଥିବା (ମୂର୍ତ୍ତି); ମୋଟା ମୋଟି ହୋଇ ଗଢ଼ା ଯାଇଥିବା (ରୂପ)—With the first layer of mud applied to the straw-frame of an image; roughly fashioned (image to be finished afterwards).
একমেটে

**ଏକମାତ୍ର**—ଦେ. ବିଣ. ( ସଂ. ଏକମାତ୍ର )—
Ekamātra ୧ । ଏକାକୀ—1. Single.
একমাত্র ୨ । କେବଳ ଏକ—2 One only; sole.
एकमात्र

**ଏକମାତୃକ**—ସଂ. ବିଣ. ପୁଂ (ବହୁବ୍ରୀହି; ଏକ + ମାତୃ + କ)—
Ekamātṛuka ଏକ ମାତାଙ୍କ ଠାରୁ ଜାତ (ପୁତ୍ରଗଣ)—
(ଏକମାତୃକା—ସ୍ତ୍ରୀ) (sons) Born of the same mother; uterine ( brothers )
[ ଦ୍ର—ଯେଉଁ ସନ୍ତାନମାନଙ୍କର ମାତା ଏକ କିନ୍ତୁ ପିତା ଭିନ୍ନ ଭିନ୍ନ ଅଟନ୍ତି ସେମାନଙ୍କୁ ଏକମାତୃକ ବୋଲାଯାଏ । ]

**ଏକମାନସ**—ଦେ. ବିଣ ( ସଂ. ଏକମନାଃ )—ଏକାଗ୍ରଚିତ୍ତ—
Ekamānasa Attentive.
ଶୁଣ ଏକମାନସ ହୋଇଣ କରେଣ । କୃଷ୍ଣସିଂହ. ମହାଭାରତ. ବନ ।

**ଏକମିଶା**—ପ୍ରାଦେ. ( ବାଲେଶ୍ୱର ) କ୍ରି. ବିଣ—
Ekamisā ଉପର୍ଯ୍ୟୁପରି; ତା' ପଛକୁ ତା' ପଛ; ଲଗିଲଗି—
One after another; in close succession.

**ଏକମୁଖ**—ସଂ. ବିଣ. ( ବହୁବ୍ରୀହି; ଏକ + ମୁଖ )—
Ekamukha ୧ । ଗୋଟିଏ ମୁହଁ ଥିବା—
(ଏକମୁଖୀ—ସ୍ତ୍ରୀ) 1. Having one face only.
୨ । ଏକକ କୌଣସି ବାକ୍ୟ ଉଚ୍ଚାରଣ କରୁଥିବା—
2. Of one voice.
ସବେ ହୋଇଣ ଏକମୁଖ, ବୋଇଲେ ନାଗସୁଣ ରଖ । ଜଗନ୍ନାଥ. ଭାଗବତ ।

**ଏକମୁଖୀ ରୁଦ୍ରାକ୍ଷ**—ସଂ. ବି—ଯେଉଁ ରୁଦ୍ରାକ୍ଷ ମଣିରେ ଗୋଟିଏ ମାତ୍ର ମୁହଁ ବା ଚାକିରେଖ ଥାଏ—
Ekamukhī rudrāksha A rudraksha seed having one circular spot on it.

**ଏକମୁନା**—ଦେ. ବି—ଫେଣ୍ଟା ଏକମୁନ; ବା ତୀକ୍ଷ୍ଣାଗ୍ରବିଶିଷ୍ଟ ଅସ୍ତ୍ରବିଶେଷ—
Ekamunā Weapon with one sharp point; a pointed weapon; a harpoon.
କାଞ୍ଚନ କୋଦଣ୍ଡ ହୋଇଲେ ଇକ୍ଷୁଅଛି ବରଗଜ ତନ୍ତ୍ର ଚୂଡ଼ା,
ଅବା ସେ କରକୁମ୍ଭରେ ଲୋଟିଛି ମଦନର ଏକମୁନା । ରାଧାନାଥ. ପାର୍ବତୀ ।

**ଏକମୁନିଆଁ**—ଦେ. ବି—ଏକମୁନା ( ଦେଖ )
Ekamuniāṅ Ekamunā ( See )

**ଏକମୁହାଁ**—ଦେ. ବିଣ. ( ସଂ. ଏକମୁଖ )—
Ekamuhāṅ ୧ । ଏକମାତ୍ର ଦ୍ୱାରବିଶିଷ୍ଟ ( ମନ୍ଦିର ବା ଗୃହ )—
একমুখ 1. ( a house ) Having one door only.
एकमुहँवाला ୨ । ଏକଦିଗକୁ ମୁଖ କରିଥିବା—
2 Facing towards one direction.
ବଳାଗଣ ଚୋପାଡ଼ ଦେଇ ଏକମୁହାଁ ଧାଉଁଛି— ଫକୀରମୋହନ. ଗଳ୍ପସ୍ୱଳ୍ପ ।

**ଏକମେଳ**—ଦେ. ବି. ଓ ବିଣ. ( ସଂ. ଏକ ଓ ମିଳ ଧାତୁ )—
Ekameḷa ଏକଜୁଟ୍ ( ଦେଖ )—Ekajuṭ ( See )
একমিল
एकमेल

**ଏକମେଳିଆ**—ଦେ. ବିଣ—ଏକଜୁଟ୍ ( ଦେଖ )
Ekameḷiā Ekajuṭ ( See )

**ଏକମେଳୀ**—ଦେ. ବିଣ—ଏକଜୁଟ୍ ( ଦେଖ )
Ekameḷī Ekajuṭ ( See )

**ଏକଯଷ୍ଟିକା**—ସଂ. ବି. ସ୍ତ୍ରୀ. ( ଏକ + ଯଷ୍ଟି + କ + ସ୍ତ୍ରୀ. ଆ )—
Ekajashṭikā ଏକନରିଆ ହାରବିଶେଷ—
One stringed necklace.

**ଏକଯୁକ୍ତ**—ଦେ. ବିଣ. (ସଂ. ଏକ + ଯୁକ୍ତ)—୧ । ସଙ୍ଗତ—
Ekajukta 1. Joined together; united.
୨ । ସଙ୍ଗମରତ—2 Engaged in copulation.
ମୁହୂର୍ତ୍ତେ ନାମ ଅଦ୍ଭୁତ, ପଡ଼ ଜାମିଣି ଏକଯୁକ୍ତ— ଜଗନ୍ନାଥ. ଭାଗବତ ।

**ଏକଯୋଗ**—ଦେ. ବି. ଓ ବିଣ—ଏକଜୁଟ୍ ( ଦେଖ )
Ekajoga Ekajuṭ ( See )

**ଏକଯୋନି**—ସଂ. ବିଣ. ପୁଂ. ଓ ସ୍ତ୍ରୀ. ( ବହୁବ୍ରୀହି; ଏକ + ଯୋନି = ଉତ୍ପତ୍ତି ସ୍ଥାନ)— ଏକମାତାଙ୍କଠାରୁ ଜାତ; ଏକମାତୃକ—
Ekajoni Born of the same mother; uterine.

**ଏକର୍**—ବୈଦେ. ବି. (ଇଂ. ଏକର୍)—୨୪ ଦସ୍ତିରେ ପ୍ରାୟ ଏକମାଣ ଭୂମି; ୪୮୪୦ ବର୍ଗଗଜ ବା ୪୩୫୬୦ ବର୍ଗଫୁଟ ପରିମିତ ଭୂମି— One acre; 4840 square yards.
Ekar
একর
एकड़
[ ଦ୍ର—ଏକର୍ = ୨୪ ଦସ୍ତିରେ ଏକମାଣ; ଏହା ୧୦୦ ଭାଗରେ ବିଭକ୍ତ ହୋଇ ପ୍ରତ୍ୟେକ ଭାଗକୁ ଡେସିମଲ୍ ( ଗଞ୍ଜାମରେ ସେଣ୍ଟ୍ ) ବୋଲାଯାଏ । ଅତଏବ ୨୪ ଦସ୍ତିରେ ୧ ଗୁଣ୍ଠ = ୪ ଡେସିମଲ୍ । ]

**ଏକରକୋମ୍ବ୍**—ବୈଦେ. ବି. ( ଇଂ. )— ନକ୍‌ସାରୁ କ୍ଷେତ୍ରର ପରିମାଣ ନିର୍ଣ୍ଣୟ କରିବା ପାଇଁ ବ୍ୟବହୃତ ପାଣିଆଁ ଅକ୍ଷରର ଯନ୍ତ୍ରବିଶେଷ; ଗୁନିଆଁ—
Ekarakomb Acre-comb; protractor.
একরকোম্ব
गुनिया

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଋ | ଋ,ଋ | ୫° | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଜ | ଷ,ସ | କ୍ଷ | ଘ୍ୟ | ଛ୍ୟ | ଢ଼ |
| ୨ | ଳ | ଋ | ଲୁ | ଲୂ | ଏ୍ୟ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୱ | ଯ | ସ | ଙ୍ | ଘ୍ୟ | ଓ | ଡ଼ |

ଏକରଙ୍ଗ—ଦେ. ବଣ. ( ସଂ. ଏକ ଓ ରଙ୍ଗ )—ଏକରଙ୍ଗୀ ( ଦେଖ )
Ekaranga Ekarangi ( See )

ଏକରଙ୍ଗିଆ—ଦେ. ବଣ. ( ସଂ.ଏକ+ରଙ୍ଗିଆ )—ଏକରଙ୍ଗୀ ( ଦେଖ )
Ekarangia Ekarangi ( See )

ଏକରଙ୍ଗୀ—ଦେ ବଣ—୧ । କେବଳ ମାତ୍ର ରଙ୍ଗ ବା ବର୍ଣ୍ଣବିଶିଷ୍ଟ—
Ekarangi 1. Of one colour
একরঙ্গী ୨ । ସମାନ ରଙ୍ଗବିଶିଷ୍ଟ—
एकरङ्गी 2. Of the same colour.
୩ । ଯାହାର ଉପର ଓ ତାହାର ଲମ୍ବା ସବୁ ଅଂଶରେ ଏକମାତ୍ର ରଙ୍ଗ ଥାଏ—3. Of uniform colour throughout.
(ଯଥା—ଲୁଗା ଓ ଶାଲ)
ପ୍ରାଦେ. ( ଗଞ୍ଜାମ ) ବ - ଗନ୍ଧଶୁଣ୍ଠୀ ( ଦେଖ )
Gandhasunthi ( See )

ଏକରତ - ସଂ. ବଣ, ପୁଂ ( ୭ମୀ ତତ୍; ଏକ+ରତ )—ଏକ ବ୍ୟକ୍ତି
Ekarata ବା ବସ୍ତୁ ପ୍ରତି ଅନୁରକ୍ତ—
( ଏକରତା—ସ୍ତ୍ରୀ ) Attached to one object.

ଏକରତି - ଦେ. କ୍ରି. ବଣ—ରତିଏ ମାତ୍ର; ଅତି ସାମାନ୍ୟରେ; ଏକ-
Ekarati ରତି ପରିମାଣରେ—By one particle; by even a little bit.

ଏକରା—ବୈଦେ. ପ୍ରାଦେ. ( ଗଞ୍ଜାମ ) ବ. ( ଇଂ. ଏକରର ଅଶୁଦ୍ଧ
Ekara ଉଚ୍ଚାରଣ )—ଏକର୍ ( ଦେଖ )—Ekar ( See )

ଏକରାଏ—ବୈଦେ. ବ. ( ସଂ. ଏକ+ଆ. ରାଏ=ମତ )—
Ekarae ୧ । ବହୁ ଲୋକଙ୍କର ଏକମତ—
একরাএ 1. One opinion of many people.
एकराए ୨ । ବହୁ ଲୋକଙ୍କର ଏକମତ ହେବା ଅବସ୍ଥା—
2. Unanimity.
୩ । ବହୁ ଲୋକଙ୍କର ଏକ ନିଷ୍ପତ୍ତି—
3. One decision of many people.
ବଣ—ଏକମତବିଶିଷ୍ଟ ( ବହୁ ବ୍ୟକ୍ତି )—
Of one opinion; unanimous.

ଏକରାଜା — ଦେ.ବ(ସଂ.ଏକ+ରାଜନ୍)—୧। ସମ୍ରାଟ—1. Emperor.
Ekaraja ୨ । ଏକାଧିପତି—2. Paramount power

ଏକରାଜାତ୍ ମାହାଲ—ବୈଦେ. ବ. ( ଆ. )—
Ekarajat mahala ଏଇଖରାଜାତ୍ ଖର୍ଚ୍ଚ ମାହାଲ ( ଦେଖ )
Eikharajat kharchcha mahala See)

ଏକରାର୍—ବୈଦେ. ବ. କଚେରିଅଭାଷା; ( ଆ. ଏକରାର୍ )—
Ekarar ୧ । ଅଙ୍ଗୀକାର—1. Promise.
একরার ୨ । ସ୍ୱୀକାର—2. Agreement.
एकरार् ୩ । ମୁଦାଲାର ଅପରାଧ ସ୍ୱୀକାର—
( ଇକ୍‌ବାଲ୍—ବିପରୀତ ) 3. Confession of guilt by the accused.

ଏକରାର୍‌ନାମା – ବୈଦେ. ବ. ( କଚେରିଅଭାଷା; ଆ. ଏକରାର
Ekararnama ନାମେହ୍ )—୧ । ଅଙ୍ଗୀକାର ଲିପି—
একরারনামা 1. A deed of agreement.
एकरारनामा ୨ । ସ୍ୱୀକାର ପତ୍ର—
2. A deed of admission.

ଏକରାରି - ବୈଦେ. ବଣ. ( ଆ )—୧ । ଦୋଷସ୍ୱୀକାର କରୁଥିବା—
Ekarari 1. Confessing.
একরারি ୨ । ଅଙ୍ଗୀକାରକାରୀ—2. Promising.
एकरारी

ଏକରାଲ୍ ( ଇତ୍ୟାଦି )—ଗ୍ରା. ବୈଦେ. ବ. ( ଆ. ଏକରାର୍ )—
Ekaral (etc) ଏକରାର୍ ଇତ୍ୟାଦି ( ଦେଖ )
Ekarar etc ( See )

ଏକରାଶ୍—ଗ୍ରା. ବ. କଚେରିଅ ଭାଷା (ସଂ. ଏକ+ରାଶି)—
Ekaras ଗୋଛାଏ; ଗୁଚ୍ଛାଏ —
একরাশ A mass or cluster of many things.
एकराश

ଏକରୁକା—ବୈଦେ. ବଣ. ( ଆ. ଏକରୁକା )—
Ekaruka ଏକରୋକା ( ଦେଖ )
Ekaroka ( See )

ଏକରୁଖା—ବୈଦେ. ବଣ. ( ଆ. ଏକରୁଖା )—
Ekarukha ଏକରୋକା ( ଦେଖ )
Ekaroka ( See )

ଏକରୁଖୀ ମାହାଲ—ପ୍ରାଦେ. ( ବାଲେଶ୍ୱର ) ବ—ଯେଉଁ ଜମିଦାରୀ-
Ekarukhi mahala ମହାଲରେ ମଧ୍ୟସ୍ୱତ୍ୱାଧିକାରୀ ମଫସଲ ଆଦି ନ ଥିବାରୁ ଜମିଦାର ପ୍ରଜାଙ୍କଠାରୁ ଖଜଣାଆଦି ଖାସ୍ ଅସୁଲ କରନ୍ତି—Zamindary under the khas collection of the Zamindar; estate in which there is no under-tenure.

ଏକରୁଣ୍ଡ—ଦେ. ବଣ—ଏକଠୁଲ; ଏକତ୍ର—
Ekarunda Gathered together.
ଯେଉଁଠାରେ ପଞ୍ଚ ଅଙ୍କ ଅଷ୍ଟ ଭଜନ
ଏକରୁଣ୍ଡ ହୋଇଣ ମିଳିଲେ ଦେବଗଣ । ସାରଳାମହାଭାରତ, ପର୍ବଖଣ୍ଡ ।

ଏକରୂପ—ସ. ବଣ ( ବହୁବ୍ରୀହି; ଏକ+ରୂପ )—
Ekarupa ୧ । ସମରୂପବିଶିଷ୍ଟ; ତୁଲ୍ୟରୂପ—
1. Of the same shape or form; similar.
୨ । ଏକପ୍ରକାରର—2. Of one kind.
ସଂ. ବ—ସମ ନ ଆକାର—Same form.
একরূপে ଦେ. କ୍ରି. ବଣ—୧ । ଏକପ୍ରକାରେ—
एकरूपे 1. In a manner; in a way.
୨ । ସମାନରୂପେ—2. In a similar manner.
୩ । ଯେନ ତେନ ପ୍ରକାରେ—3. Anyhow.

ସାଧାରଣ ରୀତିରେ ଏପରି ସ୍ଥଳରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖା ହୋଇ ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'କଂଧ' ନ ପାଇଲେ 'କନ୍ଧ' ଦେଖିବେ; 'ଅଙ୍ଗଣ' ନ ପାଇଲେ 'ଅଙ୍ଗଣ' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍‌କତ' ଦେଖିବେ

ଏକରୋକା— ବୈଦେ. ବିଣ. ( ଅ. ଏକରୁକା )—( ଶାଲ ) ଯାହାର
Ekarokā ଗୋଟିଏ ମୁହଁ ବା ପଦର ପାଶ୍ ଥାଏ; ଯାହାର ଗୋଟିଏ
একরোখা ସଦର ଓ ଗୋଟିଏ ମଫସଲ୍ ପାଶ ଥାଏ; ଏକମୁହାଁ—
एकरुका One-sided; single-faced ( shawl ).
(ଦୋରୋକା—ବିପରୀତ)

ଏକରୋଖା—ଦେ. ବିଣ—୧ । ଏକରୋକା ( ଦେଖ )
Ekarokhā 1. Ekarokā ( See )
୨ । ଏକବାଗୀ ( ଦେଖ )
2. Ekabāgī ( See )

ଏକଲ— ସଂ. ବିଣ. ପୁଂ. ( ଏକ + ଅସହାୟାର୍ଥେ. ଲ )—
Ekaḻa ୧ । ସ୍ତ୍ରୀ ବା ସ୍ୱାମୀ ବିହୀନ ( ଜୀବ )—1. Single.
(ଏକଲା—ସ୍ତ୍ରୀ) ୨ । ଏକାକୀ—2. Sole.
୩ । ଅସହାୟ; ଏକଲା—3. Solitary.
୪ । ଏକୁଟିଆ—4 Lonely.

ଏକଲ ସେକଲ କରିବା—ଦେ. କ୍ରି— ପାଗୁଳାଇବା; ଖାଦ୍ୟ ପଦାର୍ଥକୁ
Ekaḻa sekaḻa karibā ଏକ କଲରୁ ଅନ୍ୟ କଲକୁ ପାଟି-
একল সেকল করা ଭିତରେ ଚାଳନ କରିବା—To ruminate;
जुगाली करना to roll a thing in the mouth by means of the tongue without at once swallowing it.

ଏକଲଗାତ୍— ଦେ. ବିଣ—ଏକଥରେ ଲାଗି ଲାଗି—
Ekalagāt Continuous.
একলাগাত
एकलगातार

ଏକଲଗୋଉତ୍— ଦେ. ବିଣ— ଏକଲଗାତ୍ ( ଦେଖ )
Ekalagout Ekalagāt ( See )

ଏକଲବ—ଦେ. ବିଣ—ଏକତ୍ର—Together.
Ekalaba ତାର ବଳ ଏକଲବେ, ତାର ସମ୍ପୃକ୍ତଂଶ ଭବେ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଏକଲବ୍ୟ—ସଂ. ବି. ( ନାମ )—ଅସାଧାରଣ ଗୁରୁଭକ୍ତି ପାଇଁ ପ୍ରସିଦ୍ଧ
Ekalabya ଜଣେ ବନ୍ୟ ରାଜକୁମାର—The son of a king of nomads who learnt archery by establishing an image of preceptor Drona as his teacher.

[ ଦ୍ର—ଏ ଯୁବକ ଦ୍ରୋଣାଚାର୍ଯ୍ୟଙ୍କ ମୂର୍ତ୍ତି ସ୍ଥାପନ କରି ତାହାକୁ ଗୁରୁ ବୋଲି ମନେ କରି ଧନୁର୍ବିଦ୍ୟା ଶିକ୍ଷା କରି ଏପରି ପାରଙ୍ଗମ ହୋଇଥିଲେ ଯେ ଦ୍ରୋଣାଚାର୍ଯ୍ୟ ପରୀକ୍ଷା କରି ଦେଖିଲେ ଯେ ସେ ନିଜେ ଗୁରୁ ହୋଇ ଯେଉଁ ରାଜପୁତ୍ରମାନଙ୍କୁ ଧନୁର୍ବିଦ୍ୟା ଶିକ୍ଷା ଦେଇଥିଲେ ସେମାନଙ୍କଠାରୁ ଏକଲବ୍ୟ ଧନୁର୍ବିଦ୍ୟାରେ ବେଶି ପାରଙ୍ଗମ । ଏଥି ପାଇଁ ଏକଲବ୍ୟ ଯେତେବେଳେ ଗୁରୁଦକ୍ଷିଣା କଅଣ ଦେବ ବୋଲି ପ୍ରାର୍ଥନା କଲା ଦ୍ରୋଣାଚାର୍ଯ୍ୟ କପଟ କରି କହିଲେ— "ତୋର ଦକ୍ଷିଣ ହାତର ବୁଢ଼ା ଅଙ୍ଗୁଠି କାଟି ମତେ ଗୁରୁଦକ୍ଷିଣା ଦେ ।" ଏକଲବ୍ୟ ଗୁରୁଙ୍କ ଆଜ୍ଞାପ୍ରମାଣେ ବୁଢ଼ା ଅଙ୍ଗୁଠି କାଟି ଗୁରୁଙ୍କୁ ଦକ୍ଷିଣା ସ୍ୱରୂପ ଦେଇ ଧନୁର୍ବିଦ୍ୟାରେ ଯାବଜ୍ଜୀବନ ଅକର୍ମଣ୍ୟ ହୋଇ ରହିଲା ।]

ଏକଲା—ଦେ. ବିଣ (ସଂ. ଏକଲ ଶବ୍ଦରୁ) —
Ekaḻā ୧ । ଏକା—1. Single.
একলা ୨ । ଏକାକୀ—2. Sole.
एकल; अकेला ତୁମ୍ଭଙ୍କୁ ଦେଖି କେସ ରବଣ ଏକଲା ।
କୃଷ୍ଣସିଂହ. ମହାଭାରତ, ବନ ।
୩ । ଅସହାୟ—3 Solitary; lonely; helpless.
ମୁଁ ଲ ବୋଲେ ସୁଁ ପ୍ରଦେଶୀ ଅଟଇ ଏକଲା ।
ସାରଳାମହାଭାରତ. ବନ୍ଦ ।
କ୍ରି. ବିଣ—୧ । ଏକାକୀ ହୋଇ—
1. Singly; single-handed.
୨ । ପରର ସହାୟତା ବ୍ୟତୀରେକେ—2. Alone.

ଏକଲାଇ—ଦେ. ବି—ଏକପଟା ଲୁଗାର; ଏକପଦର ମୁହଁବିଶିଷ୍ଟ ଓଢ଼ଣୀ—
Ekalāi A sheet of cloth for the upper part of
একলাই the body consisting of one strip or
एकपटा one face only; single-faced sheet.

ଏକଲାଖାଜି—ପ୍ରାଦେ. ( ଗଞ୍ଜାମ ) ବି—ଗାତରେ ପକାଇ ପକାଇ
Ekalākhāji ଖେଳିବା ବାଟି ଖେଳର ପ୍ରଥମ ଆଘାତ—
( ଗୋପୀନାଥ ନନ୍ଦ )
The first stroke of the game at marbles ( Ganjam )

ଏକଲି—ପ୍ରାଦେ. ( ସମ୍ବଲପୁର ) ବିଣ—୧ । ଏକଲା; ଏକାକୀ—
Ekali 1. Alone; solitary; lonely.
୨ । ଅସହାୟ—2. Having none to help.
ଯେ ପାଶେ ଏକଲି ପ୍ରବେଶ ଠାକୁରାଣୀ । ପ୍ରାଚୀ, ଉତ୍ସଂକ୍ଷେପ ।

ଏକଶ୍ କାଁଟ୍— ପ୍ରାଦେ. ( ସମ୍ବଲପୁର ) ବିଣ—
Ekaś kaañṭ ଅନର୍ଗଳ; ଅବାଧିତ ଧାରାରେ ପ୍ରବାହିତ—
Unobstructed; continuous; flowing.

ଏକଶ—ଦେ. ବି ଓ ବିଣ. ( ସଂ. ଏକଶତ ) —ଶତସଂଖ୍ୟା—
Ekaśa One hundred.
একশ
एकसौ

ଏକଶଅ—ଦେ. ବି ଓ ବିଣ—ଏକଶ ( ଦେଖ )
Ekaśaa Ekaśa ( See )

ଏକଶଫ—ସଂ. ବିଣ ( ବହୁବ୍ରୀହି; ଏକ + ଶଫ = ଖୁରା )—ଏକ ଖୁରା
Ekaśapha ବିଶିଷ୍ଟ—One-hoofed ( animal ); having hoofs entire or uncleft; with uncleft hoofs; with uncloven hoofs.
( ଯଥା—ଘୋଡ଼ା; ଗଧ । )

| · | ଲ | ଲ୍ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଢ | ଷ,ଶ | ଙ୍କ | ଭଷ୍ଟ | ଲୃଅ | ଦ୍ଵ |
|---|---|---|---|---|---|---|---|---|---|---|---|---|---|---|
| ʼ | ଢ | ଭ | ଋ | ଲୃ | ଏ୍ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଓଷ୍ଠ୍ୟଜଯୁକ୍ତ ବର୍ଣ୍ଣ | ଶ୍ୱ | ଯ | ସ | ଙ୍ | ଲଖ | ● | ଦ୍ଵ |

ସଂ. ବ—୧ । ଘୋଡ଼ା—1. Horse.
୨ । ଗଧ—2. Ass.

ଏକଶରଣ—ସଂ. ବ—ଏକମାତ୍ର ଆଶ୍ରୟ—One only hope or refuge.
Ekaśaraṇa
(ଏକଶରଣା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—ଅନନ୍ୟଶରଣ—One who depends upon a single refuge; having no other shelter

ଏକଶିଆ—ଗ୍ରାଦେ. (ସମ୍ବଲପୁର) ବ—ଏକୋଇଶିଆ—A ceremony held on the 21st day after the birth of a child.
Ekaśiā

ଏକଶିଙ୍ଗା—ଦେ. ବିଣ (ସଂ. ଏକଶୃଙ୍ଗ)—୧ । ଅନ୍ୟ ବ୍ୟକ୍ତିର ଏକମାତ୍ର ଆଶ୍ରୟୀଭୂତ—1. Being the sole refuge or prop of another.
Ekaśiṅgā
একশিংগা
୨ । ଦୁନିଆଁରୁ ବାହାର—2. Extraordinary.

ଏକଶିଙ୍ଘା—ଦେ. ବିଣ—ଏକଶିଙ୍ଗା ( ଦେଖ )
Ekaśiṅghā — Ekasiṅgā ( See )

ଏକଶିରା—ଦେ. ବ. ( ସଂ. ଏକ ଓ ଶିରା )—କୋଷବୃଦ୍ଧି; ଜଳବୃଦ୍ଧି; ଗୋଟିଏ ଅଣ୍ଡକୋଷର ବୃଦ୍ଧିରୋଗ—Hydrocele; inflammation of one of the testicles; swelled testicles.
Ekaśirā
একশিরা,
এককোষি
एकशिरा

ଏକଶିରା ଗଡ଼ିବା—ଦେ. ବ.—ଗୋଟିଏ ଅଣ୍ଡକୋଷ ବୃଦ୍ଧି ହେବା ରୋଗ—Attack of hydrocele.
Ekaśirā gaṛibā
একশিরেপড়া

ଏକଶିରା ପଡ଼ିବା—ଦେ. ବ—ଏକଶିରା ଗଡ଼ିବା ( ଦେଖ )
Ekaśirā paṛibā — Ekaśirā gaṛibā (See)

ଏକଶିରା ବଢ଼ିବା—ଦେ. ବ—ଏକଶିରା ଗଡ଼ିବା ( ଦେଖ )
Ekaśirā baṛhibā — Ekaśirā gaṛibā (See)

ଏକଶେଷ—ସଂ. ବ ( ଭୁଲ, ଇଂ. ଏକ୍ସେସ୍ = ଅଧିକ୍ୟ )—
Ekaśesha
୧ । ଏକଦିଗର ଶେଷ ଭାଗ—1. The extreme; the extremest end; extreme point.
୨ । ଶେଷ ମୁଣ୍ଡ—2. Termination.
୩ । ଉତ୍କର୍ଷ; ପରାକାଷ୍ଠା; ଶେଷସୀମା; ଆତିଶଯ୍ୟ—3. Last extremity; excessiveness.
୪ । ଯାହା କେବଳ ମାତ୍ର ବାକି ରହିଯାଏ—4 Sole remainder; the only remnant.
ସଂ. ବିଣ—୧ । ଏକ ବିନ୍ଦୁରେ ଶେଷ ହୋଇଥିବା—1. Terminating at one point
୨ । ଅତିଶୟ; ଅତ୍ୟନ୍ତ—2. Excessive.

ଏକଶେଷଦ୍ୱନ୍ଦ୍ୱସମାସ—ସଂ. ବ—(ବ୍ୟାକରଣ) ଯେଉଁ ଦ୍ୱନ୍ଦ୍ୱ ସମାସରେ ଗୋଟିଏ ମାତ୍ର ପଦ ରହିଯାଏ ଆଉ ସମସ୍ତ ପଦ ଲୋପ ହୋଇଯାଏ—( Sanskrit grammar ) A juxtrapositional compound in which only one member remains, the other words or members merging in the compound.
Ekaśeshadwandwasamāsa
[ଚ—ଯଥା,ପିତା ଓ ମାତା = ପିତରୌ; ମାତୃ ଓ ପିତୃ ଶବ୍ଦ ଦ୍ୱନ୍ଦ୍ୱସମାସରେ କେବଳ ପିତୃ ଶବ୍ଦର ଦ୍ୱିବଚନ ଏକଶେଷ ରହିଲା ଓ ମାତୃ ଶବ୍ଦ ଲୋପ ହେଲା ]

ଏକଷଠୀଦୁଇଶ—ଦେ. ବ—ଦୁଇଶହ ଏକଷଠୀ—Two hundred and sixty one
Ekashaṭhāduisa

ଏକଷଠାଶହେ—ଦେ. ବ—ଏକଶହ ଏକଷଠୀ—One hundred and sixtyone.
Ekashaṭhāsahe

ଏକଷଠୀ—ଦେ. ବ (ସ. ଏକଷଷ୍ଟି; ପ୍ରା. ଏକସଟ୍ଠି)—୬୧ ସଂଖ୍ୟା ଷାଠିଠାରୁ ଏକ ଅଧିକ ସଂଖ୍ୟା—The number 61.
Ekashaṭhī
একষঠী
एकसठ ଦେ. ବିଣ—୬୧ ସଂଖ୍ୟକ—Numbering 61.

ଏକଷଷ୍ଟିତମ—ସଂ. ବିଣ—୬୧ ସ୍ଥାନୀୟ—The sixtyfirst in position.
Ekashashṭhitama

ଏକସତୁରି—ଦେ. ବ. ଓ ବିଣ (ସଂ. ଏକସପ୍ତତି)—ଏକସ୍ତରି (ଦେଖ)
Ekasaturi — Ekastari (See)

ଏକସମାନ—ଦେ. ବିଣ (ସଂ. ଏକ ଓ ସମ)—୧ । ପ୍ରାୟ ଏକାପରି—1. Almost the same
Ekasamāna
একসমান
एकसाँ
୨ । ସମ୍ପୂର୍ଣ୍ଣରୂପେ ସମାନ (ଏକାଧିକ ବସ୍ତୁ)—2. Exactly equal.
୩ । ସଦୃଶ; ସବୁ ଅଂଶରେ ଭୁଲ୍ୟ—3. Alike, similar in all respects.
୪ । ସବୁଠାରେ ସବୁଠୁ ଏକପ୍ରକାର ଉପାଦାନ ଥାଏ—4. Uniform at all places.
୫ । ସମତଳ—5 Of the same level

ଏକସର—ଦେ. ବିଣ—ଏକାକୀ; ଅସହାୟ—Sole; single-handed.
Ekasara

ଏକସରା—ଦେ. ବିଣ—ଏକସର (ଦେଖ)
Ekasarā — Ekasari (See)

ଏକସରି—ଦେ. ବ—୧ । ଯୁଦ୍ଧାସ୍ତ୍ରବିଶେଷ—1 A weapon of war.
Ekasari
୨ । ଏକମାଳ—2. One string.
ଦେ. ବିଣ—୧ । ଏକସମାନ—1. Equal; similar.
୨ । ଏକସରିଆ (ଦେଖ)—2. Ekasariā (See)

ସାଧାରଣ ଲୋକେ ଅପର ସୃଷ୍ଟାରେ ସୂଚନ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଉ' ନ ମିଳିଲେ 'ଖାଏ' ଖୋଜିବେ; 'ଭୂଅ' ନ ମିଳିଲେ 'ଭଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତ' ଦେଖିବେ

ଏକସରିଆ—ଦେ. ବିଣ—ଏକନଳୀ, ଏକମାଳ ଥିବା (ହାର); ଗୋଟିଏ ମାତ୍ର ସୂତ୍ରବିଶିଷ୍ଟ—Having one string only; one-stringed (bead or necklace).
Ekasariā
একসরা
एकसुतरी

ଏକସରିଶା—ଦେ. ବିଣ (ସଂ. ଏକ ଓ ସଦୃଶ)—୧ । ଏକାପରି (ଅନେକ ବସ୍ତୁ)—1. Similar (many things)
Ekasariśā
একসা
एकसाँ
୨ । ଏକସମାନ—2. Quite equal.

ଏକସରେ—ଦେ. ଅ—୧ । ଏକାକୀ—1. Alone.
Ekasare

ଏକାଲେ ଏକସରେ ଯାଇ
ଅଳ୍ପ ଲୋକଙ୍କେ ଭୋଷ ହୋଇ—ଜଗନ୍ନାଥ. ଭାଗବତ ।

୨ । ଏକତ୍ରହୋଇ—2. Together.

କୃତବର୍ମାଙ୍କୁ ଘେନି ଧାଇଁଲେ
ବଳ୍ଲବଙ୍କଲେ ଏକସରେ—ଜଗନ୍ନାଥ. ଭାଗବତ ।

ଏକସର୍ଗ—ସଂ. ବିଣ (ଏକ + ସର୍ଗ = ନିଶ୍ଚୟ)—ଏକାଗ୍ରଚିତ୍ତ; ଏକମାତ୍ର ବିଷୟରେ ନିବିଷ୍ଟ ଚିତ୍ତ—Closely attentive; concentrating attention on one object only.
Ekasarga

ସଂ. ବି—ଗୋଟିଏ ମାତ୍ର ଅଧ୍ୟାୟ—One chapter only.

ଏକସାଇଜ୍—ବୈଦେ. ବି. ଓ ବିଣ ( ଇଂ ଏକ୍‌ସାଇଜ୍ )—
Ekasāij ୧ । ଅବକାରୀ; ମାଦକ ଦ୍ରବ୍ୟ ପ୍ରସ୍ତୁତ ଓ ବିକ୍ରି କରିବା ଲୋକଙ୍କଠାରୁ ଗଭର୍ଣ୍ଣମେଣ୍ଟ ନେବା ଶୁଳ୍କ—1. Excise.
একসাইজ
एकसाइज
୨ । ସରକାରଙ୍କ ଅବକାରୀ ବିଭାଗ—2. Excise-department of the Government.

[ ଦ୍ର—ଏହି ଶବ୍ଦ ସଙ୍ଗେ କମିସ୍ନର, ସୁପରିଣ୍ଟେଣ୍ଡେଣ୍ଟ, ଇନ୍ସପେକ୍ଟର୍, ସବ୍‌ଇନ୍ସପେକ୍ଟର, ଡିପାର୍ଟମେଣ୍ଟ ଆଦି ଯୁକ୍ତ ଇଂରାଜି ଶବ୍ଦ ଭାଷାରେ ଓ କଥାବାର୍ତ୍ତାରେ ଚଳୁଅଛି । 'ଅବକାରି' ଇତ୍ୟାଦି ଦେଖ । ]

ଏକସାଥି—ଦେ. ଅ. ( ସଂ. ଏକ ଓ ଫା. ସାଥ୍ )—
Ekasāthi ୧ । ଏକ ସଙ୍ଗରେ; ଏକତ୍ରରେ—1. Together.
একসাথি
एकसाथ
୨ । ସମଭିବ୍ୟାହାରରେ—2. Accompanying each other; in the company of
ଦେ. ବିଣ—ଏକତ୍ରରେ ଯାଉଥିବା—Going together.

ଏକସାଲା—ଦେ. ବିଣ—୧ । ଏକ ବର୍ଷ ବୟସ୍କ—1. One year old
Ekasālā
একসালা
कसाला
୨ । ଏକ ବର୍ଷ ସମ୍ବନ୍ଧୀୟ—2. Relating to one year only.
୩ । ବାର୍ଷିକ—3. Annual
୪ । ଏକବର୍ଷସ୍ଥାୟୀ—4. Holding good for one year only.

ଏହିରୂପେ ଏକସାଲା, ଦୋସାଲା, ତମାଦି ଇତ୍ୟାଦି ବନ୍ଦୋବସ୍ତ ଅରମ୍ଭ କରିଗଲା ।
କୃପାସିନ୍ଧୁ. ଇତିହାସ ।

ଏକସାଲି—ଦେ. ବିଣ—ଏକସାଲା ( ଦେଖ )
Ekasāli Ekasālā ( See )

ଏକସାଲିଆ—ଦେ. ବିଣ—ଏକସାଲା ( ଦେଖ )
Ekasāliā Ekasālā ( See )

ଏକସୁତି—ଦେ. ବି. ( ସଂ. ଏକ + ସୂତ୍ର )—ଗାମୁଛା—Towel.
Ekasuti
একসুতী
एकसुती

ଏକସ୍ତରାଶହେ—ଦେ. ବି—ଏକଶହ ଏକସ୍ତରି—One hundred and seventyone.
Ekastarāsahe

ଏକସ୍ତରି—ଦେ. ବି ( ସଂ. ଏକସପ୍ତତି; ପ୍ରା. ଏକସତ୍ତରି )—
Ekas ari ୧ । ସତୁରି ଅପେକ୍ଷା ଏକ ଅଧିକ ସଂଖ୍ୟା; ୭୧ ସଂଖ୍ୟା—1. The number 71.
একসত্তুর
एकहत्तर
୨ । ୭୧ ସଂଖ୍ୟକ—2. Numbering 71.

ଏକସ୍ତୁରାଶହେ—ଦେ. ବି—ଏକସ୍ତରାଶହେ ( ଦେଖ )
Ekasturāsahe Ekastarāsahe ( See )

ଏକସ୍ତୁରି—ଗ୍ରା. ବି—ଏକସ୍ତରି ( ଦେଖ )
Ekasturi Ekastari ( See )

ଏକସ୍ତୋରି—ଗ୍ରା. ବି—ଏକସ୍ତରି ( ଦେଖ )
Ekastori Ekastari ( See )

ଏକସ୍ଥିତା—ଦେ. ବିଣ (ସଂ. ଏକ + ସ୍ଥିତ)—ଏକସ୍ଥାନରେ ଥିବା—Situated at one place.
Ekasthitā

ଏକସ୍ଥିତା ଏକଚିତ୍ତା ଏକାତ୍ମମୂରତି,
ଏକଧ୍ୟାନ ଏକଗ୍ୟାନ ବ୍ରହ୍ମର ବସତି—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଏକହଂସ—ସଂ. ବି—ହିନ୍ଦୁମାନଙ୍କର ତୀର୍ଥବିଶେଷ—A place of Hindu pilgrimage.
Ekahaṁsa

ଗୋସହସ୍ରେ ଫଳ ଲଭଇ ଏକ ହଂସେ
କହୁଅଛନ୍ତି ଏହା ସମସ୍ତ ମୁନି ଭାଷେ । କୃଷ୍ଣସିଂହ. ମହାଭାରତ. ବନ ।

ଏକହାତି—ଦେ. ବିଣ—୧ । ଜଣକ ହାତରେ କରାଯିବା; ଏକଗୋଟି ହାତରେ କରାଯିବା ( କର୍ମ )—1 Done by one man only; done by one hand only.
Ekahāti
একহাতী
एकहत्थी
୨ । ଏକ ଜଣକର ଅଧୀନ—2. Subject to one master; under a single paramount authority.
୩ । ଏକ ହାତ ଲମ୍ବ ବା ଦୀର୍ଘ—3 Measuring one cubit
ଦେ. ବି.—ମାଲ ଖୁମ୍ବ ଉପରେ କରାଯିବା ଏକ ପ୍ରକାର କସରତ—A kind of gymnastic exercise on a plain wooden pillar.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଞ | ଜ | ଶ,ଷ | ଜ୍ଞ | ଉପ | ଇଅ | ଭ |
| ୨ | ଈ | ଊ | ରୁ | ଲୁ | ଏ୍ୟ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଗ୍ୟଁ | ଉହ | ୱ | ଡ଼ |

**ଏକହାତିଆ**—ଦେ. ବଣ.—ଏକହାତି (ଦେଖ)
Ekahātiā — Ekahāti (See)

**ଏକହାୟନୀ**—ସଂ. ବଣ. ସ୍ତ୍ରୀ. (ଏକ+ହାୟନ=ବର୍ଷ+ସ୍ତ୍ରୀ. ଈ)—
Ekahāyanī — ବର୍ଷେ ବୟସର ଗାଈ—One year old cow.
ସଂ. ବି. ସ୍ତ୍ରୀ.—ବର୍ଷିକିଆ ମାଈ ବାଛୁରୀ—
One year old she-calf.

**ଏକହାରା**—ସଂ. ବଣ. ସ୍ତ୍ରୀ.—୧ । ଏକସରିଆ—1. Consisting
Ekahārā — of one string or strand only; single-stringed.
୨ । କୃଶ; ଦୁର୍ବଳ—2. Weak; lean, thin
୩ । ଏକାକୀ—3. Single.

**ଏକା**—ସଂ. ବଣ. ସ୍ତ୍ରୀ. (ଏକ+ଆ)—ଏକର ସ୍ତ୍ରୀଲିଙ୍ଗ—
Ekā — Feminine of eka
ଏକା — ଦେ. ବଣ ( ସଂ. ଏକାକୀ )—୧ । ଏକାକୀ; ଏକୁଟିଆ—
ইক্কা, ইকাহ্ — 1 Single; solitary
ଯାହୁ; ବେଣୁ ଶୁଣି ଏକା ଥାଇଁ ଜଣାଥରେ ।
କବିସୂର୍ଯ୍ୟ. ସଙ୍ଗୀତ ।
୨ । ଅସହାୟ—2. Helpless.
୩ । ଏକମାତ୍ର ( ବ୍ୟକ୍ତି )—3. Alone.
ଏକା ହାଲ ଗାଈ ସଙ୍ଗ ଗୋଠ—ଢଗ ।
୪ ଏକସମାନ—4. Equal; same.
ଜେମାଙ୍କ ଆକାର ଜେମା ବେଶଭୂଷା ସମସ୍ତ ଅଟଇ ଏକା ।
ରଘୁନାଥ—ପାଳଙ୍ଗ ।
ଦେ. ବି—୧ । ଜଣେ ମାତ୍ର—1. One person only.
୨ । ଗଞ୍ଜପା ବା ତାସ ଖେଳରେ ଏକଟିପକଣିଆ ପାନ—
2 Card with one point only.
ଦେ. ଅ—୧ । ଏକମାତ୍ର—1. Alone; only; merely.
ଏକା ମାଣ୍ଡିଆ ବାଉଁଶି ପଲ—ଢଗ ।
୨ । ବାକ୍ୟପୂରଣାର୍ଥକ—2. Used at the end of a sentence meaning but, too, also and merely.
ସରସେ ପିନ୍ଧିବେ ଠକା, ସର୍ଘ ଭରି ଏବେ ଏକା । କବିସୂର୍ଯ୍ୟ. ସଙ୍ଗୀତ ।
୩ । ନିଶ୍ଚୟ—3. Certainly.
ମନେ କଲେ ଏ ଏକା କାର୍ଯ୍ୟ ସମର୍ଥ । କୃଷ୍ଣସିଂହ. ମହାଭାରତ. ବନ ।
୪ । କିନା [ ଅବ୍ୟୟକୁ ଯୋର ( Emphasis ) ଦେବା ପାଇଁ ବ୍ୟବହୃତ ]—4. Too.
ତାକୁ ସେବା ଏକା କରିବ ନରନ୍ତର । କୃଷ୍ଣସିଂହ, ମହାଭାରତ. ବନ ।
୫ । କେବଳ ସେହି କଥା ବା ଘଟଣା ଘଟିଲେ; ତାହାହିଁ ହେଲେ—5. Then and then only; in that case only ( and in no other case ); if that thing ( and nothing else ) happens.
ଘଟିଲେ ଅମ୍ଭେ ଏକା ଜାଇଁ ଲୁଚିବ ।
କବିସୂର୍ଯ୍ୟ. ଚକୋରଚକ୍ଷୁ. ସ. ଚୀତ ।
୬ । ପକ୍ଷାନ୍ତରରେ—6. On the other hand.
୭ । ଯାହା ହେଉ—7. However.
୮ । ପୁନଶ୍ଚ—8. Again, als ›.
ଗ୍ରାଦେ. (ଗଞ୍ଜାମ) ଅ.—ବାକ୍ୟଶେଷରେ ପ୍ରଯୁକ୍ତ—
Used at the end of a sentence.

**ଏକାଅଶୀ**—ଦେ. ବି. ( ସଂ. ଏକାଶୀତି )—ଅଶୀ ଅପେକ୍ଷା ଏକ ଅଧିକ
Ekāasī — ସଂଖ୍ୟା; ୮୧ ସଂଖ୍ୟା—The number 81.
একাশি — ଦେ. ବଣ—୮୧ ସଂଖ୍ୟକ—Numbering 81.
इक्यासि

**ଏକାଏ**—ଦେ. ଅ(ସଂ. ଏକାକୀ)—୧ । ଏକସଙ୍ଗରେ—1. Together.
Ekāe — ୨ । ଅନ୍ୟ ସଙ୍ଗ ରହିତ ହୋଇ; ଏକାକୀ—2. Alone.
ସେ ସମୁଦ୍ର ମଧ୍ୟରେ ଥିଲା ଦ୍ୱୀପଟାଏ,
ତହିଁକି ଗଲେ ସେ ଦୁହେଁ ଏକାଏ । କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।

**ଏକାଏକ**—ଦେ. କ୍ରି. ବଣ ( ସଂ. ଏକାକୀ )—ଏକାଏକା (ଦେଖ)
Ekāek — Ekāekā (See)
ଦେ. (କଟକିଆ). ବଣ—ଏକମାତ୍ର—
Sole.

**ଏକାଏକା**—ଦେ. କ୍ରି. ବଣ ( ସଂ. ଏକାକୀ )—୧ । ଏକାକୀହୋଇ;
Ekāekā — ଜଣେ ମାତ୍ର—1. Alone; singly.
একাএক — ୨ । ହଠାତ୍—2. All at once.
इकाइ — ୩ । ସିଧାଏ ସିଧାଏ—3. Direct; right; straight-way.
ଦେ. ବଣ—ଏକାକୀ—Single; solitary.

**ଏକାଏକି**—ଦେ. କ୍ରି. ବଣ(ସଂ. ଏକାକୀ)—୧ । ଏକାକୀ—1. Alone.
Ekāeki — ୨ । ଅଭେଦରୂପେ—2. Without any distinction.
একাএক
एकाएकि
ଶାଳ ଗ୍ରାମରେ ଭେଦଭାବ, ଜଡ଼ ହୋଇଛି ଏକାଏକ ।
ଯଶୋବନ୍ତ ପ୍ରେମଭକ୍ତି. ବ୍ରହ୍ମଗୀତା ।

**ଏକାଁଲବେ**—ଗ୍ରା. କ୍ରି ଓ ବଣ—ଏକାନବେ ( ଦେଖ )
Ekāñlabe — Ekānabe ( See )

**ଏକାଁଲୋଇ**—ଗ୍ରା. ବି. ଓ ବଣ—ଏକାନବେ ( ଦେଖ )
Ekāñloi — Ekānabe ( See )

**ଏକା କଡ଼କେ**—ଦେ. କ୍ରି. ବଣ—ଏକ ପାର୍ଶ୍ୱରେ (ଶୋଇ); ଗୋଟିଏ
Ekā kaṛake — କଡ଼ ମାତ୍ର ( ଶୋଇ )—Lying on one side; sidewise.
একপাশে
एककोलमे
(ଯଥା—ବାଲି ଘର ଅଳ୍ପ ହୋଇଥିବାରୁ ଅଙ୍ଗ
ମୁଁ ଏକାକଡ଼କେ ଶୋଇ ପଡ଼ିଲି । )

**ଏକା କରି**—ଦେ. କ୍ରି. ବଣ—ଏକଜଣକୁ ମାତ୍ର; ଏକାକୀ—
Ekā kari — Alone; to one person only.
ଯୁଧିଷ୍ଠିରଙ୍କି ଚତୁର କହିଲେ ଏକା କରି । ସାରଳାମହାଭାରତ. ଉଦ୍ୟୋଗ ।

ସାଧାରଣ ଲୋକେ ଅପର ବର୍ଣ୍ଣରେ ସ୍ଥିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାବୋଧରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'କଥ' ନ ପାଇଲେ 'କଥ୍' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅଣ୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

**ଏ କାକରେ**—ଦେ. ଅ—ଏପରି କାକର ବା ଶୀତରେ—
E kākare — In this cold.

ଏକାକରେ ହିମରେ ସ୍ତ୍ରୀକର ଧରି ଚତୁଷ୍ପଥ ଦର୍ଶନକୁ ପଶ୍ଚିମରେ
ସଡ଼କରେ ଯାଉଅଛନ୍ତି—ପଦ୍ମମଣି ରହସ୍ୟ ।

**ଏକାକାର**—ସଂ. ବି ( ଏକ + ଆକାର )—୧ । ଏକଆକୃତି; ସମାନାକୃତି—1. Oneness of form.
Ekākāra

୨ । ଗଣ୍ଡଗୋଳ—2 Chaos; confusion

ସଂ. ବିଣ (ବହୁବ୍ରୀହି;)—୧ । ଏକଆକୃତିବିଶିଷ୍ଟ; ସମାକୃତି—
1. Having the same shape or form; uniform; similar; alike.

୨ । ଯାହା ପରସ୍ପରଠାରୁ ବାରି ହୋଇପାରେ ନାହିଁ—
2. Undistinguishable from each other.

ହୋଇଲୁ ମିଶି ଏକାକାର—ମଧୁସୂଦନ. କବିତା ।

୩ । ଗୋଳଅପୋଳଅ; ଗୋଳାଗୋଳ ହୋଇ ଏକତ୍ର ହୋଇଥିବା—3. Confused into one unrecognisable mass

୪ । ଏକଶ୍ରେଣୀକୁ ଆଗତ—
4. Reduced to one class.

୫ । ଏକକାର୍ଯ୍ୟ ଓ ଏକ ବିଶ୍ୱାସର ଅଧୀନ—
5. Of one faith and practice.

୬ । ଏକ ଜାତିରେ ମିଳିତ—
6. Gathered into one caste.

ସର୍ବେ ହୋଇବେ ଏକାକାର, ନ ଥିବ ବେଦର ବିଚାର । ଜଗନ୍ନାଥ. ଭାଗବତ ।

**ଏକାକୀ**—ସଂ. ବିଣ. ପୁଂ ( ଏକ + ଅସହାୟାର୍ଥରେ. ଆକିନ୍; ୧ମା. ୧ବ.)—୧ । ଏକଲା; ଅସହାୟ; ଏକା—
Ekākī — 1. Alone; single; solitary.
(ଏକାକିନୀ—ସ୍ତ୍ରୀ)

୨ । କେବଳ—2. Mere.

କ୍ରି. ବିଣ—୧ । ଏକଲା; ଏକ ହୋଇ—
1. Singly; alone

୨ । କେବଳମାତ୍ର—2. Merely.

**ଏକାକେ**—ଦେ. କ୍ରି. ବିଣ (ସଂ. ଏକାକୀ)—ଏକାଏକା; ଏକାହୋଇ—
Ekāke — Singly; alone.

একাএক — ସେ ପଡ ଯିବାର ଦେଖନ୍ତି
**एकाएका** — ପାପୀ ଜା ଏକାକେ ଭୁଞ୍ଜନ୍ତି—ଜଗନ୍ନାଥ. ଭାଗବତ ।

**ଏକାକ୍ଷ**—ସଂ. ବିଣ. ପୁଂ (ବହୁବ୍ରୀହି; ଏକ + ଅକ୍ଷି; ସମାସ ଯୋଗୁଁ ଶିର 'ଇ' ଲୋପ)—ଏକଆଖିଆ; କଣା—One-eyed
Ekāksha
(ଏକାକ୍ଷୀ—ସ୍ତ୍ରୀ)

ସଂ. ବି—କାକ; କୁଆ—A crow.

[ଦ୍ର—କିମ୍ବଦନ୍ତୀ ଅଛି ଯେ ସୀତା ଚିତ୍ରକୂଟରେ ରାମଚନ୍ଦ୍ରଙ୍କ ସଙ୍ଗେ ବନବାସ କରିବା ସମୟରେ ଗୋଟିଏ କୁଆ ମାଂସଭ୍ରମରେ ସୀତାଙ୍କର ସ୍ତନର ଉପରୁ ଖୁମ୍ପି ଦେଇଥିଲା; ଏହି ଧୃଷ୍ଟତାର ଦଣ୍ଡସ୍ୱରୂପ ରାମଚନ୍ଦ୍ର ଇଷୀକା ବାଣର ଗୋଟିଏ ଚକ୍ଷୁକୁ ଶର ମାରି ଫୁଟାଇ ଦେଲେ । ସେହିଦିନଠାରୁ କୁଆମାନେ ଗୋଟିଏ ଆଖିରେ ଦେଖନ୍ତି ବୋଲି ପ୍ରବାଦ ଅଛି । ମତାନ୍ତରରେ କୁଆକୁ ରାମଚନ୍ଦ୍ର ଶାପ ଦେଲାରୁ କୁଆ ଟେରା ହୋଇଗଲା ବୋଲି ଲୋକ-ସଂସ୍କାର ଅଛି । ]

**ଏକାକ୍ଷର**—ସଂ. ବି (ବହୁବ୍ରୀହି; ଏକ + ଅକ୍ଷର)—୧ । ଏକମାତ୍ର ଅକ୍ଷରବିଶିଷ୍ଟ ମନ୍ତ୍ର 'ଓଁ' ପ୍ରଣବ—
Ekākshara — 1. The mystic syllable 'Oṅ' consisting of one letter only.

୨ । ଏକାକ୍ଷରୀ (ଦେଖ)—
2. Ekākshari (See)

ସଂ. ବିଣ—ଏକମାତ୍ର ଅକ୍ଷରବିଶିଷ୍ଟ (ଶବ୍ଦ)—
word) Composed of one letter.

**ଏକାକ୍ଷରୀ**—ସଂ. ବି—ଶବ୍ଦାଳଙ୍କାରବିଶେଷ; ଯେଉଁ ରଚନା ବା ପଦ୍ୟରେ ଗୋଟିଏମାତ୍ର ଅକ୍ଷର ବ୍ୟବହୃତ ହୋଇଥାଏ—
Ekākshari — A poetic composition where one letter only is used throughout a line or couplet.

ତା ତ.ଂତ ତ ତତ ତତାତତ ତ ତତାଂତ
ତତତାତ ତାଂତ ତ ତ ତେଃ ତାତ ତ.ତ—ସ୍ୱର୍ଣ୍ଣ.ଦେ.ଦ୍ୱଜ. ପ୍ରେମମଞ୍ଜରୀ ।

[ଦ୍ର—ପ୍ରଥମ ଧାଡ଼ିର ଅର୍ଥ ତା (=ତାହାର) ତାଂତ (=ଅମୃତାନ୍ତ) =ତନ୍ତ୍ରୀ ତ ( =କୋଡ଼ରେ ) ତତ ( =ବିସ୍ତୃତହେବା ) ତତ (=ବୀଣାବାଦ୍ୟରୁ) ଅତାତ ( =ଉତ୍ପନ୍ନ ହେବା ) ତ ( =ଅମୃତ ହାରି) ତତ (=ବ୍ୟାପ୍ତହେବା) ଅଂତ (=ଅନ୍ତ=ସ୍ୱରୂପ); ଭାବାର୍ଥ =ତନ୍ତ୍ରୀ ସଦୃଶ ମୁଖରେ ବିସ୍ତୃତ ହେବା, ବୀଣାନାଦ ସଦୃଶ ବଚନରୁ ଉତ୍ପନ୍ନ ହେବା ଅମୃତ ସଦୃଶ ମାଧୁର୍ଯ୍ୟ ହାରି ସେ ରାଜକନ୍ୟାର ସ୍ୱରୂପ ବ୍ୟାପ୍ତ ହୋଇଅଛି । ]

**ଏକାଗୋଟି**—ଦେ. ବିଣ—୧ । ଏକତ୍ର—
Ekāgoṭi — 1. Gathered together.

କୋଟି କୋଟିମନେ ହୋଇଣ ଏକାଗୋଟି—କୃଷ୍ଣସିଂହ. ମହାଭାରତ. ସଭା ।

୨ । ଗୋଟିଏ—2 Only.

୩ । କେବଳ ଗୋଟିଏ—3. Only one.

ଦେ. ବି—ଗୋଟିଏ ମାତ୍ର—One only.

**ଏକାଗ୍ର**—ସଂ. ବିଣ (ବହୁବ୍ରୀହି; ଏକ+ଅଗ୍ର; ଏକ ଅଟେ ଅଗ୍ର ଯାହାର)—
Ekāgra — ୧ । ଏକ ବିଷୟରେ ଆସକ୍ତ; ଏକମନା—
(ଏକାଗ୍ରତା—ବି) 1. Absorbed; of mind turned to one object or aim.

୨ । ଏକବିଷୟରେ ବଦ୍ଧମନା; ଅନନ୍ୟଚେତା—
2. With concentrated attention; single-minded.

୩ । ଅନାକୁଳ (ଚିତ୍ତ)—3. Unruffled; undisturbed (mind)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଉ | ଭ | ଋ,ର | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ୍ମ | ଜ | ଶ,ଷ | କ୍ଷ | ଉସୁ | ଲ୍ଟ | ଉ |
| ୨ | ଊ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଗଁ୍ୟ | ଉଅ | ୱ | ନ୍ଟ |

ଏକାଗ୍ରଚିତ୍ତ—ସଂ. ବି. (କର୍ମଧା)— ଏକ ବିଷୟରେ ଆସକ୍ତ ଚିତ୍ତ—
Ekāgrachitta Concentrated attention.
(ଏକାଗ୍ରଚିତ୍ତା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ଏକ ବିଷୟରେ ଯାହାର ଚିତ୍ତ ଆସକ୍ତ—Totally bent on one thing; absorbed in one object

ଏକାଗ୍ରତା—ସଂ. ବି. ( ଏକାଗ୍ର+ ଭାବ. ତା )—
Ekāgratā ଏକ ବିଷୟରେ ମନୋନିବେଶ; ଦୃଢ଼ଅଭିନିବେଶ—Concentration of mind; close attention; undivided attention.

ଏକାଗ୍ରି—ପ୍ରାଦେ. (ବାଲେଶ୍ୱର) (କଟକିଆ ଭାଷା) ବିଣ—
Ekāgri ୧ । ଏକାଏକ—1 Exclusive.
୨ । ସ୍ୱତନ୍ତ୍ର—2. Separate; undivided.
( ଯଥା—ଆମ୍ଭର ଏକାଗ୍ରି ଦଖଲ । )

ଏକାଗ୍ର୍ୟ—ସଂ. ବି. ( ଏକାଗ୍ର+ଯ )—ଏକାଗ୍ରତା ( ଦେଖ )
Ekāgrya Ekāgratā ( See )

ଏକାଘାଅକେ—ଦେ. କ୍ରି. ବିଣ ( ସଂ. ଏକ+ଘାତ )—
Ekāghāake ଏକଘାଏ ( ଦେଖ )
Ekaghāe ( See )

ଏକାଘାଏ—ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekāghāe Ekaghāe ( See )

ଏକାଘାନ୍ତି— ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekāghānti Ekaghāe ( See )

ଏକାଘାନ୍ତେ—ଦେ. କ୍ରି. ବିଣ—ଏକଘାଏ ( ଦେଖ )
Ekāghānte Ekaghāe ( See

ଏକାଘ୍ନୀ—ସଂ. ବି. ( ଏକ+ହନ ଧାତୁ+ଅ+ଈ; ନିପାତନ )—
Ekāghni ଏକଘ୍ନୀ ( ଦେଖ )
Ekaghni ( See )

ତୋର ନାମ ଅଛଇ ଯେ ଏକାଘ୍ନୀ ଶକତ
ଭୂମି ନାଗନେ ତା ଦେଇଥିଲେ ଉମାପତ । ସାରଳା. ମହାଭାରତ. ଦ୍ରୋଣ ।

[ ବି—ମହାଦେବ ଏହି ଅସ୍ତ୍ରକୁ କର୍ଣ୍ଣଙ୍କୁ ଦେଇଥିଲେ ଓ ଏହା ଥରେ ମାତ୍ର ପ୍ରୟୋଗ କରାଯିବା ପରେ ବ୍ୟର୍ଥ ହେବ ବୋଲି କହିଥିଲେ । ଅର୍ଜୁନଙ୍କୁ ବଧ କରିବା ପାଇଁ କର୍ଣ୍ଣ ଏ ଅସ୍ତ୍ରକୁ ସାଇତି ଥିଲେ; କିନ୍ତୁ ଦୁର୍ଯ୍ୟୋଧନର ଅନୁରୋଧରେ ତାହା ଘଟୋତ୍କଚ ପ୍ରତି ପ୍ରୟୋଗ କଲେ ଓ ସେହି ଥରକ ପ୍ରୟୋଗ ଦ୍ୱାରା ଏହା ଶକ୍ତିହୀନ ହୋଇ ଗଲା । )

ଏକାଙ୍ଗ—ସଂ. ବି. ( ବହୁବ୍ରୀହି; ଏକ+ଅଙ୍ଗ ) —
Ekānga ୧ । ବୁଧଗ୍ରହ—1 The planet Mercury.
୨ । ଗୋଟିଏ ଅଙ୍ଗ—2. One limb.
୩ । ମସ୍ତକ; ମୁଣ୍ଡ—3 The head
ସଂ. ବିଣ—ଗୋଟିଏ ମାତ୍ର ଅଙ୍ଗକୁ ଆକ୍ରମଣ କରିଥିବା (ରୋଗ)-(disease) Affecting one limb only.

ଦେ. ବିଣ—ଏକାଙ୍ଗଚକ୍ରବର୍ତ୍ତୀ ସମ୍ବନ୍ଧୀୟ—
Sovereign.

ପାତାଳ ପୁରେ ଭୋଗ ପଦ
ଏକାଙ୍ଗ ଗ୍ରହ ପଦେ ସଧ । ଜଗନ୍ନାଥ. ଭାଗବତ ।

ଏକାଙ୍ଗଚକ୍ର— ଦେ. ବି. ( ସଂ. ଏକାଙ୍ଗ=ମସ୍ତକ; ଅତଏବ ସର୍ବଶ୍ରେଷ୍ଠ +ଚକ୍ରବର୍ତ୍ତୀ )—
Ekāngachakra
ଏକାଧିପତ୍ୟ—Paramountcy.

କରଇ ଅଭିଷେକ ପୂଜା
ଏକାଙ୍ଗଚକ୍ରେ କଲେ ରଜା । ଜଗନ୍ନାଥ ଭାଗବତ ।

ଏକାଙ୍ଗଚକ୍ରବର୍ତ୍ତୀ—ଦେ. ବି. ( ସଂ. ଏକାଙ୍ଗ=ମସ୍ତକ+ ଚକ୍ରବର୍ତ୍ତୀ )—
Ekāngachakrabartti
একাঙ্গচক্রবর্ত্তী ଏକଛତ୍ର ସମ୍ରାଟ; ଜଗତରେ ଏକମାତ୍ର ରଜା—
एकाङ्गचक्रवर्ती Sovereign.

ଏକାଙ୍ଗ ଚକ୍ରବର୍ତ୍ତୀ ଭୂପେ
ଭୂପତ ଭୁଅ ସପ୍ତ ଦ୍ୱୀପେ । ଭୂପତି. ପ୍ରେମପଞ୍ଚାମୃତ ।

ଦେ. ବିଣ—ମହା ପରାକ୍ରମ ବା କ୍ଷମତାଶାଳୀ—
Very powerful; mighty.

ଏକାଙ୍ଗଛତ୍ର—ଦେ. ବି (ଏକାଙ୍ଗ+ଛତ୍ର)—ଏକାଙ୍ଗଚକ୍ରବର୍ତ୍ତିତା—
Ekāngachhatra Paramountcy.

ଏକାଙ୍ଗବାତ—ସଂ. ବି—ଏକ ଅଙ୍ଗକୁ ଆକ୍ରମଣ କରିଥିବା ବାତ . ରୋଗ-
Ekāngabāta ବିଶେଷ—Hemiplegia; partial paralysis; paralysis of the limb of one side only.

ଏକାଙ୍ଗରାଜ୍ୟ—ଦେ. ବି—ଏକଛତ୍ର ରାଜ୍ୟ; ଯେଉଁ ରାଜ୍ୟରେ ଅନ୍ୟ
Ekāngarājya କେହି ପ୍ରଭୁ ନାହିଁ— Sole sovereignty.

ଏବେ ସେ ଏକାଙ୍ଗ ରାଜ୍ୟ ହେଲା ମୋର ସତ ।
ସ.ଭକ୍ତମହାଭାରତ. କର୍ଣ୍ଣ ।

ଏକାଙ୍ଗିବାତ—ଦେ. ବି—ଏକାଙ୍ଗବାତ ( ଦେଖ )
Ekāngibāta Ekāngabāta ( See )

ଏକାଙ୍ଗୀ—ସଂ. ବି. ସ୍ତ୍ରୀ. ( ଏକାଙ୍ଗ+ସ୍ତ୍ରୀ. ଈ )—
Ekāngi ସୁଗନ୍ଧ ଔଷଧିବିଶେଷ—
A kind of scented herb.

ଏକାଚୋଟେ—ଦେ. ଅ—ଏକଘାଏ ( ଦେଖ )
Ekāchote Ekaghāe ( See )

ଏକାଚୋଟେକେ—ଦେ. ଅ—ଏକଘାଏ ( ଦେଖ )
Ekāchoteke Ekaghāe ( See )

ଏକାଟିଆ—ଦେ. ବିଣ. (ସଂ. ଏକାକୀ; ଏକତଃ; ଭୁଲ. ପା. ଏକାଟିଅ)—
Ekātia ୧ । ଏକାକୀ—1. Single; alone.
একলা ୨ । ନିର୍ଜନ; ବର୍ଜିତ—2. Solitary; lonely.
अकेला

ଦେ. କ୍ରି• ବିଣ.—୧ । ଏକାକୀ; ଏକୁଟିଆ—
2 Singly; alone

ସାଧାରଣ ସ୍ଥଳେ ଅପର ସ୍ଥାନରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠକ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଢ଼' ଖୋଜିବେ 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଅନ୍ୟର ବିନା ସାହାଯ୍ୟରେ—2. Unassisted.

**ଏକାଟିଆବାଢ଼ୁଆ**—ଦେ. ବିଣ. (ଗାଳି) (ଜଙ୍ଗଲରେ ବରାହମାନେ
**Ekāṭiā bārhā** ଦଳ ବାନ୍ଧି ରହୁବାରୁ ଯୂଥ ସାଙ୍ଗ ନ ଥିବାରୁ)—
ଏକଲା ଷାଁଡ଼ିଆ ୧ । ଯେଉଁ ବ୍ୟକ୍ତି ଏକାକୀ ରହିବାକୁ ସୁଖ ପାଏ; ସେ ଅନ୍ୟମାନଙ୍କ ସଙ୍ଗେ ମିଶିବାକୁ ଇଚ୍ଛା କରେ ନାହିଁ ଏକଚର—1. One who loves to move about alone; one who does not like company.

୨ । ଯେଉଁ ବ୍ୟକ୍ତି ଅନ୍ୟର ଶ୍ରୀ ଦେଖି ପାରେ ନାହିଁ—
2. A person who rails at the prosperity of others.

**ଏକାଠାଏ**—ଦେ. ଅ.—ଏକଠାଏ (ଦେଖ)
**Ekāṭhāe** Ekaṭhāe (See)

ଷଡ଼ରିପୁ ଏକ ସମୟେ; ଯହିଁ ଅଛନ୍ତି ଏକାଠାଏ । ଜଗନ୍ନାଥ. ଭାଗବତ ।

**ଏକାଠି**—ଦେ. ଅ. (ସଂ. ଏକତ୍ର; ଏକ ଓ ସ୍ଥାନ)—ଏକାଠେଇଁ (ଦେଖ)
**Ekāṭhi** Ekāṭheiñ (See)

ଏକାଠି ହେବାରୁ ଗ୍ରହନେକ ଜେମା କପାଳେ ପୋଡ଼ିବ ମଥା ।
ରଘୁନାଥ. ସଗାଡ଼ ।

**ଏକାଠିଆ**—ଦେ. ବିଣ. ଓ କ୍ରି. ବିଣ —ଏକାଟିଆ (ଦେଖ)
**Ekāṭhiā** Ekāṭiā (See)

**ଏକାଠେ**—ଦେ. ଅ —ଏକାଠେଇଁ (ଦେଖ)
**Ekāṭhe** Ekāṭheiñ (See)

**ଏକାଠେଇଁ**—ଦେ. ଅ. (ସଂ. ଏକତ୍ର; ଏକ ଓ ସ୍ଥାନ)—
**Ekāṭheiñ** ୧ । ଏକସ୍ଥାନରେ—1. At one place.
୨ । ଏକ ସମୟରେ—2 Simultaneously.
୩ । ଏକତ୍ର ଭାବରେ—
3. Gathered; collected together.
୪ । ଏକାନ୍ନବାସରେ—4. Jointly
ଦେ. ବିଣ.—୧ । ସମ୍ମିଳିତ—1. United together; summed up.
୨ । ପ୍ରଭେଦରହିତ; ଭେଦାଭେଦରହିତ—
2 Without distinction
୩ । ଏକାନ୍ନବାସରେ ଥିବା—
3. Living in joint-mess

**ଏକାଡେମୀ**—ବୈଦେ. ବି. (ଇଂ. ଅକାଡେମୀ)—ଯେଉଁ ବିଦ୍ୟାଳୟରେ
**Ekādemi** ଉଚ୍ଚ ଶିକ୍ଷା ଦିଆ ଯାଏ—A school for higher education.

[ଦ୍ର—କଟକରେ ମହାତ୍ମା ପ୍ୟାରୀମୋହନଙ୍କ ପ୍ରତିଷ୍ଠିତ ହାଇ-ଇଂଲିସ୍ ସ୍କୁଲର ନାମ ପ୍ୟାରୀମୋହନ 'ଏକାଡେମୀ' ଅଟେ ।]

**ଏକାଣିଆଁ**—ଦେ. ବିଣ. ଓ କ୍ରି. ବିଣ.—ଏକାଟିଆ (ଦେଖ)
**Ekāṇiāñ** Ekāṭiā (See)

**ଏକାଣୋଇ**—ଦେ. ବି ଓ ବିଣ. (ସଂ. ଏକନବତି)—
**Ekāṇoi** ଏକାନବେ (ଦେଖ)
Ekānabe (See)

**ଏକାଣ୍ଡ**—ସଂ. ବି. ପୁଂ. (ବହୁବ୍ରୀହି; ଏକ+ଅଣ୍ଡ)—ଅଶ୍ୱ—
**Ekāṇḍa** Horse.

**ଏକାତନ**—ଦେ. ଅ. (ସଂ. ଏକ ଓ ତାନ)—ଏକତାନ୍ (ଦେଖ)
**Ekātana** Ekatān (See)

**ଏକାତପତ୍ର**—ସଂ. ବିଣ. (ବହୁବ୍ରୀହି; ଏକ+ଆତପତ୍ର=ଛତ୍ର; ଗୋଟିଏ
**Ekātapatra** ମାତ୍ର ରାଜଛତ୍ର ତଳେ ଥିବା ରାଜ୍ୟ ବା ସାମ୍ରାଜ୍ୟ)—
ଜଣେ ରାଜାଙ୍କଦ୍ୱାରା ଶାସିତ; ଏକଚ୍ଛତ୍ର; ଏକାଧିପତ୍ୟ-ବିଶିଷ୍ଟ—Subject to one government; ruled by one monarch; under one man's undisputed sway.

**ଏକାତାନକେ**—ଦେ. ଅ. (ସଂ. ଏକ ଓ ତାନ)—ଏକତାନ୍ (ଦେଖ)
**Ekātānake** Ekatān (See).

**ଏକାତାନେ**—ଦେ. ଅ.—ଏକତାନ୍ (ଦେଖ)
**Ekātāne** Ekatān (See)

**ଏକାତାନେକେ**—ଦେ. ଅ.—ଏକତାନ୍ (ଦେଖ)
**Ekātāneke** Ekatān (See)

**ଏକାତ୍ମବାଦ**—ସଂ. ବି. (ଏକ+ଆତ୍ମନ୍+ବାଦ)—
**Ekātmabāda** ଏକେଶ୍ୱରବାଦ; ଈଶ୍ୱର ସମଗ୍ର ବ୍ରହ୍ମାଣ୍ଡର ଏକମାତ୍ର ପ୍ରଭୁ ଏବମ୍ଭୂତ ମତ ବା ବିଶ୍ୱାସ; ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଏକେଶ୍ୱରବାଦ—Pantheism; the Bedānta philosophy as promulgated by Sankarāchārjya.

**ଏକାତ୍ମା**—ସଂ. ବିଣ. (ବହୁବ୍ରୀହି; ଏକ+ଆତ୍ମନ୍; ୧ମା. ୧ବ.)—
**Ekātmā** ୧ । ଏକମନା—1. Of one mind; of kindred spirit.
୨ । ଅନ୍ତରଙ୍ଗହୃଦୟ—2. Very intimate.
୩ । ହୃଦୟର ଏକମାତ୍ରଭାବବିଶିଷ୍ଟ (ବହୁବ୍ୟକ୍ତି)—
3. (many people) Possessed of one spirit.

**ଏକାଥରକେ**—ଦେ. କ୍ରି. ବିଣ—ଏକାପଦକେ (ଦେଖ)
**Ekātharake** Ekāpadake (See)

**ଏକାଥରେ**—ଦେ. କ୍ରି. ବିଣ—ଏକାପଦକେ (ଦେଖ)
**Ekāthare** Ekāpadake (See)

**ଏକାଦମକେ**—ଦେ. ଅ. (ସଂ. ଏକ ଓ ଅ. ଦମ୍=ନିଶ୍ୱାସ)—
**Ekādamake** ଏକବାର (ଦେଖ)
Ekabāra (See)

**ଏକାଦଶ**—ସଂ. ବିଣ. (ଏକ ଅଧିକ ଦଶନ୍)—
**Ekādaśa** ୧ । ଏଗାର; ୧୧ ସଂଖ୍ୟକ; ଦଶରୁ ଏକ ବେଶି—
1. Numbering eleven

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | କ୍ଷ | ଇୟ | ଉଅ | ଢ |
| ୨ | ଈ | ଊ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ଗ୍ୟ | ଇଅ | ଓ | ନ୍ |

୨ । ୧୧ ର ପୂରକ; ୧୧ ସ୍ଥାନୀୟ—2. Eleventh,
ସଂ. ବି—ଏଗାର ସଂଖ୍ୟା—The number Eleven

ଏକାଦଶ ଇନ୍ଦ୍ରିୟ—ସଂ. ବି—ଚକ୍ଷୁ, ନାସିକା, ଚର୍ମ, କର୍ଣ୍ଣ, ଜିହ୍ୱା, ବଚନ,
Ekādaśa indriya ଗୁଦ, ପାଦ, ପାଣି, ଉପସ୍ଥ ଓ ମନ—
( ଇନ୍ଦ୍ରିୟ ତଳେ ନୋଟ ଦେଖ )
(ବେଦାନ୍ତ ଦର୍ଶନ ମତରେ) ମନୁଷ୍ୟର ପାଞ୍ଚଟି କର୍ମେନ୍ଦ୍ରିୟ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଓ ମନ ଏପରି ଏଗାରଟି ଇନ୍ଦ୍ରିୟ—The five organs of action, the five organs of perception and the mind.

ଚକ୍ଷୁ, ନାସିକା, ଚର୍ମ, କର୍ଣ୍ଣ, ଜିହ୍ୱା ଇନ୍ଦ୍ରିୟ ପଞ୍ଚଜ୍ଞାନ ।
ବଚନ, ଗୁଦ, ପାଦ, ପାଣି, ଉପସ୍ଥ ପଞ୍ଚକର୍ମ ଭଣି ।
ଉଭୟ କର୍ଣ୍ଣ ମନ ମିଶି, ଏରୂପେ ଏକାଦଶ ଋଷି । ଜଗନ୍ନାଥ- ଭାଗବତ ।

ଏକାଦଶସ୍କନ୍ଦ—ଦେ ବି. ( ସଂ. ଏକାଦଶ ଓ ସ୍କନ୍ଧ )—
Ekādaśaskanda ଏକାଦଶ ସ୍କନ୍ଧ ( ଦେଖ )
Ekādaśaskandha ( See )

ଏକାଦଶସ୍କନ୍ଧ—ସଂ. ବି—ଭାଗବତ ପୁରାଣର ଏକାଦଶ ଖଣ୍ଡ; ଯେଉଁ
Ekādaśaskandha ଖଣ୍ଡରେ ଏଗାର ସଂଖ୍ୟା ପୂର୍ଣ୍ଣ ହୋଇଅଛି—The eleventh volume of the Bhāgabata.

ଏକାଦଶାହ—ସଂ. ବି—ଏକଦଶାହ ( ଦେଖ )
Ekādaśāha Ekadaśāha ( See )

ଏକାଦଶିଆ—ଦେ. ବିଣ—ଏକାଦଶୀ ଉପବାସ କରିଥିବା—
Ekādaśiā Observing fast on the Ekādaśī day.
ଦେ. ବି. ପୁଂ—ଏକାଦଶୀନାମକ ବ୍ୟକ୍ତିର ଡାକ ନାମ—
A name for calling a person named Ekādaśī.

ଏକାଦଶୀ—ସଂ. ବି. ସ୍ତ୍ରୀ. ( ଏକାଦଶ + ସ୍ତ୍ରୀ. ଈ )—ଶୁକ୍ଳ ଓ କୃଷ୍ଣପକ୍ଷର
Ekādaśī ଏକାଦଶ ଦିବସ—The eleventh day of the lunar fortnight.
ଓ. ଏକାଦୁଶୀ
एकादशी ଦେ. ବି. ପୁଂ—ଲୋକଙ୍କ ନାମ ( ଯେ ଏକାଦଶୀ ଦିନ
**एकादशी** ଜନ୍ମ ହୋଇଥାଏ ତାଙ୍କୁ କେହି କେହି ଏକାଦଶିଆ ନାମ ଦିଅନ୍ତି )—The name given to a male born on the Ekādaśī day.

[ ଦ୍ର—କୃଷ୍ଣ ଓ ଶୁକ୍ଳପକ୍ଷର ଏକାଦଶୀ ତିଥିକୁ ହରିବାସର ବୋଲାଯାଏ । ସେ ଦିନ ଉପବାସ ବା ନିତାନ୍ତ ପକ୍ଷରେ ଫଳାହାର କର୍ତ୍ତବ୍ୟ । ବରଷକର ୨୪ଟି ଏକାଦଶୀ ମଧ୍ୟରୁ ୪ଟିକୁ ବଡ଼—ଏକାଦଶୀ ବୋଲାଯାଏ । ବ୍ରାହ୍ମଣ ବିଧବାମାନେ ଓ ଧର୍ମପ୍ରାଣ ବ୍ୟକ୍ତିମାନେ ଏକାଦଶୀ ଦିନ ଓ ବିଶେଷତଃ ବଡ଼ ଏକାଦଶୀ ଦିନ ନିର୍ଜଳ ଉପବାସ କରନ୍ତି । ଏକାଦଶୀ ବ୍ରତ କଲେ ପରଲୋକରେ ବୈକୁଣ୍ଠପ୍ରାପ୍ତି ହୁଏ । ଏକାଦଶୀ ଦିନ ଅନ୍ନ, ସ୍ତ୍ରୀସଙ୍ଗମ ଓ ତୈଳାଭ୍ୟଙ୍ଗ ନିଷେଧ । ହରିଭକ୍ତିବିଳାସ ଗ୍ରନ୍ଥ ମତରେ ଏକାଦଶୀ ଅଷ୍ଟବିଧ; ୧. ଉନ୍ମୀଳନୀ—ଯେଉଁ ଏକାଦଶୀର ୬୦ ଦଣ୍ଡରୁ ଅଧିକ ପର ଦିବସକୁ ବାକି ଥାଏ; ୨. ବ୍ୟଞ୍ଜୁଲୀ—ଯେଉଁ ଏକାଦଶୀ ୬୦ଦଣ୍ଡରୁ କମି ପର ଦିନକୁ ଥାଏ; ୩. ତ୍ରିସ୍ପୃଶା—ଅରୁଣ ଉଦୟ କାଳରେ ଏକାଦଶୀ, ତତ୍ପରେ ଦ୍ୱାଦଶୀ ଓ ଅନ୍ତେ ତ୍ରୟୋଦଶୀ; ୪. ପକ୍ଷବର୍ଦ୍ଧିନୀ—ଯେଉଁ ଏକାଦଶୀର ପରବର୍ତ୍ତୀ ପୂର୍ଣ୍ଣିମା ବା ଅମାବାସ୍ୟା ୬୦ ଦଣ୍ଡରୁ ଅଧିକ ଥାଏ; ୫. ଜୟା—ଶୁକ୍ଳ ଦ୍ୱାଦଶୀରେ ଯେବେ ପୁନର୍ବସୁ ନକ୍ଷତ୍ର ପଡ଼େ; ୬. ବିଜୟା—ଶୁକ୍ଳ ଦ୍ୱାଦଶୀ ଯେବେ ଶ୍ରବଣାନକ୍ଷତ୍ରଯୁକ୍ତ ହୁଏ; ୭. ଜୟନ୍ତୀ—ଯେବେ ଶୁକ୍ଳ ଦ୍ୱାଦଶୀରେ ରୋହିଣୀ ନକ୍ଷତ୍ର ପଡ଼େ; ୮. ପାପନାଶିନୀ—ଯେବେ ଶୁକ୍ଳ ଦ୍ୱାଦଶୀରେ ପୁଷ୍ୟା ନକ୍ଷତ୍ର ପଡ଼େ—ଖଡିରତ୍ନ. ପଞ୍ଜିକା ।

ଶୁକ୍ରବାର ଏକାଦଶୀ ପଡ଼ିଲେ ଲକ୍ଷ୍ମୀନାରାୟଣବ୍ରତ ଓ ରବିବାର ଏକାଦଶୀ ହେଲେ ରବିନାରାୟଣ ବ୍ରତ କରାଯାଏ ।

ନିମ୍ନଲିଖିତ ଏକାଦଶୀମାନଙ୍କର ସ୍ୱତନ୍ତ୍ର ନାମ ଅଛି—
ଜ୍ୟେଷ୍ଠ କୃଷ୍ଣପକ୍ଷ ଏକାଦଶୀର ନାମ—ଜଳକ୍ରୀଡ଼ା ଏକାଦଶୀ ।
ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀ—ଦେବନିବାହ ବା ପଦ୍ମା ଏକାଦଶୀ ।
ଆଷାଢ଼ ଶୁକ୍ଳ ଏକାଦଶୀ—ବାହୁଡ଼ା ଏକାଦଶୀ—(ବଡ଼ ଏକାଦଶୀ)
ଶ୍ରାବଣ ଶୁକ୍ଳ ଏକାଦଶୀ—ଦେବଶୟନ ଏକାଦଶୀ ।
ଶ୍ରାବଣ କୃଷ୍ଣ ଏକାଦଶୀ—ଗାନ୍ଧାରୀ ଏକାଦଶୀ ।
ଭାଦ୍ରବ କୃଷ୍ଣ ଏକାଦଶୀ—କାଳୀଦଳନ ଏକାଦଶୀ ।
ଭାଦ୍ରବ ଶୁକ୍ଳ ଏକାଦଶୀ—ପାର୍ଶ୍ୱପରିବର୍ତ୍ତନ ଏକାଦଶୀ—
( ବଡ଼ ଏକାଦଶୀ )
କାର୍ତ୍ତିକ ଶୁକ୍ଳ ଏକାଦଶୀ—ଦେବୋତ୍ଥାନ ଏକାଦଶୀ—
( ବଡ଼ ଏକାଦଶୀ । )
ମାଘ ଶୁକ୍ଳ ଏକାଦଶୀ—ଭୈମୀ ଏକାଦଶୀ—
( ବଡ଼ ଏକାଦଶୀ । )]

ଏକାଦଶୀ ଉପବାସ—ସଂ. ବି. ( ମଧ୍ୟପଦଲୋପୀ ) ଏକାଦଶୀ ଦିନ
Ekādaśī upabāsa କର୍ତ୍ତବ୍ୟ ଉପବାସ—The religious fasting enjoyed for the Ekādaśī day.

ଏକାଦଶୀ କରିବା—ଦେ. କ୍ରି—୧ । ବ୍ରତ ନିୟମ ଧାରଣପୂର୍ବକ ଏକାଦଶୀ
Ekādaśī karibā ଉପବାସ କରିବା—
एकादशीकरना 1. To observe the fast on the
**एकादशी करना** eleventh day of the lunar fortnight.
୨ । ଏକାଦଶୀ ଉପବାସ କରି ଫଳାହାର କରିବା—
2. To take fruit etc on the Ekādaśī day.

ଏକାଦଶୀଫଳାହାର—ସଂ. ବି. ( ମଧ୍ୟପଦଲୋପୀ )—ଏକାଦଶୀ-
Ekādaśīphalāhāra ଉପବାସ କରିବା ବ୍ୟକ୍ତିଙ୍କର ଅନ୍ନ ଆହାର ପରିବର୍ତ୍ତେ ଫଳାହାର—Taking of fruits and edible root-bulbs i. e. uncooked meal on the Ekādaśī day.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚରାଚର ୧ ଚକ୍ଷୁଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷୁଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷୁଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷୁଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; ବଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

**ଏକାଦିକ୍ରମ**— ସଂ. ବି— ୧ । ଏକଠାରୁ ଆରମ୍ଭ କରି ପର୍ଯ୍ୟାୟ ବା କ୍ରମ—
Ekādikrama 1. Serial order beginning with the number one'

୨ । ଗୋଟିକ ପରେ ଗୋଟିଏ ଏହିପରି ଧାରାବାହିକ ପର୍ଯ୍ୟାୟ— 2. Regular succession.

ସଂ. ବିଣ— ୧ । ଏକ ପରେ ଅନ୍ୟ ପର୍ଯ୍ୟାୟକ୍ରମେ ଘଟିବା; ଗୋଟିକ ପରେ ଗୋଟିଏ ଧାରାବାହିକରୂପେ ଘଟିବା— 1. Happening or taking place in regular succession.

୨ । ଧାରାବାହିକ; ଅବିଚ୍ଛିନ୍ନ— 2. Incessant; continuous.

**ଏକାଦିକ୍ରମେ**— ଦେ କ୍ରି. ବିଣ ( ସଂ. ଏକାଦିକ୍ରମେ )—
Ekādikrame ୧ । ଏକ ପରେ ଅନ୍ୟ ଏହିପରି ପର୍ଯ୍ୟାୟକ୍ରମେ; ଏକାଦିକ୍ରମେ କ୍ରମଶଃ— 1 Consecutively; in due କ୍ରମାନୁସାର order of succession; successively.

୨ । ଅବିଚ୍ଛିନ୍ନରୂପେ— 2 Continuously.

**ଏକାଦୁଶୀ**— ସ୍ତ୍ରୀ. ବି. ( ସଂ. ଏକାଦଶୀ )— ଏକାଦଶୀ ( ଦେଖ )
Ekādusi Ekādaśi ( See )

ଏକାଦୁଶୀ ନପଚାର, ଉପରେ ଢେଉରେ ଭୂତ ମାର— ଉଗ ।

**ଏକାଧାର**— ସଂ. ବି. ( କର୍ମଧା. ଏକ + ଆଧାର )— ଅନେକ ବସ୍ତୁ
Ekādhara ରହିଥିବା ଏକମାତ୍ର ପାତ୍ର— One and the same receptacle ( for many things )

**ଏକାଧାରରେ**— ଦେ. କ୍ରି. ଅ— ୧ । ଏକସ୍ଥାନରେ—
Ekādharare 1. At one place

୨ । ଏକ ମାତ୍ର ବ୍ୟକ୍ତିଠାରେ— 2. In one and the same person.

( ଯଥା— ବର୍ତ୍ତମାନ ମୋର ଅତିଥି ମଣେ ଏକାଧାରରେ ଦ୍ୱେଶକ, ପରାମର୍ଶଦାତା, ଚିତ୍ରସେକ୍ରେଟରୀ ଓ ମହାପ୍ରସାଦ-ଭକ୍ତରୂପେ ପାଇଅଛନ୍ତି । )

**ଏକାଧିପତି**— ସଂ. ବି.— ଏକମାତ୍ର ଅଧିପତି ବା ଅଧୀଶ୍ୱର; ସମ୍ରାଟ—
Ekādhipati A sole ruler or monarch; a sovereign; a paramount power; emperor.

**ଏକାଧିପତ୍ୟ**— ସଂ. ବି. (ଏକାଧିପତି + ଭାବ. ଯ)— ସମସ୍ତଙ୍କ ଉପରେ
Ekādhipatya ପ୍ରଭୁତ୍ୱ— Supreme rule; sole authority; paramountcy.

**ଏକାନବେ**— ଦେ. ବି.— ( ସଂ. ଏକାନବତି )— ନବେ ଉପରେ ଏକ
Ekānabe ଅଧିକ ସଂଖ୍ୟା; ୯୧ ସଂଖ୍ୟା—
একানব্বই The number ninety-one.
एकानवे

ସଂ. ବିଣ.— ୯୧ ସଂଖ୍ୟକ— Numbering 91.

**ଏକାନ୍ତ**— ସଂ. ବିଣ. ( ଏକ + ଅନ୍ତ = ଶେଷ )— ୧ । ଅତ୍ୟନ୍ତ; ଅତିଶୟ;
Ekānta ନିତାନ୍ତ— 1. Absolute; excessive; extreme.

ଅନୁରାଗୀ ହେଲ ପ୍ରାଣନାଥ ତାର
ଭ୍ରମରେ ପଡ଼ି ଏକାନ୍ତ । ରାଧାନାଥ, କେଦାରଗୌରୀ ।

୨ । ନିଛାଟିଆ; ନିର୍ଜନ— 2. Solitary; lonely.

ଏକାନ୍ତ ଠାବରେ ସୁମା ଝୁରଇ ବସି । ଶିଶୁଶଙ୍କର, ଉଷାଅଭିଳାଷ ।

୩ । ଗୋପନୀୟ— 3. Private.

୪ । ଦୁଇ ଜଣଙ୍କ ଛଡ଼ା ତୃତୀୟ ବ୍ୟକ୍ତି ନ ଥିବା (ଅବସ୍ଥା) — 4. Exclusive; where there is no third person.

ଦ୍ରୋଣ ସ୍ପଷ୍ଟ କହିଁ ଚହିଁ ହେଲେ ସେ ଏକାନ୍ତ— ଭୃଷ୍ଣଦାସ, ମହାଭାରତ ।

একান্ত ଦେ. କ୍ରି. ବିଣ— ୧ । ସମ୍ପୂର୍ଣ୍ଣରୂପେ— 1. Entirely; absolutely.

୨ । ଅତ୍ୟନ୍ତ— 2. Much; extremely.

୩ । ନିଶ୍ଚୟ; ନିଶ୍ଚିତରୂପେ— 3 Certainly.

ଦେ. ବିଣର ବିଣ— ଅତ୍ୟନ୍ତ— Extremely.

( ଯଥା— ମୁଁ ମଜାର କୁଶଳ ସମ୍ବାଦ ଶୁଣିବା ପାଇଁ ଏକାନ୍ତ ଅଭିଳାଷୀ ଅଛି; ମୁଁ ଆପଣଙ୍କର ଏକାନ୍ତ ଅନୁଗତ ସେବକ ଅଛି । )

ଦେ. ବି— ନିଭୃତ ମିଳନ— Union or meeting at a solitary place.

ହେବ ତୋ ଏକାନ୍ତ କାନ୍ତ ସଙ୍ଗରେ ବର୍ଣ୍ଣିତ ଗୀତହାସି
ସେ ତୋର ନରତ ରତ ହେ— ଭକ୍ତ, ପ୍ରେମସୁଧାନିଧି ।

**ଏକାନ୍ତଅନୁଗତ**— ସଂ. ବିଣ. ପୁଂ (ଆଧୁନିକ ଚଠି ପତ୍ରର ଉପସଂହାରରେ
Ekāntaanugata ଇଂରାଜୀ କାଇଦାର ଅନୁକରଣରେ ବ୍ୟବହୃତ; ପତ୍ର ଲେଖି 'ଇତି' କରି ସାର ଲେଖକ ସହି ଶେଷରେ ଲେଖନ୍ତି— ଆପଣଙ୍କର ଏକାନ୍ତ ଅନୁଗତ ବା ଆପଣଙ୍କର ଏକାନ୍ତ ଅନୁଗତ ଭୃତ୍ୟ)— (ଆପଣଙ୍କର) ଅତ୍ୟନ୍ତ ଆଜ୍ଞାପାଳକ ( ଅନୁଚର )— An adaptation of a phrase couched according to modern etiquette of letter-writing and used in concluding a letter)— (yours) most obediently; ( yours ) most obedient (servant).

**ଏକାନ୍ତତଃ**— ସଂ. କ୍ରି. ବିଣ ( ଏକାନ୍ତ + ତସ୍ )— ୧ । ଏକାନ୍ତରେ;
Ekāntatah ଏକପାଖରେ— 1. Aside; on one side.

୨ । ନିଶ୍ଚିତରେ; ନିଶ୍ଚିତରୂପେ— 2. Certainly.

**ଏକାନ୍ତର**— ସଂ. ବିଣ (ବହୁବ୍ରୀହି; ଏକ + ଅନ୍ତର) ଗୋଟିଏ ଛାଡ଼ି ଗୋଟିଏ
Ekāntara ଥିବା— Alternate; every other; next but one.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନ୍ତ୍ୟାଦି ଯୁକ୍ତାକ୍ଷର | ଙ | ଚ | ଶ,ଷ | ଜ୍ଞ | ଇଏ | ଉଅ | ଢ଼ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଞ | ଯ | ସ | ଙ୍ଗ | ଇଅ | ଓ | ନ୍ବ |

ଏକାନ୍ତରମିତ୍ରାକ୍ଷର — ସଂ. ବି — ଯେଉଁ ପଦ୍ୟର ପ୍ରଥମ ପାଦର ଅନ୍ତ୍ୟବର୍ଣ୍ଣ
Ekāntaramitrākshara ଓ ଉପାନ୍ତ୍ୟସ୍ୱର ସଙ୍ଗେ ତୃତୀୟ ପାଦର ଏବଂ ଦ୍ୱିତୀୟ ପାଦର ଅନ୍ତ୍ୟବର୍ଣ୍ଣ ଓ ଉପାନ୍ତ୍ୟସ୍ୱର ସଙ୍ଗେ ଚତୁର୍ଥ ପାଦର ମିଳନ ଥାଏ —

[ ଯଥା— ହେ ପଣ୍ଡିତ କ୍ଷୁଦ୍ର ତବ ବୁଦ୍ଧି ମାନଦଣ୍ଡେ
କଳ୍ପବୃକ୍ଷ ମାପନ୍ତ ହେ ଅନନ୍ତ ଅପାରେ
ତୀକ୍ଷ୍ଣ ତର୍କ କ୍ଷୁରଧାରେ ବର୍ଣ୍ଣିଣ ଅଖଣ୍ଡେ
ମାଧବ ହେ ଜନ୍ମୋଚ୍ଛ୍ୱାସେ ବୌଦ୍ଧ ଅହଙ୍କାରେ । ମଧୁସୂଦନ । ]

ଏକାନ୍ତରେ — ଦେ. କ୍ରି. ବିଣ ( ସଂ. ଏକାନ୍ତ ) — ୧ । (ନାଟକୀୟଭାଷା)
Ekāntare ଜନାନ୍ତିକେ — 1. dramatic language) Aside.
एकान्ते
एकान्तमें ୨ । ନିରୋଳାରେ; ଅନ୍ୟ କେହି ପାଖରେ ନ ଥିବା ଅବସ୍ଥାରେ - 2. Having no third person present nearby
୩ । ଏକୁଟିଆ ଭାବରେ; ଏକାକୀ ହୋଇ — 3. In a lonely manner; alone
୪ । ଏକପାଖରେ — 4. On one side.
୫ । ନିତାନ୍ତ; ଅତ୍ୟନ୍ତ — 5. Extremely, much; absolutely
୬ । ଗୋପନରେ; ଗୁପ୍ତ ଭାବରେ — 6 Privately; secretly.

ଏକାନ୍ତେ — ଦେ. ପଦ୍ୟ. କ୍ରି. ବିଣ — ଏକାନ୍ତରେ (ଦେଖ)
Ekānte Ekāntare (See)

ଏକାନ୍ତେ ମିତ୍ର ସଙ୍ଗତେ କ୍ଷଣେ ନ ବସିଲ
ଏକାନ୍ତେ ମିତ୍ରରେ କେବେ ସ୍ନେହ ପ୍ରକାଶିଲ — ଉପ. ଲାବଣ୍ୟବତୀ ।

ଏକାନ୍ନ — ସଂ. ବି (ବହୁବ୍ରୀହି; ଏକ + ଅନ୍ନ) — ୧ । ବହୁ ବ୍ୟକ୍ତିଙ୍କର ଏକ
Ekānna ସ୍ଥାନରେ ଭୋଜନ — 1. One and the same mess (of many persons); joint mess
୨ । ବହୁ ବ୍ୟକ୍ତିଙ୍କର ଏକସଙ୍ଗେ ଭୋଜନ — 2. (many persons) Eating at the same place; eating together.
୩ । ବହୁ ବ୍ୟକ୍ତିଙ୍କର ଏକସଙ୍ଗେ ପାକ; ଅନେକ ଲୋକଙ୍କର ଏକ ଥାନରେ ରୋଷେଇ - 3 Cooking together; common cooking.
୪ । ଭୋଜନସଙ୍ଗୀ — 4. A mess-mate.
୫ । ବ୍ରତବିଶେଷ (ଏଥିରେ ଦିନସାକ ଥରେମାତ୍ର ଖାଇବାକୁ ହୁଏ) — 5. A religious vow prescribing one meal during the day.

ସଂ. ବିଣ — ୧ । ଏକସଙ୍ଗରେ ଭୋଜନ କରୁଥିବା; ଏକ ରୋଷେଇରେ ଖାଉଥିବା; ଏକତ୍ର ଅନ୍ନ ଭୋକ୍ତା (ବ୍ୟକ୍ତିଗଣ) — 1. (many persons) Messing together; living in a joint mess
୨ । ସହଭୋଜୀ — 2. Having one board; eating at one table.
୩ । ଏକଭକ୍ତିଆ; ଯେ ଦିନରେ ଥରେମାତ୍ର ଖାଏ — 3. Taking one meal during the whole day.

ଏକାନ୍ନବର୍ତ୍ତୀ — ସଂ. ବିଣ. ପୁଂ ( ଏକାନ୍ନ+ବୃତ୍ ଧାତୁ+ଇନ୍; ୧ମା. ୧ବ.) —
Ekānnabarttī
ଏକାନ୍ନବର୍ତ୍ତିନୀ — ସ୍ତ୍ରୀ ଏକ ପାକରେ ଖାଉଥିବା; ଏକ ପାକରେ ଭୋଜନ କରୁଥିବା — Living in one mess; messing together; living jointly.

ଏକାନ୍ନବର୍ତ୍ତୀ ପରିବାର — ସଂ. ବି (ହିନ୍ଦୁ ଆଇନ) ଅବିଭକ୍ତ ପରିବାର —
Ekānnabarttī paribāra (Hindu Law) Joint-family.
[ ଦ୍ର — ଯେଉଁ ପରିବାରର ସମସ୍ତେ ଜଣେ 'କର୍ତ୍ତା'ଙ୍କ ଅଧୀନରେ ରହି ସମସ୍ତେ ଏକ ରୋଷେଇରେ ଖାଆନ୍ତି ଓ ସମସ୍ତେ ଉକ୍ତ ପରିବାରୀୟ ସମ୍ପତ୍ତିକୁ ଏକ ଠାରେ ଭୋଗକରନ୍ତି ତାକୁ ଏକାନ୍ନବର୍ତ୍ତୀ ପରିବାର କୁହାଯାଏ; ଏକାନ୍ନବର୍ତ୍ତୀ ପରିବାର ହିନ୍ଦୁ ଆଇନର ଗୋଟିଏ ବିଶିଷ୍ଟ ଅନୁଷ୍ଠାନ ଅଟେ । ]

ଏକାନ୍ନବାସ — ସଂ. ବି — (ହିନ୍ଦୁ ଆଇନ) ବହୁ ଲୋକଙ୍କର ଏକସ୍ଥାନରେ
Ekānnabāsa ଭୋଜନ ଓ ଏକସ୍ଥାନରେ ରହିବା; ପରିବାରସ୍ଥ ବ୍ୟକ୍ତିମାନଙ୍କର ଏକ ବାସରେ ରହିବା ଓ ଏକ ପାକରେ ଖାଇବା -(Hindu Law) One and the same mess and lodging of many persons; living at one place and messing together; many (persons) living in one board and lodging.
ସଂ. ବିଣ — ଏକ ସ୍ଥାନରେ ରହୁଥିବା ଓ ଏକ ରୋଷେଇରେ ଖାଉଥିବା (ପରିବାରର ବହୁ ବ୍ୟକ୍ତି) — Having a joint mess and lodging.

ଏକାନ୍ନବେ — ଦେ. ବି ଓ ବିଣ — ଏକାନବେ ( ଦେଖ )
Ekānnabe Ekānabe ( See )

ଏକାନ୍ନଭୁକ୍ତ — ସଂ. ବିଣ. ପୁଂ. ( ବହୁବ୍ରୀହି; ଏକାନ୍ନ + ଭୁକ୍ତ; ଯେଉଁମାନେ
Ekānnabhukta ଏକାନ୍ନ ଖାଆନ୍ତି; କର୍ମ୍ମ ୭ମୀ ତତ୍; ଏକାନ୍ନରେ ଭୁକ୍ତ ) — ଏକାନ୍ନବର୍ତ୍ତୀ ( ଦେଖ )
Ekānnabarttī ( See )

ଏକାନୋଇ — ଦେ. ବି ଓ ବିଣ — ଏକାନବେ ( ଦେଖ )
Ekānnoi Ekānabe ( See )

ଏକାପଦକେ — ଦେ. କ୍ରି. ବିଣ — ୧ । ଯୁଗପତ୍; ଏକାବେଳେକେ —
Ekāpadake 1. Simultaneously.
एकदम ୨ । ଏକବାର ମାତ୍ର; ଥରେ ମାତ୍ର —
एकबारगी 2. Once; once only.

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବଢ଼' ନ ପାଇଲେ ଅଲ୍‌ବଢ଼ ଦେଖିବେ ।

୩ । ଏକବାର—3. At a time; once for all.

୪ । ଥରେ ପଦେମାତ୍ର କହିବାଦ୍ୱାରା—

4. By one sentence only; by speaking a word only.

ଏକାପଦେ—ଦେ. କ୍ରି. ବିଣ—ଏକାପଦକେ ( ଦେଖ )
Ekāpade Ekāpadake ( See )

ଏକାବନ—ଦେ. ବି. ( ସଂ. ଏକପଞ୍ଚାଶତ୍ )—୫୧ ସଂଖ୍ୟା—
Ekābana The number 51.
একান্ন ଦେ. ବିଣ—୫୧ ସଂଖ୍ୟକ—Numbering 51.
एकावन

ଏକାବଳୀ—ସଂ. ବି. ସ୍ତ୍ରୀ. ( ବହୁବ୍ରୀହି; ଏକ + ଆବଳୀ=ଶ୍ରେଣୀ )—
Ekābali ଏକନର ହାର—One-stringed necklace.

ଏକାବଳୀ ଛନ୍ଦଃ—ସଂ. ବି—ଏଗାର ଅକ୍ଷରଥିବା ସଂସ୍କୃତ ଛନ୍ଦ—
Ekābali chhandah A Sanskrit metre of eleven syllables.

ଏକାବାଟି—ପ୍ରାଦେ ( ସମ୍ବଲପୁର ) କ୍ରି. ବିଣ—ସମ୍ପୂର୍ଣ୍ଣରୂପେ—
Ekābaṭi Fully.

ଏକାବେଳକେ—ଦେ. କ୍ରି. ବିଣ—୧ । ଏକସମୟରେ; ଯୁଗପତ୍—
Ekābelake 1. Simultaneously
একেবারে ୨ । ଏକବାରକେ—2. At a time.
एकबारगी ୩ । ଏକାଥରକେ—3. At once; at one stretch; once for all.
୪ । ସଂପୂର୍ଣ୍ଣରୂପେ—4. Completely.

ଏକାବେଳେ—ଦେ. କ୍ରି. ବିଣ.—ଏକାବେଳକେ (ଦେଖ)
Ekābele Ekābelake (See)

ଜାତୁଡ଼ି କରେ କହି ଗଲେ, ଖୋଜ ସହସ୍ର ଏକାବେଳେ ।
ରୂପଚ. ପ୍ରେମପଞ୍ଚାମୃତ ।

ଏକାବ୍ଦ—ସଂ. ବି. (ଏକ + ଅବ୍ଦ)—ଏକ ସନ ବା ବର୍ଷ—
Ekābda One year.
(ଏକାବ୍ଦା—ସ୍ତ୍ରୀ) ସଂ. ବିଣ. ପୁଂ. (ବହୁବ୍ରୀହି)—
୧ । ଏକ ବର୍ଷ ବୟସ୍କ—1. Aged one year
୨ । ଏକସାଲ୍ଲ (ଦେଖ)
2. Ekasālā (See)

ଏକାବ୍ଦା—ସଂ. ବିଣ. ସ୍ତ୍ରୀ—(ବହୁବ୍ରୀହି; ଏକ+ଅବ୍ଦ+ସ୍ତ୍ରୀ.ଆ)—ଏକବର୍ଷ
Ekābdā ବୟସ୍କା (ସ୍ତ୍ରୀ)—One year old (female)
ବି. ସ୍ତ୍ରୀ.—ଏକବର୍ଷବୟସ୍କା ଗାଈ—
One year old cow or she-calf.

ଏକାଭାଷୀ—ଦେ. ବିଣ.—( ସଂ. ଏକଭାଷୀ; ଯାହାଙ୍କର ଭାଷା ଏକ
Ekābhāki ଅଟେ)-ଯେଉଁ ବ୍ୟକ୍ତିମାନଙ୍କ କଥିତ ଭାଷା ଏକ-
(persons) Speaking one vernacular or dialect.

ଏକାମାଧିଆ ବାଇଶିପଲ—ଦେ. ପ୍ରବଚନ—ଯେଉଁ ବ୍ୟକ୍ତି ଦଳ ମଧ୍ୟରେ
Ekāmādhiābāisipala ସମସ୍ତଙ୍କ ଅପେକ୍ଷା ପ୍ରଧାନ ବା କ୍ଷମତାପନ୍ନ ଅଟେ ତାଙ୍କ ପ୍ରତି ପ୍ରୟୋଗ କରାଯାଏ ।)
ଯେ ସମସ୍ତଙ୍କ ଅପେକ୍ଷା ବଡ଼ ବା ଗରିଷ୍ଠ—
(A saying) Who outweighs all others.

ଏକାମୁହାଁ—ଦେ. ବିଣ. ( ସଂ. ଏକମୁଖ )—
Ekāmuhāñ ୧ । ପ୍ରଧାନ; ସର୍ବଶ୍ରେଷ୍ଠ—
একমুখো 1. Chief; principal
୨ । ଏକ ଆଡ଼କୁ ମୁଖ କରିଥିବା—
2. Facing one direction

ଏକାମୁହାଁକେ—ଦେ. କ୍ରି. ବିଣ—୧ । ଏକ ଦିଗକୁ ମୁଖ କରି—
Ekāmuhāñke Facing one direction.
একমুখোহয়ে ୨ । ଏକାବେଳକେ, ଏକାଥରକେ—
2. At one stretch; simultaneously.

ଏକାମ୍ବର—ଗ୍ରା. ପଦ୍ୟ. ବି—ଏକାମ୍ର ( ଦେଖ )
Ekāmbara Ekāmra ( See )

ଏକାମ୍ବର ପ୍ରାନ୍ତେ ବସେ କହିର ସେ ଛଡ଼ା । ପ୍ରାଚୀ, ବ୍ରହ୍ମବୈବର୍ତ୍ତପୁରାଣଗୀତା ।

ଏକାମ୍ବ୍ର—ଗ୍ରା. ବି—ଏକାମ୍ର ( ଦେଖ )
Ekāmbra Ekāmra ( See )

ଏକାମ୍ର—ସଂ. ବିଣ. ( ବହୁବ୍ରୀହି; ଏକ + ଆମ୍ର=ଅମ୍ବ ଗଛ )—
Ekāmra ଗୋଟିଏ ଅମ୍ବ ଗଛ ଥିବା ( ସ୍ଥାନ )—
( place ) Having only one mango tree in it.

ଏକାମ୍ରକାନନ—ସଂ. ବି—ଏକାମ୍ରକ୍ଷେତ୍ର ( ଦେଖ )
Ekāmrakānana Ekāmrakshetra ( See )

ଏକାମ୍ରକ୍ଷେତ୍ର—ସଂ. ବି—ହିନ୍ଦୁମାନଙ୍କର ଗୋଟିଏ ତୀର୍ଥ; ପୁରୀ ଜିଲ୍ଲାର
Ekāmrakshetra ଭୁବନେଶ୍ୱର କ୍ଷେତ୍ର—
A place of Hindu-pilgrimage; Bhubaneśwara.
[ ଦ୍ର—ଏଠାରେ ପୂର୍ବକାଳରେ ଗୋଟିଏ ମାତ୍ର ବିଶାଳ ଅମ୍ବଗଛ ଥିବାର ପୁରାଣରେ ଅଛି । ]

ଏକାମ୍ରନାଥ—ଦେ. ବି—ଦାକ୍ଷିଣାତ୍ୟର କାଞ୍ଚୀ ନଗରସ୍ଥ ଶିବ କାଞ୍ଚୀରେ
Ekāmranātha ପ୍ରତିଷ୍ଠିତ ଶିବଲିଙ୍ଗ—ଶିବକାଞ୍ଚୀ ( ଦେଖ )
Name of the idol Śiba in Śibakāñchi
Śibakāñchi ( See )

ଏକାମ୍ରପୁରାଣ—ସଂ. ବି—ଭୁବନେଶ୍ୱରମାହାତ୍ମ୍ୟ ବର୍ଣ୍ଣନାତ୍ମକ ଅଧୁନାତନ
Ekāmrapurāṇa ସଂସ୍କୃତ ଗ୍ରନ୍ଥବିଶେଷ—Name of a Sanskrit treatise dealing with Bhubaneśwara.

| ୧ | ଇ | ଉ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଙ୍କ | ଇଯ୍ | ତ୍ଥ | ଦ୍ଧ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ଣ | ଯ | ସ | ଙ୍ଗ | ଇଥ | ଓ | କୃ |

ଏକାମ୍ରବନ— ସଂ. ବି—ଏକାମ୍ରକ୍ଷେତ୍ର ( ଦେଖ )
Ekāmrabana Ekāmrakshetra ( See )

ଏକାମ୍ରେଶ୍ୱର— ସଂ. ବି. ( ଏକାମ୍ର + ଈଶ୍ୱର = ମହାଦେବ )—
Ekāmreśwara ୧ । ଭୁବନେଶ୍ୱରରେ ଅଧିଷ୍ଠିତ ଲିଙ୍ଗରାଜ ମହାପ୍ରଭୁ—1. The God Śiba or Lingarāja situated at Bhubaneśwara.
୨ । ଭୁବନେଶ୍ୱରରେ ବିରାଜିତ ଏହି ନାମର ଶିବଲିଙ୍ଗ ବିଶେଷ—2. A Śibalinga of this name at Bhubaneśwara.

ଏକାୟନ— ସଂ. ବିଣ. ( ବହୁବ୍ରୀହି; ଏକ + ଅୟନ = ଗମନ; ବିଷୟ)—
Ekāyana ୧ । ଏକାଗ୍ର; ଏକବିଷୟାସକ୍ତ; ଅନନ୍ୟବୃତ୍ତି—
(ଏକାୟନତା—ବି) 1 Closely attentive; intent.
୨ । ଏକତାନବିଶିଷ୍ଟ —
2. Having one sound or gamut.
୩ । ଏକମାତ୍ର ଅବଲମ୍ବନୀୟ—
3. Sole refuge; only alternative.
୪ । ଏକମାତ୍ର ଗମନଯୋଗ୍ୟ ( ପଥ )—
4 (path) Fit for being used by one man only.

ଏକାୟନଗତ—ସଂ. ବିଣ—ଏକାୟନ ( ଦେଖ )
Ekāyanagata Ekāyana ( See )

ଏକାର— ସଂ. ବି—୧ । 'ଏ' ଅକ୍ଷର—1 The letter 'ଏ'
Ekāra ୨ । 'ଏ' ଅକ୍ଷରର ଚିହ୍ନ ଅର୍ଥାତ୍ ବ୍ୟଞ୍ଜନବର୍ଣ୍ଣର ପୂର୍ବରେ ଯୋଗ ହେବା 'େ' ଚିହ୍ନ (ଏହାକୁ ଅବଧାନମାନେ ଓଡ଼ା କହନ୍ତି )—2. The symbol 'େ' prefixed to consonants.

ଏକାରଣୁଁ—ଦେ. କ୍ରି. ବିଣ—ଏହିକାରଣରୁ; ଏହିନିମନ୍ତେ; ଏଥିପାଇଁ—
Ekāranuñ For this reason; owing to this; on account of this; with this object in view.
ଏକାରନେ
इसकारण

ଏକାରଣେ—ଦେ. କ୍ରି. ବିଣ—ଏକାରଣୁଁ (ଦେଖ)
Ekārane Ekāranuñ (See)

ଏକାର୍ଣ୍ଣବ—ସଂ ବି (ଏକ + ଅର୍ଣ୍ଣବ = ସମୁଦ୍ର) – ୧ । ମହାପ୍ରଳୟ—
Ekārnnaba 1. Universal deluge; all destroying cataclism
୨ । ଚତୁର୍ଦ୍ଦିଗବ୍ୟାପ୍ତ ଅସୀମ ଜଳରାଶି—
2. A vast illimitable sheet of water; flood spreading the country round.
ଦେ. ବିଣ—ଚାରିଆଡ଼େ ସମ୍ପୂର୍ଣ୍ଣରୂପେ ବ୍ୟାପିବା—
Spreading on all sides.
ଏକାର୍ଣ୍ଣବ ହୋଇ ସେ ବ୍ୟାପିଲେ ସେକ ସର୍ଗ—ସାରଳାମହାଭାରତ. ମଧ୍ୟ ।

ଏକାର୍ଣ୍ଣବୀକୃତ—ସଂ. ବିଣ—ଜଳବୃଦ୍ଧି ହୋଇ ଚାରିଆଡ଼େ ଜଳ ପୂର୍ଣ୍ଣ ହୋଇଥିବା (ଶୁଷ୍କ ସ୍ଥାନ)—
Ekārnnabīkruta Overflooded; deluged.

ଏକାର୍ଥ – ସଂ. ବି ( କର୍ମଧା; ଏକ + ଅର୍ଥ )—
Ekārtha ଏକ ମାନେ; ଏକ ଅର୍ଥ—
Same meaning
( ଏକାର୍ଥତା—ବି ) ସଂ. ବିଣ ( ବହୁବ୍ରୀହି; ଏକ + ଅର୍ଥ )—
୧ । ଏକ ଉଦ୍ଦେଶ୍ୟଯୁକ୍ତ—
1. Having the same purpose or object.
୨ । ଏକ ମାନେ ବୁଝାଉଥିବା—
2. Having one and the same meaning; synonymous.

ଏକାର୍ଥକ—ସଂ. ବିଣ ( ବହୁବ୍ରୀହି; ଏକାର୍ଥ + କ )—
Ekārthaka ଏକାର୍ଥ ( ଦେଖ )
( ଏକାର୍ଥକତା—ବି ) Ekārtha ( See )

ଏକାର୍ଥପ୍ରତିପାଦକ—ସଂ. ବିଣ ( ଏକାର୍ଥ + ପ୍ରତିପାଦକ )—
Ekārthapratipādaka ୧ । ଏକମାତ୍ର ଅର୍ଥ ବୁଝାଉଥିବା—
(ଏକାର୍ଥପ୍ରତିପାଦକତା—ବି) ( ଯଥା—ଅଶ୍ୱ, ଜଳ, ଗୃହ ଇତ୍ୟାଦି )
1. Used in one meaning or sense only; univocal.
୨ । ଏକା ଅର୍ଥ ବୁଝାଇବା—
2. Synonymous.

ଏକାର୍ଥବୋଧକ—ସଂ. ବିଣ ( ଏକାର୍ଥ + ବୋଧକ )—
Ekārthabodhaka ଏକାର୍ଥ ( ଦେଖ )
( ଏକାର୍ଥବୋଧକତା—ବି ) Ekārtha ( See )

ଏକାଶୀ—ଦେ. ବି. ଓ ବିଣ—ଏକାଅଶୀ ( ଦେଖ )
Ekāśī Ekāaśī (See)

ଏକାଶ୍ରୟ—ସଂ. ବି ( କର୍ମଧା; ଏକ + ଆଶ୍ରୟ )—
Ekāśraya ଏକମାତ୍ର ଆଶ୍ରୟ—
Sole support or prop.
ସଂ. ବିଣ ( ବହୁବ୍ରୀହି )—୧ । ଏକମାତ୍ର ଆଶ୍ରୟକୁ ଅବଲମ୍ବନ କରିଥିବା—1. Adhering to one person or thing only
୨ । ଯାହାର ଅନ୍ୟ କେହି ଆଶ୍ରୟ ନାହିଁ—
2 Having no other shelter or hope

ଏକାଶ୍ରିତ—ସଂ. ବିଣ ( ଏକ + ଆଶ୍ରିତ )—
Ekāśrita ଏକାଶ୍ରୟ ( ଦେଖ )
Ekāśraya ( See )

ଏକାଶ୍ରିତଗୁଣ—ସଂ. ବି—ସାଧାରଣ ଗୁଣ; ସାମାନ୍ୟ ଗୁଣ—
Ekāśritaguna A common attribute.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

**ଏକାହ**—ସଂ. ବି ( ଏକ + ଅହନ୍ = ଦିନ )—ଏକ ଦିବସବ୍ୟାପୀ ସମୟ—The period of one day.
Ekāha

**ଏକାହଗମ୍ୟ**—ସଂ. ବିଣ ( ଏକାହ + ଗମ୍ୟ )—ଏକ ଦିନରେ ଗମନ-ସାଧ୍ୟ ( ପଥ ବା ଦୂରତ୍ୱ ); ଯେଉଁ ସ୍ଥାନରେ ପହଞ୍ଚିବାକୁ ଏକଦିନ ଲାଗେ-(distance) To be travelled or reached in one day; taking one day to travel or reach.
Ekāhagamya

**ଏକାହାର**—ସଂ. ବି—(ଏକ = ଏକମାତ୍ର + ଆହାର = ଭୋଜନ)—ଦିନ-ମଧ୍ୟରେ ଥରେ ମାତ୍ର ଭୋଜନ କରିବା—A single meal in a day.
Ekāhāra

**ଏକାହାରୀ**—ସଂ. ବିଣ. ପୁଂ (ଏକାହାର + ଇନ୍ ୧ମା. ୧ବ. )—ଦିନ-ମଧ୍ୟରେ ଥରେ ମାତ୍ର ଭୋଜନ କରୁଥିବା -Taking or having a single meal in a day; eating one meal a day.
Ekāhārī
(ଏକାହାରିଣୀ—ସ୍ତ୍ରୀ)

**ଏକାହିକ**—ସଂ. ବିଣ ( ଏକାହ + ଇକ )—୧ । ଏକଦିନରେ ସମ୍ପନ୍ନ—1. Performed in one day.
Ekāhika
୨ । ଏକଦିନରେ ଜାତ—2. Produced in one day; taking one day to produce.
୩ । ପ୍ରତିଦିନ ଘଟୁଥିବା; ଦୈନନ୍ଦିନ—3 Happening daily; appearing daily; quotodian

**ଏକାହିକଜ୍ୱର**—ସଂ ବି—ପ୍ରତିଦିନ ହେଉଥିବା ଜର; ଏକାଇ ଜର—Fever or ague which comes every day; quotodian fever.
Ekāhikajwara

**ଏକି**—ଦେ. ଅ (ସଂ. ଏତତ୍ କିଂ)—ଅଶ୍ଚର୍ଯ୍ୟାର୍ଥକ ପ୍ରଶ୍ନ—ଏହା କଅଣ ? What is this ?
E ki
एकि ଦେ. ବିଣ—୧ । ଏକଇ; ଏକମାତ୍ର—1. One only; one and the same.
एकहा
एकि ୨ । ତୁଲ୍ୟ; ସମାନ—2 Similar; same.
एकहि

**ଏକୀକରଣ**—ସଂ. ବି [ ଏକ + ଅଭୂତତଦ୍ଭାବେ. ଈ (ଚ୍ୱି) + କୃ. ଧାତୁ + ଅନ ]—ଏକତ୍ରସଂସ୍ଥାପନ; ବହୁ ଦ୍ରବ୍ୟକୁ ଏକା ଠେଇଁ ମିଶାଇ ଦେବା—Act of collecting or uniting several things together, act of making one entire body.
Ekīkaraṇa

**ଏକୀଭବନ**—ସଂ. ବି. ( ଏକ + ଅଭୂତତଦ୍ଭାବେ. ଈ + ଭୂ ଧାତୁ = ହେବା + ଅନ )—( ଅନେକ ପଦାର୍ଥ ) ଏକତ୍ର ମିଳିତ ହେବା; ସମ୍ମିଶ୍ରଣ—(many things) Uniting into one entire whole; act of being combined or mixed up into one body; complete union.
Ekībhabana

**ଏକୀଭାବ** ସଂ ବି ( ଏକ + ଅଭୂତତଦ୍ଭାବେ. ଈ + ଭୂ ଧାତୁ = ହେବା + ଅ )—ଏକୀଭବନ ( ଦେଖ ) Ekībhabana ( See)
Ekībhāba

**ଏକୀୟ**—ସଂ. ବିଣ. ( ଏକ + ଈୟ )—
Ekīya ୧ । ଏକପକ୍ଷୀୟ; ଏକପକ୍ଷାବଲମ୍ବୀ—
1. Pertaining to one side.
୨ । ଏକ ସମ୍ବନ୍ଧୀୟ—
2. Pertaining to one only.

**ଏକୁ**—ଦେ. ଅ. ( ସଂ ଏକ )—
Eku ୧ । ଏକେ; ପ୍ରଥମତଃ—1. Firstly.
୨ । ଏକରୁ; ଏକଠାରୁ—
2. From one; from the number '1'
୩ । ଏକଠାରୁ ଆରମ୍ଭ କରି—
3. Beginning from one.

**ଏକୁଅନେକ**—ଦେ. ଅ—୧ । ଗୋଟି ଗୋଟି କରି ସମସ୍ତଙ୍କୁ; ସମସ୍ତ—
Ekuaneka 1. One by one.

ପରମ ଭକ୍ତେ କରି ରକ୍ଷା
ଏକୁଁ ଅନେକ କଲେ ସୃଷ୍ଟା । ଜଗନ୍ନାଥ. ଭାଗବତ ।

୨ । ଏକରୁ ବେଶି; ଏକାଧିକ—
2. More than one.

ଏକୁ ଅନେକ ହୋ ପ୍ରକାଶ
ପ୍ରସଙ୍ଗେ ଯେସନ ଆକାଶ । ଜଗନ୍ନାଥ. ଭାଗବତ ।

**ଏକୁଆ**—ଦେ. ବିଣ. ( ସଂ. ଏକାହିକ )—
Ekuā ୧ । ଏକାହିକ; ଦୈନିକ (ଜ୍ୱର) -
একাহিক 1. Quotodian; happening daily;
रोजाना appearing daily (fever)
୨ । ଏକ ଦିନ ଅନ୍ତରରେ ଘଟୁଥିବା (ଜ୍ୱର)—
2. ( fever ) Appearing every atlernate day.
୩ । ଏକଥର କଣ୍ଡା ହୋଇଥିବା (ହଳଦୀ)—
3. ( turmeric paste ) Pressed in the mortar only once.
୪ । ଟିକିରେ ( ଧାନ ଆଦି ) ଖଦଡ଼ିଆ ଖଦଡ଼ିଆ ହୋଇ ଥରେ ହୋଇଥିବା (ଚାଉଳ); ଏକପୁରିଆ—

**ଏକୁଆରକ**—ଦେ. ବି—୧ । ଏକକୁଆରକ ( ଦେଖ )
Ekuāraka 1. Ekakuāraka ( See )
୨ । ଅନ୍ୟୋନ୍ୟରେ—2. Reciprocally; one another; one from the other.

**ଏକୁଆରକେ**—ଦେ. ଅ—ଏକୁଆରକ ( ଦେଖ )
Ekuārake Ekuāraka ( See )

**ଏକୁଆରେ**—ଦେ. ସର୍ବନାମ—ଅନ୍ୟୋନ୍ୟରେ—
Ekuāre One another.

ବର୍ଣ୍ଣିତ କଷ୍ଟେ ବାକ୍ୟ କହି
ବୋଲନ୍ତି ଏକୁଆରେ ସୁହିଁ । ଜଗନ୍ନାଥ. ଭାଗବତ ।

| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଶ | ଡ଼ | ଷ,ଶ | ଙ୍ଗ | ଇଯ୍ | ଉଁ | ଖ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଉଦନ୍ତଦନ୍ତ୍ୟଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଇଅ | ଷ | ନୃ |

ଏକୁଆରେକ—ଦେ. ଅ—ଏକୁଆରକ ( ଦେଖ )
Ekuāreka Ekuāraka ( See )

ଏକୁଆରେକେ—ଦେ. ଅ—ଏକୁଆରକ ( ଦେଖ )
Ekuāreke Ekuāraka ( See )

ଏକୁଏକ—ଦେ. ବିଣ—୧ । ଏକ ଅପେକ୍ଷା ଅନ୍ୟ; ପ୍ରଥମ ଅପେକ୍ଷା ଅନ୍ୟଟି ଏହିପରି—1. One more than the other and so on.
Ekueka
एकुँ एक
हरेक
୨ । ଅଦ୍ୱିତୀୟ—2. Uncommon.

ବାହୁଲ ଏ ସୁଷମ ସମସ୍ତେ କାହିଁ ସମ ସମରେ ଏକୁଏକ ସେ ।
ଭକ୍ତ. ବୈଦେହୀଶବିଳାସ ।

୩ । ପ୍ରତ୍ୟେକ—3 Each

ଦେ. ଅ—୧ । ଜଣ ଜଣ କରି; ଏକ ଏକ କରି; ଗୋଟି ଗୋଟି; ପ୍ରତ୍ୟେକଙ୍କୁ—1. One by one; to each

୨ । ତାଙ୍କୁ ବଳ ସେ ତାଙ୍କୁ ବଳ ସେ ଏହିପରି—
2. One excelling the other.

ଏକୁଁ (ଇତ୍ୟାଦି)—ଦେ. ଅ—ଏକୁ ଇତ୍ୟାଦି ( ଦେଖ )
Ekuñ (etc.) Eku etc. ( See )

ଏକୁଁ ଏକ—ଦେ. ବିଣ—ଏକୁଏକ ( ଦେଖ )
Ekuñ eka Ekueka ( See )
एकुँ एक
हरेक

ଶତେ ଭ୍ରାତ ଏହାଙ୍କର ଏକୁ ଏକ ଦକ୍ଷ ।
ସାରଳାମହାଭାରତ. ବନ୍ତ ।

ଏକୁଁ ଏକେ—ଦେ. ଅ—ପ୍ରତ୍ୟେକେ; ସମସ୍ତେ—
Ekuñeke Each
एकुँ एक
हरेक

ଷୋଳ ସହସ୍ର ଶତାଧିକେ
ତୁଲ୍ୟ ବୟସୀ ଏକୁଁ ଏକେ । ଜଗନ୍ନାଥ. ଭାଗବତ ।

ଏକୁଟିଆ—ଦେ. ବିଣ. ( ସଂ. ଏକତଃ )—ଏକାକୀ—
Ekuṭiā Solitary; single.
एका
अकेला

ଗଲ୍ୟଙ୍କୁ ଏକୁଟିଆ ହୋଇ ଦେଖା ଦେଲେ ।
କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

କ୍ରି. ବିଣ—ଏକାକୀ ହୋଇ—Alone; singly.

ଏକୁଟିଆ ଦୁର୍ଦ୍ଦଶକୁ ବେଢ଼ି ବେନ ଯୋଦ୍ଧି । ସାରଳାମହାଭାରତ. ଭୀଷ୍ମ ।

ଏକୁଟିଆବାଢ଼ା—ଦେ. ବି—ଏକାଟିଆ ବାଢ଼ା ( ଦେଖ )
Ekuṭiābārhā Ekāṭiābārhā ( See )

ଏକୁଟିଆବାହାର—ଦେ. ବି—ଏକାଟିଆବାଢ଼ା ( ଦେଖ ).
Ekuṭiābāhārā Ekāṭiābārhā (See

ଏକୁଟିଆ ବାହାର ମୂର୍ତ୍ତି ସାହାର—ତଗ ।

ଏକୁନ୍—ଦେ. ବି—ସମଷ୍ଟି—
Ekun Sum total; aggregate.
एकुन
कुल
କ୍ରି. ବିଣ—ମୋଟରେ; ସମୁଦାୟ—In all; many things totalled up; altogether.

ଏକୁନ୍‌କରିବା—ଦେ. କ୍ରି—ସମଷ୍ଟି କରିବା; ହିସାବ କରିବା—.
Ekunkaribā To sum up; to work out the total of.
एकुन्‌करा
जोड़ना

ଏକୁଶ୍‌କଣ୍ଟି—ପ୍ରାଦେ. ( ସମ୍ବଲପୁର ) କ୍ରି. ବିଣ—
Ekuśkanṭi ଲଗାଲଗି ଭାବରେ; ଏକାଦିକ୍ରମେ—
Continuously.

ଏକେ—ସଂ. ଅ. ( ସଂ. ଏକତଃ )—୧ । ପ୍ରଥମତଃ—
Eke 1 To begin with; first; firstly; in the first place.
एके
पहिले
୨ । ଏକପକ୍ଷରେ—2. On the one hand.

ଏକେ ତାଙ୍କ ବିରହ କ୍ଳେଶ, ତହିଁରେ ପୁଣି ଏ ବିଷମ ସୀତା-ଶୋକ ।
ମଧୁସୂଦନ—ଉତ୍ତରରାମଚରିତ ।

ଏକେଇ—ଦେ. ଅ. ( ସଂ. ଏକତଃ )—ଏକେ ( ଦେଖ )
Ekei Eke ( See )
एकेई
पहिले
ଦେ. ବିଣ—ଏକୋଇ; ଏକୁଆ ( ଦେଖ )
Ekuā ( See )

ଦେ. ବି. ପୁଂ—ଏକାଦଶୀ ନାମକ ବ୍ୟକ୍ତିର ଡାକ ନାମ—
The name for calling Ekādasi

ଏକେଇ କାଳି, ପିନ୍ଧିଛି କାଚ ଚୋଡ଼ଣ୍ଡ ମାଳ,
ତହିଁରେ ପକାଇ ନେଇଅଛି ସାଢ଼ୀ, ତହିଁରେ ହୋଇଛି ଲବଣୀ ପାଳ—ତଗ ।

ଏକେଇବଳା—ଦେ. ବି—ଏକଇବଳା ( ଦେଖ )
Ekeibaḻā Ekaibaḻā ( See )
एकलौता

ଏକେଇବା—ଦେ. କ୍ରି—ଏକୋଇବା ( ଦେଖ )
Ekeibā Ekoibā ( See

ଏକେଇରବଳା—ଦେ. ବି—ଏକଇବଳା ( ଦେଖ )
Ekeirabaḻā Ekaibaḻā ( See )

ଏକେଇଶା—ଗ୍ରା. ବି—ଏକୋଇଶା ( ଦେଖ )
Ekeiśā Ekoiśā ( See )

ଏକେଇଶିଆ—ଗ୍ରା. ବି—ଏକୋଇଶିଆ ( ଦେଖ )
Ekeiśiā Ekoiśiā ( See )

ଏକେଏକ—ଦେ. କ୍ରି. ବିଣ—୧ । ଗୋଟି ଗୋଟି ହୋଇ—
Ekeeka 1. One by one.
୨ । ପ୍ରତ୍ୟେକ—2. Each.

ହଂସ ସରଣୀ ଚକ୍ରବାକ, କରନ୍ତି କେଳି ଏକେ ଏକ ।
ଭୂପତି. ପ୍ରେମପଞ୍ଚାମୃତ ।

ଏକେଏକେ—ଦେ. କ୍ରି. ବିଣ—୧ । ଜଣ ଜଣ କରି; ପ୍ରତ୍ୟେକେ—
Ekeeke 1. One by onc; each.
एकेएके
हरेक

ଏବେ ଏକେ ଏକେ କୋଳ ପୂରୁଥିବ ।
ଭକ୍ତ. କୋଷ୍ଟପ୍ରୋଷ୍ଠପ୍ରବନ୍ଧ ।

> ସାଧାରଣ ଲୋକେ ଅପର ସ୍ଥଳରେ ସ୍ୱରର ୧ ଉତ୍ତର ଅକ୍ଷର ଓ ମାତ୍ରା ଏବଂ ୨ ଉତ୍ତର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଉତ୍ତର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ୨ ବା ୧ ଉତ୍ତର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବ୍ରଥ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

୨ । ଗୋଟି ଗୋଟି କରି; ପୃଥକ୍ ପୃଥକ୍— 2. Separately.

ତାହା କହିବା ଏକେ ଏକେ
ପ୍ରସ୍ତାବେ ଶୋଭିବ ମନ୍ତ୍ର ଯେ । ଜଗନ୍ନାଥ- ଭାଗବତ ।

୩ । ପରସ୍ପର—3. Mutual.

କରନ୍ତି ଏକେ ଏକେ ଗୁହ୍ୟ
ଏମନ୍ତ ଦେଖିଛନ୍ତି କାହିଁ । ଜଗନ୍ନାଥ- ଭାଗବତ ।

**ଏକେକ**— ଦେ. କ୍ରି. ବିଣ. ( ସଂ. ଏକୈକ )—୧ । ପ୍ରତ୍ୟେକରେ—
Ekeka 1. In each.
প্রত্যেকে ଅନେକ ଅବତାର କୋଟି, ଏକେକ ମଣି ଝଟକନ୍ତି ।
हरेक ଭୂପତି- ପ୍ରେମପଞ୍ଚାମୃତ ।

୨ । ଗୋଟିକୁ ଗୋଟିଏ; ଜଣକୁ ଗୋଟିଏ ଲେଖାଏ— 2. One to each.

ଦୁନ୍ତାକେ ଏକେକ ଜଗତ । ଭୂପତି- ପ୍ରେମପଞ୍ଚାମୃତ ।

**ଏକେତ**— ଦେ. କ୍ରି. ବିଣ. ( ସଂ. ଏକତଃ )—ଏକେ ( ଦେଖ )
Eketa Eke ( See )

**ଏକେଡାଁଯ଼**— ଗ୍ରାଦେ. ( କଟକ ) ଅ— ଅକସ୍ମାତ୍; ହଠାତ୍; ସହସା—
Ekedāṅy By chance; all on a sudden.

**ଏକେବାରେ**— ଦେ. ଅ. ( ସଂ. ଏକବାର )—ଏକବାର ( ଦେଖ )
Ekebāre Ekabāra ( See )

**ଏକେଲା**— ଦେ. ବିଣ. ( ସଂ. ଏକ )—ଏକାକୀ—
Ekelā Solitary; single.
একলা
अकेला

**ଏକେଶ୍ୱର**— ସଂ. ବି. ( ଏକ+ଈଶ୍ୱର )—
Ekeśwara ୧ । ଏକମାତ୍ର ଈଶ୍ୱର; ପରମେଶ୍ୱର—
1. The one God; the Supreme Power.

୨ । କୌଣସି କାର୍ଯ୍ୟରେ ଏକମାତ୍ର ପ୍ରଭୁ ବା ମାଲିକ—
2. The paramount authority.

ସଂ. ବିଣ— ୧ । ଏକଲା; ଏକାକୀ—1. Alone.

୨ । ଆପଣାର ଶକ୍ତି ଉପରେ ନିର୍ଭରଶୀଳ; ସାହାଯ୍ୟନିରପେକ୍ଷ—
2 Self-reliant; Depending on one's self alone.

ଧର୍ମପୁତ୍ର ନୃପତି ଅଛନ୍ତି ଏକେଶ୍ୱର । ଜଗନ୍ନାଥ- ବେଣୀସଂହାର ।

୩ । ଏକମାତ୍ର ପ୍ରଭୁ ବା ରାଜାଙ୍କ ଅଧିକାରରେ ଥିବା—
3. Under the control or supremacy of one master or king.

**ଏକେଶ୍ୱରବାଦ**— ଦେ. ବି. ( ଏକେଶ୍ୱର = ଏକମାତ୍ର ପରମେଶ୍ୱର + ବାଦ = କହିବା )— ଏ ପୃଥିବୀର ପ୍ରଭୁ
Ekeśwarabāda କେବଳ ଏକମାତ୍ର ଈଶ୍ୱର, ଏହିରୂପ ମତ ବା ବିଶ୍ୱାସ—
Monotheism.

**ଏକେଶ୍ୱରବାଦୀ**— ସଂ. ବିଣ. ପୁଂ. ( ଏକେଶ୍ୱର+ବାଦ+ଇନ୍; ସ୍ତ୍ରୀ. ୧ବ. )— ପୃଥିବୀର କର୍ତ୍ତା ଏକମାତ୍ର ଈଶ୍ୱର
Ekeśwarabādi (ଏକେଶ୍ୱରବାଦିନୀ—ସ୍ତ୍ରୀ) ବୋଲି ଯେ ବିଶ୍ୱାସ କରେ—
Believing in the existence of one God only in the creation; monotheistic.

**ଏକୈକ**— ସଂ. ବି. (ଏକ+ଏକ)—ପ୍ରତ୍ୟେକ—
Ekaika Each.

ସଂ. ବିଣ.—ଧାରାବାହିକ—Systematic; successive.

ସଂ. କ୍ରି. ବିଣ— ୧ । ପ୍ରତ୍ୟେକରେ—
1. One by one; single.

୨ । ଏକ ଏକ କରି— 2. One after the other; in a single file.

୩ । ଏକ ଏକ ହୋଇ; ପୃଥକ୍‌ଭାବରେ—
3. Separately; in due succession.

**ଏକୈକଶଃ**— ସଂ. କ୍ରି. ବିଣ. (ଏକୈକ+ଶସ୍)—୧ । ଏକ ଏକ ହୋଇ
Ekaikaśaḥ 1. One by one; one after the other.

୨ । ପର୍ଯ୍ୟାୟକ୍ରମେ—2. In due succession; successively.

୩ । ଧାରାବାହିକରୂପେ—3. Systematically; in regular sequence.

**ଏକୋଇ**— ଦେ. ବିଣ (ସଂ. ଏକାହିକ)—ଏକୁଆ (ଦେଖ)
Ekoi Ekuā (See)

**ଏକୋଇଜର**— ଦେ. ବିଣ. (ସଂ. ଏକାହିକ ଜ୍ୱର)—
Ekoijara ଏକାହିକ ଜ୍ୱର (ଦେଖ)
Ekāhikajwara (See)

**ଏକୋଇବଳା**— ଦେ. ବି.— ଏକଇବଳା (ଦେଖ)
Ekoibaḻā Ekaibaḻā (See)

**ଏକୋଇବା**— ଦେ. କ୍ରି. (ସଂ. ଏକ)—ହଳଦୀକୁ ଏକ ଥର ମାତ୍ର ବାଟିବା;
Ekoibā ହଳଦୀକୁ ପ୍ରଥମ ଥର ଖଦଡ଼ା କରି ବାଟିବା—
To press turmeric in the pestle only once i.e. for the first time for preparing a paste.

**ଏକୋଇରବଳା**— ଦେ. ବି.— ଏକଇବଳା (ଦେଖ)
Ekoirabaḻā Ekaibaḻā (See)

**ଏକୋଇଶ**— ଦେ. ବି. ଓ ବିଣ. (ସଂ. ଏକବିଂଶ)—ଏକବିଂଶ (ଦେଖ)
Ekoiśa Ekabiṁśa (See)
একুশ্
इक्कीस

**ଏକୋଇଶା**— ଦେ. ବି. (ସଂ. ଏକବିଂଶାହ)— ଶିଶୁପୁତ୍ରର ଜନ୍ମର ଏକ-
Ekoiśā ବିଂଶ ଦିବସରେ କରାଯିବା ଉତ୍ସବ—The rejoi-
একুশে cings done amongst the Hindus on the 21 st. day of the birth of a male-child.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ ॰ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ୍ଞ | ଶ,ଷ | ଙ୍କ | ଇଯ୍ୟ | ଉଃ | ଙ୍ଘ |
| ୨ | ଈ | ଉ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଊଃ | ଙ୍କ୍ |

ଏକୋଇଶା ପାଲା—ଦେ.ବି.—ଶିଶୁପୁତ୍ର ଜନ୍ମ ହେବାର ୨୧ ଦିନ ଅନୁଷ୍ଠିତ
Ekoiśā pālā ପିତାମାତା ପୂର୍ବରୁ ମାନସିକ କରିଥିବା ସତ୍ୟପୀର-
একুশে পালা ଦେବଙ୍କ ପୂଜା ବା ପାଲା—The performance of the worship of Satyapira on the 21st day of a male-child's birth as previously vowed by the parents.

ଏକୋଇଶା ପୂଜା—ଦେ. ବି.—ଏକୋଇଶା ପାଲା (ଦେଖ)
Ekoiśā pūjā Ekoiśā pālā (See)

ଏକୋଇଶାଶହେ—ଦେ. ବି. (ସଂ. ଏକବିଂଶୋତ୍ତରଶତ)—
Ekoiśāśahe ଏକଶହ ଏକୋଇଶ; ୧୨୧—
One hundred and twenty one.

ଏକୋଇଶି—ଦେ. ବି ଓ ବିଣ—ଏକବିଂଶ (ଦେଖ)
Ekoiśi Ekabiṁśa (See)

ଏକୋଇଶିଆ (ଇତ୍ୟାଦି)—ଦେ. ବି.—ଏକୋଇଶା ଇତ୍ୟାଦି (ଦେଖ)
Ekoiśiā (etc.) Ekoiśā etc. (See)

ଏକୋତ୍ତରଶତ—ସଂ. ବି. ( ଏକ + ଉତ୍ତର=ପରେ ଥିବା + ଶତ )—
Ekottaraśata ଏକଶହଏକ; ୧୦୧—
One hundred and one.

ବୁଢ଼ୀ ମିଶି ହେଲେ ଏକୋତ୍ତରଶତ । କୃଷ୍ଣସିଂହ. ମହାଭାରତ. ଆଦି ।

ଏକୋଦକ—ସଂ. ବିଣ. (ବହୁବ୍ରୀହି; ଏକ ଅଟେ ଉଦକ ଯାହାଙ୍କର)—
Ekodaka ସମାନୋଦକ; ଯେଉଁମାନେ ପୂର୍ବ ପୁରୁଷମାନଙ୍କୁ ଜଳ ତର୍ପଣ କରିବା ଯୋଗୁଁ ପରସ୍ପର ସମ୍ପୃକ୍ତ—
(relatives) Connected by the offering of funeral libations of water to the same deceased ancestors (Apte).
[ ଦ୍ର—ମନୁଷ୍ୟ ଆପଣାର ଊର୍ଦ୍ଧ୍ୱତନ ତିନି ପୁରୁଷ ପିତୃଲୋକଙ୍କୁ ପିଣ୍ଡ ଦେଇ ପାରେ ଓ ତହୁଁ ତିନି ପୁରୁଷ ଉପରକୁ ଜଳଦ୍ୱାରା ତର୍ପଣ କରି ପାରେ । ]

ଏକୋଦର—ସଂ. ବି. ପୁଂ. (ଏକ+ଉଦର=ଗର୍ଭ)—ସହୋଦର; ଏକ
Ekodara ମାଆର ଗର୍ଭଜାତ ଭାଇ—Uterine brothers;
(ଏକୋଦରୀ—ସ୍ତ୍ରୀ) brothers born of the same mother.
ସଂ. ବିଣ—ଏକମାତୃଗର୍ଭଜାତ—Uterine.

ଏକୋଦରି—ଦେ. ବି. ଓ ବିଣ. (ସଂ. ଏକୋଦର)—
Ekodari ଏକୋଦର (ଦେଖ)
Ekodara (See)

ଏକୋଦ୍ଦିଷ୍ଟ—ସଂ. ବି. ( ଏକ + ଉଦ୍ଦିଷ୍ଟ=ଉଦ୍ଦେଶଯୁକ୍ତ )—
Ekoddishṭa ୧ । ଏକ ବ୍ୟକ୍ତି ବା ବସ୍ତୁକୁ ଲକ୍ଷ୍ୟ କରି ଅନୁଷ୍ଠିତ ହୋଇଥିବା—1. Done or performed with one person or object in view.
୨ । ଏକମାତ୍ର ଉଦ୍ଦେଶ୍ୟରେ କରାଯିବା—
2. Done for one and the same purpose.

ଏକୋଦ୍ଦିଷ୍ଟଶ୍ରାଦ୍ଧ—ସଂ. ବି—୧ । ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ କରାଯିବା—
Ekoddishṭaśrāddha ଶ୍ରାଦ୍ଧ; ପ୍ରେତଶ୍ରାଦ୍ଧ—
1. Funeral Śrāddha or offering of cakes.
୨ । ଆଶ୍ୱିନ ମାସରେ ମହାଳୟା ଶ୍ରାଦ୍ଧ—
2. The Śrāddha or funeral ceremony performed every year to serve a single deceased ancestor with cake and water; the Mahālayā Śrāddha done in the month of Āświna.

ଏକୋନ—ସଂ. ବିଣ. (ଏକ + ଊନ=ନ୍ୟୂନ )—ଯହିଁରୁ ଏକ ଊଣା—
Ekona Less by one; one less than.
[ ଦ୍ର—ତ୍ରିଂଶତ୍, ଚତ୍ୱାରିଂଶତ୍, ପଞ୍ଚାଶତ୍, ଷଷ୍ଟି, ସପ୍ତତି, ଅଶୀତି, ନବତି ଓ ଶତ—ଏହି ୮ଟି ସଂଖ୍ୟାମାନଙ୍କ ପୂର୍ବରେ ଏକୋନ ବା ଊନ ଯୁକ୍ତ ହୋଇ ଏକ କମ୍ ବୁଝାଏ । ]

ଏକୋନଚତ୍ୱାରିଂଶତ୍—ସଂ. ବି. ( ଏକୋନ+ଚତ୍ୱାରିଂଶତ୍ )—
Ekonachatwāriṁśat ଅଣଚାଳିଶି—Thirty-nine.

ଏକୋନତ୍ରିଂଶତ୍ ସଂ. ବି. ( ଏକୋନ+ତ୍ରିଂଶତ୍ )—ଊନତ୍ରିଂଶ;
Ekonatriṁśat ଅଣତିରିଶି—Twenty nine.

ଏକୋନନବତି—ସଂ. ବି ( ଏକୋନ + ନବତି )—ଅଣନବେ—
Ekonanabati Eighty-nine.

ଏକୋନପଞ୍ଚାଶତ୍—ସଂ. ବି. ( ଏକୋନପଞ୍ଚାଶତ୍ )—ଅଣଚାଶ—
Ekonapañchāśat Forty-nine.

ଏକୋନବିଂଶ—ସଂ. ବି. (ଏକୋନ + ବିଂଶ)—ଊନବିଂଶ; ଊଣେଇଶି—
Ekonabiṁśa Nineteen.
ବିଣ.—୧୯ ସଂଖ୍ୟକ—Nineteen in number.

ଏକୋନବିଂଶତମ—ସଂ. ବିଣ—ଊଣେଇଶି ସ୍ଥାନୀୟ—
Ekonabiṁśatama Nineteenth.

ଏକୋନବିଂଶତି—ସଂ. ବି ଓ ବିଣ. ( ଏକୋନ + ବିଂଶତି )—
Ekonabiṁśati ଏକୋନବିଂଶ ( ଦେଖ )
Ekonabiṁśa ( See )

ଏକୋନବିଂଶତିତମ—ସଂ. ବି—ଏକୋନବିଂଶତମ ( ଦେଖ )
Ekonabiṁśatitama Ekonabiṁśatama ( See )

ଏକୋନଶତ—ସଂ. ବି. ( ଏକୋନ + ଶତ )—ଅନେଶତ—
Ekonaśata Ninety-nine.

ଏକୋନଷଷ୍ଟି—ସଂ. ବି. ( ଏକୋନ + ଷଷ୍ଟି )—ଅଣଷାଠି—
Ekonashashṭhi Fifty-nine.

ଏକୋନସପ୍ତତି—ସଂ. ବି. ( ଏକୋନ + ସପ୍ତତି )—ଅଣସ୍ତରି—
Ekonasaptati Sixty-nine.

ଏକୋନାଶୀତି—ସଂ. ବି. ( ଏକୋନ + ଅଶୀତି )—ଅଣାଅଶୀ—
Ekonāśiti Seventy-nine

ପାଠକମାନେ ଯେବେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ତାଲିକାର ଅକ୍ଷର ଓ ମାତ୍ରା ଏବଂ ୨ ତାଲିକାର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ତାଲିକାର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ କ୍ରମାନ୍ୱୟରେ ତାହାର ବଦଳରେ ୨ ବା ୧ ତାଲିକାର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ 'ବୃଥା' ନ ମିଳିଲେ 'ବୃଥା' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଏକୋଶ—ଗ୍ରା. ପ୍ରାଚୀନ ପଦ୍ୟ. ବି. ଓ ବିଣ. (ସଂ. ଏକବିଂଶ)—
Ekausa ଏକୋଇଶ ( ଦେଖ )—Ekoisa ( See )

ଏକୋଶ ବ୍ରହ୍ମାଣ୍ଡ ନାହିଁ ଏକୋଶ ବର୍ଷଂ ସ—
ପ୍ରାଚୀ—ବ୍ରହ୍ମଣବର୍ଣ୍ଣଣଗୀତା ।

ଏକ୍କା—ଦେ. ବି. ( ସଂ. ଏକ; ଏହାକୁ ଏକ ଘୋଡ଼ା ଟାଣୁଥିବାରୁ )—
Ekka ଉତ୍ତରପଶ୍ଚିମପ୍ରଦେଶରେ ବ୍ୟବହୃତ ଏକଘୋଡ଼ା ଟାଣିବା
ଏକ୍କା ଦୁଇଚକିଆ ଗାଡ଼ି ( ଦକ୍ଷିଣାଞ୍ଚଳରେ ଏହାକୁ ଝଟକା
इक्का ବୋଲାଯାଏ । )—A light up-countrycart
drawn by a single pony.

ପ୍ରାଦେ. ( ଗଞ୍ଜାମ ) ଅ—ଏକା ( ଦେଖ )—Eka ( See )

ଏକ୍କାୱାଲ—ଦେ. ବି—୧ । ଏକ୍କାଗାଡ଼ିର ମାଲିକ—
Ekkawala 1. The owner of an ekka-cart.
ଏକ୍କାବୁଆଲା; ଏକ୍କାଓ୍ୱାଲା ୨ । ଏକ୍କାଗାଡ଼ିର ଚାଳକ—
इक्कावाला 2. The driver of an ekka-cart

ଏକ୍ଷଣ—ଦେ. କ୍ରି. ବିଣ. ( ସଂ. ଏତତ୍‌କ୍ଷଣ )—
Ekshana ୧ । ଏହି ମୁହୂର୍ତ୍ତରେ—
ଏକ୍‌ଖୁନି; ଏଖୁନି; ଏଖନ୍ 1. At this moment; just
अभी now; at the present moment
୨ । ବର୍ତ୍ତମାନ—2. Now; at present.

ଏକ୍ଷଣି—ଦେ. କ୍ରି. ବିଣ—ଏକ୍ଷଣ ( ଦେଖ )—
Ekshani Ekshana ( See )

ପଣ୍ଡବେ ସମ୍ଭବ ହୋଇ ଲାଗିବେ ଏକ୍ଷଣି—
ସାରଳାମହାଭାରତ, ଭୀଷ୍ମ ।

ଏକ୍ଷଣିକା—ଦେ. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshanika Ekshana ( See )

ଏକ୍ଷଣେ—ଦେ. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshane Ekshana ( See )

ଏକ୍ଷିଣା—ଗ୍ରା. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshina Ekshana ( See

ଏକ୍ଷିଣି—ଗ୍ରା. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshini Ekshana ( See )

ଏକ୍ଷିଣିକା—ଗ୍ରା. କ୍ରି. ବିଣ—ଏକ୍ଷଣ ( ଦେଖ )
Ekshinika Ekshana ( See )

ଏକ୍ସ୍‌ଟେନ୍‌ସନ୍—ବୈଦେ. ବି. ( ଇଂ. ଏକ୍ସଟେନ୍‌ସନ୍ )—୧ । କର୍ମଚ୍ୟୁତ
Ekstensan ପ୍ରଥମେ ଗ୍ରହଣ କରିଥିବା ଛୁଟି ଦିବସର ବୃଦ୍ଧି—
एक्सटेन्सन 1. Extension of a leave.
एक्सटेंसन ୨ । ନିର୍ଦ୍ଦିଷ୍ଟ ସଂଖ୍ୟକ ବର୍ଷ କାର୍ଯ୍ୟ କରିବା ପରେ
ପେନ୍‌ସନ୍ ନେବାର ଉପଯୁକ୍ତ ସମୟ ଉପସ୍ଥିତ ହୋଇ
ଥିଲେ ମଧ୍ୟ ଯେଉଁ କର୍ମଚାରୀଙ୍କର କାର୍ଯ୍ୟ କରିବାର ଶକ୍ତି
ଅକ୍ଷୁଣ୍ଣ ଥିବାରୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କର କାର୍ଯ୍ୟ କାଳର
ପରିବର୍ଦ୍ଧନ—
2. Extension of service.

ଏକ୍ସ୍‌ଟ୍ରା—ବୈଦେ. ବିଣ (ଇଂ. ଏକ୍ସଟ୍ରା ) ଅତିରିକ୍ତ—Extra.
Ekstra [ ଦ୍ର—ଏହା ଅନ୍ୟ ଇଂରାଜୀ ଶବ୍ଦ ସଙ୍ଗେ ଲାଗେ
ଏକ୍‌ଷ୍ଟ୍ରା ଯଥା—ଏକ୍ସଟ୍ରା ଅସିଷ୍ଟାଣ୍ଟ୍ କମିସ୍ନର ।]
एकस्ट्रा

ଏକ୍ସ୍‌ଟ୍ରିମିଷ୍ଟ—ବୈଦେ. ବିଣ. ( ଇଂ ).—ରାଜନୀତି ସମ୍ବନ୍ଧେ ଉଗ୍ରପନ୍ଥୀ;
Ekstrimist ଚରମପନ୍ଥୀ—Extremist in politics.
ଏକ୍ସ୍‌ଟ୍ରିମିଷ୍ଟ
एक्सट्रिमिष्ट

ଏକ୍ସ୍‌ପ୍ରେସ୍—ବୈଦେ. ବି. (ଇଂ)—୧ । ସାଧାରଣ ରେଲଗାଡ଼ି ଅପେକ୍ଷା
Ekspres ଦ୍ରୁତତର ଗତି କରିବା ରେଲଗାଡ଼ି ( ଯଥା—ପୁରୀ
ଏକ୍ସପ୍ରେସ ଏକ୍ସପ୍ରେସ୍; ପାର୍ସେଲ୍ ଏକ୍ସ୍‌ପ୍ରେସ୍ )—
एक्सप्रेस 1. Express-train.
୨ । ସାଧାରଣ ଟେଲିଗ୍ରାମ୍ ଅପେକ୍ଷା ଶୀଘ୍ର ପଠାଯିବା—
ଟେଲିଗ୍ରାମ୍—2. Express-telegram.
୩ । ସାଧାରଣ ଚିଠି ଅପେକ୍ଷା ଜରୁରୀ ସରକାରୀ ଚିଠି—
3. Express letter.

ଏକ୍ସ୍‌ରେ—ବୈଦେ.ବି. (ଇଂ)—ରସାୟନିକ ପ୍ରକ୍ରିୟା ଦ୍ୱାରା ଅବସ୍ଥିତ ଏକ
Eksre ପ୍ରକାର ନୂତନ ଆଲୋକ ରଶ୍ମି ଯାହା ସାହାଯ୍ୟରେ ଅସ୍ୱଚ୍ଛ
ଦ୍ରବ୍ୟର ଅନ୍ତଃସ୍ଥଳ ଦେଖାଯାଏ—XRay.

ଏକ୍ସର୍‌ସାଇଜ୍—ବୈଦେ. ବି. ( ଇଂ. ଏକ୍ସର୍‌ସାଇଜ୍ )—
Eksarsaij ୧ । ଅନୁଶୀଳନ; ପାଠାଦିର ଅଭ୍ୟାସ—1. Exercise.
ଏକ୍ସରସାଇଜ ୨ । ବ୍ୟାୟାମ; ଅଙ୍ଗଚାଳନା—
एक्सरसाइज 2. Physical exercise.

ଏକ୍ସା—ବୈଦେ. ବି. (ଇଂ)—( ଫ୍ରାନ୍ସ ଦେଶର ମଦ୍ୟ ପ୍ରସ୍ତୁତକାରୀ ଜନୈକ
Eksa ବ୍ୟକ୍ତିଙ୍କ Exshaw ନାମରୁ ) ଫ୍ରାନ୍ସ ଦେଶରେ
ଏକ୍ସା ତିଆରି ଉତ୍କୃଷ୍ଟ ବ୍ରାଣ୍ଡି—Exshaw; French wine,
एक्सा
[ ଦ୍ର—ଉକ୍ତ ବସ୍ତୁ ନମ୍ବର ଅନୁସାରେ ଏକ୍ସାର ଉକ୍ତ ଉତ୍ତମ ପ୍ରକାର
ଚିହ୍ନିତ ହୁଏ, ଯଥା—ଏକ୍ସା ନମ୍ବର ୱାନ୍ ]

ଏକ୍ସାଇଜ୍ (ଇତ୍ୟାଦି) ବୈଦେ. ବି—ଏକ୍ସାଇଜ୍ ଇତ୍ୟାଦି (ଦେଖ)
Eksaij (etc ) Eksaij etc (See)

ଏଖ୍ତାର୍ (ଇତ୍ୟାଦି)—ବୈଦେ. ବି ( ଆ. ଏଖ୍ତାର )—
Ekhtar (etc.) ଅକ୍ତିଆର ଇତ୍ୟାଦି (ଦେଖ)
Aktiar etc ( See )

ଏଖ୍ତାରୀ—ବୈଦେ. ବିଣ (ଆ. ଏଖ୍ତାର)—ଅକ୍ତିଆରୀ (ଦେଖ)
Ekhtari Aktiari (See)

ଏଖ୍ତିଅର୍ ଇତ୍ୟାଦି)—ବୈଦେ. ବି ( ଆ. ଏଖ୍ତାର୍ )—
Ekhtiar (etc ) ଅକ୍ତିଅର୍ ଇତ୍ୟାଦି (ଦେଖ)
Aktiar etc (See)

ଏଖ୍ତିଅରନାମା—ବୈଦେ. ବି—( ଆ. ଏଖ୍ତିଆର୍ ନାମାହ୍ )—
Ekhtiarnama ଅକ୍ତିଅରନାମା (ଦେଖ)
Aktiarnama (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଜ | ଶ,ଷ | ଞ୍ଚ | ଣ୍ଡ | ଷ୍ଠ | ଢ |
| ୨ | ଉ | ଊ | ଌ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ | ଯ | ସ | ଙ୍ଗ | ଣ୍ଠ | ଢ଼ | ନ୍ |

ଏଖ୍ତିଆରି—ବୈଦେ ବଣ ( ଆ. ଏଖ୍ତିଆର )—ଅକ୍ତିଆରି ( ଦେଖ )
Ekhtiārī Aktiārī ( See )

ଏଖ୍ନି—ବୈଦେ. ବ (ଅ)—ପୋଲାଉ ପାଇଁ ଚାଉଳ ସିଦ୍ଧ କରିବା ନିମନ୍ତେ ମସଲାମିଶ୍ରିତ ସିଦ୍ଧ ଜଳ—Water boiled with spices prepared for boiling pilau.
Ekhni
एकनी
यख़नी

ପ୍ରାଦେ ( ସମ୍ବଲପୁର ) ଅ—୧ । ଏହିକ୍ଷଣି—1. Just now.
୨ । ବର୍ତ୍ତମାନ—2. Now; at present.

ଏଖରାଜାତ୍ ଖର୍ଚ୍ଚ ମାହାଲ ବୈଦେ. ବ (ଅ)—
Ekharājāt kharchcha māhāla ଏଇଖରାଜାତ୍ ଖର୍ଚ୍ଚ-ମାହାଲ (ଦେଖ)
Eikharājāt kharchcha māhāla (See

ଏଗାର—ଦେ. ବ (ସଂ. ଏକାଦଶ)—୧ । ଦଶରୁ ଏକ ଅଧିକ ସଂଖ୍ୟା; ୧୧ ସଂଖ୍ୟା—1. The number. 11.
Egāra
एगार
इगारह

୨ । ଏକାଦଶାହ (ଦେଖ)—2. Ekadaśāha (See)

ଦେ. ବଣ—୧୧ ସଂଖ୍ୟକ—Numbering 11..
୧୧ସଂଖ୍ୟାର ପୂରଣ—Eleventh.

ଏଗୁଡ଼ା—ଦେ. ସର୍ବ. (ଅନାଦରାର୍ଥକ)—ଏ ପଦାର୍ଥ ବା ବ୍ୟକ୍ତିଗଣ—These.
Egurdā
एगुला

ଏଗୁଡ଼ାକ—ଦେ. ସର୍ବ. (ଅନାଦରାର୍ଥକ)—ଏଗୁଡ଼ା (ଦେଖ)
Egurdāka Egurdā (See)

ଏଗୁଡ଼ି—ଦେ. ସର୍ବ (ଆଦରାର୍ଥକ)—ଏ ବସ୍ତୁ ବା ବ୍ୟକ୍ତିମାନ—These
Egurdi
एगुलि

ଏଗୁଡ଼ିକ—ଦେ. ସର୍ବ (ଆଦରାର୍ଥକ)—ଏଗୁଡ଼ି (ଦେଖ)
Egurdika Egurdi (See)

ଏଗୁମତିଦିଗୁମତି—ପ୍ରାଦେ (ଗଞ୍ଜାମ) (ସଦରର) ବ—ଆମଦାନୀ ଓ ରପ୍ତାନୀ—Import and export.
Egumatidigumati

ଏଗ୍ରିମେଣ୍ଟ୍—ବୈଦେ. ବ ( ଇଂ. ଏଗ୍ରିମେଣ୍ଟ୍ )—୧ । ଚୁକ୍ତିପତ୍ର—1 Deed of agreement.
Egriment
एग्रिमेन्ट
इग्रिमिट

୨ । ସମ୍ମତି—2. Consent; agreement.

ଏଘାନ୍ତି—ଦେ. ଅ (ସଂ. ଏତଦ୍ ଓ ଘାତ)—
Eghānti ୧ । ଏଥରକ—1. This time.

କୂଳକୁ ଗୃହ କେ ବୋଲନ୍ତି,
ମରଣ ହୋଇବ ଏ ଘାନ୍ତି—ଜଗନ୍ନାଥ, ଭାଗବତ ।

୨ । ଏକ୍ଷଣି; ବର୍ତ୍ତମାନ—2. Now

ଏଘିନି—ଗ୍ରା. ଅ—୧ । ଏହିହେତୁରୁ; ଏଥିଲାଗି—1. For this reason.
Eghini
एजन्ये
इसलिये

୨ । ଏହିଯୋଗୁଁ—2. Owing to this.

ଏଘେନି—ଦେ ଅ—ଏଘିନି (ଦେଖ)
Egheni Eghini (See)

ଏ ଘେନି ହୋଇ ଏକମନ,
ଭବେ ତୋଷିବ ଭଗବାନ—ଜଗନ୍ନାଥ, ଭାଗବତ ।

ଏଙ୍କର—ବୈଦେ. ବ (ଇଂ. ଏକର୍)—ଏକର୍ (ଦେଖ)
Eṅkara Ekar (See)

ଏଛନି—ପ୍ରାଦେ (ସମ୍ବଲପୁର) ଅ. (ସଂ. ଏତଦ୍ ଓ କ୍ଷଣ)—ଏହିକ୍ଷଣି; ବର୍ତ୍ତମାନ—Just now.
Echhani

ଏଛିଣି—ଗ୍ରା. ଅ—ଏକ୍ଷଣି (ଦେଖ)
Echhiṇi Ekshaṇi (See)

ଏଛିଣିକା—ଗ୍ରା. ଅ—ଏକ୍ଷଣିକା (ଦେଖ)
Echhiṇikā Ekshaṇikā (See)

ଏଛୁଣି—ଗ୍ରା. ଅ—ଏକ୍ଷଣି ( ଦେଖ )
Echhuṇi Ekshaṇi ( See )

ଏଛୁଣିକା—ଗ୍ରା. ଅ—ଏକ୍ଷଣିକା ( ଦେଖ )
Echhuṇikā Ekshaṇikā ( See )

ଏଛେନ୍—ପ୍ରାଦେ. ( ସମ୍ବଲପୁର ) ଅ—ଏହିକ୍ଷଣି, ବର୍ତ୍ତମାନ—Just now.
Echhen

ଏଛେନି—ପ୍ରାଦେ. ( ସମ୍ବଲପୁର ) ଅ—ଏହିକ୍ଷଣି; ବର୍ତ୍ତମାନ—Just now.
Echheni

ଏଜ୍ ( ଧାତୁ )—ସଂ—କମ୍ପିବା—To shake; to tremble.
Ej ( root )

ଏଜ୍ମାନି—ପ୍ରାଦେ. ( ଗଞ୍ଜାମ ) ବ.—ଉପରସ୍ଥ ହାକିମ—Higher officer.
Ejmāni

ଏଜ୍ଲାସ୍—ବୈଦେ. ବ—ଏଜଲାସ୍ ( ଦେଖ )
Ejlās Ejalās ( See )

ଏଜ୍ହାର୍—ବୈଦେ. ବ ( ଆ. ଇଜହାର )—
Ejhār ୧ । ରାଜପୁରୁଷଙ୍କ ନିକଟ ଦିଆଯିବା ମକଦ୍ଦମା ସମ୍ବନ୍ଧେ ମୌଖିକ ସମ୍ବାଦ; ଏତଲା—1. Information given to a public servant; declaration made before a public servant.
एजहार
इजहार

୨ । ଏତଲା; ପୁଲିସ ଥାନାରେ ଦିଆଯିବା ଅପରାଧ ସମ୍ବନ୍ଧେ ପ୍ରଥମ ସମ୍ବାଦ—2. First information of an offence lodged at the police station

ଏଜ୍ହାର୍ କରିବା—ଦେ. କ୍ରି—ଏଜ୍ହାର୍ ଦେବା ( ଦେଖ )
Ejhār kariba Ejhār debā ( See )

ସାଧାରଣ ଲୋକେ ଅପର ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ ଯଥା :— 'ଜାଉ' ନ ମିଳିଲେ 'ଯାଉ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼ୁ' ଦେଖିବେ

ଏଜ୍‌ହାର୍ ଦେବା—ଦେ. କ୍ରି—୧ । ସ୍ୱଜାତୀୟ କର୍ମଚାରୀଙ୍କ ନିକଟ ମୌଖିକ କୌଣସି ସଂବାଦ ଦେବା—
Ejhār debā
এজহার দেনা
इजहार देना
1. To give verbal information to or make a declaration before a public servant.
୨ । ଥାନାରେ ଅପରାଧର ପ୍ରଥମ ସମ୍ବାଦ ବା ଏତଲା ଦେବା—
2. To lodge the first information of an offence at the police station.

ଏଜ୍‌ହାର୍ ନେବା—ଦେ. କ୍ରି—( ସ୍ୱକର୍ମସ୍ଥ ) କୌଣସି ବ୍ୟକ୍ତିର ପ୍ରଦତ୍ତ ସମ୍ବାଦ ଗ୍ରହଣ କରିବା ବା ମୁହଁରେ କହିବା ସମ୍ବାଦ ଲେଖିନେବା—
Ejhār nebā
এজহার নওয়া
इजहार लेना
( a public servant ) To take down in writing a statement or declaration or deposition of a person.

ଏଜନ୍—ଦେ. ସର୍ବନାମ ଓ ବି.—ଏ; ଏହା; ଏହି; ଉପରୋକ୍ତ ବସ୍ତୁ—
Ejan
এজন
वही
This; the same; ditto.

ଏଜନ—ସଂ. ବି. ( ଏଜ ଧାତୁ=କମ୍ପନ+ଅନ )—
Ejana
୧ । କମ୍ପନ—1. Shaking
୨ । ଉତ୍ତେଜନ—2. Excitement.
ଦେ. ସର୍ବନାମ ଓ ବି—ଏଜନ୍ ( ଦେଖ )
Ejan ( See )

ଏଜଲାସ୍—ବୈଦେ. ବି. ( ଅ. ଇଜ୍‌ଲସ୍ )—
Ejalās
এজলাস
इजलास
୧ । ଧର୍ମାଧିକରଣ; ବିଚାରପତିଙ୍କ ବୈଠକ ସ୍ଥାନ—
1. Court; the seat of the Judge.
୨ । ମିସଲ୍; ହାକିମଙ୍କ ବସିବାର ଗାଦି—
2. Missal; a raised platform for the presiding officer of a Court

ଏଜାତି—ଦେ, ବଣ. ଓ କ୍ରି. ବଣ. ( ସଂ. ଏତଦ୍ ଓ ଜାତି )—
Ejāti
এজাতি
एसा
୧ । ଏହିପରି—1. Like this; such.
୨ । ଏହି ପ୍ରକାରର—2 Similar to this, of this nature; belonging to this class
( ଅରଜାତି—ଜପଗ୍ରନ୍ଥ ) ୩ । ଏହି ଶ୍ରେଣୀର; ଏତଦ୍ଭାଗୀୟ—
3. Such; in this wise; in this manner; of this class; in this way; similarly.

ଏଜାତିଆ—ଦେ ବଣ. ଓ କ୍ରି. ବଣ—ଏଜାତି ( ଦେଖ )
Ejātiā
Ejāti ( See )

ଏଜାତିକା—ଦେ. ବଣ. ଓ କ୍ରି. ବଣ—ଏଜାତି ( ଦେଖ )
Ejātikā
Ejāti ( See )

ଏଜାତିକିଆ—ଦେ. ବଣ. ଓ କ୍ରି. ବଣ—ଏଜାତି ( ଦେଖ )
Ejātikiā
Ejāti ( See )

ଏଜେଣ୍ଟ—ବୈଦେ. ବି. (ଇଂ. ଏଜେଣ୍ଟ )—ଗୁମାସ୍ତା; ତହସିଲଦାର—
Ejent
Agent.

ଏଜେଣ୍ଟପ୍ରଭୋକେଟର୍—ବୈଦେ. ବି. (ଇଂ. ଏଜେଣ୍ଟ ପ୍ରଭୋକେଟର୍)—
Ejentprabhoketar
ଯେଉଁ ଗୁଇନ୍ଦା ଅପରାଧୀ ସଙ୍ଗେ ମିଶି ଅପରାଧ କରିବାକୁ ତାକୁ ମତାଏ—
An agent provocator.

ଏଝାର (ଇତ୍ୟାଦି)—ବୈଦେ. ବି. ( ଅ. ) ଏଜ୍‌ହାର୍ ଇତ୍ୟାଦି (ଦେଖ)
Ejhar (etc)
Ejhār etc ( See )

ଏଠଉଁ—ଦେ. ଅ.—ଏସ୍ଥାନରୁ—
Eṭhauñ
এখান্‌থেকে
यहाँसे
From this place; hence.

ଏଠଉଁ ସେଠଉଁ—ଦେ. ଅ—ଏଠାରୁ ସେଠାରୁ; ଅନିର୍ଦ୍ଦିଷ୍ଟ ସ୍ଥାନରୁ—
Eṭhauñ seṭhauñ
এখানথেকে ওখানথেকে
यहाँसे वहाँसे
From here and t ere; from various places.

ଏଠା—ଦେ. ବି. ( ସଂ. ଏତଦ୍ ସ୍ଥାନ )—ଏ ସ୍ଥାନ—
Eṭhā
এথা; হেথা
यहाँ
This place; this locality.
ଦେ. ବଣ—ଏ ସ୍ଥାନର—Of this place; local; belonging to this locality.
(ସେଠା—ଜପଗ୍ରନ୍ଥ)

ଏଠାଇଁ—ଦେ. ଅ—ଏହି ସ୍ଥାନରେ—Here; at this place.
Eṭhāiñ
এথায়; হেথায়
यहाँ

ଏଠାଇଁସେଠାଇଁ ହେବା—ଦେ. କ୍ରି—ଅସ୍ଥିର ହେବା—To move about; to be restless.
Eṭhāiñ seṭhāiñ hebā
হেথায়সেথায় হওয়া
यहाँवहाँ होना

ଏଠାକା—ଦେ. ବଣ—୧ । ଏହି ସ୍ଥାନର—1 Of this place.
Eṭhakā
হেথাকার
यहाँका
୨ । ଏହି ସ୍ଥାନୀୟ—2 Belonging to this place; local.

ଏଠାକାର—ଦେ. ବଣ—ଏଠାକା (ଦେଖ)
Eṭhākāra
Eṭhakā (See)

ଏଠାକୁ—ଦେ. ଅ—ଏ ସ୍ଥାନକୁ—To this place; here.
Eṭhaku
হেথায়
इधर

ଏଠାୟେ—ଦେ. ଅ—ଏଠାକୁ—Here.
Eṭhāye ମୋ ଅଙ୍ଗେ ପ୍ରସ୍ଥାନ ପାଇଁ ଅଛନ୍ତି ଏଠାୟେ—ପ୍ରାଚୀ. ରସବାରିଧି

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଞ ॰ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ସ | ଦ | ଶ,ଷ | କ୍ଷ | ଧ୍ୟ | ତ୍ଥ | ଢ଼ି |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ୍ୟ | ଠ୍ଥ | ଡ଼ | ଡ଼ |

ଏଠାରୁ—ଦେ. ଅ—ଏହି ସ୍ଥାନରୁ—From this place; hence
Ethāru
হেথাথেকে ସ୍ୱଜନ ଏଠାରୁ ହେଲ ମୋ ଦୁଃଖ ମୋଚନ ।
यहाँसे ନନ୍ଦକିଶୋର. ସୀତାବନବାସ ।

ଏଠାରେ—ଦେ. ଅ ( ସଂ. ଏତଦ୍ ସ୍ଥାନେ )—୧ । ଏହି ସ୍ଥାନରେ—
Ethāre 1. In this place; here.
হেথায় ୨ । ଏହି ସ୍ଥଳରେ—2. At this stage;
यहाँ in this matter.

ଏଠାସେଠା—ଦେ. ବି—୧ । ଏ ସ୍ଥାନ ସେ ସ୍ଥାନ—
Ethāsethā 1. Hither and thither.
ইধর্ উধর ୨ । ନିର୍ଦ୍ଦେଶାଭାବ; ନିର୍ଦ୍ଦିଷ୍ଟ ସ୍ଥିତିର ଅଭାବ; ସ୍ଥିରଭାବ
হেথাসেথা ଅଭାବ—2. Restlessness; unstability.
यहाँवहाँ ୩ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ ବା ଚଳନ—
3. Moving from one place to another.
ଦେ. ବିଣ—୧ । ଅସଂନ୍ୟସ୍ତ—1. Now here now there; pelmel.
୨ । ଅବିନ୍ୟସ୍ତ—2. Scattered here and there.
୩ । ଚଞ୍ଚଳ; ଅସ୍ଥିର—3. Restless; unsettled
୪ । ସ୍ଥାନଭ୍ରଷ୍ଟ—4. Displaced.

ଏଠାସେଠା କରିବା—ସଂ. କ୍ରି—୧ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା—
Ethāsethā karibā
হেথাসেথা করা 1 To remove from one place
इधरउधर करना to another.
୨ । ଗୋଳମାଳ କରିବା—
2. To create confusion.

ଏଠାସେଠା ହେବା—ସଂ. କ୍ରି—୧ । ଅସ୍ଥିର ହେବା—
Ethāsethā hebā 1. To be moving about.
হেথাসেথাহওয়া ୨ । ଏକସ୍ଥାନରେ ସ୍ଥିର ହୋଇ ନ ରହିବା—
इधरउधरहोना 2. Not to stay at one fixed place; not to have a fixed abode.

ଏଠି—ଦେ. ବି—( ସଂ. ଏତଦ୍ ସ୍ଥାନ )—ଏ ସ୍ଥାନ; ଏଠା—
Ethi This place.
হেথায় ଦେ. କ୍ରି. ବିଣ—ଏ ସ୍ଥାନରେ; ଏହିଠାରେ—
यहाँ Here; in this place.

ଏଠିଁ—ଦେ. ବି. ଓ କ୍ରି. ବିଣ—ଏଠି ( ଦେଖ )
Ethiṅ Ethi ( See )

ଏଠିକା—ଦେ. ବିଣ—ଏ ସ୍ଥାନର; ଏଠାକାର; ସ୍ଥାନୀୟ—
Ethikā Of this place; local.
হেথাকার
यहाँका

ଏଠିକାର—ଦେ. ବିଣ—ଏଠିକା ( ଦେଖ )
Ethikāra Ethikā ( See )

ଏଠିସେଠି (ଇତ୍ୟାଦି)—ଦେ. ବି. ଓ ବିଣ—
Ethisethi etc ଏଠାସେଠା (ଇତ୍ୟାଦି) (ଦେଖ)
Ethāsethā etc. ( See )

ଏଠୁ—ଦେ. ଅ—ଏହି ସ୍ଥାନରୁ; ଏଠାରୁ—
Ethu From here; hence; from this place
হেথাথেকে
यहाँसे

ଏଠୁଁ—ଦେ. ଅ—ଏଠୁ ( ଦେଖ )
Ethuṅ Ethu ( See )

ଏଠେଇ—ଦେ. ଅ (ସଂ. ଏତଦ୍ ସ୍ଥାନେ. Beams)—
Ethei ୧ । ଏଠାରେ—1. Here; in this place.
হেথায় ୨ । ଏସ୍ଥାନରେ—2. At this place.
यहाँ ୩ । ଏ ପ୍ରସଙ୍ଗରେ—3. In this matter; regarding this subject.

ଏଠେଇଁ—ଦେ. ଅ—ଏଠେଇ (ଦେଖ)
Etheiṅ Ethei (See)

ଏଠେଇଁସେଠେଇଁ ହେବା—ଦେ. କ୍ରି—ଏଠାସେଠା ହେବା (ଦେଖ)
Etheiṅsetheiṅ hebā Ethāsethā hebā (See)

ଏଡ଼—ସଂ. ବିଣ. ପୁଂ ( ଇଲ୍ ଧାତୁ=କ୍ଷେପଣ କରିବା+ଅ )—ବଧିର; କାଲ—Short of hearing; deaf.
Erda
(ଏଡ଼ା—ସ୍ତ୍ରୀ) ସଂ. ବି. ପୁଂ—ମେଣ୍ଢା—Sheep.

ଏଡ଼କ—ସଂ. ବି. ପୁଂ (ଇଲ୍ ଧାତୁ=ଗମନ କରିବା+କର୍ତ୍ତୃ. ଅକ)—
Erdaka ୧ । ମେଣ୍ଢା—1. Sheep; ram.
(ଏଡ଼କା—ସ୍ତ୍ରୀ) ୨ । ବନ୍ୟ ଛାଗ—2. Wild goat

ଏଡ଼ଗଜ—ସଂ ବି—ଚକୁଣ୍ଡା (ଗଛ) (ଦେଖ)
Erdagaja Chākundā (tree) (See)

ଏଡ଼ମୂକ—ସଂ. ବିଣ. ପୁଂ (ଦ୍ୱନ୍ଦ୍ୱ; ଏଡ଼+ମୂକ)—ବଧିର ଏବଂ ମୂକ—
Erdamūka Both deaf and dumb.

ଏଡ଼ା—ଦେ. ବି—୧ । ତ୍ୟାଗ; ବର୍ଜନ—
Erdā 1. Leaving; giving up.
এড়ান ୨ । ଅବମାନନା—2. Disregard.
लाँघना ୩ । ଆଦେଶ ଲଙ୍ଘନ—
3. Transgression; disobeying.

ଏଡ଼ାଇବା—ଦେ. କ୍ରି—ଏଡ଼ିବାର ଣିଜନ୍ତ ରୂପ—
Erdaibā Causative form of Erdibā.

ଏଡ଼ାଏଡ଼ି—ଦେ. ବି—୧ । ବହୁବାର ଆଦେଶ ଲଙ୍ଘନ—
Erdāerdi 1. Transgression; repeated disobedience of order.
এড়াএড়ি
୨ । ଅବମାନନା—2. Disregarding; slighting.

ସାଧାରଣଙ୍କେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍ବତ୍ ଦେଖିବେ ।

ଏଡ଼ି—ଦେ. ବି (ସଂ. ଅଂଘ୍ରି. Beams)—
Erdi ୧ । ଗୋଡ଼ର ଗୋଇଠି—
এড়ি 1. The heel of the foot.
एड़ि; एड़ ୨ । ଜୋତାର ଗୋଇଠି ତଳର ଅଂଶ—
2. The heel of the shoe.
୩ । ଗୋଇଠି ଦ୍ୱାରା ଆଘାତ—
3. Blow given by the heel.
୪ । ଏଣ୍ଡି (ଦେଖ)—4. Endi (See)

ଏଡ଼ିକି—ଦେ. ବିଣ (ସଂ. ଏତାଦୃଶ)—୧ । ଏତେ ବଡ଼—
Erdiki 1. So large.
এতবড় ୨ । ଏହି ଆକାରର—
एताबड़ा 2. Of this dimension.
ମେରୁ ଏଡ଼ିକି ବୋଲି କହି ଦେଖାଇ—ଉପେ. ଲାବଣ୍ୟବତୀ ।
୩ । ଏହିପ୍ରକାରର—3. Of this kind.
ଦେ. କ୍ରି. ବିଣ—ଏଡ଼େ; ଏତେ ପରିମିତ—
So largely; such.

ଏଡ଼ି ବସାଇବା—ଦେ. କ୍ରି—ଗୋଇଠିର ଅଗ୍ରଦ୍ୱାରା ଚାପିବା—
Erdi basāibā To press with the heels.
এড়িবসান
एड़िबिठाना

ଏଡ଼ିବା—ଦେ. କ୍ରି—୧ । ପରିହାର କରିବା; ଛାଡ଼ିବା; ତ୍ୟାଗ କରିବା—
Erdibā 1. To get rid of; to shun; to avert.
এড়া କାମ କ୍ରୋଧ ଏ ସଂସାର ପୂର୍ଣ୍ଣ କରିଅଛି
लाँघना ଏହାକୁ ଏଡ଼ିଲେ ଯୋଗେ ମୁକ୍ତି ବାଟ ଅଛି ।
ସାରଳାମହାଭାରତ. ଶାନ୍ତି ।
୨ । ପଳାଇଯିବା—
2. To escape from.
୩ । ଅତିକ୍ରମ କରିବା; ଲଙ୍ଘନ କରିବା—
3. To pass over; to transgress; to go past without touching or meeting.
ଶ୍ରୀରାମଚନ୍ଦ୍ରଙ୍କ ଅବଲୋକନରେ ଜନମ ମୃତ୍ୟୁ ଏଡ଼ିବ ସେ ଜନ୍ତୁ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।
୪ । ( ଆଦେଶ ) ଅମାନ୍ୟ କରିବା—4. To disobey.
୫ । ଅବଜ୍ଞା କରିବା— 5. To disregard.
୬ । ( ବାଣ, ଶର ) ପ୍ରୟୋଗ କରିବା; ଲକ୍ଷ୍ୟବସ୍ତୁ ଅଡ଼କୁ ବାଣ ମାରିବା—6. To throw or fling an arrow towards a target.
କାଳ ସର୍ପାକୃତ ଶର ଏଡ଼ିଲି ସେ ମୁଦ୍ଦେ । ରଘୁନାଥ—ଦଶରଥବିୟୋଗ ।
୭ । ଅଡ଼ିବା; ଖେଳରେ ପଣ ବା ବାଜି ରଖିବା—
7. To lay as a wager
ମୁଁ ରେ ବୋଲେ ଘର ସବୁ ଦ୍ରବ୍ୟ କରି ଅଡ଼
ଏ ମୋହର ଦ୍ରବ୍ୟକୁ ତୋ ସୁଧର୍ମାକୁ ଏଡ଼ । ପୀତାମ୍ବର. ନୃସିଂହପୁରାଣ ।

ଏଡ଼ିମାରିବା—ଦେ. କ୍ରି. (ଘୋଡ଼ା ଉପରେ ଚଢ଼ି ଘୋଡ଼ାର କଡ଼କୁ)—
Erdimāribā ଗୋଇଠି ଦ୍ୱାରା ଆଘାତ କରିବା—
এড়িমারা To kick or give blows with the heels.
एड़िमारना

ଏଡ଼ୁକ—ସ. ବି. (ଇଡ଼ ଧାତୁ=ସ୍ତବ କରିବା; ପୂଜା କରିବା+ଅଧିକରଣ +ଉକ)—
Erduka
୧ । କବର; ସମାଧି; ଶ୍ମଶାନଚୈତ୍ୟ—
1. A tomb; a repository for the bones of the deceased
୨ । ପୂଜାଯୋଗ୍ୟ ବସ୍ତୁପୂର୍ଣ୍ଣ ବୌଦ୍ଧସ୍ତୂପ ବା ଚୈତ୍ୟ—
2 A Buddhistic sanctuary filled with sacred relics.
୩ । ଭିତ୍ତି; ମୂଳଦୁଆ—3. Foundation wall
୪ । ହିଂସା—4. Spite; malice.
୫ । ସମାଧି ମନ୍ଦିର—5. A memorial-temple built over the ashes or remains of a dead person.

ଏଡ଼ୂକ—ସଂ. ବି. ( ଇଡ଼ ଧାତୁ + ଊକ )—ଏଡ଼ୁକ ( ଦେଖ )
Erdūka Erduka ( See )

ଏଡ଼େ—ଦେ. ବିଣ ଓ ବିଣର ବିଣ ( ସଂ. ଈଦୃଶ )—ଏତେ ପରିମାଣର;
Erde ଏପରି ଆକୃତିବିଶିଷ୍ଟ—Of such dimensions;
এতবড় suchlike; of this size
एताबड़ा ମୋ ଥିବାଠାରେ ତୁମ୍ଭେ ଏଡ଼େ ଅଣ୍ଟ କଥା
କହୁଛ କର୍ଣ୍ଣ ଲଜ୍ଜା ନୁହଁ ଭୟ ବ୍ୟଥା ।
କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।
ଦେ. କ୍ରି. ବିଣ—ଏତେ ପରିମାଣରେ—So much; such.

ଏଡ଼େଇବା—ଦେ. କ୍ରି—ଏଡ଼ାଇବା ( ଦେଖ )
Erdeibā Erdāibā ( See )

ଏଡ଼େଉଁ ଏଡ଼େ କରିବା ·ଦେ.କ୍ରି—ଶିଶୁକାଳରୁ ଶିଶୁକୁ ପାଳି ବଢ଼ାଇବା-
Erdeuñ erde karibā To bring up a child.
এতবড়থেকে এতবড়করা
एताबड़ासेएताबड़ाकरना

ଏଡ଼େକ—ଦେ. ପଦ୍ୟ. ବିଣ ଓ ବିଣର ବିଣ—ଏଡ଼େ ( ଦେଖ )
Erdeka Erde ( See )
ଏମନ୍ତ ଦେଖିଣ ଭୃଗୁ ଦେଲେକ ଶାପ
ବିଷ୍ଣୁ ଅବତାରେ ଭଲ ଏଡ଼େକ ପାପ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଏଡ଼େଠଉଁ ଏଡ଼େ କରିବା—ଦେ.କ୍ରି—ଏଡ଼େଉଁ ଏଡ଼େ କରିବା (ଦେଖ)
Erdeṭhauñ erde karibā Erdeuñ erde karibā (See)

ଏଡ଼େବଡ଼—ଦେ. ବିଣ. (ସ. ଈଦୃଶ ଓ ବୃହତ୍)—ଏଡ଼େ ବୃହତ୍—
Erdebarda So large.
এতবড়
एताबड़ा

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇସ୍ତ | ଉଁଅ | ଊ |
| ୨ | ଈ | ଊ | ଋ | ଌ | ସ୍ପେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ଓ | ନ୍ତୁ |

ଏଡ଼େରୁ ଏଡ଼େ କରିବା—ଦେ. କ୍ରି—୧ । ସାହାଯ୍ୟ କରି କୌଣସି
Erderu erde karibā ଲୋକକୁ ଅତି ନଗଣ୍ୟ ଅବସ୍ଥାରୁ ଉନ୍ନତ ଅବସ୍ଥାକୁ ଆଣିବା—
1 To improve another person's condition by repeated help.
୨ । ଏଡ଼େଉଁ ଏଡ଼େ କରିବା ( ଦେଖ )
2. Erdeuñ erde karibā ( See )

ଏଡ଼େରୁ ଏଡ଼େ ହେବା—ଦେ. କ୍ରି—୧ । ଅତି ହୀନ ନଗଣ୍ୟ ଅବସ୍ଥାରୁ
Erderu erde hebā ଉନ୍ନତ ଅବସ୍ଥାକୁ ଆସିବା—
1. To rise high up from a mean position
୨ । ଶିଶୁ ଅବସ୍ଥା ଲଙ୍ଘନ କରି ବଡ଼ ହେବା—
2. To grow older after one's childhood.

ଏଡ଼ୋକ—ସଂ. ବ—ଏଡ଼ୁକ ( ଦେଖ )
Erdoka Erduka ( See )

ଏଣ—ଦେ. ସର୍ବନାମ—୧ । ଏହି ସ୍ଥାନ—
Eṇa 1. This place.
এখান ୨ । ଏହି ଅଞ୍ଚଳ—
इसआर 2. This quarter.
ଦେ. ବିଣ—ଏଠାକାର; ଏହି ଆଡ଼ର; ଏହି ଅଞ୍ଚଳର—
এখানকার Belonging or appertaining to this
इसओरको place or quarter.
ଦେ. (ପ୍ରାଚୀନ ସାହିତ୍ୟ)—ବିଭକ୍ତିର ଚିହ୍ନରୂପ ବିଶେଷ୍ୟ ପରେ ଲାଗେ—An inflection added to nouns to denote the 3rd, 5th and 7th cases.
(ଯଥା—୩ୟା ବିଭକ୍ତି ଚିହ୍ନ—ରେ; ଦ୍ୱାରା—With; by.
ଯଥା—କରେଣ ଶଙ୍ଖ ଚକ୍ର ଧରି । କମଳଲୋଚନ ଚଉଶଣା ।
୭ମୀ ବିଭକ୍ତି ରେ; ଠାରେ ।
୫ମୀ ବିଭକ୍ତି ରୁ; ଠାରୁ ।
ଯଥା—ଏମନ୍ତ ଅଙ୍ଗେଣ ପାପ ସ୍ପର୍ଶ ସାର ଥାଇ
ପ୍ରାଚୀ—ଶ୍ରୀ ଗୁରୁଭକ୍ତି ଗୀତା )
ସଂ. ବି. ପୁଂ ( ଇ=ଗମନ କରିବା+ଣ )—
(ଏଣୀ—ସ୍ତ୍ରୀ) ୧ । ମୃଗ; ହରିଣ—1. Deer; antelope.
୨ । କୃଷ୍ଣସାର ମୃଗ—2. Black antelope.

ଏଣକ—ସଂ. ବି. ପୁଂ (ଏଣ+ସ୍ୱାର୍ଥେ କ)—ଏଣ ( ଦେଖ )
Eṇaka Eṇa ( See )

ଏଣନୟନା—ସଂ. ବିଣ. ସ୍ତ୍ରୀ—ଏଣୀନୟନା ( ଦେଖ )
Eṇanayanā Eṇinayanā ( See )

ଏଣଫଳ—ଦେ. ବି—ମିରିଗାକୋଳି ( ଦେଖ )
Eṇaphaḷa Mirigākoḷi ( See )

ଏଣର—ଦେ. ବିଣ—ଏହି ଅଞ୍ଚଳର—
Eṇara Belonging to this quarter

ଏଣାଜିନ—ସଂ. ବି ( ୬ଷ୍ଠୀ ତତ୍; ଏଣ=ମୃଗ+ଅଜିନ=ଚର୍ମ )—
Eṇājina ମୃଗଚର୍ମ; କୃଷ୍ଣସାର ଚର୍ମ—
Hide of black antelope, deer-skin

ଏଣିକ—ଦେ. ଅ. (ସଂ. ଏତର)—୧ । ଏଠାକୁ; ଏଆଡ଼କୁ; ଏ ଦିଗକୁ—
Eṇiki 1 To this place; hither; to this side
ইদিগে or quarter; to this direction.
इधर
ଆସ ଆସ ଏବେ ଏଣିକ ଅସ;
ଭୂପଙ୍କୁ ମାନୁଅଛି ସୁନ୍ଦର ବେଶ । ବିଶ୍ୱନାଥ, ବିଚିତ୍ରରାମାୟଣ ।
୨ । ବର୍ତ୍ତମାନକୁ; ଆଜକାଲି; ଏ ସମୟକୁ—
2 To this time; now.
ତପୁତ୍ର ଦେଲୁ ସେ ଭାବ ଏଣିକ । ବଳଦ୍ୟୁ. କଶୋଗଚନ୍ଦ୍ର. ୬ ଗୀତ ।
୩ । ଅତଃପର; ଆଜିଠାରୁ; ଏଥି ପରେ—3. After this; from to-day; hence-forward.
ପୂର୍ବବର୍ଣ୍ଣ ଏଣିକ, ପଶ୍ଚାଦବେ ମୂର୍ତ୍ତିମନ୍ତ ଭଜନ ଶ୍ରେଣୀ କ ।
ବଳଦ୍ୟୁ. କଶୋଗଚନ୍ଦ୍ର. ୫ ଗୀତ
୪ । ଭବିଷ୍ୟତରେ—4. In future.
ଏବେ ଏଣିକ ହେବେ ମୋ ପୁଏ ଲୁଗାଗାଡ଼ ।
ଭକ୍ତକବି. ଗୀତଲହରୀ ।

ଏଣିକତେଣିକ—ଦେ. କ୍ରି. ବିଣ. (ସଂ. ଏତଦ୍ ଓ ତଦ୍)—
Eṇikiteṇiki ଚାରିଆଡ଼କୁ; ଚାରିଆଡ଼େ; ଏଣେ ତେଣେ—
এদিগ সেদিগ On all sides; on all directions.
इधर उधर

ଏଣିକତେଣିକ ହେବା—ଦେ. କ୍ରି.—୧ । ଅସ୍ଥିର ହେବା—
Eṇikiteṇiki hebā 1. To move about.
এদিগ ওদিগ হওয়া ୨ । ଇତସ୍ତତଃ—
इधर उधर होना 2. Here and there.

ଏଣିକସେଣିକ—ଦେ. କ୍ରି. ବିଣ.—ଏଣିକତେଣିକ (ଦେଖ)
Eṇikiseṇiki Eṇikiteṇiki (See)

ଏଣିତେଣି—ଦେ. ପ୍ରାଚୀନ ପଦ୍ୟ କ୍ରି. ବିଣ.—ଏଣିକତେଣିକ (ଦେଖ)
Eṇiteṇi Eṇikiteṇiki (See)
ଛନ ଛନ ହୋଇ ବୁଲନ୍ତି ଏଣି ତେଣି ।
କୃଷ୍ଣସିଂ. ମହାଭାରତ, ବନ

ଏଣୀ—ସଂ. ବି. ସ୍ତ୍ରୀ. (ଏଣ=ମୃଗ+ସ୍ତ୍ରୀ. ଈ)—ହରିଣୀ—
Eṇi She-deer.

ଏଣୀନୟନା—ସଂ ବି. ସ୍ତ୍ରୀ. (ବହୁବ୍ରୀହି ଏଣୀ+ନୟନ+ସ୍ତ୍ରୀ. ଆ)—
Eṇinayanā ମୃଗନୟନା; ଯେଉଁ ସ୍ତ୍ରୀର ଚକ୍ଷୁ ମୃଗୀଚକ୍ଷୁ ପରି ସୁନ୍ଦର (ମୃଗୀର ଚକ୍ଷୁ ସରୁଅ ଓ ଲମ୍ବ)—(woman) With eyes; like those of the deer; fair-eyed gazelle-eyed.

ଏଣୁ—ଦେ. ଅ. (ସଂ. ଏତଦ୍)—୧ । ଏହିଠାରୁ; ଏହିସ୍ଥାନରୁ—
Eṇu 1. From this place; hence.
এজন্য ୨ । ଏହି ଦିଗରୁ; ଏହି ପକ୍ଷରୁ—
इसवजहसे 2. From this side.

ସାଧାରଣ ଲୋକେ ଅପର ପୃଷ୍ଠାରେ ପତିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; ବଂଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଏହି କାରଣରୁ; ଏ ହେତୁ— 3. For this reason.

ତୁମ୍ଭର ଅସ୍ଥି ନାହିଁ ଭଲ, ଏଣୁ ମୋ ଦୁଃଖ ଏ ବୋଲ । —ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

୪ । ଏ ଉତ୍ତାରୁ—4. After this.

**ଏଣୁ ଆସୁଁ ତେଣୁ ଆସୁଁ**—ଦେ. କ୍ରି. ବିଣ.—୧ । ଅନବରତ; ଅବିଶ୍ରାନ୍ତ ଭାବରେ—
Enuñ āsuñ tenu āsuñ
हरदम — 1. Constantly.
୨ । ପୁନଃ ପୁନଃ—Repeatedly.

**ଏଣୁଁ**—ଦେ. ଅ.—ଏଣୁ (ଦେଖ)
Enuñ — Enu (See)

**ଏଣୁକରି**—ଦେ. ଅ. (ସଂ. ଅତଃ)—୧ । ଏହି କାରଣରୁ; ଏଥିଲାଗି; ଏହେତୁ—1. Herefore; hence; for this reason.
Enukari
এজন্যে
ईसवास्ते

ଏଣୁକରି କଥାରେ କହୁଛ ମୁଁ ପୂଜା । —କୃଷ୍ଣସିଂହ. ମହାଭାରତ. ବନ ।

୨ । ଅତଏବ—2. Therefore.

**ଏଣୁକିରି**—ଗ୍ରା. ଅ—ଏଣୁକରି ( ଦେଖ )
Enukiri — Enukari ( See )

**ଏଣୁତେଣୁ**—ଗ୍ରା. ଅ—( ସ. ଏତଦ୍ ଓ ତଦ୍ )—ସ୍ଥାଦ୍ଭୁ ସ୍ୱାଦ୍ଭୁ—
Enutenu — From this side and that.
আবোল তাবোল — ଦେ. ବି -୧ । ଗୋଳମାଳ—1. Confusion.
अंडबंड — ୨ । ଅନିଶ୍ଚୟ —2. Uncertaining.
୩ । ଅନିଶ୍ଚିତ କଥା—3. Uncertain matter.
୪ । ଅନିୟମ—4. Irregularity.
୫ । ଅଶ୍ରାବ୍ୟ କଥା; ଅବକ୍ତବ୍ୟ କଥା— 5. Obscene words.
୬ । ଅଖାଦ୍ୟ—6. Bad food.
୭ । କୁକଥା—7. Bad words; evil words.
୮ । ମନ୍ଦକାର୍ଯ୍ୟ— 8. Bad acts; evil deeds.
୯ । ଅସମ୍ବଦ୍ଧ ପ୍ରଳାପ— 9. A mad man's ravings.
୧୦ । ଅନମେଳିତା—10. Miscellaneous things.

କହେ ଲେଖେ ଏଣୁତେଣୁ ମନକୁ ଯା ଆସେ—ରାଧାନାଥ. ଚିଲିକା ।

ଦେ. ବିଣ—୧ । ଅବିନ୍ୟସ୍ତ— 1. Irregular; unsystematic.
୨ । ଅସମ୍ବନ୍ଧ—2. Unconnected; disjointed.
୩ । ଅନିଶ୍ଚିତ—3. Uncertain.
୪ । ଓଲଟପାଲଟ; ଅସଂନ୍ୟସ୍ତ— 4. Tupsy turvy.
୫ । ଗୋଳମାଳିଆ—5. Confused.
୬ । ବାଛେ—6. Miscellaneous; mixed.

**ଏଣୁତେଣୁଆ**—ଦେ. ବିଣ—୧ । ଯାହାର କଥାରେ ବା କାର୍ଯ୍ୟରେ ଠିକଣା ନାହିଁ—1 Unprincipled.
Enutenuā
বেঠিকানা — ୨ । ଯାହାର ପିତାମାତାର ଠିକଣା ନାହିଁ—
बेठिकाना — 2 Of unascertained birth; of illegitimate birth.

**ଏଣୁ ଯାଉଁ ତେଣୁ ଯାଉଁ**—ଦେ. କ୍ରି. ବିଣ—
Enu jāuñ tenu jāuñ — ଏଣୁ ଆସୁଁ ତେଣୁ ଆସୁଁ ( ଦେଖ )
Enu āsuñ tenu āsuñ ( See )

**ଏଣେ**—ଦେ. ଅ. ( ସଂ. ଏତଦ୍ )—୧ । ଏ ବିଷୟରେ—
Ene — 1. In this matter
(ତେଣେ—ବିପରୀତ) ସୁଜନେ ଏଣେ କଥ ଚିନ୍ତ—ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।
এদিগে — ୨ । ଏ ଦିଗରେ; ଏ ପକ୍ଷରେ—2. In this side.
इधर — ୩ । ଏହି ପ୍ରକାରେ—3. In this manner.

ସୁଜନେ ଏଣେ ଜନ ବଶ ।
କୃଷ୍ଣ ଭକତ ନୁହେ ସ୍ୱଶ—ଜଗନ୍ନାଥ. ଭାଗବତ ।

୪ । ଏ ଦିଗକୁ; ଏଠାକୁ 4. To this side or place.
୫ । ଏତଦ୍ୱାରା; ଏଥିରେ—5. By this.

ଅଜ୍ଞ ଅସୁର ଏଣେ ନାଶ ।
ନରକେ ସୁଖ ଦୁଃଖେ ପ୍ରାସ—ଜଗନ୍ନାଥ. ଭାଗବତ ।

୬ । ଏମାନଙ୍କ ସଙ୍ଗେ—6. With these.

ଶ୍ୱାନ ଶୂକର ଭସ୍ମ, ଖର ।
ଏଣେ ସମାନ ସେହି ନର—ଜଗନ୍ନାଥ, ଭାଗବତ ।

**ଏଣେଁ**—ଦେ. ଅ—ଏଣେ ( ଦେଖ )
Eneñ — Ene ( See )

**ଏଣେତେଣେ**—ଦେ. ଅ. ( ସଂ. ଏତଦ୍ ଓ ତଦ୍ )—
Enetene — ୧ । ଏଆଡ଼େ ସେଆଡ଼େ—
ইতিউতি — 1. To this side and that.
इधर उधर — ଏଣେତେଣେ ନିଜ ପ୍ରାଣ ଅଟକେ ଦକଳ—ରାଧାନାଥ. କେଶୀସଂହାର ।
୨ । ଚତୁର୍ଦ୍ଦିଗରେ—2. In all directions
୩ । ଚତୁର୍ଦ୍ଦିଗକୁ—3. To all directions.

**ଏଣେଁ ତେଣେଁ**—ଦେ. ଅ—ଏଣେ ତେଣେ ( ଦେଖ )
Eneñ teneñ — Ene tene ( See )

**ଏଣ୍ଟର୍ କରିବା**—ଦେ. କ୍ରି—୧ । କୌଣସି ରେଜେଷ୍ଟରରେ ନାମ ବା କୌଣସି ବିଷୟ ଲେଖିବା—
Entar kariba
এণ্টরকরা — 1. To enlist ( a name or a matter into a register).
एण्टर करना
୨ । କ୍ରିକେଟ୍ ଖେଳରେ ବା ଅନ୍ୟ କୌଣସି ପ୍ରତିଯୋଗିତା ଥିବା ଖେଳରେ ଏକ ପକ୍ଷର ଅନ୍ତର୍ଭୁକ୍ତ ହେବା— 2. To enter into a match or competition.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଜ | ଢ଼,ଡ଼ | ଝ° | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଚ | ଷ,ଶ | ଙ୍କ | ଇଯ଼ | ଉଅ | ଊଁ |
| ୨ | ଞ | ଭ | ଲୁ | ଲୂ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ● | କ୍ଷ |

ଏଣ୍ଟରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଏଁଟ୍ରାଇବା ( ଦେଖ )
Enṭarāibā Eñtrāibā ( See )

ଏଣ୍ଟଲା—ବୈଦେ. ବି. ( ତୈଲଙ୍ଗୀ)—(ଗଞ୍ଜାମ ଜିଲ୍ଲାରେ ବ୍ୟବହୃତ )—
Enṭalā ଡମଜାତି—The Dama caste

ଏଣ୍ଟ୍ରାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଏଁଟ୍ରାଇବା ( ଦେଖ )
Enṭrāiba Eñtrāibā ( See)

ଏଣ୍ଡ୍— ବୈଦେ. ଅ. (ଇଂ. ଅଣ୍ଡ୍ )—ଏବଂ; ଇଂରାଜୀରେ ଏବଂ ବାଣିଜ୍ୟ-
Eṇḍ ସଂପୃକ୍ତ କମ୍ପାନୀ ପୂର୍ବରୁ ନାମମାନଙ୍କ ସଙ୍ଗେ ପ୍ରଯୁକ୍ତ, ଯଥା—
এণ্ড ନରହରି ଚିନ୍ତାମଣି ଏଣ୍ଡ୍ କୋଂ—The word And in
एण्ड Narahari Chintāmaṇi & Co.

ଏଣ୍ଡକୋ —ଦେ ବି. (ଇଂ and ଏବଂ Companyର ସଂକ୍ଷେପ Co.) –
Eṇḍko (ଅମୁକ ବ୍ୟକ୍ତି ) ଏବଂ କମ୍ପାନୀ ( ଯୌଥକାରବାର )—
এণ্ডকো (such a person) And Co.
एण्डको

ଏଣ୍ଡ୍ରା—ପ୍ରାଦେ. ( ସମ୍ବଲପୁର ) ବିଣ—ଅଣ୍ଡିରା—
Eṇḍrā Male.

ଏଣ୍ଡ୍ରାଇବା— ପ୍ରାଦେ. ( ସିଂହଭୂମ ) କ୍ରି—ତରାଟି ଚାହିଁବା—
Eṇḍrāibā To stare

ଏଣ୍ଡ—ଦେ. ବି—ଏଣ୍ଡୁଅ ( ଦେଖ )
Eṇḍa Eṇḍua ( See )

ଏଣ୍ଡକେରା —ପ୍ରାଦେ. ( ସମ୍ବଲପୁର ) ବି—୧ । ବର୍ଷା ହେଉଥିବା
Eṇḍakerā ସମୟରେ ହଳରେ ଧାନ ବୁଣାଯିବା ପ୍ରଣାଳୀ—
1 System of sowing paddy during a shower.
୨ । ବନ୍ୟଫୁଲବିଶେଷ —
2. Name of a wild flower

ଏଣ୍ଡା — ପ୍ରାଦେ. ( ଗଞ୍ଜାମ ) ବି—ଏଣ୍ଡୁଅ ( ଦେଖ )
Eṇḍā Eṇḍua ( See )

ଏଣ୍ଡାଲଇ—ପ୍ରାଦେ. ( ଗଞ୍ଜାମ ) ବି.—( ବୈଦ୍ୟକ ) ମାଘିଲଇ (ଦେଖ)
Eṇḍālai Māghilai (See)

ଏଣ୍ଡି—ଦେ. ବି. ( ସଂ. ଏରଣ୍ଡ = ଗଚ୍ଛ )—ଆସାମ ଦେଶଜାତ
Eṇḍi ଏକପ୍ରକାର ଟସର ବା ରେସମବସ୍ତ୍ର—
এঁড়ি A kind of silk-cloth made in Assam
एण्डि Eri-silk.
[ ଦ୍ର—ଏହି ରେସମକୁ ଉତ୍ପନ୍ନ କରିବା କୀଟମାନେ ଏରଣ୍ଡ ବା ଗଚ୍ଛପତ୍ର ଖାଇ ଜୀବନ ଧାରଣ କରୁଥିବାରୁ ଏହି ନାମ ହୋଇଅଛି ।]

ଏଣ୍ଡିଚାଷ—ଦେ. ବି—ଏଣ୍ଡି ପୋକକୁ ପାଳି ସେମାନଙ୍କ ଠାରୁ ଏଣ୍ଡି ନାମକ
Eṇḍichāsha ରେସମସୂତା ଅମଦାନି କରିବାର ବୃତ୍ତି—
এঁড়িচাষ Eri-culture.
एण्डिचाष [ ଦ୍ର—ଏଣ୍ଡିପୋକମାନଙ୍କୁ ଗଚ୍ଛପତ୍ର ଖାଇବାକୁ ଦେଲେ କୋଡ଼ିଏ ଦିନରେ ଏମାନେ ପାକଳ ହୋଇ ଖୋଷା ତିଆରି କରନ୍ତି । ଖୋଷା କାଟି ପତଙ୍ଗ ପ୍ରଜାପତି ହୋଇ ବାହାରି ଗଲେ ସେହି ଖୋଷାକୁ ପାଣିରେ ବତୁରାଇ ରଖି ତା ପରେ ସୋଡ଼ାମିଶା ପାଣିରେ ସିଝାଇ ଶୁଖାଇ ହାତରେ ତାକୁ ଉଣି ଅରଟରେ କାଟି ସୂତା କରାଯାଏ—ଉଦାହରଣ—ଏଣ୍ଡି କୃଷକ ସ୍ତବକ ।]

ଏଣ୍ଡିପୋକ—ଦେ. ବି—ଏଣ୍ଡି ସୂତାର ଖୋଷା ବାନ୍ଧିବା ପୋକ—
Eṇḍipoka Eri-silk worms.
এঁড়িপোকা [ ଦ୍ର—ଏମାନେ ନେଳଆ ଓ ଏକ ଅଙ୍ଗୁଳ ପର୍ଯ୍ୟନ୍ତ
एण्डिपोका ବଢ଼ନ୍ତି ଏବଂ ଏମାନେ ଜନ୍ମଠାରୁ କୋଡ଼ିଏ ଦିନେ ଖୋଷା ବାନ୍ଧନ୍ତି । ]

ଏଣ୍ଡୁଅ—ଦେ. ବି. ( ସଂ. ନାମ କୃକଳାସ; ପ୍ରତିସୂର୍ଯ୍ୟକ; ସରଟ )—
Eṇḍua ସରଟ ନାମକ ଏକ ପ୍ରକାର ସରୀସୃପ—
গিরগিট Chameleon
गिरगिट ତଡ଼ପାଶେ ବନ ଭୂମି ଏଣ୍ଡୁଅ ହେଲ ।
କବି ଗଙ୍ଗାଧର, କବିଳାସୁନାସୁଣ ।

ଏଣ୍ଡୁକା—ପ୍ରାଦେ (ବାଲେଶ୍ୱର) ବି—ଏଣ୍ଡୁଅ ( ଦେଖ )
Eṇḍukā Eṇḍua ( See )

ଏଣ୍ଡୁରି—ଦେ ବି—ବିରି ଓ ଚାଉଳ ବଟା ହାଣ୍ଡି ଅଥାରରେ ସିଝିବା
Eṇḍuri ପିଷ୍ଟକବିଶେଷ—A kind of steamed
(ଇଣ୍ଡୁରୀ—ଅନ୍ୟ ରୂପ) cake prepared from Brihi and Rice.
[ଦ୍ର—୧ । ପୁରୀ ଜିଲ୍ଲାରେ କେତେକ ବ୍ରାହ୍ମଣଶାସନରେ ଦୁର୍ଗା-ପୂଜା-ପର୍ବ-ଉପଲକ୍ଷରେ ଗ୍ରାମଠାକୁରାଣୀଙ୍କୁ ଭୋଗ କରାଯିବା ଏକ ହାତ ବା ତହୁଁ ଅଧିକ ବ୍ୟାସବିଶିଷ୍ଟ ଏଣ୍ଡୁରିକୁ—ଉପନ ଏଣ୍ଡୁରି କହନ୍ତି । ୨ । ସାନ ସାନ ଏଣ୍ଡୁରି ପିଠାକୁ—ଜଣି ଏଣ୍ଡୁରି ବା ନସଣ୍ଡଏଣ୍ଡୁରି କହନ୍ତି । ୩ । ଯେଉଁ ଏଣ୍ଡୁରି ମଧ୍ୟରେ ପୁର ଦିଆଯାଇଥାଏ ତାହାକୁ—ପୁରଏଣ୍ଡୁରି କହନ୍ତି । ୪—ଯେଉଁ ଏଣ୍ଡୁରିରେ ପୁର ନ ଥାଏ ତାହାକୁ—ବାଞ୍ଝ ଏଣ୍ଡୁରି କହନ୍ତି । ଧନୁମୂଅଁ ପର ବଡ଼ ଏଣ୍ଡୁରିକୁ—ମୁଅଁ ଏଣ୍ଡୁରି କହନ୍ତି । ]

ଏଣ୍ଡୁଲା—ଦେ.ବି.(ସଂ.ଖଲଶ)—ଏକପ୍ରକାର ଡ଼ିମ୍ବା ଡ଼ିମ୍ବା ଆଖିଥିବା କାଉଁଆ
Eṇḍulā ମାଛ (ଏମାନେ ପାଣି ଉପରେ ଆଖି ଟେକି ପହଁରୁ ଥାନ୍ତି
(ଇଣ୍ଡୁଲା—ଅନ୍ୟରୂପ) ଓ ନଦୀରେ ଥାଆନ୍ତି, ହାତେ ପର୍ଯ୍ୟନ୍ତ ଲମ୍ବ
খরিশলা; খলিশা; ହୁଅନ୍ତି)—A kind of fresh-water
कनिआ ; टेंगरा fish (found in rivers) the Mugil Corsula

ଏତ୍କେଁ—ପ୍ରାଦେ. (ସମ୍ବଲପୁର) ଅ—ଏତେବେଳେ—
Etkeñ On this; in this; after this.

ଏତ—ସଂ. ବିଣ ( ଇ ଧାତୁ = ଗମନ କରିବା + ତ)—
Eta ୧ । ନାନାବର୍ଣ୍ଣ ବିଶିଷ୍ଟ; ଇନ୍ଦ୍ରଧନୁର ରଙ୍ଗବିଶିଷ୍ଟ—
Multicoloured; rainbow-coloured.

ସାଧାରଣ ଲୋକେ ଅପର ସ୍ଥଳରେ ପ୍ରଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥାବଳୀରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲଂକାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୨ । ଆଗତ; ପ୍ରାପ୍ତ—2. Arrived; attained; received.

ସଂ. ବି.—୧ । ହରିଣ; କୃଷ୍ଣସାର ମୃଗ—1. Black antelope; deer.

୨ । ଚିତ୍ର ମୃଗ—2. Spotted deer.

ଦେ. ସର୍ବ—ଏହା ତ; ଏହା ମଧ—This too; this also.

ଏତକ—ଦେ ସର୍ବ—ଏହି ପରିମାଣର ବସ୍ତୁ; ଏହି ସାମାନ୍ୟ କାର୍ଯ୍ୟ; ଏହିମାତ୍ର କଥା — This much; this quantity; this much work; this little matter.

Etaka

অত; এত

एतना

କହୁଣ ଏତକ ବଚନ ମହୂଣୀ ପଡ଼ୁ ଗଲେ ପୁଣି ଧରଣୀ ତଳ ।

ନନ୍ଦକିଶୋର· କୃଷ୍ଣକୁମାର ।

ଦେ. ବିଣ—ଏହିପରିମିତ; ଏହିମାତ୍ରକ; ଏହା—This much; this; so much

ଏତକେ—ଦେ. ଅ—୧ । ବୋଧହୁଏ; ଅବା—1. Perhaps.

Etake

୨ । ଏହା ଉତ୍ତାରେ—2. After this.

ଏତତ୍—ସଂ. ସର୍ବ. ( ଅ=ସମ୍ୟକ+ଇ ଧାତୁ=ଗମନ କରିବା +ଅଦ୍ )—

Etat

୧ । ଏହା; ଏହି—1. This.

୨ । ସମ୍ମୁଖସ୍ଥ; ଉପସ୍ଥିତ; ବର୍ତ୍ତ କହାଯାଉଥିବା—2. Present; under review.

ଏତଦ୍—ସଂ. ସର୍ବ—ଏତତ୍ ( ଦେଖ )

Etad Etat ( See )

ଏତଦ୍ଭିନ୍ନ—ଦେ. ଅ ( ସଂ. ଏତଦ୍+ଭିନ୍ନ )—

Etadbhinna ୧ । ଏହାଛଡ଼ା—1. Besides this; apart from this.

এতদ্ভিন্ন

इसकेउपरान्त ୨ । ପକ୍ଷାନ୍ତରରେ—2. On the other hand

୩ । ଅଧିକ; ଏବଂ—3. Also; and also.

ଏତନ—ସଂ. ବି. ( ଆ=ସମ୍ୟକ୍+ଇ ଧାତୁ=ଗମନ କରିବା+ତନ; ଯାହା ସତତ ଗମନ କରେ )—ନିଶ୍ୱାସ—Breath

Etana

ଏତନମଧ୍ୟରେ—ଗ୍ରା. ଅ. ( ସଂ. ଏତନ୍ମଧ୍ୟ )—

Etanmadhyare ୧ । ଇତି ମଧ୍ୟରେ—1. In the mean time.

এতনমধ্যে

इतनेमे ୨ । ଏହି ଅବସରରେ—2. In this interval.

୩ । ଏମାନଙ୍କ ମଧ୍ୟରେ—3 Amongst these.

ଏତନ୍ମଧ୍ୟରେ—ଦେ. ଅ—ଏତନମଧ୍ୟରେ ( ଦେଖ )

Etanmadhyare Etanamadhyare ( See )

ଏତନ୍ମଧ୍ୟେ—ସଂ. ଅ. ( ସଂ ଏତଦ୍+ମଧ୍ୟେ )—

Etanmadhye ୧ । ଏତନମଧ୍ୟରେ ( ଦେଖ ) 1. Etanamadhyare (See)

୨ । ଏଥି ଭିତରେ—2. Inside this.

ଏତନ୍ମାତ୍ର—ସଂ. କ୍ରି. ବିଣ ଓ ବିଣ—

Etanmātra ୧ । ଏତିକି ମାତ୍ର—1. This much.

୨ । ବର୍ତ୍ତମାନ—2. Just now.

ଏତଲା—ଦେ. ବି ( ଆ. ଇତାଲା ଇତ୍ତିଲା)—୧ । ସମ୍ବାଦ; ଖବର—1. Information.

Etalā

ইতালা ୨ । ଜ୍ଞାପନ—2. News; giving information.

इत्तिला ୩ । ଥାନାରେ ଦିଆଯିବା ଅପରାଧର ପ୍ରଥମ ଖବର ବା ଇଜାହାର—3. First information of the commission of an offence given to a police-officer.

୪ । ଜ୍ଞାତସାର—4 Knowledge

ଏତଲାଇ—ଦେ. ବି ( ଆ. ଇତାଲା )—ଏତଲା ( ଦେଖ )

Etalāi Etalā ( See )

ଜଳଭୂବନାମରେ ପଢ଼ିଲେ ପୋଲିସରେ ଏତଲାଇ ଗର୍ଜି ଉଠିବ ।

ଫକୀରମୋହନ· ଛମାଣଆଠଗୁଣ୍ଠ ।

ଏତଲା କରିବା—ଦେ. କ୍ରି—୧ । ଜଣାଇବା; ସମ୍ବାଦଦେବା—1. To give information; to send intimation.

Etalā karibā

ইতলাকরা

इत्तलादेना ୨ । ଥାନାରେ ଅପରାଧ ଘଟଣାର ସମ୍ବାଦ ଦେବା; ଥାନାରେ ଇଜାହାର ଦେବା—2. To lodge the first information of an offence in the police-station.

ଏତଲାକାଟିବା—ଦେ. କ୍ରି—ଥାନାରେ ପୁଲିସ୍ କର୍ମଚାରୀ କୌଣସି ଅପରାଧର ସମ୍ବାଦ ପାଇ ତାହା ସମ୍ବାଦଦାତାର କଥିତମତେ ଲିପିବଦ୍ଧ କରିବା—(a police-officer incharge of a police-station) To note down the first information of an offence as given by the informant.

Etalākāṭibā

ইতালাকাটা

इत्तलाकाटना

ଏତଲା ଦେବା—ଦେ. କ୍ରି—ଏତଲା କରିବା ( ଦେଖ )

Etalā debā Etalā karibā ( See )

ଏତଲାନାମା—ବୈଦେ. ବି ( ଆ. ଇତ୍ତିଲାନାମହ )—ଅଦାଲତର ବିଜ୍ଞାପନପତ୍ର ବା ଆଦେଶପତ୍ର—Notice issued by a court.

Etalānāmā

ইতালানামা

इत्तलानामा ମକଦ୍ଦମାର ଏତଲାନାମା ଛତ୍ରିନାଙ୍କ ପରୁଆନା ସବୁ ମୋ ପାଖରେ ଅଛି—

ଫକୀରମୋହନ· ଛମାଣଆଠଗୁଣ୍ଠ ।

ଏତହୁଁ—ଦେ. ଅ—ଏହାଛଡ଼ା—Besides this

Etahuñ ଏଣୁ ସେ ଲଭେ ବ୍ରହ୍ମଜ୍ଞାନ, ଏତହୁଁ ପଥ ନାହିଁ ଆନ ।

ଜଗନ୍ନାଥ· ଭାଗବତ

ଏତା—ଗ୍ରାଦେ. (ଗଞ୍ଜାମ, ଗଡ଼ଜାତ ଓ ଖୋରଧା ଅଞ୍ଚଳ) ସର୍ବ (ସଂ. ଏତଦ୍)

Etā ଏହି; ଏହା; ଏହାତ; ଏକଥା—This; this matter.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍କ | ଞ | ଣ୍ଟ,ଣ୍ଠ | ଙ୍ଗ | ଉଚ୍ଚ | ତ୍ଥ | ଢ |
| ୨ | ଈ | ଔ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଖ | ଯ | ସ୍ତ | ଙ୍ଘ | ଞ୍ଚ | ଓ | ଦୃ |

ଏତାକେତା—ଦେ. ବଣ—ଟୁକୁଟୁକ; ଛିନ୍ନ ଭିନ୍ନ; କେତା କେତା—
Etāketā Shattered to pieces or torn
এটাকেটা to shreds; reduced to tatters.

ଏତାକେତା କରିବା—ଦେ. କ୍ରି—ଟୁକ ଟୁକ କରିବା—
Etāketā kari̇bā To tear to pieces.
এটাকেটা করনা

ଏତାଦୃକ୍—ସଂ. ବଣ ( ଏତତ୍+ଦୃଶ ଧାତୁ=ଦେଖିବା+କ୍ୱିପ୍=
Etādṛuk ଏତାଦୃଶ୍ ଶବ୍ଦ. ୧ମା ୧ବ )—ଏହିପ୍ରକାରର;
(ଏତାଦୃଶୀ—ସ୍ତ୍ରୀ) ଏହି ରୂପର—Like this; such like;
of this kind; belonging
to this class.

କ୍ରି. ବଣ—ଏହିପରି; ଏ ପ୍ରକାରେ—In this way; so;
in this manner; such; like this.

ଏତାଦୃଶ୍—ସଂ. ବଣ—ଏତାଦୃକ୍ (ଦେଖ)
Etādṛuś Etādṛuk (See)

ଏତାଦୃଶ—ଦେ. ବଣ (ସଂ. ଏତାଦୃଶ୍)—ଏତାଦୃକ୍ (ଦେଖ)
Etādṛuśa Etādṛuk (See)

ଏତାବତ୍—ସଂ. ଅ. ଓ କ୍ରି. ବଣ—୧ । ଏପର୍ଯ୍ୟନ୍ତ—
Etābat 1. Thus far; up to this time.
୨ । ଆଜଯାଏ—
2. Till now; till to day.
୩ । (ଏତତ୍+ବତ୍) ଆଜିପର୍ଯ୍ୟନ୍ତ—
3. Upto the present moment.
ସ. ବଣ—୧ । ଏହିପରିମାଣର; ଏତେ—
1. So much; this much.
୨ । ଏତେବଡ଼—2 So great; so large.

ଏତାବତ୍କାଳ—ସଂ. ବି—ଆଜିପର୍ଯ୍ୟନ୍ତ ସମୟ—
Etābatkāla The time upto the present.

ଏତାବତା—ସଂ. ଅ. ଓ କ୍ରି. ବଣ (ଏତାବତ୍+ଆ)—୧ । ଏହାଦ୍ୱାରା—
Etābatā 1. By this.
୨ । ଏଥିରୁ—2. From this.

ଏତାବାନ୍—ସଂ. ବଣ ( ସଂ. ଏତାବତ୍. ୧ମା. ୧ବ. )—
Etābān ୧ । ଏହି ପରିମାଣର—1. So much.
(ଏତାବତୀ—ସ୍ତ୍ରୀ ) ୨ । ଏତେ—2. Of this quantity.
୩ । ଏହିମାତ୍ର—3. This only.
୪ । ଏତିକ; ଏତିକି—4. This much.

ଏତାର—ପ୍ରାଦେ (ସିଂହଭୂମ) ସର୍ବ—ଏହାର—
Etāra Of this.

ଏତିକା—ଗ୍ରା. ବଣ. ଓ ସର୍ବନାମ—ଏତିକି (ଦେଖ)
Etikā Etiki (See)

ଏତିକି—ଦେ. ସର୍ବ. ( ସଂ. ଇୟତ୍ )—ଏହି ପରିମାଣ ମାତ୍ର; ଏହି
Etiki ବିଷୟ ମାତ୍ର—This much; this.
অত ଜାଣିଲୁ ଏତିକି ମାତ୍ର ମୋ ଲଳାଟେ, ଯାହା ଇଚ୍ଛା ତୋର ତାହା କର ।
एतन ; इतना କବିସୂର୍ଯ୍ୟ. ଚମ୍ପୁ ।
ଦେ. ବଣ—ଏହି ପରିମାଣର; ଏହି ପରିମିତ—So much.
ଦେ. ଅ—ଏହି ପର୍ଯ୍ୟନ୍ତ—
This far; this much; upto this.

ଏତେ—ଦେ. ସର୍ବ. ବଣ ଓ ଅ (ସଂ. ଇୟତ୍ ଶବ୍ଦରୁ)—
Ete ୧ । ଏହି ପରିମାଣ—1. This much.
କେ ଧର୍ମ ମାଗୁଥିଲୁ ତୋତେ,
ତାହାଙ୍କୁ ବୁଦ୍ଧି ଦେଲୁ ଏତେ—ଭୂପତି—ପ୍ରେମପଞ୍ଚାମୃତ ।
অত ୨ । ଏହି ପରିମାଣର; ଏହି ସଂଖ୍ୟକ—
अत; इतना; एता 2. So much; so many; of this
quantity or number.
୩ । ଏହିପରିମାଣରେ; ଏପ୍ରକାରେ—
3. So much; so far.
ତାହାଙ୍କ କଳୁ ସ୍ୱର୍ଗ କହ୍ନ,
ଗୁଣ ବୈଷମ୍ୟ ଏତେ ହୋଇ—ଜଗନ୍ନାଥ. ଭାଗବତ ।
୪ । ଏହା—4. This.
ଏହା କହି ବ୍ରାହ୍ମଣ ଯେ ଗଲେ ନିଜ ଘର—ବିଶ୍ୱନାଥ. ବିଚିତ୍ରରାମାୟଣ ।

ଏତେକ—ଦେ. ସର୍ବ. ବଣ. ଓ ଅ—ଏତେ (ଦେଖ)
Eteka Ete (See).
ଅଠର ଅଧ୍ୟାୟରେ ଏତେକ କଲେ ଶେଷ—କୃଷ୍ଣସିଂହ. ମହାଭାରତ, ଅବ ।

ଏତେକ ଉତ୍ତାରେ—ଦେ. ଅ (ସଂ. ଅତଃ)—ଅତଃପର; ଏହାପରେ—
Etekauttāre After this; subsequent to this.
ওরপর
इसकेबाद

ଏତେକମାତ୍ର—ଦେ. ଅ—ଏତେପରିମାଣମାତ୍ର—
Etekamātra This much only; so much only.
অতমাত্র
इतना

ଏତେକାଳ—ଦେ. ବି. (ସଂ. ଏତତ୍+କାଳ)—୧ । ଏତେ ସମୟ;
Etekāla ଏ ପର୍ଯ୍ୟନ୍ତ କାଳ—
অতকাল; এতবেলা 1. So much time.
एति बखत ୨ । ଏ ସମୟ—2. This time.
୩ । ବର୍ତ୍ତମାନ—3. Now.
୪ । ଏତେ ବହୁତ ସମୟ—4. So long a time.

ଏତେକାଳେ—ଦେ. ବି.—ଏତେ ସମୟରେ; ଏତେ ସମୟ ପରେ;
Etekāle ଏତେ ବିଳମ୍ବରେ—By this time; after so
অতকালে much time; after so much delay.

ଏତେକାଳେକେ—ଦେ. ବି.—ଏତେକାଳେ (ଦେଖ)
Etekāleke Etekāle (See)

ସାଧାରଣ ଲେଖକ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥାନରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତିଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୃତକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଗାଠ' ନ ମିଳିଲେ 'ଗାଣ୍ଠ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ଚକ୍ଷୁ' ନ ପାଇଲେ 'ଚକ୍ଷୁ' ଦେଖିବେ। 'ଅର୍ଦ୍ଧ' ନ ପାଇଲେ 'ଅଦ୍ଧ' ଦେଖିବେ;'ଅଲଦର'ନ ପାଇଲେ 'ଅଲ୍‌ଦର' ଦେଖିବେ ।

ଏତେକେ—ଦେ. ଅ.—ଏତକେ (ଦେଖ)
Eteke — Etake (See)

ଏତେଗୁଡ଼ାଏ—ଦେ. ବଣ.—( ଅନାଦରାର୍ଥକ )—ଏତେ ପରିମିତ; ଏତେ ସଂଖ୍ୟାରେ—
Etegurdāe — So much; so many.
অতগুলা
इतना!
ଦେ. ବି.—ଏତେ ପରିମିତ ବସ୍ତୁ ବା ବ୍ୟକ୍ତି—So many persons or things.

ଏତେଗୁଡ଼ିଏ—ଦେ. ବଣ. (ଅଦରାର୍ଥକ)—ଏତେଗୁଡ଼ାଏ (ଦେଖ)
Etegurdie — Etegurdāe (See)
অতগুলি

ଏତେଘାଣ୍ଟି—ଦେ. ଅ. (ସଂ. ଏତତ୍ ଓ ଘାତ)—
Eteghānti
୧ । ଏତେବେଳ ପର୍ଯ୍ୟନ୍ତ—1. Up to this time.
অতঘাএ
यताजल्दि
୨ । ଏତେ ଶୀଘ୍ର—2. So soon
୩ । ଏତେ ବେଗରେ; ଏତେ ଯୋରରେ—3. With so much force.

ଏତେତେତେ—ଦେ. ସର୍ବ.—କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟା ବା ପରିମାଣ-
Etetete — Any fixed number or quantity.
অততত — ଏତେତେତେ ବୋଲିବ ଲେଖି ନାହିଁ ବଧି ।
इतनातेतना — କୃଷ୍ଣସିଂହ. ମହାଭାରତ. ବନ ।

ଏତେଦୂର—ଦେ. ଅ—ଏହିପରି ଅବସ୍ଥା; ଏତେ ସର—
Etedūra — Thus; such; reduced to this condition.
অতদূর
तनादूर — ଜେ ବୋଲଇ ସୂର୍ପଣଖା ଭର, ତାହା ଦେଖ ଏତେ ଦୂର ହେଉ । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଏତେବେଳ—ଦେ. ବି—ଏତେକାଳ ( ଦେଖ )
Etebe̱la — Etekāla ( See )

ଏତେବେଳକୁ—ଦେ. ଅ—୧ । ଏହି ସମୟକୁ—1. At this time.
Etebe̱laku
୨ । ଏତେ ସମୟ ଅତୀତ ହେବା ପରେ—2. After so much time.
অতবেলাকে
एतिबकत

ଏତେବେଳୁଁ—ଦେ. ଅ—ଏହି ସମୟରୁ; ବର୍ତ୍ତମାନଠାରୁ—
Etebe̱luñ — Now; from this moment.
এখনথেকে — ଏତେ ବେଳୁଁ ଆଉ ମତେ କହିବେ ପ୍ରିୟ ସଖି । 
अबसे — କବିସୂର୍ଯ୍ୟ. ସଙ୍ଗୀତ ।

ଏତେବେଳେ—ଦେ. ଅ—ଏ ସମୟରେ; ବର୍ତ୍ତମାନ—Now.
Etebe̱le
অতবেলায়
अब

ଏତେମାତ୍ର—ଦେ. ଅ—ଏତେକ ମାତ୍ର ( ଦେଖ )
Etemātra — Eteka mātra ( See )

ଏତେସରି—ଦେ. ଅ. ( ସଂ. ଏତତ୍ + ସଦୃଶ )—୧ । ଏପରି ଅବସ୍ଥା—
Etesari — 1. Such condition; this predicament.
এমন — ରକ୍ତ ବନ୍ତ ନ ହୁଅନ୍ତୁ ସେ ଏକ ଅସ୍ଥାପର
ऐसा — ଦୁଷ୍ଟ କୁଟ୍ଟିକପଟେ ହୋଇଲା ଏତେ ସର ।
ସାରଳାମହାଭାରତ. ଦ୍ରୋଣ ।
୨ । ଏହି ପ୍ରକାରେ; ଏହିପରି; ଏମନ—2. Thus.
ଦେ. କ୍ରି. ବଣ—ଏରୂପେ; ଏହିପରି—Thus; in this light.
ଦେ. ବି—ଏତେ ପର୍ଯ୍ୟନ୍ତ ଅବସ୍ଥା—This state or condition.
ଚେତେ ପୀରତ ପାଶୋର, କଂଶୋଦ୍ଧର; ବହିଲୁ ଯା ଏତେ ସର । କବିସୂର୍ଯ୍ୟ. ସଙ୍ଗୀତ ।
ଦେ. ବଣ—୧ । ଏତାଦୃଶ ଅବସ୍ଥାପନ୍ନ—2. Of such a condition.
୨ । ଏତେବଡ଼—2. So large.
ବ୍ରାହ୍ମଣର ମନ୍ତ୍ରବଳେ, କ୍ଷତ୍ରୀ ବୀର୍ଯ୍ୟବଳେ
ସୁରକ୍ଷିତ ଆର୍ଯ୍ୟ ଦେଶେ ବଢ଼ିବ ଅକାଳ ଏତେସର—
ରାଧାନାଥ, ମହାଯାତ୍ରା ।

ଏତେସରି କରି—ଦେ. କ୍ରି. ବଣ—ଏତେସରି ( ଦେଖ )
Etesari kari — Etesari ( See )
ଯେଣିକି ମୁଁ ଏତେ ସରି କରି—କବିସୂର୍ଯ୍ୟ. ଗୋପ ଭାଷା. ବ. ଗୀତ ।

ଏତେସରିକି—ଦେ. କ୍ରି. ବଣ—୧ । ଏହି ଅବସ୍ଥା ପର୍ଯ୍ୟନ୍ତ—
Etesariki — 1. To this condition.
୨ । ଏତାବତ୍; ଆଜ ପର୍ଯ୍ୟନ୍ତ—2. Upto or till today.
୩ । ଏତେ ଦିନ ପର୍ଯ୍ୟନ୍ତ—3. So long.
୪ । ଏ ପର୍ଯ୍ୟନ୍ତ—4. Up to this.

ଏଥ—ଦେ. ଅ. ( ସଂ. ଅତ୍ର )—୧ । ଏଠାକୁ—
Etha — 1. To this place; hereto
হেথা — ଭଜ ସଖି, ଭାବିକା ଦୟା କର ଏଥ—ଗ୍ରାମୀ. ରସବାରିଧି ।
यहाँ — ୨ । ଏଠାରେ; ଏଥିରେ—2. Here; herein.
୩ । ଏଥିର—3. Of this.
ସମ୍ପତି ନ ଯାଉ ପ୍ରଭୁ ଏଥ ମନ୍ଦିରା—ଗ୍ରାମୀ. ଭକ୍ତଚିନ୍ତାମଣି ।

ଏଥକୁ—ଦେ. ଅ. ( ସଂ. ଅତ୍ର )—୧ । ଏଠାକୁ—
Ethaku — 1. To this place; hereto.
হেথাকে — ଦୁଃଖ ହେଲେ ସୁଖ ଏଥକୁ ହେବ ସର । କୃଷ୍ଣସିଂହ. ମହାଭାରତ. ବନ ।
୨ । ଏଥିକୁ; ଏ ସମ୍ବନ୍ଧେ; ଏ ବିଷୟରେ—2. In this connection, regarding this matter.
୩ । ଏଥିପାଇଁ; ଏଣୁପାଇଁ—3. For this; therefore; wherfore; this being so.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ବ୍ଯ,ବ୍ | ୪ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍କ | ଜ | ଶ,ଷ | ଙ୍ଗ | ଇସ୍ତ | ଈ୧ | ଉ |
| ୨ | ଋ | ଭ | ଋ | ଲୁ | ସ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଘ | ଯ | ସ | ଙ୍ଗ୍ୟ | ଇଅ | ଷ | ନ୍ |

ଏଥର—ଦେ. ଅ—୧ । ଏହି ଥରେ ମାତ୍ର—1. This once.
Ethara ୨ । ଏହି ଥର; ଏହି ବାର—2. This time
এইবার ବଧାଇଁ ସଙ୍ଗରେ ଏଥର ଏ ଥର ଭଗ୍ନକ ଗଲ ତା ଅଙ୍ଗେ ।
यहबार ଭକ୍ତ. ବୈଦେହୀଶବିଳାସ ।
୩ । ବର୍ତ୍ତମାନ; ଏବେ—3. Now
୪ । ଅତଃପରଂ; ଏଣିକି—
4. Henceforth; henceforward.

ଏଥରକ—ଦେ. ଅ—ଏଥର ( ଦେଖ )
Etharaka Ethara ( See )

ଏଥରକୁ—ଦେ. ଅ—ଏଥର ( ଦେଖ )
Etharaku Ethara ( See )

ଏଥି—ଦେ. ପଦ୍ୟ. ଅ. ( ସଂ. ଅତ୍ର )—୧ । ଏଠାରେ—1. Here.
Ethi ଚୈଥିଲୀ ଶୁଭଙ୍ଗ ଯେବେ ତେ ଜୁଥିଲ ଏଥି ବନସ୍ଥଳୀ ।
এতে ଉଧାନାଥ—ମହାଯାତ୍ରା ।
यहाँ ୨ । ଏଥିରେ—2. In this
ଅହେ କନ୍ଦେନସ୍ ସନ୍ଦେହ ଏଥି ନାହିଁ । କୃଷ୍ଣସିଂହ. ମହାଭାରତ. ଅଦ ।

ଏଥିକି—ଦେ. ଅ. ( ସଂ. ଅତ୍ର )—
Ethiki ୧ । ଏ ବିଷୟକୁ—1 To this.
এতে ୨ । ଏ ବିଷୟ ପାଇଁ; ଏଥିପାଇଁ—2. For this.
इसको ପୁଣି ବାଇ ତାହାକୁ ଯୋଗାଇଛ ବର
ବଇବ ଏଥିକ କରିଛ ସ୍ୱୟମ୍ବର । କୃଷ୍ଣସିଂହ. ମହାଭାରତ. ବନ ।
୩ । ଏ ବିଷୟରେ—3. In this matter.
୪ । ଏ ସମ୍ବନ୍ଧେ—4. In this connection.

ଏଥିକି ଚାହିଁ—ଦେ. ଅ—ଏ ବିଷୟକୁ ବିଚାର କରି—
Ethiki chāhiñ In consideration of this.
ଏଥିକି ଚାହିଁ ଯେଉଁ କଥା ହେବ ଭଲ
ତାହା କର ହେ ଏବେ ବସି ଭୂପାଳ । କୃଷ୍ଣସିଂହ. ମହାଭାରତ. ଶାନ୍ତି

ଏଥିକି ପ୍ରତି—ଦେ. ଅ—ଏହା ଅପେକ୍ଷା—Than this.
Ethiki prati ହଦ ଯା କରେ ମୂର୍ଖକୁ ବୁଦ୍ଧ......
এচ্ছে ଏଥିକି ପ୍ରତି ଗରଳ ଖାଇ ମରିବା ଭଲ ସେ ।
इससे ଗୋପକୃଷ୍ଣ—ରସକଲ୍ଲୋଳ ।

ଏଥିକୁ (ଇତ୍ୟାଦି)—ଦେ. ଅ—ଏଥିକି ଇତ୍ୟାଦି ( ଦେଖ )
Ethiku etc Ethiki etc ( See )

ଏଥିପାଇଁ—ଦେ. ଅ—୧ । ଏ ନିମନ୍ତେ—
Ethipāiñ 1. For this.
এইজন্যে ୨ । ଏ ହେତୁରୁ—
इसलिये 2. Therefore; for this reason;

ଏଥିପାଇଁକି—ଦେ. ଅ—ଏଥିପାଇଁ ( ଦେଖ )
Ethipāiñki Ethipāiñ ( See )

ଏଥିରୁବଳି—ଦେ. ଅ—ଏଥୁବଳି ( ଦେଖ )
Ethirubali Ethubali ( See )

ଏଥିଲାଗି—ଦେ. ଅ—ଏଥିପାଇଁ ( ଦେଖ )
Ethilāgi Ethipāiñ ( See )

ଏଥୁ—ଦେ. ପଦ୍ୟ. ଅ. ( ସଂ. ଅତ୍ର ) ୧ । ଏ ବିଷୟରୁ—
Ethu 1. From this.
এথেকে ଏଣେ ସଚ୍ଚିଦାନନ୍ଦ ହେବ, ଏଥୁ ଏବଂ ଅନେକ ଦୂରର ।
इससे ଭୂପତି. ପ୍ରେମପଞ୍ଚାମୃତ ।
୨ । ଏଠାକୁ—2. To this place.
ସେ କାରଣ ଦେଖିବାକୁ ଅସିଅଛୁଁ ଏଥୁ । ବିଶ୍ୱନାଥ. ବିଚିତ୍ରରାମାୟଣ ।
୩ । ଏଠାରୁ—3. From this place; hence.

ଏଥୁଅନନ୍ତରେ - ଦେ. ପଦ୍ୟ. ଅ—ଏ ଉତ୍ତାରୁ—After this
Ethuanantare ଏଥୁ ଅନନ୍ତରେ ଉସ, ଶୁଣହେ ମାତୃଣୀବେଶ ।
अनन्तर ଭକ୍ତ. ସ୍ୱବର୍ଣ୍ଣରେଖା ।
इसकेपिछे

ଏଥୁଅନ୍ତରେ—ଦେ. ପଦ୍ୟ. ଅ—ଏଥୁଅନନ୍ତରେ ( ଦେଖ )
Ethuantare Ethuanantare ( See )

ଏଥୁଅନ୍ତେ—ଦେ. ପଦ୍ୟ. ଅ—ଏଥୁଅନନ୍ତରେ ( ଦେଖ )
Ethuante Ethuanantare ( See )

ଏଥୁଁ—ଦେ. ଅ—ଏଥୁ ( ଦେଖ )
Ethuñ Ethu ( See )

ଏଥୁଁବଳି—ଦେ. ଅ—ଏଥୁବଳି ( ଦେଖ )
Ethuñbali Ethubali ( See )

ଏଥୁବଳି—ଦେ. ଅ—ଏହା ଅପେକ୍ଷା; ଏଥିକି ପ୍ରତି; ଏ ବିଷୟକୁ ଅଧିକ—
Ethubali More than this
এচ্ছে বেশি
इससे बढ़कर

ଏଥେ—ଦେ. ପଦ୍ୟ. ଅ—୧ । ଏଥିମଧ୍ୟରେ; ଏଥିରେ—1. In this.
Ethe ୨ । ଏଠାରେ—2. In this place.
এতে ବଣେ ମୋର ଅନେକ ପୁରୁଷ ଏଥେ ଗଲେ ।
इसमे ସାରଳା. ମହାଭାରତ. ବସନ୍ତ ।
୩ । ଏହାଦ୍ୱାରା—3. By this; with this
୪ । ଏଠାକୁ—4. To this place.
ବ୍ରହ୍ମା ସେ ବୋଇଲେ ରାମ ଏଥେ ଅସିଥିଲେ ।
ସାରଳାମହାଭାରତ. ପୂର୍ବ ।

ଏଥେଁ—ଦେ. ପଦ୍ୟ. ଅ—ଏଥେ ( ଦେଖ )
Etheñ Ethe ( See )
ଏଥେଁ ନାହିଁ କିଛି ଭଣା—ନନ୍ଦକିଶୋର. ଗମସ୍ତା ।

ଏଦି—ପ୍ରାଦେ. ( ସମ୍ବଲପୁର ) ଅ. ( ସଂ. ଏତତ୍ + ଦିକ୍ )—
Edi ୧ । ଏଣେ; ଏଦିଗରେ—1. In this side
(ସେଦି—ବିପରୀତ) ୨ । ଏଠାରେ— 2. Here.

ଏଦିସେଦି—ପ୍ରାଦେ. ( ସମ୍ବଲପୁର ) ଅ—ଏଣେତେଣେ; ଇତସ୍ତତଃ—
Edisedi Here and there.

ଏଧ ( ଧାତୁ )—ସଂ—ବୃଦ୍ଧି ପାଇବା—To increase.
Edha ( root )

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଲକ୍ଷ୍ୟ କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେଂଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପରତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଷ' ନ ମିଳିଲେ 'ବୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଏଧ—ସଂ. ବି ( ଏଧ ଧାତୁ=ବୃଦ୍ଧି ପାଇବା+କରଣ ଅ; ଯାହାଦ୍ୱାରା ଅଗ୍ନି ବୃଦ୍ଧି ପାଏ । )—
Edha
୧ । ଇନ୍ଧନ; ଜାଳ; ଜାଳଣୀ କାଠ—1. Fuel.
୨ । କୁଟା; ଶୁଖିଲା ଘାସ—2. Straw; dry grass.

ଏଧମାନ—ସଂ. ବିଣ. [ଏଧ ଧାତୁ=ବୃଦ୍ଧି ପାଇବା+ଅନ (ଶାନଚ୍) ]—
Edhamāna ୧ । ବର୍ଦ୍ଧମାନ; ବଢ଼ୁଥିବା—
( ଏଧମାନା—ସ୍ତ୍ରୀ ) 1. Increasing.
୨ । ବୃଦ୍ଧିପ୍ରାପ୍ତ—2. Augmented; increased.

ଏଧସ୍—ସଂ. ବି. ( ଏଧ ଧାତୁ=ବୃଦ୍ଧି ପାଇବା+କରଣ. ଅସ୍; ଯାହାଦ୍ୱାରା ଅଗ୍ନି ବୃଦ୍ଧି ପାଏ )—ଏଧ ( ଦେଖ )
Edhas Edha ( See )

ଏଧା—ସଂ. ବି. ସ୍ତ୍ରୀ. ( ଏଧ ଧାତୁ=ବୃଦ୍ଧି ପାଇବା+ଅ+ସ୍ତ୍ରୀ. ଆ )—
Edhā ୧ । ବୃଦ୍ଧି; ଉପଚୟ—1. Increase.
୨ । ସମୃଦ୍ଧି—2. Prosperity.

ଏଧାପେ—ଦେ. ଅ—୧ । ବର୍ତ୍ତମାନ; ଏହିକ୍ଷଣି—
Edhāpe 1. Just now; immediately.
এদফা ୨ । ଏଥର—2. This time
इसदफा

ଏଧିତ—ସଂ. ବିଣ. ( ଏଧ ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ତ )—
Edhita ୧ । ବର୍ଦ୍ଧିତ; ବୃଦ୍ଧିପ୍ରାପ୍ତ—
1. Increased; augmented.
୨ । ବିସ୍ତାରିତ—2. Spread.
୩ । ପ୍ରଜ୍ୱଳିତ—3. Burning.

ଏନ୍—ପ୍ରାଦେ. ( ସମ୍ବଲପୁର ). ସ୍ତ୍ରୀ. ପ୍ରତ୍ୟୟ—ସ୍ତ୍ରୀଲିଙ୍ଗ ପ୍ରତ୍ୟୟ—
En Feminine inflection.
( ଯଥା—ଭଣାରେନ୍=ଭଣାରୁଣୀ, ବଇଷ୍ଣେନ୍=ବଇଷ୍ଣବିଅଣୀ, ବାବାଜିଅଣୀ, ମାଡାଣି । )

ଏନ୍‌କୋର—ବୈଦେ. ଅ. (ଇଂ. ଏନ୍‌କୋର୍ )—ରଙ୍ଗାଳୟରେ ନାଟକ
Enkor ଅଭିନୟ ହେଲାବେଳେ ଦର୍ଶକମାନଙ୍କୁ ଭଲ ଲାଗିବା
এনকোর ଅଭିନୟର କୌଣସି ଅଂଶ ବା କୌଣସି ଗୀତକୁ ଆଉଥରେ
एनकोर ବୋଲିବା ପାଇଁ ଅଭିନେତା ବା ଅଭିନେତ୍ରୀଙ୍କୁ ଦର୍ଶକମାନଙ୍କର ସମ୍ବୋଧନ—Encore.

ଏନଃ—ସଂ. ବି. ( ଇ ଧାତୁ=ଗମନ କରିବା+ଅସ୍; ମନୁଷ୍ୟ ଯାହା ଯୋଗୁଁ ଅଧୋଗମନ କରେ )—
Enah
୧ । ପାପ—1. Sin
୨ । ଅପରାଧ—2. Crime.
୩ । ନିନ୍ଦା—3. Blame.

ଏନସ୍—ସଂ. ବି—ଏନଃ ( ଦେଖ )
Enas Enah ( See )

ଏନ୍ତା—ପ୍ରାଦେ. ( ସମ୍ବଲପୁର ଓ ପଟ୍ଟନାଗଡ଼ ) କ୍ରି. ବିଣ. (ତୁଳ. କେନ୍ତା=କିପରି; ସେନ୍ତା=ସେପରି; ଯେନ୍ତା=ଯେଉଁପରି)—
Entā ( ସେନ୍ତା—ଦ୍ରଷ୍ଟବ୍ୟ ) ୧ । ଏପରି; ଏଭଳି—1. Such-like.
୨ । ଏମନ୍ତ—2. Thus.
( ଯଥା—ଏନ୍ତା କର ହୋ=ଏପରି କର ହେ । )

ଏନ୍ତୁଡ଼ି—ଦେ. ବି—ଅନ୍ତୁଡ଼ି ( ଦେଖ )
Enturdi Anturdi ( See )

ଏପଟ ସେପଟ—ଦେ. ଅ—ଏପାଖ ସେପାଖ—On this side and
Epaṭa sepaṭa the other; right and left.
ইদিগ উদিগ
अरया परया

ଏପରକାର—ଗ୍ରା. ଅ. (ସଂ. ଏତତ୍+ପ୍ରକାର )—ଏବମ୍ଭୂତ; ଏପରି—
Eparakāra Such; this kind of.

ଏପରା—ଦେ. ବିଣ. ( ସଂ. ଏତତ୍+ପ୍ରକାର )—୧ । ଏବମ୍ଭୂତ—
Eparā 1. Such.
୨ । (ଭଲ ଅର୍ଥ) ଏପରି ଉତ୍ତମ—2. So good.

ଏପରି—ଦେ. ଅ. ( ସଂ. ଏତତ୍‌ପ୍ରକାର )—
Epari ୧ । ଏହି ପ୍ରକାରେ—
এইমত্‌ন 1. Thus; in this way; so.
ऐसा ୨ । ଏବମ୍ଭୂତ—2. Similar.

ଏପର୍ଯ୍ୟନ୍ତ—ଦେ. ଅ—୧ । ଏହି ସମୟ ପର୍ଯ୍ୟନ୍ତ—
Eparjyanta 1. Upto this time; hitherto; up till now.
এপর্য্যন্ত
अबतक ୨ । ଏତେଦୂର ଯାଏ—2. So far; thus far.

ଏପାର୍—ଦେ. ବି—୧ । ଏହି କୂଳ—
Epār 1. This shore; this bank (of the river .
এপার ୨ । ଏପାଖ—2. This side.
इसपार

ଏପାଳି—ଦେ. ଅ—୧ । ଏବେ—1 Now.
Epāḷi ୨ । ଏଣିକି—2. Henceforth.
୩ । ଏଥରକ—3. This time.

ଏପାଳିକି—ଗ୍ରା. ଅ—ଏପାଳି ( ଦେଖ )
(Epāḷiki Epāḷi (See)

ଏପିଡେମିକ୍—ବୈଦେ. ବିଣ (ଇଂ. ଏପିଡେମିକ୍ )—
Epidemic ସଂକ୍ରାମକ (ରୋଗ)—Epidemic.
এপিডেমিক ବି—ଉକ୍ତ ରୋଗ—Epidemic disease.
एपिडेमिक

ଏପ୍ରକାର—ଦେ. ଅ (ସଂ. ଏତତ୍‌ପ୍ରକାର)—ଏବମ୍ଭୂତ—
Eprakāra Such; this kind of.

ଏଫେଲ୍ ଟାୱାର—ବୈଦେ. ବି (ଇଂ. ଏଫେଲ୍ ଟାୱାର)—
Ephel ṭāwār ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ନଗରରେ ଥିବା ପୃଥିବୀର ସର୍ବୋଚ୍ଚ ସ୍ତମ୍ଭ—Effel Tower.
[ଦ୍ର—ଏହା ମଧ୍ୟରେ ବହୁତ ପାହାଚ ଓ କଳର ଉଠାଣି (lift) ଅଛି । ଏହା ଉପରକୁ ଉଠିଲେ ଚତୁଃପାର୍ଶ୍ୱରେ ବହୁଦୂର ପର୍ଯ୍ୟନ୍ତ ଦେଖାଯାଏ । ]

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଙ | ଋ,ଋ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଶ | ଳ | ଣ,ଷ | ଜ୍ଞ | ଲ୍ୟ | ଲ୍ୱ | ଢ଼ |
| ୨ | ଈ | ଞ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଙ୍ଗ | ଇଅ | ଢ | ନ୍ |

ଏବ—ସଂ.ଅ (ଇ ଧାତୁ=ଗମନ କରିବା+ବ)—ଅଙ୍ଗୀକାର, ଅବଧାରଣ,
Eba ଉପମା, ସାଦୃଶ୍ୟ, ନିଶ୍ଚୟ ଓ ପ୍ରଶ୍ନାର୍ଥକ ଅବ୍ୟୟ) ହିଁ—
A particle used like the English 'Too'
এখন ଦେ. ବ (ମୂଳ. ଅ. ଅବ୍)—ବର୍ତ୍ତମାନକାଳ—
অব The present.
[ଦ୍ର—ଏବ ସଙ୍ଗେ ଦ୍ୱିତୀୟା, ପଞ୍ଚମୀ ଆଦି ବିଭକ୍ତିର ରୂପଯୋଗ କରାଯାଏ; ଯଥା—ଏବକୁ, ଏବଠାରୁଁ, ଏବେ, ଏବକା, ଏବକାର]

ଏବଉଁ—ଦେ. ଅ—ଏବହୁଁ (ଦେଖ)
Ebauñ Ebahuñ (See)
ସ୍ତ୍ରୀ.—(ସଂ. ଏବଂ)—ଏବଂ (ଦେଖ)
Ebaṁ (See)

ଏବଂ—ସଂ. ଅ (ସଂ. ଇ ଧାତୁ=ଗମନ କରିବା+ବମ୍)—
Ebaṁ ଏପ୍ରକାର; ଏତାଦୃଶ; ଏହିପରି—
In this manner.
ଦେ. ଅ—ଓ; ଅଧିକ—1 And; also.

ଏବଂଚ—ସଂ. ଅ—ଅଧିକ ମଧ୍ୟ—
Ebaṁcha And also.

ଏବଂପ୍ରକାର—ସଂ. ବଣ—ଏବଂବିଧ; ଏପରି—
Ebaṁprakāra Of this kind; such.

ଏବଂବିଧ—ସଂ. ବଣ (ଏବ=ଏହିପରି+ବିଧ=ପ୍ରକାର)—
Ebaṁbidha ଏପରି; ଇଦୃଶ; ଏହିରୂପ; ଏପ୍ରକାରର—
Of this kind or nature; such.

ଏବଂଭୂତ—ସଂ. ବଣ (ଏବ=ଏହିପ୍ରକାରେ+ଭୂତ=ହୋଇଥିବା)—
Ebaṁbhūta ଏହିପ୍ରକାର; ଇଦୃଶ; ଏପରି—
(ଏବଂଭୂତା—ସ୍ତ୍ରୀ) Of this kind or nature; such.

ଏବକା—ଦେ. ବଣ—ବର୍ତ୍ତମାନ ସମୟର; ଆଧୁନିକ—
Ebakā Belonging to the present time;
এখনকার modern.
अबका ( ଯଥା—ଏବକା ଟୋକା )

ଏବକାର—ଦେ. ବଣ—ଏବକା (ଦେଖ)
Ebakāra Ebakā (See)

ଏବକାଳ—ଦେ. ବ—ଏବ (ଦେଖ)
Ebakāḷa Eba (See)

ଏବକାଳକୁ—ଦେ. ଅ—ଏବେ (ଦେଖ)
Ebakāḷaku Ebe (See)

ଏବକାଳର—ଦେ. ବଣ—ଏବକା (ଦେଖ)
Ebakāḷara Ebakā (See)

ଏବକୁ—ଦେ. ଅ—ଏବେ (ଦେଖ)
Ebaku Ebe (See)

ଶୃଗାଳ ଯେ ତୁମ୍ଭେ ଜାଣିଲ ଏବକୁ—ସାରଳାମହାଭାରତ. ବନ୍ଷ୍ଟ ।

ଏବକୁଏବେ—ଦେ. ଅ—୧ । ଶୀଘ୍ରଁ ଶୀଘ୍ରଁ—
Ebakuebe 1. Instantaneously; in no time.
দেখতে দেখতে ୨ । ତତ୍କାଳ—2. At once
फौरन

ଏବଠୁଁ—ଦେ. ଅ—ଆଜଠାରୁ; ବର୍ତ୍ତମାନଠାରୁ—
Ebaṭhuñ From this time; henceforth.
এখনথেকে
अबसे

ଏବତକ୍—ଦେ. ଅ—ଆଜ ପର୍ଯ୍ୟନ୍ତ; ଅବତକ; ବର୍ତ୍ତମାନ ପର୍ଯ୍ୟନ୍ତ—
Ebatak Up to date; up till now.
এপর্য্যন্ত
अबतक,

ଏବଯାଏ—ଦେ. ଅ—ଆଜଯାଏ; ଏବତକ; ବର୍ତ୍ତମାନ ପର୍ଯ୍ୟନ୍ତ—
Ebajāe Up till now.

ଏବର—ଦେ. ବଣ—ଏବକା ( ଦେଖ )
Ebara Ebakā ( See )

ଏବହୁଁ—ଦେ. ଅ—ଏବଠୁଁ ( ଦେଖ )
Ebahuñ Ebaṭhuñ ( See )

ଏବାଗିର୍—ପ୍ରାଦେ. (ସମ୍ବଲପୁର) ବଣ—ଇବାଗିର୍ ( ଦେଖ )
Ebāgir Ibāgir ( See )

ଏବାଗେ—ଦେ. ଅ.—ଏହି ପ୍ରକାରରେ—
Ebāge In this manner thus.
এরকম
इसतरहसे

ଏବାର—ଦେ. ଅ—ଏହି ଥରକ—
Ebāra This time; this once.
এবার ଏବାର ରଖ ମୋ ମଙ୍ଗଳା
इसबार କୃଷ୍ଣ ଯେ ବନସ୍ତେ ହନସ । ଉପେନ୍ଦ୍ର. ପ୍ରେମପଞ୍ଚାମୃତ ।

ଏବାରକ—ଦେ. ଅ—ଏବାର ( ଦେଖ )
Ebāraka Ebāra ( See )

ଏବାରତ୍—ବୈଦେ. ବ. ( ଅ. ଇବାରତ୍ ) (ଚଳିତ ଭାଷା)—
Ebārat କୌଣସି ଦଲିଲର ବର୍ଣ୍ଣିତ ବିଷୟ—
এবারত The text of a document;
इबारत the recitals in a document

ଏବାଲିସ୍—ଦେ. ବ. ( ଇଂ. ଅବଲିସ୍ )—
Ebālis କୌଣସି ବିଷୟର ସ୍ଥଗିତକରଣ ବା ବନ୍ଦକରଣ—
এবালিস Abolition.
इवालिस

ଏବିଧି—ଦେ. ଅ.—ଏପରି—
Ebidhi Like this.

ଏବୁକୁ—ଗ୍ରା. ଅ—ଏବେ ( ଦେଖ )
Ebuku Ebe ( See )

ପାଠକମାନେ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଅନ୍ୟ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳିଲେ 'ଗାଢ଼' ଖୋଜିବେ 'ଭୃଙ୍ଗ' ନ ମିଳିଲେ 'ଭୃଙ୍ଗ' ଦେଖିବେ 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଜିବା' ନ ପାଇଲେ 'ଅର୍ଜ୍ଜା' ଦେଖିବେ; 'ଅଲକତ' ନ ପାଇଲେ 'ଅଲ୍ପକତ୍ତ' ଦେଖିବେ ।

ଡାକିଲେଣି ସଖୀ ଦେଉଅଛନ୍ତି ରଖି ଏବୁଲୁ ଏବକ ହେବ ବୋଲି ।
କବିସୂର୍ଯ୍ୟ. ସଙ୍ଗୀତ ।

ଏବେ—ଦେ. ଅ—୧ । ଅଧୁନା; ବର୍ତ୍ତମାନ—
Ebe 1. In the present time; now a days.
এখন ୨ । ଅଳ୍ପଦିନ ହେଲା—2 Lately; recently.
अब ୩ । ଏହି ମୁହୂର୍ତ୍ତରେ—3. Just now; at this moment.
୪ । ଅଳ୍ପ ସମୟ ମଧ୍ୟରେ—4. Presently; in no time.

ପ୍ରାଦେ. (ଗଞ୍ଜାମ) ଅ—ଏହିକ୍ଷଣି; ଏହିମାତ୍ର—Immediately.

ଏଭଳି—ଦେ. ଅ—ଏପରି ଏବମ୍ଭୂତ—
Ebhaḷi Like this.
হেন; এরকম
ऐसा

ଏଭଳିଆ—ଦେ. ଢଣ—ଏହି ପ୍ରକାରର—
Ebhaḷiā Of this kind; such.

ଦେ. ଅ—ଏଭଳି ( ଦେଖ )
Ebhaḷi ( See )

ଏଭଳିକା—ଦେ. ଢଣ ଓ ଅ—ଏଭଳିଆ ( ଦେଖ )
Ebhaḷikā Ebhaḷiā ( See )

ଏଭଳିକିଆ—ଦେ. ଢଣ ଓ ଅ—ଏଭଳିଆ ( ଦେଖ )
Ebhaḷikiā Ebhaḷiā ( See )

ଏଭିତରେ—ଦେ. ଅ—୧ । ଏଥି ମଧ୍ୟରେ—
Ebhitare 1. In this.
এরমধ্যে; এরভিতরে ୨ । ଏହି ସମୟ ମଧ୍ୟରେ—
इसकाबिचमें 2. In the meantime.

ଏଭେ—ପ୍ରାଦେ. ( ଜୟପୁର ) ଅ—ଏବେ—
Ebhe Now; at present.

ଏମତ—ଦେ. ଅ. ( ସଂ. ଏତଦ୍ ଓ ମତମ୍ )—ଏମନ୍ତ ( ଦେଖ )
Emata Emanta ( See )

ଏମତି—ଦେ. ଅ—ଏମନ୍ତ ( ଦେଖ )
Emati Emanta ( See )
(ସେମତି—ଢପସ୍ୱତ)

ନ ପାରିବା ସବାଙ୍କୁ କହିଲୁ ଏମତି । କୃଷ୍ଣସିଂହ. ମହାଭାରତ.ଅଦ ।

ଏମତିକା—ଦେ. ଅ—ଏମନ୍ତ ( ଦେଖ )
Ematikā Emanta ( See )
(ସେମତିକା—ଢପସ୍ୱତ)

ଏମତେ—ଦେ. ଅ—ଏମନ୍ତ ( ଦେଖ )
Emate Emanta ( See )

ଶକ୍ତିଧର-ପଦେ ବର ଭିକ୍ଷା ଯୁବା କଲ୍ଲ ଏମତେ ।
ଜଗନ୍ନାଥ. ଊଷା ।

ଏମନ୍ତ—ଦେ. ଢଣ. ( ସଂ. ଏତଦ୍ ଓ ମତମ୍ )—
Emanta ଏତାଦୃଶ; ଏଭଳି; ଏପରି—
এমত; এমন Such; like this.
ऐसा

ତେମନ୍ତ; ସେମନ୍ତ } ଢପସ୍ୱତ ଦେ. ଅ — ଏହି ପ୍ରକାରରେ; ଏପରି-ଭାବରେ —Thus; in this way.

ଦେବତାଙ୍କୁ ଏମନ୍ତ କହିଲେ କଂସାରି । କୃଷ୍ଣସିଂହ. ମହାଭାରତ. ଅଦ ।

ଏମନ୍ତି—ଦେ. ଅ—ଏମନ୍ତ ( ଦେଖ )
Emanti Emanta ( See )

ଏମନ୍ତିକା—ଦେ. ଅ—ଏମନ୍ତ ( ଦେଖ )
Emantikā Emanta ( See )

ଏମନ୍ତେ—ଦେ. ଅ—ଏମନ୍ତ ( ଦେଖ )
Emante Emanta ( See )

ଏମାନ—ଦେ. ସଂ. ବହୁବଚନ—(ବସ୍ତୁ ବା ବିଷୟ ପ୍ରତି) ଏ ସମସ୍ତ ବସ୍ତୁ
Emāna ବା ବିଷୟ—
এরা These (things or matters).
ये; इन

ଏମାନଙ୍କୁ—ଦେ. ସଂ. ବହୁବଚନ ( କର୍ମକାରକ; ପ୍ରାଚୀନ ପ୍ରୟୋଗ )
Emānanta ଏମାନଙ୍କୁ—To these.

ଜାତକ ଦାସଙ୍କୁ ବୋଲେ ଏମାନନ୍ତ ପେନ—ସାରଳା ମହାଭାରତ. ସ୍ୱର୍ଗ ।

[ ଦ୍ର— 'ଙ୍କୁ' ସ୍ଥଳରେ 'ନ୍ତ' ପ୍ରାଚୀନ ପ୍ରୟୋଗ; ଯଥା—ଆମ୍ଭଙ୍କୁ= ଆମ୍ଭନ୍ତ; ତୁମ୍ଭଙ୍କୁ=ତୁମ୍ଭନ୍ତ ]

ଏମାନେ—ଦେ. ସଂ ବହୁବଚନ ( ମନୁଷ୍ୟଙ୍କ ପ୍ରତି ପ୍ରଯୁଜ୍ୟ )—
Emāne ଏ ମନୁଷ୍ୟମାନେ—These (persons).

ଏମାରତ—ବୈଦେ. ବ ( ଅ, ଇମାରତ୍ )—୧ । କୋଠାଘର; ପକ୍କା—
Emārat 1 Pucca structure.
এমারত ୨ । ଅଟ୍ଟାଳିକା—2. Palatial building.
इमारत

ଏମାରମଠ—ଦେ. ବ— ପୁରୀ ବଡ଼ ଦେଉଳ ନିକଟସ୍ଥ ପ୍ରସିଦ୍ଧ ରାମାନୁଜ
Emāramaṭha ସମ୍ପ୍ରଦାୟର ବୈଷ୍ଣବଙ୍କ ମଠ— Name of a Maṭha at Puri.

[ ଦ୍ର—ଏହା ହିନ୍ଦୁଧର୍ମର ପ୍ରସିଦ୍ଧ ପ୍ରବର୍ତ୍ତକ ଆଚାର୍ଯ୍ୟ ରାମାନୁଜଙ୍କ ଦ୍ୱାରା ପ୍ରତିଷ୍ଠିତ । ରାମାନୁଜ ତାଙ୍କର ପ୍ରିୟ ଶିଷ୍ୟ ଗୋବିନ୍ଦଙ୍କୁ ସ୍ନେହରେ 'ମନ୍ନାଥ' ( ମୋର ନାଥ ) ବୋଲି ଡାକୁଥିଲେ । ତାମିଲ୍ ଭାଷାରେ 'ମନ୍ନାଥର' ଭାଷାନ୍ତର 'ଏମ୍. ପେରୁ ନାମାର' । ରାମାନୁଜ ତାଙ୍କ ଶିଷ୍ୟ ଗୋବିନ୍ଦଙ୍କ ନାମରେ ଏ ମଠ ସ୍ଥାପନ କରିଥିବାରୁ ତାଙ୍କ ନାମର ପ୍ରଥମ ଓ ଶେଷ ଅକ୍ଷର ସମ୍ମିଶ୍ରଣରେ ମଠର ନାମ 'ଏମାର' ହୋଇଅଛି; ଏ ମଠର ଅନ୍ୟ ନାମ ଶ୍ରୀନିବାସ କୋଟ ଓ ରାଜଗୋପାଳାଶ୍ରମ ମଠ । ]

ଏମାରହାଣ୍ଡି—ଦେ. ବ—ଇମାରହାଣ୍ଡି ( ଦେଖ )
Emārahāṇḍi Imārahāṇḍi (See)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଊ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଢ | ଶ,ଷ | କ୍ଷ | ଇଏ | ଇଅ | ଓ |
| ୨ | ଈ | ଉ | ଋ | ଲୃ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଙ୍ୟ | ଇଅ | ଔ | ନ୍ |

ଏମିତ— ଗ୍ରା. ଅ—ଏମନ୍ତ (ଦେଖ)
Emiti                Emanta (See)
(ସେମିତ—ବିପରୀତ) [ ଦ୍ର—ଭୁଲ. କେମିତ; ଯେମିତ ]

ଏମିତକା—ଗ୍ରା. ଅ – ଏମନ୍ତ ( ଦେଖ )
Emitikā                Emanta (See)
(ସେତିକା— ବିପରୀତ) [ ଦ୍ର— ଭୁଲ. କେମିତକା; ଯେମିତକା ]

ଏୟା—ଦେ. ସର୍ବ ( ସଂ. ଏତତ୍ )—୧ । ଏହିଟା; ଏହି ବିଷୟ—
Eyā                1. This matter.
এই                ୨ । ଏହାହିଁ—2. This; it is this.

ଏଯାଏ—ଦେ. ଅ (ସଂ. ଏତଦ୍+ଯାବତ୍)—ଏହି ସ୍ଥାନ, ଅବସ୍ଥା ବା
Ejāe    କାଳପର୍ଯ୍ୟନ୍ତ—Up to this place; condition
এপর্য্যন্ত                or time).
ईसतक

ଏଯାକେ—ଦେ. ଅ— ଏ ଯାଏ ( ଦେଖ )
Ejāke                Ejāe (See)

ଏଯାବତ—ଦେ. ଅ—ଅବଧି; ଅଜ ପର୍ଯ୍ୟନ୍ତ; ବର୍ତ୍ତମାନ ପର୍ଯ୍ୟନ୍ତ—
Ejabat                Up till now; still; hitherto.
এযাবত
अवतक

ଏଯାବତ୍କାଳ—ଦେ. ଅ —ଏଯାବତ୍ (ଦେଖ)
Ejābat kāla                Ejābat (See)

ଏ ରକମ୍—ଦେ. ବି.—୧ । ଏହି ବସ୍ତୁ—1. This thing.
E rakam    ୨ । ଏହି ପ୍ରକାରର ବସ୍ତୁ—2. This kind of
এরকম                thing, similar article
ईसरकम    ଦେ. ବିଣ.—ଏହି ପ୍ରକାରର—
                Of this kind; similar.

ଏରକା—ସଂ. ବି. ( ଇ ଧାତୁ=ଯିବା+ରକ୍+ସ୍ତ୍ରୀ. ଆ )—ଗଣ୍ଠି
Erakā    ନ ଥିବା ତୃଣବିଶେଷ; ଶର ଗଛ; (ସନ୍ତ୍ରୀ ଦେଖ)—
                A kind of reed-grass.

ଏରକାବନ – ସଂ. ବି. ( ୬ଷ୍ଠୀ ତତ୍; ଏରକା+ବନ )—ଏରକାତୃଣର
Erakābana    ଜଙ୍ଗଲ—A forest of Erakā reeds.
[ ଦ୍ର—ଅଷ୍ଟାବକ୍ର ଋଷିଙ୍କ ଶାପାନୁସାରେ ଯଦୁବଂଶର ଧ୍ୱଂସ ହେବା-ନିମିତ୍ତ ଯେଉଁ ଲୌହଖଣ୍ଡ ଅଉପ୍ରେତ ଥିଲା ଶାମ ତାହାକୁ ପାଷାଣରେ ଘଷିବାରୁ ତାହାର ରେଣୁସବୁ ସମୁଦ୍ରକୂଳରେ ଲାଗିଲା । ସେହି ରେଣୁରୁ 'ଏରକାବନ' ଜାତ ହେଲା ।
                ପୁରାଣ ଅନୁସନ୍ଧେୟ ।]

ଏରକାରବନ—ଦେ. ବି.—ଏରକାବନ (ଦେଖ)
Erakarabana                Erakābana (See)
এরকাবন
ବେ ଦେବ ଲୌହ ଘୋରନ୍ତେ ଜନ୍ମିଲା ଯେ ଫେନ,
ତହୁଁ ବହୁ ଜାତ ହେଲା ଏରକାରବନ । ସାରଳାମହାଭାରତ, ଆଦ ।

ଏରଙ୍ଗିଆ—ପ୍ରାଦେ. (ସମ୍ବଲପୁର) ବିଣ.—୧ । ଅକଟ; ଅବୁଝା—
Erangiā                1 Unreasonable.
    ୨ । ଏକବାଗିଆ—2. Headstrong.

ଏରଣ୍ଡ—ସଂ. ବି. (ଆ=ସମ୍ୟକ୍+ଇର୍ ଧାତୁ=ଗମନ କରିବା+
Eranda    ଅଣ୍ଡର୍ )—ଗବଗଛ; ଜଡ଼ାଗଛ—
ଶୁକ୍ଳଏରଣ୍ଡର ସଂ. ପର୍ଯ୍ୟାୟ— Castor-oil plant; castor
ଆମଣ୍ଡ; ଚିତ୍ର; ଗନ୍ଧର୍ବହସ୍ତକ; plant; Ricinus Communis.
ପଞ୍ଚାଙ୍ଗୁଳ; ବର୍ଦ୍ଧମାନ; ଦୀର୍ଘଦଣ୍ଡ; [ ଦ୍ର—ଏ ଗଛ ଶୁକ୍ଳ ଓ ନାଲ-
ବ୍ୟଡମ୍ବକ; ବାତାରି; ତରୁଣ; ଭେଦରେ ଦୁଇ ପ୍ରକାର; ଏହା କୃଷିଜାତ
ରୁବୁକ; ଗାଲବ; ତ୍ରିପୁଟୀଫଳ; ଗୁଳ୍ମ । ଉଚ୍ଚରେ ୩।୪ ହାତ ବଢ଼େ ।
କାନ୍ତ; ଉତ୍ତାନ; ଶୂଳଶତ୍ରୁ । ଶୁକ୍ଳଏରଣ୍ଡ ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, ବୃଷ୍ୟ
ରକ୍ତଏରଣ୍ଡର ସଂ. ପର୍ଯ୍ୟାୟ— ଓ ସାରକ । ଏହା ବାତ, ଉଦାବର୍ତ୍ତ,
ରୁବୁକ; ଉରୁବୁକ; ରୁବୁ; କଫ, ଜ୍ୱର, କାସ, ଉଦରଶୋଥ,
ବ୍ୟାଘ୍ରପୁଚ୍ଛ; ବାତାରି; ଚଞ୍ଚୁ; ଶୂଳ, ଶ୍ୱାସ, ଆନାହ, କୁଷ୍ଠ, ବ୍ରଧ୍ନ,
ଉତ୍ତାନପତ୍ରକ । ପିତ୍ତ, ପ୍ରମେହ, ବାତରକ୍ତରେ
ଓ. ଗବ; ଜଡ଼ା; ଉପକାରୀ । ରକ୍ତ ଏରଣ୍ଡ ଲଘୁ,
ভেরেণ্ডা; তেল- କଟୁତିକ୍ତକଷାୟରସ ଓ ବାତ,
ভেরেণ্ডা, রেড়ি କଫ, ଶ୍ୱାସ, କାସ, କୃମି, ଅର୍ଶ,
अरंड ରକ୍ତଦୋଷ, ପାଣ୍ଡୁ, ଭ୍ରମ, ଅରୋ-
ମ. ଏରଣ୍ଡ ପାଇଁସମୋଠ୍ୟା; ଚକରେ ଉପକାରୀ । ଏରଣ୍ଡତେଲ
ଗୁଣାବାସିକ କୋଷ୍ଠଶୁଦ୍ଧି କରେ ଓ ପେଟମର-
ଗୁ. ଏରଣ୍ଡ ରୋଗରେ ଉପକାରୀ ଅଟେ । ଏରଣ୍ଡ
ତେ. ଆମୁଡାମୁ; ଆମିଦପୁ ଫଳ ଅଗ୍ନିସ୍ଥାପକ ଓ ଗୁଳ୍ମ, ଶୂଳ,
ଫା. ବେଦଂଜୀର୍ ବାୟୁ, ପ୍ଲୀହା ଏବଂ ଅର୍ଶୋରୋଗ-
ଆ. ଖିରୁବା ନାଶକ । ]

ଏରଣ୍ଡତୈଳ—ସଂ. ବି.—(୬ଷ୍ଠୀ ତତ୍; ଏରଣ୍ଡ+ତୈଳ)—ଜଡ଼ାତେଲ—
Eranda taila                Castor oil.
রেড়িতেল
रेंड़ीकातेल    [ଦ୍ର—ଏ ତେଲ ଖାଇଲେ କୋଷ୍ଠ ଶୁଦ୍ଧି ହୁଏ ।]

ଏରଣ୍ଡା—ଦେ. ବି.—୧ । ( ସଂ. ଏରଣ୍ଡ=ଗବଗଛ; ଏଣ୍ଡିପୋକ
Erandā    ଗବଗଛର ପତ୍ର ଖାଇ ବଞ୍ଚିବାରୁ)—ଏଣ୍ଡି (ଦେଖ)
এণ্ডি                1. Endi (See)
    ୨ । ଇରୁଣ୍ଡି (ଦେଖ)
                2. Irundi See)

ଏରଣ୍ଡାଦି ତୈଳ—ସଂ. ବି.—ଆୟୁର୍ବେଦୋକ୍ତ ତୈଳବିଶେଷ—
Erandāditaila    A medicinal oil; the chief
    ingredient of which is castor oil.
[ ଦ୍ର—ଏହା ଶୂଳ ରୋଗରେ ଉପକାରୀ । ]

ଏରଣ୍ଡି—ଦେ. ବି.—୧ । ଏଣ୍ଡି (ଦେଖ)
Erandi                1. Endi (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଖୋଜିବେ; 'ବଧୂ' ନ ମିଳିଲେ 'ବଧ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

୨ । (ସଂ. ଇନ୍ଦ୍ରଜାଲ)—ଇରୁଣ୍ଡି (ଦେଖ)
2. Irundi (See)

ଏରଣ୍ଡିବନ୍ଧ—ଦେ. ବି.—ଇରୁଣ୍ଡିବନ୍ଧ (ଦେଖ)
Erandibandha — Irundibandha (See)

ଏରା—ଦେ. ବି.—ଜଳଚର ଶୁକ୍ଳପକ୍ଷିବିଶେଷ—
Erā — A kind of acquatic bird.

କଳଙ୍କରେ ଏରା ଭଳିଣ ହୃଦକୁ, ଅରଣ୍ୟେ ଲେଉଟି ଯେଷା କରୁ ତରୁ ।
ରାଧାନାଥ. ଚନ୍ଦ୍ରଭାଗା ।

[ଦ୍ର—ଏହାର ଶୁକ୍ଳ ପକ୍ଷକୁ ପାଇକମାନେ ଟୋପରରେ ଭୂଷଣ-ସ୍ୱରୂପ ଲଗାନ୍ତି । ପୂର୍ବର ପାଇଯାତରେ ନାଗାମାନେ ଏହାର ପକ୍ଷକୁ ଲଗାଇ ଗୋଟିଏ ଗୋଟିଏ ଦେହରେ ବାନ୍ଧି ଥାନ୍ତି । ]

ପ୍ରାଦେ.ବି—୧ । (ବାଲେଶ୍ୱର) ବି.—ଡଙ୍ଗାର କୋଣଯୁକ୍ତ ତଳ—
1. Angular bottom of a boat.

ପ୍ରାଦେ. ବି—୨ । (ଭୁଜଙ୍ଗ ଅଦ ତଳମାଳ) ବି.—ସମୁଦ୍ର କୂଳସ୍ଥ ବାଲିଗଦା—Sand-heaps on the sea-shore.

ଏରିଆ—ବୈଦେ. ବି. (ଇଂ. ଏରିଆ)—ଭୂମିର କ୍ଷେତ୍ରଫଳ—
Eriā — Area; dimension of a plot of land.

ଦେ. ବି. (ଜାହାଜ ଖଲାସିଙ୍କ ଭାଷା)—ଆରିଆ (ଦେଖ)
Āriā (See)

ଏରୁପେ ପ୍ରା. କ୍ରି. ବିଣ—ଏରୂପେ (ଦେଖ)
Eripe — Erūpe (See)

ଏରୁଣ୍ଡି—ଦେ. ବି.—ଇରୁଣ୍ଡି (ଦେଖ)
Erundi — Irundi (See)

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ମାଧବ ବସିଛି ଯାଇ । ମଧୁସୂଦନ. ବର୍ଣ୍ଣବୋଧ ।

ଏରୁଣ୍ଡି ବନ୍ଧ—ଦେ. ବି.—ଇରୁଣ୍ଡି ବନ୍ଧ (ଦେଖ)
Erundibandha — Irundibandha (See)

ଏରୂପ—ଦେ. ବିଣ.—ଏବିଧ—Such.
Erūpa
এরূপ; এমন କ୍ରି. ବିଣ.—ଏ ପ୍ରକାରେ—
वैसा; ऐसा — Thus

ଏରୂପେ—ଦେ. କ୍ରି. ବିଣ (ସଂ. ଏତଦ୍ ଓ ରୂପ)—ଏ ପ୍ରକାରେ—
Erūpe — Thus; in this manner.
এমন — ଦୁଃଖେ କମ୍ପାଇ ଗୁଡ଼େ କହନ୍ତ ଏରୂପେ ।
वैसा — କୃଷ୍ଣସିଂ. ମହାଭାରତ ।

ଏରେ—ଦେ. ଅ.—ସମ୍ବୋଧନ (ସଂ. ହେ; ରେ)—
Ere — (ଡାକିବାର ଶବ୍ଦ) ହେ—Interjection used in calling; oh!

ଏରେ ଏରେ—ଦେ. ଅ.—ଏରେ (ଦେଖ)
Ere ere — Ere (See)

ଡାକେ ସଭିଙ୍କ ବେ ନାମ ଧରି,
ବନ୍ଧା ଦେଖାଇ ବେ ଏରେ ଏରେ କରି । ବ୍ରଜବିହାର ।

ଏରେଣ୍ଡା—ଗ୍ରା. ବି—ଏଣ୍ଡି ( ଦେଖ )
Erendā — Endi ( See )
ଦେ. ବି—ଇରୁଣ୍ଡି ( ଦେଖ )
Irundi ( See )

ଏରେଣ୍ଡି—ଗ୍ରା. ବି—ଏରେଣ୍ଡା ( ଦେଖ )
Erendi — Erendā ( See )

ଏରୋଡ୍ରୋମ୍—ବୈଦେ. ବି. ( ଇଂ ) ଏରୋପ୍ଲେନ୍ ରହିବାର ଯାଗା ବା ଷ୍ଟେସନ—Aerodrome.
Erodrom

ଏରୋପ୍ଲେନ୍—ବୈଦେ ବି. (ଇଂ) ଉଡ଼ାଜାହାଜ; ବାୟୁରେ ଉଡ଼ିବା କଳ—Aeooplane.
Eroplen

ଏର୍ବାରୁ—ସଂ. ବି (ଇର=ଗାଳ+ ଅରୁ ଧାତୁ = ଗମନ କରିବା + ଉ)—
Erbāru — ଇର୍ବାରୁ; କାକୁଡ଼ି—Cucumber.

ଏଲ୍. ଇ—ବୈଦେ. ବି ( ଇଂ. ସାଙ୍କେତିକ )—ଇଞ୍ଜିନିଅରିଂ କଲେଜର ପ୍ରଥମ ଦ୍ୱିବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରର ଉପାଧି—
El. I — (a title L E; Licentiate in Engineering.

ଏଲ୍ ଏ—ବୈଦେ ବି ( ଇଂ ସାଙ୍କେତିକ )—(ଆଇ. ଏ ପରୀକ୍ଷାର ପୂର୍ବତନ ନାମ) ଆଇ.ଏ. (ଦେଖ)—Āi E (See)
El. E

ଏଲ୍. ଏମ୍ ଏସ୍—ବୈଦେ. ବି ( ଇଂ. ସାଙ୍କେତିକ )—ପ୍ରଥମ ଡାକ୍ତରୀ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବା ବ୍ୟକ୍ତିର ଉପାଧି—
El. Em Es — (a title) L. M. S.

ଏଲ୍ ଏଲ୍ ଡି—ବୈଦେ. ବି ( ଇଂ. ସାଙ୍କେତିକ )—ଆଇନର ସର୍ବୋଚ୍ଚ ପରୀକ୍ଷାରେ ପାଶ୍ କରିଥିବା ବ୍ୟକ୍ତିଙ୍କର ଉପାଧି—
El. El. Di — (a title) L. L. D.

ଏଲ୍‌ଗିନ୍—ବୈଦେ. ବି ( ନାମ )—ଲର୍ଡ୍ ଏଲ୍‌ଗିନ୍; ଭାରତର ଦୁଇଟି ବଡ଼ଲାଟଙ୍କ ନାମ—Name of two Governor-Generals of India; Lord Elgin.
Elgin

[ ଦ୍ର—ପ୍ରଥମ ଲର୍ଡ୍ ଏଲ୍‌ଗିନ୍—ଜନ୍ମ ୧୮୧୧ଖ୍ରୀ: ଅ; ଭାରତକୁ ବଡ଼ଲାଟ ରୂପେ ଆଗମନ ୧୮୬୨ ଖ୍ରୀ. ଅ; ଏ ପୀଡ଼ିତ ହୋଇ ୧୮୬୩ରେ ଭାରତରେ ପ୍ରାଣତ୍ୟାଗ କଲେ । ଦ୍ୱିତୀୟ ଲର୍ଡ୍ ଏଲ୍‌ଗିନ୍—ପ୍ରଥମ ଲର୍ଡ୍ ଏଲ୍‌ଗିନ୍‌ଙ୍କ ପୁତ୍ର ଓ ଲର୍ଡ କର୍ଜନଙ୍କ ପୂର୍ବବର୍ତ୍ତୀ ବଡ଼ଲାଟ । ଏ ୧୮୯୪ ଖ୍ରୀଷ୍ଟାବ୍ଦଠାରୁ ୧୮୯୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କ ଶାସନକାଳରେ ଭାରତର ଉତ୍ତର ପଶ୍ଚିମ ସୀମାନ୍ତରେ ଯୁଦ୍ଧ ଓ ଭାରତରେ ପ୍ଲେଗ, ଦୁର୍ଭିକ୍ଷ ଓ ବଙ୍ଗଦେଶରେ ଭୂମିକମ୍ପ ହୋଇଥିଲା । ]

ଏଲ୍‌ଟାଇବା—ପ୍ରାଦେ. ( ସମ୍ବଲପୁର ) କ୍ରି—ଲେଉଟାଇବା—
Eltāibā — To send back; to cause to return.

ଏଲ୍.ସି.ଇ—ବୈଦେ. ବି (ଇଂ ସାଙ୍କେତିକ)—ଏଲ୍. ଇ. (ଦେଖ)
El. Si. I — El. E ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର୍,ର୍‌ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇସ୍ | ଉଅ | ଢ |
| ୨ | ଈ | ଊ | ର୍ଲ | ଲୃ | ଯ୍ୟେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଶ୍ୟ | ଯ | ସ | ଙ୍ଗ | ଇଅ | ୱ | ନ୍ନ |

ଏଲ—ଦେ. କ୍ରି ( ବଙ୍ଗଳାରୁ ଅନୁକୃତ )—ଆସୁଅଛୁ—
Ela Comes; is coming.
[ ଦ୍ର—ଓଡ଼ିଆ ଯାତ୍ରାରେ କୌଣସି ସ୍ୱଆଙ୍ଗଧାରୀ ବ୍ୟକ୍ତି ଯାତ୍ରା-ସ୍ଥଳକୁ ଆସିବା ଉପଲକ୍ଷରେ ଏ ଶବ୍ଦ ବ୍ୟବହୃତ ହୁଏ—ଯଥା—ଏଲ ଏଲ ଗୋବର୍ଦ୍ଧ ନନ୍ଦା ଏଲରେ । ]

ଏଲଗଜ—ସଂ. ବି—ଚକୁଣ୍ଡା (ଗଛ) ( ଦେଖ )
Elagaja Chākuṇḍā (tree) ( See )

ଏଲଗାଏତ୍—ଦେ. ଅ—ଏହିଠାରୁ ଆରମ୍ଭକରି—
Elagāet Beginning from this.
এনাগাদ

ଏଲବାଳୁ—ସଂ. ବି—ସୁଗନ୍ଧଦ୍ରବ୍ୟବିଶେଷ; ଗନ୍ଧାଳୁକା—
Elabālu A kind of scented herb
ଅନ୍ୟ ସଂ ନାମ—ଏଲବାଳୁକ; ଏଲବାଳୁକା; ଐଲେୟ; ସୁଗନ୍ଧ; ହରିବାଲୁକ; ଏଲାଳୁ; କପିତ୍ଥ ପତ୍ର;
এলবালু
एलुवा
ତୈ. ଲୁଲୁଖୁଲ୍ଲମ୍;
[ ଦ୍ର—ଏହା ଲୁଚି ପରି ଗନ୍ଧବିଶିଷ୍ଟ ଓ ଦେଖିବାକୁ ବକଳ ପରି । ଏହା କଣ୍ଡୁ, ବ୍ରଣ, ବମି, ତୃଷା, କାଶ, ଅରୁଚି, ହୃଦ୍ରୋଗ, କଫ, ବିଷ, ରକ୍ତପିତ୍ତ, କୁଷ୍ଠ, ବସ୍ତିମୂତ୍ର ଓ କୃମିନାଶକ]

ଏଲବାଳୁକ—ସଂ. ବି—ଏଲବାଳୁ (ଦେଖ)
Elabāluka Elabālu (See)

ଏଲବାଳୁକା—ସଂ. ବି—ଏଲବାଳୁ (ଦେଖ)
Elabālukā Elabālu (See)

ଏଲା—ସଂ. ବି. ସ୍ତ୍ରୀ (ଇଲ ଧାତୁ=କ୍ଷେପଣ କରିବା+ଅ+ସ୍ତ୍ରୀ. ଆ)—
Elā ଅଳାଇଚ (ଦେଖ)
Alāicha (See)

ଏଲାଇଚ—ଦେ. ବି (ସଂ. ଏଲା)—ଅଳାଇଚ (ଦେଖ)
Elāicha Alāicha (See)

ଏଲାକା (ଇତ୍ୟାଦି)—ବୈଦେ. ବି (ଆ. ଇଲାକା)—
Elākā (etc) ଇଲାକା ଇତ୍ୟାଦି (ଦେଖ)
Ilākā etc (See)

ମେଘ ଆଉନରେ ଅଛି ସେଥିରେ ଟୌକିଆର କଣ ଏଲାକା ( ସମ୍ପର୍କ )
ଫକୀରମୋହନ- ଛମାଣଆଠଗୁଣ୍ଠ ।
ଇନ୍‌କମ୍ ଟିକସ ଏଲାକା (ବିଷୟ) ପିଅଦାଠାରୁ ଶୁଣି ଏ କଥା କହୁଥିଲେ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଏଲାଗି—ଦେ. ଅ—ଇଲାଗି (ଦେଖ)
Elāgi Ilāgi (See)

ଏଲାଗେ—ଦେ ଅ (ସଂ. ଏତଦ୍ ଓ ଲଗ୍ନ)—ଇଲାଗେ (ଦେଖ)
Elāge Ilāge (See)

ଏଲାଦିଗୁଟିକା—ସଂ. ବି—ବୈଦ୍ୟଶାସ୍ତ୍ରୋକ୍ତ ଔଷଧବିଶେଷ—
Elādiguṭikā (ଏଥିରେ ଅଳାଇଚ ପ୍ରଧାନ ଉପାଦାନ)—
A medical preparation.

ଏଲାପର୍ଣ୍ଣୀ—ସଂ. ବି.ସ୍ତ୍ରୀ (ଏଲା=ଅଳାଇଚ+ପର୍ଣ୍ଣ=ପତ୍ର+ସ୍ତ୍ରୀ ଈ)—
Elāparṇṇi ଯାହାର ଅଳାଇଚ ପତ୍ର ପରି ପତ୍ର—ଔଷଧିବିଶେଷ; ସାମାନ୍ୟ ରାସ୍ନା—ରାସ୍ନା (ଦେଖ)
Rāsnā (See)

ଏଲାବାଳୁକ—ସଂ. ବି—ଏଲବାଳୁ (ଦେଖ)
Elabāluka Elabālu (See)

ଏଲାମ—ପ୍ରାଦେ (ଗଞ୍ଜାମ) ବି. (ଆ. ନିଲାମ୍)—ନିଲାମ—
Elāma Auction

ଏଲିଜାବେଥ୍—ବୈଦେ. ବି (ଇଂ. ଐତିହାସିକ ନାମ)—
Elijābeth ମୋଗଲ ସମ୍ରାଟ ଆକବରଙ୍କ ସମସାମୟିକ ଷୋଡ଼ଶ ଶତାବ୍ଦୀର ଇଂଲଣ୍ଡର ପ୍ରସିଦ୍ଧ ରାଣୀ—ଏହାଙ୍କ ସମୟରୁ ପ୍ରଥମେ ଇଂଲଣ୍ଡର ଇଷ୍ଟ ଇଣ୍ଡିଆକୋମ୍ପାନୀ ଭାରତକୁ ବାଣିଜ୍ୟ କରିବାକୁ ଆସିଥିଲେ—
Elizabeth the Queen of England of the sixteenth century.

ଏଲିଭେସନ—ବୈଦେ. ବି ( ଇଂ. ଏଲିଭେସନ୍ )—ଦେଉଳ, ଘର ବା କୋଠାଆଦିକୁ ଏକପାଖରୁ ଚାହିଁଲେ ଯେପରି ଦେଖା-ଯାଏ କାଗଜ ଉପରେ ତାହାର ଚିତ୍ର ବା ନକ୍ସା—
Elibhesan Elevation of a building drawn in a map.
এলিভেসন
एलिवेशन
[ଦ୍ର—ଗୋଟିଏ ଘରତଳର ଚିତ୍ରକୁ ପ୍ଲାନ୍, ପାଖର ଚିତ୍ରକୁ ଏଲିଭେସନ୍ ଓ ମଝିରୁ କାଟିଦେଲେ ଯେପରି ଦେଖାଯାଏ ତାହାର ଚିତ୍ରକୁ ସେକ୍ସନ୍ ବୋଲାଯାଏ । ].

ଏଲିମେଣ୍ଟାରି—ବୈଦେ. ବିଣ. (ଇଂ. ଏଲିମେଣ୍ଟାରି)—ପ୍ରାଥମିକ—
Elimenṭari Elementary.
এলিমেণ্টারী
एलिमेंटरी

ଏଲିମେଣ୍ଟାରି ସ୍କୁଲ—ବୈଦେ. ପ୍ରାଦେ. (ଗଞ୍ଜାମ) ବି. ( ଇଂ )—
Elimenṭari skul ପ୍ରାଥମିକ ବିଦ୍ୟାଳୟ—
Elementary school.
[ ଦ୍ର—ଓଡ଼ିଶାରେ ଅପର୍‌ପ୍ରାଇମେରୀସ୍କୁଲକୁ ଗଞ୍ଜାମର ବାୟୁରେ ଏଲିମେଣ୍ଟାରି ଏବଂ ଲୋଅର୍‌ପ୍ରାଇମେରୀ ସ୍କୁଲକୁ ଲୋୟର ଏଲିମେଣ୍ଟାରୀ ସ୍କୁଲ ବୋଲାଯାଏ । ]

ଏଲୀକା—ସଂ. ବି—ଏଲା ( ଦେଖ )
Elīkā Elā ( See )

ଏଲୁକ—ସଂ. ବି—ଏଲବାଳୁ ( ଦେଖ )
Eluka Elabālu ( See )

ଏଲେ—ବୈଦେ. ସ୍ତ୍ରୀ. ବି (ଇଂ)—ଏଲ. ଏ ( ଦେଖ )
'Ele El E ( See )

ଏଲେନ୍‌ବରା—ବୈଦେ. ବି. (ଇଂ.) ନାମ—
Elenbarā ଭାରତର ବଡ଼ଲାଟ; ଲର୍ଡ ଏଲେନ୍‌ବରା—
Lord Ellenborough.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତର ୧ ଚକ୍ଷ୍ଟ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ଟ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ଟ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚକ୍ଷ୍ଟ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; ବଂଧ ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଗଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

[ ଦ୍ର—ଏ ଖ୍ରୀ. ଅ ୧୮୪୨ ରେ ଭାରତକୁ ବଡ଼ଲାଟ ହୋଇ ଆସିଥିଲେ । ଏହାଙ୍କ ପୂର୍ବବର୍ତ୍ତୀ ବଡ଼ଲାଟ ଲର୍ଡ଼ ଅକ୍ଲାଣ୍ଡ୍‌ଙ୍କ ଅମଳରୁ ଲାଗିଥିବା କାବୁଲ୍ ଯୁଦ୍ଧ ଏହାଙ୍କ ସମୟରେ ଚାଲୁଥିଲା ଓ ଉକ୍ତ ଯୁଦ୍ଧର ଅବସାନ ନ ହେଉଣୁ ଏ ଭାରତରୁ ଚାଲି ଗଲେ । ସିନ୍ଧୁର ନବାବଙ୍କ ପ୍ରତି ଅନ୍ୟାୟାଚରଣ କରିଥିବା ଅଭିଯୋଗରୁ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀ ଏହାଙ୍କୁ ୧୮୪୪ ଖ୍ରୀ.ଅ.ରେ ପଦଚ୍ୟୁତ କଲେ । ]

ଏଷଣ—ସଂ. ବି. ( ଆ=ସମ୍ୟକ୍+ଇଷ୍ ଧାତୁ=ଗମନ କରିବା;
Eshaṇa — ଅନ୍ୱେଷଣ କରିବା+ଅନ )—
ଲୌହମୟ ବାଣ—Arrow made of iron.

ଏଷଣା—ସଂ. ବି. ସ୍ତ୍ରୀ. ( ଆ+ଇଷ ଧାତୁ+ଅନ+ସ୍ତ୍ରୀ. ଆ )—
Eshaṇā ୧ । ଅନ୍ୱେଷଣ—
1. Searching or seeking.
୨ । ଇଚ୍ଛା; ବାଞ୍ଛା—2. Wish; desire.
୩ । ସ୍ୱର୍ଣ୍ଣକାର ପ୍ରଭୃତିଙ୍କ ନିକିତି—
3. Goldsmith's balance.

ଏଷଣିକା—ସଂ. ବି. ସ୍ତ୍ରୀ. ( ଏଷଣ+ଇକ+ସ୍ତ୍ରୀ. ଆ )—
Eshaṇikā ୧ । ସ୍ୱର୍ଣ୍ଣକାର ପ୍ରଭୃତିଙ୍କ ନିକିତି—
1. Goldsmith's balance.
୨ । ବଣିଆଙ୍କର ନାଗସ୍ୱକୃତି ଲୌହଶଳାକା—
2. Goldsmith's probe.
୩ । ଡାକ୍ତରୀ ଅସ୍ତ୍ରବିଶେଷ; ଯହିଁରେ ଘାଉର ଗଭୀରତା ନିରୂପିତ ହୁଏ—3. A surgical probe

ଏଷଣୀ—ସଂ. ବି. ସ୍ତ୍ରୀ ( ଆ+ଇଷ ଧାତୁ+ଅନ+ସ୍ତ୍ରୀ. ଈ )—
Eshaṇi ଏଷଣିକା ( ଦେଖ )—Eshaṇikā ( See )

ଏଷଣୀୟ—ସଂ. ବିଣ. ( ଇଷ ଧାତୁ=ଇଚ୍ଛା କରିବା+ଅନୀୟ )—
Eshaṇiya ବାଞ୍ଛନୀୟ—Desirable.

ଏଷିତା—ସଂ. ବିଣ. ପୁଂ. ( ଇଷ ଧାତୁ=ଇଚ୍ଛା କରିବା+କର୍ତ୍ତୃ.ତୃ. ୧ମା.
Eshitā ୧ବ. )—ଇଚ୍ଛୁକ—Willing; desirous.
( ଏଷିତ୍ରୀ—ସ୍ତ୍ରୀ )

ଏଷ୍ଟବ୍ୟ—ସଂ ବିଣ. ( ଇଷ ଧାତୁ=ଇଚ୍ଛା କରିବା+କର୍ମ. ତବ୍ୟ )—
Eshṭabya ବାଞ୍ଛନୀୟ—Desirable.

ଏଷ୍ଟା—ସଂ. ବିଣ. ପୁଂ—ଏଷିତା ( ଦେଖ )
Eshṭā Eshitā ( See )
( ଏଷ୍ଟ୍ରୀ—ସ୍ତ୍ରୀ )

ଏଷ୍ଟିମିଟ୍—ବୈଦେ.ବି. (ଇଂ) (ଅଶୁଦ୍ଧ ଉଚ୍ଚାରଣ)—ଏଷ୍ଟିମେଟ୍ (ଦେଖ)
Eshṭimiṭ Eshṭimeṭ ( See )

ଏଷ୍ଟିମେଟ୍—ବୈଦେ. ବି. ( ଇଂ. ଏଷ୍ଟିମେଟ୍ )—କାର୍ଯ୍ୟପୂର୍ବରୁ କାର୍ଯ୍ୟର
Eshṭimeṭ ଅନୁମାନିକ ବ୍ୟୟ ନିର୍ଦ୍ଧାରଣ; ଭୂତ—Estimate.
এষ্টিমেট
इष्टिमिट्

ଏଷ୍ଟେଟ୍—ବୈଦେ. ବି—୧ । (ଇଂ ଏଷ୍ଟେଟ୍)—ବଡ଼ ଜମିଦାରି—
Eshṭeṭ 1. Estate.
୨ । ( ଇଂ. ଷ୍ଟେଟ୍ )—ଦେଶୀୟ ରାଜ୍ୟ—2. State.

ଏଷ୍ଟେସନ୍—ବୈଦେ ବି. ( ଇଂ. ଷ୍ଟେସନ୍ )—ଷ୍ଟେସନ୍ ( ଦେଖ )
Eshṭesan Shṭesan (See)

ଏସ୍ତାହାର—ବୈଦେ. ବି. (ଆ) (ଅଶୁଦ୍ଧ)—ଇସ୍ତିହାର ( ଦେଖ )
Estāhāra Istihāra (See)

ଏସ୍ତାହାରନାମା—ବୈଦେ.ବି. ( ଆ ) ଅଶୁଦ୍ଧ—
Estāhāranāmā ଇସ୍ତିହାରନାମା ( ଦେଖ ).
Istihāranāmā (See)

ଏସ୍. ପି—ବୈଦେ. ବି. ( ଇଂ. 'ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ୍'ର
Es. Pi ସାଙ୍କେତିକ)—ପୁଲିସ ସୁପରିଣ୍ଟେଣ୍ଡେଣ୍ଟ; ଜିଲ୍ଲାର ପ୍ରଧାନ ପୁଲିସ୍ ହାକିମ—Superintendent of police.

ଏସ୍‌ରାଜ୍—ବୈଦେ. ବି. (ଆ)—ତନ୍ତ୍ରିବାଦ୍ୟ—
Esrāj A stringed musical instrument.
এসরাজ [ ଦ୍ର—ଏହା ପିତଳ ଓ ଲୁହା ତାରଯୁକ୍ତ ବାଦ୍ୟ ଓ ଘୋଡ଼ା
एसराज ବାଳର କମାଣି ଘଷା ହେଲେ ବାଜେ ।]

ଏସ୍‌ରାଜ୍‌ବିନ୍—ବୈଦେ. ବି. ( ଆ )—ଏସ୍‌ରାଜ୍ ( ଦେଖ )
Esrājbin Esrāj (See)

ଏସକାସାତ୍—ଦେ. ଅ—ଏଥିପାଇଁ—For this.
Esakāsāt
এজন্যে
इसवास्ते

ଏସକାସୁଁ—ଦେ. ଅ—ଏସକାସାତ୍ ( ଦେଖ )
Esakāsuṅ Esakāsāt (See)

ଏସକାସେ—ଦେ. ଅ—ଏସକାସାତ୍ ( ଦେଖ )
Esakāse Esakāsāt ( See )

ଏସନ—ଦେ. ପଦ୍ୟ. ବିଣ.—ଏବମ୍ଭୂତ, ଏହିପରି; ଏହିପ୍ରକାରର—
Esana Such; such like.
এহেন ଦେ. ପଦ୍ୟ. କ୍ରି.ବିଣ.—ଏହିରୂପେ; ଏହିପରି; ଏହିପ୍ରକାର-
ऐसा Thus; similarly.

ଏସନକ—ଦେ. ପଦ୍ୟ. ବିଣ. ଓ କ୍ରି. ବିଣ.—ଏସନ ( ଦେଖ )
Esanaka Esana ( See )

ଏସନେ—ଦେ. ପଦ୍ୟ. ଓ କ୍ରି. ବିଣ—ଏସନ ( ଦେଖ )
Esane Esana ( See )

ଏସନେକ—ଦେ. ପଦ୍ୟ. ବିଣ ଓ କ୍ରି. ବିଣ—ଏସନ ( ଦେଖ )
Esaneka Esana ( See)
ଏସନେକ କଥା ଶୁଣ ଅତି ସୁନ୍ଦର—ପ୍ରାଚୀ. କଳତରଙ୍ଗ ।

ଏସମ—ଦେ. ଅ ( ସଂ. ଏତଦ୍+ସମ )—ଏପରି; ଏମନ୍ତ—
Esama Like this.
ଏସମ ମଣଇ, ପ୍ରସନ୍ନ ସମ ଅନ ନ ଗଣଇ—ଉତ୍କ. ପ୍ରେମସୁଧାନିଧି ।

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଣ | ଢ | ଷ,ଶ | ଛ | ଇଗ୍ନ | ଝୁଅ | ଞ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ଗ | ଯ | ସ | ଡଂ | ଛଅ | ଓ | ୃ |

ଏସରି—ଦେ. ଅ.(ସଂ. ଏତଦ୍ ସଦୃଶ୍ୟ)—ଏହିପରି—
Esari Thus; like this.

ଏସରିକି—ଦେ. ଅ.—୧ । ଏତେସରିକି ( ଦେଖ )
Esariki 1. Etesariki ( See )
୨ । ଏପରି—2. Being reduced to the condition; thus; like this.
ହେଲନ ସେ ବୃନ୍ଦକନ୍ଦଗନା ଏସରିକି—କବିସୂର୍ଯ୍ୟ.ବଳଦେବରଥ୍. ଚ. ଗୀତ ।
୩ । ଏ ସ୍ଥାନ ପର୍ଯ୍ୟନ୍ତ—3. Upto this place.
୪ । ଏ କାଳ ପର୍ଯ୍ୟନ୍ତ—4 Upto this time

ଏସାକୁତେସା—ଦେ. କି. ବିଣ ଓ ବି ( ଦ୍ୱନ୍ଦ. ଏସା=ଏପରି+ତେସା =ସେପରି )—ଏସାତେସା ( ଦେଖ )
Esākutesā Esātesā ( See )

ଏସାତେସା—ଦେ.କ୍ରି. ବିଣ (ଦ୍ୱନ୍ଦ)—ଏପରି ସେପରି; ଏ ପ୍ରକାରେ କମ୍ବା ସେ ପ୍ରକାରେ—
Esātesā In this way or that.
এসাতেসা
ऐसातैसा ଦେ. ବି—ଅନିଶ୍ଚିତ ଉତ୍ତର; ଯା ବୋଲି ତା—
Prevaricating talk; uncertain reply.
(ଯଥା—ଏସାତେସା କହାଇବା; ଏସାତେସା କହିବା ।)

ଏସିଆ—ବୈଦେ. ବି. (ଇଂ). (ନାମ)—ଅସିଆ ମହାଦେଶ—
Esiā Asia continent.

एसिया

ଏସିଆଟିକ୍ ସୋସାଇଟି—ବୈଦେ. ବି. (ଇଂ. ଏସିଆଟିକ୍ ସୋସାଇଟି)—
Esiāṭik sosāiṭi ଅସିଆଟିକ୍ ସୋସାଇଟି ( ଦେଖ )
Āsiāṭik Sosāiṭi ( See )

ଏସିଡ୍—ବୈଦେ. ବି (ଇଂ.ଏସିଡ୍)—ଅମ୍ଳରସଯୁକ୍ତ ସ୍ୱାଦଯୁକ୍ତ ଦ୍ରବ ବା ବସ୍ତୁ—Acid.
Esid
এসিড

ଏସୁଁ—ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ ) ବି—ଏସନ; ଏହି ସନ; ଏ ବର୍ଷ—This year; current year
Esuñ
(ଯଥା—ଏସୁଁ ବେଶ୍ ପାଳକ ପଡ଼ିଛି ।)

ଏସୁଁର—ପ୍ରାଦେ. ( ସମ୍ବଲପୁର ଓ ଗଡ଼ଜାତ )—ଏସୁଁ ( ଦେଖ )
Esuñra Esuñ ( See )

ଏସେ—ବୈଦେ. ବି. ( ଇଂ. ଏସ୍ସେ )—ରଚିତ ପ୍ରବନ୍ଧ—
Ese Essay.
এসে
एसे

ଏସେନ୍ସ—ବୈଦେ. ବି (ଇଂ. ଏସେନ୍ସ)—ବୈଜ୍ଞାନିକ ପ୍ରଣାଳୀରେ ପୁଷ୍ପ ଆଦି ସୁଗନ୍ଧ ଦ୍ରବ୍ୟରୁ ନିଷ୍କାସିତ ନିର୍ଯ୍ୟାସ—Essence extracted from sweet smelling articles.
Esens

ଏସୋସିଏସନ୍—ବୈଦେ. ବି ( ଇଂ. ଅସୋସିଏସନର ଅଶୁଦ୍ଧ ଉଚ୍ଚାରଣ)—ସଭା; ସମିତି—Association.
Esosiesan

ଏସ୍କିମୋ—ବୈଦେ ବି ( ଇଂ. ଏସ୍କିମୋ )—ଶୀତ ପ୍ରଧାନ ଅଞ୍ଚଳରେ ବାସ କରୁଥିବା ଉତ୍ତରମେରୁ ନିକଟବର୍ତ୍ତୀ ମାଂସାଶୀ ଜାତି—The Eskimoes.
Eskimo
[ ଦ୍ର—ଏମାନେ ସର୍ବକାଳୀନ ଓ ବିଶେଷ ଶୀତ ସହ୍ୟ କରିପାରନ୍ତି । ଗ୍ରୀଷ୍ମପ୍ରଧାନ ଦେଶରେ ଏମାନେ ରହିପାରନ୍ତି ନାହିଁ । ଏମାନେ ଉତ୍ତର ଅମେରିକାର ଶୀତପ୍ରଧାନ ଅଞ୍ଚଳ ଗ୍ରୀନ୍‌ଲାଣ୍ଡ ଓ ରୁଷିଆର ଶୀତପ୍ରଧାନ ଅଞ୍ଚଳରେ ବାସ କରନ୍ତି । ଶୀଲ୍ ମାଛର ମାଂସ, ଧଳା ଭାଲୁର ମାଂସ, ବଲ୍ଗା ହରିଣର ମାଂସ, ତିମିର ମାଂସ ଏମାନଙ୍କର ପ୍ରଧାନ ଖାଦ୍ୟ । ]

ଏସ୍କ୍ୱିମୋ—ବୈଦେ. ବି (ଇଂ)—ଏସ୍କିମୋ ( ଦେଖ )
Eskwimo Eskimo ( See )

ଏସ୍ତାହାର—ବୈଦେ. ବି—ଇସ୍ତିହାର (ଦେଖ)
Estāhāra Istihāra (See)

ଏସ୍ତେହାର—ବୈଦେ. ବି—ଇସ୍ତିହାର (ଦେଖ)
Estehāra Istihāra (See)

ଏହା—ଦେ. ସର୍ବ (ସଂ. ଏତଦ୍)—ଏ; ଏ ପଦାର୍ଥ—
Ehā This thing
ইহা; এই
इस

ଏହାଇଁ—ଦେ. ସର୍ବ (ସଂ. ଏତଦ୍+ହି—୧ । ଏହା ନିଶ୍ଚେ—
Ehāiñ 1. This surely.
ইহাহি ୨ । ଏହା ମଧ୍ୟ—2. This too
यहबात

ଏହାଉଁ—ଦେ. ସର୍ବ—ଏହା ଅପେକ୍ଷା—
Ehāuñ Than this
এচ্ছে ଏହାଉଁ ସୁଲଭ ଆଉ କିଛି ନ ଦେଖିଲି—ସାରଳାମହାଭାରତ. ଉଦ୍ଯୋଗ ।
इससे

ଏହାଘେନି—ଦେ. ଅ—ଏଥିହେତୁରୁ; ଏଥିଲାଗି; ଏହିହେତୁରୁ—
Ehāgheni For this; owing to this.
এজন্যে
इसवास्ते

ଏହାଠଉଁ—ଗ୍ରା. ସର୍ବ—ଏହାଉଁ (ଦେଖ)
Ehāṭhauñ Ehāuñ (See)

ଏହାଠୁଁ—ଦେ. ସର୍ବ—ଏହାଉଁ (ଦେଖ)
Ehāṭhuñ Ehāuñ (See)

ଏହାଠେଇଁ—ଦେ. ସର୍ବ—ଏହାଠାରେ—
Ehāṭheiñ In this.
ইহাতে
इसमे

ଏହାତହୁଁ—ଦେ. ସର୍ବ—ଏହାଉଁ (ଦେଖ)
Ehātahuñ Ehāuñ (See),

ବାଆରଣ ହେତୁ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ କ୍ରମରେ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ କୃଷ୍ଣକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଅଭାବରେ ଉଲ୍ଲିଖିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ସାଇ' ନ ମିଳିଲେ 'ଶାଇ' ଖୋଜିବେ; 'କୃଷ' ନ ମିଳିଲେ 'କଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଏହାନ୍ତ—ଦେ. (ପ୍ରାଚୀନ ପ୍ରୟୋଗ).ସର୍ବ.—ଏହାଙ୍କୁ—
Ehānta To this man
ଅବଶ୍ୟ ଏହାନ୍ତ ହାତ୍ ଯିବ ସେହ୍ନ ମାର—ସାରଳାମହାଭାରତ, ଉଦ୍ୟୋଗ ।

ଏହାହିଁ—ଦେ. ସବ (ସଂ. ଏତତ୍ + ହି)—ଏହାଇଁ (ଦେଖ)
Ehāhiñ Ehāiñ (See)

ଏହାହୁଁ—ଦେ. ସର୍ବ—ଏହାଠୁଁ; ଏହା ଅପେକ୍ଷା—
Ehāhuñ Than this.
ଏହାହୁଁ ପ୍ରିୟ ମୋତେ ନୁହଇ ତେଡ଼ ଯୁଗ—ସାରଳାମହାଭାରତ, ଅଦି ।

ଏହି—ଦେ. ସର୍ବ (ସଂ. ଏତଦ୍)—ଏ; ଏଇ; ଉଦ୍ଦିଷ୍ଟ ବା ସମ୍ମୁଖରେ
Ehi ଦେଖାଯିବା ବସ୍ତୁ ବା ବ୍ୟକ୍ତି—
ଏଇ It; this (person or thing).
इस

[ଦ୍ର—'ଏହା' ପଦାର୍ଥକୁ ଲକ୍ଷ୍ୟକରି ଏକାକୀ ବ୍ୟବହୃତ ହୁଏ; ଏହି ମନୁଷ୍ୟ ଓ ବସ୍ତୁକୁ ଲକ୍ଷ୍ୟକରି ଏକାକୀ କମ୍ପା ଏହି ଲୋକ, ଏହି ବସ୍ତୁ ଏପରି ବ୍ୟବହୃତ ହୁଏ ।]

ଏହିଁକି—ଦେ. ସର୍ବ—ଏଥିକି (ଦେଖ)
Ehiñki Ethiki (See)

ଏହିକ୍ଷଣି—ଦେ. ଅ (ସଂ. ଏତତ୍କ୍ଷଣ)—୧ । ଏହିକ୍ଷଣରେ—
Ehikshaṇi 1. At this moment
ଏଖୁନି ୨ । ବର୍ତ୍ତମାନ—2. Just-now;
अभी immediately.

ଏହିକ୍ଷଣିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehikshaṇikā Ehikshaṇi (See)

ଏହିକ୍ଷିଣି—ଗ୍ରା. ଅ.—ଏହିକ୍ଷଣି (ଦେଖ)
Ehikshiṇi Ehikshaṇi (See)

ଏହିକ୍ଷିଣିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehikshiṇikā Ehikshaṇi (See)

ଏହିଘେନି—ଦେ. ଅ—ଏହାଘେନି (ଦେଖ)
Ehigheni Ehāgheni (See)

ଏହିଛିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehichhikā Ehikshaṇi (See)

ଏହିଛିଣି—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehichhiṇi Ehikshaṇi (See)

ଏହିଛିଣିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehichhiṇika Ehikshaṇi (See)

ଏହିଛୁଣି—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehichhuṇi Ehikshaṇi (See)

ଏହିଛୁଣିକା—ଗ୍ରା. ଅ—ଏହିକ୍ଷଣି (ଦେଖ)
Ehichhuṇikā Ehikshaṇi (See)

ଏହିଟା—ଦେ. ସବ. (ଅନ.ଦସ୍ତୁର୍ଥକ)—ଏହି; ଏ—
Ehiṭā This

ଏହିଟି—ଦେ. ସବ. (ଅଦସ୍ତୁର୍ଥକ—ଏହି; ଏ—
Ehiṭi This

ଏହିଠଉଁ—ଗ୍ରା. ସର୍ବ—ଏହିଠୁଁ (ଦେଖ)
Ehiṭhauñ Ehiṭhuñ (See)

ଏହିଠା—ଦେ. ସର୍ବ. (ସଂ. ଏତଦ୍ + ସ୍ଥାନ)—ଏ ସ୍ଥାନ—
Ehiṭhā This place
হেথা [ଦ୍ର—ଏହି ଶବ୍ଦ ସଙ୍ଗେ ଭିନ୍ନ ଭିନ୍ନ ବିଭକ୍ତିର ଚିହ୍ନମାନ ଯୁକ୍ତ
यहाँ ହୁଏ । ଯଥା—ଏହିଠାକୁ; ଏହିଠାରୁ; ଏହିଠାରେ । ]

ଏହିଠାଇଁ—ଗ୍ରା. ସର୍ବ. (ସଂ. ଏତଦ୍ + ସ୍ଥାନେ)—
Ehiṭhāiñ ଏଠାରେ; ଏ ସ୍ଥାନରେ—Here; in this place.
এখানে; হেথায়
यहाँ

ଏହିଠାଏ—ଗ୍ରା. ସର୍ବ—ଏହିଠାଇଁ (ଦେଖ)
Ehiṭhāe Ehiṭhāiñ (See)

ଏହିଠାଏଁ—ଦେ. ସର୍ବ—ଏହିଠାଇଁ (ଦେଖ)
Ehiṭhāeñ Ehiṭhāiñ (See)

ଏହିଠି—ଦେ. ସର୍ବ—ଏହିଠାଇଁ (ଦେଖ)
Ehiṭhi Ehiṭhāiñ (See)

ଏହିଠିଁ—ଦେ. ସର୍ବ—ଏହିଠାଇଁ (ଦେଖ)
Ehiṭhiñ Ehiṭhāiñ (See)

ଏହିଠିକା—ଗ୍ରା. ବଣ—୧ । ଏ ସ୍ଥାନର; ଏଠାର—
Ehiṭhikā 1. Of this place
এখানকার ୨ । ସ୍ଥାନୀୟ—2. Local
यहाँका

ଏହିଠିକାର—ଦେ. ବଣ—ଏହିଠିକା (ଦେଖ)
Ehiṭhikāra Ehiṭhikā (See)

ଏହିଠିକି—ଦେ. ସର୍ବ—ଏହି ସ୍ଥାନକୁ—
Ehiṭhiki To this place.
এখানকে
यहाँको

ଏହିଠିକୁ—ଦେ. ସର୍ବ—ଏହିଠିକି (ଦେଖ)
Ehiṭhiku Ehiṭhiki (See)

ଏହିଠିରୁ—ଦେ. ସର୍ବ—ଏହିଠୁଁ (ଦେଖ)
Ehiṭhiru Ehiṭhuñ (See)

ଏହିଠୁ—ଦେ. ସର୍ବ—ଏହିଠୁଁ (ଦେଖ)
Ehiṭhu Ehiṭhuñ (See)

ଏହିଠୁଁ—ଦେ. ସର୍ବ—୧ । ଏହି ସ୍ଥାନରୁ—
Ehiṭhuñ 1. From this place; hence.
হেথাথেকে ୨ । ଅତଃପରୁ—2. Henceforth.
यहाँसे

ଏହିଠେଇଁ—ଦେ. ସର୍ବ—ଏହିଠାଇଁ (ଦେଖ)
Ehiṭheiñ Ehiṭhāiñ (See)

ଏହିତା—ଦେ. ସର୍ବ—ଏହାଇଁ (ଦେଖ)
Ehitā Ehāiñ (See)
ସଙ୍ଗୀତ ସପ୍ତକ ପୂଜାଏ ଲୋକଙ୍କୁ
ଏହି ତା ନାଶ ଶତ ବଷ । କବିସୂର୍ଯ୍ୟ, ରସକଲ୍ଲୋଳ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ବ୍ୟଞ୍ଜନ ବର୍ଣ୍ଣ | ଅନୁନାସିକ ସ୍ୱରାନ୍ତ | ଷ | ଚ | ଶ,ଷ | ଙ୍କ | ଉଷ୍ମ | ଉଷ୍ମ | ଷଂ |
| ୵ | ଐ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଶଂ | ଯ | ସ | ଙ୍ଗ | ଉଷ | ● | କ୍ଷ |

ଏହିତାଇ—ଦେ. ଅ. (ସଂ. ଏତଦ୍ + ହି)—ଏହାଇଁ ( ଦେଖ )
Ehitāi Ehāiñ ( See )
ଭଗବଳ ଗାସ ଭୁଶ ପ ବଦ ପକ୍ଷ
ଏହିତାଇ କେବଳ ଦେଖିଲେ ନୃପତ । କୃଷ୍ଣସିଂ ହ. ମହ ଭାରତ. ଅନୁଶାସନ ।

ଏହିଧାପେ—ଦେ. ଅ—ଏହିକ୍ଷଣି ( ଦେଖ )
Ehidhāpe Ehikshaṇi ( See )

ଏହି ନଗଦ—ଦେ. ଅ—୧ । ବର୍ତ୍ତମାନ; ଏହିକ୍ଷଣି—
Ehi nagada 1. Just now.
এইনগদ; এখুনি ୨ । ଏହି ମୁହୂର୍ତ୍ତରେ—
अभी 2. At this moment.

ଏହିନଗଦି—ଦେ. ଅ—ଏହିନଗଦ ( ଦେଖ )
Ehinagadi Ehinagada ( See )

ଏହିନାଁ—ଗ୍ରା. ଅ—ଏହିକ୍ଷଣି; ଏହି ମୁହୂର୍ତ୍ତରେ—
Ehināñ At this moment; just now.

ଏହିନାଗେ—ଗ୍ରା. ଅ.—ଏହିନାଁ ( ଦେଖ )
Ehināge Ehināñ ( See )

ଏହିପରି—ଦେ. ଅ—ଏହି ପ୍ରକାରେ—
Ehipari Thus; so; in this manner.
এইমত
ऐसा

ଏହିପରିକା—ଗ୍ରା. ଅ (ସଂ. ଏତଦ୍ + ପ୍ରାୟ)—ଏହିପରି ( ଦେଖ )
Ehiparikā Ehipari ( See )

ଏହିପାଇଁ—ଦେ. ଅ—ଏଥିଯୋଗୁଁ ( ଦେଖ )
Ehipāiñ Ethijoguñ ( See )
এজন্যে
यै

ଏହିପିରି—ଗ୍ରା. ଅ—ଏହିପରି ( ଦେଖ )
Ehipiri Ehipari ( See )

ଏହିପିରିକା—ଗ୍ରା ଅ.—ଏହିପରି (ଦେଖ)
Ehipirikā Ehipari (See)

ଏହିମତ—ଦେ. ବଣ. ଓ କ୍ରି. ବଣ. (ସଂ. ଏତଦ୍ + ମତମ୍)—
Ehimati ଏହିପରି; ଏ ପ୍ରକାର—Thus; such.
এইমতন
ऐसा ; वैसा

ଏହିମତିକା—ଦେ. ବଣ. ଓ କ୍ରି. ବଣ—ଏହିମତ (ଦେଖ)
Ehimatikā Ehimati (See)

ଏହିମତେ—ଦେ. କ୍ରି. ବଣ.—ଏହିମତ (ଦେଖ)
Ehimate Ehimati (See)
ଅର୍ଦ୍ଧ ଯାମ କାଳ ଗଲେ ଏହିମତେ । ଜଗନ୍ନାଥ. ନନ୍ଦିକେଶ୍ୱରୀ ।

ଏହିମାତ୍ର—ଦେ. ଅ.(ସଂ. ଏତଦ୍ + ମାତ୍ର)—୧ । ବର୍ତ୍ତମାନ -
Ehimātra 1. Just now; very recently.
এইমাত্র ୨ । ଏହାହିଁ ମାତ୍ର; ଏତିକି ମାତ୍ର—
2. Merely this; this much only.

ଏହିମିତି—ଗ୍ରା. ବଣ. ଓ କ୍ରି. ବଣ—ଏହିମତ (ଦେଖ)
Ehimiti Ehimati (See)

ଏହିମିତିକା—ଗ୍ରା. ବଣ. ଓ କ୍ରି. ବଣ.—ଏହିମତ (ଦେଖ)
Ehimitikā Ehimati (See)

ଏହିରୂପ—ଦେ. କ୍ରି. ବଣ. ( ସଂ. ଏତଦ୍ + ରୂପଂ )—ଏ ପ୍ରକାରରେ—
Ehirūpa In this manner; thus.

ଏହିରୂପେ—ଦେ. କ୍ରି. ବଣ—ଏହିରୂପ (ଦେଖ)
Ehirūpe Ehirūpa (See)
ଏହିରୂପେ ଯାଇଁ ଯାଇଁ ନାନା ଦୃଶ୍ୟ ଘନ
ପାନ୍ଥଙ୍କର ପଥେ ହେଲ ନୟନଅତିଥି । ରାଧାନାଥ. ମହାଯାତ୍ରା ।

ଏହିଲାଏ—ଗ୍ରା. ଅ.—ଏହିଲାଗେ (ଦେଖ)
Ehilāe Ehilāge (See)

ଏହିଲାଗି—ଦେ. ଅ.—ଏହି ପାଇଁ (ଦେଖ)
Ehilāgi Ehipāiñ (See)

ଏହିଲାଗେ—ଦେ. ଅ.—୧ । ଠିକ୍ ପୂର୍ବବର୍ତ୍ତୀ ମୁହୂର୍ତ୍ତରେ—
Ehilāge 1. Very recently.
এখুনি ୨ । ଏହିକ୍ଷଣରେ; ବର୍ତ୍ତମାନ—2. At this moment
अभी ୩ । ଠିକ ପରବର୍ତ୍ତୀ ମୁହୂର୍ତ୍ତରେ—3. Immediately after
ଏହିଲାଗେ ଅଦୃଶ୍ୟ ହୋଇବେ ଅରୁଣ । କୃଷ୍ଣସିଂ ହ. ମହାଭାରତ. ଅଦ ।

ଏହିହେତୁ—ଦେ. ଅ. (ସଂ. ଏତଦ୍ + ହେତୁ)—ଏହି କାରଣରୁ—
Ehihetu For this reason
এজন্যে
ईसलिए

ଏହିହେତୁରୁ—ଦେ. ଅ.—ଏହିହେତୁ (ଦେଖ)
Ehiheturu Ehihetu (See)

ଏହିହେତୁରେ—ଦେ. ଅ.—ଏହିହେତୁ (ଦେଖ)
Ehiheture Ehihetu (See)

ଏହୁ—ଦେ. ପଦ୍ୟ. ସର୍ବ (ସଂ. ଏତଦ୍ + ହି)—ଏହି—
Ehu This.
এই ଚୋରେ ମୁଁ ଦେବ ଏହୁ ବର; ବ୍ରହ୍ମା ଆଦିଙ୍କୁ ଅଗୋଚର । ଜଗନ୍ନାଥ. ଭାଗବତ
यह

ଏହୁଁ—ଦେ. ସର୍ବ—ଏଥିରୁ; ଏଥୁଁ—
Ehuñ From this.

ଏହେ—ଦେ. ସମ୍ବୋଧନ—ଅହେ; ହେ—
Ehe Interjection—oh; oho !
ইহে; ওহে
आ

ଏହେଁ—ଦେ. ଅ—୧ । (ଅସମ୍ମତ୍ୟର୍ଥକ ଅବ୍ୟୟ) ନାଁ; ଉହୁଁ—
Eheñ 1. Oh no.
୨ । ଘୃଣାବ୍ୟଞ୍ଜକ—2. Interjection indicating hatred

ଏହେଁକା—ଦେ. ଅ.—ଉଦ୍‌ହାସ୍ୟ ସମ୍ବୋଧନ—
Eheñkā Interjection used in jesting or derision.
ଢେଙ୍କାର ! ସେଠ ସକରେ; ପାଣି ପଶିବାର ଚାଲସଳରେ; ଏହେଁକା—ଶିଶୁଗୀତ ।

ସାଧାରଣଂରେ ଏପର ସ୍ଥଳରେ ପ୍ରଥମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଉକ୍ତ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂଶ' ନ ପାଇଲେ 'ଅଁଶ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

ଏହେଁଲ—ଗ୍ରା. ଅ. (ସମ୍ବୋଧନ)—ନାମ ଧରି ଗାଈଙ୍କୁ ଡାକିବାର ଧ୍ୱନି
Eheñla (ନାମ ପୂର୍ବରେ ଲାଗେ)—Sound used in calling cows—oh !

[ ଦ୍ର—ଗଉଡ଼ମାନେ ଗାଈ ନାମ ପୂର୍ବେ 'ଏହେଁଲ' ଲଗାଇ ଘର-ଘର ଗାଈଙ୍କୁ ଦୂରରୁ ଡାକନ୍ତି; ଯଥା—ଏହେଁଲ ପାଣ୍ଡି; ଏହେଁଲ କଳିଲା । ]

ଏହେଁଲୋ—ଗ୍ରା. ଅ. (ସମ୍ବୋଧନ)—ଏହେଁଲ (ଦେଖ)
Eheñlo Eheñla (See)

ଏହେତୁ—ଦେ. ଅ.—ଏହିହେତୁ (ଦେଖ)
Ehetu Ehihetu (See)

ଏହେତୁରୁ—ଦେ. ଅ.— ଏହିହେତୁ (ଦେଖ)
Eheturu Ehihetu (See)

ଏ ହେତୁରେ—ଦେ. ଅ.—ଏହିହେତୁ (ଦେଖ
Eheture Ehihetu (See)

ଏହେଦେ—ପ୍ରାଦେ. (ସମ୍ବଲପୁର) ଅ.—ଏହିକ୍ଷଣି; ବର୍ତ୍ତମାନ—
Ehede Now; at present.

ଏହେନ—ଦେ. (ପଦ୍ୟ) ବଣ.—ଏମନ; ଏତାଦୃଶ; ଏପରି—
Ehena Such; like this.

ଦେ. ଅ.—୧ । ଏଣୁକରି— 1. Therefore; for this reason.

୨ । ଏଦ୍ୱାରା—2. By this.

୩ । ଏରୂପେ—3. In this manner

୪ । ଏହି ଯୋଗୁଁ; ଏହି ହେତୁରୁ—
4. For this reason.

୫ । ଏପରି; ଏମନ୍ତେ—5. Thus

[ ଦ୍ର—ତୁଳନୀୟର—ତେହ୍ନେ; କେହ୍ନେ; ଯେହ୍ନେ । ]

ଏହେନେକ—ଗ୍ରା. ପଦ୍ୟ. ବି. ଓ ଅ— ଏହେନ ( ଦେଖ )
Eheneka Ehena ( See )

ଏହେନେକ ବସ୍ତ୍ରରତ୍ନେ ଅଛୁ ସବୁ ନେନେ—ସାରଳାମହାଭାରତ, ଉଦ୍ୟୋଗ ।

ଏହ୍ନେ—ଦେ, ବଣ. ଓ ଅ—ଏହେନ ( ଦେଖ )
Ehne Ehena ( See )

ଏହ୍ନେକ—ଦେ. ବଣ. ଓ ଅ—ଏହେନ ( ଦେଖ )
Ehneka Ehena ( See )

## ଐ

ଐ—ଦ୍ୱାଦଶ ସ୍ୱରବର୍ଣ୍ଣ—The 12th vowel.

Ai [ ଦ୍ର—ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ । ଧ୍ୱନିଗତ ବିଶ୍ଳେଷଣରେ ଦେଖାଯିବ ଯେ 'ଐ'ର ଉଚ୍ଚାରଣ 'ଏ'ର ଦୀର୍ଘ 'ଏଇ', ଏବଂ 'ଔ'ର ଉଚ୍ଚାରଣ 'ଓଉ' ହେବା ଉଚିତ; କିନ୍ତୁ ଆମ୍ଭେମାନେ 'ଐ'କୁ 'ଅଇ' 'ଔ'କୁ 'ଅଉ' ଉଚ୍ଚାରଣ କରୁଁ । ତେଣୁ ଐରାବତ ଓ ଐଶାନ୍ୟ ପ୍ରଭୃତି ଶବ୍ଦମାନ ଯଥାକ୍ରମେ ଅଇରାବତ ଓ ଅଇଶାନ୍ୟ ଏବଂ ଔ ଯୁକ୍ତ 'ଔଷଧ' ଆଦି ଶବ୍ଦ 'ଅଉଷଧ' ବୋଲି ଉଚ୍ଚାରିତ ହୁଏ ଓ ସ୍ଥାନେ ସ୍ଥାନେ ମଧ୍ୟ ଲିଖିତ ହୁଏ । ]

ସଂ. ବି—ଶିବ—God Śiba

ଦେ. ବି. ( ଧ୍ୱନ୍ୟନୁକରଣ )—୧ । ବମନ—
1. Vomiting.

୨ । ବମନେଚ୍ଛା—2. Tendency to vomit.

ଦେ ଅ. ( ଆମନ୍ତ୍ରଣ, ଆହ୍ୱାନ, ସମ୍ବୋଧନ ଓ ସ୍ମରଣାର୍ଥକ )—
ଅୟି; ହେ—Interjection used in inviting, calling, addressing and recollecting.

ଐକ—ସଂ. ବଣ. ( ଏକ+ଅ )—୧ । ଏକାର୍ଥବୋଧକ—
Aika 1 Synonymous; having one and the same meaning.

୨ । ଏକ-ସଂଖ୍ୟାସମ୍ବନ୍ଧୀୟ—
2. Pertaining to the number 'One'

ଐକତାନ—ସଂ. ବି. ( ଏକତାନ+ଅ )—୧ । ବାଦ୍ୟବିଶେଷ—
Aikatāna 1. A musical instrument.

୨ । ବହୁବାଦ୍ୟଯନ୍ତ୍ର ଅନେକଗୁଡ଼ିଏ ଯନ୍ତ୍ର ଏକତ୍ର ବାଦିତ ହେବା ସ୍ୱରସମନ୍ୱୟ; ବହୁସ୍ୱରର ମିଳନ—
2. Musical harmony or union; concert; symphony.

ଐକତାନିକ—ସଂ. ବଣ. ( ଏକତାନ+ଇକ )—
Aikatānika ୧ । ଏକଲୟବିଶିଷ୍ଟ—
1. Symphonious.

୨ । ଏକ ସମୟରେ ବାଦିତ —2 Concordant.

ଐକପତ୍ୟ—ସଂ. ବି. ( ଏକପତି+ଭାବ. ଯ )—୧ । ଏକାଧିପତ୍ୟ—
Aikapatya 1. Sole dominion; sovereignty; supremacy.

୨ । ଏକଚ୍ଛତ୍ରଶାସନ—2. Absolute monarchy.

ଐକବାକ୍ୟ—ସଂ. ବି. ( ଏକବାକ୍ୟ+ଭାବ. ଅ )—ଏକବାକ୍ୟତା; ମେଳ—The fact of having to say the same thing about some object or point; concurrence of opinion or judgement.

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ସ | ଜ | ଶ,ଷ | କ୍ଷ | ଇଯ୍ | ଇଅ | ଡ଼ |
| ୨ | ଈ | ଊ | ଋ | ଌ | ୟେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଢ଼ | ନ୍ |

ଐକମତ୍ୟ—ସଂ. ବି. ( ଏକମତ+ଭାବ. ଯ )—ଏକମତ ହେବାର
<u>Ai</u>kamatya ଭାବ; ସମ୍ମତି; ଅନେକ ଲୋକ ଏକବିଷୟରେ ସମ୍ମତ ହେବା ଅବସ୍ଥା; ସର୍ବସମ୍ମତି—
Concord; unanimity; consensus of opinion.

ଐକରାଜ୍ୟ—ସଂ. ବି. ( ଏକରାଜ+ଯ )—ଐକପତ୍ୟ ( ଦେଖ )
<u>Ai</u>karājya <u>Ai</u>kapatya ( See )

ଐକାଗାରିକ—ସଂ. ବି. (ଏକ=ଅସହାୟ+ଅଗାର=ଗୃହ+ଇକ)—
<u>Ai</u>kāgārika ଚୋର; ଦସ୍ୟୁ—Thief.
ସଂ. ବିଣ—ଏକାଗାରବାସୀ; ଯାହାର ବାସଗୃହ ଗୋଟିଏ ପ୍ରକୋଷ୍ଠ ମାତ୍ର—Living in one-roomed house.

ଐକାଗ୍ର୍ୟ—ସଂ. ବି. ( ଏକାଗ୍ର+ଭାବ. ଯ )—ଏକାଗ୍ରତା—
<u>Ai</u>kāgrya Concentration of mind.

ଐକାତ୍ମ୍ୟ—ସଂ. ବି. ( ଏକାତ୍ମା+ଯ )—ଐକ୍ୟ; ଏକସ୍ୱରୂପତା;
<u>Ai</u>kātmya ଦୁଇ ଜଣଙ୍କ ମଧ୍ୟରେ ଅଭେଦତ୍ୱ—Close friendship; similarity of mental condition.

ଐକାନ୍ତିକ—ସଂ. ବିଣ. ( ଏକାନ୍ତ+ଇକ )—
<u>Ai</u>kāntika ୧ । ନିଶ୍ଚିତ—1. Absolute.
୨ । ନିଶ୍ଚଳ—2. Unalterable
୩ । ସମଧିକ; ପ୍ରଗାଢ଼—3. Excessive.
୪ । ଆତ୍ୟନ୍ତିକ—4. Extreme; perfect

ଐକାନ୍ତିକତା—ସଂ. ବି. ( ଐକାନ୍ତିକ+ତା )—
<u>Ai</u>kāntikatā ୧ । ଆତିଶଯ୍ୟ—1 Excess.
୨ । ପ୍ରଗାଢ଼ତା—2. Intensity.
୩ । ଅଧ୍ୟବସାୟ; ମନର ଦୃଢ଼ତା—
3. Singleness of purpose; perseverance; single-mindedness.
୪ । ପରାକାଷ୍ଠା—4. Acme, highest pitch.

ଐକାନ୍ୟିକ—ସଂ. ବିଣ. ପୁଂ. ( ଏକ+ଅନ୍ୟ+ଇକ )—
<u>Ai</u>kānyika ଯେଉଁ ଛାତ୍ର ଏକପ୍ରକାର ପଢ଼େ ଓ ପରୀକ୍ଷା ସମୟରେ
(ଐକାନ୍ୟିକା—ସ୍ତ୍ରୀ) ଅନ୍ୟପ୍ରକାର ଉତ୍ତର ଦିଏ; କୁପାଠକ—
( a student ) Of bad memory; dunce.

ଐକାର—'ୈ'—ଏହିମାତ୍ରା ( ଏହାର ପୂର୍ବାଂଶ 'େ' ବ୍ୟଞ୍ଜନ ବର୍ଣ୍ଣ
<u>Ai</u>kāra ପୂର୍ବରେ ଓ ପରାଂଶ '' ବ୍ୟଞ୍ଜନ ବର୍ଣ୍ଣର ଡାହାଣ ମୁଣ୍ଡରେ ଯୋଗ ହୁଏ । ଏହାକୁ ଅବଧାନମାନେ ଓଡ଼ା ଛଟେଣୀ କହନ୍ତି )—The sign of this vowel is 'ୈ' of which 'େ' is prefixed to the consonant and '' is put on the right side top.

ଐକାହିକ—ସଂ. ବିଣ. ( ଏକ+ଅହନ୍=ଦିବସ+ଇକ )—
<u>Ai</u>kāhika ୧ । ଏକୋଇ; ଏକୁଆ; ଏକଦିନ ଅନ୍ତରରେ ଘଟୁଥିବା—
1. Occurring every alternate day.
୨ । ଏକଦିନରେ କାର୍ଯ୍ୟ—
2. Performable in a day.
୩ । ଏକଦିନ ବ୍ୟାପକ ( ଜ୍ୱର )—3. Extending over day; quotodian ( fever ).
୪ । ଯାହା ଏକଦିନ ମାତ୍ର ରହେ—
4. Lasting for a day only; ephemeral.

ଐକାହିକ ଜ୍ୱର—ସଂ. ବି—ଏକପ୍ରକାର କମ୍ପ ଜ୍ୱର, ଯାହା ପ୍ରତିଦିନ ଆସେ;
<u>Ai</u>kāhika jwara ଇହାଜର—Quotodian fever; fever or ague which returns every day.

ଐକୁଣ୍ଠ—ଗ୍ରା. ବି. ( ସଂ. ଏକ+ଶ୍ରେଷ୍ଠ )—ସର୍ବଶ୍ରେଷ୍ଠ; ସର୍ବୋତ୍ତମ—
<u>Ai</u>kuṇṭha Best.
ଐକୁଣ୍ଠ ବୈକୁଣ୍ଠ ପଦ ହେବୁ ବେଢାଧର । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଐକ୍ୟ—ସଂ. ବି. ( ଏକ+ଭାବ. ଯ )—୧ । ଏକତା—
<u>Ai</u>kya 1. Oneness.
୨ । ଅବିରୋଧ; ମେଳ—2. Agreement.
୩ । ଏକଭାବ—3. Unity.
୪ । ଏକରୂପତା—4. Singleness.
୫ । ଏକମତ୍ୟ—4. Unanimity.

ଐକ୍ଷଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshaṇi Ehikshaṇi ( See )

ଐକ୍ଷଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshaṇikā Ehikshaṇi ( See )

ଐକ୍ଷବ—ସଂ. ବିଣ. ( ଇକ୍ଷୁ=ଆଖୁ+ଜାତାର୍ଥ. ଅ )—ଆଖୁରୁ ଜାତ—
<u>Ai</u>kshaba Produced from sugar-cane.

ଐକ୍ଷିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshiṇi Ehikshaṇi ( See )

ଐକ୍ଷିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>kshiṇikā Ehikshaṇi ( See )

ଐଚ୍ଛିକ—ସଂ. ବିଣ. ପୁଂ. ( ଇଚ୍ଛା+ଇକ )—ଇଚ୍ଛାଧୀନ; ଇଚ୍ଛାନୁଯାୟୀ—
<u>Ai</u>chchhika Voluntary; optional; volitional.
(ଐଚ୍ଛିକା—ସ୍ତ୍ରୀ)

ଐଚ୍ଛିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>chchhikā Ehikshaṇi ( See )
ସଂ. ବିଣ—'ଐଚ୍ଛିକ'ର ସ୍ତ୍ରୀଲିଙ୍ଗ—
Feminine of <u>Ai</u>chchhika

ଐଚ୍ଛିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
<u>Ai</u>chchhiṇi Ehikshaṇi ( See )

ସାଧାରଣ ଭେଦେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚକ୍ର ଚ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଦେଖା ଯାଉନାହିଁ । ଅତଏବ ୧ ବା ୨ ଚକ୍ର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଅକାରାଦି ପର୍ଯ୍ୟାୟ ଦେଖିଲେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ଗ.ଉ' ନ ମିଳିଲେ 'ଗାଉ' ଖୋଜିବେ; 'ବୃଥ' ନ ମିଳିଲେ 'ବ୍ରଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲକା' ନ ପାଇଲେ 'ଅଲକ୍ତ' ଦେଖିବେ

ଐଚ୍ଛିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhiṇikā Ehikshaṇi ( See )

ଐଚ୍ଛୁଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇi Ehikshaṇi ( See )

ଐଚ୍ଛୁଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇikā Ehikshaṇi ( See )

ଐଚ୍ଛୁଣୁ—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇu Ehikshaṇi ( See )

ଐଚ୍ଛୁଣୁକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichchhuṇukā Ehikshaṇi ( See )

ଐଚ୍ଛିକା—ଗ୍ରା. ଅ. ( ସଂ. ଏତଦ୍+କ୍ଷଣ )—ଏହିକ୍ଷଣି ( ଦେଖ )
Aichhikā Ehikshaṇi ( See )

ଐଚ୍ଛିଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhiṇi Ehikshaṇi ( See )

ଐଚ୍ଛିଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhiṇikā Ehikshaṇi ( See )

ଐଚ୍ଛୁଣି—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇi Ehikshaṇi ( See )

ଐଚ୍ଛୁଣିକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇikā Ehikshaṇi ( See )

ଐଚ୍ଛୁଣୁ—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇu Ehikshaṇi ( See )

ଐଚ୍ଛୁଣୁକା—ଗ୍ରା. ଅ—ଏହିକ୍ଷଣି ( ଦେଖ )
Aichhuṇukā Ehikshaṇi ( See )

ଐଣ—ସଂ. ବଣ ( ଏଣ=ହରିଣ+ଅ )—କୃଷ୍ଣମୃଗ ସମ୍ବନ୍ଧୀୟ; କୃଷ୍ଣମୃଗ-
Aiṇa ଜାତ—Belonging to or produced from the male antelope.
ସଂ. ବି—କୃଷ୍ଣମୃଗ-ଚର୍ମ—Deer skin.

ଐଣିକ—ସଂ. ବଣ. ପୁଂ ( ଏଣ=ମୃଗ+ଇକ )—ମୃଗହନ୍ତା—
Aiṇika Killer of deer; a deer-hunter.

ଐଣେୟ—ସଂ. ବଣ. ( ଏଣ+ଏୟ )—ଐଣ ( ଦେଖ )
Aiṇeya Aiṇa ( See )

ଐତରେୟ—ସଂ. ବି—୧ । (ଇତର+ଏୟ)—ଇତର ନାମକ ଋଷି ପ୍ରଣୀତ
Aitareya ଋଗ୍ବେଦର ଅଂଶ—1. portion of the Rugbeda composed by sage Itara.
୨ । ଋଗ୍ବେଦର ଉପନିଷଦ୍‌ବିଶେଷ—
2. Title of an Upanishad.
୩ । ଇତର ମୁନିଙ୍କ ପୁତ୍ର—3. Son of sage Itara.

[ ଦ୍ର—ଋଗ୍ବେଦର ଅଷ୍ଟାଦଶ ଅଧ୍ୟାୟ ଓ ପାଞ୍ଚ ଆରଣ୍ୟକରେ ବିଭକ୍ତ ଏଣ୍ଡିଏ ଆରଣ୍ୟକ ବା ଶାଖା ସାତ ଅଧ୍ୟାୟରେ ବିଭକ୍ତ ଦ୍ୱିତୀୟ ଆରଣ୍ୟକର ଗୋଟିଏ ଅଂଶରି ନାମ ଐତରେୟ ଉପନିଷଦ୍ । ଋଗ୍ବେଦର ଗୋଟିଏ ବ୍ରାହ୍ମଣ ବା ବେଦାଂଶର ନାମ ଐତରେୟ ବ୍ରାହ୍ମଣ । ଏହା ଅଠଗୋଟି ପଞ୍ଚିକାରେ ବିଭକ୍ତ । ଜ୍ଞାନେନ୍ଦ୍ର ସ୍ୱର୍ଗୀୟ ରାମନାଥ ସରସ୍ୱତୀଙ୍କ ଉକ୍ତି । ]

ଐତିହାସିକ—ସଂ. ବ (ଇତିହାସ+ସମ୍ବ. ଇକ)—୧ । ଇତିହାସ-
Aitihāsika ସମ୍ବନ୍ଧୀୟ—1. Historical; traditional.
୨ । ଇତିହାସ ଲିଖିତ—2. Historic.
ସଂ. ବଣ. ପୁଂ—୧ । ଇତିହାସ ଲେଖକ—1. Historian.
୨ । ଇତିହାସଜ୍ଞ—2. Learned in history.

ଐତିହ୍ୟ—ସଂ. ଅ ( ଇତିହ+ସ୍ୱାର୍ଥେ ଯ )—୧ । ପରମ୍ପରାଗତ
Aitihya ପ୍ରମାଣ ବାକ୍ୟ; ପ୍ରବାଦ ବାକ୍ୟ—
1. Tradition.
୨ । ପରମ୍ପରାଗତ ଉପଦେଶ ବାକ୍ୟ—
2. Story handed down from generation to generation; traditional instruction.
[ ଦ୍ର—ଐତିହାସିକମାନେ ଐତିହ୍ୟକୁ ପ୍ରମାଣ ବା ଜ୍ଞାନର ଉପକରଣରୂପେ ଗ୍ରହଣ କରନ୍ତି । ]
୩ । ପ୍ରମାଣ (ଜ୍ଞାନେନ୍ଦ୍ର)—3. Evidence.

ଐନଗଡ୍—ଗ୍ରା. ଅ—ଏହିନଗଡ (ଦେଖ)
Ainagad Ehinagada ( See )

ଐନଗଡି—ଦେ. ଅ—ଏହିନଗଡ ( ଦେଖ )
Ainagadi Ehinagada ( See )

ଐନା (ଇତ୍ୟାଦି)—ବୈଦେ. ବ (ଅ)—ଅଇନା ଇତ୍ୟାଦି ( ଦେଖ )
Ainā (etc) Ainā etc. (See)

ଐନି (ଇତ୍ୟାଦି)—ଦେ. ବି.—ଅଇନି ଇତ୍ୟାଦି ( ଦେଖ )
Aini (etc.) Aini etc. ( See )

ଐନ୍ଦବ—ସଂ. ବଣ ( ଇନ୍ଦୁ=ଚନ୍ଦ୍ର+ଅ )—ଚନ୍ଦ୍ରସମ୍ବନ୍ଧୀୟ—
Aindaba Lunar; relating to the moon.
ସଂ. ବି—୧ । ମୃଗଶିରା ନକ୍ଷତ୍ର—The fifth of the 27 constellations of Hindu Astronomy.
୨ । ଚାନ୍ଦ୍ରାୟଣ ବ୍ରତବିଶେଷ—
2. A kind of penance or vow.
୩ । ଚାନ୍ଦ୍ର ମାସ—3. Lunar month.

ଐନ୍ଦ୍ର—ସଂ. ବ ( ଇନ୍ଦ୍ର+ଅପତ୍ୟାର୍ଥେ ଅ )—୧ । ଇନ୍ଦ୍ରପୁତ୍ର—[ ବାଲି,
Aindra ସୁଗ୍ରୀବ, ଜୟନ୍ତ, ଅର୍ଜୁନ ]
1. Son of God Indra.
୨ । ପୂର୍ବଦେଶୀୟ ଜାତିବିଶେଷ—
2. An eastern nation.
ସଂ. ବଣ (ଇନ୍ଦ୍ର+ସମ୍ବନ୍ଧାର୍ଥେ ଅ)—୧ । ଇନ୍ଦ୍ରସମ୍ବନ୍ଧୀୟ—
1. Relating to God Indra.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଣ,ଶ | ଙ୍କ | ଇସ୍ଥ | ଈଃ | ଈଂ |
| ୨ | ଈ | ଊ | ଋୂ | ଌୂ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ଷ | ଙ୍ଗ୍ୟ | ଇଅ | ଈ | ନ୍ |

୨ । ପୂର୍ବଦିଗସମ୍ବନ୍ଧୀୟ (ପୂର୍ବର ଦିକ୍ପାଳ ଇନ୍ଦ୍ର ଥିବାରୁ)—
2. Eastern; relating to the East

ଐନ୍ଦ୍ରଜାଲିକ— ସଂ. ବିଣ (ଇନ୍ଦ୍ରଜାଲ=କୁହୁକ+ଇକ)—
Aindrajālika ୧ । ମାୟାମୟ—1. Illusory
୨ । କୁହୁକ ବା ଇନ୍ଦ୍ରଜାଲସମ୍ବନ୍ଧୀୟ—
2. Magical.
୩ । ଇନ୍ଦ୍ରଜାଲରୁ ସମ୍ଭୂତ—
3. Resulting from magic or legerdemain.
ସଂ. ବି. ପୁଂ—ବାଜୀଗର—
A magician; wizard; juggler.

ଐନ୍ଦ୍ରବାରୁଣିକା—ସଂ. ବି.-କଇଞ୍ଚକାକୁଡ଼ି; ବନ୍ୟଫଳ; ଗୋରେଖକାକୁଡ଼ି—
Aindrabāruṇikā (ହରେକୃଷ୍ଣ ଦ୍ରବ୍ୟଗୁଣ)—A kind of wild creeper and its fruit.

ଐନ୍ଦ୍ରଲୁପ୍ତିକ—ସଂ. ବିଣ (ଇନ୍ଦ୍ରଲୁପ୍ତ=ଚନ୍ଦାମୁଣ୍ଡ ରୋଗ+ଇକ)—
Aindraluptika ୧ । ଚନ୍ଦାମୁଣ୍ଡରୋଗସମ୍ବନ୍ଧୀୟ—
1. Pertaining to baldness.

ଐନ୍ଦ୍ରା—ସଂ. ବି. ସ୍ତ୍ରୀ (ଇନ୍ଦ୍ର+ସ୍ୱାର୍ଥ. ଅ+ସ୍ତ୍ରୀ. ଆ)—
Aindrā ୧ । ଇନ୍ଦ୍ରାଣୀ; ଶଚୀ—
1. The wife of Indra.
୨ । ପୂର୍ବଦିଗ—2. The East.
୩ । ଶକ୍ତିବିଶେଷ—
3. Name of a Śakti or creative energy.
୪ । ଜ୍ୟେଷ୍ଠା ନକ୍ଷତ୍ର—
4. The 18th of the lunar constellation of Hindu astronomy.

ଐନ୍ଦ୍ରି—ସଂ. ବି (ଇନ୍ଦ୍ର+ଅପତ୍ୟାର୍ଥରେ. ଇ)—୧ । ଇନ୍ଦ୍ରପୁତ୍ର ଜୟନ୍ତ—
Aindri 1. Son of Indra–Jayanta.
୨ । ବାଳି—2. Bāḷi.
୩ । ସୁଗ୍ରୀବ—3. Sugrība.
୪ । ଅର୍ଜୁନ—4. Arjuna
୫ । କାକ; କୁଆ—5. Crow; raven.
୬ । ବିଛୁଆତି (ଗଛ) (ହରେକୃଷ୍ଣ. ଦ୍ରବ୍ୟଗୁଣ)—
6. The stinging nettle.
୭ । ବନ୍ୟଫଳ; ଗୋରେଖ କାକୁଡ଼ି (ହରେକୃଷ୍ଣ. ଦ୍ରବ୍ୟଗୁଣ)—
7. A kind of fruit.

ଐନ୍ଦ୍ରିୟ—ସଂ. ବିଣ (ଇନ୍ଦ୍ରିୟ+ଅ)—୧ । ଇନ୍ଦ୍ରିୟସମ୍ବନ୍ଧୀୟ—
Aindriya 1. Pertaining to the senses.
୨ । ଇନ୍ଦ୍ରିୟଗୋଚର—
2. Perceptible by the senses.

ଐନ୍ଦ୍ରିୟକ—ସଂ. ବିଣ (ଇନ୍ଦ୍ରିୟ+ଅକ)—ଐନ୍ଦ୍ରିୟ (ଦେଖ)
Aindriyaka Aindriya (See)

ଐନ୍ଦ୍ରିଲା—ସଂ ବି. (ନାମ)—ବୃତ୍ରାସୁରର ପତ୍ନୀ—
Aindrilā The wife of demon Bṛutra.

ଐନ୍ଦ୍ରୀ—ସଂ. ବି. ସ୍ତ୍ରୀ (ଇନ୍ଦ୍ର+ଅ+ସ୍ତ୍ରୀ. ଈ)—୧ । ଇନ୍ଦ୍ର ଶକ୍ତି—
Aindrī 1. The energy of Indra.
୨ । ବଜ୍ର; କୁଳିଶ—2. Thunderbolt.

ଐଫଳା— ଐକାର ( ଦେଖ )
Aiphaḷā Aikāra ( See )

ଐବ୍ରତ—ଗ୍ରା. (ପ୍ରାଚୀନ ପଦ୍ୟ) ବି. ଓ ବିଣ. (ସଂ. ଅୟୁତ)—
Aibrata ଅୟୁତ; ଦଶ ହଜାର—Ten thousand.
ଐବ୍ରତେ ସୁବର୍ଣ୍ଣ ଦେବଇଁ ମୁହିଁ । ପ୍ରାଚୀ—ଜଳବିହାର ।

ଐମାତ୍ରା— ଐକାର ( ଦେଖ )
Aimātrā Aikāra ( See )

ଐର—ଦେ. ବି. (ନାମ)—(ଇର+ଅପତ୍ୟାର୍ଥରେ. ଅ)—
Aira ପ୍ରାଚୀନ କଳିଙ୍ଗର ରାଜବଂଶବିଶେଷ—
Name of a royal dynasty of ancient Kaḷinga.
ଐର ଯଶ ଲେଖା ଅକ୍ଷୟ ଅକ୍ଷରେ । ରାଧାନାଥ. ଚନ୍ଦ୍ରଭାଗା ।

[ ଦ୍ର—ପୁରାଣମାନଙ୍କରେ ଲେଖା ଅଛି ଯେ ମହାଭାରତ ସମୟରୁ ନନ୍ଦଙ୍କ ରାଜତ୍ୱ ପର୍ଯ୍ୟନ୍ତ କଳିଙ୍ଗରେ ୩୨ ଜଣ ରାଜା ରାଜତ୍ୱ କରିଥିଲେ । ସେହି ରାଜବଂଶକୁ ଐରବଂଶ ବୋଲି କୁହାଯାଇଅଛି । ଉଦୟଗିରି ହାତୀଗୁମ୍ଫା ଖୋଦିତ ଶିଳାଲିପିରେ ଲେଖା ଅଛି କେତୁଭଦ୍ର ନାମରେ ସେହି ଐରବଂଶରେ ଜଣେ ରାଜା ଥିଲେ । ଖାରବେଳ ରାଜା ହେବା ପରେ ସେହି କେତୁଭଦ୍ରଙ୍କ ବିଗ୍ରହ ପୂଜା କରୁଥିଲେ । ଏହି ଐର ରାଜାମାନେ ଖ୍ରୀଷ୍ଟ ପୂର୍ବ ୩୭୦ ପୂର୍ବରୁ କଳିଙ୍ଗରେ ରାଜତ୍ୱ କରୁଥିଲେ ।
କୃପାସିନ୍ଧୁ. ଉତ୍କଳଇତିହାସ । ]

ଐରାବଣ—ସଂ. ବି. (ଇରାବତ୍=ସମୁଦ୍ର; ମେଘ+ଅପତ୍ୟ ଅର୍ଥରେ. ଅ)—
Airābaṇa ୧ । ଇନ୍ଦ୍ରଙ୍କ ହସ୍ତୀ—
1. Indra's elephant.
୨ । ପୂର୍ବଦିଗର ହସ୍ତୀ—2. The mythological elephant of the eastern quarter.
୩ । ବିଦ୍ୟୁତ୍; ବିଜୁଳି—3. Lightning.

ଐରାବତ—ସଂ. ବି. ପୁଂ. (ଇରାବତ୍=ସମୁଦ୍ର; ମେଘ+ଅପତ୍ୟ ଅର୍ଥରେ. ଅ)—
Airābata ୧ । ଇନ୍ଦ୍ରଙ୍କ ହସ୍ତୀ; ପୂର୍ବଦିଗର ହସ୍ତୀ; ଅଭ୍ରମାତଙ୍ଗ—
(ଐରାବତୀ-ସ୍ତ୍ରୀ) 1. Indra's elephant.
୨ । ନାରଙ୍ଗ (ଫଳ ଓ ଗଛ)—2. Sweet orange.
୩ । ଇନ୍ଦ୍ରଧନୁ—3. Rainbow
ହସ୍ତୀରେ ସ୍ୱର୍ଗ ସୁରେଶ ଅଧିକରେ ସତ,
ଚିହ୍ନିବାକୁ ସୋ ଶଚୀବରଙ୍କ ଐରାବତ—ଉପେ. ବୈଦେହୀଶବିଳାସ ।

ସାଧାରଣ ଲୋକେ ଏପରି ସ୍ଥଳରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଠ' ନ ମିଳିଲେ 'ସାଠ଼' ଖୋଜିବେ 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ସରଳ ଇନ୍ଦ୍ରଧନୁ—4. A straight rainbow.

୫ । ଲକୁଚ; ଜେଉଟ ( ଗଛ ଓ ଫଳ )—
5. Autocarpus Lacucha (tree and fruit

ଐରାବତୀ—ସଂ. ବି. ସ୍ତ୍ରୀ. ( ଐରାବତ + ସ୍ତ୍ରୀ. ଈ )—
Airābatī ୧ । ବିଦ୍ୟୁତ୍; ବିଜୁଳି—1. Lightning.

୨ । ଐରାବତ ହସ୍ତୀର ସ୍ତ୍ରୀ—
2. The she-elephant of the east quarter.

୩ । ବ୍ରହ୍ମଦେଶର ଏକ ନଦୀ—
3. The Irawadi river in Burma

[ ଦ୍ର—ଐରାବତୀ ନଦୀ ହିମାଳୟର ପୂର୍ବପ୍ରାନ୍ତରୁ ବାହାରି ବ୍ରହ୍ମଦେଶ ବାଟେ ଦକ୍ଷିଣବାହିନୀ ହୋଇ ମାର୍ଟାବାନ୍ ସାଗରଠାରେ ବଙ୍ଗୋପସାଗରରେ ପଡ଼ିଅଛି । ଏହାର ମୁହାଣରେ ରେଙ୍ଗୁନ୍ ନଗର ଓ ବନ୍ଦର ଅବସ୍ଥିତ । ଏ ନଦୀରେ ବ୍ରହ୍ମଦେଶରୁ ବଡ଼ ବଡ଼ ଶାଗୁଆନ୍ କାଠର ପଟାଳମାନ ଅଣାଯାଏ । ମାଣ୍ଡାଲେ ବା ମନ୍ଦାଲୟ ନଗର ଏହାର ତୀରବର୍ତ୍ତୀ ଗୋଟିଏ ନଗର । ]

୪ । ପଞ୍ଜାବଦେଶ-ନଦୀ; ରାବୀନଦୀ—
4. The Rābī river

[ ଦ୍ର—ଏହା ହିମାଳୟରୁ ବାହାରି ପଞ୍ଜାବ ଦେଇ ସିନ୍ଧୁ ନଦୀରେ ମିଶି ଆରବଉପସାଗରରେ ପଡ଼ିଅଛି । ଏହା ସିନ୍ଧୁ ନଦୀର ଗୋଟିଏ ଶାଖା ଅଟେ । ଲାହୋର ନଗର ଓ ଚମ୍ବା ରାଜ୍ୟ ଏ ନଦୀ ଉପରେ ଅବସ୍ଥିତ । ]

ଐରି—ଗ୍ରା. ବି. ( ସଂ. ଅରି; ବୈରି )—ଅଇରି ( ଦେଖ )
Airi — Airi (See)
ଐରି — ଏବେ ତୁମ୍ଭେ ସହୋଦରେ ଐରିଗୁଣ ଦେଲ । ବିଷ୍ଣୁ କେଶରୀପୁରାଣ ।

ଐରି ଗଉଡ଼—ଦେ. ବି ପୁଂ. (ସଂ. ଅଶ୍ୱିର )—ଅଇରି ଗଉଡ଼ (ଦେଖ)
Airi gaurda — Airi gaurda (See)

ଐରି ଗଉଡ଼ୁଣୀ—ଦେ. ବି. ସ୍ତ୍ରୀ—ଅଇରି ଗଉଡ଼ୁଣୀ ( ଦେଖ )
Airi gaurduṇī — Airi gaurduṇī (See)

ଐରିଣ—ସଂ. ବି. ( ଇରିଣ=କ୍ଷାରଭୂମି + ଅ )—ଲବଣବିଶେଷ;
Airiṇa ଭୂମିରୁ ଜାତ ଲୁଣ—A kind of salt produced from saline soil.

ଐରିତା—ଗ୍ରା. ବି. ( ସଂ. ଅରିତା; ବୈର )—ଶତ୍ରୁତା—
Airitā — Enmity.

ଐରିମଲ୍ଲ—ଦେ. ବି. ( ସଂ. ଅରି ଓ ମର୍ଦ୍ଦନ ବା ମଲ୍ଲ )—
Airimalla ଏକପ୍ରକାର ପତାକା—A kind of flag.
ହନୁମନ୍ତର ରଥରେ ଐରିମଲ୍ଲ ବାନା । ବିଷ୍ଣୁ କେଶରୀ ପୁରାଣ ।

ଐରୁତା—ଗ୍ରା. ବି—ଐରିତା ( ଦେଖ )
Airutā — Airitā (See)

ଐରେୟ—ସଂ. ବି. ( ଇରା=ଅନ୍ନ + ଜାତାର୍ଥେ. ଏୟ )—
Aireya ଅନ୍ନଜାତ ମଦ୍ୟ; ଭାତରୁ ପ୍ରସ୍ତୁତ ମଦ; ଅରଖି—
Wine distilled from boiled rice; country spirit.

ଐଳ—ସଂ. ବି. ପୁଂ. ( ଇଳା=ବୁଧପତ୍ନୀ + ଜାତାର୍ଥେ. ଅ )—
Aila ଚନ୍ଦ୍ରବଂଶୀୟ ରାଜା ପୁରୁରବା—King Pururabā.

ଐଳବିଳ—ସଂ. ବି. ପୁଂ. ( ଇଳବିଳା=ପୁଲସ୍ତ୍ୟ ଋଷିଙ୍କ ଭାର୍ଯ୍ୟା; କୁବେର
Ailabila ପିତାମହୀ + ସନ୍ତାନ. ଅ )—କୁବେର—
God Kubera; the God of riches.

ଐଳାବୃତବର୍ଷ—ସଂ. ବି. ( ଇଳାବୃତ + ଅ + ବର୍ଷ )—
Ailābrutabarsha ୧ । ଜମ୍ବୁଦ୍ୱୀପର ନଅଗୋଟି ବର୍ଷ ବା ଅଂଶର ଏକତମ—1. One of the 9 countries which formed a part of the mythological Jambudwīpa.

୨ । ଇଳାବୃତ ଦେଶ; କୈଳାଶପର୍ବତର ସନ୍ନିହିତ ସ୍ଥାନ; (ସେଠାରେ ଅଭିଶାପଗ୍ରସ୍ତ ରାଜା ଇଳ ସ୍ତ୍ରୀ (ଇଳା) ରୂପରେ ବୁଧଙ୍କ ସହିତ ବାସ କରୁଥିଲେ)—2. Name of a country near the Kailāsa mountains.

ଐଲେୟ—ସଂ. ବି. (ଏଳା=ଅଳାଇଚ + ଇୟ; ଏହାର ସୁଗନ୍ଧ ଅଳାଇଚ
Aileya ପରି ଥିବାରୁ)—ସୁଗନ୍ଧ ଦ୍ରବ୍ୟବିଶେଷ; ଗନ୍ଧନାଲୁକା—
A spice.

ଐଶ—ସଂ. ବିଣ. ପୁଂ. (ଈଶ + ଅ)—୧ । ଶିବସମ୍ବନ୍ଧୀୟ—
Aiśa — 1. Relating to God Śiba.
(ଐଶୀ—ସ୍ତ୍ରୀ) ୨ । ଈଶ୍ୱରସମ୍ବନ୍ଧୀୟ—
2. Pertaining to God; Divine.
୩ । ସର୍ବପ୍ରଧାନ—3. Supreme.

ଐଶାଣ—ଦେ. ବି. (ସଂ. ଐଶାନୀ)—ଐଶାନୀ (ଦେଖ)
Aiśāṇa — Aiśānī (See)

ଐଶାନୀ—ସଂ. ବି. ସ୍ତ୍ରୀ. (ଈଶାନ=ଶିବ + ଅ + ସ୍ତ୍ରୀ. ଈ)—
Aiśānī ୧ । ଉତ୍ତରପୂର୍ବ କୋଣ; ଈଶାନ କୋଣ—
1. The North-east quarter.
୨ । ପାର୍ବତୀ—2. Goddess Pārbati.
୩ । ଶକ୍ତିବିଶେଷ—3. A divine power; creative energy.

ଐଶାନ୍ୟ—ଦେ. ବି. (ସଂ. ଐଶାନୀ)—ଐଶାନୀ (ଦେଖ)
Aiśānya — Aiśānī (See)

ଐଶିକ—ସଂ. ବି. ପୁଂ. (ଈଶ + ଇକ)—ଐଶ (ଦେଖ)
Aiś ka — Aiśa (See)

ଐଶୀ—ସଂ. ବିଣ. ସ୍ତ୍ରୀ. (ଐଶ + ସ୍ତ୍ରୀ. ଈ)—ଈଶ୍ୱର ସମ୍ବନ୍ଧୀୟା—
Aisī — Divine (feminine)

ଐଶୁର୍ଯ୍ୟ—ଗ୍ରା. ବି. (ସଂ. ଐଶ୍ୱର୍ଯ୍ୟ)—ଐଶ୍ୱର୍ଯ୍ୟ (ଦେଖ)
Aiśurjya — Aiśwarjya (See)

ଐଶ୍ୱର—ସଂ. ବିଣ. (ଈଶ୍ୱର + ଅ)—ଐଶ (ଦେଖ)
Aiśwara — Aiśa (See)
(ଐଶ୍ୱରୀ—ସ୍ତ୍ରୀ)

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଉପ୍ | ଞ୍ | ଙ |
| ୨ | ଈ | ଊ | ଋ | ଌ | ଯ୍ୟ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଷ୍ୟ | ଯ | ସ | ଙ୍ଗ | ଉଅ | ଞ | ନ୍ |

ଐଶ୍ୱରିକ—ସଂ. ବିଣ. (ଈଶ୍ୱର + ସମ୍ବନ୍ଧାର୍ଥେ. ଇକ)—ଐଶ (ଦେଖ)
<u>Ai</u>swarika Ai<u>sa</u> (See)

ଐଶ୍ୱର୍ଯ୍ୟ—ସଂ. ବି. (ଈଶ୍ୱର+ଯ)—୧ । ପ୍ରଭୁତ୍ୱ—1. Supremacy;
<u>Ai</u>swarjyā mastery; great power.
୨ । ଅସାଧାରଣ ତେଜ—2. Glory; extraordinarys plendour.
୩ । ଈଶ୍ୱରତ୍ୱ—3. Divine majesty; divine perfection; divinity.
୪ । ଧନ; ସମ୍ପତ୍ତି; ବିଭବ; ବଡ଼ିମା—
4. Riches; affluence; wealth.
୫ । ମହିମା; ପ୍ରତାପ—5. Majesty; grandeur.
୬ । ଈଶ୍ୱରଙ୍କର ଅଣିମାଦି ଅଷ୍ଟବିଧ ବିଶିଷ୍ଟ ଶକ୍ତି ବା ବିଭୂତି-
6. Eight divine attributes of God.

ଐଶ୍ୱର୍ଯ୍ୟଗର୍ବ—ସଂ. ବି. (ମଧ୍ୟପଦଲୋପୀ କର୍ମଧା; ଐଶ୍ୱର୍ଯ+ଗର୍ବ)—ବିଭବ-
<u>Ai</u>swarjyāgarba ଜନିତ ଅହଂକାର; ଧନଗରିମା—
Pride due to possession of riches.

ଐଶ୍ୱର୍ଯ୍ୟମଦ—ସଂ. ବି. (ମଧ୍ୟପଦଲୋପୀ କର୍ମଧା)—
<u>Ai</u>swarjyamada ଐଶ୍ୱର୍ଯ୍ୟଗର୍ବ (ଦେଖ)
<u>Ai</u>swarjyagarba.

ଐଶ୍ୱର୍ଯ୍ୟଶାଳୀ—ସଂ ବିଣ. ପୁଂ. (ଐଶ୍ୱର୍ଯ୍ୟ+ଶାଳିନ୍. ୧ମା ୧ବ.)—
<u>Ai</u>swarjyasāli ୧ । ସମ୍ପତ୍ତିବାନ୍; ଧନଶାଳୀ—
(ଐଶ୍ୱର୍ଯ୍ୟଶାଳିନୀ—ସ୍ତ୍ରୀ) Possessed of great wealth or ches.
୨ । ପ୍ରତାପପୂର୍ଣ୍ଣ; ତେଜୋମୟ—
2. Grand; magnificent.

ଐଷମଃ—ସଂ. ଅ. ( ଇଦମ୍ + ବର୍ଷ ଅର୍ଥରେ. ସମସ୍ )—ଏହିବର୍ଷ;
<u>Ai</u>shamah ଏବରଷ; ଏସନ—This year.

ଐଷମସ୍—ସଂ. ଅ.—ଐଷମଃ (ଦେଖ)
<u>Ai</u>shamas <u>Ai</u>shamah (See)

ଐଷିକ—ସଂ. ବିଣ. (ଈଷିକ + ଅ)—ଈଷିକାତୃଣ-ନିର୍ମିତ—
<u>Ai</u>shika Made of Ishikā reeds.
(ଐଷୀକ—ଅନ୍ୟରୂପ)
ସଂ. ବି.—ଈଷିକା ସଜ୍ଜିତ ଅସ୍ତ୍ର ବା ବାଣବିଶେଷ—
A kind of arrow furnished with of Ishikareeds.
କେ ଯେ ଦ୍ରୌଣି ଐଷିକ ଅସ୍ତ୍ରକୁ ପେଷିଲେ
କୃଷ୍ଣସିଂହ. ମହାଭାରତ. ଆଦି ।

[ ଦ୍ର—ଏହି ଅସ୍ତ୍ରର ନାମରୁ ମହାଭାରତର 'ଐଷିକପର୍ବ'ର ନାମ ହୋଇଅଛି । ଅଶ୍ୱତ୍ଥାମା ଏହି ବାଣ ପ୍ରୟୋଗ କରି ଅଭିମନ୍ୟୁଙ୍କ ସ୍ତ୍ରୀ ଉତ୍ତରାଙ୍କ ଗର୍ଭସ୍ଥ ପରୀକ୍ଷିତଙ୍କୁ ନାଶ କରିଥିଲେ ।]

ଐଷିକପର୍ବ—ସଂ. ବି—ମହାଭାରତର ପର୍ବବିଶେଷ—
<u>Ai</u>shikaparba Name of a canto of the Mahābhārata.
[ଦ୍ର—ମହାଭାରତର ଦଶମ ପର୍ବର ନାମ ସୌପ୍ତିକ ଓ ଐଷିକ ପର୍ବ; ରାତ୍ରଯୁଦ୍ଧରେ ପାଣ୍ଡବ ପୁତ୍ରମାନେ ଶୋଇଥିବା ( ସୁପ୍ତ ) ଅବସ୍ଥାରେ ଅଶ୍ୱତ୍ଥାମା ସେମାନଙ୍କୁ ହତ୍ୟା କରିବା, ଧୃତରାଷ୍ଟ୍ର ଓ ଦ୍ରୌପଦୀ ଏ ସମ୍ବାଦ ପାଇ ଶୋକ କରିବା ଓ ପୁତ୍ର ବଧର ପ୍ରତିହିଂସା ନେବାକୁ ଅଶ୍ୱତ୍ଥାମାଙ୍କ ମସ୍ତକରେ ଥିବା ମଣିକୁ ଆଣିବାକୁ ଦ୍ରୌପଦୀ ପ୍ରାର୍ଥନା କରିବା ଏବଂ ଅଶ୍ୱତ୍ଥାମାଙ୍କ ମଣି ପାଣ୍ଡବମାନେ ଆଣି ଦ୍ରୌପଦୀଙ୍କୁ ଦେବା ଐଷିକ ପର୍ବର ବର୍ଣ୍ଣିତ ବିଷୟ ।]

ଐଷ୍ଟିକ—ସଂ. ବିଣ (ଇଷ୍ଟି =ଯଜ୍ଞ + ସମ୍ବ. ଇକ)—ଯଜ୍ଞସମ୍ବନ୍ଧୀୟ—
<u>Ai</u>shṭika Sacrificial; ceremonial.

ଐସୁଲକ୍ଷଣୀ—ଗ୍ରା. ବିଣ (ସଂ. ଅସ୍ତି+ସୁଲକ୍ଷଣା)—
<u>Ai</u>sulakshaṇī ଅଇସୁଲକ୍ଷଣୀ (ଦେଖ)
Aisulakshaṇī (See)

ଐସୁଲେଖିଣୀ—ଗ୍ରା. ବିଣ—ଅଇସୁଲକ୍ଷଣୀ (ଦେଖ)
<u>Ai</u>sulekhiṇī Aisulakshaṇī (See)

ଐହ (ଇତ୍ୟାଦି)—ଗ୍ରା ବିଣ—ଅହିଅ ଇତ୍ୟାଦି (ଦେଖ)
<u>Ai</u>ha etc) Ahia etc (See)

ଐହିକ—ସଂ. ବିଣ (ଇହ = ଇହକାଳ; ଇହଲୋକ + ଇକ)—
<u>Ai</u>hika ୧ । ଇହକାଳେ ଭବ; ଏହିକାଳର—
(ପାରତ୍ରିକ—ବିପରୀତ) 1. Pertaining to the present life on the earth.
୨ । ସାଂସାରିକ; ଇହଲୋକସମ୍ବନ୍ଧୀୟ; ପାର୍ଥିବ—
2. Temporal; mundane; worldly; secular.

ଐହିଡେଙ୍ଗୁରା—ଗ୍ରା. ବି—ଅହିଅଡେଙ୍ଗୁରା (ଦେଖ)
<u>Ai</u>hiḍengurā Ahiaḍengurā (See)

ଐହିନରକ—ଗ୍ରା. ବି—ଅହିଅନରକ (ଦେଖ)
<u>Ai</u>hinaraka Ahianaraka (See)

ଐହିନାଗରା—ଗ୍ରା. ବି—ଅହିଅନାଗରା (ଦେଖ)
<u>Ai</u>hināgarā Ahianāgarā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତର ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା— ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଖୋଜିବେ; 'ବଧୂ' ନ ମିଳିଲେ 'ବନ୍ଧ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ ଅଲ୍‌ବଟ୍ ଦେଖିବେ ।

# ଓ

ଓ—ତ୍ରୟୋଦଶ ସ୍ୱରବର୍ଣ୍ଣ—The 13th vowel.
O

ଓ [ ଦ୍ର—ଏଥିର ଉଚ୍ଚାରଣ ସ୍ଥାନ କଣ୍ଠ ଓ ଓଷ୍ଠ । ଏଥିର ମାତ୍ରା ଆ 'ୋ'; ଏହାକୁ ସ୍କୁଲର ଅବଧାନମାନେ ଓଡ଼ାବାଡ଼ି କହନ୍ତି । 'େ' ଅକ୍ଷରର ପୂର୍ବରେ ଏବଂ 'ା' ଅକ୍ଷରର ପରେ ଲାଗେ । ]

ସଂ. ବି—ବ୍ରହ୍ମା—Brahmā.

ଦେ. ଅ—୧ । ଏବଂ; ଆଉ—1. And

୨ । (କ) ସମ୍ବୋଧନ ବା ଆହ୍ୱାନର ଉତ୍ତର—
2 Interjection used in (a) addressing or responding to a call; Ho ! Hollo

(ଖ) ସ୍ୱୀକାରସୂଚକ—(b) Agreeing.

(ଗ) ଅଭିପ୍ରାୟସୂଚକ—(c) Wishing.

(ଘ) ସ୍ମରଣାର୍ଥକ—(d) Remembering.

(ଙ) ଦୟାପ୍ରକାଶକ—(e) Expressing kindness or pity.

ଓଆଗାଳିବା—ଗ୍ରା. କ୍ରି—ଉଗାଳିବା ( ଦେଖ )
Oāgālibā Ugālibā ( See )

ଓଆଲଟେର—ପ୍ରାଦେ. (ଗଞ୍ଜାମ) ବି. (ନାମ)—ବିଶାଖା ପଟ୍ଟଣାର ଓ୍ୱାଲ୍‌ଟେଅର୍ ନଗର ( ବେଙ୍ଗଲ୍ ନାଗପୁର ରେଲ୍‌ବାଇର ଦକ୍ଷିଣତମ ଷ୍ଟେସନ୍ )—Waltair in Vizag
Oālatera

ଓଇଡି—ଦେ. ବି (ଏକ ପ୍ରକାର ଗୁଳ୍ମ)—ବଳବଳଣା ( ଦେଖ )
Oidi Balabalanā (See)
इसारमाल

ଓଉ—ଦେ. ବି ( ସଂ. ଭବ୍ୟ; ଉଦ୍ଦାଳକ; ବହୁବାର—ଭୂଲ. ଅସାମୀ—ଅଉ )—ଅମ୍ଳଫଳବିଶେଷ—Dillenia Speciosa (Indica).
Ou

ସଂ. ନାମ ଅନ୍ୟ; ବହୁବାର; ଶ୍ଳେଷ୍ମାତକ; ଉଦ୍ଦାଳକ; ଗର୍ଭସୁଷ୍ଠା; ପଞ୍ଚାଙ୍ଗିକା, କଷାମ୍ଳିକା ।
चालर्ता
चालता; हरगेसा;
बड्डुआर; करमल
ମ. ମୋଠ କରମଲ;
କରମେଲ
ଭା. ଚୁବା; ଚେଲ୍ତା; କଲିଙ୍ଗା
ସାଲ୍ତାଲି. କରୁବଟ
ତେ. ନାକ୍ଷେଭ୍

[ ଦ୍ର—ଗୋଲ୍ଲାକାର ଫଳ ଓ ଦନ୍ତୁର ପତ୍ରବିଶିଷ୍ଟ ସୁନ୍ଦର ବନ୍ୟ ତରୁ ଏହାର ବକଳା ମୋଟା ଓ ରଙ୍ଗାଳିଆ । ଏହାର ଦନ୍ତୁରିତ ପତ୍ର ଗୁଡ଼ିକ ଲଗାଲଗି ହୋଇ ରହିଥାଏ । ପତ୍ରର ଉପର ପାଖ ଚାଉଁଳିଆ । ତଳ ପାଖ କ୍ଷୁଦ୍ର ଅଂଶୁ ଯୁକ୍ତ । ଫୁଲଗୁଡ଼ିକ ୭ ବା ୭ଇଞ୍ଚି ବିସ୍ତୃତ । ଫୁଲ ପାଖୁଡ଼ାର ବର୍ଣ୍ଣ ଧଳା । ଫଳଗୁଡ଼ିକର ଗୋଲେଇ ୪"ବା ୬" ହୁଏ । ଫଳ ଉପରେ ନାଳ ଥାଏ । ଏହା ଖଟା ଓ ଭଷଡ଼୍ କଷା ଲାଗେ । ଲୋକେ ଏ ଫଳକୁ ଅମ୍ବିଳରେ ଖାଆନ୍ତି ଏବଂ ଫଡ଼ାଗୁଡ଼ିକ ସରୁ ସରୁ କରି କାଟି ଆଚାର ଓ ତରକାରୀ କରନ୍ତି । ]

ଓଉମୁଣ୍ଡିଆ—ଦେ ବିଣ—ଓମୁଣ୍ଡିଆ ( ଦେଖ )
Oumundiā Omundiā ( See )

ଓଏସିସ୍—ବୈଦେ.ବି ( ଇଂ. ଓଏସିସ୍ )—ମରୁଭୂମି ମଧ୍ୟରେ ଥିବା ଉର୍ବର ବୃକ୍ଷ ଶ୍ୟାମଳ ଓ ଜଳସ୍ଥଳର ଭୂଖଣ୍ଡ—Oasis.
Oesis

ଓଂ—ଦେ. ଅ.—ଓଁ (ଦେଖ)
Om Oñ (See)

ଓଃ—ଦେ. ଅ (ସଂ. ଅହୋ)—୧ । ଖେଦ, ବିସ୍ମୟ, ଅବଜ୍ଞା ଓ ବିରକ୍ତିସୂଚକ ଧ୍ୱନି; ଆଃ—ଉଃ—
Oh
ऊः
आह
1. Interjection—sound uttered to indicate grief, wonder, contempt and displeasure—Oh ! Ah ! Alas!

୨ । ( ସାଙ୍କେତିକ ଓଗେର୍ ଶବ୍ଦର ସଂକ୍ଷିପ୍ତ ରୂପ )—ଓଗର୍; ଇତ୍ୟାଦି—
2. Abbrevation for the word Ogar=etc

ଓଁ—ସଂ. ଅ—ପ୍ରଣବ, ଓଁକାର; ମନ୍ତ୍ରର ଆଦ୍ୟବୀଜ—
Oñ The incantation 'Oñ' used at the beginning of every Mantra.

[ ଦ୍ର—ଏହି ଧ୍ୱନି ସକଳ ପ୍ରକାର ମନ୍ତ୍ରର ଆଦ୍ୟରେ ଉଚ୍ଚାରିତ ହୁଏ । ଅ, ଉ ଓ ମ ଏହି ତିନିଗୋଟି ଅକ୍ଷର ସଂଯୋଗରେ ଏହାର ଉତ୍ପତ୍ତି । ଅ=ବିଷ୍ଣୁ, ଉ=ଶିବ ଓ ମ=ବ୍ରହ୍ମା । ଏହି ବୀଜମନ୍ତ୍ରରେ ଏହି ତିନି ଦେବତାଙ୍କର ନାମ ଥିବାରୁ ଏହା ସକଳମନ୍ତ୍ରର ଆଦ୍ୟରେ ଲାଗେ । ଏହାକୁ ପ୍ରଥମେ ଉଚ୍ଚାରଣ ନ କରି ମନ୍ତ୍ର ପାଠ କଲେ ମନ୍ତ୍ର ସିଦ୍ଧ ହୁଏ ନାହିଁ । ଅକାର ସୂର୍ଯ୍ୟବୀଜ, ଉକାର ଚନ୍ଦ୍ରବୀଜ, ଓ ମକାର ଅଗ୍ନିବୀଜ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ]

ଓଁକାର—ସଂ. ବି—ଓଁ ଅକ୍ଷର—
Oñkāra The letter 'Oñ'.

ଓଁକାରନାଥ—ଦେ. ବି ( ନାମ ) ହିନ୍ଦୁତୀର୍ଥ-ବିଶେଷ—Name of a place of a Hindu-pilgrimage.
Oñkāranātha

[ ଦ୍ର—ଓଁକାରନାଥ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ମଧ୍ୟରେ ଅନ୍ୟତମ । ଏହି ମନ୍ଦିରଟି ନର୍ମଦାର ଉତ୍ତର ତୀରରେ ଅବସ୍ଥିତ ।

ମଦନମୋହନ. ତୀର୍ଥଦର୍ଶନ । ]

ଓଁ ମଣିପଦ୍ମେହୁଁ—ଦେ. ଅ (ମନ୍ତ୍ର)—ତିବ୍ବତୀୟ ଲାମାମାନଙ୍କର ଜପିବା ମନ୍ତ୍ରବିଶେଷ—A formula uttering which the Tibetan Lamas count rosary.
Oñ manipadmehuñ

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଖ | ଚ | ଶ,ଷ | କ୍ଷ | ଥ୍ୟ | ଙ୍ଗ |
| ୨ | ଈ | ଊ | ଋୁ | ଌୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗ୍ୟ | ଥ | ଙ୍କ |

[ ଦ୍ର— ଭିବ୍ବତରେ ପ୍ରବାଦ ଅଛି ଯେ ମାନସସରୋବର ପୂର୍ବେ ରାକ୍ଷସଙ୍କ ଆବାସ ଭୂମି ଥିଲା । ପଦ୍ମମୁନି କାଶୀଠାରୁ ଜ୍ୱାଳାମୁଖୀବାଟେ ଭିବ୍ବତକୁ ଆସି ଧର୍ମପ୍ରଚାର ଓ ମଠ ସ୍ଥାପନ ପୂର୍ବକ ଭିବ୍ବତବାସିମାନଙ୍କୁ ଏହି ମନ୍ତ୍ରରେ ଦୀକ୍ଷିତ କଲେ । ଏଥିପାଇଁ ଭିବ୍ବତବାସୀମାନେ 'କାଶୀଲାମା' ବା ଭାରତୀୟ ଯୋଗୀମାନଙ୍କୁ ସମ୍ମାନ କରନ୍ତି ଓ କୌଣସି ଗ୍ରନ୍ଥ ଲେଖିବା ପୂର୍ବେ ଭିବ୍ବତରେ ପ୍ରଥମେ ଦେବତାଙ୍କ ନାମ ପର 'କାଶୀ' ନାମ ଲେଖାଯାଏ । ବଙ୍ଗଳା. ସ୍ୱାମୀ ବ୍ରହ୍ମାନନ୍ଦ ୨୧୪ ପୃଷ୍ଠା । ]

ଓକ୍‌ନି—ପ୍ରାଦେ ( ବସ୍ତର ) ବି— ଉକୁଣୀ—Louse.
Okni

ଓକ୍‌ନିକୀଡ଼ା—ପ୍ରାଦେ. ( ବସ୍ତର) ବି—ଉକୁଣିଆଁ ପୋକ—
Oknikirdi Weevil.

ଓକ— ସଂ. ବି. ( ଉଚ୍ ଧାତୁ=ଏକତ୍ର କରିବା+ଅଧିକରଣ. ଅ ) —
Oka ୧ । ପକ୍ଷୀ—1. Bird.
୨ । ବୃଷଳ; ଶୂଦ୍ର—2. A Śūdra
୩ । ବାସସ୍ଥାନ; ଗୃହ –3. House; residence.
୪ । ଆଶ୍ରୟ—4. Shelter.
କଳ୍ପିତକ କେହ୍ନ କର ଭୂମ୍ଭ ମଧ୍ୟେ ଓକ । ଉତ୍ତ. ବୈଦେହୀଶବିଳାସ ।
୫ । ସ୍ଥାନ—5. Place.

ଓକଃ—ସଂ. ବି. ( ଉଚ୍ ଧାତୁ+ଅସ୍ )—ଓକ ( ଦେଖ )
Okah Oka ( See )

ଓକଡ଼ାଫଳ—ପ୍ରାଦେ. ( ଗଞ୍ଜାମ ) ବି—ଖଇପର୍ଣ୍ଣୀ—
Okardaphala The thorny berry or wort

ଓକର—ଦେ. ବି—୧ । ଗୃହଚ୍ଛିଦ୍ର– 1. Family-secrets
Okara ୨ । ବଳ; କ୍ଷମତା; ଶକ୍ତି—2. Power; authority.
( ଯଥା—ପଦେ କହିବାକୁ ମୋର ଓକର ନାହିଁ । )
୩ । ଅଭ୍ୟାସ; ଖୋଇ—3. Habit.

ଓକର ଖୋଲିବା—ଦେ. କି.—କୌଣସି ବ୍ୟକ୍ତିର ଗୃହଚ୍ଛିଦ୍ର ସାଧାରଣରେ
Okara kholiba ପ୍ରକାଶ କରିବା—To publish a person's family-secrets

ଓ କରିବା—ଦେ. କି—୧ । ଡାକଲେ ଉତ୍ତର ଦେବା—
O kariba 1. To respond to a call.
୨ । କାମରେ ଆସିବା; ଉପକାରରେ ଆସିବା—
2. To be useful.
ଟଙ୍କା ଯେ ଡ଼ାକ ସାଇତ ରଖିଥିଲେ ବେଳରେ ଓ କରିବ ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଓକସ୍—ସଂ. ବି—ଓକ ( ଦେଖ )
Okas Oka ( See )

ଓକାର—ଦେ. ବି. ( ସଂ. ଉଦ୍ଗାର )—
Okāra ୧ । ବାନ୍ତି—1. Vomiting
୨ । ବମନେଚ୍ଛା—2. A tendency to vomit.
୩ । ଓକର ( ଦେଖ )
3. Okara ( See )
୪ । ଜାତି, ଜନ୍ମ ବା ବଂଶର ଠିକଣା—
4. Certainty of one's lineage.
ସଂ. ବି—ସ୍ୱରବର୍ଣ୍ଣ 'ଓ' ର ମାତ୍ରା 'ୋ'; ବ୍ୟଞ୍ଜନ ବର୍ଣ୍ଣରେ 'ଓ' ବର୍ଣ୍ଣ ଯୁକ୍ତ ହେବାର ଚିହ୍ନ—(ଏ ଚିହ୍ନକୁ ଗ୍ରନ୍ଥଶାଳୀର ଅବଧାନମାନେ ଓଡ଼ା କାଡ଼ କହନ୍ତି)—
The sign of the vowel 'O' added to a consonant.

ଓକାର ଉଠିବା—ଦେ. ବି—ବାନ୍ତି ହେବାର ଉପକ୍ରମ—
Okāra uṭhibā A tendency to vomit.

ଓକାରିବା—ଦେ. କି—ବାନ୍ତି କରିବା—To vomit.
Okāribā
ওগরান
उल्टीकरना

ଓକାଲ—ଦେ. ବି. ( ସଂ. ଉଦ୍ଗାର )— ୧ । ବାନ୍ତି—
Okāla 1. Vomiting.
বমী ୨ । ବମନେଚ୍ଛା—2. Tendency to vomit.
उल्टी ଦେ. ବିଣ—ବମିତ; ବମନ କରାଯାଇଥିବା—
Vomited forth.
ଓକାଲ ଉଠ ବୋଲିଣ ନ ବଳଇ ଛଡ଼ି । ପୀତାମ୍ବର, ନୃସିଂହପୁରାଣ ।

ଓକାଲତ୍—ବୈଦେ. ବି. ( ଅ. ୱକାଲତ୍ )—ଓକାଲତ୍‌ନାମା (ଦେଖ)
Okālat Okālatnāmā (See)
উকালত
वकालत

ଓକାଲତ୍‌ନାମା—ବୈଦେ. ବି. ( ଅ. ୱକାଲତ୍ )—
Okālatnāmā ଓକିଲନିଯୁକ୍ତିସୂଚକ ପତ୍ର—
উকালতনামা Power of attorney, vakālatnāmā;
वकालतनामा a written power given to a pleader by a party to act in court.

ଓକାଲତି—ବୈଦେ. ବି. ( ଅ )—୧ । ଓକିଲଙ୍କ ବ୍ୟବସାୟ ବା ବୃତ୍ତି—
Okālati 1. Pleadership; the office or profession
উকালতি of a pleader.
वकालति ୨ । ପକ୍ଷସମର୍ଥନ—2. Pleading of a cause.

ଓକାଳିବା—ଦେ. କି—ଓକାରିବା ( ଦେଖ )
Okāḷibā Okāribā ( See )

ଓକାହଗା—ପ୍ରାଦେ. ( ବସ୍ତର ) ବି—ଝାଡ଼ାବାନ୍ତି; ହଇଜା—
Okāhagā Cholera.

ଓକିଲ—ବୈଦେ. ବି. ( ଅ. ୱକିଲ )—୧ । ବିଚାରାଳୟରେ ନିଜ ନିଜ
Okila ପକ୍ଷ ସମର୍ଥନ କରିବା ନିମନ୍ତେ ପକ୍ଷମାନଙ୍କ ଦ୍ୱାରା ନିଯୁକ୍ତ
উকিল ପ୍ରତିନିଧି - 1. Pleader; advocate.
वकिल

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; ବଂଶ ନ ପାଇଲେ 'ବଂଶ' ଦେଖିବେ; 'ଅର୍ଜ୍ଜନ' ନ ପାଇଲେ 'ଅର୍ଜନ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

୨ । ରାଜାମାନଙ୍କ ମଙ୍ଗଳ ଉତ୍ସବକୁ ନିମନ୍ତ୍ରିତହୋଇଥିବା ରାଜାମାନେ ସ୍ୱୟଂ ଉତ୍ସବରେ ଯୋଗ ନ ଦେଇ ଯେଉଁ ପ୍ରତିନିଧି ପଠାନ୍ତି—2. A person representing an invited Rājā in another Rājā's social function.

୩ । ମୁସଲମାନମାନଙ୍କ ବିବାହ ସମୟରେ ବରଙ୍କ ଅନୁପସ୍ଥିତିରେ କନ୍ୟାର ପାଣିଗ୍ରହଣ କରିବା ନିମନ୍ତେ ବରଙ୍କ ଦ୍ୱାରା ନିଯୁକ୍ତ ପ୍ରତିନିଧି—

3 Bride—groom's representative at the marriage amongst the Mahomedans.

୪ । କ୍ଷମତାପ୍ରାପ୍ତ ପ୍ରତିନିଧି—

4. Authorised representative; agent.

୫ । କ୍ଷମତାପ୍ରାପ୍ତ ଦୂତ—

5. Envoy; ambassador.

**ଓକିଲାତ୍‌ନାମା**—ବୈଦେ. ବି—ଓକାଲତନାମା ( ଦେଖ )
Okilātnāmā Okālatanāmā ( See)

**ଓକିଲାତି**—ବୈଦେ. ବି—ଓକାଲତି ( ଦେଖ )
Okilāti Okālati ( See )

**ଓକିଲାତିକରିବା**—ଦେ. କ୍ରି—୧ । ଓକିଲ ବ୍ୟବସାୟ ଦ୍ୱାରା ଜୀବିକା ଉପାର୍ଜ୍ଜନ କରିବା—
Okilātikaribā
ওকালতিকরা 1. To earn one's livelihood by
वकालतिकरना practising at the bar.

୨ । ମୋକଦ୍ଦମାରେ ବାଦୀ ବା ପ୍ରତିବାଦୀଙ୍କର ପକ୍ଷ ସମର୍ଥନ କରିବା—2 To plead for a party in a case.

୩ । ( ଲକ୍ଷଣାର୍ଥ )—ଯେକୌଣସି ବ୍ୟକ୍ତିର ପକ୍ଷ ଧରି କଥା କହିବା ବା ଲଢ଼ିବା—

3. To take a person's side; to plead for a person.

ବରଂ ଆମ୍ଭେମାନେ ସାଆନ୍ତଙ୍କ ସପକ୍ଷରେ ଓକିଲାତି କରି ପାରୁ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଓକୋଦନୀ**—ସଂ. ବି. ସ୍ତ୍ରୀ ( ଓକସ=ଆଶ୍ରୟ+ଅଦ ଧାତୁ—ଭକ୍ଷଣ କରିବା+କର୍ତ୍ତୃ. ଅନ+ସ୍ତ୍ରୀ. ଈ; ଯେ ନିଜର ଆଶ୍ରୟକୁ ଖାଏ )—ଉକୁଣୀ—Louse.
Okodanī

**ଓଖ**—ଦେ. ବି—୧ । ଅଭ୍ୟାସ; ଶୋଭ—
Okha 1. Habit.
অভ্যাস ୨ । କୁଅଭ୍ୟାସ—2 Bad habit.
लत; खु; आदत ୩ । ଛଳନା; ବାହାନା—3. Pretence

**ଓଖର**—ପ୍ରାଦେ. ୧ । (ଗଡ଼ଜାତ) ବି. (ସଂ. ଗୋକ୍ଷୀର)—
Okhara ଗୋକ୍ଷୀର; ଗୋଦୁଗ୍ଧ—1. Cow's milk;

୨ । (ମେଦିନୀପୁର) ବି—ଏକ ପ୍ରକାର ରାଶିଆ ଲଡ଼ୁ ବା ଖଜା—

2. Sweet cake mixed with sessamum.

**ଓଗର୍**—ବୈଦେ. (ଫାରସୀ) (ଆ ଅଗୈର)—ଓଗେର; ଇତ୍ୟାଦି; ଏବଂ ଏହିପରି ଅନ୍ୟ ସବୁ—
Ogar
ওগৈরহ; ওগায়রহ Etcetera; and the like; and so on.
अगैरा [ ଦ୍ର—ଏହା ଅନ୍ୟ ଶବ୍ଦ ପରେ ବ୍ୟବହୃତ ହୁଏ । ଯଥା— ରାମ ଓଗର ଆସିଥିଲେ । ]

**ଓଗଲା**—ଦେ. ବି. ( ସଂ. ଅର୍ଗଳ )—
Ogaḷā ଅଟକାଇବା; ଓଗାଳିବା—
আগলান Restraining one from the front.
अटकाव

ଦେ. ବିଣ—ଅଗବୋଲା ( ଦେଖ )
Āgabolā ( See )

**ଓଗାଳ**—ଦେ. ବି. ( ସଂ. ଅର୍ଗଳ )—
Ogāḷa ୧ । ଅଟକାଇବା—

1. Barring progress; restraining.

୨ । ଗଉଡ଼ମାନଙ୍କ ନଉଡ଼ୀ ଖେଳ ଗୀତ ( ଯାହାକୁ ଗଉଡ଼ମାନେ ନଉଡ଼ୀ ଧରି ପରସ୍ପର ଆଗରେ ଦୋଳଯାତ୍ରାରେ ବୋଲାବୋଲି ହୁଅନ୍ତି)—2. Song or dialogue sung by Orḍiā cowherds.

[ ଦ୍ର—ଲେମ୍ବାଲଗାଁର ପ୍ରସିଦ୍ଧ ଗୋପାଳଙ୍କ ଗୁରୁ ମହନ୍ତ ଅଚ୍ୟୁତାନନ୍ଦ ଦାସ 'ଗୋପାଳଙ୍କ ଓଗାଳ' ନାମରେ ଗୋଟିଏ ଗୀତ ରଚନା କରି ଅଛନ୍ତି । ]

୩ । ଅଟକ—3. Restraint.

୪ । ଘରର ବାଟ ବନ୍ଦ କରିବା ପାଇଁ ବ୍ୟବହୃତ ତାଟି ବା କବାଟ—4. Door of a house.

ତନ ଓଗାଳ ବନ୍ଧର ମନ୍ଦରେ । ପ୍ରାଚୀ. ପରତେଗୀତା ।

୫ । ( ପଶୁ ଅଦଙ୍କ ) ରକ୍ଷକ, ଜଗୁଆଳ—

5 A cowherd; a person who looks after the grazing cattle

**ଓଗାଳିବା**—ଦେ. କ୍ରି—ଉଗାଳିବା ( ଦେଖ )
Ogāḷibā Ugāḷibā ( See )

ଅବ ପଛ ଓଗାଳନ୍ତେ ମହାଦେଇ ଯାନ୍ତେ ।
ସାରଳା ମହାଭାରତ. ବନ୍ଧ ।

**ଓଗେର୍**—ବୈଦେ. (ଫାରସୀ) ଅ—ଓଗର୍ ( ଦେଖ )
Ogera Ogar ( See )

**ଓଗୋ**—ଦେ. ଅ. (ମାନ୍ୟାର୍ଥକ ବା ଭଦ୍ରତାସୂଚକ)—
Ogo ଗୋ; ଅଗୋ; ଅହୋ—Interjection employed
ওগো in respectful or polite address or to
आह draw attention—Oh !

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଋ | ଌ,ୡ | ଃ | ଏ | ଦସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଚ | ଶ,ଶ | ଙ୍କ | ଇମ୍ବ | ତ୍ରଥ | ଭ |
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଉଚ୍ଚାରଣଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ଷ | ଙ୍ଗ | ଇଅ | ● | ନ୍ |

ଓଗ୍ର—ବୈଦେ. (କଚରଥ) ଅ—ଓଗର୍ ( ଦେଖ )
Ogra Ogar ( See )

ଓଗ୍ରସର—ବୈଦେ. ବ. ( ଇଂ. ଓଭର୍‌ସିଅର୍ )—
Ograsara ଯେ ପୂର୍ତ୍ତବିଭାଗର କାର୍ଯ୍ୟ ତତ୍ତ୍ୱାବଧାନ କରନ୍ତି— Overseer.
ওগ্রেসর
आग्रेसर; दरोगा

ଓଗ୍ରେସର—ବୈଦେ. ବ—ଓଗ୍ରସର ( ଦେଖ )
Ogresara Ograsara ( See )

ଓଘ—ସଂ. ବ. ( ହନ ଧାତୁ=ଏକତ୍ର କରିବା+କର୍ମ. ଅ )—
Ogha ୧ । ସମୂହ; ବୃନ୍ଦ—1. Multitude
ବ୍ୟଗ୍ର ଓଘରେ ଶ୍ଳାଘ୍ୟ କୋଧନ ରଥ ଶୀଘ୍ର ପରିସ ତହୁଁ ବୃତ ଯେ ।
ଭଞ୍ଜ. ବୈଦେହୀଶବିଳାସ ।
୨ । ଗଦା; ସ୍ତୂପ—2. Heap; mass.
୩ । ସ୍ରୋତ; ପ୍ରବାହ; ଜଳବେଗ—
3. Stream; flood
୪ । ବହୁ ପରିମାଣ—4. Large quantity.
୫ । ତରଙ୍ଗ—5. Wave.
୬ । ପରମ୍ପରା—6. Series
୭ । ( +ଅଧିକରଣ. ଅ ) ଦ୍ରୁତନୃତ୍ୟ—
7. A kind of quick dance.
୮ । ( +ଭାବ. ଅ ) ଉପଦେଶ—8. Advice

ଓଙ୍କାର—ସଂ. ବ. (ଓମ୍+ସ୍ୱାର୍ଥେ. କାର)—ଓଁ ଅକ୍ଷର; ପ୍ରଣବ; ମନ୍ତ୍ରର
Oṅkāra ଆଦ୍ୟବୀଜ—The mystic syllable 'Oṁ', the beginning of all mantras

ଓଙ୍କାରିବା—ଦେ. କ୍ରି—ଉଙ୍କାରିବା ( ଦେଖ )
Oṅkāribā Uṅkāribā ( See )

ଓଚ୍ଛାଳ—ଦେ. ବ—ଓଛାଳ ( ଦେଖ )
Ochchhāla Ochhāla ( See )

ଓଛ—ଦେ. ବିଣ. ୧ । ( ସଂ. ଉଚ୍ଛନ୍ନ )—ଉଚ୍ଛନ୍ନ; ଯଯ୍ୱିତ; କ୍ଷୀଣ; ନଷ୍ଟ—
Ochha 1. Destroyed; exhausted.
ओछा
ପାଣ୍ଡବଙ୍କ ବଳ ଯହୁଁ ହେ ଭଇଲ ଓଛ,
ତୋତେ ନେବା ପାଇଁ ମୋତେ ପେଷିଲେ ଶ୍ରୀବତ୍ସ ।
ସାରଳା ମହାଭାରତ. ଉଦ୍ୟୋଗ ।
୨ । ( ସଂ. ହ୍ରସ୍ୱ )—ହ୍ରସ୍ୱ; ସାନ—2. Small.
୩ । କ୍ଷୁଦ୍ରତର—3. Smaller.
ସାତ କଳ୍ପର ସମ ବଡ଼ । ଗୁଣେ ଅଧିକ ହେଲେ ଓଛ—
ପ୍ରାଚୀ. ନର୍ମଣମାହାତ୍ମ୍ୟ ।
୪ । ଅଳ୍ପ—4 Little.
୫ । ( ସଂ. ତୁଚ୍ଛ; ପ୍ରା. ତୁଚ୍ଛ )—ନୀଚ; ତୁଚ୍ଛ—
5. Low; mean; despicable.

ଓଛାଳ—ଦେ. ବ—୧ । ବିରେଚନ; ପତଳା ଝାଡ଼ା—
Ochhāla 1. Evacuation; passing of liquid stool.
आछा; आमला
ଗର୍ଭେ ଚଢ଼ିଲେ ଓଛାଳ ବାନ୍ତି କରୁଥାନ୍ତି—ପୀତାମ୍ବର. ନୃସିଂହପୁରାଣ ।
୨ । ବାନ୍ତି; ବମନ—2. Vomiting.
ଦେ. ବିଣ—ଉଦ୍‌ଗୀର୍ଣ୍ଣ; ବାନ୍ତି କରି ଯାଇଥିବା—Vomited.

ଓଜ୍—ଗ୍ରା. ବ. ( ସଂ. ଓଜସ୍; ଓଜଃ )—ଓଜ ( ଦେଖ )
Oj Oja ( See )

ଓଜ—ଦେ. ବ. ( ସଂ. ଓଜସ୍; ଓଜଃ )—୧ । ଓଜସ୍ ( ଦେଖ )
Oja 1. Ojas ( See )
ओज
କ୍ରୀଡ଼ା କରୁଥାନ୍ତି ଦେଖାଇ ନିଜ ଓଜ—କୃଷ୍ଣସିଂହ. ମହାଭାରତ. ବନ ।
୨ । ( ଗଣିତ ) ବିଷମ ସଂଖ୍ୟା—
2. (arithmetic) Odd number.
୩ । ପରିମାଣ—3. Quantity; measure.
୪ । ବଦଳ; ପ୍ରତିବଦଳ—4. Exchange.
୫ । ଚାଲିଚଳଣି; ବ୍ୟବହାର—5. Doing; conduct.
୬ । ମହତ୍ତ୍ୱ; ଇଜ୍ଜତ—6. Prestige.
୭ । ଓଜନ; ଭାର—7. Weight.
୮ । ଗୁରୁତା; ଗାମ୍ଭୀର୍ଯ୍ୟ—8. Gravity.
୯ । ( ଗଣିତ ) ରାଶିର ବର୍ଗମୂଳ—
9 (mathematics) Square-root of a number.

ଓଜଃ—ସଂ. ବ—ଓଜସ୍ ( ଦେଖ )
Ojaḥ Ojas ( See )

ଓଜଡ଼ିବା—ଗ୍ରା. କ୍ରି—ଉଜୁଡ଼ିବା ( ଦେଖ )
Ojaṛibā Ujuṛibā ( See )

ଓଜ ତୁଳିବା—ଦେ. କ୍ରି—ଦୁଇ ପଦାର୍ଥର ଓଜନକୁ ତୁଳନା କରିବା—
Oja tuḷibā To compare or test the weight of two things.

ଓଜନ—ବୈଦେ. ବ. ( ଫା. ୱଜନ୍; ମୂଳ. ସଂ. ଓଜଃ )—
Ojana ୧ । ତୁଳାଦଣ୍ଡଦ୍ୱାରା କୌଣସି ବସ୍ତୁର ଭାର ସ୍ଥିରୀକରଣ—
ওজন 1. Measure; weighment.
वजन ୨ । ଭାର—2. Weight.
ନଗ୍ରରେ କାହାର ପ୍ରବେଶ ପ୍ରମାଣେ,
ଓଜନ ଉଚ୍ଛ୍ୱାସ ମନ୍ତ୍ରୀ ତ ନ ଜାଣେ—ରାଧାନାଥ. ଦରବାର ।
୩ । ଗୁରୁତା—3. Seriousness.
୪ । ଗାମ୍ଭୀର୍ଯ୍ୟ—4. Gravity.
୫ । ମୂଲ୍ୟ—5. Value.
୬ । ଭାରକେନ୍ଦ୍ର—6. Centre of gravity.
ବିଣ—୧ । ଭାରି—1. Heavy.
୨ । ଗୁରୁଭାରବିଶିଷ୍ଟ—2. Weighty.

[ ଦ୍ର—ଭିନ୍ନ ଭିନ୍ନ ଦେଶରେ ଭିନ୍ନ ଭିନ୍ନ ଦ୍ରବ୍ୟ ଓଜନ କରିବା ପାଇଁ ଭିନ୍ନ ଭିନ୍ନ ରୀତି ଚଳେ । ( କ ) ସୁନା ରୁପା ଆଦି ଓଜନ କରିବା ପାଇଁ—୪ ଧାନ=୧ ରତି; ୮ ରତି=୧ ମସା; ୧୦ ମସା =୧ ତୋଳା ବା ଭରି=୧ ଟଙ୍କା । ( ଖ ) ପଣ୍ୟ ଦ୍ରବ୍ୟ ଆଦି ଓଜନ ପାଇଁ—୬ ଟଙ୍କା=୧ ଛଟାଙ୍କି; ୪ ଛଟାଙ୍କି=୧ ପାଅ;

ସାଧାରଣ ଦେଖିବେ: ଏପରି ପୃଷ୍ଠାରେ ମୁଦ୍ରଣ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରିପାରି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୪ ପାଅ=୧ ସେର; ୫ ସେର=୧ ପସୁରି; ୮ ପସୁରି=୧ ମହଣ । (ଗ) ବାସନ ଆଦି ଓଜନ ପାଇଁ—୧୨ ଟଙ୍କା=୧ କରିଷ; ୪ କରିଷ=୧ ପଲ; ୨୦ ପଲ=୧ ସେର; ୨୫ ପଲ=୧ ବିଶା । (ଘ) ଇଂରାଜି ଓଜନ ପାଇଁ—୨୦ ଗ୍ରେନ (ଧାନ)=୧ ଡ୍ରାମ୍; ୮ କମ୍ବା ୧୬ ଡ୍ରାମ୍=୧ ଆଉନ୍ସ; ୧୬ କମ୍ବା ୧୨ ଆଉନ୍ସ=୧ ପାଉଣ୍ଡ (ପ୍ରାୟ ବାଲେଶ୍ୱରୀ ଅଧସେର); ୧୧୨ ପାଉଣ୍ଡ=୧ ହନ୍ଦର; ୨୦ ହନ୍ଦର=୧ ଟନ୍ (ପ୍ରାୟ ବାଲେଶ୍ୱର ୨୭ ମହଣ । (ଙ) ଡାକ୍ତର ଜିନିଷ ଓଜନ ପାଇଁ—୮ ଡ୍ରାମ୍=୧ ଆଉନ୍ସ; ୧୨ ଆଉନ୍ସ=୧ ପାଉଣ୍ଡ । (ଚ) ବାଲେଶ୍ୱରୀ ସେର=୮୦ ତୋଳା; କଟକ ସେର=୧୦୫ ତୋଳା; ଓଜନ କରାଯିବା ଦ୍ରବ୍ୟକୁ ନିକିତି ବା ତୁଳାଦଣ୍ଡର ଗୋଟିଏ ପାଖ ପଲ୍ଲାରେ ରଖାଯାଏ ଓ ଆର ପାଖ ପଲ୍ଲାରେ ଭିନ୍ନ ଭିନ୍ନ ଓଜନର ବଟକରା ଥୁଆ-ହୋଇଥାଏ । ଯେତେବେଳେ ଦୁଇ ପାଖ ପଲ୍ଲାରେ ରଖାଯିବା ଦ୍ରବ୍ୟ ସମାନ ଓଜନର ହୋଇଯାଏ ସେତେବେଳେ କଣ୍ଟାଟି ଦଣ୍ଡି ଭୂମିର ସମାନ୍ତରାଳ ହୁଏ ଏବଂ ବଟକରାମାନ ଗଣି ଜିନିଷ କେତେ ଓଜନ ହେଲା ସ୍ଥିର କରାଯାଏ । ନିକିତି ଛଡ଼ା ଏକମାତ୍ର ପଲ୍ଲାଯୁକ୍ତ ତଉଲିବା ଯନ୍ତ୍ରକୁ ବିଶାକାଠି ବୋଲାଯାଏ । ବିଶାକାଠିର ଏକ ପାଖରେ ପଲ୍ଲା ଝୁଲୁଥାଏ, ଅନ୍ୟପାଖରେ ଗାର ପଡ଼ିଥାଏ—ସେ ଗାର ଉପରେ ଖଣ୍ଡିଏ ଦୂରା ବନ୍ଧା ଥାଏ; ସେ ସୂତାଦ୍ୱାରା ବିଶାକାଠିକୁ ଟେକିଲେ ଗାରକୁ ଗଣି ଜିନିଷର ଓଜନ ସ୍ଥିର କରାଯାଏ ।]

**ଓଜନ ଉଠିବା**—ଦେ. ବି—ତୁଳାଦଣ୍ଡ ଦ୍ୱାରା ବସ୍ତୁର ଭାର ସ୍ଥିରୀକୃତ ହେବା—Weighment.
Ojana uṭhibā
ওজনওঠা
वजन उठना

**ଓଜନ କରିବା**—ଦେ. କ୍ରି—ତୁଳାଦଣ୍ଡରେ ତଉଲିବା—To weigh a thing
Ojana karibā
ওজনকরা
वजन करना

**ଓଜନଗରୁ**—ଦେ. ବଣ—ଭାରି—Heavy in weight; weighty
Ojanagaru

**ଓଜନଦଣ୍ଡ**—ଦେ. ବି—୧ । ତୁଳା ଦଣ୍ଡ—1. A pair of scales; weighing instrument
Ojanadaṇḍa
୨ । ବିଶାକାଠି—2 A weighing yard.

**ଓଜନଯନ୍ତ୍ର**—ଦେ. ବି—ଓଜନଦଣ୍ଡ (ଦେଖ) Ojanadaṇḍa (See)
Ojanajantra

**ଓଜନିଆଁ**—ଦେ. ବଣ—ଭାରି—Heavy.
Ojaniān̐

**ଓଜର୍**—ବୈଦେ. ବି (ଆ. ଉଜ୍ର) —୧ । ଆପତ୍ତି—1. Objection.
Ojara
ওজর ୨ । ବାଧା—2 Obstacle.
उज्र ୩ । ବିରୋଧ—3. Opposition.
୪ । ବକ୍ତବ୍ୟ ବିଷୟ—4. Anything to say

**ଓଜରଆପତ୍ତି**—ଦେ. ବି (ଏକାର୍ଥକ ସହଚର; ଆ. ଉଜ୍ର+ସଂ. ଆପତ୍ତି)—ନାନାବିଧ ଆପତ୍ତି—Various objections.
Ojaraāpatti
ওজর আপত্তি
उज्र आपत्ति

**ଓଜରମାଜର**—ଦେ. ବି (ସହଚର; ଦ୍ୱିତୀୟ ଶବ୍ଦ ଅର୍ଥହୀନ)—ଓଜରଆପତ୍ତି (ଦେଖ) Ojaraāpatti (See)
Ojaramājara

**ଓଜରିଆ**—ଦେ. ବଣ (ଆ. ଉଜର+ଓ. ପ୍ରତ୍ୟୟ. ଇଆ)—ସ୍ୱଭାବତଃ ଆପତ୍ତିକାରୀ—Given to raising objections.
Ojariā
ওজরদার
उज्रदार

**ଓଜଳିବା**—ଦେ. କ୍ରି (ସଂ. ଉଜ୍ଜ୍ୱଳ)—୧ । ଅଗ୍ନି ବା ଘୃଷ୍ଟ ଦ୍ୱାରା ଅଳଙ୍କାରାଦିକୁ ଉଜ୍ଜ୍ୱଳ କରିବା—1. To gloss an ornament.
Ojaḻibā
୨ । (ଲୁଗା) ସଫାକରିବା—2 To cleanse; to wash (clothes).

**ଓଜସ୍**—ସଂ. ବି (ଉର୍ଜ୍ ଧାତୁ=ଜୀବିତହେବା+କରଣ. ଅସ୍)—
Ojas ୧ । ତେଜ—1. Energy; glory.
୨ । ଜୁ; ବଳ; ଶକ୍ତି—2. Strength.
୩ । ପରାକ୍ରମ; ପ୍ରତାପ—3. Power; prowess.
୪ । ଦୀପ୍ତି—4. Brightness.
୫ । ଶୋଭା—5. Splendour; grace.
୬ । (ଅଳଙ୍କାର) ବାକ୍ୟର ପ୍ରୌଢ଼ତାବ୍ୟଞ୍ଜକ ଗୁଣ—6 Energetic or emphatic manner of expression or style (M W)

[ଦ୍ର—ରଚନାରେ ଯେଉଁ ଗୁଣ ଥିଲେ ଚିତ୍ତ ଦ୍ରବୀଭୂତ ହୋଇ ଉଠେ ତାହାର ନାମ ଓଜୋଗୁଣ । ବୀର, ବୀଭତ୍ସ ଓ ରୌଦ୍ର-ରସରେ ଏହାର ଅପେକ୍ଷାକୃତ ଅଧିକ ଉପଯୋଗିତା ଅଛି । ଓଜୋ-ବ୍ୟଞ୍ଜକ ବର୍ଣ୍ଣ କ୍କ; ଜ୍ଜ; ଟ୍ଟ; ଡ୍ଡ; ତ୍ମ; ପ୍ତ; ଷ୍ଟ; ଷ୍ପ ପ୍ରଭୃତି ଏବଂ ଯେଉଁ ସକଳ ବାକ୍ୟ ସମାସବହୁଳ ଏବଂ ଉଦ୍ଧତ ଭାବରେ ରଚିତ ସେମାନେ ସମସ୍ତେ ଓଜୋଗୁଣବ୍ୟଞ୍ଜକ । ଉଦାହରଣ :—
ଯଥା—ଶାର୍ଦ୍ଦୂଳ ଖେଳିତ ପ୍ରାଂଶୁ ତୃଣ ବନାକୁଳ—
ପୌଣ୍ଡ୍ର ଦେଶୁ ଅସ୍ତଅଛି ବାର୍ଷ ଦୁର୍ଗବାସୀ,
ରଣରୁଷ ଅମାତ୍ୟା ଅନବର୍ତ୍ତୀ ରଣେ,
ରଘୁବର ଛନ୍ଦବାଣୀ ବଳିଷ୍ଠଧାରଣୀ । ଯ.ନାଥ. ମହାଯାତ୍ରା ।
ଲକ୍ଷଣ. ଅଳଙ୍କାରତରଙ୍ଗିଣୀ ।

୭ । ସ୍ୱର୍ଣ୍ଣ—7. Gold

**ଓଜସ୍ୱଲ** - ସଂ. ବଣ. ପୁଂ. (ଓଜସ୍+ଅସ୍ତି ଅର୍ଥରେ. ବଲ) —
Ojaswala ଓଜସ୍ୱୀ (ଦେଖ)
(ଓଜସ୍ୱଲା—ସ୍ତ୍ରୀ) Ojaswī (See)

**ଓଜସ୍ୱୀ**— ସଂ. ବଣ. ପୁଂ. (ଓଜସ୍+ଅସ୍ତି ଅର୍ଥରେ. ବିନ୍. ୧ମା. ୧ବ.)—
Ojaswī ୧ । ତେଜସ୍ୱୀ; ତେଜୀୟାନ୍ —
(ଓଜସ୍ୱିନୀ—ସ୍ତ୍ରୀ) 1 Energetic.
(ଓଜସ୍ୱିତା—ଭ) ୨ । ବଳବାନ୍—2. Strong
୩ । କ୍ଷମତାଶାଳୀ—3 Powerful.
୪ । ଦୀପ୍ତ—4. Splendid; lustrous.
୫ । ଓଜୋଗୁଣବିଶିଷ୍ଟ—5. Elaborate, emphatic

**ଓଜିଷ୍ଠ**—ସଂ. ବଣ. ପୁଂ. (ଓଜସ୍+ଅସ୍ତି ଅର୍ଥରେ. ଇଷ୍ଠ)—
Ojishtha ଓଜସ୍ୱୀ (ଦେଖ)
(ଓଜିଷ୍ଠା— ସ୍ତ୍ରୀ) Ojaswī (See)

**ଓଜୀୟାନ୍**—ସଂ.ବଣ.ପୁଂ. (ଓଜସ୍+ଅସ୍ତି ଅର୍ଥରେ. ଈୟସ୍. ୧ମା.୧ବ.)—
Ojiyān ଓଜସ୍ୱୀ (ଦେଖ)
(ଓଜୀୟସୀ—ସ୍ତ୍ରୀ) Ojaswī (See)

**ଓଜୁ** — ବୈଦେ. ବ. (ଆ)—ଉଜୁ (ଦେଖ)
Oju Uju (See)

**ଓଜୋନ୍** — ବୈଦେ. ବ. (ଇଂ; ଓଜୋନ୍; ଓଡ଼ିଆଭାଷାରେ ଇଂରାଜୀ Z
Ojon ଅକ୍ଷରର ଉଚ୍ଚାରଣବିଶିଷ୍ଟ ଅକ୍ଷର ନ ଥିବାରୁ Z
ওজোন ସ୍ଥାନରେ ଜ ଉଚ୍ଚାରଣ) —
औज़ोन ଘନୀଭୂତ ଅକ୍ସିଜେନ୍ ବା ଅମ୍ଳଜାନ ବାଷ୍ପ —
Ozone; densified oxygen.
[ ଦ୍ର—ଏଥିର ଗୁରୁତ୍ୱ ଅକ୍ସିଜେନ୍ ଅପେକ୍ଷା ୨୪ ଗୁଣ ବେଶି; ଏ ବାଷ୍ପଗନ୍ଧ ଦୂର କରି ପାରେ । ସମୁଦ୍ର କୂଳର ଓ ମୁକ୍ତ ସ୍ଥାନର ବାୟୁରେ ବେଶି ପରିମାଣରେ ଓଜୋନ୍ ଥାଏ ।]

**ଓଝ**—ଦେ. ବ. ( ସ. ଓଜଃ )—
Ojha ୧ । ପରିମାଣ—1. Measure; quantity.
୨ । ବଦଳ; ପ୍ରତିବଦଳ—2. Exchange.
୩ । ( ଗଣିତ ) କୌଣସି ସଂଖ୍ୟାର ବର୍ଗମୂଳ—
3. ( mathematics ) The square-root of a number.

**ଓଝଳା**— ଦେ. ବ. ( ସଂ. ଉଦ୍ଭାର )—ଉଝଳା ( ଦେଖ )
Ojhalā Ujhalā ( See )

**ଓଝା**—ଦେ. ବ. ( ସଂ. ଉପାଧ୍ୟାୟ )—
Ojhā ୧ । ଶିକ୍ଷକ; ଅବଧାନ—1. Teacher.
ওঝা ଗୃହ ଓଡ଼ାଙ୍କ ଧରିବାର ବେଳେ
झ ଓଝାଏ ଛାଟ ପିଟି ଦେଲେ ଭଲେ—ଲୀଳାବତୀହୁଡ଼ ।
୨ । ବିଷବୈଦ୍ୟ—
2. One who cures snake-bites
୩ । ଗଣିତ ବିଦ୍ୟାର ଶିକ୍ଷକ, ଗଣିତବେତ୍ତା ବ୍ୟକ୍ତି—
3. Mathematician; teacher or professor of mathematics.
୪ । ସାପୁଆ କେଳା—
4. Snake-catcher. snake-charmer
୫ । ଗୁଣିଆଁ; ଗୁଣିଗାରେଡ଼ି ଜାଣିଥିବା ବ୍ୟକ୍ତି—
5. Wizard.
୬ । ଭୂତବୈଦ୍ୟ; ଯେ ଭୂତ ଛଡ଼ାଏ—6 One who exorcises evil spirits. exorcist
୭ । ମାଷ୍ଟ୍ରବଂଶ ନାୟକ—7. A village pedagogue of the Nāyaka caste.
୮ । ବଢ଼େଇ କମାରଙ୍କ ସଂଜ୍ଞା ବା ବଂଶୋପାଧି —
8. Family-title of blacksmiths and carpenters.

**ଓଝାବଳ**—ଦେ. ବଣ ( ସଂ. ଊର୍ଜ୍ଜସ୍ୱଲ )—
Ojhābala ୧ । ବଳବାନ୍—1. Mighty
୨ । ଶକ୍ତିଶାଳୀ—2 Powerful.
ଓଝାବଳ ସୈନ୍ୟ ସମୂରେ ହେଲେ ଉଭର—ମାଗସୁରଣ ।

**ଓଝାର**—ପ୍ରାଦେ (ଗଡ଼ଜାତ ଓ ପୁରୀ) ବ.—ବନ୍ୟ ବୃକ୍ଷବିଶେଷ —
Ojhāra A wild tree; Pinus Simiarum (Haines)

**ଓଝାଳି** —ପ୍ରାଦେ. (ଗଞ୍ଜାମ) ବ— ଗଞ୍ଜାମର ପାଟବିଶେଷ—
Ojhāli A caste of Sudras.

**ଓଝାଳିବା**—ଦେ. କ୍ରି — ଉଝାଳିବା ( ଦେଖ ) .
Ojhālibā Ujhālibā ( See )

**ଓଟ**—ଦେ. ବ ( ସଂ. ଉଷ୍ଟ୍ର )—ଉଷ୍ଟ୍ର —
Oṭa Camel
ऊँट
উট

**ଓଟପକ୍ଷୀ**—ଦେ. ବ—ଆଫ୍ରିକାରେ ମିଳୁଥିବା ସର୍ବାପେକ୍ଷା ବୃହତ୍ ପକ୍ଷି-
Oṭapakshi ବିଶେଷ—Ostrich.
ऊँटपाखी [ ଦ୍ର—ଏମାନେ ଉଚ୍ଚରେ ୪।୫ଫୁଟ ବଢ଼ନ୍ତି; ପକ୍ଷ
शुतुरमुर्ग ଛୋଟ; ଗୋଡ଼ ଓ ବେକ ଓଟଙ୍କ ପରି ଲମ୍ବ ଲମ୍ବ; ଏମାନେ ଖୁବ୍ ଦୌଡ଼ି ପାରନ୍ତି । ]

**ଓଟବନ୍ଦି**—ପ୍ରାଦେ. (ମେଦିନୀପୁର) ବ—ଉଟବାନ୍ଦି; ପଡ଼ିଆ ଓ ଜଙ୍ଗଲ
Oṭabandi ଜମିକୁ ପ୍ରଥମେ ଆବାଦ କରିବା ପାଇଁ ଜମିଦାର
ওটবন্দী ସଙ୍ଗେ ପ୍ରଜାର ଚୁକ୍ତି—An agreement
उटबन्दी between a tenant and landlord for reclamation of waste lands.

**ଓଟମୁହଁରେ ଜୀରା**—ଦେ. ନ୍ୟାୟ—ଓଟ ପରି ବଡ଼ ଜୀବର ମୁହଁକୁ ଜୀରା
Oṭamuhanre Īrā ପରି ସାମାନ୍ୟ ବସ୍ତୁ ଦେଲେ ତାହା ନଗଣ୍ୟ
ହୁଏ । ସେହିପରି ବହୁତ ବସ୍ତୁ ଲୋଡ଼ାଥିବା ସ୍ଥଳେ

ସାଧାରଣ ଲେଖକେ ଅପର ସ୍ଥାନରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଉ' ନ ମିଳଲେ 'ଗାଈ' ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଇଁଷ' ନ ପାଇଲେ 'ଅଁଷ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଅଳ୍ପାଲ୍ପ ବସ୍ତୁ ଦିଆ ଗଲେ ଏ ପ୍ରବଚନ ପ୍ରଯୁଜ୍ୟ ହୁଏ । ଏହାର ସମାର୍ଥକ ପ୍ରବଚନ—ସମୁଦ୍ରକୁ ଶଙ୍ଖେ ପାଣି—
A saying or comparison applied to cases where a little thing is given for a very big requirement

**ଓଟମୁହାଁ**—ଦେ. ବିଣ. ପୁଂ—ଉପରମୁହାଁ; ଯେ ଉପରକୁ ମୁହଁ ଟେକି
Otamuhān̄ ବାଟ ଚାଲେ—A man who walks
(ଓଟମୁହାଁ—ସ୍ତ୍ରୀ) with face upwards

**ଓଟର**—ଦେ. କ୍ରି—ଓଟରା ( ଦେଖ )
Otara Otarā ( See )

**ଓଟରା**—ଦେ. ବି ( ସଂ. ଅବ+ତୃ ଧାତୁ )—୧ । ଆକର୍ଷଣ; ଟାଣିବା;
Otarā ଝିଙ୍କିବା ଓଟାରିବା କର୍ମ—1. Dragging;
ଟାନା; খেঁচা drawing; pulling
खींचना ୨ । ଆଗ ଅଡ଼ୁ ଟାଣିବା—Pulling from the front; tugging

୩ । ଯେଉଁ ଦଉଡ଼ି ଦ୍ୱାରା ଡଙ୍ଗା ଅବରୁ ଟାଣି ନିଆଯାଏ—
3. A rope used for pulling a boat.

୪ । ସ୍ରୋତର ବିପରୀତ ଦିଗରେ ଡଙ୍ଗାକୁ ଓଟାରିବା—
4. Pulling up a boat against the current.

୫ । ଅର୍ଥାଦିର ଅନାଟନ ଅବସ୍ଥା—5. Want

ବିଣ—୧ । ଉଠାଣିଆ (ବାଟ)—Rising; ascending; climbing road).

୨ । ବୁଲାଣିଆ (ବାଟ)—2. Circuitous (road)

**ଓଟରାଇବା**—ଦେ. କ୍ରି.—'ଓଟାରିବା' କ୍ରିୟାର ଣିଜନ୍ତରୂପ—
Otarāibā Causative form of Otāribā.
টানান
खींचवाना

**ଓଟରାଓଟରି**—ଦେ. ବି—ଅନ୍ୟୋନ୍ୟରେ ଟଣାଟଣି ବା ଝିଙ୍କାଝିଙ୍କି ହେବା;
Otarāotari ଜଣେ ଜଣକୁ ଝିଙ୍କିବା—
টানাটানি; খেঁচাখেঁচি Pulling one another; mutual
खींचखांच drawing; tugging.

ଦେ. ବିଣ—ଅନ୍ୟୋନ୍ୟରେ ଟଣାଟଣି ବା ଝିଙ୍କାଝିଙ୍କି ହେଉଥିବା—Pushing one another

ପୁଣି ସେ ଓଟରାଓଟରି ହେଉ ଥିବ । କୃଷ୍ଣସିଂହ. ମହାଭାରତ ।

**ଓଟରାଝିଙ୍କା**—ଦେ. ବି ଓ ବିଣ. ( ଏହାଥିର ସହଚର —
Otarājhinkā ଓଟରାଓଟରି ( ଦେଖ )
Otarāotari ( See )

**ଓଟରା ପଡ଼ିବା**—ଦେ. ବି—୧ । ନଇବଢ଼ି ଛଡ଼ ଛଡ଼ ଯାଉଥିବା ସମୟରେ
Otarā pardibā ସ୍ରୋତର ବେଗ ଅଧିକ ହେବା—
1. The increase of the speed of a current while the flood is subsiding.

୨ । ମରୁଡ଼ି ଯୋଗୁଁ ଫସଲ ମରିଯିବାର ଅବସ୍ଥା ଘଟିବା (ଯେଉଁ ଅବସ୍ଥାରେ ଯୋଗଣି ଅବରୁ ଟେଣା ବା ଢେଣ୍ଡାଦ୍ୱାରା ପାଣି ଓଟାରି [ଉଠାଇ] କ୍ଷେତରେ ମଡ଼ାଇବାକୁ ହୁଏ)—
2. Season of drought necessitating irrigation by drowing water from tanks.

( ଯଥା—ଏ ବର୍ଷ ଇନ୍ଦ୍ର ନ ପାଳିବାରୁ ଭାରି ଓଟରା ପଡ଼ିଲା । )

୩ । ଆବଶ୍ୟକ ଅର୍ଥ ପାଇଁ ଅନାଟନ ଅବସ୍ଥା ଘଟିବା—
3. The state of being in financial want.

**ଓଟାର**—ଦେ. ବି—ବମନେଚ୍ଛା—Tendency to vomit.
Otāra ଦେ. ବିଣ—ଓଟାରିଆ ( ଦେଖ )
Otāriā ( See )

**ଓଟାରିଆ**—ଦେ. ବିଣ—୧ । ଉଠାଣିଆ ( ବାଟ )—
Otāriā 1. Rising ( road )

୨ । ବୁଲାଣିଆ (ବାଟ)—2. Circuitous (road).

୩ । ଶ୍ରମସାଧ୍ୟ; ପରିଶ୍ରମସାଧ୍ୟ—
3. Entailing labour; toilsome.

୪ । ଅର୍ଥାଭାବଯୁକ୍ତ (ଅବସ୍ଥା)—Needy.

**ଓଟାରିବା**—ଦେ. କ୍ରି—( ସଂ. ଅବ+ତୃ ଧାତୁ=ଟାଣିବା; ତୁଳ—ଗ୍ରା. ଓତାର )—୧ । ଆକର୍ଷଣ କରିବା; ଟାଣିବା; ଝିଙ୍କିବା—
Otāribā
টানা, খেঁচা 1. To pull; to drag; to attract; to
खींचना draw.

ଅସ୍ତ୍ର ଅସ୍ତ୍ର ସ୍ୱମନେ ବୋଲି ଅର୍ଜୁନେ ଓଟାରି—ସାରଳାମହାଭାରତ-ମଧ୍ୟ ।

୨ । (କୂଅ ଆଦିରୁ ପାଣି) କାଢ଼ିବା—
2. To draw up ( water from wells, tanks etc. ); to lift.

**ଓଟାରି ହେବା**—ଦେ. କ୍ରି—୧ । ( ଶ୍ୱାସ ରୋଗୀ ) ଦୀର୍ଘ ଶ୍ୱାସ ମାରିବା—
Otāri hebā 1. To gasp (said of an asthmatic
হাঁপা patient exerting to take breath).
हाँपना

୨ । ବମନେଚ୍ଛା ପ୍ରକାଶ କରିବା—
2. To show signs of vomiting.

୩ । କଥା କହିଲାବେଳେ କ୍ଳାନ୍ତି ବୋଧ କରିବା—
3. To speak with an effort.

୪ । କୌଣସି ଶ୍ରମସାଧ୍ୟ କାର୍ଯ୍ୟ ପାଇଁ ଶାରୀରିକ ବଳ ପ୍ରୟୋଗ କରିବା ବା ଜୋର୍ ଖରଚ କରିବା—4. To strive physically to do a thing.

**ଓଠ**—ଦେ. ବି—( ସଂ. ଓଷ୍ଠ )—୧ । ଅଧର; ଓଷ୍ଠ—
Otha 1 Lip
ঠোঁট; ওঠ ଉଠିଗଲେ ଜନରେ କାମୋଷ୍ଠ ଓଠେ—କୃଷ୍ଣସିଂହ. ମହାଭାରତ. ବନ ।
ओठ; ठोंठ ୨ । ଚିବୁକ; ଥୋଡ଼ି—2. The part of the face below the lips.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଜ | ଶ,ଷ | ଙ୍କ | ଙ୍ଗ | ଞ୍ଚ | ଝ |
| ୨ | ଈ | ଊ | ଋ | ଌ | ଯେ | ଅକ ସ୍ୱନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଂ୍ୟ | ଇଅ | ୱ | ଜ |

ଓଡ଼୍କଣା—ପ୍ରାଦେ. ( ଲଉଆ ) ବି—ଓଡ଼ଶ; ଛାରପୋକ—
Ordkanā Bed bug.

ଓଡ଼—ସଂ. ବି ( ସଂ. ଓଡ୍ର )—ଜବା; ମନ୍ଦାର ଫୁଲ—
Orda China rose.

ଦେ. ବି—୧ । ( ସଂ. ଉଡ୍ର ବା ଓଡ୍ର )—ଉତ୍କଳର ଅଦିମ ନିବାସୀ ଜାତିବିଶେଷ—1. The original people inhabiting the Utkala country.

୨ । ଓଡ଼ିଆ ଚଷାମାନଙ୍କର ଜାତିବିଶେଷ; ଓଡ଼ଚଷା—
2. A class of Chashās amongst the Ordiās.

୩ । ବିଶାଖାପାଟଣା ଜୟପୁରବାସୀ ପାଇକ ଜାତି—
3. A caste of Pāikas, resident of Jaypur in Vizagapatam

୪ । ( ସଂ. ହୋଡ଼ ଧାତୁ=ଗତି କରିବା )—ଭୂମିରେ ହଳ କରିବାର ଗୋଟିଏ ଥର—4. Ploughing of a field one time only.

ଷାଠିଏ ଓଡ଼ ମୂଳା, ଚାରି ଅଧ ଗୁଳା, ଚାରି ଅଧ ଭୁଳା,
ଚାରି ଅଧ ଧାନ, ତେବେ ଚଷା ଖାଏ ବଙ୍ଗଳା ପାନ—କୃଷିବଚନ ।

୫ । ( ଲକ୍ଷଣାର୍ଥ ) ମୂର୍ଖ ଓ ଅଖାଡ଼ୁଆ ଲୋକ—
5. A churl; an ill-bred fellow.

ଓଡ଼ଙ୍ଗ—ଦେ. ବି. ( ପ୍ରାଚୀନ ) ନାମ—୧ । ଓଡ଼ଙ୍ଗଗଡ଼ ( ଦେଖ )
Ordanga 1. Ordangagarda ( See )

୨ । ପ୍ରାଚୀନ ନଗରବିଶେଷ; ଓଡ଼ଙ୍ଗଲ (ଏହା ଅଧୁନାତ ୱାରଙ୍ଗଲ ହେବ କି ?)—
2. Name of an ancient city (Warangal ?)

ଯମୁନା ନଗ୍ର ଅନ୍ତରେ ଓଡଙ୍ଗ ଯେ ଭୂମି
ତହିଁ ଯାଇ ପରବେଶ ଷର୍ନ୍ଦିଙ୍କର ସ୍ୱାମୀ—ସାରଳାମହାଭାରତ. ସଭା ।

ଓଡ଼ଙ୍ଗଗଡ଼—ଦେ. ବି. (ପ୍ରାଚୀନ) ନାମ—ଅଢ଼ଙ୍ଗ (୨) (ଦେଖ)
Ordangagarda Ardhanga (2) (See)

[ଏହା ପୂର୍ବେ ଓଡ଼ ( ମତାନ୍ତରରେ ଷଣ୍ଡାଏତ ) ଜାତୀୟ ରାଜା ବା ସାମନ୍ତଙ୍କ ଅଧିକୃତ କଟକ ଜିଲ୍ଲାର ଏକ ରାଜଧାନୀ ଥିଲା । ଏହି ରାଜାଙ୍କ କନ୍ୟା ଚକ୍ଷାବତୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସେବା କରି ପରେ ତାଙ୍କୁ ବିବାହ କରିଥିଲେ ଓ ଏହି କନ୍ୟାଙ୍କ ଗର୍ଭଜାତ ସନ୍ତାନ ଗଦାଧର ଓ ତଦୀୟ ବଂଶଧରମାନେ କରଣ ବୋଲି ପରିଚିତ ।]

ଓଡ଼ଙ୍ଗଳ—ଦେ. ବି (ପ୍ରାଚୀନ ନାମ)—ଓଡ଼ଙ୍ଗ (୨) ଦେଖ—
Ordangala Ordanga (2) See.

ଯମୁନା ଦେଶ ଜିଣି ସେ ଓଡ଼ଙ୍ଗଳ ଦେଶେ
ସମଦଣ୍ଡ ଘେନିଣ ସେ ବାହୁଡ଼ି ହରଷେ—ସାରଳାମହାଭାରତ. ସଭା ।

ଓଡ଼ଚଷା—ଦେ. ବି (ସଂ. ଓଡ଼+ଚଷା)—ଶୂଦ୍ର ବା ଚଷାମାନଙ୍କର Ordachashā ଶ୍ରେଣୀବିଶେଷ (ଏମାନଙ୍କ ପୂର୍ବପୁରୁଷମାନେ ଓଡ୍ର ଥିଲେ ଓ ବସ୍ତର, ଜୟପୁର ଅଞ୍ଚଳରୁ ଆସି ଉତ୍କଳ ରାଜାମାନଙ୍କଠାରୁ ଜାଗିର ପାଇ ପଦାତିକ ଚାକିରି କରି କାଳକ୍ରମେ କୃଷି ବାସ କରି ଏ ଦେଶରେ ଉପନିବେଶ କରି ରହିଲେ)—A class of Śūdras or cultivators in Ordisā.

[ଦ୍ର—ଓଡ଼ଚଷାଙ୍କ ସମ୍ବନ୍ଧେ ନୋଟ୍—ପୁରୀ ଜିଲ୍ଲାରେ ବିଶେଷତଃ ଖୋର୍ଦ୍ଧାରେ ଓଡ଼ଙ୍କ ସଂଖ୍ୟା ୮୨୦୦୦ ହେବ, ଗଡ଼ଜାତରେ ୩୫ ସହସ୍ର, କଟକରେ ୨୦ ଓ ବାଲେଶ୍ୱରରେ ଓଡ଼ ନାହାନ୍ତି ବୋଲି ୧୮୭୫ସାଲର ପୂର୍ବ ସେନ୍ସସ୍ ରିପୋର୍ଟରେ ଲେଖାଥିଲା । ଓଡ଼ଙ୍କର ଚାରିଗୋଟି ଶ୍ରେଣୀ—ଯଥା- ବେଣାଟିଆ, ପେଣ୍ଡାକଳସା, ଦହିକଳସା ଓ ଚୂଳିଲକ୍ଷ । ପାଇକମାନଙ୍କ ମଧ୍ୟରେ ଦୁଇ ଶ୍ରେଣୀ ଅଛି ଯଥା—ଓଡ଼ ପାଇକ ଓ ଶୁଦ୍ର ପାଇକ । କଟକ ଓ ଗଡ଼ଜାତରେ ବେଣାଟିଆ ଓଡ଼ମାନେ କ୍ରମଶଃ ଶୂଦ୍ର ଚଷାଙ୍କ ସଙ୍ଗେ ସାମାଜିକଭାବରେ ମିଶୁଅଛନ୍ତି କିନ୍ତୁ ଅନ୍ୟ ଓଡ଼ମାନେ ପାଣିଅଚଳୁଆ ଜାତି । ଓଡ଼ମାନେ ଚଷାମାନଙ୍କର ଅଖାଦ୍ୟ କଙ୍କଡ଼ା ଖାଆନ୍ତି । ଏମାନଙ୍କ ମଧ୍ୟରେ ବିଧବାବିବାହର ବିଧି ନାହିଁ । ଏମାନେ ଧନୀ ହେଲେ ସୁଦ୍ଧା ଏମାନଙ୍କ ମାଇପେ ପିତଳ ଖଡ଼ୁ ପିନ୍ଧନ୍ତି । ବର୍ତ୍ତମାନ ଓଡ଼ ଶବ୍ଦ ଗୋଟିଏ ଗାଳିରେ ପରିଣତ ହୋଇଅଛି । ପୁରୀଜିଲ୍ଲାର ଚାରି ଶ୍ରେଣୀ ଓଡ଼ଙ୍କ ମଧ୍ୟରେ ଖିଆପିଆ, କନ୍ୟା ଆଦାନପ୍ରଦାନ ଆଦି ଚଳେ—
ପିଆରୀମୋହନ. ଇତିହାସ । ]

ଓଡ଼ଣଷଷ୍ଠି—ଦେ. ବି—ଓଢ଼ଣଷଷ୍ଠି (ଦେଖ)
Ordanashashthi Ordhanashashthi (See)

ଓଡ଼ଣା—ଦେ. ବି—ଓଢ଼ଣା (ଦେଖ)
Ordanā Ordhanā (See)

ଓଡ଼ଣି—ଦେ. ବି—ଓଢ଼ଣି (ଦେଖ)
Ordani Ordhani (See)

ଓଡ଼ତଷା—ଗ୍ରା. ବି—ଓଡ଼ଚଷା (ଦେଖ)
Ordatashā Ordachashā (See).

ଓଡ଼ଦେବା—ଦେ. କ୍ରି—ଭୂମିକୁ ଥରେ ହଳ ଦ୍ୱାରା ଚଷିବା—
Ordadebā To plough a field once.
(ଯଥା—ଏ ବର୍ଷ ଜ୍ୟେଷ୍ଠ ମାସ ଶେଷ ପର୍ଯ୍ୟନ୍ତ ମୋ ଜମିରେ ଓଡ଼ ଦିଆଗଲା ନାହିଁ ।)

ଓଡ଼ ପକାଇବା—ଦେ. କ୍ରି—କ୍ଷେତରେ ଏକଥର ମାତ୍ର ହଳ ବୁଲାଇବା—
Orda pakāibā To plough a field once.

ଓଡ଼ ପଡ଼ିବା—ଦେ. ବି—କ୍ଷେତରେ ଥରେ ହଳ ବୁଲିବା—
Orda pardibā The ploughing of a field once.

ଓଡ଼ପା—ଦେ. ବି. ( ପ୍ରାଚୀନ) ନାମ—ବ୍ୟାସସରୋବର; ହିନ୍ଦୁଙ୍କ ତୀର୍ଥବିଶେଷ—A name of a place of Hindu-pilgrimage.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'ଲୁଅ' ନ ମିଳିଲେ 'ଲୁଅ' ଦେଖିବେ; ବନ୍ ନ ପାଇଲେ 'ବନ୍ଦ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ ଦ୍ର—ସମ୍ଭବତଃ ଏହା ଓଡ୍ର ଦେଶ (ଓଡ଼ିଶା)ରେ ଥିଲା ଓ ବର୍ତ୍ତମାନ ଯାଜପୁର ଅଞ୍ଚଳରେ କାଗପୁର ରେଲବାଇର ଗୋଟିଏ ଷ୍ଟେସନ ବ୍ୟାସସରୋବର ନିକଟରେ ଅବସ୍ଥିତ । ]

ବ୍ୟାସ ସରୋବରେ ରମ୍ୟ ଅଛ ସେ ଓଡ୍ରପୀ । ଶାରଳାମହାଭାରତ. ଗଦା ।

ଓଡ଼ ପାଇକ—ଦେ. ବି.—ଖୋର୍ଦ୍ଧାର ପାଇକମାନଙ୍କର ଏକ ଶ୍ରେଣୀ—
Orda pāika A branch of the Pāikas in Khurda
[ ଦ୍ର—ଅନ୍ୟ ଶ୍ରେଣୀ ପାଇକଙ୍କ ନାମ ଶୁଦ୍ଧ ପାଇକ; ଓଡ଼ଚଷା ବୋଲି ନୋଟ ଦେଖ । ]

ଓଡ଼ବ—ସଂ. ବି.—ପାଞ୍ଚଟି ସ୍ୱରବିଶିଷ୍ଟ ରାଗିଣୀ ( ସା, ଗା, ମା, ଧା, ନି
Ordaba ଏହି ପାଞ୍ଚଟି ସ୍ୱର ଓଡ଼ବରେ ଥାଏ )—A musical air consisting of five notes.
[ ଦ୍ର—ଛଅ ସ୍ୱରବିଶିଷ୍ଟ ରାଗିଣୀକୁ ଷାଡ଼ବ ବା ଖାଡ଼ବ ବୋଲା ଯାଏ । ଓଡ଼ବ ରାଗ ଯଥା—ଶାହଙ୍ଗ, ଭୂପାଳୀ, ମାଲକୋଶ, ହିନ୍ଦୋଳ । ]

ଓଡ଼ରାଷ୍ଟ୍ର—ଗ୍ରା. ବି. (ସଂ. ଓଡ୍ର ଓ ରାଷ୍ଟ୍ର)—୧ । ଓଡ଼ିଶା ଦେଶ; ଉତ୍କଳ
Ordarāstha ଦେଶ—1. The Ordisā country.
୨ । ଓଡ଼ରାଷ୍ଟ୍ର (୨) (ଦେଖ)
Ordarāshtra (2) (See)

ଓଡ଼ରାଷ୍ଟ୍ର—ଦେ. ବି.—୧ । ପ୍ରାଚୀନ ଓଡ଼ିଶା ଦେଶ—
Ordarāshtra 1. Ancient Ordisā.

ନାମ ଶ୍ରୀ ପୁରୁଷୋତ୍ତମ ଓଡ଼ରାଷ୍ଟ୍ରେ । ପ୍ରାଚୀ, ରହସ୍ୟମଞ୍ଜରୀ ।

୨ । ପ୍ରାଚୀନ ଓଡ଼ିଶାର ସମୁଦ୍ର ଉପକୂଳସ୍ଥ ଗୋଲରା, ମରିଚପୁର, ହରିଶପୁର, ବିଶୁନପୁର, କୁଜଙ୍ଗ, ପାରା-ଦେଇ ପୁର (ପାରାଦ୍ୱୀପ), ଅଳି ଓ କନିକା ଏହି ଆଠଟି ରାଜ୍ୟର ପ୍ରାଚୀନ ନାମ—2. A name given to Kanikā; Āli; Kujanga and five other petty kingdoms lying along the sea-coast of ancient Ordisā.
[ ଦ୍ର—କୌଣସି ବହିଃଶତ୍ରୁଙ୍କୁ ନଗ୍ରମୂହାଣ ଦେଇ ଦେଶ ମଧ୍ୟରେ ପ୍ରବେଶ କରାଇ ନ ଦେବା ନିମନ୍ତେ ଓଡ଼ିଶାର ସ୍ୱାଧୀନ ରାଜାମାନେ ପୁରୀ ଓ କଟକ ଜିଲ୍ଲାର ନଗ୍ରମୂହାଣ ନିକଟରେ ଆଠ-ଗୋଟି ସାମନ୍ତ ରାଜାଙ୍କୁ ନିକଟବର୍ତ୍ତୀ ଭୂଖଣ୍ଡମାନ ରାଜ୍ୟ ସ୍ୱରୂପ ଦେଇ ରଖାଇ ଥିଲେ—ସାଧାରଣ ପଞ୍ଜୀ. ଉତ୍କଳ ସାହିତ୍ୟ ୩୬।୧ । ]

ଓଡ଼ ଲାଗିବା—ଦେ. ବି.—ଗୋଟିଏ କ୍ଷେତ୍ରର ସବୁ ଅଂଶରେ ଥରେ ବା
Orda lāgibā ଏକ ଓଡ଼ ହଳବୁଲା ଶେଷ ହେବା—
The finishing of the ploughing of the whole field once

ଓଡ଼ଶ—ଦେ. ବି. (ସଂ. ଉଦଂଶ)—ମଞ୍ଚମଣ; ଛାରପୋକ—
Ordasa Bed-bug.
ছারপোকা
उड़िस

ଓଡ଼ଶବିୟାଣ—ଦେ. ବି. (ସଂ. ଉଦଂଶ+ସଂ.ବି ଧାତୁ—ଗର୍ଭ ଗ୍ରହଣ
Ordasabiyāna କରିବା)—ଓଡ଼ଶଙ୍କ ପରି ବହୁ ସନ୍ତାନ ପ୍ରସବ
ছারপোকার বেয়ান ଦ୍ୱାରା ବଂଶ ବୃଦ୍ଧି—Constant increase
उड़िशकापैदावार by reproduction (like bugs)

ଓଡ଼ଶମାରୀ—ଦେ. ବି.—ଏକଜାତୀୟ ବଣ୍ୟ ଗଛ ଓ ତାହାର ଫଳ (ଏ
Ordasamāri ଫଳକୁ ଘରେ ରଖିଲେ ଘରେ ଓଡ଼ଶପୋକ ରହି
ସଂ. ସ୍ୱର୍ଣ୍ଣଶୀରିଣୀ; ପଞ୍ଚପର୍ଣ୍ଣୀ, ପାରନ୍ତି ନାହିଁ )—
ହିମଶିଖା. ଶୃଗାଳକଣ୍ଟକ A kind of plant of the
শিয়াল কাঁটা palm species and its fruit
मेरबन (which is said to drive
ତେ. ବାନଲକୁଣୀ; away bugs when kept in
ବୃକ୍ଷବଣ୍ଡି the house); Bugbane; bugwor
[ ଦ୍ର—ଏ ଗଛ ଖଜୁରି ବା ଗୁଆ ଜାତୀୟ ଗଛ, ଉଚ୍ଚରେ ୨।୩. ହାତ ବଢ଼େ । ]

ଓଡ଼ଶୀ—ଦେ. ବିଣ.—୧ । (ସଂ. ଉଡ୍ର ଦେଶୀୟ) ଓଡ଼ିଶା ଦେଶବାସୀ—
Ordasi 1 Belonging to Ordisā.
উড়ে ୨ । ଓଡ଼ିଆ ଭାଷା ସମ୍ବନ୍ଧୀୟ—
उड़िया 2 Relating to the Ordiā language.
୩ । ଓଡ଼ିଶା ଦେଶଜାତ—
3. Produced in Ordisā.
୪ । ଓଡ଼ିଶା ଦେଶ ସମ୍ବନ୍ଧୀୟ; ଓଡ଼ିଆ—
4. Relating to Ordisā.

ଓଡ଼ଶୀମତ—ଦେ. ବି.—ଓଡ଼ିଶା ଦେଶବାସୀଙ୍କ ମତ; ଓଡ଼ିଶା ପ୍ରଚଳିତ-
Ordasimata ମତ—Opinion prevalent in
উড়েমত Ordisā.
उड़ियामत

ଓଡ଼ଶୀ ହଳଦୀ—ଦେ. ବି. (ସଂ. ଉଡ୍ର+ହରିଦ୍ରା)—ଏକ ପ୍ରକାର
Ordasi haladi ଓଡ଼ିଶାଦେଶଜାତ ହଳଦୀ ( ଏଥିର ରଙ୍ଗ (ବନ ହଳଦୀ—ବିପରୀତ) ବନ ହଳଦୀ ଠାରୁ ଫିକା)—A kind of turmeric produced in Ordisā (of a lighter colour than the turmeric produced in the Khondmals)

ଓଡ଼ା—ଦେ. ବି.—( ଗ୍ରନ୍ଥପାଲିରେ ପୁରୁଣାକାଳିଆ ଶୈଳୀରେ ଚିହ୍ନକୁ
Orda ବର୍ଣ୍ଣପରିଚୟ କରାଇବା ଅବଧାନମାନଙ୍କଦ୍ୱାରା ବ୍ୟବହୃତ; ସଂ. ଅବଗୁଣ୍ଠନ; ଏହାର ଆକାର ଓଡ଼ଶାପରି ଥିବାରୁ )—ବ୍ୟଞ୍ଜନବର୍ଣ୍ଣରେ ଯୁକ୍ତ ହେବା ଏକାରର ଚିହ୍ନ—ଯଥା—'େ'; (ଏହା ବର୍ଣ୍ଣର ପୂର୍ବପାଖରେ ଲାଗେ, ଦ+ଏ=ଦେ)—The symbol of 'E' or short 'e' prefixed to a consonant.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଇପ | ଈଅ | ଘ |
| ୨ | ଈ | ଊ | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | | ଖ୍ୟ | ଯ | ସ | ଙ୍ଘ | ଇଅ | ଓ | ନୃ |

ଓଡ଼ାଙ୍କ—ଦେ. ବି. ( ସଂ. ଶ୍ରେଢ଼ୀ )—୧ । ( ଗଣିତ ) କ୍ରମବୃଦ୍ଧିମୂଳକ
Ordāṅka ବୃଦ୍ଧିସୂଚକ ଗଣିତ; ନିର୍ଦ୍ଦିଷ୍ଟ ନିୟମରେ ମୂଳ ଅଙ୍କ
ଶ୍ରେଢ଼ୀ ସଙ୍ଗେ କ୍ରମ ଭିନ୍ନ ସଂଖ୍ୟାମାନଙ୍କର ମିଶାଣ—
सेढ़ी 1. ( mathematics ) Arithmetical progression; addition of successive numbers to a certain original number.
୨ । ନିର୍ଦ୍ଦିଷ୍ଟ ନିୟମରେ ମିଶାଯାଇଥିବା କ୍ରମୋର୍ଦ୍ଧ୍ୱ ଅଙ୍କମାନଙ୍କର ସମଷ୍ଟି—2. The ultimate number resulting from the addition of some progressive numbers.

( ଯଥା—୧ + ୨ = ୩; ୩ + ୩ = ୬; ୬ + ୪ = ୧୦; ୧୦ + ୫ = ୧୫; ଶେଷ ମିଶାଣରେ ୧୫ ହେଲା ଓଡ଼ାଙ୍କ ୫ ହେଲା ମେଲାଙ୍କ; ତା ପୂର୍ବ ମିଶାଣରେ ୧୦ ଓଡ଼ାଙ୍କକୁ ୪ ମେଲାଙ୍କ; ତା ପୂର୍ବରେ ୬ ଓଡ଼ାଙ୍କକୁ ୩ ମେଲାଙ୍କ; ତା ପୂର୍ବରେ ୩ ଓଡ଼ାଙ୍କକୁ ୨ ମେଲାଙ୍କ ଅଟେ । )

ଓଡ଼ାଙ୍କଧରଣ—ଦେ ବି—ଓଡ଼ାଙ୍କ ରୀତି ଅନୁସାରେ ଅଙ୍କ-ଯୋଗ କରଣ
Ordāṅkadharaṇa ବା ମିଶାଣ—Addition of successive numbers according to arithmetical progression.

ଓଡ଼ାଙ୍କ ଧରିବା—ଦେ. କ୍ରି—ମୂଳ ସଂଖ୍ୟା ସଙ୍ଗେ କ୍ରମୋର୍ଦ୍ଧ୍ୱ ସଂଖ୍ୟାମାନ
Ordāṅka dharibā ମିଶାଇ ମିଶାଇ ଅଙ୍କ କଷିବା—
ଶ୍ରେଢ଼ୀକଷା To work out an addition of successive
सेढ़ीकसना numbers in the system of arithmetical progression.

ଗୃହ ଓଡ଼ାଙ୍କ ଧରିବାର ବେଳେ
ଓଷାଏ ଛାଡ଼ି ପିଞ୍ଚ ଦେଲେ ଭଲେ । ଲୀଳାବତୀ ସୂତ୍ର ।

[ ଦ୍ର—୧ ରେ ଯଥାକ୍ରମେ ୨, ୩, ୪, ୫ ମିଶାଇବା ରୀତି; ୧ + ୨ = ୩; ୩ + ୩ = ୬; ୬ + ୪ = ୧୦, ୧୦ + ୫ = ୧୫; ୧ + ୨ = ୩ ଏଠାରେ ୩ ହେଲା ଓଡ଼ାଙ୍କ, ୨ ହେଲା ମେଲାଙ୍କ; ୩ + ୩ = ୬ ସ୍ଥଳରେ ୬ ହେଲା ଓଡ଼ାଙ୍କ, ୩ ହେଲା ମେଲାଙ୍କ; ୬ + ୪ = ୧୦ ସ୍ଥଳରେ ୧୦ ହେଲା ଓଡ଼ାଙ୍କ, ୪ ହେଲା ମେଲାଙ୍କ; ଏଥି ସମ୍ବନ୍ଧରେ ଏହିପରି ପ୍ରଶ୍ନ କରାଯାଏ; ଯଥା—ଓଡ଼ାଙ୍କ ୧୦କୁ ମେଲାଙ୍କ କେତେ ? ଉତ୍ତର = ୪; ଅର୍ଥାତ୍ ୧ ସଙ୍ଗେ ଯଥାକ୍ରମେ ୨, ୩, ୪ ପର୍ଯ୍ୟନ୍ତ ଯୋଗ କରି କରି ଗଲେ ୪ ଯୋଗ କଲା ବେଳକୁ ଫଳ ହେବ ୧୦ । ]

ଓଡ଼ା ଛାଟଣି—ଦେ.ବି.—(ଗୃହଶାଳୀରେ ବ୍ୟବହୃତ) ଐକାରର ଚିହ୍ନ;
Ordā chhāṭaṇi ବ୍ୟଞ୍ଜନବର୍ଣ୍ଣର 'ଐ' ଯୁକ୍ତହେବା ଚିହ୍ନ; ଯଥା—'ୈ' [ ଏଥିରୁ ଓଡ଼ାଟି ବର୍ଣ୍ଣର ପିଠିରେ ଓ ଛାଟଣିଟି ବର୍ଣ୍ଣର ଡାହାଣ ପାଖେ ଉପରେ ଦିଆଯାଏ । ଦ + ଐ = ଦୈ ।]—
The symbol of the vowel 'ai' added to a consonant.

ଓଡ଼ାଣ—ଦେ. ବି—ଓଡ଼ାଙ୍କ ରୀତିରେ ସଂଖ୍ୟାମାନଙ୍କର ଯୋଗକରଣ
Ordāṇa ନିର୍ଦ୍ଦିଷ୍ଟ କ୍ରମୋଚ୍ଚ ନିୟମରେ ଅଙ୍କ ବା ସଂଖ୍ୟା ମିଶାଣ—
Summing up of numbers in a systematic progression.

ଓଡ଼ାବାଡ଼ି—ଦେ. ବି. ( ଗୃହଶାଳୀରେ ବ୍ୟବହୃତ )—ଓକାର; ବ୍ୟଞ୍ଜନ
Ordābaḍi ବର୍ଣ୍ଣରେ ଓ ଯୁକ୍ତ ହେବା ଚିହ୍ନ;—'ୋ'—
[ ଏଥିରୁ ଓଡ଼ାଟି ବର୍ଣ୍ଣର ପିଠିରେ ଓ ବାଡ଼ିଟି ବର୍ଣ୍ଣର ଆଗରେ ଲାଗେ; ଯଥା—ଦ + ଓ = ଦୋ ]—
Symbol of the vowel 'O' ( long o ) added to a consonant.

ଓଡ଼ାବାଡ଼ି ଛାଟଣି—ଦେ. ବି. ( ଗୃହଶାଳୀରେ ବ୍ୟବହୃତ )—
Ordābārḍi chhāṭaṇi ଔକାରର ଚିହ୍ନ; ଯଥା 'ୌ'—
[ ଓଡ଼ା ବର୍ଣ୍ଣର ପିଠିରେ ଓ ବାଡ଼ି ଛାଟଣି ଡାହାଣରେ ଲାଗେ; କ + ଔ = କୌ ]—Symbol of the vowel 'au' added to a consonant.

ଓଡ଼ାମଡ଼ା—ଗ୍ରା. ଅ. ( ଶିଶୁବଚନ )—ଖେଳୁଥିବା ପିଲାଙ୍କ ମଧ୍ୟରେ
Ordāmarḍā ଏକପ୍ରକାର ଅଶୁଭସୂଚକ ଗାଳି—
A curse amongst children at play.
( ଯଥା—ଓଡ଼ାମଡ଼ା ! ତୋ ବଉଁଶଯାକ ପୋଡ଼ା—ଶିଶୁପଦ । )

ଓଡ଼ାମଡ଼ା ପକାଇବା—ଗ୍ରା. କ୍ରି. ( ଶିଶୁବଚନ )—
Ordāmarḍā pakāibā ୧ । ଅଶୁଭ ବାଞ୍ଛା କରି ଗାଳିଦେବା—
1 To chide or rebuke by pronouncing curses.
୨ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ଆସିବାକୁ ନିଷେଧ କରିବା—
2. To prohibit a person form coming to a certain place.

ଓଡ଼ାମୋଡ଼ା (ଇତ୍ୟାଦି)—ଦେ. ଅ—ଓଡ଼ାମଡ଼ା ଇତ୍ୟାଦି (ଦେଖ)
Ordāmorḍā etc Ordāmarḍā etc (See)

ଓଡ଼ି—ଦେ. ବି. ( ସ. ଉଦ୍ଗାର; କମ୍ବା ଧ୍ୱନ୍ୟନୁକରଣ )—
Orḍi ଏଉଡ଼ି; ଅଉଡ଼ି; ହାକୁଟି; ଢେକାର—
ঢেকুর Belching
डकार

ଓଡ଼ିଆ—ଦେ. ବି. (ସଂ. ଓଡ୍ର; ତାମିଲ୍. ଓଡ଼ ଧାତୁ = ସୃଷ୍ଟ କରିବା)—
Orḍiā ୧ । ଓଡ଼ିଶାବାସୀ ବ୍ୟକ୍ତି; ଉତ୍କଳୀୟ ବ୍ୟକ୍ତି;
(ଓଡ଼ିଆଣୀ—ସ୍ତ୍ରୀ) ପୁରୁଷାନୁକ୍ରମେ ଉତ୍କଳର ସ୍ଥାୟୀ ଅଧିବାସୀ
উড়িয়া; উড়ে ବ୍ୟକ୍ତି—1. An Orḍiā; a permanent resident of Orḍisā.
उड़िया
୨ । ଉତ୍କଳୀୟ ଭାଷା ବା ସାହିତ୍ୟ—
2. The language or literature of Orḍisā

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଖୋଜିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଚ୍ଚନା' ନ ପାଇଲେ 'ଅର୍ଚନା' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

ପ୍ରାଦେ. (ଖୋରଧା ଓ ଗଞ୍ଜାମ)—ଶୂଦ୍ର ବା ଚଷା ଜାତିବିଶେଷ—
A caste of Śūdras or cultivators.

ପ୍ରାଦେ. ( ସମ୍ବଲପୁର ) ବି—

୧ । ଶବର ଓ ଅଘରିଆମାନଙ୍କର ଶ୍ରେଣୀବିଶେଷ—
1. A class of Śabaras and Agharias
[ ଦ୍ର—ଅନ୍ୟ ଶ୍ରେଣୀ ଲରିଆ । ]

୨ । ଚଷା ଜାତିବିଶେଷ—
2. A caste of cultivators.
[ ଦ୍ର—ଏମାନେ କୃଷି ଓ ପଥରକଟା କାମ କରନ୍ତି । ଏମାନଙ୍କ ମାତୃଭାଷା ଓଡ଼ିଆ; ବ୍ରାହ୍ମଣ ଏମାନଙ୍କର ପୁରୋହିତ । ଏମାନେ ମଦ ବା କୁକୁଡ଼ା ଖାଆନ୍ତି ନାହିଁ । ସମାଜରେ ଭୂୟାଁମାନଙ୍କ ପର ଏମାନଙ୍କର ସ୍ଥାନ ବା ସମ୍ମାନ ଥାଏ । ]

୩ । ଓଡ଼ିଆ ବ୍ରାହ୍ମଣ; ଶାସନୀ ବା ଝାଡ଼ୁଆଙ୍କଠାରୁ ଭିନ୍ନ ଶ୍ରେଣୀ ବ୍ରାହ୍ମଣ—3. A class of Brāhmaṇas in Sambalpur who are distinguished from the Jhārduās.
[ ଦ୍ର—ଝାଡ଼ୁଆ ଭଲେ କୋଡ଼ି ଦେଖ । ]

ଦେ. ବଣ—ଓଡ଼ିଶା ଦେଶ ବା ଭାଷାସମ୍ବନ୍ଧୀୟ; ଉତ୍କଳୀୟ—
Appertaining to Orḍisā.

ଓଡ଼ିଆଣୀ—ଦେ. ବି. ସ୍ତ୍ରୀ— ୧ । ଓଡ଼ିଆଜାତିର ସ୍ତ୍ରୀ—
Orḍiāṇī 1. Orḍiā female.
উড়ীয়ানী [ ଦ୍ର—ଏମାନେ ମୁଣ୍ଡରେ ଓଢ଼ଣା ଦେଇ ଥାନ୍ତି ଏବଂ ଏଥିଲାଗି ତେଲଙ୍ଗିଆଣୀଙ୍କଠାରୁ ବାରି ହୁଅନ୍ତି । ]

୨ । ( ତେ. ଉଡ଼ିଆନମ୍ )—
କଟିମେଖଳା; କଟିବନ୍ଧନ ଅଳଙ୍କାରବିଶେଷ —
3, A belt worn by females as an ornament

ରତ୍ନ ଓଡ଼ିଆଣୀ କଟି ବେଢେ ପୀତାମ୍ବର । ବଷ୍ଣୁ କେଶରପୁରାଣ ।

୩ । ଓଡ଼ିଆ ଶୂଦ୍ର ଜାତୀୟା ସ୍ତ୍ରୀ—3. A female of the Orḍiā Śūdra class.

ଓଡ଼ିକଲନ୍—ବୈଦେ. ବି. ( ଫା. ଅ ଡ କଲୋନ୍—କଲୋନ୍ ନାମକ ସ୍ଥାନର ଜଳ )—
Orḍikalan
ওড়িকলোন্ ସୁଗନ୍ଧୀକୃତ ସୁରାସାରବିଶେଷ—Eu de cologne.
ऑडिकलोन्

ଓଡ଼ିକଲମ୍—ବୈଦେ. ବି. (ଫା)— ଓଡ଼ିକଲନ୍ ( ଦେଖ )
Orḍikalam Orḍikalan ( See )

ଓଡ଼ିକଲୋନ୍—ବୈଦେ. ବି.—ଓଡ଼ିକଲନ୍ ( ଦେଖ )
Orḍikalon Orḍikalan ( See )

ଓଡ଼ିଚ୍ଛା—ପ୍ରାଦେ. (ସିଂହଭୂମ) ବି—ଚାଳର ଓଳ ପାଖ କାନ୍ଥ—
Orḍichhā The walls near the eaves of a thatch.

ଓଡ଼ିବା—ଦେ. କ୍ରି—ଏକ ଓଡ଼ ଚାଷ କରିବା—
Orḍibā To drive a plough once through a field.

ଓଡ଼ିଶ—ଦେ. ବି—ଓଡ଼ଶ ( ଦେଖ )
Orḍiśa Orḍaśa ( See )

ଓଡ଼ିଶା—ଦେ ବି ( ସଂ. ଉଡ୍ର; ଓଡ୍ର )—ଉତ୍କଳ ଦେଶ—
Orḍiśā The country of Utkaḷa.
উড়িশা
उडिशा

ଜମ୍ବୁ ଦ୍ୱୀପ ଭରତଖଣ୍ଡ ଓଡ଼ିଶା ମଣ୍ଡଳେ
ବ୍ରହ୍ମାଙ୍କର କୃଟସ୍ଥଳୀ ବୈତରଣୀ କୂଳେ । ସାରଳାମହାଭାରତ ।

ପ୍ରାଦେ. (ପୁରୀ) ବି (ନାମ)—ପୁରୀ ଜିଲ୍ଲାର ଖୋରଧା ଅଞ୍ଚଳ—
The subdivision of Khurda in Puri.

[ ଦ୍ର— ବର୍ତ୍ତମାନ ଆମ୍ଭେମାନେ ଯାହାକୁ ଓଡ଼ିଶା ବୋଲି କହୁଅଛୁଁ ତାହା ପ୍ରାଚୀନ କାଳରେ ତିନି ଗୋଟି ରାଜ୍ୟର ପ୍ରଧାନ ଅଂଶ ଥିଲା:— ୧ ।— ମେଦିନୀପୁର, ମୟୂରଭଞ୍ଜ, କେନ୍ଦୁଝର, ସିଂହଭୂମ ମାନଭୂମ ପ୍ରଭୃତି ଯେଉଁ ମେଦିନୀପୁର ସମୁଦ୍ର କୂଳଠାରୁ ଗୟା ଜିଲ୍ଲା ପର୍ଯ୍ୟନ୍ତ ପ୍ରାଚୀନ ଉତ୍କଳ ଦେଶ; ୨ ।—ବର୍ତ୍ତମାନ ଓଡ଼ିଶାର ମହାନଦୀର ଦକ୍ଷିଣ ଗଡ଼ଜାତମାନ—ଢେଙ୍କାନାଳ, ଅନୁଗୁଳ, ହିନ୍ଦୋଳ, ସମ୍ବଲପୁର ଓ ରାୟପୁର ପ୍ରଭୃତି ଯେଉଁ ପ୍ରାଚୀନ ଓଡ୍ର ଦେଶ; ଏଠାରେ ବହୁକାଳ ବ୍ୟାଘ୍ର ରାଜବଂଶ ରାଜପଣ କରୁଥିଲେ । ୩ ।—ବାଲେଶ୍ୱର କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାମାନଙ୍କୁ ଯେଉଁ ଅତି ପ୍ରାଚୀନ କଳିଙ୍ଗ ଦେଶ ।

ନୀଳକଣ୍ଠ ଦାସ—ଖାରବେଳ—ଗ୍ରନ୍ଥପ୍ରବେଶ ।

ଖାରବେଳ ବା ଐର ରାଜାଙ୍କ ସମୟରେ ମଗଧର ଉତ୍ତର ସୀମା ହିମାଳୟର ପାଦ ଦେଶରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ସବୁ ଦେଶ କଳିଙ୍ଗ ରାଜ୍ୟର ଅନ୍ତର୍ଭୁକ୍ତ ଥିବା ଉଦୟ ଖଣ୍ଡଗିରିର ହାତୀଗୁମ୍ଫାରୁ ମିଳିଥିବା ପଥରଲେଖାରୁ ଜଣାଯାଏ—ନୀଳକଣ୍ଠ ଦାସଙ୍କ କୋଣାର୍କ-ଗ୍ରନ୍ଥରେ ବାସୁଦେବ ମହାପାତ୍ରଙ୍କ ଟୀକା ।

ଓଡ଼ିଶା ନାମ ମୁସଲମାନମାନେ ପ୍ରଥମେ ବ୍ୟବହାର କଲେ । ଓଡ୍ର ଦେଶବାସୀ ଅନେକ ଓଡ୍ର କଳିଙ୍ଗରାଜାମାନଙ୍କ ଅଧୀନରେ ସୈନ୍ୟବୃତ୍ତି କରୁଥିବାରୁ ମୁସଲମାନମାନେ ଏହି ଦେଶକୁ 'ଓଡ଼୍' ବା ଓଡ଼ିଶା ନାମ ଦେଲେ । ପ୍ରାଚୀନ ଓଡ୍ରମାନେ ଯୁଦ୍ଧପ୍ରିୟ ଜାତି ଥିଲେ । ଇତିହାସର ପ୍ରଥମ ଯୁଗରେ 'ଓଡ୍ର' ବା ଓଡ଼ିଶା ନାମରେ କୌଣସି ଦେଶ ନ ଥିଲା । ଓଡ୍ର ନାମରେ ଏକ ଆର୍ଯ୍ୟ ଜାତି ପ୍ରାଚୀନ କାଳରୁ ଆସି କଳିଙ୍ଗର ପଶ୍ଚିମ ପ୍ରାନ୍ତରେ ବାସ କରୁଥିଲେ ଏବଂ ମନୁସଂହିତାରେ ଏମାନଙ୍କୁ ପତିତ କ୍ଷତ୍ରିୟ ବୋଲି କୁହା ଯାଇ ଅଛି । ପରେ ପୁଣି ନୂତନ ଆର୍ଯ୍ୟମାନେ ଆସି ଓଡ୍ରମାନଙ୍କୁ ଗଞ୍ଜାମ, କଣାଖାପାଟଣା, ଜୟପୁର ଓ ବସ୍ତର ଆଦି ପାର୍ବତ୍ୟ ଅଞ୍ଚଳକୁ ତଡ଼ିଦେଲେ । ବହୁକାଳ ପରେ ସେହି ସବୁ ଅଞ୍ଚଳକୁ 'ଓଡ଼ିବାଦ'

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ଋ,ୠ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଣ | ଢ | ଶ,ଷ | ଞ୍ଚ | ଉପ୍ନ | ଢ଼ଅ | ଳ |
| ୨ | ଈ | ଜ | ଋ | ଲୃ | ଯେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ସ | ଙ୍ଗ | ଇଅ | ଢ଼ | ନୃ |

ବା 'ଓଡ୍ରଦେଶ' କୁହାଗଲା । ବର୍ତ୍ତମାନ ଜୟପୁର ଅଞ୍ଚଳର ପାଇକମାନଙ୍କୁ 'ଓଡ଼ି' ବୋଲି କହନ୍ତି । ଗଙ୍ଗବଂଶର ରାଜତ୍ୱକାଳରେ ଏହି ଓଡ଼ମାନେ ଉତ୍କଳରାଜାଙ୍କ ସେନାଭୁକ୍ତହୋଇ ଖୋରଧା ପ୍ରଭୃତି ଅଞ୍ଚଳରେ ବାସ କଲେ । ମୁସଲମାନମାନେ ଯେଉଁ ସୈନ୍ୟଙ୍କ ସଙ୍ଗେ ୩୦୦ ବର୍ଷ ପର୍ଯ୍ୟନ୍ତ ଯୁଦ୍ଧ କରି ବାରମ୍ବାର ପରାସ୍ତ ହୋଇ ଫେରୁଥିଲେ ସେମାନେ ସାଧାରଣତଃ 'ଓଡ଼' ଥିବାରୁ ସେମାନଙ୍କ ନାମାନୁସାରେ ମୁସଲମାନମାନେ କଳିଙ୍ଗ ବା ଉତ୍କଳକୁ ଓଡ଼ିଶା ନାମ ଦେଲେ । ଖୋରଧାରେ ଓଡ଼ ପାଇକମାନେ ବହୁସଂଖ୍ୟାରେ ବାସ କରି ରହିଥିବାରୁ ଖୋରଧା ଅଦ୍ୟାପି ଲୋକରେ ଓଡ଼ିଶାନାମରେ ପରିଚିତ ।"

କୃପାସିନ୍ଧୁ ମିଶ୍ର — ଉତ୍କଳ ଇତିହାସ ।

"ଭୁବନେଶ୍ୱରରୁ ପ୍ରାପ୍ତ ମତ୍ସ୍ୟବଂଶୀୟ ରାଜା ଅର୍ଜୁନଙ୍କ ତାମ୍ରଶାସନରୁ ଜଣାଯାଏ ଯେ ତଦାନୀନ୍ତନ ଉତ୍କଳର ରାଜା ତାଙ୍କର ଏକମାତ୍ର କନ୍ୟା ପଦ୍ମାବତୀଙ୍କୁ ମୃତ୍ୟୁମାର୍ତ୍ତଣ୍ଡଙ୍କସହ ବିବାହ ଦେଇଥିଲେ ଏବଂ ଜାମାତାଙ୍କୁ 'ଓଡ଼ବାଡ଼ି' ବା 'ଓଡ଼ଦେଶ' ନାମକ ଅଞ୍ଚଳର ରାଜା କରାଇଥିଲେ । ଉତ୍କଳର ରାଜା ଅପୁତ୍ରିକ ହୋଇ ମଲା ପରେ ମୃତ୍ୟୁମାର୍ତ୍ତଣ୍ଡ ଉତ୍କଳମଣ୍ଡଳର ଶାସନକର୍ତ୍ତା ହେଲେ । 'ଉତ୍କଳ' ଓ 'ଓଡ଼ବାଡ଼ି' ମଣ୍ଡଳ ଓଡ଼ିଶା ନାମରେ କଥିତ ହେଲା ।

ଜଗବନ୍ଧୁ — ପ୍ରାଚୀନଉତ୍କଳ ।

ବର୍ତ୍ତମାନ କେହି କେହି ଓଡ଼ିଶାକୁ ଅଧୁନିକ ରାଜନୀତିକ ଓଡ଼ିଶା ଓ ଉତ୍କଳକୁ 'ଓଡ଼ିଆଭାଷୀ ସମଗ୍ର ଅଞ୍ଚଳ ଅର୍ଥରେ ବ୍ୟବହାର କରନ୍ତି । ]

**ଓଡ଼ିଶାରାଜାଙ୍କ ଉପାଧି**—ଦେ. ବି—ପୂର୍ବରୁ ଚଳି ଆସୁଥିବା ଓଡ଼ିଶାର
Ordiśārājāṅka upādhi ରାଜାଙ୍କ ଉପାଧି ଯାହା କି ଅବଧି ପୁରୀରାଜାଙ୍କ ନାମ ପୂର୍ବରେ ବ୍ୟବହୃତ ହେଉଅଛି — The hereditary title of the Rājās of Ordiśā.

[ଦ୍ର—ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟକଲବର୍ଗେଶ୍ୱର ରାଜ୍ୟ ଭୂତଭୈରବ ଦେବସାଧୁ ଶାସନୋତ୍କୀର୍ଣ୍ଣ ରାଉତରାୟ ଅତୁଲବଳପରାକ୍ରମ ସଂଗ୍ରାମ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ମହାରାଜା ଶ୍ରୀ ଶ୍ରୀ ଶ୍ରୀ ଅମୁକଦେବ— ଏ ଉପାଧି ପ୍ରଥମେ ଅନଙ୍ଗଭୀମଦେବ ମହାରାଜା ( ଖ୍ରୀ.୧୧୭୮—୧୧୯୮ ) ନିଜ ନାମ ପୂର୍ବରେ ଲଗାଇଥିଲେ । ]

**ଓଡ଼ିଶୀ**— ଦେ. ବିଣ— ଓଡ଼ିଶୀ (ଦେଖ)
Ordiśi Ordaśi (See)

**ଓଡ଼ିଶୀ ନାଟ**—ପ୍ରାଦେ (ପୁରୀ) ବି—ଓଡ଼ିଶୀ ସଙ୍ଗୀତ ବୋଲି ଅବଲମ୍ବ ଓ
Ordiśi nāṭa ଅଙ୍ଗଚାଳନାପୂର୍ବକ କରଯିବା ଏକପ୍ରକାର ନାଟ; (ଏ ନାଟ କଲାବେଳେ ନାଟୁଆମାନେ ଖୁବ୍ କୁଦନ୍ତି ଏବଂ ନାନାବିଧ କଷ୍ଟସାଧ୍ୟ ବଙ୍କ ଭଙ୍ଗି ଅଙ୍ଗଚାଳନା କରନ୍ତି । )

[ଦ୍ର—ଓଡ଼ିଶାରେ ସଙ୍ଗୀତ ଆଖଡ଼ା ଓ ନାଟ ଦୁଇ ପ୍ରକାରର— ୧—ଓଡ଼ିଶୀ ଓ ୨—ଦକ୍ଷିଣୀ ; ଓଡ଼ିଶୀ ପିଲା ଓଡ଼ିଆ ଗୀତ ବୋଲି ନାଚନ୍ତି, ଅବଲମ୍ବ କରନ୍ତି ଓ ବଙ୍କ ଭାଙ୍ଗନ୍ତି । ମାତ୍ର ଦକ୍ଷିଣୀ ପିଲାମାନେ କେବଳ ଗୀତ ବୋଲି ନାଚନ୍ତି ଓ ଅବଲମ୍ବ କରନ୍ତି; ବଙ୍କ ଭାଙ୍ଗନ୍ତି ନାହିଁ । ଓଡ଼ିଶୀ ପିଲାମାନେ ଆଠ ବର୍ଷଠାରୁ ଦଶ ବର୍ଷ ପର୍ଯ୍ୟନ୍ତ ବୟସ୍କ ଓ ଦକ୍ଷିଣୀ ପିଲାଏ ବାର ବର୍ଷରୁ ଷୋଳ ବର୍ଷ ବୟସ୍କ । ]

**ଓଡ଼ିଶୀ ସଙ୍ଗୀତ**—ପ୍ରାଦେ (ପୁରୀ) ବି—ପ୍ରାଚୀନ ଓଡ଼ିଆ କବି ( ଯଥା—
Ordiśi saṅgita କବିସୂର୍ଯ୍ୟ, ଉପେନ୍ଦ୍ରଭଞ୍ଜ, ଗୋପାଳକୃଷ୍ଣ ଆଦି ) ମାନଙ୍କ ରଚିତ ପ୍ରାଚୀନ ରାଗରାଗିଣୀଯୁକ୍ତ ସଙ୍ଗୀତ — Songs composed by the classical Ordiā poets.

**ଓଡ଼ିଶ୍ୟା** —ଦେ. ବି—ଓଡ଼ିଶା (ଦେଖ)
Ordisyā Ordiśā (See)

**ଓଡ଼ୁ**—ଗ୍ରା. ଅ (ଗୋରୁଙ୍କୁ ଆଗକୁ ବୁଲାଇ ନେବାର ଶବ୍ଦ)—ଆଗକୁ ଚାଲ୍-
Ordu (a sound uttered by drivers of cattle while urging them to advance)—Advance.

**ଓଡ଼ୁସୋ**—ପ୍ରାଦେ (ସମ୍ବଲପୁର) ବି. (ସଂ. ଉଦଂଶ)—
Orduśo ଓଡ଼ଶ; ଛାରପୋକ—Bed-bug.

**ଓଡ଼େ** —ଦେ.କ୍ରି.ବିଣ—ଏକ ଓଡ଼ ମାତ୍ର—One furrow;(plough-
Orde ing up a field) once only

**ଓଡ଼େଇବା**—ଦେ. କ୍ରି. (ସଂ. ହୋଡ଼ ଧାତୁ = ଗତି; ଅନାଦର)—
Ordeibā ୧ । ଗର୍ବସହିତ ବା ଦେଖାଇହୋଇ ଚାଲିବା— 1. To strut; to walk with pride.

ଅଳଙ୍କାର ପିନ୍ଧିଲେ ଓଡ଼େଇ ଚାଲ୍
ପୁଅ ହୋଇଲେ ଘୋଡ଼େଇ ଚାଲ୍—ଢଗ ।

୨ । ଅଡ଼େଇବା (ଦେଖ)
2. Ardeibā (See)

**ଓଡ୍ର**—ଟ.ବି (ଅ = ସମ୍ୟକ୍ + ଉଡ୍ ଧାତୁ = ଅଲିଙ୍ଗନ କରିବା + କର୍ତ୍ତ୍ରାର୍ଥ.
Odra ର; ଯେ ସ୍ତ୍ରୀ ତୁଳନାରେ ଅନ୍ୟଜାତୀୟ ବ୍ୟକ୍ତିକୁ ଆଲିଙ୍ଗନ କରନ୍ତି; ଭୂଲ. ଦ୍ରା. ଓଡ଼ ଧାତୁ = ଚାଷ କରିବା)— ୧ । ଉତ୍କଳ ଦେଶ—1. The Utkaḷa country.
୨ । ଉତ୍କଳବାସୀ—2. Inhabitant of Utkaḷa.
୩ । ଜବାପୁଷ୍ପ; ମନ୍ଦାର ଫୁଲ ଓ ଗଛ—
3. China rose (tree and flower)

**ଓଡ୍ରପୁଷ୍ପ**—ସଂ. ବି—ଜବାଫୁଲ; ମନ୍ଦାରଫୁଲ —
Odrapushpa China rose.

**ଓଡ୍ରା** —ସଂ. ବି (ଓଡ୍ର + ଆ)—୧ । ଜବାଫୁଲର ଗଛ; ମନ୍ଦାର ଗଛ —
Odrā 1. China rose tree.
୨ । ଓଡ଼ିଆଣୀ —2. An Ordiā female.

**ଓଡ୍ରାଖ୍ୟା** —ସଂ. ବି (ଓଡ୍ର + ଆଖ୍ୟା)—ଓଡ୍ରା (ଦେଖ)
Odrākhyā Odrā (See)

ଯାହାଙ୍କୁ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା.— 'ଖାଡ' ନ ମିଳିଲେ 'ଖାଡ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲଙ୍କର' ନ ପାଇଲେ 'ଅଳଙ୍କର' ଦେଖିବେ

ଓଢ଼—ଦେ. ବି—ଓଡ଼ (ଦେଖ)
Ordha Orda (See)

ଓଢ଼ଣ—ଦେ.ବି (ସଂ.ଅବଗୁଣ୍ଠନ; ଉପବେଷ୍ଟନ;ଭୁଲ—ପ୍ରା.ଓବେଢ୍ଢନ)—
Ordhana ୧ । ସ୍ତ୍ରୀମାନଙ୍କର ମୁଖାଚ୍ଛାଦନ ବସ୍ତ୍ର—1 A veil
ওড়না; উড়নী ୨ । ସ୍ତ୍ରୀମାନଙ୍କର ପିନ୍ଧିଥିବା ଲୁଗା ଉପରେ ପଡ଼ିଥିବା
आढ़न; ओढ़ ବହିର୍ବାସ ବସ୍ତ୍ର—
2. Lady's gauze; scarf thrown over the cloth worn by women.

ଓଢ଼ଣଷଷ୍ଠୀ—ଦେ. ବି—(ସଂ. ପ୍ରାବରଣ ଷଷ୍ଠୀ )—ମାର୍ଗଶିର ଶୁକ୍ଳ ଷଷ୍ଠୀ
Ordhanashashthi ( ଏ ଦିନ 'ଜଗନ୍ନାଥମହାପ୍ରଭୁ ଆଦି
ওড়নষষ্ঠী ଦେବତାମାନେ ପ୍ରଥମେ ଶୀତବସ୍ତ୍ର ବା ଘୋଡ଼ ଲଗି ହୁଅନ୍ତି; ଏହା କୁମାରମାନଙ୍କର ପ୍ରଧାନ ପର୍ବ)—
The sixth day of the bright fort-night of Mārgaśira (on which sheets are put on Deities for the winter.)

ଓଢ଼ଣା—ଦେ.ବି ସ୍ତ୍ରୀ—(ସଂ.ଅବଗୁଣ୍ଠନ; ଉପବେଷ୍ଟନ; ପ୍ରା.ଓବେଢ୍ଢନ)—
Ordhanā ୧ । ସ୍ତ୍ରୀମାନଙ୍କର ମୁଖାଚ୍ଛାଦନ ବସ୍ତ୍ର—1. Veil; covering for a woman's face
ওড়না; উড়নী, ঘোমটা
ଓଢ଼ଣା ପଡ଼ନ୍ତି ଭୁଣ୍ଡ ସରକ. ପାନ୍ଥ ଶୁଭୁଅନ୍ତି ଦରପାଡ଼ିକ—ଉଂଗ ।
घूंघट; आड़; ୨ । ସ୍ତ୍ରୀମାନେ ଘରରେ ପିନ୍ଧିଥିବା ଲୁଗା ଉପରେ
ओढ़ना ପଡ଼ିଥିବା ପତଳା ବହିର୍ବାସ; ଉପରଣ ବସ୍ତ୍ର—
2. Lady's scarf; lady's gauze-scarf

କୁଳସ୍ତ୍ରୀମାନେ ଦେଇ ମୁଣ୍ଡରେ ଓଢ଼ଣା,
କୃଷ୍ଣଙ୍କ ମୁଖ ଦେଖି ବୃଦ୍ଧି କରୁ ବଣା—କୃଷ୍ଣସିଂହ. ମହାଭାରତ. ଉଦ୍ଯୋଗ ।

ଓଢ଼ଣା ଟାଣିବା—ଦେ. କ୍ରି—ମୁଣ୍ଡରେ ପଡ଼ିଥିବା ଓଢ଼ଣାକୁ ମୁହଁ ସାମନାକୁ
'Ordhanā tāniba ଅଧିକ ତଳକୁ ଖସାଇବା—
ঘোমটা টানা To draw one's veil still
आढ़ना खींचना lower.

ଓଢ଼ଣା ପକାଇବା—ଦେ. କ୍ରି—ମୁଣ୍ଡରେ ଅବଗୁଣ୍ଠନ ପକାଇ ମୁଖକୁ
Ordhanā pakāibā ଅଚ୍ଛାଦିତ କରିବା—
ঘোমটা দেওয়া To veil one's face.

ଓଢ଼ଣୀ—ଦେ ବି—(ସଂ. ଅବଗୁଣ୍ଠନ; ଉପବେଷ୍ଟନୀ; ପ୍ରା. ଓବେଢ୍ଢଣୀ)—
Ordhani ଉପରଣ ଅର୍ଥାତ୍ ସ୍ତ୍ରୀମାନେ ପିନ୍ଧାଲୁଗା ଉପରେ ପକାଇବା
ওড়নী ବସ୍ତ୍ର—Outer scarf or sheet thrown
आढ़नी over the cloth worn by females

ଓଢ଼ଣୀ ବସନ ମଣ୍ଡି ଚରଣରେ ଲୋଟି
ନବବନିତୁଦ ଅତି ମନ ମନ ପିଟି—ବିଶ୍ୱନାଥ. ବିଚିତ୍ରରାମାୟଣ ।

ଓଢ଼ାଇବା—ଦେ. କ୍ରି—ଓଢ଼ିବାର ଣିଜନ୍ତ ରୂପ—
Ordhāibā Causative form of Ordhibā.
परान
आढ़वाना

ଓଢ଼ାନି—ପ୍ରାଦେ (ମେଦନୀପୁର) ବି - ଓଢ଼ଣା—
Ordhāni A veil.

ଓଢ଼ିବା—ଦେ. କ୍ରି - (ସଂ. ଅବଗୁଣ୍ଠନ; ଉପବେଷ୍ଟନ; ପ୍ର. ଓବେଢ୍ଢନ)—
Ordhibā ନିଜ ଶରୀରକୁ ବସ୍ତ୍ରଦ୍ୱାରା ଅଚ୍ଛାଦନ କରିବା; ଲୁଗା
পরা; গায়েদেওয়া ଘୋଡ଼ ହେବା—To enwrap; to cover
आढ़ना the body with a wrapper.

ନଣି ଅଗ୍ନିସାସ ଓଢ଼ିଣ ଦୁକୂଳେ—ଶିଶୁଶଙ୍କର. ଉଷାଅଭିଳାଷ ।

ଓଢ଼ିହେବା—ଦେ. କ୍ରି—ଓଢ଼ିବା (ଦେଖ)
Ordhihebā Ordhibā (See))

ଓଢ଼ୁଣୀ—ଗ୍ରା. ବି—ଓଢ଼ଣୀ ( ଦେଖ )
Ordhuni Ordhani ( See )

ଓତ—ସଂ. ବି—(ଆ=ସମ୍ୟକ୍ + ବେ ଧାତୁ=ବୁଣିବା + କର୍ମ. ତ )—
Ota ଲୁଗାର ଲମ୍ବ ଆଡ଼ର ସୂତା; ଲୁଣ୍ଡି; ଲୁଗାର ଟାଣି ସୂତା—
Woof; thread woven lengthwise in a cloth.

ସଂ. ବିଣ—ଅନୁବ୍ୟାପ୍ତ; ଟାଣିବାଗରେ ସିଆଁ ବା ବୁଣା ହୋଇଥିବା (ସୂତା)—(thread Sewn or woven lengthwise.

ଯେମନ୍ତ ସୂତା ଖିଅ ହୋଇ,
ଓତ ପ୍ରୋତେ ବସ୍ତ୍ର ହୁଅଇ । ଜଗନ୍ନାଥ. ଭାଗବତ ।

ଦେ. ବି—( ସଂ. ଆର୍ଦ୍ର )—ଆର୍ଦ୍ରତା—Moisture.
( ଯଥା—ମାଟିରୁ ଓତ ମରିଗଲାଣି । )

ଓତନ—ଦେ. ବି. (ସଂ. ଓକଃ)—୧ । ଗୃହ; ବାସସ୍ଥାନ—
Otana 1. House; residence.
୨ । ଧନ; ସମ୍ପତ୍ତି—2 Riches.
୩ । (ସଂ. ଗୋତ୍ର) ନିକଟ-ରକ୍ତସମ୍ପର୍କୀୟ ବ୍ୟକ୍ତି—
3. Kinsman; kindred; near agnate.

ଓତପ୍ରୋତ—ସଂ. ବିଣ.—(ଦ୍ୱନ୍ଦ୍ୱ. ଓତ=ଲମ୍ବ ବାଗରେ ବୁଣା + ପ୍ରୋତ
Otaprota =ଓସାରିଆବାଗରେ ବୁଣା) - ୧ । ଟାଣୀଭରଣୀ ଦୁଇବାଗରେ ସିଲେଇ ବା ବୁଣା ହୋଇଥିବା—
1. Sewn or woven throughout (woof and warp); sewn crosswise and lengthwise
୨ । ସର୍ବତ୍ର ବ୍ୟାପ୍ତ—2. Extending to every quarter; lying in and through.

ଓତା—ସଂ. ବି.—୧ । (ସଂ. ହୋତା)—ବ୍ରାହ୍ମଣଙ୍କ ସଂଜ୍ଞାବିଶେଷ; ଏକ
Otā ଜାତୀୟ ବ୍ରାହ୍ମଣ—1. A family title of Brāhmanas.
୨ । (ସଂ. ଉତ୍ତରୀୟ)—ଉତ୍ତରୀୟ; ଚଦର—
2. Sheet; upper cloth; scarf.
୩ । ଦେହର ଅଧା ଉପରକୁ କାନ୍ଧଠାରୁ ଲମ୍ବିବା ଚଦର—
3. Sheet worn on the upper part of the body above the waist.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ର | ଡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ଼ | ଷ,ଶ | ଜ୍ଞ | ଇଯ୍ଯ | ଉଅ | ଢ |
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ୍ଗ | ଇଅ | ଔ | ଋ |

ପ୍ରାଦେ. ( ସମ୍ବଲପୁର ) ବି.—ଦିନର ଓଳ—Half of the day; forenoon or afternoon. (ଯଥା—ଉପର ଓଳ)

ଓତୁ—ସଂ. ବି.—(ଅବ ଧାତୁ=ଗମନ କରିବା+କର୍ତ୍ତୃ ତୁନ୍) —
Otu ୧ । ବିରାଡ଼ି; ମାର୍ଜ୍ଜାର—1. Cat.
୨ । ଜାଲର ଅଡ଼ବାଗର ସୂତା; ଜାଲର ଭରଣୀ ସୂତା — 2. The woof or cross-threads of a web.

ଓଥର୍—ଦେ. ବିଣ. ପୁଂ. (ସଂ. ଅବସ୍ଥ; ପ୍ରା. ଅବତ୍ଥୁ ଉ=ଲଙ୍ଗଳା; Otharā ଲଙ୍ଗଳା ପିଲ୍ଲା; ଅତଏବ ଅବିବାହିତ)—ଅବିବାହିତ; ଆଇବୁଡ଼ୋ ଅଣଅଣ୍ଡଥ, ଯାହାର ବିବାହୋପଯୁକ୍ତ ବୟସ ହୋଇ ଥିବା କୁଁଆରା ବିବାହ ହୋଇ ନ ଥାଏ—Unmarried though grown up (male bachelor)

ଓଥଡ଼ା—ସଂ. ବିଣ. ପୁଂ—ଓଥର୍ (ଦେଖ)
Othardā Otharā (See)

ଓଥୁର୍—ସଂ. ବିଣ. ପୁଂ.—ଓଥର୍ (ଦେଖ)
Othurā Otharā (See)

ଓଦ—ଗ୍ରା. ବି. (ସଂ. ଆର୍ଦ୍ର) - ଆର୍ଦ୍ରତା—
Oda Wetness; moistness
ଶୂନ୍ୟ ଜଳ ବରଷୁଛି ନାହିଁ ଜଳ ଓଦ । ପ୍ରାଚୀ—ବ୍ରହ୍ମନିରୂପଣ ଗୀତା ।

ଓଦନ—ସଂ. ବି. (ଉନ୍ଦ ଧାତୁ=ଆର୍ଦ୍ର ହେବା+କର୍ତ୍ତୃ. ଅନ)—
Odana ୧ । ସିଦ୍ଧତଣ୍ଡୁଳ; ଭାତ; ଅନ୍ନ—1. Boiled rice.
୨ । ଖାଦ୍ୟ—2. Food generally)

ଓଦର—ଦେ. ବି. (ସଂ. ଉଦର)—ଶଗଡ଼ ଉପରେ ଧାନ ଗୁଡ଼ାଇ ଆଦି
Odara ଛୋଟ ଛୋଟ ପଦାର୍ଥ ବୋହି ନେବା ପାଇଁ ବାଉଁଶ-ପାତିଆରେ ନିର୍ମିତ ବଡ଼ ଓ ଲମ୍ବ ଆଧାରବିଶେଷ—
A long wicker work used as basket to carry small things on a cart
ସାନ କର ଅସି ଓଦରରୁ ଓହ୍ଲାଇଲ ।
ସାରଳା. ମହାଭାରତ ଆଦି ।
ଗ୍ରା. ବି. (ସଂ. ଉଦର)—ଉଦର; ପେଟ—Belly.
କଷ୍ଟ ପୃଷ୍ଠ ଓଦର ଟଳି କ ନାହିଁ କହ ।
ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

ଓଦରି ରୋଗ—ଗ୍ରା. ବି. ( ସଂ. ଉଦରୀ )—ଜଳୋଦରୀ ରୋଗ —
Odari roga Dropsy (resulting in the swelling of the belly )

ଓଦା—ଦେ. ବିଣ. ( ସଂ. ଆର୍ଦ୍ର; ତୁଳ. ଅସାମୀ—ଓଦା=ଆର୍ଦ୍ର )—
Odā ଆର୍ଦ୍ର; ତିନ୍ତା; ସିକ୍ତ—Wet; damp; moist.
ଭିଜା ଓଦା ଦେହଠାରେ ସିନା ସବୁ କଥା ଭଲ ।
ଓଦା; ଭୀଗା ସାରଳାମହାଭାରତ. ଉଦ୍ୟୋଗ ।
ଦେ. ବି ଓ ବିଣ—ଉଦା ( ଦେଖ )
Udā ( See )

ଓଦାଓଦି—ଦେ. ବିଣ—ଆର୍ଦ୍ର ( ବହୁବସ୍ତୁ )—
Odāodi Wet ( said of many articles ).
ভিজাভিজি

ଓଦାଖାଇବା—ଦେ. କ୍ରି—ଉଦାଖାଇବା ( ଦେଖ )
Odākhāibā Udākhāibā ( See )

ଓଦା ବାସ—ଦେ. ବି.—୧ । (ପ୍ରାଚୀନ ପ୍ରୟୋଗ )—ଗାମୁଛା—
Odā bāsa 1. Napkin.
ଦନ୍ତ ଶଡ଼ୁକା ଓଦାବାସ, ବେଗେ ଦେଲେ ଦାସୀଦାସ ।
ଭୂପତି. ପ୍ରେମପଞ୍ଚାମୃତ ।
୨ । ଆର୍ଦ୍ରବସ୍ତ୍ର; ଓଦାଲୁଗା—2 Wet cloth.

ଓଦାଳ—ଦେ. ବିଣ. ( ପ୍ରାଚୀନ ପ୍ରୟୋଗ)—ଓଦାଳିଆ ( ଦେଖ )
Odāla Odālia ( See )
ଓଦାଳ ହୋଇଲେ ନୁହେ ତପତ ଉଷ୍ମ । ପ୍ରାଚୀ—ବ୍ରହ୍ମନିରୂପଣଗୀତା ।

ଓଦାଳିଆ—ଦେ. ବିଣ ( ସଂ. ଆର୍ଦ୍ର )—ଈଷତ୍ ଆର୍ଦ୍ର—
Odālia Slightly wet or damp

ଓଧ—ଦେ. ବି. ( ସଂ. ଉଦ୍ର; ଉଦ୍‌ବିଡ଼ାଲ )—
Odha ଜଳମାର୍ଜ୍ଜାର—Otter.
উদবেরাল; উদবিড়াল [ ଦ୍ର—ଏହା ନକୁଳଜାତୀୟ ଏବଂ ଉଭୟଚର ऊद्‌बिलाव ଜନ୍ତୁ । ଏ ପାଣିରେ ବୁଡ଼ି ବଡ଼ ମାଛ ଧରି ଆଣି ଖାଏ । ପାଣିରେ ପଶି ମାଛ ଧରି ଆଣିବା ପାଇଁ ଲୋକେ ଓଧ ପୋଷିବାର ମଧ୍ୟ ଦେଖାଯାଏ । ]

ଓଧଳ—ପ୍ରାଦେ. ( ସିଂହଭୂମ ) ବି—ଶଗଡ଼ର ଦଣ୍ଡା—
Odhala The beams of a cart

ଓଧାଣି—ଦେ. ବି. ( ସଂ. ଓଦନ=ଭାତ )—ଭାତ ରାନ୍ଧିବା ପାଇଁ ଚୁଲି
Odhāṇi ଉପରେ ବସାଯିବା ପାଣି ହାଣ୍ଡି—
A pot of water put on the oven for preparing rice.
ଯେବେଁ ଉଦୁଖଳ ଓଳଏ ରଖାଇନ ନ ହେଲେ ଚୁଲିରେ ଓଧାଣି ବସୁ ନାହିଁ ।
ଗଡ଼ଜାତବାସିଙ୍କ. ତା ୨୨।୧।୨୮ ।

ଓଧି—ଦେ. ବି—୧ । କଦଳୀଗଛର ମୂଳପିଣ୍ଡ—1 The bulbous
Odhi root of the plantain tree.
କେ ଅଛ ଉଦୁଭ ଚୋପିଙ୍କ
କଦଳୀ ଉପ୍ତା ଓଧି ଯେନ । ଭୂପତି. ପ୍ରେମପଞ୍ଚାମୃତ ।
୨ । ଶଗଡ଼ର ଝୁଲମୁଣ୍ଡି—2. The front-end of a cart.
ହର୍ଗ ବ ଶକଟ ଯେ କଇବ ସବ ଧୁବ
ଅଗ ତକ ଦଣ୍ଡ କରୁଡ଼ବ ଓଧି ଫଳ । ସାରଳାମହାଭାରତ. ଉଦ୍ୟୋଗ ।

ଓଧିର—ଦେ. ବିଣ. ( ସଂ. ଅବରୁଦ୍ଧ )—ଅବରୁଦ୍ଧ; କାରାବଦ୍ଧ—
Odhira Imprisoned; restrained.
ବେନ ଲକ୍ଷ ସୈନ୍ୟ ଚଢ଼ି ରହିଲେ ଓଧିର ।
ସାରଳାମହାଭାରତ. ଉଦ୍ୟୋଗ ।

ଓଧୁଅ—ଗ୍ରା. ବି—ଓଧ ( ଦେଖ )
Odhua Odha ( See )
ଓଧୁଅ ସାଙ୍ଗରେ ବଣଭୁଅ ବାଇ । ଇତ ।

ସାଧାରଣ ଯେବେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଓଧୁଆଣି—ପ୍ରାଦେ. (ଗଡ଼ଜାତ ) ବି—ଫୁଟୁଥିବା ଭାତର ତାତିଲାପାଣି—
Odhuāṇi Hot water from the cooking pot while rice is boiling on the fire
ପ୍ରାଦେ. ( ଗଞ୍ଜାମ ) ବି—ଓଧାଣି ( ଦେଖ )
Odhāṇi ( See )

ଓପଡ଼ା—ଗ୍ରା. ବି. ଓ ବିଣ—ଉପଡ଼ା ( ଦେଖ )
Oparḍā Uparḍā ( See )

ଓପଡ଼ାଇବା—ଗ୍ରା. କ୍ରି—ଉପଡ଼ାଇବା ( ଦେଖ )
Oparḍāibā Uparḍāibā ( See )

ଓପର (ଇତ୍ୟାଦି)—ଗ୍ରା. ବି. ଓ ବିଣ ଓ ଅ. ( ସଂ. ଅପର )—
Opara etc.) ଉପର ଇତ୍ୟାଦି ( ଦେଖ )
Upara etc ( See )

ଓପରଠାଉରିଆ—ଗ୍ରା. ବିଣ—ଉପରଠାଉରିଆ ( ଦେଖ )
Oparaṭhāuriā Uparaṭhāuriā ( See )

ଓପରାନ୍ତ—ଗ୍ରା. ଅ.—ଉପରାନ୍ତ ( ଦେଖ )
Oparānta Uparānta ( See )

ଓପରି—ଗ୍ରା. ବିଣ—ଉପରି ( ଦେଖ )
Opari Upari ( See )

ଓପରୋଧ—ଗ୍ରା. ବି—ଉପରୋଧ ( ଦେଖ )
Oparodha Uparodha ( See )

ଓପାଡ଼ିବା—ଗ୍ରା. କ୍ରି—ଉପାଡ଼ିବା ( ଦେଖ )
Opārḍibā Upārḍibā ( See )

ଓପାଦ—ଦେ. ବିଣ. ପୁଂ ଓ ସ୍ତ୍ରୀ. (ଗାଳିରେ ବ୍ୟବହୃତ; ସଂ. ଉତ୍ପାତ)—
Opāda ଉପାଦ ( ଦେଖ )
Upāda ( See )

ଓପାଢିଆ—ଗ୍ରା. ବିଣ. ପୁଂ ଓ ସ୍ତ୍ରୀ—ଓପାଦ ( ଦେଖ )
Opādiā Opāda ( See )

ଓପାସ—ଗ୍ରା. ବି—ଉପାସ ( ଦେଖ )
Opāsa Upāsa ( See )

ଓପାସବେଳ—ପ୍ରାଦେ. (ସମ୍ବଲପୁର) ବି—ଉପାସବାଆ ( ଦେଖ )
Opāsabeḷa Upāsabāā ( See )

ଓପ୍ରଧ—ଗ୍ରା. ବି—ଉପରୋଧ ( ଦେଖ )
Opradha Uparodha ( See )
ମାଉପ ଓପ୍ରଧରେ ସାନ ଶଳାକୁ କହିବ—ଚଗ ।

ଓପ୍ରୋଧ—ଗ୍ରା. ବି—ଉପରୋଧ ( ଦେଖ )
Oprodha Uparodha ( See )

ଓଫରା—ପ୍ରାଦେ. (ସମ୍ବଲପୁର) ବିଣ (ଭୁଲ. ଅସାମୀ. ଓଫ୍ରା=ଉଗୁରା)—
Opharā ଉଗୁରା; ଯେଉଁ ଲୁଗା ବା ଅନ୍ୟ ପଦାର୍ଥ ଥରେ ବ୍ୟବହୃତ ହୋଇ ଫିଙ୍ଗା ହୋଇ ଥାଏ—
Cast off ( things e.g. cloth )

ଓଫ୍ରା—ପ୍ରାଦେ. (ସମ୍ବଲପୁର) ବିଣ—ଓଫରା ( ଦେଖ )
Ophrā Opharā ( See )

ଓବାର (ଇତ୍ୟାଦି)—ଗ୍ରା. ବି ଓ ବିଣ—ଉବାର ଇତ୍ୟାଦି ( ଦେଖ )
Obāra (etc) Ubāra etc (See)

ଓବିଟର ଡିକ୍‌ଟମ୍—ବୈଦେ. ବି. ( ଲାଟିନ୍ )—(ଅଦାଲତପ୍ରଚଳିତ)
Obiṭar ḍiktam ଜଜ୍‌ମାନେ ମକଦମାର ରାୟ ଦେଲାବେଳେ ମକଦମାର କୌଣସି ପ୍ରାସଙ୍ଗିକ ବିଷୟରେ ପ୍ରକାଶ କରିଥିବା ମତ—Obitur Dictum; incidental or collateral opinion pronounced by a Judge in a judgment.

ଓମ୍—ସଂ. ଅ. ( ଅବ ଧାତୁ=ରକ୍ଷା କରିବା + ମ୍; କିମ୍ବା ଅ=ବିଷ୍ଣୁ + ଉ=ଶିବ + ମ୍=ବ୍ରହ୍ମା; ସନ୍ଧି ଦ୍ୱାରା ସିଦ୍ଧ)—
Om
୧ । ଓଁ ( ଦେଖ )
1 'Oṅ' (See)
୨ । ହଁ; ଅଚ୍ଛା !—(ସ୍ୱୀକାର, ଅନୁମତି, ଆରମ୍ଭ, ପ୍ରଶ୍ନ, ରୋଷ, ଅପାକରଣ, ଅବଧାରଣ ଓ ମଙ୍ଗଳ ଅର୍ଥରେ ବ୍ୟବହୃତ)—
2. Yes ! all right ! ( interjection used in indicating agreement, beginning, question, anger, ascertaining and well wishing).

ଓମ—ଗ୍ରା. ଅ—ଓଁ ( ଦେଖ )—Oṅ ( See )
Oma ଅଚଳ୍ପ ଏ ବଗୁର କିନ୍ତୁ, ଅନ୍ତରେ ମୂଳରୁ ଉଦ୍ଧାର
ଓମ ଅକ୍ଷର ଉଦେ କଲେ, ତହିଁରୁ ସିଦ୍ଧି ପ୍ରକାଶିଲେ—
ଭ୍ରାତୀ, ନିର୍ଗୁଣମାହାତ୍ମ୍ୟ ।

ଓମୁଣ୍ଡି—ଦେ. ବିଣ—ଲମ୍ବଭାବରେ ସ୍ଥିତ—
Omuṇḍi Situated lengthwise; stright.
କ୍ରି. ବିଣ—ଲମ୍ବଭାବରେ; ସିଧାଏ ସିଧାଏ—
Straightway.

ଓମୁଣ୍ଡିଆ—ଦେ. ବିଣ. ଓ କ୍ରି. ବିଣ—ଓମୁଣ୍ଡି ( ଦେଖ )
Omuṇḍiā Omuṇḍi ( See )

ଓର୍‌ମାନ୍ ( ଇତ୍ୟାଦି )—ବୈଦେ. ବି. ( ତୁରସ୍କ )—
Ormān ( etc ) ଅର୍‌ମାନ୍ ଇତ୍ୟାଦି ( ଦେଖ )
Armān etc ( See )

ଓର—ଦେ. ବି. ( ସଂ. ଅବସର; ବଂ. ଓର୍=ସୀମା; ହି. ଓର୍=ତରଫ )—
Ora ୧ । ସୁବିଧା—1. Convenience.
୨ । ଅବସର; ସୁଯୋଗ—2. Opportunity.
मौका ୩ । ଉପାୟ—3. Plan
୪ । ସନ୍ଧି—4 Clue.
ଓର ଖୋଜି ଖୋ ଚ ଏତେଦିନେ ପାଇଲେ—
ଫକୀରମୋହନ, ଛମାଣଆଠଗୁଣ୍ଠ ।
୫ । ଉଦର; ଖଞ୍ଜ; କଳ; ସୁଲୁ—
5. Point of advantage.

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | ଙ୍କ | ଇଂ | ଉଅ | ଞ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ୠ | ୡ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ୟ | ଯ | ସ | ଙ୍ଗ | ଇଁ | ଙ୍ | ନ୍ |

୬ । ଅନୁସନ୍ଧାନ—
6. Look-out; searching; tracing

୭ । ଓହଳ—7. Areal roots

**ଓରଅର**—ଦେ ବି. ( ଅନର୍ଥକ ଦ୍ୱିତୀୟ ସହଚର ଶବ୍ଦ )—ସୁଯୋଗ—
**Oraāra** Suitable opportunity.

**ଓର ଉଣ୍ଡିବା**—ଦେ. କ୍ରି—ଛିଦ୍ର ଖୋଜିବା; ସୁବିଧା ଅନୁସନ୍ଧାନ କରିବା—
**Ora uṇḍibā** To be on the look-out for suitable opportunity

**ଓର କରିବା**—ଦେ. କ୍ରି—ଅନୁସନ୍ଧାନ କରିବା—
**Ora karibā** To be on the look-out.

**ଓର ଖୋଜିବା**—ଦେ. କ୍ରି—ଓର ଉଣ୍ଡିବା ( ଦେଖ )
**Ora khojibā** Ora uṇḍibā ( See )

**ଓରଛା**—ପ୍ରାଦେ. ( ବସ୍ତର ) ବି—ଘରଚାଳର ଓଳ—
**Orachhā** The eave of a house-thatch

**ଓରଛାଖାଲେ**—ପ୍ରାଦେ. (ବସ୍ତର) ବି.—ଓଳତଳ—The ground
**Orachhākhāle** below the eaves of a thatch

**ଓରଦା**—ଦେ. ବି. ( ସଂ. ଆର୍ଦ୍ର )—୧ । ସ୍ରୋତସ୍ୱତୀ ନଦୀର ସ୍ରୋତ-
**Oradā** ହୀନସ୍ଥାନ ବା ସ୍ଥିର ପାଣି ଥିବା ଅଂଶ—
1. A stagnant pool of water; the part of a river where the water is calm and there is no current

୨ । ଧାନ ରୋଇବା ନିମନ୍ତେ ଜମିକୁ ହୁଳ ଚଷି ଅତି କାଦୁଅ ଗୁଷ କରିବା; କୃଷିର ପାରିଭାଷିକ—
2. Seasoning a field by ploughing it thoroughly and making it clayey and fit for transplanting paddy-plants on it.

୩ । ଧାନ ବୁଣିବା ପାଇଁ ଜମିକୁ କାଦୁଅ କରି ତହିଁ ମଇ ଦେବା ପ୍ରଣାଳୀ—
3. Ploughing and making a field muddy and levelling it with ladder before sowing.

ଦେ. ବିଣ—୧ । ସ୍ଥିର ପାଣି ଥିବା ( ସ୍ଥାନ )—
1. ( a place ) With calm and standing water; stagnant.

୨ । ଧାନ ରୋଇବା ନିମନ୍ତେ ହଳଦ୍ୱାରା କାଦୁଅ ଗୁଷ ହୋଇ-ଥିବା (ଭୂମି)—2. (field) Prepared for transplantation or sowing on clay.

**ଓରଦା କରିବା**—ଦେ. କ୍ରି.—ଧାନ ରୋଇବା ନିମନ୍ତେ କ୍ଷେତକୁ କାଦୁଅ
**Oradā karibā** ଗୁଷ କରି ବପନ ବା ରୋପଣୋପଯୋଗୀ କରିବା—To prepare a field with ploughing for transplanting paddy-plants.

**ଓରଦା ଛାଟିବା**—ଦେ. କ୍ରି—ପାଣିଥିବା କିଆରୀକୁ ହଳ ବୁଲାଇ କାଦୁଅ
**Oradā chhāṭibā** କରି ତା ଉପରେ ମଇ ଦେଇ ତହିଁରେ ବିହନକୁ ବୁଣିବା—To sow paddy-seeds on clayey soil,

**ଓର ପଡିବା**—ଦେ. କ୍ରି—ସୁବିଧା ଘଟିବା—The happening
**Ora paṭibā** at an opportunity.

**ଓରଫ୍**—ବୈଦେ. ଅ (ଜଟରିଆ ଭାଷା; ଆ. ଉର୍ଫ୍)—
**Oraph** ୧ । ଉପନାମ; ଅପର ନାମ; ନାମାନ୍ତର—1. A lias.
ওর্ফে
उर्फ
(ଯଥା—ଏଡ୍‌ୱାର୍ଡ ସାକ୍‌ସେଲ । ଓ । ଯଥା—ଶ୍ରୀମତୀ ପୀତାମ୍ବରୀ । ଓ । ମନମୋହିନୀ ଦେବୀ ।)

୨ । ପ୍ରତିନିଧି (ଗୋପୀନାଥ ନନ୍ଦ)—
2. Representative.

୩ । ମାରଫତ୍ (ଗୋପୀନାଥ ନନ୍ଦ)—
3 Through; per.

**ଓରଫେ**—ବୈଦେ. ଅ—ଓରଫ୍ (ଦେଖ)
**Oraphe** Oraph (See)

ବେଶ୍ୟାଘରୁ ଚମ୍ପା ଓରଫେ ଚମ୍ପା ସାଅନ୍ତାଣୀ—ଫକୀରମୋହନ. ଛମାଣଆଠଗୁଣ୍ଠ ।

**ଓରବଣା**—ଦେ. ବିଣ—ବାଟବଣା—
**Orabaṇā** Losing the way.

ଯେତେବେଳେ ଯାକୁ କରିବ ସ୍ମରଣା
ଅଛିବ ମୋ ପାଶକୁ ନୋହି ଓରବଣା—କୃଷ୍ଣସିଂହ, ମହାଭାରତ. ବନ୍ୟ ।

**ଓରମା**—ଦେ.ବି (ଦରଜୀଙ୍କ ଭାଷା)--ଏକପ୍ରକାର ସିଲେଇ; ଲୁଗାର ଧଡ଼ିକୁ
**Oramā** ମୋଡ଼ି ଦେଇ ମୋଡ଼ା ସ୍ଥାନକୁ ହିଲ୍ଲଇ କରିବାର ଢଙ୍ଗ—
ওরমা A particular kind of sewing in which
ओरमा the stitch is laid through the doubled end of the cloth.

ପ୍ରାଦେ (ବସ୍ତର) ବି—ଉଇ—White ant.

**ଓରମାନା (ଇତ୍ୟାଦି)**—ବୈଦେ. ବି—ଅରମାନ୍ ଇତ୍ୟାଦି (ଦେଖ)
**Oramānā (etc)** Armān etc (See)

**ଓରମାଲ**—ବୈଦେ. ବି (ଆ. ରୁମାଲ୍)—୧ । ଛୋଟ ଗୁଦର—
**Oramāḷa** 1 Napkin.

୨ । ରୁମାଲ—2. Handkerchief.

ବକ କନ୍ଧାକୁ ବେଢ଼ିଛି ଅର୍ଣ୍ଣଲାର ଫୁଲ
ଉଷ୍ଣର ଧରନ୍ତି ଉଲ୍ଲ କଳା ଓରମାଲ ଯେ—ଉପେ. ଲାବଣ୍ୟବତୀ ।

୩ । ଚାରିକୋଣିଆ ବଡ଼ ପତାକା—
3. Streamers; large square flags.

ଟଙ୍ଗା ବହିଁ ତେଜୁ ପୀତ ଶ୍ୱେତ ନୀଳ ଅବ,
ଶତେକ ଓରମାଳମାଳ—ଦୀନବନ୍ଧୁ. ଭରତଲଳନା ।

**ଓରମାଲ୍**—ବୈଦେ. ବି (ଆ)—ଓରମାଳ (ଦେଖ)
**Oramāla** Oramāḷa (See)

ସାଧାରଣ ଲେଖରେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— ସାଢ଼' ନ ମିଳିଲେ 'ସାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଓରମ୍ବା—ଦେ. ବଣ—୧ । ଯେ କର୍ତ୍ତବ୍ୟ କର୍ମ ନ କରି ଇତସ୍ତତଃ
Orambā ବୁଲୁଥାଏ; ଚଷମୀ (ଲୋକ) (ଗୋପୀନାଥ ନନ୍ଦ)—
ଓରମ୍ବା 1. Idler.
आौक़ड ୨ । ଲମ୍ପଟ—2. Licentious; lascivious.
୩ । ଅସୀମ ସାହସିକ—3. Daring; fool hardy.
୪ । ଅଶାଢ଼ୁଆ; ନିୟମବହିର୍ଭୂତ—
4. Undisciplined.

ଓରାଲିଘର—ପ୍ରାଦେ (ସମ୍ବଲପୁର) ବ—
Oraligharа ଖଡ଼ଛାଉଣି କୁଅଣି ହେବା ଘର—
Straw-thatched house.

ଓରା—ଦେ. ବ—ଊରା (ଦେଖ)
Orā Urā (See)

ଓରାଓଁ—ପ୍ରାଦେ. ( ସମ୍ବଲପୁର ) ବ—ଅନାର୍ଯ୍ୟଜାତିବିଶେଷ—
Oraoñ A class of aborigines

ଓରାଂ—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Orām Aurām autām ( See )

ଓରାଂଆଉଟାଂ—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Orāmāutām Aurām autām ( See )

ଓରାଙ୍ଗ୍—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Orāng Aurām autām ( See )

ଓରାଙ୍ଗ୍ ଆଉଟାଙ୍ଗ୍—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Orāng āutāng Aurām autām ( See )

ଓରାଲିଆ—ଦେ. ବଣ. ପୁଂ. ଓ ସ୍ତ୍ରୀ.—ଅଲବଲିଆ ( ଦେଖ )
Orālia Alabalia ( See )

ଓରିଆ—ପ୍ରାଦେ. (ଗଡ଼ଜାତ) ବ.—(ପୂଜା ଓ ଦେବତାଙ୍କ ଅନ୍ନ ସମ୍ବନ୍ଧେ
Oriā ବ୍ୟବହୃତ ଶବ୍ଦ )—ଅନ୍ନ; ଭାତ—Boiled rice.
ଜବ୍ୟ ଓରିଆରେ ପୁଣି ବାସ ସିଅ ଗଣ । ହାଲକାମହାଭାରତ ।

ଓରିଆଣି—ପ୍ରାଦେ. ( ଗଞ୍ଜାମ ) ବ—ଫୁଟିଆଣି ( ଦେଖ )
Oriāni Phutiāni ( See )

ଓରିବା—ଦେ. କ୍ରି. ( ସଂ. ଅ + ବୃତ ଧାତୁ )—୧ । ପଶ୍ଚାତ୍‌ପଦ ହେବା;
Oribā ପଛଘୁଞ୍ଚା ହେବା; ଜକଚିବା; ହଟିଯିବା—
1. To hesitate to do a thing; to shrink from doing a thing.
୨ । ଦୁର୍ବଳ ହେବା—2. To become weak.
୩ । ବିମର୍ଷ ହେବା—3. To be dejected.

ଓରିମାନ୍ (ଇତ୍ୟାଦି)—ବୈଦେ. ବ—ଅରମାନ୍ ଇତ୍ୟାଦି ( ଦେଖ )
Orimān (etc) Aramān etc ( See )

ଓରିମାନା (ଇତ୍ୟାଦି)—ବୈଦେ. ବ—ଅରମାନ୍ ଇତ୍ୟାଦି ( ଦେଖ )
Orimānā (etc) Aramān etc ( See )

ଓରୁଅ—ଦେ. ବ. ( ସଂ. ମହାର୍ଦ୍ରକ; ଅର୍ଦ୍ରକ )—
Orua ଜଳବହୁଳ ବା ସମୁଦ୍ର ପକୂଳ ଅଞ୍ଚଳରେ ଜନ୍ମିବା
महादा ଏକପ୍ରକାର ଫଳବୃକ୍ଷ—( ଏହାର ଫଳ ଗୋଲ
बिषांबिल ଗୋଲ ଓ ଟେକ୍ଲୁ ପରି )—Kokum butter
ସଂ. ପର୍ଯ୍ୟାୟ— tree; Garoinia Purpuria.
ବୃକ୍ଷାମ୍ଳ; ବନାର୍ଦ୍ରକ; ମହାର୍ଦ୍ରକ;
ତିନ୍ତିଡ଼ୀକ; ଚୂକ୍ର; ଅମ୍ଳବୃକ୍ଷକ
ମ. ଅମସୋଲ
ଗୁ. କୋକମ

ଓରୁମାଳ—ଗ୍ରାଁ. ବୈଦେ. ବ—ଓରମାଳ ( ଦେଖ )
Orumāla Oramāla ( See )

ଓରୁମାଲ—ଗ୍ରା ବୈଦେ. ବ—ଓରମାଲ ( ଦେଖ )
Orumāla Oramāla ( See )

ଓରେ—ଦେ. ଅ—ଅପଣାଠାରୁ ନିମ୍ନତର ବ୍ୟକ୍ତିଙ୍କୁ ସମ୍ବୋଧନ; ରେ—
Ore Oh—addressed to one's inferior.
ওরে
हौरे

ଓଳ—ଦେ. ବ—ଓହଳ ( ଦେଖ )
Oḷa Ohaḷa ( See )
ଅପମାର୍ଗ, କୃଷ୍ଣାଗୁଆ, ବରଓଳ, ଲମ୍ବ । ପ୍ରାଚୀ—ଗ୍ରାଗୁରୁଭକ୍ତି ଗୀତ ।

ଓଲ—ସଂ. ବ. ( ସଂ. ଭନ୍ଦ )—
Ola କନ୍ଦବର୍ଗର ଖାଦ୍ୟକନ୍ଦବିଶିଷ୍ଟ ଗୁଳ୍ମ—
ওল An esculent bulb; arum; Amorpho-
सूरन; जमिकन्द; बल phallus Campanulatus.
ସଂ. ପର୍ଯ୍ୟାୟ—ଓଲ; ଓଲ୍ଲ; [ଦ୍ର—ଏହାର ପ୍ରତି ଗଛରେ ଗୋଟିଏ
ଦୁର୍ନାମାରି; କାଚାରି; ଡେମ୍ଫ ଓ ପତ୍ର । ଯେଉଁ ଗଛରେ ଫୁଲ
ମୂଳକନ୍ଦ; କଣ୍ଡୁଲ; ଧରେ ସେ ଗଛରେ ପତ୍ର ହୁଏ ନାହିଁ ।
ସୁଦ୍‌ଧ୍ୟକନ୍ଦ; ଶୂରଣ ପତ୍ରର ଡେମ୍ଫରେ ଅଣ୍ଟୁ ଥାଏ । କଣ-
କନ୍ଦକ; ଅର୍ଶୋଘ୍ନ; ଓଲୁଅକୁ ଖାଇଲେ ତଣ୍ଟି ଗଲୁ କରେ ।
ଭେ. ମଂଗ୍ରକନ୍ଦ; ଦୋଲକନ୍ଦ ଓଲୁଅ ଚାଷ କଲେ ଏହା ମୂଳରେ
ଗୁ. ସୁରଣ; ଅସାମୀ; ଓଲକନ୍ଦୁ ଗୋବରଖତ ଦିଆ ଯାଏ । ଓଲୁଅକୁ
ଫା ଓଲ ପ୍ରଥମେ କଞ୍ଜିଅ ଧାନରେ ପୋତି
ମ. ଘୋଡ଼ାସୁରଣ କାଞ୍ଜିପାଣିରେ ସିଝାଇଲେ ଏହାର ଗଲୁ
ମରେ । ଏହା ଅର୍ଶରୋଗୀ ପକ୍ଷରେ ବଡ଼ ଉପକାରୀ ଖାଦ୍ୟ । ଏହା ଅଗ୍ନି ଦୀପକ, ରୁଣ୍ଡ୍ ନାଶକ, ବିଷ୍ଟମ୍ଭୀ, ରୁଚକର ଓ ଲଘୁ । ଏହା କଫ, ଅର୍ଶ, ପ୍ଲୀହା ଓ ଗୁଳ୍ମନାଶକ ଅଟେ, ଦଦ୍ରୁ, ରକ୍ତ-ପିତ୍ତ ଓ କୁଷ୍ଠରୋଗରେ ଏହା ଅପକାରୀ; ହୃଦରୋଗରେ ଏହା ଉପକାରୀ । ]

ଓଲକି (ଇତ୍ୟାଦି)—ଗ୍ରା. ବ—ଓଲଗି ଇତ୍ୟାଦି ( ଦେଖ )
Olaki (etc) Olagi etc. ( See )

| ୧ | ଇ | ଉ | ଋ,ଋ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ | ଈଂ | ଓ |
|---|---|---|---|---|---|---|---|---|---|---|---|---|---|---|
| ୨ | ଈ | ଊ | ଋ | ଌ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ୍ଗ | ଇଥ | ୱ | ନ |

**ଓଲକତ**—ଗ୍ରା. ବିଣ. ( ସଂ. ଅଲୌକିକ )—
Olakita ଅଲୌକିକ; ଅଲୌକିକ—
Very wonderful.
ବୁଦ୍ଧ ବୋଲୁବାର କଥା ମହା ଓଲକତ । ପ୍ରାଚୀ. ବ୍ରହ୍ମନଗୁପଣଗୀତା ।

**ଓଲକିବା**—ଦେ. କ୍ରି—ଓଲଗିବା ( ଦେଖ )
Olakiba Olagiba ( See )

**ଓଲକୋବି**—ଦେ. ବି—ଉଲକୋବି ( ଦେଖ )
Olakobi Ulakobi ( See )

**ଓଲଗ** (ଇତ୍ୟାଦି)—ଦେ. ବି ଓ ଅ—ଓଲଗି ଇତ୍ୟାଦି ( ଦେଖ )
Olaga (etc.) Olagi etc. (See)
ସନ୍ତୁଷ୍ଟ ବୋଲେ ସୃଷ୍ଟି କରନ୍ତୁ ଓଲଗ । ସାରଳାମହାଭାରତ. ଉଦ୍ୟୋଗ ।

**ଓଲଗି**—ଦେ. ବି. (ସଂ. ଭୂଲଗ୍ନ; ଭୂଲ. ଆସାମୀ. ଓଲଗ୍)—
Olagi ୧ । ନମସ୍କାର; ପ୍ରଣାମ—1 Obeisance.
ପାଉଁଲାଗି; ୨ । ସ୍ତ୍ରୀ ଲୋକମାନେ ମାନ୍ୟ ବ୍ୟକ୍ତିଙ୍କୁ କରିବା ପ୍ରଣାମ—
ଗାଢ଼ଲାଗି 2. Obeisance done by younger females to the elderly people
ଦେ. ଅ—ନମସ୍କାର କରିବା ବ୍ୟକ୍ତିର ଉଚ୍ଚାରିତ ଶବ୍ଦ—
Interjection used by a person while bowing to another.
[ ଦ୍ର—ଆମ ଦେଶରେ ଶୂଦ୍ରମାନେ ବ୍ରାହ୍ମଣାଦିଙ୍କୁ ନମସ୍କାର କଲା-ବେଳେ 'ଓଲଗି' ଉଚ୍ଚାରଣ କରନ୍ତି । ]

**ଓଲଗି କରିବା**—ଦେ. କ୍ରି—୧ । ନମସ୍କାର କରିବା; ପ୍ରଣାମ କରିବା—
Olagi kariba 1. To make obeisance.
ପାଉଁଲାଗନା ୨ । ସ୍ତ୍ରୀ ଲୋକମାନେ ମାନ୍ୟବ୍ୟକ୍ତିଙ୍କୁ ନମସ୍କାର କରିବା-
2. To make obeisance ( said of females ).
[ ଦ୍ର—ଓଡ଼ିଶାର ସ୍ତ୍ରୀମାନେ ମାନ୍ୟ ବ୍ୟକ୍ତିଙ୍କୁ ନମସ୍କାର କଲେ ଲଇଁପଡ଼ି ବା ଆଣ୍ଠେଇ ହୋଇ ଦୁଇ ହାତର କରତଳର ଅଗ୍ର ଅର୍ଥାତ୍ ଆଙ୍ଗୁଠିମାନଙ୍କୁ ଦୁଇ ତିନି ଥର ଭୂମିରେ ଲଗାନ୍ତି । ]

**ଓଲଗିବା**—ଦେ. କ୍ରି—ଓଲଗି କରିବା ( ଦେଖ )
Olagiba Olagi kariba ( See )
ପିତାଙ୍କୁ ଅମାନ୍ୟ କରି ଓଲଗୁ ମଉସା । ସାରଳାମହାଭାରତ. ବନପର୍ବ ।

**ଓଲଗି ହେବା**—ଦେ. କ୍ରି—ଓଲଗି କରିବା ( ଦେଖ )
Olagi heba Olagi kariba ( See )
ଅଣ୍ଡୋଇ ଅସୁଖ ହୋଇ ଅବକାରେ ଓଲଗି ହେଲେ ଅବଳା ।
ସ୍ୱଧନାଥ—ଯସବ ।

**ଓଲଗୁଡ଼ି**—ପ୍ରାଦେ. (ମେଦିନୀପୁର) ବି—ଅଲଗୁଣି ( ଦେଖ )
Olagurdi Alaguni ( See )

**ଓଲଚଟକିବା**—ପ୍ରାଦେ. ( ସମ୍ବଲପୁର ) କ୍ରି—
Olachaṭakiba ବର୍ଷା ହେବା ପରେ ଓଦା ଭୂଇଁ ଶୁଖିଯିବା—
(wetland) ) To dry up after a shower.

**ଓଲଟ** (ଇତ୍ୟାଦି)—ଦେ. ବି. ଓ ବିଣ—
Olaṭa (etc) ୧ । ଉପର ପାଖ ତଳକୁ ଓ ତଳ ପାଖ ଉପରକୁ
ଉଲଟା କରି ଯାଇଥିବା—1. Inverted.
ଉଲଟା ୨ । ବିପରୀତ—3. Opposite; contrary.
୩ । (ମଦାର୍ଥୀ) ଅବିଚାର ଓ ଅନ୍ୟାୟପୂର୍ଣ୍ଣ—
3. Full of injustice and wrong.
( ଯଥା—ଓଲଟ କାଳ । ).
୪ । ପ୍ରତିକୂଳ—4. Unfavourable.

**ଓଲଟକଦଳି**—ଦେ. ବି—ମୁଣ୍ଡ ପାଖ ତଳକୁ କରିଯାଇ ରଖା-
Olaṭakadali ଯିବା କଦଳି ଗଛର ଗଣ୍ଡି—The trunk of a plantain tree placed top downwards.

**ଓଲଟକମଳ**—ଦେ. ବି. ( ସଂ. ନାମ ପୀବରୀ; ଯୋଷିତା )—ବୃକ୍ଷ ଓ
Olaṭakamala ବୃକ୍ଷବିଶେଷ—The name of a plant;
ଉଲଟାକମଲ; ଓଲଟକମ୍ବଲ Abroma Augusta.
ଔଲଟକମ୍ବଲ [ ଦ୍ର—ଛୋଟ ବୃକ୍ଷ ଭାରତର ପଶ୍ଚିମାଞ୍ଚଳ ଛଡ଼ା ଅନ୍ୟ ସବୁ ସ୍ଥାନରେ ଜନ୍ମେ । ମୂଳ, ଚେର, ଛେଲି ଓ ପତ୍ର ଔଷଧରେ ଲାଗେ । ଏହା ଯୋନିବ୍ୟାପତ୍, ରକ୍ତୋଦୃଷ୍ଟି, ପ୍ରଦର ଓ ଅର୍ଶରୋଗନାଶକ । ଏହାର ସବୁ ଡାଳ ଲୋମଶ; ପତ୍ର ବଡ଼ ଓ ଲୋମଶ । ବର୍ଷାକାଳରେ ଫୁଲ ଫୁଟେ । ଫୁଲ ପଞ୍ଚଦଳ ଓ କୃଷ୍ଣରକ୍ତ । ଫୁଲର ପାଖୁଡ଼ା ତଳକୁ ଓହଳ ଥାଏ । ଫଳ ପାଞ୍ଚକୋଣିଆ । ଛାଲର ଅଂଶୁରେ ଦଉଡ଼ି ହୋଇପାରେ—ଯୋଗେଶଚନ୍ଦ୍ର । ]

**ଓଲଟକୁହା**—ଦେ. ବିଣ. ପୁଂ—୧ । ଯେଉଁ ଭୃତ୍ୟ ସ୍ୱାମୀଙ୍କ ଆଦେଶକୁ
Olaṭakuha ଶିରୋଧାର୍ଯ୍ୟ ନ କରି ଓଲଟି ଉତ୍ତର ଜବାବ୍ ଦିଏ;
ଓଲଟକୁହି ( ସ୍ତ୍ରୀ ଉତ୍ତରଦାୟକ (•ଭୃତ୍ୟ ); ମଗଗ୍—
ଓଲଟକୋହି ( 1. Insubordinate;, recalcitrant (servant)
୨ । ଯେ ସୃଷ୍ଟି ବହିର୍ଭୂତ କଥା କହେ—
2 ( a person ) Speaking improbable or unheard of things.

**ଓଲଟଗୁହାଣୀ**—ସଂ. ବି—ମୁହଁ ଫେରାଇ ପଛଆଡ଼କୁ ଚାହିଁବା—
Olaṭachahāṇi Looking back with head turned.
ଉଲ୍‌ଟାଚାଉନି
ପୀଛେ ଦେଖନା

**ଓଲଟପାଦ ଆସନ**—ଦେ. ବି—ଯୋଗାସନବିଶେଷ—A posture
Olaṭapāda āsana during breathing exercise.
ଓଲଟପାଦ ଆସନ ସାହାଇ, ଜନ୍ତ୍ରା ମେଳ କରାଇ ଚାହିଁ ।
ପ୍ରାଚୀ—ପରଭେଗୀତା ।

**ଓଲଟପାଲଟ**—ଦେ. ବି—୧ । ଘଣ୍ଟାଘଣ୍ଟି; ଘଣ୍ଟାଚକଟା—
Olaṭapālaṭa 1. State of being turned up or confused.
ଉଲ୍‌ଟାପାଲ୍‌ଟା
ଉଲଟାପୁଲଟା ୨ । ବଦଳାବଦଳ; ଅନ୍ୟୋନ୍ୟରେ ବିନିମୟ—
2. Change of place.

୩ । ଲେଉଟାପଲଟା—3. Invertion.
୪ । ଗୋଳମାଳ—4. Disorder

ଦେ. ବିଣ— ୧ । ଘଣ୍ଟାଘଣ୍ଟି ହୋଇଥିବା—
1. Turned up; confused; disturbed.
୨ । ବଦଳା ଯାଇଥିବା—2. Changed.
୩ । ଲେଉଟା ହୋଇଥିବା—
3. Upeset; inverted; turned upside down.
୪ । ଗୋଳମାଳ ହୋଇଥିବା—4. Disordered.

**ଓଲଟାବାଗ**—ଦେ. ବି.—ବିପରୀତ ପ୍ରକାର—Contrary mode; opposite manner
Olaṭābāga
উল্টাদিক

**ଓଲଟ ବୁଝିବା**—ଦେ. କ୍ରି.—କହିବା ଲୋକର ଭାବ ବା ଉଦ୍ଦେଶ୍ୟକୁ ହୃଦୟଙ୍ଗମ ନ କରି ବିପରୀତ ଅର୍ଥରେ ଗ୍ରହଣ କରିବା; ଭୁଲ୍ ବୁଝିବା—To take a person's words in bad part; to misunderstand; to mis-interpret.
Olaṭa bujhibā
উল্টাবুঝা
उल्टासमझना

**ଓଲଟମୁହାଁ**—ଦେ. ବି. (ବଣିଆ ଶବ୍ଦ,—ଏକପ୍ରକାର ନାକଚଣା—A kind of nose-ring.
Olaṭamuhāñ

**ଓଲଟା (ଇତ୍ୟାଦି)**—ଦେ. ବି. ଓ ବିଣ.—ଓଲଟ ଇତ୍ୟାଦି (ଦେଖ)
Olaṭā (etc). Olaṭa etc (See)

ଦେ. ଅ.—ଅପରନ୍ତୁ; ପରନ୍ତୁ— On the other hand
(ଯଥା— ମୁଁ ସିନା ପୁଅକୁ ଶାସନ କରନ୍ତି; ଓଲଟା ସେ ମୋତେ ଶାସନ କରିବାକୁ ଉଦ୍ୟତ ।)

**ଓଲଟାଇବା** – ଦେ. କ୍ରି.—ଉଲଟାଇବା (ଦେଖ)
Olaṭāibā Ulaṭāibā (See)

ଦେବ ହେଲେ ଶକ୍ତି ନାହିଁ ଓଲଟାଇ ଦେବାକୁ ବଧି କରଣୀ । ରାଧାନାଥ. ଯଯାତି ।

ପ୍ରାଦେ. ( ସମ୍ବଲପୁର ) କ୍ରି.—ଯାଉଥିବା କୌଣସି ବ୍ୟକ୍ତିକୁ ଫେରାଇ ଅଣିବା—To cause a person to come back or return.

**ଓଲଟା କମଳ ଆସନ**—ଦେ. ବି.—ଯୋଗାସନବିଶେଷ — A posture in breath-exercise
Olaṭā kamaḻa āsana

ଓଲଟାକମଳ ଆସନ କରି; ଉର୍ଦ୍ଧ୍ୱ କରି ବସିବ ପଦ୍ମାକ୍ଷର । ପ୍ରାଚୀ. ପରଦେଶୀଦ୍ୱାର ।

**ଓଲଟା କାଳ**—ଦେ. ବି.—କଳିକାଳ; ଯେଉଁ ସମୟରେ ଅଧର୍ମ, ଅସତ୍ୟ, ଅବିଚାର ଓ ଅନାଚାରମାନ ଘଟେ; କଳିଯୁଗ—The Kaḻi age; the age of sin and injustice; the age when things strange and wrong happen.
Olaṭā kāḻa
उलटासमय

**ଓଲଟା ଗଧଚଢ଼ା**—ଦେ. ବି. ଓ ବିଣ—ଉଲଟା ଗଧଚଢ଼ା (ଦେଖ)
Olaṭā gadhachar̤hā Ulaṭā gadhachar̤hā (See)

**ଓଲଟା ଗୋଠ**—ଦେ. ବି. (ବଣିଆ ଶବ୍ଦ)—ଅଣ୍ଟାରେ ପିନ୍ଧିବା ସୁନା ବା ରୁପାର ଅଳଙ୍କାରବିଶେଷ—A kind of gold or silver ornament worn round the waist.
Olaṭā gotha

**ଓଲଟା ଦାସେ ଗଧ ଚଢ଼ିବା**—ଦେ. କ୍ରି.—ଓଲଟା ଦାସେ ଘୋଡ଼ା ଚଢ଼ିବା (ଦେଖ)
Olaṭā dāse gadha char̤hibā Olaṭā dāse ghor̤ā char̤hibā (See)

**ଓଲଟା ଦାସେ ଘୋଡ଼ା ଚଢ଼ିବା**—ଦେ. (ନ୍ୟାୟ) ଯେଉଁ ବ୍ୟକ୍ତି ଅନ୍ୟାୟ ବା ଦୋଷ କରିଥାଏ ସେ ଅପଣାକୁ ନିର୍ଦ୍ଦୋଷ ବୋଲି ଦେଖାଇ ହୋଇ ଅନ୍ୟ ବ୍ୟକ୍ତିକୁ ଦୋଷୀ କରିବାକୁ ବସିଲେ, ଅମ୍ଭ ଯାହା ଉପରେ ମୋର ପାଉଣା ଅଛି ସେ ଓଲଟ କରି ମୋ ଉପରେ ଦାବୀ କଲେ ଏ ପ୍ରବଚନ ବୋଲାଯାଏ—A saying applied to a case where the wrong doer feigns that he is the person wronged.
Olaṭā dāse ghor̤ā char̤hibā

**ଓଲଟା ନିଶାପ**—ଦେ.ବି.—ଓଲଟା ନ୍ୟାୟ (ଦେଖ)
Olaṭā nishāpa Olaṭā nyāya (See)

**ଓଲଟା ନ୍ୟାୟ**—ଦେ. ବି.— ୧ । ଅବିଚାର—1. Injustice.
Olaṭā nyāya ୨ । ଅନୁଷ୍ଠାନଶା—2. Partiality.
উল্টাবিচার
उल्टाविचार

**ଓଲଟା ବିଚାର**—ଦେ. ବି— ଓଲଟା ନ୍ୟାୟ ( ଦେଖ )
Olaṭā bichāra Olaṭā nyāya ( See )

**ଓଲଟା ଯୁଗ**—ଦେ. ବି—ଓଲଟା କାଳ ( ଦେଖ )
Olaṭā juga Olaṭā kāḻa ( See )

**ଓଲଟା ସୃଷ୍ଟି**—ଦେ. ବି —ଈଶ୍ୱରସୃଷ୍ଟିର ବିପରୀତ କଥା—Things which run contrary to God's creation.
Olaṭā sṛushṭi
উল্টা সৃষ্টি
उलटी सृष्टि

**ଓଲଟି**—ଦେ ଅ. ( ଓଲଟିବା କ୍ରିୟାର ଅସମାପିକାରୂପ )—ପରନ୍ତୁ—On the other hand.
Olaṭi
उलटे ( ଯଥା—ଓଲଟ ଦାସେ ଘୋଡ଼ା ଚଢ଼ିବା ନ୍ୟାୟ । )

**ଓଲଟି ପଡ଼ିବା**—ଦେ. କ୍ରି.— ୧ । ତଳକୁ ମୁଣ୍ଡ ହୋଇ ପତିତ ହେବା—1 To fall upside down.
Olaṭi par̤ibā
উল্টেপড়া ୨ । ଅନ୍ୟଥା ହେବା; ରଦ୍ ହେବା—
উল্টেযাওয়া 2. To be set aside.
उलटयाना ୩ । ଆଶାର ବିପରୀତ କର୍ମ କରିବା—
3. To act contrary to expectation.
୪ । ବିପର୍ଯ୍ୟସ୍ତ ହେବା—4. To become inverted.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | କ୍ଷ | ଇପ୍ | ଉଅ | ଓଁ |
| ୨ | ଈ | ଊ | ୠ | ୡ | ଐ | ଅନ୍ତାସ୍ଥବର୍ଣ୍ଣ ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ର୍ୟ | ଇଅ | ଓ | ନ୍ | |

୫। ପ୍ରଥମେ ପୋଷିଥିବା ମତର ବିପରୀତ ମତ ପୋଷଣ କରିବା—
5. To form an opinion contrary to the opinion first formed.

ଓଲଟି ଯିବା—ଦେ.କ୍ରି.—ଓଲଟ ପଡ଼ିବା (ଦେଖ)
Olaṭi jibā Olaṭi paṛibā (See,

ଓଲଟେଇବା—ଦେ. କ୍ରି.—ଓଲଟିବା କ୍ରିୟାର ଣିଜନ୍ତ ରୂପ—
Olaṭeibā Causative form of Olaṭibā.

ଓଳନ—ଦେ. ବି—(ସଂ. ଅଧୋଲମ୍ବ) (ପ୍ରା. ଓଲମ୍ବ)—
O̲lana ୧। ରାଜମିସ୍ତ୍ରୀଙ୍କ ବ୍ୟବହୃତ ମୁଣ୍ଡରେ ସୀସା ଦିଆଯାଇଥିବା
ओलन ସୂତା; କାନ୍ଥ ସିଧାରେ ଉଠୁଅଛି କି ବଙ୍କା ହେଉଅଛି ଏହା
साहुल ଦେଖିବା ନିମନ୍ତେ ରାଜମିସ୍ତ୍ରୀମାନେ ଯେଉଁ ସୂତା ବ୍ୟବହାର କରନ୍ତି—1. Brick-layer's plumb-line.
୨। ସୂତାର ଅଗରେ ଝୁଲୁଥିବା ସୀସା ବା ଲୁହାର ଗୋଲାକାର ପିଣ୍ଡ—2. Metal ball suspended from the plumb-line

ଓଳନସୂତା—ଦେ. ବି.—ଓଳନ (ଦେଖ)
O̲lanasūtā O̲lana (See)

ଓଳନାଳ—ଦେ. ବି.—ଯା ଆସ—Coming and going
O̲lanā̲la ଦେ. ବିଣ—ଲେଉଟ ପାଉଟ—
Turning round and round.

ଓଳନାଳ ହେବା—ଦେ. କ୍ରି—ଏପାଖ ସେପାଖ ହେବା—
O̲lanā̲la hebā To move to and fro; to linger

ଓଲନ୍ଦା—ବୈଦେ. ବି ଓ ବିଣ—ଓଲନ୍ଦାଜ୍ (ଦେଖ)
Olandā Olandāj (See)

ଓଲନ୍ଦାଜ୍—ବୈଦେ. ବିଣ—(ଇଂ. ହଲାଣ୍ଡିକ୍)—ଇଉରୋପର ହଲାଣ୍ଡ
Olandāj ଦେଶୀୟ—Belonging to Holland.
ବି—୧। ହଲାଣ୍ଡ ଦେଶୀୟ ବ୍ୟକ୍ତି—1. Dutch-man.
୨। ହଲାଣ୍ଡ ଦେଶୀୟ ଭାଷା—2. The Dutch language.

ଓଲପାଏରଶାଗ୍—ପ୍ରାଦେ. (ସମ୍ବଲପୁର) ବି—ଅଦିନ ବର୍ଷା ହେଲେ
Olapāersāg ମୁଥାଘାସ ପରି ପାହାଡ଼ରେ ଉଠିବା ଶାଗବିଶେଷ—A kind of grass coming out on hills after an unseasonable shower.

ଓଲମ୍ ଜମି—ପ୍ରାଦେ. (ବାଲେଶ୍ୱର) ବି—ଉତ୍କୃଷ୍ଟ ଜମି; ଘର ବାଡ଼ି
Olam jami ଚାରିପାଖେ ଥିବା ଉତ୍କୃଷ୍ଟ ମାଟିର ଜମି। (ଏଥିରେ ସବୁ ପ୍ରକାର ପରିବାପତ୍ର, ଅଙ୍କୁ ଓ ତମାଖୁ ଅଧିକ ହୁଏ)—
Good productive land adjoining a home-stead.

ଓଲମ୍ ବିଲମ୍—ଗ୍ରା. ବି ଓ ବିଣ—ଉଲମ୍ ବିଲମ୍ (ଦେଖ)
Olam bilam Ulam bilam (See)

ଓଲମ—୧। ପ୍ରାଦେ (ବାଲେଶ୍ୱର) ବିଣ—ଓଲମ୍ ଜମି (ଦେଖ)
Olama Olam jami (See)

ଘରେଘର ଓଲମ ବଲ ଘର କଦଳୀ-ଥାକ ପାଚିବାରୁ ଭରଣ ଭରଣ ସବୁକ ପାଉଥି। ଫକୀରମୋହନ, ଗଳ୍ପସ୍ୱଳ୍ପ।

୨। ଦେ. ବି. (ସଂ. ଅଧୋଲମ୍ବ)—ଓଳନ (ଦେଖ)
O̲lana (See)

ଓଳମସୂତା—ଦେ. ବି. (ସଂ. ଅବଲମ୍ବ)—ଓଳନ (ଦେଖ)
O̲lamasūtā O̲lana (See)

ଓଲମା—ଦେ. ବିଣ. ପୁଂ. (ଅ. ଉଲୁ)—ନିର୍ବୁଦ୍ଧିଆ; ଅଗିଆଣା—
Olamā Foolish; stupid.
(ଓଲମୀ—ସ୍ତ୍ରୀ) ଅଗିରେ ଦେଖି ମୁଅଙ୍କ ଗୁହେଁ,
उल्लू ତାହାଠାରୁ ବଳି ଓଲମା କଏ—ଚଗ
उल्लू

ଓଲମାଅଶିଆ—ଦେ. ବିଣ. (ଓ. ଓଲମା+ଇଷତ୍ ଅର୍ଥରେ ପ୍ରତ୍ୟୟ,
Olamāāsiā ଅଶିଆ)—ସାମାନ୍ୟରେ ଓଲୁ—Idiotic

ଓଲମାଅଁଶିଆ—ଦେ. ବିଣ.—ଓଲମାଅଶିଆ (ଦେଖ)
Olamāāṅsiā Olamāāsiā (See)

ଓଳମିଚ—ଦେ. ବି— (ସଂ. ଅବଲମ୍ବନ)—ଗଛଡାଳରେ ଝୁଲି ଏକ
O̲lamichi ଡାଳରୁ ଅନ୍ୟ ଡାଳକୁ ଯିବାର ବାଳକମାନଙ୍କର ଏକ
डालापाती ପ୍ରକାର ଖେଳ; ଡାଳମାଙ୍କଡ଼ ଖେଳ—A kind of boyish sport consisting of swinging down from one bough and from that bough catching hold of another while swinging.

ଓଳମିଞ୍ଚ—ଦେ. ବି.—ଓଳମିଚ (ଦେଖ)
O̲lamiñchi O̲lamichi (See)

ଗୋଟିଏ ବଣ୍ଡିଆ ଗୋଟିଏ ମର୍କଟକୁ ଧରି ଚୋଷାଉଛି ଏବଂ ଅନ୍ୟ ଗୋଟିଏ ମର୍କଟ ଗଛ ଡାଳରେ ଓଳମିଞ୍ଚ ହୋଇ ତାହାର ଦୁର୍ଦ୍ଦଶା ଦେଖୁଛି। ଜଗବନ୍ଧୁ, ପ୍ରାଚୀନ ଉତ୍କଳ।

ଓଳମିବା—ପ୍ରାଦେ. (ଗଞ୍ଜାମ) କ୍ରି. (ସଂ. ଅବଲମ୍ବନ)—ତଳକୁ ଲମ୍ବିବା;
O̲lamibā ଓହଳିବା—To hang down; to be suspended.
ଦେ. କ୍ରି—ଦୋଳିବା; ଝୁଲିବା—To swing to and fro.

ଓଳମି ହେବା—ପ୍ରାଦେ. (ଗଞ୍ଜାମ) କ୍ରି—ତଳେ ଝୁଲିବା; ଲଟକିବା—
O̲lami hebā To be hanging.

ଓଲମୀ—ଦେ. ବିଣ. ସ୍ତ୍ରୀ.—ନିର୍ବୁଦ୍ଧି (ସ୍ତ୍ରୀ)—
Olamī Idiotic or foolish (female)
उल्लू
उल्लू

ଓଲମୀ ଲୋ ଘରେ ଅ. ଓଳିଆ ଲୋ ଘରୁ ଯା—ଚଗ।

ସାଧାରଣଙ୍କର ଅପର ପୃଷ୍ଠାରେ ଓଡ଼ିଆ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସମ୍ପର୍କରେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; ବଧୂ ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଓଲମ୍ବ—ଦେ. ବି—ଓଲନ (ଦେଖ)
Olamba Olana (See).

ଓଲମ୍ବିବା—ଦେ. କ୍ରି—ଓଲମିବା ( ଦେଖ )
Olambiba Olamiba ( See )

ତୃଣକୁ ଦୂରେଗୋଡ଼େ ଭୂମି ତ୍ର ଧରସ
ଜଳକୁ ଶିର କରି ଓଲମ୍ବି ପଡ଼ିଲ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଓଲର—ଦେ. ବଣ ଓ ବି ( ସଂ. ଅଲୁଲାପ୍ତିକ )—ଉଲୁର ( ଦେଖ )
Olara Ulura ( See )

ଓଲର ଯିବା—ଦେ. କ୍ରି—ଖୁଲିବା (ଛପର ହୋଇଥିବା ନଡ଼ା ଅଦ)
Olara jiba କଢ଼ାଯିବା—( a thatch ) To be dismantled

ଘର ଘର ନାଗ ଘର ଓଲର ଗଲ । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଓଲରିବା—ଦେ. କ୍ରି. ( ସଂ. ଅଲୁଲାପ୍ତିକ )—ଉଲୁରିବା ( ଦେଖ )
Olariba Uluriba ( See )
(ଓଲରାଇବା—ଣିଜନ୍ତ)

ଓଲା—ଦେ. ବି—ଓଲାଇବା; ଝାଡ଼ୁ ଦ୍ୱାରା ଅଳଆ ସଫା କରିବା—
Ola The act of sweeping a place clean.
ଝାଁଟା
ଦେ. ବଣ—ଓଳଆ ହୋଇଥିବା; ଝାଡ଼ୁ ଦ୍ୱାରା ପରିଷ୍କୃତ—
ଝାଡ଼ନା Swept clean.

ଓଲ—ବିଦେ. ବଣ. ପୁଂ. ( ଅ. ଉଲ୍ଲ )—ନିର୍ବୋଧ—
Ola Foolish; stupid; idiotic.
(ଓଲୀ—ସ୍ତ୍ରୀ)
উল্লু
उल्लू
ଓଲା ( ସଂ. ଉପଲ; ହି. ଓଲା—ଭୂଅପଥର; ଭୂଅପଥର ପରି
ओला ଗୋଲାକାର ମିଶ୍ରୀ ବା ଚିନିର ଗୁଳା)—
ଦେ. ବି ଚିନି ବା ମିଶ୍ରୀରେ ପ୍ରସ୍ତୁତ ଲଡ଼ୁ ଆକାର ଗୋଲ—
(ଏହାକୁ ପାଣିରେ ବତୁରାଇ ପଣା କରି ଗ୍ରୀଷ୍ମ ଦିନେ ଖାଆନ୍ତି)
A hard and easily soluble sugar-ball
ଗ୍ରା. ବି—ଭୋଜନ ଲାଳସା—Hankering after food.
( ଯଥା—ଅଛ ବଡ଼ା ଘରେ ଭୋଜନ ମିଳିବାରୁ ମୋର
लालचा ଓଲା ଛଡ଼ିଗଲା )

ଓଲାଇବା—ଦେ. କ୍ରି—ଝାଡ଼ୁ କରିବା; ଝୁଣିଦ୍ୱାରା ଅଳଆ ସଫା କରିବା—
Olaiba To sweep a place clean.
ঝাঁটিদেওয়া
बुहारना; झाड़ना

ଓଲାଇବା—ଗ୍ରା. କ୍ରି—ଓହ୍ଲାଇବା ( ଦେଖ )
Olaiba Ohlaiba ( See )

ଓଲାଉଠା—ଦେ. ବି ( ଓଲା=ଓହ୍ଲାଇବା + ଉଠା=ଉଠିବା; ଝାଡ଼ା
Olautha ଗୁହ୍ୟଦ୍ୱାର ବାଟେ ତଳକୁ ଓ ପେଟରେ ଥିବା ଉଦ୍ଗୀର୍ଣ୍ଣ
ওলাউঠা; ভেদবমি ପଦାର୍ଥ ପାଟିବାଟେ ଉପରକୁ ଉଠି ଗମନ
हैजा; उलटन ହେଉଥିବାରୁ ବୋଧ ହୁଏ ଏହି ନାମ—ଭୂଲ.
ବ. ଅନ୍ୟ ନାମ—ନାମାନ୍ତରଓଠାଳ)—ମାରାତ୍ମକ ଝାଡ଼ାବାନ୍ତି
ରୋଗ; ହଇଜା; ବସୁନ୍ତିକା—Asiatic cholera; a disease attended with purging and vomiting; cholera morbus.

ଓଲାଓଲି—ଦେ. ବି ଓ ବଣ. ( ବହୁ ଅର୍ଥରେ ଶବ୍ଦର ଦ୍ୱିରୁକ୍ତିପ୍ରୟୋଗ )—
Olaoli ଓଲିଆଓଲି ( ଦେଖ )
Oliaoli ( See )

ଓଲାଗିବା—ଦେ. କ୍ରି ( ସଂ. ଉଲଙ୍ଗ )—
Olagiba ଓହ୍ଲାଇବା; ଦେହରୁ କାଢ଼ିବା (ଅଳଂକାରାଦି)—
উলান; উতারা To put off ( ornaments etc ).
उतारना

ସେହି ଯେତେ ଅଳଂକାର ଲାଗି ହୋଇଥିଲେ
ଓଲାଗି ହୋଇ ତାହାକୁ ଅନୁଗ୍ରହ କଲେ । ଦ୍ୱାରୀ—ଜଳଚର୍ଚ୍ଚା ।

ଓଲା ଛଡ଼ାଇବା—ଦେ. କ୍ରି ( ଓଲା ଛାଡ଼ିବାର ଣିଜନ୍ତ ରୂପ)—
Ola chhardaiba ଇଚ୍ଛାନୁରୂପ ଭୋଜନ ଦ୍ୱାରା ଖାଦ୍ୟଲାଳସାକୁ ପରିତୃପ୍ତ କରିବା—To satiate one's hankering after dainty food by having one's fill.

ଓଲା ଛାଡ଼ିବା—ଦେ. ବି—ଭୋଜନଲାଳସା ତୃପ୍ତ ହେବା—
Ola chhardiba Satiation of hankering after dainty food by having a fill.

ଓଲାଦ୍—ବିଦେ. ଅ ବି. ( ବଚନଅ ) ( ଅ. ଓଲଦ୍; ଲ୍ଲ=ପୁଅ;
Olad ମୂଳ ସଂ. ବାଳ )—ପୁଅ—Son.
ওলাদ
औलाद [ ଦ୍ର—ଏଥିର ସାଙ୍କେତିକ । ଓ । ଯଥା—ଗୋପାଳ ଚନ୍ଦ୍ର ପ୍ରହରାଜ । ଓ । ନରସିଂହ ପ୍ରହରାଜ ମୃତ । ]

ଓଲାଦେବୀ—ଦେ. ବି. ( ହଇଜା ରୋଗର ଅଧିଷ୍ଠାତ୍ରୀରେ ନାମ )—
Oladebi ହଇଜା ରୋଗ; ବସୁନ୍ତିକା ଠାକୁରାଣୀ—
Cholera (Goddes) personified ( there is a belief among the mass that cholera is due to a divine visitation when the Goddess is angry.)
[ ଦ୍ର—ସାଧାରଣ ଲୋକଙ୍କର ବିଶ୍ୱାସ ଯେ ବସୁନ୍ତିକା, ବସନ୍ତ ଆଦି ଗୋଟିଏ ଗୋଟିଏ ଦେବୀ । ଦେବୀ କୁପିତା ହେଲେ ଏ ରୋଗମାନ ହୁଏ । ]

ଓଲାର—ଦେ. ବି—ଉଲାର ( ଦେଖ )
Olara Ulara ( See )
(ଦକ୍ଷିଣ—ବରଗାର)
ওলার
उलार

| ୧ | ଲ | ଊ | ୠ,ଋ | ୡ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | କ୍ଷ | ଶ,ସ | ଙ୍କ | ଇସ୍ପ | ଙ୍ଗ | ଞ |
|---|---|---|---|---|---|---|---|---|---|---|---|---|---|---|
| ୵ | ଦ | ଉ | ଋ | ଌ | ସ୍ୱେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଷ୍ୟ | ଯ | ସ | ଙ୍ଗ୍ୟ | ଇଷ | ଙ୍କ | ନ୍ |

ଓଲାରିଆ—ଦେ. ବଣ—ଉଲାରିଆ ( ଦେଖ )
Olāria Ulāriā ( See )
উলাট
उलार

ଓଲାରିବା—ଦେ.କ୍ରି—୧ । ଛପରରୁ ନଡ଼ା ବା ଆବରଣ ଓହ୍ଲାଇ କରିବା-
Olāribā 1. To pull down the straw etc from the thatch.
উতারা
छप्पर उतारना ୨ । ବନ୍ଧନରୁ ମୋଚନ କରିବା—
2. To untie; to unsheathe

ଓଳି—ଦେ. ବି. ( ସଂ. ବଲୀକ )—
Oli ୧ । ଘରର ଚାଳର ପ୍ରାନ୍ତ; ଛଞ୍ଚ—
ছাওচ ছাঁচ; অইল 1. The eaves of a thatch.
उलती, उरी ୨ । ଓଳିତଳ (ଦେଖ)—Olitala (See)
ଏହି ଯେ ଅବାଳଘ ଓଳିରେ ଗଣ୍ଡା ଗଣ୍ଡା ଶାଳପ ଗିଥି ଝୁଲୁ ଅଛନ୍ତ ।
ଫକୀରମୋହନ, ଛମାଣଆଠଗୁଣ୍ଠ ।
୩ । ଦିବସର ପୂର୍ବ ବା ଶେଷ ଅର୍ଦ୍ଧ; ଦନାର୍ଦ୍ଧ—
বেলা 3 Half of the day, forenoon or afternoon.
बेला
( ଯଥା—ତା ଘରେ ଚାରି ଓଳିର ଦାନା ନାହିଁ । )
୪ । ଛୋଟ ମାଟି କୁଡ଼ୁଆ—4. Small earthen pot.
୫ । ଆକୃତି—5 Form; lineaments
୬ । ପ୍ରକୃତି—6 Nature.
୭ । ଅଭ୍ୟାସ—7. Habit
( ଯଥା— ତାଙ୍କ ବଂଶ ଓଳି ସେ ଛାଡ଼ିବେ କପର ? )
୮ । ବିଶେଷତ୍ୱ—8. Peculiarity.
ଦେ. ବଣ—ଆକୃତିବିଶିଷ୍ଟ—Having the form or lineaments of.

ଓଲି— ବୈଦେ. ଗ୍ରା. ବି. ( ଇଂ. ଓ୍ୱିଲ )—କୌଣସି ବ୍ୟକ୍ତି ମୃତ୍ୟୁ ପୂର୍ବରୁ
Oli ସମ୍ପାଦନ କରିବା ସମ୍ପତ୍ତି ବିଭାଗର ଆଦେଶ ପତ୍ର—
উইল A will; testament.
वसियतनामा; विल
ଦେ. ବଣ. ସ୍ତ୍ରୀ—ଓଳୀ (ଦେଖ)
Oli (See)

ଓଲିଆ—ଦେ. ବି— ୧ । ଶସ୍ୟାଦି ସଞ୍ଚୟ କରିବା ନିମନ୍ତେ କୁଠା ବା
Oliā ପାଳର ପୋଟଳା—1 A bag or packet
ধানের মড়া; মড়াই prepared with straw and
खोप; मारी bound up with straw-ropes to store grains.
ବଡ଼ିନ୍ଥ ତାଙ୍କ ଗାଣ୍ଡି ଯେସନ ଓଳିଆ—କୃଷ୍ଣସିଂହ ମହାଭାରତ, ଅଦ ।
୨ । ଝାଡ଼ୁଣି ଦ୍ୱାରା ପରିଷ୍କାର କରିବା, ଓଳାଇବା—
2. Cleansing; sweeping.
ଦେ. ବଣ—୧ । ପରିଷ୍କୃତ ହୋଇଥିବା; ଓଳା ହୋଇଥିବା—
झाड़ा बुहारा 1. Cleaned; swept clean.
୨ । ଓଳିଆ (ଦେଖ)
2 Olikiā (See)

ଓଲିଆ—ଦେ. ବଣ. ପୁଂ. ସ୍ତ୍ରୀ ( ସଂ. ଲାଳାସିକ୍ତ )—ଖାଦ୍ୟଦ୍ରବ୍ୟ ନିମନ୍ତେ
Oliā ଅତ୍ୟନ୍ତ ଲାଳାସିକ୍ତ; ଖାଇ ବା ଚଣ ଦେଖିଲେ ଯେଉଁ
(ଓଲେଇ — ସ୍ତ୍ରୀ) ଗୋରୁ ତାହା ଖାଇବାକୁ ବାଡ଼ ଡେଇଁ ପଶେ ବା ଯେଉଁ
লালচে ଲୋକ ଖାଇବାପାଇଁ ସର୍ବଦା ହାଇଁପାଇଁ ହେଉଥାଏ—
जोभला Hankering after eatable things; inordinately covetuous after edible things; gluttonous.

ଓଲିଆଓଲି—ଦେ. ବି (ସବ୍ଦଚର; ବହୁ ଅର୍ଥରେ ଶବ୍ଦର ଦ୍ୱିତ୍ୱ)—
Oliāoli ଏକାଧିକଥର ଝାଡ଼ୁଣି ଦ୍ୱାରା ପରିଷ୍କାର କରିବା—
ঝাটাঝাঁটি Repeatedly cleansing or sweeping
झाड़पोंछ with a broom.
ଦେ. ବଣ—ପରିଷ୍କୃତ—Cleared; cleansed; swept clean.

ଓଲିଆଓଲେଇ—ଦେ. ବି. ଓ ବଣ—ଓଲିଆଓଲି (ଦେଖ)
Oliāolei Oliāoli (See)

ଓଲିଆକଟା—ଦେ.ବି (ଯେ ଓଲିଆ କାଟି ଭିତରକୁ ଧାନ ଆଦି ଚୋରି କରେ)—
Oliākatā ଚୋର—Burglar; house breaker.

ଓଲିଆଗାଣ୍ଡି—ଗ୍ରା. ବଣ. ପୁଂ. ଓ ସ୍ତ୍ରୀ—ଯାହାର ନିତମ୍ବ ବା ପିଚ୍ଛ ଓଲିଆ
Oliāgāndi ଭଳି ବର୍ତ୍ତୁଳ ଓ ଅଯଥା ବଡ଼; ବୃହତ ନିତମ୍ବଯୁକ୍ତ—
Having unduly big and rounded buttocks.
ଗ୍ରା. ବି— ଓଲିଆ ପରି ବଡ଼ ଗାଣ୍ଡି ବା ପିଚ୍ଛ—
Large buttocks.

ଓଲିଆଗାଣ୍ଡିଆ—ଗ୍ରା. ବଣ. ପୁଂ—ଓଲିଆଗାଣ୍ଡି (ଦେଖ).
Oliāgāndiā Oliāgāndi (See)
(ଓଲିଆଗାଣ୍ଡେଇ—ସ୍ତ୍ରୀ)
बड़ोचुतड़वाला

ଓଲିଆପୋଲିଆ—ଦେ. ବି. ଓ ବଣ ( ଅନର୍ଥକ ଦ୍ୱିତ୍ୱ ଧ୍ୱନ୍ୟନୁକାରୀ
Oliāpoliā ସବ୍ଦଚର)—ଓଲିଆଓଲି (ଦେଖ)
Oliāoli (See)

ଓଲିଆବନ୍ଧା—ଦେ. ବି—ଶସ୍ୟ ଭର୍ତ୍ତି ପାଳ ପୋଟଳାକୁ ଶକ୍ତ କର
Oliābandha ଅଣ୍ଟ ଲଗାଇ ପାଳବଳଡ଼ଦ୍ୱାରା ବାନ୍ଧିବା—
মড়াইবাঁধা Tying or binding straw-ropes
मारीबान्धा round an 'Oliā' to make it tight.
[ ବି— ଓଲିଆ ବାନ୍ଧିବାକୁ ହେଲେ ପ୍ରଥମେ ପାଳକୁ ମଳିଛ
ଧରି ଅଗଅଗ୍ରୁ ପାଳମାନଙ୍କୁ ଉଛି ନିଆଯାଏ । ଓଲିଆର ଇଚ୍ଛା
ଅନୁସାରେ ପାଳବଳଡ଼କୁ ମଣ୍ଡଳାକାର କରି ଗୁରୁଗୋଟି ମୋଡ଼ା
ବା 'କର୍ଣ୍ଣା'-ବଳଡ଼ ଭୂମିରେ ରଖାଯାଏ । ତା ପରେ ଆଉଗଣ୍ଡ
ସବୁ ପାଳବଳଡ଼ାକୁ ତଳ କରି ସେ ମୋଡ଼ାବଳଡ଼ା ତଳରେ
ପକାଇ ତା ଉପରେ ଉଛା ଯାଇଥିବା ପାଳ ବୋଝ ( ପିଣ୍ଡ )କୁ

ସାଧାରଣ ଲୋକେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଖୋଜିବେ; 'ବୃଦ୍ଧି' ନ ମିଳିଲେ 'ବୃଦ୍ଧି' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବଡ' ନ ପାଇଲେ ଅଲ୍‌ବଡ଼ ଦେଖିବେ ।

ରଶି ତାକୁ ଛଡା ପର ମେଲାଇ ଦିଆଯାଏ; ତା ଉପରେ ଅଲ୍ପ ଗୁଡ଼ାଏ ଛୁଆଁ ପାଳ ଆଣି ମଝି ସ୍ଥଳରେ ଚେରେଚେ ଥୁପ୍ପ ଗଦା କରାଯାଏ ଓ ତଳର ମୋଡ଼ାମାନଙ୍କୁ କ୍ରମଶଃ ଉପରକୁ ଉଠାଇ ବୋଡ଼ମେଇ ପରି କରି ନଇଁଶ୍ରି ପରମିତ ଥୁପ୍ପ ରଶି ସାର ତା ମୁହଁକୁ ଭୁଟାହୁଡ଼ା ବନ୍ଦ କରି ଛନ ପଡ଼ିଥିବା ଦଣ୍ଡିମାନଙ୍କୁ ପଛ ଆଣି ଶକ୍ତ କରି ବାନ୍ଧି ଦିଆଯାଏ । ଏହିରୂପେ ପାଳର ପୁଡ଼ା ବା ଓଳିଅ ତିଆର କରାଯାଏ । ]

ଓଳିଅଭିଡ଼ା—ଦେ. ବି—ଓଳିଅବନ୍ଧା ( ଦେଖ )
Oliābhirdā — Oliābandhā ( See )

ଓଳିଅରୁ ଗଜା ହେବା—ଦେ.କ୍ରି. ( ବ୍ୟଙ୍ଗୋକ୍ତି ) (ନ୍ୟାସ୍ତ)—ଅକାଳ-
Oliāru gajā hebā ପକ୍ୱ ବା ଅଳ୍ପ ବୟସରେ ଅତି ଧୂର୍ତ୍ତତା ବା ପ୍ରଗଲ୍ଭତା ଦେଖାଇବା ବାଳକକୁ ଲକ୍ଷ କରି ଏ ବାକ୍ୟ ବୋଲାଯାଏ—This saying is applied to a precocious boy.

ଓଳିଅରୁ ପଡ଼ି ଗଜା ହେବା—ଦେ. କ୍ରି—ଓଳିଅରୁ ଗଜା ହେବା (ଦେଖ)
Oliāru pardi gajā hebā — Oliāru gajā hebā (See)

ଓଳିକି— ଦେ. ଅ—ଓଳିଏ ପାଇଁ—
Oliki — For one half of the day.
( ଯଥା—ତା ଘରେ ଓଳିକ ଦାନା ନାହିଁ । )

ଓଳିକି ( ଇତ୍ୟାଦି )—ଦେ. ବି. ଓ ଅ—ଓଳିଗି ଇତ୍ୟାଦି ( ଦେଖ )
Oliki ( etc ) — Olagi etc ( See )

ଓଳିକିଆ—ଦେ. ବିଣ. ( ସ୍ତ. ବେଳା )—
Olikiā
୧ । ଏକ ଓଳି ବା ଦିନାର୍ଦ୍ଧ ସମ୍ବନ୍ଧୀୟ—
1. Pertaining to one half of the day time.
ଏକବେଲା
एकदुपहरिया;
एकवेला
୨ । ଏକଓଳି ସମୟରେ କରାଯିବା—
2. Done in the coarse of half a day.
୩ । ଦିନକେ ଓଳିଏ ମାତ୍ର ଭୋଜନ କରୁଥିବା—
3 Taking one meal a day.
୪ । ଦିନ ମଧ୍ୟରେ ଏକଓଳି ମାତ୍ର କାର୍ଯ୍ୟ କରୁଥିବା—
4. Doing labour by one half of the day continually for six hours.

ଓଳିକିବା—ଦେ. କ୍ରି—ଓଳିଗି କରିବା ( ଦେଖ )
Olikibā — Olagi karibā ( See )

ଓଳିଗଡ଼ା—ଦେ. ବିଣ—୧ । ଘରର ଓଳିରୁ ପାଣି ବୋହିବା ପରିମିତ
Oligardā ବୃଷ୍ଟି—1. ( rain ) Sufficient to have the rain-water dropping down from the thatch of a house.
ଛାଁଚଗଡ଼ା
ओलतीसे गोराहुआ
୨ । ଦିନ ଦ୍ୱିପ୍ରହରକୁ ଉତ୍କ୍ରାନ୍ତ ହୋଇଥିବା ( କାଳ )—
2. ( time ) Past noon, after noon.

ଓଳିଗି—ଦେ. ବି—ଓଳଗି ( ଦେଖ )
Oligi — Olagi ( See )

ଓଳିଗି କରିବା—ଦେ. କ୍ରି—ଓଳଗି କରିବା ( ଦେଖ )
Oligi karibā — Olagi karibā ( See )

ଓଳିଗିବା—ଦେ. କ୍ରି—ଓଳଗି କରିବା ( ଦେଖ )
Oligibā — Olagi karibā ( See )

ଓଳିତଳ—ଦେ. ବି.—୧ । ଘରର ପାଣି ଗଡ଼ି ଯେଉଁଠାରେ ଭୂମିରେ
Olitala ପଡ଼େ—1. The place where water first drops down from the eaves.
অলিতলা; অইলতলা; ছাঁচতলা
आलती
୨ । ଘରଓଳିର ପ୍ରାନ୍ତର ଲମ୍ବରେ ଥିବା ଭୂମି—
2. The land adjoining the house just below the eaves of the thatch.

ମୂଷିକମା ଓଳିତଳ ଦେଖାଇ ଦେଉ ବାଡ଼ିହୁଅରେ ଛଡ଼ା ହେଉ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଓଳିତଳିଆ—ଦେ. ବିଣ.—୧ । ବଡ଼ଲୋକଙ୍କ ଘରର ଅତି
Olitaliā ସନ୍ନିକଟରେ ବାସ କରୁଥିବା—Living just near the house (said of poor people living near a rich man's house).
୨ । ବଡ଼ଲୋକଙ୍କ ଅନୁଗ୍ରହଜୀବୀ ବା ଆଶ୍ରିତ ( ବ୍ୟକ୍ତି )—
2 Dependent on a richman.

ଓଳିନାମା—ଦେ. ବି—ଓଳି ( ଦେଖ )
Olināmā — Oli ( See )
ওলিনামা
वसियतनामा

ଓଳିପାଣି—ଦେ. ବି—ଘରର ଓଳିରୁ ପଡ଼ିବା ବର୍ଷାପାଣି—
Olipāni Rain of a thatch water dropping from the eaves.
ছাঁচগড়া জল
ओलति

ଓଳିପାଣି ତଳି ଧଇଲାଣି—ପ୍ରବଚନ—ଲକ୍ଷଣାର୍ଥ) ମୁଣ୍ଡପାଣ ଗୋଡ଼କୁ
Olipāni tali dhailāni ଆସିଲାଣି; କଥା ବଢ଼ିଲେଇ ଗଲାଣି; ଲେଉଡ଼ ସୁଡ଼ ଦଉଣୀକୁ ବଳି ଅଇଲାଣି—
The expression is used when matters have proceeded too far ( like rain water of the thatch reaching the ground after dropping from the eaves.

ଓଳିବା—ଦେ. କ୍ରି—ଓହ୍ଳିବା ( ଦେଖ )
Olibā — Ohlibā ( See )

ଓଳିମିଞ୍ଚ—ଦେ. ବି—ଓଳମିଚ ( ଦେଖ )
Olimiñchi — Olamichi ( See )

| | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|
| ୧ | ୮ | ଉ | ଋ,ଝ | ଃ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଡ | ଣ,ସ | କ୍ଷ | ୬ଯ୍ଯ | ତ୍ଥ | ଲ୍ପ |
| ୨ | ଊ | ଈ | ରୁ | ଲୁ | ପ୍ରେ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଣ୍ୟ | ଯ | ଷ | ଙ୍ଗ | ଛଅ | ଞ୍ଜ | ନୃ |

ଓଲୁ—ଦେ. ବଣ. ( ଅ. ଉଲ୍ଲୁ )—ନିର୍ବୋଧ; ଓଲ୍ଲ; ଅସିଆଣା—
Olu Stupid; foolish.
उल्लू ଓଲୁଙ୍କ ପ୍ରାୟେ ଭଳେ ନୁହେ କାଲ ଜଡ଼। ବ୍ରହ୍ମନୁପଣଗୀତା।
उल्लू

ଓଲୁଅ—ଦେ ବି. ( ସଂ. ଓଲ୍ଲ )—ଓଲ ( ଦେଖ )
Olua Ola ( See )
ଗ୍ରା. ଅ—ଓଲୋ ( ଦେଖ )
Olo ( See )

ଓଲୁଆ—ଦେ. ବଣ. ପୁଂ—ଯେଉଁ ବଳଦ ବାଡ଼ ଭାଙ୍ଗି କ୍ଷେତ ଓ ବଗିଚ୍ଚାର ଫସଲ ଖାଇବାକୁ ଲାଳାୟିତ ହୁଏ—
Oluā A bullock which hankers after
(ଓଲେଇ—ସ୍ତ୍ରୀ) crops and strays into fields and
ह्लकाहा gardens.

ଦେ. ବି—୧। ଶଗଡ଼ ଚକର ନାଭି ମଧ୍ୟସ୍ଥ ଛିଦ୍ର ଅକ୍ଷ ଦ୍ୱାରା ଘସି ହୋଇ ଯୋଉ ହୋଇ ନ ଯିବା ନିମନ୍ତେ ସେହି ଛିଦ୍ର
साम ମୁହଁ ପାଖେ ଦିଆ ଯାଇଥିବା ବୃତ୍ତାକାର ଲୌହବଳୟ; ସମା—1. The circular iron plate laid round the hole in the centre of a wheel to prevent it from being worne out by friction with the axle.
୨। ଏକ ଜାତୀୟ ଷ୍ଟୋଟ ମାଛ; ବାଲିଗରଡ଼ା (ଦେଖ)—
2. A kind of small fish; Bāligararda (See)

୩। ଆଖୁ ଘଣା—
3 Sugar-press; sugar-mill.

ଓଲୁ ବନାଇବା—ଦେ.କ୍ରି—ଠକାଇବା—To nonplus; to put
Olu banāibā a man to a tight corner; to cajole.

ଓଲୁ ବନିବା—ଦେ. କ୍ରି—ଠକାମିରେ ପଡ଼ିବା—To be nonplussed; to be cajoled.
Olu banibā

ଓଲେଇ—ଦେ. ବଣ. ସ୍ତ୍ରୀ—୧। ଓଲିଆ ( ଦେଖ )
Olei 1. Oliā ( See )
(ଓଲୁଆ—ପୁଂ) ଓଲେଇ ଦରକଣା ଖାଏ- ବୁଅଲବୁଲାର ପୋଡ଼ ଯାଏ—ଚଗ।
୨। ଓଲମୀ; ନିର୍ବୁଦ୍ଧି ( ସ୍ତ୍ରୀ )—
2. Stupid or foolish ( woman )

ଓଲେଗ (ଇତ୍ୟାଦି)—ଓଲଗ ଇତ୍ୟାଦି ( ଦେଖ )
Olega etc. Olaga etc. ( See )

ଓଲେଗି (ଇତ୍ୟାଦି)—ଓଲଗ ଇତ୍ୟାଦି ( ଦେଖ )
Olegi etc. Olaga etc. ( See )

ଓଲେଗିବା—ଦେ. କ୍ରି—ଓଲଗିବା ( ଦେଖ )
Olegibā Olagibā ( See )

ଓଲୋ—ଦେ. ଅ. ( ସଂ. ଓ ପ୍ରା. ହଲ୍ଲ )—
Olo (ସ୍ତ୍ରୀ ଲୋକଙ୍କର ପ୍ରଶ୍ନର ଉତ୍ତରରେ ବା ସ୍ତ୍ରୀ ଲୋକଙ୍କୁ
ওলো ସମ୍ବୋଧନରେ ବ୍ୟବହୃତ)—ଅଲୋ; ହଇଲୋ !
अइ, अरी, हे ( Interjection: A vocative particle) Hallo ! ho ! halloa ! (used by women in responding to or addressing a female.

ଓଲୋଗ (ଇତ୍ୟାଦି)—ଦେ. ବି—ଓଲଗ ଇତ୍ୟାଦି ( ଦେଖ )
Ologa etc Olaga etc ( See )

ଓଲୋଗି (ଇତ୍ୟାଦି)—ଦେ. ବି—ଓଲଗ ଇତ୍ୟାଦି ( ଦେଖ )
Ologi etc. Olaga etc ( See)

ଓଲୋଗିବା—ଦେ. କ୍ରି—ଓଲଗିବା ( ଦେଖ )
Ologibā Olagibā ( See)

ଓଲୋନ୍ଦାଜ୍—ଦେ. ବଣ—ଓଲନ୍ଦାଜ୍ ( ଦେଖ )
Olondāj Olandāj ( See )

ଓଲୋମ୍ ବିଲମ୍—ଦେ. ବି ଓ ବଣ—ଓଲମ୍ ବିଲମ୍ ( ଦେଖ )
Olom bilam Olam bilam ( See )

ଓଲୋମ୍ ବିଲୋମ୍—ଦେ. ବି ଓ ବଣ—ଓଲମ୍ ବିଲମ୍ ( ଦେଖ )
Olom bilom Olam bilam ( See )

ଓଲ୍ୱ—ସଂ. ବି—ଓଲ ( ଦେଖ )
Olwa Ola ( See )

ଓଲ୍ଲ—ସଂ. ବି—ଓଲ ( ଦେଖ )
Olla Ola ( See )

ଓଲ୍ହାଇବା—ଦେ. କ୍ରି—ଓହ୍ଲାଇବା ( ଦେଖ )
Olhāibā Ohlāibā ( See )

ଓଲ୍ହିବା—ଦେ. କ୍ରି—ଓହ୍ଲିବା ( ଦେଖ )
Olhibā Ohlibā ( See )

ଓଁଶ୍—ପ୍ରାଦେ. ( ସମ୍ବଲପୁର ) ବି. ( ସଂ. ଓସ ) - କାକର—
Oś Dew.
ଧାଇବୁ କୋଶେ, ପାଇବୁ ପୋଷେ, ଖଇବେଳକୁ ମରବୁ ଶୋଷେ;
ଘର ବେଳକୁ ଶୋଇବୁ ଓଶେ; କାମ ନ କଲେ ମରୁବୁ ରୋଷେ।
ଢୋଲାଘରଗୃହର ସମ୍ବନ୍ଧରେ ବ୍ୟଙ୍ଗବଚନ।

ଓଶନା—ପ୍ରାଦେ. ( ଗଡ଼ଜାତ ) ବି—ଛାଲର ଓଳି—
Ośnā Eaves of a thatch.

ଓଶ୍ନାରୁ ଓହୋଳିବା—ପ୍ରାଦେ. ( ଗଡ଼ଜାତ ) କ୍ରି—
Ośnāru oholibā ( ବର୍ଷାପାଣି ) ଓଳିରୁ ଗଡ଼ିବା—
( rain-water ) To drop from the eaves.

ଓଶନିଦ୍ରା—ପ୍ରାଦେ ( ସମ୍ବଲପୁର ) ବି ଓ ବଣ—ଅନିଦ୍ରା ( ଦେଖ )
Ośnidrā Anidrā ( See )

ଓଶକା—ଦେ. ବି. ( ସଂ. ଅଶୋକ )—୧। ଅଶୋକ ( ଦେଖ )
Ośakā Aśoka ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଙ୍ଗେ ସଙ୍ଗେ ବର୍ଣ୍ଣର ବିପରୀତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— ସାଢ଼' ନ ମିଳିଲେ 'ଷାଣ୍ଢ' ଖୋଜିବେ; 'ଭୂଷ' ନ ମିଳିଲେ 'ଭୂଷ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲକତ' ନ ପାଇଲେ 'ଅଲକ୍ତକ' ଦେଖିବେ

୨ । ଅଶୋକାଷ୍ଟମୀ ଦିନ ଅଶୋକକଢ଼ି ଖୁଆଖୋଇ ହୋଇ ଦୁଇ ଜଣ ପରସ୍ପର କରିଥିବା ଧର୍ମ ବନ୍ଧୁ—2 A god-relationship started by two persons putting Aśoka buds to each other's mouth on the Aśokāshṭamī day.

ଓଶକାଅଷ୍ଟମୀ—ଗ୍ରା. ବି ( ସଂ. ଅଶୋକାଷ୍ଟମୀ )—
Oṡakāashṭamī ଅଶୋକାଷ୍ଟମୀ ( ଦେଖ )
Aśokāshṭamī ( See )

ଓଶକାକଢ଼—ଦେ. ବି. ( ସଂ. ଅଶୋକ କଳିକା )—
Oṡakākarḏi ଅଶୋକ କଳିକା ( ଦେଖ )
Aśoka kalikā ( See )

ଓଶକାକଢ଼ି—ଦେ. ବି. ( ସଂ. ଅଶୋକ କଳିକା )—
Oṡakākarḏhi ୧ । ଅଶୋକ କଳିକା ( ଦେଖ )
1. Aśoka kalikā ( See )
୨ । ଓଶକା ୨ ( ଦେଖ )
2. Oṡakā 2 ( See )
ଓଶକାକଢ଼ି ! ମନେ ପଡ଼ୁଥିବ ସଙ୍ଗାତ ସଙ୍ଗ । ଚଗ ।

ଓଶକାଷ୍ଟମୀ—ଦେ. ବି. ( ସଂ. ଅଶୋକାଷ୍ଟମୀ )—
Oṡakāshṭamī ଅଶୋକାଷ୍ଟମୀ ( ଦେଖ )
Aśokāshṭamī ( See )
[ ଦ୍ର—ଅଶୋକକଳିକା ପାନ କଲାବେଳେ ଉଚ୍ଚାରିତ ମନ୍ତ୍ର—
"ତ୍ୱାମଶୋକହରାଭୀଷ୍ଟମଧୁମାସସମୁଦ୍ଭବ,
ପିବାମି ଶୋକସନ୍ତପ୍ତୋ ମାମଶୋକଂ ସଦା କୁରୁ ।"
ଏହି କଳିକା ପାନ କରିବା ସମ୍ବନ୍ଧେ ଶାସ୍ତ୍ର-ବଚନ—
"ଅଶୋକକଳିକା ଷଟ୍ ଯେ ପିବନ୍ତି ପୁନର୍ବସୌ
ଚୈତ୍ରେ ମାସି ସିତାଷ୍ଟମ୍ୟାଂ, ନ ତେ ଶୋକମବାପ୍ନୁୟୁଃ । ]

ଓଶତ—ଗ୍ରା. ବି (ସ. ଅଶ୍ୱତ)—ଅଶ୍ୱତ୍ଥ (ଦେଖ)—
Osata Aśwattha (See)

ଓଶଥ—ଗ୍ରା. ବି—ଅଶ୍ୱତ୍ଥ (ଦେଖ)
Oṡatha Aśwattha (See)

ଓଶସ୍ତ—ଗ୍ରା. ବି—ଅଶ୍ୱତ୍ଥ (ଦେଖ)
Oṡasta Aśwattha (See)

ଓଷ—ସଂ. ବି (ଉଷ ଧାତୁ=ଦାହ କରିବା+ଅ)—
Osha ୧ । ଦାହ; ଦହନ—1. Act of burning.
୨ । ପୋଡ଼ାଜଳା—2. Burning sensation.
୩ । କୁହୁଡ଼—3. Frost.
୪ । କାକର—4. Dew.
ଗ୍ରା. ବି (ସଂ. ଔଷଧ)—୧ । ଔଷଧ—
ওষুদ 1. Medicine, drugs.
दवा औखद् ଜାଣେ ଯେବେ ପର ଯୁବତୀ କଲ୍ଲ ଓଷ
ତେ ସବାଙ୍କୁ ସେ କଠ ପାଉଥାଏ ତ୍ରାସ—କୃଷ୍ଣସିଂହ ମହାଭାରତ. ବନ ।

୨ । ଶତ୍ରୁ ପ୍ରତି ପ୍ରଯୁଜ୍ୟ ଦ୍ରବ୍ୟାଦି ଜଡ଼ିବୁଟି;
2. Charms used to injure an enemy.

ଓଷ କରିବା—ଗ୍ରା. କ୍ରି—୧ । ରୋଗୀପ୍ରତି ଔଷଧ ପ୍ରୟୋଗ କରିବା—
Osha karibā 1. To apply medicine.
ওষুদকরা ୨ । ଶତ୍ରୁ ପ୍ରତି ଜଡ଼ିବୁଟି ପ୍ରୟୋଗ କରିବା—
आखद् करना 2 To apply charms or drugs against an enemy.
୩ । କୌଣସି ବ୍ୟକ୍ତିକୁ କୌଣସି ଦ୍ରବ୍ୟ ଖୁଆଇ ବା ମନ୍ତ୍ରଯନ୍ତ୍ର କରି ବଶୀଭୂତ କରିବା—3. To bring a person under one's control by applying charms or drugs.

ଓଷଣ—ସଂ. ବି (ଉଷ ଧାତୁ=ପୋଡ଼ିବା+କର୍ତ୍ତୃ. ଅନ)—
O:hana କଟୁରସ; ତୀବ୍ରରସ—Thing with pungent taste.
ସଂ. ବିଣ—ଦାହକାରକ; ତୀବ୍ର—
Having a burning taste; pungent.

ଓଷଦ (ଇତ୍ୟାଦି)—ଦେ. ବି—ଓଷ ଇତ୍ୟାଦି (ଦେଖ)
Oshada etc Osha etc (See)

ଓଷଦପାଣି—ଦେ. ବି (ସତ୍ୱତର)—ଓଷଦ ମଉଷଦ (ଦେଖ)
Oshadapāṇi Oshada maushadi (See)
ওষুদপত্র
दवापानी

ଓଷଦମଉଷଦ—ଦେ. ବି (ସଂ. ଔଷଧ + ମହୌଷଧ)—
Oshadamaushada ନାନାପ୍ରକାର ଔଷଧ—
ওষুদপত্র Medicine generally.
दवादारु

ଓଷଦମଉଷଧି—ଦେ. ବି—ଓଷଦମଉଷଦ (ଦେଖ)
Oshadamaushadhi Oshadamaushada (See)

ଓଷଦି (ଇତ୍ୟାଦି)—ଗ୍ରା. ବି (ସଂ. ଔଷଧ)—ଓଷ ଇତ୍ୟାଦି (ଦେଖ)
Oshadi etc Osha etc (See)

ଓଷଦିଆ—ଦେ. ବିଣ—ଔଷଧର ଗନ୍ଧବିଶିଷ୍ଟ—
Oshadiā Of drug-like smell.
औखद्

ଓଷଧ—ଦେ. ବି (ସଂ. ଔଷଧ)—ଓଷ (ଦେଖ)
Oshadha Osha (See)

ଓଷ ଧରିବା—ଦେ. ବି—କୌଣସି ରୋଗୀପ୍ରତି ପ୍ରଯୁକ୍ତ ଔଷଧର ଗୁଣ ରୋଗୀଠାରେ ଜଣାପଡ଼ିବା—
Osha dharibā A medicine taking effect on a patient.
ওষুদধরা
दवालगना

ଓଷଧି—ସଂ. ବି—ଓଷଧୀ (ଦେଖ)
Oshadhi Oshadhī (See)
ଦେ. ବି—ଓଷ (ଦେଖ)
Osha (See)
ଅଶ୍ୱିନୀକୁମାରଙ୍କ ଓଷଧ ସକଳ—କୃଷ୍ଣସିଂହ ମହାଭାରତ. ଅଦି ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଢ଼ | ହ୍,ହ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ସ୍ୱରାକ୍ଷର | ଷ | ଢ | ଶ,ଷ | କ୍ଷ | ଇଯ଼ | ଉଅ | ଢ |
| ୨ | ଐ | ଔ | ଋ | ଌ | ଙ୍ଗ | ଅକାରାନ୍ତ ବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଣ | ଯ | ସ | ଙ୍ | ଇଅ | ● | ନ୍ |

ଓଷଧିଆ—ଦେ. ବଣ—ଓଷଦଆ (ଦେଖ)
Oshadhiā Oshadiā (See)

ଓଷଧି ମୌଷଧି—ଦେ. ବ.—ଓଷଦ ମଉଷଦ (ଦେଖ)
Oshadhi maushadhi Oshada maushadi (See)

ଓଷଧୀ—ସ. ବ. ସ୍ତ୍ରୀ. (ଉଷ୍ =ଦୀପ୍ତି + ଧା ଧାତୁ—ଧାରଣ କରିବା + କର୍ତ୍ତୃ. ଇ)—୧ । ଜ୍ୟୋତିର୍ଲତା; ଯେଉଁ ସବୁ ଲତା ରାତିରେ ଉଜ୍ଜ୍ୱଳ ଦିଶେ—1. Luminiferous plants; phosphorescent plants; medicinal plants, or herbs
Oshadhi

୨ । ଥରେ ଫଳ ପାଚିଲେ ଯେଉଁ ସବୁ ଗଛ ଲତା ଶୁଖି ଯାଏ; ଫଳପାକାନ୍ତ ବୃକ୍ଷଲତାଦି (ଯଥା—ଧାନ; କଦଳୀ) 2. Plants which wither after once bearing fruits (e. g. paddy; plantain etc.

ଓଷଧୀନାଥ—ସଂ. ବ. (୬ଷ୍ଠୀ ତତ୍. ଓଷଧୀ + ନାଥ)—ଓଷଧୀଶ (ଦେଖ)
Oshadhinātha Oshadhisa (See)

ଓଷଧୀପତି—ସଂ. ବ. (୬ଷ୍ଠୀ ତତ୍. ଓଷଧୀ+ପତି)—ଓଷଧୀଶ (ଦେଖ)
Oshadhipati Oshadhisa (See)

ଓଷଧୀଶ—ସଂ. ବ. ( ୬ଷ୍ଠୀ ତତ୍. ଓଷଧୀ + ଈଶ; ପୁରାଣ ମତରେ ଚନ୍ଦ୍ର ଓଷଧୀମାନଙ୍କର ଅଧିପତି ଥିବାରୁ )—୧ । ଚନ୍ଦ୍ର; ନିଶାପତି; ଚନ୍ଦ୍ରମା—1. The moon
Oshadhisa

୨ । କର୍ପୂର—2. Camphor.

ଓଷଧୀଶା—ସଂ. ବି. ସ୍ତ୍ରୀ. ( ଓଷଧି + ଈଶ + ସ୍ତ୍ରୀ. ଆ; ଓଷଧୀମାନଙ୍କ ଶ୍ରେଷ୍ଠତମ)—ସୋମଲତା (ଯଜ୍ଞରେ ବ୍ୟବହୃତ)—The Soma creeper (used in sacrifice)
Oshadhisā

ଓଷା—ଦେ. ବ. ( ସଂ. ଉପବାସ)—୧ । ଉପାସ; ଅନଶନ ବ୍ରତ—
Oshā 1. Abstinance from food in observance of a religious vow; a religious fast.
উপোস
उपवास; उपास

ଶଙ୍କରରେ ଯନ୍ତ୍ରଣା ଅର୍ପି ନାନା ଓଷା ବ୍ରତ ନ ପାଳି ନଗରବାସୀ ।
ଚିନ୍ତାମଣି—ବଜିମାବିଚ୍ୟ ।

୨ । ବ୍ରତ—2. A religious vow.

୩ । ରାଜମିସ୍ତ୍ରୀଙ୍କ ବ୍ୟବହୃତ କାନ୍ଥଅଦର ପଲସ୍ତରା ସମତୁଲ କରିବାପାଇଁ ବ୍ୟବହୃତ କାଷ୍ଠ ଫଳକ—3 Mason's plane.

୪ । ଉଷାନାମ୍ନୀ ସ୍ତ୍ରୀର ଡାକନାମ—4. Name for calling Ushā.

[ ଦ୍ର—'ବ୍ରତ' ଓ 'ଓଷା'— ବ୍ରତକୁ ପୁରୁଷ ଓ ସ୍ତ୍ରୀ ସମସ୍ତେ କରନ୍ତି; କେବଳ ସ୍ତ୍ରୀମାନେ ପାଳିବା ବ୍ରତକୁ ଓଷା ବୋଲଯାଏ । ଆମ ଦେଶର ସ୍ତ୍ରୀମାନେ ପାଳିବା ପ୍ରଧାନ ପ୍ରଧାନ ଓଷା । ଯଥା— କହ୍ନୁଆ ବଣାଦ, ଷଠୀଓଷା, ଜନ୍ତିଓଷା, ବଡ଼ଓଷା, ଢାଙ୍କିଅଁଲା, ଋଷିପଞ୍ଚମୀ ଓଷା, ଟୁବୁକୁଣୀ ବା ଖୁଦୁରୁକୁଣୀ ଓଷା, ନାଗଲଚଉଠୀ ଓଷା, ପଣ୍ଡ ଓଷା, ବୃଥେଇ ଓଷା, ଭାଇଦୁତିଆ ବା ଯମଦୁତିଆ ଓଷା, ପଞ୍ଚୁକ ଓଷା, ସାବିତ୍ରୀ ଓଷା, ଦୁତିଆ ଓଷା, ଖୁଦୁରୁକୁଣୀ, ବାଟଓଷା, ନାଗଲଚଉଠି ଓଷା, ମଙ୍ଗଳ ଓଷା, ପୁଷ ରବିବାର, ଚଇତ୍ର ମଙ୍ଗଳବାର ଓ ପୁନିଅ ଓଷା । ]

ଓଷା ଉଜୁଆଁ—ଦେ. ବ. ( ସଂ. ଉପବାସ+ଉଦ୍ୟାପନ )—ବ୍ରତସମାପନ; ବ୍ରତର ଉଦ୍ୟାପନ; ବ୍ରତପାଳନ କ୍ରିୟାର ସମାପ୍ତି-କରଣ—Concluding the observance of a religious fasting; the concluding ceremony of a religious fast.
Oshā ujuāṅ
উপোসউজ্জাপন
पारण

ଓଷା ଉଜେଇଁବା—ଦେ. କ୍ରି—ବ୍ରତ ଉଦ୍ୟାପନ କରିବା—
Oshā ujeiṅbā To conclude a religious fasting.
উপোসউজ্জাপনকরা
पारण करना

ଓଷାବାଆ—ଗ୍ରା. ବ. ( ଅନର୍ଥକ ଦ୍ୱିତ୍ୱଯୁ ସହଚର )—ଉତ୍ସବ ଓ ଉପବାସାଦି—Fasts and feasts.
Oshābaā

ଓଷାବାହା—ଗ୍ରା. ବ. ( ସହଚର ଶବ୍ଦ )—ଓଷାବାଆ ( ଦେଖ )
Oshābahā Oshābaā ( See )

ଓଷୁଅ—ଗ୍ର . ବ. ( ସଂ. ଔଷଧ )—ଓଷ ( ଦେଖ )
Oshua Osha ( See )

ଓଷେଇତି—ଦେ. ବଣ. ସ୍ତ୍ରୀ. ( ସଂ. ଉପୋଷିତା )—ଓଷା ପାଳୁଥିବା ( ସ୍ତ୍ରୀଲୋକ )—( a female ) Observing a religious fast.
Osheiti

ଓଷ୍ଟେକଷ୍ଟେ—ଦେ. କ୍ରି. ବଣ—ଅତି କଷ୍ଟରେ; କଷ୍ଟେମଷ୍ଟେ—
Oshṭekashṭe With much difficulty.
কষ্টেসৃষ্টে

ଓଷ୍ଠ—ସଂ. ବ. ( ଉଷ ଧାତୁ=ଦାହ କରିବା+ଠ )—
Oshṭha ୧ । ଉପର ଓ ତଳ ଓଠ—1. Lip.

୨ । ପାଟିର ତଳପାଖ ଆବରଣ; ଅଧରୋଷ୍ଠ—2. Lower lip.

୩ । ଥୋଡ଼ି; ଚିବୁକ—3. Chin

ଓଷ୍ଠପୁଟ—ସଂ. ବ ( ଓଷ୍ଠ+ପୁଟ=ପାତ୍ର )—ଦୁଇ ଓଷ୍ଠର ମଧ୍ୟବର୍ତ୍ତୀ ପାର୍ଶ୍ୱୀକୃତ ବ୍ୟବଧାନ—The cavity made by the lips while opening the mouth.
Oshṭhapuṭa

କହାଇ ଓଷ୍ଠପୁଟ କହିଲେ ବଚନ—କୃଷ୍ଣସିଂହ. ମହାଭାରତ. ଅଦ ।

ଓଷ୍ଠପୁଷ୍ପ—ସଂ. ବ. ( ଓଷ୍ଠ ପରି ପୁଷ୍ପ; ଓଷ୍ଠର ବର୍ଣ୍ଣ ସଙ୍ଗେ ବଧୁଲି ଫୁଲର ବର୍ଣ୍ଣ ତୁଳନା କରାଯିବାରୁ )—ବଧୁଲି ଫୁଲ; ବନ୍ଧୁକ ଫୁଲ; ଦିପହରିଆ ଫୁଲ—A red flower (Pentapetus Phoenicea ).
Oshṭhapushpa

ଓଷ୍ଠବ୍ରଣ—ସଂ. ବ—ଉପର ଓଷ୍ଠରେ ହେବା ଦୁଷ୍ଟ ବ୍ରଣ—
Oshṭhabraṇa Carbuncle on the upper lip.

ଏହାରଣ୍ଡ ସ୍ଥେବେ ଅପର ପୃଷ୍ଠାରେ ଧୃତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଭ୍ରମବଶତଃ ରକ୍ଷା କରଯାଇ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥରେ ନ ମିଳେ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ଗାଠ' ନ ମିଳଲେ 'ଗାଣ୍ଠ' ଖୋଜିବେ; 'କୁଷ' ନ ମିଳଲେ 'କୂଷ' ଦେଖିବେ; 'କଂଧୁ' ନ ପାଇଲେ 'କନ୍ଧ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ ।

**ଓଷ୍ଠାଗତପ୍ରାଣ**—ସଂ. ବଣ. ( ବହୁବ୍ରୀହି; ଓଷ୍ଠ+ଆଗତ+ପ୍ରାଣ )—
Oshthāgataprāṇa ଯାହାର ଜୀବନ ଓଠ ପର୍ଯ୍ୟନ୍ତ ଆସିଛି; ମୁମୂର୍ଷୁ; ମ୍ରିୟମାଣ—Dying; with life coming to the lip; with life ebbing away ( said of a departing soul ).

**ଓଷ୍ଠାଧର**—ସଂ.ବ. ( ଦ୍ୱନ୍ଦ୍ୱ; ଓଷ୍ଠ+ଅଧର)—ତଳ ଏବଂ ଉପର ଓଠ—
Oshṭhādhara The upper and lower lips.

**ଓଷ୍ଠୀ**—ସଂ. ବ. ସ୍ତ୍ରୀ. ( ଓଷ୍ଠ+ଈ; ପକ୍ୱ ବନ୍ୟ ଫଳର ବର୍ଣ୍ଣ ଓଷ୍ଠର ବର୍ଣ୍ଣ ସଙ୍ଗେ ତୁଳା ଯାଏ )—ବନ୍ୟଫଳ—A fruit of a
Oshṭhī wild creeper; Memordica Menodelpha ( the ripe fruit is compared to the bright red lips of a lady ).

**ଓଷ୍ଠେକଷ୍ଟେ**—ଦେ. କ୍ରି. ବ—ଓଷ୍ଟେକଷ୍ଟେ ( ଦେଖ )
Oshṭhekashṭe Oshṭekashṭe ( See )

**ଓଷ୍ଠ୍ୟ**—ସଂ. ବଣ. ( ଓଷ୍ଠ+ଯ )—ଓଷ୍ଠ ସାହାଯ୍ୟରେ ଉଚ୍ଚାରିତ—
Oshṭhya Pronounced with the help of the lips, labial.

**ଓଷ୍ଠ୍ୟବର୍ଣ୍ଣ**—ସଂ. ବ.—( ବ୍ୟାକରଣ )—ଯେଉଁ ବର୍ଣ୍ଣମାନ ଉଚ୍ଚାରଣ
Oshṭhyabarṇṇa କରିବାକୁ ଓଷ୍ଠର ସାହାଯ୍ୟ ଲୋଡ଼ା ହୁଏ - Labial letters; alphabets pronounced with the help of the lips.
( ଯଥା—ଉ, ଊ, ପ, ଫ, ବ, ଭ, ମ । )

**ଓଷ୍ୱ**—ଗ୍ରା. ବ. ( ସଂ. ଔଷଧ )—ଓଷ ( ଦେଖ )
Oshwa Osha ( See )

**ଓଷ୍ୱ କରିବାକୁ ( ଅମୁକ ଜିନିଷ ) ନ ମିଳିବା**—ଗ୍ର. ବାକ୍ୟ—(କୌଣସି
Oshwa karibāku na milibā ବସ୍ତୁ ) ଅତି ସାମାନ୍ୟ
**दवाकाभि नमिलना** ପରିମାଣରେ ସୁଦ୍ଧା ନ ମିଳିବା—Not to be had even in a very little quantity.
[ ଦ୍ର—ସାଧାରଣତଃ ଔଷଧପାଇଁ କୌଣସି ପଦାର୍ଥ ଅତି ସାମାନ୍ୟ ପରିମାଣରେ ଲୋଡ଼ା ହୁଏ । ଯେବେ କୌଣସି ବସ୍ତୁ ଅତି ଅଳ୍ପ ପରିମାଣରେ ସୁଦ୍ଧା ନ ମିଳେ ତେବେ ଲୋକେ କହନ୍ତି ଅମୁକ ଜିନିଷ ଏଠାରେ ଓଷ୍ୱ କରିବାକୁ ସୁଦ୍ଧା ମିଳୁ ନାହିଁ ]

**ଓଷ୍ୱବିଷ୍ୱ**—ଗ୍ରା. ବ ( ସହଚର ଶବ୍ଦ; ଦ୍ୱିତୀୟ ଶବ୍ଦ ଅନର୍ଥକ )—ଔଷଧ—
Oshwabishwa ମଲମ; କୌଣସି ରୋଗୀ ପ୍ରତି ପ୍ରୟୋଗ କରାଯିବା ଔଷଧ ଓ ଚିକିତ୍ସା ଆଦି—Medicine and treatment for a patient.

**ଓସର**—ପ୍ରାଦେ. ବସ୍ତର. ବ. [ ସଂ. ଉପସର୍ଯ୍ୟା—ଗର୍ଭଧାରଣୋପଯୁକ୍ତା
Osara (ଗାଈ); ତୁଳ ହି. ଓସର=ଛଡ଼ା ଗାଈ)] ଦାମୁଡ଼ି—A young bullock; steer.

**ଓସରୀ**—ପ୍ରାଦେ. ( ବସ୍ତର ) ବ. ସ୍ତ୍ରୀ—
Osarī ଛଡ଼ା (ଗାଈ)—Heifer.

**ଓସାର**—ଦେ. ବ. (ସଂ. ପ୍ରସାର )—ପ୍ରସ୍ଥ; ବିସ୍ତାର—
Osāra Width; breadth; girth; extension.
ওসার, অসার
**बर, पन्हा, आसार**
ସାତାଙ୍କୁ ଓସାର ତିନଗା ଦେଲେଗୋଟି ।
ସାରଳା ମହାଭାରତ- ବନ୍ଦ ।
ବଣ. ୧ । ବିସ୍ତୃତ—1. Wide
୨ । ଚଉଡ଼ା—2. Broad

**ଓସାରିଆ**—ଦେ. ବଣ—୧ । ଚଉଡ଼ା—1. Broad.
Osāriā ୨ । ବିସ୍ତୃତ—2. Wide
ওসারআলা, চওড়া
**चौड़ा, पन्हावाला**

**ଓସାରିବା**—ଦେ. କ୍ରି. ୧ । ଟାଣି କରି ବେଶି ଓସାର କରିବା—
Osāribā 1. To widen by pulling.
চওড়াকরা ୨ । ବିସ୍ତୃତ କରିବା—
**चौड़ाकरना** 2. To make broader; to extend.

**ଓସିଅତ୍**—ବୈଦେ. ବ. ( ଅ )—ଉଇଲ୍ ( ଦେଖ )
Osiat Uil ( See )
উইল
**आसियत**

**ଓସୁଲ**—ବୈଦେ. ବ. ( ଅ )—ଅସୁଲ ( ଦେଖ )
Osula Asula ( See )
উশুল

**ଓସୁଲ କରିବା**—ଦେ. କ୍ରି. ( ଅ )—ଅଦାୟ କରିବା—
Osula karibā To realise ( money )
উশুলকরা

**ଓସେର୍**—ପ୍ରାଦେ. ( ବସ୍ତର ) ବ—ଓସରୀ ( ଦେଖ )
Oser Osarī ( See )

**ଓସ୍ତ**—ଗ୍ରା. ବ. ( ସଂ. ଅଶ୍ୱତ୍ଥ )—ଗ୍ରାମରେ ଓ ବନରେ ମନକୁ ଜନ୍ମିବା
Osta ବଡ଼ଗଛ—The religious fig tree: Ficus Religiosa.
ଅନ୍ୟ ସଂ. ନାମ—ଅଶ୍ୱତ୍ଥି;
ଚଳଦଳ; ବୋଧିଦ୍ରୁମ; ଚଳପତ୍ର; ଗଜଭକ୍ଷ;
আশুদগাছ; অশোত; আশুত
**पिपल; पिपर**
ମ. ପିପଲ
ତେ. ରବ; ରାଇଚେଟ୍ଟୁ;
କୁଲ୍ଡ୍‌ର୍ଗୁ
ଫା. ଦରଖତେ ଲରଜାଁ

ଓସ୍ତପତ୍ରେଁ ପ ନଅଁ, ଡହ୍ୟୁଷ ହିଅ କନଅଁ, ସାଅଲ୍ତର ପୁଅ ବଳ; ଅଠରଖଣ୍ଡ ବାଉଦ ବାଜେ ଢଙ୍ଗର ଢଙ୍ଗର—ଢଗ ।

[ ଦ୍ର—ଏହାର ପତ୍ରର ଲାଞ୍ଜ ଲମ୍ବା, ତେଣୁ ପାଣ୍ଡେ ପତ୍ରର ଅକାର ପାନ ପରି । ଏ ଗଛ ପଡ଼ିଆରେ, କୋଠା ଛାତରେ, ଦେଉଳର ପଥର ସନ୍ଧିରେ, ଇଟା ଫାଙ୍କରେ, ଗଛର ସନ୍ଧାରେ ମନକୁ ଉଠେ । ସାମାନ୍ୟ ପବନରେ ଏହାର ପତ୍ର ସବୁ ହଲେ । ଏ ଗଛକୁ ହିନ୍ଦୁମାନେ ପୂଜା କରନ୍ତି । ଏହାର ମୂଳରେ ଲକ୍ଷ୍ମୀ ବାସ କରନ୍ତି ବୋଲି ପୁରାଣରେ ଅଛି । ଏହାର ଡାଙ୍ଗ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଋ | ଌ | ର୍,ଋ | ଝ | ଐ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଙ୍ଗ | ଜ | ଣ,ଷ | କ୍ଷ | ଇସ୍ | ଉଅ | ଲ୍ଲ |
| ୨ | ରି | ଲି | ରୁ | ଲୁ | ଐ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | ଙ୍ଗ୍ୟ | ଯ | ସ | ଗ୍ୟ | ଇଅ | ଓ | ନ୍ |

ସମିଧ ହୁଏ । ଲୋକେ ଓସ୍ତକୁ ବର ଓ ବରଗଛକୁ କନ୍ୟାରୂପେ କଳ୍ପନା କରି କାଳରେ ଜଟିଥିବା ବର-ଓସ୍ତଙ୍କର ବିବାହ କରନ୍ତି । ବୈଦ୍ୟଶାସ୍ତ୍ର-ଅନୁସାରେ ଏହା ଦୁଷ୍ପାଚ୍ୟ, ଶୀତବୀର୍ଯ୍ୟ; ପୀତଘ୍ନ, କଫହର, ବ୍ରଣ ଓ ରକ୍ତଦୋଷନାଶକ; ବର୍ଣ୍ଣପ୍ରସାଧକ ଓ ଯୋନିବିଶୋଧକ । ]

ଓସ୍ତଫୁରଫୁରି—ଦେ. ବି. ( ସଂ. ଅଶ୍ୱତ୍ଥ ଓ ପର୍ପଟୀ )—ଅଶ୍ୱତ୍ଥ ଗଛର
Ostaphurphuri ଗଣ୍ଡିରୁ ଛାଡ଼ି ଯାଇଥିବା ଶୁଖିଲା ବକଳା—
Dried barks peeled off from the trunk of the As'wattha tree.

ଓସ୍ତଫୁରୁଫୁରି—ଦେ. ବି—ଓସ୍ତଫୁରଫୁରି ( ଦେଖ )
Ostaphuruphuri Ostaphurphuri ( See )

ଓସ୍ତାତ୍—ବୈଦେ. ବି. ( ଅ. ଓସ୍ତାଦ୍ )—୧ । ଶିକ୍ଷାଗୁରୁ—
Ostāt 1. A master in any art.
ওস্তাদ; উস্তাদ ୨ । କ୍ରୀଡ଼ାଗୁରୁ—
उस्ताद 2. A teacher of games; a trainer.
[ ଦ୍ର—ମଲ୍ଲବିଦ୍ୟା, ବ୍ୟାୟାମ ଓ ସଙ୍ଗୀତବିଦ୍ୟାର ଶିକ୍ଷକଙ୍କୁ ଓସ୍ତାତ୍ ଓ ଶିଷ୍ୟଙ୍କୁ ସାଗିରଥ ବୋଲାଯାଏ । ]
୩ । କୌଣସି ବିଦ୍ୟାରେ ସିଦ୍ଧହସ୍ତ ବ୍ୟକ୍ତି—
3 An adept in any art; an expert

ଓସ୍ତାତ୍ଜୀ—ବୈଦେ. ବି—ଓସ୍ତାଦ୍ଜୀ ( ଦେଖ )
Ostātji Ostādji ( See )

ଓସ୍ତାତି—ବୈଦେ. ବି. ( ଅ. ଓସ୍ତାଦୀ)—୧ । ସିଦ୍ଧହସ୍ତତା—
Ostāti 1. The state of being an expert.
ওস্তাদি ୨ । ଶିକ୍ଷାଗୁରୁର ପଦ—2. Mastership.
ओस्तादि
ବିଣ—ସିଦ୍ଧହସ୍ତ— Adept; expert.

ଓସ୍ତାଦ୍—ବୈଦେ. ବି. (ଅ)—ଓସ୍ତାତ୍ (ଦେଖ)
Ostād Ostāt (See)

ଓସ୍ତାଦ୍ଜୀ—ବୈଦେ. ବି. (ଅ. ଓସ୍ତାଦ୍ + ସମ୍ମାନାର୍ଥକ. ଜୀ)—ଓସ୍ତାତ୍-
Ostādji ମହାଶୟ—A respectable address to an 'Ostāt'.

ଓସ୍ତାଦ୍ଜୀ ବଖାଣଙ୍କୀ ହୁର ଗୋଡ଼ ହୁଣ୍ଠାଳ କାଢ଼ିଛନ୍ତି ଅଣ୍ଟ ଉପରେ ନଇ ଦେଇ ବସି ଅଛନ୍ତି । ଫକୀରମୋହନ. ଛମାଣଆଠଗୁଣ୍ଠ ।

ଓସ୍ତାଦି—ପ୍ରାଦେ. (ଯାଜପୁର) ବି.—ଓସ୍ତାତି (ଦେଖ)
Ostādi Ostāti (See)

ଓସ୍ତାନି—ଦେ. ବି.—କୌଣସି ପରିବାରରେ ପୁରୁଷାନୁକ୍ରମେ ସୁରକ୍ଷିତ
Ostāni ଦରକାରୀ କାଗଜପତ୍ରଥିବା ବସ୍ତାନି—A bundle of documents preserved in a family for generations.

ଓସ୍ତାନିପୋସ୍ତାନି—ଦେ. ବି. (ସହଚର ଶବ୍ଦ)— କୌଣସି ବ୍ୟକ୍ତିର ପୂର୍ବ-
Ostānipostāni ପୁରୁଷାନୁକ୍ରମିକ ପାରିବାରିକ ଗୁହ୍ୟଛିଦ୍ର—
Ancestral family-defects and family-secrets.
(ଯଥା—ମୁଁ ତୋର ଓସ୍ତାନିପୋସ୍ତାନି ଖୋଲ ଦେବି । )

ଓସ୍ପାର୍—ଦେ ବି. (ହି. ଉସ୍ + ସଂ. ପାର)—ଅପର ପାର ବା କୂଳ—
Ospār Other side (of a river or place)
ওপার
उसपार

ଓହ—ସ. ବି. (ଆ=ସମ୍ୟକ+ବହ ଧାତୁ=ବହନ କରିବା + ଭାବ. ଅ)—
Oha ସମ୍ୟକ୍ ବହନ—Carrying a thing with care.
ସ. ବିଣ.—୧ । ଉଭୟ—1 Both.
୨ । ବାହକ; ପ୍ରାପକ—2. One who carries; bearer; carrier.

ଓହବଳ—ଦେ. ବିଣ.—୧ । ଗହଳପୂର୍ଣ୍ଣ; ଗୋଳମାଳପୂର୍ଣ୍ଣ—
Ohabaḷa 1. Noisy.
ଓହବଳ ସୈନ୍ୟକୁ ବୁଝାଇ ରଣବାଦ୍ୟ । ସାରଳାମହାଭାରତ. ଉଦ୍ଯୋଗ ।
୨ । ପୂର୍ଣ୍ଣ—2 Full.
ଓହବଳ ସଂଗ୍ରାମ ବଢ଼ିଲା ସବୁ ବଧ । ସାରଳାମହାଭାରତ. ଆଦି ।

ଓହମୁଣ୍ଡିଆ—ଦେ. ବିଣ.—ବରାବର ସିଧା ଓ ଲମ୍ବ —
Ohamundiā Straight and long.
କ୍ରି. ବିଣ.—ଲମ୍ବେ ଲମ୍ବେ; ବରାବର ଲମ୍ବଭାବରେ ବହୁ ଦୂର-ପର୍ଯ୍ୟନ୍ତ—In a straight-forward manner; without any diviation for a long distance.

ଓହର—ଦେ. ବି.—୧ । ପରାଜୟ—1. Defeat.
Ohara
୨ । ରଣଭଙ୍ଗ; ଯୁଦ୍ଧ ଭୂମିରୁ ପଳାୟନ —
2. Running away from the battle-field.

ଘେନେ ବା ନୁଅନ୍ତା ଅନ୍ନ ଓହର
ବଲେ ନ ଜାଣ କେବଣ ବଗର । ବଳନାଥ. ସମରତରଙ୍ଗ ।

ଓହରାଇବା—ଦେ. କ୍ରି.—ଓହରିବାର ଣିଜନ୍ତରୂପ—
Oharāibā Causative form of Oharibā.

ଛଡ଼ି ସୁକୁଳ ଲ ଗ୍ରୋଇନ୍ତ ଛଡ଼ନ୍ତି
ସୁକ୍ଷ୍ମ ଓହରାଇ ଦେଇଛ କପି ମନ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଓହରିବା—ଦେ. କ୍ରି.—୧ । (ବଳ) କମିଯିବା—
Oharibā 1 To become decrepit; to decrease (e.g. one's strength)
୨ । (ଭୟରେ) ପଶ୍ଚାତ୍ପଦ ହେବା—
2. To fall back in fear.
ଦେବ ଶୁଣି ନ ଦେବ ବୋଲି ଓହରିଣ ଘୁଞ୍ଚେ । ପୀତାମ୍ବର. କୃଷ୍ଣିହସ୍ତିବଣ ।

ସାଧାରଣତଃ ଯେତେବେଳେ ଅପର ବ୍ୟକ୍ତିରେ ଏହପ. ୧ ଚିହ୍ନ ଓ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ସୁଲେଖ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରା ପୂର୍ବ ଶବ୍ଦ ଯୋଗରେ ସେତେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଅକାରାଦି ଅର୍ଥର ସେଥିରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ ଯଥା :— ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'ଦ୍ଵଅ' ନ ମିଳଲେ 'ଦ୍ଵଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ଼' ଦେଖିବେ

୩ । (ଭୟରେ) ନିରସ୍ତ ହେବା—3 To altogether stop any attempt for work in fear; to cease.

୪ । ପଛକୁ ପଳାଇବା—4. To run back.

ଓହରି ଅସିଲେ ଘା କାଣ୍ଡକୁ ନ ସହି । କୃଷ୍ଣସିଂହ. ମହାଭାରତ. ବନ ।

୫ । ଉଡ଼ୁକିବା—5. To jump up to catch a thing.

୬ । ସଙ୍କି ଯିବା—6. To shrink.

ଭରଣ ଓହରି ମୁହଁ ବସନ୍ତେଣ ଲେଖି । ଗୋପୀନାଥ. କୃଷ୍ଣଗୁଣ ।

**ଓହଳ**—ଦେ. ବି. (ସଂ. ଅବରୋହ ବା ଉଚ୍ଛୃଙ୍ଖଳ; ଝୁଲ—ପ୍ରା. ଓହଳ)-
Ohaḷa ବର ଆଦି ଗଛର ଡାଳରୁ ତଳକୁ ଲମ୍ବିଥିବା ଚେର—
ଜଟ; ଜଟା; ଝୁରି Aerial roots hanging down from
ଜଟା the branches (of Banyan trees).

ବଟବୃକ୍ଷରେ ଜଟା ଓହଳ ପରାଏ । ବ୍ରଜ କେଶବପୁରାଣ ।

**ଓହଳା**—ଦେ. ବଣ. (ସଂ. ଅବ+ରୁହ ଧାତୁ; ପ୍ରା. ଓହୁହ)—
Ohaḷā ୧ । ଓହୋଳ ଥିବା; ତଳକୁ ଲମ୍ବିଥିବା; ଝୁଲୁଥିବା—
ଝୁଲା 1. Hanging down; suspended.

୨ । ନିର୍ଦ୍ଦିଷ୍ଟ ସୀମାର ଅଗରୁ ବାହାର ଲଇଁ ପଡ଼ିଥିବା—
2 Hanging down beyond the proper bounds.

୩ । ଅଧଃପତିତ ହୋଇ ସମାଜ ବା ଜାତିରେ ତଳକୁ ଖସିଥିବା ( ଉଚ୍ଚଜାତୀୟ ବ୍ୟକ୍ତି )—
3. Degenerated; lowered in social status ( said of a man of higher status lowered to a lower status on account of bad or unbecoming conduct ).

ପ୍ରାଦେ. (କେନ୍ଦ୍ରାପଡ଼ା ) ବି—ଘୁଣ—
Small thatch; a lean-to.

**ଓହଳାଇବା**—ଦେ. କ୍ରି—୧ । ଓହଳିବାର ଣିଜନ୍ତରୂପ—
Ohaḷāibā 1 The causative form of Ohaḷibā
ଝୁଲାନ ୨ । ଟାଙ୍ଗିବା—2 To suspend; to hang.
ଟାଁଗନା; ଝୁଲାନା

**ଓହଳା ନଡ଼ିଆ**—ପ୍ରାଦେ. ( ପୁରୀ ) ବି—ଝଡ଼ବତାସ ଆଦି କାରଣରୁ
Ohaḷā nardiā ଯେଉଁ ନଡ଼ିଆର ପେଣ୍ଡା ବା ଚଣ୍ଟର ଗୁଣ୍ଡଭରର ନିର୍ଦ୍ଦିଷ୍ଟ ସ୍ଥାନରୁ ଭ୍ରଷ୍ଟ ହୋଇଥାଏ ଏବଂ ଏଥି ଯୋଗୁଁ ଯାହା ସୁପରିପକ୍ୱ ହୋଇ ନ ପାରି ମାରୁ ହୋଇଯାଏ—
Cocoanut-fruits which become spoiled by their bunch being displaced from its stock before the cocoanuts are fully matured.

**ଓହଳିବା**—ଦେ. କ୍ରି ( ସଂ. ଅବ+ରୁହ ଧାତୁ )—ଝୁଲିବା; ଲମ୍ବିବା;
Ohaḷibā ହୋଇବା—To hang down; to be
ଝୁଲା suspended.

ଝୁଲନା; ଲଟକନା ପ୍ରଭ ଅବସ୍ଥିବ ଯେ ଓହଳ ରହୁଲେ । କୃଷ୍ଣସିଂହ. ମହାଭାରତ. ଅଦ ।

**ଓହାଡ଼**—ଦେ. ବି. ( ସ. ଉଦ୍ଧାଟ )—୧ । କାଠ ବାଉଁଶ ଆଦିରେ
Ohārḍa ପ୍ରସ୍ତୁତ ମଞ୍ଚା; ଉହାଡ଼—1. A raised platform or machan of bamboo or planks.

୨ । ଗୁପ୍ତସ୍ଥାନ—2. Secret place.

ବନଗିରି କନ୍ଦର ଯେ ଓହାଡ଼ ଖୋଜନ୍ତୁ । ସାରଳା. ମହାଭାରତ ।

ଓଡ଼; ଓସାଡ଼ ୩ । ଶେଯ ବା ତକିଆର ଖୋଳ—3. Pillow-case.
ଖୋଲ; ଗିଲାଫ ୪ । ଉହାଡ଼; ଅନ୍ତରାଳ; ଆଡ଼ୁଆଳ—
4. Background.

ଶ୍ରବଣ ଉକ୍ତ ଓହାଡ଼େ ଆଉ କେନ ସହଜି ରକ୍ଷି ନ ପାରନ୍ତେ ।
ବୈଦ୍ୟନାଥ. ରଘୁନାଥରାମାୟଣ ।

**ଓହାଡ଼ିବା**—ଦେ. କ୍ରି—୧ । ଉହାଡ଼ ଉପରେ ରଖିବା—
Ohārḍibā 1. To keep on a machan.

୨ । ( ଲକ୍ଷଣାର୍ଥ ) ଲୁଚାଇବା—2. To hide.

ବୃନ୍ଦାବନେ ଶ୍ରେଷ୍ଠ ସଙ୍ଗେ ଅବ୍ୟୁତ ଉଦ୍ଧ ଓହାଡ଼ିଲ ପଣରେ ।
ଗୌରଚନ୍ଦ୍ର—ଭକ୍ତିଅଭିଳାଷ ।

୩ । ଉହାଡ଼ିବା ( ଦେଖ )
3. Uhārḍibā ( See )

**ଓହୁମୁଣ୍ଡିଆ**—ଦେ. ବଣ ଓ କ୍ରି. ବିଣ—ଓହମୁଣ୍ଡିଆ ( ଦେଖ )
Ohumuṇḍiā Ohamuṇḍiā ( See )

**ଓହୁଳାଇବା**—ଗ୍ରା. କ୍ରି—ଓହଳାଇବା ( ଦେଖ )
Ohuḷāibā Ohaḷāibā ( See )

**ଓହୁଳିବା**—ଗ୍ରା. କ୍ରି—ଓହଳିବା ( ଦେଖ )
Ohuḷibā Ohaḷibā ( See )

**ଓହେ**—ଦେ. ଅ—ଅହେ; ହେ—Interjection; a vocative
Ohe particle.
ଓହେ
ଓ; ହେ

**ଓହୋ**—ଦେ. ଅ—୧ । ଓଃ; ହାୟ—( Interjection)—
Oho 1. Oh; alas.
ଓଃ ୨ । ଦୁଃଖ, ବିସ୍ମୟ ଓ କଷ୍ଟବୋଧକ—
ଆହ 2. Exclamation of sorrow, surprise and pain-Oh !

ନରକଡ଼ଣ୍ଡରୁ ଓହୋ ! ଏ ଯନ୍ତ୍ରଣା ବଡ । ଜଗବନ୍ଧୁ. ସୀତାବନବାସ ।

**ଓହୋବ**—ପ୍ରାଦେ. ( ସମ୍ବଲପୁର ) ବି—ହୋବ ( ଦେଖ )
Ohoba Hoba ( See )

**ଓହୋମୁଣ୍ଡିଆ**—ଦେ. ବଣ ଓ କ୍ରି. ବିଣ—ଓହମୁଣ୍ଡିଆ ( ଦେଖ )
Ohomuṇḍiā Ohamuṇḍiā ( See )

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଜ୍ଞ | ଇଯ୍ | ଋଷ | ଛ |
| ୨ | ଈ | ଊ | ରୁ | ଳୁ | ଯେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଖ୍ୟ | ଯ | ସ | ଗଁ୍ୟ | ଇଅ | ୱ | ନ୍ |

ଓହୋରିବା—ଦେ. କ୍ରି—ଓହରିବା ( ଦେଖ )
Ohoribā Oharibā ( See )

ଓହୋଳ—ଦେ. ବି—ଓହଳ ( ଦେଖ )
Ohoḻa Ohaḻa ( See )

ଓହୋଳା—ଦେ. ବିଣ—ଓହଳା ( ଦେଖ )
Ohoḻā Ohaḻā ( See )

ଓହୋଳାଇବା—ଦେ. କ୍ରି—ଓହଳାଇବା ( ଦେଖ )
Ohoḻāibā Ohaḻāibā ( See )

ଓହୋଳା ନଡ଼ିଆ—ପ୍ରାଦେ. ( ପୁରୀ ) ବି—ଓହଳା ନଡ଼ିଆ (ଦେଖ)
Ohoḻā naṟḏiā Ohaḻā naṟḏiā (See)

ଓହୋଳିବା—ଦେ. କ୍ରି—ଓହଳିବା ( ଦେଖ )
Ohoḻibā Ohaḻibā See )

ଓହ୍ନା—ପ୍ରାଦେ. ( ସମ୍ବଲପୁର ) ବି—ଓଢ଼ଣା ( ଦେଖ )
Ohnā Orḏhaṇā ( See )

ଓହ୍ଲା—ଦେ. ବି. ( ସଂ. ଅବରୋହଣ )—୧ । ଅବତରଣ କରିବା—
Ohlā 1. Descending; alighting
উলা; ওলা ୨ । ନିମ୍ନକୁ ଆଣିବା—2. Bringing down
उतार ୩ । ଶରୀରରୁ ଆଭରଣ ବା ବସ୍ତ୍ରାଦି କାଢ଼ିବା—
3. Putting off (ornaments or dress)
୪ । ( ପାନବରଜ ଭାଷା ) ପାନଲତାଗୁଡ଼ିକ ବଢ଼ି ବରଜର ଚାଳ ଉପରକୁ ଟପି ଗଲେ ତାକୁ ଚାଳର ତଳକୁ ଆଣି ଲତବତ୍ କରି ରଖିବା—4. Bringing down the over topping tips of betel creepers below the roof of the thatch.

ଓହ୍ଲାଇବା—ଦେ. କ୍ରି ( ସଂ. ଅବ+ରୁହ ଧାତୁ; ପ୍ରା. ଓହ୍ଲାହ ବା
Ohlāibā ସଂ. ଅବରୋହ; ତୁଲ. ପାଲି—ଓଲ୍ଲହ )—
উলানা ୧ । (ଅକର୍ମକ) ଉପରୁ ତଳକୁ ଅବରୋହଣ କରିବା—
उलरना; उललना; उतरना 1. To descend; to alight; to get down.
୨ । ଉପରୁ ତଳକୁ ଆଣିବା—
2. To bring down; to set down.

ଏକା ନିମିଷକେ ଧାଡ଼କାରେ ତା ଓହ୍ଲାଇ । ସାରଳା• ମହାଭାରତ, ବସନ୍ତ ।

୩ । ( ଜ୍ୱର ) ଛାଡ଼ିବା—3. To leave ( said of fever ); to become lower; to come down.
୪ । ବୋଝ ଆଦିକୁ ମୁଣ୍ଡରୁ ବା କାନ୍ଧରୁ ତଳକୁ ଖସାଇବା ବା ଉତାରିବା—
4. To set down ( a load )
୫ । (ବସ୍ତ୍ର ବା ଆଭରଣାଦି) ଦେହରୁ କାଢ଼ିବା ବା ଖୋଲିବା—
5 To put off ( dress or ornaments); to undress; to undo.

ଓହ୍ଲିବା—ପ୍ରାଦେ. ( ଗଞ୍ଜାମ ) କ୍ରି—
Ohlibā ୧ । ଓହ୍ଲାଇବା; ତଳକୁ ଖସି ଆସିବା; ଅବତରଣ କରିବା—
1. To get down; to alight; to descend.
୨ । ତଳ ଆଡ଼କୁ ଗତି କରିବା—
2. To move downwards

ଓ୍ୱ—ଅବର୍ଗ୍ୟ ବ—
Owa The English sound of W
[ ନୋଟ—ଓଡ଼ିଆରେ ଅବର୍ଗ୍ୟ ବ ଯୁକ୍ତ ମୌଳିକ ସଂସ୍କୃତ ଶବ୍ଦମାନଙ୍କର ଅବର୍ଗ୍ୟ ବ ର ପ୍ରକୃତ ଉଚ୍ଚାରଣ ( ଯଥା—ପକ୍ୱରେ ) ଲୋପ ପାଇ 'ଅବର୍ଗ୍ୟ ବ' ବର୍ଗ୍ୟ ବ ପରି ଉଚ୍ଚାରିତ ହେଉଅଛି । କିନ୍ତୁ ଇଂରାଜି 'W' ଓ ଫାରସୀର 'ୱାଓ'=ଉଆଓ ଅକ୍ଷରର ସେହି ଉଚ୍ଚାରଣଯୁକ୍ତ ଶବ୍ଦମାନଙ୍କୁ ସାଧାରଣତଃ 'ୱ' ଓ 'ଓ୍ୟ' ଅକ୍ଷର ଦ୍ୱାରା ଲେଖା ଯାଉଅଛି । ଫଳତଃ ଯେବେ ଏହି ବ୍ୟାକରଣବିରୁଦ୍ଧ ବ୍ୟବହାର ( ସ୍ୱର ବର୍ଣ୍ଣରେ ବ ଫଳା ବା ଯ ଫଳା ଯୋଗ କରାଯିବ ) କରିବାକୁହିଁ ହେବ, ତେବେ ଏହି ଅବର୍ଗ୍ୟ ବ ର ଉଚ୍ଚାରଣ 'ୱ' ଦ୍ୱାରା ପ୍ରକାଶିତ ହେବ । ଅବର୍ଗ୍ୟ 'ବ' ଅକ୍ଷର ତଳେ ଲେଖାଥିବା ନୋଟ୍ ଦେଖ । ]
( see ) Notes under Abargya 'Wa'

ଓ୍ୟ—ଅବର୍ଗ୍ୟ-ବ—'ଅବର୍ଗ୍ୟ 'ବ' ଅକ୍ଷର ତଳେ ନୋଟ ଦେଖ—
Oya Notes under Abargya Wa ( See )
The English sound of W

# ଔ

ଔ—ଚତୁର୍ଦ୍ଦଶ ସ୍ୱର ବର୍ଣ୍ଣ—(ଏଥିର ଉଚ୍ଚାରଣ ସ୍ଥାନ କଣ୍ଠ ଓ ଓଷ୍ଠ)—
Au The fourteenth vowel sounding like the conjoined sound of A and long U.
[ ଦ୍ର—ଏଥିର ଉଚ୍ଚାରଣ 'ଅ' ପରେ 'ଉ' । ସଂସ୍କୃତ 'ଔ' ଅକ୍ଷର ଥିବା କେତେକ ଶବ୍ଦକୁ ଓଡ଼ିଆରେ 'ଅଉ' ଅକ୍ଷରରେ ପ୍ରକାଶ କରାଯାଏ; ଯଥା—ଔଷଧ ସ୍ଥାନରେ ଅଉଷଧ । ]
ସଂ. ବି. ପୁଂ—୧ । ଅନନ୍ତ; ବାସୁକି—
1. The serpent Bāsuki.

ପାଠକମାନେ ସେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପୂର୍ବ ବର୍ଣ୍ଣିତ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା :— 'ସାଢ଼' ନ ମିଳିଲେ 'ସାଡ଼' ଖୋଜିବେ 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ

୨ । ଶବ୍ଦ—2. Sound.
ସ୍ତ୍ରୀ—୩ । ପୃଥିବୀ—3. The earth.
ଦେ ଅ—ଆହ୍ୱାନ, ସମ୍ବୋଧନ, ନିଷେଧ, ବିରୋଧ ଓ ନିର୍ଣ୍ଣୟାର୍ଥକ ଧ୍ୱନି—Interjection used in addressing, refusing, opposing and ascertaining.

ଔଂଶ—ଗ୍ରା. ବି. (ସଂ. ଅଂଶ)—ଅଂହିଶ ( ଦେଖ )
Aunsa — Aunsa ( See )

ଔଂଶବୌଂଶ—ଗ୍ରା. ବି. ( ସଂ. ଅଂଶ + ବଂଶ )—
Aunsabaunsa — ଅହିଂଶବହିଂଶ ( ଦେଖ ) Aunsabaunsa ( See )

ଔକ୍ଥ୍ୟ—ସଂ. ବି. (ଉକ୍ଥ=ଗର୍ଗମୁନି + ଅପତ୍ୟାର୍ଥରେ. ଯ)—
Aukthya ୧ । ଗର୍ଗମୁନିଙ୍କ ପୁତ୍ର; ଗାର୍ଗ୍ୟ ଋଷି—1. A sage; son of Garga
୨ । (+ଭାବ. ଯ)—ସାମ ବେଦର ଅର୍ଥବିଶେଷ—2. A commentation on the Sama Beda.

ଔକାର—ସଂ. ବି ( ଔ + ସ୍ୱାର୍ଥେ. କାର )—
Aukara ୧ । 'ଔ' ବର୍ଣ୍ଣର ଚିହ୍ନ ବା ମାତ୍ରା 'ୌ'; ଓଡ଼ିଆ 'ୈ' ବ୍ୟଞ୍ଜନ ବର୍ଣ୍ଣର ପୂର୍ବେ ଏବଂ ବାମ ପଟେ 'ା' ପରେ ଲାଗେ । (ଅବଧାନମାନେ ଏହାକୁ ଓଡ଼ାବାଙ୍କ ପଟେଣୀ କହନ୍ତି)—1. The sign 'ୌ' added to consonants, 'ୈ' prefixed and 'ା' affixed to consonants.
୨ । ଔ ଅକ୍ଷର—2. The letter 'Au'.
[ ଦ୍ର—'ଔ' ଅକ୍ଷରଦ୍ୱୟ ହ୍ରସ୍ୱ ଉଚ୍ଚାରଣ ନିମନ୍ତେ ଭାଷାରେ କେହି କେହି 'ଅଉ' ବୋଲି ଲେଖନ୍ତି; ଯଥା—ଅଉଷଧ; ଅଉରସ । ]

ଔକ୍ଷ—ସଂ. ବି. ( ଉକ୍ଷନ୍=ଷଣ୍ଢ + ସମୂହାର୍ଥେ. ଅ )—
Auksha ୧ । ବୃଷସମୂହ—1. A number of bulls
୨ । ବଳଦ—2. Bullock.
ସଂ. ବିଣ—ବୃଷ ବା ବଳଦସମ୍ବନ୍ଧୀୟ—Relating to an ox or a bullock.

ଔଖ୍ୟ—ସଂ. ବିଣ. (ଉଖା=ହାଣ୍ଡି + ନିଷ୍ପନ୍ନାର୍ଥେ. ଯ)—
Aukhya ହାଣ୍ଡି ଦ୍ୱାରା ସିଦ୍ଧ; ସ୍ଥାଲୀପକ୍ୱ ( ଅନ୍ନାଦ )—Boiled or cooked in an earthen pot.

ଔଘ—ସଂ. ବି ( ଓଘ=ଜଳସ୍ରୋତ + ସଂଘାର୍ଥେ ବା ସମୂହାର୍ଥେ. ଅ )—
Augha ଜଳରାଶି—Mass of water.

ଔଚିତୀ—ସଂ. ବି (ଉଚିତ + ଭାବ. ଅ + ସ୍ତ୍ରୀ. ଈ)—
Auchiti — ଔଚିତ୍ୟ (ଦେଖ) Auchitya (See)

ଔଚିତ୍ୟ—ସଂ. ବି (ଉଚିତ+ଭାବ. ଯ)—
Auchitya ୧ । ଉଚିତତା; ନ୍ୟାଯ୍ୟତା—1. Propriety.
୨ । ଉପଯୁକ୍ତତା—2. Fitness; suitableness

ଔଜସିକ—ସଂ. ବିଣ. ପୁଂ (ଓଜସ୍=ବଳ + ସମ୍ବନ୍ଧାର୍ଥେ. ଇକ)—
Aujasika — ତେଜସ୍ୱୀ; ବଳଶାଳୀ; ଶୂର—
(ଔଜସିକା—ସ୍ତ୍ରୀ) Powerful; strong; mighty.

ଔଜସ୍ୟ—ସଂ. ବି (ଓଜସ୍=ତେଜ; ବଳ + ସ୍ୱାର୍ଥେ. ଯ)—
Aujasya ୧ । ତେଜସ୍ୱିତା—1. Powerfulness; strength.
୨ । ପ୍ରାବଲ୍ୟ; ଉଗ୍ରତା—2. Energy; violence.
୩ । ଦୀପ୍ତି—3 Brilliance; brightness.

ଔଜ୍ଜ୍ୱଲ୍ୟ—ସଂ. ବି (ଉଜ୍ଜ୍ୱଳ+ଭାବ. ଯ)—ଉଜ୍ଜ୍ୱଳତା; ଦୀପ୍ତି—
Aujjwalya — Brightness.

ଔଦୁମ୍ବର—ସଂ. ବିଣ (ଉଦୁମ୍ବର + ଭାବ. ଅ)—
Audumbara ୧ । ଉଦୁମ୍ବର ବା ଯଜ୍ଞଡୁମ୍ବୁରି ବୃକ୍ଷସମ୍ବନ୍ଧୀୟ—1. Pertaining to the sacrificial fig tree.
୨ । ଉଦୁମ୍ବରକାଷ୍ଠନିର୍ମିତ—2. Made of fig wood.
୩ । ତାମ୍ର ବା ରଜତ ନିର୍ମିତ—3. Made of silver or copper.
ସଂ. ବି—୧ । ତାପସବିଶେଷ—1. A class of anchorites.
୨ । ଉତ୍କଟ ମହା କୁଷ୍ଠରୋଗବିଶେଷ ( ଏ ରୋଗର କ୍ଷତଗୁଡ଼ିକ ଡିମ୍ବିରି ଫଳ ଆକୃତିର ଓ ନାଲି ହୁଏ )—2. A fearful sort of leprosy with red round sores.
୩ । ଚତୁର୍ଦ୍ଦଶ ଯମାନ୍ତର୍ଗତ ଯମ—3. An austerity practised for certain purposes.
୪ । ତାମ୍ର—4. Copper

ଔଡ୍ର—ସଂ. ବି ( ଓଡ୍ର=ଓଡ଼ିଶା + ପାଳନାର୍ଥେ. ଅ )—
Audra — ଓଡ୍ରଦେଶର ରାଜା—King of Odra or ancient Ordisa.
ସଂ. ବିଣ—୧ । ଓଡ୍ରଦେଶସମ୍ବନ୍ଧୀୟ—1. Relating to ancient Ordisa.
୨ । (ଓଡ୍ର+ଅ)—ପ୍ରାଚୀନ ଓଡ୍ରଦେଶବାସୀ ପତିତ କ୍ଷତ୍ରିୟ—2. Fallen Kshatriyas inhabiting ancient Odra country.
[ଦ୍ର—ପୌଣ୍ଡ୍ରକ, ଔଡ୍ର, ଦ୍ରାବିଡ଼, କାମ୍ବୋଜ, ଯବନ, ଶକ, ପାରଦ, ଅପହ୍ନବ, ଚୀନ, କିରାତ, ଦରଦ ଓ ଖଶମାନେ କ୍ଷତ୍ରିୟ ଥିଲେ । ପରେ କ୍ରିୟାଲୋପ ହେତୁ ଏମାନେ ଶୂଦ୍ରତା ଲାଭ କଲେ—ବୃଷଳକରି. ମନୁ ୧୦।୪୩.୪୪]

ଔଡ୍ରୀଭାଷା—ଦେ.ବି—ଓଡ଼ିଆ ଭାଷାର ଅନ୍ୟ ନାମ—
Audr.bhasha A name of the Ordia language.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଉ | ର,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | କ୍ଷ | ଜ | ଶ,ଷ | ଙ୍କ | ଘ୍ୟ | ଲ୍ଅ | ଞ |
| ୨ | ଈ | ଊ | ଋ | ଌ | ଯ୍ୟେ | ଅକାରାନ୍ତବର୍ଣ୍ଣ | ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ | କ୍ଷ୍ୟ | ଯ | ସ | ଙ୍ଗ୍ୟ | ଇଅ | ଙ୍ଗ | ନ୍ |

ଔତ୍କଟ୍ୟ—ସଂ. ବି (ଉତ୍କଟ+ଭାବ. ଯ)—
<u>Au</u>tkatya ଉତ୍କଟତା; ଉଗ୍ରତା; ପ୍ରଖରତା; ତୀବ୍ରତା—
Excessiveness; fury.

ଔତ୍କଣ୍ଠ୍ୟ—ସଂ. ବି (ଉତ୍କଣ୍ଠା+ଭାବ. ଯ)—
<u>Au</u>tkanthya ଉଦ୍‌ବେଗଜନ୍ୟ କ୍ଳେଶ; ଚିତ୍ତଚାଞ୍ଚଲ୍ୟ; ମନର
ଅସ୍ଥିରତା—Anxiety; mental unrest.

ଔତ୍କର୍ଷ୍ୟ—ସଂ. ବି (ଉତ୍କର୍ଷ+ସମ୍ବନ୍ଧାର୍ଥେ. ଯ)—
<u>Au</u>tkarshya ୧ । ଶ୍ରେଷ୍ଠତା; ସମ୍ପୂର୍ଣ୍ଣତା—
1. Excellence; perfection.
୨ । ଉନ୍ନତି—2. Improvement; amelioration.

ଔତ୍କଳ—ସଂ. ବିଣ (ଉତ୍କଳ+ଅ)—ଉତ୍କଳଦେଶସମ୍ବନ୍ଧୀୟ; ଉତ୍କଳୀୟ;
<u>Au</u>tkala ଓଡ଼ିଆ—Relating to Utkala.

ଔତ୍କଳୀ—ସଂ. ବି (ଉତ୍କଳ+ଅ+ଈ)—ଓଡ଼ିଆଭାଷା—
<u>Au</u>tkalī The Ordiā language.

ଔତ୍ତରିକୀ ପ୍ରଭା—ସଂ. ବି (ଆଧୁନିକ ପ୍ରୟୋଗ)—
<u>Au</u>ttarikī prabhā ପୃଥିବୀର ଉତ୍ତର କେନ୍ଦ୍ର-ସନ୍ନିହିତ
ପ୍ରଦେଶରେ ରାତ୍ରି ଛଅ ମାସ ମଧ୍ୟରେ ଦେଖାଯିବା
ନୈସର୍ଗିକ ଆଲୋକ—
Aurora Borialis or the Northern lights.

ଔତ୍ତାନପାଦି—ସଂ. ବି. ପୁଂ (ଉତ୍ତାନପାଦ+ଅପତ୍ୟାର୍ଥେ. ଇ)—
<u>Au</u>ttānapādi ଉତ୍ତାନପାଦ ରାଜାଙ୍କ ପୁତ୍ର; ଧ୍ରୁବ—
Dhruba; the son of Rājā Uttānapāda.

ଔତ୍ପାତିକ—ସଂ. ବିଣ. (ଉତ୍ପାତ+ସମ୍ବନ୍ଧାର୍ଥେ ଇକ)—
<u>Au</u>tpātika ୧ । ଉତ୍ପାତ ବା ଦୈବସମ୍ବନ୍ଧୀୟ—
1. Calamitous; due to divine visitation.
୨ । ଅମଙ୍ଗଳସୂଚକ; ଅଶୁଭସୂଚକ—
2. Portentous; ominous.

ଔତ୍ସର୍ଗିକ—ସଂ. ବିଣ. (ଉତ୍ସର୍ଗ+ସମ୍ବନ୍ଧାର୍ଥେ. ଇକ)—
<u>Au</u>tsargika ୧ । ଦାନାର୍ଥ ଉତ୍ସର୍ଗସମ୍ବନ୍ଧୀୟ—
1. Relating to an offering; dedicatory.
୨ । ସଂକଳ୍ପ ବା ଭୋଗସମ୍ବନ୍ଧୀୟ—
2. Pertaining to an oblation.
୩ । ପ୍ରାକୃତିକ—3. Natural.
୪ । ସ୍ୱଭାବସଂକ୍ରାନ୍ତ—4 Relating to habits.

ଔତ୍ସୁକ୍ୟ—ସଂ. ବି. (ଉତ୍ସୁକ+ଭାବ. ଯ)—
<u>Au</u>tsukya ୧ । ଉତ୍କଣ୍ଠା; ଚିତ୍ତଚାଞ୍ଚଲ୍ୟ—
1. Anxiety; mental uneasiness.
୨ । ବ୍ୟଗ୍ରତା; ଆଗ୍ରହ – 2. Zeal; solicitude.

ଔଦନିକ—ସଂ. ବି. ପୁଂ. (ଓଦନ=ଭାତ+ପାଚକାର୍ଥେ. ଇକ; ଯେ
<u>Au</u>danika ଭାତ ରାନ୍ଧେ)—ପାଚକ; ସୁପକାର—
(ଔଦନିକା—ସ୍ତ୍ରୀ) Cook.

ଔଦରିକ—ସଂ. ବିଣ. ପୁଂ. (ଉଦର+ଆସକ୍ତି ଅର୍ଥେ. ଇକ)—
<u>Au</u>darika ୧ । ପେଟୁ; ଅସ୍ତମ୍ଭରି; ଉଦରମ୍ଭରି—
(ଔଦରିକା – ସ୍ତ୍ରୀ) 1. Greedy; voracious; gluttonous.
୨ । ଉତ୍କର୍ଷେଚ୍ଛାବିରହିତ—
2. Devoid of a tendency to excel.

ଔଦାର୍ଯ୍ୟ—ସଂ. ବି (ଉଦାର+ଭାବ. ଯ)—
<u>Au</u>dārjya ୧ । ଉଦାରତା; ମହତ୍ତ୍ୱ—
1. Magnanimity; largeness of heart.
୨ । ଦାତୃତ୍ୱ; ବଦାନ୍ୟତା—
2. Generosity; liberality; munificence.

ଔଦାସୀନ୍ୟ—ସଂ. ବି (ଉଦାସୀନ+ଭାବ. ଯ)—
<u>Au</u>dāsinya ୧ । ଉଦାସୀନତା—1. Indifference.
୨ । ଉପେକ୍ଷା—2. Disregard; apathy.
୩ । ନିଃସମ୍ପର୍କ—3. Absence of concern or connection; loneliness.
୪ । ବୈରାଗ୍ୟ; ସଂସାରବିରାଗ—
4. Aversion to worldly pursuits.

ଔଦାସ୍ୟ—ସଂ. ବି (ଉଦାସ+ଭାବ. ଯ)—
<u>Au</u>dāsya ୧ । ଔଦାସୀନ୍ୟ (ଦେଖ)—
1. <u>Au</u>dāsinya (See)
୨ । ଅମନୋଯୋଗ—2. Inattention.

ଔଦୀଚ୍ୟା ଉଷା – ସଂ. ବି (ଆଧୁନିକ ପ୍ରୟୋଗ)—
<u>Au</u>dichyā ushā ଔତ୍ତରିକୀ ପ୍ରଭା (ଦେଖ)
<u>Au</u>ttarikī prabhā (See)

ଔଦୁମ୍ବର—ସଂ. ବି. ଓ ବିଣ—ଔଡୁମ୍ବର (ଦେଖ).
<u>Au</u>dumbara <u>Au</u>dumbara (See)

ଔଦ୍ଧତ୍ୟ—ସଂ. ବି (ଉଦ୍ଧତ+ଭାବ. ଯ)—ଧୃଷ୍ଟତା; ଅଶିଷ୍ଟତା;
<u>Au</u>ddhatya ଅଭଦ୍ରତା; ଅନମ୍ରତା—Arrogance; insolence; haughtiness.

ଔଦ୍ୱାହିକ—ସଂ. ବିଣ (ଉଦ୍ୱାହ+ସମ୍ବନ୍ଧାର୍ଥେ. ଇକ)—
<u>Au</u>dbāhika ୧ । ବିବାହସମ୍ବନ୍ଧୀୟ; ବୈବାହିକ—
1. Relating to marriage; matrimonial marital.
୨ । ବିବାହ କାଳରେ ଲବ୍ଧ—
2. Obtained on the occasion of marriage.
ସଂ. ବି (ହିନ୍ଦୁସ୍ମୃତି)—ଯୌତୁକ (ଧନ); ବିବାହକାଳରେ
କନ୍ୟାର ପିତା ଆଦି କନ୍ୟାକୁ ଉପହାରସ୍ୱରୂପ ଯେଉଁ
ଧନ ଦିଅନ୍ତି (ଏହା କନ୍ୟାର ସ୍ତ୍ରୀଧନ ଅଟେ)—
(Hindu-law) Matrimonial gift; gift made to a woman by her relations at her marriage.

ସାଧାରଣତଃ ଯେବେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ, ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଖୋଜିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ ଅଲ୍‌ବତ୍ ଦେଖିବେ ।

**ଔଦ୍ଭିଜ୍ଜ**—ସଂ. ବଣ ( ଉଦ୍ଭିଜ୍ଜ + ସମ୍ବନ୍ଧାର୍ଥେ. ଅ )—
<u>Aud</u>bhijja ଉଦ୍ଭିଦ ବା ବୃକ୍ଷଲତାଦିସମ୍ବନ୍ଧୀୟ—
Vegetable; relating to trees and plants.
ସଂ. ବି—୧ । ପାଂଶୁଲବଣ—
1. Salt from ashes.
୨ । ସୈନ୍ଧବ ଲବଣ—2. Rock-salt.

**ଔଦ୍ଭିଦ**—ସଂ. ବଣ. ( ଉଦ୍ଭିଦ + ଅ )—
<u>Aud</u>bhida ଔଦ୍ଭିଜ୍ଜ ( ଦେଖ )
<u>Aud</u>bhijja ( See )

**ଔଧସ୍ୟ**—ସଂ. ବି. ( ଉଧସ୍ + ସମ୍ବନ୍ଧାର୍ଥେ. ଯ )—
<u>Aud</u>hasya ପଶୁର ସ୍ତନଜାତ ଦୁଗ୍ଧ—
Milk drawn from a beast's udder.

**ଔନ୍ନତ୍ୟ**—ସଂ. ବି. ( ଉନ୍ନତ + ଭାବ. ଯ )—୧ । ଉନ୍ନତି—
<u>Au</u>nnatya 1. Improvement
୨ । ଉଚ୍ଚତା—2. Height

**ଔପକର୍ଣ୍ଣିକ**—ସଂ. ବଣ. ( ଉପକର୍ଣ୍ଣ + ଇକ )—
<u>Au</u>pakarnnika କର୍ଣ୍ଣର ଶେଷ ପର୍ଯ୍ୟନ୍ତ ବିସ୍ତୃତ—
Extending to the lobes or extremities of the ears.

**ଔପକୂଳିକ**—ସଂ. ବି. ( ଉପକୂଳ + ସମ୍ବନ୍ଧାର୍ଥେ. ଇକ )—
<u>Au</u>pakūlika ଉପକୂଳସମ୍ବନ୍ଧୀୟ—
Relating to the shore

**ଔପଚାରିକ**—ସଂ. ବଣ. ( ଉପଚାର + ସମ୍ବନ୍ଧାର୍ଥେ. ଇକ )—
<u>Au</u>pachārika ୧ । ଉପଚାର ବା ଆରୋପସମ୍ବନ୍ଧୀୟ—
1. Figurative; metaphorical.
୨ । ଚିକିତ୍ସାସମ୍ବନ୍ଧୀୟ—
2. Pertaining to treatment
୩ । ସେବାସମ୍ବନ୍ଧୀୟ; ପୂଜା ଆଦିର କ୍ରିୟାସମ୍ବନ୍ଧୀୟ—
3. Ritualistic; ceremonial.
ସଂ. ବି—୧ । ଚିକିତ୍ସା—1. Treatment
୨ । ସେବା—2, Service
୩ । ଉପକରଣ—3. Materials.
୪ । ବ୍ୟବସାୟ—4. Profession.
୫ । ଅପବାଦ—5. Imputation.
୬ । ଉତ୍କୋଚ—6. Bribe.
୭ । ସଜ୍ଜା—7. Equipment.
୮ । ସମ୍ମାନ—8. Respect
୯ । ପୂଜା ଅଦିର ଅଙ୍ଗ—9. Rites; ritual.

**ଔପଚ୍ଛନ୍ଦସିକ**—ସଂ. ବି. ( ଉପଚ୍ଛନ୍ଦସ୍ + ଇକ )—
<u>Au</u>pachchhandasika ସଂସ୍କୃତ ଛନ୍ଦୋବିଶେଷ—
A metre in Sanscrit.

**ଔପଦେଶିକ**—ସଂ. ବଣ. (ଉପଦେଶ + ଭବ. ଇକ)—
<u>Au</u>padeśika ୧ । ଉପଦେଶଦ୍ୱାରା ପ୍ରାପ୍ତ—
1. Got by way of advice.
୨ । ଉପଦେଶୋପଜୀବୀ—2. Living on or following the profession of giving advice or opinion.

**ଔପନାୟନିକ**—ସଂ. ବି. (ଉପନୟନ + ପ୍ରୟୋଜନାର୍ଥେ. ଇକ)—
<u>Au</u>panāyanika ଉପନୟନ ବା ବ୍ରତରେ ପ୍ରୟୋଜନୀୟ; ଉପନୟନ-ସମ୍ବନ୍ଧୀୟ—Necessary for or pertaining to the Upanayana ceremony.
ସଂ. ବି. ପୁଂ—ଯେଉଁ ବ୍ୟକ୍ତି ପିଲାକୁ ବ୍ରତ କରାଏ—
A person officiating at the initiation-ceremony of a boy.

**ଔପନିବେଶିକ**—ସଂ. ବଣ. (ଉପନିବେଶ + ସମ୍ବନ୍ଧାର୍ଥେ. ଇକ)—
<u>Au</u>panibeśika ୧ । ଉପନିବେଶସମ୍ବନ୍ଧୀୟ—
1. Pertaining to a new settlement; colonial.
୨ । ଉପନିବେଶ ସ୍ଥାପନକାରୀ—2. Colonist; settler.

**ଔପନିବେଶିକଶାସନ**—ସଂ. ବି. ( ଅଧୁନିକ ପ୍ରୟୋଗ )—
<u>Au</u>panibeśikaśāsana ବ୍ରିଟିଶସାମ୍ରାଜ୍ୟର ଉପନିବେଶ ସମୂହମାନଙ୍କରେ ଚଳୁଥିବା ଶାସନ ପ୍ରଣାଳୀ—
Colonial form of Government.

[ ଦ୍ର—ବ୍ରିଟିଶ ସାମ୍ରାଜ୍ୟର ଅଙ୍ଗୀଭୂତ ଉପନିବେଶମାନ (ଯଥା—କାନାଡ଼ା, ଅଷ୍ଟ୍ରେଲିୟା, ଦକ୍ଷିଣ ଅଫ୍ରିକା ) ରେ ଯେଉଁ ପ୍ରକାର ସ୍ୱାୟତ୍ତଶାସନ ( Self-government ) ଚଳୁଅଛି ସେହି ପ୍ରକାର ଶାସନପ୍ରଣାଳୀ ଭାରତବର୍ଷକୁ ଦେବା ପାଇଁ ଭାରତବାସୀମାନେ ସଂପ୍ରତି ଇଂରାଜ ଗବର୍ଣ୍ଣମେଣ୍ଟଙ୍କଠାରେ ଦୃଢ଼ତା ସହକାରେ ଦାବି କରୁଅଛନ୍ତି । ]

**ଔପନୀବିକ**—ସଂ. ବଣ ( ଉପ = ନିକଟ + ନୀବି + ଇକ )—
<u>Au</u>panībika ନୀବି ସମୀପରେ ସ୍ଥିତ—
Situated near the waist-cloth.

**ଔପପତ୍ତିକ**—ସଂ. ବଣ. ( ଉପପତ୍ତି + ସମ୍ବନ୍ଧାର୍ଥେ. ଇକ )—
<u>Au</u>papattika ନିୟମ, ସିଦ୍ଧାନ୍ତ ବା ଯୁକ୍ତି ଦ୍ୱାରା ପ୍ରତିପନ୍ନ—
Authoritative; deducible from rules, arguments or authority, demonstrable inferable; theoretical.

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଇ | ଈ | ଋ,ୠ | ଌ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଷ | ଜ | ଶ,ଷ | ଙ୍କ | ଈଯ୍ | ଊଅ | ଲ |
| ୨ | ଈ | ଊ | ଋ | ଌ | ଯେ | ଅକାରାନ୍ତବର୍ଣ୍ଣ ଅନୁସ୍ବାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଶ୍ୟ | ଯ | ସ | ଗଁ୍ୟ | ଈଅ | ୱ | ନ୍ |

ଔପମିକ—ସଂ. ବଣ. ( ଉପମା + କର୍ତ୍ତ୍ରର୍ଥେ. ଇକ )—
Aupamika ୧ । ଉପମାଦ୍ୱାରା ନିର୍ଦ୍ଦିଷ୍ଟ—
1. Established by comparison; described by analogy.
୨ । ଉପମାସମ୍ବନ୍ଧୀୟ—
2. Comparative; analogical

ଔପମ୍ୟ—ସଂ. ବ. ( ଉପମା + ସ୍ୱାର୍ଥେ. ଯ )—
Aupamya ୧ । ସାଦୃଶ୍ୟ, ତୁଲ୍ୟତା—1. Similarity; similitude; resemblance.
୨ । ଉପମା—2. Analogy.

ଔପୟିକ—ସଂ. ବଣ. (ଉପାୟ + ସମ୍ବନ୍ଧାର୍ଥେ. ଇକ; ନିପାତନ)—
Aupayika ୧ । ଉପାୟଦ୍ୱାରା ଲବ୍ଧ; ନ୍ୟାଯ୍ୟ—
1. Legitimate; lawfully acquired; rational.
୨ । ଉପଯୁକ୍ତ; ଉପଯୋଗୀ—2. Fit to be acquired; proper; reasonable
୩ । ଉପାୟସାଧ୍ୟ—3. Attainable by means or efforts; expedient.
ସଂ. ବ—୧ । ଉପାୟ—1. Means; expediency.
୨ । ଯୁକ୍ତି—2. Reasoning.

ଔପଲ—ସଂ. ବଣ. ( ଉପଲ + ଭାବ. ଅ )—
Aupala ୧ । ପ୍ରସ୍ତରସମ୍ବନ୍ଧୀୟ—1. Relating to stone.
୨ । ପ୍ରସ୍ତର ନିର୍ମିତ—2. Made of stone.
୩ । ପ୍ରସ୍ତରମୟ—3. Stony.

ଔପସର୍ଗିକ—ସଂ. ବଣ. ( ଉପସର୍ଗ + ସମ୍ବନ୍ଧାର୍ଥେ. ଇକ )—
Aupasargika ଉପସର୍ଗସମ୍ବନ୍ଧୀୟ—Symptomatic; having the symptoms; pertaining to after-development of a disease.
ସଂ. ବ—ସାନ୍ନିପାତିକ ରୋଗବିଶେଷ—Collapse due to some special disease.

ଔପସର୍ଗିକ ମେହ—ସଂ. ବ. ( ବୈଦ୍ୟଶାସ୍ତ୍ର )—ବହୁକାଳସ୍ଥାୟୀ ମେହ-
Aupasargika meha ରୋଗବିଶେଷ—Chronic gonorrhea.

ଔପାଧିକ—ସଂ. ବଣ. ( ଉପାଧି + ସମ୍ବନ୍ଧାର୍ଥେ. ଇକ )—
Aupādhika ୧ । ଉପାଧିସମ୍ବନ୍ଧୀୟ—
1. Titular; phenomenal.
୨ । ଅସ୍ଥାୟୀ—2. Temporary.
୩ । ନାମ ମାତ୍ର—3. Nominal; conventional.
୪ । ମାୟାପୂର୍ଣ୍ଣ—4. Illusory.
୫ । ଉପାଧିପ୍ରାପ୍ତ—5. Titled.
ଔପାଧିକ ରାଜା ଭଦ୍ରାସନେ ଭୁଞ୍ଜି;
ସ୍ୱତ୍ୱ ହେଉଛନ୍ତି ରାଜା ନବଭୂମି—ରାଧାନାଥ. ଦରବାର ।

ଔପାଧ୍ୟାୟକ—ସଂ. ବଣ. ( ଉପାଧ୍ୟାୟ + ସମ୍ବନ୍ଧାର୍ଥେ. କ )—
Aupādyāyaka ୧ । ଉପାଧ୍ୟାୟଙ୍କଠାରୁ ପ୍ରାପ୍ତ—
1. Acquired from a tutor.
୨ । ଉପାଧ୍ୟାୟ ସମ୍ବନ୍ଧୀୟ—
2. Pertaining to a teacher.

ଔପାୟିକ—ସଂ. ବଣ. ( ଉପାୟ + ସମ୍ବନ୍ଧାର୍ଥେ. ଇକ )—
Aupāyika ଔପୟିକ ( ଦେଖ )—Aupayika (See)

ଔର—ପ୍ରାଦେ. ( ହିନ୍ଦି ) ଅ. ( ମୂଳ; ହି. ଅଉର )—ଏବଂ; ଆଉ—
Aur And; also.

ଔରତ୍—ବୈଦେ. ବ. ( ଅ )—ଅଉରତ୍ ( ଦେଖ )
Aurat Aurat ( See )

ଔରଭ୍ର—ସଂ. ବଣ. ( ଉରଭ୍ର = ମେଷ + ସମ୍ବନ୍ଧାର୍ଥେ. ଅ )—ମେଷ-
Aurabhra ସମ୍ବନ୍ଧୀୟ—Pertaining to the sheep
ସଂ. ବ—୧ । ମେଷଠାରୁ ପ୍ରାପ୍ତ ବସ୍ତ୍ରାଦି (ଯଥା—ଗାଲିଚା; ଊର୍ଣ୍ଣା-ନିର୍ମିତ ଆସନ; କମ୍ବଳ )—
1. Woolen goods (e. g. blanket; carpet).
୨ । ମେଷମାଂସ—2. Sheep's meat; mutton
୩ । ମେଷସମୂହ—3. A number of sheep.

ଔରଭ୍ରକ—ସଂ. ବ. ( ଉରଭ୍ର = ମେଷ + ସମୂହାର୍ଥେ. କ )—ମେଷ-
Aurabhraka ସମୂହ—A number of sheep.

ଔରସ—ସଂ. ବଣ. ( ଉରସ୍ = ଶ୍ରେଷ୍ଠ + ଅ; ଯ. ବା ଉରସ୍ = ଛାତି +
Aurasa ଅ )—ଧର୍ମପତ୍ନୀ ଗର୍ଭରୁ ଜାତ (ସନ୍ତାନ)—Produced from the breast; legitimate; begotton ( son ).
ଦେ. ବଣ—ଲଗ୍ନିକ; ନିଜ ପିତାମାତାଠାରୁ ଜାତ ହେବା ସମ୍ପର୍କୀୟ ( କୁଟୁମ୍ବ, ବନ୍ଧୁ ବା ବ୍ୟକ୍ତି )—Born of one's legitimate and direct kinsman.
( ଯଥା—ଔରସ ଭାଇ; ଔରସ ପୁତୁରା; ଔରସ ଭଣଜା । )—
ଦେ. ବ—୧ । ଧର୍ମପତ୍ନୀ-ଗର୍ଭଜାତ ସନ୍ତାନ—
1. Legitimate offspring
୨ । ପିତୃତ୍ୱ; ଜନକତ୍ୱ—2. Fatherhood
ତନ୍ତ୍ର ବା ପୀୟୂଷପାୟୀ ଚକୋର ଔରସେ
ଜନ୍ମିବେ ଉଲୂକ ଅମା ତମିର ପ୍ରଣୟୀ—ରାଧାନାଥ. ମହାଯାତ୍ରା ।

ଔରସଜାତ—ଦେ. ବଣ—ଔରସ; ଧର୍ମପତ୍ନୀଙ୍କ ଗର୍ଭରୁ ଜାତ; ପତ୍ନୀଗର୍ଭରେ
Aurasajāta ସ୍ୱାମୀଠାରୁ ଜାତ—
Legitimate; lawfully begotten.

ଔରସ୍ୟ—ସଂ. ବଣ. ( ଉରସ୍ + ଯ )—ଔରସ ( ଦେଖ )
Aurasya Aurasa ( See )

ଔରାଂ ଔଟାଂ—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Aurāṁ auṭāṁ Aurāṁ auṭāṁ ( See )

ଔରଙ୍ଗ୍ ଔଟାଙ୍ଗ୍—ବୈଦେ. ବ—ଅଉରାଂ ଅଉଟାଂ ( ଦେଖ )
Aurāng auṭāng Aurāṁ auṭāṁ ( See )

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳଲେ 'ଗାଈ' ଖୋଜିବେ; 'କୂଅ' ନ ମିଳଲେ 'କୂଅ' ଦେଖିବେ; ବଧୂ ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଔରି—ପ୍ରାଦେ. ( ଉଡ଼ି ) ଅ.—ଅକ୍ଷୁର—
Auri More over; again.

ଔର୍ଣ୍ଣ—ସଂ. ବଣ. ( ଊର୍ଣ୍ଣା+ଭବାର୍ଥେ. ଅ )—ପଶମରୁ ପ୍ରସ୍ତୁତ; ମେଷ-
Aurnna ଲୋମରୁ ନିର୍ମିତ—Woollen.

ଔର୍ଣ୍ଣିକ—ସଂ. ବଣ. ( ଊର୍ଣ୍ଣା+ଭବାର୍ଥେ. ଇକ )—ଔର୍ଣ୍ଣ ( ଦେଖ )
Aurnnika Aurnna ( See )

ଔର୍ଦ୍ଧ୍ୱଦେହିକ—ସଂ. ବଣ. ( ଊର୍ଦ୍ଧ୍ୱଦେହ+ସମ୍ବନ୍ଧାର୍ଥେ. ଇକ )—
Aurddhwadehika ଅନ୍ତ୍ୟେଷ୍ଟିସମ୍ବନ୍ଧୀୟ; ପ୍ରେତକୃତ୍ୟ—
Funeral; due to a person during the first year of his death.
ସଂ. ବି—ଦେହଧ୍ୱଂସ ପରେ କରାଯିବା ଦାହତର୍ପଣାଦି କର୍ମ; ଅନ୍ତ୍ୟେଷ୍ଟିକ୍ରିୟା; ପ୍ରେତକୃତ୍ୟ; ଅଗ୍ନିସଂସ୍କାରାଦି—
Funeral ceremonies or rites; obsequies.

ଔର୍ଦ୍ଧ୍ୱଦୈହିକ—ସଂ. ବଣ. ଓ ବି—ଔର୍ଦ୍ଧ୍ୱଦେହିକ ( ଦେଖ )
Aurddhwadaihika Aurddhwadehika ( See )

ଔର୍ବ—ସଂ. ବଣ—୧ । ( ଊରୁ+ଭବାର୍ଥେ. ଅ )—ଜଙ୍ଘରୁ ଜାତ—
Aurbba 1. Produced from the thigh.
୨ । ( ଉର୍ବୀ=ପୃଥିବୀ+ଅ ) ପାର୍ଥିବ—
2. Earthly; temporal; relating to earth.
ସଂ. ବି—୧ । ବଡ଼ବାନଳ; ସମୁଦ୍ରଜାତ ଅଗ୍ନି—
1. Submarine fire.
୨ । ଊର୍ବ ମୁନିଙ୍କ ଊରୁଜାତ ପୁତ୍ର—
2. The son of sage Urba produced from his thigh
୩ । ପାଂଶୁଲବଣ—3 Salt from ashes.

ଔର୍ବଶେୟ—ସଂ. ବି. ପୁଂ. ( ଉର୍ବଶୀ+ଅପତ୍ୟାର୍ଥେ. ଏୟ )—ଉର୍ବଶୀ
Aurbaseya ପୁତ୍ର; ଅଗସ୍ତ୍ୟଋଷି—The sage Agastya, son of Urbasi ( one of the heavenly nymphs )

ଔଲ୍ ( ଇତ୍ୟାଦି )—ବୈଦେ. ବଣ. (ଅ)—ଅଉଲ୍ ଇତ୍ୟାଦି ( ଦେଖ )
Aul ( etc ) Aul etc ( See )

ଔଲାତ୍—ବୈଦେ. ବଣ—ଅଉଲାତ୍ ( ଦେଖ )
Aulāt Aulāt ( See )

ଔଲୂକ—ସଂ. ବି. (ଉଲୂକ+ସମୂହାର୍ଥେ. ଅ )—ପେଚକସମୂହ—
Aulūka A number of owls.

ଔଲୂକ୍ୟ—ସଂ. ବି. (ନାମ) ( ଉଲୂକ=ପେଚକ+ସାଦୃଶ୍ୟାର୍ଥେ. ଯ )—
Aulūkya ୧ । ବୈଶେଷିକ ଦର୍ଶନଶାସ୍ତ୍ର ପ୍ରଣେତା କଣାଦ—
1. Kanāda sage; the founder of the Baiseshika system of Hindu philosophy.
୨ । କଣାଦପ୍ରଣୀତ ଦର୍ଶନଶାସ୍ତ୍ର—2. Kanāda's system of Baiseshika-philosophy.

ଔଶନସ—ସଂ. ବି. ( ଉଶନସ୍=ଶୁକ୍ରାଚାର୍ଯ୍ୟ+ଅ )—
Ausanasa ୧ । ଶୁକ୍ରାଚାର୍ଯ୍ୟ ପ୍ରଣୀତ ଦଣ୍ଡନୀତି—
1. Political Economy of Sukrācharjya.
୨ । ଧର୍ମଶାସ୍ତ୍ର—2. Scripture.
ସଂ. ବଣ—ଉଶନସ୍ ସମ୍ବନ୍ଧୀୟ—Relating to Usanas.

ଔଶନସୀ—ସଂ. ବି. ସ୍ତ୍ରୀ. ( ଉଶନସ୍+ଅପତ୍ୟାର୍ଥେ. ଅ+ସ୍ତ୍ରୀ. ଈ )—
Ausanasi ଶୁକ୍ରାଚାର୍ଯ୍ୟଙ୍କ କନ୍ୟା; ଦେବଯାନୀ—
Debajāni; daughter of Sukrāchārjya.

ଔଶୀର—ସଂ. ବଣ. ( ଉଶୀର+ଭାବ. ଅ )—
Ausira ବେଣାମୂଳରେ ନିର୍ମିତ—Made of the root of Benā grass.
ସଂ. ବି—୧ । ଚାମରଦଣ୍ଡ—1. The handle of a Chāmara or fan.
୨ । ବେଣାମୂଳନିର୍ମିତ ପଟି ବା ପରଦା—
2. A screen made of the roots of Benā grass
୩ । ଶଯ୍ୟା; ବିଛଣା—3 Bed.
୪ । ଚଉକି; ଆସନ—4. Chair; a seat.

ଔଷଦ—ଗ୍ରା. ବି. ( ସଂ. ଔଷଧ )—ଓଷ ( ଦେଖ )
Aushada Osha ( See )

ଔଷଡ—ଗ୍ରା. ବି. ( ସଂ. ଔଷଧ )—ଓଷ ( ଦେଖ )
Aushadi Osha ( See )

ଔଷଧ—ସଂ. ବି. ( ଓଷଧି+ଭବାର୍ଥେ. ଅ )—
Aushadha ୧ । ରୋଗନାଶକ ବସ୍ତୁ; ଭେଷଜ—
1. Medicine.

ଔଷଧ କରିବା—ଦେ. କ୍ରି—ଓଷ କରିବା ( ଦେଖ )
Aushadha kariba Osha kariba ( See )
ଭରତାମାନଙ୍କୁ ଔଷଧ କରିବାର
ଅସତୀ ବ୍ରତିଙ୍କର ଅଟଇ ବେଭାର । କୃଷ୍ଣସିଂହ. ମହାଭାରତ. ବନ ।

ଔଷଧାଜୀବ—ସଂ. ବି. ପୁଂ. ( ବହୁବ୍ରୀହି; ଔଷଧ+ଅଟେ ଆଜୀବ=ବୃତ୍ତି
Aushadhājiba ଯାହାର )—ଔଷଧବ୍ୟବସାୟୀ—
Druggist.

ଔଷଧାଳୟ—ସଂ. ବି. (୬ଷ୍ଠୀ ତତ୍; ଔଷଧ+ଆଳୟ)—ଔଷଧବିକ୍ରୟର
Aushadhālaya ସ୍ଥାନ—Medical store; drug-store; druggist's shop.

ଔଷଧି—ଦେ. ବି. ( ସଂ. ଔଷଧ )—ଓଷ ( ଦେଖ )
Aushadhi Osha ( See )

ଔଷଧିଈଶ—ଦେ. ପଦ୍ୟ ବି. ( ସଂ. ଓଷଧୀଶ )—ଚନ୍ଦ୍ର—Moon.
Aushadhi-isa
ବଦନ ଔଷଧି-ଈଶ ଓଷ୍ଠ ଭବେ ଜିଷ୍ଣୁର ରସନାକୁ ଦେବ ।
ଉପେ. ବୈଦେହୀଶବିଳାସ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| ୧ | ଲ | ଢ଼ | ଋ,ଋ | ଝ | ଏ | ହସନ୍ତ ବର୍ଣ୍ଣ | ଅନୁନାସିକ ଯୁକ୍ତାକ୍ଷର | ଯ | ଜ | ଶ,ଷ | କ୍ଷ | ଇସ୍ପ | ଢ଼ଅ | ଛ |
| ୨ | ଳ | ଊ | ଋ | ଌ | ସ୍ରେ | ଅକାରାନ୍ତବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁ ଯୁକ୍ତ ବର୍ଣ୍ଣ | ଙ୍ୟ | ଯ | ସ | ଙ୍ୟ | ଇଅ | ଞ | ନ୍ତ | |

ଔଷଧୀୟ — ସଂ. ବଣ. ( ଔଷଧ + ସମ୍ବନ୍ଧାର୍ଥେ. ଈୟ )—
Aushadhīya ଔଷଧସମ୍ବନ୍ଧୀୟ—Medicinal.

ଔଷର—ସଂ. ବଣ (ଊଷର = କ୍ଷାରଭୂମି + ସମ୍ବନ୍ଧାର୍ଥେ. ଅ )—
Aushara କ୍ଷାରଭୂମିରୁ ଉତ୍ପନ୍ନ; କ୍ଷାରଯୁକ୍ତ—
Produced from saline soil; saline
ବି— ପାଂଶୁଲବଣ; କ୍ଷାର ଲୁଣ— Salt produced from the soil or from ashes; potash.

ଔଷୀର— ସଂ. ବି ଓ ବଣ— ଔଶୀର ( ଦେଖ )
Aushīra Auśīra ( See )

ଔଷ୍ଟ୍ର—ସଂ. ବଣ.—(ଉଷ୍ଟ୍ର + ସମ୍ବନ୍ଧାର୍ଥେ. ଅ)—ଉଷ୍ଟ୍ରସମ୍ବନ୍ଧୀୟ—
Aushṭra Pertaining to or belonging to the camel

ଔଷ୍ଟ୍ରକ—ସଂ. ବି. (ଉଷ୍ଟ୍ର + ସମୂହାର୍ଥେ. କ)— ଉଷ୍ଟ୍ରସମୂହ—
Aushṭraka A herd of camels.

ଔଷ୍ଠ୍ୟ—ସଂ. ବଣ.—( ଓଷ୍ଠ + ଭବାର୍ଥେ ଯ )— ଓଷ୍ଠ ସାହାଯ୍ୟରେ
Aushṭhya ଉଚ୍ଚାରିତ (ବର୍ଣ୍ଣ)—Labial; pronounced with the help of the lips

ଔଷ୍ଣ—ସଂ. ବି. (ଉଷ୍ଣ + ଭାବ. ଅ)—ଉଷ୍ଣତା; ସନ୍ତାପ; ଉତ୍ତାପ—
Aushṇa Warmth; heat; ardour.

ଔଷ୍ଣାନୌଷ୍ଣ — ସଂ. ବି. (ଔଷ୍ଣ + ଅନୌଷ୍ଣ) — ୧ । ଜଳବାୟୁ; ବାଉଅ—
Aushṇānaushṇa 1. Climate.
୨ । ବାୟୁ ବା ପଦାର୍ଥର ତାପ ବା ଶୈତ୍ୟର କମ ବା ପରିମାଣ—
2 Temperature.

ଔଷ୍ଣୀଷକ—ସଂ. ବଣ. ପୁଂ. (ଉଷ୍ଣୀଷ + ଧାରଣାର୍ଥେ. କ)—ଉଷ୍ଣୀଷଧାରୀ;
Aushṇīshaka ମୁକୁଟଧାରୀ— Wearing a crown or helmet; crowned
ସଂ. ବି.—ରାଜା — Crowned-head; king.

ଔଷ୍ଣ୍ୟ—ସଂ. ବି. (ଉଷ୍ଣ + ଭାବ. ଯ) — ଔଷ୍ଣ (ଦେଖ)
Aushṇya Aushṇa (See)

ଔଷ୍ମ—ସଂ. ବି. (ଉଷ୍ମନ୍ + ଭାବ. ଅ) — ଉଷ୍ଣତା; ଉତ୍ତାପ—
Aushma Warmth; heat.

ଔଷ୍ମ୍ୟ—ସଂ. ବି. (ଉଷ୍ମନ୍ + ଭାବ. ଯ)— ଔଷ୍ମ (ଦେଖ)
Aushmya Aushma (See)

Printed by V. Kar. The Utkal Sahitya Press, Cuttack